Bhawani Shankar Nial with this exceptional poetry collection is given the unique possibility and opportunity for introspection and personal development in relation to the existential theme of death. Deeply humanist, with empathy, thoughtful, sensitive, romantic, with faith, dreamy, contemplative, hopes, wishes, pays, involved, distanced, He has come to terms with the idea of mortality and tries to look inside himself, to make adjustments where necessary in order to be able to fulfill in the best possible way the sacred purpose and mission on earth, which will lead him to meliness and the afterlaims of the internal and paranormal life. And as Euripides very characteristically argued, (480-406 BC, Ancient Greek tragedian, Dyrdy Ta Anthropi, Anroi) «o gpaioi to gpaio, ke mothin we should believe as mortals]

Dr. Sofia Nikitaki, Teacher, Writer, MA, PH.D, Pireiha, Athens, Greece

In this collection Bhawani loses an introspective journey into questions formed about the mysteries of life and death. His poetry is mystical and at the same time philosophical. It does not follow a metric and the verse is free, the style is mainly prose. Many of his poems embody the purpose of true poetry, living to light the shadows of his mind but also enhance the importance of spirituality and there is always another life that will probably be better than the one lived. Vain glory often did not bring joy and does time that slipped away like grains of sand. Emanuela Kiuru, Poet, Writer Italy

Bhawani Shankar Nial is an original writer. He advertised the culture of the East and West. Therefore, Plunging into the Depths of his imaginative system, you understand how closely this roots of the peoples of making our mother Earth are intertwined.

Lukiv Maxim, Writer, Honored Artist of the Republic of Crimea, Russia

The poetry book, 'An Encounter with Death,' written by Bhawani Shankar Nial, an Indian poet of repute, is filled with remarkable poems. While the poet has written on other themes, the translator focuses on the poet's brilliance to awaken one's consciousness to the inevitability of death. In the translator's note, he referred to the famous sonnet 'Death, Be Not Proud,' by eminent English poet John Donne, addressing Death, in that sonnet, death is compared to mere "short sleep" between earthly living and the eternal afterlife. Death is not to be feared, but embraced. The poems within the book are refreshing and will appeal to lovers of poetry and literature. I commend the poet, Bhawani Shankar Nial, on this poetry publication and highly recommend it.

Ronda Wallenkamp, Trinidad and Tobago, Author and Founder of Write on Write for Success (Literary Network)

Bhawani Shankar Nial, an astute writer whose creative prowess echoes beautiful images. His work, An Encounter with Death An amazing collection of graciously matured verses that inspire.

Ladoi Hughes Gerald, Founder Executive Director School of Arts and Poetry, Nigeria

Why an encounter with death? To discover the importance of life, to appreciate the mystery of creating poetry in the sacred light of God for the salvation of souls turned into sparrows the remind us of our mission in life: "Unconditional love, kindness and mutual support". Marjeta Marin Brajcic, Poet, Translator, Albania

Both life and death are mysterious to poets and writers who dedicate a lot of their literary works there. Bhawani Shankar Nial, an Indian poet, in his anthology with the insightful title An Encounter with Death has included poems dedicated to death, this book is a real treasure of deep, profound and philosophical poems. Bhawani is a mature poet who consciously chooses such a set of words, so the composes them into magnificent compositions which penetrate deeply into the heart, mind and soul of the reader

Deirdre Maria Biggane, Tervella, Ireland

"An Encounter with Death" is a marvelous poetry. Extraordinary Literary work. Excellent Verses. Gurpreet Bhatoolkiri, New York

Dr. Bhawani Shankar Nial is a poet, editor, thinker and human rights activist. Originally an Odia poet of high repute, he also writes in Hindi. He is the author of three poetry collections in Odia (Srusti, Parkruti Sundarya Parkruti Prakuta, Jhara Chhatatalu), two in Hindi and two in English (An Encounter with Death, Lucidcrow). He is the Chief Editor of The Mahuri, a widely circulated Odia literary magazine. His poetry embodies a thought-provoking intellectual on variegated mindset of human conditions and relationships. His poetic oeuvre is integrated with multidimensional themes of love and longings at one hand and unmusical themes of hatred, food, hunger etc. on the other. This anthology, a compilation of his poem's on death consciousness, is Bhawani's first poetry collection in English. His works have been translated into many International languages like Italian, Serbian, Russian, Chinese, Francis, Polish, Albanian, Arabic, Spanish & Philippines.

BlueRose Publishers

AN ENCOUNTER WITH DEATH

BHAWANI SHANKAR NIAL

BHAWANI SHANKAR NIAL

AN ENCOUNTER WITH DEATH

Forwarded by
Francisco Azuela, Mexico
Anita Piscazzi, Paris,France

Translated from Odia by
Gopinath Sahoo

8:11 pm

"The poems of the poet Bhawani Shankar Nial exclude philosophical reflections on life, they are the result of a very careful introspective work aimed at understanding the secrets of existence. Religious values are high and there is no lack of political themes towards which he is always present, a critical observation at all degrees. The poet recognizes the importance of being somewhere, recognizes that the social position can make him shine and probably join cause has life, but he feels the need for restlessness authenticity, he feels the primordial need to be reborn, overflying himself from any influence generating anxiety and not always necessary needs. Bhawani Shankar Nial's poems deal with different themes, sometimes the tones are harsh, they condemn the frenzy and the unbridled search for popularity, the anxiety of living that has made sores in the world. The poet's genius is in knowing how to recognize the feeling of the coldness, the cross and delight of his existence. " Antonio-ale Pitoni Poet, Writer - Italy

The poems of Bhawani Shankar Nial are marked with both spirituality and humanity. If not written in Odia language, they remain the very substance of the society around him. They are a precious contribution to the huge collection of world poetry.

Bhawanth Rupini Bandhaliya, Sonnagarh, Poet - Poland

Poet Bhawanishankar weaves the words with sensitive waves that fly soaring high towards the dawn of a prosperous world, high above the realities we are suffering. His poetry opens a new horizon for aspiring minds and head who dream for a better future.

Prof. Balvinder Dhaliy, Poet, Writer, Egypt

Despite the health crisis that has devastated us the whole world, the pandemic and confinement have served the great poet Bhawani to enter the depths of his soul and from there take all his sensitivity and poetic talent, that is why in his new book "Lockdown" reminds and the right that keeps the pain of the nonexistent people. He observes the loneliness of nothingness, of silence, of the tremors of nights through nature, of the mountains, of the blue of the sky, of the cruel seasons that are born in the immensity of time of their body and their union with the purity that Earth that shelters a particular humanity. Bhawani goes into the internal natures of his being where he finds the peace and tranquility that later flourish in these wonderful verses of his book. Intimate poetry that makes us know the life of the poet in a journey through his experiences, his family, his traditions, his beliefs, his reflections but that finally explain the human being who is with his lights and his shadows but who in this wild The history of mankind finds the rose despite the thorns of the cruel and the uncertain destiny.

Marlene Favela, Poet, writer, artists, psychotherapist, egyptologist, Ambassador of Peace, Mexico

Bhawani Shankar Nial verse has a temperature very, very impressive, conjure writing deep inner feelings.

Pun Pui Wan, Shekong, Taiwan poet

"Reading 'Lockdown' by Bhawani Shankar Nial means rethinking the present in history through, an exercise in intercontinental sensitivity and human solidarity" Dr. Alessio Zanichelli, Switzerland

"Lockdown" usually refers to putting criminals in prisons. But the pandemic put the whole world lockdown. A sensitive writer is triggering in human world. The Social historic poet, Bhawani Shankar Nial in India is concerned about human problems and embodies his thoughts in his poetry book entitled "Lockdown". It is a thoughtful poetry book worthy reading as human future can never be locked down and still in search for a good future of human beings. David Hassan Dar, Well known Philosophical Poet, USA

Dr. Bhawani Shankar Nial is a poet, editor, thinker and human rights activist. Originally an Odia poet of high repute, he also writes in Hindi. He is the author of three poetry collections in Odia (Srusti, Parkruti Sundarya Parkruti Prakuta, Jhara Chhatatalu), two in Hindi and two in English (An Encounter with Death, Lucidcrow). He is the Chief Editor of The Mahuri, a widely circulated Odia literary magazine. His poetry embodies a thought-provoking intellectual on variegated mindset of human conditions and relationships. His poetic oeuvre is integrated with multidimensional themes of love and longings at one hand and unmusical themes of hatred, food, hunger etc. on the other. This anthology, a compilation of his poem's on death consciousness, is Bhawani's first poetry collection in English. His works have been translated into many International languages like Italian, Serbian, Russian, Chinese, Francis, Polish, Albanian, Arabic, Spanish & Philippines.

BlueRose Publishers

LOCKDOWN

BHAWANI SHANKAR NIAL

BHAWANI SHANKAR NIAL

LOCKDOWN



Translated from Odia by
Baskim Mund

8:11 pm

କଳାହାଣ୍ଡି କବିତା ଆନ୍ଦୋଳନର
ଏକ ଶାଶ୍ୱତ ସ୍ପନ୍ଦନ

ମହୁରୀ

ଶାରଦୀୟ ସମ୍ଭାର
THE MAHURI ୨୦୨୪

ADITYA BIRLA
UTKAL ALUMINA

Our Vision

To actively contribute to the social and economic development of the communities in which we operate. In doing so, build a better, sustainable way of life for the weaker sections of society and raise the country's human development index.



Transforming Lives

UTKAL ALUMINA INTERNATIONAL LTD
Doraguda, Kucheipadar
Rayagada

କଳାହାଣ୍ଡି କବିତା ଆନ୍ଦୋଳନର ଏକ ଶାଶ୍ୱତ ସ୍ପନ୍ଦନ

ଏପରି

ଶାରଦୀୟ ସମ୍ଭାର ୨୦୨୪

Wi Best Compliments from

M/S Sonali Industries

(A Unit of PSC Pole Factory)

Manufacturer of Electrical Installation Goods

Prop : Pabitra Kumar Swain

At : Dungripadar

NH-201, Kesinga Road, Bhawanipatna

Kalahandi, Odisha, India

Ph. (06670) 213488

ଉପଦେଷ୍ଟା ମଣ୍ଡଳୀ

ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୂର୍ବତନ ସାଂସଦ
ପ୍ରଦୀପ ପୁରୋହିତ, ସାଂସଦ
ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ବିରୋଧୀ ଦଳ ନେତା
ଡ. ବିଷ୍ଣୁପଦ ସେଠୀ
ଡ. ବିଜୟକେତନ ଉପାଧ୍ୟାୟ
ତନ୍ମୟ କୁମାର ଦରଓ୍ୱାନ
ଦୟାମୟ ପାଢ଼ୀ
ରଞ୍ଜନ କୁମାର ନାଏକ
ଇଂ. ପ୍ରକାଶ କୁମାର ବେହେରା
ସୁକାନ୍ତ ଦଳେଇ
ଅରବିନ୍ଦ ରାୟ
ରାମକୃଷ୍ଣ ଗଣ୍ଡ

ପରିଚାଳନା ସଂପାଦକ

ଇଂ.ଅଜୟ କୁମାର ପଣ୍ଡା

କାର୍ଯ୍ୟକାରୀ ସଂପାଦକ

ନିରୋଜ ପଟ୍ଟନାୟକ
ପବିତ୍ର କୁମାର ସ୍ୱାଇଁ
ଜ୍ୟୋସ୍ନାମୟୀ ନିଆଲ

ସହ ସଂପାଦକ

ସକିତ ରତେ
ଡ. ତପନ କୁମାର ରଥ
ଗୋବିନ୍ଦ ସାହୁ
ଲିଙ୍ଗରାଜ ପାତ୍ର
ବଙ୍କିମ ମୁଣ୍ଡ
ବିରଞ୍ଚି ନାରାୟଣ ମୁଣ୍ଡ
ସଂଜୀବ କୁମାର ପଣ୍ଡା
ସଂହିତା ରଥ

ପରିଚାଳନା ସହଯୋଗୀ

ନୀଳମାଧବ ସିଂହଦେଓ
ସୁମିତ୍ ଶତପଥୀ,ସୁମିତ୍ ଅଗ୍ରୱାଲ୍
ଶାନ୍ତିସ୍ୱରୂପ ପଣ ା,ଉମାକାନ୍ତ ଜାନୀ

THE MAHURI
(The National Odia literary Magazine)
Since 2008

ମୂଲ୍ୟ : ଦୁଇଶତ ଟଙ୍କା

ଷୋଡ଼ଶ ବର୍ଷ, ପ୍ରଥମ ସଂଖ୍ୟା
ORIORI/2009/29388

ଶାରଦୀୟ ବିଶେଷାଙ୍କ
୨୦୨୪

ମୁଖ୍ୟ ସଂପାଦକ

ଡ. ଭବାନୀ ଶଙ୍କର ନିଆଲ

Chief Editor
Dr. Bhawani Shankar Nial

ସଂପାଦକ

ସୁକାନ୍ତ ସାହୁ

Editor
Sukant Sahu

ମହୁରି
ଶ୍ରୀରାଧା, ଅର୍କାବାହାଲିପଡ଼ା
ଭବାନୀପାଟଣା-୭୬୬ ୦୦୧
ଜିଲ୍ଲା-କଳାହାଣ୍ଡି (ଓଡ଼ିଶା)
ଇ-ମେଲ୍ :mahuri2020@gmail.com.
ଫ୍ୟାକ୍ସ : 06670-234343, 235141
visit.: www.bhawaninial.com

ପ୍ରଚ୍ଛଦ ଓ ଅଳଙ୍କରଣ

ଶଶିକାନ୍ତ ରାଉତ

Printed, published, edited & owned by Bhawani Shankar Nial, Published at Bhawanipatna, Printed at Mahuri, Bhawanipatna, Cell : 9437405141, E-mail : mahuri2020@gmail.com,Website: www.bhawaninial.com

With Best Compliments from

Prop.Sachin Jain
Mob.94370 73692

Jain Furniture

Exclusive Furniture Showroom

Odisha Branches

- Bhawanipatna
- Kesinga
- Titlagarh

Near Honda Showroom, Kesinga Road, NH-26
Bhawanipatna, Dist.Kalahandi, Odisha
Email:sachinksng@yahoo.com

ବଗଳାଷ୍ଟୋତ୍ତର

ବ୍ରହ୍ମାସ୍ତ୍ରରୂପିଣୀ ଦେବୀ ମାତାଶ୍ରୀ ବଗଳାମୁଖୀ ।
ଚିଚ୍ଛକ୍ତି ଜ୍ଞାନରୂପାଚ ବ୍ରହ୍ମାନନ୍ଦ ପ୍ରଦାୟିନୀ ॥୧॥

ମହାବିଦ୍ୟା ମହାଲକ୍ଷ୍ମୀ ସ୍ତ୍ରୀମତ୍ରିପୁର ସୁନ୍ଦରୀ ।
ଭୁବନେଶୀ ଜଗନ୍ମାତା ପାର୍ବତୀ ସର୍ବମଙ୍ଗଳା ॥ ୨ ॥

ଲଲୀତା ଭୈରବୀ ଶାନ୍ତା ଅନ୍ନପୂର୍ଣ୍ଣା କୁଳେଶ୍ୱରୀ ।
ବାରାହୀ ଛିନ୍ନମସ୍ତୀଶ୍ଚ ତାରାକାଳୀ ସରସ୍ୱତୀ ॥ ୩ ॥

ଜଗପତ୍‌ପୂଜ୍ୟା ମହାମାୟା କାମେଶୀ ଭଗମାଳୀନି ।
ଦକ୍ଷପୁତ୍ରୀ ଶିବାଙ୍କସ୍ଥା ଶିବରୂପା ଶିବପ୍ରିୟା ॥ ୪ ॥

ସର୍ବସମ୍ପତକରି ଦେବୀ ସର୍ବଲୋକବଶଙ୍କରୀ ।
ବେଦବିଦ୍ୟା ମହାପୂଜ୍ୟା ଭକ୍ତାଦ୍ୱେଶୀ ଭୟଙ୍କରୀ ॥ ୫ ॥

ସ୍ତମ୍ଭରୂପା ସ୍ତମ୍ଭିନୀଶ୍ଚ ଦୁଷ୍ଟସ୍ତମ୍ଭନକାରିଣୀ ।
ଭକ୍ତପ୍ରିୟା ମହାଭୋଗା ଶ୍ରୀବିଦ୍ୟା ଲଳିତାମ୍ବିକା ॥ ୬ ॥

ମୈନାପୁତ୍ରୀ ଶିବାନନ୍ଦା ମାତଙ୍ଗୀ ଭୁବନେଶ୍ୱରୀ ।
ନରସିଂହୀ ନରେନ୍ଦ୍ରାଚ ନୃପାରାଧ୍ୟା ନରୋତ୍ତମ ॥ ୭ ॥

ନାଗିନୀ ନାଗପୁତ୍ରୀଚ ନାଗରାଜସୁତା ଉମା ।
ପିତାମ୍ବା ପିତପୁଷ୍ପାଚ ପିତବସ୍ତ୍ରପ୍ରିୟା ଶୁଭା ॥ ୮ ॥

ପୀତଗନ୍ଧପ୍ରିୟା ରାମା ପିତରନ୍ନାର୍ଚିତା ଶିବା ।
ଅର୍ଦ୍ଧଚନ୍ଦ୍ରଧରୀ ଦେବୀ ଗଦାମୁଦ୍‌ଗରଧାରିଣୀ ॥ ୯ ॥

ସାବିତ୍ରୀ ଶ୍ରୀପଦା ସୁଦ୍ଧା ସଦ୍ଧୌରାଗବିବର୍ଦ୍ଧିନୀ ।
ବିଷ୍ଣୁରୂପା ଜଗନ୍ମୋହା ବ୍ରହ୍ମାରୂପା ହରିପ୍ରିୟା ॥ ୧୦ ॥

ରୁଦ୍ରରୂପା ରୁଦ୍ରଶକ୍ତିଶ୍ଚିନ୍ନୟୀ ଭକ୍ତବତ୍ସଳା ।
ଲୋକମାତା ଶିବା ସନ୍ଧ୍ୟା ଶିବପୂଜନତତ୍ପରା ॥ ୧୧ ॥

ଧନାଧ୍ୟକ୍ଷା ଧନ୍ୟେଶୀଚଧର୍ମଦା ଧନଦାଧନା ।
ଚଣ୍ଡଦର୍ପହରିଦେବୀ ଶୁମ୍ଭାସୁର ନିର୍ବାହିଣୀ ॥ ୧୨ ॥

ରାଜରାଜେଶ୍ୱରୀଦେବୀ ମହିଷାସୁର ମର୍ଦ୍ଦିନୀ ।
ମଧୁକୈଟଭହନ୍ତ୍ରୀଚ ରକ୍ତବୀଜ ବିନାଶିନୀ ॥ ୧୩ ॥

ଧୁମ୍ରାକ୍ଷଦୈତ୍ୟହନ୍ତ୍ରୀଚ ଚଣ୍ଡାସୁର ବିନାଶିନୀ ।
ରେଣୁପୁତ୍ରୀ ମହାମାୟା ଭ୍ରାମରି ଭ୍ରମରାମ୍ବିକା ॥ ୧୪ ॥

ଜ୍ୱାଳାମୁଖୀ ଭଦ୍ରକାଳୀ ବଗଳା ଶତ୍ରୁନାଶିନୀ ।
ଇନ୍ଦ୍ରାଣୀ ଇନ୍ଦ୍ରପୂଜ୍ୟାଚ ଗୃହମାତା ଗୁଣେଶ୍ୱରୀ ॥ ୧୫ ॥

ବଜ୍ରପାଶଧରା ଦେବୀ ଜିହ୍ୱାମୁଦ୍‌ଗରଧାରିଣୀ ।
ଭକ୍ତାନନ୍ଦକାରୀ ଦେବୀ ବଗଳା ପରମେଶ୍ୱରୀ ॥ ୧୬ ॥

ଅଷ୍ଟୋତ୍ତରସତମ୍‌ନାମ୍‌ନାମ୍ ବଗଳାୟାସ୍ତୁ ଯ ପଠେତ୍ ।
ରିପୁବାଧାବିନିମୁକ୍ତଃ ଲକ୍ଷ୍ମୀସ୍ତୈର୍ଯ୍ୟ ମବାପ୍ନୁୟାତ୍ ॥ ୧୭ ॥

ଭୂତପ୍ରେତପିଶାଚାଶ୍ଚ ଗ୍ରହପୀଡା ନିବାରଣମ୍ ।
ରାଜାନୋବଶମାୟାନ୍ତି ସର୍ବେଶ୍ଚାର୍ଯ୍ୟମ୍ ଚବିନ୍ଦତି ।
ନାନାବିଦ୍ୟାଚ ଲଭତେ ରାଜ୍ୟମ୍ ପ୍ରାପ୍ନୋତି ନିଶ୍ଚିତମ୍ ।
ଭକ୍ତିମୁକ୍ତିମବାପ୍ନୋତି ସାକ୍ଷାତ ଶିବସମୋଭବେତ୍ ॥ ୧୮ ॥

ପ୍ରଫେସର୍ ସି.ଏଲ୍.ମିଶ୍ର, ଏମ୍.ଏ.ଶାସ୍ତ୍ରୀ
ଜୟପୁର, ରାଜସ୍ଥାନ

ମାଣିକେଶ୍ୱରୀ ବନ୍ଦନା

ଉତ୍ତୁଙ୍ଗ ମନ୍ଦିରଶୁଭ୍ରଂ ଯସ୍ୟାଃ ଅଭ୍ରଭେଦୀ
ଦର୍ଶନାତ୍ କ୍ଲେଶହରଣଂ ଭବତି ସମନ୍ତାତ୍
ସର୍ବେଷାଂ ଆସ୍ଥାଭରଣଂ ତିଷ୍ଠତ୍ୟେକା ସଦା
ନମାମି ଲୋକମାତରଂ ତଂ ମାଣିକ୍ୟଦେବୀମ୍ ।

ଯଦ୍ଦେଶଂ ରତ୍ନଗର୍ଭଂ ମଣିମାଣିକ୍ୟେନ
ଜନାନାଂ ଲୀଳା କ୍ଷେତ୍ରଂ ଚିର ସୌଖ୍ୟଭୂମିଃ
ଇଷ୍ଟେଷ୍ଟଂ ପରିପୂର୍ଣ୍ଣ ଯଦ୍ଭୂମିଃ ସନ୍ତନୋତି
ତସ୍ୟାଧିଷ୍ଠାତ୍ରୀଂ ନମାମି ଶ୍ରୀମାଣିକ୍ୟ ଦେବୀମ୍ ।

ସୁଜଳୀୟା ଇନ୍ଦ୍ରାବତୀ ତେଲାଦି ନଦିଭିଃ
ଘନବନୈଃ ଶିଖରିଭିଃ ଚାରୁ ଦୃଶ୍ୟମାନା,
କାର୍ପାସଧାନ୍ୟପଲାଣ୍ଡୁ ପରିପୂର୍ଣ୍ଣା କ୍ଷେତ୍ରା
ମାଣିକ୍ୟଦେବୀ ପ୍ରସାଦାତ୍ ଯାତୁ ଅଗ୍ରଗଣ୍ୟା ।

ଶାରଦୀୟେ ରମ୍ୟୋତ୍ସବେ ଶରଣଗତାନାମ୍
ପୂର୍ଣ୍ଣକାମାୟ ଭବତି ଯସ୍ୟାଃ ଛତ୍ରଯାତ୍ରା
ଘଣ୍ଟଘର୍ଘର ନାଦୈଶ୍ଚ ସଂହରତି ପାପଂ
ନ ମାମି ତାଂ ଭକ୍ତିପ୍ରିୟାଂ ଘୁମୁରାଧିଷ୍ଠାତ୍ରୀମ୍

ଲିଙ୍ଗରାଜ ମିଶ୍ର
ରାମନଗର ପଡା
ଭବାନୀପାଟଣା

ସୂଚୀପତ୍ର

■ ପ୍ରକାଶିତ ସମସ୍ତ ଲେଖା ଲେଖକମାନଙ୍କର ନିଜସ୍ୱ ଚିନ୍ତାଧାରାରେ ରଚିତ । ■ ଏଥିନେଇ କୌଣସି ବିବାଦ ସୃଷ୍ଟିହେଲେ, ତାହାର ସମାଧାନ ପାଇଁ ସଂପୃକ୍ତ ଲେଖକମାନେ ଦାୟୀ ରହିବେ । ଏଥିନିମନ୍ତେ ପ୍ରକାଶକ ଓ ସଂପାଦକ ଦାୟୀ ରହିବେ ନାହିଁ । ■ 'ମହୁରି' ଭବାନୀପାଟଣାରୁ ପ୍ରକାଶ ପାଉଥିବାରୁ ଏହା ନେଇ ସମସ୍ତ ବିବାଦର ବିଚାର ଭବାନୀପାଟଣାସ୍ଥ ବିଚାରାଳୟରେ ବିଚାର କରାଯିବ । -ପ୍ରକାଶକ

୧୭

ମହାନାୟକ

ଯୁଗପୁରୁଷ ନରେନ୍ଦ୍ର ମୋଦୀ : ନବଜ୍ୟୋତି ରାୟ : ୧୭

ସଂପୂର୍ଣ୍ଣ ଉପନ୍ୟାସ

ଅଇଁଠା : କମଳା ଶତପଥୀ : ୮୦

୮୦

ଆଲେଖ୍ୟ

ଭାଷା ବୈଚିତ୍ର୍ୟ : ସୌଭାଗ୍ୟବନ୍ତ ମହାରଣା : ୭୩

କବିତା : ପ୍ରଥମ ସ୍ତବକ

କଥା ସରିନାହିଁ	: ହରପ୍ରସାଦ ଦାସ	: ୨୯
ଭୂମିସ୍ପର୍ଶ	: ମମତା ଦାଶ	: ୩୦
ଯିବ ଯଦି ଯାଅ	: ଚକ୍ରପାଣି ପରିଚ୍ଛା	: ୩୧
କବିତା	: ସମରେନ୍ଦ୍ରନାଥ ମହାପାତ୍ର	: ୩୧
କଙ୍କି-ଗୁଡ଼ି	: ସେନାପତି ପ୍ରଦ୍ୟୁମ୍ନକେଶରୀ	: ୩୨
ଅଯୋଧ୍ୟା	: ଗଜାନନ ମିଶ୍ର	: ୩୨
ଯୁଦ୍ଧ କ'ଣ ସରିଲାଣି	: ପୀତାମ୍ବର ତରାଇ	: ୩୩
କଣ୍ଢେଇ	: ଚିନ୍ତାମଣି ମହାଳିକ	: ୩୪
ସ୍ୱର	: ବିମଳ ଜେନା	: ୩୫
ନିଜକୁ ନେଇ	: ପଲ୍ଲବୀ ନାୟକ	: ୩୫
ତ୍ରିଶଙ୍କୁ	: ହିମାଂଶୁ ପରିଡ଼ା	: ୩୬
ପ୍ରଶ୍ନ କରିବାର...	: ବିଜୟ ରାୟ	: ୩୭
ସିଏ କୁଶଳରେ...	: ମନୋଜ କୁମାର ପଣ୍ଡା	: ୩୮
ଯୋଗିନୀ	: ଅୟସ୍କାନ୍ତ	: ୩୯
ରାସ୍ତା	: ତ୍ରିଲୋଚନ ମହାନ୍ତି	: ୩୯
ସାବିତ୍ରୀ	: ହରିଶ୍ଚନ୍ଦ୍ର ବେହେରା	: ୪୦
କାଗଜ ଡଙ୍ଗା	: ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ	: ୪୦
ଖସିଯିବାକୁ...	: ପ୍ରେମାନନ୍ଦ ଖଣ୍ଡୁଆଳ	: ୪୧
ନିଜ ଲୋକ	: ସୁଧୀର ମେହେର	: ୪୧
ଟିପ	: ସୁରେଶ କୁମାର ନାୟକ	: ୪୨
ପଥରର..	: ଜ୍ୟୋସ୍ନାରାଣୀ ଭୋଇ	: ୪୮
ନିଜକୁ ଭାଙ୍ଗିବା ପରେ	: ଡ. ଆଲୋକ ରାୟ	: ୬୦
ଷଡ଼ଯନ୍ତ୍ର	: ରଶ୍ମି ସାହୁ	: ୭୨
ବେଳେବେଳେ...	: ସୁଶାନ୍ତ ନାୟକ	: ୧୩୯
ଚୈତ୍ରଗୀତ	: ସରିତା ପ୍ରଧାନ	: ୧୪୪

ସ୍ୱତନ୍ତ୍ର ଉପସ୍ଥାପନା

୧୧୧

ଭାବ ଓ ରଚନାର ସ୍ଥପତି
ଦ୍ୱାଦଶ ଦମ୍ପତି
: ମାନମୟୀ ରଥ : ୧୧୧

ଜୟନ୍ତୀକା ଓ ଦାଶ ବେନହୁର
ଆର୍ଯ୍ୟ ଯଜ୍ଞଦତ୍ତ ଓ ଗାୟତ୍ରୀ ଆର୍ଯ୍ୟ
କନକ ମଞ୍ଜରୀ ଓ ରାଜକିଶୋର
ନର୍ମଦା ଓ ସେନାପତି ପ୍ରଦ୍ୟୁମ୍ନ
ଈପ୍ସିତା ଓ ହରେକୃଷ୍ଣ
ଶୈଳବାଳା ଓ ମାନସ ରଞ୍ଜନ
ପୁଷ୍ପା ଓ ରାଜ୍ୟବର୍ଦ୍ଧନ
ଯଶୋବନ୍ତ ଓ ପଦ୍ମାଳୟା
ସୁଶାନ୍ତ ଓ ଦୀପ୍ତିମିତା
କୃଷ୍ଣଚନ୍ଦ୍ର ଓ ପଦ୍ମଜା
ରୋଜାଲୀନ ଓ ଦିଲ୍ଲୀପ
ଚିନ୍ମୟ ଓ ପ୍ରଭାତୀ

ଆଲେଖ୍ୟ

ନାରାୟଣପ୍ରସାଦ ପଟ୍ଟନାୟକଙ୍କ
କ୍ଷୁଦ୍ରଗଳ୍ପ:
ଏକ ଅନୁଶୀଳନ

ଡ. ଦାଶରଥି ଆଚାର୍ଯ୍ୟ :

୧୬୪

ଗଲ୍ପ : ପ୍ରଥମ ପାବଚ୍ଛ

ମେଙ୍କି ଠାକୁମା	: ଆଦିକନ୍ଦ ସାହୁ	: ୪୩
ସାଆନ୍ତାଣୀଙ୍କ ନିଜଲୋକ	: ରମେଶ ପଟ୍ଟନାୟକ	: ୪୯
ହାଟ ମାହାସୁଲ	: ଜାନକୀ ବଲ୍ଲଭ ମହାପାତ୍ର	: ୫୨
ଛୋଟ ସ୍ୱପ୍ନ ...	: କବିତା ବାରିକ	: ୫୭
ପର୍ବତ ଏବଂ ଓଟ	: ଭବାନୀ ପଟ୍ଟଯୋଷୀ	: ୬୧
ଅନର୍ କିଲିଂ	: ପ୍ରଦ୍ୟୁମ୍ନ ପଟ୍ଟନାୟକ	: ୬୫
ଅହଂକାରୀ	: ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ	: ୬୯

ଗଲପ୍ : ଦ୍ୱିତୀୟ ପାବଚ୍ଛ

ମିଛ କାହାଣୀକୁ...	: ଗଙ୍ଗାଧର ବିଶ୍ୱାଳ	: ୧୩୦
ଜଣେ ସାମ୍ବାଦିକ...	: ହେମନ୍ତ କୁମାର ଘୋଷାଲ	: ୧୩୫
ନିତି ମରିଯାଉଥିବା...	: ମୋନାଲିସା ମିଶ୍ର	: ୧୪୦
ନଷ୍ଟ ଆୟୁଷର ନକ୍ସା	; ରଞ୍ଜନ କୁମାର ଦାସ	: ୧୪୫
ଝଡ଼	: ପ୍ରଜ୍ଞା ପାରମିତା ଆଚାର୍ଯ୍ୟ	: ୧୪୯

କବିତା : ଦ୍ୱିତୀୟ ସ୍ତବକ

ତପସ୍ୱୀ ରାତି	: ପ୍ରହଲ୍ଲାଦ ଶତପଥୀ	: ୧୫୨
ବିଚ୍ଛଣା	: କୃଷ୍ଣ କୁମାର ମହାନ୍ତି	: ୧୫୩
ଲୁହ	: ସୁଶୀଲ କୁମାର ପାଣିଗ୍ରାହୀ	: ୧୫୩
ପକ୍ଷୀ ଫେରିଆ	: ଲକ୍ଷ୍ମୀନାରାୟଣ ହୋତା	: ୧୫୪
ଯୁଦ୍ଧ	: ଶୁଭ ନାରାୟଣ ସ୍ୱାଇଁ	: ୧୫୪
ସେଇ ହସଧାରେକ	: ଡା. ଦୀନବନ୍ଧୁ ସାହୁ	: ୧୫୫
ଅମୂଲ ମୂଲ...	: ମନୋଜ ମେହେର	: ୧୫୬
କାହା ପାଇଁ...	: ନର୍ମଦା ନୀଳୋତ୍ପଳା	: ୧୫୭
ଆଉ କବିତା ...	: ବିଜୟ ପ୍ରଧାନ	: ୧୫୭
ଦୁଃଖ	: ଯୋଗ୍ୟଶ୍ରୀ ସାମଲ	: ୧୫୮
ଦୁଃଖକୁ ଭଲପାଅ	: ଶ୍ୱେତା ରାଉତ	: ୧୫୮
ଆଜି ସକାଳଠୁଁ	: ଶିଶିର ନାୟକ	: ୧୫୯
କୋଳାହଳ	: ରାଜଲକ୍ଷ୍ମୀ ତ୍ରିପାଠୀ	: ୧୫୯
ହଳେ ଚପଲ...	: ସମୀର ରଞ୍ଜନ	: ୧୬୦
ବଦଳୁଥିବା ସମୟ	: ବିଜନ ରାୟ	: ୧୬୧

ଅଭୁଲା ଅତୀତ

୨୧୩

ବାବୁଲାର ଅକ୍ଷର ଶିକ୍ଷା

: ଡା. ସରୋଜିନୀ ଷଡ଼ଙ୍ଗୀ : ୨୧୩

୨୭୭

ଆଲେଖ୍ୟ

ଗଙ୍ଗାଧର ସାହିତ୍ୟରେ... : ଡ. ସୁଶୀଳ କୁମାର ବାଗ : ୨୭୨

ଶାସ୍ତ୍ର ପୁରାଣରେ ଦେବୀ : ଡ. ଦୋଳଗୋବିନ୍ଦ ବିଶୀ : ୨୭୭

ଈର୍ଷାର ବର୍ଷା : ରୋହିତ କୁମାର ଦାଶ : ୧୬୧

ଛାଇର ଦେହ : ସୁଶାନ୍ତ କୁମାର ନାୟକ : ୧୬୨

ଦେବୀକାଳ : ସଂଘମିତ୍ରା ରାୟଗୁରୁ : ୧୬୨

ଆତଙ୍କ କବଳରେ ଝିଅ : ପିନାକୀ ମିଶ୍ର : ୧୬୩

କୃଷକ : ପୂରବୀ ଶତପଥୀ : ୧୬୩

ଜୀବନ : ଡ. ପୂର୍ଣ୍ଣିମା ଲେଙ୍କା : ୧୮୭

ବାକିଥିବା ଅନ୍ଧାର : ରବି କୁମାର ମହାନ୍ତି : ୧୯୦

କାହିଁକି ବଳାଇଲ ମନ : ଅନୀତା ପାଣି : ୧୯୫

ନିଃସଙ୍ଗତା : ନୀଳମାଧବ କର : ୨୦୦

ରାତ୍ରି : ସତ୍ୟ ସାହୁ : ୨୦୬

ଭଗିଆର ଭାଗ୍ୟ : ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ : ୨୧୨

ଗଳ୍ପ : ତୃତୀୟ ପାବଚ୍ଛ

ନିଜକୁ ଚରିତ୍ର କରି : ମୌସୁମୀ ଦାସ : ୧୭୭

ଅସରନ୍ତି ଅପରାହ୍ନ : ଡ. ତ୍ରିନାଥ ପଟ୍ଟନାୟକ : ୧୮୩

ମନ ପକ୍ଷୀ ଝୁରେ : ପ୍ରଫୁଲ୍ଲ ବାରିକ : ୧୮୮

ଗୋଟିଏ ନାଲି ବୋତଲ : ଯାଜ୍ଞସେନୀ ସାହା : ୧୯୧

ନପୁଂସକ : ରାମଚନ୍ଦ୍ର ଦାଶ : ୧୯୬

ବସନ୍ତ ମାଳତୀମାନେ : ସ୍ୱାଗତିକା ସେଠୀ : ୨୦୧

ଅବାଂଛିତ ସଂସାର : ଭାଗୀରଥି ବେହେରା : ୨୦୪

ଅମୃତଫଳ : ଅର୍ଜୁନ ପୃଷ୍ଟି : ୨୦୭

କବିତା : ତୃତୀୟ ସ୍ତବକ

ମରିବାର ସୁଖ : ରାମକୃଷ୍ଣ : ୨୧୭

ବୈଶାଖ ପ୍ରତି : ପବିତ୍ର ମୋହନ ଦାଶ : ୨୧୭

କିଂଚିତ୍ ଦୂରରେ : ଅଜୟ ପ୍ରଧାନ : ୨୧୮

ଜୀବନ ଖୋଜିବାକୁ : ତ୍ରିନାଥ ସିଂହ : ୨୧୯

ବଙ୍ଗଦେଶର ତପସ୍ୱିନୀ : ବିରଜା ବଳ : ୨୨୦

ଭାଷାଗାନ : ଡ. ଗାୟତ୍ରୀବାଳା ପଣ୍ଡା : ୨୨୧

କେତେ ଜନ୍ମ... : ସ୍ୱପ୍ନା ମିଶ୍ର : ୨୨୨

ଅନ୍ଧାରର ଜିଭ : ଶୁଭଶ୍ରୀ ଶୁଭସ୍ମିତା ମିଶ୍ର : ୨୨୩

ନୂଆ ପୁରୁଣା : ଚିନ୍ମୟ ବିବେକ : ୨୨୩

ଜଳଶୂନ୍ୟ ମେଘ... : ଦୀନବନ୍ଧୁ ସାହୁ : ୨୨୪

ରାତିପାହି ନାହିଁ : ରବି ଶତପଥୀ : ୨୨୫

ଅନ୍ତଃରାଷ୍ଟ୍ରୀୟ କବିତା

ଅଶାନ୍ତ ପୃଥିବୀର ଅବସୋସ
ମୂଳ ରଚନା : ଲେନି ମାର୍ଲିନା : ୨୬୪

ବସ୍ ପାଇଁ ପ୍ରତୀକ୍ଷା
ମୂଳ ରଚନା : ଆନ୍ନା କେଇକୋ : ୨୬୫

ଆକାଶୀ-ଭ୍ରମ
ମୂଳ ରଚନା : ମୋଆମ୍ମାର ଅଲସୁଫିଆନି
ଅନୁସୃଜନ : ଲିଙ୍ଗରାଜ ପାତ୍ର : ୨୬୬

ଶରଣାର୍ଥୀ ପିଲାଏ କାହିଁକି ହସୁଛନ୍ତି
ମୂଳ ରଚନା : ଜର୍ଜ ୱାଲେସ୍ : ୨୬୭

ପ୍ରସ୍ତାବନା
ମୂଳ ରଚନା : ଆଞ୍ଜେଲା କୋଷ୍ଟା
ଅନୁସୃଜନ : ଗୋବିନ୍ଦ ସାହୁ : ୨୬୮

ଗଛ
ମୂଳ ରଚନା : ଇମାନୁଆଲ ରିଜୋ : ୨୬୯

ସ୍ୱପ୍ନ: ବିପ୍ଳବ ଓ ମୁକ୍ତିର
ମୂଳ ରଚନା : ନାସିର ଏଜାଜ : ୨୭୦

ପରତ୍ୟକ୍ତ ଦୁର୍ଗ
ମୂଳ ରଚନା : ଏକାଟେରୀନା ଗ୍ରିଗୋରୋଭା
ଅନୁସୃଜନ : ବଙ୍କିମ ମୁଣ୍ଡ : ୨୭୧

ନିକମ୍ପାର ପ୍ରଶ୍ନ : ଡ. କମଳାକୃଷ୍ଣ ତ୍ରିପାଠୀ : ୨୨୫
ଗାଁ ଝିଅ ଓ ପ୍ରେମକଥା : ସିତାଂଶୁ ଲେଙ୍କା : ୨୨୬
କିଏ ଯଦି... : ଅମରେନ୍ଦ୍ର ମାଧବ ଦାଶ : ୨୨୬
ସ୍ୱର ବ୍ୟଂଜନ : ସଂଜିତ କୁମାର ବଳ : ୨୨୭
ଆଉ ଏକ ସକାଳ : ମୃଗେଶ ପାଣିଗ୍ରାହୀ : ୨୨୭
ଅପ୍ରେମ ଖୋଜା : ଅଙ୍ଗୁରବାଳା ପରିଡ଼ା : ୨୨୮
ଯଦି : ମୁକୁଲ ମିଶ୍ର : ୨୨୮
ହଜିଯାଇଥିବା ଗୀତ : ଶର୍ମିଷ୍ଠା ସାହୁ : ୨୨୯
ଗୋଟିଏ ସୁଯୋଗର ... : ସୁଜିତ କୁ. ଶତପଥି : ୨୨୯
ଗଣନାଟ୍ୟ : ପ୍ରଶାନ୍ତ କୁମାର ଦାଶ : ୨୩୦
ପ୍ରେମ ଅସ୍ତ୍ର : ସୁବ୍ରତ ଜେନା : ୨୩୧
ଜହ୍ନା ପାରିବିନି : ସଂହିତା ରଥ : ୨୩୧
ନବଘନ : ନାରାୟଣ ସାହୁ : ୨୩୨
ଡାକ ବଙ୍ଗଳା : ଶ୍ରୀନିବାସ ସେଠୀ : ୨୩୩
ଆ' ଫେରିଯିବା... : କାମଦେବ ମହାରଣା : ୨୩୪
ଅନ୍ତିମ ଅଭିଳାଷ : ରାଧାମୋହନ ପାଣିଗ୍ରାହୀ : ୨୩୪
ଦଶମ ଭିତରର ପ୍ରେମ : ସଂଜୀବ ପଣ୍ଡା : ୨୩୮
ରଙ୍ଗବତୀ : ଲିଙ୍ଗରାଜ ମିଶ୍ର : ୨୪୬
ମଲା ଘୋଡ଼ାର ଗୀତ : ବୃନ୍ଦାବନ ଦାସ : ୨୪୮
ଗୁମର : ଯୋଗେନ୍ଦ୍ର ନାୟକ : ୨୫୨
ପାରିବନି ତୁମେ : ଡ. ଅନିଲ ନନ୍ଦ : ୨୫୭
ସେ ଗୋଲ ପଥରଟି : ଭଗବାନ ପଣ ା(ଭଗତ) : ୩୦୮
ବନ୍ଧନ : ଡ. ଅଶୋକ କୁ. ସିଂହ : ୩୩୦
ଆଉ ଯଦି ଦେଖା ନ ହୁଏ: ରାଜକିଶୋର ପାଢ଼ୀ : ୩୪୨

ଗଳ୍ପ : ଚତୁର୍ଥ ପାବଚ୍ଛ

ଅନ୍ଧଗଳି : ହେମାଙ୍ଗିନୀ ଦାଶ : ୨୩୫
ଅସ୍ତିତ୍ୱ : ଦେବଯାନୀ ଦାସ : ୨୩୯
ଯେ ପକ୍ଷୀ ଉଡ଼େ : ଡ. ସ୍ମୃତି ପଟ୍ଟନାୟକ : ୨୪୪
ଯେବେ ସ୍ୱପ୍ନ ଭଙ୍ଗ ହୁଏ : ମନୋଜ ଦଳବେହେରା : ୨୪୭
ଓଃ ... ନାଳନ୍ଦା : ବିନୋଦ : ୨୪୯
ଆକ୍ୱାରିୟମ୍ର ମାଛ : ବିପ୍ଳବ : ୨୫୩
ଅଦିନିଆ ମେଘ : ଜଗନ୍ନାଥ ସାହୁ : ୨୫୮
ପୁତ୍ରାଭିଷେକ : ଲିପ୍ସା ପଟେଲ : ୨୬୨





ଗୀତି କବିତା

ସନେଟ୍ : ପଦ୍ମବନ	: ମନୋଜ ପଟ୍ଟନାୟକ	: ୨୮୦
ସମ୍ପର୍କ	: ବାବାଜୀ ଚରଣ ଜେନା	: ୨୮୦
ମୁଁ ଜୀବନର କଥା କୁହେ	: ଲଳିତ କାନୁନ୍‌ଗୋ	: ୨୮୧
କବିପଣ ଆପଣାଇ	: ସର୍ବାଣୀ ଦାସ	: ୨୮୧
ଅତୀତ ଗୋଟିଏ ...	: ସୁରଞ୍ଜନ ପାତ୍ର	: ୨୮୨
ଜଳିଯିବି ଦିନେ	: ଡ. ତୋଫାନ ଜେନା	: ୨୮୨
କାହିଁ କେତେ ଦୂରେ	: ହଂସନାଥ ମୁଦୁଲି	: ୨୮୩
ଫର୍ଚ୍ଚା ହୋଇନି...	: ନୀଳମଣି ଚାନ୍ଦ	: ୨୮୩
ବେଦନା କି ଲେଖିହୁଏ	: ପ୍ରତିଭା ସାହୁ	: ୨୮୭
ଏ ଜୀବନ ଏକ	: ଡ. ଶଶିଭୂଷଣ ବେହେରା	: ୩୨୬

ଗଲ୍ପ : ପଞ୍ଚମ ପାବଚ୍ଛ

ଫେକ୍ ଆକାଉଣ୍ଟ	: ପ୍ରଣବ କଳ୍ପ ପଟ୍ଟନାୟକ	: ୨୮୪
ଲାଭ।	; ପାର୍ଥସାରଥୀ ରାଉତ	: ୨୮୬
ଲାଲଟୁର ସାହିତ୍ୟ ଶିକ୍ଷା	: ଦୀପ୍ତିମୟୀ ଶତପଥୀ	: ୨୮୮
ମଣିଂ ଦା'	: ବିରଂଚି ନାରାୟଣ ମୁଣ୍ଡ	: ୨୯୦
ଶେଷରେ ଦିନେ...	: ଡ. ସୂର୍ଯ୍ୟମଣି ଖୁଣ୍ଟିଆ	: ୨୯୨
ଝାଲ ମୁଡ଼ି	: ସଂଘମିତ୍ରା ପଟ୍ଟନାୟକ	: ୨୯୬
ଏବେ ବି ଫୁଟୁଛି...	: ଡ. ସଞ୍ଜୟ କୁମାର ମିଶ୍ର	: ୨୯୭
ପ୍ରଶ୍ନଚିହ୍ନ ଓ ...	: ଡ. ମୌସୁମୀ ପରିଡ଼ା	: ୩୦୧
ଝିଅ	: ଶଶିକାନ୍ତ ରାଉତ	: ୩୦୯

୩୪୯

କବିତା ଚର୍ଚ୍ଚା :

ସମସାମାୟିକ ଓଡ଼ିଆ କବିତାରେ ଆଗାମୀ ପିଢ଼ି

ପ୍ରସ୍ତୁତି ଓ ଉପସ୍ଥାପନା: **ବିଜୟ ରାୟ**		: ୩୪୯
ରୁଚିସେକା	: କିଶୋର ପାଣିଗ୍ରାହୀ	: ୩୫୨
ଜୀବାଶ୍ମ	: ବାଦଲ ମହାନ୍ତି	: ୩୫୪
ମେଘମନ୍ଦ୍ରା	: ଦେବବ୍ରତ ଜେନା	: ୩୫୬
ଘା'	: ସତ୍ୟରଞ୍ଜନ ପ୍ରହରାଜ	: ୩୫୮
ବିଛଣାରେ ସ୍ୱପ୍ନଦୀପ୍	: ସୁବ୍ରତ କୁମାର ସେନାପତି	: ୩୬୦
ମୃତ୍ୟୁ	: ସ୍ୱରୂପ କୁମାର ନାୟକ	: ୩୬୨
ସ୍ତ୍ରୀଲୋକ	: ଐଶ୍ୱର୍ଯ୍ୟା ରାଉତ	: ୩୬୪
ପାଦ	: ପ୍ରବୀଣ କବି	: ୩୬୬
ସବୁପରେ ବି	: ଦିପୁନ ପୁହାଣ	: ୩୬୮
ଲଙ୍କାଗଛ	: ସୁମିତ ପଣ୍ଡା	: ୩୭୦
ମୋହଭଙ୍ଗ	: ସୌମ୍ୟ ସାରସ୍ୱତ ଦାଶ	: ୩୭୨
ସମୁଦ୍ରକୂଳିଆ ଝିଅ	: ସୋନାଲି ପଣ୍ଡା	: ୩୭୪
ସ୍ମୃତିର ନାଁ ବର୍ଷା	: ପ୍ରଣୟ ସୁଧା	: ୩୭୬

ଭ୍ରମଣ କାହାଣୀ



୩୧୩ ଆଦର୍ଶ ହେମ ହରିଣୀ ଓ ହେମ କିବୁତ୍‌କ
ପ୍ରିୟବ୍ରତ ପାତ୍ର :୩୧୩



ଅନୁଦିତ ସାକ୍ଷାତକାର

ଆମେ ବଂଚିକି ଅଛୁ... : ଡ. ତପନ କୁମାର ରଥ : **୩୩୯**

କବିତା: ଚତୁର୍ଥ ସ୍ତବକ

ହଜିଯାଇଥିବା ଫୁଲ : ବିଦେଶୀ ନାୟକ : ୩୪୩
ବଦଳି ନାହିଁ... : ନିରୋଜ ପଟ୍ଟନାୟକ : ୩୪୪
ଲୋଡ଼ା ଥରେ : ସୁବାସ ଚନ୍ଦ୍ର ସାହୁ : ୩୪୪
କାଠ କଣ୍ଢେଇ : ଦୀପକ କୁମାର ମିଶ୍ର : ୩୪୫
ବାୟାମନ : ଅର୍ଜୁନ ଗୋପାଳ : ୩୪୫
ମଞ୍ଚ ସାଧିକା : ରାଜେଶ ପୂଜାରୀ : ୩୪୬
ସେଇ ନୀଳ ରୁମାଲ : ସସ୍ମିତା ମହାପାତ୍ର : ୩୪୬
ଶିକାରୀର ହସ : ଆଶିଷ ମହାପାତ୍ର : ୩୪୭
ତାଲିକାରେ ନଥିବା ... : ମାନିନୀ ମିଶ୍ର : ୩୪୮
ତୁମେ ଆସିବା ପରେ : ସୁପ୍ରିୟା ପଣ୍ଡା : ୩୮୩

ଅନୁବାଦ ଗଳ୍ପ

ଦେବୀକୀଙ୍କର ମୃତ୍ୟୁ ନାହିଁ
ମୂଳ ହିନ୍ଦୀ : ଅନଘା ଜୋଗଲେକର
ଅନୁବାଦ : କନକ ମଞ୍ଜରୀ ସାହୁ : ୩୨୦

ରଙ୍ଗ ନମ୍ବର
ମୂଳ ହିନ୍ଦୀ : ମହାଶ୍ୱେତା ଦେବୀ
ଅନୁସୃଜନ : କୃଷ୍ଣା ମିଶ୍ର : ୩୨୩

ନୂଆ ହାଣ୍ଡି
ମୂଳ ରଚନା : ଅମୃତା ପ୍ରୀତମ୍
ଅନୁସୃଜନ : ଦୀପ୍ତି ମୁଣ୍ଡ : ୩୨୭

ସାଲିସ୍
ମୂଳ ଉର୍ଦ୍ଦୁ : ଗୁଲାମ ଆବ୍‌ବାସ୍
ଅନୁସୃଜନ : ସୁକୋମଳ ଦାଶ : ୩୩୧

ବିକଶିତ ଦେଶର ପରିଚୟ
ମୂଳ ହିନ୍ଦୀ : ଅସଗର ୱଜାହତ
ଅନୁସୃଜନ : ରଜତ ବଂଶଲ : ୩୩୬

ଦୀପ
ମୂଳ ରଚନା : ନରେନ୍ଦ୍ର ଦାମୋଦର ମୋଦୀ
ଅନୁସୃଜନ : ଡ. ରବିନାରାୟଣ ମହାରଣା : ୩୩୮

ବହି ଚର୍ଚ୍ଚା

ଶୂନ୍ୟତାରୁ ପୂର୍ଣ୍ଣତା... : ଡ. ଭରତ ବେହେରା : ୩୭୮
ଝିଅପିଲା ପୁଅପିଲା : ସଦାନନ୍ଦ ତ୍ରିପାଠୀ : ୩୮୫
ପ୍ରଜାକୋର୍ଟ : ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ : ୩୮୭
ଲକ୍‌ଡାଉନ : ଗୋବିନ୍ଦ ସାହୁ : ୩୯୨

ଏବଂ ଶେଷ କବିତା

ଏବଂ ଶେଷ କବିତା
: ଡ. ଭବାନୀ ଶଙ୍କର ନିଆଲ
: ୩୯୪

ଯୁଦ୍ଧ ଓ ଶାନ୍ତି

ଆବହମାନ କାଳରୁ ଉଭୟ ଯୁଦ୍ଧ ଓ ଶାନ୍ତି ମଣିଷର ସହଚର ହୋଇ ରହି ଆସିଛନ୍ତି । ହିଂସା ଓ ଅହିଂସାର ସ୍ୱରୂପ ଭାବେ ମଣିଷ ଜୀବନରେ ତଥା ସମାଜରେ ଏମାନଙ୍କ ପ୍ରଭାବ ଅସ୍ୱୀକାର କରି ହେବ ନାହିଁ । ଯେତେବେଳେ ସମାଜ ସାମର୍ଥ୍ୟ-ସର୍ବସ୍ୱ ଥିଲା ସେହି ସମୟରେ ଶାରୀରିକ ଶକ୍ତି ହିଁ ସମାଜରେ ତିଷ୍ଠି ରହିବାର ଏକମାତ୍ର ମାଧ୍ୟମ ଥିଲା । ବୋଧହୁଏ ସେହି କାରଣରୁ ସମାଜରେ ତିଷ୍ଠି ରହିବା ପାଇଁ ଗୁରୁକୁଳ ମାନଙ୍କରେ ଶିକ୍ଷାଦାନ ଭିତରେ ଯୁଦ୍ଧକୌଶଳ ମଧ୍ୟ ଶିକ୍ଷା ପ୍ରଦାନ କରାଯାଉଥିଲା । ଦେଶ ଦେଶ ମଧ୍ୟରେ ବିଦ୍ୱେଷ, କଳହ, ସୀମାବିବାଦ ଅଥବା ଆଧିପତ୍ୟକୁ ନେଇ ଅଦ୍ୟାବଧି ଯୁଦ୍ଧ ଓ ଅଶାନ୍ତି ଲାଗି ରହିଛି । କେହି କେହି ତ ଜୀବନକୁ ହିଁ ଯୁଦ୍ଧ ରୂପେ ଅଭିହିତ କରିଥାଆନ୍ତି । ଯେଉଁଠି ଶାନ୍ତି ପାଇଁ ସଂଗ୍ରାମ କରିବାକୁ ପଡ଼ିଥାଏ । ସେଇଥି ପାଇଁ ତ ଜୀବନରେ ଶାନ୍ତି ପ୍ରାପ୍ତି ନିମିତ୍ତ ସମସ୍ତ ଆଭିଜାତ୍ୟପୂର୍ଣ୍ଣ ସିଦ୍ଧାର୍ଥ ସମସ୍ତ ରାଜକୀୟ ସୁଖ ସ୍ୱାଚ୍ଛନ୍ଦ୍ୟ, ପତି ଓ ପିତା ସୁଖକୁ ପରିତ୍ୟାଗ କରି ସତ୍ୟର ଅନ୍ୱେଷଣ ନିମନ୍ତେ ବାହାରି ଯାଆନ୍ତି । ସୁଖ ଆପେକ୍ଷିକ ହେବା ସ୍ଥଳେ ଶାନ୍ତି ନିରଙ୍କୁଶ । ସମୟର ସ୍ରୋତରେ ମାନବ ସମାଜ ଅନେକ ଉତ୍‌ଥାନ ପତନ ଦେଇ ଗତି କରିଛି । ଯୁଦ୍ଧ ଓ ସଂଗ୍ରାମ ଯେ ସର୍ବଦା ବାହ୍ୟ ତାହା ନୁହେଁ । ଅନେକ ସମୟରେ ଆମେ ଆମ ମନ ଭିତରେ ମଧ୍ୟ ଅନେକ ଦ୍ୱନ୍ଦ୍ୱ ଅନୁଭବ କରିଥାଉଁ । ସେଭଳି ଦ୍ୱନ୍ଦ୍ୱ ଦେଇ ଗତି କରିବା ପରେ ହିଁ ସମ୍ଭବତଃ ସିଦ୍ଧାର୍ଥ ସତ୍ୟର ଅନ୍ୱେଷଣରେ ବାହାରିଥିଲେ । ଅନ୍ୟ କ୍ଷେତ୍ରରେ ସେହି ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସାକୁ ନେଇ ଏକ ଭିନ୍ନ ପରୀକ୍ଷା କରିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ । ଯୁଦ୍ଧ ଶବ୍ଦ ଯେ ସର୍ବଦା ଖରାପ ତାହା ନୁହେଁ । ସମାଜରେ ପ୍ରଚଳିତ କୁସଂସ୍କାର, କ୍ଷୁଧା, ରୋଗ ବ୍ୟାଧି, ମହାମାରୀ ବିରୁଦ୍ଧରେ ମାନବ ସମାଜର ସଂଗ୍ରାମ ସର୍ବଦା ସ୍ୱାଗତଯୋଗ୍ୟ । ଏଇ କିଛି ବର୍ଷ ପୂର୍ବରୁ ସମଗ୍ର ମାନବ ସମାଜର କରୋନା ବିରୁଦ୍ଧରେ ସଂଗ୍ରାମ ଏକ ବହୁଚର୍ଚ୍ଚିତ ତଥା ବହୁଳ

ଭାବରେ ସଫଳ ସଂଗ୍ରାମ ମଧ୍ୟରୁ ଅନ୍ୟତମ । ଏଠି ସଫଳତାର ଶ୍ରେୟ ଜାତି ଧର୍ମ ଓ ସୀମାରେଖା ଉର୍ଦ୍ଧ୍ୱରେ ରହି ସମଗ୍ର ମାନବ ସମାଜର ଐକ୍ୟବୋଧକୁ ଯିବ । କରୋନା ବିରୋଧର ମାନବ ସମାଜର ସାମଗ୍ରିକ ଯୁଦ୍ଧର ପୃଷ୍ଠଭୂମିରେ ଆମେ ଯଦି ସଂପ୍ରତି ରଷ୍ଟ-ୟୁକ୍ରେନ୍ ଯୁଦ୍ଧର ବିଭୀଷିକା ଉପରେ ଦୃଷ୍ଟି ନିକ୍ଷେପ କରିବା, ଦୀର୍ଘ ଦୁଇ ବର୍ଷର ରକ୍ତାକ୍ତ ସଂଗ୍ରାମ ପରେ ମଧ୍ୟ ନା କୌଣସି ଦେଶ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟଙ୍କ ମଧ୍ୟରେ ମଧ୍ୟସ୍ଥତା କରିବାକୁ ବାହାରିଛନ୍ତି ନା ଉଭୟ ଦେଶ ପକ୍ଷରୁ ଯୁଦ୍ଧବିରତି ପ୍ରତି ଆକର୍ଷଣ ଦେଖାଯାଉ ନାହିଁ । ଏଇ କିଛି ଦିନ ତଳେ ଭାରତୀୟ ପ୍ରତିରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ରଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ ସହିତ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଭାରତର ପ୍ରସ୍ତାବ ଉପରେ ଆଲୋଚନା ବିଶ୍ୱ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ମାଇଲ୍‌ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଆଗାମୀ ଅକ୍ଟୋବର ୨୨ ରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ସହମତି ପ୍ରକାଶ କରିଛନ୍ତି । ଭାରତରେ ରଷ୍ ରାଷ୍ଟ୍ରଦୂତଙ୍କ ବୟାନ ଏହି ଆଲୋଚନାକୁ ଆହୁରି ରୋଚକ କରିଛି । ଏହା ପୂର୍ବରୁ ରଷ୍ ପ୍ରତିରକ୍ଷା କାଉନ୍‌ସିଲ୍ ସଚିବ ସର୍ଗେଲ୍ ଶୋଇଗୁଙ୍କ ସହ ରଷ୍-ୟୁକ୍ରେନ୍ ଯୁଦ୍ଧର ସମାଧାନ ଉପରେ ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଏକବିଂଶ ଶତାବ୍ଦୀରେ ଯୁଦ୍ଧର ଅବସାନ ସହ ଶାନ୍ତି ପ୍ରତିଷ୍ଠା ଏବଂ ନ୍ୟାୟ ନିମିତ୍ତ ହେଗ୍ ଠାରେ ବିଶ୍ୱ ଶାନ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇ ହେଗ୍ ଏଜେଣ୍ଡା ଗୃହୀତ ହୁଏ । ଉକ୍ତ ଆଦର୍ଶକୁ ହାସଲ କରିବା ପାଇଁ ସମ୍ମିଳନୀ ପରେ ମଧ୍ୟ ଆନ୍ତର୍ଜାତୀୟ ସ୍ତରରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସେଥି ମଧ୍ୟରୁ ଗ୍ଲୋବାଲ୍ କ୍ୟାମ୍ପେନ୍ ଫର୍ ପିସ୍ ଏଜୁକେସନ୍ ବା ଶାନ୍ତି ଶିକ୍ଷା ନିମିତ୍ତ ବୈଶ୍ୱିକ ଅଭିଯାନ ଅନ୍ୟତମ । ଶାନ୍ତି ପ୍ରତିଷ୍ଠାକୁ ବ୍ରତ ରୂପେ ଗ୍ରହଣ କରିଥିବା ବ୍ୟକ୍ତିସମୂହ ଏକ ତନ୍ତୁଜାଲ ବା ନେଟ୍‌ୱାର୍କିଂ ସ୍ଥାପନ ସହ ବ୍ୟାପକ ରୂପେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ବହୁଳ ଭାବରେ ଆଂଚଳିକ ଶାନ୍ତି କେନ୍ଦ୍ର ପ୍ରତିଷ୍ଠାକୁ ଗୁରୁତ୍ୱ ଦେବେ । ଏହାର ମୂଳ ଉଦ୍ଦେଶ୍ୟ ଶାନ୍ତି ପ୍ରତିଷ୍ଠାକୁ ସାର୍ବଜନୀନ ବା ସାମୁହିକ ଲକ୍ଷ୍ୟ ଭାବରେ ଗ୍ରହଣ କରିବା । ଏତଦ୍‌ଭିନ୍ନ ଶିକ୍ଷକ ପ୍ରଶିକ୍ଷଣ ପାଠ୍ୟକ୍ରମରେ ମଧ୍ୟ ଶାନ୍ତି ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବାକୁ ପ୍ରୋତ୍ସାହନ ଦେବା । ଉତ୍ତର ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଜାପାନରେ ଶିକ୍ଷକସମାଜ ବ୍ୟାପକ ଭାବେ ଶାନ୍ତି ଶିକ୍ଷା ପଠନ ସାମଗ୍ରୀ ଏବଂ ପ୍ରଶିକ୍ଷଣ ବିଷୟ ପ୍ରସ୍ତୁତ କରିଅଛନ୍ତି । ମାନବାଧିକାର, ଲିଙ୍ଗଗତ ସମାନତା, ନିରସ୍ତ୍ରୀକରଣ, ଅହିଂସା, ସାମାଜିକ ଓ ଆର୍ଥିକ ନ୍ୟାୟ, ଦୀର୍ଘସ୍ଥାୟୀ ବିକାଶ, ଆନ୍ତର୍ଜାତୀୟ ନ୍ୟାୟ ହାସଲ କରିବା ତଥା ପାରମ୍ପରିକ ଶାନ୍ତି ପ୍ରଥାକୁ ଗୁରୁତ୍ୱ ଦେବା ଶାନ୍ତି ଶିକ୍ଷାର ମୂଳ ଲକ୍ଷ୍ୟ ।

ଏକ ନବୀନ, ସୁନ୍ଦର ଓ ଉନ୍ନତ ଭବିଷ୍ୟତ ନିର୍ମାଣ ନିମିତ୍ତମାନବ ସମାଜ ଅତୀତର ପୃଷ୍ଠାରୁ ଶିକ୍ଷା ଗ୍ରହଣ କରିବା ଦରକାର । ବିଗତ ଦିନର ହିଂସା ଓ ରକ୍ତାକ୍ତ ଯୁଦ୍ଧ ବିଭୀଷିକାମୟ ପୃଷ୍ଠାରୁ ସମଗ୍ର ବିଶ୍ୱର ଆବାଳବୃଦ୍ଧବନୀତା ଅହିଂସା, ଶାନ୍ତ, ସହନଶୀଳତା, ସମାନତାରେ ଭରପୂର ଏକ ସମାଜ ଗଠନ ନିମତ୍ତ ବଦ୍ଧପରିକର ହେବା କଥା । ଆଉ ଏହି କ୍ଷେତ୍ରରେ ସମଗ୍ର ବିଶ୍ୱର ଶାସକମାନଙ୍କ ଭୂମିକା ଆହୁରି ଗୁରତ୍ୱପୂର୍ଣ୍ଣ । ବିକାଶର ଶିଖରକୁ ଅଗ୍ରସର ହେଉଥିବା ମାନବ ସମାଜ ଯେ ହିଂସାକୁ ଅଗ୍ରାଧିକାର ଦେବ ଏହା କଳ୍ପନାତୀତ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସେୟା ହିଁ ହେଉଛି । ୧୯୯୯ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଗୃହୀତ ପ୍ରସ୍ତାବ ସଂଖ୍ୟା ୫୩/୨୪୩ ଡିକ୍ଲରେସନ୍ ଆଣ୍ଡ ଏକ୍ସନ୍ ଅନ୍ କଲଚର୍ ଅଫ୍ ପିସ୍ ଏହି ଦିଗରେ ଏକ ମାଇଲଖୁଣ୍ଟ ସଦୃଶ । ମାନବ ସମାଜରେ କଲଚର୍ ଅଫ୍ ପିସ୍ ବା ଶାନ୍ତି ସଂସ୍କୃତି ପ୍ରତିଷ୍ଠା ନିମନ୍ତେ ଶାନ୍ତି ଶିକ୍ଷାର ଆବଶ୍ୟକତା ରହିଛି । ଶାନ୍ତି ଶିକ୍ଷାର ଅର୍ଥ କେବଳ ଶାନ୍ତିପୂର୍ଣ୍ଣ ଭାବରେ ଦ୍ୱନ୍ଦ୍ୱ, ବିଦ୍ୱେଷ ଓ ଯୁଦ୍ଧର ସମାଧାନ ନୁହେଁ । ବରଂ ହିଂସାରହିତ ବ୍ୟକ୍ତିଗତ, ସାମାଜିକ ଜୀବନଯାପନ କରିବା ପାଇଁ ବ୍ୟାପକ ଭାବରେ ସହମତି ପ୍ରକାଶ କରିବା । ଏହି ଦିଗରେ ଔପଚାରିକ ତଥା ଅନୌପଚାରିକ ଶିକ୍ଷାୟତନରେ ନୈତିକ ଶିକ୍ଷାର ଯେ କେତେ ମହତ୍ୱ ରହିଛି ତାହା ସହଜରେ ଅନୁମେୟ । ୟୁନିସେଫ୍ ଅନୁସାରେ ଶାନ୍ତି ଶିକ୍ଷାର ଅର୍ଥ "ଶିଶୁ, ଯୁବକ ଓ ବୟସ୍କଙ୍କ ବାହ୍ୟ ଓ ସଂରଚନାତ୍ମକ ଦ୍ୱନ୍ଦ୍ୱ ଓ ହିଂସା ନିବାରଣାର୍ଥେ ବ୍ୟବହାରିକ ପରିବର୍ତ୍ତନ ନିମିତ୍ତ ଜ୍ଞାନ, କୌଶଳ, ପ୍ରବୃତ୍ତି ଓ ମୂଲ୍ୟବୋଧକୁ ପ୍ରୋତ୍ସାହନ ଦେବା, ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ସହ ବ୍ୟକ୍ତିଗତ, ସାମାଜିକ, ରାଷ୍ଟ୍ରୀୟ ତଥା ଅନ୍ତରାଷ୍ଟ୍ରୀୟ ସ୍ତରରେ ଶାନ୍ତି ଅନୁକୂଳ ପରିବେଶ ସୃଷ୍ଟି କରିବା ।" ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବାରେ ବହୁ ପୁରାତନ କାଳରୁ ଭାରତ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି । ବୁଦ୍ଧଙ୍କ ଶାନ୍ତିର ଅନ୍ୱେଷଣ ଓ ବାର୍ତ୍ତା ହେଉ, ଚଣ୍ଡାଶୋକରୁ ଧର୍ମାଶୋକକୁ ପରିବର୍ତ୍ତନ ହେବା ଘଟଣା ଅଥବା ଅହିଂସା ଓ ଶାନ୍ତିକୁ ମାଧ୍ୟମ କରି ଭାରତୀୟ ମୁକ୍ତିସଂଗ୍ରାମର ମହାନାୟକ ଗାନ୍ଧୀଜୀଙ୍କ ଦୀର୍ଘଦିନର ସଫଳ ପରୀକ୍ଷାରେ ସଫଳ ହେବା ଅଧ୍ୟାୟ ସବୁ ସ୍ଥଳେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ଏବେ ଦେଖିବାର ବେଳ ଆଗାମୀ ଦିନରେ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ଆଭିମୁଖ୍ୟ ଓ ଭୂମିକା କିପରି ରହୁଛି ।

-ଡ. ଭବାନୀ ଶଙ୍କର ନିଆଲ

ଗୋଟିଏ କବିତା ପାଇଁ...

ମୋ ସହର ଭବାନୀପାଟଣା । ଏଠି ମହୁରି ପରି ଅନେକ ସାହିତ୍ୟ ସଂଗଠନ ରହିଛି । ସମସ୍ତେ ପ୍ରାୟ କବିତା ପାଠୋତ୍ସବ କରନ୍ତି । ବହୁ ସଂଖ୍ୟାରେ କବି ସେଠି ଯୋଗ ଦିଅନ୍ତି । ଖୁବ୍ ତାଳିମାଡ଼, ପ୍ରଶଂସା ଆଲୋଚନାରେ ମୁଖର ହୋଇଉଠେ ସେହି ସବୁ ଆସର । ସେମିତି ମହୁରି ପ୍ରାୟ ବର୍ଷକୁ ଥରେ ପ୍ରକାଶ ପାଏ । ଫେସ୍‌ବୁକ୍‌ରେ ଏପ୍ରିଲ ମାସରେ ଲେଖା ଆହ୍ୱାନ କରାଯାଏ, ଉଭୟ ଇ-ମେଲ୍ ଓ ହ୍ୱାଟ୍ସଆପ୍ ଜରିଆରେ ଲେଖା ଆସେ । ଲେଖା ସଂଗ୍ରହ ଜୁନ୍ ୩୦ ଯାଏ ଚାଲେ । ତା'ପରେ ସଂପାଦନା ମଣ୍ଡଳୀ ସଂଗୃହୀତ ଲେଖାମାନଙ୍କର ଚୟନ କରିବା ଆରମ୍ଭ କରନ୍ତି । ପ୍ରାୟ ୪୦୦ କବିତା ଆମ ନିକଟକୁ ଏ ବର୍ଷ ଆସିଥିଲା । ୩୦୦ ସରିକି କବିତା କାଟ୍ ଖାଇଗଲା । ପ୍ରାୟ ୧୦୦ କବିତା ପ୍ରକାଶ ପାଇଛି ।

ସେମିତି ଏବେ ସୋସିଆଲ ମେଡ଼ିଆରେ କବିତା ବହୁଳ ସଂଖ୍ୟାରେ ପୋଷ୍ଟ ହେଉଛି । ଅନେକ ଦୃଷ୍ଟି ଆକର୍ଷଣ ନକରି ପାରି ଆବର୍ଜନା ପରି ଫେସ୍‌ବୁକ୍ ପୃଷ୍ଠାରେ ଭାସିଯାଉଛନ୍ତି । କିନ୍ତୁ କିଛି କବିତା ଏମିତି ଆସୁଛି ଯାହା ଆମ ମାନସପଟ୍ଟକୁ ଚହଲେଇ ଦେଉଛି ।

ମୋ ପରି ଖୁବ୍ ଖୁଣ କାଢୁଥିବା ଜଣେ ପାଠକଙ୍କ ଦୃଷ୍ଟିରେ ଏହି କବିତାଟି ଆସିଲା । ମୋତେ କବିତାଟିର ଆଙ୍ଗିକ ଓ ଆତ୍ମିକ ଗଠନ ଏତେ ମାତ୍ରାରେ ପ୍ରଭାବିତ କଲା ଯେ ମୁଁ ମନସ୍ଥ କଲି କବିତାଟିକୁ ନେଇ ମହୁରିର ସଂପାଦକୀୟ ପୃଷ୍ଠା ଏଥର ମଣ୍ଡନ କରିବି ।

ମୋର ବେଶୀ କିଛି କହିବାର ନାହିଁ, କେବଳ ଏତିକି କହିବି ହେ ଗୁଣଗ୍ରାହୀ ପାଠକବୃନ୍ଦ ଥରେ କବିତା ଭିତରକୁ ଯାଆନ୍ତୁ ଆଉ ପରଖନ୍ତୁ ମୋର ଏପରି ଉଦ୍ୟମ ଉଚିତ ନା ଅନୁଚିତି ।

କବିତାଟିର କବି ମୋର ପରିଚିତ ନୁହନ୍ତି । କହିରଖେ କବିତା କ୍ଷେତ୍ରରେ କବିତା ବଡ଼, କବି ନୁହଁ । କବତାଟିର କବି ଯୀଶୁକ୍ରିଷ୍ଟ ଦାସ ଓ ତାଙ୍କ ମୋବାଇଲ ନଂ. ୮୦୧୮୬ ୬୧୬୫୨ ।

ସୁକାନ୍ତ ସାହୁ

ବ୍ୟସ୍ତ ପୃଥିବୀଟିକୁ.....

ପେଟେ ପାଣିରେ
ଅପରାହ୍ନ ପଡ଼ିଥାଏ ମଇଁଷିପଲ ହେଇ,
ପୁଣି ଗୋଟେ ଦିନ
ଇଚ୍ଛାମାନେ ଚରୁଥିବା ହିଡ଼ ତଳେ ପଡ଼ି ରହିଲେ
ମଲା ଗେଣ୍ଡାର ଖୋଳପା ହେଇ ।

କିଏ ଜାଣେ କାଲି ସକାଳେ
କଥା ଦେଇ ଚାଲି ଯାଇଥିବା ହଳଦୀବସନ୍ତ
ଆଉ ଆମ୍ବ ଡାଳକୁ ଫେରିବ କି ନା',
ବୟସ ଡାଳ ଫାଙ୍କରେ
ଇଚ୍ଛାର ଜାଲ ବୁଣୁଥିବା ବୁଢ଼ିଆଣୀକୁ
କାକରର ଓଜନ ଜଣା କି ନା', କିଏ ଜାଣେ !

ବ୍ୟସ୍ତ ପୃଥିବୀକୁ
ଆକାଶ, ବୟସ ଓ ବର୍ଷାଋତୁ ମିଛ ।
ଥଣ୍ଡ ଓ ଡେଣାମାନେ ହିଁ ଚିହ୍ନନ୍ତି ଆକାଶ
ଆମର ଆଖି ପାଏନି ସେତେ ଯାଏଁ,
ଥକିଲା ମୂଲିଆର ଗୋଇଠି ହିଁ ଶୋଷିନିଏ ବର୍ଷାଋତୁ
ଆମେ ସବୁ ଶୁଖିଲା ପତ୍ର ହେଇ ପଡ଼ିରହୁ ।

ତୃତୀୟ ଶ୍ରେଣୀ ପିଲାଟିର ସାହିତ୍ୟ ଖାତାରେ
ଶୋଷିଲା ହେଇ ପଡ଼ିରହେ ବର୍ଷା ଋତୁର ରଚନା,
ଅସହାୟ ସ୍ମୃତିସବୁର ମୃତ ଶବକୁ ଜାବୁଡ଼ି ଧରି
ସମୟର ନଈ ସୁଅରେ ସେମିତି
ବୟସର କାଗଜ ଡଙ୍ଗା ଭାସିଯାଏ ଯେ ଭାସିଯାଏ ।

ଥକି ଯାଇଛୁ କି ପୃଥିବୀ
ଡାଳରେ ଶୁଖିଲା ପତ୍ର ଓ କୁଟା କାଠିର ବସା ପାଇଁ ଜାଗା ଦେଇ,
କରଞ୍ଜ ଗଛରେ ବାଘୁଆ ମହୁମାଛିର ମହୁଫେଣା ଓଜନ ପାଇଁ,
ନୁଖୁରା ହିଡ଼ ଦେହରେ କଙ୍କି ପଛରେ ଧାଇଁଥିବା ଲଙ୍ଗଳା ପାଦ ପାଇଁ,
ମକାବିଲରେ ବାପାଙ୍କ ଜାମା ପିନ୍ଧା ପାଳଭୂତର ଦୁଃଖ ପାଇଁ ।

ଥକିଲା ପୃଥିବୀଟି ଏବେ
ଗୋଟେ ସଞ୍ଜ ଫେରନ୍ତା ପଲରୁ ଗୋଠ ଛଡ଼ା ବଳଦ ।
ହଜିଲା ବଳଦ ବାଟରେ ଚାଲିଛି ସେବ ନୂଆ'ଉ,
ଡାଳ ଗଛର ଉହାଡ଼ରେ
ଛାଇ ଛାଇକା ଜହ୍ନ ଆଲୁଅ ତଳେ
ଚାଲିଛି ଗୋଟେ ଅଖିଆ ଅପିଆ ସଞ୍ଜ, ଅନିଦ୍ରା ରାତି
ଆଉ ପଛେ ପଛେ ଆମେ ।

.....

(ଫେସ୍‌ବୁକ୍‌ରୁ ଆନୀତ ଏହି ଚର୍ଚ୍ଚିତ କବିତାଟି)

ଭବାନୀପାଟଣା ପୌର ପରିଷଦ

ପବିତ୍ର ଦୁର୍ଗା ପୂଜା ଓ ମାଁ ମାଣିକେଶ୍ୱରୀଙ୍କ ଛତର ବିଜୟ ଯାତ୍ରା

ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ

ଭବାନୀପାଟଣା ପୌର ପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହର ବାସୀଙ୍କ

ସହଯୋଗ କାମନା କରୁଛି ।

ଆସନ୍ତୁ ! ଏହି ଶୁଭ ଅବସରରେ
ଆମେ ସମସ୍ତେ ମିଶି

ଭବାନୀପାଟଣାକୁ

ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନା ମୁକ୍ତ, ପଲିଥିନ୍ ମୁକ୍ତ ସହର ରୂପେ
ପରିଣତ କରିବା ପାଇଁ ସଂକଳ୍ପ ନେବା ।

ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ
ଉପ-ନଗରପାଳ
ଭବାନୀପାଟଣା ପୌର ପରିଷଦ

ଡ. ସତ୍ୟସଂପର୍ଣ୍ଣା ରାଉତ
ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌର ପରିଷଦ

ତଥା

ସମସ୍ତ ପାରିଷଦବୃନ୍ଦ, ଭବାନୀପାଟଣା ପୌର ପରିଷଦ

ଯୁଗ ପୁରୁଷ
ନରେନ୍ଦ୍ର ମୋଦି

ନବଜ୍ୟୋତି ରାୟ

ବିବିଧତା ଭରା ଭାରତ ଦେଶର ଅଧିବାସୀ ଭାବେ ଆମେ ଏଠାରେ ନାନା ବିସ୍ମୟକର ଅନୁଭୂତି ପାଇଥାଉ । ଅନେକ ସମୟରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବିସ୍ମୟ ପ୍ରତିଭାମାନେ ମଧ୍ୟ ଆମକୁ ଆଶ୍ଚର୍ଯ୍ୟଚକିତ କରିଥାଆନ୍ତି । ଏହିପରି ଜଣେ ବିସ୍ମୟ ପ୍ରତିଭାଙ୍କ ବିଷୟରେ ଆମେ ଏ ଆଲେଖରେ ଆଲୋଚନା କରିବା ଏ ପ୍ରତିଭା ଜଣକ ଏକ ବିଶିଷ୍ଟ ବିଭୂତି କହିଲେ ଅତିଶୟୋକ୍ତି ହେବ ନାହିଁ ।

ଏ ମହାନ ବିଭୂତି ଜଣକ ହେଲେ ଲୋକପ୍ରିୟ ଜନନାୟକ ଯୁଗପୁରୁଷ ତଥା ଆମ ଦେଶର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମୋଦରଦାସ ମୋଦୀ ବା ସଂକ୍ଷେପରେ ମୋଦିଜୀ । ପାଖାପାଖି ତେଇଶି ବର୍ଷ ଧରି ଶାସନର ଶିଖରରେ ଥିବା ମୋଦିଜୀଙ୍କ ବିଷୟରେ ଯାହା ବର୍ଣ୍ଣନା କଲେ ବି କମ୍ ହେବ ।

ଆମେ ଯେଉଁ ମୋଦିଜୀଙ୍କୁ ଏବେ ଦେଖୁଛନ୍ତି ସେ କୌଣସି ବଂଶବାଦରୁ ଆସିଥିବା ନେତା ନୁହଁନ୍ତି । ଅତି ସାଧାରଣ ଘରୁ ଆସିଥିବା ମୋଦିଜୀଙ୍କ ଶୈଶବ ଓ ଯୌବନ ବହୁତ ସରଳ ଓ ସହଜ ଥିଲା । ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ରୂପେ କାର୍ଯ୍ୟ କରିଛନ୍ତି । ଖୁବ୍ ସରଳ ଓ ନିରାଡ଼ମ୍ବର ଜୀବନ ବିତାଉଥିବା ମୋଦିଜୀଙ୍କ ଚେତନା କିନ୍ତୁ ବହୁତ ଉନ୍ନତ ଥିଲା ଓ ଆଜିଯାଏ ତାହା ଅତୁଟ ରହିଛି ।

ନିଜ ପିଲାଦିନେ ସ୍କୁଲର ସମୟ ପରେ ନିଜ ବାପାଙ୍କୁ ଷ୍ଟେସନ୍‌ରେ ଚା' ବିକିବାରେ ସାହାଯ୍ୟ କରୁଥିବା ମୋଦିଜୀ ଯେ ଦିନେ ଭାରତର ଅଦ୍ୱିତୀୟ ନେତା ହେଇ ପ୍ରଧାନମନ୍ତ୍ରୀ ପଦ ମଣ୍ଡନ କରିବେ, ତାହା ସେତେବେଳେ କେହି ଚିନ୍ତା କରି ନ ଥିବେ । କିନ୍ତୁ ଯାହାଙ୍କ ଚେତନାରେ ରାଷ୍ଟ୍ର ସର୍ବୋପରି ଦେଶ ମାତୃକା ପ୍ରତି ଅନାବିଳ ପ୍ରେମ ଓ ନିଷ୍ଠା ରହିଥିଲା ତାଙ୍କୁ ନିୟତି ଏମିତି ଭାବେ ପୁରସ୍କୃତ କରିବାର ଥିଲା ।

ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ତେର ବର୍ଷ ଧରି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲେଇଥିଲେ । ନରେନ୍ଦ୍ର ମୋଦି ୨୦୦୧ରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲାବେଳକୁ ରାଜ୍ୟରେ ଏକ ଭୟଙ୍କର ଭୂମିକମ୍ପ ହେଇସାରିଥିଲା । ଘୋର ରାଜନୈତିକ ଅସ୍ଥିରତା ଓ ବିଭିନ୍ନ ସମସ୍ୟା ବହୁଳ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ସେ ପରିସ୍ଥିତିକୁ ସମୀକ୍ଷା କରି ଆଗକୁ ବଢ଼ିଛନ୍ତି କି ନାହିଁ, ତାଙ୍କୁ ଏକ ଅଭାବନୀୟ ସମସ୍ୟାର ସମ୍ମୁଖୀନ ହେବାକୁ ହେଲା । ୨୦୦୨ ଫେବୃଆରୀ ୨୭ ତାରିଖରେ ଗୋଧ୍ରାଠାରେ ଟ୍ରେନ୍ ପୋଡ଼ି ହେଇ ୫୭ ଜଣ କରସେବକଙ୍କ ମୃତ୍ୟୁ ଘଟିଲା । ଏହାର ପ୍ରଭାବରେ ରାଜ୍ୟର ଅନେକ ଭାଗରେ ଦେଖା ଦେଇଥିଲା ସାମ୍ପ୍ରଦାୟିକ ଦଙ୍ଗା । ସରକାରୀ ତଥ୍ୟ ଅନୁଯାୟୀ ଗୋଧ୍ରା ପରବର୍ତ୍ତୀ ଘଟଣାରେ ୭୯୦ ମୁସଲମାନ୍ ଏବଂ ୨୫୪ ହିନ୍ଦୁ ମରିଥିଲେ । ୨୨୩ ଜଣଙ୍କର ପତ୍ତା ମିଳି ନ ଥିଲା । ୨୫୦୦ ଜଣ ଆହତ ହୋଇଥିଲେ । ବିରୋଧୀ ଦଳମାନେ ମୋଦି ସରକାରଙ୍କୁ ନିଷ୍କ୍ରିୟତା ଏବଂ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଉପରେ ହିଂସା କରିବାକୁ ଅନୁମତି ଦେବା କଥା କହି ନିନ୍ଦା କରିଥିଲେ । ନରେନ୍ଦ୍ର ମୋଦି କିନ୍ତୁ ତତ୍‌କ୍ଷଣାତ ସେନା ମୁତୟନ ପାଇଁ କେନ୍ଦ୍ର ସହ ଅନୌପଚାରିକ କଥାବାର୍ତ୍ତା କରିଥିଲେ । ଏଥି ସହିତ ସେ ପଡ଼ୋଶୀ କଂଗ୍ରେସ ଶାସିତ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ର ସରକାରଙ୍କଠୁ ପୋଲିସ ସହାୟତା ପାଇଁ ନିବେଦନ କରିଥିଲେ । ପଡ଼ୋଶୀ ରାଜ୍ୟର ସରକାରୀ ମୁଖ୍ୟମାନେ ମୋଦିଙ୍କୁ ସାହାଯ୍ୟ କରିବାକୁ ମନା କରିଦେଇଥିଲେ ।

ମୋଦିଜୀ ଏ ପରିସ୍ଥିତିକୁ ଦକ୍ଷତାର ସହ ମୁକାବିଲା କଲେ ଓ ତା' ପରଠାରୁ ଆଜି ଯାଏ ଗୁଜୁରାଟରେ କୌଣସି ସାମ୍ପ୍ରଦାୟିକ ଦଙ୍ଗା ହୋଇ ନାହିଁ । ଏହି ସମୟରେ କିନ୍ତୁ ଲୋକମାନେ ତଥା ମିଡ଼ିଆ ମୋଦିଜୀଙ୍କୁ ମୁସଲିମ୍ ବିରୋଧୀ ବୋଲି ପ୍ରଚାର କରିବାକୁ ଯଥା ସମ୍ଭବ ଚେଷ୍ଟା କରିଥିଲେ । କିନ୍ତୁ ପ୍ରକୃତ ଘଟଣା ଆମେ ଏକ ଉଦାହରଣରୁ ବୁଝିପାରିବା । ଏଠାରେ ଜଫର ସରେଶ ୱାଲାଙ୍କ ଉଦାହରଣ ଦେବା ନିହାତି ଆବଶ୍ୟକ । ୨୦୦୨ ଗୋଧ୍ରା ଦଙ୍ଗା ପରେ ଗୁଜୁରାଟର ଏହି ମୁସଲିମ୍ ଉଦ୍ୟୋଗପତି ଓ ବିଦ୍ୱାନ ଯିଏ କି ଲଣ୍ଡନରେ ରହୁଥିଲେ ମୋଦିଙ୍କ ବିରୋଧରେ ଇଣ୍ଟରନେସ୍‌ନାଲ କୋର୍ଟ ଅଫ୍ ଜଷ୍ଟିସରେ ଅପିଲ୍ କରିଥିଲେ । ସେ ମୋଦିଜୀଙ୍କୁ ଘୋର ମୁସଲମାନ୍ ବିରୋଧୀ ନେତା ବୋଲି ମନେ କରୁଥିଲେ । ଇତ୍ୟବସରରେ ମୋଦିଜୀଙ୍କ ଲଣ୍ଡନ ଗସ୍ତ ସମୟରେ ଜଫର ସରେଶୱାଲା ତାଙ୍କୁ ଭେଟିବାର ସୁଯୋଗ ପାଇଲେ । ମୋଦିଜୀଙ୍କ ସହ ସାକ୍ଷାତ ପରେ ଜଫରଙ୍କ ଧାରଣା ପୂରାପୂରି ବଦଳିଗଲା । ସେ ବୁଝିଲେ ଯେ ମୋଦିଜୀ ପ୍ରକୃତରେ ଜଣେ ଦୃଢ଼ ଓ ନିରପେକ୍ଷ ନେତା ଓ ତାଙ୍କ ନେତୃତ୍ୱରେ ଗୁଜୁରାଟ ରାଜ୍ୟ ସବୁ ଦିଗରେ ଉନ୍ନତି କରୁଛି । ଜଫର୍ ନିଜ ଭୁଲ୍ ବୁଝିପାରି ମୋଦିଜୀଙ୍କ ସହ ମିଶି କାମ କଲେ ଓ ଆଜି ଯାଏ ମୋଦିଜୀଙ୍କର ଜଣେ ଦୃଢ଼ ସମର୍ଥକ ହେଇ ରହିଛନ୍ତି ।

ଏ ଦଙ୍ଗା ପାଇଁ କିନ୍ତୁ ମୋଦିଙ୍କୁ ଦାୟୀ କରି ମୋକଦ୍ଦମା ଦାୟର କରାଯାଇଥିଲା । ପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିୟୋଜିତ ବିଶେଷ ଅନୁସନ୍ଧାନ ଦଳଦ୍ୱାରା ମୋଦିଙ୍କୁ ୨୦୧୨ରେ ନିର୍ଦ୍ଦୋଷ ପ୍ରମାଣ ବା କ୍ଲିନ୍‌ଚିଟ୍ ମିଳିଥିଲା । ଏହି ଅନୁସନ୍ଧାନ ଦଳ କହିଥିଲା - ଗୋଧ୍ରା ପରବର୍ତ୍ତି ଦଙ୍ଗାକୁ ନିୟନ୍ତ୍ରଣ କରିବାକୁ ତତ୍କାଳୀନ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଯେତେ ସମ୍ଭବ ପଦକ୍ଷେପ ନେଇଥିଲେ । ନିଜର ଶେଷ ରିପୋର୍ଟରେ ବିଶେଷ ଅନୁସନ୍ଧାନ ଦଳ (ଏସଆଇଟି) କହିଥିଲା ।

ମୋଦିଙ୍କ ଦ୍ୱାରା ଆଇନ ଶୃଙ୍ଖଳା ସମୀକ୍ଷା ବୈଠକ ବାରମ୍ବାର ଅନୁଷ୍ଠିତ ହୋଇଥିଲା ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ କାର୍ଯ୍ୟ କରାଯାଇଥିଲା । ସାମ୍ପ୍ରଦାୟିକ ହିଂସାକୁ ରୋକିବାକୁ ଠିକ୍ ସମୟରେ ସେନାକୁ ଡକାଯାଇଥିଲା । ମୋଦି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ, ଦଙ୍ଗା କ୍ଷତିଗ୍ରସ୍ତଙ୍କ ପାଇଁ ରିଲିଫ୍ ଶିବିର ସ୍ଥାପନ କରିବାରେ ଏବଂ ସ୍ୱାଭାବିକତା ଓ ଶାନ୍ତି ଫେରାଇ ଆଣିବା ଉଦ୍ୟମରେ ବ୍ୟସ୍ତ ଥିଲେ । ସମ୍ପୃକ୍ତ ବ୍ୟକ୍ତିଙ୍କ ବିଶେଷ ଅନୁସନ୍ଧାନ ଏବଂ ସନ୍ତୋଷଜନକ ବ୍ୟାଖ୍ୟାକୁ ଦୃଷ୍ଟିରେ ରଖି ନରେନ୍ଦ୍ର ମୋଦିଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ।

- ଜଫର ସରେଶୱାଲା

ଏହା ତ ଗଲା ଏକ ଦୁର୍ଭାଗ୍ୟଜନକ ଘଟଣାର ବର୍ଣ୍ଣନା । ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ମୋଦିଜୀ ଅନେକ ଉତ୍ତମ କାର୍ଯ୍ୟ ମଧ୍ୟ କରିଛନ୍ତି । ଏକ ଛୋଟ ଉଦାହରଣରୁ ଲୋକଙ୍କ ଆଶା ଆକାଂକ୍ଷା କିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୂରଣ ହୁଏ ଆମେ ବୁଝିପାରିବା । ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଗୁଜୁରାଟର କିଛି ନାଗରିକ ତାଙ୍କୁ ଭେଟି କହିଲେ, "ମୋଦିଜୀ ଏମିତି କିଛି ବ୍ୟବସ୍ଥା କରନ୍ତୁ ଯେପରି ରାତ୍ରଭୋଜନ ସମୟରେ ବିଜୁଳି ସରବରାହ ଠିକ୍ ରହିବ ଓ ଆମେ

ରୂପୋ ଘୋଷଣା କଲା । ୧୨ ସେପ୍ଟେମ୍ବର ୨୦୧୩ରେ ବିଜେପି ଦଳ ଗୋଆ ସମ୍ମିଳନୀରେ ନରେନ୍ଦ୍ର ମୋଦିଙ୍କ ଔପଚାରିକ ଭାବେ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବୋଲି ଘୋଷଣା କରାଗଲା । ସେହି ବର୍ଷ ଜୁନ୍‌ରେ ମୋଦିଙ୍କୁ ବିଜେପି ଦଳର ନିର୍ବାଚନ କମିଟିର ମୁଖ୍ୟ ଘୋଷଣା କରାଯିବାର ତିନି ମାସ ପରେ ଏହି ଘୋଷଣା ହେଲା । ସେହି ଅବସରରେ ପାର୍ଟିର ଅଧ୍ୟକ୍ଷ ରାଜନାଥ ସିଂ କହିଲେ ଯେ 'ଦେଶର ତଥା ପାର୍ଟି' କ୍ୟାଡ଼ରମାନଙ୍କ ମନୋଭାବକୁ ଲକ୍ଷ୍ୟ କରି ଆମେ ଏହି ନିର୍ଣ୍ଣୟ ନେବାକୁ ନିଷ୍ପତ୍ତି କଲୁ ।

ମୋଦିଙ୍କର ନିଜ ଦଳରେ ଉତ୍‌ଥାନ ଅତ୍ୟନ୍ତ ତେଜୋମୟ ଥିଲା, ଯେହେତୁ ବରିଷ୍ଠ ନେତା ଆଡ଼ଭାନୀ, ମୁରଲୀ ମନୋହର ଯୋଶୀ ଏବଂ ସଂସଦର ଉଭୟ ଗୃହରେ ତତ୍କାଳୀନ ନେତା ସୁଷମା ସ୍ୱରାଜ ଓ ଅରୁଣ ଜେଟଲୀଙ୍କୁ ବାଦ୍‌ଦେଇ ତାଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ କରାଯାଇଥିଲା । ଏଠାରେ ମନେରଖିବା କଥା ଏହା ଯେ ଜଣେ ବିଜେପି ଏବଂ ଏହାର ଅନ୍ତର୍ନିହିତ ଢାଞ୍ଚାକୁ ଶ୍ରେୟ ଦେବା ଉଚିତ୍ । ଯାହା ସୁଯୋଗ ଆସିଲେ ଦୃଢ଼ ସ୍ଥାନୀୟ ନେତାମାନଙ୍କୁ କେନ୍ଦ୍ର ସ୍ତରରେ ନେତୃତ୍ୱ ନେବାକୁ ଅନୁମତି ଦିଏ । ଅନ୍ୟ ରାଷ୍ଟ୍ରୀୟ ଦଳରେ ଏପରି ଦେଖିବାକୁ ମିଳେ ନାହିଁ ।

୨୦୧୪ ନିର୍ବାଚନରେ ସମସ୍ତେ କହିଲେ ଯେ ଏବେ ଦେଶରେ 'ମୋଦି ତରଙ୍ଗ' ଆସିଛି ଓ ମୋଦିଙ୍କ ନେତୃତ୍ୱରେ ବିଜେପି ନିଶ୍ଚୟ ବିଜୟ ଲାଭ କରିବ । ବିରୋଧୀ ଦଳମାନେ କିନ୍ତୁ 'ମୋଦି ତରଙ୍ଗ'କୁ କାଳ୍ପନିକ କହି ବରଖାସ୍ତ କଲେ । କଂଗ୍ରେସର ମଣିଶଙ୍କର ଆୟାର ବହୁତ ଆଗଚଲା ହେଇ କହିଲେ ଯେ "ମୋଦିଙ୍କର ଭାରତର ପ୍ରଧାନମନ୍ତ୍ରୀ ହେବା ପାଇଁ ଯୋଗ୍ୟତା ନାହିଁ, ଅତିବେଶିରେ ମୋଦି କଂଗ୍ରେସର ବାର୍ଷିକ ଅଧିବେଶନ ସମୟରେ 'ଚା' ବିକ୍ରି କରିପାରିବେ ।"

ଗୁଜୁରାଟର ମୁଖ୍ୟମନ୍ତ୍ରୀ ହିସାବରେ ମୋଦିଙ୍କର କାର୍ଯ୍ୟକଳାପ ଲୋକମାନଙ୍କୁ ତାଙ୍କ ଦକ୍ଷତା ଏବଂ ତାଙ୍କ ଦ୍ୱାରା ସକରାତ୍ମକ ପରିବର୍ତ୍ତନ ସମ୍ଭବ ଉପରେ ବିଶ୍ୱାସ କରିବାକୁ ନିଶ୍ଚିତ ଭାବେ ସାହାଯ୍ୟ କରିଥିଲା । ୨୦୦୨ ଗୁଜରାଟ ଦଙ୍ଗା ମୋଦିଙ୍କୁ ବିରୋଧ କରିବା ପାଇଁ ଏକମାତ୍ର କାରଣ ଥିଲା । ଅଦାଲତଗୁଡ଼ିକ ମୋଦିଙ୍କୁ ୨୦୦୨ ଦଙ୍ଗା ପାଇଁ ନିର୍ଦ୍ଦୋଷ ଘୋଷଣା କରିଥିଲେ ଏବଂ ୨୦୦୨ ପରେ ଦୀର୍ଘ ୧୨ ବର୍ଷ ଧରି ଗୁଜୁରାଟ କୌଣସି ସାମ୍ପ୍ରଦାୟିକ ହିଂସାରୁ ମୁକ୍ତ ଥିଲା ଓ ଆଜି ଯାଏ ଅଛି । ୨୦୦୨ ପରେ ଗୁଜୁରାଟ ନିଜ ଅର୍ଥନୈତିକ ବିକାଶ ପାଇଁ

ଅନ୍ଧାରରେ ରହିବୁ ନାହିଁ" । ସେ ସମୟରେ ଗୁଜୁରାଟର ବିଜୁଳି ସରବରାହ ବ୍ୟବସ୍ଥା ଠିକ୍ ନ ଥିଲା । ଏକଥା ଶୁଣି ବ୍ୟଥିତ ମୋଦିଜୀ ଏମିତି ସମସ୍ୟାକୁ ବୁଝିଲେ ଓ ଆଜି ଗୁଜୁରାଟରେ ବିଜୁଳି ସରବରାହ ବ୍ୟବସ୍ଥା ଖୁବ୍ ଭଲ ଅଛି ।

ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ କେନ୍ଦ୍ରର ୟୁପିଏ ସରକାର ମୋଦିଙ୍କ ଆମେରିକା ଯିବା ଉପରେ ପ୍ରତିବନ୍ଧକ ଲଗାଇଥିଲେ । ଏସବୁ ସତ୍ତ୍ୱେ ମୋଦିଜୀ ଗୁଜୁରାଟକୁ ବ୍ୟବସାୟ ଆଣିବାକୁ ଭାଇବ୍ରାଂଟ୍ ଗୁଜୁରାଟ ସମିତି ନାମରେ କାର୍ଯ୍ୟକ୍ରମ ଆୟୋଜନ କରି ରାଜ୍ୟକୁ ଏକ ଉନ୍ନତ ରାଜ୍ୟରେ ପରିଣତ କରିପାରିଥିଲେ । ଆଜି ସମସ୍ତେ ଜାଣନ୍ତି ଗୁଜୁରାଟ ଏକ ଆର୍ଥିକ ଉନ୍ନତ ରାଜ୍ୟ ।

ସାବରମତୀ ନଦୀ ପ୍ରାୟତଃ ଏକ ମୃତ ନଦୀ ଓ ଅଳିଆ ଆବର୍ଜନା ଭରା ନାଳ ପରି ହେଇଯାଇଥିଲା । ମୋଦି ମୁଖ୍ୟମନ୍ତ୍ରୀ ହେଲା ପରେ ସାବରମତୀର ସୌନ୍ଦର୍ଯ୍ୟକରଣ କରି ତାକୁ ଏକ ଖୁବ୍ ସୁନ୍ଦର ନଦୀରେ ପରିଣତ କରିଛନ୍ତି । ମୋଦୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଅତି ଅଳ୍ପ ସମୟ ମଧ୍ୟରେ ଟାଟା କମ୍ପାନୀର ନାନୋ ପ୍ରୋଜେକ୍ଟ ହେଇପାରିଥିଲା । ଏଇଠି କହି ରଖେ ଟାଟା ନାନୋ ପ୍ରୋଜେକ୍ଟ ପଶ୍ଚିମବଙ୍ଗରେ ବିଫଳ ହେଇ ମୋଦିଙ୍କ ଡାକରାରେ ଗୁଜୁରାଟ ଆସିଥିଲା ।

ଗୁଜୁରାଟର ସଫଳ ମୁଖ୍ୟମନ୍ତ୍ରୀ ଭାବେ ୧୩ ବର୍ଷ ରହିବା ପରେ ୨୦୧୩ ମସିହାରେ ବିଜେପି ଦଳ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ

ପରିଚିତ ହେଲା ଏବଂ ଗୁଜୁରାଟ ମଡ଼େଲ ଏମିତି ଏକ ଆଭିଧାନିକ ଶବ୍ଦରେ ପାଲଟିଗଲା ଯାହା ବିଦ୍ୟୁତ, ଜଳଯୋଗାଣ, ଉନ୍ନତ ସଡ଼କ ଏବଂ ଭିତ୍ତିଭୂମି ପ୍ରକଳ୍ପରେ ବିପୁଳ ପରିମାଣର ବିନିଯୋଗ ସହ ସମକକ୍ଷ ହୋଇଥିଲା । ଏହା ପରବର୍ତ୍ତୀ ସମୟରେ ଉଭୟ ଜାତୀୟ ତଥା ଆନ୍ତର୍ଜାତୀୟ କମ୍ପାନୀ ଦ୍ୱାରା ବ୍ୟାପକ ଅନ୍ତର୍ନିହିତ ପୁଞ୍ଜି ବିନିଯୋଗ ଆସିଥିଲା । ଏହା ଦ୍ୱିବାର୍ଷିକ 'ଭାଇବ୍ରାଂଟ ଗୁଜୁରାଟ'ରେ ବହୁ ଆକର୍ଷଣ ସହିତ ଆରମ୍ଭ ହୋଇଥିଲା, ଯେଉଁଠି ସାରା ବିଶ୍ୱର ବ୍ୟବସାୟିକ ପ୍ରତିଭାମାନେ ଗୁଜରାଟରେ ପୁଞ୍ଜି ନିବେଶ କରିବାକୁ ଧାଡ଼ି ବାନ୍ଧିଥିଲେ । ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ୭.୬ ପ୍ରତିଶତ ଥିବା ବେଳେ ଗୁଜରାଟ ଅଭିବୃଦ୍ଧିକୁ ୧୦.୧ ପ୍ରତିଶତରେ ପହଞ୍ଚାଇ ମୋଦିଜୀ ରାଜ୍ୟକୁ ଗର୍ବିତ କରାଇବାରେ ସକ୍ଷମ ହେଇଥିଲେ । ଯଦିଓ ଦେଶର ଜନସଂଖ୍ୟାର ୫ ଶତକଡ଼ା ଗୁଜରାଟରେ ରହନ୍ତି ଏବଂ ଦେଶର ଭୂଭାଗର ୬ ପ୍ରତିଶତ ଗୁଜରାଟ ରାଜ୍ୟର ଭୌଗୋଳିକ ସ୍ଥିତି, ରାଜ୍ୟ କିନ୍ତୁ ଦେଶର ମୋଟ୍ ଶିଳ୍ପ ଉତ୍ପାଦନର ୧୬ ପ୍ରତିଶତ ଦେବାକୁ ସମର୍ଥ ହେଇଥିଲା ।

୨୦୧୩ ମସିହାରେ ବିଜେପି ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରୂପେ ଘୋଷିତ ହେବା ପରେ ଶ୍ରୀ ନରେନ୍ଦ୍ର ମୋଦି ଦେଶ ସାରା ଗସ୍ତ କରି ନିର୍ବାଚନ ପ୍ରଚାର କଲେ । ଦିନକୁ ଦୁଇ ତିନୋଟି ନିର୍ବାଚନୀ ସଭା କରି ମଧ୍ୟ ଥକୁ ନ ଥିଲେ । ଆଜି ୨୦୨୪ରେ ମଧ୍ୟ ସେ ଅନୁରୂପ ଭାବେ ଦିନକୁ ଦୁଇ ତିନୋଟି ନିର୍ବାଚନୀ ସଭା କରିଛନ୍ତି । ଏ ଅପୁରନ୍ତ ଶକ୍ତିର ଫୁଆରା ଦେଖି ଆଶ୍ଚର୍ଯ୍ୟ ହେବାକୁ ହୁଏ । ୨୦୧୪ ମସିହାରେ ବିଜେପି ଦଳ ବିପୁଳ ବିଜୟ ଲାଭ କରିବା ସହ ନେସ୍‌ନାଲ୍ ଡେମୋକ୍ରାଟିକ ଆଲିଆନ୍ସ ବା ଏନ୍‌ଡିଏ କ୍ଷମତାକୁ ଫେରିଲା । ଦଳର ନେତା ଚୟନ ହେଇ ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ନେଲେ ଶ୍ରୀ ନରେନ୍ଦ୍ର ମୋଦି । ଦାୟିତ୍ୱ ନେବା ପୂର୍ବରୁ ନିଜ ବୃଦ୍ଧା ମା'ଙ୍କ ଆଶୀର୍ବାଦ ନେଇ ଆସିଥିଲେ ମୋଦିଜୀ ।

ନିଜ ଶପଥ ଗ୍ରହଣ ଉତ୍ସବକୁ ସେ ପଡ଼ୋଶୀ ଦେଶର ସର୍ବୋଚ୍ଚ ନେତୃବର୍ଗଙ୍କୁ ନିମନ୍ତ୍ରଣ କରିଥିଲେ ପ୍ରଧାନମନ୍ତ୍ରୀ ମୋଦିଜୀ । ଏପରିକି ଚିର ଶତ୍ରୁ ଦେଶ ପାକିସ୍ତାନର ପ୍ରଧାନମନ୍ତ୍ରୀ ନୱାଜ୍ ସରିଫଙ୍କୁ ନିମନ୍ତ୍ରଣ କରାଯାଇଥିଲା ଓ ସେ ଉତ୍ସବରେ ଯୋଗ ଦେଇଥିଲେ । ଶତ୍ରୁତାକୁ ମିତ୍ରତାରେ ପରିବର୍ତ୍ତନ କରିବାକୁ ଏହା ଥିଲା ମୋଦିଙ୍କ ବଡ଼ ପଦକ୍ଷେପ । ଏପରିକି ନିଜ ପ୍ରଥମ ପାଳି କାର୍ଯ୍ୟକାଳ ସମୟରେ ଦିନେ ବିନା ପ୍ରୋଟୋକଲ୍‌ରେ ନୱାଜ ସରିଫଙ୍କ ଜନ୍ମଦିନ ଅବସରରେ ପାକିସ୍ତାନ ପହଞ୍ଚିଯାଇ ନିଜ ମିତ୍ରତାର ହାତ ବଢ଼େଇଥିଲେ ମୋଦିଜୀ । ଏହା ଭିନ୍ନ କଥା ଯେ ପାକିସ୍ତାନ ତା'ର ଚିରାଚରିତ ଶତ୍ରୁ ଭାବ ଛାଡ଼ି ନ ଥିଲା ଓ ୨୦୧୬ ମସିହାରେ ପଠାଣକୋଟ୍‌ଠାରେ ସୈନିକମାନଙ୍କ ଉପରେ ଆକ୍ରମଣ କରି ଭାରତୀୟ ସୈନିକଙ୍କୁ ମୃତାହତ କରିଥିଲା । ପାକିସ୍ତାନ ଭୁଲିଯାଇଥିଲା ଯେ ଭାରତର ତତ୍କାଳୀନ ନେତୃତ୍ୱ ଚୁପ୍‌ଚାପ୍ ବସି କଥାବାର୍ତ୍ତା ଦ୍ୱାରା ଶାନ୍ତି ପ୍ରତିଷ୍ଠା କରିବା ଯୋଜନାରେ ରହିବା ଲୋକ ନୁହଁନ୍ତି । ଏକ ସପ୍ତାହ ଭିତରେ ସର୍ଜିକାଲ ଷ୍ଟ୍ରାଇକ୍ କରି ପାକିସ୍ତାନକୁ ଉଚିତ୍ ଜବାବ ଦେଇଥିଲେ ମୋଦିଜୀ । ଏଠାରେ କହି ରଖେ ଯେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଇଣ୍ଡିଆ ଟିଭିର ଲୋକପ୍ରିୟ ଶୋ 'ଆପ କି ଅଦାଲତ'ରେ ରଜତ ଶର୍ମାଙ୍କ ପ୍ରଶ୍ନର ଉତ୍ତର ଦେଇ ମୋଦିଜୀ କହିଥିଲେ ଯେ ଯଦି ସେ କ୍ଷମତାରେ ରୁହନ୍ତି, ତେବେ ପାକିସ୍ତାନକୁ ତା' ଭାଷାରେ ଉତ୍ତର ଦେବେ । ମିତ୍ର ଭାବ ସ୍ଥାପନ କରିବା ପାଇଁ ନିଜ ଆଡୁ ଯତ୍‌ପରୋନାସ୍ତି ଉଦ୍ୟମ କରି ନିରାଶ ହେବା ପରେ ଏହା ଥିଲା ଶତ୍ରୁ ରାଷ୍ଟ୍ର ପାକିସ୍ତାନକୁ ମୋଦିଜଙ୍କ କଡ଼ା ଉତ୍ତର । ଏସବୁ କରିବାରେ ତାଙ୍କୁ ସମ୍ପୂର୍ଣ୍ଣ ସହାୟତା କରିଥିଲେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଦିବଂଗତ ମନୋହର ପାରିକର ଓ ଜାତୀୟ ନିରାପତ୍ତା ଉପଦେଷ୍ଟା ଶ୍ରୀ ଅଜିତ ଡୋଭାଲ । ଅଜିତ ଡୋଭାଲଙ୍କ ପରି ଉପଯୁକ୍ତ ବ୍ୟକ୍ତିଙ୍କୁ ଜାତୀୟ ନିରାପତ୍ତା ଉପଦେଷ୍ଟା ନିଯୁକ୍ତ କରିବା ହେଉଛି ମୋଦି ସରକାରଙ୍କର ଏକ ବଡ଼ ଉପଲବ୍ଧି ।

ସଂସଦରେ ପ୍ରବେଶ କରିବା ଦିନ ସଂସଦର ଶିଢ଼ିରେ ଆଭୂମି ପ୍ରଣାମ କରିଥିଲେ ପ୍ରଧାନମନ୍ତ୍ରୀ ମୋଦି । ଦେଶପ୍ରେମର ଏ ନିଦର୍ଶନ ଦେଶବାସୀଙ୍କୁ ଅଭିଭୂତ କରିଥିଲା । ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ନେବା ପରେ ପୂର୍ବରୁ ସବୁ ପ୍ରତିବନ୍ଧକ ହଟି ଯାଇଥିଲା । ଆମେରିକା ମୋଦିଜୀଙ୍କୁ ତାଙ୍କ ଦେଶକୁ ଯିବାକୁ ନିମନ୍ତ୍ରଣ କରିଥିଲା । ୨୦୧୪ ଅକ୍ଟୋବର ମାସରେ ମୋଦିଜୀ ଆମେରିକା ଗସ୍ତ କରିଥିଲେ । ସେ ସମୟରେ ନବରାତ୍ରି ଚାଲିଥାଏ । ସାରା ଆମେରିକାବାସୀ ବିସ୍ମିତ ହେଇଥିଲେ ମୋଦିଜୀ କିପରି କେବଳ ଉଷୁମ ପାଣି ପିଇ ନଅ ଦିନ ଉପବାସ ରଖୁଛନ୍ତି । ମାଡିସନ ସ୍କୋୟାରରେ ମୋଦିଜୀଙ୍କ ବକ୍ତବ୍ୟ ସବୁ ଆମେରିକାବାସୀଙ୍କୁ ମୁଗ୍ଧ କରିଥିଲା ।

ପ୍ରଧାନମନ୍ତ୍ରୀ ରୂପେ ସ୍ୱାଧୀନତା ଦିବସରେ ନିଜ ଲାଲକିଲ୍ଲା ଭାଷଣରେ ମୋଦିଜୀ ସ୍ୱଚ୍ଛ ଭାରତ କଥା କହିଥିଲେ । ସ୍ୱଚ୍ଛତା କିପରି ସବୁ ପ୍ରକାର ଉନ୍ନତିର ସହାୟକ ଏ କଥା ବିଶଦ୍‌ଭାବେ ବ୍ୟାଖ୍ୟା କରିଥିଲେ । ନିଜକୁ ପ୍ରଧାନମନ୍ତ୍ରୀ ନୁହେଁ ବରଂ ଦେଶବାସୀଙ୍କ ପ୍ରଧାନସେବକ ରୂପେ ଘୋଷଣା କରିଥିଲେ । ସାଧାରଣ ଦେଶବାସୀ ପ୍ରଧାନମନ୍ତ୍ରୀଙ୍କୁ ନିଜ ଭିତରୁ ଜଣେ ବୋଲି ଭାବୁଥିଲେ । ଏମିତି ମାଟି ସହ ଯୋଡ଼ି ହେଇଥିବା ବ୍ୟକ୍ତିତ୍ୱ ସର୍ବୋଚ୍ଚ ପଦବୀରେ ରହିବା କ୍ୱଚିତ୍ ଦେଖିବାକୁ ମିଳେ ।

ନିଜ ଲୋକପ୍ରିୟତାର ଶୀର୍ଷରେ ଥିବା ବେଳେ ୨୦୧୬ ମସିହା ନଭେମ୍ବର ୮ ତାରିଖ ରାତି ୮ଟା ବେଳେ ପ୍ରଧାନମନ୍ତ୍ରୀ ହଠାତ୍ ବିମୁଦ୍ରାକରଣ ଘୋଷଣା କଲେ । ୫୦୦ ଓ ୧୦୦୦ ଟଙ୍କିଆ ମୁଦ୍ରା ସେହି ଦିନ ରାତିରୁ ଅଚଳ ହେଲା । ଏ ସବୁ ସେ ସମାନ୍ତରାଳ ଭାବେ ଚାଲୁଥିବା ଛାୟା ଅର୍ଥନୀତି ଓ କଳାଧନକୁ ଲୋକଲୋଚନକୁ ଆଣିବାକୁ କରିଥିଲେ । ଏହା ସହିତ ସିଧାସଳଖ ଅର୍ଥ ବ୍ୟବହାର କମ୍ କରି ନେଣଦେଶ ବ୍ୟବସ୍ଥାକୁ ଅଧିକ ଡିଜିଟାଇଜଡ଼ କରିବାକୁ ଚାହୁଁଥିଲେ ।

କିଛି ଅସୁବିଧା ସତ୍ତ୍ୱେ ବିମୁଦ୍ରାକରଣ ଆଂଶିକ ଭାବେ ସଫଳ ହେଇଥିଲା ।

ଜାତୀୟ ନିରାପତ୍ତା ଯେକୌଣସି ଦେଶର ଏକ ପ୍ରାଥମିକ ଆବଶ୍ୟକତା ଅଟେ । ସେନାକୁ ସଶକ୍ତ କରିବାକୁ ମୋଦି ସରକାର ସବୁପ୍ରକାର ଉଦ୍ୟମ କଲେ । ସେନାର ମନୋବଳ ବଢ଼ାଇବାକୁ ନିଜେ ପ୍ରଧାନମନ୍ତ୍ରୀ ସେମାନଙ୍କ ସହ ଦୀପାବଳୀ ଉତ୍ସବ ପାଳନ କଲେ । ପ୍ରଧାନମନ୍ତ୍ରୀଙ୍କୁ ସେମାନଙ୍କ ମେଳରେ ଯାଇ ସେନାର ଉତ୍ସାହ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଲା । ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଦୀପାବଳୀ ସେନା ସହ ପାଳନ କରୁଛନ୍ତି ।

ଏକ ଦେଶର ସୁଦୃଢ଼ ବିଦେଶ ନୀତି ଦେଶ ପାଇଁ ଏକ ପ୍ରାଥମିକ ଆବଶ୍ୟକତା ଅଟେ । ନିଜ ପ୍ରଥମ ପାଳି ଅର୍ଥାତ୍ ୨୦୧୪ରୁ ୨୦୧୯ ଯାଏ କାର୍ଯ୍ୟକାଳ ସମୟରେ ଯେତେ ସମ୍ଭବ ବିଦେଶ ଗସ୍ତ କରି ପଡ଼ୋଶୀ ଓ ଅନ୍ୟ ଦେଶମାନଙ୍କ ସହ ଭାରତର ସମ୍ପର୍କ ସୁଦୃଢ଼ କରିଥିଲେ ମୋଦିଜୀ । ଏପରିକି ସଂଯୁକ୍ତ ଆରବ ଏମିରେଟର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଥିଲେ । ଏହି ପ୍ରକାର ଦୃଢ଼ ବିଦେଶ ନୀତି ଯୋଗୁଁ ପାକିସ୍ତାନରେ ଖସିପଡ଼ିଥିବା ହେଲିକପ୍ଟରର କ୍ୟାପଟେନ୍ ଅଭିନନ୍ଦନଙ୍କୁ ପାକିସ୍ତାନ ମାତ୍ର ୨୪ ଘଣ୍ଟା ମଧ୍ୟରେ ସସମ୍ମାନ ଫେରାଇ ଦେଇଥିଲା ।

ପ୍ରଧାନମନ୍ତ୍ରୀ ମୋଦି ଏବଂ ଏନ୍‌ଡିଏ ଏକ କ୍ରୋନି ପୁଞ୍ଜିବାଦ, ଅଚଳ ଅର୍ଥନୀତି, ଯୁଗ୍ମ ଆର୍ଥିକ ଏବଂ ସାମ୍ପ୍ରତିକ ଆକାଉଣ୍ଟ ଅଭାବ, ଯୁଗ୍ମ ବାଲାନ୍ସସିଟ୍ ସମସ୍ୟା, ଉଚ୍ଚ ମୁଦ୍ରାସ୍ଫୀତି, ଆଭ୍ୟନ୍ତରୀଣ ନିରାପତ୍ତାର ଏକାଧିକ ଆହ୍ୱାନ ଏବଂ ସରକାରୀ ଯୋଜନାର ଖରାପ ବିତରଣ ଆଦି ସମସ୍ୟାକୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ । ୨୦୧୪ରୁ ୨୦୧୯ ମଧ୍ୟରେ ମୋଦି ସରକାର କେବଳ ଏହି ଅନେକ ଆହ୍ୱାନକୁ ଫଳପ୍ରଦ ଭାବରେ ମୁକାବିଲା କରିନାହାନ୍ତି, ବରଂ ମଧ୍ୟମରୁ ଦୀର୍ଘମିଆଦୀ ପର୍ଯ୍ୟନ୍ତ ସଂସ୍କାର ଆଣିବାରେ ସଫଳ ହୋଇଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ସମାଲୋଚକମାନଙ୍କ ଦ୍ୱାରା ମଧ୍ୟ ପ୍ରଶଂସିତ ହେଇଛନ୍ତି ।

ଆଭ୍ୟନ୍ତରୀଣ ନିରାପତ୍ତା ସର୍ବଦା ମୋଦି ସରକାରଙ୍କ ଏକ ମୁଖ୍ୟ ଧ୍ୟାନର ବିଷୟବସ୍ତୁ ହେଇ ରହିଛି । ୨୦୦୮ରେ ମୁମ୍ବାଇରେ ୨୬/୧୧ର ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ୟୁପିଏ ସରକାର ଏହି କାଣ୍ଡ ଘଟାଇଥିବା ଅପରାଧୀମାନଙ୍କ ଉପରେ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ଏକମାତ୍ର ଅପରାଧୀ ଭାବେ ଧରା ପଡ଼ିଥିବା ଆତଙ୍କବାଦୀ ଅଜମଲ୍ କସବର ଅଦାଲତ କାର୍ଯ୍ୟାନୁଷ୍ଠାନ ଏବଂ କୂଟନୈତିକ ସ୍ତରରେ ଘଟଣାର ଅନୁସନ୍ଧାନ ବ୍ୟତୀତ ୟୁପିଏ ସରକାର ଆଉ କିଛି କରି ନ ଥିଲା । ମନମୋହନ ସିଂଙ୍କ ନେତୃତ୍ୱରେ ୟୁପିଏ ସରକାର ପାକିସ୍ତାନ ଆତଙ୍କବାଦ ପ୍ରତି ନରମ ମନୋଭାବ ପୋଷଣ କରୁଥିଲେ । ୨୦୦୫ରୁ ୨୦୧୩ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଅତିକମ୍‌ରେ ୧୦ଟି ଆତଙ୍କବାଦୀ ଆକ୍ରମଣ ହେଇଥିଲା । ତେବେ ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀ ମୋଦିଙ୍କ କଠୋର ଆଭିମୁଖ୍ୟକୁ ଦୃଷ୍ଟିରେ ରଖି କାଶ୍ମୀର ଏବଂ ପଞ୍ଜାବର ସୀମାନ୍ତ ଅଞ୍ଚଳ ବ୍ୟତୀତ, ଦେଶରେ ସୌଭାଗ୍ୟବଶତଃ କୌଣସି ବଡ଼ ଆତଙ୍କବାଦୀ କାର୍ଯ୍ୟକଳାପ ଘଟି ନାହିଁ । ସେପ୍ଟେମ୍ବର ୨୦୦୨ରେ ଅକ୍ଷରଧାମ ମନ୍ଦିର ଆକ୍ରମଣ ଉପରେ ଗୁଜୁରାଟ ରାଜ୍ୟ ସରକାରଙ୍କ ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତଙ୍କବାଦ ପ୍ରତି କଠୋର ଆଭିମୁଖ୍ୟ ସ୍ପଷ୍ଟ ହୋଇଥିଲା ।

ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା ଏବଂ ମାନବ ଜୀବନ ରକ୍ଷା କରିବା ପାଇଁ ଯାହା ଆବଶ୍ୟକ ତାହା କରିବାକୁ ମୋଦି ସରକାର ସୁରକ୍ଷାବଳକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆତଙ୍କବାଦୀ କାର୍ଯ୍ୟକଳାପକୁ ପୂର୍ବଲୋକନ କରିବା ଏବଂ ସନ୍ଦିଗ୍ଧ ଉପାଦାନଗୁଡ଼ିକୁ ଦମନ କରିବା ପାଇଁ ଆତଙ୍କବାଦ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗୁପ୍ତଚର ଏଜେନ୍ସି ଏବଂ ସୁରକ୍ଷା ବାହିନୀକୁ ମୋଦି ସରକାର ସମ୍ପୂର୍ଣ୍ଣ କ୍ଷମତା ଦେଇଛନ୍ତି । 'ପ୍ରଥମେ ସୁରକ୍ଷା' ଲକ୍ଷ୍ୟ ଯୋଜନାରେ ମୋଦି ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଭାରତୀୟ ମୁଜାହିଦିନର ମେରୁଦଣ୍ଡକୁ ଭାଙ୍ଗି ଦିଆଯାଇଛି ।

ମୋଦି ସରକାର କ୍ଷମତାକୁ ଆସିବା ପରେ, ବାମପନ୍ଥୀ ଉଗ୍ରବାଦ ବିରୋଧରେ ଏହାର କଠୋର ଆଭିମୁଖ୍ୟ ସ୍ପଷ୍ଟ କଲା ପରେ

ନକ୍ସଲମାନଙ୍କ ଦ୍ୱାରା ହତ୍ୟା ଘଟଣା ବହୁତ କମିଯାଇଛି । ଏହି ବିପଦକୁ ମୁକାବିଲା କରିବାକୁ ସରକାର ଏକ ନୂତନ କାର୍ଯ୍ୟକ୍ଷମ ତତ୍ତ୍ୱ 'ସମାଧାନ' ଆରମ୍ଭ କରିଛନ୍ତି । ସମାଧାନ(SAMADHAN)ର ପ୍ରତ୍ୟେକ ଅକ୍ଷର ସରକାରଙ୍କର ନିର୍ଦ୍ଦିଷ୍ଟ ଗୁଣକୁ ସୂଚାଏ । ଏସ୍- ସ୍ମାର୍ଟ ପୋଲିସିଙ୍ଗ ଏଣ୍ଡ ଲିଡରସିପ, ଏ- ଆଗ୍ରେସିଭ୍ ଷ୍ଟ୍ରାଟେଜି, ଏମ୍- ମୋଟିଭେସନ ଏଣ୍ଡ ଟ୍ରେନିଙ୍ଗ, ଏ- ଆକ୍ୱନେବଲ୍ ଇଣ୍ଟେଲିଜେନ୍ସ, ଡି- ଡ୍ୟାସବୋର୍ଡ ଫର୍ ଡେଭେଲପମେଂଟ୍ ଏଣ୍ଡ କି ପରଫରମାନ୍ସିଂ ଇଣ୍ଡିକେଟର୍ସ, ଏଚ୍- ହାରନେସିଙ୍ଗ୍ ଟେକ୍ନୋଲୋଜି ଫର୍ ଡେଭେଲପମେଣ୍ଟ ଏଣ୍ଡ ସିକ୍ୟୁରିଟି, ଏ- ଆକ୍ସନ ପ୍ଲାନ ଫର୍ ଇଚ୍ ଥିଏଟର, ଏନ୍- ନୋ ଆକସେସ୍ ଟୁ ଫାଇନାନ୍ସିଙ୍ଗ୍ । ବାମପନ୍ଥୀ ଉଗ୍ରବାଦକୁ ମୁକାବିଲା କରିବା ପାଇଁ ସରକାର ଜାନୁଆରୀ ୨୦୧୫ରେ ଜାତୀୟ ନୀତି ଏବଂ କାର୍ଯ୍ୟ ଯୋଜନା ଆରମ୍ଭ କରିଥିଲେ । ଯେଉଁଥିରେ ସୁରକ୍ଷା, ବିକାଶ, ସ୍ଥାନୀୟ ସମ୍ପ୍ରଦାୟର ଅଧିକାର ଏବଂ ଅଧିକାରକୁ ସୁନିଶ୍ଚିତ କରାଯାଇଥିଲା । ସରକାର ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏବଂ ପ୍ରମୁଖ କାର୍ଯ୍ୟଦକ୍ଷତାର ଉପଯୋଗ କରି ବାମପନ୍ଥୀ ଉଗ୍ରବାଦ ବିରୋଧରେ ସୁରକ୍ଷା ବାହିନୀର କାର୍ଯ୍ୟଦକ୍ଷତାର ଉପଯୋଗ କରି ବାମପନ୍ଥୀ ଉଗ୍ରବାଦ ବିରୋଧରେ ସୁରକ୍ଷା ବାହିନୀର କାର୍ଯ୍ୟକ୍ରମ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାକୁ ଇଚ୍ଛା କରନ୍ତି । ଏହା ଫଳରେ ମେ ୨୦୧୪ରୁ ଏପ୍ରିଲ ୨୦୧୭ ମଧ୍ୟରେ ହିଂସାର ପରିମାଣ କମିଯାଇଥିଲା । ବାମପନ୍ଥୀ ଉଗ୍ରବାଦ ସମ୍ପର୍କିତ ଘଟଣା ୨୫ ପ୍ରତିଶତ କମ୍ ହେଇଥିଲା । ମୃତ୍ୟୁ ସଂଖ୍ୟା ୪୨ ପ୍ରତିଶତ କମିଯାଇଥିଲା । ବାମପନ୍ଥୀ ଉଗ୍ରବାଦୀ କ୍ୟାଡ଼ର ମାନଙ୍କୁ ହଟାଇବାରେ ୬୫ ପ୍ରତିଶତ ବୃଦ୍ଧି ଏବଂ ଏହିପରି କ୍ୟାଡ଼ର ମାନଙ୍କର ଆତ୍ମସମର୍ପଣରେ ୧୮୫ ପ୍ରତିଶତ ବୃଦ୍ଧି ହେଇଥିଲା ।

ସଶସ୍ତ୍ର ବାହିନୀର ଆଧୁନିକୀକରଣଠାରୁ ଆରମ୍ଭ କରି ଭାରତର ପ୍ରତିରକ୍ଷା ପାଇଁ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର କିଣିବା ପର୍ଯ୍ୟନ୍ତ ମୋଦି ସରକାର କୌଣସି ପ୍ରୟାସ ଛାଡ଼ିନାହାନ୍ତି, ଯେଉଁଥିରେ ଭାରତର ପ୍ରତିରକ୍ଷା ସୁଦୃଢ଼ ହେଇଛି ଏବଂ କୌଣସି ବାହ୍ୟ ଆହ୍ୱାନର ସମ୍ମୁଖୀନ ହେବାକୁ ଦେଶ ପ୍ରସ୍ତୁତ ଅଛି । ଆମର ସୁରକ୍ଷା ବାହିନୀକୁ ମଜବୁତ୍ କରିବାକୁ ମୋଦି ସରକାର ରାଫେଲ ଜେଟ୍ସ, ଆପାଚେ ଆକ୍ରମକ ହେଲିକପ୍ଟର ଏବଂ ଚିନୁକ ପରିବହନ ହେଲିକପ୍ଟର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି ।

ଭାରତ ସ୍ୱାଧୀନ ହେବାର ସାତ ଦଶନ୍ଧି ପରେ ମଧ୍ୟ ଦେଶର ଅନେକ ଗ୍ରାମୀଣ ଇଲାକାଗୁଡ଼ିକ ବିଦ୍ୟୁତ ସଂଯୋଗୀକରଣ, ରନ୍ଧନ ଗ୍ୟାସ ଏବଂ ଶୌଚାଳୟ ପରି ମୌଳିକ ସୁବିଧାରୁ ବଂଚିତ ଥିଲେ । ମୋଦି ସରକାର 'ଗ୍ରାମ ସ୍ୱରାଜ' ଅଭିଯାନ ନାମକ ଏକ ଗ୍ରାମୀଣ ପ୍ରସାରଣ ଆରମ୍ଭ କରି ଏହାର ସାତଟି ଫ୍ଲାଗସିପ୍ କଲ୍ୟାଣ ଯୋଜନାର ଶତପ୍ରତିଶତ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଲା । ଯଥା- ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସହଜ ବିଜୁଳି ସବୁ ଘର ଯୋଜନା, ଉନ୍ନତ ଜ୍ୟୋତି ବା ସୁଲଭ ମୂଲ୍ୟରେ ସମସ୍ତଙ୍କୁ ଏଲ୍ଇଡି ବଲ୍ବ ଯୋଗାଣ ଯୋଜନା, ମିଶନ ଇନ୍ଦ୍ରଧନୁଷ୍ ଓ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା । ସାରା ବିଶ୍ୱରେ ଏକ ବୃହତ୍ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନା ବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ୨୮ ଅଗଷ୍ଟ ୨୦୧୪ରେ ଜାତୀୟ ଲକ୍ଷ୍ୟ ଭାବେ ଦରିଦ୍ର ଲୋକଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ଏବଂ ଦେଶର ସମସ୍ତ ପରିବାର ବିଶେଷ କରି ଦରିଦ୍ର ପରିବାରକୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ଲକ୍ଷ୍ୟ ରଖିଲା । ଏହି ଯୋଜନା ଏକ ମୌଳିକ ସଞ୍ଚୟ ବ୍ୟାଙ୍କ ଖାତା ଆଧାରିତ କ୍ରେଡିଟ୍, ରେମିଟାନ୍ସ ସୁବିଧା, ବୀମା ଏବଂ ପେନ୍ସନ୍ ଆଦି ଆର୍ଥିକ ସେବାକୁ ସୁନିଶ୍ଚିତ କଲା । ଏହି ଯୋଜନା ଅନ୍ତର୍ଗତ ମୌଳିକ ବ୍ୟାଙ୍କିଙ୍ଗ୍ ଆକାଉଣ୍ଟ ଗୁଡିକ ଏକ ରୁପେ ଡେବିଟ୍ କାର୍ଡ ସହିତ ଏକ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଯୋଜନା ଏବଂ ଆଧାର ଲିଙ୍କ୍ ଆକାଉଣ୍ଟ ପାଇଁ ୫ ହଜାର ଟଙ୍କାର ଏକ ଓଭର ଡ୍ରାଫ୍ଟ ସୁବିଧା ସହ ଆସିଥାଏ । ଏସବୁ ଯୋଜନାରେ ଆଜି ପ୍ରାୟ ଶତ ପ୍ରତିଶତ ପରିବାର ପାଖରେ ବ୍ୟାଙ୍କ ଖାତା ଅଛି ।

କ୍ଷମତାକୁ ଆସିବାର ବର୍ଷକ ମଧ୍ୟରେ ଏନ୍ଡିଏ ସରକାର ୨୦୧୫ ମେ ମାସରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା କରି ଲୋକମାନଙ୍କୁ ଶସ୍ତାରେ ବୀମା ସୁରକ୍ଷା ଯୋଗାଇବାକୁ ଆରମ୍ଭ କଲେ । ଏହି ବୃହତ ସାମାଜିକ ସୁରକ୍ଷା ଯୋଜନା ବାର୍ଷିକ ମାତ୍ର ୩୩୦ ଟଙ୍କା କିସ୍ତି ବିନିମୟରେ ନାଗରିକ ମାନଙ୍କୁ ୨ ଲକ୍ଷ ଟଙ୍କାର ଜୀବନ ବୀମା ରାଶି ପ୍ରଦାନ କରିବାର ଯୋଜନା ପ୍ରଣୟନ ହୋଇଥିଲା । ଅତ୍ୟନ୍ତ ସଫଳ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ସହିତ ଆରମ୍ଭ ହୋଇଥିବା ଏହି ଯୋଜନା ଗରିବଙ୍କ ପାଇଁ ମୂଳ ମୂଲ୍ୟ ସହ ଆକସ୍ମିକ ଦୁର୍ଘଟଣାଜନିତ ବୀମା ସୁରକ୍ଷା ମଧ୍ୟ ଅଟେ । ଏହି ଯୋଜନାରେ ବାର୍ଷିକ ମାତ୍ର ୧୨ ଟଙ୍କା କିସ୍ତିରେ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ମୃତ୍ୟୁ ବୀମା ଏବଂ ଦୁର୍ଘଟଣାରେ ଆଂଶିକ ଭିନ୍ନକ୍ଷମ ହେଲେ ଏକ ଲକ୍ଷ ଟଙ୍କା ଯୋଗାଇ ଦିଆଯାଏ ।

ଦେଶର ଶିଶୁମାନଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ । ଏଥିପାଇଁ ମୋଦି ସରକାରଙ୍କ ଦ୍ୱାରା ୨୫ ଡିସେମ୍ବର ୨୦୧୪ରେ ମା' ଓ ନବଜାତ ଶିଶୁ ମାନଙ୍କ ପାଇଁ ଅତ୍ୟନ୍ତ ଉତ୍ସାହ ଟିକାକରଣ ଯୋଜନା 'ମିଶନ ଇନ୍ଦ୍ରଧନୁଷ' ଯାହା ସ୍ୱାସ୍ଥ୍ୟସେବାକୁ ବୃଦ୍ଧି କରିବା ପାଇଁ ୧୨ଟି ସର୍ବୋତ୍ତମ ବୈଶ୍ୱିକ ପ୍ରଥା ମଧ୍ୟରୁ ଗୋଟିଏ ଥିଲା, ତାହା ଆରମ୍ଭ ହେଲା । ଏହା ଦ୍ୱାରା ଶିଶୁମାନଙ୍କୁ ୧୨ଟି ରୋଗ ବିରୋଧରେ ସୁରକ୍ଷା ମିଳିଲା ।

୨୦୧୪ ମେ'ରେ ଏନଡିଏ ସରକାର ଦାୟିତ୍ୱ ନେବା ବେଳକୁ ଦେଶର ଅନେକ ଗ୍ରାମୀଣ ଅଂଚଳ ବିଦ୍ୟୁତ ସଂଯୋଗରୁ ବଂଚିତ ଥିଲା । 'ଦି ହିନ୍ଦୁ'ର ଏକ ଆଲେଖ ଅନୁଯାୟୀ ବିଦ୍ୟୁତ ଅଭାବରୁ ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତି (ଭାରତ) ବର୍ଷ ବର୍ଷ ଧରି

ରହିଆସିଛି । ଶିଳ୍ପ ସଂସ୍ଥାମାନଙ୍କୁ ବ୍ଲାକ ଆଉଟ ସହ ମୁକାବିଲା କରିବାକୁ ପଡ଼ିଛି ଏବଂ ଡାକ୍ତରଖାନାଗୁଡ଼ିକ ଡିଜେଲ ଚାଳିତ ଜେନେରେଟର ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି । 'ପ୍ରଧାନମନ୍ତ୍ରୀ ସହଜ ବିଜୁଳି ସବୁ ଘର ଯୋଜନା'ରେ ମୋଦି ସରକାର ସବୁ ଗାଁ ଏପରିକି କଠିନ ପଥ ଦେଇ ପହଞ୍ଚିଥିବା ଗାଁଗୁଡ଼ିକୁ ମଧ୍ୟ ଏହି ଯୋଜନାରେ ସାମିଲ କରି ସବୁଠି ବିଦ୍ୟୁତକରଣ ପାଇଁ ଉଦ୍ୟମ କଲେ ।

'ଉଜ୍ଜ୍ୱଳ' ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ଏଲ୍‌ଇଡି ବା ଉନ୍ନତ ଜ୍ୟୋତି ଯୋଜନାର ଲକ୍ଷ୍ୟ ଭାରତର ଶକ୍ତି ଆବଶ୍ୟକତାକୁ କମ୍ କରିବା ପରିବେଶକୁ ସଂରକ୍ଷଣ କରିବା ଏବଂ ଏଲ୍‌ଇଡି ବଲବ, ଟ୍ୟୁବ ଲାଇଟ ଏବଂ ସିଲିଂ ଫ୍ୟାନ୍ ଆଦି ତୁଳନାତ୍ମକ ଭାବେ କମ୍ ବିଜୁଳି ଖର୍ଚ୍ଚ କରୁଥିବା ଉପକରଣ ବ୍ୟବହାର କରି ଅଙ୍ଗାରକାମ୍ଳ ନିର୍ଗମନକୁ କମ୍ କରିବା ଲକ୍ଷ୍ୟ ଥିଲା ।

କାଠ ଘସି ଜାଳି ଖାଦ୍ୟ ପ୍ରସ୍ତୁତ କରୁଥିବା ଏବଂ ଏହାଦ୍ୱାରା ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମୀଣ ମହିଳାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଲକ୍ଷ୍ୟ ଥିଲା । ଏହି ଯୋଜନାରେ ଗ୍ରାମୀଣ ମହିଳାମାନେ ଏଲପିଜି ରନ୍ଧନ ଗ୍ୟାସ ସଂଯୋଗ କିପରି ପାଇବେ ଏବଂ ତାହା ସେମାନଙ୍କ ପାଇଁ ନିରାପଦ ଓ ସ୍ୱାସ୍ଥ୍ୟ ଅନୁକୂଳ ହେବ ଏକଥା ନିଶ୍ଚିତ କରାଯାଇଛି । ଏହି ବୃହତ୍ ଯୋଜନାକୁ ପାଣ୍ଠି ଯୋଗାଇବାକୁ ପ୍ରଧାନମନ୍ତ୍ରୀ ମୋଦି ଲାଲକିଲ୍ଲାର ମଞ୍ଚରୁ ଭାରତର ସ୍ୱଚ୍ଛଳ ନାଗରିକମାନଙ୍କୁ ନିଜ ନିଜର ଏଲପିଜି ସବ୍‌ସିଡି ଛାଡ଼ିବାକୁ ଆହ୍ୱାନ କଲେ ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ୧.୨୫ କୋଟି ଲୋକେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ସବ୍‌ସିଡିକୁ ପରିତ୍ୟାଗ କଲେ ।

ବ୍ୟବସାୟର ସହଜତା ପାଇଁ 'ମେକ ଇନ୍ ଇଣ୍ଡିଆ' ପୁଞ୍ଜିନିବେଶର ଦ୍ୱାର ଖୋଲି ଦେଇଛି । ଆମେ ସମସ୍ତେ ବିଭିନ୍ନ ପ୍ରକାର ଋଣ ଏବଂ କ୍ରେଡିଟ୍ ମାଧ୍ୟମରେ ଅର୍ଥନୈତିକ ସିଡ଼ି ଉପରକୁ ଯାଉଛୁ । ଏହି ଆର୍ଥିକ ଶକ୍ତି ଗରିବ ଲୋକଙ୍କ ପାଇଁ ଉପଲବ୍ଧ ନଥିଲା । ମୋଦି ସରକାର ନିଜ କାର୍ଯ୍ୟକାଳର ଆରମ୍ଭରେ ହିଁ ଏହି କଥାକୁ ଅନୁଭବ କଲେ ଏବଂ 'ମୁଦ୍ରା ଯୋଜନା'ର ପରିକଳ୍ପନା କଲେ । ଏହି ଯୋଜନାରେ ସାଧାରଣ ଲୋକଙ୍କୁ ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିଥାଏ । ଏହାଦ୍ୱାରା ସାଧାରଣ ଲୋକେ ବହୁଳ ଭାବେ ଉପକୃତ ହେଲେ । ପୂର୍ବରୁ ଆଲୋଚନା କରିଥିବା ବିମୁଦ୍ରୀକରଣ ଦ୍ୱାରା ଟିକସ ଆଦାୟ ପରିମାଣ ଯଥେଷ୍ଟ ବଢ଼ିଛି । ଆଉ ଏକ ପଦକ୍ଷେପ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ବ୍ୟବସ୍ଥା ଦ୍ୱାରା ସାରା ଦେଶରେ ଏକ ପ୍ରକାର ଓ ଜନ ଅନୁକୂଳ କର ବ୍ୟବସ୍ଥାର ପ୍ରଚଳନ ହେଇଛି ଓ ଏହା ବ୍ୟବସାୟର ଆନୁଷ୍ଠାନିକତା ଏବଂ ଉତ୍ତମ କର ସଂଗ୍ରହ ପାଇଁ ରାସ୍ତା ଫିଟାଇଛି । ଏହି ସଂସ୍କାର ସବୁ ଅନେକ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଲାଭ କରିଛି ।

ମୋଦି ସରକାରଙ୍କ ଧ୍ୟାନରେ କୃଷକମାନେ ସର୍ବଦା ଆଗରେ ରହିଛନ୍ତି । କୃଷକମାନଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ଅନେକ ପଦକ୍ଷେପ ସରକାର ନେଇଛନ୍ତି । 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା', ଭୂମି ସ୍ୱାସ୍ଥ୍ୟ କାର୍ଡ, ନିମ ପୁଟଦିଆ ୟୁରିଆ, ଦୁଗ୍ଧ ଉତ୍ପାଦନ ବଢ଼ାଇବାକୁ ବ୍ଲୁ ଆନ୍ଦୋଳନ, ସାର ଓ କୀଟନାଶକ ଇତ୍ୟାଦିର ସହଜ ଉପଲବ୍ଧତା ସହଜରେ ମିଳିବା ପରି ଋଣ ଏବଂ ଶୀତଳଭଣ୍ଡାର ପରି କ୍ଷେତ୍ରରେ ଅଧିକ ବିନିଯୋଗ କରି ମୋଦି ସରକାର କୃଷକମାନଙ୍କ

ଆୟ ବଢ଼ାଇବାକୁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଫେବୃଆରୀ ୨୦୧୯ରେ ଘୋଷଣା ହେଇଥିବା 'କିଷାନ ସମ୍ମାନ ନିଧି ଯୋଜନା' କୃଷକମାନଙ୍କ ପାଇଁ ନିଆଯାଇଥିବା ଅନ୍ୟ ଏକ ଐତିହାସିକ ପଦକ୍ଷେପ । ସରକାର ଏ କୃଷକ କଲ୍ୟାଣ ଯୋଜନା ପାଇଁ ବାର୍ଷିକ ୭୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ ଏବଂ ୧୨ କୋଟି ନାମମାତ୍ର ଚାଷୀ ବାର୍ଷିକ ୬ ହଜାର ଟଙ୍କା ପାଇବେ । ଆଧୁନିକ ଭାରତୀୟ କୃଷିର ଜନକ ଏମ୍.ଏସ୍. ସ୍ୱାମୀନାଥନ ଭାରତର ଚାଷୀଙ୍କ ଅବସ୍ଥା ସୁଧାରିବା ପାଇଁ ଏ ସମସ୍ତ କୌଶଳ ତଥା ରଣନୀତିକ ପଦକ୍ଷେପ ପାଇଁ ମୋଦି ସରକାରଙ୍କୁ ପ୍ରଶଂସା କରିଛନ୍ତି ।

ଏକ ସୁସ୍ଥ ଜନସଂଖ୍ୟା ହିଁ ଏକ ସୁସ୍ଥ ରାଷ୍ଟ୍ରର ନେତୃତ୍ୱ ନେଇପାରିବ ଏକଥା ହୃଦୟଙ୍ଗମ କରି ମୋଦି ସରକାର ୨୩ ସେପ୍ଟେମ୍ବର ୨୦୧୮ରେ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା 'ଆୟୁଷ୍ମାନ ଭାରତ' ଆରମ୍ଭ କଲେ । ଏହି ଯୋଜନାରେ ପାଖାପାଖି ୫୦ କୋଟି ଲୋକଙ୍କୁ ବିସ୍ତୃତ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରିଛି । ପୂର୍ବରୁ ବୀମା ସୁବିଧା ପାଉନଥିବା କର୍କଟ ଓ ହୃଦରୋଗ ଭଳି ଅଣସଂକ୍ରାମକ ରୋଗରେ ପୀଡ଼ିତ ୫୦୦ ନିୟୁତରୁ ଅଧିକ ଭାରତୀୟ ବର୍ତ୍ତମାନ ମାଗଣା ସ୍ୱାସ୍ଥ୍ୟସେବା ପାଇପାରିବେ । ଆୟୁଷ୍ମାନ ଭାରତ ଯୋଜନା ବ୍ୟତୀତ ଦେଶରେ ୫ ହଜାରରୁ ଅଧିକ ଜନଔଷଧି କେନ୍ଦ୍ର ମାଧ୍ୟମରେ ଲୋକମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ଜେନେରିକ ଔଷଧ ଉପଲବ୍ଧ କରାଇବା ଏବଂ ହୃଦ୍‌ରୋଗ ଚିକିତ୍ସା ପାଇଁ ଷ୍ଟେଣ୍ଟ ମୂଲ୍ୟ ହ୍ରାସ କରିବା ଓ ଆଣ୍ଠୁ ପ୍ରତିରୋପଣକୁ ସୁଲଭ ମୂଲ୍ୟରେ ଯୋଗାଇବା ଆଦି ବ୍ୟବସ୍ଥାକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି ।

ଯୋଜନା ଆୟୋଗର ବିଫଳତାକୁ ଆଖିରେ ରଖି ମୋଦି ସରକାର ତାକୁ ଭାଙ୍ଗି ସେହି ସ୍ଥାନରେ 'ନୀତି ଆୟୋଗ' (ନେସନାଲ ଇନଷ୍ଟିଚ୍ୟୁସନ ଅଫ୍ ଟ୍ରାନ୍ସଫରମିଙ୍ଗ୍ ଇଣ୍ଡିଆ) ଗଠନ କଲେ ଏବଂ ଏହା ସରକାରଙ୍କ ପାଇଁ 'ଥିଙ୍କ ଟ୍ୟାଙ୍କ' ରୂପେ କାମ କରୁଛି ସରକାରଙ୍କୁ ନୀତି ନିର୍ଦ୍ଧାରଣ କରିବାରେ ଏ ସଂସ୍ଥା ସାହାଯ୍ୟ କରେ, ଦେଶର ଆବଶ୍ୟକତାକୁ ଅନୁମାନ କରି ପ୍ରତିଫଳିତ କରେ ଓ ନାଗରିକଙ୍କ ସୁବିଧା ପାଇଁ ଠିକ୍ ଭାବରେ କାର୍ଯ୍ୟକାରୀ କରିଥାଏ । ଏହି ଯୋଜନା ସରକାରଙ୍କୁ ଦୀର୍ଘକାଳୀନ ସଂସ୍କାର ଆଣିବାରେ ସାହାଯ୍ୟ କରିଛି ।

ଏନ୍‌ଡିଏ ସରକାରର ପ୍ରମୁଖ ରୋଜଗାର ସୃଜନ ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, ଯୁବଶକ୍ତି ପାଇଁ ରୋଜଗାର ଯୋଗାଇବା ଉପରେ କେନ୍ଦ୍ରିତ ହେଇଛି । ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ଦ୍ୱାରା ଯୁବବର୍ଗ ଉପକୃତ ହେଇଛନ୍ତି ।

ଏତେ ସବୁ ଭଲ କାର୍ଯ୍ୟ ସତ୍ତ୍ୱେ ମୋଦିଙ୍କ ପ୍ରଥମ ପାଳିର ସରକାର ତଥାକଥିତ ଲ୍ୟୁଟେନ୍ସମାନଙ୍କଠୁ ବହୁ ବିରୋଧର ସମ୍ମୁଖୀନ ହେଇଛି । 'ମବ୍ ଲିଞ୍ଚିଂ', 'ଆୱାର୍ଡ ୱାପସି', 'ଅସହିଷ୍ଣୁତା' ଆଦି ବ୍ୟାଖ୍ୟାନ ଗଢ଼ି ଏ ତଥାକଥିତ ସମ୍ଭ୍ରାନ୍ତ ଗୋଷ୍ଠୀ ମୋଦି ସରକାର ଉପରେ ସବୁବେଳେ ଦୋଷ ଲଦିଲେ ଓ ସମାଲୋଚନା କଲେ । ବାସ୍ତବରେ ପୂର୍ବବର୍ତ୍ତୀ ସରକାରରେ ଏ ଗୋଷ୍ଠୀ ବଡ଼ ସକ୍ରିୟ ଥିଲେ ଓ ସରକାରକୁ ବହୁ ପରିମାଣରେ ନିୟନ୍ତ୍ରଣ ମଧ୍ୟ କରୁଥିଲେ । ମୋଦି ସରକାରରେ ଏ ସବୁ ସମ୍ଭବ ନ ହେବାରୁ ଏ ଗୋଷ୍ଠୀ କ୍ଷୁବ୍ଧ ହେଇ ନାନା ପ୍ରକାର କୁତ୍ସା ରଟନା କଲେ । ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି କହିଲେ, 'ମୁଁ ସମାଜର ଅଣ ଆଭିଜାତ୍ୟ ବର୍ଗରୁ ଆସିଛି ଏବଂ ଏଥିପାଇଁ ମୁଁ ଗର୍ବିତ । ମୁଁ ଦିଲ୍ଲୀର ଲ୍ୟୁଟେନ୍ସ ବିଭାଗ ଉପରେ ବିଜୟ ପାଇ ନାହିଁ, ମୋର ପୃଷ୍ଠଭୂମି ଭିନ୍ନ ଥିବାରୁ ମୁଁ ଏ ବିଭାଗର ଅଂଶ ହେବାକୁ ଚାହୁଁ ନାହିଁ ।'

ମୋଦି ସରକାରଙ୍କ ପ୍ରଥମ ପାଳି ଶେଷ ବେଳକୁ ଅର୍ଥାତ୍ ୧୪ ଫେବୃଆରୀ ୨୦୧୯ରେ ଜମ୍ମୁ ଓ କାଶ୍ମୀରର ପୁଲୱାମା ଜିଲ୍ଲା ଠାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ସୈନିକଙ୍କ ମୃତ୍ୟୁ ହେଲା । ଏହି ଘଟଣାର ୧୨ ଦିନ ପରେ ଭାରତୀୟ ବାୟୁସେନା ପାକିସ୍ତାନର ଖାଇବର ପଖତୁନଖୱା ପ୍ରଦେଶରେ ଅବସ୍ଥିତ ବାଲାକୋଟ୍‌ରେ ଥିବା ଜୈଶ-ଏ- ମହମ୍ମଦର ଆତଙ୍କବାଦୀ ଶିବିର ଉପରେ ଜୋରଦାର ଆକ୍ରମଣ କଲା । 'ବିଜନେସ୍ ଟୁଡ଼େ'ର ଏକ ଆଲେଖ ଅନୁଯାୟୀ ମଙ୍ଗଳବାର ଦିନ ଭୋର ୩ଟା ୪୦ ସମୟରେ ୧୨ଟି ମିରାଜ ବିମାନ ପାକିସ୍ତାନୀ ସୁରକ୍ଷା ବାହିନୀ ଏବଂ ଜୈଶ-ଏ-ମହମ୍ମଦ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରି ପ୍ରାୟ ଏକ ହଜାର କିଲୋଗ୍ରାମ ବୋମା ନିକ୍ଷେପ କରିଥିଲେ ଏବଂ ଏଥିରେ ପାଖାପାଖି ୩୫୦ ଆତଙ୍କବାଦୀ ନିହତ ହୋଇଥିଲେ । ଏହା ସର୍ଜିକାଲ ଷ୍ଟ୍ରାଇକ ୨.୦ ଥିଲା । ପୂର୍ବରୁ ଉରି ଠାରେ ଆକ୍ରମଣର ପ୍ରତ୍ୟୁତ୍ତରରେ ସର୍ଜିକାଲ ଷ୍ଟ୍ରାଇକ ୧.୦ ଥିଲା । ସର୍ଜିକାଲ ଷ୍ଟ୍ରାଇକ ୨.୦ ମୋଦିଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏକ ଅଣସାମରିକ ଅପରେସନ ଥିଲା ଏବଂ ସମଗ୍ର ଦେଶ ଦ୍ୱାରା ଏହି ଘଟଣାର ପ୍ରଶଂସା ହେଇଥିଲା । ଟୁଇଟରରେ 'ଭାରତ ଆକ୍ରମଣ କଲା, ଜୋଶ ଆଦି ବହୁତ ଉଚ୍ଚା, ମୋଦି ପାକିସ୍ତାନକୁ ଦଣ୍ଡ ଦେଲେ, ଛପନ ଇଂଚ ଛାତିର କମାଲ, ଆଦି ଟୁଇଟ ଘଂଟା ଘଂଟା ଧରି ଚାଲିଲା ।' ଯେତେବେଳେ ସାରା ଦେଶ ଭାରତୀୟ ବାୟୁସେନାକୁ ସେମାନଙ୍କ ବୀରତ୍ୱ ଓ ସାହସ ପାଇଁ ମନଖୋଲି ପ୍ରଶଂସା କରୁଥିଲେ, ସେତେବେଳେ ବିରୋଧୀ ଦଳମାନେ ଏ ଆକ୍ରମଣର ପ୍ରମାଣ ମାଗିଲେ । ସୁରକ୍ଷା ବାହିନୀର ଦକ୍ଷତା ଉପରେ ଏହିପରି ପ୍ରଶ୍ନ ନିଶ୍ଚିତ ଭାବରେ ଏକ ନୈରାଶ୍ୟଜନକ କାର୍ଯ୍ୟ ଥିଲା ।

ରାମମନ୍ଦିର ନିର୍ମାଣ ପ୍ରସଙ୍ଗ ମାମଲାଟି ଅଦାଲତରେ ବିଚାରାଧୀନ ଥିବାରୁ ମୋଦିଙ୍କ ପ୍ରଥମ ପାଳିର ସରକାର ଏ ବିଷୟରେ ଅଧିକା କିଛି କରି ପାରିଲା ନାହିଁ ।

୨୦୧୯ ଆରମ୍ଭରେ ଶତ୍ରୁ ସାଟେଲାଇଟକୁ ଧ୍ୱଂସ କରିବା କ୍ଷମତା ହାସଲ କରି ସାରା ବିଶ୍ୱରେ ଚତୁର୍ଥ ଦେଶ ଭାବେ ଭାରତ ଇତିହାସ ସୃଷ୍ଟି କଲା । ୨୭ ମାର୍ଚ୍ଚ ୨୦୧୯ରେ ଭାରତ ମିଶନ 'ଶକ୍ତି'କୁ ସଫଳତାର ସହ ଉତ୍କ୍ଷେପଣ କଲା । ଏଥିରେ ୨୦୦୦ କିଲୋମିଟର

ଉଚ୍ଚତାରେ ନିମ୍ନ ପୃଥିବୀ କକ୍ଷ ପକ୍ଷରେ ବିଚ୍ଛିନ୍ନ ଉପଗ୍ରହର ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟକୁ ନଷ୍ଟ କରିବାକୁ ଏକ ଆଣ୍ଟି ସାଟେଲାଇଟ୍ ଟେଷ୍ଟ କ୍ଷେପଣାସ୍ତ୍ର ପଠାଯାଇଥିଲା । ଏହାର ଅର୍ଥ ହେଉଛି, ଗୁପ୍ତଚରମାନଙ୍କଦ୍ୱାରା ଦେଶକୁ କ୍ଷତି ପହଞ୍ଚାଇବା ଶକ୍ତିମାନଙ୍କ ଠାରୁ ଭାରତ ନିଜକୁ ସୁରକ୍ଷିତ ରଖିପାରିବ । ଆଗରୁ ଆମେରିକା, ରଷିଆ ଓ ଚାଇନା ଏହି ତିନୋଟି ଦେଶ ନିକଟରେ ଏ ପ୍ରକାର କ୍ଷମତା ଥିଲା । ଏହି ମିଶନର ସଫଳତା ଦେଶର ବର୍ଦ୍ଧିତ ଜାତୀୟ ନିରାପତ୍ତାର ଆଉ ଏକ ଅତୁଳନୀୟ ଦିଗ ଯୋଡ଼ା ହେଲା ।

ଉପରୋକ୍ତ କଥାଗୁଡ଼ିକ ମଧ୍ୟରେ ୨୦୧୯ ମସିହା ନିର୍ବାଚନ ଆସିଲା ଓ ବିରୋଧୀ ଦଳଗୁଡ଼ିକର ନାନା ପ୍ରକାର ବ୍ୟାଖ୍ୟାନ ସତ୍ତ୍ୱେ ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ଦଳ ପୁଣି ଥରେ ବିପୁଳ ବିଜୟ ଲାଭ କଲା ।

୨୦୧୯ର ଦ୍ୱିତୀୟ ପାଳି ସରକାର ଆରମ୍ଭରୁ ମୋଦି ସରକାର କିଛି ଦୃଢ଼ ଓ ଅବିଶ୍ୱସନୀୟ ପଦକ୍ଷେପ ନେବା ଆରମ୍ଭ କଲେ । ପ୍ରଥମରୁ ମୁସଲିମ ସମ୍ପ୍ରଦାୟରେ ଚଳି ଆସୁଥିବା ଅନ୍ଧାରୀ ଆଇନ ତିନି ତଲାକ ଉଚ୍ଛେଦ ହେଲା ଏହା ଦ୍ୱାରା ମୁସଲିମ ମହିଳା ମାନଙ୍କୁ ଏକ ବଡ଼ ଧରଣର ଆଶ୍ୱସ୍ତି ମିଳିଲା ।

ଏହାପରେ ଆସିଲା ଧାରା ୩୭୦ ଉଚ୍ଛେଦ । ସ୍ୱାଧୀନତା ସମୟରୁ ଭୀଷଣ ମୁଣ୍ଡବିନ୍ଧା ପାଲଟିଥିବା ଏ ଧାରା ଦ୍ୱାରା ଜମ୍ମୁ ଓ କାଶ୍ମୀର ରାଜ୍ୟକୁ ବିଶେଷ ରାଜ୍ୟର ମାନ୍ୟତା ମିଳିଥିଲା । ସାରା ଭାରତର ସାମ୍ବିଧାନିକ ଆଇନ କାନୁନ ମଧ୍ୟ ଜମ୍ମୁକାଶ୍ମୀରରେ ଲାଗୁ ହେଉନଥିଲା । ସାରା ରାଜ୍ୟ ଆତଙ୍କବାଦୀର ଆକ୍ରମଣରେ ତ୍ରସ୍ତ ହେଇଥିଲା । ପାଠକେ ସ୍ମରଣ ରଖିଥିବେ ଯେ ୧୯୯୦ ମସିହାରେ କିପରି କାଶ୍ମୀର ହିନ୍ଦୁ ପଣ୍ଡିତମାନଙ୍କୁ ସେଠାରୁ ବେଘର କରି ତଡ଼ି ଦିଆଯାଇଥିଲା । ଆଜି ବି ଏ ପଣ୍ଡିତମାନେ ନିଜ ଦେଶରେ ଶରଣାର୍ଥୀ ପରି ରହିଛନ୍ତି । କାଶ୍ମୀରର ନିତିଦିନିଆ ଅସୁବିଧାକୁ ସୁଧାରିବା ପାଇଁ ଧାରା ୩୭୦ ଉଚ୍ଛେଦ କରିବା ନିତ୍ୟାନ୍ତ ଆବଶ୍ୟକ ଥିଲା । ଏଥିପାଇଁ ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ଗୃହମନ୍ତ୍ରୀ ଅମିତ ଶାହା ଏ ସଂକ୍ରାନ୍ତୀୟ ବିଲ୍ ରାଜ୍ୟସଭାରେ ଆଗତ କରି ପାସ୍ କରେଇ ନେଲେ । ଏହା ପରେ ଲୋକସଭାରେ ଏ ବିଲ୍ ପାସ ହେଇଗଲା । ଜମ୍ମୁକାଶ୍ମୀର ରାଜ୍ୟ ଭାଗ ହେଇ ଦୁଇଟି କେନ୍ଦ୍ରଶାସିତ ଅଂଚଳରେ ପରିବର୍ତ୍ତିତ ହେଲା । ଏ ନିର୍ଣ୍ଣୟ ପରେ ଆପାତତଃ ଜମ୍ମୁ କାଶ୍ମୀରରେ ଶାନ୍ତି ପରିଲକ୍ଷିତ ହେଇଛି ।

୨୦୧୯ର ଦ୍ୱିତୀୟ ପାଳି ମୋଦି ସରକାର ସୁରୁଖୁରୁରେ ଚାଲୁଥିବା ବେଳେ ଆସିଲା ଭୟଙ୍କର ବୈଶ୍ୱିକ ମହାମାରୀ କରୋନା । ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ପର୍ଯ୍ୟାପ୍ତ ନଥିବାରୁ ସରକାରଙ୍କୁ କଠୋର ନିଷ୍ପତ୍ତି ନେଇ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କଲେ । ଏହା ଦ୍ୱାରା କିଛି ପରିମାଣରେ ଲୋକେ ହଇରାଣ ହେଲେ ନିଶ୍ଚିତ, କିନ୍ତୁ ମହାମାରୀ

ଭୟାବହତାକୁ ନିୟନ୍ତ୍ରଣ କରିବାକୁ ଏଭଳି ପଦକ୍ଷେପ ନିହାତି ଆବଶ୍ୟକ ଥିଲା । ଏଭଳି ପଦକ୍ଷେପ ଦ୍ୱାରା ଦେଶ ବହୁ ପରିମାଣରେ ଆର୍ଥିକ କ୍ଷତି ମଧ୍ୟ ସହିଲା । କିନ୍ତୁ ମାନବ ଜୀବନ ସବୁଠାରୁ ବେଶି ମୂଲ୍ୟବାନ ହେଇଥିବାରୁ ଏମିତି କଠୋର ନିର୍ଣ୍ଣୟ ଦିଆଗଲା । ଏହି ସମୟ ଭିତରେ ପ୍ରାୟ ସବୁ ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣୟକୁ ମାନି ନେଇଥିଲେ । କରୋନାର ଭୟାବହତା ରୋକିବାକୁ ସବୁ ପ୍ରକାର ଉଦ୍ୟମ କରାଗଲା । ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପିପିଇ କିଟ୍, ମାସ୍କ ଓ ଅନ୍ୟାନ୍ୟ ଔଷଧ ସବୁ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦିଆଗଲା । ପ୍ରଧାନମନ୍ତ୍ରୀ ଏମାନଙ୍କ ଉତ୍ସାହ ବଢ଼େଇବାକୁ ବାରମ୍ବାର ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଉଦ୍‌ବୋଧନ ଦେଲେ । କେବଳ ଜରୁରୀ ସେବା ଦେଉଥିବା ଅନୁଷ୍ଠାନଗୁଡ଼ିକୁ ଛାଡ଼ିଦେଲେ ଆଉ ସବୁ ପ୍ରକାର ଅନୁଷ୍ଠାନ ଏପରିକି ପୂଜାସ୍ଥଳୀ ମଧ୍ୟ ବନ୍ଦ ରହିଲା । ବିବାହ ଓ ଅନ୍ୟ ସାମାଜିକ ଅନୁଷ୍ଠାନରେ ଲୋକଙ୍କ ଯୋଗଦାନକୁ ଖୁବ୍ ସୀମିତ କରିଦିଆଗଲା । ଏ କଠୋର ପଦକ୍ଷେପ ବଳରେ ବହୁ ଅମୂଲ୍ୟ ଜୀବନ ରକ୍ଷା କରିହେଲା । ଏ ସବୁ ସମସ୍ୟା ଭିତରେ ଅର୍ଥାତ୍ ୨୦୨୧ ଜାନୁଆରୀ ମାସରେ କରୋନା

ଭୂତାଣୁକୁ ପ୍ରତିହତ କରିବାକୁ ପ୍ରତିଷେଧକ ଟୀକାର ଆବିଷ୍କାର ହେଲା । ପ୍ରଥମେ ଆଗଧାଡ଼ିର କରୋନା ଯୋଦ୍ଧା ଓ ପରେ ପରେ ସମସ୍ତ ଜନସାଧାରଣଙ୍କ ପାଇଁ ଏ ଟୀକା ବିନା ମୂଲ୍ୟରେ ଉପଲବ୍ଧ ହେଲା । ଏଥି ସହିତ ଭ୍ୟାକ୍ସିନ ମୈତ୍ରୀ ଯୋଜନାରେ ପଡ଼ୋଶୀ ଦେଶମାନଙ୍କୁ ମଧ୍ୟ ଟୀକା ଯୋଗାଇ ମୋଦିଜୀ ତାଙ୍କ ବିଶ୍ୱ ଦୃଷ୍ଟିର ପରିଚୟ ଦେଲେ । ଲୋକେ କହିଲେ ମୋଦିଜୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଏହା ସମ୍ଭବ ହେଲା । ପରେ କରୋନାର ଦ୍ୱିତୀୟ ଲହର ଓ ତୃତୀୟ ଲହର ଆସିଲେ ମଧ୍ୟ ଉଚିତ୍ ଉପାୟରେ ଏସବୁର ମୁକାବିଲା କରାଯାଇପାରିଲା ।

କରୋନାର ଭୟାବହତା ମଧ୍ୟରେ ହିଁ ଆସିଲା ବହୁ ପ୍ରତିକ୍ଷୀତ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି । ଏହା ପରେ ଅନେକ ଦିନର ଦ୍ୱନ୍ଦ୍ୱର ଅବସାନ ହେଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୦୨୦ ମସିହା ଅଗଷ୍ଟ ୫ ତାରିଖରେ ଅଯୋଧ୍ୟାଠାରେ ଶ୍ରୀରାମ ମନ୍ଦିର ଶିଳାନ୍ୟାସ କଲେ । ସେଦିନ ସାରା ଦେଶରେ ହିନ୍ଦୁମାନେ ଭକ୍ତିରେ ଗଦ୍‌ଗଦ୍ ହେଇଥିଲେ । ଯୁଦ୍ଧକାଳୀନ ଭିତ୍ତିରେ ଏ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା ଓ ୨୦୨୪ ମସିହା ଜାନୁଆରୀ ୨୨ ତାରିଖରେ ଏଠାରେ ଶ୍ରୀରାମଙ୍କ ମୂର୍ତ୍ତି ପ୍ରତିଷ୍ଠା ହେଲା । ଏ ପ୍ରତିଷ୍ଠା ଅନୁଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀ ୧୧ ଦିନ ଧରି କେବଳ ପାଣି ପିଇ ରହିଥିଲେ । ଏମିତି ନିଷ୍ଠା ବହୁ ଲୋକଙ୍କୁ ହତବାକ୍ କରି ଦେଇଥିଲା । ଏବେ ବହୁଦିନରେ ଅଭିଳଷିତ ଲକ୍ଷ୍ୟ ପୂରଣ ହେଇ ଶ୍ରୀରାମଲାଲା ମନ୍ଦିରରେ ପୂଜା ପାଉଛନ୍ତି ।

ସଂସଦ ଭବନ ବହୁତ ପୁରୁଣା ହେଇଥିବାରୁ ଏବଂ ୨୦୨୬ରେ ହେବାକୁ ଥିବା ନିର୍ବାଚନ ମଣ୍ଡଳୀର ନୂତନ ସୀମା ନିର୍ଦ୍ଧାରଣକୁ ଆଖିରେ ରଖି ଆଉ ଏକ ବଡ଼ ସଂସଦ ଭବନରେ ଆବଶ୍ୟକତା ଥିଲା । ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆ ସଂସଦ ଭବନ ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହେଇ କାର୍ଯ୍ୟକ୍ଷମ ହେଇଛି । ସତ୍ୟ ଓ ନ୍ୟାୟର ପ୍ରତୀକ ଭାବେ ଏଠାରେ 'ସେଙ୍ଗୋଲ'କୁ ଅବସ୍ଥାପିତ କରାଯାଇଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଗୁଜୁରାଟର ନର୍ମଦା ନଦୀ କୂଳରେ ବିଶ୍ୱର ସର୍ବବୃହତ ଷ୍ଟାଚ୍ୟୁ - ଷ୍ଟାଚ୍ୟୁ ଅଫ୍ ଇଉନିଟି ଯାହାକି ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ଅଟେ । ଏ ପ୍ରତିମୂର୍ତ୍ତି ସ୍ଥାପନ ହେବା ପରେ ସେ ଅଞ୍ଚଳ ଏକ ବୃହତ୍ ପର୍ଯ୍ୟଟନସ୍ଥଳୀ ପାଲଟିଯାଇଛି ଏବଂ ଅନେକ ଲୋକଙ୍କୁ ରୋଜଗାର ଯୋଗାଇବା ସହ ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ ମଧ୍ୟ ଦେଉଛି । ଦୂରଦର୍ଶିତାର ଏଭଳି ଉଦାହରଣ କେବଳ ମୋଦିଜୀଙ୍କ ପରି ବ୍ୟକ୍ତିଙ୍କ ପାଖରେ ଦେଖିବାକୁ ମିଳେ ।

କରୋନା ପରେ ଦୋହଲି ଯାଇଥିବା ଅର୍ଥନୀତିକୁ ସୁଧାରିବାକୁ ମୋଦି ସରକାର ସବୁ ପ୍ରକାର ଉଦ୍ୟମ କଲେ । ଏ ଅଦମ୍ୟ ଚେଷ୍ଟା ବଳରେ ଭାରତ ଆଜି ବିଶ୍ୱର ପଂଚମ ବୃହତ୍ ଅର୍ଥନୀତି ଦେଶ ଭାବେ ପରିଚିତ ପାଇଛି । ଏତେ ଭୟାବହ ବିଶ୍ୱମାରୀର କୁପରିଣତି ପରେ ସେତିକି ଦୃଢ଼ ନିଶ୍ଚୟ ଓ ପ୍ରତିବଦ୍ଧତା ନଥିଲେ ଅର୍ଥନୀତି କେବେ ସୁଦୃଢ଼ ହେଇନଥାନ୍ତା । ମୋଦିଙ୍କ ପରି ଜଣେ ଦୂରଦର୍ଶୀ ନେତାଙ୍କ ନେତୃତ୍ୱରେ ହିଁ ଏମିତି ସମ୍ଭବ ହେଲା ।

କୌଣସି ଦେଶକୁ ଆଗେଇ ନେବାକୁ ହେଲେ ସେ ଦେଶର ନାରୀ ଶକ୍ତିକୁ ସଶକ୍ତ କରିବାକୁ ହୁଏ । ଯଦିଓ ବହୁ କ୍ଷେତ୍ରରେ ଅଧୁନା ନାରୀମାନେ ନିଜର ଉତ୍କର୍ଷ ପ୍ରତିପାଦିତ କରିଛନ୍ତି, କିନ୍ତୁ ସଂସଦୀୟ କ୍ଷେତ୍ରରେ ନାରୀମାନଙ୍କ ଉପସ୍ଥିତି ସେତେ ପରିଲକ୍ଷିତ ହୁଏ ନାହିଁ । ଏସବୁ ସମସ୍ୟାର ସମାଧାନ ପାଇଁ ମହିଳାମାନଙ୍କୁ ତେତିଶ ପ୍ରତିଶତ ସଂରକ୍ଷଣ ଦେବାକୁ ଅନେକ ଦିନରୁ ଦାବୀ ହେଉଥିଲା । ଅନେକ ଦିନ ଧରି ସଂସଦରେ ଏକଥା ଚର୍ଚ୍ଚା ହେଉଥିଲେ ହେଁ ଏ ବିଲ୍ ପାସ ହେଇପାରୁ ନ ଥିଲା । ମୋଦିଜୀଙ୍କ ଦ୍ୱିତୀୟ ପାଳିରେ ଏ ସଂକ୍ରାନ୍ତୀୟ ବିଲ୍ ପାସ ହେଇପାରିଲା । ଏହି ବିଲ୍‌ରେ ନାମ ହେଲା ' ନାରୀ ଶକ୍ତି ବନ୍ଦନ ଅଧିନିୟମ' ୨୦୨୯ ଲୋକସଭା ନିର୍ବାଚନରେ ଏ ନିୟମ କାର୍ଯ୍ୟକାରୀ ହେବ ।

ନାରୀମାନଙ୍କ ଉନ୍ନତି ସକାଶେ ମୋଦି ସରକାର ବହୁତ ପଦକ୍ଷେପ ନେଇଛନ୍ତି । ପ୍ରଥମପାଳି ସରକାର ବେଳୁ ସେ 'ବେଟି ବଚାଓ ଓ ବେଟି ପଢ଼ାଓ'ର ନାରା ଦେଇଥିଲେ । ଝିଅମାନଙ୍କୁ ସକ୍ଷମ କରାଇବାକୁ ସବୁପ୍ରକାର ଉଦ୍ୟମ କରିଛନ୍ତି ମୋଦି ସରକାର । ସ୍ତ୍ରୀ ଲୋକଟି ଘରର ମେରୁଦଣ୍ଡ କହିଲେ ଅତିଶୟୋକ୍ତି ହେବ ନାହିଁ । ତେଣୁ ମହିଳାମାନଙ୍କୁ ସଶକ୍ତ କରିବା ଯେକୌଣସି ଉତ୍ତମ ରାଷ୍ଟ୍ରର ଉପଯୁକ୍ତ ପଦକ୍ଷେପ ହେବା ଉଚିତ୍, ଯାହାକୁ ମୋଦି ସରକାର ଖୁବ୍ ଭଲ ଭାବେ ବୁଝିଛନ୍ତି ଓ କାର୍ଯ୍ୟରେ ପରିଣତ କରିଛନ୍ତି ।

ସାଧାରଣ କୃଷକମାନଙ୍କ ପାଇଁ ବହୁତ ଭଲ ନିୟମ ପ୍ରବର୍ତ୍ତନ କରିଥିଲେ ମୋଦି ସରକାର । କିନ୍ତୁ ସାଧାରଣ କୃଷକ ଓ ବ୍ୟବସାୟୀମାନଙ୍କ ମଧ୍ୟରେ ମଧ୍ୟସ୍ଥି ସାଜୁଥିବା କିଛି ଧନୀ କୃଷକ ବା ଅଡ଼ତିଆମାନଙ୍କ ପାଇଁ ଦୀର୍ଘଦିନ ଧରି କୃଷକ ଆନ୍ଦୋଳନ ଚାଲିଲା । ସେମାନେ ରାସ୍ତା ଅବରୋଧ କରି ବସି ରହିଲେ ଓ ନାନା ପ୍ରକାର ବିଶୃଙ୍ଖଳା କଲେ । ବହୁତ ଅବସୋସ ସହ ସରକାର ଏ ନିୟମ ସବୁ ପ୍ରତ୍ୟାହାର କଲେ । ପ୍ରଧାନମନ୍ତ୍ରୀ ମୋଦି ନିଜେ କହିଲେ ଯେ ଏ ସାଧୁ ଉଦ୍ୟମକୁ ସେ ସାଧାରଣ କୃଷକମାନଙ୍କୁ ଏ ନିୟମ ବାବଦରେ ସଠିକ୍ ଭାବେ ବୁଝାଇବାରେ ଅକ୍ଷମ ହେଲେ । ଯେଉଁ ଆଇନ ପ୍ରବର୍ତ୍ତନ ହେଇଥିଲେ ସାଧାରଣ କୃଷକମାନେ ଲାଭବାନ ହେଇଥାଆନ୍ତେ ତାହା କିଛି ଅପରିଣାମଦର୍ଶୀ, ଅହଙ୍କାରୀ ଦଲାଲମାନଙ୍କ ପାଇଁ ସମ୍ଭବ ହେଇପାରିଲା ନାହିଁ । ଆଇନ ପ୍ରତ୍ୟାହୃତ ହେଲା ପରେ କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ କହିଲେ ଯେ ପଂଚାଅଶୀ ପ୍ରତିଶତ କୃଷକ ଆଇନ ସପକ୍ଷରେ ଅଦାଲତକୁ ଚିଠି ଲେଖିଥିଲେ ।

ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ଧାରା ୩୭୦ ଉଚ୍ଛେଦ । ସିଏଏ, ଏନ୍‌ଆରସି ପରି ଆଇନ ଲାଗୁ ହେଇପାରିଥିଲା । ବହୁତ ଦୃଢ଼ତାର ସହ ଦୃଢ଼ ଅର୍ଥନୀତି କରୋନାର ଉତ୍ତମ ପରିଚଳନା, ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଦି ଆଇନ ପ୍ରବର୍ତ୍ତନ କରି ପାରିଥିଲେ । ସବୁ ପ୍ରକାର ପ୍ରତିରୋଧକୁ ସାମ୍ନା କରି ମୋଦି ନିଜକୁ ଜଣେ ଦୂରଦର୍ଶୀ, ଦୃଢ଼ ନେତା ଭାବେ ପ୍ରମାଣିତ କରିପାରିଲେ ।

ଏହି ସମୟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ୨୦୪୭ ମସିହା ଯାଏ ସମୟକୁ ଅମୃତକାଳ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କଲେ । ଏ ଅମୃତକାଳ ମଧ୍ୟରେ ଦେଶକୁ ସବୁ ଦିଗରୁ ଉନ୍ନତ କରି ଗଢ଼ିବାର ପ୍ରତିଜ୍ଞା ମଧ୍ୟ ଦେଶବାସୀ ନିଅନ୍ତୁ ବୋଲି ମୋଦିଜୀ ଆଗ୍ରହ କଲେ । ଅଧିକାଂଶ ଦେଶବାସୀ ମୋଦି ସରକାରଙ୍କ ଉପରେ ସନ୍ତୁଷ୍ଟ ଥିଲା ବୋଲି ଲୋକଙ୍କ ଆଚରଣରୁ ଜଣାପଡ଼େ ।

ଏଠି କହି ରଖେ ନିଜର ପୂର୍ବସୁରୀମାନଙ୍କ ଭଳି ମୋଦି କେବଳ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ଭାଷଣ ଦେଇ ନିଜ କାମ ସାରି ଦେଉ ନ ଥିଲେ । ପ୍ରତି ମାସର ଶେଷ ରବିବାର ରେଡିଓରେ 'ମନ କୀ ବାତ୍' ଜରିଆରେ ସେ ପ୍ରତ୍ୟେକ ଦେଶବାସୀଙ୍କ ହୃଦୟ ଛୁଇଁବାରେ ସକ୍ଷମ ହେଇଛନ୍ତି ଏବଂ ଏହି କଥା ଆଜି ଯାଏ ଜାରି ରହିଛି ।

ପ୍ରଥମରୁ କହି ରଖିଛି ଅତି ସାଧାରଣ ପରିବାରରୁ ଆସିଥିବା ଆମ ପ୍ରିୟ ପ୍ରଧାନମନ୍ତ୍ରୀ ମୋଦିଜୀ ଜଣେ ଏପରି ବ୍ୟକ୍ତିତ୍ୱ ଯାହାଙ୍କ ପାଦ ଭୂମିରେ ତ ଚେତନା ଆକାଶରେ ନିବିଷ୍ଟ ଥାଏ । ଏ ଜଣେ ଏପରି ନେତା ଯିଏ ନିଜକୁ ବୈଶ୍ୱିକ ସ୍ତରରେ ପ୍ରତିପାଦିତ କରିଛନ୍ତି । ଜାତିସଂଘରେ ଯେତେବେଳେ ମୋଦିଜୀ ଜୁନ୍ ୨୧ ତାରିଖକୁ 'ବିଶ୍ୱ ଯୋଗ ଦିବସ' ରୂପେ ପାଳନ କରିବାକୁ, ସେତେବେଳେ ଶତାଧିକ ରାଷ୍ଟ୍ର ଏଥିପାଇଁ ସହର୍ଷ ସମ୍ମତି ଦେଲେ । 'ନମାମି ଗଙ୍ଗେ' ଯୋଜନାରେ ଗଙ୍ଗା ନଦୀର ଆବର୍ଜନା ସଫା କରିବା କାର୍ଯ୍ୟକୁ ବଡ଼ ସୁଚାରୁ ରୂପେ କରାଯାଇଛି ମୋଦିଙ୍କ ନେତୃତ୍ୱରେ ।

ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିବା ଆମ ପ୍ରଧାନମନ୍ତ୍ରୀ ନିଜ ହାତରେ ସଫେଇ କର୍ମଚାରୀମାନଙ୍କ ଗୋଡ଼ ଧୋଇ ଦେଇଛନ୍ତି । ଶ୍ରୀରାମ ମନ୍ଦିର ହେଉ ବା ଯେକୌଣସି ନିର୍ମାଣ, ସେଠାରେ ନିର୍ମାଣ ଶ୍ରମିକ ଓ କାରିଗରମାନଙ୍କୁ ଯଥେଷ୍ଟ ସମ୍ମାନ ଦେଇଛନ୍ତି । ବାରଣାସୀର କାଶୀ ବିଶ୍ୱନାଥ ମନ୍ଦିର ଓ ଉଜ୍ଜୟିନୀର ମହାକାଳେଶ୍ୱର ମନ୍ଦିର କରିଡ଼ର ନିର୍ମାଣ କରି ଲୋକଙ୍କ ପ୍ରଶଂସା ପାଇଛନ୍ତି । ଅଟଳ ଟନେଲ, ଅଟଳ ସେତୁ ପରି ବୃହତ ଯୋଜନାକୁ ରୂପାୟନ କରିଛନ୍ତି । ଭ୍ରଷ୍ଟାଚାର ବିରୋଧରେ ଶୂନ ସହନଶକ୍ତି ଦେଖାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେଶରେ ୧୦ କୋଟି ଲୋକଙ୍କୁ ଘର ଯୋଗାଇଛନ୍ତି । ଏ ସବୁ ଯୋଗାଣରେ ସେ କୌଣସି ଭେଦଭାବ ଦେଖିନାହାନ୍ତି । କେବଳ ଭାରତବାସୀ ଓ ଯାହାର ଆବଶ୍ୟକତା ଅଛି ତାହା ଦେଖି ଏ ସବୁ

ଦିଆଯାଇଛି । ବହୁତ ମିଥ୍ୟାରୋପ କରାଯାଇଛି ମୋଦି ସରକାର ଉପରେ ଯେ ସରକାର ହିନ୍ଦୁ ମୁସଲମାନ ମଧ୍ୟରେ ଭେଦଭାବ କରୁଛନ୍ତି । ପ୍ରକୃତରେ କିନ୍ତୁ ସରକାର ସମସ୍ତଙ୍କୁ ଭାରତବାସୀ ରୂପେ ଦେଖିଛନ୍ତି । ଦେଶକୁ ସାମାଜିକ, ଅର୍ଥନୈତିକ, ବୌଦ୍ଧିକ ଓ ଆଧାତ୍ମିକ କ୍ଷେତ୍ରରେ ଆଗେଇ ନେବାକୁ ସରକାର ସବୁ ପ୍ରକାର ଉଦ୍ୟମ କରିଛନ୍ତି ଓ ଦେଶ ତାଙ୍କ ନେତୃତ୍ୱରେ ସବୁ କ୍ଷେତ୍ରରେ ଆଗେଇଛି ।

୧୯୫୦ ମସିହା ସେପ୍ଟେମ୍ବର ୧୭ ତାରିଖରେ ଗୁଜୁରାଟର ବଡ଼ନଗରରେ ଏକ ଅତି ସାଧାରଣ ପରିବାରରେ ଜନ୍ମ ନେଇଥିବା ନରେନ୍ଦ୍ର ମୋଦି ଯେ ଦିନେ ବିଶ୍ୱର ସର୍ବବୃହତ ଲୋକତନ୍ତ୍ରର ସର୍ବମାନ୍ୟ ନେତା ହେବେ ଓ ବିଶ୍ୱସ୍ତରରେ ନିଜକୁ ପ୍ରମାଣିତ କରିବେ ଏକଥା କିଏ ବା ଚିନ୍ତା କରିଥିଲା । ପିଲା ବେଳୁ ନରେନ୍ଦ୍ର ଅନ୍ୟମାନଙ୍କ ପାଇଁ କିଛି କରିବାର ଇଚ୍ଛା ରଖୁଥିଲେ । ନିଜ ପାଖରେ ଯେତିକି ସମ୍ବଳ ଉପଲବ୍ଧ ଥାଏ, ସେଥିରୁ ସେ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ । ବିଦ୍ୟାଳୟରେ ଥିଲା ବେଳେ ଡ୍ରାମାରେ ଅଭିନୟ କରିଥିବା ନରେନ୍ଦ୍ର ଜଣେ ଲେଖକ ମଧ୍ୟ ଅଟନ୍ତି । ଗପ, କବିତା ଓ ନାଟକ ସବୁପ୍ରକାର ଲେଖା ସେ ଲେଖିଛନ୍ତି । ୧୯୭୫ ମସିହାରେ ଦେଶରେ ଯେତେବେଳେ ଜୁରରୀ ପରିସ୍ଥିତି ଥିଲା, ସେ ସମୟରେ ବେଶ ବଦଳେଇ ସେ ଜେଲରେ ବନିଥିବା ନେତାମାନଙ୍କର ସହାୟତା କରୁଥିଲେ । ବିଜେପି ଦଳରେ ଯୋଗ ଦେବା ପରେ ଦଳ ମାଧ୍ୟମରେ କିପରି ସମସ୍ତଙ୍କ ମଙ୍ଗଳ ହେଇପାରିବ ସେ କଥା ଦେଖୁଥିଲେ । ତିନିଥର ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀ ରହିବା ପରେ ଲୋକପ୍ରିତାର ଶୀର୍ଷରେ ଅଛନ୍ତି ଶ୍ରୀ ନରେନ୍ଦ୍ର ମୋଦି । ନିକଟରେ ସରିଥିବା ୨୦୨୪ ସାଧାରଣ ନିର୍ବାଚନରେ ଭାରତବାସୀ ପୁଣି ଥରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏକୁ ବହୁମତ ଦେଇ ପ୍ରଧାନମନ୍ତ୍ରୀ ଚୟନ କରିଛନ୍ତି ।

ଏପରି ଜଣେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ପାଇଁ ଆମେ ସତରେ ଗର୍ବିତ । ଏହି ଅବସରରେ ଏତିକି ପ୍ରାର୍ଥନା ଯେ ଈଶ୍ୱର ତାଙ୍କୁ ଦୀର୍ଘାୟୁ କରନ୍ତୁ । ମୋଦିଜୀଙ୍କ ଜନ୍ମଦିବସ ଅବସରରେ ତାଙ୍କ ପାଇଁ ଲିଖିତ ଏକ କବିତା ପାଠକଙ୍କ ପାଇଁ ନିମ୍ନରେ ଦିଆଗଲା-

ଦିନକୁ ଅତି କମ୍‌ରେ ଦୁଇ କିଲୋ ଗାଳି
ହଜମ କରୁଥିବା ଲୋକଟି
କେମିତି ଜନ୍ମଦିନ ପାଳେ
ଅଘୋରୀ ପରି ନା
ରାମକୃଷ୍ଣ ପରମହଂସଙ୍କ ପରି
ଚିନ୍ତା ଚେତନାରେ ନୁହେଁ
ନିଜ ରକ୍ତ ଓ ଅସ୍ଥି ମଜ୍ଜାରେ
ଦେଶକୁ ଧାରଣ କରିଥିବା
ନାୟକ ଜଣକ
କାହାଣୀରେ ନା କବିତା ଥାଏ
ନା ରୁହେ ସଭିଙ୍କ ହୃଦୟରେ

ସେ କେମିତି ନେଇଆସେ ମଲମ
ଗୋଟେ ପୁରୁଣା କ୍ଷତ ପାଇଁ
ହଟିଯାଏ ତିନିଶହ ସତୁରୀ
ସମାଧି ନିଏ ତିନି ତଲାକ
ବୁଝିବା ଅସମ୍ଭବ
ଏତେ ଦିନ ଯାଏ
ଏ ସବୁ ବ୍ୟଥା ଜୀବନ୍ତ ଥିଲା କିପରି !
ବିଶ୍ୱମାରୀର ମୁକାବିଲା
ପୁଣି ଭାରତ ପରି ଦେଶରେ
ବିଦେଶରେ ଚର୍ଚ୍ଚା ଜୋର୍ ଧରେ
ଭାରତୀୟମାନେ ନିଜ ସୀମିତ
ସଂସାଧନରେ ଏ ବିପଦ ସହ
ମୁହାଁମୁହିଁ ହେବା କିପରି

କୁହାମୁଣ୍ଡା କପିଳାର ବଦ୍‌ନାମ୍
ପୀୟୁଷ ଆରାମରେ ଢୋକି
ଦେଶୀ ବିଜ୍ଞାନୀଙ୍କ ସହଯୋଗରେ
ଆଣି ଦିଏ ମହାମାରୀ ଭାକ୍ସିନ
ଲେଖିଦିଏ ତା' ଉପରେ
ସର୍ବେ ସନ୍ତୁ ନିରାମୟ
ମନେ ପଡ଼େ କେବେ କେଉଁଠି
ଶୁଣିଥିଲି ବିଶ୍ୱ ଦେଖ ମଧୁମୟ
ରାଇରଙ୍ଗପୁରରୁ ଯାତ୍ରା ଆରମ୍ଭି
ପହଂଚେ ରାଇସିନା ହିଲ୍‌ରେ
ସମ୍ବିଧାନର ଧାଡ଼ି ସତ୍ୟ ହେବା ଦେଖି
କେତେ ଖୁସି ହେଉଥିବେ
ପ୍ରଣେତା ଆମ୍ବେଦକର
ଏ ଯାତ୍ରାର ନେପଥ୍ୟରେ
ଅଛି ଯେଉଁ ନାୟକ
ସମସ୍ତେ ଜାଣନ୍ତି ତାଙ୍କୁ
ଆଉ ଅଧିକ କହିବା ନିହାତି ଅନାବଶ୍ୟକ.

ଛୋଟରୁ ଛୋଟ କଥାରେ
ନିଜକୁ ଯୋଡ଼େ
ଖାଇବା ପିଇବାରେ
ଆବଶ୍ୟକତାଠୁ ଅଧିକ
ସରଳ ମଣିଷ ଜଣକ
ସମାଜର ସର୍ବଶ୍ରେଷ୍ଠ ସହ
ସର୍ବଶେଷ ମଣିଷର ଖବର ରଖେ

ହୋଲି ଦୀପାବଳୀ ଦେଶର ଜାଗ୍ରତ ପ୍ରହରୀଙ୍କ
ସହ ପାଳୁଥିବା ଏ ମାନବବାଦୀ ରାଜନେତା
ବିଦେଶରେ ପ୍ରଶଂସିତ ହୁଏ
କିନ୍ତୁ ଦେଶରେ ନିନ୍ଦିତ ହୁଏ
ସେ କିନ୍ତୁ ଏ ନିନ୍ଦା ହଜମ କରି
ନୂତନ ସୂର୍ଯ୍ୟୋଦୟର
ଅପେକ୍ଷାରେ ଥାଏ ।

ମାର୍ଫତ - ଡା. କର୍ଣ୍ଣ ନାୟକ, କେନ୍ଦ୍ରାପଡ଼ା
ମୋ.: ୯୪୩୭୩ ୧୫୨୩୦

କଥା ସରିନାହିଁ

ହରପ୍ରସାଦ ଦାସ

ଆମେ ପରସ୍ପର କଥା ଭାବିବା ଭିତରେ
ମରିଯାନ୍ତି ପୃଥିବୀରେ
ତିନିଶହ ସତୁରୀ ପ୍ରଜାତିର ବନସ୍ପତି
ଆଠଶ' ଜନଜାତିର ଅନ୍ତିମ ମଣିଷ
ବୟାଶି ଭାଷା, ବାରଶ' ଉପଭାଷା,
କେଜାଣି କେତେ ବୋଲି, କେତେ ବାଣୀ,
କେତେ ଚନ୍ଦ୍ରକାଣୀ ରାଣୀଙ୍କ ଉପମା ଚୋରେଇ
ହେଇଯାନ୍ତି ମହାରାଣୀ,
କେତେ ଫକ୍କଡ଼ରାମ ଗିରିଧାରୀ
ଲୁଚେଇ ଲୁଚେଇ ଖାଲି କରିଦିଅନ୍ତି ସିନ୍ଧୁକ,
ବନ୍ଧାପକେଇ ଦିଅନ୍ତି ଏବେ ବି ଚନ୍ଦନ ଲିଭିନଥିବା
ଉଜୁଡ଼ା ବଂଶର ଶେଷ ବନ୍ଦାପନା ଥାଳିପଟକ
ମରିଯାନ୍ତି ସ୍ୱପ୍ନ ଦେଖୁ ଦେଖୁ କେତେନା କେତେ ରାତି
କେତେନା କେତେ ଅସ୍ତଶିଖରରୁ ଲୋପପାଇଯାନ୍ତି ରକ୍ତ ଓ ଖଣିଜ,
ଆମେ ପରସ୍ପର କଥା ଭାବିବା ଭିତରେ
ଲେଖାହେଇଯାଏ ପୃଥିବୀର ଶ୍ରେଷ୍ଠ ରଚନା,
ଗଣତନ୍ତ୍ରକୁ ଖୋଜି ବାହାରିଥିବା
ବନ୍ଦେ ଭାରତ ଏକ୍ସପ୍ରେସ ବୁଲିଆସେ ଭାରତ
ଓ ସବାଶେଷ ଲୋକକୁ ଓହ୍ଲେଇଦେଇ ମରୁତୀର୍ଥ ଜଙ୍କ୍ସନରେ
ଧୂଆପୋଛା ପାଇଁ ଯାଏ ଯମୁନା !
ଘାସ କଅଁଳେ କାଚବାକ୍ସରେ ବନ୍ଦ ମ୍ୟୁଜିଅମ୍‌ର ଚନ୍ଦ୍ରଶିଳାରେ,
ଚିରୁଡ଼ାଏ ଗାଜାରେ କାହାର,
ଈଶ୍ୱରଙ୍କର ନା ମଣିଷର ପଚାରେ ପ୍ରାର୍ଥନା,
ଈଶ୍ୱର କାହାର, ପଚାରେ
ପ୍ଲାଷ୍ଟିକ ଖୋଳରେ ଫଳି ପାରୁଥିବା ଫଳ ଅଦୃଷ୍ଟର !

କବିତା ଛଡ଼ା ଆଉ କିଛି ହୁଏନି ମୋ' ହାତରେ
କହେ ପାଣି
ମୁଁ କେବଳ ଧରିପାରେ ଝରିପଡ଼ିଥିବା ଗଙ୍ଗଶିଉଳି
ରଚି ପାରେନି ଅଞ୍ଜଳି, କହେ ଧୂଳି !

ସରି ନଥାଏ କଥା ଆମର
ଚାଲିଥାଏ ଛୋଟ ଛୋଟ ଦୁଃଖର ମାଳଗୁନ୍ଥା,
ଚାଲିଥାଏ ତିଆରି ତାରାର ଝାଲର
ଦୁର୍ଭାଗ୍ୟ, ଦୁର୍ବିପାକ ଓ ଦୁଃଖକୁ ନେଇ,
କଥା ସରିନଥାଏ ଆମର
ଲେଖାହେଇଯାଏ ଇତିହାସ ପୃଥିବୀର
ଘୃଣାର, ଅବିଶ୍ୱାସର, ସନ୍ଦେହର, ଶଙ୍କାର, ହିଂସାର

ରହିଯାଏ ପୃଥିବୀ ବାହାରେ
ଭଲପାଇବାର କାହାଣୀ ମଣିଷର !

ବାଗର୍ଥ,ଏନ୍୨/୨୬
ଆଇ.ଆର୍.ସି.ଭିଲେଜ୍,ଭୁବନେଶ୍ୱର-୧୫
ମୋ.: ୯୪୩୭୦ ୩୯୮୫୮

ଭୂମିସ୍ପର୍ଶ

ମମତା ଦାଶ

ସମ୍ଭରଣ କଲି ମୋର ଦୀର୍ଘ ଦିନର
ଉର୍ଦ୍ଧ୍ୱ ଉଡ଼ାଣ ।
ପୋଛିହୋଇଗଲା ମୋର ଗତିପଥ
ତା'ର ଭୂଗୋଳ ଇତିହାସ
ପ୍ରତ୍ୟାହୃତ କରିଦେଲି
ବହୁରଙ୍ଗୀ ଡେଣା ଦୁଇଟିକୁ ।

ମାଟିର ଉପାଦାନ ନେଇ ତ
କିଛି ବି ଗଢ଼ି ପାରିଲି ନାହିଁ
ଶୂନ୍ୟ ନୀଳିମାରେ ।
ଏବେ ଏଇ ମାଟିରେ ଓହ୍ଲାଇଲି ସିଧାସଳଖ ।

ଏ ଘରର ଭିତରେ ବାହାରେ ନିର୍ଜ୍ଜନତା ।
କାନ୍ଥ ଘଣ୍ଟାରେ ଅଟକି ରହିଛି ନିଃଶ୍ଚଳତା
ନିଃଶବ୍ଦତା ପହଁରୁଛି ହର୍ମୋନିଅମର ରିଡ୍ ଉପରେ ।
ମୋର ଥର୍ଥର ଓଠ ଉପରେ ଜବରଦସ୍ତ ନୀରବତା ।
ଏଠି ମାଟି ଆର୍ଦ୍ର, ଥଣ୍ଡା,
ମୋର ଇଚ୍ଛା ହେଉଚି
କ୍ଷମା ମାଗିବାକୁ, ମାଟିକୁ ।

କେହି ଭୂମିକୁ ସାଙ୍ଗରେ ନ ନେଇ
ଯାଇପାରେନା କୌଣସି ଶିଖରକୁ
କି କୌଣସି ନଭ ବିନ୍ଦୁରେ ଗଢ଼ି ପାରେନା
ତା'ର ନିବାସ ।
କେହି ଇଥରରେ ଲେଖି ପାରେନା
ଜୀବନ୍ତ ପ୍ରେମ କାହାଣୀ । କାହାକୁ
ଦଗ୍ଧ କରି ହୁଏନା ପବନରେ ।

କେତେ ମାୟା ଭଉଁରୀରେ ବୁଡ଼ି ଉଠି ମୁଁ
କେତେ ଇନ୍ଦ୍ରଜାଲରେ ଘାଉଁରୀ ଖାଇ ପୁଣି ମୁକୁଳି
ମୁଁ ଆଜି କ୍ଲାନ୍ତ ।

ଅତି ଆଦରରେ
ଭୂମିକୁ ସ୍ପର୍ଶ କରିବା ଆଗରୁ
ମୋ ଆଞ୍ଜୁଳାର ଆଙ୍ଗୁଠି ଫାଙ୍କଦେଇ
ନିଗିଡ଼ି ଯାଉଛି ଯେ ଶୀତଳ ପ୍ରେମବିନ୍ଦୁ
ତାହା କ'ଣ ମୋର ଆଲୋକିତ ବେଦନାଲବ୍ଧ ?
ତାହା କ'ଣ ମୋ' ନିଖିଳ ଉପଲବ୍ଧିର ରୂପକଳ୍ପ ?

୨୧୭, କେଦାରଗୌରୀ ରୋଡ଼
ଭୁବନେଶ୍ୱର-୭୫୩୦୦୨
ମୋ.: ୯୪୩୮୧ ୦୬୩୧୭

ଯିବ ଯଦି ଯାଅ

ଚକ୍ରପାଣି ପରିଚ୍ଛା

ଯିବ ଯଦି, ଯାଅ
ନେଇଯାଅ
ଯେତେସବୁ ଅଲୋଡ଼ା ଅନୁରାଗ

ତମେ ତ ଯାଯାବର
ନା ଠିକଣା
ନା ପରିଚୟ

ସହାବସ୍ଥାନ ବି ଗୋଟେ ବାହାନା
ବାହାନା ବି
ଛକିଶୂନ ଖେଳର ଆସର

ତମ ଛକିଚିହ୍ନରେ ଝୁଲୁଥାଏ
ମୁର୍ମୁଷୁ ପତଙ୍ଗ
ଆକାଶକୁ ମୁହିଁ କରି

କୃତଜ୍ଞ
ରକ୍ତାକ୍ତ ପରେ ବି,
ଯେହେତୁ ତମେ ଈଶ୍ୱର

ଯିବ ଯଦି, ଯାଅ
ଭାସୁଥାଅ
କାଗଜ ଡଙ୍ଗାଟେ ପରି
ଶୂନ୍ୟରେ

ପଚାରି ବୁଝ
ଆଉ କେତେଦୂର ଆକାଶର
ଶେଷତମ ବିନ୍ଦୁ

ନେଇଯାଅ
ମୁଠାଏ ଅବସୋସ
କାମରେ ଆସିପାରେ
ବାଟ ଚାଲୁ ଚାଲୁ

ଯିବ ଯଦି, ଯାଅ
ସମୟ ଭାରାକ୍ରାନ୍ତ ହେବା ପୂର୍ବରୁ ।

ବେପାରିଗୁଡ଼ା, କୋରାପୁଟ
ମୋ.: ୯୧୭୮୬ ୪୭୧୩୭

କବିତା

ସମରେନ୍ଦ୍ରନାଥ ମହାପାତ୍ର

ଧୂପଦୀପ ନୈବେଦ୍ୟ ଦେଇ
ଆବାହନ କଲେ
ସେ ଆସେନା

ବାଣ ଫୁଟେଇ ବିଗୁଲ୍ ବଜେଇ
ସ୍ୱାଗତ ସମ୍ବର୍ଦ୍ଧନା ଦେଲେ
ସେ ଆସେନା

ଆସେନା ବି କପଟ ଫାଶର
ସୂତା ଖିଅରେ ବାନ୍ଧି ରଖିଲେ
ଶଦ୍ଧମାନଙ୍କୁ !

ଦିନ ଦିନ ମାସ ମାସ ବର୍ଷ ବର୍ଷ
ଯେତେ ଛାଟିପିଟି ହେଲେ
କି ଗର୍ଭବେଦନା ପରି କଷ୍ଟ ପାଇଲେ ବି
ସେ ଆସେନା:

ସେ ଆସେ, କେବେ କେମିତି ଚୁପ୍‌ଚାପ୍
ନିସ୍ତବ୍ଧ ପ୍ରହରେ ବନ୍ଦ ଝରକା ଫାଙ୍କରେ
ଶିର୍‌ଶିରେଇ ଯାଏ ହାଡ଼ରେ

ବହିଯାଏ ଉଷୁମ୍ ରକ୍ତରେ
ଝରିପଡ଼େ ଥପ୍‌ଥପ୍ ଲୁହ ବୁନ୍ଦା ପରି
ଆଖିପତାରେ, ହୃଦୟର
ସଫେଦ୍ କାଗଜ ଉପରେ
ଲେଖି ହେଇଯାଏ ଯେଉଁ ଦୁଇ ପଦ
ଅନ୍ତରର କଥା
ତାହା ହିଁ ତ କବିତା ।

କବିତା କ'ଣ ଏମିତି ଗୋଟେ ଖେଳଣା କି
ତାକୁ ତମେ ଧରିବସିବ ଉଲ୍ଲାସରେ
ସାଉଁଳେଇଦବ ତା' ହାତଗୋଡ଼ ଆବେଗରେ
କେଳେଇନବ ତା' ତନୁପାତଳୀ ଦେହ ବାହଲ୍ୟରେ
ନିଜର ବୋଲି ଦାବି କରିବସିବ କଠୋର ଅଧିକାରରେ

ସେ ତୁମର ହେଇଯିବ ସେତିକିବେଳେ
ଯେତେବେଳେ ତୁମେ ମିଶିଯିବ ତା' ଭିତରେ
ତଲ୍ଲୀନ ହେଇଯିବ ତପସ୍ୟାରେ
ନିରବରେ, ଆତ୍ମାର ନିବିଡ଼ତାରେ ।

ପଠାଗାଡ଼ି, ଭୁବନେଶ୍ୱର - ୭୫୧୦୦୨
ମୋ. : ୭୦୮୮୩୩୬୪୫

କଙ୍କି-ଗୁଡ଼ି

ସେନାପତି ପ୍ରଦ୍ୟୁମ୍ନ କେଶରୀ

ଆକାଶ କେବେ କହେନା ତା' ଗଳା କାଟ୍
ଆହା ! କି କୋମଳ ତା'ର ସୁକୁମାର ଦେହ
କେତେ ମନ ଲୋଭା ଓଠର ହସ ।

ତାକୁ ଟିକେ ଖୁସିରେ ଡେଣା ଝାଡ଼ି ଉଡ଼ିବାକୁ ଦିଅ
ଅବେଳରେ ତାକୁ ଅଥାନରେ ଫିଙ୍ଗି ନଦେଉ ବତାସ
ଆକାଶର ନୀଳ ଶୂନ୍ୟତାକୁ
ଚିହ୍ନିବା ପାଇଁ ତ ସେ ଥରକୁଥର ଉପରକୁ ଉଠେ ।

ଯେତେ ଥର ତଳକୁ ଖସେ,
ସେତେ ତା' ଭିତରେ ଆହୁରି ଜିଦ୍ ବଢ଼େ ।

ସାପଟିଏ ଖେଳିବାକୁ ଫଣା ତୋଳିଲେ
କାହିଁକି ତା' ମୁଣ୍ଡରେ ପଡ଼େ ଶକ୍ତ ପ୍ରହାର
ପଥର ଚଟାଣ, କଣ୍ଟାବଣ, ଗହନ କାନ୍ତାର
କିଏ ନ ଜାଣେ, ଜଞ୍ଜାଳ ଜାଲରେ
ଛନ୍ଦି ହେବାକୁ ଜୀବନର ଜନ୍ମ ନୁହଁ !

ନିଜକୁ ଥରେ ପୂରା ଖୋଲି ଦିଅ
ଆପେ ଜାଣି ପାରିବ
ନିଜ ଭିତରେ ଅଛି ଗୋଟେ ମହାକାଶ ।

ଯେମିତି ଘାସଫୁଲଟିଏ ବୁଝିପାରେ
ତା' ଭିତରେ ବି ବାସ୍ନା ଅଛି
ଟୋପେ ମହୁ ଲୁଚିଛି ତା' ଛାତିରେ କୋଉଠି ।

ଗୁଡ଼ି ମାମୁଲି କାଗଜ ଖଣ୍ଡେ ନୁହେଁ
ତା' ଭିତରେ ଗୋଟେ ଉଜ୍ଜ୍ୱଳ ତାରା କୋଉଠି
ନିଜର ସ୍ଥିତି ଜାହିର କରିବାକୁ ଦିଗବଳୟ ଖୋଜୁଥାଏ ।

ଅଥଳ ସମୁଦ୍ରରେ ଭାସୁଥିବା କୁନି ଡଙ୍ଗା ପରି
ଏଇ ପାଖରେ ଅଛି,
ଚାହୁଁ ଚାହୁଁ ପୁଣି କାହିଁ କେତେ ଗଭୀର
ଜଳର ସୀମା ଡେଇଁ କୁଆଡ଼େ କୁଆଡ଼େ ବୁଲି ଆସୁଛି !

ପାଣି ପବନ ଓ ନିଆଁକୁ ଅବଶ୍ୟ ତା'ର ଡର ଥାଏ
ତଥାପି ସେ ଉଚ୍ଚ ଆକାଶରେ
ଉଡ଼ିବାର ନିଶାରେ ବିଭୋର ଥାଏ ।

ହାତରେଖା ସିନା ଜ୍ୟୋତିଷ ପରଖିପାରେ
ଛୋଟ କପାଳଟେ ଭିତରେ
କେତେ ବଡ଼ ଭାଗ୍ୟ ଲୁଚିଛି, କିଏ କହିପାରେ ?
କିଏ ଜାଣେ,କେତେ ଶୂନ୍ୟତା ପିଇଲା ପରେ
ଜନ୍ମ ନିଏ ଅବ୍ୟର୍ଥ ଗୁଡ଼ିଟିଏ !

'ସାଇ ସର୍ଜନା' ଜଗନ୍ନାଥ କଲୋନୀ
ବାଲିକୁଦା, କଟକ ସଦର
ମୋ.:୯୪୩୮୨୭୫୩୨୩

ଅଯୋଧ୍ୟା

ଗଜାନନ ମିଶ୍ର

ଜଣାପଡ଼େ ନା ଏଠି
ହୁଏ କ'ଣ କେତେବେଳେ ।
ଭରସା କରିବା ନୁହଁ,
ଏଇଟା ଏମିତି ମାଟି ।
ଥାଉ, ଯିବା ନି ସେଠିକି ।
ହୋଇଯାଏ ଓଲଟପାଲଟ ଦିନରାତି ।
ସକାଳ ହେଲାବେଳକୁ ବନବାସ,
ମରୁ ମରୁ ବଞ୍ଚୁଥାନ୍ତି କପୋତକପୋତୀ ।
କ'ଣ ବାସ୍ତବ ? କ'ଣ ଅବାସ୍ତବ ?

ଶୂନ୍ୟ ସମୟର ଆହ୍ୱାନ ବି ।
କବିତା କଥା ଯାଉ ଚୁଲିକି ।
ଡହକିବାର ଅଛି ଯଦି
ଡହକୁଥାଉ କପାଳର ତିଳକ ଚିତା ।
ଅଗ୍ରେ ପଶ୍ଚାତେ, ସାରା ଜଗତେ
ମୁଁ ମୋର ହଜାଏଁ ଯେତେ ଯାହା
ଏଠାକାର ଆକାଶ ପଥେ ।
ସଜ ଦେଖି ମାରେ ଫେରାର୍ ଏଠୁ ସୂର୍ଯ୍ୟ ବି ।
ପଚାରେ କିଏ ଆଉ କାହାକୁ !

ନ ଥାଏ ଠିକ୍ ଠିକଣା ନାଡ଼ି ନକ୍ଷତ୍ରର ।
ଯାହା ତାହା ସବୁ ଭୀଷଣ ଭୟଙ୍କର ।
ଲୋତକପୂର୍ଣ୍ଣ ଆଖି ସଦା ସଭିଙ୍କର ।
ନାଇଁ ଶକ୍ତି ମୋର, ବୁଲିବି ଅଯୋଧ୍ୟା
କି ପାରିବି କହି କବିତାରେ କିଛି ।

ତପୋବନ, ଟିଟିଲାଗଡ଼
ବଲାଙ୍ଗୀର - ୭୬୭ ୦୩୩
ମୋ.: ୯୪୩୭୩ ୬୬୬୪୪

ଯୁଦ୍ଧ କ'ଣ ସରିଲାଣି

ପୀତାମ୍ବର ତରାଇ

ମରଣର ମହା ମଞ୍ଚରେ ବେଶ୍ ରୋଚକ
ତମ ଅଭିନୟ
ରେତରଜ ମିଶିଗଲା ଭଳି ଏଥରକ ବି
ମିଶିଗଲ ଆଉ ମିଶାଇଲ ଛଳନାର
ଅବୈଧ ହାତ ଉପରେ ହାତ
ଏତେବେଳେ କ'ଣ ମନେ ପଡ଼ିଥିବ
ତମ ନିର୍ଦ୍ଦେଶିତ ଆତଙ୍କ ଆଚ୍ଛାଦିତ
ନର୍କ ନାଟକର ପଛଦିନ !

ଯେଉଁଦିନମାନଙ୍କରୁ ମିଳିବା କଥା
ଖୁସିବାସିର ସରସ ସକାଳ
ଫୁଲ ଫୁଟିବାର ଆତ୍ମ ବିଭୋର ଦୃଶ୍ୟ
ଥୁଣ୍ଟାଗଛ ପାଇଁ କେରାଏ କଅଁଳପତ୍ର
କଢ଼ ଧରିବାର ଶିହରଣ, ନାଁ ମିଳିଲା ନାହିଁ
ଭ୍ରମର, କଙ୍କି, ପ୍ରଜାପତି ପଛେପଛେ
ଦଉଡ଼େଇବାର ଥିଲା ବାଲ୍ଲୁତ ବୟସ
କେଉଁ ହେଲା କି ସହଜ, ବରଂ ଡରିଡ଼ରି
ବଞ୍ଚୁଥିଲି ସେଇ କେତେ ଦିନ ।

ଯେଉଁଦିନମାନଙ୍କରେ ଜାଣିବା କଥା
ଜହ୍ନ ଦେଖିଦେଖି କାହିଁକି ଭୁଲିଯାଏ ଭୋକ
ନଈର କାହାଣୀ ଶୁଣିଶୁଣି କାହିଁକି
ମରିଯାଏ ଶୋଷ, କାହିଁକି ଶେଷ ହୁଏ ନାହିଁ
ବୁଢ଼ୀ ଅସୁରୁଣୀ ଗପ, କାହିଁକି ମରିଯାଏ
ମାଆ ଲଗାଇଥିବା ଫୁଲଗଛ
କାଠି କୁଟାର ନୀଡ଼ ରଚି କାହିଁକି
କିଚିରିମିଚିରି ହୁଅନ୍ତି ପକ୍ଷୀ
ଯେଉଁଦିନମାନଙ୍କରେ ପାଇବା କଥା
ମାଆର ଚୁମ୍ବନ, ଉଷ୍ମ କୋଳ
ଏଥିପାଇଁ ଦାୟୀ କିଏ ଯେତେ ପଚାରିଲି
ତମ ପରି ବି ନିରବ ରହିଲେ ଈଶ୍ୱର ।

ଆମେ ଯେଉଁମାନେ ହରାଇଲୁ ଧୂଳିଘର
ପିଲାଦିନର ଅବୋଧ ଚିତ୍ରପଟ୍ଟ
ଗୁଡ଼ି ଉଡ଼େଇବାର ମହିମ୍ନ ମୁହୂର୍ତ୍ତ
ହରାଇଲୁ ଝରକା ସେପାଖର
ସୁନୀଳ ଆକଶ,ଶୈଶବର ସୁଗନ୍ଧିତ
ସାନ ସାନ ସ୍ୱପ୍ନର ଶସ୍ୟ
ବହିପତ୍ର, ଅକ୍ଷରମାନଙ୍କର ହାତଗୋଡ଼
କିଏ ଫେରେଇବ, ପକ୍ଷ ନା ପ୍ରତିପକ୍ଷ !

ହଁ, କେହି ଜଣେ କହୁଥିଲା ବାରମ୍ବାର
ଛାଡ଼ି ଚାଲିଯିବା ପାଇଁ ଦେଶ
ଘଣ୍ଟାଘଣ୍ଟାଧରି ଶବର ପାହାଡ଼
ନ ଘାଣ୍ଟିବା ପାଇଁ, କେଉଁ ମାନିଲି କି !
ଶେଷଯାଏ ଖୋଜିହେଲି
ହୁଏତ ମିଳିଯାଇପାରେ ମା'ର ମୃତଦେହ
ସେ ଲେଖିଥିବା ଶେଷଥର ପାଇଁ
କବିତାର କାଗଜ ଫର୍ଦ୍ଦକ ।

ତମେ ଯେତିକି ଘୋଟେଇ ଆଣୁଥିଲ
କଳାଧୂଆଁର କୃତ୍ରିମ କୁହୁଡ଼ିର ଭ୍ରମ
ଯେତେଯେତେ ଧ୍ୱଂସ କରିଚାଲିଥିଲ
ଗାଁ'ଗଣ୍ଡା, ସ୍କୁଲଘର, ଜନପଦ, ସହର
ନଗର, ଅରଣ୍ୟ ପରେ ଅରଣ୍ୟ
ମୁଁ ସେତେସେତେ ଲୁହ ଛଳଛଳ ଆଖି ଭିତରେ
ସାଇତି ରଖି ଚାଲିଥିଲି ଦେଶ ।

ତମ ହାରଜିତ୍ ଖେଳର ପ୍ରାଚୀନତା
ତମ ସୌଖିନ୍‌ପଣର ନୃଶଂସତା
ଭୋଗ ବିଳାସର ରକ୍ତ ସର୍ସର ଇତିହାସ
ଘୃଣାରେ ପୋତି ପକାଏ
ଯେଉଁ ଲୁହ ଟୋପାକ, ତାହା ଆମର
ତମ କାମନାର ନିର୍ମମ ରଣ ହୁଂକାର
ଠେଲି ଦିଏ ଯେଉଁ ପାଦ ହଳକ
ତାହା ବି ଆମର ।

ଅଶ୍ୱନୀଡ଼, ମଙ୍ଗରାଜପୁର,କୁଜଙ୍ଗ
ଜଗତସିଂହପୁର
ମୋ.: ୯୪୩୭୧ ୬୩୪୨୧

କଣ୍ଢେଇ

ଚିନ୍ତାମଣି ମହାଳିକ

ଶ୍ୟାମଳ ଶୈଶବର ମୋ' ଅଝଟପଣରୁ ମୁକ୍ତି ପାଇଁ
ସେଦିନ କେଡ଼େ ସହଜରେ ବହଲେଇଦେଇ
ଗୋଟେ କାଠର କଣ୍ଢେଇ ଧରେଇଦେଲୁ
ଏବଂ ଦୂର ଆକାଶକୁ ହାତଠାରି
ମିଛ ମିଛ ଗୋଟେ ମିଠା ଜହ୍ନ ଦେଖାଇଲୁ ।

ମହୁବୋଳା ତୋ' ମିଠା ମିଠା କଥାକୁ ମାନିନେଇ
ଆକାଶର ପେଟତଳେ ଝୁଲି ପଡ଼ିଥିବା
ଫଟାମେଘ ଗହଳରୁ ନଥିବା ଜହ୍ନକୁ ଖୋଜିବା ଶିଖିଲି
ଏବଂ ଚିତ୍ରପ୍ରତିମା ପ୍ରାୟ ଦିଶୁଥିବା ନୂଆ କଣ୍ଢେଇର
ଖେଳ ପାଇଁ ତୋ' ପଣତକାନି ଧରି ଅଝଟ ମୁଁ କଲି ।

ବୋଉ ଲୋ ! !
ତୋ' ମୁଁହରେ ଯେଉଁ ଜହ୍ନକୁ ମୁଁ ଦେଖୁଥିଲି
ସେଇ ଜହ୍ନକୁ ପାଇଲି ମୋ' ଆଖିକୁ ନୂଆ ଦିଶୁଥିବା
କଣ୍ଢେଇ ମୁହଁରେ,
ତେଣୁ ତ ତୋ' ମୁହଁ ଆଡୁ ଆଖି ଫେରାଇ
ତାକୁ ଗେଲକଲି,ଆଉଁଷି ବି ଦେଲି ଏବଂ
ଟିଣର ଝୁମୁକା ବଜେଇ ତା' ସହ ଖେଳିବା ଶିଖିଲି ।

ମମତାରେ ଅନ୍ଧହୋଇ ଅନ୍ଧାରଠୁଁ ଲୁଚେଇ ରଖିଲୁ ମୋତେ
..
ଜାଣି ଜାଣି ସବୁ ଜାଣି ଆଖି ବୁଜିଦେଲୁ
ମୋ' ହାତଧରି ଧାଉଁଥିବା ସମୟର ଦୁଷ୍ଟାମୀକୁ
ଅଣଦେଖା କଲୁ,
ଏକୁଟିଆ କାଳେ ଖେଳିବିନି ବୋଲି
ଫୁଲ ପରି ଏକ କଅଁଳ କଣ୍ଢେଇ ସଙ୍ଗେ
ସାଥୀ କରିଦେଲୁ ମୋତେ....

ଖେଳିଲି ମୁଁ ଧୂଳିଘର - ନୂଆ ନୂଆ ବାସୁଥିବା
ବର-ବୋହୂ ବାହାଘର ଖେଳ ।
ଫଟା ସଢ଼େଇରେ ଗୋଡ଼ିଭାତ ପାଣିତାଲି
ଧାଡ଼ି ଧାଡ଼ି ନେଉଆ ପତର ।

ତୋ' ହାତର ଭାତଗୁଣ୍ଡା
ତୋ' କୋଳ ଝୁଲଣା,
ପୁଣି ଆ' ଜହ୍ନମାମୁ ଠାରୁ ବାଟଭାଙ୍ଗି
ବୟସର ବାରବାଙ୍କ ବୁଲି ବୁଲି
ଯେବେ ପହଞ୍ଚିଲି ଫଗୁଣ ବଣରେ
ଆଖିର କପୋତ ମୋର ବନ୍ଧବାଡ଼ ଡେଇଁ
ସେଦିନର ସେଇ ଜହ୍ନକୁ ଖୋଜିଲା
ଶଙ୍ଖ ଧବଳପରି ଝଲମଲ ଦିଶୁଥିବା ସେ ତନୁ ତୀର୍ଥରେ ।

ବୋଉ ଲୋ !
ସଂସାରୀ ମଣିଷର ମନନେଇ ବେଳକାଳ ଦେଖି
ସୁନାକଣ୍ଢେଇ ସଙ୍ଗେ ସାଙ୍ଗ କରିଦେଲୁ ମୋତେ
ବେଦୀ ମୁଣ୍ଡେ ଖେଳିଲି ମୁଁ ଜୁଆ କଉଡ଼ିର ଖେଳ....
ସେ ଖେଳର ଶେଷ କାହିଁ ?
କାଠର କଣ୍ଢେଇ ଠାରୁ ଆଜିର ସୁନାଗୋରୀ
କଣ୍ଢେଇ ଯାଏ ଲମ୍ବିଥିବା ଲମ୍ବା ରାସ୍ତା
ଚାଲି ଚାଲି ଥକ୍କିଲାଣି ମୋ' ଦେହର ଅସ୍ଥି ମଜ୍ଜା ।
ଜାଣେନା ଲୋ ବୋଉ,
ସେ ଖେଳ ଚାଲିବ କେବେ ?
ଯେଉଁଦିନ କଣ୍ଢେଇକୁ ପଛକରି
ରାମ ନାମ ସତ୍ୟ କହି
ଦାଣ୍ଡେ ଦାଣ୍ଡେ ଯାଉଥିବ ମୋ' ଶବର କୋକେଇ ।

କାଶୀପୁର, ବଳରାମପୁର
କେନ୍ଦୁଝରଗଡ଼-୭୫୮ ୦୦୧
ମୋ.: ୮୭୬୩୩ ୯୯୬୨୮

ସ୍ୱର

ବିମଳ ଜେନା

ବୀଣାର ଝଙ୍କାର ପରି ସ୍ତରଟିଏ ଥରେ
କହିଲା ତା ସୁକୁମାରୀ କୁଆଁରୀ କଣ୍ଠରେ
"ଚାଲ ତୁମ ସୂର୍ଯ୍ୟାସ୍ତକୁ ସଜେଇବା ଆଜି
ପ୍ରଭାତ ପକ୍ଷୀ କାକଳୀ - ମଧୁର ଗୀତରେ
ସକାଳ ଶିଶୁ ସୂର୍ଯ୍ୟର ଲୋହିତ ହାତରେ ।

ସେ ସ୍ୱରର ସମ୍ମୋହନ, ଭୁଲେଇ ଦେଲ ମୋତେ ମୋ
ବିଷାଦ, ବାନପ୍ରସ୍ଥ ଓ ବନବାସ ବେଳ ।
ଦେହସାରା ବୋଳି ଦେଲା ବେପଥୁ ଓ ବସନ୍ତର
ବିଭୋର ଅବିର ।

ଗଳାରେ ପିନ୍ଧେଇ ଦେଲା,
ଗୀତର ଗୁଂଜର ମାଳ
ଆସକ୍ତିର ଏକମୁଖୀ ରୁଦ୍ରାକ୍ଷର ହାର
କପାଳରେ ଆଙ୍କି ଦେଲା, ଗୋପୀଗୀତ ଗୋ ରଚନା
ନୟନକୁ ଦେଲା ତାର ନିଦ୍ରାର ନଅର ଆଉ
ସ୍ୱପ୍ନର ସହର ।

ଫେରେଇ ଦେଲା ପୁଣି ମୋ ବାଲୁତ ଦିନକୁ ତାର
ଗୋପଦାଣ୍ଡ ବଂଶୀସ୍ୱନ ଗୋଧୂଳି ଲଗନ ।
କୈଶୋରକୁ ଫେରେଇଲା ପହିଲି କଦମ୍ବ ଛୁଆଁ
କିଶୋରୀ ପ୍ରେମିକାର ସେ ଲାଜମିଶା ପ୍ରେମ ।
ଯୌବନକୁ ଦେଲା ତାର ରାଜଜେମା ରହୁଥିବା
ଉଆସ ଠିକଣା ।

ଚୋରା ଚଇତି ରାତି ଓ କୁଆଁରୀ ଜୋଛନା ।
ଷୋଡ଼ଶୀ କିମ୍ବା ସନ୍ନ୍ୟାସୀ ଶ୍ରମଣ, ସମ୍ରାଟ
ସେ ସ୍ୱର ନକରେ କୁହ କାହାକୁ ଉଚ୍ଚାଟ !
ସେ ସ୍ୱର ଶୁଣିଲେ ଥରେ - ବାଉଁଶ ପାଲଟେ ବଂଶୀ
ପର୍ବତ ପାଲଟି ଯାଏ ପ୍ରେମିକ ପ୍ରବର ।

ସେ ସ୍ୱର ଶୁଣିଲା ପରେ
ସମୁଦ୍ର ବାହାରିପଡ଼େ ନଦୀ ସଂଧାନରେ
ବିରହିଣୀ ଗୀତ ଗାଏ ପ୍ରୀତି ପାଳିବାର ।
ତେଣୁ ମୁଁ ଶପଥ ନେଲି ସାରା ଜୀବନ ରହିବି
ସେ ସ୍ୱରର ଶିବିରରେ ଶରଣାର୍ଥୀ ହୋଇ ।
ତା ସହ ବସିବି ମିତ ତା ପାଇଁ ଲେଖୁବି ଗୀତ
ପାପ ପୁଣ୍ୟ ଯେତେ ମୋର ତାକୁ ଜିମା ଦେଇ ।

ଲୁହିନୀ,ଦେବାନ୍‌ପାଟଣା
ସୁନହଟ, ବାଲେଶ୍ୱର-୨
ମୋ.: ୯୪୩୭୧ ୭୩୪୪୪

ନିଜକୁ ନେଇ ଲେଖି ହୁଏନି

ପଲ୍ଲବୀ ନାୟକ

ନିଜକୁ ନେଇ ଲେଖି ହୁଏନି
ଶତ ପ୍ରତିଶତ ସତ
ସେ କବିତା ହଉ
ଗପ, ଉପନ୍ୟାସ ହଉ
କି ହଉ ଆତ୍ମଜୀବନୀ ।

ନିଜର ସୁଗୁଣ ଭଳି
ବଖାଣି ହୁଏନି ଦୁର୍ଗୁଣମାନଙ୍କୁ ।

ଅଳଙ୍କାର କଲା ବେଳେ
ଯେମିତି ଜରୁରୀ ହୁଏ
ସୁନାରେ ଖାଦ ମିଶେଇବା ।

ଯେମିତି ଦେଖେଇ ହୁଏନି
ଜହ୍ନର ଆରପାଖ ।

ସେମିତି ନିଜକୁ କରି ହୁଏନି
ପୂରାପୂରି ଉନ୍ମୁକ୍ତ ।

ପୁଣ୍ୟ ସବୁ ଦେଖେଇ ହୁଏ
ପାପ ସବୁକୁ ରଖିବାକୁ ପଡ଼େ
ଏକାନ୍ତ ଗୋପନୀୟ କରି ।

କିଛି ଜଣ ଦାବି ହୁଏ ତ କରିପାରନ୍ତି
ସେମାନେ ଶତ ପ୍ରତିଶତ
ସତ ଲେଖନ୍ତି ତାଙ୍କ ଲେଖାରେ ।

କିନ୍ତୁ ସେଇମାନେ ହିଁ ଜାଣନ୍ତି
କେତେ ସତ କେତେ ମିଛ
ତାଙ୍କ କଥାରେ ।

ନିଜକୁ ନେଇ ସବୁ ସତ
ଲେଖି ହୁଏନି କେବେ ବି ।

କିଛି ଗୋପନ ରହିଲେ ହିଁ ଭଲ
ଦୂର ପାହାଡ଼ ଦୂରରୁ ହିଁ ସୁନ୍ଦର ।

ପ୍ରଶାସନିକ ଅଧିକାରୀ
ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ,
କେନ୍ଦୁଝର

ତ୍ରିଶଙ୍କୁ

ହିମାଂଶୁ ପରିଡ଼ା

ଏ ପାଖେ ତୁମେ ଓ ସେପାଖେ ସେମାନେ
ଦିହିଁଙ୍କ ମଧ୍ୟରେ ମୁଁ
ଏପାଖେ କେତେବେଳେ ଭାରି ତ ସେପାଖେ କେତେବେଳେ
ମୁଁ ଜାଣି ସାରିଥିଲି ଯେ ଏମିତି ଭିଡ଼ାଓଟରାରେ
ବଞ୍ଚନ୍ତି ଅନେକେ ।

ଏ ପାଖେ କିଏ ଟାଣି ଧରେ
ସେ ପାଖେ କିଏ ଟାଣି ଧରେ
ମୁଁ ଆନନ୍ଦରେ ମଗ୍ନ
ଏ ଦୁହିଁଙ୍କ ଭିଡ଼ା ଓଟରା ଟଣାଟଣିରେ
ମଝିରେ ମୁଁ ଭାସମାନ ବେଲୁନ୍ ପରି
ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ ଆହ୍ଲାଦରେ ।

ଦୁଇ ଦଳ ଦଖଲ କରିଛନ୍ତି ତାଙ୍କର ଭାଗ
ପୃଥିବୀର ଖଣ୍ଡେ ଖଣ୍ଡେ ଅଞ୍ଚଳ ସୀମା, ସରହଦ
ମତବାଦ, ବିଶ୍ୱାସ ଘୃଣା ରାଗ ଅହଙ୍କାର ।

ଏ ପାଖର ପୃଥିବୀରେ ସବୁ ଥିଲେ ବି
ଆର ପାଖ ପୃଥିବୀ ପାଇଁ ଚାଲିଥାଏ ଯୁଦ୍ଧ ।
କେବେ କେବେ ମୋର ଏପାଖର ଦଳ ହୁଅନ୍ତି ପ୍ରବଳ
ସ୍ଲୋଗାନ୍, ଧାରଣା, ରାସ୍ତାରୋକ, ପଟୁଆର, ଜନସମୁହ ଭିଡ଼
ତ ସେପାଖର ଦଳ, ରେରେକାର କରି କରନ୍ତି ଧରି ଖଣ୍ଡା ଖେଳ ।

କେହି କାହାକୁ ପ୍ରତିହତ କରିପାରନ୍ତି ନାହିଁ
ଦୁଇ ପାଖର ସମାନ ବଳ
ଦୁଇଦଳର ମଝିରେ ସନ୍ତୁଳନ ଆଶ୍ଚର୍ଯ୍ୟ ପ୍ରକାର !
କେବେ କେବେ ବିଶ୍ୱାସର ନିଶ୍ୱାସ ନେଇ
ଉହୁଙ୍କି ଆସନ୍ତି ଏ ଦଳର ଲୋକେ ତ
ସେପାଖର ଲୋକେ ପିନ୍ଧୁଥାନ୍ତି ପ୍ରତିରୋଧର କବଚ
ମୁଁ ନୀରବ ଥାଏ
ଆପଣା ଖୁସିରେ ଝୁଲୁଥାଏ ।

ମୋର ବି ନଜର ନାହିଁ
କେବେ କାହାର ହେବ ଜିତାପଟ
କି ଏମିତି ଏମିତି ଚାଲିଥିବ ରସ୍ୱାକସ୍ୱି ଖେଳ !

ଯେତେ ଯେତେ ଭିଡ଼ନ୍ତି
ଏପାଖ ସେପାଖ
ସେପାଖ ବି ଲୋକେ କୋଉ କମ୍,
ମୁଁ ବି ସେତିକି ଆନନ୍ଦରେ ଭୋଳ ।

ସମସ୍ତେ ଅପେକ୍ଷା କରିଥାନ୍ତି
କେତେବେଳେ ହେବ ତାଙ୍କ ଆଡ଼ ଭାରି
ଅନବରତ ଚାଲିଥାଏ ଟଣାଟଣି ବଳ କଷାକଷି, ଝାଳନାଳ
କେତେବେଳେ ଏୟାଡ଼େ ଢଳିଯାଏ ଦଣ୍ଡି
ତ କେତେବେଳେ ସିଆଡ଼େ ଢଳିଯାଏ ପାସଙ୍ଗ
କିନ୍ତୁ କୁଆଡ଼େ ଢଳେ ନାହିଁ କଣ୍ଟା
ଉନିଶ୍ ବିଶ୍ କେବେହେଲେ ବି
ସବୁବେଳେ ସହମତ
କେବେ ବି ହୁଏନି ବାଜିପଟ
ମୋର ମଝିରେ ସର୍ବଦା ଆନନ୍ଦ !

୧ ସି ୫୧, ସେକ୍ଟର ୧୧
ସିଡିଏ, କଟକ-୭୫୩୦୧୫
ମୋ.: ୯୪୩୭୨ ୧୨୮୯୦

ପ୍ରଶ୍ନ କରିବାର ବାଗ ବୋଧେ ମୋତେ ଜଣା ନାହିଁ

ବିଜୟ ରାୟ

ଯୋଉ ଆଙ୍ଗୁଠି ପ୍ରସରିଯାଏ ଅନ୍ୟଆଡ଼େ
କେବେ ବି ନିଜ ଆଖିର
ଅଭାଗା ଅନ୍ଧାରକୁ ଫେରିପାରେନା !
ଯୋଉ କଥା ସବୁ ସାରିଦେଇପାରନ୍ତା,
ଦ୍ରୋହୀ ଦୁଃଖମାନଙ୍କୁ
ତା'ର ବାଗବରଗ ତୋତେ ଅଜଣା !!

ଠକିପାରିବୁ କି ?
ଠକ୍,ଗୋଟେ ରିନ୍ୟୁ ରହିତ
ପୁରୁଣା ଦଣ୍ଡିରେ ଜିନିଷ ବିକୁଥିବା ଦୋକାନୀଟିଏ ପରି
ଠକିପାରିବୁକି କି ?
ଠକ୍,ଜମିରୁ ଛତାଧରି
ମାଲିକ ଫେରିଯିବା ପରେ;
ସୂର୍ଯ୍ୟକୁ ପିଠିକରି ହିଡ଼ ଉପରେ ବସିରହୁଥିବା ମୁଲିଆଟିଏ ପରି !

ଭାଙ୍ଗିପାରିବୁ କି ?
ଭାଙ୍ଗ, ତାଲା...
କୋଠଘର ଲୁହାକବାଟରୁ !
ଭାଙ୍ଗ,ଟେବୁଲ୍ ତଳର ଗୁମର ଓ ଗୁମାନକୁ !
ଚୋରଙ୍କ ପରି
ପଛରୁ ରହି ନୃତତ୍ତ୍ୱ ପଢ଼ାଉଥିବା
ନିରୀହ ଶିକ୍ଷକଙ୍କ କମିଜକୁ
କାଳି ଫିଙ୍ଗି କଳା କରିବାରେ କି ବାହାଦୂରୀ ? ?

ତୋତେ ପ୍ରଶ୍ନ କରିବାର
ବାଗବରଗ ବୋଧେ ମୋତେ ଜଣା ନାହିଁ !

ତୁ ତୋରି ନିଦ
ତୁ ତୋରି ବିଛଣା
ତୁ ଗୋଟେ ଅବତାର ମାଗଣା !!

ଆଜି ଯାହାକୁ ତୁ କଜ୍ଜଳ କହୁନୁ,
କାଲିକୁ କହିବୁ: କାଳିମା
ଆଜି ଯାହାକୁ ତୁ ରଙ୍ଗ କହୁନୁ,
କାଲିକୁ କହିବୁ: ଦାଗ
ଆଜି ଯାହାକୁ ତୁ ତୃପ୍ତି କହୁନୁ,
କାଲିକୁ କହିବୁ: ତୃଷ୍ଣା !

ତୁ ହିଁ ନିର୍ମାତା
ତୁ ହିଁ ବିନାଶକର୍ତ୍ତା !

ଯା' ତଳେ ରାତିଦିନ ତୁ ଗାମୁଛା ପାରୁ
ଛାଇ ପିଉଁ, ହାଣ୍ଡ଼ା ଖାଉ,ତାସ ବାଡ଼ାଉ
ଜାଣ, ତା' କଣ୍ଠରେ ଅଛି
ଗୋଟିଏ ବୋଲି ଜପ: ସଂଘର୍ଷ
ତା' ହାତରେ ନିଜକୁ ବାଣ୍ଟିଦେବାର
ସହସ୍ର ଚିଟାଉ !!

ବାସ୍, ପାଞ୍ଚଶ' ଟଙ୍କା
ପାଞ୍ଚକିଲୋ ଶସ୍ୟ କି ପାଞ୍ଚଟା ପଲିଥିନ;
ହାତକାଟି ଲେଖିଦେଇପାରୁ
ସାଲିଆନା ତୋ' ଭାଗ୍ୟ ଓ ଭବିତବ୍ୟର ...
ଅଠରଶ' ପଚିଶ ଦିନ !!

ଜାଣିପାରୁନୁ -
ମୁହଁମୋଡ଼ିଦେଇ ତୋତେ
କେମିତି ବନ୍ଧ୍ୟାହେଲାଣି ମାଟି
କେମିତି ଅବୁଜା ରହିଲେଣି ବାଡ଼
କେମିତି ଲଣ୍ଡାହେଲେଣି ପାହାଡ଼
ମୁହଁମୋଡ଼ିଦେଇ ତୋତେ
କେମିତି ମୂକ ହେଲେଣି ମଣିଷ, ବିକିଗଲାଣି ଦେଶ !!

ତୁ ଗୋଟେ ଏଡ଼ିକି ଅବୁଝା
ଆଡ଼ବାୟା ମଣିଷ
ତୋ' ଦେଇ ଆଗରେ ଠିଆହେବା ନ ହେଲା ନାହିଁ
ପଛରେ ତ ଠିଆ ହ' !
ପହିଲେ ତୁ ମଣିଷ ହ' ମଣିଷ !!

ମୋ.: ୬୩୭୦୦ ୬୩୭୨୩

ସିଏ କୁଶଳରେ ଥା'ନ୍ତୁ

ମନୋଜ କୁମାର ପଣ୍ଡା

ଭୀଷଣ ବଦଳିଗଲାଣି ରୂପରଙ୍ଗ
ତୁମେ ପାରିବ ନାହିଁ ରୋକି
ଯିଏ ପାରିବେ, ତାଙ୍କୁ ତୁନି ତୁନି କହ
ପ୍ରାର୍ଥନା, ଜପ କି ଧ୍ୟାନରେ
ପାରୁଛ ତ କୀର୍ତ୍ତନ କରି କହ
ସେ ଯଦି ଶୁଣିବେ
ଅଟକିଯିବ ମେଘମାନଙ୍କ ତୁମୁଳ ଲଢ଼େଇ
ସବୁ କିଛି ତୁମ ପାଇଁ ମଙ୍ଗଳମୟ ହେବ, ତାଙ୍କରି ଇଚ୍ଛା ହେଲେ ।

ସେ କିଛି କରୁନଥିବେ କି
ତାଙ୍କର ସାଧ୍ୟ ନଥିବ
ସେ ନାହାନ୍ତି ଅଖଣ୍ଡ ମଣ୍ଡଳରେ
ତୁମେ ଯୁକ୍ତି କି ପ୍ରମାଣ କରିପାର
ଯେହେତୁ ସବୁ ସର୍ଜନର ସ୍ରଷ୍ଟା ସେ
ଭୟରେ, କି ଭକ୍ତିରେ, କି ଅନ୍ୟମନସ୍କତାରେ
ତାଙ୍କ ଉଦ୍ଦେଶ୍ୟରେ ଜଣାଅ

ଏସବୁ କରିବା ବ୍ୟତୀତ ଆଉ କିଛି ଚାରା ନାହିଁ ।

ବଢ଼ିନଇରେ ହାତ ଫେର୍କେଇ ଠିଆ ହୁଅନା
ତୁମେ ପାହାଡ଼ କି ବନ୍ଧ ନୁହଁ, ଭାସିଯିବ
ଚାଲାକ୍ ଚତୁର ଭାବି ଦୂରରେ ରୁହ
ନଈବଢ଼ିର ବିଷୟ ବିନ୍ୟାସ କର

ତୁମେ ଓ ତୁମର ପ୍ରିୟଜନ ଯଦି ଭାସିଯିବେ, ଯାଆନ୍ତୁ
କେବଳ ତାଙ୍କ କୁଶଳତା ବିଷୟରେ ଚିନ୍ତା କର ।

ଯିଏ ଯେଉଁଠି ବ୍ୟତିକ୍ରମ ଦେଖୁଛି,ଦେଖୁ
ଯା'ର ଚୁଲିରେ ପଥର ପୁଟୁଛି
ଯା'ର କପାଳରେ ବିଜୁଳି ମାରିଛି
ଯା'ର ଆକାଶରେ ଘନଘୋର ଅନ୍ଧାର
ସବୁକୁ ସମର୍ପି ଦିଅ
ସେ କୁଶଳରେ ଥାନ୍ତୁ !

ଦୂରରେ ଥାନ୍ତୁ
ସବୁ ଦାୟିତ୍ୱ ତାଙ୍କର
ତୁମ ଘରେ ରୋଗୀଣା ମା', ଅଭିଆଡ଼ୀ ଭଉଣୀ, ଅନ୍ଧ ଭାଇ
ତୁମେ ଲୁହ ଝରାଅ
ତୁମେ ଈର୍ଷା କି ପ୍ରଣାମ ମୁଦ୍ରାରେ ତପସ୍ୟା କର
କିନ୍ତୁ ତାଙ୍କ କୁଶଳ ବିଷୟରେ
ଅହରହ ଚିନ୍ତା କର ।

ସିଏ ଭଲରେ ଥାଆନ୍ତୁ
ଯାହା ଇଚ୍ଛୁଥିବେ, ସେ ସବୁ ହେବ
ତୁମେ ଅପାରଗ
ଛଳନାରେ ହେଉ,କୁହ
ହେ ଈଶ୍ୱର ଭଲରେ ଥାଅ ।

ଯଦି ସରୁ ନାହିଁ ଯୁଦ୍ଧ,
ଭୋକ, ରୋଗ, ଦଙ୍ଗାରେ ବ୍ୟତିବ୍ୟସ୍ତ
ଯଦି ଠିକ୍ ଠାକ୍ ଲାଗୁନାହିଁ ସଂସାର
ଯଦି ହିଂସ୍ରମାନେ ଶାସକ
ତଥାପି କେବଳ ତୁମର ଏକମାତ୍ର କାମନା ।

ମାଟିର ଉର୍ବରତା ସରିଯାଉ
ଅନ୍ଧାର ଘନେଇ ଆସୁ
ପଶୁପକ୍ଷୀ ଇତରମାନେ ହଜିଯାଆନ୍ତୁ
କ୍ରମଶଃ ସରିଯାଉ ପୃଥିବୀ
ତଥାପି ସେ କୁଶଳରେ ଥାନ୍ତୁ
ଆମକୁ ଆହୁରି ମଣିଷ କରିବାକୁ
ସୁରକ୍ଷିତ ସବୁ ବ୍ୟବସ୍ଥାର ଉଚ୍ଚାସନରେ ।

ଚିତ୍ରୋତ୍ପଳା ନିଳୟ
ବେଙ୍କ କଲୋନୀ, ସାକ୍ଷୀପଡ଼ା, ସମ୍ବଲପୁର -୧
ମୋ.: ୯୩୪୮୧ ୯୫୧୨୨

ଯୋଗିନୀ

ଅୟସ୍କାନ୍ତ

ଏବେ ହଟ୍ଟଯୋଗରେ ପ୍ରେମିକା
ଦେହର ଦେହଳୀରେ ମନର ମଇନା
ଲକ୍ଷ୍ୟ ନୁହେଁ ଆଉ ମହୁଫେଣା
ଏବେ ସେ ଲହଲହ ଜିହ୍ୱା,
ଟହଟହ ହାସ୍ୟମୟୀ ବିଷକନ୍ୟା
ଉଦାତ୍ତ ଉନ୍ମତ୍ତ ଉତ୍ତାନପାଦ ପ୍ରଗଲ୍ଭା
ନଦୀ ବୈଷ୍ଣବୀ ନୁହେଁ
ନଦୀ ଭୈରବୀ, ବନ୍ୟା !

ସୃଷ୍ଟି ସର୍ବଦା ସରଳ ସୁନ୍ଦର ଉର୍ବରା
କିନ୍ତୁ ଯୋଗିନୀ ଗେରୁ ଅମ୍ବର ଓଢ଼ି ଗୁରୁଗମ୍ଭୀରା
!

ରକ୍ତ ଦାୟିନୀ ମାତା ଯୁଗେ ଯୁଗେ
ହେଲେ ଏବେ ରକ୍ତ ପିଆସୀ,
କାରଣ ସବୁ ସୁର ଅସୁର
ପାପିଷ୍ଠ ପ୍ରାମର !
ନର୍କ ଭରପୂର
ଏବ ଧରଣୀର ମଧୁପର୍କ ସମ୍ପର୍କ
ଶୟତାନ୍‌ର ବେତାଳ ତାଳରେ
ସତତ ବିଭୋର !

ନା ନା ଅୟି ଷୋଡ଼ଶୀ
କ୍ରନ୍ଦସୀ ଉଷସୀ ଦେବଦାସୀ ପ୍ରେୟସୀ
ଏ' ଜହ୍ନିଳ ପୃଥିବୀର ଅମୃତମୟୀ

ସ୍ତନ ଏବେ ବି ଦୁଗ୍ଧ ବୃଷ୍ଟି ପାଇଁ ବ୍ୟାକୁଳ,
ଜଳବତ୍ ସରଳ ତରଳ ହେ ଏକା ନୈକା ଲେହନ
ପେଷଣ
ଶୋଷଣ ମାରଣ ଚର୍ବଣ ମୋହନ ବଶୀକରଣ ସ୍ତନ୍ୟନ
କର୍ତ୍ତୀ ତମେ ଅଣାୟତ୍ତା ନୁହେଁ
ଏବେ ବି ମହା ତ୍ରିପୁର ସୁନ୍ଦରୀ କାଉଁରୀ
କାମାକ୍ଷୀ ମାଣିକେଶ୍ୱରୀ ଅପରାଜିତା !

ଗ୍ରାମ୍ୟନିର୍ମାଣ ଉପବିଭାଗ
ରାଜକନିକା, କେନ୍ଦ୍ରାପଡ଼ା
ମୋ.: ୮୭୬୩୩ ୯୩୧୧୬

ରାସ୍ତା

ତ୍ରିଲୋଚନ ମହାନ୍ତି

ଜନ୍ମରୁ ମରଣ ଯାଏ ରାସ୍ତା ତ
ଗୋଟେ ଆନ୍ତରିକତାରେ ଭରା ପରିପୂର୍ଣ୍ଣ ସତ୍ତା
ଗୋଟେ ଚଲାପଥର ଘନ ସବୁଜ ଆତ୍ମୀୟତା
ଗୋଟେ ମଧୁମୟ ସ୍ୱପ୍ନର ନିଗୁଢ଼ ବାସ୍ତବତା
ଗୋଟେ ଜାଗତିକ ପ୍ରେମର ଅଲିଭା ଗାଥା
ଗୋଟେ ନିଷ୍କଳଙ୍କ ଆସ୍ଥାର ଅସମାପ୍ତ କବିତା ।

ଲମ୍ବିଛି ଯେ ଲମ୍ବିଛି...
ଯୁଗ ପରେ ଯୁଗ ଧରି
କେତେ ଯେ ଚାଟୁତାର ପରିପାଟୀରେ
କେତେ ଯେ ସମ୍ଭାବନାର ସବୁଜ ଶୋଷରେ
କେତେ ଯେ ଭାବର ପରିପ୍ରକାଶରେ
କେତେ ଯେ ଅଦୃଶ୍ୟ ଅନୁଭବର ସାନ୍ଦ୍ରତାରେ
ବିଭୋର କେଉଁ ଶିଳ୍ପୀର ତୂଳୀରେ
ଯେଉଁଠି ପ୍ରତୀକ୍ଷା ଥିଲା
ଶବରୀର ରାମଚନ୍ଦ୍ରଙ୍କ ଆଗମନକୁ
କୃଷ୍ଣର ରାଧାଙ୍କ ନିଃସର୍ତ୍ତ ପ୍ରେମକୁ
କାଳିଆର ଦାସିଆ ବାଉରୀ ନଡ଼ିଆକୁ
ଆଉ ନିଷ୍ପାପ ଶିଶୁର ଦରୋଟି ଓଠରେ
ଶବ୍ଦ ହେଇ ପ୍ରେମ ଯାଚୁଥିବା ମା'ର ମମତାକୁ ।

ସେଇ ଆପଣାପଣର ରଙ୍ଗମୟ ରାସ୍ତା
ଚିର ଅନାହତ ସତ୍ୟ
ଚିର ପ୍ରବାହିତ ଶାଶ୍ୱତ
ଚିର ଐଶ୍ୱରିକ ତନ୍ମୟତାରେ
ଭକ୍ତିପୂତ ତ୍ୟାଗରେ
ପାପପୁଣ୍ୟର ମୂକସାକ୍ଷୀରେ
ଈଶ୍ୱରୀୟ ଅନାବିଳ ଚେତନାରେ
ମୁନିଋଷିଙ୍କ ଦିବ୍ୟ ଅନୁଭବର ଔଜଲ୍ୟରେ
ଅନ୍ତରର ଗଭୀର ପ୍ରଦେଶରେ
ସୃଷ୍ଟି କରେ ଅନାହତ ସ୍ୱର
ସବୁ ଦୁଃଖଙ୍କୁ କରେ ପ୍ରଶମିତ
ପୁଷ୍ପିତ ରାହା ଦେଖାଏ
ଜୀବନର ଅଗଣାରେରେ
ନିଃସର୍ତ୍ତ ତ୍ୟାଗର ନିନାଦରେ
ନାସ୍ତିକ ବି ଆସ୍ତିକ ପାଲଟେ
ତା' ଆତ୍ମାର ଅନାହତ ପ୍ରୀତିର ଡାକରେ ।

ସନ୍ତୁପଡ଼ା, ବନ୍ଧପଡ଼ା
ରାଜନଗର, କେନ୍ଦ୍ରାପଡ଼ା
ମୋ.: ୮୨୮୦୧ ୯୯୭୭୫

ସାବିତ୍ରୀ

ହରିଶ୍ଚନ୍ଦ୍ର ବେହେରା

ତମେ ଭାଙ୍ଗି ଦେଇଛ
ନିୟତିର ଅନିବାର୍ଯ୍ୟ ଶୃଙ୍ଖଳ
ଖୋଲିଦେଇଛ ଅନ୍ତରାତ୍ମାର ଜ୍ୟୋତିର୍ମୟ ଦୁଆର
ନିୟତିର ଅବଗୁଣ୍ଠିତ କୁହୁକ

ସଂଶୟର କୁହେଳି ଭିତରେ
ତମେ ପ୍ରତିଷ୍ଠା କରିପାରିଛ ଅବିନାଶୀ
ଆତ୍ମାର ସୁଷମା
ଜୀବନର ବୃହତ୍ତର ବ୍ୟଞ୍ଜନା
ହୃଦୟର ଅଫୁରନ୍ତ ମାଧୁର୍ଯ୍ୟ

ଖୋଲି ଦେଇଛ ଅନ୍ତଶ୍ଚେତନାର ଅବରୁଦ୍ଧ କାରାଦ୍ୱାର
ଜାଳିଦେଇଛ ହୃଦୟର ଊର୍ଦ୍ଧ୍ୱମୁଖୀ ଅଗ୍ନିଶିଖା

ତମେ ତ ବିଡ଼ମ୍ବିତ ଭାଗ୍ୟର
ଦୁଃସାହସୀ ପ୍ରତ୍ୟୁତ୍ତର
ଜନ୍ମମୃତ୍ୟୁର ପ୍ରହଳିକା ଭିତରୁ ଶୁଣିପାରିଛ
ବିଶ୍ୱ ଛନ୍ଦର ଉଦ୍ଦାତ୍ତ ମାଙ୍ଗଳିକ

ପୁଣ୍ୟତୋୟା ନଦୀ ତୀରେ ଋଷିଙ୍କ ଆଶ୍ରମ
କିଏ ସେ ରାଜକୁମାର
ଚାରିଚକ୍ଷୁର ଅପୂର୍ବ ମିଳନ
ହୃଦୟ ବେଦୀରୁ ଶୁଭିଲା ମିଳନର ସାହାନାଇ

ଆଶ୍ରମର ସୁରଭିତ ଶୀତଳ ପ୍ରଶାନ୍ତିକୁ
ମୁଖରିତ କଲା ପ୍ରେମୋନ୍ମତ୍ତ କୋଇଲିର କୁହୁ
ଆତ୍ମାର ପୁଣ୍ୟ ମନ୍ଦିରୁ ଶୁଭିଲା
ଶଙ୍ଖ ଘଣ୍ଟା ଭେରୀତୂରୀ

ହେ ଅପାପବିଦ୍ଧ ପ୍ରେମ ପୂଜାରିଣୀ
ତମେ ଖୋଲିଦେଲ ନିୟତିର ଅବଗୁଣ୍ଠିତ କୁହୁକ
ଚହଲେଇ ଦେଲ ତମାମ ବିଶ୍ୱର ହୃତ୍‌ପିଣ୍ଡ

ତମକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଲା
କଠୋର ଅଗ୍ନି ପରୀକ୍ଷାରୁ
ଅକ୍ଳେଶରେ ପିନ୍ଧିନେଲ ମୃତ୍ୟୁଜୟୀ ବିଜୟ ମୁକୁଟ
ଖୋଲିଗଲା ଅନ୍ତରାତ୍ମାର ଅଲୌକିକ ଦୁଆର

ମହାକାଳର କାକଳି ଭିତରେ
କେଉଁଠି ବିଲୀନ ହୋଇଗଲା ସତ୍ୟବାନର କୁଠାର ଶବ୍ଦ
ବିଶ୍ୱବୀଣାରେ ଝଙ୍କୃତହେଲା
ତୁମ କାଳଜୟୀ ପ୍ରେମ ଆଉ ସତୀତ୍ୱର
ଅମର ସଙ୍ଗୀତ ।

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ.: ୯୪୩୭୮ ୧୩୭୦୮

କାଗଜ ଡଙ୍ଗା

ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ

ମୁଁ
କେବେଠୁ ହଜିଯାଇଚି
ଜୀବନକୁ ଖୋଜିଖୋଜି
ସମୟର ନିର୍ଘାତ୍ ଧକ୍କାରେ
ତାତିଲା ଫୁଟିଲା ସୁଅ ?
ତମେ...ମହକିତ ଋତୁର
ଏତେ କବିତା !
ବତୁରାବତୁରା ଆବେଗରେ
ତୁମେ ଘୁଂଚି ଘୁଂଚି ଯାଉଚ
ଏତେ ସନ୍ତର୍ପଣରେ !

ମୁଁ :
ସରି ସରି ଯାଉଥିବା ଆୟୁଷର
କାଗଜଡଙ୍ଗାଟେ
ଏତେ ଲୋଚାକୋଚା
ଆମ ସଂପର୍କର ବାଟଘାଟ !

କୋଲନରା, ରାୟଗଡ଼ା
ମୋ.: ୮୯୧୭୩ ୨୪୫୨୫

ଖସିଯିବାକୁ ବସିଚି କବିତା

ପ୍ରେମାନନ୍ଦ ଖଣ୍ଟୁଆଳ

ହେଇ ଆସୁଚି କହି
ଯାଇଚି ନଳିନୀ ବେହେରା
କହିଚି ଖଞ୍ଜିଦେଇ ଆସିବ ମନ୍ଦିରରେ
ଖସିପଡ଼ିଥିବା ବିରାଟ ପଥର,
ହାତରେଖାରେ ଗଣିଦେଇ ଆସିବ
ମହୋଦଧି ବିକ୍ଷୁବ୍ଧ ଲହଡ଼ି,
ଘଷିମାଜି ଚକ୍‌ଚକ୍ କରିବ
କଳା ଚିକିଟା ବିଧାନସୌଧକୁ,
ଧୂଳି ଜମିଥିବା ଗାନ୍ଧୀ ମୂର୍ତ୍ତିରୁ
ପାଣିଛାଟି ଫେରେଇ ଆଣିବ ରଙ୍ଗ ।

ଏବେ ଏଠି ଏତେ ଶବ୍ଦଙ୍କ ଭିଡ଼ ଯେ
ସୁଯୋଗଉଣ୍ଡି ହାତପହାନ୍ତାରୁ
ଖସିଯିବାକୁ ବସିଚି କବିତା,
ଛକରେ ଛକେ ଲୋକଙ୍କ ଭିତରେ
କବିତା କବିତା ବାହୁନୁଥିବା
ମୁଁ ଏକା ଏକା ବୋକା ।

ମୁଁ କହିଦେଇଚି
ଆସିଲାବେଳେ ଆଣିବ ରାଘବ ପେଟରୁ
ଲୁହା ମୃଷଳ ଅବଶିଷ୍ଟ ଅଂଶ,
କବିତା ପାଇଁ କବଚ କୁଣ୍ଡଳ
ପ୍ରଜାପତି ପାଇଁ ଆଉ ହଳେ ଡେଣା,
ସାତଭାୟା ପାଇଁ ସମୁଦ୍ର ଗିଳିପାରୁନଥିବା
କେଇ ବୋଝ ମାଟି,
ଯୋଉଠି ଯୋଉଠି ଗଢ଼ିଉଠୁଚି ଜତୁଗୃହ
ଭାଙ୍ଗିବାକୁ ସବୁ ଯନ୍ତ୍ରପାତି,
ପଟୁଆର ପାଇଁ ଆଉ କେତେ
ମୁଠା ମୁଠା ହାତ,
ଦେଶ ପାଇଁ ମୃତ୍ୟୁଞ୍ଜୟ ମନ୍ତ୍ର ।

ଖୋଜୁଥିବ ବୋଧେ...
ସମୁଦ୍ରକୁ ଝାସ ପରେ
ଧର୍ମପଦ ନିହଣ ମୁଗୁର,
ବାଲିକୁ ଆଡ଼େଇ ସାତଭାୟାରୁ ଖୋଜୁଥିବ
ସାଧବାଣୀ ନୋଥ
ସାଧବଙ୍କ ଶେଷ ଧାଡ଼ି ଗୀତ,
ଦୟାନଦୀ କୂଳରୁ ମାଟି ଭିଜା ରକ୍ତ ।

ହେଇ ଆସୁଚିକହି
ଯାଇଚି ନଳିନୀ ବେହେରା,
ଛକରେ ଛକେ ଲୋକ
ମୁଁ କିନ୍ତୁ ଏକା ଏକା ବୋକା,
ଆସିବା ଗଳିରୁ ଶୁଭୁଚି
ବିଜେତାର ହସ, ଦୁଶୁଚି ରଥର ପତାକା ।

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ.:୯୩୩୭୩ ୧୩୬୬୫

ନିଜ ଲୋକ

ସୁଧୀର ମେହେର

ମନରେ ଖୁବ୍ ବିଶ୍ୱାସ ଥିଲା
ଦମ୍ଭ ବି ଅନେକ ଥିଲା ।

ଅଖଞ୍ଜା ବେଳେ ଲମ୍ବି ଆସୁଥିବା ହାତଗୁଡ଼ିକ
ନିଶ୍ଚିତ ଭାବରେ ନିଜ ଲୋକମାନଙ୍କର ।

କାତର ଯନ୍ତ୍ରଣା, ଛଟପଟ ହେବା ମୁହୂର୍ତ୍ତରେ
ଗଭୀର ଦୀର୍ଘଶ୍ୱାସ ସାଙ୍ଗକୁ
ଛାତି ତଳୁ ବାହାରି ଆସୁଥିବା
ଆହା ପଦ ବି ନିଜ ଲୋକମାନଙ୍କର ।

ଭୋଜି ଭାତ,ବିବାହ,ଯାନି ଯାତରାରେ
ଆକୁଣ୍ଠ ଭାବରେ ସହଯୋଗ ବାଣ୍ଟୁଥିବା
ହାତଗୁଡ଼ିକ ବି ନିଜ ଲୋକମାନଙ୍କର ।

କାହାର ଆସନ୍ନ ମରଣ ଖବର ଶୁଣି
ଖଟ ଚାରିପାଖେ ଘେରିଯାଇ
କାନ୍ଦ ବୋବାଳି ଛାଡୁଥିବା କୋଳାହଳ ବି
ନିଶ୍ଚିତ ଭାବରେ ନିଜ ଲୋକମାନଙ୍କର ।

କିନ୍ତୁ, ଯେଉଁ ଦିନ କିଟିମିଟି ଅନ୍ଧାରରେ
ନଈ ପହଁରୁ ପହଁରୁ ନାକେ ପାଣି ପିଇ
କୂଳକୁ ଉଠେଇ ନେବା ପାଇଁ
ଆତୁର ଭାବରେ ହାତ ଲମ୍ବେଇଲି,
କେହି ଜଣେ ବି ଆଗେଇ ଆସିଲେନି ।
ଆଶ୍ଚର୍ଯ୍ୟ ଲାଗିଲା-ଏତେ ଏତେ
ନିଜ ଲୋକମାନେ ଗଲେ କୁଆଡ଼େ !

ବୁଝିଲି, କିଛି ଦେବାକୁ ପଡୁଥିଲେ
ସହଜରେ ଧରା ଦିଅନ୍ତିନି ନିଜ ଲୋକମାନେ ।

ଚିଚୈଗୁଡା, ଜୁନାଗଡ଼,
କଳାହାଣ୍ଡି -୭୬୬ ୦୧୪
ମୋ.: ୯୫୮୩୫ ୮୮୮୮୭

ଟିପ

ସୁରେଶ କୁମାର ନାୟକ

ସବୁ ଛୁଆଁ ସ୍ପର୍ଶ ନୁହେଁ
ସବୁ ସ୍ପର୍ଶରେ ବି ନ ଥାଏ ଶିହରଣ
କିଛି ଛୁଆଁ ବୋଳା ଚନ୍ଦନ, କିଛି ସ୍ପର୍ଶ ବୃଶ୍ଚିକ ଦଂଶନ ।

ଟିପ ଛୁଇଁଦେଲେ
ଫଗୁଣ ଆସେ, ଫୁଲ ଫୁଟେ, ବରଷା ଝରେ
ଟିପ ବାଜିଗଲେ
ଖଣ୍ଡପ୍ରଳୟ, ହାତାହାତି, ରୁଧିର ଝରେ, ବିଚ୍ ରାସ୍ତାରେ ।

ବିଚିତ୍ରକର୍ମା ଏ ଟିପ
କପାଳରେ ମାଖିଦିଏ ଚନ୍ଦନଟିପା, ସୁନ୍ଥାରେ ସିନ୍ଦୂର
ଆଖିକୁ ପିନ୍ଧାଇଦିଏ କଜ୍ୱଳ
ପାଦରେ ଅଳତାର ଗାର ।

ଟିପର ଚାରୁକଳା
ବଂଶୀ ରନ୍ଧ୍ରରେ ସୃଜେ ସାତସୁରର ମୋହିତ ମୂର୍ଚ୍ଛନା
ହାରମୋନିୟମ୍ ରିଡ୍‌ରେ ଶିବରଞ୍ଜନୀ
ସୀତାର ତାରରେ ରାଗ୍ ୟମନ
ଗୀଟାର ଷ୍ଟ୍ରିଙ୍ଗସ୍‌ରେ ମଞ୍ଚ ଦୁଲୁକାଣ,
ବେହେଲାରେ ଛାତିଫଟା କାରୁଣ୍ୟ,
ବେଞ୍ଜୁର ବ୍ୟଞ୍ଜନାରେ କଞ୍ଜ୍ୱଲିର ଦିଗ୍ୱାନାପଣ ।

ଟିପ ଛୁଆଁରେ ପାଷାଣୀ ପାଲଟିଯାଏ ସୁନ୍ଦରୀ ଅହଲ୍ୟା
ଅପୂର୍ବ ନାରୀ ବନିଯାଏ କୁବ୍‌ଜା ମଥୁରାଦାଣ୍ଡରେ
ଏ ଟିପ ଗିରିଗୋବର୍ଦ୍ଧନ ଟେକିଧରେ
ବ୍ରଜବାସୀଙ୍କ ମଥା ଉପରେ
ପଣତର ଚାଖଣ୍ଡେ ଚିରାକପଡ଼ାର ଋଣ ପାଇଁ
କୋଟିବସ୍ତ୍ର ଦେଇପାରେ କୁରୁସଭାରେ ।

ମାଳା ଗୁନ୍ଥୁଥିବା ଏ ଟିପ ବି ହୋଇପାରେ କ୍ରୂର ।
ଟ୍ରିଗାର ଟିପି ଏନକାଉଣ୍ଟର କରେ,
ଟାଣିପାରେ ଗଞ୍ଜେଇ ଭର୍ତ୍ତି ସିଗାର,
ସୁଇଚ୍ ଟିପି କ୍ଷେପଣାସ୍ତ୍ର ମାରେ
ବିସ୍ଫୋରଣ ଘଟାଇ ଛାରଖାର କରିଦିଏ ଶତ୍ରୁଶିବିର,
ଇ.ଭି.ଏମ୍ ବଟନ୍ ଚିପି ଭାଙ୍ଗିଦିଏ କାହାର ଦୁର୍ଯ୍ୟୋଧନୀ
ଅହଙ୍କାର ।

ଏତେ କାରନାମା କରିପାରୁଥିବା ଏ ଟିପ
ବେଳେବେଳେ ବୋକାଙ୍କ ଭଳି
ନେଇଥିଲୁ ପାଞ୍ଚ, ଫେରେଇଲୁ ପାଞ୍ଚ
ପୁଣିନେଲୁ ପାଞ୍ଚ, ହେଲା ପନ୍ଦର, ମାର୍ ଟିପ
ପେଞ୍ଚ ବୁଝି ନ ପାରି
ମହାଜନ ସିରସ୍ତାରେ ଭିଟାମାଟି ଉଜାଡ଼େ ,
ଟିପେ ଗୁଡ଼ରେ ନଈଯାକ ପଣା କରିବା ସ୍ୱପ୍ନରେ
ଜୀବନର ବାଟ ବି ହୁଡ଼େ ।

ସେଦିନ ପେନ୍‌ସିଲ୍ କାଟିଲା ବେଳେ
କଟିଯାଇଥିବା ମୋ' ରକ୍ତଜୁଡୁବୁଡୁ ଟିପକୁ କିଛି ନ ବିଚାରି
ଭରାକ୍ଲାସରେ ପାଟିରେ ଚୋଷିନେଇଥିଲା କିଶୋରୀ ଅନୁପ୍ରିୟା ,
ଅନୁ ଏବେ ଡାକ୍ତରାଣୀ
ଗତକାଲି ମୋ' ଡାଇବେଟିକ୍ ଟେଷ୍ଟ ପାଇଁ
ନିଷ୍କରୁଣ ଭାବେ ମୋ' ଟିପ ଅଗରେ ଛୁଞ୍ଚି ଫୁଟେଇଲା ବେଳେ
ନା ତା ମୁହଁରେ ଥିଲା ସାମାନ୍ୟ କରୁଣା କି ଦୟା
ଯଦିଓ ତା' ଗ୍ଲୋବସ୍ ପିନ୍ଧା ପାପୁଲି ଛୁଆଁରେ
କମ୍ପିଯାଇଥିଲା ମୋ ସମଗ୍ର କାୟା ।

ପାଦଚିହ୍ନ ସିନା ଛାଡ଼ିଯାଏ ଶୋକାତୁରା ସ୍ମୃତି
ଟିପଚିହ୍ନ ଆଣିଥାଏ
ସଜଳ ସ୍ୱୀକୃତି, ସ୍ୱୀକାରୋକ୍ତି, ଚିରସ୍ଥାୟୀ ସଂପ୍ରୀତି ।

ପ୍ଲଟ ନଂ. ୯୧
ଶତାବ୍ଦୀ ବିହାର, ଲେନ -୧
କୃଷକ ବଜାର, ଅଭିନବ ବିଡ଼ାନାସୀ
କଟକ - ୧୪
ମୋ.: ୬୩୭୨୭ ୯୪୫୦୬



ମେଙ୍କି ଠାକୁମା

ଆଦିକନ୍ଦ ସାହୁ

ଯେଉଁ ସୁଖ ପାଇଁ ପୃଥବୀ ଆରମ୍ଭରୁ ମଣିଷ ଖୋଜିଖୋଜି ବ୍ୟାକୁଳ ସେ ସୁଖ କେବେ ଧନରେ ନ ଥାଏ। ବାହାରେ କେଉଁଠି ବି ନ ଥାଏ। ଥାଏ କୋଟିକୋଟି ମଣିଷଙ୍କ ଆତ୍ମାରେ।

ମେଙ୍କି ଠାକୁମା ସଞ୍ଜ ପହର ବହଳ ଅନ୍ଧାରରେ ବୁଡ଼ିଗଲେ, ବିଜୁଳି ପୋକ ଗଛପତ୍ରରେ ସାଲୁବାଲୁ ହେଲେ, ବିଲୁଆ ରଡ଼ିଲେ ମଣିଷ ଆତ୍ମାର ସେଇ ସତ୍ୟକୁ ଖୋଜିବସେ।

କେତେ ଶ୍ରେଷ୍ଠୀ ସାମନ୍ତଙ୍କ ଅମଣିଷ ପଣିଆ କଥା କହେ। ରାଜାପୁଅ ମନ୍ତ୍ରୀପୁଅ କଥା କହେ ତ ଅଗଣାଅଗନି ବନସ୍ତର ବୁଢ଼ୀ ଅସୁରୁଣୀ କଥା କହେ।

ବଉଳା ଗାଈ କଥା କହେ ତ ସାଧବ ପୁଅର ବୋଇତ ବୁଡ଼ି ଯିବା କଥା କହେ ।

ଠାକୁମା ଚାଟଶାଳୀ ଧଡ଼ା ମାଡ଼ିନି; ହେଲେ ତା' ପେଟରେ ସାଇତି ଥିବା କାହାଣୀ ପେଡ଼ିରେ ଦଶକୁମାର ଚରିତ, ପଞ୍ଚତନ୍ତ୍ର, ଆରବ୍ୟ କାହାଣୀମାଳାର ଗପସବୁ ଥାଏ।

ତା' ଗପର ଚରିତ୍ରମାନେ ସବୁଥିଲେ ଏଇ ମର୍ତ୍ତ୍ୟର ହାରି ଯାଉଥିବା ମଣିଷମାନେ। ବ୍ୟର୍ଥତାରେ ଜୀବନ ହାରି ଦେଇଥିବା ଏଇ ଗାଁର କେତେ ଝିଅ ବୋହୂ, କେତେ ଭାଇଭଉଣୀ। ରାତି ଦି'ପହର ହୁଏ। ପାଖ ବାଉଁଶ ବଣରେ ଶିଆଳମାନେ ପହରିକିଆ ଦିଅନ୍ତି। ଗଛପତ୍ର, ଚାଳବାଡ଼ରେ ବହଳ ଅନ୍ଧାର ଜମାଟ ବାନ୍ଧେ; ହେଲେ ମେଙ୍କି ଠାକୁମା'ର ଗପ ସରେ ନାହିଁ।

ନାତିନାତୁଣୀ କରି ଆମେ ତା' ପାଖରେ ପଣେ ଛୁଆ ଶୋଇଥାଉ। ସବୁଦିନ ପ୍ରାୟ ମେଙ୍କି ଠାକୁମା ଆମକୁ ଗପ କହେ।

ମେଙ୍କି ଠାକୁମା ଆମର ନିଜ ଠାକୁମା' ନ ଥିଲା। ତା'ଘର ଆମ ଅଜାଘର ଆଡ଼େ। ବଣପାହାଡ଼ ମୂଲକରେ। ସେ ଅଠର ବର୍ଷ ବୟସରେ ବିଧବା ହୋଇ ଯାଇଥିଲା। ତା' ସ୍ୱାମୀକୁ ବାଘ କି ଭାଲୁ କିଏ ଖାଇଗଲା ଯେ ତା' ମୁଣ୍ଡ, ତା' କଙ୍କାଳଟା ଯା' ଗାଁ ମୁଣ୍ଡ ତୋଟାମାଳରେ ପଡ଼ିଥିଲା।

ବିଚାରୀ ମେଙ୍କି ଠାକୁମା ସେଇଦିନୁ ନିରିମାଖି ହୋଇଯାଇଥିଲା। ମୋ' ଅଜାଘର ତା' ସାହା ହୋଇଥିଲେ। ଶେଷରେ ସେ ମାଆ ସାଙ୍ଗରେ ଆମ ଘରକୁ ଆସିଥିଲା।

ସେ ଆସିବା ଦିନଠାରୁ ଆମ ଘରଟା ଯେମିତି ଗୋଟାପଣେ ତା'ର ହୋଇଗଲା । ଆମ ଗାଈବଳଦ, ଛେଳି କୁକୁଡ଼ା ବାଡ଼ିବଗିଚାର ମାଲିକାଣୀ ସେ ହୋଇଗଲା।

ମେଙ୍କି ଠାକୁମାର ଭାରି ଶାସନ ଆମ ଉପରେ ଥିଲା। ସ୍ନେହ ଥିଲା, ଶାସନ ବି ଥିଲା। ଆମ ଉପରେ ତା'ର ସ୍ନେହ ବେଶୀ କି ଶାସନ ବେଶୀ କିଛି କଳନା କରି ହେଉ ନ ଥିଲା।

ଆମ ଦୁଷ୍ଟପଣ କିନ୍ତୁ କହିବାକୁ ନ ଥିଲା । ଟିକିଏକୁ ଗଛ ଚଢ଼ିବା ତ ଆଉ ଟିକିଏକୁ ପାଣିରେ ବୁଡ଼ିବା ।

ଛୁଆଦିନକୁ ଡେଇଁ ଆସିଲା ପରେ ଆଜି ଏ ବୟସରେ ଯେତେବେଳେ ଆମେ ଘର ଛାଡ଼ି ବାହାରେ ଅଛୁଁ ସେତେବେଳେ ମେଙ୍କି ଠାକୁମାର ସବୁଯାକ ସ୍ନେହ ମନେପଡ଼ି ଯାଉଛି ।

ସେତେବେଳେ ଆମର ଥିଲା ଗୋଟେ ବଡ଼ ଏକାନ୍ନବର୍ତ୍ତୀ ପରିବାର । ମୋ' ବୟସର ପୁଅଝିଅ ଥିଲେ କୋଡ଼ିଏ-ପଚିଶ ଜଣ । ସମସ୍ତେ ଆସି ଜମା ହେଉଥିଲେ ମେଙ୍କି ଠାକୁମା ପାଖରେ । ଯେତେବେଳେ ସେ ହବିଷ କରେ, କାର୍ତ୍ତିକ ମାସ ସାରା ଖିଚୁଡ଼ି ଭୋଗ କରେ । ଚଉରାରେ ରଙ୍ଗବେରଙ୍ଗୀ ମୁରୁଜ ପକାଏ । ଆକାଶ ଦୀପ ଜଳାଏ, ବିଷୁବ ସଂକ୍ରାନ୍ତିକୁ ତୁଳସୀ ଚଉରା ଉପରେ ପାଣି କଳସ ଝୁଲାଏ ।

ସବୁ ପର୍ବପର୍ବାଣୀର ଆୟୋଜିକା ଥିଲା ସେ ଇଷତ୍ ଡେଙ୍ଗୀ, ଇଷତ୍ ଶ୍ୟାମଳୀ ଆଉ ଇଷତ୍ ମୁଖୁରା ମେଙ୍କି ଠାକୁମା ।

ଟାଣ ଖୋଳପାର ନଡ଼ିଆ ଭିତରେ ଯେମିତି ମଧୁର ଶସ ଆଉ ପାଣିଥାଏ ସେମିତି ମେଙ୍କି ଠାକୁମାର ମୁଖୁରାପଣ ଭିତରେ ପ୍ରସୁପ୍ତ ହୋଇଥାଏ ଗୋଟେ ସ୍ନେହ ଛଳଛଳ କୋମଳତା ।

ଆମ ଘରର ସଭିଏଁ ତାହା ଯେମିତି ଜାଣି ପାରୁଥିଲେ ଆଉ କଥାକଥାକେ ସଭିଙ୍କର ମେଙ୍କି ଠାକୁମାକୁ ଡକା ପଡୁଥିଲା ।

ମେଙ୍କି ଠାକୁମା ଲୋଟଣିପାରା ଭଳି ସବୁକାମରେ ଲୋଟି ପଡୁଥିଲା । ବାଡ଼ିବଗିଚା କାମଠାରୁ ରନ୍ଧାବଢ଼ା ଯାଏ, ଗାଈବଳଦଙ୍କୁ ମୁହାଁଇବାଠାରୁ ଛେଳି କୁକୁଡ଼ାଙ୍କ ରଖାନଖା । ରୋଗ ବଇରାଗରେ ସେବାଯତ୍ନ କରିବାଠାରୁ କୁଣିଆ ମୈତ୍ରଙ୍କ ଚର୍ଚ୍ଚା କରିବା ପର୍ଯ୍ୟନ୍ତ ।

ତା'କୁ ଛାଡ଼ି ଘରର କଉକାମ ହୁଏ ନାହିଁ ।

ଠାକୁର ବାସନ ସେ ମାଜେ । ଠାକୁର ପୂଜା ପାଇଁ ସେ ଫୁଲ ତୋଳେ । ଗଛପତ୍ର, ଗାଈଗୋରୁ ଆଉ ଠାକୁର କାମରେ ମେଙ୍କି ଠାକୁମା ଏତେ ସମର୍ପିଣ ଯେ ସେ ତା' ଖାଇବା ପିଇବା ଭୁଲିଯାଏ ।

ଆମର ଗୋଟେ ବୁଢ଼ା ଚଅଁରା ବଳଦ ଥିଲା । ଝଡ଼ିବର୍ଷା ଦିନ ସେ ମରିଗଲା ଯେ, ମେଙ୍କି ଠାକୁମାର କି କାନ୍ଦ । ସତେ ଯେମିତି ବଳଦଟେ ନୁହେଁ ମଣିଷଟେ ମରିଗଲା ।

ଗାଈବଳଦ, କୁକୁର ବିଲେଇ ଆଉ ଛେଳି କୁକୁଡ଼ାମାନେ ଥିଲେ ମେଙ୍କି ଠାକୁମା ଆଗରେ ଘରର ଜଣେଜଣେ ମଣିଷ । କଉ ପ୍ରାଣୀର ଦୁଃଖକୁ ସେ ସହି ପାରେନା । ଗାଈବଳଦ, ବିଲେଇ, କୁକୁରଙ୍କ କିଛି ହୋଇଗଲେ ସେ ଦିନଦିନ ଧରି ସେମାନଙ୍କର ସେବା କରେ । ସେଥର ଆମ ଘର ଗୋଟେ ପୋଷା କୁକୁର କିଛି ଆଉ ଖାଇଲା ନାହିଁ । ମେଙ୍କି ଠାକୁମା ଆଖିରୁ ଧାରଧାର ଲୁହ ବହିଲା । ଡାକ୍ତରଖାନା ଯାଇ କୁକୁର ପାଇଁ ଔଷଧ ଆଣିବାକୁ ସମସ୍ତଙ୍କୁ ନେହୁରା ହେଲା ।

ଆମ ଘରର ମଣିଷମାନଙ୍କର କେବଳ ନୁହେଁ ପଶୁପକ୍ଷୀମାନଙ୍କ ହୃଦୟର କମନୀୟତାକୁ ମେଙ୍କି ଠାକୁମା' ପରି ଗରିବ ନିରାଶ୍ରିତ ଲୋକଟି କେବଳ ବୁଝି ପାରୁଥିଲା ।

ମୁଁ ସେଦିନ ଗାଁ ସ୍କୁଲରେ ପଢୁଥିଲି । ଖାଇବା ପିଇବାରେ ମୋର ଭାରି ସଉକ ଥିଲା; ଯେଉଁ ଖାଦ୍ୟ ଲାଳସା ମୋର ଆଜି ପର୍ଯ୍ୟନ୍ତ ଅତୁଟ ରହିଛି । ବେସରବଟା, ପତରପୋଡ଼ା ଠାରୁ ଆରମ୍ଭ କରି ଯେତେ ପ୍ରକାର ମାଛ ତରକାରି ଗାଁରେ ହୁଏ ମେଙ୍କି ଠାକୁମା ସବୁ ମୋ' ପାଇଁ କରି ଦେଉଥିଲା ।

ତା' ହାତ ରନ୍ଧା ଥିଲା ନିଆରା । ଏତେବର୍ଷ ଯା' ଭିତରେ ବିତିଗଲାଣି, ହେଲେ ମୁଁ ଜମା ଭୁଲି ପାରିନି ତା' ହାତ ରନ୍ଧାକୁ । ନଈ ପୋଖରୀର ମାଛକୁ ସେ ଆମ୍ବୁଲ ଦେଇ ନ ହେଲେ ଗୁଡ଼ଖଟା ଦେଇ ଏମିତି ରାନ୍ଧିଦିଏ ଯେ, ମାସମାସ ଧରି ଜ୍ୱର ଭୋଗୁଥିବା ରୋଗୀର ଅରୁଚି ଛାଡ଼ିଯିବ ।

ମୁଁ କହିବି, ମେଙ୍କି ଠାକୁମା ମୋ' ପାଇଁ ଗୋଟେ ସେମିତି ବହି, ଯାହାର ପ୍ରତ୍ୟେକ ପୃଷ୍ଠା ପଢ଼ି ମୁଁ ବୁଝି ପାରୁଥିଲି ।

ସୁଖର ଲାଳସା ତା'କୁ କେବେ ଛୁଇଁଲା ଭଳି ଲାଗେନି । ସାରାବର୍ଷ କି ଶୀତ କି ବର୍ଷା ସେ ସପ ଖଣ୍ଡକରେ ଶୁଏ । ତିକିଆ କହିଲେ ଗୋଟେ ମୁଚୁଲା ।

ଗୋଟେ ଅଧାକାନ୍ଥ ଥିବା ଅଧା ଚାଳି ଥିଲା ତା'ର ଶୋଇବା ଜାଗା । ଶାଗ ପଖାଳ ଥିଲା ମେଙ୍କି ଠାକୁମାର ସବୁଦିନିଆ ଖାଦ୍ୟ ।

ସୁଖକୁ କେହି ଜୀବନ ପରିଧିରୁ ବାଦ୍ ଦେଇ ପାରନ୍ତି ନି । କୁଷ୍ଠରୋଗୀଟିଏ ଗଛମୂଳେ ପଡ଼ିଥିଲେ ବି ସେ ତା' ପାଇଁ ସୁଖ ଖୋଜେ । ହେଲେ ମେଙ୍କି ଠାକୁମା' କେବେ ତା' ପାଇଁ ସୁଖ ଖୋଜୁ ନ ଥିଲା ।

ସକାଳ ପହରୁ ରାତି ଦି'ପହର ଯାଏ ସେ ଯାହା କାମ କରେ ସେ ସବୁ ଆମରି ଖାଇବାପିଇବାର ଯାବତୀୟ ଯୋଗାଡ଼ଯନ୍ତ୍ର ।

ସତ କହିଲେ ସେ ଆମ ଘରେ ଯେପରି ଅବିଶ୍ରାନ୍ତ ଖଟୁଥିଲା ନାଁ ଜଣେ ନିଶ୍ଚୟ ଭାବିବ ଆମ ସୁଖ ହିଁ ତା' ସୁଖ ଥିଲା ।

ସେଇ ସାତ ପୁରୁଷର ଭିଟାମାଟି ଉପରେ ଆମର ଥିଲା ଗୋଟେ ବହୁକୁଟୁମ୍ବୀ ଏକାନ୍ନବର୍ତ୍ତୀ ପରିବାର । ଗାଁରେ ଖାଲି କାହିଁକି ପାଞ୍ଚସାତଖଣ୍ଡ ଗାଁରେ ଆମ ଘରର ନାଁ ଥିଲା ।

ଆମ ବାପାଦାଦାଙ୍କର ଗୋଟେ ଯାତ୍ରାପାର୍ଟି ଥିଲା । ପ୍ରତି ସନ୍ଧ୍ୟାରେ ଆମ ଘରେ ଗୋଟେ ସଙ୍ଗୀତ ଆସର ହେଉଥିଲା । ଆମ ଘରବାଡ଼ିରେ ଗୁଡ଼ାଏ ଫୁଲଗଛ ଥିଲା । ଆମ ଘର ବାପା ବଡ଼ବାପା କେତେଜଣ ନାଁ କରା ସ୍ୱାଧୀନତା ସଂଗ୍ରାମୀ ଥିଲେ ।

ଆମ ଘର ଅର୍ଦ୍ଧଶତାବ୍ଦୀ ବର୍ଷର ଇତିହାସ ଜାଣିଥିଲା ମେଙ୍କି

ଠାକୁମା' । ଆମ ଘର ସହିତ ଆମ ଘରର ସୁଖଦୁଃଖ ସହିତ ମେଙ୍କି ଠାକୁମା' ଯେ, ଏତେ ଏକାତ୍ମ ହୋଇଯିବ ଏ କଥା ଯେ ଶୁଣୁଥିଲା ସେ ଆଶ୍ଚର୍ଯ୍ୟ ହେଉଥିଲା ।

ସେ ସାରାଦିନ ଆମ ଘରେ ଯାହା ସବୁ କରୁଥିଲା ତାହା ହିଁ ଥିଲା ତା'ର ଜୀବନ । ସତ କହିଲେ ତା' ଜୀବନର ଆଉ କିଛି ପରିଚୟ ନ ଥିଲା । ଯେତେବେଳେ ଲକ୍ଷଲକ୍ଷ ଲୋକ ସେମାନଙ୍କ ଜୀବନକୁ ନେଇ ଆସୁଖୀ ହୋଇଥାନ୍ତି ସେତେବେଳେ ଏହା ଗୋଟେ ବଡ଼କଥା ଯେ, ମେଙ୍କି ଠାକୁମା' ତା' ଜୀବନକୁ ନେଇ ସନ୍ତୁଷ୍ଟ ଥିଲା ।

ଗୋଟେ ମୁହୂର୍ତ୍ତ ପାଇଁ ବି ତା' ଜୀବନରେ ନୈରାଶ୍ୟ ନ ଥିଲା । ସେ ଥକାମନ ହୋଇ କେବେ ବସି ରହୁ ନ ଥିଲା । ଅଧରାତିରୁ ଉଠି ବି ସେ ଗାଈବଳଦଙ୍କୁ ମୁହାଉଁ ଥିଲା ।

ମେଙ୍କି ଠାକୁମା' ସେମିତି ଗୋଟେ ମହୀୟସୀ ଚରିତ୍ର ନ ଥିଲା ଆମମାନଙ୍କ ପାଇଁ ସେ ଅଜ୍ଞାତକୁଳଶୀଳ ଥିଲା । ତଥାପି ସେ ଥିଲା ଆମ ସମସ୍ତଙ୍କର ଅତି ଆପଣାର ।

ଦୁନିଆର ମଣିଷ କେତେ ଭାବରେ, କେତେ ସଂଗ୍ରାମଶୀଳତା ଭିତରେ ଜୀବନ ବଞ୍ଚିଛି । ମେଙ୍କି ଠାକୁମା'କୁ ଦେଖିଲେ ଏମିତି ସଂଗ୍ରାମଶୀଳ ମଣିଷମାନେ ମନେପଡ଼ନ୍ତି ଆଉ ଯନ୍ତ୍ରଣା କାତର ସବୁ ମଣିଷଙ୍କ ଆଗରେ ମୁଁ ନତମସ୍ତକ ହୋଇଯାଏ ।

ଏତେ ବହି ଓଲଟାଇବା ସତ୍ତ୍ୱେ ସତ କହିଲେ ମେଙ୍କି ଠାକୁମା' ଭଳି ଚରିତ୍ର ମୁଁ କେଣେ ପାଇନି । କେଜାଣି ତା' ପରି କିମ୍ବା ତା'ଠାରୁ ଅଧିକ ନିରନ୍ତର କାମ କରୁଥିବା ସରଳ ମଣିଷଟେ କେଉଁଠି ଥିବ କି ନାହିଁ ।

ତା' ବୟସ କେତେ ଆମେ ସଠିକ୍ ଭାବେ କେହି ଜାଣିନୁ । ଜାଣିନୁ ତା' ଜନ୍ମସ୍ଥାନର ଠିକଣା । ତା' ବାପମାଆ କିଏ ଆମେ କେହି ଜାଣିନୁ; ଅଥଚ କେତେ ବିଶ୍ୱାସର ସହିତ ଆମ ଘର ସାରା ଲୋକ ତା'ର ମମତାନୁବଦ୍ଧ ହୋଇରହିଛୁ ।

ତା' ଜୀବନଟା ମୋତେ ନିଆରା ଲାଗେ ।

ପରକୁ ଆପଣାର କରିବା ମନ୍ତ୍ର ସେ ଜାଣିଥିଲା ଯେମିତି । ଆମ ଘର ଅଗଣାର ଉତ୍ତରକୁ ଯେଉଁ ଅଧା କାନ୍ଥୀ ସେଇଠି ମେଙ୍କି ଠାକୁମା'ର ନିବାସ । ସେ ଯେତେବେଳେ ଛୁଆଙ୍କୁ ଗୀତ ଶୁଣାଏ ତା'ପାଖରେ ତିନିଚାରିଜଣ ନାତିନାତୁଣୀ ଶୋଇ ପଡ଼ନ୍ତି । ଦି'ଟା ଛେଳିଛୁଆଙ୍କୁ ସେ ତା' ଛାତିରେ ଜାକି ଧରିଥାଏ ତ ଦି'ତିନିଟା ବିଲେଇ ଉଷୁମ ଟାଣିବା ପାଇଁ ତା'କୁ ଆଉଜି ବସିଥାଆନ୍ତି । ଆମ ଭାଲୁଆ କୁକୁରଟା ବି ତା'କୁ ଜମା ଛାଡ଼ିଯାଏ ନି ।

ଅନୁବନ୍ଧନର ଏ ଗୋଟେ ମହାପର୍ବ । ଘରଲୋକ ହୁଅନ୍ତୁ ଅବା ବାହାରଲୋକ ହୁଅନ୍ତୁ ଯେ ଦୃଶ୍ୟ ଦେଖିବ ତା'କୁ ସତରେ ମହାଦୃଶ୍ୟ ଭଳି ଲାଗିବ ।

ଆମ ସେ ଇଜିମାଲି ଘରେ ଯେତେବେଳେ କାମଦାମ ପାଇଁ ମା' ଖୁଡ଼ିଙ୍କ ଭିତରେ ଠେଲାପେଲା ହୁଏ ଅବା ୟା'ଛୁଆ ତା'ଛୁଆ କହି ଗୋଟେ କଳିଗୋଳ ହୁଏ ସେତେବେଳେ ସମସ୍ତେ ଦେଖନ୍ତି ମେଙ୍କି ଠାକୁମା' କେଡ଼େ ବିନୀତ ଓ ଉଦାର ଆତ୍ମା ନେଇ ଖାଲି ମଣିଷ ଛୁଆଙ୍କୁ ନୁହେଁ ବିଲେଇ କୁକୁର ଛୁଆଙ୍କୁ ବି ନିଃସଙ୍କୋଚରେ କୋଳେଇ ନେଇପାରିଛି ।

ନାରୀମାନେ ଯେତେବେଳେ ଆଜି ଆଉ ବିନୋଦିନୀ ହୋଇ ପାରୁ ନାହାନ୍ତି ସେତେବେଳେ ସେମାନେ ପ୍ରାଣହୀନ କଣ୍ଢେଇ ଭଳି ଲାଗୁଛନ୍ତି ।

ମୋ' ପିତୃପ୍ରାଣର ଉତ୍ତରାଧିକାରୀ ସୂତ୍ରରେ ମୋର ତଥାପି ଗୋଟେ ଦରଦୀମନ ଥିବାରୁ ମୁଁ ମେଙ୍କି ଠାକୁମା'ର ଅନିବାର୍ଯ୍ୟ ଦୁଃଖକୁ ଅନୁମାନ କରିପାରେ ।

ସେ ଗୋଟେ ମଣିଷ ହୋଇ ତା'ର ଦୁଃଖ ନ ଥିବ ? ତା' ଛାତିରେ ହୁଏତ ଅସରନ୍ତି ଦୁଃଖ ଜମାଟ ବାନ୍ଧିଥିବ । ସୁପ୍ତ ଆଗ୍ନେୟଗିରି ଭଳି ତା' ଦୁଃଖ ସବୁକୁ ହୁଏତ ସେ ତା' ଛାତି ଭିତରେ ଚାପି ରଖିଥିବ ।

ଶାସ୍ତ୍ରକାରମାନେ କହିଛନ୍ତି, ଯାହା ଭିତରେ ଯେତେ ଅଧିକ ଦୁଃଖ ଥିବ ଜୀବନଟା ତା'କୁ ସେତିକି ନିବିଡ଼ ଲାଗିବ । ମଣିଷଠାରେ ସେ ନାରୀ ହେଉ କି ପୁରୁଷ ହେଉ ତା'ଠାରେ ଏପରି କିଛି ରହିଛି ଯାହାକି ଅଗମ୍ୟ ଆଉ ଅବୋଧ ।

ମୁଁ ଯେତିକି ଯେତିକି ବୟସ୍କ ହୋଇଯାଉଛି ଆଉ ମୋର ଅଭିଜ୍ଞତା ବଢୁଛି ମୋତେ ସେ ବୁଢ଼ୀ ଖଣ୍ଡିକ ସେତିକି ରହସ୍ୟମୟୀ ଲାଗୁଛି ।

ସମସ୍ତେ ସବୁକଥାରେ ମୂଳ ଖୋଜନ୍ତି । ମେଙ୍କି ଠାକୁମା ଜୀବନର ମୂଳ ନ ଥିଲା । ଆମେ ଛୁଆ କେହି ଜାଣୁନା ସେ କିଏ ଆଉ କେଉଁଠୁ ସେ ଆସିଛି ? ଛୁଆମାନେ କାହିଁକି ବଡ଼ମାନେ ବି ଜାଣନ୍ତି ନାହିଁ ମେଙ୍କି ଠାକୁମା ଜୀବନ କାହାଣୀ । ବହୁବର୍ଷ ତଳେ ଖାଲି ମାଆ ଟିକିଏ ଯା ଜାଣିଥିଲା ।

ମେଙ୍କି ଠାକୁମାର ଅଜ୍ଞେୟ ଜୀବନକୁ ଜାରିବାର ଯୁ ନ ଥିଲା ଆମମାନଙ୍କର । କାରଣ ତା' ଜୀବନ ବିଷୟରେ ସେ ଶବ୍ଦଟିଏ ଉଚ୍ଚାରଣ କରେ ନାହିଁ କିମ୍ବା କୌଣସି ନିଭୃତ ଦୁଃଖର ଛାଇ ତା' ମୁହଁରୁ ଆମେ ପଢ଼ିପାରୁ ନ ଥିଲୁ । ତା' ଉଦାସୀନତାକୁ ସେ କାର୍ଯ୍ୟବ୍ୟସ୍ତତାକୁ ଆଳ କରି ବରଂ ଢାଙ୍କି ପକାଉଥିଲା ।

ମେଙ୍କି ଠାକୁମା ବୋଧେ ତା' ଅନ୍ତସ୍ଥଳରେ ଅମାପ ଦୁଃଖ ଭୋଗୁଥିଲା । କାରଣ ସେ ଏକାନ୍ତଭାବେ ନୀରବ ରହୁଥିଲା । ତାହା ହିଁ ତା' ଜୀବନର ବଡ଼ ବୈଶିଷ୍ଟ୍ୟ । ସମସ୍ତେ ତାହା ପାରନ୍ତି ନାହିଁ । କେତେବେଳେ ନାଁ କେତେବେଳେ ଆପଣା ଦୁଃଖକୁ ବାହୁନି ପକାନ୍ତି ।

ବାପାଦାଦା ସମସ୍ତେ ଗୋଟେ ବଡ଼ ଯୌଥ ପରିବାର ବସାଇ

ଥିଲେ । ଏତେବଡ଼ ପରିବାରର ବୁନିଆଦି ସେ ଖଣ୍ଡମଣ୍ଡଳରେ ଆଉ କାହାର ନ ଥିଲା । ଅବଶ୍ୟ ନାରୀ ମହଲରେ ଆମ ମାଆ ଖୁଡ଼ିଙ୍କ ମଧ୍ୟରେ କିଛି କଳିଝଗଡ଼ା ଥିଲା ।

କଳି ତକରାଳ କରୁଥିବା ଦି'ପକ୍ଷଙ୍କ ମଝିରେ ମେଙ୍କି ଠାକୁମା ତା' ବୟସ ଆଉ ଗୋଟେ ବଡ଼ ପରିବାର ପାଇଁ ତା'ର ଉତ୍ସର୍ଗୀକୃତ ଜୀବନ ଖାତିରରେ ଛିଡ଼ା ହୋଇ ପଡୁଥିଲା ।

କଳହରତ ଦି'ପକ୍ଷ ପଛକୁ ଘୁଞ୍ଚି ଯାଉଥିଲେ ।

ମେଙ୍କି ଠାକୁମା ସତ କହିଲେ ମୂଲିଆଣୀ ଭଳି ଖଟୁଥିଲା; ହେଲେ ତା'ର କର୍ମନିଷ୍ଠା ଓ ସାଧୁତା ଯୋଗୁଁ ମାଲିକାଣୀମାନେ ଶଙ୍କି ଯାଉଥିଲେ ।

ଅଳ୍ପଦିନ ଭିତରେ ମୋ' ସାନଖୁଡ଼ି ମେଙ୍କି ଠାକୁମା'ର ବିପକ୍ଷ ବନିଗଲେ । କାରଣ ହେଉଛି ସେ ମୋ' ମାଆ ସହିତ ବେଶୀ ଆତ୍ମୀୟତା ଯୋଡ଼ିଥିବା କାରଣରୁ ।

ସବା ସାନଖୁଡ଼ି ମୋ' ଦାଦାଙ୍କର କନିଆ ଭାର୍ଯ୍ୟା । ସେ ଆସିଲା ଦିନଠାରୁ ମେଙ୍କି ଠାକୁମା'ର ଶିରି ଦେଖିପାରେ ନି ।

ଏ ମଙ୍ଗଳମୟ ଜଗତରେ କେତେଜଣ କଳହପ୍ରିୟା ନାରୀ ସବୁଆଡ଼େ ଥାଆନ୍ତି । ସେମାନେ ପର ଆପଣା କାହା ପାଇଁ ନାଁ ବିନୋଦିନୀ ହୋଇପାରନ୍ତି ନାଁ ମଧୁମତୀ ହୋଇପାରନ୍ତି ।

ମୋ' ସାନଖୁଡ଼ି ସବୁବେଳେ ସମସ୍ତଙ୍କୁ ଅମଧୁର କଥା କହିବାରେ ଓସ୍ତାଦ୍ । ତା' ଅସହଣିପଣ କାରଣରୁ ସେ ମେଙ୍କି ଠାକୁମା'କୁ ଭାରି ଜିଂଘାସା କରେ । ମେଙ୍କି ଠାକୁମା' ସବୁବେଳେ ନୀରବ ରହେ ସିନା କିଛି ଉତ୍ତର ଦିଏନି ।

ମୁଁ ଥିଲି ତା'ର ଅତି ଗେହ୍ଲା ନାତି । ସେ ମୋ' ପାଇଁ ସବୁ ଜିନିଷର ଗୋଟେ ବଡ଼ଭାଗ ରଖିଥାଏ । ମେଙ୍କି ଠାକୁମା' ତା'ର ଉଚ୍ଚମାନର ମଣିଷପଣିଆ ପାଇଁ ମୋତେ ଦେବୀଟିଏ ଭଳି ଲାଗୁଥିଲା । ସେ ଯୁବତୀ ନ ଥିଲା କି ରୂପସୀ ନ ଥିଲା; ହେଲେ ତା'କୁ ମୁଁ ଝୁରି ମରୁଥିଲି ।

ମୁଁ ଯେତେବେଳେ ଦୂର ସହରକୁ ଗଲି କଲେଜ ପଢ଼ିବା ପାଇଁ ଆଉ ସେମିତି ଦୂର ଜାଗାରେ ଚାକିରି କଲି ସେତେବେଳେ ସେ ମୋର ବାରବାର ମନେ ପଡୁଥିଲା । ତା' ସହିତ ସମୁଦ୍ରକୂଳ ଗାଁରେ କଟିଥିବା ମୋ' ମଧୁର ଶୈଶବର ଦିନସବୁ ।

ସତ କହିଲେ ମୋ' ବାପାମାଆ ତ ନିଶ୍ଚୟ, ତା' ସହିତ ମେଙ୍କି ଠାକୁମା' ମୋତେ ଗୋଟେ ଅଭୁଲା ଶୈଶବ ଦାନ କରିଥିଲେ

ମାଆ କହୁଥିଲା ଆମ ବୁଢ଼ା ଆମ୍ବଗଛକୁ ଯେତେ ବର୍ଷ ହେବ ଠିକ୍ ସେତିକି ବର୍ଷ ହେବ ମେଙ୍କି ଠାକୁମାର ।

ଆମ ଘର ଗୋଟାକର ସୁଖଦୁଃଖକୁ ସେ ଅଙ୍ଗେ ଲିଭେଇଛି । ସେ ଜାଣିଛି ଆମ ଘରର ଯାବତୀୟ ଇତିହାସ ।

ଆମ ଘରବାଡ଼ି ଏକ ଏକର ତେର ଗୁଣ୍ଠ, ଯାବତୀୟ ଭିତରେ ସାନବଡ଼ କରି ଦି'ଯା ପୋଖରୀ ଅଛି ।

ଯାବତୀୟ ଫୁଲଫଳ ଗଛରେ ଭର୍ତ୍ତି ଆମ ବଗିଚା । ବାଡ଼ିପଟ ଟୁବି ଗଡ଼ିଆରେ ଗାଧୋଇ ମେଙ୍କି ଠାକୁମା ତୁଳସୀ ଚଉରାରେ ପାଣି ଢାଳେ । ଆମ କୁଳଦେବତାଙ୍କ ଆଗରେ ଦି'ଘଡ଼ି ପୂଜାପାଠ କରେ । ପାଞ୍ଚ ସାତ ପ୍ରକାର ଫୁଲ ଆଣି ଠାକୁରଙ୍କ ମୁଣ୍ଡରେ ଚଢ଼ାଏ ।

ଗୁଣୁଗୁଣୁ ହୋଇ ପ୍ରତିଦିନ ଠାକୁରଙ୍କୁ କ'ଣ ସବୁ ତା' ମନକଥା କହେ । ପାଖ ପଡ଼ିଶାର ଲୋକେ କହନ୍ତି, ଆହାଃ ବିଚାରୀ ।

ତା' ପାଖକୁ ବର୍ଷ ବର୍ଷ ବିତିଗଲେ ବି ଘରଲୋକ କେହି ଆସନ୍ତିନି । ମେଙ୍କି ଠାକୁମା' କାହାକୁ ବି ଖୋଜେ ନି ।

ଆମ ଘରର ଗହଳଚହଳ ସତ୍ତ୍ୱେ ତା'ର ଥିଲା ଗୋଟେ ନିରିମାଖି ନିର୍ଜ୍ଜନ ଜୀବନ ।

ସେଇ ରହସ୍ୟମୟୀ ଲାଗୁଥିବା ପକ୍ୱକେଶୀ, ଶ୍ଲଥ ଚର୍ମର ବୃଦ୍ଧାଟି ସେ ବୟସରେ ବି କର୍ମକୁ ଈଶ୍ୱରୀୟ ଜ୍ଞାନ କରୁଥିଲା । ମୁଁ ଉପଲବ୍ଧି କରିଛି, ତା'ର ଏମିତି ନିଃସଙ୍ଗ ଓ ନୀରବିତ ଜୀବନ ଯୋଗୁଁ ତା' ଭିତରେ ଗୋଟେ ସୃଜନଶୀଳତା ବଢୁଥିଲା ।

ସେ ସୃଜନଶୀଳତାର କିଛି ପ୍ରକଟନ ନ ଥିଲା; ହେଲେ ନିଝୁମ ବର୍ଷା ରାତିରେ ପଲେ ନାତିନାତୁଣୀକୁ ପାଖରେ ବସାଇ ସେ ଯେତେବେଳେ ଗାଉଥିଲା "ଟୁବି ଗଡ଼ିଆ ଟୁବି ଗଡ଼ିଆ ଟୁବି ଗଡ଼ିଆରେ ପାଣି ବାପା ଯାଇଛନ୍ତି ବିଦେଶ ସିନା ଲୋ ଜହ୍ନମାମୁଁ ଦେବେ ଆଣି' ତା' କଣ୍ଠରେ ଭାରି ଫୁଟୁଥିଲା । ଅନେକ ଲୋକଗୀତର ପଦ ସେ ମୁଖସ୍ତ କରିଥିଲା ।

ଛୁଆମାନଙ୍କୁ ଗୀତ ଶୁଣାଇବାରେ ସେ ଏତେ ବିଭୋର ହୋଇ ଯାଉଥିଲା ଯେ ତା'କୁ ସମୟ ଆଦୌ ଦୁର୍ବହ ଲାଗୁ ନ ଥିଲା ।

ଅନ୍ୟକୁ ଭଲ ପାଇବା ହିଁ ତା' ଜୀବନକୁ ପୁଲକିତ କରୁଥିଲା । ସେ ଧନଗର୍ବିଣୀ ଖୁଡ଼ିମାନଙ୍କଠାରୁ ଢେର ଭଲ ଥିଲା । ତା'ର ଶିକ୍ଷାଦୀକ୍ଷା ନ ଥିଲେ କ'ଣ ହେଲା ?

ସତ କହିଲେ ଯେତେବେଳେ ଜଣେ ନିଜ ପାଇଁ ବଞ୍ଚିବା ଛାଡ଼ିଦିଏ ସେତେବେଳେ ଜୀବନ ଗୋଟେ ତୀର୍ଥରେ ପରିଣତ ହୁଏ ।

ଖାସ୍ ଖୁଡ଼ିମାନଙ୍କ ଯୋଗୁଁ ଆମ ଘରର ଅଶାନ୍ତି ବଢ଼ିବାକୁ ଲାଗିଲା । କାହା ମନ କାହାକୁ ଆଉ ପାଇଲାନି । ଦାଦା ସ୍ତ୍ରୀ ବୁଦ୍ଧିରେ ପଡ଼ି ଭିନେ ହେବା ପାଇଁ ଚାହିଁଲେ । ବାପା ବଡ଼ବାପା ଯେତେ ବୁଝେଇଲେ ଦାଦାଖୁଡ଼ି ବୁଝିଲେନି ।

ଗାଁଲୋକେ ଏକଥା ଯେ ଶୁଣିଲା ସେ ଦାଦାଙ୍କୁ ଛି'ଛା କର କଲେ । ବଡ଼ବାପା କହିଲେ ହେଉ ତେବେ ତମେମାନେ ସବୁ ଜମିବାଡ଼ି, ଗାଈଗୋରୁ, ଗଛପତ୍ର ଅଳଗାଅଲଗା କରିନିଅ । ତରକାରିପତ୍ର

ପିଠାପଣାବି ଯେ ଯା'ର ସେ କରୁ । ମୁଁ ବାପା ମଲାବେଳେ ତାଙ୍କୁ କଥା ଦେଇଥିଲି ଅନ୍ତତଃ ଭାତ ହାଣ୍ଡିଟାକୁ ଅଲଗା କର ନାହିଁ ।

ବଡ଼ବାପାଙ୍କର ସେକଥା ଦାଦାଖୁଡ଼ି ରଖିଲେ ନି । ସେମାନେ ତରକାରିପତ୍ର ସହିତ ଭାତହାଣ୍ଡି ଅଲଗା କରିନେଲେ ।

ଗୋଟିଏ ରୋଷେଇ ଜାଗା ପାଞ୍ଚ ଜାଗା ହେଲା ।

ମେଙ୍କି ଠାକୁମା' ଯେଉଁ ଅଧା କାନ୍ଥି ପାଖରେ ଡେରା ପକାଇଥିଲା ସେଇଟାକୁ ବାପା ଆମର ରୋଷେଇ ଘର କରିଦେଲେ ।

ମେଙ୍କି ଠାକୁମାକୁ ଶୋଇବା ପାଇଁ ଆଉ ଜାଗା ମିଳିଲାନି । ଆମ ଘରକୁ ଲାଗିଥିବା ଅଲଗା ଗୋଟେ ଚାଳିଘରକୁ ଶେଷରେ ସେ ଗଲା । ଶୋଇଲାବେଳେ ସେ ଆମ ଘରଠାରୁ ଯେପରି ଅଲଗା ହୋଇଗଲା ।

ସେଦିନଠାରୁ ତା' ଦେହ ବି ଆଉ ଭଲ ରହିଲାନି । ନାତିନାତୁଣୀଙ୍କଠାରୁ ସେ ଯେମିତି ଅଲଗା ହୋଇଗଲା । ତା' ପାଇଁ ଗୋଟେ ସୌଭାଗ୍ୟର ଦୁର୍ଗ ଯେମିତି ଭୁଷୁଡ଼ି ପଡ଼ିଲା ।

ସେଇ ଏକ ଏକର ତେର ଗୁଣ୍ଠ ଜମିର ଘରବାଡ଼ି ପାଞ୍ଚ ଭାଗ ହୋଇଗଲା । ପାଟଳୀ ଫୁଲଗଛ ପାଖକୁ ମେଙ୍କି ଠାକୁମା ଆଉ ଯାଇ ପାରିଲାନି ଫୁଲ ତୋଳିବା ପାଇଁ । ବାଡ଼ ପଡ଼ିଯିବାରୁ ସେ ବି ତା'ର ଗାଧୁଆ ଗଡ଼ିଆକୁ ଯାଇ ପାରିଲାନି ।

ସବୁଆଡ଼ ଯେମିତି କହୁଳିଲା । ଅଗ୍ନି ପିଣ୍ଡୁଳାଟେ ଯେମିତି ସେ ଘରେ ପୋତା ହୋଇଗଲା । ନାରୀ ଯେ ନରକଦ୍ୱାର ଚଣ୍ଡୀ ଖୁଡ଼ି ତା'ର ପ୍ରମାଣ ।

ଆମ ଘର ଯେଉଁ ବର୍ଷ ଭାଗଭାଗ ହୋଇଗଲା ସେ ବର୍ଷ ମୁଁ ଦୂର ସହରରେ ପାଠ ପଢୁଥିଲି ।

ମୁଁ ସେତେବେଳକୁ ସବୁକଥା ବୁଝି ପାରୁଥିଲି । ବେଶ୍ ବୁଝି ପାରୁଥିଲି ମେଙ୍କି ଠାକୁମା'ର ଦୁଃଖ କଥା । ସାଂସାରିକ ଜୀବନ ବିଷୟରେ ମୋର କିଛି ଅଭିଜ୍ଞତା ଅବଶ୍ୟ ବଢ଼ି ଯାଇଥିଲା ।

ଆମ ଘର ଆଉ ବୈକୁଣ୍ଠ ସମାନ ହୋଇ ରହିଲାନି । ସଂସାର ସତରେ ବଡ଼ ନିର୍ଦ୍ଦୟ । ଯେଉଁ ଘର ଓ ସେ ଘରର ସବୁଲୋକ ଏତେ ଘନିଷ୍ଠ ଥିଲେ ସେସବୁ କେମିତି ବଦଳି ଗଲା ।

ମୁଁ ଦୂର ସହରରେ ସେଦିନ ବାପାମାଆଙ୍କ ସହିତ ମେଙ୍କି ଠାକୁମା' କଥା ଭାବୁଥିଲି । କେମିତି ଗୋଟେ ଖୋଲା ମେଲା ବିସ୍ତୀର୍ଣ୍ଣ ଜୀବନ ଚାହୁଁଚାହୁଁ ସଙ୍କୁଚିତ ହୋଇଗଲା ।

ମୋତେ ଲାଗିଲା ମେଙ୍କି ଠାକୁମାର ଅମୂଲ୍ୟଦାନ ସତ୍ତ୍ୱେ ଆମ ଘର ଯେଉଁ ଭାଙ୍ଗିଗଲା ତା' ପ୍ରତି ଚରମ ଅବହେଳା ହେଲା ।

ଆମ ଘର ଟଙ୍କା ସୁନା ହିସାବରେ ମେଙ୍କି ଠାକୁମା' କେବେ ମନ ଦିଏନି; ବରଂ ଶାଗ ତଳା ପକାଇ ଶାଗ ଖରଡ଼ା କରିବାରେ ତା'ର ଆନନ୍ଦ ବେଶୀ ଥାଏ ।

ନିଦରବୀ, ନିର୍ଦ୍ଧନ ହେଲେ ବି ସେ ଗୋଟେ କଞ୍ଚା ଜୀବନ ବଞ୍ଚିଥିଲା । ଆମ ସବୁ ନାତିନାତୁଣୀକୁ ନିଃସର୍ତ୍ତ ଭାବେ ଆଶୀର୍ବାଦ କରିବାର ଭାଷାକୁ ଆମେ ତା' ଆଖିରୁ ପଢ଼ି ପାରୁଥିଲୁ । ତା' ଆଖିର ଲୁହ ଦି'ଟୋପା ଥିଲା ତା' ଏକଲାପଣର ସ୍ମାରକୀ ।

ଜୀବନର ତା'ର ସ୍ୱପ୍ନ କ'ଣ ? ଏ କଥା ଯଦି କେହି ପଚାରେ ହୁଏତ ବୁଢ଼ୀଠାରୁ କିଛି ଉତ୍ତର ମିଳିବନି । ତା' ସ୍ୱପ୍ନର ଗୋଟେ ବଡ଼ ଅଂଶ ଥିଲା ମୂଲିଆଣୀ ଭଳି ନିଜକୁ ମାଟି ସହିତ ମିଶାଇବା । ଦୁନିଆର ଜଟିଳତା ବୁଝି ନ ଥିବା କୋମଳମତି ପୁଅଝିଅଙ୍କୁ ମାଆର ମମତା ଦେବା ।

ମୁଁ ତ କହିବି ଗୋଟେ ଅଦ୍ଭୁତ ମଣିଷ ସେ ଥିଲା ଯାହାର ନିଜ ପାଇଁ କିଛି ସ୍ୱପ୍ନ ନ ଥିଲା । ମୁହୂର୍ତ୍ତେ ପାଇଁ ହେଲେ ବି ସେ ଆପଣା ପାଇଁ ସୁଖ ସାଉଁଟୁ ନ ଥିଲା ।

ଚଣ୍ଡୀ ଖୁଡ଼ି ଆଉ କେତେଜଣଙ୍କୁ ସାଙ୍ଗ କରି ତା'କୁ ତଡ଼ି ଦେବା ପାଇଁ ଷଡ଼ଯନ୍ତ୍ର କରୁଥିଲା । ବୁଢ଼ୀ ଦିନେ ଆମ ଘରେ କାହାକୁ ତା' ଜୀବନ ବୃତ୍ତାନ୍ତ ଶୁଣେଇ ନାହିଁ ।

ଜୀବନମାନେ ହିଁ ତ ବୋଝ । ସେ ବୋଝ ଆମକୁ ବୋହିବାକୁ ପଡ଼ିବ । ଏ ଆକାଶ ତଳେ ଆଉ ଏ ପୃଥିବୀ ଉପରେ ଯେଉଁଠି ଜୀବନର ବୋଝ କିଏ ନ ବୋହିବ ।

ସବୁ ଋତୁ ମେଙ୍କି ଠାକୁମା'କୁ ଭଲ ଲାଗେ । ସବୁ ଋତୁର ପର୍ବ ପାଳିବାରେ ତା'ର ଥିଲା ବଡ଼ ଆନନ୍ଦ ।

ଚଣ୍ଡୀଖୁଡ଼ି ମେଙ୍କି ଠାକୁମା'ର କୌଣସି ଛିଦ୍ର ଆଉ ଖୋଜି ପାଇଲାନି । ଚଣ୍ଡୀଖୁଡ଼ି ଆଉ ମା'ର ଜମା ପଡ଼େ ନାହିଁ । ସେଇଥିପାଇଁ ମେଙ୍କି ଠାକୁମା' ଉପରେ ଚଣ୍ଡୀଖୁଡ଼ିର ଏତେ ରାଗ ।

ଏ ଦୁଇଜଣକ କଳିରେ ମେଙ୍କି ଠାକୁମା' ଯେମିତି ବଳି ପଡୁଛି ।

ଘରର ପିଲାଛୁଆ ବୁଢ଼ାବୁଢ଼ୀ ସମସ୍ତଙ୍କ କଥା ବୁଝି ସାରିବା ପରେ ଗାଈବଳଦ, ବିଲେଇ, କୁକୁରଙ୍କୁ ଖାଇବାକୁ ଦେଇ ଅଧରାତିରେ ସେ ବିଛଣାକୁ ଯାଏ । ବିଛଣା ବୋଲି ସପ ଖଣ୍ଡେ ଆଉ ପୁରୁଣା ଫଟା ଲୁଗାରେ ତିଆରି ମୁଚୁଲାଟିଏ ।

ଆମର ଏତେବଡ଼ ପରିବାର ଭାଙ୍ଗି ଖଣ୍ଡଖଣ୍ଡ ହୋଇଗଲା ପାଞ୍ଚ ସାତଟା ଚୂଲିରେ ଭାତ ରନ୍ଧା ହେଲା ।

ପିଲାମାନେ କିନ୍ତୁ ବାଡ଼ ପଡ଼ିବାକୁ ମାନିଲେ ନାହିଁ ବିଲେଇ କୁକୁର ଦି'ଟା ବି ବୁଝି ପାରିଲେନି ସେ ଭାଇଭାଗକୁ ଆଉ ଚଣ୍ଡୀଖୁଡ଼ିର ସଇତାନିକୁ । ଆଉ ଶେଷରେ ଯେଉଁ ପ୍ରାଣୀଟି ଏ ବିଭାଜନକୁ ଆଦୌ ମୁଣ୍ଡକୁ ନେଇ ପାରିଲାନି ସେ ହେଉଛି ମେଙ୍କି ଠାକୁମା'; ହେଲେ ତା' ଆଖିରୁ ଦିନରେ ପାଞ୍ଚଥର ଲୁହ ବହି ଯାଉଥିଲା ।

ସେ କାହାକୁ ଆଉ ପର କରି ପାରିଥାଆନ୍ତା ? ମଣିଷମାନଙ୍କୁ ତ ନୁହେଁ ଗାଈବଳଦ, ବିଲେଇ, କୁକୁରଙ୍କୁ ବି ଆଦୌ ନୁହେଁ ।

ଏ ଜୀବଜନ୍ତୁଗୁଡ଼ାକ ମେଙ୍କି ଠାକୁମାକୁ ଆଦୌ ଛାଡ଼ିଗଲେ ନି । ଗାଈବଳଦ ସବୁ ଭାଗ ହୋଇ ଯାଇଥିଲେ ବି ମେଙ୍କି ଠାକୁମା' ଗୁହାଳକୁ ଯାଇ ସମସ୍ତଙ୍କୁ ଘାସକୁଟା ଦେଉଥିଲା । ଆଉ ବିଲେଇ, କୁକୁର ଦି'ଟା ମେଙ୍କି ଠାକୁମା' ବିଛଣା ପାଖରୁ ଛାଡ଼ି ଆଉ କେଣେ ଗଲେନି ।

ମୁଁ ଯେତେବେଳେ ଛୁଟିରେ କଲେଜରୁ ଘରକୁ ଆସେ ମେଙ୍କି ଠାକୁମା ସବୁବେଳେ ମୋରି ସେବାରେ ଲାଗୁଥିଲା । ପାଖ ଛାଡ଼ି ଯାଉ ନ ଥିଲା ।

ମେଙ୍କି ଠାକୁମା' ସତରେ ଗୋଟେ ରହସ୍ୟଭରା ବହି; ମୁଁ ତା'ର ପ୍ରତ୍ୟେକ ପୃଷ୍ଠା ପଢ଼ି ବୁଝି ପାରୁଥିଲି ।

ଆମ ସେ ଖଣ୍ଡମଣ୍ଡଳରେ ମୋ' ଜାଣିବାରେ ତା'ପରି ଆଉ ଜଣେ କେହି ନ ଥିଲେ ।

ସତ କହିଲେ ମେଙ୍କି ଠାକୁମା' ଏଭଳି ଗୋଟେ ଅନ୍ତର୍ମୁଖୀ ଜୀବନ ବଞ୍ଚୁଥିଲା ଯେ, ତା' ଜୀବନ କଥା ଯିଏ କିଏ ବି କାହାକୁ କହୁ ନ ଥିଲା ।

ଏ ସଂସାରରେ ଏମିତି ଗୋଟେ ଜୀବନ ଅଛି କି କେଣେ ଯେଉଁ ଜୀବନରେ ଦୁଃଖ ନାହିଁ । ସେମିତି ନାରୀ ହେଉ ବା ପୁରୁଷ ହେଉ କେହି ଜଣେ ଏମିତି ନାହିଁ ଯାହା ଛାତିରେ ପ୍ରେମର ଆଞ୍ଚୁଡ଼ା ଦାଗ ନାହିଁ ।

ଚନ୍ଦ୍ରାଲୋକ
କଳିଙ୍ଗବିହାର, ଭୁବନେଶ୍ୱର-୭୫୧୦୧୯
ମୋ.: ୮୮୯୫୧ ୭୯୯୪୩

କ ବି ତା

ପଥରର ବି କେହି ଶତ୍ରୁ ଥାଏ

ଜ୍ୟୋସ୍ନାରାଣୀ ଭୋଇ

ପଥର ପାଇଁ ବି ପ୍ରେମିକା ଜଣେ ଥାଏ
ମୁଁ ଖୁବ୍ ଡେରିରେ ଜାଣିଲି
ନ ହେଲେ ଜଙ୍ଗଲି ହେବାରେ
କେବେ ହେଳା କରି ନ ଥାନ୍ତି
ଖାସ୍‌କରି ପଥରର ପ୍ରେମିକା ହେବା ପାଇଁ ।

ପଥର ଯେତିକି ଟାଣ
ପଥରର ପ୍ରେମିକା ପାଖରେ ଥାଏ ସେତିକି କୋମଳ ଛାତି
ପ୍ରେମିକା ପଥରକୁ ଛୁଇଁଦେଲେ କାଳେ ଫୁଲ ଫୁଟେ ସେଠି ।

ଅପର ପକ୍ଷରେ ଶତ୍ରୁ ଯେବେ
ବାରୁଦରେ ଖଣ୍ଡ ଖଣ୍ଡ କରେ ପଥର
ଦେହରୁ ତା'ର ନିଆଁ ଆଉ କେବଳ ନିଆଁ ହୋଇ
ଛୋଟ ଛୋଟ ଖଣ୍ଡହୋଇ ଗଡ଼ି ଆସେ
ପଥର କାନ୍ଦେ ପ୍ରେମିକା ବି କାନ୍ଦେ
ପ୍ରେମିକା ନ ହୋଇ
ମୁଁ ସେମାନଙ୍କ ପାଇଁ କାନ୍ଦେ ।

ମୁଁ ଖୁବ୍ ଡେରିରେ ଜାଣିଲି
ପଥରକୁ ବି ପ୍ରେମ କରି ହୁଏ
ପଥରରେ ବି ଫୁଲ ଫୁଟେ
ଆଉ ପଥରର ବି କେହି ଶତ୍ରୁ ଥାଏ
ଫୁଲ ନୁହେଁ ନିଆଁ ଫୁଟାଇ
ଦୁନିଆରେ ନିଆଁ ଭରେ ।

ଲାଇନ୍ ପଡ଼ା,ପାଟଣାଗଡ଼
ବଲାଙ୍ଗୀର
ମୋ.: ୮୨୮୭୩ ୮୧୫୬୦



ସାଆନ୍ତାଣୀଙ୍କ ନିଜଲୋକ

ରମେଶ ପଟ୍ଟନାୟକ

ସକାଳୁଆ ସୂର୍ଯ୍ୟରଶ୍ମୀ କର୍ଟନ୍ ଫାଙ୍କ ଦେଇ ରନ୍ଧାଘରେ ଯେତେବେଳେ ଗୋପନରେ ଅନୁପ୍ରବେଶ କଲା ସେତେବେଳକୁ ବାବୁ ତାଙ୍କ ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରି ସାରିଥିଲେ । ଏଇ କିଚେନ୍‌ରେ ତାଙ୍କର କୋଡ଼ିଏ ବର୍ଷ କଟିଛି । ଘରର ସାନ୍ତାଣୀ ରାଧାରାଣୀ ଆରାମ ଚୌକୀରେ ବସି ଘଣ୍ଟିଟିଏ ଧରିଛନ୍ତି ତାଙ୍କ ଶିରାଳ ହାତରେ ରହିରହି ବଜାଇ ଦେଉଛନ୍ତି ଯାହା ନିଛାଟିଆ ଘରସାରା ପ୍ରକଂପ ସୃଷ୍ଟି କରୁଛି !

ବାବୁ, ହେ ବାବୁ.... ସାନ୍ତାଣୀଙ୍କ ଗଳା ଥରଥର । ସଦା କର୍ମଠ ବାବୁ ରନ୍ଧାଘରୁ ଦୌଡ଼ି ଆସିଲେ । ଏକଦା ଚଳଚଞ୍ଚଳ ବାବୁ ବୟସର ବୋଝରେ ଝୁଙ୍କି ପଡ଼ିଛନ୍ତି । ଏବେ ତାଙ୍କର କଳା ଚମଡ଼ା ଉପରେ ବାଳ ପାଚିଗଲାଣି । ଅନେକ ଦିନଧରି ଏ ଘରର ରକ୍ଷଣାବେକ୍ଷଣ କରିବା ସହିତ ରାଧାରାଣୀଙ୍କ ପ୍ରତ୍ୟେକ ଆବଶ୍ୟକତା ପ୍ରତି ଦୃଷ୍ଟିଦେଇ ଆସିଛନ୍ତି ସେ ।

'ହଁ ବୋଉମା', କିଛି କହୁଥିଲେ ?'

ଆରେ ହେ କଫି କି ଚାହା ମୁନ୍ଦାଏ ଆଣିଦେଲନି ? କେତେ ସମୟ ଲାଗିବ ? ରାଧାରାଣୀଙ୍କ ପ୍ରଶ୍ନରେ ଥିଲା ଆଦେଶ ଓ ବ୍ୟସ୍ତତା ।

ହଁ, ମା, ଏଇ ଆଣିଦେଉଛି ।

ପାଞ୍ଚ ମିନିଟ୍ ଭିତରେ ବାବୁଭାଇ ବାଷ୍ପାୟିତ ଚାହା କପେ ଧରି ପହଞ୍ଚିଥିଲେ । ରାଧାରାଣୀଙ୍କ ଟେବୁଲ୍ କଡ଼ରେ ଚାହା ଥୋଇଲେ ସେ । ରାଧାରାଣୀ ଚୋକେ ଆସ୍ୱାଦନ ପୂର୍ବକ କହିଲେ: ଥ୍ୟାଙ୍କ ୟୁ ବାବୁ । ଭଲ ହେଇଛି ।

ତାଙ୍କ ମୁହଁରେ ସାମୟିକ ସଂତୃପ୍ତି ପଢ଼ି ହେଉଥିଲା । କିନ୍ତୁ ଅଧଘଣ୍ଟାଏ ପରେ ପୁଣିଥରେ ଘଣ୍ଟିର ଶବ୍ଦ ଘରସାରା ଆନ୍ଦୋଳିତ କଲା । ଜଳଖିଆ ପ୍ରସ୍ତୁତିରେ ଲାଗିଥିବା ବାବୁଭାଇ ଗାମୁଛାରେ ହାତପୋଛି ମା'ଙ୍କ ଆଡ଼କୁ ଦଉଡ଼ିଲେ ।

ହଁ, ବୋଉମା' ? ଡାକିଲେ କି ?

କଫି କାହିଁ ? କେଉଁଠି ଅଛି ? ଅଧାଘଣ୍ଟା ତଳୁ ଡାକ ପକାଉଛି । ରାଧାରାଣୀଙ୍କ କଣ୍ଠରେ ଉତ୍ତେଜନା ସ୍ପଷ୍ଟ ବାରି ହେଉଥିଲା ।

'ଆଜିକାଲି ମୋ' ପ୍ରତି କାହାରି ଖାତିରି ନାହିଁ । ମୁଁ ତ ଅଲୋଡ଼ା ବୁଢ଼ୀଟିଏ । ରୋଗିଲା ହୋଇ ବସିବସି ଖାଉଛି ।'

ବାବୁ ବୁଝିପାରିଲେ ନାହିଁ । ସାଆନ୍ତାଣୀ କ'ଣ କହୁଛନ୍ତି । ଆପଣ ତ ସକାଳୁ ଚାହା ପିଇଥିଲେ । ଏବେ କିଛି କଫି କରିଦେବି କି ?

କ୍ରୋଧରେ ରାଧାରାଣୀଙ୍କ ମୁହଁ ଦିଶିଲା ଆରକ୍ତ । ତମେ ଭାବୁଛ ମୋର ଡିମେନ୍ସିଆ ହୋଇଯାଇଛି ? ମୋର କିଛି ମନେ ରହୁନାହିଁ ?

ନାଇଁ, ମୋର ହିଁ ଭୁଲ୍ ହୋଇଯାଇଛି । ମୁଁ ଆଜିକାଲି ସବୁକଥା ପାସୋରି ଯାଉଛି । ଘର ଚିନ୍ତାରେ ମୋର କିଛି ମନେ ରହୁନି ମାଆ । ବାବୁଭାଇଙ୍କ ଆଖିରେ ଦେଖାଯାଉଥିଲା କେବେ ଦୃଶ୍ୟମାନ ହୋଇ ନ

ଥିବା ତାଙ୍କ ଛାତି ତଳର କ୍ଷୋଭ ।

ତମର ଯଦି କିଛି ମନେ ରହୁନି, ସାଇକିଆଟିଷ୍ଟ୍‌ର ଫୋନ୍ ନମ୍ବର ନିଅ । ନହେଲେ ପାଖ ଗଳିରେ ନ୍ୟୁରୋ କ୍ଲିନିକ୍ ଅଛି, ସେଠିକି ଯାଅ । ଆମ ଜୀବନକୁ ଆଉ ହନ୍ତସନ୍ତ କରନାହିଁ, କହିଲେ ଉତ୍ତେଜନାରେ ଥରଥର ରାଧାରାଣୀ ।

ସରି ମା' । ଆଜି ରନ୍ଧାବଢା ସାରି ଦି'ପହରକୁ ଯିବି, ମଥା ନୁଆଁଇ କହିଦେଲେ ବାବୁଭାଇ ।

ଦି'ପହର ଯାଏ ରନ୍ଧାବଢ଼ା କରୁଥିବ ? ଅଳସୁଆ କୋଉଠିକାର । ତମ ନିସତ୍‌ପଣିଆ କଥା ବି ଡାକ୍ତରଙ୍କୁ କହିଦେବ । ରାଧାରାଣୀ ଚିଲ୍ଲେଇଲେ ।

ଅଜ୍ଞାଣତ ବିବସତା

ଗତ କୋଡ଼ିଏ ବର୍ଷ ଧରି ବାବୁଭାଇ ରାଧାରାଣୀଙ୍କ ବ୍ୟକ୍ତିଗତ ସେବାରେ ସଂପୂର୍ଣ୍ଣ ନିୟୋଜିତ ଥିଲେ । ନିର୍ଦ୍ଧାରିତ ସେବା ବହିର୍ଭୂତ କାମକରି ସେ କେବେ ବିରକ୍ତ ହୋଇନାହାନ୍ତି କି ଅନିଚ୍ଛା ଦେଖାଇ ନାହାନ୍ତି ।

କିନ୍ତୁ ସମୟକ୍ରମେ ସାଆନ୍ତାଣୀଙ୍କ ଅଭିଯୋଗ କ୍ରୋଧରେ ପରିଣତ ହୋଇଛି । ବାବୁଭାଇଙ୍କ ନିରଳସ ସେବା ସତ୍ତ୍ୱେ ବାରଂବାର ଉତ୍‌କ୍ଷିପ୍ତ ହୋଇଛନ୍ତି ସେ । କ୍ରମାଗତ ରୋଗ ଓ ବାର୍ଦ୍ଧକ୍ୟ ତାଙ୍କ ବ୍ୟକ୍ତିତ୍ୱ ଉପରେ ଓଜନିଆ ଛାପ ଛାଡ଼ି ଯାଇଛି । ବାବୁଭାଇ ତାଙ୍କର ସବୁ ହତାଶା ଓ ରାଗରୋଷର ଶୀକାର ହୋଇଛନ୍ତି ନିରନ୍ତର ।

ଅତିଷ୍ଠ ହୃଦୟରେ ସାଆନ୍ତାଣୀଙ୍କ କାନ୍ଥଘଡ଼ିର ଟିକଟିକ୍ ଶବ୍ଦ ଅତିକ୍ରମ କରି ବାବୁ ଫେରିଲେ ରନ୍ଧାଘରକୁ । ଦିନସାରା ରାଧାରାଣୀଙ୍କ ଘରର କଠିନ ପରିଶ୍ରମ ତାଙ୍କୁ କେବେ ବାଧି ନଥିଲା । ତାଙ୍କ ପରିବାର ଥିଲା ବାସ୍ତବରେ ବାବୁଭାଇଙ୍କ ପାଇଁ ସର୍ବସ୍ୱ । କିନ୍ତୁ ତାଙ୍କ ପ୍ରତି ସାଆନ୍ତାଣୀଙ୍କ ଆକ୍ରୋଶ ଓ ଅଭିଯୋଗର ବୋଝରେ ସେ କ୍ରମଶଃ ଭାଙ୍ଗି ପଡ଼ିବାକୁ ଲାଗିଲେ ।

ମଧ୍ୟାହ୍ନ ଭୋଜନ ତିଆରି କରୁକରୁ ବିଗତ ଦିନରେ ରାଧାରାଣୀଙ୍କ ହସଖୁସିର କଥା ମନେ ପଡ଼ିଲା । ବାବୁଙ୍କ ସହ କେମିତି ସେ ମନଖୋଲି ଟାହି ଟାପରା ହେଉଥିଲେ... ତାଙ୍କ ସହ ଭାଇ ଭଳି ବ୍ୟବହାର କରୁଥିଲେ । ଏବେ ସେସବୁ ଦୂରସଂପର୍କୀୟ ସ୍ମୃତି ରାଧାରାଣୀଙ୍କ ଅସନ୍ତୋଷର ଓଜନ ତଳେ ପୋତି ହୋଇଯାଇଛି । ହେ ଭଗବାନ ! ତାଙ୍କ ମୁହଁରୁ ବାହାରି ଆସିଲା ।

ଦ୍ୱନ୍ଦ୍ୱର ଆରମ୍ଭ

ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଲା । ଯଥାବିଧି ଟେବୁଲ୍ ଉପରେ ଖାଦ୍ୟ ବାଢ଼ି ଦେଇଥିଲେ ବାବୁଭାଇ । ରାଧାରାଣୀ ଆସନ ଗ୍ରହଣ କଲେ ଯଦିଓ ତାଙ୍କ ମୁହଁର ଅଭିବ୍ୟକ୍ତି ସେପର୍ଯ୍ୟନ୍ତ ଥିଲା ଗମ୍ଭୀର । ବାଢ଼ି ସାରି ବାବୁଭାଇ ଠିଆ ହୋଇଥାନ୍ତି ଟେବୁଲ କଡ଼ରେ । ସାଆନ୍ତାଣୀ ଖାଇବା ଆରମ୍ଭ କଲେ । ପ୍ଲେଟ୍‌ରେ ଥିବା ତରକାରୀ ଚାମୁଚକୁ ହଠାତ୍ ଫୋପାଡ଼ି ଦେଲେ ରାଧାରାଣୀ ।

ଥୁଥୁ... ତରକାରୀ ଏତେ ଲୁଣିଆ କରିଛ କାହିଁକି ? ଏବେ ନୂଆ କରି ରାନ୍ଧୁଛ କି ? ଏତେ ଲୁଣ ?...ମାରିବ ନା କ'ଣ ? ମାଇଁ ଗଡ଼୍, କହି ତରକାରୀ ଗିନାକୁ ମଧ୍ୟ ଆଡ଼େଇ ଦେଲେ ସେ ।

କୋଉ ଗୋଟିଏ କାମ ଠିକ୍ ବାଗରେ କରି ପାରିଲାନି ଲୋକଟି ।

ବାବୁଭାଇ ଦୀର୍ଘଶ୍ୱାସ ଛାଡ଼ିଲେ ।

ଠିକ୍ ଅଛି ମାଆ । ଭୁଲ୍ ହେଇଗଲା । ମୁଁ ଆଉ ଥରେ ତରକାରୀ କରି ଦେଉଛି । ପାଞ୍ଚ ମିନିଟ ବସନ୍ତୁ ।

ରନ୍ଧାଘରକୁ ଯାଉଥିଲେ ବାବୁଭାଇ ।

'ରୁହ । ଏଠିକି ଆସ,' ସାଆନ୍ତାଣୀ ଗର୍ଜିଲେ ।

ବାବୁଭାଇ ଫେରିଲେ । ରାଧାରାଣୀଙ୍କ ଆଖିରେ ସେ ଦେଖି ପାରିଲେ ଏକ ସ୍ନିଗ୍ଧ କୋମଳ ଦୃଷ୍ଟିର ଝଲକ ଯାହା ଅନେକ ଦିନରୁ ଦୃଶ୍ୟମାନ ହୋଇ ନ ଥିଲା ।

ହଁ, କୁହନ୍ତୁ ମାଡ଼ାମ ।

ମୁଁ ଜାଣିପାରୁନି ମୋର କ'ଣ ହେଉଛି ଆଜିକାଲି, କହିଲେ ରାଧାରାଣୀ... ମୋର ମାନସିକ ଭାରସାମ୍ୟ ଦୋହଲିଯାଉଛି । ସବୁକିଛି ଭୁଲ ହୋଇଯାଉଛି ଯେଉଁଥିପାଇଁ ମୁଁ ତମ ଉପରେ ବିରକ୍ତି ଉଡାରୁଛି ସବୁଦିନ ।

ବାବୁଭାଇ କିଛିକ୍ଷଣ ସ୍ତବ୍ଧ ଦିଶିଲେ । ରାଧାରାଣୀଙ୍କ ଏପରି ସ୍ୱୀକାରୋକ୍ତି ସେ କେବେ ଶୁଣି ନଥିଲେ ଯଦିଓ ବର୍ଷ ବର୍ଷ ଧରି ଅକୃତଜ୍ଞ ସେବା କରି ସେ ଜୁଲମ୍ ଓ ଅଭିଯୋଗ ହିଁ ସହି ଆସିଛନ୍ତି ।

ଏତେବର୍ଷ ବିନା ପ୍ରତିବାଦରେ ମୁଁ ଆପଣଙ୍କର ସେବା କରିଛି । କିନ୍ତୁ ମୁଁ ବି ବୁଢ଼ା ହେବାକୁ ବସିଲିଣି । ମୁଁ ଆଉ ଅଧିକ ବୋଝ ଉଠାଇ ପାରୁନାହିଁ... ଅନିଚ୍ଛା ସତ୍ତ୍ୱେ କେବେ କେମିତି କାମରେ ଢିଲା ହୋଇ ଯାଉଛି ? ବୋଉମା' । ତେଣୁ ମୋତେ ଆପଣଙ୍କ ସେବାରୁ ଛୁଟି ଦେଲେ ମୁଁ ଆମ ଗାଆଁକୁ ଚାଲିଯାଆନ୍ତି, କହିଲେ ବାବୁ ଧୀର ଅଥଚ ଦୃଢ଼ ଭାବରେ ।

ଆଶ୍ଚର୍ଯ୍ୟରେ ରାଧାରାଣୀଙ୍କ ଆଖି ମେଲିଗଲା । ତମେ ଗାଁକୁ ଯାଇ କଣ କରିବ ଭାବୁଛ ? ନାନା, ତମେ ଯାଇ ପାରିବନି । ତମେ ଚାଲିଗଲେ ମୋ କଥା ବୁଝିବ କିଏ ?

ନା, ମୁଁ ଭାବୁଛି ଏଥର ଗାଆଁକୁ ଚାଲିଯିବି । ସେଠି ଜନ୍ମ ସିନା ହେଲି କିନ୍ତୁ କେବେ ଗାଁର ସେବା କରିପାରି ନାହିଁ । ଏବେ ଯାଇ ପୈତୃକ ଜମିରେ ଚାଷବାସ କରି ଶେଷ ଜୀବନ ଶାନ୍ତିରେ କାଟିଦେବି ମାଡ଼ାମ ।

ଶାନ୍ତି ?

ହତାଶା, ଭୟ ଓ କ୍ରୋଧରେ ସାଆନ୍ତାଣୀ ଉଗ୍ର ହୋଇ ଉଠିଲେ । ହଠାତ୍ ଆକ୍ରମଣାତ୍ମକ ପନ୍ଥା ଅନୁସରଣ କରି କହିଲେ:

ଯା ଭାଗ୍ । ମୁର୍ଖ କୋଉଠିକାର । ଯେଉଁଠି ମରୁଛୁ ମର । ତୁ ନ ହେଲେ କାମ କରିବାକୁ କିଏ ମିଳିବେନି ଭାବୁଛୁ ? ଏବେ ଘର ସଂସାର କରିବାକୁ ଚାହିଁଲେ ମୋର କ'ଣ ପୁରୁଷର ଅଭାବ ହୋଇଯିବ ? କିଏ ଦି'ମୁଠା ରାନ୍ଧି ବାଢ଼ି ଦେବନି କି ? ରାଧାରାଣୀ ଆତ୍ମନିୟନ୍ତ୍ରଣ ହରାଇ ବସିଥିଲେ ।

ସାଆନ୍ତାଣୀଙ୍କ ଆଚରଣ ସହ ପରିଚିତ ବାବୁଭାଇ ଗମ୍ଭୀର ହୋଇ ଠିଆ ହେଲେ । ତାଙ୍କ ତୁ-ତା ରେ-ରାରେ ଆଦୌ ବ୍ୟଥିତ ନହୋଇ ରାଧାରାଣୀଙ୍କ ସହ ସେ ବିତାଇଥିବା କୋଡ଼ିଏ ବର୍ଷର ପ୍ରତିଦାନ ଏମିତି ପାଇଛନ୍ତି ଭାବିନେଲେ ।

ମୋ କର୍ତ୍ତବ୍ୟରେ ମୁଁ କେବେ ଅବହେଳା କରିନାହିଁ ମାଆ... ।

ସତରେ, ମୁଁ ଏବେ ଅନୁତପ୍ତ ।

ଏକ ହତାଶ ଧ୍ୱନିର ପ୍ରକମ୍ପ ନିରବତାର ପ୍ରସ୍ତର କାନ୍ଥକୁ ଦୋହଲାଇ ଦେଇଥିଲା । ରାଧାରାଣୀଙ୍କ ଆଖି ଲୋତକରେ ଦ୍ରବୀଭୂତ ହୋଇଗଲା । ସେ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ତତ୍କ୍ଷଣାତ୍ ବାବୁ ଧୀରେ ଫେରି ଆସିଲେ ଘର ବାହାରକୁ ଯାହାକୁ ସେ ଏତେ ମୋହାବିଷ୍ଟ ହୋଇ ଭଲ ପାଇଥିଲେ । ତାଙ୍କର ପ୍ରତ୍ୟେକ ପଦପାତ ସୁଖ ଓ ଦୁଃଖର ଅତୀତ ଠାରୁ ଆଗକୁ ଠେଲି ଆଣିଲା ।

ଆତ୍ମମଗ୍ନ ନିରବତା

ଅନୁମାନସିଦ୍ଧ ନିରବତା ଭିତରେ ବାବୁଙ୍କ ବିଦାୟ ଘରସାରା ଏକ ଅକଥ୍ୟ ଶୂନ୍ୟତା ବିଞ୍ଚି ଦେଇଗଲା । ସ୍ୱକୀୟ କର୍ମଫଳର ପ୍ରକ୍ରିୟା ରାଧାରାଣୀଙ୍କୁ ଏକାକୀତ୍ୱ ଓ ଅନୁତାପ ଭିତରେ ମଗ୍ନ କରି ରଖିଲା । ସେବାମନସ୍କ ବାବୁଙ୍କ ହୃଦୟବତ୍ତା ଓ ନିଜ ଅକୃତଜ୍ଞ ଆଚରଣ ବିଳମ୍ବରେ ବୁଝିପାରିଲେ ସାଆନ୍ତାଣୀ । ଯେଉଁ ଘର ପ୍ରିୟଲୋକର ଆରାମଦାୟକ ଉପସ୍ଥିତିରେ ଭରପୂର ଥିଲା ତାହା ଏବେ ଅସହାୟ ନିରବତା ଅବଲମ୍ବନ କରିଥିଲା । ଦିନପରେ ଦିନ ଓ ସପ୍ତାହ ବିତି ଯାଉଥିଲା । ଏକେଲାପଣ ଭିତରେ ରାଧାରାଣୀଙ୍କ ପତନୋନ୍ମୁଖୀ ସ୍ୱାସ୍ଥ୍ୟ ତାଙ୍କୁ ଖାଇବାକୁ ଲାଗିଲା ।

ନୂଆରେ ଆସିଥିବା ସୁଦର୍ଶନ ଯୁବକ ଥିଲା କର୍ମଠ ଓ ଅଧିକ ନିପୁଣ । କିନ୍ତୁ ବାବୁଭାଇଙ୍କ ସହିତ ସେ ଯେଉଁ ଗଭୀର ଭାବ ଓ ମାନବୀୟ ସମ୍ବନ୍ଧ ଯୋଡ଼ିଛନ୍ତି ତାହା ବିରଳ । ଅତୁଳନୀୟ ।

ନୂତନ ପ୍ରାରମ୍ଭ

ସଂପୂର୍ଣ୍ଣ ନୂତନ ପ୍ରକାରର ପ୍ରଶାନ୍ତି ବାବୁଭାଇଙ୍କୁ ଆଚ୍ଛାଦିତ କରି ରଖିଲା ଗାଆଁରେ । ଅନେକ ବର୍ଷ ଧରି ବଞ୍ଚିତ ହୋଇଥିବା ଗ୍ରାମ୍ୟ ପରିବେଶର ଛନ୍ଦ, ସବୁଜ ବିଲ ପଡ଼ିଆ ତାଙ୍କୁ ନୂତନ ଆଶ୍ୱାସନା ଆଣିଦେଲା । ସେ ପୁଣି ପୁରୁଣା ବନ୍ଧୁ, ପରିବାର ସହ ସହଜ ଓ ସରଳ ଗ୍ରାମ୍ୟ ଜୀବନରେ ଅଭ୍ୟସ୍ତ ହୋଇପଡିଲେ: ଜୀବନ ଯେଉଁଠି ସ୍ଥିର ଓ ଅଚଞ୍ଚଳ ।

ବାବୁଭାଇ ବିଲରୁ ଫେରି ଅଗଣାରେ କଦମ୍ବ ଗଛ ତଳେ ଖଟିଆ ଉପରେ ବସିଥିଲେ । ସେତିକିବେଳେ ପଡ଼ିଶା ଘରୁ ପିଲାଟିଏ ଡାକଘରୁ ଆସିଥିବା ଚିଠି ବଢ଼ାଇ ଦେଇଥିଲା ବାବୁଙ୍କ ହାତରେ ।

ପ୍ରିୟ ବାବୁ,

ତମେ ଅନେକ ଦିନରୁ ଏଠୁ ଚାଲିଗଲଣି । କିନ୍ତୁ ଯେଉଁ ପରିସ୍ଥିତିରେ ତମେ ମୋ'ଠୁ ବିଦାୟ ନେଇଥିଲ, ଭାବିଲେ ଏବେ ବି ମୋତେ କାନ୍ଦ ମାଡୁଛି ।

ମୋ' ପାଇଁ ତମେ ଅନେକ କିଛି କରିଛ । କିନ୍ତୁ କେବେ ମୁଁ ତୁମ ପାଖରେ କୃତଜ୍ଞତା ଜଣାଇ ନାହିଁ । ଏବେ ବୁଝିପାରୁଛି ମୁଁ ନିଜେ ତୁମକୁ ଧକ୍କାଦେଇ ମୋ' ଜୀବନରୁ ତଡ଼ି ଦେଇଛି । କାହିଁକିନା ମୋ' ନିଜ ଦୁର୍ବଳତା ପାଇଁ ମୁଁ ଭୟଭୀତ । ମୋର ବିଶ୍ୱାସ, ତୁମେ ଯେଉଁ ଶାନ୍ତି ଓ ଆନନ୍ଦର ହକଦାର ତାହା ନିଶ୍ଚୟ ପାଇବ ।

ତମେ ମୋ'ପାଇଁ କେବଳ ଜଣେ ବୋଲହାକକରା ସେବକ କି ରାନ୍ଧୁଣିଆ ନଥିଲ, ତା'ଠାରୁ ଯଥେଷ୍ଟ ଉଚ୍ଚରେ ଥିଲ ... ଜଣେ ଭଲ ମଣିଷ ଓ ସଚ୍ଚୋଟ ଜୀବନସାଥୀ । ତୁମ ପାଇଁ ମୁଁ ଦୁଃଖିତ । ଅଶେଷ ଧନ୍ୟବାଦ ଓ କୃତଜ୍ଞତା ।

ଚିଠି ଶେଷ କରି ଚାରିଭାଙ୍ଗ କଲାବେଳକୁ ବାବୁଙ୍କ ଆଖି କୋଣରେ ଅଟକି ଯାଇଥିଲା ଅକ୍ଷତ କାକର ବିନ୍ଦୁଏ । ଚିଠିକୁ ପକେଟ୍‌ରେ ରଖିଲେ ବାବୁଭାଇ । କ୍ଷତଥିଲା ସତେଜ, କିନ୍ତୁ ମୁହଁରେ ଥିଲା ଆତ୍ମସନ୍ତୋଷ । ଛୋଟ ହେଉ ବା ବଡ଼, ସେ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି ସଫଳତାର ସହିତ । ଏଣିକି ଜଟିଳ ଏ ଜୀବନର ଅବଶିଷ୍ଟ ଅଧ୍ୟାୟରେ ସେ ବିଶ୍ରାମ ନେଇ ପାରିବେ ।

ଅଦ୍ଭୁତ ଏ ମଣିଷର ସଂପର୍କ... କୃତଜ୍ଞତା ଓ କ୍ଷମା ପ୍ରାର୍ଥନା !

୮୧୫, ବାସନ୍ତୀ ଭିଲ୍ଲା,
ଝାରପଡ଼ା, ଭୁବନେଶ୍ୱର - ୭୫୧୦୦୬
ମୋ.: ୮୨୪୯୫ ୨୭୭୫୮



ହାଟ ମାହାସୁଲ

ଜାନକୀ ବଲ୍ଲଭ ମହାପାତ୍ର

ହାଟକୁ ଯିବାପାଇଁ ବାହାରିଲା ସାମୁରିଆ । ରସବେଲାରେ ସରସୀ ବାଢ଼ିଦେଇଛି ବାସି ପଖାଳର ତୋଡ଼ାଣି, ଯେଉଁଥିରେ ଭାତ ମୁଠାଏ ପକେଇ କଞ୍ଜାଲଙ୍କା ଦୁଇଟା ଚକଟିଛି । ତରକାରି ଗିନାରେ ଦେଇଛି ଟିପେ ତେଲରେ ଭଜା ମଦରଙ୍ଗା ଶାଗ; ଯାହାକୁ ରେଳଲାଇନ କଡର ଖାଲୁଆ ପାଣିଜାଗାରୁ ତୋଳିକି ଆଣିଛି ସରସୀ । ତୋଡାଣି ବେଲାକ ପିଇଦେଇ ସାମୁରିଆ କହିଲା,"ଟଙ୍କ ତୋଡାଣି ପରି ଲାଗୁଚି ଲୋ ସରସୀ,ତୁ ମୋ'ର ଲକ୍ଷ୍ମୀ!"

-କହିଲେ କ'ଣ ନା ଲକ୍ଷ୍ମୀ, ହେଇ,ଏତିକିରେ ସରିଲା । ମଜୁରି ଆଣି ଆସିଲେ ରାତି ଖାଇବା ହେବ, ନଇଲେ ନାଇ ଓପାସ ଶୋଇବ ।

-କୁଲିସର୍ଦ୍ଦାର ତ କହିଛି ଆଜି କାମ ଯୋଗାଡ଼ କରେଇ ଦେବ । ଯାହା ମାହାସୁଲ ନେବ ନଉ ପଛେ । ହାଟରେ ତ ଲୋକ ହାଉଯାଉ । ଯିଏ ଅଧିକ ମହାସୁଲ ଦେବ ସେ କାମ ପାଇବ । ତାକୁ ବା କାଇଁ ଦୋଷ ଦେବା, ସେ କୋଉ ଆମ ବନ୍ଧୁବାନ୍ଧବ ନା କୁଟୁମ୍ବର ଲୋକ ।

-ମୁଁ କାମକୁ ଗଲେ ହୁଅନ୍ତା ନି ?ବସ୍ତିର କେତେ ମାଇପି ଯାଉଛନ୍ତି । ମାଇପିମାନଙ୍କୁ କାମ ମିଳିଯାଉଛି ସବୁଦିନେ ।

- ତୋ ଗର୍ଭରେ ବଢୁଛି ଆମ ରକ୍ତର ସନ୍ତକ । ତୁ ସେ ସବୁ କଠିନ କାମ କାଇଁ କରିବୁ? ମୁଁ ନିକମା ନୁହେଁ ଲୋ ସରସୀ! ଏବେ ସିନା ସମୟ ଖରାପ ପଡ଼ିଛି ନ ହେଲେ ମୁଁ ତୋର କିଛି ଅଭାବ ରଖିବି ନାଇଁ । ତୁ ଘର ଛାଡ଼ି ମୋ ହାତ ଧରିଛୁ, ମୋ ଉପରେ ତୋ' ବିଶ୍ୱାସ କ'ଣ ଆଜି ଭାଙ୍ଗିଗଲାଣି କି ? ଭଲବେଳା ପୁଣି ଆସିବ,ଦେଖିବୁ ରହ । ହଉ ମୁଁ ବାହାରିଲି, ତେରି ହେଲେ ଅସୁବିଧା ।

ବିସ୍ଥାପନର ଦୁଃଖକଷ୍ଟ ଭିତରେ କେମିତି କେଜାଣି ପ୍ରେମର କଳିକାଟିଏ ମୁହଁ ଦେଖେଇଲା ସାମୁରିଆ ଆଉ ସରସୀ ଭିତରେ । ସରସୀ ଗାଁ ପାଖରେ ହେଲା ଭିଟାମାଟିରୁ ତଡ଼ାଖାଇଥିବା ଲୋକଙ୍କ ଥଇଥାନ । ସାମୁରିଆ ସାନ୍ତାଳକୁ ସରସୀ ଧୀବର ଜାତି । ଧୀବର ବସ୍ତିରେ ଯିଏ ଶୁଣିଲା ସିଏ ନାକ ଟେକିଲା । କିଏ ଧମକାଇଲା ତ କିଏ ମାରି ଗୋଡ଼ାଇଲା । ଏମିତି ପାଣି ପବନରେ କେମିତି ସେ ପ୍ରେମର କଢ଼ିଟି ଫୁଟି ଫୁଲଟିଏ ହୋଇଥାନ୍ତା ?

ବିସ୍ଥାପିତ ଲୋକଙ୍କ ଭିତରୁ ଅନେକ ଗଲେ ଦାଦନ । ବାକି ଲୋକ ସରକାର ଦେଖେଇଥିବା ସପନକୁ ସତ'ରେ ପରିଣତ ହେବା ଦିନକୁ ଚାହିଁ ବସିଥିବା ବେଳେ, ସେ ସରସୀକୁ ଧରି ଭାଗିଲା ଦିନେ ରାତିର ଅନ୍ଧାରରେ । ଆଠଦଶ ଜାଗା ଘୂରିଘୂରି ଏବେକୁ ଆସିଛି ଏଇ ବଡ଼ ସହରକୁ । କାମକରି ପେଟ ପୋଷିବ ।

ସାମୁରିଆ ବାହାରିଗଲା ପରେ ସରସୀ ଘର ବାରଣ୍ଡାରେ ବସି ତା'ଯିବା ରାସ୍ତାକୁ ଚାହିଁ ରହିଲା । ସାମୁରିଆର ହୃଷ୍ଟପୃଷ୍ଟ ଶରୀର ଯେତିକି ଟାଣ ତା'ମନ ବି ସେତିକି କଠିନ । କୋଉ କଥାରେ ହାରିଯିବା

ତା'ଜାତକରେ ନାହିଁ । କିନ୍ତୁ ତା'ଟାଣପଣରେ ଆଜିକାଲି କେମିତି ଗୋଟେ ନରମ ଭାବ ଦିଶୁଛି ସରସୀକୁ । ଘରକୁ ସବୁଦିନେ ମଜୁରି ଟଙ୍କା ଆଣି ନ ପାରିବାରୁ ସିଏ ନଇଁ ଗଲା ପରି ଲାଗୁଛି । ଭଲ ରାଜମିସ୍ତ୍ରୀ ବୋଲି ତାଙ୍କ ଗାଁ ଆଖପାଖରେ ନାଁ ଥିବା ସାମୁରିଆକୁ ଏବେ ମୂଲିଆ କାମ ପାଇଁ ବି ଧାଡ଼ିରେ ଛିଡ଼ା ହେବାକୁ ପଡୁଛି । ସରସୀର ବିଶ୍ୱାସ ଅଛି, ଥରେ ସାମୁରିଆର କାମ ଦେଖିଦେଲେ ତାକୁଇ ଖୋଜିବେ ସମସ୍ତେ ।

ସେ ଜାଣିଥିଲା ଗାଁ ହାଟରେ ମାହାସୁଲ ଦିଆହୁଏ । ବେପାରୀମାନେ ହାଟରେ ତାଙ୍କ ଜିନିଷ ବିକିବାକୁ ପଞ୍ଚାୟତକୁ ଦିଅନ୍ତି ମାହାସୁଲ । ଏଠି ହାଟ ବସିଛି ମଣିଷଙ୍କର । ମଣିଷମାନେ ଧାଡ଼ିରେ ବସି ନିଜକୁ ବିକନ୍ତି ଗୋଟିଏ ଦିନର ମଜୁରି ପାଇବା ଆଶାରେ । ଏଠି ମାହାସୁଲ ଦିଏ ମୂଲିଆ, ନିଏ କୁଲି ସର୍ଦ୍ଦାର ।

ସରସୀ ଆଗରେ ଆସି ଠିଆହେଲେ ଦି'ଜଣମହିଳା -"ନୂଆ ଆସିଛ କି ଏଠିକୁ ? କାମକୁ ଯିବନି ?"ପଚାରିଲା ଜଣେ । ସରସୀକୁ ଏମିତି ହଠାତ୍ କିଏ କ'ଣ ପଚାରିଦେଲେ ସେ ଉତ୍ତର ଦେଇ ପାରେନି । ତାକୁ କଥାଟା ବୁଝିବାକୁ, ଉତ୍ତରକୁ ସଜେଇ କହିବାକୁ ସମୟ ଲାଗେ ।

ସେ ଦୁଇଜଣ କିଛି ସମୟ ଅପେକ୍ଷା କରି ଉତ୍ତର ନପାଇ ବାହାରିଗଲା ବେଳକୁ ସରସୀ କହିଲା,"ହଁ ନୂଆ ଆସିଛୁ । ମୋ ଗେରସ୍ତ ଯାଇଛନ୍ତି କାମକୁ ।" ସେମିତି ଆଗେଇ ଯାଉଥିବା ବେଳେ ଜଣେ ପଛକୁ ଚାହିଁ କହିଲା,"ତୁ ଭାଗ୍ୟବତୀ ଲୋ ଝିଅ ! ତତେ ଘରେ ରଖି ପୁଣି ଗେରସ୍ତ ଯାଉଛି କାମକୁ । ଆମର ସେ ଭାଗ୍ୟ କାଇଁ ? "

ସରସୀ କିଛି କହିଲା ନାଇଁ । ଏତିକି ଦିନଏ ସାହିରେ ରହିବା ଭିତରେ ସେ ଦେଖୁଛି ସକାଳୁ ସ୍ତ୍ରୀଲୋକମାନେ ହାତରେ ଟିଫିନ୍ ଡବା ଧରି ଯାଉଛନ୍ତି କାମକୁ । ଗୁଡ଼ାଏ ପୁରୁଷ ଲୋକ ବରଗଛ ତଳ ପିଣ୍ଡିରେ ବସି ତାସ୍ ଖେଳନ୍ତି ଦିନ ସାରା । ପାଟିତୁଣ୍ଡ କରନ୍ତି,ଝଗଡ଼ା ଲାଗନ୍ତି । ସନ୍ଧ୍ୟା ହେଲେ କଣ ନା କଣ ନିଶା ଖାଇ ପୁଣି ଝଗଡ଼ା ଲାଗନ୍ତି । ନିଜନିଜ ଭିତରେ ନ ହେଲେ କାମରୁ ଘରକୁ ଫେରି ଆସିଥିବା ସ୍ତ୍ରୀ ସାଙ୍ଗରେ ।

ସରକାରୀ ଚାଉଳର ଏତକ କରାମତି ବୋଲି କହୁଛି ସାମୁରିଆ । ସରକାର କାମ ଦେଇ ଗରିବ ଲୋକଙ୍କୁ ମେହନତି ମଣିଷ କରିବେ କ'ଣ,ମାଗଣା ଦେଇ କାମିକା ଲୋକଙ୍କୁ କୋଢ଼ିଆ କରି ଦେଉଛନ୍ତି । ଜନମ ଠାରୁ ଜୁଇ ଜଳିବା ଯାଏ ଭିକ ଦଉଛନ୍ତି ସରକାର !

ସାମୁରିଆ କହୁଛି ସେ ଅଧାପେଟ ଖାଇବ ବରଂ ମାଗଣା ରାସନ ପାଇଁ ହାତ ପତେଇବ ନାହିଁ । ସେ ଖଟିକି ଖାଇବ । କାରଖାନା ପାଇଁ ସେମାନେ ତାଙ୍କ ଗାଁରୁ ସିନା ତଡ଼ା ଖାଇଲେ, ହେଲେ ହାତ ଗୋଡ଼ ତ ଦସ୍ତିଲା ଅଛି, ମାଗିବ କାହିଁକି ? ମାଗଣା ଖାଇଲେ ସେ ଖାଦ୍ୟ ଦେହରେ ବିଷ ଖେଳେଇବ, ମଣିଷ ଅଳସୁଆ ହେବ, ମନ ଚଗଲା ହେବ । ସେଇ ରକ୍ତ ପୁଣି ଯାଇ ମିଶିବ ନିଜ ଛୁଆ ଦେହରେ । ନା,ବାବା ନା !

ସରସୀ ଜାଣେ ସାମୁରିଆର ମନକଥା । ସେ ରାଜମିସ୍ତ୍ରୀ କାମ ଶିଖିଛି । ସେ କହୁଛି କାମକରି ନିଜେ ଗଢ଼ିବ ନିଜ ଘର । ସରସୀ ହେବ ସେ ଘରର ରାଣୀ ! ନିଜର ସେ ସପନକୁ ସତ କରିବା ପାଇଁ ସାମୁରିଆ କାମ ନ କରି ଦିନସାରା ବରଗଛ ମୂଳେ ବସି ତାସ୍ ଖେଳିବ କାହିଁକି ? ସରସୀର ଛାତି ଗର୍ବରେ ଫୁଲି ଉଠେ ତା' ଗେରସ୍ତ ପାଇଁ ।

ସେଦିନ ସନ୍ଧ୍ୟାରେ ସାମୁରିଆ ଫେରିଲା ଦିନକର ମଜୁରି ଧରି । ମଜୁରି ଟଙ୍କାରୁ ସର୍ଦ୍ଦାରକୁ ଦେଇ ଆସିଲା ତା' ପାଉଣା । ଟଙ୍କା ଦେଲାବେଳେ ସେ ହସହସ ମୁହଁରେ କହିଲା -ସର୍ଦ୍ଦାର ! ମୁଣ୍ଡିଆ,ମୋ କଥା ତତେ ଲାଗିଲା ।

ସର୍ଦ୍ଦାର କହିଲା- ଆରେ ଟୋକା ! ତୁ ବିଭା ହେଇଚୁ ଯଦି ତୋ' ଭାରିଜାକୁ ବି କାମକୁ ଆଣ । ତାକୁ କାମରେ ଲଗେଇଦେବି ।

ତା'ର ଏମିତି କଥା ଭଲ ଲାଗିଲା ନାହିଁ ସାମୁରିଆକୁ । ସେ ଶୁଣିଥିଲା ଅନ୍ୟ ମୂଲିଆଙ୍କ ପାଖରୁ, କାମ ଦେଉଥିବା ସ୍ତ୍ରୀଲୋକଙ୍କୁ ସେ ଖରାପ ନଜରରେ ଦେଖେ । ସ୍ତ୍ରୀମାନେ ବାଧ ହୁଅନ୍ତି କାମକୁ ଆସିବାକୁ । ଘରେ ଗେରସ୍ତ କାମ ନ କଲେ,ପରିବାର ଚଳେଇବା ପାଇଁ ତାଙ୍କର ଆଉ କୋଉ ରାସ୍ତା ଅଛି !

ହାଟରେ ଜିନିଷ ବିକାହୁଏ । ମଣିଷ ହାଟକୁ ସେମାନେ ଆସନ୍ତି ନିଜକୁ ବିକିବା ପାଇଁ -ସେମାନେ ଗୋଟେ ଗୋଟେ ଜିନିଷ !

ସାମୁରିଆ କହିଲା - ସର୍ଦ୍ଦାର ! ସେ ମା'ହେବ । ମତେ ସବୁଦିନେ କାମ ମିଳିଲେ ତା'ର ଆଉ ପିଲାର ହେପାଜତ କରିବି । ତମର ମଙ୍ଗଳ ହେବ ସର୍ଦ୍ଦାର । ରାଜମିସ୍ତ୍ରୀ କାମ ବି ଜାଣିଛି । ମୋ' ବାପା ଥିଲା ରାଜମିସ୍ତ୍ରୀ ତା'ରି ପାଖରୁ ଶିଖିଛି । ଥରେ ଦେଖ ମୋ' କାମ ।

ଲୋକଟି ସାମୁରିଆ ମୁହଁକୁ ଚାହିଁଲା । କହିଲା -ହଉ ଦେଖିବା । ମିସ୍ତ୍ରୀର ମଜୁରି ବେଶି, ସେଇ ଅନୁସାରେ ମୋ' ପାଉଣା ବି ଅଧିକ ପଡ଼ିବ ବୁଝିଲୁରେ ଟୋକା ।

ସାମୁରିଆ ଘରେ ପହଞ୍ଚି ସରସୀକୁ ବଢ଼େଇ ଦେଲା ଚାଉଳ, ଡାଲି, ପରିବା ଆଉ ବଳିଥିବା ବାକି ପଇସା । ସାଥିରେ ଆଣିଥିଲା କୁକୁଡ଼ା ଅଣ୍ଡା ଛ'ଟା । କହିଲା ସରସୀ ଏଥିରୁ ସବୁଦିନ ଗୋଟେକରି ଖାଇବୁ । ତୁ ଖାଇଲେ ଛୁଆ ଆମର ଖାଇବ ।

ତା'ପରଦିନ ସାମୁରିଆ କାମକୁ ବାହାରିବା ବେଳକୁ ଗୋଟେ ପ୍ଲାଷ୍ଟିକ ଡବାରେ ପରିବା, ଡାଲି ପକେଇ ଖେଚୁଡି ସାଙ୍ଗରେ ଆଚାର ଖଣ୍ଡେ ଦେଇ ତା' ହାତକୁ ବଢ଼େଇ ଦେଲା ସରସୀ । ଡବା ଖୋଲି ପଚାରିଲା ସେ, କ'ଣ ଦେଇଚୁ କି ? ବାସ୍ନାରେ ମହକି ଯାଉଛି । ସରସୀ ହସିଦେଲା । ସାମୁରିଆ ଦେଖିପାରି ନାହିଁ ଖେଚିଡି ଭିତରେ ଘୋଡ଼େଇ ହୋଇଥିବା ଅଣ୍ଡାକୁ । ମନେ ମନେଖୁସିହେଲା ସେ ।

କିଛିଦିନ ହେଲା ସରସୀ ଅନୁମାନ କରୁଛି, ବରଗଛ ଆଡୁଆଳରେ ରହି କେତେଗୁଡ଼ିଏ ଆଖି ତା'ଘରକୁ ନିରେଖି ନିରେଖି

ଦେଖୁଛନ୍ତି । ଘରେ ଏକୁଟିଆ ରହୁଛି ଜାଣି ବୋଧେ ତା'ର ସୁରକ୍ଷା ପାଇଁ ନଜର ରଖୁଛନ୍ତି ସେମାନେ । ପୁରୁଷମାନେ ଆଉ କ'ଣ ବା କରନ୍ତେ ଘରେ ସ୍ତ୍ରୀମାନେ କାମକୁ ଯିବାପରେ ।

ଦିନେ ସକାଳେ ସରସୀ ପିଣ୍ଡା ଉପରକୁ ଆସି ଦେଖୁଥିଲା ସାମୁରିଆକୁ ଯିବାର । ବସ୍ତିର ଗଳି ପାରହେବା ବେଳକୁ ସେ ବୁଲି ଚାହିଁଲା ତାକୁ । ସରସୀ ହାତ ହଲେଇ ବିଦାୟ ଦେଲା । ସାମୁରିଆ ଆଉ ଦିଶୁ ନ ଥିଲା, କିନ୍ତୁ ଦିଶିଲା ବରଗଛ ତଳେ ଗୁଡ଼ାଏ ଲୋକ ତାକୁ ହାତ ହଲଉଛନ୍ତି । ଚମକି ପଡ଼ି ସେ ଘର ଭିତରକୁ ଚାଲିଗଲା ସିନା ହସସାଙ୍ଗରେ କିଛି ଭଙ୍ଗା ଭଙ୍ଗା ଅଶ୍ଳୀଳ କଥା ତା' କାନରେ ପଡ଼ିଲା ।

ସନ୍ଧ୍ୟାରେ ସରସୀ ଆଉଜିଗଲା ସାମୁରିଆ ଛାତିକୁ । ଭାବିଲା କହିବକି ନାହିଁ ସକାଳେ ଘଟିଥିବା କଥାଟାକୁ । ସାମୁରିଆ ଘରକୁ ଫେରିଛି ଦିନସାରା ମେହନତ କରି । ତା' ମନକୁ ଖୁସି ନ କରି କାହିଁକି କହିବ ସେକଥା । ଥାଉ ସେ ନିଜେ ସମ୍ଭାଳିନେବ ଯଦି ଆଉ କେବେ ଘଟେ ସେମିତି ।

ପରଦିନ କବାଟ ଡେଇଁ ବାରଣ୍ଡାକୁ ଆଉ ଆସିଲା ନାହିଁ ସରସୀ । କବାଟ ଫାଙ୍କରେ ଚାହିଁ ରହିଲା ସାମୁରିଆର ଯିବା ରାସ୍ତାକୁ । ସେଇ ଫାଙ୍କରେ ତାକୁ ଦିଶିଲା ବରଗଛ ମୂଳରେ କେତୋଟି ଶୋଷିଲା ଆଖି !

ପନ୍ଦରଦିନ ହେଲାଣି ସାମୁରିଆ କାମକୁ ଯିବାର । ତିନିଦିନ ହେଲାଣି ଦି'ପହରେ ତା'ଘର ବାରଣ୍ଡାରେ କେତେଜଣ ବସି ତାସ୍ ଖେଳୁଛନ୍ତି । ଇଆଡୁ ସିଆଡୁ କଥା ଶୁଣେଇ ଶୁଣେଇ କହୁଛନ୍ତି । ଅଶ୍ଳୀଳ କଥାଗୁଡ଼ାକ ଶୁଣି ତା' ଦେହମୁଣ୍ଡ ଶୀତେଇ ଯାଉଛି । ସେତେବେଳେ ଦର୍ପଣରେ ଯାଇ ଦେଖିଛି ତା'ମୁହଁ; କେମିତି ଲାଲ ହୋଇଯାଉଛି ସେସବୁ ଶୁଣି । ଆଗରୁ କେବେ ତା'କାନରେ ପଡ଼ିନାହିଁ ଏମିତି କଥା । କବାଟକୁ ଭଲକରି ବନ୍ଦ କରି କାନରେ ଲୁଗା ଘୋଡ଼େଇ ଘରେ ରହିଲା ସେଦିନ ।

ରାତିରେ ସାମୁରିଆକୁ କହି ପାରୁନି ସେ ଘଟଣା । ସବୁବେଳେ ଶାନ୍ତ ଥିବା ଲୋକଟି ରାଗିଗଲେ କାହାର ନୁହେଁ । ସେମିତି ଦି'ଗଣ୍ଡା ଲୋକଙ୍କୁ ମାରି ଗଡ଼େଇଦେବାର ବଳ ତା'ଦେହରେ । ସେତକ କଲେ ଏ ବସ୍ତିରେ ରହିବା ଅସମ୍ଭବ ହେବ ।

ଆଜି ସେ ଶୁଣୁଛି ତାଙ୍କ କଥା ସବୁ; ଉପଭୋଗ କରୁଛି । ମନରେ ତା'ର ଲାଜଲାଜ ଆନନ୍ଦ ! ସାମୁରିଆ ତାକୁ ବହୁତ ଭଲପାଏ । ଚାନ୍ଦ ସାଙ୍ଗେ ତୁଳନା କରେ ତା ମୁହଁକୁ । ତା' ଆଖିର ସୁନ୍ଦରପଣରେ କୁଆଡ଼େ ସେ ବେହୋସ ହୋଇଯାଏ । ତା'ଲମ୍ବକେଶରେ ସେ ହଜିଯିବାକୁ ଚାହେଁ । ଏମିତି ସବୁ କବିତାର କଥା । ଫେଲ୍ ହୋଇଥିବା ମାଟ୍ରିକ ପରୀକ୍ଷାରେ ସାହିତ୍ୟରେ ତା'ର ଥିଲା ଅଧିକ ନମ୍ବର ବୋଲି କହେ ସେ । ସାମୁରିଆ କହୁଥିବା କଥାଗୁଡ଼ାକରେ ସେ ମନରେ ଶାନ୍ତି ପାଏ । ତାକୁ ଜାକିଧରି ଗେଲ କରେ ।

କିନ୍ତୁ ବାରଣ୍ଡାରେ ବସିଥିବା ଏ ଲୋକଗୁଡ଼ାକ କହୁଛନ୍ତି ତା'ଦେହର କଥା । ବଡ଼ ପାଟିରେ ଦେଉଛନ୍ତି ତା' ଶରୀରର ଅଶ୍ଳୀଳ ବିବରଣ ! ସେ କଥା ସବୁ ତା' କାନକୁ ଭଲ ଶୁଭୁଚି ସତ, କିନ୍ତୁ ନିଆଁ ଖେଳିଯାଉଛି ଦେହସାରା ।

କେହିଜଣେ କବାଟ ଠକ୍ ଠକ୍ କରୁଛି । ଭିତରକୁ ଆସିବାକୁ ଅନୁମତି ମାଗି କହୁଛି- ଭାରି ଶୋଷ ! ମୋ ଶୋଷ ଥରେ ମେଣ୍ଟେଇ ଦେଲେଯାହା ମାଗିବୁ ତା' ଦେବି ଲୋ ସୁନ୍ଦରବଦନୀ !

ସରସୀ ଏବେ କରିବ କ'ଣ ? ତା' ଦେହରେ ଖେଳୁଥିବା ନିଆଁକୁ ବୁଝେଇବାକୁ ଅଛି ତା'ଗେରସ୍ତ । ତା' ଜଠରରେ ବଢୁଛି ତାଙ୍କ ପ୍ରୀତିର କଅଁଳ କଢ଼ି । ମୁଣ୍ଡ ତା'ର ଝିମ୍ ଝିମ୍ କରୁଛି । ମାଠିଆରୁ ଗିଲାସେ ଥଣ୍ଡା ପାଣି ନେଇ ଢକ୍ ଢକ୍ କରି ପିଇଲା ସରସୀ ।

ଲୋକଟା କ'ଣ ଗୋଟେ ନିଶା ଖାଇଛି ନିଶ୍ଚେ । ପାଟି ତା'ର ଥଙ୍ଗଥଙ୍ଗ । ତା' ସାଙ୍ଗରେ ଥିବା ଆଉ ଜଣେ କେହି ପାଳିଆ ଧରୁଛି ସେ ଲୋକଟାର । ଜୋର୍ କରି ଧଡ଼ଧଡ଼ କଲା କିଏ ଜଣେ କବାଟକୁ ।

ସରସୀ ଏଥର ସବୁ ବଳ ଖର୍ଚ୍ଚ କରି ଚିତ୍କାର କଲା ; ଯେମିତି କି ତା' ଦେହରେ ଲାଗିଛି କାଳିସୀ ! ଲୋକଗୁଡା କ'ଣ ଭାବିଲେ କେଜାଣି ପଡ଼ିଉଠି ଦୌଡ଼ିଲେ ସେ ବରଗଛ ମୂଳକୁ ।

କିନ୍ତୁ ତା'ପରଦିନ ପୁଣି ସେଇ କଥା । ବୋଧେ ଆଉ ଅଲଗା ଲୋକ ଆସିଲେ ସେଦିନ । ସେମିତି ଥଟ୍ଟା ପରିହାସ । ସେମିତି ଅଭଦ୍ର ଭାଷା । ସରସୀ ଭାବିଲା କାହାକୁ କହିବ ଏ କଥା । ବିନା ଗଣ୍ଡଗୋଳରେ କଥାଟାର ସମାଧାନ ହେଲା ପରି ଦିଶୁନି ।

ପରଦିନ ସାମୁରିଆ କାମକୁ ଗଲାପରେ ସରସୀ ଆସି ପିଣ୍ଡାରେ ବସିଲା । ଚାରିଦିନ ହେବ ସରସୀ ଘର ବାହାରକୁ ଆସି ନ ଥିଲା । ବସ୍ତିରୁ କାମକୁ ଯାଉଥିବା ସ୍ତ୍ରୀଲୋକମାନଙ୍କ ଭିତରୁ ଜଣେ କହିଲା - କିଲୋ ଝିଅ ଦେଖା ନାହିଁ ତୋର, ତୁ କ'ଣ ଦୁଆର ଦେଇ ରହୁଛୁ ସବୁଦିନେ ।

ସରସୀ ଟିକେ ସାହସ ପାଇ କହିଲା- ଅପା କେତେଜଣ ମୋ' ପିଣ୍ଡାରେ ବସି ତାସ୍ ଖେଳି ପାଟିତୁଣ୍ଡ କରୁଛନ୍ତି । ଡରରେ ମୁଁ କବାଟ କିଳି ରହୁଛି ଭିତରେ ।

-ଏମିତି ହଉଛନ୍ତି ସେ ଅଳପେଇଶାଗୁଡ଼ାକ । କୋଡ଼ିଆ ଗୁଡ଼ା । କାମ ନାହିଁ ଖାଲି ନିଶାପାଣି । ଘରକୁ ଗଲେ ରାତିରେ ମାଇପକୁ ପିଟି ଟାଣୁ ମଜୁରି ପଇସା ଛଡ଼େଇବା ତାଙ୍କ କାମ । ଏ ସରକାର ମାଗଣା ଦେଇ ସବୁ ମିଣିପମାନଙ୍କୁ ନଷ୍ଟ କରିଦେଲେ । ହଉ ତୁ ଜମା ବେସ୍ତ ହ'ନା । ଆଜି ଦିନଟା ସମ୍ଭାଳିଯା । ମୁଁ କରୁଛି କିଛି ଗୋଟେ ବେବସ୍ଥା । ପ୍ରପଞ୍ଚବୁଦ୍ଧିବାହାର କରିବାକୁ ହେବ ମତେ ।

ତା'ପରଦିନ ସେ ସ୍ତ୍ରୀଲୋକ ଜଣକ ଆସି କହିଲା ସରସୀକୁ - ମୋ ଝିଅ ଆଉ ତା ସାଙ୍ଗମାନେ ଆଜି ଦି'ପହରେ ତମ ପିଣ୍ଡାରେ ବସି ପାଠ ପଢ଼ିବେ । ଜଣେ ଗୁରୁମା ଆସୁଛନ୍ତି ତାଙ୍କୁ ପଢ଼େଇବାକୁ । ଏଇଠି

ସୁବିଧା ହେବ । ତତେ ଆଉ କେହି ହଇରାଣ କରିବେନି ।

ସିଏ ହେଲେ ଶ୍ରୀମତୀ ଅପା । ବସ୍ତିର ସବୁଠୁ ପୁରୁଣା । ପାଠଶାଠ ପଢ଼ିନି ସିନା ବୁଦ୍ଧି ଅଛି । ସାହସ ବହୁତ । ତା'କଥାରେ ସର୍ଦ୍ଦାର ହେଉ କି ରାଜମିସ୍ତ୍ରୀ ହୁଅନ୍ତୁ କେହି ବେଶି ଖିଚ୍ ଖିଚ୍ ହୁଅନ୍ତିନି । ମାହାସୁଲ ଦେବାରେ ବସ୍ତିର ସ୍ତ୍ରୀଲୋକମାନଙ୍କର ଆପତ୍ତି ନଥାଏ, କାରଣ କାମ ନମିଳିଲେ ଘରେ ମାଡ଼ ପଡିବ ।

ସ୍ତ୍ରୀକୁ ମାଡ଼ ଦେବା ପାଇଁ କିଛି ଗୋଟାଏ ବାହାନା ଦରକାର । ମାଡ଼ ନଦେଇଥିବା ରାତିରେ ମାଗଣା ଚାଉଳ ହଜମ ହୁଏନି, ମଦ ନିଶା ବି ଧରେନି । ଆଉ ନିଶା ନଧରିଲେ ଆନନ୍ଦ କାହିଁ ଜୀବନରେ ?

ଶ୍ରୀମତୀ ଅପା କହୁଥିଲା - ବାହାଘର ପରେ ଦୁଇ, ତିନି ବର୍ଷ ଖୁସିରେ କଟିଥିଲା ତା'ର । ତା'ପରେ ଝିଅଟିଏ ହେଲା । ଆଗରୁ ନିଶା କରୁନଥିବା ତା'ମରଦ ସେଇ ଖୁସିରେ ସାଙ୍ଗମାନଙ୍କ ସାଙ୍ଗେ ମିଶି ମଦ ପିଇଲା । ସେଇ ଯେ ଆରମ୍ଭ ହେଲା ଆଉ ଶେଷ ହେଲାନି ସେ ନରକ ଯାତ୍ରା । ମଦ' ହେଲା ତା ସହୋଦର । ଦିନେ ବନ୍ଧୁଙ୍କ ପରାମର୍ଶରେ ତା' କବଳରୁ ଖସିଆସିଲା ସିନା ଧରିଲା ଧଳା ଜହର ।

ସେଥିରେ ନିଶା ଥିଲା ରଙ୍ଗୀନ ସ୍ୱପ୍ନ ପରି । ସେଇ ସ୍ୱପ୍ନକୁ ବିକିପାରିବାର କଳାକୌଶଳ ସେ ଶିଖିଗଲା । କୋମଳମତି କିଶୋରକିଶୋରୀଙ୍କ ପାଇଁ ସେ ହୋଇଗଲା ସ୍ୱପ୍ନର ସୌଦାଗର !

ଯେତିକି ରୋଜଗାର କଲା ମଉଜ ମଜଲିସ୍‌କରି ତାକୁ ଉଡ଼େଇଲା । ଆଉ ଗୋଟେ ସ୍ତ୍ରୀକୁ ନେଇ ରହିଲା ଅନ୍ୟ ବସ୍ତିରେ । ଶ୍ରୀମତୀ ଅପା ଟଙ୍କା ମାଗିଲେ ମାଡ଼ଗାଳି ମିଳିଲା । ତା' ଛୋଟ ଝିଅର ଭୋକିଲା କାନ୍ଦୁରା ବିକଳ ମୁହଁରେ ହସ ଟିକେ ଦେଖିବାକୁ ଶ୍ରୀମତୀ ଅପା ଗଲା ବାଲି-ସିମେଣ୍ଟ କାମରେ ।

ଆଗରୁ ଏ ବସ୍ତିରେ ଉଭୟ ପୁରୁଷ ଓ ସ୍ତ୍ରୀଲୋକମାନେ କାମକୁ ଯାଉଥିଲେ । ପୁରୁଷମାନେ କୋଠାବାଡ଼ି କାମ ଓ ସ୍ତ୍ରୀମାନେ ପ୍ରାୟତଃ ଅନ୍ୟଘରେ କରନ୍ତି ବାସି କାମ । ଧନୀ ନଥିଲେ ସିନା ଭିକାରି ନଥିଲେକେହି ବସ୍ତିରେ । ଖୁସିରେ ଚଳୁଥିଲେ ସମସ୍ତେ ନିଜ ନିଜର ସାଧ୍ୟମତେ ।

ପରିସ୍ଥିତି ବଦଳିଗଲା । ଘରକୁ ଆସିଲା ସରକାରୀ ରାସନ,ଭତ୍ତା । ପୁରୁଷମାନଙ୍କର ଘରପାଇଁ ଖାଦ୍ୟ ଯୋଗାଡ଼ କରିବାର ସର୍ବନିମ୍ନ କର୍ତ୍ତବ୍ୟଟି ଗୌଣ ହୋଇଗଲା । ପ୍ରତିଦିନ କାମକୁ ଯିବାର ବାଧ୍ୟବାଧକତା ଆଉ ରହିଲା ନାହିଁ । ମାଲିକ ବିକଳ୍ପ ଖୋଜିଲେ । ସ୍ତ୍ରୀଲୋକଙ୍କ ମଜୁରି କମ୍, ସେମାନେ ବିକଳ୍ପ ସାଜିଲେ । ସେମାନଙ୍କ ରୋଜଗାରରେ ଘର ଚଳିଲା । ପୁରୁଷମାନଙ୍କର ରୋଜଗାର କରି ଘର ଚଳାଇବାର ସଂସ୍କୃତି ଓଲଟପାଲଟ ହୋଇଗଲା ।

କିନ୍ତୁ ଓଲଟିଲା ନାହିଁ ସ୍ତ୍ରୀଲୋକଙ୍କ ବୋଝ । ତାଙ୍କୁ ଘର ଓ ବାହାର ଉଭୟ କାମ କରିବାକୁ ପଡ଼ିଲା । ଆଳସ୍ୟ ଓ ସଂସାରକୁ ଉପଭୋଗ କରିବା ପୁରୁଷମାନଙ୍କ ଅଧିକାର । ଅର୍ଦ୍ଧାଙ୍ଗିନୀର ରୋଜଗାରର ଅର୍ଦ୍ଧେକ ସେମାନଙ୍କ ମସ୍ତି ପାଇଁ ହିଁ ଅର୍ଜିତ ।

ଏତକ ତଥ୍ୟ ସଂଗ୍ରହ କରିଛି ସରସୀ ବସ୍ତିର ମହିଳାମାନଙ୍କ ଠାରୁ ।

ସରସୀ ଏଥର କବାଟ ଖୋଲାରଖି ଘର ଭିତରୁ ଦେଖିଲା ପିଲାଙ୍କ ପାଠପଢ଼ା । ଏବର୍ଷ ମାଟ୍ରିକ ପରୀକ୍ଷା ଦେବେ । ସିଏ ବି ପଢିଛି ସପ୍ତମ ଶ୍ରେଣୀ । ହାଇସ୍କୁଲ ଥିଲା ଘରଠୁ ଦୂର । ପାଠ ଆଉ ପଢି ପାରିଲା ନି । ଏବେ ପିଲାଙ୍କ ପାଠପଢ଼ା ଶୁଣିବାକୁ ଭଲ ଲାଗୁଛି । ଶ୍ରୀମତୀ ଅପା ମଝିରେ ମଝିରେ ବୁଝିଯାଉଛି ତା' ଭଲମନ୍ଦ କଥା । କହୁଥିଲା,ଏ ଯୋଉ ଗୁରୁମା ପାଠ ପଢଉଛନ୍ତି ସେ ଟଙ୍କା ପଇସା ନିଅନ୍ତି ନାହିଁ । ଏଇଟା ତାଙ୍କ ସଉକ !

ଗଛମୂଳ ପାଖର ଛଅଣା ଆଖିଗୁଡ଼ିକ ଆଉ ଦିଶୁନି ଏବେ । ପିଣ୍ଡାରେ ବସି ପାଠପଢୁଥିବା ଝିଅମାନଙ୍କ ଭିତରୁ କିଏ ତାଙ୍କର ଝିଅ, ଝିଆରୀ ତ କିଏ ଭଉଣୀ । ସରସୀ ଭାବିଲା ଆଜି ସେ କହିବ ସାମୁରିଆକୁ, ଗଲା ଦିନମାନଙ୍କରେ ଯାହା ଘଟିଯାଇଛି । ଏବେ ତ ସବୁ ଥଣ୍ଡା ପଡ଼ିଗଲାଣି, ସାମୁରିଆ ଆଉ ରାଗିକି ସେମାନଙ୍କ ସାଙ୍ଗେ ଗଣ୍ଡଗୋଳ କରିବ ନାହିଁ । କିନ୍ତୁ ସେଦିନ ରାତିରେ ବି ତା'ପାଟିରୁ ବାହାରିଲାନି ସେକଥା । ବରଂ ଶ୍ରୀମତୀ ଅପା ତାକୁ କହିଥିବା କଥା ଜଣେଇଦେଲା ।

ଶ୍ରୀମତୀ ଅପା କହୁଥିଲା ଏଥର ସେମାନେ ବସ୍ତିର ସ୍ଥାୟୀ ବାସିନ୍ଦା ହୁଅନ୍ତୁ । ବସ୍ତିର ସବୁଘର ସରକାରୀ ଜାଗାରେ ତିଆରି ହୋଇଛି । ବସ୍ତି ଉଠିଲେ ଭବିଷ୍ୟତରେ ତାଙ୍କୁ ବି ସରକାରୀ ଜାଗା ମିଳିବ । ସେମାନେ ଘର କରି ପାରିବେ ନିଜର । ସରକାରୀ ଯୋଜନାମାନଙ୍କର ସାହାଯ୍ୟ ସବୁ ମିଳିବ । ତା'ପ୍ରସୂତି ସୁବିଧା ପାଇଁ ବି ଅଛି ଗୋଟେ ସରକାରୀ ଯୋଜନା । ସେ ସବୁ ପାଇଁ ଆଧାରକାର୍ଡ଼,ଭୋଟରକାର୍ଡ଼ ଆଉ ରାସନ୍‌କାର୍ଡ଼ କରିବା ନିହାତି ଦରକାର । ଶ୍ରୀମତୀ ଅପା ହାତରେ ଲୋକ ଅଛନ୍ତି ସେ କାମ କରିଦେବା ପାଇଁ, ଖାଲି ସାମୁରିଆ ହଁ କରିବା କଥା ।

ସାମୁରିଆ ହଁ କଲା । କିନ୍ତୁ ବହୁ କଷ୍ଟରେ । ସାମୁରିଆ ରାଜିହେଲା ନିକଟ ଭବିଷ୍ୟତରେ ଜନ୍ମହେବାକୁ ଥିବା ତା' ଛୁଆର ଡାକ୍ତରୀ ସୁବିଧା ପାଇଁ । ସେମାନଙ୍କୁ ସାହାଯ୍ୟ କରିବାକୁ ନାହାନ୍ତି ଘରର ଲୋକ । ଏଠି ବସ୍ତିର ଲୋକ ଆଉ ସରକାରଙ୍କ ଯୋଜନା ତା' ସାହାରା । ସରକାରଙ୍କ ଏଇ ଯୋଜନଟା ତା' ମନକୁ ପାଇଲା । କିନ୍ତୁ ସେଥିରେ ତା'ର ଥିଲା ଗୋଟେ ସର୍ତ୍ତ - ମାଗଣା ରାସନ କେବେ ଆସିବ ନାହିଁ ତାଙ୍କ ଘରକୁ । ଜନ୍ମନେବାକୁ ଥିବା ସନ୍ତାନ ରକ୍ତରେ ନ ମିଶୁ ସେ ଜହର ।

କିଛିଦିନ ପରେ ସେମାନଙ୍କର ଝିଅଟିଏ ହେଲା । ସରକାରଙ୍କ ପ୍ରସବକାଳୀନ ସୁବିଧା ସୁଯୋଗ ମିଳିଲା । ସାମୁରିଆ କହିଲା- ଝିଅକୁ ପାଠ ପଢ଼େଇ ମଣିଷ କରିବା ଏବେ ତୋ' କାମ ।

ଧୀରେଧୀରେ ଝିଅ ବଡ଼ ହେବାକୁ ଲାଗିଲା । ଘରର ଖର୍ଚ୍ଚ ବଢ଼ିଲା । ଘରପାଇଁ ଅଧିକ ରୋଜଗାର ଦରକାର । ଶ୍ରୀମତୀ ଅପାର

ପରାମର୍ଶରେ, ସାମୁରିଆର ଅଜାଣତରେ ମାଗଣା ରାସନ ଘରକୁ ଆଣିଲା ସରସୀ ।

ବସ୍ତିରେ କାହା ସଙ୍ଗେ ସମ୍ପର୍କ ନାହିଁ ସାମୁରିଆର । ସାଇ ଭିତରେ ଘର କଲେ ସମ୍ପର୍କ ତ ରଖିବାକୁ ପଡ଼ିବ । ସେ କାମ ସରସୀ କଲା । ସରସୀ ବି ଚାହୁଁନି ସାମୁରିଆ ବସ୍ତି ଲୋକଙ୍କ ସାଙ୍ଗେ ମିଶୁ । ନିଶାଖୋର ଲୋକଗୁଡ଼ାକ କ'ଣ ବୋଲି କ'ଣ କହିବେ । ତାକୁ ନେଇବି ସେମାନେ କିଛି ଟୀକାଟିପଣୀ ଦେଇଦେବେ ଯଦି ରାଗିପାଚି ହାତ ଉଠେଇଦବ ସାମୁରିଆ । ଅଭାଷା ତା' ପାଟିରୁ ବାହାରେ ନି ସିନା ଯିଏ କହିବ ଖରାପ କଥା ତା' ଦାନ୍ତ ଭାଙ୍ଗିଦେବ ସିଏ । ସାମୁରିଆଠୁ ଲୁଚେଇ ରଖିଛି ସେ ରସିକିଆମାନଙ୍କ ନଖରାମି । ସେକଥା ଯଦି ସେମାନଙ୍କଠୁ ଶୁଣିବ ତେବେ ଅନର୍ଥ ହେବ ।

ସମୟ ଗଡ଼ି ଚାଲିଲା । ସରସୀ ଦେଖିଲା ସାମୁରିଆ କାମକୁ ଯିବାକୁ ଆଗ ଭଳି ଏତେ ଆଗ୍ରହୀ ହେଉନି । ଝିଅ ପାଖରେ ରହିବାର ବାହାନା କରି ସେ ଘରେ ରହିଲା ସିନା ବେଶି ସମୟ ତା'ର କଟିଲା ବରଗଛ ମୂଳେ । ସରସୀକୁ ତାଗିଦା କରିଦେଲା ଶ୍ରୀମତୀ ଅପା । ସରସୀ ମନକୁ ପାପ ଛୁଇଁଲା । ଯେଉଁ ମାଗଣା ରାସନକୁ ସାମୁରିଆ କହୁଥିଲା ସରକାରୀ ବିଷ, ତା' ଏବେ ତା ରକ୍ତରେ ମିଶିଗଲାଣି କି ?

ସପ୍ତାହେ ହେବ ସାମୁରିଆ କାମକୁ ଯାଇ ନଥିଲା । ସେଦିନ ଦି'ପ୍ରହରୁ କୁଆଡ଼େ ଯାଇଛି ଯେ ସଂଜ ହେଲାଣି ତାର ଦେଖା ନାହିଁ । କିଏ ଜଣେ ଲୋକ ଆସିଲା ତାକୁ ଖୋଜିବାକୁ । ଏକୁଟିଆ ବସିଥିଲା ବାରଣ୍ଡାରେ ସରସୀ । ବରଗଛ ତଳେ କେହି ଜଣେ ବି ନଥିଲେ ସେତେବେଳେ । ସରସୀ ଅପ୍ରସ୍ତୁତ ହୋଇ ଓଢ଼ଣା ଟାଣିଦେଲା ।

ସେ ଲୋକଟା କହିଲା- ଆଲୋ ସୁନ୍ଦରୀ ! ମୁଁ ପରା ତମ ନିଜ ଲୋକ, ମତେ କ'ଣ ମାଇନ କରୁଛୁ । ସାମୁରିଆକୁ ମୁଁ ପରା କାମ ଦିଏ । ସାମୁରିଆର କାଇଁ ଦେଖା ନାଇଁ ସାତ ଦିନ ହେଲାଣି । ରୋଜଗାର ନକଲେ ତମ ଘର ପୁଣି ଚଳିବ କେମିତି ?

ଚୁପ୍ ରହିଲା ସରସୀ ।

-ସାମୁରିଆ କାମକୁ ନ ଆସିଲେ ନାହିଁ, ତୁ ଏଥର ଆସେ । ତୋର ତ ଲହୁଣୀ ଦେହ, ମୁଁ କ'ଣ ଭିଡ କାମ ଦେବି ନା ତୋ'ଠୁ ମାହାସୁଲ ନେବି ? ତୋ ପାଇଁ ସବୁ ଛାଡ଼ ।

ସରସୀ ଦେହରେ ନିଆଁ ଲାଗିଗଲା ତା'କଥା ଶୁଣି । ସବୁ ରାଗ ତା'ର ଏଥର ସାମୁରିଆ ଉପରେ । ତା'ରି ଯୋଗୁଁ ଏ ଲୋକଟାର ସାହସ ହେଲା ଘରକୁ ଆସି ଏ କଥା କହିବାକୁ । ମୋ' ମରଦକୁ ଜାଣିନି ଏ ଅଭଦ୍ର କୁଲିସର୍ଦ୍ଦାର । ସ୍ତ୍ରୀ କାମକରି ପଇସା ଆଣିଲେ ଘର ଚଳିବ ? ଏକଥା ହଜମ କରି ପାରିବନି କେବେବି ସାମୁରିଆ ।

ଆଜି ଆସୁ ସେ କହିବ- ଏ ଲୋକଟାର ଆଗ ଦାନ୍ତ ଦି'ଟା ମୋର ଦରକାର । ସେ ଜାଣେ ସାମୁରିଆ ଦେହର ବଳ । ଗୋଟେ ମୁଥ ମାଡ଼ରେ ସେ ଝାଡ଼ି ଦେଇପାରିବ ଏ ଲୋକଟାର ସବୁ ଦାନ୍ତ, ଯାହାକୁ ଦେଖେଇ ତାକୁ ସେ କହୁଛି ଏତେ କଥା । ଅଲାଜୁକ, ଅଭଦ୍ର କୋଉଠିକାର । ସରସୀ ଧଡାସ୍ କରି କବାଟ ବନ୍ଦ କରିଦେଲା । ଝିଅର ନିଦ ଭାଙ୍ଗିଗଲା ସେ ଶବ୍ଦରେ, କାନ୍ଦିଉଠିଲା ଘରଭିତରୁ ।

ରାତି ବଢ଼ିଲାଣି, କୁଆଡ଼େ ଗଲା ସାମୁରିଆ ? ଏତେ ଡେରି ତ ସେ କରେନି କେବେ । ଖାଇବା ଥଣ୍ଡା ହେଲାଣି । କୁଲିସର୍ଦ୍ଦାରର କଥାଗୁଡାକ ତାକୁ ଗୋଳେଇ ଘାଣ୍ଟି କିଲିବିଲା କରୁଛି । ସାମୁରିଆକୁ ନ କହିବା ଯାଏଁ ସେ ଶାନ୍ତି ପାଇବ କେମିତି ? ସେତକ ଶୁଣିଲେ ଏଇ ରାତାରାତି ମାଡ଼ିଯିବ ସାମୁରିଆ ତା' ସ୍ତ୍ରୀର ଅପମାନର ପ୍ରତିଶୋଧ ନେବା ପାଇଁ । ହଁ ଯାଉ ସେ । ଭାଙ୍ଗିଦେଉ ତା' ମୁହଁର ଦାନ୍ତ ! ତା' କର୍ମର ଫଳ ସେ ପାଇବ । ସରସୀ ଖୁସି ହେବ ତା'ମୁହଁରୁ ବାହାରିଲେ ଆଞ୍ଜୁଳାଏ ଲାଲ୍ ଲାଲ୍ ରକ୍ତ !

ରାତି ଏଗାରଟା ପାର ହେବା ପରେ ସାମୁରିଆ ଆସି ଘର କବାଟ ବାଡ଼େଇ ଡାକିଲା ଧୀରେ ଧୀରେ - ସରସୀ, ସରସୀ !

ବାରଣ୍ଡା ସେପଟେ କିଛି ଲୋକଙ୍କ ପାଟି ଶୁଭୁଚି । କ'ଣ କହୁଛନ୍ତି ବୁଝାପଡୁନି । ଆସ୍ତେ କରି କବାଟ ଖୋଲିଲା ସରସୀ । ସାମୁରିଆ ତ ନୁହେଁ ଗୋଟେ ଝଡ଼ ଯେମିତି ପଶିଆସିଲା ଘରଭିତରକୁ । ଘର ସାରା ଖେଳିଗଲା ମଦର ଦୁର୍ଗନ୍ଧ ! ସରସୀର ମୁଣ୍ଡର ରାଗ ଓହ୍ଲେଇ ଆସିଲା ସାମୁରିଆ ଉପରକୁ । ତା'ଦୁଇ କାନ୍ଧକୁ ଧରି ଚିତ୍କାର କଲା ଜୋର୍ ରେ - ତମେ ମଦ ପିଇଛ ? ଲାଜ ଲାଗୁନି ଟିକେ,ଛି,ଛି !

ତା'ମୁହଁ ଉପରେ ପଡିଥିବା ସାମୁରିଆର ବଳିଷ୍ଠ ହାତର ମୁଥମାଡ଼ରେ ସରସୀ ପଡ଼ିଗଲା ତଳେ । ତା' ଆଗଦାନ୍ତ ବୋଧେ ଭାଙ୍ଗି ଗଲା ତା' ପ୍ରଭାବରେ । ମୁହଁକୁ ଆଉଁସି ଆଣିଲା ହାତରେ, ପାପୁଲି ସାରା ରକ୍ତ !

ଚେତା ହରେଇବା ପୂର୍ବରୁ ସରସୀ ଶୁଣିଲା ସାମୁରିଆର ଗର୍ଜନ !- ଶାଳୀ ଖାନିକୀ ! ତୋ ବୋପା ପଇସାରେ ମୁଁ ପିଇଛି ? .....ତୁ କାଲିଠୁ ଯିବୁ କାମକୁ ଆଉ ମୁଁ ଅଏସ୍ କରିବି ଘରେ ....

ବି-୩୦୧ ,
ପର୍ଲ ରେସିଡ଼େନ୍ସି,
ଦୁର୍ଗାମାଧବ ନଗର,
ଭୁବନେଶ୍ୱର -୭୫୧୦୨୯
ମୋ.: ୯୦୪୦୦ ୫୫୧୫୮

ଛୋଟ ସ୍ୱପ୍ନ ବଡ଼ ସ୍ୱପ୍ନ

କବିତା ବାରିକ

ଡଙ୍ଗର କନ୍ଧ ବସ୍ତିରେ ସେ ଥିଲା ଗୋଟାଏ ଫୁଟନ୍ତା ଚମ୍ପାଫୁଲ । ନାଁ ବି ରଖାଯାଇଥିଲା ଚମ୍ପା । ଚମ୍ପକବରଣା ଚମ୍ପା ସତେକି ଗୋଟାଏ ଚାଉଳରେ ଗଢ଼ା । ହସରେ ତା'ର ମୁକ୍ତାର ଝର, ଲୁହରେ ତା'ର ଶ୍ରାବଣର ଧାରା ପୁଣି ହରିଣୀ ଭଳି ଚଳଚଞ୍ଚଳ । କୋଇଲି ଚୁପ୍ ହୋଇଯାଏ ଯେତେବେଳେ ଚମ୍ପାର ଗୀତ ତା' କାନରେ ପଡ଼େ । ଛୋଟଛୋଟ ସ୍ୱପ୍ନ ଆଉ ପାହାଡ଼ୀ ଜୀବନ ଭିତରେ ଗଢ଼ିଚାଲେ ତା'ଜୀବନର ଗୋଟାଏ ପରେ ଗୋଟାଏ ବସନ୍ତ । ଦୁଃଖସୁଖର ଗହଗହ ଦୋହା ଭିତରେ ସେ ଭାଙ୍ଗିପଡ଼େ ନାହିଁ । ବରଂ କାଲିର ସକାଳ ପାଇଁ ସ୍ୱପ୍ନ ଦେଖେ, ଆଶାର ମଲ୍ଲୀଫୁଲକୁ ଦୁଇ ହାତରେ ତୋଳିଧରି କଳ୍ପନାର ରଙ୍ଗ ମାଖେ । ପ୍ରୀତିପ୍ରବଣ ମନ ତା'ର ଛୋଟଛୋଟ ସ୍ୱପ୍ନ ଦେଖେ । ଏଇ ଯେମିତି ସେ ଡଙ୍ଗରର ମହାରାଣୀ, ଚତୁଃପାର୍ଶ୍ୱରେ ଥିବା ପାହାଡ଼, ଜଙ୍ଗଲ, ଝରଣା, ନଈ ସବୁକିଛି ତା'ରି ରାଜ୍ୟ । ମୁଠାମୁଠା ହୋଇ ସ୍ୱପ୍ନ ସବୁ ଝଡ଼ିପଡ଼େ ମହୁଲ ଫୁଲ ପରି । ପାହାଡ଼, ଜଙ୍ଗଲ, ଝରଣା ମତୁଆଲ କରିଦିଅନ୍ତି ତା'ମନକୁ । କ୍ଷୀର ଉତୁରିଲା ଭଳି ସ୍ୱପ୍ନ, କଳ୍ପନାକୁ ନେଇ ସେ ଉତୁରିପଡ଼େ । ମହୁଲ ପିଠା, କାନ୍ଦୁଲ, କାଇଭଜା, ମାଣ୍ଡିଆ ଜାଉ, ବାସିପେଜର କାଞ୍ଜି ବନାଇଲା ବେଳେ ବା'ତା'ର ଲାଉତୁମ୍ବିରେ ଟୁଣ୍‌ଟୁଣ୍ ସ୍ୱର ଦେଉଥାଏ । ମାଆ ତା'ର କୁକୁଡ଼ା, ବତକ, ଗୋରୁ, ଛେଳି କାମରେ ଲାଗିଥାଏ । ସାନଭାଇଟା ସ୍କୁଲ ଯିବ ବୋଲି ବହିବସ୍ତାନୀ ସଜାଡ଼ି ତରତର ହୁଏ କ'ଣ ଟିକେ ଖାଇ ବାହାରିବା ପାଇଁ । ସେ ପାଠପଢ଼ି ଖୁବ୍ ବଡ଼ ହେବ, ଗାଁର ନାଁ ରଖିବ, ଏହିଭଳି ଟିକିଟିକି ସ୍ୱପ୍ନ ନେଇ ସେ ଚାଲିଯାଏ ସ୍କୁଲ ।

ଏମିତି ଦିନ ଗଡ଼ିଚାଲେ । ବିଲରୁ ଫେରିଲା ବେଳେ କି ପୋଖରୀରୁ ପାଣିନେଇ ଆସିଲାବେଳେ ବାଙ୍ଗରୁ ସହିତ ଦେଖାହୁଏ । ସେ ତା'ର ସ୍ୱଭାବସୁଲଭ ଭଙ୍ଗୀରେ ସବୁଦିନ ଭଳି ପ୍ରଶଂସାରେ ନଦି ଦିଏ । ଏଇ ଯେମିତି ତୁ ତ ଏକ ଚିତ୍ରିତ ପ୍ରଜାପତି, ଅଳସୀ ଫୁଲଭରା କ୍ଷେତରେ । ଖାଲି ଅପେକ୍ଷା ମୋ' କ୍ଷେତକୁ କେବେ ଆସିବୁ । ତୁ ତ ମୋ' ବଞ୍ଚିବାର ଏକ ମୁଗ୍ଧ ଅନୁଭବ, ସ୍ୱପ୍ନର ରାଣୀ । ବାଙ୍ଗରୁ କଥାରେ ଗୁରୁତ୍ୱ ଦିଏନା ଚମ୍ପା । ତା'ର ପ୍ରଶଂସାକୁ ଫୁଃ କରି ଉଡ଼ାଇ ଟିକେ ହସିଦିଏ । ତେବେ ଶାଳବଣର ସବୁଜିମା, ଝୋଲା, ଝରଣା ଭିତରେ କେବେକେବେ ବାଙ୍ଗରୁର ଛବି ଭାସିଉଠେ । ପାଗଳ ପ୍ରେମୀଟିଏ । ହେଲେ ସେ କ'ଣ ତା'ବା'କୁ ଦେଇପାରିବ ତାଙ୍କ ଜାତିରେ ଖଞ୍ଜା ଯାଇଥିବା ନୀତିନିୟମର ଝୋଲାରେ ଦାବି ମୁତାବକ ଟଙ୍କା ? ସେଥିପାଇଁ ତ ସେ ଦୂରେଇ ଦୂରେଇ ରହେ ବାଙ୍ଗରୁ ଠାରୁ । ନ ହେଲେ ସେ ଭାବିବ ଚମ୍ପାଟା ଛଳନା କରି ମୋତେ ଠକିଦେଲା ।

ଦାରିଦ୍ର୍ୟର ସଂଘର୍ଷ ଭିତରେ ପଡ଼ିରହି ବଡ଼ ହୁଅନ୍ତି କନ୍ଧମାନେ । ଭୋକ ଓ ଅର୍ଦ୍ଧନଙ୍ଗଳା ଦିହ ଭିତରେ ରକ୍ତକୁ ପାଣି କରି ଖଟନ୍ତି । ତଥାପି ପେଟ ପୂରେନା । ଦିନକୁ ଦିନ କଷ୍ଟ ହୋଇପଡ଼େ ବଞ୍ଚିବା । ବଢ଼ିଯାଏ ସଂଘର୍ଷ । ତା'ରି ଭିତରେ କିନ୍ତୁ ସ୍ୱପ୍ନ ପିଛା ଛାଡ଼େନା । ଜହ୍ନରାତିରେ,

କାଶତଣ୍ଡିର ତୁଠରେ, ଭସାବାଦଲ କି ନୀରବ ଡଙ୍ଗର ଭିତରେ ସ୍ୱପ୍ନ ସବୁ ବିଞ୍ଚି ହୋଇପଡ଼େ । ଧାଙ୍ଗଡ଼ା ଧାଙ୍ଗଡ଼ାଙ୍କ ଉଚ୍ଛୁଳା ଗୀତ, ମାଦଳର ତାଳେତାଳେ ପାଦ ନାଚିଉଠେ । ତା'ରି ଭିତରେ ସମୟ ସୁବିଧା ଦେଖି ବାଙ୍ଗରୁ ଲାଗିଲାଗି ଆସେ ଚମ୍ପା ପାଖକୁ । କହେ, ତୋ ବାପାକୁ ଖୋଲା ଟଙ୍କା ଦେଇ ନପାରିଲେ ଆମେ ଝିଙ୍କାବିହା କରିଦେବାଲୋ ଚମ୍ପା । ତୁ ଯଦି ରାଜିହେବୁ ସବୁ ସମାଧାନ ହୋଇଯିବ । ପେଟ ତୋର ଅପୋଷା ରହିବନି । ତୋତେ ରାଜସୁଖ ସିନା ଦେଇପାରିବିନି, ଖଣ୍ଡେ ପିନ୍ଧିବାକୁ, ପେଟେ ଖାଇବାକୁ ତୋର ଚିନ୍ତା ରହିବନି । ଯାହାହେଲେ ବି ପାଠ ଦି'ଅକ୍ଷର ପଢ଼ିଛି । ମୋର ଏ ବଳିଲା ବଳିଲା ବାହୁରେ ସିଂହର ବଳ । ପାହାଡ଼ ବି ତାଡ଼ିପାରିବି ।

ଧେତ୍ କହି ବାଙ୍ଗରୁକୁ ଠେଲିଦିଏ ଚମ୍ପା । ହେଲେ ବାଙ୍ଗରୁ ସହଜରେ ଘୁଞ୍ଚେ ନାହିଁ । ଓଲଟି କହେ, ଏଇ ପାହାଡ଼, ଜଙ୍ଗଲ, ଝରଣା ତ ଆମର । ସେମାନେ ଆମ ପାଇଁ ଦାନାପାଣି । ଏସବୁ ଯେତେଦିନ ରହିଥିବ ସେତେଦିନ ଯାଏଁ ଡଙ୍ଗର କନ୍ଧ ମରିବନି । ଆମର ଆକାଶରେ ଉଡ଼ିବାର ସ୍ୱପ୍ନ ନାହିଁ କି ତୋତେ ଆକାଶ କୁସୁମ ଆଣିଦେବାର ମିଛ ଭରସା ଦେବାର ନାହିଁ । ଛୋଟଛୋଟ ସ୍ୱପ୍ନ ଭିତରେ ଆମେ ଏମିତି ଏହି ପାହାଡ଼ୀ, ଜଙ୍ଗଲ ଦୁନିଆରେ ନିଜ ଛୋଟ ସଂସାରର ଡଙ୍ଗା ବାହିନେବାରେ । ଖାଲି ତୁ କଥା ଦେ ମୋତେ ନିଜର କରିବୁ । ଯେତେ ଯାହା ଝଡ଼ ଆସିଲେ କେବେ ମୋତେ ଛାଡ଼ି ଚାଲିଯିବୁନି । ମୁଁ ବି କଥାଦେଉଛି ସାରାଜୀବନ ତୋ'ର ଛାଇ ହୋଇରହିବି । ଇଏ କନ୍ଧ ମର୍ଦ୍ଦର ପ୍ରତିଜ୍ଞା ।

ବାଙ୍ଗରୁ ଏମିତି କେତେ ନା କେତେ ସ୍ୱପ୍ନ ଦେଖାଏ ତାକୁ । ଚମ୍ପାକୁ ଆନମନା କରିଦିଏ । ତା'ରି କଥା ଭଳି ସେ ବି କେବେ ଅଳସୀ ଫୁଲର ହଳଦିକ୍ଷେତରେ ରଙ୍ଗବେରଙ୍ଗର ପ୍ରଜାପତି ପାଲଟିଯାଏ । ପାହାଡ଼, ଡଙ୍ଗର, ଝରଣା, ଜଙ୍ଗଲ ଭିତରେ ହଜିଯିବାକୁ ମନହୁଏ । ହଜିବି ଯାଏ ବାଙ୍ଗରୁର ମହୁଝରା କଥାରେ । ଆନମନା ହୋଇଯାଏ ଚମ୍ପା । ମହୁଲି ମଦ ଠାରୁ ପ୍ରେମରେ କେତେଯେ ନିଶା !

ଏମିତି ଏମିତି ଚାଲିଥିବା ଜୀବନରେ ଦିନେ ରାସ୍ତା ବଦଳିଗଲା । ଛୋଟଛୋଟ ସ୍ୱପ୍ନମାନେ ବଡ଼ ସ୍ୱପ୍ନ ପଛରେ ଧାଇଁଲେ । ସେହି ଧାଇଁବା ଭିତରେ ଚମ୍ପା ତା'ର ଅସ୍ତିତ୍ୱ ହରାଇଦେଲା । ଶୁଣାଗଲା ଏଇଠି ଏକ ବଡ଼ କେନାଲ ତିଆରି ହେବ । ଅନେକ ଦିନ କାମ ଚାଲିବ । ତାଙ୍କ ଗାଁ ଲୋକଙ୍କୁ କାମ ମିଳିବ । ସତକୁ ସତ ଦିନ କେତୋଟାରେ କେତେଜଣ ସହରୀ ବାବୁ ଆସି ମପାଚୁପା କଲେ । ଚମ୍ପା ବି କାମ ପାଇଗଲା । ମାଟି ତାଡ଼ିବା ପରେ ବୋହିବା କାମରେ ନିୟୋଜିତ ହେଲା । ସହରୀବାବୁଙ୍କର କ୍ୟାମ୍ପ ବନ୍ଧାହେଲା । କିଛିଦିନ ପରେ ସେମାନଙ୍କୁ ରୋଷେଇ କରିଦେବାର ଦାୟିତ୍ୱ ତା'ଉପରେ ପକାଇଲେ କଣ୍ଟ୍ରାକ୍ଟର ବାବୁ । ମାଟିଝୁଡ଼ି ଟେକୁଥିବା ଚମ୍ପା ପରିବା ଝୁଡ଼ି ଉଠାଇଲା । କେତୋଟା ଦିନ ଭିତରେ ସେ ସହରୀ ବାବୁମାନଙ୍କର ବେଶ୍ ପ୍ରିୟ ହୋଇଗଲା । ତା'ର ରନ୍ଧାରେ ଯେତେ ପ୍ରଶଂସା ମିଳେ ନାହିଁ, ମିଳେ ତା'ର ରୂପ, କୁଦିଲା କୁଦିଲା ଦିହକୁ ନେଇ । କଣ୍ଟ୍ରାକ୍ଟର ବାବୁ କହନ୍ତି, ସେ କୁଆଡ଼େ କଳାର କୋଣାର୍କ । କେବେ ଚାଲୁଚାଲୁ ଦିହ ଘଷି ହୋଇଯାଏ । ଜାଣତରେ ନା ଅଜାଣତରେ ସେକଥା ବୁଝିପାରେ ନାହିଁ ଚମ୍ପା । ଅଜଣା ପୁଲକରେ ମୁଣ୍ଡ ପୋତିଦିଏ ।

ଦିନ ଯେତେ ପୁରୁଣା ହୁଏ କଣ୍ଟ୍ରାକ୍ଟର ବାବୁଙ୍କ ସହ ସଂପର୍କ ସେତେସେତେ ପାଖ ହୁଏ । ଏଥର ସେ ତାକୁ ସ୍ୱପ୍ନ ଦେଖାଇବାକୁ ଆରମ୍ଭ କରନ୍ତି । ତୁ ମୋତେ ବାହାହେବୁ ଚମ୍ପା ? ମୋ' ସହିତ ସହର ଯିବୁ । ତୋ'ର ଏ ଦରିଦ୍ର ଅବସ୍ଥା ରହିବ ନାହିଁ । ତୋତେ ରାଣୀ କରି ରଖିବି । ଚମ୍ପା ତ ବିଶ୍ୱାସ କରିପାରୁ ନ ଥିଲା । ତଥାପି ଥଙ୍କେଇ ଥଙ୍କେଇ ପଚାରିଥିଲା, ତମ ଘରଲୋକେ ମୋତେ ବୋହୂ କରିନେବେ ? ମୁଁ ତ ପାଠ ପଢ଼ିନି । ମଫସଲି ଗାଁ ଝିଅ । କେମିତି ସହରରେ ଚଳିବାକୁ ହୁଏ କିଛି ଜଣା ନାହିଁ । ଆରେ, ମୁଁ ତୋତେ ସବୁ ଶିଖାଇ ଦେବିନି । ହସିହସି କହୁଥିଲେ କଣ୍ଟ୍ରାକ୍ଟର ବାବୁ । ଚମ୍ପା ବାଟ ଭୁଲିଗଲା । କାମ ସରିଗଲା ପରେ ତାକୁ ସହରକୁ ସବୁ ଦିନ ପାଇଁ ନିଜର କରି ନେଇଯିବେ ବୋଲି ବିଶ୍ୱାସ ଜନ୍ମାଇଲେ ସେ । ସହରର ସେହି ଆକାଶଛୁଆଁ ବଡ଼ ବଡ଼ ସ୍ୱପ୍ନ ଭିତରେ ହଜିଗଲା ଚମ୍ପା । ତା'ର ବାଙ୍ଗରୁ କଥା ମନେପଡ଼ିଲାନି । ବାଙ୍ଗରୁର ଚେହେରା, ଲୁଗାପଟା ତାକୁ ଗନ୍ଧେଇଲା । କାହିଁ କଣ୍ଟ୍ରାକ୍ଟର ବାବୁ ଆଉ କାହିଁ ଦରପାଠୁଆ, ଗାଉଁଲିଆ, ଗରିବ ବାଙ୍ଗରୁ ? ତାକୁ ସେ ସ୍ତ୍ରୀ କରିବାର ସ୍ୱପ୍ନ ଦେଖୁଛି । ହେଲେ ସହରୀବାବୁ ତ ତାକୁ ରାଣୀ କରିନେବ ବୋଲି କଥା ଦେଇଛନ୍ତି । କେତେ ସୁନ୍ଦର ଦେଖିବାକୁ । ମଟର ଗାଡ଼ିରେ ଦିନରାତି ବୁଲନ୍ତି । ସହରରେ କୁଆଡ଼େ ତାଙ୍କର ବିରାଟ ଘର । ଚାକର ବାକରରେ ଭର୍ତ୍ତି । ତାକୁ କୁଟାଖିଅର କାମ କରିବାକୁ ପଡ଼ିବନି । ତା'ଜାତକରେ ନିଶ୍ଚେ ରାଣୀ ଯୋଗ ଅଛି ।

ତାକୁ ସହର ଡାକୁଥିଲା । ଡାକୁଥିଲା ସହରୀବାବୁ । ସେଠିକାର ଚାକଚକ୍ୟ, ସହରୀ ଜୀବନ, ଖାଇବା ପିଇବା, ବୁଲିବା, ଆରାମ କରିବା ସବୁ କିଛି ଡାକୁଥିଲା । ଛି, କେତେଦିନ ସେ ଏଇ ପାହାଡ଼, ଜଙ୍ଗଲ ଭିତରେ ପଡ଼ିରହିବ ? ଗାଁ ଭଲ ଲାଗୁ ନ ଥିଲା, ବର୍ଷ ବର୍ଷ କଟାଇଥିବା ଡଙ୍ଗର, ଜଙ୍ଗଲ, ଝରଣା ବି ଭଲ ଲାଗୁ ନ ଥିଲା । ତା'ସହିତ ବାଙ୍ଗରୁ ବି । କେମିତି ଏକ ସୁଖସ୍ୱପ୍ନ, ସହରୀବାବୁର ମୋହିନୀ ପରଶ ତାକୁ ଟାଣି ନେଉଥିଲା । ସେଠିକାର ଚାକଚକ୍ୟ, ଚଳଣି, ମଟରରେ ବୁଲିବା, ଖାଇବା, ପିନ୍ଧିବା ଏମିତି କେତେକେତେ ସୁଖସ୍ୱପ୍ନ, କଳ୍ପନା ତାକୁ ରାଜକୁମାରୀ ବନାଇ ଦେଇଥିଲା । କଣ୍ଟ୍ରାକ୍ଟର ବାବୁଙ୍କ ପକ୍ଷୀରାଜ ଘୋଡ଼ାରେ ବସି ସେ ଉଡୁଥିଲା । ତା'ର ହାବଭାବ, କଥାବାର୍ତ୍ତା, ଆନମନା ହେବା ବାଙ୍ଗରୁ ଦୃଷ୍ଟିକୁ ଏଡ଼ାଇ ଯାଇ ନ ଥିଲା । ସେ ବୁଝାଇବାକୁ ଚେଷ୍ଟା କରୁଥିଲା ଆମେ ଶାଗ, ପଖାଳଖିଆ ମଣିଷ । ତୁ କ୍ଷୀରି ପୁରିର ସ୍ୱପ୍ନ ଦେଖୁଛୁ । ଏସବୁ ଭେଳିକି । ଆଖୁରୁ ରସ ଶୋଷିନେଲା ଭଳି ତୋତେ ଶୋଷିନେଇ ଫିଙ୍ଗିଦେବେ । ହେଲେ ବାଙ୍ଗରୁର କଥା

ତାକୁ ପିତା ଲାଗୁଥିଲା । ଭାବୁଥିଲା, ତା'ର ଭାଗ୍ୟ ଦେଖି ସେ ତାକୁ ଈର୍ଷା କରୁଛି ।

ଦେଖୁଦେଖୁ କେନାଲ କାମ ସରିଆସିଲା । ଦିନ କେତେଟା ପରେ କ୍ୟାମ୍ପ ଉଠିଯିବ । ସହରୀବାବୁମାନେ ଫେରିଯିବେ । ବିଚଳିତ ହେଇପଡ଼ିଥିଲା ଚମ୍ପା । ହେଲେ କଣ୍ଟ୍ରାକ୍ଟର ବାବୁ ଭରସା ଦେଲେ ତୁ ମୋ ସହ ଯାଇପାରିବୁ ସହରକୁ ? ସେଠି ତୋର ମୋର ଏକ ନୂଆ ଜୀବନ ଆରମ୍ଭ କରିବା । ହେଲେ ଏକଥା କାହାକୁ ଜଣାଇବୁନି । ନହେଲେ ତମ ଜାତିଭାଇ, ଘରଲୋକ ଛାଡ଼ିବେ ନାହିଁ । ତୁ ଯଦି ମୋତେ ସତରେ ଭଲପାଇଥିବୁ ତେବେ ଗୋଟିଏ ରାସ୍ତା ହେଲା ପଳାଇବୁ ମୋ' ସହ । କେହି ଟେର୍‌ସୁଦ୍ଧା ପାଇବେ ନି । ଶେଷରେ ତାହା ହିଁ ହେଲା । କାହାକୁ କିଛି ନ ଜଣାଇ ଦିନେ ସେ କଣ୍ଟ୍ରାକ୍ଟରବାବୁ ସହ ସହର ପଳାଇଲା । ସେ ସହରର ନାଁ, ଗାଁ, ଠିକଣା ତାକୁ କିଛି ଜଣା ନ ଥିଲା । କେବଳ କଣ୍ଟ୍ରାକ୍ଟର ବାବୁ ଜଣକ ତା'ର ବିଶ୍ୱାସ, ଭରସା, ଠିକଣା ।

ଦିନାକେତେ ଦୁହେଁ ଖୁବ୍ ମଉଜ କଲେ । ମଟରରେ ବସି ଚମ୍ପା କେତେକେତେ ଜାଗା ବୁଲିଲା, ଚିହ୍ନିଲା । ପୁଣି ତା'ର କାୟା ପରିବର୍ତ୍ତନ ହେଲା । ତା'ର ଲମ୍ବାବାଳ ସେ ବିଉଟି ପାର୍ଲରରେ କାଟିଲା, ଫେସିଏଲ କଲା, ଲିପ୍‌ଷ୍ଟିକ୍ ଲଗାଇଲା । ତା'ର ବେଶଭୂଷା ସଂପୂର୍ଣ୍ଣ ବଦଳିଗଲା । ଗାଁର ମହୁଲି, ହାଣ୍ଡିଆ ଛାଡ଼ି ସେ ଅଭ୍ୟସ୍ତ ହେଲା ସ୍କଚ୍, ହୁଇସ୍କି, ରମ୍‌ର ଦୁନିଆରେ । ଚମ୍ପାର ନାଁ ବି ବଦଳିଯାଇ ରଖାଗଲା ଚମନ୍ । ବଡ଼ବଡ଼ ଲୋକ, ବଡ଼ବଡ଼ ସ୍ୱପ୍ନ, ଆଧୁନିକ ଜୀବନ ସହ ତା'ର ପରିଚୟ ବଢ଼ିଲା । କିଛିଦିନ ଗଲାପରେ ସେ କଣ୍ଟ୍ରାକ୍ଟର ବାବୁଙ୍କୁ ବାହାଘର କଥା କହିଲା । ହସିହସି ସେ ତାକୁ ପ୍ରତିଶ୍ରୁତି ଦେଲେ ଏତେ ତରତର କାହିଁକି । ସମୟ କ'ଣ ଚାଲିଯାଉଛି ।

ତା'ପରେ ? ଚମ୍ପା ଓରଫ୍ ଚମନର ସ୍ୱପ୍ନର ତାଜମହଲ ଭୁଷୁଡ଼ି ପଡ଼ିଲା, ଯେତେବେଳେ ସେ ଜାଣିଲା ଯାହା ଭରସାରେ ଗାଁ ଛାଡ଼ିଥିଲା, ଆତ୍ମୀୟମାନଙ୍କୁ ଦଗା ଦେଇଥିଲା ସେହି କଣ୍ଟ୍ରାକ୍ଟର ବାବୁ ବିବାହିତ ଓ ଦୁଇ ଛୁଆର ବାପା ! ଟିକିଏ ଟିକିଏ ଝଗଡ଼ା ଆରମ୍ଭ ହେଲା । ତାକୁ ଏକ ପ୍ରକାର ଗୃହବନ୍ଦୀ କରି ଦିଆଗଲା । ଯେତେ ଯାହା ପ୍ରତିଶ୍ରୁତି ପାଇଥିଲା ସବୁ ମିଛ, ସବୁ ପ୍ରତାରଣା । ସରଳ, ଗାଉଁଲି ସୁନ୍ଦରୀ ଆଦିବାସୀ ଝିଅମାନଙ୍କୁ ବାହା କରିବାର ଭରସା ଦେଇ ଭୁଲାଇଆଣି ଦେହ ବ୍ୟବସାୟ, ଦଲାଲ ହାତରେ ବିକ୍ରି କରିଦିଆଯାଏ । ଆକାଶ ସତେ କି ଛିଣ୍ଡିପଡ଼ିଲା ଚମ୍ପା ଉପରେ । ଭାଙ୍ଗିଗଲା ସୁକୁମାର ସ୍ୱପ୍ନ, ଧୋଇ ହୋଇଗଲା ରାଜକୁମାରୀ ସାଜିବାର ମୋହ । ମୁଖାପିନ୍ଧା ସହରୀବାବୁଙ୍କର ପ୍ରକୃତ ଚେହେରା କ'ଣ ଜାଣିଲା ବେଳକୁ ଅନେକ ବିଳମ୍ବ ହୋଇଯାଇଥିଲା । ତା'ଜୀବନର ଭୋକର ଭୂଇଁ, ଦାରିଦ୍ର୍ୟ ଭିତରେ ସଂଘର୍ଷ ଖୁବ୍ ଭଲଥିଲା । କନ୍ଧ ଜାତି ଭିତରେ ପ୍ରତାରଣା ନଥିଲା, ବେଇମାନି ନଥିଲା । ଝିଅ, ବୋହୂକୁ ବିକି ରୋଜଗାର କରିବାର ଲାଳସା ନଥିଲା । ହେଲେ ଏଠି ? ଫର୍ଚ୍ଚା ଆଲୁଅରେ ବି ମୋଞ୍ଚାମୋଞ୍ଚା ଅନ୍ଧାର । ଏଠିକା ପାଣି, ପବନ, ରାସ୍ତାଘାଟ, ଦୋକାନ ବଜାରରେ ସେହି ପ୍ରତାରଣାର ଗନ୍ଧ । ଅନ୍ୟକୁ ଚଞ୍ଚକତାର ସହ ଟପିଯାଇ ଆଗକୁ ମାଡ଼ିଯିବାର ନିଶା । ସେଠି ଧର୍ମଅଧର୍ମ, ପାପପୁଣ୍ୟ କିଛି ବି ମାନେ ରଖେନା । ଦାରିଦ୍ର୍ୟର ସଂଘର୍ଷ, ପେଟର ଭୋକ ଭିତରେ ଅର୍ଦ୍ଧନଙ୍ଗଳା ତାଙ୍କ ଗାଁର ଲୋକେ । ପାହାଡ଼, ଜଙ୍ଗଲ ଖେଦି, ମୂଲଲାଗି, ଦିନରାତି ପରିଶ୍ରମ କଲେ ମଧ୍ୟ ପେଟ ପୂରେନା । ହେଲେ ଚମ୍ପା ଦେଖିଲା, ସହରୀବାବୁଙ୍କ ଭିତରେ ଅଲଗା ପ୍ରକାରର ଭୋକ । ନାରୀ ମାଂସ, ହାଡ଼ ଚୋବାଇ ସେମାନେ ଭୋକ ମେଣ୍ଟାନ୍ତି । ସେଥିପାଇଁ ଅର୍ଦ୍ଧରାତ୍ରୀରେ ତାଙ୍କର ଦାମି ପୋଷାକ କାଢ଼ି ଲଙ୍ଗଳା ହୋଇଯିବାରେ କାର୍ପଣ୍ୟ କରନ୍ତି ନାହିଁ । ସେଠି ଜାତିଅଜାତି, ସୁନ୍ଦରୀ ଅସୁନ୍ଦରୀ, କଳାଗୋରା ନଥାଏ । ଅନ୍ଧାରରେ କିଛି ବାଛବିଚାର ଲୋଡ଼ା ହୁଏନା । ଲୋଡ଼ା କେବଳ ନାରୀର ଦେହ । ସୁନ୍ଦର ସହରରେ ଏହି ସହରୀବାବୁମାନେ ଏତେ ଅସୁନ୍ଦର ?

ତାଙ୍କରି ମେଳରେ ସେ ଏକ ନିରୀହ ମେଷ ପାଲଟିଗଲା । ପ୍ରତି ରାତ୍ରୀରେ ସେହି ନାରକୀୟ କାଣ୍ଡ । କେତେ ପ୍ରକାରର ମଣିଷ । ସମସ୍ତଙ୍କ ଭିତରେ ସେହି ଏକା ପ୍ରକାରର ଭୋକ । ବିବାହର ପ୍ରଲୋଭନ ଦେଖାଇ ତାକୁ ଗାଁରୁ ଉଡ଼ାଇ ଆଣିଥିବା କଣ୍ଟ୍ରାକ୍ଟର ବାବୁର ଦର୍ଶନ ନ ଥିଲା । ଯେତେଯାହା ସ୍ୱପ୍ନ ଦେଖାଇଥିଲା ସବୁ ମିଛ, ଭେଳିକି । ସହରୀବାବୁଟା ଠକିଛି ବୋଲି ଜାଣିଲା ପରେ ଆଉ କିଛି ବାକି ନଥାଏ ସେମାନଙ୍କ ପାଖରେ । ଫେରିବାର ରାସ୍ତା ବନ୍ଦ ହୋଇସାରିଥାଏ । କୂଅ, ପୋଖରୀରେ ଡେଇଁବା ଅଥବା ଦଉଡ଼ିଦେଇ ଆତ୍ମହତ୍ୟା କରିବା ସାରହୁଏ । ଯେଉଁମାନେ ଏହା କରିପାରନ୍ତିନି ଚିରଦିନ ନର୍କକୁଣ୍ଡରେ ଘାଣ୍ଟି ହେଉଥାନ୍ତି ।

ଚମ୍ପା ଅନୁତାପ କରୁଥିଲା । ବାଙ୍ଗରୁର କଥା କେତେ ସତ ଥିଲା ଏବେ ବୁଝୁଥିଲା । ହେଲେ ସେତେବେଳେ ବାଙ୍ଗରୁ ଅସନା, ଗାଉଁଲି ମନେହୋଇଥିଲା । ଟିକି ସ୍ୱପ୍ନକୁ ଛାଡ଼ି ବଡ଼ ସ୍ୱପ୍ନକୁ ନିଜର କରିବା ପାଇଁ ସେ ଧାଇଁଥିଲା । ସେଠି ବାଟ ଅବାଟ କିଛି ଜଣା ପଡ଼ିନଥିଲା । ଚମ୍ପା ଝୁରି ହେଉଥିଲା ତା' ଗାଁକୁ । ଖୁବ୍ ଭଲଥିଲା ସେ ଜୀବନ । ସେ ଭୋକର ଭୂଇଁ, ଦାରିଦ୍ର୍ୟର ସଂଗ୍ରାମ । ସେଠି ମଣିଷ ପଶୁ ପାଲଟୁ ନଥିଲା । ସରଳ, ଶାନ୍ତ, ସବୁଜ ଗାଁ, ଧାନବିଲ, ଅଳସୀ ଫୁଲର ହଳଦି ରଙ୍ଗ, ଆବିଳତା ଶୂନ୍ୟ ମଣିଷର ସରଳ ଜୀବନଯାପନକୁ ସେ ମନେପକାଇ ଭାଙ୍ଗି ପଡୁଥିଲା । ଏଠି ତ ସବୁଆଡ଼େ ପ୍ରତାରଣା । ସବୁଠି ବିଷାକ୍ତ ପବନ । ଏଠି ଆକାଶରେ ଉଡୁଥିବା ମୁକ୍ତ ପକ୍ଷୀର ଡେଣା କଟାଯାଏ । ଚକ୍‌ଚକ୍ ମଣିଷଙ୍କ ଭିତରେ ଆଦିମତାର ଅନ୍ଧାର । ସେଠି ଦାରିଦ୍ର୍ୟର ଭୋକ, ଏଠି ନାରୀଦେହ ପାଇଁ ଭୋକ । ମଝିରେ ଖାଲି ଟଙ୍କାର ଖେଳ । ପ୍ରତାରଣା ପରେ ପ୍ରତାରଣା । ଫଡ଼ଫାଡ଼, ଛଟପଟ ହେଲେ ବି ମୁକ୍ତି କଷ୍ଟକର ହୋଇଯାଏ । ଫେରିବାର ରାସ୍ତାରେ କୁଢ଼କୁଢ଼ କଣ୍ଟା ବିଛା ଯାଇଥାଏ । ଏ ସହରରେ ତା'ଭଳି ଅନେକ ଚମ୍ପାବତୀ ପଞ୍ଜୁରି ଭିତରେ ।

ଛଳନାର ମୁଖାପିନ୍ଧି ସଭ୍ୟ ମଣିଷ ଅସଭ୍ୟ କାମ କରିବାକୁ ପଛାଏ ନାହିଁ ।

ଚମ୍ପା ଭାବୁଥିଲା ସେ ଏ ନର୍କରୁ ମୁକୁଳିବ କେମିତି ? ଯଦିଓ ସେ ଜାଣେ ମୁକୁଳିବା ଏତେ ସହଜ ନୁହେଁ । ସବୁଠି ଜଗୁଆଳିର ସତର୍କ ଆଖି । ସେ ଜାଣିଥିଲା, ଫେରିଲେ ବି ତାକୁ ତା'ଗାଁ, ମଣିଷମାନେ କେବେ ଆପଣାଇବେନି । ବାଙ୍ଗରୁ କିନ୍ତୁ କହିଥିଲା, ତୁ ବାଟଭୁଲି ଅବାଟରେ ପାଦ ଦେଉଛୁ । ହେଲେ ମୁଁ ଜାଣେ ତୁ ଦିନେ ନା ଦିନେ ଫେରିବୁ । ଯେତେବର୍ଷ ପରେ ଫେର, ଯେମିତି ଅବସ୍ଥାରେ ଫେର୍ ମୁଁ ଯଦି ବଞ୍ଚିଥାଏ, କେହି ତୋତେ ନ ରଖିଲେ ବି ମୁଁ ତୋ' ଫେରିବା ବାଟକୁ ଅନାଇଥିବି । ସାଦରେ ଗ୍ରହଣ କରିବି । ହାତ ବଢ଼ାଇଦେବି କୋଳେଇ ନେବା ପାଇଁ । ହେଲେ ସେଦିନ ବାଙ୍ଗରୁକୁ ତାତ୍ସଲ୍ୟ କରି ସେ କହିଥିଲା, ବାଟଚାହିଁ ବସିଥା ତୁ । ମୁଁ ଉଡ଼ା ଚଢ଼େଇ । ପୋଷା ପକ୍ଷୀ ଭଳି କେମିତି ଫେରିବି ବୋଲି ଭାବୁଛୁରେ ? ତୋର ସେ ଡଙ୍ଗର, ଜଙ୍ଗଲ, ବଇଁଶୀକୁ ନେଇ ପଡ଼ିଥା'ରେ ହତଭାଗା । ମୁଁ ଚାଲିଲି ।

ସେଦିନ ବାଙ୍ଗରୁ ମନରେ କେତେ ଆଘାତ ଲାଗି ନ ଥିବ ? ବଡ଼ ବଡ଼ ସ୍ୱପ୍ନର ଭେଳିକିରେ ମାତିଥିବା ଚମ୍ପା ଛୋଟ ସ୍ୱପ୍ନ ନେଇ ଜୀବନ ବିତାଉଥିବା ବାଙ୍ଗରୁର ଆଖିକୋଣରେ ଲୁହ, ଛାତିରେ ଝରୁଥିବା ରକ୍ତକୁ ଦେଖିପାରି ନ ଥିଲା । ଯୌବନର ଉଦ୍ଦାମତା, କଣ୍ଡାକ୍ଟର ବାବୁଙ୍କ ପ୍ରେମରେ ସେ ଉବୁଟୁବୁ ହେଉଥିଲା । ବାଙ୍ଗରୁର କୋମଳ, ନିର୍ମଳ ହୃଦୟ ଭିତରେ ଥିବା ଗଭୀର ଭଲପାଇବାର ଅନ୍ତରଙ୍ଗତା, ପ୍ରେମର ଭାଷାକୁ ସେ ବୁଝିପାରି ନଥିଲା । ବରଂ ଏକ ଦୟା, ଉପହାସର ଆଖିରେ ତାକୁ ଅନାଇଥିଲା ।

ଚମ୍ପା ଜାଣେ ଏବେ ବି ବାଙ୍ଗରୁ ତା'ପାଇଁ ଅସରନ୍ତି ଅପେକ୍ଷା ନେଇ ଠିଆହୋଇଛି । ସେ ଅପେକ୍ଷାର ଶେଷ ଅଛି କି ନାହିଁ ସେ ଜାଣେନା । ଏବେବି ସେ ଟିକିଟିକି ରଙ୍ଗୀନ ପ୍ରଜାପତି ଭଳି ସ୍ୱପ୍ନମାନଙ୍କୁ ନେଇ ରାତି ପାହିଦିଏ । ତା' ବଇଁଶୀ କେବେଠୁ ନୀରବ ହୋଇଯିବଣି । ପ୍ରତିଦିନ ସେ ଅପେକ୍ଷାରେ ଥିବ ତା'ର ଫେରି ଆସିବାର ଆଶାରେ । ସେ ଫେରିପାରିବତ ? କେବେ ଚମନରୁ ସେ ଚମ୍ପାକୁ ବଦଳିବ ? ଥରେ ସବାଁଳୁଆରୁ ପ୍ରଜାପତି ହେଲାପରେ ଆଉ ଥରେ ପ୍ରଜାପତି କ'ଣ କେବେ ସବାଁଳୁଆ ହୋଇପାରେ ?

କ ବି ତା

ନିଜକୁ ଭାଙ୍ଗିବା ପରେ

ଡ. ଆଲୋକ କୁମାର ରାୟ

ନିଜକୁ ନିଜେ ଭାଙ୍ଗିଯାଉଥିବା ସମୟର
ଦୋ'ଛକିରେ ଛିଡ଼ାହେବା
ସହଜ ନୁହେଁ ବୋଲି ତ'
ଅସ୍ଥିରେ ନିଆଁ ଧରାଇ ରକ୍ତ ଚାଉଳ ଚୋବାଇ
ଗୋଟେ ଆଖିମିଟିକା ମାରୁଥିବା ବାତାବରଣ
ଏବେ ଏବେ ତିଳତର୍ପଣ କରୁଛି ନିଜ ପାଇଁ ନିଜେ ।

ଖୋଜା ନାହଁ, ଖୋଜ ଖବର ନ ଥିବା ଅର୍ଗଳିରେ
ଏବେ ସ୍ୱପ୍ନଙ୍କର ଭିଡ଼ ଅସ୍ତିତ୍ୱ ଜାହିର ନ କରିପାରି
ମନଦୁଃଖରେ ଅଣ୍ଡାଳୁଛି ମିଛିମିଛିକା
ମଉଳା ଆବେଗରେ ଗର୍ଭପାତ କରିଥିବା
ଗୁଡ଼ାଏ ଭାବନାର ସାମୂହିକ ଭର୍ତ୍ସନା ।

କାଚକେନ୍ଦୁ ପାଣିରେ ମୁଁହ ନ ଦିଶୁଥିବା ଜାଣି
ଆଉ କ'ଣ ସ୍ୱପ୍ନ ସୃଜିବ ଆଶାର ଭ୍ରୂଣ
ନା ଗୋଲାପୀ ଗାଲର ବ୍ରଣ ଉଭେଇଯିବ
ଚକ୍ରାନ୍ତର ପ୍ରଲେପ ଲିପି ?

ସମୟର ଭଙ୍ଗା ଗୋଡ଼ ଯୋଡ଼ିବାର ଯୁ'
ନା ଅଛି ମେଦବହୁଳ ହୋଇଆସୁଥିବା ଧମନୀର
ନା ଶିଥିଳ ହୋଇଆସୁଥିବା ରକ୍ତକଣିକାର
ଯେଉଁଠି ପ୍ରତି ମୁହୂର୍ତ୍ତରେ
ଆଉ ଫୁଟୁନାହିଁ ସ୍ୱପ୍ନିଳ ନୀଳ କଇଁ ।

ପ୍ରତାରଣାର ଏ ଯେଉଁ ହଲଦୀଘାଟ ଯୁଦ୍ଧ
ସେଥିରେ ଭଲପାଇବା, ବଳିଦାନ,
ଉତ୍ସର୍ଗୀକୃତ ଯୋଗଦାନର ସହ ସହ ନମୁନା
ଏବେ ରାଜରାସ୍ତାରେ ମୁମୂର୍ଷର ଛାଲ ପିନ୍ଧି
ହାତ ପାତୁଛି
ଯୋଡ଼ିଦେବା ପାଇଁ ଭବିଷ୍ୟତର ଭୁଲୁଣ୍ଠିତ
ନିରାପତ୍ତା ବିସର୍ଜିତ ଆକାଂକ୍ଷା ।

କଟକ
ମୋ.: ୯୪୩୭୦ ୬୮୦୦୩

ପର୍ବତ ଏବଂ ଓଟ

ଭବାନୀ ପଟ୍ଟଯୋଷୀ

ଆମ୍ଭେ ଆମ୍ଭକୁ ମହାମାନ୍ୟ ମନେକରୁ । ମହାମାନ୍ୟ ହେବା ନିମନ୍ତେ ଯତଯତ ଆୟୋଜନଙ୍କର ପ୍ରୟୋଜନ, ସେ ସବୁରୁ ସମ୍ୟକ ସମାୟୋଜନ ଆମ୍ଭେ ଆମ୍ଭର ସ୍ୱ-ଶ୍ରୀହସ୍ତରେ ସମ୍ପାଦନ କରୁ । ଆମ୍ଭକୁ ବା ନଣେ କିଏ ! ତଥାପି ପ୍ରସଙ୍ଗକ୍ରମେ ନହେଲେ ବି ଏହା କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ, ଆମ୍ଭର ନାମ ଶ୍ରୀଯୁକ୍ତ ଅନାଦି ଶଙ୍କର ଜ୍ୟୋତିଷ୍ଟାଚାର୍ଯ୍ୟ ଅଟେ । ଆମ୍ଭେ ଆମ୍ଭର ତମାମ୍ ଜୀବନକୁ ସ୍ୱ-କରକମଳଦ୍ୱାରା ନିର୍ମାଣ କରିଛୁ । ଦେଶ ଦେଶାନ୍ତରରେ ଆମ୍ଭର ବ୍ୟବସାୟିକ ସାମ୍ରାଜ୍ୟ ପରିବ୍ୟାପ୍ତ । ଆମ୍ଭର ଉଭା ଯେତେ ପୋତା ତତୋଽଧିକ ।

ଆମ୍ଭର ଧର୍ମପତ୍ନୀ ଶ୍ରୀମତୀ ସଂପଦବାଳା ଜ୍ୟୋତିଷ୍ଟାଚାର୍ଯ୍ୟ ମଧ୍ୟ ଜଣେ ଉଦ୍ୟୋଗୀ । "ଆବାସୀ" ନାମରେ ତାଙ୍କର ଏକ ଆଭ୍ୟନ୍ତରୀଣ ସାଜସଜ୍ଜୀକରଣ ବ୍ୟବସାୟ ଅଛି । ଏହି ସଂସ୍ଥାର ସହବନ୍ଧନରେ ଦେଶବିଦେଶରେ ସହସ୍ରାଧିକ ପ୍ରତିଷ୍ଠାନ ବିଦ୍ୟମାନ ତେଣୁ ତାଙ୍କର ଆୟ ମଧ୍ୟ ଆଖି ନଚାଣିଆ ଅଟେ ।

ଆମ୍ଭର ଏକମାତ୍ର ସୁପୁତ୍ର ଆୟୁଷ୍ମାନ ଧନଞ୍ଜୟ କୁମାର ଜ୍ୟୋତିଷ୍ଟାଚାର୍ଯ୍ୟ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିବା ନିମନ୍ତେ "ମହାବଳୀ" ନାମକ ଏକ ପ୍ରତିଷ୍ଠାନ ପ୍ରତିଷ୍ଠା କରିଛି । ସେଇ ପ୍ରତିଷ୍ଠାନର ଅଗ୍ରଗତି ପାଇଁ ସେ ମଧ୍ୟ ଦେଶାନ୍ତର ଗସ୍ତ କରେ, ବିଭିନ୍ନ ଦେଶର ସମଧର୍ମୀ ପ୍ରତିଷ୍ଠାନମାନଙ୍କର ସହ ସହବନ୍ଧନ କରେ । ବିଦେଶୀ ଜ୍ଞାନକୌଶଳ ଆଣି ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କରେ । ଏଥି ନିମନ୍ତେ ସାରା ଦେଶରେ ତାହାର ଦଶଟି କାରଖାନା ପ୍ରତିଷ୍ଠା କରିଛି । ଏଣୁ କହିବା ବାହୁଲ୍ୟ ଯେ ତାହାର ଆୟ ମଧ୍ୟ ଅନ୍ୟମାନଙ୍କର ଭୃକୁଟି ଉତ୍ତୋଳନକାରୀ ଅଟେ ।

ଆମ୍ଭ ବାସଭବନର ଆଡ଼ମ୍ବର ଦେଖାଇବା ନିମନ୍ତେ ଆମ୍ଭେ ଯଥେଷ୍ଟ ଅଭିନେତା-ସୁଲଭ । ବାସଭବନର ନାଆଁ "ପ୍ରତୀକ୍ଷା" ଦେଇଛୁ । ଏହାକୁ ଘର ବୋଲିବା ଭ୍ରମ କରିବ ନାହିଁ । ବରଂ ଏହା ଏକ ଉଆସ କହିଲେ ଭ୍ରମ ହେବ ନାହିଁ । ଏହା ଥିଲା ଆମ୍ଭ ସହରର ସବୁଠୁ ନାମୀଦାମୀ ଇଲାକାରେ । ପାଞ୍ଚ ଏକର ଭୂମିରେ ପରିବ୍ୟାପ୍ତ ଏହି ଉଆସରେ ଲନ୍, ଫୁଆରା, ଫଳବଗିଚା, ଫୁଲବଗିଚା, ସୁଇମିଂପୁଲ୍, ଟେନିସ୍ କୋର୍ଟ, ବ୍ୟାଡ଼ମିଣ୍ଟନ କୋର୍ଟ, ପ୍ରାତଃ ଏବଂ ସାଂଧ୍ୟ ଭ୍ରମଣ ନିମନ୍ତେ ପାଦଚଲା ଟ୍ରାକ୍ ଆଦି ଅଛି ।

ଆମ୍ଭର ଚାରିଟା କାର୍, ଡାଇଭର, ମାଳି, ଟହଲିଆ ଏବଂ ରାନ୍ଧୁଣିଆ ହେଇ ଗାଏମୋଟ ଆଠଜଣ ସେବାୟତ ଅଛନ୍ତି । ନିଜକୁ ଜଣେ ଆଖିଦୃଶିଆ ପଶୁପ୍ରେମୀ ବୋଲି ପ୍ରତିଭାତ କରିବାରେ ମଧ୍ୟ ଆମ୍ଭେ ହେଳା କରିନାହୁଁ । ଆମ୍ଭର ଅଛନ୍ତି ଦଶମୂର୍ତ୍ତି ଜାତିଆ ଶ୍ୱାନ, ଦୁଇଟି ତିବ୍ବତିଆନ୍ ମଷ୍ଟିଭ, ଦୁଇଟି ଚାଉଚାଉ ଏବଂ ଛଅଟି ଜର୍ମାନ ସେଫର୍ଡ଼ ବା ଆଲସିସିଆନ୍ । ଏ ସମସ୍ତଙ୍କୁ ତାଙ୍କର ଆପଣା ପାଣିପାଗରେ ରଖିବାର ସମସ୍ତ ବନ୍ଦୋବସ୍ତ ଆମ୍ଭେ କରିଛୁ । ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଆବାସ, ସ୍ୱତନ୍ତ୍ର ଖାଦ୍ୟ, ସ୍ୱତନ୍ତ୍ର ସେବାୟତ ମଧ୍ୟ ଖଞ୍ଜି ଦେଇଛୁ ।

ସାହିତ୍ୟ ସଂସ୍କୃତି ଏବଂ ଧର୍ମକୁ ନେଇ ଆମ୍ଭେ ଯେତେ ରୁଚିବନ୍ତ ତତୋଽଧିକ ମର୍ଯ୍ୟାଦାବନ୍ତ । ସାହିତ୍ୟ ସେବା ପାଇଁ ଆମ୍ଭର 'ଅରୂପା ଅପରୂପା' ନାମରେ ଏକ ମାସିକ ପତ୍ରିକା ଅଛି । ଏହି ପତ୍ରିକାରେ ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟରଚନା ଆଦି ପ୍ରକାଶିତ ହୁଏ । ସେପରି ଅଛି ଫିଚର୍ ନିମନ୍ତେ 'ଫର୍ଚ୍ଚାଚର୍ଚ୍ଚା' ନାମରେ ଏକ ସାପ୍ତାହିକ ପତ୍ରିକା । ଏଥିରେ ରାଜ୍ୟ, ଦେଶ ତଥା ବିଶ୍ୱର ବିଭିନ୍ନ ପ୍ରସଙ୍ଗମାନଙ୍କର ଉପରେ ପ୍ରତିବେଦନମାନ ପ୍ରକାଶିତ କରୁ । ଏ ଉଭୟ ପତ୍ରିକାରେ ନାମୀଦାମୀ

କବି, ଗାଳ୍ପିକ, ପ୍ରଶାସନିକ ତଥା ପୋଲିସ ଅଧିକାରୀ, ଯନ୍ତ୍ରୀ, ମନ୍ତ୍ରୀ ଏବଂ ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଲେଖା ପ୍ରକାଶିତ ହୁଏ । ଆମ୍ଭର ପିତାମହଙ୍କ ନାମରେ"ଜଗମୋହନ ସାହିତ୍ୟ ଫାଉଣ୍ଡେସନ୍" ଓ ପିତାଙ୍କ ସ୍ମୃତିରେ "ବରେନ୍ଦ୍ର ମୋହନ ସାଂସ୍କୃତିକ ଫାଉଣ୍ଡେସନ୍" ମଧ୍ୟ ପ୍ରତିଷ୍ଠା କରିଛୁ ।

ପ୍ରଥମ ଫାଉଣ୍ଡେସନ୍ ପକ୍ଷରୁ ଗଳ୍ প ସମ୍ମାନ, କବିତା ସମ୍ମାନ, ପ୍ରବନ୍ଧ ସମ୍ମାନ ଆଦି ଦେବା ପାଇଁ ବାର୍ଷିକ ଦୁଇଲକ୍ଷ ଲେଖାଏଁ ମୁଦ୍ରା ଓ ଦ୍ୱିତୀୟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଗାୟକ ଶିରୋମଣି, ନୃତ୍ୟ ଶିରୋମଣି, ସଙ୍ଗୀତ ଶିରୋମଣି ପୁରସ୍କାର ପାଇଁ ଦୁଇଲକ୍ଷ ଲେଖାଏଁ ମୁଦ୍ରାର ବାର୍ଷିକ ବ୍ୟବସ୍ଥା କରିଅଛୁ ।

ଧର୍ମକ୍ଷେତ୍ରରେ ମଧ୍ୟ ଆମ୍ଭ ପରିବାରର ଅବଦାନ ଅତୁଳନୀୟ । ଦେଶର ବିଭିନ୍ନ ରାଜ୍ୟରେ ସେଇସେଇ ରାଜ୍ୟର ଆରାଧ୍ୟ ଆରାଧ୍ୟା ଦେବଦେବୀଙ୍କର ମନ୍ଦିରମାନ ପ୍ରତିଷ୍ଠା କରିଛୁ । ଭବ୍ୟଭବ୍ୟା ମନ୍ଦିର । ପ୍ରତ୍ୟେକ ଦେବଦେବୀ ଜୀବନ୍ତ ଓ ସାକ୍ଷାତ ଥିବା ଆଧ୍ୟାତ୍ମିକ ବିଶ୍ୱାସକୁ ଆମ୍ଭେ ବିଜ୍ଞାପନମାନଙ୍କର ଆହୂତି ଦେଇଦେଇ ସେଇସେଇ ଦେବଦେବୀମାନଙ୍କର ମହିମାମାନଙ୍କୁ ଆହୁରି ମହିମାନ୍ୱିତ କରୁଛୁ । ପ୍ରତ୍ୟେକ ମନ୍ଦିରର ପରିଚାଳନା ନିମନ୍ତେ କୋଟିକୋଟି ମୁଦ୍ରାର ସ୍ଥାୟୀ ଜମା କରିଦେଇଛୁ । ମନ୍ଦିରମାନଙ୍କର ନିଜସ୍ୱ ଆୟର ଉହ୍ୟ ଭାବରେ ସବୁ ମନ୍ଦିରରେ କଲ୍ୟାଣ ମଣ୍ଡପ, ଅତିଥି ଗୃହ, ପ୍ରସାଦ ବିକ୍ରୟ ଆଦି ଆୟକାରି ବିଧି ବ୍ୟବସ୍ଥା ମଧ୍ୟ ଖୋଜି ଦେଇଛୁ । ପୁଣି ମନ୍ଦିରମାନଙ୍କୁ ବିଶ୍ୱପ୍ରସିଦ୍ଧ ହେବାର ସମସ୍ତ ଆୟୋଜନ କରି ଏକଏକ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରତିଷ୍ଠିତ କରିଛୁ ।

ଆମ୍ଭ ପରିବାର ଦାନଧର୍ମ ଦୃଷ୍ଟିରୁ କର୍ଣ୍ଣୋପମ ଅଟେ । ବିଭିନ୍ନ ବାଳାଶ୍ରମ, ବୃଦ୍ଧାଶ୍ରମ, ନାରୀ ନିକେତନମାନଙ୍କୁ ଦାନ ଦେବାରେ ଆମ୍ଭ ପରିବାରର ଗଣତି ସର୍ବାଗ୍ରେ ଅଟେ । ଆମ ଆବାସରୁ କେହି କେବେ ରିକ୍ତହସ୍ତରେ ଫେରେ ନାହିଁ । ଗରିବଗୁରୁବା ଲୋକଙ୍କ ଝିଅପୁଅ ବିବାହ ବ୍ରତ ଆଦି କରେଇବା ପରି ବଦାନ୍ୟ କର୍ମରେ ଆମ୍ଭ ପରିବାର ସବୁବେଳେ ଅକୁଣ୍ଠ ।

ମୋଟାମୋଟି ଭାବେ ପ୍ରୋକ୍ତ ସମସ୍ତ କର୍ମକର୍ମାଣୀ ଯୋଗୁଁ, ଆଟୋପ ଆଦାବ ଦୃଷ୍ଟିରୁ ଆମ୍ଭେ ଯେ ଜଣେ ମର୍ଯ୍ୟାଦାବନ୍ତ ପ୍ରତିପତ୍ତିଶାଳୀ ଓ ଲୋକପ୍ରିୟତା ସମ୍ପନ୍ନ ମହାମାନ୍ୟ ଏଥିରେ କେହି ଆପତ୍ତି କରିବେ ନାହିଁ । କାରଣ ଆମ୍ଭେ ତାହା ବୋଲି ଆମ୍ଭର ଧାରଣା ଶତକଡ଼ା ହଜାରେ ଭାଗ ବଦ୍ଧମୂଳ ।

ତେବେ ସଞ୍ଜବେଳେ ସକାଳର ସ୍ମୃତିର ଅକାଳ ଆକୁଳରେ ଆଲୋକିତ ହୁଏ । ଆମ୍ଭର ପ୍ରୋକ୍ତ ସବୁ ସମ୍ପନ୍ନତା ଥାଇ ବି ଆମ୍ଭର ଜୀବନ ଗୋଟିଏ ଅଭାବବୋଧରେ କୋରି ହେଉଥିଲା । ଅଥୟ କରୁଥିଲା । ଆମ୍ଭେ ଆମ୍ଭକୁ ସେଇ ଦୃଷ୍ଟିରୁ ନିହାତି ଅସମ୍ପନ୍ନ ମନେ କରୁଥିଲୁ । ଆମ୍ଭର ଜନ୍ମ ପୈତୃକ ଗ୍ରାମରେ ହୋଇଥିଲା । ଆମ୍ଭର ପୁରୋହିତ ପରିବାର । ଗ୍ରାମର ଭାଗବତ ଟୁଙ୍ଗୀରେ ପୂଜା କରିବା ଓ ଭାଗବତ ପଢ଼ିବା ଆମ୍ଭର ପରିବାରର କୌଳିକ ବୃତ୍ତି । ଏହି ସୂତ୍ରରେ କିଛି ଦେବୋତ୍ତର ଭୂ-ସମ୍ପତ୍ତି ଆମ୍ଭ ପରିବାରକୁ ମିଳିଥିଲା । ଏତଦ୍ବ୍ୟତୀତ ଲୋକଙ୍କ ଘରେ ପୂଜାପାଠ କରିବା, ବିବାହ, ବ୍ରତ କରିବା, ଜନ୍ମ ଏବଂ ମୃତାହକର୍ମ ଆଦି ଆମ୍ଭ ପରିବାର କରୁଥିଲା । ସେହିସବୁ କାର୍ଯ୍ୟରୁ ସ୍ୱଳ୍ପ ଅକାଳ ଆୟ ମଧ୍ୟ ଥିଲା । ତେବେ ତାହା ସ୍ୱଳ୍ପ । ଏକ ବିରାଟ କୁଟୁମ୍ବୀ ପରିବାର ହୋଇଥିବାରୁ ଆମ୍ଭେ କଷ୍ଟେମଷ୍ଟେ ଚଳୁଥିଲୁ । ମୋଟାମୋଟି ଗଣ୍ଡେ ଖାଇ ଦଣ୍ଡେ ଜୀଇଁବା ଅବସ୍ଥା । ଦୁର୍ଭିକ୍ଷ, ବନ୍ୟା ଆଦି ଦୈବୀ-ଦୁର୍ବିପାକବେଳେ ଆମ୍ଭକୁ ଛତରରେ ମଧ୍ୟ ଖାଇବାକୁ ପଡୁଥିଲା । ସାଇକେଲ୍, ଘଣ୍ଟା, ରେଡ଼ିଓ ଆଦି ଆମ ପାଇଁ ସ୍ୱପ୍ନ ଥିଲା । କାରଣ ଆମେ ଗରିବ ଥିଲୁ ।

କିନ୍ତୁ ସେସବୁ ବିଳାସ ସାମଗ୍ରୀ ଆମ୍ଭ ଗ୍ରାମର ଗୌନ୍ତିଆ ବର୍ଗର ଲୋକମାନଙ୍କ ପାଖରେ ଥିଲା । ସେମାନଙ୍କର ପିଲାମାନେ ସେସବୁ ଆମକୁ ଦେଖାଇ ସେମାନେ ଧନୀ ବୋଲି ପ୍ରମାଣିତ କରୁଥିଲେ । ଆବଶ୍ୟକତା ନଥାଇ ମଧ୍ୟ ଆମ ଆଗରେ ସାଇକେଲ୍ ଚଢ଼ି କିଦୁରୁ ଥିଲେ । ବାରମ୍ବାର ଘଣ୍ଟା ଦେଖୁଥିଲେ । ନ ବୁଝିଲେ ମଧ୍ୟ ରେଡ଼ିଓ କାନ୍ଧରେ ବୋହି ଖବର ଓ ଗୀତ ଶୁଣୁଥିଲେ ।

ଖାଲି ଗୌନ୍ତିଆ ବର୍ଗର ପିଲାମାନେ ନୁହନ୍ତି, ସେମାନଙ୍କ ପରିବାରର ବଡ଼ ଲୋକମାନେ ମଧ୍ୟ ଦେଖେଇ ହେବାର କିଛି ଉଣା ନଥିଲେ । ଖାଇପିଇ ମସ୍ତ ହୋଇ ତାଙ୍କର ଉଚ୍ଚାଉଚ୍ଚା ଦାଣ୍ଡପିଣ୍ଡାରେ ବସି ତାସ୍ ପିଟୁଥିଲେ । ଉପନ୍ୟାସ ପଢୁଥିଲେ । ସବ୍‌ଜାନ୍‌ତା ପରି ଆବଶ୍ୟକ ଅନାବଶ୍ୟକ ଜଣା ଅଜଣା ବିଷୟମାନ ଆଲୋଚନା କରୁଥିଲେ । ସେଇ ସମୟରେ, ସେଇ ବାଟରେ ଆମେ କିମ୍ବା ଆମ ପରି ଗରିବ ପରିବାରର ଲୋକବାକ ଗଲେ, ଚପଲ ଖୋଲି ହାତରେ ଧରି ମୁଣ୍ଡତଳକୁ କରି ଜୁହାର ଜୁହାର କରିଯିବାକୁ ହେଉଥିଲା । ଯେ ଏହା ନକଲା ସିଏ ବେଣ୍ଟ ପୁଡୁଗା, ଠିଆମେରୁ, ଗୋଜାଗିଜା ଦଣ୍ଡ ପାଉଥିଲା ।

ଏସବୁ ସ୍ମରଣ କରିବା ମାତ୍ରେ ଆମ୍ଭେ ଝକଝରେଇ ଯାଉଥିଲୁ । ଆମ୍ଭେ ଗାଁଆରୁ ବାହାରି ଆସିଥିଲୁ ପ୍ରାୟ ଷାଠିଏ ବର୍ଷ ତଳେ । ସେବେଠାରୁ କର୍ମ ଅତିକର୍ମ ଅକର୍ମ ଆଦି ସବୁକର୍ମ କରି ସମ୍ପତ୍ତି ଠୁଳ କରିବାରେ ବ୍ୟାପୃତ ରହିଥିଲୁ । ଯଥେଷ୍ଟ ସମ୍ପତ୍ତି ହେବା ଉତ୍ତାରେ ବଡ଼ଲୋକ ହେବାର ନିଶା ଆମକୁ ଘାରିଲା । ଏଣୁ କୋଠାବାଡ଼ି, ଭୂ-ସମ୍ପତ୍ତି ଆଦି ଅର୍ଜନ କଲୁ । ତା'ପରେ ଲୋକପ୍ରିୟ ହେବାର ଖୁମାର ମାଡ଼ି ବସିଲା । ଆମ୍ଭେ 'ମୁଁ'ରୁ 'ଆମ୍ଭେ' ହୋଇଗଲୁ ।

'ମୁଁ'ରୁ 'ଆମ୍ଭେ' ସିନା ହେଲୁ, ଗାଆଁକୁ ଯାଇପାରିଲୁ ନାହିଁ । ଆମ୍ଭର ପ୍ରଭାବ, ପ୍ରତିଷ୍ଠା, ସମ୍ପନ୍ନତାସବୁ ଜଗତ ଦେଖିଲା,ଜାଣିଲା । ହେଲେ ଆମ୍ଭ ଗ୍ରାମ ଜାଣିପାରିଲା ନାହିଁ । ଦେଖିଲେ ସିନା ଜାଣନ୍ତା ।

ତୁମର ଉନ୍ନତି କିମ୍ବା ବିକାଶ ଅଥବା ସମ୍ପନ୍ନତା ଅବା ଆଭିଜାତ୍ୟ ଯଦି ତୁମର ପାଖଲୋକ କିମ୍ବା ତୁମକୁ ଏକଦା ଟିଟିକାର କରିଥିବା ଲୋକେ ଦେଖିପାରିଲେ ନାହିଁ, ତେବେ କିଛି ଲାଭ ନାହିଁ । ବିଶେଷକରି ଆମ୍ଭର ଗ୍ରାମର ଗୌନ୍ତିଆମାନେ ନ ଦେଖିପାରିଲେ ସବୁ ବୃଥା । ଆମ୍ଭକୁ ସେମାନେ ଦେଖିଲେ ସିନା ହିଂସା କରିବେ । ସେମାନଙ୍କ ହିଂସାର ହଂସା ଉଡ଼ିଲେ ସିନା ଆମକୁ ଆନନ୍ଦ ମିଳିବ !ତେବେ ପରିତାପର ବିଷୟ ସେ ସମୟର ଗୌନ୍ତିଆ ବର୍ଗ ଏବେ ସ୍ୱାହା ହୋଇଗଲେଣି । ପଏରଛା ହୋଇଗଲେଣି । ସେମାନେ ଆମ୍ଭକୁ ଆଉ ଦେଖିପାରିବେ ନାହିଁ । ଏହା ଆମ୍ଭର ଦୁଃଖର ବିଷୟ ହେଲେ ହେଁ, ସୁଖର ବିଷୟ ହେଲା ସେମାନଙ୍କ ପିଲାକବିଲା କିଛି ଏବେ ମଧ୍ୟ ଗ୍ରାମରେ ଅଛନ୍ତି । କିଛି ପାଖ ସହରରୁ ଯିବା ଆସିବା କରନ୍ତି ।

ଏଣୁ ଆମ୍ଭେ ମନସ୍ଥ କଲୁ ଆମ୍ଭେ ଗ୍ରାମକୁ ଯିବୁ । ଆମ୍ଭର ସିଂହ ଅବତାର ସେକାଳର ବାଘମାନେ ଦେଖି ନ ପାରିଲେ ନାହିଁ, ସେମାନଙ୍କର ବଂଶଜ ବିଲେଇମାନେ ତ ଦେଖିବେ, ହିଂସା କରିବେ । ଆମ୍ଭର ଅଚଳ ମହାପର୍ବତ ରୂପକୁ ଆମ୍ଭର ଗ୍ରାମବାସୀମାନେ ଦେଖିବେ । ଆମ୍ଭକୁ ସାବାସୀ ଦେବେ । ବାହାବାଃ ଦେବେ । ଆଃ...ଏହିପରି ଏକ ମାନସିକତା ଆମ୍ଭକୁ ଗୋଟିଏ ଦିନ ନିମନ୍ତେ ଗ୍ରାମକୁ ଗସ୍ତ କରିବା ନିମନ୍ତେ ପ୍ରଚୋଦିତ କଲା । ଅତଏବ ଆମ୍ଭର ମାନଦୃଷ୍ଟିରୁ ମହାମାନ୍ୟ-ଗସ୍ତ ପ୍ରକାରେ ପ୍ରୟୋଜନୀୟ ସମସ୍ତ ଆୟୋଜନ ଉତ୍ତାରେ ଆମ୍ଭେ, ଆମ୍ଭର ଧର୍ମପତ୍ନୀ, ପୁତ୍ର ଏବଂ କନ୍ୟା ସହ ଗ୍ରାମ ଅଭିମୁଖେ ଯାତ୍ରା କଲୁ ।

ଗ୍ରାମ ମୁଣ୍ଡରେ ପହଞ୍ଚିବା ମାତ୍ରେ ଆବିଷ୍କାର କଲୁ ଯେ, ସ୍ୱାଧିନତାର ବାସ୍ତରୀ ବର୍ଷ ବିତି ଯାଇଥିଲେ ମଧ୍ୟ ଆମ୍ଭର ଗ୍ରାମ ଭିତରକୁ କୌଣସି ଚୌଚକିଆ ଯାନ ଯିବା ପାଇଁ ରାସ୍ତା ହୋଇ ନାହିଁ । ଏଥି ନିମନ୍ତେ ଆମ୍ଭେ ଆମ୍ଭର ସରକାରଙ୍କ ଅପାରଗପଣକୁ ଗୋଗଚ୍ଛ ଶୋଧିଲୁ । ଓ ଅଗତ୍ୟା ଆମ୍ଭେ ସମସ୍ତ ଚୌଚକିଆ ଯାନମାନଙ୍କୁ ଗ୍ରାମମୁଣ୍ଡସ୍ଥ ବରଗଛ ତଳେ ରଖି ସମ୍ରାଟ ପରି ରଥ ତ୍ୟାଗ କଲୁ । ଏବଂ ଗ୍ରାମ ଭିତରକୁ ପଦବ୍ରଜରେ ପହଣ୍ଡି ବିଜେ କଲୁ ।

ଆମ୍ଭକୁ ଜ୍ଞାତ ଥିଲା ଯେ, ରାସ୍ତାର ଉଭୟପଟେ ଗୌନ୍ତିଆ ବର୍ଗର ପରିବାରମାନଙ୍କ ଖଳା ଥିଲା ।

ସେସବୁ ତ ଥିଲା, ମାତ୍ର ନଥିଲା ତାଙ୍କର ଆଭିଜାତ୍ୟ, ପର୍ବତ ପର୍ବତ ପରି ଦିଶୁଥିବା ସେ କାଳର ପାଳ-ଗୁରୁଡ଼ା, ନଥିଲେ କି କିସମକିସମର ପରିବାବଗିଚା ନଥିଲେ । ସବୁ ଖଳା ଥିଲେ ପରିତ୍ୟକ୍ତ ଖାଁ ଖାଁ । ତାଙ୍କର ସେ କାଳର ମାତବର ସମ୍ପନ୍ନତାକୁ ମାଡ଼ିବସି ଥିଲେ ଘାସବନ, ସବୁ ଦିଶୁଥିଲେ ହତଶ୍ରୀ, ଆମ୍ଭେ ଆନନ୍ଦିତ ହେଲୁ ।

ଗ୍ରାମର ପ୍ରଥମ ଘର ଚକ୍ରଧର ଗୌନ୍ତିଆର । ତାହା କୁଦ ହୋଇ ଯାଇଥାଏ । ଏଇ ଚକ୍ର ଗୌନ୍ତିଆ ଆମ୍ଭର ଶୈଶବକୁ କେତେ ହତାଦର କରୁ ନ ଥିଲା ! ଏବେ ନିଶ୍ଚୟ ତା'ଘରେ ବିଲୁଆ ନୃତ୍ୟ ହେଉଥିବ ! ଏହା କଳ୍ପନା କରି ଆମ୍ଭେ ଆହୁରି ଆନନ୍ଦିତ ହେଲୁ । ଗୌନ୍ତିଆ ବର୍ଗର ଘରମାନଙ୍କର ଧ୍ୱଂସସ୍ତୂପମାନଙ୍କୁ ଦେଖୁଥାଉ । ଗ୍ରାମର ଭିତରକୁ ଯାଉଥାଉ ! ଯେତେ ଧ୍ୱଂସସ୍ତୂପ ଦେଖୁଥାଉ ଆମ୍ଭର ଆନନ୍ଦ ସେତେ ହେଞ୍ଜଡ଼ମଷ୍ଟାନ ହେଉଥାଏ । ଆନନ୍ଦ ଆନନ୍ଦାନନ୍ଦ ଚରମାନନ୍ଦ ହୋଇ ଆମ୍ଭର ଅସ୍ଥା ପରମାନନ୍ଦ ହୋଇଗଲା । ଏହିପରି ଗହଗହ ମହମହ ହୋଇ ଯେତେବେଳେ ଶେଷ ଗୌନ୍ତିଆ ଘର ପାଖରେ ପହଞ୍ଚିଲୁ ଆମ୍ଭର ପରମାନନ୍ଦ ଅବସ୍ଥା ଅଚଳାନନ୍ଦ ହୋଇଗଲା, ଅଟଳାନନ୍ଦ ହୋଇଗଲା । ଆଃ କି ଶାନ୍ତି !

ଆମ୍ଭେ ଆମ୍ଭର ନିହାଲ ଅବସ୍ଥାକୁ ଜଗଜିହାରି କରିବା ପାଇଁ, ଗୌନ୍ତିଆ ପିଲାମାନଙ୍କୁ ଆମ୍ଭର ସୁଦୟା ଦେବା ପାଇଁ ତଥା ଯାବତ୍ ଚନ୍ଦ୍ରାର୍କେ ତାଙ୍କ ବଉଁଶ ଦେଖି ନଥିବା ପରିମାଣର ମୁଦ୍ରା ଦେଖେଇବା ପାଇଁ, ସେହି ଗୌନ୍ତି-ନିବୃତ୍ତ ଗୌନ୍ତିଆମାନଙ୍କର ଅଦ୍ୟନତ ଶୃଗାଳମାନଙ୍କ ଅବସର ବିନୋଦନ କେନ୍ଦ୍ରକୁ ପାଞ୍ଚଲକ୍ଷ ମୁଦ୍ରା ଦାନ ଦେଇଦେଲୁ ।

ଆମ୍ଭର ବଦାନ୍ୟତା ଦେଖି, ଏଯାବତ୍ ତଥାପି ଆମ୍ଭର ବଂଶଜମାନଙ୍କୁ ହୀନଦୃଷ୍ଟିରେ ଦେଖୁଥିବା ଅଦ୍ୟତନ ସେହି ଗୌନ୍ତିଆପିଲାମାନେ କୃତ୍ୟକୃତ୍ୟ ହେଲେ । ଆମ୍ଭକୁ ମୁଣ୍ଡିଆ ମାରି ଆମ୍ଭର ଚରଣାମୃତ ନେଇ ଆମ୍ଭର ଅହଙ୍କାରକୁ ନିହାଲ କରିବା ହେଲେ ।

ଏହାପରେ ଆମେ ଆମ ବଂଶର ଶେଷ ଗ୍ରାମୀଣ ଅଧିବାସୀର ଦାଦା, କ୍ଷୀର ଦାଦା, ସୁମ ନାନୀ, କୁନ୍ତି ନାନୀ ଆଦିଙ୍କ ଗୃହକୁ ଯାଇ ସେମାନଙ୍କୁ ସାକ୍ଷାତ ଦେଲୁ । ବଂଶଜ୍ ବୋଲି ସେମାନେ ଆମ୍ଭକୁ ସ୍ୱାଗତ ସମ୍ଭାଷଣ ଦେଲେ ମଧ୍ୟ,ଦୀର ଦାଦା ବ୍ୟତୀତ ଅନ୍ୟ କାହାରି ଆନ୍ତରିକତା ନ ଥିଲା ପରି ଲାଗିଲା । ସିଧା ନ କହିଲେ ମଧ୍ୟ କଥା ଛଳରେ ସେମାନେ ଆମକୁ ଜଣେଇ ଦେଲେ ଯେ, ଆମ୍ଭେ ଅଚଳାଚଳ ସମ୍ପତ୍ତିର ମାଲିକ ହୋଇଥିବାରୁ, ଗାଆଁରେ ଥିବା ଏକରଟିଏ ବିଲ ଆମ୍ଭ ପରି ହାତୀକୁ ହମିଓପ୍ୟାଥି ସଦୃଶ ଅଟେ ।

ଆମ୍ଭେ ସେମାନଙ୍କ ଅବ୍ୟକ୍ତ ଭାବକୁ ଅନୁଭବ କଲେ ମଧ୍ୟ, ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ଲେଖାଏଁ ମୁଦ୍ରା ପ୍ରଦାନ କରି ନିଜକୁ ସନ୍ତୁଷ୍ଟ କଲୁ । ଆନନ୍ଦିତ ହେଲୁ ଯେ, ଆମ୍ଭର ବଂଶଜ ଲୋକେ ମଧ୍ୟ ଆମ୍ଭକୁ ହିଂସା କରୁଛନ୍ତି ।

କୁନ୍ତି ନାନୀ ଘରକୁ ଲାଗି ସୁଶୀଳା ଘର । ଗାଆଁ ମାନ୍ୟରେ ଆମ୍ଭର ପିଉସୀ କଏରି କେଉଟୁଣୀର ଝିଅ ସୁଶୀଳା । ପିଉସୀ ଝିଅ ପୁଣି ଆମ୍ଭଠାରୁ ବୟସରେ ଦୁଇମାସ ବଡ଼ ହୋଇଥିବାରୁ ଆମ୍ଭର ବଡ଼ଭଉଣୀ ସୁଶୀଳା । ଆମ୍ଭ ପିଲାବେଳର ଖେଳସାଥି, ବାନ୍ଧବୀ ସୁଶୀଳା, ଆମ୍ଭ ବାଡ଼ିରୁ ବରକୋଳି, ପିଜୁଳୀ ଚୋରୀ କରୁଥିବା ବାଲ୍ୟଚୋରଣୀ ସୁଶୀଳା । ସେହି ଅପରାଧରେ ସେତେବେଳେ ଆମ୍ଭଠାରୁ ଗୋଗଚ୍ଛ ମାଡ଼ ଖାଉଥିବା ମାଡ଼ଖାଇ ସୁଶୀଳା, ସେତେବେଳେ ଆମ୍ଭ ସହିତ ସବୁବେଳେ କଳି କରୁଥିବା କଳିହୁଡ଼ି ସୁଶୀଳା, ତଥାପି ଆମ୍ଭର ଦୁଃଖବେଳେ ଦୁଃଖିନୀ ହୋଇ ଆମ୍ଭ ପାଇଁ କାନ୍ଦୁଥିବା ସହୃଦୟା ଦୁଃଖିନୀ ସୁଶୀଳା । ସେଇ ସୁଶୀଳା ଆମ୍ଭର ବାଲ୍ୟତ କାଳରେ ଆମ୍ଭର ଆଉ କ'ଣ କ'ଣ ଥିଲା

ସୁମରି ସୁମରି ସୁଶୀଳା ଘର ସାମ୍ନାରେ ସପରିବାର ପହଞ୍ଚିଗଲୁ । ତାଙ୍କ ଘର ଭାଙ୍ଗିଯାଇ ଯାହା ଅବଶିଷ୍ଟ ରହି ଯାଇଥିଲା, ସେଇଠି କବାଟ ଖୋଲି ଠିଆ ହୋଇଥିଲା ସିଏ । ବାହାର କୋଳାହଳ ଶୁଣି, କୋଳାହଳର କାରଣ ଜାଣିବାକୁ ବୋଧେ ବାହାରୁଥିଲା । ଆମ୍ଭକୁ ଦେଖି କବାଟ ଧରି ଠିଆ ହୋଇ ରହିଗଲା ସିଏ ।

ଆମ୍ଭେ ତାକୁ ଦେଖିଲୁ । ଗୋଡ଼ ଠୁ ମୁଣ୍ଡ ପର୍ଯ୍ୟନ୍ତ ଦେଖିଲୁ, ବୟସ ତା' ଦେହରେ ଆପଣା କୁରକର୍ମ କରି ସାରିଥାଏ । ବିଧବା, ଜୀର୍ଣ୍ଣଶୀର୍ଣ୍ଣ, ସଞ୍ଜ ଗଡ଼ିବା ଆଗରୁ ଅନ୍ଧାର ରାତି ଯେମିତି ତାକୁ ଘେରି ସାରିଚି !

ତାକୁ ଦେଖି ଯେମିତି ଆମ୍ଭେ ସୁଶୀଳା ବୋଲି ଡ଼ାକିଦେଲୁ, ମଲା ନଈରେ ବନ୍ୟା ଆସିଲା ପରି ଅଫୁରନ୍ତ ଜୀବନ୍ତ ହୋଇଗଲା ସିଏ । ଗୋଟିଏ ଡିଆଁରେ ଦୁଆର ଲଙ୍ଘି ମୋ' ପାଖରେ ଖେପିଗଲା । "ମୋ' ଭାଇରେ, ମୋ' ସାଙ୍ଗରେ ବୋଲି ମୋତେ ଜଡ଼େଇ ଧରିଲା । ଆମ୍ଭେ ହଠାତ୍ ଆମ୍ଭର ଅଜାଣରେ 'ଆମ୍ଭ'ରୁ 'ମୁଁ' ହୋଇଗଲୁ । "ଅନାଦି ଶଙ୍କର ଜ୍ୟୋତିଷ୍ଟାଚାର୍ଯ୍ୟ"ର ଖୋଳ ଆଟୋପ ଭିତରୁ ବାହାରି ଆସି ପିଲାବେଳର ଶିଘାଣି ନକା 'ଅନା' ହୋଇଗଲୁ । ଆମ୍ଭକୁ 'ଅନା' ମାଡ଼ି ବସିଲା । ଆମ୍ଭ ଭିତରୁ ଫେରାର୍ ହୋଇଗଲା ଦେଶ ତଥା ରାଜ୍ୟର ଅନ୍ୟତମ ମହାମାନ୍ୟ..... ।

ମୁଁ ମଧ୍ୟ ତାକୁ ଜଡ଼େଇ ଧରିଲି । କିଛି କହିପାରୁ ନ ଥାଏ । ତା'ର ଲୁହ ଝରୁଥାଏ । କାନ୍ଦୁକାନ୍ଦୁ କହୁଥାଏ, "ମୋ'ଭାଇରେ, ମୋ' ସାଙ୍ଗରେ, ମତେ ମାଡ଼ ମାରୁଥିବା ଅନାରେ, କେତେ ଦିନକେ ଆଇଲୁରେ, ତୋତେ ଥରେ ଦେଖିବାକୁ ଜୀଇଁ ମରିଥିଲିରେ, ଗରିବର ଅନ୍ଧାର ଘରେ ଚନ୍ଦ୍ର ଉଦିଆ ହୋଇଗଲାରେ, ସୁଖା ଭଟ୍ଟା ପଡ଼ିଆରେ ପଦ୍ମ ଫୁଟିଲାରେ.....

ବଡ଼ କଷ୍ଟରେ ମୁଁ ନିଜକୁ ସାଷ୍ଟାମ କଲି । ତାକୁ ସେମିତି ଜାବୁଡ଼ି ଧରି ମୋର ପରିବାର ସହିତ ପରିଚୟ କରେଇଦେଲି ।

ସେ ମୋତେ ଛାଡ଼ି ମୋର ପରିବାର ବର୍ଗଙ୍କୁ ମୁଣ୍ଡିଆ ମାରିବା ଆରମ୍ଭ କଲା । ମୋର ପତ୍ନୀ ତାକୁ କହିଲେ, "ତୁମେ ମାନ୍ୟରେ ବଡ଼, ଆମକୁ ମୁଣ୍ଡିଆ ମାରନ୍ତୁ ନାହିଁ" । ସେ କିନ୍ତୁ ମୁଣ୍ଡିଆ ମାରୁମାରୁ କହିଲା, "ତମେ ଜାତିରେ ବଡ଼, ତୁମର ଆଶିବାଦ ନେବା ମୋର ଧର୍ମ, ମୋର ଅଧିକାର" ।

ମୁଣ୍ଡିଆ ମାରି ସାରିବା ପରେ କ'ଣ ଭାବି ମୋତେ କହିଲା ଆରେରେ, ଏତେବେଳୁ ଆସିଲଣି, ମୁଁ ଚାହା ପାଣି ଟିକେ ବି ଦେଇ ନାହିଁ, କି ଯେ ବୁଦ୍ଧି ମୋର... କହୁକହୁ ଘର ଭିତରକୁ ଗଲା । ବାହାର କବାଟରୁ ତା' ଘର ଭିତର ଦିଶୁଥାଏ । ସିଏ ହାଣ୍ଡି ଆଟିକା, ଟୋକେଇ ବାସନ କୁସନ ଓଲଟାଇ ଓଲଟାଇ କ'ଣ ଖୋଜିଲା । କିଛି ଗୋଟେ ପାଇ ଅଣ୍ଟାରେ ଖୋସିଲା । ତା'ପରେ ଘର ପଛପଟ କବାଟ ଖୋଲି ପଛପଟକୁ ଗଲା । ସେଠୁ ଫେରିଲାବେଳେ ହାତରେ ଲେମ୍ବୁ ଧରିଥାଏ । ଲେମ୍ବୁ କାଟି ଗୋଟେ ବଡ଼କଂସାରେ ଚିପି ରସ ବାହାରକଲା । ତା'ପରେ ପାଣି ମିଶାଇ ଗୋଳାଇଲା । ଗୋଳେଇ ସାରିବା ଉତ୍ତାରେ କଂସା ଗିନାମାନଙ୍କରେ ଢାଳିଲା । ସବୁ କଂସାଗିନାକୁ ପରାତରେ ସଜେଇ, ପରାତ ଧରି ବାହାରକୁ ଆସି କହିଲା, "ଗରିବ ଲୋକରେ ଭାଇ ଚାହା ଚିନି କିଛି ନାଇଁ । ବାରିରେ ଲେମ୍ବୁ ଥିଲା । ଲୁଣ ଦେଇ ପଣା କରିଚି । ନିଅ ସମସ୍ତେ ପିଅ" ।

ଆମେ ଲେମ୍ବୁ ସରବତ ପିଇଲା ଭିତରେ, ତା'ର ପରିବାର ମୋର ପରିବାର ବିଷୟରେ ଭଲମନ୍ଦ କଥା ହେଲୁ । ସନ୍ଧ୍ୟାହୋଇ ଆସୁଥାଏ । କହିଲି "ଏଥର ଆମେ ଯିବୁ ସୁଶୀଳା । ତୋ' ଦେହପା'ର ଯତ୍ନ ନେଉଥିବୁ । ଏବେ ବିଦାୟ ଦେ" । ବିଡ଼ାଏ ଶହେ ଟଙ୍କା ବାହାର କରି କହିଲି "ଏଇଟା ରଖ, ତୋ' କାମରେ ଆସିବ । ସେ ମୋ' ଆଖିକୁ ସିଧା ଦେଖିଲା । ତା'ପରେ ଟଙ୍କାତକ ମୋ' ହାତରୁ ନେଲା । ମୁଣ୍ଡରେ ଛୁଏଁଇଲା ଏବଂ ପୁଣି ମୋର ଉପର ପକେଟ୍‌ରେ ପୂରାଇ ଦେଇ କହିଲା, "ମାଆ ଲକ୍ଷ୍ମୀଙ୍କୁ ମାନ ଦେଇ ତୋ' ଟଙ୍କା ଛୁଇଁଲି, ଏବେ ତୋ' ଟଙ୍କା ତୁ' ରଖ ।

ମୁଁ କହିଲି, "ତୁ ରଖ ତୋତେ ମୁଁ ଦେଉଚି" ।

ସେ ମୋତେ କେମିତି ଗୋଟେ ଦୟା କଲାପରି ଆଖିରେ ଦେଖି କହିଲା, "ହଇରେ ବାବୁ, ତୁ ମୋତେ ଟଙ୍କା ଦେବୁ, ତୁ ! ଏଡ଼େ ବଡ଼ ହୋଇଗଲୁଣି ତୁ, ଏଡ଼େ ବଡ଼ଲୋକ ! ଦାନୀ କର୍ଣ୍ଣ କହ ! ହେଲେ ବାବୁ ଜାଣିଥା, ମୁଁ ସେମିତି ଅଛି, ଯେମିତି ଥିଲି । ଆଗ ଅପେକ୍ଷା ଆହୁରି ଗରିବ ହୋଇଯାଇଚି । ହେଲେ ଖାଲି ଧନରେ ଗରିବ । ମନରେ ନୁହେଁ, ଜାତିରେ ମୁଁ ଛୋଟ ହୋଇପାରେ ମାନ୍ୟରେ ନୁହେଁ କି ମାନରେ ନୁହେଁ । ଆରେରେ ମୋତେ ଟଙ୍କା ଦେବୁ ତୁ ! କ'ଣ ବୋଲି ପାଇଲୁ ମୋତେ...ଟଙ୍କା ଦେଖାଉଛୁ..." ! ବାବୁରେ ଏବେ ଯା ! ଯାଆ । ମାନ୍ୟରେ ତ ଏ ଜନ୍ମରେ ତୁ ବଡ଼ ହୋଇପାରିବୁ ନାହିଁ । କିନ୍ତୁ ମନ ଆଉ ମାନରେ ଯେଉଁ ଦିନ ବଡ଼ ହେବୁ, ସେଦିନ ଆସିବୁ । ମୁଁ ଜୀଇଁ ଥିଲେ ଏଠି ଥିବି । ମରିଥିଲେ ଆତ୍ମାରେ ଅପେକ୍ଷା କରିଥିବି । ତୁ ଦେଲେ ସେଦିନ ମୁଁ ନେବି । ଏବେ ଯା... କହୁ କହୁ ଅଣ୍ଟା ଖୋସଣୀରୁ ଶହେ ଟଙ୍କିଆ ନୋଟ୍‌ଟିଏ କାଢ଼ି ମୋ' ହାତରେ ଗୁଞ୍ଜିଦେଇ କହିଲା, "ଏତିକି ହିଁ ଥିଲା ମୋ' ପାଖରେ । ନେ' ମିଠା ଖାଇବୁ । ଏବେ ଯା..."

ମୁଁ ହତବମ୍ବ । ମୋତେ ଲାଗିଲା ବିଗତ ସତୁରୀ ବର୍ଷ ଧରି ଆପ୍ରାଣ ଫୁଙ୍କିଫୁଙ୍କି ଫୁଲେଇଥିବା ପର୍ବତାକାର ବେଲୁନ୍‌ରେ ଯେମିତି ସରୁ କଣ୍ଟାଟିଏ ଫୋଡ଼ି ହୋଇଗଲା !

ସ୍ପନ୍ଦନ ଭିଲ୍ଲା, ପ୍ଲଟ ନଂ - ୧୦/୧୧, ଗଳି ନଂ ୬
ତୁଳସୀ ବିହାର, ରାଲବ ରୋଡ଼, ରଙ୍ଗିପୁର,
ବ୍ରହ୍ମପୁର, ଗଞ୍ଜାମ - ୭୬୦୦୦୩
ମୋ.: ୮୨୪୯୩୧୦୭୧

ଅନର କିଲିଂ

ପ୍ରଦ୍ୟୁମ୍ନ ପଟ୍ଟନାୟକ

ଦୁଲାରୀର ଜନ୍ମକୁ ସ୍ୱାଗତ କରି ନ ଥିଲେ ଧରମ ସିଂହର ପରିବାର । ଗାଁର ମୁଖିଆ ଘରେ ଝିଅ ଜନ୍ମନେବା ନେଇ ଅଶୁଭ ସମ୍ବାଦ ସାରା ଗାଁରେ ଖେଳିଗଲା । ଧରମ ସିଂହର ସତୁରି ବର୍ଷର ବୁଢ଼ୀମା' ବିଳାପ କରିବାକୁ ଲାଗିଲା । ଛୋରୀ ଜନ୍ମ ହେଇଛି ମୁଣ୍ଡରୁ ପଗଡ଼ି ଉତାରି ଦେବାକୁ । ଦିନେ ନା ଦିନେ ସବୁରି ମୁହଁରେ କାଳି ବୋଳିବ କହି ବାହୁନୁଥାଏ ।

ବଂଶାନୁକ୍ରମେ ଧରମ ସିଂହର ପରିବାର ଗାଁରେ ଚୌଧୁରୀ । ଝିଅ ଛୁଆଟିଏ ଜନ୍ମନେବା ପୂର୍ବରୁ ଗର୍ଭପାତ କରାଇନେବା, ଜନ୍ମନେବା ପରେ ତାକୁ କ୍ଷୀରରେ, ପାଣିରେ କିମ୍ବା ତକିଆ ମୁହଁରେ ମାଡ଼ି ଅଣନିଃଶ୍ୱାସୀ କରି ମାରିଦେବା ଚୌଧୁରୀ ବଂଶର ପରମ୍ପରା । ପିଢ଼ି ପରେ ପିଢ଼ି ଘଟି ଆସୁଥିବା ଅପକୀର୍ତ୍ତି । ସେଥିପାଇଁ ଚୌଧୁରୀ ଘରକୁ ଅନ୍ୟଘରୁ ବୋହୂ ଆସନ୍ତି କିନ୍ତୁ କାହା ଘରକୁ ତାଙ୍କ ଘରୁ ଝିଅ ଯାଆନ୍ତି ନାହିଁ । ଅନ୍ୟମାନଙ୍କର ମଥା ନଏଁ ତାଙ୍କ ଆଗରେ, କେବେ ସେମାନେ କାହା ଆଗରେ ମୁଣ୍ଡ ନୁଆଁନ୍ତି ନାହିଁ । ସେଥିପାଇଁ ଏତେ ଅହଂକାର ଏତେ ଆଟୋପ । ତେଣୁ ସେ ବଂଶରେ କେବଳ ପୁତ୍ର ସନ୍ତାନମାନେ ସ୍ୱାଗତ ଯୋଗ୍ୟ କନ୍ୟା ନୁହଁ ।

ଏବେ କିନ୍ତୁ ଯୁଗ ବଦଳିଛି । ନିୟମ କାନୁନ୍ ଶକ୍ତ ହୋଇଛି । ଜନ୍ମ ପୂର୍ବରୁ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରିବା ଦଣ୍ଡନୀୟ ଅପରାଧ । କନ୍ୟା ଶିଶୁକୁ ହତ୍ୟାକରିବା ନରହତ୍ୟା ସହ ସମାନ । ପ୍ରଚଳିତ ନିୟମ କାନୁନ୍, ଦଣ୍ଡ ପ୍ରାବଧାନ ସିନା ସମାଜରେ କନ୍ୟାଭ୍ରୂଣ ହତ୍ୟା ଏବଂ କନ୍ୟା ସନ୍ତାନ ପ୍ରତି ହେଉଥିବା ଅମାନୁଷିକ ପକ୍ଷପାତିତାକୁ କେତେକାଂଶରେ ହ୍ରାସ କରିପାରିଛି କିନ୍ତୁ ରଢ଼ିବାଦୀ ମାନସିକତାକୁ ସମ୍ପୂର୍ଣ୍ଣଭାବେ ବଦଳାଇ ପାରି ନାହିଁ । ତେଣୁ କାହିଁ କାହିଁ ଲୁଚାଛପାରେ ସେସବୁ ଚାଲୁଛି । ସେଥିପାଇଁ ପରିସଂଖ୍ୟନ କହେ ପୁଅଙ୍କ ଅପେକ୍ଷା ଝିଅମାନଙ୍କର ଜନ୍ମହାର କମ୍ ।

ସମ୍ଭବତଃ ସରକାରୀ ଆଇନକାନୁନ୍, ଜନସଚେତନତା କିଛି ମାତ୍ରାରେ ପ୍ରଭାବୀ ହେବାରୁ ଦୁଲାରୀର ଜନ୍ମକୁ ରୋକାଯାଇପାରିଲା ନାହିଁ । କିନ୍ତୁ ଗାଁର ମୁଖିଆ ଧରମ ସିଂହଙ୍କ ପରିବାରରେ ପୁଅ ଝିଅଙ୍କ ମଧ୍ୟରେ ଥିବା ପ୍ରଭେଦ ଏବଂ ପାର୍ଥକ୍ୟକୁ ଦୂର କରାଯାଇ ପାରି ନ ଥାଏ । ତେଣୁ ଦୁଲାରୀ ଜନ୍ମହେବା ପରେ ଖୁସି ଅପେକ୍ଷା ଉଦାସୀ ମାହୋଲ ବେଶୀ ପରିଲକ୍ଷିତ ହୋଇଥିଲା । ସମୟକ୍ରମେ ତା'ପୂର୍ବରୁ ଜନ୍ମ ନେଇଥିବା ଦୁଇଭାଇ ପରମବୀର ଏବଂ କରମବୀରଙ୍କ ତୁଳନାରେ ଦୁଲାରୀକୁ କମ୍ ସ୍ନେହ ଶ୍ରଦ୍ଧା ମିଳିବାକୁ ଲାଗିଲା ।

ଏମିତିରେ ଚୌଧୁରୀ ପରିବାରରରେ ଅନ୍ନ, ବସ୍ତ୍ରର ଅଭାବ ନ ଥାଏ । ଜମିଦାରୀ ଚାଷବାସ ସହ ଘରେ ଗାଈ ମଇଁଷି ବନ୍ଧା ହୋଇଥାଆନ୍ତି । ଭାତ, ରୁଟି, ଡାଲି, ତରକାରି ବ୍ୟତୀତ ଘରେ ଦୁଧ, ଦହି, ଘିଅ, ଲହୁଣିର ସୁଅ ଛୁଟେ । ତେଣୁ ଖାଇବା ପିନ୍ଧିବାରେ ଭାଇମାନଙ୍କ ତୁଳନାରେ ପାତର ଅନ୍ତର ହେଉଥିଲେ ବି ଦୁଲାରୀକୁ ତା'

ଚାହିଦା ମୁତାବକ ଖାଇବା ପିନ୍ଧିବା ମିଳିଯାଉଥାଏ । ସମସ୍ତଙ୍କ ଆଗରେ ନ ହେଲେବି ମା' ଲୁଚେଇ ଚୋରେଇ ଭଲମନ୍ଦ ତା' ପାଟିରେ ଗୁଞ୍ଜି ଦେଉଥାଏ । ତାକୁ ସ୍ନେହ ଶ୍ରଦ୍ଧାରେ ଆଉଜେଇ ନେଉଥାଏ ନିଜ ଛାତି ଉପରେ । ଅବସୋସ କରୁଥାଏ ଚୌଧୁରୀ ଘର ବୋହୂ ହୋଇଥିବାରୁ । ତା' ମନ କହେ ଅନ୍ତଫାଡ଼ି ଜନ୍ମ ଦେଇଥିବା ମା' ପାଇଁ ସବୁ ପିଲା ଏକାପରି ସିଏ ପୁଅ ହେଉ କି ଝିଅ ।

ସାରା ପରିବାରରେ ଦୁଲାରୀକୁ କେବଳ ତା' ମା' ହିଁ ଭଲ ପାଉଥାଏ । ସ୍ନେହ ଆଦର କରୁଥାଏ । ସେ ପୁଣି ଲୁଚି ଲୁଚି । ସବୁବେଳେ ଦୁଲାରୀ ବାପା ଏବଂ ବୁଢ଼ୀ ମା'ଙ୍କର ଚକ୍ଷୁଶୂଳହେବା ସହ ଭାଇମାନଙ୍କର ଅତ୍ୟାଚାର ସହୁଥାଏ । ଯେତେଯେତେ ବଡ଼ ହେଉଥାଏ ତା'ପାଇଁ କଟକଣା ସେତେସେତେ ବଢୁଥାଏ । ବଡ଼ ଦୁଇଭାଇ ଗାଁ ଦାଣ୍ଡରେ ଖେଳନ୍ତି ବୁଲନ୍ତି, ବାପା ଚଉପାଡ଼ିରେ ବସି ହୁକା ଟାଣୁଥିବା ବେଳେ ତାଙ୍କ ପାଖରେ ଟହଲ ମାରନ୍ତି । ଦୁଲାରୀ କିନ୍ତୁ ଘର ବାହାରକୁ ବାହାରେ ନାହିଁ କି ତାକୁ ଚୌପାଡ଼ିରେ ଯାଇ ବାପାକୋଳରେ କାଖରେ ବସିବାର ସୌଭାଗ୍ୟ ମିଳିନାହିଁ ।

ପାଠପଢ଼ା ବୟସ ହେବାରୁ ତା' ମା'ର ଜିଦ୍ ବଶତଃ ଦୁଲାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲା । ଗାଁର ଅନ୍ୟ ପୁଅ ଝିଅଙ୍କ ସହ ଏକାଠି ବସି ପାଠ ପଢ଼ିଲା । ଭାଇ ଦୁହିଁଙ୍କ ତୁଳନାରେ ଦୁଲାରୀ ପାଠପଢ଼ାରେ ତେଜ୍ ଥିଲା । ଶ୍ରେଣୀରେ ପ୍ରଥମ କିମ୍ବା ଦ୍ୱିତୀୟ ହେଉଥିଲା ।

ଦିନୁଦିନ ପାଠ ଶାଠ ପଢ଼ି ଦୁଲାରୀର ଜ୍ଞାନ ଗାରିମା ଯେମିତି ବୃଦ୍ଧି ପାଉଥିଲା ସେମିତି ବଢୁଥିଲା ତା' ନିଟୋଳ ଶରୀର । ସେ ଚୌଧୁରୀ ଘରର ବଢ଼ିଆଳ ଝିଅ, ସେ ଅନୁଯାୟୀ ରଙ୍ଗ ରୂପ ଧୀରେଧୀରେ ଚହଟୁଥାଏ । ମାଟ୍ରିକ୍ ପରୀକ୍ଷାବେଳକୁ ସେ ପାଲଟିଯାଇଥାଏ ଗୋଟିଏ ସୁନ୍ଦରୀ ପରୀ ।

ବୁଦାନା ଗାଆଁରେ ରହୁଥାଆନ୍ତି ମୁଖ୍ୟତଃ ତିନି ଜାତିର ଲୋକ । ଜାଟ୍, ଯାଦବ ଏବଂ ବଣିଆ । ଧରମ ସିଂହ ଭଳି ଜାଟ୍‌ମାନଙ୍କର କୌଳିକ ବୃତ୍ତି ଚାଷ । ସେମାନଙ୍କ ନିକଟରେ ପ୍ରଚୁର ଜମିବାଡ଼ି ଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଜମିଦାର କହନ୍ତି । ସାଧାରଣତଃ ଜାଟ୍‌ମାନଙ୍କର ବଳିଷ୍ଠ ବପୁଃ ସହ ଏକଜିଦିଆ ଦୁର୍ଦ୍ଦାନ୍ତ ପ୍ରକୃତି । ସେଥିପାଇଁ ସେମାନେ ସୈନ୍ୟବାହିନୀରେ ଯୋଗଦେବାକୁ ଆଗଭର ହୁଅନ୍ତି । ଦେଶରକ୍ଷା ଏକ ମହତକାର୍ଯ୍ୟ ବୋଲି ବିଚାର କରନ୍ତି ।

ଯାଦବମାନଙ୍କର ସମ୍ବଳ ଗାଈ ମଇଁଷି । ଗୋପାଳନ ତାଙ୍କ ବଂଶାନୁକ୍ରମିକ ବେଉସା । ଦୁଧ, ଦହି, ଲହୁଣି, ଘିଅ ବିକ୍ରିକରି ସେମାନେ ପେଟ ପୋଷନ୍ତି । ଘର ପରିବାର ଚଳାନ୍ତି । ଗୋଟିଏ ଗୋଟିଏ ଦେଶୀ ମଇଁଷି ଦିନକୁ ଦଶରୁ ପନ୍ଦର ଲିଟର ପର୍ଯ୍ୟନ୍ତ ଦୁଧ ଦେଇଥାଆନ୍ତି । ଆଖପାଖ ସହରରେ ଦୁଧ, ଦହି, ଛେନା ବିକ୍ରି ଭଲ ରୋଜଗାର କରନ୍ତି ଯାଦବ ଗୋଷ୍ଠୀ ।

ତୃତୀୟ ସଂପ୍ରଦାୟ ହେଲେ ବଣିଆ । ସେମାନଙ୍କର କୌଳିକ ପେସା ବ୍ୟବସାୟ । ଅର୍ଥ କାରବାର କରୁଥିବା ସାହୁକାର, ମହାଜନ ସେମାନେ । ଜମିଦାରମାନଙ୍କୁ କୃଷିଋଣ ଆକାରରେ ଆର୍ଥିକ ସହାୟତା ଦେବା, ତାଙ୍କ ଫସଲକୁ କିଣାବିକାକରି ହାଟବଜାରରେ ପହଞ୍ଚାଇବା ତାଙ୍କ କାମ । ତା'ବ୍ୟତୀତ ବିଭିନ୍ନ ପ୍ରକାର ଦୋକାନ କରି ଯାବତୀୟ ଜିନିଷ ବିକ୍ରି କରିଥାଆନ୍ତି । ବଣିଆ ଘରର ପିଲାମାନେ ପାଠଶାଠରେ ଆଗୁଆ । ସ୍କୁଲ କଲେଜରେ ପଢ଼ି ବିଭିନ୍ନ ଚାକିରି ବାକିରିରେ ପ୍ରତିଷ୍ଠିତ ।

ଜନସଂଖ୍ୟା ଦୃଷ୍ଟିରୁ ବୁଦାନା ଗାଆଁରୁ ଯାଇ ବାହାରେ ଚାକିରି କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ଜାଟ୍ ସୈନ୍ୟ ବାହିନୀରେ କିମ୍ବା ପୁଲିସ୍ ବିଭାଗରେ । ଅଧିକାଂଶ ବଣିଆ ଡାକ୍ତର, ଇଂଜିନିୟର, ପ୍ରଶାସନିକ କିମ୍ବା ବ୍ୟାଙ୍କ ଅଧିକାରୀ ଆଦି ସେବାରେ ନିୟୋଜିତ । ଜାତି, ବୃତ୍ତି, ପେସା ନିର୍ବିଶେଷରେ ଗାଁର ଅର୍ଥନୀତି ସ୍ୱଚ୍ଛଳ । ରହିବାକୁ ପ୍ରାୟ ସମସ୍ତଙ୍କର ପକ୍କା ଘର । ରାସ୍ତାଘାଟ, ବିଦ୍ୟାଳୟ, ମନ୍ଦିର ସବୁ ବ୍ୟବସ୍ଥିତ । ହୋଲି, ଦୀପାବଳୀ, ନବରାତ୍ରୀ, ରାମଲୀଳା ଆଦି ପର୍ବପର୍ବାଣି ପାଳିତ ହୁଏ ଜାକଜମକରେ । ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ପ୍ରଚ୍ଛନ୍ନ ଶତ୍ରୁତା ଥିଲେ ବି ଅର୍ଥନୈତିକ ନିର୍ଭରଶୀଳତା ପରସ୍ପରକୁ ଏକ ସୂତ୍ରରେ ବାନ୍ଧି ରଖୁଥାଏ ।

ଗାଁର ସରପଞ୍ଚ ଯିଏ ହେଉନା କାହିଁକି ଚୌଧୁରୀ ବଂଶର ଖାସ୍ ମାନ୍ୟତା ଥାଏ । ପଞ୍ଚାୟତ ନ୍ୟାୟ ନିଶାପରେ ତାଙ୍କ ନିଷ୍ପତ୍ତି ମାନି ନିଆଯାଏ । ଭିତରେ ଭିତରେ କିନ୍ତୁ ଜାଟ୍ ଏବଂ ବଣିଆଙ୍କ ମଧ୍ୟରେ ଥାଏ ଅବିଶ୍ୱସନୀୟତା । ଜାଟ୍‌ମାନଙ୍କର ରୁକ୍ଷ ବ୍ୟବହାର, ରକ୍ଷଣଶୀଳ ମନୋଭାବ ଉଦାର ବଣିଆମାନଙ୍କୁ ପସନ୍ଦ ଆସେ ନାହିଁ । ସେପରି ଜାଟମାନେ ବଣିଆମାନଙ୍କୁ ଅର୍ଥ ଶୋଷଣକାରୀ ପ୍ରପଞ୍ଚକ ମନେକରନ୍ତି । ଦୁଇ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ଫସଲ ବିକ୍ରିବଟା, ସଉଦା ପତ୍ର କିଣାବିକା ଚାଲୁଥିବା ସତ୍ତ୍ୱେ ପରସ୍ପର ପ୍ରତି ଥାଏ ଅବିଶ୍ୱାସ, ସନ୍ଦେହ । ତଥାପି ଗାଁସାରା ପିଲା ଏକାସଙ୍ଗେ ପଢ଼ନ୍ତି, ଖେଳନ୍ତି ବଢ଼ନ୍ତି ।

ଦୁଲାରୀ ସ୍କୁଲରେ ଭଲ ପଢୁଥିବାରୁ ତାକୁ ନାନା ସରକାରୀ ପ୍ରୋତ୍ସାହନ ମିଳୁଥାଏ । ସରକାରଙ୍କର ଝିଅମାନଙ୍କ ପଢ଼ିବା ବଢ଼ିବାକୁ ନେଇ ବିଶେଷ ଗୁରୁତ୍ୱ ସହ ସମାଜର ଦୃଷ୍ଟିକୋଣ ଦିନୁ ଦିନ ବଦଳୁଥିବାରୁ ଧରମ ସିଂହ ଭଳି ବ୍ୟକ୍ତିମାନେ ଆଉ ଦୁଲାରୀ ଭଳି ଝିଅମାନଙ୍କୁ ପାଠପଢ଼ାରୁ ବଞ୍ଚିତ କରିପାରୁନଥାନ୍ତି । ଦୁଲାରୀର ଦାଦୀ ବୁଢ଼ୀ କିନ୍ତୁ ଦିନରାତି ତା' ପାଠପଢ଼ାକୁ ନେଇ ଗରଗର ହେଉଥାଏ । ଦିନେ ପାଠପଢୁଆ ନାତୁଣୀ ତାଙ୍କ ନାକ କାଟିବ କହି ସଂପି ହେଉଥାଏ । ସଚେତନ କରାଇ ଦେଉଥାଏ ।

ଧରମ ସିଂହର ଦୁଇ ପୁଅ ପରମବୀର ଏବଂ କରମବୀର ଯାହିତାହି ମାଟ୍ରିକ୍ ପାସ୍ କରିବା ପରେ ଫୌଜରେ ଭର୍ତ୍ତି ହେବା ପାଇଁ

ପ୍ରସ୍ତୁତି ଚଳାଇଥାଆନ୍ତି । ଦଣ୍ଡ ବୈଠକ, ଧାଁ ଦଉଡ଼, କୁସ୍ତି କସରତ କରି ଶରୀରକୁ ବଳିଷ୍ଠ କରିବାରେ ଲାଗିପଡ଼ିଥାଆନ୍ତି ।

ଗାଁ ସ୍କୁଲରୁ ଦୁଲାରୀ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଗଲା । ସେତେବେଳେ ତାକୁ ପନ୍ଦର ପୂରି ଷୋହଳ ବର୍ଷ ଚାଲୁଥାଏ । ଷୋଡ଼ଶୀର ଲାବଣ୍ୟରେ ରୂପ ରଙ୍ଗ ଚହଟୁ ଥାଏ । ଚାଲିରେ ମାଦକ, ଠାଣିରେ ଛଟକ, ଆଖିରେ କୁହୁକ ଦେଖଣାହାରୀଙ୍କୁ କ୍ଷଣେ ଅଟକାଇ ରଖୁଥାଏ । ସମସ୍ତ ଆକଟ କଟକଣା ସତ୍ତ୍ୱେ ତା' ଉପର ଶ୍ରେଣୀରେ ପଢୁଥିବା ବଣିଆ ପିଲା ଦୁଷ୍ମନ୍ତ ସହ ତା'ର ନବମ ଶ୍ରେଣୀରୁ ମନ ଦିଆନିଆ ସରିଥାଏ ।

ଦୁଷ୍ମନ୍ତ ବି ପାଠରେ ତେଜ୍ । ଭଲ ନମ୍ବର ରଖି ପାସ୍ କରି କମର୍ସ ପଢୁଥାଏ ଗାଁ ପାଖ ସହରରେ ଥିବା କଲେଜରେ । ଆଗକୁ ବ୍ୟାଙ୍କ କିମ୍ବା ପ୍ରଶାସନିକ ଚାକିରି କରିବାର ଲକ୍ଷ୍ୟ ରଖିଥାଏ । ତା' ବାପାଙ୍କର ଗୃହ ନିର୍ମାଣ ସାମଗ୍ରୀର ବ୍ୟବସାୟ । ତାଙ୍କ ଦୋକାନରେ ସିମେଣ୍ଟ, ଲୁହାଛଡ଼, ଟାଇଲ ଆଦି ଗୃହୋପକରଣ ଉପଲବ୍ଧ ହୁଏ । ଏବେ ଗାଁଠୁ ସହର ସବୁଠି ପକ୍କାଘର କରିବାର ଝୁଙ୍କ । ନିଜର ସମ୍ବଳ ସହ ସରକାରୀ ସହାୟତା ଏବଂ ବ୍ୟାଙ୍କରଣ ମିଳୁଥିବାରୁ ଲୋକମାନଙ୍କର ନୂଆଘର କରିବାରେ ଆଗ୍ରହ । ସେ ଅନୁଯାୟୀ ଗୃହନିର୍ମାଣ ଲାଗି ବ୍ୟବହୃତ ହେଉଥିବା ଉପକରଣଗୁଡ଼ିକର ଚାହିଦା ଏବଂ ଭଲ ବ୍ୟବସାୟ । ତେଣୁ କରି ଦୁଷ୍ମନ୍ତର ପରିବାର ଥିଲା ଆର୍ଥିକ ରୂପେ ସ୍ୱଚ୍ଛଳ ।

ଆଦ୍ୟ ଯୌବନରେ ଦୁଷ୍ମନ୍ତ ଭଳି ସୌମ୍ୟ, ସୁଧାର, ମେଧାବୀ ଯୁବକ ପ୍ରତି ଆକର୍ଷିତ ହୋଇଯାଇଥିଲା ଦୁଲାରୀ । ଆଗ ବିହ୍ୱଳିତ ପ୍ରେମାସକ୍ତିରେ ଉବୁଟୁବୁହେବା ପରେ ଦୁହେଁ ଅନୁଭବ କଲେ ସେମାନଙ୍କ ପ୍ରେମ ପଥରେ ଅନେକ ବ୍ୟାଘାତ । ଦୁହେଁ ଗୋଟିଏ ଗାଁରେ ବସବାସ କରୁଥିବା ଦୁଇ ଭିନ୍ନ ଗୋଷ୍ଠୀର । ଜାତିଭେଦ ଦୃଷ୍ଟିରୁ ଦୁହିଁଙ୍କ ସଂପର୍କ କେବେ ସ୍ୱୀକୃତ ହେବ ନାହିଁ । ତଥାପି କୈଶୋର ଅତିକ୍ରମ କରି ନବଯୌବନରେ ପାଦଦେଉଥିବା ଯୁବକ ଯୁବତୀଙ୍କ ପାଇଁ ସବୁ ନୀତିନିୟମ କଟକଣା ଅସ୍ୱୀକାର୍ଯ୍ୟ ଥିଲା । ଦୁହିଁଙ୍କ ପ୍ରେମ ସଂପର୍କ କ୍ରମେ ଅନ୍ୟମାନଙ୍କର ଦୃଷ୍ଟିଗୋଚର ହେବାରୁ ଦୁଲାରୀକୁ ଗାଳିମାଡ଼ ସହ ତା'ର ଘରୁ ବାହାରକୁ ବାହାରିବା ବନ୍ଦ କରିଦିଆଗଲା । ଧରମ ସିଂହ ଏବଂ ତାଙ୍କ ଦୁଇ ପୁଅଙ୍କ ଦ୍ୱାରା ଦୁଷ୍ମନ୍ତଙ୍କୁ ଜୀବନରେ ମାରି ଦେବାର ଧମକ ଦିଆଗଲା । ସେଥିପାଇଁ ସେ କିଛିଦିନ କଲେଜ ହଷ୍ଟେଲରୁ ଗାଁକୁ ଆସି ନ ଥିଲା ।

କଲେଜରେ ପଢ଼ିବା ପାଇଁ ଭଲ ନମ୍ବର ରଖି ଯୋଗ୍ୟା ବିବେଚିତ ହୋଇଥିଲେ ବି ଦୁଲାରୀକୁ କଲେଜରେ ପଢ଼ିବା ପାଇଁ ଅନୁମତି ମିଳିଲା ନାହିଁ । କଲେଜରେ ପଢ଼ିଲେ ପୁଣି ଦୁଷ୍ମନ୍ତ କିମ୍ବା ଅନ୍ୟ କାହା ସହ ପ୍ରେମ କରିବାର ଆଶଂକା କରି ତାକୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରାଗଲା । ତା'ର ଯୋଗ୍ୟତା, ବୁଦ୍ଧିମତାକୁ ନିଷ୍ପେଷିତ କରିଦିଆଗଲା । ଅପେକ୍ଷାଥାଏ ବର୍ଷ ଦୁଇଟା ପରେ ସେ ସାବାଳିକା ହୋଇଗଲେ ତା'ର କେଉଁଠି ବିବାହ କରାଇଦେବାକୁ ।

ଗାଁରେ ଦୁଲାରୀ ଏବଂ ଦୁଷ୍ମନ୍ତଙ୍କୁ ନେଇ ଚାଲିଥିବା ଗୁଜବ ଥମିଯିବା ପରେ ଦୁଷ୍ମନ୍ତ ନିଜ ଘରକୁ ଫେରିଥିଲା । ଗାଁରେ କିଛି ଦିନ ରହି କୌଶଳ କରି ଦୁଲାରୀ ସହ ଯୋଗାଯୋଗ ସ୍ଥାପନ କଲା । ଦିନେ ଗଭୀର ରାତ୍ରିରେ ଦୁହେଁ ଗାଁ ଛାଡ଼ି ପଳାଇଲେ । ସକାଳ ହେବା ମାତ୍ରେ ଗାଁରେ ଅପବାଦ ଖେଳିଗଲା । ଚୌଧୁରୀ ପରିବାର ଉପରେ ସେ ଖବର ଚଡ଼କ ପଡ଼ିବା ସଦୃଶ ଥିଲା । ବିନା ବିବାହରେ ଚୌଧୁରୀ ଘର ଝିଅ ବଣିଆ ପିଲା ସହ ଭାଗିଯିବା ସମ୍ବାଦ ବଣ ନିଆଁ ଭଳି ବ୍ୟାପିଗଲା । ଚୌଧୁରୀ ବଂଶର ନାକ କଟିଗଲା । ମାନ, ମହତ, ଅହଂକାର ମାଟିରେ ମିଶିଗଲା ।

ଦୁଷ୍ମନ୍ତ ଏବଂ ଦୁଲାରୀଙ୍କୁ ଖୋଜିବାକୁ ଧରମ ସିଂହ ଏବଂ ତା'ର ଦୁଇ ପୁଅ ଡାହାଳ କୁକୁର ଭଳି ଚାରିଆଡ଼େ ଖେପିଗଲେ । ଥାନାରେ ରିପୋର୍ଟ ଲେଖାଇଲେ । ନାବାଳିକା କନ୍ୟାକୁ ଅପହରଣ କରି ନେଇଥିବା ନେଇ ଥାନାରେ ମାମଲା ଦାୟାର କରାଗଲା । ଚୌଧୁରୀ ବଂଶର ସମ୍ମାନ ରକ୍ଷାଲାଗି ଧରମ ସିଂହ କିଛି ଅର୍ଥ ଥାନା ବାବୁଙ୍କ ହାତରେ ଗୁଞ୍ଜି ଦେଲା । ଆଖପାଖ ପୁଲିସ ଥାନାକୁ ଖବର ଦେବା ସହ ଚାରିଆଡ଼େ ଖୋଜା ଖୋଜି ଚାଲିଲା ।

ଦୁଲାରୀର ବାପା ଭାଇଙ୍କ ହାତରେ ଧରାପଡ଼ି ଜୀବନ ଦେବା ଅପେକ୍ଷା ପୁଲିସ ଥାନାରେ ଆତ୍ମସମର୍ପଣ କରିବାକୁ ଶ୍ରେୟସ୍କର ମନେକଲେ ଦୁଷ୍ମନ୍ତ ଏବଂ ଦୁଲାରୀ । ପୁଲିସ ଏବଂ କୋର୍ଟ ନ୍ୟାୟାଧୀଶଙ୍କ ସାମ୍ନାରେ ଦୁଲାରୀ ତା'ନିଜ ଇଚ୍ଛାଅନୁସାରେ ତା' ପ୍ରେମିକ ଦୁଷ୍ମନ୍ତ ସହ ଘରୁ ପଳେଇଥିବା କହିବାରୁ ଆଉ ଅପହରଣ କେସ୍ ଲାଗିଲା ନାହିଁ । ସେଥିପାଇଁ ବି ଦୁଷ୍ମନ୍ତର ବାପାଙ୍କୁ ଅର୍ଥବ୍ୟୟ କରି ଓକିଲ ବ୍ୟବସ୍ଥା କରିବାକୁ ପଡ଼ିଲା । ଯାହାହେଲେ ବି ନିଜ ପୁଅର ଜୀବନ ଆଗରେ ଅର୍ଥ ତୁଚ୍ଛ । ପୁଅ ଝିଅ ନାବାଳିକା ଥିବାରୁ ଦୁହିଁଙ୍କୁ ବୁଝାସୁଝା କରି ନିଜ ନିଜ ଘରକୁ ପଠାଇ ଦିଆଗଲା । ପରସ୍ପର ଠାରୁ ଅଲଗା ହେବାବେଳେ ପୁଲିସ ଥାନାରେ ଦୁହେଁ ସନ୍ତର୍ପଣରେ କଥା ହେଲେ, ସେମାନେ ସାବାଳିକା ହେବା ଯାଏ ଅପେକ୍ଷା କରିବେ ।

ଦୁଲାରୀ ଘରକୁ ଫେରି ପୁଣି ମାଡ଼ ଗାଳି ଖାଇ ଗୋଟିଏ କୋଠରିରେ ପଡ଼ିରହିଲା । ଦୁଷ୍ମନ୍ତ କଲେଜ ହଷ୍ଟେଲ୍‌ରେ ରହି ପଢୁଥାଏ । ବେଶି ଗାଁକୁ ଆସୁ ନ ଥାଏ । ଧରମ ସିଂହ ଏବଂ ତା' ପୁଅ ଦୁଇ ଜଣ ମିଶି ବିଚାର କରୁଥାଆନ୍ତି ଯେ ତାଙ୍କର ବିରାଦରିରେ ନାକ କଟିଗଲା । ପୁରୁଷାନୁକ୍ରମେ ଅର୍ଜିତ ମାନସମ୍ମାନ ଚାଲିଗଲା । ଆଉ ଦୁଲାରୀକୁ ସମାସ୍କନ୍ଦ ଘରର ବର ମିଳିବ ନାହିଁ । ତା' ଛଡ଼ା ସେମାନେ କୌଣସି ପରିସ୍ଥିତିରେ ବି ବଣିଆ ଘରେ ବନ୍ଧୁ ବାନ୍ଧିବେ ନାହିଁ । ଦୁଷ୍ମନ୍ତକୁ ଜ୍ୱାଇଁ କରିବେ

ନାହିଁ । ଦୁଷ୍ମନ୍ତ କଥା ପଡ଼ିବା ମାତ୍ରେ ବାପପୁଅ ରାଗରେ ରକ୍ତଚାଉଳ ଚୋବାଉଥାଆନ୍ତି । କେମିତି ପ୍ରତିଶୋଧ ନେବେ ଉପାୟ ପାଞ୍ଚୁଥାଆନ୍ତି ।

ଏ ଘଟଣାକୁ ଛଅ ସାତ ମାସ ବିତି ଯାଇଥାଏ । ଦଶହରା ଛୁଟିରେ ଦୁଷ୍ମନ୍ତ ଆସିଥାଏ ଗାଁକୁ । ସବୁ ବର୍ଷ ପରି ଗାଁରେ ଚାଲିଥାଏ ରାମଲୀଳା । ସନ୍ଧ୍ୟା ହେଲେ, ଗାଁ ସାରା ଘରୁ ବାହାରି ରାମଲୀଳା ଦେଖିବାକୁ ଏକାଠି ହେଉଥାଆନ୍ତି । ଦୁଷ୍ମନ୍ତ ବି ସବୁଦିନ ଯାଉଥାଏ ରାମଲୀଳା ଦେଖିବା ବାହାନାରେ ଦୁଲାରୀକୁ ଭେଟିବାକୁ । କିନ୍ତୁ ଦୁଲାରୀକୁ ତ ରଖାଯାଇଥାଏ ଗୃହବନ୍ଦୀ କରି । ତାକୁ ଘରୁ ବାହାରିବାକୁ ମନା । ଘରେ କେଉଁ ପରିସ୍ଥିତିରେ ଦୁଲାରୀ ଥିବ ଭାବି ଉଦ୍‌ଗ୍ରୀବ ହେଉଥାଏ ଦୁଷ୍ମନ୍ତ ।

ରାମଲୀଳାର ଶେଷପର୍ବ ଦଶହରା ଦିନ ରାବଣ ପୋଡ଼ି । ସବୁ ବର୍ଷ ଭଳି ମଞ୍ଚ ଉପରୁ ଚୌଧୁରୀ ଧରମ ସିଂହ ଧନୁ ତୀର ମାରି ଦହନ କରିବ ରାବଣ, କୁମ୍ଭକର୍ଣ୍ଣ ଏବଂ ଇନ୍ଦ୍ରଜିତଙ୍କର ପୁତ୍ତଳିକା । ସେଥିପାଇଁ ସାରା ଗାଁ ଜମା ହୋଇଥାନ୍ତି ଗାଁ ମୁଣ୍ଡ ଦଶହରା ପଡ଼ିଆରେ । ପରମବୀର ଏବଂ କରମବୀର ଦୁଇ ଭାଇ ବି ଉପସ୍ଥିତ ରହି ସମସ୍ତ ଆୟୋଜନର ତଦାରଖ କରୁଥାଆନ୍ତି । ବୁଦାନା ଗାଁର ଆବାଳ ବୃଦ୍ଧ ବନିତା ଉପସ୍ଥିତ ରହି ରାବଣ ପୋଡ଼ି ଦୃଶ୍ୟ ଉପଭୋଗ କରିବାରେ ମଜ୍ଜି ଯାଇଥାଆନ୍ତି । ଏକା ସେଠି ଉପସ୍ଥିତ ନ ଥାଏ ଦୁଲାରୀ ।

ଏତେ ଲୋକଙ୍କ ଭିତରେ ଦୁଷ୍ମନ୍ତର ଆଖି କେବଳ ଖୋଜୁଥାଏ ଦୁଲାରୀକୁ । ଦଶହରା ପଡ଼ିଆରେ ଝିଅ ବୋହୂଙ୍କ ମେଳରେ ଦୁଲାରୀକୁ ନ ଦେଖି ସେଠୁ ସନ୍ତର୍ପଣରେ ଖସି ଆସିଥିଲା ଦୁଷ୍ମନ୍ତ । ଧରମ ସିଂହ ଘର ପାଖରେ ପହଞ୍ଚି ଗୋଟିଏ ଗଛମୂଳେ ଠିଆହୋଇ ଝରକା ଫାଙ୍କରେ ଦୁଲାରୀ ନାଁ ନେଇ ଧୀରେ ଧୀରେ ଡାକିଲା । ଭିତରୁ କିଛି ଉତ୍ତର ନପାଇ ସେ ଗଛରେ ଚଢ଼ି ଛାତରେ ପହଞ୍ଚିଗଲା । ସିଡ଼ିରେ ଓହ୍ଲାଇ ଘର ଭିତରେ ପ୍ରବେଶ କରିଗଲା । ଦୁଲାରୀ ଏକୁଟିଆ ଘରେ ମନମାରି ବସିଥିଲା । ଦୁଷ୍ମନ୍ତକୁ ଦେଖି କୁଣ୍ଢାଇ କାନ୍ଦିବାକୁ ଲାଗିଲା । ପରସ୍ପରର ସାନିଧ୍ୟ ନିମନ୍ତ ଦୁହେଁ ଏପରି ଉଦ୍‌ବିଗ୍ନ ହୋଇଯାଇଥିଲେ ଯେ, ପରିଣାମ ପ୍ରତି ତାଙ୍କର ଧ୍ୟାନ ନଥିଲା । ପ୍ରତିରୋଧକୁ ଖାତିର ନଥିଲା ।

ବାହାରପଟୁ ଘରେ ତାଲା ଲଗାଇ ରାବଣ ପୋଡ଼ି ଦେଖିବାକୁ ଯାଇଥିବା ଚୌଧୁରୀ ପରିବାର ତାଲା ଖୋଲି ଘରେ ପଶିବାର ଆଭାସ ପାଇ ଦୁଷ୍ମନ୍ତ ପୁଣି ସେହି ଛାତ ଦେଇ ପଳାଇବାକୁ ବସିଥିଲା । ଧାଇଁଯାଇ ପରମବୀର ତାକୁ ଧରି ପକାଇଲା । ସେହି ରାତ୍ରୀରେ ଧରମ ସିଂହ ଏବଂ ତା'ର ଦୁଇ ପୁଅ ମିଶି ଧାରୁଆ ଅସ୍ତ୍ରରେ ଉଭୟ ଦୁଷ୍ମନ୍ତ ଏବଂ ଦୁଲାରୀଙ୍କ ଗଳା କାଟି ହତ୍ୟା କରିଦେଲେ । ନିସ୍ତବ୍ଧ ପ୍ରହରେ ଦୁଷ୍ମନ୍ତର ଶବକୁ ରାସ୍ତାକଡ଼ରେ ଫିଙ୍ଗିଦେଇ ଦୁଲାରୀର ଶବ ସତ୍କାର କରୁଥିଲେ । ସକାଳ ହେବା ଆଗରୁ ସେ କାମ ବି ସାରିଦେବାକୁ ଭାବିଥିଲେ ।

ଦୁଷ୍ମନ୍ତ ଘରକୁ ନ ଫେରିବା ଦେଖି ତାଙ୍କ ପରିବାର ଖୋଜାଖୋଜି କରିବାବେଳେ ପାଇଥିଲେ ତା'ର ମୃତ ଶରୀର । ସେମାନେ ଖବର ଦେବାରୁ ପୁଲିସ ଆସି ଶ୍ମଶାନରୁ ଦୁଲାରୀର ଅଧାଜଳା ଶବକୁ ଉଦ୍ଧାର କଲା । ଦୁଷ୍ମନ୍ତର ଶବ ସହ ତାକୁ ଡାକ୍ତରୀ ମାଇନା ପାଇଁ ନେଇନିଆଗଲା ।

ନିଜର ବଂଶମାନ ରକ୍ଷା ନେଇ ଅହଂକାର ବଶତଃ ଦୁଇ ଦୁଇଟି ନରହତ୍ୟା ଯେ ଅମାନୁଷିକ ବର୍ବରତା ସେ ଜ୍ଞାନ ଅବିମୃଶ୍ୟକାରୀ ଚୌଧୁରୀ ବଂଶଜଙ୍କର ନଥିଲା । ଯେଉଁ ମାନସମ୍ମାନ ପାଇଁ ସେମାନେ ନିଜ ଝିଅ ସହ ଆଉ ଗୋଟିଏ ପିଲାର ଜୀବନ ନେଇଗଲେ ସେ ଇଜ୍ଜତ ରହିଲା ନା ସେ ସମ୍ମାନ ରହିଲା । ଯେଉଁ ଘଟଣା କେବଳ ବୃଦାନା ଗାଁ ଜାଣିଥିଲା ସେକଥା ଖବର କାଗଜ ଟିଭି ମାଧ୍ୟମରେ ସାରା ରାଜ୍ୟ, ସାରା ଦେଶରେ ଚର୍ଚ୍ଚା ହେବାକୁ ଲାଗିଲା । ତା'ବ୍ୟତୀତ ନରହତ୍ୟା ଅପରାଧ ପାଇଁ ଖୁନି ବାପା ପୁଅଙ୍କୁ ଫାଶୀ କିମ୍ବା ଆଜୀବନ କାରାବାସ ଦଣ୍ଡବିଧାନ ହେବା ଥୟ ଥିଲା । ବୃଥା ଅହମିକା ବଶତଃ ଅନର୍ କିଲିଙ୍ଗ୍‌ର କଳଙ୍କିତ ପରିସଂଖ୍ୟାନରେ ଆଉ ଦୁଇ ପ୍ରେମୀ ଦୁଷ୍ମନ୍ତ ଏବଂ ଦୁଲାରୀଙ୍କ ନାମ ଯୋଡ଼ି ହୋଇଗଲା ।

ଫ୍ଲାଟ ନଂ.-୧୦୧, ପ୍ରକାଶଦ୍ୱୀପ ଟାୱାର
ଜୟଦୁର୍ଗା ନଗର, ଭୁବନେଶ୍ୱର-୦୬
ମୋ.-୯୯୬୮୨୮୦୮୬

କବି ଓ କଥାକାର
କଳ୍ପନା ରଥଙ୍କ
ନୂଆ ବହି
ଏବେ ବଜାରରେ

ପ୍ରକାଶକ:
ଶ୍ରୀରୂପା
ରାମନଗରପଡ଼ା
ଭବାନୀପାଟଣା-୭୬୬୦୦୧
ମୋ.୯୪୩୭୭ ୦୦୦୩୭

● ଆପଣ ବହି ଛାପିବାକୁ ଚାହୁଁଛନ୍ତି...ଶ୍ରୀରୂପା ସହ ଯୋଗାଯୋଗ କରନ୍ତୁ

ଅହଂକାରୀ

ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ

ମେଳା ଭିତରେ ଏତେ ଭିଡ଼ ହେଇଥିଲା ଯେ ମୁଁ ହଠାତ୍ ତାକୁ ଚିହ୍ନିପାରିଲି ନାହିଁ। ତା'ର ଲମ୍ବା ବାଳ, ଯାହାକୁ ନେଇ ସେ ଗର୍ବ କରୁଥିଲା ଓ ଆମେ ଈର୍ଷା କରୁଥିଲୁ ତାହା ଆଉ ନଥିଲା। ଛୋଟ ଛୋଟ ବବ୍‌କଟ୍ ବାଳରେ ତା'ର ଛୋଟ ମୁହଁଟି ଆହୁରି ଛୋଟ ଦେଖାଯାଉଥିଲା। ଆଗଠାରୁ ଅଧିକ ଚକ୍‌ଚକ୍ କରୁଥିଲା ତା'ର ଗାଲ। ମୁଁ ଆଉ ଟିକେ ପାଖକୁ ଯିବାକୁ ଚେଷ୍ଟା କଲି। ହଁ, ଠିକ୍ ତ ସେଇ! "ଚନ୍ଦ୍ରିକା"! ମୁଁ ବଡ଼ ପାଟିରେ ଡାକିଲି। ସେ ଚମକିପଡ଼ିବା ପରି ବୁଲିଚାହିଁଲା ଓ ହଠାତ୍ ନ ଚିହ୍ନିବା ପରି ହେଲା। ଦଶବର୍ଷ ଭିତରେ ମୁଁ ଏମିତି କେତେ ବଦଳି ଯାଇଥିବି ଭାବି ଟିକେ ସଂଯତ ହେଇ ଶାଢ଼ୀର 'ପ୍ଲିଟ୍' ସଜାଡ଼ି ତା' ପାଖକୁ ଗଲି। ସେ ଦୋ ଦୋ ଚିହ୍ନା ହୋଇ କହିଲା, "ଆର୍ ୟୁ ଶିଞ୍ଚୀ? ଓଃ ମାଇଁ ଗଡ୍।" ମୁଁ ତାକୁ କୁଣ୍ଢେଇପକେଇଲି, ହେଲେ ତା' ଠାରୁ ସେପରି ଉଷ୍ମତା ପାଇଲି ନାହିଁ। ସେ ମତେ ନିଜଠାରୁ ଅଲଗା କରିଦେଇ କହିଲା, "ତୋର ଏତେ ଡ୍ରାଷ୍ଟିକ୍ ଚେଞ୍ଜ୍? ଆମ ଡିପାର୍ଟମେଣ୍ଟର ସବୁଠୁ ସ୍ମାର୍ଟ ଝିଅ ଏମିତି ବେହେନ୍‌ଜୀ ବେଶରେ? କ'ଣ କରୁଚୁ ଆଜିକାଲି?"

ତା' କଥାରେ ମୁଁ ବିଶେଷ ବିଚଳିତ ହେଲି ନାହିଁ। ତା' କଥାବାର୍ତ୍ତା ସେଇପରି। ସେ ଦେଖିବାକୁ ଯେମିତି ସୁନ୍ଦରୀ, ସେତିକି ରୁକ୍ଷ ତା'ର କଥାବାର୍ତ୍ତା। ତେବେ ବି ସାଙ୍ଗ ତ। ହଷ୍ଟେଲରେ ପାଖାପାଖି ରୁମ୍‌ରେ ରହୁଥିଲୁ। ଗୋଟିଏ ଡିପାର୍ଟମେଣ୍ଟରେ ପଢୁଥିଲୁ। ତା'ର ସୁନ୍ଦରତା ପାଇଁ ତା'ର ଟିକେ ଅଧିକା ଗର୍ବ ଥିଲା। ତା' ଲମ୍ବା ବାଳ ଓ ଚିକ୍କଣ ତ୍ୱଚାର ସେ ବିଶେଷ ଯତ୍ନ ନେଉଥିଲା। ତା'ର ଧାରଣା ଥିଲା ଆମେ ସମସ୍ତେ ତାକୁ ଈର୍ଷା କରୁ। ତା' ରୁମ୍‌ମେଟ୍‌ମାନେ ତା' ପାଇଁ ଯେତେ ଯତ୍ନଶୀଳ ହେଇ ତା'ର ଖାଇବା ରଖିଦବା, ତା' ପାଳି ଦିନ ରୁମ୍ ସଫା କରିଦବା, ନିଜ ଲୁଗାପଟା ସହ ତା' ଲୁଗାପଟା ବି ତୋଳିଆଣିବା ପରି କାମ କରିଦେବା ସତ୍ତ୍ୱେ ସେ କାହା ପାଇଁ କେବେ କିଛି କରିବାର ଆମେ ଦେଖିନୁ। ତେବେ ବି ମଣିଷ ହିସାବରେ ସେ ଖରାପ ନୁହେଁ। 'ମୁଡ୍' ଭଲଥିଲେ ପାଖରେ ବସି ଗପିବ, ନହେଲେ ଦୁମ୍‌ଦୁମ୍ ହେଇ ଚାଲିଯିବ। ଆମେ ଜାଣିଥିଲୁ, ତା' ଘରେ କିଛି ଅସୁବିଧା ଚାଲିଥିଲା, ତା' ପ୍ରେମକୁ ନେଇ। ସେ ତା'ର ପିଉସୀଙ୍କ ପୁଅକୁ ଭଲ ପାଉଥିଲା, ଯେଉଁଥି ପାଇଁ ତାଙ୍କ ଘରେ ବଡ଼ ଅସନ୍ତୁଷ୍ଟ ଥିଲେ। ସେ ପିଲାଟି ମେଡ଼ିକାଲ୍ ପଢୁଥାଏ, ସେଇ ସମୟରେ। ଚନ୍ଦ୍ରିକା ବି ଦଉଥାଏ ମେଡ଼ିକାଲ୍ ଏନ୍‌ଟ୍ରାନ୍ସ। ସେ ପିଲାଟି ବରାବର ତାକୁ ଆସି ହଷ୍ଟେଲ୍ କ୍ୟାମ୍ପସ୍‌ରେ ଥିବା ସିମେଣ୍ଟ ବେଞ୍ଚ୍‌ରେ ପଢ଼ାଉଥାଏ। ଆମ ସମସ୍ତଙ୍କ ଠାରୁ ତା'ର ବେଶି ଫୋନ୍ ଆସେ। ପୂରା ସମୟ 'ଡାଉଟ୍ କ୍ଲିଅରିଂ'ରେ ଯାଏ। ସେଥିପାଇଁ ବି ତା'ର ଗର୍ବ କମ୍ ନ ଥାଏ। ଯେଉଁ କେତେଜଣ ପ୍ରେମରେ ପଡ଼ିଥାଆନ୍ତି, ତାଙ୍କ ସମସ୍ତ ପ୍ରେମିକମାନଙ୍କ ଠାରୁ ତା'ର ପ୍ରେମିକ ଯେ ଶ୍ରେଷ୍ଠ ଏକଥା ସେ କଥା ପ୍ରସଙ୍ଗରେ ସ୍ପଷ୍ଟ କରୁଥାଏ। ତା'ର ଗର୍ବ ଅହଂକାର ତା' ହିଲ୍‌ର ଠକ୍‌ଠକ୍ ପରି ଆମ ଛାତିରେ ବାଜେ। ହେଲେ

ଏସବୁ ଦେହସୁଆ ହେଇଯାଇଥାଏ । ଆଜି ଏତେ ବର୍ଷ ପରେ ତାକୁ ଦେଖି ସବୁ ସ୍ମୃତି ତାଜା ହେଇଗଲା ।

- "ମାମା, ୟେ ଖାନା ହେ"

ଗୋଟିଏ କୁନିଝିଅ ତା' ହାତ ଧରି ଟାଣୁଥାଏ ଜିଲାପି ଛଣା ହେବା ଜାଗାକୁ । ଠିକ୍ ମା' ପରି ମୁହଁ, କଣ୍ଢେଇ ପରି ଆଖି, କୁଞ୍ଚୁକୁଞ୍ଚୁଆ ବାଳ । "ଆରେ, ତୋ' ଝିଅ କି ?" କହୁକହୁ କୁନିଝିଅକୁ କହିଲି, "ଜିଲାପି ଖାଇବୁ ?"

ସେ ମୋ' ମୁହଁକୁ ବଲବଲ କରି ଚାହିଁଲା ତ ଚନ୍ଦ୍ରିକା କହିଲା "ତାକୁ ହିନ୍ଦୀ ନହେଲେ ଇଂଲିଶ୍‌ରେ କହ ସେ ଓଡ଼ିଆ ବୁଝିପାରିବନି ।"

ଏଥର ମୁଁ ବଲବଲ କରି ଚାହିଁଲି ମାଆ ଝିଅଙ୍କୁ । "କାହିଁ ? ତୁ କ'ଣ ଘରେ ଓଡ଼ିଆ କହୁନୁ ?"

- "ଆରେ, ଆଜିକାଲି କିଏ ଓଡ଼ିଆ କହୁଚି କହିଲୁ ? ସ୍କୁଲ୍‌ରେ ଓଡ଼ିଆ କହିଲେ ପନିଶ୍‌ମେଣ୍ଟ୍ ଦଉଛନ୍ତି । ଆଗକୁ କେତେ କମ୍ପିଟିସନ୍ । ଏବେଠୁ ସ୍ମାର୍ଟ ହେଲେ ସିନା ଆଗକୁ ଭଲ ସେ କମ୍ପିଟ୍ କରିବ ? ତେଣୁ, ମୁଁ ମୂଳରୁ ଓଡ଼ିଆ ଶିଖାଇ ନାହିଁ ।"

ଓଡ଼ିଆ କହିବା ସହ ସ୍ମାର୍ଟନେସ୍‌ର କଅଣ ସଂପର୍କ ବୁଝିପାରିଲି ନାହିଁ । ସେଇଟା ବି ତର୍କ କରିବା ସ୍ଥାନ ନୁହେଁ । ବରଂ ଫୋନ୍ ନମ୍ବରଟା ରଖିଲେ ପରେ କଥା ହେଇ ହବ । ସେଇଆ କଲି । ମୁଁ ଶାଢ଼ୀ ପିନ୍ଧି କାହିଁକି ବୁଲୁଚି ବୋଲି ସେ ଆଉ ଥରେ ଚିଡ଼ିଲା । "କରୁଚୁ କ'ଣ ଆଜିକାଲି ?" ପଚାରିଲା ।

- "ମୁଁ ଏବେ ଓ.ଏ.ଏସ୍. ପାଇଁ ପଢ଼ାପଢ଼ି କରୁଛି । ତୁ ?"

- "ମୁଁ ଏଇ ପାଖ କଲେଜ୍‌ରେ ଲେକ୍‌ଚରର୍ ଅଛି । ଶୀଘ୍ର ରେଗୁଲାର୍ ହେଇଯିବି । ଏମିତି ଗୋଟେ ଖୁସିରେ ରହିଛି । ମୋ ହଜ୍‌ବ୍ୟାଣ୍ଡଙ୍କର ତ ବହୁତ ବଡ଼ କ୍ଲିନିକ୍ ଅଛି ଜାଣିଥିବୁ । ମୁଁ ଏଇଠି ଘର କରିଛି ଗାୟତ୍ରୀ କଲୋନୀରେ । କେବେ ଆସିଲେ ଦେଖିବୁ କେତେ ବଡ଼ ଘର କରିଛି ।" ମୁଁ ଟିକେ ହସିଲି । ସେ ତା' କଥା ଗପିଯାଉଥିଲା । ମୋ' କଥା କିଛି ପଚାରିଲା ନାହିଁ । ମୁଁ ଏତେ ଖବର ରଖି ନ ଥିଲି । କାରଣ ସେ ଏଇଠି ଆସି ରହୁଚି ବୋଲି ମୁଁ କେମିତି ଜାଣିଥା'ନ୍ତି ? ତା' ସ୍ୱାମୀର ଚେହେରା ବି ମୋର ମନେପଡୁ ନ ଥିଲା । ପରେ ଖବର ନେଇ ଜାଣିଲି ଯେ ପାଖ ବ୍ଲକ୍‌ରେ ତା' ସ୍ୱାମୀ ପୋଷ୍ଟେଡ୍ । ସହରରେ ନିଜସ୍ୱ କ୍ଲିନିକ୍ ଓ ପାଥୋଲାବ୍ । ସେ ଯେଉଁ କଲେଜ୍‌ରେ ଅଧ୍ୟାପିକା ଥିଲା, ସେଠି ଜଣେ ଷ୍ଟାଫ୍ ମୋର ପରିଚିତ ଥିଲେ । ଦିନେ ପ୍ରାତଃ ଭ୍ରମଣରେ ଦେଖାହେଲେ ତ କହିଲେ, 'ସେ ଚନ୍ଦ୍ରିକା ମାଡାମ୍ କ'ଣ ଆପଣଙ୍କ ସାଙ୍ଗ ? '

- "ହଁ । କ'ଣ ହେଲା କି ?"

- "ନା.... ଆପଣ ଏତେ ମିଷ୍ଟଭାଷୀ, ମେଳାପୀ । ସେ ଏମିତି ରୁଡ୍ କେମିତି ? ଭାରି ଗର୍ବ, ଅହଂକାର ତାଙ୍କର । କାହାକୁ ମଣିଷ ବୋଲି ଖାତିର୍ କରନ୍ତି ନି । ମନଇଚ୍ଛା ପୋଷାକ ପିନ୍ଧନ୍ତି, କେହି କିଛି କହିଲେ ଛୋଟବଡ଼ କରି କୁହନ୍ତି ।"

- "ସେ କେଉଁଠି ଘର କରିଛି ? ଦେଖିଯିବାକୁ କହୁଥିଲା ।"

- "ଛି ! ତାଙ୍କ ଘରକୁ କେହି ଯା'ନ୍ତିନି । ଜାଣିଛନ୍ତି, ଥରେ ସ୍ୱାମୀ ସ୍ତ୍ରୀ ରେଳଫାଟକ ପାଖରେ ଅପେକ୍ଷା କରିଥିଲେ ଯେ ଇଏ ମାଡ଼ାମ୍ ବାଇକ୍ ପଛରେ ଗୋଡ଼ ଉପରେ ଗୋଡ଼ ପକେଇ ବସିଥିଲେ । ସେଇଠି ଆଉ ଗୋଟେ ବାଇକ୍‌ରେ ପଛରୁ ତିନିଜଣ ଟୋକା ଆସି ଭିଡ଼ରେ ଗାଡ଼ି ପୂରେଇଲେ । ୟା'ଙ୍କ ଗୋଡ଼ ବାଜିଲାରୁ ସେମାନେ କହିଲେ, 'କ'ଣ ମାଡ଼ାମ୍, ସିଧା ହେଇ ବସିପାରୁ ନାହାନ୍ତି ? ଆଉ ଏମାନଙ୍କ ଦେହରେ ଗୋଡ଼ ବାଜୁଚି ।' ଏତିକିରେ ଓହ୍ଲେଇ ପଡ଼ି ସେ ପିଲା ଗାଲରେ ଇଏ ଚାପୁଡ଼ାଏ କଷି ଦେଲେ । ଟ୍ରେନ୍ ଚାଲିଯିବାରୁ ଭିଡ଼ ଭାଙ୍ଗିଗଲା ଓ ସମସ୍ତେ ଚାଲିଗଲେ ସିନା, ସେଦିନ ସଂଧ୍ୟାବେଳେ ସେ ପିଲାମାନେ ୟା'ଙ୍କ ଘରେ ପଶି ୟା'ଙ୍କୁ ଟଶାଓଟରା କଲେ ବୋଲି ଇଏ ଥାନାରେ ଫେରାଦ ହେଲେ । ହେଲେ ଲୋକ ଅନ୍ୟ କଥା କହୁଛନ୍ତି । ପୁଲିସ୍ କାଲେ କହିଲା, 'ଆପଣ ବାହାରୁ ଆସି ଲୋକାଲ୍ ଗୁଣ୍ଡାମାନଙ୍କ ସହ କାହିଁକି ଲାଗୁଛନ୍ତି ? ନାଁ, ଗାଁ ନଜାଣି ଏଫ୍.ଆଇ.ଆର୍. ଦେଲେ ଆମେ କଅଣ ଏନ୍‌କ୍ୱାରୀ କରିବୁ ?' ତାଙ୍କ ଘରକୁ ସେଇଦିନୁ କେହି ଯାଆନ୍ତିନି ।'

ଆଚ୍ଛା ! ଅଜଣା ସହରରେ ଏତେ ସହୁଛି, କିନ୍ତୁ ମତେ କିଛି କହିବନି । ସେ ଭଲଭାବରେ ଜାଣେ ଏଇଟା ମୋ' ସହର । ଏଇଠି ବାପଘର, ଏଇଠି ପାଖରେ ଶାଶୁଘର । ମୋ' ବାହାଘର ସବା ଆଗେ ହେଇଥିଲା ଓ ମୋର ସବୁ ସାଙ୍ଗ ଆସିଥିଲେ ବାହାଘରକୁ । ଚେଷ୍ଟା କରିଥିଲେ ମୋ ଫୋନ୍ ନମ୍ବରଟି ବି ସେ ପାଇପାରିଥାଆନ୍ତା । ହେଲେ, ନା ! ତା' ଅହଂକାର ତା'ର ସଂପତ୍ତି । ତାକୁ ସେ ଛାଡ଼ିପାରିବ ନାହିଁ । ମୁଁ ତା'ର ସୋସିଆଲ୍ ଆକାଉଣ୍ଟକୁ ବନ୍ଧୁତାର ଅନୁରୋଧ କରିଥିଲି ଓ ସେ ଗ୍ରହଣ କରିଥିଲା । ଥରେ ଦିଥର ଫୋନ୍‌ରେ ବି କଥା ହେଇଥିଲା ତା' ଝିଅର ଆଡ୍‌ମିଶନ୍ ବେଳେ । ସହରର ସବୁଠାରୁ ଭଲ ସ୍କୁଲ୍‌ରେ ସେ ଆଡ୍‌ମିଶନ୍ କରିବାକୁ ଚାହୁଁଥିଲା । ମୁଁ ମୋ' ପୁଅ ପଢୁଥିବା ସ୍କୁଲର ନାଁ କହିଥିଲି । 'ତୋ' ପୁଅ ଯୋଉଠି ପଢୁଛି ?' ସେ ଏମିତି କହିଲା ଯେମିତି ମୋ' ପୁଅ ପଢ଼ିବା ଯୋଗ୍ୟ ସ୍କୁଲ୍‌ଟି ତା' ଝିଅ ପଢ଼ିବା ପାଇଁ ଅଯୋଗ୍ୟ । ମୁଁ ଟିକେ ରୁଷ୍ଟ ହେଇ କହିଲି, 'ଶୁଣ୍ ଏଠି ଭଲ ସ୍କୁଲ୍ ନାଇଁ । ତୁ ତୋ' ଝିଅକୁ ଭୁବନେଶ୍ୱରରେ ପଢ଼ା । ତୁମ ଘର ବି ତ ସେଇଠି ଅଛି ।'

'କିଛି ନଜାଣିଲା ଭଳି କଥାବାର୍ତ୍ତା କରେନି । ତୁ ଜାଣୁ, ଆମେ ଘର ଛାଡ଼ି ଦେଇଚୁ ସବୁଦିନ ପାଇଁ । ସେମାନେ ଆମ ବାହାଘରକୁ ବିରୋଧ କଲେ, ଆମ ମୁହଁ ଚାହିଁବେ ନି କହିଲେ, ଆମେ ବି ସେଠିକୁ

ଯିବୁନୁ । ଦେଖିବା ଏଇଠି ପଢ଼େଇବି କୋଉଠି, ଯେତେଦିନ ୟା'ଙ୍କର ପୋଷ୍ଟିଂ ଏଇଠି ଅଛି ।'

ମୋ' ପୁଅ ତା' ଝିଅ ଠାରୁ ଚାରିବର୍ଷ ବଡ଼ ହେବ । ଥରେ ମାର୍କେଟ୍‌ରେ ଦେଖା ହେଇଥିଲା ତ ଚିହ୍ନାଇ ଦେଇଥିଲି ଦୁଇଜଣଙ୍କୁ । ଝିଅ ତ ମାଆ ଠାରୁ ଆଉଟିକେ ଫୁଲେଇ । ଶେଷରେ ସେଇ ସ୍କୁଲ୍‌ରେ ପଢ଼ିଲା । ଦିନେ ପୁଅକୁ ପଚାରିଲି, "କିରେ, ତୋର ୟୁବିକା ଦେଖା ହଉଚି ?" ପୁଅ କହିଲା, "କୁହନି ତା' କଥା, ତା' ସହ କେହି କଥା ହୁଅନ୍ତିନି ।"

- " କାହିଁକି ?"

- " ସେ ପରା ସମସ୍ତଙ୍କୁ ଚିଡ଼େ । ତା' ବ୍ୟାଗ୍ ବି କେହି ଛୁଇଁବେ ନି । ତା'ଠାରୁ ଘୁଞ୍ଚିକି ବସିବେ । ଟିକେ ଲାଗିଗଲେ ଟିଚରଙ୍କୁ କମ୍ପ୍ଲେନ୍ କରିଦବ । ଫୁଲେଇ ।" ଯେମିତି ମାଆ, ସେମିତି ଝିଅ । ଭାବିଲି, ହେଲେ କିଛି କହିଲିନି । ଛୁଆଟି ହେଲେ ଭଲ ମଣିଷ ହଉ ।

ଦିନେ ସେ ଫୋନ୍ କଲା । ଧମକେଇଲା ପରି କହିଲା "କ'ଣ ତୁ ଏବେ ବି କବିତା ଲେଖୁଛୁ ?"

- "ହଁ ! କାହିଁକି ?" ହସ ଲାଗିଲା ମତେ ।

- "ମୋ ସ୍ୱାମୀ ତୋ' କବିତାର ବଡ଼ ଫ୍ୟାନ୍ ଗୋଟେ । ସେଇ କହୁଥିଲେ ।"

- "ଓଃ !" ଏଇଟା ଏବେ ତା'ର ମୁଣ୍ଡବଥାର କାରଣ ହେଲା ତେବେ । ତା'ର ପିଲାଳିଆମି ଦେଖି ହସ ଲାଗିଲା । ତା'ର ସ୍ୱାମୀ କେତେଦିନ ତଳେ ବନ୍ଧୁତାର ଅନୁରୋଧ ପଠେଇଥିଲେ ଓ ମୁଁ ଗ୍ରହଣ କରିଥିଲି । ସେ ମୋ' କବିତାକୁ ପ୍ରଶଂସା କରିଛନ୍ତି ମାନେ ଚନ୍ଦ୍ରିକାକୁ ଏଇଟା ପସନ୍ଦ ହବ ନାହିଁ । ତେବେ, ତାକୁ ଏ ବିଷୟରେ କିଛି କହିହବ ନାହିଁ । ଚୁପ୍ ରହିଲି । କିଛି ଦିନପରେ ମୋ' ଦେହ ଟିକେ ଅସୁସ୍ଥ ହେଲା । କାଳେ 'ଷ୍ଟୋନ୍' ହୋଇଥିବ ଭାବି ଡକ୍ଟର 'ଅଲ୍‌ଟ୍ରାସାଉଣ୍ଡ୍ କରିବା ପାଇଁ କହିଲେ । ଚନ୍ଦ୍ରିକାର ସ୍ୱାମୀଙ୍କ ପାଥୋଲ୍ୟାବ୍‌କୁ ଗଲି । ସେ ନିଜେ ମୋର ଅଲ୍‌ଟ୍ରାସାଉଣ୍ଡ୍ କଲେ । ରିପୋର୍ଟ ଦେଲେ । କହିଲେ, "ଟିକେ ଓବେସିଟି କମାନ୍ତୁ ।" ମୁଁ ହସିଲି, କହିଲି "ମୁଁ ଚନ୍ଦ୍ରିକାର ସାଙ୍ଗ ।" ସେ କହିଲେ, "ଜାଣେ । ଆପଣ ଚମତ୍କାର କବିତା ଲେଖନ୍ତି ।" ମୁଁ ଧନ୍ୟବାଦ କହି ଫେରିଲି । ସେଦିନ ସଂଧ୍ୟାବେଳେ ଚନ୍ଦ୍ରିକା ଫୋନ୍ କଲା । କହିଲା, "ଅଲ୍‌ଟ୍ରାସାଉଣ୍ଡ୍ ପାଇଁ ଯାଇଥିଲୁ ?"

-ହଁ

-କାଇଁ ମତେ ତ କହିନୁ ?

- ହଠାତ୍ ଡକ୍ଟର କହିଲେ ତ ଚାଲିଗଲି । ଦେଖିଲା ବେଳକୁ ତୋ' ମିଷ୍ଟର ।

-ସେଇଟା ତାଙ୍କ କ୍ଲିନିକ୍ ବୋଲି କ'ଣ ତୁ ଜାଣି ନ ଥିଲୁ ?

ଏଥର ମତେ ସତରେ ରାଗଲାଗିଲା । କହିଲି, ତୁ କ'ଣ କହିବାକୁ ଚାହୁଁ ? ମୁଁ ସେଠି ଅଲ୍‌ଟ୍ରାସାଉଣ୍ଡ୍ ପାଇଁ ଯାଇଥିଲି । ପେସେଣ୍ଟ୍ ଭାବରେ । ପ୍ରେମ କରିବାକୁ ଯାଇ ନ ଥିଲି । ତୋ' ହଜବ୍ୟାଣ୍ଡ୍ ଜଣେ ଡକ୍ଟର । ସେ ପୁଣି ଗାଇନିକ୍ । ଦିନକୁ ଶହ ଶହ ମହିଳାଙ୍କୁ ଛୁଅଁନ୍ତି, ଟେଷ୍ଟ କରନ୍ତି, ପିଲା ଜନ୍ମ କରାନ୍ତି । ମହିଳାମାନଙ୍କ ସେନ୍‌ସିଟିଭ୍ ଜାଗାକୁ ଛୁଅଁନ୍ତି, ରୋଗର ଚିକିତ୍ସା କରନ୍ତି । କିନ୍ତୁ ସବୁଠୁ ବେଶି ରୋଗଗ୍ରସ୍ତ ହେଉଛି ତୋ' ମୁଣ୍ଡ, ଯୋଉଟା ତାଙ୍କର ଆଗେ ଚିକିତ୍ସା କରିବା କଥା । ଆଉ ଦିନେ ମତେ ଫୋନ୍ କରିବୁନି । ଆଇ ରିଅଲି ହେଟ୍ ୟୁ ।" ମୁଁ ରାଗି ଫୋନ୍ କାଟିଦେଲି । ସେ ମତେ ସବୁ 'ସୋସିଆଲ୍ ସାଇଟ୍'ରେ ବ୍ଲକ୍ କରିଦେଲା । ତା' ସ୍ୱାମୀଙ୍କ ଆକାଉଣ୍ଟ୍‌ରୁ ମଧ୍ୟ । ମୁଁ ତା'ର ଫୋନ୍ ନମ୍ବର ବ୍ଲକ୍ କଲି । ବଦଳିଗଲା ବନ୍ଧୁତାର ପରିଭାଷା ।

ତିନୋଟି ଚାନ୍ଦ ପରେ ମୋର ଓଡ଼ିଶା ପ୍ରଶାସନିକ ସେବାରେ ନିଯୁକ୍ତି ହେଇଗଲା । ଧୀରେ ଧୀରେ ପଦୋନ୍ନତି ପାଇ ମୁଁ ଶିକ୍ଷାବିଭାଗର ସେକ୍ରେଟାରୀ ହେଲି । ତାଙ୍କ କଲେଜ୍‌ର କିଛି ଅସ୍ଥାୟୀ କର୍ମଚାରୀଙ୍କର 'ସର୍ଭିସ୍ ବୁକ୍' ମୋ' ପାଖକୁ ଆସିଥିଲା । ଭାଲିଡେସନ୍ ଆକ୍ଟ ଅନୁସାରେ ସେମାନେ ସ୍ଥାୟୀ ହୋଇଯିବା କଥା । ସେସବୁ ଭିତରେ ଚନ୍ଦ୍ରିକାର ଫାଇଲ୍ ଥିଲା । କିନ୍ତୁ ତା'ର ସର୍ଭିସ୍‌ବୁକ୍, ପର୍ସନାଲ୍ ଫାଇଲ୍ ସବୁ କାରଣ ଦର୍ଶାଅ ନୋଟିସ୍, ବିଭିନ୍ନ ଅଧ୍ୟକ୍ଷଙ୍କ ଅସନ୍ତୋଷଭରା ମନ୍ତବ୍ୟରେ ଭରା ଥିଲା । ବର୍ତ୍ତମାନର ଅକ୍ଷଙ୍କ ତରଫରୁ ମଧ୍ୟ ଅଲଗା ଚିଠି ଆସିଥିଲା ତା'ର ଅନିୟମିତତା ଓ ଅବଜ୍ଞାମୂଳକ କାର୍ଯ୍ୟକୁ ନେଇ । ଅନେକ ପୂର୍ବରୁ ତା'ର ନିଯୁକ୍ତି ସ୍ଥାୟୀ ହୋଇଯିବାର ଥିବା ସ୍ଥଳେ, ଏଇସବୁ କାରଣରୁ ପ୍ରତିଥର ବାଦ୍ ପଡ଼ିଯାଇଥିଲା ତା'ର ଫାଇଲ୍ । ଏପରି ଏକ ଚରିତ୍ର ପଞ୍ଜିକା ସତ୍ତ୍ୱେ ତା'ର ଚାକିରିଟି କିନ୍ତୁ ବଞ୍ଚରହିଥିଲା ତାକୁ ବାହାର କରିବା ଅର୍ଥ ଅଯଥାଗୁଡ଼ାଏ ବିବାଦକୁ ଡାକିଆଣିବା । ସେ କେଶ୍ କରିବ, ସେ କେଶ୍ ଲଢୁଲଢୁ ଲୋକଙ୍କ ଚାକିରି ସରିଯାଇଥିବ । ମୁଁ ଏବେ କ'ଣ କରିବି ଭାବୁଥିଲି । ପ୍ରିନ୍‌ସିପାଲ୍ ନିଜେ ରେକମେଣ୍ଡ୍ କରିଛନ୍ତି ନ କରିବା ପାଇଁ । ଇଲେକ୍ସନ୍ ଆସୁଥିଲା ଓ ବାକି କାମ ସବୁ ଶୀଘ୍ର ସାରିବାକୁ ଆମକୁ ମନ୍ତ୍ରୀମଣ୍ଡଳରୁ ଚାପ ପଡୁଥିଲା । ଏମିତିରେ ଦିନେ ତାଙ୍କ କଲେଜର କିଛି ଅଧ୍ୟାପକ ମତେ ଭେଟିବାକୁ ଆସିଥିଲେ । ମୁଁ ଚନ୍ଦ୍ରିକା କଥା ପଚାରିଲି । ସେମାନେ କହିଲେ, "ମାଡ଼ାମ୍, ତାଙ୍କ କଥା କୁହନ୍ତିନି । ସେ ତାଙ୍କ ମର୍ଜିର ମାଲିକ । ମନ ହେଲେ କ୍ଲାସ୍ ନେବେ, ନ ହେଲେ ନାଇଁ । ପରୀକ୍ଷା ଡ୍ୟୁଟି ଇଚ୍ଛା ହେଲେ କରିବେ, ନ ହେଲେ ନାଇଁ । ସମସ୍ତଙ୍କ ସହ ଝଗଡ଼ା, ଓଲଟା ଜବାବ୍, କାରଣ ଦର୍ଶାଅ ନୋଟିସ୍‌କୁ ବି ଅବଜ୍ଞା । କେମିତି ଆଉ ଚାକିରୀ ହବ କହୁ ନାହାନ୍ତି ?"

"ତା' ସ୍ୱାମୀ ଜଣେ ଡାକ୍ତର । କ୍ଲିନିକ୍‌ରେ ଭଲ ରୋଜଗାର । ସେଥିପାଇଁ ବୋଧେ ତା'ର ଜବ୍‌ରେ ମନ ନାହିଁ ।" ମୁଁ କହିଲି ।

- "ନାଁ ମାମ୍ । ତାଙ୍କ କ୍ଲିନିକ୍ ପରା ସିଜ୍ ହେଇଗଲା । ବହୁତ ଇଲିଗାଲ୍ କାମ ସେଠି ହଉଥିଲା । ଲିଙ୍ଗ ନିରୂପଣ, ଗର୍ଭପାତ, ସବୁ ।

ତାଙ୍କ ସ୍ୱାମୀଙ୍କୁ ଛଅମାସ ସସ୍‌ପେଣ୍ଡ୍ କରାଯାଇଥିଲା । ଏବେ ଫୁଲବାଣୀ ବଦଳି କରିଦିଆଯାଇଛି । ସେଥିରେ ବି ଅହଂକାର ଟିକେ କମି ନାହିଁ ତାଙ୍କର ।”

– “ଓଃ ! ଶୁଣି ଦୁଃଖ ଲାଗିଲା ।”

– “ଆପଣ କାହିଁକି ଦୁଃଖୀ ହେଉଛନ୍ତି ମାଡ଼ାମ୍ ? ଆମେ ଜାଣିବୁ ସେ ଆପଣଙ୍କର ସାଙ୍ଗ । ତାଙ୍କୁ ପ୍ରିନ୍‌ସିପାଲ୍ କହିଲେ ଆପଣଙ୍କୁ ଆସି ଥରେ ଦେଖା କରିଯିବାକୁ । ହେଲେ ସେ କହିଲେ “ମୁଁ ଜାଣିଚି, ସେ ମୋର କରିବ ନି । ମୁଁ କାହିଁକି ତାକୁ ତେଲ ମାରିବାକୁ ଯିବି ?”

ନିୟମକାନୁନ୍ ଦେଖିଲେ ତା’ର ନିଯୁକ୍ତିକୁ ରଦ୍ଦ କରିଦବା କଥା । ମାତ୍ର ଆଉ ସବୁ ଫାଇଲ୍‌ଗୁଡ଼ିକ ପୁଟ୍ ଅପ୍ କରିଦେଇ ସେଇଟି ‘ରିଭାଇଜ୍’ ପାଇଁ ପଠେଇଦେଲି । ମାତ୍ର ନା ଫାଇଲ୍ ଫେରିଲା, ନା ସେ ଆସିଲା । ମୋର ମଧ୍ୟ ପ୍ରମୋଶନ ହେଇ ଅନ୍ୟ ବିଭାଗକୁ ବଦଳି ହେଇଯାଇଥିଲା । ତା’ କଥା ଏକ ପ୍ରକାର ମୁଁ ଭୁଲିଯାଇଥିଲି । ହେଲେ କିଛି ବର୍ଷ ପରେ ସେ ପୁଣି ଚର୍ଚ୍ଚାକୁ ଆସିଲା । ସ୍ୱାମୀଙ୍କର ଅନ୍ୟତ୍ର ସଂପର୍କ ଅଛି ଭାବି ସେ କେଉଁ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିଲା । କଥା ବଢ଼ି ପୋଲିସ୍ ପର୍ଯ୍ୟନ୍ତ ଯାଇଥିଲା । ମିଡ଼ିଆବାଲା ବାରମ୍ବାର ଏମାନଙ୍କ ବାଇଟ୍ ଦେଇ ଟି.ଭି, ଇଣ୍ଟରନେଟ୍‌ରେ ଦେଖାଉଥିଲେ । ସେ ଟିକେ ବୟସ୍କ ଦେଖାଯାଉଥିଲା । କିନ୍ତୁ କଥାରେ ସେଇପରି ଅହଂକାର, ସେହିପରି ବେଖାତିର୍ ଭାବ । ତା’ର ଝିଅ ଏବେ କଲେଜ୍ ପଢ଼ିବଣି । ଏସବୁ ଝାମେଲାରେ ତା’ର ମାନସିକ ସ୍ଥିତି କଅଣ ଯେ ହେଉଥିବ ଭାବି ବିରକ୍ତ ଲାଗୁଥିଲା । କିଛି ଲୋକ ବୋଧେ ଏମିତି ହିଁ ଥାଆନ୍ତି । ଚଳିତଳାନ୍ତ ହେଲେ ମଧ୍ୟ, ମରିବାକୁ ଗଲେ ମଧ୍ୟ ସେମାନେ ତାଙ୍କ ପ୍ରକୃତି ଛାଡ଼ନ୍ତିନାହିଁ । ବିରକ୍ତିରେ ଟିଭିଟାକୁ ବନ୍ଦ କରିଦେଲି ।

ଅଧ୍ୟାପିକା (ଇଂରାଜୀ)
ବ୍ୟାସନଗର ସ୍ୱୟଂଶାସିତ
ମହାବିଦ୍ୟାଳୟ, ଯାଜପୁର
ମୋ.:୭୭୩୫୭ ୩୪୯୬୪

କ ବି ତା

ଷଡ଼ଯନ୍ତ୍ର

ରଶ୍ମି ସାହୁ

ମୋତେ ରହସ୍ୟ ବିଜଡ଼ିତ କରି
ମୋ ଭିତରେ ଥିବା ତୁମେ
ଦିଶୁଥାଅ କିନ୍ତୁ ଖୁବ୍ ଅସହାୟ

ନିୟତିର ତାରାଫୁଲ ପକା
ଫ୍ରକ୍ ଖଣ୍ଡେରେ ସଜେଇଦେଇ
ସାମ୍ନାକୁ ଠେଲିଦିଅ ଧୂମ୍ରାଭ ସ୍ୱର୍ଶ ଟିକିଏ ଦେଇ ।

ମୁଣ୍ଡ ଉପରେ ଝୁଲୁଥାଏ ଆକାଶ
ଆକାଶରୁ ଲମ୍ବି ଆସିଥାଏ
ଅଦୃଶ୍ୟ ଏକ ତୀକ୍ଷ୍ଣ ତରବାରୀ
ଏଇ ମାତ୍ର ଖସିବ ଖସିବରେ
ଏକାକାର ଏଠି ସ୍ୱାଦ ଆଉ ସ୍ୱେଦ...

ମୋର ଉତୁରି ପଡୁଥିବା ପ୍ରାର୍ଥନାର
ଅନ୍ତିମ ଉଚ୍ଚାରଣ ଶୁଣି
ଖୁବ୍ ନିର୍ମଳ ଭାବେ କରୁଣ ଦିଶ ତୁମେ
ମୁକୁଳିଯାଅ ଭିତରୁ ମୋର
ଦେହଲଗ୍ନାରୁ ହୋଇଯାଅ ଶୂନ୍ୟବାସ ।

ଦୃଶ୍ୟପଟ କେବଳ ଛଳନାର ଲକ୍ଷ୍ୟରେ ଅଲକ୍ଷ୍ୟରେ
ଷଡ଼ଯନ୍ତ୍ରରେ ବଦଳୁଥାଏ
ଅନନ୍ତ ଆଦିମ ଅବସୋସ ।

ପ୍ରଶ୍ନଟିଏ ନିଜ ସକାଶେ
ତିଆରିବା ବେଳେ
ରୁଦ୍ଧହୁଏ ଆବେଗ
ରିକ୍ତପଣରେ ପ୍ରସରି ଆସିଥିବା ତୀକ୍ଷ୍ଣତାରେ
ଦିଶୁଥାଏ କେବଳ ତୁମରି ମୁଁହ ।

ମୁଖାପିନ୍ଧା ପଳାତକ ତୁମେ
ଦୁଆର ଖୋଲି ଖସିଯିବାର କଳା ତୁମକୁ ବେଶ୍ ଜଣା
ଧୀରେ ଧୀରେ ଅପସରି ଗଲେ ଛାଇ
ବୁଝିବାରେ ଖୁବ୍ କଷ୍ଟହୁଏ
ତୁମେ ଶୁକ୍ଲପକ୍ଷ ନା କୃଷ୍ଣପକ୍ଷଟିଏ !

ଇ/୩୧, ସେକ୍ଟର -୬
ରାଉରକେଲା-୨
ମୋ.: ୭୦୦୮୯ ୫୮୦୪୦

ଆଧୁନିକ ଓଡ଼ିଆ କବିତାରେ

ଭାଷା ବୈଚିତ୍ର୍ୟ

ସୌଭାଗ୍ୟବନ୍ତ ମହାରଣା

ଭାଷାର ବୈଚିତ୍ର୍ୟ ଭିତରେ ଅହରହ ଝଲୁଥାଏ ଶବ୍ଦ, ଭାବ, ଅନୁଭବ, ଆବେଗ ଓ ଶୈଳୀର ନିଃଶ୍ୱାସ ଯାହା ଭାଷାର ସୌନ୍ଦର୍ଯ୍ୟ, ବିବିଧତା ଓ ନାନ୍ଦନିକତାକୁ ପରିପୁଷ୍ଟ କରେ କବିତାର ପୃଷ୍ଠଭୂମିରେ । ବିଶେଷତଃ, କବିତାର ସର୍ଜନାରେ ଆବେଗ, ଅନୁଭବ, ଶୈଳୀ ଓ ଚିତ୍ରକଳ୍ପର ଯଥାର୍ଥ ପ୍ରୟୋଗ ଭାଷାର ସୌନ୍ଦର୍ଯ୍ୟ ଓ ନାନ୍ଦନିକ ମୂଲ୍ୟବୋଧକୁ ଏକ କଳାତ୍ମକରୂପ ପ୍ରଦାନ କରିଥାଏ । ଏଇ ପରିପ୍ରେକ୍ଷୀରେ ଫରାସୀ କବି ଓ ସମାଲୋଚକ ପଲ୍‌ଭାଲେରିଙ୍କ ମନ୍ତବ୍ୟ ଯୁକ୍ତିଯୁକ୍ତ ମନେହୁଏ । "Poetry is the art of language." କବିତା ହିଁ ଭାଷାର ଗୋଟେ କଳାତ୍ମକ ପରିପ୍ରକାଶ । ଏହି କଳାତ୍ମକ ପରିପ୍ରକାଶ ମଧ୍ୟରେ କବିତାକୁ ସଜେଇ ଦିଆଯାଇଛି ବିବିଧ ଚିତ୍ରକଳ୍ପ, ଉପମା, ମେଟାଫର, ପ୍ରତୀକ ଓ ମିଥ୍ ମାଧ୍ୟମରେ ଆଧୁନିକ ଓଡ଼ିଆ କବିତାରେ ଭାଷାର ବର୍ଣ୍ଣାଳୀ ଓ ବିବିଧତା ମଧ୍ୟରେ । ଦୁଇଟି ବିଶ୍ୱଯୁଦ୍ଧର ଧ୍ୱଂସାବଶେଷର ନଷ୍ଟଭୂମି (Waste Land) ସୃଷ୍ଟି କରିଛି ମଣିଷ ଭିତରେ ଅସହାୟତା, ବିଚ୍ଛିନ୍ନତାବୋଧ, ଅସ୍ଥିରତା, ଅବିଶ୍ୱାସ, ଅସୂୟା, ଅଶାନ୍ତି ଓ ଅଥର୍ବତା । ମାଟିର ମହାକବି ସଚ୍ଚି ରାଉତରାୟ ୟୁରୋପୀୟ ଆଧୁନିକତାକୁ ଆଣି ଓଡ଼ିଶା ମାଟିରେ ପ୍ରୟୋଗ କରିଛନ୍ତି ତାଙ୍କ ଯୁଗାନ୍ତକାରୀ କବିତା 'ପ୍ରତିମା ନାୟକ' ଓ 'ଅଳକା ସାନ୍ୟାଲ୍'ରେ । ଏଇ କବିତାମାନଙ୍କ ଭିତରେ ଓଡ଼ିଆ ଭାଷାର ବୈଚିତ୍ର୍ୟ ଓ ଶବ୍ଦମାନଙ୍କ ଗାମ୍ଭୀର୍ଯ୍ୟ ତଥା ଚିତ୍ରକଳ୍ପଗୁଡ଼ିକର ଚମତ୍କାର ପ୍ରୟୋଗକୁ ଲକ୍ଷ୍ୟ କରାଯାଇପାରେ ।

ଓଡ଼ିଆ ସାହିତ୍ୟର ବରେଣ୍ୟ କବି ସଚ୍ଚିଦାନନ୍ଦ ରାଉତରାୟ ତାଙ୍କ ପାଣ୍ଡୁଲିପି କବିତା ସଙ୍କଳନର "ପ୍ରତିମା ନାୟକ"କବିତାରେ ଜୀବନ ଯନ୍ତ୍ରଣାରେ ଛଟପଟ ହେଉଥିବା ଓ ଅସହାୟ ସମୟର ଜ୍ୱାଳା ଭୋଗୁଥିବା ପ୍ରତିମା ନାୟକଙ୍କ ସଂପର୍କରେ ନିମ୍ନୋକ୍ତ ପଂକ୍ତି ଲେଖିଛନ୍ତି ଯାହା ସାମାଜିକ ବାସ୍ତବତାର ଏବଂ ଭାଷା ଓ ଚିତ୍ରକଳ୍ପ ପ୍ରୟୋଗର ଏକ ବଳିଷ୍ଠ ଉଦାହରଣ ।

> ହଠାତ୍ ଯେ ଦେଖାହେଲା ବହୁଦିନେ ପ୍ରତିମା ନାୟକ
> ମୁଖେ ତା'ର ବ୍ରଣଦୃଷ୍ଟ ହାତରେ ତା' ଚମଡ଼ାର ବ୍ୟାଗ
> ଶୀର୍ଣ୍ଣ ସଦାଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ
> ତନୁ ତା'ର ରୋଗଜୀର୍ଣ୍ଣ, ବ୍ରଣେ ତା'ର ମ୍ଳାନ ମୁହଁ ଯାକ
> ଶ୍ଳଥ, ରକ୍ତ ଦେହ - ଶିଖା ଢାଙ୍କି ଅଛି ଖାକିର ପୋଷାକ ।
> - ପ୍ରତିମା ନାୟକ

ବିପ୍ଳବାତ୍ମକ ଚିନ୍ତାଧାରାର ମୂର୍ଦ୍ଧନ୍ୟ କବି ସଚ୍ଚି ରାଉତରାୟ ଶୋଷଣନୀତି, କୁଲି, ମୂଲିଆ, ଗରୀବ ପ୍ରଜା ଝଷୀଙ୍କ ଦୁଃଖରେ ମ୍ରିୟମାଣ ହୋଇ ନିଜ ବିଦ୍ରୋହୀ ଅଙ୍ଗୀକାରକୁ ନିମ୍ନୋକ୍ତ ଭାବରେ ପ୍ରକାଶ କରିଛନ୍ତି ନିଜ କବିତା "ବିପ୍ଳବର ଜନ୍ମଦିନେ" ।

> ଆଗରେ ତୋର ଲାଲ ଫଉଜ
> ଉଡ଼ାରେ ତୋର ରକ୍ତଧ୍ୱଜା



ଶୋଷଣ ନୀତି କଙ୍କାଳରେ
ଅସ୍ତ୍ର ତୋର ପଜାରେ ପଜା,
ଶକ୍ତ କରି ହାତରେ ମୁଠା
ଲାଲ୍ ଝଣ୍ଡା ତୁ ଉଠାରେ ଉଠା
ଏଇ ଦେଶର ମାଲିକ ଋଷୀ
ମୂଲିଆ, କୁଲି, ଗରିବ ପ୍ରଜା ।

– ବିପ୍ଳବର ଜନ୍ମଦିନେ (ରକ୍ତଶିଖା)

ଏଇ କବିତାଂଶରେ କବିଙ୍କ ଭାଷା ସୁବୋଧ୍ୟ, ସରଳ ଓ ବହ୍ନିମୟ ହୋଇ ପାଠକଙ୍କୁ ବିଦ୍ରୋହୀ ଚେତନାରେ ସାମିଲ୍ କରୁଛି ।

ଆଧୁନିକ ଓଡ଼ିଆ କବିତାରେ ଗୁରୁପ୍ରସାଦ ମହାନ୍ତି ନୂତନ କବିତାର ଜଣେ ଧାରାପ୍ରବର୍ତ୍ତକ (Trendsetter) ଯିଏ କବିତାରେ ଗୋଟିଏ ଶବ୍ଦକୁ ବାରମ୍ବାର ପ୍ରୟୋଗ କରି ତାଙ୍କ କାବ୍ୟବୋଧ ଓ ଶୈଳୀରେ ଆଶ୍ଚର୍ଯ୍ୟଜନକ ଚମକ ଓ ଉଲ୍ଲାସ ଭରିଦେଇଛନ୍ତି । ପ୍ରେମ ଓ ରୋମାଣ୍ଟିକ ଚିନ୍ତାଧାରା ତଥା ମାନବିକ ଉଦ୍‌ବେଳନରେ ତାଙ୍କ କବିତା ବାସ୍ତବିକ ଉର୍ଜାସ୍ୱଳ ହୋଇପାରିଛି । 'କାଳପୁରୁଷ' କବିତାରେ ଗୁରୁପ୍ରସାଦଙ୍କ ଏ ପଂକ୍ତିଗୁଡ଼ିକ ସତେ କେତେ ପ୍ରଭାବଶାଳୀ ମନେ ହୁଅନ୍ତି ମୃତ୍ୟୁ ଚେତନାର ପ୍ରେକ୍ଷାପଟରେ ।

ବାହାରେ କାହାର ଶବ୍ଦ ?/ନୁହେଁ, ନୁହେଁ କେହି ନୁହେଁ .....
ମୁଁ କିନ୍ତୁ ପାରୁଛି ଶୁଣି ଏହି ବର୍ଷା ଝଡ଼ ତଳେ
ହାଡ଼ ତଳେ, ଆଉ ମାଂସ ତଳେ ଶବ୍ଦ ସମୟର .....
ଆଜି ଭାରି ନିଛାଟିଆ / ଡରମାଡ଼େ, ଜଲ୍‌ଦି କଥା କୁହ
ମୁଁ ଶୁଣେ କାନରେ ମୋର ଠିକ୍ ମୋର ପଛ ଆଡ଼
ପାଦ ଶବ୍ଦ ସମୟର, ଚୁପ୍‌ଚାପ୍ କଥା ସମୟର ।

– କାଳପୁରୁଷ

'ଅଷ୍ଟପଦୀ' ଲବ୍ଧପ୍ରତିଷ୍ଠ କବି ସୀତାକାନ୍ତ ମହାପାତ୍ରଙ୍କ 'ମିଥ୍' ନିର୍ମାଣର ଏକ ଚମତ୍କାର କବିତା ସଙ୍କଳନ ଯେଉଁଠି ମିଥ୍‌ର ପ୍ରୟୋଗ ତାଙ୍କ କବିତାକୁ କରିଛି ମହାର୍ଘ ଓ ମହତ୍ତ୍ୱପୂର୍ଣ୍ଣ ଭାଷାର ବୈଚିତ୍ର୍ୟ ଭିତରେ ।

ଆଜି ସତେ ମଳିନ ଏ ପୋଡ଼ାଜଳା
ଅପରାହ୍ଣ ପ୍ରାନ୍ତରରେ
ଶ୍ୟାମଘନ ବଉଦର ପ୍ରାଣଛୁଆଁ ଛାଇ
ହାଟୁଆରି କୂଳେ ଜାତ ଆଜନ୍ମ କୁବୁଜା
ମୋର ମନଯାଏ କଦମ୍ବ କୁସୁମ ସମ
ଉଲ୍ଲସିତ, ମୁକୁଳିତ ହୋଇ ।

– କୁବୁଜାପାଇଁ ଗୋଟିଏ ସଙ୍ଗୀତ

ଯୁଗଚେତନାର କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' କବିତା ଯେତେ ପ୍ରେମମୟ, ରୋମାଣ୍ଟିକ୍ ସେତେ ଭାବସ୍ନିଗ୍ଧ ଭାଷାର ଏକ କୋମଳ ଅନୁଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଧାକୃଷ୍ଣଙ୍କ ପ୍ରେମତତ୍ତ୍ୱ ଭିତରେ ରମାକାନ୍ତ ରଥଙ୍କ ସରଳ ଶବ୍ଦବିନ୍ୟାସ ଓ ଅନ୍ତଃର୍ଭଦୀ ଗଭୀର ଚେତନା ପାଠକଙ୍କୁ ପୁଲକିତ କରିବାର ସାମର୍ଥ୍ୟ ରଖେ ।

ତମେ ମତେ ଯେଉଁଥର ପ୍ରଥମେ ଛୁଇଁଲ
ମୋ ଭିତରେ ରହିଥିବା ସବୁ ଶୂନ୍ୟସ୍ଥାନ
ହଠାତ୍ ମୁଖର ହେଲା, ପ୍ରତ୍ୟେକ ଦିଗରୁ
ତମେ ମତେ ଡାକୁଥିବା ପରି ଜଣାଗଲା
ମୁଁ ଯାହା ହୁଅନ୍ତି ତା'ର ଆକାଂକ୍ଷା ଭିତରୁ ।

– ଶ୍ରୀରାଧା

"ଗ୍ରାମପଥ" ଏକ ବହୁ ଚର୍ଚ୍ଚିତ କବିତା ବିଶିଷ୍ଟ କବି ବିନୋଦ ନାୟକଙ୍କର ଯିଏ ମାମୁଘର ଗାଁରେ ପଲ୍ଲୀଚେତନାର ଚିତ୍ରାୟନ କରିଛନ୍ତି ସୁନ୍ଦର ଓ ମନୋଜ୍ଞ ଭାଷାରେ ପାଠକଙ୍କୁ ଆହ୍ଲାଦିତ କରିବାକୁ । ଏ କବିତାର ଭାଷାର ସୌନ୍ଦର୍ଯ୍ୟ ସତେ କେତେ ହୃଦୟସ୍ପର୍ଶୀ !

ବନ୍ଦନା ତତେ କରଇରେ ଗ୍ରାମପଥ
ବାଳକ ବେଳର ହେ ମୋ' ପ୍ରିୟ ସାଥୀ
ଅଯୁତ ଦଣ୍ଡବତ ;
ତରୁଣ ଦିନର କେଳି କୁଂଜ ତୋ'
ତନୁ କର୍ପୂର ରେଣୁ
ତୋର ବେଣୁବନ ବିତାନେ ମୁଁ ଆଜି
କ୍ଲାନ୍ତ ଦିବସ
ଯାପନରେ ଉପଗତ ।

– ଗ୍ରାମପଥ

ସୌଭାଗ୍ୟ କୁମାର ମିଶ୍ରଙ୍କ ଚମତ୍କାର କାବ୍ୟ ସଙ୍କଳନ 'ଅନ୍ଧ ମହୁମାଛି'ର ଶୀର୍ଷକ କବିତାଟି ଏବେ ମଧ୍ୟ ପ୍ରାଣକୁ ଛୁଇଁଯାଏ ଏହାର ଭାବ, ଭାଷା, ଶୈଳୀ ଓ ଚିତ୍ରକଳ୍ପର ମନଛୁଆଁ ପ୍ରୟୋଗରେ । ଏହା ଯେମିତି ଭାବଗର୍ଭକ ସେମିତି ସାରଗର୍ଭକ ।

ସବୁଠି ମହୁ କଟକରେ, କଦମ୍ବରେ, ଖଟରେ, ଖଳାରେ
ଗୁମାନରେ, ଗରୁଡ଼ ସ୍ତମ୍ଭରେ, ଘଣ୍ଟାରେ, ଘିଅରେ, ଚେରରେ, ଚିନ୍ତାରେ

x x x x x

ବଂଶୀରେ, ବିବାଦରେ, ଭୋରରେ, ଭୟରେ
ମେଘରେ, ମନ୍ଦିରରେ, ଯୋନିରେ, ଯାତ୍ରାରେ
ରତିରେ, ରେରେକାରରେ, ଲୋଭରେ, ଲାଭରେ

x x x x x

ହୋମରେ, ହନନରେ, କ୍ଷତିରେ, କ୍ଷମାରେ
ସବୁଠି ମହୁ
ଫୁଲରେ, କୁଷ୍ଠରୋଗୀର ଘା'ରେ ।

– ଅନ୍ଧ ମହୁମାଛି

ଓଡ଼ିଆ ସାହିତ୍ୟରେ ସରୋଜ ରଂଜନ ମହାନ୍ତି ଜଣେ ଆଗଧାଡ଼ିର କବି ଯାହାଙ୍କ କବିତାର ମୁଗ୍ଧପଣ ଅନେକ ପାଠକଙ୍କୁ ବାନ୍ଧିରଖେ । 'ହୃଦୟେଶ୍ୱରୀ' ତାଙ୍କ ଏକ ପ୍ରେମ କବିତା ଯାହା ଭାବ ଓ ପ୍ରୀତିରେ ପାଠକଙ୍କୁ ଆପ୍ଲୁତ ଓ ଉଲ୍ଲସିତ କରେ । ତାଙ୍କ ଅନେକ କବିତାରେ ଯାଦୁକରୀ ସ୍ପର୍ଶ ବେଶ୍ ପ୍ରଶଂସାଯୋଗ୍ୟ ।

ଦେହ ଯଦି ପାପରେ ହୃଦୟେଶ୍ୱରୀ,
ପ୍ରୀତିର ବାରିଦ ଲାଗି
ଦୁଇଟି ମେଘରେ ତାକୁ ରୂପାନ୍ତର କରିଦେଲେ ତାହା
କାମନାର ହିମାଦ୍ରି ମଥାକୁ ଛୁଇଁ ବହି ଆସି
ତୋ ମନର ଗଙ୍ଗାଧାର ହୋଇ / ଧୋଇ ଦେବ
ସବୁ ପାପ, ସବୁ ଅପରାଧ ଏବଂ
ତୁ ପାଲଟି ଯିବୁ
ମୋର ଦେହ - ଦେଉଳର ଜୀବନ୍ତ - ଈଶ୍ୱରୀ ।

- ହୃଦୟେଶ୍ୱରୀ

ଶବ୍ଦ, ଭାବ, ଭାଷାର ଯାଦୁକର କବି ରାଜେନ୍ଦ୍ର କିଶୋର ପଣ୍ଡା । ତାଙ୍କ ଅନେକ କବିତାରେ ଭାବ, ଶବ୍ଦ, ଭାଷାର ମାୟାଭୂମିରେ ଗଜୁରିଯାଏ ସୁବାସିତ ଫୁଲଙ୍କ ସମାରୋହ । ଶବ୍ଦ ଓ ଭାଷାର ବିବିଧତାକୁ ନେଇ କବିତାର ସୌନ୍ଦର୍ଯ୍ୟରେ ତାଙ୍କ ବହୁ ଚର୍ଚ୍ଚିତ କାବ୍ୟ ସଙ୍କଳନ "ଅନବତାର ଓ ଅନ୍ୟଅନ୍ୟ" ପାଠକ ମହଲରେ ଖୁବ୍ ପ୍ରଭାବ ପକେଇଥିଲା ଏହା ଭାଷାର ସୌନ୍ଦର୍ଯ୍ୟ ଭିତରେ ଶବ୍ଦର ଅନନ୍ୟତା ଓ ଶୈଳୀର ଚମତ୍କାରିତା ପାଇଁ । ସେଇ ସଙ୍କଳନର "କିମ୍ବଦନ୍ତୀ" କବିତାର କିଛି ପଂକ୍ତି ଏବେ ମଧ୍ୟ ବାରି ହୋଇଯାଏ ସମୟର ଉଠାଣି ଗଡ଼ାଣି ଭିତରେ ।

ପକ୍ଷୀ ଉଡ଼େ ଫୁର୍‌ର ।
ଫୁର ଉଡ଼ା ପକ୍ଷୀର ଥଣ୍ଟରେ
ଛଟପଟ କୀଟ ହେବାଠାରୁ
ନଡ଼ବଡ଼ କୁଟା ହେବା ଭଲ ।
X X X
ସବୁ କାମନାମାନଙ୍କର ଗୁଣିତକ ।
ଗ: ସା: ଗୁ, ଲ: ସା: ଗୁ
କ.ବ.ଚ. ଭୁଲି ମନର
କବଚ ଦେହକୁ ଆପେ ଆପଣାର ।

- କିମ୍ବଦନ୍ତୀ

ପ୍ରେମ ଓ ବିରହର ମଧୁର ସମ୍ମୋହନ ଏବଂ ରାଧାକୃଷ୍ଣ ପ୍ରେମଭାବର ଅନିନ୍ଦ୍ୟ ଚେତନାର କବି ହେଉଛନ୍ତି ଫନୀ ମହାନ୍ତି । ତାଙ୍କ ପ୍ରେମ ଦେହାତୀତ ହେଲେବି ଖୁବ୍ ମୁଗ୍ଧ କରେ ପାଠକଙ୍କୁ । ତାଙ୍କ "ପ୍ରିୟତମା" କବିତା ସଙ୍କଳନର ଅନେକ କବିତା ଦେହ ଓ ମନକୁ ନେଇ ରଚିତ ହୋଇ ପାଠକଙ୍କୁ ବେଶ୍ ପୁଲକିତ କରିଛି ।

ଖୋଲିଦିଅ ପ୍ରିୟତମା ତମ ଗଭା
ଆଦ୍ୟ ଆଷାଢ଼ରେ, ଘନ କଳା ଚିକ୍କଣ
କେଶରୁ ଶିରି ଶିରି ଝରିପଡୁ ମୁକ୍ତାର
ଫସଲ, ଆକାଶରେ ଘମାଘୋଟ
ମେଘର ଛଗଲ୍, ପୃଥିବୀର ଛାତିଫାଡ଼ି
ମହ ମହ ଭାସି ଆସେ ମାଟି ଗନ୍ଧ
ଉତ୍ତେଜିତ ମନ ଓ ବୟସ
ଆସ ପ୍ରିୟତମା,
ମୁକୁଳା ଗଭାରେ ତୁମ ଫୁଲଟିଏ
ଖୋସିଦେବି, ଅପାସୋରା ଆମ ସ୍ମୃତି
ଜୀବନ ନଈରେ ଭାସେ ଅବାରିତ / ଦୁଃଖର ଜାହାଜ ।

- ପ୍ରିୟତମା

ଆଧୁନିକ ଓ ଉତ୍ତର ଆଧୁନିକ ଓଡ଼ିଆ କବିତାରେ ହର ପ୍ରସାଦ ଦାସ ଏକ ବିଚକ୍ଷଣ ଓ ଚର୍ଚ୍ଚିତ କବି ଯାହାଙ୍କ ଭାଷା ଓ ଶୈଳୀ ଓଡ଼ିଆ କବିତାକୁ କରିଛି ପରିପୁଷ୍ଟ ଓ ଗତିଶୀଳ । ତାଙ୍କ ପ୍ରତିଟି କବିତାରେ ଚେତନାର ଭିନ୍ନତା ଓ ଅନିନ୍ଦିତା ଦୃଷ୍ଟି ଗୋଚର ହୁଏ । "ହାର୍‌ମୋନିୟମରେ ତୋଡ଼ି" କବିତା ସଙ୍କଳନର "ଏରସ୍‌ମାର କାବ୍ୟ" ଛଅଟି ପ୍ରାଣସ୍ପର୍ଶୀ କବିତା ପାଠକଙ୍କୁ ବେଶ୍ ପ୍ରଭାବିତ କରିଛି । ଏରସମାର ମହାବାତ୍ୟାରେ ଉଜୁଡ଼ି ଯାଇଥିବା ଘରଦ୍ୱାର, ଶହ ଶହ ମଣିଷଙ୍କ ପଚଶବ, ପଶୁପକ୍ଷୀଙ୍କ ମଲାଦେହ, ମା' କୋଳରୁ ଖସି ଯାଇଥିବା ପୁଅର ମର୍ମନ୍ତୁଦ ଦୃଶ୍ୟ ବାସ୍ତବିକ୍ ହୃଦୟବିଦାରକ । ଏଇ କାବ୍ୟାଂଶରେ ପୀଡ଼ିତ ମାନବର ବ୍ୟଥା, ଶୋକ ଓ ଭୋକର କରୁଣ ଦୃଶ୍ୟ ସତେ କେତେ ମାର୍ମିକ !

ଜାଣିଚ କେମିତି ଛିଣ୍ଡାଜାମାରେ
ଘୋଡ଼ାଇ ଦିଆଯାଏ ଏରସମାର ପଞ୍ଜରା ହାଡ ?
ଜାଣିଚ କେମିତି ପାରୁ ଉଠୁଥିବା କମ୍ବଳରେ
ରୋକି ଦିଆଯାଏ ଏରସମାର କମ୍ପ
ଜାଣିଚ କେମିତି ସଢ଼ା ଝଉଳରେ ରନ୍ଧାଯାଏ
ଏରସମାର ଖେଚଡ଼ି ?
ଜାଣିଚ କେମିତି ଗଡ଼ଘଡ଼ି ତଣ୍ଟିରେ /
ଢୋକ ପରେ ଢୋକ ଢାଳିଦିଆ ଯାଏ /
ଏରସମାର କାଦୁଅ ପାଣି ?

- ଏରସମାର କାବ୍ୟ

ଗିରିଜା କୁମାର ବଳୀୟାର ସିଂହଙ୍କ ଭାଷା ବୈଭବର ବୈଚିତ୍ର୍ୟ ଅନୁଭବ କରି ହୁଏ ତାଙ୍କ ଦ୍ୱାରା ରଚିତ ଅନେକ ସନେଟ ମାଧ୍ୟମରେ । ତାଙ୍କ ସନେଟରେ ଗୋଟିଏକୁ ବ୍ୟବହାର କରି ଭାଷାର ଇନ୍ଦ୍ରଜାଲ ସୃଷ୍ଟି କରନ୍ତି ସେ - ଯେମିତି ଅ, ଆ, ଶ, ସ, ହ, ମ, କ, ଖ, ଗ, ଛ, ଟ,

ଠ, ଚ ମାନଙ୍କ ଶବ୍ଦର ଆରମ୍ଭରେ ସ୍ଥାନୀତ କରି । ନିମ୍ନୋକ୍ତ କବିତାଟି କବିଙ୍କ "ଚିତ୍ର ପ୍ରତିମା" ସଂକଳନରୁ ଆନୀତ ଯାହାର ଶୀର୍ଷକ ହେଉଛି "ମରୀଚିକା" ।

ତମେ ଯଦି କେଉଁ ଅନୁଢ଼ା ଆଖିରେ ଅସରାଏ ଅନୁତାପ
ମୁଁ ସେଇ ଆଖିର ଆଷାଢ଼ରେ ଓଦା ଅଶିଣର ଅଭିଶାପ !
ଅଙ୍ଗାର ତଳୁ ଅତୀତ ଆମର ଆମକୁ ଅନାଇ କୁହେ :
ଦିଶିବା ଆଗରୁ ମିଶିଯାଇଥିବା ଦି'ଟୋପା ଦୁଃଖ ଦୁହେଁ ।

- ମରୀଚିକା

ଓଡ଼ିଆ ସାହିତ୍ୟରେ କବି ହୃଷୀକେଶ ମଲ୍ଲିକ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ତାଙ୍କ କବିତାରେ ପଲ୍ଲୀ ଶବ୍ଦ ଓ ଭାଷାକୁ ଚମତ୍କାର ଭାବରେ ପ୍ରୟୋଗ କରି । ତାଙ୍କ 'ଧାନ ସାଉଁଟା ଝିଅ' ଓ 'ଉଜୁଡ଼ା କ୍ଷେତର ଗୀତ'ର ଭାଷା ଓ ଶୈଳୀ ପାଠକଙ୍କୁ ମୁଗ୍ଧ କରେ ।

ଆଉ କା'ର ସୁଖଦୁଃଖରେ ତା'ର କି'ଯାଏ
ମୋ' ଘା'ଘାଉଡ଼ ନିକେଇବା ; ତା'ର କୋଥଳି ସେବା
ଧୂଳି ସରସର ହେଇ ପାଖକୁ ଗଲେ
ସେ ବେକ ମୁଣ୍ଡ ଅଣ୍ଡାଳି ପକାଏ
ପରଷ୍ଟେ ଶୁଂଘିଯାଏ, ଯେମିତି କୋଉ ଆତ୍ମଗଛରେ
ପେଟୁଏ ନୂଆ ବଉଳ ମୁଁ!
ଗଢ଼ି ପାରିବ, ଗଢ଼ି ପାରିବ ମୋ ବୋଉପରି / ବୋଉଟିଏ !

- ବୋଉପାଇଁ

ପ୍ରଗତିଶୀଳ ଚେତନାର ଜଣେ ନିଷ୍ଠାପର ଓ ଦରଦୀ କବି ହେଉଛନ୍ତି ଆଶୁତୋଷ ପରିଡ଼ା । ତାଙ୍କ "କଥାସରି ନାହିଁ" କବିତା ସଂକଳନର 'ନଦୀ' କବିତାଟି ନର୍ମଦା ନଦୀର ଜନ ଆନ୍ଦୋଳନରେ ଗଢ଼ି ଉଠିଥିବା ବିସ୍ଥାପିତ ମନୁଷ୍ୟଙ୍କ ଅସହାୟ ଭାଗ୍ୟ ଓ ଦୁର୍ବିସହ ସମୟର ଦୃଷ୍ଟାନ୍ତକୁ ନେଇ । ଏଥିରେ ଗର୍ଭବତୀ ନଦୀର ଗର୍ଭଯନ୍ତ୍ରଣା ଓ ଗୋଟେ ରାକ୍ଷସ ଶିଶୁକୁ ପେଟରୁ ଜନ୍ମଦେବାର ଅଭିବ୍ୟକ୍ତି ପ୍ରତିଫଳିତ ହୋଇଛି କବିତାକୁ ସ୍ମରଣୀୟ ରଖିବାକୁ ।

ସେଠି ଆଉ ନଦୀ ନ ଥାଏ / ଶୋଷ ନ ଥାଏ
ଥାଏ ଏକ କୃତ୍ରିମ ଜଳଧି / ଥାଏ ବିତାଡ଼ିତ ମଣିଷ ।
ପେଟରେ ବଢୁଥିବା ରାକ୍ଷସ ଶିଶୁକୁ / ନଦୀ ଖୁଆଇ ସାରିଥାଏ
ସବୁ ରକ୍ତ, ସବୁ ଶସ୍ୟକ୍ଷେତ / ସବୁ ଗ୍ରାମ ଓ ମନ୍ଦିର
କେବଳ ବଢ଼ି ଫାଟି ଯିବାକୁ ଥାଏ / ନଦୀର ଉଦର ।

- ନଦୀ

କବି ସୌଭାଗ୍ୟବନ୍ତ ମହାରଣାଙ୍କ କବିତା ସଙ୍କଳନ "ଜହ୍ନରାତିର ଚିତ୍ରଶାଳା"ର "ଭାବ ତରଙ୍ଗ" କବିତାରେ କବି ଭାଗବତ ଛନ୍ଦ ବା ନବାକ୍ଷରୀ ଶୈଳୀରେ ନିଜ ସର୍ଜନାକୁ ସୁନ୍ଦର ଭାଷା ଓ ଶବ୍ଦ ମାଧ୍ୟମରେ ସ୍ଥାନୀତ କରିଛନ୍ତି । ଏ କବିତାଟି ରହସ୍ୟବାଦ ଓ ଦେହ-ବିଦେହର ଭାବକଳ୍ପ ଉପରେ ଆଧାରିତ । ଏଇଠି ଭାଷାର ଭିନ୍ନତାକୁ ଲକ୍ଷ୍ୟ କରିବା କଥା ଭାବର ଗମ୍ଭୀରତା ଭିତରେ ।

ପବନ ଭିତରେ ମୋ ଘର / ଖୋଲି ଦେଇଛି ଦଶଦ୍ୱାର ।
ରମଣ ଭିତରେ ମରଣ / ଗହଳିରେ ମୁଁ ଶୂନ୍ୟସ୍ଥାନ ।
ଦେହକୁ ଭୋଗିଲି ଶୋଷିଲି / ମାୟାର ତେଜେ ଅନ୍ଧହେଲି ।
ରାଗର ବିରାଗ ଖୋଜିଲି / ଅନ୍ଧାରେ ଛାଇକୁ ଦେଖିଲି
x x x
ଜୀବ ପରମ କୋଳାକୋଳି / ପାଣି ଚନ୍ଦନ ଭଳି ମେଳି ।
ମାଟିରେ ମିଶୁ ମିଶୁ ଦେହ / ଶୂନ୍ୟରେ ଖେଳଇ ବିଦେହ ।
ଅଫୁଟା ଫୁଲ ବାସ୍ନାପରି / ବିନ୍ଦୁରେ ସିନ୍ଧୁର ଲହରୀ ।

- ଭାବ ତରଙ୍ଗ

ଆଧୁନିକ କବିତାର ଉତ୍ତର-ଅଶୀ କାଳଖଣ୍ଡରେ କବିତାକୁ ଜୀବନରେ ଓ ଜୀବନକୁ କବିତାରେ ଖୋଜି ଖୋଜି ସର୍ବଦା ବ୍ୟସ୍ତ ଓ ପ୍ରତିବଦ୍ଧ ରହିଥାନ୍ତି ଆମ ସମୟର ବହୁ ଚର୍ଚ୍ଚିତ କବି ଗୌତମ ଜେନା । ତାଙ୍କ ଝରି ଦଶନ୍ଧିର ସର୍ଜନା ଭିତରେ ଭାବ ଓ ଅନୁଭବକୁ ସାଉଁଟିଥିବା କବିତା ସଂକଳନଗୁଡ଼ିକ ହେଲେ - ସମୟ ବିଷାଦ ନଈ ଏକ ଏକାଦିନ, ରଙ୍ଗଶିଉଳି, ମାୟାମନସ୍କ, ପଞ୍ଚମ ରାଗ, ଜୀବନ ବେଦ, ବାହୁଡ଼ା ବେଳ ଓ ଦର୍ଶନ ଯୋଗ । ପ୍ରତିଟି ସଙ୍କଳନରେ କବିଙ୍କ ମାଟିମନସ୍କତା, ସମୟର ଲୁଚକାଳି, ଜୀବନବାଦୀ ଓ ମାନବବାଦୀ ଚେତନାର ଚମତ୍କାର ପରିପ୍ରକାଶର ସାମ୍ନା କରିବାକୁ ହୁଏ । ଭାଷା ଓ ଭାବର ବୈଚିତ୍ର୍ୟ ତଥା ଚିତ୍ରକଳ୍ପର ମନଛୁଆଁ ପ୍ରୟୋଗ ପାଠକଙ୍କୁ ବିଭୋର କରେ । 'ସମୟ ବିଷାଦ ନଈ' କବିତାରେ ଗୌତମୀଙ୍କୁ ଚିଠି ପ୍ରସଙ୍ଗରେ ଗୌତମ ଜେନାଙ୍କ ପ୍ରେମିଳ ସ୍ୱର ବେଶ୍ ବାରିହୁଏ ।

ଗୌତମୀର ଚିଠି ଏଠି ଏଣେତେଣେ ପବନ ସିଆରେ
ଗୌତମୀର ଚିଠି ଏଠି ଏଣେତେଣେ ଆଲୋକରେ ଝଲୁଅଛି
ଦୃଶ୍ୟମୟ ହୋଇଯାଏ ଅନ୍ଧାରର ପାତଳ ପର୍ଦ୍ଦାରେ
ଭାଷା ତା'ର ନିରିମାଖି ଲୁହ ଢଳଢ଼ଳ ଆଖି ପରି
ଚଉଭାଙ୍ଗ ସାଦା କାଗଜରେ ।

- ସମୟ ବିଷାଦ ନଈ

ଆମ ସମସାମୟିକ କବି ଆମ ସମସାମୟିକ କବି ମଧ୍ୟରେ ଶତ୍ରୁଘ୍ନ ପାଣ୍ଡବ ତାଙ୍କ ଭାବ ଓ ଶୈଳୀର ସୁନ୍ଦର ଓ ମନୋଜ୍ଞ ପ୍ରୟୋଗରେ । ତାଙ୍କ କବିତାରେ ପ୍ରତିଫଳିତ ହୋଇଥାଏ ଭାରତୀୟ ସଂସ୍କୃତି ଓ ଐତିହ୍ୟ, ମାନବତାର ମୂଲ୍ୟବୋଧ, ଜୀବନକୁ ଭଲ ପାଇବାର ମୋହ, ମିଥ୍ ଚେତନା ଓ ଇତିହାସର ପରମ୍ପରାକୁ ଚିହ୍ନିବାର ଆଗ୍ରହ । ନିଃଶ୍ୱାସର ତାଳପତ୍ର, ପଦ୍ମପାଲିଙ୍କି, ଶ୍ରାବସ୍ତୀରୁ ଶ୍ରାବସ୍ତୀରୁ ସାବରମତି ଦୃଶ୍ୟବୋଧ ଏବଂ ପାଣି ଓ ଅନ୍ୟାନ୍ୟ କବିତା ଆଦି ହେଉଛି ତାଙ୍କ ଚର୍ଚ୍ଚିତ କବିତା ସଙ୍କଳନ । ତାଙ୍କ 'ବ୍ୟାସ ସରୋବର' କବିତାଟି ମହାଭାରତର ମିଥ୍‌କୁ

ବେଶ୍ ସଫଳ ଓ ସମୃଦ୍ଧ କରିଛି ନିମ୍ନୋକ୍ତ ପଂକ୍ତିରେ ।

ଆରୋହଣ ନା ଅବରୋହଣ ?
ବ୍ୟାସ ସରୋବର ବିନା ଅଧୁରା ଏ କୁରୁକ୍ଷେତ୍ର
ଏ ରକ୍ତନଦୀ ..... ଏ ପାରିହେବା
ବ୍ୟାସ ସରୋବର ବିନା କେଉଁ ମୃତ୍ୟୁ
କେଉଁ ମୁକ୍ତି କେଉଁ ଦୁର୍ଯ୍ୟୋଧନ ?

- ବ୍ୟାସ ସରୋବର

ପ୍ରହଲ୍ଲାଦ ଶତପଥୀ ଜଣେ ପ୍ରତିବଦ୍ଧ କବି ଓଡ଼ିଆ ସାହିତ୍ୟର ଉତ୍ତର-ଆଧୁନିକ ପର୍ବରେ । ତାଙ୍କର "ରାତି ସହ ମୁଁ ପାହି ଆସୁଥାଏ" ସଙ୍କଳନର "ଜାଡ଼" କବିତାଟି ପ୍ରତିନିଧି ସ୍ଥାନୀୟ । କାକରର ଶୀତଳତାରେ ବତୁରିଯାଏ ପୃଥିବୀ, ରାତିର ଅନ୍ଧାରର ଫେଣ୍ଟାଫେଣ୍ଟି ଭିତରେ ଦେଖିବାକୁ ହେବ ନାରୀର ଉଷ୍ମତାକୁ ଶୀତ ରାତିର ଜାଡ଼ରେ ଖୋଜିବାକୁ ହେବ ଅବଶିଷ୍ଟ ଆୟୁଷର ପ୍ରିୟ ଉତ୍ତାପମାନଙ୍କୁ ।

ମିଂଜି ମିଂଜି ଜଳୁଥିବା / ଜୁଲୁଜୁଲିଆ ଆଖିରେ ଗଚ୍ଛିତ
ଯେତେ ଆଲୁଅ ସେତକରେ / ଦେଖିବାକୁ ହେବ ଅନ୍ଧାର
ନାରୀ ଦେହରେ ଯେତେକ ଉଷ୍ମତା
ସେତକ ପୋଇବାକୁ ହେବ
ଆୟୁଷର ଅବଶିଷ୍ଟ ଶୀତ ରାତିର ଜାଡ଼କୁ
ପୋଡ଼ିବାକୁ ହେବ ଦେହର ଆଦିମ ଅନ୍ଧାରକୁ
ଅନ୍ୟ ଏକ ଦେହର ଅନ୍ଧାରରେ ।

- ଜାଡ଼

ଭାଷାର ବୈଚିତ୍ର୍ୟ ଓ ଲାଳିତ୍ୟ ଭିତରେ ହଜିଯାନ୍ତି ବେଳେ ବେଳେ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ । ତାଙ୍କ "ପୂତନା" କାବ୍ୟଗ୍ରନ୍ଥ ଓଡ଼ିଆ ସାହିତ୍ୟକୁ ଏକ ଚମତ୍କାର ଅବଦାନ କହିଲେ ଯଥାର୍ଥ ହେବ । ପୂତନା (୧) କବିତାରେ କବିଙ୍କ ଭାବକଳ୍ପ ବେଶ୍ ନିଆରା ମନେହୁଏ ।

ଦଶ ତୁଠରେ ପଡ଼ିଥିବା
ଅସ୍ପୃଶ୍ୟ କଳସୀ ମୁଁ
ନିଜକୁ କହିବି ନାଇଁ ମହୁର ସୁରେଇ
ଆଂଜୁଳାଏ ବର୍ଷାପାଣି ଛଡ଼ା
ମୋ' ଭିତରେ କିଛି ନାଇଁ ।

- ପୂତନା (୧)

ଉତ୍ତର-ଅଶୀ ଓଡ଼ିଆ କବିତାର ପ୍ରେକ୍ଷାପଟ୍ଟରେ କବି ଭଗବାନ ଜୟସିଂହ ଜଣେ ଆଗଧାଡ଼ିର କବି ରୂପେ ଓଡ଼ିଆ ସାହିତ୍ୟରେ ବେଶ୍ ଆଲୋକିତ । ତାଙ୍କର ଏଯାଏ ପ୍ରକାଶିତ ଆଠଟି କବିତା ସଂକଳନ ଯଥା: ନିର୍ବାସନରେ ପକ୍ଷୀ, ଘୋଷଯାତ୍ରା, ଓଲଟଦୃଶ୍ୟ, ଏଇ ଅଛି ଏଇନାହିଁ, ମାୟାଘେରରେ କାଳିଦାସ, ଫେରନ୍ତି ଘର, ଲାଲ ଡଙ୍ଗା ଓ ଟିକିଏ ଅଟକି ଯାଅ ପାନ୍ଥ । ତାଙ୍କ ଶେଷ କବିତା ଗ୍ରନ୍ଥ "ଟିକିଏ ଅଟକି ଯାଅ ପାନ୍ଥ" ପାଠକ ମହଲରେ ବେଶ୍ ଆଦୃତି ଲାଭ କରିଛି । ଏ ସଂକଳନର "ପଂଜୁରୀର ପକ୍ଷୀ" ଏକ ମାର୍ମିକ କବିତା ଯେଉଁଠି କବି ପଂଜୁରୀରେ ଆବଦ୍ଧ ପକ୍ଷୀକୁ ମୁକ୍ତ କରିଦେବାକୁ ଚାହାନ୍ତି ଆକାଶର ଶୂନ୍ୟତାରେ ଉଡ଼ିବାକୁ । ସେ ପୂର୍ବଜନ୍ମରେ ପକ୍ଷୀଟିଏ ଥିଲେ ବୋଲି ତାଙ୍କର ଅବବୋଧ ରହିଛି । ପକ୍ଷୀ ପ୍ରତି ପ୍ରେମଭାବ ଓ ସମ୍ବେଦନା ରହିଛି ।

ଥରେ ଥରେ ଏମିତି ଲାଗେ ପକ୍ଷୀ ମୋର
କେହି ନୁହେଁ ହୁଏତ ସବୁ କିଛି -
ହୋଇପାରେ ପୂର୍ବଜନ୍ମରେ ମୁଁ ପକ୍ଷୀଟିଏ ଥିଲି
ପଂଜୁରୀ ବାହାର ରୋମାଞ୍ଚକୁ ଚଞ୍ଚୁରେ
ବୋହି ଉଡୁଥିଲି ଆକାଶରେ ।

- ପଂଜୁରୀର ପକ୍ଷୀ

ପ୍ରଗତିଶୀଳ ଚେତନା ଓ ଦଳିତ ଚେତନାର ଜଣେ ମୂର୍ଦ୍ଧନ୍ୟ କବି ରୂପେ ବାସୁଦେବ ସୁନାନୀ ଓଡ଼ିଆ ସାହିତ୍ୟରେ ବିଶେଷ ଭାବରେ ପରିଣତ । ତାଙ୍କ କାବ୍ୟ ସଙ୍କଳନ "ମହୁଲବଣ" ଅନେକ କିଛି ଘଟିବାର ଅଛି, ଅସ୍ପୃଶ୍ୟ ଆଦି ତାଙ୍କ ଚର୍ଚ୍ଚିତ କାବ୍ୟକୃତି । "ନାନୀ : ଜଙ୍ଗଲ" କବିତାରେ ନାନୀର ଅସହାୟତା, ଦୁଃସ୍ଥିତି, ଦୈନ୍ୟ ସଂପର୍କରେ କବି ନିଜ କବିତାରେ ପ୍ରକାଶ କରି ବ୍ୟଥିତ ଓ ବିଷାଦଗ୍ରସ୍ତ ହୋଇଛନ୍ତି । ନାନୀର ଜୀବନ ସତେ କେତେ ଦୁଃଖ ଓ ଜଂଜାଳମୟ ଭୋକ ଓ ଶୋଷର ନିଝୁମ ଖରାବେଳର ଜଙ୍ଗଲରେ !

ନାନୀକୁ କେତେ ଶୋଷ ହେଉଥିଲା
କେଜାଣି
ରସ ଡେକଚିର ଡେକ୍‌ଚିଏ ପାଣିକୁ
ଏକା ସାଁସରେ ପିଇଗଲା
ଏ ପର୍ଯ୍ୟନ୍ତ
ମୋ ଆଡ଼କୁ ନାନୀର ନଜର ନ ଥିଲା
କାରଣ
ଜଙ୍ଗଲରୁ ପ୍ରଖର ଖରାଖାରା ବୋଝଟିଏ ବୋହି ଆଣି ଥିଲାତ
ଦିଟି ସହଜ ନିଃଶ୍ୱାସ ସଜାଡ଼ିବାକୁ
ସମୟ ଯୋଗାଉଥିଲା ।"

- ନାନୀ : ଜଙ୍ଗଲ

ରାମକୃଷ୍ଣଙ୍କ କବିତାରେ ଗଭୀର ଅନୁଭବ, ଦାର୍ଶନିକ ଚେତନା ଓ ରହସ୍ୟବାଦର କିଛି ଝଲକ୍ ଦେଖିବାକୁ ମିଳେ । ତାଙ୍କ ଶବ୍ଦ, ଶୈଳୀ ଓ ମେଟାଫରର ପ୍ରୟୋଗ କବିତାକୁ କରିଥାଏ ଅର୍ଥମୟ ଏବଂ ବ୍ୟାପ୍ତିମୟ । ତାଙ୍କର "ଏମିତି କିଛି ଶବ୍ଦ ଦିଅ" କବିତାରେ 'ଶବ୍ଦ' ଗୋଟେ ଉଚ୍ଚକୋଟୀର ଚିତ୍ରକଳ୍ପ ପାଲଟିଯାଇଛି ।

ଏମିତି କିଛି ଶବ୍ଦ ଦିଅ

ଯାହା ସୂର୍ଯ୍ୟାଲୋକଠୁ ବି ଉଜ୍ଜ୍ୱଳ
ଯାହା ଚିହ୍ନାଇ ଦେବାକୁ ସକ୍ଷମ
ଯେ ମଣିଷ / ଅସୁର ନୁହେଁ କି ଈଶ୍ୱର
କେବଳ ନିଚ୍ଛକ ମଣିଷ ।

- ଏମିତି କିଛି ଶବ୍ଦ ଦିଅ

କବି ଅଙ୍ଗୁରବାଳା ପରିଡ଼ାଙ୍କ "ମନମୃଣ୍ମୟ" କବିତା ସଙ୍କଳନରେ "ମେଘ" କବିତାଟି ବାସ୍ତବିକ୍ ବେଶ୍ ମନଛୁଆଁ ହୋଇଛି । କବିତାଟି ଶ୍ରାବଣରେ ନିଆଁର ବର୍ଷା ପରି ବୋଧ ହେଉଛି । ବିଧବା ନାରୀର ଧଳା ଶାଢ଼ୀ ଭଳି ଆକାଶର ରଙ୍ଗ ବଦଳିଯାଇଛି ।

ବିଧବା ନାରୀର ସାଦା ଶାଢ଼ୀ ପରି
ଆକାଶ ସଫେଦ୍ ଦିଶୁଛି ।
ଶ୍ରାବଣର କପାଳରେ
ଖରାମାନେ ଏତେ ଦାରୁଣ ଯେ
ନିଆଁର ଝଦର ଖଣ୍ଡେ
ମାଟିରେ ଶେଯ ବିଛେଇଛି ।

- ମେଘ

କବି ଗାୟତ୍ରୀବାଳା ପଣ୍ଡା ଓଡ଼ିଆ ସାହିତ୍ୟର ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କ "ଗାଁ" କବିତା ସଙ୍କଳନରେ ରହିଛି ଗାଁର ମାଟି, ପାଣି ପବନ, ଜୀବନ ପ୍ରବାହ ଓ କବିତା ମନସ୍କତାର ନିଚ୍ଛକ ସ୍ୱଭାବ ଓ ଉଦାରତା । ନିମ୍ନୋକ୍ତ କବିତାଂଶରେ ଗାଁର ସରଳତା ଓ ନିରୀହତା ବାରି ହୋଇପଡ଼େ । ଗାଁ ପ୍ରତି କବିଙ୍କ ମମତା ନିଆରା ।

ବୋଧେ ସେଇଥି ପାଇଁ ସେତେବେଳେ
ଜୀବନ ସ୍ୱଚ୍ଛଳ ଥିଲା
ଜୀବନ କବିତା ଥିଲା
ଜୀବନ ଥିଲା ମାଟିର ମନ୍ତ୍ରଠୁ
ଆହୁରି ମହତ୍
ଆହୁରି ମହାର୍ଘ ।

- ଗାଁ

କବି ସୁଚେତା ମିଶ୍ର ଓଡ଼ିଆ ସାହିତ୍ୟର ଜଣେ ନାରୀବାଦୀ ଲେଖିକା । ତାଙ୍କ କବିତାରେ ବିଦ୍ରୋହୀ ଅଙ୍ଗୀକାର ଓ ପ୍ରଗତିଶୀଳ ଚେତନାର ପ୍ରତିଫଳନ ଘଟିଥାଏ । ତାଙ୍କ "ଅସୂର୍ଯ୍ୟଂପଶ୍ୟା" କବିତାଟିରେ ନାରୀର କୋହ ଓ ବିମର୍ଷକୁ ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି କବି ସୁଚେତା ମନୋଜ୍ଞ ଭାଷାରେ ।

ଦାଣ୍ଡଘରୁ ରୋଷେଇ ଘର
ରୋଷେଇ ଘରୁ ଶୋଇବା ଘର
ସେ ବୁଲୁଥିବ ପ୍ରାର୍ଥନାଟିଏ ଭଳି
ଅସୀମ ଅନ୍ଧକାର ଭିତରେ
ବୁଡ଼ି ଯାଇଥିବା ସବୁଜିମାକୁ
ଜୀବିତ କରେଇବାର / ତପସ୍ୟା ନେଇ ।

- ଅସୂର୍ଯ୍ୟଂପଶ୍ୟା

ମନୋଜ କୁମାର ପଣ୍ଡାଙ୍କ ସଫଳ କବିତ୍ୱ ଓଡ଼ିଆ ସାହିତ୍ୟରେ ଭାଷାର ବିଭବକୁ ସମୃଦ୍ଧ କରିଛି । "ଅମିତ୍ରାକ୍ଷର ଛନ୍ଦରେ ରଚିତ ଏକ ନଦୀର ନାମ" ସଂକଳନର "ଦାଦନନାମା" କବିତାଟି ସାଂପ୍ରତିକ ଦାଦନମାନଙ୍କ ଲୁହଭରା ଜୀବନ ଓ ସଂଘର୍ଷର ଗୋଟେ ଅନବଦ୍ୟ ଦୃଷ୍ଟାନ୍ତ ଯେଉଁଠି ଦାଦନର ଘରକୁ ଫେରିବାର ସମ୍ଭାବନା ମଉଳିଯାଏ 'ଟ୍ରକ୍ ଡାଲାରେ ବ୍ରଏଲର କୁକୁଡ଼ା ଭଳି' । କବିଙ୍କ ଏ କବିତାରେ ଦୁଃଖର ଧୂସର ରଙ୍ଗ ଓ ଭୋକର ନିର୍ମମ ଚିତ୍ରପଟ ଦେଖିବାକୁ ମିଳେ ।

କେହି ଜଣେ ବି ଫେରି ନାହାନ୍ତି ଏଯାଏଁ
ଗଲାପୁତ୍ରମାନେ ବାହୁଡ଼ି ଆସନ୍ତି ନାହିଁ
ଟ୍ରକ୍‌ଡାଲାରେ ବ୍ରଏଲର୍ କୁକୁଡ଼ା ଭଳି
ଭୋକିଲା ଅଜଗରର ଲାଲ୍ ପେଟ ଭିତରକୁ
ଅନିର୍ବାର୍ଯ୍ୟ ଅଘଟଣ ପାଖକୁ ।

- ଦାଦନନାମା

କବି ଈପ୍ସିତା ଷଡ଼ଙ୍ଗୀଙ୍କ କବିତାର ଭାବବିନ୍ୟାସ ଓ ଶବ୍ଦବିନ୍ୟାସ ଓଡ଼ିଆ ଭାଷାର ନାନ୍ଦନିକତାର ଏକ ସଫଳ ପରିଚୟ ପ୍ରଦାନ କରେ । ତାଙ୍କ "ପୁନଶ୍ଚ ବୁଦ୍ଧ" ସଙ୍କଳନର "ସ୍ତ୍ରୀ ଜନ୍ମ" କବିତାରେ କଳାତ୍ମକ ଭଙ୍ଗୀରେ ସଜେଇଛନ୍ତି ସେ ନାରୀର ଗଭୀର ଭାବ ଓ ପ୍ରତିକ୍ରିୟାକୁ । ସ୍ତ୍ରୀ ଜନ୍ମଟେ ସମାଜରେ ଅଭିଶାପ ଓ ଅତ୍ୟାଚାରର ପ୍ରତୀକ ରୂପେ ବହୁବର୍ଷରୁ ସମାଜରେ ଚଳିଆସୁଛି ।

ଏଠି କହିବା କମ୍ / ସହିବାର ଦାୟବେଶୀ
ବେଶୀ ଧୂପକାଠ / ଯେତେ ବେଶୀ ଅଭିମାନ
ମାଟିଠୁ ଆହୁରି ତଳକୁ
ମୁହଁ ପୋତି ନେବାର ଉପଦେଶ
ଖୁସିଠୁ ଅନ୍ତର ଦୂର / ଏ ବଂଚିଥିବା ଉପଲକ୍ଷ୍ୟ ।

- ସ୍ତ୍ରୀ ଜନ୍ମ

କବି ସଂଜୟ କୁମାର ମିଶ୍ରଙ୍କ କବିତାରେ ଜୀବନର ଜଂଜାଳ, ଦାଦନ ସମସ୍ୟା, ଝଷୀ ଆତ୍ମହତ୍ୟା, ମଣିଷର ଅସହାୟତା, ସମୟର କ୍ଷତ ଓ ଆଂଚୁଡ଼ାଦାଗର ବର୍ଣ୍ଣନା ବେଶ୍ ହୃଦୟସ୍ପର୍ଶୀ । ତାଙ୍କ କବିତାରେ ମାନବିକ ସମ୍ବେଦନା ଓ ଜୀବନ ପ୍ରତି ଗଭୀର ଅଙ୍ଗୀକାର ସ୍ଥାନ ପାଇଥାଏ ଆଧୁନିକ କବିତାର ପ୍ରେକ୍ଷାପଟରେ । ତାଙ୍କ କବିତା ସଂକଳନ "ଚିତ୍ର"ର "ସମୟ ସଂସାର" ଏକ ବାସ୍ତବବାଦୀ କବିତା ଯାହା ପାଠକଙ୍କୁ ଅଭିଭୂତ କରେ ଦୁଃଖର ପ୍ରତୀକ ଭିତରେ ।

ସମୟର ଜରାୟୁରେ ଯୁଗଯୁଗର ମଇଳା
ଘା' ଓ ଅଜସ୍ର ଅଜଣା ଶବ୍ଦ

ମନରେ ଅସଂଖ୍ୟ ଆଂପୁଡ଼ା ଦାଗ, କ୍ଷତ / ଗର୍ଭଗୃହ ସାରା
ବିପତ୍ତିଆ ଖରାର କଷଣ / ଆଁ' କଲେ କଲିଜା ଦିଶେ
ଉଁ କଲେ ବୋମାଫୁଟେ ଠିକ୍ ପାହା ତଳେ
ସୂର୍ପଣଖା ନାରୀ ଦଂଶିଦିଏ ଆଖି, ଓଠ, ନାଭି ଓ ଜଂଘ ।

– ସମୟ ସଂସାର

କବି ରୋହିତ କୁମାର ଦାଶ ସମକାଳର କବିତାରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ନିକଟରେ ପ୍ରକାଶିତ ତାଙ୍କ ଦଶମ ଓଡ଼ିଆ କବିତା ସଙ୍କଳନ "ଶବ୍ଦର ଖେଳ"ର "ଝରକା ବାହରେ କେହି ଜଣେ" ଶୀର୍ଷକ କବିତାଟି ବେଶ୍ ଚିତ୍ତାକର୍ଷକ ଓ ଭାବଗର୍ଭକ ହୋଇଛି ମୃତ୍ୟୁ ଚେତନାର ପୃଷ୍ଠଭୂମିରେ । ରୋହିତଙ୍କ କାବ୍ୟବୋଧ ଓ ଜୀବନ ଦୃଷ୍ଟି ପାଠକଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି ଅନେକ ବର୍ଷରୁ । ତାଙ୍କ କବିତାର ଭାଷାବିନ୍ୟାସ ମନଲୋଭା ଓ ହୃଦୟଗ୍ରାହୀ । ସେ କଥା ଓ କବିତାର ଏକ ଚମତ୍କାର ସ୍ୱର ।

ଝରକାର ସେ ପାଖେ ତୁମେ କିଏ କି
ଏମିତି ଛିଡ଼ା ହେଇ ବିକଳେ ଅନେଇଛ
ମୁଁ କ'ଣ ସତରେ ଟାକିଛି ତମ ଡାକକୁ
ଯିବି ବୋଲି ସେଇ ଚିରନିଦ୍ରାର ରାଇଜକୁ ?

– ଝରକା ବାହାରେ କେହି ଜଣେ

ଆଧୁନିକ ଓଡ଼ିଆ କବିତାରେ ୩୫ ବର୍ଷ ବୟସ ଭିତରେ ଅନେକ ସଂଭାବନାମୟ ନବପ୍ରସ୍ଥର କବି ଅଛନ୍ତି ଯାହାଙ୍କ କବିତାରେ ଭାଷାର ବୈଚିତ୍ର୍ୟ ଓ ଶବ୍ଦର ଯାଦୁଖେଳ ନୂଆ ନୂଆ ଚିତ୍ରକଳ୍ପ, ପ୍ରତୀକ, ଉପମା ସହିତ ମନୋଜ୍ଞ ଶୈଳୀକୁ ଆପଣେଇ ନେଇଛନ୍ତି । ସେମାନଙ୍କ ମଧ୍ୟରେ ସୂର୍ଯ୍ୟସ୍ନାତ ତ୍ରିପାଠୀ, ସୁଜିତ୍ ସତପଥି, ସଂଘମିତ୍ରା ଭୂତିଆ, ଐଶ୍ୱର୍ଯ୍ୟା ରାଉତ, ଆଶିଷ ମିଶ୍ର, ନିଖିଳେଶ ମିଶ୍ର, ପବିତ୍ର ବ୍ରହ୍ମପୁତ୍ର ନାୟକ, ସୁବ୍ରତ କୁମାର ସେନାପତି, ଯୀଶୁକ୍ରିଷ୍ଟ ଦାସ, ଚିନ୍ମୟ ବାରିକ, ସୁଜାତା ସାହାଣୀ, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ମନୋଜ କୁମାର ବେହେରା, ପ୍ରଶାନ୍ତ କୁମାର ଦାଶ, ନୀହାର ରଂଜନ ପରିଡ଼ା, ସୁବ୍ରତ ବାରିକ, ପରମବୀର ଚକ୍ର, ରାଜେଶ ପୂଜାରୀ, ଦୀପୁନ ପୁହାଣ, ଆଲୋକ ରଂଜନ ଷଡ଼ଙ୍ଗୀ, ସୋନାଲୀ ପଣ୍ଡା, ସିପୁନୁ ଜେନା, ନାରାୟଣ ସାହୁ ଓ ସୁଭଦ୍ରା ପ୍ରିୟଦର୍ଶନୀ ନାୟକ । ସେମାନଙ୍କ କାବ୍ୟସ୍ୱରରେ ଭାଷାର ବୈଚିତ୍ର୍ୟ ଓ ଶବ୍ଦର ସାବଲୀଳ ପ୍ରୟୋଗ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ ବୋଲି ଆଶା କରାଯାଏ ।

ଭାଷା ଓ କବିତା ମଧ୍ୟରେ ପ୍ରଚୀନ କାଳରୁ ସାରସ୍ୱତ ସଂପର୍କ ରହିଆସିଛି । କବିତାଟେ ସର୍ଜନା ହେବା ଆଗରୁ କବିତା ଭାଷା ଖୋଜେ ଶବ୍ଦମନଙ୍କୁ ସଂଖୋଳି ନେବାକୁ । ଶବ୍ଦ ଓ କବିତାର ସଂପର୍କ ଭାଷା ସହ ସମ୍ବନ୍ଧ ରଖିବା ପୂର୍ବକ ଜୀବନକୁ ଖୁବ୍ ପାଖରୁ ଖୋଜନ୍ତି ଓ ଲୋଡ଼ନ୍ତି । ସେଇଥିପାଇଁ ତ ଯଶସ୍ୱୀ କବି ସୀତାକାନ୍ତ ମହାପାତ୍ର ଯଥାର୍ଥରେ କହିଛନ୍ତି ତାଙ୍କ କବିତା ସଙ୍କଳନ "ପ୍ରତି ଅକ୍ଷରରେ ମୋର ପୁନର୍ଜନ୍ମ"ର ମୁଖବନ୍ଧରେ । "ମୁଖରତାରୁ ନୀରବତା, ଶବ୍ଦରୁ ଅଶବ୍ଦ । କିନ୍ତୁ ଆମେ ଶବ୍ଦଙ୍କ ଧୂଳିଖେଳରେ ହିଁ ସାରାଜୀବନ ମାତି ରହୁ । ଶବ୍ଦରେ ଜନ୍ମ, ମରଣ, ସୃତି, ସଂପର୍କ, ଲୋଡ଼ିବସୁ । ସେଇଥିପାଇଁ ଜୀବନ ମାଗେ କବିତା, ଶବ୍ଦର, ଭାଷାର ।" ଭାଷା ବିନା କବିତା ସମ୍ଭବ ନୁହେଁ । ଭାଷା ଯେତେ ସାବଲୀଳ, ସମୃଦ୍ଧ ଓ ପ୍ରାଣବନ୍ତ ହେବ କବିତାର ଭାବ ସେତେ ସୁନ୍ଦର ଓ ଗଢ଼ଣ ସେତେ ମନଲୋଭା ହେବ । କବିତାର ଓ ଭାଷାର ସଂପର୍କକୁ ନେଇ ବିଶିଷ୍ଟ ସମାଲୋଚକ Adrienne Rich ଙ୍କ ମନ୍ତବ୍ୟ ଏଠାରେ ଉଲ୍ଲେଖନୀୟ ମନେହୁଏ । "Poetry is above all a concentration of the power of language, which is the power of our ultimate relationship to everything in the universe." ଥରେ ଥରେ ଭାଷାର ସୌଷ୍ଠବ ପାଇଁ ଓଡ଼ିଆ କବିତାରେ ଆଞ୍ଚଳିକ ଭାଷାର ବହୁ ପ୍ରଚଳିତ ତଥା ଚିତ୍ତାକର୍ଷକ ଶବ୍ଦମାନେ ବ୍ୟବହୃତ ହୋଇଥାଆନ୍ତି ଯଦ୍ଦ୍ୱାରା କବିତାର ପ୍ରାଣପିଣ୍ଡରେ ନୂତନ ଆବେଗ ଓ ସ୍ପନ୍ଦନର ସଞ୍ଚାର ହୋଇଥାଏ । ଆଞ୍ଚଳିକ ଭାଷା ଏବଂ ଲୋକ ସାହିତ୍ୟର ସୁନ୍ଦର ଓ ମନୋଜ୍ଞ ଶବ୍ଦ ଓଡ଼ିଆ କବିତାରେ ସଂପ୍ରତି ଭାଷା ବୈଚିତ୍ର୍ୟର କିଛି କିଛି ଝଲକ୍ ପାଲଟିଯାଇଛନ୍ତି । ଆଧୁନିକ ଓଡ଼ିଆ କବିତାରେ ଭାଷା ବୈଚିତ୍ର୍ୟ ଓ ନାନ୍ଦନିକତାର ରୂପକଳ୍ପ ପାଠକଙ୍କୁ ନୂଆ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଛି କହିବା ଯଥାର୍ଥ ମନେହୁଏ ।

(ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ – ୨୦୨୪ ଅବସରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିରର ୪ ଫେବୃଆରୀ ୨୦୨୪ ରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଏ ପ୍ରବନ୍ଧ ପଠିତ ଓ ଆଲୋଚିତ ।)

'ଭାରତୀ ଭବନ', ଶିବମ୍ କଲୋନୀ
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪
ମୋ.:୯୪୩୭୪ ୫୭୭୩୬

ଅଉଁଠା

କମଳା ଶତପଥୀ

କମଳା ଶତପଥୀ ଏକାଧାରରେ ଜଣେ କବି, ଗାଳ୍ପିକା, ପ୍ରାବନ୍ଧିକା, ଅନୁବାଦିକା, ଔପନ୍ୟାସିକା, ସଂପାଦିକା ଓ ନାଟ୍ୟକାର । ୮୦୦ରୁ ଉର୍ଦ୍ଧ୍ୱ କାହାଣୀ, ୩୦୦ରୁ ଉର୍ଦ୍ଧ୍ୱ କବିତା, ୨୦୦ଟି ଲଳିତ ନିବନ୍ଧ, ୧୦ଟି ନାଟକ ଓ ୨୪ଟି ଉପନ୍ୟାସର ସେ ସଫଳସ୍ରଷ୍ଟା । ଦୀର୍ଘ ଚାରି ଦଶନ୍ଧିରୁ ଅଧିକକାଳ ଧରି ସାରସ୍ୱତ ସାଧନାରେ ଲିପ୍ତ ଏହି ସାଧିକା ମୁମ୍ବଇରେ ଅବସ୍ଥାପିତ ବିଭିନ୍ନ ସାମାଜିକ, ସାଂସ୍କୃତିକ ସଂସ୍ଥା ସହ ଓତଃପ୍ରୋତ ଭାବେ ଜଡ଼ିତ ।

ଏକ

ଆଜିର ସକାଳଟା ଥିଲା ଖୁବ୍ ସୁନ୍ଦର । ସୂର୍ଯ୍ୟର ସୁନେଲି ରଙ୍ଗ, ଫୁଲର ମହକ, ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ, ସୁଲୁସୁଲିଆ ପବନ, ସବୁକିଛି ବାନ୍ଧି ପକୋଉଥିଲା ଅମାନିଆ ମନକୁ । ମନ କହୁଥିଲା ମେଘ ସାଙ୍ଗେ ମିଶି କୁଆଡ଼େ ଉଡ଼ିଯିବାକୁ .. ହଜିଯିବାକୁ ।

ଅଳସ ଆଖିକୁ ଖୋଲିଲା ସୁନେଇ । ଦୁଇଚାରିଥର ଆଖି ଝପକେଇ ଚାରିଆଡ଼କୁ ଦେଖି ପକେଇଲା । ବାତାବରଣରେ ଆଜି ଭରିରହିଥିଲା ଏକ ଅପୂର୍ବ ମହକ । ସ୍ୱପ୍ନ ରାଜ୍ୟରୁ ସଦ୍ୟ ଓହ୍ଲେଇ ଆସିଥିବା ପରୀଟିଏ ପରି ବଣଲତାରେ ଝୁମିଝୁମି ନାଚି ପକେଇବାକୁ ଉଦ୍ୟତ ହେଉଥିଲା ପାଦ । ହରିଣୀଟିଏ ପରି ମନଟା ଲାଗୁଥିଲା ଭାରି ଚଳଚଞ୍ଚଳ । ଡେଣାଯୋଡ଼ିଏ ଥାଆନ୍ତା କି .. ଉଡ଼ି ଯାଇଥାନ୍ତା ଆଜି ଦୂରକୁ ଦୂରକୁ .. ଆସି ନ ଥାନ୍ତା କେବେ କାହା ହାତମୁଠାକୁ! ବୁଲିବୁଲି ଦେଖୁଥାନ୍ତା ନିଜ ଆଖିରେ ସାରା ସଂସାରର ରଙ୍ଗୀନ ରୂପ !

ମନର ଏ ଚଞ୍ଚଳତା ଖାଲି ଆଜିର ବୋଲି ତ ନୁହେଁ, ବେଶ୍ କିଛି ଦିନରୁ ! ବୋଧହୁଏ ଯୋଉ ଦିନରୁ ବୋଉର ଆକଟ ତା' ପାଇଁ ଅଧିକା ହେଲାଣି ! ଅଥବା ଯେବେଠୁ ଅଜବ ପ୍ରକାରର ସ୍ୱପ୍ନ ସବୁତା' ଆଖିତଳେ ଆସି ବସାବାନ୍ଧିଲେଣି ! ମାନେ ଯୋଉଦିନ ବୋଉ ତାକୁ ସତର୍କକରେଇଲା – ଏବେ ବଡ଼ ହେଇଗଲୁଣି .. ଆଉ ସେମିତି ହୁଣ୍ଡୀଙ୍କ ପରି ଉଠାବସା କରିବୁନି କି ଲାଜସରମ ଛାଡ଼ି ଘୋଡ଼ିଙ୍କ ପରି ହେଁହେଁଫେଁଫେଁ ହେବୁନି !

ହଁ, ସେଇ ଦିନଠୁ .. ଯୌବନର ପାହାଚରେ ପାଦଦେଲା ଦିନରୁ ସତରେ ତା'ମନ ପୂରାପୂରି ଉତ୍ସୃଙ୍ଖଳ ହେଇଯାଇଛି । ବୋଉର କଠୋର ଦୃଷ୍ଟି .. ବିରକ୍ତି .. ଆଉ ଚେତାବନୀ ତା' ଭାବନାକୁ ଭଲକରି ପ୍ରକାଶକରିବାକୁ ଦେଉନାହିଁ । ସବୁ ଆଗ୍ରହ ଆଉ ଉତ୍ତେଜନାକୁ ମନଭିତରେ ଚାପିରଖିବାକୁ ବାଧ୍ୟ ସେ । ନହେଲେ ବୋଉର କାଠଫାଳିଆସହ ମୁହାଁମୁହିଁ ହେବାକୁ ପଡ଼ିବ । ଆଗପଛ ଦେଖିବ ନି ସେ .. ବୁଝିବାକୁ ଚେଷ୍ଟା ବି କରିବନି ଝିଅର ମନକଥା । ବର୍ଷେଇ ଚାଲିଯିବ ଗାଳିର ବାଦଲ .. କାମରେ ଲଗେଇ ଦେବ ନିଜ ଦୁଇହାତଗୋଡ଼କୁ ! ଯେ ପର୍ଯ୍ୟନ୍ତ ସ୍ୱପ୍ନର ପଣତ ହାତରୁ ସିଏ ଖସେଇ ନ ଦେଇଛି, ସେ ପର୍ଯ୍ୟନ୍ତ ବୋଉ ଥକିବ ନାହିଁ ।

ପ୍ରତିମୁହୂର୍ତ୍ତରେ ବୋଉର ଭୟ ଆଉ ଆକଟ ତା'ବଢ଼ନ୍ତା ପାଦକୁ ଛନ୍ଦି ପକେଇଛି .. ତା' ହରିଣୀ ମନକୁ ଜାଲରେ ବନ୍ଦୀକରିଦେଇଛି । କାହିଁ କେତେ ଦିନରୁ ମୁକ୍ତିର ସନ୍ଧାନରେ ଅତୃପ୍ତ ଆତ୍ମା ତା'ର ଛଟପଟ ହେଇଚାଲିଛି ଯେ ଚାଲିଛି ! ସବୁବାଟ ଆଗକୁ ବଢ଼ିବା ମାତ୍ରକେ ବୋଉ ପାଖରେ ଯାଇହାବୁଡ଼ି ଯାଇଛି ! ଆଜି ଏତେ ଦିନ ପରେ ସେହି ଇପ୍ସିତ ଦିନଟି ଆସି ଅକସ୍ମାତେ ପହଞ୍ଚି ଯାଇଛି ତା'ପାଖରେ ! ହେଉ ପଛେ କ୍ଷଣିକ, ତଥାପି ସେ ଆନନ୍ଦକୁ ଭରପୂର ଉପଭୋଗ କରିବ ଏଥର । ବୋଉ ଛଡ଼ା ଆଉ କିଛି ବି ବାଧାବିଘ୍ନ ଆସିଲେ ସେ ଭୟ କରିବନି ।

ଉଠିଆସିଲା ଘର ବାହାରକୁ ସେ । ବାହାର ବାରଣ୍ଡାରେ ଘଡ଼ିକ ପାଇଁ ମୁକୁଳା ଦେହମନରେ ଠିଆହୋଇ ଶୀତଳ ପବନର ରୋମାଞ୍ଚକୁ ଅଙ୍ଗଅଙ୍ଗରେ ଅନୁଭବ କରିନେଲା । ପବନ ଆଡ଼କୁ ମୁହଁକରି ପୋଷପୋଷ ପିଇଗଲା .. କାନିକୁ ଲହରେଇଲା .. ବାରଣ୍ଡାତଳକୁ କୁଦିପଡ଼ି ଦୁଇଘେରା ବୁଲିଗଲା । ପାଉଁଜି ଛମ୍ଛମ୍ କରି ବାଡ଼ି ଭିତରେ ବୁଲିଲା । ତା' ଫୁଲଗଛ, ଲାଉଗଛ, ପୋଇ, ସଜନା ଆଉ ଗେଣ୍ଡୁଗଛକୁ ଥରେଥରେ ଛୁଇଁ ଦେଇଗଲା । ସବୁ ତା'ରି ସଯତ୍ନ ବର୍ଦ୍ଧିତ ! ତା'ର ଅତି ନିଜର .. ସୁଖଦୁଃଖର ସାଥୀ ! ବର୍ଷବର୍ଷର ପରିଚୟ ସେମାନଙ୍କ ସହିତ ତା'ର ! ଆଜି କିନ୍ତୁ ତା' ସ୍ୱପ୍ନଭରା ଆଖିକୁ ସବୁକିଛି ନୂଆ ନୂଆ ଲାଗୁଥିଲା । ସବୁକିଛି ଲାଗୁଥିଲା କାଲିଠୁ ନିଆରା !

ଗୋଲାପ ଗଛର କଡ଼ରୁ ଆଜି ଦୁଇଟି ନାଲି ନାଲି ପାଖୁଡ଼ା ମେଲିଛି । ଧିର ପବନରେ ହଲିଦୋହଲି ସୁନେଇର ମନକୁ ଆକର୍ଷିତ କରୁଛନ୍ତି ସେମାନେ । କଖାରୁ ଗଛରେ ନୂଆ ଡଙ୍କ ମେଲିଛି । ଟଗର ଡାଳଟା ଦୁଇତିନି ଦିନରେ କୁଆଁ ମେଲିସାରିଲାଣି । ଆହୁରି ଘଣ୍ଟାଏ ସେମାନଙ୍କ ଗହଣରେ କାଟିଦେବାକୁ ମନ ତହଲବିକଳ ହେଉଛି । ହେଲେ ସିଏ ଆଜି କିଛି ଦେଖିବନି ! କୁଆଡ଼େ ଚାହିଁବ ନି । ଏମାନଙ୍କୁ ଦେଖିବାକୁ ଆଜି ଭଳିଆ ଦିନରେ ତା' ପାଖରେ ଆଦୌ ଫୁର୍ସତ ନାହିଁ । ଅନେକ ସ୍ୱପ୍ନରେ ଆଜି ରଙ୍ଗ ଭରିବାକୁ ଅଛି .. କେତେ ନୂଆ ଅନୁଭବ ସହ ମୁହାଁମୁହିଁହେବାକୁ ବାକି ଅଛି । ନିଜହିସାବରେ ବଞ୍ଚିବାକୁ କେବଳ ଆଜି ଦିନଟି ଅଛି ତା'ହାତରେ ! ମନଖୋଲି କରିବାକୁ ଅନେକ କାମ ଅଛି । ସେସବୁକୁ କେମିତି ହାତଛଡ଼ା କରିଦେବ ! କେମିତି ବସିଯିବ ହାତଗୋଡ଼ ଯାକି !

ବୋଉର କଡ଼ା ଶାସନ, ନାଲି ଆଖି, କଟାସିଆ କଥାରୁ କିଛି ଘଣ୍ଟା ପାଇଁ ଆଜି ସେ ମୁକ୍ତ ! ପୂରାପୂରି ମୁକ୍ତ ! ଏପରି ସୁବର୍ଣ୍ଣସୁଯୋଗକୁ କେହି କ'ଣ କରଛଡ଼ା କରିପାରେ ! ମୁକ୍ତିର ସ୍ୱାଦ ଭାରି ଅଲଗା ସତରେ ! ଆଖି ଖୋଲିବା ଦିନରୁ ବନ୍ଧନରେ ବାନ୍ଧିହେଇ ରହିବା ହିଁ ତା'ଭାଗ୍ୟରେ ଲେଖାହେଇଛି । ଯେତେବାଡ଼େଇ ପିଟେଇହେଲେ ବି ବୋଉ କେବେ ତାକୁ ନିଜ ରାଢ଼ଆଖିର ଉହାଡ଼କୁ ଯିବାକୁ ଦିଏନା । ମୁହୂର୍ତ୍ତକ ପାଇଁ କୋଉଠି ଟିକିଏ ବସିଯାଇ ଆକାଶକୁ ଚାହିଁମୁଗ୍ଧ ହେଲାବେଳକୁ ଏମିତି

କିଳିକିଳିଆ ରଡ଼ିଟାଏ ଛାଡ଼ିବ ଯେ ସ୍ୱପ୍ନ ସବୁ ଛାଟିପିଟିହେଇ ପଳେଇଯିବେ ଦୂରକୁ ।

କେତେ ଯୁଗ ପରେ ଆଜି ସେ ବନ୍ଧନ ହୁଗୁଳିଯାଇଛି । ତାକୁ ଏକୁଟିଆ ଛାଡ଼ି ବୋଉ କିଛି ଜରୁରୀ କାମ ପାଇଁ ଆଜି ସକାଳୁସକାଳୁ ପାଖଗାଁକୁ ବାହାରିଯାଇଛି । ଶେଯରେ ଶୋଇଶୋଇ ସିଏ ଅସକତ ମେଣ୍ଢୋଉଥିଲା ବେଳେ ବାହାରେ କିଛି ଗହଳଚହଳ ଶୁଭିଥିଲା । ବୋଉର କାଉଳୁବାଉଳୁ ସ୍ୱର ବି ଶୁଭିଥିଲା । ହେଲେ ଉଠିକି ବାହାରକୁ ଆସି କ'ଣ ଚାଲିଛି ଦେଖିବା କଥାଟା ମନକୁ ଆସି ନ ଥିଲା । ଏପର୍ଯ୍ୟନ୍ତ ବି ରାତିରେ ଦେଖିଥିବା ସୁନେଲି ସ୍ୱପ୍ନର ମୋହକପଣ ପାଖରୁ ସେ ନିଜକୁ ଦୂରେଇ ପାରିନଥିଲା । ଆଉ ଠିକ୍ ସେତିକିବେଳେ ଘର ଭିତରକୁ ପଶିଆସି ତାକୁ ବାହାରକୁ ଯିବାକୁ ଅଛି ବୋଲି ଘୋଷଣା କରିଥିଲା ବୋଉ.. ତାହା ବି ସୁନେଇକୁ ଏକା ଏକୁଟିଆ ଛାଡ଼ିଦେଇ !

ଏମିତି ଏକ ଆଶ୍ଚର୍ଯ୍ୟଜନକ କଥା ଜନ୍ମହେଲା ଦିନରୁ ସିଏ କେବେ ଶୁଣି ନ ଥିଲା । ନିଜ କାନରେ ଶୁଣିକି ବି ବିଶ୍ୱାସ କରିପାରୁ ନ ଥିଲା–ବୋଉ ପୁଣି ତାକୁ ଛାଡ଼ି କେବେ କୁଆଡ଼େ ଯାଇପାରିବ ! ପଚାରିବାକୁ ଇଚ୍ଛା ତ ଥିଲା, ମାତ୍ର ସେ ପଚାରିଲା ନାହିଁ ହଠାତ୍ ଏମିତିକି କାରଣ ଆସି ପହଞ୍ଚିଗଲା ଯେ ତରବର ହେଇ ସେ ବାହାରିକି ଚାଲିଗଲା ବିନା କିଛି ଉପଦେଶ ଦେଇ .. ବିନା ଆକଟ କରି .. ଇଆଡ଼େ ଯିବୁନି, ସିଆଡ଼େ ଯିବୁନିର ବିରକ୍ତିଆ କଥାଗୁଡ଼ା ନ ଶୁଣେଇ ..!

ସିଏ ତ ଖାଲି ଭାବୁଥିଲା ଦୀର୍ଘଜୀବନର ହୁଗୁଳି ଯାଇଥିବା ବନ୍ଧନର ଫାଇଦା କେଉଁ ପ୍ରକାରରେ ନେବ ସେ .. କୁଆଡ଼େ ଯିବ .. କାହାକୁ ଡାକିବ .. କାହା ସହିତ ହସଖୁସିହେବ .. ଝରଣା ସହିତ ସୁର ମିଳେଇ ଗୀତ ଗାଇବ.. କି କୋଇଲିର କୁହୂ ତାନରେ ତାଳ ମିଶେଇ ଝୁମିଝୁମି ନାଚିବ ! ମତୁଆଲା ପବନର ପିଛା କରିବ .. ନା ବାଇଚଢ଼େଇ ପରି ଡେଇଁଡେଇଁ ଚତୁର୍ଦ୍ଦିଗ ଖେଦିଯିବ ! କେତେ କ'ଣ କରିବାକୁ ଅଛି .. କେତେ କ'ଣ ଜାଣିବାକୁ ଅଛି .. ହାତରେ ଖୁବ୍ ଅଳ୍ପ ସମୟ .. ବେଳବୁଡ଼ିଲା ବେଳକୁ ବୋଉ ନିଶ୍ଚୟ ଫେରିଆସିବ । ତାକୁ ଛାଡ଼ି କେବେ କୁଆଡ଼େ ଯାଇ ନ ଥିବା ବୋଉ ସନ୍ଧ୍ୟା ପର୍ଯ୍ୟନ୍ତ ଜମାରୁ ରହିବ ନି କୋଉଠି ।

ଘର ଭିତରକୁ ଅବିଳମ୍ବେ ଫେରିଆସିଲା ସେ । ଲୁଗାପଟା ଭିତରେ ଲୁଚେଇ ରଖିଥିବା ଅପୂର୍ବ ଦରବଟିକୁ କାଢ଼ିହାତ ପାପୁଲିରେ ରଖିଲା । ସବୁଜ ରଙ୍ଗର ବାସ୍ନା ସାବୁନଟାଏ .. କଞ୍ଚା ଆମ୍ବ ପରିକା ବାସ୍ନା ! ନାକ ପାଖକୁ ନେଇ ମନଭରି ଶୁଙ୍ଘିଲା ଜୋର୍‌ରେ । ନାକପୁଡ଼ା ଦେଇ ଶରୀରର ପ୍ରତିଟି କୋଣକୁ ଛୁଇଁଗଲା ସେହି ମନମୁଗ୍ଧକର ବାସ୍ନା । ବୋଉ ଆଖିରୁ ଲୁଚେଇ କାହିଁ କେଉଁଦିନରୁ ସାଇତିକି ରଖିଥିଲା । କେତେଥର ମନ ହେଇଛି ଦେହରେ ଟିକେ ଲଗେଇ ଦେଖିବ ! ହେଲେ ବାହାର କରିବାକୁ ସାହସ ହେଇନି । ଦେଖିଲା ମାତ୍ରକେ ଗର୍ଜି ଉଠିଥାନ୍ତା ସେ .. ଝିଙ୍କି ପକେଇଥାନ୍ତା ଚୁଟି .. ବସେଇ ଦେଇଥାନ୍ତା ଦୁଇଚାରି ଚାପୁଡ଼ା ଗାଲରେ ଆଗ, ତା'ପରେ ପଚାରି ବୁଝିଥାନ୍ତା କୋଉଠୁ ଆସିଲା ଏ ଦରବ !

ସେଇଥି ପାଇଁ ଏତେଦିନରୁ ପାଇଥିଲେ ବି କାହାକୁ କହି ନି କେବେ । ବଉଳ, ମକର, ଚାନ୍ଦ, ସମସ୍ତେ ତାକୁ ଈର୍ଷା କରିଥାନ୍ତେ .. ହାତରୁ ନିଶ୍ଚୟ ଭିଡ଼ିନେଇଥାନ୍ତେ । କିଏ ଜାଣେ ବୋଉକୁ ନ କହିକି କୋଉ ଛାଡ଼ିଥାନ୍ତେ ! ଆଜି ଏତେଦିନ ପରେ ସୁଯୋଗ ଆସିଛି । ସାବୁନ ଲଗେଇ ସିଏ ଗାଧେଇବ । ଏକଦମ୍ ଫିନ୍ ଫିନ୍ ସଫା ଦିଶିବ .. ଠିକ୍ ସେଇ ବଙ୍ଗଳାର ମ୍ୟାଡ଼ାମ୍‌ଙ୍କ ପରି ! ନା, ନା, ଏତେ ସୁନ୍ଦର ହେଇ ପାରିବନି ସେ .. ମ୍ୟାଡ଼ାମ୍‌ଙ୍କ ପରି ତା'ମୁହଁର ଗଢ଼ଣଟା ଏତେ କୋଉ ବାଗ କି ! ତାଙ୍କ କୁକୁରକୁ ସନ୍ଧ୍ୟାବେଳେ ରାସ୍ତାରେ ଯିଏ ବୁଲାଏ, ତା' ପରି ଦେଖାଯାଇ ପାରିବ ବୋଧେ ! ହଁ .. ହଁ .. ତା'ସହିତ ସମାନ ହେବ ସେ !

ତରବର ହେଇ ବାଡ଼ିପଟ କୂଅ ପାଖକୁ ସାବୁନ୍‌ଟା ଧରିଚାଲିଗଲା । କେହି ଆସିଲା ପୂର୍ବରୁ ତାକୁ ଗାଧୁଆ କାମ ସାରିଦେବାକୁ ହେବ, ନ ହେଲେ ବୋଉ କାନକୁ କଥା ଚାଲିଯିବ ନିଶ୍ଚୟ । ଆଉ ତା'ପରେ କ'ଣ ହେବ ତା' ଅବସ୍ଥା, ସେକଥା କେବଳ ସେ ହିଁ ଜାଣେ ।

କାଗଜର ଖୋଳ ଭିତରେ ଅଛି ସାଗୁଆ ରଙ୍ଗର ସାବୁନ .. ଏକଦମ୍ ନରମ ଆଉ ଚିକ୍କଣ । ଖୋଳରୁ କାଢୁକାଢୁ ପେଟ ଭିତରକୁ ପଶିଗଲା ପେଟେ ବାସ୍ନା । ତାକୁ ହାତରେ ଧରୁଧରୁ ଆଖି ଆଗରେ ନାଚିଗଲା ସାବୁନ୍ ଦେଇଥିବା ଲୋକର ମନମୋହିନିଆ ହସ । ଲାଗିଲା ସିଏ ଯେମିତି ମାଟିଛାଡ଼ି ଧୀରେ ଧୀରେ ଆକାଶ ଆଡ଼କୁ ମାଡ଼ି ଯାଉଛି । ଦୁଇହାତରେ ବାଦଲକୁ ଛୁଉଁଛି । ... ପାଣିହାତ କରିଗାଲରେ ଟିକିଏ ସାବୁନ୍ ଫେଣବୋଳିଦେଲା ବେଳେ ଅପୂର୍ବ ଶିହରଣରେ ଉଲ୍ଲସିତହୋଇଉଠିଲାସୁନେଇର ଦେହ ମନ ! ମୁକାଏମର ହସିଲା ହସିଲା ଆଖି ଆଉ ସେ ଆଖିରେ ଭରିରହିଥିବା ତା' ରୂପଯୌବନ ପ୍ରତିମୁଗ୍ଧଭାବ ମନ ଦର୍ପଣରେ ଉକୁଟି ଆସିଲା । ଲାଜେଇ ଉଠିଲା ସୁନେଇ ! ସେଦିନର କଥା ମନେପଡ଼ିଝିମ୍ ମାରିଗଲା ଦେହ .. ଆଖିରେ ଭରିଗଲା ଇନ୍ଦ୍ରଧନୁଆ ସ୍ୱପ୍ନ..ମାଡ଼ିଗଲା ମନ ଇଆଡ଼େସିଆଡ଼େ !

କେଡ଼େ ସନ୍ତର୍ପଣରେ ବୋଉ ଆଖିର ଆଡୁଆଳରେ ସେଦିନ ତାକୁ ଏ ସାବୁନ୍‌ଟିକୁ ଧରେଇ ଦେଇଥିଲା ସେ ସତରେ ! ସେଇ ବାହାନାରେ ଚାପି ଦେଇଥିଲା ହାତକୁ ଧିରେ । ଗୋଟାପଣେ ଝାଳେଇଉଠିଥିଲା ସୁନେଇ । ଧକ୍ ଧକ୍ କରିଉଠିଥିଲା ଛାତି । ଏପରି ଅନୁଭବ ଦେଇ ଆଗରୁ କେବେ ଗତି କରି ନ ଥିଲା ସେ । ହାତ ଅଟକି ଯାଇଥିଲା ବାଲି ଗାଙ୍ଗୁଲାଟା ଉଠୋଉ ଉଠୋଉ । ମୁଠା ଭିତରେ ସାବୁନ୍‌ଟିକୁ ଲୁଚେଇ ନଉ ନଉ ବିଭୋର ହୋଇଯାଇଥିଲା ସ୍ୱପ୍ନରେ !

ଆଉ ଠିକ୍ ସେତିକିବେଳେ ବୋଉ ଦୁଇଖୋଜ ଦୂରକୁ ଚାଲି ଯାଇଥିବାର ଦେଖି ମୁକାଏମ୍ କୋଉ ଖଞ୍ଜରେ ତା' ଗାଲରେ ଟିପ ମାରିଦେଇଥିଲା ।

କିସେ ଅନୁଭବ ..! କି ସେ ମିଠାପଣ ..! ସାରାରାତି ଆଖିରେ ଆଖିରେ ବିତିଗଲା ! ଦିନସାରା ଖରାରେ ଖଟିଖଟି ଥକି ଯାଇଥିବା ଦେହଟା, ଘଡ଼ିଏ ଶୋଇ ପଡ଼ିବାକୁ ଅଥୟ ହେଉଥିବା ବେଳେ ମନ କହୁଥିଲା ସେମିତି ଚାହିଁଚାହିଁ ସପନ ଦେଖିବ ! ସପନରେ ନିଜ ପାଇଁ ନୂଆ ସଂସାର ରଚିବ .., ଇଟା ବାଲିମାଟି ଛାଡ଼ି ଅଗଣା ଲିପିବ ! ଭାତ ତରକାରୀ ରାନ୍ଧିମୁକାଏମର ବାଟ ଚାହିଁ ବସିବ ! ତା'ମୁହଁରୁ ନିଜର ଭୁରିଭୁରି ପ୍ରଶଂସା ଶୁଣିବ !ଏ ଧୂସରିଆ ଜୀବନଟା ପାଲଟି ଯିବ ସାଗୁଆ ଧାନ କ୍ଷେତଟିଏ .. ହସି ଉଠିବ ତା' ଶୁଷ୍କ ପୃଥିବୀ, ବର୍ଷାପାଣି ପିଆ ଝରଣା ହୋଇ !

କିନ୍ତୁ ହେଲା ବା କୋଉଠି ! ବୋଉର କଟାସ ଆଖି କିଛିବାରିପାରିଲା ଭଳି ଆହୁରି ସତର୍କ ହେଇଉଠିଲା । ଘରୁ ବାହାର ଯାଏଁ ଖାଲି ତା' ପଛେ ପଛେ ରହିଲା । ଟିକିଏ ବି ମଉକା ନଥିଲା ମୁକାଏମ୍‌ର ଆଖି ମିଟିକାରଉତ୍ତର ଦେବାକୁ..କିସିଏ ଆଣିଥିବା ନଖ ପାଲିସି ବିନ୍ଦି ଚୁଡ଼ି ହାତେଇ ନେବାକୁ । ତହଲ ବିକଳ ମନ ନେଇ କାମକୁ ଗଲାବେଳେ ନିତି ଖାଲି ଠାକୁରଙ୍କୁ ଡାକୁଥିଲା – କେମିତି କରି ବୋଉକୁ ଦୂରକୁ ନେଇଯିବାକୁ । କେବେକେବେ ମନକୁ ଏକଥା ବି ଆସେ ଯେ ଆଜି ବୋଉ ହାତକି ଗୋଡ଼ରେ ସେ ବଡ଼ମେସିନ୍‌ଟା ପିଯାଆନ୍ତା କି ! କିଛି ଦିନ ପାଇଁବୋଉ ଆଉ କାମକୁ ଯାଇ ନପାରନ୍ତାକି ! ପର ମୁହୂର୍ତ୍ତରେକିନ୍ତୁ ଥୁ ଥୁ କରିଛାତିକୁ ଲେଣ୍ଡାଏ ଛେପ ପକେଇଦିଏ – ବୋଉ ବିଷୟରେ ଏମିତି କଥା କେମିତିବା ଭାବିପାରିବ ! ଏତେବଡ଼ ଦୁନିଆରେ ବୋଉ ଛଡ଼ା ତା'ର ଆଉ କିଏ ଅଛି ! ତା'ର କିଛି ହେଇଗଲେ ସିଏ ବଞ୍ଚିବ କେମିତି ? ନା, ନା, ଥାଉ .. ବୋଉର କିଛି ନ ହେଉ ହେ ଠାକୁର ! ତାକୁ ଖାଲି କିଛି ଦିନ ପାଇଁ ମୁକ୍ତି ମିଳିଯାଉ !

ଆଉ ଆଜି ଏତେ ଦିନ ପରେ ତା'ର ଡାକ ଠାକୁରେ ଶୁଣିଛନ୍ତି .. ବୋଉକୁ ପଠେଇ ଦେଇଛନ୍ତି ବାହାରକୁ । ଯାଉ ଯାଉ ବୋଉ କିଛିକହିକି ଯାଇନି । ତା'ମାନେ ଆଜି ସେ ଏକା ଏକୁଟିଆ କାମକୁ ଯାଇ ପାରିବ !

ଗାଧୋଇବାକୁ ଆଜି ବେଶ୍ ସମୟ ନେଲା । ଏଡ଼ିକି ଛୋଟିଆ ସାବୁନ୍ ଖଣ୍ଡକର ପୁଣି ଏତେ କରାମତି ସତରେ ! ମହମହ ବାସ୍ନାରେ ଦେହମୁଣ୍ଡ ମହକି ଉଠୁଥିଲା । ମୁକାଏମ କହିଥିଲା ଏଇଟା ଏମିତି ସେମିତି ସାବୁନ୍ ନୁହେଁ .. ଏଗୁଡ଼ା ଖାଲି ସହରରେ ମିଳେ । ସହରୀ ଲୋକମାନେ ୟା'କୁ ଲଗେଇ ଗାଧାନ୍ତି ବୋଲି ତାଙ୍କ ଦେହ ହାତ ଏତେ ନିର୍ମଳ !

ହଁ, ହେଇଥିବ ତ ! ଧନାଭାଇ ଦୋକାନରେ ଯୋଉ ସାବୁନ ମିଳେ, ପୁନିଅଁ ପରବରେ ବୋଉ କେବେକେବେ ଆଣେ ଯେ, ହେଲେ ସେଗୁଡ଼ା ପୂରା ପଥର ପରି ଲାଗେ । ଫେଣ ତ ବିଲକୁଲ୍ ବାହାରେନି । ଆଉ ଏଥିରୁ ! ! ଆହା .. ହା .., କି ବାସନା .. କି ନରମ .. କେତେଫେଣ ..! ହାତରେ ଧରୁ ଧରୁ ହିଁ ମନଟା ଉଲ୍ଲସି ଯାଉଛି !

ଖରାରେ କାମ କରିକରି ଝାଉଁଳି ପଡ଼ିଥିବା ଦେହଟାରେ ସାବୁନ୍‌ଟା ବାଜୁବାଜୁ ଚିକିମିକି କରିବାକୁ ଲାଗିଲା । ମନ କହୁଥିଲା ଆଜି ବେଶ୍ ସଜେଇହେବ ! ସମସ୍ତଙ୍କ ଆଖିରେ ଚମକ ଖେଳିଗଲା ପରି ବେଶ ହେବ । ଦଶରା'କୁ ଯୋଉ ନୂଆ ଶାଢ଼ିଟା ବୋଉ ସନିଆଭାଇ ଦୋକାନରୁ କିଣିକି ଆଣିଥିଲା, ସେଇଟାକୁ ପିନ୍ଧି ଆଜି କାମକୁ ଯିବ । ବାହାଘର ସରୁ, ତା'ପରେ ପିନ୍ଧିବୁ କହି ବୋଉ ତାକୁ ପେଟେରା ଭିତରେ ଲୁଚେଇକି ରଖିଦେଇଛି । ସେଇଟାକୁ ଆଜି ସେ କାଢ଼ିବ । ବୋଉ ଫେରିଲା ପୂର୍ବରୁ ତ କାମରୁ ଲେଉଟି ଆସିବ ସେ, ଆଉ ଚୁପ୍ କରି ଯୋଉଠି ଥିଲା ସେଇଠି ଭାଙ୍ଗିଭୁଙ୍ଗି ରଖିଦେଲେ ବୋଉ କୋଉ ଜାଣିବ ! କେବେ ତା' ବାହାଘର ହେବ .. କାହା ସହିତ ବାହେବ .. କେତେ ଦୂରରେ ଯାଇହେବ – କିଛି ଜଣା ନାହିଁ ! ଆଉ ବୋଉର ବୁଦ୍ଧିକୁ ଦେଖ – ଏବେଠୁ ଶାଢ଼ି ସାଇତିବା ଆରମ୍ଭ କରିଦେଲାଣି ! ତା'ର ଏମିତିଆ ବିଚିତ୍ର ବୁଦ୍ଧି ଦେଖିଲେ ତାକୁ ହେଁହେଁହୋଇ ହସିବାକୁ ମନ ହୁଏ, ଆଉ ତାକୁ ସେମିତି ହସିବାର ଦେଖିଲେ ବୋଉର ରାଗ ଚଢ଼େ ।

ଏଇଟା ଅବଶ୍ୟ ତାକୁ ଭଲ ଭାବରେ ଜଣା ଯେ ତା' ବାହାଘରରେ ଆଉ ବେଶି ଡେରିହେବାକୁ ନାହିଁ । ତେର ପୂରି ଚଉଦ ଚାଲିଲାଣି ବୋଲି,ବୋଉ ଆଖିରୁ ନିଦ ଉଭାନ୍ ହେଇଗଲାଣି କେବେଠୁ । ରାସ୍ତାଘାଟ, ହାଟବଜାର, ସାହିପଡ଼ିଶା ଯିଏ ଯୋଉଠି ଯେତେବେଳେ ଦେଖାହେଲେ ତା' ଆଗରେ କାକୁତିମିନତି ହେଇ ବୋଉ ଖାଲି ଗୋଟିଏ ଗୁହାରି କରୁଛି – ମୋ ସୁନେଇ ପାଇଁ ଭଲ ବରଘରଟିଏ ଖୋଜି ଦିଅନ୍ତ ନି ! ବାପ ନ ଥିଲା ଝିଅକୁ ନିଜ ଝିଅ ମଣି ତା' ପାଇଁ ଟିକିଏ ଲାଗି ପଡ଼ନ୍ତ ନି !

କେବେକେବେ ଶୁଣିଲା ଲୋକହସିଦେଇ ଗମାତ କରନ୍ତି ତ ଆଉ କେହିବୁଝିଦେବାର ନିର୍ଭର ପ୍ରତିଶ୍ରୁତିଦେଇ ଆଗେଇ ଯାଆନ୍ତି । ସେମାନଙ୍କ ଆଶ୍ୱାସନାରେ ବୋଉର ନିରାଶମନର ଶୁଖିଲାଡାଳରେ ପତ୍ର କଅଁଳି ଉଠେ । ଉଲ୍ଲସିତ ମନ ବିନା କାରଣରେ ଗୁଣୁଗୁଣେଇ ଉଠେ । ତା'ର ସେ ଉଜ୍ଜ୍ୱଳିଆ ମୁହଁକୁ ଚାହିଁ ମୁଗ୍ଧହୁଏ ସୁନେଇ । ଅଜଣା ସ୍ୱପ୍ନ ସବୁ ବିନା ଅନୁମତିରେ ପଶିଆସନ୍ତି ମନ ଆକାଶକୁ ! ତାକୁ ଲାଗେ ତା'ହାତ ମୁଠାରେ ଜହ୍ନ ଆସିଯାଇଛି ସତେକି !

ମାତ୍ର ଖୁବ୍ ଶୀଘ୍ର ସବୁ ଅନୁଭବ ହଳଦୀବସନ୍ତ ସାଜି ଏ ଡାଳରୁ ସେଡାଳକୁ ଡେଇଁଡେଇଁ ଉଭେଇ ଯାଆନ୍ତି ନିଜ ନିଜ ବାଟରେ । ଆଶ୍ୱାସନା ଦେଇଥିବା ଲୋକର କିଛି ପତାଅତା ମିଳେନା, କି କୋଉ ବରଘର ପଟରୁ କେବେ ଖବର ବି ଆସେନା । ଉଦାସ ହୋଇପଡ଼େ ବୋଉ । ଘରକଣରେ କାନିରେ ମୁହଁଲୁଚେଇ ଭୋଭୋ କାନ୍ଦେ । ନିଜ

ଭାଗ୍ୟକୁ ଯେତିକି ନିନ୍ଦବା କଥା, ନିନ୍ଦି ସାରିଲା ପରେ ସୁନେଇ ଉପରେ ବାକିତକ ରାଗ ଓଜାଡ଼ି ଚାଲିଯାଏ ।

କିଛିଦିନ ଆଗରୁ ଏତେବେଶି ଭାବୁ ନ ଥିଲା ମ ! ମାତ୍ର ଯେବେଠୁ ବାପା ବିଷୟରେ ଉଡ଼ାଉଡ଼ା ଖବର ସବୁ ଆସି ତା'କାନରେ ପଡ଼ିଲାଣି, ସେବେଠୁ ଖାଲି ରଡ଼ିରାଖୁଡ଼ି ହେଉଛି । ସେମିତି କିଛି ଖବର ତା'ଝିଅ ସହିତ କାଳେ ଘଟିଯିବ, ସେଥିପାଇଁ ରାତିଦିନ ଏକ୍ କରି ଲାଗିପଡ଼ିଛି । କେତେ ଶୀଘ୍ର ସୁନେଇକୁ ହାତକୁ ଦି'ହାତ କରି ଗଙ୍ଗାସ୍ନାନ କରିବ, ସେଇ ଚିନ୍ତାରେ ରାତିଶୋଉନି ! ବାହାଯୋଗ୍ୟ ଝିଅର ଚିନ୍ତା, ସବୁ ଚିନ୍ତାଠାରୁ ଅଧିକ ! ବଢ଼ିଲାଝିଅର ସୁରକ୍ଷା ଚିନ୍ତା,ସେ ଚିନ୍ତାଠୁ ଆହୁରି ଅଧିକ । ସେଥିପାଇଁ ଆଜି ପର୍ଯ୍ୟନ୍ତ ଘର ଛାଡ଼ି କେବେ କୁଆଡ଼େ ସେ ଯାଇନି । ଯଦି ବା ଯିବାକୁ ପଡ଼େ, ତେବେ ସୁନେଇକୁ ସାଙ୍ଗରେ ନେଇକି ହିଁ ଯାଇଛି । ଗୋଡ଼େଗୋଡ଼େ ଜଗିଥିବ ! କାହାର ନଜର ଝିଅ ଉପରେ ପଡ଼ିବା ପୂର୍ବରୁ ଏମିତି ପାଟିକରି କଙ୍ଗେଇ ଦେବ ଯେ ଦିନେ କାଳେ ଆଉ ନଜର ପକେଇବାକୁ ବି ଲୋକଟା ସାହସ କରିବନି !

ତା'ର ଏଇ ପୁଲିସିଆ ନୀତି କିନ୍ତୁ ସୁନେଇକୁ ଜମାରୁ ଭଲ ଲାଗେନି । ଏତେଗୋଟେ ବାଡ଼ ପକେଇ ବସିବ କାହିଁକି ଯେ ! କିଏ ଏମିତି କ'ଣଟାକରି ପକୋଉଛି କାହାର ! ଦୁନିଆ ସାରାଲୋକଙ୍କୁ ଏତେ ଯଦି ଅବିଶ୍ୱାସ କରିବ, ତେବେ ଜୀଇଁବ କେମିତି ! ପ୍ରତି କଥାରେ ଏତେବେଶି ଭୟ ଆଉ ଉଦ୍‌ବେଗ ଭିତରେ ରହିବାଟା ତାକୁ ଭାରି ଅପସନ୍ଦ .. ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହେଇଗଲା ପରି ଲାଗେ । କିନ୍ତୁ ଯେତେ ରାଗମାଡ଼ିଲେ ବି ବୋଉର କଥାକୁ ଅମାନ୍ୟ କରିବାର ସାହସ କେବେକରି ପାରେନି । କାହିଁକି କେଜାଣି ବୋଉକୁ ଦେଖିଲେ ଭାରି ଗୋଟେ ଡର ମାଡେ ! ତା'ର କିଳିକିଳିଆ ରଡ଼ିଶୁଣିଲେ କଲିଜା ପାଣି ହେଇଯାଏ । ସେଇଥି ପାଇଁ ଗାଁସାରା ଲୋକ ଆଜି ଯାଏଁ ବାଡ଼ ସେପଟେ ଠିଆହେଇ ଯାହା କହିବାର ଥାଏ କହନ୍ତି, ଆଉ ସେଇଠୁ ହିଁ ଲେଉଟିଯାଆନ୍ତି ! ଅନ୍ୟମାନଙ୍କ କଥା ଯାହିତାହି, ତା'ଚାନ୍ଦ ବଉଳ ମକର ବି ବୋଉ ପାଟିକୁ ଡରି ଘର ଯାଏଁ କେବେ ଆସିବାକୁ ଇଚ୍ଛାକରନ୍ତି ନି ପରା ! ସବୁବେଳେ ବାଡ଼ିପଟ କୂଅ ମୂଳ ପାଖକୁ ଆସି ଇଶାରା କରିବେ .. ନ ହେଲେ କାମକୁ ଗଲାବେଳେ ଆମ୍ବଗଛ ପାଖେ ତାକୁ ଅପେକ୍ଷା କରି ଠିଆ ହେଇଥିବେ ।

ଜଲଦିଜଲଦି କାମ ଜାଗାରେ ପହଞ୍ଚିବାକୁ ଥାଏ ବୋଲି ସେତେବେଳେ ପାଟିଚୁପ୍ କରି ରହିଯାଏ ବୋଉ । ନହେଲେ ସେମାନଙ୍କୁ ବି ତା'ର ଭାରି ସନ୍ଦେହ । ବେଶି ଗୁଡ଼େ ହେଁହେଁପେଁପେଁ ହେଉଥିବା ଝିଅମାନଙ୍କ ପ୍ରକୃତି ଭଲ ନ ଥାଏ ବୋଲି ସବୁବେଳେ କୁହେ । କି ଆଶ୍ଚର୍ଯ୍ୟ ! ଏମିତିକି ପ୍ରକୃତି ଛଡ଼ା କାମ ସେମାନେ କରନ୍ତି ଯେ ତାଙ୍କ ସହିତ ମିଶିବାକୁ ମନା କରେ ! କାହିଁ ତାକୁ ତ କେବେ ସେମିତି କିଛି ଖରାପ ଲାଗିନି ଆଜି ପର୍ଯ୍ୟନ୍ତ !

ବୋଉ ନଜରରେ ଏଠି ସମସ୍ତେ ଗୋଟିଏ ଗୋଟିଏ କଞ୍ଚା ମଣିଷ ମାଉଁସଖିଆ ରାକ୍ଷସ ! କେତେବେଳେ କୋଉ ଦୁଷ୍ଟରାକ୍ଷସର ଲୋଲୁପ ଦୃଷ୍ଟି ପଡ଼ି ତା' ସଂସାର ଉଚ୍ଛନ୍ନହୋଇ ନ ଯିବ ବୋଲି କିଏ କହିପାରିବ ! ସେଇଚିନ୍ତାରେ ତ ତାକୁ ରାତିରେ ଠିକ୍‌ରେ ନିଦ ହୁଏନା କି ଦିନରେ ଭୋକ ଲାଗେନା ।

ଏଗୁଡ଼ା ଶୁଣିଲେ ଭାରି ଆଶ୍ଚର୍ଯ୍ୟ ଲାଗେ ସୁନେଇକୁ । କାହିଁକି ଅଯଥାରେ ଏତେ ଭୟ କରୁଛି ବୋଉ ! କାହିଁକି ସନ୍ଦେହ କରୁଛି ସମସ୍ତଙ୍କୁ ! ତାକୁ ତ କାହିଁ କେହି ଜଣେ ବି ଖରାପ ଲାଗନ୍ତି ନି ! ବରଂ ସମସ୍ତଙ୍କ ନଜରରେ ନିଜ ପ୍ରତି ତାକୁ କେବଳ ସ୍ନେହ ଆଉ ଆଦର ହି ଦେଖାଯାଏ ! ଯାହା ଆଖିରେ ଏତେ ଭଲ ପାଇବା ଥିବ .. ଏତେ ନିଜରପଣ ଥିବ, ତାକୁ କ'ଣ ସତରେ ଭୟ କରିପାରିବ କେହି ! କେମିତି କେଜାଣି ଏଇ ସାମାନ୍ୟ କଥାଟାକୁ ବୋଉ ବୁଝି ପାରେ ନି .. ସିଏ ବହୁତ ଚେଷ୍ଟାକରି ତାକୁ ବୁଝେଇବି ପାରୁନି । ଓଲଟି କଥାଟାକୁ କହିଲା ମାତ୍ରକେ ଖାଉଁକିନା ମାଡ଼ି ଆସେ ସେ – 'ବେଶି ଗୁଡ଼େ ମାମଲତକାରୀ ଆଉ ଦେଖାନି ମ ! ମତେ ପୁଣି ମଣିଷ ଚିହ୍ନେଇବୁ ତୁ ? କାଲିକା ଛୁଆ .. ତୁ କ'ଣ ଜାଣିବୁ ମରଦଙ୍କ ଫନ୍ଦିଫିକର ! ଯାହା ତତେ ସ୍ନେହ ଆଦର ବୋଲି ମନେ ହେଉଛି, ସେଇ ହିଁ ତ ସବୁ ଡର ପଶୋଉଛି ମନରେ ! .. ଯା' ଯା', ଘର ଭିତରେ ବସ .. ବାହାରଟାରେ ଏତେ ଟଙ୍ଗରଟଙ୍ଗରହେବା ଦରକାର ନାହିଁ ! ଡାହାଳ କୁକୁରର ଆଖି ପଂଝା ମାରିବାକୁ ଅନେଇ ବସିଛି .. ଗୋଟାଏମୁହୂର୍ତ୍ତରେ ସବୁ ସାରିଦେବ !'

କ'ଣ ସାରିଦେବ .. କେମିତି ସାରିଦେବ .. କାହାର ବା ସାରିଦେବ .. ସେ ବିଷୟରେ ଆଉ କିଛି କୁହେନା ବୋଉ । ବେଶି ପଚାରିଲେ ନାଲି ଆଖି ଦେଖେଇ ତାଗିଦ କରେ । 'କେତେ ବଜରବଜର ହେଉଛୁ'କହି, ଘର ଭିତରକୁ ଘୋଷାରିନେଇ ଦରଜାରେ କୁହୁଣ୍ଡା ଲଗେଇ ଦିଏ ।

ତେବେ ଆଜିର କଥା ଦୋସରା ! ସକାଳୁ ସକାଳୁ ଏମିତି ତରବର ହେଇଯାଇଛି ଯେ ସୁନେଇକୁ କ'ଣ କରିବୁ .. କ'ଣ ନ କରିବୁର ତାଗିଦା ବି କରିପାରିନି ! କାମକୁ ଯିବା ନ ଯିବା କଥା ବିକହିନି !

ଭଲ ହେଲା ତରବରହେଇ ପଳେଇଛି । ଗୋଟାଏ ଦିନ ତ ତାକୁ ନିଜହିସାବରେ ବଞ୍ଚିବାକୁ ମିଳିଗଲା ! ସିଏ ଆଜି ଚଢ଼େଇ ପରି ନୀଳ ଆକାଶରେ ଡେଣାଝାଡ଼ିଝାଡ଼ି ଘୂରିବୁଲିବ .. ପରଜା ପତି ହେଇ ଏ ଫୁଲରୁସେ ଫୁଲକୁ ଛୁଇଁଛୁଇଁ ଯିବ ! ନଈର ମାଛ .. ଘାସ ପଡ଼ିଆର ଟିକିଚଢ଼େଇ ... ସମସ୍ତଙ୍କ ଜୀବନ ଜିଇଁବ ! ତାକୁ ଟିକିଏ ବି ଡରଭୟ ନାହିଁ ...କାହା ପ୍ରତି ରାଗରୋଷ ନାହିଁ .. ସମସ୍ତେ ତା'ର ଅତି ପ୍ରିୟର .. ସମସ୍ତଙ୍କର ସେ ପ୍ରିୟର ! କେତେ ମିଠାମିଠା ବ୍ୟବହାର ସେମାନଙ୍କର ! ମୁକାଏମ .. ଠିକାଦାର ..ଗାଁ ସରପଞ୍ଚର ପୁଅ ମହିଶ .. ସମସ୍ତେ ଭାରି

ଭଲ ! କିଛି ଦିନରୁ ଗାଁକୁ ଆସୁଥିବା ସେ ସହରୀ ବାବୁମାନେ .. ସେମାନଙ୍କ ପରି ଭଲ ମଣିଷ ତ ଆଜି ଯାଏଁ କେବେ ସେ ଦେଖିନି । ମକର,ଚାନ୍ଦ ସମସ୍ତେ ଆଜି ସେଇମାନଙ୍କ ପାଇଁ କେତେ ଫୁଲେଇହେଇ ବୁଲୁଛନ୍ତି ! କାହାମୁଣ୍ଡରେ ନାଲି ଚକମକିଆ ରିବନ ତ ଆଉ କାହା ବାଳରେ ବାସତେଲ .. କାହା ନଖରେ ଗୋଲାପି ନଖ ପାଲିସି ତ କାହା ପାଦରେ ଅଳତା .. କେହିକେହି ତ ନୂଆ ଜାମାପଟା ବି ପିନ୍ଧୁଛନ୍ତି ! ଖାଲି ତା'ରି କପାଳ ମନ୍ଦ ବୋଲି ସମସ୍ତଙ୍କର ସେସବୁ ଜିନିଷ ଆଡ଼କୁ ଲୋଭିଲା ନଜରରେ ଚାହିଁଚାହିଁ ତାକୁଦିନ କାଟିବାକୁ ପଡୁଛି !

ବୋଉ ସେକଥା ଜମାରୁ ବୁଝେନି କାହିଁକି କେଜାଣି ! ଖାଲିଟାକୁ ପାଟିକରି ସେମାନଙ୍କୁ ଘଉଡେଇ ଦେଇ ସୁନେଇକୁ ବାରଣକରେ ସେମାନଙ୍କ ସହିତ ମିଶିବାକୁ । 'ଆଜି ଯୋଉ ଦରବ ପାଇ ଖୁସି ହେଉଛନ୍ତି, କାଲିକୁ ସେଇସବୁ ସେମାନଙ୍କୁ ନେଇ ଖାଇରେ ପକେଇଲା ପରେ ଯାଇ ବୁଝିବେ ସେମାନେ !'

ହୁଁ .. ଖାଇ ନା ଆଉ କିଛି ! ଏ ଗାଁରେ ଏତେ ଯୁଗ ପରେବାହାର ରାଇଜରୁ ସାଇବମାନେ ଆସିଛନ୍ତି । କିଛି ଗୋଟେ ସରକାରୀ ଯୋଜନାରେ ଏଠିକାର ବଡ଼ ନଈ ଉପରେ ବନ୍ଧଟିଏ ତିଆରି ଚାଲିଛି । ନଈ ସେପାଖରୁ ଯିବାକୁ ରାସ୍ତାଟିଏ ନାହିଁ ବୋଲି ଏଇ ଗାଁଟାକୁ ଆଡ଼େବାକି ରାଇଜରୁ ଅଲଗା ହେଇକି ରହିଛି । କେହି ଆସି ପାରୁନାହାନ୍ତି କି ସରକାରଙ୍କର କିଛି ଯୋଜନା ଲୋକଙ୍କ ପାଖରେ ପହଞ୍ଚୁ ନାହିଁ । ଆଗକୁ ଭୋଟ୍ ଅଛି । ତା' ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ସେଥିପାଇଁ ବନ୍ଧ ତିଆରି ଚାଲିଛି ।

ଏସବୁ କଥା ତାକୁ ବିଶେଷ କିଛି ବୁଝା ପଡ଼ି ନାହିଁ ଆଜି ପର୍ଯ୍ୟନ୍ତ । ଖାଲି ଏତିକି ଜାଣିଛି ଯେ ଯୋଉ ଦିନ ନଈ ଉପରେ ବନ୍ଧ ବନ୍ଧାହେଇଯିବ, ଏ ସହରୀବାବୁମାନଙ୍କ ଗାଁକୁ ଆସିବା ବନ୍ଦ ହେଇଯିବ । ଖାଲି ସେମାନେ ନୁହେଁ, ତାଙ୍କ ସାଥେ ସାଥେ ଠିକାଦାର, ମୁକାଏମ୍ ସମସ୍ତେ ବାହାରିକି ଚାଲିଯିବେ । ଶୂନ୍ ପଡ଼ିଯିବ ଗାଁ ଆଗ ପରି । ସେମାନଙ୍କ ରୋଜଗାର ବନ୍ଦ ହେଇଯିବ । ଦିନରାତି ଗାଡିମଟରର ଏ ପେଁ ପାଁବି ନା ଗାଁଟା କେତେ ଶମଶାନିଆ ଲାଗିବ ସତରେ !

ସେକଥା ମନକୁ ଆସିଲା ମାତ୍ରେ ଆଖିରେ ଲୁହ ଆସିଯାଏ ତା'ର । ହେଲେ ବୋଉ ସେଇ ଦିନ ଶୀଘ୍ର ଆସିବା ପାଇଁ ଠାକୁରଙ୍କୁ ମୁଣ୍ଡିଆମାରେ .. ମୁକାଏମକୁ ବାରମ୍ବାର ଯାଇ ପଚାରେ ! କି ଆଶ୍ଚର୍ଯ୍ୟ କଥା ! ଯେବେଠୁ ବନ୍ଧକାମ ଚାଲିଲାଣି ସେବେଠୁ ପେଟ ପୂରେଇ ଖାଇବାକୁ ମିଳୁଛି ସମସ୍ତଙ୍କୁ ବୋଲି ସମସ୍ତେ କେତେ ଖୁସି ଅଛନ୍ତି, ଆଉ ବୋଉ ପେଟରେ ଓଦାକନା ପକେଇଶୋଇବା କଥା ଚିନ୍ତା କରୁଛି !

ବୋଉର ହିସାବକିତାବ ସତରେ ତା'ମୁଣ୍ଡରେ ପଶି ପାରୁନି । ଏତେଲୋକ କାମ କରିବାକୁ ଆସୁଛନ୍ତି । ବଡ଼ଠୁ ଛୋଟ, ବୁଢ଼ାଠୁ ପିଲା, ମରଦ ମାଇପେ କେତେ ବୋଲି କେତେ ଲୋକ, ସେଠିକୁ ଗଲା ବେଳେ ଏ ଚିରାଫଟାଲୁଗା ପିନ୍ଧିଲେ ତାକୁ ଭାରିମାଡ଼ି ପଡୁଛି । କିନ୍ତୁ ବୋଉର ଏକାଜିଦି ଏମିତି ଅଭେକା ହେଇକି ହିଁ ଯିବାକୁ ! ଭଲରେ ଲୁଗା ଖଣ୍ଡେ ପିନ୍ଧିବାକୁ .. ମୁଣ୍ଡ କୁଣ୍ଡେଇବାକୁ .. ଆଖିରେ ଗାରେ କଜଳ ନାଇବାକୁ ଭାରି ମନ ହୁଏ ତା'ର । ହେଲେବୋଉ କ'ଣ ସେସବୁ କରେଇ ଦିଏକି ! ଦେଖିଲା ମାତ୍ରକେ ଗର୍ଜିଉଠେ– କିମ୍ପୀରମୁହଁରେ ପଶିବାକୁ ଏତେ କାହିଁ ମନ କରୁଛୁଲୋ ପୋଡ଼ା ମୁହଁ ? ବାପ କ'ଣ କମ୍ ଦହଗଞ୍ଜ କରିମାରିଛି ଯେ ଆହୁରି ତୁ ନାଟ ଲଗେଇବାକୁ ଚାହୁଁଛୁ ? ତତେ ହଜାରେ ଥର କହିଛି ଏମିତି ବେଶପାଟକା ହେଇ ଦାଣ୍ଡଦୁଆରେ ଟଙ୍ଗର ଟଙ୍ଗରହେବୁନି .. ତୋ'କାନରେ କ'ଣ ତେଲ ପଶିଛି ନା ନିଆଁ ?

ଏମିତିଗାଳିମନ୍ଦ ତ ବେଶ୍ କରିପାରେ, କିନ୍ତୁ ଥରଟେ ବି କୁହେନି କାହିଁକି ବେଶ ହେବ ନି ସେ ! କାହିଁକି ଦାଣ୍ଡପିଣ୍ଡାରେ ଯାଇ ଠିଆହେବନି ! ସବୁଠୁ ବଡ଼ କଥା ହେଲା ବାପା ନାଁରେ ବୋଉ ସବୁବେଳେ ଗାରୁଗାରୁ ହେଲେ ବି କେବେ ଖୋଲିକି କୁହେନି କ'ଣ କଲେ ବାପା ତା'ର .. ଆଉ କୁଆଡ଼େ ଛାଡ଼ିକି ଗଲେ ତାକୁ !

ବହୁତ ଭାବେ ସୁନେଇ .. ରାତିଦିନ ଏକାକାର ହେଇଯାଏ ଭାବିଭାବି, ମାତ୍ର ଏ ଅଡୁଆ ସୂତାର ଗଣ୍ଠି ତା'ଦେଇ ମୋଟେ ଖୋଲେନି । ସବୁବେଳେ ବୋଉର ଏମିତି କାହିଁକି ମନଟା ଡହଳବିକଳ ହଉଥାଏ, କାହିଁକି ଅଧ ରାତିରେ ଟିକିଏ କୋଉଠୁ ଖୁଡ଼୍‌କିନା ଶବ୍ଦ ହେଲେ ଚମକି କି ଉଠିବସେ.. ଆଉ ଠେଙ୍ଗାଟାକୁ ମୁଠେଇ ଧରି ଯାଇ ଘର ବାହାର ଦରାଣ୍ଡି ପକାଏ, 'କିଏରେ ସେଠି .. କ'ଣ କରୁଛୁ .. କାହିଁକି ଆସିଛୁ ରେ ବାଡ଼ିପଡ଼ା'ବୋଲି ଚିତ୍କାର କରି ସମସ୍ତଙ୍କ ନିଦ ଭାଙ୍ଗେ ... ଏସବୁ ଜମାରୁ ବୁଝା ପଡ଼େନି ସୁନେଇକୁ ! କିପ୍ରକାରର ଭୟ ଇଏ ସତରେ ! ସାହି ପଡ଼ିଶାର ଲୋକମାନେ କ'ଣ ଚୋର ନା ଖଣ୍ଡ ନା ବଦ୍‌ମାସ .. ସେମାନଙ୍କୁ ଏତେ ଗୋଟେ ଡରିବ କାହିଁକି ଯେ !

କିନ୍ତୁ ବୋଉକୁ ସେକଥା ବୁଝେଇବାକୁ ଚେଷ୍ଟା କଲା ମାନେ ରାଗିପାଚି ନାଲ୍ ହେଇଯିବ । ସେମାନଙ୍କ ସପକ୍ଷରେ ଯୁକ୍ତିକଲେ ରାଗରେ ଦୁଇଚାରିଟା ଗାଲରେ ବସେଇ ଦେବ । ରାତିଦିନ ଖାଲି ହଜାରେ ଉପଦେଶ .. ହଜାରେ ବାରଣ .. ହଜାରେ ପ୍ରକାରର ଡର .. ଏଇ ଭିତରେ ସୁନେଇ ବଡ଼ହେଇଛି ! ଏସବୁ ତା'ର ନିହାତି ଦେହସୁହା ହେଇସାରିଲାଣି । ବୋଉର ସବୁକଥାରେ 'ହଁ' ମାରିବାଟା ହିଁ ସବୁଠାରୁ ନିରାପଦ ବାଟ ବୋଲି ନିଜକୁ ବୁଝେଇ ଦେଲାଣି । ହେଲେ ବୋଉ ତା' ନଜରରୁମୁହୂର୍ତ୍ତକ ପାଇଁ ଅଦୃଶ୍ୟ ହେଲେ, ସେସବୁ ଡରଭୟକୁ ନିମିଷକେ ପାସୋରି ଦେବା ବି ଅଭ୍ୟାସ କରିନେଲାଣି ! ହଁ, ଏକଥା ସତ ଯେ ସେମିତିକା ମୁହୂର୍ତ୍ତ ତା' ଜୀବନକୁ ଖୁବ୍ କମ ଥର ଆସିଛି । କିନ୍ତୁ ଯେବେ ବି ଆସିଛି, ସୁନେଇକୁ ଲାଗିଛି ଏ ସମୟଟା ଥମି ଯାଆନ୍ତାକି ଏଇଠି ସବୁଦିନ ପାଇଁ ! ବୋଉର ଫେରିବା ସମୟ ଜମା

ପାଖେଇ ନ ଆସନ୍ତା କି ! ଆଉ କିଛିବେଳ ଉଡ଼ିପାରନ୍ତା କି ସେ ଡେଣା ଝାଡ଼ିଝାଡ଼ି !

କିନ୍ତୁ ତା' ହିସାବରେ କିଛି ବି ହୁଏନା କେବେ ! ମନଖୁସିକରି ଗୀତ ପଦେ ଗାଇଲା ବେଳକୁ ବୋଉ ଆସି ପହଞ୍ଚି ଯାଇଥାଏ ।

ହେଲେ ଆଜି ସେମିତି ହେବନି । ସନ୍ଧ୍ୟା ପୂର୍ବରୁଫେରି ପାରିବନି ସେ । ଭଲ ହେଲା ତା'ର କାମ ପଡ଼ିଗଲା । ଦିନକ ପାଇଁ ତ ନିଜ ମନ ମୁତାବକ ଜୀଇଁଯିବ ଟିକେ ! ଏକା ଏକୁଟିଆ ଜୀବନର ମଜା କେତେ .. ଖୁସି କେତେ .. ଥରଟେ ତ ଚାଖିଦେବ !

ବୋଉ ଆଡୁ ଧ୍ୟାନ ହଟେଇ ଏଥର ନିଜକୁ ଚାହିଁଲା । ହାତଗୋଡ଼, ଦେହ, ନଖ, ସବୁ ତନ୍ନତନ୍ନକରି ଦେଖିଲା । କେତେ ଫିକା ଦିଶିଲାଣି ସବୁକିଛି ! ଖରାରେ ଇଟା ବୁହାଠୁ କଷ୍ଟକର କାମ କ'ଣ ଆଉ କିଛି ଅଛି ! ବାବୁମାନେ ଖରାରେ ଝାଉଁଳି ପଡୁଛନ୍ତି ବୋଲି ପଙ୍ଖାଲଗା ଅଫିସ୍ ଘରଟାରେ ବସି ରୁହନ୍ତି, ଆଉ ମୁକାଏମକୁ ପଠେଇ ଦିଅନ୍ତି ବାହାରେ କାମ ତଦାରଖ କରିବାକୁ । ସେ ଦେଖାଣିଆ ମଣିଷଟା ନିଜ ବଡ଼ପଣିଆ ଦେଖେଇବାକୁ ଯାଇ ଟିକିଏ ଥକ୍କାମାରିବାକୁ ବି ଦିଏନା । କୋଉଠି ଟିକିଏ ଛାଇ ଦେଖି ଠିଆହେଇଗଲେ ବାଡ଼ି ବୁଲେଇବୁଲେଇ ଆସି ପହଞ୍ଚିଯିବ । କାହାର ହାତକୁ ନହେଲେ ଗାଲକୁ ଚିମୁଟି ଦେଇ କହିବ, "କ'ଣ କିଲୋ .. ତତେ କ'ଣ ଏକୁଟିଆ ଖରା ହେଉଛି ନା ଦୁନିଆ ସାରା ଲୋକଙ୍କୁ ଏମିତି ଖରା ହେଉଛି ମ ! ଘରେ ବସୁନୁ ତା'ହେଲେ .. ଚାଲ୍ ଚାଲ୍ .. ଉଠ ଏ ଇଟା .. ମିସ୍ତ୍ରୀର ହାତ ଖାଲିହେଲା .. ଯା'ଶୀଘ୍ର !" କହୁକହୁ ଅଣ୍ଟା କି ଛାତିରେ କଉଶଳକରି ହାତ ମାରିଦେବ ! ତାକୁ ତ ଲାଗେ ଭୁଲ୍‌ରେ ବାଜିଗଲା ବୋଲି । କିନ୍ତୁ ବୋଉ ଖଣ୍ଡେବାଟରେ ଥାଇକି ବି ଏଇ ଆଡ଼କୁ ନିଘା ରଖିଥାଏ । ଗର୍ଜି ଉଠେ ସେଇଠୁ ।

ଭାରି ଲାଜମାଡ଼େ ସୁନେଇକୁ ବୋଉର ପାଟିରେ । କ'ଣ ଭାବୁଥିବେ ସମସ୍ତେ ! ମକର,ଚାନ୍ଦ ଭରିକା ଦାନ୍ତ ଚିପିଚିପି ହସୁଥାନ୍ତି .. ଅନ୍ୟ ମୂଲିଆଣୀମାନେ ମୁହଁବୁଲେଇ ଚାଲିଯାଆନ୍ତି .. ସୁନେଇ ବୋଉ ଉପରେ ଦାନ୍ତ କାମୁଡ଼ିକାମୁଡ଼ି ପୁଣି କାମରେ ଲାଗେ ।

ଆଜି ସେମିତି କିଛି ବି ହେବନି । ଆଜି ସେ ଯାହା ଚାହିଁବ .. ଯେମିତି ଚାହିଁବ .. ଯେତେବେଳେ ଚାହିଁବ .. ସବୁ କରିବ । ବୋଉର ସବୁଭୟକୁ ଫୁ କରିଉଡ଼େଇ ଦେବ ! ନିଜକୁ ମନଭରିକି ସଜେଇବ । ନିତିରାତିରେ ସ୍ୱପ୍ନରେ ଦେଖୁଥିବା ରାଜକୁମାରୀ ପରି ହସଖୁସିରେ ଫୁଲିଉଠିବ ! ହଁ, ଆଜି ଗୋଟିଏ ଦିନର ଜୀବନକୁ ସେସାରା ଜୀବନ ମନେ ରଖିପାରିବା ଭଳି ବଞ୍ଚିବ !

ପେଟେରା ଖୋଲି ନୂଆଶାଢ଼ିଟାକୁ ବାହାରକରି ଆଣି କାନ୍ଧରେ ପକେଇ ଆଗ ଭଙ୍ଗା ଦର୍ପଣଟାରେ ମୁହଁ ଦେଖିଲା .. ଧିରେ ଧିରେ ମୁଣ୍ଡଉପରକୁ ନେଇ ଓଢ଼ଣା ଟାଣିଲା .. ପୁଣିଥରେ ଏପଟ ସେପଟକରି ଦେଖିଲା ନିଜକୁ ଦର୍ପଣରେ । ଇସ୍ ! କେତେ ଉଜ୍ଜଳିଆ ଦିଶୁଛି ମ ତା'ରୂପଭେକ ! ଶାଢ଼ିର ଏ ନାଲିରଙ୍ଗଟା ତା' ଦବିଯାଇଥିବା ଦେହ ରଙ୍ଗକୁ ପୂରାଚହଟେଇ ଦେଉଛି ! ଆଉ ବିଳମ୍ବ ନକରି ପିନ୍ଧି ପକେଇଲା । ବାସନା ତେଲ ଡବାଟାକୁ କାଢ଼ିଲା । ଏଇଟାକୁ ତାକୁ ଦିନେ ଗାଡ଼ିଚଢ଼ି ଆସିଥିବା ସହରୀବାବୁ ଜଣେ ଦେଇଥିଲେ । ଗଲାବେଳେ ତା' ଗାଲରେ ଟିପମାରି କହିଥିଲେ, "ଏ ବଣମୂଲକରେ ବି ଏମିତିଆ ଝିଅ ସବୁ ଥିବେ, କେବେ ସ୍ୱପ୍ନରେ ବି ଭାବି ନ ଥିଲି । ଏଥର ସମୟ ନାହିଁ, ନହେଲେ ଟିକିଏ ମଉଜ କରିବାକୁ ଭଲ ମଉକା ଥିଲା !"

ତାଙ୍କ ହାତରୁ ତେଲଶିଶିଟା ନେଲାବେଳେ ଚଙ୍ଗ ଚଙ୍ଗହେଇ ଚାରିଆଡ଼କୁ ଅନେଇ ଦେଇଥିଲା, କାଳେ ବୋଉ କୋଉଠୁ ଦେଖୁଥିବ ବୋଲି । ତା'ଭାଗ୍ୟକୁ ବୋଉ ଠିକ୍ ସେତିକିବେଳେ ମୁକାଏମ ସହିତ କୋଉ କଥାକୁ ନେଇ କଜିଆ କରୁଥିଲା, ଏପଟ ଆଡ଼ିକି ଜମାରୁ ଧ୍ୟାନ ନଥିଲା । ଶିଶିଟାକୁ ବ୍ଲାଉଜ୍ ଭିତରେ ପୂରେଇଘରକୁ ଆଣି କାଚୁକୁରାରେ ଲୁଚେଇରଖି ଦେଇଥିଲା । ଏବେ ସେଇଟାକୁ କାଢ଼ିଲା ବେଳେ ବାବୁଙ୍କ କଥା ତା'ର ମନେପଡ଼ିଗଲା । ତା'ହାତରେ ଶିଶିକୁ ଧରେଇଲା ବେଳେ ତା'କାନ ପାଖରେ ଚୁପ୍ ଚୁପ୍‌କରି କହିଥିଲେ - ପରେ କେତେବେଳେ ଆସିକି ଡାକବଙ୍ଗଳାରେ ରହି ତାକୁ ଡକେଇ ପଠେଇବେ । ସେତେବେଳେ ତା' ପାଇଁ ସହରରୁ ଭଲ ଭଲ ଜିନିଷ ନେଇକି ବି ଆସିବେ ।

ଦିନ କେଇଟା ପରେ ଆସିଥିଲେ ବି । ମୁକାଏମ ହାତରେ ଖବର ପଠେଇଥିଲେ ତାକୁ ଯିବାକୁ । ବହୁତ ମନ ଥିଲା ଯାଇକି ସେଇ ସୁନ୍ଦର ଜିନିଷ ସବୁ ନେଇକି ଆସିବାକୁ । ମାତ୍ର ବୋଉର ଡରରେ ଯାଇ ପାରିଲାନି । କେମିତି କେଜାଣି ବୋଉକୁ ଜଣାପଡ଼ିଗଲା ବୋଧେ କଥାଟା, ଜଗିକି ବସିରହିଲା ପିଣ୍ଡା ଉପରେ ଯେ ରାତି ପାହିଗଲା ପୂରା ! ସକାଳୁ ବାବୁଜଣଙ୍କ ସହରକୁ ଫେରିଯିବାର ଖବର ପାଇ, ବାଡ଼ିପଟେ ଲୁଚିକି ବାହାରିଯାଇ ଦଉଡ଼ିଦଉଡ଼ି ବନ୍ଧ ପର୍ଯ୍ୟନ୍ତ ଗଲା ସିଏ। କିନ୍ତୁ ସେତେବେଳକୁ ଗାଡ଼ି ଖଣ୍ଡେବାଟ ପଳେଇଥିଲା । ଲୁହ ଡବଡ଼ବ ଆଖିରେ ତଥାପି କିଛିବାଟ ଗାଡ଼ି ପଛେପଛେ ସେ ଧାଇଁଥିଲା ଗୋଟେ ଆଶାରେ ଯେ କାଳେ ଆଣିଥିବା ଜିନିଷରୁ କିଛି ଦେଇଯିବେ ତା'ହାତରେ ।

କିନ୍ତୁ ସହରୀବାବୁ ତା' ଆଡ଼କୁ ବୁଲିକି ଚାହିଁବି ନ ଥିଲେ । ଗାଡ଼ିରେ ବସିଥିବା ଆଉ କିଛି ଲୋକ ତାକୁ ଦୂର୍ ଦୂର୍ ମାର୍ ମାର୍ କଲାରୁ ସେ ଫେରିଆସିଲା । ବାଟସାରା ଆଖିରୁ ଲୁହ ଖାଲି ବୋହିଚାଲିଥିଲା । ଭାଗ୍ୟକୁ ଯେତିକି କଟାସଞ୍ଚା କରିଥିଲା, ସେତିକି ବି କରିଥିଲା ବୋଉକୁ । ଆଜି ପରିକା ସେଦିନ ବି ଯଦି ଘଣ୍ଟାକ ପାଇଁ ବୋଉ କୁଆଡ଼େ ଚାଲିଯାଇଥାନ୍ତା, ତେବେ ଅନ୍ଧାରକୁ ବି ନ ଡରିକି ଦଉଡ଼ି ଯାଇଥାନ୍ତା ସେଇ ସୁନ୍ଦରିଆ ଜିନିଷ ସବୁକୁ ନେଇ ଆସିବାକୁ । କିନ୍ତୁ ଭାଗ୍ୟରେ ନାହିଁ ଯେତେବେଳେ ମିଳିଥାନ୍ତା ବା କେମିତି ! ସେପଟ

ଗାଁର ଜେମା ଆଉ ଚଗଲି କୁଆଡ଼େ ଯାଇଥିଲେ ସେଇ ରାତିରେ ଡାକବଙ୍ଗଳାକୁ ! ବହୁତ ଜିନିଷ ପାଇଛନ୍ତି ବୋଲି ବି ମକର କହୁଥିଲା ।

ଇସ୍ ..! କେତେ ମଜା ତାଙ୍କର ! ସେମାନଙ୍କ ବୋଉ କେତେ ଭଲ ସତରେ ! କେତେ କ'ଣ ପାଇଥିବେ କେଜାଣି ! ମକରକୁ କହିଥିଲା - ଚାଲେ ଯିବା ସେମାନଙ୍କ ଘରକୁ । ଦେଖିକି ଆସିବା ତାଙ୍କ ଜିନିଷ ।

ହେଲେ ସିଏ ମାନି ନଥିଲା । କହିଥିଲା, "ନା ବୋଉ ମନାକରିଛି ସେମାନଙ୍କ ଘରକୁ ଯିବାକୁ । ସେମାନେ ଅଇଁଠା ହେଇ ଯାଇଛନ୍ତି । ସେମାନଙ୍କ ସହିତ ମିଶିଲେ ଆମେ ବି ଅଇଁଠା ହେଇଯିବା ଶୀଘ୍ର !"

"ଅଇଁଠା ହେଇଯିବା ? ଆମେ କ'ଣ ଭାତ ତରକାରୀ ହେଇଛୁ ନା ପିଠାପଣା ଯେ ଅଇଁଠା ହେଇଯିବା ! ଚାଲ୍ ଚାଲ୍ .. କିଛି ହେବନି .. ଚୁପ୍‌କିନା ଯାଇ ଦେଖିଦେଇ ପଳେଇ ଆସିବା !"

ଯେତେ ଫୁସୁଲେଇଲେ ବି ସିଏ ମାନି ନ ଥିଲା କି ଯିବାକୁ ରାଜିହେଇ ନ ଥିଲା । ସେଇ ଅଦେଖା ଅଶୁଣା ଜିନିଷ ସବୁ ପାଇଁ ମନ ତା'ର କେତେ ଦିନକାଳ ଡହଳବିକଳ ହେଇହେଇକି ରହିଲା । ତେଲଶିଶିଟାକୁ ଦେଖିଲେ ବୋଉ ରାଗରେ ଫିଙ୍ଗିଦେବ ବୋଲି ଆଣିଲା ଦିନଠୁ ଲୁଚେଇକି ରଖି ଦେଇଥିଲା । ଆଜି ମଉକାପାଇଛି ତ କାଢ଼ିକି ବାଳରେ ଲଗେଇ ସୁନ୍ଦର ବେଣୀଟାଏ ବାନ୍ଧିଲା । ମହମହ ବାସ୍ନାରେ ଚତୁର୍ଦ୍ଦିଗ ବେଶ୍ ମହକିଉଠିଲା । ଆଉ ସେ ବାସ୍ନାରେ ନିଜେ ହିଁ ସେ ଆଗ ମତୁଆଲା ହୋଇଉଠିଲା । ସେଇ କାନ୍ଥକୁରାରେ କୋଉକାଳରୁ ପଡ଼ିଥିବା ପୁରୁଣା କଳାପାତିଟା କାଢ଼ି ଆଖିରେ ଦି' ପଟା କଳାଗାର ଟାଣିଲା । ଗଲାସନ ବାରୁଣୀଯାତ୍ରାରୁ ଆଣିଥିବା ଚୁଡ଼ି ଦୁଇମୁଠାକୁ ହୁସିଆରୀରେ ହାତରେ ଗଳେଇଲା । ବାଡ଼ିରୁ ତୋଳି ଆଣିଲା କିଛି ରଙ୍ଗବେରଙ୍ଗିଆ ଫୁଲ .. ଖୋସି ଦେଲା ଗୋଟିଏ ଗୋଟିଏକରି ବେଣୀରେ । ଦର୍ପଣରେ ଦେଖିଲା ନିଜ ରୂପକୁ .. ମୁଗ୍ଧ ହେଇଗଲା ନିଜ ଉପରେ ନିଜେ । ସିଏ ଏତେ ସୁନ୍ଦର ବୋଲି ତା' ନିଜକୁ ବି ଜଣା ନ ଥିଲା । କେମିତି ବା ଜାଣିଥାନ୍ତା ? ଆଜି ପୂର୍ବରୁ କେବେ ଏମିତି ନିଜକୁ ମାନିଲା ଭଳି ବେଶରେ ସଜେଇ ହେଇଛି କି ? କେବେ ଦେଇଛି କି ବୋଉ କିଛି କିଣିକି ଝିଅକୁ ମାନିଲା ଭଳି !

ଦର୍ପଣ ଆଗରୁ ହଟିବାକୁ ମନ ହଉ ନ ଥିଲା । ଏମିତି ନିଜକୁ ଚାହିଁଚାହିଁ ରାତି ପୁହାଇ ଦେବାକୁ ଇଚ୍ଛା ହେଉଥିଲା । କିନ୍ତୁ ଏତେ ବେଶହେଇ କାହାକୁ ନ ଦେଖେଇଲେ ବେଶହେବାଟାର ମୂଲ୍ୟ କ'ଣ ରହିବ କି ? ଏମିତି ବେଶ ହେଲା ପରେ ଘରେ ବସିରହିବାକୁ କାହାରବା ମନ ହେବ ! ପାଞ୍ଚଲୋକ ଯଦି ଆଖି ପୂରେଇ ନଦେଖିବେ ତେବେ ସବୁ ପରିଶ୍ରମବୃଥା ଯିବନି !

ସିଏ ଆଜି କାମକୁ ଯିବ । ବୋଉ ତ କିଛି କହିକି ଯାଇନି ଯିବା ବିଷୟରେ, କହିଥିଲେ ବି ସିଏ ମାନି ନ ଥାନ୍ତା ଆଜି । ତା'ର ସବୁ ମନାକୁ ଆଜି ଦିନକ ସିଏ ଭୁଲିଯିବ ।

ତରବରହେଇ ସେ ନଈକୂଳ ଆଡ଼େ ମୁହାଁଇଲା, ଯୋଉଠି କିଛିମାସରୁ ବନ୍ଧଟିଏ ବନ୍ଧା ଯାଉଛି ।

ଚତୁର୍ଦ୍ଦିଗରେ ଅଝାଡ଼ ଜଙ୍ଗଲ .. ଜଙ୍ଗଲକୁ ସୁରକ୍ଷା ଦେବାକୁ ଧୂସରିଆ ପାହାଡ଼ .. ତା'ର ପାଦଦେଶରେ ଅରାଏ ଅରାଏ ଝଟିମାଟିର ପାଖାପାଖି ପଚାଶ ଷାଠିଏ ଘର.. ଅଦୂରରେ ବିଶାଳ ନଈ । ନଈ ପାଖରୁ ଲମ୍ବିଆସିଛି ଏକ ପାଦଚଲା ରାସ୍ତା, ଯାହାଆଗକୁ ଯାଇ ସହରକୁ ଯାଇଥିବା ବଡ଼ସଡ଼କରେ ମିଶିଛି । ସେଇବଡ଼ ସଡ଼କ ସେପାଖରେ ବି ଏମିତି କିଛି କୁଡ଼ିଆ ଘର ଥିବା ଗାଁ ରହିଛି । ଅଛନ୍ତି ବି କିଛି କିଛି ଲୋକ, ତେବେ ଏ ଗାଁର ଲୋକ ଯେମିତି ସଡ଼କ ଟପି ସେ ଗାଁ ଭିତରକୁ ଯାଇ ନାହାନ୍ତି କି ସେଠିକାର ବାସିନ୍ଦାଙ୍କୁ ଭେଟି ନାହାନ୍ତି, ସେଗାଁର ଲୋକମାନେ ବି କେବେ ଏ ଗାଁରେ ପାଦ ଥୋଇନାହାନ୍ତି । ସେଗାଁକୁ କ'ଣ, ଏମାନେ ତ କେବେ ବଡ଼ସଡ଼କ ପାଖରେ ବି ପହଞ୍ଚି ନାହାନ୍ତି । ଗାଁଲୋକଙ୍କ ମନରେ ଭୟଟିଏ ଅଛି ଯେ ଯିଏ ବି ବଡ଼ସଡ଼କକୁ ଯିବ, ଆଉ କେବେ ଲେଉଟିକି ଗାଁକୁ ଆସିପାରିବ ନାହିଁ !

ଏପରି ବିଶ୍ୱାସଟିଏ କୋଉ ଦିନରୁ ଆଉ କାହିଁକି ସମସ୍ତଙ୍କ ମନରେ ଘରକରି ରହିଛି, ସେଇଟା ବି ବଡ଼ ଦୁଃଖପୂର୍ଣ୍ଣ କଥା ! ଗାଁର ସମସ୍ତଙ୍କ ଆରାଧ୍ୟା ଜାମୁଳେଇ ମା', ଯାହା ଉପରେ ସମସ୍ତଙ୍କ ସୁରକ୍ଷାର ଦାୟିତ୍ୱ, କୁଆଡ଼େ ସେଇ ସଡ଼କ ପର୍ଯ୍ୟନ୍ତ ଦେଖିପାରିବ, ତା' ଆଗକୁ ଆଉ ନୁହେଁ । ତା' ଆଗକୁ ତା' ସାବତ ଭଉଣୀ ଜାଗୁଳେଇ ମା'ର ପ୍ରଭାବ । ଦୁଇଭଉଣୀ କେହି କାହାକୁ ସହିପାରନ୍ତିନି, ତେଣୁ ସବୁବେଳେ ମଉକା ଖୋଜନ୍ତି କେମିତି ପରସ୍ପରକୁ ହଇରାଣ କରିବେ । ଦୁଇଜଣଙ୍କ ଅହନ୍ତାପଣର ଶିକାର ହୁଅନ୍ତି ଦୁଇଗାଁର ନିରୀହ ବାସିନ୍ଦାମାନେ । ଭୁଲ୍‌ରେ ଏ ଅଞ୍ଚଳ ଛାଡ଼ି ଆର ଅଞ୍ଚଳକୁ ଚାଲିଗଲେ,କି ସେ ଅଞ୍ଚଳରୁ ଏ ଅଞ୍ଚଳକୁ ଆସିଗଲେ, ଫେରିବାର ବାଟ ବନ୍ଦ ହେଇଯାଏ । ସେଇ ବଡ଼ସଡ଼କ ଉପରେ ହିଁ ରକ୍ତମୁଖାହେଇ ପଡ଼ିଯାଆନ୍ତି ! ସବୁଠୁ ଅସୁବିଧା

ସେତେବେଳେ ହୁଏ, ଯେତେବେଳେ ଦେବୀମା'ର କୋପ ସହିଥିବା ଭାଇବନ୍ଧୁ କୁଟୁମ୍ବକୁ ଗାଁକୁ ଆଣିବାକୁ ପଡ଼େ ସଡ଼କ ଉପରୁ ! ନିଜ ଜୀବନକୁ ପାଣିଛଡ଼େଇ କିଏ ବା ଯିବ ଶବ କାନ୍ଧେଇବାକୁ ! ଗାଁର ମଶାଣୀ ଭୂଇଁରେ ବି ସେମାନଙ୍କୁ ଜଳାହେବାକୁ ଦିଆଯାଏନା । ତେଣୁ ଛାତିକୁ ପଥର କରି ସେଇ ବଡ଼ସଡ଼କର ତଳକୁ ଘୋସାରି ଆଣି ମଲାଲୋକକୁ ସେଇଠି ଜାଳି ଦିଆହୁଏ । ଗାଁକୁ ଫେରିଲା ପରେ ମା'ର କୋପ ଶାନ୍ତ କରିବାକୁ କୁକୁଡ଼ା ବଳିଟେ ଦେବାକୁ ହୁଏ, ତା'ପରେ ଯାଇଗାଁର ଅନ୍ୟ ପରିବାରକୁ ମା' ପୁଣି ରକ୍ଷାକରେ ।

ବହୁ ପୁରୁଖା ଲୋକ କହନ୍ତି, ଆଗରୁ ଏ ଗାଁର କେତେକେତେ ଭେଣ୍ଡିଆ ପିଲାବାରଣ ସତ୍ତ୍ୱେ ବଡ଼ ସଡ଼କ ଉପରକୁ ଯାଇ ଆଗକୁ କ'ଣ ଅଛି ବୋଲି ଦେଖିବାକୁ ଚେଷ୍ଟା କରିଥିଲେ,କିନ୍ତୁ ଲେଉଟିକି ପରିବାର ଭିତରକୁ ଆସି ପାରିନାହାନ୍ତି ।

ସୁନେଇର ବାପା ବି ଦିନେ କୁଆଡ଼େ ସେମିତି କରିଥିଲା । ତେବେ ସେଇଟା ଅଲଗା କଥା ଯେ ତା' ରକ୍ତମଖା ଦେହକୁ ମା'କୋଉଠି ନେଇ ଫିଙ୍ଗିଲା ଯେ କେହି ତା' ଟେର୍ ପାଇଲେନି ! କେତେବାଡ଼େଇ ପିଟେଇ ହେଲା ସୁନେଇର ବୋଉ ଚମ୍ପା.. କେତେ ଗୁହାରି କଲା ଗାଁଲୋକଙ୍କୁ .. କିନ୍ତୁ ମା'ର କୋପ ସହିବାର ସାହସ କାହାର ଅଛି ଯେ କିଏ ତା'ସହିତ ଯାଇଥାନ୍ତା ତାକୁ ଖୋଜି ଆଣିବାକୁ ! କିଏ କହିଲା ମା' ଜାଗୁଳେଈ ଖାଇଦେଲା ତ ଆଉ କିଏ କହିଲା ଜାମୁଳେଈ ଖାଇଛି ! ଚମ୍ପାର ମନ କିନ୍ତୁ ମାନି ନଥିଲା । ସୁନେଇର ବାପା ଘର ଆଉ ନିଜ ଜମିଛଡ଼ା ଆଉ କୁଆଡ଼କୁ କେବେ ଅନିଷ୍ଟା କରିନି ଦିନେ ! ନିଜ କାମ ଭଲ ତ ତା'ର ସବୁ ଭଲ । ସିଏ କାହିଁକି ବାହାର ଦୁନିଆ କଥା ଭାଳିବାକୁ ଯିବ ! ବଡ଼ସଡ଼କ ସେପାରି କ'ଣ ଅଛି, ନ ଅଛିରେ ତାକୁ ବା କ'ଣ ଫରକ ପଡ଼ିବ ! ଦିନେ କାଳେ ତ ସେକଥା ତୁଣ୍ଡରେ ଧରିନି ସେ ! ଆଉ ହଠାତ୍ କେମିତି ଘରଦ୍ୱାର ଛାଡ଼ି .. ପିଲାକବିଲାଙ୍କୁ ଭୁଲି ସିଆଡ଼କୁ ମୁହାଁଇ ଯିବ !

ହଁ, କିଛି ଦିନରୁ ବାଉଳିଚାଉଳି ତ ହେଉଥିଲା .. କିଛି ଗୋଟେଭୁଲ୍ କାମ ହେଇ ଯାଇଥିଲା ପରି ମୁଣ୍ଡ ବାଡ଼ଉଥିଲ, ହେଲେ ଚମ୍ପାକୁ ସେ ବିଷୟରେ କିଛି ବୁଝା ପଡୁ ନ ଥିଲା । ସୁରିଆ ପ୍ରତି ତା' ମନରେ ଥିଲା ଅଖଣ୍ଡ ବିଶ୍ୱାସ ଆଉ ଭଲ ପାଇବା । ସେଇ ଭଲ ପାଇବାର ଚଉକାଠ ଡେଇଁ ସନ୍ଦେହର ବାଆ କେବେ ହୃଦୟକୁ ଚହଲେଇ ପାରି ନ ଥିଲା ।

ସେଥିପାଇଁ ଅଚାନକ ସୁରିଆର ଅଦୃଶ୍ୟ ହେଇଯିବା ଘଟଣାକୁ ନେଇ ଗାଁଲୋକେ କେତେ କାହାଣୀ ଗଢ଼ିଲେ ବି ସେକଥାକୁ କେବେ ସେକାନରେ ପୂରେଇନି କି ଯିଏ ଯେତେ ବିଶ୍ୱାସ ଦିଆଇଲେ ବି ଚମ୍ପା କାହା କଥାକୁ ବିଶ୍ୱାସ କରିନି । କି ଗେରସ୍ତର ଫେରି ଆସିବା ବାଟକୁ ଚାହିଁବସିବା ଛାଡ଼ିନି । କେତେ ଦିନ ଯାଏ ଏକା ଏକୁଟିଆ ବଡ଼ସଡ଼କର ତଳେତଳେ ମାଇଲ୍ ମାଇଲ୍ ବାଟ ଚାଲିଚାଲି ଯାଇ ଦେଖି ଦେଖି ଫେରିଛି । ବିଶ୍ୱାସର ନିଅଁକୁ ମଜଭୁତ କରିବାକୁ ଜାମୁଳେଈ ମା'କୁବଳି ଯାଚିଛି । ଘର ମଣିଷଟା ତା'ର ଫେରିଆସିଲେ ଗାଁରେ ବଡ଼ଧରଣର ଜନ୍ତାଳ କରେଇବ ବୋଲି ଶପଥ କରିଛି । ପୋଷା ଛେଳିରୁ ଗୋଟେ ବଳିଚଢ଼େଇବ ବୋଲି ବି କହିଛି, ମାତ୍ର ସବୁଆଡୁ ନିରାଶ ହିଁ ହେଇଛି । ନା ଜାମୁଳେଈ ମା' ତା' ପ୍ରାର୍ଥନା ଶୁଣିଲା.. ନା ତା'ମଣିଷ ଫେରିଲା ! ଏଇଆ ହେଲା ଯେ କିଛି ଲୋକ ତା'ର ଏଇ ଦୁର୍ବଳତାର ସୁଯୋଗ ନେଇ ସୁରିଆକୁ ଖୋଜି ଆଣିବା କଥା କହି, ଭୁତେଇଭାତେଇ ତା'ଠୁ କିଛି ଟଙ୍କା ହାତେଇନେଇ ଆଉ ଧରା ଦେଲେନି ।

ସମସ୍ତେ ତାକୁ ଖାଲି ଉପଦେଶ ଦେଲେ ଯେ ଯିଏ ଯିବା କଥା ଚାଲିଗଲା, ତାକୁ ଭୁଲି ଏଥର ଛୁଆଟାକୁ ଦେଖ ! ଘରସଂସାର ସଜାଡ଼େ .. ଯଦି ତୋ' ମନ କହୁଛି ଯେ ସୁରିଆର କିଛି ହେଇ ନାହିଁ, ବାଟ ଭୁଲି କୁଆଡ଼େ ଚାଲିଯାଇଛି, ଆଉ ଶୀଘ୍ର ଫେରିଆସିବ ନିଶ୍ଚୟ, ତେବେ ସେତିକି ଦିନ ଧୈର୍ଯ୍ୟ ନ ହରେଇ ଅପେକ୍ଷା କର । ତା' ବ୍ୟତୀତ ଅନ୍ୟ ଉପାୟ ବି ତ କିଛି ନାହିଁ !

କିଛିଦିନ କାଳ ସୁରିଆର ସାଙ୍ଗସାଥି ଆସି ତାକୁ ସାହାରା ଦେଲେ । ଭାଙ୍ଗି ପଡ଼ିଥିବା ସଂସାରକୁ ଉଠିଛି ଡାକରେଇବାକୁ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ ଯୋଗେଇ ଦେଲେ । କିନ୍ତୁ କେତେ ଦିନ ପାଇଁ କିଏବା ଆସି ଠିଆହେଉଥିବ ! କାହା ପାଖରେଏତେ ଧନ ଅଛି ଯେ ନିଜ ସଂସାର ଚଳେଇସାରି ଆଣି ତା' ଅଣ୍ଟିରେ ଅଜାଡ଼ି ଦେବ ! କାହିଁକିବା ଦେବ ! ଦିନେ ଦୁଇ ଦିନ, ପାଞ୍ଚ ଦଶ ଦିନ ପରେ ଧିରେଧିରେ ସମସ୍ତଙ୍କ ଯିବାଆସିବା କମିଲା .. ସହାନୁଭୂତି ସ୍ଥାନରେ ସନ୍ଦେହ ଜମାଟ ବାନ୍ଧିଲା ! ଗେରସ୍ତ ଭାରିଯାଙ୍କ ଭିତରେ ଏମିତି କ'ଣ ହେଲା ଯେ ଲୋକଟା କାହାକୁ କିଛି ନ କହି, ନ ବୋଲି ଉଭାନ୍ ହେଇଗଲା ପୂରା ! କିଏ କହିଲା ଚମ୍ପାର ଦୋଷ ତ ଆଉ କିଏ କହିଲା ସୁରିଆର ଆଉ କାହା ସହ ଭାବଦୋସ୍ତି ଥିଲା !

ଏସବୁ କ'ଣ ଆଉ କାହିଁକି ଲୋକମାନେ କୁହାକୁହି ହେଉଛନ୍ତି, ସେକଥା ଚମ୍ପା ଜମାରୁ ବୁଝି ପାରୁ ନ ଥିଲା । ତା' ସାଧାସିଧା ଜୀବନ ଭିତରେ ରାହୁ ପଶି ଯାଇଥିଲା । ସୁଖରେ ଦୁଃଖରେ ସାହାହେବାର କଥା ଦେଇଥିବା ମଣିଷଟା ଏମିତି ଅଧା ବାଟରେ କୁଆଡ଼େ ନିଖୋଜ ହେଇଗଲା .. କାହିଁକିବା ହେଇଗଲା, ସେକଥା ତା'ଛୋଟିଆମୁଣ୍ଡରେ ପଶି ପାରୁନଥିଲା । ମା' ଜାମୁଳେଈ ତା'ସହିତ ଏତେବଡ଼ ଖେଳ କାହିଁକି ଖେଳିବାକୁ ଗଲା, ତା'ର ଉତ୍ତର ବି ତା' ପାଖରେ ନଥିଲା । ତଥାପି ବି ତା'ଛଡ଼ା ଆଉ କେହି ଦାତା ଦଇବ ନଥିଲେ ଏ ସଂସାରରେ ତା'ର, ଯାହାର ହାତ ଧରି ଆଉ ଖୋଜେ ବାଟ ସିଏ ଚାଲିଯାଆନ୍ତା ! ଇଚ୍ଛା ତ ହେଉଥିଲା ନଈ ପୋଖରୀକୁ ଡେଇଁପଡ଼ି ସବୁ ଦୁଃଖକଷ୍ଟରୁ ମୁକ୍ତି ପାଇଯାଆନ୍ତା, ମାତ୍ର ପର ଲାଗି ନ ଥିବା ଚଢ଼େଇ ଛୁଆଟିକୁ କାହା

ଆଶ୍ରାରେ ଛାଡ଼ିକି ଯାଇଥାନ୍ତା ! ଜନ୍ମକରିଛି ଯେତେବେଳେ, ମୋହ କ'ଣ ତୁଟେଇପାରିବ ଯେ ନିଜ ଦୁଃଖ ପାଇଁ ତାକୁ ଛାଡ଼ି ଚାଲିଯିବ !

ଲୁହ ଲାଳ ସହ ଭୋକର ସଂଘର୍ଷ ଚାଲିଲା କିଛିଦିନ କାଳ । ପକ୍ଷେ ଦି'ପକ୍ଷ ପର୍ଯ୍ୟନ୍ତ ଆଶାର ଡୋର ଖସିଲାନି ହାତରୁ । କିନ୍ତୁ ଧୀରେ ଧୀରେ ସବୁ ରଙ୍ଗ ଫିକା ପଡ଼ିଆସିଲା । ପେଟର ଭୋକ ଆଗରେ ସ୍ୱାମୀ ନିଖୋଜ ହେଇଯିବାର ଦୁଃଖ ଉଣା ଲାଗିଲା । ଦରଜା ଖୋଲି ବାହାର ଦୁନିଆରେ ପାଦ ଥାପିଲା ଚମ୍ପା । ନିଜ ପାଇଁ ନୁହେଁ, ତାକୁ ଏବେ ସୁନେଇର ଭବିଷ୍ୟତ ପାଇଁ ସୁରିଆ ଚିନ୍ତାକୁ ପଛକୁ ଠେଲି ଦେବାକୁ ହେବ ।

ଠେଲିଦେଲା ବି ସେ । ସୁରିଆ ଥିଲା ପର୍ଯ୍ୟନ୍ତ କାହା ଆଗରେ ହାତ ପତେଇ ନ ଥିବା ଚମ୍ପା, ଏବେ ମୁଣ୍ଡ ନୁଆଁଇ .. ଲଜ୍ଜା ସରମକୁ ତେଜିଗାଁ ସାରା ଘୂରିବୁଲିଲା କାମ ସନ୍ଧାନରେ । ଲୋକଙ୍କ ଘରେ ଧାନ କୁଟି, ବିରିବାଟି, ମସଲା କୁଟି, ପାଣିଭରି, ପନିପରିବା ଲଗେଇ, ଦୁଇଟି ପେଟ ପାଇଁ ଦାନାଯୋଗାଡ଼ କରିବାକୁ ଲାଗିଲା । ଲୋକଙ୍କର ଟାହିଟାପରା ସହିଲା.. ଦେହର ତାଡନା ମାରିଲା.. ଘରସଂସାର କରିଥିବାର ସୁଖ ଭୁଲିଲା.. କେବଳ ମନେରଖିଲା ବଞ୍ଚି ରହିବାର କଥା ! ଆଉ ବଞ୍ଚେଇ ରଖିବାର କଥା ! କେବଳ ସୁନେଇ ହିଁ ରହିଲା ତା' ଅନ୍ଧାର ଜୀବନର ବଞ୍ଚି ରହିବାର ଏକମାତ୍ର ଆଧାର !

ଜୀବନ ପାଦେ ଆଗେଇଲା ବେଳେ ପାଞ୍ଚ ଥର ଝୁଣ୍ଟିଲା .. ଥରେ ମୁଣ୍ଡଉଠେଇ ପାରିଲେ, ଦଶ ଥର ଲଇଁଲା .. ତଥାପି ଅଟକିଲା ନି କୋଉ ମୋଡ଼ରେ ପହଞ୍ଚି । ଯେମିତି ସେମିତିକରି ଦିନ ଆଉ ରାତିକୁ ଭୋଗିଚାଲିଗଲା । ସମୟ ସବୁକାଳେ ଧିରେ ଧିରେ କରି ସବୁକିଛି ହଜେଇଦିଏ ଜୀବନରୁ । ଚମ୍ପା ଜୀବନରୁ ବି ହଜିଗଲା ସୁରିଆ ଧିରେ ଧିରେ କରି ! ସୁନେଇର ମୋହ ଆଉ ଦାୟିତ୍ୱ କେଜାଣି କେବେ ସୁରିଆ ପ୍ରତି ମନରେ ବିତୃଷ୍ଣା ପୂରେଇ ଦେଲା ! ସ୍ୱାମୀ ନହେଲା ପଛେ ନାହିଁ, କିନ୍ତୁ ବାପର କର୍ତ୍ତବ୍ୟକୁ କେମିତି ଭୁଲି ଯାଇପାରିଲା ସେ ! ଯାହାର ହସରେ ଦିନେ ସାରା ଦୁନିଆର ଖୁସି ଗୋଟାଉଥିବ, ତାକୁ ହିଁ ଏକା ଏକୁଟିଆକରି ଏ ନିଷ୍ଠୁର ଦୁନିଆରେ ଅସହାୟ କରିଛାଡ଼ି ଚାଲିଯିବ ! ଏମିତି ଲୋକ ପାଇଁ ତା'ମନରେ କାହିଁକି ମୋହ ରଖିବ ସେ ସତରେ ! କାହିଁକି ତା'ନାଁର ଜପା ମାଳିବେକରେ ପକେଇ ବୁଲୁଥିବ !

କେବେ କେମିତି କେହି ସୁରିଆ କଥା ପକେଇଲେ ମୁହଁ ବୁଲେଇ ଦିଏ ସେ । ଭିତରେ ଉଠୁଥିବା ଅଣଚାଷ କୋହକୁ କୌଣସି ମତେ ଢୋକିନେଇ ଏମିତି ବ୍ୟବହାର କରେ,ସତେ ଯେମିତି ସୁରିଆ ନାମକ ମଣିଷଟିଏ କେବେ ତା'ଜୀବନକୁ ଆସି ହିଁ ନଥିଲା !

କିନ୍ତୁ ସେଇ ସୁରିଆ ହାତରୁ ପିନ୍ଧିଥିବା ସିନ୍ଦୂରକୁ ଆଜି ପର୍ଯ୍ୟନ୍ତ ପୋଛି ପାରିନି । ମନ ଅଗଣାରେ ତା' ଫେରନ୍ତି ବାଟକୁ ଚାହିଁଲଗେଇଥିବା ଚାରାଟିକୁ ସମୂଳେ ଓପାଡ଼ି ପାରିନି । କି ବିଶ୍ୱାସକରି ପାରିନି ତାକୁ ଠକିଦେଇ ସିଏ ଆଉ କାହାର ହୋଇଯାଇଥିବ ! ଆଶା ଆଉ ନିରାଶାର ଦୁଇ ନାଆରେ ଗୋଡ଼ରଖି ଘୁସୁରିଘାସେରି ଆଗେଇ ଚାଲିଛି କେବଳ ସୁନେଇର ମୁହଁକୁ ଚାହିଁଚାହିଁ । ତାକୁ ନେଇ ସ୍ୱପ୍ନ .. ତାକୁ ନେଇ ଜୀବନ .. ଆଉ ତାକୁ ହିଁ ନେଇ ତା'ସଂସାର ! ତା'ବିନା କେହି ନାହିଁ ଆଉ ତା'ର କୋଉଠି !

କିନ୍ତୁ ସେଇ ସୁନେଇ ହିଁ ଏବେ ତା'ର ସବୁ ଚିନ୍ତାର କାରଣ ! ଯୁଗ ଯାହା ହେଲାଣି, କାହାକୁବା ଭରସା କରିବ ମଣିଷ ! ଚାରିପଟରେ ମଣିଷଖିଆବାଘଙ୍କ ଦୌରାତ୍ମ୍ୟ ! ହେଲେ ତା'ର କୋଉଚିନ୍ତା ନା ଡର ନା ଭୟ ! ଯେତେ ବୁଝେଇଲେବି ମୁଣ୍ଡରେ କିଛି ପଶୁନାହିଁ । ମନାକଲେ ମାନୁ ନାହିଁ । ରାଗିକି କହିଲେ ମୁହଁ ଫୁଲେଇ ବସୁଛି । କେମିତି କୋଉ ଉପାୟରେ ବଢେଇବ ତା'ହେଲେ ? ବାପ ନଥିବା ସାଙ୍ଗକୁ, ଦିନକୁ ଦିନ ନଡ଼ିଆ ଗଛ ପରି ଭୁସ୍ ଭୁସ୍ ବଢ଼ିଚାଲିଛି । ପୋଡ଼ା ମୁହଁଟାର ରୂପଟା ହେଲେ ନ ଚାହିଁଲା ଭଳି ହେଇଥାନ୍ତା କି, ଟିକିଏ ଉଶ୍ୱାସ ଲାଗିଥାନ୍ତା ! ହେଲେ ବେଡ଼ି ଉପରେ କୋରଡ଼ା ପରି ସେତକ ବି ଜାମୁଳେଇମା' ଭରିଭରିକି ଦେଇଛି ! ବୁଢ଼ାଠୁ ଟୋକା ଯାଏଁ ସମସ୍ତଙ୍କର ନଜର ତା'ରି ଉପରେ ! ଗାଁଲୋକଙ୍କୁ ସିନା ଆଜି ଯାଏଁ ପାଟିତୁଣ୍ଡକରି ଡରେଇ ଧମକେଇ ଘଉଡ଼େଇ ଦଉଥିଲା, ହେଲେଯୋଉ ଦିନୁ ଏ ବନ୍ଧକାମ ଆରମ୍ଭ ହେଲାଣି, ତା'ର ଚିନ୍ତା ସବୁ ଚଉଗୁଣାହେଇ ବଢ଼ିଚାଲିଲେଣି । କେମିତିକରି ତାକୁ ହାତକୁ ଦି'ହାତକରିଦେଲେ, ଚିନ୍ତା ଯିବ ।

କାହିଁକି ଏ ବନ୍ଧ ଏଠିବାନ୍ଧିବା କଥା ସରକାରଙ୍କମୁଣ୍ଡରେ ପଶିଲା କେଜାଣି ! ସବୁ ନାଟର ଗୋବର୍ଦ୍ଧନ ହେଲା ସେଇଟା । ଯୋଉ ଦିନ ପ୍ରଥମ କରି ତାଙ୍କଗାଁକୁ ନେତା ଜଣେ ନିଜ ଚେଲା ଚାମୁଣ୍ଡାଙ୍କୁ ଧରି ଆସି ପହଞ୍ଚିଲେ, ସେଦିନ ଗାଁଲୋକଙ୍କୁ ମନେ ହେଲା ସତେ ଯେମିତି ତାଙ୍କ ଭାଗ୍ୟ ଖୋଲିଗଲା ! ସମସ୍ତେ ମିଳିମିଶି ନିଜ ଅଭାବ ଅସୁବିଧା କଥା ବଖାଣିଚାଲିଲେ । ମୁଣ୍ଡ ହଲେଇହଲେଇ ନେତା ଆଜ୍ଞା ସବୁ ଶୁଣିଲେ । ଆଶ୍ୱାସନା ଦେଲେ । ସମସ୍ତଙ୍କର ସବୁ ଅଭାବକୁ ତାଙ୍କ ସରକାର ନିଶ୍ଚୟ ଦୂର କରିବ ବୋଲି ଛାତି ବାଡ଼େଇକି କହିଲେ । ତାଙ୍କ ସହିତ ଆସିଥିବା ଲୋକମାନେ ଚାରିଆଡ଼େ ବୁଲାବୁଲିକରି ଦେଖିଲେ । ଏପଟ ସେପଟ ମପାମପିକରି ଦେଖିଲେ । ତା'ପରେ ନିଜ ନିଜ ଭିତରେ କିଛି ଟୁପୁରଟାପର ହେଇସାରିଲା ପରେ ନେତା ଆଜ୍ଞା,ସଜୋରେ ଘୋଷଣା କଲେ ଖୁବ୍ ଶୀଘ୍ର ସହର ସହିତ ଆଖପାଖର ଦଶ ଖଣ୍ଡ ଗାଁଯୋଡ଼ା ହେବ । ଶିଆଳିଖିଆ ନଈ ଉପରେ ବିରାଟ ବନ୍ଧ ତିଆରିହେବ । ସହରଠାରୁ ଗାଁର ଦୂରତା ଅଧା କମିଗଲା ପରେ ସରକାରୀ ଯୋଜନା ସିଧାସଳଖ ଆସି ଗାଁରେ ପହଞ୍ଚି ପାରିବ ।

କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେଇଗଲା ପରେ ଗାଁମାନଙ୍କର ରୂପରେଖ ବଦଳିଯିବ । ଅଭାବ ଅସୁବିଧା କିଛି ବୋଲେ କିଛି ରହିବ ନାହିଁ । ପ୍ରତିଗାଁରେ ସ୍କୁଲ ହେବ .. ଡାକ୍ତରଖାନା

ଆଉ ବ୍ୟାଙ୍କ୍ ହେବ .. ଦୋକାନ ବଜାର ସବୁ ହେବ । ନିଜର ସବୁ ଆବଶ୍ୟକତା ଏଇଠି ହି ପୂରା ହେଇପାରିବ .. କାହାରି ଅନୁଗ୍ରହର ବାଟଚାହିଁବାକୁ ପଡ଼ିବ ନାହିଁ ।

ଏତେ ସବୁ କଥା କିଏ କ'ଣ ବୁଝିଲା, ନ ବୁଝିଲା ଚମ୍ପାକିଛି ଜାଣେ ନାହିଁ । ମାତ୍ର ସିଏ ଜାଣିଲା ଯେ ଆଜିକା ପରେ ସବୁ କିଛି ଭଲ ହେବ । ସମସ୍ତେ ଖୁସିରେ ରହିବେ । ଟୋପାଏ ଔଷଧ ପାଣି ପାଇଁ କେହି ଡହଳବିକଳହେଇ ମରିବେ ନାହିଁ କି ନିଧି ସାହୁର କରଜ ନେଇ କେହି ଘର ଡିହବାଡ଼ି ବନ୍ଧା ପକେଇବନି । ଯାହାକିଛି ହେବ, ଭଲ ହିଁ ହେବ ।

ଶିଆଳିଖିଆ ନଈର କୋଉ ପଟରେ ବନ୍ଧଟା ହେଲେସମସ୍ତଙ୍କ ପାଇଁସୁବିଧା ହେବ, ତା'ର ନିଷ୍ପତ୍ତି ସରିଗଲା ପରେ ନେତାଙ୍କ ପଟୁଆର ଗାଁରୁ ବାହାରିଚାଲିଗଲା । ବେଶ୍ ବେଳ ଯାଏଁ ଗାଁର ସବୁଲୋକ ସେଇଖୋଲାପଡ଼ିଆରେ ଜମାହୋଇ ରହିଲେ । ନେତାଙ୍କ କଥା ଉପରେ ସମସ୍ତେ ମିଳିମିଶି ବିଚାର କଲେ । ବନ୍ଧଟା କେତେ ଜରୁରୀ ସେକଥା ଉପରେ ଆଉ ଟିକିଏ ଆଲୋଚନା ହେଲା । କେହି ସପକ୍ଷରେ ମତ ଦେଲାବେଳେ କେହି ଦେଉଥିଲା ବିପକ୍ଷରେ । କିଏ କହିଲା – କ'ଣ ହେବ ବନ୍ଧ ଆମର ! ଆମେ ତ କେବେ ବଡ଼ସଡ଼କ ପାଖକୁ ବି ଆଜି ପର୍ଯ୍ୟନ୍ତ ଯାଇନୁ କି ଭବିଷ୍ୟତରେ ବି ଯିବୁନି । ଏ ବନ୍ଧ ହେଲେ ଆମକୁ କି ଲାଭ ମିଳିବ ? ବରଂନେତା ଆଜ୍ଞାଙ୍କୁ ଚାଲ ଆଉ ଥରେ ଖୋସାମତ କରିବା, ତାଙ୍କ ଗୋଡ଼ହାତ ଧରିକହିବା, ଆମ ପାଇଁ ଆଉ କିଛି ଭାବିବେ !

ଆଉ କେହି କହିଲା – ଶିଆଳିଖିଆ ନଈ ଆଉ ମୂଳିଆ ପାହାଡ଼ ହେଉଛି ଜାମୁଲେଇ ମା'ର ବାପଘର ଅଞ୍ଚଳ । ବନ୍ଧ ବନ୍ଧାହେବମାନେ ଆଗ ମୂଳିଆର ଅଧା ଦେହକୁ ଭାଙ୍ଗି ସମତଳ କରାଯିବ ! ତା'ଛାଡିକୁ କଟାଯାଇ ବାଟ ଖୋଲାଯିବ ! ତା' ଦେହରେ ଏତିକିଆଞ୍ଚ ଆସିଲେ ଜାମୁଲେଇ ମା'ସହି ପାରିବଟି ? ନେତା ଆଜ୍ଞାଙ୍କର କ'ଣ ଯିବ ? ମା'ର ସବୁ ରାଗ ତ ଆମ ଉପରକୁ ହିଁ ଆସିବ ନା !

ଯେତେ ମୁହଁ, ସେତେ କଥା .. ସେତେ ଭିନ୍ନଚିନ୍ତା .. ଭିନ୍ନ ଭୟ ! ବହେ ପାଟିତୁଣ୍ଡହେଲା .. ବହେ ହସଖୁସି ଆଉ ନୂଆସକାଳର କଥା ବିହେଲା । ତା'ପରେ ଯେ ଯାହାବାଟରେ ଯେଝା ଚାଲିଗଲେ । ଚମ୍ପା ବି ଘରକୁ ଫେରିଲା ଆଖିରେ ଆଖିଏ ସପନ ନେଇ । ଅସୁମାରୀ ଆଶାର ହାଉଲା ପବନରେ ଦେହ ଉଲ୍ଲସିତ ହେଲା । ବନ୍ଧଟା ବନ୍ଧା ସରିଗଲେ ସୁରିଆକୁ ଖୋଜିବାକୁ ଯାଇପାରିବ ସେ ! ବଡ଼ସଡ଼କକୁ ନ ଛୁଇଁ ଆଗକୁ ଯାଇପାରିବ । ଆଗକୁ ମାନେ ସହର ଯାଏଁ ! ସେଇଠି ନିଶ୍ଚୟ କୋଉଠି ନା କୋଉଠି ସୁରିଆ ସହିତ ତା'ର ଭେଟହେବ । ତାକୁ ଫୁସୁଲା ଫୁସୁଲିକରି, ଗୋଡ଼ହାତ ଧରି ନେହୁରା ହେଇ ଘରକୁ ଫେରେଇ ଆଣିବ । ନ ମାନିଲେ ସୁନେଇର ରାଣ ଦେବ ।

କେତେ ରାତି .. କେତେ ଦିନ .. ଏମିତି ସୁନେଲି ସ୍ୱପ୍ନ ଦେଖି ଦେଖି ବିତିଚାଲିଗଲା । ନା ନେତାଙ୍କର ଦେଖାମିଳିଲା ନା ବନ୍ଧ ବନ୍ଧାହେଲା । ଚାହିଁଚାହିଁ ଲୋକଙ୍କ ଆଖିରୁ ପାଣିମରିଲା । ସ୍ୱପ୍ନ ସବୁ ଆଖି ପଲକରୁ ଦୂରେଇ ଚାଲିଲେ । ଦୀର୍ଘଶ୍ୱାସମାରି ସମସ୍ତେ ନିଜ ନିଜର ଧରାବନ୍ଧା ଜୀବନକୁ ଫେରିଲେ । ପିଲାମାନେ ବଡ଼ହେଇ ମାମଲାତି କଲେ । ବୁଢ଼ାମାନଙ୍କ ସବୁ ନିର୍ଣ୍ଣୟକୁ ଭୁଲ୍‌କହି ନୂଆ ଯୋଜନା କଲେ । ଗାଁ କଥା ପଛକୁ ପେଲି ଆଗ ନିଜ ସୁଖସୁବିଧା ଦେଖିଲେ ।

ଆଉ ଏତିକି ବେଳେ ହଠାତ୍ ଦିନେ ଘର୍ ଘର୍ .. ସର୍ ସର୍ .. ହୁମ୍ ହାମ୍ ଶବ୍ଦରେ ଗାଁର ଗଗନପବନ କମ୍ପିଉଠିଲା । ସରପଞ୍ଚକୁ ଭେଟିବାକୁ ସହରୀବାବୁମାନେ ଗାଡ଼ିଚଢ଼ି ଆସିଲେ । ଜାମୁଲେଇମା'ର ମନ୍ଦିରବେଢ଼ାରେ ମିଟିଙ୍ଗ୍ ବସିଲା । ହୋ ହା ଶୁଭିଲା .. ହଁ ନାହିଁର ବାକ୍‌ବିତଣ୍ଡା ଗାଁ ପରିବେଶକୁ ବିଷାକ୍ତକରି ପକେଇଲା । ଲୋକମାନେ ନିଜ ନିଜ ଘରୁ ବାହାରି ଆସିଜାମୁଲେଇମା'ର ମନ୍ଦିର ସେପାଖର ସେଇଖୋଲା ପଡ଼ିଆରେ ଜମା ହେଇଗଲେ । ସମସ୍ତଙ୍କ ମୁହଁରେ ଆଶ୍ଚର୍ଯ୍ୟର ଭାବ – କ'ଣ ଚାଲିଲାଣି ଏସବୁ ? ଏତେଲୋକ କୋଉଠୁ ଆସିଗଲେ ହଠାତ୍ ? କ'ଣ ବା କରିବେ ଏମାନେ ?

ସବୁ ପ୍ରଶ୍ନର ଥିଲା ଗୋଟିଏ ଉତ୍ତର – ବନ୍ଧକାମ ଆରମ୍ଭ ହେଇଗଲା !

ଖୁସିର ଲହର ମାଡ଼ି ଆସିଲା । ଘରଦ୍ୱାର ଛାଡ଼ି ସମସ୍ତେ ଯାଇ କାମ ପାଖରେ ରୁଣ୍ଡ ହେଇଗଲେ । କେଡ଼େକେଡ଼େ ମେସିନ୍ .. କେତେ ଗାଡ଼ିମଟର .. କେତେ ଟୋପି ପିନ୍ଧାବାବୁ .. ଆଖିରେ ଚଷମା .. ହାତରେ ବିରାଟବିରାଟ ଠେଙ୍ଗା ଧରି କ'ଣ ସବୁ ଇଆଡୁସିଆଡୁ କହୁଛନ୍ତି, ଆଉ ପାଖରେ ଠିଆହୋଇଥିବା ଲୋକଗୁଡ଼ା ସବୁ ବୁଝିଲା ପରି ମୁଣ୍ଡଟୁଙ୍ଗାରୁଛନ୍ତି । ଭାରି ଆବାକାବା ଲାଗୁଥିଲା ସମସ୍ତଙ୍କୁ । ବହେ ସେ ବାବୁମାନଙ୍କୁ ତ ଆଉ ବହେ ଘଁଘାଁ ଶବ୍ଦ କରି ଆଗକୁ ପଛକୁ ହଉଥିବା ସେ ମେସିନ୍‌ଗୁଡାକୁ ଦେଖି ଚାଲିଥିଲେ ସମସ୍ତେ ।

ଏମିତି ତ ସେ ଭିଡ଼ କେବଳ ଗାଁର ମରଦମାନେ କରିଥିଲେ, କିନ୍ତୁସେମାନଙ୍କ ଭିତରେ ଚମ୍ପା ବି ସାମିଲ୍ ହେଇଯାଇଥିଲା । ସମସ୍ତଙ୍କ ଘରେ କେହି ନା କେହି ମରଦ ଅଛନ୍ତି ବୋଲି ସେମାନେ ଆସିଛନ୍ତି, କିନ୍ତୁ ତା' ଘରେ କିଏ ଅଛି ଯେ ଆସିବ ? ଯଦି ଆସିବନି, ତେବେ ଜାଣିବ କେମିତି କ'ଣ ଚାଲିଛି ଏଠି ? ସୁନେଇକୁ କବାଟ ପକେଇ ସିଏ ଆସିଯାଇଛି ସବୁ ବୁଝାସୁଝାକରି ଯିବ ।

ମୂଳିଆ ପାହାଡ଼ର ପାଦଦେଶରେ କାହିଁ କୋଉକାଳୁ ବସିଥିବା ଏଇ ଜାମୁଲିଗାଁରେ ପାଖାପାଖି ଶହେ ପରିବାର ରହୁଥିଲେ । ମରଦ ମାଇପ ପିଲାଝିଲା ହେଇ ପାଞ୍ଚ ଶହଲୋକେ ତ ହେବେ ହିଁ ହେବେ । ଏ ଗାଁକୁ ଛାଡ଼ିଦେଲେ ଅଳ୍ପ ଦୂରରେ ଛୋଟବଡ଼ହେଇ ଆହୁରି କେତେଟା ଗାଁ ବି ଅଛି । ସେମାନଙ୍କୁ ବି ଯଦି ମିଶାଯାଏ ତେବେ ହଜାରେ ଲୋକ

ତ ନିଶ୍ଚୟ ହେବେ । ତେଣୁ କାମ କରିବାକୁ ଲୋକଙ୍କ ଅଭାବ ରହିବନି ବୋଲି ବଡ଼ବାବୁ ନିଶ୍ଚିନ୍ତ ହୋଇଗଲେ । ସହରରୁ ଲୋକ ଆଣି ଏ ଅପନ୍ତରାରେ ରଖି କାମ କରେଇବା ଅପେକ୍ଷା ଏଠିକା ଲୋକଙ୍କୁ କାମ ଶିଖେଇଦେବା ଭଲ । ସମସ୍ତଙ୍କୁ କିଛି ପଇସା ମିଳିବା ସହିତ କାମ କେବେ ବନ୍ଦହେବାର ଭୟ ରହିବନି । ତା' ସହିତ ସରକାରଙ୍କ ନାଁହେବ ଗାଁଲୋକଙ୍କୁ ରୋଜଗାର ଯୋଗେଇ ପାରିଲେ ବୋଲି !

ଜମାହେଇଥିବା ଲୋକମାନଙ୍କୁ ପାଖକୁ ଡାକି କାମ ବିଷୟରେ ବୁଝେଇ ଦବାକୁ ବଡ଼ବାବୁ ଇଶାରାକଲେ ଜଣଙ୍କୁ । ଆଗେଇ ଆସିଲା ସେ । ତିରିଶ ପଇଁତିରିଶ ବର୍ଷର ଯୁଆନ୍ ଟୋକାଟାଏ । ନିଜକୁ ଏଠିକାର ମୁକାଏମ ବୋଲି କହି ବଡ଼ବାବୁଙ୍କର ଇଚ୍ଛା ବିଷୟରେ ସମସ୍ତଙ୍କୁ ବୁଝେଇ କହିଲା, "ଭାଇମାନେ, ତମମାନଙ୍କୁ ଜଣା ଅଛି ତମର ଏଇ ଜାମୁଳିଗାଁଟା ଦୁଇଟା ବଡ଼ସହରର ଏକଦମ୍ ମଝିରେ ରହିଛି । ଏଇଠୁ ଖଣ୍ଡେବାଟରେ ଯୋଉ ରାଜପଥଟା ଅଛି, ସେଇଟା ଦୁଇ ସହରକୁ ଯୋଡୁଛି । କିନ୍ତୁ ମଝିରେ ଏଇ ଶିଆଳିଖିଆ ନଈଟା ଆସୁଛି ବୋଲି ବଡ଼ସଡ଼କଟା ବହୁତ ବୁଲିବୁଲି ଆସୁଛି । କିଛି ବର୍ଷ ପୂର୍ବରୁ ବିରୋଧି ଦଳର ଟାଣୁଆ ନେତା ଶଙ୍କର ବାବୁ ଏଠିକୁ ଆସିବା କଥା ନିଶ୍ଚୟ ସମସ୍ତଙ୍କର ମନେ ଥିବ । ସେତେବେଳେ ସବୁଆଡ଼ ଦେଖାଦେଖି କରି ଯାଇଥିଲେ । ଏଠିକାର ସବୁଗାଁ ପରିଦର୍ଶନ କରିଥିଲେ । ସେତେବେଳେ ସମସ୍ତେ କୁଆଡ଼େ କହିଥିଲେ ଯେ ନଈ ଉପରେ ବନ୍ଧ ବନ୍ଧାଗଲେ ସମସ୍ତଙ୍କର ସବୁ ଦୁଃଖ ଯିବ । ସିଏ କଥା ଦେଇଥିଲେ ଯେ ଏ କାମଟା ତାଙ୍କଦ୍ୱାରା ନିଶ୍ଚୟ ଆରମ୍ଭ କରାଯିବ !

ବହୁତ ଚେଷ୍ଟା କରିଥିଲେ ସେତେବେଳେ । ହେଲେ ଶାସକ ଦଳ କିଛି କରେଇଦେଇନଥିଲେ । ଏତେ ବର୍ଷ ପରେ ରାଜ୍ୟରେ ଶଙ୍କରବାବୁଙ୍କ ସରକାର ଆସିଛି । ନିଜ କଥା ସିଏ ମନେ ରଖିଛନ୍ତି । ତେଣୁ ସମସ୍ତଙ୍କ ସୁବିଧାକୁ ଆଖିରେ ରଖି ବନ୍ଧ କାମ ଆରମ୍ଭ ହେଇଗଲା । ଏଣିକି ସମସ୍ତଙ୍କ ସାହାଯ୍ୟ ମିଳିଲେ ଖୁବ୍ ଶୀଘ୍ର ଏହା ସମ୍ପୂର୍ଣ୍ଣ ହେଇପାରିବ !"

ସମସ୍ତେ ଅବାକ୍ ହେଇ ପରସ୍ପରର ମୁହଁକୁ ଚାହିଁଲେ । ବନ୍ଧ ବନ୍ଧାହେବା କଥା କିଏ କେତେବେଳେ ନେତା ଆଜ୍ଞାଙ୍କୁ କହିଲା ବୋଲି ମନେ ପକେଇବାକୁ ଚେଷ୍ଟାକଲେ । ନେତା ଆସିଥିଲେ, ମନେ ଅଛି । ସେତେବେଳେ ସେମାନେ ସବୁ ପିଲା ଥିଲେ । ସମସ୍ତଙ୍କ ସହିତ କଥାଭାଷା ହେଇଥିଲେ, ନିଜ ଦୁଃଖକଷ୍ଟ କହିଥିଲେ, ସେକଥାର ବି ଖିଆଲ ଆସୁଛି ! କିନ୍ତୁ ବନ୍ଧ ?

ନା, ନା, କିଛି ଗୋଟେ କୋଉଠି ଅବୁଝା ରହିଯାଉଛି ! ତାକୁ ଏବେ ଠୁ ଦୂରକରିବାକୁ ହେବ, ନହେଲେ ସମସ୍ତଙ୍କ ଜୀବନ ଉପରେ ପ୍ରଭାବ ପଡ଼ିବ !

ନିଜ ନିଜଭିତରେ ସେମାନଙ୍କୁ ଏମିତି ଫୁସୁର ଫାସର ହେଉଥିବାର ଦେଖି ମୁକାଏମ ଗଳାଖଙ୍କାରି କହିଲା, "ଯାହା କହିବାକୁ ଅଛି ମତେ କୁହ । ମୁଁ ଏଠିକାର ମୁକାଏମ .. ବଡ଼ବାବୁଙ୍କର ଅଧସ୍ତନ । ଏଠି ଯାହା କିଛି ବି ଆଲୋଚନା ହେବ, ବଡ଼ବାବୁଙ୍କ ପାଖରେ ମୁଁ ନେଇ ପହଞ୍ଚେଇବି । ତାଙ୍କ କଥା ତମକୁ ବୁଝେଇବି, ଆଉ ତମ କଥା ତାଙ୍କୁ ! ମତେ ତୁମମାନଙ୍କର ନିଜ ଲୋକ ବୋଲି ଭାବ !"

ନିଧି ସାହୁର ଭଣଜା ବ୍ରଜ ଭିଡ଼ରୁ ବାହାରି ଆସି କହିଲା, "କାହିଁ କେତେ ଯୁଗ ବିତିଗଲାଣି ନେତା ଆଜ୍ଞା ଆମ ଗାଁକୁ ଆସିଥିଲେ । ଆମେ ତାଙ୍କୁ ନିଜର ଅଭାବ ଅସୁବିଧା କଥା ତ କହିଥିଲୁ, କିନ୍ତୁ ଏ ବନ୍ଧ କଥା ତ ମୋଟେ ଉଠେଇ ନ ଥିଲୁ ! ହଁ, ସିଏ ନିଜେ ହିଁ ସେକଥା କହିଥିଲେ । ଆମେ ତ ଭାବିଥିଲୁ ଯେ ନେତା ଆଜ୍ଞା ପୁଣି ଥରେ ଆସିଲେ ଆମେ ସମସ୍ତେ ମିଶି ତାଙ୍କୁ ମନା କରିବୁ । ଏ ବନ୍ଧ ଫନ୍ଧ ଆମର କୋଉକାମରେ ଆସିବ ନାହିଁ, ବରଂ ଆମ ସମସ୍ତଙ୍କୁ କିଛିକିଛି ଚାଷଜମି ମିଳିଲେ ପରିବାରର ପେଟପୋଷିବାକୁ ସୁବିଧା ହୁଅନ୍ତା !"

"ଆରେସେଇପେଟ କଥା ଚିନ୍ତାକରି ତ ସରକାରଏଠି ବନ୍ଧ ବାନ୍ଧିବା କଥା ଚିନ୍ତାକରିଲେ । ବନ୍ଧ ତିଆରିହେବ ମାନେ ସମସ୍ତଙ୍କୁ କାମ ମିଳିବ .. କାମ ମିଳିବ ମାନେ ନଗଦ ପଇସା ମିଳିବ .. ପଇସା ଆସିଲେ କାହା ପରିବାର ଆଉ କ'ଣ ଭୋକରେ ରହିବେ ?" ବୁଝେଇ ଦେଲା ମୁକାଏମ । ସମସ୍ତେ ମୁଣ୍ଡ ହଲେଇଲେ ସବୁ କଥା ବୁଝିପାରିଲା ପରି । କିନ୍ତୁ ପୁଣି ଜଣେ ତାଙ୍କ ଭିତରୁ ପଚାରିଲା, "ପୁଅ, ଆମେ ଯଦି ସମସ୍ତେ ଏଠିକୁ ଆସି କାମ କରିବୁ, ତେବେ ଆମ ଜମି ?"

"ସବୁଆଡ଼କୁ ଲୋଭକଲେ କ'ଣ ଚଳିବ ମଉସା ? ଦୁଇଚାରି ବର୍ଷ ପାଇଁ ସେ ଜମିଜୁମା କଥା ଭୁଲିଯାଅ । ଏତେବଡ଼ କାମ ହେବାକୁ ଯାଉଛି ତମମାନଙ୍କ ପାଇଁ .. ଆଉ ତମେମାନେ ଯଦି ଜମିର ଲୋଭଛାଡ଼ି ନ ପାରିବ, ତେବେ ଠିକ୍ ଅଛି - ଆମ ବଡ଼ବାବୁ ସହରରୁ ଲୋକ ଡକେଇ କାମ କରେଇବେ । ଠଣ୍ ଠଣ୍ ପଇସା ଗଣିଦେବେ ! ସେତେବେଳେ ଆଉ କହିବ ନି ଯେ ଆମ ଅଞ୍ଚଳରେ କାମ ହେଇକି ବି ଆମ ହାତକୁ କିଛି ଆସିଲାନି !"

"କି କାମ କରିବାକୁ ପଡ଼ିବ ? ଆମକୁ ତ ଚାଷଛଡ଼ା ଆଉ କିଛି କାମ ଜଣା ନାହିଁ !" କିଏ ଜଣେ ନିଜ ସନ୍ଦେହକୁ ବେଶି ସମୟ ପେଟ ଭିତରେ ରଖି ନ ପାରି ପଚାରିଦେଲା ।

"ସବୁ ପ୍ରକାରର କାମ - ପଥର ଭାଙ୍ଗିବା .. ମାଟି ଗୋଡ଼ି ଇଟା ବୋହିବା .. ବାଲିସିମେଣ୍ଟ ମିଶେଇବା .. ପାଣିଭରିବା .. ମାଟି ସମତଳ କରିବା .. ଗାଡ଼ିରୁ ଜିନିଷ କାଢିବା .. ତାକୁ ଆଣି ଗୋଦାମ୍‌ରେ ରଖିବା .. ସବୁ ସାଜସରଞ୍ଜାମକୁ ଧୁଆପୋଛା କରି ରଖିବା .. ଏମିତି ଏମିତି କେତେ ପ୍ରକାରର କାମ । ଯେତେ କାମ – ସେତେ ପଇସା ! ଏସବୁ

କାମକୁ ବିନା ଶିଖିକି ବି ସମସ୍ତେ କରି ପାରିବେ । ଚାଷ କାମ ପରି କଷ୍ଟିଆ କାମ ଏସବୁ ନୁହେଁ !”

ଲୋକଙ୍କ ଭିତରେ ପୁଣି ଫୁସୁର ଫାସର ବଢ଼ିଗଲା । ମୁକାଏମ ସେମାନଙ୍କ ଉପରେ ଥରେ ନଜର ଘୂରେଇ ଆଣି ନିଜ ଜାଗାକୁ ଫେରିଗଲା । ଛାଡ଼ିଥିବା ତୀର ଠିକ୍ ଜାଗାରେ ବସିସାରିଛି, ଆଉ ଅପେକ୍ଷା କରିବାର ଆବଶ୍ୟକତା ନାହିଁ । କାହାର ପଇସା ଦରକାର ନାହିଁ ଏ ଯୁଗରେ ! ବିଶେଷକରି ଏ ସିଧାସାଧା ଗାଁଲୋକଙ୍କ ମୁହଁରେ ଟଙ୍କାର ମହୁଚଟେଇ ଦେଲେ, କିଛି ଆଉ ଚିନ୍ତାକରିବା ଦରକାର ହେବନି । ସବୁ କାମ କରେଇ ହେବ ତା’ପରେ ।

କିଛି ବୁଢ଼ାବୁଢ଼ୀଲୋକଙ୍କୁ ଛାଡ଼ି ବାକି ସମସ୍ତେ ବନ୍ଧ କାମ କରିବେ ବୋଲି ସ୍ଥିର ହେଇଗଲା । ମାଇପିମାନେ ଛୁଆପିଲାଙ୍କୁ ଧରି ଘରେ ରହିବେ .. ବୁଢ଼ାବୁଢ଼ୀଙ୍କର ସେବା ଯତ୍ନ କରିବେ .. ଘର ସମ୍ଭାଳିବେ । ଚାହିଁବେ ଯଦି ବନ୍ଧକାମ ନ ସରିଲା ଯାଏଁ ନିଜ ନିଜ ଜମିରେ ଅଳ୍ପେ ବହୁତେକରି କିଛି ଫସଲ କରିବେ ।

ଏମିତି ଏକ ନିର୍ଣ୍ଣୟ ଶୁଣି ଚମ୍ପାର ଫକାସୀ ଉଡ଼ିଗଲା । ତା’ର ଜମି ବୋଲି ଗୋବାଏ ନାହିଁ ! ଯୋଉ ଅରାକ ଥିଲା ସୁରିଆ ଗଲା ପରେ ସୁନେଇକୁ ବଞ୍ଚେଇ ରଖିବାକୁ ତାକୁ ବିକିଭାଙ୍ଗି ଦେଇଛି । ଏବେ ଏତେ ବଡ଼ମଉକା ଆସିଛି ରୋଜଗାରର, ଅଥଚ ଗାଁଲୋକେ କହୁଛନ୍ତି ମାଇପିମାନେ ଘରେ ରହିବେ ! ସମସ୍ତଙ୍କର କେହି ନା କେହି ଅଛନ୍ତି ପଇସା ରୋଜଗାର କରିବାକୁ, ହେଲେ ତା’ର କ’ଣ ହେବ ! ହାତରେ ଦି’ ପଇସା ରଖି ସୁନେଇକୁ ବାହାକରିବାର ଇଚ୍ଛା ତା’ହେଲେ କେମିତି ପୂରାହେବ ତା’ର !

ନା, ସିଏ କାହା କଥା ଶୁଣିବନି .. ସିଏ ବି ସମସ୍ତଙ୍କ ସହିତ ମିଶି ମାଟି ଉଠେଇବ .. ବାଲିସିମେଣ୍ଟ ଗୋଳେଇବ । ଝିଅ ପାଇଁ କେତେ ପ୍ରକାରର କଷ୍ଟ ସାରା ଜୀବନ କରିସାରିଲାଣି, ଆଉ ଏଇ କାମ ତାକୁ କ’ଣ ବଳେଇ ଯିବ !

ବଡ଼ ପାଟିରେ ନିଜ ମନକଥା ସେଇଠି ଶୁଣେଇଦେଲା ସମସ୍ତଙ୍କୁ ସେ । ସିଏ ବି କାମ କରିବ ସମସ୍ତଙ୍କ ସହିତ .. ତାକୁ ବି ପଇସା ଦରକାର .. ଘରେ ଆଉ କିଏ ଅଛି ଯେ ତା’ ପାଇଁ କାମ କରିବ !

“କିନ୍ତୁ ମରଦଙ୍କ ମେଳରେ କ’ଣ କରିବୁ ତୁ ? ମାଟି ବାଲି ସିମେଣ୍ଟ ଗୋଡ଼ିଉଠେଇବା କ’ଣ ସହଜ କାମ ବୋଲି ଭାବୁଛୁ ! ତେହେଁକି ପୁଣି ନାହିଁ ନଥିବା ଖରାରେ ମୁଣ୍ଡଫାଟି ଯାଉଛି ସକାଳ ହେଉହେଉ ! ସହରୀଲୋକଙ୍କର ହାବଭାବ ଚାଲିଚଳଣ ସବୁ କିଛି ସନ୍ଦେହଜନକ । ସେଇମାନଙ୍କ ମଝିକୁ ଯାଇ କାମ କରିବାମାନେ, ନିଶ୍ଚୟ କିଛି ନା କିଛି ଅନର୍ଥ ହେବ ହିଁ ହେବ !” କିଏ ଜଣେ ତାକୁ ବାରଣ କରିବାକୁ କହିଲା ।

– ଏ ଖରା ଆଉ ମୋର କ’ଣ କରିବ ମ ! ସୁନେଇ ବାପା ତ ଦାଣ୍ଡରେ ବସେଇ ଦେଇଯାଇଛି .. ଖରାତରାକୁ ଡରି ଘରକଣରେ ବସିବି ଯଦି ପେଟକେମିତି ପୂରିବ ଆମ ମା’ ଝିଅଙ୍କର ! ଚାଷ ନ କରି ଯଦି ସମସ୍ତେ ନିଜ ନିଜଜମିକୁ ପଡ଼ିଆ ପକେଇବେ, ମତେ କାମ କୋଉଠୁ ମିଳିବ ! ଆଉ ସହରୀଲୋକଙ୍କ ନଜର ! ସେକଥା କିଏ ଏତେ ଭାବୁଛି ମ ! ପେଟରେ ଦାନାଟିଏ ପଡ଼ି ନ ଥିଲା ବେଳେ ଅନ୍ୟ କୌଣସି କଥା ମୁଣ୍ଡରେ ପଶେ କି !

ତେଣୁ ବହୁତ ଭାବିଚିନ୍ତି ଏଇ ଫଇସଲାଟା ନିଜ ପାଇଁ କରିଲି । ଏବେ ସମସ୍ତେ ମତେ ଟିକିଏ ଦୟାକଲେ କିଛି ରୋଜଗାର କରିପାରିବି । ମତେ ଆଉ ନାହିଁ କରନି କେହି କି ଅଯଥା ଡରାଅନି .. ବଢ଼ିଲା ଝିଅର ଦାୟିତ୍ୱ କାନ୍ଧରେ ମୋର ..

– ତୁ ଯଦି କାମକୁ ଯିବୁ, ଘରେ କ’ଣ ଝିଅ ତୋର ଏକା ରହିବ ?

କିଛି ସମୟ ଭାବିଲା ଚମ୍ପା । ଏ ଚିନ୍ତାଟା ତ ବଡ଼ ବିକଟାଳ ! ସୁନେଇ ଘରେ ରହିଲେ କେହି ନା କେହି ଆସି ହାବୁଡ଼ି ଯାଇପାରେ ! ଚମ୍ପା ନ ଥିବାର ସୁଯୋଗ ନେଇ ତାକୁ ଫୁସୁଲା ଫୁସୁଲିକରି ବାଟବଣାକରି ପାରେ ! ବୁଦ୍ଧି ବୋଲି ତ ପଳାଏ ନାହିଁ ତା’ପାଖରେ .. କେଜାଣି କ’ଣ କରିପକେଇବ ଆଗପଛ ବିଚାର ନ କରି ! ସେଇଠି ସେଇମୁହୂର୍ତ୍ତରେ ସୁନେଇବି ତା’ ସହିତ କାମକୁ ଯିବ ବୋଲି ଘୋଷଣା କରିଦେଲା ସେ ।

କିଛିସମୟର ନିସ୍ତବ୍ଧତା ପରେ ନିରବରେ ସମସ୍ତେ ସେ ଜାଗା ଛାଡ଼ିଲେ । ତେବେ କଥାଟା କାହାକୁ ପସନ୍ଦ ଆସିନି ବୋଲି ଜଣାପଡ଼ି ଯାଉଥିଲା । ଚମ୍ପା ସେଆଡ଼କୁ ଧ୍ୟାନ ନଦେଇ ଘରମୁହାଁ ହେଲା । ଗାଁଲୋକଙ୍କ ପସନ୍ଦ ଅପସନ୍ଦ ଦେଖିବ ନା ନିଜକଥା ଚିନ୍ତା କରିବ ! କହିଲାବେଳକୁ ତ ସମସ୍ତେ ଏତେ ବଡ଼ବନ କଥା କହିପକାନ୍ତି, ହେଲେ କିଏ ଆସେ ବିପଦ ଆପଦରେ ସାହା ହେବାକୁ ! ଏତେ ବର୍ଷରୁ ଯୋଉ କଷ୍ଟ ଯନ୍ତ୍ରଣା ଭିତର ଦେଇ ସେଗତି କରୁଛି, କେହି ଆସି ବୁଝିକି ଯାଉଛିକି ତା’ଭଲମନ୍ଦ ! ଭଲମନ୍ଦ କଥା ତ ଦୂରକୁ ରହିବ, କେହି ଜଣେ ଭଲା ତା’ସାଥିରେ ବାହାରିଲା ସୁରିଆକୁ ଖୋଜି ଆଣିବାକୁ ? ଓଲଟି ସ୍ପଷ୍ଟ ସ୍ୱରରେ କହିଦେଲେ ସିଏ କୁଆଡ଼େ ମରିହଜିସାରିବଣି ନା ଆଜି ଯାଏଁ ଆଉ ଥିବ ! ଯଦି ବା ଥିବ, ତେବେ ଲେଉଟିକି ଆସିବାର ନାହିଁ ବୋଲି ତ ଆସୁନି, କାହିଁକି ମିଛୁଟାରେ ତା’ ପଛରେ କିଏ ସମୟ ନଷ୍ଟ କରିବାକୁ ଯିବ !

ଭାରି ଇଚ୍ଛାହୁଏ ଚମ୍ପାର କହିଦେବାକୁ – ଏମିତି କୋଉ ଲାଟସାହିବ ହେଇଛୁ ଯେ ତୋର ସମୟ ନଷ୍ଟ ହେଇଯାଉଛି ଖାଲି !

ମାତ୍ର ଚୁପ୍ ରହିଯାଏ । ଏଠି ସମସ୍ତେ ଚାହିଁ ବସିଛନ୍ତି କିଛି ନା କିଛି ବାହାନାର, ଯୋଉଥିରେ ତାକୁ ମାନସିକ ଯନ୍ତ୍ରଣାଦେଇ ଖୁସି ଅନୁଭବ କରିବାକୁ । ତା’ ପାଟିତୁଣ୍ଡରେ ପୂରା ଗାଁ ଅତିଷ୍ଠ ବୋଲି ରାଗ

ସୁଝେଇବାକୁ ଏଇ ବାଟ ସେମାନେ ପାଆନ୍ତି ! ତା' କଷ୍ଟ ଉପରେ ଥଟ୍ଟା ତାମସାକରି ପାଶବିକ ସୁଖ ପାଆନ୍ତି !

ଚମ୍ପା ବି ସେମାନଙ୍କର ସବୁ ଗୋହି ଜାଣେ, ତେଣୁ ଏଗୁଡ଼ା ଶୁଣି ତାକୁ ଆଉ ଦୁଃଖ କି ଅବସୋସ ଆସେନି । ବରଂ ଏ କାନରେ ପୂରେଇ ସେ କାନରେ ବାହାର କରିଦେଇ ନିଜ କାମରେ ଲାଗିଯାଏ । ସାରା ଦୁନିଆକୁ ବେଖାତରକରି ନିଜ କଥା ଭାବି କେମିତି ବଞ୍ଚିବାକୁ ହୁଏ, ଏଇ ଭିତରେ ସିଏ ଭଲକରି ଶିଖିସାରିଛି ।

ଯାହା ହେଉ ସେଦିନ ଘରକୁ ଫେରି ଝିଅକୁ ଆଗ ବୁଝେଇଦେଲା ନିଜ ନିଷ୍ପତ୍ତି କଥା । ବନ୍ଧ କାମ ଆରମ୍ଭ ହେଇଗଲାଣି, ଏବେ ତାଙ୍କର ସବୁ ଦୁଃଖକଷ୍ଟ ଦୂରହେବ । ଆଉ ଭୋକରେ ରହିବାକୁ ପଡ଼ିବ ନାହିଁ । ମେହେନତକରି ଦୁଇ ପଇସା ଘରକୁ ଆଣିଲେ ସୁନେଇର ବାହାଘର କରିବ ।

ଅଜଣା ଖୁସି ଲଟେଇଗଲା ସୁନେଇର ନୂଆ ନୂଆ ସ୍ୱପ୍ନ ଦେଖୁଥିବା ଆଖିରେ । ମନ ଅଗଣାରେ ଉକୁଟି ଉଠିଲା କିଛି ଝାପ୍ସା ମୁହଁ । ବୁଜିହେଇଗଲା ଆଖି ଆପେ ଆପେ ... କାହାର ମନମୋହକ ହସରେ ଉଲ୍ଲସି ଉଠିଲା ହେବ ! ପରକ୍ଷଣରେ କିନ୍ତୁ ସେଇ ଝାପ୍ସା ମୁହଁ ଜାଗାରେ ବୋଉର କଠୋର ମୁହଁଟା ଦିଶିଗଲା । ନାଲି ନାଲି ଆଖି, ଟାଇଁଟାଇଁ କଥା ଆଉ ଅବିଶ୍ରାନ୍ତ ଗାଳିର ପଟୁଆର ସହ ବୋଉ ତାକୁ ଘର ଭିତରକୁ ଠେଲିଦେଇ କାମକୁ ବାହାରି ଯାଉଛି !

ଚମକିପଡ଼ିଲା ସେ .. ଭୟରେ ଆଖି ଖୋଲିଦେଲା । ଚୁଲି ପାଖରେ ବସି ବୋଉ ନିଜ ଭିତରେ ମଜି ଯାଇଛି । ଏକଦମ୍ ଶାନ୍ତ ଆଉ ନିଶ୍ଚିନ୍ତ ଲାଗୁଛି । ଆଜି ବହୁତ ଯୁଗ ପରେ ତା'ଭାଙ୍ଗ ପଡ଼ିଯାଇଥିବା ମୁହଁରେ ଏକ ଅପୂର୍ବ ଚମକ ଫୁଟିକି ବାହାରି ଆସୁଥିବାର ଲାଗୁଛି । ହଁ, ସିଏ ବି ଆଜି ସ୍ୱପ୍ନଟିଏ ଦେଖୁଛି ! କେଜାଣି କିଏ ଅଛି ତା'ସ୍ୱପ୍ନରେ .. କିନ୍ତୁ ଆଶା ଆଉ ସମ୍ଭାବନାର ସୂର୍ଯ୍ୟମୁଖୀ ଫୁଲ ପାଖୁଡ଼ା ମେଲୁଛି !

ମୁଗ୍ଧ ଦୃଷ୍ଟିରେ ବୋଉ ଆଡ଼କୁ ଚାହିଁ ରହିଗଲା ସୁନେଇ । ବୋଉର ଏ ରୂପ, ହେତୁ ପାଇଲା ଦିନରୁ ସେ ଦେଖିନି ! କେବେ ତାକୁ ଏତେ ଅନ୍ୟମନସ୍କହେବା କଥା ବି ଜାଣିନି ! ପ୍ରତିମୁହୂର୍ତ୍ତରେ ପେଟର ଭୋକ ସହିତ ଯୁଝୁଥିବା ମଣିଷଟିଏ ସେ, ସୁଖର କଣିକାକୁ ହାତମୁଠାରେ ପାଇଲେ କେମିତି ଲାଗେ, ତା'ର ଅନୁଭବ କୋଉ ଅଛି ଯେ ଜାଣିବ ! ବାପାଗଲା ଦିନରୁ ସବୁ ସ୍ୱପ୍ନରେ ତା'ର ଉଇ ଚରିଯାଇଛି । ଆଜି ହଠାତ୍ ସେଥିରୁ କିଛି ଲେଉଟି ଆସିବାର ଆଶାରେ ସିଏ ଯେମିତି ନୂଆକରି କୁଆଁ ମେଲୋଉଛି !

କେହି ଜଣେ ବାଡ଼ିପଟର ଦରଜାକୁ ଜୋରରେ ପିଟୁଥିଲା । ଚମକି ପଡ଼ିଲେ ଦୁହେଁ .. ଆଶଙ୍କାରେ ଚାହିଁଲେ ପରସ୍ପରକୁ । ଏ ଅବେଳଟାରେ କିଏ ସେ ହେଇଥିବ ! ତା' ପାଟିରୁ ଗାଳିର ବର୍ଷାହେବା ପୂର୍ବରୁ ସୁନେଇ ରୋକିଦେଲା । 'କିଏ ଆସିଥିବ ଆଗ ଯାଇ ଦେଖେ, ତା'ପରେ ଗାଳି ଦବୁ ..' ବୋଲି କହିଲା । ଆଜି ଆଉ ତା' କଥାକୁ ଉଡ଼େଇ ଦେଲାନି ଚମ୍ପା । ଦିକିଦିକିହେଇ ଜଳୁଥିବା ଡିବିଟାକୁ ହାତରେ ଧରି ଆଗେଇଗଲା ଦରଜା ପାଖକୁ ।

"କିଏ .. ? ଏତେ ରାତିରେ କିଏସେ ଏମିତି କବାଟ ପିଟୁଛ .. କି କାମ ଅଛି .."

ସେପଟରୁ କେହି ଜଣେ ଚାପାକଣ୍ଠରେ କହିଲା, "ଦରଜାଟା ଖୋଲ ସୁନାବୋଉ ନାନୀ, ମୁଁ ରେଣୁ .. ତମ ଚଗଲିର ଭାଉଜ !"

ତା' ପାଟିରୁ କଥାଟା ସରିଲା ପୂର୍ବରୁ ଧଡ଼୍‌କରି ଦରଜାଟା ଖୋଲି ହାଉଳି ଉଠିଲା ଚମ୍ପା, "କି ଲୋ କ'ଣ ହେଇଗଲା ରାତି ଅଧଟାରେ କାହାର ! ଏମିତି ଅନ୍ଧାରଟାରେ .. ହାତରେ ଡିବି ଲଣ୍ଠଣ ନାହିଁ .. କେମିତି ଆସିଗଲୁ ତୁ ! ସାଙ୍ଗରେ ଆଉ କିଏ ଅଛି ନା ତୁ ଏକା ?"

"ଧିରେ କୁହ । କେହି ଜାଣିବ ଯଦି ତମ ପାଖକୁ ମୁଁ ଆସିଛି, ଅନର୍ଥ ହେଇଯିବ .. ଆଗ ବାଟଛାଡ଼ ମୁଁ ଭିତରକୁ ଆସେ .. କଥାଟାଏ କହିବାକୁ ଅଛି !"

"ଏମିତିକି କଥା ଅଛି ଯେ ଅନ୍ଧାରରେ .. ହଉ .. ହଉ .. ଆ'ଭିତରକୁ ଆ' । ଏ ଡିବିରେ ତେଲ ନାହିଁ ଯେ ସନ୍ଧ୍ୟା ବେଳୁ ଲିଭିବ ଲିଭିବ ହେଉଛି.. ଝଟପଟ କହିଦେ କଥାଟା, ନହେଲେ ଅନ୍ଧାରରେ ମୁହଁକୁ ମୁହଁ ଦିଶିବନି !"

ଘର ଭିତରକୁ ପଶି ଆସୁଆସୁ ରେଣୁ ତରତର ହେଇକହି ପକେଇଲା, "ନାନୀ, ତମେ ଆଜି ସକାଳେ ସେ ବନ୍ଧଠିକି ଯାଇଥିଲ କି ?"

"ହଁ .. କାହିଁ କ'ଣ ହେଲାକି ?"

"ନାହିଁ କିଛି ହେଇନି । ତମ ଦିଅର ଆସି କହୁଥିଲେ ତମେ କୁଆଡ଼େ ସେଠିକୁ କାମ କରିବାକୁ ଯିବ .. ସୁନେଇକୁ ବି ନେବ .."

କଥାଟା ଶେଷ ହେବାକୁ ନ ଦେଇ ଚିହିଁକି ଉଠିଲା ଚମ୍ପା, "ଏଥିରେ କାହା ବୋପାର କ'ଣ ଯାଉଛି .. ମୁଁ କାହାର ଖାଉଛି ନା ଧାରୁଛି ଯେ ମୁଁ କ'ଣ କଲି ନ କଲି କଥା ଉଠୁଛି .."

"ଓହୋ .. ନାନୀ, ଧିରେ କୁହ .. କେହି ଶୁଣିଲେ ମୋ ପିଠିରୁ ଛାଲ ଉତାରି ଦେବ ! ..ମୁଁ ତମକୁ ସେକଥା କହିବାକୁ ଆସିନି .. ମୋର କାମ ଥିଲା ତମ ପାଖରେ ..! କେତେ କଷ୍ଟରେ ଲୁଚିକି ଆସିଛି .. ଟିକେ ଆଗ ଶୁଣିସାର ମୋ କଥା .."

"ଆଉ କ'ଣ ବାକି ରହିଲା କହିବାକୁ !"

"ତମେ ଜାଣିଛ ମୋ ସଂସାର କେମିତି ଚାଲିଛି ! ତମର ମରଦ ନଥାଇ ଯାହା, ମୋର ଥାଇକି ଆହୁରି ମନ୍ଦ ! କାମଧନ୍ଦା କିଛି ନାହିଁ .. ଖାଲି ନିଶାପାଣିକୁ ମନ .. ସେଥିକୁ ପୁଣି ଯେତେକ ଅଦଉତି ଦେହ ଉପରେ .. ନଈ ପୋଖରୀକୁ ଡେଇଁ ପଡ଼ନ୍ତି .. ଖାଲିଛୁଆ ଦୁଇଟାଙ୍କ

ପାଇଁ ଜୀଇଁରହିବା କଥା ..” କହୁକହୁ ସୁଁସୁଁହୋଇ କାନ୍ଦି ପକେଇଲା ରେଣୁ । ଡିବିଟା ଲିଭି ଯାଇଥିଲା କେତେବେଳୁ । ଅନ୍ଧାରରେ ଚମ୍ପା ଦେଖୁଥିଲା ଟପ୍ ଟପ୍ କରି ବୋହି ଆସୁଥିବା ତା’ ଲୁହଧାରକୁ ।

“ତୋ’ ଦୁଃଖ ମୁଁ ବୁଝୁଛି, ହେଲେ ଏଇ ଭାଗ୍ୟ ତ ଆମ ଗାଁରେ ସବୁ ମାଇପୀଙ୍କର .. ଏଥିକୁ କ’ଣ ଆଉ କରିପାରିବା ଆମେ ! ନଈ ପୋଖରୀକୁ ଡେଇଁପଡ଼ିବା କଥାଟା ସମସ୍ତେ ଭାବୁଛେ, କିନ୍ତୁ ଯୋଉମାନଙ୍କୁ ଜନମ ଦେଇଛେ, ସେମାନଙ୍କର କି ଦୋଷ ! ଆମ ବିନା କାହା ଆଶ୍ରାରେ ଜୀଇଁବେ ସେମାନେ ! .. ତୋ’ ପାଇଁ ମୁଁ କ’ଣ କରିପାରିବି ଯେ ତୁ ଏ ଅନ୍ଧାରଟାରେ ଏମତି ଏକା ଏକୁଟିଆ ଧାଇଁ ଆସିଲୁ ! ତୋ’ ଗେରସ୍ତ ଭଳିଆ ଅବେଇଜ ମଣିଷଟାକୁ ମୁଁ ବା କ’ଣ କହିପାରିବି ! ମତେ ତ ମୋ ଦୁଃଖ ବଳୋଉଛି !”

“ନାହିଁ ମ ନାନୀ, ମୁଁ କ’ଣ ତାଙ୍କୁ କିଛି କହିବାକୁ ତମ ପାଖକୁ ଆସିଛି କି ! ମୁଁ ଆସିଛି .. ମୁଁ .. କଥାଟା ତମ ମୋ ଭିତରେ ଖାଲିରହିବ ଯେମିତି ନାନୀ .. ନହେଲେ ତମ ଦିଅର ମତେ ଠିଆ ଚିରିଦେବେ !”

“ତୁ ଆଗ କହ ତ ମତେ .. ମୁଁ କାହିଁ କାହାକୁ ସେଗୁଡ଼ା କହିବାକୁ ଯିବି ! ମୋର କ’ଣ ଆଉ କିଛି କାମ ନାହିଁ ନା କ’ଣ !”

“ତମ ସହିତ ମୁଁ ବି ବନ୍ଧରେ କାମ କରିବାକୁ ଯିବି ! ପିଲାଙ୍କ ପାଇଁ କିଛି ତ କରିବି ! .. ତମସାଥିରେ ମତେନେଇ ଯିବ ଟିକେ .. ବଡ଼ ଉପକାରହେବ .. ଠାକୁରେ ତମକୁ କୋଟି ପରମାୟୁ ଦେବେ !”

“ଆ ଲୋ ବନ୍ଧଟା କ’ଣ ଖାଲି ମୋର ନା କ’ଣ ! ସମସ୍ତଙ୍କ ପାଇଁ କାମ ଅଛି, ଯିଏ ଯିବ, ସିଏ କରିବ .. ଏଥିକୁ ମୁଁ କିଏ ?”

“ନାହିଁ ନାନୀ, ତମରି ଭରସା ମିଳିଲେ ସାହସ କରିବି ଯିବାକୁ । ନହେଲେ ମୁଁ କ’ଣ ଆଜି ପର୍ଯ୍ୟନ୍ତ ଘରର ଏରୁଣ୍ଡି ଟପିଛି ଯେ କାମ କରିବା କଥା ଭାବିବି ! ତମ ଦିଅରଙ୍କ ମୁହଁରୁ ଶୁଣିଲା ପରଠୁ ମନେମନେ ମୁଁ ତମକୁ ଯେତେକ ପ୍ରଶଂସା କରିଚାଲିଛି ଖାଲି ! ତମେ ହିଁ ମୋ ପାଇଁ ସାହା ଭରସା । ବିନା କାହାରି ସାହାରାରେ ତମେ ଯଦି ଏତେ ସାହସକରି ପାରିବ, ତା’ହେଲେ ମୁଁ କାହିଁ ନ କରି ପାରିବି !”

“ତୋ’ଶାଶୁ ରାଜିହେବ ତ ! ଜାଣିଲା ପରେ ମୋରି ମୁଣ୍ଡଖାଇବ ନି ତ !”

“ନାହିଁ, ସିଏ ହିଁ ତ ମତେ କହିଲେ ତମ ସହିତ ଆସିକି କଥାଭାଷା ହେବାକୁ ! ସିଏ ବି ତ ଚାହୁଁଛନ୍ତି କରିବାକୁ । କିନ୍ତୁ ଦୁଇ ଜଣ ଯାକ ଘରୁ ବାହାରିଗଲେ ଛୁଆଙ୍କୁ କିଏ ଦେଖିବ ବୋଲି, ଏବେ ମୁଁ ଖାଲି ଯିବି !”

“ହଉ, ଏବେ ତୁ ଘରକୁ ଯା’ ! ମୁଁ କାଲି ସେଠିକୁ ଯାଇ ବଡ଼ବାବୁଙ୍କ ସହିତ କଥାଭାଷା ହେଇକି ଆମ ତିନିଜଣ କାମକୁ ଆସିବାକୁ ଚାହୁଁଛୁ ବୋଲି କହିବି । ଦେଖିବା ସିଏ କ’ଣ କହୁଛନ୍ତି !”

ଆଶାର ସାମାନ୍ୟ ଖିଅଟିଏ ହାତକୁ ଆସିଥିବାର ଭାବନେଇ ଆଖିରୁ ଲୁହ ପୋଛିପୋଛି ଅନ୍ଧାର ଭିତରେ ଅଦୃଶ୍ୟ ହେଇଗଲା ରେଣୁ । ଦୀର୍ଘଶ୍ୱାସମାରିଲା ଚମ୍ପା । କାହା ଦୁଃଖବା କମ୍ ଅଛି ଏ ଗାଁରେ ! ମାଇପି ଜନମ ପାଇ ଏମିତି ଖୁଣ୍ଟରେ ବାନ୍ଧିହେଇଛନ୍ତି ଯେ ଆଖି ଥାଉଥାଉ ଅନ୍ଧ .. କାନ ଥାଉ ଥାଉ କାଳ ଆଉ ପାଟି ଥାଉ ଥାଉ ମୁକହେଇ ରହିବାର ଶପଥ ନେବାକୁ ବାଧ୍ୟହେଇଯାଇଛନ୍ତି ସାରା ଜୀବନ ! ସେଇଥିରେ ହିଁ ତାଙ୍କୁ ମୁକ୍ତିମିଳିବ ବୋଲି ଶିଖେଇ ଦିଆଯାଇଛି ବି ।

ଶେଷଥର ପାଇଁ ନିଜ ଉପରେ ଦୃଷ୍ଟି ପକେଇ ନେଲା ସୁନେଇ । ଚାରିଆଡ଼କୁ ପୁଣି ଥରେ ଚାହିଁଲା-କେହି କୁଆଡ଼େ ଡାକୁ ଦେଖୁ ନାହିଁ ତ ! ସାହିପଡ଼ିଶାଙ୍କ ନଜର ଭାରିତୀକ୍ଷ୍ଣ । ପାଟି ତା’ଠୁ ଅଧିକ ଶାଣ ଦିଆ । ଚୁଗୁଲି କରିବାକୁ ମଉକା ମିଳିଗଲେ ଆଗପଛ କିଛି ଦେଖିବାର ନାହିଁ ! ବୋଉକୁ କହିଦେଇ ମଜା ଦେଖିବାକୁ ଘର ଆଗରେ ରୁଣ୍ଡ ବି ହେଇଯିବେ ! ଏଇମାନଙ୍କ ପାଇଁ ହିଁ ତ ମଣିଷ ସଉକି ଟିକିଏ କରିପାରୁ ନାହିଁ । ଆଜି କେତେ ଯୁଗ ପରେ ନିଜ ହିସାବରେ କିଛି କରିପାରିଛି ସେ !

ହଉ, ଆଉ ଡେରି କରିବନି । ଆଗରୁ ବୋଉ କହିଥିଲା ତା’ବିନା କେବେକାମକୁ ଯିବୁ ନାହିଁ । କେବେ କେମିତି ବାଧିକା ପଡ଼ିଲେ ଅବା ପୂଜାପୂଜି ପଡ଼ିଲେ, ବୋଉ ଯାଇ ପାରେନି ଯଦି, ତାକୁ ବି ଛାଡ଼େନି । କହେ – “ଥାଉ, ଗୋଟେ ଦିନ ତୁ ବି ଆରାମ କରି ଦେ’ । ଗୋଟେ ଦିନ କାମ ନକଲେ ଦିଅଁଙ୍କ ନିତି ନିର୍ଘଣ୍ଟ କିଛି ବଦଳି ଯିବନି ! ବେଶ୍ ପଇସା ଅଛି ଆମ ପାଖରେ ଏବେ .. ବସି ଖାଇଲେ ବି ସରିଯିବନି ! ରହ ତୁ ଘରେ !”

ଏସବୁ ତା’ର ଚତୁରପଣିଆ ! ଏକୁଟିଆ ଛାଡ଼ିଲେ କାଳେ କିଏ ନଜର ପକେଇ ଦେବ .. କାଳେ ଫୁସୁଲେଇ ଫାସଲେଇ ଅଇଁଠା କରିଦେବ ..! ଏ ଅଇଁଠା କରିବା କଥାଟା କ’ଣ, ସିଏ ଆଜି ପର୍ଯ୍ୟନ୍ତ ବି ଜାଣି ପାରିଲା ନି କି ବୋଉକୁ ପଚାରିବି ପାରିଲା ନି ! ସାଙ୍ଗସାଥୀ ବି ସେମିତି କିଛି ଠିକ୍ କରିକହି ପାରନ୍ତି ନି । ବଉଳ ଦିନେ କହିଥିଲା, “ସେଗାଁର ଝିଅ ପାର୍ବତୀ କୁଆଡେ ଅଇଁଠା ହେଇଗଲା । ତାକୁ ମୁଁ

ଭଲକି ଚିହ୍ନିଛି । ଚାଲେ ଯିବା ତା'ଘରକୁ ଆଉ ତାକୁ ପଚାରିବା କେମିତି ଅଇଁଠା ହେଲା ସେ ! ହେଇଗଲା ତ କ'ଣ ଅସୁବିଧା ହେଲା !'

ସୁନେଇର ଇଚ୍ଛା ତ ଥିଲା, ହେଲେ ବଉଳର ବୋଉକାନରେ କଥାଟା ପଡ଼ିଗଲା, ଆଉ ସିଏ ସିଧା ଆସି ସୁନେଇର ବୋଉକୁ କହିଦେଲା ! ତା'ପରେ ତ ବୋଉକୁ ଆଉ ରଖେ କିଏ ! ଏମିତି ଗାଳିମନ୍ଦ କଲା .. ବିଧା ଚାପୁଡ଼ା ବର୍ଷା କଲା ଯେ ଆଉ ଦିନେ ବି ସେକଥା ମୁଣ୍ଡରେ ପଶେଇ ପାରିବନି କେବେ ! କାହିଁକି କେଜାଣି,କୋଉ କୋଉ କଥାକୁ ନେଇ ବୋଉର ରାଗ ଆକାଶ ଛୁଇଁଯାଏ । ଯେତେକାନ ବନ୍ଦ କଲେ ବି ସେତେବେଳର ତା'ର ଟାଇଁଟାଇଁ କଥା ଛାତି ଭିତରକୁ ସିଧା ଗଳିଯାଏ ।

ଗାଁଲୋକ ଟୁପୁରଟାପର ହୁଅନ୍ତି,ବୋଉର ଏଇ ବଡ଼ପାଟିଆଗୁଣ ପାଇଁ କୁଆଡ଼େ ବାପାଘର ଛାଡ଼ି ପଳେଇଛି ! ତା'ର ତ ବାପା କଥା କିଛିମନେ ନାହିଁ, ତେବେ ଗାଁଲୋକଙ୍କ କଥା କେତେସତ ଆଉ କେତେମିଛ, ସେକଥା ପଚାରି ପାରେନି । କେବେକେବେ ବାପାଲାଗି ମନ ଭାରି ଦୁଃଖହୁଏ .. ପର ମୁହୂର୍ତ୍ତରେ କିନ୍ତୁ ନିଜକୁ ବୁଝେଇ ଦିଏ – ହଅ .. ମ.., ବାକିମାନଙ୍କ ବାପା ଥାଇ କ'ଣ ଅଧିକା ହେଇଯାଉଛି ଆଉ ତା'ର ହେଉନି ଯେ ସେଇ କଥାକୁ ମନରେ ପୂରେଇରଖିବ ! ଚାନ୍ଦ, ବଉଳ, ମକର, ସମସ୍ତଙ୍କର ତ ବାପା ଥିଲାଘର .. କୋଉ ସୁଖସମ୍ପତ୍ତିଟା କୁଡେଇହେଇ ପଡୁଛି ଘରେ ତାଙ୍କର କି !

ଧେତ୍, ଯେତେ ସବୁବାଜେ କଥା ଆଜି ହିଁ ମନକୁ ଆସିବାକୁ ଅଛି ! ଏଗୁଡ଼ା ଭାବିବାକୁ ତ ସାରା ଜୀବନ ପଡ଼ିଛି .. ହେଲେ ସଜବାଜହେଇ ଦାଣ୍ଡ ଦୁଆରକୁ ଯିବା ...! ନା, ନା, ଆଉ ଡେରି କରିବ ନି ମୋଟେ । ବୋଉର ସବୁମନାକୁ ଆଜି ଦିନକ ପାଇଁ ପୂରା ଭୁଲିଯିବ । ଏତିକି ସୁନ୍ଦର ବେଶ ହେଇସାରିଲା ପରେ ଘରେ ବସି ରହିବାକୁ ସିଏ କ'ଣ, ନିଜେ ବୋଉର ବି ମନ ହେଇ ନ ଥାନ୍ତା ! ପାଞ୍ଚ ଲୋକଙ୍କୁ ଦେଖେଇହେବାକୁ ସିଏ ବି ବାହାରି ପଡ଼ିଥାନ୍ତା ସାଙ୍ଗେସାଙ୍ଗେ !

ଆଗେଇ ଗଲା ନଇକୂଳକୁ, ଯୋଉଠି ଦୁଇବର୍ଷ ହେଇଗଲାଣି ଏ ବନ୍ଧ କାମ ଚାଲିଛି । କେତେ ସହରୀବାବୁ, ଠିକାଦାର, ମୁକାଏମ, ମୂଲିଆ, ମିସ୍ତ୍ରୀ, ଡ୍ରାଇଭର ସବୁ ଏଠି କାମ କରୁଛନ୍ତି, ତା'ର ହିସାବ ନାହିଁ । ତା'ରି ଭଳି ଆଉ ଦଶ ଖଣ୍ଡ ଗାଁର ଝିଅବୋହୂ ଦିନରାତି ଏଠି ମୂଲଲାଗି ନିଜସାଥେ ସାଥେ ପରିବାରର ପେଟ ପୋଷୁଛନ୍ତି ! ଏଇ ବନ୍ଧକାମ ଆରମ୍ଭ ହେଲା ଦିନରୁ ତାଙ୍କ ଗାଁର ରୂପଭେକ ବହୁତ ବଦଳି ଯାଇଛି । ଅଭାବ ଅସୁବିଧା କାହାର ବି ନାହିଁ ଆଉ । ଯୋଉଠି ଦିନକୁ ଗୋଟେ ଥର ଚୁଲି ଜଳେଇବାର ଚିନ୍ତା ରହୁଥିଲା, ସେଠି ଏବେ ପିଠାପଣାରେ ଘର ଭାସୁଛି ! ଆଗରୁ ଖାଲି ଧନା ଭାଇ ଆଉ ସନିଆ ଭାଇ ଦୋକାନ ଦେଇଥିଲେ, ଏବେ ଗାଁରୁ ବନ୍ଧ ଯାଏଁ ଖାଲି ଦୋକାନ ହିଁ ଦୋକାନ । ଅବଶ୍ୟ ସେଥିରୁ ବେଶି ଖାଲି ଚା' ବିସ୍କୁଟର । ଆଉ ଦୁଇଚାରିଟା ଡାଲିଚାଉଳ, ତେଲମସଲାର । ସହରୀ ଜିନିଷର ଅଭାବ ଆଗରୁ ଯେମିତି ଥିଲା, ଏବେ ବି ସେମିତି ଅଛି । ତା' ପରି ଝିଅମାନଙ୍କୁ ଯାହା ଯାହା ଲୋଡ଼ା, ସେସବୁ ଏଠି କିଛି ମିଳେନି । ସେସବୁ ପାଇଁ ଏ ସହରୀବାବୁମାନଙ୍କ ଯିବାକୁ ହିଁ ପଡ଼ିବ । ସେଇମାନେ ହିଁ ସହରରୁ ଆସିଲା ବେଳେ ଆଣି ପାରିବେ ଭଳିକି ଭଳି ଅପୂର୍ବ ଜିନିଷ ! ଆଉ ସେସବୁ ପାଇବାକୁ ହେଲେ ମୁକାଏମ୍‌ର ସବୁ କଥା ମାନିବାକୁ ପଡ଼ିବ । ସିଏ ହିଁ ନେଇଯିବ ବାବୁମାନଙ୍କ ପାଖକୁ !

ଏ ବନ୍ଧ ତାଙ୍କ ଗାଁକୁ ଆସିନି ଯେ, ନେଇ ଆସିଛି ଗାଁଲୋକଙ୍କ ପାଇଁ ସୁଖ ଭୋଗିବାର କୁଞ୍ଜିକାଠି । ଯିଏ ସେ ଦରଜା ଖୋଲି ପାରିଲା, ସିଏ ହିଁ ପାଇବ ସବୁ କିଛି । ପହିଲେ ପହିଲେ କେହି ସାହସ କରି ନ ଥିଲେ ଘରୁ ବାହାରିବାକୁ । ପୁରୁଷମାନେ ଖାଲି ଯାଉଥିଲେ କାମ କରିବାକୁ । ଯାହା ଯେତିକି ଆଣୁଥିଲେ ନିଶାପାଣିରେ ଉଡ଼େଇ ଦେଉଥିଲେ । ଅଭାବ ଅସୁବିଧାରେ ଚାଲିଥିବା ସଂସାର ସେମିତି ଗଡ଼ି ଚାଲିଥିଲା । ଡହଳବିକଳ ପ୍ରାଣ ସବୁ, ବୋଉକୁ କାମକୁ ଯାଉଥିବାର ଦେଖି ଦୀର୍ଘଶ୍ୱାସ ମାରୁଥିଲେ । କେମିତିକରି ଗାଁରେ ଖବର ବୁଲିଗଲା ଯେ ଚମ୍ପା ସହିତରେଣୁ ବି ଯାଉଛି । ଶହଶହ ଲୋକଙ୍କ ଭିତରେ ଅନ୍ୟ ଗାଁରୁ ଆସୁଥିବା ମାଇପିମାନେ ବି ଅଛନ୍ତି । ତା'ପରେ ଆଉ କିଏବା ରୋକିବ କାହାକୁ ! ସମସ୍ତଙ୍କ ଘର ତାଟିକବାଟ ଖୋଲିଗଲା । ପଇସା ପଇସା ପାଇଁ ତରସୁଥିବା ହାତରେ ଦିନ ଶେଷକୁ ଅଢ଼େଇ ଶହଟଙ୍କା ନଗଦ ଆସିଗଲା ! ଓଃ.. କି ଖୁସି ସେଦିନ ସମସ୍ତଙ୍କ ମୁହଁରେ ! କି ଆନନ୍ଦରେ ପାଦ ବଢ଼ିଥିଲା ଘରକୁ ! ଆଉ ପେଜତୋରାଣୀ ପିଇ ମନ ମାରିବାକୁ ପଡ଼ିବ ନି ! ଆଉ ପଡ଼ିଶା ଘରର ଶାଗ ଖରଡାର ମହକରେ ପେଟ ଆଉଟି ହେବନି ! ...

ଶୀଘ୍ରଶୀଘ୍ର ପାଦ ବଢ଼େଇଲା ସୁନେଇ । ସମସ୍ତେ କାମକୁ ଯାଇସାରିଲେଣି । ଆଉ ଟିକେ ଜଲଦି ଆସିଥିଲେ ଭଲ ହେଇଥାନ୍ତା । ଏତେଗୁଡ଼ା ବାଟ ଏକାଏକୁଟିଆ ଯିବାକୁ ମନବଳୋଉ ନାହିଁ । କେହି ସାଙ୍ଗରେ ଥିଲେ ଗପସପ ହେଇହେଇ ବାଟଜଣା ପଡ଼େନି । ଆଜି କିନ୍ତୁ ବାଟ ସରୁନି ଜମା । ଆମ୍ବଗଛ ମୂଳେ ଆଜି ସମସ୍ତେ ତା' ପାଇଁ ଅପେକ୍ଷା କରିକରି ଯାଇଥିବେ । କୁଆଡ଼େ ଗଲା ବୋଲି ନିଜ ନିଜଭିତରେ ପଚରା ପଚରିହେଇଥିବେ । ଏଇଲେ ତାକୁଏ ବେଶରେ ଦେଖି ଚମକି ପଡ଼ିବେ ନିଶ୍ଚୟ ! ହାଁ କରି ଚାହିଁ ରହିଯିବେ ଘଡ଼ିଏ ! ଡବଡବିମକର ତ ପଚାରିବି ଦେବ, "କ'ଣ କିଲୋ .. ଆଜି ଏମିତି ନାଗରୀ ବେଶରେ ଆସିଛୁ ଯେ ! କାମ କରିବାକୁ ନା ସହରୀବାବୁମାନଙ୍କ ଲାଳ ବୁହାଇବାକୁ !"

ସେଇଠୁ ଫେଁଫେଁହେଇ ହସିଉଠିବେ ବାକିମାନେ । ସିଏ କ'ଣ ଜାଣିନି କି ସେମାନଙ୍କ କଥା !

ଅବଶ୍ୟ ସେମାନେ ଯାହା କହିବେ, ସବୁ ସତ ! ତାକୁ ସତରେ ଏ ସହରୀବାବୁମାନଙ୍କୁ ଦେଖିଲେ ଭାରି ଭଲ ଲାଗେ । ଗାଡ଼ିମଟର

ଘୁଁଘାଁକରି ଆସି ଯାଉଛନ୍ତି । କିଛିଦିନ ରହୁଛନ୍ତି .. ପୁଣି ସେମିତି ଗାଡ଼ିରେ ବସି ଘୁଁଘାଁକରିଲେଉଟି ଯାଉଛନ୍ତି । କେବେ ସେମାନଙ୍କ ସହିତ ବାବୁଆଣୀମାନେ ବି ଆସୁଛନ୍ତି । ସେମାନଙ୍କୁ ଦେଖି ଗାଁର ବିକଳିଆ ଲୋକଗୁଡ଼ା ଏମିତି ହାଇଁପାଇଁହେଇ ଯାଉଛନ୍ତି ଯେ ଲାଜରେ ମୁଣ୍ଡ ନଇଁ ଯାଉଛି ପୂରା ! କୋଉକାଳରୁ ଭୋକିଲା ମଣିଷ ଆଗରେ ସରପୁଳିକିଏ ଆଣି ଥୋଇଦେଲା ପରି ଗୋଟା ଛାଁ ଗିଳି ପକେଇବେ ଯେମିତି ! ଛି .. ଅତି ବେଶୀ ନିର୍ଲଜପଣିଆ ସତରେ ! କ'ଣ ଭାବୁଥିବେ ସହରରୁ ଆସିଥିବା ସୁନ୍ଦରୀ ବାବୁଆଣିମାନେ !

ସୁନେଇ କ'ଣ ସେମାନଙ୍କୁ ଚାହେଁନି ? କିନ୍ତୁ ଏ ମରଦମାନଙ୍କ ପରି ନୁହେଁ । ତାକୁ ବି ସେମାନେ ଭାରି ଭଲ ଲାଗନ୍ତି .. ସେମାନଙ୍କ ରୂପଭେକ .. ବେଶପୋଷାକ .. କଥାବାର୍ତ୍ତା .. ସବୁକିଛି ଅତି ସୁନ୍ଦର । ତାଙ୍କ ପରି ଦିଶିବାକୁ ସୁନେଇ ରଖୁବ୍ ମନ । ହେଲେ ଏତେ ସାଜସରଞ୍ଜାମ ତା' ପାଖରେ ବା କାହିଁ ! ରେଣୁ ଖୁଡ଼ି କିଛି ଦିନ କାକାଙ୍କ ସହିତ ସହରକୁ ଯାଇଥିଲା । ଏମିତିଆ ବାବୁଆଣୀମାନଙ୍କୁ ସେ କୁଆଡ଼େ ପୂରା ପାଖରୁ ଦେଖିଛି ! ସେମାନଙ୍କ ସହିତ କଥାଭାଷା, ବସାଉଠା ସବୁ କରିଛି । ତେଣୁ ବହୁତ କିଛି ଜାଣିଛି ସେମାନଙ୍କ ବିଷୟରେ ।

-ବହୁତ କିଛିମାନେ କ'ଣ ?

-ମାନେ ସେମାନେ କେମିତିଏତେ ସୁନ୍ଦର ଦିଶୁଛନ୍ତି .. କାହିଁକି ଏତେ ବାସୁଛନ୍ତି .. କାହିଁକି ଏତେ ମଧୁର ଶୁଭୁଛି ସେମାନଙ୍କ କଥା ..! ଏମିତି ଏମିତି ସବୁ କିଛି !

ବୋକାଙ୍କ ପରି ଖୁଡ଼ିର ମୁହଁକୁ ଚାହିଁ ରହିଯାନ୍ତି ସୁନେଇ ଆଉ ତା'ସାଙ୍ଗମାନେ ! ଖୁଡି ଯାହା କହୁଛି, ସେସବୁ ଯଦି ସତ ହେଇଥିବ, ତେବେ ଏ ଜନ୍ମରେ ତ କେବେ ସେମାନଙ୍କ ପରି ଦିଶି ପାରିବ ନି ସୁନେଇ ! ସବୁଆଡ଼େ ଏତେ ପ୍ରକାରର ରଙ୍ଗବୋଳିବାକୁ ତା' ପାଖରେ କୋଉଠୁ ଆସିବ ପଇସା ! କିଏ ବା ସହରରୁ ଆଣିଦେବ ସେସବୁ ତା' ପାଇଁ ! ଧନା ଭାଇ ଦୋକାନରେ ଗୋଲାପୀ ନଖ ପାଲିସି, ଅଳତା, ପାଉଡର. ନାଲି ଫିତାଛଡ଼ା ଆଉ କିଛି ତ ମିଳେନି ! ତେବେ ଖୁଡ଼ ଯୋଉସବୁ ନାଁ କହୁଛି – ଲିପିଷ୍ଟିକି, ସେଣ୍ଟ, ରୁଜ, କ୍ରିମ, ସାମ୍ପୁ .. ଏସବୁ କାହା ଦୋକାନରେ ମିଳେ ! କେତେ ବା ପଇସା ଲାଗେ କିଣିବାକୁ !

ଖୁଡ଼ିକୁ ପଚାରିଲାରୁ ସିଏ କହିଲା,"ଏ ସହରୀବାବୁମାନଙ୍କୁ ଜଣା ସବୁ କିଛି ! ତାଙ୍କ ବାବୁଆଣୀମାନଙ୍କୁ ସେଇମାନେ ହିଁ ତ କିଣିକି ଦଉଥିବେ ନା !.."

ସେଦିନ ପରଠୁ ଏ ବାବୁମାନଙ୍କୁ ଦେଖିଲେ ତାକୁ ଆହୁରି ଆହୁରି ଭଲ ଲାଗୁଛି । ଭାରି ଗୋଟେ ଇଚ୍ଛାହେଉଛି ସେମାନଙ୍କର ଆଉ ଟିକିଏ ପାଖକୁଘୁଞ୍ଚି ଯିବାକୁ ! ଜାଣିଜାଣିସେଇମାନଙ୍କ ନଜର ପଡ଼ିଲା ପରି ଜାଗାମାନଙ୍କରେ ସିଏ କାମ କରୁଛି !

ଯୋଉଦିନ ମୁକାଏମ ପ୍ରଥମ କରି ବୋଉର ନଜର ବଞ୍ଚେଇ ତାକୁ ଡାକି କହିଲା, "ଏ ସୁନେଇ .. ଗୋଟେ କାମ କହିଲେ କରିବୁ ?"

"କି କାମ ?" ଏକଥା କହିଲା ବେଳେ ସିଏ ଭାବୁଥିଲା ମୁକାଏମ ତାକୁ ସେଇ ମାଟିଗୋଡ଼ି ଉଠେଇବା କି ପାଣିମିଶେଇବା ପରିକା କାମ କିଛି କହିବ । କିନ୍ତୁ ତାକୁ ଏମିତି ତୁରୁଙ୍ଗତୁରୁଙ୍ଗହେଇ ଚାରିଆଡ଼କୁ ଚାହୁଁଥିବାର ଦେଖି ଆଶ୍ଚର୍ଯ୍ୟ ଲାଗିଥିଲା । କାମଟାଏ କହିବାକୁ ଏତେଆଗ ପଛ କାହିଁ ହେଉଛି ଯେ !

ସେତା'ହାତ ଧରିକି କାନ୍ଥ ଉହାଡ଼କୁ ନେଇଯାଇ ଯେତେବେଳେ ସାବୁନଟାଏ ଧରେଇ ଦେଇ କହିଲା, "ନେ ରଖ ଏଇଟା .. ନୂଆ ବାବୁସହରରୁ ଆଣିଛନ୍ତି ତମମାନଙ୍କ ପାଇଁ । କେତେ ଆଣିଥିଲେ, ସମସ୍ତେ ନେଇଗଲେଣି, ତୋରି ପାଇଁ ଲୁଚେଇକି ରଖି ଦେଇଥିଲି ଗୋଟେ । ଦେବି ଦେବି ବୋଲି ଏତେ ଦିନ ହେଇଗଲାଣି ! ତୋ'ବୋଉ କଥା କ'ଣ ତୁ ଜାଣିନୁ ! ସବୁବେଳେ ତା'ରାଢ଼ ଆଖି ତୋରି ଚାରିପଟରେ ଘୂରୁଛି ପରା ! ଏବେ ରଖି ଦେ'ଏଇଟା ଲୁଚେଇକି, ନହେଲେ ତା' ଆଖି ପଡ଼ିଲେ ମତେ ଦି' ଗଡ଼କରି ହାଣିଦେବ ଏଇ କ୍ଷଣି !"

ଏକ ଅପୂର୍ବ ଉଲ୍ଲାସରେ ସୁନେଇକୁ ଲାଗୁଥିଲା ସିଏ ଯେମିତି ଆକାଶରେ ଉଡ଼ିଉଡ଼ି ଚାଲିଯାଉଛି କୁଆଡ଼େ .. ସମସ୍ତେ ଆଁ କରି ତା' ଆଡ଼କୁ ଚାହିଁ ରହିଛନ୍ତି, ହେଲେ ହାତ ବଢ଼େଇ ଛୁଇଁ ପାରୁନାହାନ୍ତି ଜମା ! ପର ମୁହୂର୍ତ୍ତରେ ମୁକାଏମର ଫୁସ୍ ଫୁସ୍ ସ୍ୱରରେ ତା'ମୁଗ୍ଧପଣ ତୁଟିଲା, "ଶୁଣୁ .. ଏମିତି ଦରବ ଆହୁରି ପାଇବାକୁ ମନ ଥିଲେ ମତେ କହିବୁ .. ମୁଁ ଆଣିକି ଦେବି ପୁଣି । କିନ୍ତୁ ତୋ'ବୋଉକୁ ଜମାରୁ ଦେଖେଇବୁ ନି କି କହିବୁ ନି ମୁଁ ଯାହା ତତେ କହିଲି !"

"ହେଲେ କାମ କ'ଣ ତ କହିଲ ନି ?"

"ସେମିତି କିଛି ବଡ଼ କାମ ନୁହେଁ ଲୋ ! ଠିକଣା ସମୟ ଆସିଲେ ମୁଁ ତତେ ନେଇକି ଯିବି ସେଇ ବଡ଼ବଙ୍ଗଳାକୁ ! ସେଠି ଯୋଉମ୍ୟାଡାମ୍ ମାନେ ମଝିରେମଝିରେ ଆସୁଛନ୍ତି ତାଙ୍କୁ କାମରେ ଟିକିଏ ସାହାଯ୍ୟ କରିଦବୁ । ବୁଝି ପାରୁଛୁ ତ ମୋ କଥା ?"

"ଏଇଟା ଏମିତିକି କଥା ଯେ ବୁଝିପାରିବିନି !"ଖେଳେଇ ଯାଉଥିଲା ହସର ମୁକ୍ତା ଓଠରେ କେବଳ ନୁହେଁ, ସାରା ଦେହରେ ତା'ର । ଏପର୍ଯ୍ୟନ୍ତ ବି ଗଗନରେ ଉଡ଼ିବା ସରି ନ ଥିଲା । ବ୍ଲାଉଜ୍ ଭିତରେ ସାବୁନ୍‌ଟାକୁ ପୂରେଇ ଦେଇଥିଲା କାହା ଆଖିରେ ପଡ଼ିଲା ପୂର୍ବରୁ । ନିଜର ଶୁଖିଲା ଓଠ ଉପରେ ଜିଭଟାକୁ ବୁଲେଇ ଆଣି ମୁକାଏମ ତରତର ହେଇବାହାରି ଯାଉଯାଉ ତା'ମାଂସଳ ବାହାକୁ ଧିରେକିନା ଚାପି ଦେଇ କହିଲା – ତୁଟା ଭାରି ସୁନ୍ଦରୀଲୋ ସୁନେଇ ! ତତେ ଦେଖିଲେ ଛାତି ଭିତରଟା କେମିତି କେମିତି ହେଇଯାଏ ମୋର ! ତୋ' ପରି ତାଜା ଫୁଲ ସହର ଥାନରେ କ'ଣ ମିଳେ କି ? ସେଇଥି ପାଇଁ ତ

ସହରୀବାବୁ ତୋରି କଥା କହିଲେ ! ତୁହିଁ ବଙ୍ଗଳାକୁ ଯାଇ ତାଙ୍କ କାମ କରିଲେ ସିଏ ଖୁସିହେବେ ।

ସୁନେଇ ପୁଣି ଥରେ ଭୂଇଁରୁ ଦି'ହାତେ ଉପରକୁ ଉଠି ଯାଇଥିଲା ।

ସେଦିନ ପରଠୁ କେତେ ଥର ବୋଉକୁ ଅନ୍ୟ ଆଡ଼କୁ ପଠେଇଦେଇ ମୁକାଏମ ତାକୁ ବାବୁମାନଙ୍କ ଆଗକୁ ନେଇଯାଏ । ସେମାନଙ୍କ ସହିତ ତା'ର ଚିହ୍ନା ପରିଚୟ କରେଇଦିଏ । ଆନନ୍ଦରେ ବିହ୍ୱଳ ହୋଇଉଠେ ସେ ଯେତେବେଳେ ସେଇ ବାବୁମାନେ ତା' ଆଡ଼କୁ ଚାହିଁ ସିଏ ନ ବୁଝି ପାରିଲା ଭଳି ଭାଷାରେ ତାକୁ କିଛି ପଚାରନ୍ତି ଆଉ ମୁକାଏମ ଗଦ୍‌ଗଦ୍ ସ୍ୱରରେ ତାଙ୍କୁଉତ୍ତର ଦିଏ । ତା'ର ସେ ଉତ୍ତର ଶୁଣିବାବୁମାନେ ଶୁଖିଲା ଓଠ ଉପରେ ଜିଭ ବୁଲେଇ ଆଣନ୍ତି । ମୁକାଏମ୍‌ର ପକେଟ ରେ କିଛି ଖଡ଼ଖଡ଼ିଆ ନୋଟ ଗୁଞ୍ଜି ଦିଅନ୍ତି, ଯୋଉଥିରୁ ଗୋଟେ ଦୁଇଟା ତା'ହାତକୁ ବଢ଼େଇ ଦିଏ ସେ । ସିଏ କିନ୍ତୁ ବୋଉ ଭୟରେ ନେଇ ପାରେନି । ବୋଉ ପଚାରିଲେ କ'ଣ କହିବ ?

ଲେଉଟାଣି ବାଟରେ ଗୋଡ଼ ତା'ର ତଳେ ଆଉ ଲାଗେନି । ଗର୍ବରେଛାତି ଫୁଲିଉଠେ । ଭାରି ମନହୁଏ କାହାକୁ କହନ୍ତା ଆଜିର ଅନୁଭବ ! କାହାକୁ କହନ୍ତା ବାବୁଙ୍କ ଆଖିରେ ସିଏ ଆଜି ଦେଖିଥିବା ଅବିଶ୍ୱାସପଣକୁ ! ମୁକାଏମ କହିଥିବା କଥାକୁ ବି ବଡ଼ ପାଟିରେ ସମସ୍ତଙ୍କୁ ଶୁଣେଇବାକୁ ମନ ହୁଏ । କିନ୍ତୁ ଏସବୁ ପାଇଁ ଏଇଟା ଠିକ୍ ସମୟ ନୁହେଁ । ବୋଉ ତ ଯାହା ରାଗିବା କଥା ରାଗିବ, ବାବୁ ବି ବିରକ୍ତ ହେଇ ତାଙ୍କ ସାବୁନ ଫେରେଇନେବେ, ଯାହାକୁ ମନ ପୂରେଇ ଦେଖି ପାରି ନି କି ଭଲ କି ଶୁଙ୍ଘି ପାରି ନି ତା'ବାସ୍ନା ।

କେତେ ଭଲ ଏଇ ସହରୀବାବୁମାନେ ସତରେ ! ସବୁବେଳେ ହସ ହସ । କଥା ବି ଏମିତି କୁହନ୍ତି ଲାଗେ ଯେମିତି ପହିଲି ବର୍ଷାରେ ଭିଜିଯାଉଛି ଖରା ସିଝା ମଣିଷ ! ଅଥଚ ବୋଉ ଏମାନଙ୍କୁ ସବୁଠୁ ଅଧିକ ଡରେ ! କାହିଁକି କେଜାଣି ? ଦିନେ ସିଏ ହିଁ ଆଗେଇ ଯାଇଥିଲା ବନ୍ଧକାମ କରିବାକୁ ଗାଁଲୋକଙ୍କ ଅସନ୍ତୁଷ୍ଟ ତାକୁ ମୁହଁମୋଡ଼ି ଦେଇ । ହେଲେ ଏବେ ସିଏ ହିଁ ଦିନରାତି ଜାମୁଲେଇ ମା'କୁ ମୁଣ୍ଡିଆମାରି ଗୁହାରି କରେ ଶୀଘ୍ର ଏ ବନ୍ଧକାମ ସରିଯିବାକୁ ! ଶୀଘ୍ର ଏ ସହରୀବାବୁମାନେ ଗାଁରୁ ଚାଲିଯିବାକୁ ମନ୍ଦିରବେଢ଼ାରେ ଦୀପ ଲଗାଏ ।

ଆଶ୍ଚର୍ଯ୍ୟ ଲାଗେ ତା'ର ଏ ଓଲଟାବୁଦ୍ଧି ଦେଖିଲେ ! ଯୋଉବନ୍ଧରେ କାମ କରି ପୂରା ଗାଁ ସହିତ ତା' ନିଜର ସୁଖଶିରି ବଢିଛି, ସେଇ ବନ୍ଧକାମ ସରିଯିବାକୁ କେମିତି ଭାବି ପାରୁଛି ସେ ସତରେ ! ଏକଥା ଚିନ୍ତା କରୁଛି କି, ତା'ପରେ କେମିତି ପେଟ ପୂରେଇବେ ସମସ୍ତେ ! କେମିତି ବାହାହେବ ସୁନେଇ ! କୋଉଠୁ ଆସିବ ନିତିଦିନର ଏ କଞ୍ଚା ପଇସା ! କ'ଣ ଖାଇବେ .. କ'ଣ ପିନ୍ଧିବେ .. ସେଗୁଡ଼ାର ଚିନ୍ତାକରିବା ଛାଡ଼ି ସେ ଏ ବନ୍ଧ ସରିବା ପଛରେ କାହିଁକି ଲାଗିଛି !

ବୋଉକୁ କହିଲେ ତ ସେ ବୁଝିବନି, ତେଣୁ ଧାଇଁଯାଏ ମୁକାଏମକୁ ପଚାରିବାକୁ – "ବାବୁଗୋ .. ଆଉ କେତେ ଦିନର କାମ ବାକି ରହିଛି ! କୋଉ ଦିନ ବନ୍ଧ ଉପରେ ଗାଡ଼ିମଟର ଚାଲିବ ! ବଡ଼ସଡ଼କକୁ ନ ଛୁଇଁସହରକୁ ଯାଇପାରିବୁ ଆମେ !"

ହସିଉଠେ ମୁକାଏମ । ସମସ୍ତେ ଶୁଣି ପାରିଲା ଭଳି ବଡ଼ପାଟି କରି କୁହେ – "ଏତେ ଶୀଘ୍ର ..! ଏବେ ତ ଖାଲି ଏପଟ କାମ ଚାଲିଛି, ସେପଟୁ ତ ଆରମ୍ଭ ବି ହେଇନି । ଏତେବଡ଼ ବନ୍ଧଟା ସରିବାକୁ କମ୍‌ସେ କମ୍ ଆହୁରି ଚାରି ପାଞ୍ଚ ବର୍ଷ ନିଶ୍ଚୟ ଲାଗିବ ! ତମମାନଙ୍କ ପରି ନିକମା ଲୋକଙ୍କ ଲାଗି ଡେରିହେଇହେଇ ଚାଲୁଛି ! ଚାଲ .. ହାତକୁ ଆହୁରି ଫୁର୍ତ୍ତି କର .. ଖାଲି ତ ମୁହଁକୁ ମୁହଁ ଯୋଡ଼ି ଗପିବାକୁ ବସିଯାଉଚ ଯେତେବେଳେ ପାରେ ସେତେବେଳେ .. ଆଉ କାମ ସରିବ କେମିତି !"

ତା' ପାଟିରେ ସମସ୍ତେ ହାତ ଚଲାନ୍ତି ଶୀଘ୍ରଶୀଘ୍ର । ସୁନେଇର ମନ ଉଡ଼ିଉଡ଼ି ଆକାଶ ଛୁଏଁ । ଖୁସି ଆଉ ଆଶ୍ୱସ୍ତିରେ ମତୁଆଲା ହେଇ ଉଠେ ମନ । ଯାହାହେଉ ବୋଉର ଗୁହାରି,ଜାମୁଲେଇମା' କାନକୁ ନେଇନି ! ଏବେ ସିଏ ତା'ମନକଥା ତାକୁ ଜଣେଇବ – ଏ ବନ୍ଧକାମ ଏମିତି ସବୁ ଦିନେ ଚାଲିଥାଉ .. ଏ ସହରୀବାବୁମାନେ ଏମିତି ଗାଡ଼ିରେ ବସି ଆସ ଯା'କରୁଥାନ୍ତୁ .. କାମର ବାହାନାକରି ମୁକାଏମ ତା'ଗାଲରେ ଟିପ ମାରିଦେଇ ଚାଲିଯାଉ ଥାଉ .. ଚାଲିଥାଉ ଏମିତି ସବୁ କିଛି ଅନନ୍ତ କାଳ ଧରି .. ସିଏ ବୁଢ଼ୀ ଧୋକଡ଼ୀହେଇ ମରିଲା ପର୍ଯ୍ୟନ୍ତ !

ଏ ଝାଇଁଝାଇଁ ଶବ୍ଦ .. ହୋହୋ ପାଟି .. ବଡ଼ବଡ଼ ମେସିନ୍ ମାନଙ୍କର କାନଫଟା ଆବାଜ .. ରାତିଦିନର ଲୁହାଝଲେଇର ଶବ୍ଦ .. ବିଶାଳକାୟ ଗଡର ସବୁ ବୁହାହେଇ ଆସିଲା ବେଳେ ଲୋକମାନଙ୍କର ପାଟିତୁଣ୍ଡ .. ଏସବୁ ବିନା ଗାଁଟା କେତେ ଫିକା ଫିକା ଲାଗିବ ଯେ ! ଦୁଇବର୍ଷରୁ ଏସବୁ ଶୁଣିଶୁଣି କାନର ଅଭ୍ୟାସ ହେଇଗଲାଣି । କାମ ସରିଗଲା ପରେ ପୂର୍ବର ଶୁନ୍‌ଶାନ୍ ପରିବେଶରେ ବଞ୍ଚିବା କ'ଣ ସମ୍ଭବ ହେବ ! ଖାଇ ଗୋଡ଼େଇବ ନି ସବୁଆଡ଼ !

ନା, ନା, ଏ କାମ ଏମିତି ଚାଲିଥାଉ ଲୋ ମା', .. ଫି ବରଷ ତତେ ପୁଞ୍ଜାଏ ନଡ଼ିଆ, ଦି' ପୁଞ୍ଜା କଦଳୀ ଚଢ଼େଇବି ମୋ' ରୋଜଗାରରୁ ! କହିବୁ ତ କୁକୁଡା ରକ୍ତ ବି ପିଆଇବି !

ଏଇ କିଛି ଦିନ ହେବ କିନ୍ତୁ ବନ୍ଧକୁ ନେଇ ସମସ୍ତଙ୍କ ମୁଣ୍ଡରେ ଚିନ୍ତା । ଯୋଉ ପାଖଟା ମନ୍ଦିରକୁ ଡେଇଁକି ଆଗକୁ ଯାଉଛି, ସେ ଜାଗାଟା ବାରମ୍ବାର ଭୁସୁଡି ପଡୁଛି ଖୁଣ୍ଟ ପୋତୁପୋତୁ । ବାବୁମାନଙ୍କର ଭାରିଚିନ୍ତା ସେଇ କଥାକୁ ନେଇକି । ତା'ରି ତଦାରଖ ପାଇଁ ସହରରୁ ବଡ଼ ସାହିବ କିଛି ଦିନରୁ ଆସି ଏଇଠି ବଙ୍ଗଳାରେ ରହୁଛନ୍ତି । ଗାଁଲୋକମାନଙ୍କ ମନରେ ଅମାପ ଭୟ – ଜାମୁଲେଇ ମା'ରୋଷ କରିଛି, ସେଥିପାଇଁ ଖୁଣ୍ଟି ରହୁନାହିଁ । ତା'ଇଲାକାରେ ଏତେବଡ଼ କାମ ଆରମ୍ଭ ହେଲା,

ଅଥଚ କେହି ତା' ଅନୁମତି ନେଲେ ନାହିଁ କି ପୂଜାକରି ତୋଷକଲେ ନାହିଁ! ଯେ ତ ତା'ର ଘୋର ଅପମାନର କଥା! ଏଥିରେ ସେ ନ ରାଗିକି କ'ଣ ଛାଡ଼ିବ! ଆଜି ଖାଲି ଖୁଣ୍ଟିଉପୁଡି ପଡୁଛି, କାଲିକୁ ବନ୍ଧ ଭାଙ୍ଗି ନ ପଡ଼ିବ ବୋଲି କିଏ କହିବ! ଆଗ ତାକୁ ତୋଷ କରାଯାଉ, ତା'ପରେ ଗାଁଲୋକେ କାମ କରିବାକୁ ଆସିବେ । ନହେଲେ ନିଜ ଜୀବନକୁ କିଏ କାହିଁକି ପାଣି ଛଡ଼େଇବାକୁ ଯିବ!

ଆଗ ଆଗ ତ ବାବୁଭାୟାମାନେ କେହି ବିଶ୍ୱାସ କରୁ ନ ଥିଲେ, ହେଲେ ଦିନ ବିତିବା ସାଥେ ସାଥେ ସମସ୍ୟାର ସମାଧାନ ନ ହେଇ ପାରିବାର ଦେଖି, ସେମାନେ ବି ଭୟ ପାଇଗଲେଣି । ଏବେବଡ଼ ସାହିବ ବି ମାନିଗଲେଣି ଯେ କାମ ଆଗକୁ ବଢ଼େଇବାକୁ ହେଲେ ଜାମୁଳେଈମା'କୁ ଆଗ ସନ୍ତୁଷ୍ଟ କରିବାକୁ ହେବ । ସେଇଥି ପାଇଁ ନିଜଗୁରୁଙ୍କୁ ସହରରୁ ଡକେଇ ପଠେଇଛନ୍ତି ସେ । ବନ୍ଧ ପାଖରେ ଛାମୁଡ଼ିଆ ବନ୍ଧା ହେଇଛି । ଗୁରୁ ସେଇଠି ରହୁଛନ୍ତି, ସାଙ୍ଗରେ କୁଆଡ଼େ ଦଳେ ଚେଲା ବି ଅଛନ୍ତି ବୋଲି ମକର କହୁଥିଲା କାଲି । ସେଠିକୁ କେହି ଯାଇ ପାରିବେନି । ଗାଁଲୋକଙ୍କ କଥା ଛଡ଼ା, ବଡ଼ ସାହିବଙ୍କ ଛଡ଼ା ଅନ୍ୟ ବାବୁମାନଙ୍କୁ ବି ମନା କରାହେଇଛି । ଭାରି ନିଷ୍ଠାରେ ପୂଜାପୂଜି ଚାଲିଛି .. ଯଜ୍ଞ ହେଉଛି । ତା'ସହିତ ବନ୍ଧକାମ ବି ଜୋର୍‌ସୋର୍‌ରେ ଚାଲିଛି। ସମସ୍ତେ ଟିକେ ଆଶ୍ୱସ୍ତ ଅଛନ୍ତି ସତ, ହେଲେ ଦୁଇଦିନରୁ କଥାଟେ ଶୁଣିବାକୁ ମିଳୁଛି – ମା' ପାଖରେ ବଳି ଦିଆଯିବ!

ବଳି! କୋଉ ପ୍ରକାରର ବଳି? ଛେଳି କୁକୁଡ଼ା କୁକୁର ବିଲେଇ ନା ନରବଳି?

ଶିରିଶିରେଇ ଉଠିଲା ସୁନେଇର ଦେହ! ଭୟର ହାଲୁକା ପରଶରେ ଗମ୍‌ଗମ୍ ଝାଳବୋହିଗଲା ଦେହରୁ । ଏ ନିକାଞ୍ଚନ ଜାଗାରେ ତାକୁ ଏକୁଟିଆ ଦେଖି କେହି ଧରିନେଇ ବଳି ପକେଇଦେବ ତ!

ଆହୁରି ଚଞ୍ଚଳ ଚଞ୍ଚଳ ଗୋଡ଼ ବଢ଼େଇଲା ସେ । କେମିତିକରି ଏ ବଣୁଆଜାଗାଟା ପାରି ହେଇଗଲେ, ଯିବ । ଖାଇବା ଟାଇମି ପୂର୍ବରୁ ପହଞ୍ଚି ପାରିଲେ ସମସ୍ତଙ୍କ ସହିତ କଥାଭାଷାହେଇ ପାରିବ ଖାଇବା ବେଳେ । ନହେଲେ ମୁକାଏମକୁ ଡରି କେହି ତା' ଆଡ଼କୁ ଆଡ଼ ଆଖିରେ ବି ଅନେଇବେନି । ଏତେକଷ୍ଟରେ ବାସନାସାବୁନ ଲଗେଇ ଗାଧେଇଛି .. ବାସ୍ନା ତେଲଲଗେଇ ବେଣୀକରିଛି, ବାଡ଼ିରୁ ଫୁଲତୋଳି ଗଜରା କରି ବେଣୀ ସଜେଇଛି । କେହି ନଦେଖି ପାରିଲେ ସବୁ ବ୍ୟର୍ଥ ହେଇଯିବନି!

ଶୀଘ୍ର ପହଞ୍ଚିବା ପାଇଁ ଏଥର ଦଉଡ଼ିବାକୁ ଲାଗିଲା । ବନ୍ଧ ପାଖରେ ପହଞ୍ଚିଲାବେଳକୁ ଧଇଁସଇଁହେଉଥିଲା ଜୋର୍‌ରେ । ନିଗିଡ଼ି ଆସୁଥିଲା ଝାଳ, ପାଣିବୋହିଲା ପରି ମୁଣ୍ଡରୁ ଦେହରୁ । ଗଲା ସନ ରଜରେ ଚାନ୍ଦ ତା'ପାଇଁ କରିଦେଇଥିବା ଫୁଲପକା ରୁମାଲ୍‌କୁ କାଢ଼ିପୋଛି ପକେଇଲା ମୁହଁ । ବଙ୍ଗଳାକୁ ଆସୁଥିବା ମ୍ୟାଡ଼ାମ୍‌ମାନେ ଏମିତି ରୁମାଲରେ ଥାପି ଥାପି ଝାଳ ଶୁଖାନ୍ତି । ସିଏ ବି ସେମିତି କରିଲା । ନିଜକୁ ସେଇ ସୁନ୍ଦରୀମ୍ୟାଡାମ୍‌ଙ୍କ ପରି ମନେକରି ଖୁସି ହେଇଗଲା ।

ଅଚାନକ ଚାରିପଟରୁ ଆସୁଥିବା ହାଉହାଉ ଶବ୍ଦରେ ଚମକି ଉଠିଲା ସେ । ତାକୁ ବେଢିକି ପୁନେଇଁ, ଫୁଲ, ରାଣୀ, ଚାନ୍ଦ, ବଉଳ ମକର, ସମସ୍ତେ ଠିଆ ହେଇଥିଲେ । ସେମାନଙ୍କ ଆଖିରୁ ଫୁଟି ପଡୁଥିଲା ସାତଜନ୍ମର ବିସ୍ମୟଭାବ! ଆଶ୍ଚର୍ଯ୍ୟରେ ବଡ଼ବଡ଼ହେଇଯାଉଥିଲା ଆଖି । ନିଜ ନିଜର ଖାଇବା ଛାଡ଼ି ସେମାନେ ଆସି ଜମା ହେଇଯାଇଥିଲେ ସୁନେଇର ଚଉପାଶରେ । କିଏ ତା'ଶାଢ଼ୀକୁ ଦେଖୁଥିଲା ହାତମାରି କି ତ ଆଉ କିଏ ବେଶୀ, ସେଥିରେ ଲାଗିଥିବା ଫୁଲକୁ ଛୁଇଁ ଦଉଥିଲା । କିଏ ନଜର ପକୋଉଥିଲା ଚୁଡ଼ିମୁଠାକରେ ତ ଆଉ କିଏ ପ୍ରଶଂସାରେ ପୋତି ପକୋଉଥିଲା ତା'କଜଳମଖା ଆଖିକୁ । ଯେତେମୁହଁ, ସେତେ ପ୍ରଶ୍ନ ବି ଉତୁରି ଆସୁଥିଲା – କାହିଁକି ଏତେ ବେଶ ହେଇଛୁ .. ବରଘର ଦେଖିବାକୁ ଆସୁଛନ୍ତି କି .. ବୋଉ କୁଆଡ଼େଗଲା ତୋର .. ସକାଳେ ତତେ ଆମେ ଅପେକ୍ଷା କରିକରି ରହିଲୁ, ତୁ ଆସିଲୁନି କାହିଁକି? ଆଉ ଏ ବେଳରେ କେମିତି ଆସିଗଲୁ ...ତାହା ବି ଏକାଏକା? ଅଧାଦିନର କାମ କରିବୁ ନା କ'ଣ ...?

ସମସ୍ତଙ୍କ ଆଡ଼କୁ ଦୃପ୍ତ ଭଙ୍ଗୀରେ ଚାହିଁ ମୁରୁକି ହସୁଥିଲା ସୁନେଇ । ସେମାନଙ୍କ ଅବିଶ୍ୱାସ ତାକୁ ଆଣି ଦେଉଥିଲା ଅୟୁତ ଯୁଗର ଖୁସି ଆଉ ଅବର୍ଣ୍ଣନୀୟ ସନ୍ତୁଷ୍ଟି । ସମବୟସୀମାନଙ୍କର ଈର୍ଷାତୁର ଚାହାଣିକୁ ବେଶ୍ ଠଉରେଇ ପାରୁଥିଲା ସେ । ଜାଣି ପାରୁଥିଲା ବୋଉ କାନକୁ କଥାଟା ଯିବାକୁ ବେଶି ସମୟ ଲାଗିବନି ଆଉ । ତଥାପି ତାକୁ ଭୟ ଲାଗୁ ନ ଥିଲା । ଉଚ୍ଛୁଳା ଆନନ୍ଦରେ ଛାତି ଭିତରଟା କୁତୁକୁତୁ ଲାଗୁଥିଲା ଭାରି । ଚେଷ୍ଟା କରିବି ତା'ଭିତରକୁ ଭୟ ପଶି ପାରୁ ନ ଥିଲା ।

ହସଖୁସିର ଆସର ଏକଦମ୍ ଜମି ଯାଇଥିଲା । ଥଟ୍ଟା ତାମସାକରିବାରେ କେହି କାହାକୁ କମ୍ ନୁହନ୍ତି । ବିଶେଷକରି ଆଜି ସୁନେଇକୁ କହିବାରେ ଭାରି ମଜ୍ଜା ଆସୁଛି । କିନ୍ତୁ ସବୁ ହସଖୁସିରେ ବ୍ରେକ୍ ଲଗେଇବାକୁ ଚାଲିଆସିଲା ମୁକାଏମ ସେପଟରୁ । ଗୋଟାଏ ପାଟିରେ ସମସ୍ତଙ୍କୁ ଚମକେଇ ଉଠେଇ ଦେଲା ସେଠୁ – "କି ପାଲାଚାଲିଛି ମ! ନଜର ଟିକିଏ ହଟୁହଟୁ ତ ଖାଲି ମେଳି ଜମିଯାଉଛି .. ଖାଇବା ନାଁରେ ଘଣ୍ଟାଏ କାଳ ଖୁସିଗପ ଚାଲୁଛିଏଠି! ପଇସାନେଲା ବେଳକୁ ତ ବେଶ୍ ଧାଇଁ ଆସୁଛ .. ଆଉ କାମ କଲା ବେଳକୁ .. କିଲୋ ସୁନେଇ, ତୁ କାହିଁ ହାତଗୋଡ଼ ଯାକିବସି ପଡ଼ିବୁ? ତତେ କ'ଣ ଅଲଗା କରିକହିବାକୁ ପଡ଼ିବ .."

କହୁକହୁ ଟିକିଏ ଅଟକି ଗଲା ସେ । ଆଶ୍ଚର୍ଯ୍ୟରେ ଚାହିଁଲା ତା ' ଆଡ଼େ ଘଡ଼ିଏ । ଆଖି ଖୋସିହେଇଯାଇଥିଲା ତାଲୁରେ ସେତେବେଳକୁ। ଅନ୍ୟ ସମସ୍ତେ ତ ତା' ପାଟିଶୁଣୁଶୁଣୁ ନିଜ କାମ ଜାଗାରେ ଯାଇ ପହଞ୍ଚି ଯାଇଥିଲେ, ହେଲେ ବସିରହିଥିଲା ସୁନେଇ

ପଥର ଉପରେମୂର୍ତ୍ତିଏ ସାଜି ! ଆଜି କ'ଣ ସିଏ କାମ କରିବାକୁ ଆସିଛି ଯେ ମୁକାଏମର ପାଟିକୁ ଡରିବ ! ସିଏ ତ ଆସିଛି ସମସ୍ତଙ୍କୁ ତା' ବେଶ ଦେଖେଇବାକୁ । ଏମିତି ବି ମୁକାଏମର ପାଟି ତା'ଉପରେ ନଜର ପଡ଼ିଲା ପରଠୁ ବନ୍ଦ ହୋଇସାରିଛି । ଏବେ ସେ ତାକୁ ଡାହାଣାଙ୍କ ପରି ଉପରୁ ତଳ ଯାଏ ଖାଲି ନିରେଖି ଚାଲିଛି । ତା'ମୁହଁକୁ ସିଧାସଳଖ ନ ଚାହିଁକି ବି ସୁନେଇଜାଣି ପାରୁଥିଲା ତା' ଆବାକାବା ପଣକୁ ! ତା'ବିହ୍ୱଳ ଭାବକୁ ! .. ଏତିକି କରିବ ବୋଲି ତ ଆଜି ସେ ବୋଉର ନଥିବା ସମୟର ସଦୁପଯୋଗ କରିଛି .. ଫେରିବା ପରେ କଥାଟା ଶୁଣି ବୋଉ ତା' ଅବସ୍ଥା କ'ଣ କରିବ, ସେକଥାକୁ ଚିନ୍ତା ବି କରିନି ! ଖାଲି ଗୋଟିଏ କଥା ଭାବିଛି – ସମସ୍ତଙ୍କୁ ଦେଖେଇ ଦେବ କେତେ ସୁନ୍ଦରୀ ସେ ! ବଙ୍ଗଳାକୁ ଆସି ରହୁଥିବା ସେ ସହରୀ ମ୍ୟାଡାମ୍‌ମାନେ ତା'କାଣି ଆଙ୍ଗୁଠିକୁ ବି ସରି ହେବେନି, ସେକଥା ଜଣେଇବାକୁ ଚାହିଁଛି !

ଆଉ ଏବେ ମୁକାଏମକୁ ଆଁ' କରି ଅନେଇଥିବାର ଦେଖି ତାକୁ ମନେ ହେଉଥିଲା ସକାଳ ପହରୁ କରିଥିବା ସବୁ ପରିଶ୍ରମ ତା'ର ସାର୍ଥକ ହେଇଯାଇଛି । ଏବେ ବୋଉ ଆସି ଯେତେ ପାଟିକଲେ ବି ତା'ର ଆଉ ଚିନ୍ତା ନାହିଁ ।

ସେପଟରୁ ମକର ବଉଳଙ୍କ ଆଖିରୁ ଫୁଟି ପଡୁଥିବା ଈର୍ଷାର ଝାଞ୍ଜି ସହିତ ଏବେ ମୁକାଏମର ମୁଗ୍ଧପଣ ମିଶି ତାକୁ ଉସୁକୋଉ ଥିଲେ ଝୁମିଝୁମି ନାଚିବାକୁ ! ଖୋଲା ପବନରେ କାନିକୁ ଲହରେଇ ଲହରେଇ ଗୀତ ଗାଇଗାଇ ମତୁଆଲାହେଇ ଉଠିବାକୁ ମନ କହୁଥିଲା । ବୋଉର ପୁରୁଣା ପାଉଁଜି ହଳକ ଗୋଡ଼ରେ ଛୁଣ୍‌ଛୁଣ୍ ଶବ୍ଦ କରୁଥିଲେ .. ଖନ୍‌ଖନ୍ ବାଜୁଥିଲା ଚୁଡି .. କାହା ମନରେ ନିଆଁ ଲଗେଇବାକୁ ଏତିକି କ'ଣ ଯଥେଷ୍ଟ ନୁହେଁ !

କିଛି ସମୟ ଏକଡ଼ ସେକଡ଼ ହେଲା ମୁକାଏମ ତା' ଚାରିପଟରେ । ଥରେ ଦୁଇ ଥର ଖଣ୍ଡିକାଶ ମାରିଲା । ପୁଣି କ'ଣ ଭାବିଲା କେଜାଣି ଚଞ୍ଚଳ ଚଞ୍ଚଳ ପାଦ ପକେଇ ବଡ଼ବାବୁଙ୍କ ଅଫିସ୍ ଆଡ଼କୁ ପଳେଇଲା । ଆଗରୁ ଥରେ ସେଇ ଅଫିସ୍ ଘର ପାଖକୁ ସେ ଯାଇଥିଲା । ଏଇ ମୁକାଏମ ହି ନେଇକି ଯାଇଥିଲା ବୋଉ ସହିତ । ଆଉ କେତେ ଜଣ ବି ଥିଲେ ସାଙ୍ଗରେ । ସହରରୁ ଆସିଥିବା ବଡ଼ଗାଡିରୁ ଜିନିଷ କାଢ଼ି ସେଇ ଘର ପାଖରେ ନେଇ ଥୋଇବାକୁ ଥିଲା । ସେତିକିବେଳେ ତା' ନଜର ଯାଇଥିଲା ଭିତରକୁ – ଟେବୁଲ୍ ଚଉକି ପକେଇ କେତେ ଜଣ ସାର୍ଟ ପ୍ୟାଣ୍ଟ୍ ପିନ୍ଧାବାବୁ ବସି ବହିଖାତାରେ କିଛି ଲେଖାଲେଖି କରୁଥିଲେ । କିଛି ଲୋକ ଗପସପ କରୁଥିଲେ .. ଚା' ପିଉଥିଲେ .. ହସଖୁସି ହଉଥିଲେ । ଆଶ୍ଚର୍ଯ୍ୟ ଲାଗିଥିଲା ସୁନେଇକୁ ଯେ ଯୋଉ ମୁକାଏମ ଆମ ଆଗରେ ଏତେ ତୋଡ଼ ଦେଖେଇ କଥାବାର୍ତ୍ତା କରେ, ସିଏ କେମିତି ହାତ ଯୋଡ଼ିକି ସେମାନଙ୍କ କଥାର ଉତ୍ତର ଦେଉଛି ! ସେମାନଙ୍କ ଆଦେଶକୁ ମୁଣ୍ଡ ଲୁଆଁଇ ମାନି ନେଉଛି !

ସେହି ଦିନ ହି ସେ ଜାଣିପାରିଥିଲା ଯେ ଏଠି ମୁକାଏମ କିଛି ନୁହେଁ .. ଏଇ ବଡ଼ବାବୁମାନେ ହିଁ ମାଲିକ । ମୁକାଏମ୍‌ଟା ମିଛୁଟାକୁ ଖାଲି ପାଟିତୁଣ୍ଡ କରେ ସିନା, ବାବୁମାନଙ୍କ ଆଗରେ ଛେଳି ପରିକା ମେଁମେଁ ହୁଏ ! ଆଉ ଏକଥାରେ ତାକୁ ଭାରି ଖୁସି ବି ଲାଗିଥିଲା ।

ଏବେ ମୁକାଏମକୁ ସେଇଆଡ଼କୁ ଯାଉଥିବାର ଦେଖି ତା'ର ବି ଇଚ୍ଛାହେଲା ସେଠିକୁ ନିଜେ ନିଜେ ଯିବ .. ବାବୁମାନଙ୍କ ନଜର ପଡ଼ିଲା ଜାଗାରେ ଠିଆହେଇ ମୁକାଏମକୁ ଅପେକ୍ଷା କରିବ .. ମଉକା ପାଇଲେ ସମସ୍ତଙ୍କୁ ଜଣେଇ ଦେବ ଯେ ଆଜି ସିଏ ସେଇ ସାବୁନ ଲଗେଇ ଗାଧେଇଛି, ଯୋଉଟା ସେଦିନ ସେ ବାବୁ ଦେଇଥିଲେ । ତା' ଦେହରୁ ଏବେ ଆଉ ଝାଳଗନ୍ଧ ନୁହେଁ, ବରଂ ମହମହ ବାସ ଛୁଟୁଛି ! ଏଇ ଝାଳଗନ୍ଧ କୁଆଡ଼େ ସହରୀବାବୁମାନଙ୍କୁ ପସନ୍ଦ ନୁହେଁ ! ସେଥିପାଇଁ ବଙ୍ଗଳାରେ କାମ କରିବାକୁ ଡାକି ପାରୁନି ମୁକାଏମ ତାକୁ । ମ୍ୟାଡ଼ାମ୍ କୁଆଡ଼େ ସେ ଗନ୍ଧ ସହି ପାରୁନାହାନ୍ତି !

କି ଅଭିଳା କଥା କାନ ଶୁଣିଲା ସତରେ ! ଝାଳର ପୁଣି ଗୋଟାଏ ଗନ୍ଧ ଥାଏ ବୋଲି ଆଜି ଯାଏଁ ସିଏ ଜାଣି ନ ଥିଲା ! ନିତିଦିନ ତ କୂଅରୁ ନିଜେ ଚାରି ବାଲ୍‌ଟି ପାଣି କାଢ଼ି ଘସିମାଜିହେଇ ଗାଧାଏ ! ଆଉ ଗନ୍ଧ କୋଉଠୁ ଆସିବ .. କାହିଁକି ବା ଆସିବ ! ଯଦି ସତରେ ତା' ଦେହରୁ ଗନ୍ଧ ବାହାରୁଥାଆନ୍ତା, ତେବେ ଏ ମୁକାଏମ ବିନା କାରଣରେ ତା' ଦେହକୁ ଲାଗି ଆସନ୍ତା କି ଦିନକୁ ଦଶଥର ! ତା' କଥା ଛାଡ଼ .. ସେଇଟା ତ ସେମିତି ଡାହାଣା ମଣିଷଟା, ସବୁ ଝୁଅବୋହୂଙ୍କୁ ଦେଖୁଦେଖୁ ଲୋଭେଇଯାଏ ! ହେଲେ ଅନ୍ୟମାନଙ୍କ କଥା କ'ଣ ? ସେମାନେ ତ କେହି କେବେ ଏକଥା କହି ନାହାନ୍ତି !

ଏଇ କେତେ ଦିନରୁ ସିଏ ଆଉ କାହାକୁ ମନେ ପକେଇନି ! ଏ ତେଲସାବୁନ ରିବନ ଆଣି ଦଉଥିବା ମଣିଷମାନଙ୍କ ମୋହରେ ଭୁଲିଯାଇଛି ଏମିତି କିଛି ଲୋକଙ୍କୁ, ଯୋଉମାନଙ୍କୁ ଦେଖିଲେ ତାକୁ ଆଗରୁ ଭାରି ଭଲ ଲାଗୁଥିଲା । ବନ୍ଧରେ ଆସି କାମ କରିଲା ପୂର୍ବରୁ ଯୋଉମାନେ ରାତିଦିନ ତା' ଆଖିରେ ସବାର ରହୁଥିଲେ, ସେମାନଙ୍କୁ କୋଉ ଦିନରୁ ଦେଖିବାକୁ ତା'ର ଇଚ୍ଛାବିହେଇନି । କାହିଁକିବାଇଚ୍ଛାକରନ୍ତା ଯେ ? କ'ଣ ଆଣିକି ଦେଇଛନ୍ତି କି କେବେ ତା'ହାତରେ ? ସେମାନଙ୍କୁ କ'ଣ ଜଣା ନାହିଁ କେତେ ଭଲପାଏ ଏସବୁ ଜିନିଷ ସିଏ ! ହାତରେ ପଇସା ନାହିଁ ବୋଲି କିଣି ନାହିଁ କେବେ, କିନ୍ତୁ ସେମାନଙ୍କ ପାଖରେ ତ ପଇସାର ଅଭାବ ନାହିଁ ! ଅନ୍ୟମାନଙ୍କ କଥା ତ ଯାହିତାହି, ବାବୁଲା ତ ଜନ୍ମରୁ ପଇସାରେ ବାଟ ଚାଲୁଛି ! ଧନୀ ସାହୁର ପୁଅ ହେଇଛି ବୋଲି କ'ଣ ତା'ରି ଭଳି କାମିହେବ ! ଦେଖିଲାମାତ୍ରେ ତ ବେଶ୍ ଖୁସି ହେଇଯାଏ .. ସୁସୁରିମାରି କେତେ ପାଲାକରେ ! କେବେକେବେ ତ କୂଅମୂଳେ ଛକିକି ବସିଥାଏ ବୋଉର ନଜର ନପଡ଼ିଲା ପରି ଜାଗାରେ । ସିଏ ଗାଧେଇବା ପାଇଁ ପାଣିକାଢ଼ିଲା ବେଳେ ହନୁମାଙ୍କଡ଼ ପରି ଡେଇଁପଡ଼େ ତା'ସାମନାକୁ !

ଭୟରେ ରଡ଼ି ପକାଏ ସେ । ଧଉଡ଼ି ଆସେ ବୋଉ ଠେଙ୍ଗାଟାଏ ଧରି .. ପାଟିକରି କମ୍ପେଇ ଦିଏ କୂଅମୂଳ । ଜାଣିପାରେ ବାବୁଲାର ସବୁ କାରସାଦି । ଠେଙ୍ଗାରେ ମୁଣ୍ଡ ଫଟେଇବାକୁ ଖେଦିଯାଏ ଚଉଦିଗ ରଡ଼ିକରିକରି । ଧନୀ ସାହୁର ଚଉଦ ପୁରୁଷ ଉଦ୍ଧାରକରିପକାଏ କାନଫଟାଗାଳିରେ । ହେଲେ ବାବୁଲା କୋଉଠି ଥାଏ କି ସେଗୁଡ଼ା ଶୁଣିବାକୁ ! ସିଏ ତ ସୁନେଇର ରଡ଼ି ତା' ପାଟିରୁ ବାହାରିବା ପୂର୍ବରୁ ହିଁ ସେ ଜାଗା ଛାଡ଼ି ଉଭାନ ହେଇଯାଇଥାଏ । ତା'ର ଏ ଅତର୍କ୍ଟା ରଡ଼ି ପରେ ପରେ ବୋଉର ଗାଳିନିଶ୍ଚୟ ଶୁଣିବାକୁ ପଡ଼ିବ ବୋଲି କିଏ ନ ଜାଣିଥାଏ କି !

ତା' ପରଦିନ କିନ୍ତୁ ବାଟରେ ଘାଟରେ ଯୋଉଠି ଦେଖାହେଲେ ଧାଇଁକି ଆସେ .. କାନ ଧରି ବସଉଠ ହେଇ ଆଉ କେବେ କରିବନି ସେମିତି ବୋଲି କୁହେ । ସପ୍ତାହେ ପନ୍ଦର ଦିନ ପରେ କିନ୍ତୁ ପୁଣି ଯୋଉଆକୁ ସେଇଆ । 'ବାବୁଲାର ରଙ୍ଗଢ଼ଙ୍ଗ ଭଲ ନୁହେଁ, ହୁସିଆରେ ରହିବୁ' ବୋଲି ବୋଉ ବାରମ୍ବାର ତାକୁ ଚେତାଏ । 'ତା' ସହିତ ହେଁହେଁଫେଁଫେଁ ହେବୁନି କୋଉଠି ଠିଆ ହେଇକି । ବାପର ପଇସା ଅଛି ବୋଲି ଧରାକୁ ସରା ମନେକରୁଛି ! ବେଳ ହୁଁ ସାବଧାନ .. ନ ହେଲେ ମୁଣ୍ଡ ବାଡ଼େଇବାଡ଼େଇ ଦିନ ଯିବ !'

ଖାଲି ତ ସାବଧାନ .. ହୁସିଆର .., ଏସବୁ ଛଡ଼ା ବୋଉ ଆଉ କ'ଣ ଜାଣେକି ? ମା'ଝିଅ ହେଇ କିଛି ସୁଖର କଥା ଦୁଃଖର କଥା କ'ଣ ଥାଏ ! ଯେତେ ସବୁ ମନକୁ ଦବେଇଦେଲା ପରି କଥା ହିଁ ରାତିଦିନ ତା' ପାଟିରୁ ବାହାରେ ! ଆକାଶରେ ଉଡ଼ିବାକୁ ଥିବା ମନ, ଭୟରେ ତାଟି ସେପଟକୁ ଚାହିଁବାକୁ ବି ସାହସକରି ପାରେ ନି ପା' ! ସେଥିକୁ ଯଦି କାନ ନ ଦେଇ ଅନ୍ୟ କାମ କରିବ, ସେଇଠୁ କିଳିକିଳା ରଡ଼ି ଛାଡ଼ିବସେ.., ଘରର କାନ୍ଥବାଡ଼ ଦୋହଲେଇ ଦେଲା ଭଳି ସ୍ୱରରେ କହିବ, "ଆଜି କହୁଛି ତ ଶୁଣିବାକୁ ମନ ଲାଗୁନି... ତୋର ଏ ଖାମଖିଆଲି ଢଙ୍ଗଲାଗି ଦିନେ ନାକ କଟେଇବୁ ନିଶ୍ଚୟ ! ସେତେବେଳେ ସାରାଗାଁର ହାତଗୋଡ଼ ଧରିଲେ ବି ମୁଣ୍ଡ ଉଠେଇକି ଚାଲି ପାରିବୁନି ଲୋ ପୋଡ଼ାମୁହିଁ ! ଏ ଦୁନିଆ କ'ଣ, ତାକୁ ଜାଣିବାର ବୟସ ହେଇନି ଏ ଯାଏଁ ତୋର .. ଏଠି ସମସ୍ତେ ପର .. ନିଜ ସୁବିଧା ଛଡ଼ା କାହାକୁ କିଛି ଦେଖା ଯାଏନି .." ।

ଥରେ ଆରମ୍ଭ ହେଇଗଲେ, ଆଉ ଅଟକେନି କୋଉଠି .. ସାରା ଦିନ ଢୋଲ ପିଟୁଥାଏ କାନରେ ବୋଉର ଏଇ ୟାଡୁସ୍ୟାଡୁ କଥା ! କେତେ ଶୁଣୁଥିବ ? ଶୁଣିଶୁଣି କାନ ତାବ୍‌ଦା ହେଇସାରିଲାଣି ପରା ! ଖାଲି ତା'ର ବୋଲି ନୁହେଁ, ଆଖପାଖ ଘରେ ରହୁଥିବା ସବୁ ଝିଅଙ୍କର । ଦାନ୍ତ ଚିପିଚିପି ହସନ୍ତି ସେମାନେ .. ବୋଉର ମୁଣ୍ଡଦୋଷ ଅଛି ବୋଲି ତାକୁ ଶୁଣେଇଶୁଣେଇ କୁହନ୍ତି ।

କ'ଣ କରିପାରିବ ସୁନେଇ ? ବୋଉକୁ ମନାକଲେ କୋଉ ଶୁଣୁଛି ? ବାହାରଲୋକଙ୍କୁ ବା କ'ଣ କହିହେବ ! ରାତିଦିନ କରୁଥିବା ଜପାମାଳି ଲାଗି ତା' ନିଜକୁ ବି ଲାଗେ ସତରେ ବୋଉର ମୁଣ୍ଡଦୋଷ ବାହାରିଲାଣି !

କେତେବେଳକୁ ଫେରିଆସିଲା ମୁକାଏମ ସେଇ ଜାଗାକୁ, ଯୋଉଠି ବସିରହିଥିଲା ସୁନେଇ ସୁନା ଚଢ଼େଇଟିଏ ସାଜି ! ସୂର୍ଯ୍ୟଙ୍କର ତୀକ୍ଷ୍ଣ କିରଣରେ ଦାଉ ଦାଉ କରୁଥିଲା ତା'ରୂପକାନ୍ତି ! ସାଙ୍ଗସାଥି, ଚିହ୍ନା ପରିଚିତ ସମସ୍ତେ କାମ କରୁକରୁ ତା'ରି ଉପରେ ନଜର ପକୋଉଥିଲେ ବାରମ୍ବାର । ମୁକାଏମର ଭୟରେ ପାଖକୁ ନ ଆସି ପାରିଲେ ବି ଚାନ୍ଦ ମକର ଦୂରରୁ ଛଶାରାରେ ତାକୁ ଜଣେଇ ଦଉଥିଲେ – ସେ ଆଜି ସରଗର ଅପ୍‌ସରୀ ପରି ଦେଖାଯାଉଛି । ତାକୁ ଦେଖି ସେମାନଙ୍କର ବି ଭାରି ମନ ହେଉଛି ଏ ମାଟିସିମେଣ୍ଟ ଧୂଳିରୁ ବାହାରି ବେଶପଟାହେଇ ଏମିତି ବସି ରହିବାକୁ !

ମନେ ମନେ ଖୁସିହେଉଥିଲା ସୁନେଇ । ସାଙ୍ଗସାଥୀଙ୍କର ଈର୍ଷା ଆଉ ମୁକାଏମ୍ ଆଖିର ମୁଗ୍ଧତା ସମ ପରିମାଣରେ ତାକୁ ସୁଖ ଦେଉଥିଲା । ବୟସ ଯେତେ କମ୍ ହେଲେ ବି ପୁରୁଷ ଆଖିରେ ନିଜ ସୌନ୍ଦର୍ଯ୍ୟ ପ୍ରତି ଭରିରହିଥିବା ପ୍ରଶଂସାକୁ ସବୁ ନାରୀ ବୁଝିପାରନ୍ତି । ସୁନେଇ ସେଥିରୁ କେମିତିବା ବାଦ୍ ପଡ଼ନ୍ତା !

ମୁକାଏମ୍‌ର ମନ ଲାଗୁ ନ ଥିଲା କାମରେ । କନକନ ହେଇ ଖାଲି ଇଆଡ଼କୁ ସିଆଡ଼କୁ ଚାହିଁ ସମସ୍ତଙ୍କ ଉପରେ ଅଯଥା ରାଗ କାଢୁଥିଲା । କେତେ ସମୟ ପରେ ମଉକା ଦେଖି ହାତରେ ତା'ର ଶହେ ଟଙ୍କିଆଟିଏ ଗୁଞ୍ଜି ଦେଇ ଫିସ୍ ଫିସ୍ କରି କହିଲା, "ଯା', ବଡ଼ ସାହିବ ଡାକୁଛନ୍ତି ! ଆହୁରି ଦେବେ .." କହୁକହୁ ଆଖି ଟିପିଦେଲା ।

ଚମକି ପଡ଼ିଲା ସୁନେଇ । ଧକ୍ ଧକ୍ କରି ଉଠିଲା ଛାତି ଭୟରେ । ସିଏ ତ ଖାଲି ସାଙ୍ଗସାଥୀଙ୍କ ନଜରକୁ ନିଘା ରଖିଥିଲା .. ସହରୀ ବାବୁମାନଙ୍କ କଥା ଚିନ୍ତା କରୁଥିଲା । ହେଲେ ତା'ଉପରେ ଏକା ଥରେ ବଡ଼ସାହିବଙ୍କ ନଜର କେମିତି ଆଉ କେତେବେଳେ ପଡ଼ିଗଲା ! ତାଙ୍କ ପରି ବଡ଼ଲୋକ ତାକୁ ଚିହ୍ନିବେ ବା କେମିତି ଯେ ଡାକି ପଠେଇବେ ! କାହିଁକିବା ଶହେ ଟଙ୍କିଆଟେ ମୁକାଏମ୍‌କୁ ଦେବେ ତା'ହାତରେ ଧରେଇଦେବାକୁ ! ନେଇ ଯିବାକୁ ଲୋଭ ତ ହେଉଛି, କିନ୍ତୁ ..... ପୁଣି ସେଇ ବୋଉ କଥା !

ଏଥର ସତରେ ତାକୁ ଭାରି ଡର ମାଡ଼ିଲା । ସିଏ କାମ ନ କରି ଏଠି ବସିଛି ବୋଲି ବଡ଼ ସାହିବ ରାଗିଲେ କି ଆଉ ! କିନ୍ତୁ ସିଏ ତ ଆଜି ଖାତାରେ ଦସ୍ତଖତ କରିନି, ସେକଥା ମୁକାଏମ୍ ତାଙ୍କୁ କାହିଁକି କହିଲା ନି ଯେ ! ତାକୁ ଭାରିକାନ୍ଦ ମାଡ଼ିଲା । ଏମିତି ଗାଳି ଖାଇବାକୁ ହେବ ବୋଲି କ'ଣ ଏତେ ସଜେଇ ହେଇଥିଲା ସକାଳ ପହରୁ !

ତାକୁ ଏମିତି ଡବଡ଼ବ ଆଖିରେ ଚାହିଁରହିବାର ଦେଖି ମୁକାଏମ୍ ତା' ପିଠିରେ ଆସ୍ତେ କରି ହାତଟା ବୁଲେଇ ଆଣି କହିଲା, "ଆଲୋ ଏମିତି ଡରୁଛୁ କାହିଁକି? ବଡ଼ସାହିବ ଭାରି ଭଲଲୋକ! ଏଠି କାମ କରୁଥିବା ସମସ୍ତଙ୍କୁ ସିଏ ଚିହ୍ନିଛନ୍ତି .. ସମସ୍ତଙ୍କର ଖିଆଲ ବି ରଖନ୍ତି! ଯାହାର ଯାହା ଦରକାର, ସିଏ ହିଁ ତ ଦିଅନ୍ତି! ତୋର ସେ ସାଙ୍ଗକୁ ଦେଇଥିଲେ ନା ଭାନିଟିବ୍ୟାଗ୍ .. ତୁ ଦେଖିନୁକି ତା' ପାଖରେ! .. କେତେ ଚାଲାକ ତୋ'ସାଙ୍ଗ ଦେଖିଲୁ! ନିଜେ ପାଇଗଲା ତ.. ଆଉ ତତେ କାହିଁ କହିବ? ଯା' ଯା', ତୁବି ଯା', ତତେ ବି ଭଲ ଜିନିଷ କିଛି ମିଳିଯିବ! ସିଏ ଜାଣିଛନ୍ତି ତତେ ଗୋଟେ ଲିପିଷ୍ଟିକି ଦରକାର .. କ'ଣ ମୁଁ ଠିକ୍ କହୁଛି ନା!"

ଫିକ୍ କରି ହସିଦେଲା ସୁନେଇ । ହଁ ସତରେ, ରେଣୁ ଖୁଡ଼ି କହିଥିଲା ଲିପିଷ୍ଟିକି ଲଗେଇ ମେମ୍ ସାହିବାଣୀମାନେ ଏମିତି ସୁନ୍ଦରୀ ଦେଖା ଯାଉଛନ୍ତି । ସିଏ ବି ଲଗେଇଲେ କୁଆଡ଼େ ..

"କୁଆଡ଼େ ହଜିଗଲୁଣି ଲୋ? ଯା'ଶୀଘ୍ର .. ସାହିବ ତାଙ୍କ ବଙ୍ଗଳାରେ ତତେ ଅପେକ୍ଷା କରିଛନ୍ତି ପା! ଆଉ ଶୁଣୁ, ଏକା ଯିବୁ .. ୟା'କୁ ତା'କୁ ସାଙ୍ଗରେ ଧରିକି ଗଲେ ସାହିବ ବିରକ୍ତ ହେବେ ..! ଆଉ ହଁ .. ତୋ'ବୋଉକୁ କହିବୁ ନି ଟି ଏକଥା! ମୋ ତଣ୍ଟିରେ କଣାକରି ରକ୍ତ ପିଇଯିବ ସେ! ତା' ପରି ରାହାବାଳୀକୁ ମୋର ଦୂରୁ ଜୁହାର! ଯା' ଯା'.. ଶୀଘ୍ର ଯା' .. ସାହିବ କେତେବେଳୁ ବଙ୍ଗଳାକୁ ଯାଇସାରିଲେଣି! ଏବେ ମୋ' ଉପରେ ରାଗ ହଉଥିବେ!"

ତଥାପି ସାହସହେଲା ନି ସୁନେଇର । ବଡ଼ସାହିବଙ୍କୁ ବଡ଼ଗାଡ଼ିରେ ବସି ଧୂଆଁ ଫୁଙ୍କି ଫୁଙ୍କି ଦୁଇ ଚାରି ମାସରେ ଥରେ ଏଠିକୁ ଆସୁଥିବାର ଦୂରରୁ ସେ ଦେଖିଛି । ସିଏ ଆସିଲେ ସମସ୍ତଙ୍କ ମନରେ କୋକୁଆ ଭୟ ପଶିଯାଏ । ଯେତିକି ସମୟ ରହନ୍ତି, ତାଙ୍କ ଆଗରେ ମୁଣ୍ଡ ଲୁଆଁଇ ସମସ୍ତେ ଠିଆ ହୋଇଥାନ୍ତି । ମୁକାଏମ୍ ପାଟିରୁ ତ ବଚନ ବାହାରେ ନି । ଖାଲି ଏପଟରୁସେପଟକୁ ଧଉଡୁଥିବ ଜିନିଷପତ୍ର ବୋହିବୋହି – କେବେ କାଗଜପତ୍ର ତ ଆଉ କେବେ ସାହିବଙ୍କ ବାକ୍ସ ନ ହେଲେ କିଛି ଖାଇବା ଜିନିଷ... କେବେ ପୁଣି ଚା' ନ ହେଲେ ପାନ .. ଜର୍ଦ୍ଦା .. ସିଗାରେଟ୍ .. ପୁଡିଆ .. ଏମିତି ଏମିତି କେତେ କ'ଣ! ଝାଳନାଳହେଇ ଏପଟରୁସେପଟ ଖାଲିଚକ୍କର କାଟୁଥିବ । ବଡ଼ସାହିବ ଗଲା ପରେ ଦୁଇଚାରି ଦିନ କାଳ ଘାଲିଆହେଇ ଏମିତି ପଡ଼ିରହିବ ଯେ ଡାକିଲେ ବି ଓ କରିବ ନି! କାମ ନ କରିବସିଗଲେ ବି ଆସି ଗାଳିମନ୍ଦ କରିବ ନି । ଦୁଇଚାରି ଦିନ ସାଷ୍ଟାମହେଲା ପରେ ପୁଣି ପୂର୍ବରୂପକୁ ଆସିବ, ତାହା ବି ଆହୁରି ଦଶ ଗୁଣାହୋଇ!

ସେ ଥିଲା ଦିନ ତକ ଅଫିସ୍‌ଘର ଭିତରେ କ'ଣ ଚାଲେ କେଜାଣି, ବାହାରେ ଠିଆହେଇଥିବା ବାକି ବାବୁମାନେ ଥର ଥର କମ୍ପୁଥାଆନ୍ତି । ମୋଟାମୋଟା ଫାଇଲି ଧରି ବିକଳ ମୁହଁକରି ନିଜ ନାଁ ଡକାହେବା ବାଟକୁ ଚାହିଁ ବସିଥାନ୍ତି । କେହିକେହି ତ ଏଇ ଭିତରେ ଦୁଇଚାରି ଘେରା ପାଇଖାନା ପଳେଇ ଯାଆନ୍ତି .. ନହେଲେ ସେମାନଙ୍କ ପାଇଁ ରଖା ଯାଇଥିବା ଛୋଟଛୋଟ ବୋତଲରୁ ଦଶବାର ଥର ପାଣି ପିଇଯାଆନ୍ତି ।

ଏ ସାହିବ ଯେତିକି ଦିନ ରହନ୍ତି, କାହା ଉପରେ ଆଉ ଗାଳିମନ୍ଦ ହୁଏନି କି ବଡ଼ ପାଟିରେ କେହି କଥା କୁହନ୍ତି ନି । ସିଏ ଗଲା ପରେ ପୁଣି ଯୋଉଆକୁ ସେଇଆ ହେଇଯାଏ- ବାବୁମାନଙ୍କର ବ୍ୟବହାର .. ମୁକାଏମ୍ ର ବି । ରେଣୁଖୁଡ଼ି କୁହେ ବଡ଼ ସାହିବଙ୍କ ଡର ସମସ୍ତଙ୍କୁ ରହିଛି । ତାଙ୍କ ହାତରେ ସବୁ ପାବାର ତ, ତେଣୁ ତାଙ୍କୁ ଖୁସି କରିବାକୁ ସମସ୍ତେ ଲାଗିପଡ଼ନ୍ତି । ମୁଣ୍ଡିଆ ମାରନ୍ତି । କିଏ ଜାଣେ, କେତେ କିଏ ଯାଇ ମୁଣ୍ଡିଆ ମାରିସାରିବେଣି ଆଜି! ଭୁଲ୍ କରିଥିବା ଲୋକକୁ ଏତିକି ତ କରିବାକୁ ପଡ଼ିବ! ଆଉ ଆଜି ମୁକାଏମ୍ କହୁଛି ସେଇ ବଡ଼ସାହିବ ତାକୁ ଡକେଇଛନ୍ତି!

ଭୟରେ ତଣ୍ଟି ଶୁଖିଲା ଶୁଖିଲା ଲାଗୁଥିଲା । ପାଣି ଟୋପାଏ କେହି ଦିଅନ୍ତା ନି ଆଣି! ହେଲେ କାହାକୁ ମାଗି ଦବାକୁ ପାଟିଟା ଖୋଲୁନି ଯେ ତା'ର! ମୁକାଏମ୍ ରାଢ଼ ଆଖିରେ ତାକୁ ଚାହିଁକି କ'ଣ ସବୁ କହି ଯାଉଛି, ତା' କାନରେ କିଛି ବି ପଶୁନି । ମନକୁ ଖାଲି ଗୋଟାଏ କଥା ଆସୁଛି – ସିଏ ଏଠିକୁ ନ ଆସିଥିଲେ ବହୁତ ଭଲ ହେଇଥାନ୍ତା ସତରେ! କାମ ନକରି ଏଠି ବସିରହିବାଟା ଗୋଟେ ଭୁଲ୍ କାମ ନିଶ୍ଚୟ । ଏବେ ମୁକାଏମ୍ ବୋଧେ ସେଇଥି ପାଇଁ ତାକୁ କହୁଚି ସାହିବଙ୍କ ପାଖକୁ ଯାଇ ମୁଣ୍ଡିଆମାରି ଆସିବାକୁ । ହେଲେ ସିଏ କେମିତି ଯିବ! ଏତେ ବାଟ ...! ପୁଣି ଏକା ଏକୁଟିଆ! ନା ବାବା ନା, ତାକୁ ଭାରି ଡର ମାଡୁଛି! କାଲି ବୋଉ ସହିତ ଯାଇ ମୁଣ୍ଡିଆମାରିବ ପଛେ, ଆଜି ଥାଉ!

"କ'ଣ ଏତେ ଭାବୁଛୁ .. ଯାଉନୁ ଶୀଘ୍ର!"

"ମତେ ଭାରି ଡର ମାଡୁଛି । କାଲି ବୋଉ ସହିତ .."

"ପାଗଳ ହେଲୁ କି! ବାହାର ଲୋକଙ୍କୁ ସେଠିକୁ ପଶିବାକୁ କ'ଣ ଦିଆଯାଏ! ସାହିବ ଯାହାକୁ ଅନୁମତି ଦେବେ, ଖାଲି ସିଏ ହିଁ ପଶି ପାରିବ ଗେଟ୍ ଭିତରକୁ । ତାଙ୍କ ଦରୁଆନକୁ ଦେଖିଛୁ?"

ମୁଣ୍ଡ ହଲେଇ ନାହିଁ କଲା ସୁନେଇ । ଭୟରେ ତା'ମୁହଁ ନେଳି ପଡ଼ି ଯାଉଥିଲା । ମୁକାଏମ୍‌ର ବର୍ଣ୍ଣନାରେ ଛାତିରେ ଛନକା ପଶି ଯାଉଥିଲା ଆହୁରି ବେଶି ।

"ହଉଚାଲଚାଲ, ଆଜି ମୁଁ ତୋ'ସାଙ୍ଗରେ ଯିବି । ଏତେ ଦୂର ଏକା ଏକୁଟିଆ ଗଲେ ଆହୁରି ଛାନିଆ ହେଇଯିବୁ ତୁ । କିନ୍ତୁ ଏତିକି ମନେରଖ – ବଡ଼ସାହିବ ଉପରକୁ ସିନା ଏତେ କାଠୁଆ ଦିଶନ୍ତି, କିନ୍ତୁ ମନଟା ତାଙ୍କର ଭାରି ମୋଲାୟମ । ଏତେ ଦିନରୁ ଏଠିକୁ ଆସୁଛନ୍ତି,କେବେ ତମମାନଙ୍କୁ କ'ଣ କିଛି କହିଛନ୍ତି! ନାହିଁ ନା! ମତେ

ବି କହି ନାହାନ୍ତି । ତାଙ୍କର ସବୁ ତୋଡ ସେଇ ବାବୁଭାୟାଙ୍କ ଉପରେ । ହକ୍ ସରକାରୀ ପଇସା ସେମାନେ ନେଉଛନ୍ତି ଯେତେବେଳେ, ସାହିବଙ୍କ ତୋଡ଼ ଟିକିଏ ସହିବେ ନି ତ ଆଉ କ'ଣ ଆମେ ସହିବା ! କେତେ ବା ଦରମା ଆମର ! ଅଧାରୁ ବେଶି ତ ଘରଭଡ଼ାରେ ପଳୋଉଛି .. ଦରଦାମ ଯାହା ହେଲାଣି, ପରିବାରକୁ ଖୁସିରେ ରଖିବାକୁ ମଣିଷ ନୟାନ୍ତ ହେଇଯାଉଛି କେତେ ! .. ତୁ ଶୁଣୁଚୁ ନା ମୁଁ କ'ଣ କହୁଚି ?"

ସୁନେଇକୁ ଅନ୍ୟମନସ୍କ ହେଇ ପଡ଼ିବାର ଦେଖି ସୁକାଏମ ଏକଦମ୍ ନିଜର ମଣିଷଟିଏ ପରି ନିଜ ଦୁଃଖର ପେଡ଼ି ଖୋଲି ବସିଥିଲା । ହେଲେ ସୁନେଇକୁ ସେସବୁ କିଛି ଶୁଭୁ ନ ଥିଲା । ତା'ମୁଣ୍ଡରେ କେବଳ ଗୋଟିଏ ଚିନ୍ତା ଅଜଗର ପରି କୁଣ୍ଡଳି ମାରି ବସିରହିଥିଲା – ବୋଉ ଯଦି ଜାଣିବ ମୁକାଏମ ତାକୁ ବଙ୍ଗଳାକୁ ନେଇକି ଯାଇଥିଲା, ତେବେ କ'ଣ ହେବ ତା'ର ପ୍ରତିକ୍ରିୟା ! .. ଜଣା ନାହିଁ ଆଜି ସକାଳୁ କୋଉ ଚିନ୍ତାରେ ଥିଲା ସିଏ .. ତାଟି ସେପଟକୁ କିଏ ଆସି କ'ଣ ବା କହିଥିଲା ଫୁସ୍ ଫୁସ୍ କରି .. ଏମିତି କି ଜରୁରୀ କାମଟା ପଡ଼ିଗଲା ଯେ ସୁନେଇକୁ କୌଣସି ବାରଣକୁରଣ ନ କରି ବାହାରି ଚାଲିଗଲା ! ଗଲା ବେଳେ ମୁହଁଟା ତା'ର କେତେ କରୁଣିଆ ଦିଶୁଥିଲା .. ସତେ ଯେମିତି ଭୋଭୋ କରିକାନ୍ଦି ପକେଇବ ଏଇକ୍ଷିଣା ! ଯେମିତି କି ବର୍ଷବର୍ଷରୁ ଯାହାର ଅପେକ୍ଷାରେ ରାତି ଶୋଇନି, ତା'ର ଖବର ପାଇଗଲା !

ସେମିତି କିଛି କଥା କେବଳ ବାପାକୁ ନେଇ ଘଟିପାରେ ! ବାପା ହିଁ ହେଇପାରନ୍ତି ସେହି ନିଖୋଜ ମଣିଷ, ଯାହାର କିଛି ସୁରାକ ପାଇଲେ ବୋଉ ଏମିତି କାଉଳୁବାଉଳୁ ହେଇଉଠେ .. ଲୁହଲାଳ ଏକାକାର କରିବାଟ ଅବାଟ ନ ମାନି ଧାଇଁଯାଏ । କିନ୍ତୁ ତା'ଠୁ ଅଧିକ କାଉଳିଆହେଇ ପୁଣି ଲେଉଟିକି ଆସେ ଘଡ଼ିକ ପରେ । ବାପା ନାମକ ସୁଖଟି ତା'ଜୀବନକୁ ଆଉ କେବେ ଲେଉଟିକି ଆସେ ନାହିଁ । ଲେଉଟିଲା ପରେ ପ୍ରତିଥର ବୋଉ ନିଜ ପାଖରେ ଶପଥ ନିଏ, ମରୀଚିକା ପଛରେ ଆଉ ଧାଇଁବ ନାହିଁ । କିନ୍ତୁ ସେଇ ମୁହୂର୍ତ୍ତଟି ଆସିଲେ ସବୁ ଶପଥକୁ ସିଏ ଭୁଲିଯାଏ .. ପୁଣି ସେଇଶୂନ୍ୟ ମରୀଚିକାର ଆଶାରେ ସବୁ କାମ ଛାଡ଼ି ଦଉଡ଼ିଯାଏ ।

ଆଜି ବି ସେମିତି କରିଛି । କେବଳ ଗୋଟିଏ ଭିନ୍ନତା ଅଛି ଯେ ଆଜି ସୁନେଇକୁ ସାବଧାନ ରହିବାର କୌଣସି ପ୍ରବଚନ ନ ଶୁଣେଇ ସେ ଯାଇଛି । କେତେବେଳେ ଫେରିବ, ସେକଥା କହିନି କି କାହା ସହିତ ଯାଉଛି, ତାକୁ ବି କହିନି । ତା' ପାଇଁ ରହିଥିବା ସବୁ ଭୟ ଆଗରେ ସେ କାମଟା ଅଧିକ ଜରୁରୀ ଲାଗିଲା ତାକୁମାନେ, କିଛି ତ ଅସୁବିଧା କଥା ନିଶ୍ଚୟ ଥିବ ! ଝିଅ ହେଇକି ତାକୁ ବୋଉର ସେଇଚିନ୍ତା କଥା ଭାବିବାର ଥିଲା .. ନା କି ତାକୁ ବଢ଼େଇବାର ଉପାୟ ! ଏବେ କ'ଣ କରିବ ସେ ! ବୋଉର କାନ୍ଦୁରା ମୁହଁଟା କାହିଁକି କେଜାଣି ବାରମ୍ବାର ଆଖି ଆଗକୁ ଚାଲି ଆସୁଥିଲା ତା'ର .. ପାଟିକରି କାନ୍ଦିବାକୁ ଭାରି ଇଚ୍ଛା ହେଉଥିଲା । ସିଏ ଏମିତି ବେଶପଟାହେଇ ବଡ଼ ସାହିବଙ୍କ ପାଖକୁ ଯିବାର ଉଦ୍ଦେଶ୍ୟରେ ଆସି ନ ଥିଲା .. ତାକୁ କିଛି ଦରକାର ନାହିଁ କାହା ପାଖରୁ । ସିଏ ଘରକୁ ଯିବ .. ବୋଉ ପାଖକୁ ଯିବ .. କିନ୍ତୁ ମୁକାଏମ୍ ତ ତାକୁ ବଙ୍ଗଳାକୁ ଯାଇଥିବା ରାସ୍ତାରେ ଆହୁରି ଶୀଘ୍ର ଚାଲିବାକୁ ବାଧ୍ୟ କରୁଥିଲା !

ବନ୍ଧ କାମ ପାଖରୁ କେତେଗୁଡ଼ାଏ ବାଟରେ ଏଇ ବଙ୍ଗଳଟା କରାଯାଇଛି କେବଳ ଏଇ ସାହିବମାନେ ଆସି ରହିବା ପାଇଁ । ସହରିଆ ସୁବିଧା କାଣିଚାଏ ନଥିବା ଏଇ ଗାଁରେ ମଝିରେମଝିରେ ରହିବାକୁ ଆସୁଥିବା ସାହିବମାନେ କେବେକେବେ ନିଜ ପରିବାରକୁ ବି ନେଇଆସନ୍ତି । ସେମାନଙ୍କୁ ଦେଖିବାକୁ ବୋଉକୁ ନ କହିଲୁ ଚିଲୁଚିମକର, ବଉଳଙ୍କ ସାଥିରେ ସିଏ କେବେକେବେ ଆସି ଏଇ ବୁଦାମୂଳେ ବସିଛି । ସେମାନଙ୍କୁ ନିରେଖି ନିରେଖି ଦେଖିଛି । ସେମାନଙ୍କ କଥାବାର୍ତ୍ତା କରିବାର ଢଙ୍ଗ .. ବେଶପୋଷାକ .. ଚାଲିବା, ବସିବା, ହସିବା, ସବୁ ତାକୁ ଅତି ବେଶି ଆକର୍ଷିତ କରିଛି । ଏପରିକି କେବେକେବେ ସେମାନଙ୍କୁ ସ୍ୱପ୍ନରେ ବି ସେ ଦେଖିଛି । ଖାଲି ସେମାନଙ୍କୁ ବୋଲି ତ ନୁହେଁ...ତାଙ୍କ କୁକୁର .. କାମବାଲୀ .. ଶୁଆଶାରୀ, ଗାଡ଼ିମଟର, ଚଉକି ଟେବୁଲ୍, ସବୁ ଆଡ଼କୁ ଲୋଭିଲା ନଜରରେ ଚାହିଁଚାହିଁ ଫେରିଛି ।

ରେଣୁ ଖୁଡି ଥରେ କହିଥିଲା ଏ ସାହିବାଣୀମାନେ କେତେଜନ୍ମ ଧରି ମହାଦେବଙ୍କୁ ଫୁଲବେଲ ପତ୍ରୀ ଚଢ଼େଇଥିଲେ ବୋଲି ଏ ଜନ୍ମରେ ଏମିତି ଜୀବନ ଜୀଉଁଛନ୍ତି !

ସେଦିନଠୁ ସିଏ ବି ଗାଁ'ମୁଣ୍ଡ ମହାଦେବଙ୍କୁ ଫୁଲ ଚଢ଼େଇବାକୁ ଯାଉଛି ସବୁ ସୋମବାରରେ । ଖାଡ଼ା ଉପାସ ରହୁଛି ଦିନସାରା । ରାତିରେ ବେଳିକିଆ ଖାଇ ମନ୍ଦିର ବେଢ଼ାରେ ଅଖଣ୍ଡ ଦୀପ ଜାଳୁଛି । ସେଇ କଥାକୁ ନେଇ ବାବୁଲା ତାକୁ ବାଟରେ ଘାଟରେ ଚିଡ଼ୋଉଛି – କ'ଣ କି ଲୋ .. ଆଜିକାଲି କ'ଣ ଭାରି ମହାଦେବଙ୍କୁ ତୋଷକଲୁଣି ! ବାହା ବୟସ ହେଇଗଲାଣି ଲାଗୁଛି ! କେମିତିଆ ବର ମାଗୁଛୁ ଭୋଳାନାଥଙ୍କୁ ? ମୋ' ପରିକା ?

ଏମିତି ଫାଲତୁ କଥା ଶୁଣିଲେ ତାକୁ ଭାରି ରାଗମାଡ଼େ । ବାବୁଲା ପରିକା ପିଲା ପାଇଁ ସିଏ ପୁଣି ଏତେ କଷ୍ଟ କରିବ ! ଭୋଳାନାଥଙ୍କୁ ମାଗୁଥିବା ବର ଭିତରୁ ତା' ପାଖରେ ଅଛି ବା କ'ଣ ? ଏ ଜନ୍ମ ପାଇଁ ସିଏ କ'ଣ ଏତେ ଧାଇଁପଡି ପୂଜା କରୁଛି ଏଇ ବାବୁଲା ପରିକା ପିଲା ପାଇଁ ! ଖୁଡ଼ି କହିଲା ଭଳି ଏବେଠୁ ପୂଜାକଲେ ଆଗାମୀ ଜନ୍ମରେ ସବୁ ସ୍ୱପ୍ନକୁ ପୂରାକରିବେ ଭୋଳାନାଥ । ସିଏ ବି ବଙ୍ଗଳାରେ ରହିବ । ଏମିତି ନିକୁଛିଆ ଜୀବନ ଏଇ ଜନ୍ମରେ ଶେଷ ହେଇଯାଉ । ନୁଆଁଣିଆ ଚାଳଘର .. ମାଟି କାନ୍ଥଅର ଅଗଣା .. ଡିବି ଲଣ୍ଠଣର ଆଲୁଅ .. ପୋକଜୋକର ପରିବେଶଭିତରେ ବଞ୍ଚି ରହିବାକୁ ଆଉ ତା'ର ଇଚ୍ଛା ନାହିଁ । ତାକୁ ବି ସୁନ୍ଦର ମହମହକିଆ ଜୀବନଟେ ଜିଇଁବାର ଅଛି ..

ଠିକ୍ ଏଇ ବଙ୍ଗଳାକୁ ଆସୁଥିବା ସାହିବାଣୀମାନଙ୍କ ପରି ! ତାକୁ ଏଇଠି ରହିବାକୁ ଅଛି ।

ଆଗରୁ କେବେ ବଙ୍ଗଳାର ଏତେ ପାଖକୁ ସେ ଆସି ନ ଥିଲା .. ଭିତରକୁ ଯିବାର ତ ପ୍ରଶ୍ନ ହିଁ ଉଠୁନି । ବଡ଼ବଡ଼ ଲୁହାର ଫାଟକକୁ ଜଗି ଦୁଇ ଜଣ ବନ୍ଧୁକଧାରୀ ଜଗୁଆଳୀ ପହରା ଦଉଛନ୍ତି । ସେପାଖକୁ ଗୋଟାଏ ଜାଲି ଭିତରେ ବାହାରକୁ ମୁହଁକରି ଗାରଡ଼େଇ ଅନେଇଛନ୍ତି ପଂଝାଏ ଡାହାଳ କୁକୁର । ଦେଖିଲା ମାତ୍ରକେ କଲିଜା ପାଣି ହେଇଯାଉଛି । ସୁନେଇକୁ ଦେଖି ଜାଲି ଭିତରେ ଏମିତି ଭୁକି ଉଠିଲେ, ସତେକି ଗୋଟା ଚୋବେଇ ଯିବେ ! ଥର ଥର କମ୍ପୁଥିଲା ସୁନେଇ । ଛାଟିପିଟି ହେଇଉଠିଲା ଲେଉଟି ଯିବାକୁ । ଗୋଡ଼ହାତରେ ବଳ ପାଉନଥିଲା ଆଉ ଖୋଜେ ଚାଲିବାକୁ । ଯୋଉ ବଙ୍ଗଳା ଏତେ ଦିନରୁ ତା' ମନ ଆଉ ସ୍ୱପ୍ନ ଉପରେ ପୂରାପୂରି କବ୍‌ଜାକରି ରହିଥିଲା, ଏବେ ସବୁଠୁ ଭୟଙ୍କର ଲାଗୁଥିଲା ତା'ର ସେଇ ବଡ଼ବଡ଼ ଫାଟକ ! ପିଲାଦିନେ ବୋଉ କହୁଥିବା ରାକ୍ଷସ ଗପରେ ଯେମିତି ବର୍ଣ୍ଣନା ହୋଇଥିଲା, ଠିକ୍ ସେମିତି ଲାଗୁଥିଲା ଏବେ ସବୁ କିଛି ତାକୁ ! ମୁକାଏମ୍ ଲାଗୁଥିଲା ସେଇ ଦୁଷ୍ଟ ରାକ୍ଷସର ଭୃତ୍ୟ, ଯିଏ ତାକୁ ଫୁସୁଲା ଫୁସୁଲିକରି ଆଜି ରାକ୍ଷସ ପାଖକୁ ନେଇକି ଯାଉଛି ସାରା ଜୀବନ ବନ୍ଦୀକରି ରଖିଦେବାକୁ !

ଭୟରେ ଚିତ୍କାର ବାହାରି ଆସିଲା ତା' ପାଟିରୁ । ବସି ପଡ଼ିଲା ସେ ମାଟି ଉପରେ । ଚମକି ପଡ଼ିଲା ମୁକାଏମ୍ । କ'ଣ ହେଲା ବୋଲି ପଚାରି ଦେଇଜଗୁଆଳୀଙ୍କୁ କହିଲା ଶୀଘ୍ର ଫାଟକଖୋଲିବାକୁ । ସେମାନଙ୍କ ସହିତ କ'ଣ କଥା ହେଲା ସୁନେଇ ଜାଣିଲା ନାହିଁ .. କାହିଁକି ଭିତରକୁ ସେ ଯାଉଥିଲା, ମନେ ପଡ଼ିଲା ନାହିଁ । ଛାତି ତା'ର ଭୟରେ କମ୍ପୁଥିଲା ଖାଲି । ବାରମ୍ବାର ମୁକାଏମ୍‌ର ହାତଛଡ଼େଇ ପଳେଇଯିବାକୁ ଚେଷ୍ଟାକରିଲା, ମାତ୍ର ତା' ମୁଠାକୁ ଖୋଲି ପାରୁ ନ ଥିଲା । ଏପର୍ଯ୍ୟନ୍ତ ବି ହାତରେ ତା'ର ସିଏ ଦେଇଥିବା ଶହେଟଙ୍କିଆ ନୋଟ୍‌ଟା ରହିଛି ମାତ୍ର ପାଇଲା ବେଳର ଖୁସି କେବେଠୁ ଅଦୃଶ୍ୟ ହେଇସାରିଲାଣି ! ଏବେ ଖାଲି ବୋଉର ଲୁହ ସରସର ଆଖି ଛଡ଼ା ଆଉ କିଛି ତାକୁ ଦେଖା ଯାଉନି !

ଚାରି

ମହଣ ମହଣ ପାଦ ନେଇ ଫେରୁଥିଲା ଚମ୍ପା । ଏତେ ଯୁଗରୁ ନିରୀହ ଆଶାଟିଏ ଲୁଚେଇଲୁଚେଇ ପୋଷି ଚାଲିଥିଲା ଅନ୍ତରରେ ! ଉପରକୁ କଠୋର ରହି ଭୟ ଆଉ ଉଦ୍‌ବେଗ ସହିତ ସନ୍ଧିକରିକରି ଆଶାର ପଣତକୁ ମୁଠେଇ ଧରିଥିଲା ଏଇ ଲୋଭରେ ଯେ ଦିନେ ନା ଦିନେ ଲେଉଟି ଆସିବ ମନର ମଣିଷ ତା'ର ! ଦୁହେଁ ମିଶି ଆରମ୍ଭ କରିଥିବା ସଂସାରକୁ ପୁଣି ଥରେ ସଜଡ଼ା ସଜଡ଼ିକରି ସେମାନେ ଠିଆ କରେଇବେ । ନିଜର ସ୍ୱପ୍ନ ପୂରା ନ ହେଲେ ପଛେ ନାହିଁ, ନିଜ କଲିଜାର ଟୁକୁଡ଼ାର ସବୁ ସ୍ୱପ୍ନକୁ ପୂରା କରିବାକୁ ଅଣ୍ଟା ଭିଡ଼ିଦେବେ ! କୁନି ପରଜାପତିଟିଏ ସାଜି ସାଗୁଆଘାସରେ ଭରା ପଡ଼ିଆ ଭିତରେ ଉଡ଼ିବୁଲୁଥିବା ଝିଅକୁ ଦେଖି ଦେଖି ରାତିଦିନ କାଟିଦେବେ !

କିନ୍ତୁ ଆଶା ସବୁ ଗମ୍ଭୀରା ଖୋଲି ଆଜି ବାହାରି ଚାଲିଗଲେ ସବୁଦିନ ପାଇଁ । ଆଜି ପରେ ଆଉ ସେ କାହାରି ପାଖରୁ ଶୁଣିବନି ସୁରିଆର ଖବର ! କିଏ କୋଉଠି ଦେଖିଥିବା କଥା କହି ହାତେଇନେବେନି ତା' ପାଖରୁ ପାନ ବିଡ଼ିଚା'ର ଖର୍ଚ୍ଚ ବାବଦକୁ ତା' ଦୁଇତିନି ଦିନର ମୂଲକୁ .. ତା'ଝାଳବୁହା ଧନକୁ ! ସବୁ ଆଶାକୁ ନଈ ପାଣିରେ ଭସେଇ ଦେଇ ଆସିଛି ସେ ! କାଟିଦେଇ ଆସିଛି ସାତଜନ୍ମର ସଂପର୍କକୁ ବିନା କୁରାଢ଼ି .. ବିନା କତୁରି ଧାରରେ ! ଯିଏ ଅଗ୍ନିକୁ ଶପଥ ନେଇକି ବି ଗୃହସ୍ଥୀ ଧର୍ମ ପାଳନ କରିବାକୁ ଡରେ, ତା' ସହିତ ସଂସାର କରିବାର କାମନା କେମିତି କରିପାରିବ କେହି ! କାହିଁକି ବା କରିବ ? ଏମିତି ଅଧା ବାଟରେ ଛାଡ଼ିଦେଇ ଚାଲିଯାଇ ହାହୁତାଶର ଜୀବନ ଜିଇଁ ରହିବାକୁ ! ନିଜ ସାଥେ ସାଥେ ବଢ଼ିଲା ଝିଅର ଦାୟିତ୍ୱ ଉଠୋଉଉଠୋଉ ଦୁନିଆ ଆଖିରେ ରାହାବାଳୀ ..ଖାନିକୀ .. କଳିହୁଡ଼ୀର ପରିଚୟ ପାଇବାକୁ !

ନା, ଆଉ ପାରିବନି ସେ ଏ ବୋଝ ଉଠେଇ ! ସୁତ୍ଥାକୁ ସିନ୍ଦୂରରେ ସଜେଇ ହୋଇ ବିଧବାର ଜୀବନ ଜିଇଁ ପାରିବ ନାହିଁ । ସେଇଥି ପାଇଁ ତ ବର୍ଷବର୍ଷର ମାୟାମମତାକୁ ଖୁବ୍ ବେଶି ସାହସର ସହ ଉଜେଁଇ ଦେଇଚି ଆଜି ! ଶଙ୍ଖା ସିନ୍ଦୂରର ଗଣ୍ଠିକୁ ହୁଗୁଳେଇ ନେଇଚି ! କହି ଦେଇ ଆସିଚି ସେଇ ସିଦ୍ଧପୁରୁଷକୁ – ସଂସାର ଛାଡ଼ି ଯୋଗୀର ବେଶ ଧରି ଗାଁଗାଁବୁଲି ଠାକୁରଙ୍କ ମହିମା ଗାଇବୁଲିବା ଖୁବ୍ ସହଜ ! ସଂସାରରେ ରହି ତା'ର ସବୁ ବିପଦଆପଦକୁ ରାତିଦିନ ଏକା ଏକୁଟିଆ ମୁକାବିଲା କରିବା କାମ ଜଣେ ସାହସୀ ହିଁ କରିପାରିବ .. ଲୁଚିକି ଘରୁ ପଳେଇଥିବା ମରଦ ନୁହେଁ ! ଏସବୁ କରିବାକୁ ଥିଲା ତ ଘରଗୃହସ୍ଥୀ କରିବାକୁ କାହିଁକି ମନ କରୁଥିଲୁ ? କାହିଁକି ତୋ' ସାଥେ ସାଥେ ଆହୁରି ଦୁଇଟି ଜୀବନକୁ ହନ୍ତସନ୍ତ କରେଇଲୁ ? ତୋ'ଠାକୁର କ'ଣ ଏଇ ସବୁ କରିବାକୁ ତତେ ବାଟ ଦେଖୋଉଛନ୍ତି ! ତୋ' ପରି ପାପୀ କ'ଣ ସତରେ ମୁକ୍ତି ପାଇବ କେବେ ? ..

କେଜାଣି କୋଉଠୁ ବାହାରି ଆସିଲା ଯେତେସବୁ ମାନ ଅଭିମାନ ! ଗଲାବେଳେ ଭାବିଥିଲା ଯୋଉ ସୁରିଆ ପାଇଁ ସିଏ ବାର

ଓଷାବ୍ରତ କରିଥିଲା, ସିଏ ଆଜି ଏତେ ବଡ଼ ଯୋଗୀ ମହାରାଜ ଯଦି, ତାକୁ ନେଇ ସିଏ ଖୁସି ହେବ .. ମୁଣ୍ଡିଆମାରି ଆଶୀର୍ବାଦ ମାଗିବ । ନିଜ ଝିଅ ପାଇଁ ସୁଖ ମାଗିବ ।

କିନ୍ତୁ କୋଉ ମାଗି ପାରିଲା ! ସୁରିଆର ଲମ୍ବା ଦାଢ଼ି ଆଉ ଜଟା ଭିତରେ ତାକୁ ଖାଲି ନିଜ ଭୁସୁଡ଼ି ପଡ଼ିଥିବା ସଂସାର ହିଁ ତ ଦେଖା ଯାଉଥିଲା ! ରାତିରାତି ଢୋକିଥିବା କୋହଗୁଡ଼ା ହିଁ ତ ମନେ ପଡୁଥିଲା ! ଆକାଶର ଚାନ୍ଦକୁ ସାକ୍ଷୀ କରି ବୁହାଇ ଦେଇଥିବା ଲୁହଧାର ସବୁକୁ ପୁଣି ଥରେ ଆଖିକଣରେ ପାଇଥିଲା ! ଏତେ ସବୁ ପରେ କାହିଁକି କିଛି ମାଗନ୍ତା ସେ ଲୋକଟାକୁ, ଯାହା ପାଇଁ ସାରା ଦୁନିଆ ଆଗରେ ହାତ ପତେଇବା ଯାଏଁ ପରିସ୍ଥିତି ଭିତରେ ତା'ର ଜୀବନଟା ଶେଷହେଇ ଚାଲିଗଲା !

ହୃଦୟକୁ ମୁଗୁନି ପଥର କରି ସିଏ ଲେଉଟି ଆସିଛି ନିଜ ଏକାନ୍ତ ଜୀବନକୁ । ଆଜି ଠାରୁ ସେ ବଞ୍ଚିବ ବିଧବାର ଜୀବନ .. ଏକଦମ୍ ରଙ୍ଗଛଡ଼ା ଆଉ ସାହାହୀନ ଜୀବନ । ଚଳିବ ତାକୁ, କମ୍ ସେ କମ୍ ସୁରିଆରଲେଉଟାଣିବାଟକୁ ଅନେଇ ଅନେଇ ଉଦାସ ତ ହେବନି !

ପର ମୁହର୍ତ୍ତରେ ଛାତିଥରେଇ ଦୀର୍ଘଶ୍ୱାସଟିଏ ବାହାରି ଆସିଲା । ଆଖି ଆଗରେ ନାଚିଗଲା ସୁରିଆ ସହିତ କଟେଇ ଦେଇଥିବା କିଛି ଅପାସୋରା ଦିନର ମଧୁର ମୁହୂର୍ତ୍ତ ଆଉ ଅନୁଭବ । ଉଲୁସିଉଠିଲା ଦେହ । ଝର ଝର ଝରିଆସିଲା ଲୁହ । କେତେ ଭଲ ପାଉ ନ ଥିଲା ସେ ତାକୁ ସତରେ ! ତା'ବୋଉକୁ ଲୁଚିଲୁଚି ଧାଇଁ ଆସୁଥିଲା ତା' ପାଖକୁ ଅନ୍ଧାର ନ ହେଉଣୁ । ହାତରେ ଧରେଇ ଦଉଥିଲା ତା' ମନପସନ୍ଦର କିଛିଜିନିଷ ଜାବୁଡି ଧରୁଥିଲା ଅଣ୍ଟାକୁ ତା'ର ଯେତେ ଛାଟିପିଟି ହେଲେ ବି ସେ ଶକ୍ତବାହୁ ବନ୍ଧନରୁ କୋଉ ମୁକୁଳି ପାରୁଥିଲା କି ଚମ୍ପା ! ଗଣ୍ଡଦେଶକୁ ଓଦା ନ କରି ଛାଡୁ ନ ଥିଲା । ତେଣେ ପାଟିକରି ଘରକଥେଇ ଚାଲିଥିଲା ବୁଢୀ, ହେଲେ ସିଆଡ଼କୁ କାନ ନଥାଏ କେବେ ତା'ର ! ଗାଁସାରା କୁହାକୁହି ହେଉଥିଲେ – ସୁରିଆଟା ତା'ମାଇପ କାନିରେ ବାନ୍ଧିହେଇଯାଇଛି ପୂରା !

କେତେ ଲାଜମାଡ଼େ ତାକୁ ! ନଈ ପୋଖରୀକୁ ଗାଧେଇବାକୁ ଯିବାକୁ ବି ସଙ୍କୋଚ ଲାଗେ । ମାତ୍ର କିଛି ଫରକ ପଡ଼େନି ସୁରିଆକୁ । ଓଲଟି ଫୁ' କରି କଥାଟାକୁ ଉଡ଼େଇ ଦେଇ କୁହେ, "ମଲା .. ବାହା ତ ହେଇଛି ମାଇପ କାନିରେ ବନ୍ଧାହେବାକୁ !ହେଲି ତ ଏତେ ହଇଚଇ କାହିଁକି ? ତୁ କାହା କଥାକୁ କାନ ଦେଏନି ମ ! ତୋ' ପରି ସୁନ୍ଦରୀ ସେମାନଙ୍କୁ ମିଳିନି ତ, ସେଇଥି ପାଇଁ ସଜମାଛରେ ପୋକ ପକେଇବା କାମରେ ଲାଗି ପଡ଼ିଛନ୍ତି ! ସେମାନଙ୍କୁ ତାଙ୍କ କାମ କରିବାକୁ ଛାଡ଼ିଦେ .. ତୁ ଆମର ମୋ'ମନକୁ ଏମିତି ରସୁଥା !"

କେତେ ଭଲ ପାଇବା .. କେତେ ହସଖୁସି ! ମଣିଷ ଆଉ କ'ଣ ଚାହେଁକି ଜୀବନରେ ! ସିଏ ତ କେବେକେବେ ନିଜଭାଗ୍ୟକୁ ନିଜେ ଈର୍ଷା କରିବସେ ! ପିଲାଟି ଦିନରୁ ବାପକୁ ହରେଇଥିଲା, ଏବେ ସୁରିଆ ଭିତରେ ସିଏ ନିଜ ବାପର ସ୍ନେହକୁ ବି ଖୋଜିପାଏ ! ଅଦ୍ଭୁତ ଏକ ଉନ୍ମାଦନା ଅହରହ ତା' ଶିରା ପ୍ରଶିରାରେ ଭଉଁରି କାଟୁଥାଏ । ସିଏ କ'ଣ ମାଟିରେ ଚାଲୁଥାଏକି ... ଭାସି ବୁଲୁଥାଏ ପବନରେ ଦିନରାତି ! ବେଳ ଅବେଳରେ ବାରମ୍ବାର ନିଖୋଜ ହେଇଯାଏ ଆକାଶର ନୀଳରଙ୍ଗ ଭିତରେ ! ପାସୋରି ବସେ ପାରିପାର୍ଶ୍ୱର ପୃଥିବୀକୁ !

ସେତିକିବେଳେ ଶାଶୂର କାନ ଫଟା ଚିତ୍କାର ଧାଏଁକରି ତାକୁ ଆଣି କଚାଡ଼ି ଦିଏ ମାଟି ଉପରେ । ସବୁ ସ୍ୱପ୍ନ ଦେଖା ଏକାଥରେ ଖତମ୍ ହେଇଯାଏ । ମଝି ଅଗଣାରେ ନିଜକୁ ମୁକୁଳାବେଶରେ ଆବିଷ୍କାର କରେ । ଚମକିପଡ଼େ । ଏମା' ଲୋ .. କ'ଣ କଲାଣିସେ ! କାହାର ଭାବନାରେଏମିତିମଗ୍ନହେଇଯାଇଛି ଯେ ଏକଥାରବିଖିଆଲରଖିନିଯେ ଖଞ୍ଜାଘରଟାରେମାଇପେ ମିଣିପେ ହେଇକୋଡିଏସରିକିଲୋକ ଅଛନ୍ତି ! ସିଏ ସିନା କାହାକୁ ମୁଣ୍ଡଉଠେଇ ଆଜି ଯାଏଁ ଦେଖିବାକୁ ସାହସ କରିନି, ହେଲେ ସମସ୍ତଙ୍କ ରାଡ଼ ଆଖି ତାରି ଉପରେ ରହିଛି ! ଏବେ ଗାଁ'ସାରା ଖବର ମାଡ଼ିଯିବ ଯେ ସୁରିଆ ଭାରିଯାର ବାଗବାଇସ ଟିକିଏ ବି ନାହିଁ ! ଦୁଇଟା ଦିନର ବୋହୂହେଇ ଆସି ଅଗଣାରେ ବୁଲୁଛି, ତାହା ବି ମୁଣ୍ଡରୁ ଓଢ଼ଣା ଖସେଇ ! ଛି .. ଛି .. କି ଯୁଗହେଲା ସତରେ !

ଯେତେ ମୁହଁ ସେତେ କଥା ! କିଏ ବା ବାଡ଼ ପକେଇ ପାରିବ କାହାକୁ ! ...

ଆଖିରୁ ଲୁହ ପୋଛିଲା ଚମ୍ପା । ତା'ର ସଂସାର ବେଶି ଦିନର ନୁହେଁ ! କାହାର ନଜର ଲାଗିଗଲା ସତରେ ! ହସିଲା ଖେଳିଲା ଦିନରେ ହଠାତ୍ ଦିନେ ସୁରିଆ ରାତି ଅଧରେ ପାଣିକାଦୁଅରେ ଭିଜିଭିଜି ଘରକୁ ଫେରିଲା । ଆନମନା ଆଉ ଡରି ମରି । କେମିତି ଗୋଟେ ଅଲଗା ଅଲଗା ଲାଗୁଥିଲା । କିଛି କହିଲେ ଶୁଣୁ ନଥିଲା କି ପଚାରିଲେ ଉତ୍ତର ଦେଉ ନ ଥିଲା । ବେଶି କିଛି କହିଲେ ଚିଡ଼ିଉଠି ବାଡ଼ି ଆଡ଼କୁ ପଳେଇଲା ।

ଶଙ୍କିଗଲା ଚମ୍ପା । ଶାଶୂଙ୍କ ହାଉହାଉ ପାଟିରେ ବତୁରିଗଲା ଛାତି– 'ଆଲୋ ମୋ' ପୁଅକୁ କ'ଣ ହେଇଗଲା ଲୋ .. ଭେଟଣା ହେଇଗଲା ନା କ'ଣ ?କିଏ କୋଉଠି ଅଛ ଲୋ, ଧାଇଁଆସି ମୋ' ସଂସାର ବଞ୍ଚେଇ ଦିଅ .. କୋଉ ପିଶାଚୁଣୀ ସବାରହେଇଗଲା ତା'କାନ୍ଧରେ ! ସେ ନାଗା ଗୁଣିଆକୁ ଟିକେ ଡକେଇ ପଠାଅ ଲୋ .. ଆସିକି ଝାଡ଼ିଦେଇକି ଯାଉ ମୋ' ପୁଅକୁ !'

ସବୁକିଛି କରାଗଲା ରାତିକ ଭିତରେ । କିନ୍ତୁ ସୁରିଆ ମୁଣ୍ଡ ଉଠେଇ କାହାକୁ ଚାହିଁଲା ହି ନାହିଁ । କବାଟ ଝରକା ବନ୍ଦକରି, ଡିବି ଲଣ୍ଠଣ ଲିଭେଇ ଅନ୍ଧାର ଘରଟାରେ ବସିରହିଲା ଖୁଣ୍ଟ ହେଇକି । କୋଉଠି କିଛି ଶବ୍ଦ ହେଲେ ଚମକି ପଡ଼ି ହାଉହାଉ ହେଲା । ନିଦରେ ବାଉଳିଚାଉଳି ହେଲା । ଖାଇଲା ନାହିଁ କି ପିଇଲା ନାହିଁ, ପଚାରିଲେ କିଛି କହିଲା

ନାହିଁ! ରାତି ପାହି ସକାଳ ହେଲା । ସକାଳ ପୁଣି ଗଡ଼ିଲା ରାତିରେ । କିନ୍ତୁ ସୁରିଆର ଡର ତୁଟିଲା ନାହିଁ । କି ପ୍ରକାରର ଡର ମାଡ଼ିବସୁଥିଲା ତାକୁ ସତରେ! କାହିଁକି ବା ଡରୁଥିଲା ଏତେ! ଏ ଗାଁ'ରେ କିଏ ବା ଅଛି କାହାର ସଂସାର ଉଜାଡ଼ି ଦେବାକୁ! ସମସ୍ତେ ତ ପରିବାରର ମଣିଷ! ପୁରୁଷ ପୁରୁଷ ଧରି ନିଜ ଘର ପରି ଚଳୁଛନ୍ତି । କିଏ କାହିଁ ତାକୁ ହଇରାଣ କରିବାକୁ ମନ କରିବ! ହେଲେ ସିଏ ସିନା କିଛି କହିଲେ! ସିଏ ତ ପାଟିରେ ଏମିତି ତାଲା ଦେଇ ବସିଛି ଯେ, କେହି ତା' ପାଖ ବି ପଶି ପାରୁନାହାନ୍ତି, ଆଉ ଜାଣିବବା କେମିତି!

ଏମିତି ଏମିତିରେ କଟିଗଲା କେତେ ସଞ୍ଜ ସକାଳ!

ଚିନ୍ତାରେ ଭାଙ୍ଗି ପଡ଼ିଲା ଚମ୍ପା । ଜାମୁଳେଇ ମା' ପାଖରେ ମାନସିକ କଲା । ଲୁହଲାଳହେଇ ସୁରିଆକୁ ନେହୁରା ହେଲା । ଝିଅର ମୁହଁକୁ ଚାହିଁବାକୁ ଗୁହାରି କଲା । କିନ୍ତୁ ସବୁ ପବନରେ ଉଡ଼ିଗଲା । ସୁରିଆ ଆଉ ତା'ଗେରସ୍ତ ହେଇକି ନ ଥିଲା । କେମିତି ଗୋଟେ ଭିନ୍ନ ରାଇଜରେ ଘୂରିଲା ପରିକା ଲାଗୁଥିଲା । ତାକୁ ନିଜ ପାଖକୁ ଫେରେଇ ଆଣିବାକୁ ଯେତେ ଯାହା କରିବା କଥା, କରିଲା ପରେ ବି ଦିନେ ଭୂତ ଲାଗିଲା ପରି କହିଲା ସେ ସହରକୁ ଯିବ!

ସହର? କାହିଁକି .. ଗଲେ କି ଲାଭ ହେବ? ପିଲାମାଇପଙ୍କୁ ସାଙ୍ଗରେ ନେଇକି ଯିବ ନା ଏକା ଏକୁଟିଆ? ସବୁଠୁ ବଡ଼ କଥା ହେଲା ସହରକୁ ଯିବାକୁ ହେଲେ ବଡ଼ସଡ଼କକୁ ଟପିବାକୁ ପଡ଼ିବ .. ଜାମୁଳେଇମା'ର ଆଖି ଆଗରୁ ଦୂରେଇ ଯିବାକୁ ହେବ! ତା'ହେଲେ ବିପଦ ଆପଦରେ କିଏ ସାହା ହେଇପାରିବ? ସେମିତିକରି ଆଜି ଯାଏଁ କେହି ଜିଇଁକିରହିଛି କି ସତରେ!

ଡବଡବ ଆଖିରେ ଚାହିଁ ରହିଥିଲା ଚମ୍ପା । କୋଳରେ ବର୍ଷକର ଝିଅ ସୁନେଇ । ହସହସ ମୁହଁରେ ବାପାକୁ ଚାହିଁକୋଳକୁ ଯିବାକୁ ଉଛନ୍ନ ହେଉଛି । ବାହାର ପିଣ୍ଡାରେ ଶାଶୂଚାରି ଦିନରୁ ଖୁଁଖୁଁହେଇକାଶୁଛି .. ଅଗଣାରେ ବିହନ ବସ୍ତା ଥୁଆହେଇଛି ବୁଣାହେବାକୁ । ପନ୍ଦର ଦିନରୁ କହିକହିବି ସୁରିଆ କାନରେ କିଛି ପଶୁନି .. ବିଲ ଆଡ଼େ ଯିବାର ନାଁ ଧରୁନି! ଆଉ ଆଜି ମୁଣ୍ଡକୁ ତଳକୁ କରିକହୁଛି - ସିଏ ଆଉ ପାଣିକାଦୁଅରେ ଘାଣ୍ଟି ହେଇପାରିବନି! ତାକୁ ସଫାସୁତୁରା ଜୀବନ ଜିଇଁବାକୁ ଅଛି!

ସେଇଟା ପୁଣି କ'ଣ? ଏ ଅଭିଲା କଥା ତା' ମୁଣ୍ଡରେ କାହିଁକି ପଶିଲା .. କେମିତି ପଶିଲା .. କିଏବା ପୂରେଇଲା?

କି କଥା କହୁଚି ସେ! ସହରୀ ବାବୁମାନଙ୍କ ପରିସାର୍ଟ ପ୍ୟାଣ୍ଟ୍ ପିନ୍ଧି, କଳାଚଷମା ନାଇ, ସିଗାରେଟ୍ ଫୁଙ୍କା ଜୀବନ ତାକୁ ଲୋଡ଼ା! ଆଉ ଏ ଆଣ୍ଠୁ ଲୁଚୁନଥିବା ଧୋତିଗାମୁଛା ପିନ୍ଧି ବାହାରକୁ ବାହାରି ପାରିବନି । ତାକୁ ସରମ ଲାଗୁଛି । ସରମ! ମାଟିକାଦୁଅରେ ଗଢ଼ା ମଣିଷ ପୁଣି ମାଟିକୁ ସରମ କରିବ!

ହେଲେ ସହରୀବାବୁମାନଙ୍କୁ ସେ ଦେଖିଲା କେବେ .. ଜାଣିଲା କେମିତି ସେମାନେ କ'ଣ ପିନ୍ଧନ୍ତି କ'ଣ ଖାଆନ୍ତି ବୋଲି!

ୟା'ଭିତରେ ବଡ଼ସଡ଼କ ଟପି ଦୁଇଚାରି ଥର ସିଏ ସହର ଯାଇକି ସବୁ ଦେଖିକି ଆସିଛି .. ସେଠିକାର ମଣିଷମାନେ କେତେ ଅଲଗା .. କେତେସୁଖୀ .. ସବୁ ପତା ଲଗେଇଛି । ସେମାନଙ୍କୁ ଦେଖିଲା ପରେ ଗାଁ'ରେ ରହିବାକୁ ତାକୁ ମୋଟରୁ ଭଲଲାଗୁନି! ସିଏ ଯିବ .. ଯେମିତି ହେଉ ଯିବ!

ଚଡ଼କ ପଡ଼ିଲା ଚମ୍ପା ଉପରେ । କେତେ ଅଜବ କଥାଟେ କାନ ଶୁଣିଲା ତା'ର! ଏଇଥି ପାଇଁ କ'ଣ ଏତେ ନାଟକ କରୁଛି ଏତେ ଦିନରୁ! ଏମିତି ବ୍ୟବହାର କରିଲେ କେହି ଆଉ ତାକୁ ସହର ଯିବାକୁ ରୋକି ପାରିବେନି ବୋଲି ଜାଣିଶୁଣି ସମସ୍ତଙ୍କ ମନରେ ଡର ପଶେଇଚାଲିଛି!

ବାହାହେଇ ଆସିଲା ଦିନଠୁ ସମସ୍ତଙ୍କ ମୁହଁରୁ ଚମ୍ପା ଗୋଟିଏ କଥା ଶୁଣିଛି – ଜାମୁଳେଇମା' ଆମ ରକ୍ଷାକର୍ତ୍ତା । ତା' ଦେଉଳକୁ ଡେଇଁ ସେପଟ ରାଇଜକୁ ଯିବାମାନେ ତା'ଶକ୍ତିଠୁ ଦୂରେଇ ଯିବା । ସେପଟେ ଯାହାକିଛି ଘଟିଲେ ମା'କିଛି କରିପାରିବ ନି! ଆଜି ପର୍ଯ୍ୟନ୍ତ ଯିଏବି ଯାଇଛି, ସିଏ ଲେଉଟିକି ଆସିନି! ଆଉ ସୁରିଆ କହୁଛି ଦୁଇଚାରି ଥର! ଦୁଇଚାରି ଥର କି ଦଶ ବାର ଥର, ସେକଥା କିଏବା ଜାଣିଛି! ଜାମୁଳେଇ ମା'ର ଏତେବଡ଼ ଅପମାନ କରି ସିଏ କେମିତି ଆସି ପାରିଲା ଫେରିକି ସତରେ! ମା' ତ କଦାପି ସହି ପାରିବ ନି ଏ କଥା!

ସେଇଥିପାଇଁ ତା'ହେଲେ ସୁରିଆର ସଂସାର ଉଜାଡ଼ି ଦେବାକୁ ତା'ମୁଣ୍ଡରେ ଏପରିକା କଥା ପୂରେଇ ଦେଲା କି?

କେତେ ମୁଣ୍ଡ ବାଡ଼େଇଲା ଚମ୍ପା .. କାନ୍ଦିଲା ବୋବେଇଲା .. ରାଣ ନିୟମ ଦେଲା, ହେଲେ ସହରର ଭୂତକୁ ତା'ମୁଣ୍ଡରୁ ବାହାର କରିପାରିଲା ନି । ପୁଅର ଏ ଅବେଇଜ ଜିଦ୍ଦି ପାଇଁ ଶାଶୂ ଦୋଷ ଦେଲା ଚମ୍ପାକୁ । ମରଦ ମନକୁ ନିଜ ପାଖରେ ବାନ୍ଧିକିରଖିବାର ବାଗଜାଣି ନ ଥିବା ମାଇପ କୋଉ କାମର ବୋଲି, କଟା ସମ୍ପା କଲା । ସବୁ ଦୋଷ ତା'ମୁଣ୍ଡରେ ଲଦିଲା । ତା'ରିଠେଇ କିଛି ଅଭାବ ରହିଛି ବୋଲି ପୁଅ ସହର ଆଡିକି ଧାଉଁଛି ..କାଲିକୁ କିଛି ଅଘଟଣ ହେଲେ ଚମ୍ପା ହିଁ ଦାୟି ହେବ! ସିଏ ହିଁ ତାକୁ ସୁଖ ଦେଇପାରିଲା ନି କିଛି । ପହିଲେ ପୁଅ ମୁହଁ ଦେଖିଥିଲେ ଅବା ମନ ଘର ଧରିଥାନ୍ତା, ମାଇକିନା ଝିଅଟେ ଜନ୍ମକରି ତା'ବେକରେ ଛନ୍ଦି, ତାକୁ ଦୁଃଖ ଦେଇ ଏବେ ସକେଇ ହେଲେ କ'ଣ ହେବ ଆଉ!

ଚମ୍ପା ନିଜ ପାରୁ ପର୍ଯ୍ୟନ୍ତ ସବୁ ଚେଷ୍ଟା କରିଥିଲା ସୁରିଆକୁ ଘରମୁହାଁ କରିରଖିବାକୁ । ହେଲେ ବିଫଳ ହେଇଥିଲା । ଦିନେ କାହାକୁ କିଛି ନ କହି ସୁରିଆ ଲୁଚିକି କେତେବେଳେ ଘରୁ ବାହାରିଗଲା ଯେ ଗଲା, ଆଉ ଲେଉଟିକି ଆସିଲା ନାହିଁ । ଇଆଡ଼େ ସିଆଡ଼େ ସବୁଆଡ଼େ

ଯାଇ ତାକୁ ଖୋଜିଲା ଚମ୍ପା । ସହରକୁ ଯାଇଥିବ ବୋଲି ଜଣା ଥିଲେ ବି ମନକୁ ସାନ୍ତ୍ୱନା ଦେବାକୁ ଗାଁସାରା ଲୋକଙ୍କୁ ଘର ଘରବୁଲି ପଚାରିଲା କେହି କୋଉଠି ଦେଖିଛ କି ସୁରିଆକୁ! ସମସ୍ତଙ୍କ ପାଖରୁ ନାହିଁରେ ପାଇଥିଲା ଉତ୍ତର । ଥରେ ଦି' ଥରେ ସାହସକରି ଜାମୁଳେଇମା'ର ଦେଉଳ ଟପି ବଡ଼ସଡ଼କ ପାଖରେ ଯାଇ ଠିଆହେଲା, କିନ୍ତୁ ତା' ଆଗକୁ ପାଦ ବଢ଼େଇବାକୁ ଡର ଲାଗିଲା । କୋଳରେ ସୁନେଇ .. ଘରେ ଶାଶୂବୁଢୀ .. ଯିବା ଲୋକ ତ ଯାଇସାରିଲାଣି, ଯୋଉମାନେ ଅଛନ୍ତି କମ୍ ସେ କମ୍ ସେମାନଙ୍କର ତ କିଛି ଅନିଷ୍ଟ ନହେଉ !

ଦିନାକେତେ ଗାଁଲୋକେ ଆସି ବୁଝାସୁଝା କଲେ । ସୁରିଆର ଅବିବେକୀ କାମ ପାଇଁ ଗାଳିମନ୍ଦ କଲେ । ଖୁବ୍‌ଶୀଘ୍ର ନିଜ ଭୁଲ୍ ବୁଝିପାରିଲେ ଉଟିକି ଆସିବାର ସାନ୍ତ୍ୱନା ସହିତ ଧୈର୍ଯ୍ୟ ଧରିବାର ଉପଦେଶ ଦେଇ ନିଜ ନିଜ ବାଟରେ ଚାଲିଗଲେ । ଭୋକ ଉପାସ ସହିତ ଶୂନ୍ୟପଣକୁ ସାଥିକରି ସେମାନେ ଚାରିକାନ୍ଥ ଭିତରେ ପଡ଼ିରହିଲେ ବେଶ୍ ଦିନ କାଳ । ଆଖି ପାଉ ନ ଥିବା ବିଲ ପାଟ ଆଡ଼କୁ ଚାହିଁଚାହିଁ ହତାଶରେ ବତୁରି ପଡୁଥିଲେ । କିନ୍ତୁ ଆସିବା ଲୋକର ପାଦଶବ୍ଦ କୋଉ ଆଡୁ ବି ଶୁଭୁ ନ ଥିଲା ! ଦିନ କେଇଟା ପରେ ବନ୍ଦ ହେଇଗଲା ଆଶାର କବାଟ ଆପେ ଆପେ । ପେଟର ଭୋକ ବାଧ୍ୟ କରିଦେଲା ଓଢ଼ଣା ଭିତରୁ ବାହାରି ସଂଘର୍ଷର ଜୀବନ ସହିତ ବୁଝାମଣା କରିନେବାକୁ ।

ସେଇ ଯେ ସେଦିନଠୁ ଜୀବନ ଶଗଡ଼ ଗୁଳାରୁ ବାହାରିଯାଇଛି, ଯାଇଛି । ଆଉ ଲେଉଟିକି ତା'ଭିତରକୁ ଆସି ପାରି ନାହିଁ । ତଥାପି ଆଶାଟିଏ କୋଉଠି କେମିତି ଆପେ ଆପେ ବଢୁଥିଲା । ମୁହଁ ବୁଲେଇକି ଚାଲି ଯାଇଥିବା ମଣିଷଟା ସବୁ ଭୁଲିଭାଲି ତା' ପାଖକୁ ଆସିବ । କ୍ଷମା ମାଗିବ । ବର୍ଷବର୍ଷର ଅଭାବକୁ ଦୂରକରିଦେବ । ସବୁ ଡର ଭୟକୁ ଭୁଲି ସିଏ ବି ନିଶ୍ଚିନ୍ତ ଜୀବନ ଜିଇଁବ ! ଆଜି ପରେ ସେତକ ବି ଗଲା । ସୁରିଆ ଖାଲି ତାକୁଛାଡ଼ି ନାହିଁ, ଏ ମୋହ ମାୟାର ସଂସାରକୁ ବି ଛାଡ଼ିଦେଇଛି ! ତା' ପାଇଁ ଜୀବନ ଏବେ ଗେରୁଆମୟ !

ତାକୁ ଏ ରୂପରେ ଦେଖିବ ବୋଲି ଚମ୍ପା ତ ସ୍ୱପ୍ନରେ ବି ଭାବି ନ ଥିଲା । ଆଖି ଖୋସିହେଇ ଯାଇଥିଲା କଥାଟା ଶୁଣୁଶୁଣୁ । ପିଲା ଦୁଇଟା କୋଉଠୁ ଖବର ପାଇଥିଲେ କେଜାଣି, କିନ୍ତୁ ରାଣଖାଇଥିଲେ ସେମାନେ ସୁରିଆକୁ ଦେଖିଛନ୍ତି ବୋଲି ! ବିଶ୍ୱାସ କରି ନ ଥିଲା ସେ । ଧୋବ ଫରଫର୍ ଜୀବନ ଲୋଭରେ ଯିଏ ଦିନେ ଲୁଚିକି ପଳେଇଥିଲା, ସିଏ ଗେରୁଆକୁ କାହିଁକି ଆପଣେଇବ ? ସହରର ବାବୁ ନ ହେଇ ଆଶ୍ରମର ସାଧୁ କାହିଁକି ହେବ ?

ୟା'ର ଉତ୍ତର ତ ସେମାନେ ଦେଇ ନ ଥିଲେ, ହେଲେ କଥାଟା ସତ ନ ହେଲେ, ସିଏ ଯାହା ଦଣ୍ଡଦେବା କଥା ଦେଇପାରିବ ବୋଲି ହଲପ କରିଥିଲେ । ସେମାନଙ୍କ କଥା ଶୁଣି ମନଟା ପୁଣି ଗଜା ମାରିଥିଲା, ଜାମୁଳେଇମା' କୁମୁଣ୍ଡିଆ ମାରି ତରତର ହେଇବାହାରି ଯାଇଥିଲା । ଆଜି ଯାଏଁ ସୁନେଇକୁ ଏକା ଏକୁଟିଆ ଛାଡ଼ି କୁଆଡ଼େ ଯାଇ ନାହିଁ ! ଲୋକଙ୍କ ଡାହାଳ ଆଖିକୁ ଗୋଡ଼େଗୋଡ଼େ ଜଗିଛି । ତା' ନିଃସହାୟ ଜୀବନର ସେଇ ତ ଗୋଟିଏ ଆଶ୍ରା ! କେବଳ ତା'ରି ପାଇଁ ହିଁ ତ ସେ ବଞ୍ଚିରହିଛି, ନ ହେଲେ ସୁରିଆ ତାକୁ ଆଉ କ'ଣ ଦେଇଛି କି ?

ଠପ୍ ଠପ୍ ବୋହିଗଲା ଦୁଇ ଧାର ଲୁହ ତା' ଆଖିରୁ । ବୁଝେଇଚାଲିଲା ନିଜକୁ – କାହିଁକି ଦୋଷ ଦେବ ସେ କାହାକୁ, ଯାହା ତା'ଭାଗ୍ୟରେ ଥିଲା, ସେଇଆ ହିଁ ତ ସେ ଭୋଗୁଛି ! ସୁରିଆ ଭାଗ୍ୟରେ ଯୋଗୀହେବାର ଥିଲା, ସେ ହେଲା । ଏ ସାଂସାରିକ ଜୀବନ ତା' ପାଇଁ ନ ଥିଲା ବୋଲି ସବୁ ପାଇକି ବି ଛାଡ଼ି ଦେଇପାରିଲା । ତା'କପାଳରେ ଲେଖା ହେଇଥାଆନ୍ତା ଯଦି, ସିଏ ବି ଯାଇ ପାରିଥାନ୍ତା ! ଆଉ ଏଇ ସବୁ କଥା ଭାବିଭାବି ମୁଣ୍ଡ ନ ବାଡ଼େଇ ଆଗକୁ ଦେଖିବ ସେ ଏଥର । ସୁରିଆ ଆଉ ଫେରିବନି, ଏଇ କଥାକୁ ଗଣ୍ଠିକରି ଏବେ କେବଳ ଝିଅ କଥା ଭାବିବ । ତାକୁ କେମିତି ହାତକୁ ଦି'ହାତ କରିବ, ତା'ରି ଯୋଗାଡ଼ କରିବ । ଏବେ ବନ୍ଧ କାମ ଲାଗି ହାତରେ ବେଶ୍ ଦୁଇ ପଇସା ହେଇଗଲାଣି । ଏତିକି ବେଳେ ଯଦି ଭଲ ପାତ୍ରଟିଏ ମିଳିଯାଆନ୍ତା, ତେବେ ସବୁ ଚିନ୍ତା ଦୂର ହେଇଯାଆନ୍ତା !

ଦେଉଳ ପାଖରେ ପହଞ୍ଚି ଘଡ଼ିଏ ଥକ୍କାମାରିଲା । ସକାଳ ପହରୁ ଅଖିଆ ଅପିଆ ଘରୁ ବାହାରିକି ଯାଇଥିଲା ଯେ ଆସି ସଞ୍ଜ ବୁଡ଼ିଲାଣି, ପାଟିରେ ପାଣି ଟୋପେ ଦେଇନି କି ପେଟରେ ଦାନାଟିଏ ପଡ଼ିନି । ଏତେ କଷ୍ଟ ପରେ ବି ସୁଖର କଣିକା କୋଉ ହାତକୁ ଆସିଲା ! ଓଲଟି ହାତଛଡ଼ା ହେଇଗଲା ସେସବୁ କିଛି, ଯାହା ତାକୁ ବଞ୍ଚେଇ ରଖିଚି ଆଜି ପର୍ଯ୍ୟନ୍ତ । ମନଟା ଯେତିକି ଭାରିଭାରି ଲାଗୁଛି, ତା'ଠୁ ଅଧିକ ରାଗ ଆସୁଚି ନିଜ ଭାଗ୍ୟ ଉପରେ । ଜାମୁଳେଇ ମା'ଉପରେ ! ଏମିତି ହୀନିମାନିଆ ଜୀବନ ଦେଇ କି ଖୁସି ପାଉଛି ସେ ! ୟା'ଠୁ ଭଲ ତ ତା' ଜୀବନ ହୀନେଇ ଯାଇଥାଆନ୍ତା .. !

ପର ମୁହୂର୍ତ୍ତରେ କିନ୍ତୁ ଚମକିଉଠିଲା । ଏ କି କଥା ଭାବୁଛି ସେ – ସୁନେଇକୁ ଛାଡ଼ି ସିଏ ସତରେ ମରିପାରିବ ଭଲା ? ସିଏ କ'ଣ ବାପା ହେଇଛି ଯେ ଆଗପଛ ନ ଦେଖି । ନିଜ କଲିଜାର ଟୁକୁଡ଼ାର ମୁହଁକୁ ନ ଚାହିଁ । କେବଳ ନିଜସୁଖ କଥା ଭାବି ମନଇଚ୍ଛା ଯାହା ଇଚ୍ଛା ହେବ କରି ପକେଇବ ! ସିଏ ପରା ମା' । ଜୀବନକୁ ପାଣି ଛଡ଼େଇଜନ୍ମ ଦେଇଛିସୁନେଇକୁ .. ତାକୁ ଛାଡ଼ି କୁଆଡ଼େ ବା ଯାଇପାରିବ ! କୋଉ ପୁରରେ ବା ଶାନ୍ତି ପାଇବ ! ସେମିତି ଆଶାନ୍ତି ତାକୁ ଲୋଡ଼ା ବି କୋଉ ଅଛି ! ନା ବାବା, ତାକୁ ତା' ଝିଅର ମୁହଁରେ ହିଁ ସଂସାର ଯାକର ସୁଖ ମିଳେ ! ତା'ହସରେ ଜୀବନସାରାର ଦୁଃଖ ପାଣି ହୋଇବୋହିଯାଏ । ଏତେ ଦୁଃଖ ପରେ ବି ଠାକୁର ତାକୁ ଯେତିକିସୁଖ ଦେଇଛନ୍ତି, ସେତିକି ତା'ର ଅମୂଲ୍ୟ ଧନ !

ଆଜି ସକାଳୁ ସୁନେଇକୁ ମନ ପୂରେଇ ଦେଖିନି କି କଥା ପଦେ ହେଇନି । ତରତର ହେଇ ପଳେଇ ଆସିଲା, ଗାଡ଼ିରେ ବସି ସୁରିଆ ଆଉ କୁଆଡ଼େ ବାହାରିକି ଚାଲିଯିବ ବୋଲି ପିଲା ଦୁଇଟା କହିଲେ । ନା ତା' ପାଇଁ କିଛି ରାନ୍ଧିକି ଆସିଲା, ନା କିଛି କହିକି ଆସିଲା । କ'ଣ କରିଥିବ ଆଜି ସେ ଦିନସାରା କେଜାଣି !

କେତେ ଶୀଘ୍ର ଝିଅ ପାଖେ ଯାଇ ପହଞ୍ଚି ପାରିବ, ସେଇ କଥା ମନରେ ରଖି ଆହୁରି ଜୋର୍‌ରେ ପାଦ ପକେଇଲା । ଅନ୍ଧାର ଘନେଇ ଆସିଲାଣି, ଜଣା ନାହିଁ ସୁନେଇ କେମିତି ଥିବ ! ପିଲାଦିନରୁ ଅନ୍ଧାରକୁ ତା'ର ଭାରି ଡର । ସଂଧ୍ୟା ପରେବୋଉର କାନିକୁ ଜାବୁଡି ଧରି ବାଟ ଚାଲେ । ତାକୁ କୁଆଡ଼େ ଅନ୍ଧାରରେ ଗଛପତ୍ର ସବୁ ପିଶାଚ ପରି ଦେଖାଯାନ୍ତି । ପବନର ଶବ୍ଦ ସେମାନଙ୍କ ହସ ପରି ଶୁଭେ । ଯେତେ ବୁଝେଇଲେ ବି ତା'ମନରୁ ଡର କ'ଣ ଯାଉଛି ! କେଜାଣି କ'ଣ କରୁଥିବ ଆଜି ? କାନ୍ଦୁଥିବ ବସିବସି । କି କାହାକୁ ଡାକିଥିବ ତା' ପାଖରେ ବସିବାକୁ। ରେଣୁକୁ ଟିକେ କହି ଆସିଥିଲେ ଭଲ ହେଇଥାନ୍ତା, ମାତ୍ର ଏତେ ଡେରି ହେଇଯିବ ବୋଲି ସିଏ କ'ଣ ଜାଣିଥିଲା !

ଘର ପାଖରେ ପହଞ୍ଚି ସ୍ତବ୍ଧ ହେଇଗଲା – ତାଟି ତ ବାହାର ପଟରୁ ବନ୍ଦ ହେଇଛି ! ସୁନେଇ କ'ଣ ଘରେ ନାହିଁ ? କିନ୍ତୁ କୁଆଡ଼େ ଯିବ ସେ ?

ପର ମୁହୂର୍ତ୍ତରେ ଅବଶ୍ୟ ନିଜକୁ ସାନ୍ତ୍ୱନା ଦେଲା, ଅନ୍ଧାରକୁ ଡରି ତା'ଚାନ୍ଦ ବଉଳକି ମକର ଘରେ ଯାଇ ବସିଛି ବୋଧେ । ରେଣୁଘରକୁ ବି ଯାଇଥାଇ ପାରେ । ହଉ, ବସିଥାଉ ଆଉ ଟିକେ ବେଳ । ସିଏ ଆଗ ମୁହଁହାତ ଧୁଆଧୋଇହେଇ ଗୋପାଏ ତୋରାଣୀ ପିଇବ, ତା'ପରେ ତାକୁ ଡାକିବାକୁ ଯିବ । ଝୋଲା ମାରିଯାଉଛି ଏବେ ଦେହଟା । ଦେହରେ ବଳ ପାଉନି ନିଜେ ଯାଇ ବେଲା ଧୋଇ ତୋରାଣୀ ହାଣ୍ଡି ନିଗାଡ଼ିବାକୁ । ସୁନେଇ ଉପରେ ରାଗମାଡୁଥିଲା ଭାରି । ହେଲେ ଆଜି ତା' ପାଟିରୁ କିଛି ଗାଳି ବାହାରୁ ନ ଥିଲା । ଦିନସାରାର ଦଉଡ଼ା ଧାପଡ଼ାରେ ଏକଦମ୍ ଥକିଯାଇଛି । ଆଗ ତୋରାଣୀ ପାଣିମୁନ୍ଦାକ ପେଟକୁ ଯାଉ, ତା'ପରେ ଦେଖିବ ସେ କିଛି ରନ୍ଧାବଢ଼ାକରିଛି ନା ବୋଉ ନ ଥିବାର ସୁଯୋଗ ନେଇ ସେମାନଙ୍କ ସହିତ ହେଁହେଁଫେଁଫେଁ ଚଲେଇଛି !

ପାଞ୍ଚ

ଭୟ ଆଉ ଉଦ୍ଦୀପନାରେ ସୁନେଇ ଫେରିଯିବାକୁ ଯେତେ ଛଟପଟ ହେଉଥିଲା, ମୁକାଏମ୍‌ର ହାତ ମୁଠା ସେତିକି ଟାଣ ହେଇହେଇ ଯାଉଥିଲା । ତାକୁଏକରକମର ଘୋଷାଡ଼ିଘୋଷାଡ଼ିନେଇ ଯାଉଥିଲା ସେ । ଆଶ୍ଚର୍ଯ୍ୟ ହେଉଥିଲା ସୁନେଇ – ଯୋଉ ମୁକାଏମ୍ ତା' ଦେହରେ ଟିକେ ହାତମାରି ଦେବାକୁ ବିକଳ ହୁଏ, ଆଜି ତାକୁ ଏମିତି କେମିତି ଘୋଷାରି ପକୋଉଛି ! କେଡ଼େ ନିର୍ଦ୍ଦୟଭାବରେ 'ପାଟି ବନ୍ଦ କର' କହି ରଙ୍ଗରଙ୍ଗ ଆଖିରେ ତାକୁ ଚାହୁଁଛି ! ସିଏ କାହିଁକି ନେଇକି ଯାଉଛି ତାକୁ ବଡ଼ ସାହିବଙ୍କ ପାଖକୁ ! ସିଏ ତ କିଛି ଭୁଲ୍ କରିନାହିଁ !

"ମତେ ଛାଡ଼ିଦିଅ ବାବୁ । ମୋ' ବୋଉ ଫେରିଆସି ଘରବାହାର ସବୁଆଡ଼େ ମତେ ଖୋଜୁଥିବ ! ମୁଁ ଆଉ କେବେ ଏମିତି ବେଶହେଇକି କାମ ଜାଗାକୁ ଆସିବିନି । ମା'ଜାମୁଲେଇର ରାଣ ଖାଉଛି । ମତେ ଆଜି ଛାଡିଦିଅ ।" କୋହ ଲୁହସବୁ ଏକାକାରହେଇ ଯାଉଥିଲା । ହାତଗୋଡ଼ ଠକ୍ ଠକ୍‌ହେଇ ଥରୁଥିଲା । ଭୟରେ ତଣ୍ଟିପାଟି ଶୁଖି ଯାଉଥିଲା । ହେଲେ ସେ ନିର୍ଦ୍ଦୟ ଲୋକଟା ମନରେ ଟିକିଏ ବି ଦୟା ଆସୁ ନ ଥିଲା !

ଘାଏଁକରି ବଡ଼ଗାଡ଼ିଟେ ପଶିଆସିଲା ପଛପଟରୁ । ଠିଆହେଇଗଲା ବଙ୍ଗଳା ସାମନାରେ । ଓହ୍ଲେଇ ପଡ଼ିଲେ କିଛି ଲୋକ ଓ ସେମାନଙ୍କ ପଛେ ପଛେ ଗେରୁଆ ଲୁଗାରେ ଜଣେ ଯୋଗୀ । ବାହାରି ଆସିଲେ ବଡ଼ ସାହିବ ଘର ଭିତରୁ । ମୁଣ୍ଡିଆମାରି ପାଦ ଧୋଇଦେଲେ ତାଙ୍କର, ଆଉ ଗାମୁଛାରେ ପୋଛି ଦେଲେ । ତା'ପରେ ପାଛୋଟି ନେଇଗଲେ ଭିତରକୁ । ଶିହିରି ଉଠିଲା ସୁନେଇ ଆତଙ୍କରେ । କ'ଣ ଚାଲିଛି ଏଠି ? ବଡ଼ସାହିବଙ୍କ ଘରେ ଏ ଯୋଗୀ କିଏ ଆଉ କାହିଁକି ଆସିଛନ୍ତି ?

ମେଲା ଝରକା ବାଟେ ଭିତରକୁ ଚାହିଁ ସେ ଚମକି ପଡ଼ିଲା । ଖାଲି ବଡ଼ସାହିବ ନୁହେଁ, ଆହୁରି କେତେ ଜଣ ଅଛନ୍ତି ସେ ଘର ଭିତରେ । ଖିଆ ପିଆ ଚାଲିଛି, ତା'ସହିତ ଠୋଠୋ ହସ ଆଉ ପାଟିତୁଣ୍ଡ ବି । ସେମାନଙ୍କ ଭିତରେ ଏ ଯୋଗୀ ବି ଯାଇବସିଗଲେ ଆଉ ଉଠେଇନେଲେ ନାଲି ପାଣିରେ ଭରା ଗୋଟେ ଗ୍ଲାସ୍ ! ଦାଢ଼ି ଉପରେ ହାତବୁଲେଇ ଆଣି କିଛି କହିଲେ ବଡ଼ସାହିବଙ୍କୁ । ମୁଣ୍ଡହଲେଇ ଦେଲେ ସେ ଖୁସିରେ । ବଡ଼ ପାଟିରେ କାହାକୁ ଡାକିକି ମୁକାଏମକୁ ଖବର ଦେବାକୁ କହିଲେ । ଲୋକଟି ହଁ ରେ ମୁଣ୍ଡହଲେଇ ଦେଇ ବାହାର ଆଡ଼କୁ ଚାଲିଆସିଲା ।

ସୁନେଇର କଲିଜା ପାଣିହେଇ ଯାଉଥିଲା । ମୁକାଏମ୍ ତା'ହାତକୁ ମୁଠେଇଧରି ଅଧା ପରଦା ଆଡ଼େଇ ଭିତରକୁ ମୁଣ୍ଡଗଳେଇ କାହାକୁ କିଛି କହିଲା । ହଠାତ୍ ସବୁକିଛି ଶୁନ୍‌ଶାନ୍ ଲାଗିଲା । ସତେ ଯେମିତି ଘର ଭିତରେ କେହି ନାହାନ୍ତି ଏବେ ।

ମୁକାଏମ୍‌ର ଧମ୍ଭା କିନ୍ତୁ ସ୍ପଷ୍ଟ ସ୍ୱର ଆସି ତା' କାନରେ ପଡ଼ିଲା, "ହଜୁର, କଷିକାକୁଡ଼ିଟିଏ ଆଣିଛି । ବିଲକୁଲ୍ ତାଜା । ଏଇ ବଣଜଙ୍ଗଲର

ଏକଦମ୍‌ତାଜା ଫୁଲଟିଏ! ଏଇ ମାତ୍ର ଫୁଟିଛି। ଦିଲ୍‌ଖୁସ୍ ନ ହେଇଯିବ ଯଦି ମୋ' ନାଁରେ କୁତା ପାଳିବେ!"

"ଆଚ୍ଛା। ବଣର ଫୁଲ। କଷ୍ଟିକାକୁଡ଼ି!" କାହାର ତାତ୍ସଲ୍ୟ ମିଶାହସରେ ସୁନେଇ ଦେହରୁ ଗୋଟଗୋଟା ଝାଳ ବାହାରି ଆସିଲା। ଚାରିଆଡ଼ ଅନ୍ଧାର ଦିଶିଲା। ମୁକାଏମ୍‌ର କଥା ଠିକ୍‌ରେ ବୁଝା ପଡୁନଥିଲେ ବି କାହିଁକି କେଜାଣି ତାକୁ ହଠାତ୍ ଲାଗିଲା – ଆଜି ଅଇଁଠା ହେବାର ପାଳିବୋଧେ ତା'ର! ଏଇ ବଙ୍ଗଳାକୁ ଆସିବାକୁ ବୋଉ ବୋଧେ ଏଇଥି ପାଇଁ ସବୁବେଳେ ଆକଟ କରେ। ଏ ସହରୀବାବୁମାନଙ୍କୁ ଦୂରରୁ ଜୁହାର କରେ। ସିଏ କେମିତି ଏଠୁ ବାହାରି ପାରିବ ସତରେ! ବୋଉ ପାଖରେ କେମିତି ଯାଇ ପହଞ୍ଚିଯିବ! ତାକୁ ଏ ସାବୁନ ତେଲ ଲିପିଷ୍ଟିକି କିଛି ବୋଲେ କିଛି ଦରକାର ନାହିଁ। ତାକୁ ଅଇଁଠା ହେବାର ନାହିଁ। ତାକୁ ବୋଉ ଦରକାର। ସେ ବୋଉ ପାଖକୁ ଯିବ!

ମୁକାଏମକୁ ନେହୁରା ହେବାକୁ ପାଟି ଖୋଲିଲା, ପରକ୍ଷଣରେ କିନ୍ତୁ ହୋ ..ଓ ..ଓ.. କରି ଶବ୍ଦ ଶୁଭିଲା ଏକାସାଙ୍ଗରେ ଆଉ ନୋଟ୍‌ର ବଡ଼ବିଡ଼ାଟେ ଆସି ମୁକାଏମ୍‌ର ପାଦ ତଳେ ପଡ଼ିଲା ! ପରଦା ଏପଟୁ ଦେଖି ପାରିଲା ସୁନେଇ ସେଇ ଲୋକମାନଙ୍କ ଖୁସି ଆଉ ହଇଚଇ ଭାବକୁ। ମୁକାଏମ୍ ନଇଁପଡ଼ି ନୋଟ୍‌ର ବିଡ଼ାକୁ ଉଠେଇନେଲା। ତା'ପରେ ତାକୁ ଘର ଭିତରକୁ ଠେଲିଦେଇ ଦରଜା ଭଡ଼ିନେଲା।

ସୁନେଇ ପାଟିରୁ ଚିତ୍କାର ବାହାରି ଆସିଲା, ଆଉ ତା' ସାଥେ ସାଥେ କାନରେ ପଡ଼ିଲା ସେମାନଙ୍କ ଠୋଠୋ ହସ। ଏକାସାଙ୍ଗରେ ଝପଟି ପଡ଼ିଥିଲେ କିଛି ଡାହାଳ କୁକୁର ତା'ଉପରକୁ! ଯନ୍ତ୍ରଣାରେ ଛଟପଟ ହେଇପଡ଼ିଲା, କିନ୍ତୁ ପାଟି ଉପରେ କାହାର ଶକ୍ତ ହାତ ତା' ପାଟିରେ ଶବ୍ଦଗୁଡ଼ାକୁ ଚାପିରଖିଦେଲା। ଲମ୍ବା ଦାଢ଼ିର ଜାଲରେ ସେ ଛନ୍ଦି ହେଇଗଲା ବେଳେ ଆଖି ତା'ର ବୁଜିହେଇ ଆସିଲା। ଚେତନା ହରେଇବା ପୂର୍ବରୁ ଖାଲିଏତିକି ତାକୁ ଜଣା ପଡ଼ିଥିଲା ତା' ସଯତ୍ନ ଶୋଭିତ ବେଣି ଖୋଲିଖୋଲି ଯାଉଛି। ଫୁଲର ମାଳା ଘରସାରା ଛିତ୍‌ରେଇହେଇ ପଡୁଛି। ପୋଛିହେଇଯାଉଛି ଆଖିର କଜ୍ଜଳ ଗାର! ତା'ପରେ କ'ଣ କ'ଣହେଲା। କାହିଁକି ହେଲା, ସେସବୁ ଜାଣିବାର କ୍ଷମତା ଆଉ ତା'ର ନଥିଲା! ବତାସରେ ଉପୁଡ଼ି ଯାଇଥିବା ବରଗଛଟା ପରି ଲୋଟି ପଡ଼ିଥିଲା ସେତେବେଳକୁ ଭୂଇଁରେ ସେ! କାନକୁ ଏବେ ଖାଲି ଶୁଭୁଥିଲା ବୋଉର କରୁଣା ପ୍ରାର୍ଥନା – 'ମା'ଲୋ ଏ ବନ୍ଧ କାମ କେବେ ତୁ ସାରିବୁ?'

ଛଅ

ସାରା ରାତି ଯା'କୁ ପଚାରେ, ତାକୁ ପଚାରେ ହେଇ ବିତି ଯାଇଥିଲା ଚମ୍ପାର! କେହି ସୁନେଇର କଥା କିଛିକହି ପାରିଲେନି। ତା' ପାଟିକୁ ଡରି ସୁନେଇ ରମକର, ବଉଳ ବି ଚୁପ୍ ରହିଲେ। ଯେତେରାଣ ନିୟମ ପକେଇଲେ ବି ତାକୁ ଦେଖିଥିବା କଥା ତୁଣ୍ଡରେ ଧରିଲେନି। ସିଏ ଯେ ଆଜି ବନ୍ଧକୁ ଯାଇଥିଲା, ସେକଥା ମଧ୍ୟ ଜଣେଇଲେ ନି। ଚମ୍ପା ରଡ଼ିରାମ୍ପୁଡ଼ିହେଇ ସାରାରାତି ଗାଁ ଦାଣ୍ଡ କମ୍ପେଇଚାଲିଲା। ଝିଅ ତା'ର କୁଆଡ଼େ ହଜିଯାଇଛି, ଆଉ ଏ ଗାଁଲୋକେ ନିଶ୍ଚିନ୍ତରେ ରାତିଶୋଇଯିବେ! ଏକଥା କଦାପିହେବାକୁ ଦେବନି ସେ! ଗାଳିର ବର୍ଷାରେ ପୋତି ପକେଇବ ସମସ୍ତଙ୍କୁ। କାନ୍ଦିବୋବେଇ ଗଗନ ପବନ ଥରେଇ ଦେବ! ହେଲେ ସେତିକିରେ କ'ଣ ଝିଅ ତା'ର ଲେଉଟି ଆସିବ? ସତରେ କ'ଣ ମା'ଜାମୁଳେଇ ତା'ର ଦୁଃଖ ବୁଝିବ? ଏଇ ଗୋଟିଏ ସୁଖଜୀବନରେ ସେ ପାଇଥିଲା, ଆଉ ଆଜି ସେତକ ବି ଛଡ଼େଇ ନେଲା! କାହିଁକି କି ଅପରାଧ ସେ କରିଥିଲା କୋଉ ଜନ୍ମରେ?

ସୁରିଆ ପରିକା ମଣିଷର ହାତଧରି ସୁଖର ଦିନ କିଛି ଭୋଗିଥିଲା, କିନ୍ତୁ କୋଉ ଛଟକରେ ଅଙ୍ଗୁଳି ଫାଙ୍କ ଦେଇ ବୋହିଗଲା ସେ ସୁଖ, ସିଏ କୋଉ ଜାଣିପାରିଲା? ଆଜି ଏତେବର୍ଷ ପରେ ସୁରିଆକୁ ଦେଖିଲା ସେଭିନ୍ନ ରୂପରେ। ସଂସାର ତ୍ୟାଗୀ ସନ୍ୟାସୀ ରୂପରେ। କେତେ ଶିଷ୍ୟ ତା' ଆଗରେ ପଛରେ! ଗାଡ଼ିମଟରର ଫଉଜ ସହିତ ଭକ୍ତଙ୍କର ସୁଅ ଛୁଟିଛି! କେମିତି ଏମିତି ହେଇଗଲା ଦିନ କେଇଟା ଭିତରେ! କାହିଁ ଲଙ୍ଗଳ ଧରୁଥିବା ମଣିଷ ସୁରିଆ, ଆଉ କାହିଁ ଏ ବାବା କୃପାଳୁନାଥ! କେତେ ବଡ଼ବଡ଼ କଥା ସେ କହୁଛି! ତାକୁ ଶୁଣିବାକୁ, ତା' ପାଦ ଛୁଇଁବାକୁ ଲୋକଙ୍କ ଭିତରେ କି ଠେଲାପେଲା! ତାକୁ ବି କେହି ଜଣେ ଆଗକୁ ଠେଲି ଦେଇଥିଲା। ହେଲେ ସିଏ ତା' ପାଦ ଛୁଇଁ ପାରିଲାନି କି ତା'ର ସେଇ ବଡ଼ବଡ଼ କଥା ଶୁଣି ଖୁସିହେଇ ପାରିଲାନି। ବରଂ କ୍ରୋଧ ଆଉ ଘୃଣାରେ ମୁହଁ ବିକୃତ ହେଇଗଲା। ଇଚ୍ଛା ହେଉଥିଲା ଧାଇଁଯାଇ ତା' ଦାଢ଼ିଟାଣି ପକାନ୍ତା। ତା' ମାଳା ଛିଡ଼େଇ ପକାନ୍ତା। ତା' କମଣ୍ଡଳୁ ଓଲଟେଇ ଦିଅନ୍ତା। ଆଉ ପାଟିକରି ପଚାରନ୍ତା – 'କାହିଁକି ଏ ଛଦ୍ମବେଶ? କି ଅପରାଧଟା ସିଏ କରିଦେଇଥିଲା ଯେ ସଂସାରର ସବୁ ବୋଝ ତା'ମୁଣ୍ଡରେ ଥୋଇଦେଇ ଲୁଚି ପଳେଇଲା ଦିନେ!'

କିନ୍ତୁ କିଛି କହି ପାରିଲା ନି। ଜାବ ପଡ଼ି ଯାଇଥିଲା ପାଟିରେ ସତେକି! ସୁରିଆଟା ବି କେମିତି କେଜାଣି; ଏତେ ଭିଡ଼ ଭିତରେ ତାକୁ ଦେଖିଲା; ଚିହ୍ନିଲା, କିନ୍ତୁ ଏମିତି ମୁହଁକଲା, ସତେ ଯେମିତି କେହି ନୁହେଁ ସେ ତା'ର! ଧୂପ, ଅଗରବତି, ଫୁଲମାଳ, ପ୍ରସାଦ, ବିଭୂତି, କୋଉଥିରେ ବି ମନ ଥୟ ଧରିଲାନି ତା'ର। ଛଟପଟ ହେଇ ବାହାରି ଆସିଲା। ସାଙ୍ଗରେ ନେଇ କି ଯାଇଥିବା ପିଲାଗୁଡ଼ା ବହୁତ କହିଲେ, 'ଯାହାହେବା କଥା ହେଇସାରିଲାଣି। ଏବେ ସେ ଜଣେ ସିଦ୍ଧପୁରୁଷ।

ଏତେ ଲୋକ ତାଙ୍କ ପାଦତଳେ ପଡୁଛନ୍ତି । ଆଶୀର୍ବାଦ ନେଉଛନ୍ତି । ତୁମେ ବି କିଛି ମାଗ, ନିଶ୍ଚୟ ପୂରଣ ହେବ ।'

ମୁହଁ ବୁଲେଇ ନେଇଥିଲା । ମୂର୍ଖଲୋକ ସେ । ନିଜ ସଂସାର ଛଡ଼ା ଆଉ କିଛି କେବେ ଲୋଡ଼ିନି କି ବଡ଼ବଡ଼ ସୁଖର ଆଶା ବି କରିନି । ଯାହା ଉପରେ ତା'ର ପୂରା ଅଧିକାର ଥିଲା, ଆଜି ସେସବୁ ଭୁଲି ତା' ଆଶୀର୍ବାଦ ନେବ ! କ'ଣ ହେବ ସେ ଆଶୀର୍ବାଦ ତା'ର ! ପୂରିଯିବ କି ମନର ସବୁ ଅଭାବବୋଧ ! ପାହିଯିବ କି ଦୁଃଖର ରାତିସବୁ ! ଏତେ ବଡ଼ବଡ଼ କଥାରେ ଯଦି କାହାର ପେଟ ଭରୁଥାଆନ୍ତା, ତେବେ ସଂସାର କାହିଁକି ବାନ୍ଧନ୍ତା କିଏ !

ଲେଉଟି ଆସିଲା ସେ । ସ୍ୱାମୀର ସୁଖ ପାଇବା ତ ଏ ଜନ୍ମ ପାଇଁ ତା'ର ଶେଷ ହେଇଗଲା, କିନ୍ତୁ ମା' ପଣିଆର ସୁଖ ବଞ୍ଚିଥିଲା ଯାଏ ରହିଥାଉ ! ଜାମୁଲେଇ ମା'ଏତିକି ଆଶୀର୍ବାଦ କରିଥାଉ । ସୁନେଇର ସୁଖୀ ସଂସାର ଦେଖିବାର ସୌଭାଗ୍ୟ ତା'ର ହେଉ । ଏ ଜନ୍ମ ପାଇଁ ତା' ଲାଗି ସେତିକି ଯଥେଷ୍ଟ !

କିନ୍ତୁଏବେ ତ ସେ ସୁଖ ବି କୁଆଡ଼େ ହଜିବାକୁ ବସିଲାଣି । ସୁନେଇର କୋଉଠି କିଛି ସୋର୍ ଶବ୍ଦ ନାହିଁ । ଦିନସାରା କ'ଣ କରୁଥିଲା.. କୁଆଡ଼େ ବାହାରି କି ଗଲା, କେହି କେମିତି କିଛି ଜାଣି ନାହାନ୍ତି ସତରେ ! ପେଟେରାଟା ମେଲା ପଡ଼ିଛି, ତା' ଭିତରେ ସାଇତିରଖିଥିବା ଶାଢ଼ୀ ନାହିଁ କି ତା'ବାପା ଦେଇଥିବା ପାଉଁଜି ହଳକ ବି ନାହିଁ । ତା'ରି ବାହାଘର ପାଇଁ କେତେ ଦିନରୁ ସାଇତିକି ରଖିଥିଲା । ହେଲେ ତାକୁନେଇ ପୋଡ଼ାମୁହଁ କାହାସାଙ୍ଗେ ମୁହଁ କଳାକରିବାକୁ ପଳେଇଲା ନା କ'ଣ !

କି ଭାଗ୍ୟ ତା'ର ସତରେ - ଆଜି ହିଁ ସବୁ କିଛି ଉଜୁଡ଼ିବାକୁ ଥିଲା ! ପାଟିକରି କାନ୍ଦିବାକୁ ବି ଆଉ ବଳ ପାଉନି । ଚତୁର୍ଦ୍ଦିଗରୁ ମାଡ଼ି ଆସୁଥିବା ଅନ୍ଧାରରେ ନିଜ କୁଲୁଚେଇ ପକେଇବାକୁ ଭାରିଇଚ୍ଛା ହେଉଛି । ସେ ଆଉ ପାରୁନି ! ତା' ଦୁର୍ବଳ ଦେହରେ ଏତେ ଶକ୍ତି କୋଉଠୁ ଆସିବ ଏମିତି ଗୋଟାକ ପରେ ଗୋଟାଏ ଦୁଃଖର ବୋଝ ଉଠେଇବାକୁ । 'ମା'ଜାମୁଲେଇ, ତୁ ହିଁ ସାହା ଭରସା ! ମୋ' ଭଙ୍ଗାତୁଟା ସଂସାରକୁ ଆଉ ଭାଙ୍ଗିବାକୁ ଇଚ୍ଛାକରନା ଲୋ ମା', ମୋ' ପ୍ରତି ଟିକେ ତ ଦୟାକର !' କହୁକହୁ ମନ୍ଦିର ବାରଣ୍ଡାରେ ଲୋଟି ପଡ଼ିଲା । ସୁନେଇର ସୁନ୍ଦର ନିରୀହ ମୁହଁଟା ଆଖି ଆଗରେ ନାଚିଉଠିଲା । କେତେ ଦିନର ଜଗି ରଖିଥିଲା, ତଥାପି ବି ମନ ତା'ର ଘର ଧରିଲାନି ଯେ ପଳେଇଲା ମଉକା ପାଉ ପାଉ ! ହଉ, ଯାଉ । ସେଇଥିରେ ଯଦି ତା'ର ସୁଖ, ତେବେ ସେ ଆଉ ମନଦୁଃଖ କରିବ ନି । ଯୋଉଠି ବି ଥାଉ, ଭଲରେ ଥାଉ । ଜିଇଁକି ରହୁ । ଯାହାର ହାତ ଧରିଲା, ତା'ର ହେଇକି ଥାଉ !

ଠାକୁରାଣୀଙ୍କ ପାଖରେ ଆଉ ରାଗରୋଷ ନ କରି ସିଏ ଏବେ ଝିଅର ସୁଖି ଜୀବନ ପାଇଁ ମାଗୁଣି କଲା, ଆଉ ଧକେଇ ଧକେଇ ସେଇଠି ଶୋଇପଡ଼ିଲା ।

ସାତ

ସକାଳର ମାଟି ଛୁଇଁବା ପୂର୍ବରୁ ଗାଁଲୋକଙ୍କ ହୋହାରେ ଆଖି ଖୋଲିଗଲା ଚମ୍ପାର । ବଲବଲକରି ଚାହିଁଲା ଆଗ ସେ ସମସ୍ତଙ୍କୁ । ସେ କୋଉଠି ? ଆଉ ଏତେ ଲୋକ କାହିଁକି ତା' ଆଖପାଖରେ ରୁଣ୍ଡହେଇଛନ୍ତି ! ଘରେ ନ ଶୋଇ ଦେଉଳରେ କାହିଁକି ପଡ଼ିଛି ସେ ! ମୁହୂର୍ତ୍ତକ ପାଇଁ ଆବାକାବା ହେଇଗଲା । କିଏ ଜଣେ ବଡ଼ପାଟିରେ କହିଲା, 'ତୋ'ଝିଅ ବଡ଼ସଡ଼କରେ ପଡ଼ିଛି ଲୋ ଚମ୍ପା ! ଦେହ ଉପରେ ଗାଡିମଟର ।'

ଆଉ ଆଗକୁ କିଛି ଶୁଣି ପାରିଲାନି ସେ । ଗଛ କାଟିଲା ପରି ଭୁସ୍‌କରି ପଡ଼ିଗଲା । କ'ଣ ଶୁଣିଲା ଏ କାନ ! ତା'ଝିଅ କେମିତି ସେ ଯାଏଁ ଯାଇ ପାରିବ ! ସିଏ ତ ତାକୁ ସବୁବେଳେ ଡର ଦେଖେଇ ଆସିଛି ସେଠିକୁ ନ ଯିବାକୁ । ତା'ହେଲେ ଆଜି କାହିଁକି ଚାଲିଯିବ ! ନା, ନା, ସମସ୍ତେ ମିଛ କହୁଛନ୍ତି । କାଲି ରାତିରେ ସିଏ ପାଟିତୁଣ୍ଡ ଗାଳିଗୁଲଜ କରୁଥିଲା ବୋଲି ତାକୁ ହଇରାଣ କରିବାକୁ ଏମିତି କଥା କହୁଛନ୍ତି । ତା'ଝିଅର କିଛି ହେଇନି । ସିଏ ବଞ୍ଚିଛି । ଗାଁଲୋକେ ସମସ୍ତେ ମିଛ କହୁଛନ୍ତି । ସେ କାହାରି କଥାକୁ କାନରେ ପୂରେଇବ ନି । କିଛି ଶୁଣିବ ନି । ସେ ଆହୁରି ଖୋଜିବ .. ଆକାଶ ପାତାଳ ଦରାଣ୍ଡିକି ଝିଅକୁ ଫେରେଇ ଆଣିବ !

ବୁଢ଼ାବୁଢ଼ା କିଛି ଲୋକ ପରସ୍ପରରେ କଥା ହେଉଥିଲେ– 'ଅଭାଗୀଟା, ସୁରିଆର ପାପ ତାକୁ ଏଇ ରୂପରେ ଭୋଗିବାକୁ ପୁଣି ଥିଲା ! କିଏ ନ ଜାଣିଛି ସେଦିନ ରାତିରେ ସିଏ କ'ଣ କରିଥିଲା ! କରମାର ଝିଅକୁ ଜନ୍ମରୁ କାଖେଇ କୋଳେଇ ବଡ଼କରିଥିଲା, ଆଉ ତାକୁ ପୁଣି । ଛିଛି, ତା' ପରି ପାପୀ ଯେତେ ଆଜି ଠାକୁରଙ୍କ ନାମ ଜପିଲେ କ'ଣ ପାପ ଧୋଇଯିବ ।'

ସୁରିଆର ପାପ ! ଛାତି ଉପରେ କିଏ ହାତୁଡ଼ି ପିଟୁଥିଲା କି ! ତା' ଅଜାଣତରେ ସୁରିଆ ପୁଣି କିଛି ପାପ କରିଦେଇଛି କେବେ ! ଏତେ ବର୍ଷରୁ କାହିଁ କେହି କେବେ ତ ସେ କଥା ତାକୁ କହି ନାହିଁ ! ସିଏ ତ ଭାବିଛି ଘରସଂସାରର ବୋଝରେ ଆକ୍ରାମାକ୍ରା ହେଇ ସିଏ

ବାବାଜୀ ହେଇଯାଇଛି! କିନ୍ତୁ ଏ କ'ଣ ଶୁଣୁଛି ସେ ଆଜି? କିଏ କହୁଛି ଏ କଥା?

'ହଁ, ନୁହେଁ ତ ଆଉ କ'ଣ! ସିଏ ଯେମିତି କାହା ଝିଅକୁ ଅଇଁଠା କରିଦେଇଥିଲା ସେଦିନ, ମା'ଜାମୁଳେଇ କ'ଣ ଏ ଅନ୍ୟାୟକୁ ବରଦାସ୍ତ କରିନେଇଥାନ୍ତା! ଏତେବର୍ଷ ପରେ ପ୍ରତିଶୋଧ ନେଲା ନା! ତା'ଝିଅ ବି ଅଇଁଠା ହେଇଗଲା କାଲି!'

'ଖାଲି ଅଇଁଠା ହେଇନି ତ, ପ୍ରାଣ ବି ହରେଇଲା! ବାପ ଯେତେ ସାଧୁ ବେଶ ଧରିଲେ କ'ଣ ହେବ। ପାପ ତ ପାତାଳରୁ ଫୁଟିକି ବାହାରି ଆସିବ ଦିନେ ନା ଦିନେ! କରମାର ଝିଅର ଆତ୍ମା ଏତେ ଦିନକେ ଶାନ୍ତି ପାଇବ ନିଶ୍ଚୟ। କେତେ ଭରସାରେ ଯାଇଥିଲା ତା'ସହିତ, ଆଉ କ'ଣ ଲେଉଟିକି ଆସିଲା ..?'

'ଚାଲ ତାକୁ ଖବର ଦେଇଆସିବା! ଏତେ ବର୍ଷ ପରେ ଗାଁକୁ ଆସିଛି ପରା! ବଙ୍ଗଳାରେ ଡେରା ଜମେଇଛି ଚେଲାଚାମୁଣ୍ଡାଙ୍କ ସହ! କ'ଣ ନା, ଯୋଗୀ ସେ! ସଂସାରର ମୋହମାୟାରୁ ପୂରାପୂରି ମୁକ୍ତ! ଦେଖିବା, କେତେ ମୁକ୍ତ ସେ? ଝିଅ ଅଇଁଠା ହେବାର ଖବର ଶୁଣି ଯଦି ତା' ସାଧୁପଣିଆ ଚିତ୍କାରକରି ନ ଉଠେ, ତେବେ ଜାଣିବା ଯେ ସୁନେଇତା'ଝିଅ ନଥିଲା!'

ଚାଲିଗଲେ ସେମାନେ ନିଜ ନିଜ ବାଟରେ। ପଡ଼ି ରହିଲା ଚମ୍ପା ଲୁହଲାଳରେ ବୁଡ଼ି। ଏତିକି ବି ସାହସ ନ ଥିଲା ଗୋଡ଼ହାତ ଧରି ନେହୁରା ହେଇ କହିବାକୁ ସୁରିଆ ପାଖକୁ ନ ଯାଇ, ତା' ଝିଅର ଶବକୁ ବୋହି ଆଣିବାକୁ। ତା'ର ସତ୍କାର କରିବାରେ ତାକୁ ସାହାଯ୍ୟ କରିବାକୁ। ସେ ଅଭାଗିଟାର ମୃତ୍ୟୁ ଉପରେ ଆଉ ଚର୍ଚ୍ଚା ନ କରିବାକୁ! ତା' ଦୁର୍ବଳ କାନ୍ଧରେ ଆଉ ଶକ୍ତି ନାହିଁ ଏତେ ସବୁ ଦୁର୍ଘଟଣାକୁ ଏକା ସାଙ୍ଗରେ ସହି ଉଠି ସିଧା ଠିଆହେବାର। ତା' ପାଖରେ ତ ଆଉ ଲୁହ ବି ନାହିଁ, ଏତେ ବଡ଼ କଥା ଶୁଣିକି ଦୁଇଠୋପା ଲୁହ ନିଗାଡ଼ି ଦେଇ ଛାତିକୁ ହାଲୁକା କରିବାକୁ। ସିଏ ତ ସବୁଆଡୁ ଶୂନ୍ୟ ହେଇଗଲା।

ଘୁଷୁରିଘୁଷୁରି ଆଗେଇ ଗଲା ସେ ବଡ଼ସଡ଼କ ଆଡ଼କୁ। କେତେ ହୀନିମାନରେ ଝିଅ ତା'ର ପଡ଼ିଥିବ ସେଠି! ଖରାର ତେଜରେ କଳା ପଡ଼ିଯାଉଥିବ ସୁନ୍ଦର ଦେହଟା ତା'ର! ଶୁଖି ଯାଉଥିବ ତଣ୍ଟିପାଟି। ହା ଲୋ ମୋ' ଧନ! ଏମିତି ପୁଣି ଦିନ ହେବାକୁ ଥିଲା। ମୁଁ ଚଣ୍ଡାଳୁଣୀ କାହିଁକି ସେ ଅଲକ୍ଷଣା ଲୋକଟା ପାଇଁ ତତେ ଛାଡ଼ିକି ଧାଇଁ ଯାଇଥିଲି ଲୋ। ମୋ' କଲିଜା ଫାଟି କାହିଁ ନ ଗଲା ଲୋ ମୋ' ଧନ! କୋଉଠି ହଜିଗଲୁ ତୁ! କିଏ ମତେ ଆଉ ବୋଉ ବୋଲି ଡାକିବ? କାହା ପାଇଁ ଏ ଜୀବନ ରହିଲା ମୋର?

ବଡ଼ସଡ଼କ ଉପରେ ଲୋକଙ୍କ ଭିଡ଼। ଚିହ୍ନା ଅଚିହ୍ନା ମୁହଁର ପଟୁଆର। ଗାଡ଼ିମଟରର ଫଉଜ। ହୋହୋଘୋଘୋରେ ଫାଟି ପଡୁଛିସେ ଅଞ୍ଚଳ। କିଏ ଜଣେ ସୁନେଇର ଶବକୁ ହାତରେ ଉଠେଇ ଧରି ତା'ରି ଆଡ଼କୁ ଆସୁଛି। ତା' ପଛେ ପଛେ ଗାଁ ସାରାର ଲୋକ। ସମସ୍ତଙ୍କ ମୁହଁରେ ବାବାଙ୍କର ଜୟ ଧ୍ୱନି। ବନ୍ଧକାମ ଏବେ ସୁରୁଖୁରୁରେ ସମ୍ପନ୍ନ ହେଇଯିବାର କଥା। ମା' ଜାମୁଳେଇକୁ ବଳି ଲୋଡ଼ାଥିଲା। କାଲି ବାବା ନିଜ ହାତରେ ବଳି ଦେଇଛନ୍ତି ଏ ଗାଁର ଗୋଟେ କୁଆଁରୀ ଝିଅକୁ। ଏବେ ତାକୁ ଲାଗିକରେଇବେ ମନ୍ଦିରବେଢ଼ାରେ। ଆଉ ବନ୍ଧ ଭୁସୁଡି ପଡ଼ିବନି। ସବୁ ଶୁଭହେବ!!

କ'ଣ ଚାଲିଛି ଏସବୁ? କିଏ ଏ କୁଆଁରୀଝିଅ? ତା'ସୁନେଇ? ବନ୍ଧ କାମସୁରୁଖୁରୁରେ ଚାଲିବ ବୋଲି ତାକୁ ବଳି ଦିଆଯାଇଛି? ଏ ବନ୍ଧ ନହେଲେ ତା'ର କ'ଣ ଯିବ? ଏ ଗାଁ ଭାସିଗଲେ ତା'ର କ'ଣ ଯିବ? ମା'ଜାମୁଳେଇଶାନ୍ତି ନ ପାଇଲେ ତା'ର କ'ଣ ଯିବ? ସତରେ କ'ଣ ଜାମୁଳେଇ ପାଇଁ ତା'ରି ଝିଅ ଲୋଡ଼ା ପଡ଼ିଲା? ନା ଏ ଭଣ୍ଡମଣିଷଟାର ଆଇଁସିଆ ଗୁଣ ଆଗରେ ବାପ ଝିଅର ସଂପର୍କବଳି ପଡ଼ିଲା।

ଧାଇଁଗଲା ସେ ସେଇ ଆଡ଼କୁ। କୋଉଠୁ ଆସିଲା ତା' ଦେହରେ ଅମାପ ବଳ। ଠୋଠା ବସେଇଦେଲା ଚାପୁଡ଼ା ତା'ଗାଲରେ। ଏଇ ମଣିଷ ପାଇଁ ସବୁ କିଛି ସରିଗଲା ତା'ର। ଜୀବନରେ କିଛି ତ ଦେଇ ନ ଥିଲା କେବେ, ଯେତିକିକୁ ସାଇତି ସମ୍ଭାଳି ରଖିଥିଲା, ସେତକ ବିଛଡ଼େଇ ନେଲା। ଏ ଲୋକଟା ପୁଣି ପଥର ତିଆରି ମା'ଜାମୁଳେଇର ଶାନ୍ତି କଥା କହୁଛି! ଆଉ ଯୋଉମା' ଦେହ ଧରି ଜିଇଁ ରହିଛି, ତା'ର ଶାନ୍ତି କଥା କିଏ ବୁଝିବ? ଆଖି ପିଛୁଳାକେ ଉଠେଇ ଆଣିଲା ବିରାଟ ପଥର ଖଣ୍ଡେ। ଲୋକମାନେ କିଛି ବୁଝିବା ପୂର୍ବରୁ ଛାଟି ଦେଲା ସୁରିଆର ମୁଣ୍ଡକୁ। 'ମରିଯାଆରେ ପୋଡ଼ାମୁହାଁ। ଭୁସୁଡି ପଡୁ ତୋ' ବନ୍ଧ। ଜନ୍ମକଲା ବାପାହେଇ ପୁଣି ଏଡ଼େ ଅସୁରିଆ ପ୍ରକୃତି ଦେଖେଇ ପାରିଲୁ? ଅଇଁଠା କରିବାକୁ ତତେ ଆଉ କେହି ମିଳିଲେ ନି? ଜାମୁଳେଇ ପୁଣି ନିଜ ଆଖିରେ ସବୁ ଦେଖିଲା। ରହ ଏବେ ସେଇ ଜାମୁଳେଇକୁ ମୁଁ କେମିତି ତୋ' ରକ୍ତରେ ଶାନ୍ତିକରିବି, ସାରା ଗାଁ ଲୋକେ ଦେଖିବେ।'

ଥର ଥର କମ୍ପୁଥିଲା ଚମ୍ପା। ସ୍ତବ୍ଧ ହୋଇ ଯାଇଥିଲା ସାରା ପରିବେଶ। ଆଉ କେତେବେଳୁ ଆଖି ବୁଜିସାରିଥିଲା ସୁରିଆ! ମୁଣ୍ଡରୁ ଧାର ଧାର ରକ୍ତ ବୋହି ଜାମୁଳେଇର ମାଟିକୁ ଭିଜେଇ ଚାଲିଥିଲା। ଏଥର ବୋଧେ ସତରେବନ୍ଧକାମରେ ଆଉ କିଛି ବିଘ୍ନ ଘଟିବନି!

12, Atlanta chs
Plot no 29,Sector 40
Near Neurozen hospital, Seawoods
Nerul, Navi Mumbai - 400706
Mob,No.: 93206 23622

ସ୍ୱତନ୍ତ୍ର ଉପସ୍ଥାପନା

ଭାବ ଓ ରଚନାର ସ୍ରଷ୍ଟା :
ଦ୍ୱାଦଶ ଦମ୍ପତି

କୁହାଯାଏ, ଯୋଡ଼ି ତିଆରି କରନ୍ତି ଈଶ୍ୱର । ଅଦୃଷ୍ଟର ଇଙ୍ଗିତରେ ଅଲଗା ଅଲଗା ପରିବେଶରେ ଜନ୍ମ ନେଇ ପରସ୍ପର ପାଇଁ ଗଢ଼ି ହେବାର ପ୍ରକ୍ରିୟା ଚାଲିଥାଏ ନିଜ ନିଜ ବାଟରେ ବଡ଼ ଅଦ୍ଭୁତ ଢଙ୍ଗରେ ନିରନ୍ତର । ସେଇଠି ପାରସ୍ପରିକତା ଥାଏ । ଥାଏ ବି ପ୍ରେମ ଓ ପ୍ରଲମ୍ବିତ ସ୍ୱପ୍ନ । ସେହି ସ୍ୱପ୍ନର ଦେହରେ ପଡ଼େ ନାହିଁ ଜନ୍ମ ଆଉ ମରଣର ଚିହ୍ନ । ଏମିତି କୁହାଯାଇ ପାରେ ଯେ ପୂର୍ଣ୍ଣ ଜାଗ୍ରତ ନହେଲେ ଏ ସ୍ୱପ୍ନ ଦିଶେନା । ସେହି ସ୍ୱପ୍ନମୟତାକୁ ଜୀଉଁ ଜୀଉଁ ତିଆରି ହୁଏ ପରିପୂରକତା । ପାରସ୍ପରିକତାର ଅନୁଭବ ସତରେ ଆଉ ଏକ ବୈଚିତ୍ର୍ୟ । ଦୁଇ ଦେହ ଗୋଟିଏ ଆତ୍ମା, ଚାରି ଆଖି ଗୋଟିଏ ଦୃଷ୍ଟି, ଦୁଇ ମନ ଗୋଟିଏ ବିଚାର ଲାଗେ ଯେମିତି ଜଣେ ଜଣଙ୍କ ବିସ୍ତାର । ବ୍ୟକ୍ତିତ୍ୱର ବିଭିନ୍ନତା ସତ୍ତ୍ୱେ ଅଭିନ୍ନ ଜୀବନବୋଧର ସ୍ୱରକୁ ନେଇ ଈଶ୍ୱର ଯେମିତି ବିଛେଇ ଦେଇଥାନ୍ତି ଆବାମିକାର ଫୁଲପକା ରାସ୍ତା ଏହି ସବୁ ଯୋଡ଼ିଙ୍କ ପାଦ ଗତି କରୁଥିଲାବେଳେ ।

ଦାମ୍ପତ୍ୟରେ ପାରସ୍ପରିକତା ଭିତରେ ସର୍ଜକ ଦମ୍ପତି କିଭଳି ସୃଜିପାରନ୍ତି ଜୀବନରେ ଇନ୍ଦ୍ରଧନୁ, କିଭଳି ଖଞ୍ଜିପାରନ୍ତି କଳ୍ପନାର ତାରା ଆଉ ଜହ୍ନ, କିଭଳି ପରଖିପାରନ୍ତି ଚାରିପାଖର ବାସ୍ତବତା, କିଭଳି ନିଜ ସହ ଲଢ଼ନ୍ତି , ଚରିତ୍ର ଗଢ଼ନ୍ତି , ଗଢ଼ିହେବା ପ୍ରକ୍ରିୟାରେ ଜୀବନକୁ କେତେ କଳାତ୍ମକ ଢଙ୍ଗରେ ଜୀଉଁଥାଆନ୍ତି ସେସବୁକୁ ନେଇ ସାଧାରଣ ପାଠକ ମନରେ ତିଆରି ହୁଏ କୌତୁହଳ ଓ ଜିଜ୍ଞାସା । ସେଥିପାଇଁ ନିର୍ଦ୍ଦିଷ୍ଟ କିଛି ପ୍ରଶ୍ନକୁ ଧରି 'ମହୁରି' ଭେଟିଥିଲା ଆମ ସମୟର ଦଶ ଜଣ ନାମକରା ସର୍ଜନଶୀଳ ଦମ୍ପତିଙ୍କୁ । ପ୍ରେମ ଓ ପାରସ୍ପରିକତାରେ ଉତ୍ତୁରିଥିବା କଥା କେଇପଦକୁ ସଜେଇଛି ସାହିତ୍ୟ ଫର୍ଦ୍ଦରେ ।

୧) ଉଭୟଙ୍କ ଭିତରେ ଥିବା ସର୍ଜକ ସତ୍ତା ସମ୍ପର୍କରେ ପୂର୍ବରୁ ଅବଗତ ଥିଲେ କି ? ବିବାହ ବନ୍ଧନରେ ଆବଦ୍ଧ ହେବାର ନିଷ୍ପତ୍ତି ପଛରେ ଏହି କଥାଟି କେତେ ସହାୟକ ହୋଇଥିଲା ?

୨) ଦାମ୍ପତ୍ୟ ଜୀବନରେ ପରସ୍ପରର କିପରି ପରିପୂରକ ହୁଅନ୍ତି ?

୩) ସର୍ଜନ କ୍ଷେତ୍ରରେ ଆପଣଙ୍କ ପାରସ୍ପରିକତା କିପରି ଉତ୍କୁଟେ ସବିସ୍ତାରେ କହିବେ କି ?

୪) ଉଭୟଙ୍କ ସର୍ଜନ ଜୀବନ ଦୈନନ୍ଦିନ ପାରିବାରିକ ଜୀବନରେ କି ନୂତନତ୍ୱ ଆଣିଛି ?

୫) ଆପଣଙ୍କ ଦୃଷ୍ଟିରେ ଆଦର୍ଶ ଯୁଗଳ କିଭଳି ହେବା ଉଚିତ ?

ପ୍ରସ୍ତୁତି ଓ ଉପସ୍ଥାପନା : ମାନମୟୀ ରଥ

ମାନମୟୀ ରଥ (ସେପ୍ଟେମ୍ବର ୧୯୭୪) ଜଣେ କବି, କଥାକାର ଓ ଚିତ୍ରଶିଳ୍ପୀ ରୂପେ ସୁପରିଚିତ । ଏ ଯାବତ୍ ତାଙ୍କର ଗୋଟିଏ କବିତା ସଂକଳନ (ନିବିଡ଼ ନକ୍ଷତ୍ର), ଗୋଟିଏ ଚିଠି ସଂକଳନ (ଅଜ୍ଞାତ ଠିକଣା) ଓ ଦୁଇଟି ଗଳ୍ପ ସଂକଳନ(ଗୁଣସୂତ୍ର, ଅକ୍ଷରରେ ଜହ୍ନ) ପ୍ରକାଶିତ । ଚିତ୍ରଶିଳ୍ପୀ ଭାବେ ସେ ଆଙ୍କିଛନ୍ତି ଅନେକ ବହିର ପ୍ରଚ୍ଛଦ, କରିଛନ୍ତି ଅନେକ ପତ୍ରିକାର ଅଳଙ୍କରଣ । ସେ ମଧ୍ୟ 'ନିର୍ଭୟା' ପତ୍ରିକାର ସମ୍ପାଦନା ସହ ଜଡ଼ିତ । ଗୋଟିଏ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ମାନମୟୀ 'ଅଭିମାନର ଅନ୍ତଃସ୍ୱର' , 'ଅଭିମାନର ରଙ୍ଗ' ଓ 'ଅଭିମାନ ସଚିତ୍ର ସର୍ଜନ' ନାମକ ତିନୋଟି ୱେବ ସାହିତ୍ୟ ଫର୍ଦ୍ଦର ସମ୍ପାଦନା କରିଆସୁଛନ୍ତି ।

ଠିକଣା
ଅଧ୍ୟକ୍ଷା,ସେଣ୍ଟ ଜାଭିୟର କିଣ୍ଡ୍ର,
ବାଲିପୁଟ, ପୁରୀ - ୭୫୨୦୪୫, ଓଡ଼ିଶା

ସମ୍ପର୍କ ଓ ସର୍ଜନର ଅଙ୍ଗୀକାର :
ଜୟନ୍ତୀକା ଓ ଦାଶ ବେନହୁର

ଓଡ଼ିଆ ସାହିତ୍ୟ ପରିମଣ୍ଡଳରେ ଏକ ମର୍ଯ୍ୟାଦାଜନକ ସ୍ୱର ଓ ସ୍ୱାକ୍ଷର ହେଲେ ଜୟନ୍ତୀକା ଓ ଦାଶ ବେନହୁର ଦମ୍ପତି । ବୃତ୍ତିରେ ଅଧ୍ୟାପନା, ପ୍ରବୃତ୍ତି ଓ ରୁଚିରେ ସାହିତ୍ୟ ସାଧନା ଉଭୟଙ୍କର ପରିଚୟର ସୂତ୍ର । ଓଡ଼ିଶା ସରକାରଙ୍କ ଅଧୀନସ୍ଥ ଶିକ୍ଷା ବିଭାଗରୁ ସେବା ନିବୃତ୍ତ ହେଲାପରେ ଉଭୟେ ବିଭିନ୍ନ ସାରସ୍ୱତ ସଙ୍ଗଠନ ସହ ସମ୍ପୃକ୍ତ । ଶିଶୁ ସାହିତ୍ୟ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ସ୍ତମ୍ଭ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଜିତେନ୍ଦ୍ର ନାରାୟଣ ଦାଶ ଓରଫ ଦାଶ ବେନହୁର ଶହେରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ବିଭିନ୍ନ ବର୍ଗର ପାଠକଙ୍କ ନିକଟତର ହୋଇପାରିଛନ୍ତି । ନିଜର ସାରସ୍ୱତ କୃତି ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର, ଜାତୀୟ ଶିଶୁ ସାହିତ୍ୟ ପୁରସ୍କାର, ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରଦତ୍ତ ବାଳ ପୁରସ୍କାର ଭଳି ଅନେକ ମର୍ଯ୍ୟାଦାଜନକ ପୁରସ୍କାର ପାଇଛନ୍ତି । ତଦନୁରୂପ ଜୟନ୍ତୀ ପଣ୍ଡା ଓରଫ ଜୟନ୍ତୀକା ନିଃଶବ୍ଦ ଅନୁଭବ, ଶବ୍ଦ ନୈପୁଣ୍ୟ, ମୋହ ମୁହୂର୍ତ୍ତ, ନିଜ ନିର୍ବାସନ, ଉଦାସ ଅପରାହ୍ନ, ସାମ୍ନାରେ ସମୁଦ୍ର, ସୁଖ ସପନ, ମାମୁ ଘର ମନେପଡ଼େ , ଗାଇବା ବସନ୍ତ ଗୀତ, ସିଏ ବି ପିଲାଟେ, ଅଭୁଲା ପିଲାଦିନ, ତୁମ ଖୁସି ପାଇଁ ଗପ, ଏମିତି ହୁଏ କାହିଁକି ଭଳି ପୁସ୍ତକମାନ ରଚନାକରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ସାହିତ୍ୟ ପ୍ରତି ତାଙ୍କ ଅଙ୍ଗୀକାରବଦ୍ଧତା ତାଙ୍କୁ କାଦମ୍ବିନୀ କବିତା ସମ୍ମାନ, ଝୁମୁକା ସାରସ୍ୱତ ସମ୍ମାନ, ସରଗଶଶୀ ସମ୍ମାନ, ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସମ୍ମାନ, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ ଭଳି ଅନେକ ମାନ ସମ୍ମାନ ପାଇଛନ୍ତି ।

ବିବାହର ଅନେକ ପୂର୍ବରୁ ଦାଶ ବେନେହୁର ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଥିଲେ । ସେ ଯେ ସାହିତ୍ୟ ସହିତ ଏବଂ ଗପ କବିତା ସହ ଅଛନ୍ତି ସେକଥା ନିଶ୍ଚୟ ଜୟନ୍ତୀକା ଜ୍ଞାତ ଥିବେ ବୋଲି ତାଙ୍କର ମତ । କୁହନ୍ତି, 'ସାହିତ୍ୟ ପ୍ରତି ଅନୁରାଗ ଥିବା ଯେ କୌଣସି ତରୁଣୀ ଆଉ ଜଣେ ସର୍ଜନଶୀଳ ବ୍ୟକ୍ତି ପ୍ରତି ଅନୁରାଗୀ ହେବା ସମ୍ଭବ । ମୁଁ କେବେ ସେକଥା ତାଙ୍କୁ ପଚାରିନାହିଁ ।' ଜୟନ୍ତୀକା କୁହନ୍ତି, ସେ ବିବାହ ପୂର୍ବରୁ ଇଂରାଜୀ କବିତା ଲେଖୁଥିଲେ ପରେ ପରେ ଓଡ଼ିଆରେ କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ଲେଖିଲେ । ପିଲାବେଳୁ କଳା ଓ ସ୍ଥାପତ୍ୟ ପ୍ରତି ଅନୁରାଗ ଓ ସମ୍ମାନ ଥିଲା ମୋର । ତେଣୁ ସାହିତ୍ୟ ବିବାହ ବନ୍ଧନରେ ବାନ୍ଧିହେବାର ନିଷ୍ପତ୍ତି ପଛରେ ସହାୟକ ହୋଇଥିଲା । 'ଦାମ୍ପତ୍ୟ ଜୀବନରେ ପରିପୂରକତା ଉପରେ ଦାଶ ବେନହୁର କୁହନ୍ତି, ପରସ୍ପରର କର୍ମ ଓ ସର୍ଜନଶୀଳତା ପ୍ରତି ଆମର ସମ୍ମାନ ଅଛି । ସେମିତି ଦେଖିଲେ ସ୍ତ୍ରୀ ହିସାବରେ ମୋର କାର୍ଯ୍ୟଧାରାରେ ସେ ଯେତେ ସହାୟକ ହୁଅନ୍ତି, ତାଙ୍କ କାର୍ଯ୍ୟଧାରାରେ ମୁଁ ସେତେଟା ସହାୟକ ହୋଇପାରେନା ।' ଜୟନ୍ତୀକା କୁହନ୍ତି, ଆମେ ଦୁହେଁ ସରକାରୀ କଲେଜରେ ଅଧ୍ୟାପନା କରୁଥିଲୁ କେବେ କେବେ ଏକା କଲେଜରେ ଏକା ବିଭାଗରେ ଚାକିରି ବି କରିଛୁ । ମାତ୍ର ଘରେ କେବଳ ସ୍ୱାମୀ ସ୍ତ୍ରୀ ଥିଲୁ । ଏହି ସମ୍ପର୍କ ଭିତରେ ଚାକିରି, ଦରମା, ପଦପଦବୀର ହିସାବ ନ ଥିଲା । ସେଇ ମନୋବୃତ୍ତିକୁ ନେଇ ଚଳୁଥିଲୁ, ଏବେ ବି ଚଳୁଛୁ । କଲେଜରେ ସହକର୍ମୀ ଓ ଘରେ ସହଧର୍ମିଣୀ ହେବାର ଅନନ୍ୟ ସୁଯୋଗ ମିଳିଥିଲା ମୋତେ । ବାହାଘରର ପ୍ରାୟ ନଅ ବର୍ଷ ପରେ ଓଡ଼ିଶା ରାଜ୍ୟ ସାଧାରଣ ସେବା ଆୟୋଗ ଦ୍ୱାରା ମନୋନୀତ ହୋଇ ଚାକିରିରେ ଯୋଗ ଦେଇଥିଲି ସେତେବେଳକୁ ପିଲାମାନେ ବଡ଼ ହୋଇ ସ୍କୁଲ ଯାଉଥିଲେ । ମଣିଷ ଜୀବନମନସ୍କ ହେଲେ ବାଧାବନ୍ଧନ ହାରମାନେ ଓ ଈଶ୍ୱର ଆଶୀର୍ବାଦ କରନ୍ତି ବୋଲି ମୋର ବିଶ୍ୱାସ ।' ସର୍ଜନ କ୍ଷେତ୍ରରେ ପାରସ୍ପରିକତା ସମ୍ପର୍କରେ ଜୟନ୍ତୀକା କୁହନ୍ତି, ସର୍ଜନ ବିଷୟରେ ଆମେ ଦୁହେଁ ଖୁବ୍ ମୁକ୍ତ ଓ ସ୍ୱାଧୀନ । କେହି କାହା କ୍ଷେତ୍ରରେ ଦଖଲ ଦେବା ନୀତିବିରୁଦ୍ଧ ଲାଗେ ଆମକୁ । ଲେଖକୀୟ ସତ୍ତାଟି ଉନ୍ମୁକ୍ତ ନ ହେଲେ ନିରୁତା ସର୍ଜନା ସମ୍ଭବ ନୁହେଁ ବୋଲି ବିଚାର କରୁ । ଲେଖାଟିଏ ଲେଖିସାରିବା ପରେ କେବେକେବେ ପରସ୍ପରକୁ ଶୁଣେଇ ଥାଉ । ଠିକ୍ ଲାଗିଲେ ସମ୍ମତି ଓ ଝୁଣ୍ଟିବାର ଶବ୍ଦ ଥିଲେ କିଛି ପରାମର୍ଶ ମିଳେ । ମାତ୍ର ଚିନ୍ତନରେ ଅନୁପ୍ରବେଶ ନ ଥାଏ କାହାର ।' ରୋକ୍‌ଠୋକ୍ ଉତ୍ତର ରଖନ୍ତି ଦାଶ ବେନହୁର, 'ଆମେ

ଦୁହେଁ ଲେଖୁ ମାତ୍ର ବାଟ ଅଲଗା । ସେ ତାଙ୍କ ବାଟରେ ଲେଖନ୍ତି, ମୁଁ ମୋ' ବାଟରେ ଲେଖେ । ମୋର ଧାରଣା ଲେଖାଟିଏ ଲେଖି ଏବଂ ପ୍ରକାଶ କରିବାକୁ ଯଦି ଇଚ୍ଛା ତାହାକୁ ପତ୍ରିକାକୁ ପଠେଇ ଦିଅ । ପସନ୍ଦ ହେଲେ ବଳେ ବାହାରିବ । ମୁଁ ମୋ ଲେଖାର ଶାସକ, ରାଜା । ତାଙ୍କ ଲେଖାର ସେ ଶାସିକା, ରାଣୀ । ରାଜ୍ୟ ଭିନ୍ନ ଭିନ୍ନ ।' ସର୍ଜନ ଜୀବନ ଦୈନନ୍ଦିନ ପାରିବାରିକ ଜୀବନରେ କି ନୂତନତ୍ୱ ଆଣିଛି ବୋଲି ପ୍ରଶ୍ନ ଥିଲା ଆମର । ଉତ୍ତରରେ ଦାଶ ବେନହୁର କୁହନ୍ତି, ସକାଳ ପାଇଲେ ସେ ତାଙ୍କ କାଗଜ କଲମ ସହ, ମୁଁ ମୋ' ଟେବୁଲ ପାଖରେ ।' ତାଙ୍କ କହିବା ମୁତାବକ ପିଲାମାନଙ୍କର ସାହିତ୍ୟ ପ୍ରତି ଆଦର ସମ୍ମାନ ଉଭୟଙ୍କୁ ଆନନ୍ଦିତ କରିଛି । ସାହିତ୍ୟକୁ ସମ୍ମାନ ଦେଉଥିବା ଏହି ଦମ୍ପତି ଜୀବନକୁ ପ୍ରାଧାନ୍ୟ ଦିଅନ୍ତି । କବି ଜୟନ୍ତୀକା କୁହନ୍ତି ଖୁବ୍ ସକାଳୁ ଆମେ ଦୁହେଁ ଉଠିଯାଉ । ସାହିତ୍ୟ ହିଁ ଯୋଗ, ସାହିତ୍ୟ ବ୍ୟାୟାମ । ସଞ୍ଜ ଓ ସକାଳ ଓହ୍ଲାଇ ଆସୁଥାଏ ନିଃଶବ୍ଦରେ । ପରେ ପରେ ଅନେକ ବନ୍ଧୁ, ସାହିତ୍ୟପ୍ରେମୀ, ଲେଖକ, ପ୍ରକାଶକମାନଙ୍କ ଆଗମନରେ ଚହଲୁଥାଏ ଜୀବନ । ସକାଳ ତରଳି ଯାଉଥାଏ । ସବୁଦିନ ନୂଆ ଲାଗୁଥାଏ ।

ପରସ୍ପରର ସୁବିଧା ଅପେକ୍ଷା ଅସୁବିଧାକୁ ବୁଝି ସହଯୋଗର ହାତ ବଢ଼େଇ ଦେବା, ପ୍ରାଚୀନ ସ୍ୱଭାବର ପାରମ୍ପରିକତା ଛାଡ଼ି ପରସ୍ପରକୁ ସ୍ୱାଧୀନତା ଦେବା, ସମ୍ବେଦନଶୀଳ ହେବା ଭଳି ଗୁଣକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିପାରିବା ସଫଳ ଦାମ୍ପତ୍ୟ ବୋଲି ବୁଝନ୍ତି ଦାଶ ବେନହୁର । ଗୋଟିଏ ଧାଡ଼ିରେ ଉତ୍ତର ରଖନ୍ତି ଜୟନ୍ତୀକା ଯେ 'ମଣିଷ ହିସାବରେ ପରସ୍ପରକୁ ସ୍ନେହ ଓ ସମ୍ମାନ ଦେଇ ପାରୁଥିବା ଯୁଗଳ ହିଁ ଆଦର୍ଶ ଯୁଗଳ ।'

□

ସର୍ଜନରେ ସାହଚର୍ଯ୍ୟ :

ଆର୍ଯ୍ୟ ଯଜ୍ଞଦତ୍ତ ଓ ଗାୟତ୍ରୀ ଆର୍ଯ୍ୟ

ସାହିତ୍ୟ ଜଗତରେ ଉଭୟେ ଏକ ସମ୍ମାନାସ୍ପଦ ଉଚ୍ଚାରଣ । ନିଷ୍ଠା ଶୃଙ୍ଖଳା, ଅଧ୍ୟବସାୟ ଓ ମୂଲ୍ୟବୋଧକୁ ନେଇ ଉଭୟେ ଯେତିକି ପାରିବାରିକ, କଥା ଓ କବିତା ଜଗତରେ କଳା ଓ କାରିଗରୀ ନିର୍ମାଣରେ ସେତିକି ସଚେତନ ଓ ଦାୟିତ୍ୱସମ୍ପନ୍ନ । ଗଳ୍ପ ଓ କବିତା ରଚନାରେ ଦୀର୍ଘ ଚାରି ଦଶନ୍ଧି ଧରି କଲମକୁ ସକ୍ରିୟ ରଖିଥିବା ଗାୟତ୍ରୀଙ୍କ ତରଙ୍ଗ ,ଫୁଲ ଫୁଟିଥିଲା, କୁହୁ, ସ୍ୱପ୍ନଚୋରି ଏବଂ ପ୍ରିୟର ପୃଥିବୀକୁ ଶ୍ରଦ୍ଧାରେ ଆପଣେଇ ନେଇଚି ଓଡ଼ିଆ ସାହିତ୍ୟ । ଅନ୍ୟ ପକ୍ଷରେ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଓଡ଼ିଆ କ୍ଷୁଦ୍ରଗଳ୍ପ ରଚନାରେ ମଗ୍ନ ଓ ଲେଖକ ପାଠକଙ୍କ ମଧ୍ୟରେ ଆଦୃତ କଥାଶିଳ୍ପୀ ଆର୍ଯ୍ୟ ଯଜ୍ଞଦତ୍ତ । ଲୋଟଣୀ ପାରାର ଗୀତ, କଦମ୍ବ ଗଛର ଛାଇ, ବାଉଁଶର ଫୁଲ, ଫୁଲ କୁଣ୍ଡରେ ପକ୍ଷୀଘର,ଏକଲବ୍ୟର ଶର, ଡେଣା ଓ ଅନ୍ୟାନ୍ୟ ଗଳ୍ପ, ଉଡ଼ନ୍ତା ଚଉକି, ବିଶ୍ୱାସର ଗାର, ଆର୍ଯ୍ୟ ଯଜ୍ଞଦତ୍ତ ଶ୍ରେଷ୍ଠଗଳ୍ପ ଭଳି ଅନେକ ପୁସ୍ତକକୁ ଭେଟି ଦେଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସାହିତ୍ୟରେ ଉଭୟଙ୍କୁ ମିଳିଛି ଅଜସ୍ର ମାନ ସମ୍ମାନ, ପୁରସ୍କାର ଓ ସମ୍ବର୍ଦ୍ଧନା ଯାହାର ତାଲିକା ଖୁବ୍ ଦୀର୍ଘ ।

ବିବାହ ସମ୍ବନ୍ଧରେ ବାନ୍ଧି ହେବା ପୂର୍ବରୁ ଉଭୟେ ଉଭୟଙ୍କ ଭିତରର ସର୍ଜକ ସତ୍ତା ପ୍ରତି ଅଜ୍ଞାତ ଥିଲେ । ଗୁରୁଜନମାନେ ସ୍ଥିର କରିଥିବା ବିବାହକୁ ମାନି ନେଇଥିଲେ ଉଭୟେ ସମ୍ମାନର ସହ । ଗାୟତ୍ରୀ କୁହନ୍ତି ପ୍ରସ୍ତାବ ପରେ ତାଙ୍କୁ ଭେଟିବାକୁ ଆସିଥିବା ଆର୍ଯ୍ୟ ସାଥିରେ ସଜାଡ଼ି

ଆଣିଥିଲେ ତାଙ୍କ ରଚିତ 'ବାଇ ମହାନ୍ତିଙ୍କ ବାରଜାତି ନାରୀ' ସେହି ରାତିରେ ପଢ଼ି ସାରିଦେଇଥିଲେ ଗାୟତ୍ରୀ ଏବଂ ଖୁସି ହୋଇଥିଲେ ଯେ ତାଙ୍କ ଭାବି ସ୍ୱାମୀ ଜଣକ ଜଣେ ଲେଖକ କାରଣ ଆଦ୍ୟ କୈଶୋରରେ କାହ୍ନୁ ଚରଣଙ୍କ କେତେଖଣ୍ଡ ଉପନ୍ୟାସ ସାରି ଦେଇଥିବା ଗାୟତ୍ରୀ ବାଲିରାଜାରୁ ବାଲି ପ୍ରମାଣେ ସ୍ୱପ୍ନ ଦେଖୁଥିଲେ । ତେଣେ ଗାୟତ୍ରୀଙ୍କ ସାହିତ୍ୟ ରୁଚି ଆର୍ଯ୍ୟ ଯଜ୍ଞଦତ୍ତଙ୍କୁ ଆହ୍ଲାଦିତ ଓ ପୁଲକିତ କରିଥିଲା । ଯଜ୍ଞଦତ୍ତଙ୍କ ଘରର ସାରସ୍ୱତ ପରିବେଶ, ଉପଲବ୍ଧ ପୁସ୍ତକାବଳୀ, ପତ୍ରପତ୍ରିକା ଗାୟତ୍ରୀଙ୍କ ପଢ଼ା ରୁଚିକୁ ମାର୍ଜିତ କରିଥିଲା । ଘରୋଇ ଜଞ୍ଜାଳ ଭିତରେ ଗାୟତ୍ରୀ ଲେଖିବସିଲେ କବିତା, ଗଳ୍ପ, ପ୍ରବନ୍ଧ ସାହିତ୍ୟିକ ପରିବେଶର ପ୍ରେରଣାରେ । ଗାୟତ୍ରୀ କୁହନ୍ତି, ବିବାହ ପରେ ସ୍ୱାମୀଙ୍କ ଠାରୁ ଆସୁଥିବା ପ୍ରେମପତ୍ରରେ ସେ ଭେଟୁଥିଲେ ଜଣେ ଉଚ୍ଚମାନର ସାହିତ୍ୟିକଙ୍କୁ ଯାହାଙ୍କ ଭାଷା, ଶବ୍ଦ ଓ ଭାବର ମୋହରେ ସେ ନିରନ୍ତର ମୋହାବିଷ୍ଟ ହେଉଥିଲେ ।

ଦାମ୍ପତ୍ୟ ଜୀବନରେ ପରିପୂରକତାକୁ ନେଇ ଗାୟତ୍ରୀ କୁହନ୍ତି, ସହାବସ୍ଥାନ ପରେ ତାଙ୍କୁ ପାଖରୁ ଦେଖିଲି ନିବିଷ୍ଟ ଚିତ୍ତରେ ଲେଖିବାର, ହଜିଯିବାର ତାଙ୍କ ସୃଷ୍ଟିକୁ ନେଇ । ତାଙ୍କ ଲେଖା ପଢୁଥିଲି । ମନକୁ ନ ପାଇଲେ ମନ୍ତବ୍ୟ ଦେଉଥିଲି ହେଲେ ସେ ସର୍ବଦା ସ୍ୱାଧୀନ ତାଙ୍କ ବକ୍ତବ୍ୟରେ, ଲେଖନୀରେ । ସଂସାର ମୁଁ ସମ୍ଭାଳୁଥିଲି ସେ ବୁଡ଼ି ରହୁଥିଲେ ଚରିତ୍ରମାନଙ୍କରେ । ଗାୟତ୍ରୀଙ୍କ କଥାକୁ ଦୋହରାନ୍ତି ଯଜ୍ଞଦତ୍ତ ନିଜ ବାଗରେ । 'ମୁଁ ସାଙ୍ଗସାଥି, ଲେଖକଙ୍କ ଖଟିରେ ସଂଧାଟି କାଟେ । ସେ ପିଲାଙ୍କ ପାଠପଢ଼ା ବୁଝେ । ଅମଣିଆ ମନ ଓ ଶରୀର ପାଇଁ ମୁଁ ତାକୁ ଘରୋଇ କାମରେ ସାହାଯ୍ୟ କରିପାରେନି ଲେଖିଲାବେଳେ ସେ ମୋ' ସୁଖଦୁଃଖ ପ୍ରତି ଯଥେଷ୍ଟ ଧ୍ୟାନ ଦିଏ ଯେମିତି ଚା', ପକୁଡ଼ି, ଚୁଡ଼ାଭଜା, ମୁଢ଼ି ମିକ୍ସଚର ଆଦି ଯତ୍ନରେ ପାଖରେ ଥୋଉଥାଏ । ଗପ ପଢ଼ି ସାରିଲେ ସରାଗରେ କପାଳରେ ଚୁମାଟିଏ ଦିଏ । ବେକ ଚିପି ଆରାମ ଦିଏ ।' ପୁଣି ହସି କୁହନ୍ତି, 'ଏକ ନମ୍ବର ବାଦେଇ ସେ । ମୁଁ ଲେଖିବସିଲେ ତା'ର ମନ ଚେଇଁ ଉଠେ । ତା' ଗପ ଗଢ଼େ । ଆମେ ଆଲୋଚନା କରି ଶୀର୍ଷକ ଦେଉ । ତା' ଲେଖାକୁ ମୁଁ ଖୋଳରେ ପୂରେଇ ଡାକରେ ପକାଏ । ଆମେ ଉଭୟେ ଗ୍ରାମୀଣ ହୋଇଥିବାରୁ ଆମ ରୁଚିରେ କିଛିଟା ତାଳମେଳ ରହିଥାଏ । ବିବିଧତା ଭିତରେ ଏକତା ରଖି ବାଟ ଚାଲିବାର ପ୍ରୟାସ ଆମ ଭିତରେ ଜାରି ରହିଥାଏ ।' ସର୍ଜନ କ୍ଷେତ୍ରରେ ପାରସ୍ପରିକତାକୁ ସୂଚେଇବାକୁ ଯାଇ ଯଜ୍ଞଦତ୍ତ କୁହନ୍ତି- 'ସେ ତା' ପରିବେଶରୁ ଚିତ୍ର ଚରିତ୍ର ଖୋଜି ଅବିକଳ ଥୋଇଦିଏ । ଗଛଲତା, ପଶୁପକ୍ଷୀ ଆଦିଙ୍କୁ ତା' ସର୍ଜନାରେ ଥୋଇଦିଏ । ସେ ତା'ର ଆତ୍ମବିଶ୍ୱାସ, ଆତ୍ମନିଷ୍ଠତା, ସତ୍ୟନିଷ୍ଠତା ଏବଂ ସରଳତା ଦ୍ୱାରା ନିୟନ୍ତ୍ରିତ ହୁଏ । ତା' ସୃଜନ ଉପରେ ମୁଁ ମୋ ବିଚାରକୁ ଲଦିଦେବାକୁ ପ୍ରୟାସ କରେନା । ସେ ପ୍ରଶଂସିତା ହେଲେ ମୁଁ ଖୁସି ହୁଏ । ଉତ୍ତର ବୟସରେ ମୋର ସର୍ଜନଶୀଳତାର ଶିଥିଳତାରେ ସେ ଦୁଃଖୀ ହୁଏ । ମୋ' ଜୀବନର ବିଭିନ୍ନ ରୋଚକ ଘଟଣାକୁ ନେଇ ଲେଖିବାକୁ ସେ ମାଷ୍ଟ୍ରାଣୀ ଭଳି ମୋ' ଖାତାରେ କୋଡ଼ିଏଟି ଘଟଣାର ଶୀର୍ଷକ ଲେଖିଛି । ମୁଁ ମଠୁଆ ବଳଦ ଭଳି ପାଦେ ଦି'ପାଦ ଚାଲି ଠପେଇ ଯାଏ ।' ସମ୍ପର୍କରେ ସର୍ଜନାକୁ ନେଇ ଗାୟତ୍ରୀ କୁହନ୍ତି, ଲେଖାଟି ପୂର୍ଣ୍ଣାଙ୍ଗ ରୂପ ପାଇଲେ ମୁଁ ତାଙ୍କ ଟେବୁଲ୍ ଉପରେ ରଖିଦିଏ । ଲେଖାଟି ପଢ଼ି ସେ କେତେବେଳେ ଗାଳି ଦିଅନ୍ତି ତ କେତେବେଳେ ନମ୍ବର ଦିଅନ୍ତି । ଲେଖାକୁ ପ୍ରଥମେ ପରୀକ୍ଷକର ଆଖି ନେଇ ସେ ବିଚାର କଲାପରେ ଲେଖାଟି ପାଠକଙ୍କ ପାଖକୁ ଯାଏ ।

ମନରେ ପ୍ରେମ, ଆବେଗ, ଦୟା, କ୍ଷମା , କରୁଣା ଆଦି ମାନବୀୟ ଗୁଣକୁ ଧରି ତିଆରି କରିବାକୁ ହୁଏ ସର୍ଜନ ଜୀବନ ବୋଲି ଗାୟତ୍ରୀ କହୁଥିଲା ବେଳେ ଯଜ୍ଞଦତ୍ତ କୁହନ୍ତି ସର୍ଜନାକୁ ଧରି ସମ୍ପର୍କ ବିସ୍ତାରିତ ହୁଏ ତେଲଲୁଣ ସଂସାରର ମାୟାବର୍ତ୍ତରୁ । 'ଆଦର୍ଶ ଯୁଗଳ କିଭଳି ହେବା ଉଚିତ'ର ପ୍ରଶ୍ନରେ ଯଜ୍ଞଦତ୍ତ ପାରମ୍ପରିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ କହୁଥିଲାବେଳେ ଗାୟତ୍ରୀ କୁହନ୍ତି ପରସ୍ପରକୁ ବୁଝିବା, ସମ୍ମାନ ଦେବା ଏବଂ ସମୟ ଦେବା ଭଳି ଭିତ୍ତିଭୂମିରେ ତିଆରି ହୁଏ ଆଦର୍ଶ ଦାମ୍ପତ୍ୟ ।

ସାହିତ୍ୟର କୁହୁକ ସ୍ୱର:
କନକ ମଞ୍ଜରୀ, ରାଜକିଶୋର

ସେ ଦୁହେଁ ସାହିତ୍ୟ କ୍ଷେତ୍ରରେ ଉଜ୍ଜ୍ୱଳ ଅବଗାହୀ । ଜଣେ କବିତା ଓ କଥା କ୍ଷେତ୍ରରେ ଅବାଧ ବିଚରଣ କରନ୍ତି । ଆଉ ଜଣେ କଥା ଓ ଅନୁବାଦ କ୍ଷେତ୍ରରେ ପାରଦର୍ଶୀ । ଉଭୟଙ୍କ କ୍ଷେତ୍ରରେ ଥାଏ ଜୀବନକୁ ଗ୍ରହଣ କରି ତାକୁ ସୁନ୍ଦର ଓ ଅର୍ଥମୟ କରିବାର ଅଭୀପ୍ସା । ଉଭୟେ ଯଥାର୍ଥରେ ପରସ୍ପରର ପରିପୂରକ । ଉଭୟଙ୍କ ସାହିତ୍ୟରେ ସମକାଳୀନ ଜୀବନର ଦ୍ୱନ୍ଦ୍ୱ ଓ ସଂଘାତ ପ୍ରତିଫଳିତ ହୁଏ । ସେହି ସର୍ଜକ ଦମ୍ପତି ହେଲେ ରାଜ କିଶୋର ଦାସ ଓ କନକ ମଞ୍ଜରୀ ପଟ୍ଟନାୟକ ।

ଉଭୟ ରାଜକିଶୋର ଓ କନକ ମଞ୍ଜରୀଙ୍କ ସାହିତ୍ୟ ପ୍ରତିଭା ବହୁମୁଖୀ ଏବଂ ବହୁପ୍ରସ୍ଥି । ଉଭୟଙ୍କ ସୃଷ୍ଟିସମ୍ଭାର ବିପୁଳ । ଏକାଦିକ୍ରମେ କବି, ଗାଳ୍ପିକ, ଔପନ୍ୟାସିକା, ଅନୁବାଦିକା, ଗୀତିକବି, ସମାଲୋଚିକା, ଶିଶୁ ସାହିତ୍ୟିକା ପୁଣି ନାଟ୍ୟକାର ଏହିପରି କେତେ ରୂପରେ ଦେଖିପାରିବା ଆମେ କନକ ମଞ୍ଜରୀଙ୍କୁ । ତଥାଗତ, ସନେଟ, କଥାକୁହା ଜହ୍ନରାତି, ବର୍ଷାରେ ଦୁଷ୍ଟଝିଅ ଓ ଶବ୍ଦ ଛଳଛଳ, ମାଟିଦୀପ, ଅଥ ଅବଧୂତ ଓ ନଦୀର ନାମ ସରସ୍ୱତୀ, ବେଳାଭୂମିର ଚିହ୍ନ, ଗ୍ରୀକ ବୀର ପର୍ସିୟସ, ସମକାଳୀନ ହିନ୍ଦୀ କାହାଣୀ, କମ୍ରେଡ୍‌ଙ୍କ କୋର୍ଟ ଓ ଅନ୍ୟାନ୍ୟ ଗଳ୍ପ ତଥା ଅନୁଦିତ ଲଘୁକଥା, ଚିତ୍ର ନଦୀ ଓ ଗୀତି ନୈବେଦ୍ୟ, ଇନ୍ଦ୍ରଧନୁ ଆଦି ଗ୍ରନ୍ଥ ଭେଟିଦେଇଛନ୍ତି ଓଡ଼ିଆ ସାହିତ୍ୟକୁ । ଅବିରତ ସାରସ୍ୱତ ସାଧନା

ନିମନ୍ତେ ସେ ଅଂକୁର ସାହିତ୍ୟ ସମ୍ମାନ, ସୁପ୍ରୀତି ଦେବୀ ସ୍ମୃତି ସମ୍ମାନ, ଅନୁବାଦ ପାଇଁ ତୀରତରଙ୍ଗ ସମ୍ମାନ, କୋଣାର୍କ ନାଟ୍ୟମଣ୍ଡପ ସମ୍ମାନ, ବିଷ୍ଣୁପ୍ରିୟା ସାମନ୍ତସିଂହାର ସମ୍ମାନ, ସୁପ୍ରଭା ରାୟ ଅନୁବାଦ ପୁରସ୍କାର, ଅଜିତ ଅନୁବାଦ ପୁରସ୍କାର ତଥା ମନସ୍ୱିନୀ ରାୟ ସ୍ମୃତି ସମ୍ମାନ ଭଳି ଅନେକ ମାନ ସମ୍ମାନ ପ୍ରାପ୍ତ ହୋଇଛନ୍ତି । ଅପରପକ୍ଷରେ ଲୁହର ପିରାମିଡ଼, ଅବୋଲକରା, କରି ଦେ ପାରିରେ, ରାଣୀ, ମହାନାୟକ, ଲୋଡ଼ା ନାହିଁ ମୋର କଳ୍ପବଟର ଛାଇ, ଜହର ଦାସର କବିତା, ଉଦ୍ଧବ ଓ ଅନ୍ୟାନ୍ୟ କବିତା, ତୃତୀୟ ପାଦ, ରୁଦ୍ରାକ୍ଷ, ବାନପ୍ରସ୍ଥ, ପ୍ରଥମପୃଷ୍ଠା, ତୁମ ଆଖି ଭଳି ପୁସ୍ତକମାନ ରଚନା କରିଥିବା ରାଜକିଶୋର ସାହିତ୍ୟ ପାଇଁ ଯୁବକବି ସମ୍ମାନ, ଶ୍ରେଷ୍ଠ ପ୍ରକାଶକ ସମ୍ମାନ, ଆରପାଖ ସାମଗ୍ରିକ କୃତି ସମ୍ମାନ, ନୀଳଚକ୍ର ଗଳ୍ପ ଶିରୋମଣୀ ସମ୍ମାନ, ଚଲାପଥ ସମ୍ମାନ, ବିନୋଦ ବିହାରୀ କଥା ସମ୍ମାନ, ସୁଢ଼ଳ ଦେବ ସମ୍ମାନ, ଶ୍ରାବଣୀ ସାହିତ୍ୟ ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି ।

ବିବାହ ପୂର୍ବରୁ ଲେଖୁ ନଥିଲେ ରାଜକିଶୋର କିନ୍ତୁ ଲେଖାଲେଖିରେ ସକ୍ରିୟ ଥିଲେ କନକମଞ୍ଜରୀ । ବିବାହ ପରେ ବରଂ କନକ ମଞ୍ଜରୀଙ୍କ ପ୍ରେରଣାରେ ସାହିତ୍ୟ ଜଗତରେ ପାଦ ଥାପିଥିଲେ ରାଜକିଶୋର । ସମ୍ପର୍କରେ ପରିପୂରକତା ରହିବା ନିହାତି ଦରକାର ବୋଲି କୁହନ୍ତି ରାଜକିଶୋର ନ ହେଲେ ସଂସାରର ରଥ ଗଡ଼ିବା କଷ୍ଟକର ହୋଇପଡ଼ିବ । ନିଜ ଜୀବନର ଗୋଟିଏ ଘଟଣାର ଉଦାହରଣ ଦେଇ ସେ କୁହନ୍ତି, 'ମୁଁ ମୋ ଗାଁ କଲେଜରେ ଚାକିରୀ କରୁଥିଲି । ପତ୍ନୀ କନକମଞ୍ଜରୀ ଆମ ଗାଁ ଠାରୁ ଦୁଇ ଶହ କିଲୋମିଟର ଦୂରରେ ପାରଳାଖେମୁଣ୍ଡିରେ ଚାକିରୀ ପାଇଲେ । ପୁଅ ବର୍ଷକର ହୋଇଥିବା ହେତୁ ଆମ ଦୁହିଁଙ୍କର ଅଲଗା ଅଲଗା ରହିବାଟା ଅସୁବିଧାରେ ପକେଇଲା । ମୁଁ ଚାକିରୀ ଛାଡ଼ି କନକ ମଞ୍ଜରୀଙ୍କ ଚାକିରୀ ସ୍ଥାନ ପାରଳାଖେମୁଣ୍ଡିକୁ ପଳେଇଗଲି । କନକ ମଞ୍ଜରୀ କୁହନ୍ତି, ଅନେକ ଅସମାନତା ଭିତରେ ଆମେ କେବେ କୌଣସି ଅସୁବିଧା ବା ଅଡୁଆ ଅନୁଭବ କରି ନାହୁଁ । ସମ୍ପର୍କର ସୁଦୀର୍ଘତା ପାଇଁ ଯେଉଁ ବୁଝାମଣାର ଆବଶ୍ୟକତା ତାହା ଆମ ଭିତରେ ଅଦ୍ୟାବଧି ବଳବତ୍ତର ଅଛି । ସର୍ଜନାକୁ ନେଇ ଉଭୟଙ୍କ ଭିତରେ ଆତ୍ମୀୟତା ଖୁବ୍ । ରାଜକିଶୋର କୁହନ୍ତି, ସର୍ଜନା ଅପେକ୍ଷା ଜୀବନ ନିଶ୍ଚୟ ବଡ଼ ଓ ମହତ୍ତର ଏଣୁ ନୂତନତ୍ୱକୁ ମୁଁ ଗୁରୁତ୍ୱ ଦିଏନି । ସେହି କ୍ଷେତ୍ରରେ କନକ ମଞ୍ଜରୀ କୁହନ୍ତି, ନିରୁତା ସାରସ୍ୱତ କର୍ମ ଜୀବନକୁ ମଧୁର କରିଥାଏ । ବ୍ୟକ୍ତିଗତ ଜୀବନ ହେଉ କି ପାରିବାରିକ, ସୃଜନ କର୍ମରେ ଲିପ୍ତ ରହିଲେ ଜୀବନର ସମସ୍ତ ପ୍ରତିକୂଳତା ଭିତରେ ଅନୁକୂଳ ବାତାବରଣ ସୃଷ୍ଟି ହୁଏ । ସାରସ୍ୱତ ଜୀବନ ଏକ ସୁନ୍ଦର ସ୍ମୃତିସିକ୍ତ ଜୀବନ ପାଲଟିଯାଏ । ଆଦର୍ଶ ନାମରେ କୌଣସିଟାକୁ ଗ୍ରହଣ କରିବା ଉଚିତ ନୁହେଁ ତଥାପି ପାରସ୍ପରିକ ସମ୍ମାନ, ସମୟ ଏବଂ ପ୍ରେମ ନିହାତି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ରହିବା ଉଚିତ ବୋଲି ରାଜ କିଶୋର କହୁଥିଲାବେଳେ ଶ୍ରଦ୍ଧା, ସମ୍ମାନ,ସହଭାଗୀତା ଥାଇ ପରସ୍ପରକୁ ଆପଣେଇ ନେବାକୁ ସଫଳ ଦାମ୍ପତ୍ୟ ବୋଲି କନକ ମଞ୍ଜରୀ କୁହନ୍ତି । ଆଉ ବି କୁହନ୍ତି, ବୁଝାମଣାରେ ଏକମୁଖୀନତା ସଫଳ ଦାମ୍ପତ୍ୟର ଚାବିକାଠି ।

କବିତାର ନଖ ଦର୍ପଣ:

ନର୍ମଦା ଓ ସେନାପତି ପ୍ରଦ୍ୟୁମ୍ନ

ସେନାପତି ପ୍ରଦ୍ୟୁମ୍ନ କେଶରୀ ଓ ନର୍ମଦା ନୀଳୋତ୍ପଳା କବି ଦମ୍ପତି ହିସାବରେ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମସ୍ତଙ୍କ ପ୍ରିୟ ଓ ସୁପରିଚିତ । ଓଡ଼ିଆ କବିତା କ୍ଷେତ୍ରରେ ଆସିଥିବା ନବ ତରଙ୍ଗର ଅନ୍ୟତମ ବାର୍ତ୍ତାବହ ହିସାବରେ ପ୍ରଦ୍ୟୁମ୍ନ ବେଶ୍ ଆଦୃତ । ତାଙ୍କର କବିତାର ହିନ୍ଦୀ ଅନୁବାଦ ତାଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇଛି । ଜୀବନର ରହସ୍ୟ ଉନ୍ମୋଚନ ତାଙ୍କ କବିତାର ମୁଖ୍ୟ ବିଭାବ । ସବୁ ନକାରାତ୍ମକ ସ୍ଥିତିରେ ଜୀବନକୁ ଅର୍ଥମୟ କରି ଦେଖିବା ତାଙ୍କର ବିଶେଷତ୍ୱ । ନର୍ମଦା ଆବେଗ ଓ ଅନୁରାଗର କବି । ସେ କବିତା ମାଧ୍ୟମରେ ଜୀବନର ସୌକୁମାର୍ଯ୍ୟ ଫୁଟାଇଥାନ୍ତି । ପାରସ୍ପରିକତା ଉଭୟଙ୍କ କବିତ୍ୱରେ ଅଧିକ ଗତିଶୀଳତା ଭରିଦିଏ । ପ୍ରଦ୍ୟୁମ୍ନଙ୍କ ତୀକ୍ଷ୍ଣତା ସହିତ ନର୍ମଦାଙ୍କ କୋମଳତାର ସମନ୍ୱୟ ଉଭୟଙ୍କ ସର୍ଜନକୁ ଏକ କମନୀୟ ଭାବଲୋକରେ ପହଞ୍ଚାଏ ।

ମହୁମୁହାଣ, ଅଲଗା ଅଯୋଧ୍ୟା, ଧୂଳିବେଶ, ଆଦ୍ୟା, ପୂତନା, ପାପତୃଷ୍ଣା, ପୁରାଣ ନଦୀ, ଭାଜ୍ୟ ଭାଜକ, ଖେଳଛୁଟିର ଖରା, ଗୋପଯାତ୍ରା ଆଦି ପୁସ୍ତକର ରଚୟିତା ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଜୟନ୍ତ ମହାପାତ୍ରଙ୍କ ଦ୍ୱାରା ଇଂରାଜୀରେ ଅନୁଦିତ ପୁସ୍ତକ, 'The Gate is open' (selected poem) ପ୍ରକାଶ ପାଇ ଆଦୃତ ହୋଇଛି । ନର୍ମଦାଙ୍କ ସୃଷ୍ଟି ସମ୍ଭାର ବି କିଛି କମ୍ ନୁହେଁ । ଦୁଃଖ ଦୋଳି, ସୂର୍ଯ୍ୟମୁଖୀ, ନିଜ ନିଜର ପ୍ରେମକ୍ଷେତ୍ର, ଚିତ୍ରମୟ ମିତ୍ରମୟ, ମୁଁ ନ ଥିବା ଯାଏ, ମାଟିପିଣ୍ଡା, ନେପଚୁନ୍, ନଦୀ ବନ୍ କର ଆନା (ହିନ୍ଦୀ ଅନୁବାଦ କବିତା ପୁସ୍ତକ) ଭଳି ପୁସ୍ତକ ସେ ପାଠକ ସମାଜଙ୍କୁ ଭେଟିଦେଇଛନ୍ତି । ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଉଭୟେ ଅର୍ଜନ କରିଛନ୍ତି ଅଜସ୍ର ମାନ ସମ୍ମାନ ଓ ପୁରସ୍କାର, ସମ୍ବର୍ଦ୍ଧନା ।

କେହି କାହାକୁ ହେୟ ମନେ ନକରି ବୁଝାମଣା ଭିତ୍ତିରେ ଜୀବନକୁ ଚଳାଇ ପାରିଲେ ତାହା ହିଁ ବାସ୍ତବିକ ଆଦର୍ଶ ଦାମ୍ପତ୍ୟର ଚାବିକାଠି ବୋଲି କୁହନ୍ତି ସେନାପତି ପ୍ରଦ୍ୟୁମ୍ନ କେଶରୀ । ଉଭୟଙ୍କ ଭିତରେ ଥିବା ସର୍ଜକ ସତ୍ତା ସମ୍ପର୍କରେ ବିବାହ ପୂର୍ବରୁ ଅବଗତ ଥିଲେ କି ନାହିଁର ଉତ୍ତରରେ ପ୍ରଦ୍ୟୁମ୍ନ କେଶରୀ କୁହନ୍ତି, ଆମର ବିବାହ ଆମ ଦୁହିଁଙ୍କର ନିଷ୍ପତ୍ତି ନୁହେଁ, ଏହା ସମ୍ପୂର୍ଣ୍ଣ ପାରିବାରିକ ପ୍ରସ୍ତାବ ଦ୍ୱାରା ସମ୍ପନ୍ନ ହୋଇଛି । ଉଭୟଙ୍କ ସର୍ଜକ ସତ୍ତାଟି କାରଣ ହୋଇ ଠିଆ ହୋଇନଥିଲା ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ । ପ୍ରଦ୍ୟୁମ୍ନ କୁହନ୍ତି, ବିବାହ ପରେ ନର୍ମଦାଙ୍କର ଲେଖାଲେଖି ପ୍ରତି ରୁଚି ଥିବା ଜାଣିଲି । ଆଗରୁ ସେ ଯାହା ଲେଖୁଥିଲେ, ତାହା ତାଙ୍କର ଡାଏରୀ ପୃଷ୍ଠା ଭିତରେ ସୀମିତ ହୋଇ ରହୁଥିଲା । ବିବାହ ପରେ ସେ ନିଜର ଗପ ଓ କବିତା ପତ୍ରପତ୍ରିକାକୁ ପଠାଇଲେ ଏବଂ ଧୀରେ ଧୀରେ ପାଠକମାନେ ତାଙ୍କୁ ଜାଣିଲେ । ନର୍ମଦା କୁହନ୍ତି, କବି କି କଥାକାର ନର୍ମଦା ନୀଳୋତ୍ପଳାର

ପରିଚୟ ପାଇବା ପାଇଁ ତାଙ୍କର ନିଜର ଇଚ୍ଛା ହିଁ ବେଶି କାମ କରିଛି ।

ଦାମ୍ପତ୍ୟ ଜୀବନରେ ପରସ୍ପରର ପରିପୂରକତା ସମ୍ପର୍କରେ ପ୍ରଦ୍ୟୁମ୍ନ କୁହନ୍ତି, ଲେଖାଲେଖି କରୁଥିବା ଦୁଇଟି ସୃଜନଶୀଳ ମଣିଷ ଏକତ୍ର ରହିଲେ ଦୁହିଁଙ୍କୁ ଲାଭ ମିଳିଥାଏ । ସେମାନେ ପତିପତ୍ନୀ ଅପେକ୍ଷା ପରସ୍ପରର ଭଲ ବନ୍ଧୁ ପାଲଟିଯାଆନ୍ତି । ଏକାଠି ସାହିତ୍ୟ କରନ୍ତି । ସଭା ସମିତିକୁ ସାଙ୍ଗ ହେଇ ଯାଆନ୍ତି । ନୂଆ ଲେଖାଟିଏ ଲେଖିଲେ ପରସ୍ପରକୁ ଶୁଣାନ୍ତି । ପରସ୍ପରର ମତାମତକୁ ସମ୍ମାନ ଦିଅନ୍ତି । ବେଳେବେଳେ ନର୍ମଦା ଯଦି କିଛି ଲେଖାଲେଖି କରୁଥାନ୍ତି, ମୁଁ ବଜାର ଯାଇ ଖାଇବା ନେଇଆସେ । ମୁଁ ଲେଖୁଥିଲେ ସେ ଭଲ ଭଲ ଖାଦ୍ୟ ପ୍ରସ୍ତୁତ କରି ଖୁଆନ୍ତି । କେବେ କେବେ ଲେଖକ ବଂଧୁମାନେ ଘରକୁ ଆସିଲେ ଆମେ ଏକାଠି ବସି ସାହିତ୍ୟ ଚର୍ଚ୍ଚା କରୁ । ନର୍ମଦାଙ୍କୁ ଅଧିକ ସମୟ ମିଳିଲେ ସେ ତାଙ୍କ ସହିତ ମନ ଖୋଲି ଗପନ୍ତି । ତେବେ ତାଙ୍କର ଗୋଟେ ଭଲ ଗୁଣ ହେଲା, ଘରକୁ ଯିଏ ଆସୁ ନା କାହିଁକି, କିଛି ନ ଖୋଇ ସେ କାହାକୁ ସହଜରେ ଯିବାକୁ ଦିଅନ୍ତି ନାହିଁ । ନର୍ମଦା କୁହନ୍ତି, ଆମର ସମ୍ପର୍କ ସମୁଦ୍ରରେ ଘୂର୍ଣ୍ଣିଝଡ଼ ପରି ଅଶାନ୍ତ, ଯେତେବେଳେ କବିତା ଜନ୍ମ ନେଉଥାଏ ତା'ପରେ ସବୁଦିନ ଶାନ୍ତ ସମୁଦ୍ର ପରି । ଆମେ ବିପରୀତମୁଖୀ ଦୁଇଟି ଦିଗ -ଗୋଟିଏ ନଦୀର ଦୁଇ କୂଳ ପରି ପରସ୍ପରର ଅସୁସ୍ଥତା ଆମ ଦୁହିଁଙ୍କୁ ନିକଟତର କରେ ନୌକାଟିଏ ପରି । ଆମ ଭିତରେ ବୁଝାମଣା କମ୍, କଥା କଟାକଟି ବେଶୀ । ହେଲେ କୌଣସି ସଭାସମିତିକୁ ଗଲେ ଆମେ ଦୁହେଁ ଗୋଟିଏ ସ୍କୁଟିରେ ଯାଉ । ଫେରିବା ବାଟରେ ଦହିବରା ଓ ଗୁପ୍‌ଚୁପ୍ ଖାଉ । ଆମେ ଘରେ ନ ଥିଲା ପରି ଲାଗେ କିନ୍ତୁ ପରସ୍ପର ପ୍ରତି ଧ୍ୟାନ ଦେଇଥାଉ । କ'ଣ ଟିକେ ଶବ୍ଦ ହେଲେ ମୁଁ କହେ କ'ଣ ହେଲା ସେ ବି ସେମିତି କହିଥାନ୍ତି ।

ସର୍ଜନ କ୍ଷେତ୍ରରେ ଉଭୟଙ୍କ ପାରସ୍ପରିକତା ସମ୍ପର୍କରେ ପ୍ରଦ୍ୟୁମ୍ନ କେଶରୀ କୁହନ୍ତି, 'ପ୍ରେମର ରଙ୍ଗ ସର୍ଜନାର ଦିଗନ୍ତରେ ସେତେବେଳେ ଇନ୍ଦ୍ରଧନୁର ଆଭା ଉକୁଟାଇପାରିବ, ଯେତେବେଳେ ସେଇ ପ୍ରେମ ଭିତରେ ଯେବେ ଅତୁଟ ବିଶ୍ୱାସ ଓ ତ୍ୟାଗପୂତ ଭାବନା ରହିଥିବ । ଡିମ୍ବ ଦେବାକୁ ଗଛରେ ଗୋଟିଏ ପକ୍ଷୀ ବସା ବାନ୍ଧିବାବେଳେ ଅନ୍ୟ ପକ୍ଷୀଟି କାଠି କୁଟା ଥଣ୍ଟରେ ବୋହି ଆଣି ତା ପାଖରେ ପହଞ୍ଚାଇ ଦେଉଥାଏ । ସେଇ ଛୋଟିଆ ଦୁନିଆ ଭିତରେ ସେମାନେ କେତେବଡ ସଂସାରର ସ୍ୱପ୍ନ ବୁଣୁଥାଆନ୍ତି । ସେଇ ଭଳି ପରସ୍ପରର ଲେଖା ଭିତରେ ଯଦି ଦୁହେଁ କିଛି କିଛି ନିଜର ଛବିକୁ ଦେଖି ପାରନ୍ତି, ପରସ୍ପରର ଅନୁଭବକୁ ବାଣ୍ଟି ପାରନ୍ତି, ତାହା ପାରସ୍ପରିକ ସମ୍ପର୍କରେ ନୂଆ ମହକ ସଂଚାର କରେ । ସଂସାର କଲାବେଳେ କିଛି କିଛି କଥାକୁ ନେଇ ଯୁକ୍ତି ତର୍କ ଲାଗିପାରେ, ମାନ ଅଭିମାନ ରହିପାରେ । ସେସବୁ ନ ରହିଲେ ପ୍ରକୃତ ସମ୍ପର୍କର ମଧୁରତା ଅନୁଭବ କରି ହୁଏନି । ଯେମିତି ତରଙ୍ଗ ଥିଲେ ଇ ନଦୀ ଜଳର ପ୍ରବାହ ମନକୁ ଆକୃଷ୍ଟ କରିଥାଏ । 'ସେମିତି କିଛି କହିନାହାନ୍ତି ନର୍ମଦା । ଗୋଟିଏ ଧାଡ଼ି କେବଳ ଉଲ୍ଲେଖ କରାଯାଇପାରେ ଯାହା ସେ କହିଛନ୍ତି, ତାଙ୍କ ଲିଖିତ ପୁତନା କାବ୍ୟ ମୋ ଜୀବନର ନିଛକ ପ୍ରତିଫଳନ । ଉଭୟଙ୍କ ସର୍ଜନ ଜୀବନ ଦୈନନ୍ଦିନ ପାରିବାରିକ ଜୀବନରେ କି ନୂତନତ୍ୱ ଆଣିଛି ବୋଲି ପ୍ରଶ୍ନ ଥିଲା । ଉତ୍ତରରେ ପ୍ରଦ୍ୟୁମ୍ନ କେଶରୀ ଦାର୍ଶନିକ ସୁଲଭ ଉତ୍ତର ଦେଇ ବ୍ୟକ୍ତିଗତ କଥାଟିକୁ ଏଡ଼େଇ ଯାଇଥିଲେ । ମୋଟ ଉପରେ ତାଙ୍କ କହିବା କଥାଟି ଥିଲା,'କ୍ଷଣିକ ବସ୍ତୁବାଦୀ ସୁଖର ଉର୍ଦ୍ଧ୍ୱକୁ ଉଠି ପରସ୍ପରକୁ ଆପଣେଇ ପାରିଲେ ହିଁ ତାହା ସାଂସାରିକ ଜୀବନରେ ନୂତନତ୍ୱ ଆଣି ପାରିବ । ହେଲେ ଖୁବ୍ କାବ୍ୟିକ ଓ ପ୍ରଗଲ୍ଭ ଥିଲା ନର୍ମଦାଙ୍କ ଉତ୍ତର । 'ଗୋଟେ ଛାତ ତଳେ ରହୁଥିଲେ ବି ଆମେ ପ୍ରାୟ ଅଚିହ୍ନା, ନିଜ ନିଜର ଭାବନାରେ ମଗ୍ନ । ପ୍ରତିଦିନ ସେଇ ଏକାପରି ଜୀବନ ଅତିବାହିତ କରୁଥିଲେ ବି ତା' ଉର୍ଦ୍ଧ୍ୱରେ ଆମ ପାଇଁ କିଛି ନୂତନ ସର୍ଜନା କରିବାର ଆଭାସ ମିଳିଥାଏ । ସମସ୍ତ ଘାତ ପ୍ରତିଘାତ ପରେ ବି ନୂଆ କରି ଜୀବନକୁ ଉପଭୋଗ କରୁଥାଏ କବିଟିଏ । ପ୍ରତିଦିନ ନୂଆ କରି ଜୀବନ ଓ ସମାଜକୁ ଦେଖୁଥାଏ ସେ ଯେମିତି ଲାଗେ ପ୍ରତିଦିନ ସେ ଜନ୍ମ ହେଉଛି ଓ ତା'ର ମୃତ୍ୟୁ ହେଉଛି । ଘରର ନୂଆ ଆସବାବପତ୍ର ନୁହେଁ, ନୂଆ ଲେଖାଟିର ଅନୁଭବ ମୋ ଜୀବନରେ ନୂତନତା ଆଣିଛି । କବିତା ଭିତରେ ନିଜର ପ୍ରତିବିମ୍ବ ଦେଖିପାରୁଛି । କବିତା ମୋତେ ଛଳଛଳ ଓ ସତେଜକରି ରଖିପାରିଛି । ଏ ଭାବୁକପଣଟି ଯଦି ମୋ' ଭିତରେ ନ ଥାନ୍ତା ଦୁଃଖ, କଷ୍ଟ, ଲୁହ ଓ ଯନ୍ତ୍ରଣାକୁ କବିତା କରିପାରିଥାନ୍ତି କି ! ମୋ' ଭାବନା ନୂଆ ନୂଆ ରୂପ ନେଇଛି । କିଂଚିତ୍ ସନ୍ତୁଷ୍ଟ ମିଳିଛି ।

ଆଦର୍ଶ ଯୁଗଳ କିଭଳି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଦୃଷ୍ଟିରେ ? କୁହନ୍ତି, 'ଆଦର୍ଶ ଏକ ଫମ୍ପା ମାଠିଆ ନୁହେଁ, ଯାହାକୁ ବଜେଇଲେ ଖୁବ୍ ଶବ୍ଦ କରିବ, କିନ୍ତୁ ଶୋଷ ଲାଗିଲେ ଆଞ୍ଜୁଳାଏ ଜଳ ଦେଇପାରିବନି । ଏହା ଏକ ସୂକ୍ଷ୍ମ ଉପଲବଧି, ଗୋଟେ ପୃଥକ ମାନବୀୟ ଦୃଷ୍ଟିଭଙ୍ଗୀ । ଆମ ଭାରତୀୟ ସଂସ୍କୃତିରେ ଆଦର୍ଶ ଯୁଗଳ କହିଲେ ରାମ ସୀତାଙ୍କୁ ହିଁ ବୁଝାଏ, କିନ୍ତୁ ଲକ୍ଷ୍ମଣ ଉର୍ମିଳା ନୁହଁନ୍ତି ! ମୋ' ମତରେ ଲକ୍ଷ୍ମଣ ଉର୍ମିଳା ମଧ୍ୟ ଏକ ଆଦର୍ଶ ଦମ୍ପତି । ବଡ଼ ଭାଇ ରାମଚନ୍ଦ୍ରଙ୍କର ବିଶ୍ୱସ୍ତ ସେବକ ଭାବରେ ଲକ୍ଷ୍ମଣଙ୍କର ବନ ଗମନ କରିବା ଯେପରି ଆମର ପାରିବାରିକ ଆଦର୍ଶର ସୂଚକ, ଜଣେ ବିଶ୍ୱସ୍ତ ପତ୍ନୀ ହିସାବରେ ସ୍ୱାମୀଙ୍କର ଅଭିଳାଷ ଓ ଆଦର୍ଶବୋଧକୁ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇବା ମଧ୍ୟ ଉର୍ମିଳାଙ୍କର ପତିପ୍ରାଣତାର ପରିଚୟ । ପ୍ରତ୍ୟେକ ପତି ପତ୍ନୀଙ୍କ ମନରେ ପରସ୍ପର ପ୍ରତି ଶ୍ରଦ୍ଧା ସହିତ ସମ୍ମାନବୋଧ ରହିବା ନିହାତି ଦରକାର । କେହି କାହାକୁ ହେୟ ମନେ ନକରି ବୁଝାମଣା ଭିତ୍ତିରେ ଜୀବନକୁ ଚଳାଇ ପାରିଲେ ତାହା ଆମର ମହାନ ଆଦର୍ଶ ଯୁଗଳ ପରମ୍ପରାକୁ ବହୁଗୁଣିତ କରିବ ।' ନର୍ମଦା କୁହନ୍ତି ଆଦର୍ଶ ଦମ୍ପତି 'ବାଦଲ ଓ ବର୍ଷା ପରି । ମାଟି ଓ ଆକାଶ ପରି । ବେଳାଭୂମି ଓ ସମୁଦ୍ର ଢେଉ ପରି । ପରସ୍ପରର ମନକୁ ବୁଝିବା ଓ ବିଶ୍ୱାସ ରଖିବା ନିହାତି ଜରୁରୀ । ଥରେ ବିଶ୍ୱାସ ତୁଟିଗଲେ ଦୀର୍ଘଶ୍ୱାସ ଆସିଯାଏ । ସ୍ୱାଭିମାନ ବଳବତ୍ତର ରହିବା ସହିତ ନିଜ ନିଜର ପ୍ରତିଭାକୁ ସମ୍ମାନ ଦେବା ଉଚିତ ।'



ସର୍ଜନରେ ନିତ୍ୟନୂତନ :
ଈପସିତା ଓ ହରେକୃଷ୍ଣ

ଉଭୟେ ଅଧ୍ୟାପନା କାର୍ଯ୍ୟ ନିର୍ବାହ କରନ୍ତି ନିଷ୍ଠାରେ ତାହା ପୁଣି ଇଂରାଜୀ ଭାଷା ସାହିତ୍ୟରେ । ସାହିତ୍ୟ କ୍ଷେତ୍ରରେ ଉଭୟଙ୍କର ରହିଛି ପ୍ରତିଷ୍ଠା ଓ ଆଦର । କବିତା, ପ୍ରବନ୍ଧ, ସ୍ତମ୍ଭ ଓ ଅନୁବାଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାବରେ ଉଭୟଙ୍କ କଲମ ସକ୍ରିୟ ଏବଂ ଅଧିକରୁ ଅଧିକ ନୂଆପଣର ସନ୍ଧାନରେ ଉନ୍ମୁଖ । ସହପାଠୀ, ବନ୍ଧୁ ଏବଂ ପରିଶେଷରେ ଜୀବନସାଥିର ସମ୍ପର୍କରେ ବାନ୍ଧି ହୋଇଥିବା ଏହି ଦୁଇ ସମ୍ମାନସ୍ପଦ ଯୋଡ଼ି ହେଲେ ଈପ୍ସିତା ଷଡ଼ଙ୍ଗୀ ଓ ହରେକୃଷ୍ଣ ଦାସ । ଈପ୍ସିତାଙ୍କ ପକ୍ଷୀ ଫେରିନି, ଫେରିବା କଥା, ପୁନଶ୍ଚ ବୁଦ୍ଧ, କେତେବେଳେ କେଜାଣି, ଶବ୍ଦ ଆରପାଖ, ଦୃଶ୍ୟ ଦର୍ପଣ ପାଠକପ୍ରିୟ ହେବା ସଙ୍ଗେ ସଙ୍ଗେ ତାଙ୍କର ଅନେକ ଅନୁବାଦ କାମ ପ୍ରଶଂସିତ ହୋଇଛି । ପ୍ରବନ୍ଧ ଓ ସମ୍ପାଦନାରେ ସ୍ୱତନ୍ତ୍ର ସ୍ଥାନ ନେଇଥିବା ଈପ୍ସିତା ସାହିତ୍ୟ ସର୍ଜନ କ୍ଷେତ୍ରରେ ନିରବଚ୍ଛିନ୍ନ କାର୍ଯ୍ୟ ପାଇଁ ରାଜ୍ୟ ଯୁବ ପୁରସ୍କାର, ହାଜି ଅସ୍ ରଫ୍ ଅଲ୍ଲୀ ଉଦୟ ପ୍ରତିଭା ସମ୍ମାନ, ଲେଖାଲେଖି ଯୁବକବି ପୁରସ୍କାର, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଯୁବ ପ୍ରତିଭା ସମ୍ମାନ, ଭୁବନେଶ୍ୱର ଓଡ଼ିଆ ବହିମେଳା ଯୁବ ସାରସ୍ୱତ ସମ୍ମାନ, ରାଜ୍ୟସ୍ତରୀୟ କବିତା ସମ୍ମାନ, ଆନନ୍ଦପୁର ସାରସ୍ୱତ କବିତା ସମ୍ମାନ, ବିଦଗ୍ଧକବି ଅଭିମନ୍ୟୁ ଯୁବକବି ସମ୍ମାନ, କଳିଂଗ ଲିଟରେଚର ଫେଷ୍ଟିଭାଲ୍ ସମ୍ମାନ, ଉତ୍କଳମଣି ଯୁବ ପ୍ରତିଭା ସମ୍ମାନ, ବ୍ରହ୍ମପୁର ମହାନଗର ପୁସ୍ତକ ମେଳା ସମ୍ମାନ, ସୃଜନ କବିତା ସମ୍ମାନ, ନିହାରକନ୍ୟା କବିତା ସମ୍ମାନ, ତନ୍ମୟ ତାରୁଣ୍ୟ ସମ୍ମାନ, ଓଁ ଈଶ୍ୱରୀ କବିକନ୍ୟା ସମ୍ମାନ, ଚଉଷଠି ଯୋଗିନୀ ଯୁବସାହିତ୍ୟ ସମ୍ମାନ, ଜ୍ଞାନଦା ଯୁବ ସମ୍ମାନ, ବସନ୍ତ ମୁଦୁଲି କବିତା ପୁରସ୍କାର, ଦାମିନୀ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ପରାଗ ସାହିତ୍ୟ ସମ୍ମାନ, ଦୀପକ କବିତା ପୁରସ୍କାର ଭଳି ଅନେକ ପୁରସ୍କାର ଓ ମାନସମ୍ମାନ ଅର୍ଜନ କରିଛନ୍ତି । ଅପରପକ୍ଷରେ କବି, ଗାଳ୍ପିକ, ଅନୁବାଦକ, ପ୍ରାବନ୍ଧିକ, ସ୍ତମ୍ଭକାର ହରେକୃଷ୍ଣ ଦାସଙ୍କ 'କର୍ମଧାରୟ' ପୁସ୍ତକଟି ପ୍ରକାଶ ପାଇବା ସମେତ ଓଡ଼ିଆରୁ ସେ ଇଂରାଜୀ ଅନୁବାଦ କରିଥିବା ଅନେକ ପୁସ୍ତକ ପ୍ରକାଶିତ ହୋଇସାରିଛି । ସାହିତ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

ଇଂରାଜୀ ଅନର୍ସ ରଖି ଈପ୍ସିତାଙ୍କ ସହ ପାଠ ପଢୁଥିବା ହରେକୃଷ୍ଣ ଅଳ୍ପଦିନ ଭିତରେ ଅନୁଭବ କରିପାରିଥିଲେ ଯେ ଈପ୍ସିତାଙ୍କ ଭିତରେ ସାହିତ୍ୟିକ ସୃଜନାତ୍ମକ ପ୍ରତିଭାର ବୀଜ ଅଙ୍କୁରିତ ହୋଇସାରିଛି । ସମ୍ବାଦ, ମାତୃଭୂମି, ପ୍ରଜାତନ୍ତ୍ର, ସମାବେଶ ଆଦି ପ୍ରତିଷ୍ଠିତ ପତ୍ରପତ୍ରିକାରେ ସେତେବେଳକୁ ଈପ୍ସିତାଙ୍କ କବିତା ପ୍ରକାଶିତ ଓ ଚର୍ଚ୍ଚିତ ହେଉଥିଲା ।

‘ଉଭୟଙ୍କ ଭିତରେ ସାହିତ୍ୟ ପ୍ରତି ଥିବା ପ୍ରଚୁର ଅନୁରକ୍ତି ହୁଏତ ଆମ ବିବାହ ବନ୍ଧନରେ ବାନ୍ଧିହେବାର ନିଷ୍ପତ୍ତିକୁ ଦୃଢ଼ୀଭୂତ କରିଥିବ ବୋଲି ମୋର ମନେହୁଏ ।’ କୁହନ୍ତି ହରେକୃଷ୍ଣ । ଈପ୍ସିତା କୁହନ୍ତି, ‘ହରେକୃଷ୍ଣ କବିତା ଲେଖନ୍ତି ଏବଂ ଏଥିରେ ଆଗ୍ରହ ରଖନ୍ତି ବୋଲି ମୁଁ ଜାଣିଥିଲି ଇଂରାଜୀ ଅନର୍ସରେ ଆମେ ଦୁହେଁ ସହପାଠୀ ଥିଲାବେଳେ । ଅବସର ସମୟରେ ଡିପାର୍ଟମେଣ୍ଟରେ ସାଙ୍ଗମାନେ କବିତା ଲେଖାପଢ଼ା ଓ ଚର୍ଚ୍ଚାରେ ସମୟ ବିତାଉ । ଗପସପ ଓ ଆମ ସମ୍ପର୍କର ମୁଖ୍ୟ ଆଧାର ତଥା ବିଷୟ ଥାଏ - ସାହିତ୍ୟ । ହୁଏତ ଏହି ସାହିତ୍ୟ ଅନୁରକ୍ତି ଏବଂ ସାହିତ୍ୟମନସ୍କ ହୋଇ ସୁଖ ଲୋଡ଼ିବାର ପ୍ରବୃତ୍ତି ଉଭୟଙ୍କୁ ଉଭୟଙ୍କର ନିକଟତର କରିଛି ।

ପରିପୂରକତାର କଥା ଉଠିଲେ ହରେକୃଷ୍ଣ କୁହନ୍ତି, ‘ପରସ୍ପରର ପରିପୂରକ ନ ହେଲେ ତ ଦାମ୍ପତ୍ୟ-ରଥ ଆଗକୁ ଗଡ଼ିପାରିବନି । ଯେହେତୁ ଆମେ ଦୁଇଜଣଯାକ କର୍ମଜୀବି, ଆମର ପାରସ୍ପରିକ ସହଯୋଗ ଟିକେ ଅଧିକ ରହିବାକୁ ବାଧ୍ୟ । କର୍ମକ୍ଷେତ୍ର ଏକ ହେଇଥିବାରୁ ଏକାଠି ଗୋଟିଏ ସମୟରେ ହିଁ ଘରୁ ବାହାରୁ ଏବଂ ପ୍ରାୟତଃ ଏକାଠି ଫେରୁ । ବୃତ୍ତିଜନିତ ଓ ସାହିତ୍ୟିକ ଲେଖାପଢ଼ା ବାଧାପ୍ରାପ୍ତ ନହେବା ପାଇଁ ଘରକରଣା କାମ ମଧ୍ୟ ଆମେ ବିନା ବାଛବିଚାରରେ କରିନେଉ ।’ ସେହି କଥାଟି ହିଁ କୁହନ୍ତି ଈପ୍ସିତା । ‘ଅନେକ ସମୟରେ ହରେକୃଷ୍ଣ ଘରକାମରେ ଅନିୟମିତ ଏବଂ ଅବ୍ୟବସ୍ଥିତ ରହିଯାଉଥିବା କାରଣରୁ ଗୁଡ଼ାଏ କାମକୁ ମୋତେ ସମୟ ଦେଇ ସମ୍ପୂର୍ଣ୍ଣ କରିବାକୁ ପଡ଼େ । ସେମିତି ଅନେକ କାମ ଭିତରେ ମୋର କରିବାର ଥିବା କେତେକ କାର୍ଯ୍ୟ ମୁଁ ତାଙ୍କ ଦ୍ୱାରା କରାଇନିଏ । ସମୟର ସ୍ୱଚ୍ଛତା ଭିତରେ ବହୁତ କିଛି ସାଙ୍ଗ ହୋଇ କରିବାକୁ ପଡ଼େ ।’ ସର୍ଜନ କ୍ଷେତ୍ରରେ ପାରସ୍ପରିକତାକୁ ନେଇ ହରେକୃଷ୍ଣ କୁହନ୍ତି, ‘ସର୍ଜନ କ୍ଷେତ୍ରରେ ଈପ୍ସିତା ମୋ’ ଅପେକ୍ଷା ଯଥେଷ୍ଟ ଅଧିକ ସକ୍ରିୟ । କବିତା, ଅନୁବାଦ କି ଆଲୋଚନା - ପ୍ରତିଟି କ୍ଷେତ୍ରରେ ଲେଖାଟିଏକୁ ପୂର୍ଣ୍ଣାଙ୍ଗ ରୂପ ଦେବାପାଇଁ ତା’ର ବହୁତ ସମୟ ଆବଶ୍ୟକ ପଡ଼େ । ତା’ର ପ୍ରାୟ ଲେଖାଗୁଡ଼ିକରେ ଶେଷ ସ୍ପର୍ଶ ଦେବାପାଇଁ ମୁଁ ଯଥା ସମ୍ଭବ ଚେଷ୍ଟା କରେ ।’ ଈପ୍ସିତା କୁହନ୍ତି, ଅନେକ ସମୟରେ ମୁଁ ଖୋଜୁଥିବା ଅଥଚ ପାଇନଥିବା ଶବ୍ଦ ସେ ଖୋଜିଆଣି ଦେଇଛନ୍ତି । ମୋ କବିତା ଓ ଅନୁବାଦ ସମୂହର ସେ ପ୍ରଥମ ପାଠକ ଓ ବୃତ୍ତାନ୍ତ ସମ୍ପାଦକ । ସେହିପରି ହରେକୃଷ୍ଣଙ୍କ କବିତା , ଅନୁବାଦ , ସ୍ତମ୍ଭ ରଚନାର ମୁଁ ଜଣେ କଠୋର ସମାଲୋଚକ । ହରେକୃଷ୍ଣଙ୍କ ଲେଖା, ଫଟୋ ଆଦି ସମ୍ପାଦକଙ୍କୁ ମୁଁ ପଠାଏ । ତାଙ୍କ ପୁସ୍ତକ ପାଇଁ ସୂଚୀପତ୍ର ଓ ପାଣ୍ଡୁଲିପି ପ୍ରସ୍ତୁତି ଠାରୁ ପ୍ରୁଫ ରିଡ଼ିଙ୍ଗ ଭଳି କାମ ତାଙ୍କର ହେଲାଦସ୍ତିଆ ଗୁଣ ଯୋଗୁଁ କରେ ।’ ହରେକୃଷ୍ଣ କୁହନ୍ତି,‘ଜଣେ ଲେଖାଲେଖି କାମରେ ନିମଗ୍ନ ଅଛି ବୋଲି ଅନୁଭବ କଲେ ଅନ୍ୟଜଣକ ଯଥାସମ୍ଭବ ଚେଷ୍ଟାକରେ ତାକୁ ବାଧାରହିତ ପରିବେଶଟିଏ ଯୋଗାଇଦେବାକୁ ।’ ଦାମ୍ପତ୍ୟରେ ସର୍ଜନା କେତେ ନୂତନତ୍ୱ ଦେଇଚିର ପ୍ରଶ୍ନରେ ହରେକୃଷ୍ଣ ହସିକି କୁହନ୍ତି, ଆମ ଅସଜଡ଼ା ଜୀବନଶୈଳୀ ସହ ଆଡ଼ଜଷ୍ଟ କରି, ତାକୁ ଭୋଗି ବରଦାସ୍ତ କରିକରି ଆମ ଝିଅ ବି ଗୋଟେ ସାହିତ୍ୟିକ ପାଲଟିଗଲା । ତେବେ ଦୈନନ୍ଦିନ ଜୀବନରେ ସମୟ ବିତେଇବାକୁ ସାହିତ୍ୟ ନାମକ ଅର୍ଥପୂର୍ଣ୍ଣ ସାଧନଟିଏ ଆମ ପାଖରେ ଥିବାରୁ ଆମେ ଖୁସି ।’ ଈପ୍ସିତା କୁହନ୍ତି, ସାହିତ୍ୟର ଏକ ଏକ ସୋପାନ, ଏକ ଏକ ନୂତନତ୍ୱର ବାହକ । କହିବାରେ ଅତ୍ୟୁକ୍ତି ନାହିଁ ଯେ ଆମେ ସବୁ ମୁହୂର୍ତ୍ତ ଦିବ୍ୟ ନୂତନତ୍ୱକୁ ଅନୁଭବ କରୁଥାଉ ।’

‘ସ୍ତ୍ରୀ ଓ ପୁରୁଷଙ୍କର ବ୍ୟକ୍ତିତ୍ୱ, ପ୍ରବୃତ୍ତି, ପ୍ରବଣତା, ପସନ୍ଦ ଇତ୍ୟାଦି ପରସ୍ପରଠାରୁ ଭିନ୍ନ । ଏଇ ସତଟାକୁ ଗ୍ରହଣ କରି ଜଣେ ଅନ୍ୟଜଣକୁ ସମ୍ମାନ ଦେବା ହେଉଛି ଆଦର୍ଶ ଯୁଗଳ ହେବାର ଗୋଟେ ବଡ଼ ଆବଶ୍ୟକତା ବୋଲି ମୁଁ ବିଚାର କରେ,’ କୁହନ୍ତି ହରେକୃଷ୍ଣ । ଈପ୍ସିତା କୁହନ୍ତି, ‘ନିଜ ସାଥିର ଭଲଗୁଣ ସହ ତା’ର ଦୋଷ ଦୁର୍ବଳତାକୁ ଗ୍ରହଣ କରିବାର ଉଦାର ମାନସିକତା ସହ ଭଲପାଇବା ରଖିପାରିଲେ ସମ୍ପର୍କ, ସୁମଧୁର, ସୁବାସିତ ହୁଏ ।’

ସମୟ ସାମ୍ନାରେ କବିତାର ଜୀବନ: ଶୈଳବାଳା ଓ ମାନସ ରଞ୍ଜନ

କବିତା ସେ ଦୁହିଁଙ୍କର ପ୍ରାଣ । ଆବେଗ ଓ ଅନୁରାଗର କବି ହିସାବରେ ଦୁହେଁ ଢେର ଚର୍ଚ୍ଚିତ । ସେ ଦୁହେଁ ହେଲେ ମାନସ ରଞ୍ଜନ ମହାପାତ୍ର ଓ ଶୈଳବାଳା ମହାପାତ୍ର । ମାନସଙ୍କ ଲାଗି ଜୀବନ ଏକ ଇନ୍ଦ୍ରଧନୁର ଚିତ୍ର ତ ଶୈଳବାଳାଙ୍କ ଲାଗି ଜୀବନ ଏକ ବିଚିତ୍ର ଫୁଲ । ସମୟକୁ ଦର୍ପଣ କରି ଦୁହେଁ ତା’ ସାମନାରେ ଠିଆହୋଇ ଦେଖନ୍ତି ନିଜନିଜର ମୁହଁ । ଦୁହିଁଙ୍କ ମୁହଁରେ ମଖା ହୋଇଥାଏ କବିତାର ପ୍ରସାଧନୀ । ନ୍ୟାସନାଲ ବୁକ ଟ୍ରଷ୍ଟର ବରିଷ୍ଠ ସମ୍ପାଦକ ଭଳି ବିଭିନ୍ନ ଜାତୀୟ ସଂସ୍ଥାରେ ମୁଖିଆ ଦାୟିତ୍ୱ ନିର୍ବାହ କରିଥିବା ମାନସ ରଞ୍ଜନ ମହାପାତ୍ର ମାଟି ଠୁଁ ଆକାଶ ପର୍ଯ୍ୟନ୍ତ, ଆମେ ଦୁହେଁ ସମୟ ସାମ୍ନାରେ, ଚିତ୍ରକରର ସକାଳ, ସମ୍ମୋହନରେ ଜୀବନ, କେତେରଙ୍ଗର ଆକାଶ କବିତା ଭଳି ଶବ୍ଦ ମେଘରେ, ଇଉନିଟ୍ ତିନିର ପ୍ରେମିକା, ପ୍ରାୟତଃ ମୋ’ ନିଜ କଥା, ନିଃସଙ୍ଗ ଭଳି ବହିମାନ ରଚନା କରି ପାଠକୀୟ ଆଦର ଓ ସମ୍ମାନ ଅର୍ଜନ କରିଥିଲାବେଳେ ଶିକ୍ଷକତାକୁ ବୃତ୍ତି କରି ସାହିତ୍ୟ ସେବାରେ ନିଜକୁ ଢାଳି ଦେଇଥିବା ଶୈଳବାଳା ଜୀବନ ବିଚିତ୍ର ଫୁଲ, ଆମେ ଦୁହେଁ ସମୟ ସାମ୍ନାରେ, ନିଜର ନିର୍ଜନ ପଣ, କେତେ ରଙ୍ଗର ସମୟ, ଅଧା ଅଧା ସ୍ୱପ୍ନ ଯେତେ, ଛୋଟ ଛୋଟ କଥାରେ ଈଶ୍ୱର, ତୁମ୍ ଖୁଦ୍ ଅପନେ ଆପ୍ କୋ କର୍ ଲୋ ମୁକ୍ତ, ଚୁନ୍ ମୁନି ଜିଶିଲା, ଭଗବାନ ଚଲେ ସାକ୍ଷୀ ବନ୍ନେ, ଟୁଆଁ ଏଣ୍ଡ ଟୁଇଁ, ଦି ୱିଇଲି ଜାକଲ, ଦି ଷ୍ଟୋରି ଅଫ ଏ ରିଭର କବିତା ପାଇଁ ଉତ୍ତର, ଭୋର୍ ବେଳାର ଲିପି ଇତ୍ୟାଦି ମୌଳିକ ଓ ଅନୁବାଦ ମିଶାଇ ପଚାଶରୁ



ମୋର ପ୍ରକାଶନ ନେଇ ପ୍ରତିବାଦ କରୁଥିଲେ । କିନ୍ତୁ ବିବାହ ପରେ ଆଉ କୌଣସି ପ୍ରତିବାଦ ରହିଲା ନାହିଁ । ବରଂ ମୋ' ଲେଖାଲେଖି ଓ ପ୍ରକାଶନ ପାଇଁ ସହାୟକ ହେଲେ ।ମୋ ପ୍ରକାଶିତ ପୁସ୍ତକ ଗୁଡ଼ିକର ନେପଥ୍ୟ ନାୟକ ହେଉଛନ୍ତି ମାନସ । ମୁଁ ମଧ୍ୟ ତାଙ୍କର ନବେ ଭାଗ ଲେଖା କପି କରି (ପୂର୍ବରୁ) ଟାଇପ୍ କରି (ଏବେ) ପ୍ରକାଶନ ପାଇଁ ପଠାଇଥାଏ ।' ସର୍ଜନରେ ପାରସ୍ପରିକତାକୁ ନେଇ ମାନସ କୁହନ୍ତି, ଆମେ ବିରୋଧାଭାସର ସେତୁବନ୍ଧ । ସର୍ଜନା ଦାମ୍ପତ୍ୟରେ କି ନୂତନତା ଆଣିଦେଇଛିର ପ୍ରଶ୍ନରେ ଶୈଳବାଳା କୁହନ୍ତି, 'ସାଧାରଣ ଦାମ୍ପତ୍ୟଠାରୁ ଆମେ ନିଶ୍ଚୟ ଭିନ୍ନ । ଉଭୟ ସର୍ଜନା ଭିତରେ ଥିବାରୁ ଆମ ଭିତରେ ସନ୍ଦେହ ନଥାଏ । ଜଟିଳତା ନଥାଏ । ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ଉଭୟ ସହଯୋଗ କରୁ । ସକାଳୁ ସଞ୍ଜ ଯାଏଁ କୋଉଠି ନା କୋଉଠି କେମିତି ନା କେମିତି କବିତାର ଭୁରିଭୁରି ବାସ୍ନା ବା କାହାଣୀର କାୟାକଳ୍ପ ଦୈନନ୍ଦିନ ଜୀବନକୁ ସୁରଭିତ କରେ ।' ନୂତନତ୍ୱକୁ ସର୍ଜକ ଦୃଷ୍ଟିରେ ଦେଖନ୍ତି ମାନସ । କୁହନ୍ତି,'ପ୍ରତିଟି ସକାଳ ନୂଆ । ପାରସ୍ପରିକ ଜୀବନର ଅନେକ ସମସ୍ୟା ଭିତରେ ଆମ ସାହିତ୍ୟ ବଞ୍ଚି ରହିଥାଏ ।' ଉଭୟଙ୍କ ଦୃଷ୍ଟିରେ ଆଦର୍ଶ ଦମ୍ପତି କେମିତି ହେବା ବିଧେୟର ଉତ୍ତରରେ ଶୈଳବାଳା କୁହନ୍ତି, ସାହିତ୍ୟିକ ଦମ୍ପତି ହୁଅନ୍ତୁ ବା ସାଧାରଣ ଦମ୍ପତି - ସେମାନଙ୍କଠାରେ ପରସ୍ପର ପ୍ରତି ବିଶ୍ୱାସ ରହିବା ଉଚିତ୍ । ସମ୍ପର୍କ ପ୍ରତି ସମ୍ବେଦନଶୀଳତା, ସଚ୍ଚୋଟତା ଓ ପରସ୍ପର ପ୍ରତି ବିଶ୍ୱାସ, ବୁଝାମଣା ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ପ୍ରତି ଆତ୍ମୀୟତା କୌଣସି ଦମ୍ପତିଙ୍କୁ ଆଦର୍ଶ ଯୁଗଳ କରିପାରିବ ।' ମାନସ କୁହନ୍ତି, ସେଭଳି କୌଣସି ତତ୍ତ୍ୱ ବଖାଣିବା ବା ଦାର୍ଶନିକ ବକ୍ତବ୍ୟ ଦେବା ମୋ' ପକ୍ଷେ ଅସମ୍ଭବ । ପରସ୍ପରକୁ ଭଲ ପାଇବା ଓ ଏଇ ଭଲ ପାଇବାକୁ ବଞ୍ଚେଇ ରଖିବା ବୋଧେ ଆଦର୍ଶ ଯୁଗଳର ପରିଚୟ ।

ଅଧିକ ବହି ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନାର ତାଲିକା ଦୀର୍ଘ ଏହି ଦମ୍ପତିଙ୍କ ବିବାହ ସାହିତ୍ୟ ଯୋଗୁଁ ସମ୍ଭବ ଥିଲା ବୋଲି ସ୍ୱୀକାର କରନ୍ତି । ଆମେ ଦୁହେଁ ସମୟ ସାମ୍ନାରେ ଉଭୟଙ୍କ କବିତାର ସମାହାର ।

ଶୈଳବାଳା କୁହନ୍ତି, 'ହଁ, ପରସ୍ପର ସୃଷ୍ଟିଶୀଳତା ସମ୍ପର୍କରେ ଅବଗତ ଥିଲୁ । ସ୍କୁଲ ଓ କଲେଜରେ ସହପାଠୀ ଥିଲୁ । ସାହିତ୍ୟ ସେଇ ସମ୍ପର୍କକୁ ଅଧିକ ମଜଭୁତ କରିଥିଲା । ଫଳରେ ପରବର୍ତ୍ତୀ ସମୟରେ ବିବାହ ବନ୍ଧନରେ ବାନ୍ଧି ହେଲୁ । ମାନସଙ୍କ କହିବା ମୁତାବକ ଦଶ ବର୍ଷର ବନ୍ଧୁତା ଓ ସାହିତ୍ୟ ସାଧନା ବେଳର ପରସ୍ପରକୁ ବୁଝି ପାରିବା ବିବାହ ପାଇଁ ପ୍ରେରଣା ଦେଲା । ନିଜକୁ ନିଜେ ବେପରୁଆ ଯାଯାବର କହୁଥିବା ମାନସଙ୍କୁ ବଜାର ସଉଦା କରି ଆସେ ନାହିଁ । ତାଙ୍କରି ଏହି ଅଘୋରୀ ଗୁଣ ସମ୍ପର୍କରେ ଟିପ୍ପଣୀ ଦେଇ ଶୈଳବାଳା କୁହନ୍ତି, 'ନ୍ୟାସନାଲ ବୁକ୍ ଟ୍ରଷ୍ଟର ପଦସ୍ଥ ଅଧିକାରୀ ଥିଲେ । ତେଣୁ ସାରା ସମୟ ବୃତ୍ତିଗତ କାର୍ଯ୍ୟ, ପ୍ରବୃତ୍ତି ଗତ ସାହିତ୍ୟ ରଚନା ଓ ସ୍ୱପ୍ନ ଭିତରେ ଥାଆନ୍ତି । ମୁଁ ସଂସାରକୁ ସମ୍ଭାଳୁ ସମ୍ଭାଳୁ ସମୟ ବିତିଯାଏ । ତେବେ ସେ ସ୍ୱଚ୍ଛ ହୃଦୟ ଓ ସମ୍ବେଦନଶୀଳ ମଣିଷଟିଏ ହୋଇଥିବାରୁ ଦାମ୍ପତ୍ୟ ଆଗେଇ ଚାଲେ ।'

ସର୍ଜନ କ୍ଷେତ୍ରରେ ମାନସ ଯଥେଷ୍ଟ ପ୍ରେରଣା ଦିଅନ୍ତି ଶୈଳବାଳାଙ୍କୁ ବୋଲି ଶୈଳବାଳା କୁହନ୍ତି । 'ଅବଶ୍ୟ ବିବାହ ପୂର୍ବରୁ

ପାରସ୍ପରିକ ସର୍ଜନ:
ପୁଷ୍ପା ଓ ରାଜ୍ୟବର୍ଦ୍ଧନ

ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଓ ପୁଷ୍ପା ଧଳମହାପାତ୍ର ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପାରସ୍ପରିକତାର ବିଶେଷ ନମୁନା । ରାଜ୍ୟଙ୍କର କାହାଣୀମାନ ସକଳ ଦୃଃସ୍ଥିତି ଭିତରେ ଜୀବନର ବିଶେଷତ୍ୱ ଓ ମହନୀୟତା ପ୍ରତିପାଦନ କରନ୍ତି । ପୁଷ୍ପାଙ୍କର କବିତାମାନ ଜୀବନର କମନୀୟତା ଓ ସୁକୁମାରତା ପ୍ରତିଫଳିତ କରନ୍ତି । ଉଭୟଙ୍କ ସର୍ଜନା ଜୀବନର ମହିମ୍ନ ଅସ୍ତିତ୍ୱର ସନ୍ଧାନୀ । ରାଜ୍ୟବର୍ଦ୍ଧନଙ୍କ କାହାଣୀମାନ ସଚେତନ କାରିଗରୀ ଦ୍ୱାରା ରଚିତ । ସ୍ୱଳ୍ପ ଶବ୍ଦରେ ଅଧିକ ଭାବ ପ୍ରକଟ କରିବା ତାଙ୍କର ବିଶେଷତ୍ୱ । ସାବଲୀଳତା ତାଙ୍କର କାରିଗରୀର ସ୍ୱତନ୍ତ୍ର ଗୁଣ । ଅନ୍ୟ ପକ୍ଷରେ ନମନୀୟତା ଓ ସୁକୁମାରତା ପୁଷ୍ପାଙ୍କର ଶୈଳୀଗତ ସ୍ୱାତନ୍ତ୍ର୍ୟ । ଉଭୟେ ଜୀବନର କୁହୁକକୁ ଧରି ରଖିବାକୁ ଚାହାନ୍ତି ଶବ୍ଦର ଜାଲରେ । ଅଥଳ ଆଶ୍ରୟ, ମାଟି ଦ୍ରୋଣ, ପୁଣ୍ୟ ପତିତା, ବେଳ ଭଲ ନାହିଁ, ସବୁଜ ପତ୍ରରେ ସୂର୍ଯ୍ୟାସ୍ତର ରଙ୍ଗ, ତଥାସ୍ତୁ, ଦୌଡ଼ ପ୍ରତିଯୋଗିତା, ହୃଦୟର ସୀମାରେଖା, ମାୟାଚିତ୍ର ଭଳି ପୁସ୍ତକ ମାନ ଓଡ଼ିଆ ବାଣୀ ଭଣ୍ଡାରକୁ ରାଜ୍ୟବର୍ଦ୍ଧନଙ୍କ ଅବଦାନ ରହିଥିଲାବେଳେ 'ନୀଳନିଆଁ' କବିତା ସଂକଳନ ପୁଷ୍ପାଙ୍କର ରହିଛି । ନିଜ ନିଜ କ୍ଷେତ୍ରରେ ସୁପ୍ରତିଷ୍ଠିତ ଏହି ସର୍ଜକ ଦମ୍ପତିଙ୍କ ସାହିତ୍ୟ କାମ ନିଆରା । ପୁରସ୍କାର ଓ ସମ୍ବର୍ଦ୍ଧନାର ତାଲିକା ଦୀର୍ଘ ଉଭୟଙ୍କର ।

ପାଠକଙ୍କ ହୃଦୟରେ ଆପଣା ସାହିତ୍ୟ କୃତିର ଅଭୁଲା ସ୍ୱାକ୍ଷର ଛାଡ଼ିଥିବା ଏହି ଦମ୍ପତିଙ୍କ ବିବାହ ପୂର୍ବରୁ ପରିଚୟ ନ ଥିଲା । ସୁତରାଂ ବିବାହ ବନ୍ଧନରେ ବାନ୍ଧି ହେବାପାଇଁ ସାହିତ୍ୟ ଉଭୟଙ୍କ ପାଇଁ ସହାୟକ ହୋଇ ନ ଥିଲା । ବରଂ ପ୍ରସ୍ତାବକୁ ଦୃଢ଼ୀଭୂତ କରିଥିଲା ସାହିତ୍ୟ । ବିବାହ ପୂର୍ବର ଗୋଟିଏ ଘଟଣା ଉଲ୍ଲେଖ କରିଛନ୍ତି ରାଜ୍ୟବର୍ଦ୍ଧନ । ଆମ ବିବାହ ପଛରେ ସାହିତ୍ୟର ଗୋଟେ ଭୂମିକା ଥିଲା । ଯେହେତୁ ଆମ ବିବାହ ଅଚାନକ ମୋ ବାପାଙ୍କ ନିଷ୍ପତ୍ତିରେ ହେଲା ପତ୍ନୀଙ୍କ ଘରଲୋକ ମୋ ବିଷୟରେ କିଛି ଜାଣି ନ ଥିଲେ । ଆମ ଗାଁର କିଏ ଜଣେ ଲୋକ ସ୍ୱୀକାର ଆସିବା ଦିନ ସକାଳୁ ତାଙ୍କ ଘରେ ଯାଇ କହିଲା, ପିଲାଟା ଗାଁରୁ ମାଟ୍ରିକ୍ ପାସ୍ କରି ଯାଇଥିବା କଥା ଆମେ ଜାଣିଛୁ । ତା'ପରେ ସେ କେତେ ପାଠ ପଢ଼ିଛି କି ଚାକିରୀ କରିଛି ଜାଣି ନାହୁଁ । ଯେଉଁକଥା ତୁମେ ଶୁଣିଛ ସିଏ ମ୍ୟାନେଜର ଅଛି ବୋଲି ଏହାର ସତ୍ୟାସତ୍ୟ ପରୀକ୍ଷା କରିଛ ? ଏ କଥାଟା ସନ୍ଦେହ ସୃଷ୍ଟି କଲା ତାଙ୍କ ଘରେ । ମୁଁ କ'ଣ କରୁଛି ନ ଜାଣିବା ଯାଏଁ ସ୍ୱୀକାର ପଠାଯାଇପାରିବ ନାହିଁ ବୋଲି ନିଷ୍ପତ୍ତି ନେଲେ । ରକ୍ଷା ହୋଇଗଲା ସେହି ସମୟରେ ତାଙ୍କ ଗାଁ ପାଖର ଜଣେ ଲୋକ 'ଆସନ୍ତାକାଲି' ପତ୍ରିକାଟି ଧରି ଆସି କହିଲା, ହେଇ ଦେଖ, ଏଥିରେ ତାଙ୍କର ଗପ ବାହାରିଛି । ଠିକଣାରେ ବି ମ୍ୟାନେଜର ଲେଖା ହୋଇଛି । ତା'ପରେ ସ୍ୱୀକାର ଆସିଥିଲା ।

ଦାମ୍ପତ୍ୟ ଜୀବନରେ ପରିପୂରକତାକୁ ନେଇ ରାଜ୍ୟବର୍ଦ୍ଧନ କୁହନ୍ତ, 'ସଂସାର ଦାୟିତ୍ୱରେ ସହଯୋଗର ହାତ ବଢ଼ାଇବାରେ ମୁଁ ମୋର ବିଫଳତାକୁ ସ୍ୱୀକାର କରୁଛି । ମାତ୍ର ମୋର ଏହି ଦୋଷକୁ ପତ୍ନୀ ଆମର ଘେନା ନ କରି ମୋତେ ନିରୁପଦ୍ରବ ରହି ସର୍ଜନ କର୍ମରେ ରହିବାକୁ ସୁଯୋଗ ଦେଇଛନ୍ତି । ବୃତ୍ତିଗତ ଜୀବନ ଥିବାବେଳେ । ସମୟ କମ୍ ମିଳୁଥିଲା ସେଥିରେ ସେ ସହଯୋଗ କରି ନ ଥିଲେ ମୁଁ କ'ଣ ଲେଖାଲେଖି କରିପାରିଥାନ୍ତି ? ତାଙ୍କ ମତରେ, 'ମୁଁ ସଂସାରୀ ଯେତିକି ସନ୍ନ୍ୟାସୀ ବି ସେତିକି । ପତ୍ନୀଙ୍କ ସହଯୋଗ ଓ ପ୍ରେରଣାରେ ସେ ଲେଖାଲେଖି କରିବାକୁ ସମର୍ଥ ହୋଇଛନ୍ତି ବୋଲି ସ୍ୱୀକାର କରନ୍ତି । ଆଦର୍ଶ ପତ୍ନୀ ଭଳି ପୁଷ୍ପା କୁହନ୍ତି, ରାଜ୍ୟବର୍ଦ୍ଧନଙ୍କୁ ଜଞ୍ଜାଳମୁକ୍ତ କରିବାକୁ ସେ ଚେଷ୍ଟାରେ ଥାଆନ୍ତି । କୌଣସି ପ୍ରକାର ଘରୋଇ ଚାପରେ ଯେଭଳି ସେ ଅତିଷ୍ଠ ନହେବେ ଯତ୍ନରେ ଥାଆନ୍ତି । ହେଲେ ସର୍ଜନ ଜୀବନରେ ପାରସ୍ପରିକତାକୁ ନେଇ ରାଜ୍ୟବର୍ଦ୍ଧନ କୁହନ୍ତି, ସେ ଲେଖାପଢ଼ାରେ ଥିଲେ ମୁଁ ଡିଷ୍ଟର୍ବ କରେନି । ମୋ' ଲେଖା ସିଏ ପଢ଼ନ୍ତି ପ୍ରଥମେ । ଆବଶ୍ୟକସ୍ଥଳେ ପରିଣତି ବିଷୟରେ ଆଲୋଚନା କରି ପରାମର୍ଶ ଦିଅନ୍ତି । ମୁଁ ବି ତାଙ୍କ କବିତା ପଢ଼େ । ଶବ୍ଦ ସଂଯୋଜନାକୁ ସୁଧାରେ ବି । ମୋ' ସୁଧାରିବାକୁ ସେ ଗ୍ରହଣ ନ କଲେ ମୁଁ ଦୁଃଖମନା ହୁଏନି କାରଣ ସିଏ କୁହନ୍ତି ତୁମେ କବିତାକୁ ଗପ ଭଳି ଭାବିଦେଉଛ । ଆମ ଭିତରେ ପ୍ରତିଯୋଗିତା ନ ଥାଏ ବରଂ ଥାଏ ସହଭାଗୀତା । ପୁଷ୍ପା କୁହନ୍ତି, ଏକଥା କହିବାରେ ଦ୍ୱିଧା ନାହିଁ ଯେ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ମୁଁ ସର୍ଜନ କ୍ଷେତ୍ରରେ ପ୍ରବେଶ କରିଛି । ମୁଁ ଯାହା ଲେଖେ ତା'ର ପ୍ରଥମ ପାଠକ, ସଂଶୋଧକ ଏବଂ ଦିଗଦର୍ଶକ ସେ । ମତ ପାର୍ଥକ୍ୟ ହୁଏ ବେଳେବେଳେ କୌଣସି ଲେଖାକୁ ନେଇ । କିନ୍ତୁ ଆଲୋଚନା ପରେ ଯାହା ଠିକ୍ ଆମେ ଉଭୟେ ଗ୍ରହଣ କରିଥାଉ । ଏଥିରେ କାହାର ଅହଂ ହନନ ହୁଏନି ବରଂ ପରସ୍ପର ପ୍ରତି ବିଶ୍ୱାସ ବଢ଼େ ।

ସର୍ଜନାର ଜୀବନ କିଭଳି ନୂତନତ୍ୱ ଆଣିଦେଇଛି ଉଭୟଙ୍କ ଜୀବନରେ ପ୍ରଶ୍ନର ଉତ୍ତରରେ ରାଜ୍ୟବର୍ଦ୍ଧନ କୁହନ୍ତି, ନା ନୂତନତ୍ୱ କିଛି ନାହିଁ । କେବଳ ଏତିକି ଯେ କୌଣସି ଅପ୍ରାପ୍ତିର ଅବସୋସ ନାହିଁ । ଜୀବନ ଆମକୁ ଯାହା ଦେଇଛି ତାକୁ ନେଇ ଖୁସି । କୌଣସି ପାର୍ଥିବ ଦୌଡ଼ରୁ ଦୂରରେ ଅଳ୍ପକେ ସୁଖୀ ହୋଇପାରିବା ଶିଖାଇଛି ସର୍ଜନ ଜୀବନ । ହେଲେ ସୁନ୍ଦର ଭାବରେ କୁହନ୍ତି ପୁଷ୍ପା , ଆମ ସର୍ଜନ ଜୀବନ ଦୈନନ୍ଦିନ ପାରିବାରିକ ଜୀବନ ପାଇଁ ନୂଆ ନୂଆ ଦିନ ଆଣେ । ଭୁବନେଶ୍ୱରକୁ ଆସିବା ପରେ ସିନା ସାରସ୍ୱତ ଅତିଥି କମିଯାଇଛନ୍ତି, ମାତ୍ର ଚାକିରି ଥିବା ସମୟରେ ପ୍ରାୟତଃ କବି ଲେଖକମାନଙ୍କ ଆସର ହେଉଥିଲା ଘରେ । ଆମ ଉଭୟଙ୍କ ସର୍ଜନ ଜୀବନ ଆମ ପାରିବାରିକ ଜୀବନକୁ ଅଯଥା ମୋହରୁ ମୁକ୍ତ ରଖି ଶାନ୍ତିରେ ବଞ୍ଚିବାର ବାଟ ଦେଖାଇଛି ।

ଆଦର୍ଶ ଦମ୍ପତି କହିଲେ ପାରସ୍ପରିକ ବୁଝାମଣା, ସହଯୋଗ ସହ ସବୁ ନଥିବାପଣକୁ ଫୁତ୍କାର କରି ପ୍ରେମପକ୍ଷୀ ସାଜି ପାରୁଥିବା ଦମ୍ପତିକୁ ବୁଝାଏ ବୋଲି ପୁଷ୍ପା କହୁଥିଲାବେଳେ ରାଜ୍ୟବର୍ଦ୍ଧନ କୁହନ୍ତି, 'ଏହା ଆପେକ୍ଷିକ । ପରସ୍ପର ପ୍ରତି ବିଶ୍ୱାସ, ଶ୍ରଦ୍ଧା ଓ ସମ୍ମାନ ଆଦର୍ଶ ଯୁଗଳ ଜୀବନର ପୁଞ୍ଜି ।'

ପାରସ୍ପରିକତା ଓ ସର୍ଜନ ଦୁନିଆ:
ଯଶୋବନ୍ତ ଓ ପଦ୍ମାଳୟା

ବୃତ୍ତିରେ ଅଧ୍ୟାପନା ଓ ଶୈକ୍ଷିକ ପ୍ରଶାସନ ପ୍ରବୃତ୍ତିରେ ଜଣେ ସଫଳ କଥାକାର ଯଶୋବନ୍ତ ସାମଲ କୁରେଇ, ମଝି ରାସ୍ତାର ମଣିଷ, ବିଟପୀ ଓ ଅନ୍ୟାନ୍ୟ ଗଳ୍ପ, ଅସରାଏ ଗପ, କଥା ଦଶକ, ଧାଡ଼ି, ଶୋଷ ଓ ଅନ୍ୟାନ୍ୟ ଗଳ୍ପ ଭଳି ଗଳ୍ପ ସଂକଳନ ଭେଟି ଦେଇଛନ୍ତି ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ । ସାହିତ୍ୟ ପାଇଁ ଭୁବନେଶ୍ୱର ବେହେରା ଗଳ୍ପ ସମ୍ମାନ, ସାରସ୍ୱତ ଗଳ୍ପ ସମ୍ମାନ, କେନ୍ଦ୍ରାପଡ଼ା ପୁସ୍ତକମେଳା ପୁରସ୍କାର, ପୁନର୍ନବା ସାହିତ୍ୟ ସଂସଦ ସମ୍ମାନ ଭଳି ମାନସମ୍ମାନ ପ୍ରାପ୍ତ ହୋଇଛନ୍ତି । ଅପରପକ୍ଷରେ ପରିବାରର ସକଳ ଦାୟିତ୍ୱକୁ ସମ୍ଭାଳି ଲେଖାଲେଖି ଜଗତରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିବା ପଦ୍ମାଳୟାଙ୍କ ଆଖିରେ ଆକାଶ (କବିତା ସଂକଳନ), ଚଲାପଥର କଥା (ଗଳ୍ପ ସଂକଳନ) ପୁସ୍ତକ ପ୍ରକାଶିତ ହୋଇସାରିଛି । ସାରସ୍ୱତ ସ୍ୱୀକୃତି ସ୍ୱରୂପ ପ୍ରତିଶ୍ରୁତି ସାରସ୍ୱତ ସମ୍ମାନ, ଅପରାହ୍ନ ସ୍ପନ୍ଦନ ସମ୍ମାନ, କବି ନାରାୟଣ ପ୍ରସାଦ ସିଂହ ସ୍ମୃତି ସମ୍ମାନ, ପରାଜପତି ସାହିତ୍ୟ ସମ୍ମାନ, ମାଟିଭାଷା ସାରସ୍ୱତ ସମ୍ମାନ ଓ କୈବଲ୍ୟ ଗଳ୍ପ ସମ୍ମାନ ଭଳି ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି ।

ବିବାହ ବନ୍ଧନରେ ଆବଦ୍ଧ ହେବାର ନିଷ୍ପତ୍ତି ପଛରେ ଉଭୟଙ୍କ ସର୍ଜକ ସତ୍ତା ସହାୟକ ହୋଇଥିଲା କି ପ୍ରଶ୍ନର ଉତ୍ତରରେ ପଦ୍ମାଳୟା କୁହନ୍ତି, ନା, ସେମିତି କିଛି ନ ଥିଲା । ନିର୍ବନ୍ଧ ପରେ ଯେତେବେଳେ ଧରିତ୍ରୀ ସମ୍ବାଦପତ୍ରରୁ ତାଙ୍କ ଗପଟିଏ ପଢ଼ି ଜାଣିବାକୁ ପାଇଲି ସେ ଜଣେ ଗାଳ୍ପିକ ସେତେବେଳେ ଖୁବ୍ ଖୁସି ହୋଇଥିଲି ଯେହେତୁ ପଢ଼ାପଢ଼ିରେ ମୋର ରୁଚି ଥିଲା । ଏପରିକି ସମ୍ବାଦପତ୍ରଟିକୁ ଅତି ଯତ୍ନରେ ସାଇତି ରଖିଥିଲି ।

ଦାମ୍ପତ୍ୟ ଜୀବନରେ ପରସ୍ପରର ପରିପୂରକତା କହିଲେ ପରସ୍ପରକୁ ବୁଝିବା ଏବଂ ବୁଝାଇବା ବୋଲି କୁହନ୍ତି ଯଶୋବନ୍ତ । ପଦ୍ମାଳୟା କୁହନ୍ତି,'ପାରସ୍ପରିକ ବୁଝାମଣା ଓ ସମ୍ବେଦନଶୀଳତା ଆମ ଦାମ୍ପତ୍ୟ ଜୀବନର ମୂଳ ଆଧାର । ଆମ ଭିତରେ ମନାନ୍ତର ମତାନ୍ତର ରୁହେ କିନ୍ତୁ ଏସବୁ ସତ୍ତ୍ୱେ ପରସ୍ପରକୁ ସହଯୋଗ କରିବା ସହିତ ଉତ୍ତମ ବୁଝାମଣା ଆମ ଭିତରେ ରହିଛି ଯାହାକି ଆମ ସଂସାର ରଥକୁ ବାହି ନେଉଛି । ସର୍ବୋପରି ଈଶ୍ୱରଙ୍କ ଆଶୀର୍ବାଦରୁ ମନ ବୁଝିଲା ଭଳି ପୁଅଟିଏ ପାଇଛୁ ଯିଏକି ଆମ ସାଂସାରିକ ଜୀବନକୁ ଚଳଚଞ୍ଚଳ କରିଛି । ସର୍ଜନ କ୍ଷେତ୍ରରେ ଉଭୟଙ୍କ ପାରସ୍ପରିକତା ଶୀତ ସକାଳର କଅଁଳ ଖରା ଭଳି

ଉକୁଟେ । ପଦ୍ମାଳୟା କୁହନ୍ତି, ଗପ ଲେଖିବା ଯଶୋବନ୍ତଙ୍କ ପାଇଁ ଏକରକମ ସାଧନା । ଗପଟିଏ ଆରମ୍ଭ କଲେ ଶେଷ କରିବା ପର୍ଯ୍ୟନ୍ତ ସେ ଅନ୍ୟମନସ୍କ ରୁହନ୍ତି ଏବଂ ମୂଲିଆ ଭଳି ଖଟନ୍ତି । 'ସେଇ ସମୟତକ ତାଙ୍କୁ କୌଣସି ଘରୋଇ କାମର ଦାୟିତ୍ୱ ନଦେବାକୁ ପଦ୍ମାଳୟା ଚେଷ୍ଟା କରନ୍ତି । ଅନୁରୂପ ଭାବରେ ଯଶୋବନ୍ତ ସୁଯୋଗ ସୃଷ୍ଟି କରନ୍ତି ପଦ୍ମାଳୟାଙ୍କ ଲାଗି । ଯଶୋବନ୍ତ କୁହନ୍ତି , 'ନୂଆ କିଛି ଭାବନା ଆସିଲେ ସେ ବିଷୟରେ କଥା ହେଉ, କିନ୍ତୁ ଲେଖିବା ନିଜସ୍ୱ, ଲେଖା ସରିବା ପରେ ପୁନଶ୍ଚ ଆଲୋଚନା, କିଛି ଅବିଗୁଣ ଥିଲେ ସଂଶୋଧନ ପାଇଁ ପ୍ରସ୍ତାବ ଦିଆନିଆ ହୁଏ ।' ପଦ୍ମାଳୟାଙ୍କ ଗପ ଲେଖାର ପ୍ରେରଣା ହେଉଛନ୍ତି ଯଶୋବନ୍ତ । ଲୁହା ଖଣ୍ଡଟିଏ ଯେମିତି ଚୁମ୍ବକ ପାଖରେ ରହି କିଛି ଦିନ ପରେ ଚୁମ୍ବକତ୍ୱ ପ୍ରାପ୍ତହୁଏ ସେମିତି କଥାକାର ଯଶୋବନ୍ତଙ୍କ ଲେଖା ଓ ପ୍ରେରଣା ପଦ୍ମାଳୟାଙ୍କୁ ଗାଳ୍ପିକା କରି ଗଢ଼ି ତୋଳିଛି ବୋଲି ପଦ୍ମାଳୟା ମାନନ୍ତି । ଦୈନନ୍ଦିନ ପାରିବାରିକ ଜୀବନରେ ସର୍ଜନାର ଜୀବନ କି ନୂତନତ୍ୱ ଆଣେର ଉତ୍ତରରେ ଯଶୋବନ୍ତ କୁହନ୍ତି, ପାରିବାରିକ ଜୀବନ ଓ ସର୍ଜନ ଜୀବନ ଦୁଇଟି ଭିନ୍ନ ଭିନ୍ନ ଦାୟିତ୍ୱ । ହେଲେ ପଦ୍ମାଳୟା କୁହନ୍ତି, ମୋର ସୌଭାଗ୍ୟ ସେ ଜଣେ ଲେଖକ ତେଣୁ ମୋତେ ବୁଝି ସବୁପ୍ରକାରର ସହଯୋଗର ହାତ ମୋ' ପାଇଁ ବଢ଼େଇ ଥାଆନ୍ତି । ବଡ଼ ବୋହୂ ହିସାବରେ ସଂସାରର ଅଜସ୍ର ଦାୟିତ୍ୱ ସହିତ ସୃଜନ କାର୍ଯ୍ୟକୁ ଏକାକିନୀ ସମ୍ଭାଳିବା କଷ୍ଟକର ହୋଇପଡ଼ିଥାନ୍ତା । ଅନେକ ସମୟରେ ଉଭୟଙ୍କୁ ଅନ୍ୟମନସ୍କତାର ଭାବ ଆବୋରି ବସେ । ସଂସାରମନସ୍କ ହେଲାବେଳକୁ କେତେବେଳେ କ୍ଷୀର ହାଣ୍ଡି ପୋଡ଼ିଯାଇଥାଏ ତ ଆଉ କେତେବେଳେ ଭାତ ଜାଉ ହୋଇଯାଏ । ଏସବୁ ଭିତରେ ବି ଦୈନନ୍ଦିନ ପାରିବାରିକ ଜୀବନରେ ଏକ ମହକ ଭରିରହିଥାଏ ଯେଉଁ ମହକ କେବଳ ଲେଖାଲେଖି ପାଇଁ ସମ୍ଭବ ହୋଇପାରିଛି ବୋଲି ପଦ୍ମାଳୟାଙ୍କୁ ଲାଗେ । କୁହନ୍ତି, 'ଅନେକ ଥର ଭାବି ବସେ ସାହିତ୍ୟର ହାତ ଧରି ମୁଁ ସଂସାର ପଥରେ ଚାଲେ ନା ସାହିତ୍ୟ ମୋତେ ଚଳାଇନିଏ ସଂସାର ପଥରେ !' ପରସ୍ପରକୁ ବୁଝିବା, ସମ୍ମାନ ଦେବା ଓ ଭରସା କରିବା ଏକ ସୁଖଦ, ପ୍ରେମମୟ ସଂସାର ଗଢ଼ିବାର ମୂଳମନ୍ତ୍ର ବୋଲି ପଦ୍ମାଳୟା କହୁଥିଲାବେଳେ ଯଶୋବନ୍ତ କୁହନ୍ତି, ଆଦର୍ଶ ଯୁଗଳବନ୍ଦୀର କିଛି ନିର୍ଦ୍ଦିଷ୍ଟ ନିୟମ ନାହିଁ । ଆମେ ଯେଉଁ କଥାରେ ପରସ୍ପରକୁ ଗ୍ରହଣ କରିଯାଉଛୁ, ସହିଯାଉଛୁ, ହୁଏତ ଅନ୍ୟମାନଙ୍କ କ୍ଷେତ୍ରରେ ତାହା ଗ୍ରହଣୀୟ ହୋଇ ନ ପାରେ । ତେବେ ଗୋଟେ କଥା ସତ, ବୟସ ବଢିଲେ ନିର୍ଭରଶୀଳତା ବଢ଼େ, ଏବଂ ଏହି ନିର୍ଭରଶୀଳତା ଆହୁରି ନିକଟତର କରାଏ ।

ପ୍ରେମ ଓ ପରିପୂର୍ଣ୍ଣତା :
ସୁଶାନ୍ତ ଓ ଦୀପ୍ତିମିତା

ପ୍ରେମର ପରିଭାଷା ପରିପୂର୍ଣ୍ଣତାରେ ଉକୁଟେ । ପ୍ରେମ ପାଇଁ ଚେଷ୍ଟା ସଫଳ ଅଥବା ବିଫଳ ହୋଇପାରେ କିନ୍ତୁ ପ୍ରେମ କେବେ ଅସଫଳ ହୁଏନି । ପ୍ରେମ ମାନେ ହିଁ ସାର୍ଥକତା ଓ ସଫଳତା । ପ୍ରେମରେ ମଣିଷ ପଡ଼େନି ବରଂ ପ୍ରେମ ତିଆରି ହୋଇଯାଏ ଆପଣାଛାଏଁ ଆବେଗରେ । ଗଢ଼ିହୁଏ ମଣିଷ ନୂଆ କରି ନୂଆ ପ୍ରକ୍ରିୟାରେ ପ୍ରେମର ସେହି ଅନନ୍ୟ ଅନୁଭବରେ । ଏମିତି କିଛି ମିଠା ମିଠା ପୂରିଲା ଭାବ ସ୍ୱତଃ ତିଆରି ହୋଇଯାଏ ଏହି ଦମ୍ପତିଙ୍କ ସଂସ୍ପର୍ଶରେ ଆସିଲେ । ପରିବାରରୁ ସୋସିଆଲ ମିଡ଼ିଆ ପର୍ଯ୍ୟନ୍ତ ସମସ୍ତଙ୍କ ଆଖିରେ ଲୋକପ୍ରିୟ ଯୋଡ଼ି ଭାବରେ ପରିଚିତ ସାହିତ୍ୟ ଓ ସମାଜ ସଙ୍ଗଠକ ସୁଶାନ୍ତ ଦାଶ ଏବଂ ସୁଲେଖିକା, ସଙ୍ଗଠିକା ଦୀପ୍ତିମିତା ମହାପାତ୍ର ସୁପରିଚିତ । ଏକ ପ୍ରତିଷ୍ଠିତ ମେଡ଼ିସିନ କମ୍ପାନୀରେ ପଦସ୍ଥ ଅଧିକାରୀ ଭାବରେ କାମ କରୁଥିବା ଅବସ୍ଥାରେ ସୁଶାନ୍ତ ବାବୁ କବି ହିସାବରେ ସୁପରିଚିତ ଓ ଲୋକପ୍ରିୟ ହୋଇସାରିଥିଲେ । ତାଙ୍କର କବିତା ସଂକଳନ କିଛି ଅନ୍ୱେଷା, ରୋମରୁ ମୋନାଲିଆ, ଈଶ୍ୱରଙ୍କ ସହ କାଳିଝିଅ ପହଞ୍ଚିସାରିଥିଲା ଦୀପ୍ତିମିତାଙ୍କ ବଡ଼ ଭଉଣୀଙ୍କ ମାଧ୍ୟମରେ । ସୁଶାନ୍ତଙ୍କୁ ପଢ଼ିବାକୁ ଯାଇ କବିତାକୁ କୌତୂହଳରେ ପଢ଼ିବସନ୍ତି ଦୀପ୍ତିମିତା ଏବଂ ଛନ୍ଦି ହୋଇଯାଆନ୍ତି କାବ୍ୟିକ ଶବ୍ଦମାନଙ୍କ ଇନ୍ଦ୍ରଜାଲରେ । କବିତା ପଢୁ ପଢୁ କବିତାର ନାୟିକା ଭାବରେ ନିଜକୁ ପାଇ ଅନ୍ୟମନସ୍କ ଓ ମୁଗ୍ଧ ହୁଅନ୍ତି ଦୀପ୍ତିମିତା ।

ପ୍ରେମ ଗଢ଼ିହୁଏ ବୋଲି ଯେଉଁ କଥାଟି କୁହାଯାଇଛି ସେହି କଥାଟି ହିଁ ଘଟିଛି ଉଭୟଙ୍କ କ୍ଷେତ୍ରରେ । ଦୀପ୍ତିମିତାଙ୍କ ସର୍ଜକ ସତ୍ତାଟି ଗଢ଼ି ହୋଇଛି ସୁଶାନ୍ତଙ୍କ ସହ ସମ୍ପର୍କୀକୃତ ହେଲାପରେ । ସୁଶାନ୍ତଙ୍କ ପାଇଁ ପାରସ୍ପରିକତା ହେଲା ଉଭୟଙ୍କ ଭିତରେ ଉତ୍ତମ ବୁଝାମଣା ଓ ସମ୍ମାନ । ସୁଶାନ୍ତ କୁହନ୍ତି, 'ଡଲି(ଦୀପ୍ତିମିତାଙ୍କ ଶ୍ରଦ୍ଧା ନାମ) ମୋର ବର୍ତ୍ତମାନର ଉତ୍ସ । ତାଙ୍କର ପ୍ରେରଣା ଓ ସେ ମୋ' କବିତାର ପ୍ରଥମ ଶ୍ରୋତା । ଯଦିଓ ମୁଁ ବିବାହ ପୂର୍ବରୁ କବିତା ଲେଖୁଥିଲି କିନ୍ତୁ ବିବାହ ପରେ ତାଙ୍କର ମତାମତରେ ମୋର କବିତା ଶାଣିତ ହୋଇଛି ।' ଅପରପକ୍ଷରେ ଦୀପ୍ତିମିତା କୁହନ୍ତି, ଉଭୟଙ୍କ ପ୍ରତି ବିଶ୍ୱାସ ଓ ଭଲପାଇବା ହିଁ ସମ୍ପର୍କରେ ପରିପୂରକତା ଆଣିବାରେ ସହାୟକ ହୁଏ । ସେ ଲେଖନ୍ତି, ମୋତେ ଶୁଣାନ୍ତି । ମୁଁ ଶୁଣି ମୋର ମତ ରଖେ, ସେ ପୁଣି ବଦାଳନ୍ତି, ପୁଣି ଶୁଣାନ୍ତି ଏମିତି ଚାଲେ । ମତେ ସେ ଗପ ଲେଖିବା ପାଇଁ କୁହନ୍ତି । ମୋର ବିଷୟବସ୍ତୁ ଶୁଣି କୁହନ୍ତି, ହଁ ଏଇଟା ଲେଖ ଭଲ ଗପଟିଏ ହେବ । ମୁଁ ମୋର ଲେଖାଟି ପାଇଁ ପ୍ରେରଣା ତାଙ୍କଠାରୁ ପାଇଯାଏ ।' ସୁଶାନ୍ତ କୁହନ୍ତି,'ମାତ୍ରାଧିକ ଲୋକପ୍ରିୟତା, ଅଗଣିତ ପ୍ରଶଂସକଙ୍କ ଭଲ ପାଇବା ଆମ ଜୀବନରେ ସୁଖ ଓ ଶାନ୍ତି ଆଣିଦେଇଛି । ପାରସ୍ପରିକ ସମ୍ମାନ ହିଁ ଆଦର୍ଶ ଯୁଗଳର ମାନ୍ୟତା ଦାବିକରେ ବୋଲି ସୁଶାନ୍ତ କହୁଥିଲା ବେଳେ ଦୀପ୍ତିମିତା ନିଜ ଦାମ୍ପତ୍ୟକୁ ଆଦର୍ଶ ଦାମ୍ପତ୍ୟ ମାନନ୍ତି ଯଦିଓ ତାଙ୍କ ଦାମ୍ପତ୍ୟ ନୂଆପଣରେ ସବୁ ସମୟରେ ଗଢ଼ିହେଉଥାଉ ବୋଲି ଚାହାଁନ୍ତି । ଦୀପ୍ତିମିତା କୁହନ୍ତି ନାରୀର ମନକୁ ଯଥେଷ୍ଟ ସ୍ୱାଧୀନତା ଓ ସ୍ୱଚ୍ଛନ୍ଦତା ଯୋଗେଇ ଦେଇଥିବା ସୁଶାନ୍ତ ବିବାହର କୋଡ଼ିଏ ବର୍ଷ ପରେ ବି ଭଲପାଇବାରେ ସେହି ନୂଆପଣ ଓ ରୋମାଞ୍ଚ ବଞ୍ଚେଇ ରଖିଛନ୍ତି ।

ଗଂଜାମ ଜିଲ୍ଲା ପୁସ୍ତକ ମେଳା, ବ୍ରହ୍ମପୁର ସାହିତ୍ୟ ପରିଷଦ, ଓଡ଼ିଶା ସାହିତ୍ୟ ବିକାଶ ପ୍ରତିଷ୍ଠାନ ଭଳି ସାଂଗଠନିକ ଦାୟିତ୍ୱ ନେଇଥିବା ସୁଶାନ୍ତ 'ସୌରଭ', 'ବେଳାଭୂମି', 'ସାହିତ୍ୟ ଚର୍ଚ୍ଚା', 'ବୈତରଣୀ' ଭଳି ରାଜ୍ୟସ୍ତରୀୟ ସାହିତ୍ୟ ଓ ଆଧ୍ୟାତ୍ମିକ ପତ୍ରିକାର କାର୍ଯ୍ୟ କରନ୍ତି ନିଜର ବ୍ୟକ୍ତିଗତ ବ୍ୟବସାୟକୁ ପରିଚାଳନା କରୁଥିବା ସମୟରେ । ସୁଶାନ୍ତ କୁହନ୍ତି ଦୀପ୍ତିମିତା ତାଙ୍କ ଜୀବନକୁ ଆସିଲା ପରେ ଗୁଡ଼ାଏ ଆନୁଷ୍ଠାନିକ ଏବଂ ସାଙ୍ଗଠନିକ ଦାୟିତ୍ୱ ବାଣ୍ଟି ନେଇଛନ୍ତି ସେ । ଅଧିକରୁ ଅଧିକ ବ୍ୟବସ୍ଥିତ ହୋଇଛି ତାଙ୍କ କାର୍ଯ୍ୟ ଏବଂ ପ୍ରଚାର ଓ ପ୍ରସାର ଲାଭ କରିଛି ତାଙ୍କ କାର୍ଯ୍ୟର ପରିସର । ସୁଶାନ୍ତଙ୍କ ପ୍ରେରଣାରେ କବିତା, ଗପ ଲେଖିଛନ୍ତି ଦୀପ୍ତିମିତା ଏବଂ ସଫଳ ହୋଇଛନ୍ତି ।

ଉଭୟେ କୁହନ୍ତି, ପାରସ୍ପରିକ ସମ୍ମାନବୋଧରେ ଜୀବନ ପାଏ ପ୍ରେମ । ପ୍ରେମରେ ବିବାହ ହେଉଛି ଯଦି ତାହା ପୂଜା ହୋଇ ଚିରକାଳ ଉଭୟଙ୍କ ଭିତରେ ଥାଉ । ମହକିତ କରୁ ଆଖପାଖର ସମ୍ପର୍କକୁ ।

ଶ୍ରୀମତୀ ଓ ଶ୍ରୀଯୁକ୍ତ : ଭାରତ ଓ ପଦ୍ମଜା

ନିଜ ନିଜ ସର୍ଜକ ସତ୍ତାକୁ ଧରି ଦାମ୍ପତ୍ୟ ନିର୍ବାହ କଲାବେଳେ 'ମୁଁ'ର ଭାବ 'ଆମେ ଦୁହେଁ'ର ଭାବରେ ରୂପାନ୍ତରିତ କରି ପାରସ୍ପରିକତାର ଜୀବନ ନିର୍ବାହ କରୁଥିବା ଏହି ସର୍ଜନ ଯୁଗଳ ଲାଗନ୍ତି ସତସତିକା ଆଶୀର୍ବାଦିତ । ଉଭୟେ ଶିକ୍ଷାକ୍ଷେତ୍ରରେ କାମ କରନ୍ତି । ପ୍ରାଚୀନ ଲୋକଗୀତ, ଲୋକକଳାକୁ ନେଇ ସାଂଗଠନିକ କାମ କରନ୍ତି । ଫୁଲକୁ, ଶବ୍ଦକୁ, ସଙ୍ଗୀତକୁ , ଛାତ୍ରଛାତ୍ରୀଙ୍କୁ, ସମ୍ପର୍କକୁ ମଣିଷଙ୍କୁ ଖୁବ୍ ଭଲପାଉଥିବା ଏହି ଯୋଡ଼ିଙ୍କୁ ଦେଖିଲେ ମନରେ ଯେଉଁ ପବିତ୍ରତାର ଭାବ ସଂଚାର ହୁଏ ତାହା ହିଁ ସାହିତ୍ୟ, ତାହା ହିଁ ପ୍ରେମ ଭଳି ପ୍ରତୀୟମାନ ହୁଏ । ସେ ଦୁହେଁ ହେଉଛନ୍ତି କୃଷ୍ଣଚନ୍ଦ୍ର ତ୍ରିପାଠୀ ଏବଂ ପଦ୍ମଜା ଶରଣ । ଗୋଟିଏ ବିଦ୍ୟାଳୟରେ ବାଲ୍ୟକାଳ ଓ କୈଶୋର । ମହାବିଦ୍ୟାଳୟରେ ତାରୁଣ୍ୟ । ନିରୁତା ବନ୍ଧୁତା ଥିଲା ସମ୍ପର୍କର ଭିତ୍ତି । ପଦ୍ମଜାଙ୍କ ଗଭୀର ବ୍ୟକ୍ତିସତ୍ତା, କଳାମନସ୍କ ଆତ୍ମା, ପ୍ରତିଭା ଓ ସ୍ନେହୀ ଗୁଣ ଟିକକ ଯେମିତି କୃଷ୍ଣଚନ୍ଦ୍ରଙ୍କୁ ପସନ୍ଦ ସେମିତି କୃଷ୍ଣଚନ୍ଦ୍ରଙ୍କ ଅଧ୍ୟବସାୟ, କଳାରୁଚି, ଗାର୍ଜନସୁଲଭ ବ୍ୟକ୍ତିତ୍ୱ, ଦାୟିତ୍ୱବତ୍ତା ଓ ଯତ୍ନବାନ ସ୍ୱରୂପ ଟିକକ ପଦ୍ମଜାଙ୍କୁ ପସନ୍ଦ । ଘରୋଇ ବନ୍ଧୁତାରୁ ପ୍ରେମ ଏବଂ ପରବର୍ତ୍ତୀ ସମୟରେ ଅତ୍ୟନ୍ତ ଫିଲ୍ମୀ ଢଙ୍ଗରେ ବିବାହ ।

ବିବାହ ପୂର୍ବରୁ ଉଭୟେ ଉଭୟଙ୍କ ସର୍ଜକ ସତ୍ତା ପ୍ରତି କେତେ ସଚେତନ ଥିଲେ ଏବଂ ବିବାହ ଭଳି ବନ୍ଧନରେ ବାନ୍ଧି ହେବାକୁ ସେହି କାରଣ କେତେ ପ୍ରଭାବିତ କରିଥିଲା ଭଳି ପ୍ରଶ୍ନର ଉତ୍ତରରେ ପଦ୍ମଜା କୁହନ୍ତି , ହଁ, ଅନେକ ପୂର୍ବରୁ ଆମ ଭିତରେ ଥିବା ସର୍ଜକ ସତ୍ତା ସଂପର୍କରେ ଅବଗତ ଥିଲୁ । ସୃଜନକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା ବି ହେଉଥିଲା । ଅଜାଣତରେ ସୃଜନ ଭିତରେ ଲୁଚିଥିବା କାହାଣୀ କି କବିତା ଭିତରେ ପରସ୍ପରକୁ ଭେଟୁଥିଲୁ କିନ୍ତୁ କେହି କାହାକୁ କହୁ ନ ଥିଲୁ । କହୁ ନ ଥିଲୁ ସିନା କୋଉଠି ନା କୋଉଠି ଗଣ୍ଠି ପଡୁଥିଲା, କୋଉଠି ଅସ୍ପଷ୍ଟ, ଅସ୍ପୃଶ୍ୟ ସ୍ୱପ୍ନ ବି ସଜା ହେଉଥିଲା ସନ୍ତର୍ପଣରେ ।' ସ୍ୱଳ୍ପଭାଷୀ କୃଷ୍ଣ ସେହି ପ୍ରଶ୍ନର ଉତ୍ତରରେ କୁହନ୍ତି ,ସର୍ଜନ ସତ୍ତାରୁ ବନ୍ଧୁତାରେ ନିବିଡ଼ତା, ଆଉ ନିବିଡ଼ ବନ୍ଧୁତାରୁ ବିବାହର ନିଷ୍ପତ୍ତି ।' ଦାମ୍ପତ୍ୟରେ ପାରସ୍ପରିକତାର କଥା କହୁଥିଲାବେଳେ କୃଷ୍ଣ କୁହନ୍ତି, 'ମତୈକ୍ୟ ଅପେକ୍ଷା ଅନେକ ସମୟରେ ମତ ପାର୍ଥକ୍ୟ ପ୍ରଥମେ ପ୍ରକାଶ ପାଏ । ତେବେ ବାହାରେ ଭିନ୍ନ ମତ ଦେଉଥିଲେ ବି ଆନ୍ତରିକ ଭାବରେ ତାଙ୍କ କଥା, କାର୍ଯ୍ୟକୁ ସମର୍ଥନ କରେ । ହୁଏତ ସେ ବି । ସବୁ କ୍ଷେତ୍ରରେ ସହଯୋଗ କରିବାକୁ ଚେଷ୍ଟା କରେ ।' ପାରସ୍ପରିକତା ଅଥବା ପରିପୂରକତାର ସେହି ଅନୁଭବକୁ ଛଳଛଳ କବିତା ଭଳି ପଦ୍ମଜା କୁହନ୍ତି, ଖୁବ୍ ବେଶି ନୀରବତା ଓ ଖୁବ୍ ବେଶି ପ୍ରଗଲ୍ଭତା ଭିତରେ ବହୁ ସମୟରେ

ଦୁଇ ବିପରୀତମୁଖୀ ଜୀବନ ପରି ଲାଗେ ବୋଲି ଦେଖୁଥିବା କିଛି ଲୋକ କହନ୍ତି । ପାଖ ଲୋକେ ଅଲଗା କହନ୍ତି । ଜୀବନ ଜିଇଁବାର ବାଟ ଅଲଗା ଥାଏ । ଅଲଗା ଭାବରେ ଆପଣେଇ ଥିବା ଏଇ ମାଧ୍ୟମ ଆଉ ବାଟ ଶେଷରେ ଦୁହେଁ ଦୁହିଁକୁ ଝୁଣ୍ଟି ପଡୁ । ସେଠି ନା ସେ ଏକା ଏକା, ନା ମୁଁ ... ଏମିତି ଅନେକ କିଛି ନିଇତି ଘଟେ ।'

ପାରସ୍ପରିକତା ଉଭୟଙ୍କ ସର୍ଜକ ସତ୍ତାକୁ କିଭଳି ସମୃଦ୍ଧ କରିଛିର ଉତ୍ତରରେ କୃଷ୍ଣ କୁହନ୍ତି, 'ଆଜିକାଲି ତ ମୋର ଲେଖାଲେଖି ନାହିଁ କିଛି । କିନ୍ତୁ ସବୁବେଳେ ଇଚ୍ଛା କରେ ସେ ଆହୁରି ଆହୁରି ଆଗକୁ ଯାଆନ୍ତୁ ଏ ଦିଗରେ ।' ଏହି ପ୍ରଶ୍ନର ଉତ୍ତରରେ ପଦ୍ମଜା କୁହନ୍ତି , ପିଲାଦିନରୁ ସ୍କୁଲ, ଗାଁ ଡ୍ରାମା ମଂଚରେ ଏକାଠି ଥିଲୁ । ମୁଁ ନାଚରେ, ଗୀତିନାଟ୍ୟରେ ତ ସେ ନାଟକରେ । ତାରୁଣ୍ୟରେ ସେ ଗପ ନାଟକ ଲେଖାରେ, ମୁଁ କବିତାରେ । ପରବର୍ତ୍ତୀ ସମୟରେ ସେ ମଂଚ ଅଭିନେତା, ମୁଁ କେବଳ କବିତା । ୟା' ଭିତରେ ଦୁହେଁ ପରସ୍ପରକୁ ସଜାଡୁ, ସେୟାର କରୁ, ଏପରିକି ମୋ' କବିତା କି ଆବୃତ୍ତି ଭଲ ନହେଲେ ତାଙ୍କୁ ଭଲ ଲାଗେନା । ଡ୍ରାମାରେ ନାଚ ଦୃଶ୍ୟରେ ସେ ଭଲ ନାଚିବେ ବୋଲି ଗୀତର ତାଳେ ତାଳେ ତାଙ୍କ ସହ ନାଚ ଅଭ୍ୟାସ କରେ । ମଂଚରେ ତାଙ୍କ ନାୟିକା ସୁନ୍ଦରୀ ନ ହେଲେ ମତେ ଭଲ ଲାଗେନା, ସେମିତି ଅନେକ ପୁରୁଷ କବି ବଂଧୁ ଅନାୟାସରେ ତାଙ୍କ ବଂଧୁ ହୋଇ ଯାଆନ୍ତି । ଦୁହେଁ ଦୁହିଁକର ସୃଜନ ଜୀବନକୁ ଖୁବ୍ ସମ୍ମାନ ଓ ଶ୍ରଦ୍ଧା କରୁ । ତଥାପି ନିଜ ନିଜର ସୃଜନ ଓ କଳାକୁ ନେଇ ପରସ୍ପରର ପ୍ରଶଂସାକୁ ଅପେକ୍ଷାରେ ଥାଉ, କେହି କିନ୍ତୁ ମୁହଁ ଖୋଲୁନା । ପାରିବାରିକ ଜୀବନରେ ସର୍ଜକ ଯୁଗଳ ହୋଇ କି ନୂତନତ୍ୱ ଆଣିଛନ୍ତି ବୋଲି ପଚାରିଲାବେଳେ କୃଷ୍ଣ ସହଜ ଓ ସଂକ୍ଷିପ୍ତରେ କୁହନ୍ତି, ପାରସ୍ପରିକ ବୁଝାମଣାକୁ ସହଜ କରିପାରିଛି ବୋଲି ମୋର ବିଶ୍ୱାସ । ପଦ୍ମଜା କୁହନ୍ତି, ପରସ୍ପରର ପରିସ୍ଥିତି, ଅନୁଭବ ବୁଝିପାରିଛୁ ସହଜରେ । ଫଳରେ ପାରିବାରିକ ଜୀବନ ଖୁବ୍ ସ୍ୱଚ୍ଛନ୍ଦ ଏବଂ ଅନ୍ୟ ପରିବାରମାନଙ୍କ ଠାରୁ ଅଲଗା ଲାଗିଛି । ତେଲ ଲୁଣ ସଂସାର ଥାଇ ଗୋଟେ ଉଚ୍ଚତର ଜୀବନବୋଧ କେବଳ ପାରିବାରିକ ନୁହେଁ, ସାମାଜିକ, ଆଧ୍ୟାତ୍ମିକ ଜୀବନକୁ ପ୍ରଭାବିତ କରିଛି । ଏହି ସ୍ୱତନ୍ତତା ଆମକୁ ଟିକେ ଅଲଗା ଭାବରେ ପରିଚିତ କରାଇ ସମସ୍ତଙ୍କ ଶ୍ରଦ୍ଧାଭାଜନ କରେଇଛି ।

ପଦ୍ମଜା କୁହନ୍ତି, ଦୁହେଁ ସ୍ୱପ୍ନ ଦେଖୁ, କଳ୍ପନାର ସୁଅରେ ଭାସୁ । କିନ୍ତୁ ଅଧାରୁ ସଜାଗ ହୁଅନ୍ତି କୃଷ୍ଣଚନ୍ଦ୍ର ଯେହେତୁ ସମ୍ପୂର୍ଣ୍ଣ ଡୁବି ଅଣନିଃଶ୍ୱାସୀ ହେବା ପୂର୍ବରୁ ସେ ଉଠେଇ ଆଣିବେ ଯେମିତି ।' କୃଷ୍ଣଚନ୍ଦ୍ର କଳାପ୍ରେମୀ । ନିଜେ ଗପ ଓ ନାଟକ ଲେଖନ୍ତି । କବିତା ବି । ଯାତ୍ରା କି ନାଟକରେ ଅଭିନୟ କଲାବେଳେ କାୟାପ୍ରବେଶ ହୁଏ ଯେମିତି ତାଙ୍କର ଚରିତ୍ରରେ । ପଦ୍ମଜା କୁହନ୍ତି, 'କଳା ପ୍ରଦର୍ଶନ କରି ତାରିଫ୍ ମିଳୁ କି ନ ମିଳୁ ସେଥି ପ୍ରତି ସେ ଉଦାସୀନ ଥାଆନ୍ତି । ଯେକୌଣସି ଚରିତ୍ରରେ ସେ ଅଭିନୟ କରନ୍ତୁ, ସେ ଚରିତ୍ର ଭିତରେ ନିଜକୁ ସଂପୂର୍ଣ୍ଣ ମିଶାଇ ଦିଅନ୍ତି ।' କଳା ପ୍ରତି ସମର୍ପିତ କୃଷ୍ଣଚନ୍ଦ୍ରଙ୍କ ସ୍ୱଭାବ ପଦ୍ମଜା ଶରଣଙ୍କୁ ଖୁବ୍ ଭଲ ଲାଗେ । ଯେମିତି ପଦ୍ମଜାଙ୍କ କଳ୍ପନାପ୍ରବଣ ମନ, ସଙ୍ଗୀତ ଓ କବିତ୍ୱକୁ ଖୁବ୍ ପସନ୍ଦ କରନ୍ତି କୃଷ୍ଣଚନ୍ଦ୍ର ।

ଆଦର୍ଶ ଦମ୍ପତି କିଭଳି ହେବାର ଉତ୍ତରରେ କୃଷ୍ଣ କୁହନ୍ତି, ପରସ୍ପର ପ୍ରତି ବିଶ୍ୱାସ, ପ୍ରେମ ଓ ବୁଝାମଣା ହିଁ 'ଆଦର୍ଶ ଯୁଗଳ'ର ମାନକ ବୋଲି ମୋର ମତ ।' ଏହି କ୍ଷେତ୍ରରେ ପଦ୍ମଜାଙ୍କ ପ୍ରତିକ୍ରିୟା ଖୁବ୍ କାବ୍ୟିକ । କୁହନ୍ତି, ଓଠ ଡେଇଁ ପାରୁ ନ ଥିବା କଥା ସବୁ ବୁଝିଯିବା, ପରସ୍ପରର ଚିନ୍ତାଧାରା, ପ୍ରବଣତାମାନଙ୍କୁ ଯଥା ସଂଭବ ସମ୍ମାନ ଦେବା, ବନ୍ଧନରେ ଥିଲେ ବି ମୁକୁଳି ଯିବାକୁ ଗଣ୍ଠି କୋହଳ ରଖିବା ଆଦର୍ଶ ଯୁଗଳର ଭିତ୍ତିଭୂମି ବୋଲି ମୋର ଅନୁଭବ ।'

ଶେଷହୀନ ଗଳ୍ପ:
ରୋଜାଲୀନ ଓ ଦିଲ୍ଲୀପ

ଚଳଚ୍ଚିତ୍ରର ନାୟକ ନାୟିକା ଭଳି ଲାଗନ୍ତି ଉଭୟେ । କଥାରେ ସ୍ପଷ୍ଟ, ସରଳ ଓ ଚଳଚଞ୍ଚଳ ଦିଲ୍ଲୀପ ପେଶାରେ ଡାକ୍ତର ସତ କିନ୍ତୁ ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ଓ ପ୍ରତିବଦ୍ଧତା ତାଙ୍କୁ ସମସାମୟିକ ସାହିତ୍ୟ ଜଗତରେ ଯଥେଷ୍ଟ ପ୍ରସିଦ୍ଧି ଦେଇଛି । କବିତା ଭଳି ଅନୁରାଗରେ ଛଳଛଳ କରୁଥିବା ରୋଜାଲୀନ୍ ସାମ୍ବାଦିକତାର ଦାୟିତ୍ୱ ସହ କଥା ଜଗତରେ ପାଦ ରଖି ବି ନିଜ ଗୃହିଣୀପଣକୁ ସାବ୍ୟସ୍ତ କରିଛନ୍ତି ଅତ୍ୟନ୍ତ ଯତ୍ନରେ । ସମ୍ପାଦିଛନ୍ତି ନିଜକୁ ସାହିତ୍ୟରେ, ଘରକରଣାରେ । ବାଲ୍ୟଜୀବନରୁ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ ପରବର୍ତ୍ତୀ ସମୟରେ ତାଙ୍କୁ ଲେଖିକା ଭାବରେ ତିଆରି କରେଇଛି ବୋଲି କୁହନ୍ତି ରୋଜାଲୀନ । ମୁଖ୍ୟତଃ ଗଳ୍ପ ଲେଖୁଥିବା ରୋଜାଲୀନ୍ ଗଳ୍ପ ପାଇଁ 'କଥା ନବପ୍ରତିଭା ପୁରସ୍କାର', ଏବଂ ତା'ପରେ 'କାଦମ୍ବିନୀ ନବ ଉନ୍ମେଷ ପୁରସ୍କାର' ପ୍ରାପ୍ତ ହେବା ସହ ୨୦୨୨ ମସିହା ପାଇଁ ପ୍ରଧାନମନ୍ତ୍ରୀ ମେଣ୍ଟରସିପ୍ ଯୋଜନାରେ ଯୁବା -୨.୦ ପାଇଁ ଏକମାତ୍ର ଓଡ଼ିଆ ଭାବରେ ମନୋନୀତ ହୋଇ ରାଷ୍ଟ୍ରପତିଙ୍କ ସହ ଭାବ ବିନିମୟ କରିବାର ସୁଯୋଗ ପାଇଛନ୍ତି । ଅପରପକ୍ଷେ ଦିଲ୍ଲୀପ ବେହେରା ଡାକ୍ତରୀ ପାଠ ସମାପ୍ତ କରିବା ସହ ଇଂରାଜୀ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ପାଠୁଶାଳା (ଗଳ୍ପ ସଂକଳନ), ଆସ୍ ଟ୍ରେ (ଗଳ୍ପ ସଂକଳନ), ଲଣ୍ଠନ (ଗଳ୍ପ ସଂକଳନ),ଶବ ସତ୍କାର ଓ ଅନ୍ୟାନ୍ୟ ନାଟକ,ଲେଭଲ୍ କ୍ରସିଂ (କବିତା ସଙ୍କଳନ), ବିବିଧ ବିପିନ (ସମ୍ପାଦନା) ଭଳି ପୁସ୍ତକମାନ ଓଡ଼ିଆ ସାହିତ୍ୟକୁ ଦେଇଥିବା ଦିଲ୍ଲୀପ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର, କଥା ନବପ୍ରତିଭା ପୁରସ୍କାର, ଲକ୍ଷ୍ମୀ କୁମାରୀ ଯୁବ ସାହିତ୍ୟିକ ପୁରସ୍କାର, କିଶୋରୀ ଚରଣ ଗଳ୍ପ ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ବିଷୁବ ମିଳନ ଅବସରରେ ପ୍ରଦତ୍ତ 'ଜଷ୍ଟିସ ହରିହର

ମହାପାତ୍ର ନାଟ୍ୟ ସାହିତ୍ୟ ପୁରସ୍କାର', ଫକୀର ମୋହନ ଯୁବ ଗାଳ୍ପିକ ସମ୍ମାନ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର ଦ୍ୱାରା ପ୍ରଦତ୍ତ ପ୍ରଥମ 'ଯୁବ ସାହିତ୍ୟିକ ପୁରସ୍କାର' ଭଳି ଅନେକ ମାନସମ୍ମାନ ଅର୍ଜନ କରିଛନ୍ତି । ଉଭୟ ରୋଜାଲୀନ ଓ ଦିଲ୍ଲୀପଙ୍କୁ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ପୁରୀ ସାରସ୍ୱତ ଯୁଗଳବନ୍ଦୀ ସମ୍ମାନରେ ସମ୍ମାନିତ କରିଛି ।

ଦିଲ୍ଲୀପ କୁହନ୍ତି ବିବାହ ପୂର୍ବରୁ ପାରସ୍ପରିକ ସର୍ଜକ ସତ୍ତା ସମ୍ବନ୍ଧରେ କିଞ୍ଚିତ ଅବଗତ ଥିଲେ ସୁଦ୍ଧା ବିବାହ ସମ୍ବନ୍ଧରେ ନିଷ୍ପତ୍ତି ସମୟରେ ତା'ର ଭୂମିକା ଗୌଣ । ସାଧାରଣ ଓଡ଼ିଆ ପରିବାରରେ ବିବାହ ସମୟରେ ଯାହା ସବୁ ଔପଚାରିକତା ଦେଇ ଗତି କରିବାକୁ ହୁଏ ତା'ର ଆମେ ବ୍ୟତିକ୍ରମ ନୋହୁଁ । କିଛି ସାଧାରଣ ଗାଣିତିକ ସୂତ୍ର ସାହାଯ୍ୟରେ ଉପପାଦ୍ୟ ପ୍ରମାଣିତ ହେବା ଭଳି ଗୋଟିଏ ସାଧାରଣ ଓଡ଼ିଆ ପରିବାରର କିଛି ଧରାବନ୍ଧା ବୈବାହିକ ସୂତ୍ର ମଧ୍ୟ ଥାଏ । ସେହି ଫର୍ମୁଲାରେ ସବୁ ସମାହିତ । ଦାମ୍ପତ୍ୟରେ ପରିପୂରକତା ନେଇ ଉଭୟେ କୁହନ୍ତି, ଦାମ୍ପତ୍ୟ ଜୀବନରେ ଯେଉଁ କିଛି ଧରାବନ୍ଧା ନିୟମ ବା ସର୍ତ୍ତ ରହିଛି ସେଥିରେ ସର୍ବାଗ୍ରେ ଆସେ ପରିପୂରକତା । ତାହା ହିଁ ଲକ୍ଷ୍ମଣରେଖା ଟାଣେ ସଫଳ ଏବଂ ବିଫଳ ଦାମ୍ପତ୍ୟ ଜୀବନ ଭିତରେ । ଦିଲ୍ଲୀପଙ୍କ ପେଷା ଜନିତ କାର୍ଯ୍ୟବ୍ୟସ୍ତତା ଖୁବ୍ ବେଶି । ରୋଜାଲୀନଙ୍କ ପେଷା ଅଲଗା । ନିଜ ବୃତ୍ତିଗତ କାର୍ଯ୍ୟ ସହିତ ରୋଜାଲୀନଙ୍କୁ ସମ୍ଭାଳିବାକୁ ହୁଏ ଦିଲ୍ଲୀପଙ୍କ ବିଶାଳ ପରିବାର । କିନ୍ତୁ ଦୁହିଁଙ୍କ ରୁଚି ଏବଂ ପସନ୍ଦ ଅପସନ୍ଦ ଖୁବ୍ ପାଖାପାଖି । ପ୍ରତ୍ୟେକଟି ପାରିବାରିକ ଦାୟିତ୍ୱବୋଧ ଉଭୟଙ୍କ ପରାମର୍ଶ, ସହମତି ଏବଂ ସହଯୋଗରେ ହୁଏ ତେଣୁ ମତାନ୍ତର କି ମନାନ୍ତରର ଅବସର ଖୁବ୍ କମ୍ ଜୁଟେ । ଏବେ ସମସ୍ତ ଦାୟିତ୍ୱବୋଧ ଭିତରେ ଯୋଡ଼ି ହେଇଛି ଆଉ ଗୋଟେ ଖୁବ୍ ମଧୁର ଏବଂ ମନୋରମ ଦାୟିତ୍ୱବୋଧ କୁନିପୁଅ 'ତାୟୁ' ରୂପରେ । ଉଭୟଙ୍କ ପାଇଁ ଏ ଅଧ୍ୟାୟଟି ଯଦିବା ଅପେକ୍ଷାକୃତ କଠିନ କିନ୍ତୁ ଖୁବ୍ ପଠନଯୋଗ୍ୟ । ଏବେ ସେହି ପାଠରେ ବିତୁଛି ଦିନରାତି ଉଭୟଙ୍କର ।

ସର୍ଜନ କ୍ଷେତ୍ରରେ ପାରସ୍ପରିକତା କିପରି ଉତ୍କୁଟେର ପ୍ରଶ୍ନର ଉତ୍ତରରେ କୁହନ୍ତି, ସବୁସମୟ କବି-ଗାଳ୍ପିକର ଜୀବନ ନୁହଁ । ଆମେ ଖୁବ୍ ସାଧାରଣ ଭାବରେ ବଞ୍ଚୁ । କେବେ କେମିତି ତା' ଭିତରକୁ ସାହିତ୍ୟ ସୁଯୋଗ ଉଣ୍ଡି ପଶିଆସେ । ଦିଲ୍ଲୀପ କିଛି ଲେଖାଲେଖି କଲେ ରୋଜାଲୀନ୍‌କୁ ପଢ଼ିବାକୁ ଦିଅନ୍ତି ଏବଂ ମତାମତ ଚାହାଁନ୍ତି । ନିଜ ଲେଖାଲେଖି ଉପରେ ରୋଜାଲୀନ୍‌ଙ୍କ ମତାମତକୁ ସମ୍ମାନ ଦେଉଥିବା ଦିଲ୍ଲୀପ ରୋଜାଲୀନ ଲେଖିଲେ ତାକୁ ଅନାୟାସରେ କାଟଛାଂଟ କରିପାରନ୍ତି । ପରାମର୍ଶ ଦେବା ସହ ସମୟ ବିଶେଷରେ ପରସ୍ପରର ଲେଖାକୁ ନାକଚ କରିପାରିବାର ଆସ୍ପର୍ଦ୍ଧା ରଖନ୍ତି ।

ଉଭୟଙ୍କ ସର୍ଜକ ବ୍ୟକ୍ତିତ୍ୱ ଦୈନନ୍ଦିନ ପାରିବାରିକ ଜୀବନରେ ନୂତନତ୍ୱ ଅପେକ୍ଷା ବିସଂଗତି ଆଣିଛି ଅଧିକ ବୋଲି କୁହନ୍ତି ଦିଲ୍ଲୀପ ।'

ଦିନସାରା ପେଷାରେ ବଞ୍ଚିବା ପରେ ଯେଉଁ ସମୟ ମିଳେ ସେଥିରେ ଭାଗ ପରିବାରର ଏବଂ ପୁଅର । ଆଉ ଯଦି ସେଥିମଧ୍ୟରୁ ସାହିତ୍ୟ ପାଇଁ ସମୟ ଭାଗ କରିନିଆଯାଏ ତେବେ ବିସଙ୍ଗତି ଛଡ଼ା ଆଉ କ'ଣ ଆଶା କରିହେବ । ଶାରୀରିକ ଏବଂ ମାନସିକ ଅବସାଦ, ସାହିତ୍ୟ ନ କରିପାରିବାର ଗ୍ଲାନି, ନିୟମିତ ଭାବରେ ପଢ଼ାଲେଖା କରି ନ ପାରିବାର ଅସହାୟତା ଏବଂ ଅସନ୍ତୁଷ୍ଟି ଘାରେ । ପୁଅର ବାଲ୍ୟକାଳକୁ ଭୋଗିବାର ପ୍ରବଳ ଲାଳସା ଭିତରେ ପୁଅ ଜଲଦି ଜଲଦି ବଡ଼ ହେଇଯାଉଥିବାର ଅଜବ ଦୁଃଖ । ନିଜ ପାଇଁ ବିଶ୍ରାମ ସମୟ ସଙ୍କୁଚିତ ହେଇଯାଉଥିବାର ସୁଯୋଗ ଉଣ୍ଡି ରେଡ୍ ଆଲର୍ଟ ଜାରିକରୁଥିବା କିଛି ବ୍ୟାଧି । ଏମିତି କେତେ କ'ଣ ତ୍ୟାଗ ପରେ ଯାଇ ସାହିତ୍ୟ ହୁଏ । ଦୁଇଜଣ ଯାକ ଯେହେତୁ ସାହିତ୍ୟରେ ବଞ୍ଚୁ ତେଣୁ ସେ ବିସଙ୍ଗତି ସବୁକୁ ସୃଜନାତ୍ମକ ରୂପ ଦେଉ । ପରସ୍ପରର ପରିପୂରକ ହେବାକୁ ଚେଷ୍ଟା କରୁ । ଏହି ମାନସିକତା ଟିକକ ସାହିତ୍ୟ ଯୋଗୁଁ ସମ୍ଭବ ହୁଏ ।

ଆଦର୍ଶ ଯୁଗଳ କିଭଳି ହେବା ଉଚିତ ବୋଲି ପଚାରାଯାଇଥିବା ପ୍ରଶ୍ନର ଉତ୍ତରରେ ଦିଲ୍ଲୀପ କୁହନ୍ତି, ଆଦର୍ଶର କୌଣସି ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନଥାଏ । ବ୍ୟକ୍ତି, ପରିବେଶ ଏବଂ ପରିସ୍ଥିତିକୁ ନେଇ ସେ ସଂଜ୍ଞା ପରିବର୍ତ୍ତନଶୀଳ । ଗୋଟିଏ ସମ୍ପର୍କ ଯେତେବେଳେ କୌଣସି ତଥାକଥିତ ପ୍ରଚଳିତ ସଂଜ୍ଞା ଭିତରେ ବାନ୍ଧି ନହୁଏ ସେତେବେଳେ ଯାଇ ତାହା ସଫଳ ହୁଏ ବୋଲି ମୋର ମତ । ତେଣୁ କୌଣସି ସମ୍ପର୍କ ଆଦର୍ଶ-ଅନାଦର୍ଶର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ଭିତରେ ବାନ୍ଧି ନହେବା ଭଲ ।

ସେବା ଓ ସର୍ଜନାର ଜହ୍ନରାତି:
ଚିନ୍ମୟ ଓ ପ୍ରଭାତୀ

ସମାଜସେବା ଜଣକର ବ୍ରତ, ସାହିତ୍ୟ ସେବା ନିଶା । ଅନ୍ୟ ଜଣକ ଶିକ୍ଷକତା ସହ ସମାଜ ପରିବର୍ତ୍ତନର ବୃହତ୍ତର ସ୍ୱପ୍ନ ବୁଣିବା ନିମନ୍ତେ ସାହିତ୍ୟରୁ ରଖିଛନ୍ତି ଆଶା । ଜଣେ ଚିନ୍ମୟ ହେଲେ ଅନ୍ୟ ଜଣକ ପ୍ରଭାତୀ । ଉଭୟେ ସାହିତ୍ୟ ଜୀବନ ପାଇଁ ବ୍ରତୀ । ସଂଗଠକ, ପ୍ରକାଶକ, ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତାଙ୍କ ହୃଦୟ ଜଗତରେ ସାହିତ୍ୟର ପଥ ଦେଇ ପ୍ରବେଶ କରିଥିଲେ ପ୍ରଭାତୀ ମଞ୍ଜରୀ ବେହେରା । ଅଦ୍ୟାବଧି ଦୁଇଟି ପୁସ୍ତକ ପ୍ରକାଶିତ ହୋଇସାରିଛି ଚିନ୍ମୟଙ୍କର । ପ୍ରଥମ କବିତା ସଂକଳନ 'ବର୍ଣ୍ଣଳ ସ୍ଥାପତ୍ୟ' ଓ ଦ୍ୱିତୀୟ ପୁସ୍ତକ ଶିଶୁ ବିଜ୍ଞାନ ଭିତ୍ତିକ ସଂକଳନ 'ଆମ ପରିବେଶ' । ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି ଚିନ୍ମୟ । ପ୍ରକୃତିବନ୍ଧୁର ମାନ୍ୟତା ପାଇବା ସହ ରାଜ୍ୟସ୍ତରୀୟ ସମାଜସେବା ସମ୍ମାନ, ଦେବାଂଶ ଫାଉଣ୍ଡେସନ ଭୁବନେଶ୍ୱର ତରଫରୁ ସମାଜସେବା ସମ୍ମାନ ଭଳି ଅନେକ ମାନସମ୍ମାନ ପାଇଛନ୍ତି ସେ । 'ମାଟିର ମହାନାୟକ' ପୁସ୍ତକର ରଚୟିତା ପ୍ରଭାତୀ ମଞ୍ଜରୀ ବେହେରା ସାହିତ୍ୟ ପାଇଁ ଅଗ୍ନିତୀର୍ଥ ସମ୍ମାନ, ରୋଟାରୀକ୍ଲବ ତରଫରୁ ରାଷ୍ଟ୍ରନିର୍ମାତା ସମ୍ମାନ, ନାରୀ ଗୌରବ ସମ୍ମାନ, ମାଟିଲଗ୍ନା ସାହିତ୍ୟ ସଂସଦ, ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ତରଫରୁ ତଥା ଏମିତି ଅନେକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇ ଚିନ୍ମୟଙ୍କ ପାଦର ଗତି ସହ ତାଳ ମିଳେଇଛନ୍ତି ।

ଚିନ୍ମୟ କୁହନ୍ତି, ସାହିତ୍ୟ ମାଧ୍ୟମରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା । ପ୍ରଥମେ ଚିଠି ମାଧ୍ୟମରେ ପରିଚୟ ସୃଷ୍ଟି ହୋଇ ବନ୍ଧୁତ୍ୱ ଏବଂ ପରେ ସର୍ଜନ କ୍ଷେତ୍ରରେ ଦୁହିଁଙ୍କ କାର୍ଯ୍ୟ ଆମକୁ ନିକଟତର କରେଇ ବିବାହର ପବିତ୍ର ବନ୍ଧନରେ ବାନ୍ଧିବାରେ ସମର୍ଥ ହୋଇଥିଲା । ପ୍ରଭାତୀ କୁହନ୍ତି, 'ସାହିତ୍ୟକୁ ନେଇ ବନ୍ଧୁତା, ବନ୍ଧୁତ୍ୱରୁ ପ୍ରେମ ଆଉ ପ୍ରେମରୁ ବିବାହ । ଏ ଯାତ୍ରା ଏତେ ସହଜ ନଥିଲେ ବି ଆମେ ଦୁଇ ଜଣ ସ୍ରଷ୍ଟା ଭାବେ ବେଶ ବୁଝିଥିଲୁ ଦୁହିଁଙ୍କୁ । ଜଣେ ଲେଖକ ବା ଲେଖିକା ଅନ୍ୟ ଜଣେ ସ୍ରଷ୍ଟାର ମନକଥା ବୁଝିପାରେ ଆଉ ଜୀବନ ନିର୍ବାହ ପାଇଁ ଏହା ହିଁ ଜରୁରୀ । ଜଣେ ଅନ୍ୟ ଜଣକୁ ସୃଜନ କ୍ଷେତ୍ରରେ ସାହାଯ୍ୟ କରୁଥିବ, ପ୍ରେରଣା ଦେଉଥିବ ତାହା ହିଁ ଆମକୁ ଆମ ଜୀବନ ଯାତ୍ରାରେ ବିଶେଷ ସହାୟକ ହେବ ବୋଲି ଆମେ ସ୍ଥିର ନିଶ୍ଚିତ ଥିଲୁ । 'ପ୍ରଭାତୀ କୁହନ୍ତି ଦାମ୍ପତ୍ୟ ଏମିତି ଏକ ସମ୍ପର୍କ ଯାହା ସ୍ୱର୍ଗରେ ସ୍ଥିରୀକୃତ ହୋଇଥାଏ । ଆଉ ଏଇ ଦାମ୍ପତ୍ୟକୁ ନେଇ ଆମେ ପରସ୍ପରର ପରିପୂରକ ଭାବେ ଠିଆ ହୋଇଛୁ । କହିବାକୁ ଗଲେ ବିବାହ ପରର ସର୍ଜନ କ୍ଷେତ୍ର ମୋ' ପାଇଁ ବ୍ୟାପକ ଓ ସୁଦୂର ପ୍ରସାରୀ । ମୁଁ କଳାର ମାଟି ଜଗତସିଂହପୁରର ଝିଅ ଥିଲି ଆଉ ଏକ ଐତିହ୍ୟସମ୍ପନ୍ନ ଭଞ୍ଜମାଟିର ବୋହୂ ହେଲି । ସର୍ଜନାର ପ୍ରେରଣା ମୁଁ ତାଙ୍କଠୁ ପାଏ । ବୃତ୍ତି ମୋର ଶିକ୍ଷକତା ହେଲେ ବି ଶିକ୍ଷାଦାନ ମଧ୍ୟରେ ମୁଁ କେମିତି ସୃଜନଶୀଳତାକୁ ବଜାୟ ରଖିପାରିବି ସେ ସଜାଗ ଥାଆନ୍ତି ।' ଚିନ୍ମୟ କୁହନ୍ତି, ସର୍ଜନାକୁ ନେଇ ଆମ ଦାମ୍ପତ୍ୟ ଜୀବନ ଗଢ଼ି ଉଠିଛି । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଦୁହେଁ ଦୁହିଁଙ୍କ ମତାମତ ଓ ବିଚାରଧାରାକୁ ସମ୍ମାନ ଜଣାଇଥାଉ, ଯାହାଦ୍ୱାରା ଦାମ୍ପତ୍ୟ ଜୀବନ ସୁଖମୟ ହୋଇ ସର୍ଜନା ଦିଗରେ ବେଶ ଗତିଶୀଳ ଅଛି ।

ଲୋହରାଖଣ୍ଡି ସାହିତ୍ୟ ସଂସଦ ଗଠନ କରିଥିବା ଚିନ୍ମୟଙ୍କ ଅନୁଷ୍ଠାନର ପତ୍ରିକା 'ଲୋହରାଖଣ୍ଡି'ର ନିୟମିତ ଲେଖିକା ଥିଲେ ପ୍ରଭାତୀ । ସାହିତ୍ୟ କ୍ଷେତ୍ରରେ ଆଜୀବନ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିପାରିବେ ପ୍ରଭାତୀ ଏମିତି ଏକ ପ୍ରତ୍ୟୟ ତିଆରି ହେଲା ଚିନ୍ମୟଙ୍କ ଭିତରେ । ବିବାହ ପରେ ସର୍ଜନ କ୍ଷେତ୍ରରେ ଦୁହେଁ ମିଶି କାମ କରିଚାଲିଛନ୍ତି ଏଯାବତ୍ । ପତ୍ରିକାଠୁ ଆରମ୍ଭ କରି ପ୍ରକାଶନ, ସଭାସମିତି, ଆଭାସୀ ସାହିତ୍ୟ ଆସର ଏବଂ ୟୁଟ୍ୟୁବ ଚ୍ୟାନେଲ 'ଆମ ଖବର'ର ସମସ୍ତ କାମରେ ପ୍ରଭାତୀଙ୍କ ଯୋଗଦାନ ଅତୁଳନୀୟ ବୋଲି ସ୍ୱୀକାର କରନ୍ତି ଚିନ୍ମୟ ।

ପ୍ରଭାତୀଙ୍କ କହିବା ମୁତାବକ ତାଙ୍କର ପ୍ରତିଟି ସୃଷ୍ଟିର ପ୍ରଥମ ପାଠକ ହେଉଛନ୍ତି ଚିନ୍ମୟ । 'କୌଣସି କାର୍ଯ୍ୟ ମୋ'ଦ୍ୱାରା ସମ୍ଭବ ନୁହେଁ ଭାବିଲାବେଳେ ସେ ଦମ୍ଭ ଓ ସାହସ ଭରିଦିଅନ୍ତି, ଆଉ କୁହନ୍ତି ତୁମେ ପାରିବ । ସେଥିପାଇଁ ମୁଁ ଆଜି ସାହିତ୍ୟ ଜଗତରେ ବେଶ ସକ୍ରିୟ । ମୋର ପ୍ରଥମ ସଂକଳନ 'ମାଟିର ମହାନାୟକ' ପ୍ରକାଶିତ ହେବା ପଛରେ ତାଙ୍କର ପ୍ରଚ୍ଛନ୍ନ ପ୍ରେରଣା ରହିଛି । 'ପ୍ରଭାତୀ ଆହୁରି ମଧ୍ୟ କୁହନ୍ତି, ' ଆମ ଦୁହିଁଙ୍କ ସର୍ଜକ ସତ୍ତା ଦୈନନ୍ଦିନ ପାରିବାରିକ ଜୀବନରେ ଅନେକ ନୂତନତ୍ୱ ଆଣିଛି । ମୋର ପ୍ରଥମ ପ୍ରେରଣା ଶ୍ରୀମତୀ ମଞ୍ଜୁବାଳା ଦାଶ କୁହନ୍ତି ତୁମ ଦୁହିଁଙ୍କ ଜୀବନ ମଣି କାଞ୍ଚନର ସଂଯୋଗ । 'ମୁଁ'ର ସତ୍ତା ଏଇଠି ହଜି 'ଆମେ ଦଣ୍ଡାୟମାନ ହୋଇଥାଏ । ଅନେକ ଘାତ ପ୍ରତିଘାତ । ମଧ୍ୟରେ ସର୍ଜନା ହିଁ ଖୁସି ଭରିଥାଏ । ଦୁହେଁ ଏକାଠି ମିଶି ଅନେକ ସାହିତ୍ୟ ସଭା, ଆଲୋଚନାର ସକ୍ରିୟ ଅଂଶ ପାଲଟିଥାଉ । ସମୟକୁ ସମ୍ମାନ ମଧ୍ୟ ଦେଉ । ଏକା କ୍ଷେତ୍ରରେ କାମ କରୁଥିବାରୁ ଅନେକ ଦୁଃଖ ଭିତରେ ସୁଖ, ନିରାଶା ଭିତରେ ଆଶା ସଂଚାର କରି ଜୀବନକୁ ଜିଉଁ ।' ପ୍ରଭାତୀଙ୍କ ଖିଆଲିପଣକୁ ଏତେ ନିବିଡ଼ ଭାବରେ କିଭଳି ଚିନ୍ମୟ ସମ୍ଭାଳନ୍ତି ତାହା ପ୍ରଭାତୀଙ୍କୁ ଆଶ୍ଚର୍ଯ୍ୟ କରେ । କୁହନ୍ତି, 'ମୋ' ସୃଜନ ଜୀବନର ସେ ହିଁ ତ ପ୍ରେରଣା ଦାତା । ମୋ' ଶତ ମାନଅଭିମାନ ସତ୍ତ୍ୱେ ସେ ମୋ' ଦୁନିଆକୁ ଆଲୋକିତ କରନ୍ତି । ତାଙ୍କର ଧୈର୍ଯ୍ୟ, ସାହସ, ପରିପକ୍ୱତା ସର୍ବୋପରି ଜୀବନ ପାଇଁ ସକରାତ୍ମକ ମନୋଭାବ ମୋତେ ଆହୁରି ସୃଜନ କ୍ଷେତ୍ରରେ ସକ୍ରିୟ କରେ, ଯାହା ଦୈନନ୍ଦିନ ପାରିବାରିକ ଜୀବନ ପାଇଁ ନିତାନ୍ତ ଆବଶ୍ୟକ ।'

ସର୍ଜନକୁ ନେଇ ଯେତେବେଳେ ଦାମ୍ପତ୍ୟ ଜୀବନ ଆରମ୍ଭ ହୋଇଛି ସେତେବେଳେ ପାରବାରିକ ଜୀବନ ମଧ୍ୟ ସୁନ୍ଦର ଓ ସକରାତ୍ମକ ହୋଇପାରିଛି । କାରଣ ଜୀବନ କହିଲେ ସୁଖ ଦୁଃଖ, ଆଲୁଅ ଅନ୍ଧାର, ଉଠାଣି ଗଡ଼ାଣି ତେଣୁ ପ୍ରତ୍ୟେକ ସମୟରେ ଆମେ ଦୁହେଁ ଦୁହିଁଙ୍କୁ ବୁଝିପାରିଛୁ ଆଉ ସେହି ସ୍ମୃତିକୁ ସାଉଁଟି ଆଗକୁ ହିଁ ପାଦ ଥାପିଛୁ । ଆମ ଭିତରେ ସର୍ଜନା ହିଁ ଗୋଟିଏ ମାଧ୍ୟମ ଯାହା ଆମକୁ ଆହୁରି ପ୍ରେରଣା ଆଉ ଶକ୍ତି ଦେଇଛି । କୁହନ୍ତି ଉଭୟେ । ଚିନ୍ମୟଙ୍କ ଦୃଷ୍ଟିରେ ଆଦର୍ଶ ଯୁଗଳ କହିଲେ ଦୁହେଁ ଦୁହିଁଙ୍କୁ ବୁଝିପାରୁଥିବେ ଏବଂ ପରସ୍ପରର ମତାମତ ଓ ବିଚାରଧାରାକୁ ସମ୍ମାନ ଦେଉଥିବେ । ପ୍ରଭାତୀ ସେହି କଥାଟିକୁ ନିଜ ବାଗରେ କୁହନ୍ତି, ବିଶ୍ୱାସ ଓ ଆମ୍ ସମ୍ମାନବୋଧ ଦୁହିଁଙ୍କ ଭିତରେ ଥିଲେ ହିଁ ସେମାନେ ଆଦର୍ଶ ଯୁଗଳ ହୋଇପାରିବେ । ନିଜର ଉନ୍ନତି ଅପେକ୍ଷା ସାମୂହିକ ବା ସମାଜର ଉନ୍ନତି ପାଇଁ ସାହିତ୍ୟ ମାଧ୍ୟମରେ ହେଉ କି ଅନ୍ୟ କେଉଁ ମାଧ୍ୟମରେ କାର୍ଯ୍ୟ କରିପାରିଲେ ଉଭୟ ଆଦର୍ଶ ଯୁଗଳରେ ପରିଣତ ହୋଇପାରିବେ ।



ମିଛ କାହାଣୀକୁ ନେଇ ସତ ଗପ ଲେଖା

ଗଙ୍ଗାଧର ବିଶ୍ୱାଳ

ରାତି ପାହିବା ଆଗରୁ ମୋ ଆଖିରୁ ନିଦ୍ରାଦେବୀ ମେଲାଣି ନେଇସାରିଥାଆନ୍ତି । ବିଛଣାରେ ପଡ଼ିରହିବାକୁ ମନ ଝହୁଁ ନ ଥାଏ । ଏଣୁ କଡ଼ ଲେଉଟାଇବାକୁ ଯାଇ ଦେଖେ ତ, ବିଛଣାରୁ ଉଠି ବସିବାକୁ ମୋ' ଦେହ ଅରାଜି ହେଉଛି । ମୋତେ ଦୁର୍ବଳ ଦୁର୍ବଳ ଲାଗୁଛି । ଦେହର ଓଜନ ଭୂଇଁଠୁ ଭାରି ଭାରି ଲାଗୁଛି । ଲାଗୁଛି, ପାପଠୁ ଅଧିକ ଓଜନିଆ ।

ରାତିରେ ଶୋଇବାବେଳେ ଠିକ୍‌ଠାକ୍ ଥିଲା । ବର୍ଷବର୍ଷର ଅଭ୍ୟାସଗତ ଜୀବନ ବେଶ୍ ସ୍ୱାଭାବିକ ଥିଲା । ସବୁରାତି ଭଳି କେତେବେଳେ ନିଦ ମାଉସୀ ଆସି ଶୁଆଇ ପକାଏ, ଜାଣିପାରେନା । ଆଉ ନିଶାପାଣିର ରାତି କଥା ତ ଅଲଗା କଥା ।

ମୁଁ ରାତିକଥା ମନେପକାଇବାକୁ ଚେଷ୍ଟା କଲି । ନା, କିଛି ମୋର ମନେପଡୁନାହିଁ ।

ଏଇନେ ଭୋର୍ ପାଞ୍ଚଟା । ଏଇମାତ୍ର ଛଅଘଣ୍ଟାର ଦୂରତା । ରାତି ଏଗାରଟାରୁ ଭୋର୍ ପାଞ୍ଚଟା । କାହିଁକି ମନେପଡୁ ନାହିଁ ?

ମୁଁ ତ ମୁଁ, ମୋର ଅନ୍ତରଙ୍ଗ ବନ୍ଧୁ କେତେଜଣ ଯେଉଁମାନେ ମୋତେ ଦୀର୍ଘବର୍ଷ ଧରି ଖୁବ୍ ପାଖରୁ, ସୁଖଦୁଃଖରେ, ଭଲମନ୍ଦରେ ଜାଣିଆସୁଛନ୍ତି ସେମାନେ ମୋ ମୁହଁରେ ପ୍ରଶଂସା କରିବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ମୋର ସ୍ମରଣଶକ୍ତିକୁ ନେଇ ସେମାନେ ଈର୍ଷା କରନ୍ତି । କହନ୍ତି, ଆମେ ସହରରୁ ରାଜଧାନୀକୁ ସଡ଼କପଥରେ କେତେ କିଲୋମିଟର, ରେଳପଥରେ କେତେ କିଲୋମିଟର, ଜଳପଥରେ ଓ ଆକାଶପଥରେ କେତେ କିଲୋମିଟର ସବୁ ଠକ୍‌ଠିକ୍ ମୋ' ପାଖରୁ ଜାଣିହେବ । ଏତଦ୍‌ବ୍ୟତୀତ ଗୁଡ଼ାଏ ଖାସ୍ ବନ୍ଧୁଙ୍କର ମୋବାଇଲ ନମ୍ବର, ସେମାନଙ୍କର ଡାକ ଠିକଣା ଓ ପିନ୍‌କୋଡ୍ ସହିତ ସଠିକ୍ ଆନୁମାନିକ ବୟସ କଥା ମଧ୍ୟ ମୋତେ ଜଣା । ଅବଶ୍ୟ ଏ ପ୍ରଶଂସାରେ ମୁଁ ଆଦୌ ବିଚଳିତ ହୁଏନା, ଯଦିଓ କେହି କେହି ମୋତେ ମୋ ଅନୁପସ୍ଥିତିରେ ଘୃଣ୍ୟ ମନ୍ତବ୍ୟମାନ ଦେଇ ନାପସନ୍ଦ କରିଥାଆନ୍ତି ।

ମୋର ଯାହା ସ୍ୱଭାବ, ମୁଁ କାହାକୁ ଅନ୍ଧଭାବରେ ବିଶ୍ୱାସ କରେ ନାହିଁ । ଏଣୁ, ଶତ୍ରୁକୁ ବି କେବେ ନା କେବେ ଭରସା କରିଥାଏ ତ ମିତ୍ରକୁ କେବେ କେମିତି ଭରସା କରିପାରେନା । ଏପରି ସ୍ୱଭାବ ପଛରେ ଅବଶ୍ୟ ବହୁତ କଥା ଲକ୍ଷ୍ମଣ ମିଶ୍ରଙ୍କ ଚିକିତ୍ସା ପୁସ୍ତକ ସଦୃଶ ବହ ପରୀକ୍ଷିତ । ତଥାପି ଅନ୍ୟ ଏକ ସ୍ୱଭାବଟି ହେଲା, ସାନମାନଙ୍କ ପାଖରୁ ବି ମୋର ଶିଖିବାର ଅଛି ବୋଲି ମୁଁ ନିଜକୁ ପ୍ରସ୍ତୁତ କରିନେଇଥାଏ । ଯା' ପରେ ମୋ' ପ୍ରତି କାହାର କିପରି ଧାରଣା ସେଥିକୁ ମୋର ପରବାୟ ନାହିଁ ।

ମୁଁ ମନେପକାଇ ଜାଣିଲି, ଏହା ମୋର ପ୍ରଥମ । ଅର୍ଥାତ୍, ଦୀର୍ଘ ପଚାଶବର୍ଷ ଧରି ରାତିରେ ବିଛଣାରେ ଶୋଇବା ଓ ନିଦ ଯିବା

ସମୟ କଥା ଯଦି ମନେପକାଇବି, ଜାଣିବାରେ ମୋର ସନ୍ଦେହ ନାହିଁ ଯେ, ରାତି ବାରଟା ପରେପରେ ପ୍ରାୟ ନିଦ ଯାଇଛି । ତା' ପରଦିନ ସକାଳକୁ ବିଛଣା ଛାଡ଼ିଛି । ଅଥଚ ଏହା ପ୍ରଥମ ଏଇଥିପାଇଁ ଯେ ଛଅଘଣ୍ଟାର ନିଦ ଦୁଇଦିନ ଅବଧିରେ ଗଣା । ଆଗ ରାତି ଓ ପରଦିନର ଭୋର୍ । ମୋ' ପାଇଁ ଏହା କେବଳ ଆଶ୍ଚର୍ଯ୍ୟ ନୁହେଁ, ବିଚିତ୍ର ମଧ୍ୟ ।

ମୋର ଯାହା ମନେପଡୁଛି, ଶୋଇବା ବିଛଣାରେ ଥାଇ ମୁଁ ଦିନଯାକର କଥା ଓ ଘଟଣାକୁ ମନେପକାଇଥାଏ । ନିଜକୁ ସମୀକ୍ଷା କରିଥାଏ । ଆସନ୍ତାକାଲିର କାମଧନ୍ଦା କଥା ମନେପକାଇଥାଏ । କଦବା କେମିତି ରଙ୍ଗୀନ ସ୍ୱପ୍ନମାନଙ୍କୁ ସ୍ମରଣ କରି ହର୍ଷ, ବିଷାଦ ଓ ରୋମାଞ୍ଚ ଅନୁଭବ ସବୁକୁ ଫେଣ୍ଟିଫାଣ୍ଟି ପୁରୁଣା ଲୁଗାର ଗଣ୍ଠିଲିଟେ ପରି ସିଡ଼ିଘର କୋଣକୁ ଫୋପାଡ଼ି ଦେଇଥାଏ ।

ମୁଁ ଝରକା ଖୋଲି ଭୋର୍‌ର ଚେହେରା ଦେଖିବା ପାଇଁ ନିଜକୁ ବିଛଣାରୁ ଉଠାଉଥାଏ, ଅକ୍ଷମ ହେଉଥାଏ । ଏପରି ହେବାର କାରଣ କ'ଣ ହେଇପାରେ, ଏମିତି ଦୁଃଶ୍ଚିନ୍ତାରେ ଦେହର ଓଜନ ସହିତ ମୁଣ୍ଡର ଭିତର ଓଜନ ମଧ୍ୟ ଅଧିକ ହେଉଥିବାର ଜଣାଯାଉଥାଏ । କ'ଣ କରିବି ?

ଆଗରୁ ମୋ' ପାଖରେ ମୋ' ପତ୍ନୀ ଶୋଉଥିଲାବେଳେ ମୋର ଅଲଗା ଅଭ୍ୟାସ ଥିଲା । ଏଣିକି ପ୍ରାୟ ସାତଆଠ ବର୍ଷ ହେଲା ମୁଁ ଏକା ଶୋଉଛି । ପ୍ରଥମେ ପ୍ରଥମେ ଏକା ଶୋଇବା ଯୋଗୁଁ ଦୁଃସ୍ୱପ୍ନ ଦେଖି ଚମକି ଉଠୁଥିଲି । ବର୍ଷେ ଗୋଟେ ପରେ ଦୁଃସ୍ୱପ୍ନ, ଦୁଃଶ୍ଚିନ୍ତା ପାଖ ମାଡ଼ିଲେ ନାହିଁ । ମୋର ଏକୁଟିଆ ଶୋଇବା ଅଭ୍ୟାସ ହେଇଗଲା । ବିବାହ ଆଗରୁ ତ ମୋର ଏକା ଶୋଇବାର ବର୍ଷବର୍ଷର ଅଭ୍ୟାସ ପୁଣି ଥିଲା ନା !

କିନ୍ତୁ ଅବିବାହିତ ବେଳେ ମୁଁ ଏକା ଶୋଇବାର ସୁଖ ଥିଲା ଅଲଗା । ମୋର ଯାହା ମନେପଡୁଛି ଅନେକଥର ମୁଁ ବିଛଣାରେ ନଥିବାର ଜଣାପଡ଼ିଛି । ତାହା ସ୍ୱପ୍ନରେ କି ସତରେ ଏନେଇ ଅବଶ୍ୟ ଖୋଳତାଡ଼ କରାଯାଇ ନାହିଁ ।

ଏବେ କ'ଣ ଆଉ ସେ ସମୟ ଅଛି ! ତେବେ ମୋ' ପାଖରେ ରାତିରେ ନ ଶୋଇବା ପଛରେ ଯେଉଁ କେତୋଟି କାରଣ ଥାଇପାରେ ସେ ନେଇ ମୋ' ସ୍ତ୍ରୀ ତାଙ୍କ ଆଡୁ ଅବଶ୍ୟ ବାରଣ କରିଛନ୍ତି । ସେ କହିଛନ୍ତି. ତମର ଏଣିକି ବୟସ ଯାହା ତମଠି ବୁଢ଼ାଙ୍କର ଲକ୍ଷଣ ଜଣାପଡ଼ିଲାଣି । ଏସବୁ ମୋତେ ଅଡୁଆ ଅଡୁଆ ଲାଗୁଛି । ମୋ' ନିଦରେ ବ୍ୟାଘାତ ଦେଖାଦେଉଛି । ଭଲରେ ନିଜ ନ ଗଲେ ତା' ପରଦିନଟାଯାକ ଦେହ ହାତ ଓ ମୁଣ୍ଡ ବିନ୍ଧି ଛେଚି କେମିତି ଚିଡ଼୍ ଚିଡ଼ା ଲାଗୁଛି । ଏଣୁ ତମେ ତମର ଅଲଗା ଶୁଅ, ମୁଁ ମୋର ଅଲଗା ଶୁଏ । ତା'ଛଡ଼ା ପୁଅ-ବୋହୂଙ୍କ ଘରେ ଆମେ ଆଉ ଆମ ସମୟର ରାଜୁତି କଲେ ଚଳିବ ? ନାତି ନାତୁଣୀଙ୍କୁ ଆଣି ଆମେ ଆମ ପାଖରେ ଶୁଆଇବା କଥା । ପୁଅ-ବୋହୂ ଖଟି ଖଟି ଦିନଟା ସାରା ବେହାଲ୍ । ସେମାନଙ୍କ କଥା ଆମେ ନ ବୁଝିଲେ ବୁଝିବ କିଏ ? ତମ ସ୍ୱଭାବ ଏମିତି ହେଲାଣି ଯେ ନାତି କି ନାତୁଣୀ ତମ ପାଖରେ ରାତିରେ ଶୋଇବାକୁ ଝହୁଁ ନାହାନ୍ତି । ଥରେ ତ ନାତିଟାକୁ ଶୁଆଇ ଦେଇଥିଲି, ଅଧ ରାତିରେ ଉଠିଯାଇ ମୋ' ପାଖରେ କୁକୁରଛୁଆ ଭଳି ମୁହଁ ଜାକି ଶୋଇଲା । କହିଲା, ଗନ୍ଧିଆ ବୁଢ଼ା ପାଖରେ ଶୋଇବି ନି ।

ଗୋଟେ ରାତିରେ, ଏଇମାତ୍ର ଛଅଘଣ୍ଟାର ସମୟ । ଅକସ୍ମାତ୍ ମୋ ଦେହର ଓଜନ ଏମିତି ବଢ଼ିଯିବାର କାରଣ ମୋ' ମଗଜ ଭିତରେ ବିନ୍ଧା କାମୁଡ଼ାର ଯନ୍ତ୍ରଣା ଲଦି ପକାଉଥାଏ । ମୁଣ୍ଡଟେକି ନିଜକୁ ଦେଖିଲି । ମୋ ଡାହାଣ ଗୋଡ଼ଟି ବଣୁଆ ଦନ୍ତାହାତୀର ଗୋଡ଼ ଭଳି ଦିଶୁଥାଏ । ବାମ ଆଖିକୁ କିଛି ଦିଶୁ ନ ଥାଏ । ତା'ପରେ ସର୍ବାଙ୍ଗକୁ ଅନାଇଲି । ଆଉ ସବୁ ଯେମିତି ଥାଏ, ସେମିତି ଅଛି । କଥା କ'ଣ ?

ମନେପକାଇ ଜାଣିଲି, ପିଲାଦିନେ ମୋର ଅବଶ୍ୟ ଫାଇଲେରିଆ ଦୋଷ ଥିଲା । କିନ୍ତୁ ସେ ଦୋଷ ତ ପଚାଶବର୍ଷ ହେଲାଣି ସମାଧି ନେଇସାରିଲାଣି । ବିସ୍ମୃତ ହୋଇସାରିଲାଣି । ମୃତ ଆଗ୍ନେୟଗିରିର ପରିଚୟ ନେଇ ଇତିହାସ ପାଲଟିଗଲାଣି । ଏବେ ହଠାତ୍ ଏମିତି ? ଭାବିବାକୁ ଲାଗିଲି, କିଛି ସ୍ୱପ୍ନଫପ୍ନ ଦେଖିଥିଲି କି ଶୋଇବା ଭିତରେ । ଯାହାର ପରିଣତି, ଏଇଆ । ହେଇଥାଇପାରେ, ବିଛଣା ତଳେ ବିଷାକ୍ତ କୀଟ ଥାଇ ଏମିତି କଦର୍ଯ୍ୟ କାମ କିଛି ଘଟାଇଥାଇପାରେ ।

ଶୋଇବାଘରର କବାଟଆଡ଼େ ଅନାଇଲି । ଭିତରୁ ବନ୍ଦ ଅଛି । ରାଗ ଓ ବିରକ୍ତି ମୋର ପଞ୍ଚମକୁ ଚଢ଼ିଚଢ଼ି ଯାଉଥାଏ । କେତେଥର କହିଛି, କବାଟ ଖୋଲାଥାଉ । ନା, ପତ୍ନୀଙ୍କର ତାଗିଦା କବାଟ ଖୋଲା ରହିପାରିବ ନାହିଁ । କି କଥା ? ସବୁ ଅସହଯୋଗ ଭିତରେ ଏ କିପ୍ରକାରର ସହଯୋଗ, ମୋ' ବୁଝାମଣା ବାହାରେ । ଏବେଳରେ କରେ କ'ଣ ?

ଝକିରିଆ ବୋହୂ ମୋର । ଉଚ୍ଚ ଶିକ୍ଷିତା । ସଂସ୍କାର ଜାଣେ । ଆଜି ଭଳି ସମୟରେ ମୋ' ବୋହୂଟି ଏ ସଂସାରପାଠକୁ କେମିତି ପଢ଼ିଲା ମୁଁ ଆଶ୍ଚର୍ଯ୍ୟ ହୁଏ । ସେକେଣ୍ଡ୍ ସଟର୍ ଡେ' ହୋଇଥିବାରୁ ପୁଅର ଅଫିସ୍ ନ ଥାଏ । ନିଜ ଇଚ୍ଛାରେ ବିଛଣା ଛାଡ଼ିବାର ସ୍ୱାଧୀନତା ପାଇଥାଏ । ବୋହୂକୁ ବି ଦେଇଥାଏ । ହେଲେ ବୋହୂ କି ଶୁଣେ ? ବାସି ବିଛଣାକୁ ଗୁଡ୍ ବାଏ କହି ଉଠିଆସେ ଯେ ଦିନଟାସାରା ବିଛଣା ପାଖକୁ ଯିବା କଥା ଭୁଲିଯାଏ ।

ଏତିକିବେଳେ କବାଟରେ ଖଟ୍‌ଖଟ୍ । ବାପା ! ବାପା ! କବାଟ ଖୋଲ । ମୁଁ କହୁଛି ।

ଆରେ; ବୋହୂର ଡାକ । ମୁଁ ଚଟାପଟ୍ ନିଜକୁ ଅଧିକ ଭାର ଦେଇ ଉଠାଇବାକୁ ଚେଷ୍ଟା କଲି । ନା, ପାରୁନାହିଁ । ବଡ଼ ପାଟିରେ ଜଣାଇଦେବାକୁ ଝହିଁଲି । ନା, ଜଣାଇ ପାରୁ ନାହିଁ । ମୁଁ ଅସହାୟ । ମୋ ପାଟି ଖୋଲୁଛି, ଅଥଚ କଥା ବାହାରୁ ନାହିଁ ।

ପରେପରେ ପୁଅ, ପତ୍ନୀ ଓ ନାତି ନାତୁଣୀଙ୍କ ମିଳିତ କଥାବାର୍ତ୍ତା

ମୋତେ ଅଧିକରୁ ଅଧିକ ବିଚଳିତ କରୁଥାଏ । ସେମାନେ କହୁଥିବାର ଶୁଣୁଥାଏ, ରାତିରେ କୁଆଡ଼େ ଧୁସ୍‌ଧାସ୍ ଶବ୍‌ଦ ଶୁଣାଯାଉଥିଲା । ଆଉ ମୁଁ ସକାଳେ କବାଟ ନ ଖୋଲିବା, କିଛି ନ କହିବା ଓ ଆଉ କିଛି ବିଲକ୍ଷଣ ଯୋଗୁଁ ସେମାନେ ପ୍ରମାଦ ଗଣିବା ସ୍ୱାଭାବିକ । ସେମାନଙ୍କ ବ୍ୟସ୍ତତା, ପାପମନ ଓ ଅଘଟଣ ଚିନ୍ତା ଦୂର କରିବା ପାଇଁ ମୋର ସକଳ ଚେଷ୍ଟା ସତ୍ତ୍ୱେ ମୁଁ ଯେତେବେଳେ ନିରୁପାୟ ହେଲି, ଶେଷରେ ଆତ୍ମସମର୍ପଣ କରିଯିବା ଛଡ଼ା ଅନ୍ୟ ବିକଳ୍ପ କିଛି ନଥିଲା । ଏଣୁ ଦୁଇହାତରେ ମୁଁ ଖଟ ଉପରେ ଆଘାତ ପରେ ଆଘାତ ଦେଇ ସେମାନଙ୍କୁ ମୋ' କଥା ଜଣାଇଦେବାକୁ ଉଚିତ ମନେକଲି ।

ଆବଶ୍ୟ ସେମାନେ ବୁଝିପାରିଲେ । କିଛି ସମୟ ପରେ କବାଟ ଭାଙ୍ଗି ଭିତରକୁ ପଶିଲେ ଓ ମୋ' ଆବସ୍ଥା ଦେଖି ହତଚକିତ ତ ହେଲେ, ଅବିଶ୍ୱାସନୀୟ ଦୃଶ୍ୟ ଦେଖି ବାକ୍‌ଶୂନ୍ୟ ହୋଇଗଲେ । ପରେପରେ ଆଶୁଚିକିତ୍ସାର ସୁ-ବ୍ୟବସ୍ଥା ପାଇଁ ଲାଗି ପଡ଼ିଲେ ।

ଆସି ପହଞ୍ଚିଗଲେ ଆମର ଶୁଭେଚ୍ଛୁ ଓ ହିତାକାଙ୍କ୍ଷୀ ଡାକ୍ତର ଶାନ୍ତନୁ ଦାସ । ଆର୍ୟୁବେଦ ଚିକିତ୍ସକ । ଜଣେ ଦରଦୀ ଓ ବନ୍ଧୁବତ୍ସଳ ଏକଦା ଆମ ସହରର ଖ୍ୟାତନାମା ଆୟୁର୍ବେଦ ଚିକିତ୍ସକ ଶିତିକଣ୍ଠ ଦାସଙ୍କ ପୁତ୍ର । ପରୀକ୍ଷାନିରୀକ୍ଷା କରି କହିଲେ, ବ୍ୟସ୍ତ ହେବାର ନାହିଁ । ଅବଶ୍ୟ ମୋ ହାତର ନାଡ଼ି ଚିପିଲେ । ହୃତ୍‌ସ୍ପନ୍ଦନର ବେଗ ମାପିଲେ । ଆଖିର ଡୋଳା ଓଲଟାଇ ଟର୍ଚ୍ଚ ଆଲୁଅ ପକାଇଲେ । ତା'ପରେ କହିଲେ, କିଛି ହେଇନି । ମନର ଭ୍ରମରୁ ଏହା ହୋଇଛି । ଚବିଶଘଣ୍ଟା ଅବ୍‌ଜର୍‌ଭେସନ୍‌ରେ ରଖନ୍ତୁ । ତେବେ ମାନସିକ ଡିପ୍ରେସନ ହିଁ ଏପରି ହେବାର ମୂଳ କାରଣ । ତା'ଛଡ଼ା ବୟସ ହେଲାଣି । ଏସବୁ ଦେଖାଦେବା ସ୍ୱାଭାବିକ ଘଟଣା । କିନ୍ତୁ ଏହା ଯେ ଏକ ଓଜନଦାର ଅସ୍ୱାଭାବିକ ସ୍ୱପ୍ନଦେଖାର ପ୍ରତିଫଳନ ଏହା ନିଃସନ୍ଦେହ ।

ପୁଅ-ବୋହୂ ମୋ' ପାଇଁ ବ୍ୟସ୍ତ ହେଇପଡୁଥାଆନ୍ତି । ଦୁହେଁ ଏକାସାଙ୍ଗରେ ଏକପ୍ରକାରର ଅଭିଯୋଗ ଆଣି କହୁଥାଆନ୍ତି, ମା'! ତମେ କେମିତିକା କୁହ ତ ? ଏ ସମୟରେ ବାପାଙ୍କୁ ତମେ ଏକା ଶୋଇବାକୁ ବାଧ୍ୟ କରୁଚ ? କିଏ କହିବ, କେତେବେଳେ କ'ଣ ହେଇ ନ ଯିବ !

ମୁଁ ତାଙ୍କୁ ଅନାଇ ରହିଥାଏ । ମୋ ପତ୍ନୀ, ନିଜକୁ ଦୋଷୀ ଦୋଷୀ ଲାଗୁଥାଆନ୍ତି । ତାଙ୍କୁ ସମବେଦନା ଜଣାଇବାକୁ ଇଚ୍ଛା ହେଉଥାଏ । କିନ୍ତୁ କେମିତି ?

ମୁଁ ଆଶ୍ଚର୍ଯ୍ୟ ! ଡାକ୍ତର ଶାନ୍ତନୁ କ'ଣ କହିଗଲେ ? ମୋର କିଛି ହେଇନି । ମନର ଭ୍ରମରୁ ଏହା ହୋଇଛି । ଚବିଶ ଘଣ୍ଟାର ଅବ୍‌ଜର୍‌ଭେସନ୍ ହିଁ ଏହାର ପ୍ରତିକାର ? କି ବିଚିତ୍ର ରୋଗ କି ଇଏ । ବିଚିତ୍ର ବି ଏ ରୋଗର ନିଦାନ ? ଧନ୍ୟ ତମେ ଡାକ୍ତର ଶାନ୍ତନୁ !

ଧନ୍ୟବାଦ, ଶାନ୍ତନୁ । ମୋ' ଉପଶମ ପାଇଁ ତମେ ତମ ବ୍ୟାବହାରିକ ଜ୍ଞାନ, ବହିପାଠ ଓ ରୋଗ ସମ୍ବନ୍ଧରେ ପ୍ରୟୋଗାତ୍ମକ ଚିକିତ୍ସାସେବାକୁ ଲଗାଇଥିବାରୁ । ଏସବୁ ମନେମନେ କହି ତାଙ୍କର ଦୀର୍ଘଜୀବନ କାମନା କଲି ।

ଯା'ପରେ ମୁଁ କଥା କହି ନ ପାରିବା ହିଁ ଘରଲୋକଙ୍କର ମୁଣ୍ଡ ବ୍ୟଥାର କାରଣ ବନିଗଲା । ଅନ୍ତତଃ ମୋର କ'ଣ ଅସୁବିଧା ହେଉଛି, କହିପାରିଲେ ତ ସମାଧାନର ବାଟ ଫିଟିବ । ତା'ଛଡ଼ା ଖଟରୁ ଓହ୍ଲେଇ ନ ପାରିବା ଜନିତ ସମସ୍ୟା କ୍ରମଶଃ ବଢ଼ିବଢ଼ି ଯାଉଥାଏ । ଅନ୍ୟମାନେ ପଚରାଉଚୁରା କରି ଯିଏ ଯାହାର କାମରେ ଝଲିଗଲେ ତ ପତ୍ନୀ ମୋର ମୋ ପାଖ ଛାଡ଼ି ଘୁଞ୍ଚୁ ନ ଥିବାରୁ ମୁଁ ତାଙ୍କୁ ତାଙ୍କ କାମରେ ଯିବାକୁ ବୁଝାଉଥାଏ । ହେଲେ ମୋ' ପାଟିରେ ଭାଷା ନାହିଁ । ଆଖିରେ ଇଙ୍ଗିତ ନାହିଁ ।

ସେମାନେ ମୋତେ ଖଟ ଉପରେ ବସାଇ ଦେଇଥାଆନ୍ତି । ମୁଁ ମୋ ଡାହାଣଗୋଡ଼ର ଓଜନ କେତେ ହେଇପାରେ ଆକଳନ କରୁଥାଏ । ମୋତେ ଲାଗୁଥାଏ, ଦନ୍ତାହାତୀର ଗୋଡ଼ଟେ ମୋ ଗୋଡ଼କୁ ଉପାଡ଼ି ପୋତି ଦିଆଯାଇଛି ଅବା ! ଆଉ ବାମ ଆଖିଟି ଆଦୌ କିଛି ଦେଖିପାରୁନଥାଏ । ଲାଗୁଥାଏ, ଗୋଟିଏ ମାତ୍ର ଡାହାଣ ଆଖିରେ ଯାହା ଦେଖୁଛି, ସବୁ ଅଧା ଦିଶୁଛି ।

ମୁଁ ମନେପକାଇଲି । ମନେପକାଇଲି, ମନେପଡ଼ିବା ଯାଏ ।

ଜାଣିବାକୁ ପାଇଲି, ଆମର ଫାର୍ମ ହାଉସ୍ କୁହାଯାଉଥିବା ପାଞ୍ଚଏକର ଧାନଜମିକୁ ଲାଗି ଯେଉଁ ଜାତୀୟ ରାଜପଥଟା ଯାଇଛି । କେତେ ନମ୍ବର ସେଇଟା ? ୬୦ ନମ୍ବର । ସେଇ ରାସ୍ତାରେ ପଚିଶଟି ହାତୀଥିବା ଝାଡ଼ଖଣ୍ଡୀ ହାତୀପଲ ମାଡ଼ିଆସିଲା ବେଳେ ଅଜବ ଦୃଶ୍ୟ ଘଟିଯାଇଛି । ଆମେ ଆମ ଫସଲର ସୁରକ୍ଷା ପାଇଁ ବର୍ଷତମାମ ଲିଜ୍ ଦେଇ ରଖିଥିବା ବାପ-ଝିଅଙ୍କ କଥା, ଯିଏ କି ହାତୀ ଘଉଡ଼ାଇ ଥାଆନ୍ତି । ସେମାନଙ୍କ ସହିତ ମୁଁ ମଧ୍ୟ ସାମିଲ ହୋଇଯାଇଥାଏ । ଉଦ୍ଦେଶ୍ୟ ଥାଏ, ହାତୀ ଘଉଡ଼ାଇବା ପାଇଁ ପ୍ରଶିକ୍ଷଣ ନେବି । ଏଣୁ ଖୁବ୍ ସତର୍କତାର ସହିତ ନିରାପଦ ଦୂରତାରେ ରହି କୌଶଳ ଶିକ୍ଷାଲାଭ କରୁଥାଏ । କିନ୍ତୁ ହଠାତ୍ କ'ଣ ହେଲା କେଜାଣି, ଛୁଆ ହାତୀଟାଏ ଆସି ମୋ' ସାମ୍ନାରେ ହାଜର ହେଇଗଲା । ମୁଁ ଅତର୍କ୍ଟା ଧାଉଁଥାଏ । ଥିଲା, ଖାଲ ଜାଗାଟେ । ମୁହଁପୋତି ମାଟି କାମୁଡ଼ି ତଳେ ପଡ଼ିଯାଏ ତ ମା' ହାତୀଟେ ଆସି ମୋତେ ପାଦରେ ଦଳିପକାଇଲା । ଭାଗ୍ୟ ଟେକ ଥାଏ, ବଞ୍ଚିଗଲି । ହାତୀ ଗୋଡ଼ ଅକାମୀ ହେଇଗଲା । ଭୋର୍ ବେଳକୁ ତ ଏଇଆ ।

ଓଃ, ସ୍ୱପ୍ନ ! ବୁଝିଗଲି । ତେବେ ସ୍ୱପ୍ନ ତ ସ୍ୱପ୍ନ । ରାତିର ସ୍ୱପ୍ନ ଭୋର୍‌କୁ ସତ ହେଲା କେମିତି ? ଏଇ ଭ୍ରମ କ'ଣ ମୋ ରୋଗର କାରଣ ! ମୋ ସ୍ୱପ୍ନ ଦେଖା କଥା ଡାକ୍ତର ଶାନ୍ତନୁ ଜାଣିଲେ କେମିତି ? ସେ କ'ଣ ମୋ' ଭଳି ହାତୀପଲ ଘଉଡ଼ାଇବା ସ୍ୱପ୍ନ ଦେଖୁଥିଲେ କାଲି ରାତିରେ !

ନିଜକୁ ଆଶ୍ୱାସନା ଦେଉଥାଏ, ଦେଖାଯାଉ । ରାତିଯାଏ

ଅପେକ୍ଷା କରାଯାଉ ।

ତା'ପରେ ମୋ ପତ୍ନୀ ଓ ବୋହୂ ମୋ' ନିତିଦିନିଆ ଜଳଖିଆ ପ୍ରସ୍ତୁତ କରିବାରେ ବ୍ୟସ୍ତଥିବାର ଦେଖି ମୁଁ ସାମାନ୍ୟ ଆଶ୍ୱସ୍ତ ହେଉଥାଏ । ଚିନ୍ତା କରୁଥାଏ, ଘରଟା ଭିତରେ ଏପଟ ସେପଟ ହେବାପାଇଁ ଝଲ୍‌ବୁଲ୍ କରିବି କେମିତି ? ଗୋଡ଼କୁ ଘୋଷାରିଘୋଷାରି ନେବି କେମିତି ?

ଅନ୍ୟମାନେ କହୁଥାଆନ୍ତି, ତମର କ'ଣ ହେଇଚି କି ? କାହିଁ, କିଛି ତ ହେଇନି ! ଅଥଚ ତମେ ଅସୁସ୍ଥ । କି ଅଜବ କଥା ? ହଉ ବାପା ! କଥା ନ କହିପାର । ତମ ଅସୁବିଧା କଥା ଲେଖି ପକାଅ । ହେଇ, ନିଅ କାଗଜ କଲମ ।

ମୁଁ କାଗଜ କଲମ ଧରୁ ଧରୁ ଭାବୁଥାଏ, କ'ଣ ଲେଖିବି ? ମୋର କ'ଣ ହେଇଛି କି, ଲେଖିବି । ନିଜକୁ ନିଜେ ପଢୁଥାଏ । ନିଜ ଭିତରେ କିଏ ଅଛି, ମୋତେ ଜଣାନାହିଁ । ତା' କଥା ମୁଁ କେମିତି କହିବି ?

ଜଳଖିଆ ଆସିଗଲା । ଝ' କାହିଁ ?

ଆଜିକାଲି ଖାଲିପେଟରେ ମୋତେ ଝ'ମନା । କି କଥା ! ବର୍ଷବର୍ଷର ଅଭ୍ୟାସକୁ ମନା । ଦେହ ଶୁଣିବ ଏ ଉପଦେଶ ! ମନ ଗ୍ରହଣ କରିବ ଏପରି ହିତୋପଦେଶ !

ନା, ଖାଇବାରେ ମନ ନାହିଁ । କିଏ ଜଣେ ମୋତେ ସାହାରା ଦେଲା । କିଏ ଆଉ ହେବ, ପତ୍ନୀ ଛଡ଼ା । ତାହାଣ ଗୋଡ଼କୁ ମୁଁ ଘୋଷାରି ଘୋଷାରି ନେଉଥାଏ । ପତ୍ନୀ କହିଲେ, ଦାନ୍ତ ସଫା କର । ମୁହଁ ଧୁଅ । ବାଥ୍‌ରୁମ୍ ଯାଅ ।

ନା, ନା । ମୋର କିଛିରେ ମନ ନାହିଁ । ଭୋକ ନାହିଁ । ଶୋଷ ନାହିଁ । ମନ ସେଇଠି, ମୋର ଏ କ'ଣ ହେଲା ? ମଣିଷ ଜୀବନ ଏମିତି କ'ଣ କି, ଆଖି ପିଛୁଳାକେ କ'ଣ ନାଇଁ କ'ଣ ଘଟିଯାଏ ।

ଦିନଯାକ ଏପଟସେପଟ ହେଇ ବିତିଲା ।

ସଞ୍ଜ ହେଇ ଆସୁଥାଏ । ଅଳ୍ପଅଳ୍ପ ଓଜନ କମି ଆସୁଥିବାର ଲାଗୁଥାଏ, ତାହାଣ ଗୋଡ଼ର । ଆଶ୍ଚର୍ଯ୍ୟ ! ଏମିତି କେମିତି ହେଉଛି ? ମୁଁ ତାଜୁବ୍ ।

ମାଛି ଅନ୍ଧାର ଯାଇ ରାତି ମାଡ଼ିମାଡ଼ି ଆସିବାବେଳକୁ ମୋ' ବାମ ଆଖିକୁ ଝାପ୍‌ସାଝାପ୍‌ସା ଦିଶିବା ଆରମ୍ଭ କଲା । ଏଁ, ସତ ନା ମିଛ ? ମୋତେ ମୋ' ପ୍ରଶ୍ନ । କିନ୍ତୁ ମୋ' ପ୍ରଶ୍ନର ଉତ୍ତର କାହିଁ ?

ରାତି ଆଠଟାରେ ଡାକ୍ତର ଶାନ୍ତନୁ ଫୋନ୍ କଲେ । ବୋହୂ ଅରୁନ୍ଧତୀଙ୍କୁ ପଢ଼ରି ବୁଝିଲେ, ମାଡାମ୍ ! କେମିତି ଅଛନ୍ତି ପେସେଣ୍ଟ ? ଓଃ, ସରି । ପେସେଣ୍ଟ ତ ନୁହନ୍ତି, କଥା ପ୍ରସଙ୍ଗରେ କହିପକାଇଲି । ତା'ଛଡ଼ା ଆମ ଡାକ୍ତରୀ ସମ୍ବୋଧନରେ ଚିକିତ୍ସାରେ ଥିବାବେଳେ ପେସେଣ୍ଟ କହିବା ଆମର ଏକପ୍ରକାରର ଅଭ୍ୟାସ । ଛାଡ଼ନ୍ତୁ ସେ କଥା ମାଡ଼ାମ୍ ! କିଛି ଡେଭଲପମେଣ୍ଟ ?

– ହଁ, ଆଜ୍ଞା ! କିଛିକିଛି ଉନ୍ନତି ଦେଖାଦେଲାଣି । ହେଲେ, କଥା ତ କହୁନାହାନ୍ତି । କିଛି ଖିଆପିଆ ବି କରି ନାହାନ୍ତି । ଆମକୁ କିଛି ଭଲଲାଗୁନି ।

ସେ କିଛି ନୁହେଁ । ଆପଣଙ୍କୁ ଚବିଶ ଘଣ୍ଟା କଥା କହିଥିଲି । ଦେଖନ୍ତୁ, ତା'ର ପ୍ରମାଣ ପାଇଲେଣି ନା ନାହିଁ ?

– ଆଜ୍ଞା !

ହଁ, ମନେରଖନ୍ତୁ । ପେସେଣ୍ଟକୁ ରାତି ବାରଟା ପୂର୍ବରୁ ନୁହେଁ, ବାରଟା ପରେ ଶୋଇବାକୁ ଦେବେ । ଭୋରରୁ ନୁହେଁ, ସକାଳ ଆଠଟା ପରେ ନିଦରୁ ଉଠିବାର ସୁଯୋଗ ଦେବେ । ହଁ, ସାବଧାନ ରହିବେ । ଯେମିତି କି ପୂର୍ବ ରାତି ଭଳି ପେସେଣ୍ଟ ଏକୁଟିଆ ଶୋଇବେ । ଅବିକଳ ଏକୁଟିଆ ।

– ଆଜ୍ଞା ! ଏ କେମିତି କଥା ! ଏକୁଟିଆ ପାଇଁ ପରା ଏସବୁ ଘଟଣା ଘଟିଗଲା । ଆମ ବାବୁଙ୍କ ମା', ମୋ ଶାଶୂଙ୍କ ଉପରେ ଆମ ବାବୁ ବିରକ୍ତ ହେଇ ବାପାଙ୍କୁ ଆଜିଠୁ କେବେ ଯେମିତି ଏକୁଟିଆ ଶୋଇବାକୁ ଦେବେନି ସେଇକଥାରେ ମା'-ପୁଅଙ୍କର ଝଗଡ଼ା ।

ନାଇଁ ମାଡ଼ାମ୍ ! ଠିକ୍ ଅଛି । ଠିକ୍ ହେଇଯିବ ବି । କେବଳ ଆଜି ରାତିଟା ଠିକ୍ ପୂର୍ବ ରାତି ଭଳି ଅବିକଳ । ମୋ କଥା ମାନନ୍ତୁ, କିଛି ଅସୁବିଧା ହେବନି । ହଉ, ରଖୁଛି ମାଡାମ୍ । ଦରକାର ପଡ଼ିଲେ ଫୋନ୍ କରିବେ ।

ମୁଁ ଶୁଣିପାରୁଥାଏ, ବୋହୂ ଅରୁନ୍ଧତୀଙ୍କ ଅବୁଝା ମନର କଥା । କହୁଥାଆନ୍ତି, ଡାକ୍ତର ଶାନ୍ତନୁ ବାବୁ ଯେତେକରି ବୁଝାଇଲେ ବି ମନ ଆମର ବୁଝୁନି । ଯାହା ଯେମିତି ହେଉଛି ହେଉ, ବାପାଙ୍କ କଥା ନ କହିବା ଲକ୍ଷଣଟି ଆମମାନଙ୍କୁ ବେଶି ବ୍ୟସ୍ତ ଲାଗୁଛି । ଏମିତି କହୁକହୁ ବୋହୂ ମୋତେ ପଢ଼ରିଲେ, ବାପା ! ତମକୁ ଆମମାନଙ୍କ କଥା ଶୁଭୁଛି ତ ! ଆମେ ଯାହାଯାହା କହୁଛୁ ତମେ ବୁଝିପାରୁଛ ତ ?

ମୁଁ ମୁଣ୍ଡ ହଲାଇ ଛୋଟ ପିଲାଟେ ପରି ସମ୍ମତି ଜଣାଇଲି । ମୋ' ଆଖିରେ ସମ୍ଭାବନାର ଚିତ୍ର ଉଇଁଆସିବାର ଦେଖିପାରିଲେ ବୋହୂ ଅରୁନ୍ଧତୀ । କହିଲେ, ବାପା ! ରାତିଟା । ରାତି ପରେ ସବୁ ଠିକ୍ ହେଇଯିବ, ଦେଖିବ ରୁହ । ତମେ ଧୈର୍ଯ୍ୟ ରଖ ।

ସଂଧ୍ୟାରେ ଓ ରାତିରେ ସବୁଦିନର ରୁଟିନ ବନ୍ଧା କାର୍ଯ୍ୟରେ ଅବଶ୍ୟ ସାମାନ୍ୟ ବ୍ୟତିକ୍ରମ ଦେଖାଗଲା । ପତ୍ନୀଙ୍କ କଥା ଛାଡ଼, ନାତି ନାତୁଣୀ ହୋମୱାର୍କରେ ବସିଲେ ନାହିଁ କି ପୁଅ ଓ ବୋହୂ ତାଗିଦ୍ କଲେ ନାହିଁ । ରାତି ଖାଇବାରେ ବିଶେଷ ଗୁରୁତ୍ୱ ନଦେଇ ଏଣୁତେଣୁ କ'ଣ ପାଟିରେ ଦେଇ ଶୋଇବା ସମୟ ପର୍ଯ୍ୟନ୍ତ ସମସ୍ତେ ନସରପସର ହେବାର ଦେଖୁଥାଏ ।

ମୁଁ ଲକ୍ଷ୍ୟ କରୁଥାଏ, ପୂର୍ବ ରାତିଭଳି ଆଜି ରାତିକୁ ଅବିକଳ ନକଲ କରିବାରେ ବୋହୂ ଅରୁନ୍ଧତୀ ଲାଗିପଡ଼ିଥାଏ । ଏଥିପାଇଁ ନିଷ୍ଠାର

ସହ ବୋହୂର ଆଗ୍ରହ ଥିବାର ଦେଖି ମୁଁ ମନେମନେ ଆଶୀର୍ବାଦ କରୁଥାଏ । ଘରର ବୋହୂ ଘରର ମଙ୍ଗଳକାମନା କରି ପରିବାରକୁ ହସଖୁସିରେ ରଖିବା ପାଇଁ ତ୍ୟାଗ କରିଥାଆନ୍ତି । ତପସ୍ୟାରେ ରହନ୍ତି । ଧନ୍ୟ କହିବ ଏମାନଙ୍କୁ ।

ରାତି ବାରଟାଯାଏ ମୋତେ ଅବ୍‌ଜରଭେସନ୍‌ରେ ରଖିବାପରେ ଯିଏ ଯାହାର ବିଛଣା ଧରିବା ପାଇଁ ପ୍ରସ୍ତୁତ ହେଉଥାଆନ୍ତି । ମୁଁ ମଧ୍ୟ ବିଛଣା ଉପରକୁ ଯିବା ପାଇଁ ସୁଯୋଗ ପାଇଲି । ଅବଶ୍ୟ ମୋ" ପତ୍ନୀ ଓ ବୋହୂ ମୋତେ ସାହାଯ୍ୟ କଲେ ।

ସକାଳ ଆଠଟା ପରେପରେ ମୁଁ ନିଦରୁ ଉଠିଲି । ସ୍ୱାଭାବିକ ଥିଲା, ମୋ ଦେହ ମନ । ଅନ୍ୟମାନେ ମୋ' ଆଗରୁ ବିଛଣା ପରିତ୍ୟାଗ କରି ମୋ' ଗତିବିଧି ସମ୍ବନ୍ଧରେ ଜାଣିବା ପାଇଁ ଉତ୍ସୁକ ହୋଇ ଉଠିଥାଆନ୍ତି । ଯେତେବେଳେ ମୋତେ ସ୍ୱାଭାବିକ ଥିବାର ସାମ୍ନା କଲେ, ସେତେବେଳେ ଯାଇ ଶାନ୍ତିରେ ନିଃଶ୍ୱାସ ମାରିଲେ ।

ସେଦିନ ରବିବାର ଥାଏ । ଛୁଟିଦିନ । ଖୁସିର ଦିନ । ଆନନ୍ଦର ଦିନ । ଫୁର୍ତ୍ତିର ଦିନ । ଡାକ୍ତର ଶାନ୍ତନୁ ଆସି ପହଞ୍ଚିଲେ ।

ଏଣୁତେଣୁ ଗପସପର ଆସର ବସିଲା । ମୁଁ ମଧ୍ୟ ସେମାନଙ୍କ ସହିତ ସାମିଲ୍ ହେଲି । ନିଜକୁ ସବୁଦିନ ଭଳି ଠିକ୍‌ଥିବାର ଜଣାଇଦେଲି ।

ଏଥର ଡାକ୍ତର ଶାନ୍ତନୁ ତାଙ୍କ ତରଫରୁ ଆରମ୍ଭ କଲେ । କହିଲେ, ଚବିଶ ଘଣ୍ଟା କଥା ଯେ କହିଥିଲି, ମନେପକାନ୍ତୁ । ଏସବୁ ମନୋବିଜ୍ଞାନ, ସ୍ୱପ୍ନବିଜ୍ଞାନ ପର୍ଯ୍ୟାୟର ଲକ୍ଷଣ ବୋଲି କୁହାଯାଇପାରେ । କଥା କ'ଣ କି, ସେ ରାତିରେ ହାତୀର ପାଦରେ ଆପଣଙ୍କ ଶଶୁରଙ୍କ ଡାହାଣଗୋଡ଼ ଦଳିଯିବା କଥା । ଭାଗ୍ୟ ଭଲ, ଦଳି ଦେଇଥିଲା । ଆଉ ତା' ସାଙ୍ଗକୁ ବାମ ଆଖିକୁ ଦେଖା ନ ଯିବା ଓ କଥା କହି ନ ପାରିବା, ଏସବୁ ଏକା କାରଣର ବିଲକ୍ଷଣ । ଏଣୁ ଗତରାତିରେ ସେଇ ଘଟଣାକୁ ସ୍ମରଣ କରିବାର ଉଦ୍ଦେଶ୍ୟ, ପୂର୍ବ ଘଟଣାର ପୁନରାବୃତ୍ତି ହେଲେ ଯାଇ ସମାଧାନ ହୋଇପାରିବ । କଥା କ'ଣ ଜାଣନ୍ତି, ସ୍ୱପ୍ନ । ସ୍ୱପ୍ନକୁ ସ୍ୱପ୍ନରେ ନେବା ହିଁ ପ୍ରତିକାର କରିବା । ସେ ଏତେ ମାତ୍ରାରେ ଭୟଭୀତ ହୋଇଯାଇଥିଲେ ଯେ, ପୂର୍ବାବସ୍ଥାକୁ ଫେରେଇ ଆଣିବା ହିଁ ଥିଲା ଜରୁରୀ । ତାହା ଅବଶ୍ୟ ସ୍ୱପ୍ନରେ । ଗୋଟିଏ ପ୍ରମାଣ କ'ଣ ଜାଣନ୍ତି, ତାଙ୍କ ଆଖିଡୋଳାରେ ଦନ୍ତାହାତୀର ଫଟୋଚିତ୍ର ଥିବାରୁ ଏସବୁ କଥା ଜଣାପଡ଼ିଲା ।

- ଆଜ୍ଞା ! ଆପଣ ଏସବୁ ଜାଣିଲେ କେମିତି ? ପଚାରିଲେ, ବୋହୂ ଅରୁନ୍ଧତୀ ।

ମାଡ଼ାମ୍ ! ସେ ଗୁଢ଼ ରହସ୍ୟ ଆପଣ ଭେଦ କରିପାରିବେନି । ଅଭିମନ୍ୟୁ ପରା ଚକ୍ରବ୍ୟୂହ ଭିରତକୁ ପ୍ରବେଶ କରିବା ଜାଣିଥିଲେ, କିନ୍ତୁ ପ୍ରସ୍ଥାନ କରିବା ଜାଣି ନ ଥିବାରୁ ଯେଉଁ ଦଶା ଭୋଗିଥିଲେ ଜାଣିଥିବେ । ସେମିତି, ଏସବୁକଥା ।

-ଆଜ୍ଞା !

ତେବେ ଏତିକି ଜାଣନ୍ତୁ ମାଡ଼ାମ୍ ! ଏହା ଏକ ରକମର ରୋଗର ଲକ୍ଷଣ । ରୋଗ ନୁହେଁ । କୁହାଯାଏ, ସ୍ୱପ୍ନାଘାତ । ଯେମିତି, ହୃଦ୍‌ଘାତ, ସର୍ପାଘାତ, ବେତ୍ରାଘାତ, ପଦାଘାତ ଇତ୍ୟାଦି ଇତ୍ୟାଦି ।

ମୁଁ ପଚାରିଲି, ଆଶ୍ଚର୍ଯ୍ୟର କଥା ତ ! ଆପଣଙ୍କ ଚିକିତ୍ସା ଶାସ୍ତ୍ରରେ ଏସବୁ ଅଛି ? ଡାକ୍ତର ଶାନ୍ତନୁ ତାଙ୍କ ଗପୁଡ଼ି ସ୍ୱଭାବକୁ ଦୋହରାଇ କହିଲେ, ଚିକିତ୍ସାଶାସ୍ତ୍ରରେ ନାହିଁ । ଆମକୁ ଅକ୍ତିଆର କରିବାକୁ ପଡ଼େ । ତା'ଛଡ଼ା ଅନେକ ସମୟରେ କ'ଣ ହୁଏ କି, ପେସେଣ୍ଟକୁ ଲକ୍ଷ୍ୟ କରିବାକୁ ହୁଏ । ପେସେଣ୍ଟର ସ୍ୱଭାବ, ବ୍ୟକ୍ତିତ୍ୱ, ମାନସିକ ଅବସ୍ଥା ଓ ଏପରିକି ବୟସଜନିତ ନିଃସଙ୍ଗତା, ସ୍ୱପ୍ନ, ସାଂସାରିକ ବୈରାଗ୍ୟ, ବିତୃଷ୍ଣା ଆଦିକୁ ମନର ଲାବ୍‌ରେ ଟେଷ୍ଟ କରିବାକୁ ହୁଏ । ରିପୋର୍ଟକୁ ପଢ଼ିବାକୁ ହୁଏ । ଏମିତି କେତେ କ'ଣ ଅଛି ନା ।

ମୋ' ପତ୍ନୀ ଆଉ ନିଜକୁ ଆକଟ କରି ରଖିପାରିଲେ ନାହିଁ । କହିପକାଇଲେ, ନାଇଁ ବାବା, ନାଇଁ । ତମକୁ ଆଉ ଏକୁଟିଆ ରହିବାକୁ ଦିଆଯିବ ନାହିଁ । ଯିଏ ଯାହା କହୁ ପଛେ ।

ବୋହୂ ଅରୁନ୍ଧତୀଙ୍କ ଆଗ୍ରହ ବଢ଼ିଯିବା ଭଳି ଲାଗିଲା । ସେ ପଚାରିଲେ, ଆଜ୍ଞା ! ସ୍ୱପ୍ନାଘାତ ଯେ କହିଲେ ସେଇଟା କ'ଣ ବୁଝାଇ କୁହନ୍ତୁ ତ !

ଡାକ୍ତର ଶାନ୍ତନୁ ବୁଝାଇବା ଢଙ୍ଗରେ ସାମାନ୍ୟ ପରିବର୍ତ୍ତନ ଆଣି କହିଲେ, ସ୍ୱପ୍ନ ଦେଖି ଖୁସି ହେବା ଭଳି ଦୁଃଖୀ ହେବାର ନଜିର ବି ଅଛି । ସେମିତି ହାତୀ ଦଳିଦେବା ପର୍ଯ୍ୟନ୍ତ କଥାଗଲା ମାନେ ମରିବା ଥୟ । ଅଥଚ ୟା'ଙ୍କର ତାହା ହୋଇନାହିଁ । ୟା'ଙ୍କର ଘଟଣାଟି ଏତେ ଆଘାତ ଦେଇଥିଲା ଯେ, ସାଇଡ୍ ଇଫେକ୍ଟ ଦେଖାଦେଲା । ଫଳରେ ଡାହାଣ ଗୋଡ଼, ଗୋଟେ ଆଖି ଓ କଥା କହି ନ ପାରିବା ଲକ୍ଷଣ ବାହାରିଲା । ଭାଗ୍ୟ ଭଲ, ସ୍ୱପ୍ନରେ । ସତରେ ନୁହେଁ ।

ମୁଁ ବୁଝିପାରିଲି, ଜୀବନ ଭଳି ସ୍ୱପ୍ନ ମଧ୍ୟ ସତ ମିଛ ମିଛ ସତ । ଯଦିଓ ରାତିର ସ୍ୱପ୍ନରେ ମରିଯାଉଥିବାର ଦୃଶ୍ୟ ଦେଖୁଥିବା ସ୍ୱପ୍ନଜୀବୀ ମଣିଷ ସକାଳକୁ ଜୀବନଧରି ଜିଇଁବା ବାଟରେ ପାଦ ପକାଉଥାଏ ।

'ଆମ ଘର'
ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ମୋ.: ୯୪୩୭୧ ୨୯୨୬୫



ଜଣେ ସାମ୍ବାଦିକଙ୍କ ଅକାଳ ମୃତ୍ୟୁ
ଓ
ଘୋଷାଲ ସାର୍‌ଙ୍କ କୋଚିଂ ସେଣ୍ଟର

ହେମନ୍ତ କୁମାର ଘୋଷାଲ

୧. ନରମ ଶେଯର ସନ୍ଧାନରେ ଦେଖ ଛଟପଟ ତା'ର ରାତିର ନିଦ:-

ମୁଖ୍ୟ ସଂପାଦକଙ୍କ ଚାମ୍ବରରୁ ବାହାରି ହେମନ୍ତ ଘୋଷାଲ ସିଧା ଆସି ବସିଥିଲା ବାଣୀବିହାର କ୍ୟାମ୍ପସର ସେଣ୍ଟ୍ରାଲ୍ କ୍ୟାଣ୍ଟିନର ଚୌକି ଉପରେ । ଘରକୁ ଯାଇ ନ ଥିଲା । ତା'ର ଏ ସମୟ ନୁହଁ ଘରକୁ ଯିବା । ମାନୁ ଏବେ ଟ୍ୟୁସନ୍ ଛୁଆଙ୍କୁ ନେଇ ବସିଥିବ । ତା'ପରେ ସେଠୁ ମୁକ୍ତି ପାଇଲା ପରେ ଯିବ ରୋଷେଇ ଘରକୁ । ତା' ସ୍ତ୍ରୀ ମାନୁ ଅନିନ୍ଦ୍ୟ ସୁନ୍ଦରୀ । ଟଣାଟଣା ଆଖି । ଅଣ୍ଟା ଯାଏ ଲମ୍ବିଛି କେଶ । ଜହ୍ନ ଭଳି ତୋଫା ଦେହର ରଂଗ । ଫିଜିକ୍ସରେ ପି.ଜି. କରିଛି । କିନ୍ତୁ ବୋକୀ ନମ୍ବର ଏକ । ବୋକୀ ନ ହେଇଥିଲେ ତା'ଭଳି ଏକ ବାପାଛେଉଣ୍ଡ ନିମ୍ନମଧ୍ୟବିତ୍ତ ଘରର ପୁଅର, ବାଣୀବିହାରରେ ପଢୁଥିବା ସମୟରେ ହିଁ, ପାଠପଢ଼ା ନ ସରିବା ଆଗରୁ, ଚିନ୍ତାମଣିଶ୍ୱର ମନ୍ଦିରରେ ସାଙ୍ଗସାଥୀଙ୍କ ମେଳରେ, ପତ୍ନୀ ହୋଇ ନ ଥାନ୍ତା । ବାପା ତା'ର କୋଟିପତି ଇଂଜିନିୟର । ନିଜର ନାଁ ରୂପରେ ନାଁ ଗୁଣରେ କୋଉଥିରେ କମି ଅଛି । ଅଥଚ ବୋକୀଟା କହିଲା କ'ଣ ନା ପ୍ରେମ ଓ ଭଲ ପାଇବାର ମୂଲ୍ୟ ଯିଏ ବୁଝିପାରେନି ସେ ପଶୁ ସହ ସମାନ । ମୁଁ ତମକୁ ମନ ଦେଇଛି, ହୃଦୟ ଦେଇଛି । ତା' ପାଖେ କୋଠାବାଡ଼ି, ଧାନକେଣ୍ଡାର ଭରା ଫସଲ ଆଉ ବିଦେଶୀ ଗାଡ଼ି ତୁଚ୍ଛ ତୁଚ୍ଛ ଏକଦମ୍ ତୁଚ୍ଛ । ତା'ପରେ ଆହୁରି କହିଲା, ଯଦି ତମକୁ ନ ଜାଣିଥାନ୍ତି ତେବେ ଗୋଟାଏ ଅଜଣା ମଣିଷର ହାତ ଧରିବାରେ କିଛି ନ ଥାନ୍ତା । ପୃଥିବୀରେ ତ କୋଟି କୋଟି ଝିଅ ଅଜଣା ଅଶୁଣା ମଣିଷର ହାତ ଧରି ଜୀବନ ଜୀଇଁ ଚାଲୁଛନ୍ତି ନା ନାହିଁ !

ଏବେ ଜୀଇଁବି ଜଣାଶୁଣା ମନର ମଣିଷର ହାତଧରି । କୋଉ ଇଂଜିନୟର୍ କି ଅଫିସର୍ କି ଡାକ୍ତରର ପତ୍ନୀ ହୋଇ ଅଜସ୍ର ସୁଖରେ ଜୀଇଁଥାନ୍ତୁ । ତାକୁ ପାଦରେ ଠେଲିଦେଇ ଏବେ ଟ୍ୟୁସନ୍‌କର, ନିଜ ହାତରେ ଘରର ସବୁ କାମ କର । ଆଉ ତା'ଭଳି ଏକ ରୋକ୍‌ଠୋକ୍ ମଣିଷର ପାଗଳପଣକୁ କାନିରେ ବାନ୍ଧି ବୁଲ୍ ।

ଜାଣିବା ପାଇଁ ପଚାରିଥିଲା, "ଏ, ତମର ସଙ୍ଗୀ ସାଇକୋଲୋଜିର ସାଗରିକା ମିଶ୍ର ଏଇ ଭୁବନେଶ୍ୱରରେ ଓ.ଏ.ଏସ୍. ଅଫିସର୍ ସୁଶାନ୍ତ ପଣ୍ଡାର ସ୍ତ୍ରୀ ହୋଇ ଦେଖ କେତେ ଅଏସ୍ କରୁଛି ! ଘରେ ତିନିତିନିଟା ଚାକର / ଚାକରାଣୀ । ରୋଷେଇ ଘରେ ତା'ର ପାଦ ପଡ଼େନି । ସବୁବେଳେ ସଜବାଜ ହେଇ ଟି.ଭି., ଆଉ ଡ୍ରଇଂରୁମ୍‌ରେ ତାରା ଖୁନ୍ଦା ଆକାଶ, ସବୁ ତା'ର ଭରି ରହିଛି । ତୁମେ ବି ତ ସେ ଫୁଲଫୁଲ, ଖିଲିଖିଲି, ଶୀତଳ ଜହ୍ନରାତିର ଜୀବନ ଜୀଇଁ ପାରିଥାନ୍ତ ! ଫାଲ୍‌ତୁ ଗୋଟାଏ ଭାବପ୍ରବଣତାରେ ମୋ' ହାତଧରି, ଏ ହନ୍ତସନ୍ତ !

ହସି ହସି କହିଥିଲା ସେ, ତୁମେ ଠିକ୍ କହୁଛ । ସାଗରିକା

ନିଶ୍ଚିତ ଖୁସିରେ ଜୀଉଁଥିବ । କିନ୍ତୁ ତୁମେ ଭୁଲ୍ ଭାବୁଛ ଯେ ମୁଁ ଖୁସିରେ ଦିନ କାଟୁନି ବୋଲି । ଜୀବନ ଜୀଇଁବାର ଶୈଳୀ ଓ ରାସ୍ତା ପ୍ରତି ମଣିଷର ଭିନ୍ନଭିନ୍ନ । କଥାହେଲା ମୁଁ ଯଦି ସୁଶାନ୍ତ ପଣ୍ଡା ଭଳି ମଣିଷର ସ୍ତ୍ରୀ ହୋଇଥାନ୍ତି, ଏତେ ସବୁ ଖଞ୍ଜି ଦେଲା ପରେ ବି ଖୁସି ହେଇପାରି ନ ଥାନ୍ତି । କାରଣ ମୋତେ ସେଇଟା ଗୋଟାଏ ନଂପୁସକ ପ୍ରାଣୀ ଭଳି ଲାଗେ । ଥରେ କହୁଥିଲା, ସରକାରୀ ଚାକିରି କଲେ ଆଉ ତା' ସହ ଉପୁରି ଖାଇଲେ ତେବେ ତମକୁ ଡରି ମରି ରହିବାକୁ ହବ । ନେତା, ଉପରହାକିମ, ଜନତା ସମସ୍ତେ ତମକୁ ଅନେକ ସମୟରେ ଜିଆ, ଅସରପା, ଭଳି ବ୍ୟବହାର ଦେଖେଇବେ । ତମକୁ ସହିବାକୁ ହବ । ଛି ଛି...! ଦରକାର ନାହିଁ ମୋର ଘର ଏୟାରକଣ୍ଡିସନ୍, ଆଉ ଗଳାରେ ଲମ୍ବା ଲମ୍ବା ସୁନାହାର । ମଣିଷ ଯଦି ହେମନ୍ତ ଘୋଷାଲ୍ ଭଳି ନ ଜୀଇଁଲା ତେବେ ସେ ମଣିଷଟା କି ମଣିଷ ହୋ ।

'ସେ' ତା' କଥା ଶୁଣି ଭାବେ, ଭୁଲ୍ କରିଦେଇଛି, ଆଉ ସେହି ଭୁଲ୍‌କୁ ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ମାନୁ ଏପରି କଥାମାନ କହୁଛି । କି ମଣିଷ କି ହୋ' ହେମନ୍ତ ଘୋଷାଲ ! ଏମ୍.ଏସ୍.ସିରେ ପ୍ରଥମ ଶ୍ରେଣୀରେ ପାସ୍ ହୋଇ କି ବି ଗୋଟାଏ କଂପିଟେଟିଭ୍ ଏକ୍‌ଜାମ୍ ଲଗେଇ ପାରିଲାନି । ମାଛ ଆଖିକୁ ନ ହେଲା ନାହିଁ ମାଛ ଲାଞ୍ଜରେ ବି ଛୁଏଁଇ ପାରିଲାନି ତା'ର ତୁଣୀରର ଶରକୁ । ଶେଷକୁ କୌଣସି ଆନୁଷାନିକ ଡିଗ୍ରୀ ନ ଥାଇ, ହେଲା ସାମ୍ବାଦିକ । ଭାବିଲା ଆଉ କିଛି କରିବା ଅପେକ୍ଷା ଏଇଟା ଏକ ସମ୍ମାନଜନକ କାମ । କିନ୍ତୁ ତାକୁ ଠିକ୍ ନେଇ ଆଣି ଥୋଇ ପାରିଲାନି । ହେଲେ ଆଜି ତୃତୀୟ ଥର ପାଇଁ ଗୋଟାଏ ଖବରକାଗଜ ଅଫିସ୍‌ରୁ, ଚାକିରୀକୁ ପାଦରେ ଠେଲିଦେଇ ଆସି ବସିଛି ଏଠି ।

ଦୁଇ

ଆକାଶରେ ଜହ୍ନ ଭୋଦୁଅର । ହେମନ୍ତ ଘୋଷାଲ ଚାହିଁ ରହିଲା କିଛି ସମୟ । ଆଗରୁ ଏ ଜହ୍ନଟା ଭାରି ଇମୋସ୍‌ନାଲ୍ ଲାଗୁଥିଲା । କିନ୍ତୁ ଜୀବନକୁ ବଂଚିବାରେ ଜହ୍ନର କିଛି ଭୂମିକା ନଥାଏ । ତେଲ ଲୁଣର ଜୀବନରେ ଜହ୍ନ ଗୋଟାଏ ପଥର । ଟେଳାଟେଳା ମାଟି । ଓଃ ! ସତ ତ ! ଯେତେବେଳେ ମାନୁ ଶୁଣିବ ଆଜି ସେ ଚାକିରି ଛାଡ଼ି ଆସିଛି, କ'ଣ କହିବ । ସେ ଆଗରୁ ଦେଇଥିବା ଆଶ୍ୱାସନା ମାନ ଅଜାଡ଼ିଦବ ? ନାଁ ମନେମନେ ଭାବିବ ଏଇଟା ହାତରେ କିଛି ହବନି । ଗୋଟାଏ ଭଙ୍ଗା ସିଲଟ ଆଉ ଶୁଖିଲା ଆମ୍ବଡାଳ ! ତା'ର ଆଖି ଛଳଛଳ ହେଇଗଲା । କାହିଁକି ସେ ମହାନ୍ତି ବାବୁ, ଦାସ ବାବୁ, ପୁହାଣବାବୁଙ୍କ ଭଳି ହେଇପାରୁନି । ସେମାନେ ତ ଗୋଟାଏ ଗୋଟାଏ ଜାଗାରେ ବର୍ଷ ବର୍ଷ ଧରି ସେଇ କାମକରି ଆସୁଛନ୍ତି । କେତେ ସୁନ୍ଦର ନିରାପଦରେ ଜୀବନ କାଟୁଛନ୍ତି ।

ତା'ର ମନେପଡୁଛି ପ୍ରଥମ ଥର ଚାକିରି ଛାଡ଼ିବା କଥା । ଗୋଟାଏ କାର୍ ଦୁର୍ଘଟଣାର ସମ୍ବାଦ ସେ ସଂଗ୍ରହ କରିଥିଲା । ଦୁର୍ଘଟଣାର କାରଣ ଥିଲା ମଦ ନିଶା । କାର୍‌ରେ ଥିବା ଯୁବକମାନେ ସମସ୍ତେ ନିଶାଗ୍ରସ୍ତ ଥିଲେ । ଅତ୍ୟଧିକ ମଦ ନିଶା ଯୋଗୁଁ ବେଖାତିର ଭାବେ ଗାଡ଼ି ଚଳେଇ ଗୋଟାଏ ରାସ୍ତାକଡ଼ ଗଛରେ ପିଟି ଦେଇଥିଲେ ଗାଡ଼ିକୁ । ସେ' ତା ଖବରର ହେଡ୍‌ଲାଇନ୍ ଦେଇଥିଲା, "ମଦ ନେଲା ଚାରି ଯୁବକଙ୍କ ପ୍ରାଣ' । କିନ୍ତୁ ତା' ପରଦିନ ସମ୍ବାଦପତ୍ରରେ ଛପା ହେଇଥିଲା, ଖବର, "ରାସ୍ତା କଡ଼ରେ ବିପଦ ସଂକୁଳ ଅବସ୍ଥାରେ ଥିଲେ ବି ମୁନିସିପାଲ୍‌ଟି ଏଥି ପ୍ରତି ଧ୍ୟାନ ଦଉନି । ଯାହାଦ୍ୱାରା ଅନେକ ନିରୀହ ଜୀବନ ଯାଉଛି ।" ଖବରରେ ମଦ କଥା ଆଦୌ ଉଲ୍ଲେଖ ନ ଥିଲା । ସେ ଯାଇ ସିଧା ପଚାରିଥିଲା ମୁଖ୍ୟ ସଂପାଦକଙ୍କୁ । ଏପରି ଖବରକୁ ଆମୂଳଚୁଳ ପରିବର୍ତ୍ତନ କହି ପ୍ରକାଶ କରିବା କଥା !

"ତମେ ଜାଣ ସେ ଗାଡ଼ିରେ ଯୋଉ ଚାରିଜଣଙ୍କ ଜୀବନ ଗଲା ସେମାନେ କିଏ ? ବଡ଼ବଡ଼ ଅଫିସର, ଆଉ ଶିଳ୍ପପତିଙ୍କ ପୁଅ ସେମାନେ । ଯଦି ସେମାନଙ୍କ ପୁଅ ମଦପିଇ ଗାଡ଼ି ଚଳଉଥିଲେ ବୋଲି ଖବର ପ୍ରକାଶିତ ହେଲା, ସେମାନଙ୍କ ସାମାଜିକ ପ୍ରତିଷ୍ଠା ପ୍ରତି କି ପ୍ରଭାବ ପଡ଼ିବ, ସେ କଥା ଚିନ୍ତା କରିଛ ତମେ ? " ମୁଖ୍ୟ ସଂପାଦକ କହିଥିଲେ ।

"ସାର୍ ସେମାନେ କାହାର ପୁଅ, ସେମାନଙ୍କ ସାମାଜିକ ସ୍ଥିତି କ'ଣ ସେ କଥା ମୋର ଚିନ୍ତା କରିବାର ଆବଶ୍ୟକ ନଥିଲା । ମୁଁ ତ ଚିନ୍ତା କରିଛି ମୋ' ଦେଶର ଅସଂଖ୍ୟ ଯୁବକଙ୍କ ପାଇଁ, ମଦ ପିଇ ଗାଡ଼ି ଚଲେଇବା ଯେ କିପରି ଭୟଙ୍କର ରୂପନିଏ, ଏ ଖବର ପଢ଼ି ଅନ୍ତତଃ କିଛି ଲୋକଙ୍କ ମସ୍ତିଷ୍କରେ ପଶିବ ଏ କଥା ! ମୋର ଲକ୍ଷ୍ୟ ଯାଇ ସେଠି ସାର୍ ! ଦ୍ୱିତୀୟତଃ ସତ ଖବର ସତ ଖବର । ଆମେ ସତ ଖବର ପ୍ରକାଶିତ କରିବା କି ମିଛ ଖବର ।"

ସେ କହିଥିଲା "ତମର ସତ ମିଛକୁ ଦେଖି ମୁଁ ଖବର କାଗଜ ଚଲେଇବି ତ ଦିନ କେଇଟାରେ ସଅପ ଶେଯ ଧରି ଗାଁକୁ ଯିବି । ତମେ ଜାଣ ସେହି ଯୁବକମାନଙ୍କ ମାତା / ପିତାଙ୍କ ଆମ ଖବରକାଗଜ ପ୍ରତି ଅବଦାନ କେତେ ? ତା'ପରେ ମଦ ପିଇ ଗାଡ଼ି ଚଲେଇବା ଯେ ବିପଦ ସଂକୁଳ ଏ କଥା ସମସ୍ତେ ଜାଣନ୍ତି । ତେଣୁ ତମର ଏ ଖବର ସେତେଟା ପ୍ରଭାବ ପକେଇ ନଥାନ୍ତା ବରଂ ଆମ ସଂସ୍ଥା ପ୍ରତି କ୍ଷତି ପହୁଂଚାଇଥାନ୍ତା । ତା'ପରେ ସେମାନେ ମଦ ପିଇଥିଲେ ବୋଲି ତ ପୋଷ୍ଟମର୍ଟମ୍ ରିପୋର୍ଟ କହୁନି । ତମେ କେମିତି ପ୍ରମାଣିତ କରିପାରିଥାନ୍ତ । ଜାଣ ଓଲଟି ଆମକୁ କୋର୍ଟ କଚେରି ଧାଇଁବାକୁ ପଡ଼ିଥାନ୍ତା ।" ମୁଖ୍ୟ ସଂପାଦକ କହିଥିଲେ ।

"ସାର୍ ମୁଁ ଏତେ ଦାୟିତ୍ୱହୀନ ସାମ୍ବାଦିକ ନୁହଁ ଯେ ବିନା ପ୍ରମାଣରେ ଖବର ପ୍ରକାଶ କରିବାକୁ ଦେବି । ଗାଡ଼ିରେ ଥିବା ମଦ ବୋତଲର ଫଟୋ ଆଉ ଜଣେ ଘାଏଲ୍ ହୋଇଥିବା ଯୁବକର ସ୍ୱୀକରୋକ୍ତି, ମୋ ମୋବାଇଲ୍‌ରେ ରେକର୍ଡ଼ ହୋଇଅଛି । ଏତିକି କାଫି ପ୍ରମାଣ ଦବାକୁ ।

ସେ କହିଥିଲା " ହଉ ତମେ ତମ ପ୍ରମାଣ ରଖିଥାଅ । ମୋ ସମୟ ଆଉ ନଷ୍ଟ କରନି ଯାଅ.." ।

ବାସ୍ ସେ ଚାମ୍ବରରୁ ବାହାରିଥିଲା । ଅଫିସ୍ ହତାରୁ ବାହାରିଥିଲା । ଆଉ ଫେରିକି କେବେ ବି ସେ ଖବରକାଗଜ କାର୍ଯ୍ୟାଳୟ ଆଡ଼କୁ ଚାହିଁ ନଥିଲା । ଭାବିଥିଲା ଏପରି ଏକ ନୀତି ହୀନ ମାଲିକ ପାଖରେ କାମ କରିବା ସମ୍ଭବ ନୁହେଁ ।

ସେ ଆସିବା ଦିନ, ତା ସହକର୍ମୀ ଦାସବାବୁ ବୁଝେଇଥିଲେ,- "ଭାଇ, ପର ଅଧୀନରେ କଲେ ଅନେକଟା ସମଝୋତା କରିବାକୁ ପଡ଼ିଥାଏ । ଏପରି ଭାବପ୍ରବଣତାରେ କୌଣସି ନିଷ୍ପତ୍ତି ନେବା ଅନୁଚିତ ।"

ସେ ତାଙ୍କୁ କହିଥିଲା,

"ମୁଁ ଜାଣେ ଜୀବନମାନେ ଅସଂଖ୍ୟ କମ୍ପ୍ରମାଇଜ୍ । ଅନେକ ସମଝୋତା । କିନ୍ତୁ ଜୀବନରେ ଏମିତି କିଛି ଘଟଣାଥାଏ, ଯାହା ସହ ସମଝୋତା ହୋଇପାରେନା । ଆଉ ମଣିଷ ତା' ବାଛିଥିବା ରାସ୍ତାରେ ଚାଲିଥାଏ ବେଳେବେଳେ ଏକାଏକା । ହେଇଥାଉ ପଛେ ତା' ଛାଡ଼ି ଆସିଥିବା ରାସ୍ତା ଅସଂଖ୍ୟ ଗ୍ୟାଲେକ୍ସି ଆଲୋକରେ ଆଲୋକିତ ଆଉ ତା' ବାଛିଥିବା ନୂଆ ରାସ୍ତା ଅସଂଖ୍ୟ ପିଚୁରାସ୍ତା ଅନ୍ଧାରରେ ଭରପୂର !

ତିନି

ସେ ଘଟଣା ପରେ ସେ ଠିକ୍ କରିଥିଲା, ଏ ସାମ୍ବାଦିକତାର ରାସ୍ତା ଛାଡ଼ିଦେବ । ଏଠି ବଞ୍ଚିବା ତା' ପାଇଁ ମୁସ୍କିଲ୍ । କିନ୍ତୁ ମାନୁ ବୁଝାଇଥିଲା, ସମସ୍ତଙ୍କୁ ତମେ ଗୋଟାଏ ମାପଦଣ୍ଡରେ ମାପୁଛ କାହିଁକି ? ଏଠି ଅନେକ ସମ୍ବାଦପତ୍ର ଅଛି । ସବୁ ସଂପାଦକ ଯେ ତାଙ୍କ ଭଳି ହେଇଥିବେ ବୋଲି କିଛି ମାନେ ନାହିଁ । ଅନେକ ଅଛନ୍ତି ଏଠି 'ସତ୍ୟର ପୂଜାରୀ' । ମାନୁର କଥା ମାନି 'ସତ୍ୟର ପୂଜାରୀ' ବୋଲି ଭାବି ଯେଉଁ ସମ୍ବାଦପତ୍ରର ମାଲିକ ପାଖରେ ସେ କାମ ଆରମ୍ଭ କଲା, ତାଙ୍କର ବି ସେହି ଅବସ୍ଥା । ଠିକ୍‌ଠାକ୍ କିଛିଦିନ ଚାଲିଥିଲା । ସେ ମୁଖ୍ୟ ସଂପାଦକ ମାଲିକ ଗୋଟାଏ ରାଜନୈତିକ ଦଳର ନେତା । ତାଙ୍କ ସହ ବି ସେହି ଗୋଟାଏ ସଂବାଦ ପାଇଁ ତାକୁ ଲଢ଼ିବାକୁ ପଡ଼ିଥିଲା ।

ଘଟଣାଟା ଏପରି ଥିଲା ! ସହରରେ ଗୋଟାଏ ସାତ ଆଠ ବର୍ଷର ଛୁଆଟେ ତା' ମାଆ ସାମ୍ନାରେ ଡ୍ରେନ୍‌ରେ ଭାସିଗଲା । ପିଲାଟି ଟ୍ୟୁସନ୍ ଯାଇଥିଲା । ତା' ଟ୍ୟୁସନ୍ ଛୁଟି ହବା ଆଗରୁ ଅଚାନକ ଅଜସ୍ର ବର୍ଷା ହେଲା । ବର୍ଷା ଛାଡ଼ିବା ପରେ ମାଆ ତା'ର ଯାଇ ତାକୁ ଟ୍ୟୁସନରୁ ଆଣିବା ବେଳେ, ରାସ୍ତାରେ ପ୍ରଖର ବେଗରେ ବର୍ଷା ପାଣି ଚାଲୁଥିଲା । ରାସ୍ତା ପାଖ ଖୋଲା ଡ୍ରେନ୍‌ରେ ତାଠୁଁ ଅଧିକ ପ୍ରଖର ସ୍ରୋତ । ପିଲାଟି ମାଆ ସହ ଆସୁଆସୁ ଡ୍ରେନ୍‌ରେ ପାଦ ଖସି, ଭାସିଯାଇ ମୃତ୍ୟୁବରଣ କରିଥିଲା । ଏ ସମ୍ବାଦଟି ସଂଗ୍ରହ କଲାବେଳେ ସେ ଯାହା ଜାଣିବାକୁ ପାଇଲା, ଯେ, ମାଆର ଅସାବଧାନତା ଯୋଗୁଁ ପୁଅର ଜୀବନ ଗଲା । ରାସ୍ତାରେ ପ୍ରଖର ବେଗର ଜଳଧାର ଚାଲୁଥିଲା ବେଳେ ମାଆ ପିଲାର ହାତକୁ ଛାଡ଼ିବା କଥା ନୁହଁ । ତା'ର ହାତଧରି ତାକୁ ଆଣିବା କଥା । କିନ୍ତୁ ମାଆ ସେଥିପ୍ରତି ଧ୍ୟାନ ଦେଇ ନ ଥିଲା । ଆଉ ପିଲାଟି ଏକ୍କା ଚାଲୁଚାଲୁ ରାସ୍ତା କଡ଼ରେ ଥିବା ଡ୍ରେନ୍‌ରେ ତା' ପାଦ ଖସି ଯାଇଥିଲା । ଏ ଖବର ସହ ସେ ତା'ର ହେଡ୍‌ଲାଇନ୍ ରଖିଥିଲା "ମାଆର ଅସାବଧାନତା ନେଲା ଶିଶୁ ପୁତ୍ରର ଜୀବନ" !

କିନ୍ତୁ ତା' ପରଦିନ ଖବର ବାହାରିଥିଲା, "ମୁକୁଳା ଡ୍ରେନ୍ ଆଉ ସରକାରଙ୍କ ଦାୟିତ୍ୱହୀନତା ନେଲା ଶିଶୁର ପ୍ରାଣ ।"

ଖବର ପଢ଼ି ତା' ମୁଣ୍ଡରେ ପିତ୍ତ ଚଢ଼ିଗଲା । ସେ ଯାଇ ହାଜର ହେଲା ମୁଖ୍ୟ ସଂପାଦକଙ୍କ ପାଖରେ ।

"ସାର୍ ମୁକୁଳା ଡ୍ରେନ୍ ନୁହଁ, ମାଆର ଅସାବଧାନତା ହିଁ ଶୁଶୁଟିର ପ୍ରାଣ ନେଲା । ଆପଣ ମୋ' ସମ୍ବାଦକୁ ଏପରି ଭୁଲ୍ କରି ଛାପିଲେ କେମିତି ? "

ମୁଖ୍ୟ ସଂପାଦକ କହିଥିଲେ,-"ଆରେ ଭାଇ ତମ କଥା ମୁଁ ମାନୁଛି । ମାଆ ପୁଅର ହାତଧରି ନଥିଲା । ନହେଲେ, ମୁକୁଳା ଡ୍ରେନ୍‌ରେ ମାଆ ପୁଅ ଦୁହେଁ ସାଙ୍ଗହେଇ ଭାସିଥାନ୍ତେ । ହେଲେ ଏ କଥା ସତ, ସରକାର ଡ୍ରେନ୍‌କୁ ଘୋଡ଼େଇ ନଥିଲେ । ଯଦି ଡ୍ରେନ୍ ମୁକୁଳା ନ ଥାନ୍ତା, ଶିଶୁଟିର ଜୀବନ ହୁଏ ତ ବଞ୍ଚିଯାଇଥାନ୍ତା । ଏଇଟା ସରକାରର ଭୁଲ୍ । ଆମେ ହେଲୁ ବିରୋଧୀ ଦଳ ବାଲା । ଏଇଟା ତ ଅସ୍‌ଲି ମୌକା ସରକାରକୁ ଘେରିବାକୁ । ଏତେ ବଡ଼ ସୁଯୋଗକୁ ହାତଛଡ଼ା କରିଦବୁନା ! ଘୋଷାଲ୍ ବାବୁ ତମେ ବୁଝିବାକୁ ଚେଷ୍ଟା କର ।"

"ସାର୍ ଏଇଟା ଏକ ଖବର । ଏଠି ରାଜନୀତି ହବା କଥା ନୁହଁ । ମାଆର ଅସାବଧାନତା ଯୋଗୁଁ ଘଟିଛି ଦୁର୍ଘଟଣା, ଏ ଖବର ପ୍ରକାଶ ପାଇଥିଲେ, ଅନେକ ମାଆ ସଚେତନ ହେଇଥାନ୍ତେ । କାରଣ ଆଜିକାଲି ଯାହା ଲକ୍ଷ୍ୟ କରାଯାଉଛି ବାପାମାଆ ପିଲାଙ୍କ ପ୍ରତି ସେତେଟା ସଚେତନ ରହୁ ନାହାନ୍ତି । ସେ କୁଆଡ଼େ ଯାଉଛି, କାହା ସହ ମିଶୁଛି, ଏମିତିକି ସ୍କୁଲ ଯାଉଥିବା ପିଲାଙ୍କ ହାତରେ ଦାମିକା ମୋବାଇଲ୍ ଧରେଇ ଦଉଛନ୍ତି । ତେଣୁ ଏ ସମ୍ବାଦ ନିଶ୍ଚିତ କିଛିଟା ପ୍ରଭାବ ପକେଇଥାନ୍ତା । ମୁଁ ଏସବୁ ସେଥିରେ ଆଲୋଚନା କରିଥିଲି ।

ମୁଖ୍ୟ ସଂପାଦକ ହସିହସି ପାଖରେ ବସିଥିବା ତା'ର ସହକର୍ମୀ ମହାନ୍ତିବାବୁଙ୍କୁ ଚାହିଁ କହିଥିଲେ,-"ତମ ସାଂଗକୁ ବୁଝାଅ । ଏଇଟା ସମ୍ବାଦପତ୍ର କାର୍ଯ୍ୟାଳୟ । ସମାଜ ସୁଧାରକ ସ୍ଥାନ ନୁହଁ । ହଟଚମଟ ସୃଷ୍ଟି କରୁଥିବା ଆଉ ଆମ ଦଳକୁ ସୁହାଉଥିବା ଏବଂ ଶାସକଦଳକୁ ଖୋଂଚା ମାରୁଥିବା ସମ୍ବାଦ ପ୍ରକାଶ କରିବା ଆମର ମୂଳଲକ୍ଷ୍ୟ । ମୁଁ ମାନୁଛି, ତମ ସ୍ୱପ୍ନର ସମ୍ବାଦପତ୍ର ଏଠି ଥାଇପାରନ୍ତି ଅନେକ । କିନ୍ତୁ ଭାଇ ଆମର ଲକ୍ଷ୍ୟ ଅଲଗା । ତମେ ସମ୍ବାଦ ସଂଗ୍ରହ କରିଯାଅ । ତାକୁ ରୂପଦେବା ଆଉ ସଜେଇବା କାମ ଆମ ଉପରେ ଛାଡ଼ିଦିଅ । ଭାଇ

ବର୍ଷ ବର୍ଷର ଅନୁଭୂତ ଆମେ ଏମିତି ଖାଲିଟାରେ ସାଉଁଟି ରଖୁନୁ ।” ମହାନ୍ତି ବାବୁ ଦାନ୍ତ ଦେଖେଇ କହିଲେ, “ସାର୍ ନୂଆ ନୂଆ ତ, ଆପଣ ବ୍ୟସ୍ତ ହୁଅନ୍ତୁନି, ମୁଁ ଘୋଷାଲ୍ ବାବୁଙ୍କୁ ବୁଝେଇ ଦେବି ।”

ସେ ଭାବିଥିଲା, ସରକାରୀ ଅଫିସର, ବିଲ୍ଡର, ଆଉ ଅସାଧୁ ବେପାରୀଙ୍କୁ ଚମକେଇ, ଧମକେଇ, କେବେକେବେ ନେହୁରା ହେଇ, ଉପୁରି କମଉଥିବା ଏ ଚନ୍ଦାମୁଣ୍ଡିଆ ମହାନ୍ତି ପୁଣି ତାକୁ ବୁଝେଇବ !

ଚାରି

ବାସ୍ ସେଦିନ ସେଠୁ ବିଦାୟ ନେଇ, ଘରେ ପହଞ୍ଚିବା ଭିତରେ, ସାରା ରାସ୍ତା ଶପଥ ନେଇଥିଲା, ପୃଥିବୀ ପ୍ରଳୟ ହେଇଯାଉ, ସୁନାମୀ ଚାଲିଆସୁ, ମାସ ମାସ ଧରି ସେ ଭୋକରେ ରହୁ ପଛେ ଏ ସମ୍ବାଦିଆ ଚାକିରି ଭୁଲରେ ସୁଦ୍ଧା କରିବନି । ଆଉ ଯାହା କିଛି କରିବାକୁ ପଡୁପଛେ । ମାନୁ ବି ବୁଝେଇବା ଛାଡ଼ି ଦେଇଥିଲା । ଘରେ ପାଖାପାଖି ତିନି ସାଢ଼େ ତିନି ମାସ ବସି ରହିଲା ଚୁପ୍‌ଚାପ୍ ।

କିନ୍ତୁ ହଠାତ୍ ଆସି ଦିନେ ପହଞ୍ଚିଲା, ଦେବାଶିଷ୍ ପଟ୍ଟନାୟକ । ରେଭେନ୍‌ସାରେ ତା’ର କ୍ଲାସ୍‌ମେଟ୍ ଥିଲା । ଇଏ ବାଣୀବିହାର ଆସିଲା, ଆଉ ସେ ବମ୍ବେ ଯାଇ ଆଡଭୋଟାଇଜିଂଗ ଉପରେ କ’ଣ ସବୁ କୋର୍ସ କରିଥିଲା । ଏବେ ଯୋଉ ସମ୍ବାଦପତ୍ର “ଜନସ୍ୱର’ରେ ସେ କାମ କରୁଛି, ଦେବାଶିଷ ସେଠି ତା’ ଆଗରୁ ବିଜ୍ଞାପନ ବିଭାଗର ମୁଖ୍ୟ । ସେ ତାକୁ ବୁଝାଇଥିଲା, ଆମ ‘ଜନସ୍ୱର’ ସଂବାଦପତ୍ରର ମାଲିକ ଜଣେ ସଚ୍ଚୋଟ ଆଉ ନିରପେକ୍ଷ ମଣିଷ । ସେ କୌଣସି ରାଜନୈତିକ ଦଳର ଧାର୍ ଧାରନ୍ତିନି । ମୁଁ ଯାହା ଅନୁଭବ କରୁଛି ତୋର ଚିନ୍ତାଧାରା ଆଉ ତାଙ୍କ ଚିନ୍ତାଧାରା ମଧ୍ୟରେ ଏକଦମ୍ ସମାନତା ଅଛି । ତୁ ସେଠି କାମ କରି ନିଶ୍ଚିତ ସହଜ ଅନୁଭବ କରିବୁ । ଯେହେତୁ ଦେବାଶିଷ୍ ସେଠି ଅନେକ ଦିନ ହେଲା କାମ କରୁଛି, ଆଉ ତା’ର ଅନୁଭୂତିରୁ ସେ ଏକଥା କହୁଛି, ତେଣୁ ତା’ କଥାକୁ ମାନୁ ବି ସମର୍ଥନ କଲା । ଆଉ ତାକୁ ବି ସତ ଲାଗିଲା । ତେଣୁ ସେ ତା’ର ପୂର୍ବ ଶପଥକୁ ପଛରେ ପକେଇ “ଜନସ୍ୱର” ସମ୍ବାଦପତ୍ରରେ ଯୋଗଦେଲା ।

୨. ଯେଉଁଠି ପାଅ ତମେ ସୁଖର ନିଦ୍ରା ସେଇଟା ହିଁ ତମ କୋମଳ ଶଯ୍ୟା:-

ଏଇ ଦେଢ଼ ମାସ ହେଲା ସେ ଗୋଟାଏ ଅନୁସନ୍ଧାନମୂଳକ ସମ୍ବାଦ ଉପରେ ଚୁପ୍‌ଚାପ୍ କାମ କରୁ ଥିଲା । ସହରକୁ ଲାଗି ‘କନକପୁରୀ’ ଅଞ୍ଚଳରେ ପ୍ରାୟ ପନ୍ଦର କୋଡ଼ିଏ ଏକର ବେସରକାରୀ ଜମି ସହ ସରକାରୀ, ଜମି ଦଖଲ କରି, ନିଜକୁ ମହାନ୍ ଜ୍ୟୋତିଷାଶ୍ୱର ? ଆଉ ତ୍ରିକାଳଦର୍ଶୀ ବୋଲଉଥିବା ‘ଶ୍ରଦ୍ଧା ସୁମନ’ ବାବା ନିଜର ଆଶ୍ରମ କରି ରହିଆସୁଛନ୍ତି ! ତାଙ୍କ ପାଖେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଅଜସ୍ର ଭିଡ଼ । ବାବା ଭକ୍ତଙ୍କ ସମସ୍ୟାର ସମାଧାନ ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାରର ପଥର ମୁଦି ପିନ୍ଧିବାକୁ ପରାମର୍ଶ ଦେଇଥାନ୍ତି । ଆଉ ସେଇସବୁ ପଥର ତାଙ୍କରି ଆଶ୍ରମରେ ଥିବା ଦୋକାନରେ ବିଭିନ୍ନ ନାମ ଓ ରଙ୍ଗରେ ମିଳିଥାଏ । ତାଙ୍କ କହିବା କଥା ସେ ସବୁ ମୂଲ୍ୟବାନ୍ ପଥର ସେ ରାଜସ୍ଥାନ, ଉତ୍ତରାଖଣ୍ଡ ଆଉ ହିମାଳୟର ଉପତ୍ୟକାରୁ ଆଣିଥାନ୍ତି । ସେ ସବୁ ପଥରକୁ ସେ ହଜାର ହଜାର ଟଙ୍କାରେ ଏପରି କି କିଛି ପଥର ତ ସେ ଲକ୍ଷାଧିକ ଟଙ୍କାରେ ଭକ୍ତଙ୍କୁ ବିକ୍ରି କରିଥାନ୍ତି । ସେ କିନ୍ତୁ ତା’ର ଅନୁସନ୍ଧାନରୁ ଜାଣିବାକୁ ପାଇଲା ଯେ, ପ୍ରକୃତରେ ସେ ସବୁ କୌଣସି ମୂଲ୍ୟବାନ ପଥର ନୁହଁ । ଅତି ସାଧାରଣ ବାଲିଗରଡ଼ା ଭଳି ପଥର । ଯାହାର ମୂଲ୍ୟ ଅତି ମାମୁଲି । ସେ ପଥର ସବୁ କୋଉଠୁଁ ଆସେ, ତାକୁ କେଉଁମାନେ ଯୋଗେଇ ଦିଅନ୍ତି । ସେ ପୂରା ରାକେଟ୍‌ର ଖବର ପ୍ରମାଣ ସହିତ ସିଏ ପ୍ରସ୍ତୁତ କରିଥିଲା । ଯାହା ପ୍ରକାଶ ପାଇବା ମାତ୍ରେ ସାରା ରାଜ୍ୟରେ ହଲଚଲ ସୃଷ୍ଟି ହୋଇଥାନ୍ତା । ଅନେକ ଲୋକଙ୍କ ମୁଖା ଖୋଲିଥାନ୍ତା । ସେ ଯେତେବେଳେ ଏ ଖବରକୁ ନେଇ, ମୁଖ୍ୟ ସଂପାଦକଙ୍କ ସହ ଆଲୋଚନା କଲା ଏବଂ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲା, ଯେ ଏ ବାବାଙ୍କ ଭଣ୍ଡାମିଦ୍ୱାରା ନିରୀହ ଜନତାଙ୍କୁ ଶୋଷଣ କରୁଛି, ସେ ପ୍ରଥମେ ତ ତାକୁ ଚାରିପଦ ଶୁଣେଇଲେ । “ତମେ ଆମର ବିନା ଅନୁମତିରେ ଏକ ଅନୁସନ୍ଧାନମୂଳକ ଖବର ଉପରେ କାମ ଆରମ୍ଭ କଲ କିପରି ? ତା’ପରେ ଯୋଉ ବାବାଙ୍କ ବିରୋଧରେ ଖବର ଛାପିବାକୁ ଯାଉଛ, ଜାଣ ତାଙ୍କର ଆମ ସମ୍ବାଦପତ୍ରକୁ ବିଜ୍ଞାପନ ଦେବାରେ ଅବଦାନ କେତେ ? ତୁମ ବନ୍ଧୁ ଅଛନ୍ତି ସେହି ବିଭାଗରେ । ପଚାରି ବୁଝିବ । ତାଙ୍କରି ଏହି ଷ୍ଟୋନ୍‌ର ଚମତ୍କାରିତାକୁ ନେଇ ଲକ୍ଷ ଲକ୍ଷ ଟଙ୍କାର ବିଜ୍ଞାପନ ଆମ ଖବର କାଗଜରେ ପ୍ରତି ମାସରେ ଛପା ହୁଏ । ତମର ସେଥିପ୍ରତି ନଜର ଥିଲେ ସିନା ! ଆଉ ତାଙ୍କର ଆଶ୍ରମରେ ଯେତିକି ଆଧ୍ୟାତ୍ମିକ ବହି ଛପାହୁଏ, ସେ ସବୁ ଆମରି ପ୍ରେସ୍‌ରେ । ବିନା ବିଜ୍ଞାପନରେ ଖବରକାଗଜ ଛପେଇବା ଏକଦମ୍ ଅସମ୍ଭବ । ତମେ ଜାଣ ଯେଉଁ ସମ୍ବାଦପତ୍ର ପାଠକଙ୍କୁ ସାତ ଟଙ୍କାରେ ମିଳେ, ତାହାର ଛାପାଖର୍ଚ୍ଚ ପାଖାପାଖି ବାର ଟଙ୍କା । ଏ ପାଞ୍ଚ ଟଙ୍କା ଆସୁଛି କୋଉଠୁଁ, କେବେ ଜାଣିବାକୁ ଚେଷ୍ଟା କରିଛ ? ତା’ପରେ ସେ ବାବା କାହା ଘରକୁ ଯାଇ ତ ଷ୍ଟୋନ୍ ବିକୁ ନାହାନ୍ତି । ଲୋକଙ୍କ ପାଖରେ ପଇସା ଅଛି ଓ ତାଙ୍କ ପ୍ରତି ଆସ୍ଥା ଅଛି । ତେଣୁ ତାକୁ ରୋକିବାକୁ ଆମେ କିଏ ? ତମେ ଭାବିଲେ ପଥର ନ ଭାବିଲେ ଶିବଲିଙ୍ଗ । ତମର ଏ ରିପୋର୍ଟ ଆମ ସଂସ୍ଥା ପାଇଁ ପ୍ରତିକୂଳ ପ୍ରଭାବ ପକେଇବ । ତେଣୁ ଡଷ୍ଟବିନ୍‌ରେ ହିଁ ତାର ଜାଗା !

ସେ ଭାବିଥିଲା ଏଇଟା ତ ବାକି ମୁଖ୍ୟ ସଂପାଦକ/ମାଲିକଙ୍କଠାରୁ ସବୁଠୁଁ ବଡ଼ ଡକେଇତ ବାହାରିଲା । ତା’ର ଦେଢ଼ମାସର ହାଡ଼ଭଙ୍ଗା ଆଉ ବିପଦ ସଂକୁଳ ପରିଶ୍ରମର ଫଳକୁ ସେ’ ତ ଡଷ୍ଟବିନ୍‌ରେ ଫୋପାଡ଼ି ଦବା କଥା କହୁଛି । ଇଚ୍ଛା ହଉଥିଲା ତା’ର ବେକ ଚିପିଦବାକୁ ସେଇ ଚାମ୍ବର ଭିତରେ । କିନ୍ତୁ କିଛି କହି ନ ଥିଲା ! ରାଗ ଓ ଘୃଣାରେ ତା’ ଚାମ୍ବର ଭିତରୁ ବାହାରିଥିଲା ସେ ।

ହାତଘଣ୍ଟାକୁ ଚାହିଁଲା । ସାଢ଼େ ଏଗାର ହବ । ସବୁଦିନ ଏଇ ସମୟରେ ଘରକୁ ଫେରେ ସେ । ମାନୁ ଚାହିଁ ରହିଥିବ ସବୁ କାମ ସାରି । ଚୌକିରୁ ଉଠିଥିଲା ସେ । ଘରେ ପହଞ୍ଚି କିଛି ଖାଇ ନ ଥିଲା । ଦେହ ଭଲ ଲାଗୁନି କହି ଚୁପଚାପ୍ ଶୋଇଥିଲା ।

ତା'ପରଦିନ ସକାଳୁ ସକାଳୁ ଯାଇଥିଲା ଫ୍ଲେକ୍ସ ପ୍ରିଣ୍ଟିଂ ଦୋକାନକୁ । ଗୋଟାଏ ପ୍ଲେକ୍ସ ବୋର୍ଡ଼ ତିଆରି କରେଇଲା । "ଘୋଷାଲ୍ ସାର୍, କୋଚିଂ ସେଣ୍ଟର୍ ! ପ୍ଲସ୍‌ଟୁ ସାଇନ୍ସ, ଆଇ.ଆଇ.ଟି, ଏ.ଆଇ.ଇ.ଇ.ଇ., ମେଡ଼ିକାଲ୍ ଏଣ୍ଟ୍ରାନ୍ସ୍‌ର ଏକମାତ୍ର ସଫଳତାର ଚାବିକାଠି !"

ପାଞ୍ଚ

ତାକୁ ଆଣି ଘର ସାମନାରେ ଟାଙ୍ଗିଲା । ମାନୁ ସହ ମିଶି ଡ୍ରଇଂରୁମ୍‌ରୁ, ସୋଫା, ଡିଭାନ, ଟି.ଭି., ସବୁନେଇ ଭିତର ଘରେ ରଖିଲା ।

ସେଦିନ ଖରାବେଳେ ଭାତଗୁଣ୍ଡା ପାଟିକୁ ନେଉ ନେଉ ମାନୁକୁ କହିଥିଲା, "ବହୁତ୍ ହେଇଗଲା ଘଟିଆ ମନିଷ / ମାଲିକଙ୍କ ତିରସ୍କାର ସହିବା । ହଉ ପଛେ ଗୋଟାଏ ରୁମ୍‌ର କୋଚିଂସେଣ୍ଟର । ହେଲେ ତା'ର ମାଲିକ ତ ମୁଁ !"

କାହିଁକି କେଜାଣି ମାନୁର ଆଖି ଅଚାନକ ଛଳଛଳ ହେଇ ଯାଇଥିଲା । ତା'ର କାରଣ ସେ ନିଜେ ଜାଣି ପାରୁ ନ ଥିଲା !

Qr No-Juhi/107, Building No-2
Block- B, Talpuri International Colony
Po- Civic Center, Bhilai ,Dist-Durg(C.G)
Pin Code-490006,(M)-7987386006

କ ବି ତା

ବେଳେ ବେଳେ ଇଚ୍ଛା ହୁଏ

ସୁଶାନ୍ତ କୁମାର ନାୟକ

ବେଳେ ବେଳେ ଇଚ୍ଛା ହୁଏ
ତା' ଇଚ୍ଛାରେ ମୁଁ ବନ୍ଦୀ ହେଇଯାଆନ୍ତି,
ତା' ଇଶାରାରେ
ମୁଁ ପାଦରେ ଘୁଙ୍ଗୁର ବାନ୍ଧନ୍ତି,
ତା' ସ୍ୱାଭିମାକୁ ସମ୍ମାନଦେବାକୁ ଯାଇ
ମୋର ସ୍ୱାଭିମାନକୁ ନିଃସର୍ତ୍ତରେ
ମୁଁ ସମର୍ପି ଦିଅନ୍ତି ତାକୁ ।

ସବୁ ରାଗ ରଷା, ମାନ ଅଭିମାନକୁ
ଭୁଲି ତା' କୋଳରେ ମୁଣ୍ଡ ରଖି
ଆକାଶେ ଆକାଶେ ପବନ
ପିଇ ଯାଆନ୍ତି ।

ତା'ର ସବୁ ହଁ ରେ ହଁ ଭରି
ଜୀବନର ଅବଶିଷ୍ଟ ଆୟୁଷକୁ
ଚନ୍ଦନବନରେ ପରିଣତ କରିଦିଅନ୍ତି
ତା'ର ସବୁ ଆଘାତକୁ
ମନର କୁଞ୍ଜବନରେ ସାଇତି ରଖି
ଝରାଇ ଦିଅନ୍ତି ମଧୁର ମୂର୍ଚ୍ଛନାର
ନିଃଶବ୍ଦ ବଂଶୀସ୍ୱନ ।

ମଧୁମାଳତୀର ସୁଗନ୍ଧ ହୋଇ
ବହିଯିବାକୁ ତା' ମନର ଉପବନରେ ।
ନିଦାଘ ସଞ୍ଜରେ ଚେନାଏ ମେଘଖଣ୍ଡ
ହୋଇ ଭିଜେଇ ଦେବାକୁ
ତା' ଗଭୀର ଗଜରା ଆଉ
ଗୋଲାପି ଓଠକୁ ।

ତା' ଆଖିର ନୀଳ ସାଗରରେ
ଅଣୁ ମାତ୍ର ଲୁହଟିଏ ହୋଇ
ମିଳାଇଯିବାକୁ ଅନନ୍ତ
କାଳ ପାଇଁ ।

ଭୂମାରୁ ଭୂମିକୁ ଖସି ଆସୁଥିବା
ତାରାମାନଙ୍କଠୁ ମାଗି ନିଅନ୍ତି
ଅୟୁତ ଅୟୁତ ଯୁଗର ଆୟୁଷ
କେବଳ ତା' ପାଇଁ ।

ଛେଣ୍ଡ କଲୋନୀ, ରାଉରକେଲା
ମୋ.: ୯୦୪୦୪ ୮୧୫୪୯

ନିତି ମରିଯାଉଥିବା ଗୋଟେ କଥା

ମୋନାଲିସା ମିଶ୍ର

ଓଃ ! ଯାହା ହଉ ଶେଷରେ ମୁଁ ବସିପାରିଲି ଟ୍ରେନ୍‌ରେ । ଆଉ ବସୁ ନ ବସୁଣୁ ଟ୍ରେନ୍ ଛାଡ଼ିଲା ଲମ୍ବା ହୁଇସିଲ୍ ଦେଇ..

ତା'ପରେ ଯେତିକି ଯେତିକି ଟ୍ରେନ୍‌ର ଗତି ବଢ଼ିବାକୁ ଲାଗିଲା ମୋ ଛାତିର ଗତି ସେତିକି ସେତିକି ଧିମେଇବାକୁ ଲାଗିଲା । ଧିମେଇ ଧିମେଇ ପୂରାପୂରି ଥିର ହେଇ ରହିଗଲା ଠିକ୍ ଯେମିତି ଆମ ଗାଁ ଘର ବାଡ଼ି ପଛପଟ କୂଅ ପାଖ ଅସନାଅସନି ବୁଦାମୂଳେ କୋଉ ଜେଜେମା, ଆଉ ଗୋସେଇଁ ଜେଜେମା' କାଳୁ ପଡ଼ିଥିବା ଧୋବ ପଥର ପରି ।

ସେଇ ପଥର ତଳେ କେତେ ଜନ୍ତୁ, କେତେ ଲଟାଲଟି, ଘାସପତ୍ର, କୀଟ କେତେ କ'ଣ ! ଏମିତିକି ଛଳଛଳ ହେଇ ବୋହି ବି ଯାଉଥାଏ ଧୀର ପାଣି, ଲେସି ହେଇଯାଉଥାଏ ଲତ୍‌ଲତ୍ ମାଟି । ଜୀବନ, ଚାରିପଟେ ତା'ର ଭରପୂର୍ ଜୀବନ କିନ୍ତୁ ସେଇ ପଥର ! ସେ ନିଜେ ଜଡ଼ ! ପଡ଼ିଛି ଯେ ପଡ଼ିଛି କେଉଁ କାଳୁ । ସାଥୀ କହିଲେ ଉପରେ ଚାହିଁଥିବା ଆକାଶ । ପଥର ଆଉ ଆକାଶ ଦୁହେଁ ଚାହିଁଥିବେ ଦୁହିଁଙ୍କୁ, ଖାଲି ତଫାତ୍ ଏତିକି ଆକାଶ ଦେହରେ ରହେନା କିଛି ଚିହ୍ନ, କିନ୍ତୁ ପଥର ଦେହରେ କେତେ ଚିହ୍ନ ! କେତେ ଦାଗ ।

ଏଯାଏଁ ବି କେତେ ପୁରୁଣା ସ୍ମର୍ଶ, କାହିଁ କେତେ ପୁରୁଣା ଘଷରା ଚିହ୍ନ ଧରିପଡ଼ିଥିବ ସେଇ ଗାତଗାତୁଆ ପଥରଟି । ଥିବ ମା, ଆଈମା, ତା'ଶାଶୁମା'ର ଟିପଚିହ୍ନ, ଘଷିଥିବ ବି ସେ ତା' ଅଳତାଲଗା ପାଦ, ଭାଙ୍ଗିଥିବ ବି ତା'ନାଲି ଗୋଲାପି ଚିକିମିକି ଚୁଡ଼ି । ସେଇ ଅଜା, ଅଣଅଜା ପଣଅଜାମାନଙ୍କ ନାମର ଚୁଡ଼ି ଯୋଉମାନେ ହୁଏତ ସେଇ ପଥର ଉଠେଇ ମୁଣ୍ଡଟା ଛେଚିଦେବେ ବୋଲି କହିଥିବେ ଅନେକ ଥର ।

କିନ୍ତୁ କଥାକୁ କହନ୍ତି ସିନା ଏମିତି କାହାର ଛାତିଟା କ'ଣ ପଥର ହେଇପାରିଛି କେବେ ! ୟା' ଭିତରେ ପରା ସୁ-ସୁ ରକ୍ତ ପଶୁଛି ଆଉ ବାହାରୁଛି । ଯେତେ ବୋହୁଛି ରକ୍ତ ସେତିକି ବୁଦ୍‌ବୁଦ୍ ହେଉଛି କାହାଣୀ । ଲାଗୁଛି ସିନା କେତେ ମାଡ଼ ଖାଇ ଖାଇ ଛାତିଟା ଲୁହା ଚାଦର ପରି ସମତଳ ହେଇଗଲାଣି କିନ୍ତୁ ନା, ଯେତେ ବଧିରା ହେଲେ ବି ଯେତେ ନିରବି ଗଲେ ବି ତା' ଭିତରୁ ହାତୁଡ଼ି ପିଟିଲା ପରି କିଏ ପିଟେ, ମନ ହୁଏ କିଏ ଜଣେ ଥାଆନ୍ତା କି ! ଶୁଣନ୍ତା ତା' ଦୁଃଖ କାହାଣୀ । ବାହାରିଆସନ୍ତା କି ଏତେଦିନ ଧରି ଚାପି ରହିଥିବା ଚିତ୍କାରଟିଏ !

ସେଦିନ ମୁଁ ସାମାନ୍ୟ ଚିତ୍କାରଟିଏ କରିପାରିଲିନି । ଗଳା ଫଟେଇ କହିପାରିଲିନି ହେଇ ! ମୋ' ମୁଣ୍ଡ ଉପରେ ଏ ଝୁଲନ୍ତା ପାଉଁଜିଟି କାହାର ? ବୟସ ବା କେତେ ଥିଲା ସେତେବେଳେ ! ଏଇ ହାତକୁ ହେଣ୍ଡ୍, ଗୋଡ଼କୁ ଲେଗ୍ ବୋଲି ଚିହ୍ନିବାର ବୟସ । ବସି ବସି ମୁଁ ମୁଆଁ ଖାଉଥିଲି । ସରିଗଲା ଭୁଜାମୁଆଁ, ଆଉ ଟିକେ ମୁଆଁ ଦେ ବୋଲି କହି କହି ଚାରିଆଡ଼େ ମୁହଁ ବୁଲେଇ ମା'..ମା'.. ବୋଲି ଡାକିଲି ତ ଜାଣିପାରିଲି ମୋ' ମୁଣ୍ଡ ଉପରେ କିଛି ଝୁଲୁଛି ! ଏଁ ! କ'ଣ ଏଇଟା ! ମା'ର ପାଉଁଜି ପରି ତ ଦିଶୁଛି ! ତେବେ ଏମିତି ଚିତିସାପ ପରି ଝୁଲିଛି କାହିଁକି ? ଡେଇଁ ପଡ଼ି ଝିଙ୍କିଆଣିଲି ତ ପାଉଁଜି ସାଙ୍ଗରେ ଶାଢ଼ୀ ବି

ଖସିଆସିଲା । ଏ..ମା'..ତୋ ଶାଢ଼ୀ ଖସିଆସୁଛି ଲୋ..ଉପରକୁ ଚାହିଁ ମା' ..ମା'..ଡାକିଲି ତ ଦେଖିଲି ମା' ମୁଣ୍ଡ ବି ବଙ୍କେଇ ଯାଇଛି ।

ଏ..ମା'..ତୋ ମୁଣ୍ଡ କାହିଁକି ବଙ୍କେଇ ଯାଇଛି ? ତୋ' ଆଖି କାହିଁକି ମତେ ଚାହିଁନି ? ଏ ..ମା'.. ଏ..ମା'..କହୁ..କହୁ..ମୋ' ହାତରୁ ଗିନାଟା ତଳେ ପଡ଼ି ଟଣ୍‌ଟଣ୍ ହେଇ ଗଡ଼ିଗଲା ।

ତା'ପରେ କ'ଣ କ'ଣ ସବୁ ହେଲା ଯେ ଲାଗିଲା ଯେମିତି ପୃଥିବୀ ସାରା ଲୋକ ଏ କୋଣରୁ ସେ କୋଣ ଦୌଡୁଛନ୍ତି । କେତେ ପାଟିତୁଣ୍ଡ..କାହାକୁ ଡାକରା..ହୋ ହଲ୍ଲା..ଲୋକଙ୍କ ଧାଁ-ଧପଡ଼.. । ତା'ପରେ ମା'କୁ ପିନ୍ଧେଇଦେଲେ ନୂଆ ଶାଢ଼ୀ, ମଖେଇଦେଲେ ଅଳତା, ସିନ୍ଦୂର, ବାନ୍ଧିଦେଲେ ଧଳା କପଡ଼ା । ବଜେଇଲେ ବାଜା, ଢୋଲ, ସଂକୀର୍ତ୍ତନ..ବୋଧେ ଜାଣିଶୁଣି ଏତେ ଶବ୍ଦକରା ହଉଥିଲା ଯେମିତି ଲୋକେ ମା'ର ସେଇ ଓହଳିଥିବା ଛିଣ୍ଡା ପାଉଁଜି ଆଉ ବଙ୍କେଇ ଯାଇଥିବା ନୀଳ ମୁହଁର କଥା ଭୁଲିଯିବେ ।

ମୁଁ କେବଳ ଚୁପ୍‌ହେଇ ଚାହୁଁଥିଲି ଜଣେ ନୂଆହେଇ ଆସିଥିବା ଖୁଡ଼ିଙ୍କ କାନି ତଳେ ମୁହଁ ଲୁଚେଇ । ସମସ୍ତେ ମତେ ଚାହିଁ ଚୁ..ଚୁ.. କରୁଥିଲେ । କହି ହଉଥିଲେ ଆହା ପିଲାଟା କିଛି ଜାଣୁନି.. ।

ମୁଁ ଜାଣୁଥିଲି, ମୁଁ ଜାଣୁଥିଲି ଯେ ମୋ ମା' ଜଡ଼ ହେଇଯାଉଛି, ଏମିତି ତ ମତେ ସବୁବେଳେ ଲାଗେ ଯେମିତି ପଥରଟିଏ ତା' ଦେହରେ ପାଦରୁ ମୁଣ୍ଡ ଯାଏଁ ଚଢ଼ି ଚଢ଼ି ଯାଉଛି । ଆଜି ବୋଧେ ପୂରା ପଥରଟି ତାକୁ ଗ୍ରାସ କରିଗଲା । ମାଆ ନାମକ ଖଣ୍ଡ ପଥରଟିକୁ କୋକେଇରେ ନିଆ ହେଇଗଲା । ସେ ବୟସରେ ବି ମୁଁ ବୁଝିପାରୁଥିଲି ଯେ ମାଆର ଏଇ ଖଈ ବିଆ ଶୋଭାଯାତ୍ରାରେ ଏତେ ଲୋକ ସିନା ଯାଉଛନ୍ତି କିନ୍ତୁ ପ୍ରକୃତରେ ଯଦି କିଏ ଯାଉଛି ତା' ସାଙ୍ଗେ ତ ସେ ହଉଛି ଏଇ ଚିକିଚିକି ଖରା । ମାଆ ମୋର ଖରା ସାଙ୍ଗେ ଖରା ହେଇଗଲା । ମୋ' ଆଖିରେ କିନ୍ତୁ ରହିଗଲା ସେଦିନର ସେଇ ଧୁ-ଧୁ-ଖରା ଆଉ ଟପ୍ ଟପ୍ ଖଈ ବିଆ ଏକ ନିଛାଟିଆ ରାସ୍ତା ।

ଓ ! ମୁଁ ଆଖି ବୁଜିଛି ତେବେ ! କାହିଁକି ଆସୁଛି ଏ ରାସ୍ତା ସବୁବେଳେ ମୋ' ଏ ବନ୍ଦ ଆଖିକୁ ! ଡର ଲାଗୁଛି ମତେ ଅନ୍ଧାରକୁ ! କିଏ ଛଡ଼େଇ ନିଅନ୍ତା ନି ମୋ' ଠୁ ଏ ଅନ୍ଧାର ! ଏ ଦୃଶ୍ୟ ! ନା, କୋଉଆଡ଼େ ଯିବ ଏ ଦୃଶ୍ୟ ଇଏ ତ କାନ୍ଥଚିତ୍ର ପରି ଖୋଦେଇ ରହିଯାଇଛି ମୋ' ରକ୍ତ ଧମନୀରେ । କିନ୍ତୁ ଆଜି, ଏଇ ମୁହୂର୍ତ୍ତରେ ସେ ଖଇପକା ରାସ୍ତା ଆରପଟେ କିଏ ଠିଆହେଲା ପରି ଦିଶିଲା କାହିଁକି ! ଲାଗିଲା ଯେମିତି କିଏ ଠିଆ ହେଇଛି ହାତ ଲମ୍ବେଇ ଆଉ ଚୁପି ଚୁପି କହୁଛି, ଆ..ଆ.. ପିଠି ଟିକେ ଥାପୁଡ଼େଇ ଦେବି ଆ..ତତେ ଉଇକୁ ଟେକି ଧରି ଦୁନିଆକୁ ଦେଖେଇ ଦେବି ଆ.. ଆଜି ମୁଁ ଖୁସି, ବହୁତ ଖୁସି, ଯାହା ମୋ' ଶିକୁଳି ବନ୍ଧା ହାତକରି ପାରିଲାନି ଆଜି ତୁ ତାହା କରି ଦେଖେଇ ଦେଲୁ ! ବାଃ !'

ଏଁ ! କିଏ କହିଲା ? କିଏ କହିଲା ଏ କଥା ମତେ ! ଓ.. ମୁଁ ଶୋଇ ପଡ଼ିଥିଲି କି !

ଇ..ମା ! ଏମିତି ଭୁଲଉଥିଲି ଯେ ମୁଣ୍ଡଟା ଏଇନା ବାଜିଯାଇଥାନ୍ତା କାହା କାନ୍ଧରେ ! କିଏ ମ ! ଇଏ ! ଏମିତି ଦେହକୁ ଲାଗିଲା ପରି ହେଇ ବସିଛି କ'ଣ ମ ପାଖରେ ! ହେ..ଭଗବାନ୍ ବାଜିଯାଇଥାନ୍ତାଟି ଏଇନା ମୁଣ୍ଡଟା !'

ଏବେ ସେ ସିଧାହେଇ ବସିଲା । ଓଢ଼ଣୀରେ ମୁହଁ ପୋଛିଲା, ହେଣ୍ଡବେଗ୍‌ଟିକୁ ଖୋଜି ହେଲା । ତା'ପରେ ମନେପଡ଼ିଲା, କୋଉଠୁ ଆସିବ ବ୍ୟାଗ୍ ! ଘରୁ ବାହାରିଲା ବେଳେ ସେ ତ ଆଣି ହିଁ ନାହିଁ, କାଳେ କିଏ ଜାଣିଦବ ସେ ଏମିତି ଘରଛାଡ଼ି ଚାଲିଆସୁଛି ବୋଲି ତେଣୁ ସେ ଛୋଟିଆ ପର୍ସଟିଏକୁ ଛାତି ସନ୍ଧିରେ ଗୁଂଜିଦେଇ ଏମିତି ଖାଲି ହାତରେ ଚାଲିଆସିଛି ଘରୁ ।

ପାଣି ! ଆଣିଥାନ୍ତା ହେଲେ ପାଣି ବୋତଲଟାଏ ! ଏତକିବେଳକୁ ସେ ଝରକାପଟୁ ମୁହଁ ଫେରେଇ ଚାହିଁଲା ଚାରିପଟକୁ । କୋଉଠୁ ଟିକେ ପାଣି ମିଳିବ କି ? ଆରେ ! ଆଶ୍ଚର୍ଯ୍ୟକଥା ! ୟା' ଭିତରେ କ'ଣ ସବୁ ଲୋକ ଓହ୍ଲେଇଗଲେଣି ! ବସିଲା ବେଳେ ତ ଗୋଞ୍ଜାଗୋଞ୍ଜି ହେଇ ବସିଥିଲେ ତିନି ଜଣ ଏଠି ! ଏଇ ବୁଢ଼ା ମଉସାଙ୍କ ଦୁଇପଟେ ଦୁଇ ଜଣ ! ଏଇ ଟିକେ ସମୟ ସେ ଆଖିବୁଜି ସପନ ଦୁନିଆକୁ ପଳେଇଗଲା ଯେ ପାଖରେ ଥିବା ଲୋକମାନେ ବି ଗାଏବ୍ ହେଇଗଲେ ! ବୁଢ଼ା ମଉସା ସେତିକିବେଳୁ ଶୋଇଛନ୍ତି ଯେ ଶୋଇଛନ୍ତି । ଆଉ ସାମ୍ନା ସିଟ୍‌ରେ ଦୁଇ ତିନି ଜଣ କଲେଜ୍ ଯାଉଥିବା ପିଲା କେତେଜଣ ଥିଲେ ସେମାନେ ବୋଧେ ଓହ୍ଲେଇ ଯାଇଥିବେ । ସାଇଡ୍ ସିଟ୍‌ରେ କେନ୍ଦୁ ବିକାଳିଟି ବି ଝରକା ଆଡ଼କୁ ମୁହଁ କରି ଧୁ ଧୁ ଖରା ପବନ ଖାଉଛି ଆଖି ବୁଜି ଆଁ-ଟା କରି ।

ଏମିତି ଶୁନ୍‌ଶାନ୍ କମ୍ପାର୍ଟମେଂଟ୍ ! ବାଦାମ୍‌ବାଲା, ଚେନାଚୁର୍ ବାଲା ବି କାହିଁ କେହି ତ ଦେଖାଯାଉନାହାନ୍ତି ! ସବୁ ଯେମିତି ଏ ଖରା କୋରଡ଼ରେ ମୁଣ୍ଡଗୁଞ୍ଜି ଶୋଇ ଯାଇଛନ୍ତି । ବାହାରେ ବି କୋଉ ଦିଶୁଛି ସବୁଜିମା ! ଧାଡ଼ି ଧାଡ଼ି ହେଇ ଲମ୍ବିଛି ମରୁଡ଼ିଆ କ୍ଷେତ ପରେ କ୍ଷେତ । ମଝିରେ ମଝିରେ ଥୁଣ୍ଟା ଗଛ କେତେଟା କଟା କବନ୍ଧ ଯୋଦ୍ଧା ପରି ଠିଆ ହେଇଛନ୍ତି । ଜଡ଼, ଚାରିଆଡ଼ ଯେମିତି ଜଡ଼, କାହାର କ'ଣ ଜୀବନ ନାହିଁ ! ଜୀବନ ଅଛି ତ ଏଇ ସୁ ସୁ ଗର୍ଜ୍ଜନ କରି ଧାଉଁଥିବା ଏ ରେଳଗାଡ଼ିର ଆଉ ଏ ଧୁ ଧୁ ଖରାତାତିଆ ପବନର ।

ଏତେ ସବୁ ଜଡ଼ତା ଭିତରେ ଏଇ ପାଖ କାନ୍ଧଟି କାହିଁ କେଜାଣି ଲାଗୁଛି ଜୀବନ୍ତ ଜୀବନ୍ତ । ଏକ ଶୀତଳିଆ ପବନଟିଏ ଆସୁଛି ଏଇ ମଉସାଙ୍କ କାନ୍ଧ ପାଖରୁ । ମଉସା ତ ଶୋଇଛନ୍ତି ଆଖି ବୁଜି କେତେବେଳୁ କିନ୍ତୁ ତାଙ୍କ କାନ୍ଧଟି ଲାଗୁଛି ନିଜର ନିଜର । କେବେଠାରୁ ସେ ଖୋଜୁଛି ଏମିତି କାନ୍ଧଟିଏ । ଯୋଉଠି ଭରସା କରି ଥାପିଦେଇପାରନ୍ତା

ନିଜ ମୁଣ୍ଡ । ଫିଟେଇ ଦେଇପାରନ୍ତା ଟେଳା ହେଇଯାଇଥିବା ଲୁହ ଟୋପାମାନଙ୍କୁ ।

କିନ୍ତୁ ଏ ଉଦୁଉଦୁଆ ଖରାବେଳେ ଏମିତି କମ୍ବଳ ପରି ମୋଟା ଚଦରଟିଏ କାଇଁ ଘୋଡ଼ି ହେଇଛନ୍ତି ବା ଏ ମଉସା ! ସେ ପୁଣି ମୁଣ୍ଡରୁ ଗୋଡ଼ ଯାଏଁ ପୂରା ଢାଙ୍କିଲା ଭଳିଆ

-ମଉସା ! ଆପଣ କୋଉଠି ଓହ୍ଲେଇବେ ?

ହେଃ ! ତୁ ଏ କ'ଣ ପଚାରୁଛୁ ? ଯଦି ସେ ଓଲଟି ପଚାରିବେ ତୁ କୋଉଠି ଓହ୍ଲେଇବୁ ତେବେ କି ଜବାବ ଦବୁ ? ଅଛି ତୋ' ପାଖରେ କିଛି ନିର୍ଦ୍ଦିଷ୍ଟ ଉତ୍ତର ! ବରଂ ଚାଲୁ, ଏଇ ରେଳଗାଡ଼ିର ସୀମିତ ସମୟ ପାଇଁ ହେଉ ପଛେ ଚାଲୁ ଏକ ଅନିର୍ଦ୍ଦିଷ୍ଟ ଯାତ୍ରା । ଏମିତି ଏକ ଯାତ୍ରା ଯୋଉଠି ନିଜକୁ ବି ନିଜ ପାଖେ ଲାଗୁଥିବ ଅଜଣା । ଧରିନିଅ,ମୁଁ ଚିହ୍ନିନି ନିଜକୁ, ଧରିନିଅ ମୁଁ ସମ୍ବଲପୁରରୁ ଚଢ଼ିଥିବା ନିନି ନୁହେଁ, ତେବେ ମୁଁ କିଏ ?

-ମଉସା, ମୁଁ ଶୋଭା, ଶୋଭାରାଣୀ ମେହେର୍..ଆପଣ ?

ହେତ୍ ! ତୁ କାହିଁକି ପଚାରୁଛୁ ତାଙ୍କ ନାଆଁ ? ତୁ କ'ଣ ତୋର ସତ ନାଆଁଟା କହିଲୁ କି ! ତେବେ ସେ କାହିଁକି କହିବେ ! ସେ ତୋର କଥା ଶୁଣୁଛନ୍ତି ସେତିକି ବଡ଼ କଥା ।

ହଁ..ହଁ.. ଠିକ୍ । ହଉ ପଛେ କମ୍ ସମୟ ପାଇଁ, ଟିକେ କଥା ହେଇଗଲେ ଭଲ ଲାଗିବ । ଲୋକେ ମତେ ଗପୁଡ଼ି କହନ୍ତି । ମୁଁ ଗପୁଡ଼ି ନୁହେଁ ମ ! ପ୍ରକୃତରେ ମୋର ବହୁତ କିଛି କହିବାର ଥାଏ । ଶୁଣିବା ପାଇଁ ଖାଲି କାନ ନୁହେଁ କାନ୍ଧଟିଏ ମୁଁ ଖୋଜେ । ହେଲେ କୋଉ ମିଳେ ! ଆଜି ମିଳିଛି ତ କହିଦିଏ ।

-ମଉସା ଗୋଟେ କଥା କହିବି ! ମୁଁ ଘରୁ ଭାଗି କି ପଳେଇ ଆସିଛି । ମାନେ, ମୁଁ କୁଆଡ଼େ ଯାଉଛି ମୁଁ ଜାଣିନି । କୋଉ ଅପନ୍ତରା ଜାଗାରେ, କି ଫୁଟ୍‌ପାଥ୍‌ରେ ରାତି କଟେଇବି ପଛେ ଆଉ ସେ ଘରକୁ ମୁଁ ଯିବିନି ।

ସେ ଏଥର ଗୋଡ଼ ଟେକି ଦେଇ ଜାଜିଜୁକି ହେଇ ବସିଲା । ବେକରୁ ମଙ୍ଗଳସୂତ୍ରଟିକୁ କାଢ଼ି ପକେଟ୍‌ରେ ରଖିଲା । ଆଖିରେ ଲୁହ ଆସିଗଲା ବୋଲି ମୁହଁ ଲୁଚେଇବା ପାଇଁ ଝରକା ପଟକୁ ମୁହଁ କରି ବସିଲା ଆଉ ପୁଣି ଗପିଲା ।

-ଜାଣିଛ ମଉସା, ମୋର ଜଣେ ଗାଁ ର ସମ୍ପର୍କୀୟା ଖୁଡ଼ି ସେ ବି ଏମିତି ନିଶାଖିଆ ସ୍ୱାମୀଙ୍କ ଜ୍ୱାଳା ସହି ନପାରି ଘରୁ ଭାଗିବା ପାଇଁ ଅଧରାତିରେ ବାଡ଼ିପଟିଆ ହେଇ ବାହାରି ଯାଉଥିଲେ କିନ୍ତୁ ସେତିକିବେଳକୁ ତାଙ୍କ ଶାଶୁ ଉଠିଗଲେ, ପୁଅକୁ ଡକା ପକେଇଲେ, ପୁଅ ଟର୍ଚ୍ଚ ଧରି ଆସିବାରୁ ଖୁଡ଼ି ଡରରେ କୂଅକୁ ଡେଇଁପଡ଼ିଲେ । କଥା ସେତିକି ଖାଲି ନୁହେଁ, ରାତିର ଘଟଣା ହେଲେ ବି ମା'ପୁଅ ଯାଇ ଶୋଇପଡ଼ିଲେ ଆଉ ସକାଳ ହେଲାବେଳକୁ କିଛି ନଜାଣିଲା ପରି ବୋହୂ କୁଆଡ଼େ ଗଲା କୁଆଡ଼େ ଗଲା ବୋଲି ହୁରି ପକେଇଲେ । ଲୋକେ ଜାଣିଲେ ବୋହୂ ଆତ୍ମହତ୍ୟା କରିଛି । କିନ୍ତୁ ଅସଲ କଥା କିଏ ଜାଣିଲା ! ଆଜି ତମକୁ ଏଇଠି ଭରସି କରି ମୁଁ କହିଦେଲି ନା..

କ'ଣ ଗୋଟେ ନା ଦି'ଇଟା ! ଏମିତି ପରା ଚାଲିଛି କେତେ ଯୁଗରୁ ! ଆଜି ମତେ ପୂରା ଇତିହାସ କହିବାକୁ ଅଛି । କିଏ ଜଣେ ଶୁଣନ୍ତା ଏଇ ଯୁଗ ଯୁଗ ଧରି କୂଅ ପୋଖରୀର ପଙ୍କରେ ମିଳେଇ ଯାଇଥିବା କି ନିଆଁ ପାଉଁଶରେ ଚିହ୍ନ ହରେଇ ବସିଥିବା ନାରୀମାନଙ୍କ କାହାଣୀ ! ଏମାନଙ୍କୁ ଦୁନିଆ ପାଗଳୀ କହେ, ପୀଡ଼ିତା କହେ ପତିତା କହେ କିନ୍ତୁ ଅନ୍ତରାଳରେ ଥିବା ଏମାନଙ୍କ ପ୍ରିୟ ପୁରୁଷଟିକୁ କେହି ବ୍ୟାଧ ବୋଲି ଚିହ୍ନନ୍ତିନି । ଏଇ ବ୍ୟାଧମାନେ କ'ଣ କରନ୍ତି ଜାଣନ୍ତି ! ଜାଲ ବିଛାନ୍ତି । ନିଜ ପତ୍ନୀ ସାଙ୍ଗେ ଧୋକାବାଜି କରି ଧୀରେ ଧୀରେ ନିଷ୍ପ୍ରାଣ କରିଦିଅନ୍ତି, ପଥର କରିଦିଅନ୍ତି ଏମାନଙ୍କ ସ୍ନାୟୁତଂତ୍ରୀସବୁକୁ । ପୁରୁଷଟିର ଭଦ୍ରମୁଖା ଆଗରେ ଦୁନିଆ ଜାଣେ ପତ୍ନୀ ପାଗଳୀ ବୋଲି ଆଉ ଦିନେ ଦେଖେ ତା'ର ନିଷ୍ପ୍ରାଣ ଜଡ଼ ଦେହ । ଏମିତି ହେଇଥିଲା ମୋ ଗୁରୁ'ମାଙ୍କ ସାଙ୍ଗେ, ମୋ ସାଙ୍ଗର ଭାଉଜ ସାଙ୍ଗେ.. ମୋ ମା' ସାଙ୍ଗେ..କମଳୀ ମେହେନ୍ତରାଣୀ ସାଙ୍ଗେ..କେତେ କେତେ.. କେତେ ଉଦାହରଣ ଦେବି !

କିନ୍ତୁ ମୁଁ ସେମିତି ହେବାକୁ ଦେଲି ନାହିଁ । ମୋ' ମାଆ ପରି କୁହୁଳି କୁହୁଳି ଝୁଲନ୍ତା ଶବ ପାଲଟିଥାନ୍ତି କାହିଁକି କୁହ ! ମଉସା ଶୁଣ, କାନ ପାଖକୁ ଆଣ ।

-ମୁଁ ଖଲାସ୍ କରିଦେଇଛି ଗୋଟେ ବ୍ୟାଧକୁ ।

ସେ ଏଥର ଟିକେ ହସିଲା ପରି ହେଲା ଆଉ ମୁହଁ ବୁଲେଇ ମଉସାଙ୍କ ମୁହଁକୁ ଚାହିଁବ ଚାହିଁବ ହେଲା କିନ୍ତୁ ସେତିକିବେଳକୁ ସେଇ କେନ୍ଦୁ ବିକାଳିଟି କାଶିଦେଲା । ଇଏ କ'ଣ ! କିଏ ଟିକେ କାଶିଦେଲେ ବି ତାକୁ କାହିଁକି ଏତେ ଡର ଲାଗୁଛି !

ସେ ପୁଣି ଜାକିହେଇ ଝରକା ଆଡ଼କୁ ମୁହଁ କରି ବସିଗଲା । କିନ୍ତୁ କଥା ଆରମ୍ଭ କରିଚି ଯେତେବେଳେ ସାରିବାକୁ ହେବ ତ ନିଶ୍ଚୟ । ହଉ ପଛେ ଅଜଣା ଅଶୁଣା ଲୋକ, କିନ୍ତୁ ଯାତ୍ରା ସମୟରେ ଅଜଣା ଲୋକମାନେ ହିଁ ପୂରା ନିଜର ନିଜର ଲାଗନ୍ତି । ଖୋଲି ହେଇଯାଏ ତାଙ୍କ ଆଗେ ଅନେକ କହି ନ ପାରିବା କଥା । ଏଥର ସେ ନିଜ ମୁହଁକୁ ମଉସାଙ୍କ ପୂରା କାନପାଖ ଯାଏଁ ଆଣି କହିଲା- ମଉସା ଶୁଣ ! ଗୋଟେ ଅତି ଗହନ କଥା । କଥା କ'ଣ କି..ମୁଁ ଚାଲାକି କରି କାଲି ରାତିରେ ମୋ ବରର ଚାଖଣାକୁ ତା'ର ଶେଷ ଚାଖଣାରେ ପରିଣତ କରିଦେଇଛି । ମୁଁ ନିଜେ ବିଷ ମିଶେଇ ଦେଇଛି ସେଇ ଚିକେନ୍ ପକୋଡ଼ାରେ । ଆଉ ଘରୁ ବାହାରିଆସିଛି । ଫସିବ ଯେ ..ଫସିବ ସେଇ ଭିଡିଓ କରିବ ବୋଲି ଯୋଉ ଫୁଲେଇ ଝିଅ ନିତି ଆସୁଛି ତା' ପାଖକୁ । ନିଜ ହାତରେ ଖୁଆଇଛି ସେ ଚାଖଣାକୁ.. ହେ..ହେ.. । ହକ୍ ବାହା ହେଇଥିଲି ମଉସା..ଅଗ୍ନିକୁ ସାକ୍ଷୀ କରି । ମୁଁ ବି ଭାତହାଣ୍ଡି ପାଖେ ଘୁମେଇ ଘୁମେଇ ଅପେକ୍ଷା

କରୁଥିଲି ମୋ ବରର ଫେରିବା ରାସ୍ତାକୁ । ମୁଁ ବି ତା' ନାଆଁରେ ବାନ୍ଧୁଥିଲି ବ୍ରତ, ଜାଳୁଥିଲି ଦୀପ । କିନ୍ତୁ ସେ କ'ଣ କଲା ! ମଦ ନିଶା ତ ତାକୁ ଖାଇଲା ଖାଇଲା ଅନ୍ୟ ଝିଅର ଫାଶରେ ବି ବାନ୍ଧି ହେଇଗଲା । ଖାଲି ମତେ ଝୁଣିଲା । ଘରୁ ପଇସା ଆଣ୍ କହି କହି କୋଉ ଦିନ ମତେ ସିଗାରେଟ୍ ଚେଙ୍କ ଦେଲା ତ କୋଉଦିନ ଭଙ୍ଗା ବୋତଲ ଧରି ଗୋଡ଼େଇଲା ।

ଏଇ ଦେଖ ମଉସା ମୋ' କାନମୁଣ୍ଡା ଫୁଲିଯାଇଛି, ବେକ ପାଖ ଦେଖ କଟା ଦାଗଟେ ମିଳିବ, ଦିନେ ଛୁରୀ ଚଲେଇ ଦେଇଥିଲା ବେକରେ ।

ମଉସା ଆପଣ ଶୁଣୁଛନ୍ତି ନା ! ଆପଣ କ'ଣ ଭାବୁଛନ୍ତି କି ମୁଁ ଗୋଟେ ମୁଖରୀଟେ ବୋଲି ! ନା, ପ୍ରକୃତରେ ମୁଁ ଆଦୌ ମୁଖରୀ ନୁହେଁ କି ଗପୁଡ଼ି ନୁହେଁ । ମୁଁ ତ କଥା କହିବା ଭୁଲିଯାଇଥିଲି କେତେ ବର୍ଷ ହେଲା । କିଏ କ'ଣ ସତରେ ଆମ ଏଇ ମରମ କଥା ଶୁଣିବାକୁ ଥାଏ ! ସମସ୍ତେ ଆହା.. ଚୁ..ଚୁ.. କରନ୍ତି କ'ଣ କରିବା ଭାଗ୍ୟ ଯାହାର ଯେମିତି କହି ଚାଲିଯାଆନ୍ତି । କିନ୍ତୁ ଆଜି ମୁଁ ମୋ' ଭାଗ୍ୟକୁ ନିଜ ହାତରେଖାରେ ଟାଣିଛି ।

ଶୁଣିବ ମଉସା ! କାନକୁ ଆଉ ଟିକେ ପାଖକୁ ଆଣ । ହଉ, ମୁଁ କହୁଛି ଆପଣଙ୍କ କାନ ପାଖେ, ଶୁଣିଥାନ୍ତୁ, ଖାଲି ଆପଣ.. ଜାଣିଥାଆନ୍ତୁ ମୁଁ ମାରିଦେଇଛି ମୋ' ସ୍ୱାମୀକୁ । ହଁ ମୁଁ..ମୁଁ ନିଜେ ଦେଖିଛି ମୋ ପୂଜ୍ୟ ପତିଦେବ କେମିତି ଛଟଛଟ ହେଇ ଗୋଡ଼, ହାତ, ତଂଟି, ଛାତି ସବୁକୁ ବାଡ଼ିଆ ବାଡ଼େଇ ଆମ୍ଫୁଡ଼ା ଆମ୍ଫୁଡ଼ି କରି କରି ଅଧାମଲା ମାଛ ପରି ପାଟି ପାକୁ ପାକୁ କଲା ଆଉ ଥିର ହେଇଗଲା.. ବାସ୍..ଖଲାସ୍ ।

ଏତିକି କହିଦେଇ ଧଡ଼କିନା ଠିଆ ହେଇଗଲା ସେ ।

ହଉ ମଉସା ଯାଉଛି, ଏଇଟା ଯୋଉ ବି ଷ୍ଟେସନ୍ ହେଇଥାଉ ଓହ୍ଲେଇ ଯିବି ଏଇଠି ତା'ପରେ ପୁଣି ଆଉ ଗୋଟେ ଟ୍ରେନ୍ ଧରି ପଳେଇଯିବି ଆଉ କୁଆଡ଼େ ।

ହ..ମଉସା ଆଉ ଗୋଟେ କଥା ମୋ ନାଆଁ ଶୋଭାରାଣୀ ନୁହେଁ ମ ! ମିଛ କହିଥିଲି ଆପଣଙ୍କୁ..ମୋ ନାଆଁ ।

ଏତିକିବେଳକୁ ଶୁଭିଲା କିଛି ପାଟିତୁଣ୍ଡ. ଆଉ ଦୁଇ ଜଣ ଲୋକଙ୍କ ସାର୍ଟ କୋଲାର୍ ଭିଡ଼ି ଭିଡ଼ି ପଶିଆସିଲେ ଟି.ଟି.ଆଇ । ସେଇ ଦୁଇଜଣଙ୍କୁ ଆଣି ବସେଇଦେଲେ ସିଟ୍ ଉପରେ ଠିକ୍ ବୁଢ଼ା ମଉସାଙ୍କ ପାଖରେ । ହଁ.. ଏଇ ଦି'ଜଣ ତ ଥିଲେ ମଉସାଙ୍କ ଦୁଇପଟେ ଜାକିଲା ପରି ହେଇ । ତେବେ ଏମାନଙ୍କୁ ଟି.ଟି.ଆଇ ଏମିତି ରାଗୁଛନ୍ତି କାହିଁକି !

ଏଁ ! ବାହାରେ କ'ଣ ପୁଲିସ୍ ! କ'ଣ କିଏ ଜାଣିଦେଲେ କି ସେ ତା' ବରକୁ ମାରି ଘରୁ ଭାଗି ଆସିଛି ବୋଲି !

ସେ ସାଙ୍ଗେ ସାଙ୍ଗେ ମୁହଁ ଲୁଚେଇଦେଲା ଓଢ଼ଣୀରେ ଆଉ ସଖୀ ସହେଲିଟିଏ ପରି ବସିଗଲା ସେଇ କେନ୍ଦୁବିକାଳି ପାଖରେ । ଟି.ଟି.ଆଇ ସେଇ ଦୁଇଜଣ ଲୋକ ଆଉ ମଉସାଙ୍କୁ ନେଇ କ'ଣ କିଛି ପାଟିତୁଣ୍ଡ ଚଲେଇ ଥିଲାବେଳେ ସେ ଚୁପ୍‌କିନା ତଳକୁ ଓହ୍ଲେଇ ଯିବା ପାଇଁ କବାଟ ପାଖ ଯାଏଁ ଆସିଲାବେଳକୁ ଦେଖିଲା ଦଳେ ପୁଲିସ୍ ପୂରା ଠିଆ ଡୋର୍ ସାମ୍ନାରେ !

ହେ ଭଗବାନ୍ ! କ'ଣ ଏବେ ହେବ ! ପୋଲିସ୍ କ'ଣ ତାକୁ ଧରିବା ପାଇଁ ଆସୁଛନ୍ତି ! ଡରରେ ଥରିଲା ସେ, ତାକୁ ଲାଗିଲା ଭଙ୍ଗା ଖେଳନା କଣ୍ଢେଇ ପରି ସେ ଏଇନା ଧୁମ୍‌କିନା ତଳେ ପଡ଼ିଯିବ ଯେମିତି ! ଛାତିଟା ନିଃଶ୍ୱାସ ଧରି ରହିପାରିବ ନା ଏଇନା ଧଡ଼ଧଡ଼ ହେଇ ଫାଟିଯିବ କେଜାଣି ! ଏ ମା ! କ'ଣ କରିବ ଏବେ ! ପୁଲିସ୍ କେମିତି ଜାଣିଲା ! ସତେ ତ ! ପୋଲିସ୍‌ମାନେ ଏଇ ଡବାରେ ହିଁ ପଶିବେ ପଶିବେ ହଉଛନ୍ତି ।

ଚୁପ୍‌ଚାପ୍ ମୁହଁ ତଳକୁ କରି ସେ ବାଥ୍‌ରୁମ୍ କବାଟ ପାଖେ ଯାଇ ପଥର ଖୁଂଟଟେ ପରି ଠିଆ ହେଇଗଲା । ପଶିଆସିଲେ ଧପ୍ ଧପ୍ ହେଇ ଦଳେ ପୁଲିସ୍ । ସେ ଆଖି ବୁଜିଦେଲା । ଓଃ ! କ'ଣ ଏବେ ହେବ ଯେ !

କିନ୍ତୁ ନାଇଁ ! ପୁଲିସ୍ ତ ଚାଲିଗଲେ ! ତା' ଓଢଣୀ ଖୋଲି ମୁହଁ ଦେଖିଲେ ନାହିଁ କି ତା ଚୁଟି ଭିଡ଼ି ଟାଣିଆଣିଲେ ନାହିଁ । ଓ.. ତେବେ ତାକୁ ଧରିବା ପାଇଁ ଆସି ନାହାନ୍ତି ପୁଲିସ୍ ! ଓଃ !ରକ୍ଷା ! ତେବେ ସେମାନେ କୁଆଡ଼େ ଗଲେ ?

ମଉସାଙ୍କ ପାଖକୁ ! କିନ୍ତୁ କାହିଁକି !

କାହାକୁ ଟେକି ଟେକି ଆଣୁଛନ୍ତି ! ମଉସା ! ହଁ ସେଇ ମଉସାଙ୍କୁ ତ !

ଏଇ ମଉକାରେ ସେ ଧଡ଼ପଡ଼ ହେଇ ଓହ୍ଲେଇଗଲା ତଳକୁ ।

ପୁଲିସ୍ ହାତରୁ ପେଲାଟେ ଖାଇ ତଳକୁ ଠେଲି ହେଇପଡ଼ିଲେ ମଉସାଙ୍କ ପାଖରେ ଗୁଂଜି ହେଇ ବସିଥିବା ଲୋକ ଦି' ଜଣ । ଗୁହାରୀ ହେଇ ହେଇ କାନ୍ଦି କାନ୍ଦି କହୁଥିଲେ -ଆଜ୍ଞା,ଆମେ ଛୋଟ ବେପାରୀ ଲୋକ । ଏଇ ବୁଢ଼ାମଉସା ଆମ ଦୋକାନକୁ ଜିନିଷ ସପ୍ଲାଇ କରନ୍ତି । ହଠାତ୍ ଜିନିଷ ରଖିବା ପାଇଁ ବଗି ଭିତରେ ପଶିଥିଲେ, ଆଉ ଜିନିଷ ରଖିସାରି ଯିବେ କ'ଣ ସେଇଠି ସେଇ ସିଟ୍ ପାଖରେ ଟଳିପଡ଼ିଲେ, ! ଆମେ କିଛି ଜାଣି ପାରିଲୁନି କ'ଣ ହେଲା ନହେଲା ! ଟ୍ରେନ୍ ଛାଡ଼ିଦେଲା । ଆଉ କ'ଣ କରିଥାନ୍ତୁ ! ଖାଲି ନାଡ଼ୀଟିକୁ ଧରି ବସି ରହିଲୁ ! ଆମେ ତାଙ୍କୁ ନା ଭଲକି ଚିହ୍ନୁ ନା ଜାଣୁ ! ଖାଲି ସେ ଝାଡ଼ଖଣ୍ଡର ଆଉ ତାଙ୍କର ରାଂଚିରେ ଗୋଟେ ଲୁହା ଦୋକାନ ଅଛି ବୋଲି ଯାହା ଜାଣୁ, ସେଇଥି ପାଇଁ ତାଙ୍କୁ ଏମିତି ବସେଇ ଦେଇ ରାଂଚି ନେଇଯିବୁ ବୋଲି ଭାବିଲୁ । ସେଠି ତାଙ୍କ ଦୋକାନକୁ ଖବର ଦେଇ ଦେବୁ ବୋଲି ଭାବିଲୁ । ଆଜ୍ଞା ଭୁଲ୍ ହେଇଗଲା ଆଜ୍ଞା । ଗାଁ-ଗହଳିଆ ମୁରୁଖ ଲୋକ ଆଜ୍ଞା । ଫୁନ୍‌ଫାନ୍ କରି ଜାଣୁନା । ଅଜଣା ଲୋକ ପାଇଁ ପୁଲିସ୍ ପୁଲିସ୍ କିଏ ଏତେ ଲଫଡ଼ାରେ ପଡ଼ିବ ବୋଲି ଲାସ୍‌ଟିକୁ ଏମିତି ବସେଇ ନେଇ ପଳେଇ ଯିବୁ ବୋଲି ଭାବିଥିଲୁ ।

ଲାସ୍ ! ଏ ବୁଢ଼ା ମଉସା ଜଣେ ଶବ ! ହେଁ !ଏଁ.. ! ଆଉ ଥରେ ଶୁଣ୍, ଆଉ ଥରେ ଶୁଣ୍..ତ ଏମାନଙ୍କ କଥା । ପୋଲିସ୍ ନାଲି ଆଖି ଦେଖେଇ କହୁଛି - ତମେ ଗୋଟେ ଶବକୁ ଏତେ ବାଟ ବସେଇ ନେଇ ଆସିଲ କେମିତି ?

ସେ ତେବେ ଏତେ ସମୟ ଜଣେ ମଲା ମଣିଷ ପାଖେ ବସିଥିଲା ! ଏଇ ମରିଯାଇଥିବା ଲୋକଙ୍କ ଆଗରେ ସେ ତେବେ କହୁଥିଲା ଯୁଗ ଯୁଗର ଦୁଃଖ କାହାଣୀ ! ତେବେ ଇଏ କିଛି ଶୁଣିନାହାନ୍ତି ତା କାହାଣୀ ! କହି ମଧ୍ୟ ଅକୁହା ରହିଗଲା ତା' କଥା !

ନା, ଶୁଣିଥିବେ ନା ! ଶୁଣିଲା ପରି ଆଖି ମିଟିମିଟି କରୁଥିଲେ ଯେ ! ଆହା କିଏ ତ ହେଲେ ଶୁଣୁ ତା' କଥା ! ତା' କଥା କ'ଣ ମ ! ପୂରା ନାରୀ ଜାତିର କଥା । କିଏ ତ ଶୁଣୁ ! ଏମିତି ମଲା ବଧିରା କାନ ଧରି କେତେଦିନ ଆଉ ଚାଲିବ ଏ ସମାଜ !

ମଉସା..ଶୁଣିଛନ୍ତି ନା ମୋର କଥା ଆପଣ ? ମଉସା.. !

ମଉସାଙ୍କୁ ବୋହି ବୋହି ନଉଥିବା ପୁଲିସ୍‌ମାନଙ୍କ ଭିତରୁ ଜଣେ ହଠାତ୍ ପଛକୁ ଚାହିଁଲେ ତ ସେ ଓଢଣୀ ଢାଙ୍କିଦେଇ ମୁହଁ ପଛକୁ କରିଦେଲା ।

ଏ/୭, ଏନ୍.ଆଇ.ଟି କେମ୍ପସ୍
ରାଉରକେଲା
ମୋ.: ୯୯୩୭୩ ୮୪୭୫୯

କ ବି ତା

ଚୈତ୍ର ଗୀତ

ସରିତା ପ୍ରଧାନ

ଅନେକ ପୃଷ୍ଠା ଲେଉଟେଇଲା ପରେ
ଏଯାଏଁ ପଢିପାରିନି ତୁମକୁ ।
ଥାଉ କିଛି ପୃଷ୍ଠା
ମୁଦା ରହିଯାଉ ।

ସବୁ ଅପୂର୍ଣ୍ଣତା ଭିତରେ
ବିରାଜିତ ଏଇ ଚୈତ୍ରର ଶାଖାରେ ଶାଖାରେ
ଭରା ଆମ୍ବ ପଣସର ପରିପୂର୍ଣ୍ଣତା ନେଇ
ମହକୁ ଥାଅ ଚାରିପଟେ
ପତ୍ରେପତ୍ରେ ଲେଖୁଥାଅ ଚୈତ୍ରର ଚମକ ଗାଥା ।
ମୋ' ଉନ୍ମୀଳିତ ପଲକରେ
ଉନ୍ମାଦିତ ଅପେକ୍ଷାଟେ ହୋଇଥାଅ ।

ମୁଠାଏ ମଲ୍ଲୀଅନ୍ଧାର ଫାଙ୍କରୁ
ଚେନାଏ ମଲ୍ଲୀର ମହକ ନେଇ
ଛୁଉଁଥାଅ ମୋତେ
ଗୁମ୍‌ସୁମ୍ ଖରାବେଳେ ଆକ୍ତମାକ୍ତା ମନକୁ ଦିଅ
ଚୋରା ଚଇତିର ନିବିଡ଼ ଆଶ୍ଳେଷ ।
ଏ ଚୈତ୍ର, ଚୈତ୍ର ନ ହେଉ
ହେଉ ବସନ୍ତ ବିଳାସ ।

ଜାଗରରେ ତୁମକୁ ମନାସୀ
ପାଳିନି ଜାଗରଣ ,
ତୁମ ନାମ ନେଇ ଗୁନ୍ଥିନି ଚମ୍ପା ,
ଅରଖ ଦୁଦୁରା ଫୁଲର ମାଳ
ମହାବିଷୁବର ପୁଣ୍ୟ ତିଥିରେ ବାଢ଼ିଦେଇନି ?
ଛେନା ଛତୁଆ କି ବେଲପଣାର ?
ଯାଚନାଟେ ତୁମ ପାଇଁ
ତଥାପି କାହିଁକି ଆହ୍ଲାଦର ହାତଟିଏ
ସଜାଡ଼ି ରଖିଥାଅ ମୋ' ପାଇଁ ?

ସତ କହୁଛି ଯେବେ ବି ଆଖି ମୁଦିଛି
ଆମ ସମ୍ପର୍କର ସୂତାଖିଅ ଯୋଡ଼ି ଚାଲିଛି ସିନା,
ପରିଭାଷା କି ସାରାଂଶ କେବେ ବି ଖୋଜିନି ।

ବର୍ଣ୍ଣ ବୈଦୁର୍ଯ୍ୟର ଊର୍ଦ୍ଧ୍ୱରେ
ଦିଗନ୍ତ ସେପାରୁ ଘନେଇ ଆସୁଥିବା
ବିଶ୍ୱାସର ମେଘ ଖଣ୍ଡେ ତୁମେ ।
ଯେମିତି ଏହି କ୍ଷଣ ଅଜାଡ଼ିଦେବ
ଟୋପାଟୋପା ପ୍ରେମବିନ୍ଦୁ ।
ମୋ ଚିବୁକରେ ତୁମ ଶୀତାର୍ତ୍ତ ଛୁଆଁ ଦେଇ
ପବନର ଫିସ୍‌ଫିସ୍‌ରେ କାନପାଖେ କହିବ,
ପାଗେଳୀ !
ତୋ' ଲାଗି ତ ଆକାଶରେ ବୁଣିଦେଇଚି
ସାତରଙ୍ଗ
ତୁ କାହୁଁ ବୁଝିବୁ କଠୋର ଏ ଛାତି ତଳେ
ପ୍ରେମର କେତେ ଯେ ତରଙ୍ଗ ।

କିଛି ବୁଝା ଅବୁଝା ଭିତରେ ଆଜି
ଚୈତ୍ର ଡାଲାରେ ତୁମ ପାଇଁ ସଜାଡ଼ିଦେଲି
ଯେଉଁ ଶବ୍ଦଫୁଲ
ତାହା କବିତା ନ ହେଉ, ହେଉ ପ୍ରେମଅର୍ଘ୍ୟ ।

ମହାନଦୀ ବିହାର, କଟକ
ମୋ.: ୯୪୩୯୬ ୧୯୫୫୫



ନଷ୍ଟ ଆୟୁଷର ନକ୍ସା

ରଞ୍ଜନ କୁମାର ଦାସ

ସୁବୋଧ ଯୋଉଁଦିନ ଫୋନ୍ କରି କହିଲା ସାର୍ ଜାଣିଲେଣି କବିତା ମ୍ୟାଡ଼ାମ୍‌ଙ୍କ ପୁଅ ମରିଗଲା, ମୁଁ ହଠାତ୍ କଣ କହିବି ଭାବି ପାରିଲିନି । ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି କ'ଣ ହେଇଥିଲା କି ହଠାତ୍ କେମିତି ଏମିତି ହେଇଗଲା ? ସୁବୋଧ କହିଲା ସାର୍ ହୋଲି ଖେଳିବାକୁ ଯାଇଥିଲା । ଖେଳ ସରିଲା ପରେ ସାଙ୍ଗମାନଙ୍କ ସହ ନଦୀକୁ ଗାଧେଇବାକୁ ଗଲା । ମରଣ ତ ଡାକୁଚି । ଏଡ଼େଇବ କୁଆଡୁ ? ନଦୀରେ ଗାଧେଇଲା ବେଳେ ଗୋଡ଼ ଖସିଗଲା । ପାଣିରେ ଭାସିଗଲା । ସାଙ୍ଗମାନେ ଅନେକ ଖୋଜାଖୋଜି କଲେ ପାଇଲେନି । ପରେ ପୁଲିସ୍ ଓ ଫାୟାର ବ୍ରିଗେଡ୍ ବାଲା ବି ଯାଇ ଖୋଜିଲେ ହେଲେ କିଛି ଟେର୍ ମିଳିଲାନି । ଆଜି ଭୋରରୁ ବାଙ୍କୀ ପାଖରେ ନଦୀରେ ଶବ ଭାସୁଥିଲା । ମାଛଧରା କେଉଟମାନେ ଦେଖି ଖବର ଦେଲେ । କବିତା ମ୍ୟାଡ଼ାମ୍ ଓ ତାଙ୍କ ସ୍ୱାମୀ ଯାଇଥିଲେ । ଶବ ଚିହ୍ନଟ କଲେ ।

ମୁଁ ପଚାରିଲି ଘରକୁ ଆଣିଲେଣି ଶବ ? ସୁବୋଧ କହିଲା ସାର୍ ପୋଲିସ ବାଲା ଆଣି ପୋଷ୍ଟମର୍ଟମ୍ ପାଇଁ ପଠେଇଥିଲେ । ଯାହା ଜଣା ପଡ଼ିଲା ପେଟରେ ଆଲକହଲ ଥିଲା । ମୁଁ ପଚାରିଲି ଭଲ ପିଲାଟା ବୋଲି ଶୁଣିଥିଲି ? ସୁବୋଧ କହିଲା, ଭଲ କ'ଣ ମନ୍ଦ କ'ଣ ? ଆଜିକାଲି ତ ସମସ୍ତେ ନଉଛନ୍ତି । କାହାକୁ କ'ଣ କହିବେ ? ଘରେ ଘରେ ତ ମଦ ପଶିଗଲାଣି । ବାପ ମା' ଘରେ ବସି ପିଇବେ । ଛୁଆଏ କ'ଣ ସେଥିରୁ ବାଦ୍ ଯାଆନ୍ତେ ?

ମୁଁ ତାକୁ ପଚାରିଲି କ'ଣ କହୁଚ ? କବିତାର ବି କ'ଣ ଏସବୁ ଚଳେ ? ସେ କହିଲା ସାର୍ ଆପଣ ଜାଣିନାହାନ୍ତି । ସେ ତ ପୁରୁଣା ମୂଷା । ଛାଡ଼ନ୍ତୁ ଏଇଟା ବେଳ ନୁହେଁ ସେସବୁ କଥା ଚର୍ଚ୍ଚା କରିବାର । ପରେ ସବୁ କହିବି ।

ମୁଁ କହିଲି ଯିବା ତା' ଘର ଆଡୁ ଟିକେ ବୁଲି ଆସିବା ? ଯାହା ହେଲେ ବି ଆମ ଅଫିସ ଷ୍ଟାଫ୍‌ଟା । ସୁବୋଧ କହିଲା ଯିବା ସାର୍ । ସୁବୋଧ ଗାଡ଼ି ମଗେଇଲା । ଆମେ କବିତା ଘରକୁ ଗଲୁ । ବାହାରପଟ ଅଗଣାରେ କିଛି ଲୋକ ଜମା ହେଇଥାନ୍ତି । ଘରଲୋକ କିଛି କନ୍ଦାକଟା କରୁଥାନ୍ତି । ଗ୍ୟାରେଜ୍ ପାଖରେ ଗୋଟେ ପ୍ଲାଷ୍ଟିକ୍ ଚେୟାରରେ ତାଙ୍କ ସ୍ୱାମୀ ବସିଥାନ୍ତି । ଆମକୁ ଦେଖୁ ଦେଖୁ ସେ କହିଲେ, କବିତା ଭିତରେ ଅଛି । ମଝିରେ ମଝିରେ ମୂର୍ଚ୍ଛା ଯାଉଛି । ଯାଆନ୍ତୁ ସାର୍ ଭିତରକୁ ଯାଆନ୍ତୁ ।

ଆମେ ତାଙ୍କୁ ସାନ୍ତ୍ୱନା ଦେଇ ଭିତରକୁ ଗଲୁ । ସତରେ କବିତା ମୂର୍ଚ୍ଛା ହେଇ ପଡ଼ିଥାଏ । ତାଙ୍କ ମୁହଁରେ କେହି ଜଣେ ସଂପର୍କୀୟ ପାଣି ମାରି ତାଙ୍କୁ ଉଠେବାକୁ ଚେଷ୍ଟା କରୁଥାନ୍ତି । ତା' ଅବସ୍ଥା ଦେଖି ମୁଁ କହିଲି ହେ ଭଗବାନ୍ ଏମିତି କଷ୍ଟ କହାକୁ ଦିଅ ନାହିଁ ପ୍ରଭୁ ।

କିଛି ସମୟ ପରେ ତା'ର ଚେତା ଫେରିଲା । ୟାଡୁ ସ୍ୟାଡୁ ବିଳିବିଳେଇ ହେଇ କାନ୍ଦୁଥାଏ । ଆମକୁ ଦେଖି ଆହୁରି ବାହୁନା ପକେଇ କାନ୍ଦିଲା । କହିଲା, ମୋର କେଡ଼େ ଗୁଣର ପୁଅଟା, ରାଜାପୁଅ ଭଳି

ଚେହେରା ତା'ର । ଭଗବାନ ତାକୁ ମୋଠୁ ଛଡ଼େଇନେଲେ । ମତେ କାହିଁକି ତା' ଆଗରୁ ନେଇଗଲନି ପ୍ରଭୁ ।

ସୁବୋଧ ଓ ମୁଁ ତାକୁ ଅନେକ ସମୟ ଯାଏ ବସି ସାନ୍ତ୍ୱନା ଦେଲୁ । ଫେରିଲାବେଳକୁ ଦେଖିଲୁ ତା' ସ୍ୱାମୀ ସେଇଠି ଦାଣ୍ଡପିଣ୍ଡାରେ ବସି ଚା' ପିଉଥାଏ । ଆକାଶକୁ ଚାହିଁ ମଝିରେ ମଝିରେ ସିଗାରେଟ୍ ଟାଣୁଥାଏ । ଗାଡ଼ିରେ ବସିଲା ବେଳକୁ ମୁଁ କହିଲି ଭେଣ୍ଡା ପୁଅଟା ମଲା; କବିତା ଏତେ କାନ୍ଦୁଚି ହେଲେ ତା' ସ୍ୱାମୀ ଆଖିରେ ତ ଲୁହ ଟିକେ ନାହିଁ ?

ସୁବୋଧ ହସିଲା, କହିଲା ସେଇଟା କ'ଣ ତା' ପୁଅ ଯେ ସେ କାନ୍ଦନ୍ତା ? ମୁଁ ଆଶ୍ଚର୍ଯ୍ୟ ହେଇ କହିଲି ଆଉ କାହା ପୁଅ ? ସୁବୋଧ କହିଲା ପୁଅ ମଲେ ବାପ ମାଆ ତ କାନ୍ଦିବେ । ହେଲେ ଅସଲ ଯିଏ ସିଏ କାନ୍ଦୁଥିବ । ଇଏ କୋଉ ଅସଲ ବାପ ଯେ କାନ୍ଦିବ ?

ମୁଁ କହିଲି କ'ଣ କହୁଚ ସୁବୋଧ ମୁଁ ତ କିଛି ବୁଝିପାରୁନି । ସେ କହିଲା ସାର୍ ଇଏ ପରା ତା' ଆଗ ସ୍ୱାମୀର ପୁଅ ।

ମୁଁ ଆହୁରି ବିସ୍ମିତ ହେଇ ପଚାରିଲି ତା'ର କେତେଟା ସ୍ୱାମୀ କି ?

ସୁବୋଧ ହସିହସି କହିଲା, ବେଳଟା ତ ଭଲ ନୁହେଁ । ନ ହେଲେ କହିଥାନ୍ତି । ମୁଁ କହିଲି କହୁନ, ଆମେ ତ ସେଠୁ ବାହାରି ଆସିଲେଣି ।

ସୁବୋଧ କହିଲା, ଇଏ ସାର୍ ଯାହାକୁ କହନ୍ତି ଷଣ୍ଢରୁ ନଷ୍ଟ । ଷଣ୍ଢ ସପ୍ତମରେ ପଢ଼ିଲା ବେଳେ ତାଙ୍କ ଘରେ ଭଡ଼ା ରହୁଥିବା ଗୋଟେ ଟିଉସନ ମାଷ୍ଟର ସାଙ୍ଗେ ଅସଂଯତ ଅବସ୍ଥାରେ ଧରା ପଡ଼ିଥିଲା । ପ୍ଲସ୍ ଟୁ ପଢ଼ିଲାବେଳେ ଜଣଙ୍କ ସାଙ୍ଗେ ପଳେଇଥିଲା । ବାହାରେ କୋଉଠି ମାସେ କାଳ ରହି ଫେରିଲା । ସେ ପୁଅ ଘରେ ୟା'କୁ ଗ୍ରହଣ କଲେନି । ବହୁତ ତୁମ୍ବିତୋଫାନ ହେଲା । ପରେ ଅବଶ୍ୟ କଥା ଚପିଗଲା । ତା' ପରେ ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକ୍ସରେ କିଛି ଦିନ ଷ୍ଟେନୋ ଚାକିରୀ କରିଥିଲା । ଜଣେ ଇନ୍‌ଭେଷ୍ଟିଗେଟରର ପ୍ରେମରେ ପଡ଼ିଗଲା । ତା' ଘରେ ଯାଇ ରହିଲା । କିଛିଦିନ ପରେ ସେ ଇନ୍‌ଭେଷ୍ଟିଗେଟରର ସ୍ତ୍ରୀ ଗାଁରୁ ଆସି ପହଞ୍ଚିଲା । ସେ ଚପଲରେ ପିଟିପିଟି ୟା'କୁ ଘରୁ ବାହାର କଲା । ତା'ରି ଆଡୁ ଏ ପୁଅଟା ବୋଲି ଲୋକେ କୁହାକୁହି ହୁଅନ୍ତି । ଯେତେବେଳେ ସେ ପ୍ରେଗନେଣ୍ଟ ଥିଲା, ଆବୋର୍‌ସନ୍ କରିଦେବା ପାଇଁ ଅନେକ କହିଲେ । ହେଲେ ଡାକ୍ତର ମନା କରିଦେଲେ ଆଡଭାନସ୍ ଷ୍ଟେଜ୍‌ରେ ଆବୋର୍ସନ୍ କରି ହବନି ବୋଲି କହିଲେ । ତା' ବାପା ତାକୁ ଲୋକ ଲଜ୍ଜାରେ ଘରେ ନ ରଖି ବଡ଼ ଭଉଣୀ ଘରକୁ ପଠେଇଲା । ତା' ବଡ଼ ଭଉଣୀ ଭିଣେଇ ସେତେବେଳେ ରାଞ୍ଚିରେ ରହିଥାନ୍ତି । ସେଠି ଅଚିହ୍ନା ଜାଗାରେ ଛୁଆ ଜନ୍ମକଲେ କେହି ଜାଣିପାରିବେନି ବୋଲି ଭାବି ଯାଇ ଭଉଣୀ ଘରେ ରହିଲା । ସେଠି ଭିଣେଇ ସାଙ୍ଗେ ମାତିଲା ଯେ ଦୁଇଭଉଣୀଙ୍କ ଭିତରେ ଲାଗିଲା କଳି । ସ୍ୱାମୀସ୍ତ୍ରୀଙ୍କ ଭିତରେ ଡାଇଭୋର୍ସ ହେଇଗଲା । ତା'ର ଏବେକାର ସ୍ୱାମୀ ଯିଏ, ସିଏ ହେଲା ଅସଲରେ ତା'ର ଭିଣେଇ । ଏବେ ଭିଣେଇରୁ ସ୍ୱାମୀ ।

ଏ କାହାଣୀ ଶୁଣି ମୋ ମୁଣ୍ଡ କ'ଣ ହେଇଗଲାଣି ସେତେବେଳକୁ । ମୁଁ କହିଲି ସୁବୋଧ ତମେ ଏତେ ଖବର କୋଉଠୁ ପାଇଲ ?

ସେ କହିଲା, ସାର୍ ଆମ ଗାଁ ପାଖରୁ ତା' ଗାଆଁ ପରା ଆଠ ଦଶ ମାଇଲ ବାଟ । ଆମ ସେପଟେ ସେ ପୂରା ମାର୍କାମରା । ତା' କଥା କିଏ ନ ଜାଣେ ?

ମୁଁ ସୁବୋଧକୁ କହିଲି ଛାଡ଼ ସେକଥା । ଆମେ ତ ତାଙ୍କ ଘରକୁ ଯାଇଥିଲେ ଛୁଆନ୍ତି ହେଇଚେ । ମୁଁ ଆଉ ଅଫିସ ଯିବିନି । ମତେ ଘରେ ଛାଡ଼ିଦେଇ ଯିବ । ମୁଁ ଗାଧେଇସାରି ଅଫିସ ଯିବି ।

ଅଫିସ ଆସି ପହଞ୍ଚିବା ପରେ ବଡ଼ବାବୁ ଆସି ପଚାରିଲେ ସାର୍ କବିତା ମ୍ୟାଡାମ୍ ତ ଏବେ ନିହାତି ଦଶ ବାର ଦିନ ଛୁଟିରେ ରହିବେ । ଶୁଦ୍ଧି ଘର ନ ସରିଲା ଯାଏଁ ସିଏ କୋଉ ଆସିପାରିବେ ? ତା' ପରେ ବି ତାଙ୍କ ଅବସ୍ଥା କ'ଣ ହଉଚି ଏବେଠୁ କହିହବନି । ତେଣୁ ତାଙ୍କ ଜାଗାରେ ସେ ଆସିବା ପର୍ଯ୍ୟନ୍ତ କାହାକୁ ଚାର୍ଜରେ ରଖିବା ?

ମୁଁ ପଚାରିଲି କାହାକୁ ରଖିଲେ ହବ ? ଯାହାକୁ ଅର୍ଡର କଲେ ବି କବିତା କୋଉ ଚାର୍ଜ ଆସିପାରିବ ? ବରଂ ଆଠ ଦଶ ଦିନ କେମିତି ହେଲେ ଚଳେଇ ନିଅ ।

ବଡ଼ବାବୁ କହିଲେ ଅନ୍ୟ କୋଉ ସିଟ୍ ହେଇଥିଲେ ଚଳେଇ ହେଇଥାନ୍ତା । ଆକାଉଣ୍ଟାଣ୍ଟ ସିଟ୍‌ରେ ସବୁବେଳେ ପେମେଣ୍ଟ ଓ ରିସିପ୍ଟ ପାଇଁ କେହି ଜଣେ ଥିବା ଦରକାର ।

ମୁଁ କହିଲି ହଉ ଠିକ୍ ଅଛି ତାହାଲେ ପ୍ରେମାନନ୍ଦ ମହାନ୍ତିକୁ ଚାର୍ଜରେ ରଖିଦିଅ । ପ୍ରେମାନନ୍ଦ ଆମ ଅଫିସର ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ବରିଷ୍ଠ ସେକ୍‌ସନ ଅଫିସ । ବେଶ୍ କମ୍ପିଟେଣ୍ଟ । ଅର୍ଡର ବାହାରିଗଲା ।

ତା' ପରଦିନ ସକାଳୁ କବିତା ଫୋନ୍ କଲା, ସାର୍ ଆପଣ ଏତେ ନିଷ୍ଠୁର । ମୋର ଏ ଖରାପ ସମୟରେ ବି ଆପଣ ଟିକେ ଦୟା କଲେନି । ମୋ ହାତରୁ ଆକାଉଣ୍ଟ ସେକ୍ସନଟା ଛଡ଼େଇନେଲେ ?

ମୁଁ ତାଙ୍କୁ କହିଲି, ମ୍ୟାଡାମ ସେମିତି କିଛି ନାଇଁ । ଆପଣ ତ ଏଇନା କେତେଦିନ ଅନୁପସ୍ଥିତ ରହିବେ । ଅଫିସ ପୁଣି ଚାଲିବ ନା ନାହିଁ । ଏଇ କେତେଦିନ କାମ ଚଳେଇବାକୁ ପ୍ରେମାନନ୍ଦକୁ ଦାୟିତ୍ୱ ଦିଆହେଇଚି । ଆପଣ ଆସିଲେ ପୁଣି ତା'ଠୁ ଚାର୍ଜ ନେଇଯିବେ । କବିତା ଆଉ କିଛି ନ କହି ଫୋନ୍ ରଖିଦେଲା ।

କିଛି ସମୟ ପରେ ଜିଏମ୍‌ଙ୍କଠାରୁ ଫୋନ୍ ଆସିଲା । ଫୋନ୍ ଉଠଉ ଉଠଉ ଜି.ଏମ. କହିଲେ, ମହାପାତ୍ର ହାଓ କ୍ୟାନ୍ ୟୁ ବି ସୋ

ରୁଥଲେସ୍ ? ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି ସାର୍ ବୁଝିପାରିଲିନି । ଜି.ଏମ୍. ସାନ୍ୟାଲ ସାହେବ କହିଲେ, କବିତା ଇଜ୍ ସଫରିଙ୍ଗ୍ ଏ ଟ୍ରମା, ଆଣ୍ଡ ୟୁ କୁଡ୍ ଇନଫ୍ଲିକ୍ଟ ମୋର୍ ପେନ୍ ଟୁ ହର୍ ?

ମୁଁ ଯେତେ ବୁଝେଇବାକୁ ଚେଷ୍ଟାକଲି ଯେ ମୋର ତା' ପ୍ରତି କୌଣସି ଅସୂୟା ନାହିଁ ବରଂ ଅଫିସର ନିୟମିତ ପରିଚାଳନା ପାଇଁ ଏ ଅର୍ଡର କରାହେଇଚି, ବୁଢ଼ା ବୁଝିବାକୁ ପ୍ରସ୍ତୁତ ନଥିଲା । ମତେ ବରଂ ତାସଲ୍ୟ କରି ନାନା କଥା କହିଲା । ପରିଶେଷରେ କହିଲା, ୱିଥଡ୍ର ଦାଟ୍ ଅର୍ଡର ୟୁ ହାଭ୍ ପାସ୍ଡ । ମୁଁ ହଉ କହି ଫୋନ୍ ରଖିଲି ।

ସୁବୋଧକୁ ମୋ ଚାମ୍ବରକୁ ଡକେଇ କହିଲି, ସେ ଅର୍ଡରଟା ଚେଞ୍ଜ କରିଦିଅ । ସୁବୋଧ ପଚାରିଲା, ତେବେ କିଏ ଚାର୍ଜରେ ରହିବ ?

ମୁଁ ବିରକ୍ତ ହେଇ କହିଲି, କେହି ରହିବା ଦରକାର ନାହିଁ । ସୁବୋଧ କହିଲା ଅଫିସ କେମିତି ଚାଲିବ ସାର୍ ? ମୁଁ କହିଲି ଲେଟ୍ ଇଟ୍ ଗୋ ଟୁ ହେଲ୍ । ଅଫିସ ତାଲା ପକେଇ ଦିଅ । ମୁଁ ବି କାଲିଠୁ ଛୁଟିରେ ଚାଲିଯିବି । ଏତେ ଛୋଟ ଛୋଟ କଥାରେ ଯଦି ଏତେ ବଡ଼ ଅଫିସର ମୁଣ୍ଡ ପୂରେଇବେ ଆମର ଆଉ ଆବଶ୍ୟକତା କ'ଣ ?

ସୁବୋଧ ରିଲାକ୍ସ ହେଇ ବସିଲା ଓ କହିଲା ମୁଁ ବି ସାର୍ ଏୟା ଅନୁମାନ କରୁଥିଲି । କବିତା ତ ବୁଢ଼ାର ଅଧା କେପ୍ଟ । ବୁଢ଼ା ଯୁଆଡ଼େ ଯାଉଚି ୟା'କୁ ସାଙ୍ଗରେ ନେଇ ଯାଉଚି । ବୁଢ଼ା ଘରକୁ ପ୍ରତି ରବିବାର ମଟନ୍, ଛେନାପୋଡ଼ ପଠଉଚି କବିତା । ତା' ଘରେ କୋଉଠି କ'ଣ ପରଦା ଲାଗିବ, ପାପୋଛ ପଡ଼ିବ, ପେଣ୍ଟିଙ୍ଗ୍ ଲାଗିବ କବିତା ସ୍ଥିର କରେ । ବୁଢ଼ା ସ୍ତ୍ରୀ ମାର୍କେଟିଂ କରିବାକୁ ଗଲେ କବିତା ମ୍ୟାଡାମକୁ ଖୋଜାପଡ଼ିବ । ଏବେ କିଛି ଦିନ ତଳେ ପରା ସିଏ ବୁଢ଼ା ଓ ତା'ସ୍ତ୍ରୀର ଆନିଭର୍ସାରିରେ ଗୋଟେ ଡାଏମଣ୍ଡ ସେଟ୍ ପ୍ରେଜେଣ୍ଟ କରିଚି । ତା' କଥା ରହିବନି ଆଉ କ'ଣ ଆପଣଙ୍କ କଥା ରହିବ ?

ମୁଁ ଗମ୍ଭୀର ହେଇ ବସିରହିଲି । ସୁବୋଧ କହିଲା ସାର୍ ଟେନ୍‌ସନ ନିଅନ୍ତୁନି ସେ ଅର୍ଡର ୱିଥଡ୍ର କରିଦବା ।

ମୁଁ କହିଲି ଗୋଟାଏ ପୋଷ୍ଟକୁ ନେଇ ଏତେ କ'ଣ ପୋଜେସିଭ୍‌ନେସ୍ ? ସୁବୋଧ କହିଲା ସାର୍ ସେ ଗଲା ଦଶବର୍ଷ ହେଲା ଆକାଉଣ୍ଟାଣ୍ଟ ସିଟ୍‌ରେ ଅଛି । ଲକ୍ଷ ଲକ୍ଷ ଟଙ୍କା ହେରାଫେରି କରିଚି । ଅନ୍ୟ କିଏ ସେ ସିଟ୍‌ରେ ବସିଲେ ସବୁ ପଦାକୁ ବାହାରି ପଡ଼ିବନି ? ତେଣୁ ସେ କେବେହେଲେ ଅନ୍ୟ କାହାକୁ ଚାର୍ଜ ଦିଆଇ ଦବନି । ଏଇ ପରା ଗଲାବର୍ଷ ଏଜି ଅଡିଟ୍ ଆସିଥିଲେ ତାଙ୍କୁ ପୂରେଇ ଦେଲାନି । ଉପରୁ ଫୋନ୍ ଆସିଲା । ଅଡିଟରମାନେ ଫେରିଗଲେ ।

ମୁଁ କହିଲି ସାଧାରଣ ସମୟ ଆଗ କଥା ଅଲଗା । ସେ ସମୟରେ ସାଧାରଣ ଭାବେ ମଣିଷର ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ଲୋଭ ରହେ । ସେଥିପାଇଁ ସେ ଯୁଦ୍ଧ ଲଢ଼ିବାକୁ ପଛଘୁଞ୍ଚା ଦିଏନି । ମାତ୍ର ଏବେ ଏତେ ସରି ହେଲା ପରେ ବି ତା'ର କ୍ଷମତା ଓ ଅର୍ଥର ଲୋଭ ଯାଉନି ? ଏଭଳି ସ୍ଥିତିରେ ଆଉ କିଏ ଥିଲେ, ସବୁ କିଛି ଛାଡ଼ିଛୁଡ଼ି ଦେଇ ବୈରାଗୀ ହେଇ ଚାଲିଯାଇଥାନ୍ତା । ମାତ୍ର ପୁଅ ମରିବାର ଦିନ ଚାରିଟା ଯାଇନି, ଅଫିସ୍‌ରେ କ୍ଷମତା ଓ ଅର୍ଥ ପାଇଁ ସେ ମୁଣ୍ଡ ପିଟି ଦଉଚି । ଛିଃ... ।

କିଛି ସମୟ ନୀରବ ରହି ମୁଁ ସୁବୋଧକୁ କହିଲି, କ୍ୟାନସଲେସନ ଅର୍ଡରଟା ବାହାର କରିଦିଅ !

ସୁବୋଧ ବି ତୁରନ୍ତ ଅର୍ଡର ବାହାର କରି ମୋ ପାଖରେ ଅର୍ଡରର ଗୋଟେ କପି ଦେଇଗଲା ।

□ □ □

ୟା'ର ତିନି ଚାରିଦିନ ପରେ କବିତାର ସ୍ୱାମୀ ଆସି ଅଫିସ୍‌ରେ ସମସ୍ତଙ୍କୁ ଦଶାହ ପାଇଁ ନିମନ୍ତ୍ରଣ କରିଦେଇଗଲା ।

ମୋର ସେଦିନର ଘଟଣା ପରେ ତା' ପ୍ରତି ମନରେ ଆଉ କିଛି ସମବେଦନାର ଭାବ ନଥିଲା । ଯିଏ ପ୍ରକୃତରେ ଦୁଃଖରେ ଥାଏ, ତା' ପ୍ରତି ସିନା ସମବେଦନା ଆସିବ । ଗୋଟାଏ କ୍ଷମତାଲୋଭୀ, ଅର୍ଥଲୋଭୀ, ପ୍ରତିପତ୍ତିକାମୀ ମଣିଷ ପ୍ରତି କି ବା ସମବେଦନା ମନରେ ଆସିବ ?

ତଥାପି ଲୌକିକତା ଦୃଷ୍ଟିରୁ ଅନ୍ୟମାନଙ୍କ ଭଳି ମୁଁ ବି ତା' ପୁଅର ଏକାଦଶାହ ଭୋଜିକୁ ଗଲି । ମୋ ସହିତ ସୁବୋଧ ଓ ପ୍ରେମାନନ୍ଦ ବି ଥାଆନ୍ତି । ଆମେ ପହଞ୍ଚିଲାବେଳକୁ ଜି.ଏମ୍. ସାନ୍ୟାଲ ସାହେବ ପହଞ୍ଚି ସାରିଥାନ୍ତି । ତାଙ୍କ ଚାରିପଟେ କବିତା ଓ ତା' ସ୍ୱାମୀ ଲଟରପଟର ହଉଥାନ୍ତି । କବିତା ଷ୍ଟାଟର ସବୁ ନିଜେ ଆଣି ସର୍ଭ କରିଦେଉଥାଏ ବୁଢ଼ା ପ୍ଲେଟରେ । ତା' ସ୍ୱାମୀ ପାଖେ ପାଖେ ଠିଆ ହେଇ ଏଟା ଆଣ, ସେଟା ଆଣ ବୋଲି ଡାକ ଛାଡୁଥାଏ । ସେ ଅତିଥି ପରାୟଣତାରେ ଦୋଷ ବାଛିବାର କିଛି ନାହିଁ । ମାତ୍ର ଯେଉଁ ଢଙ୍ଗରେ ସେମାନେ ତାକୁ ତୃପ୍ତ କରିବାର ପ୍ରୟାସ କରୁଥାନ୍ତି ତାହା ନିଶ୍ଚୟ ମୋ' ଭଳି ଅନେକଙ୍କ ଆଖିରେ ଦୃଷ୍ଟିକଟୁ ହେଇଥିବ ।

ମୁଁ ଷ୍ଟାଟର ନଉନଉ ସୁବୋଧକୁ ପଚାରିଲି, କବିତା ତ ତା' ପାୱାର ପୋଜିସନ ପାଇଁ ବୁଢ଼ାକୁ ତେଲ ମାରୁଚି ଠିକ୍ ଅଛି । ମାତ୍ର ତା' ସ୍ୱାମୀଟା କାହିଁକି ଏମିତି ହଉଚି ? ସେ ତ ଅନ୍ତତଃ ଅନ୍ୟ ଗେଷ୍ଟ୍‌ମାନଙ୍କ କଥା ବୁଝୁଥାନ୍ତା । ସ୍ୱାମୀ ସ୍ତ୍ରୀ ଦିହେଁ ସେଇ ଗୋଟାଏ ଲୋକ ପଛରେ ପଡ଼ିଛନ୍ତି । ବାଇ ଦି ୱେ, ତା' ସ୍ୱାମୀ କରେ କ'ଣ ?

ସୁବୋଧ କହିଲା, ସାର୍ କଥାଟା ତ ସେଇଠି ପେଟେଇଚି । ଅସଲରେ ତା' ସ୍ୱାମୀ ଗୋଟେ ଅର୍ଡର ସପ୍ଲାୟର । ତା'ର ସବୁ ପ୍ରକାର ବେପାର ଅଛି । ଆମ ଅଫିସ୍‌ରେ ଯେତେ ଷ୍ଟେସନାରୀ କିଣା ହୁଏ ସବୁ ତା'ରି ଫାର୍ମରୁ । କମ୍ପ୍ୟୁଟରରୁ ଆରମ୍ଭ କରି ପିନ୍‌କଣ୍ଟା ଯାଏ, ଟିଫିନ୍ ପ୍ୟାକେଟ୍‌ରୁ ଆରମ୍ଭ କରି ଫର୍ଣ୍ଣିଚର ସବୁ ସିଏ ହିଁ ଦିଏ । ତା' ବିନା ଆଉ କେହି ସେ ଭିତରେ ପଶି ପାରିବେନି । ତେଣୁ ବୁଢ଼ାକୁ ପଟେଇ ରଖିବାରେ ହିଁ ତାଙ୍କର ଲାଭ । ଆଉ ଗୋଟେ କଥା ଜାଣିଛନ୍ତି ସାର୍ ?

ବୁଢ଼ାଟା ଟିକେ ନାଲୁଆ । ତା'ର ମଝିରେ ମଝିରେ ସୁରା,ସାକୀ ସବୁ ଦରକାର । ତା'ର ବ୍ୟବସ୍ଥା କ'ଣ ଆପଣ କରିପାରିବେ ନା ମୁଁ? କବିତା ଆଉ ତା' ହଜବ୍ୟାଣ୍ଡ ଏସବୁ କଥା ବି ବୁଝନ୍ତି । ତେଣୁ ସେମାନେ ତା'ର ଫେଭୋରାଇଟ୍ ।

ମୁଁ ସୁବୋଧକୁ ପଚାରିଲି, ବୁଢ଼ାକୁ ଟିକେ ଦେଖା କରିଦବା ? ସେ କହିଲା ସାର୍ ମେନ୍ କୋର୍ସ ପୂର୍ବରୁ ଚାଲନ୍ତୁ ଦେଖା କରିଦବା ।

ଆମେ ଟିସୁ ପେପରରେ ପାଟି ପୋଛୁପୋଛୁ ଯାଇ ବୁଢ଼ା ପାଖରେ ପହଞ୍ଚିଲୁ । ବୁଢ଼ା ଗୋଟେ ବଡ଼ ଭିଆଇପି ଚେୟାରରେ ବସିଥାଏ । କବିତା ତା' ପଛପଟେ ଠିଆହେଇଥାଏ । ହାତରେ କ'ଣ ସବୁ ଧରିଥାଏ, ମଝିରେ ମଝିରେ ବୁଢ଼ା ପ୍ଲେଟ୍‌କୁ ବଢେଇ ଦଉଥାଏ । ବୁଢ଼ାର ଆଖି ନାଲି ନାଲି । ଟିକେ ଟଳମଳ ହଉଥାଏ ସେ ଚେୟାର ଉପରେ । ମତେ ଲାଗିଲା ବୁଢ଼ା ଏଠିକି ଆସିବା ପୂର୍ବରୁ କୋଉଠି ଟିକେ ଦି ପେଗ୍ ମାରିଦେଇ ଆସିଚି ବୋଧେ ।

ଆମକୁ ଦେଖି କବିତା ବୁଢ଼ା ପ୍ଲେଟ୍‌ରେ ପନିର ଚିଲ୍ଲି ଦଉଦଉ କାନ ପାଖରେ କ'ଣ କହିଦେଲା । ବୁଢ଼ା ଆମକୁ ଅନେଇ କହିଲା, ମହାପାତ୍ର, କବିତା ଇଜ୍ ଇନ୍ ଏ ଟ୍ରମା, ଏଜ୍ ୟୁ କାନ୍ ସି । ଉସେ ତୁହ୍ମାରି ହେଲ୍‌ପ କି ଜରୁରତ୍ ହୈ । ସି ମେ ନଟ୍ ବି ଇନ୍ ଏ ଷ୍ଟେଟ୍ ଟୁ ଆଟେଣ୍ଡ ଅଫିସ ଅଲଓ୍ୱେଜ । ବଟ୍ ମେକ୍ ସିଓର ଦାଟ୍ ନଥିଙ୍ଗ ଇଜ୍ ଡିସରପ୍ଟେଡ । ଗିଭ୍ ହର ଏ ଗୁଡ୍ ଆସିଷ୍ଟାଣ୍ଟ ହୁ ୱିଲ ହେଲ୍ପ ହର ଇନ୍ ଡୁଇଙ୍ଗ୍ ଥିଙ୍ଗସ ଆଣ୍ଡ ଟେକ୍ ହର୍ ସିଗନେଚର ଏଜ ଆଣ୍ଡ ହ୍ୱେନ ରିକ୍ୱାୟାରଡ୍ ।

କବିତା ମତେ ଅନେଇ କହିଲା, ସାର୍ ଖାଇଲେଣି ନା ନାହିଁ ? ମୁଁ କହିଲି ବ୍ୟସ୍ତ ହୁଅନା ଆମେ ଖାଇନବୁ । କାହାକୁ ଜଣକୁ ଡାକି କହିଲା, ସାରଙ୍କୁ ନେଇ ଖୁଆଇ ଦିଅ । ମୁଁ ସୁବୋଧକୁ ନେଇ ଖାଇବାକୁ ଯିବା ବେଳକୁ ସାନ୍ୟାଲ କହିଲା, କବିତା ୱିଲ ଗିଭ୍ ୟୁ ଏ ନେମ୍ ହୁ ୱିଲ ଆସିଷ୍ଟ ହର । ଟେକ୍ କେୟାର ଅଫ ଇଟ୍ ।

ମୁଁ ସାନ୍ୟାଲକୁ ଓକେ ସାର୍ ବୋଲି କହି ତୁରନ୍ତ ସେ ଜାଗା ଛାଡ଼ି ଆଗକୁ ମାଡିଚାଲିଲି । ମୋର ଆଉ ଖାଇବାର ଆଗ୍ରହ ବି ନଥାଏ । ସୁବୋଧ ପଛରୁ ଧାଇଁ ଧାଇଁ ଆସି କହିଲା ସାର୍ ଦେଖିଲେ ନା ବୁଢ଼ା ଉପରେ ମାଡାମଙ୍କର କି ପକଡ୍ ?

ମୁଁ ବିରକ୍ତିରେ କହିଲି, ଶଳା ନାଲୁଆ ବୁଢ଼ା କ'ଣ ତା'ଠି ଦେଖିଚି କେଜାଣି ଏମିତି ଫଶିଚି । କବିତାର ଚମ ତ ଧୁଡୁଧୁଡୁ ହେଇଗଲାଣି । କି ମହୁ ଝରୁଚି କେଜାଣି ?

ସୁବୋଧ କହିଲା ସାର୍, ସିଏ ପରା ନିଜେ ମହୁଫେଣା, ରାଣୀ ମହୁମାଛି ! ତା' ଦେହସାରା ସିନା ଏକ୍‌ଜିମା ମାଡ଼ିଗଲାଣି, ତା' ପାଖରେ ପରା କେତେ ଚିକ୍କଣି ଅଛନ୍ତି । ଯେତେବେଳେ ଦରକାର ସିଏ ପଠେଇ ଦଉଚି । କଥାରେ କହନ୍ତିନି ପାଖରେ ଶୁଏ, କାନରେ କୁହେ ତା' କଥା କି ଅନ୍ୟଥା ହୁଏ ? ସେ କ'ଣ ଖାଲି ଏ ସାନ୍ୟାଲକୁ ଧରିଚି ? ୟା' ପୂର୍ବରୁ ଯୋଉ ଶମ୍ଭାଜୀ ରାଓ ଥିଲା ତା' ବେଳେ ବି ସେୟା । ତା' ଆଗରୁ ଯେଉଁ ବିଷ୍ଣୁ ଶର୍ମା ଥିଲା ସେ ବି ବର୍ତ୍ତିନଥିଲା ତା' କବଳରୁ । ନାରୀ ମାୟା ସାର୍, କିଏ ତା' ମାୟାରୁ ବଂଚିବ ।

ମୁଁ ବିରକ୍ତିରେ କହିଲି ଛେଃ.... ଏମିତି କା ବାଜେ ଲୋକଙ୍କ ମେଳରେ ରହିଲେ ମଣିଷ ପାଗଳ ହେଇଯିବ । ସୁବୋଧ ତମେ ଯାହା ଖାଇବା କଥା ଖାଅ । ମୁଁ କିଛି ଖାଇବିନି ଆଉ ।

ସୁବୋଧ ବି କହିଲା, ମୋର ବି ସାର୍ ଏସବୁ ଖାଇବାର ନାହିଁ । ଚାଲନ୍ତୁ ଚାଲିଯିବା ।

ଆମେ ଆସି ଗାଡ଼ିରେ ବସିଲୁ । ସୁବୋଧ କହିଲା ସାର୍ ଏଇଭଳିଆ ଲୋକ ଚାରିଆଡ଼େ ଭର୍ତ୍ତି । ଏମାନଙ୍କୁ ଦେଖି ଯଦି ଆପଣ ବ୍ୟସ୍ତ ହେବେ । ଆପଣଙ୍କ ଜୀବନଟା ପୂରା ଏଇ ବିବ୍ରତଭାବରେ ହିଁ ସରିଯିବ । ଲେଟ୍‌ସ ଫରଗେଟ୍ ଆଣ୍ଡ ଇଗ୍‌ନୋର ଦିଜ୍ ପ୍ୟୁପୁଲ୍... ।

ମୁଁ କହିଲି ହଁ ଯେ... ମତେ ଆଶ୍ଚର୍ଯ୍ୟ ଲାଗୁଚି ଏମାନଙ୍କ ହାବଭାବ ଦେଖି । ଗୋଟିଏ ବୋଲି ପୁଅ ମରିଗଲା । ଆଗକୁ କେହି ନାହିଁ କି ପଛକୁ କେହି ନାହିଁ । ଏଭଳିଆ ସ୍ଥିତିରେ ଧନ ସମ୍ପତ୍ତି, କ୍ଷମତା ଅହଂକାର କୋଉ କାମର ? କ'ଣ ହବ ଆଉ ଏ ଆପାର୍ଟମେଣ୍ଟ, ଫାର୍ମହାଉସ୍, ବ୍ୟାଙ୍କ ବାଲାନ୍ସ ? ଆଉ କିଏ ତା' ସ୍ଥିତିରେ ଥିଲେ ସଂସାର ଛାଡ଼ି ସନ୍ୟାସିନୀ ପାଲଟି ଯାଇଥାନ୍ତା ! ମାତ୍ର ୟା'ର ତ ଅର୍ଥ କାମ ମୋହ ତୁଟୁନି । ଆହୁରି ସାଂସାରିକ ମାୟାରେ ଘାଣ୍ଟି ହଉଚି । ଛିଃ...ଛିଃ... ଭଗବାନ ତାକୁ ସଦ୍‌ବୁଦ୍ଧି ଦିଅନ୍ତୁ । ସୁବୋଧ ହସିହସି କହିଲା ଭଗବାନ ବି ଫେଲ୍ ମାରିଯିବେ ସାର୍ । ତାର ଚରିତ୍ର ବଦଳେଇ ପାରିବେନି । ପ୍ରକୃତି ନୈବ ମୁଚ୍ୟତେ । ସିଏ ଏମିତି ଗୋଳେଇ ଘାଣ୍ଟି ହେଇହେଇ ମରିବ ଶେଷରେ ।

ଘର ପାଖେଇ ଆସିଥିଲା । ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ମୁଁ ଦୀର୍ଘଶ୍ୱାସଟିଏ ଛାଡ଼ି ଶେଷରେ କହିଲି... ଛାଡ଼ ତା' କଥା !! ସୁବୋଧ ଗୁଡ଼ନାଇଟ୍...

୨୮୮/୨୬୮୩, ବଜରଙ୍ଗ ନଗର
ଝାରପଡ଼ା, ଭୁବନେଶ୍ୱର
ମୋ.: ୯୪୩୭୨୮୬୫୧୨



ଝଡ଼

ପ୍ରଜ୍ଞା ପାରମିତା ଆଚାର୍ଯ୍ୟ

ବାହାରେ ଭୀଷଣ ଝଡ଼ ଓ ବର୍ଷା । ଅପରାହ୍ନ ସମୟରୁ ଲାଇନ ନାହିଁ । ହୋଟେଲରେ ଜଳୁଥିବା ଚାର୍ଜ ଲାଇଟ୍‌ଟି ମଧ୍ୟ ଆଉ ଉଜ୍ଜ୍ୱଳ ଆଲୋକ ଦେଉନି । ଦୀର୍ଘ ପାଞ୍ଚ ଛଅ ଘଣ୍ଟା କାଳ ଜଳି ଥକିପଡ଼ିବା ଭଳି ମନେହେଉଛି । ଲାଇନ୍ ନ ଥିବାରୁ ଚାର୍ଜକରିବାର ଉପାୟ ନ ଦେଖି ସତ୍ୟକାମ କ୍ୟାସ୍ ଟେବୁଲ୍ ଡ୍ରାୟାରରୁ ମହମବତି ଓ ଦିଆସିଲି ଖୋଜି ଜଳାଇଲା । ମହମବତୀର ଆଲୁଅରେ ଛୋଟିଆ ହୋଟେଲର ଡାଇନିଂ ହଲ୍‌ଟି କାହିଁକି କେଜାଣି ଖୁବ୍ ମନୋରମ ଦିଶୁଥିଲା ଅବିକଳ କ୍ୟାଣ୍ଡେଲ ଲାଇଟ୍ ଡିନରର ପରିବେଶ ଭଳି । ହଲ୍‌ସାରା ବିଛାଡ଼ି ହୋଇ ପଡୁଥିଲା ସୁନେଲୀ ରଙ୍ଗର ଆଲୋକ । ଯଦିଓ ସତ୍ୟକାମ ତା' ଜୀବନରେ ଏଇ କ୍ୟାଣ୍ଡେଲ୍ ଲାଇଟ ଡିନରର ସୌଭାଗ୍ୟ କେବେ ବି ପାଇନି ତଥାପି ହିନ୍ଦୀ ଚଳଚ୍ଚିତ୍ରର ନାୟକ ନାୟିକାମାନଙ୍କୁ କେବେ କେମିତି ଦେଖିଛି ଏକାଠି ହାତକୁ ହାତ ଛନ୍ଦି କ୍ୟାଣ୍ଡେଲ ଲାଇଟ୍‌ରେ ଡିନର୍ କରିବାର । ସେମିତି ଦେଖିବାକୁ ଗଲେ ତା' ପାଖରେ ଚଳଚ୍ଚିତ୍ର ଦେଖିବାର ନା ସୁଯୋଗ ଥିଲା, ନା ଇଚ୍ଛା ! ସେ ଯାହା ହେଉ ଆଜି ଝଡ଼ି ଓ ବର୍ଷା ସାଙ୍ଗକୁ ହୋଟେଲର ଲାଇନ୍ କଟି ମହମବତି ଜଳିବା ତା' ମନରେ ବି ଜାଳିଛି କ୍ୟାଣ୍ଡେଲ ଲାଇଟ ଡିନର୍‌ର ଏକ ଦବି ହୋଇ ରହିଥିବା ଅଧାଦେଖା ସ୍ୱପ୍ନକୁ । ଯେଉଁଠି ସେ ଶ୍ୱେତପୁଷ୍ପା ସହ ଦେଖିଥିଲା ସ୍ନେହପ୍ରେମର ପ୍ରାଚୀରରେ ବିଶ୍ୱାସର ନିଆଁଦେଇ ସ୍ୱପ୍ନପୁରୀଟିଏ ଗଢ଼ିବାର ସ୍ୱପ୍ନ । ଏକାଠି ଜୀଇଁବାର ପ୍ରତିଶ୍ରୁତି ସହ ।

ଆଜି ସବୁ ବଦଳିଯାଇଛି । ନା ଅଛି ଗାଆଁ ଘର, ବାପା, ବୋଉ, ଭାଇ ଭଉଣୀଙ୍କ ହସଖୁସି ଭରା ସଂସାର, ନା ଅଛି ମୁଣ୍ଡ ଉପରେ ଢ଼ାଙ୍କିଥିବା ବାପାଙ୍କର ହାତ, ନା ବୋଉର ପଣତ, ନା ଘର ଅଗଣାରେ ଭାଇ ଭଉଣୀଙ୍କ ଲୁଚକାଳି ଖେଳ । ମହାବାତ୍ୟାର କରାଳ ବକ୍ଷରେ ତା'ର ଘର ପରିବାର ସବୁ ଲୀନହୋଇଗଲା, ଲୀନହୋଇଗଲା ଗାଆଁମାଟିର ବର୍ଷାଭିଜା ବାସ୍ନା, ବୋଉର ଚିତାଝୋଟିର ମନୋରମ କାନ୍ଥ, ସାଙ୍ଗସାଙ୍ଗୀ, ଆମ୍ବତୋଟା ଓ ଚଳଚଞ୍ଚଳ ନଈପଠା । ମିତ ବସିଥିବା ସମୁଦ୍ରର ବେଳାଭୂମି ଦିନେ ଏମିତି ଉଗ୍ରରୂପ ନେବ କିଏ ଜାଣିଥିଲା ଯେ ? ସେ ପ୍ରକୋପରୁ ବଞ୍ଚିଯାଇଥିଲା ସତ୍ୟକାମ, କଟକରେ ରହି ପାଠ ପଢୁଥିଲା ବୋଲି । ପୂର୍ବରୁ ତ ଦଶହରା ପରେ ପରେ ସେ ଚାରିଦିନ କଟକ ଆସିଥିଲା, ପରୀକ୍ଷା ଦେବାକୁ ।

ସେଥର ଦଶହରାରେ ଶ୍ୱେତପୁଷ୍ପା ବି ମାମୁଘରକୁ ଆସିଥିଲା, କହୁଥିଲା, କୁମାରପୂର୍ଣ୍ଣମୀ ପରଦିନ ଗଲେ ହେବନି ? ନା ପରୀକ୍ଷା ଦେଇ ତା' ପରଦିନ ଗାଆଁକୁ ଆସିବି, ତୁମେ ରହୁନ ସେଯାଏଁ କହି ସତ୍ୟକାମ ବସ୍ ଯୋଗେ କଟକରେ ରହୁଥିବା ବସାକୁ ଆସିଥିଲା । ଶ୍ୱେତପୁଷ୍ପା ନିଜ ଘରକୁ ଫେରିଥିଲା କି ସେଠି ଗାଆଁରେ ଥିଲା ସେ କଥା ଜାଣିବାର ସୁଯୋଗ ନଥିଲା ସେ ସମୟରେ । ଗାଆଁ ବୋଲି କହୁଥିବା ଖଣ୍ଡମଣ୍ଡଳ ଖାଲି ଜଳମୟ । ସେତେବେଳେ କଟକରୁ ଏରସମା ଯାଏଁ ଯିବାର ବି ସୁବିଧା ନଥିଲା । ଝଡ଼ ତୋଫାନ କମିବା

ପରେ ସାଇକେଲ କ୍ୟାରିୟରରେ କିଛି ଆଳୁ, ବୁଡ଼ା, ବିସ୍କୁଟ ଓ ପାଣି ବୋତଲ ଦି'ଟା ବାନ୍ଧି ସେ ଛୁଟିଥିଲା ଗାଆଁ ଆଡ଼େ । କେଉଁଠି ରାସ୍ତା ଉପରେ ଲମ୍ବ ଲମ୍ବ ହୋଇ ଗଛଗୁଡ଼ାକ ଶୋଇଥିଲା, କେଉଁଠି ଖୁଣ୍ଟମାନ ଭାଙ୍ଗି ଇଲେକ୍ଟ୍ରି ତାର ଛିଣ୍ଡି ଗୁଡ଼ାଇହୋଇ ପଡ଼ିଥିଲା । ଗାଆଁର ଅବସ୍ଥା କଥା ଭାବି ଦେହର ହାଲୁକ ଶୁଖିଯାଉଥିଲା, ବାପା ବୋଉଙ୍କ ମୁହଁ ଆଖି ଆଗରେ ନାଚୁଥିଲା, ସାନ ଭାଇ ଓ ଭଉଣୀଙ୍କ ସ୍ୱର ତା' ମନକୁ ଆହୁରି ବିଚଳିତ କରୁଥିଲା । ସେ କେବଳ ଚାଲୁଥିଲା ସାଇକେଲ ଗଡ଼ାଇ ଗଡ଼ାଇ ।

ଗାଆଁର ଦାରୁଣ ଦୃଶ୍ୟ ନ କହିଲେ ଭଲ, ନିଜ ଘର କୋଉଠି ଚିହ୍ନିବାର ଉପାୟ ହିଁ ନଥିଲା । ପାଣି କାଦୁଅରେ ସବୁ ଏକାକାର । କୋଠାଘର କେତୋଟି ଅଲାଜୁକ ଭଳି ଠିଆ ହୋଇଥିଲେ । ବଡ଼ ଗଛ ବୃକ୍ଷ ତ ଲୋଟି ପଡ଼ିଥିଲେ ବାକି କିଛି ଦାନ୍ତ ଦେଖାଇ ଥଟ୍ଟା ପରିହାସ କରିବା ଭଳି ଲାଗୁଥିଲେ ଝଡ଼ ସହ ଯୁଝି ଯୁଝି ଅବଶ ଓ କ୍ଲାନ୍ତ । ପାଣି କାଦୁଅରୁ ଗଳିତ ଶବ ସବୁକୁ କାଢ଼ି ଏପଟେ ସଂସ୍କାର ଚାଲିଥାଏ, କାହାକୁ ଖୋଜିବା ଅଥବା ଚିହ୍ନିବାର ପ୍ରୟାସ ହେଉନଥାଏ । କେଉଁଠି ରିଲିଫ କ୍ୟାମ୍ପର ଲମ୍ବାଧାଡ଼ି । କିଛି ମାଟିଆ ହାଫପ୍ୟାଣ୍ଟ ପିନ୍ଧା ଲୋକ ନିରନ୍ତର ସେବା କାମରେ ବ୍ୟସ୍ତ ଥିଲେ । ରିଲିଫ୍ କ୍ୟାମ୍ପର ଧାଡ଼ିରୁ ସତ୍ୟ ଭାଇନା କହି ଧାଇଁ ଆସିଥିଲା ସାନ ଭାଇର ସାଙ୍ଗ ମଧୁ, ତାକୁ କୁଣ୍ଢାଇପକାଇ ଭୋ ଭୋହୋଇ କାନ୍ଦୁଥାଏ । ସାନ ଭାଇ କୁନୁ, ସାନ ଭଉଣୀ ଲାଲୀ, ବାବା, ବୋଉ କାହାନ୍ତି ପଚାରିବାକୁ ବି ମନରେ ଭୟ ଆସୁଥାଏ । ହେଲେ ଆଖି ଘୂରି ବୁଲୁଥାଏ ସେମାନଙ୍କୁ ଦେଖିବାକୁ କେହି ଦିଶୁ ନ ଥିଲେ । ଗାଆଁର ଦିନା କକେଇ ଦେଖାହୋଇ ସେମିତି ଅସହାୟ ଭାବେ କାନ୍ଦିବାକୁ ଲାଗିଲେ । ଗାଆଁ ବାହାରର ରିଲିଫ କ୍ୟାମ୍ପରେ ଦିନେ ଦୁଇ ଦିନ ରହିବାକୁ ହେଲା । ୟା' ଭିତରେ ସାନ ଭଉଣୀ ଲାଲୀ ଉଦ୍ଧାର ହୋଇଥିଲା, ବଡ଼ଗଛର ଡାଳରୁ ହେଲିକ୍ୟାପ୍ଟର ଯୋଗେ । ସେ କେମିତି କେଜାଣି ରକ୍ଷା ପାଇଥିଲା ସେଇଠି ଲଟକିଯାଇ । ବାବା ବୋଉଙ୍କ ପାଣି ମାଡ଼ି ଆସିବା ପୂର୍ବର ବିକଳ ଅବସ୍ଥା, ଘରେ ପାଣି ମାଡ଼ିଯିବା, ବୋଉ ବାପାଙ୍କ ଗୁହାଳର ଗୋରୁ ଗାଈଙ୍କ ଚିନ୍ତା ଓ କାନ୍ଥ ଭୁଷୁଡ଼ି ପଡ଼ିବାର ଘଟଣା ସବୁ ଲାଲୀ କାନ୍ଦି କାନ୍ଦି ବଖାଣି ଚାଲିଥିଲା ।

ବାତ୍ୟା ଏକ ପ୍ରଳୟ ବିଭୀଷିକା କରି ନୀରବ ହୋଇଯାଇଥିଲା । କିନ୍ତୁ ଛାରଖାର ହୋଇଯାଇଥିଲା ସବୁକିଛି । ଘର ପଛ ବାଡ଼ିରୁ ମିଳିଥିଲା ବାପା, ବୋଉଙ୍କ ଗଳିତ ଶରୀର । କୁନୁର କିଛି ପତ୍ତା ନଥିଲା । ନା ପତ୍ତା ଥିଲା ଶ୍ୱେତପୁଷ୍ପାର ବା ତାଙ୍କ ମାମୁ ଓ ମାଇଁକର । ସେଭଳି ବିକଳ ପରିସ୍ଥିତିରେ ସତ୍ୟକାମ ଶ୍ୱେତପୁଷ୍ପା କଥା କାହାକୁ ବା ପଚାରିଥାଆନ୍ତା ? ନିଜେ ତାକୁ ଆହୁରି ସପ୍ତାହେ ରହିବା ପାଇଁ କହିଥିବାରୁ ମନେ ମନେ ନିଜକୁ ହିଁ ଦୋଷ ଦେଉଥିଲା । ଖୋଜାଖୋଜି ଭିତରେ କୁନୁ ମଧ୍ୟ ପାଖ ଗାଆଁର ରିଲିଫ କ୍ୟାମ୍ପରୁ ଉଦ୍ଧାର ହୋଇଥିଲା । ସାମୂହିକ ଶବଦାହରେ ବାପା ବୋଉଙ୍କର ପାର୍ଥିବ ଶରୀର ମଧ୍ୟ ମିଶିଯାଇଥିଲା ପଞ୍ଚମହାଭୂତରେ ।

ସେବେଠାରୁ ସତ୍ୟକାମ ସହରରେ ଏକା ରୁହେ । ଲାଲୀ ପୁରୀରେ ମାଉସୀ ଘରେ ରହି ପାଠ ପଢୁଛି, ସେ ମଝିରେ ମଝିରେ ଯାଇ ଲାଲୀର ଭଲ ମନ୍ଦ ବୁଝିଆସେ । ଗାଆଁ ଘରକୁ ପୁଣି ଏକାଠି କରି ଠିଆ କରାଇଛି କୁନୁ । ସତ୍ୟକାମ ଯଦିଓ ଗାଆଁକୁ ଯାଏ ନୂଆ କାନ୍ଥ, ଶୂନ୍ୟ ଅଗଣା ଦେଖି ବାପା ବୋଉ ଭାରି ମନେପଡ଼ନ୍ତି ତା'ର । ଚାଷଜମିରେ ବି ଆହୁରି ଭଲ ଫସଲ ହୋଇଛି । ବାପାଙ୍କ ଇପିଏଫ୍ ଗ୍ରାଚୁଟି ପଇସା ଆସିବା ସହ ଗାଆଁ ଆର୍‌ଆଇ ଅଫିସରେ ବାପାଙ୍କ ଚାକିରି କେମିତି କୁନୁକୁ ମିଳିଯିବ ସେଥିପାଇଁ କକେଇ ଚେଷ୍ଟା ଚଳାଇଛନ୍ତି । ସବୁ ଧୀରେ ଧୀରେ ବ୍ୟବସ୍ଥିତ ହେବାକୁ ଲାଗିଲେ ବି ସତ୍ୟକାମ ଆଉ ଇଣ୍ଟରଭ୍ୟୁ ପାଇଁ ପାଠ ପଢ଼ାରେ ଧ୍ୟାନ ଦେଇ ପାରୁନି । କେବେ କେଉଁ କଥା ମନକୁ ଆସି ତାକୁ ଅସ୍ଥିର କରି ଚାଲନ୍ତି । ତା' ମାନସିକ ସ୍ଥିତିକୁ ଲକ୍ଷ୍ୟ କରି ତା' ସାଙ୍ଗ ମନୁ ନିଜର ଚିହ୍ନା ପରିଚୟର ଜଣଙ୍କ ହୋଟେଲ୍‌ରେ ହିସାବପତ୍ର ବୁଝିବା ଚାକିରି ଖଣ୍ଡେର ବନ୍ଦୋବସ୍ତ କରିଦେଇଛି । ସେବେଠୁ ସତ୍ୟକାମ ସେହି ନଈକୂଳର ରିଙ୍ଗ୍‌ରୋଡ୍ ସ୍ଥିତ ହୋଟେଲଟିରେ କାମ କରେ । ହିସାବ ବୁଝିବା ଭିତରେ ଧୀରେଧୀରେ ମାଲିକଙ୍କ ଏତେ ପ୍ରିୟପାତ୍ର ହୋଇଯାଇଥିଲା ଯେ ସେ ତା'ରି ହାତରେ ସବୁ ଦାୟିତ୍ୱ ଦେଇ ସେ ଅନ୍ୟ କାମ ଦେଖନ୍ତି । ମଝିରେ ମଝିରେ ଇଣ୍ଟରଭ୍ୟୁ ବି ଦେଇଚାଲିଥାଏ । କାଳେ କୋଉଠି ବାଜିଯିବ । ତଥାପି ଆଗ ଭଳି ପଢ଼ିବାରେ ମନ ରହେନି ।

ସେଦିନର ଝଡ଼ ବର୍ଷା ସହ ପୂରା ସନ୍ଧ୍ୟାବେଳ ଶ୍ୱେତପୁଷ୍ପାର କଥା ହିଁ ମନେ ପଡୁଥିଲା । ଗତ ଛୁଟିରେ ଭବାନୀପାଟଣାରୁ ଆସିବା ବେଳେ ଠାକୁରାଣୀଙ୍କ କଡ଼ାଟି ହାତରେ ପିନ୍ଧାଇ ଦେଇ କହିଥିଲା, ଏଇଟା ସବୁଦିନେ ପାଖରେ ରଖିଥିବ, ମୁଁ ନ ଥିଲେ ବି ମୋ' କଥା ମନେ ପକାଇବ । 'ମୁଁ କଡ଼ା ଫଡ଼ା ହାତରେ ପିନ୍ଧିବିନି । ମୋତେ ଭଲ ଲାଗେନି କହିବାରୁ ମୁହଁକୁ ଶୁଖାଇ ଦେଇଥିଲା, ହଉ ହେଲା ପକେଟ୍‌ରେ ରଖିଲି । ପୁଣି ଶ୍ୱେତପୁଷ୍ପାର ଶୁଖିଲା ମୁହଁ ଦେଖି ହାତରେ ଗଳାଇ ଦେଇଥିଲା ତମ୍ବାର କଡ଼ାଟି । ସେବେ ଠୁ ଚାରିବର୍ଷ ହେବ, ସେ କଡ଼ାଟି ପିନ୍ଧିଛି ତ ପିନ୍ଧିଛି ହାତରେ । ହାତଟି ଦେଖିଲେ ମନେପଡ଼େ ଶ୍ୱେତପୁଷ୍ପାର କଥା, ତା' ରୁଷିବା, ବୋଉ ପାଖରେ ଚୁଲିମୁଣ୍ଡରେ ବସି ତା'ର ନନଷ୍ଟପ୍ ଗପିବା, ଲାଲୀ ସହ କଥାହେବା ଭଳି ଅନେକ କଥା । ସେ ବର୍ଷକୁ ଦୁଇଥର ନିହାତି ମାମୁଘରକୁ ଆସେ । ସତ୍ୟକାମ ଓ ଶ୍ୱେତପୁଷ୍ପା ପରସ୍ପରକୁ ଭଲ ପାଉଥିଲେ । ଗାଆଁ ମନ୍ଦିର ସେପାଖ ବିଲରେ ବସି ଥରେ କଥାହେବା ବେଳେ ସତ୍ୟକାମ କୁହେ, ତୁମ ଚମ୍ପାକଢ଼ି ଭଳି ଆଙ୍ଗୁଠି ପାଖରୁ ମୋ' ନଜର ଜମାରୁ ହଟୁନି । ଶ୍ୱେତପୁଷ୍ପା ଜୋରରେ ହସେ । ମଣିଷର ଆଙ୍ଗୁଠି ତ ସେ ଚମ୍ପାକଢ଼ି ଭଳି କେମିତି ହେବ ଯେ ? ପ୍ରତି କଥାରେ ମଜା କରିବା ଓ ଜୋରରେ ହସିବା ଶ୍ୱେତପୁଷ୍ପାର ସ୍ୱଭାବ । ଝିଅ ପିଲାଟେ ହୋଇ ଏମିତି ହିଁ ହିଁ କାହିଁକି ହେଉଛୁ କହିଲେ ବି ତାକୁ ଫରକ ପଡ଼େନି । ସତ୍ୟକାମ କିନ୍ତୁ ଧୀର ସ୍ଥିର । ଶ୍ୱେତପୁଷ୍ପା ଯେତେ

ସମୟ ଏକାନ୍ତରେ ତା' ପାଖରେ ଥିବ ସେ ତା' ହାତଟିକୁ ନିଜ ହାତରେ ଧରି ଆଙ୍ଗୁଠିଗୁଡ଼ିକୁ ଆଉଁସୁଥିବ । କୁହେ ତୁମର ଏ ହାତଟି ଉପରେ ମୋର ବେଶୀ ଲୋଭ ।

ସ୍ମୃତିରେ ଗାଆଁ, ନଈପଠା, ବିଲବାଡ଼ିରେ ଶ୍ୱେତପୁଷ୍ପା ସହ ହଜିଗଲା ବେଳେ ହଠାତ୍ ତା'ର ନଜର ପଡ଼ିଲା କାହାର ହୋଟେଲ୍‌ର ଏଣ୍ଟ୍ରାନ୍ସ ଗେଟକୁ ଜାବୁଡ଼ି ଧରିଥିବା ଚମ୍ପାକଢ଼ି ଭଳି ଆଙ୍ଗୁଠି ଉପରେ । ଚମକି ପଡ଼ିଲା ସତ୍ୟକାମ । କିଛି କହିବା ପୂର୍ବରୁ ଜଣେ ଯୁବକ କହିଲେ ଆମେ ଏଠି କିଛି ସମୟ ବସିପାରିବୁ ? ଆଉ ତା' କି କ'ଣ ମିଳିବ ? ତାଙ୍କ କଥା ଛଡ଼ାଇ ଆଣି ସତ୍ୟକାମ କହିଲା, ହଁ ସାର । ଆପଣ ବସନ୍ତୁ । ଆଜି ହୋଟେଲ୍‌ରେ କେହି ଫିଲା ତ ନାହାନ୍ତି ମୁଁ ଖାଲି କଫି ଓ କିଛି ସ୍ନାକ୍ସ ଦେଇପାରିବି ।

ଓଦା ଜୁତୁବୁତୁ ହୋଇ ଭିତରକୁ ପଶି ଆସିଲେ ଜଣେ ଯୁବକ ଓ ତାଙ୍କର ପତ୍ନୀ ବୋଧହୁଏ । ସତ୍ୟକାମ ସେ ଆଡ଼କୁ ନଜର ନଦେଇ କାଉଣ୍ଟର ପାଖକୁ ଯାଇ ଆଉ ଏକ ମହମବତି ଲଗାଇ ଆସିଲା । ମହମବତିର ଆଲୋକ ଛାଇ ଯାଇଥିଲା ସାରା କୋଠରୀଟିରେ । ତା' ମନରୁ କ୍ୟାଣ୍ଡେଲ ଲାଇଟ୍ ଡିନର ନିଶାଟା ସେଯାଏ ଉତ୍ତୁରି ନ ଥିଲା । କାହିଁକି ନା ସେଦିନ ଥିଲା ଶ୍ୱେତପୁଷ୍ପାର ଜନ୍ମଦିନ । ସେଥିପାଇଁ ବୋଧେ ତା' ଭିତରଟା ଘାଣ୍ଟି ଚକଟି ହେଉଥିଲା । କ୍ୟାଣ୍ଡେଲ୍‌ଟି ଟେବୁଲ୍ ପାଖରେ ରଖିବା ସମୟରେ ମହିଳା ଜଣଙ୍କୁ ପଛପଟୁ ଦେଖୁଥିଲା, ତା' ସହ ଟେବୁଲ ଉପରେ ରଖିଥିବା ହାତ ଆଙ୍ଗୁଳିଗୁଡ଼ିକ ଅବିକଳ ଦିଶୁଥିଲା ଶ୍ୱେତପୁଷ୍ପାର ଚମ୍ପାକଢ଼ିର ଆଙ୍ଗୁଠି ଭଳି । ଚମକି ପଡ଼ିଲା ସତ୍ୟକାମ ସାମ୍ନାରେ ଶ୍ୱେତପୁଷ୍ପାକୁ ଦେଖି । ସେ ପୁଣି ଅନ୍ୟ କାହା ସହ ବାହାରର ଝଡ଼ବର୍ଷା ପୁଣି ତା' ଛାତି ଭିତରକୁ ଛିନ୍ନଛତ୍ର କରି ପକାଇଲା । ଭଙ୍ଗା ମନ ଓ ହୃଦୟକୁ ଗୋଟାଇବାକୁ ଚେଷ୍ଟା କରି ପୁଣି ଟେବୁଲ୍ ପାଖକୁ ଫେରିଲା । ବର୍ଷା ଥମିବାର ନାଁ ନେଉନଥାଏ । ପଛପଟ ରୁମ୍‌ରେ ଗ୍ୟାସ୍ ବୁଲା ଲଗାଇ ଦୁଇ କପ୍ କଫି ତିଆରି କଲା ସେ । ଅନ୍ଧାରରେ କେଉଁଠି କ'ଣ ରଖାଯାଇଛି ତାକୁ କିଛି ଦେଖାଯାଉନଥାଏ । ସେଠୁ ଥାକରୁ ଷ୍ଟିଲ୍ ଗ୍ଲାସ୍‌ରେ କଫି ଓ ପ୍ଲେଟ୍‌ରେ କିଛି ମୁଡ଼କି ଆଣି ପଛପଟୁ ହାତ ବଢ଼ାଇ ପ୍ଲେଟ୍‌ଟି ଟେବୁଲ୍ ଉପରେ ରଖିଲା । ହାତରେ ଥିଲା ଶ୍ୱେତପୁଷ୍ପା ଦେଇଥିବା ସେହି ତମ୍ବା କଡ଼ାଟି । ପ୍ଲେଟ୍‌ଟି ରଖିବା ପରେ ପରେ ଶ୍ୱେତପୁଷ୍ପା ହଠାତ୍ ନିଜ ଚଉକିରୁ ଉଠି ଠିଆହେଲା । ତା' ଓଠ ଥରୁଥିଲା, ଆଖି ଜକେଇ ଆସିଥିଲା । କ୍ୟାଣ୍ଡେଲ୍ ଲାଇଟ୍‌ର ଅସ୍ପଷ୍ଟ ଆଲୁଅରେ ସେସବୁ ସାମ୍ନାରେ ବସିଥିବା ଯୁବକ ବୋଧହୁଏ ଦେଖିପାରିନଥିଲେ । କ'ଣ ହେଲା ଶ୍ୱେତା ? ଏମିତି ଉଠିଗଲ ଯେ ? ଶ୍ୱେତପୁଷ୍ପା ପୁଣି ନୀରବରେ ବସିଲା, କିଛି କହିଲାନି । ସାର୍ ଆପଣ ଦିହେଁ ଏ ଶୁଖିଲା ଟାୱାଲରେ ମୁଣ୍ଡ ପୋଛିଦିଅନ୍ତୁ । ଥଣ୍ଡା ଧରିନେବ । ଯୁବକ ଜଣଙ୍କ ନୋ ଥ୍ୟାଙ୍କସ୍ କହିବା ସମୟରେ ହିଁ ଶ୍ୱେତପୁଷ୍ପା ଖୁବ୍ ଜୋରରେ ଛିଙ୍କିବାକୁ ଲାଗିଲା । ସତ୍ୟକାମ ଶୁଖିଲା ଟାୱେଲ୍‌ଟି ଆଣି ଯୁବକଙ୍କ ହାତକୁ ବଢ଼ାଇଲା । କିଛି ସମୟ ପରେ କ୍ୟାସ୍ ଟେବୁଲ୍ ପାଖ ଥାକରୁ ଚାରି ଛଅଟି ଲବଙ୍ଗ ପ୍ଲେଟ୍‌ରେ ଆଣି ଟେବୁଲ୍ ଉପରେ ରଖିଲା । ସାର୍ ଲବଙ୍ଗ ଦି'ଟା ପାଟିରେ ପକାଇ ଦିଅନ୍ତୁ । ଥଣ୍ଡା ଟିକେ କମିଯିବ । ସେ ପର୍ଯ୍ୟନ୍ତ ଶ୍ୱେତପୁଷ୍ପା ପୂର୍ବ ପରି ନୀରବ ଥିଲା । ସତ୍ୟକାମ କିଛି ଦୂରରେ ଥିବା ତା' ଟେବୁଲ୍ ପାଖରେ ବସି ସେ ଦୁଇଜଣଙ୍କୁ ଚାହିଁ ରହିଥିଲା । କିଛି ଚିନ୍ତା କରିବା ଅଥବା ଦୁଃଖ ଅବସୋସ କରିବାର ଭାବନାଠୁ ବହୁତ ଦୂରରେ ଥିଲା ସେ । ମହାବାତ୍ୟା ପରେ ଗାଆଁ ଦାଣ୍ଡରେ ଯେମିତି ତଟସ୍ଥ ଥିଲା, ଆଜି ମଧ୍ୟ ସେମିତି ତଟସ୍ଥ । ସେଦିନ ତା' ସହ ମହାବାତ୍ୟାରେ ପୀଡ଼ିତ ଅନେକ ଲୋକ ସାଙ୍ଗରେ ଥିଲେ । ହେଲେ ଆଜି ସେ ଏକା ହିଁ ଯୁଝିଥିଲା, ଆଉ ଏକ ଭୀଷଣକାୟ ମହାବାତ୍ୟାକୁ ।

ବାହାରର ବର୍ଷା ଛାଡ଼ିଯାଇଥିଲା, ଯୋଗକୁ କରେଣ୍ଟ ବି ଆସିଗଲା । ହୋଟେଲ୍‌ର ଡାଇନିଂଟି ଏଥର ସ୍ପଷ୍ଟ ଦେଖାଯାଉଥିଲା । ଯୁବକ ଜଣଙ୍କ ଶ୍ୱେତପୁଷ୍ପାର ହାତଧରି ଯିବାକୁ ପୂର୍ବରୁ ଧନ୍ୟବାଦ ଦେଇ ବିଲ୍ କେତେ ହେଲା ଭାଇ, ପଚାରିଥିଲେ । ଏ କ୍ୟାଣ୍ଡେଲ୍ ଲାଇଟ୍ କଫିଟି ଆଜି ମୋ' ତରଫରୁ ଆପଣଙ୍କୁ ଉପହାର ସାର୍ । ସେମାନେ ଯିବାକୁ ବାହାରୁଥିଲେ, ଶ୍ୱେତପୁଷ୍ପା ଏଯାଏଁ ବି ନୀରବ ଥିଲା । କେବଳ ଚାହୁଁଥିଲା ହ୍ରଦ ଭଳି ନୀଳ ନୀଳ ଆଖିରେ । ସତ୍ୟକାମ ସେ ହ୍ରଦରେ ପୁଣି ବୁଡ଼ିବାକୁ ଚାହୁଁଥିଲା, ହେଲେ ସେ ତ ଆଗରୁ ଭାସିଯାଇଛି ନଈର ସୁଅରେ ସେ ହ୍ରଦଠୁ କାହିଁ କେତେ ଦୂର । ସେ ଦୁଇଜଣ ରୁମ୍‌ରୁ ବାହାରିଗଲେ, ସତ୍ୟକାମ ଚେୟାର୍ ଉପରେ ଲଥ୍‌କିନା ବସିଗଲା ବେଳକୁ ଡୋର୍ ପାଖରୁ ଫେରିଆସି ଯୁବକ ଜଣଙ୍କ କହିଲେ- ତୁମେ ଆଜି ବହୁତ ହେଲପ୍ କଲ, ଶ୍ୱେତାଙ୍କର ଝଡ଼ ବର୍ଷାକୁ ବହୁତ ଭୟ । ଆଉ ଗୋଟେ କଥା କହିବି ଏରସମାରେ ତାଙ୍କ ମାମୁଘର । ଗଲା ମହାବାତ୍ୟା ସମୟରେ ସେ ତ ସେଠି ନଥିଲେ, କିନ୍ତୁ ତାଙ୍କ ଅଜା, ଆଈ ଓ ମାମୁଘରର ସମସ୍ତେ ଭାସିଯିବା ଖବର ଶୁଣି ସେବେଠୁ ସେ ମୂକ ହୋଇଯାଇଛି । ସେ ପିଲାଦିନୁ ମୋର ଭଲ ବନ୍ଧୁ, ଆମର ବାହାଘର ବି ହେବ । ମୁଁ ଅପେକ୍ଷା କରିଛି, ହୁଏତ କେବେ ତାଙ୍କ ସ୍ୱରଟା ଫେରିବ । ସେ ପୁଣି କଥା କହିବେ । ଆଜି ତାଙ୍କ ଜନ୍ମଦିନ ପାଇଁ ଜବରଦସ୍ତ କରିଆଣି ବୁଲିବାକୁ ବାହାରିଥିଲୁ ହେଲେ ଏ ଝଡ଼ ସବୁ ସାରିଦେଲା । ସତ୍ୟକାମ ଆହୁରି ବ୍ୟତିବ୍ୟସ୍ତ ଦିଶୁଥିଲା । ଗଲା ଝଡ଼ଟି କେମିତି ଭାଙ୍ଗିଦେଇଥିଲା, ତା'ର ସୁଖର ସଂସାର ଆଉ ଚଳଚଞ୍ଚଳ ଶ୍ୱେତପୁଷ୍ପାର ସ୍ୱରକୁ । ପୁଣି ଈଶ୍ୱରଙ୍କୁ କହୁଥିଲା, ଏ ଝଡ଼ରେ ଫେରାଇଦିଅ ତା'ର ହଜିଲା ସ୍ୱର । ଶ୍ୱେତପୁଷ୍ପା ଓ ଯୁବକ ଜଣଙ୍କ ଚାଲିଯିବାର କେତେ ଘଣ୍ଟା ହେଲାଣି । ତଥାପି ସତ୍ୟକାମ ହୋଟେଲ୍‌ର ସେ ଚଉକି ଉପରେ ଅଣାୟତ୍ତ ହୋଇବସିଛି । ତା'ର ମନ, ପ୍ରାଣ ଓ ହୃଦୟର ତନ୍ତ୍ରି ସବୁକୁ ଦୋହଲାଇ ଆଉ ଏକ ଝଡ଼ ବହି ଚାଲିଛି । ବହି ଚାଲିଛି, ଥମିବାର ନାଁ ବି ନେଉନି ।

ବିକାଶନଗର, ବାଦାମବାଡି, କଟକ
ମୋ:. ୮୨୪୯୫ ୧୪୮୨୦

ତପସ୍ୱୀ ରାତି

ପ୍ରହଲ୍ଲାଦ ଶତପଥୀ

ଯଦି ଲେଖିବାକୁ ଇଚ୍ଛା ହେଉଛି ଲେଖିପକା
ରାତି ଅଧାରୁ ଅଧିକ ହେଲାଣି ତ କ'ଣ ହେଲା ସେ'ଠୁ ?
ସକାଳକୁ ଅପେକ୍ଷା କର୍ ନା,
ରାତିରେ ପରିଷ୍କାର ଦେଖାଯାଆନ୍ତି ଅକ୍ଷର ସବୁ କବିତାର ।
ସକାଳ ହେଲା କ୍ଷଣି ଉଭେଇ ଯାଆନ୍ତି ତାରା ପ୍ରାୟେ
ଖୋଲା ଆକାଶଟିଏ ପଡ଼ି ରହିଥାଏ
ଫର୍ଦ୍ଦେ ସଫେଦ୍ କାଗଜ ପରିକା ଖାଲି ଯାହା ।

ଆଜି ଶିବଙ୍କ ରାତି, ଉଜାଗରର ରାତି,
ଚେତନାର ରାତି ।
କପାଳରେ ପାଉଁଶ ଲେପି,
ସାପକୁ ଗୁଡ଼େଇ ଦେ' ଗଳାରେ
ଜଟାରୁ ଜନ୍ମ ନେଉ ଭଗିରଥ
ନାଚି ପକା,
ତୋ' ତାଣ୍ଡବ ନାଚରେ ଦୋହଲୁ
ଜଳ, ସ୍ଥଳ, ଆକାଶ
ଡମ୍ବରୁର ଶବ୍ଦରେ ମେଦିନୀ କମ୍ପିଯାଉ,
ଭାଜିଯାଉ ଶ୍ମଶାନର ନୀରବତା ।

ତ୍ରିକାଳଦର୍ଶୀ ତୁ, କବି ।
ତୋ' ଆଖିରେ ଆକାଶ ଠିକ୍ ସେଇମିତି ଦିଶିବ
ଯେମିତି ତୁ ଦେଖିବାକୁ ଚାହୁଁ,
ମନେ ରଖି ।
ଗୋଟେ ନୀଳ ଶାଢ଼ୀ ପବନରେ ହଲିଲା ପରି
ଦିଶିପାରେ,ଆକାଶ
ନତୁବା ଦିଶିପାରେ ତୋ' ଖାଲି ଆଖିକୁ,
ଘଡ଼ ଘଡି ଓ ବିଜୁଳୀ ସତ୍ତ୍ୱେ ଏକ ସ୍ଥିତପ୍ରଜ୍ଞ ଋଷି ସମ ଆକାଶ ।

ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଭିତରେ ଖାଲି ଥିବା
ଜାଗାସବୁରେ,ଯେତେକ ଶୂନ୍ୟତା,
ସେତେକ ହିଁ କବିତା,
ଜାଣି ଥା ।

ଆକାଶ ଅଛି ମାନେ, ତଳେ କୋଉଠି ନା କୋଉଠି
ମାଟି ଅବଶ୍ୟ ଅଛି
ଚଳପ୍ରଚଳ ପୃଥିବୀଟିଏ ନିଃଶ୍ୱାସ ନେଉଛି,
କାନ ଡେରି ଶୁଣ ନିଃଶ୍ୱାସ ପ୍ରଶ୍ୱାସକୁ ।
ବହି ଯାଉଥିବା ନଦୀର ସୁଅରେ ଭାସି ଯା'
ଯେତେ ଦୂର ଯାଇପାରିବୁ ଯା,
ଭାସିବା ହିଁ ଜୀବନ,
କୂଳରେ ଦିନେ ନା ଦିନେ ଲାଗିବୁ
ସଭିଙ୍କ ପାଇଁ କୂଳଟିଏ ସାଇତି ରଖିଥାଏ ସମୁଦ୍ର ।

ତପସ୍ୱୀ ପାହାଡ଼ଟିଏ,
ବସିଛି ଯେ ବସିଛି ଆବହମାନ କାଳରୁ
କୌଣସି ଉର୍ବଶୀ, ମେନକା ଭାଙ୍ଗିପାରୁ ନାହାନ୍ତି
ତା'ର ତପସ୍ୟା,
ପାହାଡ଼ ହୋଇ ଯା' ତାଳୁରୁ ତଳିପା ଯାଏଁ,
ମଣିଷ ଅପେକ୍ଷା ପାହାଡ଼ ହିଁ ଜୀବନ୍ତ ଏଠି, ପୂଜା ପାଏ !
କଳାକାରଟିଏ ଆକାର ଦେଇ ଜୀବନ୍ୟାସ ଦିଏ
ନିରାକାରକୁ
କବିତା ଲେଖେ କବିଟିଏ, ଅମରତ୍ୱ ପାଏ ।

ଚେରେଇ ଯା' ମାଟିରେ
ମାଟିର ଗଭୀରତମ ପ୍ରଦେଶରେ ଘର କର,
ମୃତ ଲୋକଙ୍କ ସହ ବଞ୍ଚି ଶିଖି, କବରରେ,
ଢେର୍ ହୋଇଗଲା ବଞ୍ଚିବା ଜୀବନ୍ତ ଲୋକଙ୍କ ସହ ।
ଦେଖିବୁ ତୁ ଦିନେ ପଲ୍ଲବିବୁ, କଅଁଳିବ ସବୁଜ ସବୁଜ ପତ୍ର
ତୋ' ଦେହ ସାରା,
ଶାଖାପ୍ରଶାଖା ମେଲିବୁ
ଚଢ଼େଇର ଚିଁ ଚାଁ ଶବ୍ଦ ସବୁ କବିତା ମନେ ହେବେ
ଶବ୍ଦର ଗଭୀରତା ହିଁ କବିତାକୁ ଜନ୍ମ ଦିଏ, ଜାଣିଥା ।
ମାଟିଠୁ ଆକାଶ ଯାଏଁ ଲମ୍ବିଥାଏ
ଉର୍ଦ୍ଧ୍ୱମୁଖୀ ଚେତନାର ଧାଡ଼ି ସବୁ କେଉଁ ଏକ
ଅଲୌକିକ କବିତାର ।

ଟିକ୍ରାପରା, ବଲାଙ୍ଗୀର - ୭୬୭ ୦୦୧
ମୋ.: ୯୪୩୭୧ ୫୦୯୫୧

ବିଚ୍ଛଣା

କୃଷ୍ଣ କୁମାର ମହାନ୍ତି

ଅଜାଡ଼ିଲି ସବୁ ଲଜ୍ଜା ତୁମ ଅଗଣାରେ ।

ସରିସରି ଆସୁଥିବା ରାତିର କବରୀରୁ
ଚୋରି କଲି ଚେନାଏ ଚୁମ୍ବନ ।
ଲିଭି ନ ଥିବା ଦୀପର ଆଲୁଅରୁ
ଆଣିଲି ଆକାଂକ୍ଷିତ ରତି ।

ଦର୍ପଣରୁ ଦୂରେଇ ରଖି ଦେହକୁ
ପାଣିକାଚ ପରି ପିନ୍ଧିଲି ଅନେକ ରଙ୍ଗ ।

ସ୍ୱାହା କରିଦେଲି ଶେଷତମ ଅବଶେଷ
ଲଜ୍ଜାର ।
ଆହା ! ପବନ କେତେ ଅସହାୟ ଦିଶିଲା
ଆମ ଚାରିପାଖେ ।
ଅଦୂର ଅନ୍ଧାର ସବୁ
ଉଜୁଡ଼ା ନିଆଁ ପରି କ୍ଲାନ୍ତ ଲାଗିଲେ କବାଟ ସନ୍ଧିରେ !

ଶେଷ ପହରର ଉଚ୍ଚାରଣମାନେ
ଝରିପଡ଼ିବା ଆଗରୁ ଆଉଥରେ ସଳଖିଗଲେ ।

ତୁମେ ହେଲ ନଗ୍ନ ନୀରାଜନା
ମୁଁ କ୍ରମଶଃ ପାଲଟିଲି
ଅବିଭକ୍ତ ଅଜ୍ଞାତବାସ ।

ଜାଣେ, ଉଷ୍ଣତା-ଭରା ଏ ଦେହରୁ
ଆଜି ଉଭେଇଯିବ ଯୁଗଯୁଗର ଯନ୍ତ୍ରଣା,
ମିଳନର ଘନନୀଳ ପ୍ରଲେପରେ
ଓଦା କାଗଜ ପରି ଲତ୍‌ପତ୍ ହେବ
ଆମ ଭଲପାଇବା ।

ଏଥର ପାହି ଆସିବ ରାତି ସହବାସର ।
ମୁଁ ଅପେକ୍ଷାର ଗଭୀର ମୁହାଁଣ ହେବି
ତୁମେ ନଦୀଟିଏ ସବୁ ଜନ୍ମର ।

ଓ-୩୮୯/୩୨୦୬, ଫକୀରମୋହନ ନଗର,
ଦକ୍ଷିଣାଞ୍ଚଳ,ବାଲେଶ୍ୱର-୭୫୬୦୦୧
ମୋ.: ୭୦୦୮୮ ୪୫୯୨୦

ଲୁହ

ସୁଶୀଲ କୁମାର ପାଣିଗ୍ରାହୀ

ଲୁହର କେଇ ବୁନ୍ଦାରେ
ଲଙ୍କା ଜଳିପୋଡ଼ି ହେଇଗଲା ଛାରଖାର

ଲୁହର ଧାର
ବଦଳିଗଲା କୁରୁକ୍ଷେତ୍ରରେ ଲହୁଧାର

ଆଜି ବି
ଭୋକଭୂଇଁରେ ପଡ଼ିଥିବା ଲୁହବୁନ୍ଦା
ଛାତିରେ କରୁଛି କ୍ଷତ

ଲୁହର ସମୁଦ୍ରଟେ ଯେ ଅଛି
ଆମ ଆଖପାଖରେ
ଆମକୁ କ'ଣ ଶୁଣାଯାଉନି
ତା' ଭିତରୁ ତା' ଅସ୍ଥିରତାର ପାଦଶବ୍ଦ ?

ଲୁହର ରଙ୍ଗ କାହିଁକି ନ ଥାଏ
କାହାକୁ ବୁଝାଇବା ଦରକାର ହୁଏନି
ଆଗାମୀ ସଭ୍ୟତା କ'ଣ
ପଥରମାନଙ୍କର !

ଦୁନିଆର ସବୁ ଲୁହବୁନ୍ଦା ପ୍ରତି
ସମଦରଦ ଅଛି
ମୋର ଏ କବିତାର ।

ପ୍ରଧାନଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ,ପାଞ୍ଚଫୁଟ
ହୁମା, ସମ୍ବଲପୁର-୭୬୮୧୩
ମୋ.: ୮୧୪୪୨ ୨୮୨୦୨

ପକ୍ଷୀ ଫେରିଆ

ଲକ୍ଷ୍ମୀନାରାୟଣ ହୋତା

ଧୂସର ଧୂମାଳ ଧରା
ଆକାଶ ନୁହେଁ ନିରାପଦ

ପକ୍ଷୀ ଉଡ଼ି ପାରେନା କ୍ଷଣ

ଧୂଳି ଧୂଆଁ ଧରଣୀ
ଶ୍ୱାସରୁଦ୍ଧ ଜନପଦ

ମନପକ୍ଷୀ ଉଡ଼ି ପାରେନା କ୍ଷଣ

ଧ୍ୱସ୍ତ ହୃଦୟ ବଖରା
ଉଡ଼ିଯାଉଛି ପ୍ରାଣପକ୍ଷୀ
କେହି ଜଣେ ତୀର ଚିହ୍ନ ଲଗେଇ
ବତେଇ ଦେଇଛି ଭୁଲ୍ ଠିକଣା ।

ଜୀବନଟା ତେବେ କ'ଣ
ଡେଣାକଟା ପକ୍ଷୀ ।

ଝଡ଼ି ଝଁକେରରେ ଦୋହଲିଛି ବସା
ବାୟାପକ୍ଷୀର ବର୍ଷାଭିଜା ଚାହାଣୀ
ଆହା କେଡ଼େ ନିରିମାଖୀ ।

ହଉ,
ତଥାପି ମାନିନେବି

ପକ୍ଷୀ :
ମାନେ ଗୋଟେ ଜୀବନ୍ମୟ ଉଡ଼ାଣ..
ପକ୍ଷୀ :
ମାନେ ଗୋଟେ ଚଂଚଳ ଡେଣା..

ମାନିନେବି
ଝାଡ଼ି ଯାଇଥିବା ପର
କେହି ଜଣେ ଗୋଟେଇ ଦେବ ଯେବେ
ମାନିନେବି
ଉଡ଼ି ଯାଇଥିବା ଗେଣ୍ଡାଳିଆମାନେ
ଯେବେ ଫେରିଆସିବେ ।

ମାନିନେବି
ବିଲ ବାଡ଼ିକୁ ହରି ପୁରୀ ମଣି
ଲୋକଟି ଭୋକରେ ମରୁଥିଲାବେଳେ
ଶ୍ରୀକ୍ଷେତ୍ରକୁ ଉଡ଼ିଯାଇଥିବା
ମନ ପାରା ଯେବେ
ଚଂଚୁରେ ନେଇ ଆସିବ
ଗୋଟେ ଅବଡ଼ା ଦାନା ।

ପକ୍ଷୀକୁ ତ ଉଡ଼ିବା ମନା

ତମେ ଯେତେ ପାର
ତେତେ ଉଡ଼ାଅ
ଭଲିକି ଭଲି ରଂଗବେରଂଗର ନେତ
ତେତେ ଉଡ଼ାଅ
ଫରଫର ବିକାଶର ବାନା ।

ଥରେ ଖାଲି ଫେରିଆସୁ
ନହକା ଡାଳକୁ..
କୁଟାକାଟିର ବସାକୁ..
ଚେଁ ଚବର୍ ଘରକରଣାକୁ..

ତେଣିକି ମାନିନେବି
ପକ୍ଷୀ : ମାନେ ଜୀବନ୍ମୟ ଉଡ଼ାଣ
ପକ୍ଷୀ : ମାନେ ଚଂଚଳ ଡେଣା ।

ତପସ୍ୱିନୀ ଭବନ, ତାରିଣୀ ମନ୍ଦିର ପାଖ,
ସର୍ଲାକାନି, ଧନକଉଡ଼ା
ସମ୍ବଲପୁର-୬
ମୋ.: ୯୪୩୭୨ ୨୦୬୮୫

ଯୁଦ୍ଧ

ଶୁଭ ନାରାୟଣ ସ୍ୱାଇଁ

ନା, ଥାଉ
ୟୁକ୍ରେନ୍ କଥା ଆଉ ପଚାରେନାରେ
ଚକ୍ରଧର
ପଚାରେନା ଆଉ ଋଷିଆର କଥା
ଯୁଦ୍ଧ କେବେ ସରେନାରେ ଚକ୍ରଧର
କାହା ଅହଙ୍କାର ଏତେ ସହଜରେ
ମରେନା ।

ହୁଏତ ଗୁଳି ଫୁଟିବା ବନ୍ଦ ହୋଇଯାଇପାରେ
ବନ୍ଦ ହୋଇ ଯାଇପାରେ
ବୋମା ଫୁଟିବାର ଆତଙ୍କ
ତଥାପି ଯୁଦ୍ଧ ଲାଗି ରହିଥିବ ଚିରକାଳ !
ରୁଟି ପାଇଁ ମରୁଥିବ ମଣିଷ
ନିଜ ଦେହର ପୁଳା ପୁଳା ମାଉଁସକୁ
ନିଜ କାନ୍ଧରେ ନିଜେ ବୋହି
ପେଟ ପାଇଁ ଦେଖାଉଥିବ କଙ୍କାଳ ।

କିଛି ଶବ ପଡ଼ିଥିବ ଏପଟେ
କିଛି ଶବ ପଡ଼ିଥିବ ସେପଟେ
କିଛି ଶବକୁ ପୋତି ଦିଆଯାଇଥିବ
ମାଟିତଳେ
କିଛି ଶବ ଚାପି ହୋଇ ରହିଥିବ
କଠିନ ବରଫର ତଳେ ।

ବରଫ ତରଳିଲେ ତାଜା ତାଜା ଦିଶୁଥିବ
ବୋମା ମାଡ଼ରେ ଅଧା ଜଳି ଯାଇଥିବା
ଶବ ! ଯୁଦ୍ଧ ସରିଲା ପରେ
ମହାମାରୀର ଶୁଭିବ ଡାକ !
ଯୁଦ୍ଧ କ'ଣ କେବେ ସରେକିରେ ଚକ୍ରଧର
ଖାଲି ବଦଳିଥାଏ ଯୁଦ୍ଧର ସ୍ୱରୂପ ।

ଯୁଦ୍ଧ ଏବେ ସରି ନାହିଁ
କାହା ଅହଙ୍କାର ଏବେ ମରି ନାହିଁ
ଯୁଦ୍ଧ ଯେବେ ହୋଇଯିବ ଶେଷ
ସତ କହୁଛି
ଦେଶଟିଏ ଆଉ
ନଥିବ ହୋଇ ଦେଶ ।

ରାଠୋର ବିଲ୍ଡିଂ ,
ମହତାବ ରୋଡ଼ ଟ୍ରାଫିକ୍ ଛକ,
ରାଉରକେଲା -୭୬୯୦୦୧
ମୋ.: ୮୪୮୦୧ ୯୬୫୩୨

ସେଇ ହସଧାରେକ

ଡା. ଦୀନବନ୍ଧୁ ସାହୁ

ବୟସ ଓ ଅଭିଜ୍ଞାନର ଆଧିକ୍ୟ ତୁମକୁ
ଶିଶୁଟିଏ କରି ଗଢ଼ି ତୋଳିଥିଲା ଯେମିତି,
ନରମ କୋମଳ ନାରଙ୍ଗୀ ରଙ୍ଗରେ
ବାଳ ସୂରୁଜର ଆଭାରେ, ଅସ୍ତ ଆଉ ଉଦୟର
ସୀମାରେଖାକୁ ଅସ୍ୱୀକାର କରି
ତମେ ଦିଶୁଥିଲ ସୁଷମାମୟ
ଶାନ୍ତ, କାନ୍ତ, ସରଳ, ବିମଳ,
ସ୍ନେହ ଛଳଛଳ, ଗାରିମାବନ୍ତ ।

ଶରୀର କ୍ଷୟଶୀଳ, ଆତ୍ମା ଅବିନଶ୍ୱର
ସଂସାରରେ ପ୍ରତ୍ୟେକ ଚିଜର କ୍ଷୟବୃଦ୍ଧି,
ଜୀବସତ୍ତାର ଉଦ୍ଭବ ଓ ଅବସାନର
ନିର୍ମମ ସତ୍ୟତାକୁ ଅଙ୍ଗାଙ୍ଗୀ ଅନୁଭବ କରିଥିଲ ବୋଲି
ଏତେ ନିର୍ବିକାର ଓ ନିରୁଦବିଗ୍ନ ଦିଶୁଥିଲ ତୁମେ
ସୁଅ ମୁହଁର ପଥର ପରି ସ୍ଥିର ଥିଲ ଅନ୍ତଃଚେତନାରେ ।

ଝଡ଼ି କି ବଢ଼ି, ଝଡ଼ କି ତୋଫାନ
ଆବାଲ୍ୟ ଘାତ ପ୍ରତିଘାତ, ଝଞ୍ଝା ବିଜୁଳି
ଯାବତୀୟ ଜୀବନ ଜଞ୍ଜାଳର
ନିବିଡ଼ ଆଲିଙ୍ଗନରେ ହିଁ
ସିଦ୍ଧ, ଶୁଦ୍ଧ ଓ ସରଳ ବନିପାରେ ସର୍ଜନାଶ୍ରୟୀ
କେହି ଜଣେ ଦରଦୀପ୍ରାଣ,
ଏ କଥାର ଜୀବନ୍ତ ଉଦାହରଣ ତୁମେ !

ମଳିନ କି ପଡ଼େ ଆଉଟା ସୁନାର ରଙ୍ଗ !
ଜଳୁଚି ବୋଲି ଝଳୁଚି
ଝଟକୁଛି ଜୀବନଭାଷ୍ୟ
ମାୟାହୀନ ଚିତ୍ର, ଚରିତ୍ରର ଚିତ୍ରଣରେ କପଟଶୂନ୍ୟ !,

କବି ଈଶ୍ୱର, ବାୟାରଜା
କେବଳ କବି ହିଁ ହସିପାରେ ରୋଗଶଯ୍ୟାରେ
ନିର୍ଭୟ, ନିର୍ଲୋଭ ବରିପାରେ ମରଣଶଯ୍ୟା

କବି ହିଁ କେବଳ ରଚିପାରେ
ନିର୍ମଳ, ନିଷ୍ପାପ ସଂରଚନା ଜୀବନବ୍ୟୁହର
ମୋତି ମଣି ସାଉଁଟିପାରେ ଭୋର୍ ସକାଳର କାକର
ସ୍ନେହ ସୋହାଗରେ କାନଫୁଲ କରି ସାଜିପାରେ
ଶୁଚି ଓ ସ୍ୱଚ୍ଛତାର ଅଙ୍ଗୁଳିରେ ....
ଦୀପ୍ତ,ବିଭୋର ବଳିଟିଏ ସାଜି
ଲୋଟିପାରେ ଜୀବନ ବେଦୀରେ ।

କବି ହିଁ ଭାସ୍କର ,
କବି ଭବଘୂରା, ଅହରହ ଭାସୁଥାଏ
ବଉଦିଆ ଭାବନା ମେଳରେ,
କବି ହିଁ ଆଙ୍କିପାରେ କୃଷ୍ଣଙ୍କର ସ୍ମିତହାସ୍ୟ ତ୍ରିକାଳଜ୍ଞ ସାଜି
କବି ହିଁ ବାରିପାରେ ଜୀବନର ଚରମ ସତ୍ୟକୁ
କବି ହିଁ ଆପଣିପାରେ ମରଣର ଶୀତଳ ଚୁମ୍ବନ
ଓଠେ ଅଙ୍କା ହସନ୍ତ ମୁଦ୍ରାରେ
ଜରାଗ୍ରସ୍ତ ଶରୀରର ଉଜୁଡ଼ା କ୍ଷେତରେ ।

କବି ହିଁ ତ ପ୍ରଜ୍ଞାପ୍ଲୁତ ବିବୁଦ୍ଧ ବାଳୁତ
ବେପରୁଆ ଖେଳିପାରେ ଅନ୍ତହୀନ କାଳର କୋଳରେ
କବି ଜାଣେ, ଝାଞ୍ଜି ହିଁ ଜୀବନର ନଗ୍ନ ବାସ୍ତବତା
ନୀରବତା ଓ ନିତିନିତି ମୃତ୍ୟୁରେ ହିଁ ଥାଏ
ଜୀବନର ଉଜ୍ଜ୍ୱଳ ଉଦ୍ଭାସ ।

(କବି ଜୟନ୍ତ ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ)

ଭେଷଜ ବିଶେଷଜ୍ଞ
ପରଦେଶୀ ପଡ଼ା, ଭବାନୀପାଟଣା-୭୬୬୦୦୧
ମୋ.:୯୪୩୭୨ ୧୯୧୪୭

ଅମୂଲ ମୂଲ ତା'ର ଅର୍ଥସୂତ୍ର

ମନୋଜ ମେହେର

ନିଜକୁ ଏତେ ଛି'ଛାକର କରନା ଭାଇ ଜୀବନକୁ ବି ଧିକ୍କାର କରି ତା'ର ଅପମାନ କରନା । କାହିଁକି ନିଜ ପ୍ରତି, ଜୀବନ ପ୍ରତି ଏତେ ବିଦ୍ରୂପ ? ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ହୋଇଗଲ ବୋଲି କ'ଣ ତମେ ହୋଇଗଲ ଦେଶ ପାଇଁ ଅଭିଶାପ ! ଯେମିତି ଚାହିଁବ ଲଙ୍ଗଳା କରିବ ଦେଶକୁ ଗଣତନ୍ତ୍ର ବିରୋଧରେ କରିବ ବିଷୋଦ୍‌ଗାର ? ? ତଳକୁ ଟିକିଏ ଅନାଅ, ପାରୁଛ ଯଦି ଆହୁରି ଟିକିଏ ଉଖାର ନିଜକୁ, କର ପ୍ରଶସ୍ତ ଭାଇ, ଏତେ ହୀନିମାନ କରନା ଜୀବନକୁ ।

ଦେଶର ରାଜନେତା ଓ ବୁଦ୍ଧିଜୀବୀଙ୍କୁ ଜାଣିବାକୁ ମୋର ଆଉ କିଛି ବାକି ନାହିଁ । ଲେଖକ, କବି-କବୟିତ୍ରୀ, ସାହିତ୍ୟିକ ସର୍ବୋପରି ତଥାକଥିତ ସର୍ଜନଶୀଳ ଶିଳ୍ପୀ ଏମାନଙ୍କ କଥା କହିବି କ'ଣ ? ବାମପନ୍ଥୀ, ଦକ୍ଷିଣପନ୍ଥୀ ପରି ଯେତେସବୁ ଅଛନ୍ତି ସଭିଏଁ ଗୋଟିଏ ଲାଉର ମଞ୍ଜି, ଶାସକ-ବିରୋଧୀ ତ ଏକକୁ ଆରେକ; ଧର୍ମଗୁରୁ ଓ ଆତ୍ମଘୋଷିତ ଈଶ୍ୱରଙ୍କୁ ଏଠାକୁ ଆଣି କାହିଁକି ଅଖା ଧୋଉଥିବି ! ଏଥିପାଇଁ ଥରେଥରେ ଭାବେ : ପ୍ରତିବାଦର ପରିଭାଷା ଜାଣି ନ ଥିବା ଏବଂ ସବୁକିଛି ଅତ୍ୟାଚାରକୁ ସହି ଯାଉଥିବା ଜିଆ ଓ ଗେଣ୍ଡା ହୋଇଯିବା ବରଂ ଭଲ ନିଜକୁ ସିଧା କରି ପାରୁନଥିବା ଏପରି ମେରୁଦଣ୍ଡୀଙ୍କଠୁ ।

ତୁଚ୍ଛାଟାରେ ମୁଣ୍ଡକୁ ଟାଣକଲେ ହେବ କ'ଣ ! ତମ ଭଳି ଏପରି କେତେ ପାଣିକୁ ବାଡ଼େଇ ଚାଲିଛନ୍ତି, ରାଗ ଓ କ୍ରୋଧକୁ ଧୂଳିଉଡ଼ା ରାସ୍ତାରେ ପଲସ୍ତରା ମାରି ଚୋବାଉଛନ୍ତି ରକ୍ତଚାଉଳ । ତମେ ଗରିବୀକୁ ଶତ ଧିକ୍କାର କର ଶାପ ଦେଇ ନେତାମନ୍ତ୍ରୀଙ୍କ ଚଉଦପୁରୁଷ ଉଦ୍ଧାର କିଏ କାହାକୁ କହୁଛି, କିଏ କାହାକୁ ଶୁଣୁଛି ! ଭାଇ, ଆଜି ବୁଝିବାକୁ ବାଧ ହେଉଛି ଗଣତନ୍ତ୍ର ଦେଶବାସୀଙ୍କ ଦ୍ୱାରା ଯେତେ ଧର୍ଷିତ ହେଲେ ବି ମହାସତୀ, ପ୍ରତି ନିର୍ବାଚନ ପରେ ସରକାରଙ୍କୁ ପିଲାଙ୍କ ଗୁହପୋଛା କରି ଆଉ ଥରେ ବ୍ୟବହାର ପାଇଁ ଶୁଖାଯାଏ ହତାଶା, ଗ୍ଲାନି ଓ କ୍ଷୋଭର କଣ୍ଢାବାଡ଼ରେ ।

ଏହାର ଅର୍ଥ ମୁଁ କହୁ ନାହିଁ ଯେ ତମେ କର ନାହିଁ ବିଦ୍ରୋହ, ଉଠାଅ ନାହିଁ ସ୍ୱର । ଭାଇ, ତମର ପୂରା ଅଧିକାର ଅଛି କାହାକୁ କେତେବେଳେ ଦେବ ଦେହ ଓ ହୃଦୟ, କାହା ଆଗରେ କେତେ ନଇଁବ କାହାର ଚାଟିବ ପାଦ, କାହା ପାଖରେ ବିକିଦେବ ମୁଣ୍ଡ ବନ୍ଧା ପକାଇବ କଲମ ।

ତମକୁ ମୁଁ ଯେତିକି ଜାଣେ ତମର ଦୁଇ ଖାଲିହାତ ମଝିରେ ଉଡୁଥିବା ପ୍ରଜାପତି ଉପରେ ମାର ତାଳି ଉପରେ ତାଳି, ନିଜର ଅହମିକା ଓ ଉନ୍ମାଦନାକୁ ସହାନୁଭୂତିର ରଙ୍ଗରେ ରଙ୍ଗାଇବା ପାଇଁ ବୁଶ ସୋରିଷ କୌଣସି ମୃତ ପଡ଼ିଆରେ । ହଁ, ତମେ ସିଏ ଯିଏ ମୁହୂର୍ତ୍ତ ଟିକକର ପ୍ରେମିକା ପାଇଁ ପ୍ରସ୍ତୁତ ହୋଇଯାଅ ଛାତ ଉପରୁ ଡେଇଁ ପଡ଼ିବାକୁ, ନିଜ ବିପକ୍ଷରେ ସାକ୍ଷ୍ୟ ଦେଇ ଉତ୍ସୁକତା ଦେଖାଅ ଲୋକେ ଯେପରି ତମ ଉପରେ ଛେପ ପକାଇବେ ।

ସ୍ୱପ୍ନ ଓ ସମ୍ଭାବନା ସବୁକୁ ଚୂରମାର୍ କରିଦେବାର ସାମର୍ଥ୍ୟ ରଖିଥିବା ଆର୍ତ୍ତନାଦ ଏବଂ ଏକ ସମୟରେ ନିଷ୍ଫଳତାର ଦିନରାତିକୁ ଜାଗା ଦେଇପାରୁଥିବା ଆକୁଳ ପ୍ରାର୍ଥନା ହଁ, ସାରାଟା ଦେଶକୁ ଓଲଟାଇ ଦେବାର ଦମ୍ଭୋକ୍ତି ପ୍ରକାଶ କରୁଥିବା ଆକ୍ରୋଶ, କ୍ରୋଧ ଓ କ୍ଷୋଭ ଏମାନେ ତ ସବୁବେଳେ ଡରାଇବେ, ଜନ୍ମଗତ ଦୁର୍ଭାଗ୍ୟ ସବୁକୁ ଅଭିଶାପ ଧରିନେଲେ
କଥା ସରିଯିବ, ଫୁଲଗଛ ମରିଯିବ ।

ମୁଁ ଗୋଟିଏ କଥାକୁ ପୂର୍ଣ୍ଣ ବିଶ୍ୱାସ କରେ, ତାହା ହେଲା : ଅନ୍ଧାର ବିରୋଧରେ ଲଢ଼େଇ କରିବ କାହିଁକି ? ଏପରି ଆଲୁଅ ହୋଇଯାଅ ଯେ ଅନ୍ଧାର ଅପସରିଯିବ ଆପଣା ଛାଏ । ଲୁହକୁ ଦୁଃଖ ପାରାବାରେ ମିଶେଇବା ସପକ୍ଷରେ ମୁଁ କେବେ ନାହିଁ କି ନ ଥିଲି । ସମୟର କମାରଶାଳରେ କିଏ କେଉଁ ପକ୍ଷୀ ଗଢ଼ିବ, କାୟାନିର୍ମାଣ କରିବ କେଉଁ କ୍ରୋଧ, ହତାଶା କି ପ୍ରେମର ତା'କୁ ନେଇ ନିଜକୁ କାହିଁକି ଠିଆକରାଇବି କାଠଗଡ଼ାରେ ! ପ୍ରଶ୍ନବାଚୀର ଉର୍ଦ୍ଧ୍ୱକୁ ଯାଇ ନ ପାରିଲେ ବି ପୂର୍ଣ୍ଣଚ୍ଛେଦ ପଡ଼ିଥିବା କୌଣସି ଆକାଶରେ ମୁକ୍ତିଗୀତଟିଏ ଅବଶ୍ୟ ଗାଇବି ।

ଏଠି କିଏ କରୁନାହାନ୍ତି ସଂଘର୍ଷ ! ଜୀବନର ସ୍ୱାଦ ଚାଖିବାକୁ ଚା'ରେ ଚିମୁଟାଏ ଲୁଣ ବଦଳରେ କିଏ ପକାଉନାହାନ୍ତି ଲୁହବୁନ୍ଦା ! କେଉଁ ଗିରି ଶିଖରକୁ ଲୟ ରଖନା କାହିଁକି ଏଠି ହୃଦୟକୁ ଭଡ଼ାରେ ଆଣିବା ମନା, ଜୀବନକୁ ବାକିଖାତାରେ ଗଡ଼ାଇଦେଇ ଅସ୍ମିତାର ପକ୍ଷୀଘର ବନାଇବା ମନା ମନା, ମାଗିଅଣା ତିଅଣର ପୃଥିବୀରେ ଅଶ୍ରୁ ଓ ସ୍ୱେଦର ସୂର୍ଯ୍ୟଚନ୍ଦ୍ରକୁ ସବୁଜେଇବା । ଯେଉଁଠି ପ୍ରେମିକାମାନେ ବନ୍‌ଶୀ କଣ୍ଢାରେ କେଞ୍ଚୁଆ ଡୋକେଇବା ପରି ପ୍ରେମିକକୁ କିଲ୍‌ବିଲ୍ କରିବା ପରେ ଅଧାଓଗାଳି ପାଆନ୍ତି ଅପାର ଆନନ୍ଦ, ଅବଶ୍ୟ ସେଇଠି ତମେ ପ୍ରେମିକାର ସବାସାନ ପୁଅ ହେବାର ସ୍ୱପ୍ନ ଦେଖାଇ ଦେଇପାରିବ । ହେଲେ ଭାଇ, ଏଡ଼େ ସହଜ ନୁହେଁ ଅଭାବୀ ସଂସାର ଓ କୂଳକିନାରା ପାଇପାରୁ ନ ଥିବା ନିହାତି ଜଞ୍ଜାଳି ମଣିଷଟିଏ ଦୁଃଖର ପାପଡ଼ ବେଲୁଥିବା ଭିତରେ ନିଆଁଫୁଲ ଫୁଟାଇ ବାସ୍ନା ଚହଟାଇବା, ନଥିବା ଗଛର ଛାଇ ହୋଇ କାହାର ଲୁହ ପୋଛିଦେବା; ଜୀବନକୁ ଏତେ ହୀନିମାନ କରନା, ପାରୁଛ ଯଦି ଚିର ଉନ୍ନତ ଲେଲିହାନ୍ ଢେଉଟିଏ ପରି ଭାଙ୍ଗଗଡ଼ ନିଜକୁ ମର୍ଜିରେ ଏବଂ ପ୍ରଥମେ ବଦଳାଇ ଦିଅ ନିଜର ଓ ପରେ ଦେଶର ଭାଗ୍ୟରେଖା ।

'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ-୧
ମୋ.: ୯୪୩୮୭୦୫୨୫୬

କାହା ପାଇଁ ଏତେ ସଜବାଜ କୁହ ତ

ନର୍ମଦା ନୀଳୋତ୍ପଳା

କହିବି ତୁମେ କେମିତି ଲାଗୁଛ ?
ଏ ବାଇଗଣୀ ରଙ୍ଗର
କୁର୍ତ୍ତା ଓ ଧଳା ପାଇଜାମାରେ
ଅପରାଜିତା ଫୁଲଟି ପରି ତୁମେ ଦିଶୁଛ ।

ତୁମର ଏ ବେଶ ଦେଖିସାରିଲା ପରେ
ମହଣ ମହଣ ଆଶା
ଆଉ ମୋ' ଭିତରେ ନାହିଁ
ସଞ୍ଜଟା ମୋର ଗୋପୀମୟ ହୋଇଯାଉଛି
ସବୁ ଭୁଲ୍‌ଭାଲ୍ ହୋଇଯାଉଛି
ସଜ ପଖାଳ ଖାଇବା
କଟାକୁଟି ଓ ରନ୍ଧାବଢ଼ା
ଚଉଁରା ମୂଳର ସଂଜଦୀପ
ପବନରେ ଦୋହଲୁଛି ।

ଏ ବେଶ ନିଶ୍ଚୟ
ଅନ୍ୟ କାହା ପାଇଁ କହିବା
କିନ୍ତୁ ବିଶ୍ୱାସ ହେଉନି ।
ଥରଟିଏ କହିଦିଅ
ଏ ବେଶ ଖାସ୍ ତୁମ ପାଇଁ,
ମୁଁ ନିଶ୍ଚିତ ହୋଇଯିବି
ମସିହା ମାସ ତାରିଖ ଦିନ ସମୟ ପକ୍ଷ
କେବେ ଭୁଲ୍ ନ ଥିଲା ଗଣନା ।

ଦୁଇ ତିନି ମାସ କାଳ
ଝୁଲା ପୋଲର ପବନରେ ଝୁଲିବା
ଅସ୍ଥିର ପାଦର ଚମକ ପାଣିର
ଗୋଟେ ମସ୍ତବଡ଼ ଯାତ୍ରା ଥିଲା
ନଦୀ ବି ହସୁଥିଲା
ଆମର ହରକତ ଦେଖି ।

ହେଲେ ତିନ୍ତିଯାଉଛି କି ଜୁଡୁବୁଡୁ ହେଉଛି
ଦେହକୁ ଚିପୁଡ଼ିଲେ
ଦୁଇ ଆଖିରେ ବନ୍ୟା ଆସିଯାଉଛି
ତୁମ ବେଶକୁ ଦେଖି ।
ବିଶ୍ୱାସର କାତ ତ ଧରିବାକୁ ପଡ଼ିଥାଏ
ଗଭୀର ନଈକୁ ଆୟତ୍ତରେ ରଖିବାକୁ
ହେଲେ ଅଜଣା ହୋଇଗଲି
ତୁମର ଏ ବେଶ ପାଖରେ କିଂଚିତ୍
କିନ୍ତୁ ଯେଉଁ ବେଶ ପିନ୍ଧି ଆସିଲେ ବି
ତୁମକୁ ମୁଁ ଚିହ୍ନିପାରିବି
କାରଣ ତୁମ ଦେହକୁ ମୁଁ ଭଲ ଭାବେ
ଜାଣିପାରିଛି ।

ବାଲିକୁଦା, କଟକ-୭୫୩୦୧୧
ମୋ.: ୮୭୬୩୧ ୯୧୯୬୮

ଆଉ କବିତା ଲେଖନା କବି

ବିଜୟ ପ୍ରଧାନ

କେବେ କେମିତି ଜଳୁଥିବା ଚୁଲି ପାଇଁ
କାଠ ନାହିଁ,
ଫୁଟିବାକୁ ନାହିଁ ଚାଉଳ
ମୋ ଦୁଃଖ ନେଇ
ଆଉ କବିତା ଲେଖନା କବି
ଗଣ୍ଡେ ଖାଇବାକୁ ଦିଅ
ଭୋକ ପ୍ରବଳ !

ଚାଲି ଚାଲି ଫାଟିଥିବା ପାଦରୁ
ଶୁଖି ଗଲାଣି ରକ୍ତର ଦାଗ
ଲୋଡ଼ା ଉଷୁମ ପାଣିର ସେକ
ଯିବାକୁ ଅଛି ଢେର ଦୂର
ଆଉ ଅଟକାନି ବାବୁ
ଆମ ଦୁଃଖ ଆମର
ଆଉ ନାହିଁ ଆମ ପାଖେ
ଫୋଟୋ ପାଇଁ ପୋଜ ଦେବାର ବେଳ !

ଆମେ ଘରୁ ବାହାର
ବାହାରୁ ଘର
ବାରମାସୀ ଯାଯାବର
ଆମେ ଆଙ୍ଗୁଠିରେ କାଳି ନଗେଇ
ହାତ କଟେଇଥିବା
ନିଶ୍ଚିତ ଭୋଟର
ତୁମେ ଆମ ସରକାର
ପୁଞ୍ଜି ଆମର ରୋଜଗାର ବୋଲି
ଆମେ ଏବେ ତୁଛା ହାହାକାର !

ଦୁଃଖଙ୍କୁ ନାଉ କରି ପିଠିରେ
ଲହୁଲୁହାଣ ପାଦରେ
ଗୁଜୁରାଣର ବୋଝ ମୁଣ୍ଡେଇ
ଆମେ ଚଳପ୍ରଚଳ କାଳକାଳ ।

ଆଉ ଲେଖନା କବି କବିତାରେ
ଆମ ଦୁଃଖର ଗଜଲ
ସମବେଦନାର ତୁଛା ଶବ୍ଦଖେଳ
ଆମେ ଠିକ ଜାଣିଛୁ
ଦୁଃଖ ପାଇଁ ଆମ କପାଳ
ଆଉ ଆମ ଦୁଃଖରେ ସମଦୁଃଖୀ
କବି ବେକରେ ପ୍ରଶଂସାର ଫୁଲମାଳ !

କବିତା ଫବିତା ଛାଡ଼
ପାରୁଛ ତ ଗଣ୍ଡେ ଖାଇବାକୁ ଦିଅ
ଭୋକ ପ୍ରବଳ !!

ପାଇକମାଳ, ବରଗଡ଼ - ୭୬୮୦୩୯
ମୋ.: ୯୯୩୮୩ ୫୭୬୮୪

ଦୁଃଖ

ଯୋଗ୍ୟଶ୍ରୀ ସାମଲ

ଦୁଃଖ ସେ ତ ନିହାତି ନିଜର
କେବେ ସିଏ ଦର ଆଉଜା କବାଟରେ
ମୁହଁ ଗଳେଇ ଚାହିଁଥାଏ ତ,
କେବେ ଘରର ସିଡ଼ି ପାହାଚରେ
ବୁଲୁଥାଏ ଉପର ତଳ,
ପବନ ସହ ସାଲିସ କରି
ପାଇଯାଏ ରାସ୍ତା
ଛାତି ଭିତରକୁ ପଶିବାର ।

ଦୁଃଖ ସେ ତ ପାଣି ବିନ୍ଦୁଟିଏ
ସମୟର ନରମ ପାପୁଲିରୁ
ଇଡ଼ିଗଲା ପରେ ବି ରଖିଯାଏ
ଗହିରା ସ୍ମୃତି ଚିହ୍ନଟିଏ ।

ଦୁଃଖ ସେ ତ ଅପୂରଣୀୟ କାମନାର
ହାଉ ହାଉ ଜଳୁଥିବା
ନିଆଁ ଉହ୍ମେଇଟେ ।
ତା' ତାପରେ ପୋଡ଼ିଯାଏ ହାତ ପାଦ
ଫୋଟକା ବି ହୋଇଯାଏ ମନ ଓ ହୃଦୟ ।

ଦୁଃଖ ସେ ତ ଅଶୁଭ ଶକୁନଟିଏ
ଖିନଭିନ କରିଦିଏ
ଜିଅନ୍ତା ଶବଟିକୁ
ସମାଜର ମଶାଣି ଭୂଇଁରେ ।

ଦୁଃଖ, ସେ ତ ନିମ୍ନମୁଖୀ ଉଲ୍‌କାଟିଏ
ଖସିପଡ଼େ ବେଳ ଅବେଳରେ
କଁଅଳ ଆଶାର ଛାତିରେ ।
ଦୁଃଖ, ସେ ତ ଉଦ୍ଦାମ ଲହରୀଟିଏ
ଉତଫୁଲ୍ଲିତ ସମୟ ସାଗରେ
ଚାଟି ଚୁଟି ସଫା କରିଦିଏ
ଲହଲହ ଜିଭେ ତା'ର
ଆନନ୍ଦ ଓ ଖୁସିର ବାଲିଘର ସବୁ ।

ଦୁଃଖ !
ଏକାନ୍ତ ଆତ୍ମୀୟଟେ ପରି
ହାତଧରି ପାଖେ ପାଖେ ଚାଲୁଥାଏ
ଛାଡ଼େ ନାହିଁ କେବେ ଏକୁଟିଆ
ସଂସାର ମଝିରେ ।

ଅରବିନ୍ଦ ମାର୍ଗ, ଭଦ୍ରକ

ଦୁଃଖକୁ ଭଲପାଅ

ଶ୍ୱେତା ରାଉତ

ଦୁଃଖକୁ ଥରେ ଭଲପାଇ ଦେଖ
କେଡ଼େ ମାର୍ଜିତ ହୋଇଚାଲିବ ଜୀବନ
ଅନ୍ତତଃ ସୁଖରେ ଭାବବିହ୍ୱଳ ହୋଇ
ଭୁଲି ହେବନି ନିଜର ପରମ ଦାୟିତ୍ୱ
ସୁଖର ଆତ୍ମବଡ଼ିମାରେ ହଜିଯିବନି ସଂସ୍କାର
ସୁଖର ପୂର୍ତ୍ତି ପାଇଁ
ଭାସି ଯିବନି କାହାର ସୁନା ସଂସାର ।

ଦୁଃଖକୁ ଥରେ ଆପଣେଇ ଦେଖ
ବିଶ୍ୱାସଠୁ ବି ପ୍ରିୟ ମନେହେବ ପ୍ରତାରଣା
ଅମୃତଠୁ ବି ଦୁର୍ମୂଲ୍ୟ ଲାଗିବ ଜହର
ଆତ୍ମହତ୍ୟାର ବ୍ୟର୍ଥ ସଂକୀର୍ଣ୍ଣତା ଶିଖାଇଦେବ
ନୂଆ ଜୀବନର ଆରମ୍ଭ ।

ଦୁଃଖକୁ ଥରେ ବିଶ୍ୱାସ କରି ଦେଖ
ତା'ର ଅନ୍ଧାର ଗର୍ଭରେ
ଆତ୍ମଗୋପନ କରିଛି ସୁନେଲି ସକାଳ
ଧୈର୍ଯ୍ୟର ସାନ୍ତ୍ୱନାରେ ମନକୁ ବୁଝାଅ
ସମୟର ସୁଦର୍ଶନରେ କଟିଯିବ କାଳ ।

ଅଭାଗାର କପାଳ ଚିରି
ଉଇଁ ଆସିବ ଭାଗ୍ୟ
ଶରତର କାକର ଟୋପାରେ
ଶିଥଳି ଯିବ ଦୁଃଖ ।
ସାହସୀ ପଥିକଟେ ପରି ଚାଲିପାରିବ
ଜୀବନର ପଥ
ମୋହମାୟାର ବନ୍ଧନକୁ ଏଡ଼େଇ ଦେଇ ।

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର

ଆଜି ସକାଳଠୁଁ

ଶିଶିର ନାୟକ

ଆଜି ସକାଳଠୁଁ ବୁହା ହେଉଛି ଖାଲି କଙ୍କାଳ
ଖସି ପଡୁଛି ସବୁଆଡ଼େ ମୁକୁଟ
ବିସର୍ଜନରେ କମ୍ପୁଚି ଘାଟ
କାହାର ଏ ବିସର୍ଜନ ?
କାହିଁକି ଆଜି ଫୁଟିଛି ଏତେ ଫୁଲ ?

ଆଜି ସକାଳଠୁଁ ନିରୀହଙ୍କ ବସ୍ତିରେ
ଆରମ୍ଭ ହେଇଚି ପରବ
ଜମାନତରେ ଫେରିଛି ସେ ଯୁବକ
ଦେହସାରା ଥାନା ଭିତରର ଚିହ୍ନକୁ
ପୋଛି ଚାଲିଛି ପବନ

ଆଜି ସକାଳଠୁଁ ମନେ ହେଉଛି
ସବୁ ଲୋକଙ୍କ ମାନମର୍ଯ୍ୟାଦା ଚାଲିଚଳନଠାରୁ
ମୁଁ ଏକେବାରେ ହୀନ
ମାଲଗୋଦାମ ଆବଡ଼ା ଖାବଡ଼ା ରାସ୍ତାଠୁଁ
ଆହୁରି ଖରାପ ହେଇ ଚାଲିଛି ମୋର ବିବେକ

ସବୁ ପଳେଇଛନ୍ତି
ଧରା ପଡ଼ିଛି ଜଣେ କିଶୋର
ନିଜର ଓଜନଠୁଁ ଅଧିକ ଓଜନର ଧରିଛି ଗୋଟେ ଅସ୍ତ୍ର
କଉଚି କ'ଣ ନା
ସଫା କରିବ କାଳେ ନର୍କ ।

ଘର ନମ୍ବର: ୧୦୪, ମଞ୍ଜନାଥଭିଲ୍ଲା,
ଫେଜ:୨, ବାଲିଅନ୍ତା , ଭୁବନେଶ୍ୱର-୭୫୨୧୦୧
ମୋ.: ୯୯୩୭୪ ୯୦୬୪୭

କୋଳାହଳ

ରାଜଲକ୍ଷ୍ମୀ ତ୍ରିପାଠୀ

ତୁମେ ଆଉ ପଚାରନି
ତା'ର ସେ ହନ୍ତସନ୍ତ କଥା
କହିବାର ବଡ଼ପଣ ନାହିଁ ଯଦି କା'ର
ଥୁଣ୍ଟାଗଛ କଅଁଳିବା ବେଳେ
କେମିତି ଦୁଇଗୁଣ ହେଲା ପବନର ଗୀତ
ଗୀତଥିଲେ ପ୍ରେମ ଅଛି
ପ୍ରେମରେ କଥାଟିଏ
ଆହ୍ଲାଦର ସ୍ୱର ଯେବେ ଆକାଶକୁ ଛୁଏଁ
ଏକାନ୍ତ ବିଶ୍ୱସ୍ତ ଲାଗେ ଉଡୁଥିବା ପ୍ରଜାପତି
କାନ୍ଥ ଓହଳା କୁଟାକାଠି ବସାର
କିଚିରି ମିଚିରି ଶବ୍ଦରେ ଖଣ୍ଡିଉଡ଼ା ଦେଉଥିବା ଚଢ଼େଇ

ସବୁ ଠିକ୍‌ଠାକ୍ ଦିଶିବା ବେଳରେ
ବଢ଼ିଯାଏ କୋଳାହଳ ରାସ୍ତାଘାଟରେ
ସହରର ନିକାଞ୍ଚନ ଜାଗାରେ
ଏକୁଟିଆ ସଂଜରେ କାନ୍ଦେ ସୁନାନାକୀ

କାହା ଦମ୍ଭକଥା ତଳେ ପଡ଼ି
ଭାଙ୍ଗିବା ଶବ୍ଦରେ ଆଖିରେ ତା 'ଜୁଆରିଆ ଲୁହ
ବାଟ ଖୋଜେ ଉଝାଳିବାକୁ ଦରଦ
ଅଳିରେ, ଅଝଟରେ !

ଆଡ଼ମୁହାଁ ପବନ ପଛରୁ
ବାହାରିଆସେ କେଉଁ ପରିଚିତ ମୁହଁ
କଅଁଳିଆ ସକାଳର ଏ ଉତ୍ସବ
ଖୋଲାମେଲା ଏ ଭୂଇଁର
ଯେତେ ରଂଗୀନ ଚିତ୍ର ଆଳପନା ଚମକାନ୍ତି ତା'କୁ
ମନକହେ ତା'ର
ଆଜିର ଏ କୋଳାହଳ ସ୍ୱର
କେଜାଣି କି ବାର୍ତ୍ତା ଆଣେ
ଭିନ୍ନ ଏକ ଭଲ ପାଇବାର
ହସେ ସୁନାନାକୀ ।

ସୁଭଦ୍ରା ଲେନ୍, ନରେନ୍ଦ୍ର କୋଣ,ପୁରୀ
ମୋ.: ୮୨୪୯୪ ୦୮୧୭୭

ହଳେ ଚପଲ ଦିଅନ୍ତନି ବାବୁ

ସମୀର ରଞ୍ଜନ

ପାଦରେ ଭୀଷଣ ଯନ୍ତ୍ରଣା
ତମାମ୍ ଶରୀରର ଭୂଗୋଳକୁ
ଚରିଯିବାକୁ ବସିଛି ତା'ର ଅଜଗରୀ ଜିହ୍ୱା
ମଥା ଉପରେ ଜଳନ୍ତା ସୂର୍ଯ୍ୟ ପାଦତଳେ
ଟକମକ ଫୁଟୁଥିବା ଭୂଇଁ
ଜଳାଇ ଚାଲିଛି ମୋର ଅସ୍ତିତ୍ୱ ।

ହଳେ ଚପଲ ପାଖରେ
ଅଟକିଯାଇଛି ମୋର ଭାଗ୍ୟ
ନୂଆ ନ ହେଲେ ନାଇଁ
ପୁରୁଣା ଦେଲେ ବି ଚଳିଯିବ
ଦବ ବାବୁ ...ଦବ ଦବ ?

ତୁମ ପିଲା ଯାହାକୁ ଅଦରକାରୀ ଭାବି
ପିନ୍ଧିବା ଛାଡ଼ି ଦେଇଥିବେ...
ତୁମ ଜୋତା ଷ୍ଟାଣ୍ଡରେ ପଡ଼ି ପଡ଼ି
ଯାହା ଖତ ଖାଇ ଯାଉଥିବ..
ତାକୁ ଦେଲେ ବି ଚଳିବ ଯିବ
କି ବେମାର, କିଏ ଆଣିଲା, କୋଉଠୁ ଆସିଲା
ମୁଁ କିଛି ଜାଣେନା
କି ଲକ୍‌ଡାଉନ୍ କି କ୍ୱାରେଣ୍ଟାଇନ୍
ମୁଁ କିଛି ବୁଝେନା ।

ଏତିକି ଜାଣିଚି...
ମୋ ପାଇଁ କଂପାନୀରେ ତାଲା ବନ୍ଦ
ଘର ମାଲିକର ଘର ବନ୍ଦ
ନା ପୁଲିସ ଶୁଣିଲା ନା ପ୍ରଶାସନ
ଶ୍ରମିକ ସ୍ପେଶାଲ ପାଇଁ ନାଁ ବି ଚଢ଼େଇ ଥିଲି
ହେଲେ କେହି ବି ଚାହିଁଲେନି
ଦଶ ଦିନ ଅପେକ୍ଷା କଲି
ତା'ପରେ ଚାଲୁଛି ତ ଚାଲୁଛି...

ଚପଲଟାର ଜୀଅ କେତେ କୁହ ତ
ଘୋରି ହେଇ ହେଇ ସରିଗଲା
ଏଇଠି ଟିକେ ବସିଯାଇଛି ବାବୁ
ବିନା ଚପଲରେ ପନ୍ଦର କିଲୋମିଟର ଚାଲିଲିଣି
ଏଇ ଦେଖ ମୋର ପାଦକୁ କେମିତି
ବାହାରିଗଲାଣି
ଛେଲା ଛେଲା ହୋଇ ଚମ
କେମିତି ଝରି ପଡୁଛି
ଥୋଲା ଥୋଲା ହୋଇ ରକ୍ତ
ଦେଖ ମୋ' ପାଦସାରା
ରାସ୍ତାର ତତଲା ପିଚୁରେ ଚାଲି
ମୁଁ କମେଇ ଥିବା ଫୋଟକାମାନଙ୍କୁ ।

ତୁମେ କ'ଣ ଭାବୁଛ ?
ମୁଁ ଖାଲି ପାଦରେ ଗଲେ ମୋ' ଇଜ୍ଜତ
ପଳଉଛି ?
ସେଥିପାଇଁ ମୁଁ ଚପଲ ମାଗୁଛି ?

ମୋ' ଇଜ୍ଜତ ଗାତକୁ ଯାଉ ହୋ'
ମୋ' ଖାଲି ପାଦ ପାଇଁ ନୁହେଁ ହୋ' ବାବୁ
ମାଗୁଛି ଖଣ୍ଡିଆ ପାଦ ପାଇଁ
ଆମର ଖାଲି ପାଦରେ ଇଜ୍ଜତ ବଢ଼େ
ଆମେ ଖେତରେ ଚପଲ ମାଡୁ...
ନା ଖଳାରେ ଚପଲ ମାଡୁ ?
ଆମେ ଫସଲକୁ ଲକ୍ଷ୍ମୀ ମାନୁ
ଖାଲିପାଦରେ ଦି' ଦିନ ଚାଲିପାରିବି ବାବୁ
ଖାଲିପାଦରେ ଚାଲିବା ଆମର ଢେର ଅଭ୍ୟାସ
ଆମର ଇଜ୍ଜତ କୋଉଠି ଥିଲା ଯେ ଆଜି
ଚାଲିଗଲା ?

ହଳେ ଚପଲ ଦିଅନ୍ତ ନି ବାବୁ
ନୂଆ ମାଗୁନି ମ... ପୁରୁଣା ହେଲେ ଚଳିବ !
ଏଇ ଖଣ୍ଡିଆ ପାଦଟା ଦେଖୁଚ ତ
ତା'ରି ପାଇଁ ମାଗୁଛି ବାବୁ !

କ'ଣ କହିଲ ବାବୁ ! ପଇସା ଦବ... ?
ସବୁଆଡ଼େ ତ ଦୋକାନ ବନ୍ଦ
ତମ ପଇସା କ'ଣ ହବ ହେ' ବାବୁ
କୋଉ କାମରେ ଲାଗିବ ?
ପାରିବ ତ ଚପଲ ହଳେ ଦିଅ !

ଜାଣିଛ ନା ବାବୁ ଗୁଜୁରାଟ୍ ସୁରତରୁ
ୟୁପିର ଗୋରଖପୁର ଜିଲ୍ଲାର ପିପରାଇଚ
କେତେ ବାଟ ?
ଜାଣିନା ଟି ?

ହଁ ତୁମେ ଜାଣନ୍ତ ବା କେମିତି
ତୁମେ ତ ତୁମ ଘରେ,
ତୁମ ସହରର ଏ.ସି. ଘରେ
ମୁଁ ତ ଦାଦନ ମୂଲିଆ ଲୋକ
ଖଟିବାକୁ ଯାଉଛି ବୋଲି ତ ଜାଣିଛ
ପେଟ ପିଠି କଥା ବାବୁ
ବାରଶହ ମାଇଲ ଚାଲିଲିଣି
ମୋ' ରାଇଜ ସୀମାରେ ପଶିଲା ବେଳକୁ
ନିଆଁଲଗା ଚପଲଟା ସରିଗଲା ।

ଆହୁରି ତିନିଶହ ମାଇଲ ଯିବି ଆଜ୍ଞା
ଚପଲ ହଳେ ଦିଅନ୍ତ ନି
ପୁରୁଣା ହଳେ ହେଲେ ଚଳିବ
ହଳେ ଚପଲ ଦବ ବାବୁ !

କଣ କହିଲ ବାବୁ.. ?
ଖାଇବାକୁ ଦବ ?
ନା ମ ବାବୁ !
ଏମିତି ତ ଭୋକ ଉପାସରେ ଚାଲିଛି
ଆଉ ଦି' ତିନି ଦିନ ନ ଖାଇଲେ ମରି ଯିବିନି
ଯାହାହେଲେ ତ ଚାଲିବାକୁ ପଡ଼ିବ
ଗାଁ' ରେ ପହଞ୍ଚିବାକୁ ପଡ଼ିବ
ସରକାରର ସିନା ଆଖି ଫୁଟିଯାଇଛି
ମୋ' ଦେଶରେ ଏମିତି ବି କିଛି ଲୋକ ଅଛନ୍ତି
ଯେଉଁମାନେ ଦେଖି ପାରନ୍ତି ।

ଦିଅନ୍ତନି ବାବୁ ହଳେ ଚପଲ ଦିଅନ୍ତ ନି
ନୂଆ ନ ହେଲେ ନାହିଁ ପୁରୁଣା ହେଲେ ଚଳିବ
ହଳେ ଚପଲ ଦବ ବାବୁ ...ଦବ ?

ମୋ.: ୯୮୬୧୨ ୮୯୫୨୦

ବଦଳୁ ଥିବା ସମୟ

ବିଜନ ରାୟ

ଗୋଟିଏ ଇନ୍ଦ୍ରଧନୁର ଆୟୁଷ ନେଇ ସାତରଙ୍ଗର ଜୀବନ ।
ଇନ୍ଦ୍ରିୟମାନଙ୍କର ଅତ୍ୟାଚାର, ଅଙ୍ଗମାନଙ୍କର ବିଦ୍ରୋହ
କ୍ଷତମାନଙ୍କର ଯନ୍ତ୍ରଣା, କଳଙ୍କମାନଙ୍କର କାଳିମା
ବିବେକର କ୍ଷୋଭରେ ଆଉଟୁ ପାଉଟୁ ହେଉଥିବା ବେଳେ
ଜୀବନର ଏ ରଙ୍ଗ ବି ରଙ୍ଗୀନ ଲାଗେ ।

ଆଖି ମନଭରି ଦେଖୁ କି ନ ଦେଖୁ ଚାହୁଁଥିବା ଚିଜ
ପାଟିର ଲାଳସା ମେଣ୍ଟୁ କି ନ ମେଣ୍ଟୁ
ନାକରେ ବାଜୁ କି ନ ବାଜୁ ଇପ୍ସିତ ମହକ
କିଛି ଟିକି ଟିକି ସାଉଁଟା ଖୁସି ବି ଆଙ୍କି ପାରନ୍ତି
ଜୀବନର ରଙ୍ଗୋଲି ।

ଆଜିକାଲି କାଳେ ସମସ୍ତେ ତ୍ରସ୍ତ
ଏରୁଣ୍ଡିର ସେପଟେ ଜଗିଛି ଅଜଣା ଭୟ
କହୁଛି ସେପଟେ ଥା ବାରଣ କରୁଛି ବାହାରିବାକୁ
କିଏ ଜାଣେ କେତେବେଳେ କିଏ ଆସିଯାଏ କେଉଁ ରୂପରେ !

ବେଳେବେଳେ ସମୟର ଚକ୍ରବ୍ୟୁହରେ
ବନ୍ଦୀ ହୋଇଯାଏ ମଣିଷ !
ଇଚ୍ଛାମାନେ ପ୍ରତିଦିନ ଆତ୍ମହତ୍ୟା କରନ୍ତି
ଆକାଂକ୍ଷା ଓ ଅଭିଳାଷମାନେ ଜନ୍ମ ନେଲା ପୂର୍ବରୁ
ଗର୍ଭରେ ହିଁ ନଷ୍ଟ ହୋଇଯାଆନ୍ତି ।
ମଟାଳ ମାଟିରେ ସୁପ୍ତ ବୀଜଟିଏ ପଡ଼ିଥାଏ
ମୌସୁମୀ ବର୍ଷାର ପ୍ରତୀକ୍ଷାରେ ।

କାଳେ ସମୟ ବଦଳିଯାଏ,ବଦଳେଇ ଦିଏ ସବୁ କିଛି !
ଯେମିତି କ୍ୟାଲେଣ୍ଡରର ପୃଷ୍ଠା
ଦିନର ନାଁ, ମାସର ପରିଚୟ, ଋତୁର ଅନୁଭବ ।
ବର୍ଷର ପୀଡ଼ା ।
କିଏ ଜାଣେ ବଦଳିବା କ୍ରମରେ କେତେବେଳେ
ସମୟର ସିଡ଼ି ଚଢ଼ି ଆସି ପହଂଚିବ ଆଉ
ଗୋଟିଏ ସୁଖସ୍ରାବୀ ସକାଳ ।

ପ୍ଲଟ ନମ୍ବର ସି ଏଚ ପି -୬୦,
କାନନ ବିହାର ଫେଜ -୧, ଭୁବନେଶ୍ୱର -୩୧

ଈର୍ଷାର ବର୍ଷା

ରୋହିତ କୁମାର ଦାଶ

ଆଜି ଏମିତି ବର୍ଷା ଯେ
ତାକୁ ଯିଏ ବି ଦେଖିବ
କବି ହେଇଯିବ ।

ଆକାଶରୁ ଅନବରତ ଝରୁଛି
ଶ୍ରାବଣୀର ଧାରା
ଏ ବର୍ଷା ଅମାନିଆ ଅପାସୋରା ।

କେତେବେଳେ ଟୁପ୍‌ଟାପ୍ ଶବ୍ଦ ତ
କେତେବେଳେ ଝରେ ଅସରା ଅସରା
ବହୁଛି ଟିକେ ଟିକେ ପବନ
ଅଳ୍ପ ଅଳ୍ପ ଶୀତ ଦେହଥରା
ବେଶୀ ହଲେଇ ପଡ଼ିଶା ଘରର
ବାଲ୍‌କୋନୀରୁ ମୋବାଇଲ୍‌ରେ
ସେଲ୍ଫି ନେଉଛି ବର୍ଷାର
ହାଇସ୍କୁଲ ପଢ଼ା ଝିଅ

ବର୍ଷାର ରଚନା ପଡ଼ିଲେ ପରୀକ୍ଷାରେ
ସେ ଏବେ କ'ଣ ଲେଖିବ କୁହ ।

କି ବୁଢ଼ବକ୍ ଦେଖ
ଏତିକି ବେଳେ କାନରେ
ଇୟର ଫୋନ୍ ଗୁଞ୍ଜି ଗୀତ ଶୁଣୁଛି ଜଣେ
ବର୍ଷାର ସେ ସୁଗମ ସଂଗୀତର ମଧୁରତା
ସମ୍ପର୍କରେ ସେ ବା କି ଜାଣେ ?

ବେଳେ ବେଳେ ବହୁଛି ବର୍ଷା
ଯେତେ ବହୁଛି ସେତେ ଶବ୍ଦ କରୁଛି
ବେଳେବେଳେ ମେଘ ବି କରୁଛି
ଘଡ଼ ଘଡ଼
ବେଳେବେଳେ ବିଜୁଳି ବି ମାରୁଛି
ଆକାଶରେ ଚଡ଼ ଚଡ଼ ।

କେହି କେହି ଅନାଉଛନ୍ତି
ଝରକା ଆଡୁ ବର୍ଷାକୁ
କିଏ ବା ସଉକରେ କିଏ ଆନନ୍ଦରେ
ଆଉ କିଏ କେବେ ଛାଡ଼ିବ ବର୍ଷା
ଏଇ ଆଶାରେ
ବର୍ଷା କିନ୍ତୁ ଥମିବାର ନାଁ ନେଉନି
ସେ ବର୍ଷୁଛି ତା' ବାଟରେ ।

ଆସ ଭିଜିବାକୁ ଡରନା
ନିରେଖି ଦେଖ
କେତେ ଆନନ୍ଦ ଅଛି ଏ ବର୍ଷାରେ
କାହାକୁ ବର୍ଷାରେ ଭିଜିବାର ଦେଖିଲେ
ମୁଁ ତ ଜଳି ଯାଉଥାଏ ଈର୍ଷାରେ.

ବରଗଡ଼
ମୋ.:୯୪୩୭୮୮୧୪୨୮

ଛାଇର ଦେହ

ସୁଶାନ୍ତ କୁମାର ନାୟକ

ଜୀବନର ଚଲାବାଟରେ
ସକାଳର ନରମ ଖରାକୁ ସାଉଁଟି
ସମୁଦ୍ର କୂଳରୁ ଫେରେ
ଅଭିଶପ୍ତ ତାରାଙ୍କ ହୃଦୟରେ ଗଢ଼ା
ମଲା ମଣିଷଙ୍କ ସହର ।

ଅଦୃଶ୍ୟ ଅକ୍ଷରର ଚକ୍ଷୁରେ
ଅନ୍ଧାରର ଅରଣ୍ୟରେ ଶୋଭାପାଏ
ଅଗଣନ ନକ୍ଷତ୍ର ଖଚିତ ଆକାଶ ।

ରାତିର ଗାଢ଼ ନିଦରେ
ସଙ୍ଗୀତମୟ ବର୍ଷାର ଧାରା ପରି
ଅନର୍ଗଳ କଥା କହୁଥାଏ
ମଲାଜହ୍ନର ପ୍ରତିଶ୍ରୁତିରେ ଗଢ଼ା
ପ୍ରେମର ପ୍ରଥମ ଅକ୍ଷର ।

ଶବ୍ଦମାନଙ୍କ ଅଭିଶାପର
କବାଟ କିଳି ଘରେ ବସିରହେ
ଡେଙ୍ଗ୍ୟୁତ ଫୁଲର ବାସ୍ନା ।

ସର୍ପର ଫଣା ଛାଇରେ
ଶୂନ୍ୟତାର ଶିଢ଼ି ଚଢ଼େ
ଅନ୍ତିମ ସୁଖର ଦୁର୍ବଳ ମୁହୂର୍ତ୍ତ ।

ପବନର ହାତରେ ଅଙ୍କାହୁଏ
ଧାଡ଼ି ଶେଷ ଲୋକଟିର
ଭିନ୍ନ ଭିନ୍ନ କିସମର ଚିତ୍ର ।

ଯୌବନର ରକ୍ତିମ ଆଭାରେ
ଥାକଥାକ ହୃଦୟକୁ ଛୁଇଁ
ହିଡ଼ ପାର ହୁଏ
କାକର ଭିଜା ରାତିର ଆୟୁଷ ।

ମିଛ ନଈର ହାଲୁକା ଢ଼େଉରେ
ଭଙ୍ଗା ଚାଳିଆ ଭିତରକୁ ଫେରେ
ଅନ୍ୟମନସ୍କ ଛାଇର ଦେହ ।

ପଞ୍ଚବଟୀ ନଗର-୨ୟ ଲେନ୍
ରାୟଗଡ଼-୭୬୫୦୦୧
ମୋ.: ୭୬୦୮୦ ୨୫୬୧୬

ଦେବୀକାଳ

ସଂଘମିତ୍ରା ରାଏଗୁରୁ

ଦେବୀ ଦେବୀ ଡାକି ଚହଳ ପକାଅନା
ଚିରି ପକାଅନା ଆକାଶର ଛାତି
ମାପ ନା ପୃଥିବୀର ଧୈର୍ଯ୍ୟ
ଦେବୀକୁ ଆଉ ଲୋଡ଼ା ନାହିଁ ପାଟଶାଢ଼ୀ, ଶଙ୍ଖା, ସିନ୍ଦୂର
ଝୁଣ୍ଟିଆ, ଅଳତା, ଧୂପ, ଦୀପ, ଅଗୁରୁ, ଚନ୍ଦନ, କର୍ପୂର
ହଟେଇନିଅ ତା' ପୋଖରୀରୁ ତମ ପଙ୍କର ପଦ୍ମଫୁଲ

ଫୁଲ କ'ଣ ଫୁଲ ଲୋଡ଼େ ?
ଫୁଲର ଲୋଡ଼ା ଆନ୍ତରିକତାରେ ଜୁଡୁବୁଡୁ ପ୍ରତିଟି ପହର

କେମିତି ଜାଣିଲା ଦେବୀ ତମ ଛଳନାର ଇନ୍ଦ୍ରଜାଲ ?
ମୋହର ପ୍ରତିଟି ତନ୍ତୁକୁ ଛିଡ଼େଇ ଛାଡ଼େଇ
ଦେବୀ ଅତିକ୍ରମି ସାରିଛି ଦେବୀକୁ
ଗୋଟି ଗୋଟି କରି ଓହ୍ଲେଇ ସାରିଛି
ଦେବୀତ୍ୱର ଶାଢ଼ୀ, ସାୟା, ବ୍ଲାଉଜ ଆଉ ଯେତେ ଅନ୍ତଃବସ୍ତ୍ର
ପାଣି ଫୋଟକା ପରି ମିଳେଇଯାଉଛି ଦେବୀର ଦେବୀହେବାର ମୋହ

ମାସ ମାସ ରକ୍ତସ୍ନାନକରି ରକ୍ତଜବା ପାଲଟିଥିବା ଦେବୀର
ଆଖିରେ ଆଖି ମିଶେଇ କ'ଣ ପଚାରିବ ?
ଏଇ ଦେଖ,
ଫେରେଇ ଆଣୁଛି ଦେବୀ ତମ ବଳୟରେ ବନ୍ଧା ପଡ଼ିଥିବା
ହାତ,ଗୋଡ଼, ମନ ଓ ହୃଦୟ ଯୋଡ଼ିବସିଛି,
କେବେ ଥରେ ଦେବୀ ଡାକରେ ନିଜେ ଦି'ଗଡ଼ କରିଥିବା ଜିଭ

ଯେତିକି ସ୍ୱାର୍ଥ ସେତିକି ଦେବୀକାଳ
ଦେବୀକାଳରେ ଦେବୀ ହିଁ ନଥାଏ
ଥାଏ ଖଣ୍ଡେ ଅଚଳ ପଥର

ଫିଁ' ଥର ବାଜା ବଜେଇ ଗୀତର ତାଳେ ତାଳେ
ବଡ଼ ମଉଜରେ ପଛରୁ ଧକ୍କା ଦେଇ ଦେବୀ ବିସର୍ଜନ କରୁଥିବା ତମେ
ପରବର୍ତ୍ତୀ ସମୟରେ ପୁଣି ଯୋଗାଡ଼ିବସ ମାଟି
ଗଢ଼ିବାକୁ ମନ ମୁତାବକ ଦେବୀଟେ
ମନେରଖ !
ଏଥର ଦେବୀ ଜାଗାରେ ପାଇବ
ରକ୍ତ-ମାଂସର ଶରୀରଧାରୀ ନାରୀ ଆଉ
ଦଲକା ଦଲକା ପବନର ନିଆଁଝୁଲ ।

ରାଞ୍ଚି,ଝାରଖଣ୍ଡ
ମୋ.: ୭୬୯୩୮ ୮୬୩୫୫

ଆତଙ୍କ କବଳରେ ଝିଅ

ପିନାକୀ ମିଶ୍ର

କିଳାକବାଟ ଭିତରେ ଥରୁଛି ହଳେ ପାଦ,
ଛାତିରେ ଛନକା, ଦେହସାରା ରିବିରିବି ଝାଳ,
ବଢ଼ିଲା କିଶୋରୀ
ଅଶୁଭ ଅଘଟଣ ଆଶଂକାରେ
ଆକାଶକୁ ମାଗୁଛି ଆଶ୍ରୟ ।

କେହି ଶୁଣୁ ନାହାନ୍ତି ମ,
ପବନ ତ ପର, ଦୂରବନ୍ଧୁ ମଉନତାରା
ଅନ୍ଧାର ଲାଗୁଛି ଛପିଥିବା ଅନଳ
ଦି'ପହର ଲାଗୁଛି ଅସଂଯତ ଜହର ।

କଳାକନାରେ ମୁହଁ ଢାଙ୍କି
ସେ ନାରୀଜନ୍ମକୁ ନିନ୍ଦୁଛି
ଯଉବନକୁ ପୋଡ଼ି ଯା' କହୁଛି ।

ଅଧିକାର ଅପହୃତ
ଘର ହେଲା ବନ୍ଦୀଶାଳା
ଧସେଇ ପଶିଆସିବ ବାଘ ଅହେତୁକ
ପାହାଡ଼ ଗଡ଼େଇଦେବ ଛାତିରେ,
ଝାଳ ଉତୁରେଇବ ନିରିମାଖୀ ତନୁବଲ୍ଲରୀର,
ପାଂଶୁଳ ଦଳିଚକଟି ଦେବ
ଉନ୍ମାଦ ହାତୀ ପରି କଇଁପୋଖରୀ କି,

ଅବିକଳ କଣ୍ଢେଇଟିଏ ଝିଅ
ଲମ୍ବାନାକ, ଚିଲରା ଆଖି,
ମସୃଣ ଗାଲ, ଫୁଲବନ୍ଧା ବେଣୀ
ଛତାବଉଳର ଦେହ,
ରାସ୍ତାରେ ରାଜଜେମା ଚାଲି
ଚାହାଣୀରେ ଫର୍ଚ୍ଚା ପୁରୁବା ଆକାଶ,
ଘରର ଅଲିଅଳି ।

ଆଜି ଠିଆଠିଆ ମରୁଛି ସେ
ଆଶଂକା ଦରଜରେ ଜରୁଛି,
ପାଂଶୁଳ ରାହାଜାନୀ କଳିଜାରୁ
କରୁଣା ନିକାଲି ଦେଇଛି ।

ତା' ଦେହ କ'ଣ ଗୋରୁ କି ଛେଳିର ମାଂସ
ଯେ ମନଭରି ଦଳେ ବସି ଚାଖଣା କରିବେ !

ଘୋଡ଼ା ଟାପୁ ପରି କୁଦୁଥିବେ
ଭୋକ ଉତାରୁଥିବେ !!
ଗଛରୁ ପାଚିଲା ତାଳ ପଡ଼ି କେଚା ।

ବାସନ୍ତୀଫୁଲ, ଚଇତିବାଆ,
ଶ୍ରାବଣ ରାତି, ନିଦାଘ ସଞ୍ଜ,
ଫଗୁଣ ସକାଳ, ଶୀତୁଆ ମଧ୍ୟାହ୍ନ
ଖୋଜିବେ ଯେ ତାକୁ !

କାହିଁଗଲା କୁଆଁରୀ ବଉଳ.....!
ଅଦିନ କୁହୁଡ଼ି ମାତିଥିବ,
ନୀଳନଈ କଳା ଦିଶୁଥିବ
ଇତିହାସ ବି ହତଭମ୍ବ
ବିବର୍ଣ୍ଣାକ୍ଷର ଲେଖିବ କେମିତି ?

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ଼,
କେନ୍ଦୁଝର -୧
ମୋ.: ୯୪୩୮୧ ୧୮୩୯୭

କୃଷକ

ପୂରବୀ ଶତପଥୀ

ଶେଷ ସ୍ୱର୍ଗ, ମୁଠେ ଭାତ !
ନା ! ପଦ୍ମକେଶର
ହାଇପୋଥେଟିକାଲ୍, ଭ୍ରମ !
ନୁହେଁ ନୁହେଁ
ଅର୍ଦ୍ଧେକ ଦମ୍ଭ ପୁଣି ସଂପୂର୍ଣତକ ନଗ୍ନ ସତ୍ୟ ।

ବହ୍ନି ! ବହ୍ନି ! ବହ୍ନି !
ଜଠରରୁ..... ମୁଖାଗ୍ନି
ମଝିରେ ବିଦ୍ରୋହର ଉଡ଼ାଣ
ପକ୍ଷ ଉପରେ ଘାସ ଓ ବତାସ ।

ସଂଘର୍ଷ ! ନିଷ୍କର୍ଷ !
ଏକ ନିଷ୍ଠୁର ନିଆଁଗିଳା ମୃତ୍ୟୁ !

ଅନ୍ଧାରରୁ ତୁମର ଗତି କ୍ରମଶଃ
ଆଲୋକ ଆଡ଼କୁ ନୁହେଁ ଯେ
ଜଠରରୁ ବ୍ରହ୍ମାଣ୍ଡର ସାମର୍ଥ୍ୟ ପର୍ଯ୍ୟନ୍ତ ।

ସେ, ନେତା, ରାଜନୀତି !
ଆମେ ସମସ୍ତେ ଆମ ସହ ଅଛୁ
ମୁଁ ବି ତ କେବଳ ଦୁଇବୁନ୍ଦା କୋହ
ଓ କିଛି ଶବ୍ଦଙ୍କ ଜାଲରେ
ଆଉ କାହିଁ କ'ଣ କରିପାରିଲି
ଭୋ ମାଟିପୁତ୍ର !

କେବଳ ନମନ୍‌ଟିଏ ଛଡ଼ା ତୁମକୁ
କ'ଣ ବା ଦେଲି କ'ଣ ବା ଦିଆଇ ପାରିଲି !

ପାରୁଛ ତ ମୋତେ କ୍ଷମା କରିଦେବ
ହେ ଅନ୍ନଦାତା !

କେବଳ ତୁମର ସ୍ୱର୍ଗରେ
ଶେଷରେ ମୁଠେ ଭାତ ନୁହେଁ ବରଂ,
ଗଢ଼ାହୁଏ ପଦ୍ମକେଶର; ବ୍ରହ୍ମାଣ୍ଡର ।

ରାସୋଲ, ଢେଙ୍କାନାଳ
ମୋ.: ୮୮୪୭୮ ୨୫୬୮୮



ନାରାୟଣପ୍ରସାଦ ପଟ୍ଟନାୟକଙ୍କ

କ୍ଷୁଦ୍ରଗଳ୍ପ : ଏକ ଅନୁଶୀଳନ

ଡକ୍ଟର ଦାଶରଥି ଆଚାର୍ଯ୍ୟ

ଗତ ଶତାବ୍ଦୀର ଷାଠିଏ ଦଶକର ଶେଷ ପର୍ଯ୍ୟାୟରୁ ଓଡ଼ିଆରେ କ୍ଷୁଦ୍ରଗଳ୍ପ ରଚନା ଆରମ୍ଭ କରି ଶତାବ୍ଦୀର ଶେଷ ପରେ କ୍ରମଶଃ ନିରବ ହୋଇ ଯାଇଥିବା ଗାଳ୍ପିକ ହେଉଛନ୍ତି ନାରାୟଣ ପ୍ରସାଦ ପଟ୍ଟନାୟକ । ପରିମାଣ ଦୃଷ୍ଟିରୁ ସ୍ୱଳ୍প ରଚନାର ସ୍ରଷ୍ଟା; ଅଥଚ, ଗଳ୍ପକଳା ଦୃଷ୍ଟିରୁ ଜଣେ କୁଶଳୀ ଗାଳ୍ପିକ ହୋଇଥିଲେ ହେଁ, ଏ ପର୍ଯ୍ୟନ୍ତ ସେ ସମାଲୋଚକମାନଙ୍କ ଦୃଷ୍ଟି ଅନ୍ତରାଳରେ ରହିଯାଇଥିବା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ପ୍ରସଙ୍ଗ ।

ଏହି ପ୍ରତିଭାଧର କଥାଶିଳ୍ପୀ ପ୍ରାକ୍‌ସ୍ୱାଧୀନତା କାଳୀନ କଳାହାଣ୍ଡି ଗଡ଼ଜାତର ରାଜଧାନୀ ଭବାନୀପାଟଣାରେ ତା. ୧୮.୦୧.୧୯୩୮ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଶିକ୍ଷାଗତ ପ୍ରମାଣପତ୍ର ଅନୁସାରେ ଏହା ତା. ୦୬.୦୧.୧୯୩୮ ରିଖ । ତାଙ୍କ ପିତା ଚିନ୍ତାମଣି ପଟ୍ଟନାୟକ ପ୍ରଥମେ ଶିକ୍ଷକ ଓ ପରେ କଳାହାଣ୍ଡି ମହାରାଜାଙ୍କ ଅଧୀନରେ ଥିବା ଜୟପାଟଣା ଓ କାଶୀପୁର ଜମିଦାରିର କାମଦାର ହୋଇଥିଲେ । ସେ ସେତେବେଳେ ଓଡ଼ିଆ ସାହିତ୍ୟର ଜଣେ କବି ଥିଲେ । ତାଙ୍କର କବିତାଗୁଡ଼ିକ ବିଶ୍ୱନାଥ କରଙ୍କ ସମ୍ପାଦିତ 'ଉତ୍କଳ ସାହିତ୍ୟ' ଓ ମାୟାଧର ମାନସିଂହଙ୍କ ସମ୍ପାଦିତ 'ଶଙ୍ଖ' ଆଦି ପତ୍ରିକାରେ ପ୍ରକାଶ ପାଉଥିଲା । ଉତ୍ତରାଧିକାର ସୂତ୍ରରେ ନାରାୟଣ ଏହି ସାହିତ୍ୟ-ପ୍ରତିଭାର ଅଧିକାରୀ ଅଟନ୍ତି । ସେ ବାଣିଜ୍ୟରେ ନିୟମିତ ଭାବେ ସ୍ନାତକ ଏବଂ ଘରୋଇ ଭାବରେ କଳାରେ ସ୍ନାତକୋତ୍ତର ଅଧ୍ୟୟନ କରି ସରକାରୀସ୍ତରରେ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରିନେଇଥିଲେ । ବୃତ୍ତିଗତ ଜୀବନରେ ତାଙ୍କୁ ଓଡ଼ିଶାର ଅନେକ ଅଞ୍ଚଳରେ କାର୍ଯ୍ୟ କରିବାକୁ ପଡ଼ିଥିଲା । ତେଣୁ ସେ ସେହି ସୂତ୍ରରେ ବହୁସ୍ଥାନ ଓ ବହୁବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ବିପୁଳ ଅନୁଭୂତି ପ୍ରାପ୍ତ କରିଥିଲେ ।

କୃତି ପରିଚୟ :

ନାରାୟଣଙ୍କ ପ୍ରତିଭାର କ୍ରିୟାଶୀଳତା କେବଳ କ୍ଷୁଦ୍ରଗଳ୍ପ ମଧ୍ୟରେ ସୀମିତ ରହିନାହିଁ । ସେ ଜଣେ କବି, ପ୍ରାବନ୍ଧିକ, ଗୀତିକାର ଓ ନାଟ୍ୟକାର ମଧ୍ୟ । ତାଙ୍କର କବିତାସମୂହ ପୂର୍ବରୁ କେତେକ ପତ୍ରିକାର ପୃଷ୍ଠାମଣ୍ଡନ କରିଥିଲେ ମଧ୍ୟ ବିଧିବଦ୍ଧ ଭାବରେ ସଙ୍କଳିତ ହୋଇପାରି ନାହିଁ । ସେହିପରି ସେ ଚଳଚ୍ଚିତ୍ର, ମଞ୍ଚ ଓ ଆକାଶବାଣୀ ପାଇଁ ଅନେକ ଗୀତ ରଚନା କରିଥିଲେ ହେଁ, ତାହା ମଧ୍ୟ ଏ ପର୍ଯ୍ୟନ୍ତ ସଙ୍କଳିତ ହୋଇ ନାହିଁ । 'ସୋସାଇଟି' ଶୀର୍ଷକ ଏକାଙ୍କିକାଟି ସେତେବେଳେ କୌଣସି ଏକ ପତ୍ରିକାରେ ପ୍ରକାଶ ପାଇଥିବାବେଳେ,'ଦେବଯାନୀ' ନୃତ୍ୟନାଟିକାଟି ବାଲେଶ୍ୱରରେ ମଞ୍ଚସ୍ଥ ହୋଇଥିଲା । 'ସାରସ୍ୱତ ଜନ୍ମନିୟନ୍ତ୍ରଣ' ଓ ଅନ୍ୟାନ୍ୟ କେତୋଟି ପ୍ରବନ୍ଧ ସେ ରଚନା କରିଥିଲେ ଏବଂ ସେତେବେଳେ ତାହା କୌଣସିକୌଣସି ସାହିତ୍ୟ-ପତ୍ରିକାରେ ପ୍ରକାଶ ପାଇଥିଲା । ଏପରି ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀଚାଳନା କରିଥିଲେ ହେଁ, କ୍ଷୁଦ୍ରଗଳ୍ପ ହିଁ ହୋଇଛି ତାଙ୍କ ଭାବସଞ୍ଚାରର ମୁଖ୍ୟ ମାଧ୍ୟମ ।

ଓଡ଼ିଆରେ ଏ ପର୍ଯ୍ୟନ୍ତ ତାଙ୍କର ତିନୋଟି ମାତ୍ର କ୍ଷୁଦ୍ରଗଳ୍ପ ସଙ୍କଳନ ପ୍ରକାଶିତ । ସେଗୁଡ଼ିକ ହେଉଛି,'ବିବର୍ଣ୍ଣା ପୃଥିବୀ' (୧୯୮୨),'ସାରାରାତି'(୧୯୯୩) ଓ 'ହେ ନାଗରିକଗଣ' (୨୦୦୭)। ଏଥି ମଧ୍ୟରେ ସ୍ଥାନିତ ଗଳ୍ପଗୁଡ଼ିକର ମୋଟ ସଂଖ୍ୟା ହେଉଛି ଏକଚାଳିଶ, ଯଥା - (କ) 'ବିବର୍ଣ୍ଣା ପୃଥିବୀ': ବର୍ଷା, ସେଇଦୃଶ୍ୟ : ଭିନ୍ନ ଚରିତ୍ର, ମିତା : ଏକ ବ୍ୟକ୍ତିଗତ ଶୋକ, ବିଦାୟ ପରେ, ଅନ୍ଧଦେଶ, ଜାନ୍ତବ, ଦେହ, ଏକାଏକା, ସଂପର୍କ, ମଶା, ଜଳକା, କାପୁରୁଷ, କବି, ଯଦି, ଦିନରାତି, (ଖ) ସାରାରାତି : ନିମନ୍ତ୍ରଣ, ହେ ନାଗରିକଗଣ, ପୁନଶ୍ଚ ହସ୍ତୀ, ପିକ୍‌ନିକ୍, ନୀଳକଇଁ, ସାରରାତି, ଲେନ୍‌ସ ଭିତରକୁ ଚାଲିଆସୁଥିବା ପିଲାଟିଏ, ମାନପତ୍ର, ମାର୍ଗ, ଅନନ୍ତ ଥିଲା ବୋଲି, ଶ୍ମଶାନଚିନ୍ତା, ଦିବ୍ୟ ଅଜ୍ଞାନ, ଅରଣ୍ୟଚିନ୍ତା, କିଛି ସମୟ ଅନ୍ୟକିଛି । 'ବିବର୍ଣ୍ଣା ପୃଥିବୀ' ସଙ୍କଳନ ଅନ୍ତର୍ଗତ 'ମିତା : ଏକ ବ୍ୟକ୍ତିଗତ ଶୋକ' ଏଠାରେ ପୁନଃ ସଙ୍କଳିତ ହୋଇଛି । (ଗ) 'ହେ ନାଗରିକ ଗଣ' : ଘର, ଜଗତ ଦାନୀ, ଭଲଲୋକ, ପଥପ୍ରାନ୍ତର, ରାସ୍ତା, ପୋଷାକ ବଦଳାଇବା ସମୟ, ଭଲ ପାଇବାର ପାପପୁଣ୍ୟ, ରଘୁବୀର, ସ୍ତ୍ରୀପୁରୁଷ, ଋତୁର ନାଁ ଓ ନିଜଲୋକ । ପୂର୍ବବର୍ତ୍ତୀ 'ବିବର୍ଣ୍ଣା ପୃଥିବୀ'ର ଅନ୍ଧଦେଶ, ଦିନରାତି, ବିଦାୟ ପରେ, ବର୍ଷା ଓ ଏକାଏକା ଏବଂ 'ସାରାରାତି'ର ପୁନଶ୍ଚ ହସ୍ତୀ, ପିକ୍‌ନିକ୍, ନୀଳକଇଁ ଓ ହେ ନାଗରିକଗଣ ଗଳ୍ପ ଏଥିରେ ପୁନଃ ସଙ୍କଳିତ ହୋଇଛି ।

ପ୍ରେରଣା :

ନାରାୟଣଙ୍କ ସାରସ୍ୱତ ସାଧନାର ପ୍ରେରଣାର ଉତ୍ସ ଏକାଧିକ । ପ୍ରଥମତଃ, ସେ ନିଜ ପିତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱଦ୍ୱାରା ଅନୁପ୍ରାଣିତ ଓ ପ୍ରଭାବିତ ହୋଇଛନ୍ତି । ତେଣୁ ଉତ୍ତରାଧିକାର ସୂତ୍ରରେ ଏହାର କିଛି ଅଂଶ ତାଙ୍କଠାରୁ ପାଇଥିବା ସ୍ୱୀକାର କରି ସେ ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ 'ବିବର୍ଣ୍ଣା ପୃଥିବୀ' ତାଙ୍କୁ ଉତ୍ସର୍ଗ କରିଛନ୍ତି । ଏଥିରେ ସେ ଲେଖିଛନ୍ତି, "ଏକଦା ତୁମେ କବିତା ଲେଖୁଥିଲ ଏବଂ ବର୍ତ୍ତମାନ ବିସ୍ମୃତ ହୋଇଥିଲେ ମଧ୍ୟ ସେହି ସମୟରେ ସର୍ବାଧିକ ମର୍ଯ୍ୟାଦା ଲାଭ କରୁଥିବା ଓଡ଼ିଆ ସାହିତ୍ୟ ପତ୍ରିକାରେ ସ୍ଥାନ ପାଇପାରୁଥିଲା । ଉତ୍ତରାଧିକାର ସୂତ୍ରରେ ତୁମର ସେହି ସାହିତ୍ୟିକ ପ୍ରତିଭାର କିଛି ଅଂଶ ମୁଁ ପାଇଛି । ସେଥିପାଇଁ ମୋର ଏଇ ଗଳ୍ପ ସଙ୍କଳନଟି ତୁମ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି" (ବିବର୍ଣ୍ଣା ପୃଥିବୀ - ନାରାୟଣପ୍ରସାଦ ପଟ୍ଟନାୟକ । ପୂଜ୍ୟ ବାପାଙ୍କୁ, ପୃ.ଖ. ୧୯୮୨)। ଚାକିରି ଜୀବନରେ ବାଲେଶ୍ୱରରେ ରହିବାବେଳେ ସେଠାକାର ସାହିତ୍ୟିକ ପରିବେଶ ଓ ସାହିତ୍ୟିକମାନଙ୍କ ସାନ୍ନିଧ୍ୟ ତାଙ୍କୁ ସାହିତ୍ୟ କ୍ଷେତ୍ରରେ ଅଭିନିବେଶ ପାଇଁ ଅନୁପ୍ରେରିତ କରିଥିଲା । ଏ ସମ୍ପର୍କରେ ଗାଳ୍ପିକଙ୍କ ନିଜସ୍ୱ ମତ ହେଉଛି, "ସେଇଠି ଯେଉଁମାନଙ୍କ ସହିତ ମୋର କଥାବାର୍ତ୍ତା ହୋଇପାରୁଥିଲା ସେମାନଙ୍କ ମଧ୍ୟରେ ଥିଲେ ଗାଳ୍ପିକ ବସନ୍ତକୁମାର ଶତପଥୀ, କବି ଚିନ୍ତାମଣି ବେହେରା, ଭୁବନେଶ୍ୱରରେ ରହୁଥିଲେ ମଧ୍ୟ ମଝିରେମଝିରେ ବାଲେଶ୍ୱରକୁ ଆସୁଥିବା ନାଟ୍ୟକାର ବିଜୟ ମିଶ୍ର, ନାଟ୍ୟକାର କୁଞ୍ଜ ରାୟ, କବି ସତ୍ୟନାରାୟଣ ନନ୍ଦ ପ୍ରମୁଖ । ପ୍ରଥମ ଦୁଇଜଣ ବୟସରେ ମୋ'ଠୁ ବିଶେଷ ବଡ଼ଥିଲେ । ଅପେକ୍ଷାକୃତ ଅଳ୍ପବୟସର ଲେଖକମାନଙ୍କ ମଧ୍ୟରେ ଥିଲେ ଗାଳ୍ପିକ କହ୍ନେଇଲାଲ ଦାସ । ସେମାନଙ୍କର ସାନ୍ନିଧ୍ୟ ହିଁ ପ୍ରେରଣାର ସ୍ରୋତ ଥିଲା" (କିଛିକଥା କିଛିବ୍ୟଥା - ନାରୟଣପ୍ରସାଦ ପଟ୍ଟନାୟକ । ସାଗର ୬୨ତମ ସଂଖ୍ୟା, ନବବର୍ଷ ବିଶେଷାଙ୍କ-୨୦୨୩, ପୃ.୧୩) । ପୂର୍ବରୁ ସେ କ୍ଷୁଦ୍ରଗଳ୍ପ ଲେଖା ଆରମ୍ଭ କରିଥିଲେ ହେଁ ବାଲେଶ୍ୱର ରହଣିବେଳେ ତାଙ୍କଦ୍ୱାରା ରଚିତ 'ବର୍ଷା' ଗଳ୍ପର ପ୍ରକାଶନ ତାଙ୍କୁ ଏ ଦିଗରେ ଅଧିକ ଉତ୍ସାହିତ କରିଥିଲା । ତାଙ୍କ ଅନୁସାରେ, "୧୯୬୮ରୁ ୧୯୭୦ ମଧ୍ୟରେ ବାଲେଶ୍ୱରରେ ଏକ ସାହିତ୍ୟ ପତ୍ରିକା 'ଏବଂ' ପ୍ରକାଶିତ ହେଲା । ତାହାର ପ୍ରସାରଣ ବହୁତ ସୀମିତ ଥିଲା, କିନ୍ତୁ ସେଥିରେ ପ୍ରକାଶିତ ମୋର ଗଳ୍ପ 'ବର୍ଷା' ସେଇ ସହରର ସାହିତ୍ୟିକ ମହଲରେ ବିଶେଷ ଭାବେ ଆଦୃତ ହେଲା । ତାହା ମୋତେ ଉତ୍ସାହ ପ୍ରଦାନ କରିବା ସହିତ ଜଣାଇଦେଲା ଯେ, ସାଂପ୍ରତିକ କଥା ସାହିତ୍ୟର ଧାରାରେ ପ୍ରବେଶ କରିବା ପାଇଁ ସେଭଳି ଗଳ୍ପ ଲେଖିବା ଆବଶ୍ୟକ" (ତତ୍ରୈବ, ପୃ.୧୭) । ତେଣୁ ପୈତୃକ ଉତ୍ତରାଧିକାର ସହିତ ତାଙ୍କ ବୃତ୍ତିଗତ ଜୀବନର ଆଦ୍ୟପାଦରେ ଲାଭ କରିଥିବା ସାରସ୍ୱତ ପରିବେଶ ତାଙ୍କର ଗଳ୍ପ ପ୍ରତିଭାର ଜାଗରଣ ଘଟାଇଥିଲା ।

ପୃଷ୍ଠଭୂମି :

ଏହା ସତ୍ତ୍ୱେ ତାଙ୍କର ଗଳ୍ପରଚନା ନିରବଚ୍ଛିନ୍ନ ଭାବରେ ସାଧିତ ହୋଇପାରି ନାହିଁ । ଗଳ୍ପଗୁଡ଼ିକର ରଚନାକାଳ ଭିତରେ ସମୟର ବ୍ୟବଧାନ ଅନେକ ରହିଛି । ସେଥିପାଇଁ ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ 'ବିବର୍ଣ୍ଣା ପୃଥିବୀ' (୧୯୮୨) ପ୍ରକାଶନର ଏଗାରବର୍ଷ ପରେ ଦ୍ୱିତୀୟ ଗଳ୍ପ ସଙ୍କଳନ 'ସାରାରାତି' (୧୯୯୩) ପ୍ରକାଶିତ ହୋଇଛି । ସେହିପରି ତୃତୀୟ ଗଳ୍ପ ସଙ୍କଳନ 'ହେ ନାଗରିକଗଣ'ର ପ୍ରକାଶ (୨୦୦୭) ଦ୍ୱିତୀୟ ସଙ୍କଳନର ଚଉଦବର୍ଷ ପରେ ସମ୍ଭବ ହୋଇଛି । ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ହେଉଛି 'କବି' । ଏହା ୧୯୫୯ ମସିହାରେ ତତ୍କାଳୀନ 'ମୌସୁମୀ' ପତ୍ରିକାରେ ପ୍ରକାଶିତ । ତେଣୁ ଗତଶତାବ୍ଦୀର ଷଷ୍ଠଦଶକର ଶେଷଭାଗରୁ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ପୂର୍ବାର୍ଦ୍ଧ ପର୍ଯ୍ୟନ୍ତ ତାଙ୍କର ସମୁଦାୟ ଗଳ୍ପ ରଚନାର ସମୟସୀମା । ଶେଷ ସଙ୍କଳନଟି ୨୦୦୭ରେ ପ୍ରକାଶିତ ହୋଇଥିଲେ ହେଁ, ତାଙ୍କର ଅଧିକାଂଶ କ୍ଷୁଦ୍ରଗଳ୍ପ ସତୁରି ଦଶକ ଆରମ୍ଭରୁ ଶେଷଦଶକ ମଧ୍ୟରେ ହିଁ ପ୍ରଣୀତ ହୋଇଛି । ବସ୍ତୁତଃ, ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ କାଳୀନ ଭାରତୀୟ ତଥା ଉତ୍କଳୀୟ ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ପରିସ୍ଥିତି ହିଁ ନାରାୟଣପ୍ରସାଦଙ୍କ ଗଳ୍ପ ରଚନାର ପୃଷ୍ଠଭୂମି ।

ଏହି ଗାଳ୍ପିକଙ୍କ ଜନ୍ମର ଠିକ୍ ନଅବର୍ଷ ପରେ ଅଖଣ୍ଡ ଭାରତ ଦ୍ୱିଧା ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା । ଏ ସ୍ୱାଧୀନତା ଭାରତୀୟମାନଙ୍କ ନିକଟରେ ଏକ ବିରାଟ ପରିବର୍ତ୍ତିତ ରାଜନୈତିକ ଉପଲବ୍ଧି ଆଣିଦେଲା । କ୍ରମଶଃ ସ୍ୱାଧୀନତାର ବୟଃବୃଦ୍ଧି ସହିତ ଆମ ଦେଶରେ ରାଜନୈତିକ ମୂଲ୍ୟବୋଧର କ୍ରମଅବକ୍ଷୟ, ଜନସାଧାରଣଙ୍କ ୟୁରୋପୀୟ ସଭ୍ୟତା, ସଂସ୍କୃତି ଓ ଜୀବନାଦର୍ଶର ଉତ୍ତରୋତ୍ତର ଅନୁସରଣ ସହିତ ଭୌତିକ ବିଜ୍ଞାନର କ୍ରମୋନ୍ନତି ଏବଂ ଚୀନ-ପାକିସ୍ତାନ ଭଳି ପଡ଼ୋଶୀ ରାଷ୍ଟ୍ରର ଭାରତ ସହିତ ସୁସଂପର୍କହୀନତା ପ୍ରଭୃତି ଆମର ଶାନ୍ତ, ସରଳ ତଥା ସଂସ୍କୃତି ସମ୍ପନ୍ନ ଜୀବନଧାରାରେ ଯେଉଁ ଛଳନା ଓ କୃତ୍ରିମତାର ଅନୁପ୍ରବେଶ ଘଟାଇଲା, ତାହା ଏ ଦେଶର ମାନବୀୟ ମୂଲ୍ୟବୋଧରେ ଏକପ୍ରକାର ସଙ୍କଟ ସୃଷ୍ଟିକଲା । ପରିମାଣାଧିକ ଉଚ୍ଚଶିକ୍ଷିତ, କ୍ଷମତାସମ୍ପନ୍ନ ଏବଂ ସ୍ୱଚ୍ଛଳ ଲୋକେ ନୈତିକତା ବିବର୍ଜ୍ଜିତ ହୋଇ ଆତ୍ମକୈନ୍ଦ୍ରିକତାକୁ ଆଦରି ନେଲେ । ଏହା ସହିତ ମହାଯୁଦ୍ଧୋତ୍ତର ପୃଥିବୀର ପରୋକ୍ଷ ପ୍ରଭାବ ମଧ୍ୟ ଏଠାରେ ଅନୁଭୂତ ହେଲା । ସ୍ୱାଧୀନତୋତ୍ତର ଭାରତୀୟ ସମାଜର ଏପରି ଏକ ପୃଷ୍ଠଭୂମିରେ ଓଡ଼ିଆ କଥା ସାହିତ୍ୟର ଅନେକ ସ୍ରଷ୍ଟା ନିଜନିଜ ସାଧନାରେ ବ୍ରତୀ ହେଲେ । ନାରାୟଣପ୍ରସାଦଙ୍କ କ୍ଷୁଦ୍ରଗଳ୍ପ ରଚନା ମଧ୍ୟ ଏପରି ଏକ କ୍ଷୟିଷ୍ଣୁ ମୂଲ୍ୟବୋଧର ଭିତ୍ତିଭୂମିରେ ଦଣ୍ଡାୟମାନ ।

ଷାଠିଏ ଦଶକର ଶେଷ ଭାଗରୁ ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ନାରାୟଣଙ୍କ ମଟୁର ଗଳ୍ପ ରଚନାର ସମାନ୍ତରାଳ ଭାବରେ ଓଡ଼ିଶାର ବହୁ ପ୍ରବୀଣ ଓ ନବୀନ ଗଳ୍ପଲେଖକ ସାଧନାରତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତି, ଫତୁରାନନ୍ଦ, ବସନ୍ତ ଶତପଥୀ, ସୁରେନ୍ଦ୍ର ମହାନ୍ତି, କିଶୋରୀଚରଣ ଦାସ, ମହାପାତ୍ର ନୀଳମଣି ସାହୁ, ଅଚ୍ୟୁତାନନ୍ଦ ପତି, ବିଭୂତିଭୂଷଣ ତ୍ରିପାଠୀ, ଅଖିଳମୋହନ ପଟ୍ଟନାୟକ, ବିଜୟକୃଷ୍ଣ ମହାନ୍ତି, ଚନ୍ଦ୍ରଶେଖର ରଥ, ପରଶୁରାମ ମୁଣ୍ଡ, ସାତକଡ଼ି ହୋତା, ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ମନୋଜ ଦାସ ପ୍ରମୁଖ ହେଉଛନ୍ତି ତାଙ୍କଠାରୁ ବୟୋଜ୍ୟେଷ୍ଠ ଗାଳ୍ପିକ । ସେହିପରି ତାଙ୍କର ପ୍ରାୟ ସମସାମୟିକ ଓ କିଞ୍ଚିତ୍ ବୟଃକନିଷ୍ଠ କଥାଶିଳ୍ପୀଗଣ ହେଉଛନ୍ତି, ବୀଣାପାଣି ମହାନ୍ତି, ହରିହର ଦାସ, ବିଭୂତି ପଟ୍ଟନାୟକ, ସହଦେବ ସାହୁ, ପ୍ରତିଭା ରାୟ, ମାନସୀ ଦାସ, ପୂର୍ଣ୍ଣାନନ୍ଦ ଦାନୀ, ଚନ୍ଦ୍ରଶେଖର ଦାସବର୍ମା ଓ ରାମଚନ୍ଦ୍ର ବେହେରା ପ୍ରଭୃତି । ତାଙ୍କଠାରୁ ପ୍ରାୟ ଗୋଟିଏ ଦଶକ ବା ତଦୂର୍ଦ୍ଧ୍ୱ ବୟଃକନିଷ୍ଠ ଉତ୍ତମକୁମାର ପ୍ରଧାନ, ଅର୍ଚ୍ଚନା ନାୟକ, ସୌରୀବନ୍ଧୁ କର, ଗିରି ଦଣ୍ଡସେନା, ତରୁଣକାନ୍ତି ମିଶ୍ର, ରବି ସ୍ୱାଇଁ, ଜଗଦୀଶ ମହାନ୍ତି, ଯଶୋଧରା ମିଶ୍ର, ରଜନୀକାନ୍ତ ମହାନ୍ତି ଓ ହୃଷୀକେଶ ପଣ୍ଡା ପ୍ରଭୃତି ବହୁ ଗାଳ୍ପିକ କ୍ଷୁଦ୍ରଗଳ୍ପ ରଚନା ଦୃଷ୍ଟିରୁ ନାରାୟଣପ୍ରସାଦଙ୍କ ଗଳ୍ପରଚନାର ସମସାମୟିକ ଅଟନ୍ତି ।

ନାରାୟଣପ୍ରସାଦ କ୍ଷୁଦ୍ରଗଳ୍ପ ଲିଖନ ଆରମ୍ଭ କଲାବେଳକୁ ଓଡ଼ିଆ ଗଳ୍ପ ରଚନାର ଧାରା ପରିବର୍ତ୍ତିତ ହୋଇସାରିଥିଲା । ବିଶେଷକରି, ପଚାଶୋତ୍ତର କାଳରେ ତତ୍‌ପୂର୍ବବର୍ତ୍ତୀ ରୋମାଣ୍ଟିକ୍-ବାସ୍ତବବାଦୀ ପରିକଳ୍ପନା ସମନ୍ୱିତ ଗଳ୍ପଧାରା କ୍ରମଶଃ ସାମାଜିକତା ଅପେକ୍ଷା ବ୍ୟକ୍ତିମୁଖୀନତା, କାହାଣୀ ବଦଳରେ ଘଟଣାଂଶ ଉପରେ ଏବଂ ବକ୍ତବ୍ୟ ଦୃଷ୍ଟିରୁ ସାମାଜିକ ସନ୍ଦେଶକୁ ଗୌଣକରି ମନସ୍ତାତ୍ତ୍ୱିକତା ଉପରେ ପ୍ରାଧାନ୍ୟ ଦେଲା । ପ୍ରକାଶଭଙ୍ଗୀରେ ମଧ୍ୟ ସେହିପରି କାହାଣୀ ବିହୀନତା ସହିତ ଭାଷା ପ୍ରୟୋଗ ରୀତିରେ ପରିବର୍ତ୍ତନ ଦେଖାଗଲା । ଫକୀରମୋହନୀୟ ଧାରାରୁ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକପ୍ରକାର ମୁକ୍ତ ହୋଇ ଜାତୀୟ ଓ ଆନ୍ତର୍ଜାତୀୟ ଗଳ୍ପଧାରାର ଅନୁସରଣ କଲା । ଫଳରେ, ପରୀକ୍ଷା-ନିରୀକ୍ଷା ନାମରେ ପାଶ୍ଚାତ୍ୟ ଜଗତର ବିଭିନ୍ନ ବାଦ (ISM)ର ପ୍ରୟୋଗ ସହିତ ଶିଳ୍ପସୌଷ୍ଠବରେ ଅଧିକ ପ୍ରାଧାନ୍ୟ ଆରୋପିତ ହେଲା । ବର୍ଣ୍ଣନାତ୍ମକତା ଅପେକ୍ଷା ବ୍ୟଞ୍ଜନା ଉପରେ ଗୁରୁତ୍ୱାରୋପ କରାଗଲା । ଫଳରେ କ୍ଷୁଦ୍ରଗଳ୍ପ ଅପେକ୍ଷାକୃତ ବୌଦ୍ଧିକତା ଆଡ଼କୁ ଗତିକଲା । ଜଟିଳ ଜୀବନ ଯନ୍ତ୍ରଣା ପରିପ୍ରେକ୍ଷୀରେ ସମକାଳୀନ ମଣିଷର ସ୍ୱରୂପ ଉଦ୍‌ଘାଟନ ସହିତ ଆଙ୍ଗିକ ସ୍ତରରେ ମିନିଗଳ୍ପ, ଆଭାସଗଳ୍ପ, ଅଣୁଗଳ୍ପ ଓ ପ୍ରତୀକଗଳ୍ପାଦିର ପ୍ରଣୟନ ପ୍ରାଧାନ୍ୟ ଲାଭ କଲା । ଅଶୀଦଶକ ଶେଷ ପର୍ଯ୍ୟନ୍ତ ଏପରି ବିବିଧ ପ୍ରାୟୋଗିକତା ଭିତର ଦେଇ ଓଡ଼ିଆ କ୍ଷୁଦ୍ରଗଳ୍ପ ପ୍ରଣୀତ ହୋଇଆସିଥିବାରୁ ଗଳ୍ପରଚନା ଆଉ କୌଣସି ଧରାବନ୍ଧା ରୀତିରେ ନହୋଇ ଗାଳ୍ପିକମାନଙ୍କର ସ୍ୱକୀୟ ପରିକଳ୍ପନାର ଆଧାରରେ ପ୍ରକାଶିତ ହେଲା । ସେଥିପାଇଁ ଉଭୟ କଥାବସ୍ତୁ ଓ କୌଶଳ ଦୃଷ୍ଟିରୁ ଏହି କାଳର କ୍ଷୁଦ୍ରଗଳ୍ପ ଅଧିକ ବ୍ୟାପକହୋଇ ବହୁମୁଖୀ ଆଦର୍ଶକୁ ପ୍ରଖ୍ୟାପିତ କଲା । ଶତାବ୍ଦୀର ଶେଷବେଳକୁ

ବହୁନୂତନ ଗଳ୍ପସ୍ରଷ୍ଟାଙ୍କର ଆବିର୍ଭାବ ଘଟିବା ସହିତ ଅନେକ ପ୍ରବୀଣଙ୍କର ଗଳ୍ପରଚନାର ମୋଡ଼ ବଦଳିଗଲା । ଏହି ସମୟବେଳକୁ ପ୍ରବଳ ଆତ୍ମକୈନ୍ଦ୍ରିକତା ଓ ବ୍ୟକ୍ତିମନର ବିଶ୍ଳେଷଣ ମାଧ୍ୟମରେ ଓଡ଼ିଆ ଗଳ୍ପଧାରାରେ ବିବର୍ତ୍ତନ ଦେଖାଦେଇଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ, କଥାବସ୍ତୁ ବା ରଚନାରୀତି ଅନୁସୃତ ହୋଇ ନାହିଁ । ପ୍ରତ୍ୟେକ ଗାଳ୍ପିକ ଆପଣାଆପଣା ଶୈଳୀରେ କ୍ଷୁଦ୍ରଗଳ୍ପ ରଚନା କରିଆସିଛନ୍ତି ।

ନାରାୟଣଙ୍କ କ୍ଷୁଦ୍ରଗଳ୍ପର ଭାବସୌନ୍ଦର୍ଯ୍ୟ :

ଉତ୍ତର ଷାଠିଏ ଓଡ଼ିଆ କ୍ଷୁଦ୍ରଗଳ୍ପର ଏପରି ସ୍ଥିତିରେ ନାରାୟଣପ୍ରସାଦ ଗଳ୍ପରଚନା କରିଥିଲେ ମଧ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ସାହିତ୍ୟାଦର୍ଶ ବା ସାହିତ୍ୟିକବାଦର ପଛରେ ପଡ଼ିନାହାନ୍ତି । ନିଜର ଜୀବନ ଓ ଜୀବିକା ସଂସାଧିତ ହେଉଥିବା ଭୂମିଖଣ୍ଡର ସାମାଜିକ ପୃଷ୍ଠଭୂମିରେ ସେ ଲାଭ କରିଥିବା ବହୁବିଧ ଅନୁଭୂତିକୁ କ୍ଷୁଦ୍ରଗଳ୍ପ ଆଙ୍ଗିକରେ ପ୍ରକାଶ କରିଛନ୍ତି । ଏ ଅନୁଭୂତି ତାଙ୍କର ନିତାନ୍ତ ବ୍ୟକ୍ତିଗତ ସ୍ତରର ହୋଇଥିଲେ ହେଁ, ତନ୍ମଧ୍ୟରେ ପ୍ରତିଫଳିତ ଜୀବନଯନ୍ତ୍ରଣା ଓ ସାମାଜିକ ସମସ୍ୟା ତାଙ୍କ ସମକାଳର ଭାରତୀୟ ମଣିଷ ଓ ସମାଜର ବାସ୍ତବ ସ୍ୱରୂପକୁ ପ୍ରଦର୍ଶିତ କରିଛି । ମାନବିକ ମୂଲ୍ୟବୋଧର ଅବକ୍ଷୟ ସହିତ ନୈତିକତା ବିବର୍ଜିତ ତଥାକଥିତ ସଭ୍ୟଜୀବନ ତାଙ୍କ ସମ୍ବେଦନଶୀଳ ଅନ୍ତରରେ ଦାରୁଣ ଆଘାତ ଦେଇଛି । ସେଥିପାଇଁ ତାଙ୍କ କ୍ଷୁଦ୍ରଗଳ୍ପର ଭାବସୌନ୍ଦର୍ଯ୍ୟ ରୂପରେ ଲେଖକଙ୍କ ନିଜ ଜୀବନର ପ୍ରତିଫଳନ, ନାନାବିଧ ସାମାଜିକ ସମସ୍ୟାର ଚିତ୍ର, ମଣିଷର ପ୍ରବଳ ଆତ୍ମକୈନ୍ଦ୍ରିକତା ସହିତ ଅନ୍ତର୍ମନର ରହସ୍ୟ ବିଶ୍ଳେଷଣ, ସଭ୍ୟସମାଜର ଅସହାୟତାବୋଧ ଏବଂ ଜୀବନପ୍ରତି ଏକ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀକୁ ପାଠକ ଅନୁଭବ କରିପାରେ । ଲେଖକ ପ୍ରତ୍ୟକ୍ଷ କରିଥିବା ଏ ଜୀବନଯନ୍ତ୍ରଣାର ଉତ୍ସ ହେଉଛି ତାଙ୍କ ପରିବାର ଓ ସେ ବଞ୍ଚି ଆସିଥିବା ସମାଜ । ତେଣୁ 'ବିବର୍ଣ୍ଣା ପୃଥିବୀ'ର ଉତ୍ସର୍ଗ ପତ୍ରରେ ଗ୍ରନ୍ଥସ୍ଥ କଥାବସ୍ତୁର ସୂଚନା କ୍ରମରେ ସେ ଲେଖିଛନ୍ତି, "ଉତ୍ତରାଧିକାର ସୂତ୍ରରେ ତୁମଠାରୁ ମୁଁ ଅନ୍ୟ ଯାହା କିଛି ପାଇଛି, ତାହା ଗୌଣ, ମୁଖ୍ୟ ହେଲା ଜୀବନଯନ୍ତ୍ରଣା । ସେଥିପାଇଁ 'ଦୁଃଖଦତ୍ତ ଜ୍ଞାନ ଚକ୍ଷୁରେ ଜଗତ, ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ' । ଏ ପୃଥିବୀ ମୋ'ପାଇଁ ବିବର୍ଣ୍ଣା । ଯଦିବା ବର୍ଣ୍ଣର କିଛି ବୈଭବ ଅଛି, ତାହା କ୍ଷଣିକ, ଶଙ୍କାଗ୍ରସ୍ତ ଏବଂ ପ୍ରଶ୍ନମୟ" (ବିବର୍ଣ୍ଣା ପୃଥିବୀ - ପୂଜ୍ୟ ବାପାଙ୍କୁ, ପୃ.ଖ) ।

ଲେଖକଙ୍କ ନିଜ ଜୀବନର ପ୍ରତିଫଳନ :

ନିଜ ଜୀବନାନୁଭୂତି ହିଁ ଲେଖକଙ୍କ ଗଳ୍ପ ରଚନାର ମୂଳପୁଞ୍ଜି ହୋଇଥିବାରୁ ଏଥିରେ ତାଙ୍କର ବ୍ୟକ୍ତିଗତ ଜୀବନର ପ୍ରତିଫଳନ ଘଟିଛି । ଉଣାଅଧିକେ ପ୍ରାୟ ପ୍ରତ୍ୟେକ ଶିଳ୍ପୀଙ୍କ କୃତିରେ ସେମାନଙ୍କ ଜୀବନାନୁଭବ ପ୍ରକାଶ ପାଉଥିଲେ ମଧ୍ୟ ନାରାୟଣଙ୍କ ଭଳି କ୍ୱଚିତ୍ ଲେଖକ ହିଁ ନିଜକୁ ଏତେ ନିଷ୍କପଟ ଭାବରେ ଖୋଲି ଦେଇପାରନ୍ତି । ଏ କ୍ଷେତ୍ରରେ ଓଡ଼ିଆ ସାହିତ୍ୟରେ ଫକୀରମୋହନ ସେନାପତି ହିଁ ହେଉଛନ୍ତି ଜଣେ ସର୍ବକାଳୀନ ଆଦର୍ଶ କଥାକାର । ତାଙ୍କ କଥା ସାହିତ୍ୟ ବିଶେଷତଃ, କ୍ଷୁଦ୍ରଗଳ୍ପରେ ମର୍ମଜ୍ଞ ପାଠକ ତାଙ୍କର ସୁଖଦୁଃଖଭରା ଜୀବନକୁ ଅନୁଭବ କରିପାରେ ।

ପୂର୍ବରୁ ସୂଚିତ ଅଛି ଯେ, ଗାଳ୍ପିକ ନାରାୟଣପ୍ରସାଦ ଉଚ୍ଚଶିକ୍ଷାକ୍ରମରେ ବାଣିଜ୍ୟ ଅଧ୍ୟୟନ କରିଥିଲେ ଓ ବୃତ୍ତି ଭାବରେ ଓଡ଼ିଶା ସରକାରଙ୍କଠାରେ ଶିକ୍ଷକତାକୁ ଆଦରି ନେଇଥିଲେ । ଏ ଶିକ୍ଷକ ଜୀବନର ନାନା ଅନୁଭୂତି ରୂପଲାଭ କରିଛି 'ବର୍ଷା', 'ସେହି ଦୃଶ୍ୟ : ଭିନ୍ନ ଚରିତ୍ର', 'ମିତା : ଏକ ବ୍ୟକ୍ତିଗତ ଶୋକ', 'ବିଦାୟପରେ', 'ଅନ୍ଧଦେଶ', 'ଏକାଏକା', 'ଦିନରାତି', 'ଅରଣ୍ୟଚିନ୍ତା' ଆଦି କ୍ଷୁଦ୍ରଗଳ୍ପରେ । ଅର୍ଥାଭାବରୁ ସେ ନିୟମିତ ଛାତ୍ର ଭାବେ ଏମ୍.ଏ. ପଢ଼ି ନ ପାରିବା, ଅନିଚ୍ଛାକୃତ ବିବାହ କରିବା ଓ ପାରିବାରିକ ଜଞ୍ଜାଳ ସହ ଶିକ୍ଷକ ଜୀବନର ଦୁଃସ୍ଥତା 'ବର୍ଷା'ରେ ଯେପରି ରୂପ ପାଇଛି, ସେହିପରି ଶିକ୍ଷକର ଅସହାୟତା ଓ କପି ପ୍ରସଙ୍ଗରେ ଛାତ୍ରମାନଙ୍କ ଦୁର୍ବ୍ୟବହାର 'ସେଇ ଦୃଶ୍ୟ : ଭିନ୍ନ ଚରିତ୍ର' ଓ 'ଦିନରାତି'ରେ ପ୍ରତିଫଳିତ ହୋଇଛି । ରାଜେନ୍ଦ୍ର କଲେଜରେ ପଢ଼ିବାବେଳେ ସେ ଛାତ୍ର ସଂସଦର ସହକାରୀ ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ । ଏହି ପ୍ରସଙ୍ଗ ଓ ଛାତ୍ରଜୀବନର ଆଉ କିଛି ଘଟଣା ତାଙ୍କର 'କିଛିସମୟ ଅନ୍ୟକିଛି' ଗଳ୍ପରେ କାମପାଳ ଚରିତ୍ର ମାଧ୍ୟମରେ ରୂପ ପାଇଛି । ଚାକିରି ଜୀବନର ପ୍ରାରମ୍ଭିକ ସ୍ତରରେ ତାଙ୍କର ଗୋଟିଏ ଶିଶୁକନ୍ୟାର ଅକାଳ ବିୟୋଗ ତାଙ୍କୁ ଯେଉଁ ମର୍ମବେଦନା ଦେଇଛି, ତା'ର ପରିପ୍ରକାଶ ହେଉଛି, 'ମିତା-ଏକ ବ୍ୟକ୍ତିଗତ ଶୋକ' ଗଳ୍ପ । ଏ ପ୍ରସଙ୍ଗରେ ତାଙ୍କର ମନ୍ତବ୍ୟ ହେଉଛି, "୧୯୭୧ ମସିହାରେ 'ଝଙ୍କାର'ରେ ପ୍ରକାଶିତ ହେଲା 'ମିତା - ଏକ ବ୍ୟକ୍ତିଗତ ଶୋକ' । ତାହା ମୋତେ ସାରା ଓଡ଼ିଶାର ସଚେତନ ପାଠକ ଲେଖକମାନଙ୍କ ମଧ୍ୟରେ ପରିଚିତ କରାଇ ପାରିଲା । ××× ତେବେ ତାହା କୌଣସି କାଳ୍ପନିକ ଗଳ୍ପ ନୁହେଁ, ମୋ' ନିଜର ଏକ ଚାରିବର୍ଷ ବୟସର ଝିଅର ମୃତ୍ୟୁ ଏବଂ ତଦ୍‌ଜନିତ ମୋ' ମନର ଭାବନା ପ୍ରବାହର କଥା" (କିଛିକଥା କିଛିବ୍ୟଥା - ନାରାୟଣପ୍ରସାଦ ପଟ୍ଟନାୟକ । ସାଗର, ୬୨ତମ ସଂଖ୍ୟା, ୨୦୨୩, ପୃ.୧୭) ।

ଛାତ୍ରଜୀବନରେ ସେ ଯେପରି ଶୃଙ୍ଖଳିତ ଥିଲେ ସେହିପରି ଶିକ୍ଷକ ଜୀବନରେ ସର୍ବଦା ଆଦର୍ଶର ଅନୁସରଣ କଲେ । ତେଣୁ ବ୍ୟକ୍ତିଗତ ଇଚ୍ଛା ଓ ବାସ୍ତବତା ଦୃଷ୍ଟିରୁ ନିଜ ଜୀବନକୁ ସେ ଉପଭୋଗ କରିପାରି ନାହାନ୍ତି । 'ଏକାଏକା' ଗଳ୍ପରେ ଏଥିପାଇଁ ସେ ଲେଖିଛନ୍ତି, "ଛାତ୍ର ଜୀବନସାରା ଭଲପିଲା ହୋଇ ତା'ପରେ ଜଣେ ଭଦ୍ରଲୋକ ସାଜି ଜୀବନଟା ନଷ୍ଟ ହୋଇଗଲା । ଟିକିଏ ଫୁର୍ତ୍ତି ବି କରି ହେଲାନି, ଲଭ୍, ରୋମାନ୍ସ, ଏଡ୍‌ଭେନ୍‌ଚର କିଛି ବି ହେଲାନି, ବୋରିଂ ସବୁକିଛି ବୋରିଂ" (ବିବର୍ଣ୍ଣା ପୃଥିବୀ, ପୃ.୪୦) । ଏହିପରି 'ମାର୍ଗ'ରେ ଚାକିରି କ୍ଷେତ୍ରରେ ଲେଖକଙ୍କ ଇଚ୍ଛା ଓ ଶିକ୍ଷକତା, 'ଘର' ଗଳ୍ପରେ ଚାକିରି ଜୀବନରେ ଘର ସମସ୍ୟା, 'ଲେନ୍‌ସ ଭିତରକୁ ଚାଲି ଆସୁଥିବା







ପିଲାଟି'ରେ ତାଙ୍କର ପିଲାଦିନର ଘରୋଇ ଡାକନାମ 'ସନୁ'ର ବ୍ୟବହାର, 'ନିମନ୍ତ୍ରଣ'ରେ ଛାତ୍ର ଜୀବନରୁ ତାଙ୍କର କବିତା ରଚନା କରୁଥିବା ଓ ସମୟକ୍ରମେ ବନ୍ଦ ହୋଇଯିବାର ସୂଚନା ସହିତ ରାଜନେତା ହୋଇଥିବାରୁ ତାଙ୍କ ସାନଭାଇଙ୍କୁ ନିମନ୍ତ୍ରଣ ଦେଇ ଜଣେ ସହପାଠୀ ତାଙ୍କୁ ପାଶୋରି ଦେବା ଏବଂ 'ଏକାଏକା'ରେ ଅନ୍ୟଜଣେ ସହପାଠୀର କୃତ୍ରିମ ବ୍ୟବହାର ପ୍ରଦର୍ଶନ ପ୍ରଭୃତି ନିଜ ଜୀବନର ଘଟଣାବଳୀକୁ ସେ ସୁନ୍ଦର ଗଳ୍ପ ରୂପ ଦେଇପାରିଛନ୍ତି । ଅଙ୍ଗେନିଭା ଅନୁଭୂତି ନ ଥାଇ ଗଳ୍ପ ରଚନା ଓ ପ୍ରାୟୋଗିକତା ନାମରେ ବୌଦ୍ଧିକତା ଯୋଗୁଁ ଓଡ଼ିଆ ଗଳ୍ପ କେତେକାଂଶରେ ସାଧାରଣ ପାଠକଙ୍କଠାରୁ ଦୂରେଇ ଯାଉଥିବାବେଳେ ନାରାୟଣଙ୍କ ଅନୁଭୂତି ସଂପନ୍ନ ଗଳ୍ପ ରଚନା ଓ ସେଥିରେ ନିଜ ଜୀବନର ପ୍ରତିଫଳନ ଯୋଗୁଁ ତାହା ପାଠକୀୟ ଶ୍ରଦ୍ଧା ପାଇବାରେ କ୍ଷମ ହୋଇଛି । ଲେଖକଙ୍କ ଛାତ୍ରଜୀବନ, ପାରିବାରିକଜୀବନ, ଚାକିରିଜୀବନ ଓ ବ୍ୟକ୍ତିତ୍ୱକୁ ଏଥିରୁ ଅନୁଭବ କରାଯାଇପାରେ । ତାଙ୍କର ଜନ୍ମ ଓ ସ୍ଥାୟୀ ବାସସ୍ଥାନ ଭବାନୀପାଟଣା ହୋଇଥିବାରୁ 'ସାରାରାତି' ଭଳି କେତୋଟି ଗଳ୍ପର କାନ୍‌ଭାସ୍ ଭାବରେ ଏହି ସହରକୁ ସେ ଗ୍ରହଣ କରିଛନ୍ତି । ଏଥିରୁ ମଧ୍ୟ ତାଙ୍କ ଜୀବନକ୍ରମର କିଛି କଥା ଜଣାପଡ଼େ ।

ବହୁବିଧ ସାମାଜିକ ସମସ୍ୟାର ଚିତ୍ର :

ନାରାୟଣପ୍ରସାଦ ହେଉଛନ୍ତି ଜଣେ ସମାଜ ସଚେତନ କଥାଶିଳ୍ପୀ । ତେଣୁ ତାଙ୍କର ଅଧିକାଂଶ କ୍ଷୁଦ୍ରଗଳ୍ପରେ ପ୍ରକାଶିତ ଅନୁଭୂତି ତାଙ୍କ ସମକାଳୀନ ସାମାଜିକ ଜୀବନର ଏକଏକ ବିଶେଷ ସମସ୍ୟାକୁ ପ୍ରତିଫଳିତ କରାଇଛି । ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ବ୍ୟାପକ ସାମାଜିକ ଜୀବନରେ ହେଉଥିବା ନାନା ଅନ୍ୟାୟ, ଅନୀତି, ଉପେକ୍ଷା, ଅବହେଳା, ପକ୍ଷପାତିତା ପ୍ରଭୃତି ସମସ୍ୟା ସମ୍ପର୍କରେ ସେ ଅତ୍ୟନ୍ତ ସଚେତନ ରହିଆସିଛନ୍ତି । ତେଣୁ ସମାଜରେ ମଣିଷ ଜୀବନର ଏପରି ଅନ୍ଧକାରମୟ ଦିଗର ସ୍ୱରୂପ ଉନ୍ମୋଚନ ଅନ୍ତରାଳରେ ମଣିଷକୁ ପରିବର୍ତ୍ତନ କରାଇ ଉନ୍ନତ ସମାଜ ଗଠନ କରିବାର ଆଭିମୁଖ୍ୟ ଏଥିରେ ସ୍ପଷ୍ଟ ହୋଇଛି । ତାଙ୍କ ଗଳ୍ପରେ ପ୍ରଦର୍ଶିତ କେତୋଟି ପ୍ରମୁଖ ସାମାଜିକ ସମସ୍ୟା ହେଉଛି –

ଶିକ୍ଷା ସମସ୍ୟା :

ଲେଖକ ନିଜେ ଜଣେ ଶୃଙ୍ଖଳିତ ଛାତ୍ର ଓ ଆଦର୍ଶ ଶିକ୍ଷକ ଅଟନ୍ତି । ସେଥିପାଇଁ ଶିକ୍ଷାକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ସେ ଖୁବ୍ ନିକଟରୁ ଅନୁଭବ କରିଛନ୍ତି । ତେଣୁ ତାଙ୍କର ଅନେକ ଗଳ୍ପରେ ତାଙ୍କ ଶିକ୍ଷକ ଜୀବନର ନାନା ସ୍ୱର୍ଶକାତର ଅନୁଭୂତି ବର୍ଣ୍ଣିତ ହୋଇଛି । ଏହି କ୍ରମରେ 'ମିତା-ଏକ ବ୍ୟକ୍ତିଗତ ଶୋକ'ରେ ଛାତ୍ର ଜୀବନରେ ପଢ଼ିଥିବା ପାଠର ଦୈନନ୍ଦିନ ଜୀବନରେ ଅନୁପଯୋଗିତା, 'ସେଇ ଦୃଶ୍ୟ : ଭିନ୍ନ ଚରିତ୍ର'ରେ ପରୀକ୍ଷା ସମୟରେ କପି ସମସ୍ୟା, ଏ କ୍ଷେତ୍ରରେ ଅସନ୍ତୁଷ୍ଟ ଛାତ୍ରମାନଙ୍କ ଶିକ୍ଷକଙ୍କ ପ୍ରତି ଅସ୍ୱାଭାବିକ ଆଚରଣ ଓ ବ୍ୟବହାର ପ୍ରଦର୍ଶନ, 'ସାରାରାତି'ରେ ଶିକ୍ଷକଙ୍କଦ୍ୱାରା ପରୀକ୍ଷାପତ୍ରର ଦାୟିତ୍ୱହୀନ ମୂଲ୍ୟାୟନ, 'ଅରଣ୍ୟଚିନ୍ତା'ରେ ଛାତ୍ରଛାତ୍ରୀଙ୍କ ପରୀକ୍ଷାବେଳେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଅବୈଧ ସହଯୋଗ, 'ଦିନରାତି' ଗଳ୍ପରେ ଶିକ୍ଷକର ଅସହାୟତା, ଶିକ୍ଷକ ପ୍ରତି ସମାଜର ନ୍ୟୂନଦୃଷ୍ଟି ଏବଂ ସରକାରୀସ୍ତରରେ ପକ୍ଷପାତ ନିୟମ, 'ବର୍ଷା'ରେ ସରଳ ଶିକ୍ଷକର ଆର୍ଥିକ ଶୋଚନୀୟତା ଏବଂ 'ସ୍ତ୍ରୀ-ପୁରୁଷ'ରେ ଛାତ୍ରଛାତ୍ରୀଙ୍କ ଉପରେ ସିନେମାର କୁପ୍ରଭାବର ସ୍ୱରୂପକୁ ସେ ପ୍ରଦର୍ଶିତ କରାଇଛନ୍ତି ।

ଘର ସମସ୍ୟା :

ଘର ହେଉଛି ମଣିଷର ଅନ୍ୟତମ ସର୍ବନିମ୍ନ ମୌଳିକ ଆବଶ୍ୟକତା । କିନ୍ତୁ ବାସ୍ତବତା ହେଉଛି, ଏହା ସମସ୍ତଙ୍କ ଭାଗ୍ୟରେ ସହଜଲଭ୍ୟ ହୋଇପାରେ ନାହିଁ । ସ୍ୱାଧୀନ ଭାରତରେ ଶିକ୍ଷକଭଳି ଚାକିରିଜୀବୀଙ୍କଠାରୁ ଆରମ୍ଭ କରି ଯାଯାବର ଜୀବନଯାପନ କରୁଥିବା ଅନେକ ମଣିଷଙ୍କ ପାଇଁ ଉଣାଅଧିକେ ଏ ସମସ୍ୟା ଲାଗିରହିଛି । 'ବର୍ଷା', 'ଘର', 'ମଶା' ଓ 'ଦିନରାତି' ଗଳ୍ପରେ ଏ ସମସ୍ୟା ସଂକ୍ରାନ୍ତୀୟ ଲେଖକଙ୍କ ଅଙ୍ଗୋନିଭା ଅନୁଭୂତି ବର୍ଣ୍ଣିତ ହୋଇଛି । ବିଶେଷତଃ, ତାଙ୍କ ଚାକିରି ଜୀବନରେ ଭୋଗ କରିଥିବା ଭଡ଼ାଘରର ବିଭିନ୍ନ ସମସ୍ୟାର ଚିତ୍ର ଏଥିରେ ପ୍ରଦତ୍ତ ହୋଇଛି । ଏ ସମ୍ପର୍କରେ ଲେଖକଙ୍କ ସ୍ୱୀକାରୋକ୍ତି ହେଉଛି, "ମୁଁ ଚାକିରି ଆରମ୍ଭ କରିବା ସମୟରୁ ଏ ଯାଏଁ ସାତଟି ସ୍ଥାନରେ ଷୋହଳଟି ଘରେ ରହିଛି" (କିଛିକଥା କିଛିବ୍ୟଥା - ସାଗର, ୬୨ତମ ସଂଖ୍ୟା, ୨୦୨୩, ପୃ.୧୭) । ଆମ ସମାଜରେ କିଛି ଶିକ୍ଷିତ ତଥା ସମ୍ପନ୍ନଲୋକ ଆରାମଦାୟକ ଘରେ ରହୁଥିବାବେଳେ ଗୃହହୀନ, ଶିକ୍ଷାହୀନ, ଧନହୀନ ନିମ୍ନଶ୍ରେଣୀୟ ଯାଯାବର ଜାତୀୟ ଲୋକେ ଖୋଲା ପଡ଼ିଆରେ ବି ସମସ୍ତ ଅସୁବିଧା ସତ୍ତ୍ୱେ ଜୀବନଯାପନ କରନ୍ତି । ସେଥିପ୍ରତି ସଭ୍ୟ ସମାଜର ନଜର ନାହିଁ । ଓଲଟା ସେମାନଙ୍କୁ ଖୁସିରେ ରହିଥିବାର କହି ଉପହାସ କରାଯାଏ । ତଥାକଥିତ ସଭ୍ୟ ଓ ଶିକ୍ଷିତ ଲୋକଙ୍କ ସୁବିଧା ନିମନ୍ତେ ସେମାନଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥାଏ । ଭଡ଼ା ଘର ସମସ୍ୟାରେ ଯନ୍ତ୍ରିତ ହେଉଥିବାବେଳେ ଗାଳ୍ପିକ 'ଘର' ଗଳ୍ପରେ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗର ଅନୁଭୂତି ଲାଭ କରିଛନ୍ତି । ଘର ସମସ୍ୟା ସମ୍ବନ୍ଧୀୟ ପୂର୍ବରୁ ରଚିତ ଅନନ୍ତପ୍ରସାଦ ପଣ୍ଡାଙ୍କ 'ଟାଇପ୍ ଫୋର୍' ଓ ଗୋପୀନାଥ ମହାନ୍ତିଙ୍କ 'ଘର' ଓଡ଼ିଆ ସାହିତ୍ୟର ଦୁଇଟି ଉଲ୍ଲେଖଯୋଗ୍ୟ କ୍ଷୁଦ୍ରଗଳ୍ପ । ନାରାୟଣପ୍ରସାଦ ଏହି ଧାରାର ଅନ୍ୟତମ କଥାକାର ।

ନିମ୍ନମଧ୍ୟବିତ୍ତ ପରିବାରର ଅସହାୟ ଜୀବନ ଚିତ୍ର :

ଗାଳ୍ପିକ ନିଜେ ହେଉଛନ୍ତି ନିମ୍ନମଧ୍ୟବିତ୍ତ ପରିବାରର ଜଣେ ସଦସ୍ୟ । ତେଣୁ ଏପରି ପରିବାରର ଅସହାୟତାକୁ ସେ ନିଜ ପାଖରୁ ଓ ଅନ୍ୟମାନଙ୍କ ନିକଟରୁ ଅନୁଭବ କରିପାରିଛନ୍ତି । ତାଙ୍କର ଅଧିକାଂଶ କ୍ଷୁଦ୍ରଗଳ୍ପ ଏହାରି ପୃଷ୍ଠଭୂମିରେ ପ୍ରଣୀତ ହୋଇଛି । 'ହେ ନାଗରିକଗଣ' ସଙ୍କଳନ ଅନ୍ତର୍ଗତ 'ଋତୁର ନାଁ' ଗଳ୍ପ ଏ ଦୃଷ୍ଟିରୁ ଏକ ଉଲ୍ଲେଖଯୋଗ୍ୟ ଗଳ୍ପ । ଏଥିରେ ଗୋଟିଏ ଅଭାବଗ୍ରସ୍ତ ପରିବାରର ସମସ୍ୟା କିପରି ବାସନ୍ତୀ ଭଳି ଜଣେ ଉଚ୍ଚଶିକ୍ଷିତା ଚାକିରିଆ ଝିଅର ଯୌବନକୁ ଅନୁଭବ କରିବାକୁ ଦେଇନାହିଁ, ତାର ମାର୍ମିକ ଚିତ୍ର ପ୍ରଦତ୍ତ ହୋଇଛି । ବର୍ଷା ଅଭାବରୁ ଚାଷ ନଷ୍ଟ ହୋଇଯିବା ପରେ କୃଷିଜୀବୀ ଶ୍ରମିକମାନଙ୍କର ଅସହାୟତା ଫଳରେ ଇତସ୍ତତଃ ସହରକୁ ଭିକ୍ଷା ମାଗିବା ପାଇଁ ଚାଲିଯିବା ଏବଂ ଏପରି ଦୁଃସ୍ଥିତିରେ ସାମାନ୍ୟ ବୁଝାମଣାର ଅଭାବରେ ପତ୍ନୀକୁ ଛାଡ଼ି ସ୍ୱାମୀ ଅନ୍ୟତ୍ର ଚାଲିଯିବାଦ୍ୱାରା ଅଯଥା ସ୍ତ୍ରୀ ଅସହାୟ ଅବସ୍ଥାରେ ଭିକ୍ଷାବୃତ୍ତି କରିବାର ଦୟନୀୟ ଚିତ୍ର 'ପଥପ୍ରାନ୍ତର'କୁ କରୁଣ ରସସିକ୍ତ କରିଛି । ସେହିପରି 'ସାରାରାତି'ରେ ଲେଖକଙ୍କ ପୂର୍ବପଡ଼ୋଶୀଙ୍କ ଆର୍ଥିକ ଅସ୍ୱଚ୍ଛଳତାର ସ୍ୱରୂପ ତାଙ୍କ ମୁଖରେ ବର୍ଣ୍ଣନା କରାଇ ସେ ଲେଖିଛନ୍ତି, "ମୋ' ସ୍ତ୍ରୀ ଝିଅର ଫ୍ରକ୍ ଚିରିଗଲା କିମ୍ବା ପୁଅର କଲମରେ ନିବ୍ ନାହିଁ ବୋଲି କହି ଝଗଡ଼ା କରେ । ସାଇକଲ୍ କଥା ଚିନ୍ତା କରିପାରେ ନାହିଁ । ମୋ' ମନରେ ସେଥିପାଇଁ ବହୁତ ଗ୍ଲାନି । ପଡ଼ୋଶୀ ଘରମାନଙ୍କରେ ନେକ୍‌ଲସ୍, ସ୍କୁଟର୍ କିମ୍ବା ବମ୍ବେ ବୁଲିଯିବା ପାଇଁ କଳହ ସୃଷ୍ଟି ହେଲାବେଳକୁ ଆମ ଘରେ ଏଇ ସାମାନ୍ୟ ଫାଉଣ୍ଟେନ୍ ପେନ୍ ପାଇଁ ଝଗଡ଼ା" (ସାରରାତି, ପୃ.୩୪) । ପୁଣି ନିମ୍ନମଧ୍ୟବିତ୍ତ ପରିବାରରୁ ଆସି ଶିକ୍ଷକତା କରି ସ୍ୱଳ୍ପ ବେତନରେ ବଡ଼ ପରିବାର ଚଳେଇ ନେଉଥିବା ଜଣେ ଗୃହସ୍ଥର ଜୀବନଯନ୍ତ୍ରଣାକୁ 'ଦିନରାତି' କ୍ଷୁଦ୍ରଗଳ୍ପରୁ ଅନୁଭବ କରିହୁଏ । ଏ ସବୁରୁ ନିମ୍ନମଧ୍ୟବିତ୍ତ ପରିବାରର ଦୁଃସ୍ଥତା ଓ ସାମାଜିକ ଅବହେଳା ପ୍ରତି ଲେଖକଙ୍କ ମାନବିକ ସମ୍ବେଦନା ସହ ପ୍ରଚ୍ଛନ୍ନ ବିଦ୍ରୋହାତ୍ମକତା ଅଭିବ୍ୟଞ୍ଜିତ ହେଉଛି ।

ମଦ ଓ ଜୁଆ ସମସ୍ୟା :

ଗାନ୍ଧିଜୀ ଯେଉଁ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ ତା'ର ଅନ୍ୟତମ ଆଦର୍ଶ ହେଉଛି ନିଶା ନିବାରଣ । ଅର୍ଥାତ୍ ଏ ଦେଶର ଜଣେ ମଧ୍ୟ ବ୍ୟକ୍ତି କୌଣସି ନିଶାର ବଶୀଭୂତ ହେବ ନାହିଁ । କିନ୍ତୁ ଦେଶର ସ୍ୱାଧୀନତା ପରେପରେ ଏ କ୍ଷେତ୍ରରେ ସଂସ୍କାର ଆସିବା ବଦଳରେ ନିଶାସେବନ ଓ ଦ୍ୟୂତକ୍ରୀଡ଼ାର ପ୍ରାବଲ୍ୟ ବଢ଼ିବଢ଼ି ଆସିଛି । ସ୍ୱାଧୀନ ସରକାରମାନେ ରାଜସ୍ୱ ପାଇଁ ଦେଶୀ ଓ ବିଦେଶୀ ମଦଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରିଆସିଛନ୍ତି । ଫଳରେ ସହଜ ଅର୍ଥୋପାର୍ଜନ ଆଶା ରଖିଥିବା ବ୍ୟକ୍ତି ଏହାର ସୁଯୋଗ ନେଇଛନ୍ତି । ସାମାଜିକ ଜୀବନରେ ଘୋର ଅଶାନ୍ତି ସୃଷ୍ଟି ହେଉ ପଛକେ, ଏମାନେ ବ୍ୟକ୍ତିଗତ ଲାଭ ପାଇଁ ମାଦକଦ୍ରବ୍ୟର ପ୍ରସାରଣ ଘଟାଇବେ । ଗାଳ୍ପିକ 'ମାର୍ଗ' ଗଳ୍ପରେ ଏପରି ଏକ ପ୍ରସଙ୍ଗର ଅବତାରଣା କରିଛନ୍ତି । ଏଥିରେ କେଲଜ ଜୀବନରେ ଆଦର୍ଶ ପନ୍ଥାନୁସରଣ ପୂର୍ବକ ବାବା କଳ୍ପତରୁଙ୍କ ଶିକ୍ଷ୍ୟ ହେବା ପାଇଁ ପ୍ରବର୍ତ୍ତାଉଥିବା ସହପାଠୀ ବିଶ୍ୱାସ ରାୟ ପରବର୍ତ୍ତୀ ଜୀବନରେ ନିଜେ ମଦ୍ୟପାନ କରିବା ସହିତ ନିଜ ସାନଭାଇ ନାମରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପ୍ରୟାସ କରିଛି । ସେହିପରି 'ପିକ୍‌ନିକ୍' ଗଳ୍ପରେ ପିକ୍‌ନିକ୍ ସମୟରେ ସଭ୍ୟଲୋକଙ୍କ ମଦ୍ୟପାନ ସମ୍ପର୍କରେ ତୀର୍ଯ୍ୟକ୍ ଉକ୍ତି ପ୍ରକାଶ କରି ଗୋଟିଏ ଚରିତ୍ର ମୁହଁରେ ଲେଖକ କୁହାଇଛନ୍ତି, "ଆଜିକାଲି କ'ଣ ଆଉ ଏସବୁକୁ ନିଶା ବୋଲି ଧରା ହେଉଛି ? ଏଇଟା ତ ଆମ କଲ୍‌ଚର୍ ଭିତରେ ମିଶିଗଲାଣି" (ସାରାରାତି, ପୃ.୨୪) । 'ସେହିଦୃଶ୍ୟ : ଭିନ୍ନ ଚରିତ୍ର' ଗଳ୍ପରେ ଶିକ୍ଷକ ସୂର୍ଯ୍ୟମଣିଙ୍କ ପିତା ଜୁଆଖେଳି ଅର୍ଥୋପାର୍ଜନ କରିବା ଏବଂ ସେଥିପାଇଁ ସେ ଆକ୍ରୋଶର

ଶିକାର ହୋଇ ଗୋଟିଏ ଆଖି ହରାଇବାର କରୁଣ ଚିତ୍ର ପ୍ରଦତ୍ତ ହୋଇଛି । ସହରରେ ମଦ ଓ ଜୁଆର ପ୍ରାବଲ୍ୟ ଯୋଗୁଁ ଯୁବସମାଜର ବିଶୃଙ୍ଖଳିତ ଜୀବନଯାତ୍ରାର ନକାରାତ୍ମକ ପ୍ରଭାବ ସହିତ ତାହା ଯେପରି ସହରବାସୀଙ୍କର ଶାନ୍ତିଭଙ୍ଗର କାରଣ ହେଉଛି, ତାହାର ଚିତ୍ର ସେ 'ସାରାରାତି' ଗଳ୍ପରେ ପ୍ରଦାନ କରିଛନ୍ତି ।

ମୂଲ୍ୟବୋଧର ଅବକ୍ଷୟ ଓ ନୈତିକତାର ପତନ :

ସ୍ୱାଧୀନତୋତ୍ତର ଭାରତରେ ପାଶ୍ଚାତ୍ୟ ରୀତି ସମ୍ପନ୍ନ ଶିକ୍ଷା ଓ ସଭ୍ୟତାର ଅଗ୍ରଗତି ସହିତ କିପରି ମାନବିକ ମୂଲ୍ୟବୋଧର ଅବକ୍ଷୟ ଓ ନୈତିକତାର ପତନ ଘଟି ଚାଲିଛି, ତା'ର ଏକ ସାହିତ୍ୟିକ ଦଲିଲ ହେଉଛି ନାରାୟଣପ୍ରସାଦଙ୍କ କ୍ଷୁଦ୍ରଗଳ୍ପ ସମୂହ । ଜଣେ ଉଚ୍ଚଶିକ୍ଷିତ-ପ୍ରାଜ୍ଞ-ଆଦର୍ଶ-ଶିକ୍ଷକ ତଥା ସରଳ ଓ ସଚେତନ ମଣିଷ ଭାବରେ ଭାରତୀୟ ମଣିଷର ଏ ଅଧଃପତନକୁ ସେ ଅତି ନିକଟରୁ ଲକ୍ଷ୍ୟ କରିଛନ୍ତି । ତେଣୁ କ୍ଷୁଦ୍ରଗଳ୍ପ ମାଧ୍ୟମରେ ତା'ର ସ୍ୱରୂପ ଦର୍ଶାଇ ପାଠକର ଚେତନାକୁ ଜାଗ୍ରତ କରାଇବାକୁ ସେ ଯେପରି ପ୍ରୟାସୀ ହୋଇଛନ୍ତି । ଏଥିପାଇଁ ସେ ଆମ ସମାଜରେ ପ୍ରଚଳିତ ରହିଆସିଥିବା ବିବିଧ ଦୁର୍ନୀତି ସହିତ ସ୍ୱାର୍ଥ ଓ ଆତ୍ମକେନ୍ଦ୍ରିକ ମନୋଭାବର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି ।

ସାଂପ୍ରତିକ ସମାଜର ମଣିଷ ଏତେ ଆତ୍ମକେନ୍ଦ୍ରିକ ଯେ, ତାଙ୍କୁ ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ମହାପୁରୁଷ ଭଲଲୋକ ଭଳି ଦେଖାଯାଆନ୍ତି ନାହିଁ । ସେମାନଙ୍କ ଦୃଷ୍ଟିରେ ଯିଏ ନିଜର ସ୍ୱାର୍ଥପୂରଣ କରିପାରିଲା, ସେ ହିଁ ଭଲଲୋକ । ତେଣୁ ଲାଞ୍ଚ ନେଉଥିବା ଟି.ଟି.ଆଇ, କପି ଯୋଗାଉଥିବା ଶିକ୍ଷକ ଓ ଗରିବଙ୍କ ପାଇଁ ଆସିଥିବା ସାମଗ୍ରୀକୁ ବଣ୍ଟନ ନ କରି ବିକ୍ରି କରୁଥିବା ନେତା ଓ ତାଙ୍କ ପାଖ ଲୋକମାନେ ହିଁ ଭଲଲୋକ । ଆପଣା ସ୍ୱାର୍ଥ ଦୃଷ୍ଟିରୁ ଭଲମନ୍ଦ ବିଚାର କରୁଥିବା ଭଳି ଆମ ଚରିତ୍ରର ନୈତିକ ପତନକୁ 'ଭଲଲୋକ' ଗଳ୍ପରେ ଦର୍ଶାଯାଇଛି । ଆମ ସମାଜରେ ସମସ୍ତେ କିପରି ନିଜନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି, ତା'ର ଅନ୍ୟ ଏକ ନିଚ୍ଛକ ଚିତ୍ର ହେଉଛି 'ଜାନ୍ତବ' ଗଳ୍ପ । ଏଥିରେ ଲେଖକ ସମ୍ମୁଖୀନ ହୋଇଥିବା ଦୃଷ୍ଟସ୍ଥ ଦୁର୍ବଳ ଲୋକଟି ପ୍ରତି ସାମ୍ବାଦିକ ଓ ପୋଲିସ ଭଳି ସମାଜର ଶିକ୍ଷିତ ଲୋକଙ୍କ ଆତ୍ମକେନ୍ଦ୍ରିକ ବ୍ୟବହାର ପ୍ରଦର୍ଶିତ ହୋଇଛି । ଏପରି ନୀତିହୀନ ସ୍ୱାର୍ଥ ସର୍ବସ୍ୱତାର ଅନୁଭବସିଦ୍ଧ ଚିତ୍ରର ବହୁ ଉଦାହରଣ ତାଙ୍କ ଗଳ୍ପ ସମୂହରୁ ଜଣାଯାଏ । ଏହି କ୍ରମରେ 'ରାସ୍ତା'ରେ ପଥ ନିରୁଦ୍ଦିଷ୍ଟ ବାଳକପ୍ରତି ସହରୀ ମଣିଷର ସମ୍ବେଦନାହୀନ ରୁକ୍ଷ ବ୍ୟବହାର ପ୍ରଦର୍ଶନ, 'ସ୍ତ୍ରୀପୁରୁଷ'ରେ ସମକାଳର ଶିକ୍ଷିତା ନାରୀର ମାନସିକତା ଓ ବିଡ଼ମ୍ବିତ ଦାମ୍ପତ୍ୟ ତଥା ପାରିବାରିକ ଜୀବନର ପତନ, 'ରଘୁବୀର'ରେ ଚରିତ୍ରବାନ ସ୍ୱାମୀର ଦେହାନ୍ତ ପରେ ସ୍ତ୍ରୀ ଅନ୍ୟତ୍ର ଚାଲିଯିବା, 'ପୋଷାକ ବଦଳାଇବା ସମୟ'ରେ ଚାକିରି ପାଇଁ ଓ ଋଣ ପାଇବା ପାଇଁ ଲାଞ୍ଚ କାରବାରର ସୂଚନା, 'କିଛି ସମୟ ଅନ୍ୟ କିଛି'ରେ ଜିଲ୍ଲାପାଳଙ୍କୁ ଜନତାର ଲାଞ୍ଚ ପ୍ରଦାନ ଯୋଜନା, କ୍ଷମତାବନ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେମାନଙ୍କ ମନଲାଖି କାମ ନ କଲେ କାର୍ଯ୍ୟାନୁଷ୍ଠାନ, 'ଦିବ୍ୟ ଅଜ୍ଞାନ'ରେ ସରକାରୀ ଚାକିରି ପାଇଁ ଧରାଧରି ଓ ରାଜନୈତିକ ଚାପ, 'ଦିନରାତି'ରେ ସରକାରୀ କାର୍ଯ୍ୟାଳୟରେ ଉତ୍କୋଚ କାରବାର 'ମଶା' ଗଳ୍ପରେ ଦୋକାନୀର ଅସାଧୁତା, 'ସଂପର୍କ'ରେ ଆବେଗ ଓ ଅନୁରାଗହୀନ ଛଳନାପୂର୍ଣ୍ଣ ଯାନ୍ତ୍ରିକ ସଂପର୍କ, 'ଶ୍ମଶାନ ଚିନ୍ତା'ରେ ମୃତବ୍ୟକ୍ତିର ଆତ୍ମୀୟଙ୍କୁ ସମବେଦନା ଓ ମୃତକର ଶବ ସତ୍କାରର ସହକାରେ ସଂସ୍କାର କରିବା ବଦଳରେ ଛଳନା ପ୍ରଦର୍ଶନ ତଥା ସ୍ୱାର୍ଥ ଆଶାପୂର୍ବକ ମନୋରଞ୍ଜନରେ ବ୍ୟସ୍ତରହିବା ପ୍ରଭୃତି ଆମ ସାମାଜିକ ଜୀବନରେ ମାନିବକ ମୂଲ୍ୟବୋଧର ଅବକ୍ଷୟ ଓ ନୈତିକତାର ପତନକୁ ହିଁ ସୂଚିତ କରାଉଛି ।

ଭାରତୀୟ ସମାଜରେ ଜନସାଧାରଣ ଓ ବୁଦ୍ଧିଜୀବୀମାନଙ୍କର ମୌନତା ବା ପ୍ରତିବାଦହୀନତା ଯେପରି ସେମାନଙ୍କର ନୀତିହୀନତାକୁ ସୂଚିତ କରୁଛି, ସେପରି ଭ୍ରଷ୍ଟାଚାରିତାର ଅଭିବୃଦ୍ଧିରେ ସହାୟକ ହେଉଛି । 'ଅନନ୍ତ ଥିଲା ବୋଲି' ଓ 'କାପୁରୁଷ' ଭଳି କେତେକ ଗଳ୍ପରେ ଏହା ପ୍ରକାଶ କରି ସେ ନିଜର ବିଦ୍ରୋହାତ୍ମକ ଭାବକୁ ଆକ୍ଷିପ୍ତ କରିଛନ୍ତି । ପ୍ରତିବାଦ ପାଇଁ ଅନିମେଶଙ୍କୁ ତାଙ୍କ ସ୍କୁଲ ଜୀବନର ସାଙ୍ଗ ଅନନ୍ତର ପ୍ରେରଣା ହେଉଛି, "ଏ ଦେଶର ଭଦ୍ରସମାଜ ଯେପରି ନପୁଂସକ ପାଲଟି ଅଳ୍ପ କେତେକ ଅସାମାଜିକ ବ୍ୟକ୍ତିଙ୍କ ହାତରେ ଏ ଦେଶର ଅଗଣିତ ସରଳ ନିରୀହ ଲୋକଙ୍କ ଭାଗ୍ୟ ଛାଡ଼ି ଦେଇଛନ୍ତି ବାସ୍ତବିକ ଏହା ଲଜ୍ଜାଜନକ ବ୍ୟାପାର" (ଅନନ୍ତ ଥିଲା ବୋଲି / ସାରାରାତି, ପୃ.୬୧) । ଏହା ତାଙ୍କ ଗଳ୍ପରେ ଏକକାଳରେ ଗୋଟିଏ ବିରାଟ ସାମାଜିକ ସମସ୍ୟା ରୂପରେ ଆତ୍ମପ୍ରକାଶ କରିବା ସହିତ ସୃଷ୍ଟ ସାମାଜିକ ସମସ୍ୟା ସମାଧାନର ମାର୍ଗପ୍ରଦର୍ଶନ ମଧ୍ୟ କରିଛି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତୀୟ ଶିକ୍ଷିତ ଯୁବସମାଜର ବେକାର ସମସ୍ୟା ସମାଧାନ ବା ଆତ୍ମନିଯୁକ୍ତି ଏକ ବିରାଟ ସାମାଜିକ ସମସ୍ୟା । ସରକାର ଓ ସରକାରୀକଳ ପରିଚାଳନା କରୁଥିବା ରାଜନେତା ଏବଂ କର୍ମଚାରୀବର୍ଗଙ୍କର ନୀତିହୀନତା ଏହି ସମସ୍ୟାର ସମାଧାନ ପରିବର୍ତ୍ତେ ସଂକଟ ବୃଦ୍ଧି କରାଇଛି । 'ଦିବ୍ୟ ଅଜ୍ଞାନ' ଭଳି କେତୋଟି ଗଳ୍ପରେ କଥାଶିଳ୍ପୀ ଏ ସମ୍ବନ୍ଧରେ ଆପଣାର ପ୍ରତିକ୍ରିୟା ପ୍ରଦାନ କରିଛନ୍ତି । ଏଥିରେ ଗଳ୍ପନାୟକ ଉଚ୍ଚ ଶିକ୍ଷିତ ବେକାର ଗୌତମର ଅନୁଭବ କ୍ରମରେ ସେ ଲେଖିଛନ୍ତି, "ଏ ସଂସାରରେ ଉନ୍ନତି କରିବାକୁ ହେଲେ ପ୍ରାଇମେରୀ ଓ ହାଇସ୍କୁଲ୍‌ର ଗୁରୁଜୀ ଓ ଶିକ୍ଷକମାନେ କହିଥିବା ସମସ୍ତ ଉପଦେଶକୁ ଭୁଲିଯିବାକୁ ହେବ । ସେମାନେ ସମସ୍ତେ ସ୍ୱାର୍ଥପର, ପୁସ୍ତକକୀଟ ଏବଂ ଦରମା ଟଙ୍କାରେ ପୋଷାକ ତିଆରି କରି ପିନ୍ଧୁଥିବା ଲୋକ । ବିବେକ, ଆତ୍ମା - ଏସବୁ ଫାଲ୍‌ତୁ କଥା । ଏସବୁକୁ କେବଳ ଟଲ୍‌କମ୍ ପାଉଡର୍ ଭଳି ମୁହଁରେ ବୋଳା ଯାଇପାରେ । ଅସଲ ଯାହା ଦରକାର ତାହା ହେଲା, ଦେହକୁ ମଜବୁତ୍ କରିବା ଏବଂ ମୁହଁକୁ ଟାଣ କରିବା । ମନ ଭିତରୁ ସମସ୍ତ ପ୍ରକାରର ଅପମାନବୋଧ ଏବଂ ଲଜ୍ଜା ପରିତ୍ୟାଗ

କରିପାରିଲେ ସୁଖ ମଣିଷ ପାଖକୁ ଆପେଆପେ ଆସିଯାଏ" (ଦିବ୍ୟ ଅଜ୍ଞାନ / ସାରାରାତି, ପୃ.୭୬) । କହିବା ବାହୁଲ୍ୟ, ପ୍ରଗତିଶୀଳ ସ୍ୱାଧୀନ ଭାରତର ସାମାଜିକ ଜୀବନରେ ଅନୈତିକତା ସର୍ବସ୍ୱ କ୍ଷୟିଷ୍ଣୁ ମାନବିକ ମୂଲ୍ୟବୋଧର ଏହା ଏକ ସମର୍ଥ ଉଦାହରଣ । ଏ ଦେଶର ସାମାଜିକ ଓ ରାଜନୈତିକ ପରିସ୍ଥିତିକୁ ଏପରି ତିଆରି କରି ଦିଆଯାଇଛି ଯେ, ଉଚ୍ଚଶିକ୍ଷିତ ବେକାରଟିଏ ଏପରି ଚିନ୍ତା କରିବାକୁ ବାଧ ହେଉଛି । ସଂପ୍ରତି ଏହାହିଁ ତା' ନିକଟରେ ବାସ୍ତବାନୁଭବ ।

ସ୍ୱାଧୀନ ଭାରତରେ ରାଜନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟର ଏକ ସମର୍ଥ ରୂପକାତ୍ମକ ପ୍ରକାଶ ହେଉଛି 'ହେ ନାଗରିକଗଣ' କ୍ଷୁଦ୍ରଗଳ୍ପ । ଗୋଟିଏ ଲୋକକଥାର ପୃଷ୍ଠଭୂମିରେ ପ୍ରଣୀତ ଏହି ଗଳ୍ପରେ ଶାସକ, ପାରିଷଦବର୍ଗ ଓ ଶାସିତ ଆପଣା ସ୍ୱାର୍ଥଦୃଷ୍ଟିରୁ ଛଳନାରେ ବଞ୍ଚୁଛନ୍ତି । ରାଜ୍ୟର ରାଜା ଓ ରାଜକର୍ମଚାରୀ ସମସ୍ତେ ଦୁର୍ନୀତିଗ୍ରସ୍ତ ଓ ଆତ୍ମକେନ୍ଦ୍ରିକ । ତେଣୁ ରାଜା ଲଙ୍ଗଳା ହୋଇଥିଲେ ମଧ୍ୟ ସେ ବସ୍ତ୍ର ପିନ୍ଧିଥିବାର ମିଥ୍ୟା ସମର୍ଥନ ଦେଇଛନ୍ତି । ଏପରିକି ସ୍ୱୟଂ ରାଜା ମଧ୍ୟ ଏଥିରେ ବିଶ୍ୱାସୀ ହୋଇଛନ୍ତି । ବିଶେଷକରି, ରାଷ୍ଟ୍ରର ଧନୀ ସୌଦାଗରମାନଙ୍କ ପ୍ରଦତ୍ତ ଅର୍ଥରାଶିରେ ଶାସନତନ୍ତ୍ର ଓ ସାମାଜିକ ଅନୁଷ୍ଠାନ ପରିଚାଳିତ ହେଉଥିବାରୁ ସେମାନଙ୍କ ଅନୀତି ଓ ଅତ୍ୟାଚାରକୁ ଶାସନ ଅଣଦେଖା କରି ଦେଉଛି । କିନ୍ତୁ ଯେତେବେଳେ ସରଳ ଶିଶୁ ପ୍ରତୀକରେ ପ୍ରକାଶିତ କୌଣସି ସଚ୍ଚୋଟ ବ୍ୟକ୍ତି ରାଜା ନଗ୍ନ ରହିଥିବାର ସତ୍ୟ ପ୍ରକାଶ କରିଛନ୍ତି, ସେତେବେଳକୁ ବିବେକ ଜାଗ୍ରତ ହୋଇଥିଲେ ମଧ୍ୟ ସବୁ ସମ୍ମାନ ଭୂଲୁଣ୍ଠିତ ହୋଇସାରିଥାଏ । ଆମ ଜାତୀୟ ଜୀବନରେ ଦେଖାଦେଇଥିବା ନୀତିହୀନତାକୁ ଗଳ୍ପଟି ପ୍ରଭାବଶାଳୀ ଢଙ୍ଗରେ ପ୍ରକାଶ କରିଛି । ଏ ଦୃଷ୍ଟିରୁ ନାରାୟଣପ୍ରସାଦଙ୍କ ସମୁଦାୟ କ୍ଷୁଦ୍ରଗଳ୍ପର ପ୍ରଧାନ ଅନ୍ତଃସ୍ୱର ହେଉଛି, ତାଙ୍କ ସମକାଳର ଭାରତୀୟ ମଣିଷଙ୍କ ନିକଟରେ ଦେଖାଦେଇଥିବା ନୈତିକତାର ପତନ ଓ ମାନବିକ ମୂଲ୍ୟବୋଧର ଅବକ୍ଷୟ ।

ସଭ୍ୟ ମଣିଷର ଅସହାୟତା :

ଭୋଗବାଦୀ ବା ବସ୍ତୁବାଦୀ ଦର୍ଶନର ପ୍ରାବଲ୍ୟ ଆମ ସାମାଜିକ ଜୀବନରେ ଯେପରି ପ୍ରଭାବପାତ କରିଆସିଛି, ତଦ୍ଦ୍ୱାରା କି ଭଦ୍ରଲୋକ କି ବୃତ୍ତିଜୀବୀ ସମସ୍ତେ ଏକପ୍ରକାର ଅସହାୟତା ଭିତର ଦେଇ ହିଁ ଗତି କରୁଛନ୍ତି । ନାରାୟଣପ୍ରସାଦ ଶିକ୍ଷକ ଭାବରେ ଜଣେ ଚାକିରିଜୀବୀ ହୋଇଥିବାରୁ ଆପଣା ଅନୁଭବରୁ କଥାଟିକୁ ଖୁବ୍ ଗଭୀର ଭାବରେ ଉପଲବ୍ଧି କରିପାରିଛନ୍ତି । ଭାରତୀୟ ସମାଜରେ ମାନବିକ ଚେତନାର ପତନ ଓ ସ୍ୱାର୍ଥସାଧନ ଅଭୀପ୍ସାଜନିତ ଦୁର୍ନୀତିର ଅଭ୍ୟୁଦୟ ହିଁ ଏଥିରୁ ସ୍ପଷ୍ଟ ହେଉଛି ।

ବର୍ତ୍ତମାନର ସ୍ୱାର୍ଥ ସର୍ବସ୍ୱ ସମାଜରେ ସଚ୍ଚା ଭଦ୍ରଲୋକମାନେ ଯେପରି ଅସହାୟ ଅବସ୍ଥାରେ ଅଛନ୍ତି, ତାହା 'ଅରଣ୍ୟଚିନ୍ତା' ଗଳ୍ପର ନାୟକ ଶିକ୍ଷକ ନରିବାବୁଙ୍କ ଚରିତ୍ରରୁ ବେଶ୍ ଜଣାଯାଏ । ନିର୍ଦ୍ଧାରିତ ସମୟର ଏକଦଶକ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ନରିବାବୁଙ୍କ ପ୍ରତି ଛାତ୍ରସମାଜ, ସାଧାରଣଲୋକ ଓ ପୋଲିସ୍‌ବାଲା ପ୍ରଭୃତିଙ୍କ ଅଶାଳୀନ ଆଚରଣ ତାଙ୍କୁ ଅସହାୟ କରିପକାଇଛି । ସେଥିପାଇଁ 'ଅରଣ୍ୟଚିନ୍ତା' ଗଳ୍ପରେ ତାଙ୍କର ଧାରଣା ହୋଇଛି, "ଭଦ୍ରଲୋକ ଆଉ ଚାକିରି କ୍ଷେତ୍ରରେ ରହିବା ଉଚିତ ନୁହେଁ । ଉପରିସ୍ଥ ହାକିମଙ୍କ ଆଦର୍ଶ ବିହୀନ ବିଚାର, ଚିହ୍ନା ପରିଚୟ ଥିବା ଲୋକଙ୍କ ଅସତ୍ ଆଶା, ଅଚିହ୍ନା ଲୋକଙ୍କ ଧମକ, ସହକର୍ମୀମାନଙ୍କ ସ୍ୱାର୍ଥଜଡ଼ିତ ଅନୈତିକ କାର୍ଯ୍ୟ, ନିମ୍ନରେ ଯେଉଁମାନେ ଅଛନ୍ତି ସେମାନଙ୍କ ବିଶୃଙ୍ଖଳିତ ଆଚରଣ - ଏ ଭିତରେ ଆତ୍ମସମ୍ମାନ ଥିବା ଦାୟିତ୍ୱବୋଧସମ୍ପନ୍ନ ଲୋକ ଅଣନିଃଶ୍ୱାସୀ ହୋଇ ଛଟପଟ ହେବା ଅପେକ୍ଷା ଚାକିରି ଛାଡ଼ିଦେଇ ଶାଗ ପଖାଳରେ ତୃପ୍ତ ହୋଇ ଶାନ୍ତିରେ ଜୀବନଯାପନ କରିବା ଉଚିତ" (ଅରଣ୍ୟଚିନ୍ତା / ସାରାରାତି, ପୃ. ୭୮) । କହିବାବାହୁଲ୍ୟ, ଆମ ସାମାଜିକ ପ୍ରଣାଳୀରେ ସଂପୃକ୍ତ ଅନେକ ଲୋକଙ୍କ ପ୍ରକୃତ ପରିଚୟ ନରିବାବୁଙ୍କ ଏ ଉପଲବ୍ଧିରୁ ଜଣାପଡୁଛି ।

ଏହା ସହିତ 'କାପୁରୁଷ'ରେ ସରକାରୀ କର୍ମଚାରୀ କିରାଣି ଖଗେନ୍ଦ୍ରଙ୍କ ରେଳଯାତ୍ରାବେଳେ ସୃଷ୍ଟ ପରିସ୍ଥିତି ସହିତ କ୍ରୂର ଅଫିସର୍‌ଙ୍କ ସମ୍ଭାବ୍ୟ ଆଚରଣ ତାଙ୍କୁ କିଂକର୍ତ୍ତବ୍ୟବିମୂଢ଼ ପରିସ୍ଥିତିରେ ପକାଇଛି । 'କବି' ଗଳ୍ପରେ ପ୍ରତିଭା ନ ଥାଇ ମଧ୍ୟ ନିଜେ ଜଣେ କବି ହେବା ପାଇଁ ଇଚ୍ଛୁକ ଥିବା ଅହଂପ୍ରମତ୍ତ ଅଧିକାରୀ ମାଜିଷ୍ଟ୍ରେଟ୍ ମନୋରଞ୍ଜନ ମିଶ୍ର ନିଜର ଜଣେ ଅଧସ୍ତନ କର୍ମଚାରୀଙ୍କୁ ସେ ପାଠ କରିଥିବା ଗୋଟିଏ ଭଲ କବିତାର କବି ବୋଲି ଜାଣିଲା ପରେ ତାଙ୍କର ଗର୍ବ ଓ ଅହଂକାର ଯେପରି ଚୂର୍ଣ୍ଣୀଭୂତ ହୋଇଛି, ତାହା ତାଙ୍କୁ ଗଭୀର ମାନସିକ ଅସ୍ଥିରତା ଓ ଅସହାୟତା ଭିତରକୁ ଠେଲି ଦେଇଛି । ଏହାର ସ୍ୱରୂପ ବର୍ଣ୍ଣନା କରି ଗାଳ୍ପିକ ମନୋରଞ୍ଜନଙ୍କ ଅନୁଭବ କ୍ରମରେ ଲେଖିଛନ୍ତି, "ଝରକା ଆଡ଼େ ଚାହିଁଲି ସୂର୍ଯ୍ୟ ଦେଖି ପାରିବା ଶକ୍ତି ମୋ'ଠାରୁ ଧୀରେଧୀରେ ଲୋପ ହୋଇଯାଇଛି, ମେଘ ମୋର ଆଖିକୁ ଢାଙ୍କି ଦେଇଛି । ମୁହଁ ବୁଲାଇ ଚାହିଁଲି, ମୋର ଆଦରର କବି ପ୍ରେମାନନ୍ଦଙ୍କର ଚକ୍ଷୁରୁ ଅଶ୍ରୁର ଏକ ନିର୍ଝରିଣୀ ଛୁଟୁଛି । ସତେ ଯେମିତି ମୋତେ ଭସାଇ ନେଇ କେଉଁ ଏକ ପଥର ଉପରେ ବାରମ୍ବାର ପିଟି କ୍ଷତବିକ୍ଷତ କରିଦେବ" (କବି / ବିବର୍ଣ୍ଣା ପୃଥିବୀ, ପୃ. ୭୪) ।

ଏହିଭଳି 'ଅନନ୍ତ ଥିଲା ବୋଲି'ରେ ଅନ୍ୟାୟର ପ୍ରତିବାଦ କ୍ଷେତ୍ରରେ ଭଦ୍ରଲୋକଙ୍କ ଅସହାୟତା, 'ଦିନରାତି'ରେ ଛାତ୍ରଛାତ୍ରୀଙ୍କୁ ସାମାନ୍ୟ ଶିକ୍ଷକୀୟ ଅନୁଶାସନ ଦେଇପାରୁ ନ ଥିବା ଶିକ୍ଷକଙ୍କ ଅସହାୟତା, 'ମଶା'ରେ ଜଣେ ତଳିଆ କର୍ମଚାରୀର ସାମାଜିକ ଓ ଅର୍ଥନୈତିକ ଅସହାୟତାର ବର୍ଣ୍ଣନା ଭିତରେ ଗାଳ୍ପିକ ଆମ ସାମାଜିକ ପ୍ରଗତିଶୀଳତାର ଯଥାର୍ଥ ବିକଳ ସ୍ୱରୂପ ଉଦ୍‌ଘାଟନ କରିଛନ୍ତି ।

ଏ ସକଳ ଅତିରିକ୍ତ 'ଜଗତ ଦାନୀ'ରେ ବ୍ୟକ୍ତିର ଗୁଣ ଓ

ଆଦର୍ଶକୁ ଠିକ୍ ସମୟରେ ଯଥାର୍ଥ ସ୍ୱୀକୃତି ନ ମିଳିବାରୁ ପରିସ୍ଥିତିର ଚାପରେ ଜଗତ ଦାନୀ ଭଳି ବ୍ୟକ୍ତି ଦୁର୍ନୀତିଗ୍ରସ୍ତ ହୋଇପଡ଼ିବା, 'ରତୁର ନାଁ'ରେ ପାରିବାରିକ ସ୍ତରରେ ପୁରୁଷ ନିର୍ଯ୍ୟାତନାର ସୂଚନା, 'ସାରାରାତି'ରେ ସମକାଳର ଯୁବକମାନଙ୍କ ବିଶୃଙ୍ଖଳିତ ଜୀବନଶୈଳୀ, 'ଜାନ୍ତବ'ରେ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ ପୂର୍ବକ ବାହାଦୁରି ନେବା ପାଇଁ ସାମ୍ବାଦିକମାନଙ୍କ ହୃଦୟହୀନ ବ୍ୟାକୁଳତା ଭଳି ଆମ ସାମାଜିକ ଜୀବନର ବହୁବିଧ ସମସ୍ୟାର ଚିତ୍ର ସେ ଅଙ୍କନ କରିଛନ୍ତି । ଲେଖକଙ୍କ ବହୁ ଗଳ୍ପରେ ସମସ୍ୟାଟି ହିଁ ପ୍ରମୁଖ ଭାବେ ପ୍ରଦର୍ଶିତ ହୋଇଥିବାବେଳେ ଏହାର ସମାଧାନର ପନ୍ଥା ପ୍ରାୟ ସୂଚିତ ହୋଇ ନାହିଁ । ଏ ପରିପ୍ରେକ୍ଷୀରେ ସ୍ୱୟଂ ଲେଖକଙ୍କ ମନ୍ତବ୍ୟ ହେଉଛି, "ମୋର ଅଧିକାଂଶ ଲେଖାରେ ଗଳ୍ପ ହେଉ, କବିତା ହେଉ ଅଥବା ଗୀତ ଅଶାନ୍ତି, ଅସନ୍ତୋଷ, ଦୁଃଖର ମାତ୍ରା ଅଧିକ ଅଛି । ମୁଁ ମୋର ପାଠକମାନଙ୍କୁ ଯଥେଷ୍ଟ ହସ, ଆନନ୍ଦ ଯୋଗାଇ ପାରି ନାହିଁ, ତାହା ମୋର ଏକ ଅବସୋସ । ବର୍ତ୍ତମାନ ଆମ ଜାତୀୟ ଜୀବନରେ, ସମାଜରେ, ପରିବାରରେ ଭୁଲ୍ ବୁଝାମଣା, ଦ୍ୱନ୍ଦ୍ୱ, କଳହର ପ୍ରାଦୁର୍ଭାବ ବଢ଼ିଯାଇଛି । ଏଭଳି ପରିସ୍ଥିତିରେ ଲେଖକ ତା' ଲେଖା ମାଧ୍ୟମରେ ମଣିଷକୁ ମଣିଷର ନିକଟତର କରାଇବା ପାଇଁ ଚେଷ୍ଟା କରିବା ଉଚିତ । ମୋର ଏକ ବଡ଼ ଅବସୋସ ହେଲା, ମୁଁ ମୋର ଲେଖା ଲେଖିରେ ସକ୍ରିୟ ଥିବା ସମୟରେ ଏକଥା ଭାବ ନାହିଁ" (କିଛିକଥା କିଛିବ୍ୟଥା - ସାଗର, ୬୨ତମ ସଂଖ୍ୟା, ୨୦୨୩, ପୃ. ୨୦) ।

ଗାଳ୍ପିକଙ୍କ ସ୍ଥାୟୀ ବାସସ୍ଥାନ ଓ କର୍ମକ୍ଷେତ୍ର ସହରାଞ୍ଚଳରେ ହୋଇଥିବାରୁ ତାଙ୍କ କ୍ଷୁଦ୍ରଗଳ୍ପ ସମୂହରେ ସ୍ୱାଧୀନତା ପରବର୍ତ୍ତୀ ସହରୀ ସମାଜର ଜୀବନଚିତ୍ର ପ୍ରଦତ୍ତ ହୋଇଛି । ତାଙ୍କର ଏବଂବିଧ ସାମାଜିକ ଚିତ୍ର ପ୍ରଦାନ ଅନ୍ତରାଳରେ କେବଳ ସମାଜପ୍ରତି ଲେଖକୀୟ ପ୍ରତିବଦ୍ଧତା ନୁହେଁ, ଅଧିକନ୍ତୁ ଛଳନାସର୍ବସ୍ୱ ସାଂପ୍ରତିକ ମଣିଷର ମୁଖାପିନ୍ଧା ଅଭିନୟର ସ୍ୱରୂପ ପ୍ରଦର୍ଶନ ମାଧ୍ୟମରେ ପାଠକର ବିବେକକୁ ଜାଗ୍ରତ କରିବା ପାଇଁ ସେ ପ୍ରୟାସୀ ହୋଇଛନ୍ତି । ତେଣୁ ତାଙ୍କର ସ୍ୱୀକାରୋକ୍ତି ଅନୁସାରେ ପାଠକ ନିକଟରେ ମଣିଷକୁ ମଣିଷର ନିକଟବର୍ତ୍ତୀ କରାଇବାର ପ୍ରେରଣା ସୃଷ୍ଟିର ଲେଖକୀୟ କର୍ତ୍ତବ୍ୟ ପ୍ରତି ସେ ଗଳ୍ପ ରଚନା କାଳରେ ସଚେତନ ରହିପାରିନ ଥିଲେ ମଧ୍ୟ ଗଳ୍ପଗୁଡ଼ିକରେ ବର୍ଣ୍ଣିତ ବିଭିନ୍ନ ପରିସ୍ଥିତି, ଘଟଣା ଓ ଚରିତ୍ର ପାଠକର ସମ୍ବେଦନଶୀଳ ଭାବାଲୋଡନ ସୃଷ୍ଟି କରିବାରେ ସମର୍ଥ ହୋଇଛି ।

ମନସ୍ତାତ୍ତ୍ୱିକ ରହସ୍ୟ ଉଦ୍‌ଘାଟନ :

ସିଗ୍‌ମଣ୍ଡ ଫ୍ରୟେଡ୍ (୧୮୫୬-୧୯୩୯)ଙ୍କ ମନୋବୈଜ୍ଞାନିକ ଅଧ୍ୟୟନ ଓ ସିଦ୍ଧାନ୍ତ ବିଶ୍ୱବୁଦ୍ଧିଜୀବୀଙ୍କ ଚେତନାରେ ଯେଉଁ ଆଲୋଡ଼ନ ସୃଷ୍ଟି କଲା, ତା'ର ପ୍ରତିଫଳନ ସାହିତ୍ୟ ଜଗତରେ ମଧ୍ୟ ଅନୁଭୂତ ହେଲା । ଫଳରେ ସାହିତ୍ୟ ସ୍ରଷ୍ଟାଗଣ ବ୍ୟକ୍ତି ମନର ଅତଳ ଗହ୍ୱରର ରହସ୍ୟ ଅନୁସନ୍ଧାନ ଓ ଉନ୍ମୋଚନ ପାଇଁ ପ୍ରୟାସୀ ହେଲେ । ସାହିତ୍ୟରେ ବର୍ଣ୍ଣିତ ଚରିତ୍ରଗୁଡ଼ିକର ମନଗହନର ସ୍ୱରୂପ ଉଦ୍‌ଘାଟନ ମାଧ୍ୟମରେ ମନର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ଏଥିରେ ଚେତନା ପ୍ରବାହ ଧାରାର ସୂତ୍ରପାତ କଲା । ଚେତନା ପ୍ରବାହ ଧାରା ବା Stream of Consciousness ଶବ୍ଦଟିକୁ ପ୍ରଥମେ ଉଇଲିୟମ ଜେମ୍‌ସ୍ (୧୮୪୨-୧୯୮୦) ପ୍ରୟୋଗ କରି ଏହାର ସ୍ୱରୂପ ବିଚାର କରିବାପରେ ସାହିତ୍ୟରେ ଏହାର ପ୍ରୟୋଗିକତା ଅଧିକ ଦେଖାଦେଲା ।

ଓଡ଼ିଆ କ୍ଷୁଦ୍ରଗଳ୍ପରେ ଫକୀରମୋହନଙ୍କ ନିକଟରୁ ହିଁ ମନସ୍ତାତ୍ତ୍ୱିକ ଚେତନାର ବ୍ୟବହାର ଦୃଷ୍ଟିଗୋଚର ହେଲେ ହେଁ, ପଚାଶୋତ୍ତର କାଳରେ ଏ ଧରଣର କଥାସାହିତ୍ୟ ରଚନାର ପ୍ରାଧାନ୍ୟ ଦେଖାଗଲା । ଅତିବାସ୍ତବବାଦୀ ଓ ବ୍ୟକ୍ତିବାଦୀ ଚେତନା ସହିତ ମନୋବୈଜ୍ଞାନିକ କୌଶଳ ବା ମନସ୍ତାତ୍ତ୍ୱିକତା ଉତ୍ତର ଷାଠିଏର ଓଡ଼ିଆ କଥା ସାହିତ୍ୟରେ ଅଧିକ ପରିଲକ୍ଷିତ ହେଲା । ସମୟର ପ୍ରାଣ ସ୍ପନ୍ଦନ ପ୍ରଭାବରେ ହେଉ ଅଥବା ବ୍ୟକ୍ତିଗତ ଅନୁଭବ ଦୃଷ୍ଟିରୁ ହେଉ ନାରାୟଣପ୍ରସାଦ ଏହି ସମୟରୁ ଗଳ୍ପଲିଖନ ଆରମ୍ଭ କରିଥିବାରୁ ତାଙ୍କ କୃତିରେ ସଂପୃକ୍ତ ଚରିତ୍ରଗୁଡ଼ିକର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଦେଖିବାକୁ ମିଳେ । ଏ ଧରଣର କ୍ଷୁଦ୍ରଗଳ୍ପରେ ଘଟଣା ବା ପରିବେଶ ଏକ ଅବଲମ୍ବନ ମାତ୍ର । ଏହା ମାଧ୍ୟମରେ ଲେଖକ ପ୍ରମୁଖ ଭାବରେ ବ୍ୟକ୍ତି ମନର ଅନ୍ଧାରୀମୂଲକର ସ୍ୱରୂପ ବିଶ୍ଳେଷଣ କରିଥାନ୍ତି ।

ନାରାୟଣପ୍ରସାଦ ପଟ୍ଟନାୟକଙ୍କ 'ମିତା - ଏକ ବ୍ୟକ୍ତିଗତ ଶୋକ', 'ବିଦାୟ ପରେ', 'ଦେହ', 'ଏକାଏକା', 'ଜଳକା', 'କବି', 'ନୀଳକଇଁ', 'ଶ୍ମଶାନ ଚିନ୍ତା', 'ଭଲପାଇବାର ପାପପୁଣ୍ୟ', ଓ 'ହେ ନାଗରିକଗଣ' ପ୍ରଭୃତି କ୍ଷୁଦ୍ରଗଳ୍ପରେ ତାଙ୍କର ମନସ୍ତାତ୍ତ୍ୱିକ ଚେତନା ବିଶ୍ଳେଷଣର ସ୍ୱରୂପ ଧରାପଡ଼େ । ଏହା କେଉଁ ଗଳ୍ପରେ ମୁଖ୍ୟ ଭାବରେ ତ ଆଉ କେଉଁଠାରେ ଆଂଶିକ ରୂପରେ ପ୍ରକଟିତ ହୋଇଛି ।

ଭାରତ ସରକାରଙ୍କ ପରିବାର ନିୟନ୍ତ୍ରଣ ଯୋଜନାର ପୃଷ୍ଠଭୂମିରେ ଲେଖକଙ୍କ ଏକ ବ୍ୟକ୍ତିଗତ କରୁଣ ଅନୁଭୂତି ସମ୍ପନ୍ନ ମନସ୍ତାତ୍ତ୍ୱିକ ଗଳ୍ପ ହେଉଛି 'ମିତା - ଏକ ବ୍ୟକ୍ତିଗତ ଶୋକ' । ସେ ପରିବାର ନିୟନ୍ତ୍ରଣ ପାଇଁ ବେଲୁନ୍‌ଦ୍ୱାରା ବିଫଳ ହେବାପରେ ତାଙ୍କ ପତ୍ନୀଗର୍ଭରେ ଥିବା ସନ୍ତାନର ଭ୍ରୂଣର ହତ୍ୟା ପାଇଁ ଔଷଧ ଦେଇଥିଲେ । କିନ୍ତୁ ତାହା ବିଫଳ ହୋଇ ମିତା ରୂପରେ କନ୍ୟାଟିଏ ହୋଇ ଜନ୍ମ ହେଲା । ଚାରିବର୍ଷର ମାୟା ପରେ ସାମାନ୍ୟ ଅବହେଳାବଶତଃ ହୃଦ୍‌ଘାତରେ ସେ ପ୍ରାଣତ୍ୟାଗ କଲା ସିନା, ପିତା ଭାବରେ ଲେଖକଙ୍କୁ ଦେଇଗଲା ଦାରୁଣ ମାନସିକ ଯନ୍ତ୍ରଣା । ନିଜର ଅପରାଧବୋଧ ପାଇଁ ଅନୁତପ୍ତ ଲେଖକଙ୍କ ମାନସିକ ପୀଡ଼ନ ଓ ଅସ୍ଥିରତାର ଅବସ୍ଥା ଗଳ୍ପଟିରେ ଖୁବ୍ ପ୍ରଭାବଶାଳୀ ରୂପରେ ପ୍ରକାଶ ପାଇଛି ।

'ବିଦାୟ ପରେ' ତାଙ୍କର ଆଉ ଏକ ମନସ୍ତାତ୍ତ୍ୱିକ କ୍ଷୁଦ୍ରଗଳ୍ପ ।

ଗଳ୍ପ ନାୟକ ପଟ୍ଟନାୟକବାବୁ ନିଜର ଚାରିବର୍ଷୀୟା କନ୍ୟାକୁ ହରାଇବା ପରେ ତାଙ୍କ ମନରେ ଦେଖାଦେଇଥିବା ଅସ୍ଥିରତା ଓ ଆନ୍ଦୋଳନର ଚିତ୍ର ଏଥିରେ ପ୍ରଦତ୍ତ ହୋଇଛି । ତେଣୁ ସେ ବଦଳିହୋଇ ଯିବାପରେ ମଧ୍ୟ ପୁଣି ତୁରନ୍ତ ପୁରୁଣା ସ୍ଥାନକୁ ଆସି କିଛି ଗୋଟାଏ ଛାଡିଯାଇଥିବା ଜିନିଷକୁ ଇତସ୍ତତଃ ଖୋଜି ହୋଇଛନ୍ତି । 'ମିତା-ଏକ ବ୍ୟକ୍ତିଗତ ଶୋକ' ଗଳ୍ପର ସମ୍ଭବତଃ ଏହା ପରବର୍ତ୍ତୀ ପର୍ଯ୍ୟାୟ । ଯୌନ-ମନସ୍ତାତ୍ତ୍ୱିକ-ବାସ୍ତବତାର ପୃଷ୍ଠଭୂମିରେ ରଚିତ ଗଳ୍ପ ହେଉଛି 'ଦେହ' । ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ଛାତ୍ର କିଶୋର ସହିତ ଜଣେ ଗ୍ରାମ୍ୟବଧୂ ରାଧିକାର ପ୍ରେମ, ପତ୍ର ବିନିମୟ ଏବଂ ପରିଶେଷରେ ପ୍ରେମିକାଙ୍କ ଆତ୍ମହତ୍ୟା ଉଦ୍ୟମ ହେଉଛି ଏହାର ମୂଳ କଥାବସ୍ତୁ । ବାହାରକୁ ସୁନ୍ଦର ଦାମ୍ପତ୍ୟରେ ଆବଦ୍ଧ ଜଣାଯାଉଥିଲେ ମଧ୍ୟ ଦୈହିକ କାମନାର କ୍ଷୁଧା ଜଣେ ବିବାହିତା ନାରୀକୁ କିପରି ବୟସ ଓ ସାମାଜିକ ସଂପର୍କ ନିର୍ବିଶେଷରେ ଅନ୍ୟଜଣକୁ ଗୋପନରେ ସ୍ୱୀକାର କରିନେବାର ମାନସିକତା ସୃଷ୍ଟି କରିଥାଏ - ରାଧିକା ଏଠାରେ ତା'ର ଏକ ଦୃଷ୍ଟାନ୍ତ । ଯୌନାବେଗର ଭିତ୍ତିରେ ଗଳ୍ପନାୟିକା ରାଧିକାର ମାନସିକ ଜ୍ୱାଳାର ପ୍ରତିକ୍ରିୟା ପ୍ରକାଶ କରି ସେ ଲେଖିଛନ୍ତି, "ପେଟ ବିକଳରେ କିଏ ଚୋରି କଲେ ତାକୁ ଅନେକ ଲେଖକ, ବଡ଼ବଡ଼ ଲୋକ ସହାନୁଭୂତି ଦେଖାନ୍ତି । କିନ୍ତୁ, ଏ ଦେହର ତାଡ଼ନାରେ ଦେହର ସ୍ୱର୍ଗ ଚୋରି କଲେ କେହି ତ ସହାନୁଭୂତି ଦେଖାନ୍ତି ନାହିଁ । ସମସ୍ତେ ଥୁ ଥୁ କରନ୍ତି, ଘୃଣାରେ ଗୋଇଠା ମାରନ୍ତି" (ଦେହ / ବିବର୍ଣ୍ଣା ପୃଥିବୀ, ପୃ.୩୯) । ସାମାଜିକ ନୀତି ନିୟମର ଆଦର୍ଶ ପାଳନ ଓ ବାସ୍ତବତାର ଦୋଛକିରେ ଲେଖକଙ୍କ ଜୀବନଧାରା ଗତିଶୀଳ । ପାରମ୍ପାରିକ ଆଦର୍ଶକୁ ସେ ଭିଡ଼ି ଧରିଥିବାବେଳେ ଅନ୍ୟମାନେ ବାସ୍ତବତାକୁ ଆପଣେଇ ଜୀବନକୁ ଭରପୂର ଉପଭୋଗ କରିଛନ୍ତି । ଲେଖକ ଜଳକା ଭଳି ଚାହିଁ ରହି କଷ୍ଟ ପାଇବା ସାର ହୋଇଛି କେବଳ । ତାଙ୍କ କଲେଜ ଜୀବନର ସାଥୀ ପୁଷ୍ପାର ପତ୍ର ମାଧ୍ୟମରେ ପୁଷ୍ପାକୁ କେନ୍ଦ୍ରକରି ଦେଖା ଦେଇଥିବା ମାନସିକ ଆନ୍ଦୋଳନର ଚିତ୍ର 'ଜଳକା' ଗଳ୍ପରେ ଖୁବ୍ ସ୍ପଷ୍ଟ ।

ବେଳେବେଳେ ମଣିଷର ରମ୍ୟବୋଧ ଓ ବାସ୍ତବତାର ସଂଘର୍ଷ ଏତେ ତୀବ୍ର ଯେ, ସେ ଚାହିଁଲେ ବି ନିଜ ଇଚ୍ଛାନୁସାରେ ସୌନ୍ଦର୍ଯ୍ୟର ଉପଭୋଗ କରିପାରେ ନାହିଁ । ପରିସ୍ଥିତିର ତାଡ଼ନା ତାକୁ ନିଷ୍ଠୁର ବାସ୍ତବତାକୁ ସାମନା କରିବାକୁ ବାଧ୍ୟ କରାଏ । 'ନୀଳକଣ୍ଠ' ଗଳ୍ପରେ ଲେଖକ ୱେଟିଂ ରୁମ୍‌ରେ ଭୀଷଣ ବୋର୍ ହୋଇ ପରିଶେଷରେ ଟ୍ରେନ୍‌ରେ ଚଢ଼ିବାବେଳକୁ ଜହ୍ନରାତିରେ ରମଣୀୟ କଇଁଭରା ପୋଖରୀର ସନ୍ଧାନ ପାଇଥିଲେ ବି ଉପଭୋଗ କରିପାରି ନାହାନ୍ତି । ଲେଖକଙ୍କ ଏ ଆବେଗଧର୍ମୀ ଦ୍ୱନ୍ଦ୍ୱାତ୍ମକ ମାନସିକ ଅବସ୍ଥାର ଚିତ୍ର ଏଥିରେ ପ୍ରଦତ୍ତ ହୋଇଛି ।

ଏ ସମସ୍ତ ଅତିରିକ୍ତ 'ଏକାଏକା'ରେ ତାଲିମ୍ ଗ୍ରହଣବେଳେ ଲେଖକ ଭୁବନେଶ୍ୱରର ଜନପଥରେ ଚାଲୁଥିବା ଅବସ୍ଥାରେ ତାଙ୍କ ଜୀବନ ଓ ବୃତ୍ତି ସମ୍ବନ୍ଧରେ ଦେଖାଦେଇଥିବା ମାନସିକ ଆନ୍ଦୋଳନ ଚେତନା ପ୍ରବାହର ରୂପ ନେଇଛି । 'ହେ ନାଗରିକଗଣ'ରେ ଶିଶୁଦ୍ୱାରା ସତ୍ୟତାର ଉପଲବ୍ଧି ପରେ ଲଙ୍ଗଳା ରାଜାଙ୍କ ଅନୁଶୋଚନା ଓ ଅସ୍ଥିରତା, 'ମାନପତ୍ର'ରେ ସ୍ୱାଭିମାନୀ ଅଧସ୍ତନ କର୍ମଚାରୀ କବି ଶାନ୍ତନୁ ଆତ୍ମପ୍ରତିଷ୍ଠା ଲାଳସୀ ଉପର ଅଧିକାରୀଙ୍କ ମାନପତ୍ର ଲେଖିବା ବା ନ ଲେଖିବା ନେଇ ଦେଖାଦେଇଥିବା ମାନସିକ ଦ୍ୱନ୍ଦ୍ୱ, 'ରତୁନା ନାଁ'ରେ ବିବାହ ବୟସ ଅତିକ୍ରାନ୍ତ ହେବାପରେ ବାସନ୍ତୀର ମନସ୍ତାତ୍ତ୍ୱିକତା ପ୍ରଭୃତିରେ ଲେଖକ ଚରିତ୍ରଗୁଡ଼ିକର ଅନ୍ତର୍ଜଗତର ରହସ୍ୟ ଉଦ୍‌ଘାଟନରେ ସଫଳ ହୋଇଛନ୍ତି ।

ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ :

ସାରସ୍ୱତ ଶିଳ୍ପକର୍ମ ପ୍ରତିଭାବନ୍ତ ବ୍ୟକ୍ତିର ଆବେଗ ସଂଜାତ ହେଲେ ମଧ୍ୟ ଏକ ସାମାଜିକ କ୍ରିୟା । ତେଣୁ ସ୍ରଷ୍ଟାପୁରୁଷର ସଲକ୍ଷ୍ୟରେ ହେଉ ବା ଅଲକ୍ଷ୍ୟରେ ହେଉ, ନିଜ ସମୟର ପ୍ରାଣସ୍ପନ୍ଦନ ଓ ସାମାଜିକ ଜୀବନର ସ୍ୱରୂପ ତା'ର କଳାରେ ପ୍ରକଟିତ ହୋଇଥାଏ । ଏ ସାମାଜିକ ଦାୟବଦ୍ଧତା ଯୋଗୁଁ ସେ ଏହାର ପ୍ରଗତି ଓ ସଂସ୍କାରଶୀଳତା ପ୍ରତି ଏକ ସତର୍କ ଦୃଷ୍ଟି ରଖିଥାଆନ୍ତି । ଫଳରେ ସାମାଜିକ ଜୀବନରେ ଦେଖାଦେଉଥିବା ନାନା ତ୍ରୁଟିବିଚ୍ୟୁତି ଯେପରି ତାଙ୍କ ସୃଷ୍ଟିରେ ପ୍ରତିଫଳିତ ହୋଇଥାଏ, ଏହାର ନିରାକରଣ ପାଇଁ ସେହିପରି ସେ ତୀର୍ଯ୍ୟକ୍ ଉକ୍ତି ପ୍ରକାଶ କରିଥାନ୍ତି । ଏହା ହିଁ ବ୍ୟଙ୍ଗ । ପାଠକ ଏହାର ଅଧ୍ୟୟନ କାଳରେ ଚେତନା ସ୍ତରରେ ପ୍ରଭାବିତ ହୁଏ ଏବଂ ସାମାଜିକ ଦୋଷ ଦୁର୍ବଳତାର ଦୂରୀକରଣ ପାଇଁ ପ୍ରେରଣା ଲାଭକରେ ।

ଓଡ଼ିଆ କଥା ସାହିତ୍ୟରେ ଲୋକକାହାଣୀଠାରୁ ଆରମ୍ଭ କରି ଆଧୁନିକ କାଳର ଉପନ୍ୟାସ କ୍ଷୁଦ୍ରଗଳ୍ପ ପର୍ଯ୍ୟନ୍ତ ଅଧିକାଂଶ କ୍ଷେତ୍ରରେ ନିଜନିଜ ସମକାଳର ମଣିଷ ଜୀବନ ପ୍ରତି ଏପରି ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ ପ୍ରକାଶ ପାଇଛି । ବ୍ରଜନାଥ ବଡ଼ଜେନା, କବିସୂର୍ଯ୍ୟ ବଳଦେବ ରଥଙ୍କ ପରେ ଫକୀରମୋହନଙ୍କ କଥାସାହିତ୍ୟରେ ବ୍ୟଙ୍ଗ୍ୟ ପ୍ରୟୋଗ ଅନ୍ୟତମ ପ୍ରଧାନ ଭାବସୌନ୍ଦର୍ଯ୍ୟ ସହିତ ଅଭିବ୍ୟକ୍ତିଗତ ଶୈଳ୍ପିକ ବିଶେଷତ୍ୱ ଭାବରେ ଦେଖାଦେଇଛି । ପରବର୍ତ୍ତୀ କାଳର ବହୁ ଶିଳ୍ପୀ ଏହାର ଅନୁସରଣ କରିଛନ୍ତି । ନାରାୟଣପ୍ରସାଦ ଏହି ଧାରାର ଅନ୍ୟତମ ସାଧକ । ତାଙ୍କ ସାହିତ୍ୟରେ ପ୍ରକାଶିତ ବ୍ୟଙ୍ଗ ତାଙ୍କ କଥାଶିଳ୍ପର ଅନ୍ୟଏକ ପ୍ରମୁଖ ବିଶେଷତ୍ୱ ।

ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସାମାଜିକ ଜୀବନରେ ଯେଭଳି ନୈତିକ ଅଧଃପତନ ଆସିଲା, ଲେଖକ ଖୁବ୍ ସତର୍କତାର ସହ ତାହା ଲକ୍ଷ୍ୟ କରିଆସିଛନ୍ତି । ତାଙ୍କ ଭଳି ଜଣେ ଉଚ୍ଚଶିକ୍ଷିତ ଶିକ୍ଷକଙ୍କ ପ୍ରାଣକୁ ସେସବୁ ଦୁର୍ବଳତା ଗଭୀର ଭାବେ ଆନ୍ଦୋଳିତ କରିଛି । ସେଥିପାଇଁ ତାଙ୍କର ପ୍ରାୟ ପ୍ରତ୍ୟେକ କ୍ଷୁଦ୍ରଗଳ୍ପରେ ବ୍ୟଙ୍ଗର ସ୍ୱର୍ଗ ରହିଛି । ଏପରିକି ଗୋଟିଏ ଗୋଟିଏ ସମୁଦାୟ ଗଳ୍ପର ପ୍ରଧାନ ଅନ୍ତଃସୌନ୍ଦର୍ଯ୍ୟ ହେଉଛି ବ୍ୟଙ୍ଗ । ନାରାୟଣଙ୍କ ନିକଟରେ ଏହା ଉଭୟ ବସ୍ତୁ ଓ ଶୈଳୀ ସୌନ୍ଦର୍ଯ୍ୟରୂପରେ ଅଭିବ୍ୟକ୍ତ ହୋଇଛି ।

'ହେ ନାଗରିକଗଣ'ରେ ରାଜା, ପାରିଷଦବର୍ଗ ଓ ପ୍ରଜାସମୁଦାୟଙ୍କ ସ୍ୱାର୍ଥପରାୟଣତା ଓ ନୀତିହୀନତା, 'ପୁନଶ୍ଚ ହସ୍ତୀ'ରେ ସ୍ୱାଧୀନ ଭାରତର ସଂସଦୀୟ ଗଣତନ୍ତ୍ରକୁ ପରିଚାଳନା କରୁଥିବା ରାଜନେତାଗଣଙ୍କ ବ୍ୟବହାର ଓ କାର୍ଯ୍ୟଧାରା ଏବଂ 'ଭଲଲୋକ'ରେ ମଣିଷର ଆପଣା ସ୍ୱାର୍ଥଦୃଷ୍ଟିରୁ ଭଲମନ୍ଦ ବିଚାର ପ୍ରତି ଗାହ୍ନିକଙ୍କ ବ୍ୟଙ୍ଗଦୃଷ୍ଟି ସମଗ୍ର ଗଳ୍ପକୁ ଆଚ୍ଛନ୍ନ କରିଛି । ସେହିପରି 'ବର୍ଷା'ରେ ଭଡ଼ାଘର ମାଲିକଙ୍କ ଭଡ଼ା ଅସୁଲି, 'ମିତା-ଏକ ବ୍ୟକ୍ତିଗତ ଶୋକ'ରେ ରୋଗୀ ପ୍ରତି ହୃଦୟହୀନ ଡାକ୍ତରଙ୍କ ବ୍ୟବହାର, 'ଜାନ୍ତବ'ରେ ତତ୍କାଳ ପ୍ରସିଦ୍ଧି ଅର୍ଜ୍ଜନ ପାଇଁ ସାମ୍ବାଦିକଙ୍କ ମିଥ୍ୟା ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ ପ୍ରୟାସ, 'ମଶା'ରେ ଦୋକାନୀର ଅସାଧୁତା, କଳାବଜାରୀ ଲୋକଙ୍କ ସହ ହାତ ମିଳାଇଥିବା କିଛି ତଥାକଥିତ ବୁଦ୍ଧିମାନ ବ୍ୟକ୍ତିଙ୍କ କାରବାର, 'କାପୁରୁଷ'ରେ ଉଚ୍ଚଅଧିକାରୀଙ୍କ କ୍ଷମତା ପ୍ରୟୋଗ ଓ ପକ୍ଷପାତିତା, 'ଦିନରାତି'ରେ ଶିକ୍ଷାକ୍ଷେତ୍ରରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଏକଦେଶଦର୍ଶୀ ନିୟମ, 'ନିମନ୍ତ୍ରଣ'ରେ ଦୁର୍ନୀତି ଓ ତା'ର ସୁରକ୍ଷା ତଥା ରାଜନେତାଙ୍କ ନିକଟରେ ଆତ୍ମକୈନ୍ଦ୍ରିକ ଲୋକର ତୋଷାମଦ ପ୍ରଭୃତି ପ୍ରତି ଲେଖକଙ୍କ ଶାଣିତ ବ୍ୟଙ୍ଗୋକ୍ତି ପ୍ରକାଶ ପାଇଛି । ଏତଦ୍‌ବ୍ୟତୀତ 'ପିକ୍‌ନିକ୍'ରେ ମଦ୍ୟପାନ ଓ ଜୁଆଖେଳ, 'ସାରାରାତି'ରେ ସହରରେ ବିଶୃଙ୍ଖଳ ଯୁବଗୋଷ୍ଠୀଙ୍କ ଜୀବନଚର୍ଯ୍ୟା ଓ ପରୀକ୍ଷକଙ୍କ ଦାୟିତ୍ୱହୀନ ମୂଲ୍ୟାୟନ, ଲୋକ ଦେଖାଣିଆ ଭଜନକୀର୍ତ୍ତନ, 'ମାନପତ୍ର'ରେ ଚରଣଚୁଟିଆଙ୍କ ଚରିତ୍ର, ନିଜର ପ୍ରତିଷ୍ଠା ଓ ପ୍ରଭାବ ପାଇଁ ଅଧସ୍ତନମାନଙ୍କଦ୍ୱାରା ଅଧିକାରୀଙ୍କ ନିଜ ଜନ୍ମୋତ୍ସବ ପାଳନ ଏବଂ ଆତ୍ମପ୍ରଶଂସା, 'ମାର୍ଗ'ରେ ଟି.ଟି.ଆଇଙ୍କ ଦୁର୍ନୀତି, 'ଦିବ୍ୟଅଜ୍ଞାନ'ରେ ଜଣେ ଚାଷୀର ଅନୁଭବ କ୍ରମରେ ସରକାରୀ କଳର ଦୁର୍ନୀତି, ଦେଶରେ ଖାଦ୍ୟାଭାବ ଓ ଆତ୍ମନିଯୁକ୍ତିର ସ୍ୱରୂପ, 'ଅନ୍ୟ ସମୟ ଅନ୍ୟ କିଛି'ରେ ସହଜ ସ୍ୱାର୍ଥ ହାସଲ ପାଇଁ ସାଧାରଣ ଜନତାଙ୍କ ଲାଞ୍ଚ ଦେବା ମନୋଭାବ ପ୍ରଭୃତି ପ୍ରତି ପ୍ରକାଶିତ ବ୍ୟଙ୍ଗ ପାଠକର ଚେତନାକୁ ଆଲୋଡ଼ିତ କରିବାରେ ସମର୍ଥ । କେତୋଟିର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା । ଯଥା -

(କ) ଅଧିକାରୀଙ୍କ ଅନ୍ୟାୟ କ୍ଷମତା ପ୍ରୟୋଗ ପ୍ରତି ସ୍ୱାଭିମାନୀ ଅଧସ୍ତନ କର୍ମଚାରୀର ମନୋଭାବ - "କ'ଣ କରିବେ ସେ, କ'ଣ କରିପାରିବେ । ଅଫିସରଙ୍କ ପାଦତଳେ କ'ଣ ଲମ୍ବ ହୋଇ ପଡ଼ିଯିବେ ଅନର୍ସ୍ ଡିଗ୍ରିର ସମସ୍ତ ମର୍ଯ୍ୟାଦା ଭୁଲିଯାଇ !ଅଫିସରଙ୍କ ମୁହଁ ଆଖି ସାମ୍ନାରେ ସ୍ପଷ୍ଟହୋଇ ଦେଖାଗଲା, ସତେ ଯେମିତି ଗୋଟାଏ ବାଘ ମୁହଁ ମେଲାକରି ଧାଇଁ ଆସୁଛି" । (କାପୁରୁଷ / ବିବର୍ଣ୍ଣା ପୃଥିବୀ, ପୃ.୬୫)

(ଖ) ସମାଜରେ ସରଳ ସଚ୍ଚୋଟଲୋକଙ୍କୁ କରାଯାଉଥିବା ଅନାଦରର ଉପମାନରେ ବଡ଼ବଡ଼ିଆଙ୍କ ଖାଦ୍ୟ ନଷ୍ଟ ପ୍ରତି - "ଅତିଥିମାନେ ସମସ୍ତ ଖାଦ୍ୟ ଖାଇ ନ ପାରୁଥିବା ଯୋଗୁଁ ରସଗୋଲା ବି ଅଇଁଠା ପତ୍ରରେ ଫିଙ୍ଗା ହେଉଥିବ, ଏ ଯୁଗର ସରଳ ସଚ୍ଚୋଟ ଲୋକ ସମାଜର ଅଳିଆଗଦାକୁ ଫିଙ୍ଗା ହେଲା ଭଳି" । (ନିମନ୍ତ୍ରଣ / ସାରାରାତି, ପୃ.୪)

(ଗ) ସଂସଦୀୟ ଗଣତନ୍ତ୍ରରେ ରାଜନେତାଙ୍କ ବ୍ୟବହାର ପ୍ରତି - "ପ୍ରବୀଣ ଅନ୍ଧଟି କିଛି ସମୟ ଚିନ୍ତାକରି ଗମ୍ଭୀର ଭାବରେ କହିଲା, "ହାତୀଶାଳଟି ବୋଧହୁଏ ଗୋଟିଏ ପାର୍ଲ୍ୟାମେଣ୍ଟ ଭଳି; ସରକାରୀ ଦଳରେ ବସିଲେ ଯେଉଁଟା ଖମ୍ବ, ବିରୋଧୀଦଳରେ ବସିଲେ ସେଇଟା ଗୋଟାଏ ସାପ ଭଳି ଜଣାପଡ଼େ" । (ପୁନଶ୍ଚ ହସ୍ତୀ / ସାରାରାତି, ପୃ.୨୧)

(ଘ) ଚରଣ ଚୁଟିଆ ଅଧିକାରୀଙ୍କ ଚରିତ୍ର ସମ୍ବନ୍ଧରେ - "କି ହିଂସ୍ର ସେ ଆଖି ଦୁଇଟି ଅଧସ୍ତନ କର୍ମଚାରୀମାନଙ୍କ ସାମ୍ନାରେ; ଅଥଚ, କେତେ ନମ୍ର ଉଚ୍ଚପଦସ୍ତ କର୍ମଚାରୀ ଏବଂ ରାଜନୈତିକ ନେତାମାନଙ୍କ ଚରଣ ସ୍ପର୍ଶ କରିବା ପାଇଁ" । (ମାନପତ୍ର / ସାରାରାତି, ପୃ.୪୩)

ଲେଖକ ସ୍ୱୟଂ ଜଣେ ସାଧାରଣ ମଣିଷ । ସେ ସମାଜ ସଚେତନ ହେଲେ ହେଁ ସାଧାରଣ ମାନବୀୟ ଦୋଷଦୁର୍ବଳତାରୁ ଊର୍ଦ୍ଧ୍ୱରେ ନୁହନ୍ତି । ତେଣୁ ନିଜ ମାଆଙ୍କୁ ବିରକ୍ତ ହେଉଥିବା ଗାହ୍ନିକ ଗଭୀର ରାତ୍ରିରେ ସହରର ରାସ୍ତାରେ ବିଶୃଙ୍ଖଳା ସୃଷ୍ଟି କରି ଶାନ୍ତିଭଙ୍ଗ କରୁଥିବା ଯୁବକମାନଙ୍କ ପ୍ରତି ପ୍ରତିବାଦର ସାହସ ଦେଖାଇ ନ ପାରିବାରୁ 'ସାରାରାତି'ରେ ନିଜପ୍ରତି ମଧ୍ୟ ବ୍ୟଙ୍ଗ ପ୍ରୟୋଗ କରିଛନ୍ତି ।

ନୀତିଶାସ୍ତ୍ରକାରଙ୍କ ଭଳି ସମାଜ ସଂସ୍କାରକୁ ଏକମାତ୍ର ଉଦ୍ଦେଶ୍ୟ ଭାବେ ଗ୍ରହଣକରି ଏପରି ବ୍ୟଙ୍ଗ ବ୍ୟବହାର କରାଯାଇଥିଲେ ଗଳ୍ପଗୁଡ଼ିକ ପ୍ରଚାର ସର୍ବସ୍ୱ ହୋଇ ତା'ର କଳାଗତ ମୂଲ୍ୟ ହରାଇ ବସିଥାନ୍ତା । କିନ୍ତୁ ଗାହ୍ନିକଙ୍କ ଅନ୍ତର୍ଜଗତକୁ ଗଭୀରଭାବେ ଆଲୋଡ଼ିତ କରିଥିବା ଅନୁଭୂତିଗୁଡ଼ିକ ନିରପେକ୍ଷ ଭାବରେ କ୍ଷୁଦ୍ରଗଳ୍ପ ଆଙ୍ଗିକରେ ପ୍ରକାଶ ପାଇଥିବାରୁ ଏଭଳି ତୀର୍ଯ୍ୟକୋକ୍ତି ସ୍ୱାଭାବିକ ଭାବରେ ଅଭିବ୍ୟକ୍ତ ହୋଇଛି, ଯାହା ତାଙ୍କ ଗଳ୍ପ ପ୍ରତିଭାର ଏକ ବିଶେଷ ଶୈଳ୍ପିକ ବୈଶିଷ୍ଟ । ତେଣୁ ଏହାର କଳାଗୌରବ ସୁରକ୍ଷିତ ।

ମାନବିକ ସମ୍ବେଦନଶୀଳତା :

ମଣିଷ ପଣିଆର ଜାଗରଣ ପୂର୍ବକ ଅନ୍ୟପ୍ରତି ସହୃଦୟ ହେବା ପାଇଁ ପାଠକକୁ ଉଚ୍ଚକୋଟୀର ସାହିତ୍ୟ ସର୍ବଦା ଅନୁପ୍ରେରିତ କରିଥାଏ । ତେଣୁ ଜୀବନନିଷ୍ଠ ଶିଳ୍ପୀ ତା'ର କୃତିରେ ମାନବୀୟ ସମ୍ବେଦନାକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିଥାନ୍ତି । ନାରାୟଣପ୍ରସାଦଙ୍କ ଗଳ୍ପ ସମୁଦାୟର ଅଧିକାଂଶ ପ୍ରସଙ୍ଗ ମଣିଷ ଜୀବନର ଅନ୍ଧକାରମୟ ଦିଗର ଅଙ୍ଗୋନିଭା ଅନୁଭୂତିକୁ ପ୍ରକାଶ କରିଥିଲେ ମଧ୍ୟ ମାନବିକ ସମ୍ବେଦନଶୀଳତାକୁ ଉପେକ୍ଷା କରିନାହିଁ । 'ଲେନ୍ସ ଭିତରକୁ ଚାଲିଆସୁଥିବା ପିଲାଟିଏ' ଗଳ୍ପରେ ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ଗହଣରେ ଫୋଟୋ ଉଠାଇବାକୁ ପ୍ରୟାସ କରୁଥିବା ଉପେକ୍ଷିତ ଦୃଷ୍ଟସ୍ଥବାଳକ ପ୍ରତି ଲେଖକଙ୍କ ସମ୍ବେଦନା, 'ଘର' ଗଳ୍ପରେ ପଡ଼ିଆରେ ପଲିଥିନ୍ ତଳେ ଜୀବନ ବିତାଉଥିବା ଯାଯାବରମାନଙ୍କ ସଂଘର୍ଷଶୀଳ ଜୀବନ ସମ୍ବନ୍ଧରେ ତାଙ୍କର ମାନସିକ ଆନ୍ଦୋଳନ ଏବଂ 'ରାସ୍ତା'ରେ ସହରରେ ଠିକ୍‌ରାସ୍ତା ଖୋଜୁଥିବା ପିଲାଟି ପ୍ରତି ସହରୀ ଲୋକଙ୍କର ହୃଦୟହୀନ ବ୍ୟବହାରର ପ୍ରତିକ୍ରିୟା ପ୍ରଭୃତିରେ

ଲେଖକଙ୍କ ଗଭୀର ମାନବିକ ଆଦର୍ଶ ପ୍ରତିଫଳିତ । ସହରୀ ମଣିଷଙ୍କ ଏପରି ବ୍ୟବହାର ପ୍ରଦର୍ଶନ ସଂପର୍କରେ ଲେଖକଙ୍କ ମତ "ଏଇଠି କାହା ମନରେ ବି ତାହା ପ୍ରତି ଦରଦ ନାହିଁ, ସମସ୍ତଙ୍କ ଫିକର କେବଳ ନିଜନିଜ ପାଇଁ" (ରାସ୍ତା / ହେ ନାଗରିକଗଣ, ପୃ.୨୬)ରେ ଅମାନୁଷିକତା ବିରୁଦ୍ଧରେ ତାଙ୍କର ବିଦ୍ରୋହାତ୍ମକ ସ୍ୱର ଶୁଣିହୁଏ । ସେହିଭଳି 'ମିତା - ଏକ ବ୍ୟକ୍ତିଗତ ଶୋକ'ରେ ମିତାର ମୃତ୍ୟୁପରେ ଗାଳ୍ପିକଙ୍କ ଗଭୀର ଅନୁଶୋଚନା ଏବଂ ଅନ୍ୟ କେତେକ ଗଳ୍ପରେ ମାନବୀୟ ସ୍ୱାଭିମାନ ସୁରକ୍ଷାର ବର୍ଣ୍ଣନା ବିଦ୍ୟମାନ । ବିଶେଷତଃ, ସାମାଜିକ ସମସ୍ୟାମୂଳକ ଗଳ୍ପସମୂହରେ ବିଭିନ୍ନ ନକାରାତ୍ମକ କାର୍ଯ୍ୟକଳାପର ପ୍ରତ୍ୟକ୍ଷ ବର୍ଣ୍ଣନାର ଅନ୍ତରାଳରେ ପାଠକ ମନରେ ମାନବୀୟ ମୂଲ୍ୟବୋଧର ଜାଗରଣ କରାଇବା ଯେ ଲେଖକଙ୍କ ମୂଳ ଉଦ୍ଦେଶ୍ୟ, ତାହା ଅବଶ୍ୟ ସ୍ୱୀକାରଯୋଗ୍ୟ ।

ଅଭିବ୍ୟକ୍ତି କୌଶଳ :

ଗଠନ ପରିପାଟୀ ଓ ପ୍ରକାଶଭଙ୍ଗୀ ଦୃଷ୍ଟିରୁ ନାରାୟଣପ୍ରସାଦଙ୍କ କ୍ଷୁଦ୍ରଗଳ୍ପ ସମୂହର କଳାତ୍ମକତା ବେଶ୍ ସୁରକ୍ଷିତ । କଳେବର ଦୃଷ୍ଟିରୁ ତାଙ୍କର ଗଳ୍ପଗୁଡ଼ିକ ଯଥାସମ୍ଭବ ସଂକ୍ଷିପ୍ତ ଓ ସଂହତ । ତାଙ୍କର ସମଗ୍ର କ୍ଷୁଦ୍ରଗଳ୍ପ ଦୁଇପ୍ରକାର ଅଭିବ୍ୟକ୍ତି କୌଶଳକୁ ଆଶ୍ରୟ କରିଛି । 'ବର୍ଷା', 'ଅନ୍ଧଦେଶ', 'ଜାନ୍ତବ', 'ଦେହ', 'ସଂପର୍କ', 'ନିମନ୍ତ୍ରଣ', 'ନୀଳକଇଁ' ପ୍ରଭୃତି ଆତ୍ମକଥନ ରୀତିରେ ପ୍ରଣୀତ ହୋଇଥିବାବେଳେ 'ପୁନଶ୍ଚ ହସ୍ତୀ', 'ପିକ୍‌ନିକ୍', 'ମାନପତ୍ର', 'ଶ୍ମଶାନ ଚିନ୍ତା', 'ପଥପ୍ରାନ୍ତର', 'ପୋଷାକ ବଦଳାଇବା ସମୟ', 'କାପୁରୁଷ', 'ଏକାଏକା' ପ୍ରଭୃତି ଗଳ୍ପ ଇତିହାସ କଥନ ରୀତିକୁ ଅବଲମ୍ବନ କରିଛି । ସଂପୂର୍ଣ୍ଣ ପ୍ରାମାଣିକ ଶୈଳୀ ବା ପତ୍ରଶୈଳୀରେ ତାଙ୍କର କୌଣସି କ୍ଷୁଦ୍ରଗଳ୍ପ ରଚିତ ହୋଇ ନାହିଁ । କିନ୍ତୁ ତାଙ୍କ 'ଦେହ', 'ରଘୁବୀର', 'ସ୍ତ୍ରୀପୁରୁଷ', 'ସେଇଦୃଶ୍ୟ : ଭିନ୍ନ ଚରିତ୍ର' ଭଳି କେତେକ ଗଳ୍ପରେ ଏହି କୌଶଳର ଆଂଶିକ ବ୍ୟବହାର କରାଯାଇଛି । ଷାଠିଏ ଦଶକ ପରେ ଓଡ଼ିଆ ସାହିତ୍ୟରେ ବହୁ ଗାଳ୍ପିକଙ୍କ ଆବିର୍ଭାବ ହୋଇଛି । ଏହି ସମୟରେ ଭାବବସ୍ତୁ ଦୃଷ୍ଟିରୁ ଯେପରି ଓଡ଼ିଆ ଗଳ୍ପର ଭିତ୍ତିଭୂମି ବିସ୍ତୀର୍ଣ୍ଣ ଓ ବ୍ୟାପକ ହୋଇଛି, ଗଠନକଳା ଦୃଷ୍ଟିରୁ ମଧ୍ୟ ସେହିପରି ଏଥିରେ ପରିବର୍ତ୍ତିତ ଶୈଳୀ ଦେଖା ଦେଇଛି । କୌଣସି ଏକ ନିର୍ଦ୍ଦିଷ୍ଟ ଧରାବନ୍ଧା ରୀତିରେ ଗାଳ୍ପିକମାନେ ଗଳ୍ପ ପ୍ରଣୟନ ନ କରି ଆପଣା ଆପଣା ବାଗରେ ରଚନା କରିଛନ୍ତି । ତେଣୁ ଏହି ସମୟରେ ପାରମ୍ପରିକ କାହାଣୀ ବିହୀନ ଗଳ୍ପ ରଚନା କରିବାର ପ୍ରାୟୋଗିକତା ସୃଷ୍ଟି ହୋଇଛି । ନାରାୟଣପ୍ରସାଦ ଏହି ସମୟରେ ଗଳ୍ପ ରଚନା କରିଆସିଥିବାରୁ ତାଙ୍କ କୃତିରେ ଉଭୟ କାହାଣୀ ପ୍ରଧାନ ଓ କାହାଣୀ ବିହୀନ କ୍ଷୁଦ୍ରଗଳ୍ପର ଦୃଷ୍ଟାନ୍ତ ରହିଛି । 'ବିଦାୟପରେ', 'ଯଦି', 'ଦେହ', 'ଜାନ୍ତବ', 'ଲେନ୍ସ ଭିତରକୁ ଚାଲିଆସୁଥିବା ପିଲାଟିଏ', 'ନୀଳକଇଁ' ପ୍ରଭୃତି ତାଙ୍କର କାହାଣୀ ବିହୀନ, ଅଥଚ; ଘଟଣା - ସଂଗଠନ ରହୁଥିବା କ୍ଷୁଦ୍ରଗଳ୍ପ ।

ନାଟକୀୟତା ତାଙ୍କ କ୍ଷୁଦ୍ରଗଳ୍ପର ଏକ ଆକର୍ଷଣୀୟ ବିଶେଷତ୍ୱ । ଗଳ୍ପଗୁଡ଼ିକର ପ୍ରାରମ୍ଭ କେବଳ ନୁହେଁ ଏଥି ମଧ୍ୟରେ ଚରିତ୍ରମାନଙ୍କର କଥୋପକଥନ ରୀତି ବହୁକ୍ଷେତ୍ରରେ ନାଟକୀୟ ସଂଳାପକୁ ଅନୁସରଣ କରିଛି । 'ଅନ୍ଧଦେଶ' ଗଳ୍ପରେ ହିପ୍‌ପି ବୋଲି ଭାବୁଥିବା ମାତୃହରା ଅସହାୟ ଛାତ୍ର ସହିତ ଲେଖକଙ୍କ ଆଳାପକୁ ଏହାର ଗୋଟିଏ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇପାରେ । ଯଥା -

"ମୁଁ ଟିକିଏ ନରମି ଯାଇ ସହାନୁଭୂତି ଦେଖାଇଲା ଭଳି ପଚାରିଲି, "ତୋ' ମାଆ ? କ'ଣ ହୋଇଛି" ?

"ଦୁଇମାସ ହେଲା ରୋଗରେ ପଡ଼ି ସେ ଏଇଠି ଅଛି, ସେଥିପାଇଁ ମୁଁ ତା' ପାଖରେ ରହୁଛି" ।

"ତୁ' କ'ଣ ପ୍ରତି ରାତିରେ ଏଇଠି ଥାଉ" ?

"ନାଁ" ।

"ତୋ' ଘରେ ଆଉ କିଏ କିଏ ଅଛନ୍ତି" ?

"କେହି ନାହାନ୍ତି"××× (ଅନ୍ଧଦେଶ / ବିବର୍ଣ୍ଣା ପୃଥିବୀ, ପୃ.୩୧)

ପୁନଶ୍ଚ ଅତୀତର ସ୍ମୃତିଚାରଣ ପାଇଁ ସେ ଗଳ୍ପ ଭିତରେ ଚରିତ୍ରମାନଙ୍କର ଭାବନାକ୍ରମରେ ନାଟକୀୟ ଫ୍ଲାସ୍‌ବେକ୍ ଶୈଳୀର ପ୍ରୟୋଗ କରିଛନ୍ତି । ଅବଶ୍ୟ 'ସ୍ତ୍ରୀପୁରୁଷ', 'ରଘୁବୀର' ଭଳି ଖୁବ୍ କମ୍ ଗଳ୍ପରେ ଏହା ବ୍ୟବହୃତ ହୋଇଛି ।

ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଫକୀରମୋହନଙ୍କଠାରୁ ଯେଉଁ ହାସ୍ୟ ଓ ବ୍ୟଙ୍ଗର ଧାରା ଅନୁସୃତ ହୋଇ ଆସିଛି, ନାରାୟଣପ୍ରସାଦ ତା'ର ଜଣେ ସମର୍ଥ ଉତ୍ତରସାଧକ । ଅବଶ୍ୟ 'ପିକ୍‌ନିକ୍' ଭଳି କ୍ୱଚିତ୍ ଗଳ୍ପରେ ହାସ୍ୟରସର ବ୍ୟବହାର ରହିଛି, କିନ୍ତୁ ତାଙ୍କର ପ୍ରାୟ ପ୍ରତ୍ୟେକ ଗଳ୍ପରେ ସାଂପ୍ରତିକ ଜନଜୀବନ ପ୍ରତି ଯେଉଁ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇଛି, ତାହା ତାଙ୍କ ଗଳ୍ପ କୌଶଳର ଏକ ପ୍ରମୁଖ ବିଶେଷତ୍ୱ । ଏହା ପୂର୍ବରୁ ଆଲୋଚିତ ।

ଭାଷା ବ୍ୟବହାର ଦୃଷ୍ଟିରୁ ତାଙ୍କ କଥାସାହିତ୍ୟରେ କୌଣସି ରକ୍ଷଣଶୀଳତା ଦେଖାଯାଏ ନାହିଁ । ନିଜ ସମକାଳର ସାମାଜିକ ବାସ୍ତବତାକୁ ପ୍ରକାଶ କରିବାକୁ ଯାଇ ସେ ଗଳ୍ପ ବର୍ଣ୍ଣିତ ଚରିତ୍ରଗୁଡ଼ିକର ମୁହଁରେ ଯଥାଯୋଗ୍ୟ ଭାଷା ପ୍ରୟୋଗ କରାଇଛନ୍ତି । ତେଣୁ ବହୁସ୍ଥଳରେ ଇଂରାଜୀ, ହିନ୍ଦୀ ଆଦି ଅନ୍ୟ ଭାଷାର ଶବ୍ଦାବଳୀର ବ୍ୟବହାର ସ୍ୱାଭାବିକ ହୋଇଛି । ଅବଶ୍ୟ କ୍ୱଚିତ୍ ସ୍ଥଳରେ ହେଲେ ମଧ୍ୟ ପଦ୍ୟଖଣ୍ଡ (ବିବର୍ଣ୍ଣା ପୃଥିବୀ, ପୃ.୬୮), ସ୍ଲୋଗାନ୍ (ସାରାରାତି, ପୃ.୪୫), ଲୋକବାଣୀ (ହେ ନାଗରିକଗଣ, ପୃ.୨୯) ପ୍ରଭୃତିର ବ୍ୟବହାର ସହିତ ଆବେଗପ୍ରବଣ କାବ୍ୟିକ ଭାଷା, କଥିତ ଭାଷା, ବ୍ୟଞ୍ଜନା ଏବଂ

ଉପମିତବାକ୍ୟ ବ୍ୟବହାରରେ ଚିତ୍ରଧର୍ମିତା ସୃଷ୍ଟି ପ୍ରଭୃତି ଗଳ୍ପର ଭାବଗାମ୍ଭୀର୍ଯ୍ୟ ରକ୍ଷା କରିବା ସହିତ ସ୍ଥାପତ୍ୟ ସୌନ୍ଦର୍ଯ୍ୟ ବିଧାୟକ ହୋଇପାରିଛି । ଯଥା -

(କ) ଜୀବନ୍ତ କଥିତ ଭାଷା - "ମୁଁ କପି କଲି, ଯାହା କଲି, ତୋ' ବୋପାର କିସ ଗଲା ? ଆଉ କିଏ ମାଷ୍ଟର ହୋଇ ନାହାନ୍ତି ନା ଆଉ କିଏ ଗାର୍ଡ୍ ପଡ଼ି ନାହାନ୍ତି ? ଶଳା ଫାଷ୍ଟ୍ ସିଟିଂରେ ଯେ ଗାର୍ଡ୍ ଥିଲା, ସେ କେତେ ବଡ଼ିଆ ଲୋକ । ମୋ' ପାଖକୁ ଆଦୌ ଆସିଲାନି, ଆଉ ତୋର ଏତେ ସାହାସ ହୋଇଗଲା ଯେ ମୋ' କପିଟା ଛଡାଇ ନେଲୁ" । (ସେଇଦୃଶ୍ୟ : ଭିନ୍ନ ଚରିତ୍ର / ବିବର୍ଣ୍ଣା ପୃଥିବୀ, ପୃ.୧୨)

(ଖ) ଉପମିତ ବାକ୍ୟ - "ଦେହର ସମସ୍ତ ଅଂଶକୁ ଜରା ଓ ଦୈନ୍ୟ ଛୁଇଁ ଯାଉଥିଲା, ସେ ପିନ୍ଧିଥିବା ଅସନା ଶାଢ଼ିଟି ଭଳି" । (ଭଲ ପାଇବାର ପାପପୁଣ୍ୟ / ହେ ନାଗରିକଗଣ, ପୃ.୩୮)

(ଗ) ବ୍ୟଞ୍ଜନା - "ପଡ଼ିଶା ଘରେ ରହୁଥିବା ଶାମଭାଇ ପୂର୍ବଭଳି ଏ ଘରକୁ ଯିବା ଆସିବା କରୁଛନ୍ତି ? ହୁଏତ ସମୟର ଚୂନ ଅତୀତର କାଳିମାକୁ ଢାଙ୍କି ଦେଇଛି" । (ତତ୍ରୈବ, ପ.୩୭)

ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଲୋକ ଉପାଦାନର ବ୍ୟବହାର ରହି ଆସିଥିଲେ ମଧ୍ୟ ସଂପୂର୍ଣ୍ଣ ଲୋକକାହାଣୀଟିକୁ ସମକାଳୀନତାର ପୃଷ୍ଠଭୂମିରେ ନବତନ ଦ୍ୟୋତନା ପ୍ରଦାନ, ଏହି ସମୟର ଓଡ଼ିଆ କ୍ଷୁଦ୍ରଗଳ୍ପର ଅନ୍ୟତମ ପ୍ରାୟୋଗିକ ବିଶେଷତ୍ୱ । ନାରାୟଣପ୍ରସାଦଙ୍କ 'ହେ ନାଗରିକଗଣ' ଓ 'ପୁନଶ୍ଚ ହସ୍ତୀ' ଏହି ଧାରାର ଦୁଇଟି ସଫଳ ସୃଷ୍ଟି । ପ୍ରଚଳିତ ଲୋକକଥାର ଭିତ୍ତିଭୂମିରେ ଗାଳ୍ପିକ ଏଥିରେ ସମକାଳୀନ ଲୋକଚରିତ୍ର ଓ ରାଜନେତାଙ୍କ ନୈତିକତାର ଅଧଃପତନକୁ ବ୍ୟଞ୍ଜିତ କରିଛନ୍ତି । ମନୋଜ ଦାସଙ୍କ 'ଅବୋଲକରା କାହାଣୀ' ଏହି କୌଶଳର ଏକ ସାର୍ଥକ ସୃଷ୍ଟି ।

ଟୀକାକାରଙ୍କ ଭଳି କ୍ଷୁଦ୍ରଗଳ୍ପ ଭିତରେ ଗାଳ୍ପିକଙ୍କ ପ୍ରତ୍ୟକ୍ଷ ଆବିର୍ଭାବ ଓ ପାଠକଙ୍କୁ ଟିପ୍‌ପଣୀ ପ୍ରଦାନ ସମସାମୟିକ ଓଡ଼ିଆ ଗଳ୍ପକଳାର ଏକ ଉପେକ୍ଷିତ ରୀତି । ଫକୀରମୋହନଙ୍କ କଥାଶିଳ୍ପରେ ବ୍ୟବହୃତ ଏ କୌଶଳ ଉତ୍ତରପଚାଶର କଥାକାରଙ୍କ କୃତିରେ ଖୁବ୍ କ୍ୱଚିତ ଦେଖାଯାଏ । କିନ୍ତୁ ଆଲୋଚ୍ୟ ଗାଳ୍ପିକ 'ଦେହ' ଗଳ୍ପରେ ଏ ଶୈଳୀ ଅବଲମ୍ବନ କରି ପ୍ରଥମେ ପାଠକଙ୍କୁ ଏକ କ୍ଷୁଦ୍ର ଭୂମିକା ପ୍ରଦାନ ପରେ ପ୍ରକୃତ ଗଳ୍ପଟି ଆରମ୍ଭ କରିଛନ୍ତି । ସଂପୃକ୍ତ ଗଳ୍ପ ନିମନ୍ତେ ଏହାର ପ୍ରାସଙ୍ଗିକତା ଥିଲେ ମଧ୍ୟ ସମକାଳୀନ ଗଳ୍ପକଳା ପରିପ୍ରେକ୍ଷୀରେ ଏହା ଏକ ଅସ୍ୱାଭାବିକ କୌଶଳ ।

ଉତ୍ତରପଚାଶ ଓଡ଼ିଆ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ନାରାୟଣପ୍ରସାଦ ପଟ୍ଟନାୟକ ବହୁସ୍ରାବୀ କଥାଶିଳ୍ପୀ ନ ହେଲେ ମଧ୍ୟ ଜଣେ ସଫଳ ଗଳ୍ପସ୍ରଷ୍ଟା ଅଟନ୍ତି । 'ବିବର୍ଣ୍ଣା ପୃଥିବୀ', 'ସାରାରାତି' ଓ 'ହେ ନାଗରିକଗଣ' ଶୀର୍ଷକ ମାତ୍ର ତିନୋଟି ସଂକଳନରେ ପ୍ରକାଶିତ ଗଳ୍ପସମୂହ ତତ୍କାଳୀନ ଓଡ଼ିଆ ଗଳ୍ପଧାରାର ସମର୍ଥ ପ୍ରତିନିଧି । ଏଥି ମଧ୍ୟରେ ପ୍ରକାଶିତ ଭାବ ସୌନ୍ଦର୍ଯ୍ୟ ବିଂଶଶତାବ୍ଦୀର ଉତ୍ତରାର୍ଦ୍ଧକାଳୀନ ଭାରତୀୟ ଶିକ୍ଷିତ ଜନସମାଜର ନାନାବିଧ ସମସ୍ୟାର ପ୍ରତିଚ୍ଛବି ବହନ କରିଥିବାବେଳେ, ଏହାର ଶିଳ୍ପରୀତି ନିଜସ୍ୱ ମୌଳିକତାରେ ସମୃଦ୍ଧ ହେଲେ ହେଁ ସମକାଳୀନ ପରମ୍ପରାକୁ ଅନୁସରଣ କରିଛି ।

ସହାୟକ ଗ୍ରନ୍ଥ :-

୧. ତ୍ରିପାଠୀ, ଡ. ସନ୍ତୋଷ କୁମାର - ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶଧାରା । ପ୍ର. ବିରଜା ବୁକ୍‌ଷ୍ଟୋର, ସୁନ୍ଦରଗଡ଼, ୧୯୯୩

୨. ପଟ୍ଟନାୟକ, ନାରାୟଣପ୍ରସାଦ - ବିବର୍ଣ୍ଣା ପୃଥିବୀ । ପ୍ର. ତାରାତାରିଣୀ ବୁକ୍‌ଷ୍ଟୋର, କଟକ-୨, ୧୯୮୨

୩. ପଟ୍ଟନାୟକ, ନାରାୟଣପ୍ରସାଦ - ସାରାରାତି । ପ୍ର. ବିଜୟ ବୁକ୍‌ଷ୍ଟୋର, ବ୍ରହ୍ମପୁର-୧, ୧୯୯୩

୪. ପଟ୍ଟନାୟକ, ନାରାୟଣପ୍ରସାଦ - ହେ ନାଗରିକଗଣ । ପ୍ର. ଅର୍ଚ୍ଚି ପ୍ରକାଶନୀ, ଭବାନୀପାଟଣା, ୨୦୦୭

୫. ବାରିକ, ଡ. କବିତା - ଶହେବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ । ପ୍ର. ବିଦ୍ୟାପୁରୀ, କଟକ-୨, ୧୯୯୯

୬. ବେହେରା, ଡ. କୃଷ୍ଣଚରଣ - କଥା ସାହିତ୍ୟ । ପ୍ର. ସାଥୀମହଲ, କଟକ-୨, ୧୯୭୮

୭. ମହାପାତ୍ର, ଡ. ପ୍ରେମାନନ୍ଦ - ଓଡ଼ିଆ ସାହିତ୍ୟର ଇତିହାସ । ପ୍ର. ସତ୍ୟନାରାୟଣ ବୁକ୍‌ଷ୍ଟୋର, କଟକ-୨, ୨୦୧୮

୮. ମହାରଣା, ଡ. ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ । ପ୍ର. ଓଡ଼ିଶା ବୁକ୍ ଷ୍ଟୋର, କଟକ-୨, ୨୦୧୫

୯. ସାମଲ, ଡ. ବୈଷ୍ଣବଚରଣ - ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା । ପ୍ର. ଓଡ଼ିଶା ବୁକ୍ ଷ୍ଟୋର, କଟକ-୨, ୨୦୧୫

୧୦. ସାମଲ, ଡ. ବୈଷ୍ଣବଚରଣ - ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ । ପ୍ର. ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ୨୦୧୯

ଇଚ୍ଛାପୁର, ଗୁଡ଼ିଆଳିପଦର
କଳାହାଣ୍ଡି -୭୬୬୦୦୨
ମୋ.: ୯୪୩୭୭ ୩୩୩୮୩

ନିଜକୁ ଚରିତ୍ର କରି

ମୌସୁମୀ ଦାସ

ରାତି ଏଗାରଟା । ଅବିନାଶ ବ୍ୟସ୍ତ ଅଛନ୍ତି ଏକ ଗଳ୍ପକୁ ଚୂଡ଼ାନ୍ତ କରିବାରେ । ଦୁଇ ତିନିଥର ଅମୃତା ପତ୍ରିକାର ସମ୍ପାଦକ ତାଙ୍କୁ ଫୋନ୍ କରି ଅନୁରୋଧ ଜଣେଇ ସାରିଲେଣି, 'ସର୍, ଆସନ୍ତା ସଂଖ୍ୟାରେ ଆପଣଙ୍କ ଗଳ୍ପ ନିଶ୍ଚୟ ଦେବାକୁ ମନସ୍ଥ କରିଛି । ଦୟାକରି ଶୀଘ୍ର ପଠେଇବେ ।'

ଆଜି ବି ଦିନବେଳେ ପୁଣି ତାଙ୍କର ଫୋନ୍ ଆସିଥିଲା । କଲେଜରେ ଆଜିକାଲି ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଏବଂ ଘରକୁ ଫେରିଲେ ବି କାମଚାପ ଯୋଗୁଁ ଅନେକ ଦିନ ହେଇଗଲାଣି, ଅବିନାଶ ଗଳ୍ପଟିକୁ ସାରି ପାରି ନାହାନ୍ତି । ଆଜି ତେଣୁ ବସିଛନ୍ତି, ଯେତେ ରାତି ହେଉ, ଆଜି ନିଶ୍ଚୟ ଗଳ୍ପଟି ଶେଷ କରିବେ । ଯେବେଠୁ ମୋବାଇଲରେ ଓଡ଼ିଆରେ ଟାଇପ୍ କରିବାର ସୁବିଧା ଆସିଲାଣି ଓ ଅବିନାଶ ସେଇ କୌଶଳଟି ଜାଣିଲେଣି, ସେବେଠୁ ସେ ଗପ ଲେଖିସାରି ମୋବାଇଲରେ ଟାଇପ୍ କରି ବିଭିନ୍ନ ପତ୍ରପତ୍ରିକାକୁ ପଠାଉଛନ୍ତି । ସମ୍ପାଦକଙ୍କ ପାଇଁ ବି ଏଇଟା ସୁବିଧାଜନକ । ଅବିନାଶଙ୍କର ବି ଆଉ ଏକ ସୁବିଧା ହେଉଛି । ତାଙ୍କ ଗଳ୍ପ ସବୁ ଏକାଥରେ ଟାଇପ୍ ହେଇ ଫୋଲଡ଼ର୍ ଭିତରେ ସେଭ୍ ରହିଯାଉଛି, ଆଗକୁ ସଂକଳନ କଲାବେଳେ ଅସୁବିଧା ହେବନି ।

ମେସେଜ୍ ନୋଟିଫିକେସନ୍‌ର ସଂକେତ ଦେଇ ବାରମ୍ବାର ତାଙ୍କ ମୋବାଇଲ ବିପ୍ ହେଉଛି । ସେ ଜାଣିଛନ୍ତି, ଏଇ ସମୟରେ କିଏ ଏମିତି ମେସେଜ୍ ପଠେଇ ଚାଲିଛି । ଅବିନାଶ ସେଆଡ଼କୁ ଦୃଷ୍ଟି ନଦେଇ ନୋଟ୍‌ପ୍ୟାଡ୍‌ରେ ଟାଇପ୍ କରି ଚାଲିଲେ । ଲେଖା ଏବେ ଶେଷ ପର୍ଯ୍ୟାୟରେ । ତା'ପରେ ହୁଏତ ସେ ଉତ୍ତର କରିପାରିବେ । ତଥାପି ବିପ୍ ହେଇ ଚାଲିଥିଲା । ଗଳ୍ପ ଶେଷ ହେବା ପରେ ଅବିନାଶ ତଳେ ନିଜ ଠିକଣା, ଫୋନ୍ ନମ୍ବର ଓ ମେଲ ଆଇଡ଼ି ଲେଖିଲେ ଓ ସେଭ୍ କରିଦେଲେ ।

ଏଥର ସେ ଫେରିଲେ ଇନ୍‌ବକ୍ସକୁ । ତାଙ୍କ ଅନୁମାନ ଠିକ୍ ଥିଲା । ଗତ କିଛିଦିନ ହେଲାଣି ଠିକ୍ ଏଗାରଟା ପରେ ହିଁ ବିନ୍ଦୁ ନାମ୍ନୀ ସେଇ ଝିଅଟା ମେସେଞ୍ଜରରେ ମେସେଜ୍ କରୁଛି । ସେ ବି ତା'ର ପ୍ରଶ୍ନସବୁର ଉତ୍ତର ଦେଇ ଚାଲିଛନ୍ତି ।

କିଛିଦିନ ପୂର୍ବର କଥା । ପ୍ରୋଫାଇଲରେ କୌଣସି ମୁହଁ ନଥାଇ ତାଙ୍କ ପାଖକୁ ଗୋଟିଏ ମେସେଜ୍ ଆସିଲା ସେ ଯେତେବେଳେ ଅନ୍‌ଲାଇନ୍ ଥିଲେ ।

'ସର୍ ନମସ୍କାର । ଆପଣ ଗାଳ୍ପିକ ଅବିନାଶ ଦାସ ନା ।'

'ନମସ୍କାର । ହଁ ଆଜ୍ଞା । ମୁଁ ସେଇ ।'

'ସର୍, ମୁଁ ଆପଣଙ୍କ ଅନେକ ଗଳ୍ପ ପଢ଼ିଚି । ମୋତେ ବହୁତ ଭଲ ଲାଗେ ଆପଣଙ୍କ ଲେଖା ।'

'ଧନ୍ୟବାଦ । ଆପଣଙ୍କ ପରିଚୟ ?'

'ମୋତେ ଆପଣ କୁହନ୍ତୁନି ସର୍, ମୁଁ ଆପଣଙ୍କଠୁ ବହୁତ ସାନ

ହେବି । ମୋ ନାଆଁ ବିନ୍ଦୁ । ମୁଁ ଏବେ ପ୍ଲସ ଥ୍ରୀ ଶେଷବର୍ଷରେ ପଢୁଛି । ମୋର ବିଷୟ ଓଡ଼ିଆ । କାରଣ ମୁଁ ଓଡ଼ିଆ ଭାଷା ଓ ସାହିତ୍ୟକୁ ବହୁତ ଭଲପାଏ ।'

'ଆରେ ବାଃ, ଏଇଟା ତ ବହୁତ ଭଲ କଥା । ତମେ... ହଁ, ତମେ ସମ୍ବୋଧନ କରୁଛି । କାରଣ ତମେ ମୋ' ଝିଅ ବୟସର ।'

'ସର୍, ମୁଁ କିଛି କବିତା ଆଉ ଦୁଇଟା ଗପ ଲେଖିଛି । ମୋତେ ଗପ ଲେଖିବାକୁ ବହୁତ ଭଲ ଲାଗେ ।'

'ବାଃ, ଖୁସିର କଥା ବିନ୍ଦୁ । ତୁମର ଏ ଦିଗରେ ରୁଚି ଅଛି ଜାଣି ଖୁସିହେଲି ।'

'ଖାଲି ଖୁସି ହେଲେ ଚଳିବନି ସର୍ । ଆପଣଙ୍କୁ ମୋ' କବିତା ଆଉ ଗପ ପଢ଼ି ମତାମତ ଦେବାକୁ ହେବ । ଆଉ ଗପ ଲେଖିଲାବେଳେ ଗାଇଡ୍ ବି କରିବେ ।'

ଅବିନାଶ ଭାବିଲେ, ଆଚ୍ଛା କଥା ତ । ଏଇ ଝିଅଟି କଣ ସିଧାସିଧା ତାଙ୍କୁ ବାଧକଲାଣି ! ହଉ, ଦେଖିବା । ଅବିନାଶଙ୍କୁ ନିଦ ଲାଗୁଥିଲା । ସେ ଅଫ୍‌ଲାଇନ ହେଇ ଶୋଇ ପଡ଼ିଲେ ସେଦିନ ।

ପରଦିନ ତାଙ୍କର ଇନବକ୍ସରେ ଗୁଡ଼ାଏ ଅପଢ଼ା ବାର୍ତ୍ତା ଭରି ଯାଇଥିଲା । ଆଉ ତା' ସାଙ୍ଗକୁ କିଛି କବିତା । ଗୋଟିଏ କବିତା ଉପରେ ଖାଲି ଏମିତି ଆଖି ପହଁରେଇ ଆଣିଲେ ଅବିନାଶ । ଅପରିପକ୍ୱ ହାତର ପ୍ରେମକବିତା, କିନ୍ତୁ ଆବେଗରେ ଭରା । ବିନ୍ଦୁ ଲେଖିଛି,'ସର୍, ମୋ କବିତା ଆପଣଙ୍କୁ ଭଲ ଲାଗିବନି, ଜାଣିଛି । ମନର କଥାକୁ ବ୍ୟକ୍ତ କରିବାକୁ ଯାଇ ସାଧାସିଧା ଶବ୍ଦରେ ଲେଖି ଦେଇଛି । ମୋତେ ଉପମା, ପ୍ରତୀକ ଦେଇ ଆସୁନି । ତଥାପି ଆପଣଙ୍କଠୁ କିଛି ଉପଦେଶ ଚାହୁଁଛି । ପଢ଼ିଲେ ଓ ମନ୍ତବ୍ୟ ଦେଲେ ଖୁସି ହେବି ।' ଅବିନାଶ ଝିଅଟିର ସାହସକୁ ମନେମନେ ତାରିଫ୍ ନ କରି ରହି ପାରିଲେନି । ଉତ୍ତରରେ ଏତିକି ଲେଖିଲେ, ସମୟ ସୁବିଧା କରି ନିଶ୍ଚୟ ପଢ଼ିବି ଓ ଜଣେଇବି ।'

କଲେଜରେ ଦିନସାରା କ୍ଲାସ୍ ଏବଂ ଗବେଷଣା ସମ୍ବନ୍ଧୀୟ ଅନ୍ୟାନ୍ୟ କାମରେ ବ୍ୟସ୍ତ ରହି ସମୟ କେତେବେଳେ ବିତି ଯାଇଥିଲା, ଜଣା ପଡ଼ିଲାନି । ପାଞ୍ଚଟା ବେଳକୁ ସେ ଟିକିଏ ଫାଙ୍କା ସମୟ ପାଇ ମୋବାଇଲ ଖୋଲିଲେ ତ ତାଙ୍କର ମନେ ପଡ଼ିଲା ବିନ୍ଦୁର କବିତା ପଢ଼ିବା କଥା । ମେସେଞ୍ଜର ଖୋଲିଲେ । ଦେଖିଲେ, ସେ ସକାଳେ ଲେଖିଥିବା ମେସେଜ ଏଯାଏଁ ଅନସିନ୍ ଅଛି । ତା'ମାନେ ବିନ୍ଦୁ ବି ଦିନସାରା ବ୍ୟସ୍ତ ଅଛି । ମୋବାଇଲ ଦେଖିନି । ଅବିନାଶ ଗୋଟିଏ କବିତା ପଢ଼ିବାକୁ ଆରମ୍ଭ କଲେ ।

ଯୁକ୍ତ ତିନିର ଜଣେ କୋଡ଼ିଏ ଏକୋଇଶ ବର୍ଷର ଝିଅ ତା' ମନରେ ଥିବା ପ୍ରେମ-ଅବଧାରଣାକୁ ଆଉ କେମିତି ଲେଖି ପାରନ୍ତା ! ହଁ,ବିନ୍ଦୁ ଠିକ୍ କହିଛି । ବେଶ୍ ସାଧାରଣ ଭାବରେ ବିଶେଷ କିଛି ପ୍ରତୀକ, ଚିତ୍ରକଳ୍ପର ପ୍ରୟୋଗ ବିନା ସିଧାସିଧା ଭାବେ ମନର ମଣିଷକୁ ଉଦ୍ଦେଶ୍ୟ କରି ଲେଖିଛି କିଛି ଧାଡ଼ି । ଯା'କୁ କବିତା କହି ହେବ ନା ନାହିଁ, ସେକଥା ଅବିନାଶ ଠଉରେଇ ପାରୁ ନ ଥିଲେ । ତଥାପି ଝିଅଟିକୁ ନିରୁତ୍ସାହିତ କରିବାକୁ ମନ ହେଲାନି । ନିଜର ଦୁଇଟି ରୋମାଣ୍ଟିକ କବିତା ପଠେଇଦେଲେ ।

'ବିନ୍ଦୁ, ଏଇ କବିତା ପଢ଼ିଲେ ବୁଝି ପାରିବ, କେମିତି କବିତାର ଭାବକୁ ଭିନ୍ନ ଭାବେ କହିହୁଏ ।'

ସନ୍ଧ୍ୟାରେ ଘରକୁ ଫେରିଲେ ଅବିନାଶଙ୍କର ଅନେକ କାମ ରହିଥାଏ କରିବାକୁ । ତନୟା ପାଖକୁ ଫୋନ୍ କରିବାର ଥାଏ, ଦିନସାରା ତା'ର କଲେଜ ଆଉ ହଷ୍ଟେଲର ଗପ ଶୁଣିବାର ଥାଏ । କଟକରେ ଷ୍ଟୁଆର୍ଟ୍ କଲେଜରେ ଅଧ୍ୟାପିକା ତାଙ୍କ ପତ୍ନୀ ଅନୁଜା । ତାଙ୍କ ସହିତ ଭିଡ଼ିଓ କଲରେ କଥା ହେବାକୁ ହୁଏ । ନିଜ ପାଇଁ ରୋଷେଇ କରିବାକୁ ହୁଏ । ଏସବୁ ପରେ ଥାଏ ଆସନ୍ତାକାଲିର କ୍ଲାସ୍ ପାଇଁ ପ୍ରସ୍ତୁତି ଏବଂ ଲେଖାପଢ଼ା ।

ଆଗ ସେ ତନୟା ପାଖକୁ କଲ୍ କଲେ । ଖୁବ୍ ଗେହ୍ଲି ଝିଅ ତା' ବାପାଙ୍କର । ପ୍ରତିଦିନ ତା' କଲେଜରେ କ'ଣ ପଢ଼େଇଲେଠୁ ଆରମ୍ଭ କରି ଦିନସାରା ସେ ଓ ତା' ସାଙ୍ଗମାନେ କ'ଣ ମଜା କଲେ, କ'ଣ ଖାଇଲେ, ସବୁ କଥା ଆଗ ତା' ବାପାଙ୍କୁ ଜଣେଇ ନ ଦେଲେ ତା' ମନ ବୁଝେନି । ଅବିନାଶ ବି ଭାବନ୍ତି, ଏଇଟା ଭଲ କଥା । ଝିଅ ଓ ବାପା ଭିତରେ ବଣ୍ଡିଙ୍ଗ୍ ଦେଖି ଅନୁଜା ବି ନିଶ୍ଚିନ୍ତ ହେଇ ଯାଆନ୍ତି । ଆଜି ଅବିନାଶ କଲ୍ କନଫେରେନ୍ସ କରିଦେଲେ । ବାପା ମାଆ ଝିଅ ଖୁବ୍ ଗପସପ କଲେ । ତନୟା ଅଳି କଲା, ବାପା, ମାଆ, ତମେ ଦି'ଜଣ କେବେ ଆସିବ ମୋ' ପାଖକୁ ? ଗଣେଶ ପୂଜାରେ ତ ତମର ଦୁଇଦିନ ଛୁଟି ଅଛି ନୂଆଖାଇ ମିଶେଇ । ଆସ ନା ପ୍ଲିଜ ।' ଅବିନାଶ କିଛି କହିବା ପୂର୍ବରୁ ଅନୁଜା ଆଗ 'ହଁ, ଆମେ ଯିବୁ' କହିଦେଲେ । ଅବିନାଶଙ୍କର ବି ଝିଅକୁ ଦେଖିବାକୁ ବହୁତ ଇଚ୍ଛା ହେଉଥିଲା । ତେଣୁ ଅନୁଜାଙ୍କ କଥାରେ ଏକମତ ହେଇ କହିଲେ, 'ତା'ହେଲେ ମୁଁ ଏଇ ଦିନେ ଦୁଇ ଦିନ ଭିତରେ ଟିକଟ୍ ବନ୍ଦୋବସ୍ତ କରୁଛି ।' ବିନା ଓଜରଆପତ୍ତିରେ ବାପା ମାଆ ଦୁହେଁ ତା' ପାଖକୁ ଆସିବାକୁ ରାଜି ହେଇ ଗଲେ, ତନୟା ମନ ଖୁସି ହେଇଗଲା ।

ଅବିନାଶ ଫୋନ୍ ଚାର୍ଜରେ ବସେଇ ରୋଷେଇ କରିବାକୁ ଗଲେ । ରାତ୍ରିଭୋଜନ ସଂକ୍ଷିପ୍ତ ତାଙ୍କର । ରୁଟି ଓ ସନ୍ତୁଳା । ଦିନବେଳେ ସମୟ ହୁଏନି । ତେଣୁ କଲେଜ୍ କ୍ୟାଣ୍ଟିନରେ ଖାଆନ୍ତି । କିନ୍ତୁ ରାତିରେ ନିଶ୍ଚୟ ଘରେ ଖାଦ୍ୟ ପ୍ରସ୍ତୁତ କରନ୍ତି । ଅବିନାଶ ଘରର ସବୁକାମ ନିଜେ କରିବାକୁ ଭଲ ପାଆନ୍ତି । ସବୁ କାମସାରି ସେ ପ୍ରାୟ ସାଢ଼େ ଦଶ ବେଳକୁ ଡିନର କରିବା ସମୟରେ ଚାର୍ଜରେ ବସେଇଥିବା ମୋବାଇଲ ଆଣି ଖାଉ ଖାଉ ଫେସ୍‌ବୁକ ଦେଖିବାକୁ ଆରମ୍ଭ କଲେ । ସେ ଅନଲାଇନ୍ ହେବା କ୍ଷଣି ମେସେଜ୍ ଆସିବା ଆରମ୍ଭ ହେଇଗଲା । ଅବିନାଶ ଦେଖିଲେ

ବିନ୍ଦୁ ଟାଇପ୍ କରୁଛି କିଛି ।

'ବହୁତ ଖୁସି ଲାଗିଲା ସର୍ । ଆପଣ ମୋ' କବିତା ପଢ଼ିଲେ । ମୋତେ ତ ଆପଣଙ୍କ କବିତା ଗଳ୍ପ ସବୁ ବହୁତ ଭଲ ଲାଗେ । ଏଇ କବିତା ବି ବହୁତ ଭଲ ଲାଗିଲା । ଯେମିତି ମୋ' ପାଇଁ ହିଁ ଲେଖିଛନ୍ତି ।'

ଅବିନାଶ - 'ଧନ୍ୟବାଦ ବିନ୍ଦୁ । '

ଆଉ ଦିନେ ସେମିତି, ରାତି ଏଗାରଟା ବେଳକୁ ସେ ସବୁ କାମସାରି ବିଛଣାରେ ପଡ଼ିଗଲେ, ନିଦ ଆସୁ ନଥାଏ , ତେଣୁ ଫେସ୍‌ବୁକ୍ ଖୋଲିଲେ । ଆଉ ତାଙ୍କ ମେସେଞ୍ଜରରେ ମେସେଜ୍ ଆସିଗଲା । 'ନମସ୍କାର ସର୍' । ଅବିନାଶ ବିନ୍ଦୁର ନମସ୍କାରର ଉତ୍ତରରେ ଦୁଇ ହାତ ଯୋଡ଼ି ନମସ୍କାର ମୁଦ୍ରାର ଏକ ଇମୋଜି ପଠେଇଦେଲେ ।

'ଏଯାଏଁ ଶୋଇନ ?'

ବିନ୍ଦୁ - ' ନାଇଁ ସର୍, ନିଦ ହେଇନି । ଏବେ କ'ଣ ମୁଁ ଶୁଏ ? ମୋର ଆହୁରି ଡେରିହେବ ଶୋଇବାକୁ ।'

ଅବିନାଶ ଭାବିଲେ, ବିନ୍ଦୁର ବୋଧେ ବିଳମ୍ବିତ ରାତି ଯାଏଁ ପଢ଼ିବା ଅଭ୍ୟାସ ରହିଛି ।

କିନ୍ତୁ ସେ ଲେଖିଲା, 'ଆମଘରେ କେବଳ ଗୋଟିଏ ମୋବାଇଲ୍ । ସେଇଟା ମୋ' ବାପାଙ୍କର । ମୋ ବାପା ଜଣେ ଇଲେକ୍ଟ୍ରିସିଆନ୍ । ଦିନସାରା ମୋବାଇଲ୍ ତ ତାଙ୍କ ପାଖରେ ଥାଏ । ରାତି ଦଶଟା ପରେ ଯାଇକି ମୋ' ବୋଉ ଆଉ ମୋ' ହାତକୁ ଆସେ । ଆମେ ଦି'ଜଣ କିଛି ସମୟ ୟୁଟ୍ୟୁବ୍ ରେ ଓଡ଼ିଆ ଗୀତ କି କମେଡ଼ି ଦେଖୁ । ବୋଉ ଦେଖୁଦେଖୁ କିଛି ସମୟ ପରେ ଶୋଇ ପଡ଼େ । ମୁଁ ତା'ପରେ ହିଁ ମୋବାଇଲ ଉପରେ ସମ୍ପୂର୍ଣ୍ଣ ଅଧିକାର ପାଏ ।'

ଅବିନାଶ - 'ଆଚ୍ଛା, ଏବେ ବୁଝିଲି ଯେ ତମେ ମୋ' ମେସେଜ ଏତେ ଡେରିରେ କାହିଁକି ଦେଖିଲ ।'

ବିନ୍ଦୁ ଗୁଡ଼ାଏ ହସର ଇମୋଜି ପଠେଇଦେଲା । ଅବିନାଶ ଗୋଟିଏ ସ୍ମାଇଲି ।

' ଆପଣ ଖାଇ ସାରିଲେଣି ? ଘରେ କିଏ କିଏ ଅଛନ୍ତି ?'

ବିନ୍ଦୁ ଅବିନାଶ ବିଷୟରେ ଜାଣିବାକୁ ପଚାରିଲା । 'ମୁଁ ଏଠି ଭଦ୍ରକରେ ଏକା ରହେ । ମିସେସ୍ କଟକରେ । ଝିଅ ବିଶାଖାପାଟଣାରେ ମେଡ଼ିକାଲ କଲେଜରେ ପଢୁଛି ।'

'ମୁଁ ବି ମୋ ବାପା ବୋଉଙ୍କର ଗୋଟିଏ ଝିଅ ।'

'ଆଚ୍ଛା...'

'ମୁଁ ମୋ ବୋଉର ବହୁତ ଗେହ୍ଲି । ଜାଣିଛନ୍ତି, ଏବେ ବି ମୋତେ ମୋ ବୋଉ ନଖୁଏଇଲେ ମୁଁ ଖାଏନି । ମୁଁ ଜିଦ୍‌କଲେ ମୋତେ ମନେଇବା ପାଇଁ ବୋଉ ମୋ' ପଛେପଛେ ଲାଗିଥାଏ । '

'ବୋଉମାନେ ହିଁ ଏମିତି । ମୋ ବୋଉ ବଞ୍ଚିଥିଲାବେଳେ ମୋତେ ବଳେଇ ବଳେଇ ଖୁଆଉଥିଲା ।'

' ସର୍, ଆପଣଙ୍କୁ ଗୋଟେ କଥା ମାଗିବି, ଦେବେ ।'

ଅବିନାଶ ଚମକି ପଡ଼ିଲେ । କ'ଣ ମାଗିବ ଏ ଝିଅ ? ଯଦି ତା'ର ଆର୍ଥିକ ଅସୁବିଧା କହି ଟଙ୍କାପଇସା ମାଗେ ? ଯଦି ମୋବାଇଲଟେ ମାଗେ ? ଆଜିକାଲି ଏମିତି ତ ହେବା କିଛି ଅସମ୍ଭବ ନୁହେଁ । ଥରେ ତାଙ୍କ ଗଳ୍ପର ପ୍ରଶଂସକ ବୋଲାଉଥିବା ଜଣେ ଯୁବକ, ତାଙ୍କ ସହିତ ପ୍ରାୟ ସମୟ ଫୋନ୍‌ରେ କଥା ହେଉ ହେଉ ଦିନେ ତାଙ୍କୁ ମିଛସତ କହି ପଇସା ମାଗିଥିଲା । ପୂର୍ବରୁ ଏମିତି କେତେଜଣ ବନ୍ଧୁଙ୍କ ସହିତ ବି ଘଟି ସାରିଥିଲା । ଅବିନାଶ ସେଇ ସବୁ ଠକାମୀ କଥା ମନେପକେଇ ସତର୍କ ହେଲେ । ଦେଖାଯାଉ, କଣ କହୁଛି ଏ ଝିଅ ।

'ଡରିଗଲେ କି ? ଟଙ୍କାପଇସା ମାଗୁନି ମ ।'

ଆଉ ତା'ହେଲେ...

ବିନ୍ଦୁ ଟାଇପ୍ କରୁଥିଲା,'ଆପଣ ମୋ ସହିତ ପ୍ରତିଦିନ ଏତିକିବେଳେ ଟିକିଏ ଚାଟିଙ୍ଗ୍ କରିବେ । ଆପଣଙ୍କ ସହିତ କଥା ହେଇ ବହୁତ ଭଲ ଲାଗୁଛି ।'

ଏଇ କଥା...! ଅବିନାଶ ଭାବିଲେ, ଛୋଟ ଝିଅଟା । ମୋ ତନୟା ବୟସର କି କଣ । ଆଉ କେହି ଭାଇ ଭଉଣୀ ନାହାନ୍ତି ବୋଲି ଏକଲା ଲାଗୁଥିବ ।

'ହେଲେ ମୋ ସହିତ କଣ ଚାଟିଙ୍ଗ୍ କରିବ ? ତମର କଣ କେହି ସାଙ୍ଗସାଥୀ ନାହାନ୍ତି...ସେମାନଙ୍କ ସହିତ କଥା ହେଲେ ଭଲ ଲାଗିବ ନା..'

'ନା ନା, ମୋତେ ଆପଣଙ୍କ ସହିତ କଥା ହେବାକୁ ଭଲ ଲାଗୁଛି । ମୋର ଗୋଟେ ବୟଫ୍ରେଣ୍ଡ୍ ଥିଲା । ଏବେ ଆମର ବ୍ରେକଅପ୍ ହେଇଯାଇଛି । ଆଉ, ମୋର ସେମିତି କେହି ବିଶେଷ ସାଙ୍ଗସାଥି ନାହାନ୍ତି ।'

ଅବିନାଶକୁ ନିଦ ଲାଗୁଥିଲା । ସିଏ ଟାଇପ୍ କଲା, 'ଆଚ୍ଛା ହେଉ । ଏବେ ବହୁତ ଡେରି ହେଲାଣି । କାଲି କଥା ହେବି ।'

'ରୁହନ୍ତୁ ନା ଟିକେ ସମୟ । କହିଲି ନା, ଆପଣଙ୍କ ସହିତ ବହୁତ କଥା ହେବାର ଅଛି ।'

ନଛୋଡ଼ବନ୍ଧା ଝିଅଟେ ତ । ବୁଝେଇବା ଭଳି ସେ ଲେଖିଲା, 'ସୁନାଝିଅଟା ପରା । ଏତେ ରାତିଯାଏ ନ ଶୋଇବା ଭଲ ନୁହେଁ । ଶୋଇପଡ଼ । କାଲି କଥା ହେବ ।'

'ନା ନା , ମୋତେ ତ ଜମା ନିଦ ଆସୁନି । ଆଉ ଟିକେ ସମୟ ପ୍ଲିଜ ।'

'ହଉ କୁହ । ଆଉ ପାଞ୍ଚ ମିନିଟ ମାତ୍ର ।'

'ବାପ୍‌ରେ । ଆପଣ ତ କଲେଜରେ ପିଲାମାନଙ୍କୁ ବହୁତ

ଧମକାଉଥିବେ ! ଡରାଉଥିବେ ! ଆଉ ପିଲାମାନେ ବି ଆପଣଙ୍କୁ ଖଡୁସ୍ କହୁଥିବେ ତ !'

ଅବିନାଶଙ୍କୁ ହସ ଲାଗିଲା । ସବୁବେଳେ ସମସ୍ତଙ୍କ ସହିତ ସେ ହସିହସି କଥା ହୁଅନ୍ତି, ସବୁ ଛାତ୍ରଛାତ୍ରୀଙ୍କ ଭଲମନ୍ଦ ପଚାରି ବୁଝନ୍ତି, ସେମାନେ ବି ତାଙ୍କୁ ବହୁତ ଭଲ ପାଆନ୍ତି । ସେ ଭଲ ପଢାନ୍ତି, କାହାର କେଉଁଠି ପାଠ ଅବୁଝା ରହିଲେ ସେ ନିଃସଙ୍କୋଚରେ ଆସି ତାଙ୍କଠୁ ବୁଝିନିଏ । ଅବିନାଶ ବି ଆବଶ୍ୟକ ସ୍ଥଳେ ଥରକ ଜାଗାରେ ବାରମ୍ବାର ବୁଝେଇବାରେ ଆଦୌ ବିରକ୍ତ ହୁଅନ୍ତିନି । ଛାତ୍ରମହଲରେ ଅବିନାଶ ସର୍ ବହୁତ ପ୍ରିୟ । କିନ୍ତୁ ଏଇ ଅଳ୍ପ ପରିଚିତା ଝିଅ ବିନ୍ଦୁ କ'ଣ କହିଲାଣି ତାଙ୍କୁ ଖଡୁସ୍ !! ହା ହା ହା । ତାଙ୍କୁ ହସ ମାଡ଼ିଲା ।

'ହସିଲେଣି ନା ? ମୁଁ ଜାଣିଥିଲି ଆପଣ ହସିବେ ବୋଲି ।' ଝିଅଟା ଖୁବ୍ ସ୍ମାର୍ଟ ଅଛି, ଭାବିଲେ ଅବିନାଶ ।

' ଗୋଟିଏ କଥା କହିବି ସର୍..'

'କ'ଣ ?'

'ଆପଣ ନା ବହୁତ ହ୍ୟାଣ୍ଡସମ...'

ପୁଣି ହସ ଲାଗିଲା ଅବିନାଶଙ୍କୁ । ସେ ଗୋଟେ ହସର ଇମୋଜି ପଠେଇଦେଲେ । 'ସତରେ ସର୍, ଆଉ ସବୁଠୁ ବେଶୀ ସୁନ୍ଦର ଆପଣଙ୍କ ହସ । ଯିଏ କେହି ବି ଫିଦା ହେଇଯିବ ।'

'ହା ହା ହା, ମୋ' ବୟସ ଏବେ ଏକାବନ ହେଲାଣି । ପୂରାପୂରି ପାରିବାରିକ ମଣିଷଟେ ମୁଁ । ଆଉ ଫିଦାହେବାକୁ ବୟସ ନାହିଁ ।'

'କିଏ କହିଲା ଆପଣ ବୟସ୍କ ବୋଲି । ଆପଣଙ୍କର ଏଇ ଫଟୋ ଦେଖି ମୁଁ ବି ତ ଫିଦା ହେଇଯାଇଛି ।'

କ'ଣ ସବୁ କହିଯାଉଛି ଏଇ ଝିଅଟି ! ଆଶ୍ଚର୍ଯ୍ୟ ହେଲେ ଅବିନାଶ । କଥା ଭୁଲେଇ ଦେବାକୁ ହଠାତ୍ ପଚାରିଲେ,

'ତମର ଫେସ୍‌ବୁକ ପ୍ରୋଫାଇଲ୍‌ରେ ତୁମ ଫଟୋ କାହିଁକି ନାହିଁ ? ଫୁଲଟିଏ ହିଁ ଦେଇଛ ।' ପଚାରିଲେ ଅବିନାଶ ।

'ମୁଁ ଦେଇନି, ଜାଣିକି ।'

'ତୁମ ବିଷୟରେ ବି କିଛି ଲେଖିନ ।'

'ସେଇଟା ବି ଜାଣିକି ଲେଖିନି ।'

'ଆଶ୍ଚର୍ଯ୍ୟ, ତମେ ଯଦି ନିଜକୁ ଲୁଚେଇ ରଖିବାକୁ ଚାହୁଁଛ, ତା'ହେଲେ ଫେସ୍‌ବୁକ୍‌ରେ କାହିଁକି ରହିଛ ?' ଅବିନାଶ ଟିକେ ଟାଣକରି ପଚାରିଲେ ।

'ଆପଣଙ୍କୁ କ'ଣ ଫୁଲ ଭଲ ଲାଗେନି ?' ବିନ୍ଦୁ ଅବିନାଶଙ୍କ ପ୍ରଶ୍ନର ଉତ୍ତର ନଦେଇ ଓଲଟା ପଚାରିଲା ।

'ଭଲ ଲାଗେ । ତା' ବୋଲି ଫଟୋ ବଦଳରେ ଫୁଲର ଚିତ୍ର ଦେଖିଲେ କେହି ବି ପ୍ରଶ୍ନ କରିବ କି ନାହିଁ ଯେ...'

କିଛି ସମୟ ନିରବ ରହିଲା ସିଏ । ଅବିନାଶ ଭାବିଲେ, ବୋଧେ ବିନ୍ଦୁକୁ ତାଙ୍କ କଥା ଆଘାତ ଦେଇଛି । ସେ ଫଟୋ ଦେବ କି ନଦେବ, ନିଜ ବିଷୟରେ ସୂଚନା ଦେବ କି ନଦେବ,ସେଇଟା ତା'ର ବ୍ୟକ୍ତିଗତ ବ୍ୟାପାର । ସିଏ ବି ତରୁଣ ସୁଲଭ ଅତ୍ୟାଗ୍ରହୀ ହେଇଯିବା ଭଳି ପ୍ରତିକ୍ରିୟା ଦେଉଛନ୍ତି ! ନିଜକୁ ଲାଜ ଲାଗିଲା । ଅବିନାଶ ପୁଣି ଚାହିଁଲେ ଚାଟ୍‌ବକ୍ସ ଆଡ଼କୁ ।

'କାଲି ମୁଁ ଆପଣଙ୍କୁ ମୋର ଫଟୋ ପଠେଇବି । ଆଉ ନିଜ ବିଷୟରେ ବି କହିବି । ବୋଉର ନିଦ ଭାଙ୍ଗିଗଲା ବୋଧେ ।' ସିଏ ସାଙ୍ଗେସାଙ୍ଗେ ଅଫଲାଇନ୍ ହେଇଗଲା ।

ଅବିନାଶ ନିଜକୁ ନିଜେ ପ୍ରଶ୍ନ କଲେ, 'ମୁଁ କଣ ବେଶୀ ପର୍ସନାଲ୍ ହେଇଯାଇଛି ? ମୋ' କଥାରେ ବିନ୍ଦୁକୁ କିଛି କଷ୍ଟ ହେଇଛି କି ? ଛୋଟ ଝିଅଟା । ଠିକ୍ ମୋ' ତନୟା ପରି ।'

ନିଜ ଭିତରୁ ଆଉ ଜଣେ କହିଲା,'ତୁ ସତରେ କ'ଣ ତାକୁ ଠିକ୍ ତୋ' ଝିଅ ତନୟା ପରି ଦେଖୁଛୁ ? ଯଦି ଦେଖିଥାନ୍ତୁ, ଏତେ ରାତିରେ ତା' ସହିତ ଚାଟିଙ୍ଗ୍ କରୁଥାନ୍ତୁ ? ଆଉ କାହାକୁ ନିଜ ଝିଅ ଭଳି ଭାବିବା ଏତେ ସୋଜା କଥା !'

'ଆରେ, କ'ଣ ଭୁଲ୍ ମୁଁ କଲି ? ନୂଆ ନୂଆ କବିତା ଲେଖୁଥିବା ଛୋଟ ଝିଅଟେ, ଯଦି ମୋ'ଠୁ କିଛି ମତାମତ ଚାହୁଁଛି, ସେଥିରେ ଭୁଲ୍ କ'ଣ ରହିଲା ? ହୁଏତ ମୋ' ମତମନ୍ତବ୍ୟ ତା' ଲେଖାଲେଖିରେ ସହାୟକ ହେବ । ଏଥିରେ ଭୁଲ୍ କ'ଣ ରହିଲା ?'

'ରହିନି ? ତୁ ସେଇ ସାହିତ୍ୟ ଭିତରେ ସୀମିତ ରହିଲୁ କି ? 'ଅବିନାଶ ହଡ଼ବଡେଇ ଗଲେ ଏଇ ପ୍ରଶ୍ନରେ । 'କାହିଁକି ତା' ବିଷୟରେ ଜାଣିବା ପାଇଁ ଅଚାନକ ତୋ' ଭିତରେ ଆଗ୍ରହ ବଢ଼ିଲା ?'

ଅବିନାଶ ନିଜକୁ ଗାଳି ଦେଲେ । ମୋବାଇଲ ସୁଇଚ୍ ଅଫ୍ କରି ଶୋଇବାକୁ ଗଲେ । ଆଜିକାଲି ସମୟ ଅସମୟରେ ଫେସ୍‌ବୁକରେ ଅମୁକ ସାହିତ୍ୟିକଙ୍କ ସମୁକ କାରନାମା ସବୁ ଭାଇରାଲ୍ ହେଉଛି । କେତେବେଳେ କେଉଁ ବ୍ୟକ୍ତି ଚାଟିଙ୍ଗ୍ କରୁକରୁ କୋଉ ଝିଅକୁ କ'ଣ କହିଦେଉଛି, ସେ ଝିଅ ସେସବୁକୁ ଫେସ୍‌ବୁକରେ ପବ୍ଲିକ୍ କରି ଉଛାଳୁଛି । ହଠାତ୍ ଅବିନାଶଙ୍କୁ ମନେହେଲା, ସେ ବି ଏମିତି କିଛି ଅଘଟଣ ଭିତରକୁ ଟାଣିହେଇ ଯାଉ ନାହାନ୍ତି ତ... ? ରାତିରେ ଭଲରେ ନିଦ ହେଲାନି ତାଙ୍କର ।

ସକାଳୁ ବହୁତ ବିଳମ୍ବ ହେଇଗଲା ଉଠୁଉଠୁ । ମୁଣ୍ଡଟା ଭୀଷଣ ବିନ୍ଧୁଥିଲା । ଅମୃତାର ସମ୍ପାଦକ ଜୀବନବାବୁଙ୍କ ଫୋନ୍ ନିଦ ଭାଙ୍ଗିଦେଲା । ଅବିନାଶ ଆଜି ନିଶ୍ଚୟ ଗପଟି ଶେଷକରି ପଠେଇଦେବାକୁ କଥା ଦେଇଥିଲେ । ତେଣୁ କଲେଜରୁ ଫେରି ଆଗ ସେଇ କାମରେ ଲାଗି ପଡ଼ିଥିଲେ । ଗପଟି ଆଗ ଜୀବନବାବୁଙ୍କ ପାଖକୁ ପଠେଇ ଦେଇ

ଅବିନାଶ ମେସେଞ୍ଜର ଖୋଲିଲେ । ବିନ୍ଦୁର ମେସେଜରେ ଭର୍ତ୍ତି ହେଇ ଯାଇଥିଲା । ଆଉ ତା' ସହିତ , ଗୋଟେ ଫଟୋ ବି ପୋଷ୍ଟ କରିଛି ବିନ୍ଦୁ । ଅବିନାଶ ଦେଖିଲେ ଫଟୋଟିକୁ । ବିନ୍ଦୁ ଦେଖିବାକୁ ସୁନ୍ଦର । ତା' ମୁହଁରେ ଗୋଟେ ସରଳ କିଶୋରୀର ନିରୀହପଣ । ତାଙ୍କୁ ଲାଗିଲା, ମୋ' ଝିଅ ତନୟା ପରି ଏଇ ଝିଅଟି ।

'ସର୍, କାଲି ଆପଣ ପଚାରିଥିଲେ, କାହିଁକି ମୋର କିଛି ଫଟୋ ନାହିଁ ଫେସ୍‌ବୁକରେ । ମୋ ବିଷୟରେ ବି କିଛି ସୂଚନା ନାହିଁ ପ୍ରଫାଇଲରେ ।'

'ମୁଁ ଜାଣିଛି, ମୋତେ ଆଦୌ ଜାଣି ନଥିବା ବ୍ୟକ୍ତି ମନରେ ଏଇ ପ୍ରଶ୍ନ ଆସିବ ହିଁ ।'

'ମୁଁ କିନ୍ତୁ ଆପଣଙ୍କୁ କହିବି ମୋ' ବିଷୟରେ । କାହିଁକି ନା, ମୁଁ ଏଇ କିଛି ଦିନ ଭିତରେ ଆପଣଙ୍କୁ ବହୁତ ଭଲ ପାଇ ବସିଛି ।'

'ଆପଣ ବାରମ୍ବାର କହିଛନ୍ତି ଯେ ମୁଁ ଆପଣଙ୍କ ଝିଅ ବୟସର । ମୋତେ ଛୋଟ ଝିଅଟେ ଭଳି ହିଁ ଭାବୁଛନ୍ତି ଆପଣ ।'

'ମୁଁ କିନ୍ତୁ ଆପଣଙ୍କ ଝିଅ ସହିତ ସମତୁଲ୍ୟ ହେବାକୁ ଚାହୁଁନି । ମୁଁ ବି ଆପଣଙ୍କୁ ପିତା ଦୃଷ୍ଟିରେ ଦେଖୁନି ।'

'କାରଣ ମୁଁ ଆପଣଙ୍କ ଲେଖା,ଆପଣଙ୍କ ଚେହେରା, ଆପଣଙ୍କ ହସ, ଆପଣଙ୍କ ପ୍ରେମରେ ପଡ଼ିଯାଇଛି ।'

ଅବିନାଶ ବିବ୍ରତ ଦିଶିଲେ । ରାତି ବହୁତ ହେଇଗଲାଣି । ଏଇ ସମୟରେ ବିନ୍ଦୁ ଭଳି ତରୁଣୀ ଯଦି ଚାଟ୍ କରି ଏମିତି କଥାସବୁ ଲେଖେ, ତେବେ ପୁରୁଷଲୋକଟେ କ'ଣ କରିବ ? ପ୍ରଥମେ ସେ ଭାବିଲେ, ତାକୁ ଗାଳି ଦେବେ । କିନ୍ତୁ ପୁଣି ଭାବିଲେ , ନା, ବୁଝେଇକି କହିବା ଠିକ୍ ହେବ । ପୁଣି ଭାବିଲେ, କିଛି ନ କହି, ଚୁପ୍‌ଚାପ୍ ଏଇ ଚାଟିଂରୁ ଓହରି ଆସିବା ଉଚିତ ହେବ । ତଥାପି ଅବିନାଶ ଟାଇପ୍ କଲେ, 'ଦେଖ ବିନ୍ଦୁ, ତମେ ଯାହା ଲେଖୁଛ, ଏସବୁ ଆଦୌ ସ୍ୱୀକାର୍ଯ୍ୟ ନୁହେଁ । ମୁଁ ତୁମକୁ କହିଲି ନା, ତମେ ମୋ' ଝିଅ ବୟସର, ମୋ' ଝିଅ ଭଳି । ପୁଣି ଏସବୁ କାହିଁକି ?'

ସାଙ୍ଗେସାଙ୍ଗେ, ସେ ଟାଇପ୍ କଲା, 'ମୁଁ ବି କହିଲି ନା, ମୁଁ ଆପଣଙ୍କ ଝିଅ ହେବାକୁ ଚାହେଁନି । ମୋତେ ଆପଣ ବହୁତ ଭଲ ଲାଗୁଛନ୍ତି । ମୋ' ମନ ଦିନସାରା କୋଉଥିରେ ଲାଗୁନି । ଖାଲି ଅପେକ୍ଷା କରି ରହୁଛି, କେତେବେଳେ ରାତି ହେବ, ମୋବାଇଲ ମୋ' ପାଖକୁ ଆସିବ, ଆଉ ମୁଁ ଆପଣଙ୍କ ସହିତ କଥା ହେବି ।'

'ଏଇଟା ଗୋଟାଏ ସାମୟିକ ଆକର୍ଷଣ । ତମେ ବୁଝୁନ କାହିଁକି ? ନିଜକୁ ଦୃଢ଼ କର । ମୁଁ ତୁମ ସହିତ କ'ଣ ଦୁଇ ଦିନ କଥା ହେଇଯିବା ଅର୍ଥ ଏୟା ନୁହେଁ କି ତମେ ଏମିତି ସବୁ ଭାବି ବସିବ ।'

ବିନ୍ଦୁ କିନ୍ତୁ ନଛୋଡ଼ବନ୍ଧା ଥିଲା ଯେମିତି । ସେ କେବଳ ଗୋଟିଏ କଥା ବାରମ୍ବାର ଟାଇପ୍ କରି ଚାଲିଲା, ଆଇ ଲଭ ୟୁ । ଆଇ ଲଭ ୟୁ । ବିରକ୍ତ ହେଇ ଅବିନାଶ ଅଫଲାଇନ୍ ହେଇଗଲେ । ଫୋନ୍ ସ୍ୱିଚଅଫ୍ କରିଦେଲେ । ଅଦ୍ଭୁତ ପାଗଳ ଏଇ ଝିଅ ! ନା, ଆଉ ନୁହେଁ । ତା'କୁ ବ୍ଲକ୍ କରିଦେବା ହିଁ ଉଚିତ ହେବ । ଅବିନାଶ ନିଷ୍ପତ୍ତି ନେଲେ ।

ଅ ଅୟା' ଭିତରେ ଦୁଇ ଦିନ ବିତିଗଲାଣି । ରବିବାର ଦିନ ଅବିନାଶ ଟିକେ ଡେରିରେ ଉଠନ୍ତି । ଆଠଟା ବାଜି ସାରିଲାଣି ।ଏଯାଏଁ ଗଭୀର ନିଦରେ ସେ । ମୋବାଇଲ ରିଙ୍ଗ୍ ହେଲାଠୁ ତାଙ୍କ ନିଦ ଭାଙ୍ଗିଗଲା । ନିଦଭରା ଆଖି ଅଧା ଖୋଲି ସେ ଦେଖିଲେ, ଗୋଟେ ଅନସେଭଡ୍ ନମ୍ବରରୁ ଫୋନ୍ । ଥାଉ, ଏବେ କଲ୍ ରିସିଭ୍ କରିବାକୁ ଇଚ୍ଛା ହେଉନି । ଅବିନାଶ କାଟିଦେଲେ । କିଛି ସମୟ ପରେ ପୁଣି ରିଙ୍ଗ୍ ହେଲା । ଓହୋ... ଛୁଟିଦିନରେ ବି ଶାନ୍ତି ନାହିଁ । ସେ ଦେଖିଲେ, ପୁଣି ସେଇ ନମ୍ବର । ବିରକ୍ତି ଲାଗି ଆସିଲାବେଳେ ମନେ ପଡ଼ିଲା, ଆଜି ତ ରବିବାର । ଦୁଇଟି ଖବରକାଗଜକୁ ସେ ଲେଖା ପଠେଇଥିଲେ, ହୁଏତ ପ୍ରକାଶ ପାଇଛି ଏବଂ କେହି ପାଠକ ହୁଏତ ଫୋନ୍ କରି ଥାଇପାରନ୍ତି । ଫୋନ୍ କଲ୍‌ଟି ଆଉ ଥରେ କଟିଯାଇ ପୁଣି କିଛି ସେକେଣ୍ଡର ବ୍ୟବଧାନରେ ବାଜି ଉଠିଲା ।

ଏଥର ସେ ଅନ୍ କଲେ, 'ହ୍ୟାଲୋ ।'

'ଗୁଡ୍ ମର୍ନିଙ୍ଗ୍ ସର୍ ଗୋଟିଏ ନାରୀସ୍ୱର ସେପଟରୁ । ଉଠି ବସିଲେ ଅବିନାଶ ।

'ଗୁଡ୍ ମର୍ନିଙ୍ଗ୍ । କିଏ କହୁଛନ୍ତି ମ୍ୟାଡାମ୍ ?'

' ଉଁ ଉଁ... ଆପଣ ଗେଜ୍ କରନ୍ତୁ ।'

ଆଶ୍ଚର୍ଯ୍ୟ ! ଅପରିଚିତ ନମ୍ବର, ଅପରିଚିତ ସ୍ୱର । କେମିତି ଜଣେ ଅନୁମାନ ଲଗେଇ କହି ପାରିବ କିଏ ବୋଲି ! ଅବିନାଶଙ୍କୁ ଚିଡ଼ି ଲାଗିଲା ବି, ଛୁଟିଦିନିଆ ନିଦରେ ବ୍ୟାଘାତ ଯୋଗୁଁ ।

'କ'ଣ ସର୍ ଜାଣି ପାରିଲେନି ?'

'ନାଇଁ ମ୍ୟାଡାମ୍, କିଏ ଆପଣ କହିଲେ ସିନା ଜାଣିବି ।'

କିଛି ସମୟ ଚୁପ୍ । ତା'ପରେ...

'ମୁଁ ବିନ୍ଦୁର ବୋଉ କହୁଛି । ନମସ୍କାର ।'

ଏ ପୁଣି କ'ଣ ? ସେଦିନ ରାତିରେ ତ ବିନ୍ଦୁକୁ ମେସେଞ୍ଜର ଆଉ ଫେସ୍‌ବୁକରେ ବ୍ଲକ୍ କରି ଦେଇଥିଲେ ସେ । ବିନ୍ଦୁ ଆଉ ତା' ବୋଉ ପାଖରେ ଅବିନାଶଙ୍କର ଫୋନ୍ ନମ୍ବର କେମିତି ?

'ପତ୍ରିକାରେ ଆପଣଙ୍କ ଗଳ୍ପ ଶେଷରେ ଠିକଣା ଓ ଫୋନ୍ ନମ୍ବର ପାଇଲି । ଆପଣଙ୍କ ସହିତ ଜରୁରୀ କଥା ଥିଲା ସର୍' ।

ଅବିନାଶ ଟିକେ ବିବ୍ରତ ହେଲେ । ଏବେ ବିନ୍ଦୁର ବୋଉ ତାଙ୍କୁ କ'ଣ କହିବେ ?

ପଚାରିବେ କି, 'ଏତେ ରାତିରେ ଗୋଟେ ଝିଅ ବୟସର ଝିଅ ସହିତ ଚାଟିଂ କରିବାକୁ ଆପଣଙ୍କୁ ଖରାପ ଲାଗିଲାନି ? 'ନା, କଠୋର ଭାଷାରେ ଗାଳି କରିବେ ? ଅବିନାଶ ନିଜ ସପକ୍ଷରେ କ'ଣ କୈଫିୟତ ଦେବେ ? ସେ ବି କାହିଁକି ସେ ଝିଅକୁ ପ୍ରଶ୍ରୟ ଦେଇଥିଲେ ଯେ... ?

ତାଙ୍କର ନିଜ ଉପରେ ଭୀଷଣ ବିରକ୍ତି ଆସୁଥିଲା ।

'ସର୍, କହିବି ?'

'କିନ୍ତୁ... ବିନ୍ଦୁ କହୁଥିଲା ଯେ ଏଇଟା ଆପଣଙ୍କ ସ୍ୱାମୀଙ୍କର ମୋବାଇଲ ନା ? ଆଉ ସେ ବୋଧେ କାମକୁ ବାହାରିବେ । ଡେରି ହେଉଥିବ ।'

'ଓଃ ବିନ୍ଦୁବାପା ! ହଁ ସର୍, ଏଇଟା ତାଙ୍କର ମୋବାଇଲ । ବିନ୍ଦୁଠୁ ତ ଜାଣିଛନ୍ତି, ଏଇ ଗୋଟିଏ ହିଁ ମୋବାଇଲ ଯୋଗୁଁ ଆମେ ମାଆ ଝିଅ କେବଳ ରାତିରେ ହିଁ ସମୟ ପାଉ । କିନ୍ତୁ ଆଜି ରବିବାର ବୋଲି ତାଙ୍କର ଛୁଟି । କିନ୍ତୁ ମୁଁ ବେଶୀ ସମୟ ନେବିନି । ଆପଣଙ୍କୁ ଏଇ କଥାଟି କହିବା ଜରୁରୀ ବୋଲି ହିଁ ଫୋନ୍ କରିଛି ।'

ଅବିନାଶ ଅପେକ୍ଷାକୃତ ନମ୍ର ସ୍ୱରରେ କହିଲେ, 'କୁହନ୍ତୁ ମ୍ୟାଡାମ୍ ।'

'ମୋ' ଝିଅ ବିନ୍ଦୁ ଗତ କିଛି ଦିନ ହେଲାଣି ଆପଣଙ୍କ ସହିତ ରାତିରେ ଚାଟିଙ୍ଗ କରୁଥିଲା । ଜାଣିଛନ୍ତି, ସେ ବହୁତ ଖୁସି ଥିଲା ଏଇ କିଛି ଦିନ ହେବ । ମୋତେ କହୁଥିଲା ଆପଣ ତା' କବିତା ପଢ଼ିବା ପରେ କେମିତି ତାକୁ ଗାଇଡ୍ କରିଛନ୍ତି । ସେ ଆପଣଙ୍କ ସହିତ ରାତିରେ ଚାଟିଂ କରି ଖୁସି ହେଉଥିଲା ବୋଲି ମୁଁ ଜାଣିଜାଣି ଜଲଦି ଶୋଇ ପଡୁଥିଲି । ସେ ଭାବୁଥିଲା, ସେ କ'ଣ ସବୁ ଆପଣଙ୍କୁ ଲେଖୁଛି, ମୁଁ ଜାଣିନି । କିନ୍ତୁ ସବୁ ଜାଣୁଥିଲି ମୁଁ । ସେ ଶୋଇବାପରେ ମୁଁ ସବୁ ପଢୁଥିଲି । ପହରଦିନ ରାତିରେ ସେ ଯାହା ସବୁ ଲେଖିଲା, ତାହା ବି । ଆଉ, ଆପଣ ତା'କୁ ବ୍ଲକ୍ କରିଦେଇଛନ୍ତି ବୋଲି ଜାଣିଲା ପରେ ହିଁ ଫୋନ୍ କରୁଛି ଏବେ । କାହିଁକି ବ୍ଲକ୍ କରିଦେଲେ ଯେ...'

ଅବିନାଶ ଭାବିଲେ, ଯେ କେମିତି ମାଆ ! ସବୁ କଥା ପଢ଼ିଲା ପରେ ଝିଅକୁ ଏମିତି ନ କରିବାକୁ ସିନା ଆକଟ କରିଥାନ୍ତେ । ଅଥଚ, ମୁଁ କାହିଁକି ବ୍ଲକ୍ କଲି ବୋଲି ଜେରା କରୁଛନ୍ତି !

'ସର୍, ଆପଣ ଡରିଗଲେ । କିନ୍ତୁ ବିନ୍ଦୁ ବିଷୟରେ ଜାଣିଲେ, ଦୁଃଖ କରିବସିବେ ।'

'କୋଉ କଥା ?'

ଦୁଃଖଭରା ସ୍ୱରରେ କହିଲେ ସେ, 'ବିନ୍ଦୁର ଏକ ମାନସିକ ଅସୁବିଧା ରହିଛି । ଡାକ୍ତର କହୁଛନ୍ତି, ସେ ହେଉଛି ଓସିଡି ପେସେଣ୍ଟ ।'

'ମାନେ... ଆପଣ କହୁଛନ୍ତି ଯେ ଅବସେସିଭ୍ କମ୍ପଲସିଭ୍ ଡିସଅର୍ଡର ଭୋଗୁଛି ?'

'ହଁ ଆଜ୍ଞା, ବୋଧେ ସେୟା । ମୁଁ ତ ବେଶୀ କିଛି ପଢ଼ିନି । ଖାଲି ଏତିକି ଜାଣିଛି ଯେ ଏଇଟା ଗୋଟାଏ ପ୍ରକାର ମାନସିକ ରୋଗ । ରୋଗୀକୁ ବହୁତ ବେଶୀ ଆଦର, ଯତ୍ନ କରି ତା' ମନକୁ ସବୁବେଳେ ଭଲ ରଖିବାକୁ ଡାକ୍ତର କହିଛନ୍ତି । ସେ ଆପଣଙ୍କ ସହିତ କଥା ହେଇ ଖୁସି ହେଉଥିଲା । ତେଣୁ ମୁଁ ବି ଖୁସି ହେଉଥିଲି । କିନ୍ତୁ ଆପଣ ବ୍ଲକ୍ କରିଦେବା ପରଠୁ ସେ ଏବେ ପୂରା ଚୁପ୍ ହେଇଯାଇଛି । କାହା ସହିତ କିଛି ବି କଥା ହେଉନି । ହସୁନି । କିଛି ନାହିଁ ।'

ଅବିନାଶଙ୍କୁ ତା' ବିଷୟରେ ଶୁଣି କଷ୍ଟ ଲାଗିଲା । ଏମିତି ସବୁକଥା ବିନ୍ଦାସ ଗପୁଥିଲା ଯୋଉ ଝିଅ, ସେ ପୁଣି ଏମିତି ଏକ ମାନସିକ ଅବସ୍ଥା ଦେଇ ଗତି କରୁଛି ! ବିନ୍ଦୁ ପାଇଁ ତାଙ୍କ ମନ ଦୁଃଖରେ ଭରି ଯାଇଥିଲା । କ'ଣ କହି ଏଇ ଦୁଃଖିନୀ ମାଆଟିକୁ ସାନ୍ତ୍ୱନା ଦେଇ ପାରିବେ, ଭାବି ପାରିଲେନି ।

'ସର୍, ଆପଣ ଶୁଣୁଛନ୍ତି ନା... ?' ଅପରପଟୁ ପ୍ରଶ୍ନ । 'ହଁ ହଁ, ଶୁଣୁଛି ମ୍ୟାଡାମ୍ । ବିନ୍ଦୁ ପାଇଁ ମନ କଷ୍ଟ ବି ହେଉଛି । କିନ୍ତୁ, ବୁଝି ପାରୁନି, କଣ କହି ତାକୁ ବୁଝେଇ ପାରିବି ।' ଉଭୟପଟେ ନୀରବତା ବେଶ୍ କିଛି ସମୟ ଯାଏଁ । ଅବିନାଶ କିଂକର୍ତ୍ତବ୍ୟବିମୂଢ଼ ।

'ସର୍, ଶୁଣୁଛନ୍ତି ?' 'ହଁ, ହଁ, ଶୁଣୁଛି । କୁହନ୍ତୁ ।'

ସେପଟୁ : ନା ନା, ଆପଣ ମୋତେ ଆପଣ ବୋଲି ସମ୍ବୋଧନ କରନ୍ତୁନି । ମୁଁ ପା ଆପଣଙ୍କ ଝିଅ ଭଳି ! ମୁଁ ପା ବିନ୍ଦୁ କହୁଛି !'

'ବିନ୍ଦୁ ! ତମେ ... ତମେ ଭଲ ଅଛ ?'

'ହଁ, ମୋର କ'ଣ ହେଇଛି କି ?'

'ନା ଯେ, ଏବେ ତୁମ ବୋଉଙ୍କ ସହିତ କଥା ହେଲାବେଳେ...'

'ବୋଉ ? ମୋ ବୋଉ ଆପଣଙ୍କ ସହିତ କାହିଁକି କଥା ହେବ ? ସେ ତ ଏଠି ନାହିଁ !' ଅବିନାଶଙ୍କୁ ବିନ୍ଦୁର ବୋଉ ଓ ବିନ୍ଦୁ ଉଭୟଙ୍କ ସ୍ୱର ଏକା ଭଳି ହିଁ ଲାଗୁଥିଲା । ତାହେଲେ ବିନ୍ଦୁ ହିଁ କ'ଣ ସେତିକିବେଳୁ ତା ବୋଉର ନାମରେ କଥା ହେଉଥିଲା ! ତାହେଲେ ସେ ନିଜକୁ ଓସିଡି ପେସେଣ୍ଟ ବୋଲି କହି ତାଙ୍କଠୁ ସମ୍ବେଦନା ଆଦାୟ କରୁଥିଲା ! ବଡ଼ ଅଦ୍ଭୁତ ତ ଏ ଝିଅ !

'ହା ହା ହା । ସର୍, ମୁଁ ବିନ୍ଦୁ ହିଁ କଥା ହେଉଛି ସେତିକିବେଳୁ । ହଁ ଆଉ ମୁଁ ପୂରା ସୁସ୍ଥ ବି । ହି ହି ହି ହି ।' ହସୁଥିଲା ବିନ୍ଦୁ । 'ଏବେ କୁହନ୍ତୁ ତ, ମୋର ଏଇ ଗଳ୍ପ ଆପଣଙ୍କୁ କେମିତି ଲାଗିଲା ?'

'ଗଳ୍ପ ? ମାନେ ତୁମେ କୌଣସି ମାନସିକ ଅବସ୍ଥା ଦେଇ ଗତି କରୁନ ?'

'ନା ! ମୁଁ ପୂରା ଠିକ୍ ଅଛି ତ ! ମୋର କିଛି ମାନସିକ ଅସୁବିଧା ବି ନାହିଁ । ମିଛରେ ଏମିତି ଡରେଇ ଦେଉଥିଲି ।' ବିନ୍ଦୁ ହସୁଥିଲା ବହୁତ ।

'ସର୍, କୁହନ୍ତୁ ନା ଏଇ ଗଳ୍ପ ଚରିତ୍ରଟି କେମିତି ଲାଗିଲା ଆପଣଙ୍କୁ ?'

'ମାନେ ?' ପଚାରିଲେ ଅବିନାଶ । ବିନ୍ଦୁ ହସୁ ହସୁ ଉତ୍ତର ଦେଲା, 'ମାନେ, ଆପଣଙ୍କ ସହିତ ଚାଟିଂ କରିବାଠାରୁ ନେଇ ଏପର୍ଯ୍ୟନ୍ତ ଯାହା ସବୁ ଘଟିଲା, ଏସବୁ ମୋ' ନୂଆ ଗଳ୍ପର ଚରିତ୍ର ଓ ପ୍ଲଟ । କେମିତି ଲାଗିଲା ?' ଅବିନାଶ ସେମିତି ଫୋନ୍ କାନ ପାଖରେ ଧରି ଜଡ଼ବତ୍ ରହିଗଲେ ।

ଅନୁଶାସନ ସଚିବ,
ସୂଚନା ଓ ଲୋକସମ୍ପର୍କ ବିଭାଗ, ଲୋକସମ୍ପର୍କ ଭବନ,
ଭୁବନେଶ୍ୱର- ୭୫୧୦୦୧,ମୋ.: ୯୪୩୭୬୫୬୧୨୮



ଅସରନ୍ତି ଅପରାହ୍ଣ

ଡକ୍ଟର ତ୍ରିନାଥ ପଟ୍ଟନାୟକ

ମାର୍ଗଶୀର ମାସ ହେବକି କ'ଣ ? ବାହାଘର ତିଥି ଫିଟିଥାଏ । ଧାନ ସବୁ କ୍ଷେତରେ ଝୁଲୁଛି । ଗହିର ସାରା ଯେମିତି ସୁନା ଚଦର ଘୋଡ଼ାଇ ଦିଆଯାଇଛି । ସଂଧ୍ୟା ହେଲେ ପାହାଡ଼ ସନ୍ଧିରୁ ଶୀତ ସବୁ କୋହଲା ପବନ ସାଥିରେ ଶିରିଶିରି ହୋଇ ମାଡ଼ି ଆସୁଥାଏ । ଆମେ ଗୋଟାଏ ବାହାଘର ଯୋଗଦେବା ପାଇଁ ଗଲୁ । ମୋ ବଡ଼ବାପା ଓ ମୁଁ । ପାହାଡ଼କୁ ଲାଗି ଛୋଟ ଗାଁ ଟିଏ । ଆଉ ୩ ଦିଗରେ ବିରାଟ ବିରାଟ ଧାନକ୍ଷେତ । ବାପାଙ୍କ ମାମୁଁ ଘର ସେହି ଗାଁ । ତାଙ୍କରି ଘରେ ବାହାଘର ପର୍ବ ଚାଲିଥାଏ । ଭୋଜି ଖାଇସାରି ବଡ଼ବାପାଙ୍କ ସହିତ ମୁଁ ଗୋଟିଏ ବିରାଟ କଚେରୀ ଘରକୁ ଫେରିଲୁ । ସେଠି ଆମେ ରାତି କାଟିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଥାଏ ।

ଶୀତରେ ଦେହ ଥରୁଥାଏ । ମୁଁ ମୋଟା କମ୍ବଳରେ ଦେହ ମୁଣ୍ଡ ଓ ଗୋଡ଼ହାତ ଘୋଡ଼ାଇ ଶୋଇଗଲି ।

– ବନମାଳୀ, ଶୋଇଗଲଣି କି ? ତୁମେ ବାହାଘରକୁ ଆସିଛ, ପୁଣି ଆମ ଖମାର ଘରେ ବିଶ୍ରାମ ନେଉଛ ଜାଣି ଆସିଛି । ଉଠୁନା, କଥାବାର୍ତ୍ତା ପଦେ ହେବା । ତୁମକୁ ବହୁଦିନ ହେଲା ଦେଖିନି ।"

ବଡ଼ବାପା ଶୋଇବାରୁ ଉଠି ବସିଲେ । ଆଗନ୍ତୁକ ମହିଳା ଜଣକ ମଧ୍ୟ ପାଖ ଚଉକିରେ ବସିଗଲେ । ବଡ଼ବାପା କହିଲେ ଭାଉଜ ! ଏଠି ବେଶୀ ଶୀତ । ମୁଁ ମୁହଁ ଅନ୍ଧାର ବେଳକୁ ଏଠି ଆସି ପହଁଚିଲି । ଭାବିଥିଲି ରାତି ପାହିଲେ ତୁମ ସହିତ ସାକ୍ଷାତ କରିଥାନ୍ତି । ଯାହା ହେଉ ଆସିଗଲ, ଭଲ ହେଲା ।

ମୋ ନିଦ ଭାଙ୍ଗିଗଲା । ବୋଧେ ବଡ଼ବାପା ସହିତ ଆଗନ୍ତୁକା ମହିଳାଙ୍କର ଚିହ୍ନା ପରିଚିତ । ଏ କ'ଣ ଏ ଘରର ମାଲିକିଆଣୀ ?

– ଭାଉଜ ! ତମେ କେମିତି ସିଦ୍ଧ ସାମନ୍ତଙ୍କ ପାଲରେ ପଡ଼ିଲ ମ ? ଦୀର୍ଘ ପନ୍ଦରବର୍ଷ ପରେ ଦେଖା । ପିଲାଦିନେ ଆମେ ନଈ କୂଳରେ କେତେ ଖେଳୁଥିଲେ । ସଂଜୁ, ମାଳତୀ, କମଳା କିଏ କେଉଁଠି ବାହା ହୋଇ ଚାଲିଗଲେ । ବଇ, ଦୁଃଖିଆ, ସନାତନ, ହଜାରୀ ସବୁ କିଏ କେଉଁଠି ଚାକିରି ବାକିରି କରି ରହିଲେ । ଦେଖା ଚାହାଁ ସାତସପନ । ଯାହାହେଉ ତୁମେ ଏଠି ଅଛ ବୋଲି ଶୁଣିଥିଲି । ମୋର ସୌଭାଗ୍ୟ ଦେଖା ହୋଇଗଲା । ତୁମେ କିନ୍ତୁ ସେଇ ପଦ୍ମା ହୋଇଅଛ । ଚେହେରାରେ ସେମିତି ବିଶେଷ ପରିବର୍ତ୍ତନ ହୋଇନି । ସିଦ୍ଧ ସାଆନ୍ତେ ସତରେ ତୁମକୁ ସାନ୍ତାଣୀ ଭଳି ରଖିଛନ୍ତି ।– ବଡ଼ବାପା ମନ ଓ ଛାତିର ଆବେଗରେ ଏସବୁ କହିଗଲେ ।

– ହଁ ବନମାଳୀ, ମୋର ସବୁ ମନେଅଛି । ତୁମେ; ମୋତେ ଯେତେବେଳେ ଭାଉଜ ! ବୋଲି ଡାକିଲ, ହଠାତ୍ ମୁଁ ଚମକି ପଡ଼ିଲି । ତୁମେ ବା କ'ଣ କରିବ ? ସିଦ୍ଧ ସାଆନ୍ତ ତୁମର ସଂପର୍କରେ ବଡ଼ଭାଇ ହେବେନା, ତୁମେ ତ ଭାଉଜ ଡାକିବ ? – ମହିଳା ଜଣକ ବ୍ୟଥିତ ଗଳାରେ କହିଲେ ।

ପୁଣି କିଛି ସମୟ ଅଟକିଯାଇ କହିଲେ–

ଜଣକୁ ବାହାହେଲି କିନ୍ତୁ ସ୍ତ୍ରୀର ସ୍ୱୀକୃତି ଏଯାଏ ମିଳିଲାନି ।

ଲୋକେ ମୋତେ ରକ୍ଷିତା ବୋଲି ଭାବୁଥିବେ । କାହିଁ କେହି ତ ମୋତେ ସିଦ୍ଧ ସାଆନ୍ତଙ୍କ ସ୍ତ୍ରୀ ରୂପେ ପଦ୍ମା ସାଆନ୍ତାଣୀ ବୋଲି ଡାକୁ ନାହାନ୍ତି । ବରଂ ଡାକୁଛନ୍ତି ଖମାରୀ ମା', କିମ୍ବା ସାନମା' । ମୁଁ ସମସ୍ତଙ୍କର 'ଖମାରୀ ମା' । ତୁମେ କେମିତି ଖମାରୀ ଭାଉଜ ବୋଲି ଡାକିନ, ରକ୍ଷା ଅଛି । ତୁମେ ମୋର ପିଲାଦିନ ଅତି ଅନ୍ତରଙ୍ଗ ସାଙ୍ଗ । ତୁମକୁ ପାଖରେ ପାଇ ମନକଥା କହିବା ପାଇଁ ହୃଦୟର ଆବେଗ ସୃଷ୍ଟି ହେଉଛି ।

ବଡ଼ବାପା ଭାବବିହ୍ୱଳହୋଇ କହିଉଠିଲେ, କହିଲେ- କୁହ ପଦ୍ମା ! ମୁଁ ତୁମର ସବୁକଥା ଆଜି ଶୁଣିବି । ପ୍ରିୟ ଲୋକଙ୍କ ନିକଟରେ ମନ କଥାକୁ ବାଢ଼ି ବସିଲେ ମନଟା କେତେକାଂଶରେ ହାଲୁକା ହୋଇଯାଏ ।

ଖମାରୀ ମାଆ କହିବାକୁ ଲାଗିଲେ ତାଙ୍କ ଜୀବନର ଅପାସୋରା କାହାଣୀକୁ ।

କୁମାର ପୂର୍ଣ୍ଣିମା ଦିନ, ଆମେ କେତେଜଣ ଫୁଲତୋଳିବାକୁ ନଈକୂଳକୁ ଯାଇଥିଲୁ । ଗାଁ ପୋଖରୀରୁ ପୁଳାଏ ପୁଳାଏ ଲାଲ କଇଁଫୁଲ ମଧ୍ୟ ସଂଗ୍ରହ କରିଥାଉ । ନଈକୂଳେ ଯାଉଛୁ, ଦେଖିଲି ନଈ ଯେଉଁଠି ଅତଡ଼ା ଖାଇଛି ସେଇଠି ଧୋଡ଼ା ତଳେ କିଏ ଜଣେ ପଡ଼ି ଛଟପଟ ହେଉଛି । ଆଉ କ୍ଷୀଣସ୍ୱରରେ କ'ଣ ସବୁ କହୁଛି । ପାଖ ଲଟିବୁଦା ତଳେ ରାଜଦୂତ ମଟରସାଇକେଲ୍‌ଟାଏ ଓଲଟିପଡ଼ିଛି । ଇଚ୍ଛାହେଲା ଲୋକଟିକୁ ଉଦ୍ଧାର କରିବା ପାଇଁ । ମାତ୍ର ମୋ' ସାଥିମାନେ ରାଜି ହେଲେନି । କହିଲେ ଚାଲ ଗାଁରେ କହିଦେବା, ପୁରୁଷ ପିଲାମାନେ ସାହାଯ୍ୟ କରିବେ । ଆମେ କାହିଁକି ସେ ବିପଦରେ ପଡ଼ିବା । ପୋଲିସ୍ ଇନ୍‌କ୍ୱାରୀରେ ଆମକୁ ଥାନାକୁ ଭିଡ଼ିବେ । ଘରେ ବି ଆମ ଉପରେ ସମସ୍ତେ ରାଗିବେ । କିନ୍ତୁ ସେମାନଙ୍କ ଯୁକ୍ତିକୁ ମୁଁ ସହଜରେ ଗ୍ରହଣ କରିପାରିଲିନି ।

ଏକି କଥା ଲୋକଟା ମୃତ୍ୟୁ ମୁହଁରେ ପଡ଼ିଛି । କେମିତି ଛାଡ଼ି ଚାଲିଯିବି । ମୁଁ ଗଛଲତାର ସାହାରା ନେଇ ନଈ ଭିତରକୁ ଓହ୍ଲାଇଲି । ଚାଳିଶ ପଚାଶ ବର୍ଷର ଲୋକଟାଏ ଖଣ୍ଡିଆ ଖାବରା ହୋଇପଡ଼ିଛି । ତା' ଦେହରେ ଏତେ ମାଡ଼ହୋଇଛି ଉଠିବାକୁ ବଳ ପାଉନି । ବହୁ କଷ୍ଟରେ ପିଠିରେ ପକାଇ, ବେଳେବେଳେ କୋଳକରି ନଈପାଖ ରାସ୍ତା ଉପରକୁ ଉଠାଇଆଣିଲି । ପୁଣି ନଈରୁ ପାଣି ଆଞ୍ଜୁଳା ଆଞ୍ଜୁଳା ପତ୍ର ଠୋଲାରେ ଆଣି ପିଆଇଲି । ଲୋକ ପହଁଚି ଯାଇଥିଲେ । ସେଇ ବାବୁଙ୍କୁ ଆମ ଘରକୁ ନେଇ ଆସିଲି । ବାପା ଲୋକଟିକୁ ଚିହ୍ନିଲେ କହିଲେ ଏପରା ଆମ ପାଖ ଗାଁର ସିଦ୍ଧ ସାଆନ୍ତ । ୟା'ଙ୍କ ବାପା ଆମ ଅଞ୍ଚଳର ଜମିଦାର ଥିଲେ । ସେ ଏବେ କଂଟ୍ରାକ୍ଟରି କରୁଛନ୍ତି । ବହୁତ ଭଲ ଲୋକ । ସେ ଆଠଦିନ ଆମ ଘରେ ରହିଲେ । ତାଙ୍କର ବହୁତ ସେବା କଲି । ସେ ସୁସ୍ଥ ହେଲେ ବାପା କହୁଥିଲେ ସେ ଆମର ବନ୍ଧୁବାନ୍ଧବ ହେବେ ।

କାହିଁକି କେଜାଣି ଲୋକଟା ଉପରେ ମୋର ଦୟା ଆସି ଯାଇଥିଲା । ସେ ଖୁବ୍ ମାପିଚୁପି କଥା କୁହନ୍ତି । ଯେତେ କଷ୍ଟ ହେଲେ ସୁଦ୍ଧା ମୁହଁରେ ପ୍ରକାଶ କରନ୍ତି ନାହିଁ ସହିଯାଆନ୍ତି । ଚାଲିଚଳଣରେ ସବୁବେଳେ ସଂଭ୍ରାନ୍ତ ଭାବ । ଯାହାକୁ ବଡ଼ଲୋକ ପଣିଆ ବୋଲି କୁହନ୍ତି କିନ୍ତୁ ସବୁଲୋକଙ୍କ ସହିତ ମିଶିଯାଆନ୍ତି । ନମ୍ର ଭାବ ।

ସେ ମୋତେ କୃତଜ୍ଞତା ଜଣାଇଲେ । ଆମ ଘରୁ ଯିବା ବେଳେ ଗୋଟିଏ ଦାମିକା ସୁନାମୁଦି ମୋ' ଆଙ୍ଗୁଠିରେ ପିନ୍ଧାଇ ଦେଲେ । ମୁଁ ମନରେ ନ ନେବା ପାଇଁ ଭାବୁଥିଲେ ସୁଦ୍ଧା ପାଟିଖୋଲି ନାହିଁ କରିପାରିଲିନି । ଏମିତି ପରିସ୍ଥିତି ସେ ସୃଷ୍ଟି କରିବେ ବୋଲି ମୋ' ବାପା ବୋଉ ସୁଦ୍ଧା ଜାଣି ନଥିଲେ । ସେ ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ ।

ଖମାରୀ ମାଆଙ୍କ ଏକଥା ଶୁଣି ମୋ' ବଡ଼ବାପା ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ । ସେ କହିଲେ ପଦ୍ମା, ସାଆନ୍ତେ ତ ଏକ ସମସ୍ୟା ସୃଷ୍ଟି କରିଦେଲେ ।

ସେଇଠୁ କ'ଣ ହେଲା କୁହ.. ।

ଖମାରୀ ମାଆ କହିଲେ- ସାଆନ୍ତେ ବାପାଙ୍କୁ କହିଲେ ପଦ୍ମା ମୋ' ଜୀବନର ରକ୍ଷା କରିଛନ୍ତି । ତାଙ୍କୁ ଏଇ ସାମାନ୍ୟ ମୁଦିଟା ଦେବା କେବଳ କୃତଜ୍ଞତାର ଚିହ୍ନ । ମୁଁ କହିଲି- ବିପଦରେ ପଡ଼ିଥିବା ଲୋକକୁ ଉଦ୍ଧାର କରିବା ମାନବିକତା । ସମସ୍ତେ ନିର୍ଭୟର ସହିତ ସାହାଯ୍ୟ କରିବା ଉଚିତ । ଆପଣଙ୍କୁ ଯଦି ସେଠାରେ ଠିକ୍ ସମୟରେ ଉଦ୍ଧାର କରା ଯାଇନଥାନ୍ତା ତେବେ ଅବସ୍ଥା କ'ଣ ହୋଇଥାନ୍ତା କିଏ ଜାଣେ ?

ମୋ' ବାପା ବୋଉ ସାମାନ୍ୟ ପ୍ରତିବାଦ ଛଡ଼ା ଆଉ ବା କ'ଣ କରି ପାରିଥାନ୍ତେ ।

କ୍ରମେକ୍ରମେ ସିଦ୍ଧ ସାଆନ୍ତଙ୍କର ଆମଘର ସହିତ ଘନିଷ୍ଠତା ବଢ଼ିବାକୁ ବଢ଼ିଲା । ସତେ ଯେମିତି ଗୋଟାଏ ମୋହ ଲାଗିଯାଇଛି । କୌଣସି ନା କୌଣସି ବାହାନାରେ ସେ ଆସି ମୋତେ ଦେଖା କରିବାକୁ ଲାଗିଲେ । ହଠାତ୍ ଦିନେ ବାପା ବୋଉଙ୍କୁ ଅନୁମତି ଦେଇ ପାହାଡ଼ ତଳ ଏକ ମନୋରମ ଶିବ ମନ୍ଦିରକୁ ବୁଲାଇବା ନିମନ୍ତେ ସାଥିରେ ନେଇଗଲେ । ପାହାଡ଼ର କିଛି ଉପରେ ସେ ମନ୍ଦିର । ପାହାଡ଼ ଚଢ଼ି ଉଠିବାକୁ ହୁଏ । ଯେଉଁଠୁ ମୁଁ ନ ପାରେ ମୋ ହାତଧରି ଉଠାଇ ନେଉଥାନ୍ତି । ଗୋଟିଏ ପାହାଡ଼ରେ ମୋ ଗୋଡ଼ ଖସିଗଲା, ତଳେ ପଡ଼ିବା ପୂର୍ବରୁ ମୋତେ କୋଳେଇ ଧରିନେଲେ । କେତେଥର ତାଙ୍କର ସେବାକଲା ବେଳେ ମୁଁ ତାଙ୍କୁ ମଧ୍ୟ କୋଳେଇ ଧରିଉଠିଛି । ମୋ ସ୍ପର୍ଶ ଥିଲା ଅଲଗା ମାତ୍ର ଏଇ ସ୍ପର୍ଶ ମୋ' ତନୁ ମନରେ ଅପୂର୍ବ ଶିହରଣ ସୃଷ୍ଟି କଲା ।

ମୋତେ ସେତେବେଳକୁ ତିରିଶ ବର୍ଷ ହୋଇଗଲାଣି । ବାହାଘର ବୟସ ଗଡ଼ିଗଲାଣି । ପ୍ରସ୍ତାବ ଆସିଲେ ବି ଯୌତୁକ ଦେବା ପାଇଁ ବାପାଙ୍କ ପାଖରେ ଅର୍ଥ ନାହିଁ । ଆମ ଘରର ଚଳଣି ଭଲ ନ

ଥିଲା । ପ୍ରସ୍ତାବ ଭାଙ୍ଗି ଯାଉଥିଲା । ବନମାଳୀ ତୁମକୁ ସବୁ କହି କି ଲାଭ । ଆମ ଘର ବିଷୟରେ ତ ତୁମେ ସବୁ ଜାଣ ।

ବଡ଼ବାପା କହିଲେ, ହଁ ପଦ୍ମା, ମୋର କୌଣସି ଆପତ୍ତି ନଥିଲେ ସୁଦ୍ଧା ମୋ' ବାପା କାହିଁକି କେଜାଣି ଆମ ବାହାଘରେ ସେ ଅନ୍ତରାୟ ସୃଷ୍ଟି କଲେ । ମୋର ବାହାଘର ତରତର ହୋଇ ଅନ୍ୟତ୍ର କରିଦେଲେ । ମୋର ବୟସ ନ ହେଉଣୁ । ଲୋକେ ତୁମକୁ ଟାହିଟାପରା କରୁଥିବା କଥା ବି ଶୁଣିଛି । ମାତ୍ର ତୁମର ବା କ'ଣ ଚାରାଥିଲା ।

ଖମାରୀ ମା' କହିଲେ- ବୁଝିଲ ବନମାଳୀ ! ବହୁ ସମୟ ମନ୍ଦିର ବେଢ଼ାରେ ରହିଲୁ । ସେ ମୋତେ କେତେ କଥା କହିଲେ, ବୁଝାଇଲେ । ତାଙ୍କର ପ୍ରାଣ ରକ୍ଷା କରିଥିବାରୁ ସେହି ପ୍ରାଣ ଉପରେ ପୂରାପୂରି ଅଧିକାର ତମର ବୋଲି ଦୃଢ଼ତାର ସହିତ କହିଲେ । ଆମେ ସଂଜ ନହେବା ପୂର୍ବରୁ ଘରକୁ ଫେରିଲୁ । ମାତ୍ର ଏବେ ମୁଁ ସେହି ପଦ୍ମା ହୋଇ ନଥିଲି । ଅଭିଆଡ଼ି ଦୋଷ ମୋର କଟିଯାଇଥିଲା । ମୋ ବେକରେ ଫୁଲମାଳା ମଥାରେ ସିନ୍ଦୁର ଲଗାଇ ସିଦ୍ଧ ସାମନ୍ତ ବାହା ହୋଇଗଲେ ଠାକୁରଙ୍କ ସମକ୍ଷରେ । ପୂଜାରୀ ମନ୍ତ୍ର ପଢ଼ି ସମସ୍ତ କର୍ମ ସମାପନ କରିଦେଲେ । ସବୁ ଜାଣୁ ଥିଲି, ବୁଝୁଥିଲି ମାତ୍ର ପଦୁଟିଏ ସୁଦ୍ଧା ପ୍ରତିବାଦ କରିପାରି ନଥିଲି । ସିଦ୍ଧ ସାମନ୍ତ କି, ଦେବତା କେଉଁ ପ୍ରକାର ମୋହିତ କଲେ କେଜାଣି ମୋ' ଭବିଷ୍ୟତ, ଜୀବନର ସବୁ ସଞ୍ଚିତ ପୁଣ୍ୟକୁ ସିଦ୍ଧସାମନ୍ତଙ୍କର ଟୋପାଏ ସିନ୍ଦୁର ବିନିମୟରେ ବିକିଦେଲି । ମାନ ଅପମାନ, ବାପାମା'ଙ୍କ ସମ୍ମାନ କଥା ବିଷୟରେ ଟିକିଏ ସୁଦ୍ଧା ଭାବିଲି ନାହିଁ ।

ଯେଉଁଦିନ ନଈ ଧୋଡ଼ାରୁ ସିଦ୍ଧ ସାମନ୍ତଙ୍କୁ ଛାତିରେ ଲଗାଇ ଘୋଷାଡ଼ି ଘୋଷାଡ଼ି ଉପରକୁ ଆଣିଥିଲି, ସେହିଦିନ ଆମ ଅଜାଣତରେ ଦୁଇଟି ଶରୀର ଏକାକାର ହୋଇଯାଇଥିଲା । ମୋ' ଛାତିରେ ଶୋଇ କାନ୍ଧରେ ମୁଣ୍ଡଥୋଇ ସେ ଆରାମରେ ନଈ ବନ୍ଧ ଉପରକୁ ଉଠି ଆସୁଥିଲେ । ମୋତେ ସେ ଜାବୁଡ଼ି ଧରିଥିଲେ । ସେଇ ଦିନୁ ମୋ' ମନର କେଉଁ ଅଜଣା ସ୍ଥାନରେ ତାଙ୍କ ପାଇଁ ଜାଗାଟିଏ ସେ ନେଇ ଯାଇଥିଲେ ଫଳରେ ଏବେ ତାଙ୍କର ଏକାନ୍ତ ଅନୁରୋଧକୁ ମନା କରିପାରିଲି ନାହିଁ ।

ଆମକୁ ଏ ଅବସ୍ଥାରେ ଦେଖି ବାପା ବୋଉ ଆପତ୍ତି କଲେ । କହିଲେ ଆମର ଗରିବପଣିଆର ସୁଯୋଗ ତୁମେ ସାଆନ୍ତେ ନେଇଛ । ମୋ ଝିଅକୁ କାହିଁକି ଏମିତି ଲୁଚି ଛପି ବାହା ହୋଇଗଲ । ତୁମେ ଜଣେ ବିବାହିତ, ତୁମର ଘର ସଂସାର ଅଛି । ମୋ' ଝିଅକୁ କି ସୁଖ ସୌଭାଗ୍ୟ ଦେବ ।

ସିଦ୍ଧ ସାମନ୍ତ ବିନୀତ ଭାବେ କହିଲେ, ପଦ୍ମା ମୋର ପ୍ରିୟ ପତ୍ନୀ ହୋଇରହିବେ । ଗୋଟିଏ ଖମାର ତାଙ୍କ ନାମରେ ଲେଖିଦେବି । ଘରକୁ ଫେରିଲେ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ସାମାଜିକ ନୀତି ନିୟମ ଅନୁସାରେ ଭୋଜିଭାତ ଦେବି । ବେଦିରେ ବସି ବାହାଘର ମଧ୍ୟ ହେବି । ଆପଣ ମଧ୍ୟ ପିତା ହିସାବରେ କନ୍ୟାଦାନ କରିବେ ।

ବାପା ଜାଣିଥିଲେ, ସିଦ୍ଧ ସାମନ୍ତ ବିବାହିତ । ଦୁଇଟି ସନ୍ତାନର ପିତା । ଚାରିଟା ସ୍ଥାନରେ ଖମାର ଅଛି । ନିଜେ ବ୍ଲକ ଚେୟାରମ୍ୟାନ୍ । ସହରରେ ଶିଳ୍ପ ସଂସ୍ଥା ଅଛି । କମ୍ପାନୀ ଚାଲୁଛି । ମୋର ଖାଇବା ପିଇବା ରହିବାରେ କୌଣସି ଅସୁବିଧା ହେବନି । ଦୋ'ବାହିରେ ଗଲି ବୋଲି ବୋଉ ମନରେ ଦୁଃଖ ଥାଏ ।

ବଡ଼ବାପା ପଚାରିଲେ- ପଦ୍ମା ତୁମେ କ'ଣ ଉଆସକୁ ଗଲ ?

- ନା ମୋତେ ଏଇ ଗୋଠପାଟଣା ଖମାର ଘରେ ଆଣି ରଖାଗଲା । ମୋ ସହିତ ଆଠଦିନ ସାଆନ୍ତେ ରହିଲେ । ଯିବା ପୂର୍ବରୁ ମୋତେ ପ୍ରତିଶ୍ରୁତି ଦେଇଗଲେ ଯେ ସେ ତାଙ୍କର ପ୍ରଥମ ପତ୍ନୀ ସାଆନ୍ତାଣିଙ୍କୁ ବୁଝାଇ ଶୁଝାଇ ବାହାଘର ଦିନ ସ୍ଥିର କରିବେ ଆଉ ଆଡ଼ମ୍ବର ସହକାରେ ବାଜା ଶାହାନଇ ବଜାଇ ତାଙ୍କୁ ବୋହୂବେଶରେ ଉଆସକୁ ନେଇ ଯିବେ । ଦିନପରେ ଦିନ ଗଡ଼ିଚାଲିଲା । ସେ ତାଙ୍କର ପ୍ରତିଶ୍ରୁତି ରଖିଲେ ନାହିଁ । କିନ୍ତୁ ମଝିରେ ମଝିରେ ଆସନ୍ତି । ଦୁଇଚାରିଦିନ ରହି ଚାଲିଯାଆନ୍ତି । ଅଥଚ ମୁଁ ମାଆ ହେବାକୁ ବସିଲିଣି ।

ହଠାତ୍ ଦିନେ ସଂଧ୍ୟାରେ ମଟର ଗାଡ଼ି ଆସି ଖମାର କଚେରୀ ଆଗରେ ଲାଗିଲା । ଗୁମାସ୍ତା ପିଆଦା ଦୌଡ଼ିଗଲେ । କାରରୁ ଓହ୍ଲାଇଲେ ଜଣେ ଦେବୀ ପ୍ରତିମା ଭଳି ନାରୀ । ସେ ମୋ ପାଖକୁ ଆସି କୁଣ୍ଢେଇ ଧରିଲେ । ସିଏ କିଏ ବୋଲି ମୁଁ ଜାଣିବା ପୂର୍ବରୁ ସେ କହିଲେ, ପଦ୍ମା ! ତୁମେ ମୋର ସାନ ଭଉଣୀ ପରି । ସାଆନ୍ତଙ୍କୁ ତୁମେ ନୂଆ ଜୀବନ ଦେଇଛ । ସେଥିପାଇଁ ତୁମ ଶୁଭ ମନାସୀ, ତୁମକୁ ଭେଟିବାକୁ ଆସିଲି ।

ଏତିକି କହୁ କହୁ ସେ ତାଙ୍କ ମଥାରୁ ସିନ୍ଦୁର ବିନ୍ଦୁଏ ଆଣି ମୋ ସିନ୍ଥିରେ ଲଗାଇଦେଲେ । ତାଙ୍କ ବେକରୁ ଗୋଟିଏ ସୁନାହାର ଓହ୍ଲାଇ ଆଣି ମୋ' ବେକରେ ଲମ୍ବାଇଦେଲେ । ସାଆନ୍ତେ ଦୂରରେ ଠିଆହୋଇ ସବୁ ଦେଖୁଥାନ୍ତି । ମୋ ପରାମର୍ଶ ନେଇ ସାଆନ୍ତେ ଗୋଠପାଟଣା ଖମାରର ସମସ୍ତ ସଂପତ୍ତି ଜମିଜମା ତୁମ ନାମରେ କରାଇ ଦେଇଛନ୍ତି । ତୁମ ସଂପତ୍ତି ତୁମେ ଏଠାରେ ରହି ସବୁ ତଦାରଖ କର । ଉଆସକୁ ଯାଇ ଲାଭ କ'ଣ ? କିଛି ସମୟ ରହି ସାଆନ୍ତ ଓ ସାଆନ୍ତାଣି ସେଠାରୁ ଫେରିଗଲେ । ସେହି ଦିନଠାରୁ ମୋ' ପରିଚୟ ହୋଇଗଲା 'ଖମାରୀ ମା'- ମୋତେ ସାନ ସାଆନ୍ତାଣୀ ବୋଲି ଚାକରବାକର ଗୁମସ୍ତା କେହି ବି ଡ଼ାକିଲେ ନାହିଁ । ମୋ' ମନରେ ଏପର୍ଯ୍ୟନ୍ତ ସେଇ ଅବସୋସ ରହିଗଲା ।

ଦିନେ ଗୁମାସ୍ତା କଥା ଛଳରେ କହୁଥିଲେ ସାଆନ୍ତଙ୍କର ଅନ୍ୟ ଦୁଇ ଖମାରରେ ମୋ ଭଳି ଦୁଇଜଣ ମାଆ ଅଛନ୍ତି ।

ଧନ୍ୟ ସାଆନ୍ତାଣୀ, ସାଆନ୍ତଙ୍କ ଦୋଷ ତ୍ରୁଟିକୁ ତୁମେ ଉତ୍ତମ ରୂପେ ନିୟନ୍ତ୍ରଣ କରିରଖିଛ ।

କିଛି ଦିନ ପରେ ପୁଅଟିଏ ଜନ୍ମ ନେଲା । ସେ କିନ୍ତୁ ଜୀବନ ଧରି ସଂସାରକୁ ଆସି ନଥିଲା । ଜନ୍ମ ଦେଲି କିନ୍ତୁ ମାଆ ଡାକ ଶୁଣି ପାରିଲି ନାହିଁ । ତା'ପରେ ସାଆନ୍ତେ ମୋତେ ଡାକ୍ତରଖାନା ନେଇ କି ସବୁ ଚିକିତ୍ସା କଲେ କେଜାଣି, ମୁଁ ଆଉ ମାଆ ହୋଇପାରିଲି ନାହିଁ । ଅଫଳନ୍ତି ଗଛ ହୋଇ ରହିଗଲି । ମୋର ଛାଇ ଅଛି ମାତ୍ର ଫଳ ନାହିଁ । ମାଆ ଡାକ ଶୁଣିଲିନି, ପରଲୋକମାନଙ୍କ ପାଇଁ ଖମାରୀ ମାଆ ହୋଇ ରହିଗଲି ।

ଏସବୁ କଥା ଶୁଣୁ କେତେବେଳେ ଶୋଇଯାଇଛି ମୁଁ । ବଡ଼ବାପା ନିତ୍ୟକର୍ମ ସାରିବା ନିମନ୍ତେ ପାଖ ନଈକୂଳକୁ ଚାଲି ଯାଇଛନ୍ତି । ମୁଁ ଖମାର ଘର ବାରଣ୍ଡାରେ ବସିଛି ।

ହଠାତ୍ ଗୋଟିଏ ସୁନ୍ଦରୀ ଝିଅ ଘର ଭିତରୁ ବାହାରି ଆସିଲା ମୋତେ ତା' ଚେହେରା ଚିହ୍ନା ଚିହ୍ନା ଲାଗୁଥାଏ ।

- ଆରେ ମୌସୁମୀ ଯେ, ତୁମେ ଏଠି କେମିତି ?

ସେ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲା- ଆରେ ତିନାବାବୁ ତୁମେ ଏଠି କେମିତି ଆଗେ କୁହ । ବହୁଦିନ ପରେ ତୁମ ସହିତ ଦେଖା । ଭଲ ଅଛଟି ?

- ନା ତୁମେ କୁହ ?

- ଏଇଟା ପରା ଆମ ଖମାର ଘରମାନେ ଫାରମ୍ ହାଉସ୍ । ଏଇଠି ଯେଉଁ ବାହାଘର କାଲି ହେଉ ନଥିଲା ! ସେହି ବାହାଘରେ ଯୋଗ ଦେବାପାଇଁ ପରା ବାପା ମୋତେ ଏଠିକୁ ପଠାଇଥିଲେ । ମୋ ଭାଇ ବି ଆସିଛନ୍ତି ।

- ତେବେ ଖୋର୍ଦ୍ଧା ? ସେଇଟା ତ ତୁମର ନିଜର ଘର ବୋଲି ମୁଁ ଜାଣିଛି । ଥରେ ଦି'ଥର ସେଇ ଘରକୁ ଯାଇଛି ।

- ସେଇଟା ଆମର ମୂଳଘର । ଏଠି ବି ଆମେ ଛୁଟିରେ ଆସିରହୁ । ଆଗରୁ ଏଇଟା ଖମାର ଥିଲା ଏବେ ନୂଆ ରୂପରେ ଫାରମ୍ ହାଉସ କରାଯାଇଛି । ଯାହାହେଉ ବାପାଙ୍କ ସହିତ ତୁମର ପରିଚୟ ହୋଇଯିବ । ସେ ଏବେ ନେବା ପାଇଁ କାର୍ ଧରି ଆସୁଥିବେ । ତୁମ ଲେଖା ପତ୍ରପତ୍ରିକାରେ ପଢ଼ି ବହୁତ ଖୁସି ହୁଅନ୍ତି । ତୁମେ ଆମର ସଂପର୍କୀୟ ବଂଧୁ ବୋଲି ବାପା ଓ ବୋଉ କହୁଥିଲେ । ଏବେ ସେମିତି ଲେଖାଲେଖି ଚାଲିଛି ତ ?

ଜଣେ ପ୍ରୌଢ଼ା ସ୍ତ୍ରୀଲୋକ ଘରୁ ବାହାରି ଆସିଲେ । ମୌସୁମୀ ମୋତେ, ତାଙ୍କୁ ଦେଖାଇ ଦେଇ କହିଲେ- ଖମାରୀ ମା' ଏ ହେଉଛନ୍ତି ତିନା ବାବୁ । ମୋର ପିଲାଦିନର ପାଠପଢ଼ା ସାଙ୍ଗ । ସେହି ଜ୍ୟୋତିମୟୀ ନାରୀଙ୍କୁ ମୁଁ ନମସ୍କାର କଲି । ସେ କଲ୍ୟାଣ କରି ହସିଦେଲେ । କହିଲେ ତୁମେ ବନମାଳୀଙ୍କ ପୁତୁରା କି ? ତାଙ୍କ ସାଥିରେ ବାହାଘରକୁ ଆସିଛ ନା ? ତୁମ ବିଷୟରେ ଶୁଣିଥିଲି । ପିଲାଦିନେ ତୁମକୁ ମୁଁ ଦେଖିଛି । ତୁମର ବୋଉ ମୋର ଭଉଣୀ ହେବେ । ହଉ ମୌସୁମୀ ସାଥିରେ ଫାର୍ମହାଉସ ଓ ବଗିଚା ବୁଲିକରି ଦେଖ । ଫେରିଲେ ଏକଠି ଜଳଖିଆ ଖାଇବା ।

ମୁଁ ମୌସୁମୀଙ୍କୁ ପଚାରିଲି ତୁମେ ବି ତାଙ୍କୁ 'ଖମାରୀ ମାଆ' ବୋଲି ଡାକିଲ । ସେ ତୁମର ମାମାଟି ? ମୌସୁମୀ କିଛି ଉତ୍ତର ନ ଦେଇ ଅଟକିଗଲେ । ଯେମିତି ମୌସୁମୀ ବାଯୁ, କେରଳ ଛଇଁଲା ପରେ ଓଡ଼ିଶା ଆସିବାକୁ ବାଟରେ କେଉଁଠି ନା କେଉଁଠି ଅଟକିଯାଏ ।

- କିଛି କହିଲ ନି ଯେ ମୌସୁମୀ.... ?

- ଅବଶ୍ୟ ସେ ମୋ ମାମା ନୁହଁନ୍ତି କିନ୍ତୁ ମାମା ଭଳି । ବାପାଙ୍କର ସ୍ତ୍ରୀ ନହେଲେ ସ୍ତ୍ରୀ ଭଳି । ମୋ ମାମା ଉଆସରେ ରୁହନ୍ତି । ସେ ଏଠି ଏଇ ଖମାରରେ ରୁହନ୍ତି । ତାଙ୍କୁ ସମସ୍ତେ 'ଖମାରୀ ମା' ଡାକନ୍ତି, ମୁଁ ବି ।

ମୋ ମାମାଙ୍କ ଠାରୁ ଅଧିକ ଯତ୍ନ ଖମାରୀ ମା' ମୋର ନିଅନ୍ତି । ସ୍ନେହ କରନ୍ତି । ମୋ ମନର କଥା ଅତି ସହଜରେ ମୁଁ ଖମାରୀ ମାଆଙ୍କ ଆଗରେ କହିପାରେ ।

ଆମେ ବଗିଚାର ଗୋଟିଏ କୃଷ୍ଣଚୂଡ଼ା ଗଛ ତଳେ ଯାଇବସିଲୁ । ମୁଁ କହିଲି, ତୁମେ ମୋତେ କ୍ଷମା କରିଦେଇ ମୌସୁମୀ ।

- କେଉଁ କଥା ପାଇଁ ?

- ଦଶମ ଶ୍ରେଣୀରେ ପଢ଼ିଲା ବେଳେ ମୁଁ ତୁମକୁ ଗୋଟାଏ ଛୋଟ ଚିଠି ଲେଖିଥିଲି । ଅବଶ୍ୟ ମୋର ଦୁଷ୍ଟ ସାଙ୍ଗ ଶ୍ୟାମ ବୁଦ୍ଧିରେ ପଡ଼ି । ଚିଠିଟିକୁ ସିନା ତୁମ ହାତକୁ ବଢ଼ାଇ ଦେଲି ମାତ୍ର ଭୟରେ ରାତି ସାରା ମୁଁ ଶୋଇପାରି ନଥିଲି । ଯଦି ତୁମେ ସେ ଚିଠିଟିକୁ ତୁମ ବାପାଙ୍କୁ ଦେଖାଇଦେବ ତେବେ ମୋ ଅବସ୍ଥା କ'ଣ ହେବ । ତୁମ ବାପା ଆମ ବିଦ୍ୟାଳୟରେ ମୁଖ୍ୟ ପ୍ରତିଷ୍ଠାତା ସଂପାଦକ । ସବୁ ଶିକ୍ଷକ ସମ୍ମାନ ଦିଅନ୍ତି ।

ମୌସୁମୀ ହସିଲେ । କହିଲେ ସେଦିନର କଥା ମୋର ମନେଅଛି । ଚିଠିଟି ପଢ଼ିଲି । ବହେ ହସିଲି । ଭାବିଲି ନଈ ନାଳ ଗହିର ଡେଇଁ ଚାଲିଚାଲି ଆସୁଥିବା ଏ ଗାଉଁଲୀ ପିଲାଟି ବି ପ୍ରେମ କ'ଣ ଜାଣିଲାଣି । ଏସବୁ ଖରାପ ପିଲାଙ୍କ ସାଥିରେ ପଡ଼ି ନଷ୍ଟ ହେବାକୁ ଯାଉଛି । ସେମାନେ ତ ପାଠ ପଢୁ ନାହାନ୍ତି । ଏଇ ମେଧାବୀ ଛାତ୍ରଟିକୁ ମଧ୍ୟ ନଷ୍ଟ କରିଦେବେ । ସେଇଦିନୁ ତୁମର ଗିତିବିଧି ଉପରେ କଡ଼ା ନଜର ରଖିଲି ।

- ତୁମେ କିନ୍ତୁ କ୍ଲାସ୍‌ରେ ମୁହଁ ବୁଲାଇ ବାରବାର ଚାହୁଁଥିଲ । ଆଉ ମୁଁ କିଛି କ୍ଲାସ୍‌ରେ କହିଲେ ବହୁତ ହସୁଥିଲ । ସେତେବେଳେ ତ ଝିଅ ପୁଅ ପରସ୍ପରକୁ ସାକ୍ଷାତ କରିବା ବହୁ ଦୂରରେ କଥା ପଦେ ହେବା ବି ସହଜ ନଥିଲା । ଏବେ ସବୁ ବଦଳିଗଲାଣି । ସେଥିଯୋଗୁଁ ମୁଁ ଭାବିନେଲି ତୁମେ ମୋତେ ଭଲପାଉଛ । ସାଙ୍ଗମାନେ ଯାହା କହୁଛନ୍ତି ସେ ସବୁ ସତ ।

- ସବୁ ଝିଅ କ୍ଲାସ୍ ଯିବା ପରେ ସୁଦ୍ଧା ମୁଁ ସ୍କୁଲ ପଛ ନଡ଼ିଆ ଗଛ ପାଖରେ ଅପେକ୍ଷା କଲି । ମୁଁ ଜାଣେ ତୁମେ ସ୍କୁଲ ପଡ଼ିଆରେ ଗୋଡ଼ହାତ ଧୋଇ କ୍ଲାସ୍‌କୁ ଆସିବ । - ମୌସୁମୀ କହିଲେ ।

- ତୁମେ ମୋତେ ହାତଠାରି ଡାକିଲ । ସେତେବେଳେ ସେଇ ଆଖପାଖରେ କେହି ହେଲେ ନ ଥିଲେ । ମୁଁ ଭୟ ଜଡ଼ସଡ଼ ହୋଇ ବାଧ୍ୟ ଛାତ୍ରଟିଏ ଭଳି ତୁମ ପାଖରେ ଯାଇ ଠିଆହେଲି । ମୋ ଲେଖା ଚିଠିଟି ମୋତେ ଫେରାଇ ଦେଲ । ଆଉ କହିଥିଲ ପ୍ରଥମେ ପାଠ ପଢ଼ ଭଲ ମଣିଷ ହୁଅ । ଚାକିରିବାକିରି କର । ତେବେ ଯାଇ ପ୍ରେମ କରିବ । ଏବେ ପ୍ରେମ କରିବାର ବୟସ ତୁମର କି ମୋର ହୋଇନି । ଭଲ ମଣିଷ ହୋଇ ସମାଜରେ ନାଁ କମାଇଲେ ଝିଅର ଅଭାବ ରହିବ ନାହିଁ । ସୁନ୍ଦର ଭାଷଣ ଦେଉଛ, ଗଳ୍ପ କବିତା ଲେଖୁଛ । ସେଥିପାଇଁ ମୁଁ ତୁମକୁ ପ୍ରଶଂସା କରେ, ସ୍ନେହ କରେ, ତୁମେ ତାକୁ ଅନ୍ୟ ଅର୍ଥରେ ପ୍ରେମ ବୋଲି ଭାବନି ।

ମୌସୁମୀ କହିଲେ, ହଁ ମୁଁ ତୁମକୁ ଏଇକଥା କହିଥିଲି । ତୁମେ ସେଠାରୁ ଫେରିଗଲ । ମୁଁ ବି କ୍ଲାସ୍‌କୁ ଫେରି ଆସିଲି । ମୁଁ ପଢ଼ିଛି ମୋତେ କେନ୍ଦ୍ର କରି ଗଳ୍ପ କବିତା ଲେଖିଛ । ମୋ ରୂପ ବର୍ଣ୍ଣନାରେ ତୁମ କଲମ କୂଳକିନାରା ମାନେ ନି । ମୋତେ ଖୁସି ଲାଗେ । ଆସନ୍ତା କାଲି, ନବରବି, ନବଜୀବନ, ନବପତ୍ର ପ୍ରଭୃତି ପତ୍ରିକାର ତୁମ ଲେଖା ପଢ଼େ । ମୋ ବାପା ମାମା ମଧ୍ୟ ପଢ଼ି ଖୁସି ହୁଅନ୍ତି । ମୁଁ ମୋ ମାମାଙ୍କୁ କହେ- ଜାଣିଛ ମାମା ଏଇ ଲେଖକ ଜଣକ ମୋ ସାଥିରେ ପଢୁଥିଲା । ମାମା କୁହନ୍ତି - ଆରେ ବାଃ ଏ ପିଲା ତ ଜଣେ ଭଲ ଲେଖକ ହେବ । 'ଆନମନା' ଗଳ୍ପରେ ତ ତୁମେ ମୋ ନିକଟରେ କ୍ଷମା ମାଗିଛ । ଆଉ ମଧ୍ୟ ଇଚ୍ଛା ପ୍ରକାଶ କରିଛ, ସବୁଦିନେ କେମିତି ତୁମେ ମୋର ପାଖେ ପାଖେ ରୁହନ୍ତ ।

କିଛି ସମୟ ଅଟକି ଗଲାପରେ ମୌସୁମୀ ଭାବବିହ୍ୱଳ ହୋଇ ପଚାରିଲେ- ତିନା ବାବୁ ସତରେ ତୁମେ ମୋତେ ଭଲ ପାଅ ? କେବେ କେମିତି ମୋତେ ମନେପକାଅ ।

ଗଛଲତା ଆଡୁଆଳରେ ହଠାତ୍ ଖମାରୀ ମାଆ ଆବିର୍ଭାବ ହେଲେ । ତେବେ କ'ଣ ଖମାରୀ ମାଆ ଆମ କଥା ଶୁଣୁଥିଲେ ନା କ'ଣ ? ସେ କହିଲେ - ସୁମି ! ଖୋର୍ଦ୍ଧା ଯିବା ପାଇଁ ସମସ୍ତେ ବାହାରିଲେଣି । ତୋତେ କାର୍‌ରେ ଭାଇ ଅପେକ୍ଷା କରିଛି । ପୁଣି କେବେ ଆସେ, ତିନାବାବୁ ଡାକିବା ଡେର୍ ସମୟ ଯାଏ ଗପିବ ।

ମୌସୁମୀ ଫେରି ଯାଉଥିଲା, ପୁଣି ସାକ୍ଷାତ ହେବାର ପ୍ରତିଶ୍ରୁତି ଦେଇ ।

କିଛି ସମୟ ପରେ ଖମାରୀ ମା' ମୋ' ପାଖକୁ ଫେରିଆସିଲେ । କହିଲେ ପୁଅ, ତୁମ ଯୋଡ଼ି ବେଶ୍ ମାନିବ । ଯାହା ଜାଣିଲି, ତୁମେ ହଁ କଲେ ସାଆନ୍ତଙ୍କ ପାଖରେ ପ୍ରସ୍ତାବ ପକାଇବି । ତୁମ ମାମା ପାଖକୁ ଖବର ଦେବି ।

ମୁଁ କିଛି ସମୟ ନିରବ ରହିଲି । ତା'ପରେ କହିଲି । ମା', ସୁମି ଭଲ ଝିଅ । ତାକୁ ମୁଁ ସମ୍ମାନ କରେ ମାତ୍ର ମୋ' ମାମା ଏମିତି ଗୋଟିଏ ଝିଅ ସହିତ ମୋ' ବିବାହ ପ୍ରସ୍ତାବ ପକାଇଛନ୍ତି ମୁଁ ଏଡ଼ାଇ ଦେଇ ପାରିବିନି । ଖମାରୀ ମା', ମୋତେ ଚାହିଁଲେ । ସତେ ଯେମିତି ସେ ହାରିଯାଉଛନ୍ତି । ହାରିବାଟା ତାଙ୍କର ଭାଗ୍ୟରେ କିଏ ଲେଖିଦେଇଛି, ସେ କହିଲେ- ତିନାବାବୁ, ସୁମିର ବାହାଘର ଜଣେ ଡାକ୍ତର ପୁଅ ସାଥିରେ ପ୍ରସ୍ତାବ ପଡ଼ିଛି । ଦେଖାଯାଉ ଆହୁରି ତ ବର୍ଷେ ଦୁଇବର୍ଷ ସମୟ ଅଛି, ଶ୍ରୀଜଗନ୍ନାଥ ଯାହା ଚାହିଁବେ ତାହା ହେବ ।

ନିଆଳୀ, କଟକ
ମୋ: ୯୯୩୭୮ ୪୦୩୮୭

କ ବି ତା

ଜୀବନ

ଡ. ପୂର୍ଣ୍ଣିମା ଲେଙ୍କା

ମାୟାର ସଂସାରେ
ମିଛ ହସଟିଏ ମିଳୁଛି ଯଦି
ହସି ଦେ
କିଛି ପାଦ ଚାଲିବାକୁ
ବନ୍ଧୁଟିଏ ମିଳୁଛି ଯଦି
ସମ୍ପର୍କର ସୂତାରେ ଛନ୍ଦି ଦେ,
ଏଠି ସାରା ଜୀବନ କଥା ଉଠୁଛି କୋଉଠୁ ?
ଜୀବନ ପା ପାଣି ଠୋପା
ଆଖି ପିଛୁଳାକେ ଫାଟିଯିବ
ପାରୁଛୁ ଯଦି ବଞ୍ଚି ନେ ।

କ୍ଷଣ କ୍ଷଣକେ ପୃଥିବୀ ଆନ
ପାରୁଛୁ ଯଦି ଘୋଷି ନେ
କିଏ କୋଉଠି ଥକି ଯିବ
କାହା ସ୍ୱାର୍ଥ ପୂରିଯିବ
କିଏ ମୁହଁ ବୁଲେଇବ
ପାରୁଛୁ ଯଦି ଆଡ଼ କରି ଦେ ।

ଅମ୍ଳୀୟତା,ନୈତିକତା ଆଇ ମା' କାହାଣୀ
ଧୈର୍ଯ୍ୟ ଅଛି ଯଦି ଶୁଣି ନେ,
ଖୋଜି ବାହାରିବା ମୂର୍ଖାମୀ,

ଏଠି ଠା ଠା ଖରା
ନାହିଁ ମୁନ୍ଦେ ପାଣି
ପାରୁଛୁ ଯଦି ବୁଝିନେ ।

ଏ ମରୁଭୂମି ନୁହେଁ ବୈତରଣୀ !
ଏଠି ମଣିଷତ୍ୱ ଏକ ସ୍ୱପ୍ନ
ଆଉ ତୁ ଖୋଜୁଛୁ ମିଠା ପାଣି !

ଅଧ୍ୟାପିକା, ଦିଲ୍ଲୀ ବିଶ୍ୱବିଦ୍ୟାଳୟ , ଦିଲ୍ଲୀ
ମୋ.: ୭୦୦୮୨ ୦୭୮୪୪

ମନ ପକ୍ଷୀ ଝୁରେ

ପ୍ରଫୁଲ୍ଲ ବାରିକ

ଅପରାହ୍ନର ଶୀତଳ ପରିବେଶ । ସୂର୍ଯ୍ୟ ଛୁଇଁବା ଛୁଇଁବା ହେଉଛନ୍ତି ଚକ୍ରବାଳ । ନୀଳ ଆକାଶରେ ନୀଡ଼ ବାହୁଡା ପକ୍ଷୀ ।

ବାରଣ୍ଡାରେ ବସିଛନ୍ତି ଶାନ୍ତନୁ । ଏକଲା ଚୁପ୍‌ଚାପ୍ । ବୋହୂ ବିଶ୍ରାମରତ ବିଛଣାରେ । ଖରାବେଳଟା ତାଙ୍କ ବିଶ୍ରାମର । ସନ୍ଧ୍ୟା ପୂର୍ବରୁ ଉଠି ଧୂପଦେବେ । ଶାନ୍ତନୁଙ୍କ ଆଖି କେତେବେଳେ ସାମ୍ନା ରାସ୍ତାରେ ଯା'ଆସ କରୁଥିବା ଲୋକଙ୍କ ଉପରେ, ତ କେତେବେଳେ ଦୂର ଆକାଶରେ ।

ହଠାତ୍ ଉଠିଗଲେ ଗ୍ରିଲ ପାଖକୁ ଶାନ୍ତନୁ । ଅନେଇଲେ ଆକାଶକୁ । ଭସା ବାଦଲ ଦି'ଖଣ୍ଡ ଭାସି ଆସିଲେ ଦୁଇଆଡୁ । ଆସି ଯୋଡ଼ି ହେଇଗଲେ । ଯୋଡ଼ି ହେଉହେଉ ପୁଣି ଛାଡ଼ି ହେଇଗଲେ । ଛାଡ଼ି ହଉହଉ ପୁଣି ଯୋଡ଼ି । ଶାନ୍ତନୁଙ୍କ ଗଭୀର ଦୃଷ୍ଟିରେ ଏକାଗ୍ରତା । ମନରେ ଜିଜ୍ଞାସା । ଇଏ କି ଦୃଶ୍ୟ ? କେବେ ତ ଦେଖି ନାହାନ୍ତି ? ବାଦଲ ଭାସିବା ଆକାଶରେ ନୂଆ ନୁହେଁ । କି ତାଙ୍କ ଦେଖିବା ଆକସ୍ମିକ ନୁହେଁ । ଘଣ୍ଟାଘଣ୍ଟା ଧରି ସେ ଅନେଇ ରହନ୍ତି ଆକାଶର ମେଘଙ୍କୁ । ମେଘ ପୂର୍ବରୁ ବାଦଲଙ୍କ ଧାଁ'ଧପଡ଼କୁ । ସେମାନଙ୍କ ଏକତ୍ରିକରଣରେ ଘନେଇ ଆସୁଥିବା ଆକାଶର କଳା ଘୁମର ରୂପକୁ । ଆଜିର ଦୃଶ୍ୟ କିନ୍ତୁ ସମ୍ପୂର୍ଣ ନୂଆ । ଆକସ୍ମିକ । ସ୍ପଷ୍ଟ ଅନୁଭବୁଛନ୍ତି ବାଦଲ ଦେହରେ ଦୁଇଟି ରୂପ । ରୂପ ପୁଣି ମଣିଷର । ଗୋଟିଏ ପୁରୁଷର ଏବଂ ଅନ୍ୟଟି ନାରୀର । ସନ୍ନିକଟରେ ଅନୁଭୂତ ସେମାନଙ୍କ ଅନ୍ତରଙ୍ଗତା ଏବଂ ଦୂରତାରେ ବିରାଗଜନିତ ବିରହତା । ଦୃଶ୍ୟରୁ ସ୍ପଷ୍ଟ ଅନୁଭବୁଛନ୍ତି । ଅନୁଭବୁଛନ୍ତି ନାରୀଟି ଗୋଟାପଣି ମାଧୁରୀ, ତାଙ୍କ ସ୍ତ୍ରୀ । ଓ ପୁରୁଷ ଜଣକ ନିଜେ ସିଏ । ଗଠନ, ଠାଣି ଏବଂ ବହିଦୃଶ୍ୟରେ ସମ୍ପୂର୍ଣ ସାଦୃଶ୍ୟ । ମାଧୁରୀଙ୍କ ମନ ଠିକ୍‌ଥିଲେ ଇମିତି ଯୋଡ଼ିଆସି ଗେଲେଇ ହଉଥିବ, ତ ରାଗିଲେ ମୁହଁମୋଡ଼ି ରହିବ ଦୂରରେ । ଯେମିତି ଅଚିହ୍ନା ଅଜଣା । ଗୋଟା ଜୀବନର ଅଙ୍ଗେନିଭା ଅନୁଭୂତି ଇଏ । ଗୋଟିଗୋଟି ଆଙ୍କି ହେଇଯାଉଛି ଆଖିରେ । ଏବେ ଆଖି ସାମ୍ନାରେ ଏକାଦୃଶ୍ୟ ଆକାଶରେ । କିମିତି ସମ୍ଭବ ଇଏ ? ସିଏତ ବସିଛନ୍ତି ସଦେହରେ । ମାଧୁରୀ ମଲାପରେ ହୁଏତ ଦେଖା ଦେଉଥିବ ବାଦଲରୁ । ଆକାଶରେ କିନ୍ତୁ ଉଭୟେ ! ଯୋଡ଼ି ତାଙ୍କର ! ଯିଏବି ଦେଖିଲେ କହିବ । ଶାନ୍ତନୁ ଆଖିମଳି ଭଲକି ଅନେଇଲେ । ସେଇ ଦୃଶ୍ୟ । ସେଇ ରୂପ । ସ୍ଥିର ହେଇ ଅଧିକରୁ ଅଧିକ ସ୍ପଷ୍ଟ ଆଖିରେ ।

ଶାନ୍ତନୁ ସେଇଠି ଥାଇ ଡାକିଲେ ବୋହୂଙ୍କୁ । ନୀଳିମାର ନିଦ ଭାଙ୍ଗି ସାରିଥାଏ । ଖାଲିଟାରେ ଅଳସ ଭାଙ୍ଗୁଥାଏ ବିଛଣାରେ ପଡ଼ି । ଶଶୁରଙ୍କ ଡାକରେ ଆସି ପହଞ୍ଚିଲା । ଦେଖିଲା ଆକାଶ ମୁହାଁ ଠିଆ ହେଇଛନ୍ତି ବାପା । ପଚାରିଲା, କ'ଣ ହେଲା ବାପା ? ଡାକିଲେ ଯେ... ?

ଶାନ୍ତନୁ ଆକାଶ ଆଡ଼ିକି ଦେଖେଇ ବୋହୂଙ୍କୁ କହିଲେ, ଦେଖ ତ, କି ଦୃଶ୍ୟ ଆକାଶରେ ?

- କାଇଁ, କିଛି ତ ନାଇଁ? ଶୂନ୍ୟ ଆକାଶ। ପୃଥିବୀ ହୋରି ଖେଳୁଛି ଅବିର ରଙ୍ଗରେ। ସୂର୍ଯ୍ୟ ବୋଧେ ଅସ୍ତ ହେଉଛନ୍ତି। ଆଉ କ'ଣ ?

ନୀଳିମା ଆକାଶ ଆଡ଼େ ଅନେଇ ଉତ୍ତର ଦେଲା ଶଶୁରଙ୍କୁ।

- ସେ କଥା ଠିକ୍‌ଯେ, ଆଉ କ'ଣ ଦେଖୁଛ ? ଦି'ଖଣ୍ଡ ବାଦଲ ଯୋଡ଼ିକୁ ଦେଖୁଛ, ନା ନାଇଁ ?

- ଦେଖୁଚି କ୍ଷ ଶରତ ଆକାଶରେ ଭସା ବାଦଲ ଭାରି ସୁନ୍ଦର।

- କ'ଣ ଦେଖୁଛ ସେ ବାଦଲରେ ?

ଶାନ୍ତନୁଙ୍କ ଜିଜ୍ଞାସାପୂର୍ଣ ଆକୁଳ ପ୍ରଶ୍ନ।

- ବାଦଲ ତ ବାଦଲ। ଆଉ ଅଧିକା କ'ଣ ?

'ଅଧିକ ଅଛି, ଅନୁଭବ କର,'ଶାନ୍ତନୁ କହିଲେ, 'ବାଦଲ ଦୁଇଟିରୁ ଗୋଟିଏ ତମ ଶାଶୁ। ଏବଂ ଆରଟି ତମ ଶଶୁର,ମାନେ ମୁଁ। ଗୋଟାପାଣି ଆମେ ଦି'ଜଣ। ଶାଶୁ ତମର ବଞ୍ଚିଥିବା ବେଳେ ଯେମିତି ଲାଗେ ମୋ' ସହ ଖୁସିରେ ଅବା ରୋଷରେ, ସେମିତି କ୍ରିୟା ତା'ର ବାଦଲରେ। ଦେଖ କିମିତି ଲାଗିଆସୁଛି,ତ ପୁଣି ଯାଉଛି ଦଣ୍ଡକେ ଦୂରେଇ। ଏଇଆ କରେ ସେ କ୍ଷଣକୁ କ୍ଷଣ ବଞ୍ଚିଥିବା ବେଳେ।

ନୀଳିମା ସାଇକୋଲୋଜିର ଛାତ୍ରୀ। ବୁଝିବାକୁ ଡେରି ଲାଗିଲା ନି ଶଶୁରଙ୍କ ମନସ୍ତତ୍ତ୍ୱକୁ। ଶାଶୁଙ୍କ ଯିବାର ଦି'ବର୍ଷ ହେବ। ଦିନଟିଏ ନାଇଁ ତାଙ୍କ ସ୍ମରଣ ବିନା। ସବୁବେଳେ ତାଙ୍କରି କଥା। ତାଙ୍କରି ସ୍ମୃତି। ତାଙ୍କୁଇ ଝୁରି ହେଇଚାଲିଛନ୍ତି ରାତିଠୁ ଦିନ। ଯେତେ ଚେଷ୍ଟା କଲେ ବି ସ୍ୱାଭାବିକ କରିବାକୁ ତାଙ୍କୁ, ସୁଫଳ ତ ମିଳୁନି, ବରଂ ଅବସ୍ଥା ଅଧିକରୁ ଅଧିକ ସଂଗୀନ ହେଉଛି। ବ୍ୟସ୍ତ ହେବାସହ ବିବ୍ରତ ଓ ବିରକ୍ତ ଲାଗିଲାଣି ତାଙ୍କ ଦିନଚର୍ଯ୍ୟାରେ। ସମ୍ପୂର୍ଣ ଅନ୍ୟମନସ୍କ। ସ୍ତ୍ରୀ ମନା। ଯେ ବୟସରେ ଇମିତିହେବା ଶୋଭା ପାଏନା। କ୍ଷତିକାରକ ଉଭୟେ ଶରୀର ଓ ମନ ପାଇଁ। ବାହାରେ ଜାଣିଲେ କ'ଣ କହିବେ ତ ଦୂର। ନୀଳିମା ଭୟ ପାଇଲାଣି ଶଶୁରଙ୍କ ଏତାଦୃଶ ଅବସ୍ଥାରେ। ଏବେ ପୁଣି ଗୋଟେ ନୂଆକଥା। ବାଦଲରେ ଯୋଡ଼ିରୂପ। ଆଖିରେ ଦେଖି ଦେଖାଉଛନ୍ତି ଡାକିକି। ପାଗଳ ମଣିଷ। ପାରି ହବନି ୟା'ଙ୍କୁ।

ନୀଳିମା ହାତଧରି ନେଇଗଲା ଶଶୁରଙ୍କୁ ଘର ଭିତରକୁ। ବସେଇ କହିଲା, ମୁଁ ଚା' ଆଣୁଚି,ବସନ୍ତୁ। ସାଙ୍ଗେସାଙ୍ଗେ ଚା' ଦି'କପ୍ ଧରି ଆସି ଗୋଟେ କପ ଶଶୁରଙ୍କୁ ଦେଇ ଅନ୍ୟଟି ଧରି ବସିଲା ପାଖ ଚେୟାର୍‌ରେ। ଶଶୁର ଅନ୍ୟମନସ୍କ ଭାବେ ପିଉଥାଆନ୍ତି ଚା'। ନୀଳିମା ପଚାରିଲା, ବାପା, ଆପଣ ଯୁବ ଅବସ୍ଥାରେ ଚିତ୍ର ଆଂକୁଥିଲେ ନା ? ପୁରୁଣା ଫାଇଲ୍‌ରୁ ଦେଖିଚି ମୁଁ। କି ସୁନ୍ଦର ଆକର୍ଷଣୀୟ ଜୀବନ୍ତ ଚିତ୍ରସବୁ ! କାଇଁକି ଛାଡିଦେଲେ ଚିତ୍ରଅଙ୍କା ? କ'ଣ କାରଣ ?

- କାରଣ ସେମିତି କିଛି ଅବଶ୍ୟ ନ ଥିଲା। ବାହାଘର ପରେ ସମୟ ସହ ଆଉ ସେ ଏକାଗ୍ରତା ପାଇଲି ନାଇଁ। ଛାଁକୁ ଛାଡ଼ି ହେଇଗଲା।

- ଯଦି ସେସବୁ ମିଳେ ଏବେ ? ଆଙ୍କିବେ ଆଉଥରେ ? ଆଙ୍କିଲେ,ଏବେକାର ଚିତ୍ର ଆହୁରି ହେବ ଜୀବନ୍ତ, ଆକର୍ଷଣୀୟ। ଏବେର ଜୀବନରେ ଭରପୂର ଅଭିଜ୍ଞତା। ମନରେ ଏକାଗ୍ରତା। ବ୍ୟସ୍ତତାର ପ୍ରଶ୍ନଇ ଉଠେନା।

ଶାନ୍ତନୁ ସ୍ମିତହସି କହିଲେ, କାଇଁକି ଶୁଖିଲା ଶାଖାରେ ପାଣି ସିଂଚୁଛ ମାଆ ? ଚିତ୍ର ଆଙ୍କିବାରେ ବୟସ ବାଧକ ନ ହେଲେ ବି ମନ ଏବେ ମୋ' ପାଇଁ ବଡ଼ ବାଧକ। ଅଛି ସେ ସରସତା, ନା କଳ୍ପନା ପ୍ରବଣତା ?

ନୀଳିମା କହିଲା, ସବୁ ଅଛି ବାପା। ଭରପୂର ଏବେ ବି ଆପଣଙ୍କ ଠେଇଁ। ଏବେଏବେ ସଦ୍ୟ ଅନୁଭବ ମୋର। ନଥିଲେ, ଭସା ବାଦଲରେ ଦେଖୁ ଥାଆନ୍ତେ ମଣିଷ ରୂପ ? ସିଏ ପୁଣି ଆପଣାର ଦାମ୍ପତ୍ୟ ଯୋଡ଼ିକୁ ? କଳ୍ପନାର ବାଦ୍‌ଶାହା ଆପଣ। ପୋଖତ ଚିତ୍ରକର। ସୁପ୍ତଅଛି ସୃଜନୀ। ତାକୁ କରିବାକୁ ହେବ ଜାଗ୍ରତ। ମୁଁ ସାହାଯ୍ୟ କରିବି। ପ୍ରୋତ୍ସାହନ ଦେବି ଆପଣଙ୍କୁ। ଆପଣଙ୍କ କଳାର ମୁଁ ଜଣେ ବିଦଗ୍ଧ ଦ୍ରଷ୍ଟା। ମୋତେ କ'ଣ ବଂଚିତ କରିବେ ସେ ସେଥିରୁ ?

ଶାନ୍ତନୁ ଅନେଇଲେ ବୋହୂଙ୍କୁ ଗୋଟେ ଆଶାୟୀ ଦୃଷ୍ଟିରେ। ସେ ଦୃଷ୍ଟିରେ ସୁପ୍ତ ଚେତନାର ଜାଗରଣ ଅନୁଭବୁଥିଲା ନୀଳିମା। ଭରସା ପାଉଥିଲା ଶଶୁରଙ୍କ ନିରବ ଦୃଷ୍ଟିରୁ। କହିଲା, ବାପା, ଆପଣ ଜାଣନ୍ତି ମୁଁ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ପୂଜେ। ଏ ଯାଏ ମୁଁ ଚାହୁଁ ଥିବା ଜୀବନ୍ତ ଫଟୋ,କି ମୂର୍ତ୍ତି ପାଇନାହିଁ। ଯାହା ପାଇଛି, ସେଇଥିରେ ଚଳଉଛି। ମୋତେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଆଙ୍କିଦିଅ। ଯେମିତି ଲାଗୁଥିବେ ଜୀବନ୍ତ। ଅନେଇଦେଲେ ଭକ୍ତି ସଞ୍ଚରୁଥିବ। ମୁଁ ପୂଜା ଦେଉଥିବି ସାମ୍ନାରେ ବସି। ଆପଣ ନିଶ୍ଚିତ ପାରିବେ, ମୋ' ମନ କହୁଛି। ଆପଣ ମାନସିକ ପ୍ରସ୍ତୁତ ହୁଅନ୍ତୁ। କାଲିକୁ ଯୋଗାଇଦେବି ଆପଣଙ୍କ ସଜ ସରଞ୍ଜାମ।

ସେଦିନର କଥା ଶଶୁର ବୋହୂଙ୍କ ଭିତରେ ସେଇଠି ରହିଲା।

ପରଦିନ ଜଳଖିଆ ସରୁସରୁ ନୀଳିମା ଡାକିଲା ଶଶୁରଙ୍କୁ। ଶାନ୍ତନୁ ଯାଇ ଦେଖିଲେ - ଟେବୁଲ୍ ଉପରେ ଡ୍ରଇଂସିଟ୍, ତୂଳୀ ସହ ସ୍କେଚ୍ ପେନ୍‌ସିଲ ଓ ନାନାଦି ରଙ୍ଗର ୱାଟର୍‌ପେଣ୍ଟ। ନୀଳିମା କହିଲା, ଏବେ ଆରମ୍ଭ କରନ୍ତୁ। ମଝିରେ ମଝିରେ ଆସିବି ମୁଁ ଚା'ପାନ ଧରି। କହି, ଦ୍ୱାର ବନ୍ଦକରି ପ୍ରସ୍ଥାନକଲା ସେଠୁ। ନୀଳିମା ଓଠରେ ହସର କଢ଼ି। ଏଥର ଭୂତ ଓହ୍ଲେଇବ ମଥାରୁ।

ବାରଟା ବାଜି ସାରିଥାଏ। ରୋଷେଇ ସାରି ନୀଳିମା ଭାବିଲା ଯାଇ କବାଟ ଖୋଲିବ। ଦେଖିବ କର୍ମ ବିଶ୍ୱକର୍ମାଙ୍କର କେତେଦୂର ଗଲା। ଯିବାପୂର୍ବରୁ କାନଡେରିଲା କବାଟ ପାଖରେ। ଚୁପ୍‌ଚାପ୍। ନିଶବ୍ଦ ପରିବେଶ। ଭାବିଲା କଳାରେ ତନ୍ମୟ ଶିଳ୍ପୀ। ତା'ର ଧୈର୍ଯ୍ୟଚ୍ୟୁତି

ଘଟିଲା । ଦେଖିବାକୁ ବ୍ୟଗ୍ର ହେଲା ମନ । କବାଟ ଖୋଲି ପ୍ରବେଶ କଲା ଭିତରକୁ କ୍ଷ ଇଏ କ'ଣ ? ଚିତ୍ରଆଙ୍କି ତା' ଉପରେ ମଥାରଖି ଶୋଇ ପଡିଛନ୍ତି ଶିଳ୍ପୀ । ନୀଳିମାର ଆଗ୍ରହ କୂଳ ଲଂଘୁଥାଏ । ନଇଁପଡି ଦେଖିଲା ଚିତ୍ରକୁ, କାହାନ୍ତି ରାଧାକୃଷ୍ଣ ? କାହିଁ ତାଙ୍କର ଯୁଗଳମୂର୍ତ୍ତି ? ଅଙ୍କାହେଇଚି ଯେ, ତାହା ସେଇ ଫଟୋଚିତ୍ର, ଯାହା ଟଙ୍ଗା ଯାଇଛି ବାପାଙ୍କ ବେଡ୍‌ରୁମ୍‌ରେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କ ବୟସ ଥିବା ବେଳର । ବିବାହର ଆଦ୍ୟ ଜୀବନର । ଏବର ଚିତ୍ରଟି କାଚବନ୍ଧେଇ ଫଟୋର ଅବିକଳ । ବରଂ ତା'ଠାରୁ ଅଧିକ ଜୀବନ୍ତ, ଅଧିକ ଆକର୍ଷଣୀୟ । ନୀଳିମା ଦେଖିଲା,ବାପାଙ୍କ ଗାଲରେ ଲୁହର ଦାଗ । ଲୁହ ଝରି ଚିତ୍ରର କିଛି ଅଂଶ ଛାବୁଲା, ବୁଝିବାକୁ ସମୟ ଲାଗିଲାନି ନୀଳିମାକୁ । ସଂକୁଚିତ ହେଇ ଆସିଲା ମନ । ଭାବି ପାରିଲାନି,ବାପାଙ୍କୁ ଚିତ୍ର ଆଙ୍କିବାକୁ କହି ସେ ଠିକ୍ କରିଛି, ନା ଭୁଲ୍ ? ବାପାଙ୍କ ମନରେ ଈଶ୍ୱରଙ୍କ ରୂପ, ଚାହିଁବା ଇ ବୃଥା ତା ପାଇଁ, ବୋକାମିବି ।

ନୀଳିମା ମନରେ ଅଯୁତ ପ୍ରଶ୍ନ - ସ୍ତ୍ରୀ'ହରା ସ୍ୱାମୀମାନେ ତେବେ ଏଇମିତି ? ଏବର ଅନୁଭବ ସମ୍ପୂର୍ଣ ନୂଆ ତା' ଜୀବନରେ । ଶୁଣିଛି ଲୋକ ମୁହଁରୁ - ନାରୀ ଏକ ବିସ୍ମୟ । ତାକୁ ବୁଝିବା ସହଜ ଓ ସମ୍ଭବ ନୁହେଁ । କଥା ନାରୀପ୍ରତି ନହେଇ,ଅଧିକ ପ୍ରଯୁଜ୍ୟ ପୁରୁଷ ପ୍ରତି । ଯାହା ଅନୁଭବୁଚି ଏବେ ସିଏ । ଶଶୁରଙ୍କ ଅବସ୍ଥାରେ ନୀଳିମାର ଟାଣମନ ଭାଙ୍ଗି ଚୁରମାର୍ ହେଇଗଲା । ସମବେଦନାର ସବୁଜ ଛାୟାରେ ଢାଙ୍କି ହେଇଆସିଲା ତା' ମନର ସୁକ୍ଷ୍ମଅଳିନ୍ଦ । ହୃଦୟ ବିଗଳିତ ହେବାକୁ ଲାଗିଲା । ନିଦରୁ ନ ଉଠେଇ ଫେରୁଥିଲା ପାଦ ଚିପିଚିପି । ଆସିବାବେଳେ ଶବ୍ଦମାନଙ୍କର ନିଶବ୍ଦ ଉଚ୍ଚାରଣ ମନରେ ଥିଲା - ମୁଁ ହାରିଗଲି ବାପା, ବୋଉଙ୍କ ପ୍ରତି ତମ ପ୍ରେମସୁହାଗ ପାଖରେ । ମୋତେ କ୍ଷମା କରିଦିଅ । ମୋତେ କ୍ଷମା କରିଦିଅ ବାପା !

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ.: ୯୨୩୮୯ ୨୦୪୦୫.

କ ବି ତା

ବାକି ଥିବା ଅନ୍ଧାର

ରବି କୁମାର ମହାନ୍ତି

ସକାଳର ପହିଲି ଆଲୋକ
ନିଦୁଆ ମାଟିକୁ ଛୁଇଁଲା ପରେ
ବାଣ୍ଟି ନେଲେ ଆପୋଷରେ ନିଜ ଭିତରେ
ଆହତ ଅନ୍ଧାରକୁ
ଆଖି, ଗଛ, ପାହାଡ଼ ଖୋଲ, ଆଉ
ପେଟରେ ଆସନ୍ନ ପ୍ରସବା ମଞ୍ଜିକୁ
ଆଶ୍ରା ଦେଇଥିବା ଅଜସ୍ର ଫାଟ,
ବାକି ବଳିଥିବା ସେ ମୃତ ଅନ୍ଧାରର
ଅଳ୍ପ କିଛି ଦେହାବଶେଷ
ସେତକ ସାଉଁଟିବାକୁ କେତେ ଫନ୍ଦି
କେତେ ଅଭିନୟ
କେତେ ଇସ୍ତାହାରର ହାଟ

ଆରେ ? ଆଲୋକ କ'ଣ ଏତେ ଅଯାଚିତ ?
ଏଡ଼େ ହତଭାଗ୍ୟ ସୁତପୁତ୍ର ସେ
ଲୋଡ଼ିବାକୁ ଏତେ ଅନାଗ୍ରହ ?
ହିଡ଼ ମୁଣ୍ଡରେ ଭୋକ ଆଉ ଭେକର
ଯୁଦ୍ଧ ଦେଖୁଥିବା ପାଳଭୂତ ତ କହିଲା
ଅନ୍ଧାରରେ ବେଶ୍ ଉନ୍ମୁକ୍ତ କରିଦେଇ ହୁଏ
ନିଜ ଜରାୟୁରେ ଧାନସ୍ଥ ଅହଂକାରକୁ
ଉଲ୍ଲସିତ ହେବାର ଅବସର ଥାଏ
ନିଜ ଛାଇ ଖୋଜିବାରେ ଅନ୍ଧାରରେ,

ବାର ବାର ଆନମନା ହେଉଥାଏ
ବ୍ରହ୍ମଚର୍ଯ୍ୟ ନିରୋଳାରେ
ଅନ୍ଧାରର ସ୍ଥୁଳ ମୂର୍ତ୍ତି ହୋଇ
ଅବିସମ୍ବାଦିତ ଆଲୋକକୁ
ଆଖି ଦେଖେଇବାରେ ଆହ୍ଲାଦ ଥାଏ,
ଆତ୍ମୀୟତା ବି ଥାଏ

ଆନନ୍ଦ ଥାଏ, ବିଷାଦ ଆଉ
ବିରହ ବି ଥାଏ
ବୋଧହୁଏ ଅନ୍ଧାରରେ
ବଞ୍ଚିବାର ଆସ୍ପର୍ଦ୍ଧାରେ,
ନିଜକୁ ଉଜାଡ଼ି ଦେବାର ଉତ୍ତରଣ ଅପେକ୍ଷାରେ
କେଡ଼େ ସରାଗରେ ସୃଜନର ରାତି ପାହି ହୁଏ

ମାତୃନୀଡ଼
କମାରିଆ, ଭଦ୍ରକ
ମୋ.: ୭୦୬୪୭ ୭୮୨୪୭

ଗୋଟିଏ ନାଲି ବୋତଲ

ଯାଜ୍ଞସେନୀ ସାହା

ବୋତଲର ରଙ୍ଗଟା ସତରେ ଥିଲା ଅତି ମାତ୍ରାରେ ଚମତ୍କାର । ଲାଲ୍ ବୋଲି କୁହାଯାଇ ପାରିବନି, କି କୁହାଯାଇ ପାରିବନି ନାରଙ୍ଗୀ । ଲାଲ୍ ଆଉ ନାରଙ୍ଗୀର ମିଶାମିଶି, ଫେଣ୍ଟା ଫେଣ୍ଟି, ଆଖିକୁ ଚମକେଇ ଦେଲା ଭଳି ଗୋଟେ ଅତି ଉଜ୍ଜ୍ୱଳ, ଲୋଭନୀୟ ରଙ୍ଗ ।

ଦଶମ ଶ୍ରେଣୀ ପିଲାଙ୍କ ଫେୟାରୱେଲ ଦିନ ନୂଆ କରି ମୁଁ ସେଇ ପାଣି ବୋତଲଟା ନେଇକି ସ୍କୁଲକୁ ଯାଇଥାଏ । ପ୍ରୋଗ୍ରାମ୍ ସରିବା ପରେ, ଦଶମ ପିଲା ଖାଇପିଇ ସାରିଲା ପରେ, ବାକି ନବମର ଭୋଲେଣ୍ଟିଅର ଝିଅମାନଙ୍କ ଭିତରୁ ସବୁଠୁ ସ୍ମାର୍ଟ ଆଉ କାମିକା ଝିଅ ଯାମିନୀ ଚୁପଚାପ୍ ଚାଲି ଆସିଲା ମୋ' ପାଖକୁ ।

ଧୀରେ ଧୀରେ କହିଲା- ଦିଦି, ଆପଣଙ୍କ ଏ ବୋତଲଟା ବହୁତ ସୁନ୍ଦର ଦିଶୁଚି । ମୁଁ ଦଶମ ଶ୍ରେଣୀ ଫେୟାରୱେଲ ନେଇ ସ୍କୁଲ ଛାଡ଼ିକି ଗଲାବେଳକୁ ଆପଣ ମତେ ଏଇ ବୋତଲଟା ଦେଇ ଦେବେ । ଦେବେ ନା ?

ପିଲାଟାର ସାହାସ ଦେଖି ମୁଁ ଚକିତ ହେଲି ଯେତିକି, ତା'ର ନିର୍ଭେଜାଲ ଅବୋଧପଣରେ ଭିଜିଗଲି ସେତିକି ।

କ'ଣ କହିବି, ନ କହିବି ଭାବୁଭାବୁ ତା' ପିଠି ଥାପୁଡ଼େଇଲି ମୁଁ, ଆଉ କହିଲି- ଆରେ ଯାମିନୀ ! ଆରବର୍ଷକୁ ଏ ବୋତଲଟା ତ ପୁରୁଣା ହେଇଯାଇଥିବ । ମୁଁ ତତେ ଗୋଟେ ନୂଆ ବୋତଲ ଦେବି ।

ନାଇଁ ନାଇଁ ଦିଦି, ମୁଁ ଏଇଟା ହିଁ ନେବି । ହଉ ପଛେ ପୁରୁଣା । ୟା'ର ନାଲି ରଙ୍ଗଟା ମତେ ବହୁତ ଭଲ ଲାଗୁଚି !

ମୁଁ ଖାଲି ହସି ଦେଇଥିଲି ସେଦିନ ।

ଦଶମଶ୍ରେଣୀ ପିଲାଙ୍କ ବିଦାୟକାଳୀନ ଜୁହାର ମୁଣ୍ଡିଆ, ଆଉ ଆଶୀର୍ବାଦର ଭିନ ଭିତରେ ଯାମିନୀ କେତେବେଳେ ଚାଲି ଯାଇଥିଲା ମୋ' ପାଖରୁ ।

ଯାମିନୀ ଏକ ରକମ୍ ଭଲ ପଢୁଥିଲା । ଆଜିକାଲି ସରକାରୀ ସ୍କୁଲମାନଙ୍କରେ ବିଶେଷକରି ସହରୀ ସରକାରୀ ସ୍କୁଲମାନଙ୍କରେ ଭଲ ଛାତ୍ରଛାତ୍ରୀଙ୍କ ଘୋର ଅଭାବ । ଯା'ର ଦି' ପଇସା କମାଣି ଅଛି, ତା' ଛୁଆ ଯାଉଚି ଶିଶୁ ମନ୍ଦିର ନ ହେଲେ ଇଂଲିଶ୍ ମିଡ଼ିଅମ୍ ପବ୍ଲିକ ସ୍କୁଲ । ବାକି ଯେତେ ଗରିବ ଗୁରୁବା, ଏଣୁତେଣୁ ରହିଲେ ତାଙ୍କ ପିଲା ପଢ଼ିଲେ ସରକାରୀ ସ୍କୁଲରେ । ଦାରିଦ୍ର୍ୟର ସୀମାରେଖା ତଳେ ପ୍ରତି ମୁହୂର୍ତ୍ତରେ ତିଳତିଳହେଇ ପେଶି ହଉଥିବା ଲୋକଟିଏ କେବେ ବି ଭାବିପାରେ ନାହିଁ ତା' ପିଲା ମାସକୁ ମାସ ଫିଜ୍ ଦେଇ ଫିଜ୍ ନିଆ ଇସ୍କୁଲରେ ପଢୁ । ଅଗତ୍ୟା ସଭିଏଁ ପଢନ୍ତୁ, ସଭିଏଁ ବଢ଼ନ୍ତୁ ନ୍ୟାୟରେ ସରକାରୀ ସ୍କୁଲମାନଙ୍କରେ ପିଲାଙ୍କ ଅସୁମାରୀ ଭିଡ଼ ସିନା, କେହି କିନ୍ତୁ ଠିକ୍ ଭାବେ ପଢ଼ନ୍ତି ନି କି ବଢ଼ନ୍ତି ନି । ଏ ଥିଲା ଆମ ପାଇଁ ଏ ସମୟର ସବୁଠୁ ବଡ଼ ବିଡ଼ମ୍ବନାର ବିଷୟ । ବେଳେବେଳେ ଏ ଭାବନା ମତେ ବ୍ୟସ୍ତ ବିବ୍ରତ,

ବିଚଳିତ କରିଦିଏ ଯେ ଆମେ କି ପ୍ରକାର ଆମ ଭବିଷ୍ୟତ ନାଗରିକ ଗଢୁଚୁ !

ଯାମିନୀ ନବମ ପାସ୍‌କରି ଦଶମକୁ ଆସି ଯାଇଥିଲା । ପ୍ରଥମ ଧାଡ଼ିରେ ବସୁଥିଲା, ଇଂଲିଶ୍ ପଢ଼ିଲା ବେଳେ ଆଗପାତି ହେଇ ଆଗ ପଢୁଥିଲା ଝୁଣ୍ଟି ଝୁଣ୍ଟି । ପ୍ରଶ୍ନ ପଚାରିଲେ ଲମ୍ବା ହାତ ଟେକୁଥିଲା, ଉତ୍ତର ବି ଦେଉଥିଲା ଭୁଲ୍‌ଭାଲ କରି । ସେ ଠିଆହେଇ ପ୍ରଶ୍ନ ଉତ୍ତର ଦେଲା ବେଳେ, ବେଳେବେଳେ ତା' ଉପରେ ମୋର ଦୃଷ୍ଟି ପହଁରି ଆସୁଥିଲା ଯେ ଯାମିନୀ ଏ ଭିତରେ ବଡ଼ ହେଇଯାଇଚି । ତା'ର ନହକା ଧେଡ଼ିଆ ଦେହଟାରେ ଏ ଭିତରେ ଟିକେ ମାଂସ ଲାଗି ଯାଇଚି । ହାଲ୍‌କା ହାଲ୍‌କା ଭାବରେ ସୁନ୍ଦରୀ ସୁନ୍ଦରୀ ଦିଶୁଚି ଯାମିନୀ । ପନ୍ଦର ଚାଲୁଥିବା ପତଳା ହେଇ ସାବନୀ ଝିଅଟା ଏ ଭିତରେ ସତରେ ଟିକେ ବଡ଼ ହେଇଯାଇଚି ।

ଯାମିନୀ ଥିଲା ଆଦିବାସୀ ସଂପ୍ରଦାୟର ଝିଅ । ତେଣୁ ଆମେ ସ୍କୁଲର ସମସ୍ତେ ତା' ପିଛା ପଡ଼ି ଯାଇଥିଲୁ ଯେ ଯଦି ଟିକେ ପରିଶ୍ରମ (ସେ କରିବ, ଆମେ ବି କରିବୁ) ତା'ହେଲେ ଯାମିନୀର ହୁଏତ ଷାଠିଏ ପ୍ରତିଶତ ମାର୍କ ଆସିଯିବ ଆଉ ଆଗକୁ ପଢ଼ି ସେ ନିଜ ପାଇଁ କାମ ଖଣ୍ଡେ ଯୋଗାଡ଼ କରିନେବ, ଆଉ ଭଲରେ ବଞ୍ଚିବ । ସେ ଥିଲା ଭାରି ଚଞ୍ଚଳ ପ୍ରକୃତିର ଝିଅ । ସବୁ କାମକୁ ଆଗ । ଆସୁ ନ ଆସୁ, ପାରୁ ନ ପାରୁ, ସବୁଥିରେ ଡେଇଁ ପଡ଼ିବ ଆଗକୁ ।

ଏ ଭିତରେ ଯାମିନୀ ବନି ଯାଇଥିଲା ଆମ ସମସ୍ତଙ୍କର ପ୍ରିୟ ଛାତ୍ରୀ । ସେ ଦିନେ ସ୍କୁଲ ନ ଆସିଲେ ମତେ ଭଲ ଲାଗୁ ନଥିଲା । ମୋ ଆଖି ଖୋଜି ହଉଥିଲା କୋଉଠି ଆଜି ବସିଗଲା ଯାମିନୀ ! ପଛ ବେଞ୍ଚକୁ ଚାଲି ଗଲା କି ପାଠ ଡରରେ !

ଥରେ ଲଗାତାର ଚାରିଦିନ ସ୍କୁଲକୁ ଆସିଲାନି ଯାମିନୀ । କୁଆଡ଼େ ଗଲା ! ତା'ର କ'ଣ ଦେହ, ଫେହ ଖରାପ ହେଲା କି ? ତା' କ୍ଲାସର ପିଲାଙ୍କୁ ପଚାରିଲି କିଏ ତା' ଘର ପାଖରେ ରହୁଚ ବୋଲି ।

ତା' ଘର ପାଖରେ କିନ୍ତୁ କେହି ତା'ର ସାଙ୍ଗ ରହୁ ନଥିଲେ । ତା' ଘର ଥିଲା ଏଠୁ ଚାରି କିଲୋମିଟର ଦୂର ମଥାନ ପଲା ଗାଁରେ । ସବୁଦିନ ସାଇକେଲ୍‌ରେ ଆସେ ଯାମିନୀ ସ୍କୁଲକୁ ଏକୁଟିଆ, ଯାଏ ବି ଏକୁଟିଆ, କେବେ କେମିତି ତା' ବାପା ଆସନ୍ତି ଯାଆନ୍ତି ସାଙ୍ଗରେ ।

ଚାରି ପାଞ୍ଚ ଦିନ ପରେ ଯାମିନୀ ଯୋଉଦିନ ସ୍କୁଲ ଆସିଲା ରୋଲକଲ୍ କଲା ପରେ ତାକୁ ପାଖକୁ ଡାକି ତା' କାନମୋଡ଼ି ପକେଇଲି ମୁଁ ରାଗରେ ।

ସ୍କୁଲ ବନ୍ଦ କରୁଚୁ କାଇଁକି ? କ'ଣ ହଉଥିଲା ତୋର ନା ମିଛରେ ପାଠକୁ ଡରି ଘରେ ଲୁଚିଥିଲୁ । ଯୋଉ ଯୋଉ ହୋମଟାସ୍କ ଦେଇଥିଲି କରିଚୁ ତ ନ ହେଲେ ଦେଖିଥା ଏ ବାଡ଼ି ।

ଯାମିନୀ କିନ୍ତୁ କିଛି ହୋମୱାର୍କ କରି ନ ଥିଲା କି ଖାତା ବି ଆଣି ନ ଥିଲା । ମୋର ରାଗ ଆହୁରି ପଞ୍ଚମକୁ ଉଠିଗଲା ।

ଗଧ୍,ପାଠ ପଢ଼ିବୁନି ତ ପାସ୍ ହବୁ କେମିତି । ମୁଁ ମିଛଟାରେ ତୋ' ପିଛା ପଡ଼ିଚି, କହିକହି ତା' ପିଠିରେ କଷିକି ଦି' ଚାରିବିଧା ଥୋଇଦେଲି ।

କେମିତି ଯେ ମୁଁ ଭାବି ନେଇଥିଲି ଯାମିନୀଟା ମୋର ବ୍ୟକ୍ତିଗତ ସଂପତ୍ତି କ୍ଷ ମୁଁ ଜନ୍ମ କରି ନଥିବା ମୋ ଝିଅ ଆଉ ତାକୁ ଫାଷ୍ଟ ଡିଭିଜନରେ ପାସ କରାଇବାଟା ଥିଲା ମୋର ନୈତିକ ଦାୟିତ୍ୱ ।

ପାଠ ପାଇଁ ଯେତେ ମାଡ଼ ଗାଳି ଖାଇଲେ ବି କେବେ କାନ୍ଦୁ ନ ଥିବା ଯାମିନୀ ସେଦିନ କିନ୍ତୁ କାନ୍ଦି ପକେଇଲା । କାନ୍ଦିଲା ପୁଣି ଚୁପ୍‌ଚୁପ୍ କରି, ତା' ଆଖିରୁ ଖାଲି ପାଣି ବୋହିଲା, ବୋହିଲା ଯେ ବୋହିଲା ମୋ' କ୍ଲାସ୍ ସରିବା ଯାଏଁ, ବନ୍ଦ ହେଲାନି ଜମା ।

ପ୍ରଥମେ ପ୍ରଥମେ ମୁଁ ପାଟି କଲି - ଯାମିନୀ, କାନ୍ଦ ବନ୍ଦ କର । ମୋ' ଆଗରେ ଆଉ ଡ୍ରାମା କରନା, ଖାତା କଲମ ବାହାର କର ।

ଯାମିନୀ କିନ୍ତୁ ତଥାପି କାନ୍ଦୁଥିଲା । ମୁଁ ସେଦିନ ଠିକ୍ ଭାବରେ ପଢ଼େଇ ପାରିଲିନି । ପିଲାଟାକୁ ମିଛଟାରେ ମାରି ପକେଇଲି । ତା'ର ଦେହ ଖରାପ ଥାଇପାରେ । ତାଙ୍କ ଘରେ କିଛି ସମସ୍ୟା ଥାଇପାରେ । ଆଉ କିଛି ଅନ୍ୟ କାରଣ ବି ଥାଇପାରେ । ତାକୁ କହିବାକୁ ସୁଯୋଗ ନ ଦେଇ, କିଛି ନ ଶୁଣି, ନ ବୁଝି ମାରି ପକେଇଲି ଗୁଡ଼ାଏ, ହେ, କାଇଁକି ଏମିତି କଲି ମୁଁ । ପିଲାଟା କେତେ କାନ୍ଦିଲା ! ପଷ୍ଟେଇ ହେଲି ଦିନ ସାରା ।

ଆଗ ଆଗ ପିଲାମାନେ କ୍ଲାସ୍‌ରେ କାନ୍ଦିଲେ ମୁଁ ଭୀଷଣ ବିରକ୍ତ ହେଉଥିଲି- କାନ୍ଦୁଚୁ କ'ଣ ପାଇଁ ? କାନ୍ଦ ବନ୍ଦ କର ଆଗ । ଜାଣିଚୁ, କାନ୍ଦିବାଟା ଦୁର୍ବଳତାର ଲକ୍ଷଣ । ଯିଏ କାନ୍ଦିଲା ଜାଣ ସିଏ ହାରିଗଲା । ମୁଁ ଚାହୁଁନି ମୋ' ପିଲେ ଜୀବନଯୁଦ୍ଧରେ ହାରିଯାଆନ୍ତୁ । କାନ୍ଦିଲେ କୌଣସି ସମସ୍ୟାର ସମାଧାନ ହୁଏନି, ଆମକୁ ଲୁହ ପୋଛି ନିଜକୁ ଦୃଢ଼ କରିବାକୁ ହବ । ତା' ହେଲେ ଯାଇ ଆମେ ଜୀବନଯୁଦ୍ଧରେ ଲଢ଼ି ପାରିବା ।

ଆଜି କିନ୍ତୁ ଯାମିନୀର ଏ ଲୁହ ମତେ ହଲେଇ ଦେଲା କେମିତି !

ତା' ସ୍କୁଲ ନ ଆସିବା ବିଷୟରେ ଯାମିନୀ ଯାହା କହିଲା, ଶୁଣି ମୋ ହାଲୁକ ଶୁଖିଗଲା, ଶୁଖିଗଲା ଏଇଥିପାଇଁ ଯେ ଯୋଉ କାମ ପାଇଁ ମୁଁ ଅଣ୍ଡା ଭିଡ଼ିଥିଲି, ଯାମିନୀର ଏ ପରିସ୍ଥିତିରେ ସେ କାମଟା ଆମେ ଦୁହେଁ (ମୁଁ ଓ ଯାମିନୀ) କରିପାରିବୁ ତ !

ଯାମିନୀର ବାପା କୁଲି ଭୁତି କରି କୁଟୁମ୍ବ ଚଳାଏ । ତା' ମା' ବି ଯାଏ ମୂଲ ଲାଗି ପର ଘରକୁ । ବାପା ମା'କୁ ଛାଡ଼ି ଘରେ ତା'ର ବୁଢୀ ଜେଜେମା । ତା' ସାନ ଭଉଣୀ । ଜେଜେମା ଆଖିକି ଭଲ କି ଦେଖାଯାଏ ନି କିଛି । ବାପଟା ପ୍ରଚଣ୍ଡ ଭାବରେ ମଦୁଆ । ତେଣୁ ଏ କୁଟୁମ୍ବ ଚଳାଇବାର ସବୁ ଦାୟିତ୍ୱ ମୋଟାମୋଟି ଭାବରେ ଥିଲା ତା' ମା' ଉପରେ ।

ସେଦିନ ରାତରେ କୁଆଡୁ ପେଟେ ମଦ ପିଇ ଆସି ତା' ବାପା, ତା' ମା' ପାଖରେ ଝମେଲା କଲା-କୁକୁଡ଼ା ଝୋଳ, ଗରମ ଭାତ ଦେ' ନ ହେଲେ ଆଜି ଏକା ତତେ ହାଣି ଦେବି । ପାଟି କରି ଘର କମ୍ପେଇଲା ଅଭଦ୍ର ଭାଷାରେ । ଘରର କବାଟଟାକୁ ଢାଏ ଢାଏ ଏମିତି ବାଡ଼େଇଲା ଯେ ସତେକି କବାଟଟା ଏଇନା ଭାଙ୍ଗିଯିବ ।

ତା' ମା' ରାନ୍ଧିଥିବା ଭାତ ଆଉ ଆଳୁ ଝୋଳ ଯାମିନୀ, ବାପା ଆଗରେ ଥୋଇଦେଲା ବେଳେ ରାଗରେ ଗୋଇଠାଟାଏ ମାରିଲା ତା' ମଦୁଆ ବାପ ଯେ ଖଣ୍ଡେ ଦୂରକୁ ଛିଟିକି ପଡ଼ିଲା ଯାମିନୀ । ଦିନଯାକର ପରିଶ୍ରମରେ ଘାଲେଇ ପଡ଼ିଥିବା ତା' ମା' ହାଁ ହାଁ କରି ଦୌଡି ଆସୁ ଆସୁ ପାଖରେ ପଡ଼ିଥିବା ପନିକୀଟାକୁ ଧରି ତା' ବାପା ଏମିତି ବାଗରେ ମାଇଲା ଯେ ପନିକୀଟା ତା ମା'ର ଗୋଡ଼ରେ ବାଜି ରକ୍ତ ଧାର ଧାର । ତା' ମା' ଚାଲି ପାରିଲାନି ଦି' ତିନି ଦିନ ଧରି, ମୂଲ ଲାଗିଯିବା ତ ଦୂରର କଥା । ତେଣୁ ବାଧ୍ୟହେଇ ଯାମିନୀ ସ୍କୁଲ ବନ୍ଦ କଲା ଘରକାମ ପାଇଁ । ବାହାର ବୋରିଂ ବୁଆଁରୁ ପାଣି ଆଣିବା ପାଇଁ, ରାନ୍ଧିବା ପାଇଁ, ଆହତ ମା'ର ସେବା କରିବା ପାଇଁ । ଅନ୍ଧୁଣୀ ବୁଢ଼ୀମା'କୁ ଖାଇବାକୁ ଦେବା ପାଇଁ ।

ତୋ ବାପା କ'ଣ ସବୁଦିନ ମଦ ପିଅନ୍ତି ?

ହଁ । ସବୁଦିନ ନ ହେଲେ ବି ପ୍ରାୟ ସବୁଦିନ ଭଳିଆ । ହେଲେ ଯୋଉଦିନ ସାଙ୍ଗ ମେଳରେ ପଡ଼ିଯାଏ, ମାହାଳିଆ ମିଳିଯାଏ, ପେଟେ ପିଇଦିଏ ଯେ ତା'ର ହୋସ୍ ହବାସ୍ ରହେ ନାହିଁ । ଏଣୁ ତେଣୁ ଖରାପ କଥା ବକେ ପାଗଳଙ୍କ ଭଳିଆ । ମାଆକୁ ଧୁମ୍ ପିଟେ । ବୁଢ଼ୀମାକୁ ଠେଲା ପେଲା କରେ । ସୋର୍ ସୁତର୍ ଥିଲେ ତ ! ତାକୁ ସେତେବେଳେ ଜଣାପଡ଼େ ନାହିଁ ମା' କିଏ, ମାଇପ କିଏ, ଝିଅ କିଏ, ଝିଅର ମା' କିଏ ।

ରାଗରେ ସଁ ସଁ ହେଇ କହିଲା ଯାମିନୀ ।

ଯାମିନୀର କଥା ଶୁଣି ମୁଁ ବ୍ୟଥିତ ହେଲି ଯେତିକି ଚିନ୍ତିତ ହେଲି ତା' ଠୁ ବେଶୀ ଓ ନିଇତି, ଅତି ପାଖରୁ ମଦୁଆ ବାପଟାର ଅଭଦ୍ର ଆଚରଣ ଓ ଉଚ୍ଚାରଣ ଦେଖିଦେଖି କିଶୋରୀ ଝିଅଟି ଜୀବନ ବାବଦରେ କେତେ ଅଭିଜ୍ଞ ଭଳି କଥା କହୁଚି ।

ଦିନଦିନ ଧରି ବାପା, ମାଆଙ୍କର ଏ ଯୁଦ୍ଧ ଦେଖୁଦେଖୁ ମୁଁ ନୟାନ୍ତ ହେଇଗଲିଣି ଦିଦି । ଯାମିନୀ ପୁଣି କାନ୍ଦିଲା ।

ମୁଁ ଯାମିନୀର ଲୁହ ପୋଛିଲି, ତା' ମୁଣ୍ଡ ଆଉଁସିଲି । ତାକୁ ପୁଣି ସାହସ ଦେଲି ଆଉ ଦି' ଚାରିମାସର କଥା । ତୋ' ମାଟ୍ରିକ ପରୀକ୍ଷା ସରିଗଲେ ଆଗକୁ ପଢ଼ି ନ ପାରିବୁ ଯଦି, ଦେଖିବା ତତେ କୋଉଠି ଛୋଟମୋଟ କାମରେ ଲଗେଇ ଦବା । ମୁଁ କଥା ବାଆଁରେଇଲି ।

ତଥାପି ଯାମିନୀ ଉପରୁ ମୁଁ ଆଶା ଛାଡ଼ି ନଥିଲି ଯେ ଯାମିନୀ ପୁଣି ପଢ଼ିବ ଓ ମାଟ୍ରିକ୍ ଖଣ୍ଡକ ପାସ୍ କରିଯିବ ।

ଯାମିନୀ ପ୍ରି-ଟେଷ୍ଟ ପରୀକ୍ଷା ଦେଲା ଓ ଭଲ ନମ୍ବର ବି ରଖିଲା । ଆମର ଆଉ ଟିକେ ଆଶା ହେଇଗଲା ଯେ ଟେଷ୍ଟ ଓ ବୋର୍ଡ଼ ପରୀକ୍ଷାରେ ବି ଯାମିନୀ ନିଶ୍ଚୟ ଭଲ କରିବ ।

ଯାମିନୀକୁ ମୁଁ ଗୋଡ଼େ ଗୋଡ଼େ ଜଗିଲି ସେଇଦିନର ସେ ଘଟଣା ପରଠୁ । ପନ୍ଦର ବର୍ଷ ବୟସର କିଶୋରୀ । ଏଇ ବୟସରେ ଝିଅ ପୁଅମାନେ ଯାହା ବି କରିପାରନ୍ତି । ଆବଶ୍ୟକତାଠାରୁ ବହୁତ ବେଶୀ ଅଭିମାନୀ, ନ ହେଲେ ବହୁତ ବେଶୀ ସାହସୀ, ନ ହେଲେ ବହୁତ ବେଶୀ ଭାବୁକ, ସମ୍ବେଦନଶୀଳ । ଏଠି ସେଠି ଗୋଡ଼ ଖସେଇ ରସାତଳକୁ ଚାଲି ଯାଇପାରିବେ, ନ ହେଲେ ଦୃଢ଼ ସଙ୍କଳ୍ପରେ ଚେତନାର ଚୌହଦୀ ପାର୍ ହେଇ ଆକାଶକୁ ଛୁଇଁ ଯାଇପାରିବେ । ଏ ବୟସଟା ହିଁ ଏମିତି । ଚିତ୍ତ ଚଞ୍ଚଳ କୈଶୋର ।

ସେଇଦିନଠୁ ମୁଁ ଯାମିନୀକୁ କ'ଣ ଆଉ କୌଣସି ଝିଅକୁ ଗାଳି ଦଉ ନଥିଲି, ମାରୁ ନ ଥିଲି ପାଠ ପାଇଁ ।

ସ୍କୁଲର ଅଧିକାଂଶ ଝିଅଙ୍କ ଅବସ୍ଥା ଯାମିନୀ ଠୁ ଭିନ୍ନ ନଥିଲା ଓ ଯୋଉଠି ଏବେ ବି ଖାଇବା ମୁଠାକ ପାଇଁ ଜୀବନଯୁଦ୍ଧ, ସେଇଠି ଭଲ ପାଠ ପଢ଼ି, ଚାକିରୀ ଖଣ୍ଡେ ଯୋଗାଡ଼ କରିବାଟା ଆକାଶ କୁସୁମ ପରି ନୁହଁ କି ?

ଅନେକ ସମୟରେ ଯାମିନୀ ବର୍ଣ୍ଣନା କରିଥିବା ସେ ରାତିର ଦୃଶ୍ୟ ମତେ ବିଚଳିତ କରି ପକାଉଥିଲା । ସେଇ ଗୋଟିଏ ରାତି କ'ଣ ତା'ର ତ ଅନେକ ରାତି ଏମିତି କଟୁଥିବ ।

ତଥାପି ମଣିଷ ବଞ୍ଚେ ତ ଆଶାରେ ବଞ୍ଚେ, ସ୍ୱପ୍ନରେ ବଞ୍ଚେ । ମୁଁ ଯାମିନୀ ଉପରୁ ଆଶା ଛାଡ଼ି ନଥିଲି ।

ଟେଷ୍ଟ ପରୀକ୍ଷାକୁ ଆଠ ଦଶ ଦିନ ଅଛି । ଦିନେ ମୁଁ ସ୍କୁଲ ଗେଟ ପାଖରେ ପହଞ୍ଚୁ ପହଞ୍ଚୁ ହିଁ ମୋ କ୍ଲାସ୍‌ର ଦି'ଟା ଝିଅ ଦୌଡ଼ି ଦୌଡ଼ି ଚାଲିଆସିଲେ ମୋ ପାଖକୁ ଓ ସଁ ସଁ ହେଇ କହିଲେ-

ଦିଦି ! ଯାମିନୀ ମରିଗଲା ।

କ'ଣ ! ମତେ ଲାଗିଲା ମୋ ପାଦତଳୁ ମାଟି, ଯେମିତି ଖସି ଖସି ଯାଉଚି । ମୋ' ମୁଣ୍ଡ ବୁଲେଇ ଦଉଚି । ମୋ' ପାଦ ଦୁଇଟା ହଲିଯାଉଚି ଓ ମୁଁ ଠିକ୍ ଭାବେ ଠିଆ ବି ହେଇପାରୁନି । ପଡ଼ି ଯାଉଯାଉ ସ୍କୁଲ ଗେଟ୍‌ଟାକୁ ଜାବୁଡ଼ି ଧରି ପକେଇଲି ମୁଁ ଓ ନିର୍ବାକ୍ ହେଇଗଲି କିଛି ମୁହୂର୍ତ୍ତ ପାଇଁ ।

ଯାମିନୀ ମରିଗଲା ! ସତରେ ! କ'ଣ ପାଇଁ ! କ'ଣ ହେଇଥିଲା ତା'ର ! କିଛି ଗୁରୁତର ରୋଗରେ ପୀଡ଼ିତ ଥିଲା କି ଯାମିନୀ ! ମୋର ମନେପଡ଼ିଗଲା । ଗତ ଦି' ଦିନ ହବ ସ୍କୁଲ ଆସୁ ନଥିଲା ଯାମିନୀ ।

ଆମେ ସ୍କୁଲର ଦି' ଜଣ ଦିଦି ତାଙ୍କ ଘରେ ପହଞ୍ଚିଲା ବେଳକୁ ସେମାନେ ଯାମିନୀର ଶବ ଉଠାଇବାକୁ ତତ୍ପର ହେଉଥିଲେ ।

ଯାମିନୀର ମଲା ଜଡ଼ସଡ଼ ଦେହ ଦେଖି ଭୋ ଭୋ କାନ୍ଦି ପକେଇଲି ମୁଁ । ଇଏ ମୋ ଯାମିନୀ । ମୁଁ ଜନ୍ମ ନ କଲା ମୋ ଝିଅ, ଯାହାକୁ ନେଇ ମୁଁ ଏତେ ସ୍ୱପ୍ନ ଦେଖୁଥିଲି । ଯାମିନୀ ଫାଷ୍ଟ ଡିଭିଜନ୍‌ରେ ପାସ୍ କରିବ । କଲେଜରେ ପଢ଼ିବ । ଚାକିରୀ କରିବ । ନିଜ ଗୋଡ଼ରେ ନିଜେ ଠିଆ ହବ ।

ମୋ ସ୍ୱପ୍ନଗୁଡ଼ା ଗୋଟେ ଭୟଙ୍କର ବାତ୍ୟାରେ ମାଡ଼ି ମକଚି ହେଇ, ଅବେଳରେ ଝାଉଁଳି ପଡିଥିବା ମେଞ୍ଚା ଏ ବାସି ଫୁଲ ପାଲଟି ଯାଇଥିଲେ । ଯାହାର ନା ଥିଲା କିଛି ରଙ୍ଗ, ନା କିଛି ଗନ୍ଧ ।

ସେଠିକାର ପରିବେଶ ଏକଦମ୍ ଗୁମସୁମ୍ ଥିଲା । ଏକଦମ୍ ଚୁପଚାପ୍ । ଯାମିନୀର ଶବ ଉପରେ ଆମେ ନେଇଥିବା ଦି' ଗୁଚ୍ଛା ଫୁଲ ସହ ମୋର ସେ ନାଲି ବୋତଲଟା ଥୋଇ ଦଉଦଉ ମୁଁ ପୁଣି କାନ୍ଦି ପକେଇଲି । ଏଇଟା ସେଇ ନାଲି ବୋତଲ । ଯୋଉଟା କି ଦଶମ ଶ୍ରେଣୀ ଫେୟାରୱେଲ୍ ବେଳେ ନବ ବୋଲି ଯାମିନୀ ମୋ'ଠୁ ଜବାବ୍ ନେଇ ସାରିଥିଲା ।

ଯାମିନୀ, ମୋ' ମାଆଟା, ମୋ ସୁନାଟା, କୁଆଡେ ଗଲୁତୁ ! ତୁ ମାଟ୍ରିକ୍ ଖଣ୍ଡେ ପାସ୍ କରିଥିଲେ, ଏମିତି ଦଶଟା ବୋତଲ ଦେଇ ଥାଆନ୍ତି ମୁଁ ତତେ ।

ମୋ ଛାତି ଭିତର କୋରି ହେଇଗଲା ଭଳି ଲାଗିଲା । ଦି' ହାତରେ ମୁହଁ ଘୋଡ଼ାଇ ସେଠୁ ଚାଲି ଆସିଲି ମୁଁ ।

ଦୀର୍ଘଦିନ ପର୍ଯ୍ୟନ୍ତ ଯାମିନୀ ରହିଲା ଆମ ଚର୍ଚ୍ଚାରେ । ଯାମିନୀର ମୃତ୍ୟୁ ହେଲା କେମିତି ! ସେମାନେ କହୁଥିଲେ ଯାମିନୀ ସାପ କାମୁଡାରେ ମଲା । ତା' ଦେହରେ ବିଷର ପ୍ରଭାବ ଥିଲା ନିଶ୍ଚିତ । ତା' ଦେହ ଓ ମୁହଁ ନୀଳ ପଡ଼ି ଯାଇଥିଲା ପୂରାପୂରି ଆମେ ଦେଖିଲା ବେଳକୁ । କିନ୍ତୁ ସେ ବିଷ ସାପ କାମୁଡ଼ାର ନାଁ ନିଜେ ଯାମିନୀ ବିଷ ଖାଇ ଆତ୍ମହତ୍ୟା କରିଚି ଏଇଟା ବୁଝାପଡୁ ନଥିଲା ।

ଯାମିନୀର ଶବ ସଂସ୍କାର ପରେ ପରେ କିନ୍ତୁ ତାଙ୍କ ଗାଁ ସାରା ପ୍ରଚାର ହେଇ ଯାଇଥିଲା- ଯାମିନୀ ବିଷ ଖାଇ ଆତ୍ମହତ୍ୟା କରିଚି ବୋଲି, ଆଉ ପନ୍ଦର ବର୍ଷର ଝିଅଟିଏ ଆତ୍ମହତ୍ୟା କରିବାର କି କି ସମ୍ଭାବ୍ୟ କାରଣ ହେଇପାରେ, ସତ ମିଛ ସବୁ, ବହୁତ ଦିନ ଯାଏଁ ଆଲୋଚନା ହେଲା ପାଖାପାଖି ଅଞ୍ଚଳରେ ।

ଏତେ ଛୋଟ ଝିଅଟା, ଆତ୍ମହତ୍ୟା କରିବ କାଇଁକି ? ଆଗରୁ ସେମିତି କିଛି କାରଣ ତ ଶୁଭୁ ନଥିଲା ତା' ବାବଦରେ । ଭାବିଭାବି ମୁଁ ଥଳକୂଳ ପାଉ ନଥିଲି ।

ଧିରେ ଧିରେ ମୁଁ ମନକୁ ଦୃଢ଼ କରୁଥିଲି ଯେ ଏଇ ଘଟଣାର ସତ୍ୟତା ନିଶ୍ଚୟ ମୁଁ ବାହାର କରିବି ଦିନେ ନା ଦିନେ, ଅନ୍ତତଃ ମୁଁ ନିଜେ ଜାଣିବା ପାଇଁ ।

ଯାମିନୀର ମୃତ୍ୟୁ ପରେ ତା' ମା' ଅର୍ଦ୍ଧପାଗିଳୀ ହେଇ ଯାଇଥିଲା । ଆଉ ନଥିଲା ତା' ମଦୁଆ ବାପର ଖୋଜ୍ ଖବର ।

ଛଅ ମାସ ପରେ ଥରେ କୌଣସି କାମରେ ମଥାନପଲା ଗାଁ ବାଟ ଦେଇ ମୁଁ ଫେରୁଥିଲା ବେଳେ ହଠାତ୍ ଯାମିନୀ ପଶି ଆସିଲା ମୋ'। ଚେତନକୁ । ଭୂତ ଲାଗିଲା ଭଳି ମୁଁ ଓହ୍ଲେଇ ପଡ଼ିଲି ଗାଡ଼ିରୁ ଆଉ ପଶିଗଲି ଯାମିନୀର ଘରକୁ ।

ଘରେ ତା' ମାଆ ଦେବକୀ ଥିଲା । ହେଲେ ଦୁଃଖ ଆଉ ଦୁଃଶ୍ଚିନ୍ତାରେ କେମିତି ଯେ ପାଷାଣୀ ହେଇ ଯାଇଥିଲା ଦେବକୀ ।

ମତେ ଦେଖୁ ଦେଖୁ ଭୋ ଭୋ କାନ୍ଦିଲା ଯାମିନୀର ମା' । ତାକୁ ବୋଧଦେଲା ପରେ ପଚାରିଲି ।

– ମତେ କହିବ କି ଦେବକୀ, ସତରେ କ'ଣ ହେଇଥିଲା ଯାମିନୀର । କାଇଁକି ଯାମିନୀ ବିଷ ଖାଇଲା ?

ବିଷ ଖାଇ ନାଇଁ ଦିଦି, ମୋ ଝିଅ ତ ସାପ କାମୁଡାରେ ମଲା । ତମକୁ କିଏ କହିଲା ଏ ମିଛ କଥାଗୁଡ଼ା ।

ଢୋକ ଗିଳିଲା ଦେବକୀ । ଦେବକୀ ମିଛ କହୁଚି ବୋଲି ତା'ର ଚେହେରାରୁ ପଢ଼ିହେଇ ଯାଉଥିଲା ପୂରାପୂରି । ଦେବକୀ ଭଳିଆ ସରଳ, ନିରୀହା ମାଆମାନେ ମିଛ କହି ଜାଣନ୍ତି ନାହିଁ । ତେଣୁ ମୁଁ ଆହୁରି ନିଶ୍ଚିତ ହେଇଗଲି ଯେ ମୁଁ ଯାହା ଶୁଣିଚି ସତ, ଯାମିନୀ ବିଷ ଖାଇ ଆତ୍ମହତ୍ୟା କରିଚି ।

କିନ୍ତୁ ଯାମିନୀ ଏତେ ବଡ଼ କାମଟିଏ କଲା କାଇଁକି ? କୋଉ ଅଭାବୀପଣରେ ? କୋଉ ବାଧ୍ୟ ବାଧକତାରେ ? କୋଉ ସୂକ୍ଷ୍ମ ଭାବ ପ୍ରବଣତାରେ ?

ସେଦିନ ଯାମିନୀ ଘରେ ଘଣ୍ଟାଏ କାଳ ରହିଲି ମୁଁ । ଏପଟୁ ସେପଟୁ ଭଲ ମନ୍ଦ କଥା ହେଲି । ଯାମିନୀର ସାନ ଭଉଣୀ ଭାମିନୀର ପାଠପଢା କଥା ବୁଝିଲି ।

ମୁଁ ତାଙ୍କ ଘରେ ଥିବା ଯାକେ ଯାମିନୀର ବାପା ଘରକୁ ଆସି ନ ଥିଲା । ମୁଁ ତା' ବାପା କଥା ପଚାରିଲି ।

କୁଆଡ଼େ ଆଉ ଯିବ ବାଡ଼ିପଡ଼ା । ସେଇଦିନଠୁ, ଦାଦନ ଖଟି ଯାଇଚି ତ ଯାଇଚି । ଆସିନି ଏ ଯାଏ । ନ ଆସୁ । ମୁଁ ଏବେ ଭଲରେ ଅଛି ଦିଦି । ଏମିତି ମଦୁଆ ମୁନୁଷ (ସ୍ୱାମୀ) ଥିଲେ କେତେ ନଥିଲେ କେତେ ଓ ତା' ପରେ ତା ସ୍ୱାମୀ ଉଦ୍ଦେଶ୍ୟରେ ଅଶ୍ରାବ୍ୟ ଗାଳିଗୁଡ଼ାକ ଭାରି ଶ୍ରୁତିକଟୁ ହେଲା ମତେ ।

ସେଦିନ ରାତିରେ ବି କ'ଣ ମଦ ପିଇକି ଆସିଥିଲା ଯାମିନୀର ବାପା ?

ସେ କୋଉଦିନ ନ ପିଏ ଯେ ?

ଝିଅକୁ ଇସ୍କୁଲରୁ ଆଣିଯିବା ପାଇଁ ଦି' ପହରୁ ବାହାରିଗଲା । ଦିନସାରା କୋଉଠି ଭାଟିରେ ପିଇଲା, ପିଇଲା । ରାତିରେ କିଏ ତା'ର

ହେମାଲ୍ (କୁଲି) ସାଙ୍ଗମାନେ ତାକୁ ପୁଣି ଗୋଟେ ନାଲି ବୋତଲ ପିଆଇଲେ । ମଦ ଫୁଟେ ପେଟରେ ପଡ଼ିଗଲେ ଏ ବାଘଧରା, ମଦୁଆ ମୁନୁଷମାନଙ୍କର ଆଉ ହୋସ୍ ଥାଏ କି ଦିଦି । ତାଙ୍କ ଫୁଟିଲା ଆଖିକୁ ଦିଶେ ନାହିଁ, ଜଣା ପଡ଼େ ନାହିଁ ମା କିଏ, ମାଇପ କିଏ । ଝିଅ କିଏ, ଝିଅର ମା କିଏ । ପୂରାପୂରି ପଶୁ, ପଶୁ ।

ବାହୁନି ବାହୁନି ବଡ଼ ପାଟିରେ କାନ୍ଦିବା ଆରମ୍ଭ କଲା ଦେବକୀ, ଯାମିନୀର ମାଆ । ଚମକିପଡିଲି ମୁଁ ଆଗରେ ସାପ ଦେଖିଲା ଭଳିଆ । ଏ ଶବ୍ଦଗୁଡ଼ା ତ ଯାମିନୀ ଦିନେ ମତେ କହିଥିଲା । ହଁ ତ । ସମାନ ଭାବରେ ଏଇ ଶବ୍ଦଗୁଡ଼ାକ ହିଁ ! ଠିକ୍ ଏଇ ଶବ୍ଦଗୁଡ଼ାକ ! ଅନେକ ସମୟ ଯାଏଁ ଚୁପ୍ ରହିଲା ପରେ ଏକ ଓଜନିଆ, ଭାରାକ୍ରାନ୍ତ ମନ ଓ ହୃଦୟ ନେଇ ସେଠୁ ଉଠି ଆସିଲି ମୁଁ ।

ମୁଁ ଉଠିକି ଆସିବା ଯାଏଁ ତଥାପି କାନ୍ଦୁଥିଲେ ଯାମିନୀର ମା' ଆଉ ତା' ବୁଢୀମା' ଏକ ଅବ୍ୟକ୍ତ ବେଦନାରେ ରୁନ୍ଧି ହୋଇ ।

କିଛି ଦିନ ପରେ ଟି.ଭି. ପରଦାରେ ଆମ ଅଞ୍ଚଳର ଦୁଇଟି ଖବର, ଖାଲି ମତେ କ'ଣ ସାରା ଇଲାକାକୁ ଚହଲେଇ ଦେଇଥିଲା ।

ପ୍ରଥମ ଖବର- 'ମଦ୍ୟପ ପୁଅର ଟାଙ୍ଗିଆ ଚୋଟରେ ମା' ର ମୃତ୍ୟୁ' । ଦ୍ୱିତୀୟଟି- 'ଉତ୍ୟକ୍ତ ମହିଳାମାନଙ୍କ ଦ୍ୱାରା ମଦଭାଟି ଆକ୍ରମଣ' ।

ମଥାନପଲା ଓ ତା'ର ପଡ଼ୋଶୀ ଗାଁର ଦି'ଟା ମଦଭାଟିକୁ ସମବେତ ଉତ୍ୟକ୍ତ ମହିଳାମାନେ ଶାବଳ, କୋଦାଳ ଧରି ଭାଙ୍ଗୁଥିବାର ଦୃଶ୍ୟ, ଛାତରୁ ଖପର ସବୁ ଫିଙ୍ଗୁଥିବାର ଦୃଶ୍ୟ, ମଦଭାଟିରେ କିରୋସିନ୍ ଢାଳି ସେଥିରେ ନିଆଁ ଲଗାଇ ଦେଉଥିବାର ଦୃଶ୍ୟ ଟି.ଭି. ପରଦାରେ ପ୍ରାଞ୍ଜଳ ଭାବରେ ଦିଶୁଥିଲା ଯାହାର କି ନେତୃତ୍ୱ ନେଉଥିଲା ଦେବକୀ ।

ଉତ୍ୟକ୍ତ ମହିଳା ମାନେ ଗୋଟେ, ଦି'ଇଟା ମଦଭାଟି ପୋଡ଼ି ଦେଲେ କ'ଣ ମଦ ବିକ୍ରି ବନ୍ଦ ହେଇଯିବ ନା ମଦ ପିଇବା ବନ୍ଦ ହେଇଯିବ ? ମଦ ପାଇଁ କେତେ କେତେ ଯେ ପରିବାର ଉଜୁଡ଼ି ଯାଉଚି, ମଦ ପିଇ ପିଇ ଅବେଳରେ କେତେ ଯେ ଯୁଆନ୍ ପିଲା ମୃତ୍ୟୁମୁଖରେ ପଡୁଛନ୍ତି, କେତେ ଯେ ମୂଲ୍ୟବାନ ମାନବ ସମ୍ବଳ ଅକାରଣେ ବର୍ବାଦ୍ ହେଉଚି ତାର ହିସାବ କ'ଣ ଅଛି ଆମ ପାଖରେ ?

ଯେତେଦିନ ଯାଏ ବାପାମାନେ, ମାତାଲ୍ ହେଇ ହୋସ୍, ହବାସ୍ ଉଡାଉଥିବେ, ଜାଣି ପାରୁନଥିବେ ମା' କିଏ, ମାଇପ କିଏ, ଝିଅ କିଏ ଝିଅର ମା' କିଏ, ମା' ମାନେ ଏମିତି ପନିକୀ ଚୋଟରେ, କଟୁରୀ ଚୋଟରେ ଜୀବନ ଦଉଥିବେ ଆଉ ଝିଅମାନେ ଆତ୍ମହତ୍ୟା କରୁଥିବେ । ମୁଁ ବେଳୁବେଳ ବିଚଳିତ ହେଇ ପଡୁଥିଲି ଯେ କେବେ ସରିବ ଏ ଦୁର୍ଦ୍ଦିନ, ଆଉ କେବେ ମଦମୁକ୍ତ ସମାଜଟିଏ ନୂତନ ସୂର୍ଯ୍ୟୋଦୟରେ ଉଦ୍ଭାସିତ ହୋଇ ଉଠିବ ତା' କଅଁଳ ଖରାର କୋମଳ ପରଶ ଦବା ପାଇଁ ? କେବେ ! କେବେ ଆସିବ ସେ ସୁଦିନ !

କେସିଙ୍ଗା, କଳାହାଣ୍ଡି
ମୋ.: ୯୪୩୭୩ ୫୮୮୯୬

କ ବି ତା

କାହିଁକି ବଳାଇଲ ମନ

ଅନୀତା ପାଣି

ଏମିତି ଲୁଚକାଳି ଖେଳିବା
କ'ଣ ସବୁ ବର୍ଷ ଦରକାର ଥିଲା ?

ନାଟକୀୟ ଭଙ୍ଗୀ ଦେଖାଅ ନା
ଗରା ଗରା ମନ୍ତୁରା ପାଣି
ଗାଧେଇଲ ବୋଲି ସିନା
ଶୋଇଛ ମୁହଁମାଡ଼ି,
ଦେହ ବତୁରୀ ଯାଇଚି
କହୁଛ ନା କ'ଣ ଜ୍ୱର ହୋଇଛି !
ଯେତେ ମନା କଲେ ମାନିବ କି ତୁମେ ?

ଘଣ୍ଟ ଘଣ୍ଟା ଖୋଳ ତାଳ ବାଜିବା ମନା,
ଗହଳ ଚହଳ ଭଲ ଲାଗୁନି
ଖୋଜୁଛ ଖାଲି ଏକାନ୍ତ ନିରବତା ।

ହେଲେ,
ଭଲ ଭାବରେ ଜାଣିଛ ତୁମେ
ତୁମ ବିନା ସବୁ ଅସାର ।

ଜ୍ୱର ତୁମକୁ ତାତି ଫୁଟେ ମୋ' ଦେହରେ
ଜଗତ ଯାକର ସର୍ବୋଷଧି ତୁମ ପାଖରେ,
ପୁଣି ଏ ଅଣସର ଘରେ, ତାଟି କବାଟ
ଲୁଚକାଳି ଖେଳକୁ
କାହିଁକି ବଳାଇଲ ମନ ?

ଜଳ ବିନା ମୀନ
ପ୍ରିୟ ବିନା ମନ
କେମିତି ଥାଏ ଯେ ?

ଚକାନୟନରେ ନୟନ ନ ମିଶିଲେ
ଜୀବନ ପାଲଟିଯାଏ ଗୋଟା ମରୁଭୂମି,
ତୁମ ବିନା ମୁଁ ଭାବ ହୀନ
ହୃଦୟ ଶୁଷ୍କ ଜଳାଶୟ, ମୁଁ ଶବ୍ଦହୀନ
ମୁଁ ଚାହେଁ ବାରମ୍ବାର
ତୁମ ମୁକ୍ତ ଆଲିଙ୍ଗନ ।

ପଦ୍ମେଶୟ, ସୌଭାଗ୍ୟ ନଗର, ଅନୁଗୋଳ
ମୋ.: ୮୩୨୭୭ ୦୫୯୭୦

ନପୁଂସକ

ରାମଚନ୍ଦ୍ର ଦାଶ

ହାତଧରି ବାହାହେଇଥିବା ସ୍ତ୍ରୀରିଲା ଯୋଉଦିନ ପିଚାକୁ ନାତେ ପକେଇ ଖଟତଳକୁ ଗଡ଼େଇପକେଇଲା, ସେଇଦିନ ବନମାଳୀ ଘର ଛାଡ଼ିଲା । ତାକୁ ଛି'ଛାକର କରୁଥିଲେ ରାତିର ଅନ୍ଧାରମାନେ ଓ ମୁରୁକିମୁରୁକି ହସୁଥିଲେ ଆକାଶର ତାରାମାନେ । ସେ ସବୁକୁ ଖାତିର ନକରି ସେ ଧାଇଁଥିଲା । ତା' ପଂଚଆତ୍ମା ଚିଟି ଯାଇଥିଲା ।

ଏବେ ଖାଁ.. ଖାଁ.. ଗାଆଁ ଦାଣ୍ଡ, ରାସ୍ତାଘାଟ, ବଜାର କି ସହର । ମଥା ଉପରେ ଶରତର ଶେଷମେଘ । ତଥାପି ସେ ପବନ ସାଥିରେ ସଲାସୁତୁରାହେଇ ଆକାଶର ଖରାକୁ ତା' ବହଳ ଛାତିଭିତରେ ଲୁଚେଇଦବାକୁ ଧାଇଁଛି । ଝାଉଁଳି ପଡ଼ିଛି ଆକାଶର ଖରା । ପାହାଡ଼ ଛାତିରେ ଓହଳିଛି ପେନ୍ଥାପେନ୍ଥା ମେଘ । ନଈପାଣିକୁ ଛୁଇଁ ବହିଆସୁଛି ସେଇ ପ୍ରଚୀନ ପବନ । ସବୁଜିମାର ବେଢ଼ଣରେ ଅଝାଡ଼ ଜଙ୍ଗଲ ବି ତା' ମଥାରେ ଖୁଂଟିଖାଂଟି ନାଇଚାଲିଛି ଶାଳଫୁଲ । ତେବେ ଆଖି ପାହାନ୍ତାରେ କାହିଁକି ଏମିତି ଅପାରଗତାର ଗଭୀର ସମୁଦ୍ର । ଏ କୂଳରୁ ସେ କୂଳକୁ ଆଖି ପାଉନାହିଁ ।

ବନମାଳୀ ପଶିପାରୁ ନଥିଲା ଏତେସବୁ କଥାର ଗହୀରକୁ । ତା' ସ୍ତ୍ରୀ ସେଦିନ ତାକୁ କାହିଁକି ନଂପୁସକ କହି ପାଖରୁ ତଡ଼ିଦେଲା ସେକଥା ବି ସେ ବୁଝିପାରୁ ନଥିଲା । ତାକୁ ବାହାହେଇ ଆସିଲାଦିନ କନିଆସାଜି ସରୁ ଓଢ଼ଣାଟାଣି ସେ ଯେତେବେଳେ ତାଙ୍କ ଘରକୁ ବୋହୁହେଇ ଆସିଲା ସେତେବେଳେ ତ କିଛି ତ କହୁନଥିଲା । ଏତେଦିନ ସାଥିରେ ସାଙ୍ଗହେଇ ଘରସଂସାର କଲା । ଦି' ଦିଇଟା ପିଲାଛୁଆ ହେଲେ । କାହିଁ କୋଉ ଦିନ ତ ସ୍ୱାମୀ ଓ ସ୍ତ୍ରୀଙ୍କ ଖୁସିବାସିରେ ଗଣ୍ଠି ପଡ଼ିନଥିଲା ? ହଁ.. କିଛିଦିନ ବାଦେ ହବତ ରାତିବିକାଳି କୋଉ ଦିନ କେମିତି ଟିକେଟିକେ ଭୁଟ୍‌ଭାଟ୍ କି ଖୁଟକାଟ୍ ଥିଲା । ସେଇଟା କୋଉ ଏବେ ଗୋଟେ ବଡ଼କଥା ଯେ ବନମାଳୀ ସେଇକଥାକୁ ଧରିସାରଣାକରି ବସିବ । ସ୍ୱାମୀ ଓ ସ୍ତ୍ରୀ ଭିତରେ ଏମିତି ତ ବେଳେବେଳେ ହୁଏ । ଆଡ଼ରୁଷା, ମୁହଁଫୁଲାପରି ବିରହ ବିଚ୍ଛେଦର ଯନ୍ତ୍ରଣାମାନ ନ ରହିଲେ କୋଉ ପ୍ରେମର ସ୍ୱାଦ ମିଳିବ ଯେ ? ଏଇ ଦେଖୁନ ରାତି ତମାମ ପୋଖରୀ ଏପଟେ କପୋତ ତ ସେପଟେ କପୋତୀ ନିତିନିତି ବିରହ ଯନ୍ତ୍ରଣା ଭୋଗନ୍ତି । କାହିଁ କୋଉଁଠି ସେମାନଙ୍କ ସଂସାର ଭାଙ୍ଗିଯିବାର ସେମିତି ନଜିର ତ ନାହିଁ ? ବଗିଚାରେ କିସମ କିସମ ଫୁଲମାନେ ପବନରେ ଦୋହଲି ଦୋହଲି ପ୍ରେମର ସଂଗୀତ ଗାଆନ୍ତି । ସେକଥା କେହି ବୁଝୁ କି ନବୁଝୁ ଏକା ଭଅଁର ବୁଝେ । ତା' ମରମରେ ଭେଦେ ଫୁଲମାନଙ୍କ ସେ ପ୍ରେମର ରାଗେଣୀ । ଭଅଁର କ'ଣ ସବୁ ଫୁଲପାଖକୁ ଯାଇପାରେ ? ସମସ୍ତଙ୍କୁ ଛୁଇଁପାରେ ତା' ପ୍ରୀତିର ଓଠରେ ନା ପ୍ରେମର ସଂଭାଷଣ ବାଣ୍ଟିପାରେ ? ସେଥିପାଇଁ ଭଅଁର କ'ଣ ନଂପୁସକ ହେଇଯିବ ?

ସେଇଥିପାଇଁ ତ ବେଳେବେଳେ ମୁଣ୍ଡ ଗୋଳମାଳ ହେଇଯାଏ ବନମାଳୀର । ପୁଣି ଫେରିପଡ଼ି ନିଜକୁ ବୁଝାଏ । ଧେତ୍.. ଏତେ ଲୋକଙ୍କ

ଦାଇକା ଦେଇ ଲାଭ କ'ଣ ? ସେ ଆଗ ନିଜେ ଠିକ୍‌କରୁ ସେ ନଂପୁସକ ନା ନାହିଁ । ନାଃ.. ବନମାଳୀ କିଛି ଜାଣିପାରେନା । ନିଜ ଗାଲକୁ ଛୋଟିଆ ଚଟକଣିଟେ ଦେଇ କହେ । ଚୁପ୍ ରହ ବନମାଳୀ । ଆଗ ନିଜ କଥା ଠିକ୍ ନବୁଝି ପରକୁ ଦୋଷଦେବା ଭଲ ନୁହେଁ ।

ନାଃ.. ବନମାଳୀ ଏ ଲାଜର କଥା କାହାକୁ କହିପାରେନା କି ନିଜକୁ ନିଜେ ସାବ୍ୟସ୍ତ କରିପାରେନା । ଘରର ଏରୁଣ୍ଡିବନ୍ଧ ଡେଇଁ ଆସିଲା ଦିନୁ ସେକଥା ଗୋଳେଇଘାଣ୍ଟି ହେଉଥିବାବେଳେ ଆଉ ଆଉ ସ୍ୱପ୍ନମାନେ ଖୋଲାମେଲା ପବନପରି ମନ ମିଂଜାସରେ ଏଣେତେଣେ ପଶିଯାଆନ୍ତି ନାହିଁ । ବସନ୍ତ ବି ସେମିତି ବାଆଁରେଇ ବାଆଁରେଇ କେତେବେଳେ ଯେ ଚାଲିଯାଉଛି ସେକଥା ବନମାଳୀ ଜାଣିପାରେନି ।

ବେଳେବେଳେ ସେ ଢିଲା ଅତୀତର ସ୍ମୃତିମାନେ ବନମାଳୀକୁ ଦେଖି ଖଣ୍ଡିକାଶ ମାରନ୍ତି । ହାଇ ଉପରେ ହାଇ କୁଟନ୍ତ । ସେ ଅଝାଡୁଆ ସ୍ମୃତିମାନଙ୍କୁ ବନମାଳୀ ଯେତେଥର ମନରୁ କାଢ଼ି ଫୋପାଡ଼ିଦବାକୁ ଚେଷ୍ଟାକରେ ସେମାନେ ସେତେଥର ସୁଲୁସୁଲିଆ ପବନହେଇ ଆସନ୍ତି । ସମୟ ସ୍ରୋତରେ ସେମାନେ ଭାସିଯାଆନ୍ତି ନାହିଁ ବରଂ ବଢ଼ିଛାଡ଼ର ନଈପଠାରେ ଘାସ କେରେକେରେ ହେଇ ଉଠନ୍ତି । ବନମାଳୀ ନଈକୁ ଗାଧୋଇ ଗଲାବେଳେ କି ପାଣିସାରିବାକୁ ଗଲାବେଳେ ସେମାନେ ସେ ଅଭୁଲା ଅତୀତକୁ ଆଉ ଥରେ ମନେପକେଇ ଦିଅନ୍ତି । ବନମାଳୀକୁ ସେ ସବୁ ପୁରୁଣା ଘାଆକୁ ଆଉ ଥରେ ଉଖୁରେଇ ଦେଲା ପରି ଲାଗେ ।

ହଁ.. ସେଦିନ ସେ ମର୍ଦ୍ଦପଣିଆ ଦେଖେଇ ତା' ଭାର୍ଯ୍ୟା ସହିତ ବହେ ଝଗଡ଼ା କଲା । ସବୁବେଳେ ତା' ଗଞ୍ଜଣା ସହି ହେଉନଥିଲା । ଏ କି' କଥା.. ? ସବୁବେଳେ ମୁହଁ କୁଷୁଣ୍ଡାକରି ବସିଥିବ । ହୁଟ୍ ବୋଲି କହିଲେ ଉଠିବ ନାହିଁ କି ହୁଙ୍କିବ ନାହିଁ । ସେଦିନ କିନ୍ତୁ ସେ ଥମିଲାନି । ବାଘୁଣୀପରି ଝାମ୍ପି ଉଠିଲା । ତା' ମର୍ଦ୍ଦପଣିଆକୁ ତିଳାର୍ଦ୍ଧେ ଖାତିର କଲା ନାହିଁ । କାନ୍ଥକୁ ବାଡ଼କୁ ଦେଖେଇ କେତେକେତେ କଥା କହିଲା । ଔଷଧ ରାଗରେ ତାଟିଆ କାମୁଡ଼ି ପୁଅକୁ ମାଇଲା । ସେ ତା'ଠୁଁ ପୁଅକୁ ଟାଣିଆଣି ତାକୁ ବୋଧ ଦେଉଥାଏ । ଦିହମୁଣ୍ଡ ଆଉଁସି ଦଉଥାଏ । ସେଇ ତାଳରେ ସେ କହୁଥାଏ ଯାଉନୁ ବୋପା ଶରଧା ଦେଖେଇ ହଉଛୁ । କୋଉ ବୋପାର ବୋପା ବା ସିଏ ? ବନମାଳୀ ଆଉ କଥାଟାକୁ ବଢ଼େଇବାକୁ ଚାହିଁଲାନି । ନିଜକୁ ନିଜେ ଚୁପ୍ ରହିଗଲା ।

ଛ୍ୟା... ଅଲକ୍ଷଣୀ ସ୍ତ୍ରୀ ଲୋକଟା । ଭୀଷଣ ଗୁଲୁଗୁଲି । ବନମାଳୀ ଗାମୁଛାରେ ମୁହଁର ଝାଳ ପୋଛିହେଲା । ବରଗଛମୂଳେ ସୁଲୁସୁଲିଆ ପବନ ବହୁଥିଲା । କିଚିରିମିଚିରିହେଇ ଭଦଭଦଳିଆ ଚଢ଼େଇମାନେ ଗଛଡାଳରେ ଏପଟସେପଟ ହେଉଥିଲେ । ବନମାଳୀ ସେଇଠି ଆସକତ ମେଂଟେଇବାକୁ ଯାଇ ଘୁମଉ ଘୁମଉ ଶୋଇପଡ଼ିଲା ।

ସଞ୍ଜ ନଇଁଲା । ଆକାଶରେ କଳାମେଘ । ବର୍ଷା ହେଇପାରେ । ଗଛମୂଳ କଥା ଆଉ ନୁହେଁ । ସେ ବଜାର ଆହାର କେନ୍ଦ୍ର ଆଡ଼କୁ ଗଲା । ସେଠି ସେତେବେଳକୁ ପାଂଚଟଙ୍କିଆ ମିଲ୍ ହେଇ ନଥାଏ । ସେ ଅପେକ୍ଷା କରି ସେଠୁ ମିଲ୍‌ଖାଇ ଫେରିଲା । ବଜାର ସାରା ଗହଳଚହଳ । କୋଉଁଠି ବି ଜାଗାଟିଏ ନାହିଁ । ବନମାଳୀ ସହରତଳି ବସ୍ତି ଆଡ଼କୁ ଫେରି ଆସିଲା । ସେଠିକା କ୍ଲବ୍ ଘର ବାରଣ୍ଡାରେ ରାତିଟା କଟେଇଦବ ବୋଲି ଭାବିଲା ।

ଖୋଜିଖୋଜି ବନମାଳୀ କାମଟିଏ ପାଉନି । ଏଣେ ପକେଟ୍‌ରେ ଯେତକଥିଲା ସବୁ ସରିବାକୁ ବସିଲାଣି । ଏବେ ପେଟରେ ପେଟେ ଭୋକ । ଭୋକର ଦାଉକୁ କିଏ ବା ସମ୍ଭାଳି ପାରିବ ? ଦିନରେ ପାଣିପିଇ ବୁଝେଇଛି ପେଟକୁ ତ ରାତିରେ ବହଲେଇଛି ଭୋକର ଯନ୍ତ୍ରଣାକୁ । କେଉଁ ଦୂର ନଈପଠାକୁ ଚାଲିଯାଇଛି ତା' ସୁଖଭର୍ତ୍ତି ବୋଇତ ଯେ ଅନେଇଲେ ଆଖି ପାଉନି । ଏଣେ ଫାଙ୍କା ପକେଟ୍‌କୁ ପେଟରେ ଭୋକର ତାଣ୍ଡବ ଚାଲିଛି ।

ସହରର ବିଶିଷ୍ଟ ଆଡ଼ଭୋକେଟ୍ ପ୍ରଶାନ୍ତବାବୁ ମାର୍କେଟରୁ ପରିବା କିଣୁଛନ୍ତି । ସେ ଦେକାନୀକୁ ପଇସା ଦେଲାବେଳେ ବନମାଳୀ ବିକଳରେ ହାତ ପତେଇଦେଲା । ବାବୁ କିଛି ଦିଅ । ଦି' ଦିନ ହେଲା ଖାଇନି । ପ୍ରଶାନ୍ତବାବୁ କିଛିଟା ଅନୁଭବ କରିପାରୁଥିଲେ ଏ ଚିରାଚରିତ ଭିକାରିଟିଏ ପରି ଜଣାଯାଉ ନାହିଁ । ହୁଏତ ଆଜିକାଲି ବିଭିନ୍ନ ଢଙ୍ଗର ଭିକାରି ବାହାରିଲେଣି । ଚିହ୍ନିବା ମୁସ୍କିଲ । ତଥାପି ସେ ସ୍ୱାଭାବିକ ଢଙ୍ଗରେ କହୁଥିଲେ ସଳଖସୁନ୍ଦର ଭେଣ୍ଡିଆଟିଏ । କର୍ମକୋଡ଼ିହେଇ କାମ ନକରି ଭିକ ମାଗୁଛୁ କ'ଣ ?

ବନମାଳୀ ମୁହଁ ଓହଳେଇ ପକଉଥିଲା । କାମଟିଏ ପାଉନାହିଁ ଆଜ୍ଞା ।

କାମ କରିବୁ ? ଗାଡ଼ି ଚଳେଇପାରିବୁ ? ଡ୍ରାଇଭିଂ ଲାଇସେନସ୍ ଅଛି ? ମୋ' ଗାଡ଼ି ଚଳେଇବୁ ?

ବନମାଳୀ ମୁଣ୍ଡ ଟୁଙ୍ଗାରୁଥିଲା ।

ପ୍ରଶାନ୍ତବାବୁଙ୍କର ତା' ନିରୀହମୁହଁକୁ ଦେଖି ବିଶ୍ୱାସଆସିଲା ଓ ସେ ତାକୁ ନିଜଗାଡ଼ିରେ ବସେଇ ଘରକୁ ନେଇଆସିଲେ । ସହର ମଝି ହାଉସିଂବୋର୍ଡ଼ କଲୋନୀରେ ତାଙ୍କ ଦି'ମହଲା ଘର । ଘରେ କୁଟୁମ୍ବ ବୋଇଲେ ବାପ ଓ ତାଙ୍କ ଝିଅ ସ୍ୱାଗତିକା । ଆଉ ପ୍ରୟତଃ ସେଇ ବୟସର ଜଣେ ଚାକରାଣୀ ତୁଳସୀ । ତୁଳସୀ ଘରର ସବୁ କାମ କରେ । ପିଲାଟି ଦିନରୁ ବାବୁଆଣୀ ଥିବାବେଳୁ ସେ ଅଛି । ଏବେ ଏତୁଟେ ହେଲାଣି । ବାବୁଆଣୀ ଚାଲିଗଲା ପରଠୁଁ ଘରର ଦସବୁ ଦାୟିତ୍ୱ ତା'ର ।

ପ୍ରଶାନ୍ତବାବୁ ବନମାଳୀର ରହିବାକୁ ଆଉଟ ହାଉସ୍ ଦେଖେଇ ଦଉଥିଲେ । ଆମଘରେ ଖାଇବୁ ଓ ରହିବୁ । ଆଉ ଟିକେ ବଜାର ହାଟ କରିଦେବୁ । ଏ ସବୁ ଝମେଲାକୁ ମୁଁ ଆଉ ପାରୁନି । ମୋ' ଓକିଲାତି ଝମେଲାକୁ ସମ୍ଭାଳିବାକୁ ମୋତେ ବେଳ ମିଳୁନି । ଏ ସବୁ କରିବି କେତେବେଳେ ? ହେଲା.. ତା ବାଦେ ଦରମା କେତେ ନବୁ ।

କିଛି ନାହିଁ । ଏତିକି ଯଥେଷ୍ଟ । ବନମାଳୀ କହୁଥିଲା ।

ପ୍ରଶାନ୍ତବାବୁ ଆଶ୍ଚର୍ଯ୍ୟ ହେଇ ଯାଉଥିଲେ । ଆରେ ତୋର ପିଲାପିଲି କି ଘରସଂସାର ଥିବ । ସେମାନଙ୍କ ଚଳାଚଳି ପାଇଁ ତ କିଛି ନବୁ । ନହେଲେ ସେମାନେ ଚଳିବେ କେମିତି ?

ସେମାନେ କେହି ନାହାନ୍ତି । ବନମାଳୀ ମିଛ କହିଲା ।

ପ୍ରଶାନ୍ତବାବୁ ଆଉ କିଛି ଖୋଳିତାଡ଼ି ପଚାରି ନଥିଲେ । ବନମାଳୀ ଥରୁଥୁରୁ ହଉଥିଲା । ଆଉ କିଛି ପଚାରିଥିଲେ ସେ କ'ଣ ସଠିକ୍ କଥା କହିପାରିଥାନ୍ତା ?

ବନମାଳୀ ସେଇଦିନୁ କେବଳ ଗାଡ଼ି ହ୍ରାଇଭର ନୁହେଁ । ଘରର ସଦସ୍ୟଟିଏ ଭଳି ଚଳିଲା । ପ୍ରଶାନ୍ତବାବୁ କଚେରୀରେ ସିନା ବହୁତ କଡ଼ା । ହେଲେ ଘରଭିତରେ ଭଲ ମଣିଷଟିଏ । ସମସ୍ତଙ୍କୁ ନିଜ ପରିବାର ଭଳି ଚଳେଇ ନଉଥିଲେ । ସୁଖର ପରିବେଶ ଥିଲା ସବୁବେଳେ । ପବନ ବସନ୍ତ ବସନ୍ତ ବହୁଥିଲା ।

ବସନ୍ତର ପବନମାନେ ଦେହରେ ଶିରିଶିରି ହେଇ ବାଜନ୍ତି । ତୁଳସୀର ଦେହରେ ବସନ୍ତର ପବନ ବାଜି ତାକୁ ତା' ବୟସର ଇସରା ଦିଏ । ଦେହରେ ଯୌବନର ଲହଡ଼ି ଭାଙ୍ଗେ । ବାହାହବା ବୟସ ହେଇଗଲାଣି ତା'ର । ହେଲେ ତାକୁ ବାହାଦେବାକୁ ବୋପା ମାଆଙ୍କର ଶକ୍ତି କାହିଁ ? ପଙ୍ଗୁ ଓ ଅଥର୍ବ ହେଇ ସେମାନେ ବସିଛନ୍ତି ଘରେ । କେବଳ ତା'ରି ପଇସାରେ ଚଳୁଛନ୍ତି । କେତେ ବା ଗୋଟେ ଚାକରାଣୀର ରୋଜଗାର ?

ନାଃ.. ସେମାନଙ୍କର କାଢ଼ବଳ ନାହିଁ । ଯାହା କରିବେ ଏଇ ବାବୁ । ହେଲେ ସେ ବାହାହେଇ ଚାଲିଗଲା ପରେ ଏମାନଙ୍କର ଅବସ୍ଥା କ'ଣ ହେବ ? ଝିଅ ତ ପରଘରି । ସେ ହୁଏତ ଆଉ କିଛିଦିନ ବାଦେ ଚାଲିଯିବ । ତା' ବାହାଘର ପାଇଁ ବାବୁ ଏଇନେ ବଡ଼ ବ୍ୟସ୍ତ । ବରଖୋଜା ଚାଲିଛି । ଏବେଳେ ତା' ପ୍ରଶ୍ନ ଉଠୁଛି କୋଉଠୁ ?

ଏଠି କେହି ନାହାନ୍ତି । ନିଝୁମ ରାତି । ଦିନଭରି ସକାଳ । ତୁଳସୀ ଯୌବନ ନଈରେ ଜୁଆର ଉଠେ । ସେ ବୁଢ଼ା ଆଙ୍ଗଠିରେ ଭୂଇଁରେ ଗାର ଗାର ଟାଣି, ପବନର ପିଠି ଆଉଁସି ଅନୁଭବ କରେ ନିଜ ଦେହର କମ୍ପନ । ଆଇନା ସାମ୍ନାରେ ଠିଆହେଇ ଦେଖେ ନିଜ ଜାନୁଯୌବନ । ଫୁଲଟିଏ ହେଇ ଅପେକ୍ଷାକରେ ଭଅଁରକୁ । ଏଠି ଭଅଁର କାହିଁ ? ଏକା ଆଉଟ୍ ହାଉସରେ ବନମାଳୀ । ବେଳେବେଳେ ତୁଳସୀ କିଛି କାମର ବାହାନା ନେଇ ଚାଲିଆସେ ତା' ପାଖକୁ । ଚାହା ନିଅ ବନମାଳୀ ଭାଇ । କ'ଣ ଭୋକ ହେଇନି କି ? କେତେବେଳେ ଖାଇବା ବାଢ଼ିବି ? ଏମିତି ଏମିତି ଅନେକ ଅନେକ ବାହାନା ।

ବନମାଳୀ ବି ପଢ଼େ ତା' ମନର ଭାଷା । ନ ଦିଶିଲା ଭଳି ଦିଶେ ତାକୁ ତା'ଆଖିର ଇଙ୍ଗିତ । ନ କହିଲା ଭଳି ଶୁଭେ ତା' ମନର କଥା । ବନମାଳୀ ତରକି ଯାଏ । ତା' ଦେହରେ ଛନକା ପଶେ । ନାଃ.. ସେ ପା' ନଂପୁସକ । କାହିଁକି ବୃଥା ଆଶା ଦେଖେଇବ ସେ ପ୍ରେମ କାଙ୍ଗାଳୁଣୀକୁ । ବନମାଳୀ ଏପର୍ଯ୍ୟନ୍ତ ବି ଚିହ୍ନି ପାରି ନଥାଏ ନିଜକୁ ।

ଏମିତି ଏକ ଅଣଆକାର ଭିତରେ ଘାଂଟି ଚକଟି ହେଉଥିଲା ତା' ଜୀବନ । ଦେହ ଭିତରେ ଛନ୍ଦିବାନ୍ଧି ହେଉଥିଲା ବିକଳ ମନ । ଉଡ଼ନ୍ତା ଚଢ଼େଇପରି ଡେଣା ଫଡ଼ଫଡ କରୁଥିଲା ସୁନେଲୀ ସ୍ୱପ୍ନ ।

ରାତିର ବହଳ ଅନ୍ଧାର । ବର୍ଷା ରାତିରେ ବାହାର ହେମାଳ ଥାଇ ବି ତୁଳସୀର ଦେହ ଭିତରେ ଖଇଫୁଟା ତାତି । ତୁଳସୀ ସେଦିନ ନିଜକୁ ସମ୍ଭାଳି ପାରୁ ନଥିଲା । ବୟସର ଦାଉ ପାଖରେ ସେ ହାର ମାନିଯାଇଥିଲା । ସେ ଛାଆଁକୁ ଛାଆଁ ଯାଇ ପହଁଚିଗଲା ଆଉଟ ହାଉସ୍‌ରେ । ବନମାଳୀ ଶୋଇକି ଘୁଙ୍ଗୁଡ଼ି ମାରୁଥିଲା । ଦେହରେ ଛନକା । ହଁ ଓ ନାହିଁର ଦ୍ୱନ୍ଦ୍ୱ ଭିତରେ ତୁଳସୀ ଥରିକିନା ତା' ଦେହରେ ହାତମାରିଲା ।

ଅଲଗା ହାତଆଉଁସାରେ ବନମାଳୀର ଭାତ ନିଦ ଚାଉଁକିନା ଭାଙ୍ଗିଗଲା । ତୁଳସୀ ତୁ.. ? ପୁଣି ଏଠି ଏତେ ରାତିରେ ?

ତୁଳସୀ କିଛି କହୁ ନଥିଲା ମୁହଁ ଓହଳେଇ ମୁରୁକି ମୁରୁକି ହସୁଥିଲା । ନ କହିବା ଭାଷାରେ ତା' ଆଖି ଅନେକ କଥା କହୁଥିଲା । ଏ ଚେଇଁ ଶୋଇଥିବା ମର୍ଦ୍ଦମାନଙ୍କୁ ଆଉ କେମିତି ବା ବୁଝେଇହେବ । ତୁଳସୀ କେବଳ ସେଇ କଥା ଭାବୁଥିଲା । ଧାରେ ପାତଳ ହସନେଇ ସେ ସେଠି ବସୁବସୁ ପଳେଇଯିବାକୁ ଉଠୁଉଠୁ ହଉଥିଲା । ବନମାଳୀ ବୁଝିଗଲା । ସେ ଭୁଲିଗଲା ତା' ଭାର୍ଯ୍ୟା କହିଥିବା କଥା । ଗୋଟେ ନାରୀ ଦେହର ଅଲଗା ବାସ୍ନା ତା' ସାରା ଦେହକୁ ସେଇ ନିମିଷକ ଭିତରେ ଚହଲେଇ ଦେଲା । ବନମାଳୀ ତୁଳସୀର ହାତଧରି ତାକୁ ଅଟକେଇଲା ତ ସେ ଲଥ୍‌କିରି ତା' ପାଖରେ ବସି ପଡ଼ିଲା । ଗୋଟେ ପୁରୁଷର ଉଷୁମ ନିଃଶ୍ୱାସ ତା' ଦେହରେ ବାଜି ତାକୁ କିଲ୍‌ବିଲ୍ କରି ପକଉଥିଲା । ସେ ଅସମ୍ଭାଳହେଇ ବନମାଳୀର ଛାତିକୁ ଆଉଜି ପଡ଼ିଲା ।।

ଅନେକ ଦିନରୁ ଦରମରା ହେଇ ପଡ଼ିଥିବା ମନ ଜୀଇଁ ଉଠିଲା । ବନ୍ଧହେଇ ବସିଯାଇଥିବା ତା' ପୁରୁଷତ୍ୱ ସାରାଦେହରେ ତରଙ୍ଗ ଖେଳେଇ ହେଂଟାଳ ମାଇଲା । ସେ ସେଇଦିନ ତୁଳସୀକୁ ନିଜ ଛାତିରେ ଭିଡ଼ିଧରିଲା । ଏକ ପରମତୃପ୍ତିର ପରିସମାପ୍ତି ପର୍ଯ୍ୟନ୍ତ ଏକାକାର ହେଇଯାଇଥିଲେ ଦୁହେଁ ।

ସେଇଦିନୁ ତୁଳସୀ ଓ ବନମାଳୀ ମଧ୍ୟରେ ନିତିନିତି ପ୍ରେମର ଫୁଲଫୁଟେ ବାସ୍ନା ମହକେ ଓ ମଉଳେ । ବନମାଳୀ ଏଇଠି ହିଁ ଟିକେଟିକେ ପ୍ରମାଣିତ କରି ପାରୁଥିଲା ନିଜକୁ । ସେ ଅଣପୁରୁଷା ବା ନଂପୁସକ ନୁହେଁ । ଯଦି ହେଇଥାନ୍ତା ତେବେ ତୁଳସୀ କେମିତି ତୃପ୍ତିର ହାଇଟିଏ ମାରିବାକୁ ନିତିନିତି ଚାଲିଆସୁଥାନ୍ତା ? ଏ ଗୋପନଟା

ଆସ୍ତେଆସ୍ତେ ଫିଟିପଡ଼ିଲାଣି ଘର ଭିତରେ । ଏମାନଙ୍କ ହାବଭାବ ଓ ଚାଲିଚଳନରୁ ଜାଣିଗଲାଣି ସ୍ୱାଗତିକା ଓ କିଛିଟା ଆଭାସ ବି ପାଇଗଲେଣି ପ୍ରଶାନ୍ତବାବୁ ।

ଯାହାହେଉ ଏକପ୍ରକାର ଭଲ ହେଲା । ତୁଳସୀର ବାହା ବୟସ ହେଇଗଲାଣି । ତାକୁ ତ ସେ କୋଉଁଠି ନା କୋଉଁଠି ବାହାଦେଇଥାନ୍ତେ । ହେଲେ ବାହାହେଲା ପରେ ସେ ଯେ ଆଉ ଏ କ'ଣ ଘରେ ରହିବ ? ଏବେ ଏ ଦୁଇଜଣଙ୍କ ଏକାଠି ଏ ଘର ପାଇଁ ଶୁଭଙ୍କର । ହବତ ସେ ଦୁହିଁକୁ ବିବାହ ବନ୍ଧନରେ ଛନ୍ଦିଦେଲେ ସେମାନେ ଏଇ ଘରେ ନ ରହି ଆଉ ଯିବେ କୁଆଡ଼େ ? ଏଇକଥା ମନେମନେ ଭାବୁଥିଲେ ପ୍ରଶାନ୍ତବାବୁ ।

ସେକଥା ପରେ । ଏଇନା ସେ ଝିଅ ବାହାଘର ପାଇଁ ବ୍ୟସ୍ତ ପ୍ରଶାନ୍ତବାବୁ । ଝିଅପାଇଁ ଉପଯୁକ୍ତ ବରଟିଏ ଖୋଜିଖୋଜି ନୟାନ୍ତ । ଶେଷରେ କଥାଟା ମନକୁ ପାଇଲା । ତାଙ୍କ ଜୁନିୟର ଦେବବ୍ରତ ଓକିଲାତିରେ ଏବେ ପୋଖତ ହେଇଗଲାଣି । ଏଣିକି ସେ ବଡ଼ବଡ଼ କେସ୍‌ମାନ ଡିଲ କରୁଛି । ଖୁବ ସୁନ୍ଦର । ଭଦ୍ର ବ୍ୟବହାର । ବଂଶ ପରମ୍ପରା, ଆଭିଜାତ୍ୟ । ସବୁ ଭଲ । ସ୍ୱାଗତିକା ତ ଲ' କରିଛି । ଏକା ପ୍ରଫେସନ୍ । ଦୁହିଁଙ୍କ ଯୋଡ଼ି ବେଶ୍ ମାନିବ ।

କଥାଟାକୁ ସିଧାସଳଖ ନିଜଆଡୁ ପକେଇ ଦେଲେ ପ୍ରଶାନ୍ତବାବୁ । ଦେବବ୍ରତ କିନ୍ତୁ ନାହିଁ ନାହିଁ କରୁଥିଲା । ସେ ବିବାହ କରିବ ନାହିଁ ଏଇ ସିଦ୍ଧାନ୍ତ ନେଇ ସାରିଥିବା କଥା କହିସାରିଲା ପରେ ବି ପ୍ରଶାନ୍ତବାବୁଙ୍କ ମନ ମାନୁ ନଥିଲା । ଏ ସବୁ କି ପିଲାଳିଆମୀ ? ବିବାହ ବନ୍ଧନରେ ବାନ୍ଧିହେଇ ଘରସଂସାର କରିବା ପ୍ରତ୍ୟେକ ପୁରୁଷ ଓ ନାରୀର କର୍ତ୍ତବ୍ୟ । ଏ ତ ସୃଷ୍ଟିର ନିୟମ । ପ୍ରତିଥର ଦେବବ୍ରତ କିନ୍ତୁ ମୁହଁ ସଳଖେଇ କିଛି କହି ନପାରିବା ଢଙ୍ଗରେ ନାହିଁନାହିଁ କରୁଥିଲା । ପ୍ରଶାନ୍ତବାବୁ ଭାବୁଥିଲେ । ଦେବବ୍ରତ ଭଳି ଶାନ୍ତ ,ସୁଧାର ଓ ଗୁଣବନ୍ତ ପିଲା ଆଉ ହୁଏତ ମିଳିବେନି । ସେ ତ ମୋରି ପାଖରେ ଜୁନିୟରସିପ୍ କରୁଛି ଶେଷରେ ନହେଲେ ସେମାନେ ମୋ' ଆସ୍ଥାନର ମାଲିକ ହେବ । ଦରକାର ପଡ଼ିଲେ ସେମାନେ ଏଇଠି ରହିବେ । ଏ ସବୁ ସମ୍ପତ୍ତି ସେମାନଙ୍କର ।

ଦେବବ୍ରତର ଏମିତି ନାହିଁ ନାହିଁକୁ ପ୍ରଶାନ୍ତବାବୁ ତା'ର ଲାଜୁଆପଣ ଓ ତାଙ୍କପ୍ରତି ଅତ୍ୟଧିକ ସମ୍ମାନବୋଧ ବୋଲି ଭାବୁଥିଲେ । ଲାଜ ଛାଡ଼ି ଦେବବ୍ରତ ଯେ ତାଙ୍କ କଥାରେ ସମ୍ମତ ହେବ ପ୍ରଶାନ୍ତବାବୁଙ୍କ ମନ ଭିତରେ ଏଇ ଦୃଢ଼ଧାରଣା ଥିଲା । ଯାହାହେଉ ସେ ଦେବବ୍ରତ ସହ ତାଙ୍କ ଝିଅର ବାହାଘର କରିଦେଲେ । ବାହୁଡ଼ା ବରକନ୍ୟା ଫେରିଗଲେ ସେମାନଙ୍କ ଘରକୁ ।

ବାହାଘରର ପଂଚମ ଦିନ ବୋଇଲେ ଚତୁର୍ଥୀ ବାସିଦିନ ଝିଅଜ୍ୱାଇଁଙ୍କ ଲେଉଟାଣି ପର୍ବ ଚାଲିଛି । ଡାକରା ଭାର ଓ ବେଭାର ସହ ସବୁ ସରଞ୍ଜାମ ସଜିଲ ହେଇଗଲାଣି । ସୂର୍ଯ୍ୟଦେବତା କେତେବେଳୁ ଉଦୟ ହେଇସାରିଲେଣି । ବର୍ଷା ନଥିବାର ଦଳେ ପାଉଁଶିଆ ବାଦଲ ଆକାଶକୁ ଛାଇ କରିଦେଲେଣି । ବନମାଳୀ ଗାଡ଼ି ଆଣି ଥୋଇସାରିଲାଣି ଦୁଆର ମୁହଁରେ । ଏତିକିବେଳିଆ ସ୍ୱାଗତିକା ଆସି ଘରେ ହାଜର ।

ପ୍ରଶାନ୍ତବାବୁ ବ୍ୟସ୍ତ ହେଇ ପଡୁଥିଲେ । ମୁଣ୍ଡରେ ଚଡ଼କ ପଡ଼ିଲା ପରି ଲାଗୁଥିଲା ତାଙ୍କୁ । ମାନ ସମ୍ମାନ ସବୁ ମାଟିରେ ଯେମିତି ମିଶି ଯାଉଥିଲା । ତଥାପି ସେ ତୁହାଇ ତୁହାଇ ଝିଅକୁ ବୁଝାଉଥିଲେ ଆରେ ମାଆ ! ସେ ତୋ' ଶାଶୁଘର । ସବୁଦିନେ ସେ ଘର ତୋର । ଏମିତି ଅଚାନକ ଛାଡ଼ି ପଳେଇ ଆସିଲୁ କାହିଁକି ? କ'ଣ ହେଇଛି ସବୁକଥା ମତେ ସତ ସତ କହ ?

ସ୍ୱାଗତିକା ସତ କଥା କହିପାରୁନଥିଲା । ଖାଲି କଇଁକଇଁ ହେଇ କାନ୍ଦୁଥିଲା । ପ୍ରଶାନ୍ତବାବୁ ଯେତେ ଫଟରେଇ ପଚରୁଥିଲେ ବି ସେ କଛି କହିପାରୁନଥିଲା । ସ୍ୱାଗତିକା ଭାବୁଥିଲା ମାଆ ଥାଆନ୍ତା ସିନା ତାକୁ ମନକଥା ଖୋଲି କହିହେଇଥାନ୍ତା । ହେଲେ ବାପାଙ୍କୁ ସେ କେମିତି କହିପାରିବ ଯୋଉ ପୁରୁଷକୁ ତା' ସହିତ ବାହାଦେଲେ ସେଇଟା କୁଲଂଚ ସଂପୁସକ ।

ସ୍ୱାଗତିକା ନ କହିଲେ ବି ଆସ୍ତେଆସ୍ତେ କଥା ପ୍ରଶାନ୍ତବାବୁଙ୍କ କାନକୁ ଆସିଲା । ନିଜ ଭୁଲ୍ ପାଇଁ ନିଜକୁ ଦଣ୍ଡିତ କରିବାକୁ ଇଚ୍ଛା ହେଉଥିଲା ତାଙ୍କର । ଏବେ ଝିଅର ଜିଦ୍ ସେ ଆଉ ସେ ଘରକୁ ଯିବନି କି ଆଉ ବାହା ହବନି । ବାପାଙ୍କୁ ଛାଡ଼ି ସେ ଆଉ କୁଆଡ଼େ ଯିବନି । ଏଇଠି ସେ ଖୁସିରେ ରହିପାରିବ । ଏଥିପାଇଁ ନିଜକୁ ସ୍ୱତନ୍ତ୍ର ଭାବେ ବିଜ୍ଞାପିତ କରିବାକୁ ଅଭ୍ୟସ୍ତ ହେବାକୁ ପଡ଼ିବ ତାକୁ । ନିଜ ପାଇଁ ସୁଖକୁ ଖୋଜି ଆଣିବାକୁହବ ତାକୁ ଏ ପୃଥିବୀ ପୃଷ୍ଠରୁ । ଆଶାରେ ଫୁଟାଇବାକୁ ହବ ପେନ୍ଥାପେନ୍ଥା ଫୁଲ ।

ସମୟ ସାଥିରେ ଦିନ ଗଡ଼ିଗଡ଼ି ଚାଲେ । ଆସ୍ତେଆସ୍ତେ ତୁଳସୀ ଓ ବନମାଳୀର ପ୍ରେମ, ସେମାନଙ୍କ ଛାଇ ଭଳି ସମ୍ପର୍କ ନଜରକୁ ଆସେ ସ୍ୱାଗତିକାର । ଏଣିକି ସ୍ୱଗତିକା ଅନେକ ଦିନର ସେ ବିଶ୍ୱସ୍ତ ଚାକରାଣୀ ତୁଳସୀ ଉପରେ ଖାଲି ଚିଡ଼ିଚିଡ଼ି ହଉଛି । ଅଯଥା କଥାରେ ଗାଳିଗୁଲଜ କରୁଛି । ଚୋରଣୀ, ଛଉକି । ତା'ର ହାତଉଠାପଣ ଅଛି । ସବୁ ଜିନିଷ ଲୁଚେଇ ସେ ତା' ଘରକୁ ପଠେଇ ଦଉଛି । ଏମିତି ଏମିତି ଅନେକ ।

ଶେଷରେ ସ୍ୱାଗତିକାର ବାରମ୍ୱାର ତୁଳସୀ ପ୍ରତି ଏମିତି ବ୍ୟବହାର ଅତିଷ୍ଠ ହେବାକୁ ଲାଗିଲା । ଝିଅ ଯେତେବେଳେ କହୁଛି ହେଇଥିବ ଏଇ ତାଳରେ ପ୍ରଶାନ୍ତବାବୁ କଥାଟାକୁ ଗ୍ରହଣ କରିଗଲେ । ଶେଷରେ ତୁଳସୀକୁ ଏ ଘରୁ ବାହାର କରିଦିଆଗଲା । ଏତେବଡ଼ ମମତାକୁ ବିନାଦୋଷରେ ଛାଡ଼ି ଚାଲିଯିବାକୁ ତା'ର ଇଚ୍ଛା ନ ଥିଲେ ବି ସେ ବାଧ୍ୟହେଲା । ଗଲାବେଳେ ସେ ବନମାଳୀ ଆଡ଼କୁ ଖୁବ୍ କରୁଣ ଦୃଷ୍ଟିରେ ଚାହୁଁଥିଲା ଓ ଆଖିରୁ ଦୁଇବୁନ୍ଦା ଲୁହ ଗଡ଼ିପଡୁଥିଲା । ଅନେକ ଇଚ୍ଛା ଥିଲେ ବି ବନମାଳୀ ବି କିଛି କହିପାରୁ ନ ଥିଲା ।

ତୁଳସୀ ଚାଲିଗଲା ପରେ ଘରେ ସ୍ୱାଗତିକା ଏକା । ପ୍ରଶାନ୍ତବାବୁ ତାଙ୍କ ଚାମ୍ବରରେ ଜୁନିୟର ଓ ମହକିଲମାନଙ୍କ ସହ କଥୋପକଥନରେ ବ୍ୟସ୍ତ । ଆଜି ରବିବାର ଛୁଟିଦିନ । କାଲି ପାଇଁ ପ୍ରସ୍ତୁତ ହବାକୁ ହବ । ଡେର ରାତି ପର୍ଯ୍ୟନ୍ତ ସେ ସେଇ ତନାଘନାରେ ବ୍ୟସ୍ତ ଓ ବିବ୍ରତ ପ୍ରଶାନ୍ତବାବୁ ଖାଇପିଇ ଥକ୍କାମାରି ଶୋଇପଡ଼ିଲେଣି କେତେବେଳୁ ।

ସ୍ୱାଗତିକା ଆଖିରେ କିନ୍ତୁ ନିଦ ନାହିଁ । ଦେହସାରା ଝିମ୍‌ଝିମ୍ । ଅସରାଏ ବର୍ଷା ପରେ ବି ଦେହର ତାତି ଥମୁନି । ଜାଙ୍ଗୁଲ ଜୁଙ୍ଗଲ ରାତି । ଗଛପତ୍ରମାନେ ବି ନିଦନିଦ । ବାହାରେ ନିଶା ଗର୍ଜୁଛି । ଏଣେ ମଉଳି ପଡ଼ିଥିବା ଆଶା । ତେଣେ ମନ ଭିତରେ ହଜାରେ ସ୍ୱପ୍ନ ସାଗରିକାକୁ ପ୍ରତିମୁହୂର୍ତ୍ତରେ ହଲଚଲ କରିଦଉଥିଲା ।

ଆଉଟ୍ ହାଉସ୍‌ରେ ବନମାଳୀ । ସେଦିନ ହଠାତ୍ ସ୍ୱାଗତିକା ଯାଇ ପହଞ୍ଚିଗଲା ସେଠି । ସେ ଅନୁଭବ କରି ପାରୁଥିଲା ତୁଳସୀ ଯଦି ୟା'କୁ ନେଇ ସନ୍ତୁଷ୍ଟ ହେଇପାରୁଥିଲା ସେ ହେଇପାରିବ ନାହିଁ କାହିଁକି ? ଏଇ ଗୋଟେ ଉପଲବ୍ଧି ଗାଢ଼ରୁ ଗାଢ଼ତର ହେଉଥିଲା ତା' ମନ ଭିତରେ । ଯାଉଯାଉ କୁଆଡୁ କିଛି ନଥାଇ ସ୍ୱାଗତିକା ଆଗ କୁଣ୍ଢେଇ ପକେଇଲା ବନମାଳୀକୁ । ତା' ଅନ୍ତରାତ୍ମା ଭିତରେ ପ୍ରେମର ସେ ଆକୁଳ ନିବେଦନ ଛଳଛଳ ହେଉଥିଲା । ବନମାଳୀ ଏମିତି ଏକ ଆକସ୍ମିକ ଘଟଣାରେ ହଠାତ୍ ଚମକି ପଡ଼ିଲା । କେମିତି ଏକ ଅଜଣା ଛାନିଆରେ ବ୍ୟସ୍ତ ହେଇ ପଡୁଥିଲା ସେ । ବାବୁଙ୍କ ଝିଅ ଆଜି ଏମତି ଅବସ୍ଥାରେ । ତାକୁ ଡର ଲାଗୁଥିଲା । ଏ ଅଡୁଆରେ ପଶିଲେ ଶେଷ ପରିଣତି ଯେ କ'ଣ ହେବ ସେକଥା ବନମାଳୀ ବେଶ୍ ବୁଝିପାରୁଥିଲା । ଏମତି ପରିସ୍ଥିତିରେ କ'ଣ କରିବ ତା' ମୁଣ୍ଡ କିଛି କାମ କଲା ନାହିଁ । ଏବେ ସେ ସ୍ଥିର ମସ୍ତିଷ୍କକୁ ଆସି ସ୍ୱାଗତିକାକୁ ଆକଟ କରୁଥିଲା ।

ସାନମାଆ ଆପଣ କେଡ଼େ ବଡ଼ ଘରର ଝିଅ । ନ ହେଲା ନାହିଁ ଆଉ ଥରେ ଭଲ ଜାଗାରେ ଭଲ ବର ଦେଖି ବାବୁ ବାହା କରିଦେବେ । ଏମିତି ନିଉଛୁଣା କାମରେ ମତେ ଅଯଥା ବାଧ କରନ୍ତୁ ନି । ମୁଁ ଯେମିତି ଅଛି ବରଂ ଭଲ ଅଛି ।

ବନମାଳୀର ନାହିଁ ନାହିଁ କିଛି କାମ ଦଉ ନଥିଲା । ସ୍ୱାଗତିକା ସେତେବେଳେ ସଂଯମତାର ପରିସର ଭିତରେ ନଥିଲା । ସେ ଆସ୍ତେଆସ୍ତେ ଅଧିକରୁ ଅଧିକ ଥର ଭିଡ଼ି ଧରୁଥିଲା ବନମାଳୀକୁ ଓ ଶୁଖିଲା ଧମକଟିଏ ବି ଦଉଥିଲା । ଦେଖ ଏଥିରେ ଅରାଜି ହେଲେ ଶେଷରେ ତୁଳସୀ ଅବସ୍ଥା ବି ତୁମର ହବ ।

ବନମାଳୀ ଆଉ ଥରେ ସେ ଭୟର ପରିସର ଭିତରକୁ ପଶିଯାଉଥିଲା । ହେଲେ ସେ ନିରୁପାୟ । ପାଖେ ପାଖେ ନିଆଁକୁ ତରଳିବାକୁ ଅନେଇଛି ଘିଅ । ଗୋଟେ ଅଜଣା ସ୍ତ୍ରୀଲୋକର ବାସ୍ନା ନାକରେ ବାଜି ଘାଣ୍ଟି ପକେଇଲାଣି ଦେହମୁଣ୍ଡ । ଜଳିଜଳି ଆସୁଥିଲା ଫୁଲବଣ । ଲିଭିଲିଭି ଆସୁଥିଲା ଜହ୍ନରାତି । କୁହୁଡ଼ିର ପାତଳ ଚାଦରତଳେ ସେ ଉଷୁମ ସାତସମୁଦ୍ରକୁ ଡେଇଁପଡ଼ିବାକୁ ରଣହୁଙ୍କାର ଦେଉଥିଲା । ସେଇ କୁକୁର କାଙ୍କୁର ଦେହଖଣ୍ଡକ ଧିରେଧିରେ ଶୀତଳ ଚାଦରଟିଏ ହେଇ ଘୋଡ଼େଇହେଇ ପଡୁଥିଲା ସ୍ୱାଗତିକାର ଦେହ ସର୍ବାଙ୍ଗରେ ।

ପରଦିନ ସକାଳେ ପରିତୃପ୍ତିର ଖୋଲାମେଲା ହସଟିଏ ବନମାଳୀ ଦେଖିପାରିଥିଲା ସ୍ୱାଗତିକାର ଓଠରେ । ସେ ନିଧଡ଼କ ହେଇଗଲା । ବନମାଳୀ ଏଥର ନିଜକୁ ବିଶ୍ୱାସ କଲା । ନିଜକୁ ଆଇନା ସାମ୍ନାରେ ବାରବାର ଦେଖିଲା । ସର୍ବାଙ୍ଗରେ ଟିଙ୍କା ପରେ ଟିଙ୍କାମାରି ସେ ନିଜକୁ ଥରକୁ ଥର ପରଖୁଥିଲା । ହଁ.. ସେ ପୁରୁଷ । ତା' ଦେହରୁ ଭୁରୁଭୁରୁ ହେଇ ଉଠିଆସୁଥିବା ପୁରୁଷପଣିଆର ଗନ୍ଧ । ପ୍ରେମର ସେ ଅଭୁଲା ସ୍ମୃତିକୁ ଆଉ ଥରେ ଚହଲେଇ ଦେଉଥିଲା । ନାଃ.. ସେ ନଂପୁସକ ନୁହେଁ । ତା' ସ୍ତ୍ରୀ ସେଦିନ ନଂପୁସକ କହି ତା' ପୁରୁଷପଣିଆକୁ ଉଖୁରେଇଥିଲା ।

ସା/ପୋ: ଦଶରଥପୁର
ଜି: ଯାଜପୁର
ମୋ.: ୯୪୩୮୦୬୨୩୮୦

କ ବି ତା

ନିଃସଙ୍ଗତା

ନୀଳମାଧବ କର

ନିଃସଙ୍ଗତା
ପକ୍ଷୀଟିର ଅନ୍ୟ ନାମ
ଦଳ ବାନ୍ଧି ଉଡ଼ିବାର ପ୍ରହେଳିରେ
ଆକାଶକୁ ଲଙ୍ଘେ ସିନା
ଡେଣା ପାଇଁ ହାତ ପତାଏନି
ନିଜ ଡେଣାର ବିଶ୍ୱାସରେ
ଏକା ଏକା ଉଡ଼େ ପକ୍ଷୀ

ଗୁମୁରେ ନିଜ ସ୍ୱର
ଋତୁ ବଦଳିଲେ
ସାଥି ବି ବଦଳିଯାଏ
ବସା ବଦଳିଯାଏ,
ଶାଖା ପ୍ରଶାଖା ବି
ବର - ଅଶ୍ୱଥ,
ଅଶ୍ୱଥ - ବର

ପର ଲାଗିବା ପରଦିନ
ତା' ଛୁଆ ଉଡ଼ିଯାଏ
ପକ୍ଷୀ ବଞ୍ଚେ
ନିଜେ ନିଜେ, ନିଶ୍ୱାସ ନିଏ
କୋଳି ସାଉଁଟେ
ମନକୁ ମନ ଗୀତ ଗାଏ
ନିଜ ସାଥେ ଲୁଚକାଳି ଖେଳେ

ପ୍ରତୀକ୍ଷା କରେ ଏକା ଏକା
କେହି ଫେରିବାକୁ ନାହିଁ ବୋଲି
ଜାଣିଶୁଣି,
ଛାତି ଧଡ଼ଧଡ଼ କରେ

ବର୍ଷା ଆସେ, ବସନ୍ତ ଆସେ
ବର୍ଷା - ବସନ୍ତ
ବସନ୍ତ - ବର୍ଷା
ପକ୍ଷୀ ବଞ୍ଚିଥାଏ

ଓଲଭରହାମ୍ପଟନ୍,
ୟୁନାଇଟେଡ୍ କିଙ୍ଗଡ଼ମ୍



ବସନ୍ତ ମାଳତୀମାନେ

ସ୍ୱାଗତିକା ସେଠୀ

ଆଜିକା ସମାଜର ଆଧୁନିକ ଚଳଣିରେ ମଣିଷ ଅନେକଟା ସ୍ୱାଧୀନ ହୋଇ ବଂଚିପାରୁଛି । ଶିକ୍ଷିତ ସମାଜରେ ସହର ବଜାରରେ ସାମାଜିକ ବାସନ୍ଦ ପରି ଶାସ୍ତିର ଭୟ ଅନେକଟା କମିଯାଇଛି । କାରଣ ଛୋଟରୁ ଛୋଟ କଥା ପାଇଁ ଆଧୁନିକ ଚଳଣିରେ କେହି କାହା ଉପରେ ଏତେଟା ନିର୍ଭରଶୀଳ ନୁହେଁ । ପକେଟ୍‌ରେ ପଇସା କିମ୍ବା ପାଖରେ ପଦବୀ ଅଛି ତ ଇଚ୍ଛା ଥାଉ ବା ନଥାଉ ଅନ୍ୟମାନେ ତାକୁ ଅଣଦେଖା କରିବାକୁ ଚାହିଁବେ ନାହିଁ । ସେଇଥି ପାଇଁ ତ କଥିତ ଅଛି, 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ୍ । ପଇସା କ୍ୟା ନ କରେ କାମ୍ ।' ଏଇ କଥାଟିକୁ ସୌମ୍ୟା କିଶୋରାବସ୍ଥାରୁ ହିଁ ମନରେ ଗଣ୍ଠି ପକାଇ ରଖି ଥିଲା । ଆଉ ସେଇଥି ପାଇଁ ସେ ଆଜି ନିଜର ପରିଚୟ ଦୁନିଆ ଆଗରେ ସଗର୍ବେ ଓ ନିର୍ଭୀକ ଭାବରେ ପ୍ରତିପାଦିତ କରିପାରୁଛି । ସେ ଏବେ ସରକାରୀ ସ୍ତରରେ ଉଚ୍ଚ ପଦବୀର ଅଧିକାରିଣୀ । ଲୋକଙ୍କ ଇଚ୍ଛା ଥାଉ ନ ଥାଉ କେହି ତାକୁ ତା' ମୁହଁରେ ଆଉ ଲାଞ୍ଛତ କରି ପାରୁନାହାନ୍ତି, ସମ୍ମାନ ଦେବାକୁ ବାଧ୍ୟ ମଧ୍ୟ ହେଉଛନ୍ତି । ସେ ଜାଣେ ତା' ଜୀବନ ବିଷୟରେ ଏପରିକି ତା' ଦିନଚର୍ଯ୍ୟାର ଟିକିନିଖି କଥା ଜାଣିବାକୁ ସମସ୍ତେ ଉତ୍ସୁକ । ତା' ପଛରେ ଅନ୍ୟମାନେ କେତେ କ'ଣ କୁହାକୁହି ହୁଅନ୍ତି । ହେଲେ ସେ ପରବାୟ କରେନା । କାରଣ ଲୋକମାନେ ସବୁବେଳେ ସମସ୍ତଙ୍କର ପଛରେ ସମସ୍ତଙ୍କୁ କୁହନ୍ତି । କାହା ପାଇଁ ଅବଶ୍ୟ କିଛିଟା ଅଧିକ । ଏ ଦୁନିଆରେ କେହି ଅଖୁଣିଆ ବଳଦ ନୁହେଁ ।

ସୌମ୍ୟରଞ୍ଜନଙ୍କ ବାପା ଜଣେ ଆଦର୍ଶ ଶିକ୍ଷକ, ମା' ସୁଗୃହିଣୀ । ତା' ଉପରେ ଭାଇ ଓ ଭଉଣୀଟିଏ । ଛୋଟବେଳୁ ସୌମ୍ୟରଞ୍ଜନ ମେଧାବୀ ଓ ସୌମ୍ୟ ଚେହେରାର ଅଧିକାରୀ । ସ୍କୁଲ୍‌ରେ ସେଇଥି ପାଇଁ ସମସ୍ତଙ୍କର ପ୍ରିୟ ପାତ୍ର । ନାଚ ଗୀତ ପ୍ରତି ପିଲାଟି ବେଳୁ ତା'ର ଆଗ୍ରହ । ସ୍କୁଲ୍ ହେଉ କି ନିଜ ସାହି, ଯେଉଁଠି ବି ନାଟକ ହୁଏ ତାକୁ ଖୋଜା ପଡ଼େ । ତାଙ୍କ ଛୋଟ ସହରରେ ନାରୀ ଚରିତ୍ରରେ ଝିଅମାନେ ଅଭିନୟ କରୁ ନଥିଲେ । ତେଣୁ ସେହି ଚରିତ୍ର ପାଇଁ ସୌମ୍ୟକୁ ସବୁବେଳେ ଖୋଜା ପଡ଼େ ଓ ସେ ନିଜ ଅଭିନୟରେ ଚରିତ୍ରଗୁଡ଼ିକୁ ଜୀବନ୍ତ କରି ଦିଏ ମଧ୍ୟ । କରତାଳିରେ ଚାରିଆଡ଼ ପ୍ରକମ୍ପିତ ହୋଇଉଠେ । ସୌମ୍ୟରଞ୍ଜନଙ୍କୁ ଲୋକେ ପ୍ରଶଂସା ଓ ପୁରସ୍କାରରେ ପୋତିପକାନ୍ତି । ସେ ସ୍ୱପ୍ନ ଦେଖେ ଅଭିନୟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ।

ପିଲାବେଳେ ସବୁକିଛି ଠିକ୍ ଥିଲା । ଅନ୍ୟମାନଙ୍କ ଶୈଶବ ପରି ସମସ୍ତଙ୍କ ସହ ହସଖେଳରେ ସୌମ୍ୟରଞ୍ଜନର ସମୟ ସୁନ୍ଦର ଭାବରେ ଗଡ଼ି ଚାଲିଥିଲା । ହେଲେ କୈଶୋରରେ ପହଂଚୁ ପହଂଚୁ ସୌମ୍ୟରଞ୍ଜନ ନିଜକୁ ନିଜ ଚାରିପାଖ ଦୁନିଆଠାରୁ କିଛି ଭିନ୍ନ ଅନୁଭବ କଲେ । ଲାଗୁଥିଲା, ତାଙ୍କ ଚାରିପାଖ ଲୋକେ ଯେମିତି ଚାହୁଁଥିଲେ ସେମିତି ସ୍ୱାଧୀନତାର ସହ ବଂଚି ପାରୁଥିଲେ । ହେଲେ ସେ ଯାହା ଚାହୁଁଥିଲେ ତାହା କରିବାକୁ, କହିବାକୁ ଡରୁଥିଲେ । ତାଙ୍କୁ ଲାଗୁଥିଲା ସେ ଯେପରି ବନ୍ଦୀ । ଏକ ପୁରୁଷ ଦେହ ଭିତରେ ଯେପରି ଏକ ନାରୀର ଅସ୍ତିତ୍ୱ ବନ୍ଦୀ ହୋଇରହିଛି ।

ପିଲାବେଳୁ ସେ ତାଙ୍କ ମା' ଓ ଭଉଣୀଙ୍କର ପରିଧାନକୁ ଦେହରେ ଗୁଡ଼େଇ ଆଣୁଥିଲେ । ଭଉଣୀ ଗେଲରେ ତାଙ୍କ ମଥାରେ ଟିକାଟିଏ, ଓଠରେ ଲିପଷ୍ଟିକ୍ କେବେ କେବେ ଅବା ଲଗାଇ ଦେଉଥିଲା । ତାଙ୍କୁ ଖୁବ୍ ଭଲ ଲାଗୁଥିଲା । ଦର୍ପଣ ଆଗରେ ଘଡ଼ିଏ ସେ ନିଜକୁ ଦେଖୁଥିଲେ । ତାଙ୍କୁ ଏମିତି ବେଶରେ ଦେଖି ସମସ୍ତେ ହସୁଥିଲେ, ଗେହ୍ଲା କରି ଦେଉଥିଲେ । ଘରେ ସେ ସାନ ବୋଲି କଥାଟାକୁ ପ୍ରଥମେ ପ୍ରଥମେ କେହି ସେମିତି ଗୁରୁତ୍ୱ ଦେଉ ନଥିଲେ । ହେଲେ ଥରେ ଭାଇ ସ୍କୁଲ୍‌ରୁ ଆସି ରାଗିଯାଇ ଅଚାନକ ସୌମ୍ୟରଞ୍ଜନଙ୍କୁ ପିଟିବାରେ ଲାଗିଲା । ବାପା ମା' ଭାଇକୁ ବଡ଼ କଷ୍ଟରେ ଅଟକାଇଲେ । କାରଣ ବୁଝୁବୁଝୁ ଜଣା ପଡ଼ିଲା, ତାଙ୍କ ସାଙ୍ଗମାନେ ସୌମ୍ୟରଞ୍ଜନଙ୍କୁ ସ୍କୁଲ୍‌ରେ ଝିଅସାଙ୍ଗଙ୍କ ଓଢ଼ଣୀ ପିନ୍ଧି ଖେଳଛୁଟି ବେଳେ ନାଚିବାର ଦେଖିଛନ୍ତି । ସୌମ୍ୟ ଜାଣି ପାରୁ ନଥିଲେ କାହିଁକି ତାଙ୍କୁ ସ୍କୁଲ୍‌ରେ କିଛି ପୁଅ ପିଲା ଓ ଶିକ୍ଷକ ଥଟ୍ଟା ପରିହାସ କରୁଥିଲେ, କିଛି ଲୋକଙ୍କ ଚାହାଣୀ ଓ ବ୍ୟବହାର ତାଙ୍କୁ ଖୁବ୍ ଅସହଜ କରି ଦେଉଥିଲା । ସେମାନଙ୍କୁ ଦେଖି ସେ ଡରି ଯାଉଥିଲେ । ଝିଅମାନେ ତାଙ୍କୁ କେମିତି ଗୋଟେ ଦେଖୁଥିଲେ, ପିଲାଦିନ ସାଙ୍ଗମାନେ ତାଙ୍କଠାରୁ କାହିଁକି ଦୂରେଇ ଯାଉଥିଲେ । ଘରେ ତାଙ୍କ ପ୍ରତି ଭଉଣୀ, ବାପା ମା'ଙ୍କ ସ୍ନେହରେ କିଛି ଉଣା ନଥିଲା । ହେଲେ ସେମାନେ ତାଙ୍କୁ ଦୁନିଆର ରୀତିନୀତି ଅନୁସାରେ ଚଳିବାକୁ ସବୁବେଳେ ତାଗିଦ କରୁଥିଲେ, ଯାହା ତାଙ୍କୁ ଜମା ଭଲ ଲାଗୁ ନଥିଲା । ସୌମ୍ୟଙ୍କୁ ଘରେ କେତେ ଡାକ୍ତର, ବୈଦ୍ୟ ପାଖରେ ଚିକିତ୍ସା କରାଇଲେ । ଯିଏ ଯେଉଁ ପୀର୍, ଫକୀର, ଗୁଣିଗାରେଡ଼ି କହିଲା ସବୁ ଯାଇ କରାଇଲେ । ହେଲେ କିଛି ଲାଭ ହେଉ ନଥିଲା । କିଶୋର ସୌମ୍ୟରଞ୍ଜନ ନିଜ ଅସ୍ତିତ୍ୱକୁ ନେଇ ଖୁବ୍ ଦ୍ୱନ୍ଦ୍ୱରେ ରହୁଥିଲେ । ତାଙ୍କ ଭିତରେ କ'ଣ ଚାଲୁଛି ବୁଝି ପାରୁ ନଥିଲେ । କେମିତି ଗୋଟେ ଆଶଙ୍କା ତାଙ୍କୁ ଆବୋରି ବସିଥିଲା । ସେ ଉଦାଶ ରହିବାକୁ ଲାଗିଲେ ।

କୈଶୋର ସମୟରୁ ତାଙ୍କ ପ୍ରତି ସମାଜର ଥଟ୍ଟା ପରିହାସ, ମାନସିକ ଯନ୍ତ୍ରଣା, ଘରେ ଆକଟ, ଗାଳି ମାଡ଼ ସହିତ ନିଜ ଭିତରେ ନିଜ ଭାବନା ସହ ଯୁଦ୍ଧ କରୁଥିବା ସୌମ୍ୟରଞ୍ଜନ ଘର ଭିତରେ ନିଜକୁ ଏକ ରକମର ବନ୍ଦୀ କରି ଦେଇଥିଲେ । ପିଲାବେଳର ଖୁସିବାସିଆ ସୌମ୍ୟରଞ୍ଜନ ସବୁବେଳେ ଉଦାସ ରହିବାକୁ ଲାଗିଲେ । ଘରବାହାର ତାଙ୍କୁ ସବୁ ଅସ୍ୱସ୍ତିକର ମନେ ହେଉଥବଲା ।

କେବଳ ତାଙ୍କ ମା'ଙ୍କ ସାନିଧ୍ୟ ହିଁ ତାଙ୍କର ଆଶ୍ୱାସନା ଥିଲା, ତାଙ୍କୁ ନିର୍ଭୟ ପ୍ରଦାନ କରୁଥିଲା । ମା' ତାଙ୍କ ପାଇଁ ଦୁନିଆ ସହ ପ୍ରକାଶ୍ୟରେ ତ ଲଢ଼ି ପାରି ନଥିଲେ । ହେଲେ ତାଙ୍କୁ ଲଢ଼ି, ଜିତିବା ଶିଖାଇ ଥିଲେ । ମା' ସୌମ୍ୟଙ୍କୁ ପଢ଼ାରେ ମନଦେବାକୁ କହୁଥିଲେ । ପାଠ ତାଙ୍କୁ ଏ ସମାଜରେ ପରିଚୟଟେ ଆଣି ଦେବ ବୋଲି ଜୋର୍ ଦେଉଥିଲେ । ପରିଚୟ ପାଇ ସାରିଲା ପରେ ସେ ନିଜ ଇଚ୍ଛାରେ ନିଜ ସୌକ ମେଣ୍ଟାଇ ପାରିବେ ବୋଲି ବୁଝାଉଥିଲେ । ସୌମ୍ୟରଞ୍ଜନଙ୍କୁ ତାଙ୍କ ପ୍ରିୟ ଅଭିନୟ କରିବା, ନାଚିବା ଏବେ ମନା । ସେ ବାହାରକୁ ଯାଇ ଖେଳକୁଦ କରିବାକୁ ସଂକୋଚ କରୁଥିଲେ । ତେଣୁ ତାଙ୍କର ଆଉ କିଛି କରିବାକୁ ନଥିଲା । ନିଜ ଯନ୍ତ୍ରଣାକୁ ଚାପି ରଖିବା ପାଇଁ ପାଠ ହିଁ ଏକମାତ୍ର ମାଧ୍ୟମ ଥିଲା । ସେ ଖୁବ୍ ପଢ଼ିଲେ । ବାପା ମଧ୍ୟ ପଢ଼ାରେ ତାଙ୍କୁ ସହଯୋଗ କରୁଥିଲେ । ଏବେ ଜୀବନର ଏଇ ସୋପାନରେ ପହଂଚି ସେ ଜାଣୁଛନ୍ତି ଘରେ ସମସ୍ତେ ତାଙ୍କ ବିରୋଧୀ କେବେ ନଥିଲେ । ବରଂ ଏ ସମାଜରେ ତାଙ୍କ ଭବିଷ୍ୟତକୁ ନେଇ ଖୁବ୍ ଉଦ୍‌ବିଗ୍ନ ଥିଲେ । ତେଣୁ ତାଙ୍କ ଅବସ୍ଥା ଜାଣି ମଧ୍ୟ ଘରେ ସମସ୍ତେ ଏ ତଥାକଥିତ ସମାଜରେ ଜଣଙ୍କ ବ୍ୟକ୍ତିତ୍ୱକୁ ମାପିବା ପାଇଁ ଯେଉଁ ମାପକାଠି ତିଆରି ହୋଇଛି ସେଇଥିରେ ଢଳେଇବାକୁ ଚାହୁଁଥିଲେ ।

ଏବେ ସୌମ୍ୟଙ୍କ ସ୍ଥିତି ସମାଜରେ ବେଶ୍ ସୁଦୃଢ଼, ଉଭୟ ଆର୍ଥିକ ଓ ସାମାଜିକ ଭାବରେ । ତେଣୁ ସେ କିଛି ମାତ୍ରାରେ ସାମାଜିକ ମାପକାଠିରୁ ମୁକ୍ତ । ହୃଦୟରେ ତ ସେ ସବୁବେଳେ ନାରୀଟିଏ ହିଁ ଥିଲେ । ହେଲେ ଏ ପଦସ୍ଥ ଚାକିରୀ କରିବା ପରେ ନିଜ ଭିତରେ ଥିବା ନାରୀତ୍ୱକୁ ସେ ଆଧୁନିକ ବିଜ୍ଞାନ ଓ ଚିକିତ୍ସା ସହାୟତାରେ ଶରୀରରେ ମଧ୍ୟ ଫୁଟେଇ ଆଣି ପାରିଲେ । ଏବେ ସେ ତନମନ ସବୁଥିରେ ନାରୀଟିଏ । ନାରୀର ସମ୍ପୂର୍ଣ୍ଣତା ଯଦି ସନ୍ତାନ ପ୍ରସବ କରିବାରେ ଥାଏ, ତାହାହେଲେ ସେ ବେଶ୍ ଜାଣନ୍ତି ସେଥିରେ ସେ ଅସମ୍ପୂର୍ଣ୍ଣ । ଜନ୍ମରୁ ନାରୀ ହୋଇ ମଧ୍ୟ ଅନେକ ଏପରି ନାରୀ ଅଛନ୍ତି ଯେଉଁମାନେ କି ମାତୃତ୍ୱ ପ୍ରାପ୍ତିରୁ ବଂଚିତ ଥା'ନ୍ତି । ଦୁନିଆ ଯଦି ସେମାନଙ୍କୁ ନାରୀ ଭାବରେ ଗ୍ରହଣ କରେ ତେବେ ତାଙ୍କ ପରି ଲୋକଙ୍କୁ କାହିଁକି ନୁହେଁ ? ହେଲେ ମା'ଟିଏର ହୃଦୟ ଯେ ତାଙ୍କର ଶତପ୍ରତିଶତ ଅଛି ସେଇଥିରେ ସେ ନିଃସନ୍ଦେହ । ନିଜ ନାଁ ବି ସେ ସୌମ୍ୟରଞ୍ଜନରୁ ବଦଳାଇ ସୌମ୍ୟା ରଖି ଦେଲେଣି । ହେଲେ ମନର ମଣିଷଟିଏ ଅବଶ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ମିଳିନି । ଆଉ ଆମ ସମାଜରେ ସଗର୍ବେ ତାଙ୍କୁ ଆପଣେଇ ନେବା ଭଳି ପୁରୁଷ ଖୁବ୍ କ୍ୱଚିତ୍ ବୋଲି ସେ ବେଶ୍ ଜାଣିଛନ୍ତି । ତେଣୁ କେବଳ ସେହି ଦିଗକୁ ଅପେକ୍ଷା ନ କରି ସୌମ୍ୟା ନିଜ ଅବସର ସମୟରେ ପିଲାବେଳେ ବାଧ୍ୟ ହୋଇ ଛାଡ଼ି ଦେଇଥିବା ନିଜ ନାଚ, ଗୀତର ସୌକକୁ ପୁଣି ସେ ଉପଭୋଗ କରିବା ଆରମ୍ଭ କରି ଦେଇଛନ୍ତି ।

ପ୍ରଥମେ ସୌମ୍ୟାଙ୍କ ସହ କାମ କରିବାକୁ ଅଫିସ୍‌ରେ ସହକର୍ମୀମାନେ ଅସହଜ ମନେ କରୁଥିଲେ ମଧ୍ୟ ପରେ ପରେ ତାଙ୍କ ନିରପେକ୍ଷ ବିଚାର ଓ ଶାଳୀନ ବ୍ୟବାହାରରେ ସେ ସମସ୍ତଙ୍କୁ କିଛିଟା ସହଜ କରାଇ ପାରିଲେଣି । ନିଜର କାର୍ଯ୍ୟଦକ୍ଷତା ପାଇଁ ଯଦିଓ ସେ ପ୍ରଶଂସିତ ତଥାପି ଅଫିସ୍‌ରେ କିଛି ତାଙ୍କୁ ତାଙ୍କ ଉଦ୍ୟମରେ ନିଜ ପରିବାର ସହ ମିଶାଇବା ପାଇଁ ଏବେ ମଧ୍ୟ କୁଣ୍ଠା ପ୍ରକାଶ କରନ୍ତି । ସମାଜର ମୁଖ୍ୟସ୍ରୋତରେ ନିଜକୁ ମିଶାଇ ଦେବା ପାଇଁ ସୌମ୍ୟା ନିଜକୁ ଅନେକ ସହଜ କରିବାକୁ ଚେଷ୍ଟା କରୁଛନ୍ତି ।

ସେଦିନ ପାଂଚ ଦିନିଆ ଗଣେଶ ଉତ୍ସବର ଏକ ସାସ୍କୃତିକ

ସନ୍ଧ୍ୟାର ଆୟୋଜନ ହୋଇଥିଲା । ଜିଲ୍ଲାର ପଦସ୍ଥ ଅଫିସର୍ ଭାବରେ ସୌମ୍ୟା ମୁଖ୍ୟ ଅତିଥି ରୂପେ ନିମନ୍ତ୍ରିତ ହୋଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କିଛି ନାଚଗୀତ ପରେ ହଠାତ୍ ଏକ ଧୂନ୍ ସୌମ୍ୟାଙ୍କୁ ଅସହଜ କରିଦେଲା । ଦେଖୁ ଦେଖୁ ଅକ୍ଷୟ ମହାନ୍ତିଙ୍କର ଅମର କୃତି ଦିନରେ 'ବସନ୍ତ ଆମେ, ଆମେ ରାତିରେ ବାସନ୍ତି...' ବାଜି ଉଠିଲା ଓ ସେଇଥିରେ କେତେକ ମାଇଚିଆ ମଂଚକୁ ଆସି ନାଚିବା ଆରମ୍ଭ କରିଦେଲେ । ସ୍ଥାନଟି ଉପସ୍ଥିତ ଦର୍ଶକଙ୍କ ହସରେ ସ୍ଥଳଟି ଉଛୁଳି ପଡିଲା । ସୌମ୍ୟାଙ୍କ ମନ ଦେହ ଲଜ୍ୟା, ଗ୍ଲାନି ଓ ରାଗରେ ଜଳି ଉଠିଲା । ମୁହୂର୍ତ୍ତେ ବି ସେ ସେଠାରେ ରହିବାକୁ ଚାହୁଁ ନଥିଲେ । ହେଲେ ସେ ନିଜ ଭାବାବେଗକୁ ସମ୍ଭାଳି କୌଣସି ମତେ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ନିଜ ଆସନରେ ବସି ରହିଲେ । କାର୍ଯ୍ୟକ୍ରମ ସରିଲା ପରେ ଗାଡି ପାଖକୁ ଆସିବା ସମୟରେ ମାଇଚିଆଟେ ନିଜ ସାଥୀଙ୍କ ସହ ତାଳିମାରି ତାଙ୍କ ପାଖକୁ ଆସିଗଲା ତାଙ୍କୁ ଆଶୀର୍ବାଦ ଦେଇ କିଛି ପଇସା ମାଗିବା ପାଇଁ । ସୌଜନ୍ୟମୂଳକ ଭାବରେ ସୌମ୍ୟା ସେମାନଙ୍କ ପରିଚୟ ମାଗିଥିଲେ ଓ ଅନ୍ୟମାନଙ୍କ ଅଲକ୍ଷରେ କିଛି ଟଙ୍କା ସହ ନିଜ କାର୍ଡକୁ ତା' ହାତରେ ଗୁଞ୍ଜି ଦେଇଥିଲେ ।

ସେଦିନ ଘରକୁ ଫେରି ସୌମ୍ୟା ବିଚଳିତ ହୋଇ ପଡ଼ିଥିଲେ । ରାତିରେ ତାଙ୍କୁ ନିଦ ହେଉ ନଥିଲା । ଆଖି ବନ୍ଦ କଲା ମାତ୍ରେ ମୁହଁରେ ଗାଢ଼ା ରଙ୍ଗମାରି ନାଚୁଥିବା ତାଙ୍କ ପରି ଅସ୍ତିତ୍ୱଧାରୀ ଲୋକଙ୍କ ମୁହଁ ଆଖି ଆଗରେ ନାଚି ଉଠୁଥିଲା । ଆଉ ଲୋକଙ୍କ ଥଟ୍ଟାଳିଆ ହସ, ସିଟିସବୁ କାନକୁ ଏ ପର୍ଯ୍ୟନ୍ତ ବି ତାଜା କରି ଦେଉଥିଲା । ଲାଗୁଥିଲା ତାଙ୍କ ନାରୀର ଶରୀର ଓ ମନ ତଳର ମଣିଷକୁ ଏ ଲୋକଗୁଡ଼ା ଚିଡ଼ାଉଛନ୍ତି, ଛିଗୁଲାଉଛନ୍ତି । କାହିଁକି ବା ଛିଗୁଲେଇବେନି ? ତାଙ୍କ ପରି ମଣିଷଗୁଡ଼ା ନିଜ ଅସ୍ତିତ୍ୱକୁ ଏମିତି ଶସ୍ତା କରି ଦେଇଛନ୍ତି ଯେ । ମନରେ ରାଗ ଆସୁଥିଲା । ପିଲାଦିନ କଥା ମନେ ପଡି ଯାଉଥିଲା । ସିଏ ବି ଅକ୍ଷୟ ମହାନ୍ତିଙ୍କ ଏ ଗୀତରେ ପିଲାବେଳେ ତ କେତେ ଡେଉଁଥିଲି । ହେଲେ ଏବେ ତାଙ୍କ ଦେହରେ ନିଆଁ ଲାଗିଯାଉଛି । ସେ ଜଳି ଯାଉଛନ୍ତି ।

'ଏ ଗୀତ କ'ଣ ସତରେ ଆମମାନଙ୍କ ପାଇଁ ଅପମାନ ?' ନିଜକୁ ପ୍ରଶ୍ନ କେଲେ ସୌମ୍ୟା । ୟୁ ଟ୍ୟୁବ୍‌ରେ ଗୀତଟି ଖୋଜି ଶୁଣିଲେ । ବାରମ୍ବାର ଶୁଣିଲେ । ନା, ଗୀତରେ ତ ଗୋଟେ ମାଇଚିଆର ଦୁଃଖ ଓ ନିଃସହାୟତାକୁ ହିଁ ବର୍ଣ୍ଣନା କରାଯାଇଛି । ହେଲେ ଲୋକେ ଏହାକୁ କୁତ୍ସିତ ମନୋରଞ୍ଜନର ମାଧ୍ୟମ କେମିତି କରି ନେଇଛନ୍ତି ?

ନିଜେ ପ୍ରତିଷ୍ଠିତ ହେଲା ପରେ ନିଜ ପରି ସମାଜରେ ଥିବା ଅଣଦେଖା, ଅବହେଳିତ ଲୋକଙ୍କ ପାଇଁ କେତେ କ'ଣ କରିବାକୁ ସୌମ୍ୟା ନିଜ କୈଶୋରର ବିଦ୍ରୋହୀ ମନରେ ପଣ କରିଥିଲେ । ହେଲେ ପ୍ରଥମେ ନିଜକୁ ସମାଜ ଆଗରେ ପ୍ରତିଷ୍ଠିତ କରାଇବାର ସଂଘର୍ଷ, ପରେ ଚାକିରିର କାର୍ଯ୍ୟବ୍ୟସ୍ତତା ହେତୁ ଓ ନିଜକୁ ଦୁନିଆ ଆଗରେ ସେ ଯେ ସମ୍ପୂର୍ଣ୍ଣ ସାମାନ୍ୟ ତାହା ଦେଖେଇବା ଚକ୍କରରେ ବୁଡ଼ି ରହି ସେ ପିଲାବେଳେ କରିଥିବା ପଣଟିକୁ ନିଜ ଅଜାଣତରେ କେମିତି ଗୋଟେ ପାଶୋରି ଦେଇଥିଲେ । ହେଲେ ଆଜିର ଘଟଣା ସଚେତ କରାଇ ଦେଲା ।

ସୌମ୍ୟା କମ୍ପ୍ୟୁଟର୍ ଖୋଲିଲେ । ଆଜିକା ଇଂଟରନରଟ୍ ଯୁଗରେ ଅନେକ କିଛି ସୁବିଧା ହୋଇ ଗଲାଣି । ଏହା ମାଧ୍ୟମରେ ବହୁତ କିଛି ଜାଣି ହେଉଛି ଓ ଆଦାନପ୍ରଦାନ ସହଜ ହେଉଛି । ସୌମ୍ୟା ନିଜ ଅସ୍ତିତ୍ୱକୁ ଏ ଇଂଟରନେଟ୍ ମାଧ୍ୟମରେ ହିଁ ଭଲରେ ବୁଝି ପାରିଥିଲେ ଓ ପରିବାରକୁ ବୁଝାଇ ପାରିଥିଲେ । ସେଇଥି ପାଇଁ ସେ ଏକ ସୁନ୍ଦର ସୁରକ୍ଷିତ ସ୍ଥାନରେ ଆଜି ପହଂଚି ପାରିଛନ୍ତି । ନହେଲେ ସେ ମଧ୍ୟ ନିଜ ଅସ୍ତିତ୍ୱ ସନ୍ଧାନରେ ନିଜ ପରିବାରଠାରୁ ଦୂର ହୋଇ ଜିବୀକାନିର୍ବାହ ପାଇଁ କେଉଁ ଷ୍ଟେସନ୍‌ରେ ଭିକ ମାଗୁଥାନ୍ତେ କିମ୍ବା ଏମିତି କୋଉଠି ଶସ୍ତା ନାଚଗୀତ କରୁଥାନ୍ତେ ଅବା କିଛିଟା ପଇସା ପାଇଁ ଅସୁରକ୍ଷିତ ଭାବରେ ନିଜ ଦେହ ବିକୁଥାନ୍ତେ । ତାଙ୍କୁ ତାଙ୍କ ପରିବାରର ସହଯୋଗ ମିଳିଥିଲା । ହେଲେ ଏ ସମାଜ ଚାପର ବଶବର୍ତ୍ତୀ ହୋଇ ଅଧିକାଂଶ ପରିବାର ତାଙ୍କ ପରି ମଣିଷକୁ ଅଣଦେଖା କରି ଦିଅନ୍ତି । ହେଲେ ସେମାନଙ୍କୁ ମଧ୍ୟ ଭଲ ବାଟ ଦେଖେଇ, ବାଟ କଢେଇ ନେବାକୁ ସାହାରାଟିଏ ଦରକାର । ସେମାନଙ୍କ ପରି ଲୋକଙ୍କ ପାଇଁ ଆଖିବୁଜି ଦେଇଥିବା ସମାଜ ଆଗରେ ସେମାନେ ଯେ ପ୍ରକୃତିଦ୍ୱାରା ଗଢ଼ା ହୋଇଥିବା ଅନ୍ୟ ପରି ସଜୀବ ମଣିଷ, ତାହା ପ୍ରତିପାଦନ କରିବାକୁ ହେବ ।

ଯଦିଓ ସୌମ୍ୟା ଆଜି ସନ୍ଧ୍ୟାରେ ସେମାନଙ୍କୁ ନିଜ କାର୍ଡ ଦେଇଛନ୍ତି, ହେଲେ ବି ସେ ପଚାରିଥିବା ସେମାନଙ୍କ ନାଁ ମନେପକାଇବାକୁ ଚେଷ୍ଟାକଲେ । ହଁ, ମନେପଡ଼ିଲା । ସେବତି, ରତ୍ନା, ମୋନା । ସୌମ୍ୟା ଇଂଟର୍‌ନେଟ୍‌ରେ ସେମାନଙ୍କୁ ଖୋଜିବାରେ ଲାଗି ପଡ଼ିଲେ ।

କେଶରୀ ଏନକ୍ଲେଭ୍, ଏ-୧୦୫
ୟୁନିଟ୍-୮, ନୂଆପଲ୍ଲୀ
ଭୁବନେଶ୍ୱର-୧୨
ମୋ.: ୯୪୩୭୮ ୧୫୫୪୦



ଅବାଞ୍ଛିତ ସଂସାର

ଭାଗୀରଥି ବେହେରା

ନିଜ ପାଇଁ ଏକ ପ୍ରକାର ଅଲଗା ଦୁନିଆ ଗଢ଼ିସାରିଛି ସାଗରିକା । କାହା ଉପରେ ଅଭିମାନ କରିବା, ଅଧିକାର ଜମେଇ ରାଗିବା ତା' ଜୀବନର ଅଭିଧାନରେ ନାହିଁ ଯେମିତି । ଇଚ୍ଛା, ଅଭିଳାଷା, ଲିପ୍ସା ଓ କାମନା ଏଣିକି ମାଇନେ ରଖେନି ଜୀବନରେ । ଅତୀତ ପାଇଁ ଯନ୍ତ୍ରଣା ନାହିଁ, ଭବିଷ୍ୟତ ପାଇଁ କୌଣସି ମନ୍ତ୍ରଣା କି ଯୋଜନା ନାହିଁ । ରାଗରୁଷା, ପ୍ରେମ ପ୍ରତାରଣା, ପର ଆପଣା ଆଉ ମଣିବାର ନାହିଁ, କି ମନେ ରଖିବାର ନାହିଁ । ସଭିଙ୍କୁ ପଛେଇ ଦେଇ ଚାଲିଆସିଛି ଯେମିତି ଏ ଜୀବନଯାତ୍ରାରେ ।

ସତ୍ୟକାମ ହଠାତ୍ ଦିନେ ଫେରିଆସିବ କହିଗଲା ଯେ, ଚାରିବର୍ଷ ହେଲା ଫେରିବାର ନାହିଁ । ମଲା, ହଜିଲା କି ଆଉ କାହା ସହ ଘର ବସେଇଲା ଏ ଯାଏଁ ଯେମିତି ପ୍ରହେଳିକା ।

ସତରେ କ'ଣ ସବୁକୁ ପଛରେ ପକେଇ ଚାଲିଆସିଛି ସାଗରିକା ? ତେବେ କାହିଁ ଆଗେଇ ପାରୁନି ତ ? କାହାକୁ ନିଜର କରୁନି, କି ନିଜେ କାହାର ହେଉନି ତ ? ସମାଜ ସହ ସାମିଲ ହେଇ ଭିଡ଼ରେ ହଜିଯାଉନି, କି ନିଜ ଚାରିପଟେ ସମ୍ପର୍କୀୟମାନଙ୍କ ଭିଡ଼ ଲାଗୁନି ତ ?

ସବୁ ଯେମିତି ତା' ପାଇଁ ନିଷ୍ପ୍ରିୟ, ନିସ୍ପନ୍ଦ ଓ ନିଖୋଜ ।

ଯେଉଁ ନିରଙ୍କୁଶ ଅବସ୍ଥାରେ ଅଛି ଏବେ ସାଗରିକା, ସତରେ ସେ ଏକ ଅଜବ ସ୍ଥିତି, ଅଜବ ପୀଡ଼ା । ନିଜର ଜଣେ ଯଦି କିଏ ମରିଯାଏ, କିଛି ଦିନ ଲାଗେ ଯେମିତି ସଂସାର ଉଜୁଡ଼ିଗଲା । ଧୀରେ ଧୀରେ ଉଜୁଡ଼ା ସଂସାରର ଗାଡ଼ି ଠିକ୍ ତା' ବାଟେ ଚାଲିବା ଆରମ୍ଭ କରେ । ଯଦି ଜଣେ ନିଜର କିଏ ଆପଣା ଲୋକଙ୍କୁ ଛାଡ଼ି ଅନ୍ୟ କାହାର ହୋଇଯାଏ, କି ଆଉ କାହା ପାଖକୁ ଚାଲିଯାଏ ପ୍ରଥମେ ପ୍ରଥମେ ବାଧେ । ଭାରି ବାଧେ । ଇଚ୍ଛା ହୁଏ ସେ ତିଆରି କରିଥିବା ନୂଆ ନୀଡ଼ରେ ନିଆଁ ଲଗେଇ ଜାଳିପୋଡ଼ି ଛାରଖାର କରିଦେବାକୁ । କିନ୍ତୁ ସମୟକ୍ରମେ କଷ୍ଟ ଦେଉଥିବା ସେ ଘା' ମଧ୍ୟ ଭରିଯାଏ । ଶୁଖିଯାଏ ।

କିନ୍ତୁ ଯେତେବେଳେ ଆପଣାଲୋକର ସ୍ଥିତି ହିଁ ରହସ୍ୟମୟ ହୋଇଯାଏ, କେତେବେଳେ ସେ ଫେରିଆସିବାର ସମ୍ଭାବନା ବାଟ ଆଗୁଳି ବସେ, ଫେରିବାର ଆଶା କ୍ଷୀଣ ହେଇଆସୁଥାଏ, କେବେ ବି ଅଶୁଭ ସମାଚାରଟିଏ ପହଞ୍ଚିବାର ସମ୍ଭାବନା ଆତଙ୍କିତ କରି ରଖେ- ଏ ସ୍ଥିତି ବଡ଼ ପୀଡ଼ାଦାୟକ । ଏକ ଅସରନ୍ତି ଯନ୍ତ୍ରଣା । ମାପି ହେଉ ନ ଥିବା ସଂସାର ।

ବିବାହ ପୂର୍ବରୁ ମାଆ ହେଲା ବୋଲି ସାଗରିକା ଘରୁ ତଡ଼ା ଖାଇଲା । ଏକମାତ୍ର ଭଲ ପାଉଥିବା ପ୍ରେମିକ ସତ୍ୟକାମ ହିଁ ସାହାରା ଦେଲା । ଅନ୍ତତଃ ଜୀବନ ବଞ୍ଚିବା ପାଇଁ କିଏ ତ ସାହାରା ହେଲା । ଦୁହେଁ ଲିଭ୍ ଇନ୍‌ରେ ରହିବା ଆରମ୍ଭ କଲେ ଓ ବିବାହ ପାଇଁ ଯୋଗାଡ଼ରେ ଲାଗିପଡ଼ିଲେ । ଯେତେ ଯେତେ ଛୁଆଟା ଗର୍ଭରେ ବଢ଼ିବାରେ ଲାଗିଲା,

ସେତେ ସେତେ ବାହାହେବା ଘୁଞ୍ଚି ଘୁଞ୍ଚି ଯାଉଥିଲା । ଏମିତି ନୁହଁ ଯେ ସାଗରିକା ସତ୍ୟକାମ ଉପରେ ସନ୍ଦେହ କରୁଥିଲା, ପରନ୍ତୁ ସତକଥା ହେଲା ତା'ର ଚାକିରି ଚାଲିଯାଇଥିଲା । ସହଜରେ ଅନ୍ୟ ଚାକିରିଟେ ମିଳୁ ନଥିଲା ।

ଇଣ୍ଟରଭିୟୁ ଯାଇ ଆସୁଛି ବୋଲି କହି ବାହାରିଥିଲା ସତ୍ୟକାମ ଦିନେ । ସେଦିନୁ ଫେରିନି ସେ । ତାକୁ ଖୋଜିବାର ସବୁ ଚେଷ୍ଟାକଲା ସାଗରିକା । ପୋଲିସଠୁ ଖବର କାଗଜ, ସାଙ୍ଗସାଥୀଠୁ ପରିବାର ଅତାପତା ମିଳୁନି ସତ୍ୟକାମର । ସାଗରିକା ଗର୍ଭରେ ବଢୁଥିବା ଛୁଆର ବାପା ସତ୍ୟକାମ-ନିରୁଦ୍ଦିଷ୍ଟ ।

କେତେଥର ଭାବିଲା ଅଜନ୍ମା ପିଲାଟାକୁ ଅବରେସନ୍ କରି ନେବ, କିନ୍ତୁ ମେଡ଼ିକାଲ୍ ଅସୁବିଧା ଯୋଗୁଁ ପାରୁ ନ ଥିଲା । ଅସୁବିଧାର ଏମିତି ଘଡ଼ିସନ୍ଧି ମୁହୂର୍ତ୍ତରେ ହାତଗଣତି ଦୁଇ ତିନିଜଣ, ପାଖରେ ଯିଏ ଯାହାଥିଲେ ସେମାନେ ବି ନିଜନିଜ ବାଟ କାଟିଲେ- ଯେମିତି ସଂସାରରେ ହୁଏ । ଶେଷରେ ଗୋଟିଏ ଚର୍ଚ୍ଚର ଫାଦର୍ ଦୟାକରି ଆଶ୍ରୟ ଦେଲେ । ବିଧିର ବିଧାନ ଅନ୍ୟ କିଛି ଥିଲା । ମଲା ପିଲାଟିଏ ଜନ୍ମ ହେଇ ସାଗରିକାର ବଞ୍ଚିବାର ବଳକା ଇଚ୍ଛା ଟିକକ ମାରିଦେଲା ଯେମିତି ।

ସେଇଠୁ ଦୀର୍ଘ ଚାରିବର୍ଷ ହେଲା ଫାଦର୍‌ଙ୍କ ସହଯୋଗରେ ସହରରୁ ସହର ବଦଳେଇ ସେ ବିଭିନ୍ନ ଚର୍ଚ୍ଚରେ କାମ କରୁଛି ଯେ, କେବେ ନା' କେବେ ତ ସତ୍ୟକାମ ମିଳିଯିବ ।

ଆସନ୍ନ ସମ୍ଭାବିତ ପରିସ୍ଥିତି ପାଇଁ ନିଜକୁ ପ୍ରସ୍ତୁତ କରିସାରିଥିଲା ସାଗରିକା ଏହି ଚାରିବର୍ଷର ମଧ୍ୟରେ । ସତ୍ୟକାମକୁ ନେଇ ସୁସଂବାଦର ଆଶା ମଉଳିଯାଇ ମୂଲ୍ୟହୀନ ଏବେ । ଯଦି ସେ ସଂସାରରେ ନଥିବ ତେବେ କଥା ଅଲଗା । ଥରେ ନିଶ୍ଚିତ ହୋଇଗଲେ ଫାଦର୍‌ଙ୍କୁ ଦେଇଥିବା ପ୍ରୋମିସ୍‌କୁ ପାଳନ କରିବ । ଯଦି ସତ୍ୟକାମ ଏକାଥାଏ ଓ ବଞ୍ଚିଥାଏ, କିମ୍ବା ଆଉ କାହା ସହ ଥାଏ ତେବେ ନିର୍ଣ୍ଣୟ ନେବାର ସମୟ ଶୀଘ୍ର ଆସିବ ।

ସାଗରିକା ନିର୍ଣ୍ଣୟ ନେଇସାରିଲାଣି ଆଗକୁ କେମିତି ବଞ୍ଚିବ । ଏବେ ତ ପିଲାଙ୍କୁ ଶିକ୍ଷାଦାନ ଦେଉ ଦେଉ ତା ସମୟ ଅତିବାହିତ ହେଉଛି ଫାଦରଙ୍କ ଦ୍ୱାରା ତିଆରି ଅର୍ଫାନ ହୋମରେ । କିନ୍ତୁ ପ୍ରଭୁ ଯୀଶୁଙ୍କ ସେବାରେ ସଂପୂର୍ଣ୍ଣ ସମର୍ପିତ ହେବାକୁ ହେଲେ ନନ୍ ବନିଯିବା ହିଁ ଏକମାତ୍ର ପନ୍ଥା । ସେଇଠୁ ନ ପୁନଶ୍ଚ ସତ୍ୟକାମ ପାଖକୁ ଫେରିବାର ଇଚ୍ଛା, ସଂସାର ବାନ୍ଧିବାର ଆକାଂକ୍ଷା, କି ଜୀବନର ଶେଷ ନିଃଶ୍ୱାସ ଛାଡ଼ିବା ଯାଏଁ ପରିବାର ପାଖକୁ ଫେରିବାର କାମନା ।

X X X X X X X

ବର୍ଷ ଆରମ୍ଭରୁ ହିଁ ଫାଦର ଆଦେଶ ଶୁଣେଇଦେଲେ ଯେ, ଏଥର ଏଠିକାର ଚର୍ଚ୍ଚ ସ୍କୁଲରେ ପ୍ରଥମ କରି ପାଠ ଆରମ୍ଭ କିମ୍ବା ଜଏନ୍ ହେବାକୁ ଆସିଥିବା ବିଦ୍ୟାର୍ଥୀ କୌଣସି ଏକ ନୂତନ ଭାବେ ହୋଇଥିବା ନନ୍‌ଠାରୁ ହିଁ ଶିକ୍ଷା ଗ୍ରହଣ କରିବେ । କିନ୍ତୁ ଏତେ ସହଜ ନୁହେଁ ଫାଦରଙ୍କ ପାଇଁ । ଅର୍ଫାନ ପିଲାଙ୍କ ନିମନ୍ତେ ତିଆରି ହୋଇଥିବା ସ୍କୁଲ ଏ । ଆଜିକାଲି ନନ୍ ମିଳିବା ଏତେ ସହଜ ନୁହଁ । ଯଦି ମିଳନ୍ତି, ସଂସାରର ଆକର୍ଷଣରେ ଅଧାରେ ଛାଡ଼ି ଚାଲିଯାନ୍ତି ଓ ବଦ୍‌ନାମ୍ ଆଣନ୍ତି ପ୍ରତିଷ୍ଠାନକୁ ।

କେଜାଣି କାହିଁକି ସାଗରିକା ପ୍ରତି ଫାଦରଙ୍କ ପ୍ରଗାଢ଼ ବିଶ୍ୱାସ । ତା'ର କର୍ମନିଷ୍ଠା, ମାର୍ଜିତ ବ୍ୟବହାର, ଯୀଶୁଙ୍କ ସେବାରେ ନିଷ୍ଠା ଦେଖି ତାଙ୍କୁ ଲାଗୁଛି ସାଗରିକା ହିଁ ନନ୍ ହୋଇ ସଭିଙ୍କ ସେବାରେ ନିଜକୁ ସମର୍ପି ପାରିବ । ହେଲେ ହେବ କ'ଣ ! ବେଳେବେଳେ ନିରୁଦ୍ଦିଷ୍ଟ ସତ୍ୟକାମ ନାମକ ବ୍ୟକ୍ତି ତା' ଆଗରେ ବାଡ଼ହୋଇ ଠିଆ ହୋଇଯାଉଛି ।

-"ସିଷ୍ଟର ! ଫାଦର ଡାକୁଛନ୍ତି । ସାଗରିକା ଜାଣୁଥିଲା କ'ଣ ପାଇଁ ଡାକୁଛନ୍ତି ଫାଦର । ନିଶ୍ଚୟ କେଉଁ ନବାଗତ ଆଡ଼ମିସନ୍ ପାଇଁ ଆସିଛନ୍ତି । ଆଦେଶ ପାଳନ କଲା ସେ ।

-"ଡାକିଲେ ଫାଦର ?"

-" ସିଷ୍ଟର ! ଏ ଅନୁଷ୍ଠାନ ଏବେ ତୁମରି ହାତରେ । ଗୋଟିଏ ବଡ଼ ସୁଯୋଗ ଆସିଛି ଭାଙ୍ଗି ପଡୁଥିବା ଏ କନଭେନ୍ଟକୁ ବଞ୍ଚେଇବାକୁ ।"

-"କେମିତି ଫାଦର ?"

-" ଜଣେ ଶିଳ୍ପପତି ତାଙ୍କର ମାତୃହୀନ ସନ୍ତାନକୁ ଏଠି ବିଦ୍ୟା ପ୍ରାରମ୍ଭ ପାଇଁ ଆଣିଛନ୍ତି । ଯଦି ତୁମେ ନନ୍ ରୂପରେ ଗ୍ରହଣ କରିବ, ତେବେ ଅନେକ ଡୋନେସନ୍ ମିଳିବ । ତେବେ ଯାଇ ତୁମ ଭଳି ଅନେକ ଜୀବନ ବଞ୍ଚିପାରିବ । ଭାବୁଛି ମୁଁ ଯେମିତି ତୁମ ଜୀବନକୁ ବଞ୍ଚେଇଛି, ତୁମର ବି କେତେ ଜଣଙ୍କୁ ବଞ୍ଚେଇବା ଦରକାର । ଏହା ହିଁ ଯୀଶୁଙ୍କ ସଂବାଦ ଓ ତୁମର କର୍ତ୍ତବ୍ୟ । ଦେଖ, ସେଠି ସେ ଠିଆ ହୋଇଛନ୍ତି । ତୁମେ ରାଜି ହେଲେ ଡାକିବି ।"

ଏତିକି କହି ଫାଦର କଲିଂବେଲ ମାରି ତାଙ୍କୁ ଡାକିବାକୁ ଆଦେଶ ଦେଲେ । ଝରକା ବାଟ ଦେଇ ସାଗରିକା ଦେଖିବାକୁ ଚାହିଁଲା କିଏ ସେ ବଦାନ୍ୟ ବ୍ୟକ୍ତି, ଯାହାର ସନ୍ତାନକୁ ଶିକ୍ଷା ଗ୍ରହଣ ଆରମ୍ଭ କରେଇ ସାଗରିକା ନିଜ ଜୀବନର ଅନ୍ତିମ ଭୂମିକା ନନ୍ ଭାବେ ଦାୟିତ୍ୱ ଗ୍ରହଣ କରିବ ।

ଆଗନ୍ତୁକ ଶିଳ୍ପପତି ଯେତେ ପାଖେଇ ଆସୁଥିଲା ଅଫିସ ଆଡ଼କୁ, ସେତେ ସ୍ଥାଣୁ ପାଲଟୁଥିଲା ସାଗରିକା । ମନରେ ବସା ବାନ୍ଧିଥିବା ଚାରିବର୍ଷର ଭୟ ଏମିତି ରୂପରେ ଆସିଯିବ ସେ ଭାବି ନ ଥିଲା । ସଦ୍ଭୁତ ସଂଶୟ ଯେ ସତ୍ୟକାମ - ଏହା ସେ ନିଶ୍ଚିତ କରିନେଲା । ସତ୍ୟକାମ ବଞ୍ଚିଛି, ତା' ସହ ଗୋଟିଏ ସନ୍ତାନ ସହ ଏକ ଅଲଗା ଅପ୍ରତ୍ୟାଶିତ ସଂସାରଟିଏ ବି ବଞ୍ଚିଛି ।

ଏବେ ନିର୍ଣ୍ଣୟର ବେଳ । ନ ହେଲେ କ୍ଷଣିକେ ବଦଳି ଯାଇପାରେ ତା ଅବାଞ୍ଛିତ ସଂସାର । ବଡ଼ ପାଟିରେ ଡାକଦେଲା ଏଲିନାକୁ- ବର୍ତ୍ତମାନର ତା' ଏକାକୀ ଜୀବନର ସାଥୀ, ଏ କନ୍‌ଭେଣ୍ଟର

ସେବିକା । ଆଦେଶ ଦେଲା ଆଗନ୍ତୁକ ଏଠି ଆସିବା ପୂର୍ବରୁ ଯେମିତି ସେ ଅତିଥି ପ୍ରତୀକ୍ଷା ହଲ୍‌ରେ ବସିବେ । ଏଲିନା ଆଦେଶ ପାଇବା ମାନେ ଧାଇଁଲା ତଳକୁ ।

ଭିତର ପଟୁ ଦୁଆର ଆଉଜେଇ ନିଜକୁ ସମ୍ଭାଳିଲା ସାଗରିକା । ଫାଦରଙ୍କ ହାତକୁ ଧରି ମଥାରେ ଲଗେଇ କହିଲା-"ଫାଦର ! ମୁଁ ନନ ହେବାକୁ ପ୍ରସ୍ତୁତ । ମସୀହାଙ୍କ ବୋଧେ ଏହା ହିଁ ଆଦେଶ । ଆପଣ ଶିଳ୍ପପତିଙ୍କୁ ଦୁଇ ଚାରିଦିନ ସମୟ ମାଗନ୍ତୁ ।" ଫାଦର ମୁହଁରେ ହସ ଓ ଧନ୍ୟବାଦର ମୁଦ୍ରା । ଯୀଶୁଙ୍କ ପ୍ରତି କୃତଜ୍ଞତା ।

ବାଲ୍‌କୋନୀର ଭଙ୍ଗା କାଚ ଭିତରୁ ସତ୍ୟକାମ ଓ ତା' ହାତରେ ଛଅ ସାତ ବର୍ଷର ଗୋଟିଏ ବାଳକ ଆଖିରୁ ଅଦୃଶ୍ୟ ହେଉଥିବାର ଦୃଶ୍ୟ ଦେଖୁଥିଲା ସାଗରିକା ।

ଆଖିରୁ ଟଳମଳ ହୋଇ ଖସି ପଡୁଥିବା ଲୁହ ସମ୍ଭାଳିଲା ବେଳକୁ କେଉଁ ଏକ ଦୁର୍ବଳ ମୁହୂର୍ତ୍ତର ସାଗରିକାର ଜୀବନ କାହାଣୀ ଜାଣିଥିବା ଏଲିନା ପଚାରି ବସିଲା ।—" ସିଷ୍ଟର ! ହଠାତ୍ ନନ୍ ହେବାର ନିର୍ଣ୍ଣୟ କାହିଁକି ?"

ଏଲିନାକୁ କ'ଣ ଉତ୍ତର ଦେବ ଯେ ସାଗରିକା ! କେତେ ଖୁସି, କେତେ ଦୁଃଖ, ରାଗରୁଷା, ଅଭିମାନ, କେତେ ପ୍ରଶ୍ନ, କେତେ ସମାଧାନ- ସବୁ ଅତି କ୍ଷଣଭଙ୍ଗୁର ଲାଗୁଥିଲା ତାକୁ ।

ସତ୍ୟକାମର ଫେରିବା ସମ୍ପର୍କର ଜଟିଳତାକୁ କି ମୋଡ଼ ନେବ, ଯେତିକି ସାଗରିକାକୁ ଡର ଲାଗୁ ନ ଥିଲା, ତା'ଠୁ ଅଧିକ ସତ୍ୟକାମକୁ ନେଇ ନିଜ ଦୁର୍ବଳତା ପ୍ରତି ତା' ଡର । ପୁନଶ୍ଚ ସଂସାରକୁ ଫେରିବାର ମୋହଜାଲରେ ବନ୍ଧା ନ ପଡ଼ିଯାଉ ସେ -ଏ ଦ୍ୱନ୍ଦ୍ୱର ସମାଧାନ ହିଁ ତା' ଅବାଞ୍ଛିତ ସଂସାରର ନିର୍ଣ୍ଣୟ, ସାଗରିକା ବୁଝେଇ ପାରୁ ନ ଥିଲା ଏଲିନାକୁ ।

ମାଳିସାହି, ବାରିବନ୍ଧ,
ଆଙ୍କୁଲି, ବ୍ରହ୍ମପୁର
ଗଞ୍ଜାମ -୭୬୦୦୧୦
ମୋ.: ୮୭୩୨ ୦୨୬୨୨

କ ବି ତା

ରାତ୍ରି

ସତ୍ୟ ସାହୁ

ଯେତେବେଳେ ଅନ୍ଧାରକୁ ପ୍ରେମ ଆହୁରି ଗାଢ଼ତର ହୁଏ
ସେ ଆସେ, ନ ଥାଏ ନିର୍ଦ୍ଦିଷ୍ଟ କଣ୍ଠ
ଲିତା-କିତା,ଦଣ୍ଡ-ଘଡ଼ି, ଭୟ-ଆନନ୍ଦର
ନ ବସୁ ପଛେ ପାହାଡ଼ରେ ଦେବସଭା
ନ ଜାଳୁ ପଛେ ତାନ୍ତ୍ରିକ ଶ୍ମଶାନ ବତୀ
ନ ବାଜୁ ପଛେ ମଲ୍ଲି ବାସ୍ନା ମାଫିକ୍ ଘୁଙ୍ଗୁର
ସେ ଆସେ ଅର୍ବୁଦ ଗୋପନୀୟତା ପିଠିରେ ଲଗାମ କଷି
ଖଣ୍ଡେ ଯାଯାବରୀ କଣ୍ଢେଇର ନଈନହକା ଚାଲି ପରି ।

ସେ କାମୁଡ଼େ ଆଞ୍ଜୁଡ଼େ ବିଦାରି ଦିଏ ଆଦିମ କ୍ଷତ
ଘା' ପୂଜ ରକ୍ତ ସଲବଲ ଜୀବନ ଚିତ୍ରପଟ୍ଟ
ସୁର୍ମା ଲଗାଏ ଆଖିରେ ମୋ' ମନ କି ରାଣୀ
କହ ମାଲ୍ୟାଣୀ କେତେ ନିକୁଟା ହସର ଓଜନ ମୋ' ଜିତାପଟ

ନୁଣ ଚରିଯାଏ ଶିରା ପ୍ରଶିରାରେ
ଆହୁରି ହିଂସ୍ର ହୁଅନ୍ତି ବନ୍ୟଜନ୍ତୁ
ଲବଣ ସ୍ଫଟିକ ପାହାଡ଼ରେ ଝୁଲୁଥାଏ ମହୁଫେଣା
କୁରେଇଫୁଲର ବାସରେ କେତେ ଚହଟିବୁ ଲୋ ମାଲ୍ୟାଣୀ
କଳା ରଙ୍ଗରେ ସଫା ଦିଶେ ନକ୍ସା ଦଲିଲ ପଟା ।

ବାଘବଜାରୀ ନିଜ ସହ ଖେଳିବା ବି ଗୋଟେ ସୌକ୍ ।

ନିଆଁ ବି ପୋଡ଼ିଯାଏ ନିଆଁରେ
ଦର ପଡ଼ା ହେଇକି ରହିଯାଏ
ଉଦ୍ଧବ କେତେ ତୁ ପଚାରୁ, କର୍ମ ତୋହର ନିଜଗୁରୁ
ଆଉ କିସ ଦେଖିବୁରେ ଥୁଣ୍ଟାମନ
ଭାଆରି ବଇସମ ଏ ଉଜାଣି ପବନ
ପାରିବୁ ଯଦି ଥରେ ହସିଦେ' ମନଖୋଲା
ଯାହାକୁ ମହରଗ ଆଉ ସାତ ସପନ

ଆ ଯିବା -
ପିଟି ଦେଇଆସିବା ଡେଙ୍ଗୁରା
ଶୁଣ---- ଶୁଣ--- ଶୁଣ------
ଦେଖିବାକୁ ଚାହଁ ଯଦି ପାହାନ୍ତି ସପନ
ନିଜ ସାଥେ ନିଶେ କର ମୃଦୁ ଆଲିଙ୍ଗନ
ଅନ୍ୟଥା ଆସିବ ନି ସୂର୍ଯ୍ୟୋଦୟ
ଏ ମାଲ୍ୟାଣୀ ବଚନ ।

ବାଲେଶ୍ୱର
ମୋ.:୭୦୬୪୦୯୯୫୫୯

ଥିବ ଥିବ ଆଠ/ଦଶ ଦିନ ଗାଏବ ହେଇଯିବ ।

ଠାକୁରାଣୀ ମେଳାକୁ ଆସୁଥିବା ସଭିଏଁ କହିବେ, ଓହୋ, ଗୋଟେ କାଳ ଗଲା । ବୋହୂ, ଭୁଆସୁଣି, ବୁଢ଼ୀ, ଦରବୁଢ଼ୀମାନେ କହିବେ, ଏଇଟା ମାଆ ପେଟରୁ ଆଡ଼ା ପଡ଼ି ମଲା ନାହିଁ ଯା । ମାଣିପେ କହିବେ, ଏତେ ନୋକ ଗାଡ଼ି, ଘୋଡ଼ା ଧକ୍କାରେ ମରୁଚିନି । ଏଇଟା ଉପରେ ଗାଡ଼ି ଚଢ଼ି ଯାଉନେଇଁ ?

ନନା ଗୋସେଇଁ ତ ସକାଳେ ସଂଜେ ଅଭିସମ୍ପାତ ବର୍ଷୁଥିବେ, ହେ ପୁନିଶର ମାହାଦେବ, ହେ ମା' ସାହାଡ଼ାଶୁଣୀ, ଯାଇଚି ତ ଆଉ ନ ଫେରୁ । ସର୍ପାଘାତରେ ମରୁ ଛିଣ୍ଡାଳି ମାଇକିନିଆ । କାଇଁକି ଏଟାକୁ ବଂଚେଇ ରଖିଚୁ କେଜାଣି ?

ଯିଏ ଯେତେ କାଟୁ, ସଁପୁ, ପୁଣି ସେ ଫେରିବ । କେତେଟା କାଠି ବିଡ଼ା ବାନ୍ଧି ବସିବା ଜାଗାରୁ ଓଳେଇଦବ ଅଳିଆ । ଚିରା 'ଅଖା-ପାଲ'ଟେ ପାରି ମହାରାଣୀ ପରି ବସିଯିବ ଛାଣ୍ଟରେ । ପାଛିଏ ମଲ୍ଲୀଫୁଲିଆ ଦାନ୍ତ ଦେଖେଇ ହିଁ ହିଁ ହେଇ ହସିବ ।

ସେଇ ଜାଗାଟା ଯିମିତି ତା' ବାପ ଗୋସାପର ଜମିଦାରୀ ?

ସକାଳୁ ସକାଳୁ ଗାଧେଇ ପାଧେଇ, ପୂଜାଡାଲା, ଲୋଟା ଧରି ନନା ଆସିବେ ପୂଜା, ମାଜଣା ପାଇଁ । ପହିଲେ ସାହାଡ଼ା ଗଛ ଚାରିପଟେ ମନ୍ତ୍ରପଢ଼ି ସାତଘେରା ବୁଲିବେ । ଲୋଟାରୁ ପାଣି ଢାଳିବେ ଗଛମୂଳେ । ଗଣ୍ଡିରେ ଚନ୍ଦନ ସିନ୍ଦୂର ଲାଗିକରି ନମସ୍କାର କରିବେ । ତା'ପରେ ଯାଇ ପାଚେରି ଘେରା ଠାକୁରାଣୀ ମେଳା ଭିତରକୁ ପଶିବେ । ଚାଳିଆ ଘରେ ସିନ୍ଦୂରବୋଳା ମାଆ ସାହାଡ଼ାଶୁଣୀ ଡେଗା ଡେଗା ରୂପା ଆଖିରେ ତରାଟି ଚାହିଁଥିବେ ନନାଙ୍କ ଆସିବା ବାଟ । ପାଖରେ ଗୋଟେ ବେଲଗଛ । ତା' ମୂଳରେ ଖରା, ବର୍ଷା, ଶୀତ, କାକର ସହି ଯୋଗଧ୍ୟାନରେ ଅଗରଧାତୁ ପରି ବସିଥିବେ ପୂର୍ଣ୍ଣେଶ୍ୱର ମାହାଦେବ । ସିଏ ବି ଚାହିଁଥିବେ ନନାଙ୍କ ଆସିବା ବାଟ ।

ସାହାଡ଼ା ଗଛ ପ୍ରଦକ୍ଷିଣ କରିବା ପହିଲି ପୂଜା । ତା' ମୂଳରୁ କୁଆଡ଼େ ଆବିର୍ଭୂତା ହେଇଥିଲେ ମା' ସାହାଡ଼ାଶୁଣୀ । ଘଟଣାଟା ନନା ଗୋସେଇଁଙ୍କ କେଇପୁରୁଷ ତଳର କଥା । ଗାଁରେ କୁଆଡ଼େ ମହାମାରୀ ବାଡ଼ି ପଶିଲା । ଦିନ୍ ଦିନ୍ କେତେ ମୁଣ୍ଡ ଗଲା । ପଦା ହେଇ ଆସିଲା ଗାଁ, ଘରେ ଘରେ କୋକୁଆ ଭୟ । କେତେ କ'ଣ ପୂଜା-ଅର୍ଘ୍ୟ, ଯଜ୍ଞ-ଜନ୍ତାଳ; ହେଲେ ଫଳ ଶୂନ୍ ।

ଥିଲେ ଜଣେ ଧର୍ମବନ୍ତ ମଣିଷ, ନନା ଗୋସେଇଁଙ୍କ ପଣ ଜେଜେବାପା । ରାତିରେ ତାଙ୍କୁ ହେଲା ସପ୍ନାଘାତ । "ମୁଁ ଏଇ ସାହାଡ଼ାଗଛ ମୂଳେ ପୁରୁଷେ ଗହୀରରେ ଅଛି । ଗଛ ଚେରରେ ଚୁନ୍ଥିବାନ୍ଧି ହେଇ ଭଲରେ ନିଃଶ୍ୱାସ ନେଇପାରୁନାହିଁ । ଘୋଡ଼ା ସବାର ହେଇ ନିଶା ବିଜେ କରି ପାରୁନାହିଁ । କିମିତି ଯିବ ଗାଁ ଲୋକଙ୍କ ଦୁଃଖ ? ମତେ ଉଦ୍ଧାର କର ଯା' ଭିତରୁ । ପ୍ରତିଷ୍ଠା କରି ଭୋଗରାଗ ଖଂଜିଦିଅ । ତେବେ ଯାଇ ଏ ବାଡ଼ି ଯିବ ।

ସେୟା' ହେଲା । ସାହାଡ଼ାମୂଳେ ଖୋଳା ହେଲା ପୁରୁଷେ ଗହୀର ଗାତ । ବାହାରିଲା କୋଉ କାଳର ମୁଣ୍ଡାଏ ସିନ୍ଦୂର । ମାଆ କାହିଁ ? ସଭିଏଁ ଫେରିଲେ ନିରାଶରେ । ସେଇ ରାତିରେ ବୁଢ଼ାନନା-ଗୋସେଇଁଙ୍କୁ ପୁଣି ସ୍ୱପ୍ନ - କାଲି ବଡ଼ିଭୋରରୁ ଏକା, ଏକମୁହାଁ ଆସିବୁ । ଗାଧେଇ ପାଧେଇ ଆସିଥିବୁ । ଏତେ ଲୋକଙ୍କ ଛୁଆଁ ଲାଗିଯିବ ବୋଲି ମୁଁ ଦୃଶ୍ୟ ହେଲିନାହିଁ, ଗୋପ୍ୟ ହେଇଗଲି । ତୁ ଧର୍ମାତ୍ମା ମଣିଷ । ଏକା ଆସିବୁ । ମେରୁ ମନ୍ଦର ପରି ଭାରି ହେଲେ ବି ଫୁଲ ପରି ଉଠି ଆସିବି ତୋ' କୋଳକୁ । କାଲିଠୁ ମୁଁ ତୋର ଧର୍ମର ଝିଅ । ମତେ ଉଦ୍ଧାର କରି ଆସନ ଖଂଜିଦେବୁ । ଫଳେ ପୁଷ୍ପେ ଶରଧାରେ ଲାଗି କରିବୁ ଯାହା ସେତକ ଗ୍ରହଣ କରିବି । ମୁଁ ଉଠି ଆସିବା ସାଂଗେ ସାଂଗେ ପୁରୁଷେ ଗହୀରର ଗାତ ମନକୁ ମନ ପୂରିଯିବ । ଗାଁ ଲୋକଙ୍କ ବିଶ୍ୱାସ ପାଇଁ ସେତକ ମୋ' ଆସିବାର ପ୍ରମାଣ, ଯିଏ ଅବିଶ୍ୱାସ କରିବ ବାଡ଼ିରେ ଯିବ । ମୋ' ଆସ୍ଥାନ ଉପରେ ଛାତ କି ମନ୍ଦିରଟିଏ ଗଢ଼ିବ ନାହିଁ । ଖରା, ବର୍ଷା, ଶୀତ, କାକର ପାଇଁ କେବଳ ଛଣଛପର ଚାଳିଆଟିଏ । ସେତିକିରେ ମୁଁ ଖୁସି । ମତେ ଗୋଟେ ନାମ ଦବୁ, ଯାହା ତୋ' ଇଚ୍ଛା ।

ନାଲିଶାଢ଼ୀ, ଗହଣାଗାଣ୍ଠି ପିନ୍ଧିଥିବା ଦିବ୍ୟସୁନ୍ଦର ବାଲୁତ ଝିଅ । ଆଲୁଅମୟ ଦିହ । ବୁଢ଼ାନନା ଗୋସେଇଁ ସପନରେ ବି ହାତ ଯୋଡ଼ି ପକେଇ କହିଲେ, ସାହାଡ଼ାଗଛ ମୂଳରୁ ପାଇଲୁ ତୋତେ । ମାଆ ମୋର । ତୋ ନାଁ ଦେଲି ସାହାଡ଼ାଶୁଣୀ । ମୋ' ଗାଁରେ ବିଜେକରି ଏ ଦୁଃଖୀ ମଣିଷଗୁଡ଼ାଙ୍କୁ ବଂଚେଇ ଦେ' ମାଆ ।

ହସିଲା ଦିବ୍ୟସୁନ୍ଦର ଠାକୁରାଣୀ ଝିଅ । କହିଲା, ତୁମେ ତ ମୋର ଧର୍ମବାପ ହେଲ । କଥା ଦେଉଚି, ଏଇ ସାହାଡ଼ା ଗଛକୁ ସାତବାର ପ୍ରଦକ୍ଷିଣ କରି ସଚ୍ଚା ମନରେ ମତେ ସ୍ମରଣ କରି ଯିଏ ଡୋରି ବାନ୍ଧିବ ତା'ର ମନସ୍କାମ ପୂରଣ ହେବ । ମୁଁ ଏଠି ଆସ୍ଥାନରେ ବିଜେ କଲେ ଦେବଦେବ ମହାଦେବ ବି ଆସିବେ । ପୂର୍ଣ୍ଣେଶ୍ୱର ମହାଦେବ ନାମରେ ଭକ୍ତଙ୍କ କାମନା ପୂରଣ କରିବେ । ତୁମର ଶୁଭଇଚ୍ଛା ସଫଳ ହେବ ବାବା, ବର୍ଷକ ପରେ । ପୂର୍ଣ୍ଣେଶ୍ୱରଙ୍କ ପବିତ୍ର ଲିଂଗ ତୁମେ ହିଁ ପାଇବ ମୋ' ଆସ୍ଥାନ ପାଖରୁ । ବେଲଗଛଟିଏ ଲଗେଇ ନିଜ ହାତରେ ତା' ମୂଳରେ ପ୍ରଭୁଙ୍କୁ ପ୍ରତିଷ୍ଠା କରିବ । ତୁମର ଅଖଣ୍ଡ ଶିବଭକ୍ତି ପାଇଁ କୃପାଦୃଷ୍ଟିରେ ଗାଁକୁ ଚାହିଁଥିବେ ବାବା ପୂର୍ଣ୍ଣେଶ୍ୱର । ସିଏବି ରହିବେ ଖୋଲା ମେଲାରେ । ଆକାଶ ଯାହାର ଚାନ୍ଦୁଆ, ଚନ୍ଦ୍ର ଯାହାଙ୍କ ଶିରୋଭୂଷଣ ତାଙ୍କ ମଥା ଉପରେ ଛାତଟିଏ କି ଆବଶ୍ୟକ ? ତୁମର ପୁଅ ନାତିମାନେ ବଂଶାନୁକ୍ରମେ ହେବ ଆମର ପୂଜକ । ଯାବତ୍ ଚକ୍ରାର୍କେ ଏକଥା ଅନ୍ୟଥା ହେବ ନାହିଁ ।

ପରଦିନ ମଙ୍ଗଳବାର, ବଡ଼ିଭୋର ସମୟ । ଗୋସେଇଁଙ୍କ କୋଳକୁ ଡେଇଁ ପଡ଼ିଲେ ମାଆ ସାହାଡ଼ାଶୁଣୀ । ଗାଁରୁ ବାଡ଼ି ଭୟ ଗଲା । ବର୍ଷକ ପରେ ପ୍ରତିଷ୍ଠା ହେଲେ ପୂର୍ଣ୍ଣେଶ୍ୱର ମହାଦେବ । ବାଡ଼ି ଭୟ ହଟିବା ପରେ କୁକୁର ବିଲୁଆଙ୍କ ଛୁଆଁଛୁତି ବାରଣ ପାଇଁ ଆସ୍ଥାନ ଚାରିପଟେ ପଥର ପାଚିରିଟେ ଗଢ଼ିଦେଲେ ଗାଁ ଲୋକେ । ସେଇ ଜାଗାଟି ଗାଁରେ ଠାକୁରାଣୀ ମେଲା... ଆଶା, ଭରସାର ପୀଠ । ମାଆଙ୍କର ଆଦ୍ୟ ବିଜେସ୍ଥଳୀ ସାହାଡ଼ାଗଛ କିନ୍ତୁ ରହିଗଲା ପାଚେରି ବାହାରେ, ଖୋଲା ଆକାଶ ତଳେ ।

ବେଢ଼ା ଭିତରକୁ ଯିବା ଆଗରୁ ଆଗେ ସେଇ ଠାକୁରାଣୀ ଗଛକୁ ଜୁହାର ହେଇ ସାତଘେରା ପ୍ରଦକ୍ଷିଣ କରିବା ହେଇଗଲା ବିଧି । ପହିଲି ପୂଜାରେ ମାଆ ସାହାଡ଼ାଶୁଣୀ ସନ୍ତୁଷ୍ଟ ହୁଅନ୍ତି ।

ଅଥଚ ଏ ବାରବୁଲି ପାଗିଳୀର ବହପ ଦେଖ, ଏତେ ଜାଗା ଥାଉଥାଉ ବୋପା ଜମିଦାରୀ ଭାବି ଠାକୁରାଣୀ ଗଛ ତଳେ ଆସନ ଜମେଇ ବସୁଛି ?

ମରଣ ହେଉ ନାଇଁ ଯା' ଏଇଟାକୁ ।

× × ×

ଯିଏ ଯେତେ ଦୂର୍‌ଦୂର୍, ମାର୍‌ମାର୍ କରୁ; ତା'ର ହୋଲେ ନା ଡୋଲେ ? ବାଡ଼ି ଉଞ୍ଚେଇ ତଡ଼ିଲେ ହିଁ ହିଁ ହସି ଖଣ୍ଡେ ଦୂରକୁ ପଳେଇବ । ମନମାରି ଦଣ୍ଡେ ବସିବ । ପୁଣି ଫେରିବ ତା' ପୁସ୍ତାନି ଜାଗାକୁ ।

ଅବଶ୍ୟ ତା'ର ଗୋଟେ ଭଲଗୁଣ ଥିଲା । କିଏ ଯଦି ଗଛକୁ ପ୍ରଦକ୍ଷିଣ କରିବାକୁ କି ଡୋରି ବାନ୍ଧିବାକୁ ଆସିବ ମନକୁମନ ବାଟ ଛାଡ଼ିଦବ । କରଛଡ଼ା ଦେଇ ପଳେଇବ ଦୂରକୁ । କହିବାକୁ ପଡ଼ିବ ନାଇଁ । କାହାର ପହିଲି ପୂଜାରେ ବାଧା ଦବନାଇଁ । ସତେ ଯିମିତି ସେତେବେଳେ ସେ ଦୟା କରେ ।

ହେଲେ ତା' ଦୟାକୁ ସିନା କିଏ ବୁଝିଲେ ? ସମସ୍ତେ ଭାବନ୍ତି ସାରୁ ଭିତରେ ମାରୁ ପରି ଏ ଅଳିଆଟା ଏଠି କାହିଁକି ? ଯାଉନାଇଁ କୋଉଠି ଅବାଟରେ, ଅଘାଟରେ ପଡ଼ି ମରିବାକୁ ?

ହେଲେ ଦିନ୍‌ଦିନ୍ ଏତେ ଲୋକଙ୍କ ଅଭିସମ୍ପାତରେ ସିଏ କ'ଣ ମରେ କି ? ଓଲଟି ଫରଫର ହଉଥାଏ । କେବଳ ମଝିରେ ମଝିରେ କେଇଦିନ ପାଇଁ ଗାଏବ୍ ହେଇଗଲେ ସଭିଏଁ ଶାନ୍ତିରେ ନିଃଶ୍ୱାସ ମାରନ୍ତି - ଗୋଟେ ଗ୍ରହ ଗଲା ।

ମାସେ, ଦି'ମାସରେ ଥରେ ଅଧେ ବି 'ଠାକୁରାଣୀ ମେଳା' ମାଟି ମାଡୁନଥିବା ମାଇପେ-ମିଶିପେ ତା' ବିଷୟରେ ବେଶି ଚର୍ଚ୍ଚା କରନ୍ତି । ମଣିଷଟା ତାଙ୍କ ନଜରରେ କୁକୁର ମାଙ୍କଡ଼ଠୁଁ ବି ହୀନ । ବେଳ ଅବେଳରେ କେହି ଯଦି ଦୟା ଦେଖେଇ ତାକୁ ଖାଇବାକୁ ଦେଲା, ଅସହଣୀମାନେ ତାକୁ ରଖେଇଥୋଇ ଦେବେନାଇଁ । ଅଥଚ ସମସ୍ତେ ଜାଣନ୍ତି ସିଏ ଦିନେ ବି କାହାକୁ କିଛି ମାଗେ ନାଇଁ । ନିଜ ପାଇଁ ଗୋଡ଼ଭାଂଗି କାହା ଦୁଆରେ ଠିଆ ହୁଏ ନାଇଁ । ନିଜ ଦୁଃଖରେ ନିଜେ ଥାଏ । କ'ଣ ଖାଏ, କେମିତି ବଂଚେ କେଜାଣି ?

ଅକାଳେ ସକାଳେ କିଏ ସାହାଡ଼ାଗଛରେ ଡୋରି ବାନ୍ଧିବାକୁ ଗଲେ ସେ ଦୂରଛଡ଼ା ହେଇ ଘୁଞ୍ଚିଯାଏ । ବାଡ଼ି ଉଞ୍ଚେଇବା ଦରକାର ପଡ଼େ ନାଇଁ ।

ଗଛ ଚାରିପଟେ ସାତଥର ବୁଲି ବେଢ଼ା ଭିତରକୁ ଯିବା ନିୟମ ପୁରୁଷମାନେ ଭୁଲିଯାଆନ୍ତି । ମାନସିକ ନେଇ ଆସୁଥିବା ମାଇପି ଦଳ ଏ ବିଧିଟାକୁ ମାନନ୍ତି । ବିପଦ ଆପଦ ପଡ଼ିଲେ ଗଛରେ ଡୋରି ବାନ୍ଧିବା ଦରକାର ପଡ଼ିବବ କାଳେ ଡୋରି ବାନ୍ଧିବାର ଫଳ ମିଳିବ ନାଇଁ ? ସେମାନଙ୍କ ଡରଟା ଏଇଠି । ଯାହାହେଲେ ବଡ଼ବଡ଼ିଆମାନେ କହିଚିନି ପରାଭୟରୁ ଭଗତି ।

ଭୟରୁ ହେଉ କି ଭକ୍ତିରୁ; ଏ କାମ ବେଳେ ପାଗିଳୀ କାହାକୁ ହଇରାଣ କରେନାଇଁ । କିନ୍ତୁ ଏଇ କେଇଦିନ ହେଲା ଅଜବ ଅଜବ ଲାଗୁଚି ତା' ବ୍ୟବହାର ।

କଥା କ'ଣ କି ନନା ଗୋସେଇଁ ତ ସବୁଦିନେ ନିଶ୍ଚେ ପହିଲି ପୂଜା ବିଧିଟା କରିବେ । ତା'ପରେ ସିନା ବେଢ଼ା ଭିତରକୁ ଯିବେ ?

ଏଣିକି ନନାଗୋସେଇଁ ଗଛ ପାଖକୁ ଆସିଲେ ତା' ଓଠରୁ ହସର ଫୁଲଝରି ପିଚିକି ପଡ଼େ । ନନା ଗଛ ଚାରିପଟେ ବୁଲିଲେ ଦୂରଛଡ଼ା ହେଇ ସିଏ ବି ବୁଲୁଚି ତାଙ୍କ ପଛେପଛେ । ନନାଙ୍କର ସାତଥର ପରିକ୍ରମାକୁ ତା'ର ବି ସାତଥର । ନନା ମନ୍ତ୍ର ପଢୁଥିବେ ତ ସିଏ ବି ହାତଯୋଡ଼ି ଭୁଟୁଭୁଟୁ ହଉଥିବ । ନନା ଗାଧୋଇ ପାଧୋଇ ଶୁଦ୍ଧ ହେଇ ଆସିଥିବେ ତ ସିଏ ତା'ର ଯିମିତି କି ସିମିତି ।

ସେତେବେଳେ ବିଚରା ନନା ଗୋସେଇଁଙ୍କ ଅବସ୍ଥା ବେହାଲ ।

ନୈଷ୍ଠିକ ଲୋକ ସେ । ମନ୍ତ୍ର ପଢ଼ି ପରିକ୍ରମା କଲାବେଳେ ତର୍ଛରେ ଥରେଥରେ ପଛକୁ ଫେରି ଚାହୁଁଥିବେ । କାଳେ ଛିଣ୍ଡାଳି ପାଗିଳୀଟା ଛୁଇଁଦବ । ମାରା ହେଇଯିବ ଯଜ୍ଞ-ପଇତା । ପୁଣି ଥରେ ଗାଧୋଇବାକୁ ପଡ଼ିବ କାୟାଶୁଦ୍ଧି ପାଇଁ । ତାଙ୍କ ପାଇଁ ଅଡୁଆଟା ଏଇଠି ଯେ ମନ୍ତ୍ର ବୋଲୁଥିବାବେଳେ ତାକୁ ତ ଗାଳିଦେଇ ହବନାଇଁ । 'ଦୂର୍ ହୋ ପାପିନୀ' ବୋଲି ଧମକେଇ ବି ହବନାଇଁ । ପାଟିରେ ଅକଥା ପଶିଲେ ମନ୍ତ୍ର କ'ଣ କାମଦବ ?

ଜୀବନ ବିକଳରେ ତାକତରକରେ ସାତଥର ପରିକ୍ରମା ସାରନ୍ତି । ଗଛମୂଳରେ ନାଁ ଛାଁକୁ ପାଣିଟିକେ ଇଡ଼ି ଦିଅନ୍ତି । ଚନ୍ଦନ, ସିନ୍ଦୂର ଛିଟ୍‌କା ମାରି ଠାକୁରାଣୀମେଲା ଭିତରକୁ ପଶିଯାଆନ୍ତି ନନା । ପାଗିଳୀ ତା' ଭିତରକୁ ଯାଏ ନାହିଁ । ତା' ଭିତରେ ଲମ୍ବା ନିଃଶ୍ୱାସଟେ ଛାଡ଼ନ୍ତି ନନା । ଶାନ୍ତିରେ ମାଆ ସାହାଡ଼ାଶୁଣୀ, ପୂର୍ଣ୍ଣେଶ୍ୱରଙ୍କ ପୂଜା ସାରନ୍ତି ।

ହେଲେ କ'ଣ ହବ, ପୂଜା ସାରି ତ ପୁଣି ଫେରିବେ ? ପୁଣି ଆରମ୍ଭ ହେଇଯିବ ତା' ନଖରାମି । ଟିକେ ଦୂରରେ ଅଇନିବାଟରେ କଡ଼ପଟିଆ ବାଟ ଜଗି ଜମି ଠିଆ ହେଇଥିବ ପାଗିଳୀ, ହିଁ ହିଁ ହସି ଦେଇ କହିବ; ମତେ ମାଇପ କରିବୁ ? ନେଇଯା' ତୋ ଘରକୁ ।

ରାମ୍ ରାମ୍ କହି ଜୀବନ ବିକଳେ ନନା ପାର୍ ।

ଏମିତି ଚାଲିଲା ଦିନାକେତେ ।

ଆଉ ସହି ହେଲାନାହିଁ । ବଂଶାନୁକ୍ରମିକ ପୂଜା ତ ଛାଡ଼ିଦେଇ ହବନାଇଁ । ଗାଁ ଲୋକଙ୍କ ପାଖରେ ଫେରାଦ ହେଲେ ନନା - ତାକୁ ଏଠୁ ବାହାର କର । ଦାଉ ସାଧ୍ ମତେ ହଇରାଣ କରୁଚି । ପୂଜା କରେଇ ଦଉନାଇଁ ।

ଗାଁ ଲୋକଙ୍କ ସବୁ ଚେଷ୍ଟା ବିଫଳ । ବାଡ଼ାପିଟା, ଟେକା ଫୋପଡ଼ା, ଧମକଚମକ, ଗାଳିଗୁଲଜରେ ସୁଧୁରିଲା ନାଇଁ ପାଗିଳୀ । ଆଉ କାହାକୁ ନୁହେଁ, ନିୟମ କଲାପରି ସେ କେବଳ ନନାଙ୍କୁ ହଇରାଣ କରିବ ଇ କରିବ । ମଣିଷଟାକୁ ତ ଆଉ ଜୀବନରୁ ମାରିଦେଇ ହବନାଇଁ ନା ? ହାଲ୍ ଛାଡ଼ିଦେଇ ହାତଟେକି ଦବା ସାର୍ - ମାଆ ସାହାଡ଼ାଶୁଣୀ, ଏ ଅନ୍ୟାଚାରର ବିଚାର ତୁ କର ।

ପନ୍ଦର କୋଡ଼ିଏ ଦିନ ପରେ ହଠାତ୍ ଉଭାନ୍ ହେଇଗଲା ପାଗିଳୀ । ମାସେ... ଦି'ମାସେ... ଛଅମାସେ; ବାସ୍ ଆଉ ଦେଖା ଦର୍ଶନ ନାଇଁ । ସଭିଏଁ କହିଲେ, ଏଇବାର ଛିଣ୍ଡାଳି କୋଉଠି ପଡ଼ି ମରିଚି । ମାଆ ସାହାଡ଼ାଶୁଣୀଙ୍କ କୋପ, କିଏ ତାକୁ ରଖିବ ଜଳପାତାଳରେ ?

× × ×

"ନିରୀହ ମାଇପ ସବୁରି ଶାଳୀ" ନୀତିରେ ଗାଁର ଅଧିକାଂଶ ଲୋକଙ୍କ ଭିତରେ ତା' ଚର୍ଚ୍ଚାଟା ବେଶି । ଆମେ କେଇଜଣ ହାଇସ୍କୁଲ ପଢୁଆ ପିଲା ସେ ପଙ୍କ ଭିତରକୁ ପଶୁନା । ସିଏ କ'ଣ କଲା ନ କଲା ଆମର କ'ଣ ଯାଏ ଆସେ ? ଅବଶ୍ୟ ପାଗିଳୀ ଆସନ ଜମେଇ ବସିଥିବା ଜାଗାଟା ଆମ ବେଳବୁଡ଼ର ଖେଳ ପଡ଼ିଆ । ଜାଗାଟା ନିରୋଳା, ଖୋଲାମେଲା ଆଉ ଛାଇଶୀତଳ । ସେଠିକି ବେଳବୁଡ଼ଟାରେ ଗାଁ ଲୋକଙ୍କ ଗତାଗତ ପ୍ରାୟ ନଥାଏ । ମୁରବୀମାନଙ୍କର ଆକଟ ବି ନଥାଏ । ନିଧଡ଼କ ଖେଳୁ ଆମେ ।

ଆମେ ପହଂଚିଗଲେ ସିଏ ଦୂରକୁ ଚାଲିଯାଏ । ଖେଳ ସରିବାଯାଏ ଚୁପ୍‌ଚାପ୍ ଆମକୁ ଦେଖୁଥାଏ । ଦେହରେ ଥିବା ଚିରା/ଦରଚିରା ଲୁଗାଟାକୁ ଢାଙ୍କି ହେଇ ସୁଧାର ମଣିଷ ପରି ବସେ । ଆମ ପ୍ରତି କିଛି ବି ବେଆଡ଼ା ବ୍ୟବହାର କରେନାଇଁ । ତେଣୁ ସମସ୍ତେ ତାକୁ ଘୃଣା କରୁଥିଲେ ବି ଆମ ପାଇଁ ସେ ଥିଲା ନିରିମାଖୀ ପାଗଳୀଟେ ।

କେବେକେବେ ତାକୁ ପଚାରିଦେଉ; ହେ ତୋ' ନାଁ କ'ଣ ? ତୋ' ଘର କୋଉଠି ? ତୋ'ର କିଏ ଅଛନ୍ତି ନା ନାଇଁ ? ଆମ ପ୍ରଶ୍ନରେ ପ୍ରଥମେ ସିଏ ହସିଦବ । ସାଂଗେସାଂଗେ ଝରଝର କାନ୍ଦି

ପକେଇବ । ବୁଝିପାରୁନା ତା'ର ପାଖାପାଖି ହସ କାନ୍ଦର ଅର୍ଥ କ'ଣ । ଭାବି ବସିଲେ କିଂତୁ ବିକଳ ଲାଗେ । ମାଇପି ଲୋକଟି ଖରା, ବର୍ଷା, ଶୀତ, କାକରରେ ସେଇ ଗୋଟେ ଜାଗାରେ ଏକୁଟିଆ ପଡ଼ି ରହିଚି । କ'ଣ ଖାଏ, କିମିତି ବଂଚେ । ଦେହରେ ଖଣ୍ଡେ ଚିରା/ ଦରଚିରା ଲୁଗା, ଆଳୁକୁଚି ମାଳୁକୁଚି ବନ୍ଧା ଗୋଟେ ଛୋଟ ଗଣ୍ଡିରା ଆଉ ଗୋଟେ ଫୁଟା ରସଥାଳି - ଏତିକି ତା'ର ସମ୍ବଳ । ଛିଣ୍ଡା ଅଖା ପାଲ, ଫଟା-ଫୁଟା ଜରି ଖଣ୍ଡେ ତା'ର ବିଛଣା । ଶୀତ ପାଇଁ ଛିଣ୍ଡା କେର୍ପାଲ, ବର୍ଷାକୁ କଣା ଫୁଟା ଜରି ଖଣ୍ଡକ । ଏତକ ଛଡ଼ା ବୁଜୁଳାରେ କୋଉ ନିଧିସଂପତ୍ତି ଥାଏକି ?

ଗାଁ ଲୋକଙ୍କ ନଜର ଆଡୁଆଳରେ ତାକୁ କିଛି ଖାଇବାକୁ ଦବାକୁ ଇଚ୍ଛାହୁଏ । କେବେ କିମିତି ତା' ଫୁଟାରସ ଥାଳିରେ ଘରୁ ଲୁଚେଇକି ନେଇଥିବା ପିଠା, କି ମୁଢ଼ିଚୂଡ଼ା, ଅଜାଡ଼ି ଦେଉ । ଖୁସି ହେଇଗଲେ ବି ଡରିଲା ଡରିଲା ଆଖିରେ ଆଗେ ଚାରି ଆଡ଼କୁ ଚାହେଁ । ଖାଇବା ଥାଳିରୁ ଝାମ୍ପ ମାରିବାକୁ ଧାଇଁ ଆସୁଥିବା ବୁଲା କୁକୁରଙ୍କୁ ବାଡ଼ି ଉଞ୍ଚେଇ ତଡ଼ିଦିଏ । ତା'ପରେ ସେତକ ଖାଏ ଖୁସିରେ ।

ତାକୁ ସବୁଦିନେ ଖାଇବାକୁ ଦବାକୁ ଆମ ଖେଳୁଆଡ଼ ପିଲାଙ୍କର କୋଉ ମନେପଡ଼େ ? ମୋ' ବୋଉ କିନ୍ତୁ ଭୁଲେନା, ମନେ ରଖିଥାଏ ତା' କଥା । ଚଢ଼େଇ ଚିରିଗୁଣୀଙ୍କ ପେଟ ଚିହ୍ନିବା ତା'ର ସ୍ୱଭାବ । ପ୍ରତି ସୋମ, ମଙ୍ଗଳ, ଗୁରୁବାରରେ ସିଏ ତ ଠାକୁରାଣୀ ମେଲାକୁ ଆସିବ । ଲୁଗାକାନି ଭିତରେ ଲୁଚେଇକି ଆଣିଥିବ କିଛି ଖାଇବା ଜିନିଷ । କେହି ନଦେଖିଲା ଭଳି ତା' ରସଥାଳିରେ ସେତକ ଅଜାଡ଼ି ଦେଇ ଠାକୁରାଣୀ ମେଲା ଭିତରକୁ ପଶିଯିବ । ମୋ' ବୋଉର ଇଏ ହେଲା ପହିଲି ପୂଜା । ମୁଁ ସବୁ ଦେଖେ । ବୋଉ ମୁହଁକୁ ଚାହେଁ । ଠାକୁରାଣୀଙ୍କ ମୁହଁ ପରି ଦିଶିଯାଏ ତା' ମୁହଁ । ସତରେ, ମୋ' ବୋଉ ପରି କିଏ ହବ ? ମୋ' ଚାହିଁବାରେ ବୋଉ ଆଖିରୁ ଝରିଯାଏ ମୋ' ଖୁସିର ଉତ୍ତର, ନିରବ ହସଟି, ହେଇ ।

ନିରିମାଖି ପାଗିଳୀଟେ ହେଲେ ବି ତା'ର ଜୀବନ ଅଛି । ଭୋକ ଅଛି । ସତରେ, ଭୋକ କାହାର ନାଇଁ ? ବୋଉ ହସରୁ ଏକଥା ମୁଁ ବୁଝିଚି ।

ଏଥରକ ସେ ବହୁଦିନ ଗାଏବ୍ ହେଇଗଲା । ତା' ବସିବା ଜାଗାଟା ଫାଙ୍କା ଫାଙ୍କା ଲାଗୁଥିଲା ତ ମନେ ପଡୁଥିଲା ତା' କଥା । ସିଏ ନାଇଁ ତ ଅସହଣୀ ଲୋକଙ୍କର ମୁହଁ ଛିଞ୍ଚଡ଼ା, ଅଭିସମ୍ପାତ, ଟୀକାଟିପ୍‌ପଣୀ ନାଇଁ । ସିଏ ନାଇଁ ତ ଠାକୁରାଣୀ ମେଲାକୁ ପୁଣ୍ୟ କମେଇବାକୁ ଆସୁଥିବା ଲୋକଙ୍କର ଜିଭର ଗଲୁ ମରୁନାଇଁ । କାହାକୁ କହନ୍ତେ ? ଭିତର ପାପକୁ ଅଳିଆ ଖତ ଭିତରକୁ ଫିଙ୍ଗି ନଦେଲେ ପୁଣ୍ୟ ଅର୍ଜନ ହବ କିମିତି ?

ସେଇ ଅଲୋଡ଼ା ମଣିଷଟା ତ ଗାଁର ଅଳିଆ ଖତ । ଯିଏ ଯେତେ ଅଳିଆ ଫିଙ୍ଗିଦେଲେ ବି ସେ ଗାତ କୋଉ ଭରେ ?

ସିଏ ନାଇଁ ତ ଅଳିଆ-ଆବର୍ଜନାଗୁଡ଼ାକ ନିଜ ଭିତରେ ଗୋଳେଇ ଘାଣ୍ଟି ହଉଚି ସିନା ?

× × ×

ପାଖାପାଖି ଛଅମାସ ବିତି ଯାଇଥିଲା ।

ପାଗିଳୀର କିଛି ଖୋଜ୍ ଖବର ନଥିଲା ।

ହଠାତ୍ ଦିନେ ସେ ପହଂଚିଗଲା । ତା'ର ନୂଆ ଅବତାର । ଗାଁ ମାଇପେ ଥ' ହେଇ ରହିଗଲେ ତାକୁ ଦେଖି । ନିଜ ଭିତରେ ହସାହସି, ଟୁପ୍‌ଟାପ୍ ହବାର ବାଟ ଫିଟିଗଲା । ଦିନେତ 'ମାରିବ କି ମରିବ' ରାଗରେ ତା' ଆଡ଼କୁ ଧପାଳି ଗଲା ମୁହଁଖୋରୀ ମାଇପି ଜଣେ । ଶୁଖୁଆରୁ ଲୁଣ ଝାଡ଼ିଲା ପରି ଝିଙ୍ଗାସିଲା, ମଲୁ ନାହିଁ ଯା ପୋଡ଼ାମୁହଁ । କାହାର ପାପବୁଜୁଳାକୁ ପେଟରେ ଧରି ମରିବାକୁ ଏଇଠିକୁ ଆସିଗଲୁ ? କିଏ ଲୋ ସେ ପାରଡ଼ାପୋକ ତୋ' ପରି ପୋକଶୁଙ୍ଘାକୁ ରସିଲା ?

ଯାହା ମନକୁ ଯାହା ଆସିଲା କହିଗଲେ... କହିଗଲେ ।

ସିଏ ବିବାକ୍ ଚୁପ୍ । କାଠ କି ପଥର ।

ଓଠରେ ଆଗ ହସ ତ ନ ଥିଲା । କଟୁବଚନ ଶୁଣି ଶୁଣି କେବଳ ଝରଝର ଲୁହ ଝରୁଥିଲା ତା' ନିଲଠାପଣର । ନନା ଗୋସେଇଁ ଯେତେବେଳେ ଦେଖିଦେଲେ, ପଳେଇ ଯାଉଯାଉ କହିଗଲେ –

ଘୋର ପାପ । ଘୋର କଳିଯୁଗ ।

ତାଙ୍କ କଥା ଶୁଣି ବନ୍ଦ୍ ହୋଇଗଲା ଆଖିର ଲୁହ ଧାର । କଠୋର କଠିଣ ହେଇଗଲା ଚାହାଣି । ଫଁ ଫଁ ବାହାରିଲା ନାକପୁଡ଼ାରୁ ନିଃଶ୍ୱାସ । କ'ଣ କହି ଆସିବାକୁ ଥିବା ଓଠକୁ ଦାନ୍ତରେ ଚାପିଧରି ଗାରଡ଼େଇ ଚାହିଁଲା ପାଗିଳୀ । ନନା ସିଧାସିଧା ଠାକୁରାଣୀ ମେଲା ଭିତରକୁ ପଶିଗଲେ ତର୍ଜ୍ଜରେ ।

ସେଇଦିନଠୁ ନନା ଗଛ ପାଖ ପଶିଲେ ନାହିଁ । ଚୋରଙ୍କ ପରି କନକନ ହେଇ ବେଢ଼ା ଭିତରକୁ ପଶି ଯାଆନ୍ତି । ଅସଜ, ଅସାଢ଼ ଦେହଟାକୁ ଚିରାପାଲ ଉପରେ ଲୋଟେଇ ଦେଇ ଗଛମୂଳେ ପଡ଼ିଥାଏ ପାଗିଳୀ । ବସି ପାରେନି ବେଶି ସମୟ । ଶୋଇପଡ଼େ ଧୂଳିରେ ।

ବିକଳ ଆଖିରେ ଚାହୁଁଥାଏ ନନାଙ୍କ ଯିବା ଆସିବା ବାଟ ।

ମାଇପେ ଟିପ୍‌ପଣୀ କରନ୍ତି, ମରଣ ହେଉନି ଯାହା ତତେ ଲୋ 'ନାଆଁପକେଇ' ।

ହେଲେ ତା'ର କୋଉ ନାଁ ନା ଗାଁ ? ଠାଇଁ ନା ଠିକଣା ? ତୁଠଥର ନୁହେଁ ସେ ବାଟ ପଥର । କେବଳ ଗାଳି ଖାଇବା ତା' ଭାଗ୍ୟ ।

ମୋ' ଦେବୀ ପ୍ରତିମା ବୋଉ ସହିପାରେନା ନା ତା' ଦୁଃଖ । ଗାଁ ଲୋକଙ୍କ ଡରେ ତାକୁ କିଛି କହିବି ପାରେନି । ଠାକୁରାଣୀ ମେଲା ଗଲେ ମା' ସାହାଡ଼ାଶୁଣୀଙ୍କ ଆସ୍ଥାନ ତଳେ ଚିପୁଡ଼ି ହେଇ କାନ୍ଦେ । ଗୁଣୁଗୁଣୁ ବ୍ୟଥା ଜଣା କରେ, ମାଆଲୋ ! ଅସଜ ମଣିଷଟା । ନର୍କରେ ପଡ଼ିଚି । ସାହା ଭରସା ବୋଲି କେହି ନାଇଁ । ନିରିମାଖୀ ଜୀବନଟା ଉଦ୍ଧାର ହେଉଲୋ ମାଆ । ତୋ' ଯଶ ରହୁ । ତୁ ତ ସମସ୍ତଙ୍କର ମାଆ ।

ଢେଗା ଢେଗା ରୂପା ଆଖିରେ ଚାହିଁଥିବା ଠାକୁରାଣୀ ବୋଉର ଆତୁର ଡାକ ଶୁଣନ୍ତି କି ନାହିଁ କେଜାଣି ?

ସେଇ କେଇଦିନ କିଛିନା କିଛି ଖାଇବା ଦରବ ବୋଉ ତାକୁ ଲୁଚେଇକି ଦେଇଆସେ । ଏ ଅବସ୍ଥାରେ କୁଆଡ଼େ ସେ ଯିବ ? ପୋଡ଼ାପେଟର ଅଦଉତି ମେଣ୍ଟେଇବା ପାଇଁ କାହାକୁ ଗଣ୍ଡେ ମାଗିବ ? ମାଗିଲେ ବି କିଏ ଦବ ଯେ ?

ବୋଉକୁ ମୁଁ ଲୁଚିଲୁଚି ଦେଖେ । ଦିନେ ସମ୍ଭାଳି ନ ପାରି ପଚାରିଦେଲି, ତୁ ସିନା ତିନିଦିନ ପାଇଁ ଖାଇବାକୁ ଦେଉଚୁ । ଅନ୍ୟ ଦିନେ ସିଏ କ'ଣ ଖାଏ ? ବଂଚେ କିମିତି ? ତୋ' ବିନା କିଏ ତାକୁ ଆଡ଼ ଆଖିରେ ଚାହେଁ ?

ବୋଉ ମୋ' ପାଟିରେ ହାତ ଦେଇ କହିଲା, କାହାକୁ କହିବୁନି ଧନ । ଗାଁ ଲୋକେ ଦୁର୍ଚ୍ଛନା ଦେବେ । ସେମାନଙ୍କ ପାଟିକୁ ମୋ ଡର । ସେଇ ଖାଇବାକୁ ଦବା କାମଟା ଏଣିକି ତୁ କରିବୁ । ବିଚାରି ବଂଚିଯିବ । ନହେଲେ ତ ଦିଇଟା ଜୀବନ ଭୋକବିକଳରେ ଛଟପଟ ହେଇ ମରିଯିବ । ଭଲକାମ କଲେ ମା' ସାହାଡ଼ାଶୁଣୀ ତତେ ଆୟିଷ ଦେବେ । ବଡ଼ ମଣିଷ କରିବେ ।

ଉଛୁଳୁ ମୁଛୁଳୁ ଖୁସିରେ ମୁଁ କହିଲି, ବଡ଼ମଣିଷ ହୁଏ କି ନ ହୁଏ, ଏଣିକି ତୋର ଯାହା ମତ ମୋର ତାହା ବ୍ରତ ହେଉ । ମୁଁ ତାକୁ ଖାଇବାକୁ ଦେବି । ଗାଁ ଲୋକଙ୍କୁ ମୋର ଡର ନାଇଁ । ବୋଉ ମୋ' ମଥାରେ ରଖିଲା ତା'ର ଅଭୟ ହାତ ।

× × ×

ମଙ୍ଗଳବାର ରାତି ।

ଝିପିଝିପି ବର୍ଷା ବାହାରେ । ମଝିରେ ମଝିରେ ହଉଥାଏ ପୁଣି ଛାଡୁଥାଏ । ହୁ ହୁ ବାଡ଼ଉଥାଏ ଶୀତୁଣିଆ ପବନ । ରାତି ବଢୁଥାଏ । ଶୋଇଥାଏ ବୋଉ ପାଖରେ । ବଡ଼ ପିଲାଟେ ହେଲେ ବି ବୋଉ ପାଖରେ ଶୋଇବାରେ ମୋର ଭାରି ଖୁସି । ଶୀତ ଲାଗିବାରୁ ନିଦରେ ବୋଉର ଲୁଗାକାନି ଟାଣି ଆଣି ଘୋଡ଼େଇ ହେଇ ପଡ଼ିଥାଏ । ହଠାତ୍ କାଇଁକି ବିଳିବିଳି ହେଇ ବିଛଣାରୁ ଉଠି ପଡ଼ିଲା ବୋଉ । ମତେ ହଲେଇଦେଇ କାଉନ୍ଦା ସୁରରେ କହିଲା, ସୋମୁ... ସୋମୁରେ... ଉଠ୍ ବାବା ।

ନିଦ ମଳମଳ ଆଖିରେ ଉଠିପଡ଼ି କହିଲି, କ'ଣ ହେଲା ବୋଉ ? କାନ୍ଦୁଚୁ କାଇଁକି ? ଖରାପ ସପନ ଦେଖିଲୁକି ?

ବ୍ୟସ୍ତ ହେଇପଡ଼ି ବୋଉ କହିଲା, ସକାଳେ ଦେଖିଥିଲି, ତା' ଅବସ୍ଥା ଭଲ ନଥିଲା । ଏବେ ତ କାଳରାତିଟା । କେଜାଣି କ'ଣ ହବ । ଏଇ ଠେଙ୍ଗା ଆଉ ଲଣ୍ଠନଟା ଧରି ଆ ମୋ' ପଛେପଛେ । ଡେରି କଲେ ହୁଏତ ବିଚାରି... ।

ଘଡ଼ିକୁ ଚାହିଁଲି, ରାତି ତିନିଟା ।

ହାଇସ୍କୁଲରେ ପଢୁଥିବା ପୁଅ ମୁଁ । ବୋଉ ଆଉ କାହା ଉପରେ ଭରସା କରନ୍ତା ? ବାପା ତ ବିଦେଶରେ । ତା'ଛଡ଼ା ବୋଉ କଥା ମୋ' ପାଇଁ ବେଦମନ୍ତ୍ର । ସିଏ ମୋର ସର୍ବସହଣୀ ମାଆ, ମୁଁ ତା'ର ଅନ୍ଧର ଲଉଡ଼ି ସାହା ।

ଲଣ୍ଠନ ଆଉ ଠେଙ୍ଗା ଧରି ଚାଲିଲି ବୋଉ ପଛେପଛେ ।

ଶିକାରୀର ଶର ଲାଗିଥିବା ମୟୂରୀ ପରି ଗଛମୂଳରେ ଗଡୁଥିଲା ପାଗିଳୀ; ସାହା ଭରସା ନଥିବା ଅପନ୍ତରାରେ, ନିଶବଦ, ନିର୍ଜନ ରାତିରେ । ତା'ର ଯନ୍ତ୍ରଣାର କୁହାଟରେ ବିଦାରି ହେଇ ଯାଉଥିଲା ନିରବତାର ଛାତି । ଟିକେ ଦୂରରେ, ଠେଙ୍ଗା ହାତରେ ମତେ ଠିଆ ହବାକୁ କହି, ଲଣ୍ଠନଟି ଧରି ବୋଉ ଧାଇଁଗଲା ତା' ପାଖକୁ । ନେଇଥିବା ଶାଢ଼ିଟା ଢାଙ୍କିଦେଲା ତା'ର ଲଙ୍ଗଳା ମୁକୁଳା ଦେହରେ । ପାଣି ପିଆଇଲା । ଲାଗି ପଡ଼ିଲା ତା' ସେବାରେ । ଲଣ୍ଠନର ମାନ୍ଦା ଆଲୁଅରେ ଅଳ୍ପଦୂରରୁ ମୁଁ ଦେଖୁଥିଲି ମୋର କରୁଣାମୟୀ ବୋଉକୁ, ମରଣଯନ୍ତ୍ରଣା ଭୋଗୁଥିବା ପାଗିଳୀକୁ ।

ସିଏ ଏତେ କଷ୍ଟ ପାଉଚି ବୋଲି କେମିତି ଜାଣିଲା ମୋ' ବୋଉ ? ନିଶବ୍ଦ ରାତିରେ ଅପନ୍ତରାରେ ମରଣ ସହ ଏକାଏକା ଯୁଝୁଥିବା ମଣିଷଟାର ଡାକ କେମିତି ତାକୁ ଶୁଭିଲା ? କେହି ଜଣେ ସାହାଯ୍ୟର ହାତ ନ ବଢ଼େଇଲେ ଅଛଟକେ ମଣିଷଟା ପଡ଼ି ମରିଯିବ ବୋଲି କିଏ ତାକୁ କହିଦେଲା ? ସିଏ କ'ଣ ମାଆ ସାହାଡ଼ାଶୁଣୀ ?

ହାତରେ ଠେଙ୍ଗାଟାକୁ ଧରି ଅଚଳ ଗଛ ପରି ଠିଆ ହେଇଥାଏ ମୁଁ । ଏ ଦୁଇଜଣ ମାଆଙ୍କର ଢାଲ ପରି । ଏମାନଙ୍କ ଠି ଆଞ୍ଚ ଆଣିବାକୁ ଯିଏ ବି ଆସୁ ମୁଁ ତା'ର ସାମନା କରିବି । ଭୂତ, ପ୍ରେତ, ପିଶାଚ, ମଣିଷ; କାହାରିକି ମୋର ଭୟ ନାହିଁ ।

ପାହା ପାହା ହେଇ ଆସିଲା କାଳରାତି । ଜକଜକ ଦିଶିବାକୁ ଲାଗିଲା ପାହାନ୍ତି ତାରା । ଆସ୍ତେ ଆସ୍ତେ ପାଗିଳୀର କୁହାଟ ନିରବ ହେଇଆସିଲା ।

ଶୁଭିଲା, କୁଆଁ କୁଆଁ ଶବ୍ଦ ।

ଚମକି ପଡ଼ିଲି । ଆଉ ସମ୍ଭାଳି ପାରିଲିନି । ଏକା କ୍ଷେପାକେ ତାଙ୍କ ପାଖରେ ।

ମଙ୍ଗଳରାତି ବୁଧ ପାହାନ୍ତି । ଶୁଭସକାଳର ସିନ୍ଦୂରା ଫାଟିଫାଟି ଆସୁଚି । ଚଢ଼େଇମାନେ ଗୀତ ଗାଇବା ଆରମ୍ଭ କଲେଣି । ସକାଳେ ଆସି ସିନ୍ଦୂରମଖା ବେଲପତ୍ର ପ୍ରସାଦ ବୋଉ ନେଇ ଯାଇଥିଲା ମୋ' ପାଇଁ । ମୁଁ କାଳେ ମାଆଙ୍କ ଦତ୍ତ-ପ୍ରସାଦ । ବୋଉ ମତେ ତାଙ୍କରି କରୁଣାରୁ ପାଇଚି । ସେଥିପାଇଁ ପ୍ରତି ମଙ୍ଗଳବାର ସେ ଠାକୁରାଣୀ ମେଲାକୁ ଆସେ ।

ଲଣ୍ଠନ ଆଲୁଅରେ ଦେଖୁଥିଲି ମୋର ପୂଜାରିଣୀ ବୋଉକୁ । ହାତର ଆଂଜୁଳିରେ ତୋଳି ଧରିଥିଲା ମାଆଙ୍କ ପ୍ରସାଦ; କଅଁଳ ଛନଛନ ପିତୁଳାଟିଏ । ମିଟିମିଟି କରୁଚି ଆଖି । କୁନି ନାଲି ଓଠକୁ ଚାଟି ପକଉଚି ।

– "ଝିଅଟିଏ" । ବୋଉର ସ୍ୱର ଶୁଭିଗଲା ପଦେ ମିଠା ଗୀତ ପରି ।

ବୋଉ କହୁଥିଲା, ଅଭାଗିନୀ ମାଆର ଅଲୋଡ଼ା ଫଳ । କେଜାଣି ରାତି ପାହିଲେ କୋଉ ବିଲୁଆ, କୁକୁରଙ୍କ ଆହାର ହବ ? ମାଆ ପୋଡ଼ା କପାଳୀ ତ ଆଗତୁରା ବାଟ କାଟିଦେଲା । ସବୁ କଷଣରୁ ପାର ପାଇଗଲା । କହିଗଲା ନାଇଁ ତ, କିମିତି ଇଏ ବଂଚିବ ?

ଠାକୁରାଣୀ ମେଲା ଆଡ଼କୁ ଚାହିଁ ଝରଝର କାନ୍ଦୁଥିଲା ବୋଉ ।

ଆଗେଇ ଆସିଲି ମୁଁ । ବୋଉ ହାତର ଆଂଜୁଳା ତଳେ ରଖିଲି ମୋ' ହାତର ଆଂଜୁଳା । ସ୍ଥିର, ଦୃଢ଼ ସୁରରେ କହିଲି, ରାକ୍ଷୀ ପୂନେଇଁରେ ମୋ' ହାତରେ ରାକ୍ଷୀ ବାନ୍ଧିବାକୁ ଭଉଣୀଟିଏ ନାହିଁ ବୋଲି ପିଲାଦିନେ କେତେ କାନ୍ଦିଚି । ତୋର ମନେ ଥିବ ତ ବୋଉ ? ମତେ ବୋଧଦବାକୁ ତୁ ସାହାଡ଼ାଶୁଣୀଙ୍କୁ ଦେଖେଇ କହୁ, ଏଇ ତୋର ବଡ଼ଭଉଣୀ । ତୁ ତା'ର ଟିକି ଭାଇ । ରାକ୍ଷୀ ବାନ୍ଧିବା ପରି କରୁଣାର ଡୋର ସଦାସର୍ବଦା ସେ ବାନ୍ଧି ଦେଉଥିବେ ତୋ' ହାତରେ ।

ଏତେ ଦିନେ ତାଙ୍କର ଦୟା ହେଲା ବୋଉ । ତୋ' ଡାକ ଶୁଣିଲେ । ସତସତିକା ଭଉଣୀଟିଏ ମିଳିଗଲା ମତେ । ମଙ୍ଗଳବାରର ପହିଲି ପୂଜା ତୋର ସଫଳ ହେଲା । ତୋ' ଆଂଜୁଳାରେ ତ ସାକ୍ଷାତ୍ ମାଆ ଠାକୁରାଣୀଙ୍କ ପ୍ରସାଦ । ଏ ଅମୃତକୁ କୁକୁର ବିଲୁଆଙ୍କ ପାଇଁ ଛାଡ଼ିଦେଇ ଯିବା ?

ଏକା ସାଂଗରେ ହସୁଥିଲା ଆଉ କାନ୍ଦୁଥିଲା ମୋର ଦେବୀପ୍ରତିମା ବୋଉ । ତା'ର କୋହବତୁରା କଥାରୁ ଏତିକି ବୁଝି ହେଉଥିଲା - ହଁରେ ଧନ । ଇଏ ତ ଖତଗଦାର ଅମୃତଫଳ ।

ଉଦୟନ, ଶାନ୍ତିବଜାର, ଧର୍ମଶାଳା, ଯାଜପୁର
ମୋ.: ୯୦୪୦୭ ୪୫୬୦୨

କ ବି ତା

ଭଗିଆର ଭାଗ୍ୟ

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ସବୁ ଚିତ୍ର, କବିତା ଓ ଗପର ଭାଗ୍ୟ ପରି
ମଣିଷ ବି ଭାଗ୍ୟ ଧରି ଆସିଥାଏ ପୃଥିବୀକୁ,
ଏକଥା ବୋଧେ ବୁଝି ନ ଥିଲା ଭଗିଆ !

ଜୀବନର କଳାପଟାରେ ଯୌବନର
ଚିତ୍ର ଆଙ୍କୁ ଆଙ୍କୁ ଶିଖିପାରିନଥିଲା
ନିଆଁକୁ ଅଣ୍ଡାରେ ଗୁଡ଼େଇ କେମିତି
ଜାଳିଦେବାକୁ ହୁଏ ପ୍ରାରମ୍ଭ,ବିଶ୍ୱାସକୁ ଆଖିଠାର ମାରି
ଛଳନାର ପିଠି ଥାପୁଡ଼େଇ ପାରିଲେ
ହିଁ ଭରିହୁଏ ନିଅଣ୍ଟିଆ ମୁଣିରେ କେଜିଏ ଭେଜାଲ ସୁଖ !

ସବୁ ପରେ ବି
ଭଗିଆ ପାଇଁ ଅଲୋଡ଼ା ହୁଏ ବାସିରାତିର ସ୍ୱପ୍ନ ।
ଭୋକର ନିଆଁରେ ଜଳୁଥାଏ
ଜାଳୁଥାଏ ପେଟ ଚା'ଖଣ୍ଡ,
ଛଅ ଫୁଟିଆ ଦେହରେ ଆଉ ଲୁଚିପାରେନା କରଜର କରୁଣ ଚିତ୍ର,
ତଥାପି ଭଗିଆ ଓଠରେ ଫିଁ' ଥର
ଧାରେ ନିର୍ଭେଜାଲ ହସ ।

କୂଳ ଖାଏ ନଈ,
ସିନ୍ଦୂର ପିନ୍ଧି ମେଲାଣି ନିଏ ଗାଁ ତଅପୋଇ,
ଅଭାବର ଅଣଚାଶ ପବନ ବେଳକୁ ବେଳ
ଉଡ଼େଇ ନିଏ ତେଲ ଲୁଣ ସଂସାରର ଛାତ,
ଅପେକ୍ଷି ରହେନା ଭଗିଆ କାହା ଆହାଃ ପଦ ପାଇଁ !

ଫଟା କାନ୍ଥରୁ ବଦଳିଯାଇଛି ବିଗତ ବର୍ଷର କ୍ୟାଲେଣ୍ଡର,
ଗଲାସନ ମରୁଡ଼ିରୁ
ମୁକୁଳି ସାରିଛି ସନାତନ ସରକାର,
ନାସ୍ତିକ ମୁହଁରୁ ବି କେବେ କେମିତି ଶୁଭିଛି ବିଶ୍ୱାସର ବେଦମନ୍ତ୍ର
ଜରି, ଜମ୍ଫୁରା ଓ ରଙ୍ଗୀନ ଆଲୁଅରେ ସଜେଇ ହେଇ
ଯାହା ବଦଳିପାରିନି କେବେ ତାହା ହିଁ
'ଭଗିଆର ଭାଗ୍ୟ' ।

ସହଦେବଖୁଣ୍ଟା, ବାଲେଶ୍ୱର - ୭୫୬୦୦୧
ମୋ.: ୭୭୮୮୯ ୭୭୨୭୬ ।

ବାବୁଲାର ଅକ୍ଷର ଶିକ୍ଷା

ଡା. ସରୋଜିନୀ ଷଡ଼ଙ୍ଗୀ

କଟକ ମେଡ଼ିକାଲ୍ କଲେଜରେ ମୋ' ତଳ ଭାଇ ବାବୁଲି ଜନ୍ମ ହୋଇଥିଲା । ଜନ୍ମ ହେଲାବେଳେ ଖୁବ୍ ସୁନ୍ଦର ଗୋରା ତକତକ ହୋଇଥିଲା ଏବଂ ତା' ମୁଣ୍ଡରେ ଗୋଛାଏ କଳା କୁଂଚୁକୁଂଚିଆ ଚୁଟି ଥିଲାଫଁ ତାକୁ ଟ୍ରେରେ ଶୁଆଇ ଦେଲା ବେଳେ ଟ୍ରେ ଭର୍ତ୍ତି ହୋଇ ଖୁବ୍ ସୁନ୍ଦର ଦେଖାଯାଉଥିଲା । ତାର ଭଲ ନାଆଁ 'ମୋହନ' ଦିଆ ହେଇଥିବା ବେଳେ ଡାକ ନାଆଁ ଥିଲା 'ବାବୁଲି' । ତେବେ ସାନ ବେଳୁ ତା' ସୁନ୍ଦର ଚେହେରା ସାଙ୍ଗକୁ ଛୋଟ ଛୋଟ ଦୁଷ୍ଟାମୀ ପାଇଁ ସେ ସମସ୍ତଙ୍କର ଅତି ଗେହ୍ଲା ହୋଇଯାଇଥିଲା । ତା' ଆଖି, ନାକ, କାନ, ଗୋଡ଼, ହାତ ସବୁ ଦୁଷ୍ଟାମୀର କଥା କହୁଥିଲା ।

କ୍ରମେ କ୍ରମେ ଖେଳ ଓ ଡ୍ରଇଂରେ ତା'ର ବେଶୀ ଆଗ୍ରହ ବଢ଼ିଲା କିନ୍ତୁ ଯେତେବେଳେ ସେ ପ୍ରଥମେ ଅକ୍ଷର ଶିକ୍ଷା ଆରମ୍ଭ କଲା, ତା' ମାଷ୍ଟ୍ରଙ୍କୁ ବାଲ୍‌ଟିଏ ପାଣି ପିଆଇ ଥିଲା । ତା'ର ପ୍ରତି ଅକ୍ଷର ଶିଖିବା ପଛରେ ଏକ ବିରାଟ ଇତିହାସ ଅଛି । ସରସ୍ୱତୀ ପୂଜା ଦିନ ଖଡ଼ି ଛୁଆଁଇ ପୂଜା ସରିଲା ପରେ ବାବୁଲିକୁ ଟିଉସନ୍ ମାଷ୍ଟ୍ରଙ୍କ ଜିମା ଦିଆଗଲା । ଗୋଟିଏ ଅକ୍ଷର ଶିଖିଲା ବେଳକୁ ୩୦ ଥର ମାଙ୍କଡ଼ ଭଳି ଡେଇଁ ସାରିଥିଲା ସେ । ତେବେ ସବୁ ଅକ୍ଷର ସିନା କଷ୍ଟେ ମଷ୍ଟେ ଶିଖିଗଲା, 'ଟ' ଅକ୍ଷରଟିକୁ ଶିଖିଲା ବେଳକୁ ସିଧା ୪-୫ ଦିନ ମାଷ୍ଟ୍ରଙ୍କୁ ୧୦୦ ଥର ଲେଖାଏଁ ଉଠ୍ ବସ୍ କରାଇ ଚୋପା ଛଡ଼ାଇ ଦେଲା ଏବଂ ଅତି କମ୍‌ରେ ୧୦୦ ଗ୍ଲାସ୍ ଖଣ୍ଡେ ପାଣି ପିଆଇ ଦେଲା । ସେଇ ୪-୫ ଦିନ ଟିଉସନ୍ ମାଷ୍ଟ୍ରଙ୍କ ଆଖିରୁ ନିଦ ହଜିଗଲା, ମୁଣ୍ଡ ବାଳତକ ଫୁର୍‌ଫୁର୍ ହୋଇ ଉଡ଼ିଲା ଓ ଚିନ୍ତାରେ ସାର୍ ଖାଇବା ପିଇବା ଭୁଲିଗଲେ । ତାଙ୍କ ଆଖି ଆଗରେ ଜୁଲୁଜୁଲିଆ ପୋକ ନାଚିଲେ । ଯେତେଥର ସେ ବାବୁଲିକୁ ମନେଇ ମାନେଇ ଖାତା ଓ କଲମ ଧରି ବସୁଥିଲେ, ସେତିକି ଥର ବାବୁଲି କରେଣ୍ଟ୍ ମାରିଲା ଭଳି ଉଠି ପଡ଼ି କହୁଥିଲା "ମୁଁ 'ଟ' ଅକ୍ଷର ଜମା ଲେଖିବିନି" । ତା'ର ଯୁକ୍ତି ହେଲା- 'ଟ' ଅକ୍ଷରଟି ଲେଖି ଯଦି ବାଡ଼ି ଉପରକୁ ଉଠାଇ ଦିଆଯାଏ ତେବେ 'ଟ' ଅକ୍ଷରଟି ତଳକୁ ଗଳିପଡ଼ିବ । ଥରେ ତଳକୁ ଗଳି ପଡ଼ିଲେ ଅକ୍ଷରଟି ହଜିଯିବ ସିନା । ତେଣୁ ସେ 'ଟ' ଅକ୍ଷରଟିକୁ ଲେଖିବ ନାହିଁ । ଯେତେ ବେତମାଡ଼, ଚୌକିବସା କିଛି ଜିନିଷ କାମ ଦେଲାନି । ଶେଷକୁ ଗୋଟିଏ ମଲା କଙ୍କଡ଼ା ବିଛାକୁ ସୂତାରେ ବାନ୍ଧି ବାବୁଲି ନାକ ଅଗରେ ହଲାଇବାରୁ ସେ 'ଟ' ଅକ୍ଷରଟି ଶିଖିଲା ।

ସେ ଟ୍ୟୁସନ୍ ମାଷ୍ଟ୍ରଙ୍କୁ ବେଳେବେଳେ ନାକେଦମ୍ କରିଦିଏ । ମାଷ୍ଟ୍ରେ ମନମୁନ ଚଇତନ ଦେଇ, ଚୁଟି ହଲାଇ ହଲାଇ, ପାକୁଆ ପାଟିରେ ଗୋଟିଏ କଳରେ ଜିଭକୁ ଜାକି ସିଲଟରେ ଅକ୍ଷର ଲେଖିଚାଲନ୍ତି ଏବଂ ତାକୁ କହନ୍ତି, ମୋ' ଲେଖା ଅକ୍ଷର ଉପରେ ତୁ ମଡ଼େଇ ମଡ଼େଇ ଲେଖ । ତାହା ହେଲେ ଭଲ ହସ୍ତାକ୍ଷର ହେବ, ସତକୁ ସତ ବାବୁଲିର ହସ୍ତାକ୍ଷର ଏତେ ସୁନ୍ଦର ଓ ଗୋଲ୍ ଗୋଲ୍ ଯେ, ବଡ଼ ହେଲା ପରେ ସମସ୍ତେ ତା' ଅକ୍ଷରର ପ୍ରଶଂସା କରନ୍ତି । ବେଳେବେଳେ ସାର୍ କୁହନ୍ତି-

ଖାଇ ଶୋଇଲେ ଚଢ଼ଇ ଆୟୁ
ଖାଇଚାଲିଲେ ବଢ଼ଇ ବାୟୁ,
ଖାଇ ବସିଲେ ବଢ଼ଇ ପେଟ
ଖାଇ ଖାଇଲେ 'ଯମ'ର ଭେଟ ।

ସାଂଗେ ସାଂଗେ ବାବୁଲି କହେ, "କାଇଁ ଖାଇ ସାରି ମୁଁ ତ ଚାଲୁଛି, ମୋର କାହିଁକି ବାୟୁ ବଢୁନି, ଖାଇ ସାରି ତ' ମୁଁ ବସି ପାଠ ପଢୁଛି, ମୋର ତ କାଇଁ ପେଟ ବଢୁନି, ଆଉ ମୁଁ ଦିନ ସାରା ଅନବରତ ଖାଇସାରିଲା ପରେ ବି ପୁଣି ଖାଉଛି, ମୋର ତ' କାଇଁ ଯମ ସାଙ୍ଗରେ ଭେଟ ହେଉନି ?" ଏ ଆଶ୍ଚର୍ଯ୍ୟ ଯୁକ୍ତିରେ ସାର୍ ହାରିଯାଆନ୍ତି ଏବଂ ହସି ଦେଇ ବାବୁଲି ମୁଣ୍ଡଉପରେ ହାତ ବୁଲାଇ ଆଣନ୍ତି ।

କେବଳ "ଟ" ଅକ୍ଷର ନୁହଁ, ପ୍ରତ୍ୟେକଟି ଅକ୍ଷର ପଛରେ ଗୋଟିଏ ଗୋଟିଏ ଇତିହାସ ସୃଷ୍ଟି କରିଛି ବାବୁଲି । ବୋଉ ଓ ମାଷ୍ଟ୍ରେ ଉଭୟେ ଝାଳନାଳ ହୋଇଯାଆନ୍ତି ବାବୁଲିକୁ ପ୍ରତିଟି ଅକ୍ଷର ଶିଖାଇଲା ବେଳେ । କେବଳ ଓଡ଼ିଆ ଅକ୍ଷର ନୁହେଁ, ପ୍ରତିଟି ଇଂରାଜୀ ଅକ୍ଷର ଶିଖାଇଲା ବେଳେ ମଧ୍ୟ ସେହିଭଳି ହର୍‌କତ କରିଥାଏ ବାବୁଲି । କେତେବେଳେ ମଲା ମୂଷା ତ' କେତେବେଳେ ଅସରପା ଦେଖାଇ ଡରାଇବାକୁ ପଡ଼ିଥାଏ ଏବଂ କେତେବେଳେ ପପିନ୍‌ସ୍, ଚକୋଲେଟ୍ ଲାଂଚ ଦିଅନ୍ତି ବୋଉ । ଆଉ ବାବୁଲି ସୁନା ପିଲାଟି ଭଳି ବୋଉ ପାଖରେ ବସି ସବୁ ଅକ୍ଷର ଶିଖେ ଓ ଚଟାପଟ୍ ପାଠ ପଢ଼ିବା ସାରିଦିଏ ।

ବାବୁଲିର ଅକ୍ଷର ଶିକ୍ଷା ସରିଲା ପରେ ସେ ବେଶୀ ସମୟ ଦେଉଥିଲା ଖେଳ ପାଇଁ । ଡ୍ରାମା ତା'ର ଅନ୍ୟ ଏକ ହବି । ଏହାଛଡ଼ା ନିଖୁଣ ଡ୍ରଇଁ କରି ସୁନ୍ଦର ଚିତ୍ର ଆଙ୍କିବାର ସ୍ୱପ୍ନ ମଧ୍ୟ ସେ ସଫଳ କରି ପାରିଥିଲା ତା' କୁନି କୁନି ଆଙ୍ଗୁଳିରେ । ତେବେ ନନା ଯେତେବେଳେ ତାକୁ କହନ୍ତି ପଢ଼ା ପଢ଼ି ବେଶୀ କରିବାକୁ ଏବଂ "ଦେଖ ସରୋଜିନୀ ନାନୀ କେମିତି ପଢୁଛି" କହିଲେ ସେ' ମୁହଁ ଶୁଖେଇ ବସେ । କହେ ପଢ଼ା କ'ଣ ସବୁ କିଛି ? ପଢ଼ାପଢ଼ି ସହ ସବୁ ଜିନିଷ ଦରକାର ନା !

ଚାଲିଲା ଶଗଡ଼ରେ ହାତ ଦେଉଥିବା ବାବୁଲି ସତରେ ଯେ' ବଡ଼ ଚଗଲା ଏକଥା ତା'ର ଚଙ୍ଗଚଙ୍ଗିଆ ଗୁଣରୁ ଜଣାପଡ଼େ । ସକାଳୁ ଉଠିଲେ "ବୋଉଲୋ"ବୋଲି ହାଉଳି ଖାଇ ଡିଆଁ ମାରିଦିଏ ଖଟ ଉପରୁ ତଳକୁ । ଦାନ୍ତରେ ନାଁ'କୁ ମାତ୍ର ପେଷ୍ଟ ବୋଳିଦେଇ କୁଲୁକୁଂଚା ଛାଟିଦିଏ ବେସିନ୍‌କୁ । ତାପରେ ଆରମ୍ଭ ହୋଇଯାଏ ବ୍ୟାୟାମ୍ । ବାପ୍‌ରେ ବାପ୍ ଅତିକମ୍‌ରେ ଅନ୍ତତଃ ଶହେଥର ଦଣ୍ଡ ବୈଠକ ମାରେ ସେ, ପୁଣି ଯୋଗ ଓ ପ୍ରାଣାୟମ୍ କରେ, ଯେମିତି ସ୍ୱାମୀ ରାମଦେବଙ୍କର କାନ କାଟି ଥୋଇଦେବ ! ଏ ସବୁ କାମ ସରିଲାବେଳକୁ ବହେ ଝାଳନାଳ ସେ ବୁହାଇ ସାରିଥାଏ । ଫ୍ୟାନ୍ ପବନ ଜୋର୍‌ରେ ଚଲାଇ ଶୁଖାଏ ନିଜକୁ । ତା' ପରେ ତେଲ ମାଲିସ୍‌ର ଅଧ୍ୟାୟ ଆରମ୍ଭ ହୋଇଯାଏ । ତେଲ ମାଲିସ୍ ଓ ବୁଟ୍ ପଲିସ୍ ପରେ ଦଉଡ଼େ ଗାଧୁଆ ଘର । ଗାଧୁଆ ନ ସରୁଣୁ ଜୋର୍‌ରେ ଡାକ ଛାଡ଼େ ବୋଉକୁ "ଇଏ ବୋଉ ଲୋ ଖାଇବାକୁ

ଦେ" ବୋଉ ବିଚରା ଯେତେ ସହଳ ଉଠିଲେ ବି ଦିନ ୮ଟାବେଳକୁ ରୋଷେଇ କରି ପାରେନି । ତେଣୁ ଦରସିଝା ଡାଲି, ଆଳୁଭର୍ତ୍ତା ଓ ଭାତହାଣ୍ଡିରୁ ସଦ୍ୟ ଡାଲିଚଟୁରେ ଛଣା ହୋଇଥିବା ଭାତକୁ 'ଫୁ' 'ଫୁ' କରି ଫୁଙ୍କି ନାକରେ କାନରେ ଗଳେଇ ଦଉଡ଼ି ଦଉଡ଼ି ପଳାଏ ସ୍କୁଲ୍‌କୁ ।

ଦିନେ ନନା ରାଗିଯାଇ କହିଲେ "କିରେ ସ୍କୁଲ୍ ତ ତୋର ୧୦ଟାରେ, ତୁ ପ୍ରତିଦିନ ୮ଟାରୁ ଯାଇ କ'ଣ କରୁଛୁ ?" ଚଟାପଟ ଉତ୍ତର ତା'ର "ନନା କ୍ଲାସ୍ ହେବା ଆଗରୁ ସାର୍ ଅଙ୍କ କଷାନ୍ତି ପରା" ! ନନା ବି ଶିକ୍ଷା ବିଭାଗର ପରିଦର୍ଶକ (ସର୍କଲ ଇନ୍‌ସ୍‌ପେକ୍ଟର ଅଫ୍ ସ୍କୁଲସ୍), କ୍ଲାସ୍‌ରୁମ୍ ଖୋଲିବା ଆଗରୁ କେମିତି ପଢ଼ାଉଛନ୍ତି ଜାଣିବା ପାଇଁ ନନା କୌତୁହଳୀ ହୋଇପଡ଼ିଲେ । ଦିନେ ବାବୁଲିକୁ ନଜଣାଇ ବାହାରିଗଲେ ସ୍କୁଲ୍ । ଦେଖିଲାବେଳକୁ ଝାଳନାଳ ହୋଇ ବାବୁଲି ଫୁଟ୍‌ବଲ୍ ଖେଳ ଖେଳୁଛି ସାଙ୍ଗମାନଙ୍କ ସାଙ୍ଗରେ । ମୁଣ୍ଡବାଳ ଫୁରଫୁର୍ ହୋଇଉଡୁଛି, ହାୱାଇ ଫିଟିଯାଇଛି । ଖାଲି ଫୁଟ୍‌ବଲ୍ ନୁହେଁ କ୍ରିକେଟ୍‌ରେ ମଧ୍ୟ ସେ ଧୁରନ୍ଧର । ଗୋଟାଗୋଟା ଚୌକା ଛକା ମାରି ବଲ୍ ଉଡ଼ାଇଦିଏ । ନନା ଦେଖିଲେ ଯେମିତି ସ୍କୁଲ୍ ଘଣ୍ଟି ବାଜିଲା ଚାହୁଁଚାହୁଁ ପାନିଆ ଫାନିଆ କିଛି ନାହିଁ ଦୁଇ ହାତରେ ମୁଣ୍ଡବାଳକୁ ସାଉଁଳେଇ ଦେଇ ଫିଟିଯାଇଥିବା ହାୱାଇ ସାର୍ଟର ଦୁଇପଟର ବୋତାମକୁ ତଳଉପର କରି ଲଗାଇଦେଇ ବ୍ୟାଗ୍ ଉଠାଇ ଚାଲିଲା କ୍ଲାସ୍ । ଭଗବାନ ଜାଣନ୍ତି ଏଭଳି ବାୟା ବିତୋଳର ମନ କେତେ ପଢ଼ାପଢ଼ିରେ ଲାଗୁଥିବ ।

ବାବୁଲି ମନରେ ସବୁବେଳେ ପ୍ରଶ୍ନଟିଏ ଉଙ୍କି ମାରୁଥିଲା, "ସରୋଜିନୀ ନାନୀ ଫାଷ୍ଟ ହଉଛି ବୋଲି କାହିଁକି ସମସ୍ତେ ତାକୁ ମୁଣ୍ଡରେ ବସାଇଛନ୍ତି ? ନାନୀ ତ' ଖାଲି ଆନୁଆଲ୍ ଫଙ୍କ୍‌ସନ୍‌ରେ ବହି ପୁରସ୍କାର

ପାଇଲାବେଳେ ସେ ତ' ବୀର ଦର୍ପରେ ଯାଇ ଖେଳକୁଦ, ରନ୍, ହାଇଜମ୍ପ୍, ଲଙ୍ଗ୍‌ଜମ୍ପ୍, ଓ ଫୁଟ୍‌ବଲ୍‌ରେ ୧୦-୧୨ଟି ଚକ୍‌ଚକିଆ କପ୍ ପ୍ରାଇଜ୍ ପାଇ ଡ୍ରଇଂରୁମ୍ ଥାକ ଭର୍ତ୍ତି କରିଦେଉଛି । ସ୍କୁଲ୍‌ର ଖେଳସାର୍ ତାକୁ ଭଲ ଉପଦେଶଟିଏ ଦେଇଛନ୍ତି – "ଯୋଉ ପିଲା ଯେତିକି ଖେଳିବ ତା'ର ମସ୍ତିଷ୍କକୁ ରକ୍ତ ସଂଚାଳନ ସେତିକି ଭଲ ହେବ ଓ ସେହିଭଳି ତା'ର ବେଶୀ ବୁଦ୍ଧି ବଢ଼ିବ । ତେଣୁ ପିଲାଏ ପାଠପଢ଼ା ସହ ଖେଳିବା ଭଲ ।" ସେ'ତ ପାଠପଢ଼ା ସମୟରେ ପାଠ ପଢୁଛି, ଖେଳ ସମୟରେ ଖେଳୁଛି ଓ ଡ୍ରାମା ବି ତ ଭଲ କରୁଛି । ଆରେ ବାପ୍‌ରେ ବାପ୍ , ରାଜା ପାର୍ଟ କଲାବେଳେ ମୁକୁଟ ପିନ୍ଧି ସିଂହାସନରେ ବସି ସେ'ତ ରାଜା ଭଳି ଦିଶୁଛି । କେତେ ପ୍ରାଇଜ୍ ବି ପାଇଲା ସେ, କିନ୍ତୁ ସବୁଠୁ ଭଲ ଥିଲା ରାଜା ହରିଶ୍ଚନ୍ଦ୍ରଙ୍କର ପାର୍ଟ । ପାର୍ଟ କଲାବେଳେ ସତକୁ ସତ କାନ୍ଦି ପକାଇଥିଲା ସେ । ସେଇ ଡ୍ରାମା ପରଠାରୁ ସେ ନିଜର ସବୁ ଭଲ ଭଲ ଜିନିଷ ସାଙ୍ଗମାନଙ୍କୁ ଦାନ କରିଦେଲା । ପେନ୍, ପେନ୍‌ସିଲ୍, ରଂଗ ବାକ୍ସ, ଡୁଳୀ, ପପିନ୍‌ସ, ଚକୋଲେଟ୍, ଚକ୍‌ଖଡି ସବୁକିଛି । ବେଳେବେଳେ ଘରେ ଆସି ବୋଉଙ୍କଠାରୁ ଗାଳି ଖାଏ । ହେଲେ, ଫିକ୍ କରି ହସିଦେଲେ ବୋଉ ପୁଣି ଭଲିକି ଭଳି ଡୁଳୀ ଓ ରଂଗ ବାକ୍ସ ତାକୁ କିଣି ଦିଅନ୍ତି ।

ବାବୁଲିକୁ ଅକ୍ଷର ଶିଖାଉ ଶିଖାଉ ନୟାନ୍ତ ହୋଇପଡ଼ିଥିଲେ ମାଷ୍ଟ୍ରେ । ବେଳେବେଳେ ଚଇନି ଚୁଟିକି ହଲେଇ ହଲେଇ ବେତ ଧରୁ ଧରୁ ବାବୁଲି ମାରେ ଛୁ' । କେତେଥର ତ ଏମିତି ହୋଇଛି ମାଷ୍ଟ୍ରେ ସିଲଟ ଚକ୍‌ଖଡି ମଡ଼ଉ ମଡ଼ଉ ବାବୁଲି ପିଁକରି ଖେଳିବାକୁ ପଳାଏ, ଏଣେ ମାଷ୍ଟ୍ରେ ମନମୁନ ଚଇତନ ଲଗାଇ ଦିଅନ୍ତି ଚିତ୍ର ଆଙ୍କିବାରେ । ବେଳେ ବେଳେ ମାଷ୍ଟ୍ରଙ୍କ ଆଗରେ ଜୁବୁଲି, ରୁବୁଲି ଓ ଟୁବୁଲିକୁ ବସାଇ ପଛଆଡୁ ପଳାଇଯାଏ ଖେଳ ପଡ଼ିଆ । ଘେରାଏ ବୁଲି ଆସିବା ପରେ ମଧ୍ୟ ଯେତେବେଳେ ଦେଖେ ମାଷ୍ଟ୍ରେ ମୁହଁମାଡ଼ି ସିଲଟ୍‌ରେ ଲେଖୁଛନ୍ତି , ସେ ବ୍ୟସ୍ତ ହୋଇପଡ଼େ । ବାବୁଲି ଦୁଷ୍ଟ ସିନା ହୃଦୟହୀନ ତ' ନୁହେଁ । ଦଉଡ଼ି ଦଉଡ଼ି ଯାଇ ଫ୍ରିଜ୍ ଖୋଲି ୫ଟଙ୍କିଆ ବଡ଼ ରସଗୋଲାଟିଏ ଓ ପାଣି ଗିଲାସେ ଆଣି ମାଷ୍ଟ୍ରଙ୍କ ସାମ୍ନାରେ ବସିପଡ଼ି 'ସାର୍' 'ସାର୍' ଭୋକ ଲାଗୁଥିବ ଆଗ ଖାଇ ଦିଅନ୍ତୁ କହି ମନା କରୁ କରୁ ପୂରା ରସଗୋଲାଟିକୁ ମାଷ୍ଟ୍ରଙ୍କ ପାଟି ଭିତରେ ପୂରାଇଦିଏ । ରସଗୋଲା ତଣ୍ଟିରେ ଲାଗି କାଶି କାଶି ନୟାନ୍ତ ହୋଇଗଲେ ବଡ଼ ପାଣି ଗିଲାସରେ ଗିଲାସେ ପାଣି ଆଣି ସାର୍ ନାହିଁ କରୁ କରୁ ପିଆଇ ଦିଏ । କେଉଁ କେଉଁ ଦିନ ତ ଗୁରୁଭକ୍ତି ଏତେ ବଳାଇ ପଡ଼େ ଯେ, ସେ ମାଷ୍ଟ୍ରଙ୍କ ଦେହ ପାଇଁ ଖୁବ୍ ବ୍ୟସ୍ତ ହୋଇପଡ଼େ । ବେଳେବେଳେ ରାଗିଯାଏ ବୋଉ ଉପରେ । ମାଷ୍ଟ୍ରେ ବେଶୀ ସମୟ ପଢ଼େଇବେ ବୋଲି ପଢ଼ାଶେଷ ହେବା ବେଳକୁ ୫ମିନିଟ୍ ବାକି ଥିବ ଆସି ଚା' କପେ ଥୋଇବ । ବିଚରା ସାର୍ ବି ସୁଡୁ ସୁଡୁ କରି ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଚା' ପିଇବେ ଓ ପାଠ ପଢ଼ାଇବେ । ବାବୁଲିକୁ ଭାରି ଦୟାଲାଗେ ସେତେବେଳେ ସାର୍‌ଙ୍କୁ ଦେଖି । ଗରମ ଚା' ପିଇ ପିଇ ପାଠ ପଢ଼ାଇ ଚାଲିଥିବେ ।

କେତେଥର ସନ୍ଧ୍ୟାବେଳେ 'ଓଃ' 'ଆଃ' ହୋଇ ଗୋଡ଼ ବିନ୍ଧୁଛି ବୋଲି ସାର୍ କହିଲେ ସାଙ୍ଗେ ସାଙ୍ଗେ ସେ ପାଲଟିଯାଏ 'ଏକଲବ୍ୟ' । ମାଷ୍ଟ୍ରେ ଯେତେ ମୁଣ୍ଡ ହଲାଇ "ନାହିଁ ଥାଉ ଥାଉ" ବୋଲି ପାଟିକଲେ ବି ସେ ଗୁରୁଭକ୍ତିର ପରମ ପରାକାଷ୍ଠା ପ୍ରଦର୍ଶନ କରି ଟାଣି ଓଟାରି ମାଷ୍ଟ୍ରଙ୍କୁ ଦଉଡ଼ିଆ ଖଟରେ ଶୁଆଇଦେଇ ବୋତଲେ ତେଲ ଆଣି ବୋଳି ପକାଏ ଗୋଡ଼ରେ । ତା'ପରେ ମାଲିସ୍‌ର ପର୍ବ ଆରମ୍ଭ ହୋଇଯାଏ । ଘଣ୍ଟାଏ କାଳ ଗୋଡ଼ମୋଡ଼ି ମାଲିସ୍ କରି ସାର୍‌ଙ୍କର ଦୁଇଗୋଡ଼ରୁ ମଳିଚମ ଛଡ଼ାଇ ଦେଲା ପରେ ହିଁ ବାବୁଲି ଯାଇ ଶାନ୍ତ ହୁଏ । ପୁଣି ଓଲଟି କେତେ ବେଳେ ତା'ର ପାଠ ପଢ଼ିବାକୁ ମନ ନହେଲେ ହଜାରେ ଥର ଠାକୁରଙ୍କୁ ମୁଣ୍ଡିଆ ମାରୁଥାଏ "ହେ ଠାକୁର; ମାଷ୍ଟ୍ରେଙ୍କୁ ଆଜି ଜର ହୁଅନ୍ତା ନି, ଆଉ ପାଠ ପଢ଼ିବାକୁ ପଡ଼ନ୍ତାନି ଆଜି ।"

ଅଙ୍କ କଷାରେ ବି କ'ଣ କମ୍ ଓସ୍ତାଦ୍ ବାବୁଲି । ଥରେ ଥରେ ଫାଜିଲାମି କରି "ସାର୍, ଏ ଅଙ୍କଟା କଲେ ଦେଖିବା" କହି ୪ ନଂ ଅଙ୍କ ପ୍ରଶ୍ନର ତଳ ଅଧକ ସହ ୫ ନଂ ପ୍ରଶ୍ନର ଉପର ଅଧକ ମିଶାଇ ସାର୍‌ଙ୍କ ଆଗରେ ଥୋଇଦେଇ ଛୁ' ମାରେ । ତା' ପରେ ଦେଖ ଅଙ୍କ ମାଷ୍ଟ୍ରଙ୍କ ମୁଣ୍ଡ ବିନ୍ଧା । ଅଙ୍କ, ସିଲଟ ଓ ଖଡ଼ିକୁ ଧରି ଘଣ୍ଟା ଘଣ୍ଟା ବସିଯାଆନ୍ତି ସେ । ଶେଷରେ ଭୁଲ୍ ପ୍ରଶ୍ନକୁ ଦେଖି ରାଗ ପଞ୍ଚମକୁ ଉଠିଯାଏ ତାଙ୍କର । ସେତେବେଳକୁ କ୍ରିକେଟ୍ ମ୍ୟାଚ୍‌ଟିଏ ଖେଳିସାରି ଡିଆଁ ମାରି ମାରି ସାର୍‌ଙ୍କୁ ଚମକାଇ ଦେଇ କହେ "ସାର୍, ଅଙ୍କ ହେଲା" ? ଏଣେ ଭୁଲ୍ ଅଙ୍କର ସୁରାକ୍ ପାଇ ସାର୍ ବାବୁଲିର କାନ ମୋଡ଼ିବାକୁ ଖୋଜିଲା ବେଳକୁ ଦୁଇ କାନ ଧରି ଠିଆ ହୋଇଯାଏ ବାବୁଲି । ଏଭଳି ପିଲାକୁ ସାର୍ ପିଟିବେ ନାଁ ଗାଳିଦେବେ ନାଁ ଭଲ ପାଇବେ ?

ବାବୁଲି ସିନା ଦୁଷ୍ଟାମି କରେ, କିନ୍ତୁ ପର ଦୁଃଖ ଦେଖିଲେ ମୋଟେ ସହିପାରେନି । ବହୁତ ଥର ତା'ର ଟିଫିନ୍ ଓ ଖାଦ୍ୟ ଅନ୍ୟ ସାଙ୍ଗମାନଙ୍କୁ ବାଣ୍ଟିଦେଇ ନିଜେ ଉପାସ ରହିଥାଏ । ପଚାରିଲେ କହେ, "ବୋଉ, ମୋ ସାଂଗ ପରା କିଛି ଟିଫିନ୍ ଆଣି ନଥିଲା । ସେଥିପାଇଁ ମୋର ଟିଫିନ୍ ବାକ୍ସ ତାକୁ ଦେଇଦେଲି ।" ବୋଉ ସିନା ମନ ଦୁଃଖ କରେ ପୁଅ ଖାଇନି ବୋଲି କିନ୍ତୁ ମନେ ମନେ ଖୁସି ହୁଏ ଯେ, ଯାହା ହେଉ ପୁଅ ଭିତରେ ଭଲପଣିଆତକ ଅଛି ଏବଂ ସେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ମଧ୍ୟ ମନ ବଳାଉଛି ।

ଆଉ ଦିନକର କଥା, ତା' କ୍ଲାସ୍‌ମେଟ୍ ହରି ପୁଷ୍ପମାସ ଶୀତଦିନେ ଥରୁଥିଲା, ତା'ର ସ୍ୱେଟର୍ ନଥିଲା, ସେ ଦିନ ସେ ତା' ନିଜ ସ୍ୱେଟର୍ ଖୋଲି ତାକୁ ଦେଇଦେଲା ଏବଂ ଘରକୁ ଫେରିଲା ବେଳକୁ ଶୀତରେ ବାବୁଲିକୁ ଜ୍ୱର ଆସିଥିଲା । ବୋଉ ରାଗି ଆସିଲା ବେଳକୁ ସତକଥାଟି ବାବୁଲି ମୁହଁରୁ ବାହାରିଗଲା- "ବୋଉ, ମୋ ସାଙ୍ଗ ହରିର ଆଦୌ ସ୍ୱେଟର୍ ନଥିଲା, ସେ ଶୀତରେ ଥରୁଥିଲା, ମୁଁ ତାକୁ ମୋ' ସ୍ୱେଟର୍

ଦେଇ ଦେଇଛି । ମୋର ତ' ଏତେ ସ୍ୱେଟର୍ ଅଛି, ମୁଁ ଆଉ ଗୋଟିଏ ସ୍ୱେଟର୍ ପିନ୍ଧିଦେବିନି । ମୁଁ ଭଲ କାମ କରିଛି ନା' ବୋଉ ?" ବୋଉ ଆଖିରୁ ଧାରଧାର ଲୁହ ଖସିପଡ଼ିଲା । ବାବୁଲିକୁ କୋଳକୁ ଆଉଜେଇ ନେଇ ତା' କପାଳକୁ ଆଉଁସି ସେ' କହିଲା "ମୋ ଧନରେ, ଖୁବ୍ ଭଲ କାମ କରିଛୁ । ଏମିତି ଗରିବମାନଙ୍କୁ ସାରା ଜୀବନ ସାହାଯ୍ୟ କରୁଥିବୁ" ।

ବାବୁଲିର ସବୁଥିରେ ଆଗଚଲା ଗୁଣ । ଦିପାବଳୀ ହେଉ କି ହୋଲି, ସେଥିରେ ମୁଖ୍ୟ ଭୂମିକା ସେ ହିଁ ଗ୍ରହଣ କରିଥାଏ । ଦିପାବଳୀ ବେଳକୁ ବାଣ କିଣିବା ପାଇଁ ଲମ୍ବା ଲିଷ୍ଟିଏ ନନା ବୋଉଙ୍କୁ ସେ ଧରାଇଦିଏ ଏବଂ ଏକ ରକମ ଜିଦ୍‌ଧରି ବସେ ସବୁ ବାଣ କିଣିବା ପାଇଁ । ଖାଲି ସେତିକି ନୁହେଁ, ତା' ସାଙ୍ଗରେ ପାଳିଆ ଧରିବାକୁ ସବୁ ଭାଇଭଉଣୀମାନଙ୍କୁ ଆଗରୁ ଭଲ ଭାବରେ ରିହଲ୍‌ସଲ୍ କରାଇ ଦେଇଥାଏ । ନନା ଆମ ଝିଅମାନଙ୍କ ପାଇଁ ଝିରିଝିରି ବାଣ ଆଣିଲାବେଳେ ତା' ପାଇଁ ତାଳଫୋଟକା ବାଣ ଓ ବୋମା ଭଳି ବାଣ ଆଣିବାକୁ ତାଙ୍କୁ ଅର୍ଡ଼ର ମିଳିଥାଏ । ସବୁବେଳେ କହେ, ମୁଁ କ'ଣ ଝିଅ ହୋଇଛି ଯେ, ଝିରିଝିରି ଲଗେଇବି ? ଥରେ ଆମେ ସମସ୍ତେ ରିକ୍‌ସାରେ ଦିପାବଳୀ ପାଇଁ ବାଣ କିଣିବାକୁ ଯାଇଥିଲୁ କିନ୍ତୁ ତା' ମନ ମୁତାବକ ବାଣ ନ ଆଣିବାରୁ ଡିଆଁମାରି ତଳକୁ ଓହ୍ଲାଇଗଲା । ନନା ତା' କଥା ନଶୁଣି ରିକ୍‌ସା ଗଡ଼ାଇ ନେବାକୁ କହିବାରୁ ସେ ରିକ୍‌ସାର ହେଣ୍ଡେଲ୍ ଧରି ପ୍ରାୟ ଅଧ କିଲୋମିଟର୍ ବାଟ ଘୋଷାରି ହୋଇଗଲା । ଶେଷକୁ ରିକ୍‌ସା ରହିଲା ଏବଂ ବାଣ କିଣା ହେଲା ପରେ ହିଁ ସେ ଆମ ସାଂଗରେ ଆସିଲା । ଥରଟିଏ ଦିପାବଳୀରେ ସବୁ ବାଣ ଫୁଟାଇ ସାରିଲା ପରେ, ତା' ପରଦିନ ସକାଳୁ ସବୁ ସାଂଗମାନଙ୍କୁ ଧରି ଅଫୁଟା ବାଣ ସବୁ ଗୋଟାଇଲା । ତା'ପରେ ସନ୍ଧ୍ୟାବେଳକୁ ତାଳଫୋଟକା ଖୋଲି ବାରୁଦ ବାହାର କରି କାଗଜ ଉପରେ ଜମା କଲା ଏବଂ ମୁହଁ ତଳକୁ କରି ବାରୁଦରେ ନିଆଁ ଲଗାଇଦେଲା । ହଠାତ୍ ହୁତ୍‌ହୁତ୍ ହୋଇ ଜଳିଉଠିଲା ବାରୁଦ ଏବଂ ସେ ବାରୁଦର ବିସ୍ଫୋରଣରେ ତା'ର ଫାଳେ ମୁହଁ ପୋଡ଼ିଗଲା । ସେ ଦୌଡ଼ି ଦୌଡ଼ି ଆସି ଘରେ ପାଟି କଲା- "ବୋଉଲୋ ! ମୋ ମୁହଁ ପୋଡ଼ିଗଲା ଏବଂ ତା' ପରେ ରାସ୍ତା ଉପରେ ଦୌଡ଼ିଲା ହସ୍‌ପିଟାଲ୍ ଆଡ଼କୁ । ତା' ପଛରେ ବୋଉ ମଧ୍ୟ ଦୌଡ଼ିଦୌଡ଼ି ଗଲା । ସାତଦିନ ପର୍ଯ୍ୟନ୍ତ ହସ୍‌ପିଟାଲ୍‌ରେ ରହି ତା' ମୁହଁ ଫୁଲିଯାଇଥାଏ । ବହୁଦିନ ପରେ ସେ ଘା' ଶୁଖିଲା । ଏତେ ସୁନ୍ଦର ମୁହଁରେ ଦାଗ ହୋଇଯାଇଥିଲା । ବହୁକଷ୍ଟରେ ବହୁଦିନ ପରେ ସେ ଦାଗ ସବୁ ଲିଭିଲା ।

ହୋଲିର ରଂଗ ଖେଳ ବେଳେ ମଧ୍ୟ ବିଭିନ୍ନ ପ୍ରକାର ଅବିର ସାଙ୍ଗକୁ ମୁଣ୍ଡଫଟା ରଂଗ ଓ ଅନ୍ୟାନ୍ୟ ରଂଗ କିଣି ନିଜେ କୁତ୍ସିତ କିମ୍ଭାକାର ହେବା ସହ, ସମସ୍ତଙ୍କୁ ରଙ୍ଗରେ ବୁଡ଼େଇ ଗାଧୋଇଦିଏ । ହୋଲିଦିନ କିଏ ସଫାସୁତୁରା ହୋଇ ଭଲ ଡ୍ରେସ୍ ପିନ୍ଧି ବସିଲେ, ସେ ସହି ପାରେ ନାହିଁ, ସଙ୍ଗେ ସଙ୍ଗେ ମୁଣ୍ଡଫଟା ରଙ୍ଗ ବୋଳିଦିଏ । ଶହେ ଥର ଗାଧୋଇଲେ ବି ମୁଣ୍ଡରୁ ମୁଣ୍ଡଫଟା ରଙ୍ଗର ପାଣି ଏବଂ ନାଲି ରଙ୍ଗ ବୋହିଯାଉଥାଏ, ଆଉ ମୁହଁ ଓ ଦେହରୁ ମଧ୍ୟ ରଙ୍ଗ ଛାଡ଼େ ନାହିଁ । ଅଗତ୍ୟା ଆମକୁ ସେଇ ବିଚିତ୍ର ବର୍ଣ୍ଣରେ ଗାଧୁଆ ଶେଷ କରିବାକୁ ପଡ଼େ । ବେଳେବେଳେ ସେ ସାଇକଲ୍ ଧରି ସ୍କୁଲ୍ ସାଙ୍ଗମାନଙ୍କ ସାଥିରେ ଯାଇ ଡେରିରେ ଫେରେ । ଆମର ଡର ଥାଏ, କାଳେ ନଈ କି ପୋଖରୀକୁ ପଳେଇବ । ଏଇ ଭଳିଆ ତଟସ୍ଥ ଅବସ୍ଥାରେ ସେ ଆମକୁ ରଖିଥାଏ ।

ଏମିତି ଗୋଟିଏ ଅବସ୍ଥା ହୋଇଥିଲା ୧୯୬୪ ମସିହାରେ । ଯେତେବେଳେ ସାରା ଓଡ଼ିଶା ଛାତ୍ର ଆନ୍ଦୋଳନରେ ଉଠୁଥିଲା ଓ ପଡୁଥିଲା, ଆମେ ବ୍ରହ୍ମପୁରରେ ଥିଲୁ କିନ୍ତୁ ବୋଉ ହାର୍ଟ ଅପରେସନ୍ ପାଇଁ ରାଉରକେଲାରେ ଥିଲା ଏବଂ ନନା ମଧ୍ୟ ସେଇଠି ଥିଲେ । ରବିବାର ଦିନ ସବୁ ସ୍କୁଲ୍ କଲେଜ ବନ୍ଦ୍ ଥିଲା, କେବଳ ଘରେ ମୁଁ ମୋ ସାନଭଉଣୀ ବେବି ଓ ବାବୁଲି ଥିଲୁ । ଗୁଳି ଫୁଟାର ଶବ୍ଦ ଶୁଣ କାଳେ ସେଠିକି ଚାଲିଯିବ ସେଥିପାଇଁ ମୁଁ ସେମାନଙ୍କୁ ପେଟେ ପେଟେ ଭାତ, ଡାଲି, ତରକାରୀ ଖୁଆଇ ଶୁଆଇଦେଲି । ଦୁହେଁଯାକ ଯାଇ ସନ୍ଧ୍ୟାବେଳେ ଉଠିଲେ ଏବଂ ସେତେବେଳେ ବ୍ରହ୍ମପୁରର କମାପଲ୍ଲୀ ଛକଟି ଖାଲି ଗୁଳି ଫୁଟା ଆବାଜରେ ପଡୁଥିଲା ଉଠୁଥିଲା ଓ ଛାତ୍ର ନେତାଟିଏ ମୃତ୍ୟୁବରଣ କରିଥିଲା । ବାବୁଲି ବ୍ୟସ୍ତ ହେବା ବେଳେ, ମୁଁ ଖୁସିଥିଲି ଯେ, ଭାଇକୁ ନିଶ୍ଚିତ ଭାବରେ ଗୋଟିଏ ଦୁର୍ଘଟଣାରୁ ରକ୍ଷା କରିପାରିଛି ବୋଲି ।

ପରେ ସେଇ ଫୁଟ୍‌ବଲ୍ ଖେଳକୁ ହିଁ ସେ କ୍ୟାରିୟର ଭାବରେ ଗ୍ରହଣ କରିଥିଲା ଏବଂ କଟକରୁ ରାଇଜିଂ କ୍ଲବ୍ ତରଫରୁ ସନ୍ତୋଷ ଟ୍ରଫି ଜୁନିଅର୍ ଖେଳିଥିଲା ଏବଂ ଶେଷରେ ପାତିଆଲାରେ ସ୍ପୋର୍ଟସରେ ସ୍ପେଶାଲ୍ ଟ୍ରେନିଂ ନେଇ ଆସି ଫୁଟ୍‌ବଲ୍ କୋଚ ହିସାବରେ ଜଏନ୍ କଲା ଏବଂ ସାରା ଜୀବନ ଫୁଟବଲ୍ ଖେଳି ଓ ପ୍ଲେୟାରମାନଙ୍କୁ ଟ୍ରେନିଂ ଦେଇ ଫିଟ୍‌ନେସ୍‌ର ମନ୍ତ୍ର ସମସ୍ତଙ୍କୁ ଶିଖାଉଥିଲା । ତେବେ ଅକ୍ଷର ଲେଖିବାର ଓ ଶିଖିବାର ସେ ବିଚିତ୍ର କାହାଣୀ ଆଜି ମଧ୍ୟ ମନରୁ ଲିଭିନାହିଁ କି ଲିଭିବ ନାହିଁ ମଧ୍ୟ ।

ଲିଙ୍କ୍‌ରୋଡ୍, କଟକ-୧୨
ମୋ.: ୯୪୩୭୦ ୫୫୦୦୭

ମରିବାର ସୁଖ

ରାମକୃଷ୍ଣ

ନିଦର ଡାକ ଶୁଭିଲେ ଅନ୍ଧାର ରଙ୍ଗମାଖେ
ସ୍ୱପ୍ନରେ ସ୍ୱପ୍ନରେ ତିଆରିହୁଏ
ଇନ୍ଦ୍ରଧନୁର ଗୋଟେ ବିଶାଳ ସାମ୍ରାଜ୍ୟ

ରକ୍ତ ମାଂସ ହାଡ଼ରେ ନିଆଁ ଲାଗେ
ସ୍ୱପ୍ନର ଆଲିଙ୍ଗନରେ
ତରଳି ବହିଯାଏ ମୁଁ
ନିଆଁର ନଦୀ ପରି,
ସୀମାହୀନ ନିଶବ୍ଦତାର ମୁହାଣ ଆଡ଼କୁ,
ମୃତ୍ୟୁ ମୋର ପାଦରେ ବାନ୍ଧିଥାଏ ନୃତ୍ୟ
ଓଠରେ ଆଙ୍କିଥାଏ ରାଗ ଶୃଙ୍ଗାର
କୂଳ ଲଘୁଥାଏ
ଫୁଲର ମହକ ଓ ଫଳର ସ୍ୱାଦ

ମୃତ୍ୟୁ ଯେ କେତେ ସୁନ୍ଦର
ମରିଜାଣିବା ଲୋକ ହିଁ କେବଳ ଜାଣେ
ଯଦିଓ ଜୀବନ ବୋଲି
ମୋତେ ଓହ୍ଲାଇ ଦିଆଯାଇଥିଲା
ସ୍ୱପ୍ନର ଚାରିକାନ୍ଥରେ ଅବରୁଦ୍ଧ
ଏ ମାୟା ମରୀଚିକାର ଦୁର୍ଗରେ
ସେସବୁ କାନ୍ଥରେ ଆଙ୍କିଲି
ମୃତ୍ୟୁର ରଙ୍ଗରେ ସୁଖର ଅଜସ୍ର ଚିତ୍ର

ନଦୀବନ୍ଧ ପରି ବେଳେବେଳେ
ମୋର ସୁଅମୁହଁରେ ଛିଡ଼ାହୁଏ ଦୁଃଖ
ଯାହାକୁ ଶୁଖିଲା ପତ୍ର ପରି
ଭସାଇ ନିଏ ମୋର ଅଜ୍ଞାନତା,
ଅଜ୍ଞାନତା ଏପରି ଏକ ମୃତ୍ୟୁ
ଯେଉଁଠି ମୁଁ ନଥାଏ
ମୋର ନଥିବାରେ ହିଁ
ପରମ ଆନନ୍ଦ ।

ମୋ.: ୭୯୭୮୦ ୫୫୬୩୪

ବୈଶାଖ ପ୍ରତି

ପବିତ୍ର ମୋହନ ଦାଶ

ହେ ଉତ୍ତାପର ଅପଦ୍ୱେତା !
ସ୍ପର୍ଶ କର ଆମ ଶୀତଳତା ,
ହେ ମହାତେଜ !
ପୋଛି ନିଅ ଆମ ମଳିନତା,
ହେ ଜ୍ୱଳନ୍ତ !
ଦହନ କର ଆମର ଦାହ୍ୟ ସତ୍ତା ,
ହେ ରୁଦ୍ର ସନ୍ୟାସୀ !
ବାଲିରେ ଲେଖ ତୁମ ନିଆଁର କବିତା
ହେ ଝାଂଜି !
ତୁମ ଉଷ୍ମ ସ୍ପର୍ଶରେ ବିବ୍ରତ କର ।
ହେ ଶୁଦ୍ଧ ବିକିରଣ !
ନିଅ ଆମର ଅଗ୍ନି ପରୀକ୍ଷା ।
ହେ ଗୁଲୁଗୁଳି !
ବ୍ୟର୍ଥ ହେଉ
ଚନ୍ଦନ ଲେପି,ଚମ୍ପୁ ଗାଇ
ତୁମକୁ ପ୍ରଶମିତ କରିବାର ଅପଚେଷ୍ଟା ।
ହେ ଯଜ୍ଞ ସ୍ୱରୂପ !
ସଂଚାର କର ଗମ୍ଭୀର ମେଘମାଳା,
ହେ ଆଗ୍ନେୟ ପ୍ରାର୍ଥନା !
ଅଧିଷ୍ଠିତ ହୁଅ ପୂର୍ଣ୍ଣ ରୂପରେ
ବରଣ କର ବର୍ଷାକୁ,
ଅକ୍ଷି ତୃତୀୟାର ବିହନ ଆମର
ଅପେକ୍ଷା ରତ ଚାଷ ପାଣିକୁ ।

ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ,
ବାଲିପୁଟ,ପୁରୀ

କିଂଚିତ୍ ଦୂରରେ

ଅଜୟ ପ୍ରଧାନ

କିଂଚିତ୍ ଦୂରରେ ଡାକୁଚି କେହିଜଣେ
ହାତ ଠାରି
ଲାଗୁଚି
କେହି ଜଣେ ଭାବୁଚି କୋଉଠି ଆକାଶ ଆରପାରେ
ଲାଗୁଚି
ପତ୍ରଙ୍କ ମର୍ମର ଭିତରେ
ଶୂନ୍ୟତା ଚାଲିଯାଉଚି ସନସନହେଇ
ଲାଗୁଚି,
ଆଖପାଖରେ କୋଉଠି ବର୍ଷିଯାଇଚି ମୁଂଦେ ଏ ଖରାବେଳେ
ସିର୍‌ସିରେଇଦଉଚି ଦେହ ଥଂଡ଼ାପବନ
ଲାଗୁଚି
ଶୁଖିଲା ଫୁଲପାଖୁଡ଼ାରେ ରହିଯାଇଚି କା'ର ଓଠଚିହ୍ନ !

ଶୁଣି ବି ମୁଁ ପାରୁନି ଶୁଣି
ଲାଗୁଚି
ମୁଁ ଆଉ ନାହିଁ ଏଠି, ଦେହ ଛାଡ଼ିଗଲାଣି
ଲାଗୁଚି
ଗୋଲାପି ଟୋପିଖଂଡ଼କ ପଡ଼ିଯାଇଚି ତଳେ କୋଉଠି
କଲମ ଖୋଜିଯାଇଚଂତି ସବୁତକ ଆଂଗୁଠି
ମାଟି ଭିତରକୁ ପଶିପଶି ଯାଉଚଂତି ପାଦ ଦି'ଟି
ଚେରହେଇ ସାପେଇଯାଉଚଂତି ଶିରାପ୍ରଶିରା
ଲାଗୁଚି,
ଆଖିଦି'ଟାକ ଓଲଟିଯାଉଚି ଗୁଳିଖିଆ ପକ୍ଷୀର ଡେଣା ପରି
ଲାଗୁଚି,
ଖସିପଡୁଚି ଦାଂତଗୁଡ଼ାକ ସମୁଦ୍ର ଭିତରେ
ଓ ଗିଳିଚାଲିଚଂତି ମାଛମାନେ ଟକ୍‌ଟାକ୍

ଲାଗୁଚି,
ସାର୍ଟ୍ ପ୍ୟାଂଟ୍ ଗଂଜି ଉଡୁଚଂତି ଆକାଶରେ
ପାପୁଲି ଭିତରୁ ବାହାରି ରାସ୍ତାମାନେ
ଘୂରୁଚଂତି ସ୍ୱପ୍ନହେଇ ମାଇଲଖୁଣ୍ଟ ଚାରିପଟେ
ଲାଗୁଚି,
ରୁପିହେଇ ଝଡୁଚି ଜହ୍ନରାତି ମୁଂଡ଼ିଆ ପାଦରେ
ତାରାଂକ ନିଦବଟିକା ଖାଇ ଶୋଇପଡ଼ିଚଂତି ଗଛଲତା ଯେତେ
ଲାଗୁଚି,
ପେଟଚିରି ବାହାରିଆସୁଚଂତି ଆତାପି ବାତାପି ଭୋର୍ ଆଲୁଅ ପରି
ମୋ ମଂତ୍ରପଢ଼ା ରହିଯାଉଚି ଅଧା
ଶବ୍ଦମାନେ ନିଃଶବ୍ଦରେ ଖାଇଯାଉଚଂତି କଲିଜା
ମୁଠାଏ ପାଉଁଶହେଇ ଯାବତ୍ ଭଲପାଇବା ମୋ'
ମିଶିଯାଉଚି ବସଂତରେ
ଲାଗୁଚି,
ଲାଗୁଚି ବୋଲି ଲାଗୁଚି ମୁଁ ଜୀଇଚି ;
ସତଟି ?

ମୋ.: ୭୯୭୮୮ ୫୮୦୯୧

ଜୀବନ ଖୋଜିବାକୁ

ତ୍ରିନାଥ ସିଂହ

ଶେଷରେ, ଦିନେ
ଜୀବନ ଖୋଜିବାକୁ ବାହାରିପଡ଼େ ଲୋକଟି

ବାହାରିବା ବେଳେ
ପାହାନ୍ତିଆ-ତାରାକୁ ତୋଳିଆଣି ଆକାଶରୁ
ଖୁଞ୍ଜିଦିଏ ଚାଳରେ ।

ପଛରେ ରହିଯାଏ
ଚାଳ ଉପରେ ଲଟେଇଥିବା ଜହ୍ନିଫୁଲର
ସ୍ନିଗ୍ଧ ଅଭିସାର
ବାରି ଗଙ୍ଗଶିଉଳିର ପାଖୁଡ଼ାରୁ ଝରିପଡ଼ିଥିବା
ବୁନ୍ଦାଏ କାକର
ଅମାରଘରେ କଡ଼ ଲେଉଟଉଥିବା
ନିଦୁଆ ଅନ୍ଧାର ।

ଚା'ଖଣ୍ଡେ ଅନ୍ଧାର
ଲେସିହେଇ ରହିଥାଏ ଲୋକଟିର କପାଳରେ
ଯୋଉଠୁ ଟିପି ଟିପି ଚନ୍ଦନ ପରି
ଥୁପା ଥୁପା ଝାଳବୁନ୍ଦା ଉବୁକି ଆସିଥାଏ...
ଜୀବନ ଖୋଜିବାକୁ ଲୋକଟି ବାହାରି ପଡ଼ିଥାଏ ।

ଗୋଚର ଉପରୁ ଲୋକଟି
ଥରେ ଫେରିଦେଖେ ଗାଆଁ ଭିତରକୁ
ଓ ତା'ର ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାରକୁ

ଫେରିଦେଖେ ଗାଆଁମୁଣ୍ଡର ତୋଟାମାଳ
ପବନରେ ଦୋଳି ଝୁଲୁଥିବା ବରଗଛର ଓହଳ
ନଈରେ ପହଁରୁଥିବା ନିଛାଟିଆ ପିଲାବେଳ...
ଓ ସବୁକୁ ପଛ କରିଦେଇ ଲୋକଟି ଏଥର
ବଢ଼ିଯାଏ ଏକମୁହାଁ ଆଗକୁ, ଜୀବନ ଖୋଜିବାକୁ ।

ତୁଳାଭିଣା ମେଘ ପରି ଧାଡ଼ି ଧାଡ଼ି କାଶତଣ୍ଡି
ପବନ ଖେଳୁଥାଆନ୍ତି ବିଲମାଳ ତଳେ
ଲୋକଟି ଫେରି ଚାହେଁନି...
ନଈମଝି ପଥରଚଡ଼ା ଉପରୁ ସୁସୁରି ବଜଉଥାଏ
ପିଲାବେଳର ସକାଳ
ଲୋକଟି ଫେରି ଚାହେଁନି...
ଧାନଖଳାର ମାଟିଆ ମୁରୁଜରେ
ଧୀରେ ଧୀରେ କଷ ଧରୁଥାଏ ଆକାଶ
ଲୋକଟି ଫେରି ଚାହେଁନି !

ଲୋକଟି ବଢ଼ିଯାଉଥାଏ ସହର ମୁହାଁ
ଅଛପର ଚାଳ ଦେଇ ଦିଶୁଥିବା ଆକାଶର
ନୀଳଫର୍ଦ୍ଦ ଡେଇଁ
ଭଙ୍ଗାସିଲଟ୍‌ରୁ ନଈକୁ ଫେରି ଯାଇଥିବା
ନଈପାଣି ଡେଇଁ
ହାଣ୍ଡିରେ ସିଝୁଥିବା ଶେଷମୁଠା ଚାଉଳର
ବ୍ୟାକୁଳ ଭୋକ ଡେଇଁ
ମାଆର ଫୁଙ୍ଗୁଳାବେକରେ ପଡ଼ିଥିବା ମଳିଛିଆ
କଳାସୂତା ଡେଇଁ
ପାହାଡ଼ ଡେଇଁ
ଜଙ୍ଗଲ ଡେଇଁ
ନିଛାଟିଆ ପ୍ରାନ୍ତର ଡେଇଁ ଜୀବନ ଖୋଜିବାକୁ ।

କେଜାଣି ଜୀବନ ବୋଇଲେ କଅଣ !

ରାଜରାସ୍ତାରେ ଦଉଡୁଥିବା ସୌକିନ୍ ଗାଡ଼ି ଭିତରୁ
ମୁହଁ କାଢ଼ିଥିବା କୁକୁରର ଲହ ଲହ ଆଭିଜାତ୍ୟ
ନା ଆକାଶ ଛୁଉଁଥିବା ଅଟ୍ଟାଳିକାର ଚିକ୍କଣ କାଚକାନ୍ଥିରୁ
ପିଛଳି ଯାଉଥିବା ସୂର୍ଯ୍ୟର ପାଦଶବ୍ଦ
ପବ୍ଲିକ୍ ପାର୍କର ଏକଣାବେଞ୍ଚରେ ବସିଥିବା
ଯୋଡ଼ିଜାଉଁଳିଙ୍କ ଅସଂଯତ ସ୍ପର୍ଶକାତରତା
ନା ସାରାରାତି ଏକଗୋଡ଼ିଆ ଠିଆହେଇ ଜଳୁଥିବା
ରାସ୍ତାକଡ଼ ବତୀଖୁଣ୍ଟର କ୍ଲାନ୍ତ ଆଖିପତା
ନା' ସହରତଳିର ଦିନ-ଅନ୍ଧାରରେ ବାଟବଣା
ହେଇଯାଇଥିବା ଜୀବିକା !

ଲୋକଟି ଖୋଜି ହେଉଥାଏ
ହେଲେ ଥରେ ହେଲେ ଦିଶେ ନାହିଁ ସେଇ ନିର୍ଦ୍ଦିଷ୍ଟ ଆକାଶରେ
ସେଇ ପାହାନ୍ତିଆ ତାରା

ଆହା ବାହାରିବା ବେଳେ
ନିଜେ ହିଁ ତ ସିଏ ଖୁଞ୍ଜିଦେଇ ଆସିଥିଲା
ଆକାଶରୁ ତୋଳିଆଣି ପାହାନ୍ତିଆ-ତାରାଟିକୁ ଚାଳରେ !

ଭବିଷ୍ୟନିଧି କାର୍ଯ୍ୟାଳୟ,
ପାନପୋଷ ମାର୍ଗ, ରାଉରକେଲା - ୭୭୯୦୧୨
ମୋ.: ୮୮୯୫୦ ୯୯୪୬୪

ବଙ୍ଗଦେଶର ତପସ୍ୱିନୀ

ବିରଜା ବଳ

ସ୍ୱପ୍ନରେ ଆସିଲା ଗୋଟେ କଙ୍କି
ଗୋଟେ ପ୍ରଜାପତି, ଗୋଟେ ପକ୍ଷୀ
ତା'ପରେ ଆସିଲା ସେଇ ଝିଅଟି
ଆମେ ମିତ ବସିଲୁ, ଗୀତ ଗାଇଲୁ ।

ସ୍ୱପ୍ନରେ ଆସିଥିବା କଙ୍କିର ରଙ୍ଗଥିଲା ସବୁଜ
ପକ୍ଷୀର ରଙ୍ଗଥିଲା ସବୁଜ
ପ୍ରଜାପତିର ରଙ୍ଗଥିଲା ସବୁଜ
ଝିଅଟି ପିନ୍ଧିଥିବା କୁର୍ତ୍ତିର ରଙ୍ଗଥିଲା ସବୁଜ
ଉତୁରିର ରଙ୍ଗ ଥିଲା ଶ୍ୱେତ
ଆଖିରେ ଥିଲା ଗାଢ଼ ସବୁଜ ରଙ୍ଗର ଚଷମା ।

ସ୍ୱପ୍ନର ରଙ୍ଗ ଥିଲା ସବୁଜ ।

ସେଦିନ କଙ୍କି, ପକ୍ଷୀ ଓ ପ୍ରଜାପତି ଥିଲେ ବିଷାଦଗ୍ରସ୍ତ
ଶ୍ୱେତ ଉତୁରିରେ ବନ୍ଧାଯାଇଥିଲା ଝିଅଟିର ହାତପାଦ
ମୁହଁ ବନ୍ଦଥିଲା ଶ୍ୱେତରଙ୍ଗର ପଟିରେ
ଝିଅଟି ଥିଲା ଶାନ୍ତ ଓ ନିଶବ୍ଦ
ଯେମିତି କି ପୃଥିବୀ ପାଳନ କରୁଥିଲା ପ୍ରଥମ ପତ୍ରଝରାର ଦିନ !

ସେଦିନ ଅଗ୍ନିସ୍ନାନ କରୁଥିଲା ବଙ୍ଗଦେଶ
ନିଆଁର ରଙ୍ଗଥିଲା ସବୁଜ,
ସେଦିନ ରକ୍ତସ୍ନାନ କରୁଥିଲେ ବଙ୍ଗବାସୀ
ରକ୍ତର ରଙ୍ଗଥିଲା ସବୁଜ,
ବଙ୍ଗବନ୍ଧୁଙ୍କ ମୁଣ୍ଡ ଉପରେ ପରିଶ୍ରାର ରଙ୍ଗଥିଲା ସବୁଜ,
ବିଶ୍ୱକବିଙ୍କ ସଙ୍ଗୀତକୁ ହତ୍ୟା କରିବା ପାଇଁ ଗୋଡ଼େଇଥିବା
ଅସ୍ତ୍ରଗୁଡ଼ିକର ରଙ୍ଗଥିଲା ସବୁଜ ।

ସେଦିନ ବଙ୍ଗଦେଶ ଥିଲା ସବୁଠୁ ଉଗ୍ର ଓ ଉନ୍ମାଦ
ଆଣ୍ଠୁଭାଙ୍ଗି ଯୋଗାସନରେ ବସିଥିବା ଝିଅଟି ଥିଲା
ପୃଥିବୀର ସବୁଠୁ ସାହସିନୀ ଓ ସୁନ୍ଦରତମା ।

ସେ ସୁନ୍ଦରତାକୁ ଦେଖିବା ପାଇଁ ସେଦିନ ପୃଥିବୀରେ ଆଖି ନ ଥିଲା

ସେଦିନ ଝିଅଟିର ତପଭଙ୍ଗ କରିବାକୁ
ସ୍ୱର୍ଗରୁ ଓହ୍ଲେଇ ଆସି ନ ଥିଲେ ରମ୍ଭା, ମେନକା କି ଉର୍ବଶୀ
ପୃଥିବୀର ପୁରାଣ ସୁନ୍ଦରୀମାନେ
ମୁହଁ ଲୁଚାଇଥିଲେ କେଉଁ ଅଗନାଗ୍ନି ଅରଣ୍ୟରେ,
ଝିଅଟିର ହାତଧରି ଉଠାଇନେବାକୁ
କେହି ବି ଆସି ନଥିଲେ
କେଉଁ ସୂର୍ଯ୍ୟବଂଶୀ, ଚନ୍ଦ୍ରବଂଶୀ ଯୋଦ୍ଧା ଦେବ କି ଗନ୍ଧର୍ବ !

ବୀର ପ୍ରସବିନୀ ପୃଥିବୀ ଥିଲା ବୀରଶୂନ୍ୟ । ସେଦିନ ।

ପୃଥିବୀ ସାରା
ଦେଶମାନଙ୍କର ପତାକା ଉଡୁଥିଲା
ବହନ କରି ବୀରତ୍ୱର ଗାଥା
ନିଜ ନିଜ ଦେଶରେ ରାଜାମାନେ ବୀରଦର୍ପରେ ଚାଲୁଥିଲେ
ମଖମଲି ଗାଲିଚା ଉପରେ
ବୀରତ୍ୱର ପାଚିଲା କୁଜ ଧୀରେ ଧୀରେ ପଡୁଥିଲା
ପିଠିର ମଝି ବମିଶିରାରେ ।

ଝିଅଟିର ଚାରିପାଖରେ ଚଉକି ପରି ଘୂରୁଥିଲେ
କଙ୍କି, ପକ୍ଷୀ ଓ ପ୍ରଜାପତି
ପକ୍ଷୀଟି ତା' ଧାରୁଆ ଥଣ୍ଟରେ କାଟୁଥିଲା ଉତୁରି ଶୃଙ୍ଖଳ ।
ଝିଅଟି ଉଠି ଆସିଲା ।

ଦେହ ଯାହାର ସବୁଜିମାରେ ତିଆରି
ତା' ଚାରିପାଖରେ କଙ୍କି, ପକ୍ଷୀ ଓ ପ୍ରଜାପତିମାନେ ପ୍ରହରୀ
ଝିଅଟି ତା' ନିଜ ଚାରିପାଖରେ
କଙ୍କି, ପକ୍ଷୀ ଓ ପ୍ରଜାପତିମାନଙ୍କ ସହିତ ଘେରାଏ ଘୂରିଆସିଲା
ଚରକି ପରି ।

ଶସ୍ୟ- ଶ୍ୟାମଳା ହେଲା ସବୁଜିମା ଭରା ସ୍ୱପ୍ନଟିଏ
ସ୍ୱପ୍ନଟି ବି ଝିଅଟିର ଚାରିପାଖରେ ଘେରାଏ ଘୂରିଆସିଲା ଚରକି ମାରି ।

'ଚିତ୍ରକଳ୍ପ', ବାଲିଗଣ୍ଡ, କୁଆଁରପୁର,
ରାମବାଗ, ଯାଜପୁର-୧୪
ମୋ.: ୭୭୯୦୦ ୦୩୪୪୨

ଭାଷାଗାନ

ଡ. ଗାୟତ୍ରୀବାଳା ପଣ୍ଡା

ମୋ' ବିଳାପ ବୀଣା ପରି ବାଜୁଚି
ଏ ବଖରାରେ ।

ଜନ୍ମରୁ ତ ତୋରି କୋଳରେ
ଆଶ୍ରା ନେଇଚି ଭାଷା-ଦେବୀ,
ଭୟ ପାଇଲାବେଳେ,
ଭାଙ୍ଗିରୁଜି ଗଲାବେଳେ
ଭ୍ରମରେ ଘାରିହେଲାବେଳେ
ତତେ ଆବାହନ କରିଚି
ମୋର ସକଳ ଏକାଗ୍ରତା ସହ
ବଡ଼ ଆକୁଳ ଭାବରେ ।

ନିଜ ଭିତରର ଯେତେ ନିଛାଟିଆ ରାସ୍ତା
ତତେ ଇ ସୁମରି ସୁମରି ପାରିହେବାର
ଦମ୍ଭ ଧରିଚି ।

ନିଜ ଭିତରର ଯେତେ ଅନ୍ଧାର ଓ ଅପରିଚ୍ଛନ୍ନତା
କାଳେ ଲିଭେଇଦବୁ ତୋ' ଅମୋଘ ସ୍ପର୍ଶରେ
କେତେ ବିନତି କରିଚି !

ହେ ମୋର ନିଃସର୍ତ୍ତ ଭଲପାଇବାର
ନୀଳ ସରସ୍ୱତୀ,
ଯେଉଁ ମନ୍ତ୍ର ଉଚ୍ଚାରୁଚି ମୁଁ ଦିନଦିନ, ରାତିରାତି
ସେଥିରେ ସ୍ୱର, ଲୟ, ତାଳ ନଥାଉ ପଛେ
ଅଛି ଯୋଉ ଶୁଦ୍ଧ ଆବେଗ ଓ ଆସ୍ଥା

ଭାବୁଚି ଶୁଭିବ ତତେ,
ଶୁଭିବ ଏ ବୀଣା ସ୍ୱର
ଯାହା ସଂସାରକୁ ବିଳାପ ମନେହଉଚି ।

ମୋର ନିକାଞ୍ଚନ ନାଚାରପଣକୁ
ମୁଖର କରେ ଭାଷା ।

ଗୋଟିଏ ଦୁଃଖକୁ ସାମ୍ନା କଲାବେଳେ
ମନକୁ ଆସିଯାନ୍ତି ଦୁଃଖମାନେ
କ୍ରମାନୁସାରେ

ଯେମିତି କବିତାଟିଏ ପଡୁପଡୁ
ମନ ଭିତରକୁ ପଶିଆସନ୍ତି
ଆହୁରି କେତେ କବିତାର ଧାଡ଼ିଟିମାନ
ଧାଡ଼ିରୁ ଧାଡ଼ିକୁ ଡେଇଁ
ଆଗକୁ ବଢ଼ିଲାବେଳେ
ଆତ୍ମବିସ୍ମୃତ ହୋଇଯାଏ ମୁଁ
ମୋ' ଭାଷାର ବିପୁଳ ଶବ୍ଦ, ଅର୍ଥ, ଛନ୍ଦ
ମତେ ବିଭୋର କରେ, କରେ ବିହ୍ୱଳ ।

ଦୁଃଖ କୋଉଠି ଥାଏ ?
ଦୁଃଖ କାଇଁ ଏ ଜୀବନରେ ?
କବିତା କେତେ ସହଜରେ
ଓ ଅନାୟାସରେ ମାଡ଼ିଯାଏ
ମର୍ମନ୍ତୁଦ ଦୁଃଖ ଉପରେ, ନାଚାରପଣ ଉପରେ
ଶିଖଉଥାଏ ବଞ୍ଚିବାର କଳା
ନିଃସଙ୍ଗତାକୁ ବଦଳଉଥାଏ କୋଳାହଳରେ
ଉଦ୍‌ଭାସିତ ହୋଇଉଠୁଥାଏ ଅନ୍ତର୍ଲୋକ
କେତେ ନୂଆ ବିଭବ ଖୁନ୍ଦି ହଉଥାଏ ଦୃଷ୍ଟିଭଙ୍ଗୀରେ !

ଭୁବନେଶ୍ୱର

କେତେ ଜନ୍ମ କେତେ ମୃତ୍ୟୁ ପରେ

ସ୍ୱପ୍ନା ମିଶ୍ର

କେତେ ବର୍ଷ, କେତେ ମାସ, କେତେ ଦିନ ତଳେ ଦିନେ
ଅଚାନକ ପଛକୁ ଫେରି ଯାଇଥିଲା ତୋର ପାଦ ମୁଁ
ହିସାବ କରେନା ଆଉ ।

ମୁଁ ଭାବେ
ତୁ ଥିଲେ ଏବେ କେମିତି ଦିଶୁଥାନ୍ତା ତୋ' ଦେହର ରଙ୍ଗ
କେତେ ଉଚ୍ଚ ଦିଶୁ ଥାଆନ୍ତା ତୋର ମଥା
କେତେ ଜିଦ୍ ଓ ଆହତ ଆଦେଶ ମିଶେଇ କଥା କହୁ
ଥାଆନ୍ତୁ ତୁ
ବାଇ ଚଢ଼େଇର ଡେଣାଠାରୁ ବି ହାଲକା ତୋର
ନିଶ୍ୱାସ ଶିରିଶିରି ପବନରେ କେମିତି ଲେଖୁଥାଆନ୍ତା
ଶୁଭ୍ର ମେଘର ଗୀତ ।

ଏବେ ମୋ' ମନ ନଈର ଏକୂଳୁ ସେକୂଳ ପାଣିରେ
ସିଆର କାଟିକାଟି ଭାସି ଯାଉଥିବା ଡଙ୍ଗା
କେବଳ ଗୋଟିଏ ସ୍ମୃତିକୁ ଉଝାଳେ ।

ମୁଁ ତ ସେଇ ନଈ ଯେ ଆପଣାର ସୀମାବଦ୍ଧତାରେ
କି ଦିନ କି ରାତି ଡବଡ଼ବ ଲୁହଧୁଆ ଆଖିରେ
କେବଳ ସମୁଦ୍ରର ସ୍ୱପ୍ନ ଦେଖୁଥାଏ ।

ତୁ ମୋ' ଛାତିର ସେଇ ଗହନ ସମୁଦ୍ର ନିସ୍ତବ୍ଧ ଥାକଥାକ
ବାଲିର ଶେଯରେ ଯିଏ ଅହରହ ମୁଣ୍ଡ ପିଟୁଥାଏ ।

ତୁ ସେଇ ଦୁସ୍ତର ସକାଳ ଓ ନିଝୁମ ଭୋର୍‌ର ମିଶ୍ରରାଗ
କେଉଁ ଅନନ୍ତ କାଳରୁ ମୋ' ବିଶ୍ୱାସର କୁଡ଼ିଆ ଦୁଆରେ
ଯୋଗୀ ପରି ଯିଏ କେନ୍ଦେରାରେ ସ୍ୱର ତୋଳୁଥାଏ ।

ତୁ ସେଇ ହୁତ୍‌ହୁତ୍ ହୁତାଶନର ଦାବାନଳ
ସ୍ନାୟୁ ଓ ଶିରାରୁ ଅପଲକେ ଯିଏ ଚାଟି ନିଏ ଅନ୍ତର
କାରୁଣ୍ୟ,
ଦୀର୍ଘ ଅସରନ୍ତି ମୋ' ସମୟର ଆକାଶରେ ତୁ ମୋର
ବାଲୁତ ଉଦୟ ସୂର୍ଯ୍ୟ,
ବିଭକ୍ତ ଉଦାସ ମୋ' ଇତିହାସର ମରୁଭୂମିରେ ତୁ
ମେଘର ଡମ୍ବରୁ,
ଅଝଟ ଅବୋଧ୍ୟା ଶବ୍ଦଙ୍କ କୁଆଁରେ
ମତେ ନିତି ଓଦା କରୁ ।

ନେ, ଗୋଟିଏ ପରେ ଆଉ ଗୋଟିଏ ଫେରେଇ ନେ
ତୋର କ୍ଲାନ୍ତ ପାଦ ପରେ ଆଉ ଏକ ପାଦ,
ଜୀବନର ହିସାବ ଖାତାରେ
ଯୋଡ଼ି ହେଉଥାଉ ସନ୍ତପର,
ବିରହର ଫର୍ଦ୍ଦ ପରେ ଫର୍ଦ୍ଦ ।

କେତେ ବର୍ଷ କେତେ ମାସ କେତେ ଦିନ କେତେ
ଦଣ୍ଡ ତଳେ ତୁ ଫେରେଇ ନେଇଥିଲୁ ମୁଁହ ମୁଁ ହିସାବ
କରେ ନା ଆଉ,
କୋଟି ଜନ୍ମ କୋଟି ମୃତ୍ୟୁ ଡେଇଁ ସୁବାସିତ ଅନ୍ଧାରରେ
କେବଳ ତୋ' ପାଇଁ ମୋ' କାନ୍ଦଣାର ଗୀତ ଶୁଭୁଥାଉ ।

ଫ୍ଲାଟ ନଂ.୪୦୧, ହୋରାଇଜନ ଜିଏ ସାମ୍ନା ଘର
ପ୍ଲଟ ନଂ ୮୬୩/୮୬୪ ସମ୍ ଅଲ୍ଟିମେଟ ମେଡ଼ିକେୟାର ପାଖ
ଘାଟକିଆ,ଭୁବନେଶ୍ୱର-୭୫୧ ୦୦୩
ମୋ.:୯୪୩୭୩ ୨୮୮୧୭

ଅନ୍ଧାରର ଜିଭ

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଯେଉଁ ଅନ୍ଧାରର କଥା ଲେଖା ଯାଇ ପାରିଥାନ୍ତା,
ସେଇ ଅନ୍ଧାରର କଳା ଚାଦର ଦିନେ ଗିଳିଦେଲା
ପୃଥିବୀର ଦେହ,
ଆହାଃ' କହିବାକୁ କେହି ନଥିଲେ !

ଯେ' କହିଥାନ୍ତା ତା'ର ଜିଭକୁ କାଟିଦେଇ ଆମେ
ନିଜ ହାତରେ ଅଗ୍ନିରେ ଦେଲେ ଆହୁତି
ଏଥର ଅହଂକାର ଶାନ୍ତ ପଡ଼ିଗଲା ।

ଅହଂକାରର କଥା ମୋତେ ପଚାର ନାହିଁ,
ପଚାର ନାହିଁ ଯେ' ସୂର୍ଯ୍ୟଙ୍କ ଚାରିପଟେ
ପୃଥିବୀର କେତେ ଡିଗ୍ରି ଘୂରିଗଲେ ଅମାବାସ୍ୟାର
ଅନ୍ଧାରର ମାଡିଆସେ, କି କେମିତି ପୂର୍ଣ୍ଣମୀରେ
ଚନ୍ଦ୍ରୋଦୟରେ ଲାଗେ ଗ୍ରହଣ !

ସ୍ତ୍ରୀଲୋକ ଦୁଇଆଖି ଜହ୍ନ ଓ ସୂର୍ଯ୍ୟ ।

ଏକଥା ଲେଖି ପାରିବ କବି, କିନ୍ତୁ;
ସେଇ ସ୍ତ୍ରୀଲୋକ ନିଜେ ଆଖିରୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ
ଉତ୍ତାରି ଦେଇ କହିପାରିବ ନାହିଁ ଜ୍ୟୋତିଷ,
ଗଣିତ ?

ମୈତ୍ରୋଇ, ଗାର୍ଗୀ କେବେ ଥିଲେ,
ଏକଥା କ'ଣ ସତ ?

ଯେଉଁ ଭବିଷ୍ୟତକୁ ପେଟରୁ କାଢ଼ି ତାକୁ
କାଲିକରି ଗଢ଼ି ତୋଳିବାର ଦାୟିତ୍ୱ
ସ୍ତ୍ରୀଲୋକର, ସେଇ ସ୍ତ୍ରୀଲୋକଟି
ଭବିଷ୍ୟତ କଥା କହିଲେ, କାଟି ଦିଅ ତା'ର ଜିଭ !

ମନେରଖ ମୂର୍ଖ ବରାହ ମିହିର
ସ୍ତ୍ରୀଲୋକର ଜିଭ ହେଉଛି ଝିଟିପିଟି ର ଲାଞ୍ଜ,
ତୁମର ପ୍ରତିଟି କାଟିଦେବା ପରେ
ସେ ବାରମ୍ବାର କଅଁଳି ଉଠିବ !

ସେ ବାରମ୍ବାର ବଢ଼େଇ ଦେବ ନିଜ ଜିଭ ତୁମ ଆଡ଼କୁ ।
ତୁମର ଏତିକି ଡର ଯେ'
ସେ ଜିଭ କେବେ କାଳେ ପାଲଟି ନ ଯାଉ
ମହାକାଳୀର ରୂପକ !

ମୋ.: ୯୮୬୧୭ ୮୮୯୯୯

ନୂଆ ପୁରୁଣା

ଚିନ୍ମୟ ବିବେକ

ସମୟ ବଡ଼ ବିଚିତ୍ର
କେତେବେଳେ ଆଙ୍କିଦିଏ ଇନ୍ଦ୍ରଧନୁ
ସଢ଼େଇଦିଏ ଗଜା ବିହନ ।

ଆଜି ଯିଏ ଗଳାମାଳି
କାଲିକୁ ସରାଗବିହୀନ
ରନ୍ତ୍ୱ ଦିଶୁନଥାଏ ଆଗ ପରି

ନୂଆ ସମ୍ପର୍କ : ନୂଆ ନୂଆ ଆବେଦନ
ବଦଳାଇଦିଏ ପୁରୁଣା ପୋଷାକ
ନୂଆ ବାଟ ନୂଆ ବାସ୍ନା
ନୂଆର ଆଦର -ସଦ୍ୟ କୃଷ୍ଣଚୂଡ଼ା

ନୂଆ ଆଶା ନବ୍ୟ ଉଦ୍ଦୀପନା
ଭରିଦିଏ ନାନା ଉତ୍ତେଜନା ।

ନୂଆ ଆସେ
ଅଦୃଶ୍ୟ ହୁଏ ପୁରୁଣା
ଆସେ ପୁଣି ନୂଆର ଜମାନା
ପୁରୁଣା ହୁଏ ବି ନୂଆ ।
ମଞ୍ଚ ଅନ୍ଧାର ହେଲାବେଳକୁ
କିଏ ନୂଆ କିଏ ପୁରୁଣା ?

ଦଇତାପଡ଼ା ସାହି, ପୁରୀ -୭୫୨୦୦୧
ମୋ.: ୯୪୩୭୨୮୫୬୨୩

ଜଳଶୂନ୍ୟ ମେଘ ଖଣ୍ଡେ ମୁଁ

ଦୀନବନ୍ଧୁ ସାହୁ

ଜଳଶୂନ୍ୟ ମେଘ ଖଣ୍ଡେ ପରି ଭାସିଭାସି
ଏଇଠି ବସି ଯାଇଚି ମୁଁ !
ସମୁଦ୍ରର ଢେଉ, ଏ ବେଳାଭୂମି, ସନ୍ ସନ୍ ପବନ
ଡିସେମ୍ବର ଖରା, ନିଘଞ୍ଚ ଝାଉଁବଣ
ସଭିଏଁ ଅଛନ୍ତି ତ,
ମୋର ଭୟ ବା କାହାକୁ ?

ଏଠୁ ପୁରୀ, ଶ୍ରୀକ୍ଷେତ୍ର କେତେଦୂର କେଜାଣି ?
ତା'ର ମହକ ଚହଟି ଆସୁଚି କୁଆଡୁ,
ସଂପର୍କ ତ ଏମିତି ଆତ୍ମାର ବିଗଳନ ପରି
ଭାବ ଛଳଛଳ ଲୁହ ଜୁତୁବୁତୁ !

ଏଇଟା ବାବା ବେଲେଶ୍ୱରଙ୍କ ଭ୍ରମଣ ପୀଠ !
କାଳ ପୁଣି ମହାକାଳ, ଯୋଗୀ ପୁଣି ମହାଯୋଗୀ
କିଏ ଏଠି ଅଛି ? ପାତାଳରୁ ଫୁଟି ଦର୍ଶନ ଦିଅନ୍ତି !
ଆଉ ଉଦ୍ଧାର କରନ୍ତି ସିଏ ସକଳ ପ୍ରାଣୀଙ୍କୁ
ଦୁଃଖରୁ ଯାତନାରୁ !

ସମୁଦ୍ର ବାଲିରେ କୋଉକାଳୁ ଖତରା ଝାଉଁଗଛଟେ
ପଡ଼ିଚି ! ମୁଁ ସମୁଦ୍ରକୁ ପଛ କରି କ୍ଷଣେ ବସିପଡ଼ିଚି !
ସମୁଦ୍ର ଗର୍ଜନଠୁ ତୀବ୍ର ଗୋଟେ ନୀରବ ସ୍ୱର
ମୋତେ କାହିଁକି ବେଶୀ ବେଶୀ ଉଚ୍ଚାଟ କରୁଚି ?

ପୁଅ ଡାକ ଛାଡ଼ିଚି, ବାପା ! ବାପା ! ବାପା !
ଆହୁରି ଆହୁରି ଅଥୟ କରୁଚି ନୀରବତା
ହାତଧରି ଟାଣିନେଉଚି, ଶବ୍ଦ ନିଃଶବ୍ଦର ଲୋଭନୀୟତା !

ଏବେ ମୋତେ ଚାଲିବାକୁ ହେବ ଦୂର, ବହୁଦୂର !
ଅନ୍ତର୍ଲୋକର ନୀରବ ଧ୍ୱନିରେ, ଏଇ ଦେଖ ଦେଖ
ଭାଙ୍ଗିଯାଏ ଧ୍ୟାନ ମୋର,
ଯାବତୀୟ ସ୍ଥାଣୁତାରେ ନିର୍ବେଦତାରେ !

ଯୋଉଠି ଠାକୁର ଅଛନ୍ତି ଚଉବାହାକୁ,
ସେଠି କ'ଣ ବା ମୋର ଆଉ ଲୋଡ଼ା ?

ହଁ, ମୋର ଲୋଡ଼ା ନାଇଁ
ଅଷ୍ଟସିଦ୍ଧି କି ନବନିଧି
ଲୋଡ଼ା ନାଇଁ
ମୋକ୍ଷ ଅବା ମୁକ୍ତି !
ବରଂ ମୋର ଲୋଡ଼ା:
ନିଜକୁ ଭଲପାଇବା, ନିଜ ପରି ହେବା !
ନିଜକୁ ଖୋଲାମେଲା ରଖି
ନିଜେ ହସି ଅନ୍ୟକୁ ହସାଇବା !

ଆଖିରେ ଲୋତକ ଭରି
ଜଳଭରା ମେଘଖଣ୍ଡ ପରି
ଯୁଆଡ଼େ ମନ ସିଆଡ଼େ ଚାଲିଯିବା !
ନିଜକୁ ଚାହିଁ, ନିଜ ଚାରିପଟକୁ ଦେଖିବା !
ଧୂଳିମୟ ଜଗତକୁ ପ୍ରେମରେ ଭିଜାଇ
ପ୍ରେମରେ ନିଜେ ଭିଜି ଯିବା !

ପଦ୍ମାବତୀ,ନୟାଗଡ -୬୩୩,
ମୋ.: ୮୨୪୯୬ ୯୨୮୯୪

ରାତି ପାହି ନାହିଁ

ରବି ଶତପଥୀ

ରାତି ପାହି ନାହିଁ ଚାରୁଲତା !
ପାହିବ କି ନାହିଁ
କିଏ ଜାଣେ ?
ଗୋଟେ ଅନ୍ୟମନସ୍କ ଅନ୍ଧାର
ଶୁଆଇ ଦେଇନି ସାରାରାତି,
ଗୋଟେ ବିଶ୍ୱସ୍ତ ସ୍ୱପ୍ନ ଆସି
ଫେରିଯାଉଛି ରାତିଅଧରେ ।
ବୟସର ବରଗଛ ଡାଳରେ
ବାଦୁଡ଼ି ପରି ଆସି ଝୁଲୁଛି
ପିଲାଦିନର ଭୟ,
ଆପଣାର ଠିକଣା ଭୁଲି
ଆକାଶ ବି କଳା ପୋଷାକ ପିନ୍ଧି
ବୁଲୁଛି ମଝିଦାଣ୍ଡରେ ।

ଯେଉଁଠି ଟିକେ ଆଲୁଅ ପାଇଁ
ଅଲୋଡ଼ା ତାରାକୁ ବି
ଏବେ ଖୋଜାପଡ଼ିଛି ଚାରୁଲତା !
ସେଇଠି କାହିଁକି ପଚାରୁଛୁ ଜହ୍ନ କଥା
କାହିଁକି ଖୋଜୁଛୁ ପୂର୍ଣିମା ।

ଆମ ଭାଗ୍ୟରେ ଆଉ କ'ଣ
ଆଲୁଅର କଥା
ଲେଖାନାହିଁ ଚାରୁଲତା ?
ସକାଳ କ'ଣ କୁନିଝିଅ ଆଙ୍କିଥିବା
ସୂର୍ଯ୍ୟୋଦୟର ଚିତ୍ର ଭଳି
ପ୍ରତୀକ୍ଷାରେ ରହିଯିବ ଚିରକାଳ ?

ଆଲୁଅକୁ ଦୁଷ୍ଟ କହି
ଅନ୍ଧାରର ହାତ ଧରି
କି ଲାଭ ମିଳିଲା ଚାରୁଲତା !
ଅନ୍ଧାର ଭରିପାରିଲା କି ଭୋକ
ମାରିପାରିଲା କି ଶୋଷ
ପୋଛି ପାରିଲା କି ଲୁହ ?
ବରଂ ଏମିତି ଗୋଟେ
ସମୟର ଚକ୍ରବ୍ୟୂହରେ
ଛାଡ଼ିଦେଇ ଗଲା ଯେ,
ଆଉ ପାହୁନାହିଁ ରାତି
କି ଆସୁ ନାହିଁ ସକାଳ ।

ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ.: ୯୪୩୭୭ ୮୪୮୫୯

ନିକମ୍ନାର ପ୍ରଶ୍ନ

ଡ. କମଳାକୃଷ୍ଣ ତ୍ରିପାଠୀ

ସେ ପ୍ରଶ୍ନ ପଚାରି ଜାଣେନା ବୋଲି
ଅଧାରେ ରହିଯାଏ
ନିକମ୍ନାର ସବୁ ଭାବନାର ଯାତ୍ରା ।

ଫେରୁଥିବା ଉତ୍ତରମାନେ
ଠେଲି ପକାନ୍ତି ତାକୁ
ଯେମିତି ଉଦଣ୍ଡ ଷଣ୍ଢଟିଏ ଠେଲି ପକାଏ
ନିରବରେ ଚାଲୁଥିବା ପଥୁକିକୁ ।

ଚାଲିବା ଛଡ଼ା ନିକମ୍ନା କ'ଣ ଜାଣିଥାଏ ଯେ !
ମିଛ ସତ, ରାତି ଦିନ, ଖରା ବର୍ଷା
ଏକା ପରି ତା' ପାଇଁ ବୋଲି
ତାକୁ ଲୋଡ଼ା ପଡ଼େ ନାହିଁ ଛତା
ଆଡ଼େଇବାକୁ ଦୁଃଖ
ଚଷମା ଲୋଡ଼େ ନାହିଁ ସେ
କାଢ଼ିବାକୁ ପାଦ ତଳର କଣ୍ଟା ।

ରକ୍ତାକ୍ତ ପାଦରେ ବାଟ ଚାଲୁ ଚାଲୁ
ସରି ଯାଉଥାଏ ନିକମ୍ନାର ସମଗ୍ର ସମୟ ।
କ୍ଷତାକ୍ତ ହୃଦୟକୁ କାହା ଉଦ୍ଦେଶ୍ୟରେ
ସମର୍ପି ଦେଇଥାଏ ବୋଲି
ସେ ମୁକୁଳା ଫୁଙ୍ଗୁଳା,
ଚତୁରତା ନଥିବା
ଗୋଟେ ମୁରୁକି ହସର ପରିଧି ଭିତରେ
ସେ ସବୁବେଳେ ଏକୁଟି ।
ନିକମ୍ନାର ଝୁଣ୍ଟା ଖାଉଥିବା ଗୋଡ଼ରେ
ଉଡୁଥାଏ
ପତାକା ପରି ଘାଇଲା ସକାଳ
ଦେହରେ କଅଁଳୁଥିବା ଭାବନାକୁ ଖୁଣ୍ଟାଖୁଣ୍ଟି କରି
ଥୁଣ୍ଟା କରୁଥାଏ ଅସରନ୍ତି କଟାକ୍ଷର ସ୍ୱର ।

ତଥାପି ନିକମ୍ନାର ପ୍ରଶ୍ନ ସରୁ ନଥାଏ ।
ନିଜ ପ୍ରଶ୍ନ ତୂଣୀରର
ଗୋଟେ ଗୋଟେ ବାଣ
ନିକ୍ଷେପିତ ହେଉଥାଏ
ଦଶ ଦିଗ ଚଉଦ ଭୁବନକୁ ।
ଅଥଚ ଏକମୁହାଁ ହୋଇ ଫେରି ଆସି
ନିଜ ଆପାଦ ମସ୍ତକରେ ପୁନଶ୍ଚ ପୁନଶ୍ଚ
ବିଦ୍ଧ ହେଉଥାଏ ।

ରୁଦ୍ଧା ଚୁଣ୍ଟା ଶକଟ ଓ ଚକ୍ରବ୍ୟୂହରୁ
କେମିତି କେଜାଣି
ନିକମ୍ନାକୁ ଆଲୋକିତ ଆଲୋଡିତ ବାଟ
ଦିଶି ଯାଉଥାଏ,
ତା' ଅନ୍ଧକାର ଯାତ୍ରାପଥରେ
ଜୁଲୁଜୁଲିଆର କ୍ଷଣ ଆଲୋକରେ
ଧ୍ରୁବତାରାର ଛୋଟିଆ ଅଂଶଟେ ଲୁଚି ରହିଥାଏ ।
ଉତ୍ତର ମିଳୁ କି ନ ମିଳୁ
ନିକମ୍ନାର ପ୍ରଶ୍ନର ଧାରା ଜାରି ରହିଥାଏ !

ସର୍ଜନାଳୟ,
ଲିଙ୍କ୍ ରୋଡ଼, ୨ୟ ଗଳି, ଜୟପୁର,
କୋରାପୁଟ
ମୋ.: ୯୯୩୭୦ ୧୪୮୬୩

ଗାଁ ଝିଅ ଓ ପ୍ରେମକଥା

ସିତାଂଶୁ ଲେଙ୍କା

ମୁଁ
ତା'ରି କଥା ଇ'ତ କହୁଚି
ଟିକିଏ ଦୁଃଖ ହେଲେ
ସକେଇ ସକେଇ କାନ୍ଦେ
ଧୈର୍ଯ୍ୟର ଘରଦୁଆରେ ଲଗେଇଥାଏ
ହଳେ ଜାଉଁଳି କବାଟ
କାଗଜ ରଙ୍ଗର ସାଦା ନୀରବତା,
ଲୁହର ଆଖିରେ ସଜେଇଥାଏ
ଗାରେ କଜ୍ଜଳର ଶୀତଳ ପଣ ।

ପାଇଟି ପାଇଟି କରି ସଜାଡୁ ଥାଏ
ଟିକିଏ ବି ଅଯତ୍ନରେ ଯେମିତି
ଖସି ନପଡୁ ଅପବାଦର ଚାନ୍ଦ
ଛାତିର ଆକାଶରୁ
ଅଥଚ...
ପ୍ରେମ ସରସର ଆଉଟୁ ପାଉଟୁ
ଗାଁ ଝିଅ
ନିଇତି ନିଇତି ଓଲଟଉ ଥାଏ
ତା' ଇଚ୍ଛାର ବହିଘର
ତା' ରାତିଏ ବିଶ୍ୱାସର
କିଚିରି ମିଚିରି ସ୍ୱପ୍ନର
ପାହାନ୍ତି ସକାଳ ।

କେଜାଣି ବୁଝି ହୁଏ କି' ନା ତାକୁ
ଦେଖିଲେ ଦୂରରୁ
ଥିଇରି ଥିଇରି କଥାହେଲା ବେଳେ
ଉଚ୍ଛୁଳି ପଡ଼େ ଭାସି ଯାଉଥିବା ନାଆ
କାହିଁ କେତେ ଦୂରରୁ ମେଘଖଣ୍ଡକୁ ବି
ଲୁଚେଇ ଦିଏ ତା' ଗହଳ ହସ
ସେ ଆଖିରେ ଆଖିଏ
ପ୍ରେମ ପାଲଟି ଯାଏ କାହାର ନା
କାହାର ଗାଁ ଝିଅ ।

ମେଘ ଉତ୍ସବ, କୁରୁଡ଼ା
ବାଲେଶ୍ୱର-୭୫୬ ୦୫୬
ମୋ.: ୯୦୪୦୪୪୭୨୭୯

କିଏ ଯଦି ବାହାରି ଆସିବ

ଅମରେନ୍ଦ୍ର ମାଧବ ଦାଶ

ଯାହା ଯାହା ମନା ମୋତେ
ଆଉ ସେସବୁ ଲେଖିବିନି,
ଘୃଣା କରିବାକୁ କଦାପି
ସୁଯୋଗ ଦେବିନି କାହାକୁ
ଏଥର କି ଆଉ କଉଥର...

ମୁଁ ଆଉ କଦାପି କହିବିନି
ସଫା ହୋଇ ଯାଉଥିବା ଜଙ୍ଗଲ କଥା
ଶୁଖି ଯାଉଥିବା ଝରଣା କଥା
ସଂକୁଚିତ ହୋଇଯାଇଥିବା ଜମି କଥା
କି କମି କମି ଆସୁଥିବା ବର୍ଷା କଥା କହିବିନି...

ମୁଁ ଆଉ ମନେପକାଇବି ନାହିଁ
ହଜି ଯାଉଥିବା ସଂସ୍କୃତିର କଥା
ଲିଭି ଯାଉଥିବା ପରମ୍ପରାର କଥା
ଭୁଲି ଯାଉଥିବା ପରବର କଥା
ଅପୂଜା ରହୁଥିବା ଧରଣୀ ପେନ୍ଥୁର କଥା
ବି ଆଣିବିନି ମନକୁ ଥରେ ଅଧେ...

ମୁଁ ଆଉ ସ୍ୱର ଉଠାଇବି ନାହିଁ
ମୋ' ମା', ମୋ' ମାଟି ପାଇଁ
ମୋ' ଭାଗର ପ୍ରାପ୍ୟ ପାଇଁ
ମୋ' ସୁଖର ସାମିଆନା ପାଇଁ
ମୋ' ସର୍ବନିମ୍ନ ଅଧିକାର ପାଇଁ
ବି ଲଢ଼ିବି ନାହିଁ କଦାପି...

ମୁଁ ସେ ଯାଏ ଚୁପ୍ ରହିବି
ଯେ ଯାଏ ରହିପାରିବି ଚୁପ୍
ମୁଁ ସେ ଯାଏ କିଛି ଦେଖିବି ନାହିଁ
ଯେ ଯାଏ ରଖିପାରିବି ଆଖି ବନ୍ଦ
ମୁଁ ସେ ଯାଏ କରିବିନି ଉଁ କି ଚୁଁ
ଯେ ଯାଏ ସହିବାର ଥିବ ଶକ୍ତି...

ତେବେ ଏତିକି କଥା ମନେରଖିଥିବ
କିଏ ଯଦି ବାହାରି ଆସିବ
ମୋ ଆଖିର ଅକ୍ଷରକୁ ଚିହ୍ନି
କିଏ ଯଦି ହୁଙ୍କାର ଦେବ
ମୋ' ନିରବତାର ଭାଷା ପଢ଼ି
କିଏ ଯଦି ରକ୍ତମୁଖା ସାଜିବ
ମୋ' ନିର୍ଲିପ୍ତତାକୁ ଆହ୍ୱାନ ଭାବି
ମୋତେ କ୍ଷମା କରିଦେବ...

ଜୟର ଶାସନ ମନ୍ଦାରିଆପାଟଣା,
ପଂଚବଟୀ ହାଇସ୍କୁଲ ନିକଟ,
ଜଗନ୍ନାଥପୁର, ଭୁବନେଶ୍ୱର,
ଖୋର୍ଦ୍ଧା -୭୫୨୧୦୧,
ମୋ.: ୯୪୩୭୩ ୫୯୯୪୫

ସ୍ୱର ବ୍ୟଂଜନ

ସଂଜିତ କୁମାର ବଳ

ଅତୀତରେ ଯାହା ଥିଲା ଖାଲି
ପଢୁଚି ଏବେ ମୁଁ ପୃଷ୍ଠା ଖୋଲି
ଶବ୍ଦରେ ପଡ଼େ ଯେ ଶୂନ୍ୟତାର ଛାଇ
ଆକାରରୁ ଜାଣେ ତମେ ବୋଲି ।

ଆଜି ସ୍ୱପ୍ନବାସେ ଦେଲେ ଝୋଟି
ପଲକକୁ ମିଳେ ଲୁହ ଭେଟି
କାଳେ ଅସଜଡ଼ା ହୋଇଯିବ ଲୁହ
କିଳିଦିଏ ମୋ' ପବନ ତାଟି ।

ଇତି ଥାଏ ବୋଲି ସଂପର୍କରେ
ଯଦି ଜାଣିଥାଂତି ସ୍ୱର୍ଶ ପରେ
ପବନ ଠୁଁ ଶିଖି ନ ଦିଶିବା କଳା
ଦିଶିଥାଂତି ଖାଲି ଆଇନାରେ ।

ଈର୍ଷାରେ ଜଳିବା ହୁଏ ସାର
ମିଳେ ନାହିଁ ଯେବେ ପ୍ରତ୍ୟୁତ୍ତର
ଗହୀରରୁ ଆଣି ଭସାଏ ଯେ ପାଣି
ଫଂପା ହେବା ପରେ ସବୁ ସ୍ୱର ।

ଉତ୍ତରରେ ରଖି ନୀରବତା
ପ୍ରଶ୍ନ ଖୋଲିଦିଏ ସ୍ମୃତି ଛତା
ଭିଜିବାଟା ଯଦି କାହାର ନିୟତି
ପବନ ବି ତାକୁ କରେ ଓଦା ।

ଋତୁ ଛ'ଟିକୁ ତିନୋଟି ବାଟ
ନିଶ୍ୱାସ ଖୋଲେ ପବନ ଓଠ
ଆଲୁଅ ତମର, ବାଟ ବି ତମର
ମୋ ଭାଗେ ଯାହା ଶିଉଳି ତୁଠ ।

ଏ ସମୟ ବଡ଼ ଚିତ୍ରମୟ
କ୍ଷଣକୁ ସୁଖ, କ୍ଷଣେ ଅଥୟ
ଧ୍ୱନି ଅଛି ହେଲେ ପ୍ରତିଧ୍ୱନି ନାଇଁ
ହସର ଆଖି ଲୁଚାଏ କୋହ ।

ଐକତାନ ଆମ ଜୀବନରେ
ସ୍ୱରର ଅଭାବ ସ୍ୱର ଭରେ
ସବୁ ଶେଷ ପରେ ରହିଯାଏ ଯାହା
ଥାଏ ଶୂନ୍ୟତାର କୋରସରେ ।

ଓଲଟା ଲେଖିଲେ ଅକ୍ଷରକୁ
ଠିକ୍ ଦିଶେ ଯାହା ଦର୍ପଣକୁ
ବୁଝି ନ ପାରିଲେ କାଚ ମନକଥା
ଜୀବନ ଓଲଟେ ଯଂତ୍ରଣାକୁ ।

ଔରସରେ ଶବ୍ଦ ଆତଯାତ
ନୀରବରେ କରେ ମଂତ୍ରପାଠ ।
ଧ୍ୱନିରେ ଯା' ଗଢ଼ା ପବନର ସ୍ୱର
ଓଁକାରରୁ ମାଟି ପାଏ ଭେଦ ।

ମୃଷାଂଗ, କୋହ୍ଲ
ତିହିଡ଼ି, ଭଦ୍ରକ
ମୋ.: ୯୪୩୯୦ ୫୧୮୮୦

ଆଉ ଏକ ସକାଳ

ମୃଗେଶ ବୈଷ୍ଣବ ପାଣିଗ୍ରାହୀ

କେତେ ସହଜରେ ସମୟ ଗଡ଼ିଯାଏ
ଅନେକ କିଛି ବଦଳିଯାଏ ସମୟ ସହ
ରାତି ଘନେଇ ଆସେ, ଜହ୍ନ ଡୁବିଯାଏ
ପକ୍ଷୀର କାକଳି ଓ ଇନ୍ଦ୍ରଧନୁର ଗୀତ କେତେ ସହଜରେ ହଜିଯାଏ ।

ପଛକରି ଫେରିଗଲେ
ଅନେକ କିଛି ରହିଯାଏ ଅଧାବାଟରେ
ଏତେ କୋଳାହଳ ଥାଉଥାଉ ବେଢ଼େଇ ଧରେ ନୀରବତା
ଏତେ ଆଲୁଅରେ ଚକ୍‌ଚକ୍ କରୁଥିବା ରାସ୍ତାର ରଙ୍ଗ ଫିକାପଡ଼େ
ସହରସାରାର ଗଛରେ ପତ୍ରଝଡ଼ା ଧରେ
ଡିସେମ୍ବରର ଜାଡ଼ଶୀତରେ ।

ବସ୍‌ଷ୍ଟପ୍ ଯାଏ ପାଦ ବଢ଼େନି
ରେଷ୍ଟୁରାଣ୍ଟର ଟେବୁଲ ତଳେ ବି ଖୋଜୁଥାଏ ହଳେ ପାଦ
ଯାହା ଚେୟାର ଉପରେ ଚକାମାଡ଼ି ବସିଥାଏ
ଆଳୁଦମ୍ ଦହିବରାବାଲା ବସ୍‌ଷ୍ଟପ୍‌ରେ ବିକୁଥାଏ ତା'ର ସ୍ୱପ୍ନ
ପାର୍କର ସେ ପୁରୁଣା ଗଛତଳୁ ଧୀରେ ଧୀରେ ଲିଭିଯାଏ ପାଦଚିହ୍ନ ସବୁ

ଅଟୋ ରିକ୍‌ସାରେ ବସି ଆଉ ଶୁଣାଯାଏନି
ଜଗ୍‌ଜିତ୍ ସିଂଙ୍କ ଗଜଲ୍,
"ତେରେ ଆନେକି ଯବ୍ ଖବର୍ ମେହେକେ!" ।

ଦେବୀ ମନ୍ଦିରରେ ଦେବୀର ମଥାରୁ ଖସେ ନି ଫୁଲ
ବୁଢ଼ା ପୂଜାରୀର ମନ୍ତରେ ଆଖି ଖୋଲିପାରନ୍ତି ନି ଈଶ୍ୱର
ସହରର ରାସ୍ତା ପାରି କରେଇଲା ବେଳେ
ଧରିବାକୁ ପଡ଼େନି ପ୍ରେୟସୀର ହାତ
ପ୍ରତିଥର ପରି ବିତେଇଥିବା ମୁହୂର୍ତ୍ତ ସବୁକୁ
ସାଇତା ଯାଏନି ସ୍ଥିରଚିତ୍ର କରି ଏଥର ।

ପ୍ରତିଥର ପରି ଆଖି କିନ୍ତୁ ଓଦା ହୁଏ
ଧୋଇ ହୋଇଯାଏ ସ୍ୱପ୍ନ, ହଜିଯାଏ ଲକ୍ଷେ ଫଗୁଣ
ସରିଯାଏ ଅପେକ୍ଷିତ ଦିନ, ତା'ର ଲୁହକୁ ଲୁଚେଇବାକୁ
ଆଖିରେ କଜଳ ବୋଳି
ଅପେକ୍ଷା କରେ ଆଉ ଗୋଟେ ସକାଳର ।

ଅର୍ଘ୍ୟରୂପା, ଆଦର୍ଶ ପଡ଼ା, ବଲାଂଗିର – ୭୬୭୦୦୨
ମୋ.: ୯୬୫୮୫ ୭୭୫୮୦

ଅପ୍ରେମ ଖୋଜା

ଅଙ୍ଗୁରବାଳା ପରିଡ଼ା

ଖୋଜିବା ଗୋଟେ ନିଶା ବୋଲି ସିନା
ଖୋଜୁଛି,
ନ ହେଲେ ତୁ ହଜିସାରିଲୁଣୁ କେବେଠୁ
ଅପ୍ରେମର ଏ ହାଟ ଗହଳିରେ ।

ମାଛ, ପରିବା ପରି
ମୂଲଚାଲରେ ବି ଦଶକୋଡ଼ିଏ କମ୍‌ରେ
ଏଠି ପ୍ରେମ ମିଳେ ।

ଚଳେଇ ନେଲେ ବନିଯାଏ ସ୍ୱାଦିଷ୍ଟ ବ୍ୟଞ୍ଜନ
ନହେଲେ ଆଜି ସୋମବାର,କାଲି ଗୁରୁବାରର ବାହାନା ।

ପିଆଜ ଷାଠିଏ, ଟମାଟୋ ଅଶି
ମାଉଁସ କହୁଛି ଛୁଁନା ମତେ
ତୁ ଥା' ମୁଁ ଯାଉଛି ରୁଷି ।

ରୁଷି ଗଲେ କାହାର କି ଯାଏ ଯେ !

ତୁ ନାହୁଁ ତ ଆଉ କେହି ଆସି
ଚକା ପାରି ଆସ୍ଥାନ ଜମେଇବ ଏଠି

ଆବାହନ,ସଂସ୍ଥାପନର ମନ୍ତ୍ର ବୋଲିବ
ଆଖିର ଦୀପରେ ସମ୍ମୋହନର ଧୂପ ଦେଇ
ଷୋଡ଼ଶପୋଚାରରେ ସଜେଇବ ଭୋଗ ବେଦୀ,
ଭାବ ଥାଉ କି ନଥାଉ
ସେଇ ଭାବରେ ବସିବ ମେଳା, ଯାତରା
ଭେଲପୁରି, ରାମଦୋଳି, ମୀନାବଜାର
ରାତିରେ ଅପେରା, ସଞ୍ଜରେ ମେଲୋଡ଼ି
ଦିନସାରା ଚାଲୁଥିବ ଦେବୀ ଦର୍ଶନର ଗହଳି ।

ତା'ରି ଭିତରେ ଅଖୋଜାକୁ ଖୋଜୁଥାଏ ଆଖି
ଅଲୋଡ଼ାକୁ ଲୋଡୁଥାଏ ମନ
ଯିଏ ଯାହାର ହାଟ ସଉଦାରେ ଭରୁଥାଏ ରୋଜନା ରେସନ୍ ।

ତୁ ଆ' କି ନ ଆ'
ତୋ ଆସିବାର ଅପେକ୍ଷମାଣରେ ଗଡୁଛି ଜୀବନ ।

ବି ୧୨,ସେକ୍ଟର -୧୮ ରାଉରକେଲା - ୩
ମୋ.: ୯୪୩୮୦ ୫୭୫୭୮

ଯଦି

ମୁକୁଲ ମିଶ୍ର

ରାତି ସହ ତରଳି ମୁଁ ଘନ ଅନ୍ଧାର
ପାଲଟିବା ବେଳେ ହିଁ,
ହଠାତ୍ କେହି ମାୟାବୋଳା ଆଖିରେ
ଆଲୁଅ ଯାଚେ ଯଦି,
ଆଲୁଅରୁ ମୁକ୍ତିକୁ
କଢ଼େଇ ନିଏ ପାଦ !

ଯଦି ପ୍ରେମରେ ଉଛୁଲୁ ଥିବା
କୂଅ ଭିତରକୁ ଟାଣିନେଇ
ପାଣି କରିଦିଏ ରକ୍ତ !

ଯଦି
ଖୁବ୍ ଦୂର ବିନ୍ଦୁରୁ ଆସି
ଲୋଡ଼ିବାପଣର ସରଳରେଖାଟେ
ତୀର ଭଳି ଭେଦ କରେ ଛାତି,
ଆଖି ସମୁଦ୍ରରୁ ଲୁଣ ଶୋଷି

ଯଦି କେହି ଟିପ ଛୁଆଁଇ
ମିଠା କରିଦିଏ ଲୁହ !

ମେଘ ଭଳି ହଠାତ୍ ଘୋଟିଯାଏ ଯଦି
ଛାତିରେ କବିତା,
ରକ୍ତରେ ନିଶା,
ସ୍ନାୟୁରେ ଶିହରଣ !

ପଞ୍ଜୁରୀର ଶିକୁଳି ଖୋଲି
ଗୋଟେ ମୁହୂର୍ତ୍ତରେ ହିଁ ଶିଉଳି ପରି
ମାଡ଼ିଯାଏ ପ୍ରେମ !
ଆଖି ଭିତରେ ପୋତି ଗୋଟେ ଚେହେରାକୁ
ଅମର କରିଦିଏ କେହି ଯଦି
କୁହ, ଈର୍ଷାରେ କ'ଣ ଭାଙ୍ଗି ଯିବନି ଦର୍ପଣ ?

ବଲାଙ୍ଗୀର

ହଜିଯାଇଥିବା ଗୀତ

ଶର୍ମିଷ୍ଠା ସାହୁ

ହଜିଯାଇଥିବା ଗୀତର ଧାଡ଼ିଟି
ଆଉ ଫେରିଲା ନାହିଁ
ଯଦିଓ ଗୋଟିଏ ପରେ ଗୋଟିଏ
ସକାଳ ଫେରିଲେ,
ଧାଡ଼ି ଧାଡ଼ି ଦୁଃଖ ଫେରିଆସି
ଜମା ହେଲେ କାଗଜ ଧାରରେ ।

ସେ ଗୀତର ଧାଡ଼ିଟି
ବଉଦ ଉପରେ ଧାରେ ବିଜୁଳି ପରି
ଚମକୁ ଥିଲା,
ପତ୍ରଠୁଙ୍ଗାରେ ମୁଠାଏ ସୂର୍ଯ୍ୟକିରଣ ପରି
ସାଇତା ହୋଇଥିଲା ।

ସେ ଧାଡ଼ିଟି ଦପ୍‌ଦପ୍ କଲା ପରି ଲାଗୁଥିଲା
ମୋର ହୃତ୍- ପିଣ୍ଡରେ
ଆଉ ବହି ଯାଉଥିଲା ରକ୍ତ ସ୍ରୋତରେ !

ଯୁଗ ବିତିଲା ବିନା ଗୀତରେ,
ବିନା କୌଣସି ବାର୍ତ୍ତାଳାପରେ ।
ପୃଥିବୀର ସବୁ ଶବ୍ଦ ଯେମିତି
ମିଳାଇ ଯାଇଥିଲେ ପବନରେ ।

ଶେଷରେ ଶବ୍ଦ ଶୁଭିଲା ତ
ଶୁଭିଲା
ଚେରର ମାଟି ସହ ଲଢ଼େଇର ଶବ୍ଦ !
ପକ୍ଷୀର ଆକାଶ ସହ କଳିର ଶବ୍ଦ !
ଦେହର ମନ ସହ ମନାନ୍ତରର ଶବ୍ଦ !

କେଉଁ ଦୂର ଆତ୍ମୀୟ ସ୍ୱନକୁ ଆଉ
ଅପେକ୍ଷା କରିବ
ଯେବେ ଶୁଭୁ ନଥିବ ଆଉ
ଜୀବନର ଗହଗହ ନାଦ !

ବାଲିରେ ପୋତି ହୋଇଥିବା ଢେଉମାନଙ୍କୁ
କ'ଣ ଆଉ ଉଖାରି ପାରିବ
ପଛକୁ ପଛକୁ ଫେରି ଯାଉଥିବା ସମୁଦ୍ର !

ସି/୫,ଏମ୍.ସି.ଏଲ୍. ହିଙ୍ଗୁଳା ଏରିଆ,
ବଳରାମ ଟାଉନସିପ୍,
ନେହେରୁ ଶତାବ୍ଦୀ ନଗର,
ତାଳଚେର, ଅନୁଗୁଳ
ମୋ.:୯୩୪୮୫ ୨୧୨୮୫

ଗୋଟିଏ ସୁଯୋଗର ଅପେକ୍ଷାରେ

ସୁଜିତ କୁମାର ଶତପଥି

ଗୋଟେ ସୁଯୋଗର ଅପେକ୍ଷାରେ
ରହିଥାଏ ବୀଜ
ରହିଥାଏ ମାଟି
ରହିଥାଏ ବଗ
ରହିଥାଏ କାତି

ଗୋଟେ ସୁଯୋଗର ଅପେକ୍ଷାରେ
ରହିଥାଏ ଆଖି
ରହିଥାଏ ପାଟି
ରହିଥାଏ ପାଦ
ରହିଥାଏ ଛାତି

ଗୋଟେ ସୁଯୋଗର ଅପେକ୍ଷାରେ
ରହିଥାଏ ଶବ୍ଦ
ରହିଥାଏ ଈଶ୍ୱର
ରହିଥାଏ ଭାବ
ରହିଥାଏ ଠାର

ଗୋଟେ ସୁଯୋଗର ଅପେକ୍ଷାରେ
ସରିଯାଏ ଦିନ
ପାହିଯାଏ ରାତି
ଲେଖାହୁଏ କିଛି
ପୁଣି ପୋଛାହୁଏ ବେଶି

ଗୋଟେ ସୁଯୋଗର ଅପେକ୍ଷାରେ
ଗୋଟେ ସୁଯୋଗକୁ ହିଁ ଗଢ଼ାହୁଏ
ଗୋଟେ ସୁଯୋଗକୁ ହିଁ ଭଙ୍ଗାହୁଏ
ଯୋଡ଼ିହୋଇଯାଏ ସାଇତା ଅନେକ କିଛି
ପୁଣି ଭୁଲିହୋଇଯାଏ ଆପେକ୍ଷିକ କିଛି

ଗୋଟେ ସୁଯୋଗର ଅପେକ୍ଷାରେ
ଫୁଲଟିଏ ହୋଇ ଅପେକ୍ଷାଟେ ହିଁ ଫୁଟିଥାଏ
ପଡ଼ିଥାଏ ଉପେକ୍ଷାର ଛିଟା କିଛି

ଗୋଟେ ସୁଯୋଗର ଅପେକ୍ଷାରେ
କେବେ ନିଜକୁ ହିଁ ଗଢ଼ାହୁଏ
ପୁଣି କେବେ ନିଜକୁ ହିଁ କୋରାହୁଏ
ଯୋଡ଼ିହୋଇଯାଏ ସାଇତା ଅନେକ କିଛି
ପୁଣି ଭୁଲିହୋଇଯାଏ ଆପେକ୍ଷିକ କିଛି

ଗୋଟେ ସୁଯୋଗର ଅପେକ୍ଷାରେ
ଅପେକ୍ଷାଟେ ଫୁଲ ହୋଇ ଫୁଟିଥାଏ
ପୁଣି କେବେ ପଡ଼ିଥାଏ ତହିଁ
ଉପେକ୍ଷାର ଛିଟା କିଛି

ବାଗାଶ୍ରିତା, ସାଲେଭଟା, ବଲାଙ୍ଗିର
ମୋ.: ୭୦୦୮୦ ୩୯୬୦୧

ଗଣନାଟ୍ୟ

ପ୍ରଶାନ୍ତ କୁମାର ଦାଶ

ମଞ୍ଚ ପ୍ରସ୍ତୁତ,
ଲାଇଟ୍-ସାଉଣ୍ଡ୍ ଓ ମ୍ୟୁଜିକ୍ ଦାୟିତ୍ୱରେ ଥିବା
ହାତମାନେ ବି ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ,
ନାଟକର ଯେତେ ଚରିତ୍ର ମୁହଁରେ
ମେକପ୍ ମାଖି ଏକ୍‌ଦମ୍ ପ୍ରସ୍ତୁତ ।

ପ୍ରଥମ ଦୃଶ୍ୟ:
ଟାଙ୍ଗରା ମାଟିର ଛାତିକୁ ଚିରି
ଉପରକୁ ଆହୁରି ଉପରକୁ ଉଠୁଛନ୍ତି ଈଶ୍ୱର,
କ୍ରମଶଃ ଦିଶି ଯାଉଛି ଶାଖା-ପ୍ରଶାଖା,
ଫୁଲ-ଫଳ, ପତ୍ର-ଡେମ୍ଫ,ଗଣ୍ଡି-ମୂଳ,
ଚତୁଃପାର୍ଶ୍ୱେ ଗଛ, ଗଛ ଓ ଗଛ,
ଡେଙ୍ଗାଗଛ,ମୋଟାଗଛ,କେତେପ୍ରକାରର ଗଛ,
ଗଛମାନେ ପରସ୍ପରର ହାତ ଧରାଧରି ହୋଇ
କିଛି ସମୟ ପରେ ଅଗ୍ନାଅଗ୍ନି ବନସ୍ତ ପାଲଟି ଯାଉଛନ୍ତି,
ବନସ୍ତକୁ ନିଜ ବସା କରିଥିବା ସିଂହ, ହାତୀ,
ବାଘ, ଭାଲୁ, ବାର୍‌ହା,ହରିଣ ଇତ୍ୟାଦି ପଶୁ ଓ
ଯେତେକ ଛୋଟବଡ଼ ପକ୍ଷୀ ସହ
ପାହାଡ଼-ପର୍ବତ-ଝର୍ଣ୍ଣା-ଝୋଲ୍ଲାକୁ
ନିଜର ଜୀବିକା ଓ ଜୀବନ କରିଥିବା
ସରଳ ହୃଦୟମାନେ ଏକସ୍ୱରେ ଗାଉଛନ୍ତି
"ତୁଇ ଆମର୍ ମାହାପ୍ରୁ-ତୁଇ ଆମର୍ ଦେବ୍‌ତା
ତୁଇ ଆମର୍ ପିଁଣର୍ ପରାନ୍-ତୁଇ ଥିଲେ କାଏଁ ଚିନ୍ତା,
ମେଘର୍ ଦେଶେ ତୁଇ ଝଲ୍‌ଝଲା ପାଏନ୍
ପୁରିଥିକେ ଦେସୁ ଜୀବନ୍,
ତୁଇ ଅଛୁ ବଲି ଆମେ ସଭେ ଅଛୁ
ସତ୍ ସତ୍ ସତ୍
ତୁଇ ଉଁଆସ ଅନ୍ଧାରେ ଜନ୍ ।"

ଟାଙ୍ଗରା ମାଟି ଅବିକା ନୂଆବୋହୂ ପରି ଦିଶୁଛି ।

ଲାଇଟ୍ ଅଫ୍

ଦ୍ୱିତୀୟ ଦୃଶ୍ୟ:

ସଭ୍ୟ ଜଗତ ଦୁର୍ଦ୍ଦାନ୍ତ ଖଳନାୟକ ବେଶ ହୋଇ
ପ୍ରଖର ଗତିରେ ଝପ୍‌ଟି ଆସୁଛି ବନସ୍ତ ଆଡ଼କୁ,
ତା'ର ରାକ୍ଷସୀୟ ତୀକ୍ଷ୍ଣ ନଖରେ ଲହୁଲୁହାଣ
କରିଦେଉଛି ନିମିଷକେ
ଗଛମାନଙ୍କର ମୁଲାୟମ୍ ଦେହ,
ସେମାନଙ୍କର ଛାତି,ପେଟ ଓ ପିଠିରେ ବୁଲେଇ ଆଣୁଛି
ତା'ର କାମନାର କଣ୍ଟା ଜିଭ,
ସୈତାନ୍ ସାଜି ସେମାନଙ୍କର ହାତଗୋଡ଼ ବାନ୍ଧି କରୁଛି ଧର୍ଷଣ,
ତା'ପରେ ଆଖି ତାଡ଼ି କରିଦେଉଛି ଅନ୍ଧ,
ଗଛମାନେ ଆକୁଳ ପ୍ରାଣରେ କେବଳ ଚିତ୍କାର କରୁଛନ୍ତି,
ଯେଉଁ ଦିଗରୁ ଶୁଭୁଥିଲା ପଶୁପକ୍ଷୀ, ପାହାଡ଼ ପର୍ବତଙ୍କ ସହ
ସରଳ ହୃଦୟମାନଙ୍କ ମିଳିତ ସ୍ୱର,
ସେଇ ସ୍ୱରକୁ ସବୁଦିନ ପାଇଁ ନିରୁଦ୍ଦିଷ୍ଟ ବୋଲି
ଚାରିଆଡ଼େ ରାଷ୍ଟ୍ର କରିଦିଆଗଲା ।

ଗଛମାନେ ମୁହଁତଳ କରି
ଗୋଟି ଗୋଟି ପଶିଯାଉଛନ୍ତି ମାଟି ଭିତରେ,
କ୍ଷଣକେ ହଜିଯାଉଛି ପୃଥ୍ୱୀର ସବୁଜିମା,
ଶୂନ୍ୟତା ଚକାପାରି ବସିଛି
ନୂଆବୋହୂର ହାତ,ପାଦ ଓ କପାଳରେ ।

ସଭ୍ୟ ଜଗତର ମୁହଁରେ ସିଗାରେଟ୍, ଧୂଆଁ ଖାଲି ଧୂଆଁ,
ସଭ୍ୟ ଜଗତର ଅଟ୍ଟହାସ୍ୟରେ ପ୍ରକମ୍ପିତ ସ୍ୱର୍ଗ,ମର୍ତ୍ତ୍ୟ,ପାତାଳ ।

ଲାଇଟ୍ ଅଫ୍ ।

ତୃତୀୟ ଦୃଶ୍ୟ:

ନିଆଁ, ନିଆଁ, ନିଆଁ,
ଉପରେ ନିଆଁ, ତଳେ ନିଆଁ, ବାହାରେ ନିଆଁ, ଭିତରେ ନିଆଁ
ଏଠି ନିଆଁ, ସେଠି ନିଆଁ, ନିଆଁ ଖାଲି ନିଆଁ ।

ଚତୁର୍ଦ୍ଦିଗ ହାହାକାର,
ନିଆଁରେ ତରଳି ଯାଉଛି ସଭ୍ୟ ଜଗତ,
ମୃତ୍ୟୁ ଆସନ୍ନ ଜାଣି ପ୍ରାର୍ଥନା ମୁଦ୍ରାରେ
ସଭ୍ୟ ଜଗତ ଉଚ୍ଚାରୁଛି ଆବାହନୀ ମନ୍ତ୍ର,
ମାତ୍ର ଗଛମାନଙ୍କ ପରିବର୍ତ୍ତେ ମାଟି ଫଟେଇ
ଡାଇନୋସର୍ ଭଳି ଧାଇଁ ଆସୁଛି ନିଆଁ,
କ୍ଷେପିଯାଉଛି ଜଳ-ସ୍ଥଳ-ଆକାଶ,
ଶୁଭୁଛି ଖାଲି ସର୍ବନାଶ ସର୍ବନାଶ ।

ପୃଥ୍ୱୀ ଏବେ ଅଗ୍ନିମୟ ।
ଲାଇଟ୍ ଅଫ୍ ।

ଭୁବନେଶ୍ୱର, ଓଡ଼ିଶାଭୂତ, ୨୯୩୭୭ :: ୮୭୫୬୨ ୪୫୮୭୭

ପ୍ରେମ ଅସ୍ତ୍ର

ସୁବ୍ରତ ଜେନା

ଆମ ଆୟତ୍ତରେ କିଛି ଶବ୍ଦ
ଅଣାୟତ୍ତ ଯାହା, ଆୟୁଷ ଶକ୍ତି !

ଆପଣ, ସଜେଇ ଥିବା ଶବ୍ଦରେ
ମୋ ପଜେଇ ଥିବା ଶବ୍ଦଙ୍କ ଶକ୍ତି ପରୀକ୍ଷା
କରନ୍ତୁ ନାଇଁ ଆଜ୍ଞା
ଝାଳରେ ଭିଜା ମୋ' ଶବ୍ଦଙ୍କ ଝାସ
ପ୍ରେମ ଅସ୍ତ୍ରର ଅଗ୍ନି ରୂପ !

କ୍ଷତରୁ ଝରୁଥିବା ଲୁଣି ପାଣିରୁ ଚାଖିଛି
ଅନ୍ଧାରର ଅନ୍ତ ଶୀତଳତା, ଶିଶିର ଟୋପାରୁ
ପୋଛି ଦେଇଛି, ସହସ୍ର ସୂର୍ଯ୍ୟଙ୍କ ତାପ
ଘାସଙ୍କ ଲାଜ ସାଉଁଳାଇ ନିଜକୁ କାଟିଛି
ପ୍ରତିଟି ହାତ ଆଙ୍ଗୁଠିରେ ମୋର, କ୍ଷତର ଚିତ୍ର
ନିଜକୁ ପ୍ରଜ୍ୱଳିତ କରିବାର କ୍ରୋଧ !

କ୍ରୋଧକୁ ଶ୍ଲୋକ କରିବାର
କଳାକୃତି ମୋତେ ଜଣା ନାଇଁ ଆଜ୍ଞା
ଘାସ ତଳେ ମୁଁ ଖୋଜେ
ମାଟିର ଝୁରା ଅତୀତ । ଘାସ ଫୁଲରେ ଦେଖେ -
କଙ୍କି,ପ୍ରଜାପତିଙ୍କ ଉର୍ଦ୍ଧ୍ୱ ଉଡ଼ାଣ
ମୃତ୍ୟୁର କାଳ କୂଟ ଓ
କୀଟ ପତଙ୍ଗଙ୍କ ଝଙ୍କାର ଭିତରେ
ମୁଁ ଜୀବନକୁ ଚିହ୍ନୁଥିବା ଲୋକଟିଏ ଆଜ୍ଞା
କଠୋରତାର କଷଟିରେ ମୋ' ଶବ୍ଦରୁ ସୃଷ୍ଟି
କୋମଳ ଉତ୍ତାପ !

ଧୈର୍ଯ୍ୟ ଓ ଧାର୍ଯ୍ୟରେ
ମୋ' ଶବ୍ଦଙ୍କ ତୀକ୍ଷଣ କୋମଳତା
ପରୀକ୍ଷା କରନ୍ତୁ ନାଇଁ ଆଜ୍ଞା ମୁଁ ଉଠି
ପବନରେ ଖେଳୁଥିବା
ଗଛ ଡାଳ ଓ ପତ୍ର ଫାଙ୍କରେ
ଏହା ଆଲୋକର ଶକ୍ତି !

ଯାହା, ଘାତକ ଅସ୍ତ୍ରକୁ ପଢି ପାରେ
ଲୁହ ଧଉଳା ଆଖିରେ ।
ଶିରା-ପ୍ରଶିରାରେ ଖେଳାଇ
ରକ୍ତର ଚଞ୍ଚଳ ତେଜ
ମୁକୁଳା ମେଘ ପହ୍ନା ତଳେ ଧାନ ଶୀଷାଁରୁ
ଶୋଷି ପାରେ କ୍ଷୀର ।

ବିଷ ଚୋଟରୁ ମୁକୁଳି ଯିବାର ଶେଷ ଅସ୍ତ୍ର
ମୋ' ଶବ୍ଦଙ୍କ ମୁକ୍ତ ହସ ଆଜ୍ଞା
ଶୂନ୍ୟରେ ଯାହାକୁ ପୋଛି ହୁଏ ନାଇଁ
ଭାଙ୍ଗି ହୁଏ ନାଇଁ ଯାହାର ସହୃଦୟତା
ନିନ୍ଦା ଅହଂକାରର ମୁଦ୍ରାରେ !

ସତ, ଆମ ଆୟତ୍ତରେ କିଛି ଶବ୍ଦ ଆଜ୍ଞା
ଅଣାୟତ୍ତ ଯାହା, ଆୟୁଷ ଶକ୍ତି ।

ହରିଦାସପୁର, ଯାଜପୁର-୭୫୫୦୨୪
ମୋ.: ୮୨୪୯୯ ୨୬୧୨୩

ଜହ୍ନା ପାରିବିନି

ସଂହିତା ରଥ

ପୁରୁଷତ୍ୱର ଦ୍ୱାହି ଦେଇ
ଚାପିଦେଇ ପାରିବନି ପାଦତଳେ
ମୋ ଆତ୍ମସମ୍ମାନକୁ,
ସେ ଧାରୁଆ ନାଲି ଆଖି
ଜାଳିପାରିବନି ତମାମ୍ ସ୍ୱପ୍ନର ଡେଣାକୁ,
ଘୋଡ଼ାଇ ପାରିବନି
ପାଟିରେ ହାତ ଦେଇ
କୃତ ଯନ୍ତ୍ରଣା ସବୁକୁ ।

ତୁମେ ମହିଷାସୁର ହୋଇପାର
ମୁଁ ନୁହେଁ ଦେବୀ,
ତୁମେ ରକ୍ତବୀଜ ହେଇପାର
ହେଲେ, ମୁଁ ନୁହେଁ କାଳୀ,
ତୁମେ ହେଇପାର ପୁରୁଷୋତ୍ତମ ଶ୍ରୀରାମ
ମୁଁ ହେବି ନାହିଁ ସୀତା ।

ସର୍ବୋପରି ମୁଁ ନାରୀ,
ସିନ୍ଦୁର ପ୍ରତି ବଦଳେ ଯେ
ସିନ୍ଦୁକରେ ଭରିରଖିବ ତାକୁ, ଭାବନି
ମୁକ୍ତ ବିହଙ୍ଗ ପରି ତୁମେ ଘୂରିବୁଲୁଥିବ
ଅଥଚ କବାଟ କୋଣରେ କାନ୍ଦୁଥିବା
ନାରୀ ମୁଁ ହେବିନି ।

କଥା ଦିଅ ଯଦି ସଂସାର ରଥରେ
ଆଗ ପଛ ସମାନ ଚକା ହୋଇ ଗଡ଼ିବ
ମୁଁ ରାଜି,
ତୁମ ବାଧାବିଘ୍ନ ସୁଖଦୁଃଖରେ
ତୁମ ସହ ସହଭାଗୀ ହୋଇ
ଆଗେ ଠିଆହେବାକୁ
କିନ୍ତୁ, ଯଦି ତୁମେ ନିଜକୁ ବଡ଼ ଭାବି
ଚାପି ଦିଅ ତୁମ ଅହଂ ତଳେ ମୋତେ
ନା ବାବା ନା
ମୁଁ ଜହ୍ନା ପାରିବିନି ।

ଶ୍ରୀଜାଜପୁର
ଓଡ଼ିଶାପୁରାଣ

ନବଘନ

ନାରାୟଣ ସାହୁ

ଦିନେ
କାଠହଣା ଚଢ଼େଇ ଭଳି
ନିଜ ଥଣ୍ଟରେ ନିଜକୁ ଭାଙ୍ଗି
ନିଜ ଘରକୁ ଗଢୁଥିବା ବେଳେ
ନବଘନ ନିଜକୁ ପଚାରେ
ମୁଁ ଆସ୍ତିକ ନା ନାସ୍ତିକ ?

ସୋମ,ମଙ୍ଗଳ,ଗୁରୁ ଓ ଶନି
ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମାରେ ମୁଁ ଧର୍ମବକ !
କାର୍ତ୍ତିକ ମାସରେ ଛୁଏଁନି ପିଆଜ, ରସୁଣ ଓ ମସୁରଜାଇ
ଆଷାଢ଼ ମାସରେ ମୁହଁ ବୁଲେଇ ଚାହିଁନି
ଫାଷ୍ଟ ଫୁଡ୍‌କୁ,
ମାର୍ଗଶୀର ମାସରେ ଶ୍ରୀଲକ୍ଷ୍ମୀ ! ଶ୍ରୀଲକ୍ଷ୍ମୀ !
ସମ୍ପୂର୍ଣ୍ଣ ଛେଳି ମୁଁ ।

ମୁଁ ମନ୍ଦିର ଯାଏ,
ଦୀପ ଜାଳେ, ନଡ଼ିଆ ପିଟେ
ଶୁଭ ମନାସେ ପ୍ରିୟ ଲୋକଙ୍କ ପାଇଁ,
କାନ୍ଥରେ ଲେଖା ହେଇଥିବା ମୁଖସ୍ଥ ହନୁମାନ ଚାଳିଶାକୁ
ବାରବାର ଗୁଣୁଗୁଣାଏ,
ମୁଣ୍ଡରେ ସିନ୍ଦୂର ମାରି ପ୍ରସାଦ ଆଣି ଘରକୁ ଫେରେ !

ମୁଁ ଗୋଡ଼ ଧୋଇଲା ବେଳେ ପାଦର ସାମାନ୍ୟ ଅଂଶ ବି
ଭୁଲିଯାଏନି ପାଣି ଢାଳିବାକୁ,
ଯେହେତୁ ବୋଉ କୁହେ
‘କୁଆଡ଼େ ଶନିଦଶା ସେଇଠୁ ପ୍ରବେଶ କରେ’,
ମୁଁ ସନ୍ଧ୍ୟାରେ ଧୂପ ଦିଏ,
ବଜାରରୁ ବୋଉ ପାଇଁ କିଣି ଆଣିଥିବା
ଦଶମ ସ୍କନ୍ଧ ଭାଗବତ ବହିଟି ପଢ଼େ କାଆଁଭାଆଁ

ପ୍ରଥମ ବାର୍ଷିକ ପରୀକ୍ଷା ଠୁଁ ଆରମ୍ଭ କରି ଦଶମ ପରୀକ୍ଷା
ଓ ବର୍ତ୍ତମାନର ପ୍ରବେଶିକା ପରୀକ୍ଷା ପର୍ଯ୍ୟନ୍ତ
ଚଉଁରା ମୂଳେ କଳସ ଦେଇ, ସାର୍ଟ ପକେଟ୍‌ରେ ତୁଳସୀ ନେଇ
ମୋ ବହିଥାକ ଉପରେ ଥିବା
ଜଗନ୍ନାଥଙ୍କ ଫଟୋକୁ ମୁଣ୍ଡିଆ ମାରି ଘରୁ ଫେରେ,

ନବଘନ ପଚାରେ
ମୁଁ ଆସ୍ତିକ ନା ନାସ୍ତିକ ?

ବୁଧବାର ମାଛ ନହେଲେ ଭାତ ଯାଏନି ତଣ୍ଟିକୁ,
ଶୁକ୍ରବାର ଚିକେନ୍ ଅଣ୍ଡା ଓ ରବିବାର ମଟନ୍,

ମୁଁ ମନ୍ଦିର ଯିବା ବାଟରେ
ଶୋଇଥିବା କୁକୁରଟିକୁ ଦେଖି ନାକ ଟେକେ,
ଦୁର୍ଘଟଣାଗ୍ରସ୍ତ ଗର୍ଭିଣୀ ଗାଈକୁ ଦେଖି ସାହାଯ୍ୟର ହାତ ଯାଏନି ଆଦୌ,
ପୁରୁଣା ଶତ୍ରୁକୁ ଦେଖିଲେ ପ୍ରତିଶୋଧର ନିଆଁ ଉଦ୍‌ଗାରେ ଆଖିରେ,
କାହା ସଫଳତାକୁ ଦେଖିପାରେ ନି ବୋଲି ଆଖି ବୁଜି
ମନ୍ଦିର ମୁହାଁ ହୁଏ !
ମନ୍ଦିରରେ ଭିକାରୀଙ୍କ ସ୍ୱର ଶୁଭେନି ଆଦୌ,

ମନ୍ଦିରେ ମୁଣ୍ଡିଆ ମାରେ ସତ
ହେଲେ ମନଟି ଥାଏ ବାଟରେ,
ଅହଙ୍କାରରେ ଜଳୁଥିବା ଅଗ୍ନିରେ,
ଲୋଭରେ ଭର୍ତ୍ତିଥିବା ବିଷରେ !

ମନ୍ଦିରରୁ ଫେରେ, ରାତି ହୁଏ
ରତି କରେ
ମଦ ମାଂସ ଓ ରୋମାନ୍ସରେ ଉଡ଼େଇ ଦିଏ ସମୟ,

ଟିଭିରେ ଲାଗିଥିବା ବଳାତ୍କାର,
ହତ୍ୟା ଓ ଦୁଷ୍କର୍ମର ତାଜାତାଜା ଖବର ଶୁଣି
ମୁଁ କାଟିଦିଏ ରାତି,
କାଟିଦିଏ ଜୀବନ !

ନବଘନ ପଚାରେ
ମୁଁ ଆସ୍ତିକ ନା ନାସ୍ତିକ ?
କୁହ ମୋତେ ?

ଚଣ୍ଡିଖୋଲ, ଯାଜପୁର-୭୫୪୨୯୬
ମୋ.: ୭୬୦୮୦ ୧୪୦୬୧

ଡାକ ବଙ୍ଗଳା

ଶ୍ରୀନିବାସ ସେଠୀ

ମୋତେ ଏକ ଅନାମଧେୟ ଷ୍ଟେସନ୍‌ର ଅଧା ରାସ୍ତାରୁ
ସେ କେୟାର ଟେକର୍ ଡାକି ଆଣିଛି
ତା' ନିଛାଟିଆ ବଙ୍ଗଳାକୁ ,
ମୁଁ ଆଶ୍ଚର୍ଯ୍ୟ ...
ଏତେ ଭିଡ଼ ଭିତରେ ସେ ଚିହ୍ନି ପାରିଲା କେମିତି !
ସେ କି ଏକ ଗୋପନ ଟାଣରେ ଖୋଜି ନେଇଛି ମୋତେ ?
ଅବା ସେ କି ଆଢୁଆଳରେ ରହି ଦେଖି ନେଇଛି
ମୋର ଧୀର ଯିବା ଆସିବାଟିକୁ !

ଡାକବଙ୍ଗଳାର ବଡ଼ ବଡ଼
ଦି' ଫାଳିଆ ଲୁହା ଗେଟ୍ ।
କେୟାର ଟେକର୍‌ର ହାତ ଠେଲାରେ
'କ୍ୟାଁ' ହୋଇ କୁନ୍ଥା ଶବ୍ଦଟିଏ କରି ଗେଟ୍ ଖୋଲିଗଲା ଯେପରି
ପୁଣି ଆପେ ଆପେ ବନ୍ଦ ହୋଇଗଲା ପଛକୁ ଫେରି ।

କେୟାରଟେକର୍ କଥା ଭିତରେ ଜମିଆସେ
ଖଣ୍ଡ ଖଣ୍ଡ ମେଘ ,
'ଏଇ ଆସ ! ଏଇ ତୁମ ସିନ୍ଦୁକ,
ଏଇ ତୁମ ଏକାକୀ ଦର୍ପଣ ,
ତୁମ ମୁହଁ, ଦର୍ପଣ ଉପରେ ଯେମିତି ବିନ୍ଦୁ ବିନ୍ଦୁ ଧୂଳି ଟୋପା,
ସେଇଠି ତଳେ ରଖିଦିଅ ତୁମ ତେଲଛବି ,
ଖୋଲି ରଖ ନକଲି ମୁଖା, ଖୋଲି ରଖ ଘଣ୍ଟା ଶବ୍ଦ,
ପ୍ରାର୍ଥନା, ଆରତୀ, ଯେତେ ସଫଳତା ଓ ବିଫଳତା,
ଆଉ ଯେତେ ଯେତେ ହାତ ତାଳି, ଭୋଗ୍ୟ ଓ ଭୋଗଥାଳି ।
ଏ ଡାକବଙ୍ଗଳାରେ ଆଜି ଆଉ ଏ ସବୁର ନାହିଁ ପ୍ରୟୋଜନ,
କିମ୍ବା ଆଜି ଆଉ ଭାବିବାର ନାହିଁ
ରକ୍ତର ଭିତରେ କିଏ ରଖି ଯାଇଛି ଏତେ ଅପମାନ ।

କାଠ କଲମଟିଏ ବନ୍ଧା ହୋଇଛି ଖାତା ଭିତରେ,
ଆଜିର ତାରିଖ ଦେଇ ଦସ୍ତଖତ କରିଦିଅ
ଅତିଥି ପୁସ୍ତିକରେ ।
ଶିଉଳି ଲଗା କାନ୍ଥରେ ଝୁଲୁଛି
ବଡ଼ ଗୋଟିଏ ଅଚଳ ଘଡ଼ି,
ଏବେ ଏବେ ତ ଆସିଗଲା ବେଳ
ଅଚଳ ଘଡ଼ିକୁ ଦେଖି ପଢ଼ିନେବାର ସମୟ,
ଦେଖି ଲେଖିଦିଅ ଆଜି ତୁମର ଏ ଫେରିବା ବେଳକାଳ,
ତୁମେ ନୁହେଁ ଏକା ...
ଆଗରୁ ନାମ ଲେଖା ଅଛି ଫେରିବାର ଅନେକଙ୍କର
କେବଳ ଫେରିବା ସମୟଟି ଫାଙ୍କା ।
ତୁମେ କିନ୍ତୁ ଅନିବାର୍ଯ୍ୟ ଅତିଥି
ଆଜିର ଆମ ଏ ଡାକବଙ୍ଗଳାରେ ।

ଓଦା ବାଲିପିଣ୍ଡ ଉପରେ ବସିଛି ବଡ଼ ବଡ଼ ମାଟିହାଣ୍ଡି
ପିଇବ ତ ଥଣ୍ଡା ପାଣି ପିଇଦିଅ,
ଏତେ ଦିନ ଯାତ୍ରାକରି ତୁମେ ବଡ଼ କ୍ଲାନ୍ତ
ଏବେ ଟିକିଏ ବିଶ୍ରାମ ନିଅ, ଦେଖ
ତମ ସାମନାରେ ଆଦିଗନ୍ତ ଲମ୍ବିଯାଇଛି ବିଶ୍ରାମର ଖେତ ।
ଗୁଣ୍ଡ ଗୁଣ୍ଡ ହୋଇ ଜହ୍ନରାତି ଯେବେ ଝରିପଡ଼ିବ
ପାଇନ୍ ଗଛର ସରୁ ସରୁ ପତ୍ରରେ,
ଏଠି ପାରାମାନେ ତାଙ୍କ ଘୁମୁରା ଶବ୍ଦରେ ଗୀତ ଗାଇ
ଶୁଆଇଦେବେ ତୁମକୁ ଖୁବ୍ ଶାନ୍ତିରେ ।

ଆଜି ରାତିରେ ପୁଣି ବିଶେଷ ପ୍ରୋଗ୍ରାମ୍ ଅଛି
ଅତିଥି ହଲ୍‌ରେ
'ପୁତୁଳା ନାଚ',
ମୁଁ ନିଜେ ହିଁ ଦେଖାଇବି ସମସ୍ତଙ୍କୁ ସେ ଛାଇମଖା ନାଚ ,
ଯେହେତୁ ମୁଁ ନିଜେ ହିଁ ସେ ନାଚର
ଏକମାତ୍ର ପ୍ରାୟୋଜକ ।

ବସନ୍ତ ପୁର, ଗେଣ୍ଡୁଟି, ବାଲେଶ୍ୱର- ୭୫୬ ୦୫୬
ମୋ.: ୯୦୦୨୦ ୨୦୬୦୪

ଆ' ଫେରିଯିବା ଅତୀତର ସବୁଜ ଗାଆଁକୁ

କାମଦେବ ମହାରଣା

ଲିଭିଯିବଣି ନିଆଁ
ପାହାଡ଼ରୁ, ପାଉଁଶ ଆଉ ପୋଡ଼ି ପବନରେ
କଣ୍ଢି ହେବଣି ଦେହ
ଆ,ଫେରିଯିବା ଅତୀତକୁ
ଅତୀତର ସବୁଜ ଗାଆଁକୁ ।

ତୋ'ର ସେ ସୁଦୃଶ୍ୟ ବନ୍ଦୀଶାଳା
ପଥର ପାହାଚ ଦାଢ଼ରେ
ଡେଙ୍ଗା ହେଇଯିବେଣି
ଧଳା ଗୋଲାପ ଓ କଲମୀ ଆମ୍ବଗଛ
ନିଜ ଭିତରେ ବି
ଠିଆ ହେବଣି ଉଇହୁଙ୍କା ।

ସେ ଯେଉଁ ବରଗଛ
ଯାହା ଡାଳରେ ତୋ' ସୁନାର ସଂସାର
ବଦଳି ସାରିବଣି ଛାଇ
ନିଜ ଆଖିକୁ କାବୁ କରିବଣି
ଅସରନ୍ତି ହତାଶା ଓ ହାଇ ।

ଅବଶ୍ୟ ଗାଆଁ ଆଉ ଗାଆଁ ହୋଇ ନାହିଁ
ତଥାପି ନାହିଁ ନାହିଁର ମଶାଣିରେ
ଆମର ଆଦରଣୀୟ ଅଙ୍ଗାର
ହାତ ପତଉଥିବା ହାଡ଼ଖଣ୍ଡ
ସେଇଠି ସେଇ ମାଟି ବେଦୀ
ଭଙ୍ଗା ଖପରା, ମମତାମୟୀ ଚିରାକନା
ସଜ୍ଜିତ ସବୁଜିମାରେ
ବିନ୍ଦୁବିନ୍ଦୁ ସୂର୍ଯ୍ୟାସ୍ତ ।

କହିବୁ ଯଦି ମାଗିନେବି
ଅତୀତର ରଫ୍‌ଖାତାରୁ
ଅଧା ଚିତ୍ରର ପୃଷ୍ଠାଟିଏ
ବିନ୍ଦୁଏ ଲୁହ ଆଞ୍ଜୁଳିଏ କୋହ
କେଇଟି ଅଧା ହସ ଆଉ
ମିତ୍ରରାଗର ବହିଟିଏ ।

ସେ ପବନ ଯାହାର ଥିଲା
ସ୍ୱପ୍ନ ପରି ଡେଣା ହଳେ
ସେ ବସନ୍ତ ଯିଏ ସଜେଇ ହୁଏ
ଅଳପ ରାଗ ଓ ଅଭିମାନରେ
ସମୟ କାନ୍ଥ ଠଣାରେ
ଥୋଇ ଆସିଥିବା ସବୁ ମୂର୍ଚ୍ଛିତ ଶବ
ଯାହାଙ୍କୁ ନେଇଥିଲୁ ବାହା ଗଣ୍ଠିରେ ଗୁଡ଼େଇ
ଆଣି ଆସିବୁ, ପୁଣି ଆସିବୁ ମୋ' ପାଇଁ ଆଣି
ଅତୀତର ଛାଇଟିଏ
କିଏ ଜାଣେ, କୁଆଡୁ ଆସେ ସମୟ
କେମିତି ଚାଲିଯାଏ ।

ଯାନ୍ତ୍ରିକ ବିଭାଗ, ପୂର୍ବତଟ ରେଳପଥ ,ପୁରୀ -୨
ମୋ.: ୯୬୫୮୦ ୨୬୬୧୨

ଅନ୍ତିମ ଅଭିଳାଷ

ରାଧାମୋହନ ପାଣିଗ୍ରାହୀ

ଆଖିରୁ ଉଛୁଳି ପଡୁଥିବା ତାତିଲା କୋହରେ ତିନ୍ତିବାକୁ ନ ଚାହିଁ,
ପ୍ରତି ମୁହୂର୍ତ୍ତ ମରିମରି ଜୀଉଁଥିବା ଜୀବନ ଯେ
କେତେବେଳେ ଶେଷ କ୍ଷଣରେ ପହଞ୍ଚିବ
ତାହା ଜାଣିବାକୁ ଆଉ ଆବଶ୍ୟକ ମଣୁନି ।

ଛାତି ଭିତରୁ ଉଠି ଆସୁଥିବା
ଗୋଟାଳିଆ ଭୟରେ ବିଦାରି ହୋଇ
ଅସହ୍ୟ ଯନ୍ତ୍ରଣା ଜର୍ଜରିତ ପ୍ରାଣରେ
ତୁମ ପ୍ରତି ସାଇତା ଫରୁଆଭର୍ତ୍ତ ଅଭିମାନ,
ଅନେକ ଆଶାପ୍ରତ୍ୟାଶାଭରା ହୃଦୟର କବାଟକୁ
କାହିଁ କେଉଁ ଦିନୁ ବନ୍ଦ କରିସାରିଛି ମୁଁ!

ଜଳୁଥିବା ଦୀପାଳିର ଘିଅତକ ସରିବା ପର୍ଯ୍ୟନ୍ତ
ଦୃଢ଼ ଆତ୍ମବିଶ୍ୱାସକୁ ଆଦରି ଆଙ୍କି ଚାଲୁଥିବି
ବଳକା ଆୟୁଷର ଚିତ୍ର ।
ନିର୍ଭରଶୀଳ ହେବାର ଇଙ୍ଗିତରେ ସମ୍ପୂର୍ଣ୍ଣ ଚେଷ୍ଟା କରୁଥିବି
କରିବାକୁ ତୁମ ନିର୍ଦ୍ଧାରିତ ଯାବତୀୟ କାର୍ଯ୍ୟ ।

ପିଣ୍ଡରୁ ପ୍ରାଣବାୟୁ ଉଡ଼ିଯିବା ଯାଏ
ଭୋଗୁଥିବି ନିଜ ଭାଗ୍ୟର କର୍ମଫଳ ।
ଦୁଃଖ ହେଉ କି ସୁଖ;
ତୁମ ଯାଚିତ କର୍ତ୍ତବ୍ୟମାନଙ୍କୁ ନ ପାରିଲେ ସୁଦ୍ଧା
ପାରିବାପଣରେ ଆମୋଦିତ ହୋଇ
ସମ୍ପାଦନ କରୁଥିବି ସହର୍ଷେ ।
ପ୍ରାପ୍ତି ଅବା ଅପ୍ରାପ୍ତିର ହିସାବ
ଆଉ ମାଗିବାକୁ ଚାହିଁବି ନି ତିଳେ ହେଲେ !

ଶେଷ ସମୟରେ ନିସ୍ତେଜ ହେବାବେଳୁ
ଆତ୍ମୀୟଙ୍କୁ କେବଳ ଏତିକି ଅନୁରୋଧ:
ଅନ୍ତିମ ଅଭିଳାଷ ରୂପେ ପୁଣିଥରେ ଶୁଣାଇଦେବେ
ଅପାର କରୁଣା ଢାଳି ଆସୁଥିବା ବିଭୁଙ୍କୁ ସମର୍ପିତ
ମୋ'ପ୍ରିୟ ଗୀତରୁ ପଦେ;
'ଜୀବନ ପାତ୍ର ମୋ ଭରିଛ କେତେ ମୋତେ
ନ ଦେଲ ବୋଲି କିଛି କହିବି କି ହେ ଆଉ !!

ଅନ୍ଧଗଳି

ହେମାଙ୍ଗିନୀ ଦାଶ

"ମଣିଷ ମାତ୍ରେ ଇ ମରଣଶୀଳ, ମରିବ ଦିନେ ନା ଦିନେ ନିଶ୍ଚିତ, ଏକଥା ଚନ୍ଦ୍ରସୂର୍ଯ୍ୟଠାରୁ ବି ଅଧିକ ସତ । ସେ ଜୀବ, ଦିନେ ନା ଦିନେ ଯିବ ନିଶ୍ଚିତ" । ଜେଜେଙ୍କ ତୁଣ୍ଡରୁ ଏକଥା ଅନେକ ଥର ଶୁଣିଛି ମାମା ; ତଥାପି କେଜାଣି କାହିଁକି ମାମାକୁ ଲାଗେ, ତା' ଜେଜେବାପା କେବେ ବି ମରିବେ ନାହିଁ । ସବୁଦିନକୁ ସେ ସେମିତି ବୁଢ଼ାଟିଏ ହୋଇ ବଞ୍ଚିଥିବେ । ଦୁନିଆଁଯାକର ଗପ ଶୁଣାଉଥିବେ । ଗୀତଶ୍ଲୋକ, ଭଜନ ଜଣାଣ ଗାଉଥିବେ । ବେଳ ପଡ଼ିଲେ ବେଦ ପୁରାଣରୁ ପଠିତ ଗୁଡ଼ାଏ ନୀତିବାଣୀ କହୁଥିବେ । ଘରେବାହାରେ ସମସ୍ତଙ୍କର ଭୁଲ୍‌ଭାଲ୍ ବାଛୁଥିବେ, ହିତ ଉପଦେଶ ଦେଉଥିବେ । କେବେକେବେ ଭୂତପ୍ରେତ କଥା କହୁଥିବେ, ଆଉ କେବେ ପୁଣି ନିଜ ଜୀବନାନୁଭୂତିରୁ କିଛିକିଛି ବାଣ୍ଟୁଥିବେ । ଯିଏ ସବୁ ଶୁଣୁଥିବେ, ହୁଁ ହାଁ ମାରୁଥିବେ । ମାମା ମନରେ ଗୋଟେ ଦୃଢ଼ ବିଶ୍ୱାସ ଜାଗିଛି, ଜେଜେବାପା ଯେହେତୁ ଜଣେ ଧାର୍ମିକ, ସଚ୍ଚୋଟ, ଭଦ୍ର, ନମ୍ର, ଜ୍ଞାନୀ ଗୁଣୀ ପଣ୍ଡିତ, ତେଣୁ ସେ କେବେ ମରି ପାରିବେନି ।

ଜେଜେଙ୍କ ତୁଣ୍ଡରେ ତୁଣ୍ଡରେ ଗୀତା ରାମାୟଣ । ମୁଖସ୍ଥ ହୋଇଯାଇଛି ବେଦପୁରାଣ । ଭଗବତ୍ ଗୀତାର ପ୍ରତିଟି ସଂସ୍କୃତ ଶ୍ଲୋକକୁ ସେ ଖୁବ୍ ସୁନ୍ଦର ଓ ସରଳ ଭାବରେ ଓଡ଼ିଆରେ ବ୍ୟାଖ୍ୟା କରି ପାରନ୍ତି । ସେ କହନ୍ତି, ଭଗବତ୍ ଗୀତାକୁ ଦୁଇ ତିନି ଥର ପାଠ କଲାପରେ ମଣିଷକୁ ଆଉ ଏ ସଂସାରର ମାୟାମୋହ ବନ୍ଧନ ଛୁଇଁ ପାରିବ ନାହିଁ । ଯେ କୌଣସି ପ୍ରିୟଜନଙ୍କ ମୃତ୍ୟୁରେ ବି ମନରେ ଶୋକ ଆସିବ ନାହିଁ । ସେ ନିଜେ ଏ କଥାକୁ ମର୍ମେମର୍ମେ ଅନୁଭବ କରିଥିବାର ଉଦାହରଣ ଦିଅନ୍ତି । ଶୈଶବରୁ ବାପାମାଆଙ୍କୁ ଆଉ ପୂର୍ଣ୍ଣ ଯୌବନରୁ ଜେଜେମା'ଙ୍କୁ ହରେଇଥିଲେ ସେ । କମ୍ ବୟସରୁ ବିବାହ କରିଥିଲେ ବୋଲି ଦୁଇଟି ପୁଅର ବାପା ହେଇ ଯାଇଥିଲେ ସିନା, ନ ହେଲେ ସଂସାର ବିଷୟରେ ସେତେଟା ଅଭିଜ୍ଞ ନ ଥିଲେ । ତା' ପରଠୁ ଦୁନିଆଁର ସବୁ ପାଠକୁ ଆୟତ୍ତ କରି ସେ ଯୋଗୀମୁନି ଭଳି ଦିନ ଅତିବାହିତ କରିବାକୁ ଲାଗିଲେ ।

ଶ୍ରୀମଦ୍ଭାଗବତ ମହାପୁରାଣର ପ୍ରତିଟି ପଦକୁ ଅନୁସରଣ କରି ଜୀବନ ବଞ୍ଚନ୍ତି ଜେଜେବାପା । ପରୋପକାରୀ, ପୁଣ୍ୟାତ୍ମା ସେ । ଜାଣତରେ କେବେ ଛୋଟ ପାପଟେ କରିଥିବାର ମନେ ପଡ଼େନା ତାଙ୍କର । ଗାଆଁମାଁ, ବନ୍ଧୁବାନ୍ଧବ, କେହି କେବେ ଜେଜେଙ୍କୁ ମନ୍ଦ କହିବାର କି ତାଙ୍କ ଅବିଗୁଣ କାଢ଼ିବାର କାହାଠୁ ଶୁଣି ନାହାନ୍ତି କେହି । ସଭିଏଁ ଶ୍ରଦ୍ଧା କରନ୍ତି, ଭକ୍ତି କରନ୍ତି, ସମ୍ମାନ ଦିଅନ୍ତି ତାଙ୍କୁ । ପୁରୋହିତ ଥିଲେ ସେ । ସଦା ହିତ ସାଧନ କରୁଥିଲେ ଲୋକଙ୍କର । ସେ ଚାହୁଁଥିଲେ, ତାଙ୍କ ପରେ ତାଙ୍କ ପୁଅମାନେ ଶିଖନ୍ତୁ ଏ ପାଠ । ବଡ଼ ବାପା ତ ସରକାରୀ ଚାକିରି କଲେ, ଡାକ ବିଭାଗରେ କିରାଣୀ ପଦରେ । ବାପା ଯେହେତୁ ଅଧିକ ପାଠ ପଢ଼ି ନ ଥିଲେ, ତେଣୁ ଜେଜେବାପା ଚାହୁଁଥିଲେ, ବାପା ଏହି ଗୀତଶ୍ଲୋକ, ପୂଜାକର୍ମ, ବିବାହବ୍ରତ, ଶୁଦ୍ଧିକ୍ରିୟା,

କର୍ମକର୍ମାଣିଆଦି ପାଠକୁ ଆୟତ୍ତ କରନ୍ତୁ । ହେଲେ ବାପାଙ୍କ ଦେଇ ନା ହେଉଥିଲା ପାଠ ନା ହେଉଥିଲା ଶାଠ । ଯେତେ ଜମି ଥିଲେ କ'ଣ ହେବ, ମାଟି ସହ ମାଟି ହେଲେ ଯାଇ ସିନା ହେବ ଚାଷ, ନହେଲେ ସବୁ ଫସ୍‌ରଫସ୍ । ରୋଜଗାରର ଅନ୍ୟ କୌଣସି ପନ୍ଥା ବି ଜଣା ନଥିଲା ବାପାଙ୍କୁ । ଗୋତି, କୋଠିଆ ନେଇ ଯେତେ ପ୍ରକାରେ ଚାଷ କଲେ, ସେମାନଙ୍କ ପାଉଣା ବାହାରେ ଯେଉଁ ଅଳ୍ପ ବଞ୍ଚିଲା, ତାହା ବରଷ ଅଧେ ବେଳକୁ ଶେଷ । ଜେଜେବାପାଙ୍କ ଯଜମାନିରୁ ଯେତେ ଡାଲି ଚାଉଳ ଲୁଣ ଘିଅ ହଳଦୀ ଆଦି ମିଳିଥିବ, ମାଆ ସେସବୁକୁ ମାଟି ଘଡ଼େଇରେ ଲୁଚେଇ ରଖି ଅଳ୍ପଅଳ୍ପ କାଢ଼ି ରୋଷେଇ କରି ପରିବାରର ପେଟ ଭରିବ । ବାଡ଼ିରେ ଟମାଟୋ, ବାଇଗଣ, ଅମୃତଭଣ୍ଡା, ଆଉ ନାନାଦି ଶାଗ ଲଗେଇ ତିଅଣ ଚଳେଇବ । ପୂଜା ବାହାବ୍ରତ ଆଦିରୁ ଜେଜେ ପାଇଥିବା ଟଙ୍କାରୁ ଡାକ୍ତର ଔଷଧ, ପର୍ବପର୍ବାଣି, କୁଣିଆ ଆଦିଙ୍କୁ ମନାଘେନା କରିବ । ବାପା କୌଣସି ପ୍ରକାରେ ବି ରୋଜଗାରର ବାଟ ପାଇଲେ ନାହିଁ । ଯେଉଁ ଡ଼ାଳ ଧଇଲେ ସେ ଡାଳ ଛିଡ଼ିଲା । ଲାଭ କଥା ଛାଡ଼, ବେପାରରେ ଯାହା ଲଗେଇଲେ, ସେତକ ବି ଫେରିଲାନି । ତାଙ୍କ ଦେଇ କିଛି ଗୋଟେ ହେଲାନାହିଁ । ଜେଜେ କଷ୍ଟ ପାଇଲେ ।

ମାମା, ବାବୁନ, ବାପା, ମାଆ, ଜେଜେବାପା ମିଶି ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ । କେବଳ ଚାଷରୁ ଘରର ସବୁଯାକ ଖର୍ଚ୍ଚ ଉଠୁ ନ ଥିଲା ବୋଲି ବୁଢ଼ା ବୟସରେ ବି ଜେଜେଙ୍କୁ ଟିକେ ଅଧିକ ପରିଶ୍ରମ କରିବାକୁ ପଡୁଥିଲା । ବାହାବ୍ରତ ଶୁଦ୍ଧିକ୍ରିୟାରେ ସଂସ୍କୃତ ଶ୍ଲୋକ ପଢ଼ିଲା ବେଳେ ଜେଜେଙ୍କ ଲହରା କାଶ ଉଠୁଥିଲା । ଢୋକଢୋକ ପାଣି ପିଇ ବଡ଼ କଷ୍ଟରେ କାଶ ବନ୍ଦ ହେଉଥିଲା । ତଥାପି ବାପାଙ୍କ ଅପାରଗତାକୁ ଲକ୍ଷ୍ୟକରି ସେ ପୂଜାପାଇଁ ଡାକୁଥିବା ଲୋକଙ୍କୁ ମନା କରୁ ନ ଥିଲେ । କିଛି ତ ଘରକୁ ଆସିବ, ଆଉ ଘର ଚଳିଯିବ ପୁଣି କିଛିଦିନ ।

ବଡ଼ବାପା ସେତେବେଳକୁ ଭିନ୍ନ ହେଇ ସାରିଥିଲେ । ସରକାରୀ ଦରମା ପାଇ ବେଶ୍ ଭଲ ଚଳୁଥିଲେ ସେ । ବଡ଼ମା' ଆସିଲା ଦିନଠୁ ବଡବାପା ତାଙ୍କରି ହାତମୁଠାରେ । ଉଠ କହିଲେ ଉଠିବେ, ବସ୍ କହିଲେ ବସିବେ । ତାଙ୍କର ଦୁଇଟିଯାକ ପୁଅ ବି ଦିନେ ହେଲେ ମାମା ଘରକୁ ଆସନ୍ତି ନାହିଁ । ଏମିତିକି ଜେଜେଙ୍କ ପାଖକୁ ବି । ମାମା ଆଉ ତା' ଭାଇ ବୁବୁନ ବେଳେବେଳେ ଯାଆନ୍ତି ବଡବାପାଙ୍କ ଘରକୁ । ହେଲେ ବଡ଼ମା ସେ ଦୁହିଁଙ୍କୁ କୁକୁର ବିଲେଇ ପରି ଘଉଡ଼େଇ ଦିଅନ୍ତି । ବଡ଼ବାପା ବଡ଼ମା ସୁଖଦୁଃଖ ବୁଝିବା ଦୂରେ ଥାଉ, ମାମାର ବାପାମାଆଙ୍କ ସାଙ୍ଗରେ କେବେ କଥା ପଦେ ବି ହୁଅନ୍ତି ନାହିଁ । ଆଉ ତ ଆଉ, ଜେଜେଙ୍କୁ ବି ସେମାନେ ପଚାରନ୍ତି ନାହିଁ । ପୁନିଅଁ ପରବରେ ଭଲମନ୍ଦ ଟିକେ ଖାଇବାକୁ ଦିଅନ୍ତି ନାହିଁ । ରୋଗବେମାର ହେଲେ ଔଷଧ ଆଣିବା ଦୂରେ ଥାଉ, ଆଖିରେ ଅନାନ୍ତି ନାହିଁ । ବଡ଼ବାପା କେବେ ପଦେ କଥା ହୁଅନ୍ତି ନାହିଁ କି ବାପା ବୋଲି ତୁଣ୍ଡରେ ଡାକନ୍ତି ନାହିଁ । ଏକଥା ସବୁଠୁ ବେଶି କଷ୍ଟ ଦିଏ ଜେଜେବାପାଙ୍କୁ । ମାମାର ଜାଣିଲା ଦିନଠୁ ଜେଜେ ବାପା ତାଙ୍କରି ଘରେ । ଭଗବତ୍ ଗୀତା ପଢ଼ି ମାୟା ମୋହରୁ ମୁକ୍ତ ବୋଲାଉଥିବା ଜେଜେ କିନ୍ତୁ ଏଇ ବୃଦ୍ଧ ବୟସରେ ବଡ଼ ବାପାଙ୍କ ପାଇଁ ତଥାପି ମୋହାଚ୍ଛନ୍ନ ଜଣା ପଡୁଥିଲେ ।

ଜେଜେଙ୍କ ଭିତରେ ଅପରିମିତ ଦୁଃଖ ଆଉ କ୍ଷୋଭ । ଅନ୍ୟର ଭୁଲ୍‌ଭାଲ୍ ବାଛୁଥିବା ମଣିଷଟା ନିଜ ପୁଅ ଆଗରେ ଚୁପ୍ ହେଇଯାନ୍ତି । ଅନ୍ୟକୁ ଉପଦେଶ ଦେଉଥିବା ମଣିଷଟା ଏବେ ନିଜ ପୁଅକୁ କିଛି କହିବାକୁ ଭୟ କରନ୍ତି । ତାଙ୍କର ଯେତେ ଜ୍ଞାନବୁଦ୍ଧି ପୁଅ ଆଗରେ ମାଟିଗୋଡ଼ି ପରି ତୁଚ୍ଛ ହେଇଯାଏ । କାହିଁକିନା, ପୁଅ ତ କେବେଠୁ ପାଠ ପଢ଼ି ଘୋଡ଼ା ଚଢ଼ିଲାଣି । ସରକାରୀ ପଇସାରେ ଅଣ୍ଡି ପୂରେଇ ତଣ୍ଟିଭରି ହାକୁଟି ମାରୁଛି । ଘର, ଡିହ, ଜମି, ଆଟ, କଂସା ବାସନ, ତମ୍ବା ପିତ୍ତଳ, ସୁନାରୂପା ସମେତ ଘରର ଯେତେକ ଦ୍ରବ୍ୟ ଜ୍ୟେଷ୍ଠ ପୁଅ ସୂତ୍ରରେ ଭାଗ ପାଇ ସେ ଏବେ ପର । ଜେଜେଙ୍କ ମନରେ ବେଳେବେଳେ ସୃଷ୍ଟିହୁଏ ଭାବାନ୍ତର, ତାଙ୍କ ବଡ଼ପୁଅ ବି ତ ଦୁଇପୁଅର ବାପା । ଆଜି ସିନା ପିଲାଏ ଛୋଟ ଅଛନ୍ତି, କାଲିକି ବଡ଼ ହେଇଯିବେନି ? ଜଣେ ମଲାପରେ ସିନା ସ୍ୱର୍ଗ କି ନର୍କ ଦର୍ଶନ କରିବ, ଆଗରୁ ତ ନୁହେଁ । ସେତେବେଳେ ହୁଏତ ତା'ର ପଶ୍ଚାତ୍ତାପ ଆସିବ ।

ଜେଜେଙ୍କ ଦୃଷ୍ଟିରେ ବଡ଼ବାପା ଏବେ ଜଣେ ଶିକ୍ଷିତ, ରୋଜଗାରିଆ, ସକ୍ଷମ ଅଥଚ କର୍ତ୍ତବ୍ୟ ହୁଗୁଳା, ଦାୟିତ୍ୱ ମୁକୁଳା, ବାପାଙ୍କ ଅସହାୟତା ଆଉ ଭାଇର ଦୁଃଖକୁ ଅଣଦେଖା କରୁଥିବା ସ୍ୱାର୍ଥୀ ପୁଅଟିଏ । ପୁଅମାନେ ସ୍ୱାବଲମ୍ବୀ ହେଲା ପରେ ବାପା ହେଇଯାଆନ୍ତି । ଆଉ ତା'ପରେ ସେମାନଙ୍କର ବାପା ପାଖରେ କିଛି ଅପେକ୍ଷା ନ ଥାଏ । ପାଖରେ ଥାଇ ବି ଦୂରତା ବଢ଼ିବଢ଼ି ଯାଏ । ଦୂରତା ଯେତେ ବଢୁଥାଏ, ବାପାଙ୍କ ଆୟୁଷ ସେତେ ସରୁଥାଏ । ବାପାଙ୍କ ମନ ଊଣା ହେଉଥାଏ । ଧୀରେଧୀରେ ଜେଜେ ଦୁର୍ବଳ ହେବାକୁ ଲାଗିଲେ । ଅଦେଖା ଅଜଣା ରୋଗସବୁ ସବାର ହେଲେ ଦେହରେ । ଜେଜେ ଆଉ କାମକୁ ପାରିଲେ ନାହିଁ । ଉଠାବସାକୁ ବି ଅପାରୁ । ଏବେ କେବଳ ବାପାଙ୍କ ଚାଷ ଉପରେ ହିଁ ଭରସା । ଉତ୍ପନ୍ନ ଶସ୍ୟରୁ ପାଞ୍ଚଟି ପେଟ ଯେଉଁଠି ଅଧାପୋଷା, ସେଇଠି ଜେଜେଙ୍କ ଚିକିତ୍ସା ପାଇଁ ବା ଅର୍ଥ ଆସିବ କୁଆଡୁ ? ବଡ଼ବାପା ଜାଣିଶୁଣି ଚୁପ୍ ରହିଲେ । ବାପା ତୁଣ୍ଡ ଫିଟେଇଲେ । ବଡ଼ ବାପାଙ୍କୁ ପଇସା ମାଗିଲେ ଜେଜେଙ୍କ ଚିକିତ୍ସା ପାଇଁ ଅନ୍ୟ ଉପାୟ ନ ପାଇ । ବଡ଼ ବାପା କିଛି ଉତ୍ତର ନ ଦେଇଣୁ ବଡ଼ମାଆ ମୁହଁ ଛିଞ୍ଚାଡ଼ି କହିଲେ, ବାପାଙ୍କ ପାଖରେ ପଇସା ତ ଜମାଥିବ । ଆଜିଯାଏଁ ପୂଜାଧଜା, ବାହାବ୍ରତ, ଶୁଦ୍ଧିକ୍ରିୟାରୁ ଯେତେ କମେଇଛନ୍ତି, ସେସବୁ କୁଆଡ଼େ ଗଲା ? ସେଇଥିରୁ ଡାକ୍ତର ଔଷଦ କରୁନ । ଆମେ ତ ସେଥିରୁ ପଇସାଏ କେବେ ମାଗିନୁ । ଡାଏକିନି ଦାଣ୍ଡ କବାଟଟା ବନ୍ଦ କରିଦେଇ ବଡ଼ ମାଆ ଭୁକିଗଲେ ଘର ଭିତରକୁ । ଛାତିର କୋଉଠି ରୁଗୁରୁଗୁ ହେଲା କେଜାଣି, କିନ୍ତୁ ବାପାଙ୍କ ଗାଲରେ ଅପାରଗପଣିଆରେ ଶକ୍ତ ଚଟକଣିଟିଏ ମାରି ସେ ଚାଲିଗଲେ ଯେମିତି । ବାପା ନିରାଶ ହେଲେ । ଆସି ମାଆକୁ କହିଲେ ? ମାଆ

ଚିନ୍ତାରେ ପଡ଼ିଲା । ବିକିବାକୁ ଧାନ ମୁଗ କିଛି ନ ଥିଲା । ମାଆର ଗହଣାସବୁ କେବେଠୁ ବିକ୍ରି ହୋଇ ସାରିଥିଲା । ଜେଜେ ଶୁଣି ମନ ଦୁଃଖ କଲେ । କ୍ରୋଧ, ଦୁଃଖ ଆଉ ଅଭିମାନରେ ଭର୍ତ୍ତି ହେଇସାରିଥିଲା ତାଙ୍କ ହୃଦୟ । କାନ୍ଦକାନ୍ଦ ହେଇ ଜେଜେ ବଡ଼ବାପାଙ୍କ ଜନ୍ମରୁ ପାଠପଢ଼ା ଯାଏ, ଚାକିରି ପରଠୁ ବାହାଘର କରେଇ ଘର ବସେଇବା ଯାଏଁ ସବୁକଥା ଗୋଟିଗୋଟି ମନେ ପକାଇ ବାହୁନି ହେଉଥିଲେ । ନିଜକୁ ଧିକ୍କାର କରୁଥିଲେ । ଜେଜେମାଙ୍କୁ ଝୁରିହେଉଥିଲେ । ବଡ଼ବାପାଙ୍କ ଉପରେ ରାଗିଯାଇ ସେ ନିଜେ ମଲାପରେ ବାପା କ'ଣ କରିବେ, କ'ଣ ନ କରିବେ ଏଭଳି ଅନେକ ଉପଦେଶ ଦେଉଥିଲେ । ତାଙ୍କ ପରେ ବାପାମାଆ କିପରି ସମାଜରେ ଚଳିବେ, ଲୋକଙ୍କ ସହ କେମିତି ମିଶିବେ, ସେ ବିଷୟରେ ମାଆକୁ ବହୁତ କଥା ବୁଝାଉଥିଲେ । ସେ ମରିଗଲା ପରେ ଘିଅ ମହୁ ତୁଳସୀ ଗଙ୍ଗା ଜଳଠୁ ଆରମ୍ଭ କରି କାଠଖୁଣ୍ଟ, ଖଇ କଉଡ଼ି ଯାଏଁ , ଚାରି ଶୀତଳ ଠୁ ଆରମ୍ଭ କରି ବାରପତ୍ରି ଯାଏଁ ସବୁ ହିସାବକିତାବ କରି ମାଆକୁ ଖାତା କଲମ ଧରେଇ ଲେଖିବାକୁ କହିଥିଲେ ଜେଜେ । ମନଟା ଏତେ ବିଷାଦଗ୍ରସ୍ତ ହେଇଥିଲା ଯେ, ଜେଜେ ହିତାହିତ ଜ୍ଞାନ ଭୁଲି ବଡ଼ ବାପାଙ୍କ ପାଇଁ କଠୋର କଟକଣା ଯେତେ ଲାଗୁ କରିଦେଲେ । ସପ୍ତମରେ ପଢୁଥିବା ମାମାର ହୃଦୟ ବିଗଳିତ ହୋଇ ପଡିଥିଲା ସେଦିନ । ମସ୍ତିଷ୍କରେ ଅହରହ ସେଇ ଅନୁଶାସନ, କଟକଣା ଓ ବାରଣସବୁ ନିଆଁଝୁଲ ହେଇ ତାକୁ ଯେମିତି ଉତ୍ତପ୍ତ କରି ପକାଉଥିଲେ । ତଥାପି କାହିଁକି ମାମାକୁ ଲାଗୁଥିଲା, ଜେଜେ କେବେ ମରିବେନି, ମରି ପାରିବେନି ।

ବଡ଼ ଅଦ୍ଭୁତ ଏ ଜୀବନ । ମଣିଷ ଆସିଥାଏ ଖାଲି ହାତରେ । ତା'ର ଆଶା, ଆକାଂକ୍ଷା, ଇଚ୍ଛା, ଅଭିଳାଷ ଆଦିକୁ ପୂରଣ କରିବା ପାଇଁ, ସୁଖ, ସୌଭାଗ୍ୟ, ଧନ, ଯଶ, ସ୍ନେହପ୍ରେମ ଆଦି ହାସଲ କରିବା ପାଇଁ ପ୍ରାଣାନ୍ତକ ଲଢ଼େଇ କରେ । କିନ୍ତୁ ଶେଷରେ...., ପ୍ରତ୍ୟେକ ପ୍ରାପ୍ତି ଅପ୍ରାପ୍ତିକୁ ଏଇଠି ଛାଡ଼ିଯାଏ ଏବଂ ସାଥିରେ କିଛି ବି ନିଏ ନାହିଁ । ଆଉ ଫେରିଯାଏ ସେଇ ଶୂନ୍ୟ ହାତ ନେଇ । ମାମାର ଦୃଢ଼ ଆଶା ଓ ଭାବନାକୁ ଭୁଲ୍ ପ୍ରମାଣିତ କରି ଜେଜେ ଦିନେ ସ୍ୱର୍ଗବାସୀ ହୋଇଗଲେ । ବାପାମାଆ ଦୁଃଖରେ ମ୍ରିୟମାଣ ହେଲେ । ମାମା ଆଉ ବୁବୁନ ତଣ୍ଟି ଫଟେଇ କାନ୍ଦିଲେ ? ଓଲଟ ଖଟରେ ଜେଜେ ଶେଷ ନିଦ୍ରାରେ । ବେକରେ ତୁଳସୀ ମାଳ । ତିଳକ ସରସର କପାଳ । ବିଶ୍ୱାସ କରି ପାରୁ ନ ଥାଏ ମାମା । ମାଆ ଖଇ କଉଡ଼ି ଆଦିର ଯୋଗାଡ଼ଯନ୍ତରେ ଲାଗିଥାଏ । ସାଇଭାଇ ଯେତେ ଶଗଡ଼ରେ କାଠ ଲଦି ମଶାଣି ମୁହାଁ । କେବେ ଦିନେ ପାଦପକେଇ ନ ଥିବା ବଡ଼ବାପା, ବଡ଼ମାଆ, ତାଙ୍କ ଦୁଇ ପୁଅ ଆସି ମାମା ଘରେ । ବାପା, ପଡୋଶୀ ଦୁଇ ଜଣ କାକା ଖଟର ତିନୋଟି ପୁହା କାନ୍ଧେଇବାକୁ ପ୍ରସ୍ତୁତ ହୋଇ ସାରିଥିଲେ । ଆଉ ଗୋଟେ ପୁହା ପାଖକୁ ଯାଇ ବଡବାପା ଠିଆ ହେବା ମାତ୍ରେ ମାମା ଆଗକୁ ବଢ଼ି ଦୁଇ ହାତ ପ୍ରସାରି ବାଟ ଓଗାଳିଲା । ବଡ଼ବାପାଙ୍କୁ ଖଟ ଛୁଇଁବାକୁ ଦେଲା ନାହିଁ । ଘୁଞ୍ଚି ଗଲେ ବଡ଼ ବାପା । ଟୋକୀର ସାହସ ତ ଦେଖ କହି ଭର୍ତ୍ସନା କଲେ ବଡ଼ମାଆ । ସାଇର ସ୍ତ୍ରୀଲୋକ ସବୁ ଛିଛି ଥୁଥୁ କଲେ । ଉପସ୍ଥିତ ଜାତିଭାଇ ମାମାକୁ ଘୃଣା ଚକ୍ଷୁରେ ଦେଖିଲେ । ବାପାମାଆ ବି ତା' ଉପରେ ରାଗିଲେ । କିନ୍ତୁ ମାମା ବୁଝିପାରିଲାନି ତା'ର ଭୁଲ୍ କୋଉଠି ? ଜେଜେଙ୍କ ଚିକିତ୍ସା ପାଇଁ ବଡ଼ମାଆ ପଇସା ଦେବାକୁ ମନା କରି ବାପାଙ୍କୁ ଅପମାନ ଦେଇ ଫେରାଇ ଦେବାପରେ ଜେଜେଙ୍କର କ୍ରୋଧାତ୍ମକ ପ୍ରତିକ୍ରିୟା, ରାଣ, ନିୟମ, ମାମା ଭିତରେ ଖାଲି ଫେଣେଇ ହେଉଥିଲେ । ଉଛୁଳି ଉପରକୁ ଉଠିବାକୁ ଯେମିତି ତତ୍ପର । କେତେବେଳ ସେ ଆଉ ନିଜକୁ ନିୟନ୍ତ୍ରଣରେ ରଖିପାରିଥାନ୍ତା । ହୁଏତ ବାପାମାଆ ଭୁଲିଯାଇ ପାରିଥାନ୍ତି, କିନ୍ତୁ ମାମା ଏଯାଏଁ ଭୁଲି ନାହିଁ ସେ କଥା । ଜେଜେ ରାଗିଯାଇ ବାପାଙ୍କୁ କହିଥିଲେ, "ମୁଁ ମରିଗଲା ପରେ ତୋ ବଡ଼ ଭାଇକୁ ମୋ' ଶବ ଛୁଇଁବା ଦୂରର କଥା, ଦେଖିବାକୁ ସୁଦ୍ଧା ଦେବୁ ନାହିଁ, ତାକୁ ମୋ ଚିତାରେ ମୁଖାଗ୍ନି ଦେବାକୁ ଦେବୁ ନାହିଁ, ତା' ହାତରୁ ମୁଁ ପିଣ୍ଡ ସୁଦ୍ଧା ପାଇବି ନାହିଁ" । ଜେଜେଙ୍କ ଏଇ କଥା କେଇପଦ ମାମାକୁ ବେଦର ଗାର ପରି ଲାଗିଥିଲା ସେଦିନ । ସମସ୍ତଙ୍କ ଘୃଣା, ଭର୍ତ୍ସନା, ଛି ଛାକର କଥାଶୁଣି ମାମା କିନ୍ତୁ ବଡ଼ ସାହସରେ ଜେଜେ କହିଥିବା ଏକଥାକୁ ସର୍ବସମକ୍ଷରେ ପ୍ରକଟ କରିଥିଲା ।

ମାତ୍ର ସେ ସମୟ ଥିଲା ଭିନ୍ନ, ଭାରି ସମ୍ବେଦନଶୀଳ । କଦଳୀପତ୍ର ବନ୍ଧା ଓଲଟ ଖଟରେ ଆଁ ଫାରି ପଡ଼ିଛନ୍ତି ଜେଜେ । ସାଇ ଲୋକ ତରତର ହେଉଥିଲେ ଜେଜେଙ୍କୁ ମଶାଣିକୁ ନେଇଯିବାକୁ । ମାମାର ହାତ ଛେକା ଦେଖି ବଡ଼ବାପା ଦୋଷୀ ଭଳି ଠିଆ ହୋଇଥିଲେ ପଛରେ ଓ ତାଙ୍କ ଆଖିରେ ଲୁହ । କେଜାଣି ତାହା ସତ ନା ମିଛ, ଅବା ହେଇ ଥାଇପାରେ ଅବସୋସର, ଅନୁଶୋଚନାର । ଯାହା ବି ହେଉ, ସମସ୍ତଙ୍କ ସମବେଦନା କିନ୍ତୁ ତାଙ୍କ ପ୍ରତି ହିଁ ଥିବାର ଲକ୍ଷ୍ୟ କରୁଥିଲା ମାମା । ଆଉ ଏତେ ବର୍ଷ ଧରି ସେ ଯେ ଜେଜେଙ୍କ ଯତ୍ନ ନେଇ ନ ଥିଲେ, ଗଣ୍ଡାଏ ଖାଇବାକୁ ଦେଇ ନ ଥିଲେ, ଠୋପାଏ ତେଲ ମାଖିବାକୁ ଦେଇ ନ ଥିଲେ, କି ପୁଅର କାଣିଚାଏ କର୍ତ୍ତବ୍ୟ ସେ କରି ନ ଥିଲେ ସେ କଥା ସେ ସମୟରେ ଯେମିତି ସଭିଏଁ ପାଶୋରି ଯାଇଥିଲେ । ଅଥଚ, ବାରବର୍ଷର ଝିଅ ମାମା ଯାହା କଲା, ତାହା ଇତିହାସର କଳଙ୍କିତ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଲା ପରି ଯେମିତି ସମସ୍ତଙ୍କ ମନ ମସ୍ତିଷ୍କରେ ବିଷ ଓ ଘୃଣା ଭରି ଦେଇଥିଲା । କେଜାଣି, ମାମା ଠିକ୍ କରିଥିଲା ନା ଭୁଲ୍ କଷ୍ଟରେ କିନ୍ତୁ ତା'ର ଛାତି ରୁନ୍ଧିହୋଇ ଆସୁଥିଲା । ଗହଳି ଭିତରୁ କେହି ଜଣେ ବୃଦ୍ଧା ମାମା ଉଦ୍ଦେଶ୍ୟରେ ଖୁବ୍ କଟୁକଥା ସବୁ ଓଗାଳୁଥିଲେ, "ଏ ଟୋକୀ ଏବରୁ ଏଡ଼େ, ପାଣି ପାଇଲେ ଇଏ ହେବ କେଡ଼େ ?" ପାଖରେ ଥିବା ଅନ୍ୟ ସମସ୍ତ ସ୍ତ୍ରୀପୁରୁଷଙ୍କ ମୁଖରୁ କେବଳ ଘୃଣା ସୂଚକ ଶବ୍ଦ ନିର୍ଗତ ହେଉଥିବାର ମାମା ବେଶ୍ ଶୁଣି ପାରୁଥିଲା । ବାପାମାଆ ବଡ଼ବାପାଙ୍କୁ ହାତଯୋଡ଼ି କ୍ଷମା ମାଗିଲେ ଓ ଜେଜେଙ୍କୁ କାନ୍ଧେଇବାକୁ ଅନୁରୋଧ କଲେ । ଜେଜେଙ୍କ ଶବ ସହ ଗାଆଁ ଲୋକଙ୍କ ପଟୁଆର

ଚାଲିଥାଏ । ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ ଡାକରାରେ ଫାଟି ପଡୁଥାଏ ଦାଣ୍ଡ । ମାଆ କେବେଠୁ ସଞ୍ଚି ରଖିଥିବା ଖଇ କଉଡି ବିଞ୍ଚିବିଞ୍ଚି ଗାଆଁଲୋକ ଚାଲିଥାନ୍ତି ମଶାଣି ଆଡ଼କୁ । ଏକଲୟରେ ଚାହିଁ ରହିଥାଏ ମାମା । ତା' କାନରେ କେବଳ ଜେଜେଙ୍କ ସେଇ କେଇ ପଦ କଥା ହିଁ ଅନୁରଣିତ ହେଉଥାଏ । ହେଇପାରେ ତାହା ଜେଜେଙ୍କ କ୍ରୋଧ ଓ ଅଭିମାନ ମିଶ୍ରିତ କଟୁକ୍ତି, କିନ୍ତୁ ଜେଜେଙ୍କ ପରି ସତ୍‌ପୁରୁଷଙ୍କ କଥାକୁ ମାମାର ସରଳ ନିଷ୍ପାପ, କୋମଳ ହୃଦୟ ସତ ବୋଲି ଧରି ନେଇଥିଲା । ଆଉ ସେ କଥାକୁ କାମରେ ପ୍ରକାଶ କରି ଯେ ସେ ଏତେ କୁତ୍ସିତ, ଘୃଣିତ, ଅପମାନିତ ହେବ, ସେ କଥା ସେ କେବେ ଭାବି ନ ଥିଲା । ଅପ୍ରାପ୍ତବୟସ୍କ ଛୋଟ ଝିଅଟିର ଏଭଳି କାଣ୍ଡ ହୁଏତ ଅନ୍ୟମାନଙ୍କ ଆଖିରେ ଅପ୍ରାଧ ହୋଇପାରେ, ମାତ୍ର ବଡ଼ବାପା ଆଉ ବଡ଼ମା, କାହା ଆଗରେ ସ୍ୱୀକାର ନ କଲେ ବି ମନଭିତରେ କିନ୍ତୁ ଦୋଷୀପଣଟେ ଆବୋରି ଛଟପଟ କରୁଥିବ ନିଶ୍ଚିତ । ହଁ, ଏହା ଥିଲା ମାମାର ଦୃଢ ବିଶ୍ୱାସ । ମନେମନେ ସ୍ୱଗତୋକ୍ତି କରୁଥିଲା ମାମା, ହାଏରେ ଅନ୍ଧ ସମାଜର ଅନ୍ଧପୁଟୁଳିବନ୍ଧା ମଣିଷମାନେ, ଭୁଲକୁ ଭୁଲ୍ ବୋଲି କହିବାକୁ ଏତେ କୁଣ୍ଠିତ କାହିଁକି ? ବଡ଼ମାନେ କରୁଥିବା ଭୁଲକୁ ଛୋଟ ପିଲା ଅଜ୍ଞତାବଶତଃ ଆବେଗରେ ସୂଚେଇଦେଲେ ତାହା ପାପ କିମ୍ବା ଅପରାଧ ହେଇଯାଏ କି ? ହୁଃ ! ଯେଉଁଠି ହାତୀଟିଏ ଗଳିଯାଏ ସହଜରେ, ସେଠି ପିମ୍ପୁଡ଼ୀଟିଏ ଗଳିବା ଖୁବ୍ କଷ୍ଟ ହେଇଯାଏ ସତରେ ।

ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର - ୭୬୭୦୨୩

କ ବି ତା

ଦଶମ ଭିତରର ପ୍ରେମ

ସଂଜୀବ ପଣ୍ଡା

ସ୍କୁଲ ପିଲା ପ୍ରେମରେ ପଡ଼ିଲେ
ଛାତିରେ ତା' ନିଆଁ ଲାଗେ
ଗନ୍ଧ ହତା ଡେଇଁ ହାଟରେ ଚହଟେ ।
ହଠାତ୍ ଅଟକିଯାଏ ସମୟ
ଶିର୍ ଶିର୍ ମଳୟ ବହେ ମନ ଉପବନେ
ଅଙ୍ଗଭଙ୍ଗୀ, କଥାବାର୍ତ୍ତା ବଦଳେ
ବଦଳିଯାଏ ଚାଲିଚଳଣି ।

ସାତ ପିରିୟଡ଼ରେ ଶୋଷ ମାଡ଼େ ସତର ଥର
ନଳକୂପ ପାଖକୁ ଧାଏଁ ବାରମ୍ବାର
ବୁଝିହୁଏ ନାହିଁ
କି ପ୍ରକାର ଶୋଷ କେଜାଣି ।

ଶ୍ରେଣୀରେ 'ଏ ପ୍ଲସ୍ ବି'ର ହୋଲ୍ ସ୍କୋୟାର' ପଢ଼ାଇଲା ବେଳେ
ଅସଂଖ୍ୟ 'ଏ' ଓ 'ବି' ଡେଇଁ ପଡ଼ନ୍ତି ବ୍ଲାକବୋର୍ଡରୁ
ନେଇଯାଆନ୍ତି ତାକୁ
ସ୍କୁଲ ପଛପଟ ସାଇକେଲ୍ ଷ୍ଟାଣ୍ଡକୁ
ଯେଉଁଠି କାନ୍ଥରେ ପାନପତ୍ର ଆଙ୍କି
ଭିତରେ ଲେଖାଥାଏ 'ଏ ପ୍ଲସ୍ ବି' ।

ପ୍ରାର୍ଥନା ସଭାରେ ଆଖି ବନ୍ଦ କଲେ
ସାମ୍ନାରେ ପହଁରି ବୁଲେ ଯେଉଁ ଲମ୍ବା ବେଣୀ ଯୋଡ଼େ
ଗୋଟେ ଲିପିଷ୍ଟିକ୍ ମଖା ଓଠ
କଜ୍ଜଳ ଲଗା ଆଖି ହଳେ
ସେସବୁ ତା'ର ।
ଆଖି ଖୋଲିଲେ ଯାହା ଦିଶେ
ସବୁଥିରେ ତାକୁ ହିଁ ଭେଟେ
ଜହ୍ନରେ, ଗୋଲାପରେ, ସାହିତ୍ୟ ବହିରେ, ସିନେମା ଗୀତରେ ।

ଦଶମ ଭିତରର ଅଧିକାଂଶ ପ୍ରେମ ଏମିତି
ଯେମିତି ଫେସ୍‌ବୁକ୍ ଷ୍ଟାଟସ୍
ଯାହା ବି ଖେଳ ସମୟର କୁଟିଳ ବନ୍ଧନୀ ଭିତରେ
ତଥାପି ଆଉ କିଛି ବାଟ ଚାଲନ୍ତି ପାଦରେ ପାଦ ପକାଇ
ହାତରେ ହାତ ଛନ୍ଦି ଜୀବନ ପଥରେ ।

ଭବାନୀପାଟଣା, କଳାହାଣ୍ଡି
ମୋ.: ୯୬୫୮୭ ୧୫୨୨୬

ଅସ୍ତିତ୍ୱ

ଦେବଯାନୀ ଦାସ

ନୂଆ ବୋଉ,ନୂଆ ବୋଉ କହି ପଶି ଆସିଲେ ନିଖିଳ ଆଉ ସୀମା କୋଳରେ ମୁଣ୍ଡରଖି ଅଖିଳଙ୍କ କୋଳରେ ଗୋଡ଼ ଲମ୍ବେଇ ଦେଲେ ।

ଖୁବ୍ ଅପ୍ରସ୍ତୁତ ହେଇଗଲା ସୀମା ।

ନୂଆ ବାହା ହେଇଥିବା ସ୍ୱାମୀ ସ୍ତ୍ରୀଙ୍କ ଶୋଇବା ଘର ଭିତରକୁ ଏମିତି କେହି କ'ଣ ପଶି ଆସିପାରେ ହଠାତ୍ !

ପୁଣି ଯେତେବେଳେ ଅଖିଳ 'ମେରା ବଚା' କହି ତାଙ୍କୁ ଆଲିଙ୍ଗନ କଲେ ସେତେବେଳେ ତ ସୀମାକୁ ଆହୁରି ଅଡୁଆ ଲାଗିଲା । ମାତ୍ର ବର୍ଷେ ସାନ, ସାନଭାଇକୁ ମେରା ବଚା କହିବା କେମିତି ଅଡୁଆ ଲାଗିଥିଲା ସୀମାକୁ ।

ଶାଶୁ, ଶ୍ୱଶୁର, ଜେଜେ ଶ୍ୱଶୁର, ଦିଅର ନିଖିଳ ଓ ସ୍ୱାମୀ ଅଖିଳଙ୍କୁ ନେଇ ତା' ଶାଶୂଘରର ପରିବାର । ଦିନ କେତେଟାରେ ହିଁ ସେ ଅନୁଭବ କରି ସାରିଥିଲା ଶାଶୂଘରର ସଂଜ୍ଞା ସମ୍ପୂର୍ଣ ଭିନ୍ନ ଏଠି । ସବୁ ପ୍ରକାର ସ୍ନେହ ଶ୍ରଦ୍ଧା, ସ୍ୱାଧୀନତା ଅଖିଳ ଦେଇଥିଲେ ତାକୁ, କେବଳ ଅଖିଳ ନୁହେଁ ଶାଶୂ ଶ୍ୱଶୁର ଜେଜେ ଶ୍ୱଶୁର ସମସ୍ତେ,ଯେତିକି କି ସେ ତା' ନିଜ ଘରେ ବାପାମାଆଙ୍କ ପାଖରେ ମଧ୍ୟ ପାଇ ନ ଥିଲା ।

ଅଖିଳଙ୍କ ବ୍ୟକ୍ତିତ୍ୱ ତାକୁ ବିଭୋର କରି ରଖୁଥିଲା । ସାରା ପରିବାର ପ୍ରତି ଖୁବ୍ ଯତ୍ନଶୀଳ ଅଖିଳ ସାନଭାଇ ନିଖିଳଙ୍କୁ ତ ସତରେ ପିଲା ପରି ଦେଖୁଥିଲେ ।

ଅଖିଳଙ୍କ ପ୍ରେମ ଓ ସମ୍ମାନ ତଥା ପରିବାରର ଆତ୍ମୀୟତା ତାକୁ ଦୁନିଆର ସବୁଠୁ ଭାଗ୍ୟବତୀ ନାରୀ ବୋଲି ଅନୁଭବ କରାଉଥିଲା ।

ଯୋଉଦିନ ଝିଅ ସୃଷ୍ଟିଆସିବାର ଖବର ଜଣାପଡ଼ିଲା ସେଦିନ ସେ ପରିବାରର ଖୁସି ଏକ ଉତ୍ସବରେ ପରିଣତ ହେଇଗଲା । ତା'ପର ଠାରୁ ପରିବାରର ପ୍ରତିଟି ସଦସ୍ୟ ତା' ପ୍ରତି ଯତ୍ନଶୀଳ, ସେମାନଙ୍କ ମଧ୍ୟରେ ନିଖିଳ ବି । ତାଙ୍କର ଅନ୍ତରଙ୍ଗ ବନ୍ଧୁ କେହି ଜଣେ ଯେମିତି ଆସୁଛି ସେମିତି ଗୀତ ଗାଇ ଗାଇ ଛୋଟ ପିଲାଙ୍କ ଭଳି ନାଚିବାରେ ଲାଗିଲେ । ମେରା ଦୋସ୍ତ ଆ ରହା ହେ...

ସୃଷ୍ଟି ଆସିଲା । ଲକ୍ଷ୍ମୀଙ୍କୁ ସ୍ୱାଗତ କଲା ପରି ସୃଷ୍ଟିକୁ ସ୍ୱାଗତ କଲେ ପରିବାର ଲୋକେ ।

ତା' ପରଠାରୁ ପ୍ରତିଟି ଦିନ ସୀମା ପାଇଁ ଆହୁରି ମଧୁମୟ । ଅଖିଳଙ୍କ ପ୍ରେମ ଯେମିତି ହଜାରେ ଗୁଣ ବଢ଼ିଗଲା । ନିଖିଳ ସବୁବେଳେ କିଛି ନା କିଛି ଗୀତର ସୁର ଧରି ସୃଷ୍ଟି ପାଖରେ ରହୁଥିଲେ । ସୃଷ୍ଟି କିଛି ବୁଝୁ କି ନ ବୁଝୁ ତା' ସହ କଥା ହେଉଥିଲେ ।

ଏକ ଦୁର୍ଘଟଣାରେ ଗୋଟେ ଗୋଡ଼ ହରେଇ ମୁଣ୍ଡରେ ହେଇଥିବା ମାଡ଼ ଯୋଗୁ ସବୁବେଳେ ଚୁପ୍ ବସି ରହୁଥିବା ଶ୍ୱଶୁର ମଧ୍ୟ ତା' ମୁଣ୍ଡରେ ହାତ ମାରି ତାକୁ ଆଶୀର୍ବାଦ ଦେଇଥିଲେ । ଝିଅଟିଏକୁ ଜନ୍ମ ଦେଇଛି ବୋଲି କାହାରି ମନ ଏତେ ଟିକେ ବି ଉଣା ନ ଥିଲା ।

ପରିବାରଟି ଏକ ସ୍ୱର୍ଗୀୟ ସଚଳତା ମଧ୍ୟରେ ସମୟକୁ ଅନୁଭବ କରୁଥିବା ସମୟରେ ଦେହ ଖରାପ ହେଲା ଅଖିଳଙ୍କର ।

ଜ୍ୱର ସାଙ୍ଗକୁ ନିଃଶ୍ୱାସ ନେବାରେ କଷ୍ଟ । ଡାକ୍ତର ପରାମର୍ଶ କରି ଔଷଧ ଆଣିଲେ ନିଖିଳ ।

ଅଖିଳଙ୍କ କଷ୍ଟରେ ସୀମା ଅସ୍ଥିର ହେଇପଡ଼ିଲା । ରାତି ଅନିଦ୍ରା ହେଇ ତାଙ୍କୁ ଜଗି ବସିଲା । ଆନୁଷଙ୍ଗିକ ସେବା ମନପ୍ରାଣଦେଇ କରିବା ସାଙ୍ଗକୁ ଅଖିଳଙ୍କୁ ଭଲ କରିଦେବାକୁ ପ୍ରାର୍ଥନା କରିଚାଲିଲା । ପିଲାବେଳୁ ଯେତିକି ଦେବଦେବୀଙ୍କୁ ଜାଣିଛି ଅଖିଳଙ୍କ ପାଖରେ ବସି ଅହରହ ସ୍ମରଣ କରୁଥିଲା ।

କିନ୍ତୁ ଔଷଧ କାମ କରୁ ନ ଥିଲା । ଅଖିଳଙ୍କ ଦେହ ବେଶୀ ଖରାପ ହେବାରୁ ତାଙ୍କୁ ଡାକ୍ତରଖାନା ନିଆଗଲା ।

ସାଙ୍ଗରେ ସୀମା ଆଉ ନିଖିଳ ।

ଆଇ.ସି.ଇଉ.ରେ ରଖାଗଲା ତାଙ୍କୁ ।

ଦୁଇ ଦିନ ପରେ ସେ ଭିତରୁ ବାହାରିଲେ ଅଖିଳ । ସୀମା ଭାବିଲା ଅଖିଳ ଭଲ ହୋଇଗଲେ । ଦୁଇଦିନ ଧରି ସେ ଖାଇବା ପିଇବା ଭୁଲି ଯାଇଥିଲା । ଏମିତି କି ସୃଷ୍ଟିର ଯତ୍ନ ବି ସେ ନେଇ ପାରୁ ନ ଥିଲା ଠିକ୍‌ରେ । ସବୁ ଦେବଦେବୀଙ୍କୁ ଧନ୍ୟବାଦ ଦେଇ ଅଖିଳ୍‌ଙ୍କ ପାଖକୁ ଦୌଡ଼ିଗଲା ସୀମା । ଆଉ ନିଖିଳ ବି ।

କିନ୍ତୁ ଏ କଣ, ଅଖିଳ ତ ସୁସ୍ଥ ହେଇନାହାନ୍ତି । ବିକଳ ହୋଇ କେବେ ସୀମାକୁ ତ କେବେ ନିଖିଳଙ୍କୁ ଅଖିଳ କହୁଥିଲେ ମୋତେ ବଞ୍ଚାଅ ମୋତେ ବଞ୍ଚାଅ, ଭାରି କଷ୍ଟହେଉଛି, ହସ୍ପିଟାଲରୁ ନେଇ ମୋତେ ଜଙ୍ଗଲକୁ ନେଇଯାଅ ଯୋଉଠି ଶୁଦ୍ଧ ଅମ୍ଳଜାନ ମିଳିପାରିବ । ପୁଣି ସୃଷ୍ଟିକୁ ଦେଖିବାକୁ ଇଚ୍ଛା କରୁଥିଲେ ।

ଏମିତି କ'ଣ କ'ଣ ସବୁ କହୁକହୁ ସୀମା ହାତ ଭିତରେ ତାଙ୍କ ହାତ କୋହଳ ପଡ଼ିଗଲା । ଆଖି ସୀମାର ଆଖିରେ ସ୍ଥିର ହେଇଗଲା । ଭାଇ ବୋଲି ନିଖିଳ ଚିତ୍କାର କରି କାନ୍ଦି ଉଠିବା ବେଳକୁ ଚେତା ହରାଇ ପଡ଼ିଲା ସୀମା ସେଇଠି । ତା'ପରେ ସେଠୁ ସେ କେମିତି ଘରକୁ ଆସିଛି, ତା' ଭିତରେ ଅଖିଳଙ୍କ ଦାହସଂସ୍କାର ସରିଛି ସେ କିଛି ଜାଣିନି । ଦୁଇଦିନ ପରେ ତା'ର ଚେତା ଫେରିବା ବେଳକୁ ପୂରା ପରିବାର ନିସ୍ତବ୍ଧ ।

କୋଡ଼ିଏ ଘଣ୍ଟା ପରେ ତା'ର ଚେତା ଫେରିଥିଲା । ପୁଣି ଗୋଟେ ଦିନ ଯାଏ ମଝିରେ ମଝିରେ ସେ ଚେତା ହରାଉ ଥିଲା । ତା' ବାପା ମାଆ ତା' ପାଖରେ ଥିଲେ । ସୃଷ୍ଟି ବିକଳ ହେଇ କାନ୍ଦୁଥିଲା । କ୍ଷୀର ଖାଉଥିବା ପିଲାଟି ଏତେ ସମୟ ଧରି କେମିତି ରହିଛି ଭାବିବାକୁ ବି ତା' ପାଖରେ ଶକ୍ତି ନଥିଲା ।

ଅଖିଳ ଯିବାପରେ ଜେଜେ ଶ୍ୱଶୁରଙ୍କ ଅବସ୍ଥା ସଙ୍କଟମୟ ,ସୀମା ଟିକେ ସୁସ୍ଥ ହେବାପରେ ତାଙ୍କ ପାଖକୁ ଗଲା ।

ତାକୁ ଦେଖୁ ଦେଖୁ ଭୋ ଭୋ ହେଇ କାନ୍ଦିଲେ ସେ ।

-ମାଆରେ କ'ଣ ସବୁ ହେଇଗଲା ..

ତା' ମୁଣ୍ଡରେ ହାତ ମାରିଲେ... ଏ ପରିବାରକୁ ଛାଡ଼ି କେବେ ଯିବୁନି ମାଆ, ସୃଷ୍ଟିକୁ ଅଲଗା କରିବୁନି ଆମମାନଙ୍କ ପାଖରୁ ..

କହୁ କହୁ ସେ ବି ଶେଷନିଃଶ୍ୱାସ ତ୍ୟାଗକଲେ ।

ସୀମାକୁ ଏତିକି କହିବା ପାଇଁ ଯେମିତି ସେ ଅପେକ୍ଷା କରିଥିଲେ ।

ଘରର ଦୁଇ ଦୁଇଟି ମୂରବୀ ମୁଣ୍ଡ ଚଳି ପଡ଼ିବା ପରେ ବ୍ୟବସାୟରେ କ୍ଷତି ହେବାରେ ଲାଗିଲା । ଶ୍ୱଶୁର ତ ବ୍ୟବସାୟ କିଛି ବୁଝିବା ଅବସ୍ଥାରେ ନ ଥିଲେ, ତାଙ୍କ ଦୁର୍ଘଟଣା ପରଠାରୁ ଅଖିଳ ତାଙ୍କ ବ୍ୟବସାୟ ଚଳାଇ ଆସୁଥିଲେ ।

ସ୍ନେହର ବଳୟ ଡେଇଁ ଦୁନିଆ ଦେଖି ନ ଥିବା ସୀମା କ'ଣ କରିବ ବୁଝି ପାରୁ ନଥିଲା । ମଣିଷ ଜୀବନର ଏ ଚରମ ସତ୍ୟକୁ ସମୟ ପୂର୍ବରୁ ଗ୍ରହଣ କରିବା ଅସମ୍ଭବ ହେଇ ପଡୁଥିଲା ତା' ପାଇଁ ।

ଏ ଶୂନ୍ୟସ୍ଥାନ କେବେ ପୂରଣ ହୁଏନି କିନ୍ତୁ ସମୟ ତା' ହାତ ସଞ୍ଜାଳି ବଞ୍ଚିବା ଶିଖାଏ ।

କେବେ କିଛି ଦାୟିତ୍ୱ ନେଇ ନ ଥିବା ନିଖିଳ ଏବେ ବ୍ୟବସାୟକୁ ଧୀରେ ଧୀରେ ଅକ୍ତିଆର କଲେ ।

ଅଖିଳଙ୍କ ସହ ବିତେଇଥିବା ମୁହୂର୍ତ୍ତ ଙ୍କୁ ପାଥେୟ କରି ତାଙ୍କ ସନ୍ତକକୁ ଛାତିରେ ଜବୁଡ଼ି, ତାଙ୍କ ସତ୍ତା କୁ ଆତ୍ମସ୍ଥ କରି ବଞ୍ଚିବା ଶିଖିଲା ସୀମା ।

ସୃଷ୍ଟି ବି ଧୀରେ ଧୀରେ ବଢିଲା...

ସୀମାର ବାପା ପହଁଚିଲେ ସେଦିନ । ସୀମାକୁ କିଛି ଦିନ ପାଇଁ ତାଙ୍କ ଘରକୁ ନେଇ ଯିବାକୁ ଚାହିଁଲେ ।

-'ହଁ ଯାଉ,କିଛି ଦିନ ବାପାମା'ଙ୍କ ପାଖରେ ରହିଲେ ମନ ବହରିଯିବ ତା'ର ।' ଶାଶୁ କହିଲେ ।

ସୀମା ଆସିଲା ବାପାଙ୍କ ସହ । କିଛିଦିନର ରହଣୀ ଭିତରେ ଶାଶୁ ସବୁଦିନେ ଫୋନ୍ କରି ତା' କଥା ଓ ସୃଷ୍ଟି କଥା ବୁଝୁଥିଲେ । ନିଖିଳ ଆସି ସୃଷ୍ଟିକୁ ଦେଖା କରି ଯାଉଥିଲେ । ଗୋଟେ ସହର ଭିତରେ ଘର ହେଇଥିବାରୁ ନିଖିଳଙ୍କୁ ସୁବିଧା ହେଉଥିଲା ସୃଷ୍ଟିକୁ ଦେଖିଯିବା ପାଇଁ ।

ଦିନେ ସୀମାର ମୁଣ୍ଡ କୁଣ୍ଢେଇ ଦେଉଦେଉ ମାଆ ସୀମାକୁ ଦ୍ୱିତୀୟ ବିବାହ ବିଷୟରେ କହିଲା ।

- କେତେ ବା ବୟସ ଏବେ ତୋର ମା, ଲମ୍ବା ଜୀବନ ପଡ଼ିଛି ତୋର । ଗ୍ରାଜୁଏସନ ପରେ ତୋ' ବାହାଘର କରି ଦେଇଥିବାରୁ ତୋ'

ବାପା ଏବେ ଅପରାଧବୋଧ କରୁଛନ୍ତି । ଆହୁରି ପଢ଼ିଥାନ୍ତୁ, ଚାକିରି କଲାପରେ ତୋ' ବାହାଘର କରିବା ଉଚିତ୍ ଥିଲା ତାଙ୍କର । ଭଲ ପ୍ରସ୍ତାବଟେ ଆସିଲା ବୋଲି ମନା କରି ପାରିଲେନି । ନହେଲେ ତୋ ସାଙ୍ଗମାନେ ତ ଏବେ ବି ବାହା ହେଇନାହାନ୍ତି ।

-ସେ କଥା ଏବେ ଆଉ କାହିଁକି ମା । ଅଖିଳଙ୍କ ସହ ଯେତେଦିନ ରହିଛି,ସେଇ ସ୍ମୃତି ହିଁ ସାରା ଜୀବନ ପାଇଁ ବଞ୍ଚିବାର ପ୍ରେରଣା ହେବ ମୋର ।

-ଏ କଥା ସବୁ ଶୁଣିବାକୁ ଭଲ ଲାଗେ ମା, ବାସ୍ତବ ଜୀବନ ଅନେକ କଷ୍ଟ । ଦୁନିଆ ବିଷୟରେ ତୁ କେତେ ବା ଜାଣିଛୁ । ଚଳିବା ପାଇଁ ପଇସା ବି ତ ଦରକାର, ସାଙ୍ଗକୁ ସାହାରା ବି ।

ଆମେ ଏଠି ସେଠି ପ୍ରସ୍ତାବ ଦେଲୁଣି, ତୋ' ବାପାଙ୍କ ପିଲା ବେଳର ସାଙ୍ଗ ବଂଶୀବାବୁ ତାଙ୍କ ପୁଅ ପାଇଁ ତୋତେ ବୋହୂ କରିବାକୁ ଚାହୁଁ ଥିଲେ ସବୁଦିନେ । କିନ୍ତୁ ତୋ' ବାହାଘର ଆମେ ଅନ୍ୟଠି କରେଇ ଦେଇଥିଲୁ । ଏ ଘଟଣା ପରେ ବଂଶୀବାବୁ ରାଜି ଅଛନ୍ତି । ପୁଅ ବି ରାଜି ଅଛି ।

ଏ କଥା କହୁକହୁ ଶାଶୁଙ୍କୁ ଏ ବିଷୟରେ ଫୋନ୍ କଲା ମାଆ ।

ସେପଟୁ ଶାଶୁ କହିଲେ, ସୀମା ଓ ସୃଷ୍ଟିକୁ ନେଇ ଆପଣ କାଲି ଆସନ୍ତୁ ।ଏଇଠି ସେ ବିଷୟରେ କଥା ହେବା ।

ପରଦିନ ସୀମା ଓ ସୃଷ୍ଟିକୁ ନେଇ ତା' ଶାଶୁ ଘରେ ପହଁଚିଲେ ବାପା ମାଆ ।

ସୀମାର ଶାଶୁ ଶଶୁର ତା' ବାପାମା'ଙ୍କୁ କହିଲେ, ଏ କଥା ଆପଣ ମାନେ ଭାବିବା ପୂର୍ବରୁ ଆମେ ଭାବିଲୁଣି, ଜମା ବାଇଶ ବର୍ଷର ପିଲାଟେ ସୀମା, ସାରା ଜୀବନ ସେ ଏକୁଟିଆ ରହିବ କେମିତି । ଆମେ ତ ଆଉ ସବୁଦିନେ ତା' ପାଖରେ ନ ଥିବୁ । ଆଉ କାହା ଘରକୁ ଯାଇ କେଉଁ ସ୍ଥିତିରେ ରହିବ ସୀମା ସେ ନେଇ ଆମର ଚିନ୍ତା, ପୁଣି ସୃଷ୍ଟି ! ଅନ୍ୟର ଝିଅକୁ କିଏ କେମିତି ଗ୍ରହଣ କରିବ ? କିଏ କେମିତି ନଜର ପକେଇବ ଏସବୁ ଆମେ ଅନେକ ଭାବୁଛୁ ।

ତେଣୁ ଆମେ ନିଷ୍ପତ୍ତି ନେଇଛୁ ସୀମା ଆମ ବୋହୂ ହେଇ ଥିଲା, ବୋହୂ ହେଇରହିବ, ଆମରି ଘରେ ।

- ମାନେ ?

- ମାନେ ନିଖିଲ ସହ ଆମେ ସୀମାର ବାହାଘର କରିବୁ ।

- ନିଖିଲ ! ତାକୁ ପଚାରିଛନ୍ତି ଏ ବିଷୟରେ ?

- ନା,ପଚାରି ନାହୁଁ, କିନ୍ତୁ ତାକୁ ମୁଁ ବୁଝାଇ ଦେବି । ଆଜି ଯାଏଁ ମୋର କୌଣସି କଥାରୁ ବାହାରି ଯାଇନି ସେ । ମୋର ବିଶ୍ୱାସ ସେ ମୋ କଥା ମାନିବ ।

ଆପତ୍ତି କରନ୍ତୁନି ଆଜ୍ଞା, ସୀମାକୁ ବି ବୁଝାନ୍ତୁ ।

'ମୋ ଅଖିଳର ସନ୍ତକକୁ ଆଉ କାହା ଘରକୁ ଦେଇ ପାରିବିନି ମୁଁ'.. କହୁକହୁ କାନ୍ଦି ଉଠିଲେ ଶାଶୁ ଓ ଏ ପ୍ରସ୍ତାବରେ ରାଜି ହେଇଯିବା ପାଇଁ, ଶାଶୁ ସୀମାର ବାପାମା' ଙ୍କୁ ବିନୟ ହେଲେ ।

କିଛି ସମୟ ଦୁଇ ସମୁଦ୍ରୀ ଓ ଦୁଇ ସମୁଦୁଣୀଙ୍କ ଭିତରେ କଥା ଚାଲିଲା ।

କିନ୍ତୁ କେହି ବି ଥରେ ନା ନିଖିଲଙ୍କ ମତ ଜାଣିବାକୁ ଚାହିଁଲେ ନା ସୀମାର ନିଷ୍ପତ୍ତି ହିଁ ଶୁଣାଇ ଦିଆଗଲା ଉଭୟଙ୍କୁ ।

ଆଉ

ଦୁଇ ପଟ ପରିବାର ର ନିଷ୍ପତ୍ତି ଓ ସମ୍ମତି କ୍ରମେ ବିବାହ ସମ୍ପନ୍ନ ହେଇଗଲା ନିଖିଲଙ୍କ ସହ ସୀମାର ।

ଏତେ ହଠାତ୍ ଯେ ନା ବୁଝି ପାରୁଥିଲା କିଛି ନିଖିଲ ନା ବି ସୀମା । ଦୁଇ ପରିବାର ର ନିଷ୍ପତ୍ତି ବଜ୍ର ପରି ଶିକୁଳି ଲଗେଇ ଦେଲା ଦୁଇ ଜଣଙ୍କ ହାତରେ, ଯାହା ଆଗେଇ ପାରୁ ନ ଥିଲା ହୃଦୟ ପର୍ଯ୍ୟନ୍ତ । ଭିତରେ ଭିତରେ ସୀମା ଚିତ୍କାର କରୁଥିଲା ନା ନା ନା....

ନିଖିଲ ତ ଯେମିତି ଚଳନ୍ତା ମେସିନ୍‌ଟିଏ, ଭାଇ ଯିବା ଦିନରୁ ସେ ଯେମିତି ସ୍ଥିର ପଥରଟିଏ । ଅସମ୍ଭବ ଭାବେ ଉଦାସ ଆଖି ଦୁଇରେ ପରିବାରର ଦାୟିତ୍ୱ । ଅପରିପକ୍ୱ ଓ ଅନଭ୍ୟସ୍ତ ମସ୍ତିଷ୍କରେ ଗୁରୁରାଣର ଚିନ୍ତା ।

ଚତୁର୍ଥୀ ପିଣ୍ଡ ପଡ଼ି ସରିଲା ପରେ ଦୁଇଜଣଙ୍କର ଶୋଇବା ଘର ଗୋଟେ ହେଲା ।

ଅଖିଳମୟ ସୀମାର ପ୍ରାଣ, ଆଖି ବୁଜି ପଲଙ୍କର ଧାରକୁ ଡେରି ବସିଥିଲା ସେ, ଗୋଟାପଣେ ଲୁହରେ ଆକ୍ରାମାକ୍ରା ହେଇ ।

ସୋଫା ଉପରେ ନିଖିଲ ମୁଁହ ମାଡି ପଡ଼ିଛନ୍ତି । ଶୋଇଛନ୍ତି କି କ'ଣ କରୁଛନ୍ତି ଜାଣି ହେଉନି ।

ନିଖିଲ.. ଯାହାକୁ ଅଖିଳ ସବୁବେଳେ 'ମେରା ବଚା' କହି ଆଲିଙ୍ଗନ କରୁଥିଲେ ଆଉ ନୂଆବୋଉ ନୂଆବୋଉ କହି ସବୁବେଳେ ପିଲା ଭଳି ହେଉଥିଲେ ତା' ପାଖରେ ସେଇ ନିଖିଲ ଆଜି ତା'ର ସ୍ୱାମୀ । ମୁଣ୍ଡ କ'ଣ ହେଇ ଯାଉଥିଲା ସୀମାର ।

ଅନେକ ରାତି ଯାଏଁ ନିଦ ହେଇ ନ ଥିଲା ତାକୁ । ପରଦିନ ଉଠିବା ବେଳକୁ ନିଖିଲ ଯାଇ ସାରିଥିଲେ ନିଜ କର୍ମକ୍ଷେତ୍ରକୁ ।

ବିଳମ୍ବିତ ରାତିରେ ଫେରିବା ବେଳକୁ ଉଦାସ ଚେହେରା ତାଙ୍କର, ଆଖିରେ ଜକେଇ ଆସୁଥିବା ଲୁହ । ବାହାରୁ ଖାଇକି ଆସିଛି କହି ସୋଫା ଉପରେ ମୁଁହ ମାଡ଼ି ଶୋଇଲେ ନିଖିଲ ।

ଏଣିକି ଅଫିସ ପରେ ଘରକୁ ନ ଆସି ସାଙ୍ଗମାନଙ୍କ ସହ ସମୟ ବିତେଇବା, ରାତି ଖାଇବା ସମୟରେ ପରିବାରର ସମସ୍ତେ ଏକ ସଙ୍ଗେ ଖାଇବାର ଯେଉଁ ରୀତି ଏ ଯାଏଁ ସେ ପରିବାରରେ ଚଳି ଆସିଥିଲା

ତାକୁ ଭାଙ୍ଗିବା..ଏସବୁ କରି ଚାଲିଲେ ନିଖିଲ ।

ରାତି ଖାଇବା ସମୟରେ ତାଙ୍କୁ ବାରମ୍ବାର ଫୋନ୍ କରୁଥିବେ ଶାଶୁ, କେବେ ଏ ସାଙ୍ଗ ଘରେ ଭୋଜି ତ କେବେ ହୋଟେଲରେ ପାର୍ଟି, କେବେ ପିକ୍‌ନିକ୍ । ସୀମା ଉଠିବା ପୂର୍ବରୁ ବାହାରି ଯାଉଥିଲେ ନିଖିଲ ଆଉ ସୃଷ୍ଟିକୁ ଧରି ସୀମା ଶୋଇବା ପରେ ସେ ଆସି ସୋଫା ଉପରେ ମୁଁହ ମାଡ଼ି ଶୋଇ ପଡୁଥିଲେ । ସୃଷ୍ଟି ସହ ବି ଭଲ ଭାବେ କଥା ହେଉ ନ ଥିଲେ ସେ ।

ସୀମା ଜାଣୁ ଥିଲା ତାକୁ ସାମ୍ନା କରିବାକୁ ଚାହୁଁ ନାହାନ୍ତି ନିଖିଲ, ଗ୍ରହଣ କରି ପାରୁ ନାହାଁନ୍ତି ସ୍ତ୍ରୀ ଭାବେ । ଚେତନ ଅବଚେତନରେ ଅଖିଳଙ୍କ ଉପସ୍ଥିତି ଭିତରେ ସୀମା ହୃଦୟରେ ବି ନିଖିଲଙ୍କ ପାଇଁ ସ୍ୱାମୀ ରୂପରେ ଜାଗାଟିଏ କାହିଁ ଯେ.... ।

ସେଦିନ ଘରକୁ ଶୀଘ୍ର ଫେରିବାକୁ ଶାଶୁ ନିଖିଲଙ୍କୁ ଜୋର୍ କରି ଜିଦି କରୁଥିବାର ଶୁଣିଲା ସୀମା । ସେ ଆସିବା ପରେ ଗୋଟେ ଘରକୁ ଡାକି ନେଇ କ'ଣ ସବୁ ବୁଝାଉଥିଲେ ଶାଶୁ । ସେ ଘର ଭିତରୁ ବାହାରିବା ବେଳକୁ ଉଭୟଙ୍କ ଆଖିରେ ଲୁହ ଥିଲା ।

ଡାଇନିଂ ଟେବୁଲରେ ରାତି ଖାଇବା ସମୟରେ ସମସ୍ତଙ୍କ ଉପସ୍ଥିତି, ମାତ୍ର ସମସ୍ତେ ନୀରବ । ଖାଇବାକୁ ପଡୁଛି ବୋଲି ଯିଏ ଯାହାର ଖାଇବା ସାରିବେ କେମିତି, ଯେମିତି ସମସ୍ତଙ୍କ ଉପରେ ବୋଝ ।

ଅଖିଳ ଥିବା ସମୟରେ ରାତିର ଏଇ ଖାଇବା ସମୟଟି ଯେମିତି ଦିନ ସାରାର ଯିଏ ଯାହାର କାମ ପରେ ପରସ୍ପରକୁ ପ୍ରକାଶ କରିବାର ଆସରଟିଏ । ହସ ଖୁସି ମଜାରେ ଖାଇବା କେମିତି ସରିଯାଏ ଜଣା ପଡ଼େନି ।

ଅଖିଳ ବସିଥିବା ଚେୟାରଟି ଏବେ ଖାଲି ପଡ଼ିଛି । ତାଙ୍କ ପାଖ ଚେୟାରଟି ନିଖିଲଙ୍କର । ଖାଉଥିବା ସମୟରେ କେବେ ନିଖିଲଙ୍କ ମୁଣ୍ଡ ସାଉଁଳେଉଥିଲେ ତ କେବେ କାନ୍ଧରେ ହାତ ପକେଇ ଖାଉଥିଲେ ଅଖିଳ ।

ଆଉ ସୃଷ୍ଟି ଆସିବା ପରେ ଗୋଟେ ଗୋଡ଼ ପାପାର କାନ୍ଧରେ ତ ଆଉ ଗୋଟେ ଗୋଡ଼ କାକାର କାନ୍ଧରେ ରଖୁଥିଲା । ସୀମା ଖୁଆଉ ଥିଲା ତାକୁ । ଆନନ୍ଦର ସେ ପରିବେଶ ଆଜି ଅତି କଠୋର ଭାବେ ନୀରବ ।

ସମୟ ଧିରେ ଧିରେ ସାବଲୀଳ କଲା ସବୁକିଛିକୁ ନିଖିଲ ଓ ସୀମାଙ୍କ ଭିତରେ ଘରୋଇ କଥାବାର୍ତ୍ତା,ବିଜ୍‌ନେସ୍ ଆଲୋଚନା ହେବାରେ ଲାଗିଲା । କିନ୍ତୁ ସବୁଠି ଅଖିଳଙ୍କ ଉପସ୍ଥିତି ପୁଣି କେବେ କଥାର ମାଧ୍ୟମ ସୃଷ୍ଟି । ଭଲପାଇବାର ଡୋରରେ ବନ୍ଧା ଦିଅର ଓ ଭାଉଜର ଛଳଛଳ ସମ୍ପର୍କ ଆଜି ଟଣାଓଟରାର ସେତୁଟିଏ ଯେମିତି ।

ସୃଷ୍ଟି ବଡ଼ ହେଲା, ଚାଲିଲା , ଦୌଡିଲା । ଟିକେ ଟିକେ କଥା ବି କହିଲା । ଦରୋଟି ଭାଷାରେ ନିଖିଲଙ୍କୁ ପାପା ଡାକିଲା । ତାହାଲେ ଏ ଜନ୍ମ ପାଇଁ ଅଖିଳ ଅତୀତ ଆଉ ନିଖିଲ ତା' ବର୍ତ୍ତମାନ ଆଉ ଭବିଷ୍ୟତ !

ଏ କଥା ଅନେକ ଥର ଶାଶୁ ତାକୁ କହି ବୁଝେଇଲେଣି । କିନ୍ତୁ ସେ ଗ୍ରହଣ କରିପାରୁନି କାହିଁକି ?

ଶାଶୁ ପୁଣି ବୁଝାଉଛନ୍ତି ଅଖିଳ ସ୍ୱର୍ଗରେ ଥାଇ ବି ଚାହେଁ ସେଇଆ । ସୃଷ୍ଟିର ସୁରକ୍ଷିତ ଭବିଷ୍ୟତ । ତୁ ଆଉ ସୃଷ୍ଟି ଭଲରେ ରହିଲେ ତା' ଆତ୍ମା ଶାନ୍ତି ପାଇବ । ସେଇଥି ପାଇଁ ତ ଆମେ ତୋତେ ଆଉ କାହା ଘରକୁ ନ ପଠାଇ ଏଇ ଘରେ ହିଁ ରଖିଲୁ ମା, କହୁ କହୁ କାନ୍ଦି ଉଠିଲେ ଶାଶୁ ।

ସତରେ ତ ଠିକ୍ ଅଖିଳ ଙ୍କ ଭଳି ନିଖିଲ ବି ଯତ୍ନ ନେଉଛନ୍ତି ତାର ଓ ସୃଷ୍ଟି ର । ଟିକେ କିଛି ଅସୁବିଧାରେ ବ୍ୟସ୍ତ ହେଇ ପଡୁଛନ୍ତି ତାଙ୍କ ଭଳି ।

ସେଦିନ ସୀମାର ଦେହ ଭଲ ଲାଗୁ ନ ଥିଲା ଜମା । ତାକୁ ଔଷଧ ଦେଇସାରି ନିଖିଲ ସୋଫା ଉପରେ ଯାଇ ଶୋଇଲେ । ଔଷଧ ଖାଇ ସାରିବା ପରେ ବି ଆଦୌ ନିଦ ହେଲାନି ସୀମାକୁ । ସୃଷ୍ଟି କେତେବେଳୁ ଶୋଇଲାଣି । ଅନେଇଲା ସେ ନିଖିଲଙ୍କୁ, ଅଖିଳଙ୍କ ଚେହେରା ଛାପିଯାଇଛି ନିଖିଲଙ୍କ ସବୁ ଅଙ୍ଗରେ । ତାକୁ ଲାଗିଲା ଯେମିତି ସେ ଅଖିଳଙ୍କୁ ହିଁ ଦେଖୁଛି । ତା' ଦେହ ହାତ କେମିତି ଗୋଟେ ଥରିବାକୁ ଲାଗିଲା । ଭାରି ଅସ୍ଥିର ଲାଗିଲା ତାକୁ ।

ପଲଙ୍କରୁ ଉଠି ନିଖିଲଙ୍କ ପାଖକୁ ଆସିଲା ସୀମା ।

ସୋଫା ଉପରେ ମୁଁହ ମାଡ଼ି ଶୋଇଥିବା ନିଖିଲଙ୍କ ପାଖରେ ବସିଲା । ନିଖିଲ ଉଠି ପଡ଼ିଲେ ।

ଏକସାଙ୍ଗରେ କାନ୍ଦିଲେ ଦୁଇଜଣ । କିଏ କାହାର ସାନ୍ତ୍ୱନା ହେବ,କିଏ କାହାକୁ ବୁଝାଇବ ।

ଗୋଟିଏ ମଣିଷକୁ ଭଲ ପାଉଥିବା ଦୁଇଟି ଦୁଃଖୀ ମଣିଷ ନିଜର ଦୁଃଖ ପରସ୍ପର ସହ ବାଣ୍ଟୁ ବାଣ୍ଟୁ ଦୁର୍ବଳ ମୁହୂର୍ତ୍ତ ର ଶିକାର ହେଲେ । ଯାହା ସାମାଜିକ ସ୍ୱୀକୃତି ସହ ପରିବାର ଚାହୁଁଥିଲା । ଏକ ହେଲେ ସେମାନେ ମନରେ, ଶରୀରରେ ।

ଗାଢ଼ ନିଦରେ ଶୋଇଲା ସୀମା । ନିଖିଲ ବି ଆଜି ପ୍ରଥମ ଥର ପାଇଁ ସୋଫା ଛାଡ଼ି ପଲଙ୍କରେ ଶୋଇଲେ ।

କିନ୍ତୁ ସକାଳୁ ଉଠିବା ବେଳକୁ ନିଖିଲ ଅଫିସ ଯାଇ ସାରିଥିଲେ । ଶାଶୁ ଓ ପଙ୍କୁ ଶ୍ୱଶୁର ଚଳ ଚଞ୍ଚଳ ଲାଗୁଥିଲେ ।

କିନ୍ତୁ ସେଦିନ ରାତିରେ ଘରକୁ ଫେରିଲେନି ନିଖିଲ । ସାଙ୍ଗ ଘରେ ପାର୍ଟି ଅଛି କହି ରହିଲେ । ତା' ପରଦିନକୁ ଫେରିଲେ ଯେ ମଦ ପିଇ ।

ସାଧା ପାନଟିଏ ବି ଖାଇଲେ ମୁଣ୍ଡ ବୁଲେଇବ କହି ଗୁଆ କାଢ଼ି

ପକେଇ ଦେଉଥିବା ନିଖିଲ ମଦ ପିଇ ଆସିଛନ୍ତି ଘରକୁ । ସମସ୍ତଙ୍କ ପାଇଁ ଯେତିକି ଆଶ୍ଚର୍ଯ୍ୟ ସେତିକି ଦୁଃଖର କଥାଟିଏ ଥିଲା ।

ପାଖାପାଖି ଗୋଟେ ମାସ ତାଙ୍କୁ ପଚାରିବା ବୁଝାଇବା ଭିତରେ ଦିନ ଗଡ଼ିଲା । ଆଉ କେବେ ପିଇବିନି କହିବା ପରେ ବି ରାତିରେ ଫେରିବା ବେଳକୁ ସେଇ ଅବସ୍ଥା ।

ଯେଉଁଦିନ ଜଣା ପଡ଼ିଲା ନିଖିଲଙ୍କ ସନ୍ତାନକୁ ଗର୍ଭରେ ଧାରଣ କରିଛି ସୀମା, ସେଦିନ ଶାଶୁ ଶ୍ୱଶୁର ଖୁବ୍ ପ୍ରସନ୍ନ ଦିଶିଲେ । ମାତ୍ର ନିଖିଲ...କାହିଁ ତାଙ୍କ ମଧ୍ୟରେ ଆନନ୍ଦର ଲେଶ ମାତ୍ର ଚିହ୍ନ !

ବାପା ହେଉଛନ୍ତି ସେ, ଅଥଚ ଅତି ସାଧାରଣ କଥାଟିଏ ପରି ଶୁଣିଲେ ଆଉ ନିଜ କାମ କରି ଚାଲିଲେ । କିଛି ସମୟ ପରେ କ'ଣ ସବୁ ନେଇ ଅଫିସ ବାହାରିଗଲେ ।

ରାତି ଖାଇବା ସମୟ ଡେରି ହେଇ ଯାଉଥିଲା । ଶାଶୁ ନିଖିଲଙ୍କୁ ଫୋନ୍ କରୁଥିଲେ, ତାଙ୍କ ଫୋନ୍ ଲାଗୁ ନ ଥିଲା । ବ୍ୟସ୍ତ ହେଇ ପଡୁଥିଲେ ସେ ତ ସୀମା ବି ବ୍ୟସ୍ତ ହେଉଥିଲା ।

କୋଉ ସାଙ୍ଗ ଘରେ କି ବାହାରେ କୋଉଠି ଖାଇବାର ଥିଲେ ସେ ତ ଜଣାଇଥାନ୍ତେ ।

କିଛି ସମୟ ପରେ ତାଙ୍କ ଫୋନ୍ ରୁ କଲ ଆସିଲା ଶାଶୁଙ୍କ ପାଖକୁ । ତାଙ୍କର ଜଣେ ସାଙ୍ଗ କହୁଥିଲା ନିଖିଲର ଏକ୍ସିଡ଼େଣ୍ଟ ହେଇଛି । ତାକୁ ନେଇ ଆମେ ଘରକୁ ଯାଉଛୁ ।

ଫୋନ୍ କଟିଗଲା । ଦୁର୍ଘଟଣା ହେଇଛି କିନ୍ତୁ କ'ଣ ହେଇଛି ପଚାରିବା ପୂର୍ବରୁ ଫୋନ୍ କଟିଗଲା ଯେ ଆଉ ଲାଗିଲାନି । ସନ୍ଧ୍ୟାରୁ ପାଗ ମେଘୁଆ ଥିଲା ଏବକୁ ବର୍ଷା ବିଜୁଳି ଘଡ଼ଘଡ଼ି ଜୋର୍ ଆରମ୍ଭ ହେଇ ଯାଇଥିଲା । ଘରର ସମସ୍ତେ ତ୍ରସ୍ତ । ସାଙ୍ଗଟି କୋଉଠୁ କହୁଥିଲା ବି ପଚାରି ହେଇନି ।

ପ୍ରାୟ ଘଣ୍ଟାଏ ପରେ ନିଖିଲ ନୁହେଁ ତାଙ୍କ ମୃତ ଶରୀରକୁ ନେଇ ପହଁଚିଲେ ସାଙ୍ଗମାନେ । ନୀରବରେ ଶୋଇଛନ୍ତି ନିଖିଲ । କୋଉଠି କିଛି ଖଣ୍ଡିଆ ଖାବରାର ଚିହ୍ନ ନାହିଁ । ଘରକୁ ଫେରିବା ସମୟରେ ଗୋଟେ ଗଛରେ ବାଡ଼େଇ ଯାଇଥିଲା ବାଇକ୍ ଓ ସେ ଛିଟିକି ପଡ଼ିଥିଲେ ବୋଲି ସାଙ୍ଗମାନେ କହୁଛନ୍ତି ।

ପଛ ପଟ ମୁଣ୍ଡ ମାଡ଼ ହେଇଛି ବୋଲି ସମସ୍ତେ କହୁଛନ୍ତି ।

ପୁଣିଥରେ ଚେତା ହରାଇଲା ସୀମା । ଡାକ୍ତରଖାନା ରେ ଭର୍ତ୍ତି ହେଲା । କିଛିଦିନ ପରେ ଡାକ୍ତରଖାନାରୁ ଘରକୁ ଆସିଲା ।

ଶୋଇବା ଘର ଝରକା ଖୋଲି ବସିଲା ସେ । କେତେ ଦୁଃଖ ସହିବା ପାଇଁ ଛାତିରେ ଶକ୍ତି ଥାଏ !

ନିଖିଲଙ୍କ ମୃତ୍ୟୁ ଦୁର୍ଘଟଣା ଥିଲା ନା ଆତ୍ମହତ୍ୟା ?

କେତେ ସହଜରେ ନିଜକୁ ମୁକ୍ତ କରିନେଲେ ନିଖିଲ ଏସବୁ ଅନ୍ତର୍ଦାହରୁ । ସେ ବି ମୁକ୍ତ କରିପାରି ଥାଆନ୍ତା ତ ନିଜକୁ ଏତେସବୁ ଯନ୍ତ୍ରଣା ଭିତରୁ ।

ନା, ମାଆଟିଏ କ'ଣ କେବେ ଆତ୍ମହତ୍ୟା କରିପାରେ !

ଜଣେ ଶିଶୁ କୋଳରେ ଓ ଆଉ ଜଣେ ଗର୍ଭରେ । ଜଣେ ଅଖିଳଙ୍କ ଉତ୍ତରାଧିକାରୀ ତ ଆଉ ଜଣେ ନିଖିଲ ଙ୍କ ସନ୍ତକ । ସଂସାରର ରାସ୍ତା ପାରି କରିବାର ଧୈର୍ଯ୍ୟ ଥିବା ଦୃଢ଼ ଛାତିଟିଏ ବୋଧେ ଈଶ୍ୱର ଦେଇଥାନ୍ତି କେବଳ ମାଆକୁ । ସେ ମୁକ୍ତି ପାଇବ କେମିତି !

ସମାଜ ଲୋକଙ୍କ ଟିପ୍ପଣୀ ବଢ଼ିବାରେ ଲାଗିଲା । ଅଲକ୍ଷଣୀ କୁଲକ୍ଷଣୀ ଡାହାଣୀ । ଶାଶୁ ଢାଲ ଭଳି ସେମାନଙ୍କୁ ସାମ୍ନା କରୁଥିଲେ । କହୁଥିଲେ ଯିଏ ଯେତେଦିନ ଯାଏଁ ଆୟୁଷ ନେଇ ଆସିଛି ସିଏ ସେ ଯାଏଁ ଏ ସଂସାରରେ ରହିବ । ଏଥିପାଇଁ ଆଉ କେହି କୁଲକ୍ଷଣୀ କି ଡାହାଣୀ ହେଇଯାଏନା ।

ଦୁଇ ଦୁଇଟି ପୁଅକୁ ହରାଇଥିବା ମାଆଙ୍କର ଏ ରୂପରେ ସୀମା ତାର ସମସ୍ତ ଅସ୍ତିତ୍ୱ ବିସର୍ଜନ ଦେଉଥିଲା । ମର୍ତ୍ତ୍ୟ ରେ ବି ଦେବୀ ଥାଆନ୍ତି ଅନୁଭବ ହେଉଥିଲା ତାକୁ,ଭୋ ଭୋ ହେଇ ଛାତି କୋରି କାନ୍ଦି ଉଠିଲା ସୀମା ।

ସୀମାକୁ ଛାତିକୁ ଆଉଜେଇ ଶାଶୁ ଅନେକ ବୁଝାଉଥିଲେ । କହୁଥିଲେ, କାହାରି କଥା କିଛି ଶୁଣ ନା ମା, ତୁ ହିଁ ଆମ ପୁଅ ବୋହୂ ଝିଅ ସବୁକିଛି ।

ଶାଶୁଙ୍କୁ କୁଣ୍ଢେଇ ଧରି କିଛି ସମୟ କାନ୍ଦିବା ପରେ ସୀମା ଆଖିରେ ସବୁଯାକ ଲୁହ ଶୁଖିଯାଇଥିଲା । ତା' ଭିତରୁ କେହି ତାକୁ ଦୃଢ଼ରୁ ଦୃଢ଼ତର,କଠିନ ରୁ କଠିନତର ହେବାକୁ ପ୍ରରୋଚିତ କରୁଥିଲା । ଘରର ବ୍ୟବସାୟ ସମ୍ଭାଳିବା, ପିଲା ଦୁଇଜଣଙ୍କର ଭବିଷ୍ୟତ,ଶାଶୂ ଶ୍ୱଶୁରଙ୍କ ଦାୟିତ୍ୱ ସବୁ ଯେ ତା'ରି ଉପରେ ।

ସମାଜ ଲୋକଙ୍କ ଟିପ୍ପଣୀ ବଢୁଥିଲା । ଯାହା ବୁଝିବା ପାଇଁ ଅସମର୍ଥ ଥିଲା ଯେ ଜଣେ ନାରୀ ମଧ୍ୟରେ ଥାଏ କେତେ କେତେ ଦାହ ଆଉ ଦହନ, ପୁଣି ଦୁର୍ଘଟଣା ଭଳି ଘଟି ଯାଉଥାଏ କେତେ କେତେ ମୃତ୍ୟୁ ପୁଣି କେତେ କେତେ ଜୀବନ ।

ଶାଶୁ ତାକୁ ବୁଝାଉଥିଲେ । ତାଙ୍କ ଛାତିରେ ସୀମାର ଆଖି ମୁଦି ହେଇଆସୁଥିଲା ।

ତଥାପି, ନିଖିଲଙ୍କ ମୃତ୍ୟୁ ଦୁର୍ଘଟଣା ଥିଲା ନା ଆତ୍ମହତ୍ୟା,ଏବେ ବି ତା' ବୋଧର ବାହାରେ ଥିଲା ।

ଶ୍ରୀନିକସ ଇଞ୍ଜିନିୟରିଂ କଲେଜ ପାଖ
ଶ୍ରୀକଷ୍ଣପୁର ଚୁନ ଭାଟି ଲେନ, ବାଲେଶ୍ୱର

ଯେ ପକ୍ଷୀ ଉଡ଼େ

ଡ. ସ୍ମୃତି ପଟ୍ଟନାୟକ

ପନ୍ଦର ବର୍ଷ ତଳେ ଏକ ଶୀତୁଆ ସନ୍ଧ୍ୟାରେ ଚା' କପ୍ ଧରି ରୋଜି ଘରେ ବାଲକୋନୀରେ ବସିଥାଏ, ତଳେ ଗ୍ରିଲ୍ ପାଖରେ କିଏ ଜଣେ ଜୋରରେ ଗେଟ୍ ବାଡ଼େଇବା ଶବ୍ଦରେ ତଳକୁ ଆସିଲା ସେ, ଦେଖିଲା ଜଣେ ଭଦ୍ର ବ୍ୟକ୍ତି ଛିଡ଼ା ହୋଇଛନ୍ତି, ତାଙ୍କ ପାଖରେ ଝିଅଟିଏ ଛିଡ଼ା ହୋଇଛି, ସେ ଭଦ୍ରବ୍ୟକ୍ତି ନମସ୍କାର କଲେ ପଚାରିଲେ ଆପଣ କେମିଷ୍ଟ୍ରି ମ୍ୟାଡାମ୍ ? ହଁ କହିଲା ସେ, କହିଲେ ଇଏ ମୋ' ଝିଅ ମ୍ୟାଡ଼ାମ୍, ତା'ପରେ ଝିଅଟି ରୋଜିକୁ ପାଦ ଛୁଇଁ ପ୍ରଣାମ କଲା । କହିଲା "ମିସ୍, ମୁଁ ଡି.ଏ.ଭି ସ୍କୁଲରେ ଷ୍ଟାଣ୍ଡାର୍ଡ ଇଲେଭେନ୍‌ରେ ପଢୁଛି, ମୋର କେମିଷ୍ଟ୍ରି ଜମା ହଉନି ମୁଁ କ୍ଲାସ୍‌ରେ କିଛି ବୁଝିପାରୁନି, ଆପଣ ମୋତେ ଟିକେ ପଢ଼ାନ୍ତୁ, ମିସ୍ ପ୍ଲିଜ୍ ମନା କରନ୍ତୁନି" ।

କ'ଣ ଉତ୍ତର ଦେବ କିଛି ଭାବି ପାରୁ ନ ଥିଲା ରୋଜି କାରଣ ସେତେବେଳେ ସେ ଯୁକ୍ତ ଦୁଇ ପିଲାଙ୍କୁ (କାଉନସିଲ୍) ଖାଲି କୋଚିଂ ଦେଉଥିଲା ଘରେ, ସିବିଏସଇ ପିଲାଙ୍କୁ ପଢ଼ାଉ ନ ଥିଲା, ଝିଅଟି ତା' ନୀରବତାକୁ ଏଡ଼ାଇବା ପାଇଁ କହିଲା "ମିସ୍ ମୋ ନାଁ ସାଇକ୍ଲୋନି,ମୁଁ କାଲିଠାରୁ ଆସିବି ସଂଧ୍ୟା ଛଅଟା ବେଳକୁ" । ବଲବଲହୋଇ ଚାହିଁ ରହିଥିଲା ତାକୁ ରୋଜି, ତା'କଥାରେ ଏତେ ଶକ୍ତି ଥିଲା ଯେ ସେ ନୀରବ ସମ୍ମତି ଜଣାଇଥିଲା । ତା'ର ଫେରିବାର ବାଟକୁ କିଛି ସମୟ ପର୍ଯ୍ୟନ୍ତ ଅନାଇ ରହିଥିଲା ।

ତା' ପରଦିନ ଠିକ୍ ସଂଧ୍ୟା ଛଅଟାରେ ସାଇକ୍ଲୋନି ଆସି ପହଞ୍ଚିଲା, ଠାକୁରଙ୍କ ପାଖରେ ଧୂପ ଦେଇ ଡ୍ରଇଁରୁମ୍‌ରେ ରୋଜି ବସିଥିଲା, ସେ ଆଗ ପ୍ରଣାମ କଲା, ତା' ପରେ କହିଲା ମିସ୍ ମୁଁ କେମିଷ୍ଟ୍ରିରେ ଷାଠିଏ ପର୍ସେଣ୍ଟଜ୍ ରଖି ପାରିବି ତ ?

ହଁ ନିଶ୍ଚୟ ରଖିପାରିବୁ କହିଲା ରୋଜି ।

ସେ କହିଲା କେମିକାଲ ରିଆକ୍ସନସ୍ ମୋର ଜମାରୁ ହଉନି, ଭାରି ଡିଫିକଲ୍ଟ ଲାଗୁଛି ମିସ୍ ।

ଦେଖିବୁ ତୁ ଭଲରେ ବୁଝିଗଲା ପରେ କେତେ ସହଜ ଲାଗିବ । ସେ ତା'ପରେ ପଢ଼ା ଆରମ୍ଭ କଲା, ଗୋଟିଏ ସପ୍ତାହ ପରେ ତା'ର ପାଂଚ ଜଣ ସାଙ୍ଗ ଆସିଲେ ତା' ସହ ପଢିବା ପାଇଁ, ମାସକ ଭିତରେ ସେମାନେ ପଚିଶ ଜଣ ହୋଇଗଲେ, ଆଗରୁ ଯୁକ୍ତ ଦୁଇ ବିଜ୍ଞାନ ପିଲାମାନେ ଗୋଟିଏ ଗ୍ରୁପ୍ ଥିଲେ, ସେମାନେ ବି ପଚିଶ ଜଣ ଥିଲେ, ସରସ୍ୱତୀ ପୂଜା ସମସ୍ତେ ମିଶି କରି କଲେ ସେଇ ବର୍ଷ ରୋଜି ଘରେ । ଭାରି ଖୁସି ଲାଗୁଥିଲା ତାକୁ ପିଲାମାନଙ୍କର ଏତେ ଆଗ୍ରହ ଦେଖି, ରୋଜି ମନ ଭିତରେ ପିଲାମାନଙ୍କୁ ନେଇ ଅନେକ ସ୍ୱପ୍ନ ଓ ଆକାଂକ୍ଷା ଭରି ରହିଥିଲା ତା' ପର ବର୍ଷ ବି ଗଣେଶ ପୂଜା, ସରସ୍ୱତୀ ପୂଜା ଖୁବ୍ ଉତ୍ସାହ ରେ କରିଥିଲେ, ସେଇ ବର୍ଷ କାଉନସିଲ୍ ପରୀକ୍ଷା ଓ ସିବିଏସଇ ବୋର୍ଡ ପରୀକ୍ଷାରେ ସବୁ ପିଲା ଖୁବ୍ ଭଲ ମାର୍କ୍ ରଖିଥିଲେ । ସବୁଠାରୁ

ଖୁସିର କଥା ଥିଲା ଯେ ସାଇକ୍ଲୋନି ସିବିଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ କେମିଷ୍ଟ୍ରିରେ ଶହେରୁ ଶହେ ରଖିଥିଲା । ତା' ମାର୍କ୍ ଦେଖି ସ୍କୁଲରେ ପ୍ରିନ୍‌ସିପାଲ୍ ଓ ଟିଚରସ୍‌ମାନେ ବହୁତ ପ୍ରଶଂସା କରିଥିଲେ ଓ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ । ସେ ବି ଖୁସିରେ ଆତ୍‌ହରା ହୋଇ ଯାଇଥିଲା । ମିଠା ପ୍ୟାକେଟ୍ ଧରି ଆସିଥିଲା ତା' ବାପାଙ୍କ ସହ ରୋଜି ଘରକୁ ।

କିଛି ଦିନ ପରେ ଫୋନ୍‌କରି ସାଇକ୍ଲୋନି ଜଣାଇଥିଲା ମିସ୍ ମୁଁ କେମିଷ୍ଟ୍ରି ଅନର୍ସ ନେଲି ହଂସରାଜ କଲେଜ୍‌ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ । ଖୁସିରେ ବିହ୍ୱଳ ହୋଇ ପଡ଼ିଥିଲା ରୋଜି ସେଦିନ । ସବୁ ଠିକ୍‌ଠାକ୍ ଚାଲିଥିଲା ଗତାନୁଗତିକ ଧାରାରେ । ଯା' ଭିତରେ ତିନି ବର୍ଷ ବିତିଯାଇଥିଲା । ସାଇକ୍ଲୋନିର ଫୋନ୍ କଲ୍ ଆସିଲା ଦିନେ ସକାଳୁ । ରୋଜି ଚା' କପ୍ ଧରି ଖବର କାଗଜ ପଢୁଥିଲା । ଫୋନ୍‌ରେ କାନ୍ଦୁଥିଲା ସେ, କହିଲା ମିସ୍ ବାପା ଚାଲିଗଲେ । ରୋଜି ସ୍ଥିର ହୋଇଯାଇଥିଲା ହଠାତ୍ । ପଚାରିଲା କ'ଣ ହୋଇଥିଲା ତାଙ୍କର ? ହାର୍ଟ୍‌ଆଟାକ୍‌ରେ କହି ପୁଣି ସେ କାନ୍ଦିଲା । ତାକୁ ବହୁତ ବୁଝାଇସୁଝାଇ ଫୋନ୍ ରଖିଲା ରୋଜି ।

ଏମିତିରେ ସାଇକ୍ଲୋନି ଫୋନ୍ ପ୍ରାୟତଃ ମଝିରେ ମଝିରେ ରୋଜିକୁ କରେ । ଥରେ ପାଖାପାଖି ସେ ଛ' ମାସ ଫୋନ୍ କଲା ନାହିଁ । ରୋଜି ତା' ନମ୍ବରକୁ କଲେ ଦିସ୍ ନମ୍ବର ଡଜ୍ ନଟ୍ ଏକ୍‌ଜିଷ୍ଟ ବୋଲି କହୁଥିଲା । ଭାରି ବ୍ୟସ୍ତ ବ୍ୟସ୍ତ ଲାଗୁଥିଲ । ଈଶ୍ୱରଙ୍କୁ ଜଣାଉ ଥିଲା ରୋଜି ଖାଲି ତାକୁ ଭଲରେ ରଖନ୍ତୁ ବୋଲି । ସେଇ ବର୍ଷ ଡିସେମ୍ବର ମାସରେ ଦିଲ୍ଲୀ ଯାଇଥିଲା ରୋଜି ବୁଲିବା ପାଇଁ । ସାଇନ୍ସ ସେଣ୍ଟରରେ ବୁଲୁଥିଲା ବେଳେ ତା'ର ଅଚାନକ ଦେଖା ହୋଇଗଲା ସାଇକ୍ଲୋନି ସହ । ବହୁତ ଝଡ଼ି ଯାଇଥିଲା ସେ । ରୋଜିକୁ ଦେଖି ଅତି ଖୁସି ହୋଇଗଲା କହିଲା ମିସ୍ ମୁଁ ଦିଲ୍ଲୀ ଆଇ.ଆଇ.ଟି.ରେ ପିଜି କରୁଛି । ଆଉ ଗୋଟିଏ କଥା ଆପଣ ଯଦି ରାଗିବେନି ମୁଁ କହିବି । ନା ମୁଁ ରାଗିବିନି ତୁ କହ, ମିସ୍ ମୁଁ ପାର୍ଟଟାଇମ୍ ଜବ୍ କରୁଛି । କୋଚିଂ ସେଣ୍ଟର ରେ ପଢ଼ାଉଛି । ଘରେ ମାଆ ଏକା । ବାପା ବିଜିନେସ୍ କରୁଥିଲେ, ତାଙ୍କ ପରେ ସବୁ ଗଲା । ମୋ ପଢ଼ା ପାଇଁ ଟଙ୍କା ଦରକାର, ସେଥିପାଇଁ ମୁଁ କ୍ଲାସ୍ ସରିଲା ପରେ ସଂଧ୍ୟାରେ ଯାଉଛି । ରୋଜି ତା' କଥା ଶୁଣି ସ୍ତବ୍ଧ ହୋଇଯାଇଥିଲା, ତାକୁ ଅନେକ ଶୁଭାଶିର୍ବାଦ ଦେଇଥିଲା, ତା'ର ଚଲାପଥ ସଦା ପ୍ରସ୍ଫୁଟିତ ହେଉ ବୋଲି କାମନା କରିଥିଲା ।

ତା'ପର ଠାରୁ ଆଉ ସେ ଫୋନ୍ କରି ନଥିଲା । ରୋଜି ବି କଲେଜ୍ ଯିବା ଆସିବା ଓ ଜଞ୍ଜାଳ ମଧ୍ୟରେ ରହି ଯାଇଥିଲା । ଏମିତିରେ ତା' କଥା ସମୟ ଅସମୟରେ ବହୁତ ମନେ ପଡୁଥିଲା ରୋଜିର । ଏବେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ତା' କଥା କୁହେ । ଆଜି ସକାଳୁ ସକାଳୁ ଭୋଅର ପାଂଚଟା ବେଳକୁ ହ୍ୱାଟସ୍ ଆପ୍ ଖୋଲିଲା ବେଳକୁ ତା'ର ଏତେ ବଡ଼ ମେସେଜ ଦେଖି ରୋଜି ପୂରା ଆଶ୍ଚର୍ଯ୍ୟ ହୋଇଗଲା । ସେ ବିଶ୍ୱାସ କରିପାରୁ ନ ଥିଲା ନିଜ ଭିତରେ, ତା' ଫଟୋ ଦେଖି ବିଶ୍ୱାସ କଲା । ନିଜ ବିଷୟରେ ସବୁ ଲେଖିଥିଲା, ସେ ଏବେ ଦିଲ୍ଲୀ ଆଇ.ଆଇ.ଟି.ରେ ଆସିଷ୍ଟାଣ୍ଟ୍ ପ୍ରଫେସର ଅଛି କେମିଷ୍ଟ୍ରି ବିଭାଗରେ । ରୋଜିକୁ ଆଜି ସକାଳ ଖୁବ୍ ରଙ୍ଗୀନ୍ ଲାଗୁଥିଲା, ଏ ପର୍ଯ୍ୟନ୍ତ ବି ସେଇ ମାହୋଲ ରହିଛି ,ଏମିତି ଏକ ସ୍ୱତନ୍ତ୍ର ଦିନ ଆଜି ରୋଜି ପାଇଁ । ତା ତରଫରୁ ସାଇକ୍ଲୋନି ପାଇଁ ଅସରନ୍ତି ଶୁଭକାମନା । ସବୁଠାରୁ ଖୁସିର କଥା ଥିଲା ରୋଜି ପାଇଁ ଯେ ଏବେ ତା'ର ମିଷ୍ଟର୍ ଦିଲ୍ଲୀ ଏମସ୍‌ରେ ନ୍ୟୁରୋଲୋଜି ଡିପାର୍ଟମେଣ୍ଟ ରେ ଆସିଷ୍ଟାଣ୍ଟ୍ ସର୍ଜନ ଅଛନ୍ତି । ସେ ଖୁବ୍ ଖୁସିରେ ଅଛି । ତା' ପାଖରେ ତା'ର ମାଆ ରହୁଛନ୍ତି ।

ରୋଜି ତାକୁ କହିଲା ମୋର ନ୍ୟୁରୋଲୋଜିକାଲ୍ ପ୍ରୋବ୍ଲେମ୍ ଅଛି । ମୁଁ ନିଶ୍ଚୟ ଦିନେ ନା ଦିନେ ତୋ' ପାଖରେ ପହଞ୍ଚିବି ତୋତେ ଆଶ୍ଚର୍ଯ୍ୟ କରି । ସେ ଖାଲି ହସିଲା ଆଉ କହିଲା- ହଉ ମିସ୍ ମୁଁ ଆପଣଙ୍କ ଆସିବା ପଥକୁ ଅନାଇକି ରହିଲି ।

ସାଇକ୍ଲୋନି ସହ କଥା ହୋଇ ଫୋନ୍ ରଖିଲା ରୋଜି । ଈଶ୍ୱର ସବୁଦିନ ଘରେ ଖବରକାଗଜ ଦିଏ । ରୋଜି ଠାକୁର ଘରେ ପୂଜା କରୁଥିଲା ଆଉ ଜଣେ ପିଲା ଖବରକାଗଜ ନେଇ ଆସିଲା । କହିଲା - ଦିଦି ଈଶ୍ୱର ଭାଇ କାଲି ରାତିରେ ଚାଲିଗଲେ । ଏଁ କଣ କହିଲ ? ଆଉ ଥରେ କହିଲ,ସେ ପୁଣି ସେଇ କଥା ଦୋହରାଇଲା । କେମିତି ହେଲା ? ଉଲ୍‌କାପାତ ହେଲା ଯେମିତି ଅଚାନକ । କୋହ ଓ ଆଶ୍ଚର୍ଯ୍ୟ ଭରା କଣ୍ଠରେ ପଚାରିଲା ? ପୁଣି ରୋଜି କହିଲା - ଗତକାଲି ସକାଳେ ମୋ ଠାରୁ ଦଶହରା ଖର୍ଚ୍ଚ ନେଇଥିଲା, କ'ଣ ହେଲା ତା'ର ?

ଦିଦି ଈଶ୍ୱର ଭାଇଙ୍କ ଦେହ ଦିନ ଗୋଟାଏ ବେଳକୁ ଖରାପ ଲାଗିଲା । ଛାତିରେ ଯନ୍ତ୍ରଣା ଅନୁଭବ କଲେ । ଆମେ ସମସ୍ତେ ତାଙ୍କୁ ହସ୍ପିଟାଲ ନେଲୁ । ଡାକ୍ତର ଇସିଜି କରିବାକୁ କହିଲେ । ରିପୋର୍ଟରେ ଅସୁବିଧା ଥିଲା । ଡାକ୍ତର ତାଙ୍କୁ ଗୋଟେ ଇଞ୍ଜେକସନ୍ ଦେଇ ଛାଡ଼ିଦେଲେ । କହିଲେ, ଏବେ ଠିକ୍ ଲାଗିବ କିନ୍ତୁ ସଂଧ୍ୟା ବେଳକୁ କାର୍ଡିଓଲୋଜି ବିଭାଗରେ ଦେଖାଇ ଦେବ । ଦିଦି ରାତି ଆଠଟା ବେଳକୁ ଆମେ ଦୁହେଁ ଗଲୁ କାର୍ଡିଓଲୋଜି ଡାକ୍ତରଙ୍କ ପାଖକୁ । ଟିକେଟ୍ କରି ଲାଇନ୍‌ରେ ରହିଲୁ । ଈଶ୍ୱର ଭାଇ ଛିଡ଼ା ହୋଇକି ରହିଥିଲେ । ହଠାତ୍ ପଡ଼ିଗଲେ । ସମସ୍ତେ ଘେରି ଗଲେ । ଡାକ୍ତର ବି ଉଠି ଆସିଲେ ତାଙ୍କ ଚାମ୍ବରରୁ । ହେଲେ ଈଶ୍ୱର ଭାଇ ଆଉ ନ ଥିଲେ । ପିଲାଟି ଭୋ ଭୋ ହୋଇ କାନ୍ଦୁଥିଲା । ରୋଜି ପାଟିରେ କିଛି ଭାଷା ନ ଥିଲା ତାକୁ ବୁଝାଇବା ପାଇଁ ।

ମନେ ପଡ଼ିଯାଉଥିଲା ତା'ର ପନ୍ଦର ବର୍ଷ ତଳର କଥା ଈଶ୍ୱର ଯେଉଁ ଦିନ ପ୍ରଥମଥର ପାଇଁ ଆସିଥିଲା ଖବରକାଗଜ ଦେବାକୁ । ସେତେବେଳେ ବୟସ ତା'ର କୋଡ଼ିଏ ବର୍ଷ । ସାଇକ୍ଲୋନି ସେଇ ବର୍ଷ ପଢ଼ିବାକୁ ଆସିଲା । ଈଶ୍ୱର ଭାରି ପ୍ରଗଲ୍ଭ ଥିଲା କେତେକେତେ କଥା ଗପୁଥିଲା । ସାରା ଦୁନିଆର କଥା । ସମସ୍ତେ ତାକୁ ବହୁତ ଭଲ ପାଉଥିଲେ । ଭାରି ସ୍ୱଚ୍ଛ ମନର ପିଲାଟିଏ ଥିଲା । ତା'ପର ଠାରୁ ସବୁଦିନ

ଖବରକାଗଜ ଦିଏ । କଦବା କ୍ୱଚିତ୍ ଦେହ ଖରାପ ହେଲେ ସେ ଆସେନି । ରୋଜି ପାଖରେ ପଢୁଥିବା ପିଲାମାନେ ତା'ର ଭଲ ସାଙ୍ଗ ହୋଇ ଯାଇଥିଲେ । ସେ ସମସ୍ତଙ୍କର ପ୍ରିୟ ଈଶ୍ୱର ଭାଇ ଥିଲା । ଦିନେ ପଢୁଥିବା ସମୟରେ ସାଇକ୍ଲୋନିର ତଳିପେଟରେ ଖୁବ୍ ଯନ୍ତ୍ରଣା ହେଲା । ତଳେ ଅସ୍ତବ୍ୟସ୍ତ ହୋଇ ପେଟକୁ ଧରି ଗଡ଼ିଲା । ଅତି ଆକସ୍ମିକ ଭାବେ ଈଶ୍ୱର କୁଆଡେ ଥିଲା ଆସି ପହଞ୍ଚିଲା । ଫାର୍ମାସିଷ୍ଟ୍‌ଙ୍କୁ ଡାକି ଆଣିଲା । ସେ ପେନ୍ କମାଇବା ପାଇଁ ପ୍ରଥମେ ପେନକିଲର୍ ଇଞ୍ଜେକସନ୍ ଦେଲେ । ତା'ପରେ ଅଟୋ ଡାକି ତାକୁ ହସ୍ପିଟାଲ ନେଲା । ରୋଜି ସାଙ୍ଗରେ ଯାଇଥିଲା । ଡାକ୍ତର ସ୍କାନିଂ କଲାପରେ କହିଲେ ଆପେଣ୍ଡିସାଇଟିସ୍ । ଇମିଡିଏଟଲି ଅପରସନ୍ କରିବାକୁ ପଡ଼ିବ । ନହେଲେ ବଡ଼ ଅସୁବିଧା ହେଇଯିବ । ସେଇଟା ଫୁଲି କି ଅଛି, ବ୍ରଷ୍ଟ କରିଯିବ । ରୋଗୀର ଜୀବନ ଚାଲିଯିବ । ରୋଜି ସାଇକ୍ଲୋନିର ବାପାଙ୍କୁ ଖବର ଦେଲା । ସେ ଆସି ପହଞ୍ଚିଲେ, ସାଇକ୍ଲୋନି ଓ.ଟି ଭିତରେ ଥିଲା । ଡାକ୍ତର ଆସି ଖବର ଦେଲେ ଯେ ଅପରେସନ୍ ସରିଗଲା କିନ୍ତୁ ରୋଗୀର ଅବସ୍ଥା ସଂକଟାପନ୍ନ ଅଛି । ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁଁ ବ୍ଲଡ୍ ଦରକାର ହେଉଛି । ଏବି ପଜିଟିଭ ବ୍ଲଡ୍ ଗ୍ରୁପ୍, ଯେମିତି ହେଲେ ଯୋଗାଡ଼ କରିବାକୁ ହେବ । ଡାଇରେକ୍ଟ ଡୋନର୍ ପାଖରୁ ଗଲେ ବେଶି ଶୀଘ୍ର ରୋଗୀ ଆକ୍ଟିଭ୍ ହେଇପାରିବ । ଈଶ୍ୱର ସବୁ ଶୁଣିଲା ପରେ କହିଲା ମୋର ଏବି ପଜିଟିଭ୍ । ମୁଁ ଦେବି ବ୍ଲଡ୍ ସାଇକ୍ଲୋନିକୁ । ସବୁ କାମ ସୁରୁଖୁରୁରେ ହେଇଗଲା । ସାଇକ୍ଲୋନି ପୂରା ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଲା । ତା'ର ବାପା କେମିତି ଧନ୍ୟବାଦ୍ ଦେବେ ଈଶ୍ୱରକୁ ତାଙ୍କ ପାଖରେ ଭାଷା ନଥିଲା । କହୁଥିଲେ "ଈଶ୍ୱର ଆମ ପାଇଁ ସାକ୍ଷାତ୍ ଈଶ୍ୱରଙ୍କ ଅବତାର" ।

ଈଶ୍ୱରକୁ ମାସକୁ ମାସ ପେପର୍ ଦବା ବାବଦରେ ଟଙ୍କା ଦେବା ସବୁଠୁ ବଡ଼ ଚିନ୍ତାର ବିଷୟ ଥିଲା । ଦୁଇ ତିନିମାସ ଚାଲିଗଲେ ବି ଖବରକାଗଜ ଦବାର ସେ କିନ୍ତୁ ଆସି ତା'ର ଦରମା ନିଏନି । ଯଦି ରବିବାର ତାକୁ ଜଗିକି ରୋଜି ବସି ରହିବ ଡ୍ରଇଁରୁମ୍‌ରେ । ତାହାହେଲେ ତାକୁ ଦେଇହେବ ନହେଲେ ବେଳେବଳେ ଛଅ ସାତ ମାସ ହୋଇଯାଏ । ଯଦି କହିଲ କାଇଁ ଠିକ୍ ସମୟରେ ଟଙ୍କାଟା ତମର ନଉନ କହିବ ପଇସା କ'ଣ ବୁଡ଼ିଯାଉଛି ଦିଦି, ଆପଣଙ୍କ ପାଖରେ ଅଛି ତ ?

ଈଶ୍ୱର ବାହାଘରକୁ ବହୁତ ମଜା ହୋଇଥିଲା । ସେ ଭଲପାଇକି କଟକ ଚଣ୍ଡୀ ମନ୍ଦିରରେ ବାହା ହେଲା । ସମସ୍ତ ଶୁଭେଚ୍ଛୁ ଓ ଦୁଇ ପରିବାର ସଦସ୍ୟଙ୍କ ଉପସ୍ଥିତିରେ । ମାଆଙ୍କ ପାଖରେ ମାଛ ଭୋଗ ହେଇଥିଲା ସମସ୍ତେ ଖାଇଲେ । ସତରେ କି ଖୁସିର ମାହୋଲ ଥିଲା ! ତା'ପରେ ଦୁହେଁ ରୋଜି ଘରକୁ ଆସିଥିଲେ । ଖାଇବାକୁ ଡାକିଥିଲା ସେ । ଭାରି ଖୁସିଥିଲେ ଦୁହେଁ ନିଜର ବୈବାହିକ ଜୀବନକୁ ନେଇ । ସେବଠାରୁ ରୋଜିର ପରିବାର ସହ ସୁଖଦୁଃଖରେ ସାମିଲ ହେଉଥିଲେ ଦୁହେଁ । ଈଶ୍ୱରକୁ ସମସ୍ତେ ଭଲପାଉଥିଲେ ତା'ର ରୋକଠୋକ କଥା ପାଇଁ । କାହାର କ'ଣ ଦରକାର ପଡ଼ିଲେ ଈଶ୍ୱର ପହଞ୍ଚି ଯାଉଥିଲା ତାଙ୍କ ପାଖରେ । ତା' ଶକ୍ତି ମୁତାବକ ସବୁ କାମ କରି ଦେଉଥିଲା । ଈଶ୍ୱରର ଏତେ ଦେହ ଖରାପ ଥିଲା ସେ କାହାକୁ ଜଣାଇ ଦେଲାନି କାହିଁକି ? ତା'ର ପ୍ରକୃତ ଘର ମୟୂରଭଞ୍ଜ । ଦୁଇବର୍ଷର ପୁଅ ତା'ର । ତା' ସ୍ତ୍ରୀ ରଚନା ଏବେ କେମିତି ସବୁ ସମ୍ଭାଳିବ ସବୁ ଈଶ୍ୱରର ଅବର୍ତ୍ତମାନରେ

ୟୁ.ଏନ୍.କଲେଜ୍
ଅଡ଼ଶପୁର, କଟକ

କ ବି ତା

ରଙ୍ଗବତୀ

ଲିଙ୍ଗରାଜ ମିଶ୍ର

ଆଜି ତୁମେ କୋଟି ପ୍ରାଣର ସ୍ପନ୍ଦନ ରଙ୍ଗବତୀ ।
ତୁମେ ଏକ ଧ୍ୱନିତ ପ୍ରାଙ୍ଗଣ,
ତୁମେ ଏକ ଉର୍ଜ୍ଜସ୍ୱଳା ବୀଣାର ଝଙ୍କାର,
ତୁମେ ଏକ ଅର୍ଚ୍ଚିସ୍ମତୀ ବହମାନା ନଦୀ,
ତୁମେ ଏକ ରସୋତ୍ତୀର୍ଣ୍ଣା
ଛନ୍ଦ ଉତ୍ତରଣ ।

ଛକ ଛଳ ହାସ୍ୟମୟୀ ରଙ୍ଗବତୀ !
ତୁମେ ସ୍ରବିଯାଅ ଆତରୁଣ ଯୁବକ ପ୍ରାଣକୁ,
ଝଙ୍କାରିତ କରିଦିଅ ସହସ୍ର ଘୁଙ୍ଗୁର ।

ରଙ୍ଗବତୀ ! 'ଅଥା'କୁ ବାରଣ କରି
ତୁମେ ଯେଉଁ କହିଯାଅ 'ହସି ପଦେ କଥା',
ଆଉ ଭରିଦିଅ 'ରଜାର ସପନ'
ନୃତ୍ୟ,ଛନ୍ଦ, ରାଗିଣୀ ତାଳରେ,
ସେଥିରେ ତ ତୁମେ ବହିଯାଅ
ମହାନଦୀ,ବ୍ରାହ୍ମଣୀ ରୂପରେ,
ସତଲେଜ,ନର୍ମଦା ବା ଶିପ୍ରା ଜଳଧାରେ,
ଅବା କେବେ କିତାକାନି ,ଭୋଲ୍‌ଗାର ପୃଷ୍ଠରେ,
ଥେମସ୍ ସିଏନ୍ ବା ନୀଳନଦୀ ଧାରେ ।
ଭୌଗୋଳିକ ସୀମାର ସେପାରେ,
ଭୌଗୋଳିକ ବନ୍ଧନକୁ ଛିନ୍ନ କରି
ବ୍ୟାପିଯାଅ ଦିଗ ଦିଗନ୍ତକୁ ।

ଯୋଗଜନ୍ମା ରଙ୍ଗବତୀ !
ତୁମେ ବାଦ୍ୟ,ତୁମେ ତାଳ,
ତୁମେ ହିଁ ପ୍ରାଣସ୍ପର୍ଶୀ ସଙ୍ଗୀତ ମୂର୍ଚ୍ଛନା,
ତୁମେ ନିଜେ ସ୍ୱାରିକ ଓ ଶାବ୍ଦିକ ମର୍ଯ୍ୟାଦା ।
'ଭଙ୍ଗାଘରେ ଚକାଜହ୍ନ' ତୁମେ
ବିସ୍ତାରିତ ଭାଷାର ଉର୍ଦ୍ଧ୍ୱରେ,
'ବନେ ମହକିତ ମଲ୍ଲୀ'
ମହକିତ ଅଜସ୍ର ଉଦ୍ୟାନେ.
ଏ ମାଟିର ଗନ୍ଧବହା ଯଶସ୍ୱିନୀ !
ଏଇମିତି 'ରଜାର ସପନ'
ଭରିଦିଅ ସବୁରି ଆଖିରେ
ତୁମର ସେ ମଲ୍ଲୀର ସୁଗନ୍ଧେ
ପ୍ରଫୁଲ୍ଲିତ ହେଉଥାଉ
ଶତ ହର୍ମ୍ୟ, ଶତ ନୃତ୍ୟଶାଳା,
ନୃତ୍ୟରତ ହେଉଥାଉ
ଶତ ଶତ ଅନଭ୍ୟସ୍ତ ପଦ ।

ଶ୍ରୀରାମନଗର, ଭବାନୀପାଟଣା

ଯେବେ ସ୍ୱପ୍ନ ଭଙ୍ଗ ହୁଏ

ମନୋଜ ଦଳବେହେରା

ନାତିର ବୋର୍ଡ଼ ପରୀକ୍ଷା ସରିବା ପରେ ଝିଅ ମୋତେ ଡାକିନେଲା ତା'ଘରକୁ । କହିଲା, ବାପା ! କେତେ ଆଉ ଘର ଭିତରେ ବହି ଭିତରେ ମୁଣ୍ଡଗୁଞ୍ଜି ସମୟ କାଟିବ, ଦେହ ଖରାପ ହୋଇଯିବ ଯେ । ଚିଣ୍ଟୁର ତ ପରୀକ୍ଷା ସରିଛି । ଆସ ଆମ ଘରେ କିଛି ଦିନ ରହିବ । ଚଣ୍ଟୁ ଖୁସି ହେବ । ବୋଉ ତ ଗାଈ, ଛେଳି, ଘର ସଂସାର ଛାଡ଼ି ଆସିବ ନାହିଁ । ତୁମେ ହେଲେ ଆସ ।

ଝିଅର କଥାରେ ସିନା ମୁଁ ୱାଇଜାକ୍ ଚାଲିଆସିଲି, ବେଶୀ ଦିନ ରହିପାରିଲି ନାହିଁ । ମୋତେ ଖାଲି ମୋ ଗାଁ, ବାଡ଼ି ବଗିଚା, ମୋ ପଢ଼ାଘର, ବହିଥାକ ମନେପଡ଼ିଲା । ବାଡ଼ି ବଗିଚା କଥା ତ ସ୍ତ୍ରୀ ମଞ୍ଜୁ ବୁଝିଦେଉଥିବ । ହେଲେ ମୋ' ଛୋଟକାଟିଆ ପାଠାଗାର ? ତା'ର ଯତ୍ନ ତ କେହି ନେଉ ନଥିବେ ? କେତେ ଯେ ଧୂଳିର ଆସ୍ତରଣ ବହି ସବୁ ଉପରେ ଜମିଯାଇଥିବ କିଏ କହିବ ? ପୋକ ଲାଗିବଣି ନା କ'ଣ ? ସେ କଥା ସ୍ତ୍ରୀଙ୍କୁ ଫୋନ୍‌ରେ ପଚାରିବାରୁ ସେ କହିଲେ, ପୋକ କୁଆଡୁ ଲାଗିବ, ଅସଲ ପୋକ ତ ତୁମେ । ତୁମେ ତ ନାହଁ । ପ୍ରଥମେ ମୁଁ କିଛି ଠଉରେଇ ପାରିଲି ନାହିଁ । ପରେ ବୁଝି ମନକୁ ମନ ହସିଲି । ଓହୋ ! ମୋତେ ପରା ମୋ ସାନ ଶାଳକ ମହୋଦୟ ଥଟ୍ଟାରେ ଡାକେ ଗ୍ରନ୍ଥକୀଟ ବୋଲି ।

ନାତି ଚିଣ୍ଟୁ କହିଲା, ଅଜା ତମେ ତ ଏଇମାତ୍ର କେତେଦିନ ହେଲା ଆସିଛ, ଏତେ ବ୍ୟସ୍ତ କାହିଁକି ହେଉଛ ଯିବାକୁ ? ଆଈକୁ ଛାଡ଼ି ରହିପାରୁନ କି ? ବେଦମ୍ ହସିଲା ସେ । ମୁଁ ଅନ୍ୟମନସ୍କ ହେଲି । ସତରେ ଏଇ କିଛିଦିନ ଭିତରେ ମୁଁ ଅଣନିଃଶ୍ୱାସୀ ହୋଇପଡ଼ିଲିଣି । ଟିଭି ଦର୍ଶନ ପ୍ରତି ଅନାଗ୍ରହୀ ଏହି ମଣିଷ ଜଣକ କିପରି ବୁଝାଇବ, ବହି ପଢ଼ିବାରେ ଯେଉଁ ଆନନ୍ଦ ଥାଏ ଅନ୍ୟ କୌଣସିରେ ନଥାଏ ବୋଲି । ତା'ପରେ ତାଙ୍କ ଝିଅ ଘର ଏମିତି ଏକ ଘର, ଯେଉଁଥିରେ ମୋବାଇଲ, ଟିଭି, କମ୍ପ୍ୟୁଟର ସବୁ ମିଳିବ କିନ୍ତୁ ବହି ଗୋଟିଏ ମିଳିବ ନାହିଁ । ଯେତେବେଳେ ଯାହାକୁ ଦେଖିବ ସମସ୍ତେ ମୋବାଇଲ ଫୋନ୍ ଭିତରେ ମୁହଁଗୁଞ୍ଜି ବସିଥିବେ । ପରସ୍ପର ମଧ୍ୟରେ ଟିକିଏ ହସ, ଖୁସି କିମ୍ବା କଥାବାର୍ତ୍ତା ନାହିଁ । ଏଭଳି ପରିବେଶ ସହ ଖାପ ଖୁଆଇ ନପାରି ଶେଷରେ ଗାଆଁକୁ ଫେରିବାକୁ ସ୍ଥିରକଲି ।

ଏୟାରପୋର୍ଟରେ ପୁଅର ସାଙ୍ଗ ଅପେକ୍ଷା କରିଥିଲା । ତା' ସହିତ ତା' କାରରେ ଗାଆଁକୁ ଫେରିଲି । ସେ କ'ଣ ଏକ ପ୍ରୋଜେକ୍ଟ କାମରେ ଆମ ଗାଆଁକୁ ଯାଉଥିବାରୁ ମୋତେ ଏୟାରପୋର୍ଟରୁ ପିକ୍‌ଅପ୍ କରି ନେଇଯିବ ବୋଲି ପୁଅ ଜଣାଇଥିଲା । ବାଟରେ କଥାବାର୍ତ୍ତାରୁ ଜାଣିଲି, ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ କୌଶଳ ବିକାଶ କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ଆମ ଗାଆଁରେ ତା' ଏନଜିଓ ମାଧ୍ୟମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି । ଯୁବକ ଜଣକଙ୍କ ମହତ୍ ଯୋଜନା ବିଷୟରେ ଜାଣି ଖୁସି ହେଲି । ହେଲେ ସେ ଖୁସି ବେଶୀ ସମୟ ରହିଲା ନାହିଁ ଯେତେବେଳେ ଜାଣିଲି, ଏହି ପ୍ରୋଜେକ୍ଟ ପାଇଁ ସେ ଆମ ଘରେ

କିଛି ମାସ ରହିବ । କେବଳ ସେତିକି ନୁହଁ, ମୋ' ସ୍ତ୍ରୀ ମଞ୍ଜୁ ଓ ମୋ' ପୁଅ ତା' ରହିବା ପାଇଁ ଯେଉଁ କୋଠରୀର ବନ୍ଦୋବସ୍ତ କରିଛନ୍ତି; ତାହା ଆଉ କେଉଁଟା ନୁହେଁ ତାହା ମୋ ପଢ଼ାଘର । ପାଦତଳୁ ମୋ' ପୃଥିବୀ ହଟିଗଲା ଯେମିତି । ହୃଦୟର ସ୍ପନ୍ଦନ ଦ୍ରୁତଗତିରେ ବଢ଼ିଗଲା । ମୁଁ କହିଲି, ବାବୁ ଜଲ୍‌ଦି ମୋତେ ମୋ ଘରେ ପହଞ୍ଚାଅ । ପୁଅର ସାଙ୍ଗ ବ୍ୟସ୍ତ ହୋଇ ପଡ଼ିଲା । ପଚାରିଲା, କ'ଣ ହେଲାକି ମଉସା ? ମୁଁ କିଛି ଉତ୍ତର ଦେଇପାରିଲି ନାହିଁ । ଉତ୍ତେଜନାରେ ଦେହ ଥରୁଥିଲା ଖାଲି ।

ଘର ସାମ୍ନାରେ ଘରଣୀଙ୍କୁ ଭେଟିଲି । ମଦନ ହଳିଆ ଖଳା ସଫା କରୁଥିଲା । ମଦନର ପୁଅ ଚେମା ବହିଟିଏ ଧରି ଖେଳୁଥିଲା । ମୁଁ ଚମକି ପଡ଼ିଲି, ତା' ହାତରେ ମୋ ବହି ? ସତେକି ଡେଇଁ ପଡ଼ିବି ଗାଡ଼ିରୁ । କାର ଛିଡ଼ାହେବା କ୍ଷଣି ମୁଁ ଗୋଟିଏ ଖେପାରେ ଚେମା ପାଖରେ ପହଞ୍ଚିଗଲି । ଛଡ଼ାଇ ଆଣିଲି ତା'ହାତରୁ ଗଙ୍ଗାଧର ମେହେରଙ୍କ ତପସ୍ୱିନୀ ବହି । ବହିଟିକୁ ଆଉଁସି ପକାଇ ଛାତିରେ ଚାପି ଧରିଲି । ତୋତେ ଏ ବହି କିଏ ଦେଲା, ମୁଁ ଚିତ୍କାର କରିଉଠିଲି । ମୋ ଚିତ୍କାରରେ ଚେମା ଏତେ ଜୋର୍‌ରେ ଡରିଗଲା ଯେ, ଭେଁ ଭେଁ କରି କାନ୍ଦି ଉଠିଲା । ତା' କାନ୍ଦରେ ତା' ବାପ ମଦନା ଦଉଡ଼ି ଆସିଲା । କହିଲା, ବାବୁ ଚେମାର କିଛି ଭୁଲ୍ ନାହିଁ । ସାଆନ୍ତାଣି ବହି କାଗଜପତ୍ର ସବୁ କବାଡ଼ିବାଲାକୁ ବିକୁଥିଲେ । ଏ ଖଣ୍ଡିକ ନ ନେଇ କବାଡ଼ିବାଲା ଫୋପାଡ଼ି ଦେବାରୁ ଚେମା କୁଡ଼ାଇ ଆଣି ଖେଳୁଛି ।

ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା ମୋତେ । ଯେମିତି ମୋ' ସଂସାର ଉଚ୍ଛନ୍ନ ହୋଇଯାଇଛି । ମୋ ସର୍ବସ୍ୱ କେହି ଲୁଟ୍ କରି ନେଇଯାଇଛି । ମୋ ବହି କାହିଁ ? ମୋ ବହି ... ମୋ ବହି .. ଚିତ୍କାର କରି ଏକମୁହାଁ ହୋଇ ଧାଇଁଲି ମୋ ପଢ଼ାଘର ଦିଗକୁ । ସ୍ତ୍ରୀ ଏପଟେ ପଛପଟୁ ପାଟି କରୁଥିଲେ, କୁଆଡ଼େ ଯାଉଛ ? ଏବେ ସେ ରୁମ୍ ତୁମର ନୁହେଁ । ବବଲୁର ସାଙ୍ଗ ରୂପମର । ତମ ରୁମ୍ ଭିତରେ ।

ମୋତେ ତା' କଥା ସବୁ ଶୁଭାଯାଉ ନଥିଲା । ପଶିଗଲି ମୋର ପ୍ରିୟ ପଢ଼ାଘର ଭିତରକୁ, ଯେଉଁ ଘର ଦିନେ ମୂଲ୍ୟବାନ ବହିରେ ପରିପୂର୍ଣ୍ଣ ହୋଇ ହସୁଥିଲା; ମନଦୁଃଖ ଥିଲେ ହସାଇ ପାରୁଥିଲା ମୋତେ । ଆଜି ତା' ଶ୍ରୀହୀନ । ବହି ଆଲମାରୀ ସବୁ ଖାଲି । ନା ଥିଲା ମୋ ପଢ଼ା ଟେବୁଲ୍, ନା ଥିଲା ମୋ ଆରାମ୍ ଚେୟାର; ଯେଉଁଥିରେ ଝୁଲି ଝୁଲି ବହିଟିମାନ ପଢୁଥିଲି, ହଜି ଯାଉଥିଲି ଭିନ୍ନ ଏକ ଦୁନିଆରେ । କବାଟ ବନ୍ଦ କରି ଲଥ୍‌କିନା ବସିପଡ଼ିଲି ଚଟାଣ ଉପରେ । ବାହାରେ କବାଟ ବାଡଉଥିଲେ ସ୍ତ୍ରୀ ଓ ପୁଅ । ଛାତି ଫଟେଇ କୋହ ବାହାରି ଆସିଲା । ଭୋ ଭୋ କିନା କାନ୍ଦି ଉଠିଲି ମୁଁ ।

ପୂର୍ଣ୍ଣଶିବାଳୟ, ଫରେଷ୍ଟ କଲୋନୀ
ବାରିପଦା-୭୫୭୦୦୨
ମୋ. : ୭୯୭୮୭୫୪୯୦୭

କ ବି ତା

ମଲା ଘୋଡ଼ାର ଗୀତ

ବୃନ୍ଦାବନ ଦାସ

ଝରିଗଲେ
ସୂର୍ଯ୍ୟାସ୍ତର ସବାଶେଷ ରଶ୍ମି ଟିକକ
ସଫଳତା ବିଫଳତା ସବୁ ଠପ୍
କ୍ରମଶଃ ଅନ୍ଧାର ଭିତରେ
ମୁହଁମାଡ଼ି ପଡ଼ିବ ସମୟ
ଉଠିବାର ନାଁ' ଧରିବ ନି ।

ଦିନେ ବେଶ୍ ରୋଚକଥାଏ
ଟପାଟପିର ଦୌଡ଼
ଗଳା କଟାକଟି ଅଯଥା ରକ୍ତକ୍ଷରଣ
ଚିହ୍ନି ନପାରିବାର ଅଭିନୟ
ହାରଜିତ୍
ଘୃଣ୍ୟ ପାଶବିକତା
ଖାଲି ମିଛ
ମିଛରେ ଭର୍ତ୍ତି ରାସ୍ତା ଆରମ୍ଭଠୁ ଶେଷ ।

ମିଛ ସବୁବେଳେ
କୋଳାହଳମୟ ବୋଲି ତ'
ଅଦୂରରେ
କେହିଜଣେ ଚୁପ୍‌ଚାପ୍ ବସିଥାଏ
ଖୁବ୍ ଏକା
ଏକାନ୍ତ ଏକଲା ।

ଏକ ଧୂର୍ତ୍ତ ଅଭିପ୍ରାୟ
ତୋଳୁଥାଏ ଆକାଶ କୁସୁମ
ସତର ଜଖମ ଉପରେ ବାରମ୍ବାର
ଆଘାତ କରି
ଆସ୍ପର୍ଦ୍ଧାରେ ଧରାକୁ ସରା ମନେ କରୁଥାଏ
ପୃଥିବୀକୁ ପେଣ୍ଡୁକରି
ନିଜ ଇଚ୍ଛାରେ ଗଡ଼ଉଥାଏ ।

ହାୟ !
ସମୟ ବି କଡ଼ ଲେଉଟାଏ
ବୁଝିଲା ବେଳକୁ କ'ଣ ଥାଏ କି !
କେହି ନଥାନ୍ତି
ନାଁ' ଦୌଡ଼ ନାଁ' ବେଗ ନାଁ' ଉତ୍ତର ନିଜ ପାଖେ
ନିଜ ଭିତରୁ କିଏ ଶୁଣଉଥାଏ
ଗୋଟେ ମଲା ଘୋଡ଼ାର ଗୀତ ।

ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡ଼ା-୭୫୪ ୨୮୯
ମୋ.: ୯୭୭୭୮ ୪୩୦୩୧

ଓଃ... ନାଳନ୍ଦା

ବିନୋଦ

ଯନ୍ତ୍ରଣାଯୁକ୍ତ ସାୟହ୍ନରେ ଶଯ୍ୟାଶାୟୀ ସମ୍ରାଟଙ୍କ ଚକ୍ଷୁ ସାମନାରେ କରୁଣ ଆର୍ତ୍ତନାଦ କରୁଥିଲା ମୃତ୍ୟୁ ! ସତରେ ଶତ ବିଧ୍ୱଂସର ନାୟକ ସମ୍ରାଟଙ୍କ ଜୀବନ ଦ୍ୱାରରେ ନୃତ୍ୟ କରୁଛି ମୃତ୍ୟୁ ? ସହସ୍ର ସହସ୍ର ମଣିଷଙ୍କ ମହାସମ୍ରାଟଙ୍କ ଲାଗି ମୃତ୍ୟୁ କ'ଣ ଏତେ ନିକଟତର ?

ବିଶାଳ ସାମ୍ରାଜ୍ୟରେ ଲୋହିତ ବନ୍ୟା ସୃଷ୍ଟି କରିଥିବା ଯେଉଁ ସମ୍ରାଟଙ୍କ ସାମାନ୍ୟ ନିର୍ଦ୍ଦେଶରେ କଟିପାରେ ହଜାର ହଜାର ମସ୍ତକ, ତାଙ୍କ ଲାଗି ମୃତ୍ୟୁ ସତରେ ଖୋଲିବ କାଳ ଅଧ୍ୟାୟ ?

ନା... ନା....

ଚିତ୍କାର କରି ଉଠିଲେ ଭାରତ ଭୂଖଣ୍ଡର ଶାସକ ବଖ୍‌ତିୟାର ଖିଲଜି । ପ୍ରତିଶବ୍ଦରେ ଚମକି ଉଠିଲା ପ୍ରାସାଦ । ସନ୍ତ୍ରସ୍ତ ହେଲେ କର୍ମଚାରୀ । ସତରେ କି ଯନ୍ତ୍ରଣା... କି ଦାରୁଣ ବିପର୍ଯ୍ୟୟ... । ଭୟଙ୍କର ରୋଗରେ ଜର୍ଜରିତ ସମ୍ରାଟ ଖିଲଜିଙ୍କ କ'ଣ ଶଯ୍ୟାମୁକ୍ତ ହେବେ ନାହିଁ ? ନିରଙ୍କୁଶ ଶାସନର ବିଭୀଷିକା ସୃଷ୍ଟିକାରୀ ଖିଲଜିଙ୍କ ଏହି ଅଟ୍ଟହାସ୍ୟ ଜୀବନର ଶେଷ ଧ୍ୱନି ନୁହେଁ ତ ?

ଅମାପ ଧନରାଶିର ମୋହ, ଅଜସ୍ର ଶାଣିତ ଇତିହାସର ରକ୍ତସାକ୍ଷୀ ଭାରତର ମାଲିକାନା ହାସଲ କରିବା ଲାଗି ସୁଦୂର ତୁର୍କୀରୁ ଦୌଡ଼ି ଆସିଥିବା ଖିଲଜିଙ୍କ ସ୍ୱପ୍ନରେ ପଡ଼ିବ କି ପୂର୍ଣ୍ଣଚ୍ଛେଦ ?

ଅଶ୍ୱ, ଗଜ ସମ୍ଭାରଯୁକ୍ତ ବିଶାଳ ସୈନ୍ୟବାହିନୀର ଉଦ୍ଦେଶ୍ୟ କ'ଣ ବିଫଳ ହେବ ? ବିସ୍ତୀର୍ଣ୍ଣ ଭୂଖଣ୍ଡର ଅଧୀଶ୍ୱର ସମ୍ରାଟ ବଖ୍‌ତିୟାର ଖିଲଜିଙ୍କ ମାନସିକ ଅବସ୍ଥା ଛାରଖାର ହେଉଥିଲା ମାରାତ୍ମକ ରୋଗରେ । ଅସ୍ଥିସାର ସମ୍ପନ୍ନ ଶରୀରରେ ନିସ୍ତେଜତାର ଅନ୍ଧାର ଭିତରେ ସମ୍ରାଟ । ଚିନ୍ତାରେ ସୈନ୍ୟକୁଳ । କ'ଣ ହୋଇପାରେ ପରବର୍ତ୍ତୀ ଭାଗ୍ୟାକାଶ ?

ଅଜଣା ରୋଗର ବିଭୀଷିକାରେ ମୃତବତ୍ ପଡ଼ିରହିଥିଲେ ସମ୍ରାଟ । ବ୍ୟର୍ଥ ହେଲାଣି ସମସ୍ତ ଚିକିତ୍ସା । ଇସଲାମ୍‌ର ଗରିମା ବଜାୟ ରଖିବାକୁ ପ୍ରୟାସୀ ସମ୍ରାଟଙ୍କ ଜୀବନ ଲାଗି ଆସିଥିଲେ ଅନେକ ଚିକିତ୍ସକ । ଦେଶ ବାହାରୁ ବି ଛୁଟି ଆସିଥିଲେ ବିଶାରଦ । ମାତ୍ର ସବୁକିଛି ନିଷ୍ଫଳ । କେବଳ ମୃତ୍ୟୁ ହିଁ ମୃତ୍ୟୁର ଅଜଣା ଉନ୍ମାଦନା !

ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ରାହୁଲ ଶ୍ରୀ ଭଦ୍ରଙ୍କ ପରାମର୍ଶରେ ଉପଚାର ହେଲେ କ୍ଷତି କ'ଣ ? ଜଣେ ମନ୍ତ୍ରୀଙ୍କ ଏହି ବାକ୍ୟ ଶୁଣି କ୍ରୋଧରେ ଗର୍ଜିଉଠିଲେ ସମ୍ରାଟ । କେତେ ସାହସ ? ଜଣେ ମୁସଲମାନ୍ ସମ୍ରାଟଙ୍କୁ ଏପରି ବୀଭତ୍ସ ପରାମର୍ଶ ଦେବାର ଶକ୍ତି ଆସିଲା କେଉଁଠୁ ? ମନ୍ତ୍ରୀ କ'ଣ ଜାଣିନାହାନ୍ତି ସମ୍ରାଟଙ୍କ ନିର୍ଦ୍ଦେଶରେ କେତେ ଯେ ହିନ୍ଦୁ, ବୌଦ୍ଧ ଧର୍ମାବଲମ୍ବୀଙ୍କ ମସ୍ତକ ଗଡ଼ିଛି ? ଏକ ଇସଲାମ୍ ରାଷ୍ଟ୍ରରେ ଯେଉଁଠି ଅନ୍ୟ ଧର୍ମର ଲୋକେ ରହିବା ଏକ ପ୍ରଶ୍ନ ସେଠାରେ ଛାର ଜଣେ ବୌଦ୍ଧ ଭିକ୍ଷୁଙ୍କ ଜରିଆରେ ସମ୍ରାଟ କରିବେ ଚିକିତ୍ସା ?

ମନ୍ତ୍ରୀ ନିରୁତ୍ତର । କେବଳ ସମ୍ରାଟଙ୍କ ଜୀବନ ଲାଗି ହିଁ ସେ ଦେଇଛନ୍ତି ଏହି ଗୂଢ଼ ପରାମର୍ଶ । ଜୀବନ ଯିବା ଅପେକ୍ଷା ଅନ୍ତତଃ ଶେଷ ଥର ଲାଗି ଏହି ପରାମର୍ଶ ମାନିଲେ କ୍ଷତି କ'ଣ ?

ଏକ ପକ୍ଷରେ ମନ୍ତ୍ରୀଙ୍କ ଅନୁରୋଧ ଅନ୍ୟ ପକ୍ଷେ ଶରୀରର ଅବିଶ୍ରାନ୍ତ ଯନ୍ତ୍ରଣା । ବୋଧହୁଏ ଜୀବନ କୌଣସି ମୁହୂର୍ତ୍ତରେ ଚାଲିଯାଇପାରେ !

ଶେଷରେ ସମ୍ରାଟ ଆଦେଶ- ରାହୁଲ ଶ୍ରୀ ଭଦ୍ରଙ୍କୁ ଅଣାଯାଉ । ସମ୍ରାଟଙ୍କ କଣ୍ଠରୁ ଏହି ଆଦେଶ ଶୁଣି ମନ୍ତ୍ରୀ ଗଦ୍‌ଗଦ୍ ହେଲେ । ଯେତେ ଶୀଘ୍ର ଏହି ମହତ ପ୍ରକ୍ରିୟାର ଶୁଭାରମ୍ଭ କରାଯାଉ ।

ସମ୍ରାଟଙ୍କ ଆଦେଶାନ୍ତେ ନାଳନ୍ଦାକୁ ଛୁଟିଗଲେ ଦୂତ ।

ପ୍ରଭାତର ଶୁଭ୍ର ଝଙ୍କାରରେ ପ୍ରତିବିମ୍ବିତ ହେଉଥିଲା ବିଶ୍ୱର ଶ୍ରେଷ୍ଠ ଶିକ୍ଷାପୀଠ । ଚତୁର୍ଦ୍ଦିଗରେ ବୁଦ୍ଧଂ ଶରଣଂ ଗଚ୍ଛାମିର ଅପୂର୍ବ ନିନାଦ । ବିଶ୍ୱସାଧନାର ମହାର୍ଘ ବେଢ଼ା ମଧ୍ୟରେ ସତେଜ ହୋଇଉଠୁଥିଲା ଦୈନନ୍ଦିନ ପବିତ୍ର ପରିବେଶ ।

ପ୍ରାର୍ଥନାରତ ରାହୁଲଙ୍କୁ ଜଣେ ଶିକ୍ଷ୍ୟ ସମ୍ବାଦ ଦେଲେ- ପ୍ରତୀକ୍ଷାରେ କିଛି ସୈନ୍ୟ ଦଣ୍ଡାୟମାନ । ପ୍ରାର୍ଥନା ଭଙ୍ଗ କରି ରାହୁଲ ଆଗେଇଗଲେ ପ୍ରକୋଷ୍ଠ ବାହାରକୁ । ଶୁଣିଲେ ସେମାନଙ୍କ ଆଗମନର କାରଣ ।

ଏଥିରେ ବିବ୍ରତ ହେଲେ ନାହିଁ ରାହୁଲ । ନିଜର ଅମୋଘ ସାଧନା, ଗଭୀର ଅଭିଜ୍ଞତା, ଶହଶହ ଶାସ୍ତ୍ର ବିମଣ୍ଡିତ ରାହୁଲ ତତ୍‌କ୍ଷଣାତ ବାହାରିଗଲେ ସମ୍ରାଟ ଖିଲଜିଙ୍କ ଅଭିମୁଖେ । ହାତରେ ଥିଲା ଅବ୍ୟର୍ଥ ସଞ୍ଜୀବନୀର ଦୁଷ୍ପ୍ରାପ୍ୟ ଥଳି ।

ଲଣ୍ଡିତ ମସ୍ତକ । ସତେଜ ଶରୀରରେ ଅଜସ୍ର ବିକିରଣ । କେବଳ ଏକ ଥଳି ଓ ଦୁଇ ଖଣ୍ଡ ବସ୍ତ୍ର ସମ୍ବଳିତ ଏହି ବ୍ୟକ୍ତି କ'ଣ ରାହୁଲ ? ଯାହାଙ୍କ ଅପେକ୍ଷାରେ ସମ୍ରାଟ !

ନିଜକୁ ନିଜେ ବିଶ୍ୱାସ କରିପାରିଲେନି ସମ୍ରାଟ ବଖ୍‌ତିୟାର । ଏହି ଛାରଲୋକ ହାତରୁ ସେ ଔଷଧ ସେବନକରି ଆରୋଗ୍ୟ ହେବେ ? ଯେଉଁମାନଙ୍କ ଶବ ଉପରେ ସେ ଯାତ୍ରା କରନ୍ତି, ଯେଉଁମାନଙ୍କ ସଂସ୍କୃତିକୁ ଭୂପୃଷ୍ଠରୁ ଲୋପ କରିଦେବା ଲାଗି ସେ ସଂକଳ୍ପ କରିଛନ୍ତି ସେହି ହାତରୁ ସେ ଔଷଧ ସେବନ କରିବେ ? ମାତ୍ର ନିରୂପାୟ । ଅନ୍ତତଃ ବଂଚିବାକୁ ହେବ ।

ଶଯ୍ୟାଶାୟୀ ସମ୍ରାଟଙ୍କ ନିକଟରେ ଦଣ୍ଡାୟମାନ ରାହୁଲ । ଗୋଟିଏ ପଟେ ଲକ୍ଷ ଲକ୍ଷ ଲୋକଙ୍କ ମଉଡ଼ମଣି । ଅନ୍ୟପଟେ ସାରା ଦୁନିଆକୁ ଜ୍ଞାନାଲୋକ ପ୍ରଦାନ କରୁଥିବା ଜଣେ ନିରୀହ ଭିକ୍ଷୁ । ବିଚିତ୍ର ସେ ଦୃଶ୍ୟ ।

ସମ୍ରାଟଙ୍କ ନିକଟକୁ ଯାଇ କେଇ କ୍ଷଣ ଅନୁଧାନ କଲେ ରାହୁଲ । ଅଭିଜ୍ଞତା, ଶାସ୍ତ୍ରୀୟ ଜ୍ଞାନ, ବୁଦ୍ଧିମତ୍ତା ଆଦିକୁ ପାଥେୟ କରି ନିରୀକ୍ଷଣ ଅନ୍ତେ କାରଣ ଖୋଜି ପାଇଲେ ମହାଭିକ୍ଷୁ ରାହୁଲ ।

ପୂର୍ବସର୍ତ୍ତ ଅନୁସାରେ ସେ ଦେଇପାରିବେନି ଭକ୍ଷଣ ହୋଇପାରୁଥିବା ଔଷଧ । ତଥାପି ସମ୍ରାଟଙ୍କୁ ଚିକିତ୍ସା କରିବାକୁ ପଡ଼ିବ । ଏକ ଭିନ୍ନ ଉପାୟ ପାଆନ୍ତେ ରାହୁଲ ।

ପବିତ୍ର କୋରାନ ପୃଷ୍ଠାରେ ମହାର୍ଘ ଅବ୍ୟର୍ଥ ଔଷଧ ଲେପିଦେଲେ ରାହୁଲ । ଆଘ୍ରାଣ ଜରିଆରେ ହିଁ ସମ୍ରାଟଙ୍କ ଉପଚାର ହେବ । କାହିଁ କେଉଁ ହଜାର ହଜାର ବର୍ଷର ଆୟୁର୍ବେଦର ଏହି ପବିତ୍ର ରହସ୍ୟ ପ୍ରୟୋଗ କରିଥିଲେ ସମ୍ରାଟଙ୍କ ଲାଗି । ପରାମର୍ଶ ଦେଲେ- ଦୈନିକ କୋରାନ ପଠନ କରିବା ଲାଗି ।

ଆଶ୍ଚର୍ଯ୍ୟ ହୋଇଗଲେ ସମ୍ରାଟ । କୋରାନ ପାଠ ସକାଶେ ପରାମର୍ଶ ଦେବା ଲାଗି କ'ଣ ଆସିଥିଲା ଏ ଚାଣ୍ଡାଳ ଭିକ୍ଷୁ ! ମୂର୍ଖ !

ସମ୍ରାଟଙ୍କ ଗର୍ଜନ ଶୁଣି ରାହୁଲ ଚକିତ ହେଲେ ନାହିଁ । ମୃଦୁ ହାସ୍ୟ ପ୍ରକଟ କରି ରାହୁଲ କହିଲେ- ଏହା ହିଁ ଆପଣଙ୍କର ଶ୍ରେଷ୍ଠ ଉପଚାର । ଦୈନିକ କୋରାନ ପାଠ କଲେ ହିଁ ଖୁବ୍ ଶୀଘ୍ର ମହାଭାଗ ହୋଇପାରିବେ ଆରୋଗ୍ୟ ।

ସମ୍ରାଟଙ୍କ ନିକଟରେ କୌଣସି ବିକଳ୍ପ ନଥିଲା । ଦେଖାଯାଉ । ବୌଦ୍ଧଭିକ୍ଷୁର ପରାମର୍ଶ ଅନ୍ତତଃ ଗ୍ରହଣ କରାଯାଉ ।

କିଛି ଦିନ ଅନ୍ତେ ସମ୍ରାଟ ଉପଲବ୍ଧି କଲେ କ୍ରମଶଃ ସେ ସୁସ୍ଥ ହେଉଛନ୍ତି । ଫେରିଆସୁଛି ସମସ୍ତ ତେଜ, ଶକ୍ତି, ସ୍ଫୂର୍ତ୍ତି । ଆଶ୍ଚର୍ଯ୍ୟ ! ବୌଦ୍ଧଭିକ୍ଷୁର ପରାମର୍ଶ ସତରେ କ'ଣ ଏତେ ଶକ୍ତିଶାଳୀ ! ଅକାଟ୍ୟ !

ଶେଷରେ ସମ୍ପୂର୍ଣ୍ଣ ସୁସ୍ଥ ହେଲେ ଖିଲଜି । ନୈରାଶ୍ୟର ସରହଦ ଭିତରେ ଛଟପଟ ବିଶାଳ ସୈନ୍ୟବାହିନୀରେ ଖେଳିଗଲା ଆନନ୍ଦ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏବେ ହୋଇପାରେ ଏକାକାର... ।

ସୁସ୍ଥ ସମ୍ରାଟ ଦିନେ ଉପବିଷ୍ଟ । ହଠାତ୍ ମାନସପଟ୍ଟରେ ଜାଗରିତ ହେଲା ଏକ ବୃହତ୍ ପ୍ରଶ୍ନ । କ'ଣ ସେହି ମନ୍ତ୍ର ଅବା ଔଷଧ ଅବା ପରାମର୍ଶର ରହସ୍ୟ ଯଦ୍ଦ୍ୱାରା ସେ ସୁସ୍ଥ ହୋଇପାରିଲେ ? ଯେଉଁଠି ଅନେକ ଶାସ୍ତ୍ରଜ୍ଞ, ପ୍ରସିଦ୍ଧ ଚିକିତ୍ସକ ବିଫଳ ହୋଇଥିଲେ ସେଠାରେ କିପରି ଜଣେ ଛାର ବୌଦ୍ଧଭିକ୍ଷୁ ସଫଳ ହେଲେ ? କ'ଣ ଏହାର ରହସ୍ୟ ?

ପ୍ରଶ୍ନର ଉତ୍ତର ଦେବା ଲାଗି ପୁଣି ରାହୁଲଙ୍କ ନିକଟକୁ ଗଲା ନିର୍ଦ୍ଦେଶ । ସମ୍ରାଟଙ୍କ ଜିଜ୍ଞାସା ତ ପୂରଣ କରିବାକୁ ହେବ ମାତ୍ର କ'ଣ ପାଇଁ ସମ୍ରାଟଙ୍କ ଏହି ବ୍ୟଗ୍ରତା ? କିଛି ତ୍ରୁଟିବିଚ୍ୟୁତି ଘଟିନି ତ ? ଅର୍ଦ୍ଧପ୍ରମାଦ ମନରେ ଆଶା ଆଶଙ୍କା ଘେନି ରାହୁଲ ସମ୍ରାଟଙ୍କ ନିକଟରେ ଉପସ୍ଥିତ ହେଲେ ।

ରାହୁଲଙ୍କ ସମସ୍ତ ଉତ୍ତର ଶୁଣି ଚମକିପଡ଼ିଲେ ସମ୍ରାଟ ବଖ୍‌ତିୟାର ଖିଲଜି । ଭାରତ ଜ୍ଞାନରେ ଏତେ ସମୃଦ୍ଧ ! ଛାର ନାଳନ୍ଦାର ଶିକ୍ଷକମାନେ ଏତେ ଜ୍ଞାନୀ ! ସେମାନଙ୍କ ଜ୍ଞାନର କ୍ଷମତା କ'ଣ ଏତେ ଉଚ୍ଚ ଯେ ସେମାନେ ମୁସଲମାନ ଜ୍ଞାନଠାରୁ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ ହେବେ ?

ଏହି କିଛି ଚିନ୍ତା ଖିଲଜିଙ୍କ ମନରେ ଭରି ଦେଲା ଅଜସ୍ର ବିଷର ଫୁଆରା । ଲଣ୍ଡିତ ମସ୍ତକ ହୀନ ବୌଦ୍ଧଭିକ୍ଷୁମାନେ କାହିଁକି ଏହି ଅମୋଘ ଜ୍ଞାନର ମହାରଥୀ ସାଜିବେ ? ସେମାନେ ମୁସଲମାନଙ୍କ ଉପରେ କାହିଁକି ସ୍ଥାନ ପାଇବେ ? ଏହି ଜ୍ଞାନର ସତ୍ତା ଚିରକାଳ ଲାଗି ଲୋପ କରିବାକୁ ହେବ । ଆଗାମୀ ଭବିଷ୍ୟତରେ ଯେପରି କୌଣସି ଲୋକ ଏହି ସଞ୍ଜୀବନୀ ଜ୍ଞାନର ଅଧିକାରୀ ହୋଇପାରିବେ ନାହିଁ ସେଥିଲାଗି ନିଷ୍ପତ୍ତିବଦ୍ଧ ହେଲେ ସମ୍ରାଟ ।

ସମ୍ରାଟଙ୍କ ନିକଟରୁ ବିଦାୟ ନେଇସାରିଥିଲେ ରାହୁଲ ଶ୍ରୀ ଭଦ୍ର । ସମ୍ରାଟ ନିଶ୍ଚିତ ପ୍ରସନ୍ନ ହୋଇଛନ୍ତି । ଏତେବଡ଼ ତାଙ୍କର ସୌଭାଗ୍ୟ ଯେ ଜଣେ ସମ୍ରାଟଙ୍କ ଜୀବନ ରକ୍ଷା କରିପାରିଲେ । କେବଳ ସେତିକି ନୁହେଁ ଏକ ଭୟଙ୍କର ରୋଗର ଉପଚାର କରିବା କ୍ଷେତ୍ରରେ ତାଙ୍କ ଜ୍ଞାନର ସଂଳ ପ୍ରୟୋଗକୁ ନେଇ ବେଶ୍ ସନ୍ତୁଷ୍ଟ ଥିଲେ ରାହୁଲ ।

ଏହି ସେହି ନାଳନ୍ଦା ଯାହାର ପ୍ରତିଟି ମୃତ୍ତିକା କଣିକାରେ ଲେଖା ବିଶ୍ୱର ସମସ୍ତ ସଭ୍ୟତାର ଇତିହାସ । ଗୁପ୍ତ ରାଜବଂଶର ମାନସ ସନ୍ତାନ ଏହି ପୀଠରେ ଶିକ୍ଷାରତ ଦଶ ହଜାରରୁ ଅଧିକ ଶିକ୍ଷାର୍ଥୀ । ନା ଇଣ୍ଡୋନେସିଆ, ନା ଶ୍ରୀଲଙ୍କା, ନା ଆରବ... ବିଶ୍ୱର ଅଧିକାଂଶ ରାଷ୍ଟ୍ରର ଶିକ୍ଷାର୍ଥୀଙ୍କୁ ଜ୍ଞାନ ସମର୍ପିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବିଶ୍ୱବିଦ୍ୟାଳୟ । ନବେ ଲକ୍ଷ ଶାସ୍ତ୍ରରେ ସମୃଦ୍ଧ ଏହି ମହାନ ଅନୁଷ୍ଠାନରେ କେଉଁ ଶାସ୍ତ୍ର ନାହିଁ ? ଦର୍ଶନ, ସାହିତ୍ୟ, ଜ୍ୟାମିତି, ଗଣିତ, ରାଜନୀତି, ପଦାର୍ଥ ବିଜ୍ଞାନ, ଆୟୁର୍ବେଦ, ଜ୍ୟୋତିର୍ବିଦ୍... ସମସ୍ତ ବିଭାଗର ମହାର୍ଘ ସଂଗ୍ରହାଳୟ ଏହାର ପାଠାଗାର । ଉପନିଷଦର ମୂଳ ଶାସ୍ତ୍ର ବି ଏଠାରେ ସଂଗୃହୀତ । ଜ୍ଞାନସନ୍ଧିସୁଙ୍କ ଲାଗି ମହାନ ପାଠଶାଳା ଏହି ନାଳନ୍ଦାରୁ ଶିକ୍ଷାଲାଭ କରିବା ସମସ୍ତଙ୍କ ଲାଗି କ'ଣ ସମ୍ଭବ ! ନିଜକୁ ବେଶ୍ ପ୍ରଫୁଲ୍ଲ ମନେକରୁଥିଲେ ରାହୁଲ । ସତରେ ତାଙ୍କର ବି କି ସୌଭାଗ୍ୟ । ଏତେ ବଡ଼ ପ୍ରତିଷ୍ଠାନକୁ ପରିଚାଳନା କରିବାର ଗୁରୁଭୂମିକା ତାଙ୍କ ନିକଟରେ ରହିଛି- ଧନ୍ୟ ତାଙ୍କର ଜୀବନ ।

ଇତିହାସକୁ ଫେରିଯାଇଥିଲେ ରାହୁଲ । ଏହାର ମାର୍ମିକ ସ୍ମୃତି ସାଉଁଟିଛନ୍ତି ଚୀନ ପରିବ୍ରାଜକ ହୁଏନ ସାଂ । ହର୍ଷବର୍ଦ୍ଧନ, ବାସୁବନ୍ଧୁ, ପଦ୍ମସମ୍ଭବଙ୍କ ପରି ବ୍ୟକ୍ତିତ୍ୱ ବି ଏହାର ଗରିମାମୟ ଛାତ୍ର । ମହାବିଜ୍ଞାନୀ ଆର୍ଯ୍ୟଭଟ୍ଟ ବି ଥିଲେ ବିଭାଗୀୟ ମୁଖ୍ୟ । ଆବେଗ ଓ ଆନନ୍ଦରେ ଅଧୀର ରାହୁଲ ନାଳନ୍ଦାର ମାଟିକୁ ସ୍ପର୍ଶ କଲେ ।

ରତ୍ନସାଗର, ରତ୍ନୋଦଧି, ରତ୍ନରଞ୍ଜକ । ତ୍ରିତଳ ବିଶିଷ୍ଟ ନାଳନ୍ଦାର ପାଠାଗାରର ନାମକରଣକୁ ବି ବେଶ୍ ପ୍ରଶଂସା କରୁଥିଲେ ରାହୁଲ । ସତରେ ମାନବ ସମାଜର ଜ୍ଞାନର ସମ୍ଭାର ପରିପୁଷ୍ଟ ଏହି ପାଠାଗାର ସାରା ବିଶ୍ୱଜଗତର ରତ୍ନ ନୁହେଁ ତ କ'ଣ ? ଧନ୍ୟ ନାଳନ୍ଦା... ।

କେଜାଣି କାହିଁକି କୌଣସି ଆତଙ୍କ ତାଙ୍କ ଶରୀରରେ ଜାଗିଉଠିଲା । ଏପରି ଏକ ବିଶାଳ ପୀଠକୁ ଆକ୍ରମଣ କରିବାକୁ ପଛାଇ ନଥିଲେ କୁରଶାସକ । ଜୀବନରେ ସାମାନ୍ୟ ହସି ନଥିବା ନିର୍ଦ୍ଦୟ ଶାସକଙ୍କ ଆକ୍ରମଣରେ ବିଚଳିତ ହୋଇଥିଲା ନାଳନ୍ଦା ମାଟି । ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରିଥିବା ମିହିରକୁଳ ତ ଏପରି ଜଣେ ଶାସକ ଥିଲେ ଯାହାଙ୍କ ନାଁ ଶୁଣି ଥରିଉଠୁଥିଲା ଜଗତ । ଏକଦା ତାଙ୍କ ନିର୍ଦ୍ଦେଶ ଅବମାନନା କରିବାରୁ ଶହେ ହାତୀଙ୍କୁ ପର୍ବତରୁ ଠେଲିଦେବାକୁ ନିର୍ଦ୍ଦେଶ ଦେଇଥିଲେ ମିହିରକୁଳ ! ତାଙ୍କ ନିକଟରେ ଶିକ୍ଷାର ମୂଲ୍ୟବୋଧ କ'ଣ ? ପୁଣି ଥରେ ଏହା ଉପରେ ଆକ୍ରମଣ କରିଥିଲେ ଗଉଦାସ ରାଜବଂଶ । ଛାରଖାର ହୋଇଯାଇଥିଲା ସଭ୍ୟତାର ଗରିମାମୟ ସ୍ମାରକୀ ନାଳନ୍ଦା । ମାତ୍ର ମହାଭାରତୀୟ ଶିଖାରେ ଏହାର ଶିକ୍ଷାର ଦୀପ ପୁନର୍ବାର ସତେଜ ହୋଇଥିଲା । ପୁଣି ଏହାକୁ ଗଢ଼ିଥିଲେ ଜାତୀୟତାବାଦୀ ଶାସକ । ପୁଣି ଥରେ ଆଉ ଏପରି ବର୍ବର ଆକ୍ରମଣର ଶିକାର ଏହି ପୀଠ ହେବ ନାହିଁ ତ ?

ନା । ତାଙ୍କର ଆତ୍ମବିଶ୍ୱାସ ପ୍ରଚୁର । ପୁଣି ଥରେ ଏହି ସମୃଦ୍ଧ ପାଠଶାଳୀ ଧ୍ୱଂସର ଶିକାର ହେବ ନାହିଁ । ନିଜକୁ ନିଜେ ସାନ୍ତ୍ୱନା ଦେବାରେ ଲାଗି ରାହୁଲ ।

ଆସନ୍ନ ସନ୍ଧ୍ୟାର ଅବକାଶ ମଧ୍ୟରେ ଭାସି ଆସୁଥିଲା ବୁଦ୍ଧଂ ଶରଣଂ ଗଚ୍ଛାମି... ।

ତେଣେ ଧାର୍ମିକ ଦ୍ୱନ୍ଦ୍ୱରେ ଛଟପଟ ଖିଲଜିଙ୍କ ମନରେ ହିଂସାର ଝଡ଼ । କୌଣସି ପ୍ରକାରେ ଏହି ବୌଦ୍ଧିକ ସଭ୍ୟତାକୁ ଧରାପୃଷ୍ଠରୁ ଚିରକାଳ ଲାଗି ଧ୍ୱଂସ କରିବାକୁ ପଡ଼ିବ । ଜ୍ଞାନର ବିତରଣ କରୁଥିବା ଏହି ବୌଦ୍ଧଭିକ୍ଷୁକଙ୍କୁ ଖ୍ନଭିନ୍ କରିଦେବାକୁ ହେବ !

ସତେଜ ସମ୍ରାଟଙ୍କ ନିଷ୍ପତ୍ତିରେ କମ୍ପିଉଠିଲା ଧରଣୀ । ବର୍ବରତା ସୀମା ଅତିକ୍ରମ କରି ଭୟଙ୍କର ନିର୍ଦ୍ଦେଶ ଶେଷ କରିପାରେ ଦୁନିଆର ସବୁଠାରୁ ଔଜ୍ଜଲ୍ୟମୟ ସ୍ମୃତିକୁ ।

ସମ୍ରାଟଙ୍କ ଗର୍ଜନ- ତୁରନ୍ତ ନାଳନ୍ଦାକୁ ଧ୍ୱଂସ କରିଦିଅ । କୌଣସି ଗୋଟିଏ ପୁସ୍ତକ ରହିବାକୁ ଦିଅନାହିଁ । ଅସଭ୍ୟ ଭିକ୍ଷୁକଙ୍କୁ ନାଳନ୍ଦା ଭିତରେ ହିଁ ହତ୍ୟା କରିଦିଅ... ।

ଏ କି ବିଚିତ୍ର ନିଷ୍ପତ୍ତି ! ଯେଉଁ ବିଦ୍ୟା ବଳରେ ସମ୍ରାଟଙ୍କ ଜୀବନ ରକ୍ଷା ହେଲା ତାହାକୁ ଧ୍ୱଂସ କରିବାକୁ ସମ୍ରାଟଙ୍କ ନିର୍ଦ୍ଦେଶ !

ମନ୍ତ୍ରୀ ବିଚଳିତ ହେଲେ । ପାରିଷଦବର୍ଗ ସାହସଭରା କଣ୍ଠରେ ପ୍ରଶ୍ନ କଲେ । ମାତ୍ର ଗୋଟିଏ ନିର୍ଦ୍ଦେଶ- ନାଳନ୍ଦାକୁ ଛାରଖାର କରିଦିଅ ।

ଉନ୍ମତ୍ତ, ଉନ୍ମାଦ ରାଶି ରାଶି ସୈନ୍ୟ ତତ୍କ୍ଷଣାତ ପ୍ରସ୍ତୁତ ହେଲେ । ଅଶ୍ୱ, ଗଜ ଶୋଭିତ ସୈନ୍ୟଗଣଙ୍କ ରଣହୁଙ୍କାର କମ୍ପିଉଠିଲା ମେଦିନୀ । ବିଶାଳ ସୈନ୍ୟବାହିନୀର ପ୍ରତି ସୈନ୍ୟଙ୍କ ହାତରେ ଝଲସିଲା ତୀକ୍ଷ୍ଣ ତରବାରୀ ।

ପ୍ରକାଣ୍ଡ ନାଳନ୍ଦାରେ କେଉଁ ସ୍ଥାନରେ ଚାଲିଥିଲା ପ୍ରାର୍ଥନା ତ କେଉଁଠି ଚାଲିଥିଲା ଶିକ୍ଷାଦାନ । କେଉଁଠୁ ଭାସି ଆସୁଥିଲା ବୁଦ୍ଧଂ ଶରଣଂ

ଗଚ୍ଛାମିର ମହାଧ୍ୱନି । ଏହି ଜ୍ଞାନଭରା ଶୌର୍ଯ୍ୟପୀଠରେ ଯେ କେଇ କ୍ଷଣ ମଧ୍ୟରେ ରକ୍ତନଦୀ ପ୍ରବାହିତ ହେବ ତାହା କାହାର ଚିନ୍ତାରେ ନଥିଲା ।

ନିର୍ଦ୍ଦୟ, ନିଷ୍ଠୁର, ଭୟଙ୍କର ଶାସକର ନିର୍ଦ୍ଦେଶରେ ଅବିଳମ୍ବେ ମହାନ ପୀଠରେ ଖେଳିଲା ରକ୍ତର ହୋରି । ନିରୀହ ଭିକ୍ଷୁକ କିଛି ବୁଝିବା ପୂର୍ବରୁ ସବୁ କିଛି ଶେଷ । ଆର୍ତ୍ତଚିତ୍କାରର ବିଭୀଷିକା ମଧ୍ୟରେ ସାରା ନାଳନ୍ଦାରେ ବହିଲା ରକ୍ତନଦୀ । ହତ୍ୟାଯଜ୍ଞରେ ବି ନିଃଶେଷ ହୋଇଗଲେ ମହାଜ୍ଞାନୀ ରାହୁଲ ।

ଏତିକିରେ ଶେଷ ହେଲା ନି ବର୍ବର ଅଭିଯାନ । ସମ୍ରାଟଙ୍କ ନିର୍ଦ୍ଦେଶ ଅନୁସାରେ ବିଶ୍ୱର ସୁବର୍ଣ୍ଣକୋଷ ପାଠାଗାରରେ ଅଗ୍ନିସଂଯୋଗ କରିଦିଆଗଲା । ବିଶାଳ କୀର୍ତ୍ତିର ପ୍ରକୋଷ୍ଠ, ପାହାଚ, ପାଠାଗାର... ସବୁଠି ଶବ ହିଁ ଶବ । କେହି ଜଣେ ବି ବାଦ୍ ପଡ଼ିଲେନି । ପ୍ରତିବାଦ କରିବାକୁ କେହି ନାହିଁ । କେଇକ୍ଷଣ ମଧ୍ୟରେ ସାରା ପାଠାଗାର ଧୂମାଚ୍ଛନ୍ନ । ତା' ସହ ଅଗ୍ନିକଣିକାର ଉତ୍ତପ୍ତ ବଳୟ । ସବୁଠି ନିଆଁ ହିଁ ନିଆଁ । ହର୍ଷୋଲ୍ଲାସରେ ମାତାଲ ଥିଲେ ଖିଲିଜଙ୍କ ଅଗଣିତ ସୈନିକ । କି ଆନନ୍ଦ... କି ଉନ୍ମତ୍ତ ନୃତ୍ୟ... ।

ଆଠଶହ ବର୍ଷର ଗରିମା, ଗର୍ବ, ମହାନ୍ ସୃଷ୍ଟି ଚତୁର୍ଦ୍ଦିଗରେ ସୃଷ୍ଟି କରୁଥିଲା କରୁଣ ଆର୍ତ୍ତନାଦ । ବିଶ୍ୱ ଦେଖୁଥିଲା ସବୁଠାରୁ କ୍ରୂର ଶାସକର ବୀଭତ୍ସ ଲୀଳା । ନବେ ଲକ୍ଷ ପୁସ୍ତକର ଅଗ୍ନିର ଦୁଃଖଦ ଆଲୋକ ଚତୁର୍ଦ୍ଦିଗରେ ବିଚ୍ଛୁରିତ କରୁଥିଲା ଅନ୍ଧାର ହିଁ ଅନ୍ଧାର ।

ତଳେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡ଼ିରହିଥିଲା ଦୁନିଆର ଶ୍ରେଷ୍ଠଜ୍ଞାନୀ ରାହୁଲ ଶ୍ରୀ ଭଦ୍ରଙ୍କ ଶରୀର । କାହିଁ କେଉଁ ଅନ୍ତରର ନିମୀଳିତ ପ୍ରାଣରୁ ଭାସି ଆସୁଥିଲା ବୁଦ୍ଧଂ ଶରଣଂ ଗଚ୍ଛାମି... ।

ଭୁବନେଶ୍ୱର
ମୋ.: ୯୪୩୭୧ ୬୪୭୬୪

କ ବି ତା

ଗୁମର

ଯୋଗେନ୍ଦ୍ର କୁମାର ନାୟକ

ରଜାଘର ଗୁମର ନ କହିଲେ ଭଲ
ଆମେ ତ ଭାଇ କଟୁଆଳ ପୁଅ
ପିଠା ଖାଇବୁ ସିନା
ତୁଚ୍ଛାକୁ ବିନ୍ଧ ଗଣିବୁ କିଆଁ ।

ରଜା ତେଣେ ସଲପ ପିଇ ଚୁର୍..
ଅନେଶତ ରାଣୀ ସାଥେ
ଦୁନିଆ ଭାସିଲା କେତେ ବୁଡ଼ିଲା କେତେ
ଆମର କି ଯାଏ ହୋ..
ଆମେ ଭଲ ତ ରାଇଜ ଭଲ ।

ରଜାପୁଅ ଶାଗୁଣା ପିଠିରେ ବସି
ଶିକାର କରିଯାଏ ନିଇତି
ଶାଗୁଣା ଝୁଣେ ଚାଖଣା ବନାଏ
ପରଶି ଦିଏ ରଜାପୁଅକୁ
ଚାଉଳି କିମ୍ବା ମହୁଲି ସାଥେ ମିଶାଇ
ଦେଶକୁ ସେ ଚୋବାଇ ଖାଏ ।

ହୋ ଦେଶବାସୀଏ ନିଅ
ତମ ପାଇଁ ଆଣିଛି ରଙ୍ଗ ବେରଙ୍ଗ ସ୍ୱପ୍ନ
ପିହୁଳା ଦ୍ୱୀପର ପ୍ରବାଳ
ଦରିଆ ପାରିର ସୋମରସ
ଚାଉଳି ନୁହେଁ କି ମହୁଲି
ଖାଣ୍ଟି ଗ୍ୟାରେଣ୍ଟି ଦିଆ
ଗୋମେଦ ରଙ୍ଗପରି ଦିଶୁଥିବା ବିଦେଶୀ ।

ଶାଗୁଣା ପିଠିରେ ବସି ରଜାପୁଅ ରାଇଜ ବୁଲେ
ଶାଗୁଣା ରକ୍ତ ପିଏ ମାଟିର
ଲୁହ ପିଏ ଓଠର
ଶୋଷ ମେଣ୍ଟୁ ନ ଥାଏ
ରଜାପୁଅ ମୋକ୍ଷ ବାଣ୍ଟୁଥାଏ ଜନ୍ମଜନ୍ମ ପାପର ।

ଆମେ ତ ଭାଇ ଛାର କଟୁଆଳ ପୁଅ
କାହିଁ ରଜାପୁଅ କାହିଁ ମନ୍ତ୍ରୀପୁଅ
କିଆଁ ଖୋଲିବୁ ରଜାଘର ଗୁମର
ଶାଗୁଣା ଥଣ୍ଟରୁ କି ବର୍ତ୍ତି ପାରିଛି କୁହ
ଲୁହ ଲହୁର ହା ହା କାର ।

ଜନୁଆ ଜାଣି ପାରୁନି
ଶାଗୁଣା ଥଣ୍ଟରେ କେମିତି
ଦେଶର ମାଉଁସ ନାରଖାର
ଧନୁଆ ସୁଖର ଆଢୁଆଳେ
ଲୁଟିଯାଏ ରକ୍ତର ଭଣ୍ଡାର
ମାଡ଼ିଚାଲେ ବ୍ୟଭିଚାର ।

ବଡ଼ ବିଚିତ୍ର ଏ ଗୁମର
ମୁଲଚାଲ ସରିଲା ବେଳକୁ
ପବନ ପିଠିରେ ଭାସିଆସେ
ଆମ ରଜାଙ୍କର ଜୟ ଜୟକାର ।

ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ
ମହିଳା ଓ ଶିଶୁ ବିକାଶ ବିଭାଗ
ଲୋକସେବା ଭବନ, ଭୁବନେଶ୍ୱର
ମୋ.: ୯୪୩୭୩ ୦୧୫୨୭

ଆକ୍ୱାରିୟମ୍‌ର ମାଛ

ବିପ୍ଳବ

ମାଛମାନେ କଦାପି ଗୃହପାଳିତ ନୁହନ୍ତି । ସେମାନଙ୍କୁ ଆକ୍ୱାରିୟମରେ ବନ୍ଦୀକରି ନିଜ ଇଚ୍ଛାରେ ଦାନା ଦେବା ମୋର ପସନ୍ଦ ନୁହେଁ । ସମ୍ଭବତଃ ବିଥି ସହମତ ନୁହେଁ ବୋଲି ମୁଁ ଅନୁମାନ କଲି । ନ ହେଲେ କ'ଣ କିଛି ନ ଶୁଣିଲା ପରି ପାଳଙ୍ଗ ଶାଗ ଭିତରୁ ମଲାପତ୍ର ବାଛିବାକୁ ଲାଗିଥାନ୍ତା ? ମୁଁ ବି ବେଶୀ ବକ୍‌ବକ୍ ହେଲିନି । ଦାଢ଼ି କାଟିବାବେଳେ ସାବଧାନତା ଅବଲମ୍ବନ ଜରୁରୀ, କାରଣ ଏଇ ସମୟରେ ବ୍ଲେଡ୍‌କୁ ଶରୀରର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ତଣ୍ଟି ଉପରେ ଚଲେଇବାକୁ ପଡ଼ିଥାଏ । ଆଉ ଗୋଟେ କଥା ଦାଢ଼ି ସଫା କରିବାକୁ ତଣ୍ଟି ଉପରେ ବ୍ଲେଡ୍ ଚଲେଇବା ସ୍ତ୍ରୀର ମାଇଣ୍ଡ ସଫା କରିବାକୁ ନୀତିବାଣୀ ଶୁଣେଇବା ଏକା କଥା । ସାମାନ୍ୟ ଅସାବଧାନତାରେ ପ୍ରାଣହାନି ଯୋଗ । ହାଃ.. ହାଃ...

ମୁଁ ମନେମନେ ଭାବିଲି ଏସବୁ ।

ଏସବୁ କଥା ପ୍ରକାଶଯୋଗ୍ୟ ନୁହେଁ ଗୋଟେ ସୁସ୍ଥ ସମ୍ପର୍କ ପାଇଁ ।

ଦାଢ଼ି କାଟିସାରି ମୁହଁକୁ ପରିଷ୍କାରକରି ବେସିନ୍‌ରେ ଧୋଇଲି ।

: ଆଜ୍ଞା ଆଜି କାହାକୁ ଭେଟିବେ ଶୁଣେ ?

ବିଥିର ଏ କଟାକ୍ଷର କାରଣ ମୁଁ ବୁଝିପାରିଲିନି ।

: କାହାକୁ ମାନେ ?

: ରେଜରଟାକୁ ଦଶ ଥର କ'ଣ ପାଇଁ ମୁହଁରେ ଘଷା ହେଉଛି ଶୁଣେ ? ସେଥିରେ ପୁଣି ଥରକୁ ଥର କ୍ରିମ୍ ଲଗା ଆଉ ଦର୍ପଣ ଦେଖା ।

: ବନାନୀକୁ ଭେଟିବି । ଡିଉଟି ସାରି ଦୁହେଁ ନାଇଟ୍ ଶୋ ସିନେମା ଯିବୁ ।

ମୁଁ ଥଟ୍ଟାରେ କହିଲି ।

: କିଏ, ବନାନୀ ! ସେ ପୁଣି କିଏ ?

: ଆମ ଶାଳୀ ସାହେବା ।

: ଆମ ଶାଳୀ ! ଛିଃ... ଛିଃ.. କି କଥା

: ମାନେ ?

: ଆମ ଶାଳୀ ମାନେ କ'ଣ ? ଦୁଇଜଣଙ୍କ ଶାଳୀ, ମାନେ ମୁଁ ଦୁଇ ଜଣଙ୍କ ସ୍ତ୍ରୀ ?

ମୁଁ ବୋକା ।

ଏ କି ପ୍ରକାର ଅଯୁକ୍ତିକର ଯୁକ୍ତି !

ଏମିତି ନିର୍ମଳ ହାସ୍ୟରସରୁ କେହିକଣ ଭୟଙ୍କର ଅର୍ଥ ବାହାର କରିପାରେ ?

ମୁଁ ତ ସବୁଦିନ ଅଫିସ୍ ଯିବା ପୂର୍ବରୁ କ୍ରିମ୍ ଲଗେଇ ଫେଣ କରେ । ଦାଢ଼ି କାଟେ । ଦର୍ପଣ ବି ଦେଖେ । ଏ କାମ ମୋର ଚିରାଚରିତ ।

ଅବଶ୍ୟ ଘରେ ଦାଢ଼ି କାଟିବାକୁ ମୋତେ ବିରକ୍ତି ଲାଗେ ।

ମାତ୍ର ଏବେ ସେ ସବୁ ଦେହସୁଆ ହୋଇଗଲାଣି । ଆମ ଲେଡି ବସ୍ କୁହନ୍ତି ସେଭ୍ ନହେଲେ ପୁରୁଷ ସ୍ମାର୍ଟ ଲାଗେନି । କଷ୍ଟୋମରମାନଙ୍କ ସହିତ ଡିଲିଂସ୍ କଲା ବେଳକୁ କମଫର୍ଟ ଫିଲ୍ ହୁଏନି । ବିଥି କହେ ଗୋଟିଏ ଦୁଇଟି ପାଚିଲା ଦାଢ଼ି ମୋତେ ବୟସ୍କ କରିଦିଏ । ଅତଏବ ପ୍ରତ୍ୟେକ ଦିନ ସକାଳୁ ଦାଢ଼ି କାଟିବା ମୋ ପ୍ରଥମ ପିରିୟଡ଼ ଭାବରେ ରୁଟିନ୍ ବନ୍ଧା ଜୀବନରେ ଯୋଡ଼ିହୋଇ ରହିଛି ।

ଆଜି କ'ଣ ହୋଇଛି ବିଥିର ? ବଡ଼ ଅଦ୍ଭୁତ ଏଇ ଝିଅମାନେ । ମନ ଭଲଥିଲେ ସେଇ ଘଟଣାକୁ ପ୍ରଶଂସା କରିବେ, ମନ ଭଲ ନ ଥିଲେ ନିନ୍ଦା କରିବେ ।

ମୁଁ ତା' ସହ କଥା ବଢ଼େଇବାକୁ ଚାହିଁଲି ନି । ସକାଳୁ ନିଜକୁ ଡିଷ୍ଟର୍ବ କରିବା ଅର୍ଥ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା । ଘରେ ୱାଇଫ ଲେଡ଼ି, ଅଫିସରେ ବସ୍ ବି ଲେଡ଼ି ।

ହାଃ.. ହାଃ....

ୱାଇଫମାନେ ହିଁ ତ ଲେଡ଼ି ହୋଇଥାନ୍ତି ବ୍ୟାକରଣରେ ମାତ୍ର ଅଧିକାଂଶ ବାସ୍ତବ ଜୀବନରେ ହିଁ ପୁଲିଙ୍ଗ । ଏ କଥା ସତ ଯେ ଗୋଟିଏ ପୁରୁଷ ଜୀବନରେ ଘରେ ଆଉ କର୍ମକ୍ଷେତ୍ରରେ ଉଭୟ ଲେଡ଼ି ବସ୍ ରହିଲେ ସାରା ଜୀବନ ତା'ର ଝାମୁଯାତ । ହେଲେ ଏ ଝାମୁ ଚାଲୁଥିବା ଲୋକ ଭାଗ୍ୟରେ କାଳିସୀ ହେବାର ସୌଭାଗ୍ୟ ନଥାଏ କି ହାତରେ ବେତ ଧରିବାର ସୁଯୋଗ ନଥାଏ । କହିବାକୁ ଗଲେ ଅସ୍ତ୍ରହୀନ ଶିଖଣ୍ଡି ।

ସକାଳୁ ଉଠି ମୁହଁ ଧୋଇବା ବେଳ ଠୁଁ ତାମରା କାଉ ପରି ହେଉଛି ବିଥି । ଆଜି ଯେମିତି ହେଲେ ଆକ୍ୱରିୟମ ଦରକାର । ୱାର୍କିଙ୍ଗ ଡେ'ରେ ମୁଁ କେତେ ଲୋଡ଼ ଭିତରେ ଥାଏ ସେ ଭାବି ପାରେନି । ତା' ଇଚ୍ଛାକୁ ମୋ' ଉପରେ ସେ ଲଦି ଚାଲିଥାଏ ।

ମୁଁ କାହାରି ସ୍ୱାଧୀନତା ଉପରେ ହସ୍ତକ୍ଷେପ କରେ ନାହିଁ । ମୋ ସ୍ୱାଧୀନତା ଉପରେ କେହି ହସ୍ତକ୍ଷେପ କଲେ ମୋତେ ବିରକ୍ତ ଲାଗେ । ଅବଶ୍ୟ ଅଫିସ୍‌ରେ ବସ୍ ସେମିତି ନୁହଁନ୍ତି । ତଥାପି ବେଳେବେଳେ ମୋ କାର୍ଯ୍ୟରେ ତାଙ୍କର ମାତ୍ରାଧିକ ଅନୁପ୍ରବେଶ ଭଲ ଲାଗେନା । ସେଇ ସବୁ କ୍ରୋଧର ଶିକାର ହୁଏ ବିଥି ।

ବେଳେ ବେଳେ କୌଣସି ଘଟଣାକୁ ନେଇ ତା' ସହ ମତାନ୍ତର ହୁଏ, ମନାନ୍ତର ବି ହୁଏ । ଯେମିତି କି ଆଜି ଆକ୍ୱରିୟମ କିଣାକୁ ନେଇ ଘଟିଛି ।

ସେଦିନ ରବିବାର ଥିଲା । ଧୂପଦିଆ ସରିବା ପରେ କହିଲା ପାର୍ଲର ଯିବ । ଠିକ୍ ଅଛି । ଚାଲ । ଫେରିଲାବେଳକୁ ବାଟରେ ଗୁପ୍‌ଚୁପ୍ ଖାଇଲା । ସେଇ କଡ଼କୁ ଗୋଟିଏ ରଙ୍ଗୀନ୍ ମାଛ ଦୋକାନ ଥିଲା । ମାଛ ଦୁଇଟା ପାଇଁ ମୋତେ କହିଲା । ମୁଁ ମନା କଲି । ଶୁଣିଲାନି । ଶେଷରେ ଗୁପଚୁପ୍ ବିକୁଥିବା ପିଲା ମୋତେ ବୁଝେଇଲା 'ସାର୍, ବେଶି ଟଙ୍କା ନୁହେଁ । ମାଡାମ୍‌ଙ୍କ ଖୁସି ବିଷୟରେ ଥରେ ଭାବନ୍ତୁ' ।

ମୁଁ ଉପାୟଶୂନ୍ୟ ହୋଇ ଆଣିଲି । ବଜାର ଉପରେ ବେଶି ଲୋକହସା ହେବା ଠିକ୍ ନୁହେଁ । ସକାଳୁ ପୁଣି ଆରମ୍ଭ ହୋଇଛି ଜିଦ୍ । ଯେଉଁ କାଚ ଜାର୍‌ଟିରେ ମାଛ ଦୁଇଟି ଅଛନ୍ତି ତାହା ଅପ୍ରଶସ୍ତ । ପହଁରିବା ପାଇଁ ସୁବିଧା ହେଉନି । ଅତଏବ ଆକ୍ୱାରିୟମ ଲୋଡ଼ା ।

ଲୋଡ଼ା । ଠିକ୍ ଅଛି । ମାତ୍ର ଏବେ ଲୋଡ଼ା କହିଲେ ମୁଁ କ'ଣ କରିବି ? ଗୋଟେ ବାଇକ୍‌ରେ କେମିତି ଧରି ବସିବି ? ଏ କଥା ବୁଝିବାକୁ ସେ ନାରାଜ ।

ସେ ଯେମିତି ଜଣେ ଭେଟ୍‌ନାରୀ ଡାକ୍ତର । ମାଛଙ୍କ ମନ କଥା ଜାଣିପାରୁଛି । ଟିକିଏ ପାଣିରେ ମାଛ କୁଆଡ଼େ ଅଣନିଃଶ୍ୱାସୀ ହୋଇ ଯାଉଛି । ମୂକ ମାଛର ଦୁଃଖ ବୁଝିପାରୁଛି ଅଥଚ ମୁଁ ମୁହଁ ଖୋଲି କହିଲେ ମୋ ଅସୁବିଧା ବୁଝିପାରୁନି ! ତା'ର ପଦିଏ କଥାରେ ମୁଁ କେମିତି ଅଣନିଃଶ୍ୱାସୀ ହୋଇଯାଉଛି ।

ତା'ର ଏଇଟା ମୋ' ପ୍ରତି ଅବିଚାର ନା ଅଜ୍ଞତା ? ମୁଁ ମୁହୂର୍ତ୍ତଟିଏ ଭାବନାରେ ମଜି ଯାଏ, ପୁଣି ବର୍ତ୍ତମାନକୁ ଫେରେ । କିନ୍ତୁ ତା' ବିଚାରର ବିଚାର କରିପାରେନି ମୁଁ । ତା'ର ଏଇ ଜିଦ୍‌କୁ ମୋ' ପ୍ରତି ଏକ ପ୍ରକାର ଅତ୍ୟାଚାର ବୋଲି ବୁଝିବାକୁ ହେବ କି ?

କେଜାଣି ?

ଯଦି ଏ ଅତ୍ୟାଚାର ହୁଏ ତେବେ ତାକୁ ସହିବା ଉଚିତ୍ ନା ପ୍ରତିବାଦ କରିବା ଆବଶ୍ୟକ ନା ପ୍ରତିଶୋଧ ନେବା ଉଚିତ ?

ବିବାହ ଏକ ପବିତ୍ର ବନ୍ଧନ । ସ୍ତ୍ରୀ ସାତ ଜନ୍ମର ସାଥୀ । ତା' ସହିତ ମନାନ୍ତର ବା ମତାନ୍ତରକୁ ଅତ୍ୟାଚାର ବୋଲି କୁହାଯାଇ ପାରିବନି । ଅତଏବ ଏ ଟପିକ୍ ବିଷୟରେ ବେଶି ଭାବନା ଅନାବଶ୍ୟକ ।

ତା' ଜିଦ୍‌କୁ କେବଳ କାଉଣ୍ଟର କରିବା ପାଇଁ କିଛି ମାସ ତଳର ଘଟଣାକୁ ତା'ର ମନେ ପକେଇ ଦେବା ଉଚିତ୍ ହେବ କି ?

ସେଦିନ ଥିଲା ଚୈତ୍ର ମାସ । ସାଙ୍ଗ ହୋଇ ଦୁହେଁ ତାଙ୍କ ଘରୁ ଫେରୁଥିଲୁ । କୃଷ୍ଣଚୂଡ଼ା ଗଛଗୁଡ଼ିକ ଗାଢ଼ ନାଲି ରଙ୍ଗର ଫୁଲରେ ଭର୍ତ୍ତିହୋଇ ଯାଇଥିଲା । ବାହାଘର ନୂଆ ନୂଆ । ମନ ଗଗନରେ ଉଡୁଥାଏ ତୁଳା ପରି । ଗୋଟେ ଜଙ୍ଗଲିଆ ରାସ୍ତାରେ ମୋ' ପିଠିରେ ଲଦିହୋଇ କହିଲା 'ଆମ ଶୁଆ ତମକୁ ଭଲ ଲାଗିଲା ?'

ମୁଁ ହସିଲି ଆଉ କହିଲି ଶୁଆ ଭଲ ଲାଗିଲା ଆଉ ମୋ' ପିଠିରେ ଲଦି ହୋଇ ବସିଥିବା ଶାରୀ ବି ଭଲ ଲାଗିଲା । ଟିକିଏ ଆଗକୁ ଗୋଟିଏ ମୋଡ଼ଣି ପଡ଼ିଲା । ସେଇଠି ଗୋଟିଏ ଯୁବକ ଛୋଟ ଛୋଟ ଶୁଆମାନଙ୍କୁ ଧରି ଠିଆ ହୋଇଥିଲା ।

ବିଥି ମୋ କାନରେ କହିଲା 'ପ୍ଲିଜ୍ ରୁହ ଟିକେ । ଦେଖ କେତେ ଚୁଇଁ ଚୁଇଁ ଶୁଆ ।'

ମୁଁ ରହିଲି ।

ସତକୁ ସତ ଶୁଆଗୁଡ଼ିକ ଗୁଲଗୁଲିଆ ହୋଇଥିଲେ । ନିଶ୍ଚୟ ଶାବକ ।

: ପ୍ଲିଜ୍ ଗୋଟେ ନେବା ।

ବାହାଘର ମାସେ ହେବ ବୋଧେ । ଜୀବନରେ ପ୍ରଥମ ଥର ବିଥି କିଛି ମାଗୁଥିଲା । ମୁଁ କେମିତି ମନା କରିଥାନ୍ତି ?

: ହଉ ଧର ତେବେ । ମୁଁ କହିଲି ।

ଘରେ କୌଣସି ଜୀବଜନ୍ତୁ ରଖିବା ସପକ୍ଷରେ ମୁଁ ନୁହେଁ । ଭାବିଲି ଦି, ଚାରିଦିନ ଯାଉ । ବୁଝେଇ ସୁଝେଇ ଉଡ଼େଇ ଦେବି ।

ତା' ଖୁସିକୁ ବାଇକ୍ ମିରର୍‌ରେ ମୁଁ ଦେଖି ପାରୁଥିଲି । ତା' ଖୁସିରେ ମୋ ଖୁସି । ମାତ୍ର ତା'ର ଏଇ ଖୁସିରେ ମୁଁ ଖୁସି ନୁହେଁ ।

କିଛିଦିନ ତାକୁ ଖୋଲାରେ ରଖିଲୁ । ଗୋଟେ ଦିନ ବିଲେଇଟିଏ ଘର ସାମନାରେ ବୁଲୁଥିବାର ଦେଖିଲି । ତା' ଆଖି ନିଶ୍ଚୟ ଶୁଆ ଉପରେ ପଡ଼ିଛି । ବିଥିକୁ ଏ କଥା କହିଲି । ଛୋଟ ଛୁଆଟା ଛାଡ଼ିଦେବା ବୋଲି ବୁଝେଇଲି । ସେ ନାରାଜ ।

ପଞ୍ଜୁରୀ ଗୋଟେ ଲୋଡ଼ା ।ବିଥି କହିଲା ।

ଡିଉଟିସାରି ଫେରିଲା ବେଳେ ମୁଁ ଖୋଜେ ।

ପାଏନି ।

ତିନି ଚାରିଦିନ ଗଲା । ବିଥି ତା' ଅସନ୍ତୋଷ ମୋ' ଉପରେ ବ୍ୟକ୍ତ କଲା । ଶେଷରେ ଗୋଟିଏ ଓଲଡିଂ ଦୋକାନୀକୁ କହିବାରୁ ନୂଆ ପଞ୍ଜୁରୀ ଗୋଟେ କରି ଦେବାକୁ ସମ୍ମତି ପ୍ରକାଶ କଲା । ତିନି ଦିନ ସମୟ ନେଲା । କାମ ତିନି ପା' ସରିଗଲା । ଗୋଟେ ଶନିବାର ଦିନ ତିନିଟାରୁ ବାହାରି ଆସିଲି । ମୁହଁ ସଞ୍ଜ ଯାଏଁ ତା' ପାଖରେ ବସିଲି । କାମ ସରିଲା । ଆଣିକି ଆସିଲି ।

ଜଳଖିଆ ଦୋକାନଠୁଁ ଜଳଖିଆ ପାଇଁ ଟିକେ ଅଟକିଲି । ସେଠି ଜଣେ ଅପରିଚିତ ବ୍ୟକ୍ତି ହଠାତ୍ ମୋତେ ପ୍ରଶ୍ନ କଲେ 'ଘରେ ଶୁଆ ପୁଆ ରଖିଛନ୍ତି କି ? ଜାଣିଛନ୍ତି ଘରେ ଏ ସବୁ ରଖିବା ଆଇନତଃ ଅପରାଧ । କିଛି ମାସ ତଳେ ଘରେ ମାଙ୍କଡ଼, ସାପ ରଖି ରିଲସ୍ କରୁଥିବା ଲୋକେ ଗିରଫ ହୋଇଛନ୍ତି ।'

ମୁଁ ସାମାନ୍ୟ ଶଙ୍କିଗଲି । ଲୋକଟି ନିଶ୍ଚୟ ବନ ବିଭାଗର । ଅଧିକ ସମୟ ଏଠି ରହିଲେ ହୁଏ ତ ଘର ଠିକଣା ପଚାରିପାରେ ?

କିନ୍ତୁ ଅଧିକାଂଶ ଲୋକ ଘରେ ଶୁଆ ପାଳିଥାଆନ୍ତି । ମୁଁ ମନେମନେ ଭାବିଲି ।

ଲୋକଟି ତା' ଯୁକ୍ତିକୁ ଆହୁରି ବଳିଷ୍ଠ କରିବାକୁ ଯାଇ କହିଲା 'ଆମ ପିଲାଦିନେ କେତେ ହାତୀ ଗାଁ ଗାଁ ବୁଲି ଧାନ ଖାଉଥିଲେ । ମାହୁନ୍ତ କୁଲାରେ ଧାନ ନେଇ ହାତୀ ପାଟିକୁ ନାମକୁ ମାତ୍ର ଦେଇ ବାକି ତକ ଅଖାରେ ପୂରେଇ ଦେଉଥିଲା । ହାତୀ ଥୋଡ଼ପାରୁ ସିନ୍ଦୂର ଚୋପେ କୁଲା ଦାଢ଼ରେ ଲଗେଇ ଫେରେଇ ଦେଉଥିଲା । ମନେ ପଡୁଛି ?'

ମୁଁ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣେଇଲି ।

: କେତେ କେଳା ପେଡ଼ିରେ ସାପ ଧରି ଗାଁ ଗହଳିରେ ଖେଳଉଥିଲେ । ଆଉ ଅଛନ୍ତି ?

ନା । କାହିଁକି ଆସୁ ନାହାନ୍ତି ? କାରଣ ଏ ସବୁ ବେଆଇନ୍ ।

ସେଠି ଆଉ ବେଶି ସମୟ ନ ରହି ମୁଁ ଖସି ଆସିଲି । ବଜାର ଶେଷ ମୁଣ୍ଡରେ ମନେପଡ଼ିଲା ବିଥି କଷି କାକୁଡ଼ି ଆଉ ସେଓ ପାଇଁ କହିଥିଲା । ଏ କଥା କହିଲା ବେଳେ ସେ ତାଗିଦ୍ କରିଥିଲା ତମେ ଭୁଲା ଲୋକ । ଲେଖିକି ନିଅ । ମନେକରି ଆଣିବ । ନହେଲେ ବିଚରା ଶୁଆ ତମ ପାଇଁ ଓପାସ ରହିବ ।

ମୁହଁ ସଞ୍ଜ ହୋଇଗଲାଣି । ଦୂରରୁ ଦେଖିଲି ବିଥି ଗେଟ୍ ମୁହଁରେ ରାସ୍ତା ଆଡ଼େ ଚାହିଁ ରହିଛି । ମୁଁ ଆଶ୍ଚର୍ଯ୍ୟ ହେଲି । ସେ କେବେ ମୋତେ ଅପେକ୍ଷା କରି ନ ଥାଏ । ମୋର ଡେରି ହୋଇଗଲା ଭାବି ବିରକ୍ତ ହୋଇ ଠିଆ ହୋଇଛି କି ଆଉ ? ହଁ ଆଜି ଡେରି ହୋଇଛି । ମୋର ଭୁଲ୍ ନାହିଁ । ସମସ୍ତ ଡେରି ଏଇ ପଞ୍ଜୁରୀ ପାଇଁ । ସେ କ'ଣ ବିଶ୍ୱାସ କରିବ ଏଇ କଥା ?

ବଡ଼ ସନ୍ଦେହୀ ସେ । ଏଥି ପାଇଁ କ'ଣ ଅଲଗା କୈଫିୟତ୍ ଦିଆଯାଇପାରେ ମୁଁ ଭାବିଲି । ଆଉ ଏକ ଯୁଦ୍ଧର ସମ୍ମୁଖୀନ ହେବା ପାଇଁ ମୁଁ ପ୍ରସ୍ତୁତ ହେଉଥିଲି । କିନ୍ତୁ ପଞ୍ଜୁରୀ, କାକୁଡ଼ି ଆଉ ସେଓ ଦେଖି ସେ ନିଶ୍ଚୟ ଖୁସି ହେବ ମୋର ବିଶ୍ୱାସ ଥିଲା । ସେ ଏତେ ରୁକ୍ଷ ନୁହେଁ । ଅନ୍ୟ ସବୁ ନାରୀ ପରି କିଛି କୋମଳ ଅଂଶ ଅଛି ତା' ଭିତରେ । ମୋତେ ଦେଖି ସେ ଗେଟ୍ ପାଖକୁ ଦୌଡ଼ି ଆସିଲା । ବୋଧେ ପଞ୍ଜୁରୀ ଦେଖି ମନଖୁସି ଅଛି ।

ମାତ୍ର ସେ ସେମିତି କଲାନି । ମୁଁ ଗାଡ଼ି ଉପରେ ବସିଛି । ମୋତେ ଜାବୁଡ଼ି ଧରି ପକେଇଲା । ତା'ର ଏ ପ୍ରକାର ଅସ୍ୱାଭାବିକ ଆଚରଣରେ ମୁଁ ଚମକି ପଡ଼ିଲି । ତା' ଠୁଁ ନିଜକୁ ମୁକୁଳେଇ ପ୍ରଶ୍ନ କଲି, 'ଏ କଣ ? କିଏ କୋଉଠି ଥିବ ?

ସେ କିଛି କହିଲାନି । ଫଳ ପଲିଥିନ୍ ମୋ' ଠୁଁ ନେଇ ଘର ଭିତରକୁ ଚାଲିଗଲା । ତା' ମୁହଁସାରା ଉଦାସର କଳା ବାଦଲ ନେସିହୋଇଥିଲା । ତା' ଅଦ୍ଭୁତ ଆଚରଣର କାରଣ ମୁଁ ବୁଝି ପାରୁ ନଥିଲି । ପ୍ୟାଣ୍ଟ୍ ସାର୍ଟ ବଦଳି ଫ୍ରେସ୍ ହେଲି । ଚୌକି ଉପରେ ବସି ପଡ଼ିଲି ।

କିଛି କହିବା ପୂର୍ବରୁ ସେ ଫ୍ୟାନକୁ ହାଇ ସ୍ପିଡ୍ କରିଦେଲା । ଫ୍ରିଜ୍ ଭିତରୁ ଥଣ୍ଡା ପାଣି ମୋତେ ଦେଲା । ପାଣି ପି' ସାରି ମୁଁ ପଚାରିଲି 'ଏବେ ଦେଖିଲ ଏ ପଞ୍ଜୁରୀ ଠିକ୍ ଅଛି ନା ? ଦି'ଟା ବେଳୁ ଆସି ତା' ଦୋକାନ ପାଖରେ ବସିଛି । ଗାଲୁଆ ଲୋକଟେ । ଦେଖୁନ ସଞ୍ଜ କରିଦେଲା । ହଁ ଶୁଣ କଷି କାକୁଡ଼ି ମିଳିଲାନି । ଅବଶ୍ୟ କାକୁଡ଼ି ସେତେ

ବୁଢ଼ା ନୁହେଁ । ଚଳିବ ।' ନିଜ ନିର୍ଦୋଷର ପ୍ରମାଣ ରଖୁଥିଲି ମୁଁ ।

ସେ ମୋ' କୋଳ ଉପରକୁ ଉଠି ଆସି କୁଣ୍ଢେଇ ଧରି ସୁଉଁ ସୁଉଁ ହେଲା ।

: କ'ଣ ହେଇଚି ଯେ....

: କିଛି କହିବ ନି ନା....

: ମାନେ ?

: ଆଗ ପ୍ରମିଜ୍‌କର

: କଲି.. କୁହ ତ..

: ବନାନୀ କଲ୍ କରିଥିଲା ତା' ହଷ୍ଟେଲ୍‌ରୁ । କୋଉ ଗୋଟେ ଟୋକା ତାକୁ ହଇରାଣ କରୁଛି ।

: ଠିକ୍ ଅଛି । ଯିବା । ତା' ପ୍ରିନ୍ସିପଲ୍‌ଙ୍କୁ ହେଉ ନହେଲେ ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟଙ୍କୁ ଭେଟି କମ୍ପ୍ଲେନ୍ କରିବା ।

: ଆରେ ନା' ମ

: ଆଉ

: ଆଉ... କମ୍ପ୍ଲେନ ଦେଲେ ବେଶି ହଇରାଣ କରିବ ବୋଲି ଭାବୁଛ କି ?

: ନା' ମ । ତା' ସହ କଥା ହେବା ବେଳେ ଟିକେ ଅନ୍ୟମନସ୍କ ଥିଲି । କେତେବେଳେ ସେଇ ବିଲେଇଟା ଆସି ଶୁଆକୁ ମାରିଦେଲା । ମୁଁ ଯେମିତି ଆକାଶରୁ ଖସି ପଡ଼ିଲି ।

ସେଦିନ ସଞ୍ଜରେ ଖାଇବାକୁ ଇଚ୍ଛା ହେଲାନି । ରାତିରେ ବି ନିଦ ହେଲାନି । ଗୋଟିଏ ନିରୀହ ପକ୍ଷୀ ଶାବକର ହତ୍ୟା ମୋତେ ବହୁତ କଷ୍ଟ ଦେଲା ।

ବିଥି କିନ୍ତୁ ସ୍ୱାଭାବିକ ଥିଲା । ତା' କ୍ଷଣସ୍ଥାୟୀ ଭୟର କାରଣ ଥିଲା ଆତ୍ମରକ୍ଷା । ଅବଶ୍ୟ ସେଦିନ ମୁଁ ତାକୁ ଗାଳି କରି ନଥିଲି । ଅନେକ ଦିନ ଯାଏଁ ଏ ଘଟଣା ମୋ ଛାତିରେ ଘା' ହୋଇରହିଲା ।

ବିଥି ସମ୍ପୂର୍ଣ ଭାବରେ ଭୁଲି ଯାଇଥିଲା । ନ ହେଲେ କ'ଣ ଦୁଇଟି ରଙ୍ଗୀନ୍ ମାଛ ଚକରରେ ପୁଣି ପଡ଼ିଥାନ୍ତା ! ସେଦିନ ପଞ୍ଜୁରୀ ପାଇଁ ଆଜି ଆକ୍ୱାରିୟମ୍ ପାଇଁ ।

ଅଧିକାଂଶ ଲୋକ କ'ଣ ପାଇଁ ଏ ଅନାବଶ୍ୟକ ଆବଶ୍ୟକତା ପଛରେ ପଡ଼ିଥାନ୍ତି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ନାରୀ ସ୍ୱାଧୀନତାର ନାରା ଦେଇ ଝିଅଟିଏ ନିରୀହ ଜୀବର ସ୍ୱାଧୀନତା ଅପହରଣ କରି କି ଖୁସି ପାଏ କେଜାଣି !

ଏ ପ୍ରଶ୍ନ କୋଉ ଝିଅକୁ ମୁଁ ପଚାରି ପାରିବି କି ? ପଚାରିଲେ ହୁଏ ତ ମୋ' ପୁରୁଷପଣିଆର ତାକତ ଦେଖୋଉଚି ବୋଲି କେହି କେହି ଅଭିଯୋଗ କରିପାରନ୍ତି ।

ନିରୀହ ମାଛ ଦୁଇଟି ଯେ ଶୁଆର ଦଶା ଭୋଗିପାରନ୍ତି ଭାବି ମୁଁ ବ୍ୟସ୍ତ ହେଲି । ସେଇ ବ୍ୟସ୍ତତା ଭିତରେ ବାଇକ ବାହାର କରି ରାସ୍ତା ଉପରକୁ ଗଲି । ଶହେ ଦୁଇ ଶ' ମିଟର ଯାଇଛି କି ନାହିଁ ମିଶ୍ର ବାବୁଙ୍କ ଝିଅ ହାତ ମାରିଲା ।

ମୁଁ ପଛକୁ ଚାହିଁଲି ।

ନା, ବିଥି ଦିଶୁନି ।

: ଭାଇନା ଟିକେ ମାର୍କେଟ୍ ଯିବି ।

ଏତିକି କହି ସେ ବାଇକ୍ ପଛରେ ବସିଗଲା ଆଉ ବେଶ୍ ଆରାମରେ ଦୁଇ କଡ଼କୁ ଗୋଡ଼ ଓହଳେଇ ।

ହେ ଭଗବାନ ! ଆଜି କାଲି ଝିଅଗୁଡ଼ା ସରମ ଭୁଲିଗଲେଣି । ବସିଲୁ ଠିକ୍ ଅଛି । ଦୁଇ ପଟକୁ ଗୋଡ଼ ଓହଳେଇ ବସିବା କ'ଣ ଦରକାର ?

ବିଥି ଯଦି ଦେଖେ । ପୁଣି ଗୋଟିଏ ନୂଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ କି ନାଇଁ ?

ଅଞ୍ଜୁ ଭେରାଇଟି ଷ୍ଟୋର୍ ପରେ ପରେ ବୁଦିବୁଦିକା ଜଙ୍ଗଲ ରାସ୍ତା ଟିକେ । ସେଇଠି ଗୋଟେ ଆମ୍ବ ଗଛ ତଳେ ଗାଡ଼ି ରଖି ଓହ୍ଲେଇ ପଡ଼ିଲି । ସେ ବି ଓହ୍ଲେଇ ପଡ଼ିଲା ଆଉ ପଚାରିଲା କ'ଣ ହେଲା ଭାଇନା ?

:ଭାଇନା ନା ଛେନାଗୁଡ଼ । ଜାଣିଛ ନା ଆମ ବିଥି ବଡ଼ ସନ୍ଦେହୀ । ଦୁଇ ଦିନ ହେବ ଗୋଟେ ଆକ୍ୱାରିୟମ ପାଇଁ ମୋ' ମୁଣ୍ଡ ଖାଇଲାଣି । ତମେ ତ ଜାଣିଛ ମୋର ଏ ସବୁ ପସନ୍ଦ ନୁହେଁ ।

: ମୁଁ କେମିତି ତମ ପସନ୍ଦ ଜାଣିବି ଭାଇନା, ତମ ସ୍ତ୍ରୀ ସିନା ଜାଣିଥିବ ।

: ଠିକ୍ ଅଛି । ନ ଜାଣେ । ଗୋଟେ ପଟୁଆ ବସ । ଯଦି ତାକୁ କିଏ କହେ ଦୁଇ କଡ଼କୁ ଗୋଡ଼ କରି ମୋ' ସହ ବସିଯାଉଚ ତେବେ ମହାଭାରତ କରିଦେବ ।

ମୋ କଥା ଶୁଣି ସେ ହସିଲା ।

: ବହୁତ ଅସୁବିଧା ହେବ ନା ଯଦି ସେ ଜାଣିବେ ଅଫିସ୍ ନ ଯାଇ ଗୋଟେ ଝିଅ ସହ ଜଙ୍ଗଲିଆ ରାସ୍ତାରେ ଏକା ଗପୁଛ ?

: କେତେ ଅଲାଜୁକୀ ଝିଅ ?

ଅବଶ୍ୟ ସେ ସତ କହୁଛି । ତା' କଥାରେ ଓଜନ ଅଛି ।

ମୁଁ ଗାଡ଼ି ଷ୍ଟାର୍ଟ କଲି । ସେ ସୁନାପିଲା ପରି ଗୋଟେ ପଟକୁ ଗୋଡ଼ କରି ବସିଲା । ସେ ବ୍ଲକ୍ ଛକରେ ଓହ୍ଲେଇଗଲା । ମୁଁ ଅଫିସ୍ ଚାଲିଆସିଲି । ମୁଁ ସେଇ ଆମ୍ବଗଛ ତଳେ ଠିଆହୋଇ ଗପୁଥିବା ବେଳେ କିଏ ରାସ୍ତା ଦେଇ ଯାଇଥିଲା କି ନାଇଁ ମନେ ପଡୁ ନଥିଲା । ଛାଡ଼ । ସନ୍ଧ୍ୟା ବେଳକୁ ଜଣା ପଡ଼ିବ ।

ଅଫିସ୍‌ରୁ ଫେରିବା ବାଟରେ ଧନୀ ସାହୁ ସୁଇଟ୍ ଷ୍ଟଲ୍‌ରୁ ଅଳ୍ପ

ରସଗୋଲା ନେଇଗଲି । ରସଗୋଲା ବିଥିର ବହୁତ ପ୍ରିୟ । ବାହାଘର ପୂର୍ବରୁ ତା' ସାନ ଭଉଣୀ ବନାନୀ ଏଇ ଟପ୍ ସିକ୍ରେଟ୍ ମୋତେ ଜଣେଇ ଥିଲା । ସେଥିପାଇଁ ପ୍ରଥମ ରାତିଦିନ ସର୍ପ୍ରାଇଜ ଭାବରେ ରାଣୀ ହାର ସହିତ ତାକୁ ରସଗୋଲା ଦେଇଥିଲି । ସେ ଖୁସିରେ ପାଗଳୀ ହୋଇ ଯାଇଥିଲା । ସେଇ ସୁଖର ଦିନ ସବୁ ଇନ୍ଦ୍ରଧନୁ ପରି କ୍ଷଣକେ ଶୂନ୍ୟରେ ବିଲୀନ ହୋଇଗଲା ।

କିପ୍ୟାଡ଼ ଫୋନ୍ ଥିବା ବିଥିର ମୃଦୁ ଗୁଞ୍ଜରଣ ଡିଜେରେ ବଦଳି ଗଲାଣି । ଡାଇନିଂ ଟେବୁଲ୍ ଉପରେ ରସଗୋଲା ପ୍ୟାକେଟ୍ ରଖିଦେଲି ।

ଫ୍ରେସ୍ ହେବାକୁ ଚାଲି ଗଲି । ଆସି ଦେଖେ ତ ପ୍ୟାକେଟ୍ ଖୋଲି ଗୋଟେ ଚାପି ଦେଲାଣି । ମୁଁ କିଛି ପରିମାଣରେ ଆଶ୍ୱସ୍ତ ହେଲି ।

ପାଟି ପାକୁଳି କରୁଥିବା ଅବସ୍ଥାରେ ମୋତେ ପଚାରିଲା ' କିଏ ଦେଇଥିଲା ?'

: ଗୋଟେ ଷ୍ଟାଫ୍‌ର ପ୍ରମୋସନ୍ ହେଲା ତ ।

ମୁଁ ମିଛ କହିଲି । ସେ ଖୁସି ହେଲା । ଏବେ ସ୍ଥିର ହେଲି ଯେ ମିଶ୍ର ବାବୁ ଝିଅ ମୋ' ସହ ଯିବା କଥା ସେ ଜାଣିନି ଏଯାଏ ।

ମୋତେ ଆଶ୍ଚର୍ଯ୍ୟ କଲା ପରି ସେ କହିଲା :

ଯାଇଁଲ, ଆଉ ଆକ୍ୱାରିୟମ ଆଣିବା ଦରକାର ନାହିଁ ।

ବିଲେଇ ଜାର ଗଡ଼େଇ ପୁଣି ମାଛ ଦୁଇଟା ଖାଇ ଦେଲା ନା କ'ଣ ?

ମୁଁ ଆଶଙ୍କା କଲି ।

: ଆମେ ସେ ମାଛ ଦୁଇଟି ଦୋକାନୀକୁ ଫେରେଇ ଦେବା ନହେଲେ କଲୋନୀରେ କାହାକୁ ଦେଇଦେବା । ଜାଣିଛ ନବ ବିବାହିତ ଘରେ ରଙ୍ଗୀନ୍ ମାଛ ରଖିଲେ ସଂପର୍କରେ ଫାଟ ସୃଷ୍ଟି ହୁଏ । ପୁରୁଷ ଜୀବନରେ ଅଲଗା ଝିଅ ଆସିବାର ସମ୍ଭାବନା ରହିଥାଏ । ତମ ଅଫିସ୍‌ର ଅଧିକାଂଶ ଷ୍ଟାଫ୍ ଲେଡ଼ିଜ୍ । ମୋତେ ଡର ଲାଗୁଛି । ମୁଁ ଅଲକ୍ଷଣୀ କିଛି ନବୁଝି ସଦାବେଳେ ତମକୁ ଭୁଲ୍ ବୁଝେ ।

: ତା' ମାନେ ତମେ ମୋତେ ସନ୍ଦେହ କରୁଛ ?

: ପ୍ଲିଜ୍ ସେମିତି କୁହନି ଆଉ ।

: ହେଲେ ତମେ ଏ ଜ୍ଞାନ ପାଇଲ କୋଉଠୁ ?

: ଜାଣିନ, ଆମ କଲୋନୀର ଜଗୁ ମିଶ୍ର କେତେବଡ଼ ପଣ୍ଡିତ । ତାଙ୍କୁ ସବୁ ଜଣା । ତାଙ୍କରି ଝିଅ ଜିନୁ ଆସିଥିଲା ଆଜି ଦ୍ୱିପ୍ରହରେ । ତାକୁ ବି ତା' ନନା ପରି ବହୁତ କଥା ଜଣା । ଯେତେ ହେଲେ ପଣ୍ଡିତ ଘର ଝିଅ ।

ବିଥି ମୁହଁକୁ ମୁଁ ବୋକାଙ୍କ ପରି ଚାହିଁଲି । ସାମୟିକ ଭାବରେ ହେଉ ପଛେ ଆକ୍ୱାରିୟମର ମାଛ ପରି ମୁକ୍ତି ମିଳିଗଲା ମୋତେ ।

ସକାଳେ ଲିଫ୍ଟ ଦେବା ମୋର ବୃଥା ଯାଇନି । ମନକୁ ମନ ଭାବିଲି ମୁଁ ।

ମକୁନ୍ଦପୁର, ବାଙ୍କୀ, କଟକ
ମୋ.:୯୪୩୭୪ ୬୮୦୧୬

କ ବି ତା

ପାରିବନି ତୁମେ

ଡ. ଅନିଲ ନନ୍ଦ

ଆଜି ପୂର୍ଣ୍ଣିମୀ କି ଅମାବାସ୍ୟା
ଠିକ୍ କରି କହି ହେଉ ନାହିଁ
ଆଜି ତୁମେ ଅଛ ନାହଁ କିମ୍ବା
ଟିକେ ହେଲେ ଜଣା ବି ପଡୁନି ।

ଅରୁଣ ରଙ୍ଗର ସକାଳଟେ
ବୋହି ନେଉଥିବା ସେହି ସବୁ ପକ୍ଷୀ
ମଧ୍ୟାହ୍ନ ପୂର୍ବରୁ ଭୁଲି ପାରିଛନ୍ତି
ନିଜ ନିଜ ରଙ୍ଗ
ଗୋଧୂଳି ସଂଜରେ ଫେରୁଥିବା ପବନ
ନିଜ ପାଇଁ ସାଇତି ରଖୁଛି
ସନ୍ଦେହର ମୁଠାଏ ସପନ
ପାରା ଦଳେ ଉଡ଼ିଗଲା ପରି

ଉଭାନ ହେବାରେ ଲାଗିଚି
ଯେତେସବୁ ବିଶ୍ୱାସର ଦେବାର୍ଚ୍ଚନ ।

ଆଜି ମୁଁ ତୁମକୁ ଚିହ୍ନିବି ନା ଚିହ୍ନିବନି
ଦୋଦୋପାଞ୍ଚ କହି ପାରୁନାହିଁ
କଥା ଦେଇପାରୁ ନାହିଁ
ହାଟ ସଉଦାକୁ ଅଣ୍ଟିବ ନା ନାହିଁ
କ୍ରମଶଃ ସଂକ୍ଷିପ୍ତ ଆଜିର ଦିନ ।

ତୁମେ କ'ଣ ବୁଝିପାର
ମାୟାମୃଗ ସାଜିଥିବା ଚକ୍ଷୁର ଅନ୍ଧାର !
ଯାହା ଲାଗି ମୋହାଚ୍ଛନ୍ନ ଜ୍ୟୋସ୍ନାର ରଜନୀ
ନିଃସଙ୍ଗତା ଖୋଲିଦିଏ ଦ୍ୱାର ।

କହିଲ, କେତେ ଶୁଣିଚ

ଛିଣ୍ଡା ବରଡ଼ାରେ ବସା ଗଢୁଥିବା
ବାଇଆ ଚଢ଼େଇ ଗୀତ
କେତେ ବୁଝିଚ ଝଡ଼ ବର୍ଷାରେ ତିନ୍ତିବୁଡ଼ି
ଆତ୍ମାକୁ ଶୁଣାଉଥିବା ଭଜନ ।

ବୁଝିଛି ଦରଜରେ ସିଉଁଥିବା ରମାବୋଉ
ଜାଣିଛି କ୍ଷତକୁ ଝାଳ ପେଉଥିବା
ଉଜୁଡ଼ା କ୍ଷେତର ଚାଷୀ କହିବ
ଲୁହକୁ ଲୁଚାଇ ରଖିଥିବା କୃପଣ ।

କ୍ୟାମ୍ପସ -୯, କିଟ୍, ଭୁବନେଶ୍ୱର
ମୋ.: ୯୯୩୭୮ ୪୩୩୬୮

ଅଦିନିଆ ମେଘ

ଜଗନ୍ନାଥ ସାହୁ

ଛାଇ ଆଲୁଅ ରାତି । ସମୟ ଆଠଟା । ବରପାଲି ରେଳ ଷ୍ଟେସନ୍ । ଉପର ବେଳା ମେଘଠୁ ଏବର ମେଘ ଟିକେ ଘୁମେଇ ଯିବା ପରି ହେଉଛି କଳା ବଉଦରେ । କୁଣା ଭୁରି ଦେହରେ ବର୍ଷାର ସଂକେତ ଦେଉଛି ମାତ୍ର ବର୍ଷା ଋତୁ ନୁହେଁ । ଆଉ ଘଣ୍ଟାଏ ପରେ ଧାନ୍‌ବାଦ ଏକ୍ସପ୍ରେସ୍ ଧାଇଁ ଆସିବ । ଏପଟ ସେପଟ ହେଉ ହେଉ ସମୟ ବିତାଇବାକୁ ହେବ ।

ଗୋରାତକ ତକ୍‌ତକ୍ ଦେହ । ମୁହଁର ଦାଢ଼ି ଆହୁରି ଆକର୍ଷଣୀୟ । ହୃଷ୍ଟପୁଷ୍ଟ ଯୁବକଟିଏ । ବାରମ୍ବାର ଘଣ୍ଟାକୁ ଅନାଉଥାଏ, ଧାନ୍‌ବାଦ୍ କେତେଦୂର ?

ନୋକିଆ ୧୬୦୦ ମଡ଼େଲ ଫୋନ୍‌ରେ ବେଳେବେଳେ ସାପଖେଳ ଖେଳୁଥାଏ ଷ୍ଟେସନ୍‌ର କୌଣସି କୋଣରେ ବସି । ଯାତ୍ରୀମାନଙ୍କୁ ବେଶ୍ ଦୂରତା ଅବଲମ୍ବନ କରୁଛି । ଥରେଥରେ ଧାଇଁଯାଏ ଟ୍ରାକ୍‌ପାଖକୁ, ଦେଖେ ନାଲି ବତି ଜଳୁଛି । ଷ୍ଟେସନ୍‌ରେ ଘୋଷଣା ମଧ୍ୟ କରାଯାଉନି, ବୋଧେ ବିଦ୍ୟୁତ୍ କି ମାଇକ୍‌ର ସମସ୍ୟା ହୋଇପାରେ ।

ଘଣ୍ଟାଏ ଭିତରେ ପନ୍ଦର-କୋଡ଼ିଏ ଜାଗା ବଦଳେଇ ସାରିଥିବ । ସବୁପଟେ ନିଘା କରିସାରିଛି କେଉଁଠି ତା' ଆତ୍ମୀୟ ସ୍ୱଜନ ବା ଚିହ୍ନା ପରିଚିତ ନାହାନ୍ତି ତ ?

ପ୍ୟାଣ୍ଟ ପକେଟ୍‌କୁ ଧୀରେଧୀରେ ହାତ ବୁଲାଇ ଆଣି କୌଣସି ଜିନିଷର ସେ ସ୍ଥିତି ଜାହିର କରେ । ବେଶ୍ ଆନମନା ଜଣାପଡୁଥାଏ । ଆଲୁଅଠୁ ଦୂରେଇ ଯାଇ ଆକାଶର ଜହ୍ନକୁ ଦେଖେ । ଜହ୍ନ ଭିତରେ ନିଜକୁ ଖୋଜେ । ସେପଟେ ଟ୍ରେନ୍‌ର ଆବାଜ୍‌ରେ ସତର୍କ ହୋଇଗଲା । ତାକୁ ଯିବାକୁ ହେବ । କେଉଁଠିକୁ ?କେଜାଣି... ?

ଟ୍ରେନ୍‌ରେ ସେତେ ଭିଡ଼ ନାହିଁ । ପାଖରେ ଟିକେଟ୍ ନାହିଁ । ସାଧାରଣ ବଗିକୁ ଯାଇ ବସିଗଲା । ବସ୍ ହେଉକି ଟ୍ରେନ୍ ଝରକା ସବୁବେଳେ ତାକୁ ଆକର୍ଷିତ କରେ ।

ଝରକାରେ ହାତ, ହାତ ଉପରେ ମୁହଁ ଦେଇ ଅନେଇଲା ଜହ୍ନକୁ । ଟ୍ରେନ୍ ଯାଉଛି, ଜହ୍ନ ବି ।

ଏ ଜହ୍ନ ସହ ତା'ର ନିବିଡ଼ ସମ୍ପର୍କ । ପ୍ରେମରେ ବୁଡ଼ିଥିବା ଜୀବନକୁ ସମୟ ବା କି ଜଣା ? ଥରେ ତନୁୟୀ ସହ ବୁଲାବୁଲି କରୁକରୁ ସଂଧ୍ୟା ହୋଇଗଲା 'ନଳୀଚୂଆଁଠାରେ' । ଘର ଢେର୍ ବାଟ । ଗାଁକୁ ଫେରିବା ସମ୍ଭବ ନଥିଲା । ସାମ୍ନାରେ ଖଳଖଳ ହୋଇ ବହିଯାଉଛି ଝରଣା । ଭାଙ୍ଗିଯାଇଥିବା ପାହାଡ଼ ଛାତିରେ ପିଟିହୋଇ ଘୋଷଣା କରୁଛି ତା'ର ଅମରତ୍ୱ । ତିନି ଦିଗେ ପାହାଡ଼ । ଆକାଶରେ ତୋଫା ଜହ୍ନ । ପକ୍ଷୀଙ୍କ ଘରବାହୁଡ଼ା । ଆଖି ଯେତେ ଦୂର ଅନେଇ ପାରିବ, କେବଳ ଗଛମୟ, ଆକାଶମୟ... ।

ପାହାଡ଼ ଯେଉଁଠି ଭାଙ୍ଗି ଯାଇଛି, ଝରଣା ଯେଉଁଠି ନିଜକୁ ସମର୍ପି ଦେଇଛି ସେଇଠୁ ତଳକୁ ଆଖି ଚହଲେଇ ଆଣିଲେ ହୃଦ୍‌ସ୍ପନ୍ଦନ ବଢ଼ିଯିବ । ଦୂରକୁ ଅନେଇଲେ ଭଟ୍‌ଲୀ ସହର । ତନୁୟୀର ଗୋଟେ ଜିଦ୍ ଛିଣ୍ଡି ପଡ଼ିଥିବା ଝରଣା ସାମ୍ନାରେ ହିଁ ତନୁୟକୁ ଆଲିଙ୍ଗନ କରିବ ।

ତନୁୟର ବାହୁକୁ ଜୋର୍‌ରେ ଭିଡ଼ି ଧରିଥାଏ ତନୁୟୀ । ନୀରବତା ଭିତରେ ତନୁୟ ଶୁଣୁଥାଏ ଦୀର୍ଘଶ୍ୱାସ । ସ୍ୱର୍ଗ ଆଉ କେଉଁଠି ଥାଏ ? ବୋଧେ ଏତଦ୍ ବ୍ୟତୀତ ହୋଇନପାରେ ? ତନୁୟୀ ଭୟରେ ଜାବୁଡ଼ି

ନଥିଲା ବରଂ ତଲ୍ଲୀନ ହେବାରେ ତା'ର ତନୁମନ ଝରଣା ହୋଇସାରିଥିଲା ।

ସାମ୍ନାରେ ମନ୍ଦିର । ଦୁହେଁ ଗୋଡ଼ ଲମ୍ବାଇ ବସିଗଲେ ଗଡ଼ାଣି ଚିକ୍କଣ ପଥର ଦେହରେ । ପ୍ୟାଣ୍ଟକୁ ଟିକିଏ ଉପର କରିଦେଇ ଦୁହେଁ ପାଦ ଥୋଇଲେ ଗଡ଼ିଯାଉଥିବା ପାଣିରେ । ପାଦରେ ପାଦ ଛନ୍ଦି ହେଇଛି । ତନୁୟର ହାତ ତନୁୟୀର ପିଠିଦେଇ ଅଣ୍ଟା ଉପରେ । ତନୁୟୀ ହାତ ଲମ୍ବିଛି ତନୁୟର ବେକଯାଏଁ । ଦୁହେଁ ନୀରବ । ଯାହା ଖାଲି କୁଳୁକୁଳୁ ଶବ୍ଦ ଶୁଣାଯାଉଛି । ଭୋକଶୋଷ ଛୁ ।

ବାନ୍ଧି ଦେଇଥିବା ବାଳକୁ ଖୋଲିଦେଲା ତନୁୟ । ଏବେ ତନୁୟର ଦେହ ମୁହଁରେ କଅଁଳ ସ୍ପର୍ଶ । ତନୁୟୀ ବେକଠୁ ହାତ ଟାଣି ଆଣି ତନୁୟକୁ ଜୋର୍‌ରେ ଭିଡ଼ି ଧରିଲା । ତନୁୟୀ,ତନୁୟର କୋଳରେ ମୁଣ୍ଡ ଦେଇ ଜହ୍ନକୁ ଦେଖିଦେଖି କହିଲା -'ଜୀବନ' ।

ତନୁୟ- 'ଜହ୍ନ ପରି' ।

ହସି ଉଠିଲା ତନୁୟୀ । ହସରେ ଦାନ୍ତଗୁଡ଼ାକ ଆହୁରି ଚିକ୍‌ମିକେଇ ଉଠିଲେ । ଦୂର ଆକାଶକୁ ଦେଖେଇ ତନୁୟୀ କହିଲା- 'ଧରାଯାଉ ଆମେ ଖଣ୍ଡ ମେଘରେ ବସି ଯଦି ଭାସି ବୁଲୁଥାନ୍ତେ ।'

'ଆଃ ! କି ଆହ୍ଲାଦ ମିଳନ୍ତା । କେବଳ ତୁମେ ଆଉ ମୁଁ । ମୁଁ ଆଉ ତୁମେ ଏଇ ପାହାଡ଼, ଝରଣା, ମେଘ ଯୋଉଠି ଇଚ୍ଛା ସେଠି ଖାଲି ଘୂରିବୁଲନ୍ତେ'- କହିଲା ତନୁୟ ।

କିଛି ସମୟ ପୁଣି ଦୁହେଁ ନୀରବ ରହିଗଲେ ।

ପାଣି ବହୁଥାଏ, ପବନ ବହୁଥାଏ, ଜହ୍ନ ଯାଉଥାଏ ଢଳିଢ଼ଳି ।

'ଘରେ ଖୋଜୁଥିବେ'- ତନୁୟ କହିଲା ।

ତନୁୟୀ ନୀରବ ଥାଏ ।

ତନୁୟ- 'କାଲି ଘରେ କ'ଣ କହିବ' ?

ତନୁୟୀ ଟିକିଏ ଓଠ ଖୋଲି କହିଲା- 'ବାସ୍ତବତାକୁ ଅନୁଭବିବାକୁ ଦିଅ । ଘରେ ଥାଇ ଏ ସମୟକୁ ଖୋଜୁଥିଲି, ଏବେ ସମୟ ଆସିଛି ଘର କଥା କାହିଁ...।'

ତନୁୟ – 'ହଉ ହେଲା ।' କୋଳରୁ ଉଠିପଡ଼ି ତନୁୟର ବେକ ଦେଇ ହାତ ଲମ୍ବାଇ ପୁଣି ଭିଡ଼ିଧରିଲା ତନୁୟୀ । ପ୍ରେମିକାର ହସ ସଂଜୀବନୀ, ତା' ପୋଷାକ ପବିତ୍ର । କିନ୍ତୁ ତା'ଠୁ ଆହୁରି ନିଜର ଲାଗୁଥାଏ, ଗନ୍ଧରେ ଆନମନା କରୁଥାଏ ତନୁୟୀର ଝାଳ ।

'ଝରଣା, ପାହାଡ଼, ମରୁଭୂମି କି ଆଉ ଯେଉଁ ଇଲାକାରେ ଯାହା ହେଉବା ନହେଉ ଏ ଆଲିଙ୍ଗନ ପାଇଁ ମୁଁ ଶତାବ୍ଦୀ ଶତାବ୍ଦୀ ଧରି ଛିଡ଼ା ହୋଇପାରେ' - ଏମିତି ଭାବନାରେ ବିଭୋର ଥିବା ତନୁୟ ଟ୍ରେନ୍‌ର ଶବ୍ଦରେ ହଠାତ୍ ଚମକି ଉଠିଲା । ପ୍ୟାଣ୍ଟ ପକେଟ୍‌କୁ ଧୀରେ ଧୀରେ ହାତ ବୁଲାଇ ଆଣିଲା, ଦେଖିଲା, ଜିନିଷଟି ସ୍ଥିତି ଜାହିର କରୁଛି ତ !

ଟ୍ରେନ୍ ଲାଗିଲା ବରଗଡ଼ ଷ୍ଟେସନ୍‌ରେ । ଟ୍ରେନ୍ ଭିତରୁ ବାହାରି ଆସି ଘେରାଏ ବୁଲି ଆସିଲା । ଏଇ ବରଗଡ଼ ଷ୍ଟେସନ୍‌ରୁ ଓହ୍ଲାଇ ସେ ଧାଇଁ ଯାଇଛି ବାରବଖରାକୁ । ବାରବଖରା ସେମାନଙ୍କର ଅତି ପ୍ରିୟ ସ୍ଥାନ । ସେମାନେ ବିଦ୍ୟାଳୟ ତରଫରୁ ବଣଭୋଜି କରିଯାଇଛନ୍ତି । ପରେ ତନୁୟୀ ସହ ଅନେକଥର ଯାଇକି ତାଙ୍କର ସ୍ମୃତିକୁ ଛାଡ଼ିଛନ୍ତି । ବାରବଖରା ଦେଖିଲେ ମହେଞ୍ଜୋଦାରୋ ସଭ୍ୟତାର କଳ୍ପନା କରିହୁଏ । ବଡ଼ପଥର ଚଟାଣକୁ ଚିରିଦେଇ ପାଣିର ସ୍ରୋତ ଆନମନା କରିଦିଏ ।

ପାଞ୍ଚ ଦଶ ପାଦ ଆଗକୁ ଚାଲିଯାଇଥିବା ତନୁୟକୁ ଟିକିଏ ଧୀର ସ୍ୱରରେ ଡାକ ଦେଲା ତନୁୟୀ । କହିଲା- ଆସ ଏଠି ପହଁରିବା ।

ତନୁୟ ସକାଳେ ଗାଧୋଇବାକୁ ପସନ୍ଦ କରେନି । ତେଣୁ ସେ କହିଲା 'ସୂର୍ଯ୍ୟ ମୁଣ୍ଡ ଉପରକୁ ଆସନ୍ତୁ ତା'ପରେ ଗାଧୋଇବା' । ତନୁୟୀର ଜିଦ୍‌ରେ ତନୁୟ ପତ୍ରଟିଏ ପରି । ପ୍ରେମ ହେଲେ ପବନ ବୋହେ କି ପବନ ବହିଲେ ପ୍ରେମ ହୁଏ କେଜାଣି ? ଧୀରେଧୀରେ ତନୁଲତାକୁ ନଚଉଥିବା ପବନ ଏବେ ତନୁୟୀର ବାଳକୁ, ଓଢ଼ଣୀକୁ ଚୁମ୍ବିବାକୁ ଆସୁଛି, ଦେହସାରା ଛୁଇଁ ଯାଉଛି ପବନ, ଅବାକ୍ ହୋଇ ଚାହିଁ ରହିଥାଏ ତନୁୟ...

'ତନୁୟ ଓଢ଼ଣୀକୁ ଧର'- କହିଲା ତନୁୟୀ ।

ଦୁହେଁ ଛିଡ଼ା ହେଲେ । ଗୋଟେ କାନିକୁ ତନୁୟର ହାତ ଅନ୍ୟଟି ତନୁୟୀ ଭାଗରେ । ଓଢ଼ଣୀ ପବନରେ ଭାସୁଛି । 'କଳାଧଳା ରଙ୍ଗର ସମ୍ବଲପୁରୀ ପୋଷାକ, ନିରୀହ ଚାହାଣୀ ଭିତରେ ସଫେଦ୍ ଦାନ୍ତର ପ୍ରତିଛବି' ତନୁୟ ତା' ଆଖିରେ କଏଦ୍ କରି ସାରିଥିଲା । କାର୍‌ଗିଲ୍ ଯୁଦ୍ଧରେ ତ୍ରିରଙ୍ଗା ପତାକା ଲହରିବା ପରି ଏଠି ତାଙ୍କର ପ୍ରେମର ଓଢ଼ଣୀ ଯେମିତି ଫର୍‌ଫର୍ ଉଡୁଛି ।

ନାଳରେ କାଚକେନ୍ଦୁ ପରି ପାଣି । ଟଙ୍କାଟିଏ ଫିଙ୍ଗିଦେଲେ ଜଳଜଳ ଦିଶିବ । ନାଳମାନେ ଘାସ ନାହିଁ, କାଦୁଅ ନାହିଁ ମାତ୍ର କେଉଁଠି କେଉଁଠି ଗୋଜିଆ ଗୋଜିଆ ପଥରର ଧାର ।

ପ୍ରଥମେ ତନୁୟୀ ପାଣି ଭିତରକୁ ପଶି ଘୋଷଣା କଲା 'ଆସ ତନୁୟ, ଶୁଖା ଦେହରେ ବହୁତ ସମୟ କାଟିଛେ, ଆଜି ଦେହ ଭିଜିବ, ମନ ଭିଜିବ, ଓଠ ଭିଜିବ, ସବୁ ଭିଜେଇଦେବା, ଆସ ତନୁୟ ଆସ...' ।

ତନୁୟ ମନରେ ଦିନସାରା ଭିଜିବାର ଭୟ; ତଥାପି ଗୋଟେ ଡିଆଁରେ ତନୁୟୀର ସାମ୍ନାରେ । କଅଁଳ ମନର ମରମ ଭାଷାକୁ କିଏ ପ୍ରତ୍ୟାଖ୍ୟାନ କରିପାରେ । ଝିଅମାନଙ୍କ ମୁକୁଳା ଓଦାବାଳ ତନୁୟକୁ ଭାରି ପସନ୍ଦ । କେରାଏ ବାଳ ମୁହଁ ଉପରେ ପଡ଼ିଥିଲେ ତା'ର ଅପରୂପରେ ମୋହିତ ହୁଏ । ଓଦା ପୋଷାକ ଦେହରେ ଲାଖିଯାଇଛି । ବୁନ୍ଦାବୁନ୍ଦା ପାଣି ମୁକ୍ତା ପରି ମୁହଁରେ-ବାହୁରେ, ଛାତିରେ... । ଇଚ୍ଛା ହୁଏ ପ୍ରତି ମୁକ୍ତା ଉପରେ ଚୁମ୍ବନ କରନ୍ତା । ପାଣିକୁ ହାତରେ ଛିଂଚାଡ଼ି ଖିଲିଖିଲି ହସୁଛି । ଏପଟେ ତନୁୟର ଲୋମଗୁଡ଼ାକ ଟାଙ୍କୁରେଇ ଉଠୁଛନ୍ତି । ଦେହ,

ମନରେ ଶିହରଣ । ଏଯାଏଁ ପୁଅ ସହ ମିଶି ଗାଁ ପୋଖରୀରେ ଗାଧେଇଛି । ଦୂରରୁ ଦେଖିଛି ଝିଅଙ୍କ ଗାଧେଇବା । ଏବେ କିନ୍ତୁ...

'ଝିଅର ଓଢ଼ଣୀକୁ ଢାଙ୍କି ପ୍ରେମୀଯୁଗଳ ପାଣିରେ ବୁଡ଼ିଲେ ପ୍ରେମ ସଫଳ ହୁଏ, ତୁମେ ଜାଣିଛ ନା ତନୁୟ'- ପଚାରିଲା ତନୁୟୀ ? ତନୁୟ ଫିକ୍‌କିନା ହସିଦେଇ କହିଲା 'ହଉ ତେବେ ଚାଲ ।'

ଦୁହେଁ ଓଢ଼ଣୀକୁ ଧରି ବୁଡ଼ିଲେ । ଓଢ଼ଣୀ ଭାସୁଛି । ଓଢ଼ଣୀ ବି ତା'ର ବଂଶଧରମାନଙ୍କୁ କହିବାକୁ ଯେମିତି ବ୍ୟଗ୍ର ହୋଇଉଠୁଥିବ – 'ଏମିତି ପ୍ରେମୀ ଯୁଗଳଙ୍କୁ ସଲାମ୍...' ।

କାଚକେନ୍ଦୁ ପାଣି ଭିତରେ ତନୁୟ ଦେଖିପାରୁଛି ପଦ୍ମପାଦଦ୍ୱୟ । ଇଏ, ରାଧାପାଦ ଦର୍ଶନ ନୁହେଁ ତ ! ପାଉଁଜି ବି କେମିତି ଚୁମ୍ବି ଧରିଛି ପାଦକୁ । ଆହା ! କେହି ଜଣେ କବି ତୁଠପଥର ହେବାକୁ ଇଚ୍ଛା ପ୍ରକାଶ କରିଥିଲେ ଯେଉଁ ପଥରରେ ତାଙ୍କ ପ୍ରେମିକା ପାଦ ରଖି ଘଷନ୍ତା । ସତରେ ! ଈଶ୍ୱର କେତେ ନିଖୁଣ ଭାବରେ ଏ ପାଦକୁ ଗଢ଼ିଥିବେ । ଏ ପାଉଁଜି ବୋଧେ ଏଇ ପାଦ ପାଇଁ ତିଆରି ହୋଇଛି ।

ତନୁୟର ଏମିତି ଭାବନା ଭିତରେ ଓଢ଼ଣୀ କାଢ଼ି ତନୁୟୀ ପଚାରିଲା 'ଜଳ ଦେବତାକୁ କ'ଣ ମାଗିଲ ?'

– କ'ଣ ଆଉ ମାଗିବି ? ସିଏ ତ ପ୍ରତ୍ୟକ୍ଷ ଦର୍ଶନ କରେଇଲେ ।

– ମାନେ ?

– ମାନେ ଆଉ କ'ଣ ? ଆଜି ସାରା ସଂସାର ମତେ ଅତି ଆପଣାର ଲାଗୁଛି । ଜାଣିଛ ଏହି ପାହାଡ଼ରେ ବୀର ସୁରେନ୍ଦ୍ର ରହିଥିଲେ । ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲେ । ଆଜି ମୁଁ ଏଇ ମାଟିରେ ତୁମକୁ ପାଇବାକୁ ପ୍ରତିଜ୍ଞା କରୁଛି ।

– ମୁଁ କ'ଣ ତୁମଠୁ ଦୂରେଇ ଯାଇଛି ଯେ ମତେ ପାଇବାକୁ ପ୍ରତିଜ୍ଞା କରୁଛ ?

'ହଁ, ଦୂରେଇ ଯାଇଛ । ବହୁ ଦୂରକୁ ଯାଇଛ...'- ଝରକାକୁ ଟାଣିଧରି ଚିଲ୍ଲେଇ ଉଠିଲା ତନୁୟ । ଟ୍ରେନ୍‌ଟି ମହାନଦୀ ବ୍ରିଜ୍ ଉପରେ ଛୁକ୍ ଛୁକ୍ ଛୁକ୍ ଆବାଜ୍ କରି ଗଡୁଛି ସମ୍ବଲପୁର ମୁହାଁ । ବୋଧେ ବ୍ରିଜ୍‌ର ଆବାଜ୍ ହେତୁ କେହି ଯାତ୍ରୀ ଶୁଣି ପାରିଲେ ନାହିଁ ନତୁବା ସମସ୍ତେ ଅଚେତ୍ ଅବସ୍ଥାରେ ।

ଟ୍ରେନ୍ ଭିତରେ ଝାପ୍‌ସା ଆଲୁଅ । ଦୁଇ କଡ଼କୁ ଆଖି ପହଁରେଇ ଆଣିଲା ତନୁୟ । ଦେଖିଲା ସମସ୍ତେ ଶବ ପରି ପଡ଼ି ରହିଛନ୍ତି । ପ୍ୟାଣ୍ଟ୍ ପକେଟ୍‌ରୁ ଧୀରେ ଧୀରେ ବାହାର କଲା ଏତେବେଳ ଯାଏ ସଂଭ୍ରମତାରେ ରଖିଥିବା ତା' କାର୍ଯ୍ୟ ହାସଲ କରିବାର ପ୍ରିୟ ବସ୍ତୁ । ହାତ ଆଉଁଷେଇ ଦେଲା ସେ କଳା ରଙ୍ଗର ଛୋଟ ଦ୍ରବ୍ୟ ଉପରେ । ତା'ର ଲକ୍ଷ୍ୟ ପଥରେ ପ୍ରାପ୍ତି ପାଇଁ ଏ ବନ୍ଧୁକ ହିଁ ତାକୁ ସାହାଯ୍ୟ କରିବ । ସେ କାହାକୁ ମାରିବ, କାହାକୁ ଛାଡ଼ିବ ସ୍ଥିର କରିପାରୁନଥାଏ । ସ୍ୱାମୀଙ୍କୁ ନା ପତ୍ନୀକୁ ?

ଅନ୍ଧାରର ଛାତି ଚିରି ଗଡୁଥାଏ ଟ୍ରେନ୍‌ଟି । କାଲି ସକାଳ ହେବ; ଫୁଲ ଫୁଟିବ ନା ଗୁଳି ?

ତନୁୟକୁ ଏବେ ଚାଳିଶ ଛୁଇଁବ । ସେ ପ୍ରତିଜ୍ଞା କରିଥିଲା ତନୁୟୀଙ୍କୁ ହିଁ ବାହାହେବ । ତେଣୁ, ତ' ଆଜିଯାଏଁ ସେ ଅବିବାହିତ । ବାରବଖରାର ଝରଣା କୂଳରେ ତନୁୟୀ ଯେଉଁ ସମୟ ବିତେଇଥିଲା ତନୁୟକୁ ଏବେ ସ୍ୱପ୍ନ ପରି ଲାଗୁଛି । କାହିଁ ଦରବୁଢା ଅଫିସରଙ୍କ ପତ୍ନୀ ତନୁୟୀ, କାହିଁ ତନୁୟର ପ୍ରେମିକା ତନୁୟୀ, କାହିଁ... କାହିଁ...ସେ ନିସର୍ତ୍ତ ଚୁମ୍ବନ, କାହିଁ ସେ ବାରବଖରା ପଥର ଦେହରେ ଲାଖି ଯାଇଥିବା ପ୍ରେମୀ ଯୁଗଳ...

ବୀର ସୁରେନ୍ଦ୍ର ଯେଉଁ ମାଟିରେ ପାଦ ଦେଇଥିଲେ ସେ ମାଟି କେମିତି ବିଫଳ ହେବ ? ସେ ମାଟି ସଫଳତାର ମାଟି.... ସେ ମାଟି ତ' ତ୍ୟାଗର ମାଟି... ଶହ ଶହବର୍ଷ ପୂର୍ବରୁ ବାବାମାନେ ସେ ମାଟିରେ ତପସ୍ୟା କରିଥିବା ହେତୁ ବାରବଖରା ହୋଇଥିବା ଲୋକକଥା ତନୁୟୀ କହିଥିଲା ମୋ କାନରେ । ସେ ତ ତପସ୍ୟାର କ୍ଷେତ୍ର, ପବିତ୍ରତାର କ୍ଷେତ୍ର ।

ପାହାଡ଼ ଯେଉଁଠି ଛିଣ୍ଡେ ସେଠି ଛିଡ଼ାହେବାକୁ ତନୁୟୀର ଭାରି ଇଚ୍ଛା । ଖାଲି ଛିଡ଼ା ହୁଏ ନାହିଁ, ତନୁୟକୁ ଆଲିଙ୍ଗନ କରିବ, ପାଟିରେ ହାତ ଦେଇ ଜୋର୍‌ରେ ଡାକି ଉଠିବ ତନୁୟ...ତନମୟ.... ତନ..ମ..ୟ...

ପାହାଡ଼ ଛାତିରେ ଶବ୍ଦ ପ୍ରତିଧ୍ୱନିତ ହୋଇଉଠେ । ହସି ଉଠେ । ପୁଣି ଡାକିବ ମୋ ତନୁୟ...ତନୁୟ ତୁମେ ମୋର.... ଶବ୍ଦଗୁଡ଼ାକ ପ୍ରତିଧ୍ୱନିତ ହୋଇ ସାରା ଆକାଶରେ ଯେମିତି ଖେଳେଇ ଉଠିବ ।

ବାରବଖରା ଝରଣା ଲାଗିକି ପାଖାପାଖି ପାଂଚ ଛଅ ଫୁଟର କୁଣ୍ଡ । ଦି' ତିନି ଜଣ ପଶିହେବ । ପାଣି ଭର୍ତ୍ତା ଟିକିଏ ଏପଟସେପଟ ହେଲେ ଶିଉଳିରେ ପାଦ ଖସି ଶତାଧିକ ଫୁଟ ତଳେ ପଡ଼ି ଜୀବନ ଯିବାର ଭୟ । ପାହାଡ଼ ଉପରୁ ଖସିପଡୁଥିବା ଝରଣାର ସ୍ରୋତ ମଧ୍ୟ ଛାତିକୁ ଦି'ଫାଳ କରିଦେବାର ସମ୍ଭାବନା ରଖେ । ଏତେ ବିପଦ ସଙ୍କୁଳ ଅବସ୍ଥା ସତ୍ତ୍ୱେ ତନୁୟୀ ଜିଦ୍ ଧରିଲା କୁଣ୍ଡରେ ପଶିବା ପାଇଁ ।

କୁଣ୍ଡ ଭିତରେ ଦୁହେଁ, ପାଦ ଉପରେ ପାଦ । ନଳୀଚୁଆଁରେ ଯେପରି ପାହାଡ଼ ଛିଣ୍ଡି ବିରାଟ ଜଳ ପ୍ରପାତ ସୃଷ୍ଟି କରିଛି ଏଠି ମଧ୍ୟ ତଦ୍‌ରୂପ । ତଳକୁ ଅନେଇଲେ ଆଖି ପାଉନି ।

ଉପରକୁ ଉଠିଯାଇ ତନୁୟୀ ପାଣି ଭିତରକୁ ଡିଆଁ ମାରେ ଗୁଦୁମ୍.... ପୁଣି ଉଠିଯାଇ ଡିଆଁ ମାରେ ଗୁଦୁମ୍...

ତନୁୟୀର ଏ ପାଗେଳିପଣକୁ ତନୁୟ ନୀରବରେ ଦେଖୁଥାଏ । ମୁକ୍ତା ପରି ପାଣି ବୁନ୍ଦା ତା' ଦେହରେ ଛାଇଯାଇଥାଏ । ଏତେ ସୁନ୍ଦର ହେଇପାରେ କୌଣସି ଝିଅର ଦେହ, କେହି ଦେବୀ ଭାବି ଭୁଲ୍ କରି ବସିବ ନିଶ୍ଚୟ ।

ପବନ ସାଇଁ ସାଇଁ ମାରୁଥାଏ । ବାହାରକୁ ଅନେଇ ଥାଏ ତନୁୟ । ପ୍ରତିଦିନ ଉର୍ବରମାଟି, ପାଣି, ଆଲୁଅ ଦେଇ ବଢ଼େଇଥିବା ସମ୍ପର୍କରେ ଉଇ କେବେଠୁ ଚରିଗଲା ଯେ ତନୁୟକୁ ଆଜିଯାଏ ଅଜଣା ? ଆଜି ବି ତନୁୟର ପ୍ରତି ଲୋମମୂଳରେ ତନୁୟୀର ବାସ୍ନା, ଗନ୍ଧ, ସ୍ପନ୍ଦନରେ ତନୁୟୀର ନା..

ତନୁୟୀ ଚାଲିଗଲା ଦିନୁ ତନୁୟ ଭିତରେ ଆହୁରି ପ୍ରେମ ବଢ଼ିଯାଇଛି । ଏବେ ସେ ପ୍ରେମିକ ପ୍ରବର । ରାସ୍ତାଘାଟ, ଖେଳପଡ଼ିଆ, ଘରଦ୍ୱାର ସବୁଠି ଚିତ୍ର ଆଙ୍କେ । କାହା ବ୍ରତ ଘର, ଏକୋଇଶିଆ, ବାହାଘର, ବିଭିନ୍ନ ପର୍ବପର୍ବାଣୀରେ ତନୁୟକୁ ଖୋଜାପଡ଼େ । ଲମ୍ବା ଲମ୍ବା ଚୁଟି ଧରିଥିବା ତରୁଣ ଯୁବକ ଚିତ୍ର ଆଙ୍କିଲା ଭିତରେ ଏତେ ମଜ୍ଜିଯାଏ ଯେ କେହି ବି ଜାଣି ପାରିବେନି ଯେ ଚିତ୍ରଟି କୌଣସି କାନ୍ଥରେ ଅଙ୍କାଯାଇଛି । କାହାଠୁ କେବେ ପଇସା ମାଗିନି । ଚିତ୍ର ଆଙ୍କିଲା ପରେ କେବଳ ଟିକିଏ ହସିଦେଇ ତାଙ୍କୁ କହିବାକୁ କୁହେ 'ପ୍ରେମର ଜୟ ହେଉ' ।

ତନୁୟୀ ଚାଲିଗଲା ପରେ ଏକାଏକା ବହୁଥର ଯାଇଛି ନଳୀଚୁଆଁକୁ । ପାହାଡ଼ ଉପର ନିର୍ଜନ ରାଧାକୃଷ୍ଣ ମନ୍ଦିରରେ ଅନେକ ରାତି ବିତେଇଛି । ଆକାଶକୁ ଅନେଇ ପ୍ରଶ୍ନ କରିଛି । ଝରଣା ପାଖକୁ ଯାଇ ଚିଲ୍ଲାଇ ଉଠିଛି ହେଲେ ସଭିଏଁ ନୀରବ । ଆଖିଠୁ ଓହଳି ଆସିଥିବା ଧାରେ ଲୁହ ଓଠ ଭିତରେ ପଶିଯାଇଛି କହୁଛି 'ବିଦାୟ ଏମିତି ତପ୍ତ ପ୍ରିୟ' ।

ତନୁୟ କେବେ ତ କାହାରି କ୍ଷତି କରିନି । କାହା ସହ ଝଗଡ଼ା ଲାଗିନି । ସେ କେବଳ ପ୍ରେମ କରିଛି । ତା' ପୃଥିବୀ ମାନେ ପ୍ରେମର ପବନ ବହୁଥିବ, ନୀଳ ଆକାଶ ଥିବ, ପକ୍ଷୀ ଥିବେ, ପାହାଡ଼ ଥିବ, ଝରଣା ଥିବ, ମାଟି ଥିବ, ପ୍ରେମିକା ଥିବ ଆଉ ଲତା ମଙ୍ଗେସ୍‌କର୍‌ଙ୍କ ଧୁନ୍ ଅନ୍ତରାଳରେ ପ୍ରତିଧ୍ୱନିତ ହେଉଥିବ । ଚିତ୍ର ଆଙ୍କିବା ପାଇଁ କିଛି ରଙ୍ଗ ଥିବ, ଦୁଃଖ ଭୁଲେଇବା ପାଇଁ କାହା ଓଠରେ ଆହା ପଦକ ଥିବ, ଲୁହ ପୋଛିବା ପାଇଁ ହାତଟିଏ ଥିବ ।

ମାତ୍ର ଯେଉଁ ହାତରେ ତନୁୟ ଏତେ ଜୀବନ୍ତ ଚିତ୍ର କାଟିଛି, ଯେଉଁ ହାତରେ ସେ କେତେ ପ୍ରେମ ଚିଠି ଲେଖିଛି, ସେ ହାତରେ ସେ ତନୁୟୀର କଅଁଳ ଗାଲକୁ ଛୁଇଁଛି । ସେ ହାତରେ ତନୁୟୀକୁ ଆପଣେଇ ନେଇଛି, ତନୁୟୀର ଲୁହକୁ ପୋଛିଚି, ତନୁୟୀକୁ ଖୁଏଇ ଦେଇଛି ଅଥଚ ସେ ହାତରେ ଆଜି ବନ୍ଧୁକ.. ।

ଏମିତି ଗୋଟେ ଦାରୁଣ ଆଘାତ ରାତିଥିଲା ତନୁୟ ପାଇଁ । ଆଜି ବି ମନେ ପକେଇଦେଲେ ଦେହ ତା'ର ଥରିଉଠେ । ହାତେ ପଇସା ନଥିଲା । ମାତ୍ର ପ୍ରେମିକାର ଡାକରେ ବନ୍ଧବାଡ଼ ସବୁ ଭାଙ୍ଗିଦେଇ ଡେଇଁପିବାକୁ ହୁଏ । ସେତେବେଳେ ଅସୀମ ଶକ୍ତି, ଭାବନା, ସାହସରେ ଜିଇଁବାକୁ ହୁଏ । ପ୍ରେମିକା ରାୟପୁରର ଏକ ହଷ୍ଟେଲ୍‌ରେ ରହୁଥିଲା ଉଚ୍ଚତର ଶିକ୍ଷା ପାଇଁ । ତନୁୟ ବୋଲବମ୍ ଡ୍ରେସ୍ ପିନ୍ଧି ଧାଇଁଥିଲା ରାୟପୁର । ଟ୍ରେନ୍ ଷ୍ଟେସନ୍ ଶୌଚାଳୟରେ ନିଜ ପୋଷାକ ବଦଳେଇ ଯାଇଥିଲା ତନୁୟୀ ପାଖକୁ । ସେଠି ଦି' ଦିନର ରହଣୀ ପରେ ପୁଣି ଚଢ଼ିଲା ଟ୍ରେନ୍ ।

ଫେରୁ ଫେରୁ କ୍ଷେତରାଜପୁର ରେଳ ଷ୍ଟେସନରେ ରାତି ଦି'ଟାରେ ପହଁଚିଲା । ଚାଲିକି ଗଲେ ଜ୍ୟୋତିବିହାର ଅନେକ ଦୂର । ଅଟୋ ଭଡ଼ା ପାଇଁ ପଇସା ନଥିବା ହେତୁ ସାହସ ଜୁଟାଇ ଚାଲିବାକୁ ଆରମ୍ଭ କଲା । ତନୁୟୀର କଥା ସହ ପାଦ ପାହେ ପାହେ ଆଗକୁ ବଢୁଛି । କେମିତି ଝିଅ ଡ୍ରେସ୍‌ରେ ଛାତ୍ରୀ ନିବାସକୁ ପଶିଥିଲା ସେ ମନେପକେଇ ମୁରୁକି ମୁରୁକି ହସୁଚି । କେତେ ଅନ୍ତରଙ୍ଗ ଭାବେ ମିଶିଛି ତନୁୟୀ ସହ । ଏମିତି ଅନେକ କଥା ଭାବୁଥିବା ବେଳେ ହଠାତ୍ ଆକ୍ରମଣର ଶିକାର ହେଲା ତନୁୟ ।

ତନୁୟ କିଛି ବୁଝି ପାରିଲା ନାହିଁ । ତା' ଦେହରେ ଛୁରା ମାଡ଼ ହେଲା । କେହି ଜଣେ ଜୋର୍‌ରେ ଗୋଇଠା ମାରିଲା । ତନୁୟ ତଳେ ପଡ଼ିଗଲା । ତା'ଠୁ ତା' ମୋବାଇଲ୍ ନେଇଗଲେ । ଅଚେତ୍ ଭାବରେ ପଡ଼ିଥିବା ତନୁୟକୁ ପୋଲିସ୍ ପ୍ରାଥମିକ ଚିକିତ୍ସା ସାରି ଜ୍ୟୋତିବିହାରରେ ଆଣି ଛାଡ଼ିଦେଲା । କିଛି କଥା ସେମିତି ହିଁ ମନ ଫରୁଆ ଭିତରେ ଅଚେତ୍ ଅବସ୍ଥାରେ ପଡ଼ିରହେ । ନା ତନୁୟୀ ନା କେହି ଏ ଖବର ପାଇଲେ !

ମୁଣ୍ଡର ବାଳଫୁର୍ ଫୁର୍ ଉଡୁଥିଲେ ତନୁୟ ଲାଗୁଛି ବଂଶୀଧାରୀ ପରି, ବାଳକୁ ପଛପଟେ ଚୁଟିକରିଦେଲେ ସେ ଯେ ବନ୍ଧୁକଧାରୀ । ଦୁହେଁ ପରିପୂରକ । ପ୍ରେମ ବି ଲାଲ୍, ବନ୍ଧୁକର ଶେଷ ରଙ୍ଗ ବି ଲାଲ୍ ।

ଏ ଧରଣୀରେ ପବନ ଅନାୟାସରେ ବୁଲୁଛି । ମାଟିରେ ଗଛ । ମାଟି, ଗଛ ଓ ଆକାଶ ସାରା ପକ୍ଷୀ । କୋଣେ ଅନୁକୋଣେ ସୂର୍ଯ୍ୟାଲୋକ । ଏଠି କିନ୍ତୁ ମଣିଷ ଭିତରେ କେତେ ଭେଦ ? ଆହାଃ, ଭେଦ କରେ ସର୍ବନାଶ ।

ସେ କାହାକୁ ମାରିବ । ତନୁୟୀ ତ ତା' ହୃଦୟ । ନିଜ ହୃଦୟକୁ କିଏ ଗୁଳିବିଦ୍ଧ କରିପାରେ ? ତନୁୟୀ ଆଖିରେ ଲୁହ ବି କେବେ ଦେଖିପାରିବନି । ଅଥଚ ଏ ବନ୍ଧୁକ କାହା ପାଇଁ ? କାହା ପାଇଁ ? ଆକାଶରେ ବିଜୁଳି ଚକ୍‌ମକି ଖେଳୁଛି । ଅଦିନିଆ ଘଡ଼ଘଡ଼ି ମେଘ ଫଟାଇ ଦେଉଛି । ଝରକାର ରେଲିଂକୁ ଧୀରେ ଧୀରେ ଧରିବାକୁ ଲାଗିଲା ଚିନ୍ମୟ । ତା'ର ଗୋଡ଼ ହାତ ଥରିବାକୁ ଲାଗିଲା । ସେ ଛିଡ଼ାହେଲା । କବାଟ୍ ପାଖକୁ ଚାଲିଗଲା । ଘଡ଼ଘଡ଼ି ସେମିତି ମାରୁଥାଏ । ଟ୍ରେନ୍ ଦୌଡୁଥାଏ, ଘଡ଼ଘଡ଼ି ମାରୁଥାଏ, ଗୁଳି ଫୁଟୁଥାଏ । ଏକଦା ତନୁୟୀର ପାଦର ପାଣି, ଗୋଡ଼ର ପାଣି, ଅଣ୍ଡାର ପାଣି, ଛାତିର ପାଣି, ଓଠର ପାଣି ଗୋଟାପଣେ ଭିଜେଇ ଦେଇଥାଏ ତନୁୟକୁ ଆଜି ପ୍ରେମର ରକ୍ତରେ ଗୋଟାପଣେ ଜୁଡୁବୁଡୁ ସେ ।

ଚିନ୍ମୟ ଆଖିରେ ନଳୀଚୁଆଁ, ବାରବଖରା, ପାହାଡ଼, ଝରଣା, ଓଡ଼ଣୀ, ବର୍ଷା, ଚିନ୍ମୟୀ... ।

ରେଙ୍ଗାଲି, ଚୁଡ଼ାପାଲି,
ବଲାଙ୍ଗିର-୭୬୭୦୨୪
ମୋ.:୯୪୩୯୫ ୮୦୭୩୯

ପୁତ୍ରାଭିଷେକ

ଲିପ୍‌ସା ପଟେଲ

ମାଆ ତ ମାଆ ସାବତ ମାଆ ପୁଣି କ'ଣ ! ଦରବୁଢ଼ା ବାପର ସ୍ତ୍ରୀ ହେବାକୁ ସେ କ'ଣ ସୁଖକର ମଣିଥିଲା । ନଥିଲା ଘରର ଝିଅ ବୋଲି ବାପ ଦୋଭେଇ ବର ହାତରେ ତା'କୁ ଟେକି ଦେଲା । ସେଦିନଠାରୁ ବାପଘର ଦୁଆର ମାଡ଼ିଲାନି । ବାପ ମଲା ବେଳକୁ ବି ଯାଇ ନ ଥିଲା । ବୁଢ଼ା କେତେ କରି କହିଥିଲା, ଅଭିମାନ ଛାଡ଼ି ମଲା ବାପକୁ ଥରୁଟିଏ ଦେଖିଆସିବା ପାଇଁ, ମାତ୍ର ସୁରମାର ସେଇ ଏକା ଜିଦ୍ ଯିବ ନି । ଦରବୁଢ଼ା ବର ପାଇ ମନ ଉଣା କରିଥିଲା ହେଲେ କଅଁଳା ପୁଅର ମା' ହୋଇ ଖୁବ୍ ଖୁସି ସାଉଁଟିଥିଲା । ରାଜୁକୁ ତା'ର ବେଶୀ ଶରଧା, ଏକଥା ଗାଁଟା ସାରା ଲୋକ ଜାଣନ୍ତି । ସେଇ ରାଜୁର ମା' ହୋଇ ଧାଙ୍ଗିରୀ ସୁରମାର ମୁଣ୍ଡବାଳ ଏବେ ପାଚିଲାଣି । ଦେହରେ ଖାଲି ହାଡ଼ ଦୁଇଖଣ୍ଡ ଓ ତା' ଉପରେ ଢଙ୍କା ହୋଇଛି ଚମ । ଜୀବନ ଧରିଛନ୍ତି ବୁଢ଼ାବୁଢ଼ୀ ଦୁହେଁ ବାବୁଘର ଖୁଦ, ତୋରାଣି ଭରସାରେ । ଏବେ ବୁଢ଼ାବୁଢ଼ୀକୁ ଆଉ ଭଲ ଦେଖାଯାଉନି । ବୁଢ଼ାର ବୟସ ବେଶୀ ହେଲାଣି ବୋଲି ଆଖିପରଳ ଅପରେସନ ହୋଇପାରିବନି; ମାତ୍ର ସୁରମାର ହୋଇପାରିବ ବୋଲି କ୍ୟାମ୍ପର ଡାକ୍ତର କହୁଥିଲେ । ଅନ୍ଧାରରେ ବାଟ ଅଣ୍ଡାଳିବାକୁ ହେଉଛି । ଡିବିରି, ଲଣ୍ଠନ ଜଳିଲେ କି ନ ଜଳିଲେ ଏକା କଥା ହେଉଛି । ବୁଢ଼ାର ବାତରୋଗ ପାଇଁ ସୁରମା କେତେ ଯୋଗାଡ଼ କରିଥିଲା । ତଥାପି କାଇଁ ସୁଫଳ ମିଳିଲାନି । ଅଭାବଟା ଏତେ ପର ମେଲିଲଣି ଯେ ସୁରମା ତିନିଘର କାମ ଯୋଗାଡ଼ିଛି । ଦିନଯାକର ହାଡ଼ଭଙ୍ଗା ଖଟଣୀରେ ବିଛଣା ଧରୁ ଧରୁ ନିଦ ମାଡ଼ିଆସେ । ସକାଳୁ ଭାତରେ ପାଣି ଦେଇଯାଇଥାଏ ଯେ ତା'କୁ ଲୁଣ ଲଙ୍କା କରି ସନ୍ଧ୍ୟାକୁ ଖାଇ ଦିଅନ୍ତି । ଅଣ୍ଡାଳି ଅଣ୍ଡାଳି ଆଉ ସଂଜକୁ କି ରୋଷେଇ କରିବ ।

ସକାଳୁ ସଂଜ ଯାଏ ପର ଘରେ ଖଟେ । କାହା ଘରେ ବାସନ ମାଜେ ତ କାହାଘରେ ପିଲାକୁ ତେଲ ମାଲିସ୍ କରେ । ବାବୁ ଘରମାନଙ୍କରୁ ଭଲମନ୍ଦ ଆଣିଲେ ବୁଢ଼ାକୁ ଦିଏ । ଅଭାବୀ ସଂସାରରେ ନିଜ କଥା ଭାବିବାକୁ ସୁରମାର ବେଳ ନ ଥାଏ । ବୁଢ଼ା ତ ଏବେ ଆଉ ରୋଜଗାର କରିପାରୁନି । ବେଶୀ ଦୂରକୁ ଦେଖି ପାରୁନି, ଘୋଷାରି ହେଉଛି ଗୋଡ଼ । କଣା ଚାଳ ବାଟେ ଏବେ ବର୍ଷା ପାଣି ପଶୁଛି । ଓଦା କାନ୍ଥ କେତେବେଳେ ଧସିବ, ଦେଖାଯାଉ । ସୁରମା ଆଖି ବୁଜିଦେଲେ ବୁଢ଼ା ଆଉ କୋଉ ଜୀବନ ଧରିବ ଯେ ! ଭାତ ଦି'ମୁଠା ସହ ବୁଢ଼ା ପାଇଁ ପଥ୍ ପାଣି ବି କରୁଛି ସେଇ ଏକୁଟିଆ ମଣିଷ । ବୁଢ଼ାକୁ ଘରଛାଡ଼ି କୁଆଡ଼େ ଯିବାକୁ ମନାକରେ । ରାସ୍ତାଘାଟରେ କେତେ ମଟର ଗାଡ଼ି ତା'କାନକୁ ଶୁଣାଯାଏନି, ପାଦ ଘୋଷାରି ଘୋଷାରି ଗଲାବେଳେ ଅଘଟଣ ଘଟିଲେ ସୁରମାକୁ କିଏ ସାହା ହେବ ?ପାରୁ ନ ପାରୁ ବୁଢ଼ାଟା ଅଛି ବୋଲି ତା' ଦମ୍ଭ ଅଛି । ବାଡ଼ିଟାକୁ ସଳଖ କରି ବୁଢ଼ା ସେଇ ଅଗଣାରେ ୟା'ଡ଼େ ସେୟା'ଡ଼େ ବୁଲେ । ବୁଢ଼ା କାଳେ ସେବା ପାଇବ ବୋଲି ତ ସୁରମାକୁ ପୋଇଲି କରି ଆଣିଥିଲା । ତା' ଘର ଓ ତା' ପିଲାକୁ କେତେ ଯତ୍ନ କରିଛି ସେଇ ମାଇପିଟା । ବୁଢ଼ାର ସ୍ୱପ୍ନଠାରୁ ସୁରମାର ସ୍ୱପ୍ନ ଭିନ୍ନ । ପୁଅକୁ ବାବୁ କରିବ । ଧୋବ ଜାମା ପ୍ୟାଣ୍ଟ ପିନ୍ଧିବ । ଯୋଉଦିନ ତା' ରାଜୁ ବାବୁ ହୋଇ ଠିଆ ହେବ ଏଇ ଗାଁଟା ସାରା ଲୋକ ଦେଖିବେ । କେତେକଥା ଭାବି ଭାବି କାନିରେ ଗଣ୍ଠି ପକାଏ ।

ରାଜୁ ବି ଥିଲା ଖୁବ୍ ପାରିଲା ପିଲା । ମାଷ୍ଟ୍ରେ କହୁଥିଲେ ଏ ଗାଁ କ'ଣ ଏ ରାଇଜରେ ତା'ପରି ବୁଦ୍ଧିଆ ପିଲା ନାହାନ୍ତି । ସୁରମା ସ୍ୱପ୍ନ ପୁଣି ଡେଣା ଝାଡ଼େ । ରାଜୁ ଆଗକୁ ଆଗକୁ ପାଦ ବଢ଼ାଏ । ମା'ର ପଣତ କାନି ଛାଡ଼ି ସ୍କୁଲ, କଲେଜ୍ ପାଠ ଧରିଲା । ଘର ଛାଡ଼ି ସହରକୁ ଗଲା । ପାଠ ପଢ଼ା ଭଲ ବୋଲି କ'ଣ ବୃତ୍ତି ପାଇଲା । କିଛି ସାହାଯ୍ୟ ହୋଇଗଲା ସୁରମାର । ପିଲାଟା କେମିତି ଭଲ ଖାଇବ, ସଫା ଜାମା ପ୍ୟାଣ୍ଟ ପିନ୍ଧି ସ୍କୁଲଯିବ ସେଇ ଚିନ୍ତା ଥିଲା ସୁରମାର । ତା'ସହପାଠୀ

ମାନେ କାହିଁକି ଜାଣିବେ ଦିନ ମଜୁରିଆର ପୁଅ ବୋଲି ? ପେଟକୁ ମାରି ପିଠିକୁ ପଛକରି ରାଜୁ ହାଇସ୍କୁଲରୁ କଲେଜରେ ନାଁ ଲେଖିଲା । କେତେ ପାଠ କି ପାଠ ଜାଣି ପାରେନା ସୁରମା । ରାଜୁ କାନ୍ଥରେ ଇଟାର ଗାର ଟାଣି ବଡାଏ - ଦେଖି, ଏଇଠୁ ଏଇଠିକି ଗଲିଣି । ସୁରମାର ଆଖି ଛଳଛଳେଇ ଯାଏ । ପାଦଧୂଳି ରାଜୁ ମୁଣ୍ଡରେ ମାରେ । ତା' ପୁଅକୁ ବିପଦ ନ ଆସୁ, କାହାରି ନଜର ନପଡୁ । ସେଇ ଗାରସବୁ ସେମିତି ରହିଲା । ପୁଅର ପାଠପଢ଼ା କେତେ ସରିଲା, କୋଉଠି କି ଗଲା ବୁଢ଼ାବୁଢ଼ୀ ଜାଣିପାରିଲେନି । ପୁଅର ଛାଇ ଦେଖିବା ବି ସପନ ହେଲାଣି । ତା'କୁ ଅନେଇ ଅନେଇ ତାଙ୍କ ଆଖିରୁ ପୁଅର ମୁହଁ ଖସିଗଲାଣି । ଏବେ ପର ଘର ପାଇଟି, ଦି'ଓଳି ଖାଇବା ପାଇଁ ଜୀବନ ଧରିଛନ୍ତି ଦୁହେଁ ।

ଗାଁରେ କି ପର୍ବ କି ମେଳଣ ହେଉଛି ଯେ ଗାଁ ସାରା ଲୋକ ରୁଣ୍ଡ ହୋଇଛନ୍ତି ସ୍କୁଲ ପଡ଼ିଆରେ । ରାସ୍ତା ଦୁଇପଟେ ତୋରଣ ଫର୍‌ଫର୍ ହୋଇ ଉଡୁଛି । ବୁଢ଼ା ପିଣ୍ଡାରେ ବସି ଡ଼ବଡ଼ବ ଚାହିଁଥିଲା । ତା' ଦୁଆରେ ଏତେ ଭିଡ଼ କାହିଁକି କରୁଛନ୍ତି, କାହାକୁ ପଚାରିବ ? ପିନ୍ଧା ଧୋତି କାନିରେ ଆଖି ପୋଛୁପୋଛୁ ଦେଖିଲା, ସୁରମା ଆସିଲାଣି । ବାଡ଼ିପଟ କୂଅରୁ ପାଣି ଆଣି ବୁଢ଼ାକୁ ଗାଧୋଇ ଦେଲା । ନୂଆ ଧୋତି ଓ ଗାମୁଛା ଘୋଡ଼ି ଦେଲା । ବୁଢ଼ା କିଛି ବୁଝିପାରୁ ନ ଥିଲା । କ'ଣ ହୋଇଛି କିରେ, କାହା ଘର ବାହାଘର ନା କି ଯାନିଯାତ୍ରା କହୁନୁ ? ସୁରମା ସେମିତି ଚୁପ୍‌ଚାପ୍ ଥିଲା । ତା' ଘର ସାମ୍ନାରେ ଧୋବ୍ ଫର୍‌ଫର୍ ତିନିଟି ଗାଡ଼ି । ବୁଢ଼ା ଡରି ଡରି କହୁଥିଲା, ଏ ପୁଲିସ୍ ବାଲାମାନେ କୁଆଡ଼େ ମାଡ଼ିଆସୁଛନ୍ତି ଲୋ, ଯା ଦେଖିବୁ, ଯା । ସୁରମା କଣ୍ଠ ଟାଣ କରି କହିଲା, ତୁମ ପୁଅ ବାବୁ ହେଲାଣି ଆଉ ଏ ମାମୁଁ ଘର ଲୋକ ଆସିବେନି କି ? ପୁଣି ବୁଢ଼ା ଡ଼ବ ଡ଼ବ ଚାହିଁଲା । ଶୀଘ୍ର କାମ ସାରି ସଭାକୁ ଡାକିଛନ୍ତି ସରପଞ୍ଚ । ସବୁ ଗୁହାରି ସେଇଠି ଶୁଣାଯିବ । ଘର, ଭଉା ପଇସା, ଚାଉଳ, କିରୋସିନି ସବୁକଥା ଶୁଣାଯିବ । ବୁଢ଼ା ଦେହରେ ଦମ୍ଭ ଜୁଟିଲା । ବାଡ଼ିକୁ ସଳଖି ଛିଡ଼ା ହେଲା । ଚାଲ, ସୁରମା ଯିବା । ଏତେ ଦିନକୁ ଆମ କଥା କିଏ ତ ଶୁଣିବ । କିଏ ଶୁଣିବ, ନିଜ ଆଖିରେ ଦେଖିବନି । ସୁରମା ମୁହଁ ମୋଡ଼ିଲା । ତଥାପି ବୁଢ଼ା ମନରେ ଆଶା ବାନ୍ଧିଥିଲା । ଯେଉଁ ମେମ୍ବର ଭଉା କରାଇବା ପାଇଁ ଲାଞ୍ଚ ମାଗୁଥିଲା ସେ ଆଜି ସରପଞ୍ଚ ସହ ଆସିଛି ତାଙ୍କ ଦୁଆରକୁ, ହାତଧରି ମା-ବାପା ସମ୍ବୋଧନ କରି ନେଇଯାଉଛି ଦୁହିଁଙ୍କୁ ସେଇ ସଭା ସ୍ଥଳକୁ । ସୁରମାର ଇଚ୍ଛା ନଥିଲା, ତଥାପି ବୁଢ଼ା ମୁହଁକୁ ଚାହିଁ ତା' ସହ ଗଲା ।

ସଭା ଜାଗାରେ ପହଞ୍ଚୁ ପହଞ୍ଚୁ ବୁଢ଼ାକୁ ଘେରିଗଲେ ଗାଁଟା ସାରା ଲୋକ । ଦେଖି, ଆମ ରାଜୁ କେତେ ବଡ଼ ସାହେବ ହୋଇଆସିଛି । ଆଉ କିଛି ଅସୁବିଧା ରହିବନି ଆମ ଗାଁର । ବୁଢ଼ା ଖୁସିରେ ଗଦ୍‌ଗଦ୍ ହୋଇଗଲା । ସୁରମା ପାଖକୁ ଲାଖି ଯାଇ କହିଲା, ତୋ' ସପନ, ତୋ' ଭରସା ପୂରା ହୋଇଛି ଲୋ । ରାଜୁ ଏ ଗାଁର ଗୌରବ ହୋଇଛି । ଦେଖିଲୁ ତା' ବାପା, ଗୋସେଇଁ ବାପ ଅମଳର ଗାଁ, ଡିହ; ମୋ ପୁଅ ଆଜି ନ ଆସିଲେ କାଲି ତ ଫେରିବ ବୋଲି ଆଶା ବାନ୍ଧିଥିଲି, ପୂରା ହେଲା । ବାପକୁ ପିଣ୍ଡ ଦେବାକୁ ତ ନିଶ୍ଚୟ ଆସିବ ବୋଲି ବିଶ୍ୱାସଟା ଆଜି ମଜବୁତ୍ ହେଲା । ସୁରମା ଦେହରେ ନିଆଁ ଖୁଣ୍ଟା ଖେଞ୍ଚିଦେଲା ପରି ସେ ଗରଗର ହୋଇ ଉତ୍ତର ଦେଲା - ମୋର କୋଉ ପୁଅ ବା ? ମୁଁ ତ ବାଞ୍ଝ । ମୁଣ୍ଡରେ ଲୁଗା ଦେଇ ବୁଢ଼ା ହାତଧରି ତା'କୁ ବସାଇ ଦେଲା ଚୌକିରେ । ଏତେ ଟାଣ ଟାଣ କଥା କାହିଁକି କହୁଛୁ ? ପୁଅ ତ ଫେରିଛି । ବୁଢ଼ା ମୁହଁରୁ କଥା ଛଡ଼େଇ କହିଲା, ପୁଅ ଆମ ଦୁଆରକୁ ଫେରିନି, ସାହେବ ହୋଇଛି ବୋଲି ଗାଁକୁ ଆସିଛି । ଲୋକଙ୍କ ପାଇଁ ଆସିଛି, ଆମ ପାଇଁ ନୁହଁ । ମିଞ୍ଜି ମିଞ୍ଜି ଆଖିରେ ବୁଢ଼ା ଠିକ୍ ଦେଖିପାରୁଥିଲା ସୁରମା ମୁହଁରେ ବହଳେ ଉଦାସ ଭାବ । ସୁରମା ଆଖିରୁ ବହିଗଲା କେଇବୁନ୍ଦା ଲୁହ । ଧୋବେଇକୁ ବୁଢ଼ା ଜିମା ଦେଇ ଫେରିଗଲା ସେ ଘରକୁ । ବୁଢ଼ାର କାନକୁ କୋଉଠି ଭଲରେ ଶୁଣାଯାଉଛି ଯେ ଭାଷଣ ଶୁଣିବ । ରାଜୁ ଥିଲା ସଭାର ମୁଖ୍ୟ ଅତିଥି । ମାଇକ୍ ଧରିବା ମାତ୍ରେ କରତାଳିରେ ଫାଟି ପଡ଼ିଲା ଗାଁଟା । ରାଜୁର ଆଖି ଭିତରେ ପାଣି ଜମି ଆସୁଥିଲା । ପଛଦିନ ସବୁ ଆଗ ପଛ ହୋଇ ତା' ସାମ୍ନାକୁ ଚାଲିଆସୁଥିଲେ । ବାପାର ସାଇକେଲ୍‌ରେ ବସି ସ୍କୁଲ ଯିବା, ଧୋବେଇ ସହ ଜାମୁକୋଳି ଗୋଟେଇବା, କଙ୍କି ଧରିବା, ସ୍କୁଲରେ ଗୀତ ବୋଲିବା, ଭାଷଣ ଦେବା... ଏମିତି ଅନେକ ସ୍ମୃତି ଭିତରେ ତା' ମାଆର ତା' ଉପରେ ବିଶ୍ୱାସ, ତା' ହାତରନ୍ଧା ଭାତ, ସଜନା ବଡ଼ି ବେସରର ବାସ୍ନା ତା'କୁ ଆନମନା କରୁଥିଲା । ଖୋଜିବୁଲୁଥିଲା ତା' ଆଖି ତା' ବାପା-ମାଙ୍କୁ । ଏ ମାଟିରୁ ଏତେବର୍ଷ ଦୂରେଇ ଯାଇଥିଲା ସତ, କିନ୍ତୁ ଅତୀତକୁ ଭୁଲି ନ ଥିଲା । ଆକାଶକୁ ଛୁଇଁବା ସ୍ୱପ୍ନରେ ସେ ଆଜି ନିଃସଙ୍ଗ ନକ୍ଷତ୍ରଟିଏ ପାଲଟି ଯାଇଥିଲା । ମନର ବ୍ୟାକୁଳତାକୁ ଆଖିରେ ଲୁଚେଇ ବାପାପାଖକୁ ଆସିଲା । ଜୁହାର ହେଲା । କିଛି କହିବା ପୂର୍ବରୁ ହିଁ ବୁଢ଼ା କହିଲା - ଯିଏ ପେଟ କାଟି ତତେ ପ୍ରତିପାଳିତ କରିଛି ତା' ଗୋଡ଼ ଧରିବୁ ଯା' । ଘରେ ରୁସି ବସିଛି । ଦିନରେ ଦୁଇବେଳା ଖାଇବା ଯୋଗାଡ଼ି ମୋତେ ସମ୍ଭାଳି ଦିନରାତି ସେ ଖଟୁଛି । ଏ ବୟସରେ ପର ଘରେ ଚାକରାଣୀ କାମ କରୁଛି । ସେ ନ ଥିଲେ ତୋର ଏ ବାପା ବି କୋଉ କାଳୁ ମରିସାରନ୍ତାଣି । ଏବେ ରାତିରେ ଅଣ୍ଡାଳି ଅଣ୍ଡାଳି ଜୀବନ ଯାଉଛି । ଆମେ ତ ସେଇ ବୁଢ଼ା ବରଗଛ ହୋଇ ରହିଛୁ । ଭଗବାନ ତୋ'ର ମଙ୍ଗଳ କରନ୍ତୁ କହି ବୁଢ଼ା, ଧୋବେଇର ହାତକୁ ଟାଣ କରି ଧରିଲା । ଚାଲ୍ ମୋତେ ଘରେ ଛାଡ଼ି ଆସିବୁ, ଏଇଠି ମୋର କି କାମ । ଏ ସାହେବକୁ କହିଦେ, ମୁଁ ମରିଗଲେ, ମୋ ସୁରମାକୁ ବିଧବା ଭତ୍ତାଟିଏ କରେଇ ଦେଇପାରିବ ଯଦି ! ସେଇଠି ସେମିତି ନିର୍ବାକ୍ ହୋଇ ଚାହିଁ ରହିଥିଲା ରାଜୁ ।

ଇରିଗେସନ୍ କଲୋନୀ, ଭବାନୀପାଟଣା
ମୋ :୯୪୩୯୪୦୦୩୪୮

ଅଶାନ୍ତ ପୃଥିବୀର ଅବସୋସ

ମୂଳ ରଚନା: ଲେନି ମାର୍ଲିନା

ଅନୁସୃଜନ: ଲିଙ୍ଗରାଜ ପାତ୍ର

ଆମ ପୃଥିବୀ
ଏତେ ଦୁଃଖ ଓ ବିଷାଦଭରା କାହିଁକି ?
ଯେଉଁ ଆକାଶରେ ଗଭୀର ନୀଳତ୍ୱ ଥିଲା
ଏବେ ତାହା ଧୂମ୍ରିଳ ଉପତ୍ୟକା,
ଯେଉଁ ନଦନଦୀ ସୂର୍ଯ୍ୟସ୍ନାତ ଆକାଶ ତଳେ
ଏକଦା ଛଳଛଳ ଥିଲେ
ଏବେ ମନ୍ଥର, ସୁପ୍ତ ଓ ପ୍ରଦୂଷଣପୂର୍ଣ୍ଣ
କ୍ଷେତ ସବୁର ସବୁଜିମା
ଏବେ ଧୂସର ଓ ଆବର୍ଜନାମୟ
ଉର୍ବର ମାଟି ପୁରୁଣା, ଜଳଶୂନ୍ୟ,
ଫାଟି ଆଁ କରି ଚାଷ ଅନୁପଯୁକ୍ତ ପାଲଟିଲାଣି ।

ଉତ୍‌ଫୁଲ୍ଲିତ ଫୁଲସବୁ
ବଜାଇ ସାରିଲେଣି ସେମାନଙ୍କ ଶେଷନାଦ
ସେମାନଙ୍କ ମହକ ପ୍ଲାଷ୍ଟିକର ନିରସ ଭ୍ରମରେ ହଜିଗଲାଣି ।

ପ୍ରତି ନିଃଶ୍ୱାସରେ ଏବେ ତିକ୍ତ ବିଳାପର ଭାରିପଣ
ଏକଦା ଯେଉଁଠି ଶୁଭୁଥିଲା ପକ୍ଷୀର କାକଳି
ଏବେ ସେଇଠି ଇଞ୍ଜିନର ଘୋ ଘୋ ଚିତ୍କାର
ଘନୀଭୂତ ମେଘସବୁ କାନ୍ଦନ୍ତି ବିଷାଦ ସ୍ୱରରେ
ଏବଂ ସେମାନଙ୍କ ଲୁହର ଝରଣା
ବୋହିନିଏ ତମାମ୍ ଦୁଃଖ ଓ ଯନ୍ତ୍ରଣାକୁ ।

ତଥାପି, ଆମ ପୃଥିବୀ ସର୍ବଂସହା
ଆସ, ତା' ନିରାଶା ଓ ଦୁଃଖ ସବୁକୁ
ଆମେ ଲାଘବ କରିବା -
ହେ ଯୁବଗୋଷ୍ଠୀ ! ଆମ କଥା ଶୁଣ
ଆଉ ଡେରି ନ କରି ଘରକୁ ସଜାଡ଼ ,
ସକାଳର ସୂରୁଜକୁ ନେଇ ଆସ ।

(**ଲେନି ମାର୍ଲିନା** ଇଣ୍ଡୋନେସିଆର ଜଣେ ବିଶିଷ୍ଟ ସୃଜନଶୀଳ ବ୍ୟକ୍ତିତ୍ୱ । ନେଗେରି, ପଦାଙ୍ଗ ବିଶ୍ୱବିଦ୍ୟାଳୟର କଳା ଓ ଭାଷା ସାହତ୍ୟ ବିଭାଗରେ ଅଧ୍ୟାପନା ସହ ଇଣ୍ଡୋନେସିଆର ସାତୁ ପେନା ଓ ଅଷ୍ଟ୍ରେଲିଆର ଭିକ୍ଟୋରିଆ ଲେଖକ ସଙ୍ଘର ଜଣେ ପ୍ରମୁଖ ସଦସ୍ୟ ।)

ବସ୍ ପାଇଁ ପ୍ରତୀକ୍ଷା

ମୂଳ ରଚନା: ଆନ୍ନା କେଇକୋ

ଅନୁସୃଜନ: ଲିଙ୍ଗରାଜ ପାତ୍ର

ବସ୍ ର ପ୍ରତୀକ୍ଷାରେ ମୁଁ ।
ଅନେକ ବସ୍ ଅଲଗା ଅଲଗା ଜାଗାକୁ ଯାଆନ୍ତି
କିନ୍ତୁ ସେଇଠିକୁ ଗୋଟିଏ ବି ନୁହଁ
ଯେଉଁଠିକୁ ମୁଁ ଯିବାକୁ ଚାହେଁ ।

ଏବେ ବି ପ୍ରତୀକ୍ଷାରତ ମୁଁ
ଶୀତ ଠୁ ବସନ୍ତ ଯାଏ ,
କେହି ଚିନ୍ତା କରନ୍ତି ନି
ଏମିତି ପ୍ରତୀକ୍ଷାରତ ଯାତ୍ରୀମାନଙ୍କ ପାଇଁ
ସେମାନେ ଚାଲିଯାଆନ୍ତି, ନହେଲେ ଦୌଡ଼ି ପଳାନ୍ତି
ହେଲେ, ମୋ ଅପେକ୍ଷା ସରେନି
ସଂଜରୁ ସକାଳ ।

ଗଛସବୁ ନିଶ୍ୱାଣ ହୋଇ
ପୁଣି ଚଳଚଞ୍ଚଳ ହୁଅନ୍ତି,
ସେମିତି ପକ୍ଷୀମାନେ ବି -
ହେଲେ, ହଜାର ବର୍ଷର ଅବଧିରେ
କେଉଁ ଉତ୍ତରଣ ହେଲା କି ମଣିଷର ?
କେବଳ କିଛି ତାରା ଫୁଟିଛନ୍ତି
ମୁଁ ଜାଣେନା, ମୋ ଗନ୍ତବ୍ୟସ୍ଥଳର ଦୂରତା କେତେ
ହେଲେ, ବସ୍‌ର ପ୍ରତୀକ୍ଷାରେ
ମୁଁ ସଦାକାଳ ।

(**ଆନ୍ନା କେଇକୋ** ଜଣେ ପ୍ରଥିତଯଶା ଚୀନୀୟ କବୟିତ୍ରୀ ଏବଂ ସାହିତ୍ୟର ବିଭିନ୍ନ ବିଭାଗରେ ତାଙ୍କର ବହୁ ପାରଦର୍ଶିତା ଅଛି । ଛଅ ଗୋଟି ସୁନ୍ଦର କାବ୍ୟ ପୁସ୍ତକର ସ୍ରଷ୍ଟା ଏହି ଲେଖିକାଙ୍କୁ ମଧ୍ୟ ୨୦୨୦ ମସିହା ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ସୂଚୀରେ ସାମିଲ କରାଯାଇଥିଲା ।)



ଆକାଶୀ-ଭ୍ରମ

ମୂଳ ରଚନା: ମୋଆମ୍ମାର ଅଲସୁଫିଆନି

ଅନୁସୃଜନ: ଲିଙ୍ଗରାଜ ପାତ୍ର

ଗୋଟିଏ ସମ୍ବାଦ
ନିଇତି ଅପହରଣ କରେ ମୋତେ
ବିନମ୍ରତାର ଜାଲ ବୁଣି
ନିରବତାର ଚଉକି ଉପରେ
ତୁମେ ବସ
ଯେଉଁଠି ମୁଁ ଅପେକ୍ଷରତ ଥାଏ
ଗଭୀର ଆତୁରପଣରେ
ଝରକା ଦେଇ ବହୁଥିବା
ପବନର ସୁକୋମଳ ଛୁଆଁକୁ ।
ଏବଂ ତା' ଓଠରୁ ଝରୁଥିବା
ଶବ୍ଦସବୁରେ ପରିତୃଷ୍ଟ କରେ
ତୁମ ସନ୍ଦେଶ
ପ୍ରତି ସାୟଂକାଳରେ ।

(**ମୋଆମ୍ମର ଅଲସୁଫିଆନି** ଦକ୍ଷିଣ ଆରବୀୟ ଉପଦ୍ୱୀପ ରାଷ୍ଟ୍ର ୟେମେନ ଗଣତନ୍ତ୍ରର ଜଣେ ପ୍ରତିଭାବାନ କବି । ଉଭୟ ଆରବିକ ଏବଂ ଇଂରାଜୀ ଭାଷାରେ ତାଙ୍କ କବିତା ସବୁ ଅନେକ ଆନ୍ତର୍ଜାତିକ ପତ୍ରପତ୍ରିକାରେ ପ୍ରକାଶିତ ।)

ଶରଣାର୍ଥୀ ପିଲାଏ କାହିଁକି ହସୁଛନ୍ତି ?

ମୂଳ ରଚନା: ଜର୍ଜ ୱାଲେସ୍

ମର୍ମାନୁବାଦ: ଗୋବିନ୍ଦ ସାହୁ

ଭୟଭୀତ ନୁହନ୍ତି
ତୁମେ କଣ୍ଟାବାଡ଼ ଓ ଜେଲ ହାଜତରେ
ପୂରେଇଥିବା ପିଲାଏ ।
ସେମାନେ ହସୁଛନ୍ତି-
ପ୍ରତ୍ୟେକ ଶରଣାର୍ଥୀ ଶିବିରରେ,
ସବୁ ଅବରୋଧ କେନ୍ଦ୍ରରେ ।
ତୁମେ ସେମାନଙ୍କୁ ରଖିବାକୁ ଚେଷ୍ଟାକରି
ନିଜ ପାପ ପାଇଁ
ଯେପରି ସେମାନଙ୍କୁ ବନ୍ଦୀ କରିଛ,
ସେମାନଙ୍କୁ ଦଣ୍ଡଦେଉଛ,
ନିଜ କ୍ୟାମେରା ଆଗରେ ପ୍ୟାରେଡ୍ କରାଇ
ଘୃଣାର ଶବ୍ଦର ଚାବୁକରେ କ୍ଷତାକ୍ତ କରୁଛ
ତୁମ ଦୁର୍ବଳତା ଓ ଭୟରେ
ତୁମ କ୍ରୁରତା ଓ ନିଷ୍ଠୁରତା ଭିତରେ
ପୁରାତନ ତୁମ ବଳି ଛାଗ ବିଚାରଧାରାର
ବିଫଳତା ଭିତରେ
ସେମାନେ ଦେଖିପାରୁଛନ୍ତି ଭବିଷ୍ୟତ
ଯେଉଁଠି ତୁମେ ନଥିବ
ଆଉ ସେଇଥି ପାଇଁ ହିଁ
ଶରଣାର୍ଥୀ ପିଲାଏ ହସୁଛନ୍ତି ।

(**ଜର୍ଜ ୱାଲେସ୍** - ନିଉୟର୍କ୍ ଅଧିବାସୀ ଜର୍ଜ ୱାଲେସ୍ ଆମେରିକା, ଇଂଲଣ୍ଡ, ମେସିଡୋନିଆ, ଭାରତ ଓ ଇଟାଲୀରେ ପ୍ରକାଶିତ ୪୧ଟି ସଂକଳନର ପ୍ରଣେତା । ଜର୍ଜ ୱାଲେସ୍ ସଂପ୍ରତି ଆନ୍ତର୍ଜାତୀୟ ସାହିତ୍ୟାକାଶର ଏକ ଜାଜ୍ୱଲ୍ୟମାନ ତାରକା ଅଟନ୍ତି ।)



(**ଆଞ୍ଜେଲା କୋଷ୍ଟା** - ଆଲବେନିଆରେ ଜନ୍ମିତା ଆଞ୍ଜେଲା କୋଷ୍ଟା ସମ୍ପ୍ରତି ଇଟାଲୀରେ ବସବାସ କରିବା ସହ ଆଲବାନିଆନ୍, ଇଟାଲୀୟ ଓ ଇଂରାଜୀ ଭାଷାରେ ସୃଜନଶୀଳ ସାହିତ୍ୟ ସର୍ଜନା, ପ୍ରକାଶନ ସହ ଅନୁବାଦ ଓ ସମାଲୋଚନା ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଅଛନ୍ତି । ବିଭିନ୍ନ ଆନ୍ତର୍ଜାତୀୟ ପତ୍ରପତ୍ରିକା ଅନବରତ ଭାବେ ତାଙ୍କର ସାହିତ୍ୟ କୃତି ସହ ତାଙ୍କ ସାହିତ୍ୟ କୃତିର ସମାଲୋଚନା ସ୍ଥାନିତ କରିଆସୁଥିବା ସହ ସେ ବହୁଳ ଭାବରେ ଅନୁଦିତ ହୋଇଛନ୍ତି । ଆମେରିକା, ଇଂଲଣ୍ଡ, ଭାରତ, ବାଂଲାଦେଶ, ଆଲବାନିଆ, ରଷିଆ, କୋଶୋଭୋ ପ୍ରଭୃତି ଦେଶରେ ବିଭିନ୍ନ ସଂକଳନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ୧୫୦ରୁ ଉର୍ଦ୍ଧ୍ୱ ଲେଖକଙ୍କୁ ଇଟାଲୀଆନ୍-ଆଲବାନିଅନ୍ ଭାଷାକୁ ଅନୁବାଦ କରି ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହେବାର ଗୌରବ ଅର୍ଜନ କରିଅଛନ୍ତି । ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଅଗ୍ରଣୀ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହେବା ସହ ବିଭିନ୍ନ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପତ୍ରପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନିତ ହୋଇଅଛନ୍ତି । ଅଦ୍ୟାବଧି ସେ ୩୦ରୁ ଉର୍ଦ୍ଧ୍ୱ ବିଦେଶୀ ଭାଷାରେ ଅନୁଦିତ ହୋଇସାରିଥିବା ବେଳେ ସେସବୁ କେବଳ ୨୦୨୪ ମସିହାରେ ବିଭିନ୍ନ ସମୟରେ ୯୮ଟି ପତ୍ରପତ୍ରିକାରେ ପ୍ରକାଶିତ ହେବାର ଗୌରବ ଅର୍ଜନ କରନ୍ତି ।)

ପ୍ରସ୍ତାବନା

ମୂଳ ରଚନା: ଆଞ୍ଜେଲା କୋଷ୍ଟା

ମର୍ମାନୁବାଦ: ଗୋବିନ୍ଦ ସାହୁ

ଗହନ ଅନ୍ଧାରର ନିବୁଜ କୋଠରୀ ଭିତରେ ଆଣ୍ଠୁମାଡ଼ି
ଭୂମିହୀନ ଏକ ଆଶ୍ରୟସ୍ଥଳୀରେ
ତାରାରିକ୍ତ ଜହ୍ନମୁକ୍ତ ଝଡ଼ର ସାଥିହୋଇ
ଭାଙ୍ଗିପଡ଼ି ବି
ତଲ୍ଲୀନ ମୁଁ ପଙ୍କିଳ କଳ୍ପନା ଭିତରେ ।

ଅଣନିଶ୍ୱାସୀ ମୁଁ
ଦିନେ ସମ୍ପନ୍ନ ହେବାର ସ୍ୱପ୍ନ ଭିତରେ ସୁଲଭ୍ୟ
ଅଥଚ ପ୍ରାଚୀନ କ୍ଷତ ବିକ୍ଷତ ଶବ ଭର୍ତ୍ତି
ନିବୁଜ କୋଠରୀ ଭିତରେ
ଅନୁରୂପ ଦୁର୍ଗତିର ଗୁପ୍ତଧନ ଖୋଲୁ ଖୋଲୁ ।

ପ୍ରସ୍ତାବନା ଏକ ପ୍ରଶାନ୍ତ ଦ୍ୱନ୍ଦ୍ୱର
ରକ୍ତପିପାଷୁ କାମନାର ଶିକାର ସାଜି
ଭିକ୍ଷା କରି ଅକପଟତା ଓ ଅବୋଧତା
ଆସିଯାଆନ୍ତି ସାଥେ ସାଥେ ଚିରଦିନ ଲାଗି ।

ଆଉ ମୁଁ
ଜୀବନ୍ତ ପୋତାହୋଇ
ସକଳ ଅସଫଳତାକୁ ଅତିକ୍ରମ କରି
ସେହି ଦିନ
ତୃପ୍ତଥିବି ମୋ' ପ୍ରଶାନ୍ତିକୁ ନେଇ ।

ଗଛ

ମୂଳ ରଚନା: ଇମାନୁଆଲ ରିଜୋ

ଭାବାନୁବାଦ: ବଙ୍କିମ ମୁଣ୍ଡ

ଅଗଣନ ଫୁଲର ସମ୍ଭାର
ତୁମ ଚେତନାକୁ
ସୁଶୋଭିତ କରେ;
ଖୋଲାଛାଡ଼ି ଦିଅନ୍ତୁନି
ସେମାନଙ୍କୁ
ବିନା ଆବରଣରେ,
ସେମାନେ ସୁଗନ୍ଧିତ ପାଖୁଡ଼ା ହୋଇ
ରହିବେ
ଭୂଇଁରେଥିବା ମଣିଷ ଭିତରେ
ଏବଂ
ମୂଳ ହୋଇରହିବେ
ଆପଣଙ୍କ ଚିନ୍ତା ଓ ଚେତନାରେ ।
ଆପଣଙ୍କ ମୁଣ୍ଡକୁ
ଢାଙ୍କିବା ପାଇଁ ସେମାନେ
ନିଜ ଗଛକୁ ନେଇ ଚିନ୍ତାକରିବେ,
ଯାହା କି
ଆପଣ ଜାଣିଥିବା
ଏକ ଉପଚାର ।

(**ଇମାନୁଆଲ ରିଜୋ** ଜଣେ ସ୍ୱନାମଧନ୍ୟ ଇଟାଲୀୟ କବି । ତାଙ୍କର କବିତାସବୁ ମାନବୀୟ ମୂଲ୍ୟବୋଧର ଉତ୍ତୁଙ୍ଗ ଉଚ୍ଚାରଣ । ଅନେକ ପୁରସ୍କାରରେ ସମ୍ମାନୀତ ଏହି ସାରସ୍ୱତ ସ୍ରଷ୍ଟାଙ୍କ କବିତାସବୁ ବିଭିନ୍ନ ଭାଷାରେ ଅନୁଦିତ ।)



ସ୍ୱପ୍ନ : ବିପ୍ଳବ ଓ ମୁକ୍ତିର

ମୂଳ ରଚନା: ନାସିର ଏଜାଜ

ଭାବାନୁବାଦ: ବଙ୍କିମ ମୁଣ୍ଡ

ସେହି ସ୍ୱପ୍ନମାନଙ୍କ
ଗୁରୁତ୍ୱ କ'ଣ
ଯାହା କି ନିଦରୁ
ଉଠିଲା ପରେ ଦେଖାଯାଏ ?
ପ୍ରକୃତ ସ୍ୱପ୍ନ ତମକୁ କେବେ ବି
ନିଦରେ ଶୋଇବାକୁ ଦେବ ନାହିଁ ।
ମୁଁ ବି ଏମିତି ସ୍ୱପ୍ନ ଦେଖି ଚାଲେ
ଯେମିତିକି–
ଅର୍ଥନୈତିକ, ସାମାଜିକ ବିପ୍ଳବ
ଓ ଜାତୀୟ ଏକତାର;
ଯାହାକି ମୋତେ ଜୀବନବ୍ୟାପୀ
ଦିଏନି ଶୋଇବାକୁ;
ଯଦିଓ ଦୀର୍ଘ ସାତ ଦଶନ୍ଧି ଧରି
ସାର୍ଥକ ହୋଇପାରିନି
ତଥାପି
ସ୍ୱପ୍ନଭୁକ ମୁଁ
କ୍ଷାନ୍ତହୋଇନି ଏଯାଏ;
ସେମାନଙ୍କ ଭିତରୁ କିଛି
ମୁଁ ଶୋଉଥିବା
ଖଟତଳେ ପଡ଼ିରହିଛନ୍ତି;
କିଛି ମୋ ଛୋଟ ଆଲମିରା ଭିତରେ
ଆଉ କିଛି ମୋ ପୁସ୍ତକର ପୃଷ୍ଠାମାନଙ୍କ ଭିତରେ;
ପ୍ରତି ରାତିରେ
ଆଲମିରାର କବାଟ ଖୋଲି,
ଖଟରେ ଶୋଇ
ଅବା
ପୁସ୍ତକ ଖୋଲି
ପ୍ରବେଶ କରେ ମୁଁ
ସେ ସ୍ୱପ୍ନ ସବୁର ଦୁନିଆକୁ ।

(ପାକିସ୍ତାନ ଜନ୍ମିତ କବି **ନାସିର ଏଜାଜ** ଜଣେ ବହୁମୁଖୀ ସାରସ୍ୱତ ସ୍ରଷ୍ଟା । ଏକାଧାରରେ ଜଣେ କବି, ସାମ୍ବାଦିକ ଓ ଗବେଷକ ରୂପେ ଆନ୍ତର୍ଜାତିକ ସ୍ତରରେ ସେ ବେଶ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ରଚିତ ଗବେଷଣାଭିତ୍ତିକ ପୁସ୍ତକ Hur-The freedom fighter ପାଇଁ ସେ ସାରସ୍ୱତ ଜଗତରେ ବେଶ ଚର୍ଚ୍ଚିତ ।)

ପରିତ୍ୟକ୍ତ ଦୁର୍ଗ

ମୂଳ ରଚନା: ଏକାଟେରୀନା ଗ୍ରୀଗୋରୋଭା

ଭାବାନୁବାଦ: ବଙ୍କିମ ମୁଣ୍ଡ

ଇତିହାସରୁ ଏବେ ରକ୍ତ କ୍ଷରଣ
ବନ୍ଦ ହୋଇଗଲାଣି
କେତେ ଯେ ଯୁଗ ବିତିଗଲାଣି
ଯେବେ ତା' ପାଖରେ ଥିଲେ
ଅଳ୍ପ କିଛି ଲୋକ.....
କିଛି ବୃଦ୍ଧ, କିଛି ଅସ୍ଥିର ମଦୁଆ
ଆଉ କିଛି ଅସୁରକ୍ଷିତ ଶିଶୁ ।
ସେଠି ନିଯୁକ୍ତଥିବା ନିର୍ଦ୍ଦୟ ଜଗୁଆଳି
ଗଣିଚାଲୁଥିଲା କୁକୁଡ଼ା ଘରେଥିବା
ତମାମ ହୃଦୟ ସବୁ
ଏବଂ
ବାଞ୍ଛିତ ଉଷ୍ମତାରେ ଝାଳନାଳ
ହୋଇଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ହିଁ
ତା'ର ଏକମାତ୍ର ଖୁସିବୋଲି ଜାଣିସାରିଥିଲା ।

ଏହି ଅସମୟ ସକାଳ ବେଳାରେ
ବାହାରେ ପ୍ରାଚୀର ଆଗରେ ଦଣ୍ଡାୟମାନ
ହତଭାଗା ଲୋକଟିକୁ
ଦେବ ସେ କିଛି ଉପହାର ।
ଧୂସର ଅଣ୍ଡା ଉପରେଥିବା ମଳକୁ
ନିଜ ପାଇଜାମାରେ ପୋଛିଦେଇ
ଏବଂ
ଅତି ମଳିନ ମୁହଁଥିବା ଝିଅଟିକୁ
ସାଥିରେ ନେଇ, ସେ କହିଲା–
"ସେ ନିଶ୍ଚିତ ଭୋକିଲା ଥିବ"ଓ
ଝିଅଟି ତା' ଶକ୍ତି ଓ ପରାକ୍ରମ ଦେଖି କହିଲା–
"ଜଣେ ସୌମ୍ୟ ଯୁବକ"
ଏବଂ ହସିଦେଇ କହିଲା-
ପୃଥିବୀ ଅଳ୍ପକେ ରକ୍ଷା ପାଇଗଲା ।

ଭାବାନୁବାଦ: ବଙ୍କିମ ମୁଣ୍ଡ
ଝିଅଟିକୁ ସାଥିରେ ନେଇ, ସେ କହିଲା–

(**ଏକାଟେରୀନା ଗ୍ରୀଗୋରୋଭା** ହେଉଛନ୍ତି ପ୍ରଖ୍ୟାତ ବୁଲଗେରିୟା କବି ଯାହାଙ୍କ କବିତା ସବୁ ମାନବୀୟ ମୂଲ୍ୟବୋଧର ଉଚ୍ଚକୋଟିର ଆଲେଖ୍ୟ । ଅନେକ ପୁରସ୍କାର ଓ ସମ୍ମାନରେ ସମ୍ବର୍ଦ୍ଧିତ ଏହି ସାରସ୍ୱତ ସ୍ରଷ୍ଟାଙ୍କ ପ୍ରଦତ୍ତ କବିତା 'ପରିତ୍ୟକ୍ତ ଦୁର୍ଗ' ଏକ ବହୁଚର୍ଚ୍ଚିତ କାବ୍ୟିକ ସୃଷ୍ଟି ।)



ଗଙ୍ଗାଧର ସାହିତ୍ୟରେ ପ୍ରକୃତି ଚିତ୍ରଣ

ଡ. ସୁଶୀଳ କୁମାର ବାଗ୍

ଓଡ଼ିଆ ସାହିତ୍ୟାକାଶରେ ସ୍ୱଭାବକବି ଗଙ୍ଗାଧର ମେହେର ଜଣେ ଉଚ୍ଚକୋଟୀର ଚେତନାସଂପନ୍ନ ସୌନ୍ଦର୍ଯ୍ୟ ପିପାସୁ କବି । ସେ ଥିଲେ ପ୍ରକୃତିର ଉପାସକ । ସୌନ୍ଦର୍ଯ୍ୟ ପ୍ରତି ତାଙ୍କ ପ୍ରାଣର ସର୍ବଦା ନିଃସର୍ତ୍ତ ସମର୍ଥନ ଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କୁ ଅହରହ ମୁଗ୍ଧ ଓ ଆକୃଷ୍ଟ କରି ରଖୁଥିଲା । ତେଣୁ ତାଙ୍କ କାବ୍ୟକବିତାରେ ପ୍ରକୃତି ଚିତ୍ରଣ ଅତ୍ୟନ୍ତ ମାର୍ମିକ ଓ ହୃଦୟସ୍ପର୍ଶୀ । ଯଥାର୍ଥରେ ସେ ଥିଲେ ପ୍ରକୃତି କବି । ପ୍ରକୃତିକୁ ସେ ବିଭୋର ଦୃଷ୍ଟିରେ ଦେଖିଛନ୍ତି । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ତାଙ୍କ କବିପ୍ରାଣକୁ ସର୍ବଦା ଉଲ୍ଲସିତ କରି ଆସିଥିଲା । ସେଥିପାଇଁ ତାଙ୍କ ଲେଖନୀରେ ଆକର୍ଷଣୀୟ ଓ ପ୍ରାଣବନ୍ତ ହୋଇଉଠିଛି ପ୍ରକୃତିର କମନୀୟ ରୂପ ।

ସ୍ୱଭାବକବି ଗଙ୍ଗାଧର ମେହେର ଯାହା ସ୍ୱଚକ୍ଷୁରେ ଦେଖୁଥିଲେ, ହୃଦୟରେ ଅନୁଭବ କରୁଥିଲେ ତାହାକୁ ହିଁ ସେ ଲେଖୁଥିଲେ ନିଜ କାବ୍ୟକବିତାରେ । ଗଙ୍ଗାଧରଙ୍କ ଉପଲବ୍ଧି ଥିଲା ଅତ୍ୟନ୍ତ ଗଭୀର ଓ ସମ୍ବେଦନଶୀଳ । ପ୍ରକୃତି ଓ ଜୀବନ ପ୍ରତି ଗଭୀର ମମତ୍ୱବୋଧ ଥିଲା ସ୍ୱଭାବକବିଙ୍କ । ବାସ୍ତବରେ ଗଙ୍ଗାଧର ଥିଲେ ଜଣେ ଜୀବନବାଦୀ ପ୍ରକୃତି କବି । ନିଜସ୍ୱ ଦୃଷ୍ଟିଭଙ୍ଗୀରେ ସେ ପ୍ରକୃତିକୁ ଅନୁଭବ କରିଛନ୍ତି । ଆଉ ସେହି ମହନୀୟ ଉପଲବ୍ଧିକୁ ଲିପିବଦ୍ଧ କରିଛନ୍ତି ନିଜ କାବ୍ୟକବିତାରେ । ଗଙ୍ଗାଧର ପ୍ରକୃତିର ଚିତ୍ର ଓ ଚରିତ୍ର ଚିତ୍ରଣରେ ବେଶ୍ ସିଦ୍ଧହସ୍ତ । ସ୍ୱଭାକକବିଙ୍କ ପ୍ରକୃତି ଚିତ୍ରଣ ସଂପର୍କରେ କବିବର ରାଧାନାଥ ରାୟ 'କୀଚକ ବଧ' କାବ୍ୟରେ ମନ୍ତବ୍ୟ ଦେଇ କହିଛନ୍ତି : "ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି । କି ବହିଃପ୍ରକୃତି କି ଅନ୍ତଃପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ । ଗ୍ରନ୍ଥାଧ୍ୟୟନ କରି ଲୋକେ ପଣ୍ଡିତ ହୋଇପାରନ୍ତି; ମାତ୍ର କବି ହେବାକୁ ହେଲେ କେବଳ ଗ୍ରନ୍ଥାଧ୍ୟୟନ ପର୍ଯ୍ୟାପ୍ତ ନୁହେଁ, ପ୍ରକୃତି ଗ୍ରନ୍ଥାଧ୍ୟୟନ ମଧ୍ୟ ଅପରିହାର୍ଯ୍ୟ ରୂପେ ଆବଶ୍ୟକ । ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି । ଏହି ହେତୁରୁ ତାହାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସପ୍ରଧାନ ହୁଏ । ଏହାର ଭୂରିଭୂରି ପ୍ରମାଣ ତାହାଙ୍କ ରଚନାରେ ସୁଲଭ । ତାହାଙ୍କର ପ୍ରଭାତ ବର୍ଣ୍ଣନା,ସନ୍ଧ୍ୟା ବର୍ଣ୍ଣନା, ଋତୁ ବର୍ଣ୍ଣନା ପ୍ରଭୃତି ବହିଃପ୍ରକୃତିର ଆଲେଖ୍ୟଗୁଡ଼ିକ ଯେମନ୍ତ ଉଜ୍ଜ୍ୱଳ ଏବଂ ମନୋହର, ତାହାଙ୍କର ମନୁଷ୍ୟ-ଚରିତ୍ର ଚିତ୍ର ମଧ୍ୟ ତଦପେକ୍ଷା କୌଣସି ଅଂଶରେ ହୀନକକ୍ଷ ନୁହେଁ ।" ରାଧାନାଥ ରାୟଙ୍କ ଏଭଳି ମନ୍ତବ୍ୟରୁ ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣର ଅପୂର୍ବ ଦକ୍ଷତା ସଂପର୍କରେ ଜଣାପଡ଼େ ।

ଗଙ୍ଗାଧରଙ୍କ ସୌନ୍ଦର୍ଯ୍ୟାନୁଭୂତି ତାଙ୍କ ପ୍ରକୃତିପ୍ରାଣତାର ଅନ୍ୟତମ ପରିଚୟ । ଗଙ୍ଗାଧରୀୟ ସାହିତ୍ୟର ଏକ ବଡ଼ ଅଂଶ ହେଉଛି ପ୍ରକୃତି ପ୍ରାଣତା । ମେହେର ସାହିତ୍ୟରେ ପ୍ରକୃତି କେବଳ ଚିତ୍ର ନହୋଇ ଚରିତ୍ର ଭାବରେ ଚିତ୍ରିତ । ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତି ମଣିଷର ସୁଖଦୁଃଖରେ ସାମିଲ ହୋଇଛି, ମଣିଷ ପ୍ରତି ବେଶ୍ ସମ୍ବେଦନଶୀଳ

ହୋଇଛି । ମଣିଷର ପରମ ମିତ୍ର ସାଜିଛି ପ୍ରକୃତି । ହୃଦୟର ଗଭୀର ଶ୍ରଦ୍ଧା ଓ ସୌନ୍ଦର୍ଯ୍ୟ ଦୃଷ୍ଟିରେ ପ୍ରକୃତିକୁ ବର୍ଣ୍ଣନା କରିଛନ୍ତି ଗଙ୍ଗାଧର । ଗଙ୍ଗାଧର ସାହିତ୍ୟରେ ପ୍ରକୃତି ଜଡ଼ ନୁହେଁ, ପ୍ରକୃତି ସଜୀବ ଓ ଚଳଚଞ୍ଚଳ । ତେଣୁ ଅନ୍ୟ କବିଙ୍କ ଲେଖନୀ ଅପେକ୍ଷା ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତି ଅଧିକ ରସମୟ ଓ ସରସ ହୋଇଛି ।

ଗଙ୍ଗାଧରଙ୍କ 'ତପସ୍ୱିନୀ', 'ଉତ୍କଳଲକ୍ଷ୍ମୀ', 'ଇନ୍ଦୁମତୀ', 'ପ୍ରଣୟ ବଲ୍ଲରୀ', 'କୀଚକ ବଧ' ଆଦି ପ୍ରତ୍ୟେକ କାବ୍ୟରେ ପ୍ରକୃତିର ସ୍ଥାନ ସ୍ୱତନ୍ତ୍ର । ପୁଣି ତାଙ୍କୁ କ୍ଷୁଦ୍ର କବିତାଗୁଡ଼ିକରେ ପ୍ରକୃତିର ବର୍ଣ୍ଣନା ଅତ୍ୟନ୍ତ ମନୋମୁଗ୍ଧକର । ମେହେର ସାହିତ୍ୟରେ ପ୍ରକୃତି ଓ ମଣିଷର ସଂପର୍କ ଅତି ନିବିଡ଼ । ପ୍ରକୃତି ଭିତରେ ସେ ଅନୁଭବ କରିଛନ୍ତି ମାନବୀୟ ସତ୍ତାକୁ । ମାନବୀୟ ସୌନ୍ଦର୍ଯ୍ୟବୋଧ ଓ ପ୍ରକୃତିପ୍ରାଣତା ଗଙ୍ଗାଧରଙ୍କ କାବ୍ୟକୁ କରିଛି ଅଧିକ ପରିପୁଷ୍ଟ ଓ ରସସିକ୍ତ । ପ୍ରକୃତି ଓ ମଣିଷର ଅନ୍ତରଙ୍ଗ ସଂପର୍କକୁ ଅତି ସାବଲୀଳ ଓ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଗଙ୍ଗାଧର ମେହେର ।

'ତପସ୍ୱିନୀ' ହେଉଛି ଗଙ୍ଗାଧରଙ୍କ ଏକ କାଳଜୟୀ କୃତି । ମେହେର କବିଙ୍କ 'ତପସ୍ୱିନୀ' କାବ୍ୟରେ ପ୍ରକୃତି ଚିତ୍ରଣ ଭିତରେ ତାଙ୍କର ସମ୍ବେଦନଶୀଳତା ଓ ଉଦାର ଦୃଷ୍ଟିଭଙ୍ଗୀ ପ୍ରତିଫଳିତ । ନିର୍ବାସିତା ସୀତା ବାଲ୍ମୀକି ଆଶ୍ରମରେ ଆସି ପ୍ରଥମ ରଜନୀ ଯାପନ କରିଛନ୍ତି । ରାତି ପାହିଲା ପରେ ସାରା ପ୍ରକୃତି, ଜୀବଜଗତ ତାଙ୍କ ଦର୍ଶନ ପାଇଁ ବ୍ୟାକୁଳ ହୋଇଉଠିଛନ୍ତି । ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ସମସ୍ତେ ଯେପରି ବ୍ୟଗ୍ର ହୋଇଉଠିଛନ୍ତି । ପ୍ରକୃତି ବେଶ୍ ସମ୍ବେଦନଶୀଳ ହୋଇଉଠିଛି ଦୁଃଖିନୀ ସୀତାଙ୍କ ପ୍ରତି । *କବିଙ୍କ ଭାଷାରେ :*

ମଙ୍ଗଳେ ଅଇଲା ଉଷା ବିକଚ-ରାଜୀବ ଦୃଶା
ଜାନକୀ -ଦର୍ଶନ-ତୃଷା ହୃଦୟେ ବହି,
କରପଲ୍ଲବେ ନୀହାର- ମୁକ୍ତା ଧରି ଉପହାର
ସତୀଙ୍କ ବାସ-ବାହାର-ପ୍ରାଙ୍ଗଣେ ରହି,
କଳକଣ୍ଠ -କଣ୍ଠେ କହିଲା,
"ଦରଶନ ଦିଅ ସତୀ, ରାତି ପାହିଲା ।"

(ତପସ୍ୱିନୀ)

ସେହିପରି:

ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନିଦେଶେ,
କୁୟାଟୁଆ ହୋଇ ଭାଟଆରମ୍ଭିଲା ସ୍ତବପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ ରାଜ୍ୟ-ରାଣୀ, ରାତି ପାହିଲା ।

(ତପସ୍ୱିନୀ)

'ତପସ୍ୱିନୀ' କାବ୍ୟରେ ପ୍ରକୃତିର ଅନ୍ତରଙ୍ଗ ରୂପ ଚିତ୍ରଣରେ ଗଙ୍ଗାଧର କେତେ ସିଦ୍ଧହସ୍ତ ଏଭଳି ପଦପଂକ୍ତିରୁ ସୁସ୍ପଷ୍ଟ ।

'ତପସ୍ୱିନୀ'ରେ 'ତମସା' ଗଙ୍ଗାଧରଙ୍କ ଏକ ସ୍ୱତନ୍ତ୍ର ସୃଷ୍ଟି । 'ତମସା' ଓ 'ସୀତା'ଙ୍କ ସଂପର୍କ ଅତି ଅନ୍ତରଙ୍ଗ । ତମସା ଏକ ନଦୀ । ବାଲ୍ମୀକି ଆଶ୍ରମରେ ସୀତାଙ୍କୁ ପାଇ ଅପୂର୍ବ ଆନନ୍ଦ ଲାଭ କରିଛି ତମସା । ଆଶ୍ରମର ଧାତ୍ରୀ ଭଳି ତମସା । ସେ ପୂତ ଓ ନିର୍ମଳ । ସତେ ଯେମିତି ତମସା ସତୀ ସୀତାଙ୍କ ଆଗମନକୁ ଅପେକ୍ଷା କରିଥିଲା । ସୀତାଙ୍କ ଆଗମନର ପ୍ରତି ମୁହୂର୍ତ୍ତକୁ ସେ ମୀନନୟନରେ ଚାହିଁ ରହିଥିଲା । *ଗଙ୍ଗାଧରଙ୍କ ଭାଷାରେ :*

ଉତ୍ସୁକ ହୃଦୟେ ରାତ୍ରୀ - ଶେଷରେ ଆଶ୍ରମ- ଧାତ୍ରୀ
ତମସା ନିର୍ମଳ- ଗାତ୍ରୀ ପବିତ୍ର ଧାରା
ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ ନୀର ସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗ ମନେ ।

(ତପସ୍ୱିନୀ)

ପ୍ରକୃତି ସତେ କେତେ ଉଦାର ଓ ସମ୍ବେଦନଶୀଳ - ତାହା 'ତମସା' ଚରିତ୍ରରୁ ସ୍ପଷ୍ଟଭାବେ ପ୍ରତୀୟମାନ । ସୀତା ଓ ତମସାଙ୍କୁ ମିଳିତ କରିବାରେ ଅନୁକମ୍ପାଙ୍କ ଭୂମିକା ଅତୁଳନୀୟ । ଉଭୟଙ୍କୁ ମିଳିତ କରିବାରେ ଅନୁକମ୍ପାଙ୍କ କି ଆନନ୍ଦ ଲାଭ ନ କରିଛନ୍ତି ! ସେପଟେ ସତୀ ସୀତାଙ୍କୁ ଲାଭ କରି ନିଜକୁ ଗୌରବାନ୍ୱିତ ମନେ କରୁଛି ତମସା । ସୀତାଙ୍କ ଅଙ୍ଗ ସ୍ପର୍ଶରେ ନିଜ ଜୀବନକୁ ପୂତ ଓ ପବିତ୍ର କରିବା ପାଇଁ ଅନେକ ଦିନରୁ ଅପେକ୍ଷା କରିଥିଲା ତମସା । ତେଣୁ ତା'ଭିତରେ ଉତ୍ସୁକତା ବଢ଼ି ବଢ଼ି ଯାଉଥିଲା ସୀତାଙ୍କ ଅଙ୍ଗସଙ୍ଗ ଲାଭ ପାଇଁ । ମନ୍ଦାକିନୀ, ଗୋଦାବରୀ ଆଦି ନଦୀ ଯେପରି ସୀତାଙ୍କ ପବିତ୍ର ପଦଚିହ୍ନ ଲାଭ କରି ଧନ୍ୟ ହୋଇଛନ୍ତି, ସେଭଳି ତମସା ମଧ୍ୟ ଅପେକ୍ଷା କରିଥିଲା ସୀତାଙ୍କ ସାନ୍ନିଧ୍ୟ ଲାଭ ପାଇଁ । ତମସାର ଅନ୍ତର୍ଭାବନାକୁ କବି ଗଙ୍ଗାଧର ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛନ୍ତି । ଗଙ୍ଗାଧରଙ୍କ ଭାଷାରେ :

ପତିବ୍ରତା-ଅଙ୍ଗେ ଲାଗି ପବିତ୍ର ହେବାର ଲାଗି
ବ୍ରତତୀ-ବାସ-ବିରାଗୀ ପ୍ରସୂନମାନ
ଦୂରୁଁ ଦୂରୁଁ ଝାସି ଝାସି ଧାଇଁଥିବେ ଭାସି ଭାସି
ଭ୍ରମୁଥିବେ ଆସି ଆସି ତୋ' ସନ୍ନିଧାନ;
ସ୍ନାନ ସମୟେ ମୋ ପୟରେ,
ଦୟାମୟୀ! ନ ପେଲିବୁ ତାଙ୍କୁ ପୟରେ । (ତପସ୍ୱିନୀ)

'ତପସ୍ୱିନୀ'ରେ ପ୍ରକୃତି ଓ ମଣିଷର ଅନ୍ତରଙ୍ଗ ସଂପର୍କକୁ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି କବି ଗଙ୍ଗାଧର । ତମସା ଓ ସୀତାଙ୍କ

ସଂପର୍କ କେତେ ଆନ୍ତରିକ ଓ ନିବିଡ଼ ତାହା 'ତପସ୍ୱିନୀ' କାବ୍ୟରେ ଚିତ୍ରିତ । ପ୍ରକୃତି ମଣିଷ ପ୍ରତି କେତେ ସମ୍ବେଦନଶୀଳ ଓ ଉଦାର ତାହା ମଧ୍ୟ 'ତପସ୍ୱିନୀ' କାବ୍ୟରେ ପ୍ରତିଫଳିତ । ସତୀ ଶିରୋମଣି ସୀତାଙ୍କ ନିର୍ବାସନ ଦଣ୍ଡରେ ପ୍ରକୃତି ସମଭାବରେ ଦୁଃଖୀ । ସୀତାଙ୍କ ଦୁଃଖରେ ପ୍ରକୃତି ଦୁଃଖିତ । ପ୍ରକୃତି ସମବେଦନା ଜଣାଇଛି ସତୀ ସୀତାଙ୍କୁ । ଆଉ ନିୟତି ବିରୁଦ୍ଧରେ ବିଦ୍ରୋହର ସ୍ୱର ଉତ୍ତୋଳନ କରିଛି ।

ସ୍ୱଭାବ କବିଙ୍କ ଭାଷାରେ :

କରିବାକୁ ନିୟତିର ସହିତ ସମର
ତୃଣରାଜ ଖଡ୍‌ଗ -କରେ ଗର୍ଜ୍ଜିଲା ପ୍ରଖର
ବାୟାବସା ତୂଣୀରକୁ ଝାଡ଼ି ବାରମ୍ବାର
ପତ୍ର କଙ୍କ ପକ୍ଷର କଲା କି ଅବା ବାହାର ।

(ତପସ୍ୱିନୀ)

'ତପସ୍ୱିନୀ' କାବ୍ୟରେ ପ୍ରକୃତି ସବୁବେଳେ ମଣିଷର ସୁଖଦୁଃଖ, ହର୍ଷବିଷାଦରେ ଆତ୍ମୀୟତା ଓ ସମ୍ବେଦନଶୀଳତା ପ୍ରକାଶ କରିଛି । ଗଙ୍ଗାଧରୀୟ ପ୍ରକୃତି କେତେବେଳେ ମଣିଷର ଖୁସିରେ ଆନନ୍ଦରେ ଗଦ୍‌ଗଦ୍ ହୋଇଛି ପୁଣି କେତେବେଳେ ଦୁଃଖରେ ଅଶ୍ରୁ ବିସର୍ଜନ କରିଛି । ପ୍ରକୃତରେ ଏହା ହିଁ ଗଙ୍ଗାଧରଙ୍କ ପ୍ରକୃତିର ବୈଶିଷ୍ଟ୍ୟ । ଗଙ୍ଗାଧରଙ୍କ ଲେଖନୀରେ ନଦୀ, ଗଛଲତା, ଚନ୍ଦ୍ର, ତାରା, ରାତି, ସକାଳ, ଫୁଲ ଆଦି ସବୁକିଛି ଅତ୍ୟନ୍ତ ମନୋରମ ଓ ମାର୍ମିକ ହୋଇଠିଛି । ମେହେର କବି ସମଗ୍ର 'ତପସ୍ୱିନୀ' କାବ୍ୟ ଭିତରେ ପ୍ରକୃତି ଅପରୂପ ସୌନ୍ଦର୍ଯ୍ୟ ଓ ସମ୍ବେଦନଶୀଳତାକୁ ଚିତ୍ରଣ କରିଛନ୍ତି । ପ୍ରକୃତି ଭିତରେ ମଣିଷ ଜୀବନର ମହନୀୟତାକୁ ବର୍ଣ୍ଣନା କରିଛନ୍ତି ଗଙ୍ଗାଧର 'ତପସ୍ୱିନୀ' କାବ୍ୟରେ ।

'ତପସ୍ୱିନୀ' ପରି 'ଉତ୍କଳ-ଲକ୍ଷ୍ମୀ' କାବ୍ୟରେ ମଧ୍ୟ ଗଙ୍ଗାଧର ପ୍ରକୃତିକୁ ବେଶ ରମଣୀୟ ରୂପେ ଚିତ୍ରିତ କରିଛନ୍ତି । ସ୍ୱଭାବକବିଙ୍କ ପ୍ରକୃତି ପ୍ରୀତିର ଅନ୍ୟତମ ନିଦର୍ଶନ 'ଉତ୍କଳ-ଲକ୍ଷ୍ମୀ' । ଲାସ୍ୟମୟୀ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା ଅତ୍ୟନ୍ତ ପ୍ରାଣସ୍ପର୍ଶୀ ହୋଇଉଠିଛି 'ଉତ୍କଳ-ଲକ୍ଷ୍ମୀ' କାବ୍ୟର ଛତ୍ରେଛତ୍ରେ । ଉତ୍କଳର ପ୍ରାକୃତିକ ସୌନ୍ଦର୍ଯ୍ୟର ଜୀବନ୍ତ ଓ ଅନୁପମ ବର୍ଣ୍ଣନା 'ଉତ୍କଳ-ଲକ୍ଷ୍ମୀ' କାବ୍ୟକୁ କରିଛି ଅଧିକ ରସମୟ ଓ ରୂପମୟ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଉତ୍କଳ ମାଟି । ଉତ୍କଳ ଭୂଇଁର ପ୍ରାକୃତିକ ସୌନ୍ଦର୍ଯ୍ୟ ଯୁଗେଯୁଗେ ଆକର୍ଷିତ କରି ଆସିଛି କବି ଓ ଭାବୁକଙ୍କୁ । ଆଉ ଏହି ସୌନ୍ଦର୍ଯ୍ୟ କିପରି ବା ବାଦ୍ ପଡ଼ନ୍ତା ପ୍ରକୃତି କବି ଗଙ୍ଗାଧରଙ୍କ ଚକ୍ଷୁରୁ ! ଉତ୍କଳର ପ୍ରାକୃତିକ ଦୃଶ୍ୟ ଗଙ୍ଗାଧରଙ୍କ ଲେଖନୀରେ ହୋଇଉଠିଛି ଅତି ମନୋଜ୍ଞ ଓ ଆକର୍ଷଣୀୟ ।

ଉତ୍କଳ ମାଟିର ନଦୀ, ପାହାଡ଼, ପର୍ବତ, ଜଙ୍ଗଲର ମନୋରମ ଛବି 'ଉତ୍କଳ-ଲକ୍ଷ୍ମୀ'ରେ ସତେଜ ଓ ଚିତ୍ତାକର୍ଷକ । ବିଶେଷ କରି ପଶ୍ଚିମ ଓଡ଼ିଶାର ବହୁ ପର୍ଯ୍ୟଟନ ପୀଠ, ନଦୀ, ପାହାଡ଼ ପର୍ବତର ସୁରମ୍ୟ ପ୍ରାକୃତିକ ଦୃଶ୍ୟ ଚମତ୍କାର ଭାବରେ ଚିତ୍ରିତ 'ଉତ୍କଳ-ଲକ୍ଷ୍ମୀ'ର ପଦପଂକ୍ତିରେ ।

ପଶ୍ଚିମ ଓଡ଼ିଶାରେ ପ୍ରବାହିତ ମହାନଦୀ, ଅଙ୍ଗ, ଇବ୍, ତେଲ, ଦଣ୍ଡା, ଝାଉଁ, ରାଞ୍ଜି, କୁଲିଆରୀ, ଭେଡନ, ମାଳତୀ, ଅଣିକା, ଘୋଷାଳୀ, ଉତ୍ତାଳୀ , ହରଡ଼ ଆଦି ନଦୀ, ଉପନଦୀର ସୌନ୍ଦର୍ଯ୍ୟ ବର୍ଣ୍ଣନା 'ଉତ୍କଳ-ଲକ୍ଷ୍ମୀ'ରେ ଅତୀବ ସଜୀବ ଓ ପ୍ରାଣବନ୍ତ । ସମ୍ବଲପୁର ଜିଲ୍ଲାର ଶିଶୁପାଳ, ବାରପାହାଡ଼, ଝରଘାଟୀ, ବଡ଼ପାଟୀ ଆଦି ପାହାଡ଼ର ମନୋହର ଦୃଶ୍ୟ 'ଉତ୍କଳ-ଲକ୍ଷ୍ମୀ'ରେ ବର୍ଣ୍ଣିତ ହୋଇଛି ସୁନ୍ଦର ଓ ଅନୁପମ ଶୈଳୀରେ । ସେହିପରି ଦେବଗଡ଼ର ପ୍ରଧାନପାଟ, କଳାହାଣ୍ଡି ଜିଲ୍ଲାର କର୍‌ଲାପାଟ, ବଙ୍କାସାମ, ଟିକ୍ରିଗୁଡ଼ା , ନୃସିଂହନାଥ, ହରିଶଙ୍କର ଆଦି ପଶ୍ଚିମ ଓଡ଼ିଶାର ବହୁ ପାହାଡ଼ ପର୍ବତ ଓ ପର୍ଯ୍ୟଟନ ପୀଠର ପ୍ରାକୃତିକ ବିଭବର ମନୋଜ୍ଞ ଆଲେଖ୍ୟ ଏହି କାବ୍ୟରେ ବର୍ଣ୍ଣିତ । 'ଉତ୍କଳ-ଲକ୍ଷ୍ମୀ' କାବ୍ୟରେ ପଶ୍ଚିମ ଓଡ଼ିଶାର ପ୍ରାକୃତିକ ଶୋଭା ବର୍ଣ୍ଣନା କରି କହିଛନ୍ତି :

ଶିଶୁପାଳ, ବାର- ପାହାଡ଼, ଛେଳିଆ
ଝରଘାଟୀ, ବଡ଼ପାଟୀ,
ଭିରିମଲ୍ଲୀମାଳ ଧରି ପ୍ରାଙ୍ଗଣରେ
ଦିଶୁଥିଲ ପରିପାଟୀ ।
ବୁଢ଼ାରଜା ଗଙ୍ଗ- ଶିଉଳି ସ୍ତବକ
ହସ୍ତରେ ତହିଁ ଥିବାର,
ଦେଖି ଗାଢ଼ ପ୍ରେମ- ପୂରିତ ଲୋଚନେ
ନିରେଖିଲି ବାରମ୍ବାର ।
ମୋତିଝରଣର ମୋତିମାଳା ରୂପୀ
ଆମଳକୀ ଫଳମାଳ,
ଉପହାର ଘେନି ଉଭା ହୋଇଥିଲେ
ତୁଙ୍ଗ ତୁଙ୍ଗ ବହୁ ଶାଳ ।

(ଉତ୍କଳ-ଲକ୍ଷ୍ମୀ)

ସେହିପରି:

ଜିରା, ଦଣ୍ଡା, ଝାଉଁ, ରାଞ୍ଜି, କୁଲିଆରୀ
ଉତ୍ସବେ ହୋଇ ଯାତ୍ରିକ,
ନିଜ ଦଳ ମଧ୍ୟେ କରୁଥିଲେ ମୋଦି
ମନୋହର ତୌର୍ଯ୍ୟତ୍ରିକ ।
ଭେଡ଼ନ, ମାଳତୀ, ରଣିକା, ଘୋଷାଳୀ
ସହିତ ମିଳି ଉତ୍ତାଳୀ,
ସରଳ ତରଳ ଗୀତ ଗାଇ ମୁଦେ
ମାରୁଥିଲେ କରତାଳି ।

(ଉତ୍କଳ -ଲକ୍ଷ୍ମୀ)

ଉତ୍କଳ ମାଟିର ସୌନ୍ଦର୍ଯ୍ୟ ସର୍ବଦା ପ୍ରକୃତି କବି ଗଙ୍ଗାଧରଙ୍କୁ ଆକୃଷ୍ଟ କରିଥିଲା ଗଭୀର ଭାବେ । ତେଣୁ ସେ ମୁଗ୍ଧହୋଇ ବର୍ଣ୍ଣନା କରିଥିଲେ ଉତ୍କଳ ଭୂଇଁର ପ୍ରାକୃତିକ ଶୋଭାରାଜିକୁ । ଉତ୍କଳ-ଲକ୍ଷ୍ମୀ କାବ୍ୟର ଛତ୍ରେଛତ୍ରେ ଓଡ଼ିଶାର ପ୍ରାକୃତିକ ସୁଷମା ପ୍ରସ୍ଫୁଟିତ । ସୁରମ୍ୟ

ପାହାଡ଼ପର୍ବତ, ନଦୀରେ ପରିପୂର୍ଣ୍ଣ ଉତ୍କଳଭୂମି । ଉତ୍କଳଭୂମିର ଅଙ୍ଗ ସୌଷ୍ଠବ ରମଣୀୟ । 'ଉତ୍କଳ - ଲକ୍ଷ୍ମୀ'ଙ୍କୁ ପ୍ରକୃତି ସ୍ୱାଗତ କରିବା ପାଇଁ ସତେ ଯେପରି ଆକର୍ଷଣୀୟ ଭାବରେ ସଜ୍ଜିତ । ସମଗ୍ର 'ଉତ୍କଳ-ଲକ୍ଷ୍ମୀ'ରେ ଉତ୍କଳଭୂମିର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଛନ୍ତି ଗଙ୍ଗାଧର ।

ଗଙ୍ଗାଧର ସାହିତ୍ୟରେ ପ୍ରକୃତି ଚିତ୍ର ନୁହେଁ ଚରିତ୍ର ଭାବରେ ଉଦ୍ଭାସିତ । ସେ ମଣିଷ ଦୁଃଖରେ ସମଦୁଃଖୀ । ମଣିଷ ପ୍ରତି ବେଶ୍ ସମ୍ବେଦନଶୀଳ ହୋଇଉଠିଛି ପ୍ରକୃତି । ଏକଥା ପ୍ରମାଣିତ ହୋଇଯାଏ ଗଙ୍ଗାଧରଙ୍କ 'ତପସ୍ୱିନୀ', 'ପ୍ରଣୟ-ବଲ୍ଲରୀ' ଆଦି କାବ୍ୟରେ । 'ତପସ୍ୱିନୀ' କାବ୍ୟରେ ପ୍ରକୃତି ନିର୍ବାସିତା ସୀତାଙ୍କ ପ୍ରତି ଯେଭଳି ସମବେଦନା ଜଣାଇଛି, ଠିକ୍ ସେହିପରି 'ପ୍ରଣୟ-ବଲ୍ଲରୀ' କାବ୍ୟରେ ମଧ୍ୟ ଶକୁନ୍ତଳାଙ୍କ ପ୍ରତି ସମଭାବରେ ସମ୍ବେଦନଶୀଳ ହୋଇଛି । ଶକୁନ୍ତଳା ପତିଗୃହକୁ ଯିବା ସମୟରେ ପ୍ରକୃତି ଦୁଃଖରେ ଭାଙ୍ଗିପଡ଼ିଛି । ତପୋବନର ଶାନ୍ତ ପ୍ରକୃତି ସମଦୁଃଖୀ ହୋଇଉଠିଛି ଶକୁନ୍ତଳାଙ୍କ ଦୁଃଖରେ । ଆଉ ନିଜର ସମବେଦନା ଜଣାଇଛି ଶକୁନ୍ତଳାଙ୍କୁ ।

ଗଙ୍ଗାଧରଙ୍କ ଭାଷାରେ :

ଶକୁନ୍ତଳା ପଥେ ଯାଉଁ ଯାଉଁ ତାର
ତରୁ-ଲତା ଚାହିଁ ଚାହିଁ,
ହୃଦୟ-ପଟରେ ଚିତ୍ର ନେଉଥାଏ
ସେନେହ-ରଙ୍ଗେ ରଙ୍ଗାଇ ।
ଥରେ ଥରେ ସବୁ ତରୁ-ଲତା-ଅଙ୍ଗ
କରି ଦେଉଥାଏ ସ୍ପର୍ଶ,
ବିକାଶ ବ୍ୟାଜରେ ତରୁ-ଲତାଙ୍କର
ହେଉଥାଏ ଲୋମହର୍ଷ ।
କେତେକ ଶିଶିର- ଛଳେ କେତେ ଅବା
କୁସୁମ-ବର୍ଷଣ-ଛଳେ
ଶକୁନ୍ତଳା-କର- ସ୍ପରଶ ମାତ୍ରକେ
ଲୋତକ ମୋଚନ କଲେ ।
ଯେଉଁସବୁ ତରୁ- ଲତାକୁ ସୁଶୀଳା
ଛାଡ଼ି ଦେଉଥାଏ କ୍ରମେ,
ବିରହ-ବେଦନା ଅନୁଭବ ଯେହ୍ନେ
କରୁଥାନ୍ତି ମର୍ମେମର୍ମେ ।

(ପ୍ରଣୟ-ବଲ୍ଲରୀ)

ଶକୁନ୍ତଳାଙ୍କ ପତିଗୃହକୁ ଗମନର ଦୁଃଖରେ ସାରା ପ୍ରକୃତି କାନ୍ଦି ଉଠିଛି । ଗଛଲତା, ପଶୁପକ୍ଷୀ ସମସ୍ତଙ୍କ ମନ ଦୁଃଖରେ ଭାରାକ୍ରାନ୍ତ । ହରିଣହରିଣୀ, ମୟୂରମୟୂରୀ ଖାଇବା, ବୁଲିବା ଛାଡ଼ି ଦୁଃଖିତ ନୟନରେ ଅନାଇ ରହିଥାନ୍ତି ରାସ୍ତାର କଡ଼ରେ ଧାଡ଼ିଧାଡ଼ି ହୋଇ । ଏପରିକି ମୃଗ ଶିଶୁଟିଏ ହରିଣୀ ଦଳରେ ନ ରହି ଲୁଚିଲୁଚି ଚାଲୁଥାଏ ଶକୁନ୍ତଳାଙ୍କ ପାଖେପାଖେ । ପ୍ରକୃତି ସହିତ ଜୀବଜନ୍ତୁ ମଧ୍ୟ ଶକୁନ୍ତଳାଙ୍କ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ଶକୁନ୍ତଳାଙ୍କ ବିଚ୍ଛେଦରେ । କବି ଗଙ୍ଗାଧର 'ପ୍ରଣୟ-ବଲ୍ଲରୀ' କାବ୍ୟରେ ପ୍ରକୃତିକୁ ଜୀବନ୍ତ ଓ ସଜୀବ ଭାବରେ ବର୍ଣ୍ଣନା କରିଛନ୍ତି । ଯାହା ପାଠକ ପ୍ରାଣକୁ ଗଭୀର ଭାବେ ଆଲୋଡ଼ିତ କରେ ପ୍ରକୃତିର ଏଭଳି ମହନୀୟ ଗୁଣ ଦେଖି । ପ୍ରକୃତି ଓ ମାନବର ଆତ୍ମିକ ସଂପର୍କକୁ ଅତି ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ମେହେର କବି 'ପ୍ରଣୟ-ବଲ୍ଲରୀ' କାବ୍ୟରେ ।

ଜଣେ ଭଲ ମଣିଷର ପ୍ରତି ସର୍ବଦା ପ୍ରକୃତି ସମ୍ବେଦଶୀଳ ଓ ସୁଖଦୁଃଖର ସାଥୀ ହୋଇଆସିଛି, ସେହିପରି ଖଳ ମଣିଷର ବିନାଶରେ ପ୍ରକୃତି ପାଇଛି ଗଭୀର ଆତ୍ମତୃପ୍ତି । ପ୍ରକୃତିର ଏଭଳି ମହତ୍ତର ଭାବନା ଓ ଚେତନାକୁ ଗଙ୍ଗାଧର ଚିତ୍ରଣ କରିଛନ୍ତି ତାଙ୍କ କାବ୍ୟ 'କୀଚକ-ବଧ' କାବ୍ୟରେ । 'କୀଚକ-ବଧ' କାବ୍ୟରେ ପାପୀ କୀଚକର ମୃତ୍ୟୁରେ ଶାନ୍ତ ପ୍ରକୃତିକୁ ମିଳିଛି ଅପାର ଶାନ୍ତି । ଭୀମ ଦ୍ୱାରା ଉଦ୍ଧତ ଖଳନାୟକ କୀଚକର ବିନାଶ ହେବା ପରେ ଉଷାର ଆଗମନ ହୃଦୟରେ ସୃଷ୍ଟି କରେ ଏକ ଅପୂର୍ବ ଭାବାବେଗ । ଉଷାର ରୂପ ବର୍ଣ୍ଣନା ଗଙ୍ଗାଧରଙ୍କ କାବ୍ୟିକ ଭାଷାରେ ଅତି ଉଚ୍ଚକୋଟୀର ହୋଇଛି ।

ଆଇଲା ଉଷା ଯୋଷିତ କୁସୁମେ ହୋଇ ଭୂଷିତ
ଭ୍ରମର - ଅଞ୍ଜନାଞ୍ଜିତ ପଦ୍ମନୟନା,
ବିହଙ୍ଗସ୍ୱନ କିଙ୍କିଣି ନିକ୍ୱଣିଲା କିଣିକିଣି
ଜୀବଚିତ୍ତର ନେଲା କିଣି କୁନ୍ଦଦଶନା,
ଅରୁଣ ଚରଣ ସୁନ୍ଦର,
ପ୍ରଭାତୀ ତାରକା ମଥାମଣି ଭାସ୍ୱର ।

(କୀଚକବଧ)

'କୀଚକ-ବଧ' କାବ୍ୟରେ ବସନ୍ତ ଋତୁର ଚିତ୍ର ମଧ୍ୟ ଅତ୍ୟନ୍ତ ଉଚ୍ଚାଙ୍ଗ ଓ ଶକ୍ତିଶାଳୀ । ଋତୁରାଜ ବସନ୍ତ ଆଗମନର ବର୍ଣ୍ଣନା ବର୍ଣ୍ଣିଳ ହୋଇଉଠିଛି ଗଙ୍ଗାଧରଙ୍କ ଲେଖନୀରେ । 'କୀଚକ-ବଧ' କାବ୍ୟରେ ଋତୁ ସମ୍ରାଟ ବସନ୍ତର ଆଗମନର ବର୍ଣ୍ଣନା ପାଠକ ପ୍ରାଣରେ ଶିହରଣ ସୃଷ୍ଟି କରେ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟିକ ଭାଷାରେ :

ବସନ୍ତ-ବିଜୟ-ବାରତା ପ୍ରଚରିଲା ଭୁବନେ,
ପାଦପ-ଆନୀତ ପତର ପରଭୃତ ପଠନେ ।
ଗ୍ରହରାଜ କର୍ଣ୍ଣେ ପଡ଼ିଲା ଋତୁ-ସମ୍ରାଟ-ଭାଷା,
ଗମିଲେ ସରଳ ପଥରେ ତେଜି ଦକ୍ଷିଣା ଆଶା ।
ଶିଶିର ନାଶଇ ପଦ୍ମିନୀ ଘନ ରବିଙ୍କି ଗ୍ରାସେ,
ଏଣୁ ଋତୁପତି ନାମରେ ରବି ରହିଲେ ତ୍ରାସେ ।
ଗ୍ରହ ରାଜ୍ୟ ହେଲା ପ୍ରସନ୍ନ ତହିଁ ଗ୍ରହ ସରବେ
ବଳିସିଲେ ମଣ୍ଡି ବିଗ୍ରହ ରମ୍ୟ ପ୍ରଭା-ବିଭବେ ।

(କୀଚକ-ବଧ)

ପ୍ରକୃତି ରାଣୀର ଅପରୂପ ସୌନ୍ଦର୍ଯ୍ୟର ବର୍ଣ୍ଣନା 'କୀଚକ-ବଧ'

କାବ୍ୟରେ ପ୍ରତିଫଳିତ । ଗଙ୍ଗାଧର ସବୁଠି ପ୍ରକୃତିକୁ ମଣିଷର ସହିତ ଯୋଡ଼ି ଦେଇଛନ୍ତି । ମଣିଷ ଓ ପ୍ରକୃତିର ଆନ୍ତରିକ ସଂପର୍କର ପ୍ରତିପାଦନ କରିଛନ୍ତି । ଏକଥା ସ୍ପଷ୍ଟ ପ୍ରତିପାଦିତ ହୁଏ ଗଙ୍ଗାଧରଙ୍କ କାବ୍ୟକବିତାରେ ପ୍ରକୃତିର ନିଖୁଣ ଓ ନିରପେକ୍ଷ ବର୍ଣ୍ଣନାରୁ ।

ଯୁଗେଯୁଗେ ପ୍ରକୃତି ଓ ମାନବର ସଂପର୍କ ଘନିଷ୍ଠ ଓ ଅନ୍ତରଙ୍ଗ । ଏକଥା ଗଙ୍ଗାଧର ସାହିତ୍ୟର ପ୍ରତ୍ୟେକ ପାଠକ ମର୍ମେମର୍ମେ ଅନୁଭବ କରିବେ ନିଶ୍ଚୟ । ଗଙ୍ଗାଧର ସାହିତ୍ୟରେ ମଣିଷ ଓ ପ୍ରକୃତିର ସଂପର୍କ ଅତ୍ୟନ୍ତ ଅର୍ଥପୂର୍ଣ୍ଣ । ପ୍ରକୃତିର ସୁଷମା ଭିତରେ ମଣିଷ ବଞ୍ଚିଆସିଛି ଯୁଗେଯୁଗେ । ତେଣୁ ପ୍ରକୃତିକୁ ଛାଡ଼ି ମଣିଷ ବଞ୍ଚିବା ଅସମ୍ଭବ । ପ୍ରକୃତି ଓ ମାନବୀୟ ସଂପର୍କର ଦିବ୍ୟ ଆଭା ପ୍ରସ୍ଫୁଟିତ ହୋଇଛି ସ୍ୱଭାବ କବିଙ୍କ ଲେଖନୀରେ । 'ଇନ୍ଦୁମତୀ' କାବ୍ୟରେ ମଣିଷ ଓ ପ୍ରକୃତିର ମଧୁର ସଂପର୍କ ମାର୍ମିକ ଭାବରେ ବର୍ଣ୍ଣିତ । ଅଜ ଓ ଇନ୍ଦୁମତୀଙ୍କ ଉପବନ ବିହାର ବର୍ଣ୍ଣନା ସମୟରେ ସ୍ୱଭାବକବି ପ୍ରକୃତିର ମନୋଜ୍ଞ ରୂପ ଅତି ଚମତ୍କାର ଶୈଳୀରେ ଚିତ୍ରଣ କରିଛନ୍ତି । ପ୍ରକୃତି ଓ ମଣିଷର ମଧୁର ସଂଯୋଗ 'ଇନ୍ଦୁମତୀ' କାବ୍ୟରେ ଚିତ୍ରିତ । ଗଙ୍ଗାଧରଙ୍କ ଭାଷାରେ :

ଧରଣୀ ରାଣୀର ସେବା ଅର୍ଥେ ଆସି
ବସନ୍ତ ପ୍ରବେଶ ହେଲା,
ଲୋହିତ କମଳ ପଲ୍ଲବ ଦୁକୂଳେ
ଆଗ ତନୁ ମଣ୍ଡି ଦେଲା ।
ଲଲାଟରେ ଲାତ ଅଳକା ବଳୀକି
ଅତି ଯତନରେ ସାଜି,
ମଣ୍ଡି ଦେଲା ଶିରେ ନବ ବିକଶିତ
ମଞ୍ଜୁଳ କୁସୁମରାଜି ।
ରଜନୀରେ ଦିଏ ଲୟାଇ ହୃଦୟ
ହିମ ବିନ୍ଦୁ ମୋତିମାଳି,
କର ପ୍ରସାରି ଯା ହରି ନେଉଥାନ୍ତି
ପ୍ରଭାତରେ କରମାଳୀ । **(ଇନ୍ଦୁମତୀ)**

ଗଙ୍ଗାଧରଙ୍କ 'ତପସ୍ୱିନୀ' ହେଉ କି 'ପ୍ରଣୟ-ବଲ୍ଲରୀ' ଅବା 'ଇନ୍ଦୁମତୀ' ହେଉ କି 'କୀଚକ-ବଧ' ସବୁଠି କବି ଆତ୍ମା ପ୍ରକୃତି ପ୍ରତି ସମର୍ପିତ । ପ୍ରକୃତି ପ୍ରତି ଗଙ୍ଗାଧରଙ୍କ ନିବିଡ଼ ଭଲ ପାଇବା ହିଁ ତାଙ୍କ ଲେଖନୀକୁ ଅଧିକ ରୋମାଞ୍ଚକର ଓ ରସସିକ୍ତ କରିଛି । କବି କେଉଁଠି ମନୋରମ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ଶତମୁଖର ହୋଇଉଠିଛନ୍ତି ତ ପୁଣି କେଉଁଠି ମାନବ ଓ ପ୍ରକୃତିର ନିଃସର୍ତ୍ତ ଭଲ ପାଇବାକୁ ଫୁଟାଇଛନ୍ତି । ଗଙ୍ଗାଧରୀୟ ପ୍ରକୃତି ଜଡ଼ ନୁହେଁ, ସଜୀବ ଓ ସତେଜ । ମଣିଷ ଭଳି ସେ ସର୍ବଦା ସହୃଦୟ । ମାନବ ପ୍ରତି ସେ ସହନଶୀଳ ଓ ଉଦାର । ଏକଥା ମେହେର ସାହିତ୍ୟ ଯେ କୌଣସି ମର୍ମଜ୍ଞ ପାଠକ ଅନୁଭବ କରିପାରିବେ ନିଶ୍ଚୟ ।

ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି ବର୍ଣ୍ଣନା ଯେଭଳି ରମଣୀୟ, ସେହିପରି ତାଙ୍କ କ୍ଷୁଦ୍ର କବିତା ଗୁଡ଼ିକରେ ପ୍ରକୃତିର ଚିତ୍ରଣ ଅତ୍ୟନ୍ତ ଜୀବନ୍ତ । 'କବିତା କଲ୍ଲୋଳ'ରେ ସ୍ଥାନୀତ 'ବେଦବ୍ୟାସ','ଚନ୍ଦ୍ର ରଜନୀ','ବସନ୍ତ ବାସର','ବର୍ଷା ଚିତ୍ର' ପ୍ରଭୃତି କବିତାରେ ପ୍ରକୃତିର କମନୀୟ ରୂପ ଚିତ୍ରିତ । ବେଦବ୍ୟାସ ହେଉଛି ଓଡ଼ିଶାର ଅନ୍ୟତମ ଦର୍ଶନୀୟ ସ୍ଥାନ । କବି ବ୍ରଜମୋହନ ପଣ୍ଡାଙ୍କ ସହ ୧୯୧୦ ମସିହା ମଇ - ଜୁନ୍ ମାସରେ ଯାଇଥିଲେ ବେଦବ୍ୟାସ ଦର୍ଶନରେ । ବେଦବ୍ୟାସର ମନୋରମ ପ୍ରାକୃତିକ ଦୃଶ୍ୟ ଦର୍ଶନରେ ଗଙ୍ଗାଧର ବିଭୋର ହୋଇଉଠିଥିଲେ । ଗଙ୍ଗାଧରଙ୍କ ବିଭୋରତାରୁ 'ବେଦବ୍ୟାସ' କବିତାର ସୃଷ୍ଟି । ବେଦବ୍ୟାସର ପ୍ରାକୃତିକ ସୌନ୍ଦର୍ଯ୍ୟ କବିଙ୍କ ଲେଖନୀରେ ହୋଇଉଠିଛି ଜୀବନ୍ତ - ସରସ ଓ ପ୍ରାଣବନ୍ତ ।

ସେହିପରି 'ଚନ୍ଦ୍ର ରଜନୀ' କବିତାରେ ଏକ ଚନ୍ଦ୍ରଧୌତ ରଜନୀର ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଚନ୍ଦ୍ର ରଜନୀର ସ୍ନିଗ୍ଧ ଶୀତଳ କିରଣ ମଣିଷ ପ୍ରାଣରେ ଭରିଦିଏ ଅପୂର୍ବ ଆନନ୍ଦ ଓ ଉଲ୍ଲାସ । ଗଙ୍ଗାଧରଙ୍କ ଲେଖନୀରେ ଚନ୍ଦ୍ର ରଜନୀର ମନୋରମ ଦୃଶ୍ୟ ଚିତ୍ତାକର୍ଷକ ହୋଇଉଠିଛି । ପୁଣି ଋତୁ ସମ୍ରାଟ ବସନ୍ତ ଆଗମନର ଚିତ୍ର ପ୍ରତିଫଳିତ ହୋଇଛି 'ବସନ୍ତ ବାସର' କବିତାରେ । ବସନ୍ତ ଆଗମନରେ ସାରା ଜୀବଜଗତରେ ଖେଳି ଯାଏ ଆନନ୍ଦର ଲହରୀ । ଭ୍ରମରର ମଧୁଭିକ୍ଷା, ମଧୁପର ସୂର୍ଯ୍ୟଙ୍କ ପାଖରେ ଗୁହାରୀ କରିବା, ବଟ ବୃକ୍ଷରେ ମଧୁର ଫଳର ଅଭାବ ଆଦିର ଚମତ୍କାର ବର୍ଣ୍ଣନା ରହିଛି 'ବସନ୍ତ ବାସର' କବିତାରେ । ଗଙ୍ଗାଧରଙ୍କ କବିତାରେ ପ୍ରକୃତିର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ ଓ ସଜୀବ । ବର୍ଷାକାଳୀନ ରାତିର ଦୃଶ୍ୟ ଚିତ୍ରିତ ହୋଇଛି 'ବର୍ଷାଚିତ୍ର' କବିତାରେ । ପତ୍ର ଉପରେ ବର୍ଷା ଜଳ ପଡ଼ିବା, ଜଳକ୍ରୀଡ଼ାରତ ମାଛ, ବର୍ଷା ଋତୁରେ ଦିବସ ଓ ରଜନୀର ବାସ୍ତବ ବର୍ଣ୍ଣନା 'ବର୍ଷାଚିତ୍ର' କବିତାରେ ପାଠକ ଦେଖିବାକୁ ପାଏ । 'କବିତା କଲ୍ଲୋଳ'ର କବିତାଗୁଡ଼ିକ ନୈସର୍ଗିକ ପ୍ରାକୃତିକ ଶୋଭା ବର୍ଣ୍ଣନାରେ ପରିପୂର୍ଣ୍ଣ । ଗଙ୍ଗାଧରଙ୍କ ଆହୁରି ଅନେକ କ୍ଷୁଦ୍ର କବିତାରେ ପ୍ରକୃତିର ବର୍ଣ୍ଣନା ଅତି ଜୀବନ୍ତ ଓ ପ୍ରାଣସ୍ପର୍ଶୀ ହୋଇଛି ।

ପ୍ରକୃତି କବି ଗଙ୍ଗାଧରଙ୍କ ସୌନ୍ଦର୍ଯ୍ୟାନୁଭୂତି ତାଙ୍କ କାବ୍ୟକବିତାକୁ ଅଧିକ ରସସିକ୍ତ ଓ ପ୍ରାଣବନ୍ତ କରିଛି । ଗଙ୍ଗାଧର ସାହିତ୍ୟରେ ଅନ୍ତଃପ୍ରକୃତି ଓ ବାହଃପ୍ରକୃତିର ବର୍ଣ୍ଣନା ଅତ୍ୟନ୍ତ ଚିତ୍ତାକର୍ଷକ ଓ ମନୋମୁଗ୍ଧକର ।

ପ୍ଲଟ୍ ନଂ- ୨୮୬, ସେକ୍ଟର-୫
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୪୩୭୨ ୬୩୮୨୬

ଶାସ୍ତ୍ର-ପୁରାଣରେ ଦେବୀଙ୍କ ଅନନ୍ୟ ରୂପ

ଡ.ଦୋଳଗୋବିନ୍ଦ ବିଶୀ

ଆଦିଶକ୍ତି ବା ମହାଦେବୀଙ୍କର ଦଶବିଧତତ୍ତ୍ୱ ଦଶମହାବିଦ୍ୟା ରୂପେ ଆଖ୍ୟାୟିତ । ସେ ମଧ୍ୟରୁ ପ୍ରଥମ ମହାବିଦ୍ୟା ବା ଦେବୀ ହେଉଛନ୍ତି- 'କାଳୀ'। ଦେବୀ 'କାଳୀ' ମହାକାଳୀ ଓ ଶ୍ୟାମାକାଳୀ ନାମରେ ମଧ୍ୟ ସମ୍ବୋଧିତ ହୋଇଥାନ୍ତି । ଓଡ଼ିଶାର ଲୋକସମାଜରେ ମାତୃରୂପା 'କାଳୀ'ଙ୍କର ଲୌକିକ ନାମ 'କାଳୀସୁନ୍ଦରୀ'ଅତ୍ୟନ୍ତ ଜନପ୍ରିୟ ହୋଇ ରହିଛି । ତେଣୁ ଦେବୀଙ୍କ ମାଳଶ୍ରୀ (ଶାକ୍ତ-ଗୀତିକା)ରେ କବି ସ୍ତୁତି କରୁଛନ୍ତି: "କଳି ଯୁଗରେ ତୁ କାଳୀ ସୁନ୍ଦରୀ, ଗ୍ରାମେ ଗ୍ରାମେ ଦେବୀ ଲୋକ-ଈଶ୍ୱରୀ" ।

ଦେବୀ ବିନ୍ଧ୍ୟବାସିନୀଙ୍କ ପରି ଦେବୀକାଳୀଙ୍କ ଉତ୍ପତ୍ତି ସଂପର୍କରେ ମଧ୍ୟ ଅନେକ ମତ ଶାସ୍ତ୍ର-ପୁରାଣାଦିରେ ଦେଖିବାକୁ ମିଳେ । ସେ ମଧ୍ୟରୁ ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇଥିବା ତିନୋଟି ପ୍ରମୁଖ ମତ ରହିଛି । ପ୍ରଥମ ମତ ହେଉଛି ବ୍ରହ୍ମବୈବର୍ତ୍ତ ପୁରାଣର । ବ୍ରହ୍ମବୈବର୍ତ୍ତ ପୁରାଣ ମତରେ ଭଦ୍ରକାଳୀ ହିଁ ସାକ୍ଷାତ୍ କାଳୀ ବା ମହାକାଳୀ । ଏ ଦୁହେଁ ଅଭିନ୍ନ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ମାର୍କଣ୍ଡେୟ ପୁରାଣ କାଳୀଙ୍କ ଉତ୍ପତ୍ତି ବର୍ଣ୍ଣନା କରିଥିବା ବେଳେ ବ୍ରହ୍ମପୁରାଣ ଭଦ୍ରକାଳୀଙ୍କର ବର୍ଣ୍ଣନା କରିଛନ୍ତି । ମାର୍କଣ୍ଡେୟ ପୁରାଣ ଅନୁସାରେ 'ଶୁମ୍ଭ' ରାକ୍ଷସର ଆଜ୍ଞା ପାଇ ସେନାଧକ୍ଷ 'ଚଣ୍ଡ ଓ ମୁଣ୍ଡ' ଦେବୀଙ୍କୁ ବଳପୂର୍ବକ ଧରି ଆଣିବା ନିମନ୍ତେ ସୈନ୍ୟସାମନ୍ତ ସହ ଗମନ କରନ୍ତେ- ଦେବୀ ତାଙ୍କ ଉପରେ ଅତ୍ୟନ୍ତ କ୍ଷୁବ୍ଧ ହୋଇଉଠିଲେ । ପ୍ରଚଣ୍ଡ କ୍ରୋଧବଶତଃ ତାଙ୍କ ମୁଖମଣ୍ଡଳରେ ସତେ ଯେମିତି କଳାରଙ୍ଗ (କାଳୀ ବା ସ୍ୟାହି) ବୋଳି ହୋଇଗଲା ଓ ଦେବୀ ଆରୋହଣ କରିଥିବା ବାହନରୁ 'କରାଳ-ବଦନା-କାଳୀ'ଙ୍କର ଉତ୍ପତ୍ତି ହେଲା । ମାର୍କଣ୍ଡେୟ ପୁରାଣରେ କାଳୀଙ୍କର ଯେଉଁ ରୂପ ବର୍ଣ୍ଣନା ରହିଛି,ତାହା 'ମାଳଶ୍ରୀ'ରେ ଟିକିଏ ବଢ଼ି ଅବିକଳ ରହିଛି। ଯେପରି -

"ଅନେକ ହସ୍ତେ ଅସ୍ତ୍ରମାନ ଧରୁ
ବାଘାମ୍ବରୀ କଟି ଉତ୍କଟ ଭୂରୁ
ଗଳାରେ ଶୋହେ ନରମୁଣ୍ଡ ମାଳା
ଅରିମୁଣ୍ଡ ମାଳା କଟିମେଖଳା
ରକ୍ତବର୍ଣ୍ଣ ନେତ୍ର,ଶୀର୍ଣ୍ଣ ତନୁଗାତ୍ର, ଲିହ୍ୱା ଲହଲହ ଲମ୍ବାଇ
କରାଳ ବଦନ, ବିସ୍ତୃତ ଯୋଜନ, ତେଜ ପ୍ରଭଞ୍ଜନ ମାଡ଼ଇ
ଗୋ ମା ! ଘୋର ଗର୍ଜନେ ଦଶଦିଗ ପୂରଇ"।

ଏପରି ମହାଭୟଙ୍କରୀ କାଳୀ ମହାତେଜମୟ ପ୍ରଭଞ୍ଜନ ବା ବାତ୍ୟା ପରି ଅସୁରବଳ ଉପରେ ଝାମ୍ପି ପଡ଼ିଲେ ଓ ବଡ଼ବଡ଼ ଯୋଦ୍ଧାମାନଙ୍କୁ ନିପାତ କରି ସୈନ୍ୟମାନଙ୍କୁ ଛିନ୍ନ ଛତ୍ର କରି ପରାଭବ ଦେଲେ । ବ୍ରହ୍ମପୁରାଣରେ ଏହାଠାରୁ ଅଲଗା ମତ ରହିଛି । ଏହି ପୁରାଣମତରେ ଦକ୍ଷ ପ୍ରଜାପତି ଉଦ୍ଦେଶ୍ୟମୂଳକ ଭାବରେ ଶିବଙ୍କୁ ହେୟଜ୍ଞାନ କରି ପ୍ରତ୍ୟାଖ୍ୟାନ କରିବାରୁ ସେହି ପ୍ରସଙ୍ଗରେ ଦେବୀ ସତୀ ଆପଣାର କ୍ରୋଧାଗ୍ନିରୁ ଭଦ୍ରକାଳୀଙ୍କୁ ଉତ୍ପତ୍ତି କଲେ । ଦେବୀ ଭଦ୍ରକାଳୀ ଦକ୍ଷଯଜ୍ଞ ଭଗ୍ନ କରିବା ପାଇଁ ସାଥୀରେ ବୀରଭଦ୍ରଙ୍କୁ ନେଇ ଯାଇଥିଲେ । ଦୁଇଟି ପୁରାଣର ବିଷୟ ପ୍ରବାହରେ ଭିନ୍ନତା ରହିଥିଲେ ହେଁ 'ଉତ୍ପତ୍ତି ବିନ୍ଦୁ'ରେ ଭିନ୍ନତା ନାହିଁ । ଅର୍ଥାତ- ଦେବୀଙ୍କ କ୍ରୋଧାଗ୍ନିରୁ ହିଁ ଉଭୟ 'କାଳୀ' ଓ 'ଭଦ୍ରକାଳୀ'ଙ୍କର ଉତ୍ପତ୍ତି ହୋଇଛି । 'କାଳୀ' ଉତ୍ପତ୍ତି ସଂପର୍କରେ ଦ୍ୱିତୀୟ ମତଟି 'ଲିଙ୍ଗପୁରାଣ'ର ଅନ୍ତର୍ଗତ । ଏହି ପୁରାଣର ବର୍ଣ୍ଣନା ଅନୁସାରେ ଏକଦା ଦାରୁକ ନାମକ ରାକ୍ଷସର ଅତ୍ୟାଚାର ସହି ନପାରି ବ୍ରହ୍ମାଦି ଦେବଗଣ ଶିବଙ୍କର ଶରଣାପନ୍ନ ହେଲେ । ଦାରୁକର ବଧ ଜଣେ 'ସ୍ତ୍ରୀ' ହିଁ କରିପାରିବ ବୋଲି ପୂର୍ବରୁ ବିଧାନ ଥିବାରୁ ଶିବ ନିଜ କଣ୍ଠସ୍ଥ ହଳାହଳ

ବିଷରୁ ମହାଭୟଙ୍କରୀ ଓ ଶକ୍ତିମୟୀ ଦେବୀ କାଳୀଙ୍କୁ ସୃଷ୍ଟିକଲେ । ଦାରୁକକୁ ବଧକଲା ପରେ ମଧ୍ୟ ଦେବୀ ଶାନ୍ତ ନ ହେବାରୁ ତାଙ୍କୁ ଶାନ୍ତକରିବା ପାଇଁ ସ୍ୱୟଂଶିବ ଶିଶୁରୂପ ଧାରଣକରି ମହାଶ୍ମଶାନ ବା ଦେବୀଙ୍କର 'ଉରୁ'ରେ ବସି ବିକଳରେ କାନ୍ଦିବାକୁ ଲାଗିଲେ । ଶିଶୁର କ୍ରନ୍ଦନ ଶୁଣି ଦେବୀଙ୍କ ହୃଦୟ ତରଳିଗଲା ଓ ସେ ଶିଶୁ-ଶିବଙ୍କୁ ଅନାଥ ଭାବି ବାତ୍ସଲ୍ୟ ଭାବରେ କୋଳକୁ ଟାଣିନେଲେ ଏବଂ ନିଜ ସ୍ତନ୍ୟପାନ କରାଇଥିଲେ । ସ୍ତନ୍ୟପାନ ସମୟରେ 'ଶିବ'କ୍ଷୀର ସହିତ ଦେବୀଙ୍କ ମଧ୍ୟରେ ଥିବା କ୍ରୋଧକୁ ମଧ୍ୟ ଟାଣି-ପିଇଦେଲେ । ପୁରାଣର କଥା ତ ଏଇଠି ସରେ, କିନ୍ତୁ ଏହି ସରିବା ବିନ୍ଦୁରୁ ଏକ'ମିଥ୍'ର ସୃଷ୍ଟି ହୁଏ । ତାହା ହେଉଛି ଓଡ଼ିଶାର ମଙ୍ଗଳା ଠାକୁରାଣୀ, ମହାମଙ୍ଗଳା ବା ସର୍ବମଙ୍ଗଳାଙ୍କ ଜନ୍ମ । ଶିବ କାଳୀଙ୍କ କ୍ରୋଧକୁ ଶୋଷିଦେବାରୁ ସେ ଆଉ କେବେ 'କ୍ରୋଧିତା' ହୋଇପାରିଲେ ନାହିଁ । ତାଙ୍କ ରକ୍ତଚକ୍ଷୁ ମଙ୍ଗଳଦୃଷ୍ଟିରେ ପରିଣତ ହେଲା । ଏହାପରେ ସେ କୃପାଦୃଷ୍ଟିରେ ସମସ୍ତଙ୍କର ସବୁ ପ୍ରକାର 'ମଙ୍ଗଳ ବିଧାନ'ହିଁ କଲେ । ସେ ହେଲେ 'ମଙ୍ଗଳା' । ପଶ୍ଚିମ ଓଡ଼ିଶାର ଲୋକ ସମାଜରେ ଶିଶୁବତ୍ସଳା କାଳୀସୁନ୍ଦରୀଙ୍କୁ 'ହରାଲୀ' ନାମରେ ପୂଜାକରନ୍ତି । ଶ୍ରାବଣ ଅମାବାସ୍ୟା ବା 'ହରାଲୀ ଉଆଁସ' ଅବସରରେ ଏହାଙ୍କ ପୂଜା ହୁଏ ।

ତୃତୀୟ ମତଟି କାଳିକା ପୁରାଣରେ ରହିଛି । ହିମବନ୍ତଙ୍କ ପତ୍ନୀ ମୈନାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ନିଜେ ମହାମାୟା ତାଙ୍କ କୋଳରେ କନ୍ୟାରୂପରେ 'କାଳୀ' ହୋଇ ଜାତହେଲେ । ଶରୀର କଳାବର୍ଣ୍ଣ ଥିବାରୁ ଥରେ ଶିବ ତାଙ୍କୁ ପରିହାସ କରିବାରୁ କଠୋର-ତପସ୍ୟାରେ ବ୍ରହ୍ମାଙ୍କୁ ତୁଷ୍ଟକରି 'ଗୋରା' ଶରୀରଧାରଣ କଲେ ଓ ଗୌରୀ ନାମରେ ଖ୍ୟାତ ହେଲେ ।

ଭାରତବର୍ଷରେ 'କାଳୀ' ବହୁପ୍ରସିଦ୍ଧ ଦେବୀ ହୋଇଥିଲେ ହେଁ ପୁରାଣଗ୍ରନ୍ଥ ଅତିରିକ୍ତ ସଂହିତା ବା ବ୍ରାହ୍ମଣଗ୍ରନ୍ଥାଦିରେ କାଳୀ ବା ଭଦ୍ରକାଳୀଙ୍କର ବିଶେଷ ଉଲ୍ଲେଖ ରହି ନାହିଁ । ସମଗ୍ର ବୈଦିକ ସାହିତ୍ୟରେ କେବଳ ବାସ୍ତୁଯୋଗ ପ୍ରସଙ୍ଗରେ ସାଙ୍ଖ୍ୟାୟନ ଗୃହ୍ୟସୂତ୍ରରେ ଥରେ ମାତ୍ର ଭଦ୍ରକାଳୀଙ୍କ ନାମ ଉଲ୍ଲେଖ ରହିଛି । ଖଟର ଉପର ଭାଗ ଯେଉଁଠି ମସ୍ତକ ରହେ ତାକୁ ଶ୍ରୀଦେବୀ ରକ୍ଷା କରନ୍ତି ଓ ନିମ୍ନଭାଗ ବା ପାଦ ରହୁଥିବା ଅଂଶକୁ 'ଭଦ୍ରକାଳୀ' ରକ୍ଷା କରନ୍ତି ବୋଲି ଏହି ପ୍ରସଙ୍ଗରେ କୁହାଯାଇଛି । ମଣ୍ଡୁକୋପନିଷଦରେ ପ୍ରଜ୍ୱଳିତ ହୋମାଗ୍ନିର ସପ୍ତଶିଖା (ଜିହ୍ୱା)କୁ କାଳୀ, କରାଳୀ, ମନୋଜବା ଆଦି ନାମରେ ନାମିତ କରାଯାଇଛି । ଇନ୍ଦ୍ରାଦି ଦେବଗଣଙ୍କ ଉଦ୍ଦେଶ୍ୟରେ ବଳି ବା ନୈବେଦ୍ୟ ଉତ୍ସର୍ଗ କରିବା ପାଇଁ ନିର୍ଦ୍ଦେଶ ଦେବା ବେଳେ ମହର୍ଷି ମନୁ କହିଛନ୍ତି ଯେ, ବାସ୍ତୁ-ପୁରୁଷର ଶିର ଥିବା ପୂର୍ବୋତ୍ତର କୋଣରେ ଶ୍ରୀଦେବୀଙ୍କୁ ଭୋଗ ଲଗାଇବା ଏବଂ ବାସ୍ତୁ-ପୁରୁଷର ପାଦଥିବା ଦକ୍ଷିଣ-ପଶ୍ଚିମ କୋଣରେ ଭଦ୍ରକାଳୀଙ୍କୁ ଭୋଗ ଚଢ଼ାଇବା ଉଚିତ ।'ଔଶନସସ୍ମୃତି'ରେ ଉପଦିଷ୍ଟ ହୋଇଛି ଯେ, ଭଦ୍ରକାଳୀଙ୍କ ପୂଜାର ଦାୟିତ୍ୱ ଜଣେ 'ପାରଶବ' ଜାତିର ବ୍ୟକ୍ତି (ବ୍ରାହ୍ମଣ ପିତା ଓ ଶୂଦ୍ରାଣୀ ମାତା ସଂସର୍ଗଜ)କୁ ଦେବା ବିଧେୟ । ଜାତକ ଗ୍ରନ୍ଥଗୁଡ଼ିକରେ ଥରେ ମାତ୍ର 'କାଳୀ କାଳକଣ୍ଣୀ'(କାଳକର୍ଣ୍ଣୀ) ନାମର ଉଲ୍ଲେଖ ରହିଛି । ଏକଦା 'ବିରୁପାକ୍ଷ' ମହାରାଜାଙ୍କ କନ୍ୟା 'କାଳକଣ୍ଣୀ' ଓ 'ସିରୀଦେବୀ'ଙ୍କ ମଧ୍ୟରେ 'କଳହ' ଲାଗିଲା । ଜଣେ ଅନ୍ୟଜଣକ ପୂର୍ବରୁ 'ଅନୋତତ୍ତ' ହ୍ରଦରେ ପ୍ରଥମେ ସ୍ନାନକରିବା ପାଇଁ ଜିଦ୍ ଧରିବସିଲେ (ମହାଭାରତର ଗାନ୍ଧାରୀ ଓ କୁନ୍ତୀଙ୍କ ମନ୍ଦିରରେ ପ୍ରଥମେ ଶିବପୂଜା କରିବା ନିମନ୍ତେ କଳି ପରି) ଦେବୀ 'କାଳକଣ୍ଣୀ' ନୀଳ-ବର୍ଣ୍ଣର ବସ୍ତ୍ର-ଆଭୂଷଣ ବ୍ୟବହାର କରୁଥିଲେ ଏବଂ ସାରା ସଂସାର ଭ୍ରମଣ କରୁଥିଲେ । ତାଙ୍କର ଅନ୍ୟ ନାମ ଥିଲା 'ଚଣ୍ଡୀ' ଏବଂ ତାଙ୍କୁ 'ଅଲକ୍ଖିକା'ରୂପେ ଗ୍ରହଣ କରାଯାଉଥିଲା । କଳହର ଆଧାର ଏଇଠି ରହିଥିଲା, କାରଣ 'ଅଲକ୍ଖିକା ବା ଅଲକ୍ଷ୍ମୀ ଓ କାଳୀ' ଏକା ସାଙ୍ଗରେ ସ୍ନାନକରିବା ଅନୁଚିତ ବୋଲି ବିଧିନିଷେଧ ରହିଥିଲା । ସମ୍ଭବତଃ କୌଣସି ଏକ ଦେବୀଙ୍କର ନାମ 'କାଳକଣ୍ଣୀ' । ଦେବୀଙ୍କ ଯେଉଁ ରୂପକୁ ଧ୍ୟାନ କରାଯାଏ,ତାହା ଏହିପରି- "ଶ୍ୱେତ ବୃଷଭ ବାହିନୀ, ରୁଦ୍ରାକ୍ଷମାଳା ଧାରିଣୀ, ସ୍ୱଭାବରେ ଭୟଙ୍କରୀ ତଥା କଣ୍ଠଦେଶର ବେନିଭାଗ ଯାହା କର୍ଣ୍ଣସହ ସଂଯୁକ୍ତ-ତାହା ବର୍ଣ୍ଣରେ କଳା ।" ମହାଭାରତର ଦୁର୍ଗାସ୍ତୋତ୍ରରେ ଦେବୀକାଳୀଙ୍କର କାଳିକା, ଚଣ୍ଡୀ, ମହାକାଳୀ, କାଳରାତ୍ରୀ ଆଦି ଭିନ୍ନଭିନ୍ନ ନାମ ରହିଛି- ଏହି ଦୃଷ୍ଟିରୁ ପରବର୍ତ୍ତୀ କାଳରେ ଦେବୀଦୁର୍ଗାଙ୍କୁ ହିଁ 'କାଳୀ'ବୋଲି ପ୍ରାୟ ସମସ୍ତେ ଗ୍ରହଣ କରିଛନ୍ତି । ଉଲ୍ଲେଖନୀୟ ଯେ, ପ୍ରାୟ ଷଷ୍ଠ ଶତାବ୍ଦୀ ବେଳକୁ ଶାସନ କରୁଥିବା କଦମ୍ବବଂଶୀ ରାଜାମାନେ 'ଦେବୀ କାଳରାତ୍ରୀ'ଙ୍କୁ ଇଷ୍ଟଦେବୀ ଭାବରେ ଗ୍ରହଣ କରିଥିଲେ ।

ପଦ୍ମପୁରାଣ ଉତ୍ତରଖଣ୍ଡରେ ଦେବୀଚଣ୍ଡିକାଙ୍କର (ଚଣ୍ଡୀ) ଉଲ୍ଲେଖ ରହିଛି । ଏକ କାହାଣୀରେ ବଳି ହେବା ପାଇଁ ଆସିଥିବା ଏକ ଛାଗଳ ନିଜର ପୂର୍ବଜନ୍ମ ବର୍ଣ୍ଣନା କରି କହିଛି ଯେ,ସେ ପୂର୍ବଜନ୍ମରେ ଜଣେ ବେଦଜ୍ଞ ବ୍ରାହ୍ମଣ ଥିଲା । ତା'ର ପୁତ୍ର ରୋଗଗ୍ରସ୍ତ ହେବାରୁ ବ୍ରାହ୍ମଣର ପତ୍ନୀ ପୁତ୍ରର ଆରୋଗ୍ୟ କାମନାକରି ଦେବୀଚଣ୍ଡିକାଙ୍କ ମନ୍ଦିରରେ ଛାଗଳ ବଳି ଦେବା ପାଇଁ ମାନସିକ କରିଥିବାରୁ ଯଥା ସମୟରେ ଦେବୀଙ୍କ ପାଖରେ ଛାଗଳ ବଳି ଚଢ଼ାଇଲା, ଅନ୍ୟପକ୍ଷରେ ସେହି ଛାଗଳର ମା' ପରଜନ୍ମରେ ଛାଗଳ ହୋଇ ଜନ୍ମହେବା ପାଇଁ ବ୍ରାହ୍ମଣକୁ ଅଭିଶାପ ଦେଲା । ଭାଗବତ ମହାପୁରାଣରେ'ଅଙ୍ଗୀରସ'କୁଳରେ ଜାତ ହୋଇଥିବା ଜଡ଼ଭରତ (ଦାସୀ-ପତି)କୁ ଦେବୀଚଣ୍ଡିକାଙ୍କ ସମ୍ମୁଖରେ ବଳିଦେବା ନିମନ୍ତେ ଅଣାଯାଇଥିଲା । ବ୍ରହ୍ମବୈବର୍ତ୍ତ ପୁରାଣରେ'ଭଦ୍ରକାଳୀ'ଙ୍କ ପ୍ରସଙ୍ଗ ରହିଛି । ବୀର ପର୍ଶୁରାମ ଯେତେବେଳେ ପୃଥ୍ୱୀ ପ୍ରଦକ୍ଷିଣ କରି ଦୁରାଚାରୀ କ୍ଷତ୍ରୀୟମାନଙ୍କ ବଧ କରୁଥିଲେ,ସେତେବେଳେ ସୁଚନ୍ଦ୍ର ନାମକ ଜଣେ ପ୍ରତାପୀ ରାଜାଙ୍କ ସହିତ ଯୁଦ୍ଧ ହୋଇଥିଲା । ପର୍ଶୁରାମଙ୍କର ସମସ୍ତ ଅସ୍ତ୍ର ପ୍ରୟୋଗ ବ୍ୟର୍ଥ ହୋଇଯାଉଥିବାରୁ ସେ ପରିଶେଷରେ ଧ୍ୟାନକରି ଜାଣିପାରିଲେ ଯେ ସ୍ୱୟଂଦେବୀ 'ଭଦ୍ରକାଳୀ'ରାଜା ସୁଚନ୍ଦ୍ରଙ୍କ ପକ୍ଷରୁ ଯୁଦ୍ଧ

କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ଏହାପରେ ପର୍ଶୁରାମ ନତଜାନୁ ହୋଇ ସ୍ତୋତ୍ର ପାଠକରି ଦେବୀଙ୍କୁ ସନ୍ତୁଷ୍ଟକଲେ ଓ ଯୁଦ୍ଧରେ ରାଜା ସୁଚନ୍ଦ୍ରଙ୍କୁ ବଧ କରିବାରେ ସମର୍ଥ ହେଲେ ।

କବି ପୁଷ୍ପଦନ୍ତଙ୍କ ଦ୍ୱାରା ବିରଚିତ 'ଜସହର ଚରିତ' ନାମକ ଅପଭ୍ରଂଶ କାବ୍ୟରେ 'ଯୌଧେୟ' ଦେଶର ରାଜଧାନୀ ରାଜପୁରର ଅଧିଷ୍ଠାତ୍ରୀ ଦେବୀ 'ଚଣ୍ଡମାରୀ' ଥିବାର ଉଲ୍ଲେଖ ରହିଛି । ବାମନପୁରାଣର ବର୍ଣ୍ଣନା ଅନୁସାରେ ଚଣ୍ଡ ଓ ମୁଣ୍ଡଙ୍କୁ ବଧକରିବା ପରେ ଦେବୀ 'କୌଶିକୀ'ସେମାନଙ୍କ କଟାମୁଣ୍ଡକୁ ମୁକୁଟ କରି ପିନ୍ଧିଥିଲେ-ସେଥିପାଇଁ ଦେବୀ 'ଚାମୁଣ୍ଡା' ନାମରେ ବିଖ୍ୟାତ ହେଲେ । ସେହି ବାମନପୁରାଣରେ 'ଚଣ୍ଡମାରୀ'ଦେବୀଙ୍କ ଉତ୍ପତ୍ତି ସଂପର୍କରେ କୁହାଯାଇଛି ଯେ, ଯେତେବେଳେ ଦେବୀ 'କୌଶିକୀ' ରୁରୁଦୈତ୍ୟ ସହିତ ଯୁଦ୍ଧ କରୁଥିଲେ ସେତେବେଳେ ତାଙ୍କ ଜଟାରୁ 'ଚଣ୍ଡମାରୀ'ଙ୍କ ଉତ୍ପତ୍ତି ହୋଇଥିଲା । 'ଚଣ୍ଡମାରୀ'ଙ୍କ ବାହନ ହେଉଛି 'ଗର୍ଦ୍ଧଭ' । କୌଶିକୀଙ୍କ ଆଜ୍ଞାରେ ସେ ଚଣ୍ଡ ଓ ମୁଣ୍ଡ ଉଭୟଙ୍କୁ ଜୀବନ୍ତ ଧରି ଆଣିଥିଲେ । ଭବିଷ୍ୟ ପୁରାଣର ତଥ୍ୟ ଅନୁସାରେ ପ୍ରାଚୀନ କାଳରେ ରଘୁଙ୍କ ବଂଶଜ ପୁରୁ ଆଦି ରଘୁବଂଶୀ ଶାସକମାନେ ଦେବୀ ମହାକାଳୀଙ୍କୁ ପୂଜା କରୁଥିଲେ । ବୃହଦ୍ଧର୍ମ ପୁରାଣର ବର୍ଣ୍ଣନାରୁ ଜଣାପଡ଼େ ଯେ, ଯେଉଁ ସମୟରେ ବୀର ହନୁମାନ ସୀତାଠାବ କରିବାକୁ ଯାଇ ଲଙ୍କାରେ ପହଞ୍ଚିଛି, ସେତେବେଳେ ସେ ଲଙ୍କାର ସୁରକ୍ଷା ଦାୟିତ୍ୱ ବହନକରି ଅଧିଷ୍ଠାନ କରିଥିବା ଚଣ୍ଡିକାଦେବୀଙ୍କୁ ଭେଟିଛି । ହନୁମାନ ଦେବୀଙ୍କ ପରିଚୟ ପଚାରିବାରୁ ସେ କହିଛନ୍ତି-"ମୁଁ ଚଣ୍ଡରୂପା,ମହାଭୂଜା,ହିମାଳୟ ସୁତା ଅଟେ । ମୁଁ ରାବଣର ଭକ୍ତିରେ ବଶହୋଇ ତା' ରାଜ୍ୟର ସୁରକ୍ଷା ଦାୟିତ୍ୱ ବହନ କରିଛି । ଲୋକେ ମୋତେ ଚଣ୍ଡିକା, କାଳୀ, ପାର୍ବତୀ ଆଦି ନାମରେ ସମ୍ବୋଧନ କରି ଡାକିଥାନ୍ତି ।"

'ବର୍ଷକ୍ରିୟା କୌମୁଦୀ' ନାମକ ଏକ ପ୍ରସିଦ୍ଧ ଗ୍ରନ୍ଥରେ 'ଚଣ୍ଡିକା' ଦେବୀଙ୍କୁ ମହାମାୟାଙ୍କର ଅଷ୍ଟଶକ୍ତିଙ୍କ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଇଛି । ୧୨୬୨ ଖ୍ରୀଷ୍ଟାବ୍ଦରେ ଖୋଦିତ ଏକ ଶିଳାଲେଖରେ ଦେବୀ ଚାମୁଣ୍ଡାଙ୍କର ନାମଲ୍ଲେଖ ରହିଛି ।

ପ୍ରାଚୀନ କାବ୍ୟସାହିତ୍ୟ 'ମଣିମେଖଳା'ରେ ଏକ ଶ୍ମଶାନରେ ରହିଥିବା 'କାଳୀ' ମନ୍ଦିରର ଉଲ୍ଲେଖ ଦେଖିବାକୁ ମିଳେ । କାଳିଦାସଙ୍କ କୁମାରସମ୍ଭବ କାବ୍ୟରେ ଶିବଙ୍କ ବରଯାତ୍ରା ପ୍ରସଙ୍ଗରେ 'କପାଳୀ ଭରଣା-କାଳୀ'ଙ୍କର ଉଲ୍ଲେଖ ରହିଛି । ସପ୍ତମାତୃକା ଦେବୀଗଣଙ୍କ ପଛେପଛେ ଦେବୀକାଳୀ ମଧ୍ୟ ବର ଶୋଭାଯାତ୍ରାରେ ଅଂଶଗ୍ରହଣ କରି ଯାଉଥିବାର କାଳିଦାସ ବର୍ଣ୍ଣନା କରିଛନ୍ତି । ଏପରି ସ୍ଥିତିରେ କବି କାଳୀଙ୍କୁ ଉମାଙ୍କ ଅନ୍ୟରୂପ ଭାବରେ ଗ୍ରହଣ କରିନାହାନ୍ତି ବରଂ ସେ ଉମାଙ୍କଠାରୁ କାଳୀଙ୍କୁ ପ୍ରାଚୀନସତ୍ତା ଭାବେ ମାନିଛନ୍ତି । ମହାକବି କାଳିଦାସଙ୍କ କାଳୀରୂପ ବର୍ଣ୍ଣନା (କଳ୍ପନା) ସହିତ ପ୍ରାଗୈତିହାସିକ ଯୁଗର ମହେଞ୍ଜୋଦାରୋ ଓ ହରପ୍ପାର ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ମିଳିଥିବା କେତେକ ମାତୃମୂର୍ତ୍ତିର ସାମ୍ୟ ପରିଲକ୍ଷିତ ହୋଇଥାଏ । ବିଶିଷ୍ଟ ପ୍ରତ୍ନତତ୍ତ୍ୱବିଦ ମାର୍ଶଲ ହରପ୍ପା କାଳୀନ ମୂର୍ତ୍ତିଗୁଡ଼ିକୁ ଦେବୀକାଳୀଙ୍କର ପୂର୍ବଜା ବା ପ୍ରତ୍ନରୂପ ବୋଲି କହିଛନ୍ତି । ପୁନଶ୍ଚ କାଳିଦାସ 'ରଘୁବଂଶ' ମହାକାବ୍ୟରେ ତାଟକା (ତାଡ଼କା ?) ରାକ୍ଷସୀର ତୁଳନା 'କୁଣ୍ଡଳା-କାଳିକା'ଙ୍କ ସହ କରିଛନ୍ତି । ବାଣଭଟ୍ଟ ହର୍ଷଚରିତରେ ଉଲ୍ଲେଖ କରିଛନ୍ତି ଯେ, ରାଜଦର୍ଶନ ନିମନ୍ତେ ଯିବା ସମୟରେ ତାଙ୍କୁ ଏକ 'ଚଣ୍ଡିକା-କୁଞ୍ଜ'ଦେଇ ଯିବାକୁ ପଡୁଥିଲା । ପୁଷ୍ପଭୂତିଙ୍କ ଗୁରୁ ଭୈରବାଚାର୍ଯ୍ୟ ଏକ ମାତୃକାମନ୍ଦିରର ଉତ୍ତରପାର୍ଶ୍ୱରେ ଥିବା 'ବିଲ୍ୱବାଟିକା'ରେ ନିବାସ କରୁଥିଲେ । 'ମାଳତୀ-ମାଧବ'ରେ ଭବଭୂତି ଶ୍ରୀଶୈଳସ୍ଥ ଚାମୁଣ୍ଡା ଦେବୀ 'କରାଳୀ' (କରାଳା)ଙ୍କର ଉଲ୍ଲେଖ କରିଛନ୍ତି ଓ କଥାନକ ମଧ୍ୟରେ ଏକ କାପାଳିକ ନାୟିକା ମାଳତୀକୁ ଦେବୀଙ୍କ ସମ୍ମୁଖରେ ବଳିଦେବା ପାଇଁ ପ୍ରସ୍ତୁତ କରୁଥିବାର ବିଷୟ ବର୍ଣ୍ଣନା କରିଛନ୍ତି । ସୁବନ୍ଧୁଙ୍କ 'ବାସବଦତ୍ତା'ରେ ଏକ ଭିକ୍ଷୁଣୀ ପ୍ରସଙ୍ଗରେ ଦେବୀଙ୍କ ଉଲ୍ଲେଖ ରହିଛି । ଦଣ୍ଡୀଙ୍କ 'ଦଶକୁମାରଚରିତ'ରେ ବିଦେହ ରାଜକୁମାର ଉପହାର ବର୍ମନ୍‌ଙ୍କୁ ବନବାସୀ କୀରାତମାନେ ଚଣ୍ଡୀଦେବୀଙ୍କ ସମ୍ମୁଖରେ ବଳିଦେବା ପାଇଁ ପ୍ରସ୍ତୁତ କରୁଥିବାବେଳେ ଏକ ବ୍ରାହ୍ମଣ ଆସି ତାଙ୍କୁ ରକ୍ଷା କରିଥିବାର ଉଲ୍ଲେଖ ରହିଛି ।

ଉପରୋକ୍ତ ତଥ୍ୟାଧାରରୁ ଏହା ସ୍ପଷ୍ଟ ଯେ, ବିଶାଳ ବୈଦିକ ସାହିତ୍ୟ ମଧ୍ୟରେ କେବଳ ସାଂଖ୍ୟାୟନ ଗୃହ୍ୟସୂତ୍ରରେ ଥରେ ମାତ୍ର'ଭଦ୍ରକାଳୀ'ଙ୍କ ନାମ ଉଲ୍ଲେଖ ହୋଇଥିବା ବେଳେ ପରବର୍ତ୍ତୀ କାଳୀନ ମାନବ ଧର୍ମଶାସ୍ତ୍ର ଓ ମହାଭାରତରେ 'ଭଦ୍ରକାଳୀ' ବା 'କାଳୀ'ଙ୍କୁ ମାନ୍ୟତା ମିଳିଛି ଓ ତାଙ୍କୁ ମହାମାୟା ରୂପରେ ସ୍ୱୀକାର କରାଯାଇଛି । ବୈଦିକ ଧର୍ମାନୁଯାୟୀ ଆଚାର୍ଯ୍ୟମାନେ ଦେବୀକାଳୀଙ୍କ ନିକଟରେ ନତମସ୍ତକ ହେବାକୁ ଚାହୁଁ ନ ଥିଲେ ଏବଂ ସମ୍ଭବତଃ ସେଥି ପାଇଁ 'ପାରଶବ' ମାନଙ୍କ ହସ୍ତରେ ଦେବୀଙ୍କ ପୂଜାର ଦାୟିତ୍ୱ ନ୍ୟସ୍ତ ରହୁଥିଲା । ବିଭିନ୍ନ ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀରୁ ଦେବୀଙ୍କ ସଂପର୍କରେ ବିଚାର କରାଯାଇଥିବାରୁ ତାଙ୍କ ଉତ୍ପତ୍ତିକୁ ନେଇ ଭିନ୍ନଭିନ୍ନ କାହାଣୀ ପ୍ରଚଳିତ । କାହାଣୀର ପ୍ରାସଙ୍ଗିକତା ଓ ଯଥାଯଥକୁ ଆଧାରକରି ଦେବୀଙ୍କର ଚଣ୍ଡୀ, ଚାମୁଣ୍ଡା, ଚଣ୍ଡମାରୀ ପ୍ରଭୃତି ଅନେକ ନାମ କୀର୍ତ୍ତିତ ହୋଇଛି । ସର୍ବତ୍ର ଦେବୀକାଳୀଙ୍କ ଉପାସନା ପଦ୍ଧତିକୁ ତାମସିକ ଭାବେ ଏବଂ ଦେବୀଙ୍କୁ 'ବଳିଭୋଗିନୀ'ରୂପେ ବର୍ଣ୍ଣନା କରାଯାଇଛି । ଆଦିକାଳରେ କାଳୀପ୍ରମୁଖ ଦେବୀମାନେ ଆର୍ଯ୍ୟମାନଙ୍କ ପୂର୍ବଜଙ୍କ ଆରାଧ୍ୟ ଥିଲେ ଏବଂ ସେମାନଙ୍କୁ ସ୍ଥାନେଶ୍ୱରୀ ବା ଗ୍ରାମଦେବୀ ଭାବରେ ଆର୍ଯ୍ୟେତ୍ତର ଲୋକେ ଗ୍ରାମେଗ୍ରାମେ ପୂଜା କରୁଥିଲେ । ପରବର୍ତ୍ତୀ କାଳରେ ଦୁର୍ଗା ଓ କାଳୀଙ୍କୁ ଏକଶକ୍ତି ଭାବରେ ଗ୍ରହଣକରି ଶୌର୍ଯ୍ୟ,ପରାକ୍ରମ ଓ ମୁଖ୍ୟତଃ ଯୁଦ୍ଧର ଦେବୀ ଭାବେ ପ୍ରତିଷ୍ଠା କରାଯାଇଛି ଏବଂ ଭାରତୀୟ ବାଙ୍ମୟରେ ଦେବୀଙ୍କର ଅଜସ୍ର ଜୟଜୟ କାର ଗୁଞ୍ଜରିତ ହୋଇଛି ।

ଓଡ଼ିଆ ପ୍ରାଧ୍ୟାପକ,ଟିଟିଲାଗଡ଼,
ଜି: ବଲାଙ୍ଗୀର- ୭୬୭୦୩୩

ସନେଟ୍ : ପଦ୍ମବନ

ମନୋଜ ପଟ୍ଟନାୟକ

ପଦ୍ମସୁଖର ଅଭିଳାଷ ପାଇଁ ମନ ମୋ'ର ଜମା ଝହେଁନା
ପଦ୍ମପ୍ରୀତିରେ ସହବାସ କରି ଅଳି ଯେଣୁ ଆଉ ଫେରେନା ।
ପଦ୍ମମନର ଅନୁରାଗ ପାଇଁ ଇଚ୍ଛା ମୋ'ର ଜମା ଜାଗେନା
ପଦ୍ମରତିରେ ରାତି ଭୋଗକରି ଅଳି ନିଦ ଯେଣୁ ଭାଙ୍ଗେନା ॥

ପଦ୍ମଦେହର ଉପଭୋଗ ପାଇଁ ଆଶା ମୋ'ର ଜମା ହୁଏନା
ପଦ୍ମକୋଳରେ ରାସକେଳି କରି ଅଳି ଯେଣୁ ଆସିପାରେନା ।
ପଦ୍ମଗନ୍ଧର ଉପଯୋଗ ପାଇଁ ସ୍ୱପ୍ନ ମୋ'ର ଜମା ଭାସେନା
ପଦ୍ମପୁରରେ ସ୍ୱପ୍ନସଭା କରି ଅଳି ଯେଣୁ ମୁକ୍ତି ପାଏନା ॥

ପଦ୍ମରୂପର ଉପାସନା ପାଇଁ ଆଖି ମୋ'ର ଜମା କୁହେନା
ପଦ୍ମଫାଶରେ ହଇଚଇ କରି ଅଳି ଯେଣୁ ଖସିପାରେନା ।
ପଦ୍ମବନର ଆକର୍ଷଣ ପାଇଁ ପ୍ରୀତି ମୋ'ର ଜମା ଧାଏଁନା
ପଦ୍ମବନ୍ଧରେ ହଲାପଟା କରି ଅଳି ଯେଣୁ ଆଉ ଜିଏଁନା ॥

ପଦ୍ମପରାଗ ବୋଳିହେବା ପାଇଁ ଭାଗ୍ୟ ମୋ'ର ହଁଅ କରେନା
ପଦ୍ମପରାଣେ ବନ୍ଦୀ ହେଲାପରେ ଅଳି ଭାଗ୍ୟ ଯେଣୁ ଫିଟେନା ॥

'ଆଶ୍ରୟ',ଡି-୯୯, ସେକ୍ଟର -୭
ମର୍କତ ନଗର, କଟକ -୧୪
ମୋ.: ୯୪୩୭୩ ୮୬୦୦୩

ସମ୍ପର୍କ

ବାବାଜୀ ଚରଣ ଜେନା

ସମ୍ପର୍କ ଏମିତି ସେତୁଟିଏ ବନ୍ଧୁ
ଦୁଇ କାନ୍ଧ ଭାରେ ରହିଥାଏ
ଗୋଟିଏ କାନ୍ଧରୁ ଭାର ଖସିଗଲେ
ସମ୍ପର୍କର ସେତୁ ଭାଙ୍ଗିଯାଏ
ଅଠାଦେଇ ଯେତେ ଯୋଡ଼ିଲେ ତାହାକୁ
ସହଜରେ କିବା ଯୋଡ଼ି ହୁଏ ।୦ ।

ମିଛ ଅହମିକା ମିଛ ପ୍ରହସନ
ସମ୍ପର୍କରେ ଚଳେ ନାହିଁ
ଦୁଃଖ ସୁଖ ମିଶି ଭାଗକଲେ ସବୁ
ଅଭାବ ତ ବାଧେ ନାହିଁ
ବୁଝାମଣା ଯଦି ଠିକ୍‌ଠାକ୍ ରହେ
ସଫଳତା ଆପେ ମିଳିଯାଏ
ସମ୍ପର୍କରେ ଯଦି ସନ୍ଦେହ ରହିଲା
ଜଳିପୋଡ଼ି ସବୁ ନଷ୍ଟ ହୁଏ ।୧ ।

ବିଶ୍ୱାସ ଉପରେ ଚାଲେ ଏ ଜଗତ
ଚାଲଇ ଜୀବନ ଯାତ୍ରା
ଦୁଇ ମନ ଯହିଁ ଏକାଠି ରୁହଇ
ଲାଗେ ନାହିଁ କିଛି ବ୍ୟଥା
ଅହଙ୍କାର ଯହିଁ ଅଳଙ୍କାର ହେଲା
ସୁଖ ନିଦ୍ରା ସେଠି ହଜିଯାଏ
ସ୍ନେହ ସମ୍ପର୍କରେ ଭଙ୍ଗା ପଡ଼ି ଯହିଁ
ଲୁହ ଢାଳିବାଟା ସାର୍ ହୁଏ ।୨ ।

ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ - ୪
ମୋ.: ୯୪୩୭୮ ୩୪୭୧୯

ମୁଁ ଜୀବନର କଥା କୁହେ

ଲଳିତ କାନୁନ୍‌ଗୋ

ମୁଁ ଜୀବନର କଥା କୁହେ
ମୁଁ ଜୀବନର ଗୀତ ଗାଏ
ମୁଁ ହୃଦୟର ଗୀତ ଗାଏ
ମୁଁ ହୃଦୟର କଥା କୁହେ
ଜୀବନର କଥା କହି କହି ମୁଁ ଯେ
ସବୁରି ଛାତିକୁ ଛୁଏଁ
ମୁଁ ଜୀବନର କଥା କୁହେ ।

ମୁଁ ଓଡ଼ିଆରେ କଥା କହେ
ମୁଁ ଓଡ଼ିଆରେ ଗୀତ ଗାଏ
ମୁଁ ଓଡ଼ିଶାକୁ ଭଲପାଏ
ମୁଁ ଓଡ଼ିଆରେ ଗପ କହେ
ଓଡ଼ିଆ ମାଟିର ପାଣି ପବନରେ
ସଭିଙ୍କ ହୃଦୟ ଛୁଏଁ ।
ମୁଁ ଓଡ଼ିଆରେ କଥା କହେ ।

ଓଡ଼ିଶା ମୋଅରି ଜୀବନର ରେଖା
ଓଡ଼ିଆ ମୋ ବାପା ମାଆ,
ଓଡ଼ିଆ ମାଟିର ଫୁଲେ ଫୁଲେ ଆହା
ମୋ' ପ୍ରିୟାର ମଧୁ ଛୁଆଁ ।
ମୋ' ମାଟି ମଣିଷ ଶରଧାରେ ବଶ
ଦେବତାର ରୂପ ସିଏ....

ମୁଁ ମଣିଷର କଥା କୁହେ
ମୁଁ ମଣିଷକୁ ଭଲ ପାଏ
ସବୁ ମଣିଷଙ୍କୁ ଛୁଇଁଛୁଇଁ ମୁଁ ଯେ
ହୃଦୟକୁ ଖୋଜୁଥାଏ ।
ମୁଁ ମଣିଷକୁ ଭଲ ପାଏ
ମୁଁ ମଣିଷର କଥା କହେ..... ?
ମୁଁ ଏ ମାଟିର ଭାଷା ଶିଖେ
ମୁଁ ଏ ମାଟି କବିତା ଲେଖେ
ମୁଁ ଏ ମାଟିର ଧୂଳି ମାଖେ

ମୁଁ ଏ ମାଟିର ଛବି ଆଙ୍କେ
ଗଭୀର ନିଦରେ ଶୋଇଶୋଇ ମୁଁ ଯେ
ଏ ମାଟି ସପନ ଦେଖେ ।
ମୁଁ ଏ ମାଟିର ଗୀତ ଗାଏ ।

ମୋଅରି ମାଟିରେ କେତେ ମହାନଦୀ
ଇନ୍ଦ୍ରାବତୀ ବି ବହେ,
କୁଳୁକୁଳୁ ନାଦେ ପ୍ରୀତି ଗୀତ ଗାଇ
ଦରିଆର ଛାତି ଛୁଏଁ
ଏଠି ପାହାଡ଼ ବି କଥା କହେ
ଏଠି ପବନ ବି ଗୀତ ଗାଏ
ରସାଳ ଡାଳରୁ କୋଇଲିଟେ ଆହା
ହୃଦୟକୁ ଖୋଜୁଥାଏ ....
ମୁଁ ସେ ମାଟିର କଥା କହେ
ମୁଁ ସେ ମାଟିର ଗୀତ ଗାଏ ।

ମହାବୀର ପଡ଼ା,ଭବାନୀପାଟଣା
ମୋ.: ୯୪୩୭୧ ୯୪୭୪୯

କବିପଣ ଆପଣାଇ

ସର୍ବାଣୀ ଦାସ

ନିଜସାଥେ ନିଜେ ଜୀଇଁଛି ସେମିତି
ବିରହ ବିଧୂରା ହୋଇ
କୋହରେ କୁହୁଳେ ଅବୁଝା ଅନ୍ତର
ମଉଳା ଶୋକକୁ ଛୁଇଁ ।

ଲୋଡ଼ା ନାହିଁ ଆଉ ଭିଜା ଫଗୁଣର
ମଧୁଭରା ଜହ୍ନରାତି
ଶ୍ୟାମଳ ସୁଖର ସପନପୁରୀରୁ
ଖୋଜିବାର ନାହିଁ ମୋତି
ଭାବ ଛଳଛଳ ହୃଦୟ ଭାସୁଛି
କବିପଣ ଆପଣାଇ ।

କ୍ଲାନ୍ତ ଗୋଧୂଳି ବିଛାଡ଼ି ଦେଇଛି
ଅସରାଏ ନୀରବତା
ଖୋଲିପାରିଲି ନି ମରମ ତଳର
ସାଉଁଟା ଗୋପନ କଥା
ସୁରଭିତ ମୋର ସ୍ମୃତି କୁଞ୍ଜବନେ
ବାଜେ ନାହିଁ ସାହାନାଇ ।

ପଥୁରିଆ ସାହି, ପଣ୍ଡିତ ମଠ (ନିକଟ)
ପୁରୀ -୧

ଅତୀତ ଗୋଟିଏ ଆହତ ଫୁଲ

ସୁରଞ୍ଜନ ପାତ୍ର

ଅତୀତ ଗୋଟିଏ ଆହତ ଫୁଲର
ଚୁନାଚୁନା ନୀରବତା
ଯେଉଁଠି ସକାଳ ଗୁମୁରି ମରଇ
ଦେହେ ଜଳୁଥାଏ ଚିତା ।

କୂଳ ଖାଉଥିବା ନଈ ଇତିହାସ
ମନେ ବା ରଖଇ କିଏ
ପାଇନ୍ ଶାଖାରେ ବରଫର ଲୁହ
କିଏ ବା ନିରେଖୁ ଥାଏ ।

ରାତି ସରିଗଲେ ସମାଧି ଉପରେ
ନଇଁ ପଡ଼େ ଆଖିପତା
ଅତୀତ ଗୋଟିଏ ଆହତ ଫୁଲର
ଚୁନାଚୁନା ନୀରବତା ।

ପାନ୍ଥଶାଳାର ପାଦରୁ ପାଉଁଜି
ଖୋଲିବା ଲୋକ ତ ବେଶୀ
ବେଳ ଗଡ଼ିଗଲେ ବୟସ ତରୁରେ
ଜୀବନଟା ଏଠି ବାସି ।

କେହି ଦିନେ ହେଲେ ପଢ଼େ ନାହିଁ ଖୋଲି
ଛାତିର ଗୋପନ କଥା
ଅତୀତ ଗୋଟିଏ ଆହତ ଫୁଲର
ଚୁନାଚୁନା ନୀରବତା।।

ନୂଆଗାଁ, ଶିଙ୍ଗାଖୁଣ୍ଟା,
ସୋର, ବାଲେଶ୍ୱର - ୭୫୬ ୦୪୫
ମୋ.: ୮୧୧୭୮ ୦୫୯୫୯

ଜଳିଯିବି ଦିନେ

ଡ. ତୋଫାନ ଜେନା

ଜଳିଯିବି ଦିନେ ଜଳିବା ଆଗରୁ
ହୃଦୟଟା ମୋର କାଢ଼ିନବ
ତମକୁ ଯେ କେତେ ଭଲପାଉଥିଲି
ସେଇ ହୃଦୟରୁ ପଢ଼ିନବ ॥

ହୃଦୟରେ ମୋର ଛୋଟ ଗୋଟେ ଘର
ଗଢ଼ିଥିଲି ତମ ପାଇଁ
କେଉଁ ଅଭିମାନେ ରହିଗଲ ତମେ
ଥରୁଟିଏ ପାଦ ଦେଲ ନାହିଁ ॥

ଭାବୁଛ କି ମନେ ଆଉ କେହି ଜଣେ
ଏମିତି ଘରଟେ ଗଢ଼ିଦେବ ?
ଜଳିଯିବି ଦିନେ ଜଳିବା ଆଗରୁ
ମୋ' ହୃଦୟଟା କାଢ଼ିନବ ॥

ବିରହ ଜ୍ୱଇରେ ନିତି ଜଳି ଜଳି
ପାଉଁଶ ମୁଁ ହେଇଯିବି
ଲହୁରେ ଲେଖା ମୋ ସ୍ମୃତିର ଡାଏରୀ
ଜଳିଯିବା ଆଗୁ ଦେଇଯିବି ॥

କେବେ ତାକୁ ଥରେ ପଢ଼ିଦେଲା ପରେ
ମୋ' ଚିତାରେ ତାକୁ ପୋଡ଼ିଦେବ
ଜଳିଯିବି ଦିନେ ଜଳିବା ଆଗରୁ
ହୃଦୟଟା ମୋର କାଢ଼ିନବ ॥

ବିରିଡ଼ି ବ୍ଲକ, ହାଜିପୁର,
ଜଗତସିଂହପୁର-୭୫୪୧୧୧
ମୋ. : ୭୯୭୮୯ ୪୩୬୫୨

କାହିଁ କେତେ ଦୂରେ

ହଂସନାଥ ମୁଦୁଲି

କାହିଁ କେତେ ଦୂରେ ବହି ଚାଲିଯାଏ
ସମୟ ନଦୀର ଧାର
ତା' ସାଥେ ଚାଲିବା ଦୁରୂହ ଲାଗଇ
ଚାଲିଲେ ଜୀବନ ସାରା ।(୦)

ଜନମୁ ମରଣ ମଝିରେ ଜୀବନ
ସେହିପରି ଚାଲିଥାଏ
ସମୟର ମୂଲ ଥରେ ବୁଝିଗଲେ
ଜୀବନ ସାର୍ଥକ ହୁଏ
ଅବୁଝା ମନ ତ କିଛି ନ ବୁଝିକି
ହୁଏ ଖାଲି ହରବର
ଚାଲିଲେ ଜୀବନ ସାରା ।(୧)

କେହି ଦେଖି ନାହିଁ କେବେ ବସିରହି
ସମୟ ଖେଳିଛି ଏଠି
ଯେତେ ବିଘ୍ନ ଆସୁ ସିଏ ତା' ପଥରେ
କେବେ ତ ପଡ଼ିନି ଝୁଣ୍ଟି
ଏଇ ମନ ଯେବେ ସେତିକି ବୁଝନ୍ତା
ମିଳନ୍ତା ସୁଖ ଅପାର
ଚାଲିଲେ ଜୀବନ ସାରା । (୨)

ଖଣ୍ଡଗିରି, ତୁମ୍ଡୁମା(କ)
ଭୁବନେଶ୍ୱର- ୭୫୧୦୩୦
ମୋ.: ୯୭୭୭୯ ୬୮୭୧୯

ଫର୍ଚ୍ଚା ହୋଇନି ଏବେ ବି ଭୋର

ନୀଳମଣି ଚାନ୍ଦ

ଫର୍ଚ୍ଚା ହୋଇନି ଏବେ ବି ଭୋର୍
ଡାକୁଛି ଭୋର୍ ପକ୍ଷୀ
କାହିଁକି ଖୋଲେନି ଏଇ ଭୋର୍‌ରେ
ତୁମ ତନ୍ଦ୍ରା ଭରା ଆଖି ।

ବିବିଧ କୁସୁମେ ଉଦ୍ୟାନ ହସେ
ବସିଛି ରଙ୍ଗ ହାଟ
ତାରାଙ୍କର ଆଉ ଦେଖା ମିଳୁନାହିଁ
ଗଲେ ଖୋଜି ନିଜ ବାଟ
ଆଉ ଟିକେ ପରେ ଭୋର୍ ଆଣିବ
ସୁରୁଯ ମୁରୁଜ ଡାକି ।

ସପନ ରାଇଜେ ତୁମେ କି ଘୂରୁଛ
କୁହ ଆ' ଗୋ ରାଜଜେମା
ରୁଣୁଝୁଣୁ ତୁମ ପାଉଁଜି ଶବଦ
ଶୁଭୁ ନାହିଁ ଆଉ ଜମା
କାହିଁକି ନିରବ କୁହ ତୁମେ ଥରେ
ଯାଇଛ କି କୁହ ଥକି ।

ଜୀବନ ନୁହଁଇ ସପନ ଯେ ଖାଲି
ଭାବିଛ କି ବସି ଥରେ
ଅବା ମନ୍ତ୍ରମୁଗ୍ଧହୋଇ ଯାଇଅଛ
କେଉଁ ସାହାନାଇ ସୁରେ
ତୁମକୁ ନ ଭେଟି ଫେରି ମୁଁ ଯାଇଛି
ହାତ ଲେଖା ଚିଠି ରଖି ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯
ମୋ.:୯୫୮୩୨ ୦୨୩୫୭



ଫେକ୍ ଆକାଉଣ୍ଟ

ପ୍ରଣବ କଚ୍ଚ ପଟ୍ଟନାୟକ

ଲଜ୍‌ରୁ ଫ୍ରେସ୍ ହେଇ ବସ୍‌ଷ୍ଟାଣ୍ଡ୍ ଗଲି । ବାଲେଶ୍ୱର ସହରଟା ଏତେ ଆତ୍ମୀୟ ଲାଗିବ, ଭାବି ନ ଥିଲି । ବସ୍‌ଷ୍ଟାଣ୍ଡ୍ ପାଖ ନର୍ଦ୍ଦମା ବି ଗନ୍ଧହୀନ ମନେହେଉଥିଲା ! ମେ' ମାସ ଦିନ ୩ଟା ସମୟର ଖରା ମୋ' ଚମଡ଼ାକୁ ଆଦୌ କଷ୍ଟ ଦେଉ ନ ଥିଲା ! ପ୍ରେମରେ ମଣିଷର ଇନ୍ଦ୍ରିୟ ସବୁ କାମ କରିବା ବନ୍ଦ କରିଦିଅନ୍ତି ବୋଧେ । ମୁଁ ମୁଖ୍ୟରାସ୍ତା କଡ଼ରେ ଠିଆହୋଇ କେବଳ ଏପାଖ ସେପାଖ ଦେଖୁଥାଏ । ନୂଆ ସହରରେ ମଣିଷ ଦରକାର ଠୁ ଅଧିକ ଏକେଲା ଅନୁଭବ କରେ । ରାସ୍ତାଟା ପ୍ରାୟତଃ ଶୂନ୍‌ଶାନ୍ । ଲସି ଦୋକାନ ବାଲା ପାଖରେ ଯାହା ଜଣେ ଦି' ଜଣ ଲୋକ ଗ୍ରାଇଣ୍ଡର୍‌ରୁ ଗିଲାସକୁ ଲସି ଢଳାହେବାର ଅପେକ୍ଷାରେ ଥାନ୍ତି । ମୁଖ୍ୟରାସ୍ତାର ଅଳ୍ପ ଦୂରରେ ଗୋଟେ ସ୍କୁଟି ଆସିବା ଦେଖାଗଲା । ଝିଅଟେ ଗୋଡ଼ରୁ ମୁଣ୍ଡ ଯାଏ ଘୋଡ଼େଇହେଇ ସ୍କୁଟି ଚଲଉଥାଏ । ବୋଧହୁଏ ସେ ହିଁ ହେଇଥିବ । ମୁଁ ଟିକେ ଅସ୍ଥିର ହେଲି । ହଁ ସେ ହିଁ...ସ୍କୁଟିଟା ମୋ' ପାଖରେ ଅଟକିଗଲା । ବ୍ରେକ୍‌କଷି ସେ ତା' ହିଲ୍ ପିନ୍ଧା ଦି' ଗୋଡ଼କୁ ରାସ୍ତା ଉପରେ ରଖିଲା । ମୁହଁରେ ମାସ୍କ, ହାତରେ କହୁଣି ଯାଏଁ ଲମ୍ବିଥିବା ଗ୍ଲୋବସ୍ ଓ ଆଖିରେ କଳା ଚଷମା । ସେ ଚଷମା ବାହାର କରି ତା' ବଡ଼ ବଡ଼ ଆଖିରେ ଅଳ୍ପ ହସିଦେଲା ।

ଫେସବୁକ୍‌ରେ ତା' ସହ ଭେଟ ହେଇଥିଲା । ବର୍ଷା ବିଶ୍ୱାଳ(A moody writer) । ତା' ପ୍ରୋଫାଇଲ୍‌ରେ ଘେରାଏ ବୁଲି ଆସିଲି । ଆଖିରେ ପଡ଼ିଲା ତା' ଅଛିଣ୍ଡା ଲେଖା ସବୁ, ପ୍ରତାରଣାର କଡ଼ା ସାକ୍ଷର, ଅଭିମାନର ଶାଣିତ ସ୍ୱର ।

ଗୋଟେ ଲେଖାରେ ଲେଖିଥିଲା, 'ତମେ ଢେଉ ହେଇ ଆସିଲ, ପ୍ରତିଥର ମୁଁ ବେଳାଭୂମି ପାଲଟିଲି । ତୁମେ ଦିନେ ଜୁଆର ହେଲ, ଆଉ ମୁଁ ବିଧ୍ୱଂସ ବାଲିଦ୍ୱୀପ ହେଇ ରହିଗଲି ।'

ଗୋଟେ ଛୋଟ hi... ରୁ ଆମ କଥା ଆରମ୍ଭ ହେଲା । ଆମେ ଗୁଡ଼ାଏ ଦିନ ଗପିଲୁ । କୁହା ଅକୁହା ଅନେକ କଥା ତାକୁ କହିହେଇଯାଏ, ଜାଣେନା କି ପ୍ରକାର ସମ୍ମୋହନରେ ମୁଁ ଥିଲି ! ଦିନେ ମନରେ ସନ୍ଦେହ ହେଲା, ଫେକ୍‌ଆଡି ନୁହଁ ତ ? ନିଜକୁ ଢେର୍ ଗାଳିଦେଲି । ନିଜ ବିଷୟରେ ଏତେସବୁ କଥା ତାକୁ କହିବା ଆଗରୁ ଥରେ ତ ଭାବିବାର ଥିଲା । ବେଳେବେଳେ ଆମେ ରାତି ୩ଟା ଯାଏଁ ଗପୁ । ମେସେଜ୍ ପରେ ମେସେଜ୍ ଚାଲେ । ସେ ବି କେମିତି ମୋ' ମନ ବୁଝିଲା ଭଳି କଥାସବୁ କହେ । ତାକୁ ବି କୁଆଡ଼େ ବର୍ଷାରେ ଭିଜିବାକୁ ଭଲ ଲାଗେ । ଜହ୍ନରାତିର ସାମିୟାନା ତଳେ ସେ ବି ଖଦ୍ୟୋତଟେ ପାଲଟେ । ସେ ବି ଡାଏରୀ ଲେଖେ, କବିତା ଲେଖେ, ରଙ୍ଗ ତୂଳୀରେ ସ୍ୱପ୍ନ ଆଙ୍କେ, ବଂଶୀ ବଜାଏ...ଇତ୍ୟାଦି । ମୋ ପାଇଁ ୧୦୦/୧୦୦ ଠିକ୍ ଜୀବନ ସାଥିଟେ । ଯାହା ସହ ଜୀବନ ବିରକ୍ତ କର ନୁହଁ ବର୍ଷାଳୀ ଭଳି ମନେହେବ ।

ତଥାପି ଯଦି ଫେକ୍ ଏକାଉଣ୍ଟ ହେଇଥିବ ? ତେଣୁ ତା' ଫୋନ୍ ନମ୍ବର ମାଗିଲି । ପ୍ରଥମେ ତ ମନାକଲା, ସେ ଯେତେଥର ମନାକଲା ମୋ ସନ୍ଦେହ ସେତେଗୁଣ ବଢ଼ିଲା । ମୁଁ ବି ଏକଜିଦିଆ ହେଇ ନମ୍ବର ମାଗିଲି । କହିଲି, ତମ ପାଖରେ ମୋର କ'ଣ ଏତିକି ଅଧିକାର ନାହିଁ ? ଶେଷରେ ସେ ନମ୍ବର ଦେଲା । ପ୍ରଥମ ଫୋନ୍ କଲ୍, ଆହା ...ମୋ କାନରେ ମିଶ୍ରିର ମିଠାସ୍ । ସେତେବେଳେ ବୁଝିଲି ଭଗବାନ ପୁଅଙ୍କ ସ୍ୱର ଓ ଝିଅଙ୍କ ସ୍ୱର ଭିତରେ ଏତେ ପାର୍ଥକ୍ୟ କାହିଁକି କଲେ । ସମାନ ସ୍ୱର ଥିଲେ ମୁଁ ଏତେ ସମ୍ମୋହିତ ହୁଅନ୍ତି କି ?

ମୁଁ- ହାଲୋ..

ସେ- କେମିତି ଅଛ ସୁଯୋଗ୍ୟ ?

ମୁଁ- ଏଇ ଗୋଟେ ସେକେଣ୍ଡ ଆଗରୁ ଅସୁସ୍ଥ ଥିଲି ।

ସେ- ଆଚ୍ଛା...ମୋ ସ୍ୱରଟା ଔଷଧ ଭଳି କାମ କଲା ନୁହଁ ?

ମୁଁ- ବାଲେଶ୍ୱର ଖବର କ'ଣ ?

ସେ- ଏମିତି ସାଧାରଣ, ବାଲେଶ୍ୱର ବି ଆମ ଭଳି, ରାତି ହେଲେ ଶୋଇଯାଏ ଓ ସକାଳ ହେଲେ ଧାଁ ଧପଡ଼ ଆରମ୍ଭ କରେ ।

ମୁଁ- ମୋ ସହ କଥାହେବାକୁ ଚାହୁଁ ନ ଥିଲ ନା ? (ଅଳ୍ପ ଅଭିମାନ ମିଶା ସ୍ୱରରେ କହିଲି)

ସେ- ଆରେ ନା...ଚାହୁଁଥିଲି କିନ୍ତୁ...

ମୁଁ- ନିବିଡ଼ ସମ୍ପର୍କରେ କିନ୍ତୁ ନଥାଏ ବର୍ଷା ।

ସେ- ଭାବିଥିଲି ତମ ଜନ୍ମଦିନରେ ଫୋନ୍ କରିବି, ପ୍ରଥମ କଲ୍ ସ୍ପେଶାଲ୍ ହେବା ଦରକାର ନା ।

ମୁଁ- ଆଚ୍ଛା...ସରି..ମୁଁ ତମ ପ୍ଲାନ୍ ବିଗାଡ଼ି ଦେଲି ।

ସେ- ତମେ ଜିଦ୍ କରି ନମ୍ବର ମାଗିବା ମୋତେ ଭଲ ଲାଗିଲା ସୁଯୋଗ୍ୟ । ନିଜ ଲୋକ ହିଁ ତ ଅଧିକାର ଦେଖାନ୍ତି ।

ମୁଁ- ତେବେ ଆଉ ଗୋଟେ ଅଧିକାର ମାଗିବି ?

ସେ- କୁହ...

ମୁଁ- ସାମ୍ନା ସାମ୍ନା ଦେଖାହେବା ?

ସେ- ନା...ଜମାରୁ ନୁହଁ, ବାବା ଡାକିଲେଣି...ମୁଁ ରଖୁଛି...bye..

ବେଳେବେଳେ ଏ bye ଶବ୍ଦଟା ସ୍ୱାଭିମାନ ଉପରେ ଚାପୁଡ଼ାଟେ ପରି ଲାଗେ ।

ତା'ପରେ ଛଅ ମାସ କଟିଗଲା । ୬୦୦୦ କି ଅଧିକ ମିନିଟ୍ ତା' ସହ ଗପିଲା ପରେ ମିଶିବାର ଅନୁମତି ମିଳିଲା । ବାଲିମେଳାରୁ ବାଲେଶ୍ୱର ୮୩୦ କି.ମି...ମୁଁ ବି ପାଗଳଟେ ! ଏମିତି ଗୋଟେ ସ୍ୱର ପଛରେ ପାଗଳ ହେଇ, ମେ' ମାସର ଖରା ଛୁଟି ବର୍ବାଦ କରିବାକୁ ଅଜଣା ଜାଗାକୁ କିଏ ଯାଏ କି ?

ସେ ସେଇମିତି ସ୍କୁଟି ଉପରେ ବସି ମୁରୁକି ହସୁଥିଲା । ମୁଁ ତା' ବଡ଼ ବଡ଼ ଆଖିରେ ଅଳ୍ପ ହଜିଯାଇଥିଲି ବୋଧେ । ପଚାରିଲା, କ'ଣ ସୁଯୋଗ୍ୟ ଖରା କାଟୁନି କି ? ହସି କହିଲି, ହଁ ପ୍ରବଳ । ଚାଲ ମୋ' ଲଜ୍‌କୁ ଯିବା, ଏ.ସି. ରୁମ୍‌ରେ ଅନ୍ତତଃ ଆରାମରେ କଥା ହେଇହେବ । ସେ ମନାକଲା, ନା ଥାଉ...ଚାଲ କୌଣସି ପବ୍ଲିକ୍ ପ୍ଲେସ୍‌କୁ ଯିବା । ମୁଁ ବୁଝୁଥିଲି ସେ ସେମିତି କାହିଁକି କହିଲା । ମୁଁ କହିଲି ପଛରେ ବସ...ମୁଁ ଚଲେଇବି, ଝିଅଙ୍କ ସ୍କୁଟି ପଛରେ ବସିବା ଆମ ଜାତକରେ ନାହିଁ । ସେ ହସିଲା ଓ ମୋତେ ସ୍କୁଟିଟା ଚଲେଇବାକୁ ଛାଡ଼ିଦେଲା । ସେ ମୋତେ ଭୂଦେଇ ଠାକୁରାଣୀଙ୍କ ପୀଠକୁ ନେଲା । ଜଙ୍ଗଲ ପରିବେଶ ମଧ୍ୟରେ ଠାକୁରାଣୀଙ୍କ ପୀଠ । ମେ' ମାସର ଖରା ଅଳ୍ପ ଲାଘବ ହେଲା । ଆମେ ଠାକୁରାଣୀଙ୍କୁ ମୁଣ୍ଡିଆ ମାରି ପାଖରେ ଥିବା ସିମେଣ୍ଟ ବେଞ୍ଚରେ ବସିଗଲୁ । ଗହଳ ଗଛ ଛାଇରେ ବସିବାକୁ ଭଲ ଲାଗୁଥାଏ । ସେ ସେଇମିତି ଗୋଡ଼ରୁ ମୁଣ୍ଡ ଯାଏଁ ଘୋଡ଼େଇ ହେଇଥାଏ । କିଛି କହୁ ବି ନଥାଏ ।

ମୁଁ ତା' ସାମ୍ନାରେ ଆଣ୍ଠେଇ ପଡ଼ି ତା' ଦି'ହାତକୁ ମୋ' ହାତ ପାପୁଲିରେ ବନ୍ଦକରି ଧରିଲି । କହିଲି, ବର୍ଷା...ମୁଁ ଏତେ ଦୂରରୁ ଆସିଲି ତମେ ଖୁସି ନୁହଁ ? ମୋ' ପ୍ରତି କଥାରେ ତମଠୁ ନାଁ ହିଁ ଶୁଣିଛି । ପୁରୁଷ ଜାତି ପ୍ରତି ତମ ମନରେ ଗୋଟେ ପ୍ରକାର ଭୟ ଓ ଅନାସ୍ଥା ଭାବ ମୁଁ ତମ କଥାରୁ ବାରି ପାରିଛି । କାହିଁକି ଏ ନିର୍ଲିପ୍ତପଣ ? ସେ କିଛି ବି କହୁ ନଥିଲା !

ସେ ଧୀରେ ଧୀରେ ଖୋଲିଲା ତା' ହାତର ଗ୍ଲୋବସ୍, ମୁହଁର ମାସ୍କ.. । ଇସ୍...ଘୃଣାରେ ମୁଁ ଆଖି ବନ୍ଦ କରିଦେଲି । ତା' ନାକ ମହମ ଭଳି ତରଳି ଯାଇଥିଲା । ତା' ଗାଲରେ ମାଂସ ହିଁ ନଥିଲା । ମୁଁ ଶିହରି ଗଲି । ଧୀରେ ଧୀରେ ବୁଝିପାରିଲି ତା' ପ୍ରତ୍ୟେକ କଥାରେ ନାଁ...କହିବାଟା କେତେ ଯଥାର୍ଥ ଥିଲା । ମୋ' ମୁଖଭଙ୍ଗୀ ଦେଖି ବୋଧେ ସେ କାନ୍ଦି ପକେଇଲା । ଆଖିରୁ ଝରୁଥିବା ତା' ଉଷୁମ ଲୁହ ଗାଲ ଡେଇଁ ତଳେ ପଡୁ ନ ଥିଲା । ଏସିଡ୍ ମାଡ଼ରେ ହେଇଥିବା ତା' ଗାଲର ବଡ଼ ଗୋଟେ କ୍ଷତରେ ଲୁହ ସବୁ ଜମା ହେଉଥିଲେ । ମୋ ଅଜାଣତରେ ମୋ' ଆଖିରେ ବି ଲୁହ ଥିଲା ।

ପଚାରିଲି, ଆଗରୁ କହିଲନି କାହିଁକି ?

ସେ ନିରବ ରହିଲା ।

ତମ ଫେସ୍‌ବୁକ୍ ଫୋଟ ସବୁ ...ଫେକ୍ ଥିଲା ?

ନା, ମୋ ପୁରୁଣା ଫୋଟ ସବୁ ।

ସ୍କୁଟିରେ ପାଣି ରଖିଛ ?

ହଁ...କହି ସେ ସ୍କୁଟିରୁ ପାଣି ବୋତଲ ବାହାର କଲା । ମୁଁ ଅଧା ବୋତଲ ପାଣି ପିଇଗଲି, ପେଟ ପୂରିଗଲା ଭଳି ଲାଗିଲା, ତଥାପି ଶୋଷ ମରୁନଥିଲା । ମୁହଁରେ ପାଣି ଛାଟିଲି, ଟିକେ ହାଲ୍‌କା ଲାଗିଲା ।

ବର୍ଷା, ତମକୁ କହିନି କିନ୍ତୁ ମୁଁ ଆରମ୍ଭରୁ ଭାବୁଥିଲି ତମ ଫେସ୍‌ବୁକ୍ ଏକାଉଣ୍ଟ ଫେକ୍ ଥିଲା । ଏବେ ଜାଣିଲି..ତମ ଚେହେରା ହି ଫେକ୍ ଥିଲା ।

ବର୍ଷା କହିଲା, ଜାଣିଥିଲି ଏମିତି ହେବ, ତେଣୁ କହିବାକୁ ଡରୁଥିଲି । ମୋତେ କ୍ଷମା କରିଦେବ । ତମ ସହ କାଟିଥିବା ଫୋନ୍ ଓ ମେସେଜ୍‌ର ମୁହୂର୍ତ୍ତ ସବୁ ପାଇଁ ଧନ୍ୟବାଦ । ଆସୁଛି...ସେ ସ୍କୁଟି ଷ୍ଟାର୍ଟ୍ କଲା । ମୁଁ କହିଲି ...ରୁହ ମିସ୍ ଫେକ୍ ଏକାଉଣ୍ଟ ।

ଆଜି ତମ ବାସ୍ତବ ଚେହେରା ଦେଖେଇଲା ପରେ ପଳାତକ ସାଜିବ ?

ତା' ପାଖକୁ ଯାଇ ତା'ସହ ଗୋଟେ ସେଲ୍ଫି ନେଲି । ଫେସ୍‌ବୁକ୍‌ରେ ପୋଷ୍ଟକଲି, got engaged to ବର୍ଷା ବିଶ୍ୱାଳ ।

ଭାବୁଥିଲି ବୋଉକୁ କେମିତି ମନେଇବି ? ହଁ ସେ ବି ତ ନାରୀଟେ.. ବୁଝିଯିବ ।

କଳ୍ପ କୁଟୀର, ଗୁଣପୁର,
ରାୟଗଡ଼

ଲାଭ।

ପାର୍ଥସାରଥୀ ରାଉତ

ସକାଳ ହେଇଯାଇଥିଲେ ବି ମନ୍ଦିର ସାମ୍ନା କର୍ପୋରେସନ୍ ଖୁଣ୍ଟରେ ଲାଇଟ୍ ଦପ୍‌ଦପ୍ କରୁଥିଲା । ସକାଳର କଅଁଳିଆ ଖରାକୁ ଚିରି କୁକୁରଗୁଡ଼ାକ ପାଖରେ ଥିବା ଡଷ୍ଟବିନ ଆଡ଼କୁ ଦୌଡ଼ି ଆସୁଥିଲେ । ଷ୍ଟେସନ୍‌ରୁ ଓହ୍ଲାଇ ସକାଳୁ ସକାଳୁ ଗାଡ଼ି ଧରି ଏଇ ଛୋଟିଆ ସହରରେ ପହଞ୍ଚିଯାଇଥିଲେ ଲୋକ ତିନିଟା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଛକ ଉପରେ ଆଖି ପହଁରେଇ ଆଣିଲେ । ଥାଇ ନଥିବାର ଅବସୋସ ଯେମିତି ବିଛାଡ଼ି ହୋଇପଡ଼ିଛି ପୂରା ସହରଟାରେ ।

ସହର କହିଲେ ଫର୍ଚ୍ଚା ରାସ୍ତା, ଦୁଇକଡ଼ରେ ଧାଡ଼ିଧାଡ଼ି ଦୋକାନ, ମଝିମଝିରେ ହାତଗଣତି ଗୁମୁଟି । ରୁଗଣ ବସ୍‌ଷ୍ଟାଣ୍ଡ, ଅଚଳ ସିନେମା ହଲ୍, ମାଳମାଳ ଟ୍ରଲି ଚିକ୍କା । ପାହାଡ଼କୁ ଲାଗିଛି ସହର । ପଛକୁପଛ ତଳକୁତଳ ଗଡ଼ିଆସିଛି ଘର ସବୁ, ଥାପିଦିଆଯାଇଛି ଯେମିତି । ତଥାପି ଲୋକ ହାଉଯାଉ ହେଇନାହାନ୍ତି ଏଯାଏ । ବିସ୍କୁଟ ପାଇଁ ରାମିଆ ଚା' ଦୋକାନ ଆଗରେ ପଇଁତରା ମାରୁଥିବା ଚାରି ପାଞ୍ଚଟା କୁକୁର ଲୋକଙ୍କ ହୁରୁଡାରେ ତର୍‌କିଯାଇ ପୁଣି ଫେରୁଥାନ୍ତି ଗୋଡ଼ ପାଖକୁ । ଅଚିହ୍ନା ଲୋକ ତିନିଟା ସିଆଡ଼େ ଆଗେଇଲେ । ଦୋକାନ କହିଲେ ଆଠ ବାଇ ଦଶ ଫୁଟ, ତା' ଭିତରେ ପୁଣି ପଲିଥିନ ଜରିର ପାର୍ଟିସନ୍ । ଏପଟେ ରାମିଆର ଚା', ସେପଟେ ତା' ସ୍ତ୍ରୀର ପାନ ଦୋକାନ । ଇଟାର ଅଧାକାନ୍ଥ ଉପରେ ଆଶ୍ରା ନେଇଛି ଟିଣ ଆଜବେଷ୍ଟସ୍ । ତା'ରି ଭିତରେ ସିଙ୍ଗଲ ଗ୍ୟାସରେ ପୋଷେଇବାସ, କଂସାଥାଳି, ପିଲାଙ୍କ ଜାମାପଟା, ଖିଆପିଆ ଶୁଆ.. ପୂରା ସଂସାର ।

ଚା' ସହ ପାଉଁରୁଟି ଖାଉଖାଉ ଲୋକ ତିନିଟା ଭଲମନ୍ଦ ହେଲେ ରାମିଆ ସହ । ବେଶ୍ କିଛି ସମୟ ଲମ୍ବିଲା କଥାବାର୍ତ୍ତା । ଦୋକାନଠୁ ଚାଲିଯାଇ ପାଖ ଗଛମୂଳେ ତା' ସହ କଥାହେଲେ ଚାପା ସ୍ୱରରେ । କ'ଣ କଥା ହେଲେ କେଜାଣି, ଚା' ବାବଦ ପଇସା ରଖିଲାନି ରାମିଆ । ଓଲଟି ଜର୍ଦ୍ଦା ପାନଖିଆ ଓଠରେ ଖୋଲା ହସଟେ ହସି ତିନିଟା ସିଗାରେଟ୍ ବଢ଼େଇଦେଲା । ତା'ପରେ ଚଞ୍ଚଳ ହେଇଉଠିଲା ରାମିଆ । ଫଟାଫଟ୍ ଫୋନ୍ ବୁଲେଇ ଚାଲିଲା । ପାଖାପାଖି ଘଣ୍ଟାଏ ଫୋନ୍ ବୁଲେଇସାରି ବାଇକ୍ ଧରି ଆଖପାଖ ଅଞ୍ଚଳରେ ଦି' ତିନି ଘେରା ମାରିଲା । ତା' ସ୍ତ୍ରୀ ବି ପାନଭଙ୍ଗା ବନ୍ଦକରି ଖୁବ୍‌ଗୁଡ଼ାଏ ଫୋନ୍ ଘୁରାଉଥିଲା । ସ୍ୱାମୀସ୍ତ୍ରୀଙ୍କର ଏପରି ମତିଗତି ଦେଖି ବେଶ୍ କିଛି ନିୟମିତ ଗ୍ରାହକ ଦୋକାନରୁ ମୁହଁ ଫେରାଉଥିଲେ । ୟା' ଭିତରେ ଲୋକ ତିନିଟା ବୁଲେରୋରେ କିଛି ସମୟ ପାଇଁ ଉଭାନ୍ ହେଇଯାଇଥିଲେ । ସହର ଓ ପାଖ ଗାଁ ଗଣ୍ଡାରେ ବେଶ୍ କିଛି ସମୟ ପଇଁତରା ମାରି ଫେରିବାଫେରିବା ହେଉଥିଲେ ।

ସ୍ତ୍ରୀ କାନରେ ଚୁପ୍ କରି କହିଲା ରାମିଆ.. ଶୁଣ, ଭରା ଦେହବାଲୀ ନହେଲେ ଚଳିବ, କିନ୍ତୁ ହାଡୁଆ ହେଇ ନଥିବା ଦରକାର । ଗୋରୀ ହେଇଥିଲେ ଡବଲ ମାଲ୍, ସାବନା ହେଲେ ବି ଚଳିବ । କାଳୀଙ୍କୁ କିନ୍ତୁ ରିଜେକ୍ଟ କରିଦେବେ ବାବୁମାନେ । ହାଇଟ୍‌ବାଲୀ, ଉଚ୍ଚ ଛାତି ହେଇଥିଲେ ପକେଟ୍ ଗରମ । ପଇସାପତ୍ର କଥା ଛିଡ଼ିଛି । ଚାରି ପାଞ୍ଚଜଣ ଦଲାଲ୍‌ଙ୍କୁ ହାତଗୁଞ୍ଜା ଦେଇ କାମରେ ଲଗେଇଛି ମୁଁ । ଚାକିରି

ଦେବା ବାହାନାରେ ଫସେଇବେ । ଫନ୍ଦିଫିକର କରି ଆଖିନାକ ଖୋଲା ରଖି ଘରୁ ଡାକିଆଣିବାକୁ କହିଛି । ଥରେ ଚାଲିଆସିଲେ ଆଖି ପିଛୁଳାକେ ଗାଡ଼ିରେ ନେଇ ବାବୁମାନେ ରାଜ୍ୟ ପାର୍, କେହିକିଛି ଟେର୍ ପାଇବେନି ।

ଖରା ନରମି ଆସୁଥିଲା, ସହରରେ ବଢୁଥିଲା ଗହଳିଚହଳି । ସରକାରୀ ଗାଡ଼ି ପହଞ୍ଚି ହଠାତ ପ୍ରଚାର କରି ଆରମ୍ଭ କଲା... ସାବଧାନ, ରାତି ସୁଦ୍ଧା ପାହାଡ଼ ସେପଟ ଆଗ୍ନେୟଗିରିରୁ ଲାଭା ବାହାରିବ । ସହର ପଟକୁ ବୋହିଆସି ଭୟଙ୍କର କ୍ଷତି ଘଟାଇବ । ଆରବର୍ଷ ତିନିଜଣ ମରିଥିଲେ, ତା' ଆରଥର ପାଞ୍ଚ ଜଣ । ଦୟାକରି ଦେକାନପତ୍ର ବନ୍ଦ କରିଦିଅନ୍ତୁ । ନିଜନିଜର ସୁବିଧା ଦେଖି ନିରାପଦ ଜାଗାକୁ ଚାଲିଯାଆନ୍ତୁ । ଲୋକଙ୍କୁ ଜରୁରୀ ସହାୟତା ପାଇଁ ଦମକଳ ବାହିନୀ ଓ ଅର୍ଦ୍ଧସାମରିକ ବଳ ପ୍ରସ୍ତୁତ ଅଛି । ଦରକାର ପଡ଼ିଲେ ହେଲପ୍ ଲାଇନ୍‌କୁ ଫୋନ୍ କରିବେ ବୋଲି ଆନାଉନ୍ସ କରି ଚାଲିଗଲେ ସରକାରୀ ବାବୁ ।

ହଠାତ୍ ଦୋକାନ ବୁଜିବା ପ୍ରକ୍ରିୟା ଆରମ୍ଭ ହେଇଗଲା । ଜିନିଷପତ୍ର ଗୋଟାଇ ଦୋକାନୀମାନେ ଧଡାଧଡ୍ ସଟର ପକାଇବା ଆରମ୍ଭ କରିଦେଲେ । ରାମିଆ ପାଇଁ ତଥାପି କିଛି ଭଲ ଖବର ଆସୁ ନଥିଲା । ଯୋଉ ଦଲାଲମାନଙ୍କୁ କାମରେ ଲଗେଇଥିଲେ ସମସ୍ତେ ବୋଧେ ମନା କରିଦେଇଥିଲେ । ତଥାପି ସେ ଲୋକ ତିନିଟା ଏପଟସେପଟ ହେଉଥିଲେ ଗଛପାଖରେ ଧକଉଥିବା ବୁଲା କୁକୁରଙ୍କ ପରି । ରାମିଆ ସହ ବାରମ୍ବାର କଥା ହେଉଥିଲେ । ସଂଜ ନଉଁଥିଲା, ସ୍ୱାମୀସ୍ତ୍ରୀଙ୍କ ମୁହଁ ଭାରି ବିକଳ ଦିଶୁଥିଲା ।

ଏତିକିବେଳେ ଦୋକାନ କଡ଼ ଗଳିରେ ଆଉଜି ବସିଥିବା ରାମିଆର ତେର ଚଉଦ ବର୍ଷର ଝିଅଟା ହଠାତ ଚିର୍‌ଚିରା ଛାଡ଼ି ପାଟି କରି ଉଠିଲା ମୁଁ ଯିବି... ମୁଁ ଯିବି । ତମେ ଯୋଉଭଳିଆ ଖୋଜୁଛ, ମୁଁ ଠିକ୍ ସେଇ ଭଳିଆ । ତମର ଯାହା ଯାହା ଦରକାର, ମୋ'ଠି ସେଇସବୁ ଅଛି । ଚାହିଁଲେ ଚେକ୍ କରିନେଇ ପାରିବ । ଜନ୍ମରୁ ବାପାବୋଉଙ୍କ ପାଇଁ ବୋଝ ପାଲଟିଛି ମୁଁ । ତାଙ୍କ ପାଇଁ କିଛି ନ କରି ପାରିଲେ ମୁଣ୍ଡର ବୋଝଟାକୁ ତ ହାଲ୍‌କା କରିଦେଇପାରିବି । ରାତାରାତି ଟଙ୍କାବିଡ଼ା ଗୋଛେଇବା ପାଇଁ ସେମାନେ ଖୁବ୍ ହନ୍ତସନ୍ତ ହେଉଛନ୍ତି । ଅନ୍ତତଃ ସେ ସ୍ୱପ୍ନ ତ ପୂରଣ କରିପାରିବି ।

ସବୁ କୋଳାହଳ ହଠାତ ସ୍ତବ୍ଧ ହେଇଗଲା । ସମସ୍ତେ ମୁହାଁଇଲେ ଝିଅଟା ଆଡ଼େ । ତା' ଆଖିରେ ରଡ଼ ନିଆଁ । ଫୁଲାଫୁଲା ନାକପୁଡ଼ାରୁ ବାହାରୁଛି ଗରମ ଝାସ । ଖୁବ୍ ଶୀଘ୍ର ଭୟଙ୍କର ବିସ୍ଫୋରଣ ହେବ ଯେମିତି ! ସେ ନିଆଁ ଯେମିତି ବହିଆସି ମୁହୂର୍ତ୍ତକରେ ପାଉଁଶ କରିଦେବ ସବୁକିଛିକୁ, ପୂରା ସହରକୁ । ଝିଅ କଥା ଶୁଣି ଜଳକା ପାଲଟିଯାଇଥିଲା ମାଆ । ରାମିଆ ମୁଣ୍ଡକୁ ହଠାତ ପିତ୍ତ ଉଠିଲା । କୁକୁର ଗୋଡ଼େଇବା ବାଡ଼ିରେ ସ୍ତ୍ରୀକୁ ଦି'ପାହାର ଦେଇ କହିଲା, ଶାଳୀ ପୋଲିସ୍‌କୁ ଫୋନ୍ ଲଗାବେ । ଏ ତିନିଟା କୁକୁରଙ୍କୁ ପୋଲିସ ଜିମାରେ ଦେବି । ଲାଭା ଆଶଙ୍କାରେ ସହରରେ ଲୋକ ସମାଗମ ପତଳା ହେଇଆସୁଥିବା ବେଳେ ଭିଡ଼ ଭିତରେ ଉଭାନ୍ ହେଇଯାଇଥିଲେ ଲୋକ ତିନିଟା ।

ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ.: ୯୩୪୮୧ ୫୬୧୫୧

ଗୀତିକବିତା

ବେଦନା କି ଲେଖିହୁଏ

ପ୍ରତିଭା ସାହୁ

ହୃଦୟର କଥା କେମିତି ଲେଖିବି
ବେଦନା କି ଲେଖି ହୁଏ
ମରମେ ମରମେ ଅକୁହା ବେଦନା
ମାରୁଚି ମୁଁ କାଣିଚାଏ । (୦)

ଆଶାର ଆକାଶ ଡେଣା କାଟିଦେଲା
କଥା କୁହା ଚଢ଼େଇର
କେମିତି ସେ ଆଜି ଜହ୍ନ ଛୁଇଁବ
ସରିଲା କି ଉଡ଼ିବାର !

ବନସ୍ତ ପୋଡ଼ିଲେ ଜାଣୁଚି ଦୁନିଆଁ
ମନକୁ ଜାଣୁଚି କିଏ
ହୃଦୟର କଥା କେମିତି ଲେଖିବି
ବେଦନା କି ଲେଖି ହୁଏ (୧)

ଧୀରେ ଧୀରେ ପାଦ ଫଶି ମୋ' ଯାଉଛି
ଅକାତ ପାଣିର କୋଳେ
ତଥାପି କାହିଁକି ଅମାନିଆ ମନ
ଆକାଶ କୁସୁମ ତୋଳେ

ନେଉଛି ଶପଥ ବୁଡ଼ିବାର ନୁହେଁ
ଉଠିବାର ବେଳ ଇଏ
ହୃଦୟର କଥା କେମିତି ଲେଖିବି
ବେଦନା କି ଲେଖି ହୁଏ (୨)

ପଳାଶୁଣି, ଭୁବନେଶ୍ୱର
ମୋ.: ୮୯୧୭୪ ୧୨୭୪୬

ଲାଲଟୁର ସାହିତ୍ୟ ଶିକ୍ଷା

ଦୀପ୍ତିମୟୀ ଶତପଥୀ

ମୁହଁ ଶୁଖେଇ ସ୍କୁଲ ହତାର ପାଚେରୀ ଆଡ଼କୁ ଦେଖୁଚି ଲାଲଟୁ । ବଡ଼ ଶ୍ରେଣୀର ଦିଦି ଆଉ ଭାଇମାନେ କେତେ ରକମ ଚିତ୍ର ଆଙ୍କିଛନ୍ତି । ଟ୍ରାଫିକ ନିୟମ, ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ସ୍ୱାସ୍ଥ୍ୟ ସଚେତନତା, ସବୁଜ ବଳୟ ଆଦି ସେଥିରେ ଅଛି । ସେସବୁ ବୁଝେନା ଲାଲଟୁ ।

ଚିତ୍ର ଭିତରର ରଙ୍ଗୀନ ଗାଡ଼ି, ଚଢେଇ , ଗଛ, କୁକୁର ଦେଖେ ସେ ସବୁଦିନ । ତାକୁ ଭଲ ଲାଗେ । ଆଜି ବି ଦେଖୁଚି, କିନ୍ତୁ ସେଇ ଆଗ୍ରହରେ ନୁହଁ । ମମତାଙ୍କ ଗାଳି ଆଉ ରାଗରୁ ମୁହଁ ଫେରେଇଆଣି । ଭୁଲ୍ କରିଦେଇଛି ସାହିତ୍ୟର କେତେଟା ଉତ୍ତର । ଶ୍ରେଣୀକକ୍ଷରୁ ଆରମ୍ଭ ହେଇଯାଇଛି ମା'ଙ୍କର ଗାଳି ।

'ଏତେ ଶିଖେଇଲି , ଅଭ୍ୟାସ କରେଇଲି, ପୁଣି ଭୁଲ !'

ଘର ଯାଏ ଗାଳି ଶୁଣିଲା ଲାଲଟୁ । ଖାଇଲାବେଳେ ବି ଶୁଣିବାକୁ ପଡ଼ିବ । କାର୍ଟୁନ ଦେଖା ବନ୍ଦ ଆଜି । 'ମୟର' ... ?

ଚଟୁ ପରି ମାତ୍ରାଟେ ଛାଡ଼ିଦେଇଛି । ହଲ୍ ଭିତରେ ଭୁଲିହେଇଯାଉଛି ଝରକା ଦେଇ ବଣି ଦେଖୁ ଦେଖୁ । ନମ୍ବର କଟିଯାଉଛି ଖାତାରୁ ।

ମମତା ସବୁ ଉତ୍ତର ଖାତାର ଫୋଟୋ ନେଇଆସିଚନ୍ତି । ଘରେ ଆହୁରି ଉତ୍ତମ ମଧ୍ୟମ ହେବ । ଶୂନ୍ୟସ୍ଥାନ ପୂରଣ କର । ----କୁଆ । ଲାଲଟୁ ଭାବୁଚି, ଠେକୁଆ ଯଦି ଠିକ୍ ହେବ, ଭକୁଆ କାଇଁ ଭୁଲ ? ନାମ, ବିଶେଷଣ ଯାଏ ତା'ର ପହୁଁଚ ହେଇନି । ଦିଆ---ଜାଗାରେ 'ହେଲା' ଲେଖିଦେଇଚି । ସିଲି ମନେପଡ଼ିଲାନି । ଯଦିଓ ସିଲି ତା' ଖୁଡ଼ୀର ନାଆଁ ।

ଅଙ୍କ ଟେବୁଲ୍ ଠିକ୍ ଲେଖିଚି ଲାଲଟୁ । ଅଙ୍କରେ ସାହିତ୍ୟ ପଶିଲେ ଭୁଲ ହେଇଯାଉଚି । ପନ୍ଦରକୁ ଓଲଟାଇ ଅକ୍ଷରରେ ଲେଖ । ଲାଲଟୁ ଲେଖିଦେଇଚି 'ରନ୍ଦପ' ...

ବାସ୍, ଶୁଣୁଛି ଗାଳି ।

ସନ୍ଦୀପ ଚୁପ୍ ଥିଲେ ଏଯାଏ । କହିଲେ,'ପ୍ରଶ୍ନଟା ତ ଭୁଲ୍ । ସ୍ପଷ୍ଟ ନାହିଁ । ପନ୍ଦରକୁ ଓଲଟାଇ ଅଙ୍କରେ ଲେଖ, ଓଲଟ ସଂଖ୍ୟାକୁ ଅକ୍ଷରରେ ଲେଖ....ଏମିତି ହବାକଥା ପ୍ରଶ୍ନ ।'

ମମତା ଚିଡ଼ିଗଲେ । କହିଲେ, 'ହଁ , ତମେ ସବୁ ବଦଳେଇଦବ' । ଲାଲଟୁ ମନଭିତରେ ଖୁସି ହେଲା, ବାପା ଠିକ୍ ଧରିଚନ୍ତି କଥାଟା । ସନ୍ଦୀପ ହସୁଥିଲା ।

ଲାଲଟୁ ପାଠ ଘୋଷେନି । ତା' ମନ ଖେଳିବୁଲେ ପ୍ରଜାପତି ପରି , ବହିରୁ ବଗିଚା ; ପକ୍ଷୀ ପରି ପଡ଼ିଆରୁ ଆକାଶ ; କଅଁଳା ବାଛୁରୀ ପରି ସ୍କୁଲରୁ ଘର । ପୂର୍ବ ପରୀକ୍ଷାରେ ଲେଖିଥିଲା ମାରାତ୍ମକ ଉତ୍ତରଟିଏ । ପ୍ରଶ୍ନ ଥିଲା, ମଣିଷର ପ୍ରଧାନ ଶତ୍ରୁ କିଏ ? ଉତ୍ତର ହେବା କଥା 'ରୋଗ' । ଲାଲଟୁ ଲେଖିଦେଇଥିଲା 'ସାଧନା ମିସ୍' । ଚର୍ଚ୍ଚାର ବିଷୟ ପାଲଟିଗଲା

ଏଇ କଥା ସ୍କୁଲରେ । ରିପୋର୍ଟ କାର୍ଡରେ ଲେଖାହେଇଗଲା,'ବିଶୃଙ୍ଖଳିତ,ଅମାର୍ଜିତ ବ୍ୟବହାର' ଇତ୍ୟାଦି । କେହି ବୁଝିଲେନି ଏମିତି ଉତ୍ତର ପଛର କାରଣଟି କ'ଣ ହେଇପାରେ । ପିଲା ସ୍ନେହ ଆଦର ଦେଇଥିବା ଶିକ୍ଷକଙ୍କୁ ଝୁରନ୍ତି । ଏବେ ଦଣ୍ଡମୁକ୍ତ ଆଇନ ଯୋଗୁଁ ବେତ ହଜିଯାଇଛି । ଅନୁଶାସନ ପାଇଁ ଧୈର୍ଯ୍ୟର ଆବଶ୍ୟକତା ବେଶି । କୋଉଠୁ ମିଳିବ ? ଶିକ୍ଷକମାନେ ତ ନିଜ ଜଞ୍ଜାଳ, ସ୍ୱଳ୍ପଦରମା ଆଉ ବୃତ୍ତିଗତ ଚାପରେ ପେଷି ହେଇରହୁଛନ୍ତି ।

ଲାଲଟୁ ଶୋଇବାର ଛଳନା କରୁଚି, ଶୋଇନି । ସନ୍ଦୀପ କୋଳକୁ ଟାଣିଆଣିଲେ ପୁଅକୁ । କହିଲେ, 'ମୁଁ କେତେ ଭୁଲ କରୁଥିଲି ପାଠରେ ଜାଣିଚୁ ? ....ଛୁଟି ମିଳିଲେ କୃତଘ୍ନ ରହିବି ଲେଖିଦେଇଥିଲି କୃତଜ୍ଞ ଜାଗାରେ । ବହୁତ ମାଡ଼ ଖାଇଥିଲି । ୦ ପାଇଥିଲି । ତୋ ଟିଚର ଭଲ । ଅଧା ମାର୍କ କାଟିଛନ୍ତି । ମୋର ଆଉଗୋଟେ ପଣ୍ଡିତ ସାଙ୍ଗ ଅଣ୍ଡାରୁ ଜାତ ଅଣ୍ଡଜ ନଲେଖି ଅଣ୍ଡିରା ଲେଖିଥିଲା । ମାସେ କାଳ ତା'ର ମଜା ଉଡ଼ିଥିଲା ଶ୍ରେଣୀରେ ହସ ଆଉ ଥଟ୍ଟାରେ । ଆଚ୍ଛା କହିଲୁ, ଟ୍ରାଫିକର କାର୍ଯ୍ୟ କ'ଣ ?

ଫଟାଫଟ ଲାଲଟୁ କହିଲା, 'ଭିଡ଼ ନିୟନ୍ତ୍ରଣ' ।

'ସାବାସ୍'! ସନ୍ଦୀପ କହିଲା । 'ମୁଁ ଲେଖିଥିଲି ଗାଡ଼ିକୁ ନିମନ୍ତ୍ରଣ । ଫେଁ କିନା ହସିପକେଇଲା ଲାଲଟୁ ।

ମାଡିଆସିଲେ ରୋଷେଇ ଘରୁ ମମତା । କହିଲେ,

'ଗୁଲିଗପ କରି ତା' ମୁହଁ ବଢ଼ଉଚ । ସେ ଆହୁରି ଢିଲା ହେଇଯିବ' ।

ସନ୍ଦୀପ ଭାବୁଥିଲେ, କଲେଜରେ ହାଫ ଇଅରଲି ପରୀକ୍ଷା ହୁଏ । କେହି ପାଠ ଲେଖନ୍ତିନି । 'ଆଇ ଲଭ ୟୁ' । 'ହାପି ନିଉ ଇଅର' ଲେଖି ଟେବୁଲ ଉପରେ ଖାତା ଥୋଇ ଆସନ୍ତି । ସେଥିରୁ କେତେଟା ବଢ଼ିଆ ଚାକିରୀ ପାଇଛନ୍ତି ।

ଲାଲଟୁ କୁନି ପିଲାଟେ । ତା' ମନରେ ପରୀ ରାଇଜର ବିଭୋରପଣ । ଯାଉ କେତେଟା ବର୍ଷ ଆପେ ବୁଝିଯିବ ଜୀବନ ଅଙ୍କ । ବାଧବାଧକତାରେ କ'ଣ ଅଟକିଯିବ ପ୍ରବାହ ?

ରାତିରେ କୁନି କୁନି ଅଙ୍ଗୁଳିରେ ଲାଲଟୁ ସଜଉଥିଲା ଖାଇବା ଟେବୁଲ । ଗାଳି ଶୁଣିବାକୁ ଆହୁରି ବାକି ଅଛି ପରା ! ସବୁ ମିଶି ତେର ନମ୍ବର କମିଛି । ଆଗକୁ ଫେରେଇବାକୁ ପଡିବ ସର୍ତ୍ତ ସହ । ଶେଯରେ ବି ତା' ନିରୀହ ଆଖିର ଆତଙ୍କକୁ ଲକ୍ଷ୍ୟ କଲେ ସନ୍ଦୀପ ।

ପୁଣି ଗପ ଆରମ୍ଭ ହେଲା । ଏଥର ଉଭୟ ମମତା ଆଉ ଲାଲଟୁ ଉପଲକ୍ଷେ ।

'ଗୋଟେ ପିଲା ଥିଲା । ମେଧାବୀ ନ ଥିଲା । ସାଧାରଣ ଛାତ୍ର । ଭୁଲ ଉତ୍ତରକୁ ଆଗ ପିଲାର ଖାତା ଦେଖି ଠିକ୍ କରିବାକୁ ଶ୍ରେଣୀ ଶିକ୍ଷକ ପ୍ରବର୍ତ୍ତାଇଲେ ।

ପରିଦର୍ଶକଙ୍କ ମନରେ ଭଲ ଧାରଣା ତିଆରିବା ଚେଷ୍ଟାରେ ଥିଲେ ଶିକ୍ଷକ । ପିଲାଟି ସେ କାମ କଲା ନାହିଁ ।

ଆଉ ଗୋଟିଏ ଝିଅ ଥିଲା । 'ତୁମ ପଡୋଶୀ' ଉପରେ ରଚନା ଲେଖିବାର ଥିଲା । ସେ ଲେଖିଥିଲା, ଆମ ପଡୋଶୀ ରାତିରୁ ଉଠି ଆଙ୍କୁଡ଼ି ଲଗେଇ ଆମ ବାଡ଼ିରୁ ମନ୍ଦାର, କନିଅର ଫୁଲ ଲୁଟିନିଅନ୍ତି । ପରୀକ୍ଷା ସମୟରେ ଜୋର୍ ଶବ୍ଦରେ ଗୀତ ବଜାନ୍ତି..... ।' ମମତା ଦଉଡ଼ିଆସି ସନ୍ଦୀପ ପାଟିକୁ ହାତରେ ଚାପିଧରିଲେ । କହିଲେ,'ଥାଉ,ଗାଳ୍ପିକ ହେଇଯିବ' ।

ଲାଲଟୁକୁ କୋଳେଇ ବୋକଦେଲେ ମମତା । ମୁହଁ ଗୁଂଜିଦେଲା ଲାଲଟୁ ମା' ଛାତିରେ । ହଁ ,ପଡୋଶୀ ଉପରେ ରଚନା ଲେଖିଥିବା ଛାତ୍ରୀ ମମତା ହିଁ ଥିଲେ ।

ବ୍ରହ୍ମପୁର

ପଢ଼ନ୍ତୁ
କବି
ବନଶ୍ରୀ ଦାଶଙ୍କ
ପ୍ରଥମ କବିତା ବହି
ଏବେ ବଜାରରେ

ପ୍ରକାଶକ:
ଶ୍ରୀରୂପା
ରାମନଗରପଡ଼ା
ଭବାନୀପାଟଣା-୭୬୬୦୦୧
ମୋ. ୯୪୩୭୭ ୦୦୦୩୭

ଆପଣ ବହି ଛାପିବାକୁ ଚାହୁଁଛନ୍ତି...ଶ୍ରୀରୂପା ସହ ଯୋଗାଯୋଗ କରନ୍ତୁ

ମଣିଂ ଦା'

ବିରଞ୍ଚି ନାରାୟଣ ମୁଣ୍ଡ

ବାବୁ ପ୍ରଳୟାନନ୍ଦ ଥରେ ଘଣ୍ଟାକୁ ଥରେ ଲୋକଟାକୁ, ଥରେ ଲୋକଟାକୁ ଥରେ ହାତ ଘଣ୍ଟାକୁ ଦେଖିଲେ । ମୁହଁରେ ଆଶ୍ଚର୍ଯ୍ୟର ପାଉଡ଼ର । ଆରେ ହଁ ତ, ସମୟ ତ ଏବେ ଠିକ୍ ୧୨.୩୦ ପି.ଏମ୍. ମାନେ ଦିନ ୧୨ଟା ୩୦ । ଏଇବେଳେ ଲୋକଟା ତାଙ୍କୁ ନମସ୍କାର - ନମସ୍ତେ - ଝୁହାର ବଦଳରେ ମଣିଂ ଦା' କହିଛି । ହସକୁରା ଭଙ୍ଗୀରେ, ବିନା ସଙ୍କୋଚରେ ପୁଣି ସ୍ୱତଃ । ଏମିତି ତ ଗୁଡ୍‌ମଣିଂ ଜାଗାରେ ଖାଲି ମଣିଂ ଯେମିତି କୁହାଯାଉଛି, ସେମିତି ଏ ସମୟରେ ଆଫଟର୍ ନୁନ୍ ଦା' କୁହାଯାଇ ପାରିଥା'ନ୍ତା । ଗୁଡ୍ ନୁନ୍ ଦା' କହି ଦେଇଥିଲେ ବି ଏତେ ଭାବିବାକୁ ପଡ଼ି ନ ଥା'ନ୍ତା । ନିଜେନିଜେ ନିଜ ସହ ଚର୍ଚ୍ଚା କରି ବାବୁ ପ୍ରଳୟାନନ୍ଦ ଗୋଟେ ନିଷ୍କର୍ଷରେ ଉପନୀତ ହେଲେ । ହଁ, ଏଇଠି ମଣିଂର ଅର୍ଥ ଅଲଗା । ଏହା ଏକ ରୂଢ଼ ଶବ୍ଦ । ଅର୍ଥ ଥାଏ ଗୋଟେ ଆଉ ଅର୍ଥ ବୁଝାଏ ଅନ୍ୟ ପ୍ରକାର । ଏଇଠି ମଣିଂ - ସମ୍ମାନ, ଶ୍ରଦ୍ଧା, ଭକ୍ତି, ପ୍ରେମ ଆଦିର ପ୍ରତୀକ । ଏ ପ୍ରତୀକାତ୍ମକ ଅର୍ଥ କୌଣସି ଶବ୍ଦକୋଷରେ ଏ ଯାଏଁ ସ୍ଥାନ ପାଇ ନାହିଁ କିମ୍ବା ପୂର୍ବ ପ୍ରଚଳିତ ମଧ୍ୟ ଜମାରୁ ନୁହେଁ । ଯଦିବା ଇଂରାଜୀ ଶିଖିବା ବେଳୁ "ମଣିଂ" ଅର୍ଥ ସକାଳ ବୋଲି ଆମେ ସମସ୍ତେ ଜାଣି ଆସୁଛୁ ।

ଏବେ ଦା' ଆଡ଼କୁ ଆସିବା । ଦା'ର ଅର୍ଥ ଇଲା ବା ଧାନ କାଟିବା ଶସ୍ତ୍ର । ଲୋକଟା ଯେଉଁ ଦା' ବୋଲି କହିଲା ତା' ଅର୍ଥ ଅଲଗା, ସିଏ ଦାଦା'କୁ ସଂକ୍ଷେପରେ ଦା' ବୋଲି ବ୍ୟବହାର କଲା । ଶବ୍ଦକୋଷାନୁଯାୟୀ ବଡ଼ଭାଇ ବା ଜ୍ୟେଷ୍ଠ ଭାଇଙ୍କୁ ଦାଦା କୁହାଯାଏ । କୋଉକୋଉଠି ବଡ଼ବାପା ବା କାକାଙ୍କୁ ଦାଦା ଡାକନ୍ତି । "ଦାଦା" ମଧ୍ୟ ଗୁଣ୍ଡା ଜାତୀୟ ଲୋକଙ୍କୁ ଉପମା ଦିଆଯାଏ । ତେଣୁ ଦାଦା ବହୁ ଅର୍ଥକୁ ପ୍ରତିନିଧିତ୍ୱ କରେ । ହେଲେ ଦା' ପ୍ରାୟ ଅଗ୍ରଜ ପ୍ରତିମଙ୍କୁ ଦର୍ଶାଇଥାଏ ।

ବୋଧହୁଏ ଦା' ବଡ଼ଭାଇ ଅର୍ଥରେ ଗଲାବୋଲି ପ୍ରଳୟାନନ୍ଦ ବାବୁ ଆନନ୍ଦିତ ଥିଲେ । ସେମିତି ବି ତାଙ୍କୁ ଯେ କେହି ବି ଦା' ସମ୍ବୋଧନ କଲେ ସେ ଖୁବ୍ ଗର୍ବ ଅନୁଭବ କରନ୍ତି । ନିଜକୁ ବଡ଼ଭାଇ ଭୂମିକାରେ ରଖି ପ୍ରଚୁର ଉପଦେଶ ଝାଡ଼ନ୍ତି । ବଡ଼ପଣ ଦେଖାନ୍ତି । ଦା' ବୋଲି କହି ଲୋକଟା ପ୍ରକାରାନ୍ତରେ ତାଙ୍କଠୁ ସାନ ତ ହେଲା । ବଡ଼ମାନେ ସବୁ କ୍ଷେତ୍ରରେ ବଡ଼ । ସେମାନେ ଅଭିଜ୍ଞତା-ଅନୁଭୂତି-ବୟସ-ପରାମର୍ଶ-ଆଶ୍ୱାସନାର ପେଣ୍ଠ । ଖୋଦ୍ ବାବୁ ପ୍ରଳୟାନନ୍ଦଙ୍କୁ ଏମନ୍ତ ଅନୁଭବ ହେଉଥିବାରୁ ଦା' ବୋଲି କିଏ କହିଦେଲେ ଗହକି ଉଠନ୍ତି । ଛାତି ତାଙ୍କର ଫୁଲିଯାଏ । ମୁରବୀପଣ ଉକୁଟି ଆସେ । ଏସବୁ ଦେଖାନ୍ତି ନାହିଁ ସିନା ମନେମନେ ନିଜକୁ ଭାବି ନିଅନ୍ତି । ଆମ ସମାଜରେ ଏମିତି ଅନେକ ଲୋକ ଅଛନ୍ତି ସେମାନେ ମନେମନେ ପରଜାପତି ହେଇ ଆଚରଣ ବି ସେଭଳି କରନ୍ତି । ବାବୁ ପ୍ରଳୟାନନ୍ଦଙ୍କୁ ଯଦି ଲୋକ ଗହଳିରେ ଦା' ବୋଲି କହି ଦିଆଯାଏ ତ ସେ ଅଧିକ ଆହ୍ଲାଦିତ ହୁଅନ୍ତି । କମ୍‌ଲୋକ ଥିଲେ କମ୍ ଗହକି ହୁଅନ୍ତି । ଖୁସି

ହେବାର ପ୍ରତିକ୍ରିୟା ସ୍ୱରୂପ କେମିତି ଅଛୁରେ ! କୁଆଡ଼େ ବାହାରିଲୁ ରେ ! ଅମୁକ କାମ କଲୁ କି ନାଇଁ ରେ !... ଇତ୍ୟାଦି ଇତ୍ୟାଦି କହି ଆଦେଶ ଓ ଆଶୀର୍ବାଦ ମିଶା ପ୍ରଶ୍ନ ବି ଛାଡ଼ନ୍ତି ସେ ।

ବାବୁ ପ୍ରଳୟାନନ୍ଦଙ୍କୁ ଯେଉଁମାନେ ଦା' ଡାକନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ବାବୁଙ୍କ ପତ୍ନୀଙ୍କୁ ଭାଉଜ ଡାକନ୍ତି । ଥଟ୍ଟାମଜା ବି କରନ୍ତି । କେତେଜଣ ବାବୁ ଓ ତାଙ୍କ ପତ୍ନୀଙ୍କୁ ନେଇ ଦାଦା-ଭାଉଜ, କେଡ଼େ ମଉଜ ବୋଲି ଗୀତ ଯୋଡ଼ନ୍ତି । ବାବୁ ପ୍ରଳୟାନନ୍ଦ ବଡ଼ଭାଇ ପଦ ପ୍ରାପ୍ତିରେ ଆହ୍ଲାଦିତ ହୁଅନ୍ତି । ବାବୁଙ୍କ ଗୋଟେ ଭଲ ପ୍ରକୃତି ହେଲା ସଂପର୍କଙ୍କୁ ଗୋଳିଆ ନ କରିବା । ଅଚିହ୍ନା ଲୋକଙ୍କ ସହ ଭେଟ ହେଲେ ଅମୁକ ଭାଇ/ସମୁକ ଭାଇ ବୋଲି ସମ୍ବୋଧନ କରନ୍ତି । ଏ ଅଭ୍ୟାସ ଯୋଗୁଁ ସାଧାରଣତଃ ଦା' ହେବାରେ ବିଳମ୍ବ ଲାଗେନି । କେବେକେବେ ବୟସ କିମ୍ବା ବଡ଼ ଆକାରର ଶରୀର ହିସାବରେ ଦା' ବା ବଡ଼ଭାଇ ହେଇଯା'ନ୍ତି । ପରେ ଜଣାପଡ଼େ ଯେ ବୟସରେ ଇଏ ସାନ ତ ପୂର୍ବ ସଂପର୍କ ଓଲଟିଯାଏ । ଫଳତଃ ଦା' ପଦ ହରାନ୍ତି ବାବୁ ପ୍ରଳୟାନନ୍ଦ ।

ମଣିଂ ଦା' ଏବେ ବହୁ ପ୍ରଚଳିତ ସଂପର୍କର ନାଁ । ଧୀରେଧୀରେ ବିଭିନ୍ନ କ୍ଷେତ୍ରକୁ ଡେଇଁବା ଆରମ୍ଭ କରିଛି । ସ୍ଥାନ-କାଳ-ପାତ୍ର ଆଉ ଦେଖୁନି ଏ ମଣିଂ ଦା' । କିଏ, କାହାକୁ, କେତେବେଳେ, କେଉଁ ସ୍ଥିତିରେ, କାହା ପାଇଁର ମାନେ ନ ରଖି ବ୍ୟବହାର ହେଉଛି । ସାଧାରଣରୁ ଅସାଧାରଣ ଯାଏଁ ଏ ଡାକ ଶୁଣିଲେ ନିଜକୁ ଧନ୍ୟ ବି ମଣୁଛନ୍ତି । ହେଲେ ଦୁଃଖର କଥା ଯେ ମଣିଂ ଦା' କେବଳ ପୁରୁଷମାନଙ୍କ ପାଇଁ ପ୍ରଯୁଜ୍ୟ । ମହିଳାମାନଙ୍କ କ୍ଷେତ୍ରରେ 'ମଣିଂ'ର ବ୍ୟବହାର କମ୍ ତ ନୁହଁ ପ୍ରାୟ ନାହିଁ କହିଲେ ଚଳେ । ଦାଦାର ଲିଙ୍ଗଭେଦରେ ମହିଳାମାନେ 'ନାନୀ' ହେବା କଥା । କିନ୍ତୁ ଦାଦା ଆଉ ନାନୀ ସଂପର୍କ - ସମ୍ମାନ ଭେଦରେ କେତେ କାହିଁ ଫରକ୍ । ଆଉ ବି ସାଧାରଣତଃ ନାନୀ ହେବାକୁ ମାନେ ବୟସରେ ବଡ଼ ହେବାକୁ କୋଉ ମହିଳା ଚାହିଁବ ଯେ... । କଥାଟିଏ ଏଇ ମର୍ମରେ - ବସ୍ ଯାତ୍ରା ବେଳର କଥା । ଖଣ୍ଡେ ସିଟ୍‌ରେ ବସିବାକୁ ଦୁଇଜଣ ମହିଳା ଝଗଡ଼ା କଲେ । ସେ କହିଲା ମୋ' ସିଟ୍ ଇଏ କହିଲା ମୋ' ସିଟ୍ । କେହି କାହାକୁ ଛାଡ଼ିବା ଅବସ୍ଥାରେ ନ ଥିଲେ । କଥା କଟାକଟିରୁ ଧସ୍ତାଧସ୍ତି ଯାଏଁ ଗଲା । ତା'ପରେ ଚୁଟି ଧରାଧରି ହେବାକୁ ଗଲାବେଳେ କଣ୍ଡକ୍ଟର୍ ହସ୍ତକ୍ଷେପ କଲେ । ଯେତେ ବୁଝାଇଲେ ବି ବୁଝିଲେ ନି । ଅଲଗା ସିଟ୍ ଦେବି କହିଲେ ବି ସେଇ ସିଟ୍‌କୁ ଛାଡ଼ିବାକୁ ଉଭୟେ ନାରାଜ । ଶେଷରେ ଚତୁର କଣ୍ଡକ୍ଟର୍ କହିଲେ - ହଁ ହେଲା, ଆପଣଙ୍କ ଭିତରୁ ଯିଏ ବୟସରେ ବଡ଼ ସେ ବସନ୍ତୁ । ବାସ୍, ତା'ପରେ ଜଣେ ଆର ଜଣକୁ ତମେ ବସ ବୋଲି କହିବା ଆରମ୍ଭ କଲେ । ଠିଆ ହେଇ ରହିଲେ ସିନା ସିଟ୍‌ରେ ଆଉ କେହି ବସିଲେ ନାହିଁ । କାରଣ ନିଜକୁ ବୟସରେ ଅଧିକ ବୋଲି କେହି ବି ଦେଖାଇବାକୁ ଚାହୁଁ ନ ଥିଲେ ।

ବୟସ ପାଇଁ 'ମଣିଂ ନାନୀ' ଭଲଭାବେ ପ୍ରୟୋଗ ହେବାର ସମ୍ଭାବନା ନାହିଁ ।

ସ୍କୁଲ-କଲେଜମାନଙ୍କରେ ସାନ କ୍ଲାସ୍‌ର ପୁଅମାନେ ବଡ଼କ୍ଲାସର ଛାତ୍ରମାନଙ୍କୁ ଦା' ବୋଲି ସମ୍ବୋଧନ କରନ୍ତି । ଏହାଦ୍ୱାରା ସମ୍ପର୍କ ବଢୁଛି । ଏହାକୁ ସାମାଜିକ ସଂସ୍କାର ବୋଲି ଧରାଯାଇପାରେ । ବରିଷ୍ଠ ଛାତ୍ରମାନେ ଦା' ବା 'ଦାଦା' ପଦକୁ ସମ୍ମାନର ପ୍ରତୀକ ଭାବେ ଗ୍ରହଣ କରନ୍ତି । ଆମ ରାଜ୍ୟ ପଡ଼ୋଶୀ ବଙ୍ଗାଳୀମାନେ ଦାଦା ଶବ୍ଦକୁ ଭଲ ଭାବେ ବିନିଯୋଗ କରି ଆସୁଛନ୍ତି । ସୌରଭ ଗାଙ୍ଗୁଲିଙ୍କୁ ଦର୍ଶକ, କ୍ରିକେଟ୍ ବୋର୍ଡ଼ କର୍ମକର୍ତ୍ତା, ସାଥୀ ଖେଳାଳି ସହ କମେଣ୍ଟେଟର ଦାଦା ବୋଲି ନିଃସଙ୍କୋଚରେ କହନ୍ତି । ପ୍ରକୃତରେ 'ଦାଦା' ଶବ୍ଦ ଏବେ ଅନ୍ତର୍ଜାତୀୟ ଶବ୍ଦରେ ପରିଣତ ହେଲାଣି ।

କିଶୋର ଅବସ୍ଥାରୁ ମଧ୍ୟ ବୟସ୍କ ପର୍ଯ୍ୟନ୍ତ ଦା' ଡାକ ଭଲ ମାନେ ବା ସାଜେ । ଓଜନ ବି ରଖେ । ବୟସ ବଢ଼ିଗଲେ ଦା' ଡାକ ପାଣିଚିଆ ଲାଗେ । ବୟସ ଥିଲେ କିନ୍ତୁ ଏହା ଶୃଙ୍ଖଳିତ ବଡ଼ଭାଇର ମର୍ଯ୍ୟାଦା ବଢ଼ାଏ । ପ୍ରକୃତରେ ବୟସ୍କ ଦା' ମଣିଂରେ ବୟସର ମଧ୍ୟାହ୍ନ ଜଣାପଡ଼ିଯାଏ । ଯାହା ବି ହେଉ ମଣିଂ ଦା' ଡାକ ବିଶ୍ୱାସର ପ୍ରତୀକ । ଛାଣି ହେଉଥିବା ସଂପର୍କରୁ ଗୋଟିଏ । ହଠାତ୍ କରି ସଂପର୍କ ଛନ୍ଦୁଥିବା ସେତୁଟିଏ । ହେଇ ତ ! ପ୍ରଳୟାନନ୍ଦ ବାବୁଙ୍କୁ ପୁଣି ଜଣେ କେହି ମଣିଂ ଦା' କହିଲେଣି । ରାତିରେ ବି କୁଆଡ଼େ ତାଙ୍କୁ କେହି କେହି ମଣିଂ ଦା' କହନ୍ତି । ଶିକ୍ଷିତ ଲୋକେ ବି ହଠାତ୍ ଭେଟହେଲେ କ'ଣ କହିବି କ'ଣ କହିବି ହେଇ ଆଜ୍ଞା ମଣିଂ କହିଲେଣି । ତେବେ ପାଠକବନ୍ଧୁ, ଆପଣଙ୍କୁ ବି ମଣିଂ ଦା'-ମଣିଂ ଦିଦି ମିଳୁ ଓ ମିଳୁଥାଉ । ଦା'ମାନଙ୍କୁ ଶେଷରେ ମଣିଂ ଦା'... ।

ଭବାନୀପାଟଣା, କଳାହାଣ୍ଡି

ମୋ.: ୮୨୪୯୬ ୬୦୮୫୪

ଶେଷରେ ଦିନେ ରାସେଶ୍ୱରୀ

ଡ. ସୂର୍ଯ୍ୟମଣି ଖୁଣ୍ଟିଆ

ମେଘୈର୍ମେଦୁରମ୍ବରଂ ବନଭୁବଃଶ୍ୟାମାସ୍ତମାଳ ଦ୍ରୁମୈ
ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂରାଧେଗୃହଂ ପ୍ରାପୟ
ଇତ୍ଥଂ ନନ୍ଦ ନିର୍ଦ୍ଦେଶତଶ୍ଚଳିତୟୋଃ ପ୍ରତ୍ୟଧକୁଞ୍ଜଦ୍ରୁମଂ
ରାଧାମାଧବୟୋ ର୍ଜୟନ୍ତି ଯମୁନାକୂଳେରହଃ କେଳୟଃ

ଅନୁରାଧାଙ୍କର ମଧୁରକଣ୍ଠରୁ ଛୁଟିଚାଲିଛି ଜୟଦେବ ଗୋସ୍ୱାମୀଙ୍କର ଗୀତଗୋବିନ୍ଦର ପ୍ରଥମ ଶ୍ଲୋକ । ହାତରେ ତାନପୁରା ଧରି ସରସ୍ୱତୀଙ୍କ ପରି ବିରାଜମାନ କରିଛନ୍ତି ଏଇ ସଂଗୀତ ପ୍ରବୀଣା ଶିକ୍ଷୟତ୍ରୀ ଜଣକ । ତାଙ୍କ ଆଖିଆଗରେ, ସିଂହାସନ ଉପରେ ଛିଡ଼ା ହୋଇଛନ୍ତି ଶ୍ରୀରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି । ଭାବ ତନ୍ମୟା ଅନୁରାଧା ଯେମିତି ରାଧାକୃଷ୍ଣଙ୍କର ବିମଳ ପ୍ରେମରସରେ ବୁଡ଼ିଯାଉଛନ୍ତି । ଟିକିଏ ବିରାମ ନେଲାବେଳେ ପଛରୁ ତାଳିମାରିଛନ୍ତି ଅନୁରାଧାଙ୍କର ସ୍ୱାମୀ ରସାନ । ପ୍ରାଧ୍ୟାପକ ରସାନନ୍ଦ । ଅନୁରାଧାଙ୍କର ଗାଇବା ବନ୍ଦ ହେଇଯାଇଛି । ଫେରିଚାହିଁଛନ୍ତି ପଛକୁ । ଛିଡ଼ା ହେଇଛନ୍ତି ତାଙ୍କର ପ୍ରିୟସ୍ୱାମୀ, ତାଳିମାରି ପ୍ରଶଂସା କରିବା ଭଙ୍ଗୀରେ କହିଛନ୍ତି - ଚମତ୍କାର, ଚମତ୍କାର ।

"ଓଃ ତମେ ! କେତେବେଳୁ ଆସିଲଣି" ?

"ଶ୍ରୀରାଧାକୃଷ୍ଣଙ୍କ ସାମ୍ନାରେ ତୁମେ ବସିଛ- ହାତରେ ତୁମର ପ୍ରିୟତାନପୁରା, କେତେଥର... ନା.... କେତେଥର କ'ଣ ? ପ୍ରତିଦିନ ତ ତୁମେ ଶ୍ରୀଜୟଦେବଙ୍କ ଏଇ ଶ୍ଲୋକକୁ ଗାଇଚାଲିଛ.... ମୁଁ ପ୍ରତିଦିନ ଶୁଣିଛି । ଯେମିତି ତମର ଏ ଗାଇବାରେ ଶେଷ ନାହିଁ ।"

"ତମେ ଠିକ୍ କହିଛ... ଏ ଗାଇବାରେ ମୋର ଶେଷ ନାହିଁ । ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଆଗରେ ବସି ଏ ଶ୍ଲୋକକୁ ଗାଇବା ବେଳେ ଯେମିତି ରାଧାକୃଷ୍ଣ ଯୁଗଳମୂର୍ତ୍ତି ମୋ' ଆଗରେ ନାଚିଯାଉଛନ୍ତି, ପ୍ରତ୍ୟକ୍ଷ ହୋଇଯାଉଛନ୍ତି ।

ମନେହୁଏ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରେମିକ ପ୍ରେମିକା ଦି'ଜଣଯାକ ମୋ' ଚାରିପାଖରେ ଘୂରି ଘୂରି ନୃତ୍ୟକରି ଯାଉଛନ୍ତି ।" ଜାଣିଛ ଅନୁ ! ଏ ଶ୍ଲୋକରେ ଶ୍ରୀଜୟଦେବ ଗୋସ୍ୱାମୀ ଯେଉଁ ବର୍ଣ୍ଣନା କରିଛନ୍ତି ତାହା ଯେପରି ଚମତ୍କାର, ସେହିପରି ରସପୂର୍ଣ୍ଣ । ଶ୍ରୀଜୟଦେବଙ୍କର ଗୀତଗୋବିନ୍ଦର ଏ ମୂଳ ଶ୍ଲୋକ ପାଖରୁ ଆରମ୍ଭ କରି ତାଙ୍କର ସମଗ୍ର ଗୀତଗୋବିନ୍ଦକୁ ପାଠକଲା ବେଳେ ପାଠକର ହୃଦୟ ବିମଳ ରାଧାକୃଷ୍ଣ ପ୍ରେମରେ ଆପ୍ଲୁତ ହୋଇଯାଏ । ଆଉ ଗୋଟାଏ କଥା ଅନୁ !

"କୋଉ କଥା" ? ଉତ୍କଣ୍ଠିତା ହୋଇ ପ୍ରଶ୍ନ କରିଛନ୍ତି ଅନୁରାଧା ! ଏଇ ଶ୍ଲୋକରେ କବି ଯେଉଁ ଅଦ୍‌ଭୁତ କଥାର ବର୍ଣ୍ଣନା କରିଛନ୍ତି ତାହା ପାଠକକୁ ଆତ୍ମବିଭୋର କରିଦିଏ । କେତେ ଅସ୍ୱାଭାବିକ ବର୍ଣ୍ଣନା ସତେ..... କେତେ ଚମତ୍କାର ପରିକଳ୍ପନା.... ରସାନନ୍ଦ ମଧ୍ୟ

ଭାବବିଭୋର ହୋଇଉଠିଛନ୍ତି । ସେ କହିଚାଲିଛନ୍ତି, "ଶୁଣ ଅନୁ.... ସଂଜହେଇ ଆସିଲାଣି । ଆକାଶ ସାରା କଳା ମେଘ ଘୋଟିଗଲାଣି । ଉତ୍ତର ଦିଗରୁ ଶୀତୁଆପବନ ବହିଲାଣି । ଗୋରୁ ଗୋଠରେ ଅଛନ୍ତି ଗୋପପତି ନନ୍ଦ । ସାଙ୍ଗରେ ଶିଶୁକୃଷ୍ଣ । ଆଜି ଅଝଟକରି ବାପାଙ୍କ ସହିତ ଗୋଗୋଷ୍ଠକୁ ପଳାଇ ଆସିଛି ଗୋରୁଗାଈମାନଙ୍କର ଲାଳାକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିବା ପାଇଁ । ସଂଜ ପୂର୍ବରୁ ଗାଈମାନଙ୍କୁ ଏକାଠି କରୁ କରୁ ପ୍ରକୃତି ଗୋଟାଏ ଭୟଙ୍କର ରୂପ ଧାରଣ କଲାଣି ସେ ଗାଈମାନଙ୍କୁ ସମ୍ଭାଳିବେ ନା କୃଷ୍ଣଙ୍କୁ ରକ୍ଷା କରିବେ ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି ଗୋପପତି ନନ୍ଦ । ହଠାତ୍ ଦେଖିଛନ୍ତି, ନାଚି ନାଚି ଆସୁଛନ୍ତି ବର୍ଷାଣାର ଅଧିପତି ବୃଷଭାନୁଙ୍କର ଝିଅ ସେ ତ ବର୍ଷାଣାର ରାଣୀ, ଲୋକେ ତାକୁ କୁହନ୍ତି ରାଧାରାଣୀ । ଦେଖିବାକୁ ଏତେ ସୁନ୍ଦରୀରେ ଯେ ସମସ୍ତେ ତାକୁ ସୁନାର ପ୍ରତିମା କହନ୍ତି । ଆଉ ଯେତେ ଗୋପରମଣି ଅଛନ୍ତି ସମସ୍ତେ ପିଉଳ ଇଏ ସୁନା । ସେଇ ସୁନାବରଣୀ ରାଧା । ନବ ଯୁବତୀ ଶ୍ରୀରାଧା ବେଣୀ ନଚାଇ ନଚାଇ ସେଇବାଟ ଦେଇ ଦୌଡ଼ିଦୌଡ଼ି ଆସୁଛି । ଗୋପପତିନନ୍ଦଙ୍କ ଆଖିପଡ଼ିଛି ବନ୍ଧୁ ବୃଷଭାନଙ୍କର ଚିରଚଞ୍ଚଳା ଏଇ ଝିଅଟା ଉପରେ । ସେ ଚିତ୍କାର କରି ଡାକିଛନ୍ତି, "ରାଧା ....ରାଧା ...ଏ ମୋ ରାଧା... ରାଧା... । ଅଟକି ଛିଡ଼ା ହୋଇଯାଇଛନ୍ତି ଗୋପପତି ନନ୍ଦଙ୍କ ଆଗରେ । "କ'ଣ ହେଲା ନନ୍ଦବାବା" ?

"ଏ ମା' । ତୁ ଗୋକୁଳକୁ ଯାଉଛୁ ଟି" ?

"ହଁ .... ହଁ.... ମୁଁ ଗୋକୁଳକୁ ଯାଉଛି ତ"..... ?

"ତା' ହେଲେ ଗୋଟିଏ କାମକର ମା' । ଏ ଦୁଷ୍ଟ କୃଷ୍ଣକୁ ନେଇ ଟିକିଏ ଆମରାଣୀ ଯଶୋଦାଙ୍କ କୋଳରେ ଦେଇଦେବୁ" । କହୁଁ କହୁଁ ଗୋପପତିନନ୍ଦ ଶ୍ରୀକୃଷ୍ଣକୁ ଟେକି ଦେଇଛନ୍ତି ଶ୍ରୀରାଧାଙ୍କ କୋଳକୁ । ଜଣେ ବୟସ୍କା ସ୍ତ୍ରୀ ଲୋକ ଭଳିକୃଷ୍ଣଙ୍କୁ କାଖରେ ଧରି ଚାଲିବାକୁ ଆରମ୍ଭ କରିଛନ୍ତି ଶ୍ରୀରାଧା । ବୃନ୍ଦାବନର ବିଭିନ୍ନ କୁଞ୍ଜରେ କେଳି କରିଛନ୍ତି ।" କହୁ କହୁ ଅଟକି ଯାଇଛନ୍ତି ରସାନନ୍ଦ ।

ପଚାରିଛନ୍ତି ଅନୁରାଧା- "କଥାଟା କେମିତି ଅସ୍ୱାଭାବିକ ମନେ ହେଉନି ? ଯୁବତୀ ଶ୍ରୀରାଧା କାଖେଇ ନେଇ ଯାଉଥିବା- ଛୋଟ ଶିଶୁଟି ସହିତ କେଳିକ୍ରୀଡ଼ା କରିଛନ୍ତି । କଥାଟି ଭିତରେ କିଛି କିନ୍ତୁ ରହିଯାଇଛି ମ.. ।

ଅନୁରାଧାଙ୍କର କଥାଶୁଣି ହସିଛନ୍ତି ରସାନନ୍ଦ । ଝୁଲିଲି ଅନୁ ! ଏଇ କିନ୍ତୁ ଏକା ତୁମ ଭିତରେ ନୁହେଁ । ପ୍ରତ୍ୟେକ ପାଠକ ମନରେ ସେଇକଥାଟି ପ୍ରଶ୍ନ ହୋଇ ଛିଡ଼ାହୁଏ । ଏଇ କଥାଟାର ସମାଧାନ ହୋଇଯାଇଛି ସେଇଦିନ, ଯେଉଁଦିନ ମାଆ ଯଶୋଦା ଆଉ ଗୋପପତି ନନ୍ଦ ଶ୍ରୀରାଧାଙ୍କୁ ବୋହୂର ସମ୍ମାନ ଦେଇ ନିଜ ଭବନକୁ ପାଛୋଟି ନେଇଛନ୍ତି ।

କ'ଣ କହୁଛ ମ ? "ରାଧାଙ୍କୁ ବୋହୂ ରୂପରେ ବରଣ କରି ନେଇଛନ୍ତି କଥାମଝିରେ ଉତ୍ସୁକିତ ହୋଇ ପଚାରିଛନ୍ତି ।"

ହଁ ।"

କେମିତି ମ ?

ସେଦିନ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ସହିତ ପହଞ୍ଚିଛନ୍ତି ଗୋକୁଳରେ ନନ୍ଦଭବନ ସାମ୍ନାରେ । ଅନେକ ଦିନପରେ ଆଜି ଶ୍ରୀକୃଷ୍ଣ ଯଶୋଦାଙ୍କୁ ନିକଟକୁ ଆସିଛନ୍ତି । ମାଆ ଯଶୋଦା ଯେପରି ପାଗଳୀ ହୋଇଉଠିଛନ୍ତି ସେ ତାଙ୍କର ସେଇ ଶିଶୁପୁତ୍ରକୁ ନିଜକୋଳରେ ଧରି ସ୍ତନ୍ୟଦାନ କରିବାକୁ ମନେମନେ ଇଚ୍ଛା ପ୍ରକାଶ କରିଛନ୍ତି । ସେକଥାକୁ ବୁଝିଛନ୍ତି ଯଶୋଦାଙ୍କର ସେଇ ଗଳାମାଳି ଯଶୋଦାନନ୍ଦନ କୃଷ୍ଣ କୃଷ୍ଣ ହଠାତ୍ ଶିଶୁରୂପ ଧାରଣ କରି ଡେଇଁ ପଡ଼ିଛନ୍ତି ଯଶୋଦାଙ୍କ କୋଳକୁ ଓ ଛୋଟ ଦୁଗ୍ଧ ପୋଷ୍ୟ ଶିଶୁଟିଏ ହୋଇ କ୍ଷୀରପାନ କରିଚାଲିଛନ୍ତି । ଯଶୋଦାଙ୍କର ସ୍ତନଯୁଗଳରୁ ଝରି ଚାଲିଛି ଅବାରିତ ଭାବରେ କ୍ଷୀରଧାର । ଯଶୋଦା ଅପୂର୍ବ ମାତୃତ୍ୱରେ ଆତ୍ମ ହରାହୋଇ ପଡିଛନ୍ତି । ଆଖିରୁ ତାଙ୍କର ମମତାର ଅଶ୍ରୁ ଝରି ଚାଲିଛି ।

ତେଣେ ଗୋପ ବାଳକଗଣ ଆସି ରୁଣ୍ଡ ହୋଇ ଯାଇଛନ୍ତି । ଶ୍ରୀକୃଷ୍ଣ ବାଳକଟିଏ ହୋଇ ସେମାନଙ୍କୁ ଆଲିଙ୍ଗନ କରି ନାଚିବାକୁ ଲାଗିଛନ୍ତି ।

ପୁଣି ତରୁଣ କୃଷ୍ଣ ହୋଇ ରାଧାଙ୍କ ନିକଟରେ ଛିଡ଼ା ହୋଇ ମାଆ ଯଶୋଦାଙ୍କ ଆଡକୁ ଚାହିଁଛନ୍ତି । ସତେ ଯେମିତି କହୁଛନ୍ତି, "ମାଆ ! ତୁମର ବୋହୂରାଧାଙ୍କୁ ସଙ୍ଗରେ ନେଇ ଆସିଛି । ବ୍ରଜକୁ କେବଳ ବ୍ରଜବାସିନୀ ରାଧା ଆସିପାରନ୍ତି । ତାକୁ ବହୁତୀର୍ଥ ଭ୍ରମଣ କରାଇଛି ମା' । ଶେଷରେ ମୋର ମହାତୀର୍ଥ ପିତାମାତାଙ୍କ ଚରଣ ଦର୍ଶନ କରାଇବାକୁ ଛୁଟି ଆସିଛି । ରାଧା ହେଉଛନ୍ତି ବ୍ରଜେଶ୍ୱରୀ । ଏଠାରେ ରୁକ୍ମଣୀ ଇତ୍ୟାଦି ଅଷ୍ଟ ପାଟମହିଷୀଙ୍କର ପ୍ରବେଶ ଅଧିକାର ନାହିଁ । ଏଭୂମି ଐଶ୍ୱର୍ଯ୍ୟର ଭୂମି ନୁହେଁ । ଏହା ହେଉଛି ପ୍ରେମର ଭୂମି । ଭାବର ଭୂମି ।

ଗୋଟିଏ ମୁହୂର୍ତ୍ତରେ ସମସ୍ତ ମାୟା ଅନ୍ତର୍ହିତ ହୋଇଯାଇଛି । ଶ୍ରୀରାଧା କୃଷ୍ଣଙ୍କର ଯୁଗଳମୂର୍ତ୍ତିକୁ ଦର୍ଶନ କରିଛନ୍ତି ମାତା ଯଶୋଦା ସେ ଆତ୍ମବିସ୍ମୃତ ହୋଇ ଯାଇଛନ୍ତି । ଆଖିରୁ ତାଙ୍କର ପ୍ରେମର ଅଶ୍ରୁ ଝରିପଡ଼ିଛି ।

.....

ସେ ପାଗଳିନୀ ପରି ଶ୍ରୀରାଧାକୃଷ୍ଣଙ୍କର ଭବ୍ୟ ସ୍ୱାଗତର ଆୟୋଜନ କରିଛନ୍ତି । ଶ୍ରୀରାଧା ନନ୍ଦଭବନରେ ପ୍ରବେଶ କରିଛନ୍ତି ବଧୂ ଭାବରେ । ଶ୍ରୀରାଧା ତୂଳୀତଳ୍ପ ଶଯ୍ୟାରେ ଟିକିଏ ବିଶ୍ରାମ ନେଉ ନେଉ ସେଇ ଅତୀତ ତାଙ୍କ ଆଗରେ ଭାସିଯାଇଛି । ସେଦିନ ଗୋପପତିନନ୍ଦ ବାବାଙ୍କ ଆଦେଶରେ ଶିଶୁ ଶ୍ରୀକୃଷ୍ଣକୁ କାଖରେ ଧରି ବୃନ୍ଦାବନର କୁଂଜଗଳି ଭିତରକୁ ଆସିବା ପୂର୍ବରୁ ଗୋପପତି ଯାହା କହିଥିଲେ ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ନନ୍ଦ ସେଦିନ କହିଥିଲେ... "ଦେବୀ ! ତୁମେ ଶ୍ରୀରାଧା ବୃଷଭାନୁ ନନ୍ଦିନୀ, ମୁଁ ମହର୍ଷି ଗର୍ଗଙ୍କ ମୁହଁରୁ ଶୁଣିଛି ଯେ ତୁମେ ଶ୍ରୀହରିଙ୍କର ପ୍ରେୟସୀ ଲକ୍ଷ୍ମୀଙ୍କଠାରୁ ବି ଅଧିକ ପ୍ରିୟ । ଏକଥା ବି

ଜାଣିଯାଇଛିଯେ” ଶ୍ରୀକୃଷ୍ଣ ମହାବିଷ୍ଣଙ୍କଠାରୁ ବିଶେଷ । ସେ ନିପୁଣ ଏବଂ ଅଚ୍ୟୁତ ଅଟନ୍ତି । ତଥାପି ମଣିଷ ଦେହରେ ଜନ୍ମିଛି ବୋଲି ମୁଁ ଭଗବାନ ବିଷ୍ଣୁଙ୍କ ମାୟାରେ ମୋହିତ ହୋଇରହିଛି । ମାଆରେ ତୁମେ ତୁମର ପ୍ରାଣନାଥଙ୍କୁ ଗ୍ରହଣକର । ଯେଉଁଠିକି ତୁମର ଇଚ୍ଛା ସେଠାକୁ ଘେନିଯାଅ । ପରେ ମୋର ଏ ଛୋଟପୁଅକୁ ଲେଉଟାଇ ଦେବ । ମୋ ଘରେ ମୋର ସ୍ତ୍ରୀ ଯଶୋଦାଙ୍କ ପାଖରେ ପହଞ୍ଚାଇଦେବ ଏଇକଥା ଶୁଣୁ ଶୁଣୁ ଦେବୀ ଶ୍ରୀରାଧାଙ୍କର ମୁହଁରେ ହସ ଉକୁଟି ଉଠିଛି । ତାଙ୍କର ମୁହଁ ଲାଜରେ ଲାଲ ହୋଇଉଠିଛି । ଶ୍ରୀରାଧାଙ୍କ ଆଜି ମନେପଡ଼ିଛି, ସେ ନନ୍ଦବାବାଙ୍କୁ କହିଥିଲେ, ବାବା ! ଏ ରହସ୍ୟକୁ ଅନ୍ୟପାଖରେ ପ୍ରକଟ କରିବ ନାହିଁ ଅନେକଜନ୍ମର ପୁଣ୍ୟ ଫଳରେ ତୁମେ ମୋର ଦର୍ଶନ ପାଇଛ । ଗର୍ଗଙ୍କ ଠାରୁ ତୁମେ ଏହା ଜାଣିଯାଇଛ, ଆମ ବେତାରର କାରଣ ବି ଜାଣିଛ । ଆମ ଦୁହିଁଙ୍କର କଥା ସବୁ ପ୍ରକାରେ ଗୋପନ ରଖିବ ବାବା । ମୋତେ ଯେମିତି ସହଜରେ କହିଦେଲ, ସେମିତି ଆଉ କାହାକୁ କହିବ ନାହିଁ । ମୋତେ ବରମାଗ ଗୋପତି ମୁଁ ତୁମକୁ ବର ଦେବାକୁ ପ୍ରସ୍ତୁତ ଅଛି ।”

ଗୋପତି ନନ୍ଦ ସେଦିନ ଆତ୍ମବିଭୋର ହୋଇ ବର ମାଗିଥିଲେ “ଦେବୀ ! ତୁମ ପ୍ରିୟତମ ସହିତ ନିଜର ଚରଣର ଭକ୍ତି ମୋତେ ପ୍ରଦାନ କର । ଅନ୍ୟ କୌଣସି ବସ୍ତୁରେ ମୋର ଆଗ୍ରହ ନାହିଁ ଜନ୍ମଜନ୍ମାନ୍ତରେ ତୁମ ଦୁହିଁଙ୍କର ସାନ୍ନିଧ୍ୟ ମୋତେ ମିଳିଥାଉ ଉତ୍ତରରେ ସେଦିନ ଶ୍ରୀରାଧା କହିଥିଲେ “ମୋର ବରର ପ୍ରଭାବରେ ତୁମ ଦୁହିଁଙ୍କ ଉପରେ ମାୟା ପ୍ରଭାବ ପକାଇ ପାରିବ ନାହିଁ । ତୁମେ ଏବଂ ଯଶୋଦା - ଶେଷରେ ଦୁହେଁ ମର ଶରୀର ତ୍ୟାଗକରି ଗୋଲକକୁ ପ୍ରସ୍ଥାନ କରିବ ।”

ଆଜି ଶ୍ରୀରାଧାଙ୍କର ମନେପଡୁଛି, ନିଜର ପ୍ରିୟତମ ଶିଶୁ କୃଷ୍ଣଙ୍କୁ କୋଳରେ ଧରି କୁଞ୍ଜଗଳି ଭିତରକୁ ପ୍ରବେଶ କରିବାକ୍ଷଣି ରାସମଣ୍ଡପକୁ ସ୍ମରଣ କରିଛନ୍ତି । ନିଜ ସମ୍ମୁଖରେ ସେଇ ସୁନ୍ଦର ରାସମଣ୍ଡପ ଅପୂର୍ବ ଦେଖାଯାଇଛି । ଶ୍ରୀରାଧାଙ୍କ ଆଖିକୁ ଶହଶହ ରତ୍ନକଳସରେ ସୁଶୋଭିତ ରାସମଣ୍ଡପ । ମଣ୍ଡପରେ ସଜା ହୋଇରହିଛି ନାନାଦି ଚିତ୍ର । ସିନ୍ଦୂର ବର୍ଣ୍ଣର ଲାଲମଣିମାନଙ୍କ ଦ୍ୱାରା ନିର୍ମିତ ସ୍ତମ୍ଭମାନ ଏ ମଣ୍ଡପର ଶୋଭାକୁ ବର୍ଦ୍ଧନ କରୁଛନ୍ତି । ସେହି ମଣ୍ଡପ ଭିତରେ, ଚନ୍ଦନ, ଅଗୁରୁ, କସ୍ତୁରୀ ଓ କେଶର ପ୍ରଭୃତି ସୁବାସିତ ଦ୍ରବ୍ୟରେ ମହମହ ବାସୁଛି ରାମମଣ୍ଡପ ଶ୍ରୀରାଧିକା ସେହି ମଣ୍ଡପକୁ ଦେଖି ଦେଖି ତା’ ଭିତରକୁ ଚାଲିଯାଇଛନ୍ତି । ଶ୍ରୀରାଧିକା ଦେଖିଛନ୍ତି ତାଙ୍କ କାଖରେ ଥିବା ଶିଶୁ ହଠାତ୍ କିଶୋର ହୋଇ ଯାଇଛନ୍ତି ଓ ସେଇ ରାସମଣ୍ଡପର ରତ୍ନ ଖଚିତ ଭବନଭିତରେ ରତ୍ନପଲଙ୍କରେ ଶୋଇଯାଇଛନ୍ତି । ଶ୍ରୀରାଧା ଚିହ୍ନିଛନ୍ତି ତାଙ୍କ ପ୍ରାଣର ଶ୍ୟାମସୁନ୍ଦରକୁ ତାଙ୍କ ମୁହଁ ତ ଚନ୍ଦ୍ରମଣ୍ଡଳ ପରି ତୋଫା ଦିଶୁଛି । ତା’ ସାଂଗକୁ ତାଙ୍କ ମୁହଁ ଉପରେ ସ୍ମିତହାସ୍ୟ ଫୁଟି ଉଠୁଛି । ସେ ଚନ୍ଦନରେ ଚର୍ଚ୍ଚିତ ହୋଇଛନ୍ତି । ତାଙ୍କ ଦେହରେ ମଣିମୁକ୍ତାର ଅଳଂକାର ଶୋଭା ପାଉଛି ହାତରେ ମଣିନିର୍ମିତ କଂକଣ । କାନରେ ଚକ୍‌ଚକ୍ କରୁଥିବା କୁଣ୍ଡଳ ଝଲସୁଛି । ମଣିରାଜ କୌସ୍ତୁର ତାଙ୍କର ବକ୍ଷସ୍ଥଳରେ ଉଜ୍ଜ୍ୱଳ ଦେଖାଯାଉଛି । ରାସେଶ୍ୱରୀ ଶ୍ରୀରାଧା ସେହି ମନୋହର କିଶୋରଙ୍କୁ ଦେଖି ମୋହିତ ହୋଇ ଯାଇଛନ୍ତି । ସେ ସେହି କିଶୋର ଶ୍ୟାମସୁନ୍ଦରଙ୍କ ମୁଖର ସୌନ୍ଦର୍ଯ୍ୟ ପାନ କରିବାକୁ ଲାଗିଛନ୍ତି । ମୃଦୁ ମୃଦୁ ହସି ଚାଲିଛନ୍ତି । ଶ୍ରୀକୃଷ୍ଣଙ୍କର ଆଖିଖୋଲିଛି । ସେ ଶ୍ରୀରାଧାଙ୍କୁ ଡାକିଛନ୍ତି ନିଜ ପାଖକୁ । ବସାଇଛନ୍ତି ନିଜ ପାଖରେ । ଅତୀତରେ ଶ୍ରୀଗୋଲକ ଧାମରେ ଘଟିଥିବା ଘଟଣାମାନଙ୍କୁ ସ୍ମରଣ କରିଛନ୍ତି ଓ ଶ୍ରୀରାଧାକୁ ସ୍ମରଣ କରାଇ ଦେଇଛନ୍ତି । ଶ୍ରୀକୃଷ୍ଣ ବୁଝେଇ ଦେଇଛନ୍ତି ଯେ ଶ୍ରୀରାଧା ହେଉଛନ୍ତି ସୃଷ୍ଟିର ଆଧାରଭୂତା ଓ ନିଜେ କୃଷ୍ଣ ହେଉଛନ୍ତି ଅଚ୍ୟୁତବୀଜ ସ୍ୱରୂପ । ଏହିଭଳି ଭାବରେ ଶ୍ରୀରାଧାଙ୍କର ଆର୍ବିଭାବ ଓ ଜୀବନଲୀଳାର ତାତ୍ତ୍ୱିକ ବିଶ୍ଳେଷଣ ସେ କରିଛନ୍ତି । ରାଧା ଶବ୍ଦର ବ୍ୟାଖ୍ୟା ମଧ୍ୟ କରିଛନ୍ତି ଓ କହିଛନ୍ତି । ରାଧା ଶବଦ୍‌କୁ ଉଚ୍ଚାରଣ କରୁଥିବା ବ୍ୟକ୍ତି ପଛରେ ସେ ପାଗଳ ପରି ଧାଇଁ ଥାଆନ୍ତି । ତାଙ୍କୁ ଅପୂର୍ବ ଭକ୍ତି ପ୍ରଦାନ କରନ୍ତି । ରାଧା ହିଁ ତୁମର ପ୍ରାଣଧିକା- ଯିଏ ଶ୍ରୀକୃଷ୍ଣ ସିଏ ଶ୍ରୀରାଧା ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାଙ୍କର ଏହି ଆଳାପ ସମୟରେ ଆଉ ଗୋଟିଏ ବିସ୍ମୟକର ଘଟଣା ଘଟିଛି । ସ୍ୱୟଂ ଭଗବାନ ଦେବପତି ବ୍ରହ୍ମା ସେଠାରେ ଉପସ୍ଥିତ ହୋଇଛନ୍ତି । ଶ୍ରୀକୃଷ୍ଣ ବେଦପତିଙ୍କୁ ପ୍ରଣାମ କରିବାପୂର୍ବରୁ ବେଦପତି ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରିଛନ୍ତି ଓ ବହୁଭାବରେ ସ୍ତୁତି କରିଛନ୍ତି ଶ୍ରୀରାଧା କର ସ୍ତୁତିମଧ୍ୟ କରିଛନ୍ତି ।

ସତରେ ଏକ ଅଭିନବ ପରିବେଶ ସୃଷ୍ଟି ହୋଇଛି । ଶ୍ରୀରାଧା ବ୍ରହ୍ମାଙ୍କୁ କହିଛନ୍ତି । ତୁମ ମନରେ ଯଦି କିଛି ଅଭିଷ୍ଟ ଅଛି ତେବେ ବରମାଗି ନିଅ । ବ୍ରହ୍ମା ବର ମାଗିଛନ୍ତି, ମା’ ତୁମେ ଦୁଇଜଣ ଅର୍ଥାତ୍ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ଚରଣରେ ଯେପରି ମୋର ଭକ୍ତି ରହେ ।

ଏତିକି କହି ଜଗତ ସ୍ରଷ୍ଟା ବ୍ରହ୍ମା ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ମଧ୍ୟରେ ଅଗ୍ନିସ୍ଥାପନ କରିଛନ୍ତି । ବିଧିବିଧାନ ସହିତ ଆହୁତି ଦେଇଛନ୍ତି । କୃଷ୍ଣନିଜର ଫୁଲ ବିଛଣାରୁ ଉଠିଆସିଛନ୍ତି । ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଶ୍ରୀକୃଷ୍ଣ ଅଗ୍ନିରେ ଆହୁତି ଦେଇଛନ୍ତି ଶ୍ରୀକୃଷ୍ଣ ଓ ଶ୍ରୀରାଧା ବ୍ରହ୍ମାଙ୍କ ଅନୁରୋଧରେ ଅଗ୍ନିକୁ ସାତବାର ପ୍ରଦକ୍ଷିଣ କରିଛନ୍ତି । ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ବିବାହ ଯଥାରୀତି ସମ୍ପନ୍ନ ହୋଇଛି । ପିତା ଯେପରି ଜାମାତାଙ୍କ ହସ୍ତରେ କନ୍ୟାକୁ ପ୍ରଦାନ କରନ୍ତି । ବ୍ରହ୍ମା ସେହିପରି ଶ୍ରୀରାଧାଙ୍କ ହାତକୁ ଶ୍ରୀକୃଷ୍ଣଙ୍କ ହାତରେ ସମର୍ପଣ କରିଛନ୍ତି । ଦେବତାମାନେ ଆନନ୍ଦିତ ଓ ପୁଲକିତ ହୋଇ ଦୁନ୍ଦୁଭି କରିଛନ୍ତି । ବିବାହ ମଣ୍ଡପର ଚାରିପାଖରେ ପାରିଜାତ ବର୍ଷା କରିଛନ୍ତି । ଗନ୍ଧର୍ବ ଓ ଅପ୍ସରାମାନେ ନୃତ୍ୟ କରିବାକୁ ଲାଗିଛନ୍ତି । ବ୍ରହ୍ମା ପୁଣି ଥରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରି କହିଛନ୍ତି । “ଆପଣ ଦୁଇଜଣଙ୍କ ଚରଣରେ ମୋର ଭକ୍ତି ରହୁ ଏହା ହିଁ ମୋର ଦକ୍ଷିଣା ହେବେ । ଏତିକି କହି ଜଗତ ସ୍ରଷ୍ଟା ବ୍ରହ୍ମା ବିଦାୟ ନେଇ ଯାଇଛନ୍ତି ।

ଆଜି ଗୋକୁଳରେ ନନ୍ଦଭବନରେ ସୁନ୍ଦର ଶଯ୍ୟାଉପରେ ଶୋଇଶୋଇ ଅତୀତକୁ ରୋମନ୍ଥନ କରିଛନ୍ତି ଶ୍ରୀରାଧା ଆଃ କେତେକାଳ ପରେ ବ୍ରହ୍ମାଙ୍କ ଦ୍ୱାରା ଅନୁଷ୍ଠିତ ବିବାହ କାର୍ଯ୍ୟର ସଫଳ ରୂପାୟନ ହୋଇଛି ଆଜି, ସେ ଆଜି ବୋହୂଭାବରେ ସମ୍ମାନର ସହିତ

ନନ୍ଦଭବନରେ ପ୍ରବେଶ କରିଛନ୍ତି । ଏ ନନ୍ଦଭବନ ତାଙ୍କ ପାଇଁ ନୂଆ ନୁହେଁ,ବାଳକ ବୟସରୁ ସେ ଏ ଭବନକୁ ବାରମ୍ବାର ଆସିଛନ୍ତି ଶ୍ରୀକୃଷ୍ଣଙ୍କ ସହିତ ନାଚିଛନ୍ତି । ଖେଳିଛନ୍ତି- କିନ୍ତୁ ବୋହୂ ହେଇ.....

ପୁଣିମନେ ପଡୁଛି ଶ୍ରୀରାଧାଙ୍କର ସେହି ଶୁଭଦିନର କଥା । ବ୍ରହ୍ମା ଚାଲିଯିବାପରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଆଡ଼କୁ ଚାହିଁଛନ୍ତି । ଲାଜରେ ତାଙ୍କର ମୁହଁ ଲାଲ ପଡ଼ିଯାଇଛି । ସର୍ବାଙ୍ଗ ପୁଲକିତ ହୋଇଯାଇଛି । ଭକ୍ତିଭାବରେ ନିଜର ପ୍ରାଣପତି ଶ୍ରୀକୃଷ୍ଣଙ୍କୁ ପ୍ରଣାମକରି ତାଙ୍କର ସେଇ ସୁସଜ୍ଜିତ ପୁଷ୍ପଶଯ୍ୟା ଉପରକୁ ଯାଇଛନ୍ତି । ସେ ନିଜହାତରେ ଚନ୍ଦନ, ଅଗୁରୁ, କସ୍ତୁରୀ ଏବଂ କେଶର ପ୍ରଭୃତିରେ କୃଷ୍ଣଙ୍କ ଦେହକୁ ଚର୍ଚ୍ଚିତ କରିଛନ୍ତି । ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ମସ୍ତକରେ ତିଳକ କରିଛନ୍ତି ଓ ବକ୍ଷସ୍ଥଳରେ ଚନ୍ଦନ ଲେପିବାକୁ ଲାଗିଛନ୍ତି । ଅମୃତ ଓ ମଧୁରେ ଭରିଥିବା ମନୋହର ରତ୍ନପାତ୍ରକୁ ଶ୍ରୀକୃଷ୍ଣଙ୍କ ହାତକୁ ଟେକିଦେଇଛନ୍ତି । ଜଗଦୀଶ୍ୱର ଶ୍ରୀକୃଷ୍ଣ ସେଇ ସୁଧାକୁ ପାନ କରିଛନ୍ତି । ତାପରେ ସୁବାସିତ ତାମ୍ବୁଳ ଖଣ୍ଡମାନ ଗୁଂଜି ଦେଇଛନ୍ତି । ଶ୍ରୀକୃଷ୍ଣ ମଧ୍ୟ ଶ୍ରୀରାଧାଙ୍କୁ ସେହି ସୁଧାପାତ୍ରରୁ ସୁଧାର ଧାରକୁ ଶ୍ରୀରାଧାଙ୍କ ମୁଖରେ ଢାଳି ଦେଇଛନ୍ତି । ସେଇ ସୁଧାରାଶିକୁ ଆକୁଣ୍ଠ ପାନ କରିଛନ୍ତି ଶ୍ରୀରାଧା ।

ଶ୍ରୀରାଧା ସୁବାସିତ ତାମ୍ବୁଳଖଣ୍ଡକୁ ଗୁଂଜିଦେଇଛନ୍ତି ଶ୍ରୀକୃଷ୍ଣଙ୍କ ମୁହଁରେ । ଶ୍ରୀକୃଷ୍ଣ ମଧ୍ୟ ଶ୍ରୀରାଧାଙ୍କ ମୁହଁରେ ତାମ୍ବୁଳଖଣ୍ଡ ଗୁଂଜି ଦେଇଛନ୍ତି । ଶ୍ରୀରାଧା ତାମ୍ବୁଳଖଣ୍ଡକୁ ଆସ୍ୱାଦନ କରିବା ସଂଗେ ସଂଗେ ଶ୍ରୀକୃଷ୍ଣଙ୍କର ଅଧରକୁ ଆନନ୍ଦର ସହିତ ଚୁମ୍ବନ କରିଛନ୍ତି । ଶ୍ରୀକୃଷ୍ଣଙ୍କର ପାନବୋଳ ଲାଗିଥିବା ଅଧରକୁ ଚୁମ୍ବନ କରିବା ପରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ମୁଖ ଭିତରେ ଥିବା ପାନଖଣ୍ଡକୁ ଖାଇବାକୁ ମାଗିଛନ୍ତି । ଶ୍ରୀକୃଷ୍ଣ ମଧ୍ୟ ଆନନ୍ଦରେ ନିଜ ମୁଖଭିତରେ ଥିବା ପାନଖଣ୍ଡକୁ ଶ୍ରୀରାଧାଙ୍କ ମୁହଁରେ ଗୁଂଜି ଦେଇଛନ୍ତି । ଶ୍ରୀରାଧା ଆନନ୍ଦରେ ଶ୍ରୀକୃଷ୍ଣଙ୍କର ଉଚ୍ଛିଷ୍ଟ ପାନଖଣ୍ଡକୁ ଆନନ୍ଦରେ ଖାଉଥିବା ବେଳେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ଉଚ୍ଛିଷ୍ଟ ପାନ ମାଗିଛନ୍ତି । କିନ୍ତୁ ଶ୍ରୀରାଧା ନିଜର ଉଚ୍ଛିଷ୍ଟ ପାନ ଦେଇନାହାନ୍ତି ।

ଶ୍ରୀରାଧା କହିଛନ୍ତି, "କ୍ଷମାକର ମାଧବ! ଏପରି ଲାଜକଥା କୁହ ନାହିଁ । ମୁଁ ମୋର ଉଚ୍ଛିଷ୍ଟ ପାନ ତୁମକୁ ଦେଇ ପାରିବିନି" । ମାଧବ ଶ୍ରୀକୃଷ୍ଣ ରାଧାଙ୍କ ହାତରୁ ତାଙ୍କର ରତ୍ନମୟ ଦର୍ପଣଟିକୁ ଛଡ଼ାଇ ନେଇଛନ୍ତି ତ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ହାତରୁ ତାଙ୍କର ମୁରଲୀଟିକୁ ଛଡ଼ାଇ ନେଇଛନ୍ତି । ଶ୍ରୀକୃଷ୍ଣ ଶ୍ରୀରାଧାଙ୍କୁ ମୋହିତ କରିଦେଇଛନ୍ତି । ଉଭୟଙ୍କର ମିଳନ ଚରମ ସୀମାରେ ପହଞ୍ଚିଛି । ଉଭୟ ପରିତୃପ୍ତ ହୋଇଛନ୍ତି । ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ମୁରଲୀଟିକୁ ଲେଉଟାଇ ଦେଇଛନ୍ତି । ଶ୍ରୀକୃଷ୍ଣ ମଧ୍ୟ ଶ୍ରୀରାଧାଙ୍କର ଦର୍ପଣଟି ଲେଉଟାଇ ଦେଇଛନ୍ତି । ଶ୍ରୀରାଧାଙ୍କର ବେଣୀକୁ ସୁନ୍ଦର ଭାବରେ ବାଂଧି ଦେଇଛନ୍ତି ଶ୍ରୀକୃଷ୍ଣ । ଶ୍ରୀରାଧା ମଧ୍ୟ ଶ୍ରୀକୃଷ୍ଣଙ୍କର ବେଶକୁ ସଜାଡ଼ି ନେବା ପାଇଁ ଉଦ୍ୟମ କରିଛନ୍ତି । କିନ୍ତୁ କୃଷ୍ଣ ଆଖିର ପଲକମାତ୍ରକେ ଶିଶୁରୂପ ଧାରଣ କରିଛନ୍ତି । ଶ୍ରୀରାଧା ଦେଖିଛନ୍ତି । ଶିଶୁକୃଷ୍ଣ କ୍ଷୁଧାରେ ପୀଡ଼ିତ ହେଉଛନ୍ତି । ନନ୍ଦ ଯେପରି ଭାବରେ ଭୟଭୀତ ଶିଶୁକୃଷ୍ଣଙ୍କୁ ତାଙ୍କ ହାତରେ ଟେକି ଦେଇଥିଲେ ସେହି ରୂପରେ ଆବିର୍ଭୂତ ହୋଇଛନ୍ତି । ଶ୍ରୀରାଧା ବ୍ୟାକୁଳଭାବରେ ତାଙ୍କର ପ୍ରିୟତମ ତରୁଣ କୃଷ୍ଣଙ୍କୁ ଖୋଜିବାରେ ଲାଗିଛନ୍ତି । କିନ୍ତୁ ତରୁଣ ଶ୍ରୀକୃଷ୍ଣଙ୍କୁ ପାଇନାହାନ୍ତି । ଅଧୀରା ହୋଇ ପଡ଼ିଛନ୍ତି ଶ୍ରୀରାଧା । ସେ ପାଗଳିନୀ ପରି କାନ୍ଦିକାନ୍ଦି କହିଛନ୍ତି "ହେ ମାୟେଶ୍ୱର । ଆପଣ ଏ ଦାସୀ ପ୍ରତି ଏପରି ମାୟା କାହିଁକି କରୁଛନ୍ତି ? କହୁକହୁ ଶ୍ରୀରାଧା ଉଚ୍ଚସ୍ୱରରେ କାନ୍ଦି ଉଠିଛନ୍ତି ଓ ଭୂମି ଉପରେ ଲୋଟି ପଡ଼ିଛନ୍ତି । ଶ୍ରୀକୃଷ୍ଣ ମଧ୍ୟ ଭୂମି ଉପରେ ବସି ବସି କାନ୍ଦିବାରେ ଲାଗିଛନ୍ତି । ଠିକ୍ ଏତିକିବେଳେ ଆକାଶବାଣୀ ଶୁଭିଯାଇଛି । "ରାଧେ! ତୁମେ କାନ୍ଦୁଛ କାହିଁକି ? ତୁମେ କେବଳ ଶ୍ରୀକୃଷ୍ଣଙ୍କର ଚରଣ କମଳକୁ ଚିନ୍ତାକର । ଯେତେଦିନ ପର୍ଯ୍ୟନ୍ତ ରାସମଣ୍ଡଳର ଆୟୋଜନ ନ ହୋଇଛି; ସେତେଦିନ ପର୍ଯ୍ୟନ୍ତ ପ୍ରତିଦିନ ରାତିରେ ତମେ ଏହିଠିକୁ ଆସିବ । ନିଜ ଘରେ ନିଜ ଛାୟା ମୂର୍ତ୍ତିକୁ ଛାଡ଼ିଦେଇ ଆସିବ । ଏହିଠାରେ ତମେ ତୁମର ମନୋବାଂଛିତ ମାଧବଙ୍କ ସହିତ କ୍ରୀଡ଼ା କରିବ । କାନ୍ଦ ନାହିଁ ରାଧେ । କାନ୍ଦ ନାହିଁ ଶୋକ ପରିତ୍ୟାଗ କର । ଏହି ବାଳକ ରୂପୀ ପ୍ରାଣେଶ୍ୱର ମାୟାପତିକୁ କୋଳରେ ଧରି ଘରକୁ ଯାଅ ।'

ଆଜି ନନ୍ଦମନ୍ଦିରରେ ସୁକୋମଳ ଶଯ୍ୟାରେ ଶୋଇ ଶୋଇ ଶ୍ରୀରାଧା ସେଇ ଅତୀତକୁ ଦେଖିଛନ୍ତି । କେତେବର୍ଷ ଅତୀତ ହେଇଯାଇଛି ହେଲେ ସେଇ ସ୍ମୃତି ତାଙ୍କ ମାନସପଟ୍ଟରୁ ଲିଭିଯାଇ ନାହିଁ ବରଂ ଉଜ୍ଜୀବିତ ହୋଇ ରହିଛି । ଆଜି ମନେପଡୁଛି ସେଦିନ ସେ ନିଜେ ଶୋକତ୍ୟାଗକରି ଶିଶୁ କୃଷ୍ଣଙ୍କୁ କୋଳରେ ଧରି ଧାଇଁ ଥିଲେ ନନ୍ଦ ମନ୍ଦିର ଅଭିମୁଖେ । ନିମିଷକ ମଧ୍ୟରେ ପହଞ୍ଚିଥିଲେ ନନ୍ଦମନ୍ଦିରରେ । ସେଦିନ ସେ ମାତା ଯଶୋଦାକୁ କହିଥିଲେ "ମାଗୋ ! ତୁମ ସ୍ୱାମୀ ଗୋଗୋଷ୍ଠରେ ଅଛନ୍ତି । ମେଘ ବତାସ ଆସିବାରୁ ତୁମର ଏ ଶିଶୁପୁତ୍ରକୁ ମୋ ହାତରେ ଦେଇ ତୁମ ପାଖରେ ପହଞ୍ଚାଇ ଦେବାକୁ କହିଥିଲେ ତୁମର ଏ ମୋଟାସୋଟା ପୁଅଟାକୁ ବହି ବହି ରାତିସାରା ମୁଁ ବେଦମ୍ ହେଲିଣି । ମୋ ଓଦାଲୁଗାକୁ ଏ ପିଲାଟା ଦେହରେ ମୁଁ ଘୋଡ଼େଇ ଦେଲି । ବାଟରେ ଆସୁ ଆସୁ ବାରମ୍ବାର ଗୋଡ଼ ଖସିଲା କମ୍ କଚଡ଼ା ଖାଇଛି, କାଦୁଅ ରାସ୍ତାରେ ଆସିବାବେଳେ ଯେତେ ଯାତନା ସହିଛି ତା'ର ଠିକଣା ନାହିଁ ମା ଯଶୋଦା ! ଆଉ ଏପିଲାର ବୋଝ ମୁଁ ଉଠାଇ ପାରିବି ନାହିଁ । ନିଅ, ତୁମ କୋଳକୁ ନେଇ କ୍ଷୀରଦେଇ ୟା'କୁ ଶାନ୍ତ କର" । ଏତିକି କହି ସେଦିନ ଶ୍ରୀରାଧା ଶିଶୁକୃଷ୍ଣଙ୍କୁ ଯଶୋଦାଙ୍କ କୋଳକୁ ଟେକି ଦେଇଥିଲେ ।

ଆଜି ଶ୍ରୀରାଧା ଭାବୁଛନ୍ତି ପ୍ରକୃତରେ ଗୋଟାଏ ମାୟାର ଆବରଣ ଭିତରେ ସେ ବଞ୍ଚି ଆସୁଛନ୍ତି । ପ୍ରତିଦିନ ରାତିରେ ନିଜର ଛାୟା ଦେହକୁ ନିଜ ଘରେ ଛାଡ଼ିଦେଇ ବୃନ୍ଦାବନକୁ ଛୁଟି ଯାଇଛନ୍ତି ଓ ନିଜର ପ୍ରାଣେଶ୍ୱର ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହୋଇଛନ୍ତି କଥାଟା କେଡ଼େ ଅସହଜ ସତେ ?

ଆଜି ନନ୍ଦମନ୍ଦିରର ଏଇ କୋମଳଶଯ୍ୟା ଉପରେ ଶୋଇ ଶୋଇ ଚିନ୍ତା କରିଛନ୍ତି ଶ୍ରୀରାଧା ! ଆଃ ! ଯଦି ଶ୍ରୀକୃଷ୍ଣଙ୍କ ମାୟାରେ ଏସବୁ ମାୟା ବିଜଡ଼ିତ ହୋଇ ନ ଥାନ୍ତା, ଯଦି ଜଗତ୍ ସମ୍ମୁଖରେ ମୁଁ ଦେଶ ପରମ୍ପରା

ଓ ରୀତିନୀତି ଅନୁସାରେ ଶ୍ରୀକୃଷ୍ଣକୁ ବିବାହ କରି ନନ୍ଦଯଶୋଦାଙ୍କର କୁଳବଧୂ ହୋଇ ଆସି ଥାଆନ୍ତି, ତେବେ କେତେ ଭଲ ହୋଇ ନ ଥାନ୍ତା ସତେ ?

କଥା କହୁକହୁ ଅଟକି ଯାଇଛନ୍ତି ରସାନନ୍ଦ । ତାଙ୍କର ଦୁଇ ଆଖି ଲୁହରେ ଭରିଯାଇଛି ।

"କ'ଣ ହେଲା ? ତୁମେ କାନ୍ଦୁଛ ?" ପଚାରିଛନ୍ତି ଅନୁରାଧା । ରସାନନ୍ଦ ତାଙ୍କର ଭାବତନ୍ମୟତା ଭିତରୁ ବାହାରି ଆସିଛନ୍ତି । ଏ ପର୍ଯ୍ୟନ୍ତ ସିଏ ତନ୍ମୟ ହୋଇ ରାଧାକୃଷ୍ଣଙ୍କର ଅପୂର୍ବ ଲୀଳା ବର୍ଣ୍ଣନା କରୁଥିଲେ । ପୁଣି ନିଜର ପ୍ରାଣପ୍ରିୟା ପତ୍ନୀଙ୍କ ଆଗରେ ।

ପ୍ରକୃତିସ୍ଥ ହୋଇଛନ୍ତି ରସାନନ୍ଦ, କହିଛନ୍ତି, ବୁଝିଲ ଅନୁ । ଏଇଠି କୃଷ୍ଣଲୀଳାର ଅବସାନ ହୋଇଛି । ଆକସ୍ମିକ ଭାବରେ ଓହ୍ଲାଇ ଆସିଛି ଏକ ବିଶାଳ ଓ ବିସ୍ତୃତ ରଥ ।

"ରଥ !"

"ହଁ ଗୋଲକଧାମରୁ ଓହ୍ଲାଇ ଆସିଛି ସେଇ ରଥ । କୃଷ୍ଣଲୀଳାର ଅବସାନ କରିବା ପାଇଁ ରଥ ଆସିଛି । ମନେପକେଇ ଦେଇଛି କୃଷ୍ଣଙ୍କୁ "ତମର ମର୍ତ୍ତ୍ୟଲୀଳା ଶେଷ ହୋଇଛି କୃଷ୍ଣ ଗୋଲୋକ ତୁମକୁ ଆହ୍ୱାନ କରୁଛି । ତୁମେ ତୁମର ନିଜ ଧାମକୁ ଫେରିଆସି ।

ସେ ରଥ ଯେପରି ବିଶାଳ ସେହିପରି ବିସ୍ତୃତ । ସମସ୍ତ ବ୍ରଜବାସୀ, ବ୍ରଜାଂଗନା ନନ୍ଦ ଯଶୋଦା, କୃଷ୍ଣଙ୍କର ସମସ୍ତ ବାଲ୍ୟସଖୀ ଶ୍ରୀରାଧାଙ୍କର ସମସ୍ତ ସଖୀ ଶ୍ରେଣୀ ସେ ରଥରେ ଆରୋହଣ କରିଛନ୍ତି । ଲୀଳାପୁରୁଷୋତ୍ତମ ଶ୍ରୀକୃଷ୍ଣ ଓ ରାସେଶ୍ୱରୀ ତଥା କୃଷ୍ଣଙ୍କର ଲୀଳାସଂଗିନୀ ଶ୍ରୀରାଧାଙ୍କୁ ଧରି ରଥ ଗୋଲୋକ ଅଭିମୁଖେ ଯାତ୍ରା କରିଛି । ଅନୁରାଧାଙ୍କ ଆଖିରୁ କେଇ ବୁନ୍ଦା ଲୁହ ଝରିପଡ଼ିଛି କୃଷ୍ଣ ବିରହରେଯେମିତି ସେ ଦୀର୍ଘ ନିଃଶ୍ୱାସ ତ୍ୟାଗ କରିଛନ୍ତି ।

ବେଗନା, କୋରାଇ ଯାଜପୁର
ମୋ: ୮୮୯୫୬୦୫୭୭୮

ରୁ ଲ୍ ପ

ଝାଲ୍ ମୁଢ଼ି

ସଂଘମିତ୍ରା ପଟ୍ଟନାୟକ

ଭୁବନେଶ୍ୱରରୁ ପୁରୀ ଫେରିବା ବାଟଟା ମୋର ଭାରି ପସନ୍ଦ । ପୁଣି ଯଦି ଟ୍ରେନ୍‌ଯାତ୍ରା ତେବେ ତ ଆହୁରି ଖୁସି । ବାଟ ସାରା କେତେ ଲୋକ । ତାଙ୍କ ପରିବାର ଲୋକଙ୍କ କଥା ଶୁଣିବା, ଆହୁରି ମଜା । ବାଟ ସାରା ପୁଣି କେତେ ମୁଢ଼ିବାଲା, ଚା' ବାଲା, ଚଣା ବାଲା । ଲୋକେ କୁହନ୍ତି ଏସବୁ କୁଆଡ଼େ ପରିଷ୍କାର ପାଣିରେ ତିଆରି ହୁଏ । ହେଲେ ଏପରି ଟେଷ୍ଟ କୋଉ ଦୋକାନରେ ମିଳିବ କହିଲେ ? ସେଇ ଝାଲ ମୁଢ଼ିର ବାସ୍ନା ଆଉ କୋଉଠି ପାଇବ କି ?

ଆଚ୍ଛା ! ଯୋଉ ଜିନିଷ ଯେତେ ଅପରିଷ୍କାର ବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ସେଇ ଜିନିଷ ପ୍ରତି ଆମର ଆକର୍ଷଣ ସେତେ ବେଶୀ । ଏଇ ଯେମିତି ଏକ ତରଫା ପ୍ରେମ, ତାହା ଯେତିକି ଭଲ ତା'ଠୁ ଅଧିକା ଯନ୍ତ୍ରଣାଦାୟକ ! ଏଇ ତ ଦେଖ ଟ୍ରେନ୍ ଯାତ୍ରାରୁ ଯାଇ ଏକ ତରଫା ପ୍ରେମରେ ମୁଁ ।

ପ୍ରକୃତରେ ମୋର ବି ପ୍ରେମ ହେଇଯାଇଥିଲା ସେଇ ଝାଲ ମୁଢ଼ି ବାଲା ପ୍ରତି । ହଁ, ତା' ଡାକରେ ଏତେ ଆନ୍ତରିକତା, ଏତେ ମିଠାପଣ; ସେଇଥିରେ ମୋ' ପେଟ ପୂରିଯାଏ ।

କିନ୍ତୁ ତା'ଠୁ କେବେ ହେଲେ କିଣିକି ଖାଇନି ନା ମାନେ ଏମିତି ନୁହେଁ ଯେ ମୋର ଇଚ୍ଛା ନ ଥାଏ ପ୍ରକୃତରେ ସେ ମୋ'ଠାର ବୁଝିପାରେନି କି କ'ଣ । ହଁ ମୁଁ ଅନ୍ଧୁଣୀ ତାହା ବି ପିଲାଦିନୁ । ଆଉ ଖାଲି କ'ଣ ସେତିକି ଯୌବନରେ ପାଦ ଥାପୁଥାପୁ ବାକ୍‌ଶକ୍ତିଟା ବି ହରେଇ ବସିଲି । କେଡ଼େ ଅଜବ ନୁହେଁ ସବୁ ଶୁଣିବି କିନ୍ତୁ ଦେଖି ପାରିବିନି କି କହି ପାରିବିନି ।

ଅଫିସ୍‌ରେ ସମସ୍ତେ କୁହନ୍ତି ମୁଁ କାଳେ ସୁନ୍ଦରୀ କିନ୍ତୁ ନିଜକୁ ଦେଖିବାର ସୌଭାଗ୍ୟ ମୋର ନାହିଁ । ଆଜି କେଜାଣି କାହିଁକି ସେ ଝାଲ ମୁଢ଼ିବାଲାଟା ଆସିଲା ନାହିଁ । ମନ ଦୁଃଖହେଲା, ଆଜି ପୁଣି ଘରୁ କାଗଜରେ ତା' ପାଇଁ ଚିଠି ଖଣ୍ଡେ ଲେଖି ଆଣିଥିଲି । ତାକୁ ଦେବି ବୋଲି ।

ପାଖରେ ବସିଥିବା ସହଯାତ୍ରୀ ଜଣେ କହୁଥାନ୍ତି ଆଉ ଜଣେ ସହଯାତ୍ରୀଙ୍କୁ, ଆରେ ଜାଣିଛ ନା ନାହିଁ ସେ ମୁକୁନ୍ଦା ବୁଢ଼ା ମ, ଆରେ ଯୋଉ ଝାଲ ମୁଢି ବିକେ; କାଲି ଟ୍ରେନ୍‌ରେ କଟିଯାଇଛି । ବିଚରା ଏଇ ଟ୍ରେନ୍‌କୁ ଚଢ଼ିବ ବୋଲି ଆସୁଥିଲା ସେପଟୁ ଏକ୍ସପ୍ରେସ୍‌ଟା ମାଡ଼ିଦେଲା ।

ମୋ ଅନ୍ଧାର ଦୁନିଆକୁ ଆହୁରି ଅନ୍ଧାର କରି ପକେଇଲା ଏଇ ରେଳ ଦୁର୍ଘଟଣା ।

ପୁରୀ

ଏବେ ବି ଫୁଟୁଛି କୁରେଫୁଲ

ଡ. ସଞ୍ଜୟ କୁମାର ମିଶ୍ର

ବହୁତ ଜୀବନ ଥାଏ ସେଠି , ସେ କୁରେ ଫୁଲରେ । ସେ କୁରେଫୁଲର ଜଂଗଲରେ ।

ତମେ ଅଂଧାରକୁ ଭୟ କରୁଥିଲ ନା ? ଖୁବ୍ ଡରୁଥିଲ ଯିବାକୁ ଅଂଧାର ଆଡ଼କୁ । ତମେ ତ ଥିଲ ସ୍ୱପ୍ନ ଓ ଜୀବନର ପ୍ରତିନିଧି । ତମେ ତ ଥିଲ ପାପ ଓ ପୁଣ୍ୟର ତର୍କ ଦେବୀ । ମନଥିଲ ତମେ , ମାନସୀ ଥିଲ, ମାନିନୀ ଥିଲ, ଥିଲ ଅଭିମାନିନୀ । ପବନରେ ବାଳ ତୁମର ହଲୁଥିଲା ବେଳେ ସଂସାରର ସବୁ ପରଜାପତି ବେଢ଼ିଯାଆନ୍ତି ତୁମକୁ । ତମେ ଥିଲ ଆଶାସୂକ୍ତା ।

ବାହାରିଛି ଖୋଜିବା ପାଇଁ ତମକୁ । ନୀଳ ରଙ୍ଗର ପୋଷାକ ପିନ୍ଧିଲା ବେଳେ ଯାହା ଦିଶୁଥିଲ ତମେ ପଚିଶ ବର୍ଷ ତଳେ, ସେମିତି ଦିଶୁଥିବ ନା ? ହସିଲା ବେଳେ, ମିଛ ରାଗରେ ଧେତ୍ କଲା ବେଳେ ଯେମିତି ଗହନ ମନର ପରୀ ଲାଗୁଥିଲ ସେମିତି ଏବେ ବି ଲାଗୁଥିବ ନା ?

ଶଙ୍କର ଖୋଜି ବାହାରିଛି ପ୍ରାଣର ମିତଣୀ, ଅପରୂପ ସୌନ୍ଦର୍ଯ୍ୟମୟୀ, ତନ୍ୱୀ, ଗୁଣୀ ପଢ଼ିଲା ବେଳର ସାଥୀ ଲୁସିକୁ ତା'ର , ଅପାର ଆନନ୍ଦର ସୁଅ, ଅଜସ୍ର ସଂକଳ୍ପର ଆରୋହୀ । ଜୀବନର ଗତି, ମଧୁର ଧରତି ।

ଶଙ୍କର ଧାଇଁ ଥିଲା, ଯୋଜନରୁ ଯୋଜନ, ବିଲ, ବାଡ଼ି, ନଦୀ, ସହର, ଗ୍ରାମର ଲମ୍ୱ, ଓସାର, ଦୈର୍ଘ୍ୟ, ପ୍ରସ୍ଥ, ଆୟତନ ପାଇଁ ଥିଲା ଶଙ୍କର । ଧାଇଁ ଥିଲା ସେ ଖୋଜିବ ବୋଲି ସାଙ୍ଗକୁ ତା'ର । କେବେ ମାଙ୍କଡ଼ ହେଉଥିଲା ତ କେବେ ରୋବର୍ଟ, କେବେ ମଣିଷ ତ କେବେ ପାଶୁପତ ଅସ୍ତ୍ର । ଖୋଜୁଥିଲା ସେ, ମନର, ପ୍ରାଣର ଲୁସିକୁ ।

ଆହା ଲୁସି ଯଦି ଜାଣିପାରନ୍ତା ଖୋଜୁଛି ବୋଲି ଶଙ୍କର, ନିଶ୍ଚୟ ଚାଲିଆସନ୍ତା ସେ ରାଜଦାଣ୍ଡକୁ, ରଡ଼ିରଡ଼ି କହନ୍ତା ମୁଁ ଲୁସି, ମୁଁ ଏଇଠି ଅଛି ଶଙ୍କର, ଏଇ ଏ ଜାଗାରେ ଅଛି । ଆସ, ମତେ ଭେଟିବାକୁ ଆସ ବୋଲି ଡାକିଥାନ୍ତା । ସେ ଆହା, ସତରେ ଯଦି ଜାଣିପାରନ୍ତା ଲୁସି, ପାହାଡ଼, ଭାଙ୍ଗି, ନଦୀ ଓଲଟେଇ ଦଉଡ଼ି ଆସିଥାନ୍ତା ଶଙ୍କର ପାଖକୁ । ଲୁସି ଏକ ସୁନାରଙ୍ଗର ତାରା, ଲକ୍ଷେ ତାଜମହଲର ଆଗ୍ରା । ଶଙ୍କର ଖୋଜୁଛି ନୀରବ ନାୟିକାକୁ ତା'ର । ଲୁସି ଏକ ନୀରବ ହ୍ରଦ, ଶୁଣାଯାଇ ନ ଥିବା ମନ୍ତୁରାପଦ, ସାପବିଷର ଗଦ । ଲୁସି ନୀରବ ରାତିର ଗଜଲ, ମହ୍ଲାର, ଅଶାନ୍ତ ସମୁଦ୍ରର ସୁମଧୁର ସ୍ୱର । ଶଙ୍କର ଖୋଜୁଛି ।

ସବୁମଞ୍ଜି ହୁଅନ୍ତି ନାଇଁ ଗଛ, ସବୁ ଖୋଜିବାର ସମାପ୍ତି ଘଟେ ନାଇଁ ପାଇବାରେ । ସବୁଭୁଣ ନେଇ ପାରନ୍ତି ନାଇଁ ଜନ୍ମ, ସବୁ ସ୍ୱପ୍ନ ସତ ହୁଏ ନାଇଁ କେବେ ବି । ଶଙ୍କର ଖୋଜୁଛି । ଶଙ୍କର ଏକ ଉଜ୍ଜଳ ରଙ୍ଗର ଖରା, ନିଜର ଅନ୍ୟମନସ୍କତାରେ ନିଜେଇ ହଜୁଥିବା ଏକ ଦୁଷ୍ପ୍ରାପ୍ୟ ହୀରା ।

ଏ ବେଳରେ ଡୋକଲାମ ଆଡ଼କୁ ମାଡ଼ି ଆସୁଛି ଚୀନ୍ । ଇରାନ୍‌ରୁ ତେଲ କିଣିବା ପାଇଁ ଭାରତକୁ ମନାକରୁଛି ଆମେରିକା । ମହାନଦୀ ଉପରେ ଏକାଧିକ ବ୍ୟାରେଜ କରି ପାଣିକୁ ଅଟକେଇ ଦଉଛି ଛତିଶଗଡ଼ । ଛଅ ମାସରୁ ଷାଠିଏ ବର୍ଷ ଯାଏଁ କେହି ବି ସୁରକ୍ଷିତ ନୁହନ୍ତି ଶିଶୁ ଓ ମହିଳା ଏ ଦେଶରେ । ଆରୋପ ପ୍ରତ୍ୟାରୋପରେ କମ୍ପୁଛନ୍ତି ବିଧାନ ସଭା, ଲୋକସଭାମାନେ । ଲୁସିକୁ ଖୋଜୁଛି ଶଂକର ।

ଭୟ ନ ଥିଲା ନିଦ୍ରାହୀନତାକୁ । ଭୟ ନ ଥିଲା ପ୍ରଚଣ୍ଡ ରୌଦ୍ର, ଶୀତ ଓ ବର୍ଷାକୁ । ଭୟ ନ ଥିଲା ତଥାକଥିତ ନାମ, ବଦନାମ, ଦୁର୍ନାମର ସନ୍ତାପକୁ । ତାକୁ ଘାରୁଥିଲା ନ ପାଇବାର ଭୟ । ଲୁସି ସହ ଦେଖା ନ ହେଲେ ସେ କରିବ କ'ଣ ? ଫେସ୍‌ବୁକ୍ ଦେଖୁଛି, ହ୍ୱାର୍ଟ୍‌ସ୍‌ଅପ ଦେଖୁଛି

ତଥାପି ବି କୌଣସି ଖୋଜ ଖବର ନାଇଁ ଲୁସିର । ଲୁସି ଏକ କୁହୁକ କନ୍ୟା, ପ୍ରେମର ବନ୍ୟା ।

ପଚିଶ ବର୍ଷ ତଳେ ଲୁସିର ଖବର ନେବା ବେଳେ ଥରେ ସେ ଶୁଣିଥିଲା ଯେ ଲୁସି ବାହା ହୋଇଛି ପଦ୍ମପୁରରେ । ଆଃ, ପଦ୍ମପୁର, ତା' ସପନର ସହର ପାଲଟି ଯାଇଥିଲା ସେଦିନଠୁଁ । ବାସ୍ ସେତିକି ତା'ପରେ ଆଉ କିଛି ଖବର ନାଇଁ । ପଦ୍ମପୁର ତା'ର ସହରଠୁଁ ଅନେକ ଦୂର । ହଜାର ଦୀର୍ଘଶ୍ୱାସ, କାରୁଣ୍ୟ, ଅଟ୍ଟହାସ୍ୟର ସମାହାର ଏ ଜୀବନରେ ହାରିବା ଅଧିକ । ଏଠି ଜିଣିବା ବି ଏକ ପରାଜୟ ।

ଲୁସି ଏକ ଅମାନିଆଁ ତାରା, ଶୀତଳଖରା । ଲୁସି ଏକ ବର୍ଫିଳ ପାହାଡ଼ିରାସ୍ତା । ଲୁସି କଥା ଭାବିଲା ବେଳେ ଆଜି ବି ଚମକେ ତା'ର ଛାତି । ଲୁସି ଏକ ସୁନ୍ଦରିତ ସକାଳ, ସୁନ୍ଦର ବନ୍ୟା ଜଳ । ଲୁସି ଏକ ସଜଳ ସ୍ମୃତି, ଚମକପ୍ରଦ ଅନୁଭୂତି । ଲୁସି ପାଖରେ ଥିଲେ ଲାଗେ ସାରା ସଂସାର ଅଛି ତା' ସାଥିରେ ।

ପଚିଶ ବର୍ଷତଳେ ଆମେରିକା ଚାଲିଯାଇଥିଲା ଶଙ୍କର । ଚାକିରି କରିଥିଲା ସେଠି ଅଧିକ ଦରମାରେ । ବାହା ବି ହୋଇଥିଲା, ତା'ର ଝିଅଟେ ବି ଅଛି । ଝିଅକୁ ସତର ବର୍ଷ । ତା'ର ସ୍ତ୍ରୀ ବି ଜଣେ ପ୍ରଫେସର ସେଠି ଆମେରିକାରେ । ରହିପାରିଲା ନାହିଁ ଶଙ୍କର, ଏଇ ଗତ ମାସ ହେଲା ଅଧିକରୁ ଅଧିକ ମନେପଡୁଛି ଲୁସି । କେଉଁ ବେଳରେ, ଅବେଳରେ ଚାକିରି ପାଇଁ ପଳେଇଥିଲା କେଜାଣି ସେ ଆମେରିକାକୁ ପଛରେ ଛାଡ଼ି ପ୍ରାଣାଧିକ ମିତଣୀକୁ ତା'ର । ଲୁସିକୁ ତା'ର । ଲୁସି ଗଛର ଏକ ସଦ୍ୟ ଫୁଲ, ଏକ ରୂପା ଜହ୍ନ, ଏକ ଶାନ୍ତ ସ୍ନିଗ୍ଧ ପୁଷ୍କରିଣୀ, ଏକ ଗୀତ । ଶଙ୍କର ଆମେରିକା ଚାଲିଯିବା ବର୍ଷ ହିଁ ବିବାହ କରିଥିଲା ଲୁସି । ବିବାହ କରିଥିଲା ସେ, ପ୍ରାଣର ପ୍ରିୟତମ ତା'ର ତାକୁ ଛାଡ଼ି ଚାଲିଯିବା ପରେ । ପଚାରି ନି ବି କେବେ ସେ ନିଜକୁ କି ଶଙ୍କରକୁ କି ଦେ ଦେବତା କି ମାଟି ଓ ଆକାଶମାନଙ୍କୁ କୁଆଡ଼େ କାହିଁକି ଗଲା ବୋଲି । କେବେ ବି ନିନ୍ଦି ନାହିଁ ତା'ର କପାଳକୁ ଲୁସି । ସେ ଜାଣିଥିଲା ପ୍ରକୃତ ଭଲପାଇବା କେବେ ହଜିଯାଏ ନାହିଁ । ସେ ବୋଧେ ପ୍ରକୃତରେ ପୂରାପୂରି ଭାବେ ପାଇ ନ ଥିଲା ଶଙ୍କରକୁ । ତେଣୁ ଶଙ୍କର ଚାଲିଗଲା । ଖବର ରଖିଥିଲା ସେ ବିଦେଶ ଗଲା ବୋଲି ଶଙ୍କର । ଶୁଭ ବି ମନାସିଥିଲା ସେ । ଜୀବନରେ ବହୁତ ଉନ୍ନତି କରୁ ଶଙ୍କର ବୋଲି ପ୍ରାର୍ଥନା ବି କରିଥିଲା ଭଗବାନଙ୍କ ପାଖରେ ।

ଯାଉଛି ଶଙ୍କର । ଅଳ୍ପବାଟ ଅଛି ପଦ୍ମପୁର । ରାସ୍ତା ଖରାପ ଥିଲା ବୋଲି ଗାଡ଼ି ଟିକେ ଧିମେଇ ଯାଇଥିଲା ମଝିରେ । ଦିଲ୍ଲୀରୁ ଫ୍ଲାଇଟ୍‌ରେ ଆସିଛି ସେ ଭୁବନେଶ୍ୱର । ଭୁବନେଶ୍ୱରରୁ ଭଡ଼ାଗାଡ଼ିରେ ସିଧା ପଦ୍ମପୁର । ବାଟରେ କେତେ ସାମାନ କିଣିଛି ସେ ଲୁସି ପାଇଁ, ତା' ପରିବାର ପାଇଁ । ମନେମନେ ଭାବୁଛି ସେ ଖୋଜିକି ପାଇବ କି ନାହିଁ ସେ ଲୁସିର ଘର । କେମିତି ଦିଶୁଥିବ ଲୁସି ଏବେ ? ତା'ର ଘର, ସଂସାର ସବୁ କିଭଳି ଥିବେ ? ତାକୁ ଦେଖି ଚମକିଯିବ ଲୁସି । ଦୋଦୋ ଚିହ୍ନା ହେବ । ଚିହ୍ନି ନ ପାରେ ବି । ଆଉ ଖୁବ୍ ଅଳ୍ପ ବାଟ ପଦ୍ମପୁର । ପଦ୍ମପୁର ଗୋଟେ ସୌଭାଗ୍ୟଶାଳୀ ସହର । ଲୁସି ଯେହେତୁ ରହୁଛି ସେଠି ।

କିଛି କାରଣ ପାଉ ନ ଥିଲା ଶଙ୍କର । କାହିଁକି ସେ ପଳେଇଗଲା ଛାଡ଼ି ଲୁସିକୁ । ବୋଧେ ତା' ଭିତରେ ଲୁଚିରହିଥିଲା ଗୋଟେ ଭୟଙ୍କର ବୃହତ ଇଚ୍ଛାର ପାହାଡ଼ । ସେ ବିଦେଶ ଯିବାକୁ ଚାହୁଁଥିଲା, ଡେରିରେ ବିବାହ କରିବାକୁ ଚାହୁଁଥିଲା, ବଡ଼ ଲୋକ ହେବାକୁ ଚାହୁଁଥିଲା, ଏପରି ଆହୁରି କେତେ କ'ଣ ।

ସେ ପାଖାପାଖି ଦିନ ଏଗାରଟା ବେଳେ ପହଁଚିବ ପଦ୍ମପୁରରେ । କେବେ ରୁଷିଲା ବେଳେ ଅଧିକ ସୁନ୍ଦର ଦିଶେ ଲୁସି । ଲାଗେ ରୁଷିଯାଇଛି ଜହ୍ନ, ମୁଣ୍ଡତଳ କରି ନାଚୁଛନ୍ତି ସ୍ୱପ୍ନ ଫୁଲମାନେ । ଲୁସି ହସିଲେ ଖଳଖଳ ବହେ ନଈପାଣି, ଯା'ଆସ ଆରମ୍ଭ କରନ୍ତି ଭ୍ରମରମାନେ । ପଢ଼ିଲା ବେଳେ ପୂର୍ଣ୍ଣିମୀ ରାତିରେ ଲୁସିକଥା ଭାବିଲେ ଶଙ୍କରକୁ ଲାଗେ ଲୁସି ହିଁ ଏ ଜହ୍ନର କୁହୁକ କିରଣ । ଲୁସି ହିଁ ଆବୋରି ଧରିଛି ସାରା ସଂସାରକୁ ତା'ର ଆବେଗରେ । ଲୁସିର ଲୁହ ହିଁ ଏ ସଂସାରକୁ କରିଛି ଆବେଗମୟ । ଲୁହ ହିଁ ଏ ସଂସାରର ସବୁଠୁଁ ପ୍ରେମିକ ଫର୍ଦ୍ଦ ।

ବରଗଡ଼ ଡେଇଁଲା ସେ । ବରଗଡ଼ରୁ ସୋହେଲା ସେଠୁ ଘେଁସ ବାଟ ଦେଇ ଯିବ ପଦ୍ମପୁରକୁ । ସେ ଯାଉଛି । କେଉଁଠୁ ଖୋଜିବା ଆରମ୍ଭ କରିବ ? କାହାକୁ ପଚାରିବ ? ତା' ବରର ନାଁ ଜାଣି ନାହିଁ ଶଙ୍କର । ସ୍ତ୍ରୀ ଲୋକଟିକୁ ତା' ନାଆଁରେ କିପରି କେମିତି କେଉଁଠି ଖୋଜିବ ସେ ? ଏତେବଡ଼ ସହର, କାହାକୁ ପଚାରିଲେ କିଏ କହିପାରିବ ଜଣେ ପଚିଶ ବର୍ଷ ତଳେ ବିବାହିତା ମହିଳାର ଠିକଣା । ଦ୍ୱନ୍ଦ୍ୱ, ଅର୍ନ୍ତଦ୍ୱନ୍ଦ୍ୱ ଓ ମହାଦ୍ୱନ୍ଦ୍ୱମାନଙ୍କ ଘଡ଼ଘଡ଼ିରେ ଆଉଟୁ ପାଉଟୁ ହେଉଥିଲା ଶଙ୍କର । ଜୀବନ ଜୀବିକାର ଦାୟ ହେଉ ବା ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ସୁନ୍ଦର ଜୀବନ ତୋଳିଦେବାକୁ ହେଉ ବା ହେଉ ବିଦେଶ ମୋହ ସେ ଯେ ଚାଲିଯାଇ ଥିଲା ବିଦେଶ, ପଛକରିଦେଇ ବିଶ୍ୱ ବିଦ୍ୟାଳୟର ସହପାଠିନୀ, ସାଥୀକୁ ତା'ର, ପ୍ରିୟତମା, ମନକୁ ମନ ଭଲପାଉଥିବା ଗୋପନ ପ୍ରେମିକାକୁ ତା'ର । ତା'ର ବିବାହର ଏତେ ବର୍ଷ ପରେ ମଧ୍ୟ ଲୁସି କଥା କହି ନାଇଁ ସେ ତା'ର ସ୍ତ୍ରୀକୁ । ସଂଗୋପନେ ମନେ ମନେ ଜଳାଇ ରଖିଛି ପ୍ରେମର ଦିପାଳିକୁ ତା'ର ସେ ।

ଆହା, ଲୁସି ଶାଢ଼ୀ ପିନ୍ଧିଥିବ ନା ଡ୍ରେସ, ପାଦରେ ଅଳତା ମାଖିଥିବ କି ନାହିଁ, ବାଳ କାଟିଥିବ ନା ରଖିଥିବ ଲମ୍ବା ବେଣୀ, ବମକେଇ ପାଟପିନ୍ଧି ଥିବ ନା କଟନ୍ ଏକଥା ଭାବୁଥିଲା ସେ ।

ଲୁସି ବଡ଼ ଭୟ କରୁଥିଲା ଅନ୍ଧାରକୁ । ପଢ଼ିଲା ବେଳେ ଥରେ ଡିପାର୍ଟମେଣ୍ଟର ଫଙ୍କ୍‌ସନ ସରିଲା ପରେ ଲୁସିକୁ ଛାଡ଼ି ଯାଉଥିଲା ଶଙ୍କର ସଂଧ୍ୟାରେ ଚାଲିଚାଲି ହଷ୍ଟେଲକୁ । ରାସ୍ତାରେ ଲାଇବ୍ରେରୀ ପାଖ

ମୋଡ଼ାଣିରେ ଭାରି ଅନ୍ଧାରୁଆ ଲାଗିବାରୁ ଭୟରେ ଶଙ୍କରକୁ ଜାବୁଡ଼ି ଧରି ପକାଇ ଥିଲା ଲୁସି । ସେ ଦିନର ସେ କ୍ଷଣଟି ଆଜିବି ଖୁବ ମନେଅଛି ଶଙ୍କରର । ଜୀବନର ଏକ ପରମ ଦୁର୍ଲଭ୍ୟ ଅଭୁଲା ମୁହୂର୍ତ୍ତ ସେ । ଅନ୍ଧାରକୁ ସେ ଦିନୁ ଖୁବ ଭଲପାଇଲା ଶଙ୍କର । ଅନ୍ଧାର ହିଁ ନିକଟତରକରାଏ ଲୁସିମାନଙ୍କୁ । ଲୁସି ଇସ୍ତ୍ରୀକରା ଧଳା ଡ୍ରେସ ପିନ୍ଧିଲେ ଦିଶେ ଦେବୀ ପରି । ଖୁବ ସୁନ୍ଦର ସେ, ଖୁବ୍ ଗାମ୍ଭୀର୍ଯ୍ୟ ତା' ମୁହଁ, ଔଜଲ୍ୟ ବି । ଲୁସିକୁ ସାଙ୍ଗରୂପେ ପାଇ ଖୁବ୍ ବଦଳି ଯାଇଥିଲା ଶଙ୍କରର ଜୀବନ । ବଳିଷ୍ଠ, ବପୁବନ୍ତ, ଧନମାନ ଓ ଏକ ନିଆରା କିସମର ପ୍ରେମିକ ହୋଇଯାଇଥିଲା । କୌଣସି ବିପଦ ବା ଅସୁବିଧାଜନକ ସ୍ଥିତିରେ ପଡ଼ିଲେ ଲୁସି ସହ ଆଖି ମିଳେଇ ଦେଲେ ହୋଇଯାଉଥିଲା ସେ ଏକ ଦିଗ୍‌ବିଜୟୀ ବୀର । ଆଜି ବି ରୋମାଞ୍ଚିତ ଲାଗୁଛି ତା'କୁ ଲୁସିର କଥା ଭାବିଲା ବେଳେ । ଲାଗୁଛି ଆଜି ବି ଲୁସି ତା' ପାଖରେ ଅଛି, ଚାଲୁଛି ତା' ସାଥିରେ, ହସୁଛି ସୁଖ ବେଳେ, ବୋଧ ଦେଉଛି ଦୁଃଖ ବେଳେ ।

ଦୂରେଇଯିବାର ଦୁଃଖର ଦୁଃଖ ନାଇଁ ପ୍ରାଣର ମିତଣୀଠୁଁ । ଘର ସଂସାର ସାମ୍ରାଜ୍ୟ ଯେତେ କଲେ ବି ମିତଣୀର ଆହା ପଦ ଟିକେ କାଳକାଳ ଧରି ମନେ ରହିଯାଏ ପ୍ରିୟତମର ଛାତିରେ । ପ୍ରେମିକାର ଲୁହଠୁଁ ସମ୍ବେଦନଶୀଳ ମନ୍ତ୍ରରା ପଦାର୍ଥ ଆଉ କିଛି ବି ନାଇଁ ଏ ସଂସାରରେ । ପ୍ରେମକରି ନ ଥିବା ଭେଣ୍ଡା ଯୁବକ ଉଇଲଗା କାଠଗଣ୍ଡିପରି । ଶଙ୍କର ଭାବୁଥିଲା । ଶଙ୍କରର ମନ, ମାନସ ମାନେ ଥିଲେ ଲୁସିମୟ ।

ଆହାଃ କେଡ଼େ ସୁନ୍ଦର କୁରେ ଫୁଲ ସବୁ, ଏ ଜଙ୍ଗଲରେ । କେଡ଼େ ଶୋଭାମୟୀ ଦେଖାଯାଉଛନ୍ତି ନାରୀମାନେ ଏ ବନସ୍ତରେ । ଶଙ୍କର ମନେ ପକାଇଲା, ଲୁସି କହୁଥିଲା ତାକୁ ସବୁଠୁ ଭଲଲାଗେ କୁରେଫୁଲ । କୁରେଫୁଲରେ ମହନିଆଏ, ନାଗରଟିଏ ଯେଉଁ ଧାଙ୍ଗରୀ ଖୋସାରେ କୁରେଫୁଲ ଲଗାଇଦିଏ ସେ ଧାଙ୍ଗରୀ ସେ ନାଗରକୁ ପ୍ରେମ କରିବସେ , ତା ପାଇଁ ଗୀତଗାଏ ବୋଲି ତା'ର ବିଶ୍ୱାସ । ରାସ୍ତାର ଜଙ୍ଗଲ, ଜଙ୍ଗଲରେ କୁରେଫୁଲ, ଭେରୁଆଁ ଗଛ, ଶୁଖିଲା ଶାଗୁଆନ ପତ୍ର ସବୁ ବାସ୍ତବିକ ମନମୁଗ୍ଧକର ।

ପହଞ୍ଚିଗଲା ପଦ୍ମପୁରରେ ଗାଡ଼ି । ପଦ୍ମପୁରରେ ପହଞ୍ଚିଗଲା ଏକ ଅସରନ୍ତି ଇଚ୍ଛାର ନାଗରା ଛଳଛଳ ପ୍ରେମର ସମ୍ପୁଜ୍ଜ୍ୱଳ କିଶୋର । ପଦ୍ମପୁରରେ ପହଁଚିଲା ପଚିଶ ବର୍ଷତଳୁ ହଜାଇ ଥିବା ସ୍ୟମନ୍ତକ ମଣିଠୁଁ ମୂଲ୍ୟବାନ ପଦାର୍ଥର ସନ୍ଧାନରେ ଚିର ପ୍ରେମିକ ପୁରୁଷ ଶଙ୍କର ଯିଏକି ଚାଲି ଆସିଛି ଆମେରିକାରୁ ପଛକରି ତାର ସଂସାର । ଘାଏ ଦେଖିବ, ଥରେ କଥାହେବ ଆଖିରେ ଆଖି ମିଶାଇ ମନଭରି ପହଁରିବ ମନ ସମୁଦ୍ରର ଗଭୀରତାରେ । ଛାତିରେ ବଢ଼ିବଢ଼ି ଚାଲିଥିଲା ସ୍ପନ୍ଦନ । ପଦ୍ମପୁରରେ ପହଂଚିଲା ବେଳକୁ ଆଖିଏ ଲୁହ ଆଖିଏ । ସମସ୍ତଙ୍କ ଅଲକ୍ଷ୍ୟରେ ମୁଣ୍ଡିଆଟିଏ ମାରିଲା ପଦ୍ମପୁରର ମାଟିକୁ । ପଦ୍ମପୁର ଆହା କେଡ଼େ ସମୃଦ୍ଧ ତା'ର ନିଜସ୍ୱ ଜୀଇଁବା ପଣରେ, କେତେପାରମ୍ପାରିକ ତା'ର ସାଜସଜ୍ଜା, କେଡ଼େ ମଧୁମୟ ଏହାର ଗଛଲତା, ଧୂଳି ଓ ପାଣିପବନ । ପଦ୍ମପୁର ପ୍ରେମର ମାଟି । ତା' ଭିତରେ ସହସ୍ର ନାଗର ଦଂଶନ । ହଜାର ହଜାର ବରୁଆ ନାଚୁଛନ୍ତି ତା' ଭିତରେ ଢୋଲ୍, ନିଶାନ୍, ତାସା, ମୁହୁରି ମନେ, ଖିନ୍ଦଖିନ୍ଦାଳି କରି ଦେଉଛନ୍ତି ତାକୁ ବାଜିବାଜି । ଅନ୍ଧାର ବୋଲି କିଛି ନାଇଁ, ସବୁଠି ଆଲୁଅର ଧାର, ସବୁ ତନ୍ତୀ, କୋଷ ଜୀବିତ ଓ ସକ୍ରିୟ ଏ ବେଳାରେ । ହାହାକାର, ରେରେକାର ସବୁ ପାଲଟିଯାଇଛନ୍ତି ଆଶୀର୍ବାଦ ଓ ଉଚ୍ଚାଟନ । ଦେହର ପ୍ରତ୍ୟେକଟି ଲୋମକୂପରୁ ଗଜୁରୁଛି ଏକ ଏକ ସକାଳ । ଆଗକୁ ପାଦ ବଢ଼ାଇଲା ଶଙ୍କର ଚାଲିଚାଲି । ଭଡ଼ାଗାଡ଼ି ଠିଆ ହୋଇଗଲା ଚୁପ୍‌ଚାପ୍ କୋଉ କୋଣରେ । ଯନ୍ତ୍ରବତ୍ ଆଗକୁ ପାଦ ବଢ଼ାଇଲା ସେ । ସେ ଭାବୁଥିଲା ପଚିଶ ବର୍ଷ ତଳେ ବୋହୂ ହେଇ ଆସିଥିବ ଲୁସି ଏ ସହରକୁ । ମୁଣ୍ଡରେ ଓଢ଼ଣା ଦେଇଥିବ, ଲାଜେଇ ଥିବ ସ୍ୱାମୀକୁ ଦେଖି ପ୍ରଥମଥର । ଏ ପଦ୍ମପୁର ଅଞ୍ଚଳରେ ବହୁତ ବର୍ଷା ହୋଇଥିବ ସେ ବର୍ଷ, ଶସ୍ୟଶ୍ୟାମଳା ହୋଇ ଉଠିଥିବ ଧରତୀ । ଏଠି ଲୁସି ଛୁଆ ଜନ୍ମ ଦେଇଥିବ, ନୂଆ ଖାଇଥିବ । ବର୍ଷାରେ ଭିଜିଥିବ । ଲୁସି ବୁଲିଯାଇଥିବ ନୃସିଂହନାଥ ଆଡ଼େ । ଆହା ପଦ୍ମପୁର ଏକ ଲୋଭନୀୟ ସହର । ଏଠି ପ୍ରେମିକାମାନେ ଖୁବ ସୁନ୍ଦରୀ, ଲାବଣ୍ୟବତି, ତନ୍ୱୀ ଓ ପ୍ରାଣବନ୍ତୀ । ଲୁସି ହୋଇଯାଇଥିବ ଅଧିକ ପ୍ରାଣ ମୋହିନୀ, ଅଧିକ ରୂପସୀ ଓ ମାନସୀ । ଯୁଗଯୁଗ ଧରି ବୋହିଥିବା ପୀଡ଼ା, ଅକୁହାକଥାମାନଙ୍କରୁ ମୁକୁଳି ଆସୁଥିଲା ଶଙ୍କର । ଖୁସିଖୁସି ଭାବମାନେ ସଞ୍ଚରୁଥିଲେ ତା'ର ଭିତରେ ବାହାରେ । ସେ ଯେ ଭେଟିବାକୁ ଯାଉଛି ଲୁସିକୁ, ୟା'ଠୁ ବଳି ବଡ଼ ଖୁସି ଓ ସୁନ୍ଦର କଥା କ'ଣ ହେଇପାରେ ତା' ପାଇଁ । ଶଙ୍କରକୁ ଲାଗିଲା ତାକୁ ଜଣେ କିଏ ଟାଣି ନେଉଛି, ଏ ଖାଲି ଚାଲୁଛି ନିଜ ପାଦରେ । ଛକ ଡେଇଁଲା, ବରଗଛ ଡେଇଁଲା, ଡେଇଁଲା ସାହୁ ହୋଟେଲ୍, ସେଲୁନ୍ ।

ଆଜି ସେ ଭେଟିବ ଲୁସିକୁ । ଗାଢ଼ କରିବ ସେ ଜୀବନର ରଙ୍ଗକୁ ତା'ର । ପାଟିରେ ନ କହିଲେ ବି ଆଖିରେ ହେଲେ ବି ସେ କହିବ ମୋ' ବୈବାହିକ ଜୀବନରେ ମୁଁ ଖୁବ୍ ଖୁସି ଲୁସି । ମାତ୍ର ସବୁ ଖୁସି ଓ ସୁଖ ସତ୍ତ୍ୱେ ବି ତାହା ପଦୁଅଁ ପତ୍ରରେ ପାଣିପରି ଢଳଢଳ ହେଉଛି ଯାହା । ମୋ' ଜୀବନରେ ରଙ୍ଗ ତୁମେ ଲୁସି, ତମେ ହିଁ ମୋର ଗେଲ, ଲାଡ଼, ଖେଳକୁଦ, ଭଲମନ୍ଦ । ଖାଲି ତମକୁ ଭେଟିବା ପାଇଁ ମୁଁ ଆସିଛି ଲୁସି- ଆସିଛି କେବଳ ଦେଖିବା ପାଇଁ ଟିକେ ତମକୁ । ଲୁସିର ତୀବ୍ର ଆକର୍ଷଣ ପ୍ରତ୍ୟେକଟି ଧୂଳିକଣାରେ ପଦ୍ମପୁରର । ସାରାଟା ପଦ୍ମପୁର ଯେମିତି ଲୁସିମୟ । କ୍ରମଶଃ ଲୁସି ପାଲଟିଯାଉଛି ଏକ ଚେତନା । ଏକ ପ୍ରେମିକ ଆବେଗ । ପ୍ରେମର ଗୋପନ ଅନ୍ତଃସ୍ୱର । ନାଗରଟିଏ ହେବାଟା ବି ଭାଗ୍ୟର କଥା । ହଠାତ୍ ଅଟକିଗଲା ପାଦ ତା'ର ଚାଲୁଚାଲୁ । ଶିମ୍ଳ ରଙ୍ଗର ସେ ଲୁହା ଗେଟ୍‌ପାଖରେ । ନିଜ ଅଜାଣତେ ଅଟକିଗଲା । ଆସିଯାଇଥିଲା ଲୁସିର ଘର । ଏ ଘରେ ହିଁ ଲୁସିଥିବ । ଏ ଘରେ ହିଁ ଲୁସି ଅଛି । ଲୁସି ଅଛି ବୋଲି ଏତେ ସ୍ନିଗ୍ଧ ଆଲୁଅ ଓ ପବନମାନେ ଏଠି ।

ଲୁସି ଅଛି ବୋଲି ଏତେ ଗହଗହ ଲାଗୁଛି । ଗେଟ୍ ଖୋଲା ଥିଲା, ଖୋଲିଲା, ଭିତରକୁ ଗଲା ସେ । ଆହୁରି ବଢ଼ିଯାଇଥିଲା ଛାତିର ସ୍ପନ୍ଦନ ତା'ର । ଏ ପାଖରେ ସେ, ସେ ପାଖରେ ଲୁସି । କବାଟ ଖୋଲିଲେ ହିଁ ହଟିଯିବ ଅନ୍ଧାର, ଆସିଯିବ ସକାଳ । ଫୁଲମାନେ ଫୁଟି ଉଠୁଥିଲେ । ଚହଟି ଯାଉଥିଲେ ଜୀବନମାନେ । କବାଟ ବାଡ଼େଇଲା ଶଙ୍କର । କଳା ରଙ୍ଗର ପରଦା ହଟିଲା ଦ୍ୱାର ମୁହଁରୁ । ଲୁସି, ଲୁସି ହିଁ ଠିଆ ହୋଇଛି କବାଟ ସେ ପାଖରେ । ସେ ପୁରୁଣା ଦପ୍‌ଦପ୍ ଚେହେରା, ସେଇ ଔଜଲ୍ୟ, ସେଇ ଦୟିଲା ଆଖି, ଉଚ୍ଚ କପାଳ । ଲୁସି ଏକ ପବନର ଧୁନ୍ , ବିନା ରଙ୍ଗର ଚିତ୍ର । ଲୁସି ଏକ ଧଳା ପରଦା, କଳା ଅନ୍ଧାର । ଲୁସିକୁ ଦେଖିଲା କ୍ଷଣି ଫୁଲମାନେ ଝରିଗଲେ ଆକାଶରୁ । ଠାରରେ ଲୁସି କହିଲା ଶଙ୍କରକୁ ଭିତରକୁ ଆସ । ଗଲା, ଶଙ୍କର ଭିତରକୁ ଗଲା । ଶହେରୁ ଅଧିକ ଆମାଜନ୍ ନଦୀ ତା'ର ଧମନୀମାନଙ୍କରେ । ଦୁର୍ମୂଲ୍ୟ ସେ କ୍ଷଣ । ମହାର୍ଘ ସେ ମୁହୂର୍ତ୍ତ । ପଚିଶ ବର୍ଷର ଅପେକ୍ଷାର ଅନ୍ତ । ଶିବଙ୍କ ମସ୍ତକରୁ ଖସିଆସୁଛି ମହମହ ଅମୃତଗଙ୍ଗା । ନିଜକୁ ଗୌରବାନ୍ୱିତ ମନେକଲା ଶଙ୍କର । ସେ ଯେ ଦେଖିପାରିଲା ତା'ର ଜୀବନକୁ । ଆମେରିକାରୁ ପଦ୍ମପୁର । ଧରତିର ଏ ମୁଣ୍ଡରୁ ସେମୁଣ୍ଡ ଆସିଛି କେବଳ ଦେଖିବା ପାଇଁ ହଜିଯାଇଥିବା ପ୍ରେମକୁ । ଏତେ ଧନ, ସଂପତ୍ତି ପ୍ରାଚୁର୍ଯ୍ୟ, ନାଁକରା ଲୋକହେବା ସତ୍ତ୍ୱେ ବି ଯେଉଁ ଅଭାବରେ ଥିଲା ସେ ତାକୁ ପାଇଛି ଆଜି । ଏ ହିଁ ତା'ର ମନନ, ତପସ୍ୟା, ସାଧନାର ଫଳ । ଏ ହିଁ ସିଦ୍ଧି, ପରମପ୍ରାପ୍ୟ । ଚୌକିରେ ବସିଲା ବେଳେ ସପନ ତା'ର ସତ ହୋଇଥିବାରୁ ଧନ୍ୟବାଦ ଦେଉଥିଲା ସାରା ସଂସାରକୁ, କୀଟପତଙ୍ଗ ଧୂଳିବାଲିମାନଙ୍କୁ । ଚୌକିରେ ବସିଲା ସେ । ବସିଲା ରାଜା କାଏଦାରେ ପୁଣି ମେଷ ଛୁଆ ପରି ମିଶ୍ରିତ ଅବସତାରେ । ଚୌକିରେ ବସିଲା ଦେଖିଲା ସାମନାକୁ । ଶାଢ଼ୀ ପିନ୍ଧା ଲୁସି ଫଟୋ ହେଇ ଝୁଲୁଥିଲା ସାମନା କାନ୍ଥରେ । ମାଳଟିଏ ଝୁଲୁଥିଲା ସେ ଚିତ୍ର ଉପରେ । ତାହାଣ ଆଡ଼କୁ ଦେଖିଲା ସେ ଲୁସି ନୁହେଁ ତା'ର ଝିଅ ମାନିନୀ କାନ୍ଦୁଥିଲା ଓ ତାକୁ ବୁଝଉଥିଲେ ଜଣେ ମଧ୍ୟବୟସ୍କ ଲୋକ । ସେ ଥିଲେ ବୋଧେ ଲୁସିର ସ୍ୱାମୀ ଓ ମାନିନୀର ବାପା ସମ୍ପଦ । ଶଙ୍କରକୁ ମୁଣ୍ଡିଆଟିଏ ମାରି କ୍ଷୀଣ ଓ କାନ୍ଦୁରା କଣ୍ଠରେ କହିଲା ମାନିନୀ ଆପଣ ଆସିବେ ବୋଲି ଆମେ ଜାଣିଥିଲୁ । ଆପଣ ଯେ ଥିଲେ ମୋ ମା'ଙ୍କ ମରମର ସବୁଠୁ ପରମ ପୁରୁଷ । ବାପା ଥିଲେ ମାଆଙ୍କର ସବୁଠୁଁ ପବିତ୍ର ସାଥୀ । ଆପଣ ଥିଲେ ମାଆଙ୍କ ମନର ପୁରୁଣା କଥା । ଆପଣ ବହୁତ ଭଲ ଥିଲେ ସେ ପାଇଁ ମାଆ ଆପଣଙ୍କୁ ଭଲ ପାଇଥିଲେ ଆଉ ବାପା ଭଲ ବୋଲି ମାଆ ରହିଲେ ଓ ଭଲ ବି ପାଇଲେ ତାଙ୍କୁ । ବାପା ଥିଲେ ମାଆଙ୍କ ମନର ରାଜା, ଆପଣ ଥିଲେ ପାଉଁଶ ତଳର ନିଆଁ । ବାପା ସବୁକଥା ଜାଣିଥିଲେ । ମାଆ ହିଁ କହିଥିଲେ ବାପାଙ୍କୁ ବିବାହ ଆଗରୁ । ଏଇ ପନ୍ଦର ଦିନ ହେଲା ମା' ଚାଲିଗଲେ, ବହୁତ ଖୋଜୁଥିଲେ ଆପଣଙ୍କୁ । କେଉଁଠୁ ଖୋଜି ପାଇଥାନ୍ତୁ ଆମେ ଆପଣଙ୍କୁ, ଆପଣଙ୍କ ନାଁ, ଠିକଣା ଚେହେରା କିଛି ବି ଜଣା ନ ଥିଲା । ଚିକିତ୍ସା ପାଇଁ ବାପା, ମାଆକୁ ଆମେରିକା ବି ନେଇଥିଲେ । ସେଠି ବି ଖୋଜାହେଲା ଆପଣଙ୍କୁ । ମାଆ ମଲାବେଳେ ଖାଲି ଆମକୁ ଫଟୋଟିଏ ଦେଖାଇ କହିଲେ ଇଏ ହେଉଛି ଶଙ୍କର । ସେ ଆସିପାରେ କେବେ ବି । ଶଙ୍କର ଆସିଲେ କେବେ ବି ହତାଦର କରିବୁ ନାହିଁ ଝିଅ । ସେ କେବେ ବି କେତେବେଳେ ବି ଆସିପାରେ । ସେଦିନଠୁଁ ଆମ ଘରର କବାଟ ଖାଲି ଆଉଜା ହୁଏ, ଶିକୁଳି ଦିଆଯାଏ ନି, ଖାଲି ଆପଣ ଆସିବେ ବୋଲି । ଶଙ୍କର ଦେଖିଲା ତା'ର ପିଜି ନାଁ ଲେଖା ବେଳେ ଏଡ଼ମିସନ୍ ଫର୍ମରେ ଦିଆଯାଇଥିବା ପାସ୍‌ପୋର୍ଟ ଫଟୋକୁ କେଉଁଠୁ କେମିତି ଆଣି ସାଇତି ରଖିଥିଲା ଯେ ଲୁସି । ଏତେ ଘରକରଣା, ଶାଶୁ ଶ୍ୱଶୁରଙ୍କ ଆକଟ, ସାମାଜିକତା ସବୁ ସତ୍ତ୍ୱେ ସେ ଏ ଫଟୋଟିକୁ ଯେ ସାଇତି ରଖିପାରିଛି ତାହା ଥିଲା ଭାବନାର ବାହାରେ ଶଙ୍କରର । ଶଙ୍କର କାନ୍ଦୁଥିଲା । ଲୁସିର ସ୍ୱାମୀ ସୁବୋଧ ବି କାନ୍ଦୁଥିଲେ । ଲୁସି, ନାଁ ତା' ଝିଅ ମାନିନି କାନ୍ଦୁଥିଲା । ଦେବତା, ଈଶ୍ୱର, ପାହାଡ଼, ପର୍ବତ ସଭିଏଁ କାନ୍ଦୁ ଥିଲେ । ସାରା ପଦ୍ମପୁର କାନ୍ଦୁଥିଲା । ଅର୍ଦ୍ଧନିମିଳିତ ହୋଇ ଯାଇଥିଲେ ମନର ସବୁଡକ ପତାକା, ଦୁଃଖ ମନଉଥିଲେ ଶୁଆସାରୀ, କପୋତ କପୋତୀମାନେ । ଚଢ଼େଇଟିଏ ଘରୁ ହଠାତ୍ ବାହାରକୁ ଉଡ଼ିଯିବାର ଶବ୍ଦ ହେଲା । ସଭିଏଁ ଆଶ୍ଚର୍ଯ୍ୟ ହେଲେ । ହଠାତ୍ କେଉଁଠି ଥିଲା ଯେ ପକ୍ଷୀଟିଏ ଉଡ଼ିଗଲା ଘରୁ । ମାନିନୀ କହିଲା ମାଆ ଥିଲେ ଆମ ସାଙ୍ଗରେ ଏତେ ଦିନ, ଏବେ ଉଡ଼ି ଚାଲିଗଲେ ଅଫେରା ରାଇଜକୁ । ତାଙ୍କ ଆତ୍ମା ପ୍ରକୃତରେ ଶାନ୍ତି ପାଇଲା ଏଥର । କୁରେଫୁଲ ଝଡ଼ିଯାଇଥିଲା । ଖାଁଖାଁ ଲାଗୁଥିଲା ଜଙ୍ଗଲ ।

ବଡ଼ବଡ଼ ବିପର୍ଯ୍ୟୟ ଦେଖିଛି ଜୀବନରେ ଶଙ୍କର । ଫାଇଲିନ୍, ସୁନାମୀ । ଆହୁରି କେତେ କ'ଣ, ହେଲେ ଏ ସମୟଟି ସବୁଠୁ ବଡ଼ କରୁଣ । ଏ ଜଙ୍ଗଲରେ ଏବେ ବି ଫୁଟୁଛନ୍ତି କୁରେଫୁଲମାନେ । ଝରଣା ବୋହୁଛି ଖଳଖଳ । ସୁନ୍ଦର ସୁଶୀତଳ ପବନ ଭରୁଛି ସଂସାର । ଏ ଜଙ୍ଗଲରେ ଏବେ ବି ନାଗରମାନେ ଖୋଜି ବୁଲୁଛନ୍ତି ନାଗରୀମାନଙ୍କୁ । ଏ ଜଙ୍ଗଲରେ ଏବେ ବି ସ୍ନେହ ପ୍ରେମର ଗୀତ ଗାଉଛି କୁରେଫୁଲ । ଏ ଜଙ୍ଗଲରେ ଏବେ ବି ତ୍ୟାଗ ଓ ସମର୍ପଣରେ ଉଚ୍ଛସିତ ହେଉଛି ସଂସାର । କୁରେଫୁଲ ଦେଖି ଉଜ୍ଜ୍ୱଳି ଉଲ୍ଲସି ଉଠୁଥିବା ଲୁସି ଝଡ଼ିଗଲା । ଏବେ ବି ସେଠି ସେ ଜଙ୍ଗଲରେ କୁରେଫୁଲ ଅଛି, ଲୁସି ନାଇଁ । ବହୁତ ଜୀବନ ଥାଏ ସେଠି, ସେ କୁରେଫୁଲରେ । ଲୁସି ବି ଥାଇପାରେ ସେଠି ଗୋପନରେ । ଆଜି ବି ସେଠି କୁରେଫୁଲ ଫୁଟୁଛି ସେ ଜଙ୍ଗଲରେ । ଯେଉଁ ଜଙ୍ଗଲ ଚିରକାଳ ପବନ ଦେଇଥିବ ଲୁସିକୁ । କେତେ ଖୁସି ହେଇଥିବ ଲୁସିର ମନ । ଝରାଫୁଲମାନେ କେତେ ସୋହାଗ ଦେଇଥିବେ ଲୁସିକୁ । ଲୁସି ଚାଲିଗଲା ପରେ ନିଜକୁ ବି କୁରେଫୁଲ ଜଙ୍ଗଲରେ ହଜେଇ ଦେଇଥିଲା ଶଙ୍କର । ରହି ଯାଇଥିଲା ସେଠି । ମନ ପାଇଁ ମାନସୀ ପାଇଁ ଏବେ ବି ସେ ଜଗିଛି ସେ କୁରେଫୁଲିଆ ଜଙ୍ଗଲରେ ଅଜସ୍ର ନିଜପଣର ସକାଳ ଅପେକ୍ଷାରେ ।

ବ୍ରାହ୍ମଣପଡ଼ା, ବଲାଙ୍ଗିର-୧ ମୋ.: ୯୪୩୭୧ ୨୪୧୯୭

ପ୍ରଶ୍ନଚିହ୍ନ ଓ ଅଧାଜଳା ସିଗାରେଟ୍

ଡ. ମୌସୁମୀ ପରିଡ଼ା

ଗୋଟେ ଗୋଲାପି ସନ୍ଧ୍ୟାରେ ଟ୍ରେନରେ ବସିଥିଲି ମୁଁ । ଝର୍କା ଦେଇ ପ୍ରକୃତି ତା'ର ରୂପରଙ୍ଗ ବଦଳାଇ ଚାଲିଥିଲା । ସତ କହିବାକୁ ଗଲେ ମୁଁ ବି ତା'ର ମାୟାଭରଣରେ ବିମୋହିତ ଥିଲି । ଅନ୍ୟମନସ୍କତାର ପ୍ରଚ୍ଛଦରେ କେତେ ମନନ ଚିନ୍ତନ ଥାଏ ସାମ୍ନାଲୋକ କୋଉ ବୁଝିପାରେ ! କିଛି ମୁହୂର୍ତ୍ତ ପରେ ରାତିର ପରଳ ଜମିବ, ସେ ପୁଣି ଅପରୂପା ଦିଶିବ । ସବୁ ସ୍ଥିତିରେ ପ୍ରକୃତି ଅନନ୍ୟା, ନାରୀ ପରି ! ଡେଇଁଯାଉଥିଲା କେତେ ସବୁଜ ବନାନୀ, ବୁଦୁବୁଦୁକିଆ ଜଙ୍ଗଲ, ପାହାଡ଼, ପଡ଼ିଆ ତା' ସହିତ ମୋ' ମନର ରୂପକଳ୍ପ । ମନର ଅସଂଖ୍ୟ କୋଳାହଳ ବରଫାବସ୍ଥାରୁ ତରଳିବାରେ ଲାଗିଥିଲେ । ମନେପକାଇଲି- ମୋତେ ଆଉ ଉଣେଇଶ ଦିନ ପରେ ଏକସ୍ତରୀ ଚାଲିବ । ଏତେଦିନର ସ୍ମୃତିସବୁ କାଗଜରେ ଉତାରିଲେ କେତେ ହଜାର ପୃଷ୍ଠାର ରୂପ ନେବ କିଏ ଜାଣେ ! ଏଇ ଆଖି କ'ଣ ନ ଦେଖିଛି ସତେ ! ପିଲାଳିଆମୀ ସହିତ ପ୍ରେମ, ବିରହ, ବିବାହ, ସଂସାର ଜଞ୍ଜାଳ ଜାଇଁବା ସହ ଏବେ ବାର୍ଦ୍ଧକ୍ୟ ଜାଉଁଛି ! ଏମିତି ଅସଂଖ୍ୟ ଭାବନା ଭିତରେ ବାହାନଗା ଆସିଯାଇଥିଲା ବୋର୍ଡ଼ରୁ ଜାଣିଲି । ହଠାତ୍ ମୋ' ଭିତରେ କୋଳାହଳ ବଢ଼ିଗଲା । ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ହେଲି ମୁଁ । ଏଇଠି କେତେ ଚିତ୍କାର ମିଳେଇଯାଇଥିଲା ଗୋଟେ ସମୟରେ ! ହସଖୁସିଆ ମଣିଷଗୁଡ଼ାକ ପୋକମାଛି ପରି ରାସ୍ତାରେ..! ଓଃ.. ଶିହରିଉଠିଲି ମୁଁ । ଲାଗିଲା ଝର୍କା ଦେଇ ବାହାନଗାର ଅତୃପ୍ତ ଆତ୍ମା ଧାଇଁଛି ! ସମୟକୁ ପ୍ରଶ୍ନ ପଚାରିଲି- କାହିଁକି ? କାହିଁକି ତୁ ଏତେ ନିର୍ମମ ? ଶବମାନଙ୍କ ଉପରେ ଛିଡ଼ା କରିଦେଲୁ ରକ୍ତାକ୍ତ ଭୟଙ୍କର ଇତିହାସଟିଏ ! ଏବେ ବି ସବୁଜିମା ଭିତରୁ ଫୁଟିଦିଶୁଚି କ୍ଷତବିକ୍ଷତ ଶରୀର । ଏବେ ବି ସେଠି ରକ୍ତର ଜମାଟ..! ସମୟର ଛାତି ଦବିଗଲା ! ମୋ' ଯନ୍ତ୍ରଣା ସହିତ ସେ ବି ମିଶାଇଦେଲା ନିଜକୁ । ବଖାଣୁଥିଲା ସେସବୁକୁ ନିଖୁଣ ଭାବେ । ଆମେ ଦୁହେଁ ପାଖାପାଖି ବସିଥିଲୁ । ସମୟ, ମୁଁ ଓ ଚା' କପ୍ । ଆଉ କାହାର ଅବସ୍ଥିତି ମୋ' ପାଇଁ ଏକବାରେ ଅର୍ଥହୀନ ଥିଲା । ଦଶଟଙ୍କାର ଚା' କପ୍‌ଟା ଅବଶ୍ୟ ଥଣ୍ଡା ହେବାରେ ଲାଗିଥିଲା । ହେଲେ ମୁଁ ଶୁଣୁଥିଲି ତାକୁ..ମନଦେଇ ।

ବୋମାହୀନ ବିସ୍ଫୋରଣ, ବାହାନଗା, ରେଳରାକ୍ଷସ ଓ ମୁଁ ସେ ସମୟ !

ବାହାନଗା ଏବେ ଇତିହାସର କୋଉ ଗୋଟେ ପୃଷ୍ଠାରେ ଚାପିହୋଇଯାଇଛି ଅସଂଖ୍ୟ ଘଟଣା ଦୁର୍ଘଟଣା ଭିତରେ ଶ୍ୱାସରୁଦ୍ଧ ହୋଇ । ସେ ପୃଷ୍ଠାରୁ ଲୁହଲହୁ ଏବେ ବି ଏକାକାର ହୋଇଚାଲିଛି..! ସେମାନଙ୍କ ପରିବାର ହୁଏତ ବିସ୍ମୃତି ଆସିଛି ସେ ରକ୍ତଭିଜା ଅତୀତକୁ..ହେଲେ ଇତିହାସର ସେ ତାରିଖଟା ଏବେ ବି ଲହୁଲୁହାଣ, ସତେଜ..। କ୍ଷରିତ ହେଉଛି ରକ୍ତ, ଭିଜୁଛି ମାଟି, ସଢିଚାଲିଛି ମାନସିକତା । ନାକରେ ଲୁଗା ଦେଇ ବର୍ତ୍ତମାନ ଚାଲିଯାଉଛି ଗତିଶୀଳତାର ନ୍ୟାୟରେ ଅତୀତର

ରୂପନେଇ । ରାଜନୀତିର ପଶାପାଲିରେ ବାହାନଗାର ସେଦିନକୁ ପେଟିରେ ବନ୍ଦ କରି ସମୁଦ୍ରରେ ଫିଙ୍ଗିଦିଆଯାଇଛି ପଥରରେ ବାନ୍ଧି !

ସତରେ ଭୁଲିଗଲେ ସମସ୍ତେ । ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ଦୁର୍ଘଟଣାଟିକୁ ! ମୁଁ କେମିତି ଭୁଲିବି ? ମୁଁ ଯେ ସମୟ, ସେମାନଙ୍କ ଅତୃପ୍ତ ଆତ୍ମା ମୋତେ ପ୍ରଶ୍ନ ପଚାରିଚାଲିଛି ! ଲାଭକ୍ଷତି, ଜୀବନ ମୃତ୍ୟୁର ହିସାବ ମାଗୁଛି । ମୁଁ କିନ୍ତୁ ନିଥର, ନିର୍ବାକ୍ । ତୁହାଇ ତୁହାଇ ମନେପଡ଼େ ସେଦିନ କେମିତି ବିସ୍ଫୋରଣ ଶବ୍ଦଟିଏ କାନକୁ ତାଜା କରିଦେଇଥିଲା କିଛି ମୁହୂର୍ତ୍ତ ପାଇଁ ! ଶରୀରରୁ ଛିଟ୍‌କି ପଡିଥିଲା ଜୀବନ, ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ସପନବଣିକଙ୍କ ଦୁନିଆ, ଲଟକି ରହିଥିଲା ନିଃଶ୍ୱାସ ଜୀବନ ଓ ମୃତ୍ୟୁର ଦୋ'ଛକିରେ ! ମୃତ୍ୟୁ ଏପରି ବି ଆସେ, ଅଚାନକ୍ ଆତଙ୍କବାଦୀ ପରି ଗୁଳି ଚଳାଏ, ବୋମା ଫୁଟାଏ ପୁଣି ଲୁଚିଲୁଚି ଚାଲିଯାଏ ସ୍ଥାନ ଛାଡ଼ି ? ଏତେ ବିଭତ୍ସ ହୋଇପାରେ ମୃତ୍ୟୁ ? ଏତେସବୁ ପ୍ରଶ୍ନର ଉତ୍ତର ନଥିଲା । ବନ୍ୟା ଆସେ ନଦୀର ଶୋଷକୁ ଶାନ୍ତ କରିବା ପାଇଁ । ଭାବନା ଧସେଇପଶେ ଧ୍ୱସ୍ତବିଧ୍ୱସ୍ତ କରି ଭାଙ୍ଗିଯିବା ପାଇଁ ।

ସେଦିନ ହଠାତ୍ ଗୋଟେ ପ୍ରଚଣ୍ଡ ଶବ୍ଦ । ତା'ପରେ ମୁହୂର୍ତ୍ତକ ପାଇଁ ବ୍ୟାପିଯାଇଥିଲା ନୀରବତା ! ଆର୍ତ୍ତ ଚିତ୍କାର ଓ କ୍ରନ୍ଦନରୋଳ ଭିତରେ ନୀରବତା ଭାଙ୍ଗି ପୃଥିବୀ ଯେମିତି ଅପେକ୍ଷାକୃତ ଦ୍ରୁତ ଗତିରେ ଘୂରିବା ଆରମ୍ଭ କରିଦେଇଥିଲା ! ତିନୋଟିଯାକ ରେଳଡବା ଦିଆସିଲି ଖୋଳପରି ଛିନ୍‌ଛତ୍ର ପଡ଼ିଥିଲେ ରେଳଧାରଣା ଆଖପାଖରେ । ମଣିଷମାନେ ପାଲଟିଯାଇଥିଲେ ଜିଆ..! ଗୁରୁଣ୍ଡୁଥିଲେ ଶବମାନଙ୍କ ଭିତରେ । ରକ୍ତସ୍ନାତ ଶରୀରର ବିକ୍ଷିପ୍ତ ଖଣ୍ଡବିଖଣ୍ଡିତ ଅଂଶରୁ ବାରିହେଉଥିଲା ସମୟ ବି ନିର୍ମମ ହତ୍ୟାକାରୀ ସାଜିପାରେ, ରକ୍ତପିପାସୁ ହୋଇପାରେ ! କାହାର ଅନ୍ତବୁଜୁଳା ବାହାରିଯାଇଥିଲା ତ କାହା ରକ୍ତରେ ଭିଜିଥିଲା ରେଳ-ରାସ୍ତା, ଭିଜିଥିଲା ବାହାନଗାର ଇତିହାସ । ଛଟପଟ ଲୋକଙ୍କ ଆର୍ତ୍ତ ଚିତ୍କାର ଥରିଉଠୁଥିଲା ଆକାଶର ଛାତି । ସମସ୍ତେ ବଞ୍ଚିବାକୁ ବ୍ୟଗ୍ର ଅଥଚ ହାତରେ ମାତ୍ର କେଇକ୍ଷଣର ସମୟ । ବଞ୍ଚିବା ନିଶାରେ କଙ୍କଡ଼ା ପରି ଜଣେ ଆରଜଣକୁ ଛନ୍ଦୁଛି, ବାଟ ଜଗୁଛି । ଯନ୍ତ୍ରାଂଶରେ ଚାପିହୋଇ ରହିଥିବା ଲୋକଙ୍କର ଚିତ୍କାର କାନକୁ ତାଢା, ଦେହକୁ ଅସାଡ଼ କରୁଛି । କାହାର ଗୋଡ଼ ସିଟ୍ ତଳେ, ଦେହଟା ବାହାରେ ଝୁଲୁଛି ! କାହା ବେକ କଟିଯାଇ ଦିଶୁଛି ମସ୍କା ଡାହି ପରି ! କାହା ଉପରେ ବଗି ଚଢ଼ିଯାଇଛି ତ କାହା ଉପରେ ଆଉ କାହାର ଶବ ! ମୃତ୍ୟୁ ପୂର୍ବର ଜୀବନ-ଯୁଦ୍ଧ ଏତେ କରୁଣ ଓ ବିଭତ୍ସ ! ଯନ୍ତ୍ରଣାଜନିତ ଦୈହିକ କଷ୍ଟ ବଞ୍ଚିବାର ସ୍ପୃହା ଆଗରେ ପରାଜିତ । ଯେତେ ସମ୍ଭବ ଜୋର୍‌ରେ ଡାକୁଛି କେହିଜଣେ ସାହାଯ୍ୟ ପାଇଁ ଅଥଚ ସେ ଜାଣିନାହିଁ ତା' ଡାକ କାହା କାନ ପାଖେ ପହଞ୍ଚିବ କି ନା ! ଅଜଣା ଆହତର କଟା ଗୋଡ଼କୁ ଧରି ଉଠିବାକୁ ଚାହୁଁଥିବା ରକ୍ତଜୁଡୁବୁଡୁ ଶରୀରଟି ମୃତ୍ୟୁମୁଖୀ କି ଜୀବନମୁଖୀ, ଅସଂଖ୍ୟ ପ୍ରଶ୍ନ ଭିତରୁ ଏ ମାମୁଲି ପ୍ରଶ୍ନଟିଏ ସେତେବେଳେ !

ରକ୍ତରେ ଭିଜୁଥିବା ଲୋକ ଜାଣେନି ଏ ରକ୍ତ କୋଉ ନିରୀହର ! ଅନ୍ଧାରରେ ଜଣାପଡୁନି କାହା ଉପରେ କ୍ଷତବିକ୍ଷତ ଗଣ୍ଡିଟିଏ ଝୁଲୁଛି ! କ୍ଷୀଣ ଚିତ୍କାରଟିଏ ମିଳେଇଯାଉଛି ସହସ୍ର ଚିତ୍କାର ଭିତରେ । ଅସହନୀୟ ଯନ୍ତ୍ରଣାରେ ତଣ୍ଟି ଶୁଖିଯାଉଛି । ଶୋଷ କବଳିତ ସେ ଏବେ । କଳରବରେ ଥରିଉଠୁଥିବା ଅଞ୍ଚଳରେ ଲୋକମାନେ ରୁଣ୍ଣ ହେଉଛନ୍ତି । ସାହାଯ୍ୟକାରୀଙ୍କ ଅପେକ୍ଷା ସାହାଯ୍ୟଭିକ୍ଷୁଙ୍କ ସଂଖ୍ୟା ଅଧିକ । ସେମାନେ ଦେଖୁଛନ୍ତି ଲକ୍ଷ୍ମଣରେଖା ଭିତରେ ବନ୍ଦୀ ହୋଇଥିବା ପିମ୍ପୁଡ଼ିମାନଙ୍କ ଜୀବନ ସଂଘର୍ଷର କିଛି ମର୍ମନ୍ତୁଦ ମୁହୂର୍ତ୍ତ !

କେଇକ୍ଷଣର ନିଃଶ୍ୱାସ ପ୍ରଶ୍ୱାସ ବାକି ଅଛି ? କେହି ଗଣୁଛି- ଏକ..ଦୁଇ..ତିନି.. । ରଡ଼୍ ଭିତରେ ଚାପି ହୋଇ ଝୁଲିପଡ଼ିଥିବା ଲୋକଟି ତା' ଗୋଡ଼ ଦୁଇଟିକୁ ଅନୁଭବ କରିପାରୁନି । କିନ୍ତୁ ଜଙ୍ଘ ତଳର ଅସହ୍ୟ ଯନ୍ତ୍ରଣାରେ ବିଳପି ଉଠୁଛି ! ବହୁକଷ୍ଟରେ ତଳକୁ ଚାହିଁ ଦେଖୁଛି- ଜଙ୍ଘତଳକୁ କଟିଯାଇଥିବା ତା'ର ବିକଳାଙ୍ଗ ଦେହ ! ତା' ଉପରେ ଅଜାଡ଼ି ହୋଇପଡ଼ିଛନ୍ତି କିଛି ଲୋକ, ଜିନିଷ ଓ ଆସବାବ ପତ୍ର । ପାପୁଲି ଛିଣ୍ଡିଯାଇଛି କାଚଖଣ୍ଡରେ । ଆର ହାତଟି ଚାପିହୋଇଯାଇଛି ଡବା ତଳେ । ବେକ ହଲାଇବାକୁ ସାମର୍ଥ୍ୟ ନାହିଁ । ବଞ୍ଚିବା ଆଶାରେ ନଜର ଘୂରାଉଛି ସେ । ଦିଆସିଲି ଖୋଳରେ ବନ୍ଦ ଥିବା କଙ୍କି ପରି ଜୀବନଟା ଛଟପଟ ହେଉଛି ଅଥଚ ସାଧ୍ୟ ନାହିଁ ଆଲୋକିତ ମେଘମାଳା ଆଡ଼କୁ ଉଡ଼ାଣ ଭରିବାକୁ । ମୁକ୍ତିଜନିତ ଆନନ୍ଦ ଅନୁଭବିବାକୁ ।

ସେ ଡେଣାହୀନ । ଧ୍ୱସ୍ତବିଧ୍ୱସ୍ତ ଉଡ଼ାଣ ନିମନ୍ତେ ସେ ଅକ୍ଷମ । କୀଟଟେ ପରି ଗୁରୁଣ୍ଡିବାର ସାମର୍ଥ୍ୟ ନାହିଁ, ପତଙ୍ଗ ପରି ମୁକୁଳିଯିବାର ଉପପାଦ୍ୟ ବି ଅଜଣା ଅଥଚ ସେ ନିଜକୁ ମଣିଷ କହି ଗର୍ବ କରିଆସୁଥିଲା । ଅବଶେଷ ଶରୀର ମୃତ୍ୟୁମୁଖୀ । କେଇଟା ନିଃଶ୍ୱାସ ପ୍ରଶ୍ୱାସ ବାକି ମାତ୍ର ! ଏକ, ଦୁଇ, ତିନ୍ କହୁଛି କେହି କାନପାଖେ..! ଲୋକମାନଙ୍କ ବିକଳ ଚିତ୍କାର କାନ, ଛାତି ଥରାଇଦେଉଛି । ଶୋଷରେ ଶୁଷ୍କ ହୋଇଆସୁଥିବା ତଣ୍ଟି, ଓଠକୁ ଓଦା କରିବାକୁ ଜିଭ ବି ଅସମର୍ଥ । ଖୁବ୍ ଶୋଷ..! ଘୋଟିଆସିଥିବା ଅନ୍ଧାର ଭିତରେ କୋଉଠୁ ନିଗିଡ଼ି ପଡୁଛି ତରଳ ଧାରଟେ ତା' ମୁହଁ ଦେଇ । ଲୋକଟା ଜିଭ ବୁଲାଇ ଆଣିଲା ଶେଷଥର ପାଇଁ । ଆଇଁଷିଣିଆ ଲାଗୁଥିଲା ସେ ରକ୍ତଧାର ! ବଞ୍ଚିବାକୁ ସେତିକି ଯଥେଷ୍ଟ ନଥିଲା ତ !

ଦେବଦୂତ !

ସମୟ ଯେମିତି ନିଠେଇ ଯାଇଥିଲା ! ଆର୍ତ୍ତ ଚିତ୍କାରେ କମ୍ପିଉଠୁଥିଲା ଆକାଶ ପୃଥିବୀ । ବଂଚାଅ, ରକ୍ଷାକରର ବିକଳ ଚିତ୍କାର ଭିତରେ ଲୁଚିଯାଉଥିଲା 'ପାଣି ଦିଅ'ର କରୁଣ ମୂର୍ଚ୍ଛନା । କୋଉଠି ଛୁଆଟେ କାନ୍ଦୁଛି, କୋଉଠି ବୃଦ୍ଧାଟିଏ ! ସ୍ତ୍ରୀ ଲୋକଟିଏ ହଜାଇଥିବା ପୁଅକୁ ଖୋଜୁଛି ତ କୋଉଠି ବିକଳ ଓ ଅସହାୟ ବାପାଟେ ଭଙ୍ଗା ବଗି

ଭିତରକୁ ତା' ପିଲାକୁ ଖୋଜୁଛି । ଚିତ୍କାରରେ ଥରିଯାଉଛି ରାତି ! ଆଲୋକ ବି ମୁହଁ ଲୁଚେଇ ଛପିଯାଇଛି ଦୂର ଆକାଶରେ ।

ନିତି ତେଲଲୁଣର ସନ୍ଧାନରେ ଯିବାଆସିବା କରୁଥିବା ଲୋକେ, ଖୋଲା ଆଖିରେ ଆଶା ସାଉଁଟୁଥିବା ପଥିକ ନୀଡ଼ଫେରନ୍ତା ପକ୍ଷୀ ପରି ନୀଡକୁ ଫେରୁଥିବାବେଳେ ଦଳେ ଶାଗୁଣାଙ୍କ ପନ୍ଝାରେ..କ୍ଷତବିକ୍ଷତ, ମୃତ ନ ହେଲେ ଆଘାତପ୍ରାପ୍ତ । ଯେମିତି ପାଣିଭରା କଳସୀଟିଏ ତଳେ ପଡ଼ି ଛାରଖାର୍ ହୋଇଯାଇଛି, ଅଥଚ ସେ ଖପରାରୁ ନିଗିଡ଼ିପଡୁଛି ଥପ୍‌ଥପ୍ ରକ୍ତ । ବିଛାଡ଼ି ହୋଇଯାଇଥିବା ଆସବାବପତ୍ର ସହ ମୁଠାମୁଠା ସ୍ୱପ୍ନ, ପ୍ରତିଶ୍ରୁତି, ଆଶା ଆଶ୍ୱସନା ସବୁକିଛି ରେଳଧାରଣା ଭିତରେ ଓ ବାହାରେ ବିଛାଡ଼ି ହୋଇପଡ଼ିଛି ଟୁକୁଡ଼ା ଟୁକୁଡ଼ା କାଗଜ ପରି । ଲାଗୁଥିଲା ଶୋଷିଲା ଥିଲା ମାଟି । ଶୋଣିତର ଧାରେଧାରେ ପରାଭୂତ ହୃଦୟ ଟିକେ ଜୀବନ ଖୋଜୁଥିଲା ତ ! ସେତିକିରେ କ'ଣ ଅଧିକାର ନ ଥିଲା ? ରାତି ବାହୁନି ଉଠୁଥିଲା କାରୁଣ୍ୟଭରା ସ୍ୱରରେ । ପ୍ରତ୍ୟାଗତଙ୍କ ଆଗମନ ପ୍ରତୀକ୍ଷାରେ ହିଁ ରହିଗଲା । କିଛି ଲୋକ ଭଗବାନ୍‌ଙ୍କ ପରି ଯାଚିଦେଲେ ପାଣି, ଖାଦ୍ୟ, ପ୍ରାଥମିକ ଚିକିତ୍ସା । ମାନବିକତାକୁ ଅମର କରିଦେଲେ । ଜନସାଧାରଣଙ୍କଠାରୁ ଆରମ୍ଭ କରି ଓଡ୍ରାଫ୍ ଟିମ୍, ନର୍ସ, ଡାକ୍ତର, ଆମ୍ବୁଲାନ୍ସଯାଏଁ ଏହିମାନେ ହିଁ ଦେବଦୂତ ଥିଲେ ସେ ରାତିର ।

ପକେଟମାର୍ !

ଜଣେ ବଢ଼ିଲା ଝିଅର ହାତକୁ ଝିଙ୍କିଲା । ନାକ ପାଖେ ହାତ ଦେଲା.. 'ହଁ ନା'ର ଦ୍ୱନ୍ଦ୍ୱରେ ଭିଡ଼ିଲା ଛାତିଆଡ଼କୁ । ତା' ପେଟରେ ବଡ଼କାଚଟେ ପଶି ବାହାରିପଡ଼ିଛି ପିଠିପଟେ ! ସାଙ୍ଗେ ସାଙ୍ଗେ ମରିଛି କି କ'ଣ ! ତା' ବେକରୁ ଚେନ୍ ଛିଣ୍ଡାଇଲାବେଳେ ଆରଜଣକ ପଚାରୁଥିଲା- କାନ, ନାକ ଦେଖିଲୁ ?

ହଁ । ପକେଟ୍‌ରେ ରଖିଛି । ଅସଲି କି ନକଲି ପରେ ଦେଖିବା । ମୋବାଇଲ୍ ?

ହଁ ନେଇଛି । ଶୀଘ୍ର ଚାଲ୍ । ଆଉ କେଉଁଠି ଦେଖିବା । ହଠାତ୍ କ୍ଷୀଣ ସ୍ୱରଟେ ଗୁଂଜରିତ ହେଲା- ପାଣି..ପାଣି । ସେମାନେ ଶବ ଭାବି ଯାହାକୁ ରାସ୍ତାକଡ଼କୁ ନେଇଯାଉଥିଲେ, ଚମକିପଡ଼ିଲେ । ସେମାନଙ୍କ ଭିତରୁ ଜଣେ କହୁଥିଲା- ପାଣି ଟୋପେ ଦେଇଦେବା ଶେଷ ସମୟରେ । ତାକୁ ବୁହାଇ ଚାଲିଥିବା ଲୋକ ଦୁହେଁ କହିଲେ- ହଁ ଯେ.. ପାଣି ଏବେ କେଉଁଠୁ ମିଳିବ ! ସେତେବେଳକୁ ପ୍ରାଣ ନଥିଲା ।

ସେମାନଙ୍କ ପରି କିଛି ଲୋକ ପକେଟ୍‌ରେ ଆଠ ଦଶଟା ଲେଖାଁ ମୋବାଇଲ୍, କିଛି ସୁନା ଅଳଙ୍କାର ଓ ଟଙ୍କା ଧରି ଘରମୁହାଁ ହେଉଥିଲେ । ହଁ ସାହାଯ୍ୟ ପାଇଁ ସେମାନେ ବି ହାତ ବଢ଼େଇ ନ ଥିଲେ ବୋଲି କହିହେବନି ।

ସାହାଯ୍ୟକାରୀ ଓ ସ୍ୱାର୍ଥନ୍ୱେଷୀ ଲୋକ !

ତିନି, ଚାରିଗଡ଼ା ଦେଇ ରାସ୍ତା କଡ଼ରେ ପଡ଼ିଥିବା ବଗିପାଖକୁ ଯିବା ମୁସ୍କିଲ୍ ଥିଲା । ପ୍ରଶାସନିକ ସାହାଯ୍ୟ ପୂର୍ବରୁ ଲୋକମାନେ ନିଃସଙ୍କୋଚ-ସାହାଯ୍ୟ ଯାଚିଦେଉଥିଲେ । ଅନେକଙ୍କ ଉଦ୍ଦେଶ୍ୟ ଥିଲା ମହତ । ମୋବାଇଲ୍ ଲାଇଟ୍ ଯୋଗେ ସେମାନେ ସାହାଯ୍ୟ କରୁଥିଲେ । ହାହାକାର ଭିତରେ ମୁମୂର୍ଷୁଙ୍କ ମୁହଁରେ ପାଣି ଟୋପେ ଦେଇପାରୁଥିଲେ । ଅନେକ ସେଇଠି ଚଳିପଡୁଥିଲେ । ଯେମିତି ସେହି ପାଣି ଟିକକ ପାଇଁ ଅପେକ୍ଷା ଥିଲା । ଆଉ କିଛି ସାହାଯ୍ୟ କରିବା ପ୍ରଚ୍ଛଦରେ ଥିଲା ସ୍ୱାର୍ଥ । ଅନ୍‌ଲାଇନ୍ ଯୋଗେ କମ୍ପାନୀରୁ କିଣାଯାଇଥିବା ଦାମିକା ଚିଜସବୁ ଉଦ୍ଧାନ୍ ଥିଲା । ସେମାନେ ବେଫିକର ହୋଇ ରେଳଧାରଣା ଦେଇ ଚାଲିଯାଉଥିଲେ.. । ସୁରକ୍ଷା କର୍ମୀମାନେ କେବଳ ଏସବୁର ଦର୍ଶକ ସାଜିଥିଲେ ।

ବୃହତ୍ ରେଳ ଦୁର୍ଘଟଣା !

ସମସ୍ତେ ଚିତ୍କାର କରିଥିଲେ ସାହାଯ୍ୟ ଯୋଗାଇଦେଇଛନ୍ତି ବୋଲି । ଆଘାତପ୍ରାପ୍ତ ଲୋକେ ହସ୍ପିଟାଲ୍‌ଗୁଡ଼ିକରେ ଜୀବନ ଓ ମରଣ ଭିତରେ ଝୁଲିରହିଥିଲେ । ଅନେକଙ୍କ ଠିକଣା ଜଣା ନ ଥିଲା । ସରକାରୀ ସଂଖ୍ୟାଠାରୁ ସଂରକ୍ଷିତ ଶବଙ୍କ ସଂଖ୍ୟା ଅଧିକ ଥିଲା । ହଜାର ହଜାର ଲୋକଙ୍କ ମୃତ୍ୟୁ ଅଥଚ ସରକାରୀ ସଂଖ୍ୟାରେ ମାତ୍ର ଦୁଇଶହ ତେୟାନବେ । ପ୍ରଶାସନିକ ସୂଚନାନୁସାରେ ଆବଶ୍ୟକୀୟ ୭୨ ସିଟ୍ ଛଡ଼ା ଟିକେଟ୍ ନ କରି ଟ୍ରେନ୍‌ରେ ଯା' ଆସ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ । ସେ ସଂଖ୍ୟା କିଏ କହିପାରିବ ! ଅନେକ ଦିନ ବିତିଯାଇଥିଲେ ବି ତଳକୁ ଖସିପଡ଼ିଥିବା ବଗିର ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା । ଏପରିକି ସେ ସ୍ଥାନକୁ ଯିବାର ଅନୁମତି କାହାକୁ ବି ନଥିଲା । ପଚା ଗନ୍ଧ ବ୍ୟାପିଯାଉଥିଲା ଚାରିଆଡ଼ । ଲୋକେ କହୁଥିଲେ ଏଇଟା କାଳେ ପୃଥିବୀର ବୃହତ୍ ରେଳ ଦୁର୍ଘଟଣା ! ମୃତ୍ୟୁସଂଖ୍ୟା କିନ୍ତୁ ଏ ଖବରକୁ ଭୁଲ୍ ପ୍ରମାଣିତ କରୁଥିଲା । ଲୁଚାଇବାର କ'ଣ ହୋଇପାରେ କାରଣ..ରାଜନୀତି ବୋଲି କେହିଜଣେ ଚାପାଗଳାରେ କହୁଥିଲା । କାରଣ ସେତେବେଳକୁ ସରକାରୀ ଗଣତି ସରିଯାଇଥିଲା ।

ଏଣ୍ଟରଟେନ୍‌ମେଣ୍ଟ୍, ସମ୍ବେନ୍ଦ୍ର ଓ ଛତାଦଳ !

ବିଶ୍ୱ ବି ତଟସ୍ଥ ! କଥାକଥାକେ ସରକାରୀ ହାସ୍ପାତାଳ ଓ ସ୍ୱାସ୍ଥ୍ୟସେବୀଙ୍କୁ ବଦନାମ କରୁଥିବା ଓ ମରଣାନ୍ତକ ଆକ୍ରମଣ କରୁଥିବା ପୁରୁଷପୁଙ୍ଗବମାନେ ନୀରବ । ସେମାନେ ହୁଏତ କଳିସାରିଥିଲେ ୟା'କୁ ନେଇ ରାଜନୀତି ସରଗରମ ହେବ । ବୁଦ୍ଧି ଖଟାଇ ପାରିଲେ ସେମାନଙ୍କର ଭଲ ରୋଜଗାର ସହିତ ଚର୍ଚ୍ଚା ବି ହେବ କାରଣ ସେମାନେ ଛତାଦଳର । ବର୍ଷା ଯୁଆଡ଼େ ଛତା ସେଆଡ଼େ । ତେଣୁ ଅପରାଧ ଘଟାଇଥିବା ଲୋକମାନଙ୍କୁ ଖୋଜା ପଡ଼ି ନ ଥିଲା । ଖୋଜାପଡ଼ିଥିଲା

କୌଣସି ଟିଭି ଚ୍ୟାନେଲ୍‌ର, ଯେଉଁଠି ଗୁଡ଼େ କପୋଳକଳ୍ପିତ କଥା ଦ୍ୱାରା ସମସ୍ତଙ୍କୁ ବାଟବଣା କରିହେବ । ଗପ ବନେଇହେବ । ତଦନ୍ତକୁ ଭିନ୍ନ ବାଟରେ ନିଆଯାଇପାରିବ । ଆଜିକାଲି ସୋସିଆଲ୍ ମିଡ଼ିଆରେ ରୋଚକ କାହାଣୀମାନ ମିଳିଯାଏ ମନୋରଞ୍ଜନ ପାଇଁ । କାରଣ ଆମ ଦେଶରେ ସିରିୟସ୍ ଖବରରୁ ମଧ୍ୟ ଏଣ୍ଟର୍‌ଟେମେଣ୍ଟ୍ ଓ ସସ୍ପେନ୍ସ ଖୋଜାଯାଏ । ସମସ୍ତେ ଜାଣିଥିଲେ ତଦନ୍ତ ବାଟବଣା ହେବା ପରେ ସତ୍ୟ ଓ ତଥ୍ୟ ବଦଳିଯିବ । ପାହାଡ଼ ଖୋଳୁ ଖୋଳୁ ମୂଷା ହିଁ ମିଳିବ । ଘଟଣାର ସତ୍ୟାସତ୍ୟ ଜଣାପଡ଼ିବାବେଳକୁ ଲୋକଙ୍କ ଆଗ୍ରହ ମରିଯାଇଥିବ ବା ଆଉ କିଛି ନୂଆ ଦୁର୍ଘଟଣା ଘଟିସାରିଥିବ । ସେପାଇଁ ହୋ' ହଲ୍ଲା, ରାଜନୀତିକ ପେଞ୍ଚ, ପରସ୍ପରକୁ ଦୋଷାରୋପ କାଦୁଅ ଫିଙ୍ଗା.. ଏମିତି କେତେକଣ ସବୁଥର ପରି ! ବାହାନଗାର ରକ୍ତାକ୍ତ ଇତିହାସ ପୃଷ୍ଠାଟିରେ ଧୂଳି ଚଢିଯାଇଥିବ ।

ଲମ୍ପଟତା ବନାମ୍ ମାନବିକତା

ସାହାଯ୍ୟକାରୀମାନେ ପ୍ରଶାସନ ନିକଟରେ ଅର୍ଥ ଦାବୀ କରୁଥିଲେ । ସେମାନଙ୍କ ମେଳରେ କିଛି ନିଶାଖୋର୍ ଓ ଚୋର ନିଜ ସଚ୍ଚୋଟତା ପ୍ରମାଣ କରିବାକୁ ଧାଡ଼ିରେ ଛିଡ଼ା ହୋଇଥଲେ । ରେଳଡବା ଖସିପଡ଼ିଥିବା ଜମିର ମାଲିକ ବି କ୍ଷତିପୂରଣ ଦାବି କରୁଥିଲା । ବିରକ୍ତ ହୋଇ ଅଫିସରଜଣକ ପଚାରିଲେ- କେତେ ସୁନା ଜିନିଷ, ନଗଦ ଟଙ୍କା, ମୋବାଇଲ୍ ଜବତ ହୋଇଛି ଲୋକଙ୍କଠାରୁ ? କେତେ ଲୋକ ପୋଲିସ୍ ହାତରେ ଜିମା ଦେଇଛନ୍ତି ଯାତ୍ରୀଙ୍କ ଅମାନତ ? ସାହାଯ୍ୟ କରିଛ ବୋଲି ଅର୍ଥ ଚାହଁ ଯଦି ଲୋକଙ୍କ ପାଖରୁ କି କି ଜିନିଷ ପାଇଲ କୁହ ? କିଛି ଲୋକ ପଛେଇ ଯାଉଥିଲେ, କିଛି ଭଗବାନ୍‌ଙ୍କ ନାଁରେ ହଲପ କରି - ଆମେ ନେଇନୁ କି ଜାଣିନୁ ବୋଲି କହିବାବେଳେ ଖନଉଥିଲେ । ଆଉ କିଛି ନିର୍ଲ୍ଲଜ୍ଜଙ୍କ ପରି କହୁଥିଲେ- ଜୀବନକୁ ବାଜି ଲଗାଇ ଲୋକଙ୍କୁ ବଂଚେଇଲାବେଳେ ଏସବୁ କ'ଣ ଦେଖିହୁଏ ? କିଛିଲୋକଙ୍କୁ ବଂଚାଇଥିବା ଲୋକଙ୍କ ମାନବିକତା ଆଗେ ଏସବୁ ତୁଚ୍ଛ ଜିନିଷ ।

ଅଫିସରଜଣକ ପଚାରିଲେ- ମାନବିକତା ? ମୋବାଇଲ୍, ସୁନାଗହଣା, ନଗଦ ଟଙ୍କା ବିନିମୟରେ ଯାହା କିଣାଯାଇପାରେ ? ଆଖିରେ ଧୂଳିଦେଇ ଲମ୍ପଟତାକୁ ମାନବିକତାର ନାମ ଦେବା ଆମ ଦେଶର ଗୋଟେ ନିୟମ ନା ଯାହାକୁ ତୁମେମାନେ ବନେଇଛ ?

ବିଶ୍ୱାସ, ଅନ୍ଧବିଶ୍ୱାସ

ଲୋକେ କହୁଥିଲେ ରେଳଧାରଣ କଡ଼ର ସେ ତେନ୍ତୁଳି ଗଛ, ଖାଲି ଗୋଟେ ଗଛ ନଥିଲା । ଦୈବୀଶକ୍ତି-ସଂପନ୍ନ ଆଶ୍ରୟଟିଏ ଥିଲା । କୋଉ ଅମଳର ଗଛ ଜଣାନଥିଲା । ଆଈ ମାଆ କହୁଥିଲା ତା' ଆଈ ବି ଏ ଗଛକୁ ଦେଖିଆସୁଥିଲା । କେତେ କେତେ ମହାବାତ୍ୟା, ଝଡ଼ତୋଫାନ୍ ତା'ର ବିଶେଷ କ୍ଷତି କରିପାରୁ ନ ଥିଲା । ଖୁବ୍ ଶୀଘ୍ର ତା ଶରୀରର କ୍ଷତିକୁ ସେ ପୂରଣ କରିଦେଉଥିଲା । ଅଭିଶପ୍ତା କିନ୍ନରୀ ବା ପରୀଟେ ପରି ସେ ଛିଡ଼ା ହୋଇଥିଲା ଅନନ୍ତ କାଳରୁ, କାହାର କ୍ଷତି ନୁହେଁ ବରଂ ସାହାଯ୍ୟ ହିଁ କରୁଥିଲା । ସେ ଗଛର ତେନ୍ତୁଳି ବି ଅଦ୍ଭୁତ ଭାବେ ମିଠା । ତା' ଛାଇରେ ସବୁତକ ଶାନ୍ତି । ମାଆଟେ ପରି ମେଲିଦେଇଥିଲା ପଣତ । ସରକାରୀ ଲୋକଙ୍କ ଆଡ଼କୁ ଏସବୁ କ'ଣ ଦିଶିଲା ? ଅନ୍ଧବିଶ୍ୱାସ କହି କଥାକୁ ଏଡ଼େଇ ଦେଲେ । ଗଡ଼େଇ ଦେଲେ ଗଣ୍ଡିକୁ ଖଣ୍ଡ ଖଣ୍ଡ କରି । ତା' ପରଦିନ ତିନିଟା ବଗି ସେମିତି ଖଣ୍ଡବିଖଣ୍ଡିତ ହୋଇ ମୂଳଟ୍ରେନରୁ ବିଚ୍ଛିନ୍ନ ହୋଇଗଲେ ! ଦେବୀ କି ପିଶାଚୀ ଯିଏ ବି ଥିଲା ସେ ଗଛରେ ତା' ଅଭିଶାପରେ ହେଲା ଏ ଦୁର୍ଘଟଣା !

ନିଷ୍ଠାପରତା !

ଗୋଟେ ବଗିରୁ ବଞ୍ଚିଯାଇଥିବା ଆଠଜଣଙ୍କ ଭିତରୁ ଲୋକଟି ଭଗବାନ୍‌ଙ୍କ ପ୍ରତି କୃତଜ୍ଞତା ଜଣାଇ ନିଜ ଅନୁଭୂତି ବଖାଣୁଥିଲା- ୨୮୮ ମୃତ୍ୟୁ ? ନା । ଆମ ବଗିରେ ତ ଏକାକାଳୀନ ୨୦୦/୨୫୦ ପାଖାପାଖି ଲୋକ ମରିଥିଲେ । ସବୁ ମିଶିଲେ ଆହୁରି ଅଧିକ ବଢ଼ିବ ମୃତ୍ୟୁ ସଂଖ୍ୟା । ସେମାନେ କେହି ଟିକେଟ୍ କରି ନ ଥିବେ । ତା' ମାନେ ଏତେସଂଖ୍ୟକ ଲୋକ ବିନା ଟିକେଟ୍‌ରେ ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାତାୟାତ କରନ୍ତି ? ଯଦି ହଁ, ତେବେ କେତେ କ୍ଷତି ହେଉଛି ରେଳ ବିଭାଗରେ ସେ ହିସାବ କାହିଁ ? ଏଥିପାଇଁ ଦେଶର ଅଭିବୃଦ୍ଧି ପ୍ରଭାବିତ ହେଉନି କି ? ସେ ଦୁର୍ନୀତିଗ୍ରସ୍ତ ରେଳ କର୍ମଚାରୀମାନଙ୍କୁ ଖୋଜି ବାହାର କରାଯାଉ । ଦାୟୀ କିଏ, ତଦନ୍ତ ହେଉ । ଏହି ବିଭାଗରେ ତଦନ୍ତ ସେତିକିବେଳେ ହୁଏ ଯେତେବେଳେ ଟ୍ରେନ୍‌ଟିଏ ଦୁର୍ଘଟଣାଗ୍ରସ୍ତ ହୁଏ । ଠିକ୍ ଯେମିତି ପୋଲ ଭୁଷୁଡ଼ିବା ପରେ ଜିନିଷର ମାନ ଓ ଯନ୍ତ୍ରୀଙ୍କ ନିଷ୍ଠାପରତା ଯାଞ୍ଚ କରାଯାଏ । କିଛି ବିଭାଗ ପାଇଁ ସରକାର ଚୁପ୍ କାରଣ ସେଥିରେ ପ୍ରଶାସନିକଙ୍କ ଲାଭ ବେଶି । ଜନସାଧାରଣଙ୍କର କମ୍ । ବିଡମ୍ବନା ହେଲା ଆମ ଜନସାଧାରଣଙ୍କ କଷ୍ଟ ଯନ୍ତ୍ରଣା ସହିବାର ଧୈର୍ଯ୍ୟ ବହୁତ । ଦ୍ୱିତୀୟ କଥାଟି ହେଲା ସେମାନେ ବିନା ପରିଶ୍ରମର ଅର୍ଥଲାଭକୁ ନିଜ ଅଧିକାର ବୋଲି ଭାବି ନେଇଛନ୍ତି ।

ମିଛେଇ

ବୋହୂଟା ବଡ଼ ବିକଳରେ ସ୍ୱାମୀର ଶବ ଖୋଜୁଥିଲା । ଦିନତମାମ୍ ଖରାତରା ସହି ସେ ଶବଗଦା ଆଡ଼େଇ ନିରେଖି ଦେଖୁଥିଲା । ଲୋକମାନେ କେହି ପାଣି ବୋତଲ ଯାଚିଦେଉଥିଲେ ତ କେହି ଶୁଖିଲା ଖାଦ୍ୟ । ଚିହ୍ନା ପଡୁନଥିଲା ଶବ । କାହାର ମୁହଁ ଫୁଲିଯାଇଥିଲା ତ କାହାର ଆଖି ବାହାରି ପଡ଼ିଥିଲା ପଦାକୁ । କାହାକୁ ଦେଖି ହେଉନଥିଲା । କାହାର ମୁଣ୍ଡ ଫାଟି ଦୁଇଫାଳ । ସ୍ତ୍ରୀ ଲୋକଟା ଯେଉଁ ଶବକୁ ଦେଖି ଭୋ ଭୋ କାନ୍ଦି ଉଠିଲା ଲୋକମାନେ ଜାଣିନେଲେ ସେ ହିଁ ତା' ସ୍ୱାମୀ । ମୁଣ୍ଡ

ଫାଟି ଦୁଇଫାଳ, ତେଣୁ ସେ ମୁହଁରୁ ନୁହେଁ, ହାତରେ ପିନ୍ଧିଥିବା ନାଲି ହଳଦିଆ ଫିତା ଦେଖି ତାଙ୍କୁ ଚିହ୍ନିପାରିଲା । ସ୍ଥାନୀୟ ଲୋକେ ତା' ଠିକଣା ଓ ପରିଚୟ ପାଇଁ ପ୍ରଶାସନିକ ଅଧିକାରୀଙ୍କ ପାଖକୁ ନେଇଗଲେ । ଶବ ସହିତ ସ୍ତ୍ରୀ ଲୋକର ପରିଚୟ ଠିକଣା ଲେଖାଗଲା । ଆଧାର କାର୍ଡ ଦେଖାଗଲା । ଚେକ୍‌ଟି ଧରାଇବା ପୂର୍ବରୁ ଆଉଜଣେ ସ୍ତ୍ରୀ ଲୋକ ଦାବି କରୁଥିଲା- ସେ ତାଙ୍କ ସ୍ୱାମୀଙ୍କ ଶବ ବୋଲି । ଅଧିକାରୀଜଣକ ଖୋଳତାଡ କରିବା ପୂର୍ବରୁ ଆଗ ମହିଳାଜଣକ ଫେରାର୍ ହୋଇଯାଇଥିଲେ ।

ଶବ ଦରକାର, ଟଙ୍କା ନୁହେଁ

ବାବୁ, ଆମ ଘର ଝାରଖଣ୍ଡରେ । ମୋ' ବାପା ଲାପତା । ଏ ଫଟୋଟି ଧରି ଢେର୍ ବୁଲିଲିଣି । ପାଉନି । ପାଖାପାଖି ହାସ୍ପାତାଳକୁ ଯାଇ ଲାସ୍ ଦେଖିସାରିଲିଣି । ବାପା ମିଳୁନାଇଁ । ମୋର ଟଙ୍କା ପଇସା ଦରକାର ନାଇଁ । ବାପା ଦରକାର ।

ମରଚୁଆରୀଗୁଡ଼ିକରେ ଖୋଜିଛ ? ଲୋକଟା କହିଲା- ଆଜ୍ଞା ।

ବାପା ତ ଜୀବିତ ନଥିବେ ତୁମର । ତେବେ ମୋ ବାପାର ଶବ ଦିଅନ୍ତୁ, ବୋଉ ଚାହିଁ ବସିଛି ଅଖିଆ ଅପିଆ । ସାମାଜିକ ଗଣମାଧ୍ୟମ ଟିଆରପି ବଢ଼ାଇବାକୁ ଜୋର୍ ଲଗେଇଦେଇଥିଲେ । ତାକୁ ସାହାଯ୍ୟ କରିବାକୁ ସମୟ ନଥିଲା ସେମାନଙ୍କ ହାତରେ । ଅନ୍ୟ ଜାଗାରୁ ବି ବୟାନ ଆଣିବାକୁ ଫୋନ୍ ଆସୁଥିଲା । ଲୋକଟା କିନ୍ତୁ କାନ୍ଦ କାନ୍ଦ ହୋଇ ଏଠୁ ସେଠିକୁ ହୋଇ ହୋଇ ନିରାଶ ହେଉଥିଲା ।

ଉଜ୍ଜ୍ୱଳିଉଠୁଥିବା ମାଆର ମୁହଁ

ଆଖିରୁ ଲୁହ ପୋଛି ତକିଆ ତଳେ ରଖିଲେ ପୁଅର ଫଟୋ ଓ ଦୁଇଟାଯାକ ଚେକ୍ । ଭୋ' ଭୋ' ହୋଇ କାନ୍ଦିଉଠିଲାବେଳେ ମନେପଡୁଥିଲା ପୁଅର ଶେଷ କଥାପଦକ- ବୋଉ, ଚାକିରୀଟେ କରିପାରୁନି ବୋଲି ସବୁବେଳେ ରାଗୁଚୁ ! ଏଥର ବାହାର ରାଜ୍ୟକୁ ଚାଲିଯିବି । ସୁପରଭାଇଜର୍ କହୁଥିଲା ଓଡ଼ିଶାରେ କାମ ମିଳିବ ବୋଲି । ମୁଁ ବଂଚେ କି ମରେ ଫେରିଲାବେଳକୁ ଭଲ ଦି' ପଇସା କମେଇକି ଆଣିଥିବି ଯେଉଁଥିରେ ତୋ'ର ଦୁଃଖ ଘୁଂଚିଯିବ । ପୁଅ ସିନା ନାହିଁ, କିନ୍ତୁ ତା' କଥା ସତ ହେଲା । ସେ ମରିକି କେତେ ଲକ୍ଷ ଟଙ୍କା ସହିତ ସାନ ଭାଇକୁ ଚାକିରୀ ଦେଇଗଲା ଯାହା ବଂଚିଥାଇ କରିପାରିନଥାନ୍ତା ! ମାଆ ହୋଇ ସେ କିନ୍ତୁ ସବୁବେଳେ ଅସନ୍ତୁଷ୍ଟ ହେଉଥିଲେ ପୁଅ ଉପରେ.. । ଅଭାବ ସଂପର୍କକୁ ପାଣିଚିଆ କରିଦିଏ ! ଇଚ୍ଛା ହେଉଥିଲା ମୃତପୁତ୍ରକୁ କୋଳେଇନେଇ ଶେଷଥର ପାଇଁ ଟିକେ ବୋକ ଦେବାକୁ । ହେଲେ ନା । ତା' ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଛି ବୋଲି ଅନ୍ତ୍ୟେଷ୍ଟି କ୍ରିୟା ପୂର୍ବରୁ ଭଲକି ଦେଖେଇ ଦେଲେନି କେହି । ସେଥିପାଇଁ ଜୀବନ ଥିଲାବେଳେ ମନଭରି ଭଲପାଇବା କଥା ..କେତେବେଳେ କୋଉକଥା ! ନହେଲେ ଅବଶୋଷରେ ଘାଣ୍ଟିହେବାକୁ ଜୀବନ କମ୍ ପଡ଼ିପାରେ !

ମୃତ୍ୟୁ କ'ଣ ପୁରସ୍କାର ?

ମୃତ୍ୟୁକାଳୀନ ସାହାଯ୍ୟର ଉପକାରିତା ଅପକାରିତା କ'ଣ ଭାବିଲା ଅର୍ଦ୍ଧଶିକ୍ଷିତ ଅଶିକ୍ଷିତା ସ୍ତ୍ରୀଲୋକଟି । ସରକାର ହାତ ଝାଡ଼ି ବସିପଡ଼ିଲେ । ସାହାଯ୍ୟ ପାଇ ଲୋକମାନେ ବି ଚୁପ୍ । ପୁଣି ବିଭିନ୍ନ ସଂସ୍ଥାରୁ ସହାୟତା ଯୋଗାଇବା ଏକରକମ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି । ରାଜନୀତି ହେଲାଣି ମୃତ୍ୟୁର ପରିସଂଖ୍ୟାନକୁ ନେଇ । ମୃତ୍ୟୁ ପାଇଁ ଲକ୍ଷଲକ୍ଷ ଟଙ୍କା ସହିତ ଯଦି ପରିବାରର କାହାକୁ ଚାକିରୀ ମିଳେ, ମାଗଣା ରାସନ୍ ବ୍ୟତୀତ, କୃତ୍ରିମ ଅଙ୍ଗ, ମାଗଣା ସ୍ୱାସ୍ଥ୍ୟସେବା, ମହିଳାଙ୍କୁ ସ୍ୱେଶାଲ୍ ସହାୟତା ସହିତ ଦରିଦ୍ର ଲୋକଙ୍କୁ ଜୀବିକା ନିର୍ବାହ କରିବାକୁ ଗୃହପାଳିତ ପଶୁ ଯୋଗାଇ ଦିଆଯାଏ ତେବେ ବେକାରୀ ପିଲାର ମୃତ୍ୟୁରେ ଅଭାବୀ ବାପାମାଆମାନେ ଦୁଃଖ କରିବେ ନା ଖୁସି ହେବେ, ଏ ଏକ ପ୍ରଶ୍ନବାଚୀ ! ସଂପର୍କର ପରିଭାଷା ହୁଏତ ବଦଳିଯାଇପାରେ । କେହିଜଣେ ଘରୁ ବାହାରିବାବେଳକୁ ଆତ୍ମୀୟର ନିରାପତ୍ତା ନ ହେଲେ ଦୁର୍ଘଟଣା କାମନା କରିପାରେ । ଏକଥା ଭାବି ସେ ବିଡ଼ବିଡ଼୍ ହେଲା ମନେମନେ ।

ଆଉ ସମ୍ଭାଳି ନ ପାରି ଚିଲ୍ଲେଇଲା- ଏତେ ଲୋକ ମରିଗଲେ । ସେହି ବଗିରେ ନ ଚଢି ଅନ୍ୟ ବଗିରେ କାଇଁ ପଶୁଥିଲ ? ନ ମଲ ନାହିଁ ପଛେ ଟିକେ ଖଣ୍ଡିଆଖାବରା ହେଇଥିଲେ ସରକାରୀ ସାହାଯ୍ୟ ତ ମିଳିଥାନ୍ତା । ପରିବାର ଚଳେଇବାକୁ ମତେ ଟିକିଏ ସୁବିଧା ତ ହୋଇଥାନ୍ତା ! ବୃଦ୍ଧାଜଣକ ଲୁହ ଛଳଛଳ ଆଖିରେ ଚାହିଁଲେ ବୋହୂକୁ । ସତରେ ତ ! ଭେଣ୍ଡିଆ ପିଲାମାନେ ଚାଲିଗଲେ, ଏମିତି ନିଉଛୁଣା ଜୀବନଟା ତାଙ୍କର କାଇଁ ରହିଲା ଯେଉଁଥିପାଇଁ ବିଧବା ବୋହୂଟା ସବୁଦିନ ତାକୁ ଧିକ୍କାର କରିବ । ପିଲାଛୁଆ ସଂସାର କରିଛି, ପୁଅ ବି ଅଧାବାଟରୁ ତା' ହାତ ଛାଡିଦେଇଚି । ମୁଣ୍ଡ ଉପରେ ପୁଣି ଶାଶୁବୋଝ ! ବିଚାରୀ କରିବ କ'ଣ ! ବୁଢ଼ୀ ଚାଲିଲା ଦୁର୍ଘଟଣାଗ୍ରସ୍ତ ଜାଗା ଆଡକୁ । କିଛି ସମୟ ପରେ ଲୋକ ତିନିଜଣ ଉଦ୍ଧାର କରିଆଣିଲେ କାଚରେ ହାତ କଟି ମୂର୍ଚ୍ଛା ଯାଇଥିବା ବୃଦ୍ଧାଙ୍କର ଅଚେତ ଶରୀରକୁ । ତତ୍‌କ୍ଷଣାତ୍ ତାଙ୍କୁ ହାସ୍ପାତାଳକୁ ସ୍ଥାନାନ୍ତର କରାଗଲା । ତାଙ୍କ ଗୁପ୍‌ର ରକ୍ତ ମଧ୍ୟ ମହଜୁଦ୍ ଥିଲା । ଅତ୍ୟଧିକ ରକ୍ତସ୍ରାବ ହେତୁ ବୃଦ୍ଧାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଚେକ୍ ଧରି ବୋହୂଟା ବିକଳ ଭାବେ ରଡ଼ି କରୁଥିଲା ଶାଶୁର ଶବ ପାଖରେ ।

ରକ୍ତଦାନ ମହତଦାନ

ଅଗଣିତ ଖରାପ ଘଟଣା ଭିତରେ ଅଳ୍ପ ଭଲ ଘଟଣା ଘଟେ ଯାହା ମାନବିକତା ପାଇଁ ସାକ୍ଷୀ ହୋଇ ରହିଯାଏ ଚିରକାଳ । ହାସ୍ପାତାଳରେ ରକ୍ତଦାନ କରିବା ଲାଗି ଆଶାୟୀଙ୍କ ଭିଡ଼ ଚାରିଗୁଣା ବୃଦ୍ଧି

ପାଇଥିଲା । ରକ୍ତହୀନ ରୋଗୀମାନେ ରକ୍ତ ପାଇଗଲେ । ଯାହା ବଳିଲା ଅନ୍ୟ ଜାଗାକୁ ପଠାଗଲା । ଆଘାତପ୍ରାପ୍ତ ଓ ରକ୍ତହୀନତାର ଶିକାର ହୋଇଥିବା ଲୋକମାନଙ୍କ ଓଠରେ ହସ ଫୁଟୁଥିଲା । ଉଦାହରଣ ସୃଷ୍ଟି ହେଲା ମାନବିକତାର । ଗଣନାରୁ ଜଣାଗଲା ରକ୍ତଦାନ କରିଥିବା ଲୋକଙ୍କ ଭିତରୁ କିଛି ମହିଳା ବି ଥିଲେ । ଆଉ କିଛି ଲୋକ ଅନ୍ୟ ଜିଲ୍ଲାରୁ ବି ଆସିଥିଲେ । ସଂଗ୍ରହ କରିବାକୁ ଖୁବ୍ କସରତ କରିବାକୁ ପଡିଥିଲା ସ୍ୱାସ୍ଥ୍ୟକର୍ମୀମାନଙ୍କୁ । ପ୍ରାଣମୂର୍ଚ୍ଛା ଉଦ୍ୟମ ସାକାର ହୋଇଥିଲା ।

ଏଭଳି ଦୁର୍ଘଟଣା ହେଉ ବୋଲି କାମନା ଅନେକଙ୍କୁ ତ ଫାଇଦା ହିଁ ଫାଇଦା ! ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରାଗଲାନି ! ତତ୍ପରତା ଦେଖାଇ ରାତିଦିନ ଧରି ଯେଉଁମାନେ ସେମାନଙ୍କ କର୍ତ୍ତବ୍ୟ କରୁଥିଲେ ସେ ଶ୍ରମଝାଳ ଓ ନିଷ୍ଠାପରତାର କଣ ମର୍ଯ୍ୟାଦା ନାହିଁ ! ଡାକ୍ତରମାନେ ଏବେ ବି ନନ୍‌ଷ୍ଟପ୍ ଅପରେସନ୍ ଥିଏଟର୍‌ରେ ହାଡ, ମାଂସ ସିଲେଇରେ ବ୍ୟସ୍ତ । ଜୀବନ ବଂଚାଇବାକୁ ବଦ୍ଧପରିକର । ଜୀବନର ସନ୍ଧିକ୍ଷଣରେ ଏମାନେ ସର୍ବୋପରେ କିନ୍ତୁ କାର୍ଯ୍ୟ ହାସଲ ପରେ ଉପେକ୍ଷିତ । କହିଲା ସେବିକାଟିଏ । ସେତିକିବେଳେ ଖବରଟେ ଆସୁଥିଲା- ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ମନ୍ତ୍ରୀ । ତେବେ ବି ମନ ବିରସ ଥିଲା । ସେ ତା' ସହକର୍ମୀକୁ କହୁଥିଲା- ହସ୍ପିଟାଲ୍‌ରେ ଗୋଟିଏ ମୃତ୍ୟୁ ପାଇଁ ଲୋକେ କେତେ ହୈଚୈ କରନ୍ତି । ଦୁର୍ବ୍ୟବହାର ସହିତ ମାରଧର, ଭଙ୍ଗାରୁଜା ସାଧାରଣ କଥା ସେମାନଙ୍କ ପାଇଁ । ଏଠି ହଜାର୍ ହଜାର୍ ସଂଖ୍ୟାରେ ମୃତ୍ୟୁ ! ଲୋକମାନେ ଏତେ ଚୁପ୍ ଓ ଉଦାର କିପରି ? କେହି ପ୍ରଶ୍ନ କଲେଣି- ସେଦିନର ଅବ୍ୟବସ୍ଥାବେଳେ କେଉଁ ଅଫିସର ଉପସ୍ଥିତ ଥିଲେ ? କେଉଁମାନେ ଦାୟୀ, ବାହାର କରାଯାଉ ସେମାନଙ୍କୁ । ଦଣ୍ଡ ଆମେମାନେ ଦେବୁ ।

ସହକର୍ମୀଜଣକ କହିଲା- ଚେକ୍ ମିଳୁଛି । ମୃତକମାନଙ୍କଠାରୁ କିଛି ଅର୍ଥ ବି ମିଳିଯାଉଛି । ହୁଏତ ଏଭଳି ଦୁର୍ଘଟଣାର କାମନା ହେବ ଆଗକୁ, ରୋକାଯିବ କାହିଁକି ? ଆସନ୍ନ ବାତ୍ୟା କି ମହାବାତ୍ୟାବେଳେ କିଛି ଲୋକ ଖୁସି ଥାଆନ୍ତି ସରକାରୀ ସାହାଯ୍ୟ ମିଳିବା ଆଶାରେ, ଏକଥା କ'ଣ ଜାଣିନୁ ? ସବୁଠୁ ଆଶ୍ୱାସନାର କଥାଟି ହେଲା- ଆମ ଦେଶର ଷଡ଼ଯନ୍ତ୍ରକାରୀ ଓ ଦୋଷୀମାନଙ୍କ ପାଇଁ ଦଣ୍ଡ କୋହଳ । ଲୋକମାନେ ବି ଖୁବ୍ ଶୀଘ୍ର ଦୁର୍ଘଟଣାଗୁଡ଼ିକୁ ପାଶୋରି ଦିଅନ୍ତି । କେତେ ମନେରଖିବେ । ଏମାନଙ୍କ ସଂଖ୍ୟା ଶହେ କି ଦୁଇ ଶହ ନୁହେଁ କୋଟି କୋଟି । ଆମ ଜନସାଧାରଣ ଖୁବ୍ ସହନଶୀଳ । ଅକଥନୀୟ ଯାତନାକୁ ସହିନେବେ କେଇଟା ଟଙ୍କା ପାଇଁ ।

ମୃତ୍ୟୁରୂପୀ ଭଗବାନ୍ !

ସେ ଗଲା ଭଲ ହେଲା, ରେଳ ଦୁର୍ଘଟଣା ଦେବଦୂତ ହୋଇ ଆସିଥିଲା । ନିଶାପାଣି ଅଭ୍ୟାସ ଯୋଗୁଁ ଧାର୍ କରଜରେ ବୁଡ଼ିଥିଲା ଅମାଲୁ । ଏଣେ ଘରେ ତିନିତିନିଟା ଅଭିଆଡ଼ୀ ଝିଅ । ସ୍ତ୍ରୀ ହାତରେ ଦୁଇପଟ ଶଙ୍ଖା, ବେକରେ ନାଲିଧଳା ମାଳି ଆଉ ମଥାରେ ବିନ୍ଦି ହିଁ ସଧବା ସନ୍ତକ । ବାରଘରେ ପାଇଟି କଲେ ପିଲାଙ୍କ ମୁହଁରେ ଆହାର ଓ ସ୍ୱାମୀ ପାଇଁ ଔଷଦପାଣି ଯୋଗେଇପାରେ । ଚଉତିରିଶ ବର୍ଷ ବୟସର ମଞ୍ଜରୀ ସତୁରୀ ବର୍ଷର ବୃଦ୍ଧା ପରି ଦିଶୁଥିଲା । ନା ଥିଲା ସ୍ୱାମୀ ସୁଖ ନା ଆରାମ । ଅମାଲୁର ସବୁବେଳେ ଖଁ ଖଁ କାଶ । ଡାକ୍ତର କହୁଥିଲେ ଫୁସ୍‌ଫୁସ୍‌ରେ ପାଣି ଜମା ହେଲାଣି । ଆଉ ମାତ୍ର କିଛିଦିନ । ସ୍ତ୍ରୀ ବାର ଦୁଆର ହେଉଥିଲା ପିଲାଙ୍କୁ ମଣିଷ କରିବାକୁ, ସ୍ୱାମୀ ପାଇଁ ଔଷଦ ପାଣି ଖଂଜିବାକୁ । ଯାହା ହଉ, ଟ୍ରେନ୍ ଦୁର୍ଘଟଣାରେ ଅମାଲୁ ଚାଲିଗଲାନି ଯେ ତା' ସଂସାରକୁ ଦେଇଗଲା ସୁଖ, ସମୃଦ୍ଧି ଯାହା ବଞ୍ଚିଥିଲାବେଳେ ଦେଇପାରିନଥିଲା । ଚେକ୍ ଆଣିବାବଳେ ମଞ୍ଜରୀ ଓଠରେ ହସ ଉକୁଟି ଉଠିଥିଲା ।

ଅଂଶୀଦାର

ବୃଦ୍ଧଜଣକ ଆସିଥିଲେ ପୁଅକୁ ଟିକେ ଆଖି ପୂରେଇ ଦେଖିନେବା ପାଇଁ । କହୁଥିଲେ- ଯଦି ଆପଣମାନେ ଅନୁମତି ଦେବେ ପୁଅର ଶବକୁ ବି ସାଙ୍ଗରେ ନେଇଯିବି । ନଇଲେ ଖାଲି ଟିକେ ଦେଖିବି । ଘରୁ ନେଇଆସିଥିଲେ ଆଧାର କାର୍ଡ଼ ସହିତ ଅନ୍ୟ ଜରୁରୀ କାଗଜ ପତ୍ର । କହୁଥିଲେ- ଏସବୁ ନେଇ ବୋହୂ ପିଲାକୁ ଦେବି । ସମୁଦୀକୁ ଡକେଇ କଥାବାର୍ତ୍ତା ହେବି । ପୁଅ ତ ଗଲା ବୋହୂକୁ ଘରେ କାଇଁ ରଖିବି ? ତା' ଇଚ୍ଛା ସେ ଯାହା କରିବ । ତାଙ୍କ ସହିତ ଆସିଥିବା ଲୋକଟି କହୁଥିଲା- ମଉସା, ସାହାଯ୍ୟ ଯାହା ମିଳିବ ଷାଠିଏ ଭାଗ ତମର । ମୁଁ ସେମାନଙ୍କୁ ଡାକି କହିଦେବି । ବୋହୂ ତ ଚାକିରୀ ସହିତ ବହୁତ ସୁବିଧା ସୁଯୋଗ ପାଇବ ପାଇବ ଅମ୍ୟାନୀଙ୍କ ପକ୍ଷରୁ । ଟଙ୍କାରେ ତମ ଭାଗ ଅଧିକ ରହିବ ନା..ଯେତେହେଲେ ତମ ପୁଅ ନା ! କାହା ଜିଭରେ ହାଡ଼ ଅଛି ପ୍ରତିବାଦ କରିବାକୁ ?

ବିଜୁଳି ଝଟ୍‌କା !

ଯେଉଁମାନେ ବିଜୁଳି ଝଟ୍‌କାରେ ମରିଗଲେ ସେମାନଙ୍କ ସଂଖ୍ୟା କେତେ ହବ ଆଜ୍ଞା ?

ତମେ କେମିତି ଜାଣିଲ ସେମାନେ ବିଜୁଳି ଝଟ୍‌କାରେ ମଲେ ବୋଲି ?

ଆଜ୍ଞା, ତାର ଛିଣ୍ଡିଚି ଦେଖୁନାହାନ୍ତି ।

ପ୍ରମାଣ କିଛି ଅଛି କି ? ଅଫିସର୍‌ଜଣକ କଥା ଭୁଲେଇ କହିଲେ- ସେ କଥା ଛାଡ଼ ହୋ । ଅଯଥାଟାରେ କଥାକୁ ଟାଣି ଓଟାରି ସଂଖ୍ୟା କାଇଁ ବଢ଼ାଉଛ ? ଯେଉଁ ସଂପର୍କୀୟମାନେ ଠିକ୍ ଭାବେ ପରିଚୟ ଦେଇ ଶବ ନେଇଗଲେ ନିଜ ଘରକୁ, ସେମାନଙ୍କୁ ଦିଆହେଲା । ଯେଉଁମାନଙ୍କ ପରିଚୟ ନାହିଁ ସେମାନଙ୍କ ଶବ ସଂରକ୍ଷିତ ଅଛି । ସେମାନେ ପ୍ରମାଣ ସହ ଦାବି କଲେ ଦିଆଯିବ । ତମେମାନେ ଏସବୁକୁ ବଡ଼ କାଣ୍ଡ ବୋଲି

ରୂପ ଦେଇଦେଲେ କ'ଣଟା ହେଇଯିବ ? ସଂଖ୍ୟା ଯେତିକି ଅଛି ସେତିକି ରହିଲେ ତମମାନଙ୍କର କ'ଣ ଫାଟୁଛି ?

ନାଇଁ ଆଜ୍ଞା, ଆମେ ଚାରିଜଣ ତ ପାଖାପାଖି ଅଢ଼େଇ ଶହ ବାହାର କରିବୁ ଦେଢ଼ ଦିନରେ !

ତ କ'ଣଟା ଭାସିଗଲା ? ଦୁଇଶହ ମୋବାଇଲ୍ କିଛି ଗହଣା ରଖିଚ ନା ନାଇଁ ? ସେସବୁର ଯାଞ୍ଚ ହେଲେ ଚଳିବ ତ ?

ଲୋକଟା ଚୁପ୍ ରହିଲା । ଅନ୍ୟ ତିନିଜଣ କାନ କୁଣ୍ଡେଇ ହେଲେ । ଶଃ.. ପୁଣି କଣ୍ଡୁ ଦୋଷ ? ଏତିକିରେ ଚୁପ୍ ରହ ନଇଲେ ଖରାପ ହବ । ଚାରିଜଣଯାକ ଟଙ୍କା ବଣ୍ଡଲ୍ ଧରି କହୁଥିଲେ- ଆମେ ଜାଣିବୁ ସଂଖ୍ୟା କେତେ ଆଜ୍ଞା । ଖାଲି ସାହାଯ୍ୟ କରିବାକୁ ଆସିଥିଲୁ ।

ସ୍କୁଲ୍, ପ୍ରେତାତ୍ମା ଓ ଦାଗ

ସେ ସ୍କୁଲ୍ ମୂକସାକ୍ଷୀ ଥିଲା କୁଡ଼କୁଡ଼ ଶବଙ୍କର । ରକ୍ତ ଛିଟାରେ ସ୍କୁଲ୍‌ଟା ରଣକ୍ଷେତ୍ର ପାଲଟିଥିଲା ! କାନ୍ଥ ପାଚେରି, କଳାପଟା, ଚେୟାର୍ ଟେବୁଲ୍, ଗଛଲତା ମୂକସାକ୍ଷୀ ଥିଲେ ଆକୁଳ ଚିତ୍କାରର । ଶବମାନଙ୍କୁ ଆଡ଼େଇ ବାପଟିଏ ଖୋଜୁଥିଲା ପୁଅକୁ, ପୁଅ ତା' ବାପ, ଭାଇ, ସଂପର୍କୀୟମାନଙ୍କୁ । ଗୋଟିଏ ରାତିର ଠିକଣା ପରେ ଶବମାନେ ଗନ୍ତବ୍ୟ ସ୍ଥଳକୁ ଚାଲିଗଲେ ସିନା ହେଲେ ସମସ୍ୟାର ସରିଲା ନାହିଁ । ଘନନ୍ଧକାରରେ ମିଳେଇଯାଉଥିବା ଆତ୍ମୀୟମାନଙ୍କ କାନ୍ଦଣା ଓ ଚିତ୍କାର ଛାତି ଥରେଇଦେଉଥିଲା । ପିଲା, ଅଭିଭାବକମାନଙ୍କୁ ପ୍ରେତାତ୍ମା ସବାର୍ ହୋଇଥିଲା ନା ପ୍ରଶାସନ ଓ ଠିକାଦାରମାନଙ୍କୁ ଜଣା ନ ଥିଲା । ଆଦେଶ ଆସିଥିଲା ସ୍କୁଲ୍ କୋଠାଗୁଡ଼ିକୁ ଭଙ୍ଗାଯାଇ ନୂଆ କୋଠାମାନ ତିଆରି ହେବ । କେତେକଣ କାହାଣୀମାନ ପ୍ରସ୍ତୁତ ହୋଇସାରିଥିଲା ।

ପ୍ରେତାତ୍ମାମାନେ ସ୍କୁଲ୍ ପରିସରରେ ବୁଲୁଥିବାର କେତେକ ପ୍ରତ୍ୟକ୍ଷଦର୍ଶୀ ଦେଖିଥିବାର ଚାଞ୍ଚଲ୍ୟକର ବୟାନ କୋମଳମତି ପିଲାମାନଙ୍କୁ ଭୟଭ୍ରାନ୍ତିରେ ପକାଇଥିଲା । ସେ ଆଳରେ ମଧୁଚନ୍ଦ୍ରିକା ଆରମ୍ଭ ହୋଇଯାଇଥିଲା ଯନ୍ତ୍ରୀ ଓ ଠିକାଦରମାନଙ୍କର । କହିବା ବାହୁଲ୍ୟ ଠିକାଦାରମାନେ ନେତାମାନଙ୍କର ଶରଣାପନ୍ନ ହୋଇ ପ୍ରଶାସନ ଉପରେ ଚାପ ପକାଉଥିଲେ ସ୍କୁଲ୍ ଭାଙ୍ଗିବାକୁ । ହଠାତ୍ ଦିନେ ଧୂଳିସାତ୍ ହୋଇଗଲା ସ୍କୁଲ୍ । ନୂଆକୋଠା ତିଆରି ପରେ ପ୍ରେତାତ୍ମାମାନେ ବାଟ ଭୁଲି ଅନ୍ୟତ୍ର ଚାଲିଯିବେ ବୋଲି ଗ୍ୟାରେଣ୍ଟି ନଥିଲା । କୌଣସି ପୂଜା ହୋମ ଏତେସଂଖ୍ୟକ ଅତୃପ୍ତ ଆତ୍ମାଙ୍କୁ ତଡ଼ିଦେଇପାରେ, ତା'ର ପ୍ରମାଣ କିଏ ଦେବ ? ଦୁର୍ଘଟଣାରେ ଅନେକ ଫାଇଦା ଖୋଜନ୍ତି, କିଛି ନିଜ ଭବିଷ୍ୟତ ନିର୍ମାଣ କାମରେ ଲାଗିଯାଆନ୍ତି । ଠକାମି ମଧ୍ୟ ଲାଭଜନକ ବୃତ୍ତି ଯାହା ମାଧ୍ୟମରେ ଭୌଗୋଳିକ ସୀମାରେଖା ବି ବଦଳିଯାଏ ।

ବିସ୍ମୃତି ଗର୍ଭରେ ସବୁ ଏବେ !

ଅସଂଖ୍ୟ ଦୁର୍ଘଟଣା ଭିତରେ ଏ ଦୁର୍ଘଟଣା ବି ଭୁଲି ହୋଇଯିବ । ଆମ ଦେଶ ଏବେ ଜନସଂଖ୍ୟା ଦୃଷ୍ଟିରୁ ଖାଲି ପ୍ରଥମ ନୁହେଁ, ଟାଉଟରି, ଅଳସୁଆମୀ, ନିର୍ମମତା ଓ ଉଦ୍ଭଟ ଭାବନାରେ ଟିଆର୍‌ପି ବଢ଼ାଇ ନାମ ଅର୍ଜନ କଲାଣି । ସାଙ୍ଗେ ସାଙ୍ଗେ ହୋ' ହଲ୍ଲା, ମିଡ଼ିଆ କଭରେଜ୍, ଆରୋପ ପ୍ରତ୍ୟାରୋପ । ତା'ପରେ କ୍ଲାନ୍ତି । ପୁଣି ଖୋଜା ନୂଆ ଘଟଣା/ ଦୁର୍ଘଟଣା । ସତରେ ଲୋକମାନେ ସଚେତନ ? ଆମ ମିଡିଆ ଅତିରଞ୍ଜିତ ପ୍ରସାରଣରେ ଲିପ୍ତ ରହିବାବେଳେ ମନେହୁଏ- ଏ ଜୀବନ କ'ଣ ଖାଲି ଟି. ଆର୍. ପି ଭିତରେ ସୀମିତ ? ବାସ୍ତବତାଠୁ କେତେ ଦୂରରେ ଆମେ ? ଏଭଳି ସ୍ଥିତି ପାଇଁ ଦାୟୀ କିଏ ?

ରକ୍ତଛିଟାରେ ପ୍ରେମ

ଚିଠି ସହିତ ରକ୍ତଭିଜା ରୁମାଲ୍‌ଟିଏ ବଗି ଭିତରୁ ମିଳିଥିଲା । ଲେଖାଥିଲା- ଘରଲୋକମାନେ ମୋ' ବାହାଘର ପାଇଁ ବ୍ୟସ୍ତ ହେଲେଣି । ଗୋଟେ ଦୁଇଟା ପ୍ରସ୍ତାବକୁ ନେଇ ପଚରାପଚରି ହେଉଛନ୍ତି । କିନ୍ତୁ ତୁମ ବିନା ମୁଁ କ'ଣ ଆଉ କାହାର ହୋଇପାରିବି ଏ ଜନ୍ମରେ ? ଶୀଘ୍ର ନ ଆସିଲେ କ୍ଷମା କରିବିନି । ତମେ ଭଲରେ ଜାଣ, ଆମ ପ୍ରେମକୁ କାଲି ଚଉଦ ବର୍ଷ ପୂରିଯିବ । ଏତେବର୍ଷର ଅପେକ୍ଷା ମୋ' ପାଇଁ ଗୋଟେ ଯୁଗ ! ତେବେ ବି ଏଇ କିଛିଦିନ ପାଇଁ କହି ମନକୁ ବୁଝେଇ ନେଇଛି । ତମେ ଚାକିରୀ ପାଇଯିବା ପରେ ଘରଲୋକଙ୍କୁ ମନକଥା ଜଣାଇସାରିଛି । ଦୁଇ ପରିବାର ଓ ଆତ୍ମୀୟସ୍ୱଜନ ସମସ୍ତେ ତମ ଫେରିବା ବାଟକୁ ଚାହିଁ ବସିଛନ୍ତି ଚାତକ ପରି । ମୁଁ ବି ବିରହିଣୀ ପାଲଟିଗଲିଣି ତମ ଯିବା ପରଠୁ । ଶୀଘ୍ର ଆସ, ମୁଁ ଘଣ୍ଟାକଣ୍ଟାର ଟିକ୍ ଟିକ୍ ଶବ୍ଦର ହିସାବ ରଖୁଛି ପରା ! ତମେ ଚିଠିକୁ ଭଲ ପାଅ ବୋଲି ସିନା..ନହେଲେ ମୋବାଇଲ୍ କ'ଣ କମ୍ ବଖାଣି ପାରେ ! ହେଉ ତେବେ ଆଜି ପାଇଁ ଏତିକି । ଭଲ ଥାଅ, ମୋ ଛାତିର ସ୍ପନ୍ଦନ, ଶରୀରର ପ୍ରାଣ ! ଏଇଠୁ କାନପାରି ଶୁଣିପାରୁଛି ତମ ଛାତିତଳର ସ୍ପନ୍ଦନକୁ । ରହୁଚି, ବାଏ । ଏବେ ଜଣାନାହିଁ ଏ ଘଟଣା ପରେ ସେ ସ୍ପନ୍ଦନ ରୋକିଯିବ କି ଚାଲିବ !

ରକ୍ତଭିଜା ରୁମାଲ୍‌ରେ ଲେଖାଥିଲା- ପରିଚିତା+ଅନୁରାଗ । ମୋବାଇଲ୍ ବାରବାର ରିଂ ହୋଇ କଟୁଥିଲା । ଜଣେ କେହି ଖବର ଦେବାକୁ ଫୋନ୍ ଉଠାଇଲାବେଳେ ସେପଟୁ ଶୁଭୁଥିଲା- ସବୁ ବଦଳିଯିବ । ହେଲେ ତମେ ବଦଳିବ ନାହିଁ ମୁଁ ଜାଣେ । ଆସନ୍ତା କାଲି ଶେଷ ତାରିଖ ଥିଲା ଆମ ଛାଡ଼ପତ୍ର ଶୁଣାଣିର । ଆଜି ପହଞ୍ଚିବା କଥା । ଏଥର କିନ୍ତୁ ଭାବୁଥିଲି ପିଲାଟିର ଭବିଷ୍ୟ ପାଇଁ କମ୍ପ୍ରୋମାଇଜ୍ କରି ତୁମ ସହିତ ରହିଯିବି । ହେଲେ ତୁମେ ବେପରୁଆ । ଜୀବନକୁ ନେଇ ସିରିଅସ୍ ହେବା ତୁମ ଜାତକରେ ନାହିଁ । ସେଥିପାଇଁ ଆମ ମିଳନ ଅସମ୍ଭବ । ଫୋନ୍ ରଖିବା ପୂର୍ବରୁ ଲୋକଟି କହିଲା- ସତରେ ଅସମ୍ଭବ !

ମାନେ ? କିଏ ତୁମେ ? ସେପଟୁ ପ୍ରଶ୍ନ ଶୁଣି ଏପଟ ଲୋକ କହିଲା- ମାନେ ସେ ଆଉ ନାହାନ୍ତି ଏ ଦୁନିଆରେ । ବେପରୁଆ ହୋଇ ଚାଲିଯାଇଛନ୍ତି ଅଫେରା ରାଜ୍ୟକୁ । ସେପଟୁ ଉତ୍ତର ନଥିଲା କିଛି । ଲାଗୁଥିଲା ଫୋନ୍‌ଟା ହାତରୁ ପଡିଗଲା କି କ'ଣ କେହିଜଣେ ଡାକୁଥିଲା- ପରିଚିତା....କ'ଣ ହେଲା ତୋର ?

▮ ▮

ସମୟ ଦୀର୍ଘଶ୍ୱାସ ପକାଇଲା । ମୋ ହାତରୁ ଖାଲି ଚା' କପ୍ ଓ ପାଣିବୋତଲ ସଫେଇ କର୍ମଚାରୀମାନେ ନେଇସାରିଥିଲେ । ମୋ ଲକ୍ଷ୍ୟସ୍ଥଳୀ ନିକଟ ହୋଇଆସୁଥିବାରୁ ମୁଁ ସଜାଗ ହେଲି । ପକେଟ୍‌ରୁ ସିଗାରେଟ୍ କାଢ଼ି ତରବରରେ ଦୁଇଥର ଫୁଙ୍କି ଅଧାଜଳାଟିକୁ ପାଦତଳେ ଚାପିଦେଲି ଫାଇନ୍ ଭୟରେ । ଚାହିଁଲି ଝର୍କା ବାହାରକୁ । ସେପଟେ ଲାଇଟ୍‌ମାଳା, ଅଥଚ ଭିତରଟା ଏତେ ଅନ୍ଧାର ଯଦିଓ ଟ୍ରେନ୍ ଭିତରେ ଲାଇଟ୍ ଜଳୁଥିଲା ! ବିଶାଳ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଏଭଳି ଅଘଟଣ। ବେହିସାବ ! ଯାନ୍ତ୍ରିକ ଅଭିଜ୍ଞତା ଓ ବୈଷୟିକ ଜ୍ଞାନକୌଶଳରେ ଆମେ ଚାଇନାଠୁ ବି ଢେର୍ ପଛରେ କିନ୍ତୁ ଜନସଂଖ୍ୟା ବୃଦ୍ଧିହାରରେ ଆମେ ତାକୁ ବି ପଛରେ ପକାଇଦେଇଛୁ ! ବାସ୍ତବତା ଅପେକ୍ଷା ଆମ ଜନସାଧାରଣ ବେଶି କଳ୍ପନାଜଳ୍ପନା-ବିଶ୍ୱାସୀ । ଭୌତିକ କାଣ୍ଡ ଏସବୁ ଘଟାଉଛି ବୋଲି କେତେକ ହୋମଯଜ୍ଞ କରାଇବାରେ ବ୍ୟସ୍ତ ।

ରେଳବିଭାଗର ସଚେତନତା ସମୟ କହିବ । ଯେଉଁ ଅଂଚଳ ଦେଇ ରେଳଧାରଣା ଯାଇଥାଏ, ସେ ସ୍ଥାନରେ ନା କଟକଣା ନା ସଚେତନତା ଥାଏ ! ଅବ୍ୟବସ୍ଥା ଭିତରେ ତିନିଜଣ ରେଳଚାଳକ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ, ଏକଥା ସନ୍ଦେହଜନକ ହେଇଥିଲେ ବି ସତ୍ୟ । ସେଥିପାଇଁ ସେ ତିନିଜଣ ସନ୍ଦିଗ୍ଧଙ୍କୁ ସି.ବି.ଆଇ ଜେରା କରୁଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ସେମାନେ ଜାଣିଶୁଣି ଏସବୁ କରିଥିଲେ କିନ୍ତୁ ଏତେସଂଖ୍ୟକ ମୃତାହତ ହେବେ ବୋଲି ଭାବିପାରି ନ ଥିଲେ ! ଏଥିରୁ ଅନୁମେୟ ଆମ ଅଫିସର୍‌ମାନଙ୍କ ବିକୃତ ମାନସିକତା ! ଏମାନେ କ'ଣ ପ୍ରକୃତରେ ଚାକିରି ପାଇଁ ଯୋଗ୍ୟ ? କିଏ ଫେରେଇଦେବ ପିତୃହୀନ ପିଲାକୁ ତା' ବାପ, ସନ୍ତାନହୀନା ମାଆଠାରୁ ଛଡ଼େଇ ନେଇଥିବା ପିଲା, ବିଧବା ମଥାର ସିନ୍ଦୂର, ବାପାର ଏକମାତ୍ର ସମ୍ବଳ ତା'ର ପୁତ୍ରକୁ କିଏ ଆଣିଦେବ ଏସବୁ ପ୍ରଶ୍ନ ପଚରାଯାଉ ସେ ଅମଣିଷମାନଙ୍କୁ, ଯେଉଁମାନେ କର୍ତ୍ତବ୍ୟ ସହିତ ବେଇମାନୀ କରିଛନ୍ତି । କଠୋର ଶାସ୍ତିବିଧାନ ହେଉ, ଉଦାହରଣ ସୃଷ୍ଟି ହେବାପରି । ହୁଏତ ମୃତକମାନଙ୍କ ଆତ୍ମା ତୃପ୍ତ ହୋଇପାରେ ! ଟ୍ରେନରୁ ଓହ୍ଲାଇଯିବା ପରେ ମନେହେଲା କିଛି ଛାଡ଼ିଆସିଛି ! କ'ଣ ହେଇପାରେ.. ଭାବିଲି । ସମୟ, ଗୁଡ଼େ ପ୍ରଶ୍ନଚିହ୍ନ ନା ସେ ଅଧାଜଳା ସିଗାରେଟ୍..?

ମାର୍ଫତ - ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର
କ୍ୱା.ନଂ-୩ଆର/୪
ଜଗତସିଂହପୁର

କ ବି ତା

ସେ ଗୋଲ ପଥରଟି

ଭଗବାନ ପଣ୍ଡା (ଭଗତ)

ଘର- ଦାଣ୍ଡ ପାର୍ଶ୍ୱରେ
ପଡ଼ିଥିବା ସେ ଗୋଲ୍ ପଥରଟିକୁ
ମୁଁ ଦେଖି ଆସୁଥିଲି ଆଜନ୍ମ,

କେଉଁ କାଳରୁ ସେ
ସେଠାରେ ପଡ଼ିଥିବ ବୋଧେ !

ମୋ'ର ମନେ ଅଛି - ପ୍ରଥମେ ଯେବେ
ଠିଆ ହେଇଥିଲି ତା' ପାଖରେ
ମୋ' ଛାତିରେ ମୁହଁ ଘଷି କହିଥିଲା
ତା'ର ପଥର ହେବାର କଥା

ତା' ଉପରେ ଠିଆ ହେଇ
ବହୁବାର ଶୁଣିଛି - 'ଆ' ଜହ୍ନମାମୁଁ ସରଗଶଶୀ

ଆଗକୁ ନଈ ବୋହିଗଲା ପରି
ପଛକୁ ଫେରି ଯାଉଥିଲା ସମୟ

ଅନେକ ଦିନ ପରେ ଜାଣିଲି
ସେ ଗୋଲ୍ ପଥରଟି
ଦିନୁ ଦିନ ଛୋଟ ହେଇଯାଉଛି

ଶେଷ ଥର ପାଇଁ ତା'କୁ ମାପି ଥିଲି
ମୋ' ସହିତ,
ଛାତିଏ ଉଚ୍ଚରୁ, ଛୋଟ ହେଇ
ଆଣ୍ଠୁଏ ଯାଏଁ ହେଇ ଯାଇଥିଲା ସେ

ସମୟର ବିବର୍ତ୍ତନରେ
ଏମିତି ପରିବର୍ତ୍ତନ ବୋଧହୁଏ !

ରାସ୍ତାଘାଟର ପ୍ରଶସ୍ତିକରଣ
ଓ ସଭ୍ୟତାର ବିକାଶ ପଥରେ
ହଜି ଯାଇଛି ସେ,
ନିଜକୁ ସମର୍ପି ଦେଇଛି
କେଉଁ ଅନ୍ଧାରୀ ଗର୍ତ୍ତରେ
ତା' ଅବୟବର ଶୂନ୍ୟତାକୁ !

ଏବେ ସେ ଅଛି ମୋ' ଛାତିରେ
ସ୍ମୃତିଶୀଳାଟିଏ ହେଇ ।

'ଶୈଳକଳ୍ପ', ଶ୍ରୀମା ନଗର ପ୍ରଥମ ଗଳି
ଲୋଚାପଡ଼ା, ବ୍ରହ୍ମପୁର, ଗଞ୍ଜାମ
ମୋ.: ୯୭୭୮୧ ୬୪୫୦୭



ଝିଅ

ଶଶିକାନ୍ତ ରାଉତ

ମଉସା ! ପାଟିଖୋଲ । ହଁ... ଆଁ କଲ, ହୁଁ... ଢୋକ, ଢୋକିଦିଅ । ବାସ୍ ! ସାଇଡ୍ ହୋଇଗଲ । ହଁ ଟିକିଏ କଡ଼ମାଡ଼ି ଶୋଇଥାଅ । ମୁଁ ଟିକେ ଛାଡ଼ି ଆସୁଛି । ସେମିତି ଶୋଇଥିବ । ଏପଟ ସେପଟ ହେବନାହିଁ । ମୁଁ ଇଞ୍ଜେକ୍‌ସନ୍‌ଟା ରେଡ଼ିକରି ଆସୁଛି । ଷ୍ଟାଫ୍‌ରୁମ୍ ଭିତରକୁ ସୁତପା ପଶି ଯାଉ ଯାଉ ରୁମ୍ ଭିତରେ ଥିବା ସିନିୟର ନର୍ସ ସୁନନ୍ଦା କହିଲେ- ସୁତପା ! ବୁଢ଼ାର କେହି ଆସିଲେ କି ନାହିଁ ?

– ନା ମ ଦିଦି । କାହିଁ ମୁଁ ତ ଦେଖିବାକୁ ପାଉନାହିଁ ।

– ବୁଢ଼ାର ଚେହେରାରୁ ଜଣାପଡୁଛି, ବେଶ ଥିଲାବାଲା ଘରର । ଚାକିରି କିମ୍ବା ବଡ଼ ବିଜିନେସ୍ ଫିଜିନେସ୍ କରୁଥିବା ଲୋକ ।

– ଦିଦି, ଆହୁରି ଦୁଇଦିନ ଲାଗିଯିବ ତା' ପାଖରୁ କଥା ଶୁଣିବାକୁ ।

– ସାର୍ କ'ଣ କିଛି କହୁଥିଲେ ?

– ସାର୍ ଆଉ କ'ଣ କହିବେ । ଔଷଧ ତ କାହିଁ କିଛି ପରିବର୍ତ୍ତନ କରି ନାହାନ୍ତି । ଯାହା ଥିଲା ସେଇ ସବୁ ଚାଲିଛି ।

ସିନିୟର ନର୍ସ ଜଣକ ଟେବୁଲ୍ ଉପରେ ଥିବା କ୍ୟୁସିଟ୍ ଉପରେ ଆଖି ବୁଲେଇ ଆଣିଲେ । କ'ଣ ସବୁ ଦିଆଯାଇଛି ଓ କେଉଁ ଔଷଧ ଦେବାରା ଅଛି ତନ୍ନତନ୍ନ କରି ଦେଖି କହିଲେ- ସୁତପା ! ଏ କେମିତି ବଞ୍ଚିଗଲେ କିଲୋ ? ବୁଢ଼ାର ଭାଗ୍ୟ ଟାଣ ଅଛି । କ'ଣ କଥାବାର୍ତ୍ତା କଲାଣି କି ?

– ହଁ ସେନ୍ସ ଅଛି । ଆଖି ମିଟିମିଟି କରୁଛି । ଯାହା କହିଲେ ଶୁଣୁଛି ଓ ରିସିଭ୍ କରୁଛି ।

– ହଁ, ହଁ ସବୁ ଭଗବାନଙ୍କ ଇଚ୍ଛା । ହଁ, ସୁତପା ଆଜି ଯେଉଁ ଟେଷ୍ଟଗୁଡ଼ାକ ଅଛି ଶୀଘ୍ରଶୀଘ୍ର କରାଇ ଦେ । ସାର୍ ଆସି ପୁଣି ଖୋଜିବେ ।

ଡାକ୍ତର ଜେ.ଏସ୍. (ଜୟନ୍ତ ସାହୁ) ଆସିବା ପୂର୍ବରୁ ଟେଷ୍ଟ ସବୁ ସରିଯାଇଥିଲା । ସୁତପା ଓ ସିନିୟର ନର୍ସ ସୁନନ୍ଦାଙ୍କ ସହ କ୍ୟାବିନ୍ ନମ୍ବର ଦଶକୁ ପେସେଣ୍ଟ ଦେଖିବାକୁ ବାହାରିଲା ବେଳେ ଡାକ୍ତର ସାହୁ ସୁନନ୍ଦାଙ୍କୁ ପଚାରିଲେ- ସିଷ୍ଟର୍ ! ଆଜି ତାଙ୍କୁ କ୍ୟାବିନ୍ କେମିତି ମିଳିଗଲା ?

– ସାର୍ ! ମୁଁ ତ ଦେଖି ଆଶ୍ଚର୍ଯ୍ୟ ହେଲି ଦୁଇଦିନ ହେଲାଣି ତାଙ୍କର ସମ୍ପର୍କୀୟ କେହି ଜଣେ ଆସୁନାହାନ୍ତି । ଇୟେ ନିଶ୍ଚୟ ଜଣେ ଜଣାଶୁଣା ବ୍ୟକ୍ତି । କାଲି ରାତିରେ ପୁଣି ତାଙ୍କୁ ସ୍ପେଶାଲ୍ ଆଇସିୟୁ କ୍ୟାବିନ୍‌ରେ ରଖାଯାଇଛି ।

– ଠିକ୍ ଅଛି । ଆମେ ଆମର କର୍ତ୍ତବ୍ୟ କରିଯିବା । ତାଙ୍କର ସମ୍ପର୍କୀୟ କିଏ ଆସିଲେ ଆମେ ଜାଣିବା ପେସେଣ୍ଟର ଇତିହାସ ।

ଡାକ୍ତର ସାହୁ ରୋଗୀକୁ ଭଲଭାବରେ ଦେଖିଲେ । ତାଙ୍କ ମୁଖମଣ୍ଡଳରୁ ଜାଣି ହେଉଥିଲା ରୋଗୀର ଅବସ୍ଥା ସମ୍ପର୍କରେ ।

ସୁନନ୍ଦା ପଚାରିଲେ- ସାର୍, ଅବସ୍ଥା ?

– କହିହେବ ନାହିଁ ସିଷ୍ଟର ! ଫିପ୍ଟି ଫିପ୍ଟି । ଅର୍ଥାତ୍ କାଲି ସକାଳ ଯାଏ ଅପେକ୍ଷା କରାଯାଉ ।

– ସାର୍ ! ପେସେଣ୍ଟ ସବୁ କଥା ରିସିଭ୍ କରୁଛି ।

– ୟେସ୍, ସେଇଟା ହିଁ ପ୍ରୋବ୍ଲେମ୍ । ଆମ ଷ୍ଟୋର୍‌ରେ କେଉଁ ଔଷଧ ଅଛି ଓ ଆଉ କେଉଁ ଔଷଧ ନାହିଁ ଦେଖି ମଗାଇ ରଖ । ଏହିସବୁ ଔଷଧ କଣ୍ଟିନ୍ୟୁକର । ତଥାପି ଆସନ୍ତା କାଲି ସକାଳ ଯାଏ ଅପେକ୍ଷା କରିବାକୁ ପଡ଼ିବ ।

ଡାକ୍ତର ସାହୁଙ୍କ ପଛେ ପଛେ ସୁନନ୍ଦା ଓ ସୁତପା ଆଇ.ସି.ୟୁ.ରୁ ବାହାରି ଆସିଥିଲେ । ଜୁନିଅର ଡାକ୍ତର ତାଙ୍କ ପାଖରେ ଜଗି ରହିଥିଲେ ।

ଡାକ୍ତର ସାହୁଙ୍କ ମନ ଭିତରେ ରହିଯାଇଥିବା କଥାକୁ ପୁଣି ଦୋହରାଇ ସୁନନ୍ଦା ଦିଦିଙ୍କୁ ପଚାରିଲେ- ସିଷ୍ଟର୍ ! କ୍ୟାବିନ୍ କ'ଣ କାଲି ରାତିରୁ ଦିଆଯାଇଛି ନା ଆଜି ସକାଳେ ?

– ନାଇଁ ସାର୍ ! ଆମ ଦୁଇଜଣଙ୍କର ତ ଡ୍ୟୁଟି ଆଜି ସକାଳରୁ

ଆରମ୍ଭ ହେଲା । କାଲି ରାତିରୁ ସେ ଆସି ରହିଲେଣି ।

– ସୁପରିନ୍‌ଟେଣ୍ଡେଣ୍ଟ କାହିଁ ମୋତେ କିଛି ଜଣାଇ ନାହାନ୍ତି କି ଏମିତି ଜଣେ ପେସେଣ୍ଟ ଆସିଛନ୍ତି ବୋଲି ?

– ସାର୍ ! କିଏ ମନ୍ତ୍ରୀ ଫନ୍ତ୍ରୀଙ୍କର ଯଦି ଫୋନ୍ ଆସିଥିବ । ରାତିରେ ଥିବା ଡାକ୍ତର ତାଙ୍କୁ ରଖିବାର ସୁବିଧା କରିଦେଇଛନ୍ତି ।

– ଠିକ୍ ସେଇଆ ହୋଇଛି । ଡାକ୍ତର ଶଙ୍କର ତରବର ହୋଇ ଷ୍ଟାଫ୍‌ରୁମ୍ ଭିତରକୁ ପଶିଗଲେ ଓ ଡାକ୍ତର ସାହୁଙ୍କୁ ପେସେଣ୍ଟଙ୍କ ପାଖକୁ ଯିବା ପାଇଁ କହିଲେ । ଡାକ୍ତର ସାହୁଙ୍କ ସହ ସୁନନ୍ଦା ଆଉ ସୁତପା ପଛେପଛେ ଧାଇଁ ଯାଇଥିଲେ । ହାର୍ଟବିଟ୍ ଠିକ୍ ଅଛି କି ନାହିଁ ମନିଟର୍‌କୁ ଟିକେ ଚାହିଁଦେଇ ଡାକ୍ତର ସାହୁ ସୁତପାଙ୍କୁ ଇଞ୍ଜେକ୍‌ସନ୍ ଦେବାକୁ ଇସାରା ଦେଲେ । ପେସେଣ୍ଟର ନିଃଶ୍ୱାସ ପ୍ରଶ୍ୱାସ ନେବାରେ କିଛି ଅସୁବିଧାକୁ ଡାକ୍ତର ସାହୁ ସୁଧାରିବାକୁ ଚେଷ୍ଟା କରୁଥିଲେ । ଡାକ୍ତର ସାହୁ କେଇ ସମୟ ଛିଡ଼ାହେଲେ । ମନିଟର୍‌କୁ ନିରିଖେଇ ଦେଖିଲେ । ପେସେଣ୍ଟର ସ୍ୱାଭାବିକ୍ ଅବସ୍ଥା ଗତିକରିବା ଦେଖି ରୁମ୍ ଭିତରୁ ବାହାରି ଆସିଥିଲେ । ପରଦିନ ସକାଳୁ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥିଲେ । ପେସେଣ୍ଟ କେମିତି ଅଛି । କଥା କହିଲାଣି କି ନାହିଁ । ଚିହ୍ନି ପାରୁଛିକି ନାହିଁ । ଡାକ୍ତର ଦେଖିଲେ ଅବସ୍ଥାର ଉନ୍ନତି ଘଟୁଛି । ବିପଦ ସମୟ ଟଳି ଯାଇପାରେ । ଆଉ ମାତ୍ର କେଇଘଣ୍ଟା ବାକି ଅଛି । ବିପଦମୁକ୍ତ ହେବାର ସମୟ । ତା'ପରେ ଦିନେ ଦୁଇଦିନ ପରେ ଜାଣିହେବ, ପେସେଣ୍ଟର ସମ୍ପୂର୍ଣ୍ଣ ଇତିହାସ ।

ଡାକ୍ତର ସାହୁ ସେଦିନ ନିଜ କ୍ୱାର୍ଟରକୁ ଯିବା ପୂର୍ବରୁ ଆଉଥରେ ପେସେଣ୍ଟକୁ ଭଲକରି ଦେଖି କହିଲେ- ସିଷ୍ଟର ଆଉ କିଛି ଅସୁବିଧା ନାହିଁ । ତାଙ୍କର ଯାହା ହେବ ବୋଲି ମୁଁ ଭାବିଥିଲି ତାହା ମିରାକିଲ୍ ଭଳି କାମ କରିଛି । ପେସେଣ୍ଟ ସମ୍ପୂର୍ଣ୍ଣ ବିପଦମୁକ୍ତ । ତାଙ୍କର ନିଜର ଆତ୍ମୀୟମାନଙ୍କୁ ଡାକିଦେବାକୁ କୁହ । ସେମାନଙ୍କ ଦାୟିତ୍ୱରେ ପେସେଣ୍ଟକୁ ଦେବାକୁ ଚେଷ୍ଟାକର ।

ସୁନନ୍ଦା, ସୁତପାକୁ ପାଖକୁ ଡାକି କହିଲେ- ସୁତପା ! ତମକୁ ଏହି ପେସେଣ୍ଟର ଦାୟିତ୍ୱ ଦେଲି । କଥାବାର୍ତ୍ତା ଭଲଭାବରେ କହିବା ଆରମ୍ଭ କଲେ ତାଙ୍କର ନିଜର କିଏ ଏଠି ଅଛି, ତାଙ୍କ ଫୋନ୍ ନମ୍ବରରେ ଫୋନ୍ କରି ଡକାଇ ପଠାଇବ କହି ଡାକ୍ତର ସାହୁଙ୍କ ପଛେ ପଛେ ସିନିୟର ନର୍ସ ସୁନନ୍ଦା ମଧ୍ୟ ଚାଲିଯାଇଥିଲେ । ସମସ୍ତ ଦାୟିତ୍ୱ ସୁତପା ହାତରେ ଦେଇ ସୁନନ୍ଦା ଜେନେରାଲ୍ ୱାର୍ଡକୁ ଚାଲିଯାଇଥିଲେ ।

ସୁତପା ପେସେଣ୍ଟଙ୍କୁ ଆଉ କେଉଁସବୁ ଔଷଧ ଦେବାର ଅଛି, ସିଟ୍ ଚାର୍ଟରୁ ଦେଖି ଦେଇ ତାଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରିଥିଲେ । ହେଲେ ପେସେଣ୍ଟ କିଛି କଥାବାର୍ତ୍ତା କରି ନ ଥିଲେ । ସବୁ ବୁଝିପାରୁଥିଲେ । ଗୋଟିଏ ଦିନ ପରେ ପେସେଣ୍ଟ ନିଜେ ସୁତପା ସହିତ କଥା ହେବା ପାଇଁ ଚେଷ୍ଟାକରୁଥିଲେ ।

ସୁତପା ପେସେଣ୍ଟ ପାଖକୁ ଲାଗିଯାଇ ପଚାରିଲେ- ଆପଣ କେଉଁଠି ଅଛନ୍ତି କହିଲେ ? ମୋତେ ଚିହ୍ନି ପାରୁଛନ୍ତି । ଦେଖିଲେ ମୁଁ କିଏ ? ଆପଣ ଏଠାକୁ କେମିତି ଆସିଲେ କିଛି ଜାଣିଛନ୍ତି ।

ସେ ମୁଣ୍ଡ ଟୁଙ୍ଗାରି ନା କଲେ । କଥା କହିବାକୁ ଚେଷ୍ଟା କରୁଥିଲେ । ଗୁଣୁଗୁଣେଇ ହୋଇ ଅସ୍ପଷ୍ଟ ଭାବେ କ'ଣ କହୁଥିଲେ । ସୁତପା ପେସେଣ୍ଟର କାନ ପାଖକୁ ଲାଗିଯାଇ ଟିକେ ଚଢ଼ା ଗଳାରେ କହିଲେ- ମଉସା ! ମୋତେ ଭଲକରି ଦେଖିଲେ । ସେ ଆଖି ଦୁଇଟିକୁ ଡିବିଡିବି କରି ଚାହିଁଲେ ଓ ବେକଭାଙ୍ଗି ସୁତପାକୁ ଚିହ୍ନିବାକୁ ଚେଷ୍ଟାକଲେ ।

ଏଥର ପେସେଣ୍ଟ ନିଶ୍ଚୟ ତାଙ୍କର ଏହି ଦୁର୍ଘଟଣା ଜନିତ ଅସୁବିଧା ସୁତପା ଆଗରେ ବଖାଣିବେ ବୋଲି ସୁତପା ସ୍ଥିର ନିଶ୍ଚିତ ହୋଇଗଲେ । ଗୋଟିଏ ଦିନର ଅପେକ୍ଷା ପରେ ପେସେଣ୍ଟ ଜଣକ ସୁତପାକୁ ଠାରରେ ନିଜ ପାଖକୁ ଡାକି ନରମଗଳାରେ ନିଜର ପରିଚୟ ଦେବାକୁ ଚେଷ୍ଟା କଲେ । ସୁତପା ଉତ୍କଣ୍ଠାର ସହ କାନଡେରି ଅପେକ୍ଷା କଲାବେଳେ ସେ କହିଲେ- ଝିଅ ! ତମ ନାମ କ'ଣ ? ମୋତେ ଏଠାରେ କାହିଁକି ରଖିଛ ? ଏଇଟା ତ ମୋ ଘର ନୁହେଁ । ମୁଁ କେଉଁଠି ଅଛି ?

ସୁତପା ପେସେଣ୍ଟକୁ ଅଧିକ କଥାବାର୍ତ୍ତା ନ କରିବା ପାଇଁ କହିଲେ । ଶୋଇ ରହିବା ପାଇଁ କହି ରୁମ୍ ବାହାରକୁ ଚାଲିଗଲେ ।

ସୁନନ୍ଦା ଓ ସୁତପା ଡାକ୍ତରଙ୍କ ସହ ପରାମର୍ଶ କରି ଗୋଟିଏ ଦିନ ପରେ ଜେନେରାଲ୍ କ୍ୟାବିନ୍‌କୁ ଆଣି ରଖିଥିଲେ । ଯେଉଁଠି ଜଣେ ସାଧାରଣ ଭାବେ ଘରେ ରହିବା ଭଳି ଅନୁଭବ କରିବ । କେବଳ ଔଷଧରେ ଟ୍ରିଟ୍‌ମେଣ୍ଟ ଚାଲୁ ରହିବ । ସୁତପା ପେସେଣ୍ଟର ସମସ୍ତ ଦାୟିତ୍ୱ ନେଇ ସବୁ କାର୍ଯ୍ୟର ତଦାରଖ କରୁଥିଲେ । ପେସେଣ୍ଟ ଖନେଇ ଖନେଇ ହୋଇ ଯାହା କହୁଥିଲେ, ସୁତପାକୁ ବୁଝିବାରେ କିଛି ଅସୁବିଧା ହେଉ ନଥିଲା । ସୁତପା ଠିକ୍ ଜାଣିଥିଲେ ଆଉ ଦିନେ ଦୁଇଦିନ ପରେ ସେ ସ୍ପଷ୍ଟଭାବେ କଥାବାର୍ତ୍ତା କରିବେ ।

ଠିକ୍ ସେୟା ହିଁ ହେଲା । ପେସେଣ୍ଟ ସୁତପାକୁ ଡାକିଲେ ଓ ତାଙ୍କ କାହାଣୀ କହିଲେ- ମୁଁ ଜଣେ ରିଟାୟାର୍ଡ କ୍ଲାସ୍ ୱାନ୍ ଅଫିସର୍ । ମୋ ନାମ ଯୋଗେଶ ବଳବନ୍ତରାୟ । ମୋର ଦୁଇ ପୁଅ । ବଡ଼ ପୁଅ ଆମେରିକାର କାର୍ଲିଫର୍ଣ୍ଣିଆରେ ଓ ସାନପୁଅ ଦିଲ୍ଲୀର କରୋଲବାଗରେ ରହନ୍ତି । ଦୁଇଜଣଯାକ ବିବାହିତ । ଦୁଇଜଣଙ୍କ ପାଖରେ ମୋର ଦୁଇଟି ନାତି ଅଛନ୍ତି ଓ ସେମାନଙ୍କର ସ୍ତ୍ରୀ ପିଲାଙ୍କୁ ନେଇ ସେମାନେ ବେଶ୍ ଖୁସିରେ ଅଛନ୍ତି । ପୁଅଙ୍କ ସୁବିଧା ପାଇଁ ମୋର ତିନିମହଲା କୋଠାକୁ ଭାଗ କରି ଦେଇଛି । ସବା ଉପର ମହଲାରେ ସାନପୁଅ ଓ ମଝି ମହଲାଟିକୁ ବଡ଼ ପୁଅକୁ ଦେଇ ମୁଁ ତଳ ମହଲାରେ ରହୁଛି । ଦୁଇ ପୁଅ ବର୍ଷେ, ଦୁଇବର୍ଷରେ ଥରେ ଅଧେ ଆସୁଥିଲେ । ଏବେ ପ୍ରାୟ ପାଞ୍ଚବର୍ଷରୁ

ଅଧିକ ହୋଇଯିବ ଆଉ ଆସୁନାହାନ୍ତି । ଶୁଣିବାକୁ ପାଇଲି ବଡ଼ପୁଅ ଆମେରିକାର ସିଟିଜେନ୍‌ସିପ୍ ନେଇଯାଇଛି । ସାନ ଦିଲ୍ଲୀରେ ଘରଦ୍ୱାର କରି ରହିଗଲାଣି । ତାଙ୍କ ମା' ଥିଲାବେଳେ କିଏ କେମିତି ଆସୁଥିଲେ । ମା' ଚାଲିଯିବାର ଏଇ ପାଞ୍ଚବର୍ଷ ଭିତରେ ସେମାନେ ମୋତେ ଭୁଲିଯାଇଛନ୍ତି । ଫୋନ୍‌ରେ କଥାବାର୍ତ୍ତା ନାହିଁ କି ଫୋନ୍ କଲେ ସେମିତି କଥାବାର୍ତ୍ତା କରିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ବିଭିନ୍ନ ଆଳରୁ ଫୋନ୍ ନ କରିବାର ବାହାନା ମୋତେ ବହୁତ କଷ୍ଟ ଦେଉଛି ଝିଅ ।

ସୁତପା ଆଉ ଅଧିକ କଥାବାର୍ତ୍ତା ନ କରିବାକୁ କହି କେବଳ ଘରର ସମ୍ପୂର୍ଣ୍ଣ ଠିକଣା ନୋଟ୍ କରି ରଖିଦେଲେ । ଧୀରେଧୀରେ ସୁତପା ଫ୍ୟାମିଲି ମେମ୍ବର ବନିଯାଇଥିଲେ ଯୋଗେଶ ବଳବନ୍ତରାୟଙ୍କ ପାଖରେ । ପ୍ରତ୍ୟେକ ଦିନର ଗପସପ ଯୋଗେଶଙ୍କୁ ଅତି ଆତ୍ମୀୟପଣରେ ବାନ୍ଧି ରଖିଥିଲେ ସୁତପା । ସୁତପା ବିନା ଦ୍ୱିଧାରେ ଯୋଗେଶଙ୍କର ସେବା କରି ଚାଲୁଥିଲେ । ଯେଉଁ କାର୍ଯ୍ୟ ସୁତପାର ନୁହେଁ, ସେ ସେଇ କାର୍ଯ୍ୟ କରି ଯୋଗେଶଙ୍କ ମନ କିଣି ନେଇଥିଲେ । ପ୍ରତ୍ୟେକ କଥାରେ ଯୋଗେଶ ସୁତପାକୁ ହିଁ ଖୋଜୁଥିଲେ । ଡାକ୍ତର ସାହୁ କିନ୍ତୁ ଟ୍ରିଟ୍‌ମେଣ୍ଟ ଜାରି ରଖିଥିଲେ । ଡିସ୍‌ଚାର୍ଜ କରିବାର ନାଁ ମଧ୍ୟ ଧରୁ ନ ଥିଲେ ।

ସୁତପା ସୁବିଧା ଦେଖି ଡାକ୍ତର ସାହୁଙ୍କୁ ପଚାରିଲେ- ସାର୍! ଯୋଗେଶ ବଳବନ୍ତରାୟଙ୍କୁ କେବେ ଡିସ୍‌ଚାର୍ଜ କରାଯିବ ? ପ୍ରାୟ ସେ ସୁସ୍ଥ ହୋଇ ଆସିଲେଣି । ମାନସିକ ଶକ୍ତି ମଧ୍ୟ ଅଗ୍ରଗତି କରୁଛି । ସବୁକଥା ମନେ ଅଛି । ଯାହା ପଚାରିଲେ କହି ଦେଉଛନ୍ତି ।

– ସିଷ୍ଟର୍! ତୁମେ ବୋଧେ ଜାଣିନାହଁ, ସେ ପେସେଣ୍ଟଙ୍କୁ । ଆମ ସୁପରିନ୍‌ଟେଣ୍ଡେଣ୍ଟଙ୍କର ରିଲେଟିଭ୍ । ଡିଷ୍ଟାନ୍‌ସ ରିଲେଟିଭ୍ । ସେଥିପାଇଁ ସବୁ ସୁବିଧାର ବନ୍ଦୋବସ୍ତ କରାଯାଇଛି । ସାର୍ ମୋତେ ଫୋନ୍‌ରେ ସ୍ପେଶାଲ୍ ଟ୍ରିଟ୍‌ମେଣ୍ଟ ପାଇଁ ଆଦେଶ ଦେଇଛନ୍ତି । ସେ ଯାହା ହେଉ, ପେସେଣ୍ଟର କିଏ ଆସନ୍ତୁ ନ ଆସନ୍ତୁ, ଆମର ଯା' ଆସ ନାହିଁ । ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ଯାଇ ଯାହା ହେବ ।

– ଏଇଟି ତ, ପାଖାପାଖି ଏକମାସ ହେବାକୁ ବସିଲା । ମୁଁ ସେଇ ପେସେଣ୍ଟଙ୍କର ଦାୟିତ୍ୱରେ ରହିଛି । ସାର୍! ପ୍ଲିଜ୍, ପ୍ଲିଜ୍ ସାର୍, ମୋ ଡ୍ୟୁଟି ଯଦି ଚେଞ୍ଜ କରି ଦିଅନ୍ତେ, ମୁଁ ଟିକେ ଆଶ୍ୱସ୍ତ ହେବି ସାର୍!

– ମୁଁ କ'ଣ ସେଇ ସବୁ କାମରେ ଅଛି । ସିଷ୍ଟର ସୁନନ୍ଦାଙ୍କୁ କହି ତମର ଡ୍ୟୁଟି ଏକ୍ସଚେଞ୍ଜ କରିଦିଅ । ଏଇଟା ଗୋଟେ କଥା ।

ହେଡ୍ ସିଷ୍ଟର୍ ସୁନନ୍ଦା କିନ୍ତୁ ଡ୍ୟୁଟି ଏକ୍ସଚେଞ୍ଜ କରି ନ ଥିଲେ । ସୁତପା ବିରକ୍ତି ହୋଇ ଯାଇଥିଲେ । ପେସେଣ୍ଟ ଯୋଗେଶକୁ ଯେଉଁ ଟ୍ରିଟ୍‌ମେଣ୍ଟ କରି ଚାଲିଥିଲେ, ସେଥିରୁ ଟିକିଏ ଟିକିଏ ଊଣା ହେବାକୁ ଲାଗିଲା । ବ୍ୟବହାର ମଧ୍ୟ ଅନୁରୂପ ବଦଳି ଯାଇଥିଲା । ପ୍ରତ୍ୟେକ କଥାରେ ଚିଡ଼ଚିଡା ଭାବ ବାରି ହେଇ ପଡୁଥିଲା । ଯୋଗେଶ କିନ୍ତୁ ଆଗଠାରୁ ଅଧିକ ସୁସ୍ଥ ଅନୁଭବ କରୁଥିଲେ । ଦିନେ ସୁତପାକୁ ପାଖକୁ ଡାକି କହିଲେ- ଝିଅ! ସୁତପା! ଯେଉଁ କାମ ମୋର ପିଲାମାନେ ବର୍ଷବର୍ଷ ଧରି କରିପାରି ନାହାନ୍ତି, ତମେ କିନ୍ତୁ ମାସକ ଭିତରେ ତାହା କରିପାରିଛ ।

କ'ଣ ଥିଲା କେଜାଣି ସୁତପା ଯୋଗେଶଙ୍କ ମାୟାର ଇନ୍ଦ୍ରଜାଲରେ ଛନ୍ଦି ହୋଇଯାଇଥିଲେ । ଯେତେ ଚିଡ଼ଚିଡା ସବୁ ସେଇଠି ଦୂର ହୋଇ ଯାଇଥିଲା । ପୁଣି ସ୍ୱାଭାବିକ ଢଙ୍ଗରେ ପୂର୍ବବତ୍ ସେବା ଯୋଗାଇ ଦେବାକୁ ଚେଷ୍ଟା କଲେ ।

ଯୋଗେଶଙ୍କର ଦୀର୍ଘ ବପୁକୁ ଉଠାପକା କରିବାଠାରୁ, ଝାଡ଼ା, ପରିସ୍ରା କାର୍ଯ୍ୟ ସୁତପାକୁ ହିଁ କରିବାକୁ ପଡୁଥିଲା । ବେଡ୍‌ରେ ଶୋଇରହି ଯୋଗେଶ ଅନ୍ୟମନସ୍କ ରହିବା ସୁତପା ପ୍ରାୟ ଲକ୍ଷ୍ୟ କରୁଥିଲେ । ସୁତପା ପଚାରିଲେ- ମଉସା ! କ'ଣ ଅନ୍ୟମନସ୍କ ରହୁଛନ୍ତି କି ? କ'ଣ ଦରକାର କହନ୍ତୁ, ମୁଁ ସୁବିଧା କରିବାକୁ ଚେଷ୍ଟା କରିବି ।

– ଝିଅ ସୁତପା ! ଇଏ ସେଇ ଭଗବାନଙ୍କର ଲୀଳା । ସବୁ ଅଙ୍କର ମୂଳ ଆଧାର । ସେ ହିଁ କେତେବେଳେ ମିଶାଣ ଓ ଫେଡ଼ାଣ ପୁଣି କେତେବେଳେ ଗୁଣନ ତ କେତେବେଳେ ହରଣ କରୁଛନ୍ତି । ଝିଅ ! ତମର ମଉସା ଡାକ ମୋତେ କେତେ ଯେ ନିକଟ କରିଦେଇଛି, ତାହା ବର୍ଣ୍ଣନା କରିବା ମୋ' ପକ୍ଷେ ସମ୍ଭବ ନୁହେଁ । ଆଉ ଥରେ ମୋତେ ମଉସା ନ ଡାକି ବାପାବୋଲି ଡାକି ପାରନ୍ତୁ ନାହିଁ ! ମୋତେ ତ ଲାଗୁଛି ସତେ ମୋ' ଝିଅ ହଜିଯାଇଥିଲା । ଏଇ ଏବେଏବେ ପାଇଛି ବୋଲି ।

ସୁତପା ଆଉ କିଛି ଉତ୍ତର ଦେଇପାରି ନ ଥିଲେ । ଭାବନା ଭିତରେ ବୁଡ଼ିଯାଇଥିଲେ । ମଉସା କ'ଣ ବାପା ନୁହେଁ କି ? ଆଉ ବାପା ବୋଲି ଅଧିକ କ'ଣ ଡାକିବି ଯେ ? ବୁଢ଼ା ଯେତେ ସୁସ୍ଥ ହେଉଛି ଅଧିକ ଛୋପରା ଦେଖେଇ ହେଉଛି । ଆମେ ଏମିତି କେତେ କେତେ ବୁଢ଼ାଙ୍କୁ ମଉସା, ବାପା, ବାବା, ଅଙ୍କଲ ଡାକିଡାକି ସେବା କରି ଚାଲିଛେ । କେଡ଼େ କେଡ଼େ ବଡ଼ ଲୋକଙ୍କୁ ଟ୍ରିଟ୍‌ମେଣ୍ଟ କରି ବାହାବା ନେଇଛେ । ତାଙ୍କର ଅତି ନିଜର ହୋଇଛେ । ସେଇ କେଇଦିନ ପାଇଁ । ସୁସ୍ଥ ହୋଇ ଚାଲିଗଲା ପରେ ଏଠି କିଏ କାହାର ଯେ ? ବୁଢ଼ା ବେଡ୍‌ରୁ ଉଠି ଚାଲିବା ଆରମ୍ଭ ହୋଇଗଲେ, କେହି କାହାକୁ ଚିହ୍ନି ପାରିବେ ନାହିଁ । ଯଦି 'ବାପା' ଡାକରେ ବୁଢ଼ାଟା ଖୁସି ହେବ ଓ ଅତିଶୀଘ୍ର ଘରକୁ ଯାଇ ପାରିବ, ମୋର ଶ୍ରମ ସାର୍ଥକ ହେବ ବୋଲି ଜାଣିବି ।

ପ୍ରକୃତିସ୍ଥ ହେଲେ ସୁତପା । ଦୂରରୁ ରହି ଦେଖୁଥିଲେ ଯୋଗେଶ ବଳବନ୍ତରାୟ ମୁଣ୍ଡ ପାଖକୁ ଲାଗି ରହିଥିବା ରାକ୍ ଉପରେ ଗ୍ଲାସ୍‌କୁ ହାତ ବଢ଼ାଉ ବଢ଼ାଉ ଗ୍ଲାସ୍ ସହ ଔଷଧର ଶିଶି ଓ ଅନ୍ୟାନ୍ୟ ଜିନିଷ ତଳେ ଝଣଝଣ କରି ପଡ଼ିଗଲା । ସୁତପା ଦୌଡ଼ିଯାଇ କହିଲେ- ବାପା ! ତମେ... । ମୁଁ ତମ ପାଖରେ ଅଛି ପରା । ମୋତେ ନ କହି ତମେ ଏମିତି କ'ଣ ଦରକାର ପଡ଼ିଲା ଯେ, ନିଜେ ଏହି କାର୍ଯ୍ୟ କରିବାକୁ ସାହସ କରୁଥିଲେ ? ଦେଖ, କ'ଣ ସବୁ ନଷ୍ଟ ହୋଇଗଲା ।

– ସବୁ ଜିନିଷ ନଷ୍ଟ ହେଉ । ମୋର ସେଥିରେ କିଛି ଯା'ଆସ ନାହିଁ । ଆଉଥରେ ଖାଲି ବାପା ବୋଲି ଡାକି ଦେରେ ମା' । ଆଉ

ଥରେ ବାପା ବୋଲି ଡାକ । ପାଞ୍ଚବର୍ଷରୁ ଅଧିକ ହୋଇଗଲାଣି, ମୋ' କାନ ବାପା ଡାକ ଶୁଣି ନାହିଁ ।

– ତମେ ତ ଶୁଣି ନାହଁ ବାପା ! ତମେ ଶୁଣି ନାହଁ ! ମୁଁ ଆଜିକୁ ପଇଁତିରିଶରୁ ଅଧିକ ବର୍ଷ ହୋଇଗଲାଣି ବାପା ଡାକି ନାହିଁ । ପିଲାଟି ଦିନରୁ ବାପା କିଏ ମୁଁ ଜାଣି ନାହିଁ । କେବଳ ମା' ହିଁ ମୋର ସବୁକିଛି । ସେ ହିଁ ବାପା ଓ ମାଆ ଥିଲା । ମୋ ଚାକିରି ପାଇବାର ଦୁଇବର୍ଷ ପରେ ସେ ମୋତେ ଛାଡ଼ି ଚାଲିଗଲା । ମୁଁ ଯେଉଁ ଏକୁଟିଆକୁ ସେଇ ଏକୁଟିଆ ହୋଇ ରହିଗଲି । ମା'କୁ ଛାଡ଼ିପାରି ନ ଥିବାରୁ ମୁଁ ମଧ୍ୟ ମା' ନ ହୋଇ ରହିଗଲି ।

ସୁତପାର ଆଖି ଛଳଛଳ ହୋଇଯାଇଥିଲା ।

ଡାକ୍ତର ସାହୁ ରୁମ୍ ଭିତରକୁ ପଶିଆସିଥିଲେ । ସୁତପାକୁ କହିଲେ– ସିଷ୍ଟର୍ ଔଷଧ ଠିକ୍ ଠିକ୍ ସବୁ ଚାଲିଛି ?

– ହଁ ସାର୍ ! ସବୁ ଠିକ୍‌ଠାକ୍ ଚାଲିଛି ।

– ପେସେଣ୍ଟର ଅଧିକ କିଛି ଅସୁବିଧା ତ ନାହିଁ ବୋଧେ । ଦେଖିବା ଆଉ ଦିନେ ଦୁଇଦିନ ରଖି ଡିସ୍‌ଚାର୍ଜ କରିଦେବା । ନା' କ'ଣ କହୁଛ ?

– ସାର୍ ! ସେ କଥା ମୁଁ କ'ଣ କହିବି । ଆପଣ ଯାହା ଠିକ୍ କରିବେ...

ସୁତପା ମନେ ମନେ ଖୁସି ହେଉଥିଲେ । ଯାହାହେଉ ଏତେଦିନର ଗୋଟିଏ ପେସେଣ୍ଟକୁ ଟ୍ରିଟ୍‌ମେଣ୍ଟ କରିବା ଦାୟିତ୍ୱରୁ ମୁକ୍ତି ମିଳିବ । ସୁତପା ଟିକେ ରହିଯାଇ ଡାକ୍ତର ସାହୁଙ୍କୁ ପ୍ରଶ୍ନକଲେ– ସାର୍ ! ଆଜିଯାଏ ତାଙ୍କର ଆତ୍ମୀୟ କେହି ଆସିଲେ ନାହିଁ । ଆପଣ କାହା ହାତରେ ଦାୟିତ୍ୱ ଦେବେ ? ଯେଉଁ ଭଦ୍ରବ୍ୟକ୍ତି ତାଙ୍କୁ ଆଣି ଏଠାରେ ଆଡ୍‌ମିଟ୍ କରିଥିଲେ, ସେ ତାଙ୍କର ସମ୍ପୂର୍ଣ୍ଣ ଅଜଣା । କେବଳ ରାସ୍ତାକଡ଼ରେ ପଡ଼ିଯାଇଥିବା ଦେଖି ତାଙ୍କୁ ଏଠାକୁ ନେଇ ଆସିଥିଲେ । ଆମେ ପରେ ଜାଣିଥିଲୁ ବ୍ରେନ୍‌ଷ୍ଟ୍ରୋକ୍ ବୋଲି ।

– ଆସନ୍ତା କାଲିଯାଏ ଅପେକ୍ଷା କର । ସୁପରିନ୍‌ଣ୍ଟେଣ୍ଡେଣ୍ଟଙ୍କ ସହ ଟିକିଏ କଥା ହୋଇ ଯାହା ଡିସିସନ୍ ନେବା ।

ତା' ପରଦିନ ସୁପରିନ୍‌ଣ୍ଟେଣ୍ଡେଣ୍ଟ ଆସି ପେସେଣ୍ଟକୁ ଦେଖିଲେ । ଆତ୍ମୀୟତାର ସହିତ କଥୋପକଥନ ପରେ ତାଙ୍କୁ ଡିସ୍‌ଚାର୍ଜ କରିଦେବାକୁ କହି ଚାଲିଗଲେ । ଡାକ୍ତର ସାହୁ ଡିସ୍‌ଚାର୍ଜ କାଗଜପତ୍ର କରିଦେବା ପାଇଁ ଜୁନିଅର ଡାକ୍ତର ଶଙ୍କରଙ୍କୁ କହି ରୁମ୍‌ରୁ ବିଦାୟ ନେଲେ । ଶଙ୍କର ଡିସ୍‌ଚାର୍ଜ ସିଟ୍ ପ୍ରସ୍ତୁତ କରି ପେସେଣ୍ଟ ଯୋଗେଶଙ୍କ ପାଖକୁ ଆସି ତାଙ୍କର ଔଷଧ ଖାଇବାର ରୁଟିନ୍ ବତାଇ ଦେଇଥିଲେ । ବର୍ତ୍ତମାନ ପନ୍ଦରଦିନ ଓ ପରେ ମାସେ ଅନ୍ତରରେ ଆସି ଏଠାରେ ଚେକ୍‌ଅପ୍ କରାଇ ନେବାକୁ ପରାମର୍ଶ ଦେଇଥିଲେ ।

ଆଜି ଯୋଗେଶ ବଳବନ୍ତରାୟଙ୍କ ଡାକ୍ତରଖାନାରୁ ବିଦାୟ ନେବାର ଦିନ । ସମସ୍ତେ ଯେମିତି ବ୍ୟସ୍ତ ହୁଅନ୍ତି, କେମିତି ଡାକ୍ତରଖାନାରୁ ବିଦାୟ ନେଇ ଘରେ ପହଞ୍ଚି ଆଉ ଏକ ନୂଆ ଜୀବନକୁ ବିତେଇବାକୁ । ଆଜି କିନ୍ତୁ ଯୋଗେଶ ବଳବନ୍ତରାୟ ଡାକ୍ତରଖାନାରେ ନୂଆ ଜୀବନ ପାଇ ଜୀଇଁବାର ଅନୁଭବ କରୁଥିଲେ । ଡାକ୍ତର ସାହୁ, ଡାକ୍ତର ଶଙ୍କର, ହେଡ୍ ନର୍ସ ସୁନନ୍ଦା, ୱାର୍ଡର ଆୟା ଓ ଶେଷରେ ଯିଏ ଦିନରାତି ତାଙ୍କର ସେବାରେ ଲାଗି ରହିଥିବା ସୁତପାକୁ ପଛକରି ଯିବାକୁ ମନ ବଳାଉ ନ ଥିଲେ । ତାଙ୍କୁ ଲାଗୁଥିଲା ମୋର ଏଇଠି ରହିଯାଇଛନ୍ତି ସବୁ ଆତ୍ମୀୟ, ବନ୍ଧୁ ସହୋଦରମାନେ । ବେଡ୍‌ରୁ ଗୋଡ଼ ଦୁଇଟି ତଳକୁ ରଖି ସିଧାସିଧା ଛିଡ଼ା ହେବାକୁ ଚେଷ୍ଟାକଲେ ଯୋଗେଶ । ସୁତପାକୁ ଇସାରା ଦେଇ ଡାକି ତା' କାନ୍ଧ ଉପରେ ଭରାଦେଇ ଛିଡ଼ାହେଲେ । ପାଦ ସଳଖି ନେଇ ଆଗକୁ ପାଦ ପକାଇବା ସମୟରେ କହିଲେ– ସୁତପା ! ତୁ ମୋର ଝିଅ । ମୋ ହାତଟି ଯେଉଁ ତୋ କାନ୍ଧର ସାହାରା ନେଇଛ, କେବଳ ସେତିକି ସାରାହା ପାଇଁ ମୁଁ ବଞ୍ଚିଯାଇଛି । ତୁ ମନା କରିବୁ ନାହିଁ ସୁତପା । ଏବେ ମୁଁ ଯେଉଁ ଘରକୁ ଯାଉଛି, ସେ ଘର ଆଜିଠାରୁ ତୋର । ମୋର ସମସ୍ତ ବ୍ୟାଙ୍କ ବାଲାନ୍ସ ଆଜିଠାରୁ ତୋର । ଜୀବନସାରା ଯାହା କିଛି ସଞ୍ଚୟ କରି ରଖିଛି ସେସବୁ ତୋର ।

କିଏ ଜାଣେ ଯେଉଁ ବାପା ଡାକ ପାଇଁ ଆଜକୁ ପଇଁତିରିଶ ବର୍ଷରୁ ଅଧିକ ହୋଇଗଲାଣି, ସେ ବାପା ତୋର ମୁଁ ହୋଇ ନ ଥିବି ବୋଲି । ମୋତେ ତ ଲାଗୁଛି ତୋ ମା'ର ନାମ ଯଦି ଚନ୍ଦ୍ରିକା ହୋଇଥାଏ, ତା'ହେଲେ ସୁତପା ନିଶ୍ଚୟ ମୋର ଝିଅ ।

ସୁତପା ଆଖିରୁ ନିଆଁ ଝଲସିଗଲା । କିଛି ବୁଝିପାରିଲେ ନାହିଁ । ଏ କ'ଣ ଶୁଣୁଛି ? ଯୋଗେଶ ବଳବନ୍ତରାୟଙ୍କ ମୁହଁକୁ ଥରେ ଚାହିଁ ଦେଇ ପୁଣି ନିଜ ଚେହେରା ସହ ଖାପଖୁଆଇ ନେଉଥିଲେ ସୁତପା । ଅଧିକ କିଛି କହିବାକୁ ଚେଷ୍ଟା କରି ମଧ୍ୟ କହିପାରୁ ନ ଥିଲେ ।

ହସ୍‌ପିଟାଲ୍‌କୁ ପଛକରି ଫେରୁଥିବା ସମୟରେ ସୁତପା କହିଲେ– ବାପା... ବାପା.... ମୋ କାନ୍ଧରେ ହାତରଖି ଆଗକୁ ଚାଲ । ଟ୍ୟାକ୍ସି ଅପେକ୍ଷା କରିଥିଲା ସୁତପା ବଳବନ୍ତରାୟ ଓ ଯୋଗେଶ ବଳବନ୍ତରାୟଙ୍କୁ । କେଇ ସମୟରେ ଯାଇ ଘରେ ପହଞ୍ଚି ଯାଇଥିଲେ । ସୁତପା ବାପାଙ୍କୁ ଟ୍ୟାକ୍ସିରୁ ତଳକୁ ଓହ୍ଲାଇ କାନ୍ଧରେ ହାତ ରଖିବାକୁ କହିଲାବେଳେ ମଝି ମହଲା ବାଲ୍‌କୋନିରୁ ବାପା ଶବ୍ଦଟିଏ ଭାସି ଆସୁଥିଲା । ପୁଣି ସବା ଉପର ମହଲା ବାଲ୍‌କୋନିରୁ ଆଉ ଏକ ବାପା ଶବ୍ଦ ସୁତପା ଓ ଯୋଗେଶଙ୍କ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା । ସୁତପା କହିଲେ– ବାପା ! ତମେ ମୋ କାନ୍ଧରେ ହାତ ରଖ । ମୁଁ ଦେଖୁଛି ତମେ ବହୁତ ଅନ୍ୟମନସ୍କ ରହୁଛ ।

ସୁତପା ବାପାର ହାତଧରି ଘର ଭିତରକୁ ନେଉଥିଲା ବେଳେ, ବାଲ୍‌କୋନିରୁ ଆସୁଥିବା ବାପାଡାକ, ସୁତପାର ବାପା ଡାକ ଆଗରେ ମିଳେଇ ଯାଉଥିଲା ।

ଶେଖବଜାର, ତୁଳସୀପୁର, କଟକ
ମୋ : ୯୪୩୭୨୨୭୮୯

ଆଦର୍ଶ ହେମ ହରିଣୀ ଓ ହେମ କିବୁତ୍‌ଜ

ପ୍ରିୟବ୍ରତ ପାତ୍ର

୨୦୦୯ ମସିହାରେ ସଲୋମନ, ତା' ସ୍ତ୍ରୀ ମାରିଆ, ତା' ଝିଅ ସାବ୍ରା ଓ ପୁଅ ଅଗଭା ସହିତ ଇସ୍ରାଏଲ ଛଡିଗଲା । ତା' ପୂର୍ବବର୍ଷ ସେ ଦୁଇମାସିଆ ଭ୍ରମଣରେ ଯାଇ ହେମ୍ କିବୁତ୍‌ଜରେ ରହିବା ପରେ ସ୍ଥିର କରି ନେଇଥିଲା ଯେ ସେ ବାକି ଜୀବନ ଏଭଳି ଏକ ପରୀକ୍ଷା ଉନ୍ମୁଖୀ ଗୋଷ୍ଠୀ ଜୀବନ ଭିତରେ କଟେଇବ । ଝିଅକୁ ସେତେବେଳେ ଏଗାର କି ବାର କି, ପୁଅକୁ ସେଭଳି ଆଠ କି ନ' ବର୍ଷ । ଅନେକ ମନା କରୁଥିଲେ, ଏମିତି କି ମୁଁ ମଧ୍ୟ କେତେଥର ଚିଠିଲେଖି ଜଣେଇ ଥିଲି ଯେ ଏମିତି ମୂଳ ଉତ୍ପାଟିତ ହୋଇ ଅନ୍ୟ ପରିବେଶରେ ବଂଚିବା ବହୁତ କଷ୍ଟକର । କିନ୍ତୁ ସେ ନିଷ୍ପତ୍ତି ନେଇ ସାରିଥିଲା ।

ଅନେକ ଇସ୍ରାଏଲ ଯାଇସାରିଥିଲେ, ଅଧିକ ରୋଜଗାର ପାଇଁ, ଅଧିକ ସ୍ୱୀକୃତି ପାଇଁ ତଥା ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ । ଆଉ କିଏ କିଏ ନିଜ ଭିତରେ ୟହୁଦୀ ପରିଚିତିକୁ ମଥାନ୍ନୋତ କରି ବଂଚିବାକୁ ଯାଉଥିଲେ । ଆଉ କିଛି ଉଗ୍ର ଧାର୍ମିକତାରେ ମତ୍ତ ହେଇ, ଇସ୍ରାଏଲ ଛଡିକଡ଼େ ଥିବା ଶତ୍ରୁ ସଂହାର ପାଇଁ ଏଇଠୁ ହିଁ ପ୍ରସ୍ତୁତି ସାରି ଯାଉଥିଲେ । ଧାର୍ମିକ ଆକ୍ରୋଶ ଓ ଗୋଷ୍ଠୀଗତ ଅପମାନ ଏମିତି କି ଜିନିଷ ଯେ ଦୁଇହଜାର ବର୍ଷ ପରେ ବି ଗୋଟିଏ ଜାତି, ନିଦରୁ ଉଠି ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଗୋଟିଏ ଭୂମି ସହିତ ଆବେଗ ସମ୍ପର୍କକୁ ଛିନ୍ନକରି ନୂଆ ଆହ୍ୱାନର ପ୍ରତ୍ୟୁତ୍ତର ଦେଇଥାଏ - ସେଇ କଥା ବି ମତେ ଆଚମ୍ବିତ କରୁଥାଏ ।

ସଲୋମନ କିନ୍ତୁ ଉପରୋକ୍ତ ଗୋଷ୍ଠୀରେ ନଥିଲା । ବରଂ ଧାର୍ମିକ ଉତ୍ପୀଡ଼ନରୁ ମୁକ୍ତ ଏକ ସାମ୍ୟବାଦୀ ଉଦାର ଓ ସହଯୋଗୀ ଜୀବନ ବଂଚିବାର ଅଭିଳାଷରେ ସେ ଯାଇଥିଲା ହେମ୍ କିବୁତ୍‌ଜ । କହିବାକୁ ଗଲେ ତାକୁ ଘେରି କରି ରହିଥିବା ଇସ୍ରାଏଲର ବିପୁଳ ବସ୍ତୁବାଦୀ ଜୀବନ, ଯୁଦ୍ଧଂଦେହୀ ଡାକରା, ଆଧୁନିକ ଜ୍ଞାନକୌଶଳର ବିସ୍ଫୋରଣ ତଥା ପୁଞ୍ଜିବାଦୀର ଉଦ୍ଦଣ୍ଡ ନୃତ୍ୟ ପ୍ରତି ତା'ର କୌଣସି ଆଗ୍ରହ ନଥିଲା । ଇସ୍ରାଏଲ ଭିତରେ ରହିକରି ବି ନ ରହିଲା ଭଳି ଥିଲା । ୨୦୦୯ ବେଳକୁ ମୋବାଇଲ୍ ଓ ଇଣ୍ଟରନେଟ୍‌ର ବ୍ୟାପକ ପ୍ରଚଳନ ଆସି ଯାଇଥିଲେ ସୁଦ୍ଧା ସେଇ ପୁରୁଣା ମାଦକତାରେ ମତ୍ତ ହୋଇ ସିଏ ଲମ୍ବା ଲମ୍ବା ଚିଠି ଦେଉଥିଲା । ନୂଆ କର୍ମ ଚଞ୍ଚଳତା ଭିତରେ ଯଦିଓ ଚିଠି ସଂଖ୍ୟା ଆଶାତୀତ ଭାବେ କମି ଛଡିଥିଲା, ତଥାପି ପରମ୍ପରା ବଂଚି ରହିଥିଲା ।

ହେମ୍ କିବୁତ୍‌ଜରେ ଛ'ମାସ ରହିବା ପରେ ନିଜ ଅନୁଭୂତି ବଖାଣିବା ଆଳରେ ଯାହା ଲେଖିଥିଲା, ତା'ର ମୋଟାମୋଟି ଭାବାର୍ଥକୁ ଏଇଠି ଲେଖୁଛି ।

ହେମ୍ କିବୁତ୍‌ଜ ଗୋଟିଏ ସୁରମ୍ୟ ଉପବନ ଭଳି । ଛରିଆଡ଼େ ଗଛପତ୍ର । ତା' ଭିତରେ ଛରିପାଞ୍ଚଟା ଘରକୁ ନେଇ ଗୋଟିଏ ଗୋଟିଏ ହାମଲେଟ୍ । ପୂରା କିବୁତ୍‌ଜର ଲୋକସଂଖ୍ୟା ୭୦୦ ରୁ ୮୦୦ ଭିତରେ । ତା' ଭିତରେ ସାମୟିକ ପାଇଁ ଅତିଥି ଭାବେ ରହୁଥିବା ଲୋକ

୨୦ ରୁ ୩୦ । ସୌରଝଲିତ ଲାଇଟ୍, ପଙ୍ଖା, ଏ.ସି. ସର୍ବତ୍ର । ଦିନସାରା ପିଲାଏ ସ୍କୁଲରେ କଟାନ୍ତି । ସେଇଠି ଖାଇବା, ପିଇବା, ପଢ଼ାପଢ଼ି ଏପରିକି ସ୍ନାନଶୌଚ । ସେଠି ଥାଏ ସେମାନଙ୍କ ଗୋଟିଏ ଗୋଟିଏ ଆଲମିରା । ଇସ୍ତ୍ରୀକରା ଡ୍ରେସ୍‌ପତ୍ର ମଧ୍ୟ ସେଇଠି ମିଳିଯାଏ । ଏଣେ ଘରେ ରୋଷେଇବାସର ଚିନ୍ତା ନାହିଁ । ପରିବା ଅଣା, ସଉଦା ଅଣା, ଯନ୍ତ୍ରପାତିର ମରାମତି, ଲୁଗାପଟା ସଫା ଓ ଇସ୍ତ୍ରୀ ଏସବୁରୁ ମୁକ୍ତ । ପ୍ରତିଦିନର ଅନେକ ଗତାନୁଗତିକ ଜଞ୍ଜାଳର ଅବସାନ । କାରଣ ପ୍ରତ୍ୟେକ କାମ ପାଇଁ ଅଲଗା ଅଲଗା ବିଭାଗ ଦାୟିତ୍ୱ ନେଇଥାନ୍ତି । ଘରର ସୁଇଚ୍‌ଟିଏ ଖରାପ ହେଲା ବା କବାଟର କବ୍‌ଜା ଯଦି କାମ କରୁନି- ମାତ୍ର ଗୋଟିଏ କଲ୍‌ରେ ସବୁ ସମାଧାନ । ଲୋକଙ୍କର କର୍ମ ବିଭାଗ ବଦଳୁଥାଏ । ତା' ସତ୍ତ୍ୱେ ପ୍ରତ୍ୟେକଙ୍କର ରୁଚି ଓ ଆଗ୍ରହକୁ ଦେଖି କର୍ମ ବଣ୍ଟନ ବି ହୋଇଥାଏ । କେହି କାହାର ଆଜ୍ଞାନୁବର୍ତ୍ତ ଗୋଲାମ ନୁହଁନ୍ତି କି କେହି କାହାର ସର୍ବମୟ କର୍ତ୍ତା ନୁହଁନ୍ତି । ଜଣକର ଅସୁବିଧା ହେଲେ କାମଟିକୁ ପାର କରେଇ ନେବା ପାଇଁ ଆଉ ଜଣେ ହାତ ବଢ଼େଇ ଦିଅନ୍ତି । ସହୃଦୟତାର ଏଭଳି ସ୍ୱାଭାବିକ ରୂପ ଉଭୟ ସଲୋମନ ଓ ମାରିଆ କେବେ ମଧ୍ୟ ଭାରତରେ ଦେଖି ନ ଥିଲେ ।

ମାରିଆ କାମ କରୁଥିଲା ଗୋଲାପ ବଗିଚାରେ । ସଜଫୁଲ ସବୁ କଟା ହେଇ, ଜରିଗୁଡ଼ା ହେଇ ଟ୍ରକ୍‌ରେ ବୁହା ହେଇ ବଜାରକୁ ବା ରପ୍ତାନୀ ହେବାକୁ ଝଲି ଯାଉଥିଲେ । ନୂଆ ଝରା ଆସୁଥିଲା, ପୁରୁଣା ଡାଳ କଟା ହେଉଥିଲା, ଔଷଧ ଓ ବିଷର ପ୍ରୟୋଗ ବି ହେଉଥିଲା । ସତେକି ଗୋଲାପକୁ ନେଇ ଅହରହ ବ୍ୟସ୍ତ ଏକ କାରଖାନା । ଅଥଚ ଭାରତରେ ଗମ୍‌ଲାରେ ପ୍ରତିପାଳିତ ଗୋଲାପରେ, ଖଣ୍ଡେ ଫୁଲ ଆସିଗଲେ ତାକୁ ନେଇ ମାରିଆର ମନ କେତେ ଅଲଗା ଥିଲା । ବଜାରରୁ ଗୋଟିଏ ଫୁଲ ନେଇ ସିନାଗଗ୍‌ରେ ପହଞ୍ଚିଲା ବେଳକୁ ତାକୁ ଦିନେ ଲାଗୁଥିଲା ସିଏ କେତେ ନା କେତେ ପଇସା ବରବାଦ କରି ଦେଉଛି । ଶୁଖିଲା ଫୁଲର ପାଖୁଡ଼ାକୁ ଶୁଖେଇ, ସେସବୁକୁ ଗୁଣ୍ଡ କରି ପ୍ରସ୍ତୁତ ଧୂପକାଠିର ଛୋଟ କୁଟୀର ଶିଳ୍ପଟିଏ ବି ସେଇଠେ ମୁଣ୍ଡ ଟେକି ଥିଲା ।

ସଲୋମନକୁ କେବେ ଥରେ କାମ ମିଳିଥିଲା କିବୁତ୍‌ଜ ଅଧିକାରରେ ଥିବା କିଛି ପାହାଡ଼କୁ ଡିନାମାଇଟ୍ ଲଗେଇ ଫଟେଇବା କାମରେ । ପ୍ରତ୍ୟେକ ଦିନ ନିର୍ଦ୍ଧାରିତ ସମୟରେ ସେ ଯାଉଥିଲା ଉଦ୍ଦିଷ୍ଟ ପାହାଡ଼ ପାଖକୁ ଏବଂ ଠିକ୍ ସମୟରେ ଫେରି ବି ଆସୁଥିଲା । ସନ୍ଧ୍ୟା ବେଳକୁ ସ୍ୱାମୀ, ସ୍ତ୍ରୀ ଓ ପିଲାମାନେ ଘରେ ହାଜର । ହେମ୍‌ରେ ରହୁଥିବା ଅନ୍ୟ କୋଚିନ୍-ୟହୁଦୀମାନେ ଛୁଟିଦିନ ଦେଖି ଘରକୁ ଆସିଲେ ଘରଟାରେ ଉତ୍ସବ ଲାଗି ଯାଉଥିଲା । ସେଦିନ ଘରେ ମାଲାୟଲୀ ପରଟା, ଦୋସା, ଇଡ଼ଲି, ସମ୍ବର ଆଦିର ବଜାର ଖୋଲି ଯାଉଥିଲା । ସବୁଥିରେ ମିଶୁଥିଲା ନଡ଼ିଆ କୋର, ନଡ଼ିଆ ତେଲ । ପଛରେ ଛାଡ଼ି ଆସିଥିବା କେରଳୀ ଜୀବନ ଯେ ଆଲୋଚନାର ପରିଧି ଭିତରକୁ ଧସେଇ ପଶୁଥିବେ ଏ କଥା ନ କହିବା ଭଲ ।

କିବୁତ୍‌ଜରେ ପ୍ରଥମ ଦିନଟି ଥିଲା ଶୁକ୍ରବାର । ସଲୋମନର ପରିବାର ପ୍ରଥମ କରି ନୂଆ ପରିବେଶରେ ନିଃଶ୍ୱାସ ନେଉଥିଲେ ।

ଶୁକ୍ରବାର ସନ୍ଧ୍ୟାରୁ ଶନିବାର ସନ୍ଧ୍ୟା ଯାଏ ଚାଲେ ସାବାଥ୍ । ସେଦିନ ରାତିରେ, ପୂରା ପରିବାର ଉପାସନା କକ୍ଷ ସିନାଗଗ୍‌ରେ ଯୋଗ ଦେଲେ । ସିନାଗଗ୍‌ର ଜଣେ ପ୍ରବକ୍ତା ପୂରା ପରିବାରକୁ ସ୍ୱାଗତ କରିବା ସାଥେସାଥେ ସମସ୍ତଙ୍କୁ ଚିହ୍ନାଇ ଦେଇଥିଲା ।

ଭରପୁର ସଭାରେ ସେ ଘୋଷଣା କଲେ ଯେ ପୂରା ଇସ୍ରାଏଲରେ ଥିବା ସିନାଗଗ୍‌ମାନଙ୍କ ଭିତରେ ସବୁଠୁ ସୁନ୍ଦର ହେଉଛି ନେଭାଡିମ୍ ମୋଶାଭ୍‌ରେ ଥିବା ସିନାଗଗ୍ । କୋଚିନ୍‌ରେ ଥିବା ପରଦେଶୀ-ସିନାଗଗ୍‌କୁ ଆଖି ଆଗରେ ରଖି ଅବିକଳ ସେଇ ଢାଞ୍ଚାର ସିନାଗଗ୍ । କୋଚିନ୍ ନାମଟି ଶୁଣି ସଲୋମନର ଆଖି ଲୁହରେ ଜକେଇ ଗଲା । ଖୁସି ଓ ଦୁଃଖର ଏକ ମିଶ୍ରିତ କୋହ ସତେକି ମନକୁ ମଚ୍ଛି ପକାଉଥିଲା । ଝିଅ ଓ ମା'ମାନଙ୍କୁ ଏବେ ବି ପ୍ରାର୍ଥନା ମନ୍ଦିର ଭିତରକୁ ଯିବା ପାଇଁ ଅନୁମତି ନାହିଁ । ତେଣୁ ମାରିଆ ଓ ସାବ୍ରା ପଦାରେ ରହିଲେ, ସଲୋମନ ଓ ଅଗଭା ଭିତରକୁ ଗଲେ ।

ଶନିବାର ସଞ୍ଜରେ ସାବାଥ୍ ପର୍ବ ଶେଷ । ପରିବାରର ସମସ୍ତେ ବସି ପବିତ୍ର ସୁରାପାନ କରିବା ବିଧି ବୋଲି ସିନାଗଗ୍‌ର ମୁଖ୍ୟ ଆଗରୁ କହି ଦେଇଥିଲେ । ଘରେଘରେ ପରିବାରମାନେ ପାଳନ୍ତି । ବୋତଲରୁ ସୁରାପାତ୍ରରେ ସୁରା ଢଳା ବେଳେ ୟହୁଦୀ ଧର୍ମଗ୍ରନ୍ଥରୁ କିଛି ପଂକ୍ତି ବୋଲାଯାଏ । ସବା ଆଗ ଘରର ମୁଖ୍ୟ ପୁରୁଷ ସୁରାପାତ୍ରରୁ କିଛି ସୋଡ଼କନ୍ତି । ତା'ପରେ ଘରର କନିଷ୍ଠମାନେ କିଛି କିଛି ନିଅନ୍ତି । ଝିଅ ଓ ସ୍ତ୍ରୀମାନଙ୍କୁ ସେଥିରୁ ବାରଣ କରାଯାଏ । ତା'ପରେ ପବିତ୍ର ପାଉଁରୁଟିକୁ ପୁଳାଏ ପାଟିରେ ଦେଇ, ବାକି ସବୁକୁ ଟୁକୁଡ଼ା କରି ଟେବୁଲ୍ ଉପରେ ମୁରବୀ ଫୋପାଡ଼ି ଦିଅନ୍ତି । ପରିବାରର ସମସ୍ତ ସଦସ୍ୟ ସେଇ ଟୁକୁଡ଼ାକୁ ଉଠାଇ ପ୍ରସାଦ ଭାବେ ଗ୍ରହଣ କରନ୍ତି । ସଲୋମନର ଏସବୁ ନୀତିକାନ୍ତିରେ ବିଶ୍ୱାସ ନ ଥାଏ । ତଥାପି ଉପର ଠାଉରିଆ ଭାବେ କିଛି କରିନେଲା । ଏସବୁ କରି ସେ ସୁଖୀ ବି ନଥିଲା ।

ସଲୋମନର ଦୁଇଟି ଯାକ ପିଲା ପଢ଼ିଲେ ସ୍କୁଲରେ । ଆଗରୁ କଷ୍ଟେମଷ୍ଟେ ହିବ୍ରୁ ଭାଷା ଶିଖି ନେଇଥିବାରୁ ସେମିତି ବିଶେଷ କିଛି କଷ୍ଟ କରିବାକୁ ପଡ଼ି ନ ଥିଲା । କିନ୍ତୁ ଶିକ୍ଷାଳୟ ବିଚିତ୍ର ବ୍ୟବସ୍ଥା ସବୁ ଦେଖି ସଲୋମନ ଆଶ୍ଚର୍ଯ୍ୟ ହେଇଥିଲା ।

ଶିକ୍ଷାୟତନରେ ପୁଅଝିଅ ଭିତରେ ଆଦୌ କିଛି ଫରକ ନଥିଲା । ଶିକ୍ଷକ ହେବା ପାଇଁ ସେଠାରେ କେହି ଯୋଗ୍ୟତା ଓ ସାର୍ଟିଫିକେଟ୍ ଦେଖୁ ନ ଥିଲେ । ଯିଏ ସ୍ୱତଃ ଶିକ୍ଷା ଦେବାରେ ଆଗ୍ରହୀ ସିଏ ହିଁ ସର୍ବାଗ୍ରେ ଶିକ୍ଷକ ହେବାକୁ ସୁଯୋଗ ପାଉଥିଲା । ପୂର୍ଣ୍ଣ ପ୍ରତିଦ୍ୱନ୍ଦିତା ଏବଂ ପାରସ୍ପରିକତାରେ ଉପେକ୍ଷାକୁ ଭିତ୍ତିକରି ଚାଲୁଥିବା ପୁଞ୍ଜିବାଦର ଶିକ୍ଷା, କିବୁତ୍‌ଜର ପିଲାଙ୍କ ଉପରେ ଲଦି ଦିଆଯାଏ ନାହିଁ । ଏହା ଥିଲା ସବୁଠୁ ବଡ଼ ସାନ୍ତ୍ୱନା ।

ସ୍କୁଲ ପରିସର ଭିତରେ ପୁଅଝିଅମାନେ ଯେଉଁଭଳି ଖୋଲାମେଲାରେ ଏକତ୍ର ବଢ଼ିବାର ସୁଯୋଗ ପାଉଥିଲେ, ସେ ଭିତରେ ପରସ୍ପରକୁ ଭଲ ପାଇବାର କୋମଳ ଆବେଦନଟି କି ବିକଳ ପରିସ୍ଥିତିରେ ଗତି କରୁଥିବ- ଏ କଥା ଭାବି ସଲୋମନ ଦୁଃଖୀ ବି ହେଉଥିଲା ।

ସ୍କୁଲ ପରିସରରେ ପିଲାଙ୍କୁ ଆବଶ୍ୟକ ହେଉଥିବା ଜଳଖିଆ, ଭୋଜନ, ପୁଷ୍ଟିକର ପାନୀୟ ଆଦି ସବୁ ଯୋଗାଇ ଦିଆଯାଏ । ସହଭାଗିତା ହିଁ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ- ଏହା ସ୍ପଷ୍ଟ ଜଣାପଡୁଥାଏ । ଦୈନିକ ପାଠପଢ଼ା ଭିତରେ ଶାରୀରିକ ଶ୍ରମ ତ ନିଶ୍ଚିତ ଭାବେ ଏକ କାର୍ଯ୍ୟକ୍ରମ । ଶ୍ରମ ପ୍ରତି ସମ୍ମାନ ବଢୁ, ବିମୁଖତା କମୁ- ଏହା ବି ଶିକ୍ଷାର ଅନ୍ୟତମ ଉଦ୍ଦେଶ୍ୟ ।

ଯେହେତୁ ପିଲାଏ ପ୍ରାଥମିକ ସ୍ତରରୁ ଦ୍ୱାଦଶ ଯାଏଁ ଏକାଠି ପଢ଼ନ୍ତି, ବଢ଼ନ୍ତି, ତେଣୁ ପରସ୍ପରକୁ ଚିହ୍ନିବାରେ, ଆପଣେଇ ନେବାରେ ଢେର ସମୟ ମିଳିଥାଏ । ପିଲାଙ୍କୁ ଖୁସି ରଖିବା ପାଇଁ ପ୍ରତି କ୍ଲାସ୍ ରୁମ୍ ଆଗରେ ବିଭିନ୍ନ ଫଳରେ ପୂର୍ଣ୍ଣ ଡାଲା ସବୁ ରଖାଯାଇଥାଏ । ପିଲାଏ ଯେତେବେଳେ ମନ ସେଥିରୁ ଉଠାଇ ଖାଇ ନିଅନ୍ତି, କାହାକୁ ବାରଣ ନାହିଁ ।

ସଲୋମନ ଫୁରୁସତ୍ ପାଇଲେ ସାନ ପିଲାଙ୍କ ବିଦ୍ୟାଳୟରେ ବସେ । ପିଲାଙ୍କ ପାଇଁ, ପିଲାଙ୍କ ଗହଣରେ କାମ କରିବାକୁ ତା'ର ପ୍ରବଳ ଆଗ୍ରହ ରହିଛି ବୋଲି ଜଣାଏ । ତେଣୁ ତାକୁ ସେଇଠି କାମ ମିଳିଯାଏ । ପିଲାଙ୍କୁ ସନ୍ତରଣ ଶିଖେଇବା କାମ, ଦୌଡ଼କୁଦ ଓ ବ୍ୟାୟାମ୍ ଶିଖେଇବା କାମ । କେତେ ରଙ୍ଗର, ବର୍ଣ୍ଣର, ମୂଲକର ପିଲା । ସତେକି ଫୁଲ ବଗିଚାରେ କିସମ କିସମର ପ୍ରଜାପତି । କିଏ ଆସିଛି ଆଫ୍ରିକାରୁ, କିଏ ଆର୍ଜେଣ୍ଟିନାରୁ, କିଏ ରୁଷ୍ ତ କିଏ ପୋଲାଣ୍ଡ । ତା' ଭିତରେ ଭାରତୀୟ ପିଲା ବାରି ହେଇପଡ଼ନ୍ତି । ଏକ ସହଜାତ ଆକର୍ଷଣରେ ହୃଦୟ ତା'ର ଆକ୍ରାମାକ୍ରା । ସବୁ ମୂଲକର ପିଲା ଏକାଠି ବସି ପାଠ ପଢୁଥିଲେ, ଟିଭି ଦେଖୁଥିଲେ, ଗୀତ ଗାଉଥିଲେ, ଗୀତ ଶୁଣୁଥିଲେ, ପହଁରୁଥିଲେ, ବୁଲି ବି ଯାଉଥିଲେ । ମହଜୁଦ୍ କାଠଘୋଡ଼ା ବା ହାତୀ ଉପରେ ବସି ଯାବତୀୟ ନଖରାମି ବି ଦେଖିବାର ବିଷୟ । ସଖ୍ୟ ଦେବା ପାଇଁ କୁକୁର, ବିଲେଇ, ଠେକୁଆ, ନେଉଳ ଆଦିଙ୍କୁ ନେଇ ଟିକି ଚିଡ଼ିଆଖାନା । ଏମିତି ସହାବସ୍ଥାନ ଭିତରେ ସେମାନେ ଦ୍ୱାଦଶ ପର୍ଯ୍ୟନ୍ତ ପଢୁଥିଲେ । ଏକାଠି ବଢୁଥିବାରୁ କାଳେ ସେମାନଙ୍କ ମନରେ କିଛି ବିକାର ସୃଷ୍ଟି ହେଉଥିବ- ଏ କଥା ପରୀକ୍ଷା କରିବା ପାଇଁ ବହୁ ଦେଶରୁ ଗବେଷକମାନେ ଆସୁଥିଲେ । ଆଶ୍ଚର୍ଯ୍ୟର କଥା, ପୁଅ ଝିଅଙ୍କ ଭିତରେ ଯଥେଷ୍ଟ ଦୂରତା ରଖା ଯାଉଥିବା ସମାଜ ଅପେକ୍ଷା ଏଠାରେ ଅଧିକ ବିକୃତି ପରିଲକ୍ଷିତ ହେଉ ନ ଥିଲା ।

ଅତୀତରେ ଏହି କିବୁତ୍‌ଜରେ ପୁଅଝିଅଙ୍କୁ ନେଇ ରହିଥିବା ବ୍ୟବସ୍ଥାଟି ଟିକେ ଅଲଗା ଥିଲା । ବିଶ୍ୱାସ କରାଯାଉଥିଲା ଯେ ପିଲାଏ ନିଜନିଜ ଭିତରର ଯୌନ ଆବେଗକୁ ନେଇ ମୁକ୍ତ ଭାବେ ବଢ଼ନ୍ତୁ,

କୌଣସି ଅବଦମନ ମନ ଭିତରେ ରହି ନ ଯାଉ । ଫ୍ରଏଡ଼ୀୟ ଧୂମାଳ ଭିତରେ ଉଡ଼ିଯାଇ ବାପା ମା'ମାନେ ଭାବୁଥିଲେ ଯେ ମନୁଷ୍ୟର ଯୌନ ପ୍ରବୃତ୍ତି ଏକ ପ୍ରାକୃତିକ ପ୍ରବୃତ୍ତି ଏବଂ ତାକୁ ପ୍ରାକୃତିକ ବନ୍ଧନର ମୁକ୍ତତାରେ ଛାଡ଼ି ଦେବାକୁ ହିଁ ସୁସ୍ଥତା ବୋଲି ଭାବୁଥିଲେ । ଫଳ ଏୟା ହେଲା କିବୁତ୍‌ଜର ପିଲାଏ ବୟଃପ୍ରାପ୍ତ ହୋଇ ମଧ୍ୟ ଜଣେ ଆଉ ଜଣଙ୍କ ପ୍ରତି କୌଣସି ଅନ୍ତରଙ୍ଗତା ଅନୁଭବ କଲେ ନାହିଁ । ଅନ୍ୟ ପ୍ରତି ଆକର୍ଷଣ ଅନୁଭବ ନ କରିବାଟା ନୂଆ ଏକ ସାମାଜିକ ସମସ୍ୟା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା । ତେଣୁ ବ୍ୟବସ୍ଥାରେ ପରିବର୍ତ୍ତନ କରାଗଲା ଏବଂ ପିଲାମାନଙ୍କୁ ବାପା ମା' ସାଥିରେ ରହିବାକୁ ଦିଆଗଲା । ପିଲାଏ ଘରେ ରହିବାରୁ ଘରଗୁଡ଼ିକରେ ନୂଆ କୋଠରୀ ସଂଯୁକ୍ତ କରାଗଲା । ସଲୋମନ ପହଞ୍ଚିଲା ବେଳକୁ ତା' ପରିବାରକୁ ଅଣ୍ଟେଇଲା ଭଳି ଘରଟିଏ ତାକୁ ମିଳିଥିଲା ।

ସଲୋମନ ସକାଳୁ ଦେଖେ ତ ବାପା ମା'ମାନେ ସାନ ପିଲାଙ୍କୁ ନେଇ ସ୍କୁଲରେ ଛାଡ଼ି ଆସୁଛନ୍ତି । ବଡ଼ମାନେ ପ୍ରାୟତଃ ସାଇକେଲ୍‌ରେ ଯାଉଛନ୍ତି । କିବୁତ୍‌ଜ ତରଫରୁ ପିଲାଙ୍କୁ ସାଇକେଲ୍ ଯୋଗାଇ ଦିଆଯାଉଛି । ସାଇକେଲ୍ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ଖରାପ ହେଲେ ଉଦ୍ଦିଷ୍ଟ ବିଭାଗ ତା'ର ମରାମତି କରିବ, ପିଲାଙ୍କୁ ମିଳିବ ଅନ୍ୟ ଏକ ସାଇକଲ୍ ।

ସଲୋମନ ଦେଖେ ଦ୍ୱାଦଶ ସରିବା ପରେ, ଯୁଦ୍ଧ ତାଲିମ ନେଇ ଫେରୁଥିବା ପିଲାଏ ଏକ ଅଲଗା ରକମର ହୋଇ ଫେରନ୍ତି । ଅତ୍ୟନ୍ତ ଶକ୍ତିଶାଳୀ, ସ୍ୱାଭିମାନୀ, କଷ୍ଟ ସହିଷ୍ଣୁ, ସ୍ୱାଧୀନଚେତା, ନିର୍ଭୀକ ଇତ୍ୟାଦି ଇତ୍ୟାଦି ବିଶେଷ ଗୁଣର ଅଧିକାରୀ ହୋଇଯାନ୍ତି । କିନ୍ତୁ ହରାଇଥାନ୍ତି ସରଳତା, ସ୍ୱଚ୍ଛତା, ଦୟା ପ୍ରବଣତା ଓ ବାତ୍ସଲ୍ୟ ମମତା ପ୍ରତି ରହିଥିବା ଦୁର୍ବଳତାକୁ । ସେମାନେ ନୂଆ ସାଥି ବାଛି, ବାପା ମା'କୁ ଛାଡ଼ି ଅନ୍ୟ କିବୁତ୍‌ଜକୁ ଚାଲିଯାନ୍ତି ବା ଅନ୍ୟ କୁଆଡ଼େ ପଢ଼ିବାକୁ ଚାଲିଯାନ୍ତି । ସେମାନେ ମଝିରେ ମଝିରେ ବାପା ମା' ପାଖକୁ ଫେରନ୍ତି । ଘରେ ସେବେ ଲାଗିଯାଏ ଉତ୍ସବ । ମନପସନ୍ଦର ଖାଦ୍ୟ, ବସ୍ତ୍ର ଆସେ । ମିଠା ପିଠା କରି ମା'ମାନେ ପିଲାକୁ ଖୁଆନ୍ତି । ସବୁକିଛିକୁ ଶୁନ୍‌ଶାନ୍ କରି ପୁଣି ସେମାନେ ଉଡ଼ିଯାନ୍ତି । ଏକ ବିରାଟ ଶୂନ୍ୟତାକୁ ବୋହି ପୁଣି ପୁରୁଣା ଘରଟା ନିସ୍ତେଜ ହୋଇ ପଡ଼ିରହେ ।

ପ୍ରଥମେ କୁଆଡ଼େ କିବୁତ୍‌ଜ ସବୁ କୃଷିଭିତ୍ତିକ ଥିଲା । ଧିରେ ଧିରେ ସେଥିରେ ପ୍ରବେଶ କଲା ଶିଳ୍ପ ଉଦ୍ୟୋଗ । ତା'ଦ୍ୱାରା ମନୁଷ୍ୟ ପ୍ରକୃତି ଠାରୁ ଟିକେ ଦୂରେଇ ଗଲା । ସଲୋମନ ଦେଖେ, ପ୍ରତି ମିଟିଂରେ ଅଭିଯୋଗ ଆସୁଛି ଯେ- ତାଲିମପ୍ରାପ୍ତ କୁଶଳୀ କାରିଗରମାନେ, ଅଧିକ ମୂଲ ନେଇ କିବୁତ୍‌ଜରେ କାମ କରିବା ଦ୍ୱାରା କିବୁତ୍‌ଜ ଧିରେ ଧିରେ ଏକ ବ୍ୟବସାୟିକ ସଂସ୍ଥାରେ ପରିଣତ ହେଇଯାଇଛି । ପୁଣି ପିଲାଏ ଘରେ ରହିବାଦ୍ୱାରା ମହିଳାମାନେ ସ୍ୱତଃ ଆଗ୍ରହ ପ୍ରକାଶ କରି କିଛି ପାରମ୍ପରିକ କାମ ପ୍ରତି ବେଶୀ ଆଗ୍ରହ ଦେଖାଉଛନ୍ତି । ତେଣୁ କୃଷି କ୍ଷେତ୍ରରେ, ରାସ୍ତାଘାଟ ନିର୍ମାଣରେ, ଘର ନିର୍ମାଣରେ, ପାହାଡ଼ ଭାଙ୍ଗିବା କାମରେ ପୁରୁଷ ମାନେ ରହିବାକୁ ବାଧ ହେଉଛନ୍ତି । କି ପ୍ରକାର ସମସ୍ୟା ଉପରେ ସଭ୍ୟମାନେ କଥା ହେଉଛନ୍ତି- ସେ ଭିତରୁ କିଛି କଥା ସଲୋମନ ବୁଝେ, ଆଉ କିଛି ବୁଝି ହିଁ ପାରେନା । ଗ୍ରାମୀଣ ଭାରତର ସଂସ୍କାରରେ

ମଣହେଇଥିବା ମଣିଷଟେ, ଏପରି ବିଚିତ୍ର ସାମାଜିକ ଚଳଣି ଭିତରେ ସବୁକିଛିକୁ ବୁଝିବା ବି ସହଜ କଥା ନୁହେଁ । ଏଣେ ନିୟମ ରହିଛି ଯେ କୌଣସି ବ୍ୟକ୍ତି ଗୋଟିଏ କାମରେ ଦୀର୍ଘଦିନ ରହିପାରିବ ନାହିଁ । କର୍ମ ବଦଳ କିବୁତ୍‌ଜ ପରମ୍ପରାର ଏକ ଅଭିନ୍ନ ଅଙ୍ଗ । ଫଳ ଏ'ୟା ହୁଏ, ପରିଚାଳନା ଦାୟିତ୍ୱରେ ଥିବା ସଭ୍ୟମାନେ, କେବେ ହେଲେ ନିଜକୁ ସମ୍ଭ୍ରାନ୍ତ, ପାରିବାର ଓ ଅଧିକ ଯୋଗ୍ୟଇ ବୋଲି ଭାବିନେବାର ପ୍ରମାଦରୁ ରକ୍ଷା ପାଇଯାନ୍ତି ।

ହେମ୍‌ର ଭୋଜନାଳୟ ଗୋଟିଏ ବନ୍ଧୁ ମିଳନର ଜାଗା । ତା' ଭିତରେ ଖାସ୍ କରି ଗପସପ କରିବା ପାଇଁ ଗୋଟିଏ ବାଚନାଳୟ । ସଂସାର ଯାକର ଗପ ଝଲେ । ଛାତିଖୋଲା ଆଲୋଚନା ଝଲେ । ଲୋକେ ଠୋ ଠୋ ହସନ୍ତି । କାହାକୁ ଡରିବାର ନାହିଁ, କାହା ପ୍ରତି ତୁଚ୍ଛା ଆନୁଗତ୍ୟ ପ୍ରକାଶର ଆବଶ୍ୟକ ନାହିଁ । ସିଗାରେଟ୍ ଖାଇ ଧୂଆଁ ଉଡ଼େଇବା ପାଇଁ ଧୂମାଳୟ ବି ରହିଛି । ଦୁନିଆ ଯାକର ଖବର କାଗଜ ଆସି ପହଞ୍ଚେ ଖବରକାଗଜ କକ୍ଷରେ । ବୟସ୍କମାନେ ଚୁପ୍‌ଝପ୍ ଚଷମାତଳୁ ଢିମା ଢିମା ଆଖିରେ ପୃଷ୍ଠା ପରେ ପୃଷ୍ଠା ପଢ଼ି ଝଲନ୍ତି । ସବୁ ମାଗଣା, ଖାଲି ସମୟ ଥିଲେ ହେଲା ।

ପ୍ରତି ସପ୍ତାହରେ ଅନ୍ତତଃ ଥରୁଟେ ପାଇଁ ସେଇ ଭୋଜନାଳୟରେ ମିଟିଂ ଝଲେ । ରାତି ଖାଇବା ପରେ ଆରମ୍ଭ ହୁଏ ଯେ ଅଧରାତି ଯାଏଁ ଝଲେ । କିବୁତ୍‌ଜର ଅଧାରୁ ଅଧିକ ସାବାଳକ ସେଥିରେ ଭାଗ ନିଅନ୍ତି । ବିଭିନ୍ନ ବିଷୟ, ସ୍ଥାନୀୟଠୁ ଆରମ୍ଭ କରି ଆନ୍ତର୍ଜାତିକ ପର୍ଯ୍ୟନ୍ତ ସରଗରମ ଆଲୋଚନା ଝଲେ । ନିଷ୍କର୍ଷ ବି ଲେଖାହୁଏ । ଚଳଣିରେ କିଛି ପରିବର୍ତ୍ତନ ଆଣିବାକୁ ବହୁମତ ମିଳିଲେ ତାହା ବି କାର୍ଯ୍ୟକାରୀ ହୁଏ ।

ନୂଆ ନୂଆରେ ସଲୋମନ ଯେବେ ଶୁକ୍ରବାର ସନ୍ଧ୍ୟାରେ ସାବାଥ୍ ପର୍ବ ପାଳନ ପାଇଁ କିବୁତ୍‌ଜର ଭୋଜନାଳୟରେ ପହଞ୍ଚୁଥିଲା, ଲୋକଙ୍କ ଉନ୍ମାଦନା ଦେଖି ଅବାକ୍ ହେଉଥିଲା । ପୂରା କିବୁତ୍‌ଜର ସବୁ ସଭ୍ୟ, ପିଲାରୁ ବୁଢ଼ା ଯାଏ, ଏପରିକି ଅକର୍ମଣ୍ୟମାନେ ମଧ୍ୟ ହୁଇଲ୍ ଚେୟାରରେ ବସି ଆସି ଯାଉଥିଲେ । ସମସ୍ତେ ନିଜ ନିଜର ଶ୍ରେଷ୍ଠ ପୋଷାକରେ, ଚଇନି ଚିକ୍‌ଣ ହେଇ ଆସୁଥିଲେ । ଏମିତି କି ଦୂରଦୂରାନ୍ତରୁ ଅତିଥିମାନେ ସାବାଥ୍ ପାଳିବାକୁ ରୁଣ୍ଡ ହେଉଥିଲେ । ଅନେକ ଲୋକଙ୍କ ପୁଅଝିଅ, ନାତିନାତୁଣୀ କିବୁତ୍‌ଜ ଛାଡ଼ି ବାହାରେ ରହିଥାନ୍ତି । ସେମାନେ ବି ଆସିଯାଉଥିଲେ । ନିଜ ପ୍ରିୟଜନଙ୍କୁ ଭେଟିବା ପାଇଁ ଏହା ଏକ ଦିବ୍ୟ ସୁଯୋଗ । କେତେ ଲୋକ ଆସିବେ, ତାକୁ ଧରି ଭୋଜନ ବ୍ୟବସ୍ଥା । ଭିତରେ ଜାଗା ହୁଏନି ବୋଲି ବାହାରେ ଟେବୁଲ୍ ପଡ଼େ । ବନ୍ଧୁ ମିଳନର ଅପୂର୍ବ କାର୍ଯ୍ୟକ୍ରମ । କୌଣସି ଶୃଙ୍ଖଳାରେ କେହି ଆବଦ୍ଧ ନୁହଁନ୍ତି, ଅଥଚ ଅନ୍ୟ କାହାର ଅସୁବିଧା ପ୍ରତି ସମସ୍ତେ ସଚେତନ । ପିଲାଏ ଅଜା ଘରକୁ ଆସିଲା ଭଳି ଧାଁ ଧପଡ଼ କରନ୍ତି । ଝିଅମାନେ ନାଚ କରନ୍ତି, ଗୀତ ବି ବୋଲନ୍ତି । ଖାଇବା ଢେର ରାତି ଯାଏଁ ଝଲେ । ଗୋରା, କଳା, ଟିମା, ବାଙ୍ଗରା, କୁଞ୍ଚୁବାଳିଆ, ଝୋଟବାଳିଆ, ପାତିମୁହାଁ, ହନୁମୁହାଁ, ଭାଲୁ ଭଳି ବାଳୁଆ, ପୁଣି ଧଳା ନାଗୁଣୀ ପରି ଚିକ୍କଣ ଗୋରା- ସବୁ ରକମର ଲୋକଙ୍କ ମେଳା । ସଲୋମନକୁ ଲାଗୁଥିଲା ଏଇ ଛୋଟିଆ ଭୋଜନାଳୟଟି ପୂରା ବିଶ୍ୱର ପ୍ରତିନିଧିତ୍ୱ କରୁଛି ।

ପୂରା କିବୁତ୍‌ଜକୁ ଜଣେ ଯଦି ଦେଖିବାକୁ ଝହେଁ, ତ ସିଏ ଶୁକ୍ରବାର ସନ୍ଧ୍ୟାରେ ଭୋଜନାଳୟକୁ ଆସିବାକୁ ପଡ଼ିବ । କାରଣ ଲୋକେ ଏଇଠି ଜଞ୍ଜାଳମୁକ୍ତ, ଖୁସିବାସିଆ ଦେଖାଯାନ୍ତି ।

ସବୁବେଳେ କଳା ଓ ଚିକ୍‌କଣ ରଙ୍ଗର ପରିଚ୍ଛଦ ଧାରଣ କରୁଥିବା ଇରାନୀ-ୟହୁଦୀ ମହିଳାମାନେ ଏବେ ବି ଗୋଟେ ରକମର ବୁର୍ଖା ଭିତରେ ନିଜକୁ ଗୋପନ ରଖିବାରେ ମଜା ପାନ୍ତି । କେବେ କେମିତି ଦିଶି ଯାଉଥିବା ଚମ୍ପା କଢ଼ ପରି ଆଙ୍ଗୁଠିମାନଙ୍କରେ ସୁନାମୁଦି ସବୁ ଆଖି ଝଲସାଇ ଦିଏ । ୟେମେନୀ ୟହୁଦୀ ମହିଳାମାନେ ସିଲେଇ, ସୂତାକାମ, କନା ଉପରେ ଚମତ୍‌କାର ଡିଜାଇନ୍ କରି ନିଜ ପୋଷାକ ନିଜେ କରନ୍ତି, ସଜେଇ ହୋଇ ରାଣୀ ପରି ଆତଯାତ ହୁଅନ୍ତି । ଠିକ୍ ସେଇପରି ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମରେ ଉତ୍ତର ଆଫ୍ରିକା, ମରକ୍‌କୋ, ଆଲଜିରିଆ ଓ ଟିଉନିସିଆର ମହିଳାମାନେ ନିଜର ଚମତ୍କାର ପାରଦର୍ଶିତା ଉପସ୍ଥାପନ କରନ୍ତି । ଅପୂର୍ବ ଛନ୍ଦମୟ ଓ ଲାସ୍ୟମୟ ତାଙ୍କ ଅଙ୍ଗଭଙ୍ଗୀ । ଏପଟେ ଆମେରିକାରୁ ଆସିଥିବା ହୃଷ୍ଟପୁଷ୍ଟ ବପୁବନ୍ତ ମହିଳାମାନେ ନିଜର ଶ୍ରୀଅଙ୍ଗ ପ୍ରଦର୍ଶନରେ କାର୍ପଣ୍ୟ କରନ୍ତି ନାହିଁ । ଇଉରୋପୀୟ ମହିଳାମାନେ ସବୁକ୍ଷେତ୍ରରେ ନସରପସର ହୋଇ ସବ୍‌ଜାନ୍ତା ଭଳି ଅଭିନୟ କରନ୍ତି । ଏତେ ବିବିଧତା ସତ୍ତ୍ୱେ ସମସ୍ତେ ଏକ ସୁନ୍ଦର ଐକ୍ୟତାନରେ ଗୁନ୍ଥି ହେଲା ଭଳି ଦିଶୁଥାନ୍ତି ।

ପରସ୍ପରକୁ ବୟସ ଓ ସ୍ଥିତି ନିର୍ବିଶେଷରେ ନାମ ଧରି ଡାକିବା କିବୁତ୍‌ଜ ଜୀବନର ଏକ ଅଂଶ । ସଲୋମନ ଏଭଳି ରୀତି ସହ ମୋଟେ ଖାପ ଖୁଆଇ ଚଳି ପାରୁନଥିଲେ । ବାପା, ମା', ଶିକ୍ଷକ, ବଡ଼ଭାଇ ବା ଭଉଣୀ, ସମାଜର କୌଣସି ବୟସ୍କ ଲୋକ, ସମ୍ମାନୀୟ ଲୋକ- ସମସ୍ତେ ନିଜ ନାମରେ ହିଁ ପରିଚିତ । ସାର୍, ଆଜ୍ଞା, ପୂଜନୀୟ, ଶ୍ରୀ, ମିଷ୍ଟର୍, ବାବୁ ଭଳି ବିଶେଷଣ ସେଇଠେ ନାହିଁ । ସଲୋମନକୁ ତା' ପିଲାମାନେ ନାଁଧରି ଡାକିବେ- ଏ କଥା ହଜମ ହେବା କାଠିକର ପାଠ । ଭାରତରେ ଯାହା ଖୁବ୍ ଅଭଦ୍ରାମୀ ଓ ଅସୌଜନ୍ୟମୂଳକ ବୋଲି ଧରାଯାଏ, ସେଇଠି ତାହା ଏକ ସ୍ୱାଭାବିକ ଗ୍ରହଣୀୟ ।

ସଲୋମନର ପୋଷାକ ପ୍ରତି ରହିଆସିଛି ଚରମ ଦୁର୍ବଳତା । ଖାଦ୍ୟ ଯାହିତାହି ଚଳେଇ ନେବ । କିନ୍ତୁ ଜାମାଯୋଡ଼ ଇସ୍ତ୍ରୀ ହେବାଚାହି । ହେମ୍ କିବୁତ୍‌ଜରେ କପଡ଼ା ସଫା କରିବା ଓ ଇସ୍ତ୍ରୀ କରିବା ପାଇଁ ବିଭାଗଟିଏ ଅଛି । ପ୍ରତ୍ୟେକ ପରିବାର ପାଇଁ ଗୋଟିଏ ଗୋଟିଏ ଝୁମ୍ବର ଅଛି, ଯୋଉଠି ପରିବାର ଲୋକେ ନିଜ ମଇଳା ଲୁଗାପଟା ରଖିଦେଇ ଆସନ୍ତି । ତାକୁ ସଂଗ୍ରହ କରି ଲୁଗାସଫା ଯନ୍ତ୍ରରେ ସଫା କରି, ତାକୁ ଇସ୍ତ୍ରୀ କରାଯାଇ ସେଇ ଝୁମ୍ବର ଭିତରେ ରଖି ଦିଆଯାଏ । ଯାହାର କପଡ଼ା ସେ ନେଇ ଆସେ । ପୁଣି ମଇଳା ଲୁଗା ଆସେ, ଚେମ୍ବର ପୁଣି ଭରିଯାଏ । ଏମିତି ବର୍ଷ ତମାମ ଝୁଲିଥାଏ । ଜୀବନବ୍ୟାପୀ ଝୁଲିଥିବା ବର୍ଷ ବର୍ଷର ଅଭ୍ୟାସରୁ ସତେକି ସଲୋମନ ମୁକୁଳି ଯାଇ ସତେକି ସର୍ବହରା ହେଇଗଲା । ପ୍ରବଳ ଦାୟିତ୍ୱକୁ ଡରି, ଇଚ୍ଛା ଥାଇ ମଧ୍ୟ ତୋଫା ଧଳାରଙ୍ଗର ସୂତୀ କପଡ଼ା ପିନ୍ଧିବା ସେ ଛାଡ଼ି ଦେଇଥିଲା । ହେମ୍

କିବୁତ୍‌ଜର ପୁଣି ତା'ର ମନରେ ସଉକଟି ଜାଗ୍ରତ ହେଇଗଲା ।

କିବୁତ୍‌ଜର ଆଉ ଗୋଟେ ବିଶେଷତ୍ୱ ହେଲା, ଏଇଠି ବୃଦ୍ଧବୃଦ୍ଧାମାନଙ୍କୁ ଢେର ସମ୍ମାନ ଓ ଯତ୍ନରେ ରଖାଯାଏ । ସାମୁହିକ ଓ ଗୋଷ୍ଠୀଗତ ଜୀବନ ସହିତ ସଂଯୋଜିତ ହୋଇ ରହିବା ପାଇଁ, ପ୍ରତିଦିନ ସ୍ୱତନ୍ତ୍ର ଗାଡ଼ି ଦ୍ୱାରା ସେମାନଙ୍କୁ ଭୋଜନାଳୟକୁ ଅଣାଯାଏ ଓ ଛଡ଼ାଯାଏ । ତାଙ୍କ ସେବା ପାଇଁ ପାଳି ଅନୁସାରେ ଲୋକ ନିଯୁକ୍ତି ପାଇଥାନ୍ତି ।

ସଲୋମନକୁ ଦେଖେଇ ଦିଆଗଲା ଯେ ଏହି ଯେଉଁ ବୃଦ୍ଧବୃଦ୍ଧାମାନେ, ଆଜି ଅନ୍ଧ, ଖଞ୍ଜ ବା ଅକର୍ମଣ୍ୟ ହୋଇ ବସିଛନ୍ତି, ଦିନେ ଯୌବନ ସମୟରେ ସେମାନେ ସବୁ କିଛିକୁ ବଳିଦାନ ଦେଇ, ଏଇ ବଞ୍ଜର ଭୂମିରେ କେତେ ଯେ ଶ୍ରମ କରିଥିଲେ ତା'ର ପଟାନ୍ତର ନାହିଁ । ହାଡ଼ଭଙ୍ଗା ପରିଶ୍ରମ ବେଳାରେ ନିଗିଡ଼ି ପଡ଼ିଥିବା ସ୍ୱେଦବିନ୍ଦୁରେ ଆଜି ଗଢ଼ି ଉଠିଛି ଏହି ହରାଭରା ହେମ୍ କିବୁତ୍‌ଜ । ତେଣୁ କୃତଜ୍ଞତା ସ୍ୱରୂପ ଏହି କିବୁତ୍‌ଜ ସେମାନଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇ ଦେଇଥାଏ । ଉଦ୍ଦେଶ୍ୟ - ପ୍ରତିକୂଳ ପ୍ରତିବେଶୀ ଓ ପରିବେଶ ଭିତରେ ଲଢ଼ିଥିବା ଯବାନମାନେ ସବୁବେଳେ ଯବାନ ହୋଇ ଜନମାନସରେ ଝଟକୁଥାନ୍ତୁ ।

ବୃଦ୍ଧବୃଦ୍ଧାମାନଙ୍କୁ ମାନସିକ ଭାବେ ସୁସ୍ଥ ରଖିବା ପାଇଁ, ସେମାନେ ଯେ କିବୁତ୍‌ଜର ଏକ କ୍ରିୟାଶୀଳ ଅଙ୍ଗ ହୋଇ ଏବେ ବି ରହିଛନ୍ତି - ଏ ଭାବନା ସୃଷ୍ଟି ପାଇଁ ସେମାନଙ୍କୁ ଛୋଟ ଛୋଟ କାମ ବି ଦିଆଯାଏ । ସେମାନେ ତିଆରି କରିଥିବା ଚିତ୍ର ଓ ଖେଳଣା ବା ଲେଖିଥିବା ଛୋଟ ଛୋଟ ଗପ ବା ଗୀତ ବହିକୁ ପ୍ରଦର୍ଶନୀରେ ଦେଖାଯାଏ, ବିକ୍ରି କରାଯାଏ ।

ସଲୋମନ ଓ ମାରିଆ ଏହି ବୃଦ୍ଧବୃଦ୍ଧା ମାନଙ୍କୁ ଦେଖି ଅନ୍ତତଃ ଶାନ୍ତିରେ ନିଃଶ୍ୱାସ ମାରୁଥିଲେ ଯେ ବୁଢ଼ାବୁଢ଼ୀ ହେଲାପରେ, ସେମାନେ ବି ପରିତ୍ୟକ୍ତ ନହୋଇ ଏଭଳି ସମ୍ମାନର ସହିତ ବଞ୍ଚି ପାରିବେ ।

ଭାରତୀୟ ଜୀବନ ବୀମା ନିଗମ,
ସି.ଏ.ବି, ବମିଖାଲ,
ବମିଖାଲ ଦୁର୍ଗାମଣ୍ଡପ ପାଖ,
ଭୁବନେଶ୍ୱର-୭୫୧୦୧୦
ମୋ.: ୯୩୩୭୪ ୪୭୧୮୨

ଦେବକୀଙ୍କର ମୃତ୍ୟୁ ନାହିଁ

ମୂଳ ହିନ୍ଦୀ: ଅନଘା ଜୋଗଲେକର

ଅନୁବାଦ: କନକ ମଞ୍ଜରୀ ସାହୁ

ଏବେ ରାତିର ପ୍ରଥମ ପ୍ରହର ବିତିଛି । ଅନ୍ଧାର ଗଭୀର ହେଇ ଚାଲିଥିଲା । ଟେବୁଲ୍ ଉପରେ ରହିଥିବା ଉପନ୍ୟାସର ପୃଷ୍ଠା ପବନରେ ଫଡ଼ଫଡ଼ ହେଉଥିଲା । ସେଇ ଶବ୍ଦରେ ମୋ' ମନର ଶବ୍ଦ ମିଶିଯାଉଥିଲା । ନିଦ ଲାଗୁନଥିଲା । ଭଙ୍ଗା ମନର କଇଁଚି ପୁରୁଣା ଘାଆକୁ ଉଖାରୁଥିଲା । ଦୁଇ ତିନି ବର୍ଷର ହୃଦୟ ବିଦାରକ ଘଟଣା ମୋ' ଆଖି ସାମନାରେ ନାଚିଉଠୁଥିଲା ।

ସେଇ ଦୁଃଖଦ ସ୍ମୃତିକୁ ଭୁଲିବାର ରାସ୍ତା ଖୋଜିବା ପାଇଁ ମୁଁ ସେଇ ଉପନ୍ୟାସ ହାତରେ ଧରିଲି, ସେତେବେଳେ ମୋ' ରୁମ୍‌ରେ ଏକ ଶବ୍ଦ ଶୁଣାଗଲା, "ଜାଣିଛ, ଶିବଙ୍କୁ ନୀଳକଣ୍ଠ କାହିଁକି କୁହାଯାଏ ?"

ସେଇ ଶବ୍ଦ ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । ଏପଟ ସେପଟ ଚାହିଁଲି, କିନ୍ତୁ ରୁମ୍‌ରେ କେହି ବି ନଥିଲେ ।

"ଏପଟେ ସେପଟେ କ'ଣ ଦେଖୁଛ ? ମୁଁ ତୁମ ସାମନାରେ ଛିଡ଼ାହୋଇଛି । ଦେଖ...ମୁଁ ଦେବକୀ ।"

"ଦେବକୀ !"

"ହଁ ଦେବକୀ । ତୁମେ ଜାଣିଛ କି ଶିବଙ୍କୁ ନୀଳକଣ୍ଠ କାହିଁକି କୁହାଯାଏ ?"

"ନୀଳକଣ୍ଠ !ହଁ, ଜାଣିଛି । କାହିଁକି...କାହିଁକି..ସେ ବିଷ ପିଇଥିଲେ ।"

"ଥରେ ନା ବାରମ୍ବାର ?"

"ଥ .ଥରେ ।" ମୁଁ ଦ୍ୱନ୍ଦ୍ୱରେ ରହି କହିଲି ।

"ଆଉ ମୁଁ?" ଦେବକୀଙ୍କ କଣ୍ଠ ରୁନ୍ଧି ହେଇଯାଉଥିଲା ।

"ତୁମେ ମୋତେ ହିଁ ପଢୁଥିଲ ନା ? ହେଇ ଦେଖ, ଟେବୁଲ ଉପରେ ରହିଥିବା ଉପନ୍ୟାସର ପୃଷ୍ଠା ଏବେ ବି ଫଡ଼ଫଡ଼ ହେଉଛି ।"

ମୁଁ ଆଶ୍ଚର୍ଯ୍ୟ ହୋଇ ଦେବକୀଙ୍କୁ ଚାହିଁରହିଲି । ତାଙ୍କ ପୀଡ଼ାକୁ ଅନୁଭବ କରୁଥିଲି ।

"ନିଜ ପ୍ରାଣନାଥଙ୍କ ଦ୍ୱାରା, ନିଜର ପୁଅମାନଙ୍କୁ, ନିଜ ଭାଇଙ୍କ ହାତରେ ମୃତ୍ୟୁ ପାଇଁ ସମର୍ପି ଦେବା" ସେ ଚିତ୍କାର କରିଉଠିଲେ, ଯେମିତି କଷ୍ଟ ଅସହନୀୟ ହେଉଛି ।

ମୁଁ ସାହସ କରି କହିଲି, "ମୁଁ ଜାଣିଛି"

"ନାଇଁ..ତୁମେ..ତୁମକୁ କିଛି ବି ଜଣା ନାହିଁ । ମୋର ଗୋଟିଏ ନୁହେଁ, ଛଅ ଛଅଟା ପୁତ୍ରଙ୍କୁ"

"ମୁଁ ଆପଣଙ୍କ କଷ୍ଟ ବୁଝିପାରୁଛି" । ମୁଁ ତାଙ୍କ କଥାକୁ ମଝିରେ କାଟି କହିଲି ।

"ସତରେ କ'ଣ ତୁମେ ମୋ' କଷ୍ଟକୁ ବୁଝିପାରୁଛ..." ତାଙ୍କ ସ୍ୱର କରୁଣାରେ ଭରି ଯାଇଥିଲା । ସେ ଧୀରେ ଧୀରେ ସୁଁ ସୁଁ ହେବାକୁ

ଲାଗିଲେ ଏବଂ ତା'ପରେ କାନ୍ଦିବାକୁ ଲାଗିଲେ, "ମୋ' ସାମନାରେ ମୋ' ପୁତ୍ରମାନଙ୍କୁ ପଥର ଉପରେ କଚଡ଼ାଗଲା...ଆଃ !"

ସେ ଆଉ କିଛି କହି ପାରିଲେନି । ତାଙ୍କ ଆଖିରୁ ବହୁଥିବା ଅଶ୍ରୁ ରୁମ୍ର ପବନକୁ ଓଦା କରିଦେଲା । କିଛି ସମୟ ଅଶ୍ରୁ ବୁହାଇବା ପରେ ଟିକେ ସ୍ୱାଭାବିକ ହେଲେ । କହିଲେ, "ତୁମେ ହିଁ ସତ୍ୟ କହିଥିଲ । ତୁମେ ମୋ' ବ୍ୟଥାକୁ ବୁଝିପାରୁଛ । ଜଣେ ସ୍ତ୍ରୀ ହିଁ ଆଉ ଜଣେ ସ୍ତ୍ରୀର କଷ୍ଟକୁ ବୁଝିପାରେ ।"

"ପ୍ରକୃତରେ..ସ୍ତ୍ରୀ, ସ୍ତ୍ରୀର ଦୁଃଖକୁ ଯଦି ବୁଝିପାରନ୍ତା..." ମୁଁ ଉଦାସ ହୋଇ କହିଲି ।

ସେ ଚମକିପଡ଼ି ପଚାରିଲେ, "ଅର୍ଥାତ୍ ?"

ମୁଁ ତାଙ୍କୁ ଟିକେ ଚଢ଼ା ଗଳାରେ କହିଲି, "ତୁମେ କ'ଣ ଭାବୁଛ ତୁମେ ଇତିହାସର ଏକମାତ୍ର ସ୍ତ୍ରୀ, ଯାହାର ଛୁଆମାନଙ୍କୁ ମୃତ୍ୟୁ ମୁଖରେ ପକାଯାଇଥିଲା ?" ମୁଁ ଟିକେ ରହି ଗଭୀର ନିଶ୍ୱାସ ନେଲି । ମୋ ମନର ପୀଡ଼ା ଆଖିରୁ ବାହାରିଆସିଲା, "ତୁମେ ତ ଆଜି ବି ଜୀବିତ ଅଛ ଦେବକୀ । ଆଜି ବି ଜୀବିତ ଅଛ । ତୁମେ କେବେ ମରି ନାହଁ । ଦେବକୀଙ୍କର କେବେ ମୃତ୍ୟୁ ହୁଏନା । ପ୍ରତ୍ୟେକ ଯୁଗରେ ଦେବକୀ ଜୀବିତ ରୁହନ୍ତି । ହଁ, ତୁମ ଛୁଆମାନଙ୍କ ମୃତ୍ୟୁରୁ ସେଇ ଘୃଣିତ କାମର ଆରମ୍ଭ ହୋଇ ବର୍ତ୍ତମାନ ସମୟରେ ତା'ର ସ୍ୱରୂପ ବଦଳିଗଲା । ବାସ୍ ।"

"ତୁମ କହିବାର ତାତ୍ପର୍ଯ୍ୟ ମୁଁ ବୁଝିପାରୁନି !" ଦେବକୀଙ୍କ ସ୍ୱରରେ ଆଶ୍ଚର୍ଯ୍ୟ ଭାବ ଥିଲା ଏବଂ ପୀଡ଼ା ବି ଥିଲା ।

ମୁଁ ମୋ' ଆଖିକୁ ପୋଛି କହିଲି, "ଦେବକୀ, ତୁମ ପିଲାଙ୍କୁ ତ ଜନ୍ମ ହେବାପରେ ମରାଯାଇଥିଲା, ଆଉ ମୋର..."

କୋଠରିରେ ମୋର ସୁଁ ସୁଁ କାନ୍ଦ ଗୁଞ୍ଜରୀ ଉଠିଲା । ସେଇ କାନ୍ଦ ଭିତରେ ଦେବକୀଙ୍କ ପୀଡ଼ା ବି ମିଶିଗଲା । ଅନେକ ସମୟ ଆମେ ଦୁହେଁ ଚୁପ୍‌ଚାପ୍ ନିଜ ନିଜ ଦୁଃଖ ଭିତରେ ବୁଡ଼ିରହିଲୁ ।

ତା'ପରେ ଦେବକୀ କହିଲେ, "ନଅ ମାସ ଗର୍ଭରେ ରଖି ଯାହାକୁ ରକ୍ତ, ମାଂସ ଦେଇ ଗଢ଼ିଲି, ନିଜ ସାମନାରେ ପଥର ଉପରେ ତା'ର ରକ୍ତ ବହିବା ଦେଖିବା...ଆଃ ! ତାହା ଅସହନୀୟ ପୀଡ଼ା ଥିଲା । ନିଜ ପୁତ୍ରମାନଙ୍କର କଅଁଳ ଦେହ ଛିନଛତ୍ର ହେବା ଦେଖି ପ୍ରତି ମୁହୂର୍ତ୍ତ ନିଜର ମୃତ୍ୟୁ କାମନା କରୁଥିଲି ।"

ଯେମିତି କୌଣସି ମୃତ ପିଲାକୁ ଦେଖି ଜଣେ ମା'କୁ ନିଜର ମୃତ ପୁତ୍ର ମନେପଡ଼େ, ସେମିତି ମୋତେ ବି ମୋର ଦୁଇଟି ଜନ୍ମ ହୋଇ ନ ଥିବା ଭ୍ରୂଣ ମନେପଡ଼ିଲା ।

"ଦେବକୀ, ତୁମେ ତ ତାଙ୍କୁ ନଅ ମାସ ନିଜ ପେଟରେ ରଖିଥିଲ, ତାଙ୍କୁ ଅନୁଭବ କରୁଥିଲ, ତାଙ୍କ ଜନ୍ମ ସମୟରେ ପ୍ରସବ ପୀଡ଼ା ସହିଲ, ତାଙ୍କର ସୁନ୍ଦର ମୁହଁ ଦେଖିଲ, କିଛି ସମୟ ହେଉ ପଛେ ତାଙ୍କୁ କୋଳରେ ଧରିଲ...କିନ୍ତୁ ମୁଁ...ମୋତେ ତ ଏହି ସୁଖ ମିଳିଲାନି... ।"

ଦେବକୀ ନିରବରେ ମୋ' ଦୁଃଖ ଶୁଣୁଥିଲେ ।

"ମୁଁ କେବଳ ପୁତ୍ର ଚାହୁଁ ନ ଥିଲି । ମୁଁ ଗର୍ଭବତୀ ହେବାରେ ଖୁସିଥିଲି । କିନ୍ତୁ..."

"କିନ୍ତୁ କ'ଣ...." ଦେବକୀ ଅଧୀର ସ୍ୱରରେ ପଚାରିଲେ ।

"ଦେବକୀ, ତୁମ ସ୍ୱାମୀ ତୁମ ପିଲାଙ୍କର ବଳି ମଞ୍ଜୁର କଲେ, କାରଣ ତୁମ ଜୀବନ ବଂଚାଇବା ପାଇଁ, ତୁମର ଅଷ୍ଟମ ପୁତ୍ର ଜନ୍ମ ହେଉ ଏବଂ ବିଶ୍ୱର କଲ୍ୟାଣ ହେଉ । ମାନୁଛି, ତୁମ ଛୁଆମାନଙ୍କୁ ତୁମ ନିଜର ଭାଇ ମାରିଦେଲେ, ନିଜ ଜୀବନ ବଂଚାଇବା ପାଇଁ । ତାହା ବହୁତ ଦୁଃଖର କଥା ଥିଲା, ବହୁତ ଦୁଃଖଦ, କିନ୍ତୁ..." ।

ମୋ' ଅଶ୍ରୁରେ ମୋ' ମୁହଁ ପୂରା ଭିଜିଯାଇଥିଲା । ମୁଁ ମୋ ଭାବନାର ତେଉରେ ବହିଯାଉଥିଲି, 'କିନ୍ତୁ...କିନ୍ତୁ ମୋ' ଗର୍ଭ ତ ତିନି ମାସ ବି ହୋଇନଥିଲା...ମୋ' ଭ୍ରୂଣକୁ ହତ୍ୟା କରିବାବାଲା ଆଉ କେହି ନୁହେଁ, ମୋ' ସ୍ୱାମୀ ହିଁ ଥିଲେ..ତାଙ୍କୁ ମୁଁ ବଂଚିବା କିମ୍ବା ମରିବା ବି ଚିନ୍ତା ନ ଥିଲା..ଆଉ..ମାରିବାବାଲା କେବଳ ପୁରୁଷ ନଥିଲା, ଏହି ଘୃଣିତ କାମରେ ମହିଳା ବି ସାମିଲ ଥିଲେ ।"

"କ'ଣ !" ଦେବକୀଙ୍କ ସ୍ୱର କରୁଣା ମିଶ୍ରିତ ଅବିଶ୍ୱାସରେ ଭରିଉଠିଲା ।

"ହଁ ଦେବକୀ, ଏବେ ତୁମ ସାଙ୍ଗରେ ହୋଇଥିବା ଅପରାଧର ସ୍ୱରୂପ ବଦଳିଗଲାଣି । ଆଜିକାଲି ଜନ୍ମ ହେବାପୂର୍ବରୁ ଭ୍ରୂଣକୁ ମାରିଦିଆଯାଉଛି । ଭ୍ରୂଣ ପୁତ୍ର ହେବା ଅପରାଧ ନୁହେଁ, କିନ୍ତୁ ଝିଅ ହେବା ଅପରାଧ । ଆଜିକାଲି ସ୍ୱାମୀମାନେ ପତ୍ନୀଙ୍କର ଜୀବନ ବଂଚାଇବା ପାଇଁ ନୁହେଁ, ବରଂ ନିଜର ବଂଶ ବଂଚେଇବା ପାଇଁ ବଂଚି ଥାଉ ଥାଉ ମାରି ଦିଆଯାଉଛି ଆଉ...ତାଙ୍କ ସାଙ୍ଗରେ କୌଣସି ଅନ୍ୟ ପୁରୁଷ ନୁହେଁ, ଘରର ସ୍ତ୍ରୀଲୋକମାନେ ହିଁ କରୁଛନ୍ତି ।"

ଦେବକୀ ସ୍ତବ୍ଧ ହୋଇ ଛିଡ଼ାହୋଇଥିଲେ । ତା'ପରେ କହିଲେ, 'ଅର୍ଥାତ୍ ?...ଅର୍ଥାତ୍ ଦେବକୀର କଷ୍ଟ ଶେଷ ହୋଇନି, ବରଂ ଅନ୍ୟ ରୂପରେ କେତେ ଗୁଣା ବଢ଼ିଯାଇଛି !' ପୁଣି ମୋ' ଆଡ଼କୁ ଚାହିଁ କହିଲେ, 'ମୋତେ ଲାଗୁଥିଲା ମୋ' ପରେ ଅନ୍ୟ ଦେବକୀ ଆଉ ଆସିବେନି । ହେବା ବି ଉଚିତ୍ ନଥିଲା, କିନ୍ତୁ...ଓହୋ ! ମୁଁ ନିଜ ଦୁଃଖ ଭିତରେ ଘାଣ୍ଟିହେଲି । ତୁମ ଦୁଃଖ ତ ବୁଝିପାରିଲିନି ।"

ମୁଁ ଅଶ୍ରୁଭରା ଆଖିରେ ଦେବକୀଙ୍କୁ ଚାହିଁରହିଲି । ଆଜି ମୋ' ସାମନାରେ ନିଜର କଷ୍ଟକୁ କମ୍ ଭାବୁଛନ୍ତି । କିନ୍ତୁ ଜଣେ ମା'ର କଷ୍ଟର ଆକଳନ ସମ୍ଭବ ? ଏହା କ'ଣ କୁହାଯାଇପାରିବ ଯେ ଯାହାର ଗୋଟିଏ ଅଙ୍ଗ କଟିଗଲା, ତା'ର କଷ୍ଟ କ'ଣ ତା'ଠାରୁ କମ୍ ? କଷ୍ଟକୁ କ'ଣ ପରିଭାଷିତ କରିବା ସହଜ ? କଷ୍ଟ ତ କଷ୍ଟ ହୋଇଥାଏ...ତାହାର କୌଣସି ପରିଭାଷା ନଥାଏ ।

ଦେବକୀ ମୋତେ ଏବଂ ମୁଁ ଦେବକୀଙ୍କୁ ଚାହିଁ ରହିଲୁ । ଆମେ ଦୁହେଁ ନିଜ ନିଜ ଦୁଃଖ, ନିଜ ନିଜ କଷ୍ଟରେ ଘାଣ୍ଟି ହେଉଥିଲୁ ଏବଂ ପରସ୍ପରଙ୍କୁ ସାନ୍ତ୍ୱନା ବି ଦେଉଥିଲୁ । ମୋତେ ଲାଗିଲା, ମୋ' ଦୁଃଖ ଠାରୁ ଦେବକୀଙ୍କ ଦୁଃଖ ବଡ଼ ଏବଂ ଦେବକୀଙ୍କୁ ଲାଗିଲା,ତାଙ୍କ ଦୁଃଖଠାରୁ ମୋ' ଦୁଃଖ ବଡ଼ ।

ସେତେବେଳେ ଟେବୁଲ୍ ଉପରେ ଥିବା ଉପନ୍ୟାସ ଫଡ଼ଫଡ଼ ହେଲା ଏବଂ ଆଉ ଜଣେ ସ୍ତ୍ରୀଲୋକ ସେଥିରୁ ବାହାରି ଆମ ଦୁହିଁଙ୍କ ମଝିରେ ଛିଡ଼ାହୋଇଗଲା ।

ସେଇ ସ୍ତ୍ରୀଲୋକଙ୍କୁ ଦେଖି ଦେବକୀ ଆଶ୍ଚର୍ଯ୍ୟ ହୋଇ କହିଲେ, 'ରୋହିଣୀ ତୁମେ ?'

"ହଁ, ମୁଁ । ତୁମେ ଦୁହେଁ ତ ନିଜ ନିଜ ଦୁଃଖ ବାଣ୍ଟିଲ, କିନ୍ତୁ ମୋ ଦୁଃଖ... ?"

"ତୁମର ଦୁଃଖ ! ତୁମେ ତ ଗୋକୁଳରେ ଆନନ୍ଦରେ ରହିଲ । ବଳରାମ ଭଳି ପୁତ୍ର ତୁମର ଥିଲା । ତୁମର ଆଉ କି ଦୁଃଖ ?"

ମୋ' କଥା ଶୁଣି ରୋହିଣୀ କିଛି ସମୟ ଜୋର୍‌ରେ ହସିଲେ, କିନ୍ତୁ ହସିବା ସହିତ ତାଙ୍କ ଆଖିରୁ ଅଶ୍ରୁ ବହିଗଲା । "ଯାହାଙ୍କୁ ଏହା ଜଣାନାହିଁ ଯେ କେବେ ଆଉ କେମିତି ଆଉ କାହାର ଭ୍ରୂଣ ତା' ଗର୍ଭରେ ରୋପଣ କରିଦିଆଗଲା, ତାକୁ ଗୋପନୀୟ ରଖିବା ବି ଅନିର୍ବାର୍ଯ୍ୟ ଏବଂ ଜାଣିବା ପରେ ବି ସେ କାହାକୁ କିଛି କହିପାରେନି...." ।

"ଓହୋ !" ମୋ ମୁହଁରୁ ଅନାୟାସରେ ବାହାରିପଡ଼ିଲା । ରୋହିଣୀଙ୍କ କଥା ଅଧୁରା ରହିଗଲା । ମୋ' ଆହା ଶୁଣି ଦେବକୀ ଆଗକୁ ବଢ଼ି ରୋହିଣୀଙ୍କୁ ସମ୍ଭାଳି କହିଲେ, 'ସେଇ ସମୟ ହିଁ କିଛି ଏମିତି ଥିଲା ଯେ ରୋହିଣୀଙ୍କ ଗୋପନୀୟତା ବି ଆବଶ୍ୟକ ଥିଲା ଏବଂ ବଳରାମଙ୍କ ଜନ୍ମ ବି ।"

"ଜାଣିଛି । ମୁଁ ତୁମକୁ ଦୋଷ ଦେଉନି, କିନ୍ତୁ ସ୍ୱାମୀଙ୍କ ଦୀର୍ଘଦିନ ଅନୁପସ୍ଥିତିରେ ପତ୍ନୀ ଗର୍ଭବତୀ ହେବା ଏବଂ କାହାକୁ ସତ କହି ନ ପାରିବା...ମୋ' ଦୁଃଖ କିଏ ବୁଝିବ ?"

ମୁଁ ସେଇ ଦୁହିଁଙ୍କୁ ଚାହିଁ ରହିଲି । ଜଣେ ନିଜ ପିଲାଙ୍କ ହତ୍ୟା ପାଇଁ କଷ୍ଟ ପାଉଥିଲେ, ଅନ୍ୟ ଜଣେ କେଜାଣି କେତେ ଲାଞ୍ଛନା ତାଙ୍କୁ ସହିବାକୁ ହୋଇଥିବ । ତଥାପି ଗୋଟିଏ କଥାରେ ମୋର ବିଶ୍ୱାସ ଅଛି ଯେ ଶେଷରେ ଦୁହେଁ ସନ୍ତୁଷ୍ଟ ହୋଇଥିବେ । କାରଣ..କାରଣ କୃଷ୍ଣଙ୍କ ଜନ୍ମ ସର୍ବଦା ଶୁଭ ହୋଇଥାଏ ।

କିନ୍ତୁ...କିନ୍ତୁ କୃଷ୍ଣ କ'ଣ ମୋ' ଉଦରରୁ ଜନ୍ମ ନେଇ ମୋତେ ମୋ' ଦୁଃଖରୁ ବାହାର କରିପାରିବେ ? ଏହି ଭାବନା ମୋ' ମନରେ ଯକ୍ଷ ପ୍ରଶ୍ନ ଭଳି ବିକଟାଳ ରୂପରେ ଛିଡ଼ା ହେଲା ।

ଦେବକୀ ଏବଂ ରୋହିଣୀ ତ ପୁଣିଥରେ ଉପନ୍ୟାସର ପୃଷ୍ଠାରେ ଅଦୃଶ୍ୟ ହୋଇଗଲେ ଆଉ ମୁଁ...ମୁଁ ଆଉ ଜଣେ ଦେବକୀ ହେବାର ପଥରେ ଅଗ୍ରସର ହେଉଛି ଏବଂ ରୋହିଣୀ ହେବାକୁ ମଧ୍ୟ ।

ଶ୍ରାବଣୀ ରେସିଡ଼େନ୍ସୀ, ୧୧୪୪,
ଗଡ଼ସାହି, ନୟାପଲ୍ଲୀ,ଭୁବନେଶ୍ୱର-୧୨
ମୋ.: ୯୪୩୯୭ ୫୦୩୭୮

ତରୁଣ କବି

ରଜତ ବଂଶଲଙ୍କ

ପ୍ରଥମ କବିତା ବହି

ଏବେ ବଜାରରେ



ପ୍ରକାଶକ:

ଶ୍ରୀରୂପା

ରାମନଗରପଡ଼ା

ଭବାନୀପାଟଣା-୭୬୬୦୦୧

ମୋ. ୯୪୩୭୭ ୦୦୦୩୭

ଆପଣ ବହି ଛାପିବାକୁ ଚାହୁଁଛନ୍ତି...ଶ୍ରୀରୂପା ସହ ଯୋଗାଯୋଗ କରନ୍ତୁ



ରଙ୍ଗ ନମ୍ବର

ମୂଳ ବଙ୍ଗଳା: ମହାଶ୍ୱେତା ଦେବୀ

ଅନୁସୃଜନ: କୃଷ୍ଣା ମିଶ୍ର

ସମୟ, ରାତ୍ରି ଗୋଟିଏ । ତୀର୍ଥବାବୁଙ୍କର ନିଦ ଭାଙ୍ଗିଲା ।

ଟେଲିଫୋନ୍‌ଟା ବାଜୁଥିଲା । ଅର୍ଦ୍ଧରାତ୍ରିରେ, ଟେଲିଫୋନ୍ ବାଜିଲେ, କାହିଁକି କେଜାଣି ଏତେ ଭୟ ଲାଗେ ?

– 'ହେଲୋ ! ଶୁଣନ୍ତୁ..... ଡାକ୍ତରଖାନାରୁ କହୁଛି....

ଆପଣଙ୍କର ପେଶେ, ଏଇମାତ୍ର ମୃତ୍ୟୁବରଣ କରିଛି । ହେଲୋ !.

– ମୋର ପେଶେ ? ନା, ନା, ଡାକ୍ତରଖାନାରେ ମୋର କେହି ପେଶେଣ୍ଟନାହାନ୍ତି ।'

– ଆପଣଙ୍କ ନମ୍ବର ?

– ରଙ୍ଗ ନମ୍ବର ! ଟେଲିଫୋନ୍ ରଖି ଦିଅନ୍ତୁ ।

ଏମାନେ କାହିଁକି କେଜାଣି ରଂଗନମ୍ବରରେ ଫୋନ୍ କରନ୍ତି ?

ତୀର୍ଥବାବୁ, ଫୋନ୍‌ଟିକୁ ଉଠାଇ ତଳେରଖିଦେଲେ । ଭୟ ଲାଗେ, ସତରେ ବହୁତ ଭୟ ଲାଗେ ।

'ହଠାତ ଫୋନ୍ କାହିଁକି ବାଜି ଉଠେ ? ଏତିକି ରଂଗନମ୍ବର, କାହିଁକି ଆସେ ?' ସବିତା ପଚାରନ୍ତି ।

ଅନେକ ଦିନ ହେଲାଣି, ସବିତା ଏବଂ ତୀର୍ଥବାବୁ ରାତିଯାକ ଶୋଉ ନାହାନ୍ତି । ଠିକ୍ ବାରଟା ରାତିରେ, ତୀର୍ଥବାବୁ ଗୋଟିଏ ନିଦ ବଟିକା ଖାଆନ୍ତି । ତାପରେ, ଆଖିମୁଦି, ଖଟରେ ଗଡ଼ିଯାନ୍ତି । କୁମନରୁ ଦୂରେଇବାର ଚେଷ୍ଟା କରନ୍ତି । କିନ୍ତୁ ଦୂର କରିପାରନ୍ତି ନାହିଁ । ଶତ ଚେଷ୍ଟା କରି ମଧ୍ୟ ବିଫଳ ହୁଅନ୍ତି ।

ତାଙ୍କର ଚେତନା ଓ ଅବଚେତନା, ପ୍ରଥମ ସ୍ତରର ଚେତନ ଏବଂ ଶେଷସ୍ତରର ଚେତନା ଭିତରେ ଏକ ପ୍ରାଚୀର । ସେଇ ପ୍ରାଚୀର ଦେହରେ ଅନେକ ପୋଷ୍ଟର । ଦୀପଙ୍କରର ଫଟୋ । ଶୈଶବର ଫଟୋ, ନିରୀହ ଚେହେରା, ମ୍ୟାଟ୍ରିକ ପାସ୍ ବେଳର ଫଟୋ, ଗ୍ରାଜୁଏଟ୍ ଦୀପଙ୍କରର ଫଟୋ । ଲମ୍ବା ଶରୀର, ଭାବୁକ ଆଉ ଶାନ୍ତ ଚେହେରା ।

ଦୀପଙ୍କର, ତୀର୍ଥବାବୁଙ୍କର ଏକମାତ୍ର ପୁତ୍ର ସନ୍ତାନ । ସନ୍ତାନ ! ଲୋକେ କାହିଁକି ସନ୍ତାନ ପ୍ରାପ୍ତିର କାମନା କରନ୍ତି ? କାହିଁକି ସନ୍ତାନକୁ ଏତେ ଭଲ ପାଆନ୍ତି ? ତୀର୍ଥବାବୁ, ପ୍ରତିଦିନ ନିଜକୁ ନିଜେ ଏଇ ପ୍ରଶ୍ନ କରନ୍ତି ।

ପରମୁହୂର୍ତ୍ତରେ ନିଦ ଆସେ । ଗଭୀର ଅଥଚ ଭୟ ସଂକୁଳ ନିଦ । ମନେହୁଏ, ବୋଧହୁଏ, ସବିତା ଏ ଯାଏଁ ଶୋଇନାହାନ୍ତି । ସେଇଥି ପାଇଁ ତ ପଚାରୁଥିଲେ, 'କାହାର ଫୋନ୍ ଆସିଛି ?'

– 'ରଂଗନମ୍ବର ।'

– 'କେଉଁଠାରୁ ଆସିଥିଲା ?'

– 'ଡାକ୍ତରଖାନାରୁ ।'

– 'ଡାକ୍ତରଖାନାରୁ ? ଶୁଣ ! ସତରେ ଏଇ କଲ୍‌ଟା, ଆମ ପାଇଁ ନ ଥିଲା ତ ?'

– 'ତୁମେ ଆଉ ପାଗଳାମି ଦେଖାଅନି ସୁବୁ ! ତୁମେ

ଭଲଭାବରେ ଜାଣିଛ, ଦୀପୁ ନରେନ୍ ପାଖରେ ଅଛି । ସେଠାରୁ ସେ ତାକୁ ଦିଲ୍ଲୀରେ ଭର୍ତ୍ତିକରାଇବାର ଚେଷ୍ଟା କରୁଛି । ସବୁ ଜାଣିଶୁଣି କାହିଁକି ଏମିତି ପାଗଳାମି କରୁଛ ?'

- 'ଯଦି ନରେନ୍ ପାଖରେଥାନ୍ତା, ତେବେ ଦୀପୁ ଆମକୁ ଚିଠି ଖଣ୍ଡେ ଲେଖନ୍ତା ନାହିଁ ? ନ ହେଲେ, ନରେନ୍ ଲେଖୁନି କାହିଁକି ? ତୁମେ ସବୁ କ'ଣ ଭାବୁଛ ଯେ ! ମୁଁ କାନ୍ଦିବି ? ଦଉଡିକି ନରେନ୍ ପାଖକୁ ଚାଲିଯିବି ?'

- 'ସୁବୁ, ବ୍ୟସ୍ତ ହୁଅନି ।'

-'ମୋତେ କାହିଁକି ଲାଗୁଛି ଦୀପୁ, ନରେନ୍ ପାଖରେ ନାହିଁ ଆଉ ସେ ଜାଣିଶୁଣି ଆମକୁ କିଛି ଖବର ଦେଉନାହିଁ ।'

-'କାନ୍ଦନା ସୁବୁ ! ଚୁପ୍ ହୋଇଯାଅ, ସବୁକିଛି ଠିକ୍ ହେଇଯିବ । ତୁମେ ତ ଜାଣିଛ, ଦୀପୁ ଆମକୁ ଛାଡ଼ି ଚାଲିଯିବାର କୌଣସି କାରଣ ନାହିଁ ।'

- 'ତେବେ ସେ ଆସୁ ନାହିଁ କାହିଁକି ?'

- 'ସୁବୁ ! ଶାରୀରିକ ଅସୁସ୍ଥତା କାରଣରୁ ତୁମର ମାନସିକତା ଦୁର୍ବଳ ହୋଇପଡ଼ିଲାଣି । ସମୟ ଖରାପ ଚାଲିଛି । ଆମ ଇଲାକାଟି ମଧ୍ୟ ଭଲ ନୁହେଁ । ତେଣୁ ସେ ଆସୁ ନାହିଁ ।'

ସବିତା ପୁଣି କାନ୍ଦିବାକୁ ଲାଗିଲେ । ଧୀରେ ଧୀରେ, କୋହ ଭରି କାନ୍ଦୁଥାନ୍ତି । ଏମିତିରେ କେତେବେଳେ ତାଙ୍କର ଆଖିମୁଦି ହୋଇଗଲା । ତୀର୍ଥବାବୁଙ୍କୁ ନିଦ ଆସୁ ନ ଥିଲା । ଏ ଦେଶର କ'ଣ ହୋଇଗଲା ! ଯଦି ରୋଗୀ ମରିଯାଏ, ଟୁ-ଥ୍ରୀ ଏକ୍ସେଚେଞ୍ଜ ନମ୍ବର ଦେଲେ ତୁମେ ଫୋର୍‌ସେଭେନ୍ ଫୋର୍ ଲଗେଇବ ? ରଂଗନମ୍ବର । ସେ ରୋଗୀ ଯାହାର ହୋଇଥିବ, ତାଙ୍କ ମନର ଅବସ୍ଥା କେମିତି ହେଉଥିବ ?

ଅଥବା ମନର କୌଣସି ଅବସ୍ଥା ହିଁ ନ ଥିବ । ସତେ ଯେମିତି, ଆଜିକାଲି ସମସ୍ତେ କୁରୁକ୍ଷେତ୍ରର ଅର୍ଜୁନ ହୋଇଗଲେଣି । ମୃତ୍ୟୁକୁ ଅତ୍ୟନ୍ତ ବୈରାଗ୍ୟରେ ଦେଖୁଛନ୍ତି । ବୋଧହୁଏ, ଶବ ବିଛଣାରେ ପଡ଼ି ରହିଥାଏ । ଖର୍ଚ୍ଚ କମାଇବାକୁ ଯାଇ ସମ୍ପର୍କୀୟମାନେ ସେଠାରୁ ପଳାୟନ କରନ୍ତି । ଆଉ ଫେରି ଚାହାନ୍ତି ନାହିଁ ।

ତୀର୍ଥବାବୁଙ୍କୁ ଅକାରଣେ ଭୟ ହେଉଛି । ତାଙ୍କର ମନେହେଉଛି ଯେମିତି, ଯେଉଁ ପଶ୍ଚିମ ବଙ୍ଗଳାର କଲିକତାରେ ସେ ରହୁଛନ୍ତି, ସେଇଟା ଅନ୍ୟ କେଉଁ ସହର ! ଦେଖିବାକୁ ଗଲେ, ସେଇ ସହର, ସେଇ ବଡ଼ପଡ଼ିଆ, ମନୁମେ, ଭବାନୀପୁର, ଅଲ୍ଲୀପୁର, ଚଡ଼କ ଡାଙ୍ଗାର ମୋଡ଼ । ଆଷାଢ଼ରେ ପୂର୍ବଭଳି ରଥଯାତ୍ରା, ଚୈତ୍ରରେ କାଳୀଘାଟର ଭିଡ଼ ଆଉ ମାଘରେ ବଡ଼ଦିନର ଆଲୋକ !!

- ନା ନା, ଏଇଟା ସେଇ ସହର ନୁହେଁ । ଏଇଟା ଗୋଟିଏ ଭୟ ଭରା ସହର । ରଂଗନମ୍ବରଟି ।

ଭୁଲ୍ ଟ୍ରେନ୍‌ରେ ବସି ଏକ ଅଜଣା ସହରକୁ ଚାଲିଆସିଛନ୍ତି ତୀର୍ଥବାବୁ ।

ନହେଲେ କ'ଣ ସବିତାଙ୍କୁ ଦେଇଥିବା ସମସ୍ତ ଆଶ୍ୱାସନାକୁ ଭୁଲି ନିଜେ ଚିନ୍ତା ମଗ୍ନ ହୁଅନ୍ତେ ତୀର୍ଥବାବୁ ! ନ ହେଲେ ଦୀପଙ୍କର ଚିଠି ଲେଖୁ ନାହିଁ କାହିଁକି ? ଅଥବା, ନରେନ୍ କାହିଁକି ଦୀପଙ୍କରର କୌଣସି ଖବର ଦେଉନାହିଁ ?

- କାହିଁକି ଲୋକେ ସନ୍ତାନ ପ୍ରାପ୍ତିର କାମନା କରନ୍ତି ? ପୁତ୍ରକନ୍ୟାଙ୍କୁ ଏତେ ସ୍ନେହ ଶ୍ରଦ୍ଧା ଦିଅନ୍ତି ! କାହିଁକି ନା, ମୃତ୍ୟୁପରେ ସେମାନେ ତାଙ୍କ ମୁଖରେ ଅଗ୍ନି ଦେବେ ?

ରଂଗନମ୍ବର । ଜୀବନ ଥିବା ଯାଏ ତୀର୍ଥବାବୁ, ସନ୍ତାନମାନଙ୍କୁ ଚାହିଁଛନ୍ତି । 'ତୁ ମୋ ପାଖରେ ରହ, ତୁ ମୋ ନିକଟରେ ବସ । ମୋ ଯନ୍ତ୍ରଣା, ଜ୍ୱାଳା, ଭାଗ୍ୟ, ସବୁ ନେ ।

ମୋ ସହ ଏକାକାର ହେବା ଶିଖ୍ ।

ରଙ୍ଗ୍‌ହୋପ୍ ।

ମନେହୁଏ ଯେମିତି, ଏଇ ସହରରେ କେଉଁଠି ଗୋଟିଏ ଏକ୍ସଚେଞ୍ଜ ଅଛି । ହେଲେ କେଉଁଠି ଯେ ! ସେଇଠୁ କେହି ଜଣେ, ତୀର୍ଥବାବୁଙ୍କୁ କହି ଚାଲିଛି - ରଂଗନମ୍ବର ! ରଙ୍ଗ୍ ସିଟି ! ରଙ୍ଗ୍‌ହୋପ୍ !

କିଏ ସେ ? କାହିଁକି ସେଇ ଅଦୃଶ୍ୟ ଅପେରେଟର୍ ଜଣକ, ଦିଶୁ ନାହିଁ ?

ଏମିତି ଭାବୁଭାବୁ, ତୀର୍ଥବାବୁ ପଥରଟିଏ ଭଳି, ଗୁଡୁପ୍‌କରି ନିଦରେ ବୁଡ଼ିଯାଆନ୍ତି । ଏମିତି ସବୁଦିନ, ସକାଳୁ ସନ୍ଧ୍ୟା ଓ ସୋମ ରୁ ରବି ଯାଏଁ ସବୁ କିଛି ଚାଲିଥାଏ । ତୀର୍ଥବାବୁ, ରାତ୍ରିକୁ ଭୟ କରନ୍ତି । କାରଣ, ନିଦ୍ରାରେ ତାଙ୍କୁ, ଧାଡ଼ିଧାଡ଼ି ପ୍ରାଚୀର ଆଉ ସେଇ ପ୍ରାଚୀର ଦେହରେ ଦୀପଙ୍କରର ଫୋଟୋ, ଜଳଜଳ ଦିଶିଯାଏ । ନିଦ୍ରାବସ୍ଥାରେ ହିଁ ତୀର୍ଥବାବୁ ଭାବନ୍ତି, ତେବେ ସେ ମନୋଜ ପାଖକୁ ଯିବେ କି ? ମନୋଜ ତାଙ୍କର ବନ୍ଧୁ । ସେ ମଧ୍ୟ ଜଣେ ମନୋଚିକିତ୍ସକ । ତୀର୍ଥବାବୁ, ନିଶ୍ଚୟ ବେମାର ହୋଇଛନ୍ତି ।

- 'ତୁମେ ବେମାର ଅଛ, ତୀର୍ଥ !'

ମନୋଜ କହିଲେ । ସେ ଚାହିଁ ରହିଥିଲେ- ତୀର୍ଥବାବୁଙ୍କର ଶୁଖିଲା ଚେହେରା, କାତର ଦୃଷ୍ଟି ଆଉ ବାରମ୍ବାର କପାଳରୁ ସ୍ୱେଦ ପୋଛିବାର ଚେଷ୍ଟା ।

- 'କି ରୋଗ ହୋଇଛି କି ମୋତେ ?'

- 'ନର୍ଭର ରୋଗ ହୋଇଛି ।'

- 'ମୋ ନର୍ଭ ତ ଠିକ୍ ଅଛି, ମନୋଜ ।'

- 'ତୁମର ଚିନ୍ତା ନିରାଧାର । ତୁମେ କ'ଣ ସବୁ କହିଲ, ଶୁଣ ।'

ମନୋଜ ଟେପରେକର୍ଡର ଚଲେଇ ଦିଅନ୍ତି । ମନୋଜ, ତାଙ୍କର ରୋଗୀଙ୍କ ସହିତ କଥୋପକଥନ, ରେକର୍ଡ଼ କରିନିଅନ୍ତି । ତାପରେ, ସେ ବିଷୟରେ ଆଲୋଚନା କରନ୍ତି । ନିଜର ମତାମତ ଦିଅନ୍ତି । ତୀର୍ଥବାବୁ, ଟେପ୍ ରେକର୍ଡରକୁ ଦେଖି, ମନେମନେ ପଇସାର ହିସାବ କରୁଥିଲେ । ଠିକ୍ ସେତିକିବେଳେ, ସେମିତି ଏକ ଆହତ ସ୍ୱର ତାଙ୍କୁ ଶୁଭିଲା ।

– 'ମୋତେ କାହିଁ ଲାଗୁଛି, ଏଇ ଘରଟା ମୋର ନୁହେଁ ।

କବାଟରେ ଆଘାତ କଲେ କେହି ଖୋଲିବେ ନାହିଁ, କାରଣ ମୁଁ ରଙ୍ଗ୍ ଆଡ୍ରେସ୍‌କୁ ଆସିଯାଇଛି । ରାସ୍ତାରେ ଚାଲିବା ସମୟରେ ମୋତେ ଲାଗୁଛି ଯେମିତି କଲିକତା ଆଉ କଲିକତା ହୋଇରହି ନାହିଁ । ବାହାରେ ଥିବା ସମସ୍ତ ଘରଦୁଆର, ପଡ଼ିଆ, ମନୁମେଣ୍ଟଇତ୍ୟାଦିକୁ ଅନ୍ୟ କୌଣସି ସହରକୁ ଦେଇ, କଲିକତା କୁଆଡ଼େ ଚାଲିଯାଇଛି । ମୋର ମନେହେଉଛି, ଇଟ୍ ଇଜ୍ ଏ ରଙ୍ଗ୍ ସିଟି । ଯଦିଓ କିଛି ଦରକାର ନ ଥିଲା, ତଥାପି ନିଜ ମନକୁ ବୁଝାଇଲି ଯେ, ଏଇଟା ହିଁ କଲିକତା ସହର । ମୁଁ ଦିନେ କେଓଡା ତଲ୍ଲା ଯାଇଥିଲି । ସେଠାରେ ପାଚେରୀରେ ଯାହା ଲେଖାଥିଲା, ତାକୁ ପଢ଼ି ବୁଝିଗଲି ଯେ, ମୁଁ ଭୁଲ୍ ଜାଗାକୁ ଆସିଯାଇଛି । ସେଦିନ ମୁଁ ସ୍ୱପ୍ନ ଦେଖିଲି ।'

ମନୋଜ, ଟେପ୍‌ରେକର୍ଡ଼ର ବନ୍ଦ କରିଦେଲେ । ତାପରେ ତୀର୍ଥବାବୁଙ୍କ ଆଡ଼କୁ ଦେଖି ପଚାରିଲେ, – 'କ'ଣ ସ୍ୱପ୍ନ ଦେଖିଲ, ତୀର୍ଥ ?'

– 'କହି ପାରିବିନି ।'

– 'କି ସ୍ୱପ୍ନ ଦେଖିଥିଲ ?'

– 'ମୋତେ ଆଉ ପଚାର ନି ମନୋଜ ! ଏଇ ସ୍ୱପ୍ନ ମୁଁ ପ୍ରାୟ ଦେଖେ ।'

– 'ସେଥିପାଇଁ ତ ମୁଁ ପଚାରୁଛି ।'

'ନାଇ ଁମନୋଜ ।'

–'ତୁମେ ବେମାର ଅଛ । ତୁମର ବେମାରୀ ହେବାଟା ସାଧାରଣ କଥା ।'

– 'କାହିଁକି ? ମୁଁ ବେମାର ହେବାଟା, ସାଧାରଣ କଥା କାହିଁକି ?'

– 'ତୁମ ପୁଅ ତ'

– 'ଆମ ପୁଅ ତ କ'ଣ ?'

– 'ଘରେ ନାଇଁ ।'

– 'ମନୋଜ, ମୁଁ ଜାଣି ନାହିଁ, ତୁମକୁ କିଏ ଏ ସବୁ କହିଲା ? ମୋ ପୁଅ ଦୀପଙ୍କର, ଲକ୍ଷ୍ନୌରେ ତା' କଜିନ୍ ପାଖରେ ଅଛି । ସେଠାରୁ ପୁଣି, ପଢ଼ିବାକୁ ଦିଲ୍ଲୀ ଯିବ ।'

– 'ଓଃ ଗଡ୍ !'

ସତେକି ଅନେକ ଯନ୍ତ୍ରଣା ଓ ଦୁଃଖର ସହିତ ସେ କହିଉଠିଥିଲେ ।'

ସେ ଏକ ଦୀର୍ଘଶ୍ୱାସ ନେଲେ । ତୀର୍ଥକୁ କ'ଣ ହୋଇଗଲା ? ତାଙ୍କ ବନ୍ଧୁମାନଙ୍କ ମଧ୍ୟରେ, ତୀର୍ଥ ହିଁ ସବୁଠାରୁ ଶାନ୍ତ, ଭଦ୍ରପିଲା ଥିଲେ ।

– 'ହେ ଭଗବାନ ।' ମନୋଜ ଗୋଟିଏ କାଗଜରେ ଔଷଧର ନାମ ଲେଖିଲେ । ପୁଣି, କ'ଣ ଭାବି କାଗଜଟିକୁ ଚିରି ଫିଙ୍ଗିଦେଲେ । ଔଷଧର ଶିଶିଟିଏ ତୀର୍ଥବାବୁଙ୍କ ହାତକୁ ବଢ଼ାଇଦେଲା ବେଳେ କହିଲେ, 'ଏଇଟା ରାତିରେ ଖାଇନେବ, ନିଦ ହୋଇଯିବ ।'

– 'ଆଚ୍ଛା, ହଉ ଦିଅ ।'

ତୀର୍ଥବାବୁ ଔଷଧ ଶିଶିଟି ନେଲେ ଆଉ ବାହାରକୁ ଚାଲିଗଲେ । ମନୋଜ, ତାଙ୍କ ସଙ୍ଗେ ଦୁଆର ପର୍ଯ୍ୟନ୍ତ ଗଲେ । ପଚାରିଲେ, 'ତୁମ ପାଖକୁ, ବୋଷ୍ ପୁଣି ଥରେ ଯାଇ ନାହିଁ ତ ?'

– 'ନାଇଁ, କାହିଁକି ପଚାରିଲ ?'

– 'ମୁଁ ତାକୁ ମନା କରିଛି ।'

– 'ତୁମେ କ'ଣ ଭାବୁଛ, ସେ ଆସିଲେ ମୁଁ ତାକୁ ଘରେ ପୂରେଇବି ? ତା'ପରେ ସେ ସବିତାକୁ ଆଲତୁଫାଲତୁ କଥାକହିବ ।'

ତୀର୍ଥବାବୁ ବାହାରକୁ ବାହାରି ଆସିଲେ । 'ଏଇଟା ସକାଳ ନା ସନ୍ଧ୍ୟା ହୋଇଛି ? ରାସ୍ତା ଉପରେ ଲୋକେ ଧାଡ଼ିବାନ୍ଧି ଚାଲିଯାଉଛନ୍ତି । ଏଠିକାର ରାସ୍ତା, ପୂରାପୂରି ଫାଙ୍କା ?'

'ନିର୍ଜନପଥ....ମେଘାବୃତଉରଜନୀ....., ଝଡ଼ବର୍ଷା.... ଜୟସିଂହ ଛୁରୀ ଧାରଉଛି ।' ରବୀନ୍ଦ୍ର ନାଥଙ୍କ ପୁସ୍ତକର ଏଇ ବର୍ଣ୍ଣନା, ତୀର୍ଥବାବୁଙ୍କୁ ବହୁତ ଭଲ ଲାଗେ । ଦୀପଙ୍କରର ପୁସ୍ତକରେ ଗୋଟିଏ ପାଠଥିଲା – 'ରାଜର୍ଷୀ' ।

ତୀର୍ଥବାବୁଙ୍କର କ'ଣ ହେଲା, ତାଙ୍କ ଆଖିରୁ ଟପ୍ ଟପ୍ ହୋଇ ଲୁହ ବୋହିଯାଉଛି ।

ଆଜିକାଲିର ସନ୍ତାନମାନେ ବଡ଼ ଘାତକ ହୋଇଗଲେଣି । ହଁ, ହଁ, ସେମାନେ ଘାତକ ହୋଇଗଲେଣି । ନିଶ୍ଚିତ ଭାବରେ, ମାତାପିତାଙ୍କର ହତ୍ୟା କରୁଛନ୍ତି । ତୀର୍ଥବାବୁ, ଅତିଯତ୍ନର ସହିତ ଔଷଧ ଶିଶିଟିକୁ ହାତରେ ଧରି ଚାଲିଯାଉଥିଲେ, ସତେକି ସେଇଟି ଅଲମ୍ପିକ୍‌ର ପବିତ୍ର ମଶାଲଟିଏ ।

ଆଜିରାତିରେ ନିଦରେ, ତୀର୍ଥବାବୁ ପୁଣି ଥରେ ସେଇ ସ୍ୱପ୍ନ ଦେଖିଲେ ।

ସେ ଦେଖିଲେ ଯେ, ରାସ୍ତାର ଦୁଇକଡ଼ରେ ଲକ୍ଷଲକ୍ଷ ଲୋକ ଠିଆ ହୋଇଛନ୍ତି । ସେମାନେ, ପଥର ପରି ନୀରବ ଓ ନିଶ୍ଚଳ । ରାସ୍ତାର ଦୁଇଧାରରେ, ବଡ଼ବଡ଼ ନିୟନ୍ ଲାଇଟ୍‌ରୁ ଦୁଧିଆ କିରଣ ବାହାରୁଛି । ତା'ର ମଧ୍ୟଭାଗରେ, ଅନେକ ରକ୍ତର ଧାର । ସେଇଠି ଠିଆହୋଇ ଜଣେ ବୃଦ୍ଧା ଦୁଇହାତରେ ଛାତିକୁ ପିଟୁଛି । 'ପ୍ରବୀର ! ପ୍ରବୀର । ପ୍ରବୀର !' କହି ବିଳାପ କରୁଛି । ତା'ର ଖୋଲା, ଘନ ଲମ୍ବକେଶ, ମୁଖ ମଣ୍ଡଳ ଉପରେ ଝୁଲିପଡ଼ିଛି । ସ୍ତ୍ରୀଲୋକଟିକୁ ଦେଖି, ତୀର୍ଥବାବୁ ବୁଝିପାରିଥିଲେ ଯେ, ସିଏ ଆଉ କେହି ନୁହେଁ, ପୁରାଣରେ ବର୍ଣ୍ଣିତ ଜନୈକ ନାରୀ ।

ସ୍ତ୍ରୀଲୋକଟିର ବିଳାପ ଶୁଣି, ସତେକି ଆକାଶର ଛାତି ଫାଟିଯାଉଥିଲା ।

ଏହା ହିଁ ଉଚିତ୍ ସମୟ- ପରଦା ପକାଇ ଦିଅ । ଘଣ୍ଟିବଜାଅ । କିଏ ଏମିତି ପ୍ରଳାପ କରୁଛି ? ଏଇଟା, ମହିଷ୍ମତୀପୁର ନୁହେଁ ବୋଲି କିଏ କହିଲା ? ଚାଲିଯାଅ ।

ସେଇ ସମୟରେ ତୀର୍ଥବାବୁ କହିବାକୁ ଚାହୁଁଥିଲେ, 'ସି ଇଜ୍ ଇନ୍ ଦି ରଙ୍ଗ୍ ସିଟି ।'

ହେଲେ ସେହି ସମୟରେ ଘଣ୍ଟା ବାଜିଉଠିଲା- ଢଣ୍, ଢଣ୍,.....

ଘଣ୍ଟା ବାଜୁଛି, ଫୋନ୍ ବାଜୁଛି ।

ତୀର୍ଥବାବୁ ଉଠି ବସିଲେ । ଯେତେବେଳେ, ପଇସା ଦେଉ ଦେଉ ଲୋକଙ୍କର ଶ୍ୱାସ ଉପରେ ରହିଯାଉଛି ଆଉ ଜିଭ ବାହାରକୁ ବାହାରି ଆସୁଛି, ତେବେ ଟେଲିଫୋନ୍ କାହିଁକି ରଖୁଛନ୍ତି ?

ତୀର୍ଥବାବୁ ରିସିଭର୍ ଉଠାଇଲେ ।

'ଫୋର୍ସେଭେନ୍....ନାଇନ୍ ?'

ଠିକ୍ ଏହି ନମ୍ବର, ତୀର୍ଥବାବୁଙ୍କ ସାମ୍ନାରେ ରଖାହୋଇଥିବା ଟେଲିଫୋନ୍ ଉପରେ ଲେଖା ହୋଇଛି । ସେ କହିଲେ, 'ନୋ'

'ଏଇଟା କ'ଣ ତୀର୍ଥଙ୍କର ଚଟର୍ଜୀଙ୍କର ଘର ନୁହେଁ ?'

'ନୋ !'

'ତୀର୍ଥବାବୁ, ମୁଁ କହୁଛି ବୋଷ୍ ! ସେଦିନ ମୁଁ ଯେଉଁ କହୁଥିଲି ।..... ରେଳ୍‌ଲାଇନର ପାଖରେ ଥିବା ଘରେ, ହଁ ! ଦୀପଙ୍କର ମୃତଦେହ । ଡା ଇଉ୍ ଅଫ୍ ଇଂଜରିଜ । ଆପଣ ତ ଆସିଲେ ନାହିଁ । ବଡି ହାଜ୍ ବିନ୍ କ୍ରିମେଟେଡ୍ । ହେଲୋ ! ଶୁଣୁଛନ୍ତି ତ ?'

'ନୋ !'

'ଏଇଟା କ'ଣ ତୀର୍ଥଙ୍କର ଚଟର୍ଜୀଙ୍କର ଘର ନୁହେଁ ?'

'ନାଇଁ !'

'ଏଇଟା କ'ଣ ଫୋର୍ ସେଭେନ୍..... ନାଇନ୍ ନୁହେଁ ?'

'ନାଇଁ, ନାଇଁ, ରଂଗନମ୍ବର ।'

ତୀର୍ଥବାବୁ, ଫୋନ୍ ତଳେରଖି ଦେଲେ । ପୁଣି କ'ଣ ଭାବିଲେ କେଜାଣି, ରିସିଭର ଉଠାଇ ତଳେ ରଖିଦେଲେ । ତାପରେ ଯାଇ ବିଛଣାରେ ଗଡ଼ିଗଲେ । ପୁଣି ସ୍ୱପ୍ନ ଦେଖିବାକୁ ହେବ । ଯେମିତି ହେଉ, ସେ ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ହେବ । ସ୍ୱପ୍ନ ଦେଖିବା ପରେ ଯାଇ ସେଠି ଜାଣି ପାରିବେ, କେମିତି ସେଇ ଉନ୍ମାଦିନୀ ନାରୀ ଜଣଙ୍କ, ସେଇ ରଙ୍ଗ୍ ସିଟିରୁ ପଳାଇ ଯାଇଥିଲେ । ସ୍ୱପ୍ନକୁ ଛାଡ଼ିଦେଲେ, ଆଜି ତୀର୍ଥବାବୁଙ୍କ ପାଖରେ ଆଉ କ'ଣ ବା' ଅଛି ! ସଚେତନ ଅବସ୍ଥାରେ, କଲିକତାର ରାସ୍ତା ଉପରେ ବୁଲିଲେ, ପଳାଇବାକୁ କୌଣସି ବାଟ ନାହିଁ । ବର୍ତ୍ତମାନ, ତୀର୍ଥବାବୁଙ୍କୁ ସେଇ ମହିଳାର ପଛେପଛେ ଯିବାକୁ ହେବ । ପ୍ରବୀରର ମୃତ୍ୟୁ ପରେ, ପ୍ରବୀରର ପିତାଙ୍କୁ ନେଇ ଯେତେବେଳେ ଲୋକେ ବିଜୟୋଲ୍ଲାସରେ ମଗ୍ନଥିଲେ, ଠିକ୍ ସେତିକିବେଳେ, ମହିଳା ଜଣଙ୍କ ପଳାଇଥିଲେ ।

ତୀର୍ଥବାବୁଙ୍କୁ ନିଦ ଆସିଗଲା ।

ଅଧ୍ୟାପିକା ଓପିଜିନ୍ଦଲ ବିଦ୍ୟାଳୟ,
ରାୟଗଡ଼, ଛତିଶଗଡ଼
ମୋ: ୯୩୦୧୦୧୨୩୩୩

ଗୀତିକବିତା

ଏ ଜୀବନ ଏକ

ଡ. ଶଶିଭୂଷଣ ବେହେରା

ଏ ଜୀବନ ଏକ ବିରହ ମିଳନ
ହସଲୁହ ସମାବେଶ
ଏନ୍ତୁଡ଼ିଶାଳରୁ ଶୁଭ ଅନୁକୂଳ
ମଶାଣି ଭୂଇଁରେ ଶେଷ ।୦।

ବେଳେବେଳେ ଏଠି ମଣିଷ ଆଖିରେ
ଅନେକ ସ୍ୱପ୍ନର ଭିଡ଼
ଜୀବନଟା ଲାଗେ କେତେ ନିରାପଦ
ବାଇ ଚଢ଼େଇର ନୀଡ଼
ଲୋତକରେ କେବେ ଲେଖାହୁଏ ଏଠି
ବିରହର ଉପନ୍ୟାସ ।୧।

ଜୀବନ ତ କେବେ ଉଛୁଳା ପ୍ରେମର
ଅଧୀରା ଜଙ୍ଗଲୀ ନଈ
କେବେ ସାହାରାର ମାୟା ମରୀଚିକା
ବେଦନାର ସାହାନାଇ
ଏ ଜୀବନ ପରା ଦୁଃଖସୁଖ ଭରା
ଅପାଶୋରା ଇତିହାସ ।୨।

ଗୀତିକାର, ଆକାଶବାଣୀ
ମୋ.: ୯୩୩୭୦୨୫୮୯୮

ନୂଆ ହାଣ୍ଡି

ମୂଳ ରଚନା: ଅମୃତା ପ୍ରୀତମ୍

ଅନୁସୃଜନ: ଦୀପ୍ତି ମୁଣ୍ଡ

ଆମର ବାପା ଦୁହ୍ନି କୁମ୍ଭାରଙ୍କ ଅଗଣାରେ ପ୍ରତିଦିନ ସ୍ୱୟମ୍ବର ଆୟୋଜନ କରାଯାଉଥିଲା । କିନ୍ତୁ ସେହି ସ୍ୱୟମ୍ବର ଟିକେ ଭିନ୍ନ ପ୍ରକାରର ଥିଲା ।

ସୁନ୍ଦର ଗରା, ଅପୂର୍ବ ସୁରେଇ, ସୁନ୍ଦରସୁନ୍ଦର ମାଠିଆ ଓ ଖୁବ୍ ପୋଡ଼ା ଯାଇଥିବା ହାଣ୍ଡି ସବୁ ସଜେଇ ରଖାଯାଇଥିଲା । ମୋ' ବାପା ଅଗଣାରେ ଖଟିଆ ଉପରେ ବସି ହୁକ୍କା ଟାଣୁଥିଲେ ଆଉ ଯିବା ଆସିବା କରୁଥିବା ଲୋକଙ୍କ ଉପରେ ଦୃଷ୍ଟି ରଖୁଥିଲେ । ଆମକୁ ଭଲପାଉଥିବା ଲୋକଙ୍କୁ ତାଙ୍କର ଗୋଟିଏ ସର୍ତ୍ତ ମାନିବାକୁ ପଡୁଥିଲା ।

ଦିନେ ୧୨ ବର୍ଷର ଜଣେ କିଶୋର ଆସିଲା । ସବୁ ହାଣ୍ଡି ଭିତରୁ ସେ ମୋତେ ବାଛିଲା ଓ ତରତରରେ ସେଠୁ ଉଠେଇ ନେଲା । ଥରେ ମୋତେ ଠକ୍‌ଠକ୍ କରି ଘୂରେଇଲା ଓ ତା'ପରେ ଦରଜା ଆଡ଼କୁ ଅନେଇଲା । ମୋତେ ଏଇ କିଶୋର ଜଣକୁ ବହୁତ ଭଲ ଲାଗିଲା । ମୋର ଇଚ୍ଛା ହେଉଥିଲା ଶୀଘ୍ର ତା' ଗଳାରେ ବରଣମାଳା ପିନ୍ଧେଇ ଦିଅନ୍ତି, ପୁଣି ଭାବିଲି ସ୍ୱୟମ୍ବରର ସର୍ତ୍ତକୁ ପୂରା କରିବା ତା'ର କାମ । ସେହି ସମୟରେ ଜଣେ ସ୍ତ୍ରୀଲୋକ ଡାକିଡାକି ଭିତରକୁ ଆସି କହିଲା, "ଆରେ ମନକା ତୁ ଏଠାକୁ କାହିଁକି ଆସିଛୁ ?"

ମୁଁ ଜାଣିଗଲି ଯେ, ସେଇ ସୁନ୍ଦର ଗୋକାର ନାମ ମନ୍‌କା ଓ ସେଇ ଅଚିହ୍ନା ସ୍ତ୍ରୀଲୋକଟି ତା'ର ମା' । ଟୋକାଟି ଉତ୍ତର ଦେଲା -

"ଆଜିପରା ହାଣ୍ଡି କିଣିବାର ଥିଲା, ଭୁଲିଗଲୁ କି ମା' ?"

ପୁଣି ମନ୍‌କା ମୋତେ ଉଠେଇକି ବାପାଙ୍କ ଖଟିଆ ପାଖକୁ ନେଇଗଲା । ବାପା ତାଙ୍କର ସର୍ତ୍ତ ବାଢ଼ିଲେ ।

'ତିନି ଅଣା' ।

ମନକାର ମା' ଯେତେବେଳେ ତା' ପଣତର ଗଣ୍ଠି ଖୋଲି ପଇସା ଗଣୁଥିଲା ସେତେବେଳେ ମୁଁ ଭାବୁଥିଲି ଯେ ଏବେ ମୋ' ଦେହରୁ ଡାଲିର ବାସ୍ନା ଆସିବ, ମୋ' ଭିତରୁ ଭାତର ମହକ ଛୁଟିବ ଏବଂ ମୋର କୁଆଁରିପଣରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ମୋର ଏକଲାପଣ ଘୁଞ୍ଚିଯିବ । ମୁଁ ଗୋଟେ ବଡ଼ ପରିବାରକୁ ଚାଲିଯିବି । ମୋର ମନ୍‌କା ମୋତେ କୋରିକି ଖାଇବ ଏବଂ ମନକାର ମା' ମୋତେ ଘଷିଘାଷି ସଫା କରିଦେବ ।

ହଠାତ୍ ମୋର ଆଶା ଟଳମଳ ହେଲା । ମନ୍‌କାର ମା' କହୁଥିଲେ, "ହାଣ୍ଡି ନେବାର ତ ଥିଲା ହେଲେ ମୋ' ପାଖରେ ଏବେ କେବଳ ତିନି ଅଣା ହିଁ ଅଛି । ଯଦି ହାଣ୍ଡି କିଣି ଦେବି ତା'ହେଲେ କିପରି ଡାଲି କିଣିବି ଓ କେମିତି ଲୁଣ-ଲଙ୍କା ନେବି ?

'କିନ୍ତୁ ମା' ହାଣ୍ଡି ଯଦି ନ ନେବୁ, ଡାଲି କେଉଁଥିରେ ରାନ୍ଧିବୁ' ?

ମୋର ମନ୍‌କା ନ୍ୟାୟଯୁକ୍ତ କଥା କହିଲା । ତା'ର ମା' କିଛି ସମୟ ନୀରବ ରହି ପୁଣି କହିଲେ - ଆଜି ଡାଲି କରିବା ନି, ଦୁଇ ଅଣାର ଗୁଡ଼ ନେଇଯିବା, ସେଥିରେ ରୁଟି ଖାଇଦେବା ।

ମୋର ମନ୍‌କା ଥରେ ମୋ ଆଡ଼କୁ ଚାହିଁଲା ଓ ପୁଣି ଦରଜାରୁ ବାହାରକୁ, ମୋତେ ଲାଗିଲା ମନ୍‌କା ମୋର ପୃଥ୍ୱୀରାଜ ଓ ମୁଁ ତା'ର ସଂଯୁକ୍ତା । ସେ ମୋତେ କୁଣ୍ଢେଇଧରି ଘୋଡ଼ାକୁ ଦୌଡ଼େଇ ଦେବ । ହାଣ୍ଡି ସେପଟେ ରଖିଦେ ଓ ଘରକୁ ଚାଲ, ମନକାର ମା' କହିଲେ ।

ମନ୍‌କା ମୋତେ ଲୋଭିଲା ଆଖିରେ ଦେଖୁଥିଲା ଓ କିଛି କହିବାକୁ ଚାହୁଁଥିବା ବେଳେ ପଇସା ନିଶାରେ ମସ୍‌ଗୁଲ ଜଣେ ଲୋକ ତିନି ଅଣା ପକେଇ ଦେଇ ମୋତେ ମନ୍‌କା ହାତରୁ ଛଡ଼େଇ ନେଇ ଚାଲିଗଲା ।

"ଓହୋ ଇଏ କେମିତିକା ସ୍ୱୟମ୍ବର... ମୋ' ଭିତରୁ ଏକ ଚିତ୍କାର ବାହାରି ପଡ଼ିଲା । ଲାଗିଲା ସତେ ଯେମିତି ଜଣେ ଅତ୍ୟାଚାରୀ ରାଜା କୌଣସି ଗୋଟିଏ ଓଜନିଆ ଅସ୍ତ୍ରଦ୍ୱାରା ମୋ' ମନ୍‌କାକୁ ପରାଜିତ କରି ଜୋରଜବରଦସ୍ତ ମୋତେ ନିଜ ରାଜ ମହଲକୁ ନେଇଯାଉଛି ।

ଏଇ ମହଲରେ ହାଣ୍ଡିର ବା କି ଆବଶ୍ୟକ ପଡ଼ିଲା, ମୁଁ ଆଶ୍ଚର୍ଯ୍ୟ ହେଲି । ମୋତେ ଯେତେବେଳେ ଘର ପରି, ରାଜଉଆସକୁ ଅଣାଗଲା ମୋ' ହୃଦୟ ଥରିଗଲା । କେହି ଜଣେ ମୋ' ଉପରେ କଳାରଙ୍ଗ ବୋଳି ଦେଲା ଓ ମୋ' ପିଠିରେ ଭୂତୁଣୀର ରୂପ ଆଙ୍କି ଦେଲା । ପୁଣି ମୋ' ପିଠିରେ ବାଡ଼ି ଲଗେଇ ଦେଇ ଗୋଟେ ନୂଆ ଘରର ମଥାନରେ ଝୁଲେଇ ଦେଲା ।

ପାଳ ଭୂତ... କେବଳ ଏଇଥି ପାଇଁ ଯେ ତାଙ୍କର ସୁନ୍ଦର ଘରକୁ କାହାର ନଜର ନ ଲାଗୁ । ଗୋଟେ ଅଟ୍ଟହାସ୍ୟ ମୋ' ଚାରିଆଡ଼େ ଗୁଞ୍ଜରିତ ହେବାକୁ ଲାଗିଲା ।

ପ୍ରଥମେ ନିଜ ପରିସ୍ଥିତି ଉପରେ ମୋତେ ଖୁବ୍ କାନ୍ଦ ମାଡ଼ିଲା ଯେ ମୁଁ କାହାର ରୋଷେଇ ଘରର ଶୋଭା ହେବାକୁ ଯାଉଥିଲି ଆଉ ପାଳଭୂତ ହୋଇ ରହିଗଲି ।

ପୁଣି ମୋତେ ସେଇ ନୂଆ ଘରର ଲୋକମାନଙ୍କ କଥା ଭାବି ମୋତେ କାନ୍ଦ ମାଡୁଥିଲା, ଯେଉଁମାନେ ନିଜ ପଡ଼ୋଶୀମାନଙ୍କ ଉପରେ ସନ୍ଦେହ କରୁଥିଲେ ଏବଂ ଭାବୁଥିଲେ ଯେ କେହି ତାଙ୍କର ପ୍ରତିଷ୍ଠାକୁ ବରଦାସ୍ତ କରିପାରିବେ ନାହିଁ । ଏଇ ପାଳଭୂତ ତ ପଡ଼ୋଶୀ ଓ ପଥଚାରୀମାନଙ୍କ ପାଇଁ ବଡ଼ ଅପମାନଜନକ କଥା ଥିଲା ।

ମୁଁ ଭାବୁଥିଲି ଯେଉଁ ଲୋକମାନେ ନିଜତି କିଛି ଉପାର୍ଜନ କରନ୍ତି ଓ ପରସ୍ପର ଭିତରେ ବାଣ୍ଟିକୁଣ୍ଟି କି ଖାଆନ୍ତି; ସେମାନେ ନିଜେ ବଞ୍ଚନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ବଞ୍ଚି ରହିବାର ଅଧିକାର ଦିଅନ୍ତି । ସେମାନଙ୍କ ହୃଦୟରେ ତ ଏଭଳି ସନ୍ଦେହ ଜନ୍ମ ନିଏ ନାହିଁ । କାହିଁକି ନା ଝାଳବୁହା ଉପାର୍ଜନରେ ଖରାପ ଦୃଷ୍ଟି ପଡ଼େ ନାହିଁ । ତେବେ କେଉଁ ଭଳି ଉପାର୍ଜନରେ ଏ ଘର ତିଆରି କରାଯାଇଥିଲ, ଯାହା ପ୍ରତିକ୍ଷଣ ମଣିଷର ଉଦ୍ଦେଶ୍ୟ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି କରୁଥିଲା ।

ରାସ୍ତାରେ ଯାଉଥିବା ଲୋକେ ଘରକୁ ତନ୍ନତନ୍ନ କରି ଦେଖୁଥିଲେ, ପ୍ରତ୍ୟେକ ଜିନିଷର ଖୁବ୍ ପ୍ରଶଂସା କରୁଥିଲେ; କିନ୍ତୁ ମୋତେ ଅଣଦେଖା କରି ଚାଲିଯାଉଥିଲେ ।

ଦ୍ୱିତୀୟ ଦିନ ମୁଁ ଦେଖିଲି ରାସ୍ତା ସେପଟର କୁଡ଼ିଆ ଘରୁ ଜଣେ ପିଲା ଦୌଡ଼ିକି ଆସିଲା । ପ୍ରଥମେ ସେ ଘର ବାହାରେ ଠିଆ ହୋଇଥିବା ଦରୱାନ୍‌କୁ ଦେଖିଲା ଓ ତା'ପରେ ମୁଣ୍ଡ ଉଠେଇ ମୋ' ଆଡ଼କୁ । ମୁଁ ତୁରନ୍ତ ଚିହ୍ନିଗଲି ଯେ ସେ ମୋର ପ୍ରେମିକ ମନ୍‌କା ।

ସେ ପୁଣିଥରେ ଯେତେବେଳେ ଦରୱାନ ଆଡ଼କୁ ଚାହିଁଲା ତା' ଚେହେରାରେ କ୍ରୋଧ ପ୍ରକଟିତ ହେଲା । କାରଣ ଏଇ ଦରୱାନ ହିଁ ସେଦିନ ମୋତେ ତା' ହାତରୁ ଛଡ଼େଇ ନେଇ ଏଇଠିକୁ ଧରି ଆଣିଥିଲା ।

ମୋତେ ହାଣ୍ଡିରୁ ଭୂତୁଣୀ କରି ଦିଆଯାଇଥିବା ଦେଖି ମୋର ମନ୍‌କାର ହୃଦୟ କାନ୍ଦୁଥିଲା ଏବଂ ସେ ଜୋର୍ କରି ହାତମୁଠା ବାନ୍ଧୁଥିଲା । ମୁଁ ବୁଝିଗଲି ସେହିଦିନ ଆଉ ଦୂର ନାହିଁ, ଯେଉଁଦିନ ମୋର ମନ୍‌କା ମୋତେ ଭୂତୁଣୀ ପରି ଘୃଣ୍ୟ ଜୀବନରୁ ମୁକ୍ତ କରି ପୁଣି ହାଣ୍ଡି କରିଦେବ... ଏବଂ ସେତିକିବେଳେ ମୋର ଦେହରୁ ଡାଲିର ବାସ୍ନା ଆସିବ... ମୋ' ଭିତରୁ ଭାତର ମହକ ଛୁଟିବ ।

ପୁଣି ସେହି ଘରକୁ ପ୍ରତିଦିନ ନୂଆ ନୂଆ ଜିନିଷ ଆସିବା ଆରମ୍ଭ ହୋଇଗଲା । ଚାଦର, ଗାଲିଚା, ଚୌକି, ଟେବୁଲ, ପଲଙ୍କ, ରେଡ଼ିଓ, ଫ୍ରିଜ୍ । ମାଲିକର ସ୍ତ୍ରୀ, ଛୁଆମାନେ, ତା'ର ଅଫିସର କିରାଣୀ.... ଆଉ କେଜାଣି କ'ଣ କ'ଣ ?

ଏମିତି ପୁଣି ଦିନେ ଜଣେ ନିରୀହ ତଥା ସୁନ୍ଦରୀ ଝିଅଟିଏ ଆସିଲା । ତାକୁ ଦେଖି ମୋତେ ଏମିତି ଲାଗିଲା ଯେ ସେ ବି ଗୋଟିଏ ନୂଆ ହାଣ୍ଡି । ଏହା ଭାବିବା ମାତ୍ରେ ମୋର ହୃଦୟ ଥରିଉଠିଲା ।

ସେ ନିଜ ଘରୁ ବାହାରି କ'ଣ ଏହି ମହଲ ପରି ଘରେ ପାଦ ରଖୁରଖୁ ହିଁ ତାକୁ ବି ମୋ'ପରି ଭୂତୁଣୀ କରିଦିଆଯିବ ? ଗୋଟିଏ କଳା କୁତୁରି ହାଣ୍ଡି.... ପାଳଭୂତ ।

ସବୁଠୁ ତଳେ ଥିବା କୋଠରୀରୁ ମୋତେ ତା'ର ଶବ୍ଦ ସ୍ପଷ୍ଟ ଶୁଭୁଥିଲା । ସେ ସାରାଦିନ ଗୋଟିଏ ମେସିନ୍ ସାମ୍ନାରେ ବସି ଟିକ୍‌ଟିକ୍ କରୁଥିଲା । ସମସ୍ତେ ତାକୁ ମିସ୍ ଦାଶ କାହିଁକି ସମ୍ବୋଧନ କରୁଥିଲେ ?

ଦିନେ ମୁଁ ଦେଖିଲି, ସେ ଝିଅ ଘରର ଉପର ମହଲାକୁ ଆସିଥିଲା, ଯେଉଁଠି ଗୋଟିଏ ବାଡ଼ି ସାହାଯ୍ୟରେ ମୁଁ ଲଟକି ରହିଥିଲି । ତା' ସହିତ ଜଣେ ସୁନ୍ଦର ଯୁବକ ବି ଥିଲା । ଯାହାକୁ ସେ ଖୁବ୍ ସ୍ନେହରେ କହିଲା - "ପ୍ରେମ୍ ତମେ ମୋର ଅଫିସ୍‌କୁ ଆସିବ ନି ! କାହିଁକି ? ମୁଁ ଆସିଲେ କ'ଣ ତମର କାମ କରିବାରେ ବାଧା ସୃଷ୍ଟି ହେଉଛି, କିନ୍ତୁ ମୁଁ ତ ସବୁବେଳେ ମଧ୍ୟାହ୍ନ ଭୋଜନ ସମୟରେ ଆସେ ।" ତମେ ସଫା ସଫା କହିଦେଉ ନ କାହିଁକି କମଳା.... ତୁମ ହୃଦୟରେ କ'ଣ ମୋ' ପାଇଁ ଆଉ ଜାଗା ନାହିଁ ! ମୋତେ ଆସନ୍ତା ଜନ୍ମରେ ମଧ୍ୟ କେହି ତୁମଠୁ ଅଲଗା କରିପାରିବେ ନି !

ତାହାହେଲେ କ'ଣ ହେଲା ?

ସତ କହିବାକୁ ଗଲେ ତୁମର ଏଇଠିକୁ ଆସିବା ମୋର ବସ୍‌ଙ୍କୁ ଭଲ ଲାଗେନି ।

କିନ୍ତୁ ତୁମ ବସ୍‌ଙ୍କୁ ତ କେବଳ ଛଅ ଘଣ୍ଟାର କାମ ଦରକାର ନା ଆଉ କିଛି ?

"ସେ ଯାହା ହେଉ ବସ୍‌ଙ୍କର ଆଦେଶ ପାଳନ କରିବାକୁ ହିଁ ପଡ଼େ ପ୍ରେମ୍ । ପୁଣି ସେ ମୋ' ପ୍ରତି ଖୁବ୍ ଦୟାଳୁ । ଚାକିରିର ଦ୍ୱିତୀୟ ମାସରୁ ହିଁ ମୋ' ଦରମା ବଢ଼େଇ ଦେଇଛନ୍ତି... ତା'ପରେ ମୋ' ଭାଇର ଚାକିରି ପାଇଁ ଅନ୍ୟ ଏକ ଅଫିସ୍‌ରେ ଅନୁମୋଦନ କରି ଦେଇଛନ୍ତି ଏବଂ ମୋତେ ଏହା ମଧ୍ୟ କହିଛନ୍ତି ଯେ ମୁଁ ତାଙ୍କ ସହିତ ଯେତେଦିନ ବାହାରକୁ ଯାଉଥିବି ସେତେ ଦିନର ଦରମା ଦ୍ୱିଗୁଣା ମିଳିବ ।"

ଅର୍ଥାତ୍ ତୁମେ ଏଥର ତା' ସହିତ ସହର ବାହାରକୁ ବି ଯିବ ! ହଁ ପ୍ରେମ୍ ଯିବାକୁ ପଡ଼ିବ । ଯେହେତୁ ବସ୍‌ଙ୍କର ସବୁ ଚିଠି ମୁଁ ହିଁ ଟାଇପ୍ କରେ, ମୁଁ ହିଁ ।

କମଳା ! ତୁମର ଏଇ ଚାକିରି ମୋତେ ଜମାରୁ ପସନ୍ଦ ଲାଗୁନି ।

ହେଲେ ନ କଲେ କେମିତି ଚଳିବ ? ବଡ଼ କଷ୍ଟରେ ଏ ଚାକିରି ମିଳିଛି ଆଉ ପୁଣି ତମେ କହୁଥିଲ ନା ଚାକିରି କର ବୋଲି ।

କିନ୍ତୁ ଯଦି ଚାକିରି ରହୁଛି ତେବେ ତୁମେ ସୁରକ୍ଷିତ ରହିପାରିବ ନି କମଳା !

'ସ୍...ସ୍' ।

ମୁଁ ପାଟି କରି କହିଲି ମିସ୍ ଦାଶ... ମିସ୍ ଦାଶ... । ତୁମେ ଜାଣିନ ତୁମର ଏ ବସ୍ ନୂଆ ହାଣ୍ଡିକୁ ଭୂତୁଣୀ କରିଦିଏ । ଗୋଟିଏ କାଳି କୋତରୀ ହାଣ୍ଡି... ପାଳଭୂତ । ମୋତେ ଥରେ ଦେଖ । କିନ୍ତୁ କମଳା ମୋ' ଆଡ଼କୁ ପିଠିକରି ଠିଆ ହୋଇଥିଲା । ତେଣୁ ସେ ଓଲଟି ଦେଖିଲା ନି । କମଳାର କାନରେ ପୁଣି ତା' ବସ୍ ଦେଇଥିବା ଟଙ୍କା ଭର୍ତ୍ତି ହୋଇ ରହିଥିଲା । ସେଥିପାଇଁ ମୋ' କଥାକୁ କାନ ମାରିଲା ନି ।

ତୃତୀୟ ଦିନ ବସ୍ ତା' ବଡ଼ ଗାଡ଼ିରେ ସହର ବାହାରକୁ ଗଲାବେଳେ ତା' ସହିତ ମିସ୍ ଦାଶ ମଧ୍ୟ ବସିଥିଲା । ମିସ୍ କମଳା ଦାଶ । ମୋ' ହୃଦୟ ଥରି ଉଠିଲା । ଗୋଟିଏ ସପ୍ତାହ ପରେ ମାଲିକ ଘରକୁ ଫେରିଲା । ମୁଁ ମିସ୍ ଦାଶକୁ କାର୍‌ରୁ ଓହ୍ଲାଉଥିବା ଦେଖିଲି । ସେ ସମ୍ପୂର୍ଣ୍ଣ ମୋ' ପରି ଦିଶୁଥିଲା, ପାଳଭୂତ ପରି । ମିସ୍ ଦାଶ ଗାଡ଼ିରୁ ଓହ୍ଲେଇ ଉପର ମହଲାକୁ ଆସିଲା । ବୋଧହୁଏ ସେ ଖୁବ୍ ଡରିଯାଇଥିଲା । ଅଫିସ୍ ଯାଇପାରିଲା ନି । ମୁଁ ଥିବା ମଥାନ ପାଖରେ ବସି କାନ୍ଦୁଥିଲା । ଆମେ ଦୁହେଁ କାନ୍ଦୁଥିଲୁ ।

ହଠାତ୍ ଘରସାରା ଶୋକର ଛାୟା ଖେଳେଇଗଲା । ପୋଲିସ ଘେରାଉ କଲେ । ବସ୍‌ଙ୍କୁ ହାତକଡ଼ି ଲଗାଇ ନେଇଗଲେ । ସ୍ତ୍ରୀ ଓ ପିଲାମାନଙ୍କୁ କୁଆଡ଼େ ପଠେଇ ଦିଆଗଲା ଜାଣିହେଲାନି । ଅଫିସରୁ ସବୁ କିରାଣୀମାନଙ୍କୁ ବାହାର କରିଦେଇ, ଦରଜାରେ ବଡ଼ ତାଲାଟି ଝୁଲେଇ ଦେଇ ସେଥିରେ ସରକାରୀ ମୋହର ଲଗେଇ ଦିଆଗଲା । ଏମିତି ଅନେକ ଦିନ ଗଡ଼ିଚାଲିଲା । ରାତି ବି ଅତିବାହିତ ହେଲା ।

ଦିନେ ସରକାରୀ ତାଲା ଖୋଲାଗଲା । ଘର ଭିତରୁ ସବୁ ଜିନିଷ ବାହାର କରି ତାକୁ ନିଲାମ କରିବା ଆରମ୍ଭ କରାଗଲା । ଚାଦର, ଗାଲିଚା, ପଲଙ୍କ, ଆଲମାରୀ, ଚୌକି, ଫ୍ରିଜ୍... ପ୍ରତ୍ୟେକ ଜିନିଷ ନିଜ ଜାଗାରୁ ଘୁଞ୍ଚିଗଲେ... କେବଳ ଗୋଟିଏ ଜିନିଷ ନିଜ ସ୍ଥାନରେ ସ୍ଥିର ଥିଲା... ତାହା ମୁଁ ଥିଲି । ମୁଁ ଗୋଟିଏ କାଳିକୋତରୀ ହାଣ୍ଡି... ପାଳଭୂତ ।

ଦିନେ ରାତିରେ ଖୁବ୍ ନରମ ନରମ ଆଙ୍ଗୁଠିର ସ୍ପର୍ଶ ମୋ' ଦେହକୁ ଲାଗିଲା । ଛୋଟଛୋଟ ଥଣ୍ଡାଥଣ୍ଡା ଆଙ୍ଗୁଠି... ମୁଁ ଆଶ୍ଚର୍ଯ୍ୟ ହୋଇ ଦେଖିଲି, ମୋର ମନ୍‌କା ସେଠି ଥିଲା । ସଚେତନ ହୋଇ ଖୁବ୍ ଆସ୍ତେ ଆସ୍ତେ ସେହି ବନ୍ଧନରୁ ମୋତେ ମୁକ୍ତି ଦେଉଥିଲା । କେଜାଣି କେଉଁ ରାସ୍ତା ଦେଇ ଏଠିକି ଆସିଥିଲା । ପୁଣି କେଉଁମାନଙ୍କର ଦୃଷ୍ଟିରୁ ନିଜକୁ ଦୂରେଇ ରଖି ମୋ' ପାଖକୁ ପହଞ୍ଚିଥିଲା । ମୋତେ ମିସ୍ ଦାଶଙ୍କ କଥା ମନେପଡ଼ିଗଲା । ଭାବୁଛି ବୋଧହୁଏ ତା'ର ପ୍ରେମିକ ବି ତାକୁ ବାହୁବନ୍ଧନରେ ରଖି ଆଶ୍ୱାସନା ଦେଉଥିବ ।

ମୋର ମନ୍‌କା ମୋତେ କାଖରେ ଜାବୁଡ଼ିଧରି ପାଖ ଘରର ମଥାନ ଡେଇଁ, ସିଡ଼ିରୁ ଉତୁରି ତା'ର କୁଡ଼ିଆରେ ପହଞ୍ଚିଲା ବେଳକୁ ତା'ର ମା' ନିଦରୁ ଉଠିଗଲେ ଏବଂ ଡରିଯାଇ ପଚାରିଲେ 'ଏ କ'ଣ ମନ୍‌କା' ?

ମା' ତୁ ପଡ଼ୋଶୀଙ୍କଠୁ ଆଣିଥିବା ହାଣ୍ଡି ଫେରେଇ ଦେ, ଏହା ମୋର ହାଣ୍ଡି ଥିଲା ମୁଁ ଧରି ଆସିଲି ।

ଆରେ ଏ ତ ପାଳଭୂତ ।

ମୁଁ ଏବେ ଏହାକୁ ମାଜି ଧୋଇ ହାଣ୍ଡି କରିଦେବି ମା' ।

କିନ୍ତୁ ଏହା ଉପରେ ତ କଳାଯାଦୁ କରାଯାଇଛି ! ମୁଁ ଏବେ ଏହାର କଳାଯାଦୁ ମଧ୍ୟ ଉତାରି ଦଉଛି । ତୁ ଚିନ୍ତା କରନା ମା' । ଏଥିରେ କେବଳ କଳା ରଙ୍ଗ ଲଗାହୋଇଛି । ସବୁ କଳା ମୁଁ ସଫା କରିଦେବି । ଏହା ଖୁବ୍ ଖରାପ କଥା ମନ୍‌କା... ଯଦି ଏ ହାଣ୍ଡିରେ ରାନ୍ଧିଥିବା ଡାଲି ଖାଇ ତୋତେ କିଛି ହୋଇଯାଏ... ?

ମୁଁ ମନ୍‌କାର ହାତରୁ ଗଡ଼ିଯାଇ ମା'ର ପାଦତଳେ ଲୋଟିଗଲି ଆଉ କହିଲି "ନା, ମା' ମୋ' ଦେହରେ ରନ୍ଧାଯାଇଥିବା ଡାଲି ଖାଇ ମନ୍‌କାର କିଛି ଅନିଷ୍ଟ ହେବ ନାହିଁ । ମୁଁ ପାପର ହାଣ୍ଡି ନୁହେଁ ମା', ମୁଁ ନୂଆ ହାଣ୍ଡି । ମୋ' ମୁହଁରେ ମୁଁ ନିଜେ କଳା ଲଗେଇ ନି । ଜଣେ ଅତ୍ୟାଚାରୀ କଳାରଙ୍ଗ ବୋଳି ଦେଇଛି ।

କେଜାଣି ମା' ମୋ' କଥା ଶୁଣିଲେ କି ନାହିଁ, କିନ୍ତୁ ମନ୍‌କାର କଥା ମାନିଗଲେ ଏବଂ ତା'ସହ ମୋ' ମୁହଁର କଳା ସଫା କରିବାରେ

ଲାଗି ପଡ଼ିଲେ । ମୋତେ ପୁଣି ମିସ୍ ଦାଶଙ୍କ କଥା ମନେ ପଡ଼ିଗଲା । ଭାବିଲି ବୋଧହୁଏ ତାଙ୍କ ପ୍ରେମିକ ତାଙ୍କ ପଣତରେ ଲାଗିଥିବା କଳଙ୍କକୁ ପ୍ରେମର ପାଣିରେ ଧୋଇ ଦେଉଥିବ ।

ଏବେ ମୋର ରୂପରଙ୍ଗ ବଦଳିଗଲା । ଲାଗୁଥିଲା ସତେ ଯେମିତି ମୁଁ ନୂଆ ଜନ୍ମ ପାଇଛି । ଏପଟେ ସୂର୍ଯ୍ୟ କିରଣ ଫୁଟିଲା । ମୋ ଦେହରୁ ଭାତର ବାସ୍ନା ବାହାରି ଚାରିଆଡ଼ ମହକିଲା । ମୁଁ ଆଉ ଏବେ ଜଣେ ଧନୀଲୋକର ମହଲରେ ପାଳଭୂତ ହୋଇ ରହି ନ ଥିଲି, ବରଂ ଜଣେ ଗରିବର ରୋଷେଇଶାଳରେ ଶୋଭା ପାଉଥିଲି ।

ଜଣେ ଲୋକ ଆମ କୁଡ଼ିଆକୁ ଆସିଲା ।

ମନ୍‌କା ଗୋଟିଏ କଥା ଶୁଣିଲୁଣି କି ନାହିଁ ?

- କ'ଣ ?

- ଆରେ ସାମ୍ନାରେ ଥିବା ସେ ନୂଆ ଘରକୁ ଯେଉଁ ଝିଅଟି ଆସି ନ ଥିଲା, ସେ କାଲି କୂଅରେ ଡେଇଁ ଆତ୍ମହତ୍ୟା କଲା ।

- କେଉଁ ଝିଅ ?

- ମୋର ମନ୍‌କା କିଛି ବୁଝିପାରୁ ନ ଥିଲା । ମୁଁ କିନ୍ତୁ ସବୁ ବୁଝିଗଲି । ଆଜି ଗୋଟିଏ ସୁନ୍ଦର ହାଣ୍ଡି କେବଳ ଏଇଥିପାଇଁ ଭାଙ୍ଗିଗଲା ଯେ ସମାଜର ହୃଦୟରେ ପ୍ରେମର ପାଣି ହିଁ ନ ଥିଲା, ଯେଉଁଥିରେ ସେଇ ନୂଆ ହାଣ୍ଡିର କଳଙ୍କ ସଫା କରି ଦେଇଥା'ନ୍ତା । ପୋଛି ଦେଇଥା'ନ୍ତା । ତାକୁ ସଜେଇମଜେଇ ପୁଣି ଥରେ କେଉଁ ସଭ୍ୟ ରୋଷେଇଶାଳାର ଶୋଭା କରି ଦେଇଥା'ନ୍ତା ।

ଭବାନୀପାଟଣା

କ ବି ତା

ବନ୍ଧନ

ଡ. ଅଶୋକ କୁମାର ସିଂହ

କେମିତି ବାନ୍ଧିଥାନ୍ତି
ମୁଦା ଆଖିରେ ଖଣ୍ଡିଉଡ଼ା ଦେଉଥିବା ସ୍ୱପ୍ନମାନଙ୍କୁ
କାହା ଡାକରେ ଉଠିପଡ଼ିଲା ପରେ
ସେମାନେ ହୁଏତ ଫେରି ନ ପାରନ୍ତି କେବେ

କେମିତି ବାନ୍ଧି ପାରିଥାନ୍ତି
ଦଗାଦିଆ ପ୍ରଜାପତିକୁ
ପାଖୁଡ଼ାମାନେ ଖୋଲିଯିବା ପରେ
ସେ ଆଉ ଆସି ନ ପାରେ, ଝରିଗଲା ପରେ

କେମିତି ବାନ୍ଧିରଖି ପାରିଥାନ୍ତି
ଏତେ ସବୁ ଲୁହ, ଅଭିମାନର
ଆକାଶର ନିର୍ଲିପ୍ତ ଗମ୍ଭୀରତା ଦେଖି
କ'ଣ ଆଉ ଥାଏ, ମାଟିର ବୁକୁ ଓଦାକଲା ପରେ

ତୁମେ ଭାବିଛ ମୁଁ ଭୁଲି ଯାଇଥିଲି
ବନ୍ଦ କରିବାକୁ ମୋ' ହୃଦୟ ପଞ୍ଜୁରୀର ଦ୍ୱାର
ନା, ତୁମେ ତ ଉଡ଼ିଯିବା ହିଁ ଥିଲା ଭବିତବ୍ୟ
ସବୁ କିଛି ଭୁଲିଗଲା ପରେ

ବନ୍ଧନ କ'ଣ ବୁଝିଛ ?
ଯେଉଁ ନଦୀ ବହିଯାଇ
ମିଶେ ସାଗରରେ
କେବେ ବି ନ ଫେରେ

ସେମିତି ନା ମୁଁ ବାନ୍ଧିପାରିଛି ତୁମକୁ
ନା ତୁମେ ମୋତେ
ସେଇଥି ପାଇଁ ତ ନାଗଫାଶ,
ଅଭିଶାପ ନା ଆଶୀର୍ବାଦ
ମନେ ମନେ ଭାଳେ ।

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର

ସାଲିସ୍

ମୂଳ ଉର୍ଦ୍ଦୁ: ଗୁଲାମ ଆବ୍‌ବାସ୍

ଅନୁସୃଜନ: ସୁକୋମଳ ଦାଶ

ଯେତେବେଳେ ତାକୁ ଜଣା ପଡ଼ିଲା ଯେ ତା' ସ୍ତ୍ରୀ ପଳେଇ ଯାଇଛି, ସେ ହତବାକ୍ ହୋଇଗଲା । ବିବାହର ପ୍ରଥମ ବର୍ଷରେ ଏଭଳି ଦୁର୍ଘଟଣାଟେ ସେ ସହଜରେ ଗ୍ରହଣ କରିପାରୁ ନଥିଲା । କିନ୍ତୁ, ବାରମ୍ବାର ଖୋଜିଲା ପରେ ବି ତା'ର କୋଠରିରେ ସ୍ତ୍ରୀର ବ୍ୟବହୃତ ଜିନିଷ ପତ୍ର ତାକୁ ମିଳୁ ନ ଥିଲା । ଏପରିକି, ତା'ର ହସହସ ବଦନ ସହ, କୁନି କୁନି ହାତରେ ଶୈଶବ ବେଳର କପୋତ ଧରା ଫଟୋ ସହ ତା'ର ଶୃଙ୍ଗାର ସାମଗ୍ରୀଯାକ ଟେବୁଲରୁ ଉଭେଇ ଯାଇଥିବା ଦେଖି, ତା' ପାଇଁ ଆଉ ଅବିଶ୍ୱାସ କରିବାର କିଛି କାରଣ ହିଁ ନଥିଲା ଯେ, ସେ ଛାଡ଼ି ପଳେଇ ଯାଇଛି ।

ଅନେକଦିନ ଯାଏ ସେ ମନମାରି ରହିଲା । ନା କୁଆଡ଼େ ଗଲା, ନା ଚାକର ବାକରଙ୍କୁ ସତ୍ୟ ଜାଣିବାକୁ ଦେଲା, ନା କୌଣସି ସମ୍ପର୍କୀୟ, ମିତ୍ରମାନଙ୍କୁ ଘଟଣାଟା କହିଲା । କିନ୍ତୁ, ଧୀରେ ଧୀରେ ଯେତେବେଳେ ମାନହାନୀର ଭୟ ରହିଲା ନି କିମ୍ବା, ସେପଟୁ ଫେରି ଆସିବା ଆଶା ଟିକକ ମଉଳିଗଲା, ଶାନ୍ତ ଭାବରେ ଘଟଣାର ସେ ବିଶ୍ଳେଷଣ କଲା । ମାତ୍ର ଗୋଟିଏ ଚିନ୍ତା ତାକୁ କେଞ୍ଚୁଥିଲା, 'ମୁଁ ସେ ମାଇକିନାଟାକୁ ଅନ୍ତରରୁ ଚାହିଁଥିଲି । ସସମ୍ମାନ ତା'ର ସବୁ ଖିଆଲ ରଖିଥିଲି । ତା'ର କୋଉ ଅଭିଳାଷଟା ଅବା ମୁଁ ପୂରଣ କରିନି ? ଆଉ ଏସବୁର ପ୍ରତିଦାନ ସେ ଏହା ହିଁ ଦେଲା ଯେ, କାରଣଟିଏ ବି ନ କହି, ଖବର ଟିକେ ବି ନଦେଇ ସେ ଲୁଚି ପଳେଇଗଲା ?'

ଏହା ସହ, ଆଗାମୀ ନିଃସଙ୍ଗ ଦିନମାନଙ୍କର କଳ୍ପନାରେ ତା'ର ଅନ୍ତର ଆତଙ୍କିତ ହୋଇପଡ଼ିଲା ।

ଅଳ୍ପ ବୟସରୁ ଏଇଭଳି ନିଃସଙ୍ଗତା ସହ ତା'ର ପରିଚିତି ଥିଲା । ଗରିବ ବାପ ମା'ର ସେ ପୁଅ ଥିଲା ଯିଏ କି, ସାଧ୍ୟ ମତେ ତାକୁ ସାଧାରଣ କିଛି ଶିକ୍ଷିତ କରେଇ ମରି ସାରିଥିଲେ । ଅଭାବ ଅନଟନ ସମୟରେ କାହା ସହ ଆତ୍ମୀୟତା ପାଇଁ ତା'ର ସାହସ ନ ଥିଲା । ନିଃସଂଗତା ହିଁ ତା'ର ଏକମାତ୍ର ନିରାପତ୍ତା ଥିଲା । ତାରୁଣ୍ୟର ଅଧିକାଂଶ ସମୟ ଅନ୍ନଚିନ୍ତାର ନିରନ୍ତର ସଂଘର୍ଷର ବଳି ଚଢ଼ି ଯାଇଥିଲା । କିନ୍ତୁ, ସମୟଟେ ଆସିଲା ଓ ତାକୁ ଅନ୍ୟାନ୍ୟ ଆବଶ୍ୟକତା ବାବଦ ଯେତେବେଳେ ବୁଝାଶୁଝା ହେଲା, ନିଃସଙ୍ଗ ଜୀବନ ସହ ସେ ଏତେ ଦୂର ଏକାତ୍ମ ହୋଇ ସାରିଥିଲା ଯେ, ତାକୁ ପରିତ୍ୟାଗ କରିବାକୁ ସେ ରାଜି ନଥିଲା । କ୍ରମେ କ୍ରମେ ତା'ର ଅବସ୍ଥା ସୁଧୁରି ଆସିଲା ବେଳକୁ, ଆପଣାଛାଏଁ ଆବିର୍ଭୂତ ହେଇଥିବା ଅଗଣିତ ସଂପର୍କୀୟମାନେ ତା'ର ନିଃସଙ୍ଗତାରେ ହସ୍ତକ୍ଷେପ ଆରମ୍ଭ କରିଦେଇଥିଲେ ।

'ଭାଇ, ତେବେ କ'ଣ ସାରା ଜୀବନ ଅବିବାହିତ ରହିଯିବ ?' ସେମାନେ ବାରମ୍ବାର ପଚାରୁଥିଲେ । 'ତମେ ଚାହିଁଲେ କି ମନାକଲେ, ଆମେ ତ ଚନ୍ଦ୍ରମୁଖୀ ବୋହୂଟେ ଆଣିବୁ ହିଁ,'ଦୂର ସଂପର୍କୀୟ ଜନୈକ ବୃଦ୍ଧ ମାତୁଳ କହିଲେ, 'ଆରେ, ଏତେ ଖୋଜା ଖୋଜି କ'ଣ ବା', ଆମ ବଉଁଶରେ ପରା ଯାହାକୁ ଯେତେ ସୁନ୍ଦରୀ ସୁଶୀଳା ଝିଅ ଅଛନ୍ତି ।'

ପ୍ରତିଥର ତା'ର ଅସ୍ୱୀକୃତି ଦୁର୍ବଳ ହେବାରେ ଲାଗିଥିଲା । ଏବଂ ଶେଷରେ ଦିନେ, ସେଇ କୁଳର ସୁଶିକ୍ଷିତା, ଗ୍ରହଣଯୋଗ୍ୟ ସୁନ୍ଦରୀ ଝିଅଟିଏ ସହ ତା'ର ବିବାହ ସମ୍ପନ୍ନ କରିଦିଆ ହେଲା ।

ଛାତ୍ର ଜୀବନରେ ପ୍ରାୟତଃ ଛୁଟି ବେଳକୁ ତିନି ଚାରି ଜଣିଆ ଗୋଷ୍ଠୀରେ ମନୋରଞ୍ଜନ ପାଇଁ ସାଙ୍ଗମାନେ ଆଖପାଖ ଗାଁ, ବସ୍ତି ପଟେ ଯିବା ସେ ଦେଖୁଥିଲା, ଯଦିଓ ସେମାନଙ୍କଠୁ କେବଳ ଦୂରେଇ ରହୁ ନଥିଲା ବରଂ କିଛିଟା ଘୃଣା ବି କରୁଥିଲା । କିନ୍ତୁ ଏବେ ନାରୀଟିଏ ଓ ତା'ର ସଙ୍ଗୀ ସହଚରୀମାନଙ୍କ ସାହଚର୍ଯ୍ୟର ସ୍ୱାଦ ପାଇବାପରେ, ତାକୁ ପ୍ରଥମ ଥର ଲାଗି ଅନୁଭୂତ ହେଲା ଯେ, ଏଯାଏଁ ସେ କେତେ ବ୍ୟର୍ଥ, ନିରର୍ଥକ, ନିରସ ଜୀବନଟେ ଜିଉଁ ନଥିଲା ।

ବିବାହ ପରେ ତା'ର ଦାୟିତ୍ୱବାନ ସ୍ୱାମୀତ୍ୱ ଏକ ଚର୍ଚ୍ଚିତ ଦୃଷ୍ଟାନ୍ତ ଭଳି ହେଲା । ପତ୍ନୀର ସୋହାଗିଆ ବନ୍ଧନରେ ସେ ଏଭଳି ଧରା ଦେଇଥିଲା ଯେ, ଅନ୍ୟ ସବୁ ମାମଲାରୁ ସେ ବିମୁକ୍ତହୋଇ ଯାଇଥିଲା । କୌଣସି ବି ପାର୍ଟି, ନିମନ୍ତ୍ରଣ ଆଦିରେ ପତ୍ନୀକୁ ଛାଡ଼ି କେବେ ଯାଏନି । କି, ଏକାକୀ କାହା ସଂଗେ ମିଳାମିଶା ବି କରେନି । ପତ୍ନୀ ବିରହ ତା' ପାଇଁ ଏତେ ଅସହ୍ୟ ହେଉଥିଲା ଯେ, ଅଫିସରେ ବି ସମୟ କାଟିବା ତା ପକ୍ଷେ ଅସହନୀୟ ହୋଇ ଉଠୁଥିଲା । ସର୍ବଦା ଘଣ୍ଟା ଉପରେ ନଜର ରଖିଥାଏ, ଯେ କେତେବେଳେ ଅଫିସ ସମୟ ସରିବ ଓ ସେ ଘର ରାସ୍ତା ଧରିବ । ଅଫିସ ଫେରନ୍ତା ବେଳକୁ ଯଦି ଶୈଶବର କୌଣସି ଘନିଷ୍ଠ ମିତ୍ର କୌଣସି ମଉଜିଆ ପାର୍ଟିର ନିମନ୍ତ୍ରଣ ଦିଏ, ଅତି ଶାନ୍ତ ଉତ୍ତରଟେ ତା'ଠୁ ପାଇଥାଏ, 'ନା ଭାଇ, ମତେ ମାଫ୍ କର । ଏ ସମୟ ମୋର ପତ୍ନୀ ପାଇଁ । ସାରା ଦିନ ଏକାଏକା ମୋର ଅପେକ୍ଷାରେ ସେ ନିଃସଙ୍ଗ ବସିରହିଛି ।' ଆଉ ବି କହୁଥିଲା, 'ଏଭଳି କୌଣସି ପାର୍ଟିରେ ମୁଁ ସାମିଲ ହୋଇ ପାରେନି ଯୋଉଠିକି ମୋର ପତ୍ନୀ ଯାଇ ପାରେନି ।'

'ଆଉ ଏ ସବୁ ସେଇ କୃତଘ୍ନ ମାଇକିନା ପାଇଁ, ଯାହାର ପ୍ରେମ କେବଳ ଏକ ଛଳନା ମାତ୍ର ଥିଲା !' ଦୁଇ ହାତରେ ତା'ର ମସ୍ତକ ଚାପିଧରି ସେ ଭାବୁଥିଲା ।

ହଠାତ୍, ପତ୍ନୀ ପ୍ରତି ତା'ର ଅନ୍ତର ଏଭଳି କୋପ ଓ ଘୃଣାରେ ଭରିଗଲା ଯେ, ତାର ନିଶ୍ୱାସ ପ୍ରଖର ହୋଇ ଉଠିଲା । ମନେ ମନେ, ତା'ର ମଜଭୁତ ହାତରେ ତା'ର ଡୋଟି ସେ ଚିପି ଧରିଲା । ତା'ର ଭୀତତ୍ରସ୍ତ ଚକ୍ଷୁ ଯୋଡ଼ିକ ଦୟା ଓ କ୍ଷମା ପ୍ରାର୍ଥିନୀ ହୋଇ ଉଠିଲେ । କିନ୍ତୁ ସେ ବିଶ୍ୱାସଘାତିନୀ ନିମନ୍ତେ ତା'ର ତିଳମାତ୍ର ଦୟା ହେଲାନି । ସେ ତା' ଡଣ୍ଡି ଆହୁରି ଚିପି ଧରିଲା; ଜୋର୍‌ରେ..., ଆହୁରି ଜୋର୍‌ରେ..., ଏତେ ଜୋର୍‌ରେ ଯେ, ତା'ର ଦୁଧ ଅଳତା ରଙ୍ଗର ଚେହେରା କଳା ପଡ଼ିଗଲା । ପୋଟଳଚିରା ଆକର୍ଷଣୀୟ ତା'ର ଆଖି ଯୋଡ଼ିକ, ରକ୍ତାକ୍ତ ଘୃଣ୍ୟ ମାଂସପିଣ୍ଡୁଳା ଭଳି କଟୋରରୁ ପିଚିକି ପଡ଼ିଲେ ଓ ତା'ର ନିର୍ଜୀବ ଅସାଡ଼ ଶରୀରଟିକୁ ସେ ଭୂଇଁରେ କଚାଡ଼ି ଦେଲା ।

କିନ୍ତୁ, କାଳକ୍ରମେ ପ୍ରତିହିଂସାର ଏଇ ଭାବନା, ପ୍ରତିଶୋଧର ଏଇ ବାତୁଳତା, ଶୀତଳ ପଡ଼ି ଆସୁଥିଲା । ଏପରିକି, ନିଜର ସ୍ନେହ ପ୍ରେମ, ବଳିଦାନ ଓ ସଚ୍ଚୋଟତା, ପତ୍ନୀର ବିଶ୍ୱାସଘାତ ଓ ତା' ଉପରେ ନିଜର ରାଗରୋଷ ସବୁକିଛି ତାକୁ ହାସ୍ୟାସ୍ପଦ ମନେହେଲା ଓ ହଠାତ୍, ଦିନେ ନିଜର ଅବସ୍ଥା ଉପରେ ତାକୁ ହସଟିଏ ମାଡ଼ିଲ । ସେ ଚିନ୍ତାକଲା, 'ମୁଁ ବି କେଡ଼େ ବୋକା ! ଅତି ସାଧାରଣ, ଅକିଞ୍ଚନ, ନିକୃଷ୍ଟ ଏକ ମାଇକିନାଟାକୁ ଏତେ ଦୂର ମହତ୍ତ୍ୱ ଦେଇ ବସିଲି !' ମାଇକିନା ମାମଲାରେ ଗୁରୁତ୍ୱ ଦେଇ ବିଚାର କରିବା ନିର୍ବୋଧତା ଭିନ୍ନ ଅନ୍ୟ କିଛି ନୁହଁ । ସେ ତ ଶିଶୁଟିଏ ଭଳି ନିର୍ବୋଧ । ଏଣୁ ଖେଳଣା ଦେଇ ତାକୁ ଭଣ୍ଡେଇବା ଯେତେଦିନ ସମ୍ଭବ, ତେତେଦିନ ଭୂତେଇ ନେବା କଥା । ଯଦି ସେ କନ୍ଦାକଟା ଜିଦ୍ ଆରମ୍ଭ କରେ ତେବେ ଅନ୍ୟ କାହା ହାତରେ ସଅଁପି ଦେବା କଥା । ବାକି ରହିଲା ପ୍ରେମ, ପ୍ରତିଜ୍ଞା ଓ ନିଷ୍ଠାର କଥା, ତୁଚ୍ଛା ଢମ ଛଡ଼ା ଆଉ କିଛି ନୁହଁ ।

ଦିନେ ଅଫିସରୁ ଫେରିଲା ବେଳେ ଶୈଶବର ସେଇ ବନ୍ଧୁ ସହ ତା'ର ଦେଖା ହେଲା, ଯିଏକି ଅନେକ ଥର ତାକୁ ଆମୋଦ ପ୍ରମୋଦର ପ୍ରଲୋଭନ ସହ ନିମନ୍ତ୍ରଣ ଦେଇଥିଲା । ବାଟଭାଙ୍ଗି ଚାଲିଯିବାକୁ ସେ ଦୃଢ଼ ନିଶ୍ଚିତ ଥିଲା । କିନ୍ତୁ ବନ୍ଧୁ ତାକୁ ଦେଖି ନେଇଥିବାରୁ ଅଗତ୍ୟା ସେ ରହିଗଲା । ତା'ର ପତ୍ନୀ ପଳେଇ ଯାଇଥିବା କଥାଟା ବନ୍ଧୁକୁ ଜଣା ନ ଥିଲା । ଚିରାଚରିତ ଅଭ୍ୟାସବଶତଃ ସ୍ମିତ ହସି ବନ୍ଧୁ କହିଲା, 'ଆଜି ଭାଉଜ ଯାହା କହିଲେ କୁହନ୍ତୁ ପଛେ, ତୁମକୁ କିନ୍ତୁ ସାଙ୍ଗରେ ନ ନେଇ ମୁଁ ଛାଡୁନି ।' ଢେର ବେଳଯାଏ ସେ ବନ୍ଧୁର ମୁହଁକୁ ଅନିସା କଲା ପରେ, ଚିରୁଡ଼ାଏ ଶୁଷ୍କ ହସ ସହ ନିଜର ଗମ୍ଭୀରତା ଭାଙ୍ଗି କହିଲା, 'ଆଚ୍ଛା ଚାଲ, କୋଉଠିକି ଯିବା, କହ ?'

ଆଚମ୍ବିତ ହେବାର ପାଳି ଏଥର ବନ୍ଧୁର ଥିଲା ।

ରାତିର ଅନ୍ଧକାର ଭଲ ଭାବେ ମାଡ଼ିଯିବାର ଅପେକ୍ଷାରେ ଦିହେଁ ଏପଟ ସେପଟ ବୁଲାବୁଲି କରି ସଂଧ୍ୟାଟା କଟେଇ ଦେଲେ । ପରେ ପରେ ବନ୍ଧୁ ତାକୁ ଗୋଟିଏ ଗଣିକାର କୋଠିକୁ ନେଇଗଲା । ତା'ର ଜୀବନର ଏହା ସର୍ବପ୍ରଥମ ଏଭଳିଆ ଅନୁଭୂତି ଥିଲା । କିଛି ଭୟ, କିଛି ଭ୍ରାନ୍ତି, କିଛି ପୀଡ଼ା, କିଛି ଅନୁତାପ ତା'ର ଅନ୍ତରରେ ଅବଶ୍ୟ ରହିଥିଲା, କାରଣ ଏଯାଏ ତା'ର ପବିତ୍ର ନିର୍ମଳ ଜୀବନ ଏଭଳି ଆବର୍ଜନା ମୁକ୍ତ ଥିଲା, ଆଉ ଏବେ ତାହା ବିଭିନ୍ନ କାଳିମାର ଦାଗରେ କଳୁଷିତ ହେବାକୁ ବସିଛି । ଏସବୁ କେବଳ ସେଇ ବିଶ୍ୱାସଘାତିନୀ ମାଇକିନାଟାର କାରଣରୁ... କିନ୍ତୁ, ହୃଦୟର ଏ ଉଦ୍‌ବେଳନ ବେଶି ବେଳ ତିଷ୍ଠି ରହିଲାନି । ମଦିରାର ଲହର ଆରମ୍ଭ ହେଲାରୁ, ପ୍ରତ୍ୟେକ ପରଦା ହଟିଗଲା । ହୋହୋ ହସି ସେ ଏଥର ଗାନେବାଲୀର ଗୀତରେ ବାହାବା ଦେଇ ବସିଲା । ମାତ୍ର ଗୋଟିଏ ଘଣ୍ଟାରେ ସେ ଏକ ମୁଗ୍ଧ ଲବ୍ଧପ୍ରତିଷ୍ଠିତ

ଦର୍ଶକର ସମସ୍ତ ପଟୁତା ହାସଲ କରି ସାରିଥିଲା ।

ତା'ପରେ ତା'ର ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ପ୍ରଥମେ ଏଇ ବଦ୍‌ନାମ ଗଳିରେ ପଶିବା ପାଇଁ ବନ୍ଧୁ ମିତ୍ରଙ୍କ ସାହଚର୍ଯ୍ୟ ଲୋଡ଼ା ପଡୁଥିଲା । କିନ୍ତୁ ଧୀରେ ଧୀରେ ସେଇ ବନ୍ଧୁ ମିତ୍ରମାନେ ତା'ର ପଥରେ କଣ୍ଟା ଭଳି ତାକୁ ମନେ ହେଲେ । ଅତଏବ ନୈଶାଭିସାରରେ ଏକା ଏକା ବାହାରିବା ସେ ଏଥର ଶ୍ରେୟସ୍କର ମଣୁଥିଲା । ବଜାର ଭିତରେ ଥରେ ବୁଲି ଆସେ । ଚିଜର ସଠିକ୍ ମୂଲ୍ୟାଙ୍କନ କରିନିଏ । ଏବଂ ଶେଷରେ, ଗୋଟିଏ ସଉକିଆ ଧନୀ ସୌଦାଗର ଭଳି, ଯେକୌଣସି ମୂଲ୍ୟରେ ନିଜର ପସନ୍ଦର ବସ୍ତୁ ଅକ୍ତିଆର କରିନିଏ । କ୍ରମେ କ୍ରମେ କାମନା ବାସନାର ସ୍ୱାଦ ତାକୁ ଏଭଳି କାବୁ କରିନେଲା ଯେ ଅଫିସରୁ ଫେରି କ୍ୱଚିତ୍ ଘରକୁ ଫେରୁଥିଲା । ଆଜି ଏଇ ଗଳି, କାଲି ଅନ୍ୟ କୋଠାର ଉପର କୋଠରି... ମିଥ୍ୟା ପୀରତି ଦେଖାଇବାରେ ବା ମିଥ୍ୟା ପୀରତିର ସ୍ୱାଦ ଚାଖିବାରେ କାର୍ପଣ୍ୟ କରେନି । ସକାଳକୁ ସବୁକିଛି ସ୍ୱପ୍ନଟିଏ ଭଳି ମନେ ହୁଏ । ନୂଆ ରାତି ଆସନ୍ତେ ନୂତନ ସୌନ୍ଦର୍ଯ୍ୟ ପ୍ରେମ ନୀଡ଼ ସଂରଚନାର ଭୂତ ତା' ଉପରେ ସବାର ହୋଇଯାଏ । ସେ ନିର୍ଣ୍ଣୟ କରିନେଇଥିଲା ଯେ ନାରୀ ସଂଗତି କେବଳ ଆବଶ୍ୟକତା ଓ ବ୍ୟବସାୟିକ ହେବା ଉଚିତ, ଯେଭଳି ଅନ୍ୟାନ୍ୟ ଜିନିଷ କିଣାବିକା ବେଳେ ପରୀକ୍ଷା ନିରୀକ୍ଷା ଓ ମୂଲଚାଲ ଯଥାର୍ଥ ହୋଇଥାଏ ।

ଅଫିସରୁ ତାକୁ ଏତକ ଦରମା ମିଳୁଥିଲା ଯେ ସେଥିରେ ବିବାହିତ ମଣିଷଟିଏ ତୃପ୍ତିରେ, ସୁରୁଖୁରରେ ପରିବାରଟିଏ ସଂଖୁଳି ନେଇପାରେ । କିନ୍ତୁ କଦାପି ଏତେ ନଥିଲା ଯେ ସବୁଦିନ ଜଣେ ଆଖିବୁଜା ଅୟସ ଆରାମ କରିପାରିବ । ବିବାହ ପୂର୍ବରୁ ତା'ର ନାମମାତ୍ର ଖର୍ଚ୍ଚ ଥିବାରୁ ବେଶ୍ ଦି'ପଇସା ସେ ଠୁଳ କରି ପାରିଥିଲା । ବିବାହ ପରେ ପତ୍ନୀ ପାଇଁ ଦାମିକା ଉପହାର କିଣାରେ ବି ସେ ପୁଞ୍ଜିରୁ ବିଶେଷ କିଛି କମିନଥିଲା । କିନ୍ତୁ ଏବେ ପ୍ରତି ସପ୍ତାହରେ ମୋଟା ଅଙ୍କର ଚେକ୍ କଟା ହେଲା ବେଳକୁ ସୁନିଶ୍ଚିତ ଦିବାଳିଆ ଅବସ୍ଥା ଦୃଶ୍ୟମାନ ହେଲା । ସମ୍ପୂର୍ଣ୍ଣ ନିର୍ଦ୍ଧନ ହୋଇଯିବାର ଭୟ, ଆଉ ନିରନ୍ତର ରାତି ଅନିଦ୍ରା ଜନିତ ସ୍ୱାସ୍ଥ୍ୟହାନୀ ଯୋଗୁଁ ତା'ର ବିଶୃଙ୍ଖଳିତ ଅଭ୍ୟାସରେ ଅତି ଶୀଘ୍ର ଉନ୍ନତି ଆସିଲା - ମାନେ, ଆଗରୁ ମାସକୁ ଦି' ଚାରିଥର ଯେଉଁ ନୈଶବିହାର ହେଉଥିଲା ଏବେ ସପ୍ତାହରେ ତିନି ଚାରି ଥର ହେଲା ।

ଦିନେ ସକାଳୁ ଅଫିସ ବାହାରିଲା ବେଳକୁ ତା'ର କୋଠରୀର କବାଟରେ ମୃଦୁ କରାଘାତ ଶୁଭିଲା ।

'କିଏ ?'

ଉତ୍ତର ନ ମିଳିବାରୁ କବାଟ ଖୋଲି ଥମ୍ ହୋଇ ଛିଡ଼ା ହେଲା... ତା'ର ନିରୁଦ୍ଦିଷ୍ଟା ପତ୍ନୀ ନିରୀହ ନିର୍ଦ୍ଦୋଷ ଭଳି ମଥାନତ କରି ଉଭା ହୋଇଥିଲା । ଜାମାପଟା ମଇଳା କିଟ୍ କିଟ୍ ଚିକିଟା । କେଶ ଆଲୁଳାୟିତ । ରୋଗାକ୍ରାନ୍ତ ଭଳି ହଳଦି ଗୁରୁଗୁରୁ ଚେହେରା ଓ ଚକ୍ଷୁ କଟୋରଗତ । ତାକୁ ଦେଖି ତା'ର ମନେହେଲା ଯେପରି, କୁକୁରୀଟିଏ କୁକୁର ଦଳ ସାଙ୍ଗରେ ନର୍ଦ୍ଦମାର ହୋରି ଖେଳି ଫେରିଛି । କିଛି ବେଳ ସେ ନିରବ ରହି ସହସା ତା'ର ପାଦରେ ଲୋଟି ପଡ଼ିଲା । ତା'ର ଗୋଡ଼ଧରି ଅସମ୍ଭାଳ କାନ୍ଦି ବସିଲା । ସେ କିନ୍ତୁ ତା'ର ପାଦ ଛଡ଼େଇବାର ଚେଷ୍ଟା କଲାନି ବରଂ ପାଷାଣ ମୂର୍ତ୍ତିବତ୍ ଛିଡ଼ା ହୋଇରହିଲା ।

'କ୍ଷମା କର, ମତେ ମାଫ୍ କରିଦିଅ', ତା'ର ପତ୍ନୀ କୋହ ଛାଡ଼ି ବିଳାପ କରୁଥିଲା । 'ମୁଁ ଜାଣେ, ତୁମେ ମତେ ଘୃଣା କର, ମୋ ମୁହଁ ଚାହିଁବନି, ମୁଁ ତୁମକୁ ସ୍ନେହ ମାଗୁନି, ନାଁ ତା'ର ଆଶା ବି କରୁନି, କାରଣ ମୁଁ ତା'ର ଯୋଗ୍ୟା ବି ନୁହଁ । କେବଳ ଏତିକି ଭିକ୍ଷା ମାଗୁଛି, ହତଭାଗିନୀଟିଏ ବିଚାରି ଘରେ ଟିକେ ଆଶ୍ରୟ ଦିଅ, ଆଉ କିଛି ଦରକାର ନାହିଁ । ମୁଁ ଅନ୍ଧ ହୋଇଯାଇଥିଲି, ମୋ ସହ ବି ଢେର ବିଶ୍ୱାସଘାତ ହୋଇସାରିଛି ।'

ପତ୍ନୀ ବିରୁଦ୍ଧରେ ତା'ର ଯେଉଁ ଅତ୍ୟଧିକ କ୍ରୋଧର ଜ୍ୱାଳା ଆରମ୍ଭରୁ କୁହୁଳୁଥିଲା କିଛି, ସମୟର ପରାକ୍ରମରେ ଆଉ କିଛି, ନିଜର ନୂତନ ସଉକ ଯୋଗୁଁ ଶିଥିଳ ପଡ଼ିଆସିଥିଲା । ଅବଶିଷ୍ଟ ରାଗରୋଷ ତା'ର ଆର୍ଥିକ ଦୁଃସ୍ଥତା ଯୋଗୁଁ ଥଣ୍ଡା ପଡ଼ିଯିବାକୁ ବିଳମ୍ବ ହେଲାନି । ତା'ର ଦୁରାବସ୍ଥା ପ୍ରତି ଦୟା ଆସିଲା ନି ବରଂ ଘୃଣା ଭାବ ଜାଗ୍ରତ ହେଉଥିଲା ।

ଯେବେଠୁ ତା'ର ପତ୍ନୀ ପଳେଇଥିଲା, ମନେ ମନେ ସେ ସେଇ ଭାଗ୍ୟବାନ ମଣିଷଟାକୁ ଖୋଜୁଥିଲା ଯାହା ନିମନ୍ତେ ସେ ବଳି ପଡ଼ିଥିଲା । ତା'ର ଜଣାଶୁଣା ଭିତରୁ କେହି ନୁହେଁ ତ ? କି କୋଉ ଅଜ୍ଞାତ ? କିନ୍ତୁ ତା' ପତ୍ନୀ ଫେରିଲା ପରଠୁ ତା'ର ଏଭଳି ଜିଜ୍ଞାସା ବି ଆଉ ନଥିଲା । ଏଇ ସାରାଟା ଘଟଣାରେ ସେ ଏତେ ବିଚଳିତ ଓ ନିସ୍ପୃହ ହୋଇ ସାରିଥିଲା ଯେ ମାଇକିନାଠୁ କେମିତି ମୁକୁଳିବ ସେଇ ଚିନ୍ତାରେ ସେ ରହୁଥିଲା ।

ସେ କହି ଚାଲିଥାଏ, 'ତୁମର ସଦ୍‌ଗୁଣ ଦୟାଳୁ ଭାବ ଉପରେ ମୋର ଅଗାଧ ବିଶ୍ୱାସ, ତୁମେ ଘରୁ ମତେ ତଡ଼ିବନି, ସଂସାରରେ ଏ ଘର ଛାଡ଼ିଦେଲେ ମୋର ଆଉ ମୁଣ୍ଡଗୁଞ୍ଜିବାକୁ ସ୍ଥାନ ନାହିଁ, ଏ ଘର ଛାଡ଼ି ମୁଁ ବହୁତ ଦଶା ଭୋଗିଛି, ଚାକରାଣୀ ପରି ହେଲେ ବି ରହିବି, ଆଃ ମୁଁ ତ ତା'ର ବି ଯୋଗ୍ୟା ହେଲିନି ।'

'ଚୁପ୍ କର୍ ଏଭଳି ପାଟିତୁଣ୍ଡ କରନା । ଚାକର ବାକର ଶୁଣୁଛନ୍ତି ।'

ଅଫିସ ଯିବାକୁ ତା'ର ଡେରି ହେଉଥିବାରୁ ସେ ତା'ର ଗୋଡ଼ ମୁକୁଳେଇ ଟୋପି ହାତରେ ଧରି ଘରୁ ବାହାରିଗଲା । ଅଫିସରେ ବସିଥିଲା ବେଳକୁ ରହିରହି ପତ୍ନୀର ଏ ନିରିମାଖି ଚେହେରା ତା'ର ଆଖି ଆଗରେ ନାଚି ଯାଉଥିଲା । ସେ ବିସ୍ମିତ ହେଉଥିଲା ଯେ ଏଇ

କ'ଣ ସେଇ ଅନୂଢ଼ା କିଶୋରୀ, ଯାହା ସହ ଛ'ମାସ ଆଗରୁ ତା'ର ବାହାଘର ହୋଇଥିଲା ? ଏଇ କ'ଣ ସେଇ ସୁନ୍ଦରୀ ଯାହାର ବିଭିନ୍ନ ସୁଗନ୍ଧ ପ୍ରତି ଦୁର୍ବଳତା ଥିଲା, ଯିଏକି ତା'ର ଶରୀରରେ ଧୂଳିକଣାଟିଏ ବି ସହି ପାରୁନଥିଲା, ଆଉ କୌଣସି ପାର୍କରେ ବୁଲାବୁଲି କଲାବେଳେ ଗର୍ବରେ ତା'ର ଛାତି କୁଣ୍ଢେମୋଟ ହୋଇ ଯାଉଥିଲା!!

'ଯଦି ମୋ ସହ ରହିବା ତାର ଜିଦ୍,' ସେ ଭାବୁଥିଲା, 'ତେବେ ତାହାହିଁ ହଉ । ମୁଁ ବି ତ ଏଭଳି ମଣିଷ ନୁହଁ ଯେ କନା ଖଣ୍ଡେ, ରୋଟି ଦି'ଖଣ୍ଡ ଦେଇପାରିବିନି । ତେବେ ତା' ସହ ଆଉ ସଂପର୍କ ରଖିବା ଅସମ୍ଭବ । ସମ୍ଭବତଃ ମୋର ଉପେକ୍ଷା ଓ ଉଦାସୀନତାରେ ବିରକ୍ତ ହୋଇ ଯଥାଶୀଘ୍ର ପୁଣି ସେ ପଳେଇ ଯାଇପାରେ ।'

ପତ୍ନୀ ଫେରିବାର ପନ୍ଦର ଦିନ ପାଖକୁ ହୋଇଥିବ, ନା ସେ ତା' ପଟେ ଚାହିଁଥିଲା, ନା କଥାବାର୍ତ୍ତା କରିଥିଲା; ସତେକି ଘରେ ସେ ନଥିଲା । ପତ୍ନୀ ବି ତା' ସମ୍ମୁଖୀନ ହେବାକୁ ସାହସ କରୁ ନ ଥିଲା । ତା'ର ଉପସ୍ଥିତି ଅନେକାଂଶରେ କେବଳ ତା'ର ସ୍ମୃତି ଉଜାଗର କରୁଥିଲା ।

ସକାଳୁ ଶଯ୍ୟାତ୍ୟାଗ କଲାବେଳକୁ ତା'ର ମୁଣ୍ଡ ପଟେ ଟି'ପୟ ଉପରେ ଫୁଲଦାନୀରେ ସଜ ସୁକୋମଳ ଗୋଲାପ ନିପୁଣତାପୂର୍ବକ ସଜା ମିଳୁଥିଲା । ଖଟରେ ଶୋଇଶୋଇ ଖବରକାଗଜ ପଢ଼ିଲା ବେଳକୁ ଚାକର ପିଲା ଚା' ପରସିଦେଇ ଯାଉଥିଲା । ଟୋଷ୍ଟ ନିଖୁଣ ଭାବରେ କଟା ଓ ସେକା ହୋଇ ଆସୁଥିଲା, ଚା' ବି ସ୍ୱାଦିଷ୍ଟ, ଯେଭଳି ବିବାହର ଆରମ୍ଭ ଦିନମାନଙ୍କରେ ରହୁଥିଲା । ଗାଧୁଆ ଘରୁ ଫେରିଲାବେଳକୁ ସଫା ଇସ୍ତ୍ରୀକରା ପୋଷାକ ହଳେ କଣ୍ଢାରେ ଟଙ୍ଗା ମିଳେ । କୁର୍ତ୍ତା କି ସୁଟ ସାଙ୍ଗରେ ମ୍ୟାଚ୍ ନେକଟାଇ ଓ ରୁମାଲ୍ । କୁର୍ତ୍ତା କଫ୍‌ରେ ଷ୍ଟଡ୍ ଲାଗିଥାଏ । ଜୋତା ପାଲିସ୍ ହୋଇଥାଏ । ଦି'ପହର ବେଳକୁ ତା'ର ମନପସନ୍ଦ ସ୍ୱାଦିଷ୍ଟ ଭୋଜନ ନେଇ ଚପରାସୀ ପହଞ୍ଚେ । ତରକାରୀ ତିଅଣ ଯାକ ଏତେ ନିଖୁଣ ଭାବେ ରନ୍ଧା ହୋଇଥାଏ ଯେ ସେ ଆଙ୍ଗୁଠି ବି ଚାଟି ପକାଏ ।

ଏବଂ ତା'ର ଓଠରେ ବିଦ୍ରୁପାତ୍ମକ ହସଟିଏ ଉଙ୍କିମାରେ । ମନେ ମନେ ଭାବେ, 'ଏ ସବୁ ଆଦର ସତ୍କାର କେବଳ ଆଉଥରେ ଜିଣି ନେବାର ଅପଚେଷ୍ଟା ଛଡ଼ା ଅନ୍ୟ କିଛି ନୁହଁ । କିନ୍ତୁ, ଆଉ କୋଉଠି ସମ୍ଭବ ? ସେ ଧପ୍ପାବାଜି ଆଉ ଚଳିବ ନି । ପ୍ରାୟତଃ ସନ୍ଧ୍ୟା ପରଠୁ ସେ ଘରୁ ଖୋଲା ଖୋଲି ବାହାରିଯାଏ, କେବେ ରାତି ଗୋଟାଏ ଦେଢ଼ଟା ପରେ ଫେରେ କେବେ କେବେ ଫେରେନି । କିନ୍ତୁ କେହି ବି ତାକୁ ପ୍ରଶ୍ନ କରେନି, କି ଆକଟ କରେନି, କି ତା'ର ନୈଶବିହାରରେ ଭଟ୍ଟା ପଡ଼େନି ।

ଏଇଭଳି ତିନିମାସ ବିତିଗଲା ।

ଦିନକର କଥା । ବର୍ଷା ବେଳ । ମେଘୁଆ ଆକାଶ । ଶୀତଳ ବତାସିଆ ପବନ । ଅଫିସରେ ମୋଟା ଅଂକର ଚେକ୍ ଖଣ୍ଡେ ଚପରାସୀକୁ ଦେଇ ଅଧୈର୍ଯ୍ୟ ହୋଇ ସେ ଟଙ୍କା ଆସିବାକୁ ଅପେକ୍ଷା କରୁଥାଏ । ଗତ ଆଠ ଦିନ ଧରି ରାତିରେ ସେ ଘରୁ ବାହାରି ପାରି ନଥିଲା । ଅଫିସରେ ଭିଡ଼ କାମ ଯୋଗୁଁ ତେରୀ ହେଉଥିଲା, ଥକାପଣ ବି କାରଣଟେ ଥିଲା, ଆଉ ବି ଏମତି ମନ ଲାଗିଲାନି ବୋଲି... । କିନ୍ତୁ ଆଜି ସେଇ ଆଠ ଦିନର ସମସ୍ତ ବାକିଆ ଅନୈତିକ ଆମୋଦପ୍ରମୋଦ ସେ ଅସୁଲ କରିନେବାକୁ ବଦ୍ଧ ପରିକର ଥିଲା ।

କିଛି ବେଳ ପରେ ଚପରାସୀ ଫେରିଲା, କିନ୍ତୁ ଖାଲି ହାତରେ, ତା'ର ଚେକ୍ ବି ଫେରାଇ ଆଣିଥିଲା । ଆକାଉଣ୍ଟରେ ଟଙ୍କା କେତୋଟି ଓ ଅଣା ପଇସା କେତୋଟି ଛାଡ଼ିଦେଲେ ଆଉ କିଛି ବି ନଥିଲା । ସେ ନିଜେ ଏ ବାବଦ ଅଙ୍କ ନ ଥିଲା । କିନ୍ତୁ ଏତେ ଶୀଘ୍ର ଏଇ ଦିନଟି ଆସିଯିବ ବୋଲି ତା'ର ବିଶ୍ୱାସ ବହିର୍ଭୂତ ଥିଲା । ଚିନ୍ତା କଲା, କିଛି କରଜ କରିନେଲେ ଚଳି ଯାଆନ୍ତା । ଅତଏବ, ଇତସ୍ତତଃ ହୋଇ କିଛି ପୁରୁଣା ବନ୍ଧୁଙ୍କ ସହ କଥାବାର୍ତ୍ତା କଲା । କିନ୍ତୁ ମାସ ଶେଷ ବେଳକୁ ଟଙ୍କା କା' ପାଖରେ ଥାଏ ଯେ !

ସହସା ତା'ର ମନେ ପଡ଼ିଲା ଯେ ତା'ର ବାକ୍ସରେ ସୁନାର ମୁଦ୍ରିକାଟିଏ ଅଛି ଯାହା ଉପରେ କି ବେଶ ମୂଲ୍ୟବାନ ପଥରଟିଏ ବସିଛି । ଭାରୀ ମୂଲ୍ୟ ଦେଇ ତା'ର ପତ୍ନୀ ଏ ଗୋଟାକ ତା' ପାଇଁ କିଣିଥିଲା । ଯା' ସହ ଆତ୍ମିକ ସମ୍ପର୍କ ତୁଟି ସାରିଛି, ତା'ର ସ୍ମୃତି ଚିହ୍ନ ବି ଆଉ ରହିବ କାହିଁକି ? ସଉକିଆ ନିଶାର ଯେଉଁ ବହ୍ନି କ୍ଷଣିକ ଆଗରୁ ଶିତଳ ପଡ଼ି ଆସୁଥିଲା, ଦ୍ୱିଗୁଣିତ ହୋଇ ଏଥର ପୁଣି ଥରେ ହୁତ୍‌ହୁତ୍ ଜଳି ଉଠିଲା । ଚିନ୍ତା କଲା, ସନ୍ଧ୍ୟା ପୂର୍ବରୁ ମୁଦ୍ରିକାଟା ନେଇ ଜହୁରୀ ପାଖରେ ପହଞ୍ଚିବାକୁ ହେବ ।

ସନ୍ଧ୍ୟାବେଳକୁ ଯେତେବେଳେ ମୁଦ୍ରିକା ସହ ସେ ଘରୁ ବାହାରିଲା, ବାଇଗଣୀ ଶାଢ଼ି ପିନ୍ଧା ମହିଳାଟିଏ ଚତୁର୍ଦ୍ଦିଗ ମହକେଇ ହଠାତ୍ ତା' ପାଖଦେଇ ଚାଲିଗଲା । ମହିଳା ତାକୁ ଚାହିଁ ଦେଖିନି । କିନ୍ତୁ, ମହିଳାର ଝଲକଟିଏ ସେ ଦେଖିନେଇଥିଲା ଯାହାକି, ଯେତେ ସଂକ୍ଷିପ୍ତ ହେଲେ ବି, ତାକୁ ଚକିତ କରିଦେବାକୁ ଯଥେଷ୍ଟ ଥିଲା ।

ଏଇ ମହିଳାଟି ତା'ର ସେଇ ପଳାତକ ସ୍ତ୍ରୀ ଥିଲା ଯିଏ କି ତିନିମାସ ପୂର୍ବରୁ କବରରୁ ଉଠିଆସିଲା ଭଳି ଜଣା ପଡୁଥିଲା । ଦି' ଓଳି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟକର ଭୋଜନ, ବିଶ୍ରାମ, ତେଲ ସାବୁନ୍ କ୍ରିମ ଆଦିର ବ୍ୟବହାର ଯୋଗୁଁ ତା'ର ପୁନଃଯୌବନ ପ୍ରାପ୍ତି ଭଳି ମନେ ହେଉଥିଲା । ଭରାଭରା ଗାଲ, ଜୀବନ୍ତ ଚକ୍ ଚକ୍ ନୟନ; ତା'ର ସୌନ୍ଦର୍ଯ୍ୟ ଓ ବିମୋହନର ଏଭଳି ଆକର୍ଷଣ ଥିଲା, ଯେଭଳି ବାସର ରାତିରେ ସେ ପ୍ରଥମ ଥର ତାକୁ ଦେଖିଥିଲା । ଫରକ୍ ଅବଶ୍ୟ ରହିଥିଲା, ପୂର୍ବରୁ ସେ ସୌନ୍ଦର୍ଯ୍ୟରେ କମନୀୟ ନିରୀହତା ଫୁଟିଥିଲା ବେଳକୁ ଏବେ ତା ସ୍ଥାନରେ ହାଲୁକା ପରିପକ୍ୱତା ଏବଂ ଏକ ହୃଦୟସ୍ପର୍ଶୀ ପଶ୍ଚାତ୍ତାପ ପରିଦୃଷ୍ଟ ହେଉଥିଲା ।

ଅନ୍ଧାର ହେବା ପୂର୍ବରୁ ସହରର ସେଇ ବଜାରରେ ପହଞ୍ଚିଗଲା ଯୋଉଠି କି ଜହୁରୀମାନଙ୍କ ଦୋକାନ ରହିଥିଲା । ସେତେବେଳେ ବ୍ୟବସାୟର ସମୟ । ଗହଳି ମୁକ୍ତ ଗୋଟିଏ ବି ଦୋକାନ ନ ଥିଲା । ଆଗରୁ କୌଣସି ବସ୍ତୁ ବିକ୍ରି କରିବାର ତା'ର ଦୁର୍ଯୋଗ ଆସି ନ ଥିଲା । ଏଣୁ ଦୋକାନୀ ପାଖକୁ ଯିବାକୁ ସେ ଇତସ୍ତତଃ ହେଉଥିଲା ଏବଂ ଭିଡ଼ ଦେଖି ତ ଆହୁରି ଶଙ୍କିତ, ଲଜ୍ଜାନ୍ୱିତ ହୋଇ ପଡୁଥିଲା । ଏତେ ମଣିଷଙ୍କ ସାମ୍ନାରେ ମୁଦ୍ରିକା ବାବଦ ଆଲୋଚନା କିଭଳି ଆରମ୍ଭ କରିବ, ତାକୁ ଜଣା ନ ଥିଲା । କେଜାଣି କିଏ କ'ଣ ଭାବି ନେଇପାରେ । ଘଣ୍ଟାଏ କାଳ ସେ ସାରା ବଜାର ବୁଲି ଆସିଲା । ଜଣେ ଦି' ଜଣ ଗ୍ରାହକ ଦୋକାନରୁ ବାହାରିଲେ ଆହୁରି ତିନି ଚାରି ଜଣ ପଶୁଥାନ୍ତି ଓ ଗହଳି ଯଥାବତ୍ ରହିଥାଏ । ଶେଷରେ ଗୋଟିଏ ଦୋକାନରେ ଅପେକ୍ଷାକୃତ କମ୍ ଗହଳି ଦେଖି ସେ ଭିତରେ ପଶିବାର ସାହସ କଲା ।

'କୁହନ୍ତୁ, କଣ ଦରକାର ?' ଜହୁରୀ ପଚାରିଲା ।

'ମୁଁ... ମୁଁ ହଳେ କାନଫୁଲ ଦେଖିବାକୁ ଚାହୁଁଛି ।' ମଥାରୁ ସ୍ୱେଦ ବିନ୍ଦୁ ପୋଛୁ ପୋଛୁ ସେ କହିଲା ।

ସାଥେ ସାଥେ ଜହୁରୀ କାନଫୁଲର ଡବାଟିଏ କାଢ଼ି ଦେଖାଇଦେଲା ।

'ଏଇ ହଳକର ଦାମ୍ କେତେ ହେବ ?' ହଳେ ପସନ୍ଦ କରି ସେ ପଚାରିଲା ।

'ପଞ୍ଚାଶଠି ଟଙ୍କା !'

'ତେବେ ଏଇଟା ଠିକ୍ ହେବ । କିନ୍ତୁ, ମାଫ୍ କରିବେ, ଆଜି ଟଙ୍କାଟା ଆଣିବାକୁ ଭୁଲି ଯାଇଛି । ଯା'କୁ ଅଲଗା ରଖିଦେବେ, କାଲି ଆସି ନେଇଯିବି ।'

'କିଛି କଥା ନାଇଁ' ଜହୁରୀ କାନଫୁଲ ଡବା ବନ୍ଦ କରୁ କରୁ ନିରୁତ୍ସାହିତ ଉତ୍ତରଟିଏ ଦେଲା ।

ଦୋକାନରୁ ବାହାରି ସେ ଶାନ୍ତିର ନିଶ୍ୱାସଟିଏ ମାରିଲା ।

ଏତେ ବେଳକୁ ଅନ୍ଧାର ମାଡ଼ି ଆସିଲାଣି । ସେ ଚିନ୍ତା କଲା, ଆଜିର ପ୍ରୋଗ୍ରାମଟା ତା'ହେଲେ ରଦ୍ଦ କରିଦିଆଯାଉ । କାଲିକି କୌଣସି କର୍ମଚାରୀକୁ ପଠେଇ ମୁଦ୍ରିକାର ବ୍ୟବସ୍ଥା କରିନେବା । ହେଇପାରେ, କାଲିକି ଟଙ୍କାଟା ଯୋଗାଡ଼ ହୋଇ ଯାଇପାରେ, ମୁଦ୍ରିକା ବିକ୍ରି ଦରକାର ପଡ଼ି ନ ପାରେ ! ପ୍ରତିକ୍ଷଣରେ ତା'ର ଉଦ୍ଦେଶ୍ୟ ବ୍ୟର୍ଥ ହେବା ସେ ଦେଖୁଥିଲା ଓ ଚାଲିଚାଲି ଥକି ପଡ଼ିଥିଲା । କିନ୍ତୁ, ହତୋତ୍ସାହିତ ହୋଇ ନଥିଲା । ବରଂ ଏକ ଅଦ୍ଭୁତ ଚଞ୍ଚଳତା ବଢ଼ିବାରେ ଲାଗିଥିଲା । ଏଇ ପାଖରେ ତ ସେଇ ଅନ୍ୟ ବଜାର... । ଘରକୁ ଫେରିଲା ବେଳକୁ ମନ ହେଲା, ଆସିଛି ଯେତେବେଳେ ପାଖରୁ ନହେଲେ ବି ଦୂରରୁ ରଙ୍ଗଢଙ୍ଗ ଦେଖିନିଆ ଯାଉ, ଥରଟେ ଘୂରି ଆସିଲେ ଅସୁବିଧା କ'ଣ ?

ଚିରାଚରିତ ସେଠି ବି ଗହଳ ଚହଳ ଲାଗିଥିଲା । ଗଣିକା ମାନେ କୋଠାର ବାଲ୍‌କୋନୀରେ ଟହଲ ମାରୁଥିଲେ ଓ ଗ୍ରାହକମାନେ ବି କୀଟପତଙ୍ଗ ଭଳି ଆଲୁଅ ପ୍ରତି ଆକର୍ଷିତ ହେବାରେ ଲାଗିଥିଲେ । ଅନେକ କୋଠରୀର ଝରକାରୁ ହାଲୁକା ନିରସ ନୀଳ ଆଲୁଅ ଦିଶୁଥିଲା । ଅନେକ କୋଠିରୁ ଉଚ୍ଚସ୍ୱରରେ କଥାବାର୍ତ୍ତା ଓ ବେହ୍ୟା ହସ ସାଙ୍ଗକୁ ସାରଙ୍ଗୀର ମୃଦୁମନ୍ଦ ଝଙ୍କାର ଶୁଭୁଥିଲା ।

ଧୀରେ ଧୀରେ ସେ ରାସ୍ତାରେ ଚାଲିଥିଲା । ପ୍ରତିଟି କୋଠି ସାମ୍ନାରେ ଚାଲିଗଲା ବେଳେ ତା'ର ମାଲିକାଣୀକୁ କଳି ନେଉଥିଲା । ଅନେକଙ୍କୁ ସେ ଜାଣିଥିଲା । ଅନେକଙ୍କ ପାଖକୁ ତା'ର ଗତାଗତ ବି ଥିଲା । କିନ୍ତୁ କେଜାଣି କାହିଁକି ଆଜି ତା'ର ପାଦ କୋଉଠି ବି ଅଟକି ରହୁ ନଥିଲେ । ବଜାରର ଶେଷ ମୁଣ୍ଡରେ ପହଞ୍ଚିଲା ପରେ ହଠାତ୍ ତା'ର ପତ୍ନୀ ତା'ର ମନେପଡ଼ିଲା, ତା'ର ବାଇଗଣୀ ରଙ୍ଗର ଶାଢ଼ୀ ତା'ର ଆଖି ସାମ୍ନାରେ ସର୍ ସର୍ ଉଡ଼ି ଯାଉଥିଲା । ମନ, ହୃଦୟ ଓ ଇଚ୍ଛା ବିରୁଦ୍ଧରେ ଏସବୁ ମହିଳାମାନଙ୍କ ସହ ତା'ର ତୁଳନା କରିବସିଲା ।

ଏଯାଏ ଯେତେ ମହିଳା ଦେଖିଥିଲା, ସମସ୍ତଙ୍କ ରୂପାକୃତି କୌଣସି ନାଟକର ହିରୋଇନ୍ ଭଳି, ଯେତେ ଦୂରରୁ ଦେଖିବ ତେତେ ରୂପସୀ ଲାଗିବ । କିନ୍ତୁ ତା'ର ବିପରୀତ, ତା'ର ପତ୍ନୀର ସୁନ୍ଦରତା, ଦୂରତା, ନିକଟତା ଆଦି ସମସ୍ତ ବିଚାର ମୁକ୍ତ ଥିଲା । ନା ସେମାନଙ୍କ ଚେହେରାରେ ତା'ର ପତ୍ନୀର ମନଲୋଭା ଆକର୍ଷଣ ଥିଲା, ନା ସେମାନଙ୍କ ଆଚାର ବ୍ୟବହାରରେ ସେ ସୂକ୍ଷ୍ମତା, ସେ ସଂସ୍କୃତି ଯାହାକି ସୁଶିକ୍ଷିତା କୌଣସି ମହିଳା ଠେଇଁ ଦେଖା ଯାଇଥାଏ । ତା'ପରେ ସେମାନଙ୍କ ଭିତରୁ ଅନେକଙ୍କୁ ତ ପ୍ରସାଧନର ତରିକା ଜଣା ନ ଥିଲା । କିଏ ମୁହଁରେ ବହଳେ ପାଉଡ଼ର ଲେସିଛି ତ ଆଉ କିଏ ତେଢ଼ା ସୂନ୍ଥାଟିଏ କାଟିଛି । ଆଉ କିଏ ତ ଗୁଡ଼ାଏ ଯାନ୍ତ୍ରିକ କଳକବ୍‌ଜା ଭଳିଆ, ଚୁଟିରେ ମହଣେ ହିରିପିନ୍, କ୍ଲିପ୍ ମାରିଛି । ଅବଶ୍ୟ, ଏହା ବି ସତ ଯେ କେତୋଟି ଚେହେରା ସୁନ୍ଦର ଥିଲା କିନ୍ତୁ ନା ପରିଧାନରେ ସେମାନଙ୍କ ଶିଷ୍ଟତା ଥିଲା ନା ରଙ୍ଗ ବର୍ଣ୍ଣର ନିର୍ବାଚନ ରୁଚିକର । କେବଳ ଅତ୍ୟଧିକ ଝିଲମିଲିଆ ଉଜ୍ଜ୍ୱଳ ରଙ୍ଗର ଗହଳି, କିଛିଟା ତ ଗାଉଁଲିଆଙ୍କ ଭଳି ଓଜନଦାର ଗହଣା ଗାଣ୍ଠିରେ ଲଦି ହୋଇଥାନ୍ତି । ସୂକ୍ଷ୍ମ ସରଳତା ଯାହାକି ଆଭୂଷଣର ମର୍ଯ୍ୟାଦା, ସେମାନଙ୍କଠୁ ଅଲଙ୍ଘନୀୟ ଦୂରତାରେ ଥାଏ ।

ସେ ଘରପଟେ ମୁହେଁଇଲା ବେଳକୁ ପତ୍ନୀର ଛବି ସବୁଦିନ ଭଳି ତା'ର ଅନ୍ତରରେ ମହଜୁଦ ଥିଲା । ହଠାତ୍ ତା'ର ବିବାହର ପ୍ରାରମ୍ଭିକ ଦିନ ଯାକ ତା'ର ମନେ ପଡୁଥିଲା । ସେ ବି କି ଭଲିଆ ସମୟଟେ ନଥିଲା ! ଯେବେ ବୈବାହିକ ଜୀବନର ଆମୋଦ ପ୍ରମୋଦ ନୂଆକରି ତା'ର ଅନୁଭବ ହେଲା, ତା'ର ଆତ୍ମା ସେ ଅଫୁରନ୍ତ ସ୍ୱାଦରେ ଶିହରି ଉଠିଥିଲା । ସେଇ ବିନିଦ୍ର ରଜନୀର ପରମ ମୁହୂର୍ତ୍ତ ସବୁ, ସେ ଅୟସ ଉଲ୍ଲାସର ଦିନ ସବୁ, ସେ ପ୍ରେମିଳ ଓ ଉନ୍ମାଦନାର ରାତି ସବୁ, ଆଉ ଅକଳନୀୟ ଆଦର ଅନୁଗ୍ରହ ସବୁ କେତେ ମୂଲ୍ୟବାନ, କିନ୍ତୁ ମିଳୁଥିଲା ବିନା ମୂଲ୍ୟରେ ।

ଯେତେ ଯେତେ ଘର ପାଖକୁ ସେ ଆସୁଥିଲା, ତା'ର ପାଦର ଗତି ଆପଣାଛାଏଁ ବଢ଼ିବାରେ ଲାଗିଥିଲା । ଶେଷରେ ଯେତେବେଳେ ଦ୍ୱାରଦେଶରେ ପହଞ୍ଚି କବାଟ ଖୋଲିଲା, ତା'ର ଓଠରେ ଗୋଟିଏ ଦୁଷ୍ଟାମୀର ହସ ଉକୁଟି ଉଠିଲା । ମନେ ମନେ ଭାବିଲା, 'ଅବଶ୍ୟ ମୋର ପତ୍ନୀ ସଚ୍ଚରିତ୍ରା ନୁହଁ, ଠିକ୍ । କିନ୍ତୁ ସେଇ ନାରୀଟା ବି କୋଉ ସ୍ୱଚ୍ଛ ସତୀ, ଯା'ପାଇଁ ମୁଁ କାଙ୍ଗାଳ ହେଇଗଲି ଆଉ ତା'ପରେ ବି ଥରେ ଦେଖା ପାଇବାକୁ ଏବେ ଏତେ ହାଇଁପାଇଁ ହଉଛି ?'

ଉପର ମହଲାରେ ଖୋଲା ଆକାଶ ତଳେ ଦଉଡ଼ିଆ ଖଟିଆ ଉପରେ ଅର୍ଦ୍ଧଚେତନ ଅବସ୍ଥାରେ ଏକାକିନୀ ସେ ଗଡ଼ିଥିଲା ବେଳେ ହଠାତ୍ କବାଟ ଶବ୍ଦରେ ଚେଇଁ ଉଠିଲା । ଶବ୍ଦ ପ୍ରତି କାନେଇଲା । ତା'ର ମନେହେଲା ଯେ ସୁପରିଚିତ କେହି ସ୍ୱଚ୍ଛନ୍ଦରେ ପାହାଚ ଚଢ଼ି ଚଢ଼ି ତା' ପାଖକୁ ଆସୁଛି ।

ମାର୍ଫତ: ଦାଶ ଆଗ୍ରୋ ଏଜେନ୍ସୀ
କଳାପାଣି ଛକ, କଳାପାଣି
ତୋରା, ବରଗଡ଼- ୬୮୦୪୦
ମୋ.: ୯୪୩୭୧୫୮୧୪୨

ବିକଶିତ ଦେଶର ପରିଚୟ

ମୂଳ ହିନ୍ଦୀ: ଅସଗର ୱଜାହତ

ଅନୁସୃଜନ: ରଜତ ବଂଶଲ

(୧)

ଗୁରୁ : ହରିରାମ, ମୋତେ ଗୋଟେ ବିକଶିତ ଦେଶର ପରିଚୟ କହ ।

ହରିରାମ : ଗୁରୁଦେବ, ବିକଶିତ ଦେଶମାନେ ପୋଷାକ ତିଆରି କରନ୍ତି ନାହିଁ ।

ଗୁରୁ : ତା'ହେଲେ ସେମାନେ କ'ଣ କରନ୍ତି ?

ହରିରାମ : ସେମାନେ ଅସ୍ତ୍ରଶସ୍ତ୍ର ତିଆରି କରନ୍ତି ।

ଗୁରୁ : ତା'ହେଲେ ନିଜ ନଗ୍ନତାକୁ କେମିତି ଢାଙ୍କନ୍ତି ?

ହରିରାମ : ଲାଜ ସେଇ ଅସ୍ତ୍ରଶସ୍ତ୍ରରେ ଢାଙ୍କନ୍ତି ।

(୨)

ଗୁରୁ : ହରିରାମ, ବିକଶିତ ଦେଶର କାହାକୁ କହନ୍ତି, କହ ।

ହରିରାମ : ବିକଶିତ ଦେଶର ଲୋକେ ଖାଦ୍ୟ ରାନ୍ଧନ୍ତି ନାହିଁ ।

ଗୁରୁ : ତା'ହେଲେ ସେମାନେ କ'ଣ ଖାଆନ୍ତି ?

ହରିରାମ : ସେମାନେ 'ଫାଷ୍ଟଫୁଡ୍' ଖାଆନ୍ତି ।

ଗୁରୁ : ଆମ ଖାଦ୍ୟ ଆଉ 'ଫାଷ୍ଟଫୁଡ୍' ମଧ୍ୟରେ ପ୍ରଭେଦ କ'ଣ ?

ହରିରାମ : ଆମେ ଖାଦ୍ୟ ପାଖକୁ ଯାଉ କିନ୍ତୁ 'ଫାଷ୍ଟଫୁଡ୍' ଖାଦକ ପାଖକୁ ଆସେ ।

(୩)

ଗୁରୁ : ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ : ବିକଶିତ ଦେଶରେ ପିଲାମାନେ ଜନ୍ମ ହୁଅନ୍ତି ନାହିଁ ।

ଗୁରୁ : ତା'ହେଲେ ସେଠି କିଏ ଜନ୍ମ ହୁଏ ?

ହରିରାମ: ସେଠାରେ ଯୁବକମାନେ ଜନ୍ମ ହୁଅନ୍ତି, ଯେଉଁମାନେ ଜନ୍ମ ହେଉହେଉ କାମରେ ଲାଗିଯାଆନ୍ତି ।

(୪)

ଗୁରୁ : ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ: ବିକଶିତ ଦେଶମାନଙ୍କରେ ପ୍ରକୃତ ଗଣତନ୍ତ୍ର ଅଛି ।

ଗୁରୁ : କିପରି ?

ହରିରାମ : ସେଠାରେ କେବଳ ଦୁଇଟି ରାଜନୈତିକ ଦଳ ଥାଆନ୍ତି ।

ଗୁରୁ : ତୃତୀୟଟି କାହିଁକି ନଥାଏ ?

ହରିରାମ : ତୃତୀୟ ଦଳ ଆସିଲେ ସଚ୍ଚା ଗଣତନ୍ତ୍ରର ଅବସାନ ଘଟେ ।

(୫)

ଗୁରୁ : ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ : ବିକଶିତ ଦେଶର ଲୋକେ ପଶୁମାନଙ୍କୁ ବହୁତ ଭଲ ପାଆନ୍ତି ।

ଗୁରୁ : କାହିଁକି ?

ହରିରାମ : କାରଣ ପଶୁମାନେ ମଣିଷକୁ ବହୁତ ଭଲପାଆନ୍ତି ।

ଗୁରୁ : ଲୋକମାନେ ସେଠାରେ ଲୋକଙ୍କୁ ଆଉ ପଶୁମାନେ ପଶୁଙ୍କୁ କାହିଁକି ଭଲପାଆନ୍ତି ନାହିଁ ?

ହରିରାମ : କାରଣ ବିକଶିତ ଦେଶରେ ମଣିଷମାନଙ୍କୁ ମଣିଷ ଆଉ ପଶୁମାନଙ୍କୁ ପଶୁ ମିଳନ୍ତି ନାହିଁ ।

(୬)

ଗୁରୁ : ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ : ବିକଶିତ ଦେଶ ବିକାଶଶୀଳ ଦେଶମାନଙ୍କୁ ଦାନ ଦିଅନ୍ତି ।

ଗୁରୁ : ଆଉ ?

ହରିରାମ : ତା'ପରେ ଋଣ ଦିଅନ୍ତି ।

ଗୁରୁ : ପୁଣି ତା'ପରେ ?

ହରିରାମ : ତା'ପରେ ସୁଧ ସହ ଋଣ ଦିଅନ୍ତି ।

ଗୁରୁ : ତା'ପରେ ?

ହରିରାମ : ତା'ପରେ ସେମାନେ କେବଳ ସୁଧ ହିଁ ଋଣ ଦିଅନ୍ତି ।

ଗୁରୁ : ଆଉ ତା'ପରେ ?

ହରିରାମ : ଆଉ ତା'ପରେ ଆମେ ବିକଶିତ ଦେଶଗୁଡ଼ିକୁ ବିକଶିତ ବୋଲି ବିବେଚନା କରୁ ।

(୭)

ଗୁରୁ : ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ : ବିକଶିତ ଦେଶମାନଙ୍କରେ ବୃଦ୍ଧମାନେ ଅଲଗା ରହନ୍ତି ।

ଗୁରୁ : ଆଉ ଯୁବକ ?

ହରିରାମ : ସେମାନେ ମଧ୍ୟ ଅଲଗା ରହନ୍ତି ।

ଗୁରୁ : ଆଉ ମଧ୍ୟବୟସ୍କ ?

ହରିରାମ : ସେମାନେ ବି ରହନ୍ତି ଅଲଗା ।

ଗୁରୁ : ତେବେ ସେଠାରେ କେଉଁମାନେ ଏକାଠି ରହନ୍ତି ?

ହରିରାମ : ସମସ୍ତେ ନିଜେ ନିଜ ସହ ରହନ୍ତି ।

(୮)

ଗୁରୁ : ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ : ବିକଶିତ ଦେଶମାନଙ୍କରେ ଅଧିକ ମାନସିକ ରୋଗୀ ଥାଆନ୍ତି ।

ଗୁରୁ : କାହିଁକି ? ଶାରୀରିକ ରୋଗୀ କ'ଣ ନାହାନ୍ତି ?

ହରିରାମ : କାରଣ ସେମାନେ ଶରୀରକୁ ନିୟନ୍ତ୍ରଣ କରିନେଇଛନ୍ତି, ତେବେ ମନ ଉପରେ କୌଣସି ନିୟନ୍ତ୍ରଣ ରଖିପାରି ନାହାନ୍ତି ।

(୯)

ଗୁରୁ : ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ : ବିକଶିତ ଦେଶମାନଙ୍କରେ ଛାଡ଼ପତ୍ର ମାତ୍ରା ଅଧିକ ।

ଗୁରୁ : କାହିଁକି ?

ହରିରାମ : କାରଣ ସେଠିକା ଲୋକ ବେଶୀ ପ୍ରେମ କରନ୍ତି ।

ଗୁରୁ : ପ୍ରେମ ବିବାହ ପରେ ଛାଡ଼ପତ୍ର କାହିଁକି ହୁଏ ?

ହରିରାମ : ପୁଣି ଆଉ ଗୋଟେ ପ୍ରେମ କରିବାକୁ ।

(୧୦)

ଗୁରୁ: ହରିରାମ, ବିକଶିତ ଦେଶର ବିଷୟରେ କହ ।

ହରିରାମ : ବିକଶିତ ଦେଶ ମାନବାଧିକାରକୁ ନେଇ ବେଶ୍ ସଚେତନ ।

ଗୁରୁ : କାହିଁକି ?

ହରିରାମ : କାରଣ ବିଶ୍ୱରେ ତାଙ୍କର ସର୍ବବୃହତ ସାମରିକ ଶକ୍ତି ଅଛି ।

ଗୁରୁ : ସାମରିକ ଶକ୍ତି ଆଉ ମାନବାଧିକାର ମଧ୍ୟରେ ସମ୍ପର୍କ କ'ଣ ?

ହରିରାମ : ଗୁରୁଦେବ, ବିକଶିତ ଦେଶ ସାମରିକ ଶକ୍ତି ମାଧ୍ୟମରେ ହିଁ ମାନବିକ ଅଧିକାରର ସୁରକ୍ଷା କରନ୍ତି ।

ବେହେରା, ଧର୍ମଗଡ଼, କଳାହାଣ୍ଡି
ମୋ : ୮୬୩୭୨୯୯୫୯୫

କବି ଓ ଚିନ୍ତକ ଡ. ଭବାନୀ ଶଙ୍କର ନିଆଲଙ୍କ ନୂଆ ବହି ଏବେ ବଜାରରେ



ପ୍ରକାଶକ:
ଶ୍ରୀରୂପା
ରାମନଗରପଡ଼ା
ଭବାନୀପାଟଣା-୭୬୬୦୦୧
ମୋ.୯୪୩୭୭ ୦୦୦୩୭

ଆପଣ ବହି ଛାପିବାକୁ ଚାହୁଁଛନ୍ତି...
ଶ୍ରୀରୂପା ସହ ଯୋଗାଯୋଗ କରନ୍ତୁ

ଦୀପ

ମୂଳ ରଚନା: ନରେନ୍ଦ୍ର ଦାମୋଦର ମୋଦୀ

ଅନୁସୃଜନ: ଡ. ରବିନାରାୟଣ ମହାରଣା

ସମସ୍ତେ ମିଶିକି ରାଧାର କାଚଗୁଡ଼ିକୁ ଭାଙ୍ଗିଦେଲେ । ପିନ୍ଧିବା ପାଇଁ ଅଣାଯାଇଥିବା ନୂଆ କଳା ଶାଢ଼ିଟିକୁ ରାଧାର ଦେହ ଉପରେ ପକାଇଦେଲେ । ଏମିତି ମନେ ହେଉଥିଲା ଯେ ସେ ଠିଆହୋଇ ଚାଲିବା ଆରମ୍ଭ କରୁକରୁ ମୁଣ୍ଡ ବୁଲାଇଦେବାରୁ ତଳେ ପଡ଼ି ଯାଉଯାଉ ବଂଚିଗଲା ।

ରାଧାର ଜୀବନରେ ମଧ୍ୟ ନିଜ ଦେହରେ ଢାଙ୍କି ହୋଇ ରହିଥିବା କଳା ଶାଢ଼ି ପରି ଅନ୍ଧାର ଘେରି ରହିଥିଲା । ଏକେତ ତା' ଜୀବନ ଆରମ୍ଭ ମାତ୍ର ହେଉଥିଲା । ଆଉ .....ତାହାର କହ୍ନେଇ ବାବୁ ଜୀବନ ଲୀଳା ସମ୍ବରଣ କରିନେଲେ ।

ଦୀର୍ଘଦିନ ଧରି ଭୋଗୁଥିବା ରୋଗ ଶେଷରେ କହ୍ନେଇ ବାବୁଙ୍କୁ ମୃତ୍ୟୁର ଶରଣ ନେବାକୁ ବାଧ୍ୟ କରିଦେଲା । ହେଲେ ...ରାଧା ପାଇଁ ତାହା କେବଳ କହ୍ନେଇ ବାବୁଙ୍କ ମୃତ୍ୟୁ ନ ଥିଲା । ତାହାର ତ ଜୀବନ ଦୀପ ଲିଭି ଯାଇଥିଲା ।

ମୃତ୍ୟୁ ସହିତ ସଂଗ୍ରାମ କଲାବେଳେ ରାଧା ଛଡ଼ା କହ୍ନେଇଙ୍କ ପାଖରେ ଆଉ ତ ଅନ୍ୟ କେହି ଜଣେ ଟିକିଏ ସାନ୍ତ୍ୱନା ଦେବାକୁ ମଧ୍ୟ ନଥିଲେ ।

କହ୍ନେଇ ବାବୁ କିଛି ରୋଜଗାର କରୁ ନଥିଲେ । ତେଣୁ ସେ ସମସ୍ତଙ୍କ ପାଇଁ ଅଦରକାରୀ ଥିଲେ ।

ରାଧା ଜାଣିଥିଲା ଯେ ଘରର ସମସ୍ତ ସଦସ୍ୟମାନଙ୍କ ପାଇଁ ମୃତ୍ୟୁର ଅନ୍ୟ ନାମ ଥିଲା କହ୍ନେଇ ବାବୁ । ଏଣୁ ଯେତିକି ମୃତ୍ୟୁର ଦେଖାଚାହାଁ କରିବା କଥା, ସେତିକି ଦେଖା ଶୁଣା କହ୍ନେଇକୁ ମାତ୍ର କରାଯାଉଥିଲା । ତାହାଠାରୁ ତିଳେ ମାତ୍ର କେବେ ଅଧିକ ନୁହେଁ ।

ରାଧା ପାଇଁ ଏହି ସବୁ ଦେଖିବା ଛଡ଼ା ଆଉ କିଛି ବାଟ ନଥିଲା । ଧୀରେ ଧୀରେ ଯାଇ କହ୍ନେଇ ବାବୁଙ୍କ ଶବ ପାଖରେ ପହଂଚୁ ପହଂଚୁ ତା' ମନକୁ ଗୋଟେ କଥା ଆସିଲା ।

ରାଧାର ହୃଦୟ ବାରମ୍ବାର ଚିତ୍କାର ଉଠୁଥିଲା- "କହ୍ନେଇ ବାବୁ ମରିଗଲେ, ହେଲେ ତାଙ୍କର ମରିବାର ନଥିଲା । ତାଙ୍କୁ କେବଳ ମରିବାକୁ ପଡ଼ିଲା । ଜୀଇଁବାର ଇଚ୍ଛା ଥାଇ ବି ତାଙ୍କୁ ମରିବାକୁ ପଡ଼ିଲା ।"

ରାଧାର ଆଖି କହ୍ନେଇ ବାବୁଙ୍କ ଶରୀର ଆଡ଼କୁ ଗଲା ।

ଏବେ ବି ତାଙ୍କର ଚେହେରା ସବୁଦିନ ପରି ବଂଚିବା ପାଇଁ ଆକୁଳ ନିବେଦନ କରୁଥିଲା; ଏମିତି କାହିଁକି ରାଧାର ମନେହେଲା ।

ଘରଲୋକମାନେ ତ ତାହାର ଅନ୍ତିମ ଯାତ୍ରା ପାଇଁ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ ।

କହ୍ନେଇ ବାବୁଙ୍କ ମା' ତାଙ୍କର ପାଦ ପାଖରେ ଦୀପଟିଏ ଜାଳି ଦେଇଥିଲେ । ରୀତି ନୀତି ଅନୁସାରେ ଯେତେବେଳ ପର୍ଯ୍ୟନ୍ତ କହ୍ନେଇ ବାବୁଙ୍କ ଅନ୍ତିମ ସଂସ୍କାର ସଂପୂର୍ଣ୍ଣ ନ ହୋଇଛି, ସେତେବେଳ ଯାଏ ଦୀପଟିଏ ଜଳୁଥିବ ।

ରାଧାର ମନ ଅଶାନ୍ତ ହୋଇ ଉଠିଲା - 'କେହି କହ୍ନେଇ ବାବୁଙ୍କ ଔଷଧପାଇଁ ଚାମୁଚିଏ ଘଅ ବି ଦେଉ ନ ଥିଲେ, ଆଜି ଦୀପକୁ ଭର୍ତ୍ତି କରିରଖିଛନ୍ତି କେବଳ ଜାଳିବା ପାଇଁ ।'

ରାଧାର ମନ କହ୍ନେଇ ବାବୁଙ୍କ ମୃତ୍ୟୁ ସମ୍ବନ୍ଧୀୟ ଘଟଣା ମଧ୍ୟରେ ଘାଣ୍ଟି ହୋଇ ଯାଉଥିଲା । ତା'ର ମନ ହେଉଥିଲା କାନ୍ଦି ପକେଇବା ପାଇଁ, ହେଲେ ତାକୁ କାନ୍ଦ ମାତ୍ର ନଥିଲା । ମାତ୍ର ଯେତେବେଳେ କହ୍ନେଇ ବାବୁଙ୍କୁ ଶ୍ମଶାନ ନେବା ପାଇଁ ଲୋକମାନେ ତାଙ୍କୁ ଉଠାଇବାକୁ ଆରମ୍ଭ କଲେ, ସେତିକି ବେଳେ ତା'ର ବୁକୁଫଟା କାନ୍ଦଣା ଆରମ୍ଭ ହୋଇଗଲା । ତା'ର କାନ୍ଦଣା ଅବିରତ ଭାବରେ ଲାଗି ରହିଲା ଓ ସେ ଛିଡ଼ା ହୋଇଥିବା ଅବସ୍ଥାରେ ହିଁ ମୂର୍ଚ୍ଛା ହୋଇ ପଡ଼ିଗଲା ।

ଏହା ଫଳରେ କହ୍ନେଇ ବାବୁଙ୍କ ମା'ଙ୍କ ଦ୍ୱାରା ଜଳାଇ ରଖା ଯାଇଥିବା ଦୀପଟି ହଲିଗଲା ଓ ସେଥିରେ ଥିବା ଘିଅ ଚହଲିଯିବା ଫଳରେ ଦୀପଟି ଲିଭିଗଲା ।

ଏହା ଦେଖି କହ୍ନେଇ ବାବୁଙ୍କ ମା' ଜୋରରେ କାନ୍ଦି କାନ୍ଦି କହିବାକୁ ଲାଗିଲେ, "ରାଣ୍ଡ ! ତୁ ମରୁନୁ, ତୋର ସତ୍ୟାନାଶ ହେଉ ଲୋ । ରାଣ୍ଡ ତ କାହାର ଭଲ ଦେଖି ପାରେ ନାହିଁ - ଦୀପଟାକୁ ଲିଭେଇ ଦେଲା ଲୋ !....."

କହ୍ନେଇଙ୍କ ମା' ରାଧାଙ୍କୁ ଶୋଧିବାରେ ଆଉ କିଛି ବାକି ରଖି ନଥିଲେ । ହେଲେ ସେ ସବୁକୁ ଶୁଣିବାକୁ ରାଧାର ହୋସ୍ ନଥିଲା ।

ଦରଘା ବଜାର, କଟକ ।

ମୋ.: ୭୯୭୮୯ ୭୭୫୩୩



ଆମେ ବଂଚିକି ଅଛୁ । ଏହା କ'ଣ କମ୍ ଚମତ୍କାର !

ଅନୁସୃଜନ: ଡ. ତପନ କୁମାର ରଥ

ନରୱେର 'ନ୍ୟୁ ଇବ୍‌ସନ୍' ଭାବରେ ଜଣାଶୁଣା ଔପନ୍ୟାସିକ, କବି ତଥା ନାଟ୍ୟକାର ଜନ୍ ଫସେ (Jon Fosse) ୨୦୨୩ ବର୍ଷ ପାଇଁ ସାହିତ୍ୟରେ ନୋବେଲ୍ ପୁରସ୍କାରର ବିଜେତା ହେଲେ ତାଙ୍କର 'ନୂତନ ସର୍ଜନମୂଳକ ନାଟକ ତଥା ଗଦ୍ୟ ରଚନା ପାଇଁ ଯାହା ଅନେକ ଅକୁହା କଥାର ଲିପିକାର ।'

ପଶ୍ଚିମ ନରୱେର ହାଉଗ୍‌ସଣ୍ଡରେ ୧୯୫୯ ମସିହାରେ ଜନ୍ମିତ ଜନ୍ ଫସେଙ୍କ ଲେଖନୀ ମୁନରୁ ଝରିଛି ଅନେକ ଉପନ୍ୟାସ, ପ୍ରବନ୍ଧ ସଂକଳନ, କବିତାଗୁଚ୍ଛ, ଶିଶୁ ସାହିତ୍ୟ ତଥା ଅନୁବାଦ ସାହିତ୍ୟ ଛଡ଼ା ଝଲିଶଗୋଟି ବହୁମୂଲ୍ୟ ନାଟକ । ତାଙ୍କର ଲେଖାଗୁଡ଼ିକ ଅନ୍ୟୂନ ପଝଶଟି ଭାଷାରେ ଅନୁଦିତ ହୋଇ ଜନାଦୃତ ହୋଇଛି । ମାତ୍ର ବାରବର୍ଷ ବୟସରେ କବିତା ଓ ଗଳ୍ପ ଲେଖାଲେଖି ଆରମ୍ଭ କରି ଦେଇଥିଲେ ଜନ୍ । ନରୱେର ମୁଖ୍ୟ ଭାଷା 'ବୋକ୍‌ମାଲ'ରେ ନ ଲେଖି ସେ ନିଜ ଆଞ୍ଚଳିକ ଭାଷା ବା ଲୋକଭାଷା 'ନାଇନୋର୍ସ୍କ' (Nynorsk)ରେ ସୃଷ୍ଟି କଲେ ଅଭୂତପୂର୍ବ ସାହିତ୍ୟ । କାହିଁକିନା ଯେଉଁ ଭାଷାର କୋଳରେ ସେ ପିଲାଟି ଦିନରୁ ବଢ଼ି ଆସିଛନ୍ତି ସେଇ ଭାଷାକୁ ଛାଡ଼ି ଲେଖିବା ତାଙ୍କ ପାଇଁ ସମ୍ଭବ ହେଲା ନାହିଁ । ୧୯୮୩ ମସିହାରେ ପ୍ରକାଶ ପାଇଲା ତାଙ୍କର ପ୍ରଥମ ଉପନ୍ୟାସ 'Red, Black' ଏହାପରେ ସ୍ୱତଃସ୍ଫୁର୍ତ୍ତ ଭାବରେ ନିଃସୃତ ହେଲା ଗୋଟିଏ ପରେ ଗୋଟିଏ ଉପନ୍ୟାସ ଓ ନାଟକ । ତାଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସଗୁଡ଼ିକ ଭିତରୁ 'Melacholia', 'Morning and Evening' ଓ ପରେ ସାତ ଖଣ୍ଡ ବିଶିଷ୍ଟ ଉପନ୍ୟାସ 'Septology' ପ୍ରକାଶ ପାଇଥିଲା । ସେ ଯଦିଓ ଜଣେ କବି ଓ ଔପନ୍ୟାସିକ ଭାବରେ ନିଜର ଲେଖା ଜୀବନ ଆରମ୍ଭ କରିଥିଲେ ୧୯୯୦ ଦଶକରେ ନିଜକୁ ଜଣେ 'ନାଟ୍ୟକାର' ଭାବରେ ପ୍ରତିଷ୍ଠିତ କରିପାରିଥିଲେ । ପ୍ରଥମ ନାଟକ 'Someone is Going to Come'ରୁ ନାଟ୍ୟ ଜଗତରେ ପାଦ ଦେଇଥିବା ନାଟ୍ୟକାର ଜନ୍ ଆଉ ପଛକୁ ଫେରି ଝହିଁନାହାନ୍ତି ।

ସେ ସ୍ୱୀକାର କରନ୍ତି ଯେ - ସେ ଲେଖିବା ବେଳେ ଗୋଟିଏ 'ନୀରବ-ଭାଷା' ସ୍ୱତଃ ଲେଖା ଭିତରକୁ ଝଲିଆସେ ।' ସେଇ ନୀରବ-ଭାଷା ନିଜେ ବ୍ୟକ୍ତ କରେ ସବୁକିଛି । ମୋତେ ଲାଗେ ମୁଁ ସେଇ ନୀରବ-ଭାଷାରେ ଫିସ୍ ଫିସ୍ କହୁଥିବା ସ୍ପଷ୍ଟ ଶୁଣିପାରେ ।'

ଜନ୍ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି - 'ମୁଁ ଯେତେବେଳେ ଲେଖା ଆରମ୍ଭ କରେ ମୁଁ କେବେ ଅନୁଭବ ବି କରିପାରେନା ଯେ ମୁଁ ନୂଆ ଲେଖାଟିଏ ସୃଷ୍ଟି କରିପାରିବି । ମୁଁ କେବେ ଯୋଜନାବଦ୍ଧ ଭାବରେ ଲେଖା ଆରମ୍ଭ କରେନା । ମୁଁ କେବଳ ଲେଖିବା ପାଇଁ ବସେ ଓ ଲେଖା

ଆରମ୍ଭ କରେ ବାସ୍ ସେତିକି । ମୋତେ ବେଳେବେଳେ ଏମିତି ଲାଗେ ଯେ ସେଇ ଲେଖାଟି ଲେଖା ସରିଛି ଆଉ ମୁଁ ଖାଲି ତାକୁ ଲିପିବଦ୍ଧ କରିବା କାମଟା କରୁଛି ।'

ସମୀକ୍ଷକମାନେ ଜନ୍ ଫସେଙ୍କୁ ଜର୍ଜ ବର୍ଣ୍ଣାଡ଼ ଶ, ସାମୁଏଲ ବେକେଟ ବା ନରୱେର ପ୍ରଖ୍ୟାତ ନାଟ୍ୟକାର ହେନେରିକ୍ ଇବ୍‌ସନ୍‌ଙ୍କ ସହିତ ତୁଳନା କରି ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ସବୁ ଉପନ୍ୟାସରେ, ନାଟକରେ ଓ କବିତାର ପ୍ରତିଟି ଧାଡ଼ିରେ ଶାନ୍ତି, ପ୍ରେମ ଓ ମୈତ୍ରୀ ଭାବରେ ସିକ୍ତ କରୁଥିବା ଏକ ସୁନ୍ଦର ବ୍ୟକ୍ତିତ୍ୱ ଜନ୍ ଫସେ । The Movements of the Dog କବିତାରେ ସେ ଗାଇ ଉଠନ୍ତି–

"ଫେର୍ ଥରେ
ମନ ଖୋଲି ହସିଲା ପିଲାଟି
ଯଦି ତୁମେ ଶୁଣିପାର
ମୋ' ମନର କଥା କାନଡ଼େରି
ତା'ହେଲେ ଆଉ ଥରେ
ତା'କୁ ସେମିତି ଛାଡ଼ିଦିଅ ମୁକ୍ତ ଭାବରେ
ମନ ଖୋଲି ହସିବାକୁ ।
ମନଭରି ବର୍ଷାକୁ ବର୍ଷିବାକୁ ଦିଅ
ସୂର୍ଯ୍ୟଙ୍କ ଖୋଲା ଆଖିରେ
ବଢ଼ିବାକୁ ଦିଅ ତାତିକୁ ହୁ ହୁ
ପବନକୁ ବି ମୁକ୍ତ ଭାବରେ ବହିବାକୁ ଦିଅ
ମୋ'ର ହୃଦୟର ସ୍ପନ୍ଦନକୁ ବି
ସେମିତି ଧକ୍ ଧକ୍ ହେବାକୁ ଦିଅ।"

ମର୍ଭେ ଏମ୍ର : ଆପଣଙ୍କୁ ସାମ୍ନା ସାମ୍ନି ବସି କାହାକୁ ସାକ୍ଷାତ୍‌କାର ଦେବାକୁ ଭଲ ଲାଗେନା ବୋଧହୁଏ ।

ଜନ୍ ଫସେ : ହଁ ମୁଁ ଇ-ମେଲ୍‌ରେ ସାକ୍ଷାତ୍‌କାର ଦେବା ପାଇଁ ଭଲ ପାଇଥାଏ । କାହିଁକିନା ମୋତେ ଲାଗେ ଇଂରାଜୀରେ ବି ଲେଖିବାଟା ମୋତେ ଟିକିଏ ସହଜ ଲାଗେ କହିବା ଅପେକ୍ଷା ।

ଏମ୍ର : ମୁଁ ଅନେକ ଲେଖକଙ୍କର ସାକ୍ଷାତକାର ନେଇଛି ଯେଉଁମାନେ ଲେଖିକି ସାକ୍ଷାତ୍‌କାର ଦେବା ପାଇଁ ଉଚିତ ମନେକରନ୍ତି କାରଣ ସେମାନେ ପ୍ରାୟ ଭଲ ବକ୍ତା ନୁହନ୍ତି ।

ଜନ୍ : ହଁ ମୋର ମଧ୍ୟ ଠିକ୍ ସେଇ କଥା । ମୁଁ ସବୁକଥା ସିଧା ସାକ୍ଷାତ୍‌କାରରେ କହିବାକୁ ଅସମର୍ଥ । ୱିଟ୍‌ଜେନ୍‌ସନ୍‌ଙ୍କ ଭାଷାରେ ଆମେ ଯାହା କହିପାରିବା ନାହିଁ ସେତେବେଳେ ନୀରବ ରହିବା ହିଁ ଠିକ୍ ହେବ । ଜେକସ୍ ଡେରିଡାଙ୍କ ଭାଷାରେ - ଆମେ ଯେତେବେଳେ କୌଣସି କଥା ବ୍ୟକ୍ତ କରିପାରୁନା ସେତେବେଳେ ତାହା ଲେଖା ମାଧ୍ୟମରେ ପ୍ରକାଶ କରିବା ଉଚିତ ହେବ ।

ଏମ୍ର : ଡେରିଡାଙ୍କ ଦର୍ଶନ ଆପଣଙ୍କ ପ୍ରବନ୍ଧଗୁଡ଼ିକର ଛତ୍ରେ ଛତ୍ରେ ପ୍ରତିଫଳିତ । ଯେମିତିକି "An Angel Walks Through the Stage". ଡେରିଡାଙ୍କ ଚିନ୍ତାଧାରା ଓ ଦର୍ଶନର ପ୍ରଭାବ ଆପଣଙ୍କ ଅନେକ ନାଟକ ଓ ଉପନ୍ୟାସରେ ଦେଖିବାକୁ ମିଳେ ।

ଜନ୍ : ମୁଁ ଡେରିଡ଼ାଙ୍କୁ ପଢ଼ିବା ଆରମ୍ଭ କରିଥିଲି ୧୯୭୯ ମସିହାରେ ଯେତେବେଳେ କି ବିଶ୍ୱବିଦ୍ୟାଳୟଗୁଡ଼ିକ ମାର୍କସ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଆମ ଲେଖକ ଓ ଅଧ୍ୟାପକମାନେ ସେତେବେଳେ ମାଓଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେଇଟା ସେହି ସମୟର ଆହ୍ୱାନ ଥିଲା । ମୁଁ ବି କେମିତି ସୋସିଓଲୋଜି ପଢ଼ିବା ଆରମ୍ଭ କରିଦେଇଥିଲି । ପରେ ମୁଁ ଦର୍ଶନର ଅଧ୍ୟୟନ କରି ଜୀବନର ସକାରାତ୍ମକତା ବିଷୟରେ ଅବଗତ ହେଲି । ସେତେବେଳେ ପ୍ରଥମ ଥର ପାଇଁ ମୁଁ ଡେରିଡାଙ୍କୁ ପଢ଼ିବାର ସୁଯୋଗ ପାଇଥିଲି ନରୱେର କୌଣସି ଏକ ଗାଁରେ । ସେଇଟା ଡେନିସ୍ ଭାଷାରେ ଅନୁଦିତ ହୋଇଥିବା 'Of Grammatology'.

'Of Grammatology' ମୋତେ ପ୍ରଭାବିତ କରିଛି । Martin Heideggerଙ୍କୁ ଆପଣ ପଢ଼ିଥିବେ ନିଶ୍ଚୟ । ମୁଁ ତାଙ୍କ ଲେଖାସବୁ ପଢ଼ିଛି । ଲେଖାସବୁ ଟିକିଏ କ୍ଲିଷ୍ଟ ମନେ ହେଲେ ବି ଖୁବ୍ ପ୍ରଭାବଶାଳୀ । Derrida ଓ Heidoggerଙ୍କ ଭିତରେ ଗୋଟିଏ ସୂକ୍ଷ୍ମ ତଫାତ୍ ଅଛି । ହେଇଜରଙ୍କ ଦୃଷ୍ଟିକୋଣରେ ସ୍ରଷ୍ଟାଙ୍କ ଦ୍ୱାରା ସୃଷ୍ଟ ସମସ୍ତଙ୍କ ଭିତରେ ଯାହାସବୁ ଆମର ଦୃଷ୍ଟିଗୋଚର ହେଉଛି ସେମାନଙ୍କ ଭିତରେ କ'ଣ ସମାନତା ଅଛି ? କିନ୍ତୁ ଡେରିଡା ତା'ର ଠିକ୍ ବିପରୀତ କଥା କହନ୍ତି ଯେ - କ'ଣ ଏମିତି ଶକ୍ତି ଅଛି ଯାହା କି ଏହି ସୃଷ୍ଟିର ସମସ୍ତ ସ୍ଥିତ ପ୍ରାଣୀଙ୍କ ଭିତରେ ଏତେ ପାର୍ଥକ୍ୟ ସୃଷ୍ଟି କରିଛି ? ମୁଁ ଭାବେ ଲେଖିବାଟା ହିଁ ପୂରା ଅଲଗା କଥା । ଏହା ଭାଷାରେ ବ୍ୟକ୍ତ କରି ହେବ ନାହିଁ । ସେଥିପାଇଁ ମୁଁ ଭଲପାଇ ବସିଲି ଡେରିଡାଙ୍କ ଲେଖାକୁ ।

ତା'ପରେ ମୁଁ ପଢ଼ିଲି ଏହି ତୁଳନାତ୍ମକ ସାହିତ୍ୟ ବା Comparative Literature କିନ୍ତୁ ସେତେବେଳେକୁ ମୁଁ ମୋର ପ୍ରଥମ ଉପନ୍ୟାସ ଲେଖି ସାରିଥାଏ । ମୋର ମୁଖ୍ୟ ବିଷୟବସ୍ତୁଟି ତ ସବୁବେଳେ ଉପନ୍ୟାସର 'ସିଦ୍ଧାନ୍ତ' ବା Theory । ଏହି ସିଦ୍ଧାନ୍ତର ମୂଳରେ ଥାଏ ଲେଖକ ଓ ତାଙ୍କର ଚିନ୍ତାଧାରା, ବର୍ଣ୍ଣନାଶୈଳୀ, ଚରିତ୍ରର ଅବତାରଣା ଏବଂ ତାଙ୍କର ଦୃଷ୍ଟିକୋଣ । ଏହିସବୁ ଗୁରୁତ୍ୱପୂର୍ଣ୍ଣ ଅଟେ । କିନ୍ତୁ ସବାମୂଳରେ ଥାଆନ୍ତି ଲେଖକ । ତେଣୁ ମୋର ମତରେ ଯାହା କିଛି ଲେଖାଯାଏ ସେଇ ସବୁର ଛତ୍ରେଛତ୍ରେ ଲେଖକ ନିଜେ ବିଦ୍ୟମାନ ଥାଆନ୍ତି ବୋଲି ମୋର ବିଶ୍ୱାସ । ଏବେ ମୁଁ ସ୍ଥିର କରିଛି ଏହି ବିଷୟରେ ଲେଖକକୁ ଲେଖାର କେନ୍ଦ୍ରବିନ୍ଦୁ ଭାବରେ ରଖି ଗୋଟିଏ ସିଦ୍ଧାନ୍ତ (Theory) ରଚନା କରିବି ।

ମୁଁ ଯେତେବେଳେ ମାତ୍ର ବାର କି ତେର ବର୍ଷର ହୋଇଥିଲି

ସେତେବେଳେ ମୁଁ ମୋର ପ୍ରଥମ ଗୀତି କବିତା ଲେଖିଥିଲି । ସେଇ ଛୋଟ ବୟସରେ ମୁଁ କିଛି ଗପ ଓ କବିତା ଲେଖି ଲେଖକ ଭାବରେ ମୋର ମୂଲ୍ୟାୟନ ପକେଇଥିଲି । ପରେ ମୁଁ ଅନୁଭବ କଲି ଯେ ଯେତେବେଳେ ମୁଁ ଖାଲି ନିଜ ବିଷୟରେ ଓ ନିଜପାଇଁ ଲେଖୁଛି ସ୍କୁଲ ପାଇଁ ଲେଖୁନି ସେତେବେଳେ ମୋର ଲେଖାସବୁ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଯାଉଛି । ମୁଁ ସେତେବେଳେ ଗୋଟିଏ ଜାଗା ବାଛିଥିଲି ଯେଉଁଠି ମୁଁ ନିରାପଦରେ ରହିବାକୁ ଭଲପାଏ ।

ଏମ୍ପ୍ରେ : ସେଇ ନିରାପଦ ସ୍ଥାନ ବିଷୟରେ କିଛି କହିବେ କି ?

ଜନ୍ : ହଁ ନିଶ୍ଚିତ ଭାବରେ ଏହା ଏକ ନିରାପଦ ସ୍ଥାନ । ଏହି ସ୍ଥାନଟି ମୁଁ ଖୁବ୍ ଛୋଟ ବେଳେ ମାତ୍ର ବାରବର୍ଷ ବୟସରେ ଖୋଜି ପାଇଥିଲି । ଏବେ ମୋତେ ବାଷଠି ବର୍ଷ ହେଲା ଆଉ ଏବେ ବି ସେ ସ୍ଥାନଟି ସୁରକ୍ଷିତ ହୋଇ ରହିଛି ମୋ' ଭିତରେ । ମୋ' ଭିତରେ ଥିବା ଏହି ସ୍ଥାନଟି ଅବଶ୍ୟ ମୋ'ଠାରୁ ଭିନ୍ନ ଗୋଟିଏ ବ୍ୟକ୍ତି ଭାବରେ । ସାଧାରଣତଃ ମୁଁ ମୋ' ପରିଚୟ ଦେଇ କହେ - ମୁଁ ଜନ୍ ଫସେ । କିନ୍ତୁ ସମସ୍ତଙ୍କ ପାଇଁ ବାହାରର ଯେତେ ଲୋକଙ୍କ ପାଇଁ ମୁଁ ତ ଜନ୍ ଫସେ ଅଟେ । ହେଲେ ମୋ' ଭିତରେ ଥିବା ଲେଖକର ନିର୍ଦ୍ଦିଷ୍ଟ ନାଁ କିଛି ନାହିଁ । ସେଇ ଅଜଣା ନିରାପଦ ଇଲାକାରୁ ଖାଲି ଶୁଣିପାରିବ । ଏଇଠୁ ହିଁ ମୋର ଯାତ୍ରା ଆରମ୍ଭ ହୁଏ କେଉଁ ଏକ ଅଜଣା ଇଲାକାକୁ । କିନ୍ତୁ ଏହି ଯାତ୍ରାରେ ମୋତେ ମୋର ମସ୍ତିଷ୍କର ଦିଗ୍‌ବଳୟର ଶେଷ ସୀମାରେଖା ଯାଏଁ ଯିବାକୁ ପଡ଼ିବ, ତା'ପରେ ତାକୁ ଲଂଘିବାକୁ ପଡ଼ିବ । ଏଥିରେ ଟିକେ ଭୟଜାତ ହୁଏ ଯଦି କେହି ନିଜ ଭାବକୁ ନେଇ ନିଜ ଭିତରେ ଦ୍ୱିଧା ବିଭକ୍ତ ହୋଇଥାଏ । ମୁଁ ଏମିତି ଅନୁଭବ କରୁଥିଲି କିଛି ବର୍ଷ ଧରି ପ୍ରାରମ୍ଭରେ । ସେତେବେଳେ ତ ମୁଁ ସାହାସ କରିପାରୁ ନଥାଏ ଲେଖିବା ପାଇଁ ଯାହା ବି ଭାବୁଥାଏ । କାହିଁକିନା ମୁଁ ଡରି ଯାଉଥାଏ ମୋ' ଭିତରେ ଥିବା ଦିଗ୍‌ବଳୟର ସେପାରିକୁ ଲଂଘି ଯିବା ପାଇଁ । ପରେ ପରେ ମୁଁ ବୁଝିପାରିଲି ଯେ ମୋ' ଆଗରୁ ଅନେକ ଲେଖକ ବି ତ ଲେଖିସାରିଛନ୍ତି । ତେଣୁ ଯେଉଁ ଭାବଟା ଆସୁଛି ତାହା ଚଲିଯିବା ଆଗରୁ ମୋତେ ଖାଲି ତାହା ଲେଖାଦେବାର ଅଛି ।

ବେଳେବେଳେ ମୋ' ମନକୁ ଯେମିତି ଆସିଲା ସେମିତି ଲେଖିଚଲିଲି । ଯେମିତି ମୋର "Morning and Evening" ବା Someone is Going to Come ନାଟକରେ ମୁଁ ଯାହା ମୋର ଭିତରୁ ସ୍ୱତଃ ଆସିଲା ସେମିତି ଲେଖି ଚଲିଲି ସେଥିରେ କୌଣସି ବି ପରିବର୍ତ୍ତନ ନକରି । କିନ୍ତୁ ମୋର ଲମ୍ବା ଉପନ୍ୟାସ 'Septology' ଲେଖିସାରିବା ପରେ ମୁଁ କେତେକ ପରିବର୍ତ୍ତନ କରିଛି ।

ଏଇ ଅନୁଭୂତି ଖୁବ୍ ଅନନ୍ୟ । ପ୍ରତିଥର ଏକ ନୂଆ ଇଲାକା, ନୂଆ ଅନୁଭୂତି ଆଉ ନୂଆ ଦୁନିଆର ଅନୁଭୂତି ନେଇ ଲେଖିବା ଖୁବ୍ ଆନନ୍ଦଦାୟକ । ମୁଁ ସବୁବେଳେ ଭାବେ ଯେ କେତେବେଳେ ଏମିତି ବି ସମୟ ଆସିପାରେ ଯେତେବେଳେ ମୁଁ ଆଉ କିଛି ବି ଲେଖିପାରିବି ନାହିଁ । ଠିକ୍ ଅଛି । ସେମିତି ବି ହୋଇପାରେ କାରଣ ଏହା ଏକ ବିଭୁ ଦତ୍ତ ଉପହାର । ମୁଁ ଜାଣେନା ମୋ' ପାଖକୁ କେମିତି ଆସିଲା ଆଉ କେବେ ପୁଣି ଚଲିଯିବ ।

ଏମ୍ପ୍ରେ : ମୁଁ ସେଇ ଅକାତକାତ ଜଳରାଶିର କଥା ଭାବୁଥାଏ, ଭାବୁଥାଏ ତା'ଭିତରର ଘନ ଅନ୍ଧକାର, ନୀରବତା ଆଉ ଅଜଣା ଦୁନିଆର କଥା । ଆପଣଙ୍କ ପିଲାଦିନଟା ପ୍ରାୟ ବିତିଯାଇଛି ସେଇ ରାଶିରାଶି ଜଳ ଜଗତର ମଝାମଝି ଗୋଟିଏ ଡଙ୍ଗା ଉପରେ । ଆପଣ ଯେଉଁ ମାହୋଲ୍‌ରେ ବଢ଼ିଛନ୍ତି ସେଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଆପଣଙ୍କ ଲେଖାର ମିଜାଜ୍ ।

ଜନ : ମୁଁ ଓ ମୋ' ସାଙ୍ଗର ପ୍ରାୟ ପିଲାମାନଙ୍କର ପିଲାଦିନ ବିତିଛି ଏମିତି ଖୋଲାଖୋଲି ମାହୋଲରେ ଯେଉଁଠି କିଛି ବି ଆକଟ ନଥିଲା । ଆମକୁ ମାତ୍ର ସାତ କି ଆଠ ବର୍ଷ ହେଲାବେଳକୁ ଡଙ୍ଗାରେ ଏକଲା ଏକଲା ଏଇ ଅଗାଧ ଜଳରାଶିରେ ଯିବା ପାଇଁ ଅନୁମତି ମିଳିଯାଉଥିଲା । ମୋ' ପିଲାଦିନର ସବୁଠାରୁ ସୁନ୍ଦର ସ୍ମୃତିଗୁଡ଼ିକ ଥିଲା ଯେତେବେଳେ ମୁଁ ମୋ' ବାପାଙ୍କ ସାଙ୍ଗରେ ମିଶି ମାଛ ମାରିବାକୁ ଚଲିଯାଉଥିଲି ଖରାଦିନ ରାତିରେ କି ଓପରଓଳି ଏମିତି ଡଙ୍ଗାଟାରେ । ଅନ୍ଧାର ନଇଁ ଆସିଲାବେଳକୁ ପରିଦୃଷ୍ଟ ଏଇ ଭୂଭାଗର ଦୃଶ୍ୟ ଅବଲୋକନର ଅନୁଭୂତି ଅବର୍ଣ୍ଣନୀୟ । ତା'କୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ ହେଲେ ରଙ୍ଗରେ କି ଧ୍ୱନିରେ ଉତୁରେଇଦେଇ ହେବ । ମୁଁ ଯେତେବେଳେ ସେ ଅନୁଭୂତିର କଥା ଲେଖେ ବା କଳ୍ପନା କରେ ସ୍ପଷ୍ଟ ଭାବରେ କିଛି କହି ହୁଏନା । ଏହା କେବଳ ନୀରବରେ ଶ୍ରବଣ କରିବାର ଅନନ୍ୟ ଅନୁଭୂତି ।

ଏମ୍ପ୍ରେ : ଆପଣ କ'ଣ ଏମିତି ଶୁଣନ୍ତି ?

ଜନ୍ : ମୁଁ ଯାହା ଲେଖେ ମୁଁ ତାହା ଶୁଣିଶୁଣି ଲେଖେ । ମୁଁ କିଛି କଳ୍ପନା କରେନା କି ଦେଖିପାରେନା । ମୁଁ ବିଲ୍‌କୁଲ୍ ଜାଣିପାରେନା ଯେ ଏହା କେମିତି ଆସେ ଆଉ କେଉଁଠୁ ଆସେ । ଅବଶ୍ୟ ଏହି ଲେଖାସବୁ ମୋ ନିଜର, ନିଜର ଭାଷା ଆଉ ମୁଁ ଗୋଟିଏ ନିମିତ୍ତ ଭାବରେ ଏଠି ଖାଲି ଲେଖିଚଲେ ।

ଆମେ ଯାହା ଲେଖୁ ତାହା ସେଇ ଲେଖା ମାଧ୍ୟମରେ ସୃଷ୍ଟି କରେ ଗୋଟିଏ ନୂଆ ଶୈଳୀ । ବିଷୟବସ୍ତୁ ସୃଷ୍ଟି କରେ ନୂଆ ଶୈଳୀ ପ୍ରତିଟି ଲେଖାସହିତ ଆଉ ତିଆରି କରେ ଆଉ ଏକ ନୂଆ ବିଶ୍ୱ । ମୋର 'Septology' ଯଦି ଗୋଟିଏ ବିଶ୍ୱର କଥା କହେ 'Trilogy' ଆଉ ଏକ ବିଶ୍ୱର କଥା କହେ ।

ଆମ୍ପ୍ରେ : ଆପଣଙ୍କ ମତରେ ଧର୍ମ ଓ ସାହିତ୍ୟର ସମ୍ପର୍କ କ'ଣ ?

ଜନ୍ : ମୋ' ଜୀବନରେ ଏହି ଧର୍ମ ପ୍ରତି ଗୋଟିଏ ପରିବର୍ତ୍ତିତ ମନୋଭାବ ହିଁ ସାହିତ୍ୟର ଏହି ଅଜଣା ଦୁନିଆରେ ପ୍ରବେଶର ଏକ ମାଧ୍ୟମ ବୋଲି ମୁଁ ବିଶ୍ୱାସ କରେ । ମୁଁ ଈଶ୍ୱର-ବିଶ୍ୱାସୀ ନ ଥିଲି । କିନ୍ତୁ

ମୁଁ ଜାଣେନା କ'ଣ ଚର୍ମକାର ହୁଏ ଯେତେବେଳେ ମୁଁ ଲେଖିବସେ । ସେଇ ଅନ୍ତରର କଥା ଯାହା ମୁଁ ଶୁଣେ ତାହା କିନ୍ତୁ କେଉଁଠୁ ଆସେ ମୁଁ ଜାଣେନା ? ବିଜ୍ଞାନ ହୁଏତ ମସ୍ତିଷ୍କର କଥା କିଛିକିଛି କହି ଦେଇପାରେ ହେଲେ ଏଇ ଯେଉଁ ଉଦ୍‌ଭାସିତ ଆଲୋକ ଓ ମର୍ମର କଥା ପୂରା ଅଲଗା । ସାହିତ୍ୟର ସିଦ୍ଧାନ୍ତ (Theory) ଠାରୁ ସାହିତ୍ୟ ଟିକିଏ ଭିନ୍ନ ଦୁନିଆର କଥା ।

ଆମ୍ରେ : ଭଗବତ୍ କୃପା ଅଛି ବୋଲି ଆପଣ ବିଶ୍ୱାସ କରନ୍ତି ?

ଜନ୍ : ମୁଁ ଏହି ପ୍ରତ୍ୟୟ ଉପରେ ଗଭୀର ଭାବରେ ଚିନ୍ତା କରୁଛି ।

ଆମ୍ରେ : ମୋ' ଉପରେ ଭଗବତ୍ କୃପା ରହିଛି ବୋଲି ମୁଁ ବିଶ୍ୱାସ କରେ । ଆପଣ ?

ଜନ୍ : ମୋ' ପାଇଁ ବି ସେଇ ସମାନ ଅନୁଭୂତି । ବେଳେବେଳେ ମୁଁ ଲେଖିବା ବେଳେ ତାହା ଅନୁଭବ କରିଛି ଯେ ଲେଖିବାଟା ହିଁ ମୋ ପାଇଁ ଭଗବତ୍-ଅନୁକମ୍ପା । ଆପଣ ମୋ'ସାମ୍ନାରେ ବସିଛନ୍ତି ଓ ମୋର ସାକ୍ଷାତ୍‌କାର ନେଉଛନ୍ତି । ମୋତେ ଲାଗେ ମୁଁ ଏଥିପାଇଁ ଯୋଗ୍ୟ ନୁହେଁ । ମୋର କିଛି ଅନନ୍ୟ ଅନୁଭୂତି ରହିଛି ଯେତେବେଳେ ମୋର ନାଟକର ପୂର୍ବାଭିନୟ (Rehearsal)ରେ ଅଭିନେତାମାନେ ମୁଁ ଲେଖିଥିବା କିଛି dialogueକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି ତା'ର ଅର୍ଥ ବୁଝିବାରେ । ମୋ' ପାଇଁ ମୋର ଅଭିନେତା ଓ ମଞ୍ଚରେ କାମ କରୁଥିବା ଅନେକ ଲୋକଙ୍କୁ ଯୋଡ଼ି ମୋର ପରିଚୟ ସୃଷ୍ଟି ହୁଏ ବୋଲି ମୁଁ ଭାବେ । ମୁଁ ଏଥିପାଇଁ ଯୋଗ୍ୟ ବୋଲି ମୁଁ ଭାବେନା ।

ମୁଁ ବିଶ୍ୱାସ କରେ, ଖାଲି ସେମିତି ଲେଖିବା ହୁଏତ ସମ୍ଭବ କିନ୍ତୁ ଭଲ ଲେଖାଟିଏ ସୃଷ୍ଟି କରିବାକୁ ହେଲେ ଭଗବତ୍ କୃପା ଆବଶ୍ୟକ । ଏମିତି କି ଏହି ଜୀବନଟା ବି ତ ଭଗବତ୍ କୃପା ବିନା ସମ୍ଭବ ନୁହେଁ । କେତେ ଜଣ ମୃତ୍ୟୁକୁ ବାଛିଥାନ୍ତି । ଏହା ଅତ୍ୟନ୍ତ ଭୀତିପ୍ରଦ । ମୃତ୍ୟୁକୁ ବି ଭଗବତ୍... ଇଚ୍ଛା ବୋଲି ଗ୍ରହଣ କରିବାକୁ ପଡ଼ିବ । ଆମେ ବଞ୍ଚିକି ଅଛୁ । ଏହା କ'ଣ କମ୍ ଚମତ୍କାର ।

ମନ୍ଦାରବଗିଚାପଡ଼ା, ଭବାନୀପାଟଣା

କ ବି ତା

ଆଉ ଯଦି ଦେଖା ନ ହୁଏ

ରାଜକିଶୋର ପାଢ଼ୀ

ଆଉ ଯଦି ଦେଖା ନ ହୁଏ ଜମା
ସବୁ ପଥ ହେଇଯିବିନି ରୁଦ୍ଧ
ସେତୁ ସବୁ ପଡ଼ିବ ନାହିଁ ଭୁଷୁଡ଼ି ।

ନିସ୍ତବ୍ଧ ରାତିରେ
ଜହ୍ନ କିରଣ ପଶି ଆସିବ ।
ଘର ଭିତରକୁ କେମିତି କେଜାଣି
କେହି ବି ପାରିବେ ନାହିଁ ଜାଣି
ତମେ କେମିତି ଠିଆ ହେଇଚ ଆସି ଆଗରେ
ଶୁଚିଶୁଭ୍ର ଶାଢ଼ିରେ
ପୂରି ଉଠିଚି ଘର ଭିତର ବାସ୍ନାରେ, ଆଲୁଅରେ
ତମେ ଅଛ ବରଦା ମୁଦ୍ରାରେ ମୁହୂର୍ତ୍ତକରେ
ଉଇଁ ଆସିବ ଜହ୍ନ ଅମାବାସ୍ୟାରେ
ନୁହେଁ କେବେ ଆକାଶରେ
ନିଜ ଭିତରେ, ତମେ ହିଁ ଜାଣିଛ
ସବୁ ସୂତ୍ର, ମନ୍ତ୍ର କି ତନ୍ତ୍ର
ଯା' ଯୋଗେ
ପହଞ୍ଚି ହବ ସବୁଠି
ସବୁବେଳେ ଚାହିଁଲେ
ଆଖି ବୁଜି ଚାଲିବା ଲାଗି ନିଃଶବ୍ଦରେ
ବାଟ ଅଗମ୍ୟ
ସବୁରି ଅଗୋଚରରେ,
ଦିଶିବ
ଆଉ ଗୋଟିଏ ସତ୍ୟ ।

ଯା' ଲାଗିବ
ସତଠାରୁ
ଆହୁରି ବଡ଼ ସତ,
ନିହାତି ମିଛ ବୋଲି ଏକକାଳୀନ
ଯାହାକୁ ଯେମନ୍ତ ।

କୋତପୁର, ଧର୍ମଶାଳା, ଯାଜପୁର
ମୋ.: ୯୯୩୭୫ ୫୧୫୭୭

ହଜିଯାଇଥିବା ଫୁଲ

ବିଦେଶୀ ନାୟକ

ଦେଖିଲି ଦିନେ ଫୁଲକୁ
ମୋ' ପ୍ରେମିକାର ଗଜରାରେ
ପଚାରିଲି ତୁ କାହାକୁ ପାଉ ଭଲ ?
ଫିକ୍‌କିନା ହସିଦେଲା ସେ କହିଲାନି କିଛି,
ପବନର ସ୍ପର୍ଶରେ ଶିହରିତ ହେଲା,
ବୁଝିଗଲି ପବନ ତା' ପ୍ରେମିକ ।

ଦିନେ ପୁଣି ଦେଖାହେଲା
ସପନରେ ମୋର
ପଚାରିଲି ତୁ କାହାକୁ ଦେଉ ମନ ?
କିଛି କହିଲାନି, ସେଇ ସ୍ମିତ ହସର କେରାଏ
ବିଞ୍ଚିଦେଲା ମୋ' ଉପରେ
ଆଉ ହାତଠାରି ଦେଖେଇଲା ବୃନ୍ତକୁ
ବୁଝିଗଲି..ବୃନ୍ତ ହିଁ ତା' ମନର ମଣିଷ ।

ଥରେ ଦେଖାହେଲା ଫୁଲ ସହ
କେଉଁ ଏକ ଚିହ୍ନା ଚିହ୍ନା ବଗିଚାରେ
ମୋତେ ଦେଖି ସେ ହସିଲା, ମୁଁ ଲାଜେଇ ଗଲି,
କିଛି ପଚାରିବା ଆଗରୁ ତା' ଉପରେ ବସିଥିଲା
ଦୁଷ୍ଟ ପ୍ରଜାପତିଟିଏ
ମୋ' ଜାଣିବାରେ ବାକି ରହିଲାନି, ଫୁଲ
ଏବେ ସଂସାର କଲାଣି ପ୍ରଜାପତି ସହ ।

ଦିନେ ହଠାତ୍ ଦେଖିଲି ମନ୍ଦିରର ମୁଖଶାଳାରେ
ପୂଜାରିଣୀର ଅର୍ଘ୍ୟଥାଳିରେ ଲୁହ ଢାଳୁଥିଲା
ନୀରବେ ନୀରବେ,
ତଥାପି ହସୁଥିଲା ସେ କହୁଥିଲା
ହେ କବି ! ତମେ ନିହାତି ବୁଦ୍ଧୁଟେ
ଆଉ କିଛି ପଚାରନି ଦେଖି ବୁଝିଯାଅ ।

ଏଇ ମୋ' ସାର୍ଥକତା, ଏଇ ମୋ' ଜୀବନର
ପରମ ସଫଳତା ମୁଁ ଆଜି ମୋ'
ସର୍ବୋତ୍ତମ ଇଚ୍ଛାର ଦ୍ୱାରରେ,
ଆକାଂକ୍ଷିତଙ୍କ ପାଦପଦ୍ମରେ, ମୁଁ କିଛି କହିଲିନି
ଚୁପ୍‌ଚାପ୍ ବାହାରି ଆସିଲି ମନ୍ଦିରର ମୁଖଶାଳାରୁ ।

ଶୁଣୁଛି, ଆଜିକାଲି ଫୁଲ ଗାଉଛି ଗୀତ ସେଇ ମନ୍ଦିର ବେଢ଼ାରେ,
ତା' ସୁଲଳିତ କଣ୍ଠରେ ଗୁଣୁଗୁଣାଉଛି କିଛି ଅସ୍ପଷ୍ଟ ପଂକ୍ତି
କିଏ ବୁଝୁକି ନବୁଝୁ କହିବାକୁ ଚାହୁଁଛି
ଫୁଲର କଥା, ଫଗୁଣର କଥା
ବିରହର କଥା, ବିଚ୍ଛେଦର କଥା ।

ଇଏ କ'ଣ ସେଇ ଫୁଲ
ଯାହାକୁ ମୁଁ ଭେଟୁଥିଲି ବାରମ୍ବାର
ଅଥଚ ଚିହ୍ନି ପାରୁ ନ ଥିଲି, ଜାଣି ପାରୁ ନ ଥିଲି
ତା' ଅସଲ ପରିଚୟ ସତରେ ମୁଁ ବୁଦ୍ଧୁଟେ
ସେ ଠିକ୍ ହିଁ କହୁଥିଲା ।

ଏବେ ମୁଁ ଭାବୁଛି ସେ ଗୀତ ହିଁ ଗାଉ
ତା' ସୁରର ଯାଦୁରେ ମୋତେ ଆପ୍ଲୁତ କରୁ
ପୁଣି ସେ କଣ୍ଠର ଆତ୍ମୀୟତାରେ,
ମୁଁ ଖୋଜୁଥାଏ ତାକୁ ଏଠି ସେଠି ସବୁଠି
ହେଲେ ସେ ମନ୍ଦିର ବେଢ଼ାରେ
ସେଇମିତି ଗାଉଥାଉ ପ୍ରେମର ଗୀତ, ସମର୍ପଣର ଗୀତ
ହସୁଥାଉ ଫିକ୍‌ଫିକ୍ ।

ବର୍ଣ୍ଣାଳୀ, ଦାରିଙ୍ଗବାଡ଼ି, କନ୍ଧମାଳ
ମୋ.: ୯୪୩୯୪ ୩୪୯୮୦

ବଦଳି ନାହିଁ ମୋ' ବୋଉ

ନିରୋଜ ପଟ୍ଟନାୟକ

ମୋର ଅତି ପ୍ରିୟ ମୋ' ଗାଁ ଦାଣ୍ଡ
ଘର ଅଗଣା, ବୋଉ ହାତପକା ଝୋଟି
ପୂର୍ଣ୍ଣିମା ରାତି, ନଦୀପଠା, ଗାଁ ତୋଟା
ନୀଳକଇଁଙ୍କର ମେଳି
ଲାଜେଇ ଝରଣାର ରିମ୍‌ଝିମ୍ ଶବ୍ଦ
ତା'ର ଅଙ୍କାବଙ୍କା ଚାଲି ।

ବଦଳି ନାହିଁ କିଛି
ଆଜି ବି ବୋଉ ହାତ ରନ୍ଧା,
ବାସ୍ନା ବି ସେମିତି ସେମିତି
ଦୋଳଯାତ୍ରା ହେଉ ଅବା ଦଶହରା
ବୋଉର ହାତ ତିଆରି ପିଠାପଣା
କିଛି ବି ବଦଳି ନାହିଁ ।

ବାରିପଟେ ସେଇ ପଦ୍ମ ପୋଖରୀ ଅଛି
କେବଳ ନାହିଁ ବାୟା ଚଢ଼େଇଙ୍କର
କିଚିରମିଚିରି

ବଦଳିଛି ସମୟ
ବଦଳିଛି ଲୋକଙ୍କ ହାବଭାବ
ହେଲେ ମୋ' ବୋଉର କିଛି ବି ବଦଳି ନାହିଁ
ସେଇ ଭଲପାଇବା ସେମିତି ଅଛି
ତା' କଥା, ଚାଲି,
ଠାଣିମାଣି, ଶାଢ଼ୀପିନ୍ଧା, ମୁଣ୍ଡର ଓଢ଼ଣା ।

ମୋ' ବୋଉ କୁହେ,.
ମୁଁ ଯେମିତି ଥିଲି ସେମିତି ରହିବି
ବଦଳିବି କିଆଁ
ମିଛର ଖୋଳପା ଜମା
ମୋତେ ଭଲ ଲାଗେ ନାହିଁ
ଚହଲାପାଣିରେ କି ଜହ୍ନ ସଫା ଦିଶେ
ଖୋଳପା ଭିତରୁ କ'ଣ
ମନ କି ହୃଦୟ ସଫା ଦେଖାଯାଏ ?

ମହାବୀରପଡ଼ା, ଭବାନୀପାଟଣା
ମୋ.: ୯୪୩୭୨ ୧୦୦୦୭

ଲୋଡ଼ା ଥରେ

ସୁବାସ ଚନ୍ଦ୍ର ସାହୁ

ସବୁ ପ୍ରିୟଜନମାନେ
ନିଜର ବୋଲି କହୁଥିବା
ତଥାକଥିତ ଆତ୍ମୀୟମାନେ
ମତେ ଛାଡ଼ି ଚାଲିଗଲେ ଅନ୍ଧାରରେ ।

ଯେଉଁଠି ନିସଙ୍ଗତା
ନିରବତାର
ଆତ୍ମଲଗ୍ନା ହେବାର ମୋ' ଭିତରେ
ଛଳଛଳ ହେଇ ଲୁହହୋଇ ବହୁଥିଲେ ।
ଦୋଷ ସବୁ ମୋର ।

ତୁମକୁ ବାନ୍ଧିରଖି ପାରିଲି ନି
ପ୍ରେମର ରଜ୍ଜୁରେ ।
ସଂସାରର ମୋହରେ
ସହସ୍ର ରାତିକୁ ଅଟକାଇ
ଆଜି ସବୁ କୋଳାହଳକୁ ଆଡ଼େଇ ଦେଇ
ନିରବରେ ନିରବତାର
ସେହି ସହସ୍ର ରାତିରୁ ଗୋଟିଏ ରାତିକୁ
ଆଉ ଥରେ ଚାହାଁ ସମୟ ସରିବା ଆଗରୁ
ଆପଣେଇ ନବାକୁ ସେହି ଦିବ୍ୟରାତିକୁ ।

ଜାରକା, ଯାଜପୁର
ମୋ.: ୮୨୮୦୮ ୫୭୨୮୮

କାଠ କଣ୍ଢେଇ

ଦୀପକ କୁମାର ମିଶ୍ର

ମିଛର ମଉଛବରୁ
ସାଉଁଟି ଆଣିଛି ତତେ
କଳ୍ପନାର ଆଳପନାରେ
ରଙ୍ଗେଇ ଦେଇଛି ତୋର ଦେହ

ଅନ୍ଧାର ବୋଲି ଯାହା
ସତର ଅପବାଦ ଅଛି ସାରା ନଗ୍ରରେ

ସେଥିରେ ମିଶେଇ ଦେଇଛି
ତୋର କ୍ଷଣିକତାର ମୁରୁଜ ।

ତୁ ଏବେ ସବାର ତୋ'
ମନ ମୁତାବକ ପାଲିଙ୍କିରେ

ଆକାଶ ଯେମିତି
ଢାଙ୍କି ସାରିଛି
ତୋ' କାହାଣୀର ଦଶ ଦିଗ

କହ,
କାଠ କଣ୍ଢେଇ
କୋଉ ଦେଶରେ ଘର ତୋ'ର
କୋଉଠୁ ଶିଖିଲୁ
ମୋର ସାରା ଅରଣ୍ୟକୁ
କାଟିକୁଟି କାଠ କରିଦେବାର
ଏ କଳା କଉଶଳ ?

୫୨୩- ଏ, ପଶ୍ଚିମାବାଦ,
ଜେ.ଏନ.ୟୁ., ନୂଆଦିଲ୍ଲୀ- ୧୧୦୦୬୭

ବାୟାମନ

ଅର୍ଜୁନ ଗୋପାଳ

ବୋଧହୁଏ, ଭଲଲୋକର ଏକ ପ୍ରତିଶବ୍ଦ
କୟ ଗଉଡ଼ ।
ଈଶ୍ୱରକୁ ଖୋଜେ ନି
ବାରବାର ନିଜକୁ ପଢ଼େ ଓ ଗଢ଼େ ।

କେବେ ତା' ହୃଦୟରେ
ଗଜା ଫୁଟିନି
ପ୍ରାର୍ଥନା ମୁଦ୍ରା, ସାବଧାନ ଭଙ୍ଗୀ
ବିକଳ ଆର୍ତ୍ତି, କରୁଣ ଚାହାଣୀ
ସୁକ୍‌ସୁକ୍ ଭାବ
ନାହିଁ ଅବବୋଧ
ଠାଣିମାଣି ତା' ଭୌତିକ ଗୁଣ ।

ଭୋଗେ ଖରାତରା
ରଚେ କର୍ମ କଷଣ ପରାଣ ପୁରାଣ
ଜାଣେ ମାଟିର ବତର
ଫୁଟାଇବା ଫଳାଇବାର ତରିକା

ଫସଲ ପାଚିବାର ବେଳ
ଦା' ଗଇଁତିର ଶାଣ ।
ଏଇ ତା' ଘଟଘାଟ
ଘଷେ ମାଜେ ନିତି ନିତି
ପାଏ ଚକଚକ ପଣ ।

ଦେଖ, ବାୟାମନ
କେଉଁ ଈଶ୍ୱରଙ୍କୁ ପୂଜା କଲା
ଚକ୍‌ଚକ୍‌ପଣରେ ଝଟକିଲା !

ଲଛିପୁର, କଦଳୀମୁଣ୍ଡା,
ପର୍ଲା, କଳାହାଣ୍ଡି
ମୋ.: ୯୯୩୮୧ ୭୨୨୨୫

ମଞ୍ଚ ସାଧିକା

ରାଜେଶ ପୂଜାରୀ

ଯୋଗାଡ଼ିଲି ନାନାବିଧ ପୂଜାବିଧି
ମଞ୍ଚାଭିଷେକ କରିବି ବୋଲି

ହୃଦାସନେ ପିଣ୍ଡା ବସେଇଲି
କଳସ ଥାପିଲି
ଦୀପ କରି ଜାଳିଲି ନିଜକୁ...

ତଥାପି ଶୂନ୍ୟରୁ କେଉଁ ଉଚ୍ଚରିଲା ମନ୍ତ୍ର
ପିନ୍ଧି ପାରିଲିନି କୁଶମୁଦି
କରି ପାରିଲିନି ସଂକଳ୍ପ
ଦିଶିଲେ ନାହିଁ
ଈଶ୍ୱର କି ଈଶ୍ୱରୀ କେହି ବି !

ପରଦା ପଡ଼ିଲେ ଉଠିଲେ
ଛବି ହେଇ ନାଚିଲୁ
ମନମୁଖୀ ଧାରଣାମାନେ
ନଈଟେ ତିଆରିବାରେ ଜୁଟିଲେ
ନା ରହିପାରିଲେ ମୋ' ଭିତରେ
ନା ପାଇଲେ ଫେରିବାର ବାଟ

ଖୋଜିଲି,
ମଞ୍ଚ ଉପରେ ତଳେ
ଆଲୋକ, ଅନ୍ଧାରରେ
ଶବ୍ଦ, ସଙ୍ଗୀତ, ରଙ୍ଗଶାଳାରେ

ଅଛୁ ଅଛୁ ଲାଗିଲା ସବୁଠି
କିନ୍ତୁ ନଥିଲୁ
କେବଳ ରଙ୍ଗୀନ ଅତୀତର
ଚିତାଭସ୍ମ ସାଉଁଟିଲି
ମଞ୍ଚ ସାଧିକା ଗୋ
ତୁ ଯିବା ପରେ ହିଁ ତୋ' ପ୍ରେମରେ ପଡ଼ିଲି ।

କୁଶମେଲ, କପିଲାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ମୋ.: ୮୧୪୪୭ ୭୯୦୬୧

ସେଇ ନୀଳ ରୁମାଲ

ସସ୍ମିତା ମହାପାତ୍ର

ବହୁତ ପଛରେ ତୁମକୁ ଛାଡ଼ି ଆସିଲା ପରେ
ମନେ ହେଲା, ଅନେକ କିଛି ବାକି ରହିଗଲା
ଏବେବି ଜୀବନ ସାରା ଜୀବନକୁ ଖୋଜୁ ଖୋଜୁ
ମୋକ୍ଷକୁ ହିଁ ଅନେଇ ବସିଛି ।

ମୋର ତମାମ ନିରୀହ ଭଲପାଇବା
କିଛି ଉଧାରରେ ମିଳିଥିବା ସ୍ୱପ୍ନକୁ
ତମର ସେଇ ନୀଳ ରୁମାଲ୍‌ରେ ବାନ୍ଧି
ବିଶ୍ୱାସର ଡାଳରେ ଟଙ୍ଗେଇ ଦେଇଛି
ତମେ କାହାଣୀଟେ ହେଇ ଓହ୍ଲେଇ ଆସୁଛ
ପ୍ରାର୍ଥନାର ପାହାଚ ପାହାଚ ଡେଇଁ
ମୁଁ ପହଞ୍ଚିପାରୁନି ବିଦାୟୀ ସଞ୍ଜର ଶେଷଗୀତ ପରି
ସେଇ ଶୂନ୍ୟରେ ହିଁ ଶୁନେଇ ଯାଉଛି ।

ତମେ ନ ଥିବାର ଆକାଶରେ
ଏବେ ଆଉ ଜହ୍ନ ଆସେନି
କୃଷ୍ଣଚୂଡ଼ାରେ ରଙ୍ଗ ବି ଧରେନି
ମାଟିର ସାବ୍‌ଜାପଣ ହଜିହଜିଯାଏ
ସବୁକିଛି ଧୂଆଁଳିଆ ଧୂଆଁଳିଆ ଲାଗେ

ତମ ମୁହଁବି ଭଲ ଭାବେ ଆଉ ମନେପଡେନି
ଲୁହର ଗାଢ଼ ରଙ୍ଗରେ ।

ତମେ ନଥିବାର ବେଳେ କିଛି କଥା ହିଁ ନଥାଏ
ମୋ ପାଖରେ
ମେଘୁଆ ସକାଳ, ଖାଁ ଖାଁ ଦି'ପହର, ଉଦାସିଆ ସଞ୍ଜଟେ
ମତେ କୋଳେଇ ନିଏ...
କିଛି ନିଃସଙ୍ଗତା, କିଛି ଶବ୍ଦର ନିରବତା
କିଛି ନିରୁଦ୍ଦିଷ୍ଟ ସ୍ୱପ୍ନଙ୍କ ଆତଯାତ
ଆଉ ଗୋଟେ ଆୟୁଷର ଅବସୋସ
ସମ୍ପର୍କର ଅବୁଝାପଣରେ ବନ୍ଧା
ହାତରେ ସେଇ ନୀଳ ରୁମାଲ୍ ମତେ ଅହରହ ଟାଣୁଥାଏ ।

ତମେ ହୁଏତ ଜାଣିଚ ନା ଜାଣିନ
ଖଣ୍ଡେ ରୁମାଲ୍‌ରେ ହିଁ ତ ବାନ୍ଧି ଦେଇଛ
ମୋର ବାକିଥିବା ତମାମ ଆୟୁଷ
ଉଡ଼ାଣ ପାଇଁ ଖୋଲିଥିବା ଅର୍ଦ୍ଧେକ ଆକାଶ ।

ବଲାଙ୍ଗିର
ମୋ.: ୯୪୩୭୭ ୬୦୫୦୬

ଶିକାରୀର ହସ

ଆଶିଷ ମହାପାତ୍ର

ଶତ ଶତ ବର୍ଗ ମାଇଲ
ସବୁଜ ଅରଣ୍ୟ ଆଗରୁ
ଶବ୍ଦରେ ଝୁଲେଇ ହୁଏନା
ଘନ ଘଞ୍ଚର ଆଡ଼ମ୍ବର
ସୁଅ ପରି ଆସୁ ଆସୁ
ସତସତିକା ଡର ସାଥିରେ
କାରଣମାନଙ୍କୁ ଛିଡ଼ା କରେଇ
ଅଟକିଯାଆନ୍ତି ହସର ଧାର

ଜଙ୍ଗଲ କଥା ପଡ଼ିଲେ
ନିଜକୁ ତୁମେ ଶିକାରୀ କୁହ
ମଣିଷ କଥା ଉଠିଲେ
ନିଜକୁ ବାଘ ବୋଲି କୁହ

ଜଙ୍ଗଲ ମଝି ଡାକବଙ୍ଗଳାରେ
ବିତେଇଲେ ମାସ ପରେ ମାସ
ବଣଭୋଜି ଗଲେ ଥରକୁ ଥର
ମଣିଷ କେବେ ହୁଏନା ବାଘ,
ବାଘ କି କେବେ ମଣିଷ ହୁଏ
ବାଟ ହୁଡ଼ି ଘୂରି ବୁଲେ ଯଦି
ଗଳିକନ୍ଦି ସହର ବଜାର ।

ଖସ୍ ଖସ୍ ଶୁଭେ ଝରା ପତ୍ରରେ
ଆଁ ପାଟି ମୁନିଆଁ ଦାନ୍ତ
ଧୀର ପାହୁଣ୍ଡରେ ପଦାକୁ ବାହାରେ
ଓଠରେ ଜିଭ ବୁଲାଇ
ଝପଟେ ଶିକାର ଉପରେ

ସମାନ ନଈର ପାଣି ପିଇ
ବାଘ ମଣିଷ ପରସ୍ପର ବନ୍ଦୀ
ଆପଣା ଭୟର ଜାଲରେ
ଭୟ ଆଡ଼େଇଲେ ବଦଳେ ନି ସ୍ୱଭାବ
ମଣିଷ ମଣିଷ , ବାଘ ବାଘ ।

ଜଙ୍ଗଲର ଅଲିଖିତ ଶୃଙ୍ଖଳା ମାନି
ନିଜ ଭିତରେ ବୁଝାମଣାର ଦୂରତାରେ
ସିଧା ଛିଡ଼ା ଶାଳ ପିଆଶାଳ ପରି
ଶିକାର ସମ୍ଭାଳେ ଖାଦ୍ୟ ଶୃଙ୍ଖଳ
ସବୁ ବାଘ ପାଟିରେ ଲାଳ ଜକାଏନା ମଣିଷ
ହରିଣ ଠେକୁଆ ପରି ନିରୀହର ହତ୍ୟାକାରୀ
ଛାତିରେ ଝୁଲେଇ ପାରେନା ଶିକାରୀର ପଦକ
ମଣିଷଖିଆକୁ ଖେଦି ନିଏ ମାଂସର ବାସ
ଶିକାରୀର ଅବ୍ୟର୍ଥ ଲକ୍ଷ୍ୟ
ହିଂସ୍ରର କପାଳରୁ ଲିଭାଏ ଆୟୁଷ

ନିଜକୁ ବାଘ କୁହ କି ଶିକାରୀ
ଆଗରୁ ଏତେ ହସି ଦେଇଛି ଯେ ,
ଏବେ ତାରା ନକ୍ଷତ୍ରଠୁଁ ମାଗିବାକୁ ଅଛି
ପୃଥିବୀକୁ ଚିରକାଳ ଲାଗି ଛାଡ଼ି ଯାଇଥିବା
ମଣିଷମାନଙ୍କ ହସର ଯୁ ’,
ମାନିବାକୁ ଅଛି ସବୁଜ ପ୍ରେମର କଟକଣା ।

ହସିବା ଲାଗି ଖୋଜିବାକୁ ଅଛି
ସତ ଜଙ୍ଗଲର ଠିକଣା ।

‘ପ୍ରଶାନ୍ତି ନିଳୟ’, ପଶାୟତ କଲୋନୀ,
ହରିପୁର, ପିଠାପୁର ରୋଡ଼, କଟକ - ୧
ମୋ.: ୯୪୩୮୭ ୦୧୯୩୩

ତାଲିକାରେ ନ ଥିବା ଲୋକମାନେ

ମାନିନୀ ମିଶ୍ର

ହଜିଯିବା ବି କେତେ ସ୍ୱାଭାବିକ ନା ?

ନିୟମ ରଜା ବି ଟଣା ହେଉଛି କାଠଗଡ଼ାକୁ
ପଙ୍ଗପାଳଙ୍କ କବଜାରେ ହଳଦି ଖେତ

ଧରଣୀ ପେନୁ ଏକ ଘରକିଆ
ଟାଙ୍ଗିଆ, ନଙ୍ଗଲ ଅବସର ଯୋଗ

ଉହୁଲେନ କଥା ଆମକୁ ପଚାର
ହରେଇ ଦେଇ ଆସିଛୁ ସେଇ ଅକାତ କାତ
ମହାନଦୀର ଉଛୁଳା ପାଣିରେ ନିଜର ସର୍ବାଙ୍ଗ
ଆମେ ଅପାଙ୍ଗ

ଭୁଷୁଡିବା କଥା କୁହନା

ଏଇ ଯେମିତି ଆଜି ଚିମିଲିରେ ଇଟାଭାଟି ଭୁଷୁଡିଲା
ପାଉଁଶ ପାଲଟି ଗଲେ ମଣିଷ
କାଲି ଯୋଡ଼ା ସ୍ୱଞ୍ଜ କାରଖାନାର ବ୍ଲାଷ୍ଟ ଫର୍ଣେସ ଫାଟିଲା
ତରଳ ନିଆଁ ବୋହିନେଲା
ପାପୁଲିଏ ଲୁହ, କାଖ ତଳ ଝାଳ ଶିରାକ ରୁଧିର

ଆମେ ହଜିଗଲୁଣି କେବେଠୁ
ଯେବେ ତୁମେ ଜାଣିଲ ଆମ ଖେତ ତଳେ
ଟ୍ରଲି ଟ୍ରଲି ସାଇତାହୋଇଛି ତୁମର ସୌଭାଗ୍ୟ

ଟେକାଁରୁ ଭକୁଆ ଉଭାନ ଏ ଦେଶର ଜନଗଣନାରୁ
ଯିଏ ରାତିର ଶେଷ ପହରେ କଟା ଜିଭରେ ବି
ଶେଷଥର ରତ୍ନୁ ଥିଲା ଏ ପୋଡ଼ାମୁହିଁ ମା'ମାଟି
କାହିଁ ଟଣେହି ହେଲୁ ଫସିଲ ବୋହିଲୁ ?
କାହିଁ ଖରାବେଳେ ପଣତରେ ଖାପିଲୁ
ଆଲୁମିନିୟମ, କୋଇଲା, ଲୁହାପଥର ?
ଫେରାର୍ ମୋ ଭାଗର ଚକଡ଼େ ଫଟା ଭୂଇଁ
ଯିଏ ମୋର ପ୍ରେମିକାର ଶୋଷିଲା ଓଠ ପରି
ଯିଏ ମୋର ଟେଣ୍ଡାର ଟିଣେ ଟେକା ପାଣିକୁ ଟାକିଥିବ

ଏଠି ପ୍ରେମ, ବିରହ କି ବିସ୍ଥାପନ ପ୍ରତିଧ୍ୱନିତ ହୁଏନା କିଛି

କିଏ ନଦୀଟା ଯାକର ପାଣି ଢୋକିନିଏ ସୁଡ଼ାକରେ
କିଏ ଗିଳିଦେଇ ଖାଇଦିଏ ଫଟା ପାଦ, ଝୁଣ୍ଟିଆ
ନାକର ଗୁଣା କି ହିରପିନି କୁହ ?

କୁହନ୍ତୁ ତ କାହା ପାଖରେ ଆମର ତାଲିକା ଅଛି ?

ଆମ ଖେତ ଖଲା, ରୋଷ ଘର
ଆମକୁ ବଡ଼ ଥିଲା ହୋ' ସରକାର
ହେଲେ ତମକୁ ବଡ଼ ଥିଲା
ବିକାଶ ଲହଡ଼ିର ଆତୁରପଣ !
ଆମ ମା' ମାଉଲିର ଛତର
ଦୁହ୍ନା ମା'ର ଛିଟ ବାବା ଗୁଡ଼ିର ନେତ

ଶେଷରେ ଅହ୍ୟପଣ ଟିକକ ବି
ଦେଖ ତ ଉହୁଲିଗଲେ

ଏବେ ଆମେ ଛତରଖିଆ
ନା ପାଦେ ଭୂଇଁ ଅଛି ନା ଛାତ !

ସବ୍‌ଡ଼ିଭିଜନାଲ ହସ୍‌ପିଟାଲ,ରେଢ଼ାଖୋଲ
ସମ୍ବଲପୁର-୭୬୮ ୧୦୬
ମୋ.: ୮୨୪୯୩ ୪୨୩୪୬

ସମସାମୟିକ ଓଡ଼ିଆ କବିତାରେ
ଆଗାମୀ ପିଢ଼ି

ବିଜୟ ରାୟ

ପାଦର କଣ୍ଟାଟି ବାହାରିଗଲେ ପାଦକୁ ଚାଲିବା ପାଇଁ ସ୍ୱଚ୍ଛନ୍ଦ ଓ ସହଜ ଲାଗେନି କି ? ଅବିକଳ ସେମିତି, ଛାତି ତଳର ପରାସ ଟିକକ ଫିଟିଗଲେ - ଓଠ ଦେଇ, ଟିପ ଦେଇ, କଲମ ଦେଇ, ଶବ୍ଦ ଦେଇ; ଲାଗେ, କେହି ଜଣେ ଶୁଣିବାକୁ ଅଛି ମତେ । ମୋତେ ପଢ଼ିବାକୁ ଅଛି । ମୋତେ ଦେଖିବାକୁ ଅଛି ଇତ୍ୟାଦି । କଥାଟି ଆଉ ମୋର ଏକାନ୍ତ ନିଜସ୍ୱ ହୋଇ ରୁହେ ନାହିଁ । ତାହା ଜଣରୁ ଗଣକୁ ସଂପ୍ରସାରିତ ହୋଇଯାଏ । ବିଡ଼ମ୍ବନା ହେଲା କି, କେତେଦୂର ଆମେ ଏଥିରେ ଆମର କର୍ମର, ବାଣୀର, ବିଚାରର, ବ୍ୟବହାରର, ସଂସ୍କାର ଓ ଚରିତ୍ରର ସୁନ୍ଦରତାକୁ ପରସି ପାରନ୍ତି ଯାହା ଅନ୍ୟମାନଙ୍କ ପାଇଁ ରୁଚିକର ଓ ସ୍ୱାଦିଷ୍ଟ ହେବ ! କଥା କହିବା ଶିଖିବାକୁ ଆମକୁ ପାଖାପାଖି ଦୁଇବର୍ଷ ସମୟ ଲାଗେ କିନ୍ତୁ, କଥାଟିଏ କହିବାକୁ ଆମକୁ ଜୀବନର ଅବଧି ହୁଏତ ନିଅଣ୍ଟ ହୋଇପାରେ । କ'ଣ କହିବା ? କେମିତି କହିବା ? କାହାକୁ କହିବା ? କେଉଁଠି କହିବା ? କହିବା କି ନାହିଁ ? ତାହା କଥାର ପର୍ଯ୍ୟାୟଭୁକ୍ତ ହେବ ତ, ନା, ଅକଥା ହୋଇଯିବ । ତା' ଭିତରୁ ନଥା ବାହାର କରି ପ୍ରତିପକ୍ଷଟିଏ କୁଆଡ଼େ କୁଆଡ଼େ ମେଲିଯିବ ! ଏମିତି ଭାବୁଭାବୁ ହୁଏତ ଜୀବନର ଆୟୁଷ ସରିଯାଏ ଅଥଚ, ଚିନ୍ତନ ଟିକକ ଅଭୁକ୍ତ ରହେ !

ଏଇ ଯୋଉ ପ୍ରତିଦ୍ୱନ୍ଦିତା ଜାରି ରହିଛି... ମୋତେ ଶୁଣ, ମୋତେ ପଢ଼, ମୋତେ ଦେଖର, ତା'ର ବି କୌଣସି ନିରାକରଣ ନାହିଁ । ତାହା ଏକ ବିଶ୍ୱବ୍ୟାପି ବ୍ୟାଧିରେ ପରିଣତ ହୋଇସାରିଛି; ସାମାଜିକ ଗଣମାଧ୍ୟମର ଭେଳିକି ଲଗା ବିଭିନ୍ନ ସଂସ୍କରଣରେ ! ଯେହେତୁ ତାହା ମୁରବୀହୀନ, କର୍ତ୍ତୃତ୍ୱହୀନ ଓ ନୀତିନିୟମାକହୀନ ଓ ସର୍ବୋପରି ବିଚାରକ ବିହୀନ ହୋଇଯାଇଛି । ସାମାଜିକ ଗଣମାଧ୍ୟମ ମଧ୍ୟରୁ ଆମେମାନେ ଯାହା ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତି; ବିଶେଷ କରି ସୃଜନଶୀଳ ବ୍ୟକ୍ତିତ୍ୱମାନେ, ତାହା ହେଉଛି ମୁଖପୁସ୍ତିକା (Face Book) । ଏହାର ଦୁଇଟି ପକ୍ଷ ! ଗୋଟିଏ ମୁଖ ଓ ଅନ୍ୟଟି ମୁଖା ।

ହାତୀର ଦୁଇଟି ଦାନ୍ତ ପରି; ଗୋଟିଏ ଦେଖେଇବା ପାଇଁ ଓ ଆଉ ଗୋଟିଏ ଚୋବେଇବା ପାଇଁ । ଆମେ ସାଧାରଣ ଭାବେ ନିଜକୁ ଦେଖେଇବା ପାଇଁ ଯେତେ ତତ୍ପର, ଚୋବେଇ ଖାଇବା ପାଇଁ ବା ଅର୍ଥବୋଧକ ଭାବେ କହିଲେ - ତାହା ଭୁକ୍ତ କି ଅଭୁକ୍ତ ସେ ବିଷୟରେ ଆମେ ସେତେ ଯତ୍ନଶୀଳ ନୁହନ୍ତି । ତା'ର ଅର୍ଥ ନୁହେଁ ଯେ, ମୁଖ ପୁସ୍ତିକାର ପୃଷ୍ଠା ସବୁ ଅଭୁକ୍ତ ପର୍ଯ୍ୟାୟଭୁକ୍ତ ! ଆମେ ଯାହା ଅନ୍ୟମାନଙ୍କ ପାଇଁ ପରିବେଷଣ କରନ୍ତି ବା ପରଶିଦିଅନ୍ତି ସବୁ ରୁଚିହୀନ, ଶୀଳତାବିହୀନ ବୋଲି ।

ଆମ ସାହିତ୍ୟ ପୃଥିବୀର ପ୍ରବୀଣମାନଙ୍କ ଠାରୁ ନବୀନମାନଙ୍କ ଯାଏ ପ୍ରାୟ ଅଧିକାଂଶ ସୃଜନ ବ୍ୟକ୍ତିତ୍ୱ ଏହି ମୁଖପୁସ୍ତିକାର ବ୍ୟବହାରକାରୀ । ଆମ ଓଡ଼ିଆ ସାହିତ୍ୟର ଉପଭୋକ୍ତାମାନେ ଏହାକୁ ଏକ ବୃହତ୍ତର ମଞ୍ଚ ବୋଲି ବିବେଚନା କରିଥାନ୍ତି କାରଣ ତାହା ସେମାନଙ୍କୁ ଅଗଣିତ ପାଠକମାନଙ୍କ ପାଖେ ପହଞ୍ଚାଇବାର ଏକ ସହଜ ଓ କଟକଣାରହିତ ମାଧ୍ୟମ ରୂପେ ସହାୟକ ହୋଇଥାଏ । କଥା ଉଠେ ଏଠି ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ । ପାଠକଟିର ରୁଚିଶୀଳତା କ'ଣ, ତାହାର ପସନ୍ଦ ଓ ଅସପନ୍ଦ ଉପରେ ଅନୁଧ୍ୟାନ ନ କରି ଆମେ, କଥା-ଅକଥା, ଶ୍ଲୀଳ-ଅଶ୍ଲୀଳ, ତାର୍କିକ-ଅତାର୍କିକ ବିଷୟମାନଙ୍କୁ ପରଶି ଚାଲନ୍ତି ଏଥିରେ । ଏହି ପୃଷ୍ଠାରେ ମେଦବହୁଳତା ବୃଦ୍ଧିପାଏ କିନ୍ତୁ ଗୁଣାତ୍ମକ ଦିଗଟି ପ୍ରତି ଆମେ ସତେ ଯତ୍ନଶୀଳ ନୁହଁ !

ଆଜିକାଲି ଗୋଟେ ନୂଆ ପରମ୍ପରାର ଆୟମାରମ୍ଭ ହୋଇଛି ମୁଖ ପୁସ୍ତିକାରେ; ସୁପାରିଶ, ଆତ୍ମପ୍ରୌଢ଼ି, ଆତ୍ମପ୍ରଚାର, ଉଦ୍ଦେଶ୍ୟମୂଳକ ବିବାଦ ତିଆରି, ଅସତ୍ୟ ଦାବି, ବହୁରଙ୍ଗୀ ପ୍ରତିଭା ପ୍ରଦର୍ଶନ ଇତ୍ୟାଦି । ଯେଉଁ ସବୁ ଦେଖିଦେଖି ଆପଣଙ୍କୁ ଏ ପ୍ରକରଣଟି ପ୍ରତି ବିତଃସ୍ପୃହତା ବଢ଼ିଯାଏ । ଆପଣ ଭାବିବେ, ଅଯଥା ଭାବେ କାହିଁକି ମୁଁ ମୋର ମୂଲ୍ୟବାନ ସମୟକୁ ନଷ୍ଟ କରିବି ? କାହିଁକି ମୁଁ ବକ୍‌ବାସ୍ ଶୁଣିବି ? ଚିତ୍ରାଙ୍କନର 'ଚ' ଅକ୍ଷର ଜାଣି ନ ଥିବା ବ୍ୟକ୍ତିର ଇଣ୍ଟରନେଟ୍ କି ଅନ୍ୟ କୌଣସି ଉତ୍ସରୁ ସଂଗୃହିତ ଚିତ୍ରକୁ, ନିଜର ଦାବିକରି ନିଜକୁ ପ୍ରଜ୍ଞାପିତ କରୁଥିବା ବ୍ୟକ୍ତିର ଚିତ୍ରକୁ ନିରୀକ୍ଷଣ କରିବି ? ଅନେକ ପ୍ରବୀଣ ସୃଜନ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଭଲ ଲେଖି ପାରୁଥିବାର ସାମର୍ଥ୍ୟ ରଖିଥିବା ସତ୍ତ୍ୱେ ପ୍ରତିବେଶୀ କି ବିଦେଶୀ ସାହିତ୍ୟମାନଙ୍କରୁ ଚୋରାଇ, ନିଜର ବୋଲି ଦାବି କରନ୍ତି । ଏସବୁ ହାସ୍ୟାସ୍ପଦ କଥାମାନ କ୍ରମବର୍ଦ୍ଧିଷ୍ଣୁ ହେବାରେ ଲାଗିଛି ।

ଅତି ଚରୁରତାର ସହିତ କେହିକେହି ମିଛିମିଛିକା ବିବାଦ ଭେଇ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାର ଦୁଃସାହାସ କରୁଛନ୍ତି । ଉଦାହରଣ ସ୍ୱରୂପ : ଅମୁକ ପ୍ରକାରର ପତ୍ରିକାଟି ମୁଁ ଅମୁକ ସମୟରେ ପ୍ରକାଶିତ କରୁଥିଲି ! ଅମୁକ ଗପ କି କବିତାଟି ମୋର ଏତେ ମସିହାରେ ଏକ ପତ୍ରିକାରେ ପ୍ରକାଶିତ ହୋଇସାରିଛି, କିନ୍ତୁ ଏ ଗାଳ୍ପିକ ତାକୁ ସିଧାସିଧି ବା ବୁଲେଇ ବଙ୍କେଇ ଉଠେଇ ନେଇଛନ୍ତି । ଏସବୁ ସମ୍ଭାବନା ଯଦିଓ ଅମୂଳକ ନୁହେଁ; କେତେକାଂଶରେ ସତ୍ୟର ଅବତାରଣା ନିଶ୍ଚୟ । ଆଉ କିଛିକିଛି ପ୍ରତିଷ୍ଠିତ ସାହିତ୍ୟିକ ଅଛନ୍ତି ମୁଖପୁସ୍ତିକା ମାଧ୍ୟମରେ ଗୋଷ୍ଠି ଗଠନ କରି ନିଜନିଜର ନିହିତ ସ୍ୱାର୍ଥ ପାଇଁ ନିଜ ନିଜ ପସନ୍ଦର ସାହିତ୍ୟିକ ମାନଙ୍କର ଚିଠା ପ୍ରଦାନ କରୁଛନ୍ତି । ତଦ୍ ଦ୍ୱାରା ସେମାନଙ୍କ ସହିତ ସଂବନ୍ଧିତ ନଥିବା ଓ ସେମାନଙ୍କ ପ୍ରଭାବରୁ ମୁକ୍ତି ରହିବାକୁ ଇଚ୍ଛିତ ସୃଜନଶୀଳ ବ୍ୟକ୍ତିତ୍ୱମାନଙ୍କୁ ମାନସିକ ଭାବେ ହତୋତ୍ସାହିତ ହେବାକୁ ପଡୁଛି । ଏମିତି ଅନେକ ନିରାଧାର ତଥ୍ୟର ପରିବେଷଣ କେବଳ ସୃଜନର ଏହି ସାତ୍ତ୍ୱିକ ମହଲକୁ ନଷ୍ଟ କରୁନି, ତତ୍‌ସହିତ ମୁଖ ପୁସ୍ତିକାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଚିହ୍ନ ବାଢୁଛି ।

କେତେବେଳେ କେତେବେଳେ ଖୁବ୍ ନିଜର ବନ୍ଧୁମାନଙ୍କର ସ୍ୱର, ଶବ୍ଦ, ତାନ, ଗାନ ଏବଂ ତେର୍ଛାବାଣର କଥାରେ ବିଷମୟ ହୁଏ ମନ ! ସେତେବେଳେ ଲାଗେ, ଯେମିତି ଆମେ ପରଲୋକ ନୁହେଁ, ନିଜର ଲୋକମାନଙ୍କ ଦ୍ୱାରା ଶରବିଦ୍ଧ ହୋଇ ମାନସିକଭାବେ ଆକ୍ରାନ୍ତ । ଗଣମାଧ୍ୟମରେ ଏ ଗଣଦୌଡ଼ରେ କେତେବେଳେ କିଏ ଉଲ୍ଲାସ ଓ କେତେବେଳେ କିଏ ବିଷାଦରେ ଗ୍ରଥିତ ହୋଇ ତା'ର ସୃଜନ ଯାତ୍ରା ଜାରି ରଖେ । ଏ ଦୌଡ଼ ଜାରିଥାଏ.... ପ୍ରାରମ୍ଭ ଓ ପରିଣତି କୁ କେହି ନଜର ଦେଇପାରେନା । ଯେମିତି ତାହା ସୃଜନ ଯାତ୍ରାରେ ଏକ ଅଂଶ ପାଲଟିଯାଏ । ପୃଷ୍ଠାଟି ମୁଖ ପୁସ୍ତିକାର ଯେମିତି ଏକ ନିତିଦିନିଆ ନିଶାସେବନ ପରି ପ୍ରତୀୟମାନ ହୁଏ ।

ସମୟର ଅପଚୟ ସେତିକିବେଳେ ହୁଏ ଯେତେବେଳେ ଆମେ ଜଣେ ପ୍ରମୁଖ କବିର କଲମରୁ କବିତା ପଢ଼ିବା ପାଇଁ ଚାହୁଁଥିବାବେଳେ ସେ ଆମକୁ Star maker ରେ ଗୀତ ଶୁଣାଏ । ଜଣେ ଗାଳ୍ପିକଠୁଁ ଯେତେବେଳେ ଆମେ ଭଲ ଗପଟିଏ ପଢ଼ିବାର ଆଶାପୋଷଣ କରିଥାନ୍ତି ସିଏ ସେବେଳେ ପାକୁପାକୁ କରି ଗୀତ ସହିତ ନିଜ ଅଙ୍ଗଭଙ୍ଗୀ ଦେଖାଇ ଆମମାନଙ୍କର ସମୟକୁ ପାଉଁଶ କରେ । ବହୁମୁଖୀ ପ୍ରତିଭା ପ୍ରଦର୍ଶନ କିଛି ଖରାପ କଥା ନୁହଁ କିନ୍ତୁ ଆମମାନଙ୍କ ମନଲୋଭା ହେଲେ ତ ? ଏମିତି ଅସମାହିତ ବିନ୍ଦୁ ଓ ବଳୟମାନଙ୍କରେ ମୁଖ ପୁସ୍ତିକାରେ ଆମମାନଙ୍କର ସୃଜନ-ନାଟ ଜାରିଥାଏ ଓ ପର୍‌ଦା ପଡ଼େ ନା !

ମୁଖ ପୁସ୍ତିକାର ଗୋଟେ ବିସ୍ତାରିତ ଦିଗନ୍ତ ଅଛି, ହାତ ବଢ଼େଇଲେ ଛୁଇଁ ହେବ ନାହିଁ । ଏତେସବୁ ଭେଲ ଭିତରେ ବି ଅନେକ ଭଲ ବି ଅଛି ! ଏକ ମୁକ୍ତ ମଞ୍ଚ, ଅନେକ ସୃଜନସିକ୍ତ ମଣିଷଙ୍କୁ ନିଜକୁ ପରିପ୍ରକାଶ କରିବାର ଭିତ୍ତିଭୂମି ଦେଇଛି । ଅହଂକାରୀ ଓ ନିରପେକ୍ଷତା ନାସ୍ତି ପତ୍ରିକାମାନରେ ସଂପାଦକମାନଙ୍କ ଗର୍ବକୁ ଖର୍ବ କରିଛି । ନୂଆପିଢ଼ିର ସାହିତ୍ୟିକମାନଙ୍କ ପାଇଁ ଏକ ସୁଗମ ପିଣ୍ଡିଟିଏ ଦେଇଛି । ସେମାନଙ୍କୁ ଦେଇଛି - ମୁକ୍ତ ବିଚାର ଓ ପ୍ରବୀଣମାନଙ୍କର ଅଜସ୍ର ଶ୍ରଦ୍ଧା ଓ ସଦିଚ୍ଛା । ବ୍ୟବହାରକାରୀମାନଙ୍କର ମାନସିକତା ଓ ନୀତିଗତି ଉପରେ ନିର୍ଭର କରୁଛି ସାମାଜିକ ଗଣମାଧ୍ୟମର ଉଜ୍ଜ୍ୱଳ ଭବିଷ୍ୟତ ।

ବେଳେବେଳେ ଆମେମାନେ ଆମର ଅସଚ୍ଚୋଟ ଓ ଅତାର୍କିକ ଭାବପ୍ରବଣତାରେ ଭାସିଯାଆନ୍ତି । ଆମ ସ୍ୱାର୍ଥମାନଙ୍କୁ ଚରିତାର୍ଥ କରିବାରେ ସହାୟତା କରୁଥିବା ସୃଜନକର୍ମୀମାନଙ୍କୁ ଆବଶ୍ୟକତା ଠାରୁ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି ଯାହା ଆମମାନଙ୍କ ସୃଜନବ୍ୟକ୍ତିତ୍ୱର ନିରପେକ୍ଷତା ଓ ନୈତିକତାର ବିରୋଧାଚରଣ କରେ । ମିଛିମିଛିକା ସାବାସୀ ଓ ବାହାବାହା ଯେମିତି ଦିନକୁ ଦିନ ସାମାଜିକ ଗଣମାଧ୍ୟମରେ ମୁଖର ହୋଇହୋଇ ଚାଲିଛି । ଫଳତଃ, ଅଯୋଗ୍ୟମାନେ ଛାତି ଫୁଲେଇ ଉପର ମୁହାଁ ଓ ଗୁଣୀକର୍ମୀମାନେ ଅପଡ଼ାପିଲା ହୋଇ ପଛ ବେଞ୍ଚରେ ବସି ରହୁଛନ୍ତି । ସବୁଠୁଁ ଲଜ୍ଜାକର କଥା ହେଲା, ଆମେ ସେମାନଙ୍କ ଗୁଣମାନଙ୍କୁ ପ୍ରଶଂସା ନ କରି ସେମାନଙ୍କ ବ୍ୟକ୍ତିଗତ ଜୀବନକୁ; ବିଭିନ୍ନ ସାହିତ୍ୟ ଖଟିରେ, ବ୍ୟକ୍ତିଗତ ଅନ୍ତରଙ୍ଗ ମୁହୂର୍ତ୍ତ ଅନ୍ୟ ସୃଜନ ସହକର୍ମୀଙ୍କ ସହ ବାଣ୍ଟିଲାବେଳେ, ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ସେମାନଙ୍କୁ ନିନ୍ଦା ଓ କୁତ୍ସା କରିବାରେ ମସ୍‌ଗୁଲ୍ ରହନ୍ତି । ଏଇ ପଛ କାମୁଡ଼ା ରୋଗଟିର ପ୍ରକୋପ ଦିନକୁ ଦିନ ସାମାଜିକ ଗଣମାଧ୍ୟମ ମାନଙ୍କୁ ଇନ୍ଧନ ଯୋଗାଇବା ସଙ୍ଗେସଙ୍ଗେ ତ୍ୱରିତ୍ ସଂପ୍ରସାରଣର ଅସାଧୁ ଭୂମିକା ସଂପାଦନ କରୁଛି ।

ସୃଜନ ପ୍ରକ୍ରିୟା ମଣିଷ ଜୀବନର ଏକ ଅଂଶ । ଏହା କୌଣସି ଦୈବୀକୃତ ନୁହେଁ କି କୋଉ ମୁନିଋଷିର ଆଶୀର୍ବାଦ କି, ଅଭିସମ୍ପାତ ନୁହେଁ ତାହା ଜୀବନ ଓ ଜଗତକୁ ଚିହ୍ନିବା ଓ ଚିହ୍ନେଇ ଦେବାର ଏକ କ୍ରିୟା ଓ ପ୍ରତିକ୍ରିୟା । ଏହା ସୃଜନଶୀଳ ମଣିଷର ଏକ ଗୁଂଫିତ ରହସ୍ୟ ଯାହା ତା'ର ଆଖପାଖରେ ଚଳପ୍ରଚଳ ହେଉଥାଏ ନଚୁବା ତା'ର ଅତୀତର ଘଟଣା ଓ ଦୁର୍ଘଟଣାମାନଙ୍କୁ ଶବ୍ଦ ଓ ଚିତ୍ରରେ ରୂପାୟନ କରୁଥାଏ । ତାହା ତା' ମନରେ ସୁପ୍ତ ବା ଜୀବନ୍ତ ହୋଇ ରହିଥାଇପାରେ ଯାହା ତା'ର ସୃଜନ ଅକ୍ଷରରେ ବା ଭାଷ୍ୟରେ ପ୍ରକାଶିତ ହୁଏ । ଏ କଳାଟି ଏତେ ଜୀବନ ଜଡ଼ିତ ଯେ, କେହି ଚାହିଁଲେ କାହାକୁ ଭାଙ୍ଗିପାରିବନି, ନିନ୍ଦା, କୁତ୍ସା, ଦ୍ୱେଷ ଓ ପରଶ୍ରୀକାତରତାରେ କି, ଗଢ଼ିପାରିବନି ସୃଜନ-ଲତା ପାଇଁ ଗୋଟେ ରଞ୍ଜା ହୋଇ ।

ନୀତି, ନୈତିକତାର ପ୍ରତିପାଳନ ନିଜର ସଂସ୍କାର ଓ ବିଚାରବୋଧ ଉପରେ ନିର୍ଭରଶୀଳ । ସାମାଜିକ ଗଣମାଧ୍ୟମରେ, ବିତଣ୍ଡା ବିତର୍କ, ବିବାଦ, ବିଭେଦ, ଅହେତୁକ ପ୍ରୋତ୍ସାହନ, ନଗ୍ନତା ଓ ଅଶ୍ଳୀଳତାର ପ୍ରଦର୍ଶନ, ପରଶ୍ରୀକାତରତାର ପ୍ରତିଫଳନ ନ ରହିଲେ ହୁଏତ, ସାମାଜିକ ଗଣମାଧ୍ୟମ ଅଧିକରୁ ଅଧିକ ରସାପ୍ଲୁତ ଓ ଗୁଣଗ୍ରାହୀ ହୁଅନ୍ତା ଓ ଆଧୁନିକୋତ୍ତର ସମୟଖଣ୍ଡରେ ସୁସ୍ଥ, ସଞ୍ଚାରଣଶୀଳ ଓ ଜ୍ଞାନବର୍ଦ୍ଧକ ହୋଇପାରନ୍ତା ! ସୃଜନକର୍ମୀମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ସେମାନଙ୍କୁ ପରିପ୍ରକାଶ କରେଇବାର ପୂର୍ଣ୍ଣ ସ୍ୱାଧୀନତା ଦେବା ସଙ୍ଗେସଙ୍ଗେ ତାହା ଯେମିତି ସେମାନଙ୍କ ପାଇଁ ଏକ ସୌରାଚାରୀ କ୍ଷମତାପତ୍ର ପାଲଟି ନ ଯାଉ । ଏହାର ଅନୁପାଳନ ହିଁ ବାସ୍ତବ ନୈତିକତାର ନିଦର୍ଶନ ହେଉ ।

ଓଡ଼ିଆ କବିତାର ପ୍ରତିଶ୍ରୁତି ସଂପନ୍ନ ଯେଉଁ ଶବ୍ଦ ତୀରନ୍ଦାଜମାନଙ୍କ ଶବ୍ଦ ଓ ସ୍ୱରମାନଙ୍କୁ ଆମେ ଆମ ନଜର ନିକ୍ଷେପିବା, ସେମାନେ ସମସ୍ତେ ମହଣମହଣ କାନ୍ଦକୁ କାନ୍ଧେଇ ନେବାର କୌଶଳ ଓ କରିସ୍ମାରେ ସମ୍ପୃଜ୍ଜଳ ସେମାନଙ୍କ କଥା ଓ କବିତାର କାନ୍‌ଭାସ୍‌ରେ ! ଶବ୍ଦ ବସାଣ ଓ ଚୟନର ଲକ୍ଷ୍ୟଭେଦ, ଭାବ ଭିଆଣର ନିରଙ୍କୁଶତା, ସ୍ୱକୀୟ ଶିଳ୍ପିତ ଶୈଳୀର ପରୀକ୍ଷା ନିରୀକ୍ଷାର ପ୍ରୟୋଗବିଧି ସେମାନଙ୍କୁ 'ଆମକୁ ଚିହ୍ନ', 'ଆମକୁ ଚିହ୍ନ'ର ଦାବି ରଖେ । ଯେମିତି ଓଡ଼ିଆ କବିତାରେ ସେମାନଙ୍କ ପ୍ରବେଶ ଓ କ୍ରମବିକାଶ, ଉଷ୍ମପ୍ରସବଣର ରୋଗମୁକ୍ତ ପାଣି ! ଜୀବନ ଓ ଜଗତ ପାଇଁ ସେମାନଙ୍କ ଶବ୍ଦଗୁଞ୍ଜନ ଓ ପ୍ରତିବଦ୍ଧତା ଖୁବ୍ ଆତ୍ମୀୟ ଓ ନିବିଡ଼ ଲାଗେ । ଅନିସନ୍ଧିସୁ ଦୃଷ୍ଟିରେ ନିରେଖି ଦେଖିଲେ, ଦିଶିଯାଏ ସେମାନଙ୍କ ଊର୍ଦ୍ଧ୍ୱ ଉଡ଼ାଣ ! ପୋଛିପାଛି ଦେଇ ଶବ୍ଦମାନଙ୍କୁ, କବିତାର କୋଉ ଥାକରେ କାହାକୁ ଓ କେମିତି ସଜେଇ ରଖିଲେ ସର୍ବାଙ୍ଗ ସୁନ୍ଦର ଦିଶିବ; ଏହି କଳାନିପୁଣତା ଟିକକ ସେମାନଙ୍କ କାବ୍ୟ-କାନ୍ଥର ଶ୍ରୀବର୍ଦ୍ଧକ ରୂପ ! ଅସରେ ବର୍ଷି ଚଲାବାଦଲ ପରି ଚାଲିଯିବା ସେମାନଙ୍କ କାବ୍ୟଦିଶା ନୁହଁ ବରଂ, ଲଗାଣ ବର୍ଷାର ମାଟି ସଂଲଗ୍ନତା ସେମାନଙ୍କୁ କବିତାର ସଘନ ପ୍ରଣାଳୀ ଚାଷରେ ଚାଷପୋଯୋଗୀ କରିଛି । ଗୋଟେ ପର୍ଦ୍ଦାବିହୀନ ଝରକାରେ - ଏମାନେ ସମସ୍ତେ କବିତାର ସବୁଜିମାଭରା ଢେଉଢ଼େଉକା ଫସଲ ! ଶବ୍ଦର ବୀଜମାନଙ୍କରୁ ଜୀବନ ଅମଳ କରିପାରୁଥିବା କବିମାନଙ୍କୁ ଆସନ୍ତୁ ପରଖିବା, ସେମାନଙ୍କ କବିତାରେ !

ଯେଉଁମାନେ ଏଥର କାକଳି ଭରିଛନ୍ତି ଶବ୍ଦର ଆକାଶରେ ସେମାନେ ହେଲେ;

କବି କିଶୋର ପାଣିଗ୍ରାହୀ,
ବାଦଲ ମହାନ୍ତି,
ଦେବବ୍ରତ ଜେନା,
ସତ୍ୟରଞ୍ଜନ ପ୍ରହରାଜ,
ସୁବ୍ରତ ସେନାପତି,
ସ୍ୱରୂପ ନାୟକ,
ଐଶ୍ୱର୍ଯ୍ୟା ରାଉତ,
ପ୍ରବୀଣ କବି,
ଦିପୁନ୍ ପୁହାଣ,
ସୁମିତ ପଣ୍ଡା,
ସୌମ୍ୟ ସାରସ୍ୱତ ଦାଶ,
ସୋନାଲି ପଣ୍ଡା ଓ
ପ୍ରଣୟ ସୁଧା
(ସ୍ଥାନିତ କବିମାନେ ବୟସର କ୍ରମିକତାରେ ନାହାନ୍ତି) ।

ମୁଁ କହିଲେ ଗୋଟେ ଅଧମପଣ

କବି କିଶୋର ପାଣିଗ୍ରାହୀ

ଗ୍ରାମୀଣ ଚଳଣିରୁ ସେ ଖୋଜନ୍ତି କବିତାର ନାହି ନାଡ଼ । ସେଇ ଶବ୍ଦମାନଙ୍କୁ ନେଇ ଗଛ ପରି ଠଆଠାକରା କରି ଠିଆ କରେଇବା ତାଙ୍କ ବାକ୍ୟ ଚାତୁରୀ । ଇଂରାଜୀ ସାହିତ୍ୟର ଛାତ୍ର ହେଲେ ବି ତାଙ୍କ କବିତା ସବୁ ଘୋର ଘରୁଆ ଓ ଦେଶଜ । ଆମ ଭାଷାର ଅପଭ୍ରଂଶ ଓ ଅପପ୍ରୟୋଗ ସମୟରେ ସେ ଜଣେ ସଚ୍ଚା ଗ୍ରାମୀଣ ଚଳଣି ଓ ଶବ୍ଦମାନଙ୍କର ପ୍ରୟୋଗ କର୍ତ୍ତା ଏବଂ ଉଦ୍ଧାରକ ବୋଲି ତାଙ୍କର କବିତାମାନଙ୍କରେ ସେ ପ୍ରତୀୟମାନ ହୁଅନ୍ତି । ଦୁଃଖର ମଞ୍ଜମାନଙ୍କୁ ଘୋରିଘାରି ମଞ୍ଜୁଆତିର ସ୍ୟାହିରେ ଲେଖିଲା ପରି ତାଙ୍କ କବିତା । ଯେଉଁ ହାତ ହକ୍ ପାଇଁ ରାଜରାସ୍ତାରେ ସ୍ଲୋଗାନ ଭରେ, ପ୍ଲାକାର୍ଡ ଧରେ, 'ମୁର୍ଦ୍ଦାବାଦ୍' ଧ୍ୱନିତୋଳି ହାତକୁ ଊର୍ଦ୍ଧ୍ୱମୁଖୀ କରାଏ ସେ ହିଁ କେବଳ କହିପାରେ କବିତାରେ : କେମିତି ନୋଉ ଚୋହିଯାଏ ଆଖିରେ, ସାତସିଆଁ କୁଲାରେ, କୁଣ୍ଡାରୁ ଚାଉଳ ପୋଷେ ଛେଦି ଆଣୁଥିବା ଲଙ୍ଗଳା ହାତରେ ଅକ୍ଷି ବୋଉର ଆଠଆଙ୍ଗୁଳିଆ ଢ଼ାପୁଢ଼ାପୁ ଶବ୍ଦ । ତାଆରି କାନକୁ ଶୁଭେ ଯିଏ କାନ ଡେରେ । ତାଆରି ନାକକୁ ବାସେ ମହମହ ହୋଇ ସୁଆଁଜାଉର ବାଙ୍ଗ , ଯିଏ ଭୋକଗ୍ରସ୍ତ । ତାଙ୍କ ଛାତିତଳେ ଗୋଟେ କ୍ଷୋଭର ଖମାର ଘର ଓ ନିଆଁର ନଭଶ୍ଚୁମ୍ବୀ ଶିଖା ଅଛି ।

ଚେତନାର ଚୌହଦୀରେ କିଶୋରଙ୍କ ସ୍ୱର ଭାରି ପରିଚ୍ଛନ୍ନ, ଶୁଦ୍ଧସୁବର୍ଣ୍ଣ, ସମସାମୟିକ ସମସ୍ୟାର ଉପଯୁକ୍ତ ରୂପାୟନ । ଢ଼େର ଲଳିତ ବିଦ୍ରୋହ ଅଛି । କିଛି କରି ନ ପାରିବାର ଅକ୍ଷମତାର ଝଲକ ଅଛି । ବିଶ୍ୱାୟନର ବିଷପ୍ରକ୍ରିୟାରେ ହିଡ଼ିଡ଼ିଆଁ ବିହନର ବିଭୀଷିକା ବି ଅଛି ଯିଏ ତାଙ୍କ କବିତାରେ : ନାଲି ଅଶିଣା ମଝିରେ ତୁ ଏକା ସ୍ୱର୍ଣ୍ଣ ତାହା ପୁଣି ପର କିଆରୀରେ । ସେ ବୁଝନ୍ତି ଓ ବୁଝେଇ ପାରନ୍ତି ଏ ମାଟି ଖଣ୍ଡକର ପ୍ରାଣ ପ୍ରାଚୁର୍ଯ୍ୟ, ମେହେନତି ମଣିଷମାନଙ୍କ ହାତର କରାମତିରେ ପରଜୀବୀମାନେ କେମିତି ନିଜର ବୁନିଆଦି ବସାନ୍ତି, ପ୍ରତିଷ୍ଠାରେ ମସ୍‌ଗୁଲ ହୋଇ ଢମର ଢ଼ୋଲ ପିଟନ୍ତି ଯେମିତି ମଲାଙ୍ଗ ଲଟା ଶୋଷିଶୋଷି ପରାଙ୍ଗପୁଷ୍ଟ ହୁଏ । ପର ପାଟିରେ ପିଠା ଖାଉଥିବା ଖାଉଟିଆମାନଙ୍କ ପାଇଁ ଏକ କୋମଳ ବିଦ୍ରୋହ ଓ ଚେତାବନୀ ଅଛି ତାଙ୍କ ଏ କବିତା 'ରୁଟିସେକା'ରେ । ଆପଣମାନେ ପ୍ରତ୍ୟକ୍ଷ କଲେ ଜାଣିପାରିବେ ତାଙ୍କ କବିତାମାନଙ୍କର ମଞ୍ଜି ଓ ମଞ୍ଜିଙ୍କୁ ।

ଏ ଲେଖକ କିଶୋରଙ୍କୁ ତାଙ୍କ କବିତା ଲିଖନର ଉନ୍ମେଷକାଳରୁ ପଢ଼େ ଓ ବୁଝେ । ଯିଏ ପ୍ରଚାରପ୍ରସାର, ଖୋସାମତି ମରାମତିର ଘୋର ବିରୋଧୀ ଓ ଅମନଯୋଗୀ । ବକ୍ତବ୍ୟରେ ଖୁବ୍ ସଂକ୍ଷିପ୍ତ ଓ ଶାଣିତ ତାଙ୍କ କବିତାମାନେ ଢ଼େର ପ୍ରତିଶ୍ରୁତିପୂର୍ଣ୍ଣ ଏବଂ ପ୍ରତୀକ୍ଷା ରଖନ୍ତି; ଓଡ଼ିଆ କବିତାର ବାଣୀଭଣ୍ଡାରକୁ ରୁଦ୍ଧିବନ୍ତ କରିବା ପାଇଁ ।

ରୁଟିସେକା

କିଶୋର ପାଣିଗ୍ରାହୀ

ହଁ ମୁଁ ଲେଖେ,
ଦାରିଦ୍ର୍ୟ-କଷଣ, ଉଦାରତା,
ମଳିମୁଣ୍ଡିଆଙ୍କ ସରଳପଣ, ସମାନତା
ବିପ୍ଳବର କଥା ଓ କବିତା
ମୁଁ ଲେଖେ,
ଏ ସବୁ
ମୋ' ଲେଖାର ଆଇଟମ୍ ଗୋଟେଗୋଟେ ।

ମୁଁ ହିଡ଼ମୂଳ ଘାସ ଛୁଏଁ ନାହିଁ;
ତୁଣ୍ଡିଲଗା ବେଙ୍ଗଳା ବଳଦର ନିଃଶ୍ୱାସରୁ
ଝଡ଼ ଉଠେଇବାର ଯୋଗାଡ଼ରେ ଥାଏ ।

ମୋ' ମା' କି ଗୋସିମା' କେବେ
ଅଗାଡ଼ି ବିଛେଇ ଘସି ପାରିବା
ମୁଁ ଦେଖିନି,
ଦେଖିନି ନଙ୍ଗଳା ହାତରେ
ଅଧା-ବୟସର ଅକ୍ଷିବୋଉ କିମିତି
କୁଣ୍ଡାରୁ ଚାଉଳ କାଢ଼ିନେଲା ପରେ
ତାଳ ନଇରେ ତିନି ସିଆଁ କୁଲେଇ ପେଟକୁ
ଆଠ ଆଙ୍ଗୁଳିରେ ଢାପୁଢାପୁ କରେ,
ତୁଷକଣା ଚ'ଲେଇ ଚ'ଲେଇ
ଖୁଦ ବୋଲି କେଇପୋଷ ଆୟୁଷ-କଣିକା
ଉଛୁଳେଇ ନିଏ ।

ମୁଁ ବୁଝିନି,
ଦଣ୍ଡେ ଜିଇଁବାକୁ
ପେଟତଳେ ଆଶ୍ୱସନାର ଓଦାକାନା ଦେଇ
ସୁଆଁ ଜାଉରେ ବାଙ୍ଗେଇଯାଏ
ଭୋକର ମହକ ।

ଦୁଃଖିନୀ ଗୋବର ଗୋଟେଇ,
ଧାନକୁଟୁଣୀ ଅକ୍ଷିବୋଉର ପେଟପିଠି
ମିଶିଯାଏ ମୋ' କବିତା ପୃଷ୍ଠାରେ
ସେମାନଙ୍କ ଶିରାଳ ଦେହରେ
ଦାରିଦ୍ର୍ୟର ଚିତାକୁଟା
ମୋତେ ପଙ୍ଖୁଆ ବାଲିରେ
ଗୋଛାଗୋଛା ଚେର ଚରିଥିବା
ରତୁହୀନା ନଈ ପରି ଦୁଶେ ।
ଲୁହ ନୁହେଁ,
ମୋ ଆଖିରେ ନୋଉ ଚୋଇ ଆସେ;
ମୁଁ ତାତେ, ମାତେ,
ବିଦ୍ରୋହରେ ଲାଲେଲାଲ୍ ହୁଏ ।

ମୁଁ ଦୀପ ତେଜି ମୁକ୍ତିର ଆଲୁଅ ଜଳାଏ,
ତେଲ ଓ ତେଜରେ
ମୋର ପୁଣ୍ୟପୁଷ୍ଟ ହାତ ଆହୁରି ଚିକ୍କଣ ହୁଏ;
ମୁଁ ଉଧାରର ଅଧାର ବାଣ୍ଟିଚାଲିଥାଏ ।

ମୁଁ ବୁଝେ ଓ ବୁଝାଏ-
ଧନଧାନ୍ୟ ସବୁ ଏ ମାଟିର,
କରାମତି ମେହେନତି ମଣିଷ ହାତର;
ଆଉ ସବୁ ପରଜୀବୀ
ବୁନିଆଦି ମଲାଙ୍ଗ ନଟାର ।

ଖଟଣିଦାରର ପିଟାମୁଗୁର ଠେଙ୍ଗିଣିରେ
ମୁଁ ତିନିକାଠି ଗଡ଼ାଏ,
ମୋର କଚେ ପୋଅବାର୍
ଖରାପିଠିଆ କ୍ଷେତ ଉଧେଉଥିବା ହାତ
ମୋର ଗୋଟେ ଗୋଟେ ହତିଆର୍

କେବେ ମଂଜିଟେ ପୋତିନି
କି ମଂଜିପୋତା ହାତର ଦରଜ ବୁଝିନି ସିନା
ଖରାପିଠିଆ ଖେତୁଆଳ ସବୁ
ମୋର ଗୋଟେଗୋଟେ ହତିଆର;
ଆଖପାଖରେ
ଭୋକରେ ରଡ଼ ପଡ଼ି ମଥାନ ଧଇଲେ-
ମୁଁ ରୁଟି ସେକିବାକୁ ତିଆର ।

ବିରୁହାଁ, ଜାହାଙ୍ଗୀର,
ଭଦ୍ରକ, ମୋ.: ୭୦୦୮୧ ୧୭୯୬୪

କିଶୋର ପାଣିଗ୍ରାହୀ

ବୃତ୍ତି: ଅଧ୍ୟାପକ, ଇଂରାଜୀ,
I.G.M. Degree College, Dhusuri Bhadrak

ଜନ୍ମ: ୧୧/୨୨/୧୯୭୧

ଠିକଣା
ବିରୁହାଁ,ଜାହାଙ୍ଗୀର,ଭଦ୍ରକ -୭୫୬୧୧୭
ମୋ.: ୭୦୦୮୧ ୧୭୯୬୪

ପ୍ରକାଶିତ ପୁସ୍ତକ

'ଚୋଟ','କ୍ଷତ', 'ଶଙ୍ଖଚିଲ', 'ଅଛି'(କବିତା ପୁସ୍ତକ)
'ସେକ୍ସପିଅର୍ କାହାଣୀ' ଓ ଅନ୍ୟାନ୍ୟ କାହାଣୀ, ଅନୁବାଦ ପୁସ୍ତକ ପ୍ରକାଶ ପାଇଛି ।

ଯିଏ ଶହେ ପ୍ରତିଶତ ପ୍ରେମରେ ତିଆରି ପିଆଲା

କବି ବାଦଲ ମହାନ୍ତ

କୁହନ୍ତି : 'ମୁହଁ ହିଁ ମସ୍ତିସ୍କର ଆଇନା' - କେତେ ସତ, କେତେ ମିଛ ଆମେ ସମସ୍ତେ ଅନୁଭବ କରିଥିବା । ବାଦଲଙ୍କ କବିତାର କମଳ-କୌମାର୍ଯ୍ୟ ତାଙ୍କ ମୁହଁର ହସନ୍ତ ଫୁଲବଗିଚାରୁ ଇ'ପ୍ରତୀତ ହୁଏ । ଜଣେ ସଫଳ ସମ୍ପାଦକ, ପ୍ରକାଶକ ଓ କବି ଭାବେ ସିଏ ସମସ୍ତଙ୍କ ପ୍ରିୟଭାଜନ । ଅଲିଅଳି ଜେମା ପରି ତାଙ୍କ କବିତାମାନଙ୍କର ରୂପକାନ୍ତି । ତାଙ୍କ କବିତାର ଫୁଲପକା ଦେହରେ, ରଡ଼ନିଆଁ ବି ଅଳସ ଭାଙ୍ଗେ । ଅନେକ ଦହଗଞ୍ଜ ଓ ଘଣ୍ଟା ଚକଟାର ଜୀବନ ଭିତରେ ଲୁହଟୋପା ସବୁ ମୁକ୍ତା ପାଲଟି ଯାଏ ତାଙ୍କ କବିତାରେ । ଧ୍ୱଂସର ଫସିଲ୍ ଭିତରୁ ପ୍ରେମ ଓ ଜୀବନ ହାତ ଧରାଧରି ହୋଇ ଉଠି ଆସିପାରନ୍ତି କବିତାରେ ଆଶା ଓ ଅନ୍ୱେଷାର ଗୀତ ଗାଇଗାଇ ।

କଠୋରତା କି କ୍ଲିଷ୍ଟତାର ଲେସମାତ୍ର ଚିହ୍ନବର୍ଣ୍ଣ ନ ଥାଏ ତାଙ୍କ କବିତାରେ । କୁଶ ଓ କଦମ୍ବ ସାଥୀ ହୋଇ ରହିପାରନ୍ତି ଯେମିତି ରହିପାରନ୍ତି ପ୍ରେମ ଓ ବିପ୍ଳବ, ଯୁଦ୍ଧ ଓ ଶାନ୍ତି ଏଇ ପୃଥିବୀରେ । ନିଜକୁ ଗାରିମାମୟ କରିବାର ବ୍ୟର୍ଥ ପ୍ରୟାସ ପ୍ରାୟତଃ ଦୃଷ୍ଟ ହୁଏନି ତାଙ୍କ କବିତାମାନଙ୍କରେ । ସରଳ ତରଳ ବ୍ୟଞ୍ଜନା ତାଙ୍କ କବିତାକୁ ରସନ୍ୱିତ କରେ । ଗୋଟିଏ ଦୃଷ୍ଟାନ୍ତ ଦେଖନ୍ତୁ; 'ମାଟି ଜାଣେ ମୁଁ ବେଶୀ କବି କମ୍ କୃଷକ' । ଗୋଟେ ଛଳନାରହିତ ଜୀବନ ହିଁ ତାଙ୍କ ଶବ୍ଦ ସଜାଣ ଓ କବିତାର କଥ୍ୟ । ଓଡ଼ିଆ କବିତାର ସମସାମୟିକତା ସହ ତାଙ୍କ ସ୍ୱର ପାଦ କଛିକଛି ଚାଲେ ବୋଲି ମୋର ବିଶ୍ୱାସ ।

ଜୀବାଶ୍ମ

ବାଦଲ ମହାନ୍ତି

ନଖରେ ଗାର ଟାଣୁଟାଣୁ
ସରିଯାଏ ପହଲି ଭେଟର
ନିର୍ଦ୍ଧାରିତ ସମୟ
ଯେଝା ବାଟରେ
ଫେରିଯାଆନ୍ତି ଆମେ
ଆଖିକଣର ଲୁହକୁ ଚାପି ଧରି
ତମେ କୁହ,
ଯାଅ, ମେଘ ଆସିଲାଣି ଯାଅ
ନହେଲେ ଓଦା ହେଇଯିବ ।

ଶୁଖିଯାଏ ସବୁକିଛି
ଡହଡ଼ହ ଖରା ଅବା
ମନ୍ଦ ମଳୟରେ
ତମେ କିବା ବୁଝ,
ଶୁଖେ ନାହିଁ ମନ
ଥରେ ଓଦା ହେଲେ !

ତମେ ନଖଗାର କାଟିଥିବା
କଲେଜ ପଡ଼ିଆରେ ଆଜି
ଗୋଟେ ବିରାଟ କଦମ୍ବ ଗଛ
ଝରୁଛି ବର୍ଷା ଟୋପା
ଶିତେଇ ଯାଉଛନ୍ତି
ପ୍ରେମହୀନ ମଣିଷ
କାହା ଓଠ ଛୁଇଁ
ଝରୁଛି କେଜାଣି ଏ ବର୍ଷା
ମୋ ଦେହରେ ରଡ଼ନିଆଁ
ଭାଙ୍ଗୁଛି ଅଳସ ।

ଯାବତୀୟ ଦହଗଞ୍ଜ,
ଦୁଃଖ ପରେ ବି
ଅସହଣି କ୍ଷତି ସହି
ଲୁହ, ବର୍ଷା ଓ ପ୍ରେମରେ
ଓଦା ହେବାକୁ ଖୁସି ପାଆନ୍ତି
ଏ ପୃଥିବୀର ମାତ୍ର
ଦି'କିସମର ଲୋକ
ଜଣେ କୃଷକ
ଆଉ ଜଣେ ପ୍ରେମିକ ।

କେବଳ ଏଇ ଦୁଇଜଣଙ୍କ ପାଇଁ
ଭୟଙ୍କର ପରମାଣୁ ଯୁଦ୍ଧ ପରେ ବି
ଦେଖିବ ! ଏ ପୃଥିବୀର ଜୀବାଶ୍ମ ଭିତରୁ ଦିନେ
ଘାସ ଓ ପ୍ରେମ ନିଶ୍ଚୟ କଅଁଳିବ ।

କବି ବାଦଲ ମହାନ୍ତି

ଜନ୍ମ ତାରିଖ: ୧୭.୦୮.୧୯୭୨

ଜନ୍ମସ୍ଥାନ : ମାଲପୁର, ପୀରହାଟ ବଜାର, ଭଦ୍ରକ

ଶିକ୍ଷାଗତ ଯୋଗ୍ୟତା : ସ୍ନାତକ

ଠିକଣା:
ପ୍ଲଟ୍ ନଂ. ୫୧୩
ନୂଆସାହି,ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ.: ୯୭୭୮୦ ୩୫୭୬୭

ବହି ତାଲିକା :
ଅସ୍ତ ଅତୀତ, ମାର୍ଫତ୍, ସ୍ମୃତି ସହବାସ, ପ୍ରେମପକ୍ଷ, ଦେବୀ ଓ କବି,ଛାଇ ଯେବେ ଲମ୍ବେ । (ଏ ସମସ୍ତ କବିତା ବହି)
ଅପୁଷ୍ପିତା, ମାଇଚିଆ, ମାୟାମଞ୍ଚ, ନଟ୍ଟୁ, ଫୁଲ ରସିଆରେ । (ଏ ସମସ୍ତ ଉପନ୍ୟାସ ବହି)
କଲମର କୁହୁ, ମୋ ମନର ଯେତେ କଥା (ଏ ଦୁଇଟି ସ୍ମୃତିଲେଖ ପୁସ୍ତକ)

ରୁଚି :
ଗୀତ ଶୁଣିବା, ସିନେମା ଦେଖିବା, ବହି ପଢ଼ିବା ଓ ଲେଖିବା

ଲେଖିବାକୁ ଶେଷଧାଡ଼ି ବାକିଅଛି ଶେଷ କବିତାର

କବି ଦେବବ୍ରତ ଜେନା

‘ଗୋଟେ ଖରାପ ପିଲାର ପ୍ରେମ କବିତା’ ନୁହେଁ ଗୋଟେ ଭଲ ପିଲାର ପ୍ରେମ କବିତା ଶୁଣିବା; ଯେଉଁଥିରେ ‘ଏଡୱାର୍ଡର ମୁହଁ ନୁହେଁ’ କେବଳ, କେତେକେତେ ମୁହଁ ଏଇ ଜୀବଜଗତର, କେତେକେତେ ସ୍ୱର ବିରହ ବଂଶୀର, ଶୁଭିଯିବ । କବି ଦେବବ୍ରତ ଏକାଧାରରେ ଜଣେ କବି, ଭଲ ଗାୟକ ଓ ଜଣେ ସମୟପୋଯୋଗୀ ବ୍ୟଙ୍ଗକାର ବି । ଖୁବ୍ ସମୟ ସଚେତନ ବ୍ୟଞ୍ଜନା ତାଙ୍କ କଥା ଓ କବିତାମାନଙ୍କର ଏକ ବିରଳ ବିଭବ । ଦେବଙ୍କ କବିତାରେ ଗୋଟେ ଝୁରାଣ ଥାଏ । ଅପାଶୋରା ସ୍ମୃତିଟିଏ ଥାଏ ଯାହା ମନେ ପଡୁପଡୁ ଜିଭ ଆଗରୁ ଅର୍ନ୍ତଧ୍ୱାନ ହୋଇ ମିଶିଯାଏ ବାଦଲରେ । ଆଉ ମେଘ ହୋଇ ବର୍ଷି ପାରେନା କି ଭିଜେଇ ପାରନା ଦେହ ଓ ମନୋଭୂମିକୁ । ଭିଜାଏ, ଚମକାଏ, ଡରାଏ, ଘଡ଼ଘଡ଼ି ପୂର୍ବର ବିଜୁଳି ପରି । ଅପ୍ରାପ୍ତିର ଅନୁରାଗରେ ଥାଏ ତାଙ୍କ କବିତା । ଏଇ ଅପ୍ରାପ୍ତି ମେଘକୁ ଫେରେଇବାର ଥାଏ ତୃପ୍ତି ଓ ତୃଷ୍ଣା ଓ ହଳେ ଲାଜପିଆ ପାଦକୁ ଫେରେଇବାର ଥାଏ, ତା’ ଚପଳତା । ଶବ୍ଦରେ କିଛି ଫେରେଇ ହୁଏ । କିଛି ଫେରେଇ ହୁଏନା । କୁହୁଡ଼ି ଲିଭେଇଦିଏ ଟିପାଖାତାର ପ୍ରଥମ ପୃଷ୍ଠା । ଆଖିର ଲୁହରେ ଟିପ ମାରିମାରି ଓଲଟାଏ ଦ୍ୱିତୀୟ ପୃଷ୍ଠା... ଏମିତି ପୃଷ୍ଠା ପରେ ପୃଷ୍ଠା ଓଲଟେ ଓ ଲିଭେ । ତଥାପି, ବାକି ରହିଯାଏ କିଛି କଥା ଟିପିବାକୁ । ଏଇ ବାକି ରଖିଯିବା ହିଁ କବିତାକୁ ଖୋଜିବା, ଭାବମାନଙ୍କୁ ସଂଖୋଳିବା ଓ ଶବ୍ଦମାନଙ୍କୁ ଉପଯୁକ୍ତ ବସାଣର ନ୍ୟାୟ ଦେବା ।

ସବୁଠୁଁ ବେଶୀ ଦୁର୍ବୋଧ ବୋଧେ ସରଳତମ ଶବ୍ଦମାନେ, ଏଇ ପୃଥିବୀରେ । ଯେମିତି ଭାବର କିଛି କୂଳ ନ ଥାଏ କି, ଥଳ ନ ଥାଏ, ସେମିତି ଦେବବ୍ରତଙ୍କ ବହୁମୁଖୀ ପ୍ରତିଭାର ବର୍ଣ୍ଣବିଭା ଥାଏ ହେଲେ କାହାରି ଛାଇ ନ ଥାଏ ।

କବିତା ବୁଝେ ମେଘମନ୍ଦ୍ରା । ଅବୁଝା ପଣର ଅଭିନୟଟେ ଥାଏ, ଭାବ ଓ ଭଙ୍ଗିମାରେ । ଫଟା ଲାଉତୁମ୍ବାରେ ଶବ୍ଦଭିକ୍ଷା ପାଇଁ ବାହାରିଯିବା ସବୁକାଳେ ଅବଧାରିତ ଭାଗ୍ୟ କବିର । କଇଁଫୁଲ ରଙ୍ଗର ଛାତିରେ ଓ ଗାଲରେ ବିନ୍ଦୁବିନ୍ଦୁ ହୋଇ ଜକେଇ ଆସୁଥିବା ଝାଳ ବି କାକର ଟୋପାର ଭ୍ରମ ଆଙ୍କେ, ପ୍ରେମରେ । କସ୍ତୁରୀ ଖୋଜାରେ ସରେ କବିର ମୃଗଦୌଡ଼ । ଦିଗ୍‌ବଳୟର ଲାଲିମା ପାଖେ ଧୂଆଁଉଠେ ପ୍ରେମପକ୍ଷୀର ମୃତ ଶରୀରରୁ । ନିଆଁ ହିଁ ଆକର୍ଷଣ, ନିଆଁ ହିଁ ଜୀବନର ଯବନିକା ବୋଲି ଜାଣି ବି କବିଟି ଜଳେ ଓ ମରେ । ମେଘମନ୍ଦ୍ରାର ଅପେକ୍ଷା ଥାଏ କବିର କବିତାକୁ ଓ ତା’ ଚିବୁକର ଚୁମାକୁ ।

ଏତିକି କହିବି ଦେବବ୍ରତଙ୍କ ପାଇଁ ତାଙ୍କ ମେଧା ଓ ବୋଧଶକ୍ତିର ସଠିକ୍ ପ୍ରୟୋଗରେ, କବିତାର ଆଉ କିଛି ନୂଆଦିଗ ଆଡ଼େ ମାଡ଼ିଯିବାକୁ ।

ମେଘମନ୍ଦ୍ରା

ଦେବବ୍ରତ ଜେନା

ମେଘମନ୍ଦ୍ରା ଜମା ବୁଝେନା କବିତା ।

ବୁଝେନା କାହିଁକି ରୂପାତଳେଇ ଚନ୍ଦ୍ରିକାରେ
ମୁଁ ଫଟା ଲାଉତୁମ୍ବାଟିଏ ଧରି ବହାରିଯାଏ
ଶବ୍ଦଭିକ୍ଷା ପାଇଁ ।

ବୁଝେନା ସେ
କାହିଁକି ମୁଁ ଦିନେଦିନେ ଗୋଟେ
ନିଆଁଚଟା ଖରାବେଳକୁ ଲୁହରେ ପଖାଳି
ପୁଣି ଫେରେଇଦିଏ ଆକାଶକୁ ।

କେବେକେବେ ମୁଁ କବିତା ପଢୁଥିବାବେଳେ
ମୋତେ ଅଟକାଇ ଦେଇ ମଝିରେ କୁହେ
'ଶୁଣ୍, ଚାଲ୍ ତୋର ମୋର କୁଆଡ଼େ ଗୋଟେ ପଳେଇବା'

ମୁଁ ପଚାରେ .. କୁଆଡ଼େ ?

ମେଘମନ୍ଦ୍ରା ଚୁପ୍ ରହେ ।

ହେଲେ ତା' ଆଖିରୁ
ଅପସରି ଆସେ ଏକ କନକମୃଗ
ଦୌଡ଼ିଯାଏ କିଛିବାଟ
ତା' ପରେ ସ୍ତବ୍ଧହୋଇ ଠିଆହୋଇ ଦେଖେ
କେମିତି ଦିଗ୍‌ବଳୟ ପାଖରେ
ଧୂଆଁଉଠୁଥାଏ କିଛି ଲାଲ୍ ପକ୍ଷୀଙ୍କ ମୃତ ଶରୀରରୁ ।

ଆଃ !

ମାୟା ଅନଳର କବରୀରେ
ଗୁଡ଼ିହୋଇ ଛଟପଟ ହୁଏ
ଗୋଟେ ନାମହୀନ ପତଙ୍ଗ ।

ମୁଁ ପୁଣି କବିତା ବହିରେ ମନଦିଏ ।
ସେ ମୋ' ଆଖିକୁ ଅନେଇରହି ଅପଲକ
ତା' କଇଁକଡ଼ ଓଠରେ ଧାଡ଼ିଏ କବିତା ଛୁଏଁ
ଆଉ କହେ
'ଏ ଟୋକା, ଏ ଧାଡ଼ିଟା ବୁଝା ତ'
ମୁଁ ଚୁମାଟିଏ ଦିଏ ତା' ଓଠରେ
କହେ 'ବୁଝିଲୁ ?'
ସେ କହେ 'ନା' ।

ମୋତେ ମେଘମନ୍ଦ୍ରା ଦିଶେ
ଗୋଟେ କବିତା ପରି
ଯାହାକୁ ମୁଁ ଲେଖିଆସୁଛି
ମୋ' ଲୋହିତ ଇଚ୍ଛାଙ୍କ
ଅସରନ୍ତି ବାଲୁଚରରେ ।

ମେଘମନ୍ଦ୍ରା କି ବୁଝେ ଯେ
ମୁଁ କାହିଁକି ଉଭୟ ଆଲୁଅ ଓ ଅନ୍ଧାର
ଟୋପାଟୋପା କରି ରଖୁଥାଏ
ଭୋର୍‌ର ଦେହରୁ ନିଗାଡ଼ି ତା' ପାଇଁ ଶାମୁକାରେ ।

ମେଘମନ୍ଦ୍ରା ଜମା ବୁଝେନା କବିତା

ଦେବବ୍ରତ ଜେନା

ଜନ୍ମ ତାରିଖ : ୦୪.୦୫.୧୯୮୧
ଶିକ୍ଷାଗତ ଯୋଗ୍ୟତା: ସ୍ନାତକୋତ୍ତର(ଅର୍ଥନୀତି)
ପ୍ରକାଶିତ ପୁସ୍ତକ:
ଖରାପ ପିଲାର ପ୍ରେମ କବିତା (କବିତା ସଙ୍କଳନ)
ଏଡ୍‌ୱାର୍ଡର ମୁହଁ (କବିତା ସଙ୍କଳନ)
ରୁଚି : ଗୀତ ଗାଇବା ଓ ଗୀତ ଶୁଣିବା
ମୋ.: ୮୩୩୭୯ ୭୮୫୭୬

ଖାଲି ଜନ୍ମବେଳେ, ମରଣବେଳେ ମଣିଷ ଦିଶେ ଏକାପରି

କବି ସତ୍ୟରଞ୍ଜନ ପ୍ରହରାଜ

ପୃଥିବୀ ପାଇଁ ଶଙ୍କା, ମଣିଷ ପାଇଁ ଶଙ୍କା, ଗଛବୃଚ୍ଛ ପାଇଁ ଶଙ୍କା, ଭୋକ ପାଇଁ ଭୟ ଏଇସବୁ ଭୟମାନେ ମୁଖ୍ୟତଃ ସତ୍ୟରଞ୍ଜନଙ୍କ କବିତାର ଅଧର ଓ ଆଧାର ! କବିତାର କାନ୍‌ଭାସ୍ ବହୁତ ବିସ୍ତୃତ ଓ ବିଚ୍ଛୁରିତ । କେଉଁଠି କେଉଁଠି ଝୁଣ୍ଟି ପଡ଼ିବାର ଝନ୍‌ଝଟ୍ ଥାଏ ତାଙ୍କ କବିତାରେ । ଅତ୍ୟଧିକ ରହସ୍ୟମୟତା ବେଳେବେଳେ କବିକୁ କେନ୍ଦ୍ରାଭିମୁଖୀ ହେବାବେଳେ, ମୂଳ ଭାବର ବିଚ୍ଛୁରଣ ଘଟିଥାଏ, ଯେଉଁଥି ପାଇଁ ଅସନ୍ତୋଷ ପାଳନ କରେ ଛାତି ଭିତରେ କବିଟିଏ ! ଏମିତି କିଛି ଅସଂଲଗ୍ନତାକୁ ଆଖିବୁଜି ଦେଲେ, ସତ୍ୟରଞ୍ଜନଙ୍କ କବିତା ଖୁବ୍ ସଶକ୍ତ ଓ ସଂଭ୍ରାନ୍ତ । ତାଙ୍କ କବିତା ଯାହା ପାଠକଟିକୁ ଖୁବ୍ ଯତ୍ନଶୀଳ ହୋଇ ପଢ଼ିବାକୁ ବାଧକରେ । ସମସାମୟିକ ଓଡ଼ିଆ କବିତାରେ ସତ୍ୟଙ୍କ ସ୍ୱର, ସ୍ୱତନ୍ତ୍ର ଓ ସମସ୍ତଙ୍କର ଶ୍ରଦ୍ଧାଭାଜନ ।

ଅସ୍ୱୀକାରର ଅହଙ୍କାର ସତ୍ କବିଟିକୁ କେବେ ପଥରୋଧ କରିପାରିବ ନାହିଁ କି, କ୍ରୀତଦାସ କି ମାଲିଆଣୀର ମେଣ୍ଢା ! ନିଜର ଅସ୍ତିତ୍ୱ ପାଇଁ ନିଜ ଛୁରୀ ଓ ବେକ ହସିହସି ପ୍ରତିପକ୍ଷ ହାତରେ ସମର୍ପି ଦେଇପାରେ କିନ୍ତୁ ଆତ୍ମସମର୍ପଣ କରିବନି କି, ହାର୍‌ବି ସ୍ୱୀକାର କରିବନି । ସେତକ ତ ଜଣେ ସଚ୍ଚୋଟ କବିର ସ୍ୱାଭିମାନ ଓ ତା' ଶିରୋସ୍ତ୍ରାଣ ! ହଁ ସତ୍ୟ, କବିତା ନଥିଲେ ହୁଏତ ଆମେ ଜହ୍ନକୁ ନ ଡ଼ାକି, ରାତିକୁ ନ କହି, ବର୍ଷାକୁ ନ ଝୁରି ଜିଇଁ ପାରିଥାନ୍ତେ ଅଳିକ କିନ୍ତୁ ଅନ୍ୟକୁ ଶିଖେଇ ପାରି ନ ଥାନ୍ତେ ହାରିଯାଇ ବଞ୍ଚିହେବାର କୌଶଳ । ଏଠି ଜାରି ଅଛି ହୃଦୟହୀନମାନଙ୍କ ଉଦଣ୍ଡନାଚ, ଜିଅନ୍ତା ଶବ୍ଦରେ ପୋକ ପକେଇ ଦେବାର ଷଡ଼ଯନ୍ତ୍ର ! କବିତା କିନ୍ତୁ ଏମିତି ବିରୋଧାଭାସର ବିମ୍ବମାନଙ୍କୁ ନେଇ ଓ ପ୍ରିୟ ଶତ୍ରୁମାନଙ୍କର, ସଫେଦ କମିଜ୍ ଉପରକୁ ପଛରୁ ଅସୂୟାର ସ୍ୟାହି ଛାଟି ଦେବାର ମନୀଷାକୁ ନେଇ ହଉ; କବିତା ଲେଖା ଜାରିଥାଉ ! ଆମକୁ ମନେ ରଖିବାକୁ ହେବ: ଚାଲିବା ହାତଧରି ଶିଖେଇ ହୁଏ ହେଲେ, କବିତା ଲେଖା ଆଦୌ ନୁହେଁ ।

ହଁ, ସତ୍ୟ ଆମେ ବକଳ ବାନ୍ଧି ଆସୁଥିବା ପୁରୁଣା ଘା'କୁ ପୁଣି ଉଖୁରାନ୍ତି । ଆମକୁ ଦରକାର ହୁଏ କିଛି ତାଜାତାଜା ରକ୍ତକ୍ଷରଣ; ଯାହାକୁ ଇନ୍ଧନ କରି ଆମେ ବାହି ନିଅନ୍ତି ଆମ ଶବ୍ଦ ଓ ଭାବର ଗାଡ଼ିକୁ, କବିତା କରି । ଭଉଁରୀ ବୁଢ଼େଇ ମାରେ, ଭଉଁରୀ ବି ବର୍ତ୍ତିବାର କୌଶଳ ଶିଖାଏ । ମୃତ ପ୍ରାୟ ଗୋଟେ ସ୍ୱପ୍ନକୁ ଜିଆଇଁ ରଖେ । ଦାଗ ହିଁ ମନେପକାଏ - ଦ୍ରୋହ, ବିଦ୍ରୋହ, ବିପର୍ଯ୍ୟୟ, ବିଭୀଷିକା, ଫୁଲମାନଙ୍କର ହସ, ବିଚ୍ଛୁଆତିର ଚେଙ୍କ, ଶବ୍ଦ ଓ ଭାବରେ ଶାଣଦେଇ ଆମକୁ କବିତା ଗଢ଼ିବାରେ ।

ତୁମେ ସେମିତି କୁଶରେ ଥାଅ କି କଦମ୍ବରେ ଥାଅ, କାମନାରେ ଥାଅ କି କଠଉ ମନସ୍କ ଥାଅ - ଜାଣ ଏତିକି ଯେ, ଓଡ଼ିଆ କବିତାର ଆଗାମୀ ପିଢ଼ିର ପ୍ରତିନିଧିତ୍ୱ କରିବା ପାଇଁ ତୁମ କଲମର କୁହୁକୁ ଢେର ଅପେକ୍ଷା ଓ ଭରସା ରଖିଛି ଏ କାଳଖଣ୍ଡ !

ଘା’

ସତ୍ୟରଞ୍ଜନ ପ୍ରହରାଜ

କିଛି ଘା’ ଖୁବ୍ ନିଜର
ଯଦିଓ ଏତେ ବି ନିଜର ନୁହେଁ ଖଣ୍ଡିଆ କରିଥିବା ମଣିଷ
ଏତେ ନିବିଡ ନୁହେଁ ଦଂଶନ ପୂର୍ବର ଆଲିଂଗନ
ଏତେ ଅଜାଗାରେ ନୁହେଁ ସେ ଗର୍ତ୍ତ
ଯେବେ ତର ମିଳେ
କିଏ ଡାକୁ କି ନଡାକୁ
ମୁଁ ଓ’ କରି ଉଖାରିଦିଏ ଥରେ କି ଦିଥର

ଟିକେ ବିଛୁଆତି, ଟିକେ ତା ମନ ପସନ୍ଦର ଗୋଲାପ
ଧାରେ ହସ
ହସୁହସୁ ତା ଭଉଁରୀରୁ ନିଗିଡି ପଡିଥିବା ବୁନ୍ଦେ ଅମୃତ
ସବୁ ବାଟିବାଟି ଲେପିଦେଲା ପରେ
ଘା ଭରିଯାଏ ରାତିକ
ନିଦ ମାଗେନି ଦୀର୍ଘଶ୍ୱାସ
ମୋ ଠି ପଥରେଇଯାଏ ସାରା ପୃଥିବୀର ଅତୀତ

ଘା’ର ମୁହଁ ବାନ୍ଧିହେଲେ
ଶଢାୟିତ ହୁଏନି ମୋର ଅବସର
ମୁଁ ଦିଶେ ଦୟାବନ୍ତ
ନିସ୍ତେଜ

ଫୁଲପ୍ରିୟ
ଦେହସାରା ଫୁଟେ ପୁଣି ସହସ୍ର ସହସ୍ର ଘା
ମୁଁ ପାଲଟେ ନିର୍ବିକାର, ଉଦାର
ଆଦିମ ମଣିଷ

କିଛି ଘା ଖୁବ୍ ନିଜର
ଏତେ ନିଜର ଯେ
ସେମାନେ ବଂଚେଇରଖନ୍ତି ମୃତପ୍ରାୟ ଗୋଟେ ସ୍ୱପ୍ନ
ତାକୁ ପିଟନ୍ତି, ପଜାନ୍ତି, ରଂଗାନ୍ତି
ଶିଖାନ୍ତି ଦ୍ରୋହ, ଦୁର୍ଭାଗ୍ୟ
ମୃଗୟା, ମାୟାବର୍ତ୍ତ
ଶେଷରେ ଅମରତ୍ୱ

ଦାଗ ମନେପକାଇଦିଏ
କେହି ନୁହଁନ୍ତି ଦାୟମୁକ୍ତ
କର୍ତ୍ତା, କଟୁଆଳ,
ଏପରିକି ପ୍ରେତ କି କବନ୍ଧ
ନା ଫୁଲର ପ୍ରାନ୍ତର
ନା ଫଳ କି ଫୋପଡ !

ସତ୍ୟରଂଜନ ପ୍ରହରାଜ

୨୪୦/୭୮, ଲେନ ନଂ୬,
ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର ୭୫୧୦୨୦
ମୋ ୯୬୫୮୪୧୩୫୩୪

ଜନ୍ମ ତାରିଖ: ୨୫.୦୭.୧୯୯୨
ଜନ୍ମସ୍ଥାନ : କୃଷ୍ଣପଡା, ଯାଜପୁର
ଶିକ୍ଷାଗତ ଯୋଗ୍ୟତା: ଡିଗ୍ରୀ ଇଂଜିନିୟରିଂ

ପ୍ରକାଶିତ ପୁସ୍ତକ:
ମିଛ ଜହ୍ନରାତି, ଅପ୍ରେମ ଯେତେକ

ରୁଚି:
କବିତା ପଢିବା ଓ ଲେଖିବା, ରୋଷେଇ

କିଛି ଲୁହଙ୍କ ଭାଗ୍ୟରେ ଆଶ୍ୱାସନାର କୋମଳ ପାପୁଲି ନଥାଏ

କବି ସୁବ୍ରତ ସେନାପତି

କଳ୍ପନା ଆଙ୍କେ ବୋଲି ତ ସେ କବି । ଯାହାର ଡେଣା ନ ଥାଏ । ଡେଣା ଥିଲେ, ଆକାଶ ନ ଥାଏ, ଆକାଶ ଥିଲେ, ସେଠି ବସିବାକୁ ଖଣ୍ଡେ ଥାନ ନ ଥାଏ । କଳ୍ପନାରେ ଗୋଟେ ନିଦଥାଏ । ନିଦରେ ସ୍ୱପ୍ନ ଥାଏ । ସ୍ୱପ୍ନ ଭାଙ୍ଗିଗଲେ, ଆଖି ମଳିମଳି ବାସ୍ତବତାକୁ ଭେଟେ । ବାସ୍ତବତା ହିଁ ଜୀବନ । କଳ୍ପନାର ପୁଟଦେଇ ସେ ଯାହାକୁ ଗଢ଼େ, ତା' ଲୁହଙ୍କ ପାଇଁ ଟିକେ ଆଶ୍ୱାସନା ମାତ୍ର ।

ସୁବ୍ରତଙ୍କ ସୃଜନପକ୍ଷ ପାଇଁ ଉଡ଼ାଣ ବୋଇଲେ ଦୁଇଟି ଲକ୍ଷ୍ୟ; ଗଳ୍ପ ଓ କବିତା । ଯେତିକି ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ ସେ ଗପରେ ଲାଗନ୍ତି, ଟିକିଏ ଊଣା ଲାଗନ୍ତି ମୋତେ କବିତାରେ । (ମତ ବ୍ୟକ୍ତିଗତ !)

ତାଙ୍କ ପାଇଁ ସ୍ୱପ୍ନମାନେ ଗୋଲାପୀ ଗୋଲାପୀ । ରୋମାଞ୍ଚ କହିଲେ, ସାର୍ଟର ବୋତାମମାନେ ବି ଅସ୍ତବ୍ୟସ୍ତ ହୋଇପଡନ୍ତି, ନେଲ୍‌ପଲିସ୍ କରା ନଖର ନରମ ଛୁଆଁରେ । ଛାଡିବା ଲୋକ ତ କେମିତି ହେଲେ ଛାଡିଯାଏ, କିନ୍ତୁ ନିଭେଇବା ବାଲା ନିଭେଇଥାନ୍ତି ସ୍ମୃତିମାନଙ୍କୁ ଯେମିତିବି ହେଉ । ବାସ୍ନା ଉଡ଼ିଯାଏ ହେଲେ ଚାରିଭାଙ୍ଗ ହୋଇ ବେଡ୍‌ସିଟ୍ ସାଇତା ଯାଇଥାଏ ୱାର୍ଡରୋବ୍‌ରେ ।

ସୁବ୍ରତଙ୍କ ପରି ଜଣେ ମେଧାସଂପନ୍ନ ଉଦ୍ୟାନବିତ୍‌ଙ୍କ କଲମରୁ କବିତାରେ କୋରକ, ସ୍ତବକ, ହୋମୋଫେବିକ୍ ଭଳି ଶବ୍ଦମାନେ ଝରିଆସିବା ସ୍ୱାଭାବିକ । ଫୁଲଙ୍କ ଉପରେ ଗବେଷଣା କରିକରି ଜଣେ ଫୁଲମନା ପାଲଟିଯିବା ତାଙ୍କ ନିଷ୍ଠା ଓ ନିବିଷ୍ଟତା । ଫୁଲ ଓ କଣ୍ଟା ଉଭୟଙ୍କ କାନ୍ଧରେ ତାଙ୍କ କାବ୍ୟମୟ ହାତ । ଗୋଟେ ସୀମିତତା ଓ ଆବଦ୍ଧ ପରିବେଶ ଭିତରେ ସୃଜନଶୀଳତାର କୋରକଟି ତା'ର ସ୍ୱପ୍ନମାନଙ୍କୁ ପୂରାକରି ପାରେ ନି । ସ୍ୱପ୍ନଭଙ୍ଗ, ଭୟ, ସଂଶୟ ଓ ଅସମାନତା ଭିତରେ ପ୍ରସ୍ଫୁଟନକୁ ଭେଟିବା ପୂର୍ବରୁ ଝଡିପଡନ୍ତି ଅକାଳରେ । ଏଇ ସାମାଜିକ ବିଭେଦତା ଓ ବିଷମତାକୁ ନେଇ ଭୂମିଗତ ବାସ୍ତବତାକୁ ଛୁଏଁ ତାଙ୍କ କବିତା । ଖୁବ୍ ସିଧାସାଧା ପ୍ରୟୋଗ ଓ ପ୍ରକାଶ ତାଙ୍କ କବିତାର ଏକ ଅନନ୍ୟ ଦିଗ ।

ନାଲିଫିତା ତଳେ (Redtapism) ସ୍ୱପ୍ନମାନେ ଶୋଇ ରହିବା ତାଙ୍କ କ୍ଷୋଭ । କେବଳ ପ୍ରେମ ନୁହଁ, କଣ୍ଟାର ସାମାଜିକ କଷଣମାନଙ୍କୁ ଛୁଇଁପାରେ ବି ତାଙ୍କ କଲମ । ମୁକ୍ତିର ଊର୍ଦ୍ଧ୍ୱଉଡ଼ାଣ ପାଇଁ ଚତୁରିଆ ଆଶ୍ୱାସନାର ଜାଲ । ହେଲେ, ବିନା ଇନ୍ଧନରେ କି ଖୋଲେ ଫାଇଲ୍ ଉପରୁ ସେ ନାଲିରଙ୍ଗର ଫିତା ? ଏମିତି ଶ୍ଳେଷ ଓ ଝିଙ୍ଗାସ ଟିକକ ଥାଏ କବିର ଛାତି ଭିତରେ । କୋମଳ ବିଦ୍ରୋହ ଟିକିଏ ଥାଏ କବିର କଲମ ମୁନରେ ।

ସ୍ୱପ୍ନରେ ଈପ୍ସିତ ଦେହଟି ସେମିତି ମାଗ୍ନେଲିଆ ପରି ବାସୁଥାଉ ଓ ଓଠର ନରମ ଛୁଆଁରେ ଝରିଆସୁ ବର୍ଷବର୍ଷର ଲାଭାସ୍ରୋତ । ଏମିତି କିଛି ଚମତ୍କାରିତା ଥାଉ କବିତାରେ ହେଲେ, ଦୁଇ ନାଆରେ ଗୋଡ଼ ନଦେଇ ଗୋଟିଏ ଦିଗରେ ନିବିଷ୍ଟ ନିବଦ୍ଧ ହେଲେ ବୋଧହୁଏ, ସୃଜନ ପ୍ରତିବଦ୍ଧତାର ପ୍ରକୃଷ୍ଟ ପରିସ୍ଫୁଟନ ଘଟିପାରନ୍ତା ସୁବ୍ରତ ।

ବିଛଣାରେ ସ୍ୱପ୍ନଦୀପ୍

ସୁବ୍ରତ କୁମାର ସେନାପତି

ଅସଜଡ଼ା ବିଛଣା ଉପରେ
ଶୋଇ ଶୋଇ ଅଭ୍ୟସ୍ତ ହୋଇ ଉଠିଥିବା ଦେହ
ବେଳେବେଳେ ଇଚ୍ଛା କରେ
ଶେଯରେ ମାପଚୁପ୍ କରି
ବିଛାଇ ଦେବାକୁ ଫୁଲପକା ନୂଆ ବେଡ୍‌ସିଟ୍
ବଦଳାଇଦେବାକୁ ପୁରୁଣା ତକିଆର ଖୋଳ
ଚିରାଚରିତ ନିଃସଂଗତାକୁ ଏଡ଼ି
କଳ୍ପନାରେ ହେଉ ପଛକେ
ତମକୁ ଯେ ଥରେ ଡାକିବାକୁ ପଡ଼େ ସ୍ୱପ୍ନଦୀପ୍
ମୋର ଏ ଦେହ ଉପରକୁ !

ତୁମ ଦେହ ଆଉ ମୋ' ଦେହ ଭିତରେ
ତଫାତ୍ କିଛି ନଥାଏ
ସମାନ ଛାତି, ସମାନ ଲିଙ୍ଗ
ତଥାପି ତୁମ ଦେହ
ମାଗ୍ନୋଲିଆ ପରି ବାସେ;
ସ୍ୱପ୍ନରେ ହେଉ ପଛେ
ତୁମ ଓଠର ନରମ ଛୁଆଁରେ
ଝରିଆସେ ବର୍ଷ ବର୍ଷର ଲାଭାସ୍ରୋତ

ଗଛର ବକ୍କଳ ପରି
ମନ ଆଉ ଦେହର ପରଦା ଯେତେ
ଖୋଲିଯାଏ ପରଷ୍ତ ପରଷ୍ତ ,
ଥୋପା ଥୋପା ତୁମ ସ୍ୱେଦରେ
ମୋ' ବିଛଣାରେ
ଭରିଯାଏ ନାଆଁ ଅଜଣା
କେତେକେତେ ଫୁଲଙ୍କ ମହକ ।

ବ୍ରୀଡ଼ାବର୍ଜିତ ଏ ଅନ୍ଧାର ଭିତରେ
ସ୍ୱପ୍ନଦୀପ୍, ତୁମ ଛାତିର ଅରଣ୍ୟେ
ଅନେକ ଦିନ ହେଲା ଆଲୁଅରେ
ଭେଟି ପାରିନଥିବା ସୂର୍ଯ୍ୟକୁ ଭେଟେ
ସାରା ରାତି ଆମେ ଘୋଡ଼ି ହୋଇଥିବା
ପାପର ଚାଦରକୁ ଶୁଖାଇ ଦିଏ
ସେ ବେବାକ୍ ସୂର୍ଯ୍ୟାଲୋକରେ;
ହେଲେ ଅଜାଣତରେ
କ'ଣ ଗୋଟେ ପୁଣି ଥରେ
ବହି ଆସୁଥାଏ କଦୁଷ୍ଣ ଧାରାରେ
ମୋର ଏ ବିଛଣା ଉପରେ ।

ସୁବ୍ରତ କୁମାର ସେନାପତି

ଜନ୍ମ: ୫.୭.୧୯୯୩
ରେମୁଣା, ବାଲେଶ୍ୱର

ପ୍ରକାଶିତ ପୁସ୍ତକ: ନିଷିଦ୍ଧବନ, କଦମ୍ବବନ (ଗପ ବହି)

ଶିକ୍ଷାଗତ ଯୋଗ୍ୟତା: ପି.ଏଚ.ଡି, ପୁଷ୍ପ ଓ ଭୂପୁଷ୍ପ ଦୃଶ୍ୟ ଉଦ୍ୟାନ ବିଭାଗ (ଓୟୁଏଟି)

ବୃତ୍ତି: ସହକାରୀ ଅଧ୍ୟାପକ, ସୋଆ କୃଷି ମହାବିଦ୍ୟାଳୟ
ରୁଚି : ବହି ପଢ଼ିବା, କଳାତ୍ମକ ଚଳଚ୍ଚିତ୍ର ଦେଖିବା,ଫୁଲ ମାନଙ୍କ ବିଷୟରେ ଗବେଷଣା କରିବା

ଠିକଣା:
ସୁବ୍ରତ କୁମାର ସେନାପତି
ସହକାରୀ ଅଧ୍ୟାପକ, ସୋଆ କୃଷି ମହାବିଦ୍ୟାଳୟ
ଦୂରଭାଷ : ୭୯୭୮୧୬୮୧୯୩'

ଯିଏ ଶରୀରର ଅଭେଦ୍ୟ ଉପତ୍ୟକାକୁ କଳ୍ପନାର ନାଆରେ ପାରି ହୋଇପାରନ୍ତି

ସ୍ୱରୂପ କୁମାର ନାୟକ

ଏ କବି ଯେତିକି ସଫଳ ଗଳ୍ପରେ, ସେତିକି ସ୍ୱାଚ୍ଛନ୍ଦ କବିତା ଲିଖନରେ । ଲୁହର ଅମାନିଆଁ ଧାର ତକିଆ ଚୁପ୍‌ଚାପ୍ ପିଇଯାଏ । ଭାବନା, ବେଦନା, ସମବେଦନା ଜୀଇଁ ଉଠନ୍ତି ରାତିକୁ ଚରିଯାଉଥିବା କବିର କଲମରେ ଭାବ ଓ ଶବ୍ଦ ହୋଇ । ସେଥିରେ ସେ ଅଙ୍ଗୁଛାଁନ୍ତି ଗପର ଓ କବିତାର । ଭାବଶରୀରକୁ ବାରମ୍ବାର ଅନାବୃତ କରି ସେ ରହସ୍ୟ ଖୋଜନ୍ତି, ଫଳପ୍ରସୂ ପ୍ରୟାସର । ଗୋଟେ ବିବର୍ତ୍ତନର ଶୈଳ୍ପିକ ଧାରାରେ ଗତିଶୀଳ ତାଙ୍କ କବିତାମାନେ । କବିତାର କୋମଳାଂଶରେ ଲୁଚିଥାଏ ଦର୍ଶନର ଦିଗବାରିଣୀ ଓ ଦୃଶ୍ୟମାନଙ୍କର ଦମ୍ଭିଲା ଆବିର୍ଭାବ ସବୁକୁ ଆଡ଼େଇ ତା'ସହ ଫେରାର୍ କରିପାରେ କାହାର ସିନ୍ଦୁର ଟୋପା, କାହାର ଭେମାରଡ଼ି, କାହାର ଭଙ୍ଗାଚୁଡ଼ି, ଆଖିକୋଣରେ ପଥର ପାଲଟି ଯାଇଥିବା ଲୁହ ଓ ମୃତ୍ୟୁ କ'ଣ ବୁଝି ନ ଥିବା ଶିଶୁର ଅବୋଧ ମୁହଁ ! ତଥାପି ମୃତ୍ୟୁର ଅହଙ୍କାରକୁ ପିଠି ବୁଲେଇ ମଣିଷ ଜୀବନ ଜୀଏଁ ।

କବି କବି ଲାଗୁଥିବା ଲୋକଟି ପାଖେ ସେ ହାରିଯାଏ । ତା' ହାଡ଼, ମାଂସ, ଦେହ ଦାହ, ଜରାବ୍ୟାଧି, ଭୋଗ ଓ ଯନ୍ତ୍ରଣାକୁ ନେଇଯାଇପାରେ ମୃତ୍ୟୁ ତା'ସାଙ୍ଗରେ । କିନ୍ତୁ ତା'ର ଅସ୍ତିତ୍ୱ ଓ ଅସ୍ମିତା ସେମିତି ଧୂଳିକଣା ହୋଇ ଲଟ୍‌କିଥାଏ - ଡ୍ରଇଂରୁମ୍ କାନ୍ଥ ଆଲ୍‌ମିରା କାଚରେ କି ଲାଇବ୍ରେରୀର କର୍ଟେନ୍‌ରେ । ସ୍ମୃତି ବିଧୌତ ଲୁହଟୋପା ହୋଇ କୋଉ କିଶୋରୀ ପ୍ରେମିକାର ଅନ୍ଧାରି ତକିଆ ତଳେ କି, ମଉଳା ଗୋଲାପର ପାଖୁଡ଼ା ହୋଇ କାହା ବହି ଭିତରେ । କବିଟିଏ ମୃତ୍ୟୁ ସହ ମୁହାଁମୁହିଁ ହେବାର ସାହସ ରଖେ । ଆହ୍ୱାନ କରି ପାରିଲା ଭଳି ଆବାହନୀ ତା' କଣ୍ଠରେ... "ଆ' ମୃତ୍ୟୁ ଆ' ଆ'... ହେଲେ କଥା ଦେ, ଆମେ ଭେଟାଭେଟି ହେବା ଦିନ, ମୋ' ଓଠରେ ହସ ଦେଖି ଯେମିତି ତୁ ନିଜେ ମରି ନ ଯାଉ" ।

ସ୍ୱରୂପ ଗପରେ ଯେତିକି ମେଲା ମୁକୁଳା, କବିତାରେ ଟିକେ ଅଧିକ mystic । ତଥାପି ଆମକୁ ଲକ୍ଷ୍ୟ କରିବାକୁ ହେବ କେତେଦିନ ଏମିତି ସେ ତାଙ୍କ ସୃଜନ ରାସ୍ତାରେ ଗପ ଓ କବିତାର ହାତଧରାଧରି ହୋଇ ଚାଲିବେ ।

ମୃତ୍ୟୁ

ସ୍ୱରୂପ କୁମାର ନାୟକ

ମୃତ୍ୟୁ
ସତ କହ,
ତୁ ଖୁସି ଏ ସତ୍ୟର ଅହଂକାରରେ !

ଏତେ ଘୃଣା, ଏତେ ତିରସ୍କାରରେ ତୁ ଖୁସି ?
ମା'ର ସ୍ତନ, ସ୍ତ୍ରୀର ଅଗ୍ନିଶମ ସିନ୍ଦୁର
କ୍ରମଶଃ ପଥର ପାଲଟି ଯାଉଥିବା ବାପାର
ମଝି ସମୁଦ୍ରର ନୀରବତା,
ଗୋଟେ କଅଁଳ ଶିଶୁର ଅବୋଧ ମୁହଁ
କେବେ କ'ଣ ଭେଦିପାରିନି ତୋ' ଅହଂକାର !

ତଥାପି ମଣିଷ ତୋ' ଅସ୍ତିତ୍ୱକୁ ପଛକରି
ନିତି ଜିଏଁ,
ବଂଚୁଥାଏ ବୁଝିସାରି ବି
ଅମୃତ ଟୋପାକ ନାଇଁ ତା' କପାଳେ ।
ତୁ ନ ଆସିବା ଯାଏଁ ସେ ଭାବୁଥାଏ
ସବୁ ଅର୍ଜନ, ସବୁ ମୋହ
ସବୁ ରାଗ, ସବୁ ଦ୍ୱେଷ
ସବୁ ତ ନେଇଯିବୁ ତୁ ।

ତେବେ ତା'ର ପ୍ରାପ୍ତି ଟିକକ !

ଏତକ ଭାବେନା ଯିଏ,
ସେଇ କବିକବି ଲାଗୁଥିବା ଲୋକଟା
କେଡ଼େ ସହଜରେ ତତେ ହରେଇଦିଏ !
ସେ ବୁଝେ,
ତୁ ନେବୁ ତା' ଦେହ, ହାଡ଼, ମାଂସ, ରକ୍ତ
ନେବୁ ତା' ଜରାବ୍ୟାଧି, ଯନ୍ତ୍ରଣା ଓ ଭୋଗ !

ସବୁ ଗଲାପରେ ସେ ସେମିତି ପଡ଼ିରହିବ
ଧୂଳିକଣା ହୋଇ ଲାଇବ୍ରେରୀ ପରଦାରେ,
କେଉଁ କିଶୋରୀର ତକିଆତଳେ
କି କାହା ଛାତି ଭିତରେ ଥିବ ସେ
କ୍ରମେ ଶୁଖିଆସୁଥିବା ଆଉ ଉଖୁରେଇ ଉଖୁରେଇ
ପୁଣି ଜୀବନ୍ତ ହେଉଥିବା ଗୋଟେ ସ୍ମୃତି ହୋଇ ।

ଗୋଟେ ନିଆଁଘେର ଭିତରେ
ସେଦିନ ଜଳିଗଲା ଗୋଟେ ଛାଇ
ତା' ସାକ୍ଷୀ ଥିଲା ,
କେବଳ ଗୋଟେ ତେନ୍ତୁଳି ଗଛ ଆଉ ଏ ଗାଙ୍ଗିକ ..
ଗଛର ଛାଇ ଲମ୍ବିଥିଲା ସେ ଛାଇର
ଦେହ ଯାଏ ..
ହତ୍ୟା ରହସ୍ୟ ଆଉ ଜଣେ ଯିଏ ଜାଣିଥିଲା
ଗପ ପରେ ନିଜେ ଗପ ହେଇଗଲା ।

ଆ ମୃତ୍ୟୁ
ଆ ଆ...
ହେଲେ କଥା ଦେ,
ଆମେ ଭେଟାଭେଟି ହେବା ଦିନ
ମୋ' ଓଠରେ ହସ ଦେଖି
ଯେମିତି ତୁ ନିଜେ ମରି ନ ଯାଉ !

ସ୍ୱରୂପ କୁମାର ନାୟକ

ଜନ୍ମ : ୨୧/୦୫/୧୯୯୩

ଜନ୍ମ ସ୍ଥାନ : ଅର୍ଜୁନପୁର, କେନ୍ଦ୍ରାପଡା

ଶିକ୍ଷା : ବି.ଟେକ୍ (କମ୍ପ୍ୟୁଟର ସାଇନ୍ସ)

ବୃତ୍ତି : ବ୍ୟାଂକର୍

ପ୍ରକାଶିତ ପୁସ୍ତକ :

ଅନ୍ଧାରର ଆରାଧନା (କବିତା-୨୦୨୧),
ସ୍ୱରୂପ କୁମାର ସିରିଜ୍ - କିଶୋରୀ ଅସ୍ମିତାର
ହତ୍ୟାରହସ୍ୟ (ଉପନ୍ୟାସ-୨୦୨୩)

ରୁଚି : ରହସ୍ୟ ଖୋଜିବୁଲିବା

ମୋତେ ଲୁହରେ ଲହୁରେ ଭାସିଯିବାର ଉପାୟ ଦିଅ !

କବି ଐଶ୍ୱର୍ଯ୍ୟା ରାଉତ

କେହି କେବେ ଭୋଗିପାରିନି ଅନ୍ତରଙ୍ଗ ନିର୍ଜନାତର ସବୁତକ ସୁଖ । ପ୍ରେମର ଅସରନ୍ତି ଆଶାବରୀ ଓ ବିପ୍ଳବର ନୀରବିତ ବିତାନ ମଧ୍ୟରେ ଥିବା ହାଇଫେନ୍‌ର ସେତୁ ଭିତରେ ତାଙ୍କ କାବ୍ୟିକ ବିଚରଣ । ନାତିଶୀତୋଷ୍ଣ ଶବ୍ଦମାନଙ୍କ ସକାରାତ୍ମକ ଓ ବିଦ୍ୱେଷହୀନ ବେଶରେ ସନ୍ତୁଳିତ ତାଙ୍କ ନାରୀବାଦର ସ୍ୱର, ଖୁବ୍ ସଞ୍ଜତ ଓ ସଂଭ୍ରମ ଏବଂ କବିଙ୍କ ଶବ୍ଦବସାଣ । କଅଁଳ କଟାକ୍ଷ ହିଁ ଐଶ୍ୱର୍ଯ୍ୟାଙ୍କ ଐଶ୍ୱର୍ଯ୍ୟମୟ କାରିଗରୀ । ପାଠକଙ୍କୁ ଭାବର ଗଭୀର ଭଉଁରୀ ଭିତରକୁ କେମିତି ତାଙ୍କ କାବ୍ୟ ପ୍ରବାହରେ ଟାଣି ନିଅନ୍ତି; ଏ କଳାକୌଶଳ ଟିକକ ତାଙ୍କୁ ହିଁ ଜଣା । ଯେମିତି ପର୍‌ଫ୍ୟୁମ୍ ପ୍ରମତ୍ତ କରେ ପିଛିଲା ଦିନମାନଙ୍କର ସ୍ମୃତି, ପୌଷର ଭରା ଖଳା ଯେମିତି ଭେଇପାରେ ମେରିଖୁଣ୍ଟର ବିଶ୍ୱାସ; ସେମିତି ମେ' ମାସର ମଧ୍ୟାହ୍ନ ଲୋଡ଼ିପାରେ ତୃପ୍ତିର ସାଓ୍ୱାର୍ ବାଥ୍ । ଖୁସି, ସନ୍ତୋଷର ଅସ୍ଥାୟୀ ରୂପ କିନ୍ତୁ ସନ୍ତୋଷ, ଖୁସିକୁ ଚର୍ମପୋଷାକର ସ୍ଥାୟୀ ଟାଙ୍କୁଣୀଟିଏରେ ଘୋଡ଼େଇ ରଖିପାରେ । କବିଟିଏ ଜୀବନ ପାଇଁ, କବିତା ପାଇଁ ଟିକେ ସନ୍ତୋଷର ଉଶ୍ୱାସ ଖୋଜେ ଯାହା ତା'ପାଇଁ ଦୁଃଷ୍ପାପ୍ୟ । ଖୋଜାଲୋଡ଼ା ଏମିତି ଜାରିଥାଏ ଜୀବନରେ, କବିତାରେ ଯିଏ ଅଭ୍ୟନ୍ତରରୁ ଆସି ଠିଆ ହୋଇପାରେ ନି କେବେ ଓଠ ଉପରେ । ସେଇମାନେ ସବୁ ଗୁରୁଣ୍ଡିଗୁରୁଣ୍ଡି ଚାଲନ୍ତି ଭାବ ଓ ଶବ୍ଦ ହୋଇ ତାଙ୍କ କାବ୍ୟର ଚାରଣ ଭୂଇଁରେ ।

କେଉଁଠି ଭ୍ରମ ନ ଥାଏ ଇଚ୍ଛିତ ବସ୍ତୁଟିକୁ ଭାବରୂପ ଦେବାରେ ତାଙ୍କର ଏଠିସେଠି ଭ୍ରମରେ ଭ୍ରମିବା, ଶବ୍ଦଚୟନର ଅପ୍ରକୃଷ୍ଟତା ପ୍ରାୟ ତାଙ୍କ କବିତାମାନଙ୍କରେ ଅଦୃଷ୍ଟ । ତାଙ୍କ ଭାଷା ଗୋପ୍ୟ ଚେତନାର ଧାରାକୁ ନିର୍ଦ୍ଧିଷ୍ଟ ପରିଚୟଟେ ଯୋଗାଏ । ଘନିଷ୍ଠତମ ସ୍ୱପ୍ନ କର୍ମମାନେ ବାସ୍ତବତାର ଭାବରୂପ ନେଇ ଓହ୍ଲେଇ ଆସନ୍ତି ତାଙ୍କ କାବ୍ୟିକ ମଗଜକୁ । କେତେବେଳେ ଶ୍ମଶାନର ଜୁଇ ପାଉଁଶ ହୋଇ ତ, କେତେବେଳେ ମେଘଝରା ଲୁହହୋଇ ବାସ୍ତବତାର ରୂପରେଖ ନିଏ ତାଙ୍କ କବିତାର ନଈ । ମାନସିକ ଚିତ୍ର ପ୍ରତିମାମାନଙ୍କୁ ଢଙ୍ଗଢ଼ାଙ୍ଗରେ ଗଢ଼ିବାରେ ସିଦ୍ଧହସ୍ତା ଐଶ୍ୱର୍ଯ୍ୟା; ସେଥିପାଇଁ ତାଙ୍କ କବିତା, ଶିଳ୍ପ ନୈପୁଣ୍ୟରେ ନିନାଦିତ ।

ସଚ୍ଚୋଟ ଓ ସତ୍ୟନିଷ୍ଠ ଭାବର ନାଆରେ ସବାର ଉଭୟ କବି ଓ କବିତା; ଆମକୁ ମନେରଖିବାକୁ ହେବ ଯେ, ଟିକିଏ ଟଳମଟଳ ହୋଇପାରେ କିନ୍ତୁ ଓଡ଼ିଆ କବିତା ଭଣ୍ଡାରର ଉପକୂଳରେ ଦିନେ ତାଙ୍କୁ ପହଞ୍ଚେଇବ ନିଶ୍ଚୟ । ଆପଣମାନେ ପଢ଼ିବେ ତାଙ୍କର ଗୋଟେ ସୁନିର୍ବାଚିତ କବିତା 'ସ୍ତ୍ରୀଲୋକ' ।

ସ୍ତ୍ରୀଲୋକ

ଐଶ୍ୱର୍ଯ୍ୟା ରାଉତ

ସେ ନୀରବତାକୁ ପିନ୍ଧେଇ ପାରେ ଘୁଙ୍ଗୁର
ପଥରକୁ ସୁର ତାଳ ଶିଖେଇ
ଗୀତ କରି ଭସେଇ ପାରେ ପବନରେ,
ହାତ ଆଉଁସି ସ୍ଥିର କରିପାରେ ସମୟ ଯେତେ
ପତ୍ରଝଡ଼ା ଋତୁରେ ସେ ସଂଜୀବନୀ ପଢ଼ି
କଅଁଳେଇ ପାରେ ଜୀବନର ଅଜସ୍ର ମୃତାହତ ଚେତନା ମାନ ।

ସେ ପାଣି ପରି ତରଳିଯାଇ
ଆଇନା ଦେଖଉଥାଏ ଜନ୍‌ହକୁ ପୁନେଇରେ,
ଅନ୍ଧାରକୁ ନର୍ତ୍ତକୀ କରି ଗପ ଯୋଡୁଥାଏ
କେତେ କେତେ ଅସହାୟ ଆଖିର ସ୍ୱପ୍ନରେ;
ଏକୁଟିଆ ସଜନା ଡାଳରେ ଖରାବେଳ ସାଉଁଟିଥିବା ପକ୍ଷୀଠୁ
ସେ ଗୋଟେଇ ଆଣେ ପୃଥିବୀର ନିର୍ଜନତା
ଯାହାକୁ ସେ ବୁଣିପାରେ ଫୁଲ କରି କାନିରେ,
ଚୁଲି ମୁଣ୍ଡରୁ ଲେଖୁଥାଏ କପାଳର ଅଦୃଶ୍ୟ କବିତା
ଦୀର୍ଘଶ୍ୱାସ ଉଡ଼େଇଦେଇ ବାଷ୍ପରେ, ପବନରେ ।

ତାକୁ ନିଆଁ କହିଲେ ସେ ଦେଖାଏ କୁଳୁକୁଳୁ ନଈର ଛାତି
ତାକୁ ହତ୍ୟା କହିଲେ ସେ ସ୍ଥିର ହେଇ
ଖୋଜିବୁଲେ ଅମୃତର ପ୍ରବହମାନ ଜୀବନ,
ତାକୁ କଣ୍ଢା କହି ଆଡ଼େଇଦେଲେ
ଓଲଟି ସେ ଫୁଲ ହେଇ ଫୁଟେ,
ତା' ଥିବା ନଥିବାର ଯୁକ୍ତି ନଦେଇ
ସେ ଠାକୁର ଘର ପାଲଟେ, ମହକେ ଚେତନାରେ ।

ଉଦ୍ଦାମ ଉଚ୍ଚାଟ ଦିନମାନଙ୍କୁ
ପଣତରେ ପୋଛିଦିଏ ସ୍ନେହରେ
ଆକାଶ ଖୋଜୁଥିବା ଆଖିକୁ ସେ ବାରମ୍ବାର ଶୁଣାଏ ମାଟିଗପ
ଅମେଇସା ଅନ୍ଧାରରେ ଜାଳୁଥାଏ ଜହ୍ନ ଦୀପ
ସେ ଥାଏ ବୋଲି ପୃଥିବୀରେ କେଉଁଠି ନା କେଉଁଠି
ଯୁଦ୍ଧର ବିଗୁଲ୍ ପରିବର୍ତ୍ତେ ବାଜୁଥାଏ ବଇଁଶୀଟିଏ
ରକ୍ତପାତ ପରେ ସ୍ୱତଃ ଉକୁଟୁଥାଏ ଫୁଲଟିଏ
ନିଆଁ ଭିତରେ ବି ଥାଏ ଚନ୍ଦନ ଛୁଆଁଟିଏ ।

ଯାବତୀୟ ହସ ଭିତରେ ସେ ନିରୁତା କାନ୍ଦପରି
ସଭ୍ୟତାର ଶିଖରରେ ସେ ହିଁ ଧୂଳି ପରି
ନିଘଞ୍ଚ ଜଙ୍ଗଲରେ ବେନାମୀ ଫୁଲର ବାସ୍ନା ସେ
ଦିନର ଜଞ୍ଜାଳରେ ସେ ଚଉଁରାର ଘିଅ ଦୀପ
ପୃଥିବୀର ଯେତେସବୁ ପାପ ବଳୟରେ ସେ ପୁଣି ପୁଣ୍ୟର ଗପ ।

ଭୂମିରୁ ଭୁମା ଯାଏ ସେ ବିସ୍ତୃତ ମହାଶୂନ୍ୟ
ଅଦୃଶ୍ୟ ଅଥଚ ପରିପୂର୍ଣ୍ଣ ।
ସେ ଥାଏ ବୋଲି, ଚକ ଅଖ ପରି ଘୂରୁଥାଏ ପୃଥିବୀ
ସବୁରି ଅନ୍ତକରଣରେ ବୋହୁଥାଏ ନଈର ନିରୀହତା
ମୋକ୍ଷର ମୋହ ଭିତରେ ଥାଏ କାମନାର ଚଞ୍ଚଳତା
ଭଙ୍ଗାଗଡ଼ାରୁ ଗଜୁରେ ଜୀବନ ବାରବାର,
ତା' ହାତ ଆଉଁସାରେ ଫି' ଥର ମୃତ୍ୟୁରୁ ଅମୃତ ହେଉଥାଏ ସଂସାର

ଐଶ୍ୱର୍ଯ୍ୟା ରାଉତ

ବୃତ୍ତି: ଓଡ଼ିଆ ଶିକ୍ଷୟିତ୍ରୀ, ଓଡିଶା ଆଦର୍ଶ ବିଦ୍ୟାଳୟ, ସୁକିନ୍ଦା

ଜନ୍ମ ତାରିଖ : ୧୦/୦୬/୧୯୯୯

ଶିକ୍ଷା ଗତ ଯୋଗ୍ୟତା : M.A B. Ed(ଓଡ଼ିଆ)

ଠିକଣା:
ନୂଆଗାଁ, ନାଆମୀ,
ମଞ୍ଜୁରୀ ରୋଡ଼, କେନ୍ଦୁଝର - ୭୫୬୧୨୧

ପୁସ୍ତକ : ଅପ୍ରକାଶିତ

ରୁଚି: ବହି ପଢ଼ିବା, ଲେଖିବା, ଚିତ୍ର ଆଙ୍କିବା, ରୋଷେଇ କରିବା

ଯାହାଙ୍କ ଶବ୍ଦର ସ୍ୱର ଯେତିକି ଛବିଳ, କଣ୍ଠସ୍ୱର ତା'ଠୁଁ କୋମଳ

କବି ପ୍ରବୀଣ କବି

କିଛି କହିଲ, କିଛି ସହିଗଲ, କିଛି କହୁକହୁ ରହିଗଲ ପ୍ରବୀଣ; ମୁଁ ଠିକ୍, ତୁମେ ଭୁଲ୍‌କୁ ନିଖାରୁନିଖାରୁ କେତେ ସଂପର୍କ ବହିଗଲାଣି ଏ ସମୟ ସୁଅରେ । ଏଇ ଲୁହ ଟୋପାକର ଅସୁଲ ରଖେ ତୁମ କବିତା । ସିଂହ ଗୋଡ଼ରେ କଣ୍ଟା ଫୁଟିଗଲା ବୋଲି, କବିତାର ଗଳିକୁ ବୁଲାକୁକୁରମାନଙ୍କୁ ସମର୍ପଣ ନ କରିଦେବା ହିଁ ତୁମ ଶବ୍ଦମାନଙ୍କର ସଂକଳ୍ପ କବିତାରେ । କାହାର ଗୋପେ ଲୁହରେ ତୁମେ ବିରହ ପାଲଟିଯାଅ, କାହା ଛାତିର କୋହରେ ତୁମେ ଦରଜ ପାଲଟିଯାଅ ? ତୁମ ପାଇଁ ନାରୀ ଏକ ବସ୍ତୁ ନୁହେଁ । ନାରୀ ଏକ ମୁକୁଳା ଫୁଙ୍ଗୁଳା ଦେହ ନୁହେଁ; ନାରୀ ଏକ ବିଚାର । ତୁମ କବିତାରେ ଏହିସବୁ ସ୍ଥୂଳ ବିଚାର ସହ ସୂକ୍ଷ୍ମ ଅନୁଭବର ସାମ୍ନାସାମ୍ନି ହୁଏ । ଖୁସି ଏକ ଭ୍ରମ ଯାହା ବାସ୍ତବତାର ଅଭାବରେ ମିଳେ । କିନ୍ତୁ ପ୍ରବୀଣଙ୍କ କବିତାରେ ଭ୍ରମ କମ୍ ଓ ବାସ୍ତବତା ଅଧିକ ପରିଲକ୍ଷିତ ହୁଏ ।

ପାଦ ଚାଲେ, ପାଦ ଚଲାଏ, ପାଦ ଜଳେ, ପାଦ ଜଳାଏ । ପାଦକୁ ବୁଝିପାରିବାକୁ କବିଟିଏ ଅସମର୍ଥ ଥାଏ କାଳକାଳ । ପାଦ କ୍ଷତ ଦିଏ, ପାଦ ମରଣ ବି ଦିଏ । ମହୁ ସଞ୍ଚୁସାରି ମରିଯାଏ ଗୋଟେ ଶ୍ରମିକ ମହୁମାଛି ପାଦର ମହୁଫେଣା ତଳେ । ଏ ପାଦ ପ୍ରବୀଣ, ଆଉ ପାଦ ହୋଇ ନାହିଁ, ମାଟି ଆଉ ମାଟି ହୋଇ ନାହିଁ । ଆମମାନଙ୍କ ପାଟିରେ ପ୍ରତିବାଦର ଶବ୍ଦ ନାହିଁ କି, ଆମ କବିତାରେ ସେ ଧାର ନାହିଁ । ଯୋଉଠି ପୋତା ହେଲା ଜୀବନ ବୋଲି ଗୋଟେ ମଞ୍ଜି ସେଠିକି ଫୁଟି ବି ଫୁଟି ପାରିଲା କ'ଣ ଫୁଲ ? ଯେଉଁଠି ଢଳା ହେଲା ଆମ ଅସହନୀୟ ରକ୍ତ ଓ ଝାଳ, ସେଠିକି ଭୋଗିହେଲା ପ୍ରବଣତାର ମୂଲ ? ଏତିକି ଜାଣିଥା - ମଧ୍ୟବିତ୍ତୀୟ ବାଲ୍‌କୋନିରେ ଦୁଧ ଅଳତା ଧୂଆ ପାଦର ଅହଂକାର ଗୋଟେ ଭ୍ରମ ! ଯେଉଁ ପାଦ ମଶାଣୀରେ ସବୁ ଜଳି ସାରିଲା ପରେ ଶେଷରେ ଜଳେ । ସବୁକାଳେ ଝାଳର ସୂର୍ଯ୍ୟ ସଂଗେ ବିବାଦ । ପାଦର ରାସ୍ତା ସଙ୍ଗେ ବିବାଦ । କୁହ ତ - ନିଜ ହୃଦୟଠୁଁ କୋଉ ଶବ୍ଦ ଅଛି ଏତେ ସମୁଜ୍ଜ୍ୱଳ ବିବାକ୍ ?

ସେ ପାଦ ନାଚରେ ଝୁମୁଥାଉ, ପାଷାଣ ପାଲଟିଯାଉ କାହାର ହୃଦୟ । ସେ ପାଦ ଚୁମୁଥାଉ ଫୁଲକୁ, ରକ୍ତାଭ ହେଉଥାଉ ଆଉ କାହାର ଗାଲ । ହେଲେ ସେ ପାଦତ ଭେଇଛି ଫଗୁ, ଫଗୁଣ ବଂଶୀ ଓ ବସନ୍ତ । ଯଦି କିଏ ଚାଲୁଚାଲୁ କଣ୍ଟାର ଆଘାତରେ କ୍ଷତାକ୍ତ ହୁଏ, ବାଟର କିଛି ଦୋଷ ଥାଏ କି ? ଚାଲି ନଜାଣି ବାଟର ଦୋଷ ଦେଇ ଲାଭ କ'ଣ ?

ସେମିତି ଚାଲିଥାଅ କବି - ଗୀତ ଲେଖିଲେଖି, ଗୀତ ଗାଇଗାଇ ଓ କବିତା ଲେଖି, ଗୋଟେ ସାଙ୍ଗେତିକତାର ଡୁବିଯାଉଥିବା ଧାରାକୁ ଓଡ଼ିଆ କବିତାରେ ଉଦ୍ଧାରୁ ଥାଅ । କବିତାଗୁଡ଼ିକୁ ଆଉ ଟିକେ ସଂକ୍ଷିପ୍ତ କଲେ ଭାବର ପରିଧି ଭିତରେ ଘୂରାଫେରା କରିପାରନ୍ତା ବୋଲି ମୁଁ ଭାବୁଛି ।

ପାଦ

ପ୍ରବୀଣ କବି

ସେ ପାଦ ଲକ୍ଷ୍ମୀପାଦ ନା କୁପାଦ
ମୁଁ ଜାଣେନା ,
ସେ ପାଦ ଝୋଟି ସାଉଁଟେ ନା ଲହୁ
ମୁଁ ଜାଣେନା !

କୋଉଠୁ ତା'ର ଉତ୍ପତ୍ତି
କୋଉଠି ହୁଏ ସେ ଲୀନ ମୁଁ ଜାଣେନା ,

କାହାକୁ ସେ ଭଲପାଏ
ଘୃଣା କରେ କାହାକୁ ମୁଁ ଜାଣେନା !

ତଥାପି ବି ନିତି ନିତି ମୁଁ ଦେଖୁଥାଏ ସେ ପାଦ
ଛୁଉଁଥାଏ, ଲୋଡୁଥାଏ
ଅନୁସରଣ କରୁଥାଏ ତାକୁ ଖୁବ୍ ସଯତ୍ନରେ ।

ବେଳେବେଳେ ସେ ଥାଇ ବି ନଥାଏ
ଆଉ ନଥାଇବି ଥାଏ ସବୁଠି
ଦେହରେ,ଦାହରେ
ଶ୍ୱାସରେ,ସ୍ପର୍ଶରେ
କଣ୍ଟାରେ,ଫୁଲରେ
ଆଉ ଫୁଲଶେଯରେ ବି !

ଫିଁ' ଦିନ ସକାଳେ
ଆଖି ଖୋଲିଲେ ମୁଁ କିଛି ପାଏକି ନପାଏ
ପାଏ ଗୋଟେ ପାଦଚିହ୍ନ,
ଯାହାଠି ସମାଧିସ୍ଥ ଥାନ୍ତି
କିଛି ମାଟି, କିଛି ବାଟ ,
କିଛି କ୍ଷତ,କିଛି ସ୍ୱପ୍ନ ।

ହେଲେ ପ୍ରତିଥର ସେ ଚିହ୍ନକୁ ଛୁଇଁବା ପୂର୍ବରୁ
ହିଁ ସେ ଲିଭିଯାଏ
ଆଉ କାହା ପାଦର ସ୍ପର୍ଶରେ !
ତେଣୁ, ତାକୁ ବୁଝିବାକୁ ମୁଁ ଅସମର୍ଥ
ସବୁକାଳ !

ସେ ପାଦ !
କାହାର ଚିମୁଟେ ଆଶ୍ଳେଷ ପାଇଁ
ଯିଏ ନିଜକୁ ସମର୍ପି ଦେଇପାରେ ଆଉ କାହା ପାଖରେ
ସେ ପାଦ !
କାହାର କାଣିଚେ ଦ୍ୱେଷରେ
ଯେ ତା'ର ସଂପୂର୍ଣ୍ଣ ଅସ୍ତିତ୍ୱକୁ ବି
କବଳିତ କରିନେଇପାରେ ।

ହଁ,ଯୋଉଠି ସ୍ୱପ୍ନ, ସେଇଠି ତା'ର ସ୍ୱର୍ଗ
ଯୋଉଠି ସ୍ୱପ୍ନଭଙ୍ଗ ସେଇଠି ତା' ଚିହ୍ନ !
ସେ ପାଦ ପାଇଁ ଯେତେ ସବୁ ମାଟି
ମାଟି ପାଇଁ ବାଟ,
ବାଟ ପାଇଁ ବାଟୋଇର ପ୍ରେମ
ପ୍ରେମ ପାଇଁ ଜୀବସତ୍ତା ଡହଳ ବିକଳ,
ତଥାପି ବି ଏଠି ନିତି ନିତି ଲୋଡ଼ା ପଡ଼େ ମହୁ
ମହୁ ପାଇଁ ଫୁଲ, ଫୁଲ ପାଇଁ ପରାଗ ସଂଗମ ।

ହଁ,
ସେ ପାଦରୁ ଯେବେ ବି ଝରିଛି ମହୁ
ମରିଛି ଗୋଟେ ମହୁମାଛି ,
ସେ ପାଦରୁ ଯେବେ ବି ଝରିଛି ରେଣୁ
ସରିଛି ଗୋଟେ ଫୁଲର ଯୌବନ ।

ସେ ପାଦରେ ଯେବେ ବି ଲାଗିଛି ଅଳତା
ଉଠିଛି କାହାର ନା କାହାର କୋକେଇ,
ସେ ପାଦରେ ଯେବେ ବି ଲାଗିଛି କଣ୍ଟା
ଗାଢ଼ ହେଇଛି କାହାର ନା କାହାର ତ କ୍ଷତ !

ତଥାପି ବି ସେ ପାଦ
ଶିଖେଇଚି ଚାଲି, ଦେଖେଇଛି ବାଟ
ବାଟ ଯଦି ତୁମେ ଭୁଲ,
କ'ଣ ଦୋଷ ତା'ର !

ସେ ପାଦ ଅଛି ବୋଲି ତ
ଏ ପୃଥ୍ୱୀ ଅଛି, ଅଛି ଏ ପୃଥ୍ୱୀରେ ଜୀବନ
ବାଟ ସାରା ଏତେ ଫୁଲ ଏତେ କଣ୍ଟା
ଏତେ ପୁଣି ଯାତନା କଷଣ ।

ହଁ,
ସେ ପାଦ ଯେବେ ବି ଖୋଜିଛି ବାଟ
ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି ଆଉ କାହା ବାଟରେ,
ସେ ପାଦ ଯେବେ ବି ନାଇଛି ପାଉଁଜି
ଶିକୁଳି ଲାଗିଛି
କାହାର ନା କାହାର ପାଦରେ,

ସେ ପାଦ ଯେବେ ବି ଚୁମିଛି ଫୁଲକୁ
ରକ୍ତାକ୍ତ ହୋଇଛି ଆଉ କାହା ଗାଲ
ସେ ପାଦ ଯେବେ ବି ଝୁମିଛି ନାଚରେ
ପାଷାଣ ପାଲଟିଯାଇଛି ଆଉ ଜଣେ କିଏ !

ତଥାପି ତ ସେ ପାଦ ସୃଷ୍ଟି କରିଛି ଏ ଫୁଲ
ଏ ଫଗୁ ,ଫଗୁଣ ,ବଂଶୀ ଓ ବସନ୍ତ
କଣ୍ଟା ଯଦି ତୁମେ ମାଡ଼
କ'ଣ ଦୋଷ ତା'ର !

ପ୍ରବୀଣ କବି
ଜନ୍ମ ତାରିଖ : ୨୪.୦୬.୧୯୯୩
ଜନ୍ମସ୍ଥାନ : ମଦନପୁର , ସାଇଁକୁଳ, କେନ୍ଦୁଝର
ପ୍ରକାଶିତ ପୁସ୍ତକ :
ଇନ୍ଦ୍ରଧନୁ , ଶତାବ୍ଦୀର ଶେଷ ଚିଠି, ଅଦୃଶ୍ୟ ଅନ୍ଧାର
ଶିକ୍ଷାଗତ ଯୋଗ୍ୟତା:
ସ୍ନାତକୋତ୍ତର , ଉଦ୍ଭିଦ ବିଜ୍ଞାନ
ବୃତ୍ତି : ଅଧ୍ୟାପନା

ସାଂପ୍ରତିକ ଓ କିମ୍ବଦନ୍ତୀମାନଙ୍କ ଫ୍ୟୁଜନ୍‌ରେ ଲେଖାଯାଇପାରେ କବିତା

କବି ଦିପୁନ୍ ପୁହାଣ

ହାଡ଼ ଓ ମାଂସର ନାଦ ଓ ନିନାଦ ଭିତରୁ ସ୍ୱର ସାଉଁଟନ୍ତି କବି ଦିପୁନ୍ । ନବ ଉନ୍ମେଷର ଜଣେ ଦର୍ପିଳ ଓ ସ୍ୱର୍ଦ୍ଧିତ ଉଚ୍ଚାରଣ । ଶବ୍ଦମାନଙ୍କର ସରଳ ସଂଚରଣ ଓ ଭାବର ଗଭୀର ବିସ୍ତରଣ ତାଙ୍କ କଥାମାନଙ୍କର ସ୍ୱକୀୟତା । ଅବବୋଧର ଅବାଧ ପ୍ରବାହ ଓ ଅତିନ୍ଦ୍ରୀୟ ଚେତନାମାନଙ୍କର ଚିତ୍ରଦୃଷ୍ଟି ତାଙ୍କ କାବ୍ୟିକ ଚଳମାନତା । କବିତାର ଜୀବନୀଶକ୍ତି ଓ ହୃତ୍‌ପିଣ୍ଡର ଧକ୍‌ଧକ୍ ଯେମିତି ଖୁବ୍ ଜୀବନ୍ତ ହୋଇ ଶୁଭିଯାଏ ତାଙ୍କ କବିତାର ରନ୍ଧ୍ର ରନ୍ଧ୍ରାଂଶରୁ । ଅନୁଭବର ଜୀବନ୍ୟାସ ଦେଇ ଶବ୍ଦ ଓ ଭାବକୁ ଲୟ ଓ ତାଳ ଦେଇପାରନ୍ତି ସେ । ଅପରିହାର୍ଯ୍ୟତା ଓ ଅସହାୟତା ଭିତରର ସେତୁଟିଏ ପରି ଲାଗେ ତାଙ୍କ କବିତା, କେଉଁଠି ପଥର କରି ବସେଇ ଦିଏ ଯେମିତି ପାଠକକୁ । କେତେ ଧାରୁଆ, କେତେ ତୀକ୍ଷ୍ଣ ଦିପୁନ୍‌ଙ୍କ ଶବ୍ଦାସ୍ତ୍ର ସେ ନିଜେ କ'ଣ କହି ପାରୁଥିବେ । ଆମେ କିନ୍ତୁ, ଗଦ୍‌ଗଦ୍ ଓ ଭାବବିହ୍ୱଳ ହୋଇଯାଉ ତାଙ୍କୁ ପଢୁପଢୁ । ଲିଭିଯିବା ଧାଡ଼ିଟିଏ ବି ଯେମିତି ଗଢ଼ିହୋଇଯାଏ । ଭାବନାର ଅବୋଉଳା ଗଛରେ ଫଳ ଯେମିତି ନେସି ହୋଇଯାଏ । ହୁଏତ, ଏକଥାକୁ କେହି ସମାଲୋଚକର ଅତିରଞ୍ଜିତ ମିଥ୍ୟାଭାସ ବୋଲି କହିପାରନ୍ତି କିନ୍ତୁ ଏ ଲେଖକକୁ ଯେମିତି ଲାଗେ, ଯେମିତି ଭେଟେ ଓ ଯେତିକି ଭିଜେ ତାଙ୍କ କବିତାମାନଙ୍କରେ ତା'ର ଇଏ ଅଛଣା ଅଭିବ୍ୟକ୍ତି ।

ଅଠସ୍ତରୀଟି ରାତି ଭୋଗିସାରିଲାଣି ଅଗଷ୍ଟ ପନ୍ଦର, ତେବେ ରାତିଟିଏରେ କାହିଁକି ଅଧିକାର ନାହିଁ ଝିଅର ? ବ୍ୟବସ୍ଥାର ବନ୍ଦ କୋଠଘରକୁ କବିଟିର ପ୍ରଶ୍ନ ଯଥାଯଥ । କାହିଁକି ଫାଳକର ପୃଥିବୀ ଅଭୋଗ୍ୟ ରହିବ ସେମାନଙ୍କର ? ମଝିବାଡ଼ ଉପରେ ବସିଥାଏ ଝିଅଟିଏ ସବୁକାଳେ । ଏ ପାଖରେ ଥାଏ ନିଆଁଝୁଲ । ସେପାଖରେ ବ୍ୟାଧ ହାତରେ ଜାଲ । କୁଆଡ଼େ ଯିବ ? ଏଇ ଅନ୍ଧାରକୁ ଜୟ କରିବାକୁ ପଡ଼ିବ । ଏତେ ଅଂଧାର କାହିଁକି ଏ ମାଟି ଖଣ୍ଡିକରେ ? ଦିନେ ସମୟ ଆସିଲେ, ଦିପୁନ୍ ପରି କେହି ପଚାରିବ - ରକ୍ତର ଡାକରେ ବୈଷମ୍ୟର ବାଡ଼ କିଏ ପୋତିଛି ? ଏତେ ଘୃଣା, ଏତେ ଘମଣ୍ଡ, ଏତେ ଘନଘଟାରେ ଏ ମାଟିଖଣ୍ଡକ ଏଡ଼େ ରକ୍ତାପ୍ଲୁତ କାହିଁକି ? କାହାରି ପାଖେ କିଛି ଉତ୍ତର ନ ଥିବ । କୋଉଠି କିଛି ଉଜୁଡ଼ିଗଲେ ଦିପୁନ୍ ପରି କବିମାନଙ୍କ କଲମ କାନ୍ଦିପାରେ ଯେମିତି ସିଏ ବିଦ୍ରୋହର ସ୍ୱର ତୋଳିପାରନ୍ତି ତାଙ୍କ କବିତାମାନଙ୍କରେ ।

ଦିପୁନ୍‌ଙ୍କ ସବୁ ପରେ ବି କବିତାକୁ ଯଦି ଆମେ ଅନୁଶୀଳନ କରିବା, ମର୍ମେମର୍ମେ ତା'ର ମାନବୀୟ ଅଭାବବୋଧ, ସଂଶୟ ଓ ଛାଇଛାଇକା ସଂପର୍କର ବିବିଧ ରଙ୍ଗଙ୍କୁ କେମିତି ଧରି ରଖିଛି ତାଙ୍କ କବିତା । ସ୍ୱଦେହରେ ଅସ୍ତିତ୍ୱରେ ନ ଥାଇ ବି ତା'ର କଙ୍କାଳ ଛାଇହୋଇ ଗୋଡ଼େଇଛି ପଛରେ । ରୂପର ଛାଇକୁ କ'ଣ କେହି ପରକରି ଦେଇପାରେ ମନରେ ? ଟିକେ ଭଲପାଇବା ଥିଲେ; ଧୂଳି ପୋଷପୋଷରେ ଛନ୍ଦିହୋଇ ପଡୁଥିବା ପାଦ ବି ଚାଲିପାରେ ମାଇଲ୍ ମାଇଲ୍ ବାଟ । ମୂକ ଫଟ ପାଟିରୁ ବି ଫିଟେ କଥା - ବାସ୍ ଟିକେ ଭଲ ପାଇବା ଥିଲେ !

ଏମିତି ପ୍ରେମ ଓ ପ୍ରତିକ୍ରିୟାମାନଙ୍କୁ ନେଇ ଆହୁରି ଗଭୀର, ଆହୁରି କ୍ରିୟାଶୀଳ ହେଉ ତୁମ କବିତା ଦିପୁନ୍ । ପ୍ରେମରେ ଥାଅ ! କବିତାରେ ବି !

ସବୁ ପରେ ବି

ଦିପୁନ ପୁହାଣ

ସବୁ ପରେ ବି
କାହିଁକି ଦୁଃଖଟିଏ ହିଁ ରହିଯାଏ ଅନ୍ତରଙ୍ଗ ହେଇ ?

ନଈ ଦିନେ ପଚାରିଲା ସମୁଦ୍ରକୁ ଏକଥା..

ସମୁଦ୍ର ଜାବୁଡ଼ି ଧରିଲା ନଈକୁ
ତାର ଲୁଣିଆ ଅଶ୍ଳେଷରେ ସିନା,
ହେଲେ ଫେରେଇ ପାରିଲାନି ତାକୁ
ତା' ପ୍ରଶ୍ନର ଉତ୍ତର...

ନଈ ବି ବୁଝେଇ ପାରିଲାନି ସମୁଦ୍ରକୁ ଯେ,
କୋଉ ଦୁଃଖ ରହିଗଲା ଅନ୍ତରଙ୍ଗତାର...

ନଈ ଓ ସମୁଦ୍ର
ଅନେକ ଦିନର ସମ୍ପର୍କ ତାଙ୍କର,
ଭାରି ଭଲ, ଭାରି ମଧୁର
ଓ ଭାରି କୋଳାହଳ

ଅଥଚ
ଏ କାହାର ପ୍ରତିବିମ୍ବ ଦିଶିଯାଏ
ବହନ୍ତା ନଈର ଛାତିରେ ?

ଗହନ, ସବୁଜ-ସୁନ୍ଦର
ଓ ଉର୍ବର ?

ଏ କାହାର କଙ୍କାଳ ଲୁଚେଇ ରଖିଚି
ସମୁଦ୍ରର ହୃଦୟ ଶ୍ମଶାନ ?

ସରସ୍ୱତୀ,
ମାଳିନୀ, ଚନ୍ଦ୍ରଭାଗା,
ନାଁ ଗନ୍ଧବତୀ ?

କିଏ ସେ ?
ପୋଛି ଦେଇପାରିନାହିଁ
ଅଜିଯାଏଁ ଯିଏ,
ତା ନଥିବାର ପ୍ରମାଣ

ଏତେ ସବୁ ପରେ ବି...

ଦିପୁନ୍ ପୁହାଣ

ଜନ୍ମ : ୨୭/୪/୧୯୯୬
ଆମ୍ବୋର, କଳିଙ୍ଗନଗର, ଯାଜପୁର

ଶିକ୍ଷା : ଓଡ଼ିଆରେ ସ୍ନାତକୋତ୍ତର ପରେ
ବର୍ତ୍ତମାନ ଶାନ୍ତିନିକେତନରେ ଗବେଷଣାରତ

ବୃତ୍ତି : ଓଡ଼ିଆ ଅଧ୍ୟାପନା

ରୁଚି : ଛବି ଆଙ୍କିବା, ବହି ପଢ଼ିବା

ପ୍ରକାଶିତ କବିତା ପୁସ୍ତକ : ଗାଁରୁ ବାଣୀବିହାର,
ଅପାଦ ପ୍ରେମିକ,
ଫୁଲମନା

ଦୀପର ଚର୍ଚ୍ଚା ହେବାଯାଏ... ଗର୍ଭରେ ଘିଅ ହୋଇ ଆହୁରି ଜଳ

କବି ସୁମିତ୍ ପଣ୍ଡା

ସୁମିତଙ୍କ ବହୁମୁଖୀ ପ୍ରତିଭା ତାଙ୍କୁ ଏକ ଭିନ୍ନ ପରିଚୟ ଦିଏ । ସେ ଏକାଧାରାରେ ଜଣେ କବି, ଔପନ୍ୟାସିକ, ଗୀତିକାର ଓ ସଂଳାପ ଲେଖକ । ପିଲାଟି ଦିନରୁ ଜଣେ ମେଧାସଂପନ୍ନ ଛାତ୍ର ବି । ସାମାଜିକ ଗଣମାଧ୍ୟମରେ ମୁଖପୁସ୍ତିକା ପ୍ରକରଣର ପ୍ରଚଳନ ନ ଥିଲେ ବୋଧେ, ଏ ଲେଖକ ଓଡ଼ିଆ କବିତାରେ ଏଇ ନବ ଉନ୍ମେଷର ଉମଙ୍ଗଭରା ଉଡ଼ାଣମାନଙ୍କୁ ଉପେକ୍ଷା କରିଯାଇଥା'ନ୍ତା । ଗୋଟିଏ ଶୁଖିଲା ପତ୍ରକୁ ପଢ଼ି ଦେଖିଲେ... ଅନେକ ସ୍ମୃତି ପଢ଼ି ହୋଇଯାଏ କିନ୍ତୁ, ସୁମିତ ପରି ଏକ ଛନଛନିଆ ପଲ୍ଲବନରେ ଏତେକଥା ଛପିଛି ତାକୁ ନିରେଖିବା କଷ୍ଟ । ତାଙ୍କ ଶବ୍ଦରେ ଦୃଢ଼ତା ଅଛି, ଭାବରେ ଗଭୀରତା ଅଛି ଓ ଚେତନାର ଚୌହଦୀରେ ମାଟି ଓ ମଣିଷ ପାଇଁ ଢେର୍ ଦରଦ ଝଲକୁଛି । କବିତାରେ ତାଙ୍କର, ପାଚିପୁଚି ନିଗିଡ଼ି ଆସୁଥିବା କିଛି ନିଷ୍କର୍ଷ ଥାଏ । ନୂଆ ଉଡ଼ାଣ ପାଇଁ ପକ୍ଷକୁ ସାମର୍ଥ୍ୟ ଦେବା, କିଛି ସମୟ ମାଗିଥାଏ ଯେମିତି ମାଗିଥାଏ ବସି ଯାଇଥିବା ଗଣ୍ଠିକୁ ଫିଟେଇବା ପାଇଁ କିଛି ସମୟ । ସୁମିତ କିନ୍ତୁ ଏଇ ଉକ୍ତିମାନଙ୍କର କିଛି ବ୍ୟତିକ୍ରମ ପରି ଲାଗନ୍ତି । ସେ ବାରିପାରନ୍ତି ପ୍ରଭେଦ, ଆଧିକ୍ୟ ଓ ପ୍ରାଚୁର୍ଯ୍ୟ ଭିତରର ସେଥିପାଇଁ ତାଙ୍କ କବିତାମାନ ଖୁବ୍ ମାପଚୁପ୍ ଓ ସମତୁଲ ।

ଲଙ୍କାଗଛଟିଏ ଉପଲକ୍ଷ୍ୟ ମାତ୍ର । ଲକ୍ଷ୍ୟ ଚରମ ମାନବିକତା । କ୍ଷୟିଷ୍ଣୁ ମାନବୀୟ ମୂଲ୍ୟବୋଧକୁ ଆଖିର ପରମ ପିତୁଳାକରି କବିଟିଏ ହିଁ ରଚିପାରେ ଏମିତି କବିତା । ଅଯତ୍ନରେ ବଢୁଥିବା ଗୋଟେ ଲଙ୍କାଗଛର ବି କିଛି ଅସୁଲ ଅଛି, ଅଛି କିଛି ଅଙ୍ଗୀକାର ଫେରେଇ ଦେବାକୁ ଏ ପୃଥିବୀକୁ । ହେଲେ ନିଜକୁ ଶ୍ରେଷ୍ଠ ଜୀବର ଭ୍ରମ ଭିତରେ ଟୁବୁଟୁବୁ ହେଉଥିବା ଅବିବେକୀମାନଙ୍କ ପାଇଁ ଏହା ଏକ ଚରମ ଚେତାବନୀ । ତା' ଠି ଚରିତ୍ର ଅଛି, ଚଞ୍ଚକତା ନାହିଁ, ନିରୀହପଣ ଅଛି, ନମକହାରାମୀ ନାହିଁ । ଆଖିଟିଏ ଅଛି ତା' ପାଇଁ ଆଇନାଟେ କାହିଁ ? ସଂସାରକୁ କବିଟିଏ ଏମିତି ଆଇନା ଦେଖେଇ ପାରେ । ନାରୀବାଦୀ ବୋଲି ଦାବି ରଖିବା ଆଳରେ ଅଶ୍ଳୀଳତାର ଶବ୍ଦାଡମ୍ବରରେ ନଗ୍ନନୃତ୍ୟ ନୁହେଁ, ଟିକେ ପରଦା ଲୋଡ଼ା । ଶବ୍ଦମାନଙ୍କର ସଲ୍ଲଜ, ସଂଭ୍ରମ ଗତିଶୀଳତାଟେ ଲୋଡ଼ା । ଏଇ ଯେମିତି ସୁମିତ ଓ ତାଙ୍କ କବିତା "ଲଙ୍କାଗଛ" । ଯେଉଁ ହାତ କରଚୂଲି ଧରିଜାଣେ, କଟୁରୀ ବି ଧରିପାରେ । ଯେଉଁ ତୁଣ୍ଡ ଅମୃତର ଶବ୍ଦମାନଙ୍କୁ ସଜେଇପାରେ ସେଇ ତୁଣ୍ଡ, ଲୋଲୁପ ଦୃଷ୍ଟିର ଲଫଙ୍ଗାମାନଙ୍କୁ ଅଶବ୍ଦ ବି, ଫିଙ୍ଗିପାରେ । ସଂସ୍କାର ଓ ସଂହାର ଭିତରେ ନିଜର ସ୍ଥିତିକୁ ଜାହିର୍ କରୁଥାଉ ଝିଅଟିଏ ।

ଲଙ୍କାଗଛ

ସୁମିତ ପଣ୍ଡା

ଦେଖିଲ
କେତେ ଧୀରେସ୍ଥିରେ
ଘରର ଗୋଟେ କଣରେ ବଢୁଛି ଲଙ୍କାଗଛ !

ଉଁ ଚୁ ବୋଲି କିଛି ନାହିଁ
ତା' ପାଖରେ ଘଡ଼ିଏ ଠିଆ ହୁଅ
ନିରୀହପଣର ଅଭାବ ତୁମ ପାଖେ ଦିଶିବ, ତା'ଠି ନୁହେଁ !

ନିଜ ଭିତରେ ନିଜକୁ ସଜାଡ଼ି ନେଉଥାଏ
ନିଜ ଭାଗର ଖରା ତ ଦୂର କଥା
ପାଟି ଖୋଲି ଦିନେ ପାଣି ମୁନ୍ଦେ ବି ମାଗିନି
ଏତେ ଧୈର୍ଯ୍ୟ ଏଇ ଛୁଆବେଳୁ କୋଉଠୁ ଆଣୁରେ, ମୁଁ ପଚାରେ !

ମୋ' କଥାକୁ ବାଆଁରେଇ ଦେଇ
ମୁଣ୍ଡ ହଲେଇ ହସେ !

ନିଜକୁ ବଡ଼ କରିବା ଆଗରୁ
ଫଳ ଧରିବାର ବୋଝ ଲଦେ ଏଇ ଦୁନିଆ ।

ନମ୍ରନ୍ତି ଫଳିନ ବୃକ୍ଷଃ -
କହିବାକୁ ଆଖିଟିଏ କାହିଁ ?

ଏଠି ଆଇନା ତ ଆଙ୍କୁଥାଏ ଆଖି
ଆଖି ପାଇଁ ଆଇନାଟିଏ କାହିଁ ?

ନିଜକୁ ନୁଏଇଁବା ଭିତରେ
ଜହର ଟିକକ ନିଜ ଭିତରେ ସଂଚୁଥାଏ !

ମୋ ଝିଅ, ମୋ ମା'
ତୁ ନଇଁବା ଶିଖ !
ଦୁନିଆ ଦୂରରୁ ତୋ' ନିରୀହପଣକୁ ଭେଟୁ
କେବେ ଆଖି ଉଠେଇ ଦେଖିଲେ
ତୁ ଜହର ବୋଳିବା ଶିଖ ।

ମୋ ଝିଅ - ତୁ ଲଙ୍କା ଗଛଟିଏ ହ ।
ମୋ ଝିଅ - ତୁ ଲଙ୍କା ଗଛଟିଏ ହ ।

ସୁମିତ୍ ପଣ୍ଡା

ଶିକ୍ଷାଗତ ଯୋଗ୍ୟତା : ବି.ଟେକ୍
ପେଶା : ସଫ୍ଟୱେର ଇଞ୍ଜିନିୟର
Senior Application Developer at IBM
ରୁଚି : କବିତା, ଗଳ୍ପ, ଉପନ୍ୟାସ, ନାଟକ, ସିନେମା, ଗୀତ
ପୁସ୍ତକ : ଅଚିହ୍ନା ଜହ୍ନ, ଆଞ୍ଜୁଳାଏ ଆକାଶ, କେଜାଣି କାହା ଅପେକ୍ଷାରେ (କବିତା)

ଯାହାଙ୍କ ଦନ୍ତ-କ୍ଷତ ରାତିକୁ ତାଜାକରେ ଏକ୍ଲାପଣରେ

କବି ସୌମ୍ୟ ସାରସ୍ୱତ ଦାଶ

ଏ ଯୁବକବିଙ୍କ କବିତାରେ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ହାତ ଧରାଧରି ହୋଇ ଚାଲନ୍ତି । ସମୟର ସଫେଦ କାଗଜ ଛାତିରେ ଦୁଇଧାଡ଼ି ଦୁଃଖ ଲେଖିବାକୁ ଭଲ ଲାଗେ । ନିଲଠା ଜୀବନ ଜୀଇଁବାରେ ବିତୃଷ୍ଣା ଅଛି । ବାଟସାରା, ସମୟର ପିଠିସାରା ଖେଳୁଥାଉ ପାଉଁଶର ଢେଉ ପଛକେ ଓଠରେ ଧାରେ ଫୁଲ ଫୁଟିଥାଉ । ନିଆଁ ଓ ଫୁଲକୁ ସାଙ୍ଗରେ ନେଇ କବିତାର ମହାର୍ଘ ଭୂଇଁରେ ସୌମ୍ୟଙ୍କ ଆତଯାତ । ସବୁ ଛାତି ଭିତରର ପରାସକୁ ଓଠକୁ ଆଣିପାରେନି ବୋଲି ତ କବିଟିଏ ଗୁମୁରିଗୁମୁରି କାନ୍ଦେ କବିତାରେ । ଏଇ ଫିଟି ପଡ଼େ ନା ବୋଲି, ହଟିପାରେ ନା ବୋଲି ଜିଦ୍‌ରୁ, ଦୁଃଖ କେବେ ଲାଘବ ହୋଇପାରେ ନା ଜୀବନରୁ । ବୟସ ଗଡ଼ିଲେ, ଜହ୍ନର ମୁହଁ ବିଷର୍ଣ୍ଣ ଲାଗେ ହଳଦିଆ ଦିଶେନା ଗାଧୁଆ ତୁଠ, ଚୁଡ଼ି ଭାଙ୍ଗିବାର ବିଷାଦବେଳାରେ । ସେତେବେଳେ କିଛି ଭୁଲିବାକୁ ଚାହିଁଲେ ବେଶୀବେଶୀ ମନେପଡ଼େ । ଲୁହ ପାଉଁଶ ହେଇ ଭାସେ । ହାତରେ ଗଡ଼ି, ଜିଭରେ ଭାଙ୍ଗିଦେବା ଓ ପରବର୍ତ୍ତୀ ସମୟ ସହ ଏକୁଟିଆ ଯୁଝିବା ବୋଧେ କବିର ଭାଗ୍ୟ ଅବଧାରିତ। ନହେଲେ ସୌମ୍ୟ ଏଡ଼େ ବିରହାପ୍ଲୁତ ସିରିୟସ୍ କବିତାମାନଙ୍କୁ କେମିତି ଲେଖିପାରିଥାନ୍ତେ ଯେ ସେ ! ଅତରର ଅପେକ୍ଷା ରଖି ଇତରକୁ ଆପଣାଇ ନେବାର ବଡ଼ପଣ ଓ ଦୁଃଖ ସହ ଚୁକ୍ତିକରି ଅପ୍ରାପ୍ତି ଓ ଅତୃପ୍ତିକୁ ଆଦରି ନେଇ ତୃଷାର୍ତ୍ତ ରହିବାର କୌଶଳ କବିଟିଏ, କବିତା ପାଇଁ ଆପଣେଇ ନେଇପାରେ କେବଳ ।

ସୌମ୍ୟଙ୍କ କବିତାର ଗଡ଼ଖାଇ ଭିତରକୁ ଗମିଯିବା ଏତେ ସହଜସୁଲଭ ନୁହେଁ । ସାଧାରଣ ପାଠକଟିଏ ପାଇଁ, ପାଠକଟି ନିଜକୁ ସେଇ ପର୍ଯ୍ୟାୟକୁ ଉନ୍ନୀତ ନ କଲେ, ବୋଧଗମ୍ୟତାରୁ ମାଇଲ୍ ମାଇଲ୍ ଦୂରତାକୁ ଚାଲିଯିବ । ଗୋଟେ ନିସ୍ତରଙ୍ଗ ଜଳରାଶି ଉପରକୁ ଟେକା ଟେଳାଏ ଫିଙ୍ଗି ଚହଲେଇ ଦେବାର ଭ୍ରମଟିଏ ଭିଆଯାଇପାରେ କିନ୍ତୁ ତାଙ୍କ କବିତାମାନଙ୍କର ସମ୍ମୋହନକୁ ସରୁଗଳି ଦେଇ ଖୋଜିପାରିବା କଷ୍ଟ ନିଶ୍ଚୟ ।

ଚିଠି ପରିବର୍ତ୍ତନର ପ୍ରବାହରେ ଗୋଟେ ସ୍ୱପ୍ନ । ପ୍ରେମ ଗୋଟେ ଅପ୍ରାପ୍ତିର ପାରିଜାତ ଫୁଲ ଫୁଟେନା, ବାଲ୍‌କୋନିର ଗାଙ୍ଗୁଲାରେ । ଲୁହରେ ବୁଡ଼ିମରେ ହିଂସ୍ରତା, ଶୀତଳ ଆଲୁଅ ଖୋଜିଖୋଜି ଜହ୍ନର । ଜମା ସରୁ ନ ଥିବା କବିତାର ଶେଷ ପଂକ୍ତି ଛାତିରେ କୋମଳ ହାହାକାରଟିଏ ହୋଇଯାଏ କବିତା; ଥାଇ ନ ଥିବା ପରି ସମୟର ବନ୍ଦ ହାତମୁଠାରେ କେଡ଼େ କରୁଣ ଲାଗେ କବିତା । ଉଦାସ ରହିପାରେ କବିଟିଏ କିନ୍ତୁ ନାରାଜ ନୁହେଁ କବିତା ଉପରେ । ହୃଦୟରେ ଥାଇପାରେ କିନ୍ତୁ ପାଖରେ ନ ରହିପାରେ । ସତ କହିଲେ; ସବୁକିଛି ଅଛି ତୁମ କବିତାରେ, ଓଡ଼ିଆ କବିତାକୁ ଦେବା ପାଇଁ ସୌମ୍ୟ ।

ମୋହଭଙ୍ଗ

ସୌମ୍ୟ ସାରସ୍ୱତ ଦାଶ

ଖୁବ ଦୀର୍ଘ ଭାବରେ ଲେଖିହେବ
ଆଜିର କଥା,
ସମ୍ପୂର୍ଣ୍ଣ ନିରବ ବର୍ତ୍ତମାନର କଥା ।

ଏ ବେଳାର ଆକାଶରେ
ଏବେ ମେଘ ନାହିଁ, ଦିଶୁନାହିଁ ଜହ୍ନ,
ଉଡୁନାହିଁ ପ୍ରଥମ ଥର ପାଇଁ ପ୍ରେମରେ ପଡ଼ିଥିବା
ପ୍ରଜାପତିର ଡେଣା,
ଏବେ ଆଉ ଶୁଭୁନାହିଁ,
ନିଜର ମୁଣ୍ଡ ହରାଇ
ନିଃଶ୍ୱିହ୍ନ ହେଇ ସାରିଥିବା
ନିରୀହ ପକ୍ଷୀଗୀତ ।

ଏହି କ୍ଷଣର ସମୁଦ୍ରରେ,
ଡଙ୍ଗା ଓଲଟିଯିବା ଆଗରୁ
ଜଳଦସ୍ୟୁଟି ଲେଖେ ନାହିଁ ପ୍ରେମଚିଠି,
ଜହ୍ନର ଛାଇ ଖୋଜି ଖୋଜି
ନୟାନ୍ତ ସାଙ୍କୁଚଟି ବୁଡ଼ିଯାଏ ଲୁଣିପାଣିରେ,
ବୋଧହୁଏ ଲୁହରେ ।

ଏ ମୁହୂର୍ତ୍ତରେ ହିଁ
କେହିଜଣେ ଯୋଡୁଥାଏ ହାତ,
ଅଥବା ନିଜେ ହିଁ ପାଲଟିଯାଉଥାଏ ଈଶ୍ୱର,
ନିଜ ହାତରେ ଗଢ଼େ ଘର,
ଅଥଚ ଜିଭରେ ଭାଙ୍ଗିଦେଇ ତୃପ୍ତ ହୁଏ,
ଆହୁରି ଏକାକୀ ହୁଏ ।

ଏଇ ଏବେ ହିଁ
କାହା ଅଗଣାରେ ଜଳିଯାଉଥିବ
ନିଜ ଗଢ଼ା ଧୂସର ପୃଥିବୀ,
ନିଆଁ ଧାସରେ ଆହୁରି ଉଜ୍ଜ୍ୱଳ ଦିଶୁଥିବ
କେବଳ ଯୋଡ଼ାଏ
ବିଷର୍ଣ ପୋଡ଼ା ହାତ ।

ଖୁବ୍ କ୍ଷୁଦ୍ର ଭାବରେ ଲେଖିହେବ ଆଜିର କଥା,
ସେଇ ଜଣକର କଥା,
ଯିଏ ଥିଲା,
କିନ୍ତୁ ବାକି ଆଉ କିଛି ବି ନଥିଲା ।

ସୌମ୍ୟ ସାରସ୍ୱତ ଦାଶ

ଜନ୍ମ : ୨ ଜୁଲାଇ ୧୯୮୯

ବାସ ସ୍ଥାନ : ଚମ୍ପୁଆ

ବୃତ୍ତି : ସଫ୍ଟୱେର ଇଂଜିନିୟର

ପ୍ରକାଶିତ ପୁସ୍ତକ : ଝରାଫୁଲ, ମଲାଜହ୍ନର ଜ୍ୟୋସ୍ନା, ଶୂନ୍ୟପାଦ

ରୁଚି : ଗୀତ ଶୁଣିବା, ବଗିଚା କାମ ଓ ରୋଷେଇ

ଦୁଃଖର ଦିନ ସବୁରେ ମୁଁ ହସୁଥାଏ

କବି ସୋନାଲି ପଣ୍ଡା

ଆଖି ସେଇଠି ଅଟକେ ଯୋଉଠି କିଛି ବିରଳତା ଓ ବ୍ୟତିକ୍ରମ ଭେଟେ । ବାକ୍ୟଟିର ସଂକ୍ଷିପ୍ତତା ହିଁ ଗୁଡ଼ାଏ ଆଜୁରବାଜୁର ଶବ୍ଦମାନଙ୍କ ଗତିଶୀଳତା ଉପରେ ନିୟନ୍ତ୍ରଣ । ଅନେକ ଅପସନ୍ଦ ଭିତରେ ଗୋଟିଏର ପସନ୍ଦ, ତାହା ବ୍ୟକ୍ତିର ଯୁକ୍ତାତ୍ମକତା । ଅନେକ ଆସ୍ତିକତା ଭିତରେ ନିଜର ନାସ୍ତିକତାକୁ ପ୍ରଦର୍ଶନ କରିପାରିବା ହିଁ ଶ୍ରେଷ୍ଠତ୍ୱ, ସେତେବେଳେ ଆସେ ଯେତେବେଳେ ଜଣେ କାୟା, ମନ ଓ ବାକ୍ୟରେ ଜୀବନାଦର୍ଶକୁ ସ୍ୱଚ୍ଛତା ଓ ନିର୍ମଳ ହୃଦୟର ସହ ପ୍ରତିଷ୍ଠିତ କରେ । ନହେଲେ ତାହା ଛଳନାପୂର୍ଣ୍ଣ ଓ ଲୋକଦେଖାଣିଆ ହୋଇଥାଏ ବି ! ଅତ୍ୟଧିକ ନାସ୍ତିକଭାବକୁ ଆମେ ଅଭିମାନର ଶୀର୍ଷତମ ସୋପାନରେ ଆସ୍ତିକତା ବୋଲି ଏ ଲେଖକ ଭାବେ (ବ୍ୟକ୍ତିଗତ ମତ) ।

ସୋନାଲିଙ୍କ କବିତା ସ୍ୱାଭିମାନର କାଦୁଅଲଦା କାନ୍ଥ । ଚାପା ହସ ତଳେ କବିତାର ଅୟୁତେ ଯୁଗର ଶୋଷ । ବିରକ୍ତିକର ବିଭ୍ରାଟ କି ଅସାମଞ୍ଜସ୍ୟ ଶବ୍ଦସଜ୍ଜା ତାଙ୍କ କବିତାର ପ୍ରୟୋଗରେ ପ୍ରତୀତ ହୁଏ ନାହିଁ । ଜ୍ଞାନକୁ ଗାରିମାମୟ କରିବାର ପ୍ରବଣତା ତାଙ୍କ ବସ୍ତୁଚୟନର ବିମୁଖତା । କିଛି ନ ଦିଶିବା ଭିତରେ ଅନେକ କିଛି ଦିଶିଯିବା ହିଁ ତାଙ୍କ କବିତାର କଳା କାରିଗରୀ । ଶବ୍ଦମାନେ ହିଁ ତାଙ୍କର ଭାରି ନିଜର ଯିଏ ମନର ଶାନ୍ତିକୁ ପ୍ରସ୍ଥାପିତ କରେ । ଯେମିତି ଛାୟା ନୁହେଁ କାୟା ହିଁ, ବାସ୍ତବତା କବିତାର ମନୋଭୂମିରେ ତାଙ୍କର ।

ସମୁଦ୍ରର ଉପସ୍ଥିତିରେ ପାହାଡ଼ର ଅନୁପସ୍ଥିତି ଥାଏ ଏବଂ ପାହାଡ଼ର ଉପସ୍ଥିତି ହିଁ ଡାକିଆଣେ ଦୃଶ୍ୟପଟ୍ଟଳକୁ ସମୁଦ୍ରର ନୀଳ ସମ୍ମୋହନକୁ । କ'ଣ ଆଙ୍କିପାରେ କି ସୌଖିନ ଚିତ୍ରକରଟିଏ ତା' ଜୀବଦ୍ଦଶାରେ ? ପାହାଡ଼ଟେ ଥିଲେ ତ ଝରଣାଟେ ଛୁଟେ ଓ ନଈ ଭେଟୁଥାଏ ସମୁଦ୍ରକୁ । ଶବ୍ଦର ଚିତ୍ରକରଟିଏ ଆଙ୍କୁଆଙ୍କୁ କ'ଣ ଆଙ୍କେ କି ? ନଈ ବୋଲି ଯାହା ଅଙ୍କେ - ପାହାଡ଼ ତଳେ ଗୋଟେ ସରୁ ଛାଇ, ନଈ କାହିଁ, କାହିଁ ସମୁଦ୍ରର ଆଲିଙ୍ଗନ ? ଏମିତି କବିଟିଏ ସବୁ ଅନୁପସ୍ଥିତକୁ ଉପସ୍ଥିତ କରି କବିତା ଲେଖେ । ଠିକଣାରେ ପହଞ୍ଚିପାରେ ନି କେବେ କବିତାର କୋମଳ ଗାନ୍ଧାରଭରା ଜଉମୁଦଦିଆ ଚିଠି । କବିତା ଗୋଟେ ନିଆଁର ହସ ଯାହା ଶାନ୍ତଶିଷ୍ଟ ଜଙ୍ଗଲକୁ ଉଠେଇ ଦେଇପାରେ ନିଦରୁ । ଉଠ, ଉଠ, ଶୁଣ ମୋ' ଚିତ୍କାର, ମୋ' ହସର ଆର୍ତ୍ତନାଦ ଓ ମୋ' ଲୁହର ହସଟୋପା ।

ହଁ ସୋନାଲି, ସତ କହିଲେ : ମୋତେ ଗଭୀର ନିଦ୍ରାରୁ ଉଠେଇ ଦେଲାଭଳି ଉଠେଇ ଦେଲା ତମ ଶବ୍ଦର ପଦ୍ମତୋଳା ଓ ବିମ୍ବମାନଙ୍କର ବିରୋଧାଭାସ । କବିତାରେ ତୁମର ଶବ୍ଦମାନେ ଶିଉଳିଲଗା ପଥରରେ ଫୁଲଫୁଟିବାର ଚିତ୍ର ଆଙ୍କି ଚାଲନ୍ତୁ ।

ସମୁଦ୍ର କୂଳିଆ ଝିଅ

ସୋନାଲି ପଣ୍ଡା

କେବେ କେବେ ଝରଣା ଖୋଜନ୍ତି ସେମାନେ,
ଓଢ଼ଣୀରେ ବାନ୍ଧି ରଖି ମନ ।
ଜିଦ୍ କରନ୍ତି, ଶିଉଳି ଲଗା ପଥର ସବୁରେ
ଆଙ୍କି ଦେବାକୁ ଫୁଲ ଫୁଟା ଚିତ୍ର ।
ଡେଇଁ ପଡ଼ନ୍ତି ହାତ ଖୋଲି, ବେପରୁଆ ।
ତାଙ୍କୁ ଭୟ ନଥାଏ ଶାମୁକା କି ସାପର ।

ଥରେ ଅଧେ ନିହାତି ତ ଗଳି ଯାଇଥିବ,
ଖପରା କି କାଚ ଖଣ୍ଡେ ପାଦରେ ତାଙ୍କର !
ଝରଣାରେ ବୋହି ଯାଇଥିବ ରକ୍ତ ଧାର ଧାର !

ଆଉ, ସେମାନେ ହସିଦେଇ କହିଥିବେ,
ମୁଁ ଝରଣା ଦେଖିଲି ଏଇ ଏବେ ଏବେ !
ଏଇ ଏବେ ଏବେ,
ମୋ ଭିତରେ ବହିଗଲା ଶୀତଳ ନଦୀଟେ !
ଏଇ ଏବେ ଏବେ ଭରିଗଲା, ମଲ୍ଲୀ ଫୁଲିଆ ବାସ୍ନା !
ଏଇ ଏବେ ଏବେ, ମୁଁ ଆଉଥରେ ନିଜକୁ ପାଇଲି !

ସେମାନେ ହସିଥିବେ, ଜଙ୍ଗଲ ଭର୍ତ୍ତି ।

କେହି କେହି ଶୁଣିଥିଲେ, ଶୁଣିଥିବେ,
କେବେ ତାଙ୍କ ଗୁମୁରା ସ୍ୱର ।

କେମିତି କାନ୍ଦନ୍ତି ସେମାନେ,
ହସୁ ହସୁ କୋଉ ସହଜ କଥାରେ ଆଉ,
ଲୁଚେଇ ଦିଅନ୍ତି ଆଖୁ ଟିକେ କେବେ ଅସହଜ ହେଲେ !

ସେ ଠିକଣାରେ ପହଞ୍ଚି ପାରେନି ଚିଠି,
ଯାହା ଲୁଚିଥାଏ, ତାଙ୍କ ତକିଆ କଡ଼ରେ ।

ସେ ଚିଠି ସବୁ ସାଦାକାଗଜର,
ଯାହା ନାଁ ଲେଖା ଥାଏ, ଲଫାପା ଉପରେ ।

ସେମାନେ ସହଜରେ ଗ୍ରହଣ କରନ୍ତି ନାହିଁ ; ହାର୍ ।

ଚଢ଼ନ୍ତି ପାହାଡ଼ ।
ଚଢ଼ନ୍ତି ଉପରକୁ ।
ଆହୁରି ଉପରକୁ ।
ଆହୁରି ଉପରକୁ ।
ଆହୁରି ଆହୁରି ଉପରକୁ ।

କାରଣ,
ସେମାନେ ବିଶ୍ୱାସ କରନ୍ତି,
ବସନ୍ତ ଋତୁର ଫୁଲ ଖୁବ୍ ସୁନ୍ଦର ।

ସୋନାଲି ପଣ୍ଡା

ଜନ୍ମ :୨୭.୦୨.୧୯୯୮

ଠିକଣା : ବଳାଙ୍ଗ, ପୁରୀ

ପୁସ୍ତକ : ରକ୍ତମଲ୍ଲୀ

ତିନି ବକ୍ତ ଭୋକର ଜୀବନକୁ ଚାରିହାତର ସପନ

କବି ପ୍ରଣୟ ସୁଧା

ଦେହ ବୋଇଲେ; ପର୍ବତ ଶୃଙ୍ଖଳା ଘେରା ଜଙ୍ଗଲ, ଗୁଣୁଗୁଣୁ ଗୀତରେ ଗଭୀର ପତ୍ରପତ୍ର ନୀଳ, ପବନର ଝଙ୍କାରରେ ଆତୁର । ତାଙ୍କ ନାମ ପରି ଜଣେ ପ୍ରଚଣ୍ଡ ପ୍ରେମିକ ଯାହାଙ୍କ କବିତା ସାରା ନୀଳ ଜଙ୍ଗଲର ଦେହରେ ରୂପାରୂପା ଜହ୍ନର ଛାଉଣୀ । ଦେହ କହିଲେ ଗଛ, ଯିଏ ଆସିଲା, ଚୋଟ ମାରିଲା, ଶୁଖିଶୁଖି ଦେହ କାଣିଆଙ୍ଗୁଠି ପରି ଛୋଟ । ତାଙ୍କ କବିତାର ଦୃଶ୍ୟପଟଳରେ ପ୍ରେମର ବ୍ୟାପ୍ତି ଓ ପରିଣତି, ବିଭୀଷିକା ଓ ବିସ୍ମୟ, ବିରହ ଓ ବେଦନା । ଯାହାଙ୍କ ହୃଦୟ ଗୋଟେ ପଦ୍ମଫୁଲ ଯିଏ ଅନେକ ସ୍ମୃତିକୁ ପଂକେଇ ରଖିଛି । ନିଜ ଲୁହରେ ବୁଡିଛି ନିଜର ଡଙ୍ଗା ଯେମିତି ବୁଢ଼େ - ଭଅଁର, ପ୍ରେମିକ ଓ କବିର । ସେତେବେଳେ କଷ୍ଟ ନାଚେ, କଷ୍ଟ ଗାଏ ଓ କଷ୍ଟ ହସୁଥାଏ । ଏଇ କଷ୍ଟ ହିଁ ଜୀବନ ଜୀଇଁବାର ଆଉ ଏକ ନାମ ଓ କବି ପ୍ରଣୟଙ୍କ କବିତାର କଞ୍ଚାମାଲ ଓ ଇନ୍ଧନ ।

ହଜେଇ ଦେଇ ଖୋଜିବାରେ ବି ଗୋଟେ ଅଲଗା ଭାବ ଥାଏ । କବିଟିଏ ସ୍ୱପ୍ନରେ ବୁଣି ସାରିଥିବା କବିତା ଓ ଶବ୍ଦକୁ ଯେମିତି ସକାଳୁ ପାଶୋରି ସାରିଥାଏ, ଠିକ୍ ସେମିତି ସକାଳର ଓଠ ଛୁଆଁ, ଦେହ ଆଉଜା ଗୋଟେଗୋଟେ ରକ୍ତଜଳା ସ୍ୱପ୍ନ ରାତି ପାହିଲାବେଳକୁ ଭାଜି ସାରିଥାଏ । ପ୍ରେମ ଗୋଟେ ମେଘ, ବର୍ଷିବ ବର୍ଷିବ ବୋଲି ବରଷେନା, ସ୍ମୃତିର ସେ କାଗଜ ଡଙ୍ଗା ବୁଡ଼ିଯାଏ ଦାଣ୍ଡର ଧୂଳିରେ । ଏଇବେଳେ ଚା' ସରେ, ସିଗାରେଟ୍ ସରେ ଓ ପ୍ରେମିକାର ଅଣଲେଉଟା ପାଦ ଆଉ ଫେରେନା ।

ଏଇ ଅସରନ୍ତି ପ୍ରତୀକ୍ଷା ଓ ନିଃସଙ୍ଗତା ଭିତରେ ଭାସୁଥାଏ ପ୍ରଣୟଙ୍କ କବିତାର ଭାବରାଜ୍ୟ । ଶବ୍ଦଙ୍କ ସିମ୍ଫୋନୀ ଥାଏ ମାତ୍ର ସେତେ ପରିମାଣର ଗମ୍ଭୀରତା ନ ଥାଏ । ପ୍ରଣୟଙ୍କୁ ଆଉ ଟିକିଏ ଘଷିମାଜି ଦେଇ ଶାଣ କରିବାକୁ ହେବ ସୃଜନର ଧାର !

ସ୍ମୃତିର ନାଁ ବର୍ଷା

ପ୍ରଣୟ ସୁଧା

ବର୍ଷା ଦିନେ ଆସିବ ବୋଲି
ସେ କହି ନାହିଁ କେବେ,
ହେଲେ ବର୍ଷା ଦିନେ
କି ଚମତ୍କାର ମେଘ ମେଘାଏ
ତା ଦେହ,ମନ ଓ ସକାଳୁଆ ଗୀତ ରେ !

ଝରଣାର ଝର ପରି ସେତେଜ ଭୋର୍ ବେଳ
କୁଣ୍ଠା ଉଡା ବର୍ଷାକୁ ଭିଜା ଆଲୁଅ
ଆଉ ଅପସରିତ ଲାଜ ଲାଜ ଅନ୍ଧାର
ନିଦୁଆ ମୋ ଆଖିରେ ତା ଗୀତର ଛିଟିକା
ମୁଁ ଉଠେ ତା କଥା ଭାବେ,
ତା ଦେହରେ ଆଉଜେ,ତା ଓଠ ଛୁଏଁ
କାମ ବାଲି କୁହେ
ଚା'ପିଅ ବାବୁ ସକାଳର ସ୍ୱପ୍ନ ସବୁ ମିଛ କଥା ।

ଭାରି ମେଘ ବିଜୁଳିର ଦିନ
ତା ଦେହ ବତୁରା ମାଟି,
ପୁରୁଣା କ୍ଷତରୁ ନୂଆ ଏକ
ରକ୍ତ ଫୁଲର କ୍ଷରଣ,
ସତରେ ଭାରି ମେଘ ବିଜୁଳିର ଦିନ

ତା ଘର ଯେମିତି ମୋତେ ଭୁଲି ଯାଇଛି
ଭିଜା କାନ୍ଥ ମଥାରେ ହାତ ଦେଇ କରିଛି ଗୁମାନ ।

ଉଧା ମୁକୁଳା କେଶ
ଧଳା ଫ୍ରକରେ ଭିଜା; ସାରା ବର୍ଷା ଋତୁ
ଅଡୁଆ ସେଜରୁ ବାସି ସ୍ୱପ୍ନ ର ବାସ୍ନା
ଖୋଲା ଝରକା, ଝାଡୁ ପୋଛା କାମକୁ
ସେ ଗାଉଥିବ ଗୀତ
ଏ ମେଘର ଜୀବନେ ନାହିଁ କିଛି ପାଇବାର
ଚାଲିବାକୁ ହେବ ଖାଲି ବାଟ ଝୁଂଟୁ ଝୁଂଟୁ ।

ଏଇ ବେଳେ ଚା ସରେ , ସିଗାରେଟ ସରେ
ବିଜୁଳି ତୁନି ହୁଏ, ମେଘ ମେଘଉ ଥାଏ ,
ମନେ ପଡେ ବର୍ଷା ଦିନେ ଆସିବ ବୋଲି
ସେ କହି ନାହିଁ କେବେ
କିନ୍ତୁ ମନ ଜାଣେ,ଚିହ୍ନ ଜାଣେ
ପ୍ରେମ ଏକ ବାଟ
ଥରେ ପାଦ ହୁଡା ହେଲେ
କୂଳରେ ଲାଗେନା କାଗଜର ଡଙ୍ଗା
ହଜାର ବର୍ଷାର ଋତୁ ବିତିଚାଲି ଯାଏ ।

ପ୍ରଣୟ ସୁଧା

ଜନ୍ମ : ୧୧ .୦୫.୧୯୮୭

ଠିକଣା : ଚୋରମୁହାଁ, ଧର୍ମଶାଳା,ଯାଜପୁର-୭୫୫୦୦୮
ମୋ.୮୩୩୯୮୧୮୪୧୧

ଶିକ୍ଷା : ବି.ବି.ଏ.

ବୃତ୍ତି : ମ୍ୟାନେଜର, KLB Komaki Pvt.Ltd,

ପ୍ରକାଶିତ କବିତା ପୁସ୍ତକ : ଚୁନା ଚୁନା ସୁନାର କବିତା, ପ୍ରଜାପତିର ଘର, କୋଳେଇ ନେଲେ ପାଉଁଶ, କିଏ କହେ ଫେରିଆରେ, ଯାହା କିଛି ହଚ୍ଛି ବାକି

ଶୂନ୍ୟତାରୁ ପୂର୍ଣ୍ଣତା :
ସୁକାନ୍ତଙ୍କ ଗଳ୍ପଯାତ୍ରାର ବାର୍ତ୍ତା

ଡ. ଭରତ ବେହେରା

ସମକାଳରେ ସୁକାନ୍ତ ସାହୁ ଜଣେ ଜଣାଶୁଣା କଥାକାର । ଭୂମିରୁ ଭୂମା, ଶୂନ୍ୟତାରୁ ପୂର୍ଣ୍ଣତା ପର୍ଯ୍ୟନ୍ତ ତାଙ୍କ ଗଳ୍ପର ବିସ୍ତୃତି । ନିଛକ ବାସ୍ତବତା ସହ ପ୍ରେମ କଳ୍ପନାର ପତ୍ରଯୋଡ଼ି ସେ କଥାମନସ୍କ ପାଠକର ଅବଚେତନକୁ ଛୁଇଁବା ପାଇଁ ସ୍ପର୍ଦ୍ଧା ରଖନ୍ତି । ଏ ପର୍ଯ୍ୟନ୍ତ ତାଙ୍କର ଚାରିଖଣ୍ଡ ଗଳ୍ପଗ୍ରନ୍ଥ ପ୍ରକାଶିତ । "ବାସ୍ ଏଇଠୁ ମୋ ଗଳ୍ প আରମ୍ଭ" (୧୯୯୬), "ଝିଅ" (୨୦୦୫), "ଅମେରୁଦଣ୍ଡୀ" (୨୦୧୧) ଓ "କେହି ଜଣେ" (୨୦୧୩) ପ୍ରକାଶିତ ହୋଇ ତାଙ୍କୁ ପର୍ଯ୍ୟାପ୍ତ ପରିଚିତି ପ୍ରଦାନ କରିଛି । ଏହାବ୍ୟତୀତ, ତାଙ୍କର ଗୋଟିଏ ପ୍ରବନ୍ଧ, ଗୋଟିଏ ଉପନ୍ୟାସ ଓ ଗୋଟିଏ ଅନୁବାଦ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି । ଏବେଏବେ ସେ "ମହୁରି" ସାହିତ୍ୟ ପତ୍ରିକାର ସଂପାଦନା ଦାୟିତ୍ୱରେ ରହିଛନ୍ତି । ସଂପୃକ୍ତ ଆଲୋଚନା ଗଳ୍ପ ପୁସ୍ତକ "ଅମେରୁଦଣ୍ଡୀ" ଉପରେ ପର୍ଯ୍ୟବସିତ । ଆମେ ଏବେ ଯେଉଁ ସମୟଖଣ୍ଡରେ ଜିଇଁଛୁ ତାହା ଉତ୍ତର ଆଧୁନିକ, ଏକବିଂଶ ଶତାବ୍ଦୀ ଓ ନୂଆ ଅର୍ଥ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ । ଏହି ସମୟରେ କୃଷି ଶିଳ୍ପ ବାଣିଜ୍ୟ, ଶ୍ରମବଜାର, ପୁଞ୍ଜିବଜାର, ନୂଆ ମୁଦ୍ରାନୀତି ସହିତ କଳାସାହିତ୍ୟ, ସିନେମା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି । ସେହି ପରିବର୍ତ୍ତନର ସ୍ୱର ସୁକାନ୍ତଙ୍କ ଗଳ୍ପର ମୌଳିକ ଆଧାର । କହିବା ବାହୁଲ୍ୟ, ସୁକାନ୍ତଙ୍କ ସମସ୍ତ ପୁସ୍ତକ ଏହି ପରିବର୍ତ୍ତିତ ସମୟରେ ପ୍ରକାଶିତ ।



ସୁକାନ୍ତଙ୍କ 'ଅମେରୁଦଣ୍ଡୀ' ଗଳ୍ପଗ୍ରନ୍ଥ ପ୍ରକାଶ ପାଏ ୨୦୧୧ ମସିହାରେ । ମେରୁଦଣ୍ଡୀ ଓ ଅମେରୁଦଣ୍ଡୀ ଶବ୍ଦ ବିଜ୍ଞାନର ପାଠ୍ୟବସ୍ତୁ । କିନ୍ତୁ କଥାକାର ଅମେରୁଦଣ୍ଡୀ ଶବ୍ଦକୁ ଗଳ୍ପକ୍ଷେତ୍ରରେ ପ୍ରୟୋଗ କରିଛନ୍ତି । ଏମିତି କିଛି ପ୍ରାଣୀ ନାହାଁନ୍ତି ଯାହା ମେରୁଦଣ୍ଡ ବିହୀନ । ହୁଏତ କାହାର ମେରୁଦଣ୍ଡ ଉଲମ୍ବ ତ ଆଉ କାହାର ମେରୁଦଣ୍ଡ ଭୂମିସହ ସମାନ୍ତରାଳ । ମାତ୍ର ମେରୁଦଣ୍ଡହୀନ ପ୍ରାଣୀ ସଂସାରରେ ଥାଇ ନ ପାରନ୍ତି । ତେବେ କଳା, ସାହିତ୍ୟ ମଣିଷର, ମନ, ଆବେଗ, ଚେତନ, କଳ୍ପନା ଓ ସ୍ୱପ୍ନକୁ ଆଧାର କରି ଗଢ଼ି ଉଠିଥିବାରୁ ସେମାନଙ୍କ ଦୃଷ୍ଟିରେ, ଭାବନାରେ ଅମେରୁଦଣ୍ଡୀ ଥାଇପାରନ୍ତି । କଥାକାର ଅମେରୁଦଣ୍ଡୀର ନୂଆ ସଂଜ୍ଞା ପ୍ରଦାନ କରି ପାଠକ ହୃଦୟରେ କୌତୂହଳ ସୃଷ୍ଟି କରିଛନ୍ତି । ବିଂଶ ଶତାବ୍ଦୀର ଶେଷ ଦଶକରେ ଗ୍ରନ୍ଥ ପ୍ରକାଶ ପାଇଥିଲେ ବି ଏହାର କଥାବସ୍ତୁ ପ୍ରାୟତଃ ୧୯୬୦-୭୫ ସମୟର ଥିବା ଭଳି ମନେହୁଏ । ଆମେ ଏକବିଂଶ ଶତାବ୍ଦୀର ଅଢ଼େଇ ଦଶକ ସମୟ ଖଣ୍ଡରେ ପହଞ୍ଚିଗଲୁଣି । ଯେଉଁମାନେ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କୁ କାହିଁକି ଯେ ୧୯୬୦-୭୫ ସମୟ ଆକୃଷ୍ଟ କରେ, ତାହା କେବଳ ମନୋବିଜ୍ଞାନୀମାନେ ନିରୂପଣ କରିପାରିବେ । ଏହି ସମୟର ଗଳ୍ପ, କବିତା, ସିନେମା, ମଞ୍ଚ ନାଟକ, ଗୀତ ଓ ସଙ୍ଗୀତ କାହିଁକି ସେମାନଙ୍କ ଚେତନାକୁ ଭେଦ କରେ ବୁଝିବା ମୁସ୍କିଲ ନିଶ୍ଚୟ । କାହିଁକି ସାଧାରଣଠାରୁ ଅସାଧାରଣ ମଣିଷମାନେ ସେହି ସମୟକୁ ଝୁରି ହେଉଛନ୍ତି ? କ'ଣ ଏମିତି ବିଶେଷତ୍ୱ ଥିଲା ସେ ସମୟର ସବୁସବୁ ଉପାଦାନର ?

ଗଳ୍ପର ପ୍ରଥମ କଥା 'ଅମେରୁଦଣ୍ଡୀ' । ଗଳ୍ପଗ୍ରନ୍ଥର ନାମକରଣ ଏହି ଗଳ୍ପ ଆଧାରରେ ହେଉଥିବ ନିଶ୍ଚୟ । ସଂପୃକ୍ତ କଥାର ପରିସର ଅତ୍ୟନ୍ତ ବ୍ୟାପକ । ନିମ୍ନବିତ୍ତ ପରିବାରର ନାରୀ-ପୁରୁଷ, ସ୍ୱାମୀ-ସ୍ତ୍ରୀ, ସେମାନଙ୍କ ଆର୍ଥିକ ଓ ମନସ୍ତାତ୍ତ୍ୱିକ ଦିଗ ଉପରେ କଥାକାର ଆଲୋକପାତ କରିଛନ୍ତି । ଗଳ୍ପନାୟକ ଶାନ୍ତନୁ, ନାୟିକା ଶ୍ୟାମଳୀ । ଶାନ୍ତନୁ ଜଣେ ସ୍ୱଳ୍ପବେତନଭୋଗୀ କର୍ମଚାରୀ । ଯେ କୌଣସି ମଣିଷର ଆୟ ସୀମିତ ହୋଇପାରେ, ମାତ୍ର ତା'ର ଅଭାବ ଅସୀମ ଏବଂ ଏହି ମଣିଷଙ୍କର ଉପଭୋଗ କରିବାର କ୍ଷମତା ଅଧିକ । ଶ୍ୟାମଳୀଙ୍କ ଚାହିଦା ପୂଷ୍ଟା ଖୁବ୍ ଲମ୍ବା, ମାତ୍ର ତା' ସ୍ୱାମୀର ଆୟଫର୍ଦ୍ଦ ଖୁବ୍ ଛୋଟ ।

ଗଳ୍ପ ନାୟକ ଶାନ୍ତନୁ ଖୁବ୍ ସାଦାସିଧା, ସରଳ, ଦରଦୀ ଓ ସହାନୁଭୂତି ସମ୍ପନ୍ନ । ପତ୍ନୀ ବ୍ୟତୀତ ଗାଁରେ ରହନ୍ତି ତା'ର ମାଆ ବାପା ଓ ସାନଭାଇ । ଆପଣା ଚାହିଦାକୁ ସୀମିତ କରି ସେମାନଙ୍କ ପାଖକୁ ପ୍ରତିମାସ ଟଙ୍କା ପଠାଏ । ନିଜର ଦୁଇଜଣିଆ ପରିବାର ଠିକ୍‌ଠିକ୍ ଚଳେଇ ନ ପାରୁଥିବାରୁ ପତ୍ନୀଠାରୁ ଧିକ୍କାର ଶୁଣେ । ଯେମିତି - "ନା... ନା... ନିର୍ଭୁମ ଅପଦାର୍ଥଟେ ତା' ସ୍ୱାମୀ । ନିହାତି ଅମେରୁଦଣ୍ଡୀଟେ ତା' ସ୍ୱାମୀ । ଯା'ର ଆବଶ୍ୟକତା ବୋଲି କିଛି ନାହିଁ । ସୁଖର ସଂଜ୍ଞାରେ କ'ଣ ଜଣେ ନା, ଯେ ଦୁନିଆ ଦେଖିନି, ସେ ହିଁ ତା' ସ୍ୱାମୀ ଶାନ୍ତନୁ ସାମଲ" (ଅମେରଦଣ୍ଡୀ, ପୃ.୮) ପରିବର୍ତ୍ତିତ ପରିସ୍ଥିତିରେ ସ୍ୱାମୀ, ସ୍ତ୍ରୀ ଓ ସନ୍ତାନ ମିଶି ପରିବାର । ସେ ପରିବାର ପରିସରରୁ ମାଆ ବାପା, ଭାଇ, ଭଉଣୀ ବାଦ୍‌ଦେଇ ଗଲେଣି । ଏପରି ଅବଧାରଣରେ ଶ୍ୟାମଳୀ ଅଭ୍ୟସ୍ତା । ଗଳ୍ପନାୟିକା ଚରିତ୍ରର ଅନ୍ୟଗୋଟେ ଦିଗ ହେଉଛି ସେ ଉଷ୍ମକାମଖୋର ପତ୍ନୀ । ତା' କାମବାସନାକୁ ପରିତୃପ୍ତ କରିବାକୁ ଶାନ୍ତନୁ ଅସମର୍ଥ । ତା'ର କାମନାପୂର୍ତ୍ତି ପାଇଁ ଘରମାଲିକ ଧନବାନ ନିରାକାର ପଟ୍ଟନାୟକଙ୍କ ସହିତ ପରକୀୟାରେ ଲିପ୍ତ । ସେ ଶ୍ୟାମଳୀର ସବୁ ପ୍ରକାର ଅଭାବକୁ ପୂରା କରନ୍ତି । ସେ ବୁଦ୍ଧିମତୀ ଥିବାରୁ ସ୍ୱାମୀ ଏବଂ ପ୍ରେମିକ ସହ ଭାରସାମ୍ୟ ରକ୍ଷାକରି ସଂସାରର ଡଙ୍ଗା ଚଳେଇ ନିଏ । ତା' ଚରିତ୍ରର ଅନ୍ୟ ଏକ ଦିଗ ହେଉଛି ସେ ଦାୟିତ୍ୱମୁକ୍ତ ହେବାକୁ ଚାହେଁ । ତେଣୁ ସନ୍ତାନ ଚାହେଁନା । କୁହାଯାଏ ଚୋରା ପ୍ରୀତି ଖୁବ୍ ଦମ୍‌ଦାର୍ । ଶ୍ୟାମଳୀର ଏହି ଦୃଷ୍ଟିଭଙ୍ଗୀକୁ କଥାକାର ଚମତ୍କାର ଶବ୍ଦରେ ପ୍ରକାଶ କରିଛନ୍ତି । ଯେମିତି - "ନାରୀମାନେ ନଦୀ, ଝିଅମାନେ ଝରଣା, ମାଆମାନେ ସାଗର, ପତ୍ନୀମାନେ ସରୋବର, ପ୍ରେମିକାମାନେ ମରୀଚିକା । ନଦୀ ଯେମିତି ନରମ ମାଟିରେ ଧସେଇ ପଶେ, ନାରୀ ସେମିତି ସୁଯୋଗର ହାତଛଡ଼ା କରେ ନା" (ଅମେରୁଦଣ୍ଡୀ, ପୃ.୯) । ଶ୍ୟାମଳୀ ଥିଲା ମଧ୍ୟବିତ୍ତ ଝିଅ । ସେ ଜାଣିଥିଲା, "ଜୀବନମାନେ ଭାତ-ଲୁଗାର ସଂସାର ନୁହେଁ, ଜୀବନ ଏକ ଅସରନ୍ତି ଉପନ୍ୟାସ" (ପୃ.୧୨) । ଅବଶେଷରେ ଗଳ୍ପନାୟକ ଗଳ୍ପନାୟିକାକୁ ଭଲ ଭାବରେ ଚିହ୍ନିପାରିଛି । ତା'ଠାରୁ ମୁକ୍ତି ଚାହିଁଛି । କିନ୍ତୁ ଭାରତୀୟ ସମାଜ ରକ୍ଷଣଶୀଳ ସମାଜ । ବିବାହ ସାତଜନ୍ମ ପାଇଁ ଉଦ୍ଦିଷ୍ଟ । ସୁତରାଂ ତାକୁ ମୁକ୍ତି ଦେବ କିଏ ? ବରଂ ଗଳ୍ପନାୟକ ସାରାଜୀବନ ଅର୍ନ୍ତଦହନରେ ସନ୍ତୁଳି ହୋଇଛି । ଘୋଷଣା କରିଛି "ସେ ଆଉ କେହି ନୁହଁ, ହାତଗୋଡ଼ହୀନ ଏକ ଅମେରୁଦଣ୍ଡୀ" (ପୃ. ୧୨) ।

ଗ୍ରନ୍ଥ ପ୍ରଖ୍ୟତ ପରବର୍ତ୍ତୀ ଗଳ୍ପ ହେଉଛି "କୁନିପଣ୍ଡାର ପ୍ରେମିକ" । ଏହା ଗୋଟିଏ ଉତ୍ତୀର୍ଣ୍ଣ ଗଳ୍ପ । ଗଳ୍ପନାୟିକା ନବମ ଶ୍ରେଣୀର ଛାତ୍ରୀ ଥିବାବେଳେ ଗଳ୍ପନାୟକ ବି.ଏସ.ସି. ଉଦ୍ଭିଦ ବିଜ୍ଞାନ ସମ୍ମାନର ଛାତ୍ର । ଉଭୟଙ୍କ ମଧ୍ୟରେ ପ୍ରେମମୟ ଜୀବନର ଅବଧି ସାତ ବର୍ଷ । ସେମାନଙ୍କ ମଧ୍ୟରେ ଥିଲା ପ୍ରକୃତ ପ୍ରେମ; ଯେଉଁଠି ଥିଲା ରାଗ, ଆଡ଼ରୁଷା, ମାନ, ଅଭିମାନ ଓ ଅନୁରାଗ । ଏହା ତ ପ୍ରେମର ନିଛକ ଉପାଦାନ । ଏହାବିନା ପ୍ରେମ ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିପାରେ ନାହିଁ । ବାସ୍ତବିକ, ପ୍ରେମ ଗୋଟେ ଆସକ୍ତି, ଅନୁରାଗ, ବିବାହ ଗୋଟେ ବୋଧ, ଗୋଟେ ଦାୟିତ୍ୱ । ସୁତରାଂ ପ୍ରେମ ଓ ବିବାହ ସଂପୂର୍ଣ୍ଣ ଅଲଗା । ସେମାନଙ୍କ ପ୍ରେମିଳ ଜୀବନର ଅବଧି ସାତବର୍ଷ ହୋଇଥିବାରୁ ପରସ୍ପରକୁ ଚିହ୍ନିବା ପାଇଁ ଥିଲା ପର୍ଯ୍ୟାପ୍ତ ସମୟ । ସତରେ ଏହା ପ୍ରେମ ପଦବାଚ୍ୟ । ପକ୍ଷାନ୍ତରରେ ବିବାହ ଗୋଟେ ବନ୍ଧନ, ସ୍ଥାୟୀ ବନ୍ଧନ । ଏହା ପଛରେ ସାମାଜିକ କଟକଣା, ଆର୍ଥିକ ସ୍ଥିତି, ଜାତି, ଧର୍ମ, ବର୍ଣ୍ଣ ଓ ପରିବାରର ମାନଦଣ୍ଡ ବିଚାରକୁ ନିଆଯାଇଥାଏ । ପ୍ରେମିକା କୁନି ଉଚ୍ଚବର୍ଣ୍ଣୀ, ମଧ୍ୟବିତ୍ତ ପରିବାର, ଶିକ୍ଷିତ ସଂପନ୍ନ ପରିବାରରୁ ଆଗତ । ସେହିପରି ଗଳ୍ପନାୟକର ଆର୍ଥିକ ସ୍ଥିତି ଦୁର୍ବଳ । ବିଜ୍ଞାନ ଶିକ୍ଷକତା ହିଁ ତା'ର ସର୍ବଶେଷ ସମ୍ବଳ । ପଛୁଆବର୍ଗ

ଅନ୍ତର୍ଭୁକ୍ତ । ସେମାନଙ୍କ ମଧ୍ୟରେ ସମାସ୍କନ୍ଦତାର ଥିଲା ଯଥେଷ୍ଟ ଅଭାବ । ବିଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଉଭୟଙ୍କ ମଧ୍ୟରେ ସମାସ୍କନ୍ଦତା ଥିଲା ପ୍ରଥମ ଯୋଗ୍ୟତା । ଏହି କାରଣରୁ ଗଳ୍ପନାୟକ କୁନିପଣ୍ଡାର ପ୍ରେମିକ ହୋଇ ରହିଗଲା । ଏହା ହିଁ ଗଳ୍ପର ସାରମର୍ମ । କଥାକାର ଏହାକୁ ବାସ୍ତବତାର ନିକିତିରେ କଳାର ପୁଟ ଦେଇ ଗତିଶୀଳ କରାଇଛନ୍ତି । ଅବଶେଷରେ କୁନିପଣ୍ଡା, ସୁଶୀଲ ମିଶ୍ରକୁ ବାହା ହୋଇଯାଇଛି । କାରଣ, ଉଭୟଙ୍କର ଜାତି, ଆର୍ଥିକ ସ୍ଥିତି, ପରିବାରର କୌଳିନ୍ୟତା ମଧ୍ୟରେ ସମାସ୍କନ୍ଦତା ଥିଲା ।

ସେତେବେଳେ ପରସ୍ପରର ଭାବ ବିନିମୟ ମାଧ୍ୟମ ଥିଲା ଚିଠି । କେବେ ଡାକଘର ତ ଆଉକେବେ ବିଶ୍ୱସ୍ତମାନେ ଥିଲେ ପତ୍ରବାହକ । ସଂପୃକ୍ତ ଗଳ୍ପର ବାହକ ଥିଲା କୁନିପଣ୍ଡାର ସାନଭଉଣୀ । ସେମାନଙ୍କ ପ୍ରେମ କାହାଣୀର ସେ ହିଁ ଥିଲା ଅସଲ ସାକ୍ଷୀ । ଗଳ୍ପନାୟକ ଓ ଗଳ୍ପନାୟିକାର ପ୍ରେମମୟ ଜୀବନର ପୂର୍ଣ୍ଣଚ୍ଛେଦ ପଡ଼ିବା ପରେ ନାୟକର ମାନସିକ ସ୍ଥିତି ଏମିତି ଥିଲା - "ବିଶ୍ୱାସ କର ତମେ ଯେଉଁଦିନ ସୁଶୀଲ ମିଶ୍ରର ସୁଜ୍‌କି ପଛରେ ବସି ଲାଙ୍ଗା କିଣିବାକୁ ଗଲ, ସେଦିନ ମୁଁ କେମିତି ଜଳିଛି । ମତେ ଲାଗିଲା, ମୋର ସବୁ ସମ୍ପତ୍ତି କିଏ ଲୁଟି ନେଇଛି । ତମେ ପଣତ ଉଡ଼େଇ ଉଡ଼ିଗଲ । ମୁଁ ଷ୍ଟେଚ୍ୟୁଛକରେ ଠିଆ ହେଇଥିଲି" (କୁନିପଣ୍ଡାର ପ୍ରେମିକ, ପୃ.୧୬) । ବିବାହ ଯେହେତୁ ସମକକ୍ଷତା ଉପରେ ନିର୍ଭରଶୀଳ, କୁନିପଣ୍ଡା ପ୍ରେମିକା ହବାଛଡ଼ା ଆଉ କ'ଣ ହେଇ ପାରିଥାନ୍ତା । ସେମାନଙ୍କର ପ୍ରେମ, ଆସକ୍ତି ଓ ଅନୁରାଗ ସ୍ତରରେ ରହିଯାଇଛି ବିବାହ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇପାରି ନାହିଁ । ଗଳ୍ପନାୟକର ଘୋଷଣା ବାସ୍ତବିକ କଥାନୁରାଗୀ ପାଠକର ହୃଦୟକୁ ଭେଦକରି ଯାଇଛି । "ମୁଁ କିନ୍ତୁ ସେଇ ପୁରୁଣା କ୍ଷତକୁ ଉଖାରୁଚି ବାରମ୍ବାର । ରକ୍ତାକ୍ତ ହେଉଛି । ବଦନାମର ଶୋଭାଯାତ୍ରା କରାଉଛି । ଘୋଷଣା କରୁଛି, ପ୍ରତିଧ୍ୱନିତ କରଉଛି - ମୁଁ କୁନିପଣ୍ଡାର ପ୍ରେମିକ" (ପୃ.୨୨) । ପ୍ରଚଳିତ ମାନସିକ ସ୍ଥିତିରେ ସରୀସୃପ ଭଳି ଜୀବନ ଜିଉଁଥିବା ଗଳ୍ପନାୟକ ଆଉ କ'ଣ କରିପାରିଥାନ୍ତା ।

"ପ୍ରେମ ଗଳ୍ପର ନାୟକ" ଗପର ନାୟକ ଅବିନାଶ ଓ ନାୟିକା ସୁରମା । ସେମାନଙ୍କ ପ୍ରେମ ଦେହକୈନ୍ଦ୍ରିକ ଥିଲା । ଦେହର ଭୋକ, ବୟସର ତାତି ଓ ତା'ର ଫଳଶ୍ରୁତି ଭ୍ରୂଣହତ୍ୟା ସୁରମାକୁ ଅବ୍ୟବସ୍ଥିତ ସ୍ଥିତିକୁ ଘୋଷାରି ନେଇଥିବ । ଗର୍ଭପାତ ପରେ ସେମାନଙ୍କ ପ୍ରେମିଳ ଜୀବନର ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା । ସୁରମାର ବକ୍ତବ୍ୟ ଥିଲା "ଅବିନାଶକୁ ପ୍ରେମ କରିବା ଅଲଗା କଥା, ବାହା ହବା ଅଲଗା" (ପ୍ରେମଗଳ୍ପର ନାୟକ, ପୃ.୨୭) । କିନ୍ତୁ ଅବିନାଶ, ସୁରମାକୁ ଆଦୌ ଭୁଲିପାରି ନ ଥିଲା । ତାକୁ ଜୀବନସାଥି ଭାବରେ ପାଇବାର ଭାବନା ଆଶାରେ ରହିଗଲା । ଅବିନାଶର ସ୍ୱପ୍ନ ଭାଙ୍ଗିଗଲା ପରେ ଚରାଚର ପ୍ରେମିକମାନେ ଯେଉଁ ଉପାୟ ଅବଲମ୍ବନ କରିଥାନ୍ତି, ସେ ତାହା ହିଁ କଲା । ଦାଢ଼ି ରଖିବା, ଦିଅଁ-ଦେବୀଙ୍କ ସାମ୍ନାରେ ଘଣ୍ଟାଘଣ୍ଟା ଅଧା ପଡ଼ିବା, ଆଇଁଷ ଛାଡ଼ିଦେବା ଓ କିଛିଦିନ ଉପାସ ରହ ଆତ୍ମସଂଶୋଧନ କରିବା ଭଳି କାମ ସଂପନ୍ନ କରିଥିବ । ପ୍ରେମିକାର ଶେଷ ନିଷ୍ପତ୍ତି ସାମ୍ନାରେ ଦୁନିଆର ସବୁ ଶକ୍ତି ନତମସ୍ତକ ହେଇପଡ଼ନ୍ତି । ତା'ପରେ ଆଉ କ'ଣ ଥାଏ ପ୍ରେମିକ ସାମ୍ନାରେ । ଆରମ୍ଭ ହୁଏ ଭର୍ତ୍ସନା, କଟୁଶବ୍ଦ । ତା'ସତ୍ତ୍ୱେ ସୁରମା ଫେରି ନାହିଁ ଏବଂ ସେମାନଙ୍କ ପ୍ରେମ ଅସ୍ତମିତ ହେଇଛି ।

ପ୍ରେମିଳ ଜୀବନର ଗତିପଥ ବଡ଼ ବିଚିତ୍ର । ପ୍ରେମବିନା ଜୀବନ, ଜଳବିନା ମାଛତୁଲ୍ୟ ମନେ ହେଇଛି ଅବିନାଶକୁ । କିଛିଦିନର ନିସ୍ତରଙ୍ଗ ଜୀବନ ଅତିବାହିତ କଲାପରେ ତା'ର ବାଲ୍ୟବନ୍ଧୁ ଶ୍ରୀକରର ଭଉଣୀ ପଦ୍ମାକୁ ଭଲ ପାଇଛି । ତାକୁ କବିତା ସର୍ଜନା ଦିଗପ୍ରତି ପ୍ରଚୋଦିତ କରିଛି । କବିତା ରଚନାର ଶୈଳୀ, ଶବ୍ଦଚୟନ ଓ ଛନ୍ଦ, ରାଗ, ଲୟ ବତେଇ ଦେଇଛି । ଅବିନାଶ କଥାକାର ହେଇଥିଲେ ବି କବିତାର ବିଭିନ୍ନ ଦିଗ ଯଥା ଭାବପକ୍ଷ ଓ ଶବ୍ଦପକ୍ଷ ସମ୍ବନ୍ଧରେ ତା'ର ଯଥେଷ୍ଟଧାରଣା ଅଛି । ପଦ୍ମାର କବିତା, ଅବିନାଶର ଗଳ୍ପ ଅର୍ଥାତ୍ ସେମାନଙ୍କ ମଧ୍ୟରେ ସାରସ୍ୱତ ପ୍ରେମ ଆଗକୁ ବଢ଼ିଛି । ସବୁକାଳରେ, ସବୁ ଯୁଗରେ ପ୍ରେମର ଗତି ଖସଡ଼ା । ସେମାନେ ତାହାକୁ ବାରମ୍ବାର ସାମ୍ନା କରିଛନ୍ତି । ଅବଶେଷରେ ପଦ୍ମାର ସ୍ୱୀକାରୋକ୍ତିର ଶବ୍ଦ ଏମିତି - "ମୁଁ ଏବେ ସ୍ଥିର କରିନେଇଛି, ଆପଣଙ୍କୁ ବରିନେବି ମୋର ଇହକାଳ ଓ ପରକାଳର ଦେବତା" । (ପ୍ରେମ ଗଳ୍ପର ନାୟକ, ପୃ.୩୧)

ସୁକାନ୍ତ ତାଙ୍କ ଗଳ୍ପନାୟିକାମାନଙ୍କୁ ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚେଇ ଦେଇଛନ୍ତି । ପ୍ରେମ ଏବଂ ବିବାହ ମଧ୍ୟରେ ପ୍ରଭେଦକୁ ଚିହ୍ନାଇ ଦେଇଛନ୍ତି । ବାସ୍ତବିକ, ପ୍ରେମ ଓ ବିବାହ ସମାନ ନୁହେଁ ବୋଲି ବୁଝେଇ ଦେଇଛନ୍ତି । ପ୍ରେମ ଏକ ଆସକ୍ତି, ଅନୁରାଗ । ବିବାହ ଏକ ବନ୍ଧନ, ଏକ ଦାୟିତ୍ୱ ଏକ ବୋଧ, ଏକ ପରିଚୟ । ସତରେ ପତ୍ନୀ ହେବା ସହଜ, ମାତ୍ର ପ୍ରେମିକା ହେବା ଏତେ ସହଜ ନୁହେଁ । ସୁତରାଂ କଥାକାରଙ୍କ ନାୟିକାମାନେ ଅଧିକ ଉତ୍ତୀର୍ଣ୍ଣ ନିଶ୍ଚୟ ।

କଲେଜ କ୍ୟାମ୍ପସ୍‌ର ପ୍ରେମ ହେଉଛି "ପରିଚିତା" ଗଳ୍ପର ସାରମର୍ମ । ଛାତ୍ରୀ-ଅଧ୍ୟାପକ ମଧ୍ୟରେ ପ୍ରେମ, କବି ଏବଂ ଗାଳ୍ପିକଙ୍କ ମଧ୍ୟରେ ସାରସ୍ୱତ ସଂପର୍କର ସେତୁ । ଏହି ଗଳ୍ପର ନାୟକ ଅବିନାଶ ଓ ନାୟିକା ପଦ୍ମା । ପଦ୍ମାର ଚେହେରା ଆକର୍ଷଣୀୟ ନ ଥିଲେ ବି ସାରସ୍ୱତ ପ୍ରେମ ସେମାନଙ୍କୁ ନିକଟତର କରେଇଥିଲା । ଅବିନାଶଙ୍କ ଗଳ୍ପର ନାୟିକା ପଦ୍ମା । କଥାକାରଙ୍କ ଗପ ପ୍ରତି ପଦ୍ମାର ଯଥେଷ୍ଟ ଦୁର୍ବଳତା ଥିବ । ପଦ୍ମା କଲେଜ ଜୀବନରେ ଦୂର ଛାତ୍ରୀନିବାସରେ ରହି ଯା'ଆସ କରୁଥିଲା । ଏମିତି ଗୋଟେ ସମୟ ଥିଲା ଯେତେବେଳେ ସେମାନଙ୍କର ପ୍ରେମ ଚାରିଆଡ଼େ ପ୍ରଘଟ ହେଇଥିବ । ସହପାଠୀମାନେ ପ୍ରେମିକ-ପ୍ରେମିକାଙ୍କ ନାମକୁ ଯୋଡ଼ି କୌତୂହଳୀ ହୋଇଥିବେ । ଅଧ୍ୟାପକ କ୍ଲାସ୍‌କୁ ନ ଆସିଥିବା ସମୟରେ ସହପାଠୀମାନେ ପଦ୍ମାକୁ ପଦ୍ମ କବିତା ପଢ଼େଇବା ପାଇଁ ଅନୁରୋଧ କରିଥିବେ । ସେ ଯେଉଁ ପଦ୍ମ କବିତା ପଢ଼େଇଲା ତାହା ମଧୁସୂଦନ ରାଓଙ୍କର 'ପଦ୍ମ' କବିତା ନୁହେଁ । ସହପାଠୀଙ୍କ

ପରିହାସର କବିତା ପଦ୍ମ । ପକ୍ଷାନ୍ତରରେ ଅବିନାଶର ଚରିତ୍ର ବଡ଼ ବିଚିତ୍ର, ଅଦ୍ଭୁତ । ସମ୍ଭବତଃ ସେମାନଙ୍କର ସାରସ୍ୱତ ସଂପର୍କ ବି ନିବିଡ଼ ନ ଥିଲ । ସୁତରାଂ ଅବିନାଶ ନାୟିକା ପଦ୍ମାକୁ ଭୁଲିବା ପାଇଁ ସବୁ ପ୍ରକାର ପ୍ରୟାସ କରିଛି । ମାତ୍ର ତାହା ସଫଳ ହୋଇ ନାହିଁ । ସାରା ସଂସାର ପଦ୍ମାମୟ ହୋଇଯାଇଛି ଅବିନାଶ ସମ୍ମୁଖରେ । ଅବଶେଷରେ ସେ ରାଧାକୃଷ୍ଣମଠର ବାବାଙ୍କର ପରାମର୍ଶ ନେଇଛି । ବାବାଙ୍କ ଚେଲା ହୋଇଛି, ଭଜନକୀର୍ତ୍ତନରେ ମନଧ୍ୟାନ ଦେଇଛି । ବାବା ତା'ର ମନବାଞ୍ଛା ଜାଣିବାକୁ ଇଚ୍ଛା ପ୍ରକଟ କରିଥିବେ । ତେବେ ବି ଅବିନାଶ ଖୋଲାଖୋଲି କିଛି କହିପାରି ନାହିଁ । ତାକୁ ଚତୁର୍ଦିଗ ପଦ୍ମାମୟ ଦିଶିଛି । ଅବଶେଷରେ ପଦ୍ମାକୁ ଭୁଲିବା ପାଇଁ ୩୦ ନମ୍ବର ବିଡ଼ି ପିଇଛି, ଗୁଡ଼ାଖୁ ଘଷିଛି, ଏକାଏକା ତାସ୍‌ପାଲିର ଟ୍ୱେଣ୍ଟି ନାଇନ୍ ଖେଳିଛି । ତାସ୍‌ପାଲିର ରାଣୀ ମୁହଁ ଦେଖି ଅବଚେତନକୁ ପଦ୍ମା ଦଖଲ କରିଯାଇଛି ।

ପ୍ରଥମରୁ କୁହାଯାଇଛି ଅବିନାଶ ଗୋଟେ ଅଜବ, ଉଦ୍ଭଟ ଚରିତ୍ରର ଅଧ୍ୟାପକ । ଆସକ୍ତି, ଅନାସକ୍ତିର ଅପୂର୍ବ ସମାହାର । ପଦ୍ମା କିନ୍ତୁ ଅବିନାଶକୁ ଇହକାଳ ପରିକାଳର ଦେବତା ବୋଲି ଗ୍ରହଣ କରିଛି । ତେବେ ଅବିନାଶର ବକ୍ତବ୍ୟର ଶବ୍ଦ ଏମିତି - "ପଦ୍ମା ମୋର କେହି ନୁହେଁ, ମୁଁ ବି ତା'ର କେହି ନୁହେଁ । ଆମର ସଂପର୍କ ଫଂପର୍କ କିଛି ନାହିଁ, ସବୁ ବାଜେ । ମୁଁ ସେମିତିଆ ଝିଅଙ୍କୁ ଘୃଣା କରେ, ପୁଣି କାହାକୁ କହିଲା ପଦ୍ମାକୁ ନିଜ ଭଉଣୀ ବୋଲି ଭାବେ" । ଗଳ୍ପନାୟିକରା ଏକତରଫା ପ୍ରେମ କରୁଥିଲା କି ? ନାୟକର ବକ୍ତବ୍ୟରୁ ଏହା ସ୍ପଷ୍ଟ ନୁହଁ କି ?

ବସ୍ତୁତଃ, ପରସ୍ପରର ଆବେଗ, ସହାନୁଭୂତି, ତ୍ୟାଗ, ସମର୍ପଣରେ ପ୍ରେମମୟ ଜୀବନ ଉଛୁଳି ଉଠେ । ଗୋଟିଏ କୂଳରେ ତରଙ୍ଗ, ଅନ୍ୟକୂଳରେ ତରଙ୍ଗ ଶୂନ୍ୟତା ମଧ୍ୟରେ କେବେ ଜୁଆର ଆସେ ନାହ । ଅର୍ଥାତ୍ ଗଳ୍ପନାୟକର ନାୟିକା ପ୍ରତି ଅନାଦର, ଘୃଣା ଥିବାବେଳେ ନାୟିକାର ମଧ୍ୟ ନାୟକ ପ୍ରତି ସେପରି ଧାରଣା ଜନ୍ମିବା ସ୍ୱଭାବିକ । ନାୟକର ବକ୍ତବ୍ୟରୁ ଏହା ସ୍ପଷ୍ଟ । ଯେମିତି - "ତାକୁ ଲାଗେ ପଦ୍ମାମାନେ ଧାଡ଼ିଧାଡ଼ି ବସିଛନ୍ତି । ତାକୁ ଘୃଣା କରୁଛନ୍ତି । ସେ ଅଧ୍ୟାପକ ବୋଲି ନୁହଁ, ବରଂ କାପୁରୁଷ ବୋଲି" (ପରିଚିତା, ପୃ.୩୭) । ପ୍ରକୃତରେ ଅବିନାଶ ଜଣେ ମିଥ୍ୟା (Pseudo) ଆଦର୍ଶବାଦୀ । ସେ ପରିଚିତ ହେବାକୁ ଚାହେଁ, ପ୍ରେମ କରିବାକୁ ନୁହେଁ ।

"ଶୂନ ଭିତରେ ସବୁକିଛି" ସୁକାନ୍ତଙ୍କର ଗୋଟେ ଶକ୍ତିଶାଳୀ ଗପ । ଆକାରରେ ଯଥେଷ୍ଟ ଛୋଟ, ମାତ୍ର ମର୍ମଭେଦୀ, ହୃଦୟସ୍ପର୍ଶୀ । ଏହା ଅଣୁ କିମ୍ବା ଅଭାସ ଗପ ନୁହେଁ । କ୍ଷୁଦ୍ରଗଳ୍ପ ପର୍ଯ୍ୟାୟଭୁକ୍ତ । ପାଞ୍ଚଜଣ ଶ୍ରମଜୀବୀ ମଣିଷଙ୍କ ଜୀବନ ସଙ୍ଗୀତ ହିଁ ଏହି ଗଳ୍ପର କଥାବସ୍ତୁ । ସେହି ପାଞ୍ଚଜଣ ବିଭିନ୍ନ ଧର୍ମର, ଜାତିର ଓ ଗୋଷ୍ଠୀର ।

ଆଲ୍‌ଫ୍ରେଡ଼ - ଖ୍ରୀଷ୍ଟିଆନ

କ୍ରିଷ୍ଣା - ହିନ୍ଦୁ

ରହମନ - ମୁସଲ୍‌ମାନ

ଗୌରାଙ୍ଗ - ହିନ୍ଦୁ

ସ - ଶୂନ୍ୟବାଦୀ

ପ୍ରଥମରୁ କୁହାଯାଇଛି ସେମାନେ ସମସ୍ତେ ଶ୍ରମଜୀବୀ ଜନଗଣ । ପଥର ଖାଦାନରେ ବଡ଼ବଡ଼ ପଥରକୁ ଭାଙ୍ଗି ଚେଲିରେ ପରିଣତ କରି ତହିଁରୁ ଚିପ୍‌ସ୍, ମେଟାଲ୍ ପ୍ରସ୍ତୁତ କରନ୍ତି । କେବେକେବେ ବୋଲ୍‌ଡ଼ର୍ ମଧ୍ୟ ପ୍ରସ୍ତୁତ କରନ୍ତି । ସକାଳଠାରୁ ସଞ୍ଜ ହେଉଛି ସେମାନଙ୍କର କାର୍ଯ୍ୟ ସମୟ । ଧୂଳିଧୂସରିତ ହେଉଛି କାର୍ଯ୍ୟ ପରିସର । ପାହାଡ଼ତଳ ଗାଁରେ ସେମାନେ ରହନ୍ତି । ବିଭିନ୍ନ ଧର୍ମର ସେମାନେ ହୋଇଥିଲେ ବି ଧର୍ମାନ୍ଧ ନୁହନ୍ତି । ଧର୍ମୀୟ ବିଦ୍ୱେଷ ମଧ୍ୟ ସେମାନଙ୍କର ନ ଥାଏ । ସେମାନେ ସମସ୍ତେ 'କର୍ମମେବ ଜୟତେ' ଅବଧାରଣାର ପୃଷ୍ଠପୋଷକ । ସେମାନଙ୍କ ବନ୍ଧୁତ୍ୱର ପଟ୍ଟାନ୍ତର ନାହିଁ । ଗୋଟିଏ ଥାଳିରେ ସେମାନେ ଭୋଜନ କରନ୍ତି । ଖାଇବା ସମୟରେ ଆପଣା ଆପଣା ସୁଖଦୁଃଖ ବଣ୍ଟାବଣ୍ଟି ହୁଅନ୍ତି । ପାଞ୍ଚଜଣଙ୍କ ମଧ୍ୟରୁ ଚାରିଜଣ ସଂସାରୀ । କେବଳ 'ସ' ହେଉଛି ନିସଂସାରୀ । ଅବଚେତନରେ ସେ ଜଣେ ଟ୍ରକ୍ ଡ୍ରାଇଭରର ଝିଅକୁ ଭଲପାଏ ।

ସମ୍ଭବତଃ ୧୯୬୦-୭୫ ମସିହା ହେଉଛି ଏହି କଥାବସ୍ତୁର ସମୟ । ସେତିକିବେଳେ ରେଳଲାଇନ୍ ଦୋହରୀକରଣ, ଜାତୀୟ ରାଜପଥର ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ରାସ୍ତା ନିର୍ମାଣ ପାଇଁ ମେଟାଲ୍, ବୋଲ୍‌ଡର୍ ଅପରିହାର୍ଯ୍ୟ । ଯନ୍ତ୍ରପାତିର ବ୍ୟବହାର ନ ଥିବାରୁ ସବୁକାର୍ଯ୍ୟ ଶ୍ରମିକମାନେ ସଂପନ୍ନ କରିଥାନ୍ତି । ବଡ଼ ପଥର ଚାରିପାଖରେ ନିଆଁ ଲଗାଇ ଗରମ କରନ୍ତି । ମାର୍ତ୍ତୁଲ, ରୁଳ, ହାମାର୍ ଥିଲା ପଥର ଭଙ୍ଗାର ଶେଷ ସାଧନ । ସମକର୍ମା ଶ୍ରମଜୀବୀମାନେ ସାରାଦିନ ପଥର ଭାଙ୍ଗନ୍ତି । ଦେହର ଥକ୍କା, ଦରଜ ମେଣ୍ଟେଇବାକୁ ସଂଧ୍ୟାରେ ଦେଶୀମଦ, ହାଣ୍ଡିଆ ଓ ଗଞ୍ଜେଇ ଟାଣନ୍ତି । ତେବେ କେବେ ବି ସେମାନଙ୍କ ମଧ୍ୟରେ ଉଚ୍ଚବାଚ, କଳିତକରାଳ ହେଇଥିବା ଶୁଣାଯାଏ ନାହିଁ । ତତ୍କାଳୀନ ସମୟର ଏହା ଥିଲା ବଳିଷ୍ଠ ପ୍ରଭାବ । ସେତେବେଳେ ଜାତିଧର୍ମର ରାଜନୀତିକରଣ ହୋଇ ନ ଥିଲା, ନ ଥିଲା ଧର୍ମୀୟ ଉନ୍ମାଦନା । ଥିଲା ଧର୍ମୀୟ ସହିଷ୍ଣୁତା । ଏହି ପାଞ୍ଚଜଣଙ୍କ ମଧ୍ୟରୁ 'ସ' ଥିଲା ଭିନ୍ନଧରଣର । ଏହି ଚାରିଜଣଙ୍କ ପରିବାର ଥିଲା 'ସ'ର ପରିବାର । ସେ'ତ ନିସଂସାରୀ । ତା'ର ଗୋଟେ ଅଲଗା ସଂସାର କ'ଣ । ଏମାନଙ୍କ ପରିବାର ହିଁ ତା'ର ପରିବାର । ସମ୍ଭବତଃ 'ସ'ର ଚେତନା ଅତି ମାନସସ୍ତର ଦିଗକୁ ମୁହେଁଇଥିବ । ତା'ର ଗୋଟେ ଉକ୍ତି ଏମିତି - "କ୍ରମଶଃ, ରାତି ହେଇ ଯାଉଥିଲା ଖାଦାନ ଅଞ୍ଚଳରେ, ଘଣ୍ଟା ଆଉ ମନ୍ତ୍ର ଉଚ୍ଚାରଣ ବନ୍ଦ ହେଇ ଆସୁଥିଲା, ଆଉ ଶୂନସାଥୀ 'ସ' ଅନୁଭବ କରୁଥିଲା ତା' ଶରୀର ଭିତରଟା କ୍ରମଶଃ ଶୂନ୍ ହୋଇଯାଉଛି । ଆଲ୍‌ଫ୍ରେଡ଼, ରହମନ... କ୍ରମଶଃ ମିଶି ଯାଉଛନ୍ତି ସେଥିରେ" (ଶୂନ ଭିତରେ ସବୁକିଛି, ପୃ.୮୪) ।

କଥାକାରଙ୍କର ଅନ୍ୟଏକ ଭଲଗପ ହେଉଛି "କାଳିସୀ" । ସଂପୃକ୍ତ ଗଳ୍ପରେ ଗାଁ, ସହରର ଜୀବନଶୈଳୀ, ହାବଭାବ, ଚାଲିଚଳନ ଓ ପର୍ବପର୍ବାଣି ସବୁକୁ ଭିନ୍ନ ଢଙ୍ଗରେ ପରିବେଷଣ କରି ଗାଳ୍ପିକ ଗଳ୍ପନିଷ୍ଠ ପାଠକଙ୍କ ହୃଦୟକୁ ସ୍ପର୍ଶ କରିପାରିଛନ୍ତି । ଗଳ୍ପନାୟକ ସନାତନର ଜନ୍ମ ମାଟି ଗାଁ । ମାତ୍ର କଟକ ସେଲ୍‌ଟ୍ୟାକ୍ସ ଅଫିସରେ କିରାଣି ଚାକିରିରେ ଅବସ୍ଥାପିତ ଏବଂ କାଳକ୍ରମେ ସସ୍ତୀକ କଟକ ସହରରେ ସ୍ଥାୟୀ ବାସିନ୍ଦା ହୋଇ କଟକିଆର ପରିଚୟ ପାଇସାରିଛନ୍ତି । ତା'ର ପ୍ରିୟତମ ବୋଉ ନିପଟ ମଫସଲ ଗାଁରେ ରହେ । ସାରା ଜୀବନ ଗାଁ ମାଟିର ବାସ୍ନା ଉପଭୋଗ କରିଥିବା ଗୃହିଣୀକୁ କ'ଣ ସହରର ନିଃସଙ୍ଗ ଜୀବନ ଭଲ ଲାଗିଥାନ୍ତା ? ସାମାନ୍ୟ ଲମ୍ବା ସର୍କାରୀ ଛୁଟିକୁ ସନାତନ ଭିନ୍ନଭିନ୍ନ ଜାଗାରେ ଉପଭୋଗ କରେ । ଦଶରା ଛୁଟିରେ କଟକ, ରଜଛୁଟିରେ ଶଶୁରଘରେ ବିତେଇ ଥାଏ । କିନ୍ତୁ ତାଙ୍କ ଗାଁରେ ପାଳନ କରାଯାଉଥିବା ମଙ୍ଗଳା ଓଷା ପାଇଁ ସେ ଗାଁକୁ ଆସିବାକୁ ସିଦ୍ଧାନ୍ତ କରେ ।

କଟକ ସହରର ଚାକିରି ଜୀବନରେ ସେ ଗାଁ ପ୍ରତି ବିମୁଖ ଥିଲା । କାରଣ ସହରର ସୁବିଧାସୁଯୋଗ ଗାଁରେ ନ ଥାଏ । ପତ୍ନୀ ସୂଚନା ମଧ୍ୟ ଗାଁକୁ ଆସିବାକୁ ନାରାଜ । ସବୁ ଅସୁବିଧା ସତ୍ତ୍ୱେ ଗାଁ ଜୀବନର ଗୋଟେ ଅଲଗା ସ୍ୱାଦ ଅଛି, ବାସ୍ନା ଅଛି । ତାକୁ ଉପଭୋଗ କରିବା ପାଇଁ ସେଭଳି ମାନସିକ ଅବସ୍ଥା ଥିବା ଆବଶ୍ୟକ । ଗାଁର ଅନ୍ୟଏକ ବିଶେଷତ୍ୱ ହେଉଛି, ଭିନ୍ନଭିନ୍ନ ଜାତି, ବୃତ୍ତିର ମଣିଷମାନେ ଗାଁରେ ଥାଆନ୍ତି । ଗୋଟେ ଅଦ୍ଭୁତ ଭାଇଚାରାର ସ୍ଥାନ ଗାଁ । ସନାତନର ଜନ୍ମିତ ଗାଁଥିଲା ନିଶାମୁକ୍ତ । ଏକଦା ସହଦେବ ବଢ଼େଇ ହାଟରୁ ଗଞ୍ଜେଇଟାଣି ଗାଁକୁ ଆସିଥିଲା । କଥା ପ୍ରଘଟ ହୋଇଗଲା । ନ୍ୟାୟ ନିଶାପ କଲେ ଗାଁ ମୁଖିଆ । ତା' ପାଖରୁ ପାଁସୁକା (ଏକଟଙ୍କା ପଚିଶ ପଇସା) ଜୋରିମାନା ଆଦାୟ ହେଲା । ପକ୍ଷାନ୍ତରରେ ସହରରେ ମଦୁଆ ମାତାଲିଙ୍କର ସଂଖ୍ୟା ଯଥେଷ୍ଟ ଅଧିକ । ସେମାନଙ୍କ ଉପରେ କାହାର ଆୟତ୍ତ ନ ଥାଏ । ରାମ ପଞ୍ଚଙ୍କର ନିରପେକ୍ଷ ନିଶାପ ସନାତନର ଅବଚେତନକୁ ସ୍ପର୍ଶ କଲା ଏବଂ ସହରର ମୋହ ଛାଡ଼ି ଗାଁରେ ରହିବା ପାଇଁ ପତ୍ନୀ ସୂଚନାକୁ ଜଣେଇଲା । କିନ୍ତୁ ସନାତନର ମନକଥା ସହରୀ ଜୀବନରେ ମୋହିତ ସୂଚନାକୁ ହଲଚଲ କରିବାକୁ ବ୍ୟର୍ଥ ହେଲା । ଅନୁରୂପ ଭାବରେ ପତ୍ନୀ ସୂଚନା ମାଆ ହେବାକୁ ନ ଚାହିଁ ଜୀବନକୁ ମନଭୋଗ କରିବା ତତ୍ତ୍ୱରେ ଥିଲା ଗଭୀର ଆସ୍ଥା । କଟକ ସହରର ଦୁର୍ଗାପୂଜା, ଶଶୁରଘର ଗାଁରେ ରଜଉତ୍ସବ ଓ ଆପଣା ଜନ୍ମଭୂମିରେ ମଙ୍ଗଳବ୍ରତ ଉପଭୋଗ କରିବାକୁ ସନାତନର ଆନ୍ତରିକ ଇଚ୍ଛା । ସନାତନ ଚାହେଁ ତା'ର ବାଲ୍ୟବନ୍ଧୁ, ଗ୍ରାମବାସୀ, ନଈକୂଳ, ବାଉଁଶ ବଣ, ବୋଉର ହାତରନ୍ଧା ଓ ପରଶା ଖାଦ୍ୟ ଖାଇ ତୃପ୍ତି ଲାଭ କରିବ । ଏମିତି ଭାବନା ତାକୁ ଅସ୍ତବ୍ୟସ୍ତ କରୁଥାଏ । ବିଶେଷକରି ବୋଉ ତିଆରି ପିଠୁଳିପକା ଚା' ଓ ଗାଁର ଆତ୍ମୀୟସ୍ୱଜନଙ୍କ ସହ ମିଳାମିଶା ତା' ଅବଚେତନକୁ ମଚ୍ଛି ପକାଏ । ଅବଶେଷରେ ସନାତନ ରତରତ ବେଳରେ ଗାଁରେ ପହଞ୍ଚିଗଲା ଓ ଗ୍ରାମବାସୀ, ସହପାଠୀ, ବାଲ୍ୟବନ୍ଧୁଙ୍କ ଠାରୁ ଗାଁ ଜୀବନ ସଂପର୍କରେ ମୋଟାମୋଟି ଝଲକ ପାଇଗଲା ।

ଏବର ଗ୍ରାମ୍ୟ ଜୀବନର ଆଉ ପୂର୍ବର ମହକ ନାହିଁ । ଗ୍ରାମ-ସହର ମଧ୍ୟରେ ଖୁବ୍ ବେଶି ଦୂରତ୍ୱ ନାହିଁ । ଉଭୟର ଜୀବନଶୈଳୀ ପାଖାପାଖି ସମାନ । ଗାଁରେ ବି ବଡ଼ଜାତି, ସାନଜାତି, ବଡ଼ଶ୍ରେଣୀ, ସାନଶ୍ରେଣୀ ମଧ୍ୟରେ ବାହାଘର ସମ୍ଭବ ହେଲାଣି । ଗାଁସବୁ ରାଜନୀତିକ ପବନରେ ପ୍ରଦୂଷିତ । ଜାତିଗତ ସଂଘର୍ଷକୁ ଧର୍ମୀୟ ରଙ୍ଗଦେଇ ଦଙ୍ଗା ହାଙ୍ଗାମା ଜାରି ରହୁଛି । ଗୃହଦାହ, ହତ୍ୟା, ଚୋରି, ରାହାଜାନି ଭଳି କୁତ୍ସିତ ଘଟଣା ମାମୁଲି ହୋଇଗଲାଣି । ପରସ୍ପର ମଧ୍ୟରେ ଶତ୍ରୁତା ଯୋଗୁଁ ଗାଁ ପୋଖରୀରେ ବିଷ ଢ଼ାଳି ଦିଆଯାଉଛି । ରାଜନୀତିକ ଲୋକଙ୍କର ଫମ୍ପା ପ୍ରତିଶ୍ରୁତି ଜଳଜଳ ଦେଖାଯାଉଛି । ସନାତନ ସକାଳରୁ ସଞ୍ଜ ସାରା ଗାଁର ଆବହାୱାକୁ ପଢ଼ି ତିକ୍ତ ଓ ମଧୁର ଅନୁଭୂତି ସଂଗ୍ରହ କଲା । ସଂଧ୍ୟାରେ ମଙ୍ଗଳାବ୍ରତ । ମଙ୍ଗଳା ଠାକୁରାଣୀଙ୍କ ଦାସୀ କାଳିସୀ (ଉଦଣ୍ଡ ନାଚ) ଲାଗିବେ । ଅଧାପଢ଼ିଥିବା ଅବସାଦଗ୍ରସ୍ତ ଲୋକଙ୍କର ପୀଡ଼ା ଦୂର କରିବେ । ଢୋଲିଆଙ୍କର ଭଣ କୋଇଲାବଜା ଶବ୍ଦରେ ଠାକୁରାଣୀ ପୀଠ ପ୍ରକମ୍ପିତ ହେବ । ହୋମକୁଣ୍ଡ ପାଖରେ ବ୍ରତୀ ଥିଲା ଗାଁ ଜଗୁଆଳି ସୁର । ଘୁଣାର ମହମହ ବାସ୍ନା, ଭଣ କୋଇଲାର ଗହଗହ ଶବ୍ଦରେ ସୁର ଦେହରେ ମଙ୍ଗଳା ଠାକୁରାଣୀ ପ୍ରବେଶ କଲେ । ଅଧାପଢ଼ିଥିବା ଲୋକ, ଦୁଃଖୀ, ରଙ୍କି ଦେବୀ ମଙ୍ଗଳାଙ୍କୁ ବରଯାଚନା କରିଥିବେ । ମନସ୍କାମନା ପୂର୍ଣ୍ଣ ହେଲେ କିଏ କଳା ବୋଦା, କଳା ଗଞ୍ଜା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ସନାତନ ମଙ୍ଗଳା ବ୍ରତର କାଳିସୀ ଲଗା ଦୃଶ୍ୟ ଓ ଦାସୀର ଉଦଣ୍ଡ ନୃତ୍ୟରେ ମୁଗ୍ଧ ହେଉଥାନ୍ତି । ହୁଏତ ସନ୍ତାନ ପ୍ରାପ୍ତି ବର ମାଗିଥାନ୍ତେ ! କିନ୍ତୁ ବାଲ୍ୟ ସହପାଠୀ ପ୍ରଫୁଲ୍ଲ ବର ମାଗିବାକୁ ବାରଣ କଲା । କାରଣ, ଠାକୁରାଣୀଙ୍କ ଦାସୀ ସୁର ଜଗୁଆଳି ଗଞ୍ଜେଇ ନିଶାରେ ଚୁରହୋଇ ଅଭିନୟ କରୁଥିଲା । କାଳିସୀ ଲାଗିବା ଥିଲା ବାହାନା ମାତ୍ର । ଗାଁର ଏପରି ଛଳନା, ଆତ୍ମପ୍ରତାରଣାକୁ ପ୍ରତ୍ୟକ୍ଷ କରି ରାତାରାତି କଟକ ଫେରିବାକୁ ମନସ୍ଥ କଲା ।

'ନିଜ ପ୍ରତିବିମ୍ବ' ଗଳ୍ପରେ ନିଃସନ୍ତାନ ସୁଷମା ଓ ନିରଞ୍ଜନଙ୍କର ଅପ୍ରମିତ ଦୁଃଖ ଓ ଅବସାଦ ହେଉଛି ମୂଳପୁଞ୍ଜି । ଏହି ଆଧାରରେ ଗଳ୍ପର ଅଗ୍ରଗତି ଘଟିଛି । ମାତୃତ୍ୱ ହେଉଛି ନାରୀର ଜନ୍ମଗତ ଅଧିକାର । ସେଥିରୁ ବଞ୍ଚିତ ହେଲେ ସେ ମାନସିକ ଅସୁସ୍ଥତା ଭୋଗ କରେ । ରୂଢ଼ିବାଦୀ ସମାଜରେ ବହୁତୁଣ୍ଡରୁ କଟୁକଥା ସହିବାକୁ ପଡ଼େ । ତା'ର ଅନିକଳ ଚିତ୍ର ଏହି ଗଳ୍ପରେ ନିଷ୍ଠାର ସହ ପ୍ରକାଶ କରିଛନ୍ତି କଥାକାର । ଅନୁରୂପ ଭାବରେ "ଆଖିରେ ଆଖିରେ" ଗଳ୍ପ ଆମ ମାନସିକ ଦୃଷ୍ଟିଭଙ୍ଗୀକୁ ବିଦ୍ରୂପ କରିଛି ।

ଭାରତୀୟ ସମାଜ ଗୋଟେ ରୂଢ଼ିବାଦୀ ସମାଜ । ପୁତ୍ର ହିଁ କାମ୍ୟ ଭଳି ସାଆନ୍ତିଆ ମାନସିକତା ଏବେ ବି ବହୁମାତ୍ରାରେ ବଳବତ୍ତର ଅଛି । ଅଧିକନ୍ତୁ ଭାରତୀୟ ମନସ୍ତାତ୍ତ୍ୱିକ ଅବସ୍ଥା ମଧ୍ୟ ଦ୍ୱନ୍ଦ୍ୱ ଜୁଡୁବୁଡୁ ।

କଳାରଙ୍ଗର ଦିଅଁଦେବୀଙ୍କୁ ଏଠାରେ ଶ୍ରଦ୍ଧା, ପ୍ରେମ, ସମ୍ମାନ, ଆଦର କରାଯାଉଥିବା ବେଳେ କଳାରଙ୍ଗର ପୁଅଝିଅଙ୍କ ପ୍ରତି ଅନାଦର ଭାବ ଅବଚେତନରେ ଲୁଚି ରହିଥାଏ । ଏପରି କଥାବସ୍ତୁକୁ ନେଇ "ଆଖିରେ ଆଖିରେ" କଥା ଗତିଶୀଳ ହୋଇଛି । ଗଳ୍ପ ନାୟକଙ୍କର କଳା ଏବଂ ବେଢ଼ଙ୍ଗ ଗଢ଼ଣର ଝିଅଟିଏ ଜନ୍ମ ହେଇଛି । ଝିଅଟି ଭୂମିସ୍ପର୍ଶ କରିବା କ୍ଷଣି ତା' ରୂପ ଗଢ଼ଣରେ ବୁଢ଼ୀ ମାଆ, ଦାଦା ଓ ବଡ଼ ହେବାପରେ ସହପାଠୀ ସହପାଠିନୀମାନେ ନାକ ଟେକିଛନ୍ତି । ଅବଶେଷରେ ଜଣେ ଆଦର୍ଶବାଦୀ ଯୁବକ ଏହି ଝିଅକୁ ବାହା ହେଇଛି । କାହାର ମରମ କଥା କହି ଅପମାନିତ, ଅପଦସ୍ତ ନ କରିବାକୁ ବିଦ୍ୱାନମାନେ କହିଯାଇଛନ୍ତି । ସେହିପରି ଦାମ୍ପତ୍ୟ ଜୀବନରେ କଳିତକରାଳ ରହିବା ବି ସ୍ୱାଭାବିକ । କୌଣସି କାରଣ ଲାଗି ଆଦର୍ଶବାଦୀ ପତି ଓ ବେଢ଼ଙ୍ଗ ଗଢ଼ଣର ପତ୍ନୀଙ୍କ ମଧ୍ୟରେ ଉଚ୍ଚବାଚ ହୋଇଛି । ଆଦର୍ଶବାଦୀ ପତି ମଧ୍ୟ ପତ୍ନୀର ମର୍ମକୁ ବାଧିଲା ଭଳି ଶବ୍ଦ ପ୍ରୟୋଗ କରିଛି । ପତ୍ନୀ ତାକୁ ସହଜରେ ହଉ ବା ଅପ୍ରମିତ ପୀଡ଼ାରେ ହଉ, ସହି ନେଇଛି । ଆଉ କ'ଣ କରିପାରିବ ସେ ।

ବିବାହର କିଛି ବର୍ଷ ପରେ ତାଙ୍କର ଗୋଟେ ଝିଅ ଜନ୍ମ ହେଇଛି । ତେବେ ବି ଗଳ୍ପନାୟିକା ବିଚଳିତ ହେଇ ନାହିଁ । କୌଣସି ଏକ ଶୁଭବେଳା ଓ ମଧୁର ମୁହୂର୍ତ୍ତରେ ଝିଅର ଶ୍ରଦ୍ଧାଭରା ବକ୍ତବ୍ୟ ତା' ଜନ୍ମକରା ବେଢ଼ଙ୍ଗ ଗଢ଼ଣର ମାଆକୁ ନୂଆଜୀବନ ପ୍ରଦାନ କରିଛି । ତା'ର ଗୋଟେ ଉଦ୍ଧୃତି ଏମିତି - "ଝିଅ ସ୍କୁଲରୁ ଫେରି ମତେ କହିଲା, ମାଆଲୋ, ତୁ ଏଇ ଲାଲ୍ ଟିକିଲି ପିନ୍ଧିଲେ କି ସୁନ୍ଦର ଦିଶୁଚୁଲୋ ! ଆଉ ଦିନେ କହିଲା, ମାଆଲୋ, ହଳଦିଆ ଶାଢ଼ିରେ ତୁ ପୂରା ଦୁର୍ଗାପରି ଦିଶୁଛୁ । ମାଆ, ତୋ' ମୁକୁଳା ବାଳ କି ସୁନ୍ଦର, ମାଆଲୋ, ମୁଁ ତୋ'ପରି ସୁନ୍ଦରୀ ହେବି" (ଆଖିରେ ଆଖିରେ, ପୃ.୭୦) । ବାସ୍ତବିକ, ନିଷ୍ପାପ ଛୁଆ ଓ ନାରୀ ଈଶ୍ୱରଙ୍କର ଅଧିକ ପ୍ରିୟ, ଅଧିକତମ ନିକଟତର । ସେହିପରି ମାଆ, ଅସୁନ୍ଦରୀ ହେଉ, ବେଢ଼ଙ୍ଗୀ ହେଉ, ସନ୍ତାନ ପାଖରେ ସେ ଚିତର ସୁନ୍ଦର, ସୌନ୍ଦର୍ଯ୍ୟବତୀ । ବାହ୍ୟ ଆଖିକୁ ସବୁ ଅସୁନ୍ଦର ଦେଖାଯାଇପାରେ, ମାତ୍ର ମନଚକ୍ଷୁରେ ଅବଚେତନରେ ପ୍ରକୃତ ସୌନ୍ଦର୍ଯ୍ୟ ନିହିତ । ଝିଅ ତୁଣ୍ଡରେ ଦିବ୍ୟଶବ୍ଦ ପ୍ରୟୋଗ କରି ତା'ର ବେଢ଼ଙ୍ଗୀ, କାଳୀ ଓ ଅସୁନ୍ଦରୀ ମାଆକୁ ନୂଆ ଜୀବନ ପ୍ରଦାନ କରିଛି । ଏଇଠି ଏହି ଗଳ୍ପର ମର୍ଯ୍ୟାଦା ବୃଦ୍ଧି ହୋଇଛି । ଝିଅର ବକ୍ତବ୍ୟ ପ୍ରଚଳିତ ରୂଢ଼ିବାଦୀ ସମାଜର ବଦ୍ଧମୂଳ ଧାରଣା ଉପରେ ଏକ ଶକ୍ତ ପ୍ରହାର । କଥାକାର ସୁକାନ୍ତ ସାହୁ ଏମିତି କେତେକେତେ ବଦ୍ଧମୂଳ ଧାରଣା ଉପରେ ଶକ୍ତ ଚାପୁଡ଼ା ଦେଇ ପାଠକର ଅବଚେତନ ଓ ଚେତନ ଜଗତକୁ ହଲଚଲ କରିଦେଇଛନ୍ତି ।

ଏମ୍.ଆଇ.ଜି - ୨୨,
ଜି.ଏସ୍. ନଗର, ଜଗତପୁର
କଟକ - ୭୫୪୦୨୧,
ମୋ.: ୯୪୩୭୫୭୦୧୨୦

କ ବି ତା

ତୁମେ ଆସିବା ପରେ

ସୁପ୍ରିୟା ପଣ୍ଡା

ତୁମେ ଆସିବା ପରେ
ଶୂନ୍ୟ ହୋଇଗଲେ ସବୁତକ ସ୍ଥାନ
ନିବିଡ଼ତାର ଆଶ୍ଳେଷରେ
ଫୁଟିଗଲେ ଅସଂଖ୍ୟ ନକ୍ଷତ୍ର
ଜହ୍ନ ଜୋଛନାର
ଆଲୋକିତ ସତ୍ତାରେ ,
ଇଚ୍ଛା ସବୁ ରୂପ ରୂପାନ୍ତରିତ ହେଲେ
ସାମ୍ଭାବ୍ୟ ଘଟଣା ପାଇଁ,
ଐଶ୍ୱର୍ଯ୍ୟମୟ ହେଉଥିଲେ ଶବ୍ଦ ।

ମୋ' ହୃଦୟର ନୀରବତାରେ
ତୁମ ଉପସ୍ଥିତିର ରାଗ ମଲ୍ଲାର
ଆଉ ଦୁଃଖ ନାହିଁ, ଶୋକ ନାହିଁ
ଯାହା ସବୁ ଘଟି ଯାଇଥିଲା
ଦେଇଦିଅ ନିର୍ବାସନ ।

ତୁମେ ପାଖରେ ଥାଅ କି ନ ଥାଅ
ମୁହୂର୍ତ୍ତଟେ ପାଇଁ ବି ଭିନ୍ନତା ନଥାଏ ।
ତୁମ ଅବସ୍ଥିତିର
ମହମହ ବାସ୍ନା ଭିଜା ରଙ୍ଗରେ
ମୋ' ସମର୍ପଣର ଚିତ୍ର
ଉତ୍ତୋଳିତ ହୁଏ ନିରୁତା ପ୍ରଚ୍ଛଦରେ
ତୁମେ ଉପସ୍ଥିତିରେ
ଅରୁଣିମା ବୋଳି ହୋଇ
ମୁଁ ବିସ୍ତାରିତ ହେଉଥାଏ
ତୁମ ଅମୃତ ସ୍ପର୍ଶରେ ।

ଚାଲ ଏବେ ହଜିଯିବା
ଦିଗ୍‌ବଳୟ ଆରପାଖେ,
ଯେଉଁଠି ତୁମେ ଥିବ, ମୁଁ ଥିବି
ଥିବ ଆମ ସୂକ୍ଷ୍ମ ସମର୍ପଣ,
ବେପଥୁ ମୂର୍ଚ୍ଛନା ରାଗେ
ଶୁଭୁଥିବ ହୃଦୟ ସ୍ପନ୍ଦନ ।

ରସୁଲଗଡ଼, ଭୁବନେଶ୍ୱର
ମୋ.: ୮୮୯୫୫ ୬୦୫୫୦

କଥାକାର ଗଙ୍ଗାଧର ବିଶ୍ୱାଳଙ୍କ ଝିଅପିଲା ପୁଅପିଲା

ସଦାନନ୍ଦ ତ୍ରିପାଠୀ

ଏଇ ସମୟର ଜଣେ ବହୁ ସୃଜନକ୍ଷମ ଲେଖକ ଗଙ୍ଗାଧର ବିଶ୍ୱାଳଙ୍କ ଗଳ୍ପ ସଂକଳନ, "ଝିଅପିଲା ପୁଅପିଲା" ପ୍ରକାଶ ପାଇଛି ୨୦୨୩ ମସିହାରେ । ସୁନ୍ଦର ମୁଦ୍ରଣ ଓ ପରିପାଟୀଯୁକ୍ତ ସେହି ପୁସ୍ତକଟିକୁ ଲୋକଲୋଚନକୁ ଆଣିଛନ୍ତି ଭୁବନେଶ୍ୱରର 'ପକ୍ଷୀଘର ପ୍ରକାଶନୀ' । ଚଉଦଟି ଗଳ୍ପର ସମାହାରରେ ଶହେ ଚଉତିରିଶ ପୃଷ୍ଠା ସମ୍ବଳିତ ସଂକଳନଟିର ମୂଲ୍ୟ ରହିଛି ଏକଶତ ପଞ୍ଚାନବେ ଟଙ୍କା । ଏହାର ସୁଦୃଶ୍ୟ ତଥା ରୁଚିପୂର୍ଣ୍ଣ ପ୍ରଚ୍ଛଦ ଚିତ୍ର ଅଙ୍କନ କରିଛନ୍ତି ଶିଳ୍ପୀ ଶଶାଙ୍କ ଶେଖର ଦାଶ ।



ସଂକଳନର ପୃଷ୍ଠଭାଗରେ ପ୍ରକାଶକ ବନୋଜ ତ୍ରିପାଠୀ ସୂଚଇଛନ୍ତି ଯେ ରାଶିରାଶି କାହାଣୀର ସ୍ରଷ୍ଟା ଗଙ୍ଗାଧର ବିଶ୍ୱାଳଙ୍କ ଶୈଳୀଟି ନିଆରା ଏବଂ ସେ ସବୁବେଳେ ସାଦାସିଧା ମଣିଷକୁ ନାୟକ (ବା ଚରିତ୍ର) କରି କାହାଣୀ ପରିବେଷଣ କରିବାରେ ଓସ୍ତାଦ୍ ।

ବନୋଜଙ୍କର ସେପରି ଆବିଷ୍କାର, ଉପଲବ୍ଧି ବା ସିଦ୍ଧାନ୍ତକୁ ଅସ୍ୱୀକାର କରାଯାଇ ପାରେନା । ବାସ୍ତବରେ ଆଲୋଚ୍ୟ ସଂକଳନରେ ସ୍ଥାନିତ ଗଳ୍ପଗୁଡ଼ିକର ଚରିତ୍ରମାନଙ୍କୁ ଲକ୍ଷ୍ୟକଲେ ଜଣାଯାଏ ଯେ ସେମାନେ ସମସ୍ତେ ପ୍ରାୟତଃ ସାଧାରଣ ବର୍ଗର ମଣିଷ, ଯେଉଁମାନେ ସଂସାରରେ ଓ ସମାଜରେ ଅନବରତ ଘୂରିବୁଲୁଥା'ନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ବେଶ୍ ନିରୀହ, ନିଷ୍କପଟ ବା ବନୋଜଙ୍କ ସୂଚନା ଅନୁଯାୟୀ ସାଦାସିଧା । ପ୍ରତ୍ୟେକେ ଅବିରତ ଅନାକାଂକ୍ଷିତ ପୀଡ଼ା ଭୋଗୁଥିବା ସତ୍ତ୍ୱେ ନିଜ ସ୍ଥିତିକୁ, ଛୋଟଛୋଟ ସ୍ୱପ୍ନ ଓ ଅକଳନ ଆବେଗ ତଥା ଆଶାବାଦକୁ ବଞ୍ଚାଇ ରଖିବା ନିମନ୍ତେ ଅବ୍ୟାହତ ରଖିଥା'ନ୍ତି ସଂଘର୍ଷପୂର୍ଣ୍ଣ ଅବିରାମ ଯାତ୍ରା । ଯେମିତି, ଖକନ୍ ଦା' । ସେହି ଶୀର୍ଷକର ଗଳ୍ପରେ ଏକ ଦାରୁଣ ଉପଲବ୍ଧିର ବୟାନ ରହିଛି । "ସବୁ ମଣିଷଙ୍କର ସେଇ ଗୋଟେ ପ୍ରକାରର ସ୍ୱଭାବ । ଆଘାତ ସହିବେ ନାହିଁ । ଆଘାତ

ଦେବେ । ଦୁଃଖ ସହିବେ ନାହିଁ । ଦୁଃଖ ଦେବେ । ଯନ୍ତ୍ରଣା ସହିବେ ନାହିଁ । ଯନ୍ତ୍ରଣା ଦେବେ ।" (ପୃଷ୍ଠା-୧୮)

ସେହିପରି ଅନ୍ୟ ଏକ ଚରିତ୍ର ଅଧ୍ୟାପିକା ସୁଜାତା । ତାଙ୍କ ସ୍ୱାମୀ ସୈନ୍ୟ ବିଭାଗର ଡାକ୍ତର । ଡାକ୍ତର ବିବେକାନନ୍ଦ ଶତ୍ରୁପକ୍ଷ ଦ୍ୱାରା ନିହତ ହେବା ପରେ ତିନୋଟି କନ୍ୟା ସନ୍ତାନଙ୍କୁ ମଜଭୁତ୍ ଆଶ୍ରାଦେଇ ଠିଆ କରାଇଛନ୍ତି ସୁଜାତା, ନିଜର ଦୃଢ଼ ସାହସ ଓ ଧୈର୍ଯ୍ୟ ବଳରେ । ସେହିଭଳି ମଧ୍ୟ, 'ଚଢ଼େଇଟେ ଯେତେବେଳେ ଲୁହ ଗଡ଼ାଏ" ଗଳ୍ପର ସିପ୍ରା ପରିଡ଼ା । ଗଳ୍ପର ଆରମ୍ଭରେ ହିଁ ଲେଖିଛନ୍ତି ଗାଳ୍ପିକ: ଖରାବେଳ ସମୟରେ ଏକ ଜିଅନ୍ତା ଗଛର ମଲା ଡାଳରେ ଥଣ୍ଟ ସଫା କରୁଥାଏ, ଗୋଟେ ଚଢ଼େଇ । ପ୍ରତୀକାତ୍ମକ ଭାବରେ ଲିଖିତ ସେହି ବାକ୍ୟଟି ସଂପୂର୍ଣ୍ଣ ଗଳ୍ପର ଭାରସାମ୍ୟ ରଖିବା ନିମନ୍ତେ ଅଭିପ୍ରେତ । ସିପ୍ରାଙ୍କ ଜୀବନର ପରିଣତିକୁ ଲକ୍ଷ୍ୟ କରି ଜଣେ ତାହା ହୃଦୟଙ୍ଗମ କରିବା ସହ ବେଦନାସିକ୍ତ ବି ହେବେ । ସେହି ଗଳ୍ପର ଠାଏ ପ୍ରଶ୍ନ ଉଠାଇଛନ୍ତି ଲେଖକ: ନାକପୁଡ଼ାରେ ଯା'ଆସ କରୁଥିବା ପବନ କ'ଣ ପବନ ନୁହେଁ ? ବନ୍ଦଘରର ଝରକା ଓ କବାଟ ଭିତରେ ଛାଟିପିଟି ହେଉଥିବା ଅଣନିଃଶ୍ୱାସୀ ଜୀବନ କ'ଣ ଜୀବନ ନୁହେଁ ?

କାହା କାହା ମଧ୍ୟରେ ସୃଷ୍ଟି ହୋଇଥିବା ସାଧାରଣ ମାନବୀୟ ସମ୍ପର୍କର ଅବସାନ ପାଇଁ ସ୍ଥାନାନ୍ତର ଏକ କାରଣ ହୋଇପାରେ । 'ସୁଶ୍ରୀ ମାଡ଼ାମ' ଗଳ୍ପର କଥାବସ୍ତୁ ସେତିକି । ଅଥଚ ଭାବବସ୍ତୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ଜମାଖାତା ଥାଏ ଯେଉଁ ବ୍ୟାଙ୍କ୍‌ରେ, ସୁଶ୍ରୀ ସେହି ବ୍ୟାଙ୍କର ଜଣେ କର୍ମଚାରୀ । ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସଂପର୍କ ଆପାତତଃ ଶ୍ରଦ୍ଧା ସୂଚକ ଓ ସୌଜନ୍ୟମୂଳକ । ଚାକିରିରୁ ଅବସର ଗ୍ରହଣ କରିବା ଦିନ, ବୟସ୍କ ବ୍ୟକ୍ତି ଜଣକ ଶେଷଥର ପାଇଁ ସେହି ବ୍ୟାଙ୍କ୍‌କୁ ଯାଇ ଜାଣୁଛନ୍ତି ଯେ, ସୁଶ୍ରୀ ବଦଳି ହୋଇ ଅନ୍ୟତ୍ର ଚାଲିଗଲେଣି ଏବଂ ସେଠାରୁ ବିଦାୟ ନେବା ପୂର୍ବରୁ ସେ ତାଙ୍କ ସହ ଭେଟ ହେବ ବୋଲି ଆଶା ରଖିଥିଲେ । ତାହା ସମ୍ଭବ ହୋଇପାରିନି । କିଏ ଜାଣେ, ଜୀବନରେ ଆଉ କେବେ କେଉଁଠି ଭେଟ ହେବ କ ନାହିଁ । ସେପରି ଅବସୋସ ସମସ୍ତଙ୍କ ଜୀବନରେ ଏକାଧିକବାର ଆସିବା ସମ୍ଭବ । ସେହି ଗହନ ଭାବନାକୁ ଗଳ୍ପର ଥିମ୍ କରି ପାଠକଙ୍କ ମନକୁ ଆନ୍ଦୋଳିତ କରିବାକୁ ସମର୍ଥ ଗଙ୍ଗାଧର । ତାଙ୍କ ଭାବନାର ଗତି ଡାଳରୁ ପତ୍ର ଆଡ଼କୁ, ପୁଣି ପତ୍ରରୁ ଶିରାକୁ । ସୂକ୍ଷ୍ମତା ଗଙ୍ଗାଧରଙ୍କ ଗଳ୍ପ କଥନ ଶୈଳୀର ବିଶେଷତ୍ୱ ।

ପ୍ରାୟତଃ ଡାଏରି ଲେଖୁନଥିବା ବାପା, ଗୋଟିଏ ଡାଏରିରେ ଏକଶହ ତିରିଶ ପୃଷ୍ଠା ଲେଖି ଛାଡ଼ିଯାଇଥିଲେ । ତାହା ହୁଏତ ବାପାଙ୍କର ଏକମାତ୍ର ଡାଏରି । ଗଳ୍ପର ଶୀର୍ଷକ, 'ବାପାଙ୍କ ଶେଷଦିନର ଡାଏରି' । ସେହି ଗଳ୍ପରେ, ବାପାଙ୍କ ମୃତ୍ୟୁ ପରେ ଦୁଇ ପୁଅ ଓ ବୋହୂଙ୍କ ମଧ୍ୟରେ ଭାଗ ବଣ୍ଟୁଆରାକୁ ନେଇ ଚାଲିଥିବା ବିଚାର ତଥା ବିତର୍କ ପ୍ରମୁଖତା ହାସଲ କରିଛି । ବାପା ବ୍ୟବହାର କରୁଥିବା ଏକମାତ୍ର ଚୌକି, ଏକମାତ୍ର ଖଟ ଓ ଡାଏରିଟିକୁ ମଧ୍ୟ ଭାଙ୍ଗି ଏବଂ ଚିରି ଠିକ୍ ଦୁଇଭାଗ କରାଯିବା ନିଷ୍ପତ୍ତି ସହ ଉର୍ବର ଜମିରେ ସମାଧି ନରଖି ବାଡ଼ି ପଛପଟେ ସ୍ଥାପନ କରାଯିବା ଭଳି ଆଲୋଚନାରେ ମାଆ ସୁମତି ଦେବୀ ସ୍ତବ୍ଧ ଓ ମୂକ ପାଲଟି ଯାଇଥିଲେ । ତେବେ ଗଳ୍ପଟିର ନାମକରଣର ସାର୍ଥକତା ଦୃଷ୍ଟିରୁ, ଶେଷରେ ବାପା ଲେଖିଥିଲେ- "ଆଜି ଦିନଟି ମୋର ଶେଷ ଦିନ" । ସେହି କଥା ଲେଖିବା ପରେ ଗାଳ୍ପିକ ଶେଷରେ ସୂଚାଇଛନ୍ତି ଯେ, ସମସ୍ତେ ସେକଥା ଡାଏରିରୁ ପଢ଼ିବା ପରେ ମଧ୍ୟ କିଏ ଜଣେ ସୁଦ୍ଧା ପ୍ରଶ୍ନ ଉଠାଇଲେ ନାହିଁ, 'ସେଦିନ ମରିବେ ବୋଲି ବାପା ଜାଣିଲେ କେମିତି'? ସେତିକି ପଢ଼ିବା ପରେ, ପାଠକର ଭାବନା ଚଞ୍ଚଳ ଓ ମୁଖରିତ ହୋଇଯାଇପାରେ । ବହୁ କଥା ମନକୁ ଆସିଯାଏ: ଆବେଗ, ଦାୟିତ୍ୱବୋଧ, ଲୋଭ ଏବଂ ସ୍ୱାର୍ଥ ହେତୁ ତୁଟିଯାଉଥିବା ସମ୍ପର୍କ ଓ ତା'ପରେ ଜୀବନର ଅସାରତା, ମୃତ୍ୟୁ କାମନା । କିଛି ବି । ସେପରି କିଛି ଇଙ୍ଗିତ ଗଳ୍ପ ଭିତରେ କେଉଁଠି ରହିଛି କି ବୋଲି ଦ୍ୱିଧାରେ ପାଠକ ପୁଣିଥରେ ଗଳ୍ପଟିକୁ ପଢ଼ିବା ଆରମ୍ଭ କରିପାରେ ।

'ନାତୁଣୀ ସମ୍ବାଦ' ଗଳ୍ପର ଧ୍ରୁବବାବୁ ନିଜ ଶିଙ୍ଗରେ ମାଟି ତାଡ଼ି ସ୍ୱଚ୍ଛଳ ପାଲଟିଥିବା ଜଣେ ମଣିଷ । ନାତୁଣୀର ଜନ୍ମଦିନ ସେ ପାଳନ କରିଛନ୍ତି ଭାରି ଧୁମ୍‌ଧାମ୍‌ରେ । ଏଗାରଟି ପରିବାର ରହୁଥିବା ଗୋଟିଏ କଲୋନିରେ ପାଳିତ ହୋଇଛି ସେଇ ଉତ୍ସବ । ଧ୍ରୁବଙ୍କ ଐଶ୍ୱର୍ଯ୍ୟ ଦେଖିବାକୁ ସମସ୍ତେ । ତେବେ ତାଙ୍କ ଆଦ୍ୟ ଜୀବନର ସଂଘର୍ଷର ଚିତ୍ରଣରୁ ନିଜକୁ ପ୍ରତିଷ୍ଠିତ କରିବାର ପ୍ରେରଣା ପାଇବେ ଅନ୍ୟସବୁ ପରିଶ୍ରମୀ ମଣିଷ । ଗଳ୍ପର ମଞ୍ଚ ରହିଛି ଶେଷ ଆଡ଼କୁ, ଜଣେ ବାବୁ ଓ ତାଙ୍କ ଶିକ୍ଷୟିତ୍ରୀ ପତ୍ନୀଙ୍କର ଆବିର୍ଭାବ ପରେ । ସେହି ଦମ୍ପତି ନିଃସନ୍ତାନ । ଭଲ ରୋଜଗାର ହେତୁ ଆନନ୍ଦରେ ଅଛନ୍ତି । ତଥାପି ସେ ବାବୁଟିର ବ୍ୟଙ୍ଗ (ନା, ବେଦନା)କୁ ଲକ୍ଷ୍ୟ କରନ୍ତୁ ପାଠକେ: ସେ କହୁଛନ୍ତି, "ଆଜିକାଲି ଲୋକମାନଙ୍କ ପାଖରେ ବହୁତ ପଇସା ହେଇଗଲାଣି । ଦେଖୁନାହାନ୍ତି, ଧ୍ରୁବବାବୁ ପୁଣି ତାଙ୍କ ନାତୁଣୀର ଜନ୍ମ ଦିନରେ ତ ଲକ୍ଷେ ଆରପାରି ଟଙ୍କା ଖର୍ଚ୍ଚ କରିପାରୁଛନ୍ତି ।" (ପୃଷ୍ଠା-୫୭)

"ସତ ସତ ଲାଗୁଥିବା ମିଛ କାହାଣୀ" ଏକ ନିରୋଳା ମନସ୍ତାତ୍ତ୍ୱିକ ଗଳ୍ପ । ପ୍ରଥମ ପୁରୁଷରେ ରଚିତ ସେହି ଗଳ୍ପର ମୁଖ୍ୟ ଚରିତ୍ର ଜଣେ ବୟସ୍କ ବ୍ୟକ୍ତି; ଯିଏ ସପତ୍ନୀକ ଅବସ୍ଥାନ କରୁଛନ୍ତି ପୁଅବୋହୂ ଓ ନାତିନାତୁଣୀଙ୍କ ସହିତ । ଗଳ୍ପର ଭାବବସ୍ତୁକୁ ଗୋଟିଏ ସ୍ୱପ୍ନବୃତ୍ତାନ୍ତର ପ୍ରତୀକ ମାଧ୍ୟମରେ ଉପସ୍ଥାପନ କରିଛନ୍ତି ଲେଖକ । ବ୍ୟାପାରଟି ଗହନ । ଲେଖିବାର ଅନ୍ଦାଜରେ ଯେଉଁ ବିଚ୍ଛତା ଓ ପରିଚ୍ଛନ୍ନତା ପ୍ରଦର୍ଶନ କରାଯାଇଛି, ତାହା ବାସ୍ତବରେ ପ୍ରଣିଧାନଯୋଗ୍ୟ । ଗଳ୍ପଟିର ସବୁ ଚରିତ୍ର ସକାରାତ୍ମକ ଏବଂ କୌଣସି ଖଳ ଚରିତ୍ର ନଥିବା ସତ୍ତ୍ୱେ ସେଥିରେ ରୂପାୟିତ ଦ୍ୱନ୍ଦ୍ୱ ଓ ସଂଘାତ ମର୍ମସ୍ପର୍ଶୀ । ଲାଗିବ, ଯେମିତିକି ତାହା ଲେଖକଙ୍କ ଜୀବନାନୁଭୂତିରୁ ଉଦ୍‌ଭୁତ । ପ୍ରସଙ୍ଗଟି ନିଗୂଢ଼, ଅଥଚ ଅସ୍ୱାଭାବିକ ନୁହେଁ ।

‘ଝିଅପିଲା ପୁଅପିଲା’ ଗଳ୍ପଟି ପୁଅ ଓ ଝିଅ ମଧ୍ୟରେ ଥିବା ପାର୍ଥକ୍ୟ, ପୁଅପିଲା ସହିତ ସାଙ୍ଗ ହେବାକୁ ଝିଅକୁ ମାଆଙ୍କର ବାରଣ ଆଦି ପ୍ରସଙ୍ଗ ଉପରେ ପର୍ଯ୍ୟବସିତ । କିଶୋରୀ ଯସ୍ମିନ୍‌କୁ ତା’ ମା’ କହନ୍ତି- ପୁଅ ପିଲା ସହିତ କି ସାଙ୍ଗ ? ଅଥଚ ପାଠପଢ଼ା ଶେଷକରି ସ୍ୱାବଲମ୍ବୀ ହେବା ପରେ, ଝିଅ ଯେତେବେଳେ ତା’ ପିଲାଦିନର ସାଙ୍ଗ ଅଙ୍କିତକୁ ବାହା ହେବାର ନିଷ୍ପତ୍ତି ଶୁଣାଇଛି ମାଆଙ୍କୁ, ସେତେବେଳେ ମାଆଙ୍କର ଅନ୍ତଃସ୍ୱର- ଆରେ, ସତକଥା ତ ! ଝିଅ କ’ଣ ଆଉ ସେ ବୟସରେ ଅଛି ? ତାକୁ କ’ଣ ଏବେ କହିହେବ : ପୁଅପିଲା ସହିତ କି ସାଙ୍ଗ ?

ଆଲୋଚ୍ୟ ଗଳ୍ପର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ପୁଅ-ଝିଅଙ୍କର ଆବେଗମୟ ସମ୍ପର୍କକୁ ସଂସ୍କାରର ମାର୍ଜିନ୍ ଭିତରେ ରଖିଛନ୍ତି ଲେଖକ । ପିତାମାତାଙ୍କ ସତର୍କ ଦୃଷ୍ଟିରୁ ଆବଶ୍ୟକତାକୁ ସାଂକେତିକ ଭାବରେ ସୂଚାଇ ସେ ଗଢ଼ିଛନ୍ତି ପରିବର୍ତ୍ତିତ ସମୟର ଏକ ମାର୍ଜିତ କାହାଣୀ ।

ସଂକଳନର ପ୍ରଥମ ଗଳ୍ପଟି ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ନିକଟସ୍ଥ ଜଙ୍ଗଲ ଉପରେ ଆଧାରିତ ଓ ଶେଷ ଗଳ୍ପଟି ଏକ କିମ୍ବଦନ୍ତୀ ନିର୍ଭର ପରମ୍ପରା ଉପରେ ପର୍ଯ୍ୟବସିତ ।

‘ସ୍ୱପ୍ନରେ ସ୍ୱପ୍ନରେ’ ଗଳ୍ପଟି ଏକ ନିଷ୍କପଟ ସ୍ୱୀକାରୋକ୍ତି । ସେହି ଗଳ୍ପର ଆରମ୍ଭଟି ଏହିପରି- ରାତି ବାରଟା ପରେ କିଏ ଜଣେ ମତେ ଶୋଇବା ବିଛଣାରୁ ଉଠାଏ ।

ଏତିକିରେ ବଢ଼ିଯାଏ ପାଠକର ଉତ୍କଣ୍ଠା । ପରେପରେ ପୁଣି ଲେଖନ୍ତି ଗାହ୍ନିକ- ଯିଏ ଡାକୁଛି, ଯିବାର ନାହିଁ । ଯିଏ ନ ଡାକୁଛି , ଯିବାର ଅଛି ।

ସେହିପରି ଗଙ୍ଗାଧର ବିଶ୍ୱାଳଙ୍କ ଶୈଳୀ । ସଂକ୍ଷିପ୍ତ ଓ ସାଂକେତିକ ବାକ୍ୟ ତାଙ୍କର କାରିଗରିକୁ ସୂଚାଏ । ପାଠକର ଭାବନାକୁ ଉଜ୍ଜୀବିତ କରିବା ନିମନ୍ତେ ତାଙ୍କ ପ୍ରୟାସଟି ମୌଳିକ ଓ ମଞ୍ଜୁଳ । ସ୍ୱାମୀ ନ ଖାଇଲେ ଯେଉଁ ସ୍ତ୍ରୀ ମଧ୍ୟ ଉପବାସ ରହେ, ସେଭଳି ନାରୀର ପତି ପୁଣି, ସ୍ୱପ୍ନରେ ହେଉ ପଛେ, ଚାଲିଯାଏ ଅନ୍ୟ କେଉଁ ବାମା ସମୀପକୁ । ଅବଶ୍ୟ ସେଇଠି ସେ ସେହି ଦୁଃଖିନୀ, ସଂଘର୍ଷଶୀଳ ରମଣୀର ସମସ୍ତ ବେଦନା ବିଧୂର କାହାଣୀ ଶୁଣେ ଏବଂ ନିଜ ଆଦର୍ଶରୁ ଆଦୌ ବିଚ୍ୟୁତ ନ ହୋଇ ଫେରିଆସେ । ଅବଶ୍ୟ ସବୁକିଛି ଘଟିଥାଏ ସ୍ୱପ୍ନରେ । କିନ୍ତୁ, ତା’ ଭିତରେ ରହିଛି ଅମାପ ବାସ୍ତବତାର ଚିତ୍ର; ଆକର୍ଷଣ ଓ ସମ୍ବେଦନାର ମାର୍ମିକ ଚିତ୍ରଣ ।

ଗଙ୍ଗାଧର ବିଶ୍ୱାଳଙ୍କ ଗଳ୍ପଗୁଡ଼ିକ କାହାଣୀ ପ୍ରଧାନ ନୁହେଁ; ଭାବପ୍ରଧାନ । ଗଳ୍ପ ଗଠନକ୍ରମରେ ଗୋଟିଏ ମୂଳ ଭାବବସ୍ତୁ ସହିତ ତା’ର ସୁପରିବାରୀ ଭାବସମୂହ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ସ୍ଥିର ପୁଷ୍କରିଣୀରେ ଗୋଡ଼ିଟିଏ ପଡ଼ିଲେ ସୃଷ୍ଟି ହେଉଥିବା ତରଙ୍ଗରାଜି ପରି ସେସବୁ ଗତିଶୀଳ ହୁଅନ୍ତି । ତାଙ୍କର ଗଳ୍ପରଚନା ଶୈଳୀଟି ଅମୂର୍ତ୍ତ ହୋଇଥିବା ହେତୁ ପ୍ରତ୍ୟେକ ବାକ୍ୟକୁ ଧ୍ୟାନଦେଇ ନିରୀକ୍ଷଣ କରିବାକୁ ହୁଏ । ଏମିତି ଦେଖିଲେ, କହିହେବା ଭଳି ପ୍ରଚୁର କାହାଣୀ ନଥାଏ ତାଙ୍କ ଗଳ୍ପରେ, କିନ୍ତୁ ଗଳ୍ପଟିଏ ପଢ଼ିବା ବେଳେ ଓ ପଢ଼ିସାରିବା ପରେ ତା’ର ଛନ୍ଦମୟ ଗତି ଓ ପ୍ରଭାବ ଅତି ନିବିଡ଼ ଛାପ ଛାଡ଼ିଥାଏ ପାଠକର ମନରେ । ‘ଡାଇନୋସର ଦମ୍ପତି: ଏକ ପ୍ରେମକଥା’ ସେଥିର ଏକ ପ୍ରକୃଷ୍ଟ ଉଦାହରଣ । ପ୍ରେମ ଓ ଦାମ୍ପତ୍ୟକୁ ଉପଲକ୍ଷ୍ୟ କରି ରଚିତ ସେହି ଗଳ୍ପରେ ଲେଖିଛନ୍ତି ଗାହ୍ନିକ, “ଯେଉଁ ମଣିଷ ତା’ ଜୀବନରେ ପ୍ରେମ କରିନାହିଁ, ଝୁଣ୍ଟି ନାହିଁ, ଛଟପଟ ହୋଇନାହିଁ : ସେ ମଣିଷ ଜାଣ ଜୀବନକୁ ବୁଝିପାରି ନାହିଁ ।” ପୁଣି, ଶେଷ ଆଡ଼କୁ, ଜଣେ ପତ୍ନୀର ମୁହଁରେ ସେ କୁହାଇଛନ୍ତି, “ପ୍ରେମିକ ଭାବେ ତମେ ଠିକ୍ ଅଛ । କିନ୍ତୁ ସ୍ୱାମୀ ହିସାବରେ ତମେ ଡାଇନୋସର ଭଳି । ତୁମ ପାଖରେ ସାରା ଜୀବନ ରହିବାକୁ ହେଲେ, ସାହସ ଆଉ ଶକ୍ତି ବିନା ନିଜକୁ ସମ୍ଭାଳିବି କେମିତି ?”

ପରିବର୍ତ୍ତିତ ପୃଥିବୀରେ ମାନବୀୟ ସମ୍ପର୍କର ପରିଭାଷା ଦ୍ରୁତ ବଦଳି ଚାଲିଥିବାବେଳେ, ପ୍ରୀତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ମଣିଷ-ମଣିଷ ମଧ୍ୟରେ ବୁଝାମଣା ବଜାୟ ରହିବା ଏବଂ ସ୍ଥଳବିଶେଷରେ ପରସ୍ପର ଖାପଖୁଆଇ ଚଳିଯିବା ଯେ କେତେ ବଡ଼ ଆହ୍ୱାନ, ସେଥିର ଆଭାସ ମିଳେ ଗଙ୍ଗାଧରଙ୍କ ଗଳ୍ପଗୁଡ଼ିକରୁ ।

ଚୈତନ୍ୟ ବ୍ରାହ୍ମଣୀ ଭବନ
ପ୍ଲଟ୍ ନମ୍ବର - ୨୪୦୮, ମଞ୍ଚେଶ୍ୱର ଗାଁ
ଭୁବନେଶ୍ୱର - ୭୫୧୦୧୭
ମୋ.: ୭୯୭୮୩ ୨୯୭୪୬

ପ୍ରଜାକୋର୍ଟ : ସଂଗ୍ରାମର ମହାଗାଥା

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

ସୁଜାତା ମହାପାତ୍ରଙ୍କ ଉପନ୍ୟାସରେ ଜମି, ଜଳ, ଜଙ୍ଗଲ ଓ ଏହାର ସଂରକ୍ଷକ ଅଧିବାସୀ ମାନବସଭ୍ୟତାର ମୂଳ ଭିତ୍ତିଭୂମି ହୋଇଥିବା ବେଳେ କ୍ରମଶଃ ସାମାଜିକ କ୍ରମବିକାଶ ସହ ତାଳ ଦେଇ ଆଗେଇପାରିନାହାନ୍ତି । କଳକାରଖାନା, ରାସ୍ତାଘାଟ, କମ୍ପାନୀ ଓ ସରକାରର ବିଭିନ୍ନ ଯୋଜନା ଅନୁସାରେ ଭିନ୍ନ ଭିନ୍ନ ସମୟରେ ଏହି ଅଧିବାସୀମାନଙ୍କୁ ବିସ୍ଥାପନର ସମ୍ମୁଖୀନ ହେବାକୁ ପଡ଼େ । ନିରୀହ ଆଦିବାସୀମାନେ ନିଜର ଭିତ୍ତିଭୂମି ହରାଇ ହୁଅନ୍ତି ସର୍ବସ୍ୱାନ୍ତ । ପ୍ରଶାସନର ଚଞ୍ଚକତା, କମ୍ପାନୀର ମିଥ୍ୟା ପ୍ରଲୋଭନ ନିଜସ୍ୱ ସ୍ୱାର୍ଥସିଦ୍ଧି କରୁଥିବାବେଳେ ଅଧିବାସୀମାନେ ଅତ୍ୟାଚାରିତ ହୋଇରହିଯାଉଛନ୍ତି କେବଳ । ନିକଟ ଅତୀତରେ ଏନେଇ ଅନେକ ରକ୍ତାକ୍ତ ସଂଘର୍ଷ ଘଟିଛି, ଅନେକ ନୀରିହ ଜୀବନ ବଳିପଡ଼ିଛି । ମାତ୍ର ଉଲ୍ଲେଖନୀୟ କିଛି ଘଟିନାହିଁ ସେ ବିଷୟରେ ଯାହା ସେମାନଙ୍କୁ ନ୍ୟାୟଦେବା ପାଇଁ ସହାୟକ ହେବ । ଉତ୍ତର-ଆଧୁନିକ କଥାସାହିତ୍ୟରେ ବିସ୍ଥାପନ ଓ ବିସ୍ଥାପିତମାନଙ୍କର ସମସ୍ୟାକୁ ନେଇ ଅନେକ ରଚନା ସୃଷ୍ଟି ହୋଇଛି ଓ ହେଉଛି ମଧ୍ୟ । ସୁଜାତା ମହାପାତ୍ରଙ୍କ "ପ୍ରଜାକୋର୍ଟ" ଏ ବିଷୟରେ ଲିଖିତ ଏକ ବହୁଚର୍ଚ୍ଚିତ ଉପନ୍ୟାସ । ସୁଜାତା ମହାପାତ୍ର ନବପର୍ଯ୍ୟାୟର ପ୍ରତିଶ୍ରୁତିପୂର୍ଣ୍ଣ ଲେଖିକା ହେଲେ ମଧ୍ୟ ତାଙ୍କର ଲେଖନୀ ବେଶ୍ ପାକଳ, ଆବେଦନ ବେଶ୍ ନିର୍ଭୀକ ଓ ଅଭିବ୍ୟକ୍ତି ବେଶ୍ ପ୍ରାଞ୍ଜଳ । କଳିଙ୍ଗନଗରର ବର୍ବରୋଚିତ ଗୁଳିକାଣ୍ଡ ଓ ଲୋମହର୍ଷଣକାରୀ ପାପୁଲି କଟା ଘଟଣା



ବେଶ୍ କିଛି ବର୍ଷ ଆଲୋଡ଼ନ ସୃଷ୍ଟି କରିବା ସତ୍ତ୍ୱେ ଆଦିବାସୀମାନେ ଏଯାବତ୍ ନ୍ୟାୟ ପାଇପାରି ନାହାନ୍ତି । ଆଧୁନିକତା ସେମାନଙ୍କୁ ଛୁଇଁପାରି ନାହିଁ । ସର୍ବନିମ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ମଧ୍ୟ ସେମାନେ ବିଦ୍ରୋହ କରିନାହାନ୍ତି କେବେ । ସେମାନଙ୍କ ବନଭୂଇଁ ତାଙ୍କ ଜୀବନର ପ୍ରାଣକେନ୍ଦ୍ର । ଏବେ ମଧ୍ୟ ମାଟି ସାଙ୍ଗରେ ଜଡ଼ି ରହିଛି ତାଙ୍କ ପୂର୍ବପୁରୁଷର ଆତ୍ମା । "ପ୍ରଜାକୋର୍ଟ" ଉନ୍ମୋଚନ କରିଛି ଦୃଷ୍ଟିର ଆଡୁଆଳରେ ରହିଥିବା ଗୋଟେ ଜିଇବାର ଶୈଳୀ, ଗୋଟେ ପ୍ରେମ-ଜରଜର ପୃଥିବୀ, ଗୋଟେ ମାନବତାର ଜୀବନ୍ତ ଇତିହାସ । "ଆମ ପିତୃପୁରୁଷ ଓ ଆମ ଆତ୍ମାକୁ ମିଶାଇ ସାହିତ୍ୟ ଆମକୁ ଭାବ ରାଜ୍ୟରେ ବିଚରଣ କରିବା ପାଇଁ ସର୍ବଦା ଅନୁପ୍ରେରିତ କରିଥାଏ । ପରମ୍ପରା ସହିତ, ଅତିବଡ଼ ଆମ ଐତିହ୍ୟ ସହିତ, ଭୂମି ସଂଲଗ୍ନ ଆମର ସଂସ୍କୃତି ସହିତ ଏକାତ୍ମ ହେବାର ସୁଖ ମଧ୍ୟ ସାହିତ୍ୟ ଆମକୁ ଦିଏ ।"

ପ୍ରଜାକୋର୍ଟ ଏପରି ଏକ ଉପନ୍ୟାସ, ଯାହା କେବଳ ବିସ୍ଥାପନ କି ତଦ୍‌ଜନିତ ଶୋଷଣ କଷଣର କଥା କହିନାହିଁ, ବରଂ ନିରୀହ ଆଦିବାସୀଟେ କିପରି ଓ କେଉଁ ପରିସ୍ଥିତିରେ ନକ୍ସଲ ପରି ହିଂସାବାଦକୁ ଆପଣେଇ ନିଏ ସେ କଥା କହିଛି । କହିଛି ତାଙ୍କର ଜୀବନ ଧାରଣର ସରଳ ପଦ୍ଧତି, ପୂର୍ବପୁରୁଷଙ୍କ ସହ ସହାବସ୍ଥାନ, ମାଟିମନସ୍କତାର କଥା । କୁଆଁରୀ ମୁଣ୍ଡାର ଜୀବନରେ ଆସିଥିବା ଯନ୍ତ୍ରଣାକ୍ତ ଅଧ୍ୟାୟ ବହିଟିର ଉପାଦାନ ହେଲେ ମଧ୍ୟ ଗୋଟିଏ ମରିଯାଉଥିବା ସଭ୍ୟତାକୁ ବଖାଣିଛି ପାଠକ ଆଗରେ । ଲେଖିକାଙ୍କ ମତରେ, "ଏ ଉପନ୍ୟାସ କେବଳ କିଛି ଚରିତ୍ରଙ୍କ ସଂଘର୍ଷର କାହାଣୀ ମାତ୍ର ନୁହେଁ, ବରଂ ଏଥିରେ ଆପଣ ଭେଟିବେ ଏକ ଅନାଲୋଚିତ ଜନଜାତିର ସମୃଦ୍ଧ ପରମ୍ପରା, ଖାଦ୍ୟପେୟ, ଚଳଣି, ସଂସ୍କୃତି ଓ ଜୀବନର ସୁଉଚ୍ଚ ମୂଲ୍ୟବୋଧକୁ" । ମାଟି ଓ ପ୍ରକୃତିକୁ ଭଲପାଉଥିବା ମଣିଷ ଏ ପୁସ୍ତକ ସହ ଏକାନ୍ତ ହେବ ନିଶ୍ଚୟ ।

କାହାଣୀର ପ୍ରାରମ୍ଭରେ ଆଦିବାସୀ ନବଯୁବକ ଶୁକୁ ମୁଣ୍ଡା କମ୍ପାନୀରୁ ନିଯୁକ୍ତି ପାଇ ଗାଁକୁ ଫେରିଛି । ଅନେକ ଦିନରୁ ଭେଟିନାହିଁ ତା'ର ମାଆକୁ, ଜାଣେନାହିଁ କାହିଁକି ମାଆ କେବେ ଚାହିଁନାହିଁ ତା'ର ଗାଁକୁ ଆସିବାକୁ । ଶେଷରେ ମାଆ ତାକୁ ନେଇଯାଇଛି ଜଙ୍ଗଲ ଭିତରେ ଥିବା ଅନ୍ଧାରୀ ଗୁମ୍ଫାକୁ । ଠିକ୍ ସାମ୍ନାରେ ହିଁ ଆଖିରେ ପଡ଼ିଲା ତା'ର ଚନ୍ଦନ, ସିନ୍ଦୂର ବୋଳା କାଚବାକ୍ସ ଭିତରେ ଭୟଙ୍କର ଅବସ୍ଥାରେ ରହିଥିବା କିଛି କଟାହାତର ଗଳିତ ପାପୁଲି ଉପରେ । ଅନେକ ଜଣଙ୍କ ନାଁ ଲେଖାଥିବା ସେହି କାଚ ବାକ୍ସ ଭିତରୁ ସ୍ଥିର ହୋଇଯାଇଥିଲା ତା' ଆଖି ଗୋଟିଏ ନାଁ ଉପରେ । ପଥୁରିଆ ଆଖିରେ ସେ ପଢୁଥିଲା, 'ସୁଦୁ ମୁଣ୍ଡା', ଜାମୁଗାଡ଼ିଆ । ପଛରେ ମାଆ, ଗଛ ପାଲଟି ସାରିଥିଲା । ଧୀରେ ଧୀରେ ଶୁକୁ ଜାଣିବାକୁ ପାଇଥିଲା ସେ କଟା ପାପୁଲିର ରହସ୍ୟ । କେମିତି କମ୍ପାନୀର ଅତ୍ୟାଚାରକୁ ବିରୋଧ କରି ଶହୀଦ ହୋଇଛନ୍ତି ସୁଦୁ ମୁଣ୍ଡା ଓ ସାଥୀମାନେ । ସୁଦୁ ମୁଣ୍ଡାର ସ୍ତ୍ରୀ କୁଆଁରୀ ମୁଣ୍ଡାର ସଂସାର ଉଜୁଡ଼ି ଯାଇଛି । ସ୍ୱାମୀର ରହସ୍ୟଜନକ ଅନ୍ତର୍ଦ୍ଧାନ ପରେ ସେ ହୋଇପଡ଼ିଛି ରକ୍ତମୁଖା । ଆଦିବାସୀର ସରଳଜୀବନ ଓ ତା'ର ଭାବପ୍ରବଣତାକୁ ନେଇ ସମାଲୋଚକ ମତ ଦିଅନ୍ତି, "ସେମାନଙ୍କ ଜୀବନରେ ଥାଏ ଛନ୍ଦ, ଗୀତିମୟତା, ଜୀବନକୁ ଉପଭୋଗ କରିବାର ଦୁର୍ବାର ଲାଳସା । ସେମାନଙ୍କ ଠାରେ ସ୍ନେହ ଅଛି । ସ୍ୱାଭିମାନ ବି ଅଛି । ନିଜର ଗ୍ରାମ ପାଇଁ, ନିଜର ଗୋଷ୍ଠୀ ପାଇଁ ମର୍ଯ୍ୟଦା ତଥା ଗୌରବ ପାଇଁ ସେମାନେ ଅନ୍ୟ ସହିତ ଲଢ଼େଇ କରିବାକୁ ବି ପ୍ରସ୍ତୁତ ଥାନ୍ତି । ଶତ ସରସତା ସତ୍ତ୍ୱେ ବି ସେମାନେ ଜୀବନରେ ଧକ୍କା ଖାଆନ୍ତି, ପ୍ରଲୋଭିତ ହୁଅନ୍ତି, ପ୍ରତାରିତ ହୁଅନ୍ତି, ଆଉ ବଞ୍ଚି ରହନ୍ତି ବର୍ତ୍ତମାନର ନିଃସ୍ୱତା ଭିତରୁ ଭବିଷ୍ୟତର କଳ୍ପନା କରି" । ବର୍ଣ୍ଣିତ ଉପନ୍ୟାସରେ ଆମେ ଏହାର ଉଦାହରଣ ପାଇପାରିବା । ଆଦିବାସୀଟିଏ କେତେ ସରଳ ଓ ତା'ର ଆବଶ୍ୟକତା କେତେ ନିମ୍ନ, ତାହାକୁ ଲକ୍ଷ୍ୟ କଲେ ଆମକୁ ଆମର ତଥା କଥିତ ଆଧୁନିକ ଚଳଣି ହାସ୍ୟାସ୍ପଦ ଲାଗିବ । ଯେଉଁଠି ମଣିଷଟିଏ ସାମାନ୍ୟ ଖାଦ୍ୟ ପାଇବା ପାଇଁ ମଧ୍ୟ ସଫଳ ହୁଅନ୍ତି ନାହିଁ, ସେଠାରେ ଆମମାନଙ୍କର ସମୃଦ୍ଧି ପଛରେ ଉର୍ଦ୍ଧ୍ୱଶ୍ୱାସ ଦୌଡ଼ କେବଳ ଏକ ବିଡ଼ମ୍ବନା । ସମାଜରେ ଶ୍ରେଣୀ ବିଭାଜନ, ବିସ୍ଥାପନ ଓ ଅସାମଞ୍ଜସ୍ୟ ଏକ ବିଶୃଙ୍ଖଳତା ଆଡ଼କୁ ନେଇଯାଇଛି ଏବଂ ତାଆରି ଦସ୍ତାବିଦ୍ ହେଉଛି ଉପନ୍ୟାସ "ପ୍ରଜାକୋର୍ଟ" ।

ଉପନ୍ୟାସରେ ବର୍ଣ୍ଣିତ କଳିଙ୍ଗ ଘାଟି ବନାଞ୍ଚଳ, ସେଠାରେ ଘଟିଥିବା ବର୍ବରୋଚିତ ନରସଂହାର ଯେଉଁଥିରେ ସୁଦୁ ଓ ଅନ୍ୟ ବାରଜଣ ଆଦିବାସୀ ନେତାଙ୍କୁ ପୋଲିସ ହତ୍ୟାକରିଛି ପ୍ରମାଣ ନରଖି, ଉତ୍ୟକ୍ତ କରିଦେଇଛି ଆଦିବାସୀ ରମଣୀ କୁଆଁରୀ ମୁଣ୍ଡାକୁ । ସ୍ୱାମୀକୁ ନ୍ୟାୟ ଦେବା ପାଇଁ ଥାନାବାବୁକୁ ଅପହରଣ କରିଆଣିଛି କୁଆଁରୀ । "ତା' ସ୍ୱାମୀକୁ ଯେ ଗୁଳି କରିଥିଲା ସେ ତାକୁ ଟାଣିଆଣିଛି ଜନତାଙ୍କ ଅଦାଲତକୁ । ଏବେ ଗାଁରେ ହେବ ଏହାର ଫଇସଲା । ପ୍ରଜାକୋର୍ଟ ନିର୍ଦ୍ଧାରଣ କରିବ ତା' ପାଇଁ ଦଣ୍ଡ । ମୁଣ୍ଡ ବଦଳରେ ମୁଣ୍ଡ, ରକ୍ତ ବଦଳରେ ରକ୍ତ, ମଣିଷ ବଦଳରେ ମଣିଷ ଦରକାର ତାଙ୍କର । ଏହା ହିଁ ଆଦିବାସୀ ଆଇନ ।" ସୁଦୁ ହତ୍ୟାର ବଦଳା ନେବାପାଇଁ ପ୍ରଜାକୋର୍ଟ ନିଷ୍ପତ୍ତି ଶୁଣାଇବା ପରେ ସରକାରଙ୍କ ନୀଳିମା ମାଝିକୁ ପଠାଯାଇଛି ମଧ୍ୟସ୍ଥି ଭାବରେ । ନୀଳିମା ଜିଲ୍ଲାପାଳଙ୍କ ଅଫିସ୍‌ରେ ଅସ୍ଥାୟୀ କର୍ମଚାରୀ, ମନା କରିପାରିନାହିଁ ପ୍ରସ୍ତାବକୁ । ସେ ମଧ୍ୟ ଜାଣିବାକୁ ପାଉଛି ଯେ କୁଆଁରୀ ମୁଣ୍ଡା ତା'ର ପିଉସୀ, ତେଣୁ ସେ ତା'ର ଅନିଷ୍ଟ କରିବ ନାହିଁ । ସେଇ ଭରସାରେ ନିଜେ ମାଆ ସହ ଜଙ୍ଗଲ ଭିତରକୁ ଯାଇଛି ସେ । ମନରେ ଆସିଛି, "ଜୀବନଟେ ଝରଣା ଭଳି ସହଜ ଓ ସରଳ କାହିଁକି ନୁହେଁ? ଏ ହତ୍ୟା, ଅପହରଣ, ବିସ୍ଥାର, ଲୋଭ ଓ ପ୍ରତିହିଂସା ପରାୟଣତା କ'ଣ ଅପରିହାର୍ଯ୍ୟ ମଣିଷ ଜୀବନରେ ? ମାଟି, ପାହାଡ଼, ପାଣି, ପବନ ଉପରେ ପୁଣି କର୍ତ୍ତୃତ୍ୱ, ଅଧିକାର ।" ଜଙ୍ଗଲ ରାସ୍ତା ଅତିକ୍ରମ କଲାବେଳେ ମନକୁ କେତେ କ'ଣ ଆସୁଛି ନୀଳିମାର । ଥାନାବାବୁ ଜୀବନରେ ଥାଆନ୍ତୁ,

ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀଙ୍କୁ ଦୁଃଖ ନହେଉ । ଭାବୁଥିଲା "ସରକାର ଦେଇସାରିଛନ୍ତି ପାହାଡ଼ର ଲିଜ୍ । ଆଉ ମାତ୍ର କିଛିଦିନ, ତାପରେ ପତ୍ରସନ୍ଧିରୁ ଆଉ ଫିସ୍‌ଫିସ୍ କଥା ଶୁଭିବନି ପବନର । କୁଳୁକୁଳୁ କଣ୍ଠରେ ନିର୍ଜନରେ ଗୀତ ଗାଇବନି ଝର୍ଣା । ବର୍ଷାରେ ଭାସି ଯାଇଥିବା ଶାଳବଣର ଉଇହୁଙ୍କା ଭଳି ବିସ୍ଥାପିତ ହେବେ ଜଙ୍ଗଲର ପଶୁ, ପକ୍ଷୀ, ଗଛ ଓ ମଣିଷ । ଇଲେକ୍‌ଟ୍ରିକ୍ କରତର ଧାରୁଆ ନିଷ୍ଠୁର ମୁନରେ କଟାହୋଇ ଫ୍ୟାକ୍ଟ୍ରିକୁ ଯିବେ ହଜାର ହଜାର ଗଛ ଓ ତହୁଁ ଅଧିକ ଅଙ୍କୁରି ନହୋଇଥିବା ବୀଜ । ଏସବୁ ପାଇଁ କ'ଣ ସରକାର ଦାୟୀ ନୁହେଁ, ସରକାରକୁ କ'ଣ ଶାସ୍ତି ଦିଆଯିବା ଉଚିତ ନୁହେଁ ? ସରକାର କ'ଣ ପ୍ରକୃତିର ଆଇନରୁ ଉର୍ଦ୍ଧ୍ୱରେ ?"

ବଣଜଙ୍ଗଲ ଅଧିକାର କରି ସରକାର ବକ୍ସାଇଟ୍ ବିକିବେ, ଦେଶର ବିକାଶ ଘଟିବ, ରାସ୍ତା, ଆଲୁଅ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ଏସବୁ ଆସିବ । ମାତ୍ର ଧୀରେ ଧୀରେ ଧ୍ୱସାଂଭିମୁଖୀ ହେଉଥିବା ସମାଜ, ରୋଗଗ୍ରସ୍ତ ନୂଆପିଢ଼ି ସେସବୁକୁ କ'ଣ ଭୋଗ କରିପାରିବେ ସତରେ ? ଅନେକ ଭାବନା ନେଇ ଗତି କରୁଥିବା ବେଳେ ଅନ୍ୟ ଆଦିବାସୀମାନେ ଧରିନେଇଛନ୍ତି ତାକୁ । ବାର୍ତ୍ତାଳାପ ପରେ ମଧ୍ୟ ଥାନାବାବୁଙ୍କୁ ମୁକୁଳାଇବାରେ ଅସମର୍ଥ ହୋଇଛି ନୀଳିମା । ଅଧିକନ୍ତୁ ତା'ର ମାଆ ହୋଇଛି ବନ୍ଦିନୀ ।

କୁଆଁରୀ ମୁଣ୍ଡା ସରକାରୀ କାଗଜରେ ଅପରାଧୀ ପାଲଟିଯାଉଥାଏ । ପାଲଟିଯାଉଥାଏ ଜଣେ କ୍ୟାଡ଼ର ମାଓବାଦୀ । ସର୍ତ୍ତ ମୁତାବକ କିଛି ବି ପାଇନାହିଁ ସେ । ତାକୁ ନିର୍ଦ୍ଦେଶ ହୋଇଛି ଥାନାବାବୁଙ୍କୁ ଫେରାଇ ଦେବାକୁ । ସେ ପ୍ରଶ୍ନ କରିଛି, - "ହେଲେ ଇଏ କି ନ୍ୟାୟ ହେଲା ଆଜ୍ଞା ? ମୁଁ ମୃତ ମଣିଷ ପାଇବି ଆଉ ଜୀଅନ୍ତା ମଣିଷ ଦେବି ? ହିସାବ ତ ଛିଣ୍ଡିଲା ନାହିଁ । ଶବ ବଦଳରେ ଶବ ଓ ମୁଣ୍ଡ ବଦଳରେ ମୁଣ୍ଡ । ଇଏ ସିନା ପ୍ରକୃତ ନ୍ୟାୟ ।" କୁଆଁରୀକୁ ବୁଝାଯାଇଛି ଯେ, ପ୍ରକୃତ ଦୋଷୀ ନଟବର ସିଂ, ଯିଏ ଜନପ୍ରତିନିଧି ହୋଇ ମଧ୍ୟ ସମସ୍ତଙ୍କ ମଧ୍ୟରେ ଘୃଣାଭାବ ତିଆରି କରେଇଛି । ନିରୀହ ଆଦିବାସୀଙ୍କ ଉପରେ ଆକ୍ରମଣ ପଛରେ ମଧ୍ୟ ତା'ରି ହାତ । ନୀଳିମା ବୁଝାଇଛି କେମିତି ନଟବର ସିଂ ତା'ର ମଧ୍ୟ ଇଜ୍ଜତ ନେଇଛି । ଅନେକ ଆଦିବାସୀ ଝିଅଙ୍କୁ ତା'ର ଶିକାର ବନେଇଛି । କେବଳ ନିଜ ସ୍ୱାର୍ଥ ଛଡ଼ା ଧ୍ୟାନ ଦେଇ ନାହିଁ କାହାର ଭଲମନ୍ଦ ପ୍ରତି । ନୀଳିମା ପ୍ରଶ୍ନ କରିଛି, "କହ ଅପା, ଏଇଥିପାଇଁ କ'ଣ ଆଦିବାସୀ ଏ ଦେଶରେ ଜନ୍ମ ହେଇଛି ଯେ' ସେ ଶିକ୍ଷା, ସ୍ୱାସ୍ଥ୍ୟ କି ମଣିଷର ସର୍ବନିମ୍ନ ଆବଶ୍ୟକତାରୁ ସୁଦ୍ଧା ବଞ୍ଚିତ ରହିବ ? କାହିଁକି ସେ ନିଜ ଜଙ୍ଗଲଜାତ ଦ୍ରବ୍ୟର ସଠିକ ଓ ଉଚିତ ମୂଲ୍ୟ ପାଇପାରୁନାହିଁ ? କାହିଁକି ତା' ସନ୍ତାନ ପୋକମାଛି ଭଳି ଏଇ ଅନ୍ଧାରୀ ମୁଲକରେ ଜନ୍ମ ହେବେ ଓ ମରିଯିବେ ? କାହିଁକି କୌଣସି ଆଦିବାସୀ ଗର୍ଭିଣୀ ସ୍ତ୍ରୀ ଡାକ୍ତରଖାନା ଯାଏଁ ପହଞ୍ଚି ପାରିବନି ଓ ଯଦି ଖଟରେ ବୁହାହୋଇ ମୁମୁର୍ଷ ଅବସ୍ଥାରେ ପହଞ୍ଚି ବି ଗଲା ତେବେ ସୁଦ୍ଧା ସେ ଅଛୁଆଁ ଭଳି ବାରଣ୍ଡାରେ ପଡ଼ିରହିବ ଓ ତାକୁ କୌଣସି ଡାକ୍ତର ଦୃଷ୍ଟି ମଧ୍ୟ ଦେବେ ନାହିଁ ?" ନୀଳିମା ବୁଝାଇ ପାରିବ ଆଦିବାସୀମାନଙ୍କୁ ବୁଝାଇ ଶିକ୍ଷିତ କରିବା ପାଇଁ । ବଣମୂଲକ ଛାଡ଼ି ସରକାରୀ ଯୋଜନାରେ ସାମିଲ୍ ହେବାପାଇଁ । ମୁଖ୍ୟ ସ୍ରୋତରେ ମିଶିବା ପାଇଁ । ମାତ୍ର କୁଆଁରୀ ଏତେ କଥା ବୁଝିନାହିଁ । ପ୍ରଜାକୋର୍ଟ ନିଷ୍ପତ୍ତି ନେଇଛି, ସରକାର କୁଆଁରୀ ମୁଣ୍ଡାକୁ ଦୋଷମୁକ୍ତ କରି ତା' ବିରୁଦ୍ଧରେ କରାଯାଇଥିବା ସମସ୍ତ ମକଦ୍ଦମାକୁ ସରକାର ପ୍ରତ୍ୟାହାର କରିବେ । ଫେରାର ବିଧାୟକ ନଟବର ସିଂକୁ ଆଦିବାସୀ ନେତାଙ୍କୁ ହସ୍ତାନ୍ତର କରିବେ । ମୁଖ୍ୟମନ୍ତ୍ରୀ, ରାଜ୍ୟ ପୋଲିସ୍, ବିଭାଗର ସର୍ବୋଚ୍ଚ ଅଧିକାରୀ ଏବଂ କଳିଙ୍ଗ ଘାଟିର କଲେକ୍ଟରଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହେବ । ନଚେତ୍ ଅପହୃତମାନଙ୍କୁ ମୁକ୍ତ କରାଯିବ ନାହିଁ ।

ପ୍ରଶାସନ ଅଡୁଆରେ ପଡ଼ିଥିଲା ଏ ପ୍ରସ୍ତାବରେ । ନଟବର ସିଂର ମନ୍ତ୍ରୀପଦ ପାଇଁ ଉଚ୍ଚାକାଂକ୍ଷା ଏପରି ବର୍ବରୋଚିତ କାଣ୍ଡ ଘଟେଇଥିବା ପ୍ରଶାସନ ଜାଣିଥିଲେ ମଧ୍ୟ ସତକଥା ଜଣେଇବାର ସାହାସ ଟୁଟେଇ ପାରୁନଥିଲା । ଶେଷରେ ବହୁ ବୁଝାସୁଝା ପରେ ତେରଜଣ ଆଦିବାସୀଙ୍କ ଶବକୁ ହସ୍ତାନ୍ତର କରାଯାଇଛି ଆଦିବାସୀମାନଙ୍କୁ । ସୁଦ୍ଧୁ ମୁଣ୍ଡାର ମାଆ ଯାଇଛି ପୁଅର ଶବ ଆଣିବାକୁ ଅନ୍ୟ ଦୁଇହଜାର ଆଦିବାସୀଙ୍କ ସହ । ଶୃଙ୍ଖଳାର ସହ ଆଦିବାସୀମାନେ ଶବ ଆଣିବାକୁ ଗଲାବେଳେ ପୁଲିସ୍ ଚଞ୍ଚକତା କରି ଶବକୁ ସ୍ୱର୍ଗଦ୍ୱାର ନେଇଯିବା ପାଇଁ ଚାହିଁଛି । ମାତ୍ର ଆଦିବାସୀ ରାଜି ହୋଇନାହାନ୍ତି ଏଥିରେ । ଶବ ହସ୍ତାନ୍ତର ହେଲେ ଅଙ୍ଗଚ୍ଛେଦନ ହୋଇଥିବାର କଥା ପ୍ରକଟ ହେବ ଏବଂ ଆଦିବାସୀ ଉତ୍ୟକ୍ତ ହୋଇ ନୂତନ ସଂଗ୍ରାମ କରିବେ, ଏକଥାର ପୂର୍ବାଭାସ ପାଇଥିଲା ପ୍ରଶାସନ । ଶବ ଦେବା ପାଇଁ ନିର୍ଦ୍ଦେଶ ନଥିବାର କହିବା ବେଳେ ଅନୁରୋଧ କରିଛି ସୁଦ୍ଧୁ ମୁଣ୍ଡାର ମାଆ,- "ନାଇଁ ବାବୁ । ମୁଣ୍ଡା ପିଲା ସିଏ । ତା'ର ସ୍ୱର୍ଗଦ୍ୱାରରେ ପୋଡ଼ିବ ନାହିଁ । ଏଇ ମାଟିର୍ ମୁନୁଷ, ମାଟି ସାଂଗରେ ମାଟି ହେଇଯିବ । ତୁଇ ମୋ ପୁଅକୁ ଦେଇଦେ ।" ପୁଲିସ୍ ସେମାନଙ୍କୁ ଗୁଳି କରିଦେବାର ଭୟ ଦେଖାଇଛି ତ ବିଦ୍ରୋହର ସ୍ୱର ଉଠିଛି, "ଯେଉଁ ସରକାର ଆମକୁ ଇସ୍କୁଲ୍ ଦେଲା, ଚାଉଳ୍ ଦେଲା, ସିଏ ଆମକୁ ଗୁଳି କିନ୍ଦି କରିଦେଲା ବୋ ?" ଅନେକ ସଂଘର୍ଷ ପରେ ଶବଗୁଡ଼ିକୁ ହସ୍ତାନ୍ତର କରାଯାଇଛି ସେମାନଙ୍କୁ, ମାତ୍ର ଘରେ ପହଞ୍ଚି ଶବ ଗୁଡ଼ିକର ବିକଳାଙ୍ଗ ରୂପ ଦେଖି ମର୍ମାହତ ହୋଇ ପଡ଼ିଛନ୍ତି ସେମାନେ । "ଚାରିଟି ଶବ ଦେହରୁ କାଟି ନିଆଯାଇଛି ପାପୁଲି ବର୍ବରୋଚିତ ଭାବରେ । ଗୋଟିଏ ଶବର ଗୋଡ଼ ନାହିଁ । ଆଉ ଏକ ଶବର ଲିଙ୍ଗ କଟାଯାଇଛି । ପ୍ରାୟ ସମସ୍ତଙ୍କର ଆଖି ତାଡ଼ି ଦିଆଯାଇଛି । ଏସବୁ କ'ଣ ହୋଇଛି ଶବମାନଙ୍କ ସହ ? ଏତେ ଘୃଣା, ଏତେ ହିଂସ୍ର ଆଚରଣ ପୋଲିସର ! କିନ୍ତୁ କାହିଁକି ?...."

ବିକଳାଙ୍ଗ ଶବଗୁଡ଼ିକ ଧରି ରାଜରାସ୍ତାକୁ ବାହାରିଆସିଛନ୍ତି ଶହଶହ ଆଦିବାସୀ । "ଗାଁ କୁ ଗାଁ ଖାଲି ହୋଇଚାଲିଛନ୍ତି

ଶୋଭାଯାତ୍ରାରେ । ଫୁଙ୍ଗୁଳା ଦେହ, କଙ୍କାଳ ସାର ମଣିଷ, ଚମ ଭଳି ଓହଳିଥିବା କିଛି ଲଙ୍ଗଳା ଶିଶୁଙ୍କୁ କାଖରେ ଜାକିଥିବା ମହିଳା, ଏଇ ଏଇ ଚାଲି ଶିଖୁଥିବା ଶିଶୁମାନଙ୍କୁ କାନ୍ଧରେ ବୋହିଥିବା ପୁରୁଷ, ଯୁବକ, ଯୁବତୀ, କିଶୋର, କିଶୋରୀ, ଆଉ ସେମାନଙ୍କ ମଝାମଝି ଠେଲାଗାଡ଼ିରେ ସଫେଦ୍ ଚାଦର ଢ଼ଙ୍କା ତେରଟି ଅଙ୍ଗକଟା, ବିକୃତ ଶବ ।" ଦିନ ଦିନ ଉପାସ ଭୋକରେ ଅନଶନରେ ବସିବା ପରେ ପୋଲିସ ପୁନଶ୍ଚ ଷଡ଼ଯନ୍ତ୍ର କରିଛି । ଆଦିବାସୀଙ୍କ ବେଶରେ କିଛି ଭଡ଼ାଟିଆ ଗୁଣ୍ଡା ପଶି ମିଥ୍ୟା ଆକ୍ରମଣ କରନ୍ତେ ପୁଲିସ୍ ମଧ୍ୟ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିବାପାଇଁ ହେଳା କରିନି । ଶେଷରେ ତଦନ୍ତ ଓ ଦଣ୍ଡ ଦେବାର କାର୍ଯ୍ୟାନୁଷ୍ଠାନ ନେବାର ଦୃଢ଼ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଫେରେଇ ଦିଆଯାଇଛି । କୁଆଁରୀ ଫେରିଆସି ଘୋଷଣା କରିଛି, ଏହି ଅନ୍ୟାୟର ପ୍ରତିଶୋଧ ନିଆଯିବ ପ୍ରଜାକୋର୍ଟ ଦ୍ୱାରା ।

ଗଣଧାରଣା, ବିକ୍ଷୋଭ ଓ ସମାବେଶରେ ପରିବର୍ତ୍ତନ ଆସି ନାହିଁ ପ୍ରଶାସନରେ । ହଟି ନାହିଁ କୁଆଁରୀମୁଣ୍ଡା ମୁଣ୍ଡରୁ ମାଓବାଦୀର ଷ୍ଟାମ୍ପ୍ । ବିଚାର ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନ୍ୟାୟିକ ଯାଞ୍ଚର ତଦନ୍ତ ରିପୋର୍ଟରେ ଏଡ଼େଇ ଦିଆଯାଇଛି କଟାପାପୁଲିର ଘଟଣା । ଆଦିବାସୀମାନଙ୍କ ଉପରେ ଗୁଳି ଚାଳନାକୁ ମଧ୍ୟ ପୋଲିସ୍ କାର୍ଯ୍ୟାନୁଷ୍ଠାନର ମାମୁଲି ଘଟଣା ଦର୍ଶାଇ ଦୋଷମୁକ୍ତ କରାଯାଇଛି ଅଧିକାରୀମାନଙ୍କୁ । ଗଣମାଧ୍ୟମ ମଧ୍ୟ ଏ ଖବରକୁ ପରିବେଷଣ କରିଛି ଅନେକ । ମାତ୍ର, ପରିସ୍ଥିତି ଖରାପ ହୋଇଛି ବରଂ ସୁଧୁରୁନି । ଦିନେ ସକାଳୁ କଳିଙ୍ଗ ଘାଟିର ରାସ୍ତାରେ ବିଞ୍ଚିହୋଇ ପଡ଼ିଛି ଆଦିବାସୀମାନଙ୍କ କଟା ଅଂଶ । ଶ୍ୱାନ, ଶୃଗାଳମାନଙ୍କ କଳିଗୋଳ ସହ କଟାଅଂଶ ଜଣାଇ ଦେଉଥିଲା ପ୍ରଶାସନର ଅସୂୟା ଭାବକୁ । ବର୍ଷେ ହବ ଯେଉଁ ଅଂଗ ସବୁ ପରିତ୍ୟକ୍ତ ଅଳିଆ ସଦୃଶ ଜରି ଅଖାରେ ଭର୍ତ୍ତିହୋଇ ଗାଁ ମୁଣ୍ଡ କୋଠଘରେ ରଖାଯାଇଥିଲା, ଅମାବାସ୍ୟା ଅନ୍ଧାରରେ କେହିଜଣେ ନିଜ ଲୋକ ଫିଙ୍ଗିଦେଇଥିଲା କୁକୁର, ବିଲୁଆଙ୍କ ଆହାର ପାଇଁ । ସାରା ରାଜ୍ୟ ସ୍ତବ୍ଧ ଓ କ୍ଷୁବ୍ଧ ହୋଇପଡ଼ିଥିବାବେଳେ ଆନ୍ଦୋଳନ ହୋଇଥିଲା ଆହୁରି ତେଜିୟାନ୍ ।

ଆନ୍ଦୋଳନର ଲାଭ ଠାରୁ କ୍ଷତିର ପରିମାଣ ଥିଲା ଢ଼େର୍ ଅଧିକ । ଜଙ୍ଗଲର ଜମି ଚାଲିଯାଇଥିଲା ସରକାରଙ୍କ ହାତକୁ । କୌଳିକ ବୃତ୍ତି ହରାଇ ଆଦିବାସୀର ଦିନ କଟୁଥିଲା ଅନାହାରରେ । "ସଂସାରରେ ସବୁଠୁ ବଡ଼ ଦୁଃଖ ନିଜ ସନ୍ତାନମାନଙ୍କ ମୁହଁରେ ଆହାର ମୁଠେ ଦେଇ ନପାରିବାର ଅପାରଗତା, ଯାହାକି କଳିଙ୍ଗ ଘାଟିର ଆନ୍ଦୋଳନକାରୀମାନେ ଅହରହ ଭୋଗୁଥିଲେ ।"

ଦିନକୁ ଦିନ ଦୁର୍ବଳ ହୋଇ ଶେଷରେ ଥମିଯାଇଥିବା ଆନ୍ଦୋଳନ । ଅନେକ ଶଠ ଲାଭବାନ ହୋଇଥିଲେ, ସର୍ବସ୍ୱାନ୍ତ ହୋଇଯାଇଥିଲା କୁଆଁରୀ ମୁଣ୍ଡା । ଛୁଆମାନଙ୍କୁ ପାଠପଢ଼ିବାକୁ ହଷ୍ଟେଲ ପଠେଇ ଦେଇ ନିଜେ ଆତ୍ମଗୋପନ କରୁଥିଲା ଜଙ୍ଗଲରେ । ମାତ୍ର ଦିନେ ଭୀଷଣ ଅସୁସ୍ଥ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସତ ହେଉ ହେଉ ତାକୁ ଗିରଫ କରିନେଇଥିଲା ପୁଲିସ୍ । ପଚାଶରୁ ଉର୍ଦ୍ଧ୍ୱ କେଶ୍‌ରେ ଜଡ଼ିତ ହୋଇ ମଧ୍ୟ ସରେଣ୍ଡର କରିବାକୁ, ମାଓବାଦୀ ବୋଲି ସ୍ୱୀକାରୋକ୍ତି ଲେଖିବାକୁ ମନା କରିଦେଇଥିଲା କୁଆଁରୀ । କୋର୍ଟ, କଚେରୀ, ଥାନରେ ବିତୁଥିଲା ତା'ର ସାରା ସମୟ ।

କମ୍ପାନୀର ଜବର ଦଖଲ ଓ ଆଦିବାସୀଙ୍କର ପୁନଶ୍ଚ ଅବରୋଧ ନୂଆ ଏକ ଖଣ୍ଡ ପ୍ରଳୟକୁ ଜନ୍ମ ଦେଇଥିଲା । କିଛି ଜଣ ଆଦିବାସୀଙ୍କୁ ଉଠାଇ ନେଇଥିଲା ପୁଲିସ୍ । ନିରୀହ ବୁଢ଼ାଟିଏ ବିନା ଦୋଷରେ ପୁଲିସ୍‌ର ଅତ୍ୟାଚାରରେ ଜୀବନ ହାରିଲା । କୁଆଁରୀ ମୁଣ୍ଡା ସେଇଦିନ ସଂପୂର୍ଣ୍ଣ ଭାବରେ ସଂଗ୍ରାମୀ ପାଲଟିଗଲା ଏଇ ଅନ୍ୟାୟ ଆଗରେ । ତା'ର ସେ ସଂଗ୍ରାମରେ ତାକୁ ସାହାଯ୍ୟର ହାତ ବଢ଼ାଇଛି ଶୁଭେନ୍ଦୁ ମଜୁମଦାର, ଜଣେ ମାଓନେତା, ଯିଏ କି ସମାଜ ସେବୀର ମୁଖାତଳେ ରହି ଅସହାୟର ସହାୟ ହୁଏ । ସେ କୁଆଁରୀ ପାଇଁ ଓକିଲ ଠିକ୍ କରି ତାକୁ ମୁକ୍ତ କରିଛି ସବୁ ଅଭିଯୋଗରୁ । ଦୁହିଁଙ୍କର ମିଳାମିଶା ବଢ଼ିଛି, ଘଟଣାକ୍ରମରେ ମାଓ ଶିବିରକୁ ଅପହୃତ ହୋଇଛି କୁଆଁରୀ । ସେଠି ମଧ୍ୟ ଅତ୍ୟାଚାରର ସୀମା ନାହିଁ; ଈର୍ଷାପର ମାଓ କମାଣ୍ଡର ଲକ୍ଷ୍ମୀ ବିନା ଦୋଷରେ କୁଆଁରୀକୁ ଅକଥନୀୟ ଯନ୍ତ୍ରଣା ଦିଏ । ତଥାପି ମଧ୍ୟ କୁଆଁରୀ ଭାଙ୍ଗିପଡ଼େ ନାହିଁ । ସତ ପଦାକୁ ଆସିବା ମାତ୍ରେ ମାଓ କ୍ୟାମ୍ପରେ ତାକୁ ସମ୍ମାନ ଓ ସମବେଦନା ମିଳିଛି, ମିଳିଛି ଜଣେ ବିପ୍ଳବୀର ପରିଚୟ । ସେ ଜଣେ ସକ୍ରିୟ ମାଓନେତ୍ରୀ ଭାବରେ ଫେରିଆସିଛି ତା'ର ବନଭୂଇଁକୁ ଓ ଶୁଣାଇଛି ଏ ସମସ୍ତ କାହାଣୀ ନିଜର ଯୁବକ ପୁତ୍ର ଶୁକୁ ମୁଣ୍ଡାକୁ ।

କାହାଣୀର ଅନ୍ତ ମଧ୍ୟରେ ଏକ ଆରମ୍ଭ ଲୁଚି ରହିଛି । ଯେଉଁ ଆଦିବାସୀ ବନଭୂଇଁକୁ ନିଜର ମାଆ ବୋଲି ଭାବି ପୂଜା କରିଆସିଛି, ତାକୁ ସେଠାରୁ ବିସ୍ଥାପିତ କରି ସରକାରଙ୍କର କମ୍ପାନୀ ତୁଷ୍ଟିକରଣ ନୀତିକୁ ନିନ୍ଦା କରିଛନ୍ତି ଲେଖିକା । କାହାଣୀର ପ୍ରମୁଖ ଚରିତ୍ର କୁଆଁରୀ ମୁଣ୍ଡା, ଶୁଭେନ୍ଦୁ ମଜୁମଦାର, ଶେଫାଳି ସରକାର, ନନ୍ଦିନୀ ସରକାର, କମ୍ରେଡ୍ ଲକ୍ଷ୍ମୀ, ନୀଳିମା ମାଝି ଜଣେ ଜଣେ ସରକାର ଦ୍ୱାରା ଅତ୍ୟାଚାରିତ ହୋଇ ନ୍ୟାୟିକ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ସରକାରୀ ଆଇନ୍ କାନୁନ୍ ଉପରୁ ଆସ୍ଥା ହରାଇ ଆଦିବାସୀମାନେ ମେଳି ହୋଇ ତିଆରି କରିଛନ୍ତି ଆପଣାର ନ୍ୟାୟ ବ୍ୟବସ୍ଥା, "ପ୍ରଜାକୋର୍ଟ" । ଉପନ୍ୟାସଟିରେ ଅନେକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଯାଇଛି । ତଥାକଥିତ ମାଓ ସଂଗଠନଗୁଡ଼ିକ ସୃଷ୍ଟିହେବା ପଛରେ ଏହି ଅବ୍ୟବସ୍ଥା ଓ କୁଶାସନ ରହିଛି । କୁଆଁରୀ ମୁଣ୍ଡା ବା ଲକ୍ଷ୍ମୀର କାହାଣୀ କେବଳ ଜଣଙ୍କର କଥା କୁହେନି, ବରଂ ସମସ୍ତ ସଦସ୍ୟଙ୍କର ସ୍ୱର ପାଲଟିଯାଏ । ଲେଖିକାଙ୍କର ପ୍ରତ୍ୟକ୍ଷ ଅନୁଭବ, ଚରିତ୍ରମାନଙ୍କୁ ଅତି ନିକଟରୁ ପରଖିବା କାହାଣୀଟିକୁ ଆଖିଦେଖା ସତ୍ୟତାରେ ପରିଣତ କରିଛି । ସମାଲୋଚକଙ୍କ କଷଟି ପଥରରେ ଲେଖିକାମାନେ ଘରକରଣାର ଏରୁଣ୍ଡି ବନ୍ଧ ନଡେଇଁ ପାରିବା ଭଳି ଅଭିଯୋଗ ପାଇଁ ସୁଜାତା ମହାପାତ୍ରଙ୍କ "ପ୍ରଜାକୋର୍ଟ"

ଏକ ବଳିଷ୍ଠ ଉତ୍ତର । ସୁଦୀର୍ଘ ଉପନ୍ୟାସଟି ଆଦିବାସୀ ମୁଣ୍ଡାଙ୍କର ସାଧାରଣ ଜୀବନଶୈଳୀ, ଖାଦ୍ୟପେୟ, ଜଙ୍ଗଲର ସ୍ୱାଭାବିକତାରେ ଆତ୍ମିକ ଯୋଗଦାନ, ଋତୁଚକ୍ରରେ ସାମିଲ୍ ହେବା, ସବୁ ଅତ୍ୟାଚାର ପରେ ମଧ୍ୟ ଧରଣୀ ପେନୁକୁ ଭଲପାଇବାକୁ ଦର୍ଶାଇଛି । "ଆଦିବାସୀର ଜୀବନ କହିଲେ ତ ଜଂଗଲ, ତା'ର ଗଛଲତା, ପାହାଡ଼ ପର୍ବତ ସମସ୍ତେ । ଏମାନେ ନିର୍ଜୀବ ନୁହନ୍ତି ବରଂ ଦେବତା ।" ଆଦିବାସୀମାନଙ୍କର ସମସ୍ୟା ପରି ସମ୍ମୁଖୀନ ହେଉଛନ୍ତି । ସରକାରୀ ନ୍ୟାୟ ନପାଇ ମାଓବାଦୀ ସାଜୁଛନ୍ତି । ମାଓବାଦୀମାନଙ୍କର ଜୀବନଶୈଳୀ ମଧ୍ୟ ସୁଗମ ନୁହେଁ । ପୋଲିସ୍‌ର ଡର, ବାରମ୍ବାର ସ୍ଥାନ ପରିବର୍ତ୍ତନ, ପାହାଡ଼ ଜଙ୍ଗଲରେ ରହଣୀ, ରୋଗ, ଭୋକ, ଅସହାୟତା, ଏସବୁ ନିତିଦିନିଆ ହେଇଯାଏ । ଉପନ୍ୟାସରେ ଏସବୁର ସବିଶେଷ ବର୍ଣ୍ଣନା ରହିଛି । ରହିଛି ଏକ ବିଲୁପ୍ତ ହେଇଯାଉଥିବା ଜନଜାତିର ଦୁଃଖ । ଭାଷା ଓ ବର୍ଣ୍ଣନା ଶୈଳୀ ଏଡ଼େ ନିଛକ ଯେ ପାଠକ ହଜିଯାଏ ନିଜେ ସେହି ପାହାଡ଼ ଜଙ୍ଗଲ ଭିତରେ । ଉତ୍ତର-ଆଧୁନିକ କଥା ସାହିତ୍ୟରେ ମାଓବାଦ ସମସ୍ୟା ଉପରେ ଅନେକ କାହାଣୀ ଲେଖାଯାଇଛି । ମାତ୍ର ଏହାକୁ ଏକ ଆଧୁନିକତମ ବୈପ୍ଳବିକ ବିଚାରଧାର ବୋଲି ବିଚାର କରାଯାଇନାହିଁ । ଲେଖିକା ଏ ଦିଗରେ ଯତ୍ନବାନ୍ ହୋଇଛନ୍ତି । ତାଙ୍କରି ଭାଷାରେ, "ଅରାଏ ଜଙ୍ଗଲ ଓ ଚେନାଏ ମାଟି ପାଇଁ ସଂଗ୍ରାମ କରୁଥିବା ମଣିଷ ଯଦି ମାଓବାଦୀ, ତେବେ ହଁ, ଆମେ ସମସ୍ତେ ଜଣେ ଜଣେ ମାଓବାଦୀ ।" କାହାଣୀଟି ସତ୍ୟ ଘଟଣା ଉପରେ ପର୍ଯ୍ୟବସିତ ଓ ଏହାକୁ ସେହିପରି ଅନ୍ତ କରାଯାଇଛି । କାରଣ, ସଂଗ୍ରାମର ଅନ୍ତ ହୋଇନାହିଁ, ସମସ୍ୟା ଯଥା ତଥା ରହିଛି । ଏବେ ମଧ୍ୟ ସର୍ବନିମ୍ନ ସୁବିଧା ସୁଯୋଗରୁ ଆଦିବାସୀଟିଏ ବଞ୍ଚିତ । ଅଥଚ ଆଦିବାସୀ ନେତା ରାଜଧାନୀରେ ରାଜକୀୟ ଜୀବନଯାପନ କରୁଛି । ମୁଖ୍ୟ ନିସ୍ତାତରେ ସାମିଲ୍ ହେବା ପାଇଁ ସେମାନେ ଅନିଚ୍ଛୁକ ଥିବାବେଳେ, ସେଦିଗରେ ସରକାରୀ ପ୍ରୋତ୍ସାହନ ନମିଳିବାର ଅଭିଯୋଗ ସତ୍ୟବୋଲି ପ୍ରମାଣିତ ହୁଏ ଅନେକ ଜାଗାରେ । ଉପନ୍ୟାସଟି ଲେଖିକାଙ୍କର ଏକ ନିର୍ଭୀକ ପ୍ରାୟସ ସତ୍ୟ ଉନ୍ମୋଚନ କରିବା ଦିଗରେ । ତେବେ ସରକାରୀ ଯୋଜନାର ବିଫଳତା ତଥା ପ୍ରଶାସନର ନିଷ୍କ୍ରିୟତାକୁ କାହାଣୀର ଆବଶ୍ୟକତା ଅନୁଯାୟୀ ବଜାୟ ରଖାଯାଇଥିବାରୁ ଉପନ୍ୟାସଟି ସରକାର ବିରୋଧୀ ମନେ ହେବ । ନିରୋଳା କାହାଣୀ ବିଚାରିଲେ କାରୁଣ୍ୟରସର ପ୍ରାବଲ୍ୟରେ ପାଠକର ମନ ଭାରି ହେବା ସ୍ୱାଭାବିକ । ମାତ୍ର, ସମସ୍ୟା ଉପରେ ଆଲୋକପାତ କରୁଥିବା ପ୍ରଶ୍ନବାଚୀଟିଏ ଏହି ଉପନ୍ୟାସ । ଲେଖିକାଙ୍କର ପ୍ରୟାସ ଯାହା ନ୍ୟାୟିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ଆବଶ୍ୟକ ମନେହୁଏ, ନିଶ୍ଚିତ ଭାବରେ ପ୍ରଶଂସନୀୟ । ଏହାର ଅନେକଗୁଡ଼ିଏ ଦିଗ ଗବେଷଣା ସାପେକ୍ଷ । ନୂତନ ପିଢ଼ିର କଥାକାରମାନଙ୍କ ପାଇଁ ବହିଟି ନିଶ୍ଚିତ ରୂପେ ଏକ ପ୍ରେରଣା ।

ଅଧ୍ୟାପିକା (ଇଂରାଜୀ)
ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ,
ଯାଜପୁର



ଲକ୍‌ଡାଉନ: ଏକ ସମୀକ୍ଷା

ଗୋବିନ୍ଦ ସାହୁ

ସମୟୋପଯୋଗୀ ସାହିତ୍ୟ କାଳଜୟୀ । ଏହା ସମ୍ବେଦନଶୀଳ ପାଠକର ହୃଦୟ ଓ ମନର ନିକଟତର ରହେ ଚିରକାଳ । ଜୀବନରେ ସୁଖଦକ୍ଷଣ ଅପେକ୍ଷା ଦୁଃଖଦ ଅନୁଭୁତିର ପ୍ରଭାବ ଦୀର୍ଘସ୍ଥାୟୀ ଏବଂ ଅଭୁଲା । ଆମେ ଯଦି ବିଶ୍ୱ ସାହିତ୍ୟର ପୃଷ୍ଠା ଉନ୍ମୋଚନ କରିବା ତା' ହେଲେ ଯେଉଁ କେତେକ ସାହିତ୍ୟକୃତି ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ସେମାନଙ୍କ ମଧ୍ୟରେ ବିଶ୍ୱର ବିଭିନ୍ନ ଅଂଚଳରେ ସଂଘଟିତ ହୋଇଥିବା ମହାମାରୀ, ଯୁଦ୍ଧ ଓ ବିଭାଜନର ବିଭିଷିକାର କରାଳ ଚିତ୍ରକୁ ଆଙ୍କିଥିବା ସାହିତ୍ୟ ଅନ୍ୟତମ । ଇନଫ୍ଲୁଏଞ୍ଜା, ପ୍ଲେଗ୍, ଡେଙ୍ଗୁ, ମ୍ୟାଲେରିଆ, ବସନ୍ତ, ମିଳିମିଳା, ପିତ୍ତଜ୍ୱର,ଏନ୍‌ସେଫାଲାଇଟିସ୍, ସାର୍ସ୍, ମର୍ସ୍, ଚିକେନ୍‌ଗୁନିଆ,କୋଭିଡ୍-୧୯, ଭାରତ-ପାକିସ୍ଥାନ ବିଭାଜନର ଭୟାବହତା ମାନବସମାଜ କେବେ ଭୁଲିପାରିବ ନାହିଁ ।

ସୃଜନ ସାହିତ୍ୟର ଆଦ୍ୟକାଳରୁ ମାନବ ସମାଜର ସର୍ବପୁରାତନ ଶତ୍ରୁ ମହାମାରୀ ଓ ବିଶ୍ୱମାରୀ ସମେତ ବିଭିନ୍ନ ରୋଗ ସୃଜନମନସ୍କ ମଣିଷକୁ ବିଭିନ୍ନ ବିଷୟବସ୍ତୁ ରୂପେ ପ୍ରଭାବିତ ଓ ପ୍ରଲୋଭିତ କରିଆସିଛନ୍ତି । ଏକବିଂଶ ଶତାବ୍ଦୀର ପୃଥିବୀକୁ କଳ୍ପନା କରି ୧୮୨୬ରେ ପ୍ରକାଶିତ ମାରି ଶେଲୀଙ୍କ ଉପନ୍ୟାସ 'ଦ ଲାଷ୍ଟ୍ ମେନ୍' ରୁ ଆରମ୍ଭ କରି ୱିଲିଅମ୍ ମେକ୍‌ୱେଲ୍‌ଙ୍କ ଉପନ୍ୟାସ 'ଦେ କେମ୍ ଲାଇକ୍ ସ୍ୱାଲୋଜ୍' (୧୯୩୭), ୧୯୧୮ର ଇନଫ୍ଲୁଏଞ୍ଜା ଉପରେ ଆଧାରିତ କାଥେରିନ୍ ଆନ୍ ପୋଟର୍‌ଙ୍କ ଉପନ୍ୟାସତ୍ରୟୀ 'ପେଲ୍ ହର୍ସ୍ ପେଲ୍ ରାଇଡର୍' (୧୯୩୯), ଫରାସୀ ଲେଖକ ଆଲବର୍ଟ୍ କେମସ୍‌ଙ୍କ 'ଦ ପ୍ଲେଗ୍' (୧୯୪୭), ଏକ ସହରରେ ଅନ୍ଧତ୍ୱକୁ ମହାମାରୀ ରୂପେ ବର୍ଣ୍ଣନା କରି ନୋବେଲ ପୁରସ୍କାର ବିଜେତା ପର୍ତ୍ତୁଗୀଜ ଲେଖକ ଜୋସ୍ ସାରାମାଗୋଙ୍କ ଉପନ୍ୟାସ 'ବ୍ଲାଇଣ୍ଡନେସ୍' (୧୯୯୫), ସ୍ପେନିସ୍ ଫ୍ଲୁ ମହାମାରୀର ଭୟାବହତାକୁ ନେଇ ଟମାସ୍ ମୁଲେନ୍‌ଙ୍କ ଉପନ୍ୟାସ 'ଦ ଲାଷ୍ଟ୍ ଟାଉନ୍ ଅନ୍ ଅର୍ଥ୍' (୨୦୦୬), କାନାଡ଼ିଆନ୍ ଲେଖିକା ମାର୍ଗାରେଟ ଆଟ୍‌ଉଡ୍‌ଙ୍କ ରଚିତ 'ଦ ୟର୍ ଅଫ୍ ଦ ଫ୍ଲଡ୍' (୨୦୦୯), ଆମେରିକୀୟ ଲେଖକ କୋଲ୍‌ସନ୍ ହ୍ୱାଇଟହେଡ୍‌ଙ୍କ ରଚିତ 'ଜୋନ୍ ୱାନ୍' (୨୦୧୧), ପୁରୁଣା ବିମାନର ରେଡ଼ିଓ ମାଧ୍ୟମରେ ବ୍ୟାପିଥିବା ଅଜଣା ରୋଗ ଉପରେ ଆଧାରିତ ପିଟର୍ ହେଲରଙ୍କ ଉପନ୍ୟାସ 'ଦ ଡଗ୍ ଷ୍ଟାର୍‌ସ୍' (୨୦୧୨), ଜର୍ଜିଆ ଫ୍ଲୁ ଉପରେ ଆଧରିତ କାନାଡ଼ିଆନ୍ ଲେଖିକା ଏମିଲି ସେଣ୍ଟ ଜନ୍ ମେଣ୍ଡେଲ୍‌ଙ୍କ ଲିଖିତ 'ଷ୍ଟେସନ୍ ଇଲେଭନ୍' (୨୦୧୪), ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଆମେରିକାକୁ ପୃଷ୍ଠଭୂମି କରି ଚୀନୀ-ଆମେରିକୀୟ ଲେଖିକା ଲିଙ୍ଗା ମା'ଙ୍କ 'ସିଭିଅରେନ୍ସ୍' (୨୦୧୮), ଆମେରିକୀୟ ଲେଖିକା କରନ୍ ଟମ୍ପସନ୍ ୱାକର୍‌ଙ୍କ ବିଜ୍ଞାନ ଉପନ୍ୟାସ 'ଦ ଡ୍ରିମର୍ସ୍' (୨୦୧୯), ରୋରି ପାୱାର୍‌ଙ୍କ 'ୱାଇଲ୍ଡର୍ ଗର୍ଲସ୍' (୨୦୧୯), ମୁନ୍‌ସି ପ୍ରେମଚନ୍ଦଙ୍କ କ୍ଷୁଦ୍ରଗଳ୍ପ 'ଇଦ୍‌ଗାହ', ଅହମଦ ଅଲୀଙ୍କ ଉପନ୍ୟାସ 'ଦ ଟ୍ୱିଲାଇଟ୍ ଇନ୍ ଦିଲ୍ଲୀ', କମଳାକାନ୍ତ ତ୍ରିପାଠୀଙ୍କ ହିନ୍ଦୀ ଉପନ୍ୟାସ 'ପାହିଘର୍' (୨୦୧୬), ରବିନ୍ଦ୍ରନାଥ

ଠାକୁରଙ୍କ କାବ୍ୟ 'ପୁରାତନ ଭୃତ୍ୟ' ଏବଂ ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରେବତୀ' ମହାମାରୀ ପୃଷ୍ଠଭୂମି ଉପରେ ଆଧାରିତ ସାହିତ୍ୟର ଏକ ଏକ ଅନବଦ୍ୟ ସୃଷ୍ଟି । ୨୯ ଅଥବା ୩୦ ଜୁଲାଇ ୨୦୨୦ରେ ଦୈନିକ ଖବର କାଗଜ ମାତୃଭାଷାରେ ପ୍ରକାଶିତ ସମୀକ୍ଷକର ବିଶ୍ୱମାରୀ କରୋନା: ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ଏକ ସ୍ତମ୍ଭର ଶେଷ ଦୁଇଟି ବାକ୍ୟ ଏଇଠି ଅବତାରଣା ସମୀଚୀନ ହେବ ବୋଲି ଭାବୁଛି "ସଂପ୍ରତି କେହି କେହି କବି ଓ ଗାଳ୍ପିକ କରୋନାକୁ ପୃଷ୍ଠଭୂମି କରି ମସୀଚାଳନା ଆରମ୍ଭ କରିଦେଇଛନ୍ତି । ଆଉ କରୋନାର ତିକ୍ତ ଅନୁଭୂତି ଯେ ଭବିଷ୍ୟତରେ ଆହୁରି ଅନେକ ତଥା ଉଚ୍ଚକୋଟୀର ପେଣ୍ଡେମିକ୍ ଲିଟିରେଚର୍-ବିଶ୍ୱମାରୀ ସାହିତ୍ୟସର୍ଜନାର ସମ୍ଭାବନା ନଦେବ ତାହା କହିହେବ ନାହିଁ ।"

ଏହି ପୃଷ୍ଠଭୂମିରେ ଆମେ ଶ୍ରୀରୂପା ଦ୍ୱାରା ପ୍ରକାଶିତ ଡ. ଭବାନୀ ଶଙ୍କର ନିଆଲଙ୍କ 'ଲକ୍‌ଡାଉନ୍'କୁ ଆଲୋଚନା କରିବା । ପୁସ୍ତକର ନାମକରଣ କରୋନା ମହାମାରୀ ଜନିତ ଲକ୍‌ଡାଉନ୍‌କୁ ନିଆଯାଇଛି । ସମ୍ଭବତଃ ବିଶ୍ୱର ଅନ୍ୟ କୌଣସି ଭାଷାକୁ ଏହି ଶବ୍ଦର ଅନୁବାଦ କରିବା ନିମିତ୍ତ ଏକ ଅନୁରୂପ ପ୍ରଭାବଶାଳୀ ଶବ୍ଦ ପାଇବା ସମ୍ଭବ ନୁହେଁ । ଶୀର୍ଷକ-କବିତାରେ ସମସ୍ତ ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନକୌଶଳ ସତ୍ତ୍ୱେ କରୋନା କାରଣରୁ ମଣିଷର ଅବର୍ଣ୍ଣନୀୟ ଅସହାୟତାକୁ ଯେଭଳି ଭାବରେ କବି ବର୍ଣ୍ଣନା କରିଛନ୍ତି ସେହି ଦୃଷ୍ଟିରୁ ନାମକରଣ ନିମନ୍ତେ ଶୀର୍ଷକ ଚୟନ ଯଥାର୍ଥ ହୋଇଛି । ବନ୍ଧୁ ବଙ୍କିମ ମୁଣ୍ଡଙ୍କ ଦ୍ୱାରା ପ୍ରଥମେ ଲକ୍‌ଡାଉନ୍ କବିତା ଏବଂ ପରେ ପରେ ଅନ୍ୟାନ୍ୟ କବିତାକୁ ଇଂରାଜୀରେ ଅନୁଦିତ ହୋଇ ପ୍ରକାଶିତ ହୋଇଛି ଇଂରାଜୀ ପୁସ୍ତକ ଏବଂ ପରବର୍ତ୍ତୀ କାଳରେ ଏକା ସଙ୍ଗେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ପର୍ତ୍ତୁଗୀଜ୍ ଭାଷାରେ 'ଲକ୍‌ଡାଉନ୍' ନାମରେ ହିଁ ପୁସ୍ତକ ପ୍ରକାଶିତ ହେବା ସହିତ ଗ୍ରୀକ୍ ପ୍ରଫେସର ଇରିନ୍ କାଭାଡ଼ିଆଙ୍କ ଦ୍ୱାରା ଏକ ଅନ୍ତରାଷ୍ଟ୍ରୀୟ ସମୀକ୍ଷା ପୁସ୍ତକ ପ୍ରକାଶନ କେବଳ କବିଙ୍କ ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଆ ସାହିତ୍ୟ ଜଗତ ପାଇଁ ଆନନ୍ଦ ଏବଂ ଗୌରବର ବିଷୟ ।

ଉପର ବର୍ଣ୍ଣିତ ସମସ୍ତ ପେଣ୍ଡେମିକ୍ ଲିଟିରେଚର୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କେବଳ ଓ କେବଳ ମହାମାରୀ ଓ ତତ୍‌ଜନିତ ଭୟାବହତାର ବର୍ଣ୍ଣନା ହୋଇଥିବା ସ୍ଥଳେ ଭବାନୀ ଶଙ୍କର ନିଆଲଙ୍କ ଲକ୍‌ଡାଉନ୍ କବିତା ପୁସ୍ତକର ଶୀର୍ଷକ କବିତା ବ୍ୟତୀତ ୧୩ ନମ୍ବର କବିତା 'କରୋନା' ଏବଂ 'ମୃତ୍ୟୁ' ଓ 'ମୋ ମୃତ୍ୟୁର ରହସ୍ୟ' ମୃତ୍ୟୁ ସଚେତନତାଧର୍ମୀ କବିତା ପର୍ଯାୟଭୁକ୍ତ ଯେଉଁଠି କରୋନା ଓ ଲକ୍‌ଡାଉନ୍ ଜନିତ ଏକାକୀବୋଧ, ନିଃସଙ୍ଗତା, ଜୀବନାନୁଭୂତି ସହ ନିଜ ଚତୁଃପାର୍ଶ୍ୱରେ ଦୃଶ୍ୟମାନ ସଂଗ୍ରାମ, ବିଦ୍ରୋହ, ପ୍ରତିରୋଧ, ମାନବ ଜୀବନର ତମାମ ଅସଫଳତା ଓ ଅସଂପୂର୍ଣ୍ଣତାକୁ ନେଇ ସମଗ୍ର ୪୩ଟି କବିତା ସବୁ ସାମିଲ କରାଯାଇଛି । 'ଏବେ ଆସନି' କବିତାରେ କବି ନିଜର ଅସମର୍ଥତା ଏବଂ ଅସଂପୂର୍ଣ୍ଣତାକୁ ଅତି ସଚ୍ଚୋଟତାର ସହିତ ଉପସ୍ଥାପନ କରିଅଛନ୍ତି ।

ଭରିଯାଇନି ମୋ' ହୃଦୟରେ
ତମାମ୍ ଗୁଣ
ଯାହା ରହିବାର କଥା
ଈଶ୍ୱର ଦେଇଥିବା
ଦୟା, କରୁଣା, ପ୍ରେମ
ଶ୍ରଦ୍ଧା, ଭକ୍ତି, ସତ୍ୟାଗ୍ରହ
ବିନମ୍ରତା, ବିଶ୍ୱାସ
ଆଉ ଏ ଶବ୍ଦମାନଙ୍କ ସହ
ଘର କରିଥିବା ଅନେକ ପ୍ରତିଶବ୍ଦ ବି ।

ଆସନି ଏବେ
ଜାଗି ନାହିଁ ଚେତନାର ଶାଖା ଓ ପ୍ରଶାଖା
ମୋ ଦେହେ ଭରିଛି ଜଡ଼ତ୍ୱ ଯାଇନି ପଶୁତ୍ୱ
ମରିନି ମରିନି ଅଗଣିତ ବିକାର
ଭରିଛି ମୋ' ଦେହେ ଦାନବ ପଣିଆ ।"

ଯଥେଷ୍ଟ କବିତାରେ କିନ୍ତୁ କବିଙ୍କ ଆବେଗରେ ପରିବର୍ତ୍ତନ ଆସିଛି । ସେ ନିଜ ଚାରିପାଖରେ ଥିବା ପରିବେଶ, ନିଜ ସୁଖ-ଦୁଃଖ, ତେଲଲୁଣ ଦୁନିଆକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ।

ତୁମ ପ୍ରାରବ୍ଧରେ ଥିବା
ଚନ୍ଦ୍ରମାର ଉତ୍ତରାୟଣ ଉତ୍ସବରେ
ସାମିଲହୋଇ କରିବି କ'ଣ ?
ଆମ ଘରବାଡ଼ି ଖାଦ୍ୟୋତିକାର
ମିଟିମିଟି ଆଲୋକ ଯଥେଷ୍ଟ ?

ଭବାନୀ ଶଙ୍କର ନିଆଲଙ୍କ କବିତାର ଦର୍ଶନ ଓ ଚଂଚଳତା ସାଧାରଣ ପାଠକଙ୍କ ପାଇଁ ଦୁର୍ବୋଧ୍ୟ ମନେ ହୁଏ । ଲକ୍‌ଡାଉନ୍ କବିତା ସହ କବିତା ପୁସ୍ତକରେ ସନ୍ନିବିଷ୍ଟ ଅନ୍ୟାନ୍ୟ କବିତାସବୁକୁ ଇଂରାଜୀରେ ଅନୁବାଦ କରିବା ପାଇଁ ଅନୁବାଦକ ବନ୍ଧୁ ବଙ୍କିମ ମୁଣ୍ଡ ଏବଂ ପ୍ରଚ୍ଛଦରେ ରହି ବନ୍ଧୁ ପ୍ରଫେସର ଲିଙ୍ଗରାଜ ପାତ୍ର ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି ତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ ।

ଶେଷରେ 'ଲକ୍‌ଡାଉନ୍' କବିତା ପୁସ୍ତକ ପାଠକୀୟ ଆଦୃତି ଲାଭ କରୁ, ସାହିତ୍ୟର ଜୟ ହେଉ – ଏତିକି ମା' ମାଣିକେଶ୍ୱରୀଙ୍କ ଚରଣରେ ପ୍ରାର୍ଥନା କରୁଛି ।

ଧର୍ମଗଡ଼, କଳାହାଣ୍ଡି

କବି ଡ. ଭବାନୀ ଶଙ୍କର ନିଆଲଙ୍କ ଦୁଇଟି କବିତା

ଏକା ରହିବା

ଏକା ରହିବାର ଯାତ୍ରା
ଆରମ୍ଭ କରିଦେଇଛି
ଏବେ
ପ୍ରତ୍ୟାଶିତ ମୋହକୁ ଛାଡ଼ି
ଅପ୍ରତ୍ୟାଶିତ ଲୋଭକୁ ଛାଡ଼ି
ପ୍ରିୟମିତ୍ରମାନଙ୍କ ଆଶୀର୍ବାଦ ଛାଡ଼ି
ଆପଣାର ଶତ୍ରୁମାନଙ୍କ ଅଭିଶାପ ଛାଡ଼ି
ଆଉ ରାଜା ହେବାର ନାହିଁ
ହେବାର ନାହିଁ ପ୍ରଜା, ପ୍ରୋରୀଟୋରିଏଟ୍
ନା ଲୋଡ଼ା ରତ୍ନସିଂହାସନ, ସାମ୍ରାଜ୍ୟ
ନା ଲୋଡ଼ା ପର୍ଣ୍ଣ କୁଟୀର
ନିଜକୁ ପ୍ରସ୍ତୁତ କରିବାର ହିଁ ନାହିଁ
ରାଜା ହେବା ପାଇଁ ଅବା ରଙ୍କ ହେବାର
ନ୍ୟୁନତମ ଯୋଗ୍ୟତା,
କୃତ୍ରିମ ବୁଦ୍ଧିମତ୍ତାର ସୂକ୍ଷ୍ମ ପରିଚୟ

ଏକା ରହିବାର ଯାତ୍ରା
ଆରମ୍ଭ କରିଦେଇଛି ଏବେ
ନିଜ ଶୈଶବର ଲୋଭ ନାହିଁ
ନାହିଁ ଯୌବନର
ନାହିଁ ଉଚ୍ଚ ହେବାର
ନାହିଁ ଅନେକ ଗଗନ ଚୁମ୍ବି ଶିଡ଼ିର ସାହାରା
ଏକା ରହିବାର ଯାତ୍ରା
ସତରେ ନିଆରା

ଛାଡ଼ି ହିଁ ଦେବାର ଅଛି
ତତ୍‌କ୍ଷଣାତ୍
ପ୍ରେମ ତିଆରି କରୁଥିବା
ନିଜ ନିଜ ବୃନ୍ଦାବନ
ଯୁଦ୍ଧ ତିଆରି କରୁଥିବା
ନିଜ ନିଜ କୁରୁକ୍ଷେତ୍ର
ଏପରିକି ଛାଡ଼ି ହିଁ ଦେବାର ଅଛି
ଭକ୍ତି ତିଆରି କରି ଚଳଚଞ୍ଚଳ
ଅନେକ ରଙ୍ଗର ଶବ୍ଦ, ଅର୍ଥ ଓ ବର୍ଣ୍ଣନ ମହିମା

ଏଠି ଛାଡ଼ି ହିଁ ଦେବାର ଅଛି
କିଛି ପାଇବାର ନିଶା
କିଛି ନ ପାଇବାର ଆଶା
କିଛି ସୁଖର ସାନ୍ତ୍ୱନା
କିଛି ଦୁଃଖର ଉପାଦାନ
ଛାଡ଼ି ହିଁ ଦେବାର ଅଛି
ନିଜକୁ ସର୍ବଦା ଭଲ ଲାଗୁଥିବା ସବୁକିଛି
ଏପରିକି ଛାଡ଼ି ହିଁ ଦେବାର ଅଛି
ଡର, ଭୟ, ପ୍ରେମ, ଆସକ୍ତି ଓ ସୁରକ୍ଷା ସମ୍ଭାର
ମୃତ୍ୟୁ ପୂର୍ବର, ମୃତ୍ୟୁ ପରର ।

ଏକା ରହିବା ଯାତ୍ରାର ସର୍ତ୍ତ
କେବଳ ସେତିକି ନୁହେଁ
ଏକା ରହିବାର ସର୍ତ୍ତ
କାଲି ଯାହାଥିଲା ବଦଳିଛି
ଆଜି ଯାହାଅଛି ତାହା ବି ବଦଳିବ
ଆଗକୁ ଯାହା ଆସିବ
ତାହା ବି ବଦଳିବ ।
ଠିକ ଆଜି ଭଳି
ଗତକାଲି ଭଳି, ଆସନ୍ତା କାଲି ଭଳି ।

ସ୍ୱୟଂର ପରିକ୍ରମା କରିପାରିନି

ଏଭିତରେ
ପରିକ୍ରମା କରିନେଇଛି
ପୃଥିବୀର ସବୁ ବଡ଼ ଓ ସାନ ଭୂଖଣ୍ଡ
ବଡ଼ ଡେଲ୍‌ଟା ଗଙ୍ଗା
ବଡ଼ ମରୁଭୂମି ସାହାରା
ପୃଥିବୀର ବଡ଼ ଦ୍ୱୀପ ଗ୍ରୀନ୍‌ଲାଣ୍ଡ ।

ସତରେ ଯା' ଭିତରେ ବୁଲିଦେଇଛି
ପୃଥିବୀର ବଡ଼ ନଦୀବନ୍ଧ ଯୋଜନା
ଚୀନର ଥ୍ରୀ ଗାର୍ଜସ
ବହୁଦିନ ପରିକ୍ରମା କରିଛି
ପୃଥିବୀର ବଡ଼ ପୁସ୍ତକାଳୟ, ବହୁଥର
ଏପରିକି ପୃଥିବୀର ବଡ଼ନଦୀ ନୀଳ ନଦୀ
ଆରମ୍ଭରୁ ଶେଷ ଯାଏଁ
ବୁଲିଛି ପୃଥିବୀର ବଡ଼ ମହାସାଗରଙ୍କର ଭୟଙ୍କର
ଇଲାକା ।

ପରିକ୍ରମା କରିଦେଇଛି
ପୃଥିବୀର ବଡ଼ ସଡ଼କ ସୁଡ଼ଙ୍ଗ
ନରୱେର ଦେଶର ଲେଡ଼ଲ
ବିଶ୍ୱର ଲମ୍ବା ନଦୀବନ୍ଧ ଓଡ଼ିଶାର ହୀରାକୁଦ
ଏବଂ ଲମ୍ବା ପର୍ବତ ଶୃଙ୍ଖଳା
ଦକ୍ଷିଣ ଆମେରିକା ସ୍ଥିତ ଏଣ୍ଡ୍ରିଜ୍ ।

ଏପରିକି ପରିକ୍ରମା କରିପକାଇଛି
ପୃଥିବୀର ଉଚ୍ଚ ପର୍ବତ ଶିଖର
ମାଉଣ୍ଟ ଏଭରେଷ୍ଟର ଉପରି ଭୂଭାଗ
ଠିକ୍ ନବଗ୍ରହର ଅନେକ ଅପହଞ୍ଚ ଇଲାକା ପରି ।

ହଁ ବୁଲି ସାରିଛି
ପୃଥିବୀର ସବୁ ଧର୍ମର, ଧର୍ମସ୍ଥଳୀ
ଆଉ ଭେଟି ଦେଇଛି
ସମସ୍ତ ଈଶ୍ୱର ଏବଂ ତାଙ୍କ ପରିବାର ଜନଙ୍କୁ
ଆରାଧନା କକ୍ଷ ଭିତରକୁ ଯାଇ,
ତାଙ୍କ ଗ୍ରନ୍ଥାବଳୀ ଭିତରକୁ ପ୍ରବେଶକରି ।

ପରିକ୍ରମା ତ କରି ସାରିଛି
ପୃଥିବୀର ସବୁଠୁ ବଡ଼ ଅଂଚଳ
ସବୁଠୁ ସାନ ଅଂଚଳ, ଉପତ୍ୟକା,
ନଦନଦୀ, ଗିରିଶୃଙ୍ଗ, ବର୍ଷା ବଣ
ହେଲେ ଏଯାଏଁ ପରିକ୍ରମା
କରିପାରିନି ସ୍ୱୟଂର
ନିଜ ଛାଇର
ଆତ୍ମଦର୍ଶନ କରିପାରିନି
ସ୍ୱୟଂକୁ ଭେଟିପାରିନି, ଭଲକରି
ସ୍ୱୟଂକୁ ଆବିଷ୍କାର କରିପାରିନି
ଚିହ୍ନି ପାରିନି, କହି ପାରିନି
ସ୍ୱୟଂର କଥା ଶୁଣି ପାରିନି ।

ଶ୍ରୀ ରାଧା
ଭବାନୀପାଟଣା

ଆମାଜନ୍ ଡଟ୍ କମ୍ ଓ ଅନ୍ତର୍ଜାତୀୟ ବ୍ୟବସାୟୀ ସଂଘ ଦ୍ୱାରା ଆୟୋଜିତ
ଅନ୍ତର୍ଜାତୀୟ ଅନ୍ଲାଇନ୍ ବ୍ୟବସାୟୀ ପ୍ରତିଯୋଗିତା

ଆମାଜନ୍ ଡଟ୍ କମ୍ ଓ ଅନ୍ତର୍ଜାତୀୟ ବ୍ୟବସାୟୀ ସଂଘ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଅନ୍ଲାଇନ୍ ବ୍ୟବସାୟୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ଦୁଇଜଣ ବିଜେତାଙ୍କୁ ଚୟନ କରିବା ପାଇଁ ଆମେ ଏକ ଅନଲାଇନ୍ ଭୋଟିଂର ଆୟୋଜନ କରିଛୁ। ଏହି ଭୋଟିଂରେ ଆପଣ ଆମର ଦୁଇଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଜଣକୁ ଭୋଟ୍ ଦେଇପାରିବେ। ଯିଏ ଅଧିକ ଭୋଟ୍ ପାଇବେ ସେ ବିଜେତା ହେବେ।

ଶ୍ରୀ ଅଜୟ ସାହୁ
ଫୋନ୍ : ୯୪୩୭୬୫୪୩୨୧

ଶ୍ରୀ ଅଜୟ ସାହୁ

ଶ୍ରୀମତୀ ଅନୁପମା ଦାସ

ଶ୍ରୀମତୀ ଅନୁପମା ଦାସ

BRIEF HISTORY OF THE BOOK LOCKDOWN OF DR. BHAWANI SHANKAR NIAL











MAHURI, Vol. - XVI, No.-1, Jul-Dec 2024. ₹ 200.00 R.N.I No.ORIORI/2009/29388

www.vedantaaluminium.com

Aluminium: The Metal of the Future

Aluminium is crucial for India's ambition of becoming a global manufacturing hub. It is imperative for hi-tech industries and sunrise sectors such as aerospace, defence, renewable energy, electric vehicles, etc.

India has the second-largest aluminium production capacity in the world.

Vedanta Aluminium

- Is the largest producer of aluminium, the green metal, in the country
- Has 1% induced impact on GDP and creates thousands of MSMEs and lakhs of jobs
- Has invested INR 60,000 cr to build the country's largest aluminium assets
- Is ranked 4th amongst global aluminium companies in the Dow Jones Sustainability Index
- Is India's only producer of low carbon 'green' aluminium, branded as Restora

Vedanta Aluminium stands fully committed to nation-building and an 'AtmaNirbhar Bharat'.

DESH KI ZAROORATON KE LIYE
ATMANIRBHAR BHARAT KE LIYE

vedanta transforming for good | aluminium

Printed, Published, Edited & Owned by DR. BHAWANI SHANKAR NIAL,
Printed & Published at Mahuri Prakashan, Pardeshi Bhawan, Arkabahili Para, Bhawanipatna-766001, Kalahandi, Odisha.
Chief Editor : Dr. Bhawani Shankar Nial Editor : Sukant Sahu

कवि डॉ. भवानी शंकर निआल ने भारत के राष्ट्रपति से मुलाकात की

भवानीपटना,सूत्रकार: अंतरराष्ट्रीय स्तर पर प्रशंसित कवि डॉ. भवानी शंकर निआल ने भारत की महामहिम राष्ट्रपति श्रीमती द्रौपदी मुर्मू से मुलाकात की। डॉ. निआल ने राष्ट्रपति को स्वयं की संपादित प्रसिद्ध पत्रिका महुरी की एक प्रति भेंट की। इसके अलावा, उन्होंने प्रथम नागरिक को 'ए टेपेस्ट्री ऑफ वड्र्स' की एक प्रति उपहार में दी, जो अंतरराष्ट्रीय स्तर पर प्रतिष्ठित ग्रीक लेखक प्रोफेसर इरेन डोरा-कावाडिया द्वारा अंग्रेजी में प्रस्तुत उनके लिखित संकलन 'लॉकडाउन' की एक अंतरराष्ट्रीय समीक्षा है। और इसे राइटर्स इंटरनेशनल एडिशन पब्लिशिंग हाउस एथेंस ग्रीस और मैसूर, भारत के माध्यम से प्रोफेसर प्रीत पद्मनाभन नांबियार द्वारा प्रकाशित किया गया था।

यहां यह उल्लेख करना उचित होगा कि राष्ट्रपति पर एक फीचर को 'मास लीडर' श्रेणी के अंतर्गत महुरी पत्रिका में कवर स्टोरी के साथ पहले ही प्रकाशित किया जा चुका है। मुलाकात के दौरान डॉ. निआल ने राष्ट्रपति को कालाहांडी के हित के संबंध में कई महत्वपूर्ण संदर्भों से अवगत कराया था। राष्ट्रपति ने डॉ. निआल की साहित्यिक रचनात्मकता की भरपूर प्रशंसा की और उनके भविष्य के प्रयासों के लिए उनकी सफलता की कामना भी की। ध्यान देने योग्य बात यह है कि कोविड महामारी के दौरान डॉ. निआल द्वारा लिखित संकलन ₹लॉकडाउन₹ का प्रोफेसर बंकिम मुंड द्वारा अंग्रेजी में अनुवाद किया गया, जिसने विश्व स्तर पर साहित्यिक क्षेत्रों का ध्यान आकर्षित किया। मृत्यु चेतना और कलात्मक उत्कृष्टता को प्रकट करने वाली उनकी कविताएँ

दुनिया भर के पाठकों और आलोचकों के बीच बहुत लोकप्रिय हो गई हैं। उनकी कविताओं का पहले ही दुनिया की २० से अधिक विभिन्न भाषाओं में अनुवाद किया जा चुका है। उड़िया और हिंदी साहित्य में एक रचनात्मक सिद्धहस्त के रूप में, कवि निआल ने पहले उड़िया और हिंदी में कविताओं के तीन संग्रह प्रकाशित किए हैं। वर्तमान में, कवि निआल प्रसिद्ध साहित्यिक पत्रिका, महुरी के संपादक होने के अलावा, कई सामाजिक संगठनों और संस्थाओं का नेतृत्व कर रहे हैं। उनकी उपलब्धियों के लिए उन्हें कई राष्ट्रीय और अंतर्राष्ट्रीय पुरस्कार और सम्मान से सम्मानित किया गया है। राष्ट्रपति से मुलाकात पर जिले भर से अब कवि निआल को असंख्य बधाइयां मिल रही हैं।

दैनिक भास्कर
महासमुंद 28-09-2023

कवि डॉ. निआल ने भारत के राष्ट्रपति से मुलाकात कर महुरी की एक प्रति भेंट की

भास्कर न्यूज | भवानीपटना

अंतरराष्ट्रीय स्तर पर प्रशंसित कवि डॉ. भवानी शंकर निआल ने भारत की राष्ट्रपति द्रौपदी मुर्मू से मुलाकात की। सोमवार राष्ट्रपति भवन, नई दिल्ली में डॉ. निआल ने राष्ट्रपति को स्वयं संपादित प्रसिद्ध पत्रिका महुरी की एक प्रति भेंट की। इसके अलावा, उन्होंने प्रथम नागरिक को ए टेपेस्ट्री ऑफ वर्ड्स की एक प्रति उपहार में दी, जो अंतरराष्ट्रीय स्तर पर प्रतिष्ठित ग्रीक लेखक प्रोफेसर इरेन डोरा-कावाडिया द्वारा अंग्रेजी में प्रस्तुत उनके लिखित संकलन लॉकडाउन की एक अंतरराष्ट्रीय समीक्षा है। इसे राइटर्स इंटरनेशनल एडिशन पब्लिशिंग हाउस एथेंस ग्रीस और मैसूर, भारत के माध्यम से प्रोफेसर प्रीत पद्मनाभन नांबियार द्वारा प्रकाशित किया गया था।

बता दें कि राष्ट्रपति पर एक फीचर को मास लीडर श्रेणी के अंतर्गत महुरी पत्रिका में कवर स्टोरी के साथ पहले ही प्रकाशित किया जा चुका है। मुलाकात के दौरान डॉ. निआल ने राष्ट्रपति को कालाहांडी के हित के संबंध में कई महत्वपूर्ण संदर्भों से अवगत कराया था। राष्ट्रपति ने डॉ. निआल की साहित्यिक रचनात्मकता की भरपूर प्रशंसा की और उनके भविष्य के प्रयासों के लिए उनकी सफलता की कामना भी की। कोविड महामारी के दौरान डॉ. निआल द्वारा लिखित संकलन लॉकडाउन का प्रोफेसर बंकिम मुंड द्वारा अंग्रेजी में अनुवाद किया गया, जिसने विश्व स्तर पर साहित्यिक क्षेत्रों का ध्यान आकर्षित किया। मृत्यु चेतना और कलात्मक उत्कृष्टता को प्रकट करने वाली उनकी कविताएं दुनिया भर के पाठकों और आलोचकों के बीच बहुत लोकप्रिय हो गई हैं।

राष्ट्रपति से मुलाकात के दौरान कवि डॉ. भवानी शंकर निआल।

उनकी कविताओं का पहले ही दुनिया की 20 से अधिक विभिन्न भाषाओं में अनुवाद किया जा चुका है। उड़िया और हिंदी साहित्य में एक रचनात्मक सिद्धहस्त के रूप में, कवि निआल ने पहले उड़िया और हिंदी में कविताओं के तीन संग्रह प्रकाशित किए हैं। वर्तमान में, कवि निआल प्रसिद्ध साहित्यिक पत्रिका, महुरी के संपादक होने के अलावा, कई सामाजिक संगठनों और संस्थाओं का नेतृत्व कर रहे हैं। उनकी उपलब्धियों के लिए उन्हें कई राष्ट्रीय और अंतरराष्ट्रीय पुरस्कार और सम्मान मिला है।

कवि डॉ. भवानी शंकर निआल ने राष्ट्रपति से मुलाकात की

